ମୋର ପୂର୍ବସ୍ମୃତି କଥା

ଭାରତଚନ୍ଦ୍ର ନାୟକ

Digitized by srujanika@gmail.com

ମୋର ପୂର୍ବସ୍ମୃତି କଥା

ଲେଖକ

ଶ୍ରୀ ଭାରତଚନ୍ଦ୍ର ନାୟକ

ଅବସରପ୍ରାପ୍ତ ଡେପୁଟି ମାଜିଷ୍ଟ୍ରେଟ୍

କଟକ-୨

Digitized by srujanika@gmail.com

ମୋର ପୂର୍ବସ୍ମୃତି କଥା

ଲେଖକ :
ଶ୍ରୀ ଭାରତଚନ୍ଦ୍ର ନାୟକ

ପ୍ରଥମ ପ୍ରକାଶ : ୧୯୬୬
ଦ୍ୱିତୀୟ ସଂସ୍କରଣ : ୨୦୧୪

ପ୍ରଚ୍ଛଦପଟ୍ଟ ଓ କଂପ୍ୟୁଟର ସହାୟତା :
ଏମ. ପ୍ରିଣ୍ଟର୍ସ, କଟକ

ମୁଦ୍ରଣ :
ରୟେଲ୍ ହାଫ୍‌ଟୋନ୍, କଟକ

ମୂଲ୍ୟ : ଟ. ୪୦୦/-

MORA PURBASMRUTI KATHA

Written by :
Sri Bharatchandra Nayak

Published by :
AGRADUTA
Banka Bazar, Cuttack- 753002

First Edition : 1966
2nd. Edition : **2014**

Printed by :
Royal Halftone, Cuttack

Price : Rs. **400/-**

Digitized by srujanika@gmail.com

ଯେଉଁ ସହୃଦୟ ପାଠକପାଠିକାବୃନ୍ଦ ଏହି ପୁସ୍ତକରେ ସନ୍ନିବିଷ୍ଟ ଭାବରାଶିକୁ ଏହି କ୍ଷୁଦ୍ର ହୃଦୟର ଅନାବିଳ ଉଚ୍ଛ୍ୱାସ ସ୍ୱରୂପ ଗ୍ରହଣ କରିବେ, ସେହି ପ୍ରତ୍ୟେକଙ୍କ ଉଦ୍ଦେଶ୍ୟରେ ଏହି ପୁସ୍ତକ ଉତ୍ସୃଷ୍ଟ ହେଲା ।

ବିନୀତ

ଲେଖକ

Digitized by srujanika@gmail.com

ଭୂମିକା

ପ୍ରାୟ ପାଞ୍ଚବର୍ଷକାଳ 'ନବଜୀବନ' ପତ୍ରିକାରେ ଧାରାବାହିକ ଭାବରେ ପ୍ରକାଶିତ "ମୋର ପୂର୍ବସ୍ମୃତି କଥା" ମାନ ପାଠ କରି ଅନେକ ବନ୍ଧୁ ଓ ସହୃଦୟ ପାଠକ ପାଠିକା ସମସ୍ତ କଥାଗୁଡ଼ିକୁ ପୁସ୍ତକାକାରରେ ପ୍ରକାଶ କରିବା ସକାଶେ ପରାମର୍ଶ ପତ୍ର' ଲେଖିଥିଲେ । ଏମାନଙ୍କ ସଦିଚ୍ଛା ପ୍ରତ୍ୟାଖ୍ୟାନ କରି ନ ପାରି ବହୁ ଶ୍ରମ ଓ ବ୍ୟୟ ସାପେକ୍ଷ ପୁସ୍ତକ ପ୍ରକାଶ କରିବାରେ ସାହସୀ ହୋଇଅଛି । ଆଶାକରେ ପାଠକ ପାଠିକା ବନ୍ଧୁଗଣ ଏହାକୁ ସଦୟ ହୃଦୟରେ ଗ୍ରହଣ କରିବେ ।

ସ୍ମୃତି କଥା ପ୍ରକାଶର ଅଳ୍ପସମୟ ମଧ୍ୟରେ ଉତ୍କଳର ଲବ୍‌ଧପ୍ରତିଷ୍ଠ କବି ଓ ସାହିତ୍ୟିକ ଡକ୍ଟର ମାୟାଧର ମାନସିଂହ ଓ ଅପର ସୁବିଖ୍ୟାତ ଲେଖକ ଶ୍ରୀ ଅନନ୍ତପ୍ରସାଦ ପଣ୍ଡା ଯେଉଁ ପତ୍ରମାନ ଲେଖିଥିଲେ, ପୁସ୍ତକର ଗୌରବବୃଦ୍ଧି ଉଦ୍ଦେଶ୍ୟରେ ତାହାର ପ୍ରତିଲିପି ପ୍ରଦତ୍ତ ହେଲା –

ଡକ୍‌ଟର ମାନସିଂହଙ୍କ ପତ୍ର କଟକ
ତା ୧୩-୧୦-୧୯୬୦

ମାନନୀୟେଷୁ,

ଭାରତବାବୁ ! ନବଜୀବନରେ ପ୍ରକାଶିତ ଆପଣଙ୍କ ଆତ୍ମଚରିତର କେତେକାଂଶ ପାଠକରି ଅତ୍ୟନ୍ତ ପ୍ରୀତିଲାଭ କରିଅଛି । ଆପଣଙ୍କ ବର୍ଣ୍ଣନା ଗୁଡ଼ିକ ଅତ୍ୟନ୍ତ ପ୍ରାଞ୍ଜଳ ଓ ଚିତ୍ତାକର୍ଷକ । ଆପଣଙ୍କ ଅଭିଜ୍ଞତାସବୁ ଏକ ଲୁପ୍ତ ଯୁଗର ଅନବଦ୍ୟ ସାମାଜିକ ଇତିହାସ । ଏକ ଅନ୍ଧକାରାଚ୍ଛନ୍ନ କାଳରେ ଆପଣଙ୍କର ନିଜର ସାଧନା, ସିଦ୍ଧି ଓ ଜୀବନର ଆଦର୍ଶ ବହୁକାଳଯାଏ ଅନେକ ସଂଗ୍ରାମୀଙ୍କୁ ପଥ ଓ ସାହସ ଯୋଗାଇବ । ଶୀଘ୍ର ବହି ଆକାରରେ ଛାପି ଦିଅନ୍ତୁ । ଖଣ୍ଡ ଖଣ୍ଡ କରି ବାହାରୁଁ ବାହାରୁଁ ବହୁବର୍ଷ ବିତିଯିବ । ଏ ପୁସ୍ତକ ଓଡ଼ିଆ ଭାଷାର ଏକ ଘୋର ଅଭାବ ପୂରଣ କରିବ । ଆଶାକରେଁ ହୀରାକୁଦ ଡ୍ୟାମ୍ ପର୍ଯ୍ୟନ୍ତ ଆଣି ଆପଣଙ୍କ ଜୀବନୀ-ମହାନଦୀରେ ଡ୍ୟାମ୍ ଠିଆ କରିବେ । ବହିଟିକୁ ପୂରା ଲେଖିବାରେ ଆଦୌ ହେଳା କରିବେ ନାହିଁ । ଛାପାପାଇଁ କୌଣସି ଚିନ୍ତା କରିବେ ନାହିଁ । ଏ ବହି ଅଛପା ରହିବ ନାହିଁ । ଆଶାକରେଁ ପିଲାପିଲିଙ୍କ ସହିତ ଭଲରେ ଥିବେ ।

ଅତି ଶୁଭାକାଙ୍କ୍ଷୀ
ମାନସିଂହ

Digitized by srujanika@gmail.com

ଶ୍ରୀ ଅନନ୍ତପ୍ରସାଦ ପଣ୍ଡାଙ୍କର ତା ୧-୨-୧୯୬୨ର ପତ୍ର

"It is needless for me to say that your biographical sketches are as interesting as those of the renowned and well-reputed writer, late Fakirmohan Senapati. I really admire you for your putting those things in such a beautiful way. I wish and hope that your biographical sketches will come out in the form of a book and it will certainly present a very interesting and informative piece of literature. Kindly accept my hearty thanks and congratulations for your successful achievements in this connection."

Digitized by srujanika@gmail.com

ସୂଚୀପତ୍ର

ସୂଚନା	୯
ସଂକ୍ଷିପ୍ତ ପରିଚୟ	୧୧
ପାଟଣା	୧୭
ଆଗଲପୁର	୩୦
ପାଟଣାରେ ଶିକ୍ଷା ପଦ୍ଧତି	୩୭
ହାଇସ୍କୁଲରେ ଶିକ୍ଷା	୪୮
କଲେଜରେ ପ୍ରବେଶ	୫୬
ରେଭେନ୍‌ସା କଲେଜରେ	୬୩
ଚାକିରି ଜୀବନ ଆରମ୍ଭ	୭୪
ଅନୁଗୁଳରେ ଚାକିରି ଜୀବନ(୧)	୮୪
ବାଲେଶ୍ୱରରେ ଚାକିରି	୧୦୪
ବିହାରରେ ଚାକିରି	୧୦୯
ସମ୍ବଲପୁର ଜିଲ୍ଲାରେ ଚାକିରି	୧୨୨
ଗଡ଼ଜାତରେ ଚାକିରି (ଢେଙ୍କାନାଳ)	୧୨୯
ଦ୍ୱିତୀୟବାର ଅନୁଗୁଳରେ ଅବସ୍ଥିତି	୧୪୪
ବଣେଇରେ ଦେଓ୍ୱାନି	୧୫୨
ବଣେଇ ତ୍ୟାଗ ପରେ	୧୮୬
ଯାଜପୁରରେ ଅବସ୍ଥିତି	୧୯୯
ସମ୍ବଲପୁରରେ ଅବସ୍ଥାନ	୨୦୫
ଦ୍ୱିତୀୟବାର ବାଲେଶ୍ୱରରେ	୨୧୯
ପୁରୀରେ ଅବସ୍ଥାନ	୨୪୦
କଟକରେ ଅବସ୍ଥାନ	୨୪୬
ପୁଣି ସମ୍ବଲପୁରରେ	୨୬୬

Digitized by srujanika@gmail.com

ଦ୍ୱିତୀୟ ମହାସମର-ବୋଧରାମ ଦୁବେ ପ୍ରଭୃତି ନେତାଙ୍କ କାରାବରଣ	୨୭୫
ଶ୍ୟାମାର ଚକ୍ଷୁପୀଡ଼ା-ସୁଷମାର ଅସୁସ୍ଥତା- As3 ଅନ୍ୱେଷଣ	୨୮୧
ପାଟଣାରେ ଶ୍ୟାମା ଓ ସୁଷମାର ରୋଗଗ୍ରସ୍ତ ଜୀବନ	୨୯୦
ପୁଣି ସମ୍ବଲପୁରରେ ଅବସ୍ଥାନ	୩୦୪
ଚାକିରିରୁ ବିଦାୟ ପରେ	୩୧୫
ରାଜନୈତିକ ଘନଘଟା	୩୨୨
ଗଡ଼ଜାତ ଭ୍ରମଣ	୩୩୭
ଅଗ୍ନିଶିଖା	୩୫୨
ସମାଜ ସଂସ୍କାର	୩୭୬
ହୀରାକୁଦ ବନ୍ଧ ଆନ୍ଦୋଳନ	୪୦୦
ପରିଶିଷ୍ଟ - ଆଇନର ଅବିଚାର	୪୬୦
ଭାରତଚନ୍ଦ୍ରପୁର	୪୮୪
ଘରକଥା	୪୮୮
ଉପସଂହାର	୪୯୯

■

Digitized by srujanika@gmail.com

ମୋର ପୂର୍ବସ୍ମୃତି କଥା
ସୂଚନା

'ନବଜୀବନ' ମାସିକ ପତ୍ରିକାର ପ୍ରବୀଣ ସମ୍ପାଦକ ଶ୍ରଦ୍ଧାସ୍ପଦ ଶ୍ରୀ ଚିନ୍ତାମଣି ବାବୁ ମୋର 'ପୂର୍ବ ସ୍ମୃତି କଥା' ମାନ ଧାରାବାହିକ ଭାବରେ ତାଙ୍କ ପତ୍ରିକାରେ ପ୍ରକାଶ କରିବା ସକାଶେ ମୋତେ ଅନୁମତି ଦେଉଥିବାରୁ ସେ ମୋର କୃତଜ୍ଞତାର୍ହ ।

'ନବଜୀବନ' ବର୍ତ୍ତମାନ ଉତ୍କଳ ସାହିତ୍ୟ କ୍ଷେତ୍ରରେ ଏକମାତ୍ର ବିଶିଷ୍ଟ ପତ୍ରିକା । ଏହା ପୂର୍ବେ କେତେକ ପତ୍ରପତ୍ରିକା ପ୍ରକାଶିତ ହୋଇ କର୍ମୋପଯୋଗୀ ହେବା ପୂର୍ବରୁ ଅକାଳରେ ଲୋକଚକ୍ଷୁରୁ ଅନ୍ତର୍ହିତ ହୋଇ ଯାଇଅଛନ୍ତି । ଆଜି ଉତ୍କଳର ଲବ୍ଧପ୍ରତିଷ୍ଠ ସାହିତ୍ୟିକ ସ୍ୱର୍ଗତ ବିଶ୍ୱନାଥ କର, ବ୍ରଜସୁନ୍ଦର ଦାସ ପ୍ରଭୃତିଙ୍କ 'ଉତ୍କଳ ସାହିତ୍ୟ', 'ମୁକୁର' ପ୍ରଭୃତି ପତ୍ରିକାର ଅଭାବ ଗଭୀର ଭାବରେ ଅନୁଭୂତ ହେଉଅଛି । ମାସିକ ପତ୍ରିକା ଯେ ଆଧୁନିକ ସମାଜର ଅବିଚ୍ଛେଦ୍ୟ ଅଙ୍ଗ, ଏହା ସମସାମୟିକ ଭାବ-ବିନିମୟାତ୍ମକ ସାହିତ୍ୟ ବିକାଶ ଏକ ପ୍ରକୃଷ୍ଟ କ୍ଷେତ୍ର । ଦୈନିକ, ସାପ୍ତାହିକ ସମ୍ବାଦପତ୍ର ତୁଲ୍ୟ ସମାଜରେ ଏହାର ଆବଶ୍ୟକତା ସମ୍ବନ୍ଧରେ ମତଦ୍ୱୈଧ ନାହିଁ । ଶିଶୁଶିକ୍ଷାଠାରୁ ଆରମ୍ଭ କରି ଜଟିଳତାପୂର୍ଣ୍ଣ ସମାଜ ଗଠନ, ସାହିତ୍ୟ, ଇତିହାସ, ବିଜ୍ଞାନ ପ୍ରଭୃତିର ଉନ୍ନତି ସାଧନ ଏବଂ ସାମାଜିକ ଜୀବନର ପ୍ରତ୍ୟେକ ସ୍ତରରେ ପ୍ରଗତିଶୀଳତା ସଂରକ୍ଷଣ ପକ୍ଷରେ ଏହା ପ୍ରଧାନ ସହାୟକ । ସୁଖର କଥା, ଓଡ଼ିଶାର ଏହି ଦୁର୍ଦ୍ଦିନରେ 'ନବଜୀବନ' ବହୁ ପରିମାଣରେ ଏହି ଅଭାବ ଦୂର କରିଅଛି । ଚାରିବର୍ଷ କାଳ ଯେ ବଞ୍ଚିରହିଅଛି, ପୂର୍ବତନ ପତ୍ରିକାମାନଙ୍କ ଅବସ୍ଥା ବିବେଚନାରେ, ଏହା ଚିନ୍ତାମଣି ବାବୁଙ୍କ କର୍ମମୟ ଜୀବନର ବୈଶିଷ୍ଟ୍ୟ । ଏହା ତାହାଙ୍କ ବହୁମୁଖୀ ଅନୁଭୂତିର ପରିଚାୟକ । ପତ୍ରିକା ଅଭାବରେ କେତେ ଲେଖକଙ୍କ ଲେଖାଗୁଡ଼ିକ ଲୋକଚକ୍ଷୁର ଅନ୍ତରାଳରେ ଲୁଚି ଯାଉଥାନ୍ତା ।

ମୁଁ ମୋର କର୍ମମୟ ଜୀବନର ଅନୁଭୂତିମୂଳକ ଘଟଣାବଳୀ ଏହି ପତ୍ରିକା ମାଧ୍ୟମରେ ଲୋକସମକ୍ଷରେ ଉପସ୍ଥାପିତ କରିବା ବାସନା ଆଜି ପୂର୍ଣ୍ଣ ହୋଇଅଛି । ଏ ସମସ୍ତ ପ୍ରକାଶ କରି କାହାରିକୁ କୌଣସି ପ୍ରକାର ଶିକ୍ଷାଦାନ କରିବା ପ୍ରୟାସ ମୋର ନାହିଁ । ତଥାପି ମୁଁ ଅନୁଭବ କରୁଅଛି ଯେ, ଯେକୌଣସି ବିଷୟ ତୁଚ୍ଛ ହେଲେ ମଧ୍ୟ ତନ୍ମଧ୍ୟରେ କୌତୂହଳ ନିବଦ୍ଧ ଥାଏ । ମୋର ଜନ୍ମସ୍ଥାନ ପୂର୍ବତନ ଗଡ଼ଜାତ ପାଟଣା – ବର୍ତ୍ତମାନ ବଲାଙ୍ଗିର ପାଟଣା ଜିଲାରେ । ମୋର ପ୍ରାଥମିକ ଶିକ୍ଷା ସେହିଠାରେ । ଉଚ୍ଚଶିକ୍ଷା ସକାଶେ, ସ୍ଥାନାନ୍ତରକୁ ଯିବାକୁ ହୋଇଥିଲା । ତତ୍ପରେ କର୍ମକ୍ଷେତ୍ର ହେଲା 'ମୋଗଲବନ୍ଦୀ'

Digitized by srujanika@gmail.com

ଅଞ୍ଚଳ ଓ ଦୁଇଦୁଇଟି ଗଡ଼ଜାତ ରାଜ୍ୟ । ବାଲ୍ୟକାଳର ଅବସ୍ଥା ସହିତ ଆଧୁନିକ ପରିସ୍ଥିତି ଆଲୋଚନା କରିବାକୁ ଗଲେ ପୂର୍ବତନ ଘଟଣାବଳୀ ଚକ୍ଷୁସମକ୍ଷରେ ଉଜ୍ଜ୍ୱଳ ହୋଇ ନାଚି ଉଠୁଅଛି । ଗଡ଼ଜାତରେ ଏକଛତ୍ର ଶାସନ, ତତ୍‌କାଳୀନ ମଧ୍ୟପ୍ରଦେଶର ଶାସନ-ଦଣ୍ଡରେ ପରିଚାଳିତ ସମ୍ବଲପୁର ଓ ପାର୍ଶ୍ୱବର୍ତ୍ତୀ ଗଡ଼ଜାତ ରାଜ୍ୟଗୁଡ଼ିକର ଶିକ୍ଷାଦୀକ୍ଷା, ଶାସନ-ପଦ୍ଧତି, ପାଟଣା ରାଜ୍ୟରେ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷାର ପ୍ରବର୍ତ୍ତନ, ଏଜେନ୍‌ସି ଇନ୍‌ସ୍‌ପେକ୍ଟର 'ଶ୍ମଶ୍ରୁ-ପ୍ରବୃଦ୍ଧିଜନିତାନନ-ବିକ୍ରିୟ, କରଧୃତ-ଦୀର୍ଘ-ଦଣ୍ଡ-ଶୋଭିତ, ଦେଶୀକସରତ-ପ୍ରତିଷ୍ଠାତା' ଗଣପତ ଲାଲ ଚୌବେଙ୍କ ସ୍କୁଲ ପରିଦର୍ଶନ ସମୟର କର୍ତ୍ତବ୍ୟୋନ୍ମାଦନା, ମରହଟ୍ଟା ହାକିମମାନଙ୍କ କର୍ତ୍ତବ୍ୟନିଷ୍ଠା, 'ଛପନ ସାଲ' (ବିକ୍ରମ ସମ୍ବତ୍ ୧୮୯୯)ର କରାଳ ଦୁର୍ଭିକ୍ଷ, ବଖରିଆର ନେତୃତ୍ୱରେ ଡକାୟତଦଳଙ୍କ ରାଜ୍ୟବ୍ୟାପି ଲୁଣ୍ଠନ, ସମ୍ବଲପୁର ସହିତ ସେହି ଅଞ୍ଚଳର ସ୍କୁଲ ଓ ଅଦାଲତରୁ ଓଡ଼ିଆ ଭାଷାର ନିର୍ବାସନ ଓ ତତ୍‌ପରିବର୍ତ୍ତରେ ହିନ୍ଦି ଭାଷାର ପ୍ରଚଳନ, ଏହା ବିରୁଦ୍ଧରେ ଦେଶବ୍ୟାପୀ ଆନ୍ଦୋଳନ ଓ ଏହା ଫଳରେ ଏହି ଅଞ୍ଚଳର ଓଡ଼ିଶା ସହିତ ସମ୍ମିଶ୍ରଣ – ଏ ସମସ୍ତ ଅନୁଭୂତିମୂଳକ । ଏ ସମସ୍ତ ଘଟଣା ମୋର ଛାତ୍ରାବସ୍ଥାର । ସରକାରୀ କାର୍ଯ୍ୟରେ ରହି ଦୁଇଗୋଟି ଗଡ଼ଜାତ ରାଜ୍ୟ, ଢେଙ୍କାନାଳ ଓ ବଣେଇରେ ଦେଓ୍ୱାନୀ କରିବାକୁ ହୋଇଥିଲା । ଏହି ଅଞ୍ଚଳ ସମ୍ବନ୍ଧରେ ଅନୁଭୂତି-ନିଚୟ ମଧ୍ୟ ଲେଖନର ବିଷୟ । ଏ ସମସ୍ତ ବିଷୟ ଶିକ୍ଷଣୀୟ ନହେଲେ ମଧ୍ୟ ମୋର ଆଶା ଏହା ପାଠକମାନଙ୍କ ଅନୁପଭୋଗ୍ୟ ହେବନାହିଁ । ଏହି ଦୀର୍ଘ ଚଉସ୍ତରି ବର୍ଷର ଜୀବନ ମଧ୍ୟରେ କେତେ ବୈଚିତ୍ର୍ୟପୂର୍ଣ୍ଣ ଘଟଣା ମଧ୍ୟ ଘଟିଯାଇଅଛି । ଏହି ଦୀର୍ଘକାଳ ମଧ୍ୟରେ ପୃଥିବୀରେ କେତେ ପରିବର୍ତ୍ତନ ହୋଇଯାଇଛି । ଦୁଇଗୋଟି ମହାଯୁଦ୍ଧ ପୃଥିବୀର ମୁଖ ପରିବର୍ତ୍ତନ କରି ଦେଇଅଛି । ନାନା ଦେଶର ଏକଛତ୍ର ଶାସନ ବିଦାୟ ନେଇ ଗଣତନ୍ତ୍ର ଶାସନ ପ୍ରତିଷ୍ଠିତ ହୋଇଅଛି । ରାଜନୈତିକ, ସାମରିକ, ଅର୍ଥନୈତିକ ପରିସ୍ଥିତିରେ ଆଜି ପୃଥିବୀ ବିବ୍ରତ ଓ ଅସ୍ଥିର । ଭାରତ ଦୀର୍ଘକାଳର ଦାସତ୍ୱ ଶୃଙ୍ଖଳରୁ ମୁକ୍ତ ହୋଇ ଆଜି ମୁକ୍ତ ବାୟୁ ସେବନରେ ସମର୍ଥ ହୋଇଅଛି । କିନ୍ତୁ ଅଖଣ୍ଡ ଭାରତ ଦ୍ୱିଖଣ୍ଡିତ ହୋଇ ଯେଉଁ ତୀବ୍ର ଯାତନା ଭୋଗ କରୁଅଛି ତାହା ମଧ୍ୟ ଅନୁଭୂତିର ବିଷୟୀଭୂତ । ଦେଶପିତାଙ୍କ ତପସ୍ୟା ପ୍ରଭାବରେ ଏକ ଶୃଙ୍ଖଳରୁ ମୁକ୍ତ ହୋଇଥିଲେହେଁ ଭାରତବାସୀ ଆଜି ନାନାବିଧ ଶୃଙ୍ଖଳାରେ ଆବଦ୍ଧ । ବୈଦେଶିକ-ନୀତି-ପ୍ରଭାବିତ ଶାନ୍ତି-ସ୍ଥାପନ ପ୍ରୟାସ ମଧ୍ୟରେ ଭାରତବାସୀଙ୍କ ଜୀବନ ନାନାପ୍ରକାର ଜଟିଳତା ପୂର୍ଣ୍ଣ ମୋର ଜୀବନର ବୈଶିଷ୍ଟ୍ୟ, ମୁଁ ପନ୍ଦର ଗୋଟି ସନ୍ତାନ – ଏଗାରଟି ଝିଅ ଓ ଚାରି ପୁଅର ବାପ । ଏତେଗୁଡ଼ିଏ ଜୀବଙ୍କୁ ମନୁଷ୍ୟ କରିବା ଭାର ଭଗବାନ ମୋ ତୁଲ୍ୟ ଅଯୋଗ୍ୟ ବ୍ୟକ୍ତି ଉପରେ ଅର୍ପଣ କରିବା ଉଦ୍ଦେଶ୍ୟ ତାଙ୍କୁହିଁ ଜଣା । ଏମାନଙ୍କ ଶିକ୍ଷାଦାନ ଓ ପାଳନ ମଧ୍ୟ ଅନୁଭୂତିମୂଳକ । ଏ ସମସ୍ତ ବିଷୟର 'ସ୍ମୃତିକଥା'ରେ ଆଲୋଚନା ଅପ୍ରାସଙ୍ଗିକ ହେବନାହିଁ । ଏହି ଆଶାରେ ଆଶାନ୍ୱିତ ହୋଇଥିବାରୁ ଶ୍ରଦ୍ଧାସ୍ପଦ ଚିନ୍ତାମଣି ବାବୁ ମୋତେ ସମୁତ୍ସାହିତ କରିଥିବା ଯୋଗୁଁ ତାଙ୍କଠାରେ ଆଉ ଥରେ ମୁଁ ମୋର ହୃଦୟର ଅନାବିଳ କୃତଜ୍ଞତା ଜ୍ଞାପନ କରୁଅଛି ।

Digitized by srujanika@gmail.com

ସଂକ୍ଷିପ୍ତ ପରିଚୟ

ଆଜି ମୋର ଜୀବନକାଳର ନବସପ୍ତତୀତମ (୭୯) ବର୍ଷ । ଏଥିମଧ୍ୟରୁ ୧୮୮୭ରୁ ୧୮୯୮-୧୧ ବର୍ଷ, ଆଗଲପୁରରେ, ୧୮୯୮ରୁ ୧୯୦୨ ପର୍ଯ୍ୟନ୍ତ ବଲାଙ୍ଗିର ମଧ୍ୟଇଂରାଜୀ ସ୍କୁଲରେ, ୧୯୦୨ରୁ୧୯୦୪ ପର୍ଯ୍ୟନ୍ତ ୨ ବର୍ଷ ସମ୍ବଲପୁର ଜିଲା ସ୍କୁଲରେ । ୧୯୦୪ରୁ ୧୯୦୮ ପର୍ଯ୍ୟନ୍ତ ୪ ବର୍ଷ କଟକ ରେଭେନ୍ସା କଲେଜରେ ଓ ୧୯୦୯ ରୁ ୧୯୪୨ ପର୍ଯ୍ୟନ୍ତ ୩୩ ବର୍ଷ ସରକାରୀ ଚାକିରିରେ ଅତିବାହିତ ହୋଇଅଛି । ଚାକିରିରୁ ଅବସର ନେଇଅଛି ୧୯୪୨ ମସିହାରେ, ଅର୍ଥାତ୍ ୨୩ ବର୍ଷ ପୂର୍ବେ । ଏହି ଦୀର୍ଘ ଜୀବନର ଘଟଣାବଳୀ ବିଗତ ପାଞ୍ଚବର୍ଷ ମଧ୍ୟରେ 'ନବଜୀବନ'ର ୫ମ ବର୍ଷ,୩ୟ ସଂଖ୍ୟାରୁ ଆରମ୍ଭ କରି ୯ମ ବର୍ଷ ୧୧ଶ ସଂଖ୍ୟାରେ ଧାରାବାହିକ ଭାବରେ ପ୍ରକାଶିତ ଅନୁଭୂତିମୂଳକ 'ସ୍ମୃତି କଥା'- ବଳୀରେ ବିଶଦ ଭାବରେ ବର୍ଣ୍ଣିତ ହୋଇଅଛି । ଏଥିରୁ ସହୃଦୟ ପାଠକବର୍ଗ ମୋର ସାଧାରଣ ପରିଚୟ ଲାଭ କରିଥିବେ, ସନ୍ଦେହ ନାହିଁ । ତଥାପି ମୋର ଆଦ୍ୟ ଜୀବନର ସାମାନ୍ୟ ପରିଚୟ ଦେବା ଆବଶ୍ୟକ ।

ପୂର୍ବତନ ପାଟଣା ରାଜ୍ୟ । ବର୍ତ୍ତମାନ ବଲାଙ୍ଗିର-ପାଟଣା ଜିଲ୍ଲା ମଧ୍ୟରେ ଆଗଲପୁର ଏକ ଜମିଦାରୀନ୍ତ ପାଟଣା ରାଜବଂଶର ଜଣେ ଦାୟାଦ ପ୍ରାପ୍ତ ହୋଇଥିଲେ । ମନୋରମ ପଦ୍ମାଳୟ ସରୋବର ଓ ତତ୍ତୀରବର୍ତ୍ତୀ ଦେବାଳୟମଣ୍ଡିତ । ଚିରସ୍ୱଚ୍ଛୋଦ-ପ୍ରବାହିନୀ ଅଙ୍ଗ ନଦୀଧୌତ, ନୟନାଭିରାମ ପ୍ରକୃତି ସୁଷମାସମ୍ପନ୍ନ । ବିଦ୍ୱନ୍ମଣ୍ଡଳୀନିଳୟ, ଦାନଶୀଳ ରାଜବୃନ୍ଦ ସ୍ମୃତିପୂତ ଏହି ଆଗଲପୁର ମୋର ପବିତ୍ର ଜନ୍ମସ୍ଥଳ । ପିତା ଭଗବାନ ଓ ମାତା ସୀତା ଦେବୀ, ଆମ୍ଭେମାନେ ଭାଇ ଭଉଣୀ ସାତ ଜଣ । ତିନି ଭାଇ, ଜ୍ୟେଷ୍ଠ ବାଳମୁକୁନ୍ଦ, ମଧ୍ୟମ ଲକ୍ଷ୍ମଣ ଓ କନିଷ୍ଠ ମୁଁ, ଓ ଚାରି ଭଉଣୀ, ବାଳମତୀ, ପାର୍ବତୀ, ତାରା ଓ ଚମ୍ପା । ଜ୍ୟେଷ୍ଠ ଭ୍ରାତାଙ୍କ ୧୮ ବର୍ଷ ବୟସରେ ୧୮୯୭ ମସିହାରେ ଅବିବାହିତ ଅବସ୍ଥାରେ କାଳ ହୋଇଯାଇଅଛି । ଭଉଣୀମାନେ ମଧ୍ୟ କେହି ନାହାନ୍ତି । ଆମ୍ଭ ଦୁଇ ଭାଇଙ୍କୁ ଛାଡ଼ି ଭିନ୍ନ ଭିନ୍ନ ସମୟରେ ମୃତ ହୋଇ ଯାଇଅଛନ୍ତି । ମୋର ଜନ୍ମତିଥି ୧୮୮୭ ମସିହା ମାର୍ଚ୍ଚ ମାସ ଶିବରାତ୍ରି । ପ୍ରଥମ ୧୧ ବର୍ଷର ବାଲ୍ୟଜୀବନ ଆଗଲପୁରରେ ଭୋଗକରି ତତ୍ରବ୍ୟ ଉଚ୍ଚପ୍ରାଥମିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା ଉତ୍ତାରେ ୧୮୯୮ ମସିହାରେ ଉଚ୍ଚଶିକ୍ଷା ସକାଶେ ଗୃହ ତ୍ୟାଗକଲି ଓ ଦଶ ବର୍ଷକାଳ ମଧ୍ୟଇଂରେଜି ସ୍କୁଲରୁ କଲେଜ ଶିକ୍ଷା

Digitized by srujanika@gmail.com

ପର୍ଯ୍ୟନ୍ତ ରହି ୧୯୦୮ ମସିହାରେ କଟକ ରେଭେନ୍‌ସା କଲେଜରୁ ବି.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲି । ମୋର ଆଗଲପୁରରେ ପ୍ରକୃତ ଅବସ୍ଥାନ ସେହି ପର୍ଯ୍ୟନ୍ତ କହିଲେ ଚଳେ । ୧୯୦୯ ମସିହାରେ ସରକାରୀ ଚାକିରିରେ ପ୍ରବେଶ କଲି, ଇଂରେଜ ଶାସିତ ଅଞ୍ଚଳ ସହିତ ଗଡ଼ଜାତ ରାଜ୍ୟର ଅବସ୍ଥା ବିବେଚନାରେ ପାଟଣା ସନ୍ନିକଟସ୍ଥ ସମ୍ବଲପୁରରେ ବାସ କରି ରହିବା ସ୍ଥିରକଲି । ସମ୍ବଲପୁରରେ ମୋର ବିବାହ ମୋର ଏହି ବାସନା ତୃପ୍ତି ସକାଶେ ସୁବିଧା ଯୋଗାଇଦେଲା । ୧୯୧୭ ମସିହାରେ ସମ୍ବଲପୁର ସହରରେ ବାସଗୃହ ନିର୍ମାଣ କଲି, ୧୯୩୪ ମସିହାରେ ସମ୍ବଲପୁରରୁ ୬ମାଇଲ ଦୂରବର୍ତ୍ତୀ ଲୁରପଙ୍କ ଗ୍ରାମ କିଣିଲି । ପୁଅ, ଝିଅଙ୍କ ବିବାହ ସମ୍ପର୍କଦ୍ୱାରା ସମ୍ବଲପୁରରେ ଅନେକ ବନ୍ଧୁବାନ୍ଧବ ଅର୍ଜ୍ଜନ କଲି । ଏହି ପ୍ରକାରେ କାର୍ଯ୍ୟତଃ ମୁଁ ସମ୍ବଲପୁରର ଅଧିବାସୀ ହୋଇ ରହିଯାଇଅଛି । ୧୯୨୫ ମସିହାରେ ପିତାଙ୍କ ଓ ୧୯୨୮ରେ ମାତାଙ୍କ ମୃତ୍ୟୁ ହେଲା । ସେମାନଙ୍କ ଜୀବଦ୍ଦଶାରେ କିମ୍ବା ମୃତ୍ୟୁ ପରେ ସୁଦ୍ଧା ଆଗଲପୁର ସହିତ ସମ୍ପର୍କ ତ୍ୟାଗ କରି ନଥିଲି । ବର୍ତ୍ତମାନ ସୁଦ୍ଧା ଜ୍ୟେଷ୍ଠଭ୍ରାତାଙ୍କ ସହିତ ଆଗଲପୁର ସମ୍ପର୍କ ଅକ୍ଷୁଣ୍ଣ ରହିଅଛି । ତାଙ୍କ ବୟସ ବର୍ତ୍ତମାନ ୮୩ ବର୍ଷ । ଆମ୍ଭ ପରିବାର ଅପେକ୍ଷାକୃତ ଦୀର୍ଘଜୀବୀ । ମୋ ପିତାଙ୍କ ମୃତ୍ୟୁ ସମୟରେ ତାଙ୍କୁ ୯୫ ବର୍ଷ ବୟସ ହୋଇଥିଲା । ଦାନ୍ତ ଗୋଟିଏ ସୁଦ୍ଧା ପଡ଼ିନଥିଲା । ବିନା ଚଷମାରେ ଭାଗବତ ପଢୁଥିଲେ । ଯୁଗ ମାହାତ୍ମ୍ୟ ପ୍ରଭାବରେ ଏହି ବୟସ କ୍ରମେ ଊଣା ହୋଇ ଯାଉଥିବା ଦେଖାଯାଉଅଛି ।

ମୋର ବାଲ୍ୟଜୀବନ ସମ୍ବନ୍ଧରେ ଯାହା ମନେଅଛି, ଆଗଲପୁରରେ ପିତା ଦରିଦ୍ର ଥିଲେ ଓ ଆମ୍ଭମାନଙ୍କ ଜୀବନ ଦୀନଭାବରେ ଅତିବାହିତ ହୋଇଥିଲା । କିନ୍ତୁ ତାଙ୍କ ବ୍ୟକ୍ତିଗତ ଆଚରଣ ଓ ଲୋକଙ୍କ ସହିତ ବ୍ୟବହାର ଦେଖି ମନେ ହେଉଥିଲା, ତାଙ୍କ ସାଂସାରିକ ଅବସ୍ଥା ପୂର୍ବେ ଉନ୍ନତତର ଥିଲା । ଏ ସମ୍ବନ୍ଧରେ ମୋର ଅନୁସନ୍ଧିତ୍ସା ପ୍ରଶମନ କରିବାକୁ ମୋର ବୟସ୍କ ଜୀବନ ମଧ୍ୟରେ ସୁଯୋଗ ପ୍ରାପ୍ତ ହୋଇଥିଲି । ସେତେ-ବେଳେ ମୁଁ ଅନୁଗୁଳରେ ସବ୍‌ଡେପୁଟି କଲେକ୍ଟର । ପିତା ଥରେ ଆସି ଆମ୍ଭମାନଙ୍କ ସଙ୍ଗେ କିଛିଦିନ ରହିଥିଲେ । ସେହିଠାରେ ଆମ୍ଭେମାନେ ଭିକ୍ଷୁକଙ୍କୁ ମୁଠିଏ ଲେଖାଏ ଚାଉଳ ଭିଖ ଦେଉଥିଲେ ଆମ୍ଭମାନଙ୍କ ହାତରୁ ଛଡ଼ାଇ ନେଇ ନିଜେ ଆଞ୍ଜୁଳାପୂର୍ଣ୍ଣ ଭିଖ ଦିଅନ୍ତି ଓ ବ୍ରାହ୍ମଣ ବା ବୈଷ୍ଣବ ଆସିଲେ ଥାଳିରେ ସଜାଡ଼ି ଚାଉଳ, ଡାଲି, ଲୁଣ, ଘିଅ, ପରିବା ପୂର୍ଣ୍ଣ ସିଧା ଦିଅନ୍ତି । ଦିନେ ତାଙ୍କୁ ପଚାରିଲି, "ବାପା ! ଆମ ପିଲାଦିନେ ତ ତମେ ଆମମାନଙ୍କୁ ଭଲ ଗଣ୍ଡାଏ ଖାଇବାକୁ ଦେଇପାରୁନଥିଲ, ଆଜି ତମର ଏହି ହାତ ଆସିଲା କେଉଁଠୁ କହିଲ ?" ବାପା ଅଳ୍ପ ହସିଲେ । ଆମ୍ଭ ଓ ତାଙ୍କ ଆଗଲପୁର ଆସିବା ଜୀବନର ଇତିହାସ ଆରମ୍ଭ କଲେ । କହିଲେ, "ଆମ୍ଭ ପରିବାର ଗରିବ ନ ଥିଲେ । ସମୟ ଥିଲା, ଯେତେବେଳେ ଆମ ଘର ଧାନ ଓଳିଆରେ ପୂର୍ଣ୍ଣ ହୋଇଥିଲା । ଦୁଃଖୀ ଦରିଦ୍ର ଆସିଲେ ଆମ୍ଭ ଦ୍ୱାରରୁ କେହିଁ

Digitized by srujanika@gmail.com

ଫେରିଯାଉନଥିଲେ । ସୋନପୁରରେ ଆମ୍ଭ ପରିବାର 'ବିର୍ତ୍ତିୟା' ଥିଲେ । ଆମ୍ଭ ତଳେ ପାଞ୍ଚ ଦଶ ଘର ପ୍ରଜା ଥିଲେ । କେବଳ ଶାସନର ଦୁର୍ନୀତି ଯୋଗୁଁ ଆମ୍ଭେମାନେ ଦରିଦ୍ର ହୋଇ ଦାଣ୍ଡରେ ଠିଆହେଲୁଁ ।'' ଏହା ଶୁଣି ମୋର କୌତୂହଳ ବୃଦ୍ଧି ହେବାକୁ ଲାଗିଲା ଓ ବାରମ୍ବାର ପ୍ରଶ୍ନରେ ପୁଣି କହିଲେ, ''ସୋନପୁର ରାଜ୍ୟର ଭୂସମ୍ପତ୍ତିକୁ ପୂର୍ବତନ ଜଣେ ଦାନଶୀଳ ଧର୍ମପରାୟଣ ରାଜା ତିନିଭାଗରେ ବିଭକ୍ତ କରି ଏକ ଭାଗ ରାଜାଙ୍କ, ଯହିଁରୁ ରାଜ୍ୟଶାସନ ପରିଚାଳନା ଓ ରାଜପରିବାରଙ୍କ ଭରଣ ପୋଷଣ ଓ ତତ୍ ସଂକ୍ରାନ୍ତ ବ୍ୟୟ ନିମିତ୍ତ କର ଆଦାୟ ହୁଏ, ଦ୍ୱିତୀୟ ଭାଗ ବ୍ରାହ୍ମଣମାନଙ୍କ ମଧ୍ୟରେ ବୃତ୍ତି ବିତରଣ ଓ ତୃତୀୟ ଭାଗ ଦେବତାଙ୍କ ସେବା ପୂଜା ଓ ଅତିଥିମାନଙ୍କ ପରିଚର୍ଯ୍ୟା ସକାଶେ ଦାନ କରିଥିଲେ । ବୃତ୍ତିଭୋଗୀ ବ୍ରାହ୍ମଣ ସଂଖ୍ୟା ଅନେକ । କାହାରି କାହାରି ବୃତ୍ତି ମଧ୍ୟରେ ଏକାଧିକ ଗ୍ରାମ ଓ ବିସ୍ତୃତ ଭୂମି ଓ ଏମାନଙ୍କ ତଳେ ପ୍ରଜାମାନେ ରହି ଚାଷ କରନ୍ତି । ମୋ ପିତା ଥିଲେ ପୂର୍ବ ପୁରୁଷଙ୍କଠାରୁ ଏହିପରି ଜଣେ ବୃତ୍ତିଧାରୀ, ସୋନପୁରରେ ସାଧାରଣତଃ 'ବିର୍ତ୍ତିୟା' ନାମରେ କଥିତ, କିନ୍ତୁ ଏପରି ସଦାଚାରପୂର୍ଣ୍ଣ ଶାସନ କାଳକ୍ରମେ କେତେକ କଦାଚାରପୂର୍ଣ୍ଣ ପ୍ରଥାଦ୍ୱାରା କଳଙ୍କିତ ହୋଇଗଲା । ପରବର୍ତ୍ତୀ କୌଣସି ରାଜାଙ୍କ ଅମଳରେ ଭୂମି କର ବ୍ୟୟରେ ଆହୁରି 'ପଇଠୀ' ନାମରେ ନାନାପ୍ରକାର କର ଧାର୍ଯ୍ୟ ହେଲା ଓ ଏ ସମସ୍ତ ବ୍ୟୟରେ ରାଜାଙ୍କ ଧାନରଣ ବିଭାଗ ଜାରି ହେଲା – ଯାହା ଯୋଗୁଁ ଲୋକେ ସର୍ବାପେକ୍ଷା ଅଧିକ ଉତ୍ପୀଡ଼ିତ ହେଲେ । ଲୋକଙ୍କୁ ଧାନ ରଣ ଚଢ଼ା ସୁଧରେ ଦିଆ ହେଉଥିଲା । ରଣ ଆଦାୟ କେବେ ତମାଦି ହୁଏନାହିଁ । କିମ୍ବା ଆଦାୟ ଶୀଘ୍ର ଶୀଘ୍ର ନ ହୋଇ ଅଧିକ ପ୍ରାପ୍ତି ଉଦ୍ଦେଶ୍ୟରେ ବହୁବର୍ଷ ପର୍ଯ୍ୟନ୍ତ ବିଳମ୍ବ କରାହୁଏ । ଯାହା ଫଳରେ ସୁଧର ପରିମାଣ ଅଯଥା ବୃଦ୍ଧି ହୋଇ ସମୂଳସୁଧ ଅତ୍ୟଧିକ ପରିମାଣରେ ଆଦାୟ ହୁଏ । ମୋ ପିତାଙ୍କ ମୃତ୍ୟୁ ପରେ ରଣଖାତା ଧରି ଆଦାୟକାରୀ ରାଜକର୍ମଚାରୀ ଉପସ୍ଥିତ ହେଲେ ଓ ଅତ୍ୟଧିକ ପରିମିତ ରଣ ପରିଶୋଧ ଦାବି କଲେ । ଆମ୍ଭେମାନେ ତିନିଭାଇ, ଯେତେ କହିଲୁଁ ଯେ, ଆମ୍ଭେମାନେ ଏ ବିଷୟରେ କିଛି ଜାଣୁନାହିଁ କିମ୍ବା ଆମ୍ଭମାନଙ୍କ ପିତା କେବେ କହି ନ ଥିଲେ, ସେମାନେ କିଛି ଶୁଣିଲେ ନାହିଁ ଓ ତତ୍‌କ୍ଷଣାତ୍ ତାଙ୍କ ଦାବି ପୂରଣ କରିବାକୁ ବଳତ୍କାର ଜମିରେ ଥିବା ସମସ୍ତ ଧାନ କଟାଇ ଅମଳ କରି ନେଇଗଲେ । ଏକବର୍ଷର ଆଦାୟରେ ସମୁଦାୟ ରଣ ପରିଶୋଧ ହୋଇ ନପାରିବାରୁ ପରବର୍ଷ ଆସି ପୁଣି ସେହିପରି ଧାନ କଟାଇ ନେଇଗଲେ । ତୃତୀୟ ବର୍ଷ ପୁଣି ଆସି ଯେତେବେଳେ କହିଲେ ଯେ, ଆହୁରି କିଛି ବାକୀ ଅଛି ଓ ନଦେଲେ ପୁଣି ଧାନ କଟାଇ ନେଇଯିବେ ଓ ଏହା କହି ଜମି ଉପରକୁ ଆସିଲେ ଆମ୍ଭେମାନେ ତାଙ୍କୁ ବାଧା ଦେଲୁଁ ଓ ପରିଶେଷରେ ସେମାନଙ୍କୁ ମାଡ଼ ଦେଇ ଜଣେ ଦୁଇଜଣ ପିଆଦାଙ୍କ ହାତ ଭାଙ୍ଗିଦେଲୁଁ । ଅବିଳମ୍ବରେ ଆମ୍ଭମାନଙ୍କ ବିରୁଦ୍ଧରେ ମୋକଦ୍ଦମା ଦାଏର ହେଲା ଓ ଆମ୍ଭମାନଙ୍କୁ ପୋଲିସ ଆସି ବାନ୍ଧି

Digitized by srujanika@gmail.com

ନେଇଗଲେ । ଅନେକଦିନ ଯାଏ ଜେଲ ହାଜତରେ ରହିଲା ପରେ ରାଜାଙ୍କଠାରେ କ୍ଷମାଭିକ୍ଷା କଲୁଁ ଏବଂ ରାଜ୍ୟତ୍ୟାଗ ବିନିମୟରେ ଆମ୍ଭମାନଙ୍କୁ ଦଣ୍ଡରୁ ଅବ୍ୟାହତି ମିଳିଲା । ଦିନେ ରାତିରେ ରାଜଦୂତମାନେ ଆସି ଆମ୍ଭମାନଙ୍କ ଘରଦ୍ୱାର ଭାଙ୍ଗି ଭୂମିସାତ୍ କରିଦେଲେ ଓ ସପରିବାର ଆମ୍ଭମାନଙ୍କୁ ନେଇ ପାଟଣା ଓ ସୋନପୁର ସୀମାବର୍ତ୍ତୀ ଏକ ସ୍ଥାନରେ ଛାଡ଼ିଦେଲେ । ଆମ୍ଭେ ତିନିଭାଇମଧ୍ୟରୁ ଜ୍ୟେଷ୍ଠ ବୈଦ୍ୟନାଥ, ମୁଁ ମଝିଆଁ ଓ କନିଷ୍ଠ ଗୋବିନ୍ଦ । ଗୋବିନ୍ଦ ଥିଲା ଅବିବାହିତ, ଜ୍ୟେଷ୍ଠଭାଇଙ୍କ ପୁଅଝିଅ, ମୋର ଦୁଇଝିଅ ଓ ଗୋଟିଏ ପୁଅ । ଯେଉଁଠାରେ ଆମ୍ଭେମାନେ ପହଞ୍ଚିଥିଲୁଁ ସେଠାରେ ଶୁଣିଲୁଁ ଯେ, ଅଳ୍ପଦୂରରେ ଆଗଲପୁର ଅଛି, ସେହି ସ୍ଥାନର ଜମିଦାର ଧର୍ମପରାୟଣ, ବ୍ରାହ୍ମଣ ବୈଷ୍ଣବଙ୍କ ପ୍ରତି ତାଙ୍କର ଆଦର ଥାଏ, ସେହିଠାରେ ଆଶ୍ରୟ ଲାଭ ଆଶାରେ ଆମ୍ଭେମାନେ ସେଠାକୁ ଗଲୁଁ ଓ ଜମିଦାରଙ୍କ ଅଧୀନରେ ଓ ଗ୍ରାମରେ ବ୍ରାହ୍ମଣ କର୍ମକରି କେତେକଦିନ ଚଳାଇଲୁଁ । ସେଠାରେ କିଛିଦିନ କଟାଇଲା ପରେ ଜ୍ୟେଷ୍ଠଭାଇ ବୋଡ଼ାସମ୍ବର ଚାଲିଗଲେ ଓ ଆମ୍ଭେ ଦୁଇଭାଇ ବହୁକଷ୍ଟରେ କାଳ କଟାଇବାକୁ ଲାଗିଲୁଁ ।'' ଆଗଲପୁରରେ ମୋର ଦୁଇ ଭଉଣୀ, ମଧ୍ୟମ ଭାଇ ଲକ୍ଷ୍ମଣ ଓ ମୋର ଜନ୍ମ । ମୋର ହେତୁ ହେଲାରୁ ସୁଦ୍ଧା ମୁଁ ଜାଣି ପାରୁଥିଲି ଆମ୍ଭମାନଙ୍କ ଜୀବନଯାପନ ଦୁଃଖମୟ । ସେହି ସମୟରେ ପିତାଙ୍କୁ ଜମିଦାର କିଛି ଜମି ଦେଇଥିଲେ । କିନ୍ତୁ ତାହା ମଧ୍ୟ ପରିବାର ସକାଶେ ନିଅଣ୍ଟ ଥିଲା ।

ଏହି ସମୟରେ ସୋନପୁର ଓ ସମ୍ବଲପୁର ଜିଲ୍ଲା ଚତୁଷ୍ପାର୍ଶ୍ୱସ୍ଥ ପାଟଣା, କଳାହାଣ୍ଡି, ବାମଣ୍ଡା ଓ ରେଢ଼ାଖୋଲ ଦେଶୀୟ ରାଜ୍ୟ ମଧ୍ୟପ୍ରଦେଶ ଶାସନରେ ରାୟ-ପୁରରେ ରହୁଥିବା ପୋଲିଟିକେଲ୍ ଏଜେଣ୍ଟଙ୍କ ତତ୍ତ୍ୱାବଧାନରେ ରହିଥିଲା । ମୋର ଅନୁଭୂତିରୁ ମୁଁ ଜାଣିଥିଲି ପାଟଣାରେ ରାଜ୍ୟରୁ ନିର୍ବାସନ ସାଧାରଣ ଦଣ୍ଡ ଥିଲା । ୧୯୦୫ ସାଲରେ ସମ୍ବଲପୁର ଜିଲା ସହିତ ଏହି ରାଜ୍ୟମାନ ଓଡ଼ିଶା ସହିତ ମିଳିତ ହେଲା ପରେ ଓଡ଼ିଶାର ଗଡ଼ଜାତମାହାଲ ସହିତ ଏହି ରାଜ୍ୟମାନଙ୍କ ଶାସନ ଜଣେ ସ୍ୱତନ୍ତ୍ର ପୋଲଟିକେଲ୍ ଏଜେଣ୍ଟଙ୍କ ଅଧୀନରେ ରହିଲା । ଏହାର କେତେକ ବର୍ଷ ପରେ ପ୍ରଜାମାନଙ୍କ ଆପତ୍ତିରେ ଏହି ଋଣ ବିଭାଗ ଓ ଅନ୍ୟାନ୍ୟ 'ପଟ୍ଟୀ' ସମ୍ବନ୍ଧରେ ତଦନ୍ତ ହୋଇ ଏ ସବୁ ଉଠାଇ ଦିଆଗଲା । ବର୍ତ୍ତମାନ ଏ ସବୁରୁ ଆଉ କିଛି ନାହିଁ ।

୧୯୦୯ ସାଲରେ ମୁଁ ସରକାରୀ ଚାକିରିରେ ପ୍ରବେଶ କଲା ଉତ୍ତାରେ ମୋର ପ୍ରଥମ ଚିନ୍ତାର ବିଷୟ ହେଲା କିପରି ପିତାଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିବି । ଭଉଣୀମାନଙ୍କ ଶ୍ୱଶୁର ଘର ସୁଦ୍ଧା ତଦ୍ରୂପ ଗରିବ । ଏ ଦିଗରେ ମୋର ଶକ୍ତ୍ୟନୁଯାୟୀ ଉଦ୍ୟମରେ ପ୍ରବୃତ୍ତ ହେଲି । ବ୍ରାହ୍ମଣମାନଙ୍କ ଦୂରବସ୍ଥା ନିବାରଣ ସକାଶେ ବିଦ୍ୟାଶିକ୍ଷା ପ୍ରଧାନ ସମ୍ବଳ । ପୁତୁରା ଓ ଭଣଜାମାନଙ୍କ ପାଠପଢ଼ାରେ ସାହାଯ୍ୟ କରିବାକୁ ଲାଗିଲି । କେତେକ ଭଣଜା ଆଗଲପୁରରେ, କେତେକ ବଲାଙ୍ଗିରରେ, କେତେକ ଗାଙ୍ଗପୁରରେ ଥିଲେ । ସେହି ସ୍ଥଳର

Digitized by srujanika@gmail.com

ସ୍କୁଲମାନଙ୍କରେ ଥିବା ସମୟରେ ସେମାନଙ୍କୁ ଅର୍ଥ ସାହାଯ୍ୟ କଲି । ଜ୍ୟେଷ୍ଠଭ୍ରାତଙ୍କ ଜ୍ୟେଷ୍ଠପୁତ୍ର କୃପାସିନ୍ଧୁକୁ ମୁଁ ୧୯୨୪ ସାଲରେ ବଣେଇ ଷ୍ଟେଟରେ ଦେୱାନ ଥିବା ସମୟରେ, ସେ ମୋ ପାଖରେ ଛାଡ଼ି ଦେଇଗଲେ । ସେତେବେଳେ ସେ ମାତ୍ର ୯ ବର୍ଷ ବୟସର ଶିଶୁ । ମଫସଲରୁ ଆସି ମୋ ପୁଅ ଝିଅଙ୍କ ସଙ୍ଗେ ମିଶିବାକୁ ତାକୁ କିଛିସମୟ ଲାଗିଥିଲା । ସେ ମୋ ପୁଅ ସତ୍ୟଗୋପାଳର ସମବୟସ୍କ, ଦେହ ତମାମ କାଛୁ କୁଣ୍ଡିଆରେ ଭରା । ମୁଣ୍ଡର ବାଳ ଠିଆ ଠିଆ । ଆଷାଢ଼ର 'ନୀପକୁସୁମ' ତୁଲ୍ୟ, ଅକ୍ଷର ସୁଦ୍ଧା ଭଲ ପଢ଼ିପାରୁନାହିଁ । ଲ ଳ ର ଉଚ୍ଚାରଣର ପ୍ରଭେଦ ଜାଣୁନାହିଁ । ଅଥଚ ଦୁଇଶ୍ରେଣୀ ପଢ଼ି ସାରିଅଛି । ସାହିତ୍ୟକୁସୁମର 'ସାଇବିରିୟା ଭାଲୁ' ପାଠ ପଢ଼ିବାକୁ କହିଲି । ପଢ଼ିଲା ସାଇବିରିୟା ଭା'ଳୁ' । ମୁଁ ତ ମୋ ପିଲାଙ୍କୁ ନିଜେ ପଢ଼ାଉଥିଲି । କେବେ ଘରେ ଶିକ୍ଷକ ରଖି ନ ଥିଲି, ମୋ ପୁଅଝିଅ ସମସ୍ତେ ମୋ ପାଖରେ ତାଲିମ । କେହି ଥାର୍ଡ଼ ଡିଭିଜନରେ ମାଟ୍ରିକୁଲେସନ୍ ପାସ କରିନାହାନ୍ତି । କୃପାସିନ୍ଧୁକୁ ମଧ୍ୟ ବହୁପରିଶ୍ରମ କରି ପଢ଼ାଇଲି । ବହୁକଷ୍ଟରେ ତାହାର ୧୯ ବର୍ଷ ବୟସରେ ମୁଁ ବାଲେଶ୍ୱରରେ ଥିବା ସମୟରେ ସେହି ସ୍ଥାନର ଜିଲ୍ଲାସ୍କୁଲରୁ ଥାର୍ଡ ଡିଭିଜନରେ ପାସ କଲା । ତାହାର ପିତା ତାକୁ ଆଉ ନ ପଢ଼ାଇ ଚାକିରି କରିବାକୁ କହିଲେ । ବହୁ ସୁପାରିସ ଫଳରେ ତାହାଠାରୁ ଯୋଗ୍ୟତର ପ୍ରାର୍ଥୀ ଥିଲେ ମଧ୍ୟ ପାଟଣା ଷ୍ଟେଟରେ ପୋଲିସ୍ ସବ୍ ଇନସ୍‌ପେକ୍ଟର ହେଲା, ୧୯୩୭ ସାଲରେ । ୧୯୪୮ ସାଲରେ ଅପରାପର ଷ୍ଟେଟ ସହିତ ପାଟଣା ଷ୍ଟେଟ ଭାରତବର୍ଷ ସହିତ ମିଳିତ ହେଲା । ଷ୍ଟେଟର ସମସ୍ତ କର୍ମଚାରୀ ସରକାରୀ ଚାକିରିଭୁକ୍ତ ହେଲେ । ସେହି ଅନୁସାରେ କୃପାସିନ୍ଧୁ ଷ୍ଟେଟ ଅପେକ୍ଷା ଉଚ୍ଚତର ବେତନ୍‌ରେ ସରକାରୀ ଚାକିରିରେ ପ୍ରବେଶ କଲା । କ୍ରମେ ଯୋଗ୍ୟତା ବଳରେ ଉନ୍ନତିଲାଭ କରି ବର୍ତ୍ତମାନ ସେ ଓଡ଼ିଶା ପୋଲିସରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ । ତାହାର ଦୁଇ ପୁଅ ମଧ୍ୟରୁ ଜ୍ୟେଷ୍ଠ ଇଂଜିନିୟର ଓ କନିଷ୍ଠ ମେଡ଼ିକାଲ୍ କଲେଜର ଛାତ୍ର ଅଛି, ଅଳ୍ପଦିନ ପରେ ଡାକ୍ତର ହେବ । ଜଣେ ଝିଅ ଏମ୍.ଏ. ରେ ଛାତ୍ରୀ । ହେଲେ କଣ ହେବ ? ଥାର୍ଡ଼ଡିଭିଜନ ମେଟ୍ରିକୁଲେଟ ଉଚ୍ଚ ବେତନର ଉଚ୍ଚ ପଦ ପାଇଲେ, ବିଶେଷତଃ ପୋଲିସ ଚାକିରି, ଏଥିରେ କି ମୁଣ୍ଡ ଠିକ୍ ରହେ ? ସଚରାଚର ଯାହା ହୁଏ ତାହା ହୋଇଛି । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ପୂରାପୂରି ବିଗିଡ଼ା ମୁଣ୍ଡକୁ ତାହାର ହାତ ପାଇଛି ।

ଜ୍ୟେଷ୍ଠଭ୍ରାତାଙ୍କ ଦ୍ୱିତୀୟ ପୁତ୍ର ବ୍ରଜବନ୍ଧୁ ମେଟ୍ରିକୁଲେସନରୁ ଏ. ଏସ୍‌ସି. ପାସ କରିବା ପର୍ଯ୍ୟନ୍ତ ମୋ ଘରେ ମୋ ତତ୍ତ୍ୱାବଧାନରେ ରହିଲା । ୧୯୪୧ ରେ ବି.ଏସ୍.ସି. ପାସ କଲା । ୧୯୪୨ ରେ ଯୁଦ୍ଧାରମ୍ଭ ହେଲାରୁ ଯୁଦ୍ଧକୁ ଯିବାକୁ ଚାହିଁଲା । ଆମ୍ଭେମାନେ ଯାଇ ଦେଲୁଁ ନାହିଁ । ବିଷଖାଇ ଆତ୍ମହତ୍ୟା କଲା ।

ତୃତୀୟ ପୁତ୍ର ହରିବନ୍ଧୁ ପାଠପଢ଼ିଲା ନାହିଁ । ବ୍ୟବସାୟରେ ମନ ହେଲା । ତାକୁ ଯଥେଷ୍ଟ ଅର୍ଥ ସାହାଯ୍ୟ ଦେଲି । ବର୍ତ୍ତମାନ ତାହାର ମନୋନିବେଶ ସେହିଆଡ଼େ । କନିଷ୍ଠ ପୁତ୍ର ଶ୍ୟାମବନ୍ଧୁ ମେଟ୍ରିକୁଲେସନ୍ ପାସ କଲା ପରେ ସୈନିକ ବିଭାଗରେ ଯୋଗ ଦେଲା ।

Digitized by srujanika@gmail.com

ଆଜିଯାଏ ସେ ସେହିଠାରେ ଅଛି । ଏ ବାହାରେ ଆଗଲପୁର ନିକଟସ୍ଥ ମହଖଣ୍ଡ ଗ୍ରାମରେ ୩୫ ଏକର ଯାଏ ଜମି କିଣିଦେଲି, ସେଥିରେ ଜ୍ୟେଷ୍ଠଭ୍ରାତାଙ୍କ ପରିବାର ସ୍ୱଚ୍ଛନ୍ଦରେ ଚଳୁଅଛନ୍ତି । ମୋର ଚାରି ପୁଅ ଏଗାର ଝିଅ ମଧ୍ୟରୁ ଦୁଇପୁଅ ଓ ଗୋଟିଏ ଝିଅ ବାଲ୍ୟାବସ୍ଥାରେ ଇହଲୀଳା ସାଙ୍ଗ କଲେ । ଅପର ଦୁଇପୁଅ ମଧ୍ୟରୁ ଜ୍ୟେଷ୍ଠ ସତ୍ୟଗୋପାଳ ଏମ୍.ଏ, ବି.ଏଲ୍ ପାସ କରି ସମ୍ବଲପୁରରେ ଓକିଲ ହୋଇଥିବା ଅବସ୍ଥାରେ ଦେହତ୍ୟାଗ କରି ଚାଲିଗଲା । କନିଷ୍ଠ ପୁତ୍ର ବିଭୁପ୍ରସାଦ ପାଟଣା ବିଶ୍ୱବିଦ୍ୟାଳୟର ଏମ୍. ଏସ୍ ସି. ଓ ଲଣ୍ଡନ ବିଶ୍ୱବିଦ୍ୟାଳୟର ପିଏଚ୍.ଡି. । ବର୍ତ୍ତମାନ ସେ ଲଣ୍ଡନ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ।

ଦଶ ଝିଅ ମଧ୍ୟରୁ ପ୍ରଥମ ତିନିଝିଅଙ୍କ ବାଲ୍ୟବିବାହ ହେବା ଫଳରେ ସେମାନେ ଇଂରେଜି ଶିକ୍ଷା ପାଇପାରିଲେ ନାହିଁ । ୧୯୨୯ ମସିହାରେ ବାଲ୍ୟବିବାହ ନିରୋଧ ଆଇନ ପ୍ରବର୍ତ୍ତିତ ହେଲା ପରେ ଝିଅମାନଙ୍କ ବିବାହ ବୟସ ପଛେଇଗଲା ଓ ସେମାନଙ୍କୁ ଛାଏଁ ପଢ଼ାଇବାକୁ ହେଲା । ପଢୁଁ ପଢୁଁ ପଢ଼ିଗଲେ । ଫଳରେ ଚତୁର୍ଥ ଝିଅ ବି.ଏ. ବି.ଇଡ଼ି., ପଞ୍ଚମ ଝିଅ ଏମ୍.ବି.ବି.ଏସ୍. ଡାକ୍ତର, ଷଷ୍ଠ ଓ ସପ୍ତମ ଝିଅ ମେଟ୍ରିକୁଲେଟ୍, ଅଷ୍ଟମ ଝିଅ ବି.ଏ. (ଅନର୍ସ), ନବମ ଝିଅ ଏମ୍.ଏ., ଦଶମ ଝିଅ ଏମ୍.ଡ଼ି. ଡାକ୍ତର ।

ଭଣଜାମାନଙ୍କ ମଧ୍ୟରୁ ଯେ ଯେତେ ଶିକ୍ଷାପ୍ରାପ୍ତ ହେଲେ । ତାହା ଫଳରେ ସେମାନେ ସଫଳତା ସହିତ ଜୀବନଯାପନ କରୁଅଛନ୍ତି । ଭଗବାନଙ୍କ ଅସୀମ କରୁଣା ପ୍ରସୂତ କର୍ତ୍ତବ୍ୟନିଷ୍ଠା ଫଳରେ ଏକାଳରେ ଏହି ଦରିଦ୍ର ପରିବାର ଆଜି ନିଜ ଅବସ୍ଥା ସାର୍ଥକ କରିପାରିଅଛନ୍ତି । ମୋର ଜୀବନର ଆହୁରି ବିଶେଷତ୍ୱ, ମୋର ନାତିନାତୁଣୀ ୭୦ ଜଣ ଓ ନାତି ଛଡ଼ା ଛଅଜଣ ନାତୁଣୀ (ଦୌହିତ୍ରୀ) ଗ୍ରେଜୁଏଟ୍ । ସମସ୍ତେ ମୋ ଘରେ ମୋ ତତ୍ତ୍ୱାବଧାନରେ ରହି ଯେ ଯାହା କରନ୍ତୁ, ପାଠ ପଢ଼ିଛନ୍ତି । ବିଶେଷତଃ ଏମାନଙ୍କ କୃତିତ୍ୱରେ ଆଜି ମୁଁ ଗର୍ବିତ ।

Digitized by srujanika@gmail.com

ପାଟଣା

ସେ କାଳର ଦେଶୀୟ ରାଜ୍ୟ ପାଟଣା ବର୍ତ୍ତମାନ ବଲାଙ୍ଗୀର-ପାଟଣା ଜିଲ୍ଲା । ଭାରତର ସ୍ୱାଧୀନତା ପ୍ରାପ୍ତି ଉତ୍ତାରେ ଦେଶାଭ୍ୟନ୍ତରସ୍ଥ ସ୍ୱତନ୍ତ୍ର ଦେଶୀୟ ରାଜ୍ୟସମୂହ ୧୯୪୮ ମସିହା ଜାନୁୟାରୀ ମାସ ପ୍ରଥମ ଦିନ ଭାରତ ସହିତ ସମ୍ମିଳିତ ହେଲା । ସେହିଦିନ ପାଟଣା ବଲାଙ୍ଗୀରପାଟଣା ଜିଲ୍ଲାରେ ପରିଣତ ହେଲା । ମହାରାଜା ଶ୍ରୀ ରାଜେନ୍ଦ୍ରନାରାୟଣ ସିଂହ ପାଟଣାର ଶେଷ ଶାସକ ।*

ପାଟଣାର ରାଜବଂଶ ସମ୍ବନ୍ଧରେ ଆଲୋଚନା କଲେ ଦେଖାଯାଏ ଯେ, ପ୍ରଥମ ରାଜା ରମାଇ ଦେଓଙ୍କ ଠାରୁ (୧୧୫୯-୧୨୧୧) ଆରମ୍ଭ କରି ଶୂରପ୍ରତାପ ଦେଓଙ୍କ (୧୮୬୬-୧୮୭୧) ପର୍ଯ୍ୟନ୍ତ ୨୭ ଜଣ ରାଜା ରାଜତ୍ୱ କରିଥିଲେ । ସେମାନେ ପ୍ରତ୍ୟେକେ ପୂର୍ବବର୍ତ୍ତୀ ରାଜାଙ୍କ ପୁତ୍ର ଥିଲେ; କିନ୍ତୁ ଶେଷ ଚାରିଜଣ ରାମଚନ୍ଦ୍ର ସିଂହ, ଦଳଗଞ୍ଜନ ସିଂହ, ପୃଥ୍ୱୀରାଜ ସିଂହ ଓ ରାଜେନ୍ଦ୍ରନାରାୟଣ ସିଂହ 'ରାଜାପୁଅ' ନଥିଲେ । ମହାରାଜା ଶୂର ପ୍ରତାପ ଦେଓଙ୍କ ପୁତ୍ର ନଥିବାରୁ ତାହାଙ୍କ କନିଷ୍ଠଭ୍ରାତା ବିଶ୍ୱନାଥ ସିଂହଙ୍କ ପୁତ୍ର ରାମଚନ୍ଦ୍ର ସିଂହଙ୍କୁ ପୋଷ୍ୟପୁତ୍ର କରିଥିଲେ । ରାମଚନ୍ଦ୍ର ସିଂହ ଅପୁତ୍ରିକ ଅବସ୍ଥାରେ ଦେହତ୍ୟାଗ କରିଥିବାରୁ ତାହାଙ୍କ ପିତୃବ୍ୟ ଦଳଗଞ୍ଜନ ସିଂହ ରାଜପଦରେ ପ୍ରତିଷ୍ଠିତ ହେଲେ । ମହାରାଜା ଦଳଗଞ୍ଜନ ସିଂହଙ୍କ ପୁତ୍ର ପୃଥ୍ୱୀରାଜ ସିଂହ ପାଟଣା ସିଂହାସନରେ ତାହାଙ୍କ ଉତ୍ତରାଧିକାରୀ ହୋଇଥିଲେ ସତ୍ୟ, କିନ୍ତୁ ଜନ୍ମଗ୍ରହଣ କଲା ସମୟରେ ସେ 'ରାଜାପୁଅ' ନ ଥିଲେ । ତାହାଙ୍କ ପିତା ରାଜାଙ୍କ 'କାକାବାବୁ' ଥିଲେ । ମହାରାଜା ପୃଥ୍ୱୀରାଜ ସିଂହ ମଧ୍ୟ ଅପୁତ୍ରିକ ଥିଲେ ଏବଂ ରାଜେନ୍ଦ୍ରନାରାୟଣ ସିଂହଙ୍କୁ ପୋଷ୍ୟପୁତ୍ର କରିଥିଲେ । ମହାରାଜା ରାଜେନ୍ଦ୍ର ନାରାୟଣ ସିଂହ ୧୯୨୪ ମସିହାରେ ରାଜତ୍ୱପ୍ରାପ୍ତ ହେଲେ ଏବଂ ଯଥାସମୟରେ ପୁତ୍ର ଲାଭକଲେ । ଏହି ସମୟରେ ମନେକରାଯାଇଥିଲା, ଏଥର ପରିସ୍ଥିତିର ବା ବ୍ୟତିକ୍ରମ ହେଲା କିନ୍ତୁ ବିଧିର ବିଧାନ ଅଲଂଘନୀୟ । 'ରାଜାପୁଅ'ଙ୍କ ସକାଶେ ଆଉ ରାଜ୍ୟ ରହିଲା ନାହିଁ ।

ଏହି ଅସାଧାରଣ ପରିସ୍ଥିତି ସମ୍ବନ୍ଧରେ ପାଟଣାରେ ଏକ କିମ୍ବଦନ୍ତୀ ପ୍ରଚଳିତ ଅଛି । ମହରାଜା ଶୂରପ୍ରତାପ ଦେଓଙ୍କ ରାଜତ୍ୱ ସମୟରେ ପାଟଣାରେ ଆଦିବାସୀ କନ୍ଧ ପ୍ରଜାମାନେ ମେଳି କରିଥିଲେ । ମହାରାଜା ବିଦ୍ରୋହ ଦମନ ସକାଶେ ନିଜେ କନ୍ଧମାନଙ୍କ

* ମହାରାଜା ରାଜେନ୍ଦ୍ରନାରାୟଣ ସିଂହ ୧୯୬୧-୬୨ ମସିହାରେ ରାଜ୍ୟ ଶାସନ କ୍ଷେତ୍ରରେ ଓଡ଼ିଶାର ଅର୍ଥମନ୍ତ୍ରୀ ଥିଲେ ।

Digitized by srujanika@gmail.com

ବାସସ୍ଥାନ 'କନ୍ଧାନ' ପରଗଣାକୁ ଯାଇ କନ୍ଧମାନଙ୍କଦ୍ୱାରା ଧୃତ ହୋଇ ବନ୍ଦୀ ହେଲେ । ଜଣେ ବିଶ୍ୱାସୀ କନ୍ଧ ଦିନେ ରାତ୍ରିରେ ତାଙ୍କୁ କାନ୍ଧରେ ବସାଇ ଜଙ୍ଗଲ ମଧ୍ୟରେ ଘେନିଗଲା । ଯାଉଥିବା ମାର୍ଗରେ ମହାରାଜା ଯେଉଁଠାରେ ଅଁଳା ଗଛଟିଏ ଦେଖନ୍ତି ତହିଁରୁ ଖଣ୍ଡେ ଡାଳ ଛିଣ୍ଡାଇ ଉକ୍ତ କନ୍ଧର ମୁଣ୍ଡରେ ପକାଇ କାମନା କରନ୍ତି, "ମା ପାଟଣେଶ୍ୱରୀ ! ମୋତେ ନିରାପଦରେ ପହୁଞ୍ଚାଇ ଦେଲେ ପହୁଞ୍ଚିବା ମାତ୍ରକେ ତୋଠାରେ ଏହି କନ୍ଧକୁ ବଳିଦେବି ।" କନ୍ଧ ମହାରାଜାଙ୍କୁ ନିରାପଦରେ ପାଟଣାଗଡ଼ରେ ପହୁଞ୍ଚାଇଦେଲା । ମହାରାଜା ତାକୁ ପାଟଣେଶ୍ୱରୀ ମନ୍ଦିରକୁ ଘେନିଗଲେ ଏବଂ ଦେବୀଙ୍କ ସମ୍ମୁଖରେ ଖଡ଼୍ଗ ଉତ୍ତୋଳନପୂର୍ବକ ତାହାକୁ ନିଜ କାମନା ବିଷୟ ଜ୍ଞାପନ କଲେ । ମହାରାଜାଙ୍କ ପ୍ରାଣରକ୍ଷକ କନ୍ଧ ନିଜ ପ୍ରାଣରକ୍ଷା ସକାଶେ ଯେତେ ଅନୁନୟ କଲା, ମହାରାଜା ଶୁଣିଲେ ନାହିଁ । ମୃତ୍ୟୁପୂର୍ବେ ସେ ଅଭିଶାପ ଦେଲା, "ଏହି ରାଜବଂଶରେ ଆଉ ରଜାପୁଅ କେହି ରଜା ହେବନାହିଁ ।"

ମହାରାଜା ହୀରା ବଜ୍ରଧର ଦେଓଙ୍କ (୧୮୪୮-୧୮୬୬) ପର୍ଯ୍ୟନ୍ତ ରାଜାମାନେ ନିର୍ବିଘ୍ନରେ ରାଜ୍ୟଶାସନ କରିଥିଲେ । ମହାରାଜା ଶୂରପ୍ରତାପ ଦେଓ ତାହାଙ୍କ ଅନ୍ତିମକାଳ ପର୍ଯ୍ୟନ୍ତ ରାଜତ୍ୱ କରିପାରିନଥିଲେ । ରାଜ୍ୟରେ ବିଦ୍ରୋହ ଯୋଗୁଁ ୧୮୭୧ ମସିହାରେ ରାଜ୍ୟ ଇଂରେଜ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହିଲା । ୧୮୭୮ ମସିହାରେ ସେ ସ୍ୱର୍ଗାରୋହଣ କଲେ । ସେହି ସମୟରେ ପୋଷ୍ୟପୁତ୍ର ରାମଚନ୍ଦ୍ର ସିଂହ ନାବାଳକ ଥିବାରୁ ୧୮୯୩ ମସିହା ପର୍ଯ୍ୟନ୍ତ ରାଜ୍ୟ ଇଂରେଜ ଶାସନାଧୀନ ହୋଇ ରହିଲା । ସେହି ସମୟରେ ସମ୍ବଲପୁର ଜିଲ୍ଲା ମଧ୍ୟପ୍ରଦେଶ ଅନ୍ତର୍ଗତ ଛତିଶଗଡ଼ - ବିଭାଗର ଅନ୍ତର୍ଭୁକ୍ତ ହୋଇ ଶାସିତ ହୋଇଥିଲା ଏବଂ ସନ୍ନିକଟବର୍ତ୍ତୀ ପାଟଣା, ସୋନପୁର, କଳାହାଣ୍ଡି, ବାମଣ୍ଡା ଓ ରେଢ଼ାଖୋଲ ଦେଶୀୟ ରାଜ୍ୟମାନ ଛତିଶଗଡ଼ ବିଭାଗୀୟ ଅନ୍ୟାନ୍ୟ ଦେଶୀୟ ରାଜ୍ୟ ସହିତ ଜଣେ ପଲିଟିକାଲ୍ ଏଜେଣ୍ଟଙ୍କ ତତ୍ତ୍ୱାବଧାନରେ ଶାସିତ ହେଉଥିଲା । ଜଣେ ପରେ ଜଣେ ମଧ୍ୟପ୍ରଦେଶ ସରକାରଙ୍କ ଉଚ୍ଚପଦସ୍ଥ କର୍ମଚାରୀ ଆସି ପାଟଣାରେ ଦେୱାନି କାର୍ଯ୍ୟ କରୁଥିଲେ ।

ମହାରାଜା ରାଜେନ୍ଦ୍ରନାରାୟଣ ସିଂହ ମହାରାଜା ରାମଚନ୍ଦ୍ର ସିଂହଙ୍କ ଦୌହିତ୍ର । ରାମଚନ୍ଦ୍ର ସିଂହ ୧୮୯୩ ମସିହାରେ ତାହାଙ୍କ ୨୧ ବର୍ଷ ବୟସରେ ରାଜତ୍ୱପ୍ରାପ୍ତ ହେଲେ ଏବଂ ଦୁଇବର୍ଷ ମାତ୍ର ରାଜତ୍ୱ କରି ୧୮୯୫ ମସିହାରେ ନିଜ ହସ୍ତରେ ପ୍ରାଣତ୍ୟାଗ କଲେ । ଶୁଣାଯାଏ, ଅଳ୍ପବୟସ୍କ ହୋଇଥିଲେ ହେଁ ସେ ରାଜ୍ୟରେ ସୁଶାସନ ଆରମ୍ଭ କରିଥିଲେ । ପ୍ରଜାଙ୍କ ହିତ ସାଧନ ତାହାଙ୍କ ଶାସନର ମୂଳମନ୍ତ୍ର ଥିଲା । ରାଜ୍ୟ ମଧ୍ୟରେ ରାଜକର୍ମଚାରୀଙ୍କ ଦୁର୍ନୀତି ନିବାରଣରେ ସେ ସର୍ବଦା ତତ୍ପର ଥିଲେ ଏବଂ ଏକାକୀ ଅଶ୍ୱପୃଷ୍ଠରେ ମଫସଲ ଅଞ୍ଚଳରେ ବୁଲି ସେମାନଙ୍କ ଚରିତ୍ର ଓ କାର୍ଯ୍ୟକଳାପ ସମ୍ବନ୍ଧରେ ଅନୁସନ୍ଧାନ କରୁଥିଲେ ।

ତାହାଙ୍କ ଅଶ୍ୱଚାଳନ ପଟୁତା ଦେଖି ଲୋକେ ଚମତ୍କୃତ ହେଉଥିଲେ । ଦୁଇ ଅଶ୍ୱପୃଷ୍ଠରେ ଛିଡ଼ାହୋଇ ସେ ଦୌଡ଼ାଇ ପାରୁଥିଲେ । ଏହା ମୁଁ ନିଜେ ଦେଖିଅଛି । ଅଶ୍ୱ

Digitized by srujanika@gmail.com

ଦୌଡ଼ୁଥିବା ସମୟରେ ସେ ଉଡ଼ନ୍ତା ପକ୍ଷୀ ଶିକାର କରୁଥିଲେ । ଗୋଟିଏ ଲେମ୍ବୁକୁ ଶୂନ୍ୟକୁ ଫିଙ୍ଗି ତରବାରିରେ ତାକୁ ଦୁଇଖଣ୍ଡ କରୁଥିଲେ । ବାଘ ଶିକାରରେ ମଧ୍ୟ ତାଙ୍କ ପ୍ରବୀଣତା ଅସାଧାରଣ ଥିଲା । ତଳେ ବାଘ ସମ୍ମୁଖରେ ଛିଡ଼ାହୋଇ ସେ ଶିକାର କରୁଥିଲେ । ଥରେ 'ମଣିଷଖିଆ ବାଘ'କୁ ମାରିବାକୁ ଯାଇ ସେ ଜଣେ ମନୁଷ୍ୟକୁ 'ଚାରା' ବାନ୍ଧିଦେଲେ । ବାଘ ତାକୁ ଆକ୍ରମଣ କରିବାକୁ ଆସିବା ମାତ୍ରକେ ମହାରାଜାଙ୍କ ଅବ୍ୟର୍ଥ ଗୁଳିରେ ତାହାର ପ୍ରାଣନାଶ ହେଲା । ସେ ଲୋକଟିକୁ ବନ୍ଧନରୁ ମୁକ୍ତକରି ତାକୁ ଏକହଜାର ଟଙ୍କା ଦେଇଥିଲେ ।

ପାଟଣା ବିଶେଷତଃ ମଧ୍ୟପ୍ରଦେଶସ୍ଥ ମରହଟ୍ଟା ଦେବାନଙ୍କ ଶାସନାଧୀନରେ ରହୁଥିଲା । ପ୍ରଜାମାନଙ୍କ ପ୍ରତି ଏମାନଙ୍କ ମମତା ନହେବା ସ୍ୱାଭାବିକ । କଥିତ ହୁଏ, ମହାରାଜା ରାମଚନ୍ଦ୍ର ସିଂହ ତତ୍‌କାଳୀନ ମରହଟ୍ଟା ଦେବାନଙ୍କ ଷଡ଼ଯନ୍ତ୍ରରେ କୌଣସି ବିଷୟରେ ସରକାରଙ୍କଦ୍ୱାରା ତିରସ୍କୃତ ହେବାରୁ ପ୍ରଥମରେ ମହାରାଣୀ ଷଡ଼ଯନ୍ତ୍ରରେ ଲିପ୍ତଥିବା ସନ୍ଦେହ କରି ତାଙ୍କୁ ଗୁଳିଦ୍ୱାରା ହତ୍ୟାକଲେ ଓ ପରମୁହୂର୍ତ୍ତରେ ବନ୍ଧୁକ ଗୁଳିରେ ଆତ୍ମହତ୍ୟା କଲେ ।

୧୮୯୮ ମସିହାରେ ମୁଁ ବଲାଙ୍ଗିର ମଧ୍ୟଇଂରାଜି ସ୍କୁଲରେ ପଢ଼ିବାକୁ ଯିବା ସମୟରେ ମହାରାଜା ଦଳଗଞ୍ଜନ ସିଂହ ପାଟଣାରେ ରାଜତ୍ୱ କରୁଥିଲେ ଓ ସମ୍ବଲପୁରବାସୀ ଶ୍ରୀ ବନମାଳୀ ମିଶ୍ର ତାହାଙ୍କ ଦେବାନ୍ ଥିଲେ । ବନମାଳୀ ମିଶ୍ର ଜଣେ ପ୍ରବୀଣ ଶାସକ ଥିଲେ । ସରକାରୀ କାର୍ଯ୍ୟରେ ସେ ନିମ୍ନସ୍ତରରୁ ଉଠି ମଧ୍ୟପ୍ରଦେଶ ସରକାରଙ୍କ ଅଧୀନରେ ଏକଷ୍ଟ୍ରା ଆସିଷ୍ଟାଣ୍ଟ୍ କମିଶନର ପଦକୁ ଉନ୍ନୀତ ହୋଇଥିଲେ । ସେ ଜଣେ ପୁରୁଣାକାଳିଆ ଲୋକ । ଇଂରେଜି ଜାଣୁ ନଥିଲେ । ଏହି ସମୟରେ ଅଳ୍ପ କେତେକବର୍ଷ ପୂର୍ବେ ଏହି ଅଞ୍ଚଳ ଇଂରେଜ ଶାସନାଧୀନକୁ ଆସିଥିଲା । ତେଣୁ ଇଂରେଜୀ ଶିକ୍ଷାବିସ୍ତାର ହୋଇନଥିଲା । ଶାସକମାନେ ସ୍ଥାନୀୟଲୋକଙ୍କ ମଧ୍ୟରେ ଯାହାକୁ ଚତୁର ଲୋକ ଦେଖୁଥିଲେ, ତାହାକୁ ରାଜକାର୍ଯ୍ୟରେ ନିଯୁକ୍ତ କରୁଥିଲେ। ଦେବାନ୍ ବନମାଳୀ ମିଶ୍ର ଓଡ଼ିଆ ଭାଷାରେ ରାଜକାର୍ଯ୍ୟ ଚଳାନ୍ତି । ଦେଖିବାକୁ ଦୀର୍ଘକାୟ, ଗୌରବର୍ଣ୍ଣ, ନାତିପୃଥୁଳ, ନାତିଶୀର୍ଣ୍ଣ । ତାହାଙ୍କ କର୍ମପଟୁତା ଓ ନିରପେକ୍ଷ ବିଚାର ଅଦ୍ୟାପି ପାଟଣା ରାଜ୍ୟରେ କୀର୍ତ୍ତିତ ହେଉଅଛି । ୧୮୯୮ ମସିହା ଶେଷ ଆଡ଼କୁ ଛୁଟିନେଇ ସେ ତୀର୍ଥଭ୍ରମଣକୁ ଗଲେ ଓ ଗୟାରେ ବିସୂଚିକା ରୋଗରେ ଆକ୍ରାନ୍ତ ହୋଇ ସେଠାରେ ଦେହତ୍ୟାଗ କଲେ ।

ତାହାଙ୍କ ସମୟର ଦିନକର ଘଟଣା । ଆଜିକାଲି ବଲାଙ୍ଗିରରେ ଯେଉଁ 'ରାଜେନ୍ଦ୍ର ପାର୍କ' ନାମକ ଉଦ୍ୟାନଟି ଅଛି ତାହା ସେତେବେଳେ ଏକ ବିସ୍ତୀର୍ଣ୍ଣ ପଡ଼ିଆ ଥିଲା ଓ ତାହା ମଧ୍ୟରେ ଗୋଟିଏ 'ବାଘ-ଘର' ଥିଲା । ଦିନେ ପ୍ରତ୍ୟୁଷରେ ଦଳେ ସ୍କୁଲ୍‌ପିଲାଙ୍କ ସଙ୍ଗେ ବୁଲୁଁ ବୁଲୁଁ ବାଘ ଘର ପାଖରେ ଅନେକ ଲୋକ ରୁଣ୍ଡ ହୋଇଥିବା ଦେଖି ମୁଁ ସେଠାକୁ ଗଲି ଓ ସେଠାରେ ମହାରାଜା, ତାଙ୍କ ଅନୁଚରବୃନ୍ଦ ଓ ଅନ୍ୟାନ୍ୟ ଲୋକଙ୍କୁ ଦେଖିଲି । ଉପସ୍ଥିତ

Digitized by srujanika@gmail.com

ଲୋକଙ୍କଠାରୁ ବୁଝିଲି, ବାଘ ଘର ଭିତରେ ପଶୁମାନେ ଅଛନ୍ତି ଓ ସେମାନଙ୍କ ଉପରେ ବାଘର ଆକ୍ରମଣ ଓ ଶିକାର ଦେଖିବା ସକାଶେ ମହାରାଜା ସ୍ୱୟଂ ବିରାଜମାନ ହୋଇଅଛନ୍ତି । 'ବାଘ ଘର' ତିନି ଚାରିଟା ପିଞ୍ଜରାରେ ବିଭକ୍ତ ଓ ଦୁଇ ପିଞ୍ଜରା ମଧ୍ୟରେ ଗୋଟିଏ ଲେଖାଏଁ ଟଣା ଝାଲିକବାଟ ଲାଗିଛି । ଗୋଟିଏ ପିଞ୍ଜରା ମଧ୍ୟରେ ଗୋଟିଏ ମହାବଳ ବାଘ ରହିଛି ଓ ଅପର ପିଞ୍ଜରା ମଧ୍ୟରୁ ଗୋଟିକରେ ଗୋଟିଏ ଘୁଷୁରି ଓ ଅନ୍ୟଟିରେ ଗୋଟିଏ ଛେଳି ରହିଛି । 'ବାଘ ଘର'ର ଜଗୁଆଳି, ମହାରାଜାଙ୍କ ଇଙ୍ଗିତରେ ପାବଚ୍ଛଶ୍ରେଣୀଦ୍ୱାରା ଛାତ ଉପରକୁ ଆରୋହଣ କରି ଗଲା ଓ ବାଘ ଓ ଘୁଷୁରି ଥିବା ପିଞ୍ଜରାଦ୍ୱୟ ମଧ୍ୟସ୍ଥ କବାଟ ଉଠାଇଦେଲା । କିନ୍ତୁ ତାହା ମହାରାଜାଙ୍କ ଅଭିପ୍ରେତ ନ ଥିଲା । ସେ ପ୍ରଥମରେ ଛେଳି ଉପରେ ବାଘର ଆକ୍ରମଣ ଦେଖିବେ ବୋଲି ମନେ କରିଥିଲେ । ମହାରାଜାଙ୍କ ହୁକୁମରେ ଉକ୍ତ କବାଟ ପୁଣି ପଡ଼ିଗଲା । ସେତେବେଳକୁ ଏକ ଝାମ୍ପରେ ବାଘ ଘୁଷୁରିର ପ୍ରାଣନାଶ କରିସାରିଥିଲା । ମହାରାଜାଙ୍କ ଅଭିପ୍ରାୟ ଲଂଘନ ହୋଇଥିବା ଯୋଗୁଁ ପୁଣି ହୁକୁମ ହେଲା ଯେ, ଜଗୁଆଳିକୁ ବାନ୍ଧି ବାଘର ପିଞ୍ଜରା ଭିତରକୁ ପଶାଇ ଦିଆଯିବ । ତାକୁ ବାନ୍ଧିବା ପାଇଁ ଅନୁଚରମାନଙ୍କ ପ୍ରତି ହୁକୁମ ହେଲା ଏବଂ ସେମାନେ ତାହାରି ଲୁଗାରେ ତାହାର ବାହୁଦ୍ୱୟ ବନ୍ଧନ କରିବାକୁ ଲାଗିଲେ । ଉପସ୍ଥିତ ଜନତା ମଧ୍ୟରୁ ଦୁଇଚାରିଜଣ ବାହାରି ମହାରାଜାଙ୍କ ସମ୍ମୁଖରେ ଛିଡ଼ାହେଲେ ଏବଂ ଏହି କାର୍ଯ୍ୟରୁ ବିରତ ହେବା ସକାଶେ ତାହାଙ୍କୁ ଅନୁନୟ କଲେ । କିନ୍ତୁ କ୍ରୋଧରେ ମହାରାଜାଙ୍କ ସର୍ବାଙ୍ଗ କମ୍ପମାନ ହେଉଥାଏ । ସେତେବେଳେ ଉକ୍ତ ଲୋକ ଚିତ୍କାର କଲା, "ଦେବାନ ସାହେବ, ଧାଆଁ ହୋ ! ରାଜା ମୋତେ ବାଘ ମୁହଁରେ ଦେଉଛି ।" ଭୃତ୍ୟଗଣ ତାହାକୁ ଉଠାଇବାକୁ ଲାଗିଲେ । ଜନତା ମଧ୍ୟରେ ହାହାକାର ପଡ଼ିଗଲା – ଇତ୍ୟବସରରେ ଦେବାନ ବନମାଳୀ ମିଶ୍ର ଆସି ସେଠାରେ ଉପସ୍ଥିତ ହେଲେ ଓ ପ୍ରକୃତ ଘଟଣା ଜାଣି ଲୋକଟିକୁ ବନ୍ଧନମୁକ୍ତ କଲେ ଓ ମହାରାଜାଙ୍କୁ ସେଠାରୁ ଅନ୍ୟତ୍ର ଘେନିଗଲେ । କେତେକ ଦିନ ପରେ ବାଘକୁ ମାରି ଦିଆଗଲା ଓ ଆଉ ବାଘ ବାଘଘରେ ରହିଲେ ନାହିଁ । ସେହିଦିନରୁ ଦେୱାନଙ୍କ ପ୍ରଶଂସା ରାଜ୍ୟମଧ୍ୟରେ ଆହୁରି ଘୋଷିତ ହେବାକୁ ଲାଗିଲା ।

ବନମାଳୀ ମିଶ୍ରଙ୍କ ଉତ୍ତାରେ ମଧ୍ୟପ୍ରଦେଶରୁ ଏକ୍ସ୍ଟ୍ରା ଆସିଷ୍ଟାଣ୍ଟ୍ କମିଶନର କୃଷ୍ଣାଦି ଅନନ୍ତ ଶିରୋଳେ ଦେୱାନ ହୋଇ ଆସିଲେ । ଏହାଙ୍କ ଆସିବା ଅଳ୍ପଦିନ ଉତ୍ତାରେ ୧୮୯୯ ମସିହାରେ ପାଟଣାରେ ଭୀଷଣ ଦୁର୍ଭିକ୍ଷ ହୋଇଥିଲା । ଏହା ଏହି ଅଞ୍ଚଳର ସର୍ବତ୍ର ବିଖ୍ୟାତ 'ଛପନ ସାଲ' । ବିକ୍ରମାଦିତ୍ୟ ସମ୍ବତ୍ ୧୯୫୬ । ଓଡ଼ିଶାର ନ'ଅଙ୍କ ତୁଲ୍ୟ ଭୟାବହ । ଦୁର୍ଭିକ୍ଷ ସାଙ୍ଗକୁ କଲେରା, ବସନ୍ତ ପ୍ରଭୃତି ମାରାତ୍ମକ ରୋଗ; ଚୋରି, ଡକାଇତି, ରାହାଜାନି । ସମାଜରେ ପରସ୍ୱ ଅପହରଣକାରୀ ଅତ୍ୟନ୍ତ ନିଷ୍ଠୁର ଏବଂ ଦୁର୍ଭିକ୍ଷ ସମୟରେ ଚୋରର ଅପରାଧ ମାର୍ଜନୀୟ ନୁହେଁ । ଏହି ନୀତି ଅନୁସରଣକରି ଦେୱାନ ଶିରୋଳେ ଅପରାଧୀକୁ ପ୍ରକାଶ୍ୟ ସ୍ଥାନରେ ନିଷ୍ଠୁର ଭାବରେ ବେତ୍ରାଘାତ କରାଉଥିଲେ । ଏହା ମୁଁ ନିଜେ ଦେଖିଅଛି ।

Digitized by srujanika@gmail.com

କୃଷ୍ଣାଦି ଅନନ୍ତ ଶିରୋଳେ ପ୍ରାୟ ଦୁଇବର୍ଷ ରହି ୧୯୦୦ ମସିହାର ଶେଷ ଆଡ଼କୁ ଚାଲିଗଲେ ଓ ତାଙ୍କ ସ୍ଥାନରେ ପଣ୍ଡା ବୈଜନାଥ ନାମକ ଅପର ଏକ୍ସ୍ଟ୍ରା ଆସିଷ୍ଟାଣ୍ଟ୍ କମିଶନର ଆସିଲେ । ପଣ୍ଡା ବୈଜନାଥ ଗୁଜରାଟୀ ବ୍ରାହ୍ମଣ, ଧର୍ମପରାୟଣ ଓ ଶିକ୍ଷାନୁରାଗୀ ଥିଲେ । ସେ ଆନି ବେସାନ୍ତଙ୍କ ପ୍ରତିଷ୍ଠିତ ଥିଓସୋଫିକାଲ୍ ସୋସାଇଟିର ବିଶିଷ୍ଟ ସଭ୍ୟ ଥିଲେ । ତାଙ୍କ ସମୟରେ ବଲାଙ୍ଗିରରେ ଏହି ସୋସାଇଟିର ଏକ ଶାଖା ପ୍ରତିଷ୍ଠିତ ହୋଇ ପ୍ରତି ସପ୍ତାହରେ ହିନ୍ଦୁ ଧର୍ମଚର୍ଚ୍ଚାର ବ୍ୟବସ୍ଥା ହୋଇଥିଲା । ଏହାଙ୍କ ସମୟରେ ଶିକ୍ଷା ବିଭାଗର ପୁନର୍ଗଠନ ଓ ସଂସ୍କାର ଏବଂ ବହୁସଂଖ୍ୟାରେ ବିଦ୍ୟାଳୟସମୂହ ସ୍ଥାପିତ ହୋଇଥିଲା । ସେ ପ୍ରାୟ ଦୁଇବର୍ଷ ରହି ବସ୍ତର୍ ଷ୍ଟେଟ୍‌ର ଆଡ୍‌ମିନିଷ୍ଟ୍ରେଟର୍ ପଦରେ ନିଯୁକ୍ତ ହୋଇ ଚାଲିଗଲେ । ଏହି ସମୟରେ ବସ୍ତର ରାଜାଙ୍କର ଅପୁତ୍ରିକ ଅବସ୍ଥାରେ ମୃତ୍ୟୁ ହୋଇଥିବାରୁ ତାହାଙ୍କ କନ୍ୟାଙ୍କୁ ଇଂରେଜ ସରକାର ରାଜତ୍ୱ ପ୍ରଦାନକରି ମୟୁରଭଞ୍ଜର ଜଣେ ରାଜକୁମାରଙ୍କ ସହିତ ତାଙ୍କ ବିବାହ କରାଇଥିଲେ । ଏହି ସମୟରେ ଷ୍ଟେଟ୍‌ର ଆଦିବାସୀ ମେରିଆମାନେ ମେଳି କରିଥିଲେ ଓ ଇଂରେଜ ସରକାରଙ୍କ ସାହାଯ୍ୟରେ ତାହା ଦମନ କରାଯାଇଥିଲା । ଦିନେ ପଣ୍ଡା ବୈଜନାଥଙ୍କ ଜୀବନ ଏତେ ସଙ୍କଟାପନ୍ନ ହୋଇଥିଲା ଯେ, ସେ ଅଦ୍ଭୁତ କୌଶଳ ସହକାରେ ବିଦ୍ରୋହୀମାନଙ୍କ ହସ୍ତରୁ ରକ୍ଷା ପାଇଥିଲେ । ସରକାରୀ ଚାକିରିରୁ ଅବସର ଗ୍ରହଣକରି ସେ କାଶୀରେ ବାସକଲେ ଏବଂ ଥିଓସୋଫିକାଲ୍ ସୋସାଇଟିର କାର୍ଯ୍ୟାବଳୀରେ ମୁଖ୍ୟ ଅଂଶଗ୍ରହଣକରି କେତେକ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ହିନ୍ଦୁଧର୍ମ ପ୍ରଚାରରେ ନିଜକୁ ନିୟୋଜିତ କରିଥିଲେ । ଅଳ୍ପଦିନ ପୂର୍ବେ ମଧ୍ୟପ୍ରଦେଶସ୍ଥ ରାୟଗଡ଼ ନିବାସୀ ମୋର ବନ୍ଧୁ ହିନ୍ଦୀଭାଷାରେ ଲବ୍ଧପ୍ରତିଷ୍ଠିତ କବି ଲୋଚନ ପ୍ରସାଦ ପାଣ୍ଡେଙ୍କ ମଧ୍ୟବର୍ତ୍ତୀତାରେ ମୁଁ ତାହାଙ୍କ ସମ୍ବାଦ ସଂଗ୍ରହ କରିଥିଲି । ପଣ୍ଡା ବୈଜନାଥ ବର୍ତ୍ତମାନ ୯୬ ବର୍ଷ ବୟସ୍କ ବୃଦ୍ଧ, ଅଥଚ ସୁସ୍ଥକାୟ । ସେ କାଶୀରେ ଧର୍ମମୟ ଜୀବନଯାପନ କରୁଅଛନ୍ତି ।

ପଣ୍ଡା ବୈଜନାଥଙ୍କ ଉତ୍ତାରେ ଆତ୍ମାରାମ ସାହୁ ନାମକ ମଧ୍ୟପ୍ରଦେଶର ଅପର ଏକ୍ସ୍ଟ୍ରା ଆସିଷ୍ଟାଣ୍ଟ୍ କମିଶନର ଦେଓ୍ୱାନ ପଦରେ ନିଯୁକ୍ତ ହୋଇ ଆସିଲେ । ସେତେବେଳକୁ ମୁଁ ମଧ୍ୟପ୍ରଦେଶର ମଧ୍ୟଇଂରାଜୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସମ୍ବଲପୁର ଜିଲ୍ଲା ସ୍କୁଲ୍‌କୁ ଆସିଅଛି । ୧୯୦୨ ମସିହାର କଥା । ସେହି ସମୟରେ ମଧ୍ୟପ୍ରଦେଶସ୍ଥ ସମ୍ବଲପୁର ଏକମାତ୍ର ଓଡ଼ିଆଭାଷୀ ଜିଲ୍ଲା । ସରକାରୀ ଚାକିରିରେ ଏକମାତ୍ର ଓଡ଼ିଆ ସ୍ୱର୍ଗତ ଶ୍ରୀ ବୈକୁଣ୍ଠନାଥ ପୂଜାରୀ ଏକ୍ସ୍ଟ୍ରା ଆସିଷ୍ଟାଣ୍ଟ୍ ପଦରେ ନାଗପୁରରେ ରହିଅଛନ୍ତି । ସମ୍ବଲପୁର ଡେପୁଟି କମିଶନରଙ୍କ ଦପ୍ତରରେ କିରାଣୀ ପଦରେ ସୁଦ୍ଧା ମୁଷ୍ଟିମେୟ ଓଡ଼ିଆ । ହିନ୍ଦୀ ଭାଷାଭାଷୀ କିରାଣୀଙ୍କଠାରୁ ଆରମ୍ଭ କରି ହାକିମଙ୍କର ଅତ୍ୟଧିକ ପ୍ରାବଲ୍ୟ । ମଧ୍ୟପ୍ରଦେଶର ତଦାନିନ୍ତନ ଚିଫ୍ କମିଶନର୍ ସାର୍ ଜନ୍ ଉଡ୍‌ବର୍ଣ୍ଣଙ୍କ ଶାସନକାଳରେ ସମ୍ବଲପୁରର ସ୍କୁଲ୍ ଓ କଚେରୀରୁ ଓଡ଼ିଆ ଭାଷା ବିତାଡ଼ିତ ହୋଇ ହିନ୍ଦୀଭାଷା ପ୍ରଚଳିତ ହୋଇଥିଲା । ସମ୍ବଲପୁରର

Digitized by srujanika@gmail.com

ଶିକ୍ଷିତ ସମ୍ପ୍ରଦାୟ ଏହି ବ୍ୟବସ୍ଥାର ତୀବ୍ର ପ୍ରତିବାଦ କରିଥିଲେ । ହିନ୍ଦୀଭାଷାଭାଷୀ ରାଜକର୍ମଚାରୀ ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କ ସହିତ ସମ୍ବଲପୁରବାସୀଙ୍କ ସମ୍ବନ୍ଧ ସେହି ସମୟରେ ଅତ୍ୟନ୍ତ ତିକ୍ତ ହୋଇଥିଲା । ସ୍ୱର୍ଗୀୟ ଶ୍ରୀପତି ମିଶ୍ର, ବ୍ରଜମୋହନ ପଟ୍ଟନାୟକ, ମହନ୍ତ ବିହାରୀ ଦାସ, ବଳଭଦ୍ର ସୂପକାର ପ୍ରଭୃତି ସମ୍ବଲପୁରର କୃତିସନ୍ତାନଗଣ ତଦାନିନ୍ତନ ଭାରତର ବଡ଼ଲାଟ୍ ଲର୍ଡ଼ କର୍ଜ୍ଜନଙ୍କଠାରେ ଏହି ବିଷୟରେ ଗୁହାରୀ ଜଣାଇବାପାଇଁ ସିମଲା ଯାତ୍ରା କରିଥିଲେ । ଏହାରି ଫଳରେ ସମ୍ବଲପୁରରେ ଓଡ଼ିଆଭାଷା ପୁନଃ ପ୍ରତିଷ୍ଠିତ ହେଲା । କେବଳ ଏତିକି ନୁହେଁ, ତଦାନିନ୍ତନ ଚିଫ୍ କମିଶନର୍ ସାର୍ ଆଣ୍ଡ୍ରୁ ଫ୍ରେଜର୍‌ଙ୍କ ଆନୁକୂଲ୍ୟରେ ବହୁକାଳ ପର୍ଯ୍ୟନ୍ତ ଓଡ଼ିଶାରୁ ବିଚ୍ଛିନ୍ନ ହୋଇ ରହିଥିବା ସମ୍ବଲପୁର ଜିଲ୍ଲା ୧୯୦୫ ମସିହା ଅକ୍ଟୋବର ମାସ ୧୬ ତାରିଖରେ ଓଡ଼ିଶା ସହିତ ପୁନର୍ମିଳିତ ହେଲା ଏବଂ ଓଡ଼ିଆ ଭାଷାଭାଷୀ ପାଟଣା, ସୋନପୁର, କଳାହାଣ୍ଡି, ବାମଣ୍ଡା ଓ ରେଢ଼ାଖୋଲ ଷ୍ଟେଟ୍‌ମାନ ଛତିଶଗଡ଼ ବିଭାଗୀୟ ପଲିଟିକାଲ୍ ଏଜେଣ୍ଟ୍‌ଙ୍କ ତତ୍ତ୍ୱାବଧାନରୁ ଯାଇ ଓଡ଼ିଶା କମିଶନରଙ୍କ ଅଧୀନସ୍ଥ ଗଡ଼ଜାତ ମାହାଲ ସହିତ ମିଳିତ ହୋଇ ଏକ ସ୍ୱତନ୍ତ୍ର ପଲିଟିକାଲ୍ ଏଜେଣ୍ଟଙ୍କ ଅଧୀନରେ ରହିଲା । ପଲିଟିକାଲ୍ ଏଜେଣ୍ଟ୍‌ଙ୍କ ଦପ୍ତର ମଧ୍ୟପ୍ରଦେଶସ୍ଥ ରାୟପୁରରୁ ସମ୍ବଲପୁରକୁ ଉଠିଆସିଲା । ଏହିଦିନ ବଙ୍ଗର ଅଙ୍ଗଚ୍ଛେଦ ହୋଇ କେବଳ ବଙ୍ଗଦେଶରେ ନୁହେଁ, ସମଗ୍ର ଭାରତବର୍ଷରେ ପ୍ରବଳ ବିପ୍ଳବାତ୍ମକ ବାୟୁମଣ୍ଡଳ ସୃଷ୍ଟିହେଲା ।

ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱତନ ସନ ୧୯୦୫ ମସିହା ମୋ ଜୀବନର ଏକ ଅବିସ୍ମରଣୀୟ ଘଟଣା । ସେହି ବର୍ଷର ବୈଶାଖ ମାସ । ସେତେବେଳେ ମୁଁ କଟକ ରେଭେନ୍‌ସା କଲେଜର ଛାତ୍ର । ଗ୍ରୀଷ୍ମାବକାଶରେ ନିଜ ଘର ଆଗଲପୁରକୁ ଆସିଥିଲି । ଘରେ କିଛିଦିନ ରହି ବଲାଙ୍ଗିରକୁ ଗଲି ଓ ସହାଧ୍ୟାୟୀ ବନ୍ଧୁ ସନାତନ ପୂଜାରୀ (ପରେ କଟକ ମେଡ଼ିକାଲ୍ ଅଧ୍ୟକ୍ଷ ରାୟବାହାଦୂର ଡାକ୍ତର ସନାତନ ପୂଜାରୀ) ଙ୍କ ଘରେ ପ୍ରାୟ ଆଠଦିନ ଅତିଥିହୋଇ ରହିଲି । ସେତେବେଳେ ସନାତନବାବୁଙ୍କ ପିତା ଶ୍ରୀ କମଳଲୋଚନ ପୂଜାରୀ ପାଟଣା ଷ୍ଟେଟ୍‌ର ବନ୍ଦୋବସ୍ତ ଅଫିସର୍ । ବଲାଙ୍ଗିରକୁ ଯିବା ଉଦ୍ଦେଶ୍ୟ, ପିଲାଦିନର ବନ୍ଧୁମାନଙ୍କ ସଙ୍ଗେ ଦିନାକେତେ ବାଲ୍ୟଜୀବନର ମଧୁର ସ୍ମୃତି ମଧ୍ୟରେ କଟାଇବା । ସେତେବେଳେ ମୁଁ ଏ ଅଞ୍ଚଳର ଏକମାତ୍ର କଲେଜ ଛାତ୍ର । ପଞ୍ଝାଏ ଯାତ୍ରାଦଳ କଟକ ଅଞ୍ଚଳରୁ ଆସି ସହର ମଧ୍ୟସ୍ଥ ରଘୁନାଥ ମନ୍ଦିର ସମ୍ମୁଖରେ ରାମଲୀଳା ଯାତ୍ରା କରୁଥିଲେ । ଦିନେ ରାତିରେ ମୁଁ ଓ ମୋର ଜନୈକ ବନ୍ଧୁ ବୁଲୁଁ ବୁଲୁଁ ଯାତ୍ରାସ୍ଥଳରେ ଆସି ପହଞ୍ଚିଲୁ । ସଡ଼କକୁ ଲାଗି ରଘୁନାଥ ମନ୍ଦିର । ମନ୍ଦିର ସମ୍ମୁଖରେ ସଡ଼କ ଓ ତତ୍‌ପାର୍ଶ୍ୱସ୍ଥ ସ୍ଥାନ ଦର୍ଶକରେ ପୂର୍ଣ୍ଣ ହୋଇଅଛି । ଜଣଜଣ କରି ସୁଆଙ୍ଗ ବାହାରୁଛନ୍ତି ଏବଂ ରାମାୟଣ କଥା ସହ ନାନାପ୍ରକାର ସଙ୍ଗୀତ ଗାନ ହେଉଅଛି । ଉକ୍ତ ରାତ୍ରିର ବିଷୟ ହନୁମାନଙ୍କର ଲଙ୍କାପୋଡ଼ା । ହନୁମାନ ଭୂମିକାରେ ଅବତୀର୍ଣ୍ଣ ଅଭିନେତାର ସର୍ବାଙ୍ଗରେ କନାଗୁଡ଼ା ହୋଇ ଗୋଟିଏ କୃତ୍ରିମ ଲାଙ୍ଗୁଳ ଖଞ୍ଜା ହୋଇଅଛି । କୃତ୍ରିମ ବୃକ୍ଷ ଉପରେ ହନୁମାନ ଥରେ ଚଢ଼ି ଥରେ ତଳକୁ ଡେଇଁ ପଡୁଛି ଓ

Digitized by srujanika@gmail.com

ବିକଟ ଦର୍ଶନ ବିକାରରେ ଦର୍ଶକଙ୍କ ମନରେ କୌତୁକ ଉତ୍ପାଦନ କରୁଛି ଏବଂ ଅସୁର ପକ୍ଷରୁ ତାକୁ ଲଗୁଡ଼ ନିକ୍ଷେପଦ୍ୱାରା ବିବ୍ରତ କରାହେଉଛି । କିୟଦ୍ଦୂରରେ କୃତ୍ରିମ ଅଶୋକବନରେ ଅସୁରୀ ପରିବେଷ୍ଟିତ ସୀତା । ହନୁମାନ ସ୍ୱଭାବସୁଲଭ ସ୍ୱରରେ ଗାନ ଧଇଲା –

“ଶିଂଶପା ବୃକ୍ଷର ଡାଳେ ଯେ ହନୁ ମନେ ମନେ ଭାଳେ
ନିଶ୍ଚୟ ଜାନକୀ ଜନକ ନନ୍ଦିନୀ
ଦେଖିଲଇଁ ବେନି ଡୋଳେ,
କି ଭାଗ୍ୟ ବଳେ ।”

ଆମ୍ଭେମାନେ ଜନତା ମଧ୍ୟରୁ ବହାରିଆସି ଅଳ୍ପ ଦୂରରେ ଛିଡ଼ାହୋଇ ଏ ସମସ୍ତ ଅଭିନୟ ଉପଭୋଗ କରୁଅଛୁଁ । ହଠାତ୍ ବିପରୀତ ଦିଗରୁ ଗୋଟିଏ ଭୀଷଣ କୋଳାହଳ ଉଠିଲା ଓ ସଡ଼କରେ ଉପବିଷ୍ଟ ଦର୍ଶକମଣ୍ଡଳୀ ମଧ୍ୟରେ ଚାଞ୍ଚଲ୍ୟ ଦୃଷ୍ଟିଗୋଚର ହେଲା । ହଠାତ୍ ଜଣେ ଜଣେ ଉଠି ପଳାଇବାକୁ ଲାଗିଲେ । ମୋ ଦୃଷ୍ଟି ସେ ଆଡ଼କୁ ଆକୃଷ୍ଟ ହେବାରୁ ଦେଖିଲି, କେହି ଜଣେ ଅପର ଏକ ବ୍ୟକ୍ତି କାନ୍ଧରୁ ଓହ୍ଲାଇ ପଡ଼ିଲେ ଓ ଦର୍ଶକଙ୍କ ଶରୀରରେ ବେତ୍ରାଘାତ କରି ଯାତ୍ରା ସମ୍ମୁଖକୁ ଆସିବା ସକାଶେ ମାର୍ଗ ପରିଷ୍କାର କରୁଥିଲେ । ଆଉ ବେତ୍ରାଘାତରେ ଲୋକେ ଇତସ୍ତତଃ ପଳାଇବାକୁ ଲାଗିଲେ । ମୁଁ ଓ ମୋର ବନ୍ଧୁ ଟିକିଏ ଅଗ୍ରସର ହେଲୁଁ । ଦେଖିଲି, ବେତ୍ର ହସ୍ତରେ ସ୍ୱୟଂ ରାଜକୁମାର ଓ ତାଙ୍କ ପଛରେ କତିପୟ ଭୃତ୍ୟ । କହିବା ବାହୁଲ୍ୟ, ଉକ୍ତ ରାଜକୁମାର ହିଁ ନରବାହନରେ ଯାତ୍ରାସ୍ଥଳକୁ ଆସିଥିଲେ ଓ ମନ୍ଦିର ପିଣ୍ଡା ଉପରେ ତାଙ୍କ ସକାଶେ ସଜ୍ଜିତ ଆସନରେ ବିଜେ ହେବା ସକାଶେ ମାର୍ଗରେ ଉପବିଷ୍ଟ ଦର୍ଶକଗଣଙ୍କୁ ବେତ୍ର ପ୍ରହାରଦ୍ୱାରା ଘଉଡ଼ୁଥିଲେ । ନିରୀହ ଦର୍ଶକମାନଙ୍କ ପ୍ରତି ରାଜକୁମାରଙ୍କ ଏତାଦୃଶ ବ୍ୟବହାର ଦେଖି ମୋ ତୁଣ୍ଡରୁ କ୍ଷୋଭସୂଚକ ପଦେଅଧେ କଥା ବାହାରିପଡ଼ିଲା । ମୋ ବନ୍ଧୁଙ୍କୁ ଲକ୍ଷ୍ୟକରି କହିଲି, “ଦେଖିଲ, ଅକାରଣରେ ରାଜକୁମାର ନିରୀହ ଲୋକମାନଙ୍କୁ ପିଟି ଛେଳିମେଣ୍ଢା ପରି ଘଉଡ଼ୁଛନ୍ତି । ତାଙ୍କୁ ଚାଲିଯିବା ଦେଖିଲେ ତ ଏମାନେ ବାଟ ଛାଡ଼ି ଦିଅନ୍ତେ କିମ୍ବା ଜଣେ ଚାକର ଯଦି ବାଟ ପରିଷ୍କାର କରି କରି ତାଙ୍କ ଆଗେ ଚାଲିଯାନ୍ତା, ତାହାହେଲେ ବି ତ ତାଙ୍କର କିଛି ଅସୁବିଧା ହୁଅନ୍ତାନାହିଁ । ଆଚ୍ଛା, ଏହି ରାଜକୁମାର ତ ରାଜା ହେବେନାହିଁ । ରାଜା ହେବେ ଯୁବରାଜ । ଏ ହେବେ କ’ଣ ଯେ ଆଜିଠାରୁ ଏହାଙ୍କର ଏଡ଼େ ଦିମାକ୍ !” ହଠାତ୍ ପଛରୁ ଶବ୍ଦ ହେଲା, “ଏ ଆଉ କ’ଣ ହେବେ, ଜଣେ ତାଲୁକ୍‌ଦାର ଜମିଦାର ହେବେ । ଖଣ୍ଡେ ରାଜ୍ୟର ମାଲିକ ହେବେ ।” ପଛକୁ ଅନାଇ ଦେଖିଲି – ଚିରଗୁଣି; ମୋ ଚିହ୍ନା; ରାଜକୁମାରଙ୍କର ଅତ୍ୟନ୍ତ ବିଶ୍ୱାସୀ ଭୃତ୍ୟ । ସେ ପୁଣି କହିବାକୁ ଲାଗିଲା, “ହୁଁ ! ସାନ ମୁହଁରେ ବଡ଼ କଥା । ଦି’ଅକ୍ଷର ପଢ଼ିଲାକୁ ଏଡ଼େ ଦିମାକ୍ ! ଆଚ୍ଛା, କାଲି ଦେଖାଯିବ ଯେ, ମହାରାଜାଙ୍କ ଛାମୁରେ ଏକଥା ଜଣାଇବି ।” ମୋ ଛାତି ଥରିବାକୁ ଲାଗିଲା । ଆଖିକୁ ଅନ୍ଧାର ଦିଶିଲା । ଦେହରୁ

Digitized by srujanika@gmail.com

ଝାଳ ବାହାରିବାକୁ ଲାଗିଲା । କେତେ ଦୁର୍ଭାବନା ମୋ ମୁଣ୍ଡରେ ଖେଳିଗଲା ! ଚିରଗୁଣି କେବେ ଛାଡ଼ିବନାହିଁ । ନିଶ୍ଚୟ କହିଦେବ । ତାହାହେଲେ ମୋ ଇଜ୍ଜତ ଛାଡ଼, ପ୍ରାଣ ରହିବ ନାହିଁ । ପିଲାଦିନେ ଆଖିରେ ଦେଖିଛି, ବେତମାଡ଼ରେ ଲୋକଙ୍କ ପିଠିରେ ଚର୍ମ ରହିନାହିଁ । କଥା କଥାକେ ମାଡ଼ । ରାଜକୁମାରଙ୍କ ଆଡ଼କୁ କିଏ ଅନେଇ ଦେଲେ ମାଡ଼ । କିଏ ଟିକିଏ ହସିଦେଲେ ତ ମାଡ଼; ସିଂହଦ୍ୱାର ଆଗରେ କିଏ ଛତା ମୁଣ୍ଡାଇ, କିଏ ଜୋତା ପିନ୍ଧି ଗଲା ତ ତାକୁ ଧରିଆଣି ମାଡ଼; ମାଡ଼ରେ ଦେହ ଫାଟିଯାଇଛି । ଏହି ରାଜକୁମାର ବଲାଙ୍ଗିର ମଧ୍ୟଇଂରାଜୀ ସ୍କୁଲ୍‌ରେ ମୋର ସହାଧ୍ୟାୟୀ ଥିଲେ । ଦିନେ କ୍ଲାସ୍ ଶିକ୍ଷକଙ୍କ ଆଦେଶରେ ତାଙ୍କ କାନ ମୋଡ଼ିଥିଲି ବୋଲି ଦୁଇଚାରିଦିନ ମୋତେ ସଡ଼କରେ ଦେଖି ମାରିବା ପାଇଁ ଗୋଡ଼ାଇଥିଲେ । ଏ ସମସ୍ତ ଦୃଶ୍ୟ ମୋ ଆଖି ଆଗରେ ଖେଳିଗଲା । ବନ୍ଧୁଙ୍କୁ କହିଲି, ‘‘ଏ ଥିଲା କୋ’ଆଡ଼େ ? ମୋତେ ଟିକେ ସାବଧାନ ହେଲେ କରାଇଦେଲୁନାହିଁ ? ମୁଁ ଏକ୍ଷଣି ଗାଁକୁ ପଳାଉଛି ।’’ ପଳାଇଲେ, ହେଲେ କ’ଣ ରକ୍ଷାଅଛି ? ଗାଁ ରୁ ଧରିଆଣିବା କେତେଦୂର ? ସେତେବେଳେ ମୋର ପିଲା ବୟସ । ମୋଟେ ୧୬, ୧୭ ବର୍ଷ । ସଂସାରଜ୍ଞାନ ପୂରା ହୋଇନାହିଁ । ତଥାପି ଭଗବାନଙ୍କ ଉପରେ ନିର୍ଭର ଭବିତବ୍ୟର ଅବଶ୍ୟମ୍ଭାବିତା ଉପରେ ଆସ୍ଥା ସ୍ଥାପନ କରି ଘରକୁ ନଯାଇ ବଲାଙ୍ଗିରରେ ରହିବା ସ୍ଥିରକଲି । ଆଉ ଯାତ୍ରା ଦେଖାହେଲା ନାହିଁ । ତନ୍ନୁହୂର୍ତ୍ତର ବିପଦାଶଙ୍କାରେ ଯାତ୍ରାସ୍ଥଳ ତତ୍‌କ୍ଷଣାତ୍ ତ୍ୟାଗକରି ବନ୍ଧୁଙ୍କ ଗୃହରେ ମୋ ସକାଶେ ନିର୍ଦ୍ଦିଷ୍ଟ କକ୍ଷରେ ଯାଇ ଆଶ୍ରୟ ଗ୍ରହଣକଲି । ଶୋଇବାକୁ ଚେଷ୍ଟାକଲି, ନିଦ ହେଲାନାହିଁ । ସକଳ ପ୍ରକାର ଦୁଶ୍ଚିନ୍ତା ମୋର ହୃଦୟ, ମନ ଅଧିକାର କରିବସିଲା । ମୋ ମନରେ ସେତେବେଳେ ଭାବନା ଉଦିତ ହେଲା, ଚିରଗୁଣି ଯଦି କହିଦେବ, ତାହାହେଲେ ଉପାୟ କ’ଣ ? କକ୍ଷ ତ୍ୟାଗକରି ବାହାରକୁ ଆସିଲି । ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ । ରଜନୀର ଜ୍ୟୋତ୍ସ୍ନା ପ୍ଲାବନରେ ଚତୁର୍ଦ୍ଦିଗ କେଡ଼େ ସ୍ନିଗ୍ଧ ନିର୍ମଳ ଦିଶୁଅଛି । ନିଶାନାଥ ପଶ୍ଚିମ ଦିଗନ୍ତ ସ୍ଥିତ ହାତୀମୁଣ୍ଡିଆ ପର୍ବତକୁ* ପାଖେଇ ଗଲେଣି । ରାତି ଆଉ ଅଧିକ ନାହିଁ । ଭାବିଲି କାହାକୁ ନ କହି କ’ଣ ପଳେଇବି ? ନା ! ଯାହା ହେବାର ଅଛି ତାହା ହେଉ ପଛକେ ଯିବିନାହିଁ ଭାବି, ହୃଦୟରେ ସାହସ ବାନ୍ଧି ପୁଣି କକ୍ଷ ମଧ୍ୟରେ ପ୍ରବେଶକଲି ।

କ୍ରମେ ରାତି ପାହିଲା । ମୁଁ ତନ୍ଦ୍ରାଭିଭୂତ ହୋଇ ପଡ଼ୁଥାଏ । ଅଳିଆ ଗାଡ଼ିର ଶବ୍ଦରେ ଉଠିପଡ଼ି ଆସି ବାହାର ପିଣ୍ଡାରେ ବସିଲି । ସଡ଼କରେ ଚାଲି ଯାଉଥିବା ଲୋକଙ୍କୁ ଦେଖି ମନରେ ଭୟ ହେଉଥାଏ, ମୋତେ ନେବାପାଇଁ ରାଜବାଟୀର ଅବା ଦୂତ ଆସୁଛି । ଏପରି କେତେ ଲୋକ ଚାଲିଗଲେ । କଚେରୀ ଘଣ୍ଟାରେ ଢଂ ଢଂ ସାତ ବାଜିଲା । ବାହାର ପିଣ୍ଡାତଳେ ବସି ତଳକୁ ମୁହଁକରି ଦାନ୍ତ ଘଷୁଛି, କେତେବେଳୁଁ ଆସି ମୋ ଆଗରେ ରାଜବାଟୀର ଜଣେ ସିପାହୀ ଛିଡ଼ାହୋଇଛି । ଲୋକଟା ଅପରିଚିତ । ତଥାପି ତାହାର

*ବଲାଙ୍ଗିର ନିକଟବର୍ତ୍ତୀ ପର୍ବତ ।

Digitized by srujanika@gmail.com

ବିଚିତ୍ର ବେଶଭୂଷାରୁ ଜାଣିଲି, ଛାମୁଁଙ୍କ ପାଖଲୋକ । ମୁଣ୍ଡ ଆଗର କେଶ ଦୀର୍ଘ । ପଛପଟକୁ ଛୋଟଛୋଟ ହୋଇ କଟାହୋଇଛି, ସୀମନ୍ତ ଦ୍ୱାରା ଦୁଇଭାଗରେ ବିଭକ୍ତ ଓ ମହଣଦ୍ୱାରା ମସୃଣୀକୃତ । ଆଗରେ କେଶ ଉଭୟ ଗାଲ ପର୍ଯ୍ୟନ୍ତ ଓହଳି ପଡ଼ିଛି । କପାଳରେ ସିନ୍ଦୂର ଟିପା । କର୍ଣ୍ଣଦ୍ୱୟରେ ଫମ୍ପା ନୋଳି, ଡାହାଣ ନାକପୁଡ଼ାରେ ଗୋଲ ଗୁଣାଟିଏ । ଦେହରେ ଗାଢ଼ ଗେରୁଆ ଅଙ୍ଗରଖା । ସିପାହୀ ରୁକ୍ଷ ସ୍ୱରରେ କହିଲା, ''ଏ ପିଲା ! ଚାଲ୍ !'' ତାକୁ ଦେଖି ମୁଁ ଯମତୁଲ୍ୟ ଜ୍ଞାନ କଲି । ମୋର ଆଉ ସନ୍ଦେହ ରହିଲା ନାହିଁ । ସିପାହୀ ପୁଣି ତୀବ୍ର ସ୍ୱରରେ କହିଲା, ''ତୋତେ କ'ଣ ଶୁଭୁନାହିଁ ? ଛାମୁଙ୍କ ହୁକୁମ । ଚାଲ୍, ଆଜି ତୋ ପିଠିରୁ ଚମ ଛାଡ଼ିବ ଯେ ।'' ମୁଁ ଭୀତିବିହ୍ୱଳ କଣ୍ଠରେ ପଚାରିଲି, ''ଭାଇ, କ'ଣ ହୋଇଛି କହିବଟି !'' ସେ ବିଦ୍ରୂପାତ୍ମକ ସ୍ୱରରେ କହିଲା, ''ହେଃ, କ'ଣ ହୋଇଛି ! କାଲି ରାଜକୁମାରଙ୍କୁ କ'ଣ କହିଲୁ ? ସବୁକଥା ମହାରାଜାଙ୍କ ଛାମୁରେ ଜଣାହୋଇଛି ।'' ତାକୁ ଆଉ କିଛି ନକହି ଘର ଭିତରକୁ ଚାଲିଗଲି ଓ ବନ୍ଧୁ-ପିତାଙ୍କୁ ଆଦ୍ୟ ପ୍ରାନ୍ତ ସମସ୍ତ କଥା ଜଣାଇ ମୋତେ ମହାରାଜାଙ୍କ କୋପରୁ ରକ୍ଷା କରିବା ସକାଶେ ମୋ ସଙ୍ଗେ ଯିବାପାଇଁ କାତର କଣ୍ଠରେ ଅନୁରୋଧ କଲି । ପ୍ରଥମରେ ସେ ମୋତେ ତିରସ୍କାର କରିବାକୁ ଲାଗିଲେ । ପରେ ମୋ ଅନୁରୋଧ ରକ୍ଷାକଲେ । ସେ ବାହାରିଲେ ଓ ମୁଁ ନିତାନ୍ତ ଅପରାଧୀ ତୁଲ୍ୟ ତାଙ୍କର ଅନୁଗମନ କଲି । ପଥରେ ମୁଁ ବାହ୍ୟଜ୍ଞାନଶୂନ୍ୟ ପ୍ରାୟ । ମୋ ଦେହଟା କେବଳ ଟଣାହୋଇ ଯାଉଛି । ହୃଦୟ, ମନ ଅନ୍ୟଆଡ଼େ । ଅତି ବ୍ୟାକୁଳ ଭାବରେ କାତର କଣ୍ଠରେ ଭଗବାନଙ୍କୁ ଡାକିଲି । ମୃଗୁଣୀ ସ୍ତୁତି, ଗଜ ନିସ୍ତାରଣ ସ୍ତୋତ୍ର ପ୍ରଭୃତି ଯାହା ମନେପଡ଼ିଲା ମନେ ମନେ ଅଣ୍ଡାଳିଗଲି । କ୍ରମେ କ୍ରମେ ବନ୍ଧୁ-ପିତାଙ୍କ ସହ ଛାମୁଙ୍କ ସମ୍ମୁଖରେ ଉପସ୍ଥିତ ହେଲି ଓ ବାହ୍ୟଜ୍ଞାନଶୂନ୍ୟ ପ୍ରାୟ ହୋଇ ବସିପଡ଼ିଲି । ତୀବ୍ର ସ୍ୱରରେ ଛାମୁଙ୍କ ଶ୍ରୀମୁଖରୁ ଆଜ୍ଞା ହେଲା, ''ଠିଆ ହୋ'' । ଛାମୁଙ୍କ ମୁଖକୁ ଅନାଇଦେଲି । ଯେମନ୍ତ ଚକ୍ଷୁଦ୍ୱୟରୁ ଅଗ୍ନିସ୍ଫୁଲିଙ୍ଗ ନିର୍ଗତ ହେଉଅଛି । ସ୍ୱର ନିତାନ୍ତ ରୂଢ଼ ଓ କମ୍ପିତ । ଛାମୁଙ୍କୁ ପାରିଷଦ୍ ବର୍ଗ, ରାଜ ପୁରୋହିତ, ରାଜବୈଦ୍ୟ, ସଭାପଣ୍ଡିତ, କେତେକ ଅଧସ୍ତନ କର୍ମଚାରୀ, କ୍ଷୌର-କର୍ମୋଦ୍ୟତ ନାପିତ ବେଷ୍ଟନ କରି ବସିଛନ୍ତି । ଆଗରେ ଗୋଟିଏ ଜାଗର ଜଳୁଛି । ମୁଁ ଜାଣିଥିଲି ଛାମୁ ବାତରୋଗଗ୍ରସ୍ତ, ଚଳତ୍‌ଶକ୍ତି ରହିତ । ଶ୍ରୀଛାମୁ ଭୂମି ଉପରେ ବିସ୍ତୃତ ମଖମଲ ଗାଲିଚାରେ ମଖମଲର ବଡ଼ ବଡ଼ ମାଣ୍ଡିକୁ ଶ୍ରୀଅଙ୍ଗ ଆଉଜାଇ ଦେଇଛନ୍ତି । ଦୁଇପାଖରେ ବ୍ୟଜନ ଚାଳିତ ହେଉଅଛି । ଧାଡ଼ି ଧାଡ଼ି ହୋଇ ସମସ୍ତେ ଗରୁଡ଼ାସନରେ ବଦ୍ଧକରପୁଟରେ ଉପବିଷ୍ଟ ହୋଇଅଛନ୍ତି । ''ଠିଆ ହୋ'' ଆଜ୍ଞା ଶ୍ରୀମୁଖରୁ ବାହାରିଲା ମାତ୍ରକେ ମୁଁ ଠିଆହେଲି ଓ କଦଳୀପତ୍ର ପରି ଥରିବାକୁ ଲାଗିଲି । ମୋ ମୁଣ୍ଡ ଘୂରିବାକୁ ଲାଗିଲା । ମନେହେଲା ଅବା ପଡ଼ିଗଲି । କିନ୍ତୁ ଭଗବାନଙ୍କ ପ୍ରତି ନିର୍ବାକ୍ କରୁଣ ଡାକ ମୋର ଅନ୍ତରତମ ପ୍ରଦେଶରୁ ଅନବରତ ଚାଲିଥାଏ । ଦରବାର କକ୍ଷର ଏକ କୋଣରେ ଦୁଇଜଣ ଭୀମ-ଦର୍ଶନ ସିପାହୀ ବେତ୍ରହସ୍ତରେ ଛିଡ଼ା

Digitized by srujanika@gmail.com

ହୋଇଅଛନ୍ତି । ସେମାନଙ୍କ ପ୍ରତି ଆଦେଶ ହେଲା, ''ଏହାକୁ ମାର'' । ବନ୍ଧୁ-ପିତା, ମୁଁ ପିଲା ଲୋକ, ମୋତେ କ୍ଷମାକରିବା ପାଇଁ ବିନୀତ ଭାବରେ କାକୁତିମିନତି କଲେ । କିନ୍ତୁ ପୁଣି ସେମାନଙ୍କ ପ୍ରତି, ମୋତେ ମାରିବା ସକାଶେ ଆଦେଶ ହେଲା । ସିପାହୀଦ୍ୱୟ ମୋ ଆଡ଼କୁ ଅଗ୍ରସର ହେଲେ । ବୁଝିବାକୁ ବାକୀ ରହିଲା ନାହିଁ, ମୋର ଆଉ ରକ୍ଷା ନାହିଁ । ଉପସ୍ଥିତ ପାରିଷଦବର୍ଗ ପ୍ରଭୃତି ସମସ୍ତେ ନିର୍ବାକ୍ ନିସ୍ପନ୍ଦ ଭାବରେ ବସି ରହିଛନ୍ତି । ମୋ ମଥା ଘୂରିବାକୁ ଲାଗିଲା । ତତ୍‌କ୍ଷଣାତ୍ ମୋତେ ବୁଦ୍ଧି ଦିଶିଲା । ମୁଁ ଅନୁଭବ କଲି, ଭଗବାନ ମୋ ଡାକ ଶୁଣିଲେ । ବିଦ୍ୟୁତ୍ ବେଗରେ ମୋ ହୃଦୟରେ ସାହସର ସଞ୍ଚାର ହେଲା । ସିପାହୀଦ୍ୱୟ ମୋ ଉପରକୁ ଯେମନ୍ତ ବେତ ଉଠାଇଅଛନ୍ତି ମୁଁ ତର୍ଜନୀ ସଂକେତ କରି କହିଲି, ''ଖବର୍‌ଦାର୍ । ମୋତେ ମାରନା'' । ମୋର ସାହସ କ୍ରମେ ବୃଦ୍ଧି ହେବାକୁ ଲାଗିଲା । କୃତାଞ୍ଜଳି ହୋଇ ଛାମୁଙ୍କୁ ସମ୍ବୋଧନ କରି କହିଲି, ''ଧର୍ମାବତାର ! ଦୋଷୀର ଦୋଷ ସାବ୍ୟସ୍ତ ହେଲାପରେ ଲୋକକୁ ଦଣ୍ଡ ଦିଆଯାଏ । ମୁଁ ପିଲାଲୋକ, ମୋର ଦୋଷ କ'ଣ ଯେ ମୋ ପ୍ରତି ଏହି କଠୋର ଶାସ୍ତି ଆଜ୍ଞା ହେଉଛି, ମୁଁ ଜାଣିବାକୁ ଚାହେଁ ।'' ହୁଙ୍କାର ସହ ଶ୍ରୀମୁଖରୁ ଆଜ୍ଞା ହେଲା, ''ହୁଁ, ଦୋଷ ! ତୋ'ର ଦୋଷର କ୍ଷମା ନାହିଁ ।'' ମୁଁ ମୋର ଅଜ୍ଞତା ଓ ନିରପରାଧିତା ବିଷୟରେ ବାରମ୍ବାର ଜଣାଇଲି । ଶ୍ରୀଛାମୁ ଅଳ୍ପ ନରମ ହୋଇଗଲା ପରି ମୋତେ ଜଣାଗଲା । ଆଜ୍ଞା କଲେ, ''କାଲି ରାତ୍ରିରେ କାହିଁକି ରାଜକୁମାରଙ୍କୁ ଅପମାନ କଲୁ ? ତୋ'ର ପୁଣି ଏତେ ସାହସ? ରାଜପୁତ୍ରଙ୍କ ପ୍ରତି ଅପମାନର ଫଳ ଭୋଗକର୍ ।'' ଗୋଟିଏ କୋଣରେ ଦଣ୍ଡାୟମାନ ଚିରଗୁଣି ଉପରେ ମୋର ଦୃଷ୍ଟି ପଡ଼ିଲା ।

''ଯାହାକୁ ସହାୟ ଅନନ୍ତ
କି କରିପାରେ ବଳବନ୍ତ?''

ମୁଁ ହୃଦୟରେ ଅନୁଭବ କଲି, ଚିରଗୁଣିର ଚୁଗୁଲି ମୋତେ କିଛି କରିପାରିବ ନାହିଁ । ମୁଁ କହିଉଠିଲି, ''ମଣିମା, ଏଇ କଥା ? ଆଗରୁ ପଚାରିଥିଲେ ତ ମୁଁ କହିଥାନ୍ତି । ମୁଁ ଜାଣିଥିଲି ଯେ, ଚିରଗୁଣି ନିଜ ଦୋଷ ଲୁଚାଇବା ପାଇଁ ଛାମୁଙ୍କ ଆଗରେ ଚୁଗୁଲି କହିବ । ନହେଲେ କଥାଟି ଶ୍ରୀଛାମୁଙ୍କ ଆଗରେ ପଡ଼ିଲେ ତାହାର ରକ୍ଷା ନାହିଁ ।'' କହିଲେ ''କଥା କ'ଣ କହ ।'' ମୁଁ କହିଲି ''ମଣିମା ! କ'ଣ ହେଲା କି, କାଲି ରାତିରେ ଆମ୍ଭେମାନେ ସହର ଭିତରେ ଯାତ୍ରା ଦେଖୁଥିଲୁଁ । ରାଜକୁମାର ଆସି ପହଞ୍ଚିଲେ । ମନ୍ଦିର ଆଗ, ଆଖପାଖ ସଡ଼କ ଲୋକରେ ଭରା । ରାଜକୁମାରଙ୍କ ଇଙ୍ଗିତରେ ଲୋକମାନେ ତାଙ୍କୁ ବାଟ ଛାଡ଼ିଦେବା ପାଇଁ ଜଣେ ଜଣେ ଉଠିବା ଆରମ୍ଭ କରୁଛନ୍ତି, ଏହି ସମୟରେ ଏହି ଚିରଗୁଣି ସମସ୍ତଙ୍କ ଉପରେ ବେତ ଚଳାଇ ବାଟ ପରିଷ୍କାର କରିବାକୁ ଲାଗିଲା । ଲୋକେ ପଳାଇବାକୁ ଲାଗିଲେ । ଦୟାବତାର ରାଜକୁମାର ଲୋକଙ୍କୁ ନମାରିବା ପାଇଁ ତାକୁ ଯେତେ ମନାକରୁଛନ୍ତି ସେ ମାନୁନାହିଁ । ଯେତେହେଲେ ମଣିମା ! ରାଜପୁତ୍ର ! ତାଙ୍କ

Digitized by srujanika@gmail.com

ବିଚାର ଓ ଛୋଟ ଚାକରଙ୍କ ବିଚାର ମଧ୍ୟରେ ତଫାତ୍ ଅଛି । ରାଜକୁମାର ମୋର ସହାଧ୍ୟାୟୀ । ପିଲାଦିନୁ ମୁଁ ତାଙ୍କୁ ଜାଣେ । ଆଉ ଯାତ୍ରା ହେବ କ'ଣ ? ଚିରଗୁଣିର ମାଡ଼ରେ ଲୋକମାନେ ଯେଉଁ ବାଟ ଛାଡ଼ିଦେଲେ, ସେହି ବାଟରେ ଆସି ଯାତ୍ରା ଆଗରେ ପହୁଞ୍ଚିଲା ସରିକି ଦର୍ଶକଙ୍କ ଭିତରୁ ବାରପଣ ରାଜକୁମାରଙ୍କ ଗୁଣ ଓ ଚିରଗୁଣିର ନିନ୍ଦା ଗାଇ ଗାଇ ଚାଲି ଯାଉଛନ୍ତି, ମୁଁ ମଧ୍ୟ ସେମାନଙ୍କ ସଙ୍ଗେ ଯୋଗଦେଲି ଓ ପଦେ ଅଧେ ତାକୁ ଶୁଣାଇଲି । ତା'ପରେ ତା' ତୁଣ୍ଡରେ ଯାହା ଆସିଲା ତାହା କହିଲା । ମୁଁ ଓ ମୋର ବନ୍ଧୁ ରାଜକୁମାରଙ୍କ ଆଡ଼କୁ ଅଗ୍ରସର ହେବାକୁ ଲାଗିଲୁଁ । ଉଦ୍ଦେଶ୍ୟ, ଚାକରର ଔଦ୍ଧତ୍ୟ ସମ୍ବନ୍ଧରେ ତାଙ୍କୁ ଜଣାଇବୁ, କିନ୍ତୁ ତାଙ୍କ ସମ୍ମୁଖକୁ ଯାଇପାରିବା ପୂର୍ବରୁ ସେ ମନ୍ଦିର ଦଲାଣରେ ତାଙ୍କର ନିର୍ଦ୍ଦିଷ୍ଟ ଆସନ ଗ୍ରହଣ କରିସାରିଛନ୍ତି । ମୁଁ ତାକୁ କହିଲି, "ମହାରାଜାଙ୍କ ଛାମୁରେ ନିଶ୍ଚୟ ଏ କଥା ପଡ଼ିବ । ଦେଖାଯିବ ।" ସେ କହିଲା, ରାତି ପାହିଲାବେଳକୁ ତୋତେ ମୁଁ ଦେଖିନେବି । ସତକୁ ସତ ମଣିମା ! ରାତି ନ ପାହୁଣୁ ସେ ମୋତେ ଦେଖିନେଇଛି । ମଣିମା, ବିଚାର ହେଉ, ନିଜ ଆଚରଣରେ ସେ ରାଜକୁମାରଙ୍କ ଘୋର ଅବମାନନା କରିଛି କି ନା ? ଶ୍ରୀଛାମୁଙ୍କର ଏଥିକି ଯା ବିଚାର ।" ତତ୍‌କ୍ଷଣାତ୍ ବେତ୍ରହସ୍ତ ସିପାହୀଙ୍କ ପ୍ରତି ଆଜ୍ଞା ହେଲା, ଚିରଗୁଣିକୁ ମାର । ଚିରଗୁଣି ଚିତ୍କାର କରି ଉଠିଲା, "ମଣିମା ! ସବୁ ମିଛ । ଏ ପିଲା ଯାହା କହୁଛି ସବୁ ମିଛ । ରାଜକୁମାରଙ୍କୁ ଅପମାନ କରିଛି ।" ମୁଁ ଚିତ୍କାର କଲି, "ମଣିମା ! ଏଥିରୁ ପଦେ ମିଛନାହିଁ ।" ମହାରାଜାଙ୍କର ଆଦେଶରେ ଚିରଗୁଣିକୁ ସମ୍ମୁଖରେ ହାଜର କରାହେଲା ଓ ତାହାର କାତରୋକ୍ତି ପ୍ରତି ତିଳେମାତ୍ର କର୍ଣ୍ଣପାତ ନକରି କଠୋର ସ୍ୱରରେ ହୁକୁମ୍ ହେଲା, "ମାର ! ମାର !" ଉପସ୍ଥିତ ପାରିଷଦବର୍ଗଙ୍କ ପ୍ରତି ଲକ୍ଷ୍ୟକରି କହିଲେ, "ଏ ପିଲାକୁ ଆମ୍ଭେ ପିଲାଦିନୁ ଜାଣୁ, ଭଲ ପିଲା । ରାଜକୁମାରଙ୍କୁ ଅପମାନ କରିଥିବା ଅସମ୍ଭବ ।" "ମାର, ମାର" ହୁକୁମ ପୁଣି ପ୍ରଚାରିତ ହେବାମାତ୍ରେ ଚିରଗୁଣିର ପିଠିରେ ସପାସପ୍ ବେତ ଚାଲିଲା । ଚିରଗୁଣିର ଆର୍ତ୍ତନାଦରେ ଦରବାର କକ୍ଷ କମ୍ପିବାକୁ ଲାଗିଲା । କେବଳ "ମାର, ମାର" ଆଉ ପଛରେ ସପାସପ୍ ସପାସପ୍ ଓ ଚିରଗୁଣିର କରୁଣ ଚିତ୍କାର । ଉପସ୍ଥିତ ଭଦ୍ରମଣ୍ଡଳୀଙ୍କ ମଧ୍ୟରେ ଗୋଳମାଳ ଆରମ୍ଭ ହେଲା । ଏହି ଅବସରରେ ଅଲକ୍ଷିତ ଭାବରେ ମୁଁ ସେହି ସ୍ଥାନ ତ୍ୟାଗକରି ଏକ ଦୌଡ଼ରେ ବନ୍ଧୁଙ୍କ ଘରେ ଉପସ୍ଥିତ ହୋଇ ଗୋଟିଏ କକ୍ଷରେ ଲୁଚି ରହିଲି ଭୟରେ, କାଳେ ସତକଥା ପ୍ରକାଶିତ ହୋଇପଡ଼ିବ । ବୈଶାଖର ଝାଞ୍ଜିପିଟା ଖରା କ୍ରମେ ବୃଦ୍ଧି ହେବାକୁ ଲାଗିଲା । ନଖାଇ ନପିଇ ଦିନଯାକ ଘରେ ଲୁଚି ରହିଲି ଓ ସେହି ରାତିରେ ବଲାଙ୍ଗିର ପରିତ୍ୟାଗକରି ଘରକୁ ଆସି ଦିନକ ପରେ କଲେଜ ଅଭିମୁଖରେ ଯାତ୍ରାକଲି ।

ଏହି ହେଲା ଛାମୁଙ୍କ ବୁଝାମଣା । ନବୁଝି ମୋ ଉପରେ ମାଡ଼ର ହୁକୁମ ଓ ନବୁଝି ଚିରଗୁଣି ଉପରେ ମାଡ଼ !

Digitized by srujanika@gmail.com

ମହାରାଜା ଦଳଗଞ୍ଜନ ସିଂହ ଜଣେ ଉଦାରଚେତା ଶାସକ ଥିବା ମଧ୍ୟ ଶୁଣାଯାଏ । ୧୯୦୮ ମସିହା ବୈଶାଖ ମାସରେ ବଙ୍ଗର ଛୋଟଲାଟ୍ ସାର୍ ଏଣ୍ଡ୍ରୁ ଫ୍ରେଜର୍ ପାଟଣା ପରିଦର୍ଶନରେ ଆସିଥିଲେ । ଦିନେ ଠିକ୍ ବାରଟା ଗୋଟାଏ ବେଳେ ଅସଂଖ୍ୟ ପ୍ରଜାଙ୍କୁ ପୋଲିସ ମାରଫତରେ ଠୁଳ କରାହୋଇଥିବା ମୁଁ ଦେଖିଲି । ପ୍ରତ୍ୟେକଙ୍କ ହାତରେ ପାଣିପୂର୍ଣ୍ଣ ଗୋଟିଏ ଲେଖାଏଁ ତୁମ୍ବା । ଛୋଟ ଲାଟ୍ ସାହେବ୍ ବାଘ ଶିକାର କରିବାକୁ ଯିବେ; ଆଡ଼ି ହେବ ଓ ଏମାନେ ବାଘ ପଛରେ ହା'କା କରି ସାହେବଙ୍କ ମଞ୍ଚା ଆଡ଼କୁ ଘଉଡ଼ାଇ ଆଣିବେ, ଏହି ବନ୍ଦୋବସ୍ତ ହୋଇଥିଲା । ତୃଷା ହେଲେ ତୁମ୍ବାରୁ ପାଣି ପିଇବେ । ପ୍ରଚଣ୍ଡ ଝାଞ୍ଜିପିଟା ବୈଶାଖ ମଧ୍ୟାହ୍ନର ଖରାରେ ଲୋକେ ଛଟପଟ ହେଲେ । ଶୁଣାଗଲା ଜଣେ ଦୁଇଜଣଙ୍କ ଉପରେ ଦୁର୍ଘଟଣା ମଧ୍ୟ ହୋଇଥିଲା । ମହାରାଜା ଏଥିରେ ବ୍ୟଥିତ ହୋଇଥିଲେ । ଏହାର କେତେକ ଦିନ ପରେ ଫ୍ରେଜର୍ ସାହେବ୍ ରେଢ଼ାଖୋଲ ଜଙ୍ଗଲରେ ବାଘ ଶିକାର କରୁଥିବା ସମୟରେ ପ୍ରଜାମାନଙ୍କ ସହିତ ହା'କାରେ ଉପସ୍ଥିତ ଥିବା ଦେୱାନ ହରିବନ୍ଧୁ ପଟ୍ଟନାୟକ ବାଘର ଆକ୍ରମଣରେ ନିହତ ହୋଇଥିଲେ ।

ମହାରାଜା ଦଳଗଞ୍ଜନ ସିଂହ ୧୯୧୦ ମସିହାରେ ସ୍ୱର୍ଗାରୋହଣ କଲାରୁ ଯୁବରାଜ ପୃଥ୍ୱୀରାଜ ସିଂହଦେଓ ଗଦି ପ୍ରାପ୍ତ ହେଲେ । ଷ୍ଟେଟ୍‌ର ଯାହା ଉନ୍ନତି ବର୍ତ୍ତମାନ ଲକ୍ଷିତ ହୁଏ ତାହା ମହାରାଜା ପୃଥ୍ୱୀରାଜ ସିଂହଙ୍କ ଅମଳର । ଷ୍ଟେଟ୍‌ର ସର୍ବପ୍ରଥମ ଗ୍ରାଜୁଏଟ୍ ମୁଁ । ତତ୍‌ପରେ ଉଚ୍ଚଶିକ୍ଷା ନିମିତ୍ତ ଛାତ୍ରମାନଙ୍କୁ ବୃତ୍ତି ଦିଆଯାଇ ଭିନ୍ନ ଭିନ୍ନ ସ୍ଥାନକୁ ପ୍ରେରଣ କରାଗଲା । ଷ୍ଟେଟ୍‌ର ଏକମାତ୍ର ମଧ୍ୟଇଂରାଜୀ ସ୍କୁଲ୍ ହାଇସ୍କୁଲ୍‌ରେ ପରିଣତ କରାହେଲା । ଏହି ସ୍କୁଲ୍ ପୃଥ୍ୱୀରାଜ ହାଇସ୍କୁଲ୍ ନାମରେ ବିଦିତ ହୋଇଅଛି । ଷ୍ଟେଟ୍‌ର ବିଭିନ୍ନ ସ୍ଥାନ ମଧ୍ୟରେ ପରସ୍ପର ସହଜ ସମ୍ପର୍କ ସ୍ଥାପନ ସକାଶେ ସଡ଼କମାନ ନିର୍ମିତ ହେଲା । ବିଜୁଳିବତୀ ଏହାଙ୍କ ଦ୍ୱାରା ଆରମ୍ଭ । ପୁରାତନ ରାଜପ୍ରାସାଦ ତ୍ୟାଗକରି ଆଧୁନିକ ଧରଣର ପ୍ରାସାଦରେ ବାସକରିବା ମାନସରେ 'ବାଦଲ ମହଲ' ରାଜପ୍ରାସାଦ ନିର୍ମାଣ ସେ ଆରମ୍ଭ କରିଥିଲେ । କିନ୍ତୁ ତାହା ସମ୍ପନ୍ନ ନ ହେଉଣୁ ସେ ଇହସଂସାର ତ୍ୟାଗକଲେ । ଏହାଙ୍କ ସମୟରେ ବିଦେଶୀୟ ଖ୍ରୀଷ୍ଟଧର୍ମ-ପ୍ରଚାରକମାନେ ଆସି ନୀଚ ଜାତୀୟ ବହୁଲୋକଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କଲେ ।

ମହାରାଜା ରାଜେନ୍ଦ୍ରନାରାୟଣ ସିଂହ ମହାରାଜା ପୃଥ୍ୱୀରାଜ ସିଂହଙ୍କ ପୋଷ୍ୟପୁତ୍ର ଓ ୧୯୨୪ ମସିହାରେ ତାହାଙ୍କ ମୃତ୍ୟୁ ହେଲାରୁ ପାଟଣା ସିଂହାସନ ଆରୋହଣ କଲେ । ଶିକ୍ଷାକ୍ଷେତ୍ରରେ ବଲାଙ୍ଗିରରେ ରାଜେନ୍ଦ୍ର କଲେଜ ସ୍ଥାପନ ଓ ରାଜନୀତି କ୍ଷେତ୍ରରେ ଗଣତନ୍ତ୍ର ପରିଷଦ ଗଠନ ଏହାଙ୍କ କୀର୍ତ୍ତି ।

ପୂର୍ବତନ ଗଡ଼ଜାତ ସମୂହର ଅବସ୍ଥା ସମ୍ବନ୍ଧରେ ଯେଉଁମାନଙ୍କ ଅଳ୍ପ ବିସ୍ତର ଅଭିଜ୍ଞତା ଅଛି ସେମାନେ ବର୍ତ୍ତମାନ ମୁକ୍ତକଣ୍ଠରେ ସ୍ୱୀକାର କରିବେ ଯେ, ଇଂରେଜ

Digitized by srujanika@gmail.com

ରାଜକର୍ମଚାରୀଙ୍କ ହସ୍ତରେ ରାଜା ମହାରାଜାମାନେ କ୍ରୀଡ଼ା-ପୁତ୍ତଳିକା ତୁଲ୍ୟ ଆଚରଣ କରୁଥିଲେ; ବିଦେଶୀୟ ଶାସକଗଣଙ୍କ ପ୍ରଭାବରେ ଇଂରେଜ ସରକାର ଯେତେବେଳେ ଯାହା ଚାହୁଁଥିଲେ ତାହା କରୁଥିଲେ । ଯଦି ଦେଖାଗଲା ଯେ, କୌଣସି ଗଡ଼ଜାତ ରାଜ୍ୟର ପ୍ରଜା କୌଣସି ପ୍ରକାର ପ୍ରଗତିଶୀଳ ପନ୍ଥା ଅବଲମ୍ବନ କରୁଅଛନ୍ତି ବା ରାଜ୍ୟ ଶାସନ ପଦ୍ଧତିର ସମାଲୋଚନା କରୁଅଛନ୍ତି, ସେମାନଙ୍କ ବିରୁଦ୍ଧରେ ଦମନଲୀଳାର ଅନ୍ତ ନ ଥିଲା । ରାଜା ଇଂରେଜ ଶାସନ ପଦ୍ଧତିର ସମାଲୋଚନା କରୁଥିବା ସନ୍ଦେହ ହେଲା ମାତ୍ରକେ ରାଜ୍ୟରୁ ନିର୍ବାସିତ ହେଉଥିଲେ । ଏହି ପ୍ରକାରେ ରାଜା ପ୍ରଜା ଉଭୟଙ୍କୁ ପଦତଳରେ ଦଳନ କରିବା ବିଦେଶୀୟ ଶାସକଙ୍କ ମୂଳ ନୀତି ଥିଲା । ରାଜାମାନେ କ୍ୱଚିତ୍ ପ୍ରଜାମାନଙ୍କ ଜୀବନରେ କୌଣସି ପ୍ରକାର ଉନ୍ନତି ବିଧାନ କଳ୍ପନା କରୁଥିଲେ । ପ୍ରଜାମାନେ ପଶୁ ତୁଲ୍ୟ ମୂକ । ଗଡ଼ଜାତ ଶାସନର ନିଷ୍ପେଷଣରେ ପାଟି ଫିଟାଇବା ସୁଦ୍ଧା ଉପାୟ ନାହିଁ । ଏହି ପରିସ୍ଥିତିରେ ବହୁକାଳ ପର୍ଯ୍ୟନ୍ତ ସେମାନେ କଠୋର ଦୁଃଖମୟ ଜୀବନଯାପନ କରୁଥିଲେ । କିନ୍ତୁ ପାରିପାର୍ଶ୍ୱିକ ପରିସ୍ଥିତିରେ ମୋଗଲବନ୍ଦୀ ଅର୍ଥାତ୍ ଇଂରେଜ ସରକାରଙ୍କ ପ୍ରତ୍ୟକ୍ଷ ଶାସିତ ଅଞ୍ଚଳରୁ ଯେଉଁ ବାତ୍ୟା ବହିବାକୁ ଲାଗିଲା ତାହା ଗଡ଼ଜାତ ଅଞ୍ଚଳବାସୀଙ୍କ ପ୍ରାଣକୁ ସ୍ପନ୍ଦିତ ନକରି ରହିପାରିଲା ନାହିଁ । ଗଡ଼ଜାତବାସୀ କ୍ରମେ ନବପ୍ରଚାରିତ ମନ୍ତ୍ରରେ ଉଦ୍‌ବୁଦ୍ଧ ହେବାକୁ ଲାଗିଲେ । ମୋଗଲବନ୍ଦୀ ଅଞ୍ଚଳର ଶାସନ ନୀତିର ପରିବର୍ତ୍ତନ ସଙ୍ଗେ ଗଡ଼ଜାତ ଶାସନ ପଦ୍ଧତିର ପରିବର୍ତ୍ତନ ଦାବିକଲେ । ଏହି ଦାବି କ୍ରମେ କ୍ରମେ ଘନୀଭୂତ ହେବାକୁ ବସିଲା । ଯେତେବେଳେ ଇଂରେଜମାନେ ଭାରତ ଛାଡ଼ିଯିବାର କେତେକ ଦିନପୂର୍ବେ, ଇଂରେଜ ସରକାର ରାଜାମାନଙ୍କୁ ନିଜ ନିଜ ରାଜ୍ୟର ନିଜ ଅଧିକୃତ ସ୍ୱତ୍ୱ ପରିତ୍ୟାଗ କରି ସାର୍ବଭୌମତ୍ୱ ପ୍ରଦାନ କଲେ, ଅଖଣ୍ଡ ଭାରତ ଦ୍ୱିଖଣ୍ଡିତ ହେଲା ଉତ୍ତାରେ ସେମାନେ ଯେଉଁ ରାଷ୍ଟ୍ର ସହିତ ସମ୍ମିଳିତ ହୋଇ ରହିବାକୁ ଚାହିଁବେ ତଦନୁସାରେ କାର୍ଯ୍ୟ କରିବାକୁ ତାହାଙ୍କୁ କ୍ଷମତା ଦେଇଦେଲେ । ସେହି ଅବସରରେ ଓଡ଼ିଶାର ରାଜ୍ୟ ସମୂହର ଶାସକଗୋଷ୍ଠୀ ଇଷ୍ଟର୍ଣ୍ଣ ଷ୍ଟେଟ୍‌ସ୍ ଏଜେନ୍ସି ସୃଷ୍ଟି କଲେ ଓ ଏହାର ସ୍ୱାତନ୍ତ୍ର୍ୟ ରକ୍ଷାକଳ୍ପେ ଗଣତନ୍ତ୍ର ଶାସନ ନୀତିର ପରିପୋଷକ କେତେଗୁଡ଼ିଏ ଅନୁଷ୍ଠାନ ସୃଷ୍ଟିକଲେ । ଏହି ଅଞ୍ଚଳ ସକାଶେ ଗୋଟିଏ ସମ୍ମିଳିତ ହାଇକୋର୍ଟ ସ୍ଥାପିତ ହେଲା ଓ ପାଟଣା ତୁଲ୍ୟ ବଡ଼ ବଡ଼ ରାଜ୍ୟମାନଙ୍କର ବ୍ୟବସ୍ଥାପକ ସଭା ଓ ମନ୍ତ୍ରିମଣ୍ଡଳ ସୃଷ୍ଟିହେଲା । କିନ୍ତୁ ଏହାଦ୍ୱାରା ସୁଦ୍ଧା ପ୍ରଜାଗଣଙ୍କର ମୌଳିକ ଅଧିକାର କ୍ଷୁଣ୍ଣ ଏବଂ ଶାସକବର୍ଗଙ୍କ ଶାସନନୀତି ଅକ୍ଷୁଣ୍ଣ ରହିଥିବା ସମସ୍ତେ ଅନୁଭବ କଲେ । ପରିଶେଷରେ ଲୌହମାନବ ପଟେଲ୍‌ଙ୍କ ମାନବିକତା ପ୍ରଭାବରେ ସୁକଠିନ ଲୌହନିଗଡ଼ ଛିନ୍ନହେଲା ଏବଂ ସେହିଦିନରୁ ଗଡ଼ଜାତବାସୀ ଯତ୍‌କିଞ୍ଚିତ୍ ମୁକ୍ତବାୟୁ ସେବନ କରିବାକୁ ଲାଗିଲେ ।

Digitized by srujanika@gmail.com

ଆଗଲପୁର

ଷାଠିଏ ବର୍ଷ ପୂର୍ବର କଥା । ସେ କାଳର ପଲ୍ଲୀଗ୍ରାମମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷାର ଆଦର ନଥିଲା । ମାତୃଭାଷାରେ ଅଳ୍ପ ଜ୍ଞାନ ଓ ଅଙ୍କ ଶିକ୍ଷା କରିପାରିଲେ ସରକାରୀ ବା ଅନ୍ୟ ଚାକିରି ମିଳୁଥିଲା । ଏହାପରେ ଯାହାର ହସ୍ତାକ୍ଷର ଭଲ, ଚାକିରି ବଜାରରେ ତାହାର ଅଧିକ ଆଦର ହେଉଥିଲା । ଇଂରେଜ ସରକାରଙ୍କ ଶାସିତ ତଥା ଗଡ଼ଜାତର ଅଞ୍ଚଳର ପୂର୍ବ ଶାସନପଦ୍ଧତି ଅନୁଯାୟୀ ଆଇନ ଅଦାଲତ ପ୍ରଭୃତିରେ କାର୍ଯ୍ୟ ଚଳାଇବା ଭଳି ଯେଉଁମାନେ ଶିକ୍ଷା ଓ ଅଭିଜ୍ଞତା ଲାଭ କରୁଥିଲେ, ସମାଜରେ ସେମାନେ ଅଧିକ ଆଦୃତ ହେଉଥିଲେ । ହିନ୍ଦୁ ଶିଶୁ ପାଞ୍ଚବର୍ଷ ବୟସରେ ଖଡ଼ିଛୁଇଁ ବିଦ୍ୟାରମ୍ଭ କରୁଥିଲା । ଇଂରେଜୀପାଠ ସେହି ମାତ୍ର ଆରମ୍ଭ ହୋଇଥିଲା ଓ ଯେଉଁମାନେ ମାଇନର୍ ପାସ୍ କରୁଥିଲେ ସମାଜର ବିଭିନ୍ନ ବିଭାଗରେ ସେମାନଙ୍କ ସକାଶେ କାର୍ଯ୍ୟକ୍ଷେତ୍ର ପ୍ରଶସ୍ତ ଥିଲା ଏବଂ ନିମ୍ନସ୍ତରରୁ ଉଚ୍ଚସ୍ତର ପର୍ଯ୍ୟନ୍ତ ସରକାରୀ ଚାକିରିରେ ସୁଦ୍ଧା ସେମାନେ ଉନ୍ନତିଲାଭ କରୁଥିଲେ ।

ସେହି ସମୟରେ ଜମିଦାର ବା ଧନବାନ୍ ହିନ୍ଦୁ ଗୃହରେ ବାରମାସରେ ତେର ପର୍ବ ପାଳିତ ହେଉଥିଲା । ପୂଜା, ପାର୍ବଣ, ବ୍ରତ, ଉପବାସ ପ୍ରତି ହିନ୍ଦୁ ସାଧାରଣଙ୍କ ଅନୁରାଗ ଥିଲା । ସ୍ତ୍ରୀମାନେ ହିଁ ବିଭିନ୍ନ ବ୍ରତର ଅନୁରାଗିଣୀ ଥିଲେ । ବ୍ରତ ଉଦ୍‌ଯାପନରେ ସେମାନେ ଯଥେଷ୍ଟ ବ୍ୟୟ କରୁଥିଲେ । ପଲ୍ଲୀ ସାଧାରଣ ବିଶେଷତଃ ଏହି ଉତ୍ସବରେ ବାଳକବାଳିକାମାନଙ୍କ ମଧ୍ୟରେ ମୁଆଁ, ଖଜା, ମିଷ୍ଟାନ୍ନ ବିତରଣ କରୁଥିଲେ । ଅତି ଅଳ୍ପ ଲୋକ ଚାକିରି ଉଦ୍ଦେଶ୍ୟରେ ବିଦେଶକୁ ଯାଉଥିଲେ । ଯେଉଁ ଅଳ୍ପ ଲୋକ ଯିବାକୁ ବାଧ୍ୟ ହେଉଥିଲେ ସେମାନେ ଅନେକ ବର୍ଷ ବିଦେଶରେ ରହିଲେ ସୁଦ୍ଧା ସ୍ତ୍ରୀ ପୁତ୍ରାଦିଙ୍କୁ ଘରେ ରଖି ଯାଉଥିଲେ । ଗ୍ରାମରୁ ହିଁ ଗ୍ରାମବାସୀଙ୍କ ଅଭାବ ପୂରଣ ହେଉଥିଲା । ଏହାକୁ ଲକ୍ଷ୍ୟ ରଖି ଗ୍ରାମବାସୀମାନେ ଚାଷବାସ ବ୍ୟବସାୟାଦି କରୁଥିଲେ । ସାଧାରଣ ବ୍ୟବହାର୍ଯ୍ୟ ଜିନିଷ ସକାଶେ ମୁଦ୍ରାର ବ୍ୟବହାର କମ୍ ଥିଲା । ବଜାରରେ ଶସ୍ୟାଦିର ବିନିମୟ ସାଧାରଣତଃ ପ୍ରଚଳିତ ଥିଲା । କଉଡ଼ିର ବ୍ୟବହାର କମ୍ ନଥିଲା । ଗ୍ରାମବାସୀମାନଙ୍କୁ ସହରର ମୁଖାପେକ୍ଷୀ ହେବାକୁ ହେଉନଥିଲା । କୌଣସି ଗ୍ରାମରୁ ଗ୍ରାମାନ୍ତରକୁ ଯିବାକୁ ହେଲେ ସ୍ଥଳପଥରେ ଶଗଡ଼ ଓ ଘୋଡ଼ା ଏବଂ ଜଳପଥରେ ନୌକା ବ୍ୟବହୃତ ହେଉଥିଲା । ଗ୍ରାମବାସୀମାନେ ସେମାନଙ୍କ ଭୂମି ଉପରେ ନିର୍ଭର କରୁଥିଲେ । ପଲ୍ଲୀବାସୀମାନେ ବିଳାସୀ ନ ଥିଲେ । ବିଦେଶୀୟ ସାମଗ୍ରୀ ସେମାନଙ୍କୁ ମୁଗ୍ଧ କରିପାରୁନଥିଲା । ପ୍ରାୟ ପ୍ରତ୍ୟେକ ପ୍ରଜା ନିଜ

Digitized by srujanika@gmail.com

ନିଜ ଜମିରେ କିୟଦଂଶରେ କପା ଚାଷ କରୁଥିଲେ ଏବଂ ଗ୍ରାମର ସ୍ତ୍ରୀମାନେ ସୂତାକାଟି ଓ ତନ୍ତୀମାନେ ସେହି ସୂତାରେ ଲୁଗା ବୁଣି ଦେଉଥିଲେ । ଗ୍ରାମମାନଙ୍କରେ ପ୍ରତିବର୍ଷ ଦୋଳ, ଶୀତଳଷଷ୍ଠୀ ଓ ଅନ୍ୟାନ୍ୟ ପର୍ବମାନ ପାଳିତ ହେଉଥିଲା । ସର୍ବତ୍ର ପାଲା, ସୁଆଙ୍ଗ ପ୍ରତି ପଲ୍ଲୀବାସୀଙ୍କ ଅନୁରାଗ ଥିଲା ଓ ବହୁ ସ୍ଥଳରେ ଓଡ଼ିଶାର ବୈଶିଷ୍ଟ୍ୟମୟ 'ବାଦୀପାଲା' ଆଦୃତ ହେଉଥିଲା । ରେଳପଥ ନ ଥିବାରୁ ଲୋକେ ପଦବ୍ରଜରେ ତୀର୍ଥାଟନ କରୁଥିଲେ । ପଲ୍ଲୀଗ୍ରାମମାନଙ୍କ ମଧ୍ୟରେ ତୀର୍ଥ ଯାତ୍ରାରେ ସ୍ତ୍ରୀମାନଙ୍କର ଅଧିକ ଆଗ୍ରହ ଓ ଉତ୍ସାହ ଲକ୍ଷିତ ହେଉଥିଲା । ସଂକ୍ରାମକ ରୋଗ ଓ ଦସ୍ୟୁମାନଙ୍କ ଉପଦ୍ରବ ଯୋଗୁଁ ଅନେକ ଯାତ୍ରୀ ଘରକୁ ଫେରୁନଥିଲେ । ତେଣୁ ଯାତ୍ରା ପୂର୍ବରୁ ସେମାନଙ୍କ ପ୍ରାଥମିକ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରିବା ସାଧାରଣ ପ୍ରଥା ଥିଲା ।

ସେହି ସମୟରେ ଅଳ୍ପ ଲୋକେ ଚିଠିପତ୍ର ପଠାଉଥିଲେ । ସମ୍ବାଦମାନ ଲୋକମୁଖରେ ପ୍ରେରିତ ହେଉଥିଲା । ଅତି ଅଳ୍ପସଂଖ୍ୟକ ଡାକଘର ଥିଲା । ଯେଉଁ ଅଳ୍ପ ସ୍ଥାନରେ ଥିଲା, ସେଠାରେ ଚିଠିପତ୍ର ହଜିଯିବା ଭୟରେ ଅନେକ ଡାକରେ ବେରିଂ ଚିଠି ପଠାଉଥିଲେ ଏବଂ ନିକଟବର୍ତ୍ତୀ ଗ୍ରାମରୁ ଲୋକେ ଡାକଘରକୁ ଆସି ନିଜ ନିଜ ଚିଠି ସଂଗ୍ରହକରି ନେଇଯାଉଥିଲେ । ଏହି ସକାଶେ ଦୂର ଗ୍ରାମର ପତ୍ର ଅନେକ ସମୟରେ ବିଳମ୍ବରେ ଲୋକଙ୍କ ହସ୍ତଗତ ହେଉଥିଲା । ପୋଷ୍ଟକାର୍ଡ଼ର ମୂଲ୍ୟ ପଇସାଏ, ଲଫାପାର ମୂଲ୍ୟ ଦୁଇପଇସା ଓ ମନିଅର୍ଡ଼ରର ନ୍ୟୂନତମ ଖର୍ଚ୍ଚ ଅଣାଏ ଥିଲା । ଗ୍ରାମର କଳି-ବିରୋଧ ଗ୍ରାମସ୍ଥ ପ୍ରଧାନ ପ୍ରଧାନ ଲୋକ ନିଜ ମଧ୍ୟରେ ସମାଧାନ କରିଦେଉଥିଲେ । ପଲ୍ଲୀବାସୀମାନେ କ୍ୱଚିତ୍ ମିଥ୍ୟା ମୋକଦ୍ଦମା ନେଇ ଅଦାଲତକୁ ଯାଉଥିଲେ । ଗ୍ରାମବାସୀମାନଙ୍କ ମଧ୍ୟରେ ଧର୍ମଭାବ ଓ ସାମାଜିକ ସଂସ୍କୃତି ପ୍ରତି ଅନୁରାଗ ପ୍ରବଳ ଥିଲା ଏବଂ ସମାଜ ବନ୍ଧନ ଦୃଢ଼ ଥିବାରୁ ସମାଜର ବିରୁଦ୍ଧାଚରଣ କରିବାକୁ କେହି ସାହସ କରୁନଥିଲେ । ସମାଜରେ ଉଚ୍ଚସ୍ତରର ଲୋକେ ନିମ୍ନସ୍ତରର ଲୋକଙ୍କ ପ୍ରତି ସହାନୁଭୂତି ପ୍ରକାଶ କରୁଥିଲେ ଏବଂ ଆମୋଦ, ପ୍ରମୋଦ, ଉତ୍ସବାଦିରେ ସେମାନଙ୍କ ସହିତ ମିଶିବାକୁ କୁଣ୍ଠିତ ହେଉ ନଥିଲେ । ଜାତିଭେଦ ପ୍ରଥା କଠୋର ଥିଲେ ମଧ୍ୟ ଉଚ୍ଚନୀଚ ସମ୍ପ୍ରଦାୟ ମଧ୍ୟରେ ସେମାନେ ପରସ୍ପର ସହିତ ସହଯୋଗିତା କରୁଥିଲେ । ପ୍ରତ୍ୟେକ ଗ୍ରାମରେ 'ଡେରାଘର' ବା ପାନ୍ଥଶାଳା ରକ୍ଷିତ ହୋଇଥିଲେ ସୁଦ୍ଧା ତାହା ସାଧାରଣତଃ ସରକାରୀ କର୍ମଚାରୀଙ୍କ ଗସ୍ତରେ ବ୍ୟବହୃତ ହେଉଥିବା ଯୋଗୁଁ ବିଦେଶୀ ଲୋକେ ଗ୍ରାମବାସୀଙ୍କ ଗୃହରେ ଆତିଥ୍ୟ ପ୍ରାପ୍ତ ହେଉଥିଲେ ଏବଂ ଅତିଥି ସେବାକରି ସମସ୍ତେ ଆନନ୍ଦ ଲାଭ କରୁଥିଲେ । କୌଣସି ସମୟରେ ବ୍ରାହ୍ମଣ ବା ଉଚ୍ଚବର୍ଣ୍ଣର ଅଥବା ସମ୍ଭ୍ରାନ୍ତ ଅତିଥି ଆସିଲେ ରନ୍ଧନ ସକାଶେ ସେମାନଙ୍କୁ ଚାଉଳ, ଡାଲି, ପରିବାଦି ପୂର୍ଣ୍ଣ ସିଧା ଦିଆ ହେଉଥିଲା । ଅସମୟରେ ସୁଦ୍ଧା ଅତିଥି ଆସିଲେ ଗୃହସ୍ଥ ତାହାପ୍ରତି ବିମୁଖ ହେଉନଥିଲେ । ଭିକ୍ଷୁକକୁ ପ୍ରତ୍ୟାଖ୍ୟାନ କରିବା ସକଳ ପକ୍ଷରେ ଲଜ୍ଜାର

Digitized by srujanika@gmail.com

ବିଷୟ ବୋଲି ବିବେଚିତ ହେଉଥିଲା । ସମୟ ସମୟରେ ପଶ୍ଚିମା ନାଗା ସନ୍ନ୍ୟାସୀଦଳ ଆସି ବଳାତ୍କାର ଆତିଥ୍ୟ ଦାବିଦ୍ୱାରା ଗ୍ରାମବାସୀମାନଙ୍କୁ ବିବ୍ରତ କରୁଥିଲେ ସୁଦ୍ଧା ସେମାନେ ସେମାନଙ୍କୁ ସମ୍ମାନ କରୁଥିଲେ ।

ପାଟଣା ରାଜ୍ୟ ମଧ୍ୟରେ ମୋର ଜନ୍ମସ୍ଥାନ ଆଗଲପୁର ଗ୍ରାମ ଅଳ୍ପ ବିସ୍ତର ଏହି ଛାଞ୍ଚରେ ଗଢ଼ା । ଏହା ଜମିଦାରଙ୍କ ରାଜଧାନୀ । ପାଞ୍ଚ ଛଅ ଶତ ଘର ବସତି; ବ୍ରାହ୍ମଣ, କରଣ ପ୍ରଭୃତି ପ୍ରାୟ ସବୁଜାତି ଲୋକଙ୍କ ବାସ, ତେବେ ଭୂଲିୟା (ତନ୍ତୀ)ଙ୍କ ସଂଖ୍ୟା ଅଧିକ । ପ୍ରାୟ ସମସ୍ତେ ଲୁଗା ବୁଣନ୍ତି ଏବଂ ତନ୍ତ ଲୁଗା ବ୍ୟବସାୟରେ ଏମାନେ ସମୃଦ୍ଧି-ସମ୍ପନ୍ନ । ଗ୍ରାମରେ ସାପ୍ତାହିକ ହାଟ ଛଡ଼ା ପ୍ରତ୍ୟହ 'ହଟଲୀ' ବସେ ଏବଂ ନିକଟବର୍ତ୍ତୀ ଗ୍ରାମମାନଙ୍କରୁ ଆସି ପଣ୍ୟଦ୍ରବ୍ୟ ବିକ୍ରୟ ହୁଏ । ବହୁଦିନରୁ ମାରୱାଡ଼ି ଆସି ଗ୍ରାମର ଚିରସ୍ଥାୟୀ ଅଧିବାସୀ ହୋଇ ରହିଯାଇଛନ୍ତି । ଏମାନଙ୍କ ମଧ୍ୟରେ ଗୁଲୁଜାରି ମଲ୍ ପାର୍ସିଭାଷାରେ ପଣ୍ଡିତ ଥିଲେ ଓ ଗ୍ରାମର ଜଣେ ଦୁଇଜଣ ଏହି ଭାଷା ତାଙ୍କଠାରୁ ଶିକ୍ଷା କରିଥିଲେ । ମୋ ପିଲାଦିନର ଉଚ୍ଚ ପ୍ରାଇମେରୀ ସ୍କୁଲ୍ ବର୍ତ୍ତମାନ ମଧ୍ୟଇଂରେଜୀ ପରେ ହାଇସ୍କୁଲ୍‌ରେ ପରିଣତ ହୋଇଅଛି । ଗ୍ରାମରେ ପୋଲିସ ଥାନା, ଡାକଘର ଓ ସରକାରୀ ଦାତବ୍ୟ ଚିକିତ୍ସାଳୟ ମଧ୍ୟ ଅଛି ।

ମହାରାଜା ହୀରାବ୍ରଜଧର ଦେଓଙ୍କ (୧୮୪୮-୧୮୬୬) ତୃତୀୟ ରାଣୀଙ୍କ ପୁତ୍ର ବୈଜଳ ସିଂହ ଓ ଅପର ପାଞ୍ଚଭାଇ ଆଗଲପୁର ସହିତ ଛସ୍ତରି ଖଣ୍ଡ ଗ୍ରାମ ଖୋରାକ ପୋଷାକରେ ପାଇଥିଲେ । ଜ୍ୟେଷ୍ଠ ବୈଜଳ ସିଂହ ଆଗଲପୁରରେ ରାଜଧାନୀ ସ୍ଥାପନ କଲେ ଏବଂ ଅପର ଭାଇମାନେ ମନୁପାଲି ଓ ଅନ୍ୟ ଗ୍ରାମମାନଙ୍କରେ ରହିଲେ । ଆଗଲପୁରର ପ୍ରକାଣ୍ଡ (ବୈ) ଜଳସାଗର ନାମକ ଜଳାଶୟ ଏହି ବୈଜଳ ସିଂହଙ୍କ କୀର୍ତ୍ତି । ମୋ ପିଲାଦିନେ ଏହା ପ୍ରଚୁର ଜଳପୂର୍ଣ୍ଣ ହୋଇ ରହୁଥିଲା; ବର୍ତ୍ତମାନ ପଙ୍କପୂର୍ଣ୍ଣ ହୋଇଯାଇଥିଲେ ହେଁ ଏହା ସର୍ବଦା ଗ୍ରାମବାସୀଙ୍କ ଜଳାଭାବ ଦୂର କରୁଅଛି । ଏହା ଉପରକୁ ସୁଦୀର୍ଘ ଆଡ଼ି (ହୁଡ଼ା) ବିଶିଷ୍ଟ ଆଉ ଏକ ଜଳାଶୟ ଅଛି । କେବେହେଁ ଏହାର ସଂସ୍କାର ହେଉନଥିବାରୁ ଏହାର ଜଳ ଆଉ ବ୍ୟବହାରୋପଯୋଗୀ ନୁହେଁ । ଏବେ ଏହା ମଧ୍ୟ ପୋତି ହୋଇଗଲାଣି । ଏହା କୂଳରେ ଶିବାଳୟ । ଗ୍ରାମର ଦକ୍ଷିଣ-ପୂର୍ବରେ ପ୍ରବାହିତ ଚିରସ୍ରୋତା ଅଙ୍ଗ ନଦୀ ଗ୍ରାମବାସୀଙ୍କୁ ନିର୍ମଳ ଜଳ ଯୋଗାଇ ଆସୁଅଛି । ନଦୀର 'ରାଜଘାଟ', 'ରଣାଘାଟ' ଅତ୍ୟନ୍ତ ରମଣୀୟ । ଗ୍ରାମରେ ଜଗନ୍ନାଥ ମନ୍ଦିର, ଶିବ ମନ୍ଦିର, ସନ୍ନ୍ୟାସୀ ମଠ, ମାତା ମଠ ଜମିଦାର ପରିବାରର ପୁଣ୍ୟମୟୀ କୀର୍ତ୍ତି ।

ଅଙ୍ଗ ନଦୀର ନାମକରଣ ସମ୍ବନ୍ଧରେ ପାଟଣାରେ ଏକ କିମ୍ବଦନ୍ତୀ ଶୁଣାଯାଏ । ଏହା ପୂର୍ବତନ ପାଟଣାରାଜ୍ୟ ଓ ସମ୍ବଲପୁରର ସୀମା । ନଦୀର ଉତ୍ତର ତଟରୁ ସମ୍ବଲପୁର ଓ ଦକ୍ଷିଣ ତଟରୁ ପାଟଣାରାଜ୍ୟ ବିସ୍ତୃତ ହୋଇଥିଲା । ପାଟଣାଧୀଶ୍ୱର ନରସିଂହ ଦେଓ (୧୫୪୯-୧୫୭୪)ଙ୍କ ଗର୍ଭବତୀ ରାଣୀଙ୍କ ପ୍ରସୂତି-ବେଦନା ଉପସ୍ଥିତ ହେଲାରୁ ଘୋର

Digitized by srujanika@gmail.com

ବୃଷ୍ଟିସମୟରେ ରାତ୍ରିରେ କନିଷ୍ଠ ଭ୍ରାତା ବଳରାମ ଦେବ ନଦୀ ସନ୍ତରଣ କରି ଅପରକୂଳସ୍ଥ ଗ୍ରାମରୁ ଧାଈକୁ ପିଠିରେ ବସାଇ ଆଣି ପ୍ରସୂତି-କାର୍ଯ୍ୟ ନିର୍ବାହ କରାଇଥିଲେ । ଏଥିଯୋଗୁଁ କନିଷ୍ଠ ଭ୍ରାତାଙ୍କ ସାହସ ଓ ଜ୍ୟେଷ୍ଠ ଭ୍ରାତାଙ୍କ ପ୍ରତି ଭକ୍ତିର ନିଦର୍ଶନ ସ୍ୱରୂପ ଅଙ୍ଗନଦୀର ଉତ୍ତର ପଟରୁ ମହାନଦୀ ପର୍ଯ୍ୟନ୍ତ ବିସ୍ତୃତ ଭୂଖଣ୍ଡ ତାଙ୍କୁ ଦାନ କରିଥିଲେ । ବଳରାମ ଦେବ ଉକ୍ତ ଭୂଖଣ୍ଡକୁ ଏକ ସ୍ୱତନ୍ତ୍ର ରାଜ୍ୟରେ ପରିଣତ କରି ନିଜକୁ ତହିଁର ଅଧିପତି ଘୋଷଣା କଲେ । କୃଷି ବାଣିଜ୍ୟ ଆଦି ସାହାଯ୍ୟରେ ନବ-ପ୍ରତିଷ୍ଠିତ ରାଜ୍ୟର ବିବିଧ ପ୍ରକାର ଉନ୍ନତି ଦେଖି ପରେ ନରସିଂହ ଦେବ ଖଳଲୋକଙ୍କ ପ୍ରରୋଚନାରେ ତାହାଙ୍କ ଦାନର ପ୍ରତ୍ୟାହାର ଘୋଷଣା କରି ରାଜ୍ୟ ତ୍ୟାଗକରି ପାଟଣାକୁ ଫେରିଆସିବା ସକାଶେ ବଳରାମ ଦେବଙ୍କୁ ଆଦେଶ ଦେଲେ । ବଳରାମ ଦେବ ଏଥିରେ ସ୍ୱୀକୃତ ନହେବାରୁ ନରସିଂହ ଦେବ ତାହାଙ୍କ ବିରୁଦ୍ଧରେ ସୈନ୍ୟ ପ୍ରେରଣ କଲେ । ଉଭୟ ଭ୍ରାତାଙ୍କ ମଧ୍ୟରେ ତୁମୂଳ ଯୁଦ୍ଧ ସଂଘଟିତ ହେଲା । ପରିଶେଷରେ ମା' ଗୋସାଣୀ (ରାଜମାତା) ଜନକ୍ଷୟ ତଥା ଭ୍ରାତୃଦ୍ୱୟଙ୍କ ମଧ୍ୟରେ କଳହ ନିବାରଣ ଉଦ୍ଦେଶ୍ୟରେ ନଦୀ ମଧ୍ୟରେ ପୂର୍ବାଭିମୁଖୀ ହୋଇ ବସି ଜ୍ୟେଷ୍ଠପୁତ୍ର ନରସିଂହ ଦେବଙ୍କୁ ଦକ୍ଷିଣ ଓ କନିଷ୍ଠ ପୁତ୍ର ବଳରାମ ଦେବଙ୍କୁ ବାମ ପାର୍ଶ୍ୱରେ ବସାଇ କହିଲେ, ''ଆଜିଠାରୁ ଏହି ନଦୀ ଉଭୟ ଭ୍ରାତାଙ୍କ ଅଧିକୃତ ରାଜ୍ୟର ସୀମା ହେଲା । ଏହା ଉଭୟେ ସ୍ୱୀକାର କର ଏବଂ ପ୍ରତିଶ୍ରୁତ ହୁଅ ଯେ, କେହି ଏହି ସୀମା ଲଂଘନ କରିବ ନାହିଁ; କଲେ ମାତୃଅଙ୍ଗ ଲଂଘନ କଲା ତୁଲ୍ୟ ବିବେଚିତ ହେବ ।'' ଏହିଦିନ ଠାରୁ ନଦୀ ମାତୃଅଙ୍ଗର ନାମାନୁସାରେ 'ଅଙ୍ଗ' ନାମର ବିଦିତ ହୋଇଅଛି । ଅଙ୍ଗ ନଦୀଠାରୁ ଉତ୍ତରରେ ମହାନଦୀ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ଭୂଖଣ୍ଡ ସମ୍ବଲପୁର ନାମରେ ପରିଚିତ ହେଲା । ବଳରାମ ଦେବଙ୍କ ବୀରତ୍ୱ ପ୍ରଭାବରେ କ୍ରମେ ମହାନଦୀର ଉତ୍ତରକୁ ଆହୁରି ବିସ୍ତୃତି ଲାଭକଲା ।

ବୈଜଲ ସିଂହଙ୍କ ତିନିପୁତ୍ର – ମଦନମୋହନ ସିଂହ, ଧ୍ରୁବରାଜ ସିଂହ ଓ ବଳିୟାର ସିଂହ । ପିତାଙ୍କ ମୃତ୍ୟୁ ପରେ ଜ୍ୟେଷ୍ଠପୁତ୍ର ମଦନମୋହନ ସିଂହ ଜମିଦାର ହେଲେ । ସେ ଅଳ୍ପ ବୟସରେ ଦେହତ୍ୟାଗ କରିବାରୁ ତାଙ୍କର ଏକମାତ୍ର ପୁତ୍ର ଚନ୍ଦ୍ରଶେଖର ସିଂହ ଜମିଦାରୀ ଲାଭକଲେ । କିନ୍ତୁ ସେହି ସମୟରେ ସେ ନାବାଳକ ଥିବାରୁ ଷ୍ଟେଟ୍ କର୍ତ୍ତୃପକ୍ଷ ପିତୃବ୍ୟ ଧ୍ରୁବରାଜ ସିଂହଙ୍କୁ ତାଙ୍କ ଅଭିଭାବକ ନିଯୁକ୍ତି କରି ଜମିଦାରୀ ତତ୍ତ୍ୱାବଧାନଭାର ଅର୍ପଣ କଲେ । ଧ୍ରୁବରାଜ ସିଂହ ପ୍ରବୀଣତା ସହକାରେ ଜମିଦାରୀ ଶାସନ କଲେ । ସେ ଜମିଦାରୀ ଓ ଜମିଦାର ପରିବାରର ଯଥେଷ୍ଟ ଉନ୍ନତି ସାଧନ କରିଥିଲେ । ପ୍ରଜାଗଣ ତାଙ୍କ ପ୍ରତି ଅତ୍ୟନ୍ତ ଅନୁରକ୍ତ ଥିଲେ । ପରିବାର ଓ ସମ୍ପତ୍ତି କ୍ଷୁଦ୍ର ହେଲେହେଁ ସେ ଗୋଟିଏ ଛୋଟ ରାଜା ପରି ରହୁଥିଲେ । ସବୁଦିନ ଘରେ ଦୁଇଘର ହାତୀ ଓ ପାଞ୍ଚ-ଛଅ ଗୋଟି ଘୋଡ଼ା ବନ୍ଧା ହୋଇଥିଲେ । ରାଜଚିହ୍ନ-ବିଶିଷ୍ଟ ପୋଷାକଧାରୀ ସିପାହୀ, ବରକନ୍ଦାଜ ଦଉଆନ ଓ

Digitized by srujanika@gmail.com

କର୍ମଚାରୀଗଣ ତାଙ୍କର ସେବା କରୁଥିଲେ । ଅତିଥି, ଅଭ୍ୟାଗତ, ସାଧୁ, ବୈଷ୍ଣବ ପ୍ରଭୃତି ଅତିଥିଗଣଙ୍କ ସେବା ଜମିଦାର ପରିବାରର ବିଶେଷତ୍ୱ ଥିଲା । ଦୁଃଖୀ ଦରିଦ୍ରଙ୍କ ପ୍ରତି ଧ୍ରୁବରାଜ ସିଂହଙ୍କ ଦାନଶୀଳ ହସ୍ତ ସର୍ବଦା ସମ୍ପ୍ରସାରିତ ହେଉଥିଲା । ସମ୍ମୁଖରେ ଜଗନ୍ନାଥ ମନ୍ଦିର । ରଥଯାତ୍ରା ସହିତ ବାରମାସକୁ ତେର ପର୍ବ ପାଳିତ ହେଉଥିଲା । କଟକ ଅଞ୍ଚଳରୁ ପଣ୍ଡିତ, ଜ୍ୟୋତିଷ ଓ ଶାସ୍ତ୍ରଜ୍ଞମାନେ, ପାଲା, ନାଚଦଳ ଆସି ପ୍ରତିବର୍ଷ ଯଥେଷ୍ଟ 'ବିଦାକି' ଘେନି ଯାଉଥିଲେ । ପ୍ରତିବର୍ଷ ଗ୍ରୀଷ୍ମକାଳରେ ଅପରାହ୍ଣ ଗ୍ରାମବାସୀମାନଙ୍କ ଦ୍ୱାରା ପରିବୃତ ହୋଇ ପୁରାଣପାଠ ଶ୍ରବଣରେ ଅତିବାହିତ ହେଉଥିଲା । ଧ୍ରୁବରାଜ ସିଂହ ଷ୍ଟେଟ୍‌ର ଜଣେ ଅବୈତନିକ ମାଜିଷ୍ଟ୍ରେଟ୍ ଥିଲେ ଓ ଆଗଲପୁରରେ ତାଙ୍କ ଫୌଜଦାରୀ ଓ ଦେବାନି ଅଦାଲତ ଥିଲା । ତାଙ୍କ ନିରପେକ୍ଷ ବିଚାର ଆଜି ସୁଦ୍ଧା ଲୋକେ ସ୍ମରଣ କରନ୍ତି ।

୧୯୦୬ ସାଲର କଥା । ସେତେବେଳେ ମୁଁ କଟକ ରେଭେନ୍‌ସା କଲେଜରେ ବି.ଏ. କ୍ଲାସ୍‌ର ଛାତ୍ର । ଗ୍ରୀଷ୍ମକାଳରେ ଘରକୁ ଆସିଥିଲି । ତହିଁର ପୂର୍ବବର୍ଷ ଚନ୍ଦ୍ରଶେଖର ସିଂହ ଓ ଧ୍ରୁବରାଜ ସିଂହଙ୍କ ଜ୍ୟେଷ୍ଠପୁତ୍ର ଲକ୍ଷ୍ମୀନାରାୟଣ ସିଂହ ରାୟପୁର ରାଜକୁମାର କଲେଜକୁ ଯାଇଥିଲେ । ସେମାନେ ମଧ ଗ୍ରୀଷ୍ମାବକାଶରେ ଘରକୁ ଆସିଥିଲେ । ମୁଁ ଲକ୍ଷ୍ୟକଲି, ଯେତେବେଳେ ଓଦା ଗାମୁଛା ଦେହରେ ପକାଇ ସମସ୍ତେ ନିଜ ନିଜ ଘରର ଅନ୍ଧାର ଶୀତଳ କୋଣ ଖୋଜୁଛନ୍ତି, ଦିନେ ଦିନେ ସେହି ମଧ୍ୟାହ୍ନ ଓ ଅପରାହ୍ଣ ସମୟରେ ରାଜପୁତ୍ରଦ୍ୱୟ ରାଜକୁମାର କଲେଜର ଅଭ୍ୟସ୍ତ ଗରମ ପେଣ୍ଟ୍, କୋଟ୍ ପିନ୍ଧି ଘର୍ମାକ୍ତ କଳେବରରେ ଆଜି ଭୁଲିୟା ପଡ଼ା, କାଲି ଗଉଡ଼ ପଡ଼ା ପ୍ରଭୃତିରେ ଲୋକଙ୍କୁ ଆକର୍ଷଣ କରି ଦାଣ୍ଡପିଣ୍ଡାମାନଙ୍କରେ ବସି ରାଜକୁମାର କଲେଜରେ ଘୋଡ଼ା ଚଢ଼ା, ବନ୍ଧୁକମରା, ଫୁଟବଲ୍ ଖେଳ ପ୍ରଭୃତିରେ ନିଜ ନିଜର କୃତିତ୍ୱ ବର୍ଣ୍ଣନା କରୁଥାନ୍ତି । ମୁଁ ଶୁଣିଥିଲି, ରାଜକୁମାର କଲେଜ୍‌ର ରାଜପୁତ୍ର ଛାତ୍ରମାନଙ୍କୁ ଏ ସମସ୍ତ ବିଦ୍ୟା ଓ ପାଠ ଅପେକ୍ଷା ଶାଠ ଅଧିକ ଶିକ୍ଷା ଦିଆହୁଏ । ଜମିଦାର ପୁତ୍ରଦ୍ୱୟଙ୍କୁ ଦେଖି ମୋର ସେହି ବିଶ୍ୱାସ ଦୃଢ଼ୀଭୂତ ହେଲା । ଥରେ ରାଜାମାନଙ୍କ ଦାବିରେ ରାଜକୁମାର କଲେଜ ପାଟଣା ବିଶ୍ୱବିଦ୍ୟାଳୟର ଅନ୍ତର୍ଭୁକ୍ତ ହେଲା । ସେତେବେଳେ ମଧ୍ୟପ୍ରଦେଶର କୌଣସି ସ୍ଥଳରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହୋଇନଥିଲା । ଉକ୍ତ କଲେଜର ଛାତ୍ରମାନେ କେହି ପାଟଣା ବିଶ୍ୱବିଦ୍ୟାଳୟର ମେଟ୍ରିକ୍ୟୁଲେଶନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରିଲେ ନାହିଁ । ତପ୍ରରେ କଲେଜର କାର୍ଯ୍ୟକ୍ରମ ପୂର୍ବବତ୍ ଚାଲିଲା । ଶିକ୍ଷାପ୍ରତି ଧ୍ରୁବରାଜ ସିଂହଙ୍କ ଅନୁରାଗ ଥିଲା । ସେ ମୋତେ ଅତ୍ୟନ୍ତ ସ୍ନେହ କରୁଥିଲେ । ଛୁଟିରେ ଘରକୁ ଗଲେ ମୋତେ ଡାକିନେଇ ମୁଁ ପଢୁଥିବା ପାଠ ବିଷୟରେ ଗଭୀର ଅନୁସନ୍ଧିତ୍ସା ପ୍ରକାଶ କରୁଥିଲେ । ପ୍ରତ୍ୟହ ଅନ୍ତତଃ ଥରେ ତାଙ୍କ ସହିତ ସାକ୍ଷାତକରି କେବଳ ପାଠ ବିଷୟରେ ତାଙ୍କ ସହିତ ଗଳ୍ପ କରିବା ସୁଯୋଗ ମୁଁ ତାଙ୍କଠାରୁ ପ୍ରାପ୍ତ ହେଉଥିଲି । ପାଟଣା ଷ୍ଟେଟ୍‌ର ମୁଁ ଉଚ୍ଚଶିକ୍ଷା ସକାଶେ ଦୂରସ୍ଥାନକୁ ଯାଇଥିବା ଏକମାତ୍ର ଛାତ୍ର ବୋଲି

Digitized by srujanika@gmail.com

ସମସ୍ତଙ୍କ ଆଗରେ ମୋର ପ୍ରଶଂସାକରି ଗ୍ରାମବାସୀ ଅନ୍ୟ ବାଳକମାନଙ୍କୁ ମୋର ଆଦର୍ଶ ଅନୁକରଣ କରିବାପାଇଁ ଉପଦେଶ ଦେଉଥିଲେ । ତାଙ୍କ ଇଚ୍ଛାକ୍ରମେ ଦିନେ ଦିନେ ତାଙ୍କ ପୁତ୍ରଙ୍କୁ କିଛି କିଛି ପଢ଼ାଇଦିଏ । ତାଙ୍କ ଇଂରେଜୀ ଶିକ୍ଷା ସର୍ବପ୍ରଥମ ମୋ ହସ୍ତରେ ଆରମ୍ଭ ହେଲା । ସେ ତ ରାଜପୁତ୍ର ଆଉ ମୁଁ ଗରିବ ବ୍ରାହ୍ମଣ ପିଲା । ଦିନେ ମୋ ପ୍ରତି ଅଶିଷ୍ଟ ଆଚରଣ କଲେ । ଯାହାଙ୍କ ସଙ୍ଗେ ମୁଁ ଖେଳୁଥିଲି ବୁଲୁଥିଲି, ଯାହା ପ୍ରତି କେବଳ ଶିକ୍ଷା ଯୋଗୁଁ ପିତାଙ୍କର ଏତେ ସ୍ନେହ ଆଦର, ରାଜକୁମାର କଲେଜ ଫେରନ୍ତା ରାଜପୁତ୍ର ତାହାଙ୍କୁ ଆଡ଼ଚକ୍ଷୁରେ ସୁଦ୍ଧା ଅନାଉନାହାନ୍ତି ଦେଖି ମନେହେଲା, ରାଜପୁତ୍ରମାନେ ସାଧାରଣ ଗୃହର ପିଲାମାନଙ୍କଠାରୁ ଦୂରରେ ରହି ନିଜ ନିଜକୁ ଏକ ସ୍ୱତନ୍ତ୍ର ଗୋଷ୍ଠିଭୁକ୍ତ ମନେକରି ଅମନୁଷ୍ୟ ହୋଇଯାଉଅଛନ୍ତି । ଏଥିରୁ ଏହାଙ୍କୁ ଉଦ୍ଧାର କରିବା କଳ୍ପନା ମୋ ମନରେ ଜାଗ୍ରତ ହେଲା । ୧୯୦୫ ମସିହାରେ ବଙ୍ଗଦେଶର ଅଙ୍ଗଚ୍ଛେଦ ହେବାପରେ ସମଗ୍ର ଭାରତବର୍ଷରେ ସାର୍ବଭୌମ ବିଦେଶୀ ଶାସକ ଗୋଷ୍ଠି ଏବଂ ତାହାଙ୍କ ଶାସନ-ସମର୍ଥକ ସମସ୍ତ ସମ୍ପ୍ରଦାୟପ୍ରତି ବିଦ୍ୱେଷାତ୍ମକ ବାତ୍ୟା ପ୍ରବାହିତ ହୋଇଗଲାଣି ।

ସୁଯୋଗ ଦେଖି ଦୁଇ ଚାରି ଦିନ ପରେ ଧ୍ରୁବରାଜ ସିଂହଙ୍କ ସହିତ ସାକ୍ଷାତ ସମୟରେ ତାଙ୍କ ପୁତ୍ର ଆଉ ରାଜକୁମାର କଲେଜକୁ ନଯାଇ ସାଧାରଣ ପିଲାଙ୍କ ସଙ୍ଗେ ରହି ପଢ଼ିଲେ ଓ ସେମାନଙ୍କ ସହିତ ମିଶିଲେ ତାହାଙ୍କ ଭବିଷ୍ୟତ ଜୀବନ ମଙ୍ଗଳମୟ ହେବ - ଏହି ବିଶ୍ୱାସ ଜନ୍ମାଇବାକୁ ଚେଷ୍ଟାକଲି; ତାଙ୍କୁ ସମ୍ବଲପୁର ଜିଲ୍ଲା ସ୍କୁଲ୍‌କୁ ପଠାଇବା ପାଇଁ ପରାମର୍ଶ ଦେଲି । ସେ କହିଲେ, ତାହାଙ୍କର ମଧ୍ୟ ସେହି ଇଚ୍ଛା । କିନ୍ତୁ ପଲିଟିକାଲ୍ ଏଜେଣ୍ଟଙ୍କ ହୁକୁମରେ ସେ, ରାଜକୁମାର କଲେଜକୁ ଯାଇଥିବାରୁ ସେଠାରୁ ପିଲାଙ୍କୁ କାଢ଼ିଆଣିବା କଷ୍ଟକର ବୋଲି ସନ୍ଦେହ ପ୍ରକାଶ କଲେ । ମୁଁ ପୁଣି କହିଲି ଯେ, ତାଙ୍କ ପୁତ୍ର ତ ଜମିଦାର ହେବେନାହିଁ । ସୁତରାଂ ତାଙ୍କ ସମ୍ବନ୍ଧରେ ଚେଷ୍ଟା କରାଯାଇପାରେ । ପଲିଟିକାଲ୍ ଏଜେଣ୍ଟଙ୍କୁ ଖଣ୍ଡେ ପତ୍ରର ଚିଠା କରିଦେଲି, ତାହା ତାଙ୍କୁ ଶୁଣାଇଦେଲି ଓ ତାହା ସେ ଅନୁମୋଦନ କରି ପଠାଇଦେଲେ । ଗ୍ରୀଷ୍ମାବକାଶ ଶେଷ ନହେଉଣୁ ତାହାର ଉତ୍ତର ଆସିଲା ଯେ, ଏଥିରେ ଆପତ୍ତି ନାହିଁ । ମନେ ମନେ ଭାବିଲି, ମୋର କଳ୍ପନା ସଫଳ ହେଲା । ଗ୍ରୀଷ୍ମାବକାଶ ପରେ କଲେଜକୁ ଚାଲିଗଲି । ଏହା ଉତ୍ତାରେ ପୂଜାଛୁଟିରେ ସମ୍ବଲପୁରକୁ ଆସି ଯାହା ଦେଖିଲି ତହିଁରେ ମୋ ମନରେ ଅତ୍ୟନ୍ତ ତୃପ୍ତି ଜାତହେଲା । ଲକ୍ଷ୍ମୀନାରାୟଣ ସିଂହ ସମ୍ବଲପୁର ଜିଲ୍ଲା ସ୍କୁଲ୍‌ରେ ଭର୍ତ୍ତି ହୋଇଛନ୍ତି । ମୋତେ ଦେଖିଲା ମାତ୍ରକେ ହାତଯୋଡ଼ି ନମସ୍କାର କଲେ । ଚାକରବାକର ନେଇ ଗୋଟିଏ ସ୍ୱତନ୍ତ୍ର ବସାକରି ରହିଛନ୍ତି । ମୋ ପରିଚିତ ଜିଲ୍ଲାସ୍କୁଲ୍‌ର ଶିକ୍ଷକମାନଙ୍କଠାରୁ ପଢ଼ାପଢ଼ିରେ ତାଙ୍କ ମନଯୋଗ ଓ ସଦ୍‌ବ୍ୟବହାର ବିଷୟ ମଧ୍ୟ ଶୁଣିଲି । ୧୯୦୯ ମସିହାରେ ସବ୍‌ଡେପୁଟି କଲେକ୍ଟର ପଦରେ ସମ୍ବଲପୁରରେ ଅବସ୍ଥାପିତ ହୋଇ ରହିଲି । ସେହି ସମୟରେ ଧ୍ରୁବରାଜ ସିଂହ

Digitized by srujanika@gmail.com

ପୁତ୍ରର ଶିକ୍ଷାଭାର ଅର୍ପଣ କରି ମୋତେ ତାହାଙ୍କ ଅଭିଭାବକତ୍ୱ ପ୍ରଦାନକଲେ । ମୁଁ ମଧ୍ୟ ତାହାଙ୍କ ବିଶେଷ ଯତ୍ନ କରିବାକୁ ଲାଗିଲି । ଯଥାସମୟରେ ସେ କୃତିତ୍ୱ ସହକାରେ ମେଟ୍ରିକ୍ୟୁଲେଶନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ଆଇ.ଏ., ବି.ଏ. ଓ ପରିଶେଷରେ ବି.ଏଲ୍. ପରୀକ୍ଷାରେ ମଧ୍ୟ ଉତ୍ତୀର୍ଣ୍ଣ ହେଲେ ଏବଂ କେତେକ ବର୍ଷ ଷ୍ଟେଟ୍‌ର ସିଭିଲ୍ ଅଫିସର ପଦରେ ନିଯୁକ୍ତହୋଇ ରହିଲେ । ସେ ଆଉ ଇହ ଜଗତରେ ନାହାଁନ୍ତି । ଜମିଦାର ଚନ୍ଦ୍ରଶେଖର ସିଂହ ମଧ୍ୟ ନାହାଁନ୍ତି । ଅଛନ୍ତି ତାଙ୍କ ତିନିପୁତ୍ର । ଦେଶର ନବ ପରିସ୍ଥିତିରେ ଜମିଦାରୀ ମଧ୍ୟ ଆଉ ନାହିଁ । ଜମିଦାର ପରିବାରର ବିଭବ ସୁଦ୍ଧା ଲୁପ୍ତ ହୋଇଅଛି । ଆଜି ଭଗ୍ନ, ବିଧ୍ୱସ୍ତ ରାଜପ୍ରାସାଦ ଦେଖିଲେ ମନେହୁଏ – କାଳର କି ଦୁର୍ଦ୍ଦମନୀୟ ପ୍ରଭାବ !

ପୁଣି ଆଜି ମନେହୁଏ, ସେ କାଳର ଲୋକଙ୍କ ଜୀବନଯାପନ ପ୍ରଣାଳୀ । ଗ୍ରାମର ଅଧିକାଂଶ ଲୋକେ ଚାଷୀ ଥିଲେ । କିନ୍ତୁ କାହାରି ଅବସ୍ଥା ସ୍ୱଚ୍ଛଳ ନଥିଲା । ଜମିଦାର ପରିବାରର ବଦାନ୍ୟତା ଉପରେ ଅନେକେ ନିର୍ଭର କରୁଥିଲେ । ଗ୍ରାମରେ ଅଫିମ କେବଳ ଗ୍ରାମବାସୀଙ୍କ ସର୍ବନାଶ ସାଧନ କରୁଥିଲା । ଆଜିକାଲି ଅଫିମର ମୂଲ୍ୟ ତୋଳାକୁ ଦଶ-ଏଗାର ଟଙ୍କା । ସେ ସମୟରେ ମୂଲ୍ୟ ଥିଲା ମାତ୍ର ପାଞ୍ଚଅଣା । ଏ ଅଞ୍ଚଳରେ ଲୋକଙ୍କ ବିଶ୍ୱାସ, ଶିଶୁ ପକ୍ଷରେ ଅଫିମ ରୋଗର ଧନ୍ୱନ୍ତରୀ । ସଦ୍ୟ-ପ୍ରସୂତ ଶିଶୁକୁ ଅଫିମ ଦିଆଯାଏ । ଏଥିରେ ସେ ଶୋଇପଡ଼େ ଓ ମା' ଘରକାମ କରିବାକୁ ସମୟ ପାଏ । ଆଧୁନିକ ସରକାର ଦେଶରୁ ଅଫିମ ବିକ୍ରୟ ବନ୍ଦକରି ଦେଶବାସୀଙ୍କର ପରମ କଲ୍ୟାଣ ସାଧନ କରିଅଛନ୍ତି ।

ସେହି ସମୟରେ ସବୁ ଜିନିଷ ଶସ୍ତା ଥିଲା । ଚାଉଳ ଥିଲା ଟଙ୍କାକୁ ଦୁଇ ଖଣ୍ଡି (ଏକ ମହଣ) ଏବଂ ଏହି ଅନୁପାତରେ ଅନ୍ୟାନ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ମୂଲ୍ୟ । ଜିନିଷପତ୍ରର ପର୍ଯ୍ୟାପ୍ତି, କିନ୍ତୁ ପଇସାର ଅଭାବ ଥିଲା । କଉଡ଼ି ପ୍ରଚଳିତ ଥିଲା । 'ହଟଲୀ'କୁ ପଇସାଟିଏ ନେଇ ଜଣେ ଗରିବ ଗୃହସ୍ଥ ତିନିବୋଡ଼ି କଉଡ଼ିରେ ଓଳିକର ଲୁଣ, ତେଲ, ସୋରିଷ, ପରିବା ଆଣି ଚଳିପାରୁଥିଲା । ଉଚ୍ଚଶିକ୍ଷା ସକାଶେ ଲୋକଙ୍କ ସୁବିଧା ବା ଆଗ୍ରହ ନଥିଲେ ହେଁ ପାଟଣା ଷ୍ଟେଟ୍ ମଧ୍ୟରେ ଆଗଲପୁରବାସୀ ସେହି ସମୟରେ ସୁଦ୍ଧା ସାଧାରଣ ଶିକ୍ଷାପ୍ରାପ୍ତ ହୋଇ ଶାସନର ବିଭିନ୍ନ ବିଭାଗରେ ନିଯୁକ୍ତିପ୍ରାପ୍ତ ହେଉଥିଲେ । ପୂର୍ବେ ଯେପରି ଅଳ୍ପ ଶିକ୍ଷା ପ୍ରାପ୍ତ, ଆଜି ସେହିପରି ଉଚ୍ଚଶିକ୍ଷାପ୍ରାପ୍ତ ଗ୍ରାମବାସୀ ସମାଜର ବିଭିନ୍ନ ବିଭାଗରେ ଉପଯୁକ୍ତ ସ୍ଥାନ ଗ୍ରହଣ କରିଅଛନ୍ତି, ସେମାନଙ୍କ ମଧ୍ୟରେ ଉଚ୍ଚପଦସ୍ଥ ରାଜକର୍ମଚାରୀ, ଓକିଲ, ଡାକ୍ତର, କବିରାଜ, ଜ୍ୟୋତିଷ, ସଂସ୍କୃତଜ୍ଞ ପଣ୍ଡିତ ଉଲ୍ଲେଖଯୋଗ୍ୟ ।

Digitized by srujanika@gmail.com

ପାଟଣାରେ ଶିକ୍ଷାପଦ୍ଧତି

ପୂର୍ବେ କୁହାଯାଇଅଛି ଯେ ପାଟଣା ଷ୍ଟେଟ୍‌ରେ ୧୯୦୫ ମସିହା ଅକ୍ଟୋବର ତା ୧୫ରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଶାସନ ପ୍ରବର୍ତ୍ତିତ ଥିଲା । ପଲିଟିକାଲ୍ ଏଜେଣ୍ଟ ରହୁଥିଲେ ଛତିଶଗଡ଼ ବିଭାଗର ରାଜଧାନୀ ରାୟପୁରରେ । ତାଙ୍କ ଅଧୀନରେ ଥିଲା ପାଟଣା, ସୋନପୁର, କଳାହାଣ୍ଡି, ବାମଣ୍ଡା ଓ ରେଢ଼ାଖୋଲ – ଏହି ପାଞ୍ଚଟି ଓଡ଼ିଆ ରାଜ୍ୟ । ପାଟଣା ଷ୍ଟେଟ୍‌ର ସମସ୍ତ ସ୍କୁଲ୍ ଥିଲା ଉଚ୍ଚପ୍ରାଥମିକ; କେବଳ ବଲାଙ୍ଗିରରେ ଏକମାତ୍ର ମଧ-ଇଂରେଜୀ ସ୍କୁଲ ଥିଲା । ଉଚ୍ଚ ପ୍ରାଇମେରୀ ସ୍କୁଲ୍‌ରେ ଚାରିଶ୍ରେଣୀ; ପ୍ରଥମ ଶ୍ରେଣୀରେ ବର୍ଣ୍ଣଶିକ୍ଷା ଆରମ୍ଭ କରି ପ୍ରଥମପାଠ, ଷୋହଳ ଖନ୍ଦା ପର୍ଯ୍ୟନ୍ତ ପଣକିଆ ଓ ଗଣିତରୁ କିଛି । ଦ୍ୱିତୀୟଶ୍ରେଣୀରେ ସାହିତ୍ୟ ଦ୍ୱିତୀୟ ପାଠ ଓ ଗଣିତ; ତୃତୀୟ ଶ୍ରେଣୀରେ ସାହିତ୍ୟ ତୃତୀୟ ପାଠ, ଆହୁରି ଉଚ୍ଚ ଗଣିତ ଓ ଚତୁର୍ଥ ଶ୍ରେଣୀରେ ଚତୁର୍ଥ ପାଠ, ଗଣିତ, ମଧ୍ୟପ୍ରଦେଶର ସମୁଦାୟ ଓ ଭାରତବର୍ଷର କିଛି ଭୂଗୋଳ ଓ ସ୍ୱାସ୍ଥ୍ୟରକ୍ଷା ପଢ଼ା ହେଉଥିଲା । ତୃତୀୟ ଓ ଚତୁର୍ଥ ଶ୍ରେଣୀର ସାହିତ୍ୟ କିଛି ଉଚ୍ଚସ୍ତରର, ଗଦ୍ୟାଂଶ ସୀତାନାଥ ରାୟଙ୍କ ପ୍ରଣୀତ ଓ ପଦ୍ୟାଂଶରୁ କବିବର ରାଧାନାଥ ରାୟଙ୍କ ନନ୍ଦିକେଶ୍ୱରୀ, ପ୍ରଭାତ ବର୍ଣ୍ଣନା, ଚନ୍ଦ୍ରଭାଗାର ସମୁଦ୍ରକୂଳରେ ସନ୍ଧ୍ୟା, ପାର୍ବତୀର ସର୍ବଗ୍ରାସୀ କାଳ, ଶିବାଜୀଙ୍କର ଉତ୍ସାହବାଣୀ, ମହାଯାତ୍ରାରୁ କିଛି ସନ୍ନିବିଷ୍ଟ ଥିଲା । ସେହି ସମୟରେ ଶିକ୍ଷକମାନଙ୍କୁ ଶିକ୍ଷକତା ସମ୍ବନ୍ଧରେ କୌଣସିଠାରେ ଶିକ୍ଷାଦେବା ବ୍ୟବସ୍ଥା ନଥିଲା । ତତ୍‌କାଳୀନ ନିୟମାନୁସାରେ ଅପର ପ୍ରାଇମେରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଆଉ ଦୁଇବର୍ଷ ପଢ଼ି ଯେଉଁମାନେ ମଧ ଓଡ଼ିଆ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଥିଲେ ସେମାନେ ଶିକ୍ଷକତା ସକାଶେ ଉପଯୁକ୍ତ ବିବେଚିତ ହୋଇ ଶିକ୍ଷକ କାର୍ଯ୍ୟରେ ନିଯୁକ୍ତ ହେଉଥିଲେ । ଉଚ୍ଚ ପ୍ରାଇମେରୀ ସ୍କୁଲର ଦରମା ଥିଲା, ପ୍ରଧାନ ଶିକ୍ଷକଙ୍କର ଆଠ, ନଅ ଟଙ୍କା ଓ ତାଙ୍କ ସହକାରୀ ଶିକ୍ଷକଙ୍କର ପାଞ୍ଚଟଙ୍କା । ପ୍ରାୟ ପ୍ରତ୍ୟେକ ସ୍କୁଲରେ ଜଣେ ଲେଖାଏଁ ଉଚ୍ଚ ପ୍ରାଇମେରୀ ପାସ୍‌କରା 'ମନିଟର୍' ରହୁଥିଲେ । ତାଙ୍କ ଦରମା ଦୁଇଟଙ୍କା । ମନିଟର୍‌ଙ୍କ ପ୍ରଧାନ କାମ ଥିଲା ପିଲାଙ୍କୁ ସ୍କୁଲକୁ ଡାକି ଆଣିବା ଓ ତଳ ଶ୍ରେଣୀରେ କିଛି କିଛି ପଢ଼ାଇବା । ସମଗ୍ର ଷ୍ଟେଟ୍‌ର ଶିକ୍ଷକମାନଙ୍କ ମଧ୍ୟରେ କାର୍ଯ୍ୟରେ ପ୍ରତିଯୋଗିତାର ବ୍ୟବସ୍ଥା ଥିଲା । ନିଜ ନିଜ ସ୍କୁଲର ଉଚ୍ଚ ପ୍ରାଇମେରୀ ପରୀକ୍ଷାର ଫଳ ଉପରେ ସେମାନଙ୍କ ବେତନର ପରିମାଣ ନିର୍ଦ୍ଦିଷ୍ଟ ହେଉଥିଲା । ଏହି ନିୟମାନୁସାରେ ପ୍ରତିବର୍ଷ ସେମାନଙ୍କ ବେତନ-ପରିବର୍ତ୍ତନ

Digitized by srujanika@gmail.com

ହେଉଥିଲା । ଅର୍ଥାତ୍ ସମଗ୍ର ଷ୍ଟେଟ୍‌ର ଶିକ୍ଷକମାନଙ୍କ ବେତନ ସକାଶେ ବଜେଟ୍‌ରେ ନିର୍ଦ୍ଦିଷ୍ଟ ହୋଇଥିବା ଟଙ୍କାରୁ ଯେ ଯେତେ ବେତନ ପାଉଥିଲେ । ଯାହାର ସ୍କୁଲ୍‌ର ଫଳ ଭଲ ହେଉଥିଲା, ସେ ଉଚ୍ଚ ହାରରେ ବେତନ ପାଉଥିଲେ । ଉଚ୍ଚହାରରେ ବେତନ ପାଉଥିବା ଶିକ୍ଷକଙ୍କ ସ୍କୁଲର ଫଳ କୌଣସି ବର୍ଷ ଭଲ ନହେଲେ ତାଙ୍କ ଦରମାରୁ କାଟି ପୂର୍ବକଥିତ ଶିକ୍ଷକଙ୍କ ଦରମା ସେହି ପରିମାଣରେ ବୃଦ୍ଧି ହେଉଥିଲା । ଏଥି ସକାଶେ ଶିକ୍ଷକମାନେ ପ୍ରାଣପଣେ ଲାଗି ପିଲାଙ୍କୁ ଯତ୍ନ ନେଇ ପଢ଼ାଉଥିଲେ, ଯେହେତୁ ଅଯତ୍ନର ଫଳ ସେମାନଙ୍କୁ ସଦ୍ୟ ଭୋଗ କରିବାକୁ ହେଉଥିଲା ।

ପିଲାମାନଙ୍କର ସୁଦ୍ଧା ପାଠରେ ହେଳା କରିବା ଉପାୟ ନଥିଲା ଓ ଏହି ଦିଗରେ ପିଲାଙ୍କ ଅଭିଭାବକମାନେ ବି ସଯତ୍ନ ହେଉଥିଲେ । ପିଲା ଥରେ ସ୍କୁଲରେ ନାମ ଲେଖାଇଲେ ସ୍କୁଲର ବନ୍ଧନ ମଧ୍ୟରେ ଜଡ଼ିତ ହେଉଥିଲା । ଯେଉଁ ଗ୍ରାମରେ ସ୍କୁଲ ସ୍ଥାପିତ ହେଉଥିଲା ସେହି ଗ୍ରାମର ପିଲାଙ୍କୁ ପଢ଼ିବାପାଇଁ ବାଧ୍ୟ କରାହେଉଥିଲା । ଅନୁପସ୍ଥିତି ଓ ପାଠରେ ଅବହେଳା ବ୍ୟାଧିର ଔଷଧ ନିର୍ମମ ମାଡ଼, ବେତ୍ରାଘାତ ଓ ଶିକ୍ଷକ ବିଶେଷଙ୍କ ଦ୍ୱାରା ଆବିଷ୍କୃତ ଦଣ୍ଡ, ବୈଠକ, ନାନାପ୍ରକାର ଆସନ ଓ ଅବୟବ-ଚାଳନ ବ୍ୟବସ୍ଥା ଥିଲା । ଦୀର୍ଘକାଳ ପର୍ଯ୍ୟନ୍ତ ଅନୁପସ୍ଥିତ ରହୁଥିବା ପିଲାଙ୍କ ଅଭିଭାବକମାନଙ୍କୁ ୨୫ ମାଇଲ ଦୂରବର୍ତ୍ତୀ ପାଟଣା ରାଜଧାନୀ ବଲାଙ୍ଗିରକୁ ଧରି ନିଆଯାଉଥିଲା ଓ ସେଠାରେ ହାକିମମାନଙ୍କ ଘରେ ଛୋଟ ଚାକରର କାର୍ଯ୍ୟରେ କିଛିଦିନ ରହିଲା ପରେ ମୁଚାଲିକା ନେଇ ଅଥବା ଅନ୍ୟପ୍ରକାର ଧମକ ଚମକ ଚଳାଇ ଛାଡ଼ି ଦିଆହେଉଥିଲା । ତହସିଲଦାର ଓ ଅନ୍ୟାନ୍ୟ ହାକିମମାନେ ସୁଦ୍ଧା ମଫସଲ ଗସ୍ତ ସମୟରେ ସ୍କୁଲ ପିଲାଙ୍କ ଉପସ୍ଥିତି ପ୍ରତି ଦୃଷ୍ଟି ଦେଉଥିଲେ । ପ୍ରାଥମିକ ଶିକ୍ଷା ଥିଲା ସମ୍ପୂର୍ଣ୍ଣ ଅବୈତନିକ, ପକ୍ଷାନ୍ତରେ ଯୋଗ୍ୟ ଗରିବ ପିଲାଙ୍କୁ ବହି, ସ୍ଲେଟ୍ ଆଦି ଦିଆହେଉଥିଲା । ଡେପୁଟି ଇନସ୍‌ପେକ୍ଟର ଗସ୍ତ ସମୟରେ ବହି, ସ୍ଲେଟ୍, ଛୁରୀ, ପେନ୍‌ସିଲ୍, କଲମ, ଚାଦର ଆଦି ଆଣୁଥିଲେ ଓ ପିଲାଙ୍କୁ ପରୀକ୍ଷା କରି ଯୋଗ୍ୟତାନୁସାରେ ସେ ସବୁ ସେମାନଙ୍କ ମଧ୍ୟରେ ବିତରଣ କରୁଥିଲେ ।

ଆଗଲପୁର ଉଚ୍ଚ ପ୍ରାଇମେରୀ ସ୍କୁଲର ପ୍ରଧାନଶିକ୍ଷକ ଥିଲେ ଆମ୍ଭ ଗ୍ରାମର ଶ୍ରୀ ଲିଙ୍ଗରାଜ ଗୁରୁ । ଏଡ଼େ ପ୍ରବୀଣ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଆଜିଯାଏ ମୁଁ ଦେଖିନାହିଁ । ତାଙ୍କ ଶିକ୍ଷା ଦେବା ରୀତି ଯେପରି ବିଷୟ ଜ୍ଞାନ ମଧ୍ୟ ସେପରି । ତାଙ୍କ ଶିକ୍ଷାଦାନ ପ୍ରଭାବରେ ସେହି ସମୟରେ ଆଗଲପୁର ସ୍କୁଲ୍ ଷ୍ଟେଟ୍ ମଧ୍ୟରେ ସର୍ବୋଚ୍ଚ କୋଟିର ସ୍କୁଲ ବୋଲି ପରିଚିତ ହୋଇଥିଲା । ଉଚ୍ଚ ପ୍ରାଇମେରୀ ପରୀକ୍ଷାର ଦୁଇ ତିନିମାସ ପୂର୍ବରୁ ପଣ୍ଡିତ ଲିଙ୍ଗରାଜ ଗୁରୁ ଆମ୍ଭମାନଙ୍କୁ ତାଙ୍କ ବାହାର ଘରେ ରାତିରେ ଡିବିରି ଜାଳି ପଢ଼ାଉଥିଲେ । ଆଗଲପୁର ସ୍କୁଲର ପରୀକ୍ଷାଫଳ ଏତେ ଭଲ ହେଉଥିଲା ଯେ, ସେ କେବେ ହେଲେ ବେତନରୁ କିଛି ହରାଇ ନଥିଲେ । ପରୀକ୍ଷକମାନେ ଆସି ତାଙ୍କ ସମ୍ବନ୍ଧରେ ଅନୁକୂଳ

Digitized by srujanika@gmail.com

ମନ୍ତବ୍ୟ ଲେଖି ଯାଉଥିଲେ । ତାଙ୍କ ଶିକ୍ଷାଦାନ ପ୍ରଣାଳୀରେ ପିଲାଙ୍କୁ ସ୍କୁଲରେ ପଢ଼ିବା ଛଡ଼ା ଘରେ ପଢ଼ିବାକୁ ହେଉନଥିଲା । ସାପ୍ତାହିକ ପରୀକ୍ଷା ଥିଲା ତାଙ୍କ ବିଶେଷତ୍ୱ । ସପ୍ତାହ ମଧ୍ୟରେ ଅଧୀତ ବିଷୟରେ ପରୀକ୍ଷା ହେଉଥିଲା । ଏହି ନିୟମରେ ପ୍ରତି ସପ୍ତାହରେ ପଠିତ ବିଷୟର ପରୀକ୍ଷା ଶନିବାର ଦିନ ହେଉଥିଲା ଓ ତହିଁରେ ମାର୍କ ଦିଆଯାଇ ପିଲାଙ୍କ ମଧ୍ୟରେ ପ୍ରତିଯୋଗିତା ହେଉଥିଲା । ଏହି ନିୟମରେ ପ୍ରତି ସପ୍ତାହରେ ପଠିତ ବିଷୟରେ ପୁନରାଲୋଚନା ହୋଇଯାଉଥିଲା ।

ଗୋଟିଏ ଗଳ୍ପ ଅଛି : ଦିନେ ସ୍କୁଲ ପରିଦର୍ଶକ ଆସି ଭୂଗୋଳ ପରୀକ୍ଷାରେ ପିଲାଙ୍କଠାରୁ ଉତ୍ତର ପାଇଲେ, ସୂର୍ଯ୍ୟ ପୃଥିବୀର ଚାରିଆଡ଼େ ବୁଲେ । ଶିକ୍ଷକଙ୍କୁ ପରିଦର୍ଶକ 'ପିଲାଙ୍କୁ କ'ଣ ଏହା ପଢ଼ାଇଛନ୍ତି ?' ପ୍ରଶ୍ନ କଲେ । ଶିକ୍ଷକ କହିଲେ 'ହଁ' । ପୁଣି ପ୍ରଶ୍ନକଲେ, ''ଆପଣଙ୍କ ମତରେ କ'ଣ ସୂର୍ଯ୍ୟ ପୃଥିବୀର ଚାରିଆଡ଼େ ବୁଲେ ?'' ଉତ୍ତର- ''ପୃଥିବୀ ସୂର୍ଯ୍ୟର ଚାରିଆଡ଼େ ବୁଲେ ସତ, କିନ୍ତୁ ଦଶ ଟଙ୍କାରେ ବୁଲି ପାରିବ ନାହିଁ ।'' ପଣ୍ଡିତ ଲିଙ୍ଗରାଜ ଗୁରୁଙ୍କ ଜୀବନରେ ଏହା ନଥିଲା ।

ସେହି ସମୟରେ ଖରା ଛୁଟି ନଥିଲା । ଜୁଲାଇ ମାସରେ ସ୍କୁଲ ବନ୍ଦ ହେଉଥିଲା । ଏହି ସମୟରେ ପିଲାମାନେ ଚାଷ କାର୍ଯ୍ୟରେ ନିଜ ନିଜ ଅଭିଭାବକମାନଙ୍କୁ ସାହାଯ୍ୟ କରିବା ସଙ୍ଗେ ଚାଷକାର୍ଯ୍ୟ ଶିକ୍ଷା କରୁଥିଲେ । ଏହି ଅବକାଶ ମଧ୍ୟରେ ବଲାଙ୍ଗିରରେ ଶିକ୍ଷକମାନଙ୍କ 'ଜୁଲାଇ ସଭା' ହେଉଥିଲା । ତହିଁରେ ଯୋଗଦାନ ଶିକ୍ଷକମାନଙ୍କ ପକ୍ଷରେ ବାଧ୍ୟତାମୂଳକ ଥିଲା । ଏଠାରେ ସ୍କୁଲ ସମୂହର ଡେପୁଟି ଇନ୍ସପେକ୍ଟର ଶିକ୍ଷାପ୍ରଣାଳୀ ଓ ସ୍କୁଲ ପରିଚାଳନା ସମ୍ବନ୍ଧରେ ଶିକ୍ଷକମାନଙ୍କୁ ଉପଦେଶ ଦେଉଥିଲେ । ଭିନ୍ନ ଭିନ୍ନ ଶିକ୍ଷକ ସ୍ୱରଚିତ ପ୍ରବନ୍ଧମାନ ପାଠ କରୁଥିଲେ ଓ ଯୋଗ୍ୟତାନୁସାରେ ପୁରସ୍କାର ପ୍ରାପ୍ତ ହେଉଥିଲେ । ପୁରସ୍କାର ବିତରଣ ଉତ୍ସବ କେଉଁ ବର୍ଷ ସ୍ୱୟଂ ମହାରାଜାଙ୍କ ଓ କେଉଁ ବର୍ଷ ତାଙ୍କ ଦେୱାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହେଉଥିଲା ।

ମୋ ପିଲାଦିନରେ ପାଟଣାରେ ସ୍କୁଲ ସମୂହର ଡେପୁଟି ଇନ୍ସପେକ୍ଟର ଥିଲେ ଗଣପତ୍ ରାମଚନ୍ଦ୍ର କନିଟ୍‌କର୍ । ମହାରାଷ୍ଟ୍ର ବ୍ରାହ୍ମଣ । ସ୍କୁଲ ବିଭାଗ ତୁଲ୍ୟ ଅନ୍ୟାନ୍ୟ ବିଭାଗରେ ସୁଦ୍ଧା ମହାରାଷ୍ଟ୍ରୀଙ୍କ ପ୍ରାବଲ୍ୟ ଥିଲେହେଁ ଶିକ୍ଷା ବିସ୍ତାରରେ ଏମାନଙ୍କ ଆନ୍ତରିକତା ଥିଲା । ଗଣପତ୍ ରାମଚନ୍ଦ୍ର କନିଟ୍‌କର୍‌ଙ୍କ କର୍ତ୍ତବ୍ୟନିଷ୍ଠା ମନେକଲେ ଆଜି ତାଙ୍କ ସ୍ମୃତି ବିଜଡ଼ିତ ନାମରେ ମସ୍ତକ ସ୍ୱତଃ ଅବନତ ହୁଏ । ସ୍କୁଲ୍ ପରିଦର୍ଶନ ସମୟରେ ତାଙ୍କର ପ୍ରଥମ କର୍ତ୍ତବ୍ୟ ଥିଲା ପିଲାଙ୍କ ଅଭିଭାବକମାନଙ୍କୁ ଡାକି ପିଲାଙ୍କୁ ନିୟମିତରୂପେ ସ୍କୁଲକୁ ପଠାଇବା ସକାଶେ ଉପଦେଶ ଦେବା ଓ ନ ଶୁଣିଲେ ଧମକ ଚମକ ଦ୍ୱାରା ସେମାନଙ୍କୁ ବାଧ୍ୟ କରିବା । ଏହାଙ୍କ ଯତ୍ନ ଫଳରେ ଯେଉଁ ଗ୍ରାମରେ ସ୍କୁଲଥାଏ ସେହି ଗ୍ରାମର ସ୍କୁଲକୁ ଆସିବା ଭଳି ବୟସରେ କୌଣସି ପିଲା ସ୍କୁଲକୁ ନ ଆସି ରହୁନଥିଲେ । ଷ୍ଟେଟ୍‌ର ସ୍କୁଲ

Digitized by srujanika@gmail.com

ସଂଖ୍ୟା ଅଳ୍ପ, ଶିକ୍ଷା ପ୍ରାଥମିକ ସ୍ତରରେ ଥିବାରୁ ଅନେକ ପିଲା ସ୍କୁଲକୁ ଆସନ୍ତି ନାହିଁ । ପିଲାଙ୍କୁ ଡାକିଆଣିବା ଜଣେ ଶିକ୍ଷକଙ୍କ ପ୍ରଧାନ କାମ ଥିଲା । କନିଟ୍‌କର୍ ମହୋଦୟ ରକ୍ଷଣଶୀଳ ମହାରାଷ୍ଟ୍ର ବ୍ରାହ୍ମଣ । ପରିଦର୍ଶନ ଶେଷରେ ମଠା ପିନ୍ଧି ସ୍ୱହସ୍ତରେ ପାକକାର୍ଯ୍ୟ ସମ୍ପାଦନ କରୁଥିଲେ ।

ଗଡ଼ଜାତ ସମୂହର ଶିକ୍ଷାକାର୍ଯ୍ୟ ପରିଦର୍ଶନ ସକାଶେ ରାୟପୁରରୁ ଏଜେନ୍‌ସି ଇନ୍ସିପେକ୍ଟର ପ୍ରତିବର୍ଷ ଥରେ ଆସୁଥିଲେ । ସେତେବେଳେ ଏଜେନ୍‌ସି ଇନ୍ସିପେକ୍ଟର ଥିଲେ ଗଣପତ୍ ଲାଲ୍ ଚୌବେ । ଏଜେନ୍‌ସି ଇନ୍ସପେକ୍ଟରଙ୍କ ପରିଦର୍ଶନ ଗୋଟିଏ ଉତ୍ସବର ଦିନ । ମଧ୍ୟପ୍ରଦେଶର ନିୟମାନୁଯାୟୀ ସେହିଦିନ ପିଲାମାନଙ୍କୁ ଉତ୍ତମ ପୋଷାକ ପିନ୍ଧି ଆସିବାକୁ ହେଉଥିଲା । ଯାହାଘରେ ଯେଉଁ ପେଡ଼ି ଲୁଗା ଥାଏ, ତହିଁରେ ସେ ସଜ୍ଜିତହୋଇ ଆସେ । ସାଜସଜ୍ଜା ମଧ୍ୟରେ କୁର୍ତ୍ତା ଓ ଟୋପି, କେହି କେହି ପାଇଜାମା ପିନ୍ଧି ଆସନ୍ତି । ସମ ପ୍ରକାର ପୋଷାକ ପରିଧାନ ଏକପ୍ରକାର ବାଧ୍ୟତାମୂଳକ ଥିଲା । ଏଥିରେ କେତେକ ଗରିବ ଅଭିଭାବକଙ୍କୁ ଅସୁବିଧାରେ ପଡ଼ିବାକୁ ହେଉଥିଲା । ମୋର ସ୍ମରଣ ହେଉଅଛି ଚୌବେଙ୍କ ଏକ ପରିଦର୍ଶନ ଦିବସ । ସେହିଦିନ ସକାଳେ ପ୍ରାୟ ଆଠଟା ବେଳେ ସେ ଆସି ଆଗଲପୁର ସ୍କୁଲ ସମ୍ମୁଖରେ ଘୋଡ଼ାରୁ ଓହ୍ଲାଇପଡ଼ିଲେ । ଦୀର୍ଘକାୟ ପୁରୁଷ, ଦୀର୍ଘ ଶ୍ମଶ୍ରୁ ମୁଖରେ ଲମ୍ବମାନ, ଅଳ୍ପ ଦନ୍ତୁର, ଛାମୁଦାନ୍ତ ଦୁଇଟି ବାହାରକୁ ଦିଶୁଛି, ଈଷତ୍ ଗୌରବର୍ଣ୍ଣ, ତାଙ୍କ ପୋଷାକ ପାଇଜାମା, ଲମ୍ବ ପାର୍ସି କୋଟ୍ ଓ ଧଳା ପଗଡ଼ି । ଦକ୍ଷିଣ ହସ୍ତରେ ମୁଣ୍ଡେ ଡେଙ୍ଗାର ଗୋଟିଏ ବଂଶ ଦଣ୍ଡ ସହ ସ୍କୁଲ ଭିତରକୁ ପଶିଆସିଲେ । ସ୍କୁଲ୍ ଏକାବେଳକେ ଚୁପ୍‌ଚାପ୍, ନିରବ, ନିସ୍ତବ୍ଧ । ପ୍ରବେଶକଲା ମାତ୍ରକେ ଶିକ୍ଷକ ତାଙ୍କୁ ପ୍ରଣାମକରି ତତ୍‌କାଳୀନ ନିୟମାନୁସାରେ ଉଚ୍ଚସ୍ୱରରେ ପିଲାଙ୍କ ପ୍ରତି ଆଦେଶ କଲେ, ''ଷ୍ଟେଣ୍ଡ୍ ଅପ୍'' । ସମସ୍ତେ ଛିଡ଼ା ହେଲେ । ତପୃରେ 'ସେଲୁଟ୍ ବାଇ ନମ୍ବର ଓ୍ୱାନ୍' । ପିଲାମାନେ ଡାହାଣ ହାତ ଉଠାଇ ଲଲାଟ ଦେଶରେ ସ୍ଥାପନକଲେ । ତପୃରେ 'ଟୁ' ହାତତଳକୁ ଓହ୍ଲାଇ ସ୍ୱାଭାବିକ ସ୍ଥାନରେ ସ୍ଥାପନକଲେ । ପରିଶେଷରେ 'ସିଟ୍‌ଡାଉନ୍' । ସମସ୍ତେ ବସିଲେ । ସ୍କୁଲ୍‌ଗୃହ ଗୋଟିଏ ମାତ୍ର ପ୍ରକୋଷ୍ଠବିଶିଷ୍ଟ । ଚାରିଶ୍ରେଣୀର ପିଲାମାନେ ସମସ୍ତେ ତାହା ମଧ୍ୟରେ ରୁଣ୍ଡ ହୋଇଥାନ୍ତି । ଏଜେନ୍ସି ଇନ୍ସପେକ୍ଟରଙ୍କ ପରିଦର୍ଶନ ଆରମ୍ଭ ହେଲା । ପ୍ରଥମ ପିଲାଠାରୁ ଆରମ୍ଭ କରି ସମସ୍ତଙ୍କ ମୁହଁକୁ ଅଳ୍ପ ଅନାଇ ଅନାଇ ବୁଲିଗଲେ । ପ୍ରଥମ ପିଲାପାଖକୁ ଆସିବା ମାତ୍ରକେ ଅବଶ୍ୟ ଅନ୍ୟପିଲାଯାକ ସମସ୍ତେ ଠିଆ ହୋଇପଡ଼ିଲେ । ତପୃରେ ପିଲାମାନଙ୍କୁ ବସିବାକୁ କହିଲେ । ପିଲାମାନେ ବସିଲାରୁ ସହକାରୀ ଶିକ୍ଷକଙ୍କୁ ତାଙ୍କ ଶ୍ରେଣୀର ପିଲାମାନଙ୍କୁ 'ମାନସାଙ୍କ' ପଚାରିବାକୁ କହିଲେ । ଶିକ୍ଷକ ପ୍ରଶ୍ନକଲେ – ''ପାଞ୍ଚ କଡ଼ା କଉଡ଼ିରେ ଯଦି ଗୋଟିଏ ହାତୀ, ୪୫ କଡ଼ାରେ କେତୋଟି ହାତୀ ମିଳିବ ?'' ବିଦ୍ୟୁତ୍ ବେଗରେ ଚୌବେ ମହାଶୟଙ୍କ ହସ୍ତସ୍ଥିତ ଦୀର୍ଘ ଠେଙ୍ଗା ପଛରୁ ଆସି ଶିକ୍ଷକଙ୍କ

Digitized by srujanika@gmail.com

ଶିରୋଦେଶ ସ୍ପର୍ଶକଲା । ଚୌବେ ମହାଶୟ ଶିକ୍ଷକଙ୍କୁ କହିଲେ, ''ତମ ବାପ ଦିନେ କ'ଣ କଉଡ଼ିରେ ହାତୀ ମିଳୁଥିଲା ?'' ଅସମ୍ଭବ ପ୍ରଶ୍ନ (ଅର୍ଥାତ୍ କଉଡ଼ିରେ ହାତୀ ମିଳେନାହିଁ) ପଚାରିଥିବା ଯୋଗୁଁ ତୀବ୍ର ଭାଷାରେ ତାହାଙ୍କୁ ତିରସ୍କାର କଲେ ଓ ଆଉ ଯେମନ୍ତ ତଦ୍ରୂପ ଅସମ୍ଭବ ପ୍ରଶ୍ନଦ୍ୱାରା କୋମଳମତି ବାଳକଙ୍କ ମନରେ ଭ୍ରାନ୍ତ ଧାରଣା ନ ଜନ୍ମାନ୍ତି ସେ ବିଷୟରେ ଉପଦେଶ ଦେଲେ । ତତ୍ପରେ ପ୍ରତି ଶ୍ରେଣୀରେ ପ୍ରତି ବିଷୟର ପରୀକ୍ଷା ହେଲା। ସ୍କୁଲ ତ୍ୟାଗକରିବା ପୂର୍ବରୁ ସେ ସ୍କୁଲର ଉପସ୍ଥାନ ଖାତା ଦେଖିଲେ । ଆମ୍ଭ ଶ୍ରେଣୀର ରାଜାରାମ ଗୁରୁ ସର୍ବାପେକ୍ଷା ଅଧିକ ଦିନ ଅନୁପସ୍ଥିତ ହୋଇଥିବା ତାଙ୍କ ଦୃଷ୍ଟିରେ ପଡ଼ିଲା । ସେହିଦିନ ସେ କୁର୍ତ୍ତା ଉପରେ ଖଣ୍ଡେ ସଫା ସରୁ ଚାଦର ପକାଇ ଆସିଥିଲା । ସେହି ଚାଦରଖଣ୍ଡିକ ତାହା ଦେହରୁ କାଢ଼ିନେଇ ଚୌବେ ମହାଶୟ ତାକୁ ଗୋଟିଏ ଦଉଡ଼ି ପରି ବଳି ପକାଇଲେ ଓ ପ୍ରକୋଷ୍ଠ ମଧ୍ୟସ୍ଥ ଛାତ ତଳର ଏକ ପ୍ରାଚୀରରୁ ଅପର ପ୍ରାଚୀର ଉପରେ ସ୍ଥାପିତ କଡ଼ି ଉପରକୁ ଚାଦରର ଏକ ପ୍ରାନ୍ତ ଫିଙ୍ଗି, ତତ୍ପରେ ତାକୁ ଟାଣି କଡ଼ିର ଉଭୟ ପାର୍ଶ୍ୱରେ ଝୁଲାଇ ଦେଲେ ଓ ରାଜାରାମକୁ ଟେକି ତାକୁ ଶକ୍ତ ଭାବରେ ଧରି ଝୁଲିବାକୁ କହିଲେ । ରାଜାରାମ ଚାଦର ଦଉଡ଼ି ଧରି ଝୁଲୁଛି । ତାହାର ସର୍ବାଙ୍ଗରେ ବେତ୍ରାଘାତ ଚାଲିଲା । ସେ ଛାଡ଼ିପାରୁଛି ନା ରହିପାରୁଛି ? ପୀଡ଼ାରେ ଚିତ୍କାର କରି ଦୁଇଗୋଡ଼ ଛିଞ୍ଚାଡୁଛି ମାତ୍ର । ପାଞ୍ଚଛଅବାର ବେତ୍ରାଘାତ କଲା ଉତ୍ତାରେ ତାକୁ ଧରି ଓହ୍ଲାଇ ଦେଲେ ଓ ପ୍ରତିଦିନ ସ୍କୁଲକୁ ଆସିବା ପାଇଁ ଉପଦେଶ ଦେଲେ । ସେହିଦିନରୁ ରାଜାରାମ ଅନୁପସ୍ଥିତ ହେବା ଦେଖାଯାଇନାହିଁ ।

ଗଲା ସମୟରେ ପିଲାମାନଙ୍କ ମିଷ୍ଟାନ୍ନ ସକାଶେ ପାଞ୍ଚଟଙ୍କା ଦେଇଗଲେ । ତିନିବର୍ଷ ପରେ ଏ ମହାଶୟଙ୍କୁ ପୁଣି ଦେଖିଲି ବଲାଙ୍ଗିର ମଧ୍ୟ-ଇଂରେଜୀ ସ୍କୁଲ୍‌ରେ । ସେତେବେଳେ ମୁଁ ସେହି ସ୍କୁଲର ଛାତ୍ର । ଶିକ୍ଷକ ଓ ଛାତ୍ରମାନଙ୍କ ପ୍ରତି ନିଷ୍ଠୁରାଚରଣ ହେଉଥିଲେ ହେଁ ଏହାଙ୍କ କର୍ତ୍ତବ୍ୟନିଷ୍ଠାର ପ୍ରଶଂସା ନକରି ରହି ହୁଏ ନାହିଁ । ସେହି ସମୟରେ ପ୍ରହାର ଶିକ୍ଷକମାନଙ୍କ ମୂଳମନ୍ତ୍ର ଥିଲା । ମାଡ଼ ନହେଲେ ପିଲାଏ ବିଗିଡ଼ି ଯିବେ (Spare the rod, spoil the child) ଏହି ନୀତି ବିଦ୍ୟାଳୟମାନଙ୍କରେ ସର୍ବତ୍ର ପାଳିତ ହେଉଥିଲା । ପିଲାଙ୍କ ଉପରେ ଶିକ୍ଷକଙ୍କ ମାଡ଼ ଓ ଶିକ୍ଷକଙ୍କ ଉପରେ ହାକିମଙ୍କ ମାଡ଼ । ପ୍ରତ୍ୟେକ ଶ୍ରେଣୀରେ ବ୍ୟବହାର ସକାଶେ ଖଣ୍ଡେ ଲେଖାଏଁ ବେତ ରଖା ହୋଇଥାଏ ଏବଂ ତାହାର ବ୍ୟବହାର ଅପ୍ରତିହତ ଓ ସାଧାରଣ । ମାଡ଼ ଭୟରେ କେତେକ ଛାତ୍ର ଅକାଳରେ ସ୍କୁଲ ଛାଡ଼ି ଚାଲିଯାଉଥିଲେ । ସେହି ସମୟରେ ଶଗଡ଼ ଓ ଘୋଡ଼ା ଛଡ଼ା ଅନ୍ୟ ପ୍ରକାର ଯାନବାହନ ନଥିଲା । ସଙ୍ଗରେ ଘୋଡ଼ା ଥିଲେ ହେଁ ଚୌବେ ବି ଚାଲି ଚାଲି ଗସ୍ତ କରୁଥିଲେ । ଓଡ଼ିଆ ଜ୍ଞାନ ତାଙ୍କର ମନ୍ଦ ନଥିଲା । ଓଡ଼ିଆରେ ସେ ଖଣ୍ଡେ ଗଣିତ ପୁସ୍ତକ ରଚନା କରିଥିଲେ । ତାହା ଆମ୍ଭେମାନେ ପଢୁଥିଲୁଁ । ସ୍କୁଲ ପରିଦର୍ଶନ ଉତ୍ତାରେ ରାତିରେ ସେ ମେଜିକ୍ ଲଣ୍ଠନ

Digitized by srujanika@gmail.com

ସାହାଯ୍ୟରେ ନାନା ଚିତ୍ତାକର୍ଷକ ଶିକ୍ଷଣୀୟ ବିଷୟର ଛବିମାନ ଦେଖାଉଥିଲେ । ତାଙ୍କ ଦେଶୀ କସରତ୍ ଅଦ୍ୟାପି ଓଡ଼ିଶାର ସ୍କୁଲମାନଙ୍କରେ ଚଳୁଅଛି ।

ମୋର ଦଶବର୍ଷ ବୟସରେ ୧୮୯୭ ମସିହାରେ ମୁଁ ଆଗଲପୁର ସ୍କୁଲରୁ ଉଚ୍ଚ ପ୍ରାଇମେରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲି । ଉଚ୍ଚ ଶିକ୍ଷା ସକାଶେ ବଲାଙ୍ଗିରକୁ ଯିବା ଇଚ୍ଛା ପ୍ରବଳ ଥିଲା । କିନ୍ତୁ ପିତା ଥିଲେ ଗରିବ, ବଲାଙ୍ଗିରର ଖର୍ଚ୍ଚ ଯୋଗାଇବାରେ ନିତାନ୍ତ ଅସମର୍ଥ । ପୁଣି କିଛିଦିନ ପୂର୍ବେ ମୋର ଅଠର ବର୍ଷ ବୟସ୍କ ଜ୍ୟେଷ୍ଠଭ୍ରାତାଙ୍କ ବିୟୋଗ ହୋଇଯାଇଥିଲା । ତେଣୁ ପିତା ମୋତେ ଛାଡ଼ିଲେ ନାହିଁ । ପଢ଼ାପଢ଼ି ବନ୍ଦକରି ବର୍ଷେକାଳ ଘରେ ରହିଗଲି । ୧୮୯୮ ମସିହା ମାର୍ଚ୍ଚ ମାସରେ ଡେପୁଟି ଇନ୍ସ୍‌ପେକ୍ଟର କନିଟ୍‌କର୍ ମହୋଦୟ ଆଗଲପୁରକୁ ଆସି ମୋତେ ଓ ମୋ ପିତାଙ୍କୁ ଡକାଇଲେ ଏବଂ ମୋତେ ବଲାଙ୍ଗିରକୁ ଉଚ୍ଚଶିକ୍ଷା ସକାଶେ ଶୀଘ୍ର ପଠାଇଦେବାକୁ ପିତାଙ୍କୁ କହିଲେ । କିନ୍ତୁ ପିତା ମୋ ଶିକ୍ଷାର ବ୍ୟୟଭାର ବହନ ସକାଶେ ଅସାମର୍ଥ୍ୟ ପ୍ରକାଶ କଲେ । କନିଟ୍‌କର ମହୋଦୟ କିନ୍ତୁ ମୁଁ କୌଣସି ପ୍ରକାରେ ଗଲେ ମୋ ଖର୍ଚ୍ଚର ବ୍ୟବସ୍ଥା କରିଦେବେ ବୋଲି କେତେ ଉତ୍ସାହପୂର୍ଣ୍ଣ କଥା କହିଲେ । ଶୂନ୍ୟହସ୍ତରେ ମୁଁ ବଲାଙ୍ଗିର ଚାଲିଗଲି । ସେଠାରେ ଉପସ୍ଥିତ ହୋଇ ଶୁଣିଲି କନିଟ୍‌କର୍ ମହୋଦୟ ଗସ୍ତରେ ଅଛନ୍ତି । ମଧ ଇଂରାଜୀ ସ୍କୁଲର ଛାତ୍ର ଆମ୍ଭ ଗ୍ରାମର ମହାଦେବ ଗୁରୁଙ୍କ ସହାୟତାରେ ହେଡ୍‌ମାଷ୍ଟର ଶ୍ରୀ ବାଲୁଙ୍କେଶ୍ୱର ମିଶ୍ରଙ୍କ ସହିତ ସାକ୍ଷାତ କଲି । ସେ ମୋତେ ପରୀକ୍ଷା କଲେ ଓ ମୋ ଅବସ୍ଥା ବିଷୟ ଜ୍ଞାତ ହୋଇ ମାସିକ ଦେଢ଼ ଟଙ୍କା ଲେଖାଏଁ ସାହାଯ୍ୟର ବ୍ୟବସ୍ଥା କରିଦେଲେ, ଯେହେତୁ ସାଧାରଣ ବୃତ୍ତି ଖାଲି ନଥିଲା । ସେହି ସମୟରେ ଛାତ୍ରବୃତ୍ତିର ପରିମାଣ ଥିଲା ଅଢ଼େଇଟଙ୍କା । ଦେଢ଼ ଟଙ୍କା ମଧ ଦଶବର୍ଷ ବୟସ୍କ ଦରିଦ୍ର ବାଳକ ସକାଶେ ଯଥେଷ୍ଟ ଥିଲା । ସମସ୍ତ ଜିନିଷ ଶସ୍ତା । ଟଙ୍କାକୁ ଚାଉଳ ଦୁଇଖଣ୍ଡି (ଏକ ମହଣ) ଏବଂ ଏହି ଅନୁପାତରେ ଅନ୍ୟାନ୍ୟ ଜିନିଷର ମୂଲ୍ୟ ।

ସ୍କୁଲରେ ନାମ ଲେଖାଇ ପଢ଼ାରେ ମନୋନିବେଶ କଲି । ମଧଇଂରେଜୀ ସ୍କୁଲରେ ଥିଲା ଚାରିଶ୍ରେଣୀ । ପ୍ରଥମ ଶ୍ରେଣୀରେ ଖଣ୍ଡେ ଇଂରେଜୀ ପ୍ରାଇମାର ଓ ଏହାଛଡ଼ା ଓଡ଼ିଆ ସାହିତ୍ୟ ଓ ଗଣିତ । ଦ୍ୱିତୀୟ ଶ୍ରେଣୀରେ ପ୍ରଥମ ଭାଗ ରିଡ଼ର ଓ ପ୍ରଥମ ଶ୍ରେଣୀ ତୁଲ୍ୟ ସାହିତ୍ୟ ଓ ଗଣିତ । ତୃତୀୟ ଶ୍ରେଣୀରେ ଦ୍ୱିତୀୟ ଭାଗ ଇଂରାଜୀ ରିଡ଼ର, ପ୍ରାଥମିକ ଇଂରେଜୀ ବ୍ୟାକରଣ, ଓଡ଼ିଆ ସାହିତ୍ୟ ଓ ଗଣିତ । ଏହି ଶ୍ରେଣୀରେ ବୀଜଗଣିତ ଓ ଜ୍ୟାମିତି ଆରମ୍ଭ ହେଲା । ଚତୁର୍ଥ ଶ୍ରେଣୀରେ ବୀଜଗଣିତରୁ କେତେକାଂଶ, ଜ୍ୟାମିତି ପ୍ରଥମ ପୁସ୍ତକ, ଓଡ଼ିଆ ସାହିତ୍ୟ, ଇଂରେଜୀ ତୃତୀୟ ଭାଗ ରିଡ଼ର ଓ ବ୍ୟାକରଣ, ଭୂଗୋଳ ଓ ପ୍ରାଥମିକ ବିଜ୍ଞାନ ପଢ଼ା ହେଉଥିଲା । ଓଡ଼ିଆ ସାହିତ୍ୟ ଉଚ୍ଚସ୍ତରର । ତୃତୀୟ ଶ୍ରେଣୀରେ ମଧୁସୂଦନ ରାଓଙ୍କ ପ୍ରବନ୍ଧମାଳା ଓ ଚତୁର୍ଥ ଶ୍ରେଣୀରେ ବିଚ୍ଛନ୍ଦ ପଟ୍ଟନାୟକଙ୍କ ରଘୁବଂଶ, ନିମାଇବଲ୍ଲଭ ଭଟ୍ଟାଚାର୍ଯ୍ୟଙ୍କ ସର୍ବସାର ବ୍ୟାକରଣ ପଠିତ ହେଉଥିଲା । ଓଡ଼ିଆ ସାହିତ୍ୟ ଛଡ଼ା ଶିକ୍ଷାର ମାଧ୍ୟମ ଥିଲା ସମସ୍ତ ବିଷୟରେ ଇଂରେଜୀନ୍ତ ସୁତରାଂ ସେହି ସମୟର

Digitized by srujanika@gmail.com

ମଧ୍ୟପ୍ରଦେଶର ମଧ୍ୟଇଂରାଜୀ ସ୍କୁଲର ଶିକ୍ଷା ଆଧୁନିକ ମଧ୍ୟଇଂରାଜୀ ଶିକ୍ଷା ଅପେକ୍ଷା ଉଚ୍ଚତର ଥିଲା । ଆଜିକାଲି ମଧ୍ୟଇଂରାଜୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରମାନଙ୍କୁ ହାଇସ୍କୁଲର ଅଷ୍ଟମଶ୍ରେଣୀରେ ନିଆହୋଇ ମେଟ୍ରିକ୍ୟୁଲେଶନ୍ ପାଇଁ ଚାରିବର୍ଷ ରହିବାକୁ ହେଉଅଛି । ସେହି ସମୟରେ ମଧ୍ୟପ୍ରଦେଶର ମଧ୍ୟଇଂରେଜୀ ପରୀକ୍ଷା ପରେ ଛାତ୍ରକୁ ଆଧୁନିକ ଦଶମ ଶ୍ରେଣୀରେ ନିଆହୋଇ ଦୁଇବର୍ଷରେ ଏଣ୍ଟ୍ରାନ୍ସ ପରୀକ୍ଷା ପାସ୍ ହେଉଥିଲା ।

ବଲାଙ୍ଗିର ସ୍କୁଲରେ ଛାତ୍ରମାନଙ୍କୁ ଅତି ଅଳ୍ପ ହାରରେ ବେତନ ଦେବାକୁ ହେଉଥିଲା । କାହାକୁ ଅଣାଏ, କାହାକୁ ଅର୍ଥାତ୍ ଧନୀ ପିଲାଙ୍କୁ ଦୁଇଅଣା । ଅନେକ ପିଲାଙ୍କୁ କିଛି ଦେବାକୁ ହେଉନଥିଲା । ପାଠ୍ୟ ବିଷୟର ବାହୁଲ୍ୟ ନଥିବାରୁ ଜଣେ ଶିକ୍ଷକ ସମସ୍ତ ବିଷୟ ପ୍ରତ୍ୟେକ ଶ୍ରେଣୀରେ ପଢ଼ାଉଥିଲେ । ଆଜିକାଲି ତୁଲ୍ୟ ପାଠ୍ୟପୁସ୍ତକ ସମୂହର ଘନଘନ ପରିବର୍ତ୍ତନ ହେଉନଥିଲା । ଖାତାପତ୍ରର ବାହୁଲ୍ୟ ମଧ୍ୟ ନଥିଲା । ପ୍ରଥମ ଶ୍ରେଣୀରେ ଉତ୍ତମ ହସ୍ତାକ୍ଷରଶିକ୍ଷାପ୍ରତି ବିଶେଷ ଦୃଷ୍ଟି ଦିଆହେଉଥିଲା ଓ ଉତ୍ତମ ହସ୍ତାକ୍ଷର ସକାଶେ ସ୍ୱତନ୍ତ୍ର ପୁରସ୍କାରର ବ୍ୟବସ୍ଥା ଥିଲା ।

ପ୍ରତି ଶ୍ରେଣୀରେ ଛାତ୍ରମାନଙ୍କ ମଧ୍ୟରେ ପ୍ରତିଯୋଗିତାର ନିୟମ ଥିଲା । ପ୍ରତ୍ୟହ ପ୍ରତି ବିଷୟରେ ଶିକ୍ଷକ ମୌଖିକ ପରୀକ୍ଷା କରନ୍ତି । ପ୍ରଶ୍ନର ଯଥାର୍ଥ ଉତ୍ତର ଦେଇପାରିବା ଓ ନ ପାରିବା ଅନୁସାରେ ଛାତ୍ରମାନଙ୍କ ସ୍ଥାନ ପରିବର୍ତ୍ତନ ହେଉଥାଏ । ଅର୍ଥାତ୍, ଉପରେ ବସିଥିବା ଛାତ୍ର ଯଦି ପୃଷ୍ଟ ପ୍ରଶ୍ନର ଉତ୍ତର ଦେଇପାରିଲା ନାହିଁ ଓ ତାହାର ତଳେ ଯେଉଁ ସ୍ଥାନରେ ହେଉ ବସିଥିବା ଛାତ୍ର ତାହାର ଉତ୍ତର ଦେଲା, ତାହାହେଲେ ସେ ଉପରକୁ ଉଠିଯାଇ ତାହାର ସ୍ଥାନ ଅଧିକାର କରେ ଏବଂ ପରୀକ୍ଷା ଉତ୍ତାରେ ଶେଷରେ ବସିଥିବା ଛାତ୍ରକୁ ୧ ମାର୍କ ଓ କ୍ରମାନ୍ୱୟରେ ଉପରକୁ ଉପରକୁ ଛାତ୍ରମାନଙ୍କୁ ମାର୍କ ଦିଆହୁଏ. । ମାସଶେଷରେ ପ୍ରତ୍ୟେକ ଛାତ୍ରଙ୍କ ମାର୍କ ସବୁ ମିଶାଯାଇ ଯେଉଁ ଛାତ୍ର ଯେତେ ମାର୍କ ପାଇଥାଏ ସେହି ଅନୁସାରେ ପରବର୍ତ୍ତୀ ମାସରେ ଶ୍ରେଣୀର ରେଜିଷ୍ଟର୍‌ରେ ତାହାର ନାମ ଲେଖାଯାଏ । ଏହି ନିୟମ ଛାତ୍ରମାନଙ୍କୁ ଆତ୍ମନିର୍ଭରଶୀଳତା ଶିକ୍ଷା ଦେଉଥିଲା । ଆଜିକାଲି ତୁଲ୍ୟ ଘରୋଇଶିକ୍ଷାର ଆବଶ୍ୟକ ହେଉନଥିଲା । ପ୍ରକୃତରେ 'ଘରୋଇ ଶିକ୍ଷକ' ନାମ ପର୍ଯ୍ୟନ୍ତ ଶୁଣାନଥିଲା ।

ମଫସଲ ପିଲାଙ୍କ ରହିବା ସକାଶେ ସୁବିନ୍ୟସ୍ତ ଛାତ୍ରାବାସର ବ୍ୟବସ୍ଥା ଥିଲା । କିନ୍ତୁ ଆଜିକାଲି ପରି ମେସ୍ ଜଣାନଥିଲା । ପିଲାମାନେ ସମସ୍ତେ ନିଜ ହାତରେ ରୋଷେଇ କରୁଥିଲେ । ବାସନ ମାଜିବା ସୁଦ୍ଧା ନିଜ ହାତରେ । କେବଳ ଜଣେ ଗଉଡୁଣୀ ସମସ୍ତଙ୍କ ସକାଶେ ନିକଟବର୍ତ୍ତୀ 'ବନ୍ଧ'ରୁ ପାଣି ଆଣିଦିଏ । ଗୌନ୍ତିୟା ଓ ଧନବାନ୍ ବ୍ୟକ୍ତିଙ୍କ ପୁତ୍ରମାନେ ସୁଦ୍ଧା ଏହି ନିୟମ ପାଳନ କରୁଥିଲେ । ଛାତ୍ରଜୀବନର କଠୋରତା ସହିତ ସନ୍ନ୍ୟାସ ଓ କର୍ତ୍ତବ୍ୟ ପରାୟଣତାର ଚରମ ଉତ୍କର୍ଷ ଏହିଠାରେ ସଂସାଧିତ ହେଉଥିଲା ।

ମୁଁ ପ୍ରଥମସ୍ଥାନ ଅଧିକାର କରି ପ୍ରଥମ ଶ୍ରେଣୀରୁ ଦ୍ୱିତୀୟ ଶ୍ରେଣୀକୁ ଉଠିଲି ଓ ଅଢ଼େଇଟଙ୍କାର ଗୋଟିଏ ବୃତ୍ତି ପାଇଲି । ଏଥିରେ ମୋର ଆଉ କୌଣସି ବିଷୟରେ

Digitized by srujanika@gmail.com

ଅଭାବ ରହିଲା ନାହିଁ । ଦ୍ୱିତୀୟ ଶ୍ରେଣୀରେ ବସିବାର କେତେକଦିନ ଉତ୍ତାରେ ଆମ୍ଭମାନଙ୍କ ଶିକ୍ଷକ ହୋଇ ଆସିଲେ ଶ୍ରୀ ରବିଚନ୍ଦ୍ର ସାଏ । ସେ ଜଣେ ପାଟଣାବାସୀ । ବଲାଙ୍ଗିର ନିକଟସ୍ଥ କନ୍ଧପାଲି ଗ୍ରାମରେ ତାଙ୍କ ଘର । ରବିବାବୁ ପାଟଣାର ପ୍ରଥମ ମେଟ୍ରିକ୍ୟୁଲେଟ୍ ଥିଲେ । ମୁଁ ତାଙ୍କଠାରେ ଦେବତ୍ୱ ଦର୍ଶନ କରୁଥିଲି ଓ ଦିନେ ତାଙ୍କ ପରି ପ୍ରତିଷ୍ଠା ଲାଭକରିବା ଆଶା ହୃଦୟରେ ପୋଷଣ କରୁଥିଲି । ତାହାଙ୍କ ସ୍ୱଭାବ ଅତ୍ୟନ୍ତ ଅମାୟିକ । ଛାତ୍ରମାନଙ୍କୁ ଅତ୍ୟନ୍ତ ସ୍ନେହ କରୁଥିଲେ ଓ ଛାତ୍ରମାନେ ସୁଦ୍ଧା ତାହାଙ୍କୁ ଭକ୍ତି କରୁଥିଲେ । ସେହି ସମୟର ଶିକ୍ଷାଳୟ ସମୂହର ବିଶେଷତ୍ୱ ଏହି ଥିଲା ଯେ, ଛାତ୍ରମାନେ ଶିକ୍ଷକଙ୍କୁ ଭୟ ଓ ଭକ୍ତି କରୁଥିଲେ । ଉଭୟଙ୍କ ମଧ୍ୟରେ ପିତା ପୁତ୍ରର ସମ୍ପର୍କ ବିଦ୍ୟମାନ ଥିଲା । କୌଣସି ଛାତ୍ର କେବେହେଲେ ଶିକ୍ଷକଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ କରୁନଥିଲା । ଶିକ୍ଷକଙ୍କ ସମ୍ବନ୍ଧରେ ପ୍ରତିକୂଳ ଭାବ ପୋଷଣ ବା ତାହାଙ୍କ ବିରୁଦ୍ଧରେ ପ୍ରତିକୂଳାଚରଣ ପାପ ବୋଲି ମନେହେଉଥିଲା । କାଳର କି ବିଷମ ପରିବର୍ତ୍ତନ ହେଉଅଛି ! କାହିଁ ଆମ୍ଭମାନଙ୍କ ସମୟର ଆଦର୍ଶ, ଆଉ କାହିଁ ଆଧୁନିକ ଛାତ୍ରମାନଙ୍କ ଉଚ୍ଛୃଙ୍ଖଳତା । ଆମ୍ଭମାନଙ୍କର ସମୟ ଥିଲା ଆଜ୍ଞାପାଳନର; ବର୍ତ୍ତମାନ ହେଲା ଧର୍ମଘଟର ଯୁଗ । ସମସ୍ତେ ଚିନ୍ତା ଓ କାର୍ଯ୍ୟରେ ସ୍ୱାଧୀନତା ଦାବିକଲେ । ଫଳରେ ସମାଜ ଜୀବନ ଶାନ୍ତି ଓ ଶୃଙ୍ଖଳାବିହୀନ ହେଲା ।

ଦ୍ୱିତୀୟ ଶ୍ରେଣୀର ପାଠ ଆରମ୍ଭ ହେବା ସମୟରେ ଦୁଇଜଣ ରାଜକୁମାର ଆସି ଶ୍ରେଣୀରେ ଭର୍ତ୍ତି ହେଲେ । ଉଭୟଙ୍କ କର୍ଣ୍ଣରେ କୁଣ୍ଡଳ ଓ କପାଳରେ ସିନ୍ଦୂର ଟିପା । ପ୍ରଥମ ଶ୍ରେଣୀର ପାଠ ଘରେଘରେ ପଢ଼ି ଦ୍ୱିତୀୟ ଶ୍ରେଣୀରେ ଭର୍ତ୍ତି ହୋଇଅଛନ୍ତି । ସେହି ସମୟରେ ଯାନବାହନର ବାହୁଲ୍ୟ ନଥିଲା । ବାଇସାଇକେଲ୍ ସୁଦ୍ଧା ଆସି ନଥିଲା । ବାହନ କେବଳ ହାତୀ, ଘୋଡ଼ା ବା ଟାଙ୍ଗା । ରାଜକୁମାରଦ୍ୱୟ ନରବାହନରେ ସ୍କୁଲକୁ ଆସନ୍ତି । ଜଣେ ଲେଖାଏଁ ଚାକର କାନ୍ଧରେ ବସାଇ ପ୍ରତ୍ୟହ ସେମାନଙ୍କୁ ସ୍କୁଲ ବାରଣ୍ଡାରେ ଓହ୍ଲାଇ ଦେଇଯାନ୍ତି । ରାଜକୁମାରଦ୍ୱୟ ହତଭାଗା ଭୃତ୍ୟର ସ୍କନ୍ଧ ଦେଶରେ ଯେ କେବଳ ଆରୋହଣ କରିଥାନ୍ତି ତାହା ନୁହେଁ, ଆସୁଥିବା ବାଟରେ ଆରୋହୀଦ୍ୱୟ ସେମାନଙ୍କ କର୍ଣ୍ଣମୂଳର ଓ ସମ୍ମୁଖର ଦୀର୍ଘକେଶ ଆକର୍ଷଣ ପୂର୍ବକ ତାକୁ ଯନ୍ତ୍ରଣା ଦେଉଥାନ୍ତି ଓ ମୁହଁରେ 'ଖଡ଼୍‌ବଟ୍ ! ଖଡ଼୍‌ବଟ୍' ଶବ୍ଦ ଉଚ୍ଚାରଣକରି ସେମାନଙ୍କୁ ଦୌଡ଼ାଇ ଅଶ୍ୱାରୋହଣ ସୁଖ ଉପଭୋଗ କରୁଥାନ୍ତି । ଦିନେ ଜଣେ ରାଜକୁମାରଙ୍କୁ ଓହ୍ଲାଇ ଦେଉଥିବା ସମୟରେ ଦେଖିଲି ନର-ଅଶ୍ୱର ଚକ୍ଷୁଦ୍ୱୟରୁ ଅବିଶ୍ରାନ୍ତ ଅଶ୍ରୁଧାରା ନିର୍ଗତ ହେଉଅଛି । ଆଉ ଦିନେ ଜଣେ ରାଜକୁମାରଙ୍କ ହସ୍ତରେ ଜଖମ ଓ ଗୋଡ଼ରେ ପଟ୍ଟି ବନ୍ଧାହୋଇଛି । ପଚାରି ବୁଝିଲି, ଭୃତ୍ୟଟି ତାହାଙ୍କୁ ବାଟରେ କଚାଡ଼ି ଦେଇଛି ଓ ସେ ସେହି କାର୍ଯ୍ୟରୁ ଅବ୍ୟାହତି ପାଇଛି ।

ଛପନ ସାଲର ଦୁର୍ଭିକ୍ଷ – କି ଭୟାବହ ଦୁର୍ଭିକ୍ଷ ! ମନେହେଲେ ଆଜି ଦେହ ଶୀତେଇ ଉଠୁଛି । ଦ୍ୱିତୀୟଶ୍ରେଣୀର ବାର୍ଷିକ ପରୀକ୍ଷା ପରେ ଗ୍ରୀଷ୍ମାବକାଶରେ ଆଗଲପୁରକୁ

Digitized by srujanika@gmail.com

ଆସି ଛୁଟି କଟାଇଲି । ଏହା ୧୮୯୯ ମସିହା, ସମ୍ବତ୍ ୧୯୫୬ ସାଲ । ସେତେବେଳେ ମୋତେ ୧୨-୧୩ ବର୍ଷ ବୟସ । ସେହି କରାଳ ଦୁର୍ଭିକ୍ଷର ଯେଉଁ ମର୍ମନ୍ତୁଦ ଦୃଶ୍ୟସମୂହ ମୁଁ ଦେଖିଅଛି ସେ ସମସ୍ତ ମୋ ମାନସପଟରେ ସ୍ପଷ୍ଟ ଭାବରେ ଅଙ୍କିତ ହୋଇ ରହିଅଛି । ବାଲ୍ୟକାଳର ଅନୁଭୂତି ସେତେ ଶିକ୍ଷାପଯୋଗୀ ନୁହେଁ; କାରଣ ସମସ୍ତ ବିଷୟ ସେହି ସମୟରେ ବୁଝା ପଡ଼େନାହିଁ । କ୍ରମେ ବୟସ ବୃଦ୍ଧି ସଙ୍ଗେ ସଂସାରର ବାଲ୍ୟସ୍ମୃତିର ସମ୍ମିଶ୍ରଣରେ ପୂର୍ବାନୁଭୂତ ବିଷୟଗୁଡ଼ିକ ସ୍ପଷ୍ଟ ହୋଇପଡ଼େ ।

ଗ୍ରୀଷ୍ମାବକାଶରେ ଘରକୁ ଆସି ଦେଖିଲି ଗ୍ରାମଟି ପ୍ରବାସୀ ଲୋକଙ୍କ ଦ୍ୱାରା କ୍ରମେ କ୍ରମେ ପୂର୍ଣ୍ଣ ହୋଇଯାଉଅଛି । ପ୍ରତ୍ୟହ ଦଳ ଦଳ ଲୋକ - ପୁରୁଷ, ସ୍ତ୍ରୀ, ଶିଶୁ - ଆସି ସମସ୍ତେ ଘରେ ଘରେ ଭିକ୍ଷାକରି ବୁଲୁଛନ୍ତି । ଏମାନେ ଛତିଶଗଡ଼ୀ ଲରିୟା ଭାଷା କହୁଛନ୍ତି । ଛତିଶଗଡ଼ ବୋଇଲେ ରାୟପୁର ଓ ବିଳାସପୁର ଜିଲ୍ଲା । ଉଭୟ ଜିଲ୍ଲାର ସୀମା ସମ୍ବଲପୁର, ପାଟଣା ଓ କଳାହାଣ୍ଡି ରାଜ୍ୟର ସୀମା ସହିତ ସଂଲଗ୍ନ । ସେହି ସମୟରେ ଏହି ଦୁଇଜିଲ୍ଲା ଓ ସମ୍ବଲପୁର ଦ୍ୱାରା ଛତିଶଗଡ଼ ବିଭାଗ ଗଠିତ ହୋଇଥିଲା । ଆଜିକାଲି ରାୟପୁର ଜିଲ୍ଲାରେ ଥିବା ଫୁଲଝର ଜମିଦାରୀ ସେହି ସମୟର ସମ୍ବଲପୁର ଜିଲ୍ଲାର ଏକାଂଶ ଥିଲା । ୧୯୦୫ ମସିହାରେ ସମ୍ବଲପୁର ଓଡ଼ିଶା ସହିତ ମିଳିତ ହେବା ସମୟରେ ଫୁଲଝର ମଧ୍ୟପ୍ରଦେଶରେ ରହିଯାଇ ରାୟପୁର ଜିଲ୍ଲାର ଅନ୍ତର୍ଭୁକ୍ତ ହେଲା । ରାୟପୁର, ବିଳାସପୁର ଓ ଫୁଲଝର ଅଞ୍ଚଳରେ କ୍ରମାଗତ ତିନିଚାରି ବର୍ଷର ଅନାବୃଷ୍ଟି ଯୋଗୁଁ ପ୍ରତିବର୍ଷ ଫସଲ ନଷ୍ଟ ହେଉଥିଲା ଓ ଅନ୍ନକ୍ଲିଷ୍ଟ ଅଧିବାସୀଗଣ ଇତସ୍ତତଃ ବିକ୍ଷିପ୍ତ ହୋଇ ସେମାନଙ୍କ ମଧ୍ୟରୁ କେତେକ ଆଗଲପୁରକୁ ଚାଲି ଆସିଥିଲେ । କିନ୍ତୁ ଏହି ଅଞ୍ଚଳ ସୁଦ୍ଧା ଏହି ବିପଦରୁ ମୁକ୍ତ ନଥିଲା । ଛତିଶଗଡ଼ର ଅବସ୍ଥା ପାଟଣାରେ ମଧ୍ୟ ଅନୁଭୂତ ହେଉଥିଲା । ମୋର ମନେହେଉଛି ଅନ୍ନାଭାବ ଆଗଲପୁରରେ ସୁଦ୍ଧା ତୀବ୍ରାକାର ଧାରଣ କରିଥିଲା । ସ୍ଥାନୀୟ ଅଧିବାସୀଙ୍କ ସହିତ ଆଗନ୍ତୁକଙ୍କୁ ଅନ୍ନ ଯୋଗାଇବା କଷ୍ଟସାଧ୍ୟ ହୋଇଥିଲା । ପ୍ରଥମରେ ନିମ୍ନଶ୍ରେଣୀୟ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟିହେଲା ଓ ଏମାନେ ସୁଦ୍ଧା ଆଗନ୍ତୁକଙ୍କ ତୁଲ୍ୟ ଭିକ୍ଷା ମାଗିବାକୁ ଘରେ ଘରେ ବୁଲିଲେ । ଚତୁର୍ଦ୍ଦିଗରେ ହା ଅନ୍ନ ! ହା ଅନ୍ନ ର କରୁଣ ଚିତ୍କାର । ଜମିଦାରଙ୍କ ଘର ନିକଟବର୍ତ୍ତୀ ଏକ ସ୍ଥାନରେ ସାଧାରଣ କାଙ୍ଗାଳିଙ୍କ ସକାଶେ ଅନ୍ନସତ୍ର ଖୋଲିଦିଆହେଲା । ଅନେକ ସେଠାକୁ ଯାଇ ମୁଠାଏ ମୁଠାଏ ଭାତ ଘେନି ଆସୁଥିଲେ । ସଙ୍ଗେ ସଙ୍ଗେ ଭୀଷଣ ଭାବରେ ବସନ୍ତ ଓ କଲେରାର ଆବିର୍ଭାବ ହେଲା । ଦେଖାଗଲା ପ୍ରାୟ ପ୍ରତ୍ୟେକ ଗୃହରେ କେହି ନା କେହି ଏହି ରୋଗର କବଳରେ ପଡ଼ିଅଛନ୍ତି । ଅଳ୍ପ ଅଳ୍ପ ହୋଇ ମୃତସଂଖ୍ୟା ବୃଦ୍ଧି ହେବାକୁ ଯାଉଅଛି । କେତେକ ପରିବାର ଏକାବେଳେ ନିର୍ମ୍ମୂଳ ହୋଇଗଲେ । କଲେରାର ଆବିର୍ଭାବରେ ଏ ଅଞ୍ଚଳରେ ଘରଦ୍ୱାର ପଡ଼ିଯାଏ । ଲୋକେ ଭୟଭୀତ ହୋଇ ଗୃହତ୍ୟାଗକରି ଜଙ୍ଗଲକୁ ଯାଇ ରହନ୍ତି । ଆଉ କେହି ଗୃହ

Digitized by srujanika@gmail.com

ତ୍ୟାଗ କରିନପାରିଲେ ଦ୍ୱାରରୁଦ୍ଧ କରି ତନ୍ମଧ୍ୟରେ ଯଥାସାଧ୍ୟ ଦୈନନ୍ଦିନ ଜୀବନଯାପନ କରନ୍ତି । ଯେଉଁ ଜମିଦାର ଗୃହ ଆଗଲପୁରବାସୀଙ୍କ ସକାଶେ ସର୍ବଦା ଅବାରିତଦ୍ୱାର ଥିଲା ତାହାର ସଦର ଫାଟକ ଗୋଟିଏ ବୃହତ୍ କବାଟ ଦ୍ୱାରା ଯେଉଁଦିନ ରୁଦ୍ଧହେଲା ସେହିଦିନ ଦରିଦ୍ର ବ୍ୟକ୍ତିଙ୍କ ଅନ୍ନକଷ୍ଟ ଆରମ୍ଭ ହୋଇଥିଲା । ଜମିଦାର ପରିବାର ଦରିଦ୍ରଙ୍କ ପ୍ରତି ସଦୟ ଓ ସର୍ବଦା ଦାନଶୀଳ ଥିଲେ ଓ ଯେ ଯେତେବେଳେ ତାଙ୍କ ଦ୍ୱାରସ୍ଥ ହେଉଥିଲା ଶୂନ୍ୟ ହସ୍ତରେ ଫେରୁନଥିଲା । ତାହା ବନ୍ଦ ହୋଇଗଲା । ଲୋକେ ଗଛର କଅଁଳ ପତ୍ର, ମୂଳ, ପୋଖରୀ ପଙ୍କରୁ ଖୋଳି କନ୍ଦା ପ୍ରଭୃତି ଖାଇଲେ ଓ ଅଜୀର୍ଣ୍ଣରେ ପ୍ରାଣତ୍ୟାଗ କରିବାକୁ ଲାଗିଲେ । ଗାଈ, ଗୋରୁ, ବାସନ, ବର୍ତ୍ତନ ତଥା ଯାହାଘରେ ଯାହା ଥିଲା ସର୍ବସ୍ୱ ବିକ୍ରି କଲେ । ତଥାପି ଅନ୍ନକଷ୍ଟ ବହୁଦିନ ପର୍ଯ୍ୟନ୍ତ ଗଲାନାହିଁ । ଏହି ଭୟାବହ ପରିସ୍ଥିତି ମଧ୍ୟରେ ଗ୍ରୀଷ୍ମାବକାଶ ଅତିବାହିତ ହେଲା । ମୋ ମା' କଲେରାରେ ଆକ୍ରାନ୍ତ ହେଲେ । କିନ୍ତୁ ଗ୍ରାମର ବୈଦ୍ୟ, ଗୋବିନ୍ଦ ବେହେରାଙ୍କ ଚିକିତ୍ସାରେ ଆରୋଗ୍ୟ ଲାଭକଲେ ।

ଗ୍ରୀଷ୍ମାବକାଶ ଶେଷରେ ଗ୍ରାମର ଆଉ ଜଣେ ବଲାଙ୍ଗିର ସ୍କୁଲର ଛାତ୍ର ସହିତ ମୁଁ ବଲାଙ୍ଗିର ଅଭିମୁଖେ ଯାତ୍ରାକଲି । ଯିବା ବାଟରେ ଭରସୁଜା ଗ୍ରାମର ଦୁଇଜଣ ପିଲା ଆମ୍ଭମାନଙ୍କ ସଙ୍ଗୀ ହେଲେ । ଆଗଲପୁରରୁ ପ୍ରାୟ ପନ୍ଦର ମାଇଲ ଦୂରସ୍ଥ ଲୋଇସିଂହା ଗ୍ରାମରେ ଆମ୍ଭେମାନେ ଉପସ୍ଥିତ ହୋଇ ଏହି ଗ୍ରାମର ସହାଧ୍ୟାୟୀମାନଙ୍କ ସାହାଯ୍ୟରେ ଏହି ସ୍ଥାନର ସ୍କୁଲ୍ ଗୃହର ଗୋଟିଏ କକ୍ଷରେ ରୋଷେଇ କଲୁଁ । ରୋଷେଇ ସାରି ଆମ୍ଭେମାନେ ନିକଟବର୍ତ୍ତୀ ଜଳାଶୟକୁ ସ୍ନାନ ସକାଶେ ଗଲୁଁ ଓ ଫେରି ଦେଖିଲୁ ଯେ ରୋଷେଇ ସ୍ଥାନରେ ଦଶବାର ଜଣ ବାଳକ ଓ ବାଳିକା ପଶି ହାଣ୍ଡିରୁ ଭାତ ଖାଉଛନ୍ତି । ଆମ୍ଭମାନଙ୍କୁ ଦେଖି ସେମାନେ ବାହାରି ପଳାଇବାକୁ ଲାଗିଲେ । ଆମ୍ଭମାନଙ୍କ ମଧ୍ୟରୁ କେହି କେହି ସେମାନଙ୍କ ପଛରେ ଗୋଡ଼ାଇବାକୁ ଲାଗିଲେ । ଅଳ୍ପଦୂର ପର୍ଯ୍ୟନ୍ତ ଯାଇ ସେହି ବାଳକ ବାଳିକାଙ୍କ ମଧ୍ୟରୁ ଅଳ୍ପ ସମୟ ମଧ୍ୟରେ ଚାରିପାଞ୍ଚ ଜଣ ତଳେ ପଡ଼ିଗଲେ ଓ ଆମ୍ଭେମାନେ ସେମାନଙ୍କ ପାଖକୁ ଯାଇ ଦେଖିଲୁ ଯେ ସେମାନଙ୍କ ପ୍ରାଣ ଚାଲି ଯାଉଅଛି । କେତେ ଦିନ ଅନ୍ନ ଛାଡ଼ି ପେଟ ଶୂନ୍ୟ ହୋଇଯାଇଥିଲା । ବର୍ତ୍ତମାନ ଅନ୍ନ ଚାପ ସମ୍ଭାଳି ପାରିଲା ନାହିଁ । ଏହି ଅବସ୍ଥା ଦର୍ଶନରେ ଆମ୍ଭେମାନେ ଦୁଃଖ ଓ ଭୟରେ ଅସ୍ଥିର ହୋଇ ତନ୍ମୁହୂର୍ତ୍ତରେ ଲୋଇସିଂହା ତ୍ୟାଗକଲୁ ।

ବଲାଙ୍ଗିରକୁ ଆସି ଦେଖିଲି ସେଠାରେ ସୁଦ୍ଧା ଦୁର୍ଭିକ୍ଷର କରାଳ ଦୃଶ୍ୟ ପୂର୍ଣ୍ଣମାତ୍ରାରେ ବିଦ୍ୟମାନ ହୋଇରହିଅଛି । ଲୋକେ ଅନ୍ନସତ୍ରରୁ ଅନ୍ନ ନେଇ ଖାଉଅଛନ୍ତି । କଲେରା, ବସନ୍ତର ଉପଶମ ନାହିଁ । ସ୍କୁଲ ନିକଟସ୍ଥ ବୃହତ୍ କରଙ୍ଗାକଟା ଜଳଶୂନ୍ୟ ହୋଇ ପଡ଼ିଅଛି ଓ ତାହାର ହିଡ଼ ଉପରେ ସ୍ଥାନେ ସ୍ଥାନେ ଶବ ପଡ଼ିଅଛି । ରାତିରେ ବହୁସଂଖ୍ୟକ କୁକୁରର କରୁଣ ଶବ୍ଦ । ଗୋରୁ ସମୂହର ଅସ୍ୱାଭାବିକ ହମ୍ବାରବ, ଆକାଶର ଉଡ୍ଡୀନ କାକଗୁଡ଼ିକର

Digitized by srujanika@gmail.com

କା କା ରାବ ରାତ୍ରିର ବିଭୀଷିକାକୁ ଆହୁରି ଭୟାବହ କରିଅଛି ଓ ନିକଟବର୍ତ୍ତୀ ଗୃହଗୁଡ଼ିକରୁ ଉତ୍‌ଥିତ ମା, ଝିଅ, ଭଉଣୀଙ୍କ କରୁଣ ବିଳାପରେ ଆମ୍ଭମାନଙ୍କ କୋମଳ ବାଳହୃଦୟ ଆଲୋଡ଼ିତ ହୋଇଯାଉଅଛି ।

ସେ କାଳର ରାସ୍ତାଘାଟର ଦୁର୍ଗମତା ଓ ଯାନବାହନର ଅଭାବ ଯୋଗୁଁ ଅଳ୍ପ ସମୟ ମଧ୍ୟରେ ଦୁର୍ଭିକ୍ଷର କରାଳତା ତୀବ୍ର ହୋଇପଡୁଥିଲା । ରେଙ୍ଗୁନର ମୋଟା ଚାଉଳ, ବଳଦଗାଡ଼ିରେ ସମ୍ବଲପୁର ଷ୍ଟେସନରୁ ଗତିକରି ବଲାଙ୍ଗିରରେ ପହଞ୍ଚିଲାବେଳକୁ ଯେତେ ବୋଝାଇ ହୋଇଥାଏ, ପଥରେ ଚୋରଙ୍କ ଉପଦ୍ରବରେ ତହିଁରୁ ଅଧେ ରହିଥାଏ । ଏହି ଚାଉଳ ଟଙ୍କାରେ ୮/୯ ସେର ଲେଖାଏଁ ବିକ୍ରୟ ହେଉଥିଲା ।

ଦିନେ ଭୋର୍ ସମୟରେ ଆମ୍ଭମାନଙ୍କ ଛାତ୍ରାବାସକୁ ଲାଗି ରହିଥିବା ପାଟଣେଶ୍ୱରୀ ଦେବୀଙ୍କ ଦେଉଳ ସମ୍ମୁଖରେ ଅନେକ ଲୋକ ରୁଣ୍ଡ ହୋଇଥିବା ଦେଖି ଜଣକେତେ ପିଲା ସେଠାକୁ ଗଲୁ ଓ ଦେଖିଲୁ, ଜଣେ ବୁଢ଼ୀ ପାଟିକରୁଛି – ଆଣରେ ସେହି ପିଲାକୁ ଖାଇବିରେ, ତାକୁ ଖାଇବିରେ । ଆଉ ଉପସ୍ଥିତ ପିଲାଙ୍କ ଆଡ଼କୁ ଧାଇଁଯାଇ ୟାକୁ ଖାଇବି ରେ, ତାକୁ ଖାଇବି ରେ । ପିନ୍ଧିଛି ଖଣ୍ଡେ ଗାଢ଼ ହଳଦିଆ ଲୁଗା, କପାଳରେ ବୃହଦ୍ ମଣ୍ଡଳାକାର ସିନ୍ଦୂର, ଆଖି ତଳପତାରେ ମଧ୍ୟ ସିନ୍ଦୂର, କଅଁଳନ୍ତ ଦେହ ହଳଦୀରେ ଜରଜର, ତାହା ସଙ୍ଗେ ଭାର ଭାର ଦହିହାଣ୍ଡି, ଘିଅ, ଖଜା, ଦଶବାରଟା ଛେଳି, ଗୁଡ଼ାଏ କୁକୁଡ଼ା । ଯେଉଁଠାକୁ ଯାଉଛି ଏ ସମସ୍ତ ସଂଗ୍ରହ କରି ଆଣୁଛି । ସମସ୍ତେ କହୁଛନ୍ତି ସେ 'ସହୀ ବୁଢ଼ୀ' କହିବୁଲୁଛି ଦୁଇଦୁଇ ଜଣ ପୁରୁଷ ହେଉନ୍ତୁ ବା ସ୍ତ୍ରୀ ହେଉନ୍ତୁ ପରସ୍ପର ସହିତ ମହାପ୍ରସାଦ ସଙ୍ଗାତ ପରି ସହୀ ବସିବେ । ଯେ ନ ବସିବ ସେ ମରିଯିବ । ଏହା କହି ବୁଢ଼ୀ ନିଜ ଶୁଳ୍କ ଆଦାୟକରି ବୁଲୁଛି ଓ ଭୟରେ ଲୋକେ ତାକୁ ନିଜ ନିଜ ଦେୟ ଦେଉଛନ୍ତି ।

ବଖରିଆ ନାମକ ଜଣେ ଆଦିବାସୀ ବିଂଝାଲ ଗୋଟାଏ ଡକାୟତ ଦଳ ଗଠନକରି ପାଟଣା ଓ କଳାହାଣ୍ଡି ମଧ୍ୟସ୍ଥ ଜଙ୍ଗଲରେ ରହି ଭୀଷଣ ଡକାଏତି ଆରମ୍ଭ କଲା । ତାହାର ଉପଦ୍ରବରେ ସେହି ଅଞ୍ଚଳରେ ଭୀଷଣ ଆତଙ୍କ ସୃଷ୍ଟି ହେଲା । ବହୁଦିନ ପର୍ଯ୍ୟନ୍ତ ସ୍ଥାନୀୟ ପୋଲିସ ତାହାର ଉପଦ୍ରବ ଦମନ କରିପାରିଲେ ନାହିଁ । ପରିଶେଷରେ ସମ୍ବଲପୁରର ଗୋରା ପୋଲିସ ସୁପରିଟେଣ୍ଡେଣ୍ଟ ଆସିଲା ଉତ୍ତାରେ ତାଙ୍କ ସହିତ ଆସିଥିବା ପୋଲିସଦଳ ଦ୍ୱାରା ବଖରିଆ ଓ ତାହାର ସହଡକାଏତ ସମସ୍ତେ ଧୃତ ହେଲେ ଓ ଯଥା ସମୟରେ ବିଚାରାଳୟରେ ଦଣ୍ଡିତ ହେଲେ । ଶୁଣାଗଲା, ବଖରିଆ ଧନୀଲୋକଙ୍କ ଧନ ଅପହରଣ କରି ଦୁର୍ଭିକ୍ଷକ୍ଲିଷ୍ଟ ଲୋକଙ୍କ ମଧ୍ୟରେ ଖାଦ୍ୟ ବିତରଣ କରୁଥିଲା ଏବଂ ଏହି ଦୁଃଖ ସମୟର ସୁବିଧା ନେଇ ଧନବାନ ଲୋକେ ନିଜ ସଞ୍ଚିତ ଧନର ସଦ୍‌ବ୍ୟୟ କରିବା ପରିବର୍ତ୍ତେ ଧନବୃଦ୍ଧି କରିବାରେ ଲାଗିଥିବାରୁ ବଖରିଆ ଦୀନଦରିଦ୍ର ସମ୍ପ୍ରଦାୟର ଦୁଃଖ ମୋଚନାର୍ଥେ ଏହି ଭୀଷଣ ଉପାୟ ଅବଲମ୍ବନ କରିଥିଲା ।

Digitized by srujanika@gmail.com

ହାଇସ୍କୁଲରେ ଶିକ୍ଷା

୧୯୦୨ ମସିହା ଫେବୃୟାରୀ ମାସରେ ମଧ୍ୟ ପ୍ରଦେଶର ଶିକ୍ଷା ବିଭାଗଦ୍ୱାରା ପରିଚାଳିତ ମଧ୍ୟଇଂରେଜୀ ପରୀକ୍ଷାରେ ମୁଁ ଉତ୍ତୀର୍ଣ୍ଣ ହେଲି । ସେହି ସମୟରେ ବଲାଙ୍ଗିରରେ ହାଇସ୍କୁଲ ନଥିଲା । ସର୍ବପ୍ରଥମ ହାଇସ୍କୁଲ ହେଲା ୧୯୧୭ ମସିହାରେ । ସର୍ବାପେକ୍ଷା ନିକଟବର୍ତ୍ତୀ ହାଇସ୍କୁଲ ଥିଲା ସମ୍ବଲପୁରରେ । ସେଠାକୁ ମୁଁ ପଢ଼ିଯିବା ସକାଶେ ପ୍ରସ୍ତାବ ହେଲା । ଯିବାପୂର୍ବରୁ ପିତାମାତା ଆଦିଙ୍କୁ ଦେଖିଆସିବା ଅଭିପ୍ରାୟରେ ଘର ଆଗଲପୁରକୁ ଗଲି ଓ ଉଚ୍ଚ ଶିକ୍ଷା ସକାଶେ ମୁଁ ସମ୍ବଲପୁରକୁ ଯାଉଥିବା ଜଣାଇଲି । ଏହା ଶୁଣି ପିତାମାତା କାହିଁକି, ଅନ୍ୟାନ୍ୟ ଗ୍ରାମବାସୀ ସୁଦ୍ଧା ଆଶ୍ଚର୍ଯ୍ୟାନ୍ୱିତ ହେଲେ । ବଲାଙ୍ଗିରର ପାଠ ପରେ ଆଉ ପାଠ ରହିଲା କ'ଣ ? ବଲାଙ୍ଗିରର ଇଂରେଜୀ ପାଠରେ ତ ସମସ୍ତ ବିଦ୍ୟା ଶେଷ ! ସେହି ସମୟରେ କ୍ୱଚିତ କେହି ଉଚ୍ଚଶିକ୍ଷା ସକାଶେ ସ୍ଥାନାନ୍ତରକୁ ଯାଉଥିଲେ । ବଲାଙ୍ଗିରରେ ମଧ୍ୟଇଂରେଜୀ ପରୀକ୍ଷା ପାସ ହେଲାମାତ୍ରକେ ଦଶବାର ଟଙ୍କାରେ କୌଣସି ଗୋଟାଏ ଚାକିରି ମିଳିଯାଉଥିଲା । ସେଥିରୁ ଗୋଟାଏ କିଛି କରିବା ପାଇଁ ପିତା ମୋତେ ପରାମର୍ଶ ଦେଲେ । ମା' ତ ମୋତେ ଦୂରକୁ ଛାଡ଼ି ଦେବାପାଇଁ ଏକାନ୍ତ ନାରାଜ । କିନ୍ତୁ ମୁଁ ବୁଝାଇସୁଝାଇ ଉଚ୍ଚଶିକ୍ଷା ସକାଶେ ସମ୍ବଲପୁର ଯିବାପାଇଁ ସ୍ଥିରକରିଥିବା କହିଲି ଓ ଘରେ ଚାରିଦିନ ରହି ବଲାଙ୍ଗିରକୁ ଫେରିଆସିଲି । ପିତା ମୋ ସଙ୍ଗେ ଆସିଲେ ଓ ସମ୍ବଲପୁରକୁ ନଯିବା ପାଇଁ ମୋତେ ଉପଦେଶ ଦେବା ସକାଶେ ହେଡ୍‌ମାଷ୍ଟର ଶ୍ରୀ ବାଲୁଙ୍କେଶ୍ୱର ମିଶ୍ରଙ୍କୁ ଅନୁରୋଧ କଲେ । ୧୮୯୮ ରୁ ୧୯୦୨ ପର୍ଯ୍ୟନ୍ତ ଯେଉଁ ଚାରିବର୍ଷ ମୁଁ ବଲାଙ୍ଗିରରେ ରହିଥିଲି ତହିଁରୁ ପ୍ରଥମ ଦୁଇବର୍ଷ ଛାତ୍ରାବାସରେ ଥିଲି । ଶେଷ ଦୁଇବର୍ଷ ହେଡ୍‌ମାଷ୍ଟର ମିଶ୍ର ମହୋଦୟ ନିଜ ବସାରେ ରଖି ମୋତେ ପୁତ୍ର ତୁଲ୍ୟ ସ୍ନେହ ଓ ଯତ୍ନ କରିଥିଲେ । ଯେତେବେଳେ ପିତା ମୋତେ ସମ୍ବଲପୁରକୁ ନପଠାଇବା ପାଇଁ ଏକା ଜିଦ୍‌ଧରି ବସିଲେ ସେତେବେଳେ ହେଡ୍‌ମାଷ୍ଟର ମହୋଦୟ ତାଙ୍କୁ କହିଲେ ଯେ ସେ ମୋତେ ପୁଅକରି ନେଇ ସାରିଛନ୍ତି ଓ ମୋର ଉଚ୍ଚଶିକ୍ଷାର ସମସ୍ତ ଭାର ଗ୍ରହଣ କରିଅଛନ୍ତି ଏବଂ ଏଥିରେ ବାଧା ନ ଦେବାକୁ ଅନେକ ବୁଝାଇଲେ । ପରିଶେଷରେ ପିତା ବୁଝିଲେ ଓ ମୋତେ ଯିବାପାଇଁ ଅନୁମତି ଦେଲେ । ସେହି ବର୍ଷ ଆମ୍ଭେମାନେ ଚାରିଜଣ ପାସ କରିଥିଲୁଁ ଓ ତିନିଜଣ ଉଚ୍ଚଶିକ୍ଷା ସକାଶେ ସମ୍ବଲପୁରକୁ ବାହାରିଲୁଁ । ଜଣେ କଟକ ସର୍ଭେ ସ୍କୁଲକୁ ଗଲେ । ଷ୍ଟେଟ୍

Digitized by srujanika@gmail.com

ପ୍ରତ୍ୟେକଙ୍କୁ ମାସିକ ଛଅଟଙ୍କା ଲେଖାଏଁ ବୃତ୍ତି ଦେଲା । ୧୯୦୨ ମସିହା ଏପ୍ରିଲ୍ ମାସରେ ଆମ୍ଭେମାନେ ସମ୍ବଲପୁର ଜିଲ୍ଲା ସ୍କୁଲ୍‌ରେ ଯୋଗଦେଲୁ । ସୋନପୁର, କଳାହାଣ୍ଡି, ଖଡ଼ିଆଳ, ରାୟଗଡ଼ା ଓ ସାରଙ୍ଗଗଡ଼ରୁ କେତେଜଣ ପିଲା ମଧ୍ୟ ଆସିଲେ । ରାୟଗଡ଼ ଓ ସାରଙ୍ଗଗଡ଼ର ପିଲାମାନେ ହିନ୍ଦୀ ଭାଷା-ଭାଷୀ । କେତେକ ମରହଟ୍ଟା ଛାତ୍ର ମଧ୍ୟ ଆସି ଯୋଗଦେଲେ ।

ଶିକ୍ଷକମାନଙ୍କ ମଧ୍ୟରେ ପ୍ରାୟ ସମସ୍ତେ ମରହଟ୍ଟା ବା ହିନ୍ଦୁସ୍ଥାନୀ । ନିମ୍ନ ଶ୍ରେଣୀରେ ଜଣ କେତେ କେବଳ ସମ୍ବଲପୁରବାସୀ ଓଡ଼ିଆ । ହେଡ଼ମାଷ୍ଟର କିନ୍ତୁ ଓଡ଼ିଆ, ବାଲେଶ୍ୱରବାସୀ ଶ୍ରୀ ଦାଶରଥି ପାଣିଗ୍ରାହୀ । ସେ ପରେ କଟକ ଟ୍ରେନିଂ କଲେଜର ଅଧ୍ୟକ୍ଷ ହୋଇଥିଲେ । ଏହାଙ୍କ ପୂର୍ବେ ଉତ୍କଳର ଭକ୍ତକବି ମଧୁସୂଦନ ରାଓଙ୍କ ଜାମାତା ଶ୍ରୀ ବିଜୟଚନ୍ଦ୍ର ମଜୁମ୍‌ଦାର୍ ହେଡ୍‌ମାଷ୍ଟର ହୋଇଥିଲେ ।

ତିନିଦିନ କାଳ ବଳଦଗାଡ଼ିରେ ଆସି ସମ୍ବଲପୁରରେ ପହଞ୍ଚି ହେଡ୍‌ମାଷ୍ଟର ମହୋଦୟଙ୍କ ସଙ୍ଗେ ସାକ୍ଷାତ୍ କଲୁଁ । ସେ ଆମ୍ଭମାନଙ୍କ ସଙ୍ଗେ କଥାବାର୍ତ୍ତା କରି ନିଜେ ଆସି ଛାତ୍ରାବାସରେ ଆମ୍ଭମାନଙ୍କ ସକାଶେ ସ୍ଥାନ ନିର୍ଦ୍ଦେଶ କରିଦେଲେ । ଛାତ୍ରାବାସରେ ଛାତ୍ରମାନଙ୍କ ମେସ୍ ଥିଲା । ତହିଁରେ ଆମ୍ଭେମାନେ ଯୋଗଦେଲୁ । ମୋର ସମ୍ବଳ ଷ୍ଟେଟ୍ ପ୍ରଦତ୍ତ ବୃତ୍ତି ଛଅଟଙ୍କା । ଏହାର ମଧ୍ୟରେ ଚଳିବାକୁ ହେବ । ମୋର ଧର୍ମପିତା (ମୁଁ ଶ୍ରୀ ବାଲୁଙ୍କେଶ୍ୱର ମିଶ୍ରଙ୍କୁ ଧର୍ମପିତା କରିନେଇଥିଲି) ଆବଶ୍ୟକ ହେଲେ କିଛି କିଛି ପଠାଉଥିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମେସ୍ ଖର୍ଚ୍ଚ ତିନିଟଙ୍କାରୁ ଅଧିକ ନୁହେଁ । ସ୍କୁଲ ଦରମା ଦୁଇଟଙ୍କା । ଅବଶିଷ୍ଟ ଟଙ୍କାକରେ କିରୋସିନ୍ ଆଦି ଖର୍ଚ୍ଚ ଚଳାଇବାକୁ ହେଉଥିଲା, ବହି ଲୁଗାପଟା ଆଦି ସକାଶେ ଖର୍ଚ୍ଚ ସ୍ୱତନ୍ତ୍ର । ସେତେବେଳେ ସ୍କୁଲ ଦରମା ଥିଲା, ଅଭିଭାବକଙ୍କ ଆୟ ଅନୁସାରେ ଦୁଇଟଙ୍କାରୁ ଆଠଟଙ୍କା ପର୍ଯ୍ୟନ୍ତ ।

ସେହି ସମୟରେ ମଧ୍ୟପ୍ରଦେଶର ସ୍କୁଲ ଓ କଲେଜସମୂହ କଲିକତା ବିଶ୍ୱବିଦ୍ୟାଳୟର ଅନ୍ତର୍ଭୁକ୍ତ ଥିଲେ । ମଧ୍ୟପ୍ରଦେଶର କଲେଜ ବୋଇଲେ ଦୁଇଟି, ନାଗପୁରର ହିସଲପ୍ କଲେଜ ଓ ମରିସ୍ କଲେଜ । ଏଣ୍ଟ୍ରାନ୍ସ ପରୀକ୍ଷା ସକାଶେ ନିର୍ଦ୍ଦିଷ୍ଟ ବିଷୟ ଥିଲା, ଇଂରେଜୀ, ସାହିତ୍ୟ, ଗଣିତ, ସଂସ୍କୃତ, ଭାରତବର୍ଷ ଓ ଇଂଲଣ୍ଡର ଇତିହାସ ଭୂଗୋଳ ଓ ପ୍ରାଥମିକ ପଦାର୍ଥବିଜ୍ଞାନ । ଇଂରେଜୀରେ ବ୍ୟାକରଣ ସ୍ୱତନ୍ତ୍ର ସ୍ଥାନପ୍ରାପ୍ତ ହୋଇଥିଲା । ଏଣ୍ଟ୍ରାନ୍ସ ପରୀକ୍ଷାରେ ଇଂରାଜୀ ବିଷୟରେ ଦୁଇଟି ପ୍ରଶ୍ନ କାଗଜରୁ ଗୋଟିଏ କେବଳ ବ୍ୟାକରଣରେ ଓ ଏହାଦ୍ୱାରା ଇଂରେଜୀରେ ଉତ୍ତମ ଜ୍ଞାନଲାଭର ବ୍ୟବସ୍ଥା ଥିଲା । ଏହି ନିୟମ ପରବର୍ତ୍ତୀ ପ୍ରବର୍ତ୍ତିତ ମେଟ୍ରିକ୍ୟୁଲେସନ ପରୀକ୍ଷାରେ ପରିବର୍ତ୍ତିତ ହୋଇଗଲା । ଇଂରେଜୀ ବ୍ୟାକରଣ ଆଉ ଗୋଟିଏ ସ୍ୱତନ୍ତ୍ର ବିଷୟ ସ୍ୱରୂପ ପଢ଼ା ହେଲାନାହିଁ । ସାହିତ୍ୟ ପୁସ୍ତକ ଅନ୍ତର୍ଗତ ବିଷୟ ସହିତ ବ୍ୟାକରଣ ପାଠର ବ୍ୟବସ୍ଥା ହେଲା । ସୁତରାଂ ଦେଖାଗଲା, ଛାତ୍ରମାନେ ବିଦେଶୀୟ ଇଂରେଜୀ ଭାଷା ଶିକ୍ଷାରେ ଦୁର୍ବଳ ହୋଇପଡ଼ିଲେ । ଓଡ଼ିଆ ବା ହିନ୍ଦୀର ସ୍ଥାନ

Digitized by srujanika@gmail.com

ନଥିଲା । ଆଜିକାଲି ପରି ପାଠ୍ୟପୁସ୍ତକର ଘନଘନ ପରିବର୍ତ୍ତନ ଓ ଏତେ ଖାତାପତ୍ରର ବ୍ୟବହାର ନଥିଲା । ଏଣ୍ଟ୍ରାନ୍ସ କୋର୍ସ (Entrance Course) ନାମକ ନାନା ଲେଖକଙ୍କ ଗଦ୍ୟ–ପଦ୍ୟ ସମ୍ବଳିତ ଖଣ୍ଡେ ବହି ବାପଠାରୁ ପୁଅ ପର୍ଯ୍ୟନ୍ତ ପଢୁଥିଲେ । ମୂଲ୍ୟ ଦେଢ଼ଟଙ୍କା ମାତ୍ର ଥିଲା ।

ମରହଟ୍ଟା ଓ ହିନ୍ଦୁସ୍ଥାନୀ ଶିକ୍ଷକମାନେ ଓଡ଼ିଆ ପିଲାଙ୍କ ସଙ୍ଗେ ଓ ଓଡ଼ିଆ ଶିକ୍ଷକମାନେ ମରହଟ୍ଟା ଓ ହିନ୍ଦୁସ୍ଥାନୀ ପିଲାଙ୍କ ସଙ୍ଗେ ହିନ୍ଦୀରେ କଥାବାର୍ତ୍ତା କରନ୍ତି । ମଧ୍ୟପ୍ରଦେଶ ହିନ୍ଦୀ ଓ ମରହଟ୍ଟା ଭାଷାଭାଷୀ ଥିବାରୁ ସମ୍ବଲପୁରରେ ହିନ୍ଦୀ ଭାଷାର ପ୍ରଭାବ ପ୍ରବଳ ଥିଲା । ଅଠରଗୋଟି ଜିଲ୍ଲା ମଧ୍ୟରେ ଏକମାତ୍ର ଓଡ଼ିଆଭାଷୀ ଜିଲ୍ଲା ସମ୍ବଲପୁର । ଆମ୍ଭେମାନେ ଊଣାଅଧିକ ହିନ୍ଦୀଭାଷା ଶିକ୍ଷା କରୁଥିଲୁଁ । ଅନେକ ଓଡ଼ିଆ ପିଲା ମରହଟ୍ଟା ଓ ହିନ୍ଦୁସ୍ଥାନୀ ପିଲାଙ୍କ ପରି ମୁଣ୍ଡରେ ଟୋପି ଦେଇ ଆସନ୍ତି । ପରିଦର୍ଶକଙ୍କ ପରିଦର୍ଶନ ସମୟରେ ଟୋପି ପିନ୍ଧି ଆସିବାପାଇଁ ପିଲାମାନଙ୍କୁ ଏକପ୍ରକାର ବାଧ୍ୟ କରାହେଉଥିଲା । ଏଣ୍ଟ୍ରାନ୍ସ ପରୀକ୍ଷା ସକାଶେ ଓଡ଼ିଆ ତ ନଥିଲା । ସୁତରାଂ ହିନ୍ଦୀଭାଷା ବ୍ୟବହାରରେ ଆମ୍ଭମାନଙ୍କୁ ଅସୁବିଧା ଭୋଗ କରିବାକୁ ହେଉନଥିଲା । ବରଂ ଗୋଟିଏ ଅତିରିକ୍ତ ଭାଷା ଶିକ୍ଷା ହେଉଥିଲା ।

ଆଜିକାଲି ପରି ସ୍କୁଲ୍ ଇନ୍ସପେକ୍ଟରଙ୍କ ହାଇସ୍କୁଲ୍ ପରିଦର୍ଶନର ଅଧିକାଂଶ, ବାହ୍ୟ ବିଷୟଗୁଡ଼ିକର ଅନୁସନ୍ଧାନରେ ପର୍ଯ୍ୟବସିତ ନଥିଲା । McGavin Spence ନାମକ ଜଣେ ଇଂରେଜ ଛତିଶଗଡ଼ ବିଭାଗର (ରାୟପୁର, ବିଳାସପୁର ଓ ସମ୍ବଲପୁର ଜିଲ୍ଲା) ସ୍କୁଲ ସମୂହର ଇନ୍ସପେକ୍ଟର ଥିଲେ । ତାଙ୍କ ପରେ ଆସିଲେ ଶ୍ରୀ କୈଳାସଚନ୍ଦ୍ର ଦତ୍ତ । ପରିଦର୍ଶନରେ ସେମାନେ ପ୍ରତ୍ୟେକ ଶ୍ରେଣୀର ପ୍ରତ୍ୟେକ ବିଷୟରେ ପିଲାଙ୍କୁ ପରୀକ୍ଷା କରୁଥିଲେ । ଏଥିଯୋଗୁଁ ଶିକ୍ଷକମାନେ ମନଯୋଗ ସହକାରେ ପିଲାଙ୍କୁ ପଢ଼ାଇବାରେ ପରିଶ୍ରମ କରୁଥିଲେ । ପ୍ରାଇଭେଟ୍ ଟିଉଶନ୍ ଜଣା ନଥିଲା । ପରୀକ୍ଷା ହେବାର କିଛିଦିନ ପୂର୍ବେ ହେଡ୍‌ମାଷ୍ଟର ଶ୍ରୀ ଦାଶରଥି ପାଣିଗ୍ରାହୀ ରାତ୍ରିରେ ଛାତ୍ରାବାସକୁ ଆସି ଆମ୍ଭମାନଙ୍କୁ ପଢ଼ାଉଥିଲେ ।

ହାଇସ୍କୁଲରେ ଶିକ୍ଷକମାନେ ପିଲାଙ୍କୁ ପଢ଼ାଇବାରେ ଯତ୍ନ କରୁଥିଲେ ହେଁ ନାନା କାରଣରୁ ସମ୍ବଲପୁରର ଆବ୍‌ହାଓଆ ଅନୁକୂଳ ନଥିଲା । ତେଣୁ ଶିକ୍ଷା ଆଶାନୁରୂପ ହେଉନଥିଲା । ସେହି ସମୟରେ ସମ୍ବଲପୁରର ଗ୍ରାଜୁଏଟ୍ ମୁଷ୍ଟିମେୟ । (୧) ବୈକୁଣ୍ଠନାଥ ପୂଜାରୀ, ଏମ୍.ଏ. (୧୮୯୭), (୨) ନୀଳକଣ୍ଠ ପୂଜାରୀ, ବି.ଏ., ବି.ଏଲ୍. (୧୯୦୨), (୩) ରାମନାରାୟଣ ମିଶ୍ର, ଏମ୍.ଏ.ବି.ଏଲ୍ (୧୯୦୨), (୪)ତ୍ରିବିକ୍ରମ ପୂଜାରୀ, ବି.ଏ. (୧୯୦୩), (୫) ବାଲୁକେଶ୍ୱର ମିଶ୍ର, ବି.ଏ.ବି.ଏଲ୍., (୬) ରାମପ୍ରସାଦ ବହିଦାର, ବି.ଏ. (୧୯୦୬) । ମଧ୍ୟପ୍ରଦେଶରୁ ବହୁସଂଖ୍ୟକ ମରହଟ୍ଟା ଓ ହିନ୍ଦୁସ୍ଥାନୀ ଆସି ସରକାରୀ ଚାକିରି ଓ ଅନ୍ୟାନ୍ୟ ବ୍ୟବସାୟରେ ସମ୍ବଲପୁର ଦଖଲ କରିନେଇଥିଲେ । ସମ୍ବଲପୁର

Digitized by srujanika@gmail.com

ଅଧିବାସୀଙ୍କ ସହିତ ସେମାନଙ୍କ ସଂଘର୍ଷ ସାଧାରଣ ବ୍ୟାପାର ହୋଇଥିଲା । ପ୍ରାଥମିକ ଶିକ୍ଷାରେ ସୁଦ୍ଧା ଜିଲ୍ଲା ଏକାନ୍ତ ପଶ୍ଚାତ୍‌ପଦ ଥିଲା । ପ୍ରାଥମିକ ସ୍କୁଲ ସମୂହ ଜଣେ ହିନ୍ଦୁସ୍ଥାନୀ ହାତରେ, ସେ ଡେପୁଟି ଇନ୍‌ସ୍‌ପେକ୍ଟର ଗୋଲାପ ସିଂହ – ଓଡ଼ିଆଭାଷାନଭିଜ୍ଞ । ତାଙ୍କ ତଳେ ଈଶ୍ୱରୀପ୍ରସାଦ ତେଓ୍ୱାରୀ, ସେ ମଧ୍ୟ ହିନ୍ଦୁସ୍ଥାନର । ମରହଟ୍ଟାଙ୍କ ହସ୍ତରେ ସ୍ଥାନୀୟ ଲୋକଙ୍କ ନିର୍ଯ୍ୟାତନା ଅତ୍ୟନ୍ତ ପ୍ରବଳ ହୋଇ ଉଠିଥିଲା । ମରହଟ୍ଟା ଓ ହିନ୍ଦୁସ୍ଥାନୀମାନେ କ୍ରମେ ଓଡ଼ିଆଙ୍କ ଜାତୀୟତାକୁ ଲୋପ କରିବାକୁ ବସିଲେ । ସେମାନେ ଦାବି କଲେ ଯେ, ସମ୍ବଲପୁରରୁ ଓଡ଼ିଆ ଭାଷା ଏକାବେଳକେ ବିତାଡ଼ିତ ହେଉ । ସମ୍ବଲପୁର ଲୋକଙ୍କ କଥିତ ଭାଷାର ସାମାନ୍ୟ ଭାବରେ ହିନ୍ଦୀ ମିଶ୍ରିତ ଥିଲେ ହେଁ ଲୋକେ ଓଡ଼ିଆ – ଏମାନଙ୍କ ଭାଷା ଓଡ଼ିଆ – ରୀତି ନୀତି, ସାମାଜିକ ବ୍ୟବହାର ସମସ୍ତ ଓଡ଼ିଆ । ସ୍କୁଲ ସମୂହରୁ ଓଡ଼ିଆ ଭାଷାର ପ୍ରଚଳନ ଉଠିଯାଇ ହିନ୍ଦୀ ଭାଷାର ପ୍ରଚଳନର ଉଦ୍ୟମ ହେଲା । ଅଦାଲତରୁ ଓଡ଼ିଆଭାଷା ଉଠାଇ ଦିଆଗଲା । ଏହା ହେଲା ମଧ୍ୟପ୍ରଦେଶର ତଦାନୀନ୍ତନ ଚିଫ୍ କମିଶନର ସର୍ ଜନ୍ ଉଡ୍‌ବର୍ଣ୍ଣଙ୍କ ଅମଳରେ । ଲୋକେ ମାଲିମକଦ୍ଦମାରେ ଅତ୍ୟନ୍ତ ଅସୁବିଧା ଭୋଗକଲେ । ହାକିମଙ୍କ ମଧ୍ୟରେ ଓଡ଼ିଆ କେହି ନାହାଁନ୍ତି – ଏକମାତ୍ର ଓଡ଼ିଆ, ଏକ୍‌ଷ୍ଟ୍ରା ଆସିଷ୍ଟାଣ୍ଟ କମିଶନର ଶ୍ରୀ ବୈକୁଣ୍ଠନାଥ ପୂଜାରୀ, ଏମ୍.ଏ. – ଥିଲେ ନାଗପୁରରେ । ୧୯୦୩ ମସିହାରେ ତାଙ୍କର ଅକାଳ ବିୟୋଗ ହୋଇଗଲା । ଏହାଙ୍କ ଉତ୍ତାରେ ଉଚ୍ଚପଦରେ ରାଜକର୍ମଚାରୀ ଆଉ କେହି ରହିଲେ ନାହିଁ । ସେତେବେଳେ ସମ୍ବଲପୁରର ଜିଲ୍ଲା ହାକିମ ଡେପୁଟି କମିଶନର ଶଙ୍କର ମାଧୋଚିଟ୍‌ବିନିସ୍ – ମରହଟ୍ଟା । ଅଧୀନସ୍ଥ ହାକିମ, କିରାଣୀ ପ୍ରାୟ ସମସ୍ତେ ମରହଟ୍ଟା ବା ହିନ୍ଦୁସ୍ଥାନୀ । ଏହି ପରିସ୍ଥିତିରେ ଓଡ଼ିଆ ମୁଣ୍ଡଟେକି ରହିବା କଷ୍ଟକର ବ୍ୟାପାର ହୋଇଥିଲା । କିନ୍ତୁ ସମ୍ବଲପୁରରେ ସ୍ୱଦେଶ ଓ ସ୍ୱଭାଷାପ୍ରେମର ଅଭାବ ନଥିଲା । ଏହି ଜୀବନମରଣ ସମସ୍ୟାର ସମାଧାନ ସକାଶେ ସମ୍ବଲପୁରର ବୀର ସନ୍ତାନଗଣ ଲାଗିପଡ଼ିଲେ । ମାତୃଭାଷାକୁ ସଜୀବ ରଖିବା ସକାଶେ ଉପାୟ ଉଦ୍‌ଭାବନ କଲେ । ସ୍ଥାନେ ସ୍ଥାନେ ସଭାହୋଇ ଜିଲ୍ଲାବାସୀଙ୍କୁ ମାତୃଭାଷା ରକ୍ଷାର ମହାମନ୍ତ୍ରରେ ଉଦ୍‌ବୁଦ୍ଧ କରାହେଲା । ତଦାନୀନ୍ତନ ଭାରତର ବଡ଼ଲାଟ୍ ଲର୍ଡ଼ କର୍ଜନ୍‌ଙ୍କ ସହିତ ସାକ୍ଷାତ କରି ତାଙ୍କଠାରେ ସମ୍ବଲପୁରରେ ଓଡ଼ିଆ ଭାଷାର ପୁନଃପ୍ରତିଷ୍ଠା କରି ଓଡ଼ିଆ ଜାତିର ଜାତୀୟତା ରକ୍ଷା ସକାଶେ ଗୁହାରୀ କରିବାପାଇଁ ଏକ ଦଳ ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ପଠାଇବା ପାଇଁ ସ୍ଥିର ହେଲା । ଏହି ଗୁରୁତର କାର୍ଯ୍ୟ ସ୍ୱର୍ଗୀୟ ଶ୍ରୀପତି ମିଶ୍ର, ବ୍ରଜମୋହନ ପଟ୍ଟନାୟକ, ବିହାରୀ ଦାସ ମହନ୍ତ, ବଳଭଦ୍ର ସୁପକାର ଓ ମଦନମୋହନ ମିଶ୍ରଙ୍କ ଉପରେ ନ୍ୟସ୍ତ ହେଲା । ଏମାନେ ସିମଳା ଯାତ୍ରାକଲେ । କିନ୍ତୁ ସିମଳାରେ ଉପସ୍ଥିତ ହୋଇ ଲର୍ଡ଼ କର୍ଜନ୍‌ଙ୍କ ସଙ୍ଗେ ସାକ୍ଷାତ କରିବା ଆବଶ୍ୟକ ହେଲାନାହିଁ । ସିମଳା ଭାରତ ସରକାରଙ୍କ ଗ୍ରୀଷ୍ମାବାସ । ଏମାନେ ସିମଳାରେ ଶୁଣିଲେ ଯେ ମଧ୍ୟପ୍ରଦେଶର ଚିଫ୍ କମିଶନର ସାର୍ ଏଣ୍ଡ୍ରୁ ଫେଜର୍

Digitized by srujanika@gmail.com

ମଧ୍ୟ ସିମଳାରେ ଅଛନ୍ତି । ଫ୍ରେଜର ସାହେବ ସମ୍ବଲପୁରରେ ଅପରିଚିତ ନଥିଲେ । ସେ ଭାରତବର୍ଷକୁ ଆସି ସର୍ବପ୍ରଥମରେ ଆସିଷ୍ଟାଣ୍ଟ କମିଶନର୍ ହୋଇ ସମ୍ବଲପୁରରେ ଅବସ୍ଥାପିତ ହୋଇଥିଲେ । ପରେ ସମ୍ବଲପୁରର ଡେପୁଟି କମିଶନର, ଛତିଶଗଡ଼ ବିଭାଗର କମିଶନର ଓ ସର୍ବଶେଷରେ ମଧ୍ୟପ୍ରଦେଶ ଚିଫ୍ କମିଶନର୍ ହୋଇଥିଲେ । ଶ୍ରୀ ବ୍ରଜମୋହନ ପଟ୍ଟନାୟକ ପ୍ରଭୃତି କେତେକ ବିଶିଷ୍ଟ ବ୍ୟକ୍ତି ତାଙ୍କଠାରେ ସୁପରିଚିତ ଥିଲେ । ଏମାନେ ତାଙ୍କ ସଙ୍ଗେ ସାକ୍ଷାତକରି ସେମାନଙ୍କ ସିମଳା ଆଗମନର ଉଦ୍ଦେଶ୍ୟ ଜ୍ଞାପନ କଲେ । ଫ୍ରେଜର ସାହେବ ସମସ୍ତ ବିଷୟ ଶୁଣି ନିଜେ ସମ୍ବଲପୁରବାସୀଙ୍କ ଅଭିଯୋଗର ମୀମାଂସା କରିଦେବେ ବୋଲି ପ୍ରତିଶ୍ରୁତି ଦେଲେ । ତାଙ୍କଠାରୁ ଏ ପ୍ରକାର ଆଶ୍ୱାସବାଣୀ ଶୁଣି ଏମାନେ ଫେରିଆସିଲେ । ସିମଳାଯାତ୍ରାର ଏକ ବିଶଦ୍ ବିବରଣୀ ସ୍ୱର୍ଗୀୟ ଶ୍ରୀପତି ମିଶ୍ରଙ୍କ ପ୍ରଣୀତ 'ସିମଳା ଯାତ୍ରା' ନାମକ ପୁସ୍ତକରେ ଲିପିବଦ୍ଧ ହୋଇଅଛି ।

ଅଳ୍ପଦିନ ଉତ୍ତାରେ ଫ୍ରେଜର ସାହେବ ସ୍ୱୟଂ ସମ୍ବଲପୁର ପରିଦର୍ଶନ କଲେ । ସମ୍ବଲପୁର ରୋଡ୍ ଷ୍ଟେସନରେ ତାଙ୍କୁ କେବଳ ରାଜୋଚିତ ନୁହେଁ, ଦେବୋଚିତ ବିପୁଳ ସମ୍ବର୍ଦ୍ଧନାରେ ଅଭିନନ୍ଦିତ କରାହେଲା । ସମ୍ବଲପୁରର ନେତୃସ୍ଥାନୀୟ ବ୍ୟକ୍ତିଙ୍କଠାରୁ ଜିଲ୍ଲାବାସୀଙ୍କ ଅଦାଲତ ସମୂହରୁ ଓଡ଼ିଆ ଭାଷା ବିତାଡ଼ନ ଓ ସ୍କୁଲ ସମୂହରେ ହିନ୍ଦୀଭାଷାର ପ୍ରଚଳନର ଉଦ୍ୟମ ଜନିତ ଅସୁବିଧା ବିଷୟ ଶୁଣି କହିଲେ ଯେ, କେବଳ ଓଡ଼ିଆ ଭାଷାର ପୁନଃପ୍ରତିଷ୍ଠାରେ ଯେ ସମ୍ବଲପୁରର ଅଭିଯୋଗର ମୀମାଂସା ହେବ, ତାହା ନୁହେଁ । ସମ୍ବଲପୁରକୁ ଓଡ଼ିଶା ସହିତ ମିଶାଇବାକୁ ହେବ । ଏଥିରେ ସମ୍ବଲପୁରବାସୀ ଆନନ୍ଦରେ ପୁଲକିତ ହେଲେ । ବାସ୍ତବରେ ମଧ୍ୟପ୍ରଦେଶର ମରହଟ୍ଟୀ, ହିନ୍ଦୁସ୍ଥାନୀ ଓ ଓଡ଼ିଆ, ଏପରି ତିନୋଟି ଭାଷା ପ୍ରଚଳିତ ଥିବାରୁ ମଧ୍ୟପ୍ରଦେଶ ସରକାର ଶାସନରେ କିଞ୍ଚିତ୍ ଅସୁବିଧା ଭୋଗ କରୁଥିବା ଆଶ୍ଚର୍ଯ୍ୟ ନଥିଲା । ମରହଟ୍ଟୀ ଓ ହିନ୍ଦୁସ୍ଥାନୀ ମଧ୍ୟରେ ବ୍ୟବଧାନ ଓଡ଼ିଆ ଭାଷାଠାରୁ ଅଳ୍ପ । ସୁତରାଂ ଓଡ଼ିଆ ଭାଷାକୁ ଦୂର କରିଦେଲେ ଏହି ଅସୁବିଧା ବହୁପରିମାଣରେ ଦୂର ହୋଇଯିବ ବୋଲି ମଧ୍ୟପ୍ରଦେଶ ସରକାର ମନେକରି ସମ୍ବଲପୁର ମଧ୍ୟପ୍ରଦେଶରୁ ବିଚ୍ଛିନ୍ନ ହେବା ବିଷୟରେ ଆପତ୍ତି କଲେନାହିଁ । ୧୯୦୫ ମସିହା ଅକ୍ଟୋବର ୧୬ ତାରିଖ ଦିନ ସମ୍ବଲପୁର ବଙ୍ଗପ୍ରଦେଶ ଅନ୍ତର୍ଗତ ଓଡ଼ିଶା ବିଭାଗ ସହିତ ମିଳିତ ହେଲା । ସେହି ସମୟରେ ବଙ୍ଗ, ବିହାର ଓ ଓଡ଼ିଶା ମିଶି ବଙ୍ଗ ପ୍ରଦେଶ ଗଠିତ ହୋଇଥିଲା । ସମ୍ବଲପୁର ଓଡ଼ିଶାକୁ ଫେରି ଆସୁଥିଲେହେଁ ସମଗ୍ର ସମ୍ବଲପୁର ନଆସି ଫୁଲ୍ଝର୍‌ର ଜମିଦାରୀ, ପଦ୍ମପୁର ଓ ଚନ୍ଦ୍ରପୁର ତାଲୁକ ରହିଗଲା । ଏହି ଅଞ୍ଚଳରେ ଓଡ଼ିଆ ଅଧିବାସୀ ସଂଖ୍ୟାଗରିଷ୍ଠ ଥିଲେ ହେଁ ମରହଟ୍ଟା ଓ ହିନ୍ଦୁସ୍ଥାନୀଙ୍କ ଚକ୍ରାନ୍ତରେ ତାହାକୁ ସମ୍ବଲପୁର ସହିତ ଅଣାଯାଇ ପାରିଲାନାହିଁ । ଏହି ଅଞ୍ଚଳର ଓଡ଼ିଆ ଅଧିବାସୀ ଏ ପର୍ଯ୍ୟନ୍ତ ଭୋଗ କରିଆସୁଥିବା ଅସୁବିଧା ଯୋଗୁଁ ଓଡ଼ିଶା ସହିତ ମିଳିତ ହେବା ସକାଶେ ଆନ୍ଦୋଳନ କରିଆସୁଅଛନ୍ତି । ଅତ୍ୟନ୍ତ

Digitized by srujanika@gmail.com

ପରିତାପର ବିଷୟ, ଭାରତର ସ୍ୱାଧୀନତା ଉତ୍ତାରେ ସୁଦ୍ଧା ଏମାନଙ୍କ ଆନ୍ଦୋଳନ ନିଷ୍ଫଳ ହୋଇଅଛି ।

୧୯୦୫ ମସିହା ଅକ୍ଟୋବର ୧୬ ତାରିଖ ଭାରତର ଏକ ସ୍ମରଣୀୟ ଦିବସ । ଏହିଦିନ ବଙ୍ଗପ୍ରଦେଶର ଅଙ୍ଗ ବ୍ୟବଚ୍ଛେଦ ମଧ୍ୟ ହୋଇଥିଲା । ବଙ୍ଗପ୍ରଦେଶ ଅନ୍ତର୍ଗତ ପୂର୍ବାଞ୍ଚଳର ଢାକା ପ୍ରଭୃତି କେତେକ ଜିଲ୍ଲାକୁ ବିଚ୍ଛିନ୍ନକରି ଆସାମ ସହିତ ପୂର୍ବବଙ୍ଗ ଓ ଆସାମ ନାମରେ ଏକ ସ୍ୱତନ୍ତ୍ର ନୂତନ ପ୍ରଦେଶ ଗଠିତ ହେଲା । ବଙ୍ଗବାସୀଗଣ ଏହାର ତୀବ୍ର ପ୍ରତିବାଦ କଲେ ଓ ଏଥିରେ ସେମାନେ ପ୍ରାୟ ସମଗ୍ର ଭାରତବର୍ଷର ସହାନୁଭୂତି ଆକର୍ଷଣ କରିପାରିଥିଲେ । ଭାରତର ଅନ୍ୟାନ୍ୟ ଅଞ୍ଚଳମାନ ସେମାନଙ୍କ ପ୍ରତି ସମପ୍ରାଣତା ଜଣାଇଲେ । ଏହି ନୂତନ ପ୍ରଦେଶର ପ୍ରଥମ ଶାସନକର୍ତ୍ତା ଗଭର୍ଣ୍ଣର ସର୍ ବ୍ରୁମ୍‌ଫିଲ୍‌ଡ୍ ଫୁଲର । ଏହାଙ୍କ ଅମଳରେ ରାଜପୁରୁଷଗଣଙ୍କ ପ୍ରରୋଚନାରେ ସଂଖ୍ୟାଗରିଷ୍ଠ ମୁସଲମାନ ଓ ସଂଖ୍ୟାଲଘିଷ୍ଠ ହିନ୍ଦୁମାନଙ୍କ ମଧ୍ୟରେ ଯେଉଁ ତୀବ୍ର ସଂଘର୍ଷ ସୃଷ୍ଟି ହେଲା ତାହା ଭାରତ ବକ୍ଷରେ ଗଭୀର କଳଙ୍କ ସ୍ୱରୂପ ଅଦ୍ୟାପି ନିବିଡ଼ ଭାବରେ ଅଙ୍କିତ ହୋଇ ରହିଅଛି । ଏହି ଘଟଣାଦ୍ୱାରା ଭାରତବାସୀଙ୍କ ହୃଦୟରେ ସ୍ୱାଧୀନତାଭାବ ଜାଗ୍ରତ ହେଲା, କହିଲେ ଚଳେ । ଲର୍ଡ଼ କର୍ଜନ୍ ବଙ୍ଗବାସୀଙ୍କ ଅନିଷ୍ଟ ସାଧନ କରିବାକୁ ଯାଇ ଭାରତବାସୀଙ୍କ ହୃଦୟରେ ଯେଉଁ ସ୍ୱାଧୀନତା ବୀଜ–ରୋପଣ କରିଦେଲେ ତହିଁରେ ଭାରତବାସୀ ତାଙ୍କ ପ୍ରତି ଚିରକାଳ କୃତଜ୍ଞ ହୋଇ ରହିବେ । ବଙ୍ଗବାସୀଙ୍କ ତୀବ୍ର ଆନ୍ଦୋଳନ ଫଳରେ ସର୍ବତ୍ର ଇଂରେଜବିଦ୍ୱେଷ–ମୂଳକ ଆନ୍ଦୋଳନର ଢେଉ ଖେଳିଗଲା । ବିଲାତୀ ଜିନିଷ ବର୍ଜନ କରାହେଲା । ଦେଶରେ ଅରାଜକତା ସୃଷ୍ଟି ହେଲା । କେତେକ ଇଂରେଜ ରାଜପୁରୁଷ ଓ ଦେଶୀୟ ରାଜକର୍ମଚାରୀ ବିପ୍ଳବୀଙ୍କ ହସ୍ତରେ ପ୍ରାଣ ବିସର୍ଜନ କଲେ । ବଙ୍ଗଦେଶରେ ଭୀଷଣ ବିପ୍ଳବ ସୃଷ୍ଟିହେଲା । ବିଦେଶୀୟ ଶାସନର ବିଲୋପ ସାଧନ ଦେଶର ଏକମାତ୍ର ମୂଳ ମନ୍ତ୍ର ହେଲା । ବିପ୍ଳବୀଦଳ ସଂଘବଦ୍ଧ ହୋଇ ଆମରଣ ସମରାନଳରେ ଲମ୍ଫ ପ୍ରଦାନ କଲେ । ବଙ୍ଗ ସରକାରଙ୍କ ଦମନଲୀଳା ମଧ୍ୟ ସୃଷ୍ଟି ହେଲା । ଦଳଦଳ ବଙ୍ଗାଳୀ ଯୁବକ ଏହି ଲୀଳାର ସମ୍ମୁଖୀନ ହୋଇ ଭୀଷଣ ଯାତନା ଭୋଗ କରିବାକୁ ଲାଗିଲେ । ମଧ୍ୟପ୍ରଦେଶରୁ ଫ୍ରେଜର୍ ସାହେବ ଏହି ସମୟରେ ଆସି ବଙ୍ଗ ପ୍ରଦେଶର ଛୋଟ ଲାଟ୍ ପଦରେ ଅବସ୍ଥିତ ହୋଇଥିଲେ । ଦିନେ ଓଡ଼ିଶା ଗସ୍ତରୁ ରେଳପଥରେ ଫେରୁଥିବା ସମୟରେ ବିପ୍ଳବୀଙ୍କ ଦ୍ୱାରା ପ୍ରୋଥିତ ବିସ୍ଫୋରକଦ୍ୱାରା ବାଲେଶ୍ୱର ଓ ଖଡ଼୍‌ଗପୁର ମଧ୍ୟସ୍ଥ ନାରାୟଣଗଡ଼ ଷ୍ଟେସନ୍‌ଠାରେ ତାହାଙ୍କ ଗାଡ଼ି ରେଳପଥରୁ ବିଚ୍ୟୁତ ହେଲା । ଏହି ସମୟରେ କେତେକ ଯୁବକ ଇଂରେଜମାନଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ କଲିକତାରେ ବୋମା ନିର୍ମାଣ କରୁଥିବା ଅପରାଧରେ ଧୃତ ହୋଇ ଅଲିପୁର ଦୌରା ଅଦାଲତରେ ସେମାନଙ୍କ ବିଚାର ହେଲା । ଋଷି ଅରବିନ୍ଦ

Digitized by srujanika@gmail.com

ଘୋଷ ଏଥିରେ ଲିପ୍ତ ଥିବା ଦୋଷରେ ଅଭିଯୁକ୍ତ ହୋଇଥିଲେ। ଅଦାଲତରେ ଅରବିନ୍ଦ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇ ଖଲାସ ହେଲେ । କିନ୍ତୁ ଅନେକ ଯୁବକଙ୍କ ପ୍ରତି ଦ୍ୱୀପାନ୍ତର ଦଣ୍ଡ ବିହିତ ହେଲା । କେତେକ ଫାଶି କାଠରେ ଝୁଲିଲେ । ତଥାପି ବିବେଚନା କଲେ ବଙ୍ଗ ବ୍ୟବଚ୍ଛେଦ ସମଗ୍ର ଭାରତବର୍ଷ ପକ୍ଷରେ ଶୁଭଙ୍କର ହୋଇଥିଲା ବୋଇଲେ ଅତ୍ୟୁକ୍ତି ହେବନାହିଁ । ଏହା ଭାରତବର୍ଷର ସ୍ୱାଧୀନତା ସଂଗ୍ରାମର ପ୍ରଥମାଗ୍ନି ପ୍ରଜ୍ୱଳିତ କଲା । ୧୯୧୧ ମସିହାରେ ବଙ୍ଗ ବ୍ୟବଚ୍ଛେଦ ପ୍ରତ୍ୟାହୃତ ହୋଇ ବିଭକ୍ତ ଅଂଶଗୁଡ଼ିକ ମାତୃଅଙ୍ଗ ସହିତ ପୁନର୍ମିଳିତ ହେଲା ଓ ପରିଶେଷରେ ବହୁସଂଖ୍ୟକ ଭାରତର କୃତୀ ସନ୍ତାନଙ୍କ ଆତ୍ମତ୍ୟାଗରେ ଦିନକୁ ଦିନ ଉକ୍ତ ଲୋଳଜିହ୍ୱ ଅନଳ ପ୍ରସାରରେ ଭାରତ ଦେଶପିତା ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ବହୁକାଳର ଦାସତ୍ୱ ଶୃଙ୍ଖଳରୁ ମୁକ୍ତହେଲା ।

ଓଡ଼ିଶା ସହିତ ସମ୍ବଲପୁରର ସମ୍ମିଶ୍ରଣ ନିଜେ ଫ୍ରେଜର ସାହେବ ସମ୍ବଲପୁରକୁ ଆସି ପ୍ରକାଶ୍ୟ ଦରବାରରେ ଘୋଷଣା କରିଥିଲେ । ଏହି ଉପଲକ୍ଷରେ ସମ୍ବଲପୁରବାସୀ ତାଙ୍କ ନାମରେ ଫ୍ରେଜର କ୍ଲବ୍ ଓ ଫ୍ରେଜର ପ୍ରେସ୍ ନାମକ ମୁଦ୍ରାଯନ୍ତ୍ର ସ୍ଥାପନ କରିଥିଲେ । ଫ୍ରେଜର୍ କ୍ଲବ୍ ଅଦ୍ୟାପି ରହିଅଛି । କିନ୍ତୁ ଫ୍ରେଜର୍ ପ୍ରେସ୍ ନାମ ସୁଦ୍ଧା ଲୁପ୍ତ ହୋଇଅଛି ।

୧୯୦୧ ମସିହାରେ ମହାରାଣୀ ଭିକ୍ଟୋରିଆଙ୍କ ସ୍ୱର୍ଗାରୋହଣ ଉତ୍ତାରେ ତାଙ୍କ ପୁତ୍ର ସପ୍ତମ ଏଡ଼୍‌ୱାର୍ଡ଼ ସିଂହାସନାରୋହଣ କଲେ । ୧୯୦୩ ମସିହାରେ ଭାରତବର୍ଷରେ ତାଙ୍କ ଅଭିଷେକୋତ୍ସବ ପାଳିତ ହୋଇଥିଲା । ସମ୍ବଲପୁରରେ ଅନୁଷ୍ଠିତ ଦରବାରରେ ବାଲାଜି ମେହେର ନାମକ ବରଗଡ଼ ସବ୍‌ଡ଼ିଭିଜନବାସୀ ଜଣେ ନିରକ୍ଷର ଭୂଲିୟା (ତନ୍ତୀ) ଅଚିନ୍ତିତପୂର୍ବ ପଦ୍ୟାବଳୀ ତତ୍‌କ୍ଷଣାତ୍ ରଚନା କରି ଦର୍ଶକମଣ୍ଡଳୀଙ୍କୁ ମୁଗ୍ଧ କରିଥିଲେ । ସମୟ ସମୟରେ ଏହିପରି 'ଆଶୁକବି'ଙ୍କ ସଂଖ୍ୟା ସମ୍ବଲପୁରରେ ବିରଳ ନୁହେଁ । ଉତ୍କଳରେ ସୁପରିଚିତ ଆଶୁକବି, ବିଷ୍ଣୁ ଦାଶ ଅଦ୍ୟାପି ଜୀବିତ ଅଛନ୍ତି । ତାହାଙ୍କ ବାସସ୍ଥାନ ଅତାବିରା ଥାନା ଅନ୍ତର୍ଗତ ପୋଡ଼ିବାଡ଼ ଗ୍ରାମରେ ।

ଏହିଦିନ ସମ୍ବଲପୁରରେ ଏଡ଼୍‌ୱାର୍ଡ଼ ବଜାର ସ୍ଥାପିତ ହୋଇଥିଲା । ଏହା ବର୍ତ୍ତମାନ ଗୋଲବଜାର ନାମରେ ପରିଚିତ ସମ୍ବଲପୁରର ପ୍ରଧାନ ବାଣିଜ୍ୟସ୍ଥଳ । ତଦାନୀନ୍ତନ ମଧ୍ୟପ୍ରଦେଶର ଚିଫ୍ କମିଶନର J. P. Hewittଙ୍କ ଦ୍ୱାରା ୧୯୦୩ ମସିହାରେ ସମ୍ବଲପୁର ଟାଉନହଲ୍‌ର ଶୁଭ ଦିଆହୋଇଥିଲା । ଏହି ଉପଲକ୍ଷରେ ଅନୁଷ୍ଠିତ ଦରବାରରେ ବାମଣ୍ଡାର ସୁପରିଚିତ ରାଜା ସାର୍ ବାସୁଦେବ ସୁଢ଼ଳଦେବ ଓ ନିକଟବର୍ତ୍ତୀ ପାଟଣା, କଳାହାଣ୍ଡି, ସୋନପୁର, ରେଢ଼ାଖୋଲର ରାଜାମାନେ ଯୋଗଦାନ କରିଥିଲେ । ନୂତନ ଭାରତସମ୍ରାଟଙ୍କ ଅଭିଷେକୋତ୍ସବରେ ଆମ୍ଭେ (ସ୍କୁଲଛାତ୍ର) ମାନେ ଖେଳ, କୁସ୍ତି ଆଦି ଶେଷରେ ଯେଉଁ ପ୍ରଚୁର ପରିମାଣରେ ମିଷ୍ଟାନ୍ନ ଭୂରିଭୋଜନ କରିଥିଲୁଁ ତାହା ମନେକଲେ ଆଜି ଦୁର୍ଦ୍ଦିନରେ ଏଭଳି ଘଟଣା ସ୍ୱପ୍ନତୁଲ୍ୟ ବୋଧ ହେଉଅଛି ।

Digitized by srujanika@gmail.com

ମଧ୍ୟପ୍ରଦେଶରେ ରହି ମରହଟ୍ଟା ଓ ହିନ୍ଦୁସ୍ଥାନୀଙ୍କ ସହିତ ପ୍ରତିଯୋଗିତାରେ ସମ୍ବଲପୁରବାସୀଙ୍କୁ ଦଣ୍ଡାୟମାନ ହେବାକୁ ହେଉଥିଲା । ୧୯୦୨ ରୁ ୧୯୦୪ ପର୍ଯ୍ୟନ୍ତ ଯେଉଁ ଦୁଇବର୍ଷ ମୁଁ ସମ୍ବଲପୁରରେ ରହିଲି ସେହି ମଧ୍ୟରେ ଦେଖିଲି, ସମ୍ବଲପୁରବାସୀଙ୍କ ଅବସ୍ଥା ଅସ୍ୱଚ୍ଛଳ ନୁହେଁ । ବିଶେଷତଃ ସମ୍ବଲପୁରବାସୀ ଝାଡୁଆ ବ୍ରାହ୍ମଣମାନେ ସମାଜର ବିଭିନ୍ନ କ୍ଷେତ୍ରରେ ଶୀର୍ଷସ୍ଥାନ ଅଧିକାର କରିଥିଲେ । ଶିକ୍ଷାରେ, ବାଣିଜ୍ୟରେ, କୃଷିକର୍ମ ପ୍ରଭୃତି ଅର୍ଥୋତ୍ପାଦନ କାର୍ଯ୍ୟରେ ସେମାନେ ଅଗ୍ରଣୀ । ସେହି ସମୟରେ ଛଅଜଣ ଗ୍ରାଜୁଏଟ୍‌ଙ୍କ ମଧ୍ୟରେ ଚାରିଜଣ ଝାଡୁଆ ବ୍ରାହ୍ମଣ । ସମ୍ବଲପୁର ସହରସ୍ଥ ବଡ଼ ସଡ଼କ, ଉଭୟ ପାର୍ଶ୍ୱରେ ଶ୍ରେଣୀବଦ୍ଧ ଝାଡୁଆ ବ୍ରାହ୍ମଣଙ୍କ ସମୃଦ୍ଧିଶାଳୀ ଦୋକାନରେ ପରିପୂର୍ଣ୍ଣ ଦେଖି ମନେହେଉଥିଲା, ଯେମନ୍ତ ଲକ୍ଷ୍ମୀ ଓ ସରସ୍ୱତୀ ଉଭୟେ ନିର୍ବିବାଦରେ ଏହି ସମାଜକୁ ପ୍ରତିଷ୍ଠାସମ୍ପନ୍ନ କରି ରଖିଅଛନ୍ତି । ସ୍କୁଲରେ ଛାତ୍ରମାନଙ୍କ ମଧ୍ୟରେ ମୁଷ୍ଟିମେୟ ହେଲେହେଁ, ରାଜ କର୍ମଚାରୀମାନଙ୍କ ମଧ୍ୟରେ ଝାଡୁଆ ବ୍ରାହ୍ମଣଙ୍କ ସଂଖ୍ୟା ଅଧିକ । ଦେଶୀୟ ରାଜ୍ୟମାନଙ୍କରେ ଦେୱାନ ପ୍ରଭୃତି ଉଚ୍ଚ କର୍ମଚାରୀ ଝାଡୁଆ ବ୍ରାହ୍ମଣ । ରାଜ ପୁରୋହିତ, ରାଜବୈଦ୍ୟ, ରାଜଜ୍ୟୋତିଷ ସର୍ବତ୍ର ଝାଡୁଆ ବ୍ରାହ୍ମଣ । କିନ୍ତୁ ହାୟ ! କାଳର କରାଳଚକ୍ରରେ ଏହି ଅବସ୍ଥାର ଘୋର ପରିବର୍ତ୍ତନ ଘଟିଅଛି । ଏହା କେବଳ ଅନୁଭୂତିର ବିଷୟୀଭୂତ ଓ ପରବର୍ତ୍ତୀ ପ୍ରବନ୍ଧରେ ଆଲୋଚ୍ୟ ।

Digitized by srujanika@gmail.com

ଘୋଷ ଏଥିରେ ଲିପ୍ତ ଥିବା ଦୋଷରେ ଅଭିଯୁକ୍ତ ହୋଇଥିଲେ । ଅଦାଲତରେ ଅରବିନ୍ଦ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇ ଖଲାସ ହେଲେ । କିନ୍ତୁ ଅନେକ ଯୁବକଙ୍କ ପ୍ରତି ଦ୍ୱୀପାନ୍ତର ଦଣ୍ଡ ବିହିତ ହେଲା । କେତେକ ଫାଶି କାଠରେ ଝୁଲିଲେ । ତଥାପି ବିବେଚନା କଲେ ବଙ୍ଗ ବ୍ୟବଚ୍ଛେଦ ସମଗ୍ର ଭାରତବର୍ଷ ପକ୍ଷରେ ଶୁଭଙ୍କର ହୋଇଥିଲା ବୋଇଲେ ଅତ୍ୟୁକ୍ତି ହେବନାହିଁ । ଏହା ଭାରତବର୍ଷର ସ୍ୱାଧୀନତା ସଂଗ୍ରାମର ପ୍ରଥମାଗ୍ନି ପ୍ରଜ୍ୱଳିତ କଲା । ୧୯୧୧ ମସିହାରେ ବଙ୍ଗ ବ୍ୟବଚ୍ଛେଦ ପ୍ରତ୍ୟାହୃତ ହୋଇ ବିଭକ୍ତ ଅଂଶଗୁଡ଼ିକ ମାତୃଅଙ୍ଗ ସହିତ ପୁନର୍ମିଳିତ ହେଲା ଓ ପରିଶେଷରେ ବହୁସଂଖ୍ୟକ ଭାରତର କୃତୀ ସନ୍ତାନଙ୍କ ଆତ୍ମତ୍ୟାଗରେ ଦିନକୁ ଦିନ ଉକ୍ତ ଲୋଳଜିହ୍ୱ ଅନଳ ପ୍ରସାରରେ ଭାରତ ଦେଶପିତା ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ବହୁକାଳର ଦାସତ୍ୱ ଶୃଙ୍ଖଳରୁ ମୁକ୍ତହେଲା ।

ଓଡ଼ିଶା ସହିତ ସମ୍ବଲପୁରର ସମ୍ମିଶ୍ରଣ ନିଜେ ଫ୍ରେଜର ସାହେବ ସମ୍ବଲପୁରକୁ ଆସି ପ୍ରକାଶ୍ୟ ଦରବାରରେ ଘୋଷଣା କରିଥିଲେ । ଏହି ଉପଲକ୍ଷରେ ସମ୍ବଲପୁରବାସୀ ତାଙ୍କ ନାମରେ ଫ୍ରେଜର କ୍ଲବ୍ ଓ ଫ୍ରେଜର ପ୍ରେସ୍ ନାମକ ମୁଦ୍ରାଯନ୍ତ୍ର ସ୍ଥାପନ କରିଥିଲେ । ଫ୍ରେଜର୍ କ୍ଲବ୍ ଅଦ୍ୟାପି ରହିଅଛି । କିନ୍ତୁ ଫ୍ରେଜର୍ ପ୍ରେସ୍ ନାମ ସୁଦ୍ଧା ଲୁପ୍ତ ହୋଇଅଛି ।

୧୯୦୧ ମସିହାରେ ମହାରାଣୀ ଭିକ୍ଟୋରିଆଙ୍କ ସ୍ୱର୍ଗାରୋହଣ ଉତ୍ତାରେ ତାଙ୍କ ପୁତ୍ର ସପ୍ତମ ଏଡ଼୍‌ୱାର୍ଡ଼ ସିଂହାସନାରୋହଣ କଲେ । ୧୯୦୩ ମସିହାରେ ଭାରତବର୍ଷରେ ତାଙ୍କ ଅଭିଷେକୋତ୍ସବ ପାଳିତ ହୋଇଥିଲା । ସମ୍ବଲପୁରରେ ଅନୁଷ୍ଠିତ ଦରବାରରେ ବାଲାଜି ମେହେର ନାମକ ବରଗଡ଼ ସବ୍‌ଡ଼ିଭିଜନବାସୀ ଜଣେ ନିରକ୍ଷର ଭୂଲିଆ (ତନ୍ତୀ) ଅଚିନ୍ତିତପୂର୍ବ ପଦ୍ୟାବଳୀ ତତ୍‌କ୍ଷଣାତ୍ ରଚନା କରି ଦର୍ଶକମଣ୍ଡଳୀଙ୍କୁ ମୁଗ୍‌ଧ କରିଥିଲେ । ସମୟ ସମୟରେ ଏହିପରି 'ଆଶୁକବି'ଙ୍କ ସଂଖ୍ୟା ସମ୍ବଲପୁରରେ ବିରଳ ନୁହେଁ । ଉତ୍କଳରେ ସୁପରିଚିତ ଆଶୁକବି, ବିଷ୍ଣୁ ଦାଶ ଅଦ୍ୟାପି ଜୀବିତ ଅଛନ୍ତି । ତାହାଙ୍କ ବାସସ୍ଥାନ ଅତାବିରା ଥାନା ଅନ୍ତର୍ଗତ ପୋଡ଼ିବାଡ଼ ଗ୍ରାମରେ ।

ଏହିଦିନ ସମ୍ବଲପୁରରେ ଏଡ଼୍‌ୱାର୍ଡ଼ ବଜାର ସ୍ଥାପିତ ହୋଇଥିଲା । ଏହା ବର୍ତ୍ତମାନ ଗୋଲବଜାର ନାମରେ ପରିଚିତ ସମ୍ବଲପୁରର ପ୍ରଧାନ ବାଣିଜ୍ୟସ୍ଥଳ । ତଦାନୀନ୍ତନ ମଧ୍ୟପ୍ରଦେଶର ଚିଫ୍ କମିଶନର J. P. Hewittଙ୍କ ଦ୍ୱାରା ୧୯୦୩ ମସିହାରେ ସମ୍ବଲପୁର ଟାଉନହଲ୍‌ର ଶୁଭ ଦିଆହୋଇଥିଲା । ଏହି ଉପଲକ୍ଷରେ ଅନୁଷ୍ଠିତ ଦରବାରରେ ବାମଣ୍ଡାର ସୁପରିଚିତ ରାଜା ସାର୍ ବାସୁଦେବ ସୁଢ଼ଳଦେବ ଓ ନିକଟବର୍ତ୍ତୀ ପାଟଣା, କଳାହାଣ୍ଡି, ସୋନପୁର, ରେଢ଼ାଖୋଲର ରାଜାମାନେ ଯୋଗଦାନ କରିଥିଲେ । ନୂତନ ଭାରତସମ୍ରାଟଙ୍କ ଅଭିଷେକୋତ୍ସବରେ ଆମ୍ଭେ (ସ୍କୁଲଛାତ୍ର) ମାନେ ଖେଳ, କୁସ୍ତି ଆଦି ଶେଷରେ ଯେଉଁ ପ୍ରଚୁର ପରିମାଣରେ ମିଷ୍ଟାନ୍ନ ଭୂରିଭୋଜନ କରିଥିଲୁଁ ତାହା ମନେକଲେ ଆଜି ଦୁର୍ଦ୍ଦିନରେ ଏଭଳି ଘଟଣା ସ୍ୱପ୍ନତୁଲ୍ୟ ବୋଧ ହେଉଅଛି ।

Digitized by srujanika@gmail.com

ମଧ୍ୟପ୍ରଦେଶରେ ରହି ମରହଟ୍ଟା ଓ ହିନ୍ଦୁସ୍ଥାନୀଙ୍କ ସହିତ ପ୍ରତିଯୋଗିତାରେ ସମ୍ବଲପୁରବାସୀଙ୍କୁ ଦଣ୍ଡାୟମାନ ହେବାକୁ ହେଉଥିଲା । ୧୯୦୨ ରୁ ୧୯୦୪ ପର୍ଯ୍ୟନ୍ତ ଯେଉଁ ଦୁଇବର୍ଷ ମୁଁ ସମ୍ବଲପୁରରେ ରହିଲି ସେହି ମଧ୍ୟରେ ଦେଖିଲି, ସମ୍ବଲପୁରବାସୀଙ୍କ ଅବସ୍ଥା ଅସ୍ୱଚ୍ଛଳ ନୁହେଁ । ବିଶେଷତଃ ସମ୍ବଲପୁରବାସୀ ଝାଡୁଆ ବ୍ରାହ୍ମଣମାନେ ସମାଜର ବିଭିନ୍ନ କ୍ଷେତ୍ରରେ ଶୀର୍ଷସ୍ଥାନ ଅଧିକାର କରିଥିଲେ । ଶିକ୍ଷାରେ, ବାଣିଜ୍ୟରେ, କୃଷିକର୍ମ ପ୍ରଭୃତି ଅର୍ଥୋତ୍ପାଦନ କାର୍ଯ୍ୟରେ ସେମାନେ ଅଗ୍ରଣୀ । ସେହି ସମୟରେ ଛଅଜଣ ଗ୍ରାଜୁଏଟ୍‌ଙ୍କ ମଧ୍ୟରେ ଚାରିଜଣ ଝାଡୁଆ ବ୍ରାହ୍ମଣ । ସମ୍ବଲପୁର ସହରସ୍ଥ ବଡ଼ ସଡ଼କ, ଉଭୟ ପାର୍ଶ୍ୱରେ ଶ୍ରେଣୀବଦ୍ଧ ଝାଡୁଆ ବ୍ରାହ୍ମଣଙ୍କ ସମୃଦ୍ଧିଶାଳୀ ଦୋକାନରେ ପରିପୂର୍ଣ୍ଣ ଦେଖି ମନେହେଉଥିଲା, ଯେମନ୍ତ ଲକ୍ଷ୍ମୀ ଓ ସରସ୍ୱତୀ ଉଭୟେ ନିର୍ବିବାଦରେ ଏହି ସମାଜକୁ ପ୍ରତିଷ୍ଠାସମ୍ପନ୍ନ କରି ରଖିଅଛନ୍ତି । ସ୍କୁଲରେ ଛାତ୍ରମାନଙ୍କ ମଧ୍ୟରେ ମୁଷ୍ଟିମେୟ ହେଲେହେଁ, ରାଜ କର୍ମଚାରୀମାନଙ୍କ ମଧ୍ୟରେ ଝାଡୁଆ ବ୍ରାହ୍ମଣଙ୍କ ସଂଖ୍ୟା ଅଧିକ । ଦେଶୀୟ ରାଜ୍ୟମାନଙ୍କରେ ଦେୱାନ ପ୍ରଭୃତି ଉଚ୍ଚ କର୍ମଚାରୀ ଝାଡୁଆ ବ୍ରାହ୍ମଣ । ରାଜ ପୁରୋହିତ, ରାଜବୈଦ୍ୟ, ରାଜଜ୍ୟୋତିଷ ସର୍ବତ୍ର ଝାଡୁଆ ବ୍ରାହ୍ମଣ । କିନ୍ତୁ ହାୟ ! କାଳର କରାଳଚକ୍ରରେ ଏହି ଅବସ୍ଥାର ଘୋର ପରିବର୍ତ୍ତନ ଘଟିଅଛି । ଏହା କେବଳ ଅନୁଭୂତିର ବିଷୟୀଭୂତ ଓ ପରବର୍ତ୍ତୀ ପ୍ରବନ୍ଧରେ ଆଲୋଚ୍ୟ ।

Digitized by srujanika@gmail.com

କଲେଜରେ ପ୍ରବେଶ

ମୁଁ ସମ୍ବଲପୁରରେ ଥିବା ସମୟରେ (୧୯୦୨-୧୯୦୪) ଏଠାରେ ରେଭରେଣ୍ଡ ହେବାର୍ଲେଟ୍ (Rev. P. E. Heberlett) ନାମକ ଜଣେ ଇଂରେଜ ପାଦ୍ରୀ ଥିଲେ । ପ୍ରତି ଶନିବାର ଦିନ ଆମ୍ଭମାନଙ୍କ ଆଲୋଚନା ସଭାରେ ସଭାପତିତ୍ୱ କରି ସେ ଆମ୍ଭମାନଙ୍କୁ ଇଂରେଜୀ ଶିକ୍ଷା ଦିଅନ୍ତି । ଏଥିରେ ଧର୍ମଚର୍ଚ୍ଚାର ଆଦୌ ସ୍ଥାନ ନଥାଏ । ସମ୍ବଲପୁରରେ ରେଭରେଣ୍ଡ ହେବର୍ଲେଟଙ୍କ ଛଡ଼ା ରେଭରେଣ୍ଡ ଭାନ୍ ନାମକ ଆଉ ଜଣେ ଇଂରେଜ ପାଦ୍ରୀ ରହୁଥିଲେ । ଏହାଙ୍କ ଛଡ଼ା ଜଣ କେତେ ଓଡ଼ିଆ ଖ୍ରୀଷ୍ଟଧର୍ମ ପ୍ରଚାରକ ମଧ୍ୟ ଥିଲେ । ହାଟପାଳିଦିନ ହାଟମାନଙ୍କୁ ଯାଇ ଏବଂ ରଥଯାତ୍ରା ପ୍ରଭୃତି ପର୍ବଦିନ ପ୍ରକାଶ୍ୟ ସ୍ଥାନମାନଙ୍କରେ ଏମାନେ ହିନ୍ଦୁଧର୍ମ, ହିନ୍ଦୁ ଦେବତାଦିଙ୍କ ନିନ୍ଦାକରି ଖ୍ରୀଷ୍ଟଧର୍ମର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାକୁ ଚେଷ୍ଟା କରନ୍ତି ଓ ଅନେକ ସ୍ଥାନରେ ଲୋକଙ୍କଠାରୁ ଗାଳିଖାଇ ବିଦାୟ ନିଅନ୍ତି ।

୧୯୦୪ ମସିହା ମାର୍ଚ୍ଚମାସରେ କଲିକତା ବିଶ୍ୱବିଦ୍ୟାଳୟର ଏଣ୍ଟ୍ରାନ୍ସ ପରୀକ୍ଷା ଗୃହୀତ ହେଲା । ସମ୍ବଲପୁର ହାଇସ୍କୁଲ୍‌ର ୧୯ଜଣ ଛାତ୍ର ସେହି ପରୀକ୍ଷା ସକାଶେ ନିର୍ବାଚିତ ହେଲେ । ସେହି ସମୟରେ ସମ୍ବଲପୁରରେ ପରୀକ୍ଷା କେନ୍ଦ୍ର ନଥିବାରୁ ଆମ୍ଭେମାନେ କଟକ ଯାଇ ପରୀକ୍ଷାରେ ବସିଲୁ । ରେଳପଥରେ ସମ୍ବଲପୁରରୁ ଖଡ଼ଗପୁର ଦେଇ କଟକ ୪୬୦ ମାଇଲ, ସମ୍ବଲପୁର-କଟକ ସଡ଼କରେ ୧୭୪ ମାଇଲ । ସଡ଼କ କଚା, ଅରଣ୍ୟସଙ୍କୁଳ ଓ ଅନେକଗୁଡ଼ିଏ ନାଳରେ ପୂର୍ଣ୍ଣ । ଆଜିକାଲି ପରି ମୋଟର ଚଳାଚଳ ନଥିଲା । ସୁତରାଂ ସାଧାରଣ ଯାତାୟାତ ରେଳପଥରେ ହେଉଥିଲା । ରେଳଗାଡ଼ିରେ ତୃତୀୟଶ୍ରେଣୀ ଯାତ୍ରୀମାନଙ୍କ ଅସୁବିଧା ଅକଥନୀୟ ଥିଲା । ଗାଡ଼ିରେ ପାଇଖାନା ନଥିଲା । ପାଣିର ବନ୍ଦୋବସ୍ତ ନଥିଲା । ଖାଦ୍ୟର ବ୍ୟବସ୍ଥା ତ ଆଦୌ ନଥିଲା । ଖଡ଼ଗପୁର ପାରିହୋଇ ଓଡ଼ିଶା ଭିତରକୁ ପଶିଲେ ବାଲେଶ୍ୱର ପ୍ରଭୃତି ବଡ଼ ବଡ଼ ଷ୍ଟେସନ୍ ଛଡ଼ା ଅନ୍ୟ କୌଣସିଠାରେ କିଛି ମିଳୁନଥିଲା । ଖଡ଼ଗପୁର ପରି ଏଡ଼େ ବଡ଼ ଷ୍ଟେସନ୍‌ରେ ସୁଦ୍ଧା ଯାତ୍ରୀମାନଙ୍କ ବିଶ୍ରାମ ସକାଶେ ନିକୃଷ୍ଟ ଧରଣର ଚାଳଘରମାନ ନିର୍ମିତ ହୋଇଥିଲା ।

କଟକରେ ଆମ୍ଭେମାନେ ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କ ପିତା ତତ୍କାଳର ବିଶିଷ୍ଟ ଓକିଲ ରାୟବାହାଦୁର ଗୋକୁଳାନନ୍ଦ ଚୌଧୁରୀଙ୍କ ଗୋଟିଏ ବସାଘରେ ରହିଲୁଁ । ଯେଉଁ ପାଞ୍ଚଛଅ ଦିନ ଆମ୍ଭେମାନେ ପରୀକ୍ଷା ସକାଶେ ରହିଲୁଁ, ପ୍ରତିଦିନ ସନ୍ଧ୍ୟା ସମୟରେ ଗୋକୁଳାନନ୍ଦ ବାବୁ ଏଠାକୁ ଆସି ଆମ୍ଭମାନଙ୍କ ସୁବିଧା ଅସୁବିଧା କଥା ବୁଝିଯାନ୍ତି ଓ ନାନା

Digitized by srujanika@gmail.com

ଉପଦେଶ ଦିଅନ୍ତି । ପରୀକ୍ଷା ଉତ୍ତାରେ ଆମ୍ଭେମାନେ ପୁରୀ ଦର୍ଶନ ସକାଶେ ଗଲୁଁ । ଦୁଇଦିନ ରହି ମୋର ସହାଧ୍ୟାୟୀମାନେ ଘରକୁ ଚାଲିଗଲେ । ଧର୍ମପିତାଙ୍କ ଆଦେଶମତେ ମୁଁ ପୁରୀରେ ରହିଗଲି ଓ ପୁରୀଜିଲ୍ଲା ସ୍କୁଲର ହେଡ୍ ପଣ୍ଡିତ ମହାମହୋପାଧ୍ୟାୟ ସଦାଶିବ ମିଶ୍ର କାବ୍ୟକଣ୍ଠଙ୍କ ନିକଟରେ ସଂସ୍କୃତ ବ୍ୟାକରଣ ପଢ଼ିବାକୁ ଲାଗିଲି । ପୁରୀରେ ଦୋଳମଣ୍ଡପ ସାହିରେ ଥିବା ପଣ୍ଡିତ ମହୋଦୟଙ୍କ ବସାଘର ଧର୍ମ, ସାହିତ୍ୟ ତଥା ରାଜନୀତି ଚର୍ଚ୍ଚାର ପ୍ରଧାନ କେନ୍ଦ୍ର ଥିଲା । ପ୍ରତ୍ୟହ ସନ୍ଧ୍ୟାସମୟରେ ବହୁସଂଖ୍ୟକ ପଣ୍ଡିତ ଓ ବିଶିଷ୍ଟ ବ୍ୟକ୍ତିମାନେ ରୁଣ୍ଡ ହୁଅନ୍ତି ଓ ତାଙ୍କ ସହିତ ନାନା ବିଷୟ ଚର୍ଚ୍ଚା କରନ୍ତି । ମୁଁ ରହିଲି ବ୍ରାହ୍ମଣ ସମିତି ବୋର୍ଡ଼ିଂରେ । ସେଠାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସଙ୍ଗେ କେତେକ ଦିନ ରହିବା ମୋ ଭାଗ୍ୟରେ ଘଟିଥିଲା । ସେ ଥିଲେ ମୋ ଧର୍ମପିତା ବାଲୁକେଶ୍ୱର ମିଶ୍ରଙ୍କ ଅକୃତ୍ରିମ ବନ୍ଧୁ ଓ ତାଙ୍କ ସମ୍ପର୍କ ଯୋଗୁଁ ସେ ମୋତେ ଅତ୍ୟନ୍ତ ସ୍ନେହ କରୁଥିଲେ । ସେହି ମାତ୍ର ୧୯୦୩ ମସିହାରେ ବି.ଏ. ପାସ୍ କରି ବାହାରିଥିଲେ । ମୁଣ୍ଡିତ କେଶ, ମୁଣ୍ଡ ମଧ୍ୟରେ ମୋଟା ଗୋଟାଏ ଚୁଟି । କଲେଜରେ ଥିବା ସମୟରେ ମଧ୍ୟ କେବେ କୁର୍ତ୍ତା ବା ଜୋତା ପିନ୍ଧି ନଥିଲେ । ତାଙ୍କ ସାଧାରଣ ପରିଧେୟ ଖଣ୍ଡେ ମୋଟା ଧୋତି ଓ ଚାଦର । ମୋ ସହିତ ନୀଳକଣ୍ଠ ଦାଶ (ଓଡ଼ିଶା ବିଧାନସଭାର ଭୂତପୂର୍ବ ବାଚସ୍ପତି); ଏବଂ ଗୋଦାବରୀଶ ମିଶ୍ର (ଭୂତପୂର୍ବ ମନ୍ତ୍ରୀ) ଓ ଆଉ କେତେଜଣ ବ୍ରାହ୍ମଣ ଛାତ୍ର ଆସି ରହିଲେ । ଗୋପବନ୍ଧୁ ବାବୁ ଦେଶବିଦେଶର ନାନା ପ୍ରକାର ଚିତ୍ତାକର୍ଷକ କଥା କହି ସମସ୍ତଙ୍କୁ ସ୍ୱଦେଶପ୍ରେମିକତାର ମହାମନ୍ତ୍ରରେ ଦୀକ୍ଷିତ କରିବାକୁ ଚେଷ୍ଟା କରୁଥିଲେ । ସେହି ସମୟରେ ସୁଦ୍ଧା ତାଙ୍କ ହୃଦୟରେ ବିଦେଶୀ ଶାସନବିଦ୍ୱେଷ ଗଭୀର ଭାବରେ ନିହିତ ଥିଲା । ତାଙ୍କ ସଙ୍ଗେ ଯେଉଁ କେତେକ ମାସ ରହିବା ସୌଭାଗ୍ୟ ଲାଭ କରିଥିଲି ତାହା ମୋ ଜୀବନର ଅମୂଲ୍ୟ ସମୟ ବୋଲି ମୁଁ ମନେକରୁଅଛି । ପୁରୀର ସ୍ୱର୍ଗୀୟ ମୋକ୍ତାର ରାମଚନ୍ଦ୍ର ଦାଶ, ବର୍ତ୍ତମାନ ପାଟଣା ହାଇକୋର୍ଟର ବିଚାରପତି ମାନ୍ୟବର ହରିହର ମହାପାତ୍ରଙ୍କର ପିତା ପଣ୍ଡିତ କାଶୀନାଥ ମହାପାତ୍ର, ପଣ୍ଡିତ ବାସୁଦେବ ରଥ କାବ୍ୟତୀର୍ଥ ପ୍ରଭୃତି କେତେକ ସଜାତୀୟ ବ୍ୟକ୍ତିଙ୍କ ଯତ୍ନରେ ଗରିବ ବ୍ରାହ୍ମଣ ଛାତ୍ରମାନଙ୍କ ସକାଶେ ଏହି ବ୍ରାହ୍ମଣ ସମିତି ବୋର୍ଡ଼ିଂ ପ୍ରତିଷ୍ଠିତ ହୋଇଥିଲା । ଏଠାରେ ରହି ଦରିଦ୍ର ବ୍ରାହ୍ମଣମାନେ ପୁରୀର ଭିନ୍ନଭିନ୍ନ ସ୍କୁଲରେ ଅଧ୍ୟୟନ କରୁଥିଲେ ।

ଦିନେ ରାତ୍ରିରେ ପୁରୀର ପଣ୍ଡିତମାନେ ଆଠଗଡ଼ର ସ୍ୱର୍ଗୀୟ ରାଜା ବିଶ୍ୱନାଥ ବେବର୍ତ୍ତା ପଟ୍ଟନାୟକଙ୍କୁ ଏକ ପ୍ରକାଶ୍ୟ ସଭାରେ ଏହି ବ୍ରାହ୍ମଣ ସମିତି ବୋର୍ଡ଼ିଂରେ ଅଭ୍ୟର୍ଥନା କରିଥିଲେ । ସେହି ସଭାରେ ଉପସ୍ଥିତ ପଣ୍ଡିତମାନଙ୍କ ମଧ୍ୟରୁ କେହି କେହି କହିଥିବା ମୋର ମନେ ହେଉଅଛି, ରାଜା ବିଶ୍ୱନାଥ ବେବର୍ତ୍ତା ପଟ୍ଟନାୟକଙ୍କ ନାମରେ ଲକ୍ଷ୍ମଣା ପରିଣୟ, ରୁକ୍ମିଣୀ ପରିଣୟ ପ୍ରଭୃତି ଯେଉଁ ସଂସ୍କୃତ କାବ୍ୟମାନ ପ୍ରକାଶିତ ହୋଇଅଛି ସେ ସବୁ ତାହାଙ୍କ ସ୍ୱରଚିତ ନୁହେଁ । ତାଙ୍କ ନାମରେ କୌଣସି ପଣ୍ଡିତ, ବିଶେଷତଃ ତତ୍କାଳୀନ

Digitized by srujanika@gmail.com

ତିଗିରିଆର ପଣ୍ଡିତ ଭୁବନେଶ୍ୱର ବଡ଼ପଣ୍ଡାଙ୍କ ରଚିତ । କିନ୍ତୁ ସଭାରେ ରାଜା ମହୋଦୟ ତାଙ୍କ ସଂସ୍କୃତ ଭାଷା ଓ ସାହିତ୍ୟ ଓ ଅଳଙ୍କାର ପ୍ରଭୃତିର ଗଭୀର ଜ୍ଞାନର ଯେଉଁ ପରିଚୟ ଦେଇଥିଲେ ତହିଁରେ ପଣ୍ଡିତମାନଙ୍କ ଭ୍ରମ ଦୂର ହୋଇଥିଲା । ଘଣ୍ଟାଏକାଳ ଅନର୍ଗଳ ସଂସ୍କୃତ ଭାଷାରେ ରାଜା ମହୋଦୟଙ୍କ ଭାଷଣ ଶୁଣି ସମସ୍ତେ ଚମତ୍କୃତ ହୋଇଥିଲେ ।

ଦିନେ ଆମ୍ଭେମାନେ ଶୁଣିଲୁଁ, ଖଣ୍ଡପଡ଼ାରୁ ପଠାଣି ସାଆନ୍ତ (ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ସାମନ୍ତ) ଆସିଛନ୍ତି । ତାଙ୍କୁ ଦେଖିବା ସକାଶେ ଯାଇ ଦେଖିଲୁଁ, ସେ ରୋଗଶଯ୍ୟାରେ ଶାୟିତ । କ୍ଷୀଣସ୍ୱରରେ କେତେବେଳେ ପଦେଅଧେ କଥା କହୁଛନ୍ତି । ପୁରୀର ପଣ୍ଡିତ, ଉଚ୍ଚ ରାଜକର୍ମଚାରୀ ତଥା ବହୁସଂଖ୍ୟକ ଲୋକ ତାଙ୍କୁ ଦେଖିବା ସକାଶେ ଆସୁଅଛନ୍ତି । ଦିନେ କି ଦୁଇଦିନ ପରେ ମୃତ୍ୟୁ ସମ୍ବାଦ ଶୁଣି ଆମ୍ଭେମାନେ ଗଲୁଁ । ତାଙ୍କ ପୁରୀର ବସା ଜନତାରେ ପୂର୍ଣ୍ଣ । ବିରାଟ ପଟୁଆର ସହ ତାଙ୍କ ଅନ୍ତିମ ସତ୍କାର ସମ୍ପାଦିତ ହୋଇଥିଲା । ପଠାଣି ସାଆନ୍ତ କେବଳ ଗଣିତ-ଜ୍ୟୋତିଷ-ଶାସ୍ତ୍ରଜ୍ଞ ନଥିଲେ, ତାଙ୍କ ପ୍ରଣୀତ ସିଦ୍ଧାନ୍ତଦର୍ପଣର 'କାଳାଧିକାର ଉପସଂହାର ବର୍ଣ୍ଣନମ୍‌' ର ୧୫୯ ଶ୍ଳୋକାଂଶ ''ଗାତ୍ରଂ ମମ ସୁପବିତ୍ରେ ନିପତତୁ ପୁରୁଷୋତ୍ତମକ୍ଷେତ୍ରେ'' ରୁ ମନେହୁଏ ତାଙ୍କର ଫଳିତ ଜ୍ୟୋତିଷ ଚର୍ଚ୍ଚା ମଧ୍ୟ ଥିଲା । ଉକ୍ତ ଶ୍ଳୋକାଂଶରେ ସୂଚିତ ତାଙ୍କ ଅନ୍ତିମକାମନା ପୂରଣ ଉଦ୍ଦେଶ୍ୟରେ ସୁପବିତ୍ର ପୁରୁଷୋତ୍ତମ କ୍ଷେତ୍ରରେ ଗାତ୍ର ବିସର୍ଜନ ସକାଶେ ଆସିଥିଲେ ।

ପୁରୀରେ ରହୁଥିବା ସମୟରେ ଗୋପବନ୍ଧୁ ବାବୁଙ୍କର ଗୋଟିଏ ଶିଶୁପୁତ୍ରର ବିୟୋଗ ହୋଇଥିଲା । ବ୍ରାହ୍ମଣ ସମିତି ବୋର୍ଡ଼ିଂର ଛାତ୍ରମାନେ ଆମ୍ଭେମାନେ ଯାଇ ତାହାର ଶବ ସଂସ୍କାର କରିଥିଲୁଁ । କେତେକ ଦିନ ରହି, ଲ (ଆଇନ) ପଢ଼ିବା ସକାଶେ ସେ କଲିକତାକୁ ଚାଲିଗଲେ । ତାଙ୍କୁ ବିଦାୟ ଦେବା ସକାଶେ ଆମ୍ଭେମାନେ ରେଳଷ୍ଟେସନକୁ ଯାଇଥିଲୁ । ସେହି ସମୟର ଦୃଶ୍ୟ ଅତ୍ୟନ୍ତ କରୁଣ ହୋଇଥିଲା । ଗାଡ଼ିରେ ବସିବା ମାତ୍ରକେ ଗୋପବନ୍ଧୁ ବାବୁ ଚିତ୍କାର କରି କାନ୍ଦ ଆରମ୍ଭ କରିଦେଲେ । ଷ୍ଟେସନରେ ଉପସ୍ଥିତ ଯାତ୍ରୀମାନେ ତାଙ୍କ କ୍ରନ୍ଦନର କାରଣ ସମ୍ବନ୍ଧରେ ପ୍ରଶ୍ନଦ୍ୱାରା ଆମ୍ଭମାନଙ୍କୁ ବିବ୍ରତ କରିପକାଇଲେ । କଥା କିଛି ନଥିଲା । ଆମ୍ଭମାନଙ୍କୁ ଛାଡ଼ି ଚାଲି ଯାଉଛନ୍ତି, ଏଥିରେ ତାଙ୍କର କୋମଳ ହୃଦୟ ବ୍ୟଥିତ ହୋଇଥିଲା ।

ପୁରୀରେ ଥିବା ସମୟରେ ମଧ୍ୟରେ ମଧ୍ୟରେ ଯାଇ ମୁଁ ବ୍ରାହ୍ମଣଶାସନ ମାନଙ୍କରେ ରହିବା ସୁଯୋଗ ପ୍ରାପ୍ତ ହୋଇଥିଲି । ଅଧିକାଂଶ ସମୟ ହରିହର ଦାଶ (ପରେ ଆଚାର୍ଯ୍ୟ ହରିହର ଦାଶ) ଓ ନୀଳକଣ୍ଠ ଦାଶଙ୍କ ଘର ଶ୍ରୀରାମଚନ୍ଦ୍ରପୁରରେ ଅତିବାହିତ ହୋଇଥିଲା । ସେହି ସମୟରେ ଶୀତଳଷଷ୍ଠୀ, ଚମ୍ପକଦ୍ୱାଦଶୀ ପ୍ରଭୃତି ଯାତ୍ରାରେ ଶାସନର ପ୍ରଥମ ଖଣ୍ଡି ଓ ଦ୍ୱିତୀୟ ଖଣ୍ଡି ମଧ୍ୟରେ ପ୍ରତିଦ୍ୱନ୍ଦିତା, ହାବେଳି ବାଣ ଆଦି ସ୍ମୃତିର ବିଷୟ । କେବଳ ପାଠ ନପଢ଼ି ବ୍ୟବସାୟାଦିରେ ଅର୍ଥୋପାର୍ଜନର ଆବଶ୍ୟକତା ସମ୍ବନ୍ଧରେ ବ୍ରାହ୍ମଣପିଲାଙ୍କୁ ଗୋପବନ୍ଧୁ ବାବୁ ଉପଦେଶ ଦେଉଥିଲେ । ଦିନେ ଜଣେ ବ୍ରାହ୍ମଣ ଯୁବକ (ପରେ ପ୍ରଚାରକ ଅନନ୍ତ

Digitized by srujanika@gmail.com

ମିଶ୍ର) କହିଲେ, "ଦାଶେ ଆପଣେ ! ଆମେମାନେ ଯଦି ଦଣ୍ଡି ଧରିବା ବେଦ ପଢ଼ିବ କିଏ ?" ସତେ କି ଶାସନଗୁଡ଼ିକ ବେଦପାଠରେ ମୁଖରିତ ! ଶାସନମାନଙ୍କ ମଧ୍ୟରେ ଶ୍ରୀରାମଚନ୍ଦ୍ରପୁର ଆଧୁନିକ ଶିକ୍ଷାରେ ଅଗ୍ରଗଣ୍ୟ । 'ଉତ୍କଳପ୍ରଦୀପ' ନାମରେ ଗୋଟିଏ ସମିତି ପ୍ରତିଷ୍ଠିତ ହୋଇଥିଲା । ଏହାର ଅଧିବେଶନ ସମୟରେ ମୁଁ ଏଠାକୁ ଆସିଥିଲି । ସ୍ୱର୍ଗୀୟ ବ୍ରଜସୁନ୍ଦର ଦାସଙ୍କ ସହିତ ଅନେକ ବିଶିଷ୍ଟ ଭଦ୍ରବ୍ୟକ୍ତି ଏହି ଅଧିବେଶନରେ ଯୋଗଦେବା ପାଇଁ କଟକରୁ ଆସିଥିଲେ । କାଳ ପ୍ରଭାବରେ ଏହିପରି କେତେ ଅନୁଷ୍ଠାନର ଅସ୍ତିତ୍ୱ ଲୁପ୍ତ ହୋଇଅଛି ।

ଜୁନ ମାସ ଆଡ଼କୁ ଏଣ୍ଟ୍ରାନ୍ସ ପରୀକ୍ଷାର ଫଳ ବାହାରିଲା । ମୁଁ ପରୀକ୍ଷାରେ ପାସ୍ କରିଛି । ୧୯ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଆମ୍ଭେମାନେ କେବଳ ତିନିଜଣ ପାସ୍ କଲୁଁ । ମୋ ସଙ୍ଗେ ବାଳମୁକୁନ୍ଦ ମିଶ୍ର ଓ ପୀତବାସ ରଥ । ଏ ଦୁହେଁ ଆଉ ଇହ ଜଗତରେ ନାହାଁନ୍ତି । ଏହାର ପୂର୍ବବର୍ଷ ଆଠଜଣ ପାସ୍ କରିଥିଲେ । ଏହା ପୂର୍ବେ କେଉଁ ବର୍ଷ ଜଣେ, କେଉଁ ବର୍ଷ ଦୁଇ ଜଣ । ପୁରୀରେ ହେବାର୍ଲେଟ୍ ସାହେବଙ୍କ ସଙ୍ଗେ ସାକ୍ଷାତ ଓ ମୋତେ ଶିକ୍ଷା ସକାଶେ ବିଲାତ ପଠାଇବା ପ୍ରଲୋଭନ ପ୍ରଦର୍ଶନ ।

ପୁରୀ ତ୍ୟାଗ କରି ଜୁଲାଇ ମାସରେ ମୁଁ କଟକ ଆସି କଲେଜରେ ନାମ ଲେଖାଇଲି । ଏହି ସମୟରେ କଲେଜରେ ସମ୍ବଲପୁରର ଜଣେ ମାତ୍ର ଛାତ୍ର, ସନାତନ ପୂଜାରୀ ଥିଲେ (ପରେ ଓଡ଼ିଶା ମେଡ଼ିକାଲ କଲେଜର ଅଧକ୍ଷ ରାୟବାହାଦୂର ଡାକ୍ତର ସନାତନ ପୂଜାରୀ) । ସେହି ସମୟରେ ସମ୍ବଲପୁରର ଛାତ୍ରମାନେ ସାଧାରଣତଃ କଲେଜ ଶିକ୍ଷା ସକାଶେ ନାଗପୁରକୁ ଯାଉଥିଲେ, ଯେହେତୁ ନାଗପୁର ସହିତ ସମ୍ବଲପୁରର ଶାସନଗତ ସମ୍ପର୍କ ବିଦ୍ୟମାନ ଥିଲା । ନାଗପୁର ଥିଲା ମଧ୍ୟପ୍ରଦେଶର ରାଜଧାନୀ ।

କଟକ ଜିଲ୍ଲାର ଛାତ୍ର ଛଡ଼ା, ପୁରୀ ଓ ବାଲେଶ୍ୱରରୁ ଅନେକ ଛାତ୍ର ଆସି କଲେଜରେ ଭର୍ତ୍ତି ହେଲେ; ଅନେକ ଛାତ୍ର ବଙ୍ଗଦେଶରୁ ମଧ ଆସିଲେ । ସମଗ୍ର ଓଡ଼ିଶାରେ ରେଭେନ୍‌ସା କଲେଜ ଏକମାତ୍ର କଲେଜ । ହାଇସ୍କୁଲ ସଂଖ୍ୟା ସୁଦ୍ଧା ନିତାନ୍ତ କମ୍ । କଟକ ଜିଲ୍ଲାରେ ହାଇସ୍କୁଲ, କଟକରେ ଚାରି–କଲେଜିଏଟ୍, ପ୍ୟାରୀମୋହନ ଏକାଡ଼େମି, ଭିକ୍ଟୋରିଆ ଓ ମିଶନ୍ ସ୍କୁଲ ଓ ମଫସଲରେ କେନ୍ଦ୍ରାପଡ଼ାରେ ଓ ଯାଜପୁରରେ ଗୋଟିଏ ଲେଖାଏଁ ପୁରୀ ଜିଲ୍ଲାରେ ପୁରୀ ଓ ଖୋର୍ଦ୍ଧା; ବାଲେଶ୍ୱରରେ ବାଲେଶ୍ୱର ଜିଲ୍ଲା ସ୍କୁଲ ଓ ମିଶନ ସ୍କୁଲ, ଭଦ୍ରଖ ଓ ଲକ୍ଷ୍ମଣନାଥ ସ୍କୁଲ; ସମ୍ବଲପୁରରେ ଏକମାତ୍ର ହାଇସ୍କୁଲ ସମ୍ବଲପୁର ଜିଲ୍ଲା ସ୍କୁଲ । କେତେକ ବର୍ଷ ହେଲା ବିଶେଷତଃ ଓଡ଼ିଶା ସମ୍ମିଳିତ ବିହାରରୁ ବିଚ୍ଛିନ୍ନ ହୋଇ ସ୍ୱତନ୍ତ୍ର ହେଲା ଉତ୍ତାରେ ବହୁସଂଖ୍ୟକ ହାଇସ୍କୁଲ ଓ କଲେଜ ସ୍ଥାପିତ ହୋଇ ଇଂରେଜୀ ଶିକ୍ଷା ପ୍ରସାରର ସୁବିଧା କରାହୋଇଅଛି । ବିକଳାଙ୍ଗ ଓଡ଼ିଶାର ଭିନ୍ନ ଭିନ୍ନ ଅଂଶ ଭିନ୍ନ ଭିନ୍ନ ଅଣଓଡ଼ିଆ ପ୍ରଦେଶ ସହିତ ସମ୍ମିଳିତ ହୋଇ ରହିଥିବା ପର୍ଯ୍ୟନ୍ତ ଓଡ଼ିଆମାନେ କେବଳ ଶିକ୍ଷାନୁଷ୍ଠାନରେ ନୁହେଁ, ପ୍ରାୟ ସମସ୍ତ କ୍ଷେତ୍ରରେ ମୁଣ୍ଡ ଟେକି ରହି ପାରୁନଥିଲେ । ୧୯୩୬ ମସିହାରେ ଓଡ଼ିଶାର

Digitized by srujanika@gmail.com

ସ୍ୱାତନ୍ତ୍ର୍ୟ ଲାଭ ଉତ୍ତାରେ କେତେକାଂଶରେ ପରିସ୍ଥିତିର ପରିବର୍ତ୍ତନ ଘଟିଅଛି, ତଥାପି ସ୍ଥାନୀୟ ଲୋକଙ୍କ ଚେଷ୍ଟା ଓ ବଦାନ୍ୟତା ଫଳରେ ୧୯୧୯ ମସିହାରେ ସମ୍ବଲପୁରର ବୃହତ୍ ସବ୍‌ଡ଼ିଭିଜନ୍ କେନ୍ଦ୍ରସ୍ଥଳ ବରଗଡ଼ରେ ଗୋଟିଏ ହାଇସ୍କୁଲ ସ୍ଥାପିତ ହୋଇଥିଲା । ବର୍ତ୍ତମାନ ସ୍ଥାନେ ସ୍ଥାନେ ଅନେକ ହାଇସ୍କୁଲ ଓ ପ୍ରାୟ ପ୍ରତ୍ୟେକ ଜିଲ୍ଲାରେ କଲେଜମାନ ସ୍ଥାପିତ ହୋଇଅଛି । ବରଗଡ଼ରେ ମଧ୍ୟ ଗୋଟିଏ କଲେଜ ପ୍ରତିଷ୍ଠିତ ହୋଇଅଛି ।

ଏଣ୍ଟ୍ରାନ୍‌ସ ପରେ କଲେଜରେ ଆମ୍ଭମାନଙ୍କର ଥିଲା ଏ.ଅ. (First Arts) । ଏଥିରେ କଳା (Arts) ଓ ବିଜ୍ଞାନ (Science) ସମ୍ମିଳିତ ଥିଲା । ଅର୍ଥାତ୍ ଇଂରେଜୀ, ସାହିତ୍ୟ, ଗଣିତ, ସଂସ୍କୃତ, ଇତିହାସ, ତର୍କଶାସ୍ତ୍ର (Logic), ପଦାର୍ଥ ବିଜ୍ଞାନ (Physics), ରସାୟନ (Chemistry) ଓ ସ୍ୱାସ୍ଥ୍ୟ ବିଜ୍ଞାନ (Sanitary Science) । B.A. ତିନିଶାଖାରେ ବିଭକ୍ତ ଥିଲା, A. Course, B. Course H Mixed Course ସମସ୍ତ କୋର୍ସରେ ଇଂରେଜୀ । ଏହାଛଡ଼ା A. Course ରେ ଦର୍ଶନ (Philosophy) ଓ ସଂସ୍କୃତ କିମ୍ବା ଇତିହାସ । B. Courseରେ ଗଣିତ (Mathematics), ପଦାର୍ଥ ବିଜ୍ଞାନ ଓ ରସାୟନ (Physics and Chemistry) କିମ୍ବା ଉଦ୍ଭିଦ ବିଜ୍ଞାନ (Botany) ଓ ଶରୀର ତତ୍ତ୍ୱ (Physiology) ଓ Mixed Courseରେ ଗଣିତ ଓ ଦର୍ଶନ (Mathematics and Philosophy) । ଏଥିରେ ଏଣ୍ଟ୍ରାନ୍‌ସରୁ ଆରମ୍ଭ କରି ଇ.ଅ. ପର୍ଯ୍ୟନ୍ତ କୌଣସି ପରୀକ୍ଷା ସକାଶେ ମାତୃଭାଷାର ସ୍ଥାନ ନଥିଲା । ୧୯୦୯ ମସିହାରେ କଲିକତା ବିଶ୍ୱବିଦ୍ୟାଳୟର କୁଳପତି ସ୍ୱନାମଧନ୍ୟ ଆଶୁତୋଷ ମୁଖୋପାଧ୍ୟାୟଙ୍କ ନେତୃତ୍ୱରେ ପାଠ୍ୟକ୍ରମର ଆମୂଳ ସଂସ୍କାର ହେଲା । କଳା ଓ ବିଜ୍ଞାନକୁ ଭିନ୍ନ ଭିନ୍ନ କରିଦିଆହେଲା । F.A. ପରିବର୍ତ୍ତେ I.A. (Intermediate in Arts) ଓ I.Sc. (Intermediate in Science) ହେଲା । B.A. ପରୀକ୍ଷା ସକାଶେ ମଧ୍ୟ ତଦ୍ରୂପ କଳା ଓ ବିଜ୍ଞାନ ପୃଥକ୍ କରାହେଲା । ଭିନ୍ନ ଭିନ୍ନ ଭାଷାଭାଷୀ ଛାତ୍ରମାନଙ୍କ ସକାଶେ ମାତୃଭାଷାରେ ଶିକ୍ଷା ବାଧ୍ୟତାମୂଳକ ହେଲା । ଏହା ଫଳରେ ବର୍ତ୍ତମାନ ଶୀର୍ଷସ୍ଥାନ ଏମ୍.ଏ.ରେ ସୁଦ୍ଧା ମାତୃଭାଷାରେ ପରୀକ୍ଷାର ବ୍ୟବସ୍ଥା ହୋଇଅଛି ।

ସେତେବେଳେ ଅଧିକ ସଂଖ୍ୟାରେ ପିଲାମାନେ ଓଡ଼ିଶାରେ ପାଠ ପଢୁନଥିଲେ। ୧୯୦୪ ମସିହାରେ ଜଣେ ମାତ୍ର ଛାତ୍ର ରେଭେନ୍‌ସା କଲେଜରୁ ବି.ଏ. ପାସ୍ କରିଥିଲେ। ସେ ପୁଣି ବଙ୍ଗାଳୀ । ଅନର୍ସ ପଢ଼ିବା ସକାଶେ ଭଲ ବ୍ୟବସ୍ଥା ନଥିଲା । କ୍ୱଚିତ୍ ଜଣେ ଦୁଇଜଣ ଅନର୍ସ ନେଉଥିଲେ । ଅନ୍ୟାନ୍ୟ ଓଡ଼ିଆ ଛାତ୍ରମାନେ ଏହି ସକାଶେ କଲିକତା ଯାଉଥିଲେ । ଏମାନଙ୍କ ମଧ୍ୟରେ ପୁରୀର ରାୟବାହାଦୁର ବୈଦ୍ୟନାଥ ମିଶ୍ରଙ୍କ ନାମ ଉଲ୍ଲେଖଯୋଗ୍ୟ । ଆଜିକାଲି ବି.ଏ.ରେ ନିର୍ଦ୍ଧାରିତ ତିନୋଟି ବିଷୟରୁ ଗୋଟିକରେ ଅନର୍ସ ନେବା ବ୍ୟବସ୍ଥା ଅଛି । ସେହି ସମୟରେ ତିନୋଟିଯାକ ବିଷୟରେ ଅନର୍ସ ନିଆହେଉଥିଲା । ବୈଦ୍ୟନାଥ ମିଶ୍ର ଏଣ୍ଟ୍ରାନ୍ସ ଓ ଏଫ୍.ଏ. ପରୀକ୍ଷାରେ ବିଶ୍ୱବିଦ୍ୟାଳୟରେ ଉଚ୍ଚସ୍ଥାନ ପ୍ରାପ୍ତ ହୋଇ ବି.ଏ. ପରୀକ୍ଷାରେ ଇଂରେଜୀ, ସାହିତ୍ୟ, ଇତିହାସ ଓ ଦର୍ଶନ – ଏହି ତିନୋଟିଯାକ

Digitized by srujanika@gmail.com

ବିଷୟରେ ଅନର୍ସର ଉଚ୍ଚସ୍ଥାନ ପ୍ରାପ୍ତ ହୋଇଥିଲେ । ବିଜ୍ଞାନ ଶିକ୍ଷା କେବଳ ପୁସ୍ତକଗତ ଥିଲା । Practical (ବ୍ୟାବହାରିକ) ଦିଗ ପ୍ରତି ଆଦୌ ଦୃଷ୍ଟି ନଥିଲା। ଏହା ବର୍ତ୍ତମାନ ବାଧ୍ୟତାମୂଳକ ହୋଇଅଛି । ବିଜ୍ଞାନ ଅବଶ୍ୟ କ୍ରମୋନ୍ନତିଶୀଳ ବିଷୟ । ସେତେବେଳେ ବିଜ୍ଞାନ ଓ ରସାୟନର ଏତେ ଉନ୍ନତି ନଥିଲା । X-Ray ସେହିମାତ୍ର ଆବିଷ୍କୃତ ହୋଇଥିଲା । ଆଜି ଏତେ ଉନ୍ନତି ହୋଇଥିଲେ ସୁଦ୍ଧା ବିଜ୍ଞାନର ବିଶିଷ୍ଟ ବ୍ୟବହାର ପ୍ରାଣୀର ଧ୍ୱଂସ-ସାଧନ ସକାଶେ । ବିଗତ ଦ୍ୱିତୀୟ ମହାସମରରେ ଏହା ପ୍ରମାଣିତ ହେଲା । ଆମେରିକାର ଯୁକ୍ତରାଷ୍ଟ୍ରର ଆଣବିକ ବୋମାପୋତଦ୍ୱାରା ଜାପାନର ଦୁଇଗୋଟି ବୃହତ୍ ସମୃଦ୍ଧିଶାଳୀ ସହର ହିରୋଶିମା ଓ ନାଗାସାକିର ବିଧ୍ୱଂସ ହେଲା । ଆଜି ସୁଦ୍ଧା ନିଜ ନିଜ ଶକ୍ତି ଓ ସଭ୍ୟତାର ଆସ୍ଫାଳନରେ ଉନ୍ମତ୍ତ ବୃହତ୍ ବୃହତ୍ ଶକ୍ତି ସମୂହର ଏହି ପଥରେ ଗତି ପ୍ରତିହତ ହେବାର କୌଣସି ଲକ୍ଷଣ ଦେଖାଯାଉନାହିଁ ।

ପ୍ରଥମ ବାର୍ଷିକ ଶ୍ରେଣୀରେ ସମଗ୍ର ଓଡ଼ିଶାରୁ ପ୍ରାୟ ଷାଠିଏ ଜଣ ଛାତ୍ର ଆସି ନାମ ଲେଖାଇଲେ । ସମ୍ବଲପୁରରୁ କେବଳ ମୁଁ ଆସିଥିଲି । ମନେରଖିବାକୁ ହେବ ଯେ, ସେତେବେଳେ ସମ୍ବଲପୁର ମଧ୍ୟପ୍ରଦେଶର ଅନ୍ତର୍ଗତ ଥିଲା । ଓଡ଼ିଶାର ସରକାରଙ୍କ ନିୟମାନୁସାରେ ପ୍ରତ୍ୟେକ ଜିଲ୍ଲା ସକାଶେ ଅନ୍ତତଃ ଗୋଟିଏ ଲେଖାଏଁ ବୃତ୍ତି ନିର୍ଦ୍ଦିଷ୍ଟଥାଏ । ମୁଁ ମଧ୍ୟପ୍ରଦେଶ ସରକାରଙ୍କୁ ଗୋଟିଏ ବୃତ୍ତି ସକାଶେ ଦରଖାସ୍ତ କଲି । କିନ୍ତୁ ମୋତେ ବୃତ୍ତି ମିଳିଲା ନାହିଁ । ଓଡ଼ିଆଙ୍କ ପ୍ରତି ମଧ୍ୟପ୍ରଦେଶ ସରକାରଙ୍କ ତ ସହାନୁଭୂତି ନଥିଲା । ପ୍ରତ୍ୟେକ ବିଷୟରେ ସମ୍ବଲପୁରର ଓଡ଼ିଆମାନେ ଅବହେଳିତ ହେଉଥିଲେ । ଏହାରି ଫଳରେ ସିନା ୧୯୦୫ ମସିହାରେ ସମ୍ବଲପୁର ଓଡ଼ିଶା ସହିତ ମିଳିତ ହେଲା ।

ବି.ଏ. କ୍ଲାସ୍‌ରେ ସୁଦ୍ଧା ତଦ୍ରୂପ, ଛାତ୍ର ସଂଖ୍ୟା ଅଳ୍ପ । ଛାତ୍ରମାନଙ୍କ ମଧ୍ୟରେ ବଙ୍ଗାଳି ଛାତ୍ର ଅଳ୍ପ ଥିଲେହେଁ ସେମାନଙ୍କ ପ୍ରାଧାନ୍ୟ ସର୍ବତ୍ର ଲକ୍ଷିତ ହେଉଥାଏ । ଅଧ୍ୟାପକ ସମସ୍ତେ ଥିଲେ ବଙ୍ଗାଳୀ । ପ୍ରିନ୍‌ସିପାଲ ବଙ୍ଗାଳୀ । ଜଣେ ମାତ୍ର ଓଡ଼ିଆ, କଲେଜିଏଟ୍ ସ୍କୁଲ୍‌ର ହେଡ଼ପଣ୍ଡିତ ପୁରୁଷୋତ୍ତମ ତର୍କାଳଙ୍କାର ପ୍ରଥମ ବାର୍ଷିକ ଶ୍ରେଣୀରେ ସଂସ୍କୃତ ଭଟ୍ଟିକାବ୍ୟ ପଢ଼ାଇବାକୁ ଆସନ୍ତି । ବଙ୍ଗଳା ଭାଷାରେ ପାଠ ବୁଝାନ୍ତି । ମୁଁ ତ ମଧ୍ୟପ୍ରଦେଶରୁ ଆସିଥିଲି । ହିନ୍ଦି ଜାଣୁଥିଲି, ବଙ୍ଗଳାର ଅର୍ଥ ବୁଝି ନପାରିଲେ ଯେତେବେଳେ ଓଡ଼ିଆରେ ବୁଝାଇବାକୁ କହେ ମୋ ପ୍ରତି ବିରକ୍ତ ହୁଅନ୍ତି ଓ ବଙ୍ଗାଳୀ ଓ ତାଙ୍କ ସଙ୍ଗେ କେତେକ ଓଡ଼ିଆ ସହାଧ୍ୟାୟୀ ମଧ୍ୟ ହସନ୍ତି । ସେତେବେଳେ ସମଗ୍ର ଓଡ଼ିଶାରେ ଆଙ୍ଗୁଳିରେ ଗଣିହେବା ଭଳି ଏମ୍.ଏ. ଥିଲେ ମଧୁସୂଦନ ଦାସ, ତାଙ୍କ ଭାଇ ଗୋପାଳ ବଲ୍ଲଭ ଦାସ ଡ଼େପୁଟି ମାଜିଷ୍ଟ୍ରେଟ୍, ଅଭିରାମ ଭଞ୍ଜ, ସମ୍ବଲପୁରର ରାମନାରାୟଣ ମିଶ୍ର ଓକିଲ ଓ ହରିଶ୍ଚନ୍ଦ୍ର ଦତ୍ତ ବଙ୍ଗପ୍ରଦେଶସ୍ଥ ଶିକ୍ଷା ବିଭାଗର ଉଚ୍ଚ କର୍ମଚାରୀ । ଯେଣେ ଦେଖ ବଙ୍ଗାଳୀ, କଚେରୀରେ ଜଜ୍ ମାଜିଷ୍ଟ୍ରେଟ୍ ସମସ୍ତେ ବଙ୍ଗାଳୀ, ଓକିଲ ବଙ୍ଗାଳୀ, ଡାକ୍ତରଖାନାରେ ଡାକ୍ତର ବଙ୍ଗାଳୀ, ସ୍କୁଲରେ ମାଷ୍ଟର

Digitized by srujanika@gmail.com

ବଙ୍ଗାଳୀ । ଏମାନଙ୍କ ଦାଉରେ ଓଡ଼ିଶାର ବାୟୁମଣ୍ଡଳ ସରଗରମ । ଏମାନଙ୍କ ପୁଅମାନେ ସ୍କୁଲ କଲେଜରେ ଭର୍ତ୍ତି ହେଉଛନ୍ତି । ବଙ୍ଗଳାଭାଷା ପ୍ରଭାବରେ ଭଦ୍ରବେଶୀ ଓଡ଼ିଆଙ୍କୁ ବଙ୍ଗାଳୀ ମନେକରି ଦୋକାନୀମାନେ ସୁଦ୍ଧା ଦରଖଣ୍ଡିଆ ବଙ୍ଗଳା ଭାଷାରେ କଥାବାର୍ତ୍ତା କରୁଛନ୍ତି । କେତେକ ଦିନ ପୂର୍ବେ ବଙ୍ଗାଳୀମାନଙ୍କ ଆନ୍ଦୋଳନରେ ଓଡ଼ିଶାରୁ ଓଡ଼ିଆଭାଷା ବିତାଡ଼ିତ ହେବାକୁ ବସିଲା । ଏଥିରେ ଓଡ଼ିଆଙ୍କ ସଙ୍ଗେ କାନ୍ଧପାତି ସେହି ସମୟର କଟକ ପ୍ରିଣ୍ଟିଂ କମ୍ପାନୀର ପ୍ରତିଷ୍ଠାତା ଓ ଓଡ଼ିଆ ସମ୍ବାଦପତ୍ର 'ଉତ୍କଳ-ଦୀପିକା'ର ସମ୍ପାଦକ ସ୍ୱର୍ଗୀୟ ଗୌରୀଶଙ୍କର ରାୟ, ଓଡ଼ିଆ ଭାଷାର ଔପନ୍ୟାସିକ ଓ ନାଟ୍ୟକାର ରାମଶଙ୍କର ରାୟ, କବିବର ରାଧାନାଥ ରାୟ ପ୍ରଭୃତି ଓଡ଼ିଶାର ସ୍ଥାୟୀ ବଙ୍ଗାଳୀମାନେ ଏହାର ପ୍ରତିରୋଧ କରିଥିଲେ ।

ରେଭେନ୍‌ସା କଲେଜରେ ପ୍ରିନ୍‌ସିପାଲ ଥିଲେ ପ୍ରସିଦ୍ଧ ଗଣିତଜ୍ଞ ବିପିନବିହାରୀ ଗୁପ୍ତ । ସେ ବି.ଏ. କ୍ଲାସ୍‌ରେ ଗଣିତ ପଢ଼ାଉଥିଲେ । ଅପର ଗଣିତ ଅଧ୍ୟାପକ ଥିଲେ ନୀଳମଣି ସାଧୁଖାଁ, ଇଂରେଜୀ ସାହିତ୍ୟର ଅଧ୍ୟାପକ ଥିଲେ ଉପେନ୍ଦ୍ରନାଥ ମୈତ୍ର ଓ ଗୋପାଳଚନ୍ଦ୍ର ଗାଙ୍ଗୁଲି । ବେଣିମାଧବ ଦାସ ଥିଲେ ଇତିହାସ ଓ ଲଜିକ୍ ଅଧ୍ୟାପକ । ଦର୍ଶନର ଅଧ୍ୟାପକ ଥିଲେ ଅମୂଲ୍ୟଧନ ବେନାର୍ଜି । ସଂସ୍କୃତ ଅଧ୍ୟାପକ ପଣ୍ଡିତ କୃଷ୍ଣପଦ ବିଦ୍ୟାରତ୍ନ । ପଦାର୍ଥବିଜ୍ଞାନ ଓ ରସାୟନର ଅଧ୍ୟାପକ ଥିଲେ ଯୋଗେଶଚନ୍ଦ୍ର ରାୟ ଓ ରମେନ୍ଦ୍ରନାଥ ଘୋଷ । ଯୋଗେଶ ବାବୁ ଉଦ୍ଭିଦବିଦ୍ୟା (Botany) ଓ ଶରୀରତତ୍ତ୍ୱ (Physiology)ର ମଧ୍ୟ ଅଧ୍ୟାପକ ଥିଲେ । ଅଧ୍ୟାପକ ଯୋଗେଶଚନ୍ଦ୍ର କେବଳ ଅଧ୍ୟାପନା କାର୍ଯ୍ୟ ଯେ କରୁଥିଲେ ତାହା ନୁହେଁ, ଉତ୍କଳର ସଂସ୍କୃତି, ସିଦ୍ଧି, ସାଧନା ଓଡ଼ିଶା ବାହାରେ ସୁଦ୍ଧା ପ୍ରଚାର କରିବାରେ ସେ ସର୍ବଦା ତତ୍ପର ଥିଲେ । ସେ ଉତ୍କଳର ସୁପ୍ରସିଦ୍ଧ ଜ୍ୟୋତିଷ ସାମନ୍ତ ଚନ୍ଦ୍ରଶେଖର ସିଂହଙ୍କୁ ଆବିଷ୍କାର କରିନଥିଲେ କେଉଁଦିନ ତାଙ୍କ ଓ ତାଙ୍କ ପ୍ରଣୀତ ସମଗ୍ର ପୃଥିବୀରେ ଆଦୃତ ସିଦ୍ଧାନ୍ତ ଦର୍ପଣର ନାମ ସୁଦ୍ଧା ଲୁପ୍ତ ହୋଇଯାଇଥାନ୍ତା । ସାମନ୍ତଙ୍କ ବାସସ୍ଥାନ ଖଣ୍ଡପଡ଼ାକୁ ଯାଇ ସେ ତାହାଙ୍କ ପାଣ୍ଡିତ୍ୟରେ ମୁଗ୍ଧ ହୋଇ ସିଦ୍ଧାନ୍ତଦର୍ପଣର ପାଣ୍ଡୁଲିପି ଆଣି ଇଂରେଜୀରେ ତାହାର ଏକ ଦୀର୍ଘ ମୁଖବନ୍ଧ ଲେଖିଥିଲେ । ତାହା ଆଠମଲ୍ଲିକ ରାଜାଙ୍କ ବ୍ୟୟରେ ମୁଦ୍ରିତ ହୋଇଥିଲା । ଯୋଗେଶବାବୁ ଉତ୍କଳର ଜଣେ ବନ୍ଧୁ କହିଲେ ଚଳେ । ସେ ୯୭ ବର୍ଷ ବୟସରେ ଅଳ୍ପଦିନ ପୂର୍ବେ ଦେହତ୍ୟାଗ କରିଅଛନ୍ତି । କଲିକତା ବିଶ୍ୱବିଦ୍ୟାଳୟ, ବାଙ୍କୁଡ଼ାସ୍ଥିତ ତାଙ୍କ ନିଜ ବାସଗୃହରେ ଅନୁଷ୍ଠିତ ଏକ ବିଶେଷ ଉତ୍ସବରେ ଡକ୍ଟର ପଦରେ ତାଙ୍କୁ ସମ୍ମାନିତ କରିଥିଲେ ।

Digitized by srujanika@gmail.com

ସ୍ୱର୍ଗତଃ ସତ୍ୟଗୋପାଳ
(ପୁତ୍ର)

ସ୍ୱର୍ଗତା ପୂର୍ଣ୍ଣିମା
(ଝିଅ)

Digitized by srujanika@gmail.com

ଠିଆ – (ବାମରୁ ଡାହାଣକୁ) – ସୁରମା (ମେଟ୍ରିକ୍), ନୀଳିମା (ମେଟ୍ରିକ୍), ଶ୍ୟାମା (ଏମ୍.ଏ.), ଉମା (ବି.ଏ., ଅନର୍ସ), ନିରୁପମା (ବି.ଏ., ବି.ଇଡି), ଅନୁପମା (ଏମ୍.ଇ.)

ଚୌକିରେ – (ବାମରୁ ଡାହାଣକୁ) – ମନୋରମା (ମି.ଭ.), ମା, ବାପା, ତିଳୋତ୍ତମା (ମି.ଭ.)

ତଳେ (ବାମରୁ ଡାହାଣକୁ) – ସତ୍ୟଭାମା (ଏମ୍.ବି.ବି.ଏସ୍., ଏମ୍.ଡି., ଡି.ସି.ଏଚ୍.) ବିଷ୍ଣୁପ୍ରସାଦ ଏମ୍.ଏସ୍‌ସି. (ପାଟନା), ପି.ଏଚ୍‌ଡ଼ି. (ଲଣ୍ଡନ), ସୁଷମା (ଏମ୍ ବି.ବି.ଏସ୍.)

Digitized by srujanika@gmail.com

ନାତି ନାତୁଣୀଙ୍କ ଗହଣରେ ଅଜା ଓ ଆଈ (୧୯୫୫)

Digitized by srujanika@gmail.com

ଶକ୍ରାବତୀ ଦେବୀଙ୍କ ମୃତ୍ୟୁର ଦଶାହ ପରେ ଝିଅ, ଜ୍ୱାଇଁ ଓ ନାତିଙ୍କ ସହ ଲେଖକ (୧୯୫୬)

Digitized by srujanika@gmail.com

ରେଭେନ୍ସା କଲେଜରେ

ରେଭେନ୍ସା କଲେଜରେ ଆମ୍ଭମାନଙ୍କର ସଂସ୍କୃତ ଅଧ୍ୟାପକ ଥିଲେ ବଙ୍ଗାଳୀ ପଣ୍ଡିତ କୃଷ୍ଣପଦ ବିଦ୍ୟାରତ୍ନ (ଭଟ୍ଟାଚାର୍ଯ୍ୟ) । ବଙ୍ଗ ପ୍ରଦେଶସ୍ଥ ସଂସ୍କୃତ ଶିକ୍ଷାର କେନ୍ଦ୍ର ଭାଟପଡ଼ାବାସୀ ବୋଲି କହନ୍ତି । ସେ ଥିଲେ ଟୋଲ୍ ପଣ୍ଡିତ । ଇଂରାଜୀ ଜାଣୁନଥିଲେ, ସଂସ୍କୃତରେ ସୁପଣ୍ଡିତ, ହେଲେ କ'ଣ ହେବ ପିଲାଙ୍କୁ ପଢ଼ାଇବାରେ ଆଦୌ ମନଯୋଗୀ ନଥିଲେ । କିନ୍ତୁ ଯେଉଁଦିନ ପଢ଼ାଇବାକୁ ମନ ହୋଇଥାଏ ସେହି ଦିନ ତାଙ୍କ ଅଧ୍ୟାପନା ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥାଏ । ଆମ୍ଭେମାନେ ଏହିପରି ପଢ଼ାଇବାକୁ ଧରି ବସିଲେ କହନ୍ତି, "ମୁଁ କ'ଣ ଏମ୍.ଏ. ପାସ୍ କରି ପ୍ରଫେସରର ଦରମା ପାଉଛି ଯେ ପଢ଼ାଇବି ? ସ୍କୁଲ ପଣ୍ଡିତର ଦରମାରେ ଯାହା ପଢ଼ାଉଛି ତାହା ଢେର !" ଏହା ଶୁଣି ମୋର ମନେପଡ଼ି ଯାଉଥାଏ, ଆମ ଗାଁର ଜମିଦାରଙ୍କ ଘରର ଚପରାସି କାଲେ ଖାଁର କଥା । ଦିନେ ଅଧରାତିରେ କାଲେ ଖାଁ ସିଂହଦ୍ୱାରରେ ଝୁଲା ହୋଇଥିବା ଘଣ୍ଟା ବଜାଉ ବଜାଉ କୋଡ଼ିଏ କି ପଚିଶ ବଜାଇଦେଲା । ଜମିଦାରଙ୍କ ପହଡ଼ ହୋଇନଥିଲା । ପାର୍ଶ୍ୱଚରକୁ ପଠାଇ କାଲେ ଖାଁ ପହରାବାଲାକୁ ଧରି ଅଣାହେଲା ଓ 'ଏତେ କ'ଣ ବଜାଇଲୁ' ବୋଲି ପଚରାହେଲା । ସେ ଅହିଫେନ-ସେବନାକ୍ରାନ୍ତ ଅର୍ଦ୍ଧମୁଦ୍ରିତ ନୟନଦ୍ୱୟ ବିସ୍ତାରିତ କରି କହିଲା, "ଦେଢ଼ ଟଙ୍କା ଦରମାରେ ଢେର ବାଜିଛି ।" ପଣ୍ଡିତ ମହାଶୟ କ୍ଲାସ୍‌ରେ ପ୍ରାୟ ପ୍ରତିଦିନ ଶୁଅନ୍ତି ଓ ପଙ୍ଖାବାଲାକୁ ଗୋଡ଼ ମୋଡ଼ିବାକୁ କହନ୍ତି । ଆମ୍ଭେମାନେ କ୍ଲାସ୍‌ରୁ ବାହାରି ଏଣେତେଣେ ବୁଲି ଓ ଦୋତାଲା ଉପରକୁ ଉଠିଥିବା ଆମ୍ବଡ଼ା ଗଛରୁ ପେଛା ପେଛା ଆମ୍ବଡ଼ାତୋଡ଼ା ତୋଳି ଲାବୋରେଟୋରି ଆସିଷ୍ଟାଣ୍ଟ ଜେକବ୍ ଠାରୁ ସୋଡ଼ିୟମ୍ କ୍ଲୋରାଇଡ୍ (Sodium Chloride) ଲୁଣ ଆଣି ଖାଇଖାଇ ସଂସ୍କୃତ ଘଣ୍ଟାତକ କଟାଇଦେଉଁ । ଦିନେ ଦିନେ ଆମ୍ଭମାନଙ୍କ ସହାଧ୍ୟାୟୀ ଶ୍ୱେତବସନ୍ତ ମହାନ୍ତି ପିନ୍‌କଣ୍ଟା ମାରି ତାଙ୍କ ନିଦ୍ରା ଭଙ୍ଗ କରିଦିଏ । ତଥାପି କେହି ତାଙ୍କ ନାମରେ କେବେ ପ୍ରିନ୍‌ସିପାଲଙ୍କ ଠାରେ ଅଭିଯୋଗ କରିଥିବା ଶୁଣାଯାଇନାହିଁ ।

ଯେଉଁଘରେ ବର୍ତ୍ତମାନ କଟକର ଜଜ୍ କୋର୍ଟ (ବଡ଼ ଅଦାଲତ), ସେହିଘର ଥିଲା ସେହି ସମୟରେ ଆମ୍ଭମାନଙ୍କ କଲେଜ ଓ ବର୍ତ୍ତମାନ କଲେଜିଏଟ୍ ସ୍କୁଲ୍‌ର ଛାତ୍ରାବାସ କଲେଜର ଛାତ୍ରାବାସ ଥିଲା । କାଠଯୋଡ଼ି ନଦୀକୁ ଯାଇଁ ଆମ୍ଭେମାନେ ସ୍ନାନକରୁ । ଯେଉଁ ଘାଟରେ ଆମ୍ଭେମାନେ ସ୍ନାନକରୁଁ, ତାହାର ନାମ ଥିଲା କଲେଜ ଘାଟ। ସେତେବେଳେ

Digitized by srujanika@gmail.com

ଖରାଦିନେ ସୁଦ୍ଧା କାଠଯୋଡ଼ିରେ ଗଭୀର ହାତୀବୁଡ଼ା ପାଣି ରହୁଥାଏ । ଗଭୀର ପାଣିରେ ଆମ୍ଭେମାନେ ପହଁରୁ । ୧୯୦୮ ମସିହା ଗ୍ରୀଷ୍ମାବକାଶ ପର୍ଯ୍ୟନ୍ତ ଏହିପରି ନଦୀର ଗଭୀର ସ୍ରୋତ ଥାଏ । ପ୍ରାୟ ପ୍ରତିବର୍ଷ ବର୍ଷାଦିନର ବଢ଼ିରେ ଜଣେ ନା ଜଣେ କଲେଜ ଛାତ୍ର ବୁଡ଼ି ମରନ୍ତି । ବଡ଼ ବୁରୁଜ ତଳେ ପଡ଼ିଲେ ଆଉ ଜୀବନରକ୍ଷା ଅସମ୍ଭବ ହୋଇପଡ଼େ । ୧୯୦୯ ମସିହାରେ ଆସି ଦେଖେଁ, ନଦୀବକ୍ଷ ପ୍ରାୟ ଶୁଷ୍କ । ବାଲିପୋତି ହୋଇଛି । ସେହିଦିନରୁ କାଠଯୋଡ଼ି ନଦୀରେ କଟକବାସୀଙ୍କର ଜଳାଭାବ ହୋଇଅଛି । ପ୍ରାୟ ପ୍ରତିବର୍ଷ ବର୍ଷାଋତୁର ଆରମ୍ଭରେ କଟକରେ କଲେରା ହୁଏ ଓ ତହିଁରେ ଛାତ୍ରାବାସର ଜଣେ ଦୁଇଜଣ ଛାତ୍ରଙ୍କ ମୃତ୍ୟୁ ହୁଏ । ଏହାର ପ୍ରକୋପରେ ବର୍ଷେ ବର୍ଷେ କଲେଜ ଦୀର୍ଘକାଳ ପର୍ଯ୍ୟନ୍ତ ବନ୍ଦ ହୋଇଯାଏ ।

ସେହି ସମୟରେ ଜିନିଷ ପତ୍ର ଏତେ ଶସ୍ତା ଥିଲା ଯେ ସାଧାରଣ କଲେଜ ଛାତ୍ରର ଟ.୧୫/-ରୁ ଅଧିକ ଖର୍ଚ୍ଚ ହେଉନଥିଲା । ଅବଶ୍ୟ ଆଜିକାଲି ପିଲାଙ୍କ ପରି ଆମ୍ଭେମାନେ ବିଳାସୀ ନଥିଲୁ । ସେତେବେଳେ ଏତେଗୁଡ଼ିଏ ବିଳାସର ସାମଗ୍ରୀ ମଧ୍ୟ ବଜାରକୁ ଆସୁନଥିଲା । ଥିଏଟର୍ ସିନେମା ନଥିଲା, ଦେଶରେ ଚିତ୍ତବିନୋଦନର ସାମଗ୍ରୀ ଥିଲା ପାଲା, ସୁଆଙ୍ଗ ଯାତ୍ରା ପ୍ରଭୃତି । ହରହରି ଘାଟରେ ବାଦୀପାଲାରେ ବସିଲେ ଛାଡ଼ି ଆସିବାକୁ ମନହୁଏ ନାହିଁ । ବାସ୍ତବରେ ଉତ୍କଳରେ ପାଲାବାଲାମାନେ ପୁରାତନ ଓଡ଼ିଆ ସାହିତ୍ୟକୁ ସଜୀବ ରଖିଅଛନ୍ତି । କେତେକ ପାଲାବାଲାଙ୍କ ତତ୍କାଳୀନ କବିତା ରଚନାରେ ମୁଗ୍ଧ ହେବାକୁ ହୁଏ । ଏହି ଅମୂଲ୍ୟ ଅନୁଷ୍ଠାନକୁ ସମୁତ୍ସାହିତ କରି ରଖିବା ଦେଶବାସୀଙ୍କ କର୍ତ୍ତବ୍ୟ ।

ଆମ୍ଭମାନଙ୍କ ସଙ୍ଗେ କେତେକ ଧନୀ ଛାତ୍ର ମଧ୍ୟ ଛାତ୍ରାବାସରେ ରହୁଥିଲେ । ସେମାନଙ୍କ ଅଭ୍ୟାସ ସୁଦ୍ଧା ସାଧାରଣ ଛାତ୍ରଙ୍କ ତୁଲ୍ୟ ଥିଲା । ମେସ୍ ଛାତ୍ରମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ମେସ୍ ଖର୍ଚ୍ଚ ମାସକୁ ଛଅଟଙ୍କାରୁ ଅଧିକ ହେଉନଥିଲା । ଏହି ଖର୍ଚ୍ଚ ବାହାରେ କଲେଜ ଫି ମାସକୁ ଚାରିଟଙ୍କା, ଛାତ୍ରାବାସର ଭଡ଼ା ଟଙ୍କାଏ । ଏପରି ମୋଟ ଖର୍ଚ୍ଚ ଏଗାର ଟଙ୍କା । ଏହାଛଡ଼ା କଲେଜରେ ଆଉ କୌଣସି ଖର୍ଚ୍ଚ ନଥାଏ । ଅବଶିଷ୍ଟ ଚାରିଟଙ୍କା ଜଳଖିଆ ଆଦି ସକାଶେ ଯଥେଷ୍ଟ ହେଉଥିଲା । ପୂଝାରୀଚାକରଙ୍କ ଦରମା ଦୁଇଟଙ୍କା ଲେଖାଏଁ । ଉତ୍କୃଷ୍ଟ ପାଚକ ନାରାୟଣ ପୂଝାରୀର ଦରମା ତିନିଟଙ୍କା । ଚାନ୍ଦନୀଚୌକର ହରିଆ ଧୋବା ନିଏ କୋଡ଼ିକୁ ଦୁଇ ଅଣା । ପୋଷ୍ଟକାର୍ଡ ଗୋଟିକୁ ପଇସା ଓ ଲଫାପା ଗୋଟିକ ଦୁଇ ପଇସା । ଧୋତି ଖଣ୍ଡକୁ ବାର ଚଉଦଅଣା, କମିଜ ଖଣ୍ଡକୁ ଟଙ୍କାଏ ।

୧୯୦୫ ମସିହା ଅକ୍ଟୋବର ମାସ ୧୬ ତାରିଖ ଓଡ଼ିଶାର ଇତିହାସରେ ଏକ ସ୍ମରଣୀୟ ଦିବସ । ବହୁକାଳରୁ ମାତୃ ଅଙ୍ଗରୁ ବିଚ୍ଛିନ୍ନ ସମ୍ବଲପୁର ଜିଲ୍ଲା ଏହିଦିନ ଓଡ଼ିଶା

Digitized by srujanika@gmail.com

ସହିତ ମିଳିତ ହୋଇଥିଲା । ଏହିଦିନ ବଙ୍ଗ ପ୍ରଦେଶର ଅଙ୍ଗଚ୍ଛେଦ ମଧ୍ୟ ହୋଇଥିଲା । ଅତି ପ୍ରତ୍ୟୁଷରେ ଦଳେ ବଙ୍ଗାଳୀ ଯୁବକ ଆମ୍ଭମାନଙ୍କର ଛାତ୍ରାବାସକୁ ଆସି ଆମ୍ଭମାନଙ୍କ ହାତରେ ଗୋଟିଏ ଲେଖାଏଁ ରାଖି ବାନ୍ଧିଦେଇ ଗଲେ ଓ କହିଲେ, ସେମାନଙ୍କ ସହିତ ନଗ୍ନପଦରେ ସ୍ନାନ କରିବାକୁ ଯିବାକୁ ହେବ ଓ ଦିନ ଯାକ ଉପବାସରେ ରହିବାକୁ ହେବ । ସେମାନଙ୍କ ଆଗରେ ନୀଳକଣ୍ଠ ଦାସେ ଥିଲେ ଓ ବଙ୍ଗୀୟ ଭ୍ରାତାମାନଙ୍କ ପ୍ରତି ସହାନୁଭୂତି ପ୍ରକାଶ କରି ସେମାନଙ୍କ ସହିତ ତନ୍‌ମୁହୂର୍ତ୍ତରେ ମହାନଦୀକୁ ସ୍ନାନାର୍ଥେ ଅନୁସରଣ କରିବା ସକାଶେ କହିଲେ । ମୁଁ କହିଲି, ''ବଙ୍ଗୀୟ ଭ୍ରାତାମାନଙ୍କ ଦୁଃଖରେ ଆମ୍ଭେମାନେ ମଧ୍ୟ ଦୁଃଖୀ । କିନ୍ତୁ ସେହିଦିନ ସମ୍ବଲପୁର ଓଡ଼ିଶା ସହିତ ମିଳିତ ହୋଇଥିବାରୁ ଆମ୍ଭେମାନେ ଉକ୍ତ ମିଳନୋତ୍ସବ ପାଳନ କରିବୁଁ ।'' ନୀଳକଣ୍ଠ ଦାସେ ଆମ୍ଭମାନଙ୍କ ପ୍ରତି ବିରକ୍ତି ପ୍ରକାଶ କଲେ ଓ କଟୁକ୍ତିମାନ ପ୍ରୟୋଗକରି ଆମ୍ଭମାନଙ୍କ ପାଳିତ ଉତ୍ସବରେ ଯୋଗ ଦେଲେନାହିଁ । ସକାଳେ ଆମ୍ଭେମାନେ ମହାନଦୀରେ ସ୍ନାନକରି ଗଡ଼ଗଡ଼ିଆ ମହାଦେବ ଓ କଟକଚଣ୍ଡୀଙ୍କୁ ଭୋଗଦେଇ ଦର୍ଶନ କଲୁଁ ଏବଂ ଭୋଜି ଓ ସଙ୍ଗୀତରେ ରାତ୍ରିଯାପନ କଲୁଁ । ପରଦିନ ସକାଳେ ଶୁଣିଲୁ, ବଙ୍ଗାଳୀ ହଷ୍ଟେଲ୍ ସୁପରିଟେଣ୍ଡେଣ୍ଟଙ୍କ ବିରୁଦ୍ଧରେ ରାତ୍ରିରେ ହଷ୍ଟେଲରେ ଗୋଳମାଳ କରିଥିବା ଅଭିଯୋଗରେ ସମ୍ବଲପୁର ଛାତ୍ରମାନଙ୍କୁ ଟଙ୍କାଏ ଲେଖାଏଁ ଜୋରିମାନା ହୋଇଛି । ଅବଶ୍ୟ ଆମ୍ଭମାନଙ୍କ ପ୍ରତିବାଦରେ ପରେ ତାହା କଟିଗଲା ।

ବଙ୍ଗର ଅଙ୍ଗ ବ୍ୟବଚ୍ଛେଦଯୋଗୁଁ ସେହି ପ୍ରଦେଶର ପ୍ରବଳ ଜନ ଆନ୍ଦୋଳନର ହାୱା ଓଡ଼ିଶାକୁ ମଧ୍ୟ ନଆସି ରହିପାରି ନଥିଲା । ଦଳଦଳ ବଙ୍ଗାଳୀ ଆସି ଓଡ଼ିଶାବାସୀଙ୍କ ସହାନୁଭୂତି ଆକର୍ଷଣ କରିବାକୁ ଲାଗିଲେ । ଏମାନଙ୍କ ମଧ୍ୟରେ ଛାତ୍ର ସଂଖ୍ୟା ଅଧିକ । ବଙ୍ଗଦେଶର ଛାତ୍ରମାନଙ୍କୁ ଅନୁକରଣ କରି ଓଡ଼ିଆ ଛାତ୍ରମାନେ ମଧ୍ୟ ଏହି ଆନ୍ଦୋଳନଜନିତ ସ୍ୱଦେଶପ୍ରେମିକତାରେ ପ୍ରଣୋଦିତ ହେବାକୁ ଲାଗିଲେ ।

ବିଲାତି ଦ୍ରବ୍ୟ ବର୍ଜ୍ଜନ ଭାରତବର୍ଷରେ ଇଂରେଜମାନଙ୍କ ବିରୁଦ୍ଧରେ ପ୍ରଯୁକ୍ତ ମୁଖ୍ୟ ନୀତି ରୂପେ ଗୃହୀତ ହେଲା । ଦଳ ଦଳ ବଙ୍ଗାଳୀ ଯୁବକ ଆସି ଏହି ନୀତି ଓଡ଼ିଶାରେ ପ୍ରଚାର କରିବାକୁ ଲାଗିଲେ । ଏହିଦିନରୁ ଏହା ସ୍ୱଦେଶୀ ଆନ୍ଦୋଳନ ନାମରେ ଖ୍ୟାତହେଲା । ଯେଉଁ ତନ୍ତୀମାନେ ନିଜନିଜ ବ୍ୟବସାୟ ପରିତ୍ୟାଗ କରି ଅନ୍ୟ ବ୍ୟବସାୟ ଗ୍ରହଣ ପୂର୍ବକ ଗୃହତ୍ୟାଗ କରିଥିଲେ ସେମାନେ ଘରକୁ ଫେରିଆସି ବର୍ତ୍ତମାନ ଲୁଗା ବୁଣିବାକୁ ଲାଗିଲେ । କଟକର ଲୁଗାଦୋକାନମାନ ସ୍ୱଦେଶୀ ବସ୍ତ୍ରରେ ପୂର୍ଣ୍ଣ ହୋଇଗଲା । ଛାତ୍ରମଣ୍ଡଳୀ ସ୍ୱଦେଶୀ ବସ୍ତ୍ର ବ୍ୟବହାର କରିବାରେ ଅଗ୍ରଣୀ ହେଲେ । ଆମ୍ଭମାନଙ୍କ ଛାତ୍ରାବାସସ୍ଥ ଜଣେ ଦୁଇଜଣ ଏ ସମ୍ପର୍କରେ ନେତୃତ୍ୱ ଗ୍ରହଣ କଲେ । ଛାତ୍ରାବାସସ୍ଥ ପ୍ରତ୍ୟେକ ଛାତ୍ରଠାକୁ ଯାଇ କେହି ବିଲାତି ବସ୍ତ୍ର ବ୍ୟବହାର କରୁଛି କି ନାହିଁ, ପରୀକ୍ଷା କରୁଥିଲେ ଓ କାହାରିଠାରେ ବିଲାତି ବସ୍ତ୍ର ଦେଖିଲେ ତୀବ୍ର ଭାଷାରେ ତାହାକୁ ତିରସ୍କାର କରୁଥିଲେ । ସ୍ୱଦେଶୀ ବସ୍ତ୍ର ସହିତ

Digitized by srujanika@gmail.com

ଅନ୍ୟାନ୍ୟ ସ୍ୱଦେଶୀ ଦ୍ରବ୍ୟର ବ୍ୟବହାର ମଧ୍ୟ ବୃଦ୍ଧି ହେବାକୁ ଲାଗିଲା । ତଦାନୀନ୍ତନ ଭାରତର ବଡ଼ଲାଟ ଲର୍ଡ଼ କର୍ଜନ ବଙ୍ଗର ଅଙ୍ଗଚ୍ଛେଦ ବ୍ୟବସ୍ଥା କରି ବଙ୍ଗଦେଶ ତଥା ଭାରତବର୍ଷରେ ଯେଉଁ ସ୍ୱଦେଶପ୍ରେମିକତା ବୀଜ ବପନ କରିଦେଲେ ସେହି ସକାଶେ ଭାରତବାସୀ ତାଙ୍କ ପ୍ରତି ଚିରକୃତଜ୍ଞ । ବଙ୍ଗର ଅଙ୍ଗଚ୍ଛେଦ ଭାରତବର୍ଷ ପକ୍ଷରେ ପ୍ରକାରାନ୍ତରେ ମଙ୍ଗଳକର ହୋଇଥିଲା । ତାହା ବୋଧହୁଏ ଈଶ୍ୱରପ୍ରେରିତ । ତାହା ହୋଇ ନଥିଲେ ଇଂରେଜ-ସଭ୍ୟତାନୁରକ୍ତ ବଙ୍ଗାଳୀଙ୍କ ମତିଗତି ସ୍ୱଦେଶ ପ୍ରତି ଫେରିନଥାନ୍ତା । ସେହି ସମୟର ବଙ୍ଗଦେଶସ୍ଥ ଶିକ୍ଷିତ ସମ୍ପ୍ରଦାୟର ମତିଗତି ପ୍ରତି ସୂକ୍ଷ୍ମଭାବରେ ନିରୀକ୍ଷଣ କଲେ ଅନୁଭବ କରିବାକୁ ହେଉଥିଲା ଯେ ପଲାସି ଯୁଦ୍ଧ ପର ପରେ ଇଂରେଜମାନେ କଲିକତା ସହରରେ ରାଜଧାନୀ ସ୍ଥାପନ କରି ଯେପରି ଭାବରେ ନିଜ ଆସ୍ଥାନ ଦୃଢ଼ୀଭୂତ କଲେ ଶିକ୍ଷିତ ବଙ୍ଗାଳୀ ସେମାନଙ୍କ ହାବଭାବ, ଆଦବକାଇଦା ଅନୁକରଣ କରି ଏକାବେଳକେ ସାହେବ ପାଲଟିଗଲେ । ଅନେକ ବିଶିଷ୍ଟ ଶିକ୍ଷିତ ବ୍ୟକ୍ତି ମଧ୍ୟ ଖ୍ରୀଷ୍ଟଧର୍ମ ଗ୍ରହଣ କଲେ । ଶୁଭଯୋଗରେ ବଙ୍ଗର ଅଙ୍ଗଚ୍ଛେଦ ସେମାନଙ୍କ ମୋହ ଦୂର କରିବାରେ ସହାୟ ହୋଇଥିଲା । କ୍ରମେ ସେମାନେ ଜାଗ୍ରତ ହେଲେ ଓ ଭାରତରେ ସ୍ୱାଧୀନତାର ମୂଳପତ୍ତନ ସ୍ଥାପନ କରି ଭୀଷଣ ସଂଗ୍ରାମରେ ଝାମ୍ପ ପ୍ରଦାନକଲେ ।

ଦିନେ ଓଡ଼ିଶାର ତଦାନୀନ୍ତନ କମିଶନର Greer ସାହେବ (R.T. Greer I.C.S.) ଆମ୍ଭମାନଙ୍କ ଛାତ୍ରାବାସରେ ହଠାତ୍ ଆସି ଉପସ୍ଥିତ ହେଲେ ଓ ତାଙ୍କ ସଙ୍ଗେ ଆସିଥିବା କଟକର ଜଣକେତେ ହାକିମ ପ୍ରତ୍ୟେକ ଛାତ୍ରଙ୍କ ଜିନିଷପତ୍ର ତଲାସ କଲେ । କିନ୍ତୁ ଆପତ୍ତିଜନକ କୌଣସି ଦ୍ରବ୍ୟ ପାଇଲେ ନାହିଁ । ପରେ ଶୁଣାଗଲା ଜଣେ ବଙ୍ଗାଳୀ ଅଧ୍ୟାପକଙ୍କ ପ୍ରରୋଚନା ଏହି ତଲାସର କାରଣ । ସ୍ୱଦେଶୀ ଆନ୍ଦୋଳନର ସୁବିଧା ନେଇ ଅଧ୍ୟାପକ ମହାଶୟ କଟକର ଇଂରେଜୀ ଜିଲ୍ଲା ମାଜିଷ୍ଟ୍ରେଟ୍ ଓ କମିଶନରଙ୍କ ସହିତ ଘନ ଘନ ସାକ୍ଷାତ କରି କଲେଜ ଛାତ୍ରଙ୍କ ନାମରେ ଚୁଗୁଲି କରନ୍ତି । ତାଙ୍କୁ ଏହି ଅବିମୃଶ୍ୟକାରିତାର ସଦ୍ୟ ଫଳଭୋଗ କରିବାକୁ ହୋଇଥିଲା । ବଦଳି ହୋଇ ଅବିଳମ୍ବେ ତାଙ୍କୁ କଟକ ତ୍ୟାଗ କରିବାକୁ ହୋଇଥିଲା ।

Greer ସାହେବଙ୍କ ପୂର୍ବେ ଓଡ଼ିଶାର କମିଶନର ଥିଲେ କେ. ଜି. ଗୁପ୍ତ ଓ ତାହାଙ୍କ ପୂର୍ବେ ଥିଲେ ସ୍ୱନାମଧନ୍ୟ ଇଂରେଜ ଓ ବଙ୍ଗ ସାହିତ୍ୟବିତ୍ ଓ ଐତିହାସିକ ରମେଶଚନ୍ଦ୍ର ଦତ୍ତ । କଟକ ଲାଲ୍‌ବାଗସ୍ଥ କମିଶନର କୋଠି ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେବା ଦିନଠାରୁ ଓଡ଼ିଶା ରାଜ୍ୟପାଳଙ୍କ ରାଜଭବନ ହେଲା । ସେହି ସମୟରେ ଓଡ଼ିଶା ବଙ୍ଗ ପ୍ରଦେଶ ସହିତ ସମ୍ମିଳିତ ଥିଲା । ବଙ୍ଗ, ବିହାର ଓ ଓଡ଼ିଶା ମିଶି ଏକ ପ୍ରଦେଶ ଥିଲା । ୧୯୧୧ ମସିହାରେ ବଙ୍ଗ ପ୍ରଦେଶରୁ ବିହାର ଓ ଓଡ଼ିଶା ବିଚ୍ଛିନ୍ନ ହୋଇ ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା । ବଙ୍ଗ ପ୍ରଦେଶ ସହିତ ଓଡ଼ିଶା ସମ୍ମିଳିତ ଥିବା ସମୟରେ ୧୯୦୬ ମସିହା ପର୍ଯ୍ୟନ୍ତ କମିଶନର ଓଡ଼ିଶା ଗଡ଼ଜାତ ମାହାଲର ସୁପରିଣ୍ଟେଣ୍ଡେଣ୍ଟ ଥିଲେ । ବର୍ଷରେ

Digitized by srujanika@gmail.com

ଥରେ ଯାଇ କେତେକ ଗଡ଼ଜାତ ରାଜ୍ୟ ବୁଲି ଆସନ୍ତି । ପ୍ରତ୍ୟକ୍ଷ ଶାସନ ପରିଦର୍ଶନ ସକାଶେ ଜଣେ ଡେପୁଟି କଲେକ୍ଟର ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ପଦରେ ରହିଥାନ୍ତି । ମୁଁ କଟକରେ କଲେଜରେ ପଢୁଥିବା ସମୟରେ ଏହି ପଦରେ ଥିଲେ ଡେପୁଟି କଲେକ୍ଟର ସୁଦାମଚରଣ ନାୟକ । ଗଡ଼ଜାତ ରାଜାମାନେ ତାଙ୍କ ଦର୍ଶନ ଲାଳସାରେ ଉପସ୍ଥିତ ହୋଇଥାନ୍ତି । କେତେକ ବଡ଼ ବଡ଼ ରାଜ୍ୟର ରାଜାମାନଙ୍କୁ ସୁଦ୍ଧା ମୁଁ ତାଙ୍କ ଘରେ ବସିଥିବା ଦେଖିଛି ।

କମିଶନର ରମେଶଚନ୍ଦ୍ର ଦତ୍ତ ଯେଉଁ ଗଡ଼ଜାତକୁ ଯାଇ ବୁଲି ଆସନ୍ତି, ଫେରିଲା ପରେ ସେହି ସ୍ଥାନର ଇତିହାସ, ସମାଜ ପ୍ରଭୃତି ବିଷୟରେ ଇଂରେଜିରେ ପ୍ରବନ୍ଧମାନ ସମ୍ବାଦପତ୍ରରେ ପ୍ରକାଶ କରନ୍ତି । ଏହିପରି ଗୋଟିଏ ବିଷୟ ମୋର ମନେହେଉଛି । ସେ ଲେଖିଥିଲେ, ଦଶପଲ୍ଲା ଭ୍ରମଣରେ ଯାଇଥିବା ସମୟରେ ଜଣକେତେ ପଇତା ପକାଇଥିବା ଗଣ୍ଡ ଜାତୀୟ ଲୋକଙ୍କୁ ବ୍ରାହ୍ମଣ ମନେକରି ନମସ୍କାର କରିଥିଲେ ଓ ପରେ ନିଜ ଭ୍ରମ ବୁଝିପାରିଥିଲେ । ୧୯୦୫ ମସିହାରେ ସମ୍ବଲପୁର ସହିତ ମଧ୍ୟପ୍ରଦେଶରେ ଥିବା ପାଟଣା, ସୋନପୁର, କଳାହାଣ୍ଡି, ବାମଣ୍ଡା ଓ ରେଢ଼ାଖୋଲ ରାଜ୍ୟମାନ ଓଡ଼ିଶା ସହିତ ମିଳିତ ହେବାରୁ ଏ ସମସ୍ତ ଗଡ଼ଜାତ ସହ ଓଡ଼ିଶାର କମିଶନରଙ୍କ ଅଧୀନରେ ଥିବା ରାଜ୍ୟମାନ ଜଣେ ସ୍ୱତନ୍ତ୍ର ପଲିଟିକାଲ ଏଜେଣ୍ଟଙ୍କ ତତ୍ତ୍ୱାବଧାନରେ ରହିଲା ।

ଏହି ସମୟରେ ଓଡ଼ିଶାର ସମ୍ବାଦପତ୍ର ମଧ୍ୟରେ କଟକରୁ ଗୌରୀଶଙ୍କର ରାୟଙ୍କ ସମ୍ପାଦିତ 'ଉତ୍କଳଦୀପିକା', ବାଲେଶ୍ୱରରୁ 'ଓଡ଼ିଆ ଓ ନବ ସମ୍ବାଦ' ଓ 'ସମ୍ବାଦ ବାହିକା', ବାମଣ୍ଡା ରାଜ୍ୟସ୍ଥ ଦେବଗଡ଼ରୁ ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦିତ 'ସମ୍ବଲପୁର ହିତୈଷିଣୀ', ଗଞ୍ଜାମରୁ 'ପ୍ରଜାବନ୍ଧୁ', ସମ୍ବଲପୁରରୁ ଶ୍ରୀପତି ମିଶ୍ରଙ୍କ ସମ୍ପାଦିତ 'ଉତ୍କଳ ଦର୍ପଣ', ବାରିପଦାରୁ ବୈଦ୍ୟନାଥ ଦାସଙ୍କ ସମ୍ପାଦିତ 'ମନୋରମା' ପ୍ରକାଶିତ ହେଉଥିଲା । ସାହିତ୍ୟ କ୍ଷେତ୍ରରେ ଇନ୍ଦ୍ରଧନୁ ଓ ବିଜୁଳିର ସଂଘର୍ଷ ସେହି ମାତ୍ର ତିରୋହିତ ହୋଇ ବିଶ୍ୱନାଥ କରଙ୍କ ସମ୍ପାଦକତ୍ୱରେ 'ଉତ୍କଳସାହିତ୍ୟ' ଅପ୍ରତିଦ୍ୱନ୍ଦୀ ସ୍ଥାନ ଅଧିକାର କରିଥିଲା । କେତେକ ଦିନ ବ୍ରଜସୁନ୍ଦର ଦାସଙ୍କ ସମ୍ପାଦିତ 'ମୁକୁର' ଓ ଆଉ କେତେକ ସାହିତ୍ୟ ପତ୍ରିକା ପ୍ରକଶିତ ହୋଇ ଲୟପ୍ରାପ୍ତ ହେଲା । ସର୍ବତ୍ର, ବିଶେଷତଃ କଲେଜ ଛାତ୍ରମାନଙ୍କ ମଧ୍ୟରେ ସାହିତ୍ୟଚର୍ଚ୍ଚା ହେଉଥିଲା । କବିବର ରାଧାନାଥଙ୍କ ପ୍ରତିଭା ସର୍ବତ୍ର ବ୍ୟାପ୍ତ ହୋଇଥିଲା । ତାଙ୍କ ସଙ୍ଗେ ଭକ୍ତକବି ମଧୁସୂଦନ ରାଓଙ୍କ ଭକ୍ତିପୂର୍ଣ୍ଣ କବିତାବଳୀ, ରାମଶଙ୍କର ରାୟଙ୍କ 'ବିବାସିନୀ', ଉପନ୍ୟାସ ଓ 'କାଞ୍ଚି–କାବେରୀ' ପ୍ରଭୃତି ନାଟକମାନ, ନନ୍ଦକିଶୋର ବଳଙ୍କ 'ପଲ୍ଲୀଚିତ୍ର', 'ନିର୍ଝରିଣୀ', 'ବସନ୍ତ କୋକିଳ', 'କୃଷ୍ଣକୁମାରୀ', 'ସୀତାବନବାସ' କାବ୍ୟମାନ ଓ ଗଙ୍ଗାଧର ମେହେରଙ୍କ 'ଇନ୍ଦୁମତୀ', 'କୀଚକ ବଧ' ଓ କ୍ଷୁଦ୍ର କ୍ଷୁଦ୍ର କବିତାମାନ, ବିଶେଷତଃ ଯୁବକ ପାଠକମାନଙ୍କ ମଧ୍ୟରେ ପ୍ରବଳ ଉନ୍ମାଦନା ସୃଷ୍ଟି କରିଥିଲା । କାମପାଳ ମିଶ୍ରଙ୍କ 'ସୀତା ବିବାହ' ନାଟକ

Digitized by srujanika@gmail.com

ତୀବ୍ର କଟୁଭାଷାରେ ଉତ୍କଳ ସାହିତ୍ୟ ମାଧମରେ ସମ୍ପାଦକ ବିଶ୍ୱନାଥ କରଙ୍କ ଦ୍ୱାରା ପ୍ରତିକୂଳ ଭାବରେ ସମାଲୋଚିତ ହୋଇଥିଲେ ମଧ୍ୟ ତାହାର ଅଭିନୟ ସ୍ଥାନେ ସ୍ଥାନେ ହେଉଥିଲା ଓ ଦର୍ଶକମାନେ ଆଗ୍ରହ ସହକାରେ ତାହା ଉପଭୋଗ କରୁଥିଲେ । ଗଞ୍ଜାମର ପଣ୍ଡିତ ଗୋପୀନାଥ ନନ୍ଦଙ୍କ 'ଶବ୍ଦବୋଧ ଅଭିଧାନ' ଓ 'ଓଡ଼ିଆ ଭାଷାତତ୍ତ୍ୱ' ଏହି ସମୟର ରଚନା । ନନ୍ଦଙ୍କ ନବଆବିଷ୍କୃତ ସଂସ୍କୃତ ଶ୍ଳୋକ ଛନ୍ଦରେ ଓଡ଼ିଆ କବିତା ରଚନା କୌତୁକ ଉତ୍ପାଦନ କରୁଥିଲା । ପଣ୍ଡିତଙ୍କ ରଚିତ 'ମେଘଦୂତ' ର 'ଧୂମଜ୍ୟୋତିଃ ସଲିଳ ମରୁତଃ ସନ୍ନିପାତଃ କ୍ୱମେଘଃ' ରୁ ଓଡ଼ିଆ ଅନୁବାଦ 'ଧୂମ ଜ୍ୟୋତି ସଲିଳ ମରୁତ ମିଶ୍ରଣ ମେଘ କୋଠେ' ସହିତ ଗୋପାଳ ପ୍ରହରାଜଙ୍କ 'ଭାଗବତ ଟୁଙ୍ଗୀରେ ସନ୍ଧ୍ୟା' ରେ ବର୍ଣ୍ଣିତ, 'ପଣ୍ଡା ପିଣ୍ଡାତଳକୁ ଗଡ଼ିଲେ ମଣ୍ଡପେ ଶାସନୀୟେ' ଓ ମସ୍ତରାମ ପାଗଳର ମୁଖରେ 'ଠେଙ୍ଗା ବାହୁଛଟା ସମର୍ଥ ଗୋଇଠା ଚେଙ୍ଗା ମୁଖୀ ଚେଙ୍ଗିବା' ତାଳ ଦେଉଥିଲା । ଆଉ କେତେ ସାନବଡ଼ କବି ସାହିତ୍ୟ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ । ବାହୁଲ୍ୟ ଭୟରେ ଏମାନଙ୍କ ଆଲୋଚନା ପରିତ୍ୟକ୍ତ ହେଲା ।

ଅତିଥିପରାୟଣ ସ୍ୱର୍ଗୀୟ ବ୍ରଜସୁନ୍ଦର ଦାସଙ୍କ ମହିଦାସ ବଜାରସ୍ଥ ବାସଭବନ ଏକ ଅତିଥିଶାଳାରେ ପରିଣତ ହୋଇଥିଲା । ଏହିଠାରେ ପ୍ରତ୍ୟହ ସନ୍ଧ୍ୟା ସମୟରେ ଗୋପବନ୍ଧୁ ଦାସ ପ୍ରଭୃତି ଦେଶଭକ୍ତଗଣ ମିଳିତ ହୁଅନ୍ତି ଓ ଦେଶୋନ୍ନତି ସମ୍ବନ୍ଧରେ ଚର୍ଚ୍ଚା କରନ୍ତି । ଆମ୍ଭମାନଙ୍କ ମଧ୍ୟରୁ କେତେକ କଲେଜ ଛାତ୍ର ମଧ୍ୟ ସେମାନଙ୍କ କଥା ଶୁଣିବାକୁ ଯାଉଁ । ଦିନେ ଅନେକ ଭଦ୍ରବ୍ୟକ୍ତି ତାଙ୍କ ଗୃହରେ ସମବେତ ହୋଇଥିଲେ । ସେଦିନ ନାନା ବିଷୟ ମଧ୍ୟରେ ବିଶେଷ ଭାବରେ ଆଲୋଚିତ ହେଲା, 'ଶିକ୍ଷିତ ଓଡ଼ିଆମାନେ ଇଂରେଜୀ ମିଶା ଓଡ଼ିଆ ବ୍ୟବହାର କରୁଥିବାରୁ କ୍ଷୋଭ ପ୍ରକାଶ' । ଆମ୍ଭେମାନେ ସ୍କୁଲ କଲେଜରେ ଇଂରେଜୀ ଭାଷା ଶିକ୍ଷାରେ ଯେତେ ମନଯୋଗ ଦେଉଁ ନିଜ ମାତୃଭାଷା ପ୍ରତି ତହିଁର କିୟଦଂଶ ମାତ୍ର ମନଯୋଗ ଦେଉଥିଲେ ମାତୃଭାଷାର ଆଶାତୀତ ଉନ୍ନତି ହେଉଥାନ୍ତା । ଉପସ୍ଥିତ ଭଦ୍ରବ୍ୟକ୍ତିମାନଙ୍କ ମଧ୍ୟରେ ଏହି ବିଷୟରେ ଆଲୋଚନା ଏତେ ଉତ୍ତେଜନା ସୃଷ୍ଟି କଲା ଯେ କଟକ ପ୍ୟାରୀମୋହନ ଏକାଡ଼େମିର ହେଡ଼ମାଷ୍ଟର ଶ୍ରୀ ନିମାଇଁଚରଣ ଚ୍ୟାଉପଟ୍ଟନାୟକ ଛିଡ଼ାହୋଇ ପଡ଼ିଲେ ଓ ହାତ ହଲେଇ ଉଚ୍ଚସ୍ୱରରେ କହିଲେ, "ଭାଇମାନେ ! ପ୍ରତିଜ୍ଞା କର ଯେ ଆଜିଠାରୁ ସମସ୍ତେ Pure ଓଡ଼ିଆ କହିବା ।" ଗୋପବନ୍ଧୁ ଦାସ ସ୍ୱୀୟ ସ୍ୱଭାବ-ସୁଲଭ ବ୍ୟଙ୍ଗ-ମିଶ୍ର ଭାଷାରେ କହିଲେ – "ପଟ୍ଟନାୟକେ ! ସଙ୍ଗେ ସଙ୍ଗେ ପ୍ରତିଜ୍ଞା ଭଙ୍ଗ । ଓଡ଼ିଆଙ୍କ ଦେଇ କିଛି ହେବ ନାହିଁ ।"

୧୯୦୩ ମସିହାରେ ସ୍ୱର୍ଗୀୟ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ହୋଇଥିଲା । ତହିଁରେ ମୟୂରଭଞ୍ଜର ସ୍ୱର୍ଗୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସଭାପତି ହୋଇଥିଲେ ।

Digitized by srujanika@gmail.com

୧୯୦୪ ମସିହା ଡିସେମ୍ବର ମାସରେ ଦ୍ୱିତୀୟ ଅଧିବେଶନରେ ଧରାକୋଟ ରାଜା ମଦନମୋହନ ସିଂହ ସଭାପତିତ୍ୱ କରିଥିଲେ । ଅନେକ କଲେଜ ଛାତ୍ର ତହିଁରେ ସ୍ୱେଚ୍ଛାସେବକ କାର୍ଯ୍ୟ କରିଥିଲେ । ମୁଁ ମଧ ସେମାନଙ୍କ ସହିତ ଯୋଗଦାନ କରିଥିଲି । ଯୁବକ ଛାତ୍ରମାନଙ୍କ ମନରେ ସେହି ସମୟରେ ସ୍ୱଦେଶୀ ପ୍ରତି ଯେଉଁ ଉନ୍ମାଦନା ସୃଷ୍ଟି ହୋଇଥିଲା, ତାହା ମୁଁ ସ୍ପଷ୍ଟ ଭାବରେ ଅନୁଭବ କରୁଥିଲି । ଏହି ଅଧିବେଶନରେ ସ୍ୱେଚ୍ଛାସେବୀମାନଙ୍କ ନେତ୍ରୀ ହୋଇଥିଲେ ମଧୁସୂଦନ ଦାସଙ୍କ ପାଳିତା କନ୍ୟା ଶ୍ରୀମତୀ ଶୈଳବାଳା । ସେହି ସମୟରେ ଆମ୍ଭେମାନେ ଜାଣିଥିଲୁଁ ଯେ, ଶ୍ରୀମତୀ ଶୈଳବାଳା ଶିକ୍ଷିତା । କଟକରେ ବି.ଏ. ପର୍ଯ୍ୟନ୍ତ ପଢ଼ିଥିଲେ ଓ ମଧୁବାବୁଙ୍କ କନ୍ୟା ବୋଲି ସମସ୍ତେ ତାଙ୍କୁ ସ୍ନେହ ଓ ସମ୍ମାନ ଚକ୍ଷୁରେ ଦର୍ଶନ କରୁଥିଲେ । ସେ କିନ୍ତୁ ଓଡ଼ିଆ ଭାଷାରେ କଥାବାର୍ତ୍ତା ନକରି ଓଡ଼ିଆଙ୍କ ସହିତ ଶୁଦ୍ଧ ବଙ୍ଗଳା ବ୍ୟବହାର କରନ୍ତି । ମଧୁବାବୁ ମଧ ଓଡ଼ିଆଙ୍କ ସହିତ ମାତୃଭାଷାରେ କଥାବାର୍ତ୍ତା କରୁଥିବା ଅବସରରେ ଶୈଳବାଳାଙ୍କ ସହିତ କଥା କହିବା ଆବଶ୍ୟକ ହେଲେ ବଙ୍ଗଳା ଭାଷା ବ୍ୟବହାର କରନ୍ତି । ସମ୍ମିଳନୀର ଅଧିବେଶନରେ ଶୈଳବାଳାଙ୍କୁ ଭାଷଣ ଦେବାକୁ ହୋଇଥିଲା । ତାହା ମଧ ବଙ୍ଗଳା ଭାଷାରେ ଦେଇଥିଲେ । ଏଥିରେ ଆମ୍ଭେମାନେ ବ୍ୟଥିତ ହେଉଥିଲୁ ଓ ଯେତେବେଳେ ଆମ୍ଭେମାନେ ଦିନେ ମଧୁବାବୁଙ୍କ ଠାରେ ଏହି ବିଷୟରେ ଆମ୍ଭମାନଙ୍କ କ୍ଷୋଭସୂଚକ ମତବ୍ୟକ୍ତ କଲୁଁ, ସେ ଲଜ୍ଜା ପ୍ରକାଶ କରିଥିଲେ ।

୧୯୦୭ ମସିହାର ପ୍ରବଳ ବନ୍ୟାରେ କେନ୍ଦ୍ରାପଡ଼ା ଅଞ୍ଚଳ ଅତ୍ୟନ୍ତ କ୍ଷତିଗ୍ରସ୍ତ ହୋଇଥିଲା । ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ଆମ୍ଭେମାନେ ବନ୍ୟାକ୍ଳିଷ୍ଟ ଅଞ୍ଚଳର ସାହାଯ୍ୟ ସକାଶେ କଟକରେ ଚାନ୍ଦା ସଂଗ୍ରହ କରିବାରେ ଲାଗିଲୁ । ଅନେକ ଟଙ୍କା ସଂଗୃହୀତ ହୋଇଥିଲା ଓ କେନ୍ଦ୍ରାପଡ଼ାକୁ ଗୋପବନ୍ଧୁ ବାବୁଙ୍କ ସଙ୍ଗେ ଯାଇ ସେହି ଅଞ୍ଚଳର ବନ୍ୟା-ପ୍ରପୀଡ଼ିତ ଲୋକଙ୍କ ଯଥେଷ୍ଟ ସାହାଯ୍ୟ କରିଥିଲୁ । ଏହି ସୁଯୋଗରେ ମୁଁ ଗୋପବନ୍ଧୁ ବାବୁଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିବା ମୋ ଭାଗ୍ୟରେ ଘଟିଥିଲା । ସେହି ଅଞ୍ଚଳର ଲୋକେ ବନ୍ୟାଯୋଗୁଁ ଅତ୍ୟନ୍ତ କ୍ଷତିଗ୍ରସ୍ତ ହୋଇଥିଲେ । ମଧୁବାବୁ ଗୋପବନ୍ଧୁ ବାବୁଙ୍କ ଆହ୍ୱାନରେ ଏହି ଅଞ୍ଚଳକୁ ଯାଇ ଲୋକଙ୍କ ସାହାଯ୍ୟ ସକାଶେ ସରକାରଙ୍କଠାରେ ଦାବି ଜଣାଇଥିଲେ । କିନ୍ତୁ ତତ୍କାଳୀନ ବଙ୍ଗଳାର ଛୋଟ ଲାଟ୍ ସାର୍ ଏଣ୍ଡ୍ରୁଫ୍ରେଜର ତାଙ୍କ କଥାରେ ବିଶ୍ୱାସ ସ୍ଥାପନ ନକରି କୌଣସି ପ୍ରତିକାର କଲେନାହିଁ !

କଟକ ମ୍ୟୁନିସିପାଲିଟି ପଡ଼ିଆରେ ସରକାରଙ୍କ ଏହି ବ୍ୟବହାରର ପ୍ରତିବାଦ ସକାଶେ ଗୋଟିଏ ସଭା ହୋଇଥିଲା । ତହିଁରେ ବିଲାତ ପାର୍ଲିଆମେଣ୍ଟର ସଭ୍ୟ ମି: ନେଭିନ୍‌ସନ୍ ସ୍ୱୟଂ ଉପସ୍ଥିତ ଥିଲେ । ଉକ୍ତ ସଭାରେ କ୍ଷୁତ୍‌ପୀଡ଼ିତ ଅସ୍ଥିଚର୍ମସାର ଜଣକେତେ ଲୋକଙ୍କୁ ଉପସ୍ଥିତ କରାହୋଇଥିଲା । ଗୋପବନ୍ଧୁ ବାବୁ ସେମାନଙ୍କୁ ଦେଖି ଏତେ କରୁଣ ଭାବରେ ଦୀର୍ଘ ଦୁଇଘଣ୍ଟାକାଳ କାନ୍ଦିଥିଲେ ଯେ, ନେଭିନ୍‌ସନ୍ ସାହେବଙ୍କ ସହିତ ସଭାସ୍ଥ

Digitized by srujanika@gmail.com

ପ୍ରାୟ ସମସ୍ତ ଲୋକ ଅଶ୍ରୁ ସମ୍ବରଣ କରିପାରିନଥିଲେ । ତଥାପି ସାର୍ ଏଣ୍ଡ୍ରେଫ୍ରେଜରଙ୍କ ପାଷାଣ ହୃଦୟ କଠିନ ହୋଇ ରହିଲା ଓ ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ପ୍ରତିକାର ହେଲାନାହିଁ । ସର୍ବସାଧାରଣଙ୍କ ସାହାଯ୍ୟ ଏହି ସମୟରେ ବିପନ୍ନ ଲୋକଙ୍କ ଯଥେଷ୍ଟ ଉପକାର ସାଧନ କରିଥିଲା ।

କଟକିଆ ପିଲାଙ୍କ ସହିତ ଆମ୍ଭ ସମ୍ବଲପୁରର ପିଲାଙ୍କର କଥିତ ଭାଷା ସମ୍ପର୍କରେ ନାନା ବାଦାନୁବାଦ ହୁଏ । ସମ୍ବଲପୁରର କଥିତ ଭାଷା ହିନ୍ଦୀମିଶା ଓଡ଼ିଆ । ପୁଣି କେତେକ ଶବ୍ଦ ଖାଣ୍ଟି ସମ୍ବଲପୁରୀ । ତନ୍ମଧ୍ୟରେ ଖୋଜିଲେ ଅନେକ ଶବ୍ଦ ମିଳିବ, ସଂସ୍କୃତର ଅପଭ୍ରଂଶ । କଟକିଆ ପିଲାମାନେ ଏ ସବୁ ବୁଝି ନପାରି ସମ୍ବଲପୁର ପିଲାଙ୍କୁ ନାନାପ୍ରକାର ବିଦ୍ରୂପାତ୍ମକ ମନ୍ତବ୍ୟଦ୍ୱାରା ବିବ୍ରତ କରିପକାନ୍ତି । ସେହି ସମୟରେ ସମ୍ବଲପୁର ହିନ୍ଦୀ-ଭାଷୀ ମଧ୍ୟପ୍ରଦେଶାନ୍ତର୍ଗତ ଥିବାରୁ ଆମ୍ଭେମାନେ ଓଡ଼ିଆ ନୋହୁଁ, ଆମ୍ଭମାନଙ୍କ ମାତୃଭାଷା ଓଡ଼ିଆ ନୁହେଁ ବୋଲି ସନ୍ଦେହ କରନ୍ତି । ୧୯୦୪ ମସିହାରେ ସମ୍ବଲପୁରରୁ ରେଭେନ୍‌ସା କଲେଜକୁ ଏକମାତ୍ର ଛାତ୍ର ମୁଁ ଆସିଥିଲି । ୧୯୦୫ ମସିହାରେ ଏଣ୍ଟ୍ରାନ୍‌ସ ପରୀକ୍ଷା ଉତ୍ତାରେ ନାରାୟଣ ନନ୍ଦ, ପରଶୁରାମ ମିଶ୍ର, ବାଳମୁକୁନ୍ଦ ଦୋରା, ପୁରୁଷୋତ୍ତମ ମହାପାତ୍ର, ପ୍ରସନ୍ନ କୁମାର ପୂଜାରୀ, ଭାନୁ ପଧାନ ଆସି ଯୋଗଦେଲେ । ୧୯୦୬ ସାଲରେ ଆହୁରି ଜଣକେତେ ଆସିଲେ । ୧୯୦୫ ସାଲର ଜୁଲାଇ ମାସରେ ନୀଳକଣ୍ଠ ଦାସ ଆସି କଲେଜରେ ପ୍ରବେଶ କଲେ । ସମ୍ବଲପୁର ଅଞ୍ଚଳରେ କଟକିଆ ବୋଇଲେ ବୁଝାଯାଏ, କଟକ, ବାଲେଶ୍ୱର ଓ ପୁରୀ ଜିଲ୍ଲାବାସୀ ଯେଉଁମାନେ ସମ୍ବଲପୁରର ଓଡ଼ିଆ ନ କହି ସେହି ଅଞ୍ଚଳର ଭଲ ଓଡ଼ିଆ କହନ୍ତି । ଅନ୍ୟାନ୍ୟ କଟକିଆ ବନ୍ଧୁଙ୍କ ମଧ୍ୟରେ ନୀଳକଣ୍ଠ ଦାସ ସମ୍ବଲପୁର ଛାତ୍ରଙ୍କ ବ୍ୟବହୃତ ହିନ୍ଦୀମିଶା ସମ୍ବଲପୁର ଭାଷାର ତୀବ୍ର ସମାଲୋଚନା କରନ୍ତି ।

ଏପରିକି ସମୟ ସମୟରେ ଭାଷାର ପରିସର ଲଙ୍ଘନ କରି ଅନ୍ୟ ଆଡ଼କୁ ମଧ୍ୟ ଚାଲିଯାଆନ୍ତି । ଏହା ଯେ କାହାରି ପ୍ରତି ବ୍ୟକ୍ତିଗତ ଆକ୍ରୋଶ ଯୋଗୁଁ କରନ୍ତି ତାହା ମୁଁ କେବେ ଅନୁଭବ କରିନାହିଁ । ତାହାଙ୍କ ଉଦ୍ଦେଶ୍ୟ, ଏହାଦ୍ୱାରା ସମ୍ବଲପୁର ପିଲାମାନେ ଭଲ ଓଡ଼ିଆ ଶିକ୍ଷା କରିବାକୁ ଚେଷ୍ଟା କରିବେ । କ୍ରମେ କ୍ରମେ ମୁଁ ଭଲ ଓଡ଼ିଆ ଶିକ୍ଷା କରିବାକୁ ଚେଷ୍ଟା କରୁଥାଏଁ । ପିଲାଦିନରୁ ଓଡ଼ିଆ ସାହିତ୍ୟ ପ୍ରତି ମୋର ଅନୁରାଗ ଥାଏ । ସ୍କୁଲରେ ସାହିତ୍ୟ ଶିକ୍ଷା ଉଚ୍ଚ ପ୍ରାଥମିକ ଶ୍ରେଣୀ ପର୍ଯ୍ୟନ୍ତ ଯାହା ହୁଏ, ତା ପରେ ଆଉ ଓଡ଼ିଆ ସାହିତ୍ୟର କୌଣସି ସ୍ତରରେ ସ୍ଥାନ ନାହିଁ । କଲେଜରେ ପ୍ରବେଶ କଲା ଉତ୍ତାରେ ମୁଁ ଓଡ଼ିଆ ସାହିତ୍ୟର ବିଶେଷ ଚର୍ଚ୍ଚା କଲି ଓ ରାଧାନାଥ ରାୟଙ୍କ କାବ୍ୟପାଠ ଆରମ୍ଭ କରି, ପୁରାତନ କବିମାନଙ୍କ ଗ୍ରନ୍ଥମାନ ଅଧ୍ୟୟନ କରିବାରେ ମନୋନିବେଶ କରି, କ୍ରମେ କ୍ରମେ ଓଡ଼ିଆ ସାହିତ୍ୟ ପ୍ରତି ଅନୁରାଗ ବୃଦ୍ଧି କରିବାକୁ ଲାଗିଲି । କିନ୍ତୁ ମୋର ସମ୍ବଲପୁରର ଅନ୍ୟ ଛାତ୍ରବନ୍ଧୁ ମାନେ ନିଜ ଭାଷା ଛଡ଼ା ଅନ୍ୟ ପ୍ରକାର ଓଡ଼ିଆ ଭାଷା ବ୍ୟବହାର କରିବାକୁ

Digitized by srujanika@gmail.com

କେବେ ଚେଷ୍ଟା କରନ୍ତି ନାହିଁ । ସେମାନେ କହନ୍ତି, ମାତୃଭାଷା ତ୍ୟାଗ କରିବେ କାହିଁକି ? ମୁଁ ସେମାନଙ୍କୁ କହେଁ, ସମ୍ବଲପୁରୀ ଭାଷାରେ ତ ସାହିତ୍ୟ ନାହିଁ। ସାହିତ୍ୟ ଶିକ୍ଷା କରିବାକୁ ହେଲେ କଟକିଆ ବିଶୁଦ୍ଧ ଓଡ଼ିଆ ଶିକ୍ଷା କରିବାକୁ ହେବ । ଆମ୍ଭମାନଙ୍କ ମଧ୍ୟରେ ପୁରୁଷୋତ୍ତମ ମହାପାତ୍ର ସର୍ବଦା ଖାଣ୍ଟି ସମ୍ବଲପୁରୀ ଭାଷା ବ୍ୟବହାର କରୁଥିବା ଯୋଗୁଁ କଟକିଆ ଛାତ୍ରବନ୍ଧୁ ବିଶେଷତଃ ନୀଳକଣ୍ଠ ଦାସଙ୍କ ସହିତ ଭୀଷଣ ସଂଘର୍ଷ ସୃଷ୍ଟି ହୁଏ । ୧୯୦୪ ମସିହାରେ ସମ୍ବଲପୁରର କବି ଗଙ୍ଗାଧର ମେହେରଙ୍କ 'କୀଚକ ବଧ' ପ୍ରକାଶିତ ହେଲା । ଦିନେ ନୀଳକଣ୍ଠ ଦାସ ବହି ଖଣ୍ଡିକ ଧରି ଛାତ୍ରାବାସର ନିଜ କୋଠରୀରୁ ବାହାରି ପଡ଼ିଲେ ଓ ପଦ୍ମଚରଣ ପଟ୍ଟନାୟକ ପ୍ରଭୃତି ଅନ୍ୟ ବନ୍ଧୁମାନଙ୍କୁ ଡାକି ଉଚ୍ଚ ପାଟିରେ କହିଲେ, କେବଳ ପୁରୁଷୋତ୍ତମ ମହାପାତ୍ରଙ୍କୁ ଚିଡ଼ାଇବା ଉଦ୍ଦେଶ୍ୟରେ – ''ଦେଖ ହେ ! ଦେଖ ! ସମ୍ବଲପୁରୀଆ ଜଙ୍ଗଲି କବି କ'ଣ ଲେଖିଛନ୍ତି ! ଏହା କହି ତହିଁରୁ ନିମ୍ନଲିଖିତ ଦୁଇପଂକ୍ତି ପଢ଼ିଦେଲେ –

''ସୈରିନ୍ଧ୍ରୀ ନାମ ଶୁଣି ବିରାଟ ରାଣୀ
ଜିହ୍ୱା କାମୋଡ଼ି ଦେଲେ କର୍ଣ୍ଣରେ ପାଣି''

ପାଣ୍ଡବମାନଙ୍କ ଅଜ୍ଞାତବାସ କାଳରେ ସ୍ୱାମୀମାନଙ୍କ ସହିତ ଦ୍ରୌପଦୀ ସୈରିନ୍ଧ୍ରୀ ରୂପରେ ବିରାଟ ରାଜ ପରିବାର ମଧ୍ୟରେ ରହିଥିବା ସମୟରେ ବିରାଟ ରାଣୀଙ୍କ ସହୋଦର କୀଚକର ଲୋଲୁପ ଦୃଷ୍ଟି ତାହାଙ୍କ ପ୍ରତି ପତିତ ହେଲା ।

ସେ ଜ୍ୟେଷ୍ଠା ଭଗିନୀ ରାଣୀ ସୁଦେଷ୍ଣାଙ୍କ ନିକଟକୁ ଦାସୀ ପ୍ରେରଣ କଲା ଏବଂ ଦାସୀ ଯାଇ ରାଣୀଙ୍କୁ କହିଲା –

''ଗତ ନିଶାରେ ସ୍ୱପ୍ନ ଦେଖିଲେ ଭାଇ
ନାରୀଏ ଦେଖା ଦେଇ ଗଲା ଉଭାଇ ।
ସେତିକି ବେଳୁଁ ଭାଇ ଅସ୍ଥିର ପ୍ରାଣେ
ବସିଅଛନ୍ତି ଏକା ତା ରୂପ ଧ୍ୟାନେ ।
ଯାବତ ନ ହେବ ତା ସାକ୍ଷାତକାର
ତାବତ ନାହିଁ ତାଙ୍କ ପାନ ଆହାର ।''

X X X

''ଚପଳା ବାକ୍ୟେ ରାଣୀ ହୋଇ ଚଞ୍ଚଳ
ବୋଇଲେ 'କା ପାଇଁ ମୋ ଭାଇ ବିକଳ ।

X X X

ଆଜି ସତ୍ୱର ରାଜଦୂତ ପଠାଇ
ଯତ୍ନ କରିବି ତାକୁ ଆଣିବା ପାଇଁ ।'

Digitized by srujanika@gmail.com

ଦାସୀ କହିଲା 'ଦେବି ! ନାହିଁ ସେ ଦୂରେ
ରାଜ ଅନ୍ତରେ ବଞ୍ଚେ ଏ ରାଜପୁରେ ।
ସୈରିନ୍ଧ୍ରୀ ବୋଲି ବୋଲୁଛନ୍ତି ଯାହାକୁ
ଭାଇ ସ୍ୱପନେ ଦେଖିଛନ୍ତି ତାହାକୁ' ।
ସୈରିନ୍ଧ୍ରୀ ନାମ ଶୁଣି ବିରାଟ ରାଣୀ
ଜିହ୍ୱା କାମୋଡ଼ି ଦେଲେ କର୍ଣ୍ଣରେ ପାଣି ।''

କୌଣସି ବିସ୍ମୟୋତ୍ପାଦକ କଥା ଶୁଣିଲେ ଲୋକେ ଜିଭ କାମୁଡ଼ି ଦୁଇକାନରେ ହାତ ଦିଅନ୍ତି । ଏଠାରେ ନୀଳକଣ୍ଠ ଦାସେ ପାଣିର ଅର୍ଥ 'ହାତ' ନକରି, ସତର ପାଣି କଲେ ଓ ତାଙ୍କ ଡାହାଣ ହାତର ଅଙ୍ଗୁଳିଗୁଡ଼ିକୁ ଚାମଚ ଆକାରରେ ତୁଣ୍ଡ ତଳେ ଧରି ତପୂରେ ନିଜ ଜିଭ କାମୁଡ଼ି ଦେଇ କହିଲେ, ବିରାଟ ରାଣୀ ଜିଭ କାମୁଡ଼ି ଦେଲାରୁ ଯେଉଁ ପାଣି ବାହାରିଲା ତାହା କାନରେ ପକେଇ ଦେଲେ – ଏପରି ବିଦ୍ରୂପାତ୍ମକ ଅଭିନୟ କଲେ। ଉପସ୍ଥିତ ବନ୍ଧୁମାନଙ୍କ ମୁଖରୁ ହାସ୍ୟରୋଳ ଉତ୍‌ଥିତ ହେଲା । ଏହା କି ପୁରୁଷୋତ୍ତମ ସହନ୍ତି ! ତତ୍‌କ୍ଷଣାତ୍ ଦାସଙ୍କ ମୁଣ୍ଡ ଉପରକୁ ତାଙ୍କ ବଜ୍ରମୁଷ୍ଟି ଉତ୍ତୋଳିତ ହେଲା । ମୁଁ ତାଙ୍କୁ ଧରି ପକାଇଲି ଓ କହିଲି, ''ଆଚ୍ଛା, ସମ୍ବଲପୁରୀଆ ଜଙ୍ଗଲି କବି ତ ଯାହା ଲେଖିଲେ ଲେଖିଲେ, ତମ କଟକିଆ କବି କ'ଣ ଲେଖୁଛନ୍ତି ଶୁଣ । ରାଧାନାଥଙ୍କ 'ନନ୍ଦିକେଶ୍ୱରୀ' ନରେ ଚୋଳଗଙ୍ଗ ଦେବଙ୍କ ଶିବିର ବର୍ଣ୍ଣନା ଉଦ୍ଧାର କଲି –

''ଦାସେରକ ଆଶ୍ରା କରି ତରୁତଳ,
ଚୋବାଉଛି ଗ୍ରୀବା ଟେକି ନମ୍ବଦଳ ।''

ଦାସେରକ ଅର୍ଥ ଓଟ। ନିମ୍ବଗଛ ତଳେ ଗୋଟା କେତେ ଓଟ ଛିଡ଼ା ହୋଇଥାନ୍ତି ଓ ନିମ୍ବଗଛରୁ ଖଣ୍ଡେ ଲେଖାଏଁ ଡାଳ ଭାଙ୍ଗି ଆଉ ତାକୁ ଉପରକୁ ଟେକି ପରସ୍ପର ବେକକୁ ଚୋବାଇବାରେ ଲାଗିଥାନ୍ତି । ଯଦି ଲେଖିଥାନ୍ତେ ''ଗ୍ରୀବା ଟେକି ଚୋବାଉଛ ନିମ୍ବ ଦଳ'' ତାହା ହୋଇଥିଲେ କିଛି ନିଭିବାର ନ ଥିଲା । ଏହା ସଙ୍ଗେ ଆହୁରି ତହିଁରୁ ବୋଇଲି–

ଉଜ୍ଜ୍ୱଳ ପର୍ବତେ କଳା ମେଘ ପ୍ରାୟେ ଶୋଭା ଦିଶିଲା ବେନି ରଙ୍ଗ,
କି କହିବା ଅବା ନୟନେ ଦେଖିଲେ କର୍ଣ୍ଣେ ଶୁଣିବାକୁ ଏ ରଙ୍ଗ ?

ଶୁଣିବା ମାନେ ତ କାନରେ ଶୁଣିବା ! ଦେଖିବା ମାନେ ତ ଆଖିରେ ଦେଖିବା । କ'ଣ ନାକରେ ନା ଆଖିରେ ଶୁଣିଥାନ୍ତେ, ନା କାନରେ ଦେଖିଥାନ୍ତେ ଯେ 'କର୍ଣ୍ଣେ ଶୁଣିବାକୁ' 'ନୟନେ ଦେଖିଲେ' ଲେଖିଲେ ।

ଆଉଥରେ ପୁରୁଷୋତ୍ତମ କଥା କହୁଁ କହୁଁ କହିଲେ, ''ଆଜି ପାଣି ବର୍ଷା ହେଲା'' । ଦାସଙ୍କୁ ହଠାତ୍ ତାଙ୍କୁ ଚିଡ଼ାଇବା ଜିନିଷ ମିଳିଗଲା । ସେ କହିଲେ, ''ବର୍ଷା ହେଲେ ତ ପାଣି ବର୍ଷା ହେବ, କ'ଣ ଘିଅ ବର୍ଷା ହେବ ନା ଦୁଧ ବର୍ଷା ହେବ?'' ପୁଣି ମୁଁ କହିଲି

Digitized by srujanika@gmail.com

"ଏପରି ଦ୍ୱିରୁକ୍ତି ବଡ଼ ବଡ଼ କବିମାନଙ୍କ ରଚନାରେ ମଧ୍ୟ ଦେଖାଯାଏ ।" ଦୀନକୃଷ୍ଣ ଦାସଙ୍କ ରସକଲ୍ଲୋଳରୁ ବୋଇଲି –

"କର ସାଧୁଜନମାନେ ଏକ ମନ କର୍ଣ୍ଣ ଦେଇ କୃଷ୍ଣ କଥାକୁ
କାଳକୁ ସଂଶୟ ନ କରି ଏ ଭବ ଭୟ କାଳ ଦଣ୍ଡ ବ୍ୟଥାକୁ
କୁଞ୍ଜବିହାରୀ, କରନ୍ତେ ଗୋପରେ ବିହାର
କଂସ ଆଜ୍ଞା ଆସି ଲାଗିଲା ନନ୍ଦକୁ ଦେବ କମଳ ଶତେ ଭାର ।
କଲେ ନନ୍ଦ ଭୟ ନ ଦିଶେ ଉପାୟ କେ ଯିବ ପଦ୍ମଫୁଲ ତୋଳି
କର୍ଣ୍ଣେ ଶୁଣିକରି ଭୟ ପରିହରି ଆଗ ହୋଇଲେ ବନମାଳୀ ।"

'ଶୁଣିବା' ମାନେ ତ କାନରେ ଶୁଣିବା, କ'ଣ ନାକରେ ନା ଆଖିରେ ଶୁଣିଥାନ୍ତେ ଯେ କୃଷ୍ଣ କାନରେ ଶୁଣିଲେ ବୋଲି କବି ଲେଖିଲେ' ? ଏହାପରେ ଦାସେ କହିଲେ, "ପଢ଼ରେ ପଢ଼ ! ଦେଖିଲ ଭାରତ ବାବୁ କ'ଣ କହିଲେ, ଖାଲି ମାରପିଟ୍‌ରେ କାହିଁକି ଲାଗିଛ ?" ଏପରି ଆହୁରି କେତେ ଅପ୍ରୀତିକର ଘଟଣା ମଧ୍ୟରେ ଏମାନଙ୍କ କଳିଗୋଳର ସମାଧାନ ମୋର ପ୍ରଧାନ କର୍ତ୍ତବ୍ୟ ହୋଇଥାଏ ଓ ଥଟ୍ଟା ପରିହାସ ମଧ୍ୟରେ ମୁଁ ନିର୍ମଳ ସୁଖାନୁଭବ କରୁଥାଏ ।

Digitized by srujanika@gmail.com

ଚାକିରି ଜୀବନ ଆରମ୍ଭ

୧୯୦୮ ମସିହା ପୂର୍ବେ ସମ୍ବଲପୁର ଜିଲ୍ଲାରେ ଇଂରାଜୀ ଶିକ୍ଷାର ଏକମାତ୍ର ଅନୁଷ୍ଠାନ ଥିଲା ସମ୍ବଲପୁର ଜିଲ୍ଲାସ୍କୁଲ । ଯେଉଁ ପାଞ୍ଚଗୋଟି ଗଡ଼ଜାତରାଜ୍ୟ ସମ୍ବଲପୁର ଜିଲ୍ଲା ସହିତ ୧୯୦୫ ମସିହାରେ ଓଡ଼ିଶାରେ ମିଳିତ ହୋଇଥିଲା ତନ୍ମଧ୍ୟରୁ ପାଟଣା, ସୋନପୁର ଓ କଳାହାଣ୍ଡିରେ ଗୋଟିଏ ଲେଖାଏଁ ମଧ୍ୟ-ଇଂରାଜୀ ସ୍କୁଲ ଥିଲା । ଏଥିରେ ସୁଦ୍ଧା ଛାତ୍ରସଂଖ୍ୟା ନିତାନ୍ତ କମ୍ । ମଫସଲ ଅଞ୍ଚଳରେ ଯେଉଁସବୁ ସ୍କୁଲ ଥିଲା ତହିଁରୁ ଅଳ୍ପ ଗୋଟା କେତେ ମଧ୍ୟ-ଓଡ଼ିଆ ଓ ଅପର ସ୍କୁଲ ଗୁଡ଼ିକ ଉଚ୍ଚ ପ୍ରାଥମିକ । ତେଣୁ ଏ ଅଞ୍ଚଳରେ ଉଚ୍ଚଶିକ୍ଷା ଅଗ୍ରସର ହୋଇପାରିନଥିଲା । ୧୯୦୮ ମସିହା ଏପ୍ରିଲ୍ ମାସରେ ସରକାର ଏହାର ବ୍ୟବସ୍ଥା ଆରମ୍ଭ କଲେ । ସମ୍ବଲପୁର ଜିଲ୍ଲାବୋର୍ଡ଼, ସଦର ସବ୍‌ଡ଼ିଭିଜନ ଅନ୍ତର୍ଗତ ରମ୍ପେଲା ଓ ବରଗଡ଼ ସବ୍‌ଡ଼ିଭିଜନ୍ ଅନ୍ତର୍ଗତ ବରଗଡ଼ ଓ ବୋଡ଼ାସମ୍ବର-ପଦ୍ମପୁରରେ ଗୋଟିଏ ଲେଖାଏଁ ମଧ୍ୟ ଇଂରାଜୀ ସ୍କୁଲ ସ୍ଥାପନ କଲେ । ଅର୍ଥାତ୍ ଏହିସ୍ଥାନର ମଧ୍ୟଓଡ଼ିଆ ସ୍କୁଲ ମଧ୍ୟଇଂରାଜୀରେ ପରିଣତ ହେଲା । ସେତେବେଳେ ମୁଁ ବି.ଏ. ପରୀକ୍ଷା ଦେଇ ସମ୍ବଲପୁରରେ ବସି ରହିଥିଲି । ଏହି ତିନି ସ୍କୁଲ ସକାଶେ କେବଳ ଦୁଇଜଣ ଇଂରାଜୀ ଶିକ୍ଷକ ମିଳିଲେ । ତଦାନୀନ୍ତନ ଜିଲ୍ଲାବୋର୍ଡ଼ର ଚେୟାରମ୍ୟାନ୍ ସମ୍ବଲପୁରର ବିଶିଷ୍ଟ ଓକିଲ ଶ୍ରୀ ଯୋଗେନ୍ଦ୍ରନାଥ ସେନଙ୍କ ପରାମର୍ଶମତେ ଧର୍ମପିତା ମୋତେ ସେହି ଶିକ୍ଷକତା କାର୍ଯ୍ୟ ଗୋଟିଏ ଗ୍ରହଣ କରିବାକୁ କହିଲେ ଓ ବସିଥିବାଠୁଁ "ଗୋଡ଼ି ବେଟୁଥିବା (ଗୋଟାଉଥିବା) ଭଲ" ନୀତି ଅନୁସରଣରେ ବରଗଡ଼ ସ୍କୁଲର ହେଡ୍‌ମାଷ୍ଟର ପଦ ଗ୍ରହଣକଲି । ଧର୍ମପିତା ଶ୍ରୀ ବାଲୁଙ୍କେଶ୍ୱର ମିଶ୍ର ସେତେବେଳେ ଶିକ୍ଷକତା କାର୍ଯ୍ୟ ତ୍ୟାଗକରି ସମ୍ବଲପୁରରେ ଓକିଲାତି ବ୍ୟବସାୟ ଆରମ୍ଭ କରିଥିଲେ । ମଧ୍ୟଓଡ଼ିଆ ସ୍କୁଲର ଉଚ୍ଚ ଶ୍ରେଣୀରେ ମୁଁ ଇଂରାଜୀ ଶିକ୍ଷା ଅ ଇ ଈ ଆରମ୍ଭ କରିଦେଲି । ସେତେବେଳେ ମୁଁ ସଂସାରାନଭିଜ୍ଞ କଲେଜ ଛାତ୍ର । ମାତ୍ର କୋଡ଼ିଏ ବର୍ଷ ବୟସ୍କ ଯୁବକ । ଅତ୍ୟନ୍ତ ଉତ୍ସାହ ସହକାରେ ଏହି ନୂତନ କାର୍ଯ୍ୟ କରିବାକୁ ଲାଗିଲି ।

ସେହି ମାତ୍ର (୧୯୦୫ ସାଲରେ) ସମ୍ବଲପୁର ଜିଲ୍ଲା ନିକଟବର୍ତ୍ତୀ ପାଞ୍ଚଗୋଟି ଗଡ଼ଜାତ ରାଜ୍ୟ ସହିତ ଓଡ଼ିଶାରେ ମିଳିତ ହୋଇଥିଲା । ମଧ୍ୟପ୍ରଦେଶର ଶିକ୍ଷା ପ୍ରଣାଳୀ ସମ୍ବଲପୁର ସ୍କୁଲ ସମୂହରେ, ସମ୍ବଲପୁର ଓଡ଼ିଶାରେ ମିଳିତ ହେବା ବହୁଦିନ ପରେ ସୁଦ୍ଧା ପ୍ରଚଳିତ ଥିଲା । ଓଡ଼ିଶା ଶିକ୍ଷାପ୍ରଣାଳୀ ପୂର୍ଣ୍ଣମାତ୍ରାରେ ପ୍ରତିଷ୍ଠିତ କରିବା ସକାଶେ ବର୍ତ୍ତମାନ

Digitized by srujanika@gmail.com

୩ଗୋଟି ମଧ୍ୟଇଂରାଜୀ ସ୍କୁଲ ସ୍ଥାପିତ ହେଲା । ସ୍କୁଲସମୂହର ଡେପୁଟି ଇନ୍‌ସପେକ୍ଟର ଜଣେ ପଶ୍ଚିମା ଲୋକ - ଶ୍ରୀ ଈଶ୍ୱରୀପ୍ରସାଦ ଦେଓ୍ୱାରି ଅଳ୍ପ ଓଡ଼ିଆ ଜାଣିଥିଲେ । ତାଙ୍କ ମାତୃଭାଷା ହିନ୍ଦୀ । କେତେକ ଅଫିସରଙ୍କ ସଙ୍ଗେ ସେ ସମ୍ବଲପୁର ମଧ୍ୟପ୍ରଦେଶରୁ ବିଚ୍ଛିନ୍ନ ହେବାପରେ ସୁଦ୍ଧା ରହିଯାଇଥିଲେ ।

ଦେଖାଗଲା, ଓଡ଼ିଶା ସହିତ ମିଳନଜନିତ ପରିବର୍ତ୍ତିତ ପରିସ୍ଥିତିରେ ଏହାଙ୍କ ମତିଗତିର ପରିବର୍ତ୍ତନ ହୋଇନାହିଁ । ମୁଁ ବରଗଡ଼ ସ୍କୁଲରେ ରହିଲା ଉତ୍ତାରେ ତେଓ୍ୱାରୀ ମହାଶୟ ପ୍ରଥମଥର ସ୍କୁଲ ପରିଦର୍ଶନରେ ଆସି ମୋଦ୍ୱାରା ସ୍କୁଲ ପରିଚାଳନାରେ ଗୋଟିଏ ଗୁରୁତର ଦୋଷ ବାହାର କଲେ । ପିଲାମାନେ ସେହିଦିନ ଏକପ୍ରକାର ପୋଷାକ ପିନ୍ଧି ଆସିନାହାଁନ୍ତି । ମଧ୍ୟପ୍ରଦେଶ ଶାସନ ଅମଳରେ ପ୍ରାଥମିକ ସ୍କୁଲମାନଙ୍କର ଏପରି ଗୋଟାଏ ପ୍ରଥା ଥିଲା, ହାକିମମାନଙ୍କ ପରିଦର୍ଶନ ଦିନ ପିଲାମାନେ ସମସ୍ତେ ଏକ ପ୍ରକାର ପୋଷାକ ପିନ୍ଧି ଆସିବେ । ପୋଷାକ ମଧ୍ୟରେ ହିନ୍ଦୁସ୍ଥାନୀମାନଙ୍କପରି ମୁଣ୍ଡରେ ଟୋପି ନିଶ୍ଚୟ ଥିବ । କିନ୍ତୁ ତିନିବର୍ଷ ହେଲା ସମ୍ବଲପୁର ଓ ଅନ୍ୟ ଓଡ଼ିଆ ଅଞ୍ଚଳମାନ ଓଡ଼ିଶାକୁ ଆସିଲାରୁ ସୁଦ୍ଧା ଏହି ନିୟମ ପ୍ରବର୍ତ୍ତିତ ଥିବା ମୁଁ ଶୁଣି ବା ଜାଣିନଥିଲି । ଏହା ଯେ ଥିବ, ସନ୍ଦେହ ସୁଦ୍ଧା କରିନଥିଲି । ତେଣୁ ଡେପୁଟି ଇନ୍‌ସପେକ୍ଟରଙ୍କ ପରିଦର୍ଶନ ଦିନ ଏ ଦିଗରେ ଦୃଷ୍ଟି ଦେଇନଥିଲି । ଡେପୁଟି ଇନ୍‌ସପେକ୍ଟର ଏହି ନିୟମ ଜାରି ରଖିବାକୁ କହିଲେ । କିନ୍ତୁ ଉପସ୍ଥିତ ସ୍କୁଲ ପରିଚାଳନା କମିଟିର ସଭ୍ୟମାନେ ଏହାର ପ୍ରତିବାଦ କଲେ । ସେମାନଙ୍କ ସହିତ ମୁଁ ଏକମତ ହୋଇ କହିଲି ଯେ, ମଧ୍ୟପ୍ରଦେଶର ନିୟମ ଯାହା ଥାଉ, ଓଡ଼ିଶାରେ ଏହା ପ୍ରଚଳିତ ନଥିବାରୁ ଏହା ପାଳନ କରିବାକୁ ପିଲାଙ୍କୁ ବାଧ୍ୟ କରିବା ଉଚିତ ହେବନାହିଁ । ଯଦି କରାଯାଏ ତାହାହେଲେ ହୁଏତ ଅନେକ ଗରିବ ଛାତ୍ର ସ୍କୁଲକୁ ଆସିପାରିବେ ନାହିଁ । କିନ୍ତୁ ତେଓ୍ୱାରି ମହାଶୟ ଏହି ଯୁକ୍ତି ଶୁଣିଲେ ନାହିଁ ଓ ମୋ ବିରୁଦ୍ଧରେ ପ୍ରତିକୂଳ ମନ୍ତବ୍ୟ ଲେଖିଦେଇ ଗଲେ । ମୁଁ ଏହାର ପ୍ରତିବାଦ କଲି – ଓଡ଼ିଆ ଅଞ୍ଚଳରେ ଏହିପରି କେତେଗୁଡ଼ିଏ ଅଣଓଡ଼ିଆ ନିୟମ ଜାରିକରି ଓଡ଼ିଆଙ୍କ ଅସୁବିଧା ଉପସ୍ଥିତ କରାଇଥିବାରୁ ସିନା ସମ୍ବଲପୁରବାସୀ ମରହଟ୍ଟୀ ଓ ହିନ୍ଦୀ-ଭାଷାଭାଷୀଙ୍କ ସହିତ ରହିବାକୁ ଅନିଚ୍ଛୁକ ହୋଇ ଓଡ଼ିଶାକୁ ବାହାରି ଆସିଲେ । ମଧ୍ୟପ୍ରଦେଶର ହିନ୍ଦୁସ୍ଥାନୀ ଡେପୁଟି ଇନ୍‌ସପେକ୍ଟର ଓଡ଼ିଶାରେ ରହି ସୁଦ୍ଧା ହିନ୍ଦୁସ୍ଥାନୀ ନିୟମ ଜାରି ରଖିବା ଅତ୍ୟନ୍ତ ଅନ୍ୟାୟ । ଟୋପି ଓଡ଼ିଆଙ୍କ ଜାତୀୟ ପୋଷାକ ନୁହେଁ । କଥା ଗଲା ଓଡ଼ିଶା ବିଭାଗ ସ୍କୁଲ ଇନ୍‌ସପେକ୍ଟର ଓ ସମ୍ବଲପୁର ଜିଲ୍ଲା ଡେପୁଟି କମିଶନରଙ୍କଠାକୁ । ସେତେବେଳେ ଇନ୍‌ସପେକ୍ଟର ଥିଲେ ଭକ୍ତକବି ମଧୁସୂଦନ ରାଓ ଓ ସମ୍ବଲପୁରର ଡେପୁଟି କମିଶନର A. N. Moberly, I.C.S.; ଉଭୟେ ମୋ ମତ ସମର୍ଥନ କଲେ । ସେହିଦିନରୁ ସମ୍ବଲପୁର ଜିଲ୍ଲାର ସ୍କୁଲ ସମୂହରୁ ଏକପ୍ରକାର ପୋଷାକ (Uniform dress) ନିୟମ ଉଠିଗଲା ।

Digitized by srujanika@gmail.com

ସେହିବର୍ଷ ଗ୍ରୀଷ୍ମାବକାଶ ଆରମ୍ଭ ପୂର୍ବେ B.A. ପରୀକ୍ଷାର ଫଳ ବାହାରିଲା । ମୁଁ ପାସ୍ କରିଛିନ୍ତ ମୋ ସହିତ ସମ୍ବଲପୁରର ଅପର ପରୀକ୍ଷାର୍ଥୀ ଶ୍ରୀ ଦୁର୍ଗାପ୍ରସାଦ ମିଶ୍ର ସୁଦ୍ଧା କଲିକତା ବଙ୍ଗବାସୀ କଲେଜରୁ ପାସ୍ କରିଛନ୍ତି ।

ହିସାବ କରି ଦେଖିଲି, ସେହି ସମୟରେ ସମ୍ବଲପୁରର ଗ୍ରାଜୁଏଟ୍‌ମାନେ ହାତର ଅଙ୍ଗୁଳିରେ ଗଣା ଯାଇପାରିବେ । ଦୁଇଜଣ ମାତ୍ର ଏମ୍.ଏ. ମଧ୍ୟରୁ ଶ୍ରୀ ବୈକୁଣ୍ଠନାଥ ପୂଜାରୀ ସ୍ୱର୍ଗାରୋହଣ କରିଅଛନ୍ତି । ଅପର ଏମ୍.ଏ. ଅଛନ୍ତି ଶ୍ରୀ ରାମନାରାୟଣ ମିଶ୍ର ଓକିଲାତି କରୁଛନ୍ତି । ଆଉ କେବଳ ତିନିଜଣ ବି.ଏ.ଙ୍କ ମଧ୍ୟରେ ଶ୍ରୀ ବାଲୁଙ୍କେଶ୍ୱର ମିଶ୍ର ବି.ଏଲ୍. ପାସ୍‌କରି ଓକିଲାତି ଓ ଶ୍ରୀ ରାମପ୍ରସାଦ ବହିଦାର ସମ୍ବଲପୁର ଜିଲ୍ଲା ସ୍କୁଲରେ ଶିକ୍ଷକତା କରୁଅଛନ୍ତି । ଶ୍ରୀ ତ୍ରିବିକ୍ରମ ପୂଜାରୀ ୧୯୦୬ ମସିହାରେ ଡେପୁଟି କଲେକ୍ଟର ପଦରେ ନିଯୁକ୍ତ ହୋଇଅଛନ୍ତି । ସମ୍ବଲପୁର ଓଡ଼ିଶାରେ ମିଳିତ ହେଲା ଉତ୍ତାରେ ତ୍ରିବିକ୍ରମ ବାବୁ ପ୍ରଥମ ଡେପୁଟି କଲେକ୍ଟର । ମଧ୍ୟପ୍ରଦେଶରେ ଥିବା ସମୟରେ ସ୍ୱର୍ଗୀୟ ଶ୍ରୀ ବୈକୁଣ୍ଠନାଥ ପୂଜାରୀ ଏକ୍‌ଷ୍ଟ୍ରା ଆସିଷ୍ଟାଣ୍ଟ କମିଶନର ପଦପ୍ରାପ୍ତ ହୋଇଥିଲେ । ଶିକ୍ଷାପ୍ରାପ୍ତ ଓଡ଼ିଆଙ୍କର ତ ଚାକିରି ଏକମାତ୍ର ସମ୍ବଳ । ପୁଣି ଗ୍ରାଜୁଏଟ୍‌ଙ୍କ ପକ୍ଷରେ ସେହି ସମୟରେ ଡେପୁଟି କଲେକ୍ଟରୀ ଥିଲା ଉଚ୍ଚ ଚାକିରି । ବି.ଏ. ପାସ୍‌କଲାରୁ ଉଚ୍ଚ ସରକାରୀ ଚାକିରି ପାଇବା ଆଶା ମୋ ହୃଦୟରେ ଜାଗ୍ରତ ହେଲା । ପ୍ରତିବର୍ଷ କେତେକ ଡେପୁଟି ଓ ସବ୍-ଡେପୁଟି କଲେକ୍ଟର ନିଯୁକ୍ତ ହେବା ନିୟମ ରହିଥିବା ସ୍ଥଳେ ମୁଁ ଯେ ଏଥିରୁ ଗୋଟିଏ ଚାକିରି ପାଇପାରିବି ସେ ବିଷୟରେ ମୁଁ ମନରେ ଦୃଢ଼ ଆଶା ପୋଷଣ କଲି । ବରଗଡ଼ ମାଷ୍ଟରୀ ଚାକିରି ଅଳ୍ପଦିନର । ତାହା ତ୍ୟାଗ କରିବା ସ୍ଥିରକଲି ।

ବି.ଏ ପାସ୍ କରିବାର ଅଳ୍ପଦିନ ପରେ ମୁଁ ବରଗଡ଼ରେ ଥିବା ସମୟରେ ପାଟଣାର ତଦାନୀନ୍ତନ ମହାରାଜା ଦଳଗଞ୍ଜନ ସିଂହଙ୍କ ଠାରୁ ଗୋଟିଏ ପତ୍ର ପାଇଲି । ସେ ଲେଖିଛନ୍ତି ଯେ ମୁଁ ବି.ଏ. ପାସ୍ କରିଥିବା ସମ୍ବାଦ ପାଇ ଆନନ୍ଦିତ ହୋଇଅଛନ୍ତି । ମୋ ପୂର୍ବେ ତ କେହି ଏତେ ଉଚ୍ଚଶିକ୍ଷା ପାଇନାହାଁନ୍ତି । ଏହି ପତ୍ର ସହ ବଲାଙ୍ଗିର ମଧ୍ୟ ଇଂରାଜୀ ସ୍କୁଲର ହେଡ୍‌ମାଷ୍ଟର ପଦରେ ଟ.୬୦ଙ୍କା ବେତନରେ ମୋର ନିଯୁକ୍ତି ପତ୍ର ପଠାଇ ଦେଇଅଛନ୍ତି । ପତ୍ର ପାଇ ମୁଁ ବଲାଙ୍ଗିର ଗଲି ଓ ମହାରାଜାଙ୍କ ସହିତ ସାକ୍ଷାତ କରି ମୋତେ ବିନା ଦରଖାସ୍ତରେ ଚାକିରି ଦେଇଥିବା ଯୋଗୁଁ କୃତଜ୍ଞତା ଜ୍ଞାପନ କଲି ଏବଂ ତତ୍‌ପରେ କହିଲି ଯେ, ସରକାରୀ ଚାକିରି କରିବା ମୋର ଇଚ୍ଛା ଓ ଏଥି ସକାଶେ ମୋତେ ଖଣ୍ଡିଏ ସାର୍ଟିଫିକେଟ ଦେବାପାଇଁ ପ୍ରାର୍ଥନା କଲି । ଅନୁନ୍ନତ ଗଡ଼ଜାତ ଅଞ୍ଚଳ ନୂତନ ହୋଇ ଉନ୍ନତ ବଙ୍ଗ-ପ୍ରଦେଶର ଶାସନକୁ ଆସିଅଛି । ଏହି ଅଞ୍ଚଳର ପ୍ରଥମ ଗ୍ରାଜୁଏଟ୍ ମହାରାଜାଙ୍କ ଆନୁକୂଲ୍ୟରେ ସେ ଡେପୁଟି ବା ସବ୍‌ଡେପୁଟି ଚାକିରି ପାଇପାରିବ, ଏହି କାରଣ ନେଇ ମୁଁ ମୋର ଅନୁରୋଧ ଜଣାଇଲି । ପାଟଣାର ତଦାନୀନ୍ତନ ଦେୱାନ ଓଡ଼ିଶାରୁ ସରକାରଙ୍କ ଦ୍ୱାରା ପ୍ରେରିତ ଡେପୁଟି କଲେକ୍ଟର ଶ୍ରୀ ଅଭୟ ପ୍ରସାଦ ଦାସ ଓ ପାଟଣାର ସ୍କୁଲ ସମୂହର

Digitized by srujanika@gmail.com

ଡେପୁଟି ଇନ୍‌ସପେକ୍ଟର ଶ୍ରୀ ଶ୍ରୀରାମ ମଲ୍ଲିକ ମୋର ପ୍ରାର୍ଥନା ସମର୍ଥନ କଲେ । ମହାରାଜା ମୋର ପ୍ରାର୍ଥନା ଗ୍ରହଣ କଲେ ଏବଂ କେବଳ ସେ ଯେ ଖଣ୍ଡିଏ ଭଲ ସାର୍ଟିଫିକେଟ ଲେଖିଦେଲେ ତାହା ନୁହେଁ, ସୋନପୁର ମହାରାଜା ଓ ବାମଣ୍ଡା ରାଜାଙ୍କଠାରୁ ମଧ୍ୟ ଦୁଇଖଣ୍ଡ ସାର୍ଟିଫିକେଟ୍ ଅଣାଇଦେଲେ । ଏହି ସାର୍ଟିଫିକେଟ୍ ସହ ଦରଖାସ୍ତ ସହିତ ମୁଁ ପଲିଟିକାଲ୍ ଏଜେଣ୍ଟଙ୍କ ସହିତ ସମ୍ବଲପୁରରେ ସାକ୍ଷାତକଲି । ମୋତେ ଦେଖି ପଲିଟିକାଲ୍ ଏଜେଣ୍ଟ L.E.B. Cobden Ramsay, I.C.S. କହିଲେ ଯେ, ମୋର ବୟସ ଅତି ଅଳ୍ପ ଆଉ ବର୍ଷେ ଅପେକ୍ଷା କରିବାକୁ ହେବ।

ବରଗଡ଼ରେ ପ୍ରାୟ ଛଅମାସ ରହି ଏ ଦରଖାସ୍ତ ଦେବା ପୂର୍ବରୁ ସେହି ସ୍ଥାନର କାର୍ଯ୍ୟ ଛାଡ଼ି ଦେଇଥିଲି । ୧୯୦୯ ମସିହାରେ ପଲିଟିକାଲ୍ ଏଜେଣ୍ଟଙ୍କ କଥାମତେ ପୁଣି ଦରଖାସ୍ତ କଲି । ସେହିବର୍ଷ କଲିକତାରେ ୟୁନିଭର୍ସିଟି ଲ କଲେଜ ଉନ୍ନତ ଧରଣର ଆଇନ ଶିକ୍ଷା ସକାଶେ ସ୍ଥାପିତ ହେଲା । କଟକ ରେଭେନ୍‌ସା କଲେଜରୁ ଲ (ଆଇନ) କ୍ଲାସ ଉଠାଇ ଦେଇ କଲିକତାର ଉକ୍ତ ଆଇନ କଲେଜର ଶିକ୍ଷା ସକାଶେ ଓଡ଼ିଶା ଗ୍ରାଜୁଏଟ୍‌ଙ୍କ ପାଇଁ ଟ.୩୦/-ର ଛଅଗୋଟି ବୃତ୍ତି ସରକାର ମଞ୍ଜୁର କଲେ । ଦରଖାସ୍ତ କରି ତହିଁରୁ ଗୋଟିଏ ମୁଁ ପାଇଲି ଓ ସେହିବର୍ଷ ଜୁଲାଇମାସରେ ସେହି କଲେଜରେ ଭର୍ତ୍ତିହେଲି । କିନ୍ତୁ ସରକାରୀ ଚାକିରି ସକାଶେ ପଲିଟିକାଲ୍ ଏଜେଣ୍ଟ ମୋତେ ମନୋନୀତ କରିଥିଲେ ଓ ସବ୍‌ଡେପୁଟି ପଦରେ ନିଯୁକ୍ତ ହୋଇ ଲ କଲେଜ ତ୍ୟାଗକଲି ।

ସବ୍‌ଡେପୁଟି କଲେକ୍ଟର ପଦରେ ନିଯୁକ୍ତ ହୋଇ ମୁଁ ସମ୍ବଲପୁରରେ ଅବସ୍ଥାପିତ ହେଲି ଓ ୭.୧୨.୧୯୦୯ରେ ମୋର ନୂତନ କାର୍ଯ୍ୟରେ ଯୋଗଦାନ କଲି ।୧୯୦୮ ମସିହାରେ ସମ୍ବଲପୁରର ଶ୍ରୀ ଦୁର୍ଗାପ୍ରସାଦ ମିଶ୍ର ଡେପୁଟି କଲେକ୍ଟର ପଦ ପ୍ରାପ୍ତ ହୋଇଥିଲେ । ଏହାଙ୍କ ପିତା ବନମାଳୀ ମିଶ୍ର ଉଚ୍ଚ ରାଜ କର୍ମଚାରୀ (ମଧ୍ୟପ୍ରଦେଶ ସରକାରଙ୍କ ଅଧୀନସ୍ଥ ଏକ୍‌ଷ୍ଟ୍ରା ଆସିଷ୍ଟାଣ୍ଟ କମିଶନର) ଥିଲେ । ଅନ୍ୟ କାରଣ ସହିତ ଏହି ସମ୍ବନ୍ଧ ଯୋଗୁଁ ସେ ତିନିଥର ବି.ଏ. ପରୀକ୍ଷାରେ ଫେଲ୍ ହୋଇଥିଲେ ସୁଦ୍ଧା ସେ ଡେପୁଟି କଲେକ୍ଟର ହେଲେ ଓ ମୁଁ କେବେ କୌଣସି ପରୀକ୍ଷାରେ ଫେଲ୍ ହୋଇନଥିଲେ ମଧ୍ୟ ମୋର ପରିବାର କେହି କେବେ ସରକାରୀ ଚାକିରି କରି ନ ଥିଲେ ବୋଲି ମୁଁ ସବ୍‌ଡେପୁଟି ହେଲି । ୧୯୦୪ ସାଲ ପର୍ଯ୍ୟନ୍ତ ଡେପୁଟି ଓ ସବ୍‌ଡେପୁଟି କଲେକ୍ଟର ପଦ ପ୍ରତିଯୋଗିତା-ମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଉପରେ ନିର୍ଭର ଥିଲା । ୧୯୦୫ ସାଲରେ ବଙ୍ଗ ସରକାର ଏହି ପରୀକ୍ଷା ଉଠାଇ ଦେଲେ ଓ ଜିଲ୍ଲା ହାକିମଙ୍କ ଦ୍ୱାରା ମନୋନୀତ ପ୍ରାର୍ଥୀମାନଙ୍କ ମଧ୍ୟରୁ ବିଭାଗୀୟ କମିଶନରମାନଙ୍କ ସୁପାରିଶ ଅନୁସାରେ ପ୍ରାର୍ଥୀବିଶେଷଙ୍କ ନିଯୁକ୍ତିର ନିୟମ ପ୍ରବର୍ତ୍ତିତ ହେଲା। ଏହି ନିୟମ ଯୋଗୁଁ ଦେଖାଗଲା ଯେ, ଜିଲ୍ଲା ହାକିମ ଓ କମିଶନରଙ୍କ ଖାମଖିଆଲିରେ କେତେକ ନିଯୁକ୍ତ ହୋଇଗଲେ। ଶିକ୍ଷାମୂଳକ ଯୋଗ୍ୟତା ବିଚାର ଏହା ପଛକୁ ପଡ଼ିରହିଲା । ଏମାନଙ୍କ ମଧ୍ୟରୁ ଅନେକେ ପୂର୍ବ ସରକାରୀ କର୍ମଚାରୀମାନଙ୍କ ପୁତ୍ର ଓ ଜ୍ଞାତିମାନେ ।

Digitized by srujanika@gmail.com

ମୋର ଗୁଣ ମଧ୍ୟରେ କେବଳ ମୁଁ ବି.ଏ. ପାସ୍ କରିଛି ଓ ମୋ ପକ୍ଷରେ କହିବାପାଇଁ କେହି ନାହିଁ । ଦରଖାସ୍ତ କରିଥିଲି ଡେପୁଟି ପାଇଁ । କିନ୍ତୁ ୧୯୦୯ ସାଲରେ ଓଡ଼ିଶାର ଭାଗରେ ପଡ଼ିଥିଲା ଗୋଟିଏ ମାତ୍ର ସବ୍‌ଡେପୁଟି । ନିଯୁକ୍ତି ପତ୍ର ପାଇଲା ଉତ୍ତାରେ କେତେକ ଦିନ ଗଲା ଭାବନାରେ, ଏହା ଗ୍ରହଣ କରିବି ନା ଲ କଲେଜରେ ଆଇନ ଶିକ୍ଷା ଶେଷ କରିବି । ୧୯୦୬ ସାଲରେ ଏଫ୍.ଏ. ପରୀକ୍ଷା ଦେଲା ପରେ ମୋର ତତ୍‌କାଳୀନ ପ୍ରଥା ଅନୁସାରେ ଅଠର ବର୍ଷ ବୟସରେ ବିବାହ ହୋଇଯାଇଥିଲା । ବର୍ତ୍ତମାନ ମୁଁ ପୂର୍ଣ୍ଣ ଗୃହସ୍ଥାଶ୍ରମର ନିଗଡ଼ରେ ବଦ୍ଧ ହୋଇଯାଇଅଛି । ପାରିବାରିକ ଅବସ୍ଥା ସ୍ୱଚ୍ଛଳ ନୁହେଁ । ଏ ସମସ୍ତ କାରଣରୁ ଧର୍ମପିତାଙ୍କ ଉପଦେଶାନୁସାରେ ଅଗତ୍ୟା ଚାକିରି ଗ୍ରହଣ କଲି ।

ଦାରିଦ୍ର୍ୟ ମନୁଷ୍ୟକୁ ଅମନୁଷ୍ୟ କରିପକାଏ । ଯେତେ ଉଚ୍ଚ ଆଦର୍ଶ ସମ୍ମୁଖରେ ରଖି ଜୀବନ ଆରମ୍ଭ କରିଥିଲେ ସୁଦ୍ଧା ଦାରିଦ୍ର୍ୟର ପେଷଣରେ କାଳକ୍ରମେ ତାହା କେଉଁ ଆଡ଼କୁ ଉଭେଇଯାଏ । ଥରେ ଭୁଲ୍ କଲେ ତାହା ଆଉ ସଂଶୋଧନ କରାଯାଇପାରେ ନାହିଁ । ପରବର୍ତ୍ତୀ ଜୀବନର ଘଟଣାବଳୀରୁ ଏହା ମୁଁ ଅନୁଭବ କରିଅଛି ।

ଏହି ସମୟରେ ସମ୍ବଲପୁରର ଶ୍ରୀ ଜଗନ୍ନାଥ ପ୍ରସାଦ ପଟ୍ଟନାୟକ ମଧ୍ୟ ସବ୍‌ଡେପୁଟି ହୋଇ ସମ୍ବଲପୁରରେ ରହିଥିଲେ । ଜଗନ୍ନାଥ ବାବୁ ଏଣ୍ଟ୍ରାନ୍‌ସ ସୁଦ୍ଧା ପାସ୍ କରିନଥିଲେ । ୧୯୦୮ ସାଲରେ ବଙ୍ଗପ୍ରଦେଶର ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ସାର୍ ଏଣ୍ଡ୍ର ଫ୍ରେଜର୍ ସମ୍ବଲପୁର ଓ ନିକଟବର୍ତ୍ତୀ ଗଡ଼ଜାତ ଅଞ୍ଚଳକୁ ଗସ୍ତରେ ଆସିଥିବା ସମୟରେ ସମ୍ବଲପୁର ସୀମାବର୍ତ୍ତୀ ରେଢ଼ାଖୋଲ ଜଙ୍ଗଲରେ ଶିକାର କରିବାକୁ ଯାଇଥିଲେ । ସେହି ସମୟରେ ଜଗନ୍ନାଥ ବାବୁଙ୍କ ପିତା ଶ୍ରୀ ହରିବନ୍ଧୁ ପଟ୍ଟନାୟକ ରେଢ଼ାଖୋଲ ଷ୍ଟେଟ୍‌ର ଦେୱାନ । ସାହେବଙ୍କୁ ଶିକାରରେ ସାହାଯ୍ୟ କରିବାପାଇଁ କେତେକ ଲୋକଙ୍କ ସହିତ ହରିବନ୍ଧୁ ବାବୁ ଜଙ୍ଗଲ ମଧ୍ୟରେ ପ୍ରବିଷ୍ଟ ହୋଇଥିବା ସମୟରେ ବାଘ ତାଙ୍କୁ ଆକ୍ରମଣ କଲା । କ୍ଷତବିକ୍ଷତ ଶରୀରରେ ତାଙ୍କୁ ସମ୍ବଲପୁର ହସ୍‌ପାତାଲକୁ ଅଣାଗଲା ଓ ସେଠାରେ ତାଙ୍କର ମୃତ୍ୟୁହେଲା । ଏହି ଦୁର୍ଘଟଣା ଯୋଗୁଁ ତାଙ୍କ ପୁତ୍ର ଜଗନ୍ନାଥ ପ୍ରସାଦଙ୍କୁ ସବ୍‌ଡେପୁଟି ଓ ଅପର ପୁତ୍ର ନଟବରଙ୍କୁ ସବ୍‌ରେଜିଷ୍ଟ୍ରାର୍ ଚାକିରି ଦିଆହୋଇଥିଲା । ଜଗନ୍ନାଥ ବାବୁ ବିଭାଗୀୟ ଆଇନ ପ୍ରଭୃତି ପରୀକ୍ଷାରେ ଉତ୍ତୀର୍ଣ୍ଣ ନହୋଇ ଓ ସବ୍‌ଡେପୁଟି କାର୍ଯ୍ୟ ଚଳାଇ ନପାରି ପରେ ସବ୍‌ରେଜିଷ୍ଟ୍ରାର୍ ପଦଗ୍ରହଣ କରିଥିଲେ । ଏହିପରି ମନୋନୟନ ମୂଳକ ନିଯୁକ୍ତିର ଆଉ କେତେକ ଦୃଷ୍ଟାନ୍ତ ମଧ୍ୟ ମିଳିପାରିବ ।

ଏହିପରି ପରିସ୍ଥିତି ଊଣା ଅଧିକ ବିଦ୍ୟମାନ ଥିଲେ ସୁଦ୍ଧା ସମ୍ବଲପୁର ଅଞ୍ଚଳର ଲୋକେ ନିଶ୍ଚିନ୍ତ ହୋଇ ରହିପାରିନଥିଲେ । ୧୯୦୫ ସାଲରେ ମଧ୍ୟପ୍ରଦେଶରୁ ଆସି ବଙ୍ଗ ପ୍ରଦେଶସ୍ଥ ଉନ୍ନତ ଶାସନରେ ରହିଲା ଉତ୍ତାରେ ସେମାନଙ୍କୁ ଓଡ଼ିଶାବାସୀଙ୍କ ସହିତ ପ୍ରତିଯୋଗିତାମୂଳକ ଏକ ନୂତନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଲା । ସେମାନେ

Digitized by srujanika@gmail.com

ଶିକ୍ଷାର ଆବଶ୍ୟକତା ଅନୁଭବ କଲେ । ୧୮୪୯ ମସିହାରେ ସମ୍ବଲପୁର ଇଂରେଜ ଶାସନଭୁକ୍ତ ହୋଇଥିଲା । ସେତେବେଳେକୁ ଓଡ଼ିଶାରେ ଇଂରେଜ ଶାସନର ପ୍ରାୟ ଅର୍ଦ୍ଧଶତାବ୍ଦୀ ହୋଇଗଲାଣି । ମରହଟ୍ଟା ଶାସନରୁ ଓଡ଼ିଶାକୁ ଇଂରେଜମାନେ ୧୮୦୩ ମସିହାରେ ନେଇଥିଲେ । ନବପ୍ରବର୍ତ୍ତିତ ଇଂରେଜି ଶିକ୍ଷାଲୋକ ସମ୍ବଲପୁରବାସୀଙ୍କ ଉପରେ ସେତେ ପ୍ରତିତ ହୋଇନଥିଲା । ଯେତେବେଳେ ମଧ୍ୟପ୍ରଦେଶରୁ ଯାଇ ସମ୍ବଲପୁର ଓଡ଼ିଶାରେ ମିଳିତ ହେଲା ସେତେବେଳେ ସମ୍ବଲପୁରବାସୀ ପାଞ୍ଚଜଣ ମାତ୍ର (ରାମକୃଷ୍ଣ ମିଶ୍ର, ଦୀନବନ୍ଧୁ ପଟ୍ଟନାୟକ, ତାଙ୍କ ଭାଇ ହରିବନ୍ଧୁ ପଟ୍ଟନାୟକ, ଦାଶରଥି ପୂଜାରୀ ଓ ହରିହର ପ୍ରଧାନ) ଉଚ୍ଚ ରାଜକାର୍ଯ୍ୟରେ ରହିଥିଲେ । ଏମାନଙ୍କ ପୂର୍ବେ ବନମାଳୀ ମିଶ୍ର ଓ ଗୋପୀନାଥ ଗୁରୁ ଏମାନଙ୍କ ତୁଲ୍ୟ ପଦପ୍ରାପ୍ତ ହୋଇଥିଲେ । ରାମକୃଷ୍ଣ ମିଶ୍ର ଅଳ୍ପ ଇଂରେଜି ଜାଣୁଥିଲେ । ଆଉ ସମସ୍ତେ କେବଳ ଓଡ଼ିଆରେ ଶାସନ କାର୍ଯ୍ୟ ଚଳାଉଥିଲେ । ଏହି ସମୟକୁ ଯେଉଁମାନେ ଏମାନଙ୍କ ତୁଲ୍ୟ ଓଡ଼ିଶାର ଶାସନକାର୍ଯ୍ୟରେ ରହିଥିଲେ ସେମାନେ ସମସ୍ତେ ବିଶ୍ୱବିଦ୍ୟାଳୟର ଉପାଧିଧାରୀ । ବଙ୍ଗପ୍ରଦେଶର ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏମାନେ ସମସ୍ତେ ଏହି ପଦରେ ପ୍ରତିଷ୍ଠିତ ହୋଇ ରହିଥିଲେ । ୧୯୦୫ ସାଲରେ ସମ୍ବଲପୁର ଓଡ଼ିଶାକୁ ଆସିଲା ସମୟକୁ ଏହି ପରୀକ୍ଷା ଉଠିଯାଇ ମନୋନୟନଦ୍ୱାରା ରାଜକାର୍ଯ୍ୟରେ ନିଯୁକ୍ତିର ନିୟମ ପ୍ରଚଳିତ ହୋଇଥିଲେ ହେଁ ଏହାର ମୂଳନୀତି ଥିଲା ଉଚ୍ଚଶିକ୍ଷା । ଉଚ୍ଚପଦ ପ୍ରାପ୍ତି ସକାଶେ ସମ୍ବଲପୁରବାସୀଙ୍କୁ ଉଚ୍ଚଶିକ୍ଷା ଲାଭ କରିବାକୁ ହେବ । ଏଣୁ ଦେଖାଗଲା ସମ୍ବଲପୁରବାସୀ ଉଦାସୀନ ହୋଇ ରହିପାରିବ ନାହିଁ । ପୂର୍ବାପେକ୍ଷା ବହୁସଂଖ୍ୟାରେ ସମ୍ବଲପୁର ପିଲାମାନେ ସ୍କୁଲ କଲେଜକୁ ଆସିବାକୁ ଲାଗିଲେ । ସେହିଦିନରୁ ସମ୍ବଲପୁରର ଶିକ୍ଷିତ ବ୍ୟକ୍ତିମାନେ ଶାସନର ଭିନ୍ନଭିନ୍ନ ବିଭାଗରେ ଉଚ୍ଚପଦରେ ରହିଅଛନ୍ତି । ସମ୍ବଲପୁରବାସୀଙ୍କ ପକ୍ଷରେ ଓଡ଼ିଶା ସହିତ ମିଳନର ଶୁଭଫଳ ହେଲା ଉଚ୍ଚଶିକ୍ଷା ଲାଭ ।

ସମ୍ବଲପୁରରେ ମୁଁ ମୋ କାର୍ଯ୍ୟରେ ଯୋଗଦେଲା ଉତ୍ତାରେ ଡେପୁଟି କମିଶନର ମୋବର୍ଲି ସାହେବ (A. N. Moberly, I.C.S.) ବିଭିନ୍ନ ବିଭାଗରେ ମୋ କାର୍ଯ୍ୟଶିକ୍ଷାର ନିର୍ଘଣ୍ଟ ପ୍ରସ୍ତୁତ କରିଦେଲେ ଓ ତଦନୁସାରେ ମୁଁ ମୋର ଶିକ୍ଷା ଆରମ୍ଭ କରିଦେଲି । ଶିକ୍ଷା ପୂରଣର ନିର୍ଦ୍ଦିଷ୍ଟକାଳ ଥିଲା ପ୍ରାୟ ଦୁଇବର୍ଷ । ଶିକ୍ଷା କରୁଥିବା ସମୟ ମଧ୍ୟରେ ନବନିଯୁକ୍ତ ଅଫିସରଙ୍କୁ ଭିନ୍ନ ଭିନ୍ନ ବିଭାଗର ଭାରପ୍ରାପ୍ତ ଅଫିସରଙ୍କ ଅଧୀନରେ କାର୍ଯ୍ୟଶିକ୍ଷା କରିବାକୁ ହେଉଥିଲା । ମୁଁ ଡେପୁଟି କଲେକ୍ଟର ଶ୍ରୀ ଶଶୀଭୂଷଣ ଶତପଥୀଙ୍କ ନିକଟରେ ଅଧିକାଂଶ ଶିକ୍ଷା ଗ୍ରହଣ କରୁଥିଲି । ସେ କଟକଜିଲ୍ଲାବାସୀ; ମୋତେ ଅତ୍ୟନ୍ତ ସ୍ନେହ କରୁଥିଲେ; ଯେହେତୁ ମୋର ଧର୍ମପିତାଙ୍କର ସେ ଜଣେ ବିଶିଷ୍ଟ ବନ୍ଧୁଥିଲେ । ଶଶୀବାବୁ ଯେପରି ପ୍ରତିଭାଶାଳୀ ସେହିପରି ସ୍ୱାଧୀନଚେତା ହାକିମ ଥିଲେ । ଉପରିସ୍ଥ ହାକିମଙ୍କ ଇଙ୍ଗିତରେ କେବେ ସେ କୌଣସି କାର୍ଯ୍ୟ କରୁନଥିଲେ । ବରଂ ସେପରି ଇଙ୍ଗିତର ସୂଚନାମାତ୍ର ପ୍ରାପ୍ତ

Digitized by srujanika@gmail.com

ହେଉଥିଲେ ତହିଁର ବିପରୀତ କାର୍ଯ୍ୟ କରୁଥିଲେ । ଏହି ସମୟରେ ଗୋଟିଏ ଘଟଣା ଉଲ୍ଲେଖଯୋଗ୍ୟ । ନାରାୟଣ ରାଓ ନାମକ ଜଣେ ମରହଟ୍ଟା ଠିକାଦାର ମଧ୍ୟପ୍ରଦେଶରୁ ଆସି ସମ୍ବଲପୁରରେ ଠିକାଦାରୀ କରି ରହିଥିଲେ । ତାଙ୍କର କେତେଗୁଡ଼ିଏ ଭଡ଼ାଘର ଥିଲା ଓ ଡେପୁଟି ମୁନ୍‌ସିଫ୍ କିରାଣୀ ପ୍ରଭୃତି ସରକାରୀ କର୍ମଚାରୀମାନେ ତାଙ୍କ ଘରେ ରହୁଥିଲେ । ତାଙ୍କର ଏପରି ଗୋଟିଏ ଘରେ ଜଣେ ବଙ୍ଗାଳୀ ପୂର୍ତ୍ତବିଭାଗର କିରାଣୀ ରହିଥିଲେ । ଘରର ମରାମତି ଖର୍ଚ୍ଚ ବିଷୟରେ ତାଙ୍କ ଗୃହସ୍ୱାମୀ ନାରାୟଣ ରାଓଙ୍କ ମଧ୍ୟରେ ଅନୈକ୍ୟ ହେବାରୁ ଭଡ଼ାରୁ କିଛି ବାକି ରହିଯାଇଥିଲା । ଦିନେ କିରାଣୀ ଦରମା ପାଇ ନିଜଘର ଦ୍ୱାରରେ ଛିଡ଼ାହୋଇ ନୋଟ୍ ଗଣୁଥିବା ସମୟରେ ନାରାୟଣ ରାଓ ଆସି ତାଙ୍କ ହାତରୁ ଖଣ୍ଡେ ଶହେଟଙ୍କିଆ ନୋଟ୍ ବଳକ୍ତାର ନେଇ ଚାଲିଗଲେ ଓ କହିଲେ ଯେ, ତାଙ୍କ ଭଡ଼ାପୂର୍ଣ୍ଣ ଭାବରେ ଚୁକ୍ତିକରି ନଦେଲେ ନୋଟ୍ ଫେରାଇବେ ନାହିଁ । ତାଙ୍କ ଉପରେ ଅଳ୍ପ ଭଡ଼ା ପ୍ରାପ୍ୟ ହେଉଥିଲା । ସେ ଯେତେ ପ୍ରତିବାଦ କଲେ ଓ ନୋଟ୍ ଫେରାଇବାକୁ କହିଲେ ନାରାୟଣ ରାଓ ଶୁଣିଲେ ନାହିଁ । ଏ ସମ୍ବନ୍ଧରେ ମଧ୍ୟସ୍ଥ ଭଦ୍ର ବ୍ୟକ୍ତିଙ୍କ ପରାମର୍ଶ ସୁଦ୍ଧା ଶୁଣିଲେ ନାହିଁ । କିରାଣୀ ପୋଲିସରେ ମୋକଦ୍ଦମା ଦାଏର କଲେ । ନାରାୟଣ ରାଓ ଚୋରି ଅପରାଧରେ ଚାଲାଣ ହେଲେ ଶଶୀବାବୁଙ୍କଠାକୁ । ମୋକଦ୍ଦମା ବିଚାର ସକାଶେ ଆସିଲା । ଏହି ସମୟରେ ଜଣେ ବଡ଼ ହାକିମ ସୁଦ୍ଧା ନାରାୟଣ ରାଓଙ୍କ ଗୋଟିଏ ଘରେ ରହୁଥିଲେ । ମୋକଦ୍ଦମା ଉଠାଇନେବା ସକାଶେ ନାରାୟଣ ରାଓ ତାଙ୍କ ସାହାଯ୍ୟ ଲୋଡ଼ିଲେ । ସେ ଡେପୁଟି କମିଶନରଙ୍କ ଠାରେ ଏହି ପ୍ରସ୍ତାବ କଲେ ଓ ଡେପୁଟି କମିଶନର ଶଶୀବାବୁଙ୍କୁ ମୋକଦ୍ଦମା ଉଠାଇନେବା ସକାଶେ ଅନୁମତି ଦେବାକୁ କହିଲେ। ଆଇନ ଅନୁସାରେ ମୋକଦ୍ଦମା ଉଠାଇ ନେଇ ଆସାମୀକୁ ଖଲାସ ଦେବା କ୍ଷମତା କେବଳ ମୋକଦ୍ଦମା ବିଚାର କରୁଥିବା ହାକିମଙ୍କ । ଉପରସ୍ଥ ଜିଲ୍ଲା ହାକିମଙ୍କ ଆଦେଶ ନିମ୍ନ ଅଦାଲତ ପ୍ରତି ପ୍ରଯୁଜ୍ୟ ନୁହେଁ । ଏହି କାରଣରେ ଶଶୀବାବୁ ଜିଲ୍ଲା ହାକିମଙ୍କ ଆଦେଶକୁ ଅବଜ୍ଞା କରି ମୋକଦ୍ଦମା ବିଚାର କଲେ ଓ ନାରାୟଣ ରାଓ ପ୍ରତି ଶାସ୍ତି ବିଧାନ କରିଥିଲେ ।

ଏହି ଜିଲ୍ଲା ହାକିମ ହେଉଛନ୍ତି କ୍ରଫୋର୍ଡ଼ ସାହେବ (W.M. Crawford, I.C.S.) । କ୍ରଫୋର୍ଡ଼ ସାହେବ ଅତ୍ୟନ୍ତ ସଦାଶୟ ହାକିମ ଥିଲେ । ମଧ୍ୟପ୍ରଦେଶର ସିଭିଲିଏନ୍ । ସମ୍ବଲପୁର ମଧ୍ୟପ୍ରଦେଶରୁ ବିଚ୍ଛିନ୍ନ ହେଲା ଉତ୍ତାରେ ଗଭର୍ଣ୍ଣମେଣ୍ଟ ତାଙ୍କୁ ବଙ୍ଗ ଶାସନ ଅଧୀନକୁ ଆଣି ସମ୍ବଲପୁର ଡେପୁଟି କମିଶନର ପଦରେ ଅବସ୍ଥାପିତ କରିଥିଲେ । ମୋ ଚାକିରି ଜୀବନରେ ତାଙ୍କ ତୁଲ୍ୟ ସଦାଶୟ ଦେବପ୍ରତିମ ଜିଲ୍ଲା ହାକିମ ମୁଁ ଦେଖିନାହିଁ । ତାଙ୍କ ଚପରାସୀ ମିଆଁ ଜୀନ୍ ଖାଁ କଲେରାରେ ଆକ୍ରାନ୍ତ ହେଲା ଓ କ୍ରଫୋର୍ଡ଼ ସାହେବ ଓ ତାଙ୍କ ପତ୍ନୀ ନିଜେ ତାହା ଘରେ ଉପସ୍ଥିତ ହୋଇ ସିଭିଲ୍ ସର୍ଜନଙ୍କ ଦ୍ୱାରା ତାହାର ଚିକିତ୍ସା ବ୍ୟବସ୍ଥା କରିଥିଲେ ।

Digitized by srujanika@gmail.com

ସମ୍ବଲପୁର ଓଡ଼ିଶା ସହିତ ମିଳିତ ହେବାର ଅଳ୍ପଦିନ ଉତ୍ତାରେ ଜିଲ୍ଲାସ୍କୁଲରୁ ପ୍ରବୀଣ ହେଡ୍‌ମାଷ୍ଟର୍ ଶ୍ରୀ ଦାଶରଥି ପାଣିଗ୍ରାହୀ ବଦଳି ହୋଇଗଲେ ଓ ତାଙ୍କ ସ୍ଥାନରେ ଯେଉଁ କେତେଜଣ ହେଡ୍‌ମାଷ୍ଟର୍ ହୋଇ ଆସିଥିଲେ ସେମାନେ ଓଡ଼ିଶା ଶିକ୍ଷାବିଭାଗର କୃତବିଦ୍ୟ ଶିକ୍ଷକ । ସେମାନଙ୍କ ମଧ୍ୟରେ ୧୯୧୦ ମସିହାରେ ଆସିଥିଲେ ସୁପ୍ରତିଷ୍ଠିତ ସ୍ୱଭାବ-ପଲ୍ଲୀକବି ନନ୍ଦକିଶୋର ବଳ । ମୁଁ ବଲାଙ୍ଗିର ମାଇନର୍ ସ୍କୁଲ୍‌ରେ ଛାତ୍ର ଥିବା ସମୟରେ ୧୯୦୧ ମସିହାରୁ 'ଉତ୍କଳ ସାହିତ୍ୟ'ର ଗ୍ରାହକ ହୋଇଥିଲି ଓ ତହିଁରେ ପ୍ରକାଶିତ ନନ୍ଦକିଶୋର ବଳଙ୍କ କବିତାମାନ ପାଠ କରୁଥିଲି । ଏହି ସମୟରେ ତାଙ୍କ ପ୍ରଣୀତ ପଲ୍ଲୀଚିତ୍ର, ନିର୍ଝରିଣୀ, ବସନ୍ତ କୋକିଳ, କୃଷ୍ଣକୁମାରୀ, ସୀତାବନବାସ ପ୍ରକାଶିତ ହୋଇଥିଲା ଓ ଏହି ରଚନାମାନ ଆଗ୍ରହ ସହକାରେ ମୁଁ ପାଠକରୁଥିଲି । ଏ ସମସ୍ତ ପାଠକରି ବାସ୍ତବରେ କବିଙ୍କ ପ୍ରତି ମୋର ଭକ୍ତି ଜାତ ହୋଇଥିଲା । କଟକ କଲେଜକୁ ଯିବା ଉତ୍ତାରେ ତାଙ୍କୁ ଦେଖିବାକୁ ଦିନେ ଯାଇଥିଲି ତାଙ୍କ ଡଗରପଡ଼ା ବସାକୁ । ପ୍ରତିଦିନ ଆମ୍ଭମାନଙ୍କ ଛାତ୍ରାବାସ ଦେଇ ଟ୍ରେନିଂ ସ୍କୁଲ୍‌କୁ ଯାଆନ୍ତି । ଆଜି ମୋର ମନେହେଉଛି ତାଙ୍କୁ ଦେଖିଲା ମାତ୍ରକେ ତାଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତିରେ ମୋର ମସ୍ତକ ସ୍ୱତଃ ଅବନତ ହୋଇପଡ଼େ । ପୁଣି ମନେହେଉଛି ତାଙ୍କ ରଚିତ ନିମ୍ନଲିଖିତ ପଂକ୍ତିରେ ପ୍ରତିଫଳିତ ତାଙ୍କ ବିନୀତ ଅଥଚ ଉଚ୍ଚ ହୃଦୟର ଆଦର୍ଶ –

''ଯାଆନ୍ତୁ ଲକ୍ଷ୍ମୀବିଳାସବାସେ ସଙ୍ଗୀଗଣ
ତବ ଦରିଦ୍ର କୁଟୀରେ ଯାପିବି ଜୀବନ ।
ସାରସ୍ୱତ ଭଣ୍ଡାରରୁ କବୀନ୍ଦ୍ର ବଳିତା
ବାଛି ଦିଅ ଭାରତୀ ଗୋ ! ଦୁର୍ଲଭେ କବିତା ।''

ସମ୍ବଲପୁରକୁ ଆସି ସେ ମୋ ବସା ନିକଟସ୍ଥ ଜିଲ୍ଲାସ୍କୁଲ ସଂଲଗ୍ନ ଛାତ୍ରାବାସରେ ବସାକରି ରହିଲେ । ପ୍ରତ୍ୟହ ତାଙ୍କ ସହିତ ମୋର ସାକ୍ଷାତ ହୁଏ । ମୋ ବସାକୁ ପ୍ରାୟ ପ୍ରତ୍ୟହ ଆସନ୍ତି ଓ ମୋର ଜ୍ୟେଷ୍ଠା ଶିଶୁକନ୍ୟା ମନୋରମାକୁ ପରମ ସ୍ନେହରେ କୋଳ କରନ୍ତି । ଶିଖିବା ଉଦ୍ଦେଶ୍ୟରେ ତାଙ୍କ ସହିତ ମୁଁ ସାହିତ୍ୟ ଚର୍ଚ୍ଚା କରେଁ । ଦିନେ ତାଙ୍କ 'କୃଷ୍ଣକୁମାରୀ'ରୁ ଗୁଡ଼ାଏ ଆବୃତ୍ତି କରିଗଲି । ମୋତେ ପଚାରିଲେ, ''ଏହା କେଉଁଥିରୁ ବୋଲୁଛନ୍ତି ?'' ଶୁଣି ମୁଁ ବିସ୍ମିତ ହେଲି । ଆଶ୍ଚର୍ଯ୍ୟର କଥା ନିଜ ଲେଖାବୋଲି ସୁଦ୍ଧା ତାଙ୍କ ମନେ ନାହିଁ । ଯେତେବେଳେ କହିଲି ଯେ, ତାଙ୍କ ସ୍ୱରଚିତ, 'କୃଷ୍ଣକୁମାରୀ'ରୁ ସେ ବିସ୍ମୟ ପ୍ରକାଶ କରିଥିଲେ । ରତ୍ନାକର ଗର୍ଭରେ କେତେ ଯେ ରତ୍ନ ରହିଅଛି ସେ କ'ଣ କେବେ ତାହାର କଳନା କରେ ? ପୁରାତନ ନୂତନ କବି ଓ ଲେଖକମାନଙ୍କ ପ୍ରତି ମୋର ହୃଦୟ ସର୍ବଦା ଭକ୍ତିରେ ପୂର୍ଣ୍ଣ ହୁଏ । କଟକରେ କଲେଜରେ ଥିବା ସମୟରେ କବିବର ରାଧାନାଥ ଓ ଭକ୍ତକବି ମଧୁସୂଦନଙ୍କୁ ଦେଖି ଦୂରରୁ ଅଲକ୍ଷିତ ଭାବରେ ପ୍ରଣାମକରେଁ । ଯେଉଁଦିନ ରାଧାନାଥ ବଙ୍ଗୀୟ ନାରୀକବି ନରେନ୍ଦ୍ରବାଳା ସରସ୍ୱତୀଙ୍କ ସହିତ ତାଙ୍କ ପ୍ରଣୟ-ସ୍ୱୀକୃତି ପ୍ରକାଶ କଲେ ତାହା ଶିକ୍ଷିତ ମହଲରେ ନାନାଭାବରେ ଆଲୋଚନାର ବିଷୟ ହୋଇଥିଲା ।

Digitized by srujanika@gmail.com

ତହିଁରେ ଆମ୍ଭେମାନେ ଗଭୀର ମନୋବେଦନା ଅନୁଭବ କରିଥିଲୁଁ । ମଧୁସୂଦନଙ୍କ ଜନ୍ମତିଥି ଶ୍ରୀପଞ୍ଚମୀ ଦିନ ଥରେ ବନ୍ଧୁ ମିଳନରେ କେତେକ କଲେଜ ଛାତ୍ରଙ୍କୁ ମଧ୍ୟ ନିମନ୍ତ୍ରଣ ହୋଇଥିଲା । ସେମାନଙ୍କ ଭିତରେ ମୁଁ ମଧ୍ୟ ଥିଲି । ଭିନ୍ନ ଭିନ୍ନ ଓଡ଼ିଆ ଓ ବଙ୍ଗଳା ଗ୍ରନ୍ଥରୁ ଆବୃତ୍ତି ହୋଇଥିଲା । ମୁଁ ମଧ୍ୟ ଅନ୍ୟାନ୍ୟଙ୍କ ସହିତ ଏଥିରେ ଅଂଶ ଗ୍ରହଣ କରି 'ବିଦଗ୍ଧ ଚିନ୍ତାମଣି' ରୁ ତ୍ରିଂଶ ଛାନ୍ଦର ସନ୍ଧ୍ୟାବର୍ଣ୍ଣନା ଆବୃତ୍ତି କରିଥିଲି ଓ ସ୍ୱରରେ ଗାଇଥିଲି । ସମ୍ବଲପୁରରେ ପ୍ରଥମ ଚାକିରିରେ ଥିବା ସମୟରେ ଦିନେ ସନ୍ଧ୍ୟାରେ କବି ଗଙ୍ଗାଧର ମେହେରଙ୍କ ବସାରେ ଉପସ୍ଥିତ ହେଲି । ସେତେବେଳେ ସେ ଡିବିରି ଜାଳି ଖଣ୍ଡିଏ ମସିଣା ଉପରେ ବସି କ'ଣ ଲେଖିବାରେ ବ୍ୟସ୍ତ ଥିଲେ । ସେହି ସମୟରେ ସେ ଅବୈତନିକ ମାଜିଷ୍ଟ୍ରେଟ୍‌ମାନଙ୍କ ପେଶ୍‌କାର । ଜଣକେତେ ଅବସରପ୍ରାପ୍ତ ପୋଲିସ୍ ଇନ୍‌ସ୍‌ପେକ୍ଟର ଏହି କାର୍ଯ୍ୟରେ ଥାଆନ୍ତି । ମୁଁ ହାକିମ ହୋଇଛି । ଗଙ୍ଗାଧର ମୋତେ ଦେଖି ବ୍ୟସ୍ତ ହୋଇ ପଡ଼ିଲେ ଓ କେତେ ବିନୟପୂର୍ଣ୍ଣ ଭାଷାରେ ତାଙ୍କ ଲେଖା ଶେଷହେବା ପର୍ଯ୍ୟନ୍ତ ଅଳ୍ପ ବସିବାକୁ କହିଲେ । ଦେଖିଲି ଅନାୟାସରେ ପରକଲମରେ ଚର୍‌ଚର୍ ଲେଖି ଯାଉଛନ୍ତି । ମନେହେଲା ଭାବିବାକୁ ସୁଦ୍ଧା ତିଳେମାତ୍ର ଅଟକୁ ନାହାଁନ୍ତି । ସମ୍ମୁଖରେ ଅଳ୍ପ ଦୂରରେ ଥାଇ ସୁଦ୍ଧା ଅନୁଭବ କଲି, ତାହା ଗୋଟିଏ କବିତା । ଅଳ୍ପ ସମୟ ପରେ କାଗଜ ଖଣ୍ଡିକ ମୋଡ଼ି ମୋ ସହିତ କଥା ଆରମ୍ଭ କରି ବସିଲେ । ତାଙ୍କ ହାତରୁ କାଗଜ ଖଣ୍ଡିକ ହସ୍ତଗତ କଲି ଓ ଫିଟାଇ ଦେଖିଲାରୁ ମୋ ବିସ୍ମୟର ସୀମା ରହିଲା ନାହିଁ । ତାହା ତାଙ୍କ ପ୍ରଣୀତ ତପସ୍ୱିନୀ କାବ୍ୟର ଏକାଂଶ । ସର୍ବୋତ୍କୃଷ୍ଟ 'ପ୍ରଭାତ ବର୍ଣ୍ଣନା' – ତାହାର ପ୍ରଥମ ପଦ –

ମଙ୍ଗଳେ ଅଇଲା ଉଷା   ବିକଚ ରାଜୀବଦୃଶା
ଜାନକୀ ଦର୍ଶନ ତୃଷା ହୃଦୟେ ବହି
କରପଲ୍ଲବେ ନିହାର   ମୁକ୍ତା ଧରି ଉପହାର
ସତୀଙ୍କ ବାସ ବାହାର ପ୍ରାଙ୍ଗଣେ ରହି
କଳକଣ୍ଠ କଣ୍ଠେ କହିଲା
ଦରଶନ ଦିଅ ସତୀ ! ରାତିପାହିଲା ।

ଆରମ୍ଭରୁ ଏପରି କ୍ରମରେ ପ୍ରତିପାଦରେ ଯମକପୂର୍ଣ୍ଣ ମନୋମୁଗ୍ଧକର ୩୨ଟି ପଦ ।

ଅନେକ କହିବା ଶୁଣାଯାଇଅଛି, ଉପେନ୍ଦ୍ର ଭଞ୍ଜ ପ୍ରଭୃତି କବିମାନେ ସେମାନଙ୍କ ରଚନାରେ ନାନା ପ୍ରକାର ଛନ୍ଦ, ଯମକ, ଅନୁପ୍ରାସ ଇତ୍ୟାଦି କସରତରେ ଅଯଥା ସମୟ ଓ ଶକ୍ତି ନିୟୋଗକରି ନଥିଲେ ଆହୁରି ଅନେକ ଗ୍ରନ୍ଥ ଦେଇ ସାହିତ୍ୟକୁ ଆହୁରି ପରିପୁଷ୍ଟ କରିପାରିଥାନ୍ତେ । କବି ଗଙ୍ଗାଧରଙ୍କୁ ଦେଖି ମୋର ଏହି ଧାରଣା ଦୂର ହେଲା । ମନେହେଲା, କବି ପ୍ରତିଭା ନୈସର୍ଗିକ । ସ୍ୱ ସ୍ୱ ରଚନାରେ ଏମାନଙ୍କୁ ବୋଧହୁଏ ଅଧିକ କିଛି ଆୟାସ କରିବାକୁ ହେଉନଥିଲା ।

Digitized by srujanika@gmail.com

୧୯୧୦ ମସିହାରେ Hailey's Comet (ହେଲିଙ୍କ ଧୂମକେତୁ) ନାମକ ଗୋଟିଏ ସୁବୃହତ୍ ଧୂମକେତୁର ଆବିର୍ଭାବ ହୋଇଥିଲା । ଏହି ଧୂମକେତୁ ହେଲି (Hailey) ନାମକ ଜଣେ ୟୁରୋପୀୟ ଜ୍ୟୋତିଷଙ୍କଦ୍ୱାରା ଆବିଷ୍କୃତ ବୋଲି ପ୍ରବାଦ ଅଛି । ପ୍ରତି ୭୮ ବର୍ଷରେ ଥରେ ଏହା ଆବିର୍ଭାବ ହେବ ବୋଲି ମଧ୍ୟ କୁହାଯାଏ । ଏହାର ମୁଣ୍ଡରେ ଗୋଟିଏ ସୁବୃହତ୍ ଗୋଲାକାର ଜ୍ୟୋତିଷ୍କ ଓ ତାହା ପଛକୁ ଲାଞ୍ଜ ଏତେ ପ୍ରଶସ୍ତ, ଦୀର୍ଘ ଓ ଜ୍ୟୋତିର୍ମ୍ମୟ ଯେ ଦିଗ୍‌ବଳୟର ଅଳ୍ପ ଉପରେ ଆକାଶର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ବିସ୍ତୃତ ହୋଇ ତାହାକୁ ଆଲୋକିତ କରୁଥିଲା ।

କେତେକ ଦିନ ଠିକ୍ ସନ୍ଧ୍ୟାପରେ ପଶ୍ଚିମାକାଶରେ ଓ କେତେକ ଦିନ ପାହାନ୍ତିଆର ପୂର୍ବାକାଶରେ ଉଦିତ ହୋଇ ଦୁଇ ତିନିଘଣ୍ଟା ରହି ଅସ୍ତ ହେଉଥିଲା ଓ ତପ୍ରେ ଏକାବେଳକେ ଅଦୃଶ୍ୟ ହୋଇଗଲା । ଏହି ସମୟ ମଧ୍ୟରେ ଭାରତ ସମ୍ରାଟ ଇଂଲଣ୍ଡର ରାଜା ସପ୍ତମ ଏଡ୍‌ୱାର୍ଡ଼ଙ୍କ ମୃତ୍ୟୁ ହୋଇଥିଲା । ବଡ଼ଲୋକଙ୍କ ମୃତ୍ୟୁରେ ଧୂମକେତୁ ଦେଖାଯାଏ ବୋଲି ପ୍ରବାଦ ଅଛି । ଇଂରେଜ କବି ସେକ୍‌ସପିୟର୍ ଲେଖିଛନ୍ତି, "When poormen die no comets are seen. But heaven blazes forthwith death of princes." ଗରିବଲୋକଙ୍କ ମୃତ୍ୟୁରେ ଧୂମକେତୁ ଦେଖାଯାଏ ନାହିଁ । କିନ୍ତୁ ରାଜପୁତ୍ରଙ୍କ ମୃତ୍ୟୁରେ ସ୍ୱର୍ଗ ଜଳିଉଠେ । ଶ୍ମଶାନରେ ତ ସମସ୍ତେ ସମାନ । ଯମ ଚକ୍ଷୁରେ ବଡ଼ ସାନର ତୁଳନା କାହିଁ ?

Digitized by srujanika@gmail.com

ଅନୁଗୁଳରେ ଚାକିରି ଜୀବନ (୧)

ସମ୍ବଲପୁରରେ ମୋର ସବ୍‌ଡେପୁଟି କଲେକ୍ଟରର ଶିକ୍ଷାନବିସ କର୍ମ ତା.୧୮.୧.୧୯୧୧ରେ ଶେଷ ହେଲା ଓ ମୁଁ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ୍ କ୍ଷମତାପ୍ରାପ୍ତ ହେଲି । ୧୯୧୧ ମସିହା ଡିସେମ୍ବର ମାସରେ ମୋର ଅନୁଗୁଳକୁ ବଦଳି ହେଲା । ସମ୍ବଲପୁରରୁ ଅନୁଗୁଳ ଯିବାପାଇଁ ଦୁଇଟି ବାଟ । ଗୋଟିଏ ରେଢ଼ାଖୋଲ, ଆଠମଲ୍ଲିକ ମଧ୍ୟଦେଇ କଚା ସମ୍ବଲପୁର-କଟକ ସଡ଼କ ଓ ଅପରଟି ରେଳରେ ଖଡ଼ଗପୁର ଦେଇ କଟକ ପର୍ଯ୍ୟନ୍ତ ଯାଇ ସେଠାରୁ ଢେଙ୍କାନାଳ ଦେଇ ସଡ଼କ ବାଟ । ମୁଁ କଟକ ବାଟେ ଅନୁଗୁଳ ଗଲି । ଡିସେମ୍ବର ତା୪ରିଖରେ କଟକରେ ପହଞ୍ଚି ଜଣେ ବନ୍ଧୁଙ୍କ ବସାରେ ରହିଲି ଓ ସେଠାରେ ଛଅଟଙ୍କା ଭଡ଼ାରେ ଗୋଟିଏ ବଳଦଗାଡ଼ି ବନ୍ଦୋବସ୍ତ କରି ସେଥିରେ ଯାଇ ତିନିଦିନରେ ଅନୁଗୁଳରେ ପହଞ୍ଚିଲି । କଟକରୁ ଅନୁଗୁଳ ୬୭ ମାଇଲ । ବାଟରେ ପି. ଡବ୍ଲ୍ୟୁ ଡି. ଡାକବଙ୍ଗଳାମାନ ପ୍ରତି ଆଠ ଦଶ ମାଇଲରେ ଥାଏ । ତହିଁରେ ରହି ରହି ଗଲି । ନିବିଡ଼ ଜଙ୍ଗଲ ମଧ୍ୟଦେଇ ସଡ଼କ ଯାଇଛି । ବାଟରେ ବାଘ, ଭାଲୁ ଓ ଚୋରଙ୍କ ଭୟ କଥା ଲୋକଙ୍କ ମୁଖରୁ ଶୁଣି ଶୁଣି ଯାଉଥାଏଁ । ଅନୁଗୁଳରେ ପହଞ୍ଚିଲାବେଳକୁ ସଞ୍ଜ ହୋଇଯାଇଥିଲା । ସମ୍ବଲପୁରବାସୀ ବୃନ୍ଦାବନ ପଟ୍ଟନାୟକ ସେଠାରେ ପୋଲିସ ଇନ୍‌ସ୍‌ପେକ୍ଟର ଥିଲେ । ତାଙ୍କ ଛଡ଼ା କେହି ସେଠାରେ ମୋର ପରିଚିତ ବ୍ୟକ୍ତି ନଥିଲେ । ଆଗରୁ ତାଙ୍କ ପତ୍ର ଲେଖିଥିବାରୁ ସେ ମୋର ଆଗମନ ଅପେକ୍ଷା କରୁଥିଲେ । ପହଞ୍ଚିବା ପରଦିନ ମୁଁ ଡେପୁଟି କମିଶନରଙ୍କ ସହିତ ସାକ୍ଷାତ କରିବାକୁ ଗଲି । ଯିବା ବାଟରେ ଦେଖିଲି ସଡ଼କମାନ ଦୀର୍ଘ ସଳଖ ହୋଇ ଚାଲିଯାଇଛି । ଏପରି ଅନେକ ସଡ଼କ । ସରକାରୀ ଘରମାନ ଛାଡ଼ି ଆଉ କେଣେ ଘରମାନ ନ ଦେଖି ପ୍ରକୃତରେ ମୋତେ କାନ୍ଦ ମାଡ଼ିଲା । ଭାବିଲି, ମୁଁ କେଉଁଠାରେ ଆସି ପହଞ୍ଚିଲି । ଲୋକ ନାହିଁ, ବସତି ନାହିଁ, ସମାଜ ନାହିଁ ଏଠାରେ ମଣିଷ ଅଛନ୍ତି କିପରି ? ବୁଝିଲି, ଅନୁଗୁଳ ଟାଉନ ଗୋଟିଏ ନୂଆ ବସତି । ପୂର୍ବେ ଏହି ଜିଲ୍ଲାର ରାଜଧାନୀ ଏଠାରୁ ୯ ମାଇଲ ଦୂରବର୍ତ୍ତୀ ପୁରୁଣାଗଡ଼ରେ ଥିଲା । ତାହା ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ବୋଲି ଏହି ସ୍ଥାନକୁ ଉଠିଆସିଲା । ନୂଆ ପଡ଼ିଆ ଜାଗାରେ କ୍ରମେ କ୍ରମେ ଲୋକେ ବସତି କରୁଅଛନ୍ତି । ପୁଣି ଏଠାରେ ପ୍ରଚଳିତ ଆଇନ ଯୋଗୁଁ ବସତି ବୃଦ୍ଧି ହୋଇପାରୁନାହିଁ । ଅନୁଗୁଳବାସୀ ବ୍ୟତୀତ କେହି ଏଠାରେ ଡେପୁଟି କମିଶନରଙ୍କ ଅନୁମତି ବିନା ଘର ବା ଭୂମି କରି ପାରିବେନାହିଁ । ଆଉ ଡେପୁଟି କମିଶନର ସାଧାରଣତଃ ଏଥିସକାଶେ ଅନୁଗୁଳ ବାହାରର ଲୋକଙ୍କୁ ଅନୁମତି

Digitized by srujanika@gmail.com

ଦିଅନ୍ତି ନାହିଁ । ଏ ଜିଲ୍ଲାରେ ଡେପୁଟି କମିଶନର ସର୍ବେସର୍ବା । ଅନୁଗୁଳ ରେଗୁଲେଶନ୍ ନାମକ ଗୋଟିଏ ସ୍ୱତନ୍ତ୍ର ଆଇନଦ୍ୱାରା ଏହି ଜିଲ୍ଲା ଶାସିତ ହୁଏ । ଅଦାଲତ ସମୂହ ଏହାଙ୍କ ଅଧୀନରେ । ସେ ନିଜେ ଜିଲ୍ଲା ଓ ଦୌରାଜଜ୍‌ନ୍ତ ନିମ୍ନ ଅଦାଲତ ସମୂହର ଅପିଲ୍ ଅଦାଲତ । ଏଠାରେ ସ୍ୱତନ୍ତ୍ର ଦେଓ୍ୱାନି ଅଦାଲତ ନାହିଁ। ଡେପୁଟି, ସବ୍‌ଡେପୁଟିମାନେ ଦେଓ୍ୱାନି ଓ ଫୌଜଦାରୀ ଉଭୟ ମକଦ୍ଦମା ବିଚାର କରନ୍ତି। ଓଡ଼ିଶା ବିଭାଗର କମିଶନର ଏହି ଜିଲ୍ଲାର ହାଇକୋର୍ଟ; ଓକିଲ ମୋକ୍ତାର କେହି ନାହାଁନ୍ତି। ବାହାରୁ ଆସିଲେ ଡେପୁଟି କମିଶନରଙ୍କ ଅନୁମତି ଆବଶ୍ୟକ । ଢେଙ୍କାନାଳ, ତାଳଚେର, ଆଠମଲ୍ଲିକ, ବୌଦ ଓ ହିନ୍ଦୋଳ ରାଜ୍ୟମାନ ଏହାକୁ ବେଷ୍ଟନ କରି ରହିଅଛନ୍ତି । ସୁତରାଂ ଗଡ଼ଜାତର କେନ୍ଦ୍ରସ୍ଥଳରେ ଥିବାରୁ ଶାସନ ପ୍ରଣାଳୀ ମଧ୍ୟ ଗଡ଼ଜାତ ଶାସନପରି । ଏଠାରେ ବେଠି ଅଛି । ଜାଗିର୍ ଖାଇ ପାଇକମାନେ ଅଛନ୍ତି । ଏମାନେ ପ୍ରତିଦିନ ହାକିମମାନଙ୍କ ଘରକୁ ଆସି ବେଠିରେ କାମ କରି ଦେଇଯାନ୍ତି । କୌଣସି ହାକିମଙ୍କ ଯାହା ଦରକାର, ଡେପୁଟି କମିଶନରଙ୍କ ଅଦାଲତର ମୋହର ଦିଆ ପରଓ୍ୱାନା ଯିବା ମାତ୍ରକେ ତାହା ତଦ୍ଦଣ୍ଡରେ ହାଜର ହେବ । ଜିନିଷ ଖୁବ୍ ଶସ୍ତା । ସପ୍ତାହରେ ଥରେ ରବିବାର ଦିନ ହାଟ ବସେ । ଚାଉଳ ଓ ମୁଗ ଟଙ୍କାକୁ ୩୨ ସେର୍ । ଦୁଧ ସେର ଦୁଇ ଅଣା। ବିଶୁଦ୍ଧ ଘିଅ ସେର ଆଠ ଦଶ ଅଣା । ସମସ୍ତ ଜିନିଷ ୪୨ ତୋଳା ଓଜନ ମାଣରେ ବିକ୍ରି ହୁଏ । ହାଟରୁ କିଣି ନରଖିଲେ ଆଉ କୌଣସି ଜିନିଷ ମିଳେ ନାହିଁ । ସରକାରୀ କର୍ମଚାରୀଙ୍କୁ ପ୍ରାୟ କାଠ କିଣିବାକୁ ହୁଏ ନାହିଁ । ଡେପୁଟି କମିଶନରଙ୍କ ଅଧୀନରେ ଗ୍ରାମୀୟ ଝାଡ଼ ଜଙ୍ଗଲର ତତ୍ତ୍ୱାବଧାନ ଭାର ନ୍ୟସ୍ତ । ରକ୍ଷିତ ଜଙ୍ଗଲମାନ ସ୍ୱତନ୍ତ୍ର ଜଙ୍ଗଲ ବିଭାଗର ଅଧୀନ। ଛାଡ଼ଜଙ୍ଗଲରୁ ଜାଳେଣୀ କାଠ ଆଣିବା ସକାଶେ ସରକାରୀ କର୍ମଚାରୀମାନଙ୍କ ପାଇଁ ମାହାସୁଲ୍ ଗାଡ଼ିକୁ ଅଣାଏ, ଅନ୍ୟମାନଙ୍କ ସକାଶେ ଆଠଅଣା। ସୁତରାଂ ଅନେକ ଲୋକଆସି ସେମାନଙ୍କୁ ଛାଡ଼ ଆଣିଦେବା ସକାଶେ କହନ୍ତି । ଛାଡ଼ସକାଶେ ମାହାସୁଲ ସେମାନେ ଦିଅନ୍ତି ଓ ଯେତେ ଗାଡ଼ି ପାଇଁ ଛାଡ଼ ଅଣାଯାଇଥାଏ ତହିଁରୁ ଅଧେ ବିନାମୂଲ୍ୟରେ ସେମାନଙ୍କୁ ଦେଇଯାନ୍ତି । ଷୋହଳ ଗାଡ଼ି ପାଇଁ ଛାଡ଼ ନେଲେ ଆଠଟଙ୍କା । ଆଠ ଗାଡ଼ି ପାଇଁ ଚାରିଟଙ୍କା ପରିବର୍ତ୍ତେ ଟଙ୍କାଏ ପଡ଼େ ଓ ସରକାରୀ କର୍ମଚାରୀମାନଙ୍କୁ ବିନାମୂଲ୍ୟରେ ଆଠ ଗାଡ଼ି କାଠ ମିଳେ ।

ଡେପୁଟି କମିଶନର ମି. ଜେ. ଏଚ. ଟେଲର (Mr. J. H. Taylor)ଙ୍କ ସହିତ ସାକ୍ଷାତ ହେଲା । ଟେଲର ସାହେବ ବୃଦ୍ଧ, ଫିରିଙ୍ଗି, ଡେପୁଟି ମାଜିଷ୍ଟ୍ରେଟ୍ । ସବ୍‌ଡେପୁଟିରୁ ଚାକିରି ଆରମ୍ଭ କରି ଡେପୁଟି ପଦକୁ ଉଠିଥିଲେ । ଓଡ଼ିଶା ବନ୍ଦୋବସ୍ତରେ କାର୍ଯ୍ୟ କରିଥିଲେ ଓ ଡେପୁଟି କମିଶନର ହେବା ପୂର୍ବେ ଓଡ଼ିଶାର ବନ୍ଦୋବସ୍ତ ଅଫିସର ହୋଇ ଏହି ପଦକୁ ଉନ୍ନୀତ ହୋଇଥିଲେ । ଓଡ଼ିଶା ବନ୍ଦୋବସ୍ତରେ ତାଙ୍କ ତଳେ କାମ କରୁଥିବା କେତେକ ଲୋକ ଆସି ଅନୁଗୁଳରେ ତାଙ୍କ ଆନୁକୂଲ୍ୟରେ କାମ ପାଇଥିଲେ । ସେ ଖୋର୍ଦ୍ଧାର ଚିରସ୍ଥାୟୀ

Digitized by srujanika@gmail.com

ଅଧିବାସୀ ହୋଇ ରହିଥିଲେ । ତାଙ୍କ ପିତା ମଧ୍ୟ ଓଡ଼ିଶାରେ ସରକାରୀ ଚାକିରି କରିଥିଲେ ଓ ନାରାୟଣୀ ନାମ୍ନୀ ଜଣେ ଓଡ଼ିଆଣୀଙ୍କୁ ବିବାହ କରିଥିଲେ । ଏହି ସମୟରେ ଅନୁଗୁଳ ଡେପୁଟି କମିଶନର ପଦ ଜଣେ ଫିରିଙ୍ଗି ଡେପୁଟି କଲେକ୍ଟର ସକାଶେ ରକ୍ଷିତ ହୋଇଥିଲା ।

ଅସ୍ୱାସ୍ଥ୍ୟକର ଓ ଅନୁନ୍ନତ ଅବସ୍ଥା ଯୋଗୁଁ ସରକାରୀ କର୍ମଚାରୀମାନେ ସମସ୍ତେ ଶତକଡ଼ା ୨୦ ରୁ ୨୫ ପର୍ଯ୍ୟନ୍ତ ଦରମା ଉପରେ ଅଧିକ ଭତ୍ତା ପାଉଥିଲେ । ଡେପୁଟି କମିଶନରଙ୍କ ଦରମା ଉପରେ ଭତ୍ତା ଥିଲା ଦୁଇଶତ ଟଙ୍କା, ଅପର ଡେପୁଟି ସବ୍‌ଡ଼ିଭିଜନାଲ୍ ଅଫିସର, ପୋଲିସ ସୁପରିଣ୍ଟେଣ୍ଡେଣ୍ଟ, ଜଙ୍ଗଲ ଅଫିସରଙ୍କ ଶହେ ଟଙ୍କା ଲେଖାଏଁ । ସବ୍ ଡେପୁଟି କଲେକ୍ଟରଙ୍କ ଭତ୍ତା ଥିଲା ପଚାଶ ଟଙ୍କା, ଗସ୍ତ ଖର୍ଚ୍ଚ ସାଧାରଣ ଦରର ଦେଢ଼ଗୁଣ । ଶାସନ ବିଭାଗରେ ଡେପୁଟି କମିଶନର ଓ ସବ୍‌ଡ଼ିଭିଜନାଲ୍ ଅଫିସର ଛଡ଼ା ଦୁଇଜଣ, କେତେବେଳେ ଡେପୁଟି ଓ କେତେବେଳେ ସବ୍‌ଡେପୁଟି ରହୁଥିଲେ ।

ସମସ୍ତ ଅଫିସରଙ୍କ ସକାଶେ ସରକାରୀ ଘରମାନ ଥିଲା । ମୁଁ ଯାଇ ଦେଖିଲି ମୋ ସକାଶେ ଘର ନାହିଁ । ତାଳଚେର ରାଜାଙ୍କ ଗୋଟିଏ ବଙ୍ଗଳା ଘର ଥିଲା । ମୋର ପୂର୍ବବର୍ତ୍ତୀ ଅଫିସର ଶ୍ରୀ ଚିନ୍ତାମଣି ଆଚାର୍ଯ୍ୟ ସେହି ଘରେ ରହୁଥିଲେ । ସେ ଅନ୍ୟ କାର୍ଯ୍ୟକୁ ଯାଇ ସରକାରୀ ଘରେ ରହିଲେ ଓ ମୁଁ ତାଳଚେର ବଙ୍ଗଳାରେ ରହିଲି । ପୂର୍ବେ ଏହା ଅନୁଗୁଳର ତହସିଲଦାର ରାୟ ବାହାଦୂର ନାରାୟଣଚନ୍ଦ୍ର ନାୟକଙ୍କ ସ୍ୱ-ନିର୍ମିତ ଘର ଥିଲା । ସେ ଅବସର ନେଇ ସ୍ୱସ୍ଥାନକୁ ଚାଲିଯିବାରୁ ତାଳଚେର ରାଜା ତାହା କିଣି ନେଇଥିଲେ । ପ୍ରାୟ ପାଞ୍ଚମାଣ ଜମି ଭିତରେ ଏହି ଘରଟି । ଅଳ୍ପ ଜମିରେ ପରିବା ବଗିଚା ହୋଇ ଅବଶିଷ୍ଟ ଜମିରେ ରାଶି, ବିରି, ହରଡ଼, ପ୍ରଭୃତି ଉତ୍ପନ୍ନ ହୁଏ । ନିକଟବର୍ତ୍ତୀ ଗ୍ରାମରୁ କୌଣସି କୌଣସି ପ୍ରଜା ଆସି ଭାଗରେ ଚାଷକରି ଦେଇଯାନ୍ତି । ତେଲି ରାଶିକୁ ପେଡ଼ି ତେଲ ଦେଇଯାଏ । ତେଲ ଆଦୌ କିଣିବାକୁ ହୁଏନାହିଁ । ବିରି, ହରଡ଼ ମଧ୍ୟ ଯଥେଷ୍ଟ ଉତ୍ପନ୍ନ ହୁଏ । ବଗିଚାରେ ନାରାୟଣବାବୁଙ୍କ ରୋପିତ ଅନେକ କଲମି ଆମ୍ବଗଛ ଥିଲା । ସେହି ଆମ୍ବ ଆମ୍ଭେମାନେ ଭୋଗ କରୁଥିଲୁଁ । ଭଡ଼ା ଦେବାକୁ ହେଉଥିଲା କୋଡ଼ିଏ ଟଙ୍କା ।

ମୁଁ ଅନୁଗୁଳରେ ପହଞ୍ଚିବା ଅଳ୍ପଦିନ ପୂର୍ବେ ହାତୀ ଧରା ହୋଇଥିଲା । ହାତୀଖେଦା ଅଫିସର୍ ବୟେଡ୍ ସାହେବ (Boyd) ଡେପୁଟି କଲେକ୍ଟର ପୀଡ଼ିତ ହୋଇଥିବା ଯୋଗୁଁ ଖେଦାକେନ୍ଦ୍ର ପୁରୁଣାକୋଟକୁ ଯାଇ ତାଙ୍କ କାର୍ଯ୍ୟଭାର ଗ୍ରହଣ କରିବା ସକାଶେ ଡେପୁଟି କମିଶନର ମୋତେ ଆଦେଶ ଦେଲେ ଓ ତିନି ଚାରିଦିନ ମଧ୍ୟରେ ମୋତେ ଯିବାକୁ ହେଲା । ପୁରୁଣାକୋଟ ଅନୁଗୁଳରୁ ୩୦ ମାଇଲ ଦୂରରେ । ଭୀଷଣ ଅରଣ୍ୟ ମଧ୍ୟରେ ଏହା ଗୋଟିଏ କ୍ଷୁଦ୍ରଗ୍ରାମ । ଯିବା ବାଟ ଅଗନାଗନ ବନସ୍ତ ମଧ୍ୟଦେଇ ଯାଇଅଛି । ଜଙ୍ଗଲର ଅଧିକାଂଶ ସ୍ଥାନରେ ଏତେ ଘନ ଭାବରେ ଗଛ, ବାଉଁଶ ଲାଗିଅଛି ଯେ ତହିଁରେ କେବେ

Digitized by srujanika@gmail.com

ସୂର୍ଯ୍ୟକିରଣ ମଧ୍ୟ ପଡ଼େନାହିଁ । ଗଛ ଅପେକ୍ଷା ଏହି ଜଙ୍ଗଲରେ ବାଉଁଶ ଅଧିକ । ବାଉଁଶ ଯେପରି ଲମ୍ବ ସେପରି ମୋଟା । ଗୋଟିଏ ଗୋଟିଏ ବାଉଁଶ ତିନି ଫୁଟ ମୋଟ । ବାଉଁଶ ଯୋଗୁଁ ଏହି ଜଙ୍ଗଲରେ ହାତୀମାନେ ରହନ୍ତି । ବାଉଁଶ ପତ୍ର ହାତୀମାନଙ୍କ ଉପାଦେୟ ଆହାର । ପୁଣି ମହାନଦୀ ନିକଟରେ ଥିବାରୁ ତାଙ୍କ ବପ୍ରକ୍ରୀଡ଼ାର ଉପଯୁକ୍ତ ସ୍ଥାନ । କଥିତ ହୁଏ ସୁଦୂର ଆସାମ ପର୍ଯ୍ୟନ୍ତ ହାତୀମାନଙ୍କ ଗମନାଗମନ ହୁଏ । ଅନୁଗୁଳରୁ ଆସାମ ପର୍ଯ୍ୟନ୍ତ ମାନଚିତ୍ର ପରୀକ୍ଷା କଲେ ଏହି ଉକ୍ତିର ସତ୍ୟତା ପ୍ରତିପନ୍ନ ହେବ । ଅନୁଗୁଳରୁ ତାଳଚେର, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ପ୍ରଭୃତି ଗଡ଼ଜାତ ମଧ୍ୟସ୍ଥ ଜଙ୍ଗଲଦେଇ ସିଂହଭୂମି, ରାଞ୍ଚି, ସାନ୍ତାଳ ପରଗଣା, ଦିନାଜପୁର, ପୂର୍ଣ୍ଣିୟା ହୋଇ ଆସାମ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ଯେଉଁ ଅରଣ୍ୟ ବିସ୍ତୃତ ହୋଇ ରହିଅଛି ତନ୍ମଧ୍ୟରେ ହାତୀମାନଙ୍କ ଗମନାଗମନର କୌଣସି ପ୍ରକାର ବ୍ୟାଘାତର ସମ୍ଭାବନା ନାହିଁ ।

ସେହି ସମୟରେ ହାତୀଧରା ଅନୁଗୁଳରେ ବାର୍ଷିକ ବ୍ୟାପାର ଥିଲା । ଏହା ସରକାରଙ୍କ ଗୋଟିଏ ମହକୁମା । ସରକାର ହାତୀମାନଙ୍କ ଉପଦ୍ରବରୁ ପ୍ରଜାଙ୍କ ଫସଲ ରକ୍ଷା କରିବେ ଓ ହାତୀ ବିକ୍ରୟକରି ଲାଭବାନ ହେବେ, ଏହି ଉଦ୍ଦେଶ୍ୟରେ ହାତୀଧରା ହେଉଥିବା କଥିତ ହେଉଥିଲା । ଏଥିରେ ସମସ୍ତ ପ୍ରଜାଙ୍କୁ ଯୋଗଦେବାକୁ ହୁଏ । ବସ୍ତୁତଃ ସମସ୍ତେ ଏଥିରେ ଯୋଗଦେବାକୁ ବାଧ୍ୟ । କିନ୍ତୁ ଏହା ପ୍ରଜାମାନଙ୍କ ପକ୍ଷରେ ଅତ୍ୟନ୍ତ ଦୁଃଖଦାୟକ ହେଉଥିଲା । ପ୍ରଚୁର ଖାଦ୍ୟ ସାମଗ୍ରୀ ପ୍ରଜାଙ୍କଠାରୁ ସଂଗୃହୀତ ହୋଇ ପୁରୁଣାକୋଟକୁ ବୁହା ହୁଏ ଓ ଭାରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ତାହା ସରବରାହ ହୁଏ । ସ୍ଥାନୀୟ ଅଫିସରଙ୍କ ଛଡ଼ା ଡେପୁଟି କମିଶନରଙ୍କ ନିମନ୍ତ୍ରଣରେ ବାହାରୁ କେତେକ ଗୋରା ସାହେବ ଓ ମେମ୍ ଆସି ଅତିଥି ହୋଇ ରହନ୍ତି । ହାତୀଧରା ଦିନାକେତେ ତାହା ଏକ ମଜଲିସ୍ ସ୍ଥାନରେ ପରିଣତ ହୁଏ ।

ନିବିଡ଼ ଅରଣ୍ୟ ହାତୀମାନଙ୍କ ବାସସ୍ଥଳ । ଯେଉଁ ସ୍ଥାନରେ ହାତୀମାନେ ବିଚରଣ କରୁଥାନ୍ତି ପ୍ରଥମରେ ଶିକାରୀମାନଙ୍କୁ ପଠାଇ ସେହିସ୍ଥାନ ନିରୂପଣ କରାହୁଏ । ତପୂରେ ଜଙ୍ଗଲର ସେହି ଅଂଶ ବେଢ଼ି ଦିଆହୁଏ । ତାହାକୁ ଜଗତ-ବେଢ଼ କୁହାଯାଏ । ଲୋକମାନେ ସେହି ସ୍ଥାନକୁ ବେଢ଼ି ପକାନ୍ତି ଓ ରାତିରେ ନିଆଁ ଜାଳି ରହନ୍ତି । ବାଉଁଶ ନଳିମାନ ଧରି ତାହା ଉପରେ କାଠି ପିଟିଲେ ଏକପ୍ରକାର ଶବ୍ଦ ହୁଏ । ସେହି ଶବ୍ଦ ପ୍ରଜ୍ଜ୍ୱଳିତ ଅଗ୍ନିଶିଖା ଓ ଲୋକଙ୍କ ମୁଖରୋଳରେ ହାତୀମାନେ ଭୀତ ହୋଇ ତନ୍ମଧ୍ୟରେ ରହିଯାନ୍ତି । ଦିନରାତି ଲୋକମାନେ ଜଗି ରହନ୍ତି, ଯେପରି ହାତୀଗୁଡ଼ିକ ବେଢ଼ ଭାଙ୍ଗି ପଳାଇ ନ ଯିବେ । ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ହାତୀ ଖେଦା ଆରମ୍ଭ ହୁଏ । ଶିକାରୀମାନେ ଯାଇଁ ହାତୀ ପଛରେ କିଛି ଦୂରରେ ରହି ବନ୍ଧୁକ, ଫଟକା ପ୍ରଭୃତି ଫୁଟାନ୍ତି ଓ ହାତୀଗୁଡ଼ିକୁ ଆଗକୁ ଘଉଡ଼ାଇ ଦେଉଥାନ୍ତି । ଯେଉଁଆଡ଼କୁ ହାତୀ ଚାଲୁଥାନ୍ତି ସେଆଡ଼େ ସେମାନଙ୍କ ଆଗରେ

Digitized by srujanika@gmail.com

ଗୋଟିଏ ବେଢ଼ (Stockade) ନିର୍ମିତ ହୋଇଥାଏ । ବଡ଼ ବଡ଼ ଗଣ୍ଡି କାଠମାନ ପୋତା ହୋଇ ଗୋଟିଏ ସ୍ଥାନ ଘେରା ହୋଇଥାଏ ଓ ତାହାର ମୁହଁରେ ଗୋଟିଏ ଓ ପଛରେ ଗୋଟିଏ ବାଟ ଫାଟକ ପରି ରଖାହୋଇଥାଏ । ଉଭୟ ବାଟ କବାଟ ଦ୍ୱାରା ବନ୍ଦହୁଏ । ସମ୍ମୁଖରେ ବାଟରେ ଯେଉଁ କବାଟ ଥାଏ ତାହା ଦଉଡ଼ି ଓ କଳ ସାହାଯ୍ୟରେ ଉପରକୁ ଉଠାହୋଇଥାଏ । ବେଢ଼ ଭିତରେ ଗଛ, ବାଉଁଶ, କଦଳୀଗଛ, ଆଖୁଗଛମାନ ଏପରି ଭାବରେ ପୋତା ହୋଇଥାଏ, ଯେପରି ହାତୀମାନେ ସେମାନଙ୍କ ଖାଦ୍ୟଦ୍ରବ୍ୟ ପ୍ରଲୋଭନରେ ତନ୍ମଧ୍ୟକୁ ପ୍ରବେଶ କରିବେ । ପଛରୁ ଘଉଡ଼ା ହୋଇ ଯେତେବେଳେ ହାତୀମାନେ ଆଗକୁ ଦଉଡୁଥାନ୍ତି ସେମାନଙ୍କ ଯିବା ମାର୍ଗରେ ଏହି ବେଢ଼ ମଧ୍ୟରେ ପ୍ରବେଶ କରନ୍ତି । ପ୍ରବେଶ କଲା ମାତ୍ରକେ ଲୁକ୍‌କାୟିତ ଭାବରେ ବସିଥିବା ଡେପୁଟି କମିଶନର ଅଥବା ଅନ୍ୟ କୌଣସି ହାକିମଙ୍କ ଆଦେଶରେ ଫାଟକ କବାଟକୁ ଟେକି ରଖିଥିବା ଦଉଡ଼ି କଟା ହୁଏ । କବାଟ ତତ୍‌କ୍ଷଣାତ୍ ପଡ଼ିଯାଏ ଓ ପଥ ରୁଦ୍ଧ ହୋଇଯାଏ । ହାତୀମାନେ କୃତ୍ରିମ ଭାବରେ ପୋତା ହୋଇଥିବା ଗଛପତ୍ର ଖାଇ ମାଡ଼ି ଯେତେବେଳେ ବନ୍ଦୀ ହୋଇଥିବା ଦେଖନ୍ତି ପଳାଇବାକୁ ଚେଷ୍ଟାକରନ୍ତି । କିନ୍ତୁ ବେଢ଼ ମଧ୍ୟରୁ ବାହାରି ପାରନ୍ତି ନାହିଁ । ମୁଣ୍ଡ ପେଲି କବାଟକୁ ଭାଙ୍ଗିବାକୁ ଚେଷ୍ଟା କରିବା ସମୟରେ କବାଟରେ ପିଟା ହୋଇଥିବା ମୁନିଆ ଲୁହାକଣ୍ଟାମାନ ମୁଣ୍ଡରେ ଲାଗିଯାଏ । ଏହି ସମୟରେ ବେଢ଼ର କାନ୍ଥ ଉପରୁ ବନ୍ଧୁକ, ଫଟକା ପ୍ରଭୃତି ଫୁଟାହୁଏ । ହାତୀଗୁଡ଼ିକ ତନ୍ମଧ୍ୟରେ ଭୀତହୋଇ ରହିଯାନ୍ତି ।

କିଛି ସମୟ ଉତ୍ତାରେ ଦେଖାଯାଏ, ହାତୀଗୁଡ଼ିକ ବେଢ଼ ମଧ୍ୟରେ ବୁଲି ବୁଲି କ୍ଳାନ୍ତ ଓ ତ୍ରସ୍ତ ହୋଇ ରହିଥାନ୍ତି । ଏହି ଅବସରରେ ପଛପାଖ ବାଟରେ କବାଟ ଉଠାଇ ଦିଆହୁଏ ଓ ବେଢ଼ ମଧ୍ୟକୁ ମାହୁନ୍ତମାନେ ପୋଷା ହାତୀମାନ ଘେନି ଯାଆନ୍ତି । ବଡ଼ ବଡ଼ ଦଉଡ଼ିମାନ ଚୋରା ବାଟରେ ନିଆ ହୁଏ ଓ ତତ୍ପରେ ହାତୀଗୁଡ଼ିକୁ ବାନ୍ଧିବା ଆରମ୍ଭ ହୁଏ । ସାଧାରଣତଃ ମାଈ ହାତୀ ବେଢ଼ ଭିତରକୁ ନିଆଯାନ୍ତି ଓ ଏମାନେ ହାତୀ ବାନ୍ଧିବାରେ ସହାୟ ହୁଅନ୍ତି । ଏମାନଙ୍କୁ 'କୁଟୁଣୀ ହାତୀ' କୁହାଯାଏ । ମାଈ ହାତୀ ଦେଖିଲେ ଦନ୍ତା ହାତୀ ତାହାର ଔଦ୍ଧତ୍ୟ ତ୍ୟାଗକରେ । ଗୋଟିଏ ହାତୀର ଉଭୟ ପାର୍ଶ୍ୱରେ ଦୁଇଗୋଟି କୁଟୁଣୀ ହାତୀ ଛିଡ଼ା କରାହୁଅନ୍ତି ଓ ନୂଆହାତୀକୁ ଏପରି ଭାବରେ ସେମାନେ ଉଭୟ ପାର୍ଶ୍ୱରେ ଚିପି ଆବଦ୍ଧ କରି ରଖନ୍ତି ଯେ ତାହାର ଇତସ୍ତତଃ ଯିବାର ଉପାୟ ନଥାଏ । ବଡ଼ ବଡ଼ ଦଉଡ଼ି ଫାଶ ନୂଆହାତୀର ସମ୍ମୁଖକୁ ଫିଙ୍ଗି ଦିଆହୁଏ ଓ ଯେତେବେଳେ ଆଗର ଗୋଟିଏ ଗୋଡ଼ ସେହି ଫାଶରେ ପଡ଼ିଯାଏ, ତାହାକୁ ଟାଣିଦେଲେ ସେହି ଗୋଡ଼ ତାହାଦ୍ୱାରା ବନ୍ଦୀ ହୋଇଯାଏ । ତତ୍ପରେ କୁଟୁଣୀ ହାତୀର ପଛଆଡ଼େ ରହି ଲୋକମାନେ ନୂଆ ହାତୀର ପଛ ଦୁଇଗୋଡ଼ ଦଉଡ଼ି ଫାଶରେ ବାନ୍ଧିପକାନ୍ତି । ଏହିପ୍ରକାରେ ଗୋଟି ଗୋଟି ହୋଇ ସବୁ ହାତୀ ବନ୍ଦୀ ହୋଇଯାନ୍ତି ଓ ପ୍ରତ୍ୟେକ ହାତୀର ତିନିଗୋଡ଼ର ତିନି ଦଉଡ଼ିକୁ

Digitized by srujanika@gmail.com

ନେଇ ବେଢ଼ ମଧ୍ୟସ୍ଥ ବଡ଼ ବଡ଼ ଗଛମାନଙ୍କରେ ବାନ୍ଧି ଦିଆଯାଏ । ହାତୀ ବନ୍ଧାହେଲା ପରେ ବନ୍ଧନରୁ ମୁକ୍ତ ହେବାପାଇଁ ଟାଣିଓଟାରି ହୁଏ, କରୁଣ ଚିତ୍କାର କରେ । ଏହି ଦୃଶ୍ୟ ଅତ୍ୟନ୍ତ କରୁଣ, ଅତ୍ୟନ୍ତ ନିଷ୍ଠୁର ହୃଦୟ ସୁଦ୍ଧା ଦୟାରେ ବିଗଳିତ ହୋଇଯିବ। ହାତୀ ଚିତ୍କାର କରି କରି ଘୋଷାଡ଼ି ହୋଇ ସମୟ ସମୟରେ ଲଥ୍ ହୋଇ ଭୂମିଉପରେ ଲୋଟିଯାଏ । ଦଉଡ଼ିର ଟାଣରେ ଓ ଫାଶର ଘର୍ଷଣରେ ଗୋଡ଼ର ବନ୍ଧନ ସ୍ଥାନରେ ଘା' ହୋଇଯାଏ ଓ ତାହା ପାଚିଯାଇ ତହିଁରେ ପୋକ ହୋଇଯାଏ । ପରେ ଚିକିତ୍ସାଦ୍ୱାରା ତାହା ଭଲ କରାହୁଏ । ଏହିପରି କେତେଦିନ ରହିଲା ପରେ ହାତୀ କ୍ଳାନ୍ତହୋଇ ତୁନି ହୋଇ ରହିଯାଏ । ତତ୍ପରେ ଗୋଡ଼ରୁ ଦଉଡ଼ି ଫିଟା ହୁଏ ଓ ଦୁଇଗୋଟି ହାତୀକୁ ତାହାର ଉଭୟ ପାର୍ଶ୍ୱରେ ରଖି ଗାଧୋଇବା ସକାଶେ ନଦୀ ବା ପୋଖରୀକୁ ନିଆହୁଏ । କଞ୍ଚା ବାଉଁଶର ଅଗ ପିଟିଦେଇ ଛାଞ୍ଚୁଣୀ ପ୍ରସ୍ତୁତ କରି ହାତୀର ପିଠିରେ ବାରମ୍ବାର ଘର୍ଷଣ ଦ୍ୱାରା ତାହାର କୁତୁକୁତୁ ନିବାରଣ କରାହୁଏ । ପୋଷାହାତୀ ସାହାଯ୍ୟରେ ତାକୁ ପୋଷା ମନାହୁଏ ଓ କ୍ରମେ କ୍ରମେ ପରାକ୍ରାନ୍ତ ଜଙ୍ଗଲହାତୀ ମନୁଷ୍ୟର ବଶୀଭୂତ ହୋଇଯାଏ ।

ମୁଁ ଅନୁଗୁଳରେ ପହଞ୍ଚିବା ପୂର୍ବେ ଛଅଘର ହାତୀ ଧରାହୋଇଥିଲା । ଡେପୁଟି କମିଶନରଙ୍କ ଆଦେଶ ପ୍ରାପ୍ତ ହୋଇ ମୁଁ ଖେଦା ଅଫିସର ବଏଡ଼ (Boyd) ସାହେବଙ୍କ କାର୍ଯ୍ୟଭାର ଗ୍ରହଣ କରିବାପାଇଁ ତା.୧୨.୧୨.୧୯୧୧ରେ ପୁରୁଣାକୋଟ ଯାତ୍ରାକଲି । ତା.୧୨.୧୨.୧୯୧୧ ଦିନ ଦିଲ୍ଲୀରେ ଦରବାର ହୋଇଥିଲା ଓ ତହିଁରେ ସମ୍ରାଟ ପଞ୍ଚମ ଜର୍ଜ ଭାରତବର୍ଷକୁ ଆସି ସେହିଦିନ ସ୍ୱୀୟ ଅଭିଷେକ କ୍ରିୟା ସମ୍ପାଦନ କରିଥିଲେ । ସେହିଦିନ ସମ୍ରାଟଙ୍କ ଘୋଷଣାରେ ୧୯୦୫ ମସିହାରେ ବଙ୍ଗ ପ୍ରଦେଶରୁ ବିଚ୍ଛିନ୍ନ ହୋଇଥିବା ପୂର୍ବାଂଶ, ବଙ୍ଗାଳୀମାନଙ୍କ ତୀବ୍ର ଆନ୍ଦୋଳନ ଫଳରେ ନବଗଠିତ ପୂର୍ବବଙ୍ଗ ଓ ଆସାମ ପ୍ରଦେଶରୁ ପୁନର୍ବାର ବିଚ୍ଛିନ୍ନ ହୋଇ ପୁଣି ପୂର୍ବପରି ଏକତ୍ରିତ ବଙ୍ଗ ପ୍ରଦେଶରେ ମିଳିତ ହେଲା ଓ ବଙ୍ଗ ପ୍ରଦେଶରୁ ବିଚ୍ଛିନ୍ନ ହୋଇ ବିହାର ଓ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହୋଇଥିଲା । ସର୍ବାପେକ୍ଷା ଯେଉଁ ବଡ଼ ଦନ୍ତା ହାତୀଟି ଧରାହୋଇଥିଲା ତାହାର ନାମ ରଖାହେଲା 'ସମ୍ରାଟ ବାହାଦୂର' ।

ଦିଲ୍ଲୀରେ ସମ୍ରାଟ ପଞ୍ଚମ ଜର୍ଜଙ୍କ ଯେଉଁ ସାଡ଼ମ୍ବର ଅଭିଷେକୋତ୍ସବ ସମ୍ପାଦିତ ହୋଇଥିଲା ତହିଁରୁ ଛବିମାନ କଲିକତାର ସମ୍ବାଦପତ୍ର ଷ୍ଟେଟ୍ସ୍‌ମେନ୍‌ରେ ପ୍ରକାଶିତ ହୋଇଥିଲା । ତହିଁ ସଙ୍ଗେ ବମ୍ବେ ବନ୍ଦରରେ ସମ୍ରାଟଙ୍କ ଜାହାଜରୁ ଓହ୍ଲାଇବା ଦୃଶ୍ୟର ଛବି ମଧ୍ୟ ବାହାରିଥିଲା । ମଖମଲ ଓ ବହୁମୂଲ୍ୟ ରେଶମ ବସ୍ତ୍ରାବୃତ ଯେଉଁ ସୋପାନଶ୍ରେଣୀ ଦେଇ ସମ୍ରାଟ ଜାହାଜରୁ ଅବତରଣ କରିଥିଲେ ସେହି ବସ୍ତୁଗୁଡ଼ିକର ବର୍ଣ୍ଣନା ପାଠକରି ଅନୁଗୁଳ ସବ୍‌ଡ଼ିଭିଜନାଲ୍ ଅଫିସର ପ୍ରାଇସ୍ ସାହେବ (J. H. Price) ଶ୍ରଦ୍ଧାବିହ୍ୱଳିତ ହୋଇ ବ୍ରିଟିଶ୍ ସିଂହାସନ ତଥା ରାଜାଙ୍କ ମାହାତ୍ମ୍ୟ କୀର୍ତ୍ତନ କରିବାକୁ ଲାଗିଲେ । ସେହିଠାରେ ମୁଁ

Digitized by srujanika@gmail.com

କହିଥିଲି, ''ଏହା ତ ସମଗ୍ର ପୃଥିବୀବ୍ୟାପୀ ରାଜ୍ୟ ସମୂହର ସମ୍ରାଟଙ୍କ କଥା । ତାହାଙ୍କ ଅବତରଣ ପଥରେ ସାମାନ୍ୟ ବସ୍ତ୍ରଖଣ୍ଡ ମାତ୍ର ବିସ୍ତୃତ ହୋଇଥିଲା । ଭାରତବର୍ଷ ମଧ୍ୟସ୍ଥ ଏକ କ୍ଷୁଦ୍ର ରାଜ୍ୟର ରାଜା ଲଙ୍କା ବିଜୟରୁ ଫେରି ସ୍ୱରାଜଧାନୀ ଅଯୋଧ୍ୟା ଉପକଣ୍ଠରେ ପୁଷ୍ପକ ବିମାନରୁ ଯେଉଁ ସୋପାନଶ୍ରେଣୀ ଦେଇ ଅବତରଣ କରିଥିଲେ ତାହା ବହୁମୂଲ୍ୟ ମଣିମୁକ୍ତାରେ ଖଚିତ ହୋଇଥିବା ବର୍ଣ୍ଣନା ଅଛି । ଏହା କହି କାଳିଦାସଙ୍କ ରଘୁବଂଶର ନିମ୍ନଲିଖିତ ଶ୍ଳୋକର ସାରାଂଶ ଲୋକମଣ୍ଡଳୀରେ ଉପସ୍ଥିତ ପ୍ରାଇସ୍ ସାହେବଙ୍କୁ ବୁଝାଇ ଦେଇଥିଲେ –

ତସ୍ମାଦ୍ ପୁରଃସର ବିଭୀଷଣ ଦର୍ଶିତେନ
ସେବା ବିଚକ୍ଷଣ ହରୀଶ୍ୱର ଦତ୍ତହସ୍ତଃ
ଯାନାଦବାତରତଦୂରମହୀତଳେନ
ମାର୍ଗେଣ ଭଙ୍ଗିରଚିତସ୍ଫଟିକେନ ରାମଃ ।

ଅର୍ଥ – ରାମ ସେବାକାର୍ଯ୍ୟରେ ବିଚକ୍ଷଣ ସୁଗ୍ରୀବଙ୍କ ହସ୍ତଧରି ବିଭୀଷଣ ପ୍ରଦର୍ଶିତ ଭୂତଳ ସମୀପସ୍ଥ ସ୍ଫଟିକାଦି ଦ୍ୱାରା ନାନା ଭଙ୍ଗିରେ ବିରଚିତ ସୋପାନ ଶ୍ରେଣୀଦ୍ୱାରା ବିମାନରୁ ଅବତରଣ କଲେ । ସାହେବ ଓ ଅନ୍ୟ ସମସ୍ତେ ବାହାବା କରିବାକୁ ଲାଗିଲେ ।

ପୁରୁଣାତୋଟା ଅତ୍ୟନ୍ତ ମ୍ୟାଲେରିଆଗ୍ରସ୍ତ ଗୋଟିଏ ଗ୍ରାମ । ଚତୁର୍ଦ୍ଦିଗରେ ନିବିଡ଼ ଅରଣ୍ୟ ଓ ପର୍ବତଶ୍ରେଣୀ । ଏଠାରୁ ମହାନଦୀ ଛଅ ମାଇଲ ଦୂରରେ । ସ୍ଥାନେ ସ୍ଥାନେ ଜଙ୍ଗଲ ମଧ୍ୟରେ ଗୋଟିଏ ଗୋଟିଏ ଗ୍ରାମ । ବାଘ ଓ ହାତୀର ଉପଦ୍ରବ ଭୀଷଣ । ଏହି ସମୟରେ ସାନକଟରଙ୍ଗ ଓ ବଡ଼କଟରଙ୍ଗ ନାମକ ଦୁଇଗୋଟି ଗ୍ରାମ ବାଘର ଉପଦ୍ରବରେ ଜନଶୂନ୍ୟ ହୋଇଯାଇଥିଲା । ପୁରୁଣାକୋଟରେ ଥାନା, ଡାକ୍ତରଖାନା ଓ ଜଙ୍ଗଲ ରେଞ୍ଜ ଅଫିସ । ନୂତନ ଧରା ହୋଇଥିବା ହାତୀମାନଙ୍କ ଯତ୍ନ ଓ ତତ୍ତ୍ୱାବଧାନ ସକାଶେ ପୁରୁଣାକୋଟରେ ମୋତେ ପନ୍ଦର ଦିନ କାଳ ରହିବାକୁ ହୋଇଥିଲା । ଯେଉଁଦିନ ଅନୁଗୁଳକୁ ଫେରିଆସିଲି ତହିଁ ପରଦିନ ଭୀଷଣ ଜ୍ୱର ଆକ୍ରମଣ କଲା ଓ ଏହି ଜ୍ୱର ମୋତେ ମଧ୍ୟରେ ମଧ୍ୟରେ ବିରାମ ସହ ପ୍ରାୟ ଛଅମାସ କାଳ ଭୋଗିବାକୁ ହୋଇଥିଲା ।

ବର୍ତ୍ତମାନ ପୂର୍ବକାଳର ଜଙ୍ଗଲ ଆଉ ନାହିଁ । କାଗଜ ଉତ୍ପାଦନ ସକାଶେ ବ୍ୟବସାୟୀମାନେ ବହୁପରିମାଣରେ ବାଉଁଶ କାଟିନେଇ ଯାଇଅଛନ୍ତି । ଅନେକ ବର୍ଷ ହେଲା ହାତୀ ଧରା ବନ୍ଦ ହୋଇଯାଇଅଛି । ଅନୁଗୁଳରେ ଯେଉଁ ତିନିବର୍ଷ ମୁଁ ରହିଥିଲି, ପ୍ରତିବର୍ଷ ମୋତେ ହାତୀଧରା ସମୟରେ ପୁରୁଣାକୋଟକୁ ଯିବାକୁ ହେଉଥିଲା ।

ସେହି ସମୟରେ ଅନୁଗୁଳ ଜିଲ୍ଲା ଦୁଇ ସବ୍‌ଡ଼ିଭିଜନ୍‌ରେ ବିଭକ୍ତ ହୋଇଥିଲା – ସଦର ଓ କନ୍ଧମାଳ ସଦର ସବ୍‌ଡ଼ିଭିଜନ ହିଁ ପ୍ରକୃତ ଅନୁଗୁଳ । ଇଂରେଜ ଶାସନ ପୂର୍ବେ ଏହା ହିଁ ଅନୁଗୁଳ ରାଜାଙ୍କ ରାଜ୍ୟଥିଲା । କନ୍ଧମାଳ ଅନୁଗୁଳ ଠାରୁ ପ୍ରାୟ ୮୦ ମାଇଲ

Digitized by srujanika@gmail.com

ଦୂରରେ । ଅନୁଗୁଳ ଓ କନ୍ଧମାଳ ମଧ୍ୟରେ ବୌଦ ଓ ଦଶପଲ୍ଲା ଦେଶୀୟ ରାଜ୍ୟ। ପୂର୍ବେ କନ୍ଧମାଳ ବୌଦ ରାଜ୍ୟର ଅନ୍ତର୍ଗତ ଥିଲା । କନ୍ଧମାଳ ଆଜିଯାଏ ହଳଦୀ ଚାଷ ସକାଶେ ପ୍ରସିଦ୍ଧ । ମନୁଷ୍ୟ ରକ୍ତ ଲାଗିଲେ ହଳଦୀର ରଙ୍ଗ ହେବ ବୋଲି କନ୍ଧମାନେ ପୂର୍ବେ ହଳଦୀବାଡ଼ିରେ ନରବଳି ଦେଉଥିଲେ । ଏହି ନୃଶଂସ ପ୍ରଥା ନିବାରଣ କରିବାରେ ଅସମର୍ଥ ହୋଇ ବୌଦ ରାଜ୍ୟର ରାଜା ଇଂରେଜ ସରକାରଙ୍କ ହସ୍ତରେ କନ୍ଧମାଳକୁ ଅର୍ପଣ କରିଦେଇଥିଲେ । ଇଂରେଜ ଶାସନର ଅଳ୍ପଦିନ ମଧ୍ୟରେ ନରବଳି ପ୍ରଥା ରହିତ ହେଲା ଓ କନ୍ଧମାନଙ୍କୁ ଉନ୍ନତ କରିବାରେ ନାନା ଉପାୟ ଅବଲମ୍ବନ କରି ସେମାନଙ୍କ ମାନସିକ ଓ ଆର୍ଥିକ ଅବସ୍ଥାର ଯଥେଷ୍ଟ ପରିବର୍ତ୍ତନ କରାହେଲା । ୧୯୩୬ ମସିହାରେ ବିହାର ଓଡ଼ିଶା ପ୍ରଦେଶରୁ ଓଡ଼ିଶା ବିଚ୍ଛିନ୍ନ ହୋଇ ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେବାସମୟରେ ଅନୁଗୁଳ ଜିଲ୍ଲାକୁ ଭାଙ୍ଗିଦିଆହେଲା । ସଦର ସବ୍‌ଡିଭିଜନକୁ କଟକ ଜିଲ୍ଲା ଓ କନ୍ଧମାଳକୁ ଗଞ୍ଜାମ ସହିତ ମିଳିତ କରାହେଲା ଏବଂ ୧୯୪୭ ମସିହା ଅଗଷ୍ଟ ପନ୍ଦର ତାରିଖ ଦିନ ଭାରତବର୍ଷ ସ୍ୱାଧୀନ ହେଲାପରେ, ୧୯୪୮ ମସିହା ଜାନୁୟାରୀ ଏକ ତାରିଖରେ, ଗଡ଼ଜାତ ରାଜ୍ୟମାନଙ୍କ ସ୍ୱାତନ୍ତ୍ର୍ୟ ଲୁପ୍ତ ଓ ଭାରତ ସରକାରଙ୍କ ଶାସନାଧୀନ ହୋଇ ଭିନ୍ନ ଭିନ୍ନ ରାଜ୍ୟମାନଙ୍କ ମଧ୍ୟରୁ କେତେକ ସ୍ୱତନ୍ତ୍ର ଜିଲ୍ଲାରେ ପରିଣତ ହେବା ଯୋଗୁଁ, ଅନୁଗୁଳ ଢେଙ୍କାନାଳ ଜିଲ୍ଲାର ଓ କନ୍ଧମାଳ ବୌଦ-ଫୁଲବାଣୀ ଜିଲ୍ଲାର ଏକ ଏକ ସବ୍‌ଡିଭିଜନ୍ ହୋଇ ରହିଛି ।

ସେହି ସମୟରେ ଅନୁଗୁଳରେ ପ୍ରଜାଙ୍କ ଅବସ୍ଥା ସେତେ ସ୍ୱଚ୍ଛଳ ନ ଥିଲା । ଧନୀବୋଲି କେହି ନଥିଲେ । କେବଳ ଜମି ଚାଷ ଲୋକଙ୍କ ଜୀବନ ନିର୍ବାହର ଏକମାତ୍ର ଅବଲମ୍ବନ ଥିଲା । ସମସ୍ତେ ସ୍ୱାବଲମ୍ବୀ ଥିଲେ । ସମସ୍ତେ କପାଚାଷ କରୁଥିଲେ ଓ ସୂତାକାଟି ତହିଁରୁ ଲୁଗା ପିନ୍ଧୁଥିଲେ । ଅନୁଗୁଳ ଟାଉନରେ କେବଳ ତିନି ଚାରୋଟି ଓ ଅନୁଗୁଳରୁ ୩୧ ମାଇଲ ଦୂରବର୍ତ୍ତୀ ବାଗଡ଼ିଆ ଗ୍ରାମରେ ଗୋଟିଏ ମାରୱାଡ଼ି ଦୋକାନ ଥିଲା । ତହିଁରେ ବିଲାତି ଓ ଦେଶୀୟ କଳ ଲୁଗା ମିଳୁଥିଲା । କିନ୍ତୁ ଏହି ଲୁଗାର ବ୍ୟବହାର ପ୍ରାୟ ନ ଥିଲା । ମହାତ୍ମାଗାନ୍ଧୀ ଖଦଡ଼ ଲୁଗା ବ୍ୟବହାର ମନ୍ତ୍ର ପ୍ରଚାର କରିବା ବହୁଦିନ ପୂର୍ବେ ଅନୁଗୁଳବାସୀ ବଂଶ ପରମ୍ପରା କ୍ରମେ ଖଦଡ଼ ବ୍ୟବହାର କରୁଥିଲେ । ଏଠାରେ ପ୍ରଥା ଏପରି ଥିଲା ଯେ ଚାଷୀ ନିଜର କ୍ଷେତ୍ରରେ କପା କରିବ ଓ ନିଜେ କପାଖାଇରେ ଖୁଆଇ ଯେଉଁ ପରିଷ୍କାର ତୂଳା ବାହାର କରିବ, ତାହା ଯୋଗୀଆଣୀଙ୍କୁ ଦେବ; ଯୋଗୀଆଣୀ ଅରଟରେ ସୂତାକାଟିବା ଓ ସେରେ କପା ନେଇ ତିନି ପା ସୂତା ଦେବ; ଏହି ସୂତା ପାଣକୁ ଦିଆହେବ ଓ ସେ ଲୁଗା ବୁଣି ଅଧସେର ଓଜନର ଲୁଗା ଦେବ। ଲୁଗାରେ ପଇସା ଖର୍ଚ୍ଚ ଆଦୌ ନ ଥାଏ । ଦୁଃଖର ବିଷୟ, ସ୍ୱଦେଶୀ ଆନ୍ଦୋଳନ ଫଳରେ ଅନ୍ୟସ୍ଥାନରେ ଯେଉଁ ପରିମାଣରେ ଖଦଡ଼ର ବ୍ୟବହାର ବୃଦ୍ଧି ହୋଇଅଛି, ଅନୁଗୁଳରେ କପାଚାଷ କ୍ରମେ କ୍ରମେ

Digitized by srujanika@gmail.com

ଉଣାହୋଇ ବର୍ତ୍ତମାନ ଲୁପ୍ତ ହୋଇଅଛି । ମୁଁ ୧୯୩୦ ସାଲରେ ସମ୍ବଲପୁରରେ ମୋ ଜମିରେ କପାଚାଷ ଆରମ୍ଭ କରିବା ସମୟରେ ଅନୁଗୁଳରେ କପାମଞ୍ଜି ଖୋଜିଥିଲି, ମିଳିଲା ନାହିଁ ।

ସେତେବେଳକୁ ଅନୁଗୁଳରେ ଶିକ୍ଷା ପ୍ରସାର ସେତେ ହୋଇନାହିଁ । ସମଗ୍ର ଜିଲ୍ଲା ମଧ୍ୟରେ ଅନୁଗୁଳ ଟାଉନରେ ଏକମାତ୍ର ମଧ୍ୟ ଇଂରାଜୀ ସ୍କୁଲ । ମଫସଲରେ ଗୋଟାକେତେ ଉଚ୍ଚପ୍ରାଥମିକ ଓ ନିମ୍ନପ୍ରାଥମିକ ସ୍କୁଲ । ସ୍କୁଲ ସମୂହର ଡେପୁଟି ଇନସ୍‌ପେକ୍ଟର ଶ୍ରୀ ଶ୍ରୀନିବାସ ସିଂହ, ଅନୁଗୁଳବାସୀ । ଜଣେ ସୁଦ୍ଧା ଗ୍ରାଜୁଏଟ୍ ନ ଥିଲେ । କଚେରୀରେ କର୍ମଚାରୀ ପ୍ରାୟ ସମସ୍ତେ କଟକ ଅଞ୍ଚଳର ।

ଅନୁଗୁଳବାସୀଙ୍କ ମଧ୍ୟରେ ଚଷାମାନଙ୍କ ସଂଖ୍ୟା ଅଧିକ । ଅଳ୍ପ ସଂଖ୍ୟକ ବ୍ରାହ୍ମଣ ଓ କରଣ, ପାଞ୍ଚଗଡ଼ ପରଗଣା ପାଇକ କ୍ଷତ୍ରିୟମାନେ ପ୍ରଭାବଶାଳୀ ।

ପାଣଙ୍କ ସଂଖ୍ୟା କମ୍ ନୁହେଁ । ପ୍ରାୟ ପ୍ରତ୍ୟେକ ଗ୍ରାମରେ ପାଣମାନେ ବାସକରନ୍ତି । ପ୍ରାୟ ସମସ୍ତ ପାଣଙ୍କ ବ୍ୟବସାୟ ଥିଲା ଚୋରୀ, ଡକାୟତି ପ୍ରଭୃତି ଉପଦ୍ରବ। ତେଣୁ ସମସ୍ତ ବୟଃପ୍ରାପ୍ତ ପାଣଙ୍କୁ ସେମାନେ ରହୁଥିବା ଗ୍ରାମସ୍ଥ 'କୋଠା ଘର'ରେ ରାତ୍ରରେ ଶୋଇବା ନିୟମ ଥିଲା । ପ୍ରତି ଗ୍ରାମରେ ଏହି ଘର ଥାଏ; ଦୋଷୀ, ନିର୍ଦ୍ଦୋଷ, ଚୋର, ଭଲ, ମନ୍ଦ, ସଚ୍ଚରିତ୍ର, ଅସଚ୍ଚରିତ୍ର ପ୍ରାପ୍ତବୟସ୍କ ପାଣଙ୍କୁ ଏହି ଘରେ ପୂରାଇ ରଖାହୁଏ ଓ ସେମାନଙ୍କୁ ଜଗିବାପାଇଁ ଜଣେ ଲେଖାଏଁ ଜଗୁଆଳି ନିଯୁକ୍ତ ଥାଆନ୍ତି। ଅନୁଗୁଳରେ ମୁଁ ୧୯୧୧ ରୁ ୧୯୧୪ ସାଲ ପର୍ଯ୍ୟନ୍ତ ରହିଲି । ଏହି ସମୟରେ ସୁଦ୍ଧା ପାଣଙ୍କ ଉପଦ୍ରବ ଏତେ ଅତ୍ୟଧିକ ଥିଲା ଯେ ଜିଲ୍ଲାବାସୀ କାହିଁକି, ଆଖପାଖ ଅଞ୍ଚଳର ଲୋକେ ଏଥିରେ ଅତ୍ୟନ୍ତ ଅସ୍ଥିର ହୋଇ ପଡ଼ିଲେ। ଘନ ଘନ ଦଳ ଦଳ ପାଣ ଭିନ୍ନ ଭିନ୍ନ ଅପରାଧ ଧୃତ ହୋଇ ଅଦାଲତରେ ଦଣ୍ଡିତ ହେଲେ । ଅନେକଙ୍କୁ ଆସାମ ପ୍ରଦେଶସ୍ଥ ଚା' ବଗିଚାକୁ କୁଲି ସ୍ୱରୂପ ଦିଆହେଲା । ପରେ ସରକାର ଏମାନଙ୍କ ଅବସ୍ଥାର ଅନୁସନ୍ଧାନ ଓ ଉନ୍ନତିର ଉପାୟ ଉଦ୍ଭାବନ କରିବା ସକାଶେ ମି. ମେହେତା ନାମକ ଜଣେ ଆଇ.ଏ.ଏସ୍. ଅଫିସରଙ୍କୁ ନିଯୁକ୍ତ କଲେ । ଏମାନଙ୍କ ବିଷୟ ତଦନ୍ତ କରୁଥିବା ସମୟ ମଧ୍ୟରେ ମି. ମେହେତା ବନ୍ତଲା ଡାକବଙ୍ଗଳାରେ ରହି କୌଣସି ଅଜ୍ଞାତ କାରଣରୁ ନିଜ ବନ୍ଧୁକ ଗୁଳିଦ୍ୱାରା ଆତ୍ମହତ୍ୟା କଲେ। ତଦନ୍ତ ବନ୍ଦ ହେଲା। କିନ୍ତୁ କ୍ରମେ କ୍ରମେ କୋଠାଘର ଉଠାଇ ଦିଆଗଲା। ପାଣମାନଙ୍କୁ ଜମିବାଡ଼ି ଦେଇ ଚାଷ କାର୍ଯ୍ୟରେ ସେମାନଙ୍କୁ ଉତ୍ସାହ ଦିଆଗଲା । ତଥାପି ଅନେକସ୍ଥାନରେ ଦେଖାଗଲା, ଏମାନଙ୍କ ଅଭ୍ୟାସର ପରିବର୍ତ୍ତନ ଆଦୌ ହେଲାନାହିଁ । ଦିନେ ସଦର ଡାକ୍ତରଖାନାକୁ ଜଣେ କଟାଗୋଡ଼ ପାଣକୁ ପୋଲିସ ଜିମାରେ ଅଣାହେଲା । ଜଣାଗଲା, ସେ ରାତିରେ ଗୋଟିଏ ଘରେ ସିନ୍ଧିଖୋଳି ଗୋଡ଼ ଦେଇ ଗାତ ମଧ୍ୟରେ ପ୍ରବେଶ କରୁଥିବା ସମୟରେ ଗୃହସ୍ୱାମୀ ତାଙ୍କୁ ଦେଖିପାରି ଟାଙ୍ଗୀରେ ତାହାର ଗୋଡ଼ କାଟିଦେଇଥିଲେ ।

Digitized by srujanika@gmail.com

ଦିନେ ଛେଣ୍ଡିପଦା ମୁକାମରେ ପତିତ ଓ ଅନ୍ୟ ପ୍ରକାର ଜମିର ଦରଖାସ୍ତକାରୀମାନେ ଦରଖାସ୍ତର ତଦନ୍ତ ସମୟରେ ଏମାନଙ୍କ ମଧ୍ୟରେ ଗୋବରା ପାଣକୁ ଦଶମାଣ ଜମି ଦେବା ବ୍ୟବସ୍ଥା କରିଥିଲି ! ଗୋବରା ଦଶବର୍ଷକାଳ ଜେଲ୍‌ରେ କଟାଇ ଫେରିଥିଲା । ଆଉ ଜେଲ୍‌କୁ ନଯାଇ ଜମିବାଡ଼ି ନେଇ ଚାଷକରି ରହିବା ସକାଶେ କେତେ ଉପଦେଶ ଦେଇଥିଲି ଓ ସେ ମଧ୍ୟ ଆଉ ସେପରି କରିବ ନାହିଁ ବୋଲି ପ୍ରକାଶ କରିଥିଲା । କିନ୍ତୁ ମୁକାମ ମୁଁ ପରିତ୍ୟାଗ କରିନଥିଲି । ପରଦିନ ତାହାର ଲାସ୍ ପୋଲିସପାଖକୁ ଅଣାହୋଇଥିଲା । ଦେଖିଲି, ହାତ୍‌ଗୋଡ଼ ଚୂନାହୋଇ ମାଡ଼ରେ ଦେହ ମେଞ୍ଚାମେଞ୍ଚି ହୋଇଯାଇଛି । ପୂର୍ବରାତ୍ରରେ ତାହାର ଦଳସହ ସେ ଗୋଟିଏ ଘରକୁ ଡକାୟତି କରିବା ସକାଶେ ପଶିଥିବା ସମୟରେ ଗୃହସ୍ୱାମୀର ଭାଇମାନଙ୍କ ମଧ୍ୟରୁ ଜଣେ ଦଳର ଜଣକୁ ଧରି ତଳେ କଚାଡ଼ି ଦେଲା ଓ ତାକୁ ନିଜ ଦେହ ଉପରେ ରଖି ଦୃଢ଼ ଭାବରେ ହାତରେ ବନ୍ଧନକରି ରଖିଲା । ଡକାୟତ ଦଳର ଲୋକେ ଗୃହସ୍ୱାମୀ ଉପରେ ଥିବା ମନେକରି ଲାଠିରେ ତାକୁ ପ୍ରହାର କରିବାକୁ ଲାଗିଲେ ଓ ପରେ ତାହାକୁ ନିରବ ଦେଖି ପଳାଇଲେ। ଦେଖାଗଲା ପ୍ରହାର ଖାଇଥିବା ଲୋକଟି ଗୋବରା ପାଣ । ତାହାର ମୃତ୍ୟୁ ହୋଇଅଛି । ପରେ Salvation Army ପାଣମାନଙ୍କ ଭାର ଗ୍ରହଣକଲେ ଓ ଏମାନଙ୍କ ତତ୍ପରତାସହ ତତ୍ତ୍ୱାବଧାନରେ ପାଣମାନେ ଚୋରୀ ଡକାୟତି ତ୍ୟାଗକରି ଉନ୍ନତିମୂଳକ ବ୍ୟବସାୟରେ ମନୋନିବେଶ କରିବାକୁ ଲାଗିଲେ । ଆଜିକାଲି ଅନୁଗୁଳର ପାଣମାନଙ୍କ ଚୋରି କାମ ବନ୍ଦ, ଆଉ ଶୁଣାଯାଏ ନାହିଁ ।

ଡେପୁଟି କମିଶନର ଟେଲର ସାହେବଙ୍କ ଛଡ଼ା ଅନୁଗୁଳରେ ସବ୍‌ଡ଼ିଭିଜନାଲ୍ ଅଫିସର, ସବ୍‌ଡେପୁଟି କଲେକ୍ଟର ଶ୍ରୀ ଚିନ୍ତାମଣି ଆଚାର୍ଯ୍ୟ ଓ ମୁଁ ଥିଲୁଁ । ୧୯୧୨ ମସିହାରେ ହାତୀଖେଦା ପରେ ଶ୍ରୀ ଉମାଚରଣ ଦାସ ଖେଦା ଅଫିସର ହୋଇ ଆସିଲେ। ଏମାନଙ୍କ ଛଡ଼ା ଅଫିସରମାନଙ୍କ ମଧ୍ୟରେ ଜଙ୍ଗଲ ବିଭାଗର ଭାରପ୍ରାପ୍ତ ଲଖପତ୍ ରାୟ ସବରଓ୍ୱାଲ । ସହରର ଆସିଷ୍ଟାଣ୍ଟ ସର୍ଜନ ଡାକ୍ତର ସତୀଶଚନ୍ଦ୍ର ମୁଖାର୍ଜୀ । ଆସିଷ୍ଟାଣ୍ଟ ଇଂଜିନିୟର କ୍ଷୀରୋଦଚନ୍ଦ୍ର ମୁଖାର୍ଜୀ । ୧୯୧୩ ମସିହାରେ ଡାକ୍ତର ସତୀଶଚନ୍ଦ୍ର ମୁଖାର୍ଜୀ ବଦଳି ହୋଇଗଲା ପରେ ତାଙ୍କ ସ୍ଥାନରେ ଆସିଲେ ସମ୍ବଲପୁରବାସୀ ଡାକ୍ତର ସନାତନ ପୂଜାରୀ (ପରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ୍ କଲେଜରେ ଅଧ୍ୟକ୍ଷ) । ଆମ୍ଭେମାନେ ସମସ୍ତେ ପରମ ପ୍ରୀତି ସହକାରେ ଆମ୍ଭମାନଙ୍କ ସାମାଜିକ ଜୀବନ ସ୍ୱଚ୍ଛ ପରିସର ମଧ୍ୟରେ ଯାପନ କରୁଥିଲୁଁ ।

୧୯୧୧ ମସିହା ଶେଷ ଆଡ଼କୁ ପ୍ରାଇସ୍ ସାହେବ (J. H. Price) ସବ୍‌ଡ଼ିଭିଜନାଲ୍ ଅଫିସର ହୋଇ ଆସିଥିଲେ। ସେ ଥିଲେ ଜଣେ ଖାମ୍‌ଖିଆଲିଆ ଲୋକ। ସଙ୍ଗେ ତାଙ୍କ ସ୍ତ୍ରୀ, ଦୁଇଗୋଟି ନାବାଳକ ପୁଅ ଓ ଗୋଟିଏ ଝିଅ ଥିଲେ। ସେ ମାଙ୍କଡ଼, ଛେଳି, ବିରାଡ଼ି,

Digitized by srujanika@gmail.com

ଭାଲୁ, ଶୁଆ, ଶାରୀ ପାଳିଥିଲେ । ସେତେବେଳେ ମୋଟରର ବ୍ୟବହାର ନଥିଲା । ଗସ୍ତକୁ ଗଲେ ଆମ୍ଭେମାନେ ସାଧାରଣତଃ ବଳଦଗାଡ଼ି ବ୍ୟବହାର କରୁଥିଲୁଁ, ଘୋଡ଼ାଗାଡ଼ିର ବ୍ୟବହାର ମଧ୍ୟ ଥାଏ । ଡେପୁଟି କମିଶନର ଓ ସବ୍‌ଡ଼ିଭିଜନାଲ୍ ଅଫିସର ହାତୀରେ ଗସ୍ତ କରନ୍ତି । ମୋର ଗସ୍ତ ପ୍ରାୟ ବାଇସାଇକେଲ୍‌ରେ। ଗସ୍ତକୁ ଗଲେ ପ୍ରାଇସ୍ ସାହେବ ସପରିବାରେ ଯାଆନ୍ତି । ଜିନିଷପତ୍ର ବଳଦଗାଡ଼ିରେ ଯେତେବେଳେ ବୋଝେଇକରି ବାହାରନ୍ତି, ମନେହୁଏ ଗୋଟିଏ ସର୍କସ୍ ଦଳ ବାହାରୁଛି। ତାଙ୍କ ଦେହର ବର୍ଣ୍ଣ ଦେଖିଲେ ମନେହୁଏ ସେ ଫିରିଙ୍ଗି। କିନ୍ତୁ ସେ ନିଜେ କହନ୍ତି, ସେ ଜଣେ ଖାଣ୍ଟି ଆୟାର୍‌ଲାଣ୍ଡ୍‌ବାସୀ। ସେ ବଙ୍ଗ ପ୍ରଦେଶର ଜଣେ ଡେପୁଟି କଲେକ୍ଟର ଥିଲେ। ଏହାଙ୍କ ତୁଲ୍ୟ ଆହୁରି ଜଣକେତେ ଶ୍ୱେତାଙ୍ଗ ଓ ଅର୍ଦ୍ଧଶ୍ୱେତାଙ୍ଗ ସାହେବ ଡେପୁଟି ଓ ସବ୍‌ଡେପୁଟି ପଦରେ ରହିଥିଲେ।

ପ୍ରାଇସ୍ ସାହେବଙ୍କ ପ୍ରକୃତି ଅତ୍ୟନ୍ତ ଉଗ୍ର ଥିଲା । ମନ ହେଲେ କଚେରୀରେ ସୁଦ୍ଧା ସେ ପକ୍ଷମାନଙ୍କୁ ପ୍ରହାର କରୁଥିଲେ। ସ୍କୁଲର ଶିକ୍ଷକଙ୍କ ପରି କଚେରୀରେ ସେ ଗୋଟିଏ ବେତ ରଖୁଥିଲେ ଓ ମୋକଦ୍ଦମା ବିଚାର ସମୟରେ କୌଣସି ସାକ୍ଷ୍ୟ ମିଥ୍ୟା କହୁଥିବା ମନେହେଲେ କିମ୍ବା ଅନ୍ୟ କୌଣସି କାରଣରେ ସୁଦ୍ଧା ତାକୁ ତହିଁରେ ଆଘାତ କରୁଥିଲେ। ଦିନେ ସେ ଓ ମୁଁ ଏକତ୍ର ବଅଁରପାଳ ମୁକାମରେ ଥିବା ସମୟରେ ଜଣେ ଲୋକକୁ ଏଡ଼େ ନିଷ୍ଠୁର ଭାବରେ ବେତ୍ରାଘାତ କରିବାକୁ ଲାଗିଲେ ଯେ, ମୁଁ ତାଙ୍କ ହାତର ବେତ ଛଡ଼ାଇ ନେଇଥିଲି ଓ ତାଙ୍କ ବ୍ୟବହାରରେ ପ୍ରତିବାଦ କରିଥିଲି । ଜଣେ ଲୋକର ନିଶକୁ ଦିଆସିଲାଇରେ ପୋଡ଼ିଦେଇଥିଲେ ଓ ଜଣେ ଲୋକର ଦୁଇଗୋଡ଼ ଦଉଡ଼ିରେ ବାନ୍ଧି ଗୋଟିଏ କୂପ ମଧ୍ୟରେ କିଛି ସମୟ ପର୍ଯ୍ୟନ୍ତ ତାକୁ ଝୁଲେଇ ଦେଇଥିଲେ। ତାଙ୍କର ଗୋଟିଏ ପୁଅ ତାଙ୍କ ବିରାଡ଼ିକୁ ବେତରେ ମାରିଥିବାରୁ ତାହାର ନାକ ଭିତରେ ପିଚକାରୀଦ୍ୱାରା ଗରମପାଣି ପୂରାଇ ଦେଇଥିଲେ।

ଏପରି ଆଉ କେତେଜଣ ଲୋକଙ୍କ ପ୍ରତି ଅମାନୁଷିକ ବ୍ୟବହାର ଅବାଧରେ ଚାଲିଥାଏ। ଅନୁଗୁଳର ଶାସନ ଗଡ଼ଜାତ ଶାସନରୁ ବଳେ । କିଏ କାହା କଥା, ହାରିଗୁହାରି ଶୁଣୁଛି ? ପ୍ରଜାମାନେ ପଶୁତୁଲ୍ୟ ନିରବ । ପାଟି ଫିଟାଇଲେ ଅନୁଗୁଳ ରେଗୁଲେସନ କୌଣସି ଦଫାରେ ପଡ଼ିଯିବା ଭୟ ।

ମୋ ସହିତ ତାଙ୍କର ଗୋଟିଏ ଅପ୍ରୀତିକର ଘଟଣା ଘଟିଥିଲା । ସେଦିନ ମୁଁ ଗସ୍ତରେ ୧୭ ମାଇଲ ଦୂରରେ କୋଶଳା ଗ୍ରାମରେ ଥିଲି। ମୋ ସହଧର୍ମିଣୀଠାରୁ ଖଣ୍ଡେ ପତ୍ର ପାଇ ମୁଁ ଘରକୁ ଫେରିଆସିଲି ଓ ପତ୍ରରେ ଲିଖିତ ବିଷୟର ତଦନ୍ତ କଲି। ତଦନ୍ତରୁ ଜାଣିଲି, ପୂର୍ବରାତ୍ରରେ ମୋର ଗୋଟିଏ ଗାଈ ଗୁହାଳରୁ ଫିଟି ପ୍ରାଇସ୍ ସାହେବଙ୍କ ବଗିଚାକୁ ଚାଲିଗଲା ଓ ବଗିଚାର କିଛି ପରିବା ଓ ଫୁଲଗଛ ନଷ୍ଟ କରିଦେଲା। ସାହେବଙ୍କ ଆଦେଶରେ ତାଙ୍କ ଚପରାସୀ ଓ ଚାକରମାନେ ତାକୁ ଧରିବାକୁ ଚେଷ୍ଟାକଲେ। କିନ୍ତୁ ଧରି ପାରିଲେ

Digitized by srujanika@gmail.com

ନାହିଁ। ଗାଈ ଗୁହାଳକୁ ପଳାଇ ଆସିଲା। ସାହେବ କହିଲେ ଯେ, ଗାଈକୁ ବନ୍ଧୁକରେ ଲାଛିଦେବେ। ଗୁହାଳରୁ ଗାଈକୁ ଧରି ଆଣିବାପାଇଁ ସେମାନଙ୍କୁ ପୁଣି ପଠାଇଲେ। ଗୁହାଳ ଘର ବାହାରେ, କିଛି ଦୂରରେ। ସେମାନେ ଗାଈକୁ ଆଣିବାପାଇଁ ଗୁହାଳକୁ ଗଲେ, କିନ୍ତୁ ଆଣିପାରିଲେ ନାହିଁ ଓ ସାହେବଙ୍କୁ ଯାଇ ଜଣାଇଲେ। ସାହେବ ତତ୍ପରେ ନିଜେ ଆସିଲେ ଓ ଘର ସମୁଖସ୍ଥ ସଡ଼କରେ ଛିଡ଼ା ହୋଇ ସେମାନଙ୍କୁ ପୁଣି ପଠାଇଲେ। ସେମାନେ ଫେରିଯାଇ ସଡ଼କରେ ଦଣ୍ଡାୟମାନ ସାହେବଙ୍କୁ ଜଣାଇଲେ ଯେ, ଗାଈ ସେମାନଙ୍କୁ ଶିଙ୍ଘ ଓ ଗୋଡ଼ରେ ମାଇଲା। ତତ୍ପରେ ଘରେ ଯେ ଅଛି ତାକୁ ଡାକିଆଣିବା ପାଇଁ ସେମାନଙ୍କୁ କହିଲେ। ଘର ବାହାର ବାରଣ୍ଡାରେ ମୋ ମାଳୀ ଭରତ ତୁଙ୍ଗ ଶୋଇଥିଲା । ଜଣେ ଚପରାସୀ ତାକୁ ସାହେବଙ୍କ ପାଖକୁ ଡାକି ନେଇଗଲା। ସାହେବ ତାକୁ ଦେଖିଲା ମାତ୍ରକେ କୌଣସି କଥା ନ କହି ତାକୁ ପ୍ରହାର କରିବାକୁ ଲାଗିଲେ। ସେ ଚିତ୍କାର କଲା। ଘରେ ମୋ ବୃଦ୍ଧ ପିତା, ସ୍ତ୍ରୀ, ଶିଶୁକନ୍ୟା ମନୋରମା, ଢେଙ୍କାନାଳବାସୀ ମାଧବ ପୂଜାରୀ ଓ ଅନୁଗୁଳବାସୀ ଚାକର ନିତ୍ୟାନନ୍ଦ ବାରିକ। ମାଳୀର କରୁଣ ଚିତ୍କାର ଶୁଣି ମୋ ପିତା, ପୂଜାରୀ ଓ ଚାକର ଦୌଡ଼ିଲେ ଓ ମାଳୀକୁ ମାରୁଥିବା ଦେଖି ମୋ ପିତା "ସାହେବ ! ଆମ୍ଭ ମାଳୀକୁ କାହିଁକି ମାରୁଛ" ବୋଲି କହିଲେ। ତାକୁ ଛାଡ଼ି ବେତ୍ର ହସ୍ତରେ ମୋ ପିତାଙ୍କୁ ଆକ୍ରମଣ କରିବାକୁ ଦୌଡ଼ିଲେ। ଏହି ଅବସରରେ ପୂଜାରୀ ଫାଟକର ଅର୍ଗଳରୁ ଗୋଟିଏ ବାଉଁଶ ଟାଣି ସାହେବଙ୍କୁ ତିନିଚାରି ପାହାର କସିଲା । ସାହେବ ମାଡ଼ଖାଇ ସଦଳବଳେ ପଳାଇଗଲେ। ଅଳ୍ପ ସମୟ ଉତ୍ତାରେ ଥାନା ସବ୍‌ଇନ୍‌ସପେକ୍ଟର ସମ୍ବଲପୁରବାସୀ ବୃନ୍ଦାବନ ପଟ୍ଟନାୟକ ଆସି ମୋ ପିତାଙ୍କୁ ସାହେବଙ୍କଠାକୁ ଘେନିଗଲେ। ଜଣାଗଲା, ସାହେବ ମାଡ଼ ଖାଇ ଅପମାନିତ ବୋଧକରି ତାଙ୍କୁ ଡକାଇ କହିଲେ ଯେ, ମୋ ପିତା ତାଙ୍କୁ ଅପମାନ ଦେଇଛନ୍ତି ଓ ସେ ତାଙ୍କୁ କ୍ଷମା ପ୍ରାର୍ଥନା ନକଲେ ତାଙ୍କୁ ଗ୍ରେପ୍ତାର କରି ହାଜତରେ ଦେବେ ଓ ମୋ ପିତାଙ୍କୁ ଏହି କଥା ତନ୍ମୁହୂର୍ତ୍ତରେ ଯାଇ ଜଣାଇଦେବା ପାଇଁ ପଠାଇଲେ । ମୋ ପିତା ଅତ୍ୟନ୍ତ ସରଳ ପ୍ରକୃତିର ଲୋକ। ବୃନ୍ଦାବନ ବାବୁ ତାଙ୍କୁ ସାହେବଙ୍କ ପାଖକୁ ଘେନିଗଲେ ଓ ବଳାତ୍କାର କ୍ଷମା ମଗାଇଲେ।

ମୋ ସହଧର୍ମିଣୀ ଏ ସମସ୍ତ ବିଷୟ ତାଙ୍କ ପତ୍ରରେ ଲେଖିଥିଲେହେଁ ଘରକୁ ଆସି ମୋ ପିତା ଓ ଚାକରଙ୍କଠାରୁ ଯାହା ଜ୍ଞାତବ୍ୟ ସେ ସମସ୍ତ ବିଷୟ ଶୁଣି ଡେପୁଟି କମିଶନର ଟେଲର୍ ସାହେବଙ୍କଠାକୁ ଗଲି ଓ ସମସ୍ତ ବିଷୟ ଜଣାଇଲି। ଟେଲର୍ ସାହେବ ବୃଦ୍ଧଲୋକ। ସେ ପ୍ରାଇସ୍ ସାହେବଙ୍କୁ ଡକାଇଲେ ଓ ମୁଁ ଜଣାଇଥିବା ବିଷୟରେ ତାଙ୍କୁ ପଚାରିଲେ। ସେ କହିଲେ ଯେ, ମୋ ଗାଈ ପ୍ରତ୍ୟହ ତାଙ୍କ ବଗିଚାକୁ ଯାଇ ଫସଲ ନଷ୍ଟକରେ, ସେହି ରାତିରେ ଯାଇଥିଲା, ତାଙ୍କ ଚାକରମାନେ ତାକୁ ଧରିବାକୁ ଚେଷ୍ଟାକଲେ, କିନ୍ତୁ

Digitized by srujanika@gmail.com

ଧରିପାରିଲେ ନାହିଁ । ଏହି ସମୟରେ ମୋର ପିତା ଆସି ତାଙ୍କୁ ଅପମାନସୂଚକ କଥା କହିଥିଲେ । ଟେଲର୍ ସାହେବଙ୍କୁ ମୁଁ କହିଲି –

"ପ୍ରାଇସ୍ ସାହେବଙ୍କୁ ପଚାରନ୍ତୁ – କେଉଁଠାରେ କି କାରଣରୁ ମୋ ପିତା ତାଙ୍କୁ ଅପମାନସୂଚକ କଥା କହିଲେ ।" ପ୍ରାଇସ୍ ସାହେବ ମୋ ପ୍ରତି ରୋଷବ୍ୟଞ୍ଜକ ଦୃଷ୍ଟିପାତ କରି ଚୁପ୍ ରହିବାକୁ (You must keep quiet) ତୀବ୍ର ସ୍ୱରରେ ମୋତେ କହିଲେ । ତାଙ୍କ ଉକ୍ତିକୁ ଅବଜ୍ଞାକରି ପୁଣି ମୁଁ ସେହି ପ୍ରଶ୍ନ ତାଙ୍କୁ ପଚାରିବାକୁ ଟେଲର୍ ସାହେବଙ୍କୁ ଅନୁରୋଧ କଲି । ଟେଲର୍ ସାହେବ ପ୍ରଶ୍ନର ଉତ୍ତରଦେବା ପାଇଁ ପ୍ରାଇସ୍ ସାହେବଙ୍କୁ କହିଲେ । ପ୍ରାଇସ୍ ସାହେବ ଉତ୍ତରରେ କହିଲେ ଯେ, ତାଙ୍କ ଚାକରମାନେ ଗାଈକୁ ଧରି ନ ପାରିବାରୁ ସେମାନଙ୍କୁ ସାହାଯ୍ୟକରିବା ସକାଶେ ସେ ନିଜେ ମୋ ବସା ପର୍ଯ୍ୟନ୍ତ ଯାଇ ସମ୍ମୁଖସ୍ଥ ସଡ଼କରେ ଛିଡ଼ା ହୋଇଥିବା ସମୟରେ ମୋ ପିତା ଆସି ତାଙ୍କୁ ଅପମାନ କରିଥିଲେ । ମୁଁ କହିଲି ଯେ, ପ୍ରାଇସ୍ ସାହେବ କେତେକ କଥା ଲୁଚାଉଛନ୍ତି । ତତ୍‌କ୍ଷଣାତ୍ ପ୍ରାଇସ୍ କ୍ରୋଧରେ ଆସନରୁ ଉଠି ପଡ଼ିଲେ ଓ ମୋ ପ୍ରତି ନିତାନ୍ତ ଅଶ୍ଳୀଳ ଭାଷା ପ୍ରୟୋଗ କରିବାକୁ ଲାଗିଲେ । ବହୁ କଷ୍ଟରେ ମୁଁ ନିଜକୁ ସଂଯତ କଲି ଓ କହିଲି, "ପ୍ରାଇସ୍ ସାହେବ ମିଥ୍ୟା କହୁଛନ୍ତି, ସେ ନିଜେ ଯାଇ ମୋ ମାଳୀକୁ ମାଇଲେ ଓ ତାହାର ଚିତ୍କାର ଶୁଣି ମୋ ପିତା ଓ ଚାକରମାନେ ଆସି ପ୍ରତିବାଦ କରିବା ସମୟରେ ମୋ ପିତାଙ୍କୁ ମାରିବାକୁ ଉଦ୍ୟତ ହେଲେ । ଏହି ସମୟରେ ମୋ ପୂଝାରୀ ହାତରେ ନିଜେ ମାଡ଼ ଖାଇ ପଳାଇଲେ । ଏହା ସ୍ୱୀକାର କରିବାକୁ ତାଙ୍କୁ ଲଜ୍ଜାବୋଧ ହେଉଅଛି । ଯେଉଁ ସାହେବ ଅନୁଗୁଳର ଲୋକଙ୍କୁ କୁକୁର ବିରାଡ଼ି ପରି ମନେକରି ସେମାନଙ୍କୁ ମାଡ଼ ଦେଇ ଯାଉଛନ୍ତି, ସେ ମୋ ଚାକର ହାତରେ ମାଡ଼ ଖାଇବା କଣ କମ୍ ଲଜ୍ଜାର କଥା ? ସାହେବଙ୍କ ପିଠି ପରୀକ୍ଷା କରାଯାଉ । ମାଡ଼ର ଚିହ୍ନ ନିଶ୍ଚୟ ଥିବ ।" ବିଦ୍ୟୁତ୍ ବେଗରେ ପ୍ରାଇସ୍ ସାହେବ ମୋ ଆଡକୁ ଦୌଡ଼ିଆସି ବାମ ହସ୍ତରେ ମୋ ବେକର ପଛ ଧରି ପକାଇଲେ ଓ ଦକ୍ଷିଣ ହସ୍ତ ଉଠାଇବାକୁ ଲାଗିଲେ । ମୁହୂର୍ତ୍ତମାତ୍ର ବିଳମ୍ବ ନ କରି ମୁଁ ତାଙ୍କ ଚିବୁକରେ ଏପରି ମୁଷ୍ଟ୍ୟାଘାତ କଲି ଯେ ତାଙ୍କ ତଳପାଟିର ଦାନ୍ତଗୁଡ଼ିକ ଉପର ଓଠକୁ କ୍ଷତ କରି ତହିଁରୁ ରକ୍ତ ବହିବାକୁ ଲାଗିଲା । ସେ ମୋତେ ଛାଡ଼ିଦେଲେ । ତତ୍ପରେ ମୁଷ୍ଟ୍ୟାଘାତର ଉପରେ ମୁଷ୍ଟ୍ୟାଘାତ; ନାକ, ମୁହଁ, କପାଳ, ଯେଉଁ ଆଡ଼େ ପାଇଲି ମାଇଲି । ସେତେବେଳେ ମୋ ବାହ୍ୟଜ୍ଞାନ ଆଉ ନାହିଁ । ଟେଲର୍ ସାହେବ ଛଡ଼ାଇବାକୁ ଲାଗିଲେ । ତାଙ୍କ ଚପରାସୀମାନେ ଧାଇଁଲେ ଓ ତାଙ୍କଠାରୁ ମୋତେ ଛଡ଼ାଇ ନେଇଗଲେ । ଅଳ୍ପ ଦୂରରେ ଛିଡ଼ା ହୋଇ ଦେଖିଲି, ସାହେବଙ୍କ ନାକ ମୁହଁରୁ ରକ୍ତ ବାହାରୁଛି ଓ ସାହେବ ରୁମାଲରେ ତାହା ପୋଛୁଛନ୍ତି ଓ ମନ୍ତ୍ରମୁଗ୍ଧବତ୍ ଛିଡ଼ା ହୋଇଛନ୍ତି । ଅଳ୍ପ ଦୂରକୁ ନେଇ ଟେଲର୍ ସାହେବ ମୋତେ ବସାଇଲେ ଓ ପ୍ରାଇସ୍‌ଙ୍କୁ ମାରି ଅନ୍ୟାୟ କାର୍ଯ୍ୟ କରିଅଛ ବୋଲି ମୋତେ ତିରସ୍କାର କରିବାକୁ ଲାଗିଲେ । ମୁଁ କହିଲି, କିପରି ପ୍ରାଇସ୍ ସାହେବ

Digitized by srujanika@gmail.com

ମୂଳରୁ ଅନ୍ୟାୟ କରିଆସିଛନ୍ତି। ମୋ ଗାଈ ଯଦି ତାଙ୍କ ବଗିଚା ନଷ୍ଟକଲା, ତାକୁ କାଞ୍ଜିହାଉସ୍‌ରେ ଦେଇଥାନ୍ତେ କିମ୍ବା ତାକୁ ଯଦି ଧରି ନ ପାରିଲେ ମୋଠାରୁ କ୍ଷତିପୂରଣ ଦାବି କରିଥାନ୍ତେ। ତାହା ନ କରି ମୋ ଘରକୁ ଯାଇ, ମୋ ଚାକରକୁ ବିନା ଦୋଷରେ ମାରି, ପୁଣି ମୋ ପିତାଙ୍କୁ ମାରିବାକୁ ଉଦ୍ୟତ ହୋଇ, ବିନା ଦୋଷରେ ତାଙ୍କୁ ପୋଲିସ ଦ୍ୱାରା ଧରାଇ ନେଇ, ଅପମାନ ଦେଇ, ପୁଣି ତାଙ୍କୁ (ଡେପୁଟି କମିଶନର୍ ଟେଲର୍ ସାହେବଙ୍କୁ) ମୁଁ ମୋର ବକ୍ତବ୍ୟ ଜଣାଉଥିବା ସମୟରେ ତାଙ୍କ ସମ୍ମୁଖରେ ମୋ ପ୍ରତି ଅପମାନସୂଚକ ଭାଷା ପ୍ରୟୋଗକରି ଓ ପରିଶେଷରେ ମୋତେ ମାରିବାପାଇଁ ମୋ ଦେହରେ ହସ୍ତକ୍ଷେପ କରି କ'ଣ ନ୍ୟାୟସଙ୍ଗତ କାର୍ଯ୍ୟ କରିଛନ୍ତି ? ଦୃଢ଼ଭାବରେ ମୁଁ ତାଙ୍କ ବ୍ୟବହାରର ତୀବ୍ର ପ୍ରତିବାଦ କଲି ଓ କହିଲି ଯେ, ଏହି ଶ୍ରେଣୀର ସାହେବମାନେ ଭାରତବାସୀଙ୍କ ମନରେ ସେମାନଙ୍କ ପ୍ରତି ଘୃଣାଭାବ ପୋଷଣର କାରଣ ହେଉଅଛନ୍ତି ଏବଂ ଗଭର୍ଣ୍ଣମେଣ୍ଟ ଏକାବେଳକେ ଏମାନଙ୍କୁ ଭାରତବର୍ଷରୁ ତଡ଼ିଦେବା ଉଚିତ୍। ମୁଁ ଯଦି ସାହେବଙ୍କ ଦର୍ଶନରେ ଚୁପ୍ ରହିଥାନ୍ତି ତାହାହେଲେ ନିଶ୍ଚୟ ସେ ମୋତେ ମାରି ପକାଇଥାନ୍ତେ। ଏହା କି ସହ୍ୟ ହୁଏ ? ସେତେବେଳେ ମୋର ବୟସ ୨୫ ବର୍ଷମାତ୍ର। ପୂର୍ଣ୍ଣ ଯୌବନ। ସାହେବ ମୋତେ କହିଲେ, ମୋ ନାମରେ ଗଭର୍ଣ୍ଣମେଣ୍ଟକୁ ରିପୋର୍ଟ କରିବେ। ମୁଁ ଦୃଢ଼ଭାବରେ କହିଲି, ସେ ଯଦି ରିପୋର୍ଟ ନ କରନ୍ତି ତା'ହେଲେ ମୁଁ ନିଜେ ସମସ୍ତ ଘଟଣା ଉଲ୍ଲେଖକରି ଦରଖାସ୍ତ ଦେବି ଓ ତାହା ଗଭର୍ଣ୍ଣମେଣ୍ଟଙ୍କଠାକୁ ପଠାଇବାକୁ ଅନୁରୋଧ କଲି। ପୁଣି କହିଲି, "ଦରକାର ହେଲେ ମୁଁ ଚାକିରି ଛାଡ଼ିଦେବାକୁ ପ୍ରସ୍ତୁତ ଅଛି। ମୁଁ ଶିକ୍ଷିତ ବ୍ରାହ୍ମଣ ଯୁବକ; ଦଶଦିଗ ମୋ ପାଇଁ ଉନ୍ମୁକ୍ତ। ମୋର ଆତ୍ମସମ୍ମାନ ଅଛି। ଅନୁଗୁଳର ଚଷା ପ୍ରଜାଙ୍କ ପ୍ରତି ପ୍ରାଇସ୍ ସାହେବ ଯେଉଁ ବ୍ୟବହାର ନିଷ୍କଣ୍ଟକ ଭାବରେ ଚଳାଇଛନ୍ତି ତାହା ମୋ ପ୍ରତି ଖାଟିପାରିବ ନାହିଁ। ମୁଁ ତାଙ୍କ ବ୍ୟବହାରର ପ୍ରତିଫଳ ଦେବାକୁ ତିଳେ ମାତ୍ର କୁଣ୍ଠିତ ହେବି ନାହିଁ।" ଦେଖିଲି, ଟେଲର୍ ସାହେବ ନରମ ହୋଇଗଲେ ଓ ଅଳ୍ପ ସମୟ କ'ଣ ଭାବନାକରି ପୁଣି ମୋତେ ଓ ପ୍ରାଇସ୍‌ଙ୍କୁ ସମ୍ବୋଧନ କରି କହିଲେ, "ଦେଖ, ତୁମ୍ଭେମାନେ ଦୁଇ ଭାଇ ପରି। ମୁଁ ବୃଦ୍ଧଲୋକ; ତୁମମାନଙ୍କ ପିତାଙ୍କ ବୟସର। ମୁଁ ଡେପୁଟି କମିଶନର ଭାବରେ କହୁନାହିଁ, ତୁମ୍ଭମାନଙ୍କ ହିତୈଷୀ ସ୍ୱରୂପ ଉପଦେଶ ଦେଉଅଛି। ଯାହା ହୋଇଗଲା ତାହା ଭୁଲିଯାଇ ପରସ୍ପର ପ୍ରତି କ୍ଷମାକରି ପୁଣି ବନ୍ଧୁଭାବରେ ରହ।" ତତ୍ପରେ ଉଭୟଙ୍କ ହସ୍ତ ଟାଣି ପରସ୍ପର କରମର୍ଦ୍ଦନ କରିବାକୁ କହିଲେ। ପ୍ରଥମରେ ପ୍ରାଇସ୍‌ସାହେବ ମୋ ଦକ୍ଷିଣ ହସ୍ତ ମର୍ଦ୍ଦନ କରିବା ଅନୁଭବ କଲି। ପ୍ରାଇସ୍ ମୋତେ କହିଲେ "Bharat ! Let us forgive and forget (ଆସ ସବୁ ଭୁଲିଯିବା ଓ ପରସ୍ପରକୁ କ୍ଷମାକରିବା) ।" କେତେ ଭାବ ମୋ ମନରେ ଖେଳିଗଲା। ପ୍ରାଇସ୍ ସାହେବଙ୍କ ପୂର୍ବ ବ୍ୟବହାର ଯୋଗୁଁ ତାଙ୍କ ପ୍ରତି ଯେଉଁ ପରିମାଣରେ ଘୃଣା ଜାତ ହୋଇଥିଲା, ତାଙ୍କୁ ପ୍ରହାରଦ୍ୱାରା ରକ୍ତାକ୍ତ କରିଦେବା ପରେ

Digitized by srujanika@gmail.com

ସେହି ପରିମାଣରେ ଅନୁତାପ ମଧ୍ୟ ଜାଗ୍ରତ ହେବାକୁ ଲାଗିଲା। ମୁଁ ମଧ୍ୟ ତାଙ୍କୁ ମାରିଥିବା କାରଣରେ ଅନୁତାପ ଓ କ୍ଷମାଭିକ୍ଷା ଜ୍ଞାପନ କଲି। ଏ ସମସ୍ତ ଘଟଣା ସନ୍ଧ୍ୟା ଛଅଟାରୁ ରାତ୍ର ପ୍ରାୟ ନଅଟା ପର୍ଯ୍ୟନ୍ତ ଘଟିଥିଲା।

ବସାକୁ ଫେରି ସହଧର୍ମିଣୀ ଓ ପିତାଙ୍କୁ ସବୁକଥା ଜଣାଇଲି, ଚାକରମାନେ ମଧ୍ୟ ସବୁ ଶୁଣିଲେ। ପିତା ମୋତେ ସାହେବଙ୍କୁ ମାରିଥିବାରୁ ତିରସ୍କାର କଲେ। ତାଙ୍କ ଭୟ, ସାହେବ ପ୍ରତିଶୋଧ ନେବେ। ତତ୍ ସକାଶେ ମୁଁ ଭୀତ ନୁହେଁ ବୋଲି ତାଙ୍କୁ ଅଭୟ ଦେଲି। ଅଳ୍ପ ଆହାର କରି ଶଯ୍ୟାଶ୍ରୟ କଲି। ନିଦ ହେଲା ନାହିଁ। କେତେ କଥା ଭାବିଗଲି। କି ଦୁଷ୍ଟଲୋକ ! ଆଉ ଆମ୍ଭମାନଙ୍କ ପ୍ରତି କି ଦୁର୍ବ୍ୟବହାର ! ଏମାନେ ଭାରତବାସୀଙ୍କୁ କି ହୀନ ଚକ୍ଷୁରେ ଦେଖୁଛନ୍ତି ! ଆଉ ଭାରତବାସୀମାନେ ଗୋରାଙ୍କ ଦୁର୍ବ୍ୟବହାର ସୁଦ୍ଧା ସହ୍ୟକରି ସେମାନଙ୍କ ଔଦ୍ଧତ୍ୟ ଓ ଉଚ୍ଛୃଙ୍ଖଳାର ପ୍ରଶ୍ରୟ ଦେଉଅଛନ୍ତି। ଭାରତବାସୀ ନିଜ ଶାରୀରିକ ଓ ମାନସିକ ଦୁର୍ବଳତା ପ୍ରକାଶ ନକରି ଯଦି ଗୋରାଙ୍କୁ ଉପଯୁକ୍ତ ଶିକ୍ଷା ଦିଅନ୍ତେ ତା'ହେଲେ ସେମାନଙ୍କ ମଧ୍ୟରେ ଚେତନା ଜାଗ୍ରତକରି ନିଜ ସମ୍ମାନ ବୃଦ୍ଧିକରନ୍ତେ।

ପରଦିନ ସକାଳେ ସମସ୍ତ ଘଟଣା ଟାଉନ୍‌ରେ ରାଷ୍ଟ୍ର ହୋଇଗଲା। ଟାଉନ୍‌ର କେହି କେହି ମୋ କାର୍ଯ୍ୟର ପ୍ରଶଂସା କଲେ। କେହି କେହି ଭୀତିବ୍ୟଞ୍ଜକ ଭାବ ପ୍ରକାଶ କଲେ। ମୁଁ ଏ ବିଷୟରେ ଯେତେ ଭାବିଲି ଓ ଅନ୍ୟମାନଙ୍କ ସହିତ ଆଲୋଚନା କଲି, ମୋ କାର୍ଯ୍ୟର ପୋଷକତା ଓ ସମର୍ଥନ ବିଷୟକ ଉତ୍ସାହ ଓ ଉତ୍ତେଜନା ଅନୁଭବ କଲି। ଅନୁତାପ କ୍ରମେ କ୍ରମେ ତିରୋହିତ ହେବାକୁ ଲାଗିଲା ଓ ଗୋରାଙ୍କ ପ୍ରତି ଘୃଣା ଦ୍ୱିଗୁଣିତ ହେବାକୁ ଲାଗିଲା। ଇତିପୂର୍ବେ ଗୋରା-କଳା ସଂଘର୍ଷ ବିଷୟ ସମ୍ବାଦପତ୍ରରେ ପାଠ କରିଥିଲି। ଥରେ କଲିକତା ହାଇକୋର୍ଟର ଜଜ୍ ପାଟଣାର ହସନ୍ ଇମାମ୍ ସାହେବ ରେଳରେ ଦାର୍ଜିଲିଂକୁ ଯାଉଥିବା ସମୟରେ ତାଙ୍କ ରକ୍ଷିତ ପ୍ରଥମଶ୍ରେଣୀର ଡବାକୁ ଜଣେ ଗୋରା ସାହେବ ପ୍ରବେଶ କରିବା, ତାଙ୍କ ପ୍ରତିବାଦ ସତ୍ତ୍ୱେ ତାହା ତ୍ୟାଗ କରି ଯିବାକୁ ଅନିଚ୍ଛା ପ୍ରକାଶ କରିବା, ଗାର୍ଡ଼ ତାଙ୍କ ଅଭିଯୋଗ ନଶୁଣିବା ଓ ପରିଶେଷରେ ସେ ଇଞ୍ଜିନ ସମ୍ମୁଖକୁ ଯାଇ ଛିଡ଼ାହୋଇ ରହିବା ସମୟରେ ସେହି ଗାଡ଼ିର ଯାତ୍ରୀ କଲିକତା ହାଇକୋର୍ଟର ଅପର ବିଚାରପତି ଜଷ୍ଟିସ୍ ଫ୍ଲେଚର (Justice Fletcher) ସାହେବ ମଧ୍ୟସ୍ଥତା କରି ଅପ୍ରୀତିକର ଘଟଣା ନିବାରଣ କରିଥିବା, ସେହି ସାହେବଙ୍କୁ ଇମାମ୍ ସାହେବଙ୍କ ଡବାରୁ ବହିଷ୍କାର କରିଦେବା ଜାଣିଥିଲି। ପୁଣି ଆଉ ଥରେ ସେହି ବିଚାରପତି ହସନ୍ ଇମାମ୍ ସାହେବ ଆସାନ୍‌ସୋଲ୍ ଷ୍ଟେସନରେ ଗୋଟିଏ ପ୍ରଥମ ଶ୍ରେଣୀ ଡବାରେ ଶୋଇଥିବା ସମୟରେ ବିହାର ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗର ସେକ୍ରେଟାରୀ ଇଂଜିନିୟର୍ କ୍ଲେଟନ୍ (Clayton) ସାହେବ ତାଙ୍କ ପ୍ରତି ଦୁର୍ବ୍ୟବହାର କରିଥିଲେ। ଏହା ଫଳରେ ତାଙ୍କୁ ଚାକିରି ଛାଡ଼ି ଭାରତବର୍ଷରୁ ଚାଲିଯିବାକୁ ହୋଇଥିଲା। ଜଣେ ଗୋରା ରେଳଗାଡ଼ିରେ ଜଣେ ସହଯାତ୍ରୀ ଭାରତୀୟ ରାଜାଙ୍କୁ ତାଙ୍କ ଗୋଡ଼ ଘଷିବାପାଇଁ ବାଧ୍ୟ କରିଥିଲେ, ଆଉ ରାଜା ସେହି ଗାଡ଼ିରେ ତାଙ୍କୁ

Digitized by srujanika@gmail.com

ମାରି ପାରିନଥିଲେ, ନିଜେ ନ ମରି ତାହାର ଗୋଡ଼ ଘସିଥିଲେ । ଗୋରାଙ୍କୁ ସେହି ସମୟରେ ଆମ୍ଭ କଳାଲୋକଙ୍କ ଏତେ ଭୟ ଯେ, ତାଙ୍କୁ ଦେଖିଲା ମାତ୍ରକେ ସଲାମ୍ କରିବାକୁ ହାତ ସ୍ୱତଃ ଉଠିପଡ଼େ । କେବଳ ଗୌରାଙ୍ଗ କାହିଁକି, ଆଜି ସୁଦ୍ଧା ସାହେବୀ ପୋଷାକଧାରୀ କୃଷ୍ଣାଙ୍ଗ ସୁଦ୍ଧା ଏହି ସମ୍ମାନର ଅଧିକାରୀ ହେଉଥିବା ସର୍ବତ୍ର ଦେଖାଯାଉଅଛି । ଏପରି କେତେ ଘଟଣା ଘଟିଯାଇଅଛି । ଉପାୟ ଥିଲେ ସୁଦ୍ଧା ଭାରତବାସୀ ଗୋରାଙ୍କଠାରେ ଆତ୍ମସମ୍ମାନ ହରାଇଛନ୍ତି । ଯାହାହେଉ ମହାତ୍ମା ଗାନ୍ଧୀଙ୍କ ପ୍ରେରଣା ଫଳରେ ଭାରତବାସୀଙ୍କ ମୋହ ବହୁ ପରିମାଣରେ ଦୂର ହୋଇଛି ଓ ସେମାନଙ୍କ ମନରେ ଆତ୍ମସମ୍ମାନ ଭାବ ଜାଗ୍ରତ ହୋଇଅଛି । ପ୍ରାଇସ୍ ସାହେବଙ୍କ ବ୍ୟବହାରରେ ମୋର ଧୈର୍ଯ୍ୟଚ୍ୟୁତି ହେବା ସ୍ୱାଭାବିକ । ମୁଁ ଯଦି ତାଙ୍କୁ ନମାରି ତାଙ୍କ ହାତରେ ମାଡ଼ ଖାଇଥାନ୍ତି, ତାହାହେଲେ ବୋଧହୁଏ କାହାରି ଆଗରେ ମୁହଁ ଦେଖାଇ ପାରି ନଥାନ୍ତି । ହୁଏତ ମୋତେ ଆତ୍ମହତ୍ୟା କରିବାକୁ ହୋଇଥାନ୍ତା ।

ଉପରକୁ ସିନା ମିଳାମିଶା ହେଲା, ଏହା ଉତ୍ତାରେ ମୋ ପ୍ରତି ସାହେବଦ୍ୱୟଙ୍କ ବ୍ୟବହାର ଅନ୍ୟ ପ୍ରକାର ଦେଖିଲି । ଜଣେ କଳାଲୋକ ହସ୍ତରେ ସାହେବଙ୍କ ଦର୍ପ ଓ ଔଦ୍ଧତ୍ୟ ଚୂର୍ଣ୍ଣ ହୋଇଅଛି । ଘନ ଘନ ଶୁଣିବାକୁ ପାଇଲି, ପ୍ରାଇସ୍ ମୋତେ ଉପଯୁକ୍ତ ଶିକ୍ଷା ଦେବେ । ସାକ୍ଷାତ ସମୟରେ ଟେଲର୍ ସାହେବଙ୍କ ମୁଖମଣ୍ଡଳରେ ବିରକ୍ତିବ୍ୟଞ୍ଜକ ଭାବ ସ୍ପଷ୍ଟଭାବରେ ଲକ୍ଷିତ ହେଉଥାଏ । ଭବିଷ୍ୟତ ଦୁର୍ଘଟଣା ସକାଶେ ମୁଁ ମଧ୍ୟ ପ୍ରସ୍ତୁତ ହୋଇ ରହିଲି ।

ରେଳଗାଡ଼ିର ପ୍ରଥମଶ୍ରେଣୀ ତଳରେ ଥରେ କଲିକତା ହାଇକୋର୍ଟର ବିଚାରପତି ସାର୍ ଆଶୁତୋଷ ମୁଖୋପାଧାୟ ଜଣେ ଗୋରାସାହେବଙ୍କ ସହଯାତ୍ରୀ ହୋଇଥିଲେ । ଗାଡ଼ିରେ ଶୋଇପଡ଼ି ପୁଣି ଉଠି ଦେଖିଲେ ତାଙ୍କ ଯୋତାହଳକ ନାହିଁ । ସାହେବ ଗାଡ଼ିରୁ ଗଳାଇ ଦେଇଅଛି । ତୁନି ହୋଇ ରହିଲେ । ଅଳ୍ପସମୟ ପରେ ସାହେବଟି ଶୋଇପଡ଼ିଲା । ଗାଡ଼ିମଧ୍ୟରେ କଣ୍ଟାରୁ ଟଙ୍ଗା ହୋଇଥିବା ତାହାର କୋଟ୍ ଖଣ୍ଡିକ ଗାଡ଼ିରୁ ନେଇ ସାର୍ ଆଶୁତୋଷ ପକାଇଦେଲେ । ନିଦରୁ ଉଠି ସାହେବ ତାଙ୍କୁ ବିରକ୍ତି ବ୍ୟଞ୍ଜକ ଦୃଷ୍ଟିରେ ପଚାରିଲେ, "ମୋର କୋଟ୍ କାହିଁ ?" ସାର୍ ଆଶୁତୋଷ କହିଲେ, "ତୁମ କୋଟ୍ ମୋର ଯୋତା ଆଣିବା ପାଇଁ ଯାଇଛି ।"

ଅନୁଗୁଳ ଟାଉନ୍‌କୁ ଲାଗି ଜେମାଦେଇପୁର ଗ୍ରାମ । ଏଠାରୁ ବୃଦ୍ଧ ଆର୍ତ୍ତ କର ସମୟ ସମୟରେ ଆସି ମୋ ପିତାଙ୍କ ସଙ୍ଗେ ବସି ଗଳ୍ପ କରନ୍ତି ଓ ରାଜା ଅମଳର କେତେକଥା କହନ୍ତି, କେତେ ପୁରୁଣା ଗୀତ ବୋଲନ୍ତି ଓ ପ୍ରବଚନମାନ କହନ୍ତି । ତହିଁରୁ ନିମ୍ନଲିଖିତ ଯୋଡ଼ିକ ଚିତ୍ତାକର୍ଷକ:

ଘିଅ କରିଥିଲି କରଷେ
ଝିଅ ବାହାକଲି ପୁଅ ବାହାକଲି ଘରସାର କଲି ବରଷେ ।
ଉଙ୍କୁଣୀ ନୁହେଁ କି ରଙ୍କୁଣୀ ନୁହେଁ
ଯେ ମାଗିଲେ ମେଞ୍ଚେ ଦିଏଁ ।

Digitized by srujanika@gmail.com

(ପୁଣି) ଆସିଲ ବନ୍ଧୁ ଭଲ କଲ ବସିବାକୁ ନାହିଁ ଠାଆ
ପିଢ଼ା ଖଣ୍ଡେ ଦିଅନ୍ତି ବନ୍ଧୁ ବଢ଼େଇ ଘରେ ବାହା
ପାଣିଢ଼ାଳେ ଦିଅନ୍ତି ବନ୍ଧୁ ଦଦରା ମାଠିଆ
ତୋରାଣୀ ମୁନ୍ଦେ ଦିଅନ୍ତି ବନ୍ଧୁ ବାପ ଘରେ ମାଆ
ଚୂଡ଼ା ଗଣ୍ଡେ ଦିଅନ୍ତି ବନ୍ଧୁ କେଉଟୁଣୀକି ଜର
ପଇଡ଼ ପୁଞ୍ଜେ ଦିଅନ୍ତି ବନ୍ଧୁ ବାଉରି ଖାଇଛି ମାଡ଼ ।
ପାନ ଖଣ୍ଡେ ଦେଇଥା'ନ୍ତି ଘରେ ତ ନାହିଁ ଗୁଆ
ସାଇପଡ଼ିଶାରୁ ମାଗିଆଣନ୍ତି ଛାଡୁତ ନାହିଁ ଛୁଆ,
ପାଣି ଢାଳେ ଦେଇଥାନ୍ତି ଘରେ ତ ନାହିଁ ଲୋଟା,
ସାଇପଡ଼ିଶାରୁ ମାଗିଆଣନ୍ତି ଗୋଡ଼ଟା ହୋଇଛି ଛୋଟା ।
ତେଲ ଟିକିଏ ଦିଅନ୍ତି ବନ୍ଧୁ ମୁଣ୍ଡରେ ନାହିଁ ବାଳ
ଘଷା ଘଷି କରିଦିଅନ୍ତି ବହିଯାଆନ୍ତା ଝାଳ,
ବାଟେଇ ଦେଇ ଯାଆନ୍ତି ବନ୍ଧୁ ଗୋଡ଼ରେ ହୋଇଛି ଘା
ଯେଉଁ ବାଟେ ବାଟେ ଅଇଲ ବନ୍ଧୁ ସେହି ବାଟେ ବାଟେ ଯାଆ ।

ଟାଉନ ନିକଟବର୍ତ୍ତୀ ଅପର ଖମାର ଗ୍ରାମର ବୃଦ୍ଧ କବିରାଜ ଯୋଗୀନାଥ ଖାଡ଼ଙ୍ଗା ଓ ଜ୍ୟୋତିଷ ନଟବର କରଙ୍କ ସହିତ ସୌହାର୍ଦ୍ଦ୍ୟ ସ୍ଥାପିତ ହୋଇଥିଲା । ମୋର ଜ୍ୟେଷ୍ଠା କନ୍ୟା ମନୋରମା ଉତ୍ତାରେ ଗୋଟିଏ ପୁତ୍ରର ତା.୧୨.୧୨.୧୯୧୨ ରେ ଜନ୍ମ ହୋଇଥିଲା ଓ ତା.୧୪.୦୪.୧୯୧୪ ରେ ତାହାର ମୃତ୍ୟୁ ହେଲା ଓ ମୃତ୍ୟୁର ଅବ୍ୟବହିତ ପରେ ଦ୍ୱିତୀୟ ପୁତ୍ର ଜନ୍ମହେଲା । ମୋ ସ୍ତ୍ରୀ, ପିତା, ମାତା ତଥା ସମଗ୍ର ପରିବାର ନବଅପତ୍ୟ ଶୋକରେ ଏତେ ଅଭିଭୂତ ହୋଇପଡ଼ିଲୁଁ ଯେ, ଦ୍ୱିତୀୟ ପୁତ୍ରର ଜନ୍ମ ସୁଦ୍ଧା ଆମ୍ଭମାନଙ୍କ ମନରେ ଶାନ୍ତି ଦାନ କରିପାରିଲା ନାହିଁ । ଦୁଃଖ ମଧ୍ୟରେ ତାହାର ଜନ୍ମ ହୋଇଥିବାରୁ ମୋ ମା' ତାହାର ନାମ ରଖିଲେ ଦୁଖୁ । କବିରାଜ ଯୋଗୀନାଥ ଖାଡ଼ଙ୍ଗା ଓ ନଟବର କରଙ୍କ ଅକୃତ୍ରିମ ସହାନୁଭୂତିମିଶ୍ର ବ୍ୟବହାର ଏହି ଦୁଃଖର ସମୟରେ ଆମ୍ଭମାନଙ୍କୁ ସାନ୍ତ୍ୱନା ଦାନକରୁଥିଲା । କବିରାଜ ଖାଡ଼ଙ୍ଗା ପ୍ରାୟ ୨୫ ବର୍ଷ ପୂର୍ବେ ଇହଜଗତରୁ ବିଦାୟ ନେଇଥିଲେ । ପଣ୍ଡିତ ନଟବର କର ୧୯୬୩ ମସିହାରେ ଦେହତ୍ୟାଗ କଲେ ।

ପ୍ରାଇସ୍ ସାହେବଙ୍କ ସହିତ ସଂଘର୍ଷ ଓ ତାହାଙ୍କ ଉପରେ ପ୍ରହାର ଜନିତ ରୋଷାଗ୍ନି ସାହେବ ମହଲରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ଘଟଣାର ଅଳ୍ପଦିନ ପରେ ଅନୁଭବ କଲି । ଦିନେ ଶୁଣିଲି ଗୋଟିଏ ମୋକଦ୍ଦମାରେ ମୁଁ ମିଛ ରିପୋର୍ଟ ଦେଇଛି ବୋଲି ଧରାହୋଇଛି । ଜଙ୍ଗଲ ଓ ଅନାବାଦି ଜମି ଆବାଦ ସକାଶେ ପ୍ରଜାଙ୍କୁ ପଟ୍ଟା ଦେବା ସମ୍ପର୍କରେ ତଦନ୍ତ କରି ଶେଷ ହୁକୁମ୍ ସକାଶେ ଡେପୁଟି କମିଶନରଙ୍କଠାକୁ ରିପୋର୍ଟ ଦେବା ଭାର ମୋର ଅନ୍ୟାନ୍ୟ

Digitized by srujanika@gmail.com

କାର୍ଯ୍ୟ ମୋ ଉପରେ ନ୍ୟସ୍ତ ଥିଲା । ଏହି ମୋକଦ୍ଦମାକୁ 'ଜଙ୍ଗଲ କବୁଲିୟତ' ମୋକଦ୍ଦମା କୁହାଯାଏ । ଏହି ମୋକଦ୍ଦମାଗୁଡ଼ିକର ପ୍ରାଥମିକ ତଦନ୍ତ ସକାଶେ ମୋ ଅଧୀନରେ ଆଠଜଣ କାନୁନ୍‌ଗୋ ନିଯୁକ୍ତ ଥିଲେ । ସାନ କେରେଜେଙ୍ଗ ମୌଜା ନିବାସୀ ଜଣେ ଗରିବ ପ୍ରଜା ଗୋଟିଏ ଛୋଟ ଜଙ୍ଗଲ ଜମି ଚାଷକରିବା ସକାଶେ ଦରଖାସ୍ତ କରିଥିଲେ । କାନୁନ୍‌ଗୋ ତଦନ୍ତ କରି ରିପୋର୍ଟ ଦେଲେ ଓ ମୁଁ ମଧ୍ୟ ସରଜମିନ ତଦନ୍ତ କରି ରିପୋର୍ଟ ଦେଲି ଯେ, ତହିଁରେ ମୂଲ୍ୟବାନ ଗଛ କିଛି ନାହିଁ । ତାହା ଚାଷର ଉପଯୁକ୍ତ ଓ ଦରଖାସ୍ତକାରୀକୁ ବିଲ ଦିଆଯାଇପାରେ । ଏହା ପ୍ରାୟ ଅର୍ଦ୍ଧଶତାବ୍ଦୀ ପୂର୍ବର (ସନ ୧୯୧୩-୧୪ ମସିହା) ଘଟଣା । ସେତେବେଳେ ଟେଲର୍ ସାହେବ ଡେପୁଟି କମିଶନର ଛୁଟିରେ ଯାଇଥିଲେ ଓ ତାଙ୍କ ସ୍ଥାନରେ ଲୁକାସ୍ ସାହେବ (L.T.R. Lucas, Deputy Collector) ଡେପୁଟି କମିଶନର ହୋଇଥିଲେ । ଲୁକାସ୍ ସାହେବ ମୋର ସୁପାରିଶ ଅନୁସାରେ ବିଦ୍ୟାଧର ସିଂହଙ୍କ ଦରଖାସ୍ତ ମଞ୍ଜୁର କରି ତାଙ୍କୁ ସେଇ ଜମି ଦେଲେ ।

ଛୁଟି ଶେଷରେ ଟେଲର୍ ସାହେବ ସ୍ୱସ୍ଥାନକୁ ଫେରିଆସିଲେ ଓ ଲୁକାସ୍ ସାହେବ ଚାଲିଗଲେ । କିଛିଦିନ ଉତ୍ତାରେ ସବ୍‌ଡ଼ିଭିଜନାଲ୍ ଅଫିସର୍ ପ୍ରାଇସ୍ ସାହେବ ଡେପୁଟି କମିଶନରଙ୍କଠାକୁ ରିପୋର୍ଟ କଲେ ଯେ ଉକ୍ତ ପ୍ରଜାକୁ ଯେଉଁ ଜଙ୍ଗଲ ଜମି ଦିଆଯାଇଅଛି ତହିଁରେ ଅନେକଗୁଡ଼ିଏ ମୂଲ୍ୟବାନ୍ ଗଛ ଥିଲା । ତହିଁରୁ ଅନେକ ଗଛର ପରିଧି ପାଞ୍ଚଛଅ ଫୁଟ । ସେ ସବୁ ମୂଳରୁ କାଟି ନେଇଯାଇଅଛି ଓ ଏଥିରେ ସରକାରଙ୍କ ପ୍ରାୟ ଦଶହଜାର ଟଙ୍କା କ୍ଷତି ହୋଇଅଛି । ପ୍ରାଇସ୍ ସାହେବ ନିଜେ ସରଜମିନ୍ ତଦନ୍ତ କରି ଏହାର ସତ୍ୟତା ନିରୂପଣ କରିଅଛନ୍ତି ବୋଲି ଲେଖିଥିଲେ । ଡେପୁଟି କମିଶନର ମୂଳ ତଦନ୍ତକାରୀ କାନୁନ୍‌ଗୋଙ୍କୁ ତତ୍‌କ୍ଷଣାତ୍ ସସ୍‌ପେଣ୍ଡ କରିଦେଲେ ଓ ସେ ମୋର ଅଧୀନସ୍ଥ ଥିବାରୁ ମୋର ମଧ୍ୟସ୍ଥତାରେ ତାଙ୍କ କୈଫିୟତ୍ ତଲବ୍ କଲେ । ମୋତେ କିନ୍ତୁ ଏ ସମ୍ବନ୍ଧରେ କିଛି ପଚାରିଲେ ନାହିଁ । ବର୍ତ୍ତମାନ ମୁଁ ସ୍ପଷ୍ଟ ଭାବରେ ଦେଖିପାରିଲି, ସାହେବଦ୍ୱୟ ମୋ ବିରୁଦ୍ଧରେ ଷଡ଼୍‌ଯନ୍ତ୍ରରେ ମିଳିତ ହୋଇଅଛନ୍ତି । ଉକ୍ତ ଜମି ଉପରେ କୌଣସି ମୂଲ୍ୟବାନ ଗଛ ନଥିଲା ବୋଲି ଯାହା ଲେଖିଥିଲି ତାହା ମିଥ୍ୟା ନ ଥିଲା । ସରଜମିନ୍ ଦେଖି ଏହା ମୁଁ ଲେଖିଥିଲି । ମୋର ଚାକିରି ସରକାରଙ୍କ ହାତରେ ଥିବାରୁ ସହଜରେ ଡେପୁଟି କମିଶନର୍ କିମ୍ବା ସବ୍‌ଡ଼ିଭିଜନାଲ୍ ଅଫିସର୍ ହଠାତ୍ ମୋର କିଛି କରିପାରିବେ ନାହିଁ । ଅଥଚ କାନୁନ୍‌ଗୋଙ୍କ ହର୍ତ୍ତାକର୍ତ୍ତା ଡେପୁଟି କମିଶନର ଥିବାରୁ ନିରପରାଧୀ ତାହାଙ୍କୁ ବଞ୍ଚାଇବା ଉଦ୍ଦେଶ୍ୟରେ ମୁଁ ଲେଖିଦେଲି ଯେ, କାନୁନ୍‌ଗୋ ଯାହା ରିପୋର୍ଟ କରିଅଛନ୍ତି ତାହା ମୋର ଆଦେଶରେ କରିଅଛନ୍ତି ଓ ଏ ସମ୍ବନ୍ଧରେ ସମସ୍ତ ଦାୟିତ୍ୱ ମୋର । ଏଥିଯୋଗୁଁ ସେ ଅବ୍ୟାହତି ପାଇଲେ । ତଥାପି କିନ୍ତୁ ଡେପୁଟି କମିଶନର ମୋତେ କୈଫିୟତ୍ ମାଗିଲେ ନାହିଁ ଓ ନିଜେ ମୋ ବିରୁଦ୍ଧରେ ତଦନ୍ତର ଭାର ଗ୍ରହଣକଲେ । ଏହା ଉତ୍ତାରେ ମୁଁ ପୁଣି ସର୍‌ଜମିନ୍‌କୁ ଯାଇ

Digitized by srujanika@gmail.com

ପ୍ରକୃତରେ ଏପରି ଗୋଟାଏ ଭୁଲ୍ ହୋଇଛି କି ନାହିଁ ପରୀକ୍ଷା କରିବାକୁ ଲାଗିଲି । ଦେଖିଲି, କିଛି ଭୁଲ୍ ହୋଇନାହିଁ। କଥାଟା ବିଶେଷ କିଛି ନଥିଲା, ତିଳକୁ ତାଳ ଓ ଅତିରଞ୍ଜିତ କରାହୋଇଛି ପ୍ରାଇସ୍ ସାହେବଙ୍କ ବିଷ ଦଗ୍ଧ ମାନସିକ ପ୍ରକ୍ରିୟା ଯୋଗୁଁ। ସରଜମିନ୍‌ରୁ ଫେରି ଡେପୁଟି କମିଶନରଙ୍କ ସହିତ ସାକ୍ଷାତ କଲି ଓ ମୋର କୈଫିୟତ୍ ନେବାପାଇଁ ଅନୁରୋଧ କଲି। ସେ କହିଲେ ଯେ ଦରକାର ହେଲେ ନେବେ। ମୁଁ ଅପେକ୍ଷା କଲି, କିନ୍ତୁ କୈଫିୟତ୍‌ର ଆଦେଶ କେବେହେଲେ ପାଇଲି ନାହିଁ। ପୁଣି ଆଉ ଦିନେ ସାକ୍ଷାତ କରି କହିଲି ଯେ, ମୋର ରିପୋର୍ଟ ମିଥ୍ୟା ନୁହେଁ। ପ୍ରାଇସ୍ ପୂର୍ବ ଆକ୍ରୋଶବଶତଃ ଅତିରଞ୍ଜିତ ଅଭିସନ୍ଧିମୂଳକ ରିପୋର୍ଟ ଦେଇଅଛନ୍ତି ଓ ପ୍ରକୃତ କଥା ନଲେଖି କେତେକ କଥା ଲୁଚାଇ ଦେଇଥିବାରୁ ବିଷୟଟି ଜଟିଳତାପୂର୍ଣ୍ଣ ବୋଧ ହେଉଛି ଏବଂ ଡେପୁଟି କମିଶନର ନିଜେ ଯଦି ସରଜମିନ୍‌କୁ ଯିବେ ଓ ମୋତେ ସଙ୍ଗେ ନେବେ ତାହେଲେ ସତ୍ୟାସତ୍ୟ ନିରୂପଣ କରିପାରିବେ। କିନ୍ତୁ ସେ ମୋତେ ଆଉ କିଛି କହିଲେ ନାହିଁ କିମ୍ବା ସରଜମିନ୍‌କୁ ଗଲେ ନାହିଁ। କୈଫିୟତ୍ ଦେବା ଆଶାରେ ନିମ୍ନମର୍ମରେ ତାହା ମୁଁ ପ୍ରସ୍ତୁତକରି ରଖିଲି –

କଥିତ ଜମି ସାନ କେରେଜଙ୍ଗ ମୌଜା ଅନ୍ତର୍ଗତ ଆବାଦଯୋଗ୍ୟ ଛୋଟ ଜଙ୍ଗଲ ଜମି। କାନୁନ୍‌ଗୋ ଓ ମୁଁ ତାହା ଦେଖିବା ସମୟରେ ତହିଁରେ ସାମାନ୍ୟ ବୁଦୁବୁଦିଆ ଜଙ୍ଗଲ ଥିଲା ଓ ତହିଁରେ କୌଣସି ମୂଲ୍ୟବାନ୍ ଗଛ ନଥିଲା। ଏହିପରି ଜମି ଅନୁଗୁଳରେ ସର୍ବତ୍ର ଆବାଦ ସକାଶେ ଦିଆହୁଏ। ଏଥିରେ ଅନେକ ମୂଲ୍ୟବାନ ଗଛ ଥିଲା ଓ ସେ ସବୁ ଦରଖାସ୍ତକାରୀ କାଟି ନେଇ ସରକାରଙ୍କ ଅନେକ କ୍ଷତି କରିଅଛି ବୋଲି ଯେଉଁ ଅଭିଯୋଗ କରାହେଉଅଛି ତାହା ଅମୂଳକ। ଏହି ଅଭିଯୋଗରେ ପୋଷକତାରେ କୁହାଯାଇଥିଲା ଯେ, ବଡ଼ ବଡ଼ ଗଛମାନ ପାଞ୍ଚ ଛଅ ଫୁଟ ପରିଧିବିଶିଷ୍ଟ ଥିବା ପ୍ରମାଣ, କଟା ହୋଇଥିବା ତହିଁର ମୂଳମାନ ଥିଲା ଓ ତାହା ମାପି ପରିଧି ନିରୂପିତ ହୋଇଥିଲା। ଏହି ଜଙ୍ଗଲରେ ପୂର୍ବେ ଏହିପରି ବଡ଼ ଗଛମାନ ଥିଲା। ସେ ସବୁ କଟା ହୋଇଯାଇ ତହିଁର ମୂଳମାନ ରହିଯାଇଥିଲା ଓ ପ୍ରଜା ଭୂମିକୁ ଚାଷର ଉପଯୁକ୍ତ କରିବା ସକାଶେ ସେହି ମୂଳମାନ କାଟି ଭୂମିସାତ୍ କରି ଦେଇଥିଲା ଓ ଭୂମିପତ୍ତନ ସଂଲଗ୍ନ ସେହି ମୂଳର ମୁଣ୍ଡମାନ ମାପହୋଇ ସେହି ପରିଧିର ଗଛର ପ୍ରମାଣ ବୋଲି କୁହା ହୋଇଥିଲା। ତାହା ଯଦି ହୋଇ ନଥାନ୍ତା ତାହାହେଲେ ଏତେଗୁଡ଼ିଏ ଗଛ ଗଲା କାହିଁ? ଏ ସବୁ ଗଛ କାଟିବାପାଇଁ ତ ଅନେକ ଲୋକ ଲାଗିଥିବେ ଓ ସେ ସବୁ ସ୍ଥାନାନ୍ତର କରିବାପାଇଁ ଅନେକ ଗୁଡ଼ିଏ ଗାଡ଼ି ହଳ ଆବଶ୍ୟକ ହୋଇଥିବ। ସେ ସବୁ ଗଛ କେଉଁଠାରେ, ସବ୍‌ଡ଼ିଭିଜନାଲ୍ ଅଫିସର ବା ଡେପୁଟି କମିଶନର ତଦନ୍ତ କରିବାକୁ ଚେଷ୍ଟା ସୁଦ୍ଧା କରିନାହାନ୍ତି। ପଟ୍ଟା ପାଇଥିବା ଲୋକ ଜଣେ ଗରିବ ପ୍ରଜା। ଦଶ ଟଙ୍କା ବେତନରେ ଠିକାଦାର କାର୍ଯ୍ୟ କରେ। ଏତେଗୁଡ଼ିଏ ଗଛ କାଟି

Digitized by srujanika@gmail.com

ସ୍ଥାନାନ୍ତର କରିବା ବ୍ୟୟସାପେକ୍ଷ ଓ ଏହି ଗରିବ ପ୍ରଜା ଏହି ବ୍ୟୟ ବହନ କରିବାରେ ସମ୍ପୂର୍ଣ୍ଣ ଅସମର୍ଥ। ଅତଏବ ଏହି ଜମି ଉପରେ ବହୁମୂଲ୍ୟ ଗଛ ଥିବା ରିପୋର୍ଟ ଅମୂଳକ। ଅଭିଯୋଗର କାରଣ ଡେପୁଟି କମିଶନରଙ୍କ ସମ୍ମୁଖରେ ପ୍ରାଇସ୍ ସାହେବଙ୍କ ସହିତ କଲି ଓ ତାଙ୍କ ପ୍ରତି ମାଡ଼ ଦେଇଥିବାର କଥା ମଧ୍ୟ ଉଲ୍ଲେଖ କଲି।

ଏହା ଉତ୍ତାରେ ଅନେକ ଦିନ ଚାଲିଗଲା। ସରଜମିନ୍‌କୁ ଯାଇ କଥାଟାର ମୀମାଂସା କରି ନେବାକୁ ଡେପୁଟି କମିଶନରଙ୍କୁ ଯେତେ ଅନୁରୋଧ କଲି, କେବେ ହେଲେ ଗଲେନାହିଁ।

ଏହା ଉତ୍ତାରେ ମୋର ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ହାନି ହେବାକୁ ବସିଲା। ତିନିମାସର ଛୁଟି ନେଇ ୧୯୧୪ ମସିହା ସେପ୍ଟେମ୍ବର ୨୩ ତାରିଖରେ ସପରିବାର ଅନୁଗୁଳ ତ୍ୟାଗକଲି। ଅନେକ ପ୍ରଜା ଓ ସରବରାକାର ଆସି ମୋତେ ସସମ୍ମାନ ବିଦାୟ ଦେଇଥିଲେ। ଯିବା ପୂର୍ବରୁ ମୋ ପୂଝାରୀ ଫୁଲଗଡ଼ା ନିବାସୀ କାହ୍ନୁ ତ୍ରିପାଠୀକୁ କିଛି ଭଲ ଜମି ଦେଇଯାଇଥିଲି।

କଟକ-ସମ୍ବଲପୁର ସଡ଼କରେ ବଳଦ ଗାଡ଼ିରେ ଅନୁଗୁଳଠାରୁ ସମ୍ବଲପୁର ପର୍ଯ୍ୟନ୍ତ ଏକଶତ ମାଇଲ ପଥ ମୋତେ ଅତିକ୍ରମ କରିବାକୁ ହୋଇଥିଲା। ଏହି ପଥରେ ୧୯୧୨ ମସିହାରେ ମୋର ପରିବାର ମୋର ଜ୍ୟେଷ୍ଠଭ୍ରାତାଙ୍କ ସହିତ ଆସିଥିଲେ। ଏଥର ମୋ ସାଙ୍ଗରେ ଥିଲେ ମୋ ସ୍ତ୍ରୀ, ଚାରିବର୍ଷର ଜ୍ୟେଷ୍ଠାକନ୍ୟା ମନୋରମା ଓ ଛଅମାସର ପୁତ୍ର ଦୁଃଖୁ, ମୋର ପିତା ଓ ମାତା। ସେତେବେଳେକୁ ସଡ଼କ କଚା। ଆଜିକାଲି ପରି ମଧ୍ୟବର୍ତ୍ତୀ ଅସଂଖ୍ୟ ନାଳ ଉପରେ ପୋଲ ହୋଇନଥିଲା। ବର୍ଷାଋତୁ ଶେଷ ହୋଇନଥିଲା। ସଡ଼କର ଉଭୟ ପାର୍ଶ୍ୱର ନିବିଡ଼ ଜଙ୍ଗଲ, ବାଉଁଶ ଗଛର ମୁଣ୍ଡମାନ ଏ ପାଖରୁ ସେପାଖ ପର୍ଯ୍ୟନ୍ତ ସଂଲଗ୍ନ ହୋଇ ପଥକୁ ଛାୟାବହୁଳ କରି ରଖିଥାନ୍ତି। ଆସୁ ଆସୁ ବାଟରେ ବର୍ଷାଯୋଗୁଁ କୌଣସି କୌଣସି ନାଳରେ ଏତେ ବଢ଼ି ହୋଇଯାଏ ଯେ ସେଠାରେ ଛଅସାତ ଘଣ୍ଟା ଅଟକି ରହି ଯିବାକୁ ହୁଏ। ପ୍ରତି ଆଠ ନଅ ମାଇଲରେ ପୂର୍ତ୍ତବିଭାଗର ସୁସଜ୍ଜିତ ଡାକବଙ୍ଗଳାମାନ। ତହିଁରେ ରହି ରହି ଆମ୍ଭେମାନେ ଆଠ ଦିନରେ ସମ୍ବଲପୁରରେ ପହଞ୍ଚିଲୁଁ।

Digitized by srujanika@gmail.com

ବାଲେଶ୍ୱରରେ ଚାକିରି

ଛୁଟି ଶେଷ ପରେ ମୁଁ ୧୯୧୫ ମସିହା ଜାନୁଆରୀ ମାସରେ ବାଲେଶ୍ୱରରେ ମୋ କାର୍ଯ୍ୟରେ ଯୋଗଦେଲି।

କିଛିଦିନ ଉତ୍ତାରେ ଅନୁଗୁଳ ଓ କଟକରୁ ସମ୍ବାଦ ପାଇଲି ଯେ, ମୁଁ ଛୁଟିରେ ଅନୁଗୁଳ ତ୍ୟାଗକରି ଚାଲିଯିବା ଉତ୍ତାରେ ଓଡ଼ିଶା ବିଭାଗର କମିଶନର ଫିସର୍ ସାହେବ (A. N. Fisher, I.C.S.) ଅନୁଗୁଳ ଗସ୍ତରେ ଯାଇଥିଲେ ଓ ମୋର କାର୍ଯ୍ୟ ବିଶେଷ ଭାବରେ ଯାଞ୍ଚ କରିଥିଲେ। ବିଦ୍ୟାଧର ସିଂହଙ୍କ ଜଙ୍ଗଲ କବୁଲିଅତ୍ ନଥିଟି ତାଙ୍କ ସମ୍ମୁଖରେ ପେସ୍ ହୋଇଗଲା। ସବ୍‌ଡ଼ିଭିଜନ୍ ଅଫିସର ଓ ଡେପୁଟି କମିଶନର ଉକ୍ତ ନଥିରେ ମୁଁ ମିଥ୍ୟା ରିପୋର୍ଟ ଦେଇଥିବା ପ୍ରମାଣ କରାଇବାକୁ ଚେଷ୍ଟା କରିଥିଲେ ଓ କମିଶନର ସେମାନଙ୍କ ରିପୋର୍ଟକୁ ସମର୍ଥନ କରି ମୋର ଭବିଷ୍ୟତ ଉନ୍ନତି ପାଞ୍ଚବର୍ଷ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ଗଭର୍ଣ୍ଣମେଣ୍ଟଙ୍କୁ ସୁପାରିଶ କରିଥିଲେ। ଏହାର ଅଳ୍ପଦିନ ଉତ୍ତାରେ କମିଶନର ବାଲେଶ୍ୱରକୁ ଗସ୍ତରେ ଆସିଲେ। ତାଙ୍କ ସହିତ ସାକ୍ଷାତରେ ବିଶେଷତଃ ଅନୁଗୁଳ ବିଷୟ ଉଲ୍ଲେଖ କରି ମୁଁ ଅନୁଗୁଳରେ ମୋର କାର୍ଯ୍ୟ ଭଲଭାବରେ କରିନଥିବାରୁ ସେ ମୋର ଉନ୍ନତି ପାଞ୍ଚବର୍ଷ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଗଭର୍ଣ୍ଣମେଣ୍ଟକୁ ଲେଖିଅଛନ୍ତି ବୋଲି କହିଲେ। ମୁଁ କହିଲି ଯେ, ତାହା ମୋ ବିପକ୍ଷରେ ସବ୍‌ଡ଼ିଭିଜନାଲ୍ ଅଫିସର ଓ ଡେପୁଟି କମିଶନରଙ୍କ ଷଡ଼ଯନ୍ତ୍ରର ଫଳ ଓ ମୋ ବିପକ୍ଷରେ ଏହି କାର୍ଯ୍ୟାନୁଷ୍ଠାନ ଉଚିତ ବୋଲି ଯଦି କମିଶନର ମନେକଲେ ତାହାହେଲେ ମୋ ପ୍ରତି ଦଣ୍ଡବିଧାନ ପାଇଁ ଲେଖିବାପୂର୍ବେ ମୋଠାରୁ କୈଫିୟତ୍ ନେଇଥିଲେ ନ୍ୟାୟସଙ୍ଗତ ହୋଇଥାନ୍ତା। କମିଶନର କହିଲେ ଯେ, ଡେପୁଟି କମିଶନର ନିଜେ ସରଜମିନ୍ ତଦନ୍ତ କରିଥିଲେ ଓ ତାଙ୍କ ମନ୍ତବ୍ୟରେ ମୋ ବିପକ୍ଷରେ ପ୍ରମାଣ ଏତେ ସନ୍ତୋଷଜନକ ଯେ, କୈଫିୟତ୍ ନେବା ସେ ଆବଶ୍ୟକ ମନେକଲେ ନାହିଁ। ଦେଖିଲି, ବିଷମ ବୁଝାମଣା। ଆତ୍ମପକ୍ଷ ସମର୍ଥନ ପକ୍ଷରେ ଜବାବ ନନେଇ ଦୋଷୀପ୍ରତି ଦଣ୍ଡବିଧାନ ଇଂରେଜ ରାଜତ୍ୱରେ କୌଣସିଠାରେ ନ୍ୟାୟସଙ୍ଗତ ବିବେଚିତ ହୋଇନାହିଁ, ମଧ୍ୟ ଏହା ନିୟମ ବିରୁଦ୍ଧ। ତହିଁରେ ମୁଁ କୈଫିୟତ୍ ଦେବି ବୋଲି କହିଲି ଓ ତାହା ଗଭର୍ଣ୍ଣମେଣ୍ଟଙ୍କ ନିକଟକୁ ପଠାଇଦେବାପାଇଁ ଅନୁରୋଧ କଲି। ସେଥିରେ କିଛି ଫଳ ହେବନାହିଁ ବୋଲି କମିଶନର ସାହେବ କହିଲେ। ମୁଁ କିନ୍ତୁ ହଟିଲି ନାହିଁ ଏବଂ ଯେଉଁ କୈଫିୟତ୍ ଅନୁଗୁଳରେ ପ୍ରସ୍ତୁତ କରି ରଖିଥିଲି ତହିଁର କିତାଏ ଗଭର୍ଣ୍ଣମେଣ୍ଟଙ୍କଠାକୁ ସିଧାସଳଖ ଓ ଆଉ କିତାଏ କମିଶନରଙ୍କ ମଧ୍ୟସ୍ଥତାରେ

Digitized by srujanika@gmail.com

ପଠାଇ ଦେଲି। ମୋ ବିରୁଦ୍ଧରେ ଅଭିଯୋଗର କାରଣ ଅନୁଗୁଳ ଡେପୁଟି କମିଶନରଙ୍କ ସମ୍ମୁଖରେ ପ୍ରାଇସ୍ ସାହେବଙ୍କ ଘଟଣା ବିଶେଷ ଭାବରେ ଉଲ୍ଲେଖ କରିଥିଲି। ମୋ ପ୍ରତି କମିଶନରଙ୍କ ଲିଖିତ ଦଣ୍ଡବିଧାନ ହେଲେ ମୁଁ ଚାକିରି ଇସ୍ତଫା ଦେଇ ଲ (ଆଇନ) ପଢ଼ିବା ସକାଶେ କଲିକତାକୁ ଚାଲିଯିବି ବୋଲି ପ୍ରସ୍ତୁତ ହୋଇ ରହିଲି।

ମୋର ସହାଧ୍ୟାୟୀ ବର୍ତ୍ତମାନ ଅବସରପ୍ରାପ୍ତ ଜିଲ୍ଲାଜଜ୍ ଶ୍ରୀ ରମେଶଚନ୍ଦ୍ର ମିତ୍ର ଅଳ୍ପଦିନ ପୂର୍ବେ ସେ ଇହଧାମ ତ୍ୟାଗ କରିଅଛନ୍ତି। ସେହି ସମୟରେ ବାଲେଶ୍ୱରରେ ମୁନସିଫ୍ ହୋଇ ରହିଥିଲେ। ଦିନେ ସେ ମୋ ବସାକୁ ଆସି ବିହାର ଓଡ଼ିଶାର ଗେଜେଟ୍ ମୋତେ ଦେଖାଇଲେ। ତାଙ୍କୁ ତ ଅନୁଗୁଳ ଘଟଣା ସମ୍ବନ୍ଧରେ କହିଥିଲି। ଦେଖିଲି ଟ.୧୫୦/- ଗ୍ରେଡ୍‌ରୁ ଟ.୧୭୫/- ଗ୍ରେଡ୍‌କୁ ଉନ୍ନତି ହୋଇଅଛି। ଏହାର କାରଣ ବୁଝିପାରିଲି ନାହିଁ। କମିଶନର୍‌ଙ୍କ ସୁପାରିଶମତେ ପାଞ୍ଚବର୍ଷ ସକାଶେ ମୋର ଉନ୍ନତି ସ୍ଥଗିତ ହେବାକଥା, ଆଉ କାହିଁ ତାହା ନହୋଇ ମୋର ଉନ୍ନତି ହୋଇଛି ! ବର୍ତ୍ତମାନପରି ସେହି ସମୟରେ ଦରମା ବର୍ଷକୁ ବର୍ଷ ବୃଦ୍ଧି ହେବା ନିୟମ ନଥିଲା। ଦରମା ବୃଦ୍ଧି ସ୍ତର (Grade) ଥିଲା। ପ୍ରଥମ ସ୍ତରର ଦରମା ୧୦୦ ଟଙ୍କାରୁ ୧୫୦ ଟଙ୍କା, ୧୭୫ ଟଙ୍କା, ୨୦୦ ଟଙ୍କା ଓ ପଞ୍ଚମ ସ୍ତରରେ ଟ.୨୫୦/- । ଅବସର ନେବା ଅଥବା ଅନ୍ୟ କାରଣରେ ଉର୍ଦ୍ଧ୍ୱସ୍ତରରେ ସ୍ଥାନ ଖାଲି ହେଲେ ନିମ୍ନସ୍ତରରୁ ଉନ୍ନତି ମିଳୁଥିଲା।

ପରଦିନ କଚେରୀକୁ ଗଲାରୁ ମୋ ପେସ୍କାର ଆଣି ମୋତେ ସରକାରଙ୍କଠାରୁ ଆସିଥିବା ହୁକୁମ ଦେଖାଇଲେ। ତହିଁରୁ ଜାଣିଲି, ଲେଫଟ୍‌ନାଣ୍ଟ ଗଭର୍ଣ୍ଣର ସାର୍ ଏଡ୍‌ୱାର୍ଡ଼ ଗେଟ୍ (Sir Edward Gait) ଅନୁଗୁଳ ଡେପୁଟି କମିଶନର ଓ ଓଡ଼ିଶା ବିଭାଗର କମିଶନରଙ୍କ ମନ୍ତବ୍ୟକୁ ଅଗ୍ରାହ୍ୟକରି ମୋତେ ନିର୍ଦ୍ଦୋଷ ସାବ୍ୟସ୍ତ କରିଅଛନ୍ତି। ଭଗବାନଙ୍କ ରାଜ୍ୟରେ ଅବିଚାରର ସ୍ଥାନ ନାହିଁ। ଏହା ଉତ୍ତାରେ ଏହି ଘଟଣା ସମ୍ପର୍କରେ ମୋତେ ଅନେକ ବନ୍ଧୁ ଅଭିବାଦନ ଜଣାଇଲେ।

ଚାକିରି ଜୀବନର ପ୍ରଥମ ଦ୍ୱନ୍ଦ୍ୱ ମଧ୍ୟରେ ପ୍ରାଣରେ ଆଘାତ ପ୍ରାପ୍ତ ହୋଇ ତତ୍‌ପ୍ରତି ବୀତଶ୍ରଦ୍ଧ ହୋଇଥିଲି ଓ ତତ୍‌ପରେ ସ୍ୱାଧୀନ ଜୀବନଯାପନର ମଧୁମୟ ସ୍ୱପ୍ନ ନିଷ୍ଫଳ ହୋଇଥିବା ଦେଖି କର୍ମକୁ ଆଦରି ରହି କାର୍ଯ୍ୟରେ ମନୋନିବେଶ କରିବାକୁ ଲାଗିଲି।

୧୯୧୫ ସାଲର ମଧ୍ୟଭାଗରେ ବାଲେଶ୍ୱର ନିକଟବର୍ତ୍ତୀ ସମୁଦ୍ର ଉପକୂଳସ୍ଥ କେତେକ ଅଞ୍ଚଳରେ କ୍ରମାଗତ ଅନାବୃଷ୍ଟି ଯୋଗୁଁ ଅନ୍ନାଭାବ ହୋଇଥିଲା। କଲେକ୍ଟର ସାହେବ ମୋତେ ସେହି ଅଞ୍ଚଳକୁ ତଦନ୍ତ ସକାଶେ ପଠାଇଲେ। ତାଳପଦା ନାମକ ଏକ ଗ୍ରାମ ଏହି ଅଞ୍ଚଳର କେନ୍ଦ୍ରସ୍ଥଳ, ବାହାନଗା ବଜାର ଷ୍ଟେସନରୁ ଆଠ ମାଇଲ ଦୂରରେ ଏହି ଗ୍ରାମ ସମୁଦ୍ରକୂଳରେ ଅବସ୍ଥିତ। ସେଠାରେ ରହି ମୁଁ ଚତୁଃପାର୍ଶ୍ୱସ୍ଥ ଗ୍ରାମମାନ ବୁଲି ଦେଖିଲି, ପ୍ରକୃତରେ ଏତେ ଅନ୍ନାଭାବ ହୋଇଅଛି ଯେ, ସମ୍ଭ୍ରାନ୍ତ ପରିବାରର ଲୋକେ ସୁଦ୍ଧା ଓଳିଏ ଖାଇବା ଭଳି ଅନ୍ନସଂସ୍ଥାନ କରିପାରୁନାହାଁନ୍ତି। ନିମ୍ନଶ୍ରେଣୀର ଲୋକମାନେ ଦିନୁଦିନ ଅନାହାରରେ ରହିଯାଉଅଛନ୍ତି। ସ୍ତ୍ରୀ, ଶିଶୁମାନେ ଅସ୍ଥିଚର୍ମସାର ହୋଇଯାଇଅଛନ୍ତି। ଏକ ସ୍ଥାନରେ ଦେଖିଲି,

Digitized by srujanika@gmail.com

ନିଜ ସନ୍ତାନ ମୁଖରୁ ମା' ଅନ୍ନ ଛଡ଼ାଇ ନେଇ ନିଜେ ଖାଇଯାଉଅଛି । ମୁଁ ପ୍ରକୃତ ଅବସ୍ଥା କଲେକ୍ଟରଙ୍କୁ ଜଣାଇଲି । ସେ ସସ୍ତ୍ରୀକ ନିଜେ ଲୋକଙ୍କ ଅବସ୍ଥା ଦେଖିବେ ବୋଲି ମୋତେ ତାଳପଦା ଅଞ୍ଚଳକୁ ଆସିଥିବା ନାଳକୂଳରେ ଏହିପରି ଲୋକଙ୍କୁ ଏକତ୍ରିତ କରି ରଖିବାପାଇଁ କହିଲେ । ମୁଁ ସହସ୍ର ସହସ୍ର ଲୋକ ରଖିଦେଲି । କଲେକ୍ଟର ଆସି ଯେତେବେଳେ ସେମାନଙ୍କୁ ଦେଖିଲେ, ତାଙ୍କ ଚକ୍ଷୁଦ୍ୱୟ ଅଶ୍ରୁପ୍ଲାବିତ ହୋଇଗଲା । ମୁଁ ପ୍ରତ୍ୟକ୍ଷ ଦେଖିଲି, ଚକ୍ଷୁଦ୍ୱୟ ରୁମାଲରେ ପୋଛୁଛନ୍ତି । ସେମାନଙ୍କ ସକାଶେ ବିହିତ ବ୍ୟବସ୍ଥା କରିବେ ବୋଲି କହି ସେ ସେହିଦିନ ଚାଲିଗଲେ ।

ମୁଁ କିନ୍ତୁ ଯାଇପାରିଲି ନାହିଁ । ତାଳପଦା ଡିଷ୍ଟ୍ରିକ୍ଟ ବୋର୍ଡ଼ ବଙ୍ଗଳାରେ ରହି ଅନାହାରକ୍ଳିଷ୍ଟ ଲୋକଙ୍କୁ ଦୁଇଚାରିଦିନ ପାଇଁ ହେଲେ କିମ୍ବା ସରକାରଙ୍କ ପକ୍ଷରୁ କିଛି ବ୍ୟବସ୍ଥା ହେବାଯାଏ ଅନ୍ନ ଯୋଗାଇଦେବା ପାଇଁ ବ୍ୟବସ୍ଥା କରିବା ସ୍ଥିରକଲି । ସେହିଅଞ୍ଚଳର ଅନେକ ଗ୍ରାମ ବୁଲି ସଙ୍ଗତିସମ୍ପନ୍ନ ଲୋକଙ୍କଠାରୁ କିଛି କିଛି ଚାଉଳ ସଂଗ୍ରହକରି ତାଳପଦାରେ ଗୋଟିଏ ଅନ୍ନଛତ୍ର ଖୋଲିଦେଲି । ସେହିଅଞ୍ଚଳର ଜଣକେତେ ଉତ୍ସାହୀ ଯୁବକ ସ୍ୱେଚ୍ଛାସେବକ ହୋଇ ବାହାରିପଡ଼ିଲେ ଓ ରୋଷେଇ ଆଦି କାର୍ଯ୍ୟରେ ଲାଗିଗଲେ । ଦୁଇଦିନ ପରେ ମୋ କାର୍ଯ୍ୟର ଗୋଟିଏ ବିବରଣୀ କଲେକ୍ଟରଙ୍କୁ ଦେଲି । କଲେକ୍ଟର ମୋର କାର୍ଯ୍ୟର ଅନୁମୋଦନ କଲେ ।

ପ୍ରାୟ ଏକ ସପ୍ତାହ ଉତ୍ତାରେ ଓଡ଼ିଶା ବିଭାଗର କମିଶନର ଗ୍ରୁନିଂ ସାହେବ (Grunning) ବାଲେଶ୍ୱରକୁ ଆସିଲେ । ଦୁର୍ଭିକ୍ଷ ହୋଇଥିବା ବିଷୟ ସେ ସ୍ୱୀକାର କଲେନାହିଁ କିମ୍ବା ଅନାହାରକ୍ଳିଷ୍ଟ ଲୋକଙ୍କ ଦୁଃଖମୋଚନ ସକାଶେ ସୁଦ୍ଧା କୌଣସି ବ୍ୟବସ୍ଥା କଲେନାହିଁ । କିନ୍ତୁ କଲେକ୍ଟର ଏଥିରେ ପଶ୍ଚାତ୍‌ପଦ ହେଲେନାହିଁ । ଆମ୍ଭମାନଙ୍କ ମଧ୍ୟରୁ କେତେକ ଅଫିସରଙ୍କୁ ଡାକି ଭିକ୍ଷାଲବ୍‌ଧ ଟଙ୍କା ଓ ଚାଉଳ ସାହାଯ୍ୟରେ ଅନ୍ନଶାଳାମାନ ଚଳାଇବା ସକାଶେ ଉଦ୍‌ବୁଦ୍ଧ କରିବାକୁ ଲାଗିଲେ । ବାଲେଶ୍ୱର ଟାଉନ୍‌ହଲ୍‌ରେ ଗୋଟିଏ ସଭା ହେଲା ଓ ସେଠାକୁ ଜିଲ୍ଲାସ୍ଥ ଜମିଦାର, ମହାଜନ ଇତ୍ୟାଦି ଲୋକଙ୍କୁ ଡାକି ବିପନ୍ନ ଲୋକଙ୍କ ଅନାହାର କଷ୍ଟ ମୋଚନ ସକାଶେ କରୁଣୋକ୍ତି ପ୍ରକାଶ କଲେ ଓ ସେମାନଙ୍କ ବଦାନ୍ୟତା ଆକର୍ଷଣ କରିବା ଉଦ୍ଦେଶ୍ୟରେ ଉକ୍ତ ସଭାରେ ନିଜେ ଏକସହସ୍ର ଟଙ୍କା ମୂଲ୍ୟର ଗୋଟିଏ ନୋଟ୍ ନିଜ ଦାନ ବୋଲି ରଖିଦେଇ କହିଲେ ଯେ, ଅନ୍ନଶାଳାର ଆବଶ୍ୟକତା ଦୂର ନହେବା ଯାଏ ସେ ସ୍ୱହସ୍ତରୁ ମାସିକ ପାଞ୍ଚଶତ ଟଙ୍କା ଲେଖାଏଁ ଏହି ଉଦ୍ଦେଶ୍ୟରେ ଦେଉଥିବେ । କହିବା ବାହୁଲ୍ୟ, ଏହି ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ ଉପସ୍ଥିତ ଭଦ୍ରବ୍ୟକ୍ତିମାନେ ଆଶାତୀତ ଅର୍ଥ ଦାନକଲେ ଓ ଏଥିରେ ଓ ପରେ ସଂଗୃହୀତ ଅର୍ଥ ସାହାଯ୍ୟରେ ଅନାହାରକ୍ଳିଷ୍ଟ ଲୋକଙ୍କ କଷ୍ଟ ବହୁ ପରିମାଣରେ ଦୂର ହୋଇଥିଲା ।

କଲେକ୍ଟର କିଲ୍‌ବି ସାହେବ (R. G. Kilebfy, I.C.S.) ଅତ୍ୟନ୍ତ ଦୟାଳୁ ଲୋକ । ସେହି ସମୟରେ ତାଙ୍କ ସମ୍ବନ୍ଧରେ ଗୋଟିଏ ଗଳ୍ପ ଶୁଣିବାକୁ ପାଇଥିଲି । ସେ ବଙ୍ଗ ପ୍ରଦେଶର କୌଣସି ଜିଲ୍ଲାରେ କଲେକ୍ଟର ଥିବା ସମୟରେ ତାଙ୍କ ଭାରତବାସୀ ଭୃତ୍ୟକୁ ପାଗଳ କୁକୁର କାମୁଡ଼ିଲା । କାମୁଡ଼ିବାମାତ୍ରେ ସାହେବ ତାହାର କ୍ଷତ ସ୍ଥାନରେ ମୁହଁ ଲଗାଇ ବିଷ

Digitized by srujanika@gmail.com

ଟାଣିନେଲେ ଓ ନିଜେ ଜଳାତଙ୍କ ରୋଗରେ ଆକ୍ରାନ୍ତ ହେଲେ। ଏହା କରିବା କାରଣ ସ୍ୱରୂପ ସେ କହିଲେ ଯେ, ସେ ରୋଗାକ୍ରାନ୍ତ ହେଲେ ନିଜ ପଦ ଯୋଗୁଁ ସରକାରୀ ଡାକ୍ତରମାନେ ସୁଦ୍ଧା ତାଙ୍କ ସୁଚିକିତ୍ସା କରିବେ, କିନ୍ତୁ ସାମାନ୍ୟ ଭୃତ୍ୟ ପ୍ରତି ଅବହେଳା ଯୋଗୁଁ ତାହାର ପ୍ରାଣ ବିନାଶ ହେବ।

ଅନ୍ନଶାଳା ସ୍ଥାପନ କରି ଓ ଅନାହାରକ୍ଳିଷ୍ଟ ଲୋକଙ୍କୁ ଅନ୍ନଦାନ କରି ମୁଁ ଯେ କେତେ ସୁଖାନୁଭବ କରୁଥିଲି ତାହା ବର୍ଣ୍ଣନାତୀତ। ଯେଉଁମାନେ ମୁଠାଏ ଭାତ ଖାଇବାକୁ ଆସୁଥିଲେ ସେମାନେ ମୋତେ କେତେ ଆଶୀର୍ବାଦ ଦେଇ ଯାଉଥିଲେ।

ଦିନେ କିଲ୍‌ବି ସାହେବ ଓ ମୁଁ ଗୋଟିଏ ସଡ଼କ ଦେଇ ବାଇସାଇକେଲ୍‌ରେ ଯାଉଥିବା ସମୟରେ ଗୋଟିଏ ପାଲିଙ୍କି ଆସିଲା ଓ ତାହା ପଛରେ ଭାର ବୋହି କେତେକ ଲୋକ ଯାଉଥିଲେ। ପାଲିଙ୍କି ବେହେରାଙ୍କ ଡାକ ଶୁଣି ସାହେବ ଓହ୍ଲାଇ ପଡ଼ି ସଡ଼କ କଡ଼ରେ ବସିଲେ ଓ ମୁଁ ମଧ୍ୟ ତାଙ୍କ ପାଖରେ ବସିଲି । ତାଙ୍କ ଆଦେଶରେ ସେମାନଙ୍କୁ ପଚାରି ବୁଝିଲି ଓ ତାଙ୍କୁ କହିଲି ଯେ, ଗୋଟିଏ ବୋହୂ ପାଲିଙ୍କିରେ ଶ୍ୱଶୁରାଳୟକୁ ଯାଉଅଛି ଓ ସେହି ଭାରଗୁଡ଼ିକରେ ମୁଆଁ, ଖଜା ଆଦି ଖାଦ୍ୟଦ୍ରବ୍ୟ ହାଣ୍ଡିମାନଙ୍କରେ ଯାଉଅଛି। ଏହି ସମୟରେ କଙ୍କାଳମାତ୍ରାବିଶିଷ୍ଟା ଜଣେ ଯୁବତୀ ସେଠାରେ ଉପସ୍ଥିତ ହେଲା ଓ ଆମ୍ଭମାନଙ୍କୁ ଦେଖି ସେଠାରେ ଠିଆହୋଇ ରହିଲା। ତାକୁ ପଚାରି ବୁଝିଲି ଓ ସାହେବଙ୍କୁ କହିଲି ଯେ, ତାହାଠାରେ ଖାଇବାକୁ କିଛି ନଥିଲା। ବସ୍ତୁତଃ ସେ କ୍ଷୁଧାର୍ତ୍ତ ଥିବା ତାହା ରୂପରୁ ସ୍ପଷ୍ଟଭାବରେ ଜଣାଯାଉଥିଲା। ହାଣ୍ଡିରେ ଥିବା ଖାଦ୍ୟ ଦ୍ରବ୍ୟରୁ କିଛି ସେହି ବାଳିକାକୁ ଦେବା ସକାଶେ ସେମାନଙ୍କୁ ଅନୁରୋଧ କରିବା ପାଇଁ ସାହେବ ମୋତେ କହିଲେ ଓ ତଦନୁସାରେ ସେମାନଙ୍କୁ କହିବାରେ ପ୍ରଥମରେ ସେମାନେ ଅନିଚ୍ଛା ପ୍ରକାଶ କଲେ। କିନ୍ତୁ ପରେ ହାଣ୍ଡିରୁ କିଛି ମୁଆଁ ଓ ଖଜା କାଢ଼ି ବାଳିକା ହସ୍ତରେ ଅର୍ପଣ କଲେ। ବାଳିକା ଆଗ୍ରହ ସହକାରେ ଖାଇବାକୁ ଲାଗିଲା। ତାହାର ଚାଲିବା ଶକ୍ତି ନଥିଲା। ତାକୁ ପଚାରି ଜଣାଗଲା, ତାହାର ଘର ସେଠାରୁ ଏକକ୍ରୋଶ ଦୂରରେ। ସକାଳୁ ଭିକ୍ଷା ସଂଗ୍ରହାର୍ଥେ ବାହାରିଥିଲା। କିନ୍ତୁ କିଛି ପାଇଲା ନାହିଁ। ସାହେବ ପାଲିଙ୍କିରୁ ବୋହୂକୁ ଓହ୍ଲାଇ ବାଳିକାକୁ ତହିଁରେ ନେଇ ତାହା ଘରେ ଛାଡ଼ିଆସିବା ପାଇଁ ବାଧ୍ୟକଲେ। ସେମାନେ ତାକୁ ଛାଡ଼ିଦେଇ ସେହିସ୍ଥାନକୁ ଫେରିଲା ପରେ ସାହେବ ସେମାନଙ୍କ ହସ୍ତରେ ଦଶଟଙ୍କାର ଖଣ୍ଡିଏ ନୋଟ୍ ଅର୍ପଣ କଲେ। ବୋହୂ ଚାଲିଯିବା ପର୍ଯ୍ୟନ୍ତ ଆମ୍ଭେମାନେ ସେଠାରେ ବସିରହିଲୁଁ।

ଯେଉଁ ସ୍ଥାନୀୟ ଯୁବକମାନେ ଏହି ପବିତ୍ର କାର୍ଯ୍ୟରେ ପରମ ଉତ୍ସାହ ପ୍ରଦର୍ଶନ କରୁଥିଲେ ଏହି ଦୀର୍ଘ ୪୫ ବର୍ଷ ପରେ ସେମାନଙ୍କ ନାମ ମନେ ହେଉନାହିଁ, ସେମାନଙ୍କ ସାହାଯ୍ୟ ବିନା ରନ୍ଧନଶାଳାର କାର୍ଯ୍ୟ ଚଳାଇବା ସମ୍ଭବପର ନଥିଲା। ଡାକିଲା ମାତ୍ରକେ ସେମାନେ ଉପସ୍ଥିତ ହେଉଥିଲେ ଓ ନାନାଗ୍ରାମରେ ବୁଲି ବସ୍ତା ବସ୍ତା ଚାଉଳ ଓ ଭାର ଭାର ପରିବା ସଂଗ୍ରହ କରି ଆଣୁଥିଲେ । ଭିକ୍ଷାଦ୍ୱାରା ଲୁଗାପଟା ମଧ୍ୟ ସଂଗୃହୀତ ହେଲା ଓ ବିଶେଷତଃ ସ୍ତ୍ରୀମାନଙ୍କ ମଧ୍ୟରେ ବିତରଣ କରାହେଉଥିଲା।

Digitized by srujanika@gmail.com

ଆଉ ଦିନକର ଘଟଣା ଅତ୍ୟନ୍ତ ମର୍ମନ୍ତୁଦ। ତାଳପଦା ଜମିଦାର ଘର କଥା ମନେହେଉଛି। ବାଲେଶ୍ୱରକୁ ଦିନକ ପାଇଁ ଯାଇ ଫେରିଲା ସମୟରେ ଘରୁ ମୋର ବ୍ୟବହାର୍ଯ୍ୟ ଜିନିଷପତ୍ର ନେଇ ଆସିବାକୁ ଚପରାସୀକୁ କହି ଆସିଲି। ବାଲେଶ୍ୱରରୁ ବାହାନଗା ବଜାର ଷ୍ଟେସନ୍‌କୁ ରେଲ୍‌ରେ ଆସି ସଡ଼କରେ ଆଠମାଇଲ ଆସିଲେ ତାଳପଦା। ଗୋଟାକେତେ ଗ୍ରାମ ବୁଲି ଷ୍ଟେସନ୍‌କୁ ଆସି ଦେଖିଲି, ଚପରାସୀ ଆସିନାହିଁ। ବାଇସାଇକେଲ୍‌ରେ ତାଳପଦା ଆସିଲି। ସେଠାରେ ସୁଦ୍ଧା ଚପରାସୀକୁ ଦେଖିଲି ନାହିଁ। ଖାଇବାପାଇଁ ମୋ ପାଖରେ ସେତେବେଳେ କିଛିନାହିଁ। ଶୁଣିଥିଲି, ଜମିଦାରଙ୍କ ଠାକୁର ଘର ଅଛି। ତାଙ୍କଠାରୁ ଯାଇ ରାତିରେ ଠାକୁରଙ୍କ ପ୍ରସାଦ ସେବନ କରିବା ଇଚ୍ଛା ପ୍ରକାଶ କଲି। ରାତିରେ ଖାଇବା ସମୟ ଉପସ୍ଥିତ ହେଲାରୁ ସେଠାକୁ ଗଲି। ଦେଖିଲି, ଠାକୁର ଘରର ଦ୍ୱାର ବନ୍ଦ, ଅନ୍ଧକାର। କେହି ନାହାଁନ୍ତି। ଜମିଦାରଙ୍କୁ ଡାକିଲି, ସେ ଆସିଲେ ଓ ମୋତେ ଦେଖିବା ମାତ୍ରକେ ବ୍ୟାକୁଳଭାବରେ କାନ୍ଦିବାକୁ ଲାଗିଲେ। କାରଣ କିଛି ବୁଝି ପାରିଲିନାହିଁ। ଭଦ୍ରବ୍ୟକ୍ତି ମିଷ୍ଟାଳାପୀ ରାଧାନାଥ ଦାସ। ବହୁ କଷ୍ଟରେ କହିଲେ, ଦୁଇଦିନ ହେଲା ତାଙ୍କ ଘରେ ଚୁଲୀ ଜଳିନାହିଁ। ଠାକୁରଙ୍କ ଅନ୍ନଭୋଗ ହୋଇନାହିଁ। ଏହା କହି ମୋତେ ଘର ଭିତରକୁ ଡାକିନେଲେ। ଘର ଭିତରେ ଜଣକେତେ ସ୍ତ୍ରୀ ଓ ଝିଅମାନେ ଆସି ମୋତେ ପ୍ରଣାମ କଲେ। ଦେଖିଲି, ସମସ୍ତଙ୍କ ଦେହରେ ଛିନ୍ନବସ୍ତ୍ର। ସେମାନଙ୍କୁ ଦେଖି ମୋ ଆଖିରୁ ଲୁହ ବହିବାକୁ ଲାଗିଲା। ଭାବିଲି, ସାଧାରଣ ଲୋକଙ୍କ ତୁଲ୍ୟ ଏହି ଶ୍ରେଣୀୟ ଲୋକେ ନିରବରେ ମରିବେ ପଛେ ଭିକ୍ଷା ମାଗିବାକୁ କିମ୍ବା ଅନ୍ନଛତ୍ରକୁ ଭାତମୁଠାକ ପାଇଁ ଯାଇପାରିବେ ନାହିଁ। ତତ୍‌କ୍ଷଣାତ୍ ଯାଇ ଏମାନଙ୍କ ସକାଶେ ଚାଉଳ, ଡାଲି, ଲୁଣ, ପରିବା ଓ ପ୍ରତ୍ୟେକଙ୍କ ସକାଶେ ଖଣ୍ଡେ ଲେଖାଏଁ ଲୁଗା ପଠାଇଦେଲି ଓ ଯେତେଦିନ ରହିଲି ପ୍ରାୟ ପ୍ରତ୍ୟେକ ଦିନ ଠାକୁରଘର ପ୍ରସାଦ ସେବନ କରିବାକୁ ଲାଗିଲି ।

ଏହି ପ୍ରକାରେ ଅନ୍ନଛତ୍ରର କାର୍ଯ୍ୟ ବର୍ଷାରମ୍ଭ ପର୍ଯ୍ୟନ୍ତ ଚାଲିଲା। ସରକାରଙ୍କ ପ୍ରଦତ୍ତ ତଗାବି ଋଣ ଓ ବନ୍ଧୁବାନ୍ଧବଙ୍କ ସାହାଯ୍ୟରେ ଯେତେବେଳେ ଲୋକେ ଚାଷକାର୍ଯ୍ୟ ଆରମ୍ଭ କଲେ, ଅନ୍ନଛତ୍ର ବନ୍ଦକରି ଦିଆହେଲା।

୧୯୧୪ ମସିହାରେ ପ୍ରଥମ ଇଉରୋପୀୟ ମହାସମର ଆରମ୍ଭ ହୋଇଥିଲା। ଏକ ପକ୍ଷରେ ଇଂଲଣ୍ଡ, ଫ୍ରାନ୍‌ସ ଓ ଆମେରିକା ଓ ଅପର ପକ୍ଷରେ ଜର୍ମାନୀ, ଅଷ୍ଟ୍ରିଆ ଓ ତୁରସ୍କ । ଏମ୍‌ଡ଼େନ୍ (Emden) ନାମକ ଜର୍ମାନୀର ଗୋଟିଏ ବୁଡ଼ାଜାହାଜ ବଙ୍ଗୋପସାଗରରେ ବିଚରଣ କରି ବାଲେଶ୍ୱରର ଅଳ୍ପଦୂରରେ ସମୁଦ୍ରରେ ଦେଖା ଦେଇଥିବା ଜନରବ ହେବାରୁ ବାଲେଶ୍ୱରରେ ଭୀଷଣ ଆତଙ୍କ ସୃଷ୍ଟି ହୋଇଥିଲା। ଅଳ୍ପଦିନ ଉତ୍ତାରେ ତାହା ଇଂରେଜ ନୌବାହିନୀ ହସ୍ତରେ ପଡ଼ିଥିଲା।

ଅତି ଅଳ୍ପ କାଳ – ପ୍ରାୟ ଦଶମାସ – ମୁଁ ବାଲେଶ୍ୱରରେ ରହିଥିଲି । ୧୯୧୫ ସାଲ ପୂଜା ପରେ ଅକ୍ଟୋବର ମାସରେ ମୁଁ ଉତ୍ତର ବିହାର ବନ୍ଦୋବସ୍ତ କାର୍ଯ୍ୟରେ ଚାଲିଗଲି।

Digitized by srujanika@gmail.com

ବିହାରରେ ଚାକିରି

୧୯୧୫ ସାଲର ପୂଜା ପରେ ମୁଁ ଉତ୍ତର ବିହାରକୁ ବନ୍ଦୋବସ୍ତ କାର୍ଯ୍ୟରେ ବଦଳି ହେଲି ଓ ସାରଣ ଜିଲ୍ଲାର ସିୱାନ୍ ସବ୍‌ଡ଼ିଭିଜନ୍‌ର କେନ୍ଦ୍ର ଉକ୍ତ ନାମର କ୍ଷୁଦ୍ର ସହରରେ ମୋ କାର୍ଯ୍ୟରେ ଯୋଗଦେଲି। ଉତ୍ତର ବିହାରର ସାରଣ ଓ ଚମ୍ପାରଣ ଜିଲ୍ଲାରେ ୧୯୧୪ ସାଲରୁ ବନ୍ଦୋବସ୍ତ କାର୍ଯ୍ୟ ଆରମ୍ଭ ହୋଇଥିଲା। ମୋ ପୂର୍ବେ ଓଡ଼ିଶାରୁ କେତେକ ଅଫିସର ଚମ୍ପାରଣକୁ ଯାଇ ରହିଥିଲେ। ୧୯୧୫ ସାଲରେ ମୁଁ ଓ ସବ୍‌ଡେପୁଟି କଲେକ୍ଟର ଗୋପାଳଚରଣ ପଟ୍ଟନାୟକ, ସଦାନନ୍ଦ ପଟ୍ଟନାୟକ ଓ ଗଣେଶ ଚନ୍ଦ୍ର ଚନ୍ଦ୍ର ଗଲୁଁ। ମାସେକାଳ ସିୱାନରେ ରହି କାର୍ଯ୍ୟ ଶିକ୍ଷା କଲାପରେ ଆମ୍ଭେମାନେ ମଫସଲରେ ଭିନ୍ନ ଭିନ୍ନ ଅଞ୍ଚଳକୁ ସହକାରୀ ବନ୍ଦୋବସ୍ତ ଅଫିସର ପଦରେ ପ୍ରେରିତ ହେଲୁଁ। ମୁଁ ଯେଉଁ ଅଞ୍ଚଳକୁ ପ୍ରେରିତ ହେଲି ତାହା ହଥୁଆ ରାଜର ଜମିଦାରୀ। ହଥୁଆ ସାରଣ ଜିଲ୍ଲାରେ ଗୋଟିଏ ବଡ଼ ଜମିଦାରୀ। ସେତେବେଳେ ତାହାର ଆୟ କୋଡ଼ିଏ ଲକ୍ଷ ଟଙ୍କା ବୋଲି ଶୁଣିଥିଲି । ବିହାରର ଏକାଧିକ ଜମିଦାରୀ ହଥୁଆ ତୁଲ୍ୟ। ଦରଭଙ୍ଗା ସର୍ବାପେକ୍ଷା ବୃହତ୍ ଓ ସମଗ୍ର ଭାରତବର୍ଷରେ ଏହା ତୁଲ୍ୟ ଅନ୍ୟ କୌଣସି ଜମିଦାରୀ ନାହିଁ। ଏଣୁ ଦେଖିବାକୁ ମିଳିଅଛି, ବିହାରର ଜମିଦାରମାନେ ସାଧାରଣତଃ ସର୍ବଦା ଦାନଶୀଳ। ସାଧାରଣ ମଙ୍ଗଳକର ଅନୁଷ୍ଠାନ, ସଂସ୍ଥାପନ ଓ ରକ୍ଷଣାବେକ୍ଷଣ ସକାଶେ ମୁକ୍ତହସ୍ତ। ଏମାନଙ୍କ ସହିତ ଆମ୍ଭ ଓଡ଼ିଶାର ଗଡ଼ଜାତ ରାଜ୍ୟର ରାଜାମାନଙ୍କର ସୁଦ୍ଧା ତୁଳନା ହୋଇପାରେ ନାହିଁ। ଏହାର କାରଣ, ଜମିଦାରମାନଙ୍କ ଆୟ ଅଧିକ ଓ ବ୍ୟୟ କମ୍। ଗଡ଼ଜାତ ରାଜ୍ୟରେ ଯାହା ଆୟ ହୁଏ ସେହି ଅଞ୍ଚଳର ସ୍ୱତନ୍ତ୍ର ଶାସନ ଯୋଗୁଁ ଭିନ୍ନ ଭିନ୍ନ ଶାସନ ବିଭାଗର ଖର୍ଚ୍ଚରେ ଆୟର ଅଧିକାଂଶ ବ୍ୟୟିତ ହୋଇଯାଏ। ଜମିଦାରଙ୍କ ଖର୍ଚ୍ଚ ଯାହାହୁଏ ତାହା କେବଳ ଜମିଦାରୀ ପରିଚାଳନାରେ।

ବିହାରରେ ବଙ୍ଗଳା ପରି ଚିରସ୍ଥାୟୀ ବନ୍ଦୋବସ୍ତ ଜାରି ଥିଲା। ଚିରସ୍ଥାୟୀ ବନ୍ଦୋବସ୍ତର ସର୍ତ୍ତ ଅନୁଯାୟୀ ସରକାରଙ୍କୁ ଜମିଦାରମାନଙ୍କ ଦେୟ ରାଜସ୍ୱ ନିର୍ଦ୍ଦିଷ୍ଟ ହୋଇଥିଲା; ତହିଁର ହ୍ରାସ ବୃଦ୍ଧି ହୋଇପାରୁନଥିଲା। ସାମୟିକ ବନ୍ଦୋବସ୍ତ କରିବା ଉଦ୍ଦେଶ୍ୟ ଏହି ଯେ, ଜମିଦାର ଓ ପ୍ରଜାଙ୍କ ମଧ୍ୟରେ ପରସ୍ପର ପ୍ରତି ସମ୍ପର୍କର ସର୍ତ୍ତ ଓ ପ୍ରଜାଙ୍କ ଭୂମି ଉପରେ ସେମାନଙ୍କ ସ୍ୱତ୍ତ୍ୱ ସ୍ଥିରୀକୃତ ହେଉଥିଲା ଓ ଜମିଦାରକୁ ପ୍ରଜାର ଦେୟ କର ହ୍ରାସ ବୃଦ୍ଧି ହେବା ବ୍ୟବସ୍ଥା ମଧ୍ୟ ହେଉଥିଲା। ୧୭୯୩ ଖ୍ରୀଷ୍ଟାବ୍ଦରେ ତଦାନୀନ୍ତନ ଭାରତର ବଡ଼ଲାଟ ଲର୍ଡ଼ କର୍ଣ୍ଣୱାଲିସ୍ ଏହି ବନ୍ଦୋବସ୍ତ ବଙ୍ଗଳାର ଜମିଦାରମାନଙ୍କ ସହିତ କରିଥିଲେ।

Digitized by srujanika@gmail.com

ପ୍ରାୟ ଏହି ସମୟରୁ ଭାରତରେ ଜମିଦାର ଗୋଷ୍ଠୀର ସୃଷ୍ଟି କହିଲେ ଚଳେ। ଏହା ପୂର୍ବେ ଶାସକ ଓ ପ୍ରଜା ମଧ୍ୟରେ ଭୂମିର ମଧ୍ୟ-ସ୍ୱତ୍ୱାଧିକାରୀ ଥିବା ଜଣାନଥିଲା। ବିଦେଶୀୟ ଶାସକମାନେ ଆସି ଏହାଦ୍ୱାରା ନିର୍ବିଘ୍ନରେ ରାଜସ୍ୱ ଆଦାୟର ବ୍ୟବସ୍ଥା କରିଥିଲେ । ଜମିଦାରମାନେ ମଧ୍ୟ ଏହାଦ୍ୱାରା ନିଜ ନିଜ ଅବସ୍ଥା ସ୍ୱଚ୍ଛଳ କରିପାରିଥିଲେ ଓ ଏକପ୍ରକାର ଆଭିଜାତ୍ୟମୟ ପରମ୍ପରା ସମାଜରେ ସୃଷ୍ଟି କରିଥିଲେ। ଏହା ସମଗ୍ର ବଙ୍ଗଳା ଓ ବିହାରରେ ଜାରି ହୋଇ ଉତ୍ତରପ୍ରଦେଶର କେତେକାଂଶରେ ମଧ୍ୟ ପ୍ରବେଶ କରିଥିଲା। ଓଡ଼ିଶାର କେତେକ ଜମିଦାରୀରେ ମଧ୍ୟ ଚିରସ୍ଥାୟୀ ବନ୍ଦୋବସ୍ତ ଜାରି ହୋଇଥିଲା। କିନ୍ତୁ ତାହା ୧୭୯୩ ସାଲର ଆଇନାନୁସାରେ ନୁହେଁ; ଜମିଦାରମାନଙ୍କ ସହିତ ସରକାରଙ୍କ ସ୍ୱତନ୍ତ୍ର ଚୁକ୍ତି ଅନୁସାରେ।

ଗଙ୍ଗା, ଶୋଣ, ଘର୍ଘରା ପ୍ରଭୃତି ନଦୀମାତୃକା ଶସ୍ୟଶ୍ୟାମଳା, ଆମ୍ବ, ପଣସ ପ୍ରଭୃତି ରସନାତୃପ୍ତିକର ଫଳୋଦ୍ୟାନମୟ ଦିଗନ୍ତବିସ୍ତୃତ ସମତଳଭୂମି ପୂର୍ଣ୍ଣ ବିହାର ଦର୍ଶନରେ ମନଃପ୍ରାଣ ତୃପ୍ତ ହୋଇଯାଉଥାଏ। ବିହାରୀ କୃଷକମାନେ ଯେପରି ପରିଶ୍ରମୀ ସେହି ପରିମାଣରେ ସେମାନେ ଭୂମିରୁ ଫଳଲାଭ କରନ୍ତି। କେଉଁଠାରେ ଟିକିଏ ସୁଦ୍ଧା ଭୂମି ପତିତ ହୋଇ ରହେନାହିଁ। କାହାର କୃଷିକାରୀ ପଶୁ ଯଦି ନାହିଁ ସେ ନିଜ ଶାରୀରିକ ପରିଶ୍ରମ ଦ୍ୱାରା କୋଡ଼ି କୋଦାଳ ପ୍ରଭୃତି ଯନ୍ତ୍ର ସାହାଯ୍ୟରେ କୃଷିକାର୍ଯ୍ୟ ସମ୍ପାଦନ କରେ। ନଦୀସମୂହର ଉଭୟକୂଳସ୍ଥ ଭୂମିରେ ପଟୁପଡ଼ି ପୁଣି ମାଟି ସହିତ ସୋରା ନାମକ ଲବଣ ରାସାୟନିକ ସଂଯୋଗରେ ମିଶ୍ରିତ ହୋଇ ଭୂମିକୁ ଅତ୍ୟନ୍ତ ଉର୍ବର କରିଦେଇଅଛି। କୃଷକ ଏଥିରୁ ବର୍ଷଯାକ ନାନାପ୍ରକାର ଫସଲ ଉତ୍ପାଦନ କରେ। ଯବ, ଗହମ, ବୁଟ, ହରଡ଼, ମଟର ପ୍ରଚୁର ପରିମାଣରେ ଉତ୍ପନ୍ନ ହୁଏ। ଏ ସମସ୍ତ ଜିନିଷ ତୁଳନାରେ ଧାନର ପରିମାଣ ଅଳ୍ପ। ଆଖୁ, ବାଇଗଣ, ଆଳୁ, କୋବି, ଧୂଆଁପତ୍ର ଅପର୍ଯ୍ୟାପ୍ତ। ସିୱାନରେ ସେହି ସମୟରେ ଗୋଟିଏ ଚିନି କାରଖାନା ଥିଲା। ବିଗତ ଦୀର୍ଘ ପଚାଶବର୍ଷ ମଧ୍ୟରେ ଚିନିକଳର ସଂଖ୍ୟା ଆହୁରି ବୃଦ୍ଧି ହୋଇଅଛି। ୧୯୫୮ ସାଲରେ ମୁଁ ଚମ୍ପାରଣ ଜିଲ୍ଲାସ୍ଥ ବେତିୟା ଓ ମୋତିହାରକୁ ଯାଇଥିଲି; ସେହି ସମୟରେ ମୋ ଝିଅ ସୁଷମା ଓ ତାହାର ସ୍ୱାମୀ କିଶୋରୀ ମୋହନ ନନ୍ଦ ବେତିୟାରେ ଡାକ୍ତର। ବେତିୟାରୁ ମୁଜଫରପୁର ପର୍ଯ୍ୟନ୍ତ ୮୦ ମାଇଲ ପଥ ମୋଟରରେ ଆସିଲି। ଦେଖିଲି, ପ୍ରାୟ ୬/୮ ମାଇଲରେ ଗୋଟିଏ ଲେଖାଏଁ ଚିନିକଳ ଓ ଅନବରତ ବଳଦଗାଡ଼ିରେ କିମ୍ବା ଟ୍ରକ୍‌ରେ କଳକୁ ଆଖୁ ବୁହା ହେଉଅଛି। କେବଳ ଏଥିରେ ହିଁ ବିହାରବାସୀ ବିଭବଶାଳୀ। ଗାଁ କୁ ଗାଁ ଲାଗି ଲାଗି ରହିଛି। ଆମ ଓଡ଼ିଶା ଭିତରେ ଯେଉଁଆଡ଼କୁ ଗଲେ ଦେଖାଯିବ, ବହୁଦୂର ବ୍ୟବଧାନରେ ସୁଦ୍ଧା ଗୋଟିଏ ହେଲେ ଗ୍ରାମ ଦେଖାଯାଏ ନାହିଁ ଏବଂ ବର୍ଷର ଅଧିକାଂଶ ସମୟ ଚାଷଜମି ସୁଦ୍ଧା ପଡ଼ିଆ ହୋଇ ରହିଅଛି।

କଟେୟା ନାମକ ଗୋଟିଏ ବୃହତ୍ ଗ୍ରାମ। ଗ୍ରାମବାସୀମାନଙ୍କ ମଧ୍ୟରୁ ଅଧିକାଂଶ କଲୱାର ଭଗତ୍। ଏମାନଙ୍କ ବ୍ୟବସାୟ ମଦଦୋକାନରେ। ପ୍ରାୟ ସମସ୍ତେ ଧନୀ। ଜମି ଅତ୍ୟନ୍ତ ଉର୍ବର। ହଥୁଆ ରାଜ୍ୟର କର୍ମଚାରୀ ଦାଖଲ କରିଥିବା ଜମାବନ୍ଦିରୁ ଦେଖିଲି ଏକର ପ୍ରତି ରାଜସ୍ୱ ତିନିଶତ ଟଙ୍କା ଦରରେ ଦାବି କରାହୋଇଅଛି। ସେ କହିଲେ ଯେ,

Digitized by srujanika@gmail.com

ଏହି ପରିମାଣରେ ରାଜସ୍ୱ ଆଦାୟ ହେଉଅଛି। ପ୍ରଥମରେ ମୁଁ ଏହା ଅବିଶ୍ୱାସ କଲି। କିନ୍ତୁ ପ୍ରଜାମାନେ ଆସି କହିଲେ ଯେ ସେହି ଦରରେ ସେମାନେ ରାଜସ୍ୱ ଦେଉଅଛନ୍ତି। ଅନୁସନ୍ଧାନରେ ତାହା ସତ୍ୟ ଥିବା ବୁଝିଲି। ସମଗ୍ର ଗ୍ରାମରେ ମାଟି କଳା ଧୂଳିପରି। ଦିନେ ସୁଦ୍ଧା ଜମି ଫସଲଶୂନ୍ୟ ହୋଇ ପଡ଼ି ରହେନାହିଁ। ଜମିଦାର ପ୍ରତ୍ୟେକ କିଆରୀରେ ଜଳସେଚନର ବ୍ୟବସ୍ଥା କରିଦେଇ ଅଛନ୍ତି ଓ ପ୍ରଜାମାନେ ପ୍ରତି ଏକର ଭୂମିରୁ ବର୍ଷକୁ ଅନ୍ୟୂନ ଏକହଜାର ଟଙ୍କା ଲାଭକରନ୍ତି। ତହିଁରୁ ଭୂମ୍ୟଧିକାରୀଙ୍କୁ ତିନିଶତ ଟଙ୍କା ଦେବା ଆଶ୍ଚର୍ଯ୍ୟ ନୁହେଁ।

ମଫସଲ ଅଞ୍ଚଳରେ ପ୍ରାୟ ତିନିବର୍ଷ କାଳ ରହି ଅନୁଭବ କଲି, ବିହାରୀମାନେ ଅଧିକ ଆୟ ଓ ଅଳ୍ପ ବ୍ୟୟ କରନ୍ତି। ଏମାନଙ୍କ ମଧ୍ୟରେ ଆହାର ପରିଧେୟର ପରିପାଟୀ ନାହିଁ। ପୁଣି ସେତେବେଳେ ପ୍ରତ୍ୟେକ ଜିନିଷ ଶସ୍ତା ଥିଲା। ପ୍ରଥମରେ ସିୱାନ୍ ବଜାରରେ ଆଳୁ, ପୋଟଳ, ବାଇଗଣ ସେରକୁ ପଇସାଟିଏ ଦେଖି ବିସ୍ମିତ ହୋଇଥିଲି। ପୁଣି ଏହି ପଇସାଟି ଟଙ୍କାକର ୬୪ ପଇସାରୁ ଗୋଟିଏ ନୁହେଁ। ମୋଗଲ ଅମଳର ଆକୃତିବିହୀନ ଟଙ୍କାକର ଏକଶତ ତାମ୍ରଖଣ୍ଡରୁ ଗୋଟିଏ। ଆଜିକାଲି ଏହା ଅଛି କି ନାହିଁ କହି ପାରିବିନାହିଁ। କିନ୍ତୁ ସେହି ସମୟରେ ଏହା ସାଧାରଣ ପ୍ରଚଳିତ ମୁଦ୍ରା ଥିଲା। ଏହାକୁ କହୁଥିଲେ 'ପଇସା' ଓ ଆମ୍ଭେମାନେ ଯାହାକୁ ପଇସା କହୁଁ ତାହାର ନାମ ଥିଲା 'ପାଇ'। ଏହାର ସାଧାରଣ ନାମ ଥିଲା 'ଡେବୁଆ'। ଡେବୁଆ ଗୋଟାକେତେ ଆଜି ସୁଦ୍ଧା ମୋ ପାଖରେ ଅଛି। ଆକୃତିହୀନ ପାର୍ସି ଅକ୍ଷରାଙ୍କିତ ଏହି ମୁଦ୍ରାର ମାଧ୍ୟମରେ ଅନ୍ତଃଦୃଷ୍ଟି ସେହି ସୁଦୂର ପ୍ରାଚୀନ ମୋଗଲ ଅମଳକୁ ସ୍ୱତଃ ଚାଲିଯାଏ। ଏହା ଥିଲା ଦେଶର ପ୍ରାଚୁର୍ଯ୍ୟର ପ୍ରତୀକ। ଏଥିରେ ଦେଶବାସୀ ଥିଲେ ବିଭବଶାଳୀ। ପ୍ରାଚୁର୍ଯ୍ୟରେ ସ୍ୱଚ୍ଛନ୍ଦ ଜୀବନଯାପନ କରୁଥିଲେ। ଯେଉଁ ଦଶମିକ ମୁଦ୍ରା ଭାରତରେ ବହୁକାଳ ପୂର୍ବେ ପ୍ରଚଳିତ ଥିଲା ଅଳ୍ପଦିନ ହେଲା ତାହା ସ୍ୱାଧୀନତାପ୍ରାପ୍ତି ପରେ ଭାରତରେ ପ୍ରଚଳିତ ହୋଇଅଛି। ସେହି ସମୟରେ ବିହାରର ମଫସଲ ଅଞ୍ଚଳରେ ଜିନିଷପତ୍ର ଅତ୍ୟନ୍ତ ଶସ୍ତାଥିଲା। ଦୁଧର ମୂଲ୍ୟ ଥିଲା ସେରକୁ ଅଣାଏ। ଘିଅ ଦଶବାର ଅଣା। ମାଛ ମାଂସ ଦୁଇଅଣା। କେବଳ ଚାଉଳ ମହରଗ ଥିଲା; ଟଙ୍କାକୁ ଦଶ ବାର ସେର। ଲୁଗାପଟା ମଧ୍ୟ ସେହିପରି ଶସ୍ତା। ବିହାରୀମାନେ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟମାନ ପ୍ରଚୁର ପରିମାଣରେ ଉତ୍ପାଦନକରି ନିଜ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ କରନ୍ତି। ପୁଣି ଉଦ୍ୟାନଜାତ ଆମ୍ବ, ଲିଚୁ ପ୍ରଭୃତି ଫଳ ସ୍ଥାନାନ୍ତରକୁ ରପ୍ତାନିକରି ଅଶେଷ ଲାଭବାନ ହୁଅନ୍ତି। ବିହାର ଫଳରେ କଲିକତା ବଜାର ପୂର୍ଣ୍ଣ ହୋଇଯାଏ ।

ବିହାରରେ ଜଙ୍ଗଲ ନାହିଁ କହିଲେ ଚଳେ। କିନ୍ତୁ ଗୃହନିର୍ମାଣୋପଯୋଗୀ ଗଛ, ବାଉଁଶ ପ୍ରଭୃତି ଉପକରଣମାନ ପ୍ରତ୍ୟେକ ଗ୍ରାମରେ ପୂର୍ଣ୍ଣମାତ୍ରାରେ ବିଦ୍ୟମାନ। ପ୍ରାୟ ପ୍ରତ୍ୟେକ ପ୍ରଜା ନିଜ ଜମିରେ ବୁଦାଏ ଦୁଇ ବୁଦା ବାଉଁଶ ଲଗାଇଥାଏ ଏବଂ ତାହା ସେ କେବଳ ନିଜ ଗୃହ ନିର୍ମାଣରେ ଯେ ବ୍ୟବହାର କରେ ତାହା ନୁହେଁ; ଏହା ବିକ୍ରୟ କରି ଅର୍ଥୋପାର୍ଜନ ମଧ୍ୟ କରେ। ବିହାରରେ ବାଉଁଶ ଗୋଟିଏ ପ୍ରଧାନ ବ୍ୟବସାୟର ସାମଗ୍ରୀ। ନଦୀ ଯୋଗେ ପାଟଣା ପ୍ରଭୃତି ବଡ଼ ବଡ଼ ସହରକୁ ବାଉଁଶ ରପ୍ତାନି ହୁଏ। ମହୁଲ, ଶିଶୁକାଠ

Digitized by srujanika@gmail.com

ମଧ୍ୟ ଗୃହ ନିର୍ମାଣରେ ଓ ଶିଶୁ, ପଣସ କାଠ ଆସବାବପତ୍ର ନିର୍ମାଣରେ ବ୍ୟବହୃତ ହୁଏ। ଶିଶୁଗଛର ଜଙ୍ଗଲ ଅନେକ ସ୍ଥାନରେ ଦେଖାଯାଏ।

ବିହାରର ଜଳବାୟୁ ସ୍ୱାସ୍ଥ୍ୟକର। ଖାଦ୍ୟଦ୍ରବ୍ୟର ପ୍ରାଚୁର୍ଯ୍ୟରେ ଲୋକେ ହୃଷ୍ଟପୁଷ୍ଟ ଓ ବଳିଷ୍ଠ। କିନ୍ତୁ ସମୟ ସମୟରେ ପ୍ଲେଗ୍ ଆସି ଅସଂଖ୍ୟ ପ୍ରାଣ ନଷ୍ଟ କରୁଥିଲା। ଧରମଂପରସା ଗୋଟିଏ ବଡ଼ଗ୍ରାମ। ସେଠାରେ ମୋର ମୁକାମ ଥିଲା । ଆମ୍ଭମାନଙ୍କ ବ୍ୟବହାର ସକାଶେ ଜଣେ ଲୋକ ଆମ୍ବ ତୋଟାରେ କାଠ କାଟୁଁ କାଟୁଁ ମୋ ସମ୍ମୁଖରେ ହଠାତ୍ ମୂର୍ଚ୍ଛିତ ହୋଇପଡ଼ିଗଲା। ପାଞ୍ଚ ମିନିଟ୍ ମଧ୍ୟରେ ଦେଖାଗଲା ତାହାର ଗଳା ଓ କାଖ ସନ୍ଧିରେ ସାନବଡ଼ ଆବୁମାନ ବାହାରି ପଡ଼ିଛି। ସମ୍ବାଦ ପାଇ ତାହାର ଲୋକେ ଆସିଲେ ଓ ତାକୁ ନେଇଗଲେ। ପ୍ରାୟ ଛଅଘଣ୍ଟା ପରେ ଶୁଣିଲି, ସେ ମରିଯାଇଅଛି। ସେହି ଗ୍ରାମରେ ଏହା ପ୍ରଥମ ପ୍ଲେଗ୍ ଆକ୍ରମଣ। ତା'ପରଦିନ ସହସ୍ର ସହସ୍ର ମୂଷା ମରି ଯାଇଅଛନ୍ତି ଓ ଆଉ କେତେକ ଗ୍ରାମବାସୀ ରୋଗରେ ଆକ୍ରାନ୍ତ ହୋଇଅଛନ୍ତି ଓ ଅନେକ ଗ୍ରାମଛାଡ଼ି ଅନ୍ୟତ୍ର ପଳାଇ ଯାଇଅଛନ୍ତି।

ବ୍ରାହ୍ମଣ ଓ କାୟସ୍ଥମାନେ ଶିକ୍ଷିତ। ନିମ୍ନଜାତୀୟ ସାଧାରଣ ଲୋକଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ହୋଇନଥିଲା। ଭୂମିହାର ବ୍ରାହ୍ମଣମାନେ ଅତ୍ୟନ୍ତ ପ୍ରଭାବଶାଳୀ। ଭୂମିହାରମାନେ ସାଧାରଣତଃ 'ବାଭନ' ନାମରେ ପରିଚିତ। ଏମାନେ ବ୍ରାହ୍ମଣ ବୋଲି ନିଜକୁ ଦାବି କରନ୍ତି। ଏମାନଙ୍କ ମଧ୍ୟରେ ଶିକ୍ଷିତ ଓ ଧନବାନ ଭୂମ୍ୟଧିକାରୀ ସର୍ବାପେକ୍ଷା ଅଧିକ। ବିହାରର ଦରଭଙ୍ଗା ମହାରାଜାଙ୍କ ଛଡ଼ା ପ୍ରାୟ ସମସ୍ତ ଜମିଦାର ଭୂମିହାର ବ୍ରାହ୍ମଣ। କାଶୀ ନରେଶ, ବେତିୟା, ହଥୁଆ ପ୍ରଭୃତି ରାଜାମାନେ ସମସ୍ତେ ଏହି ଶ୍ରେଣୀୟ। ଦରଭଙ୍ଗା ମହାରାଜା ବ୍ରାହ୍ମଣ।

ରାଜା ପ୍ରଜାମଧ୍ୟରେ ସଦ୍ଭାବ ଥିବା ଅନୁଭବ କଲି। ବିହାରର ଅଶିକ୍ଷିତ ପ୍ରଜା ସୁଦ୍ଧା ନିଜ ହକ୍ ବୁଝେ। ବଙ୍ଗ ପ୍ରଜାସ୍ୱତ୍ୱ ଆଇନ ଅନୁଯାୟୀ ପ୍ରଜାମାନେ ଆସି ନିଜ ନିଜ ହକ୍ ସାବ୍ୟସ୍ତ କରନ୍ତି। ହଥୁଆ ମହାରାଜା ଗୁରୁ ମହାଦେବ ଆଶ୍ରମ ପ୍ରସାଦ ସାହି ବାହାଦୂର ସେତେବେଳେ ଅଳ୍ପବୟସ୍କ ନାବାଳକ ଥିବାରୁ ତାହାଙ୍କ ମାତା ନିଜ୍ ହସ୍ତରେ ଜମିଦାରୀ ପରିଚାଳନା ଭାର ଗ୍ରହଣ କରିଥିଲେ । ମ୍ୟାନେଜର୍ ରଖିଥିଲେ ଜଣେ ଇଂରେଜ Hutchins ସାହେବଙ୍କୁ। ସମଗ୍ର ଜମିଦାରୀ କେତେଗୁଡ଼ିଏ ଚକ (Circle)ରେ ବିଭକ୍ତ ହୋଇଥିଲା ଓ ପ୍ରତ୍ୟେକ ଚକରେ ଜଣେ ଜଣେ ସର୍କଲ୍ ଅଫିସର୍ ରହିଥିଲେ। ସେମାନେ ରାଜସ୍ୱ ଆଦାୟ କରନ୍ତି ଓ ପ୍ରଜାଙ୍କ ଭଲମନ୍ଦ ବୁଝନ୍ତି। ସର୍କଲ୍ ମଧ୍ୟରେ କେତେକ ସମ୍ମିଳିତ ଗ୍ରାମ ଉପରେ ସର୍କଲ୍ ଅଫିସର୍‌ଙ୍କ ଅଧୀନରେ ଜଣେ ଲେଖାଏଁ ସଜାଓ୍ୱଲ (ଓଡ଼ିଶାରେ ସର୍ବରାକାର ପରି) ଓ ପ୍ରତ୍ୟେକ ଗ୍ରାମରେ ଜଣେ ଲେଖାଏଁ ପଟୁଆରୀ ନିଯୁକ୍ତ ଥାଆନ୍ତି । ପଟୁଆରୀମାନେ ନିଜ ନିଜ ଗ୍ରାମର ବନ୍ଦୋବସ୍ତ ଖତିୟାନ ଓ ତହସିଲ କାଗଜ ରଖନ୍ତି। ପଟୁୟାରୀ ଓ ସଜାଓ୍ୱାଲମାନେ ଦରମା ପାଆନ୍ତି ନାହିଁ। ରାଜସ୍ୱ ଉପରେ କମିଶନ୍ ପାଆନ୍ତି। ସର୍କଲ୍

Digitized by srujanika@gmail.com

ଅଫିସରମାନେ ସମସ୍ତେ ଉଚ୍ଚଶିକ୍ଷିତ। ଦୁଇଶତ ଟଙ୍କା ବେତନରେ ସେମାନଙ୍କ ଚାକିରି ଆରମ୍ଭ ହେଉଥିଲା। ସମସ୍ତଙ୍କୁ ବିନାଭଡ଼ାରେ ସୁସଜ୍ଜିତ ବାସଗୃହ ଦିଆହୋଇଥିଲା । ଦେଖିଲି, ଏମାନେ ସରକାରୀ ଡେପୁଟିଙ୍କ ଅପେକ୍ଷା ଅଧିକ ଆରାମପ୍ରଦ ତୃପ୍ତ ଜୀବନଯାପନ କରୁଥିଲେ।

ମୋର କାର୍ଯ୍ୟ କେବଳ ହଥୁଆ ରାଜ୍ୟ ମଧ୍ୟରେ ଥିଲା । ସେହି ସମୟରେ ଏହି ଜମିଦାରୀ ମଧ୍ୟରେ ସ୍ଥାନେ ସ୍ଥାନେ ନୀଳ କୋଠିମାନ ଥିଲା। ମହାତ୍ମା ଗାନ୍ଧୀଙ୍କ ଆନ୍ଦୋଳନ ଫଳରେ ୧୯୧୭ ସାଲରେ ସେସବୁ ଲୁପ୍ତ ହେଲା ଓ ନୀଳକୋଠି ଅଧିକାରୀ ଗୋରା ସାହେବମାନେ ବିହାର ପରିତ୍ୟାଗ କରି ଚାଲିଗଲେ। ହଥୁଆ ଅପେକ୍ଷା ଚମ୍ପାରଣ ଜିଲ୍ଲାର ବେତିୟା ଜମିଦାରୀରେ ଏହି ନୀଳକୋଠିର ସଂଖ୍ୟା ଅତ୍ୟଧିକ ଥିଲା, ଯେହେତୁ ବେତିୟା ମହାରାଜାଙ୍କ ଅପୁତ୍ରିକ ଅବସ୍ଥାରେ ମୃତ୍ୟୁପରେ ତାହାଙ୍କ ରାଣୀ ଜମିଦାରୀର ଅଧିକାରିଣୀ ବୋଲି ଗୃହୀତ ହୋଇଥିଲେ ହେଁ ତାଙ୍କୁ ସ୍ଥାନାନ୍ତରରେ ରଖାହୋଇଥିଲା ଓ ସରକାର ଜମିଦାରୀ ପରିଚାଳନା ଭାର ନିଜ ତତ୍ତ୍ୱାବଧାନରେ (Court of wards) ରଖି ଜଣେ ଗୋରା I.C.S. ଅଫିସର୍‌ଙ୍କୁ ମ୍ୟାନେଜର୍ ପଦରେ ନିଯୁକ୍ତି କରିଥିଲେ। ନୀଳକୋଠିର ମାଲିକ ସମସ୍ତେ ଗୋରା। ଗୋରା ମେନେଜରଙ୍କଠାରୁ ନୀଳଚାଷ ସକାଶେ ସମସ୍ତ ପ୍ରକାର ସୁବିଧା ପ୍ରାପ୍ତି ଏହି ଗୋରା ବ୍ୟବସାୟୀମାନଙ୍କ ପକ୍ଷରେ କଷ୍ଟକର ହେଉନଥିଲା।

ବିହାରରେ ଏହି ନୀଳଚାଷ ପ୍ରଜାମାନଙ୍କ ପକ୍ଷରେ ଅତ୍ୟନ୍ତ ପୀଡ଼ାଦାୟକ ହୋଇଥିଲା। ନୀଳ ବ୍ୟବସାୟୀ ଗୋରାମାନେ ଆସି ଭିନ୍ନ ଭିନ୍ନ ଅଞ୍ଚଳରେ ଜମିଦାର କିମ୍ବା ଜମିଦାରୀର ମେନେଜର୍‌ଙ୍କଠାରୁ ଗୋଟିଏ ଲେଖାଏଁ ଇଲାକା ପଟ୍ଟାଦ୍ୱାରା ନେଉଥିଲେ ଓ ସେହି ଇଲାକାରେ ରାଜସ୍ୱ ଆଦାୟ ଓ ପରିଚାଳନାର ଅନ୍ୟାନ୍ୟ ବିଭାଗର ଭାର ଗ୍ରହଣକରି ମଧ୍ୟସ୍ୱତ୍ୱାଧିକାରୀର ଅଧିକାର ହାସଲ କରୁଥିଲେ। ସେହି ଇଲାକାର ଭୂମି ସମ୍ବନ୍ଧରେ ସେମାନେ ପ୍ରଜାଙ୍କ ଉପରେ ସର୍ବେସର୍ବା ହେଉଥିଲେ ବୋଇଲେ ଚଳେ। ବହୁକାଳର ଦଖଲ ଫଳରେ ସେହିଠାରେ ନୀଳ ଚାଷ ସମ୍ବନ୍ଧରେ ଏକପ୍ରକାର ଅଲଂଘନୀୟ ଗୋଟିଏ ପ୍ରଥା ଜାରିକରି ରଖିଥିଲେ। ଏହି ପ୍ରଥାନୁସାରେ ପ୍ରତ୍ୟେକ ପ୍ରଜାକୁ ବିଘା ପ୍ରତି ତିନି ଚାରି କଠା ଭୂମିରେ (ଏକ କଠାକ ଚାରି ଡେସିମିଲ) କୋଠିର ମାଲିକ ସକାଶେ ନୀଳଚାଷ କରି ଦେବାକୁ ହୁଏ। ଏହି ପ୍ରଥା ତିନିକାଠିଆ ଚାରିକାଠିଆ ନାମରେ ଅଭିହିତ ହେଉଥିଲା । ପ୍ରଜାମାନେ ଏହି ଚାଷ କରିବାକୁ ବାଧ୍ୟ ହେଉଥିଲେ ଓ ନକଲେ ଅଦାଲତଦ୍ୱାରା ଦଣ୍ଡିତ ହେଉଥିଲେ। ଏଥିରେ ପ୍ରଜାଙ୍କୁ ସ୍ୱତନ୍ତ୍ର ପାରିଶ୍ରମିକ ମିଳୁନଥିଲା। ତେଣୁ ନୀଳଚାଷ କରିଦେବାପାଇଁ ପ୍ରଜାମାନେ କୁଣ୍ଠିତ ହେଉଥିଲେ। ବସ୍ତୁତଃ ନୀଳକୋଠିର ମାଲିକ ଓ ପ୍ରଜାଙ୍କ ମଧ୍ୟରେ କଳହ ଓ ଅଶାନ୍ତିର ଏହା ପ୍ରଧାନ କାରଣ ଥିଲା। ଏଥିଯୋଗୁଁ ପ୍ରଜାମାନଙ୍କ ଉପରେ ଅତ୍ୟନ୍ତ ଅତ୍ୟାଚାର ମଧ୍ୟ ହେଉଥିଲା। ବିଦେଶୀୟ ଶାସନ ବିଦେଶୀୟ ବ୍ୟବସାୟୀଙ୍କ ପ୍ରଧାନ ପୃଷ୍ଠପୋଷକ ହୋଇଥିବାରୁ ପ୍ରଜାମାନଙ୍କ ଅନ୍ତରତମ ପ୍ରଦେଶ ମଧ୍ୟରେ ଗୋରାଙ୍କ ବିରୁଦ୍ଧରେ ବିଦ୍ରୋହାଗ୍ନି ସର୍ବଦା ପ୍ରଚଣ୍ଡ ଭାବରେ ପ୍ରଜ୍ୱଳିତ ହୋଇ ରହୁଥିଲା। ମହାତ୍ମା

Digitized by srujanika@gmail.com

ଗାନ୍ଧୀ ୧୯୧୪ ସାଲରେ ଦକ୍ଷିଣଆଫ୍ରିକାରୁ ଭାରତବର୍ଷକୁ ଫେରିଆସିବା ପରେ ଏହି ଅତ୍ୟାଚାର ପ୍ରତି ତାହାଙ୍କ ମନୋଯୋଗ ଆକୃଷ୍ଟ ହେଲା। ନିଜେ ଏହି ଅଞ୍ଚଳକୁ ଆସି ସେ ଏ ସମ୍ବନ୍ଧରେ ତଦନ୍ତ ଆରମ୍ଭ କରିଦେଲେ। ଇଉରୋପୀୟ ନୀଳକୋଠି ମାଲିକମାନଙ୍କ ଆର୍ତ୍ତନାଦରେ ବିହାର ତ୍ୟାଗକରି ଚାଲିଯିବା ସକାଶେ ତାଙ୍କ ପ୍ରତି ବିହାର ଓ ଓଡ଼ିଶାର ସରକାରଙ୍କ ହୁକୁମ ଜାରି ହେଲା। କିନ୍ତୁ ଏଥିରେ ସେ ନିଜ କର୍ତ୍ତବ୍ୟରୁ ବିଚଳିତ ନହୋଇ ସରକାରଙ୍କ ହୁକୁମ ଅମାନ୍ୟ କଲେ। ତାଙ୍କ ବିରୁଦ୍ଧରେ ଫୌଜଦାରୀ ଅଦାଲତରେ ମୋକଦ୍ଦମା ଦାଏର ହେଲା। ତଥାପି ସେ ଅବିଚଳିତ ଭାବରେ ନିଜ କର୍ତ୍ତବ୍ୟ ସମ୍ପାଦନରେ ବଦ୍ଧପରିକର ହୋଇ ରହିଲେ। କିନ୍ତୁ ବିହାର ଓ ଓଡ଼ିଶାର ତଦାନୀନ୍ତନ ଛୋଟଲାଟ୍ ସାର୍ ଏଡ୍‌ୱାର୍ଡ୍ ଗେଟ୍ ଦମନ ନୀତି ପରିତ୍ୟାଗ କରି ଗୋଟିଏ ତଦନ୍ତ କମିଟି ବସାଇଲେ ଓ ତହିଁରେ ଅନ୍ୟ ସଭ୍ୟଙ୍କ ସହିତ ମହାତ୍ମା ଗାନ୍ଧୀ ଜଣେ ସଭ୍ୟ ହୋଇ ରହିଲେ । ତଦନ୍ତ ଉତ୍ତାରେ ସଭ୍ୟମାନଙ୍କ ରିପୋର୍ଟ ଉପରେ ଗୋଟିଏ ଆଇନ ପ୍ରଣୀତ ହେଲା ଓ ଏହି ଆଇନ୍ ବଳରେ ନୀଳଚାଷ ବିହାରରୁ ଏକାବେଳକେ ଉଠାଇ ଦିଆଗଲା। ଗୋରାମାନେ କୋଠି ଭାଙ୍ଗି ଚାଲିଗଲେ।

ବଙ୍ଗକବି ଦୀନବନ୍ଧୁ ମିତ୍ରଙ୍କ 'ନୀଳଦର୍ପଣ'ରୁ ବଙ୍ଗ ପ୍ରଦେଶସ୍ଥ ନୀଳକୋଠି ସମୂହର ପ୍ରକୃତ ରୂପ ଦେଖିବାକୁ ମିଳେ।

ବନ୍ଦୋବସ୍ତ କାର୍ଯ୍ୟରେ ଲୋକଙ୍କ ଅବସ୍ଥା ସୂକ୍ଷ୍ମଭାବରେ ଅନୁସନ୍ଧାନ କରିବାକୁ ହୁଏ ଓ ଏଥିରେ ସେମାନଙ୍କ ଆର୍ଥିକ, ମାନସିକ ଓ ନୈତିକ ଅବସ୍ଥାର ପୂର୍ଣ୍ଣ ପରିଚୟ ମିଳେ। ବିହାର ଅଧିବାସୀଙ୍କ ମଧ୍ୟରେ ଆର୍ଥିକ ଅବସ୍ଥାରେ ବୈଷମ୍ୟ ଅତ୍ୟଧିକ ଲକ୍ଷିତ ହେଉଥିଲା। ଏକଗ୍ରାମରେ ଦଳେ ଅତ୍ୟନ୍ତ ଧନବାନ ଓ ଆଉ ଦଳେ ଅତ୍ୟନ୍ତ ଗରିବ। କୃଷିକାର୍ଯ୍ୟ ଶେଷକରି ମାଘ ଫାଲଗୁନ ମାସରେ ଏହି ଗରିବ ପ୍ରଜାମାନେ ବଙ୍ଗପ୍ରଦେଶ ପ୍ରଭୃତି ନାନାସ୍ଥାନକୁ ଚାଲିଯାନ୍ତି ଓ କୁଲି ଓ ଅପର ଶାରୀରିକ କାର୍ଯ୍ୟକରି ଉପାର୍ଜିତ ଅର୍ଥସହ ଆଷାଢ଼ ମାସ ଆଡ଼କୁ ଫେରିଆସନ୍ତି। ବିଦେଶରେ ଏମାନଙ୍କ ବ୍ୟବସାୟ ଅତ୍ୟନ୍ତ ଲାଭଜନକ। କଲିକତାରୁ ପଶ୍ଚିମକୁ ଯାଇଥିବା ରେଳପଥର ପ୍ରାୟ ପ୍ରତ୍ୟେକ ଷ୍ଟେସନରେ କୁଲିମାନେ ବିହାର ପ୍ରଦେଶର। ଅନେକ ଗ୍ରାମରେ ମହାଜନଙ୍କ ଅତ୍ୟାଚାର କମ୍ ନଥାଏ। ଏହି ଗରିବ ପ୍ରଜାମାନଙ୍କୁ ଋଣଜାଲରେ ମହାଜନମାନେ ଆବଦ୍ଧ କରି ରଖିଥାନ୍ତି ଓ ସେମାନଙ୍କ ପ୍ରାୟ ସମସ୍ତ ଅର୍ଜିତ ଅର୍ଥ ତାଙ୍କ ପଦତଳରେ ସମର୍ପଣ କରାନ୍ତି । ଜମିର ଉର୍ବରତ୍ୱ ଅନୁପାତରେ ମହାଜନର ତତ୍‌ପ୍ରତି ଲୋଭ ବୃଦ୍ଧି ହେଉଥାଏ ଓ ପରିଶେଷରେ ସେ ଗରିବର ସମସ୍ତ ସମ୍ବଳ ଭୂମି ଗ୍ରାସକରେ। ଧନାର୍ଜ୍ଜନରେ ତୃଷ୍ଣାର ଅବସାନ ହୁଏନାହିଁ। ଧନ ଯେତେ ଅର୍ଜ୍ଜିତ ହେଉଥାଏ ଧନାର୍ଜ୍ଜନର ତୃଷ୍ଣା ତୀବ୍ରରୁ ତୀବ୍ରତର ହେଉଥାଏ। ବିହାର ବନ୍ଦୋବସ୍ତରେ ଏହା ମୁଁ ଅନୁଭବ କରୁଥିଲି।

ମନୁଷ୍ୟ ଜୀବନରେ ଏପରି ବିଶିଷ୍ଟ ଘଟଣା ଘଟେ, ଯାହା ଭୁଲିହୁଏ ନାହିଁ। ଗୋଟିଏ ଗ୍ରାମରେ ଗୋଟିଏ ଆମ୍ବତୋଟା ସମ୍ପର୍କରେ ଜଣେ ବ୍ରାହ୍ମଣ ଓ ଜଣେ କୋଇରି

Digitized by srujanika@gmail.com

ମଧ୍ୟରେ ମୋତେ ବନ୍ଦୋବସ୍ତ ସମୟରେ ବିବାଦ ନିଷ୍ପତ୍ତି କରିବାକୁ ହୋଇଥିଲା । ବିହାରରେ କୋଇରି ଓଡ଼ିଶାରେ ମାଳୀ ଜାତି ସମାନ । ପରିବା ଆଦିର ବଗିଚା କରିବା ଏହି ଜାତିର ଲୋକଙ୍କ ବିଶିଷ୍ଟ ବ୍ୟବସାୟ । ଉଭୟେ ବଗିଚାଟି ନିଜର ବୋଲି ଦାବିକଲେ । ଦାବି ସମ୍ପର୍କରେ ବ୍ରାହ୍ମଣ ଗୋଟିଏ ବିକ୍ରିକବଲା ପେଶ୍ କଲେ । ତହିଁରୁ ଜଣାଗଲା ଯେ ସେହି କୋଇରି ମୂଲ୍ୟ ନେଇ ସେହି ବଗିଚାଟି ବ୍ରାହ୍ମଣଠାରେ ବିକ୍ରୟ କରିଦେଇଅଛି । ଏ ସମ୍ପର୍କରେ କୋଇରି କହିଲା ଯେ, ମହାଜନ ଦେଣା ସକାଶେ ମୋକଦ୍ଦମା ଦାଏର କରି ଡିକ୍ରି ହାସଲ କଲା ଓ ସେ ତାହାର ଦେଣା ପରିଶୋଧ କରିନପାରିବାରୁ ତାହାର ସମସ୍ତ ସମ୍ପତ୍ତି ନିଲାମରେ ଉଠିଲା । ସେତେବେଳେ ଏହି ବଗିଚାଟିକୁ ରକ୍ଷା କରିବା ପାଇଁ ତାହାର ଗୁରୁ ସେହି ବ୍ରାହ୍ମଣ ନାମରେ ବିନାମୂଲ୍ୟରେ ସେହି କବଲାଦ୍ୱାରା ବେନାମୀ ଲେଖି ଦେଇଥିଲା । ଉଭୟ ପକ୍ଷରୁ ଦଖଲ ସମ୍ବନ୍ଧରେ ସାକ୍ଷ୍ୟ ପ୍ରମାଣ ଦିଆଗଲା । ଉଭୟ ପକ୍ଷର ପ୍ରମାଣ ସମାନ । ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଉପନୀତ ହେବା ବଡ଼ କଷ୍ଟକର ହେଲା । ସେତେବେଳେ କୋଇରି କହିଲା, ତାହାର ସେହି ଗୁରୁ ତିନି ଭାର୍ଯ୍ୟାରେ ଗୋଟିଏ ମାତ୍ର ପୁତ୍ର ପାଇଅଛନ୍ତି । ତାହା ମୁଣ୍ଡରେ ହାତଦେଇ ଯଦି ପ୍ରକୃତରେ ତାହା ବେନାମୀ ନୁହେଁ ଓ ମୂଲ୍ୟ ବିନିମୟରେ ସେ ତାହାଠାରୁ ବଗିଚା କିଣିଛନ୍ତି ଓ ସେ ତାହା ଦଖଲ କରନ୍ତି ବୋଲି ବାଛୁରୀ ପୁଚ୍ଛ, ପୀତବସ୍ତ୍ର, ତମ୍ବା, ତୁଳସୀ, ଶାଳଗ୍ରାମ ଧରି ଶପଥ କରନ୍ତି ତାହାହେଲେ ସେ ଦାବି ଉଠାଇନେବ । ବ୍ରାହ୍ମଣ ଶପଥ କରିବାକୁ ସ୍ୱୀକାର କଲା । ମୁଁ ମୋଠାରେ ଥିବା ଭଗବଦ୍‌ଗୀତା ଖଣ୍ଡେ କନାରେ ବାନ୍ଧି ତାହା ହାତକୁ ବଢ଼ାଇଦେଲି । ଗୋଟିଏ ବାଛୁରୀ ଅଣାହେଲା । ବ୍ରାହ୍ମଣ ତାହାର ଦଶବର୍ଷ ବୟସ୍କ ପୁତ୍ରକୁ ସମ୍ମୁଖରେ ରଖି ଶପଥ ଗ୍ରହଣ କଲା । ଉଭୟ ପକ୍ଷର ସ୍ୱୀକାରମତେ ମୁଁ ବଗିଚା ଭୂମିକୁ ବ୍ରାହ୍ମଣ ନାମରେ ଲେଖିଦେବାକୁ ହୁକୁମ ଲେଖିଦେଲି । ଉପସ୍ଥିତ ଗ୍ରାମବାସୀମାନଙ୍କ ମଧ୍ୟରୁ କେହି କେହି ବ୍ରାହ୍ମଣକୁ ତିରସ୍କାର କରିବା ଶୁଣିଲି । କୋଇରି ଦୀର୍ଘନିଃଶ୍ୱାସଟାଏ ପକାଇ ଧୀରେ ଧୀରେ ମୋ ସମ୍ମୁଖରୁ ଚାଲିଗଲା । ଏହା ରାତ୍ର ପ୍ରାୟ ଆଠଘଣ୍ଟା ସମୟର କଥା ।

ସେହି ରାତ୍ର ଭୋର ଚାରିଟାବେଳେ ମୋର ତମ୍ବୁ ନିକଟରେ ଭୀଷଣ କରୁଣ କ୍ରନ୍ଦନ ଧ୍ୱନି ଶୁଭିଲା । ମୋ ନିଦ ଭାଙ୍ଗିଗଲା । ତମ୍ବୁ ଭିତରୁ ବାହାରି ଦେଖିଲି ସୂର୍ଯ୍ୟୋଦୟ ହେବାକୁ ଆହୁରି ବିଳମ୍ବ ଅଛି । କେତେକ ଲୋକ ତମ୍ବୁ ଆଡ଼କୁ ଆସୁଥିବା ଲକ୍ଷ୍ୟ କଲି । ତନ୍ମଧ୍ୟରୁ ଜଣେ ବ୍ୟାକୁଳ ହୋଇ କାନ୍ଦୁଛି ଓ ମଧ୍ୟରେ ମଧ୍ୟରେ ମୁଣ୍ଡ ଓ ବକ୍ଷରେ କରାଘାତ କରୁଅଛି । ଲଣ୍ଠନ ହସ୍ତରେ ତାହା ନିକଟକୁ ଅଗ୍ରସର ହେଲି ଓ ଦେଖିଲି କାନ୍ଦୁଥିବା ଲୋକଟି ସେହି ବ୍ରାହ୍ମଣ । ମୋତେ ଦେଖି ସେ ଭୂମିରେ ଲୁଣ୍ଠିତ ହୋଇପଡ଼ିଲା ଓ ମୋ ଗୋଡ଼ଧରି କହିଲା ଯେ, ଶପଥରେ ମିଥ୍ୟା କହିଥିବା ଯୋଗୁଁ ସେହି ରାତ୍ରରେ ତାହାର ପୁତ୍ରର ମୃତ୍ୟୁ ହୋଇଅଛି । ଉପସ୍ଥିତ ଲୋକମାନେ କହିଲେ, କେଉଁଆଡ଼େ କିଛି ନଥିଲା । ରାତ୍ରରେ ପୁତ୍ରର ଦୁଇଥର ଝାଡ଼ାବାନ୍ତି ହେଲା ଓ ହଠାତ୍ ତାହାର ମୃତ୍ୟୁ ହେଲା । ସେତେବେଳେ ସମସ୍ତେ କହିଲେ, କୋଇରିର ଉକ୍ତି ସତ୍ୟ, ବ୍ରାହ୍ମଣ ମଧ୍ୟ ବଗିଚା ଛାଡ଼ିଦେବାକୁ କହିଲା ।

Digitized by srujanika@gmail.com

ଏହି ଦିନଠାରୁ ମୁଁ ପକ୍ଷମାନଙ୍କ ନିବେଦନରେ ସୁଦ୍ଧା ମୋକଦ୍ଦମାରେ ଶପଥ କରାଇବା ପରିତ୍ୟାଗ କରିଦେଲି। ମନୁଷ୍ୟଙ୍କୁ ପାପର ପରିଣାମ ନିଶ୍ଚୟ ଭୋଗକରିବାକୁ ହେବ। ଏହି ଘଟଣା ଉତ୍ତାରେ ବିବାଦକାରୀ ପକ୍ଷମାନେ ନିଜ ନିଜ ବିବାଦ ଅବିଳମ୍ବରେ ନିଷ୍ପତ୍ତି କରିପକାଇଲେ।

ମୁଁ ମୋର ସର୍କଲର କେନ୍ଦ୍ର କରିଥିଲି ସେମରା ନାମକ ଗ୍ରାମରେ। ପନ୍ଦର ଦିନରେ ଥରେ ଅମିନ ଓ ଇନ୍‌ସପେକ୍ଟରମାନେ ସେଠାକୁ ଆସି ଏକତ୍ରିତ ହୁଅନ୍ତି ଓ ପୂର୍ବ ପନ୍ଦର ଦିନରେ ପ୍ରସ୍ତୁତ ହୋଇଥିବା କାଗଜପତ୍ର କେନ୍ଦ୍ରକୁ ପଠାଇବା ପାଇଁ ଦେଇଯାନ୍ତି ଓ ସେହି ସମୟରେ ଚଳିତ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରନ୍ତି। ସେମରାରେ ଜଣେ ଛୋଟ ଜମିଦାର ବାବୁ ବଚନ ସିଂହ। ପ୍ରୌଢ଼ବୟସ୍କ ବ୍ୟକ୍ତି, ସଙ୍ଗୀତ ପ୍ରିୟ। ତାଙ୍କ ସହିତ ମୋର ଘନିଷ୍ଠତା ହୋଇଥିଲା। ଥରେ ମୋତେ ଜ୍ୱର ହୋଇଥିଲା ଓ ସେ ମୋତେ ସଯତ୍ନ ଶୁଶ୍ରୂଷା କରିଥିଲେ। ସେଠାକୁ ଆସିଲେ ମୋଠାକୁ ବଡ଼ି, ଆଚାର ପଠାଇଦିଅନ୍ତି।

ବିହାରର ପ୍ରାୟ ପ୍ରତ୍ୟେକ ଗ୍ରାମରେ ସଙ୍ଗୀତର ଆଦର। ଓଡ଼ିଶାର ଗୋଟିପୁଅ ପରି ନର୍ତ୍ତକ ଦେଖିଲି ନାହିଁ। ଯେଉଁଠାରେ ନୃତ୍ୟଗୀତର ଆୟୋଜନ ହୁଏ, ନର୍ତ୍ତକୀମାନେ ଆସି ନୃତ୍ୟ କରନ୍ତି। ଏମାନେ ସମସ୍ତେ ମୁସଲମାନ। ହିନ୍ଦୁ ଦେବଦେବୀଙ୍କ ଜଣାଣ ସୁଦ୍ଧା ବୋଲନ୍ତି।

କେତେକ ଭାଟଙ୍କୁ ଦେଖିଲି। ଦିନେ ଅତି ପ୍ରତ୍ୟୁଷରେ ମୋର ତମ୍ବୁର ଅନତିଦୂରରେ ମଧୁର ସ୍ୱରରେ ଦୁର୍ଗା, କାଳୀଙ୍କ ନାମରେ ଢଣକେତେ ଲୋକ ଜଣାଣ ବୋଲୁଛନ୍ତି। ବାହାରକୁ ଆସି ଦେଖିଲି, ସମସ୍ତଙ୍କ ଲଲାଟରେ ସିନ୍ଦୂର। ନାମ ଜଗନ୍ନାଥ ଖାଁ, ସୟଦ୍ ରାମଚନ୍ଦ୍ର, ଶେଖ୍ ହନୁମାନ ଇତ୍ୟାଦି। ଏମାନେ ହିନ୍ଦୁ ଥିଲେ। ପରେ ମୁସଲମାନ ହୋଇଅଛନ୍ତି। କୌଳିକ ଭାଟ ବ୍ୟବସାୟ ଛାଡ଼ି ନାହାଁନ୍ତି ଓ ରାଜଦତ୍ତ ନିଷ୍କର 'ଭଟୋତ୍ତର' ବୃତ୍ତି ଭୋଗ କରୁଅଛନ୍ତି। ହଥୁଆ ରାଜ୍ୟ ମଧ୍ୟରେ ଏହିପରି ଅନେକ ବ୍ରହ୍ମୋତ୍ତର, ପୀରୋତ୍ତର ପ୍ରଭୃତି ବୃତ୍ତି ବନ୍ଦୋବସ୍ତ କାଗଜରେ ମିଳିଥିଲା।

ଦିନେ ରେଳପଥରେ ଆସୁଥିବା ସମୟରେ ଏକପକ୍ଷରେ ଅପ୍ରୀତିକର ଓ ଅପର ପକ୍ଷରେ ପ୍ରୀତିକର ଓ ଉପଭୋଗ୍ୟ ଗୋଟିଏ ଘଟଣା ଘଟିଥିଲା । ସେଦିନ ମୁଁ ମୋର ବନ୍ଦୋବସ୍ତ ମୁକାମରୁ ବଡ଼ଦିନ ଛୁଟିରେ ସମ୍ବଲପୁରକୁ ଯାଉଥିଲି। ଗଙ୍ଗା ପାରିହୋଇ ପାଟଣା ଷ୍ଟେସନ୍‌କୁ ଆସିଲି। ଦିଲ୍ଲୀ–ଏକ୍ସପ୍ରେସ୍ ପାଟଣା ଷ୍ଟେସନ୍‌ରେ ସକାଳ ପ୍ରାୟ ଆଠଟାବେଳେ ପହୁଞ୍ଚିଲା। ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ସିରିଲ୍ ପ୍ରବାଲ୍‌ଙ୍କ ସଙ୍ଗେ ସେଠାରେ ସାକ୍ଷାତ ହେଲା। ସେ ମଧ୍ୟ ନିଜଘର ଚାଇଁବସାକୁ ଯାଉଥିଲେ। ଦୁହେଁ ଯାଇ ଗୋଟିଏ ମଧ୍ୟମ ଶ୍ରେଣୀ (Inter class) ଡବାରେ ବସିଲୁଁ। ଡବାର ସାମନା ଦ୍ୱାରରେ ବଡ଼ ବଡ଼ ଅକ୍ଷରରେ ଲେଖାଥିଲା Reserved for European – ଇଉରୋପୀୟ ଯାତ୍ରୀମାନଙ୍କ ପାଇଁ ରକ୍ଷିତ। ସେହି ସମୟରେ ତୃତୀୟ ଓ ମଧ୍ୟମ ଶ୍ରେଣୀ ଡବାମାନ ଇଉରୋପୀୟମାନଙ୍କ ସକାଶେ ରକ୍ଷିତ

Digitized by srujanika@gmail.com

ହେଉଥିଲା । ଇଉରୋପୀୟ ଅର୍ଥ ଖାଣ୍ଟିଗୋରା ଓ ଗୋରାକଳା ମିଶା ଯାହାକୁ କୁହାଯାଏ ଏଙ୍ଗ୍ଲୋ-ଇଣ୍ଡିୟାନ୍ । ଆମ୍ଭେମାନେ ଜାଣିଥିଲୁଁ ଯେ, ଯେଉଁ ଭାରତବାସୀମାନେ ସାହେବୀ ପୋଷାକ ପିନ୍ଧିଥିବେ ସେମାନେ ସୁଦ୍ଧା ଏହି ରକ୍ଷିତ ଡବାରେ ବସି ପାରିବେ । ତେଣୁ ଆମ୍ଭେ ଦୁହେଁ ଯାଇଁ ତହିଁରେ ବସିଲୁଁ । ଗାଡ଼ି ଯେତେବେଳେ ଆସି ଷ୍ଟେସନ୍‌ରେ ଠିଆହେଲା ସେହି ମଧ୍ୟମ ଶ୍ରେଣୀ ଡବାରେ ଆସିଥିବା ଜଣେ ସାହେବ-ପୋଷାକଧାରୀ ଭୀମକୃଷ୍ଣକାୟ ବ୍ୟକ୍ତି ବାହାରି ପଡ଼ିଲା ଓ ପ୍ଲାଟ୍‌ଫର୍ମ ଅତିବାହନ କରି କେଉଁଆଡ଼କୁ ଚାଲିଗଲା । ଏହି ମଧ୍ୟରେ ଧୋତି ଜାମାଧାରୀ ଜଣେ ଶ୍ମଶ୍ରୁଳ ଦୀର୍ଘ ପକ୍ୱକେଶ ବିଶିଷ୍ଟ ବୃଦ୍ଧ ସେହି ଡବାରେ ପଶି ଗୋଟିଏ ବେଞ୍ଚରେ ବସିଗଲେ । କୁଲି ଆଣି ତାଙ୍କ ବାକ୍‌ସ (ସୁଟ୍‌କେଶ୍), ବିଛଣା ଓ ଜଳଖିଆ ଡବା ରଖିଦେଲା ।

ଅଳ୍ପ ସମୟ ପରେ ପ୍ରୋକ୍ତ କୃଷ୍ଣକାୟ ସାହେବ ପୋଷାକଧାରୀ ବ୍ୟକ୍ତି ଆସି ବୃଦ୍ଧଙ୍କୁ ଦେଖିବା ମାତ୍ରେ ତାଙ୍କୁ ଇଂରେଜ ଭାଷାରେ କହିଲା (ଯାହାର ଅର୍ଥ), "ଦେଖ ! ଏହି ଡବା କେବଳ ଇଉରୋପୀୟମାନଙ୍କ ପାଇଁ ରକ୍ଷିତ । କୌଣସି କଳା ଭାରତବାସୀ ଏଥିରେ ବସିବାର ଅଧିକାର ନାହିଁ ।" ବୃଦ୍ଧ ନିରବ । ପୁଣି ଦୁଇ ତିନିବାର ସେହି କଥା ସେ କହିଲା । ବୃଦ୍ଧ ଜଳଖିଆ ଡବା ଫିଟାଇ ତହିଁରୁ ଲୁଚି, ଆଳୁ ବାଇଗଣ ଭଜା, ରସଗୋଲା ଖାଇବାକୁ ଆରମ୍ଭ କଲେ ଓ ତାହା ମୁହଁକୁ ଅନାଇ ପାକୁଆପାଟି ଚାଳନ କରିବାକୁ ଲାଗିଲେ । ଆମ୍ଭେ ଦୁହେଁ ହସ ସମ୍ଭାଳି ରହି ପାରିଲୁନାହିଁ । କୃଷ୍ଣକାୟ ବ୍ୟକ୍ତିଟି ଅତ୍ୟନ୍ତ ବିରକ୍ତ ଭାବରେ କେଉଁ ଆଡ଼କୁ ଚାଲିଗଲା ଓ ଅଳ୍ପସମୟ ମଧ୍ୟରେ ଜଣେ ଗୋରା ସାହେବ ସହ ସେଠାରେ ଉପସ୍ଥିତ ହେଲା ଓ ବୃଦ୍ଧଙ୍କୁ ଦେଖାଇ କହିଲା, "This dirty nigger has no right to occupy this compartment." (ଏହି ମଇଳା କଳା ଲୋକର ଏହି ଡବାରେ ବସିବାର ଅଧିକାର ନାହିଁ) । ଜଣାଗଲା, ଗୋରା ସାହେବଟି ଷ୍ଟେସନମାଷ୍ଟର । ବୃଦ୍ଧଙ୍କୁ ଭଦ୍ରଭାଷାରେ କହିଲେ, "ଦେଖନ୍ତୁ, ଏହି ଡବାରେ କେବଳ ଇଉରୋପୀୟମାନେ ବସିବେ । ଆପଣ ଆସନ୍ତୁ, ମୁଁ ଆପଣଙ୍କ ସକାଶେ ସୁବିଧାଜନକ ସ୍ଥାନ କରିଦେବି ।" ଏଥର ବୃଦ୍ଧ ଉତ୍ତର ଦେଲେ ଓ ଆମ୍ଭଦୁହିଁଙ୍କୁ ଓ ସେହି କୃଷ୍ଣକାୟ ବ୍ୟକ୍ତିକୁ ଦେଖାଇ କହିଲେ, "ଏମାନେ ଯେ ଏଠାରେ ବସିଛନ୍ତି,ଏମାନଙ୍କ ମଧ୍ୟରୁ କିଏ ଇଉରୋପୀୟ ?" ଷ୍ଟେସନମାଷ୍ଟର କହିଲେ, "ତାହା ନୁହେଁ ଯେ, ଇଉରୋପୀୟ ନହେଲେ ମଧ୍ୟ ଭାରତବାସୀ ଇଉରୋପୀୟ ପୋଷାକ ପିନ୍ଧିଲେ ଏହି ଡବାରେ ବସିପାରିବେ । ଆପଣ ଚାଲି ଆସନ୍ତୁ ।" ତତ୍ପରେ ଉଚ୍ଚହାସ୍ୟ କରି ବୃଦ୍ଧ କହିଲେ, "ଓଃ ! ଏହି କଥା; ଦେଖନ୍ତୁ ମୁଁ ଏହିକ୍ଷଣି ଇଉରୋପୀୟ ହେଉଛି ।" ଏହା କହି ତାଙ୍କ ବାକ୍ସରୁ ଖଣ୍ଡେ ପେଣ୍ଟ କାଢ଼ିପକାଇଲେ ଓ ଷ୍ଟେସନ୍‌ମାଷ୍ଟରଙ୍କ ସମ୍ମୁଖରେ ତହିଁରେ ଦୁଇଗୋଡ଼ ଗଳାଇଦେଇ, ଡବାରେ ଛିଡ଼ାହୋଇ ପଡ଼ିଲେ ଓ ଦାଢ଼ିହଲାଇ ଓ ପାକୁଆପାଟି ବୁଲାଇ ବିଦ୍ରୂପାତ୍ମକ ସ୍ୱରରେ କହିଲେ, "Let me see, who the devil there is to turn me out of this compartment" (ଦେଖେଁ, କେଉଁ ପାଷାଣ୍ଡ ମୋତେ ଏହି ଡବାରୁ ବାହାର କରିଦେବ !) ଷ୍ଟେସନ୍ ମାଷ୍ଟର ନିର୍ବାକ ହୋଇ ହସି ହସି ଚାଲିଗଲେ ।

Digitized by srujanika@gmail.com

ଗାଡ଼ିର ବଂଶୀଧ୍ୱନି ଆରମ୍ଭ ହେଲା । କୃଷ୍ଣକାୟ ବ୍ୟକ୍ତିଟି ନିର୍ବାକ୍ ହୋଇ କିଂକର୍ତ୍ତବ୍ୟବିମୂଢ଼ ତୁଲ୍ୟ ପ୍ଲାଟ୍‌ଫର୍ମରେ ଛିଡ଼ାହୋଇ ରହିଲେ । ବୃଦ୍ଧ ତାଙ୍କୁ ଡାକିଲେ, "Come here my Kalamanik, my black berry" (କଳାମାଣିକ, ଜାମୁକୋଳି ଆସ) । ମନ୍ତ୍ରମୁଗ୍ଧବତ୍ ସେ ସେଠାରେ ଦଣ୍ଡାୟମାନ ହୋଇ ରହିଥାଏ । ଗାଡ଼ି ଚାଲିବାକୁ ଲାଗିଲା । ବୃଦ୍ଧ ତାହାର ବିଛଣା, ବାକ୍ସ ଆଦି ଯାହା ଥିଲା ତାହା ଝରକା ଦେଇ ପ୍ଲାଟ୍‌ଫର୍ମକୁ ଫୋପାଡ଼ି ଦେଲେ । ଆମ୍ଭେ ଦୁହେଁ ହସି ହସି ଅସ୍ଥିର । କୃଷ୍ଣବର୍ଣ୍ଣ ବ୍ୟକ୍ତିଟି ଆଉ ଆସିପାରିଲା ନାହିଁ ।

ଗାଡ଼ି ଚାଲିଲା । ଗୋଟିଏ ପରେ ଗୋଟିଏ ଷ୍ଟେସନ୍ ପାର୍ ହୋଇଗଲା । ଆସାନ୍‌ସୋଲ୍ ଷ୍ଟେସନରେ ଆମ୍ଭେ ଦୁହେଁ ଗାଡ଼ି ପରିବର୍ତ୍ତନ କରି ଚକ୍ରଧରପୁର ଆଡ଼କୁ ଆସିଲୁଁ ।

ବୃଦ୍ଧ ଗାଡ଼ିରେ ନାନାପ୍ରକାର କଥା କହି କେବଳ ହସାଇବାକୁ ଲାଗିଲେ । ତାଙ୍କ ଗଳ୍ପସ୍ରୋତ ଅବିରୋଳ ଭାବରେ ଗାଡ଼ି ସଙ୍ଗେ ଚାଲିଥାଏ । ହସି ହସି ଆମ୍ଭ ଦୁହିଁଙ୍କ ପେଟ ଫାଟିବା ଉପରେ ।

ଆସାନ୍‌ସୋଲ୍ ଷ୍ଟେସନ୍ ପହଞ୍ଚିବାକୁ ଦୁଇ ତିନୋଟି ଷ୍ଟେସନ୍ ବାକି ଅଛି, ମୁଁ ବୃଦ୍ଧଙ୍କୁ ତାଙ୍କ ପରିଚୟ ପଚାରିଲି । ସେ ଯଥାର୍ଥ ଉତ୍ତର ନଦେଇ କେବଳ କଥା ବାଆଁରେଇବାକୁ ଲାଗିଲେ । ଆସାନ୍‌ସୋଲ୍ ପହୁଞ୍ଚିବା ଉପରେ । ମୁଁ ତାଙ୍କୁ ଧରି ବସିଲି, ‘‘ଦେଖନ୍ତୁ, ମୋର ସନ୍ଦେହ, ଆପଣ ଜଣେ ସାମାନ୍ୟ ବ୍ୟକ୍ତି ନୁହଁନ୍ତି ? ନିଶ୍ଚୟ କୌଣସି ବିଶିଷ୍ଟ ବ୍ୟକ୍ତି । ଆପଣଙ୍କ ପରିଚୟ ଦିଅନ୍ତୁ । ମୁଁ ଦୂରଦେଶରେ ସରକାରୀ କାର୍ଯ୍ୟରେ ଅଛି । ଅଳ୍ପଦିନର ଛୁଟି ନେଇ ଘରକୁ ଯାଉଛି । ଘରକୁ ପଛେ ନଯିବି, ଆପଣ ନିଜ ପରିଚୟ ନଦେଲେ ଆପଣଙ୍କ ସଙ୍ଗେ ସଙ୍ଗେ ଆପଣଙ୍କ ଅନ୍ତିମ ଗନ୍ତବ୍ୟ ସ୍ଥାନ ପର୍ଯ୍ୟନ୍ତ ଯିବି ! ତାହା ବାଦେ ଆପଣ ଯାଆନ୍ତୁ ।’’ ଏସବୁ ବଙ୍ଗଳା ଭାଷାରେ ହେଉଥାଏ । ତତ୍ପରେ ବୃଦ୍ଧ ନିତାନ୍ତ ବ୍ୟସ୍ତ ଭାବରେ କହିଲେ, ‘‘ଛୋକ୍‌ରା ! ତା ହେଲେ ଦେଖିଛି, ତୁମି ଛାଡ଼୍‌ବେ ନା’’ । ବୃଦ୍ଧ ତାଙ୍କ ଗୋଟିଏ ଛୋଟ ବାକ୍ସ ମୋ ଆଡ଼କୁ ଲେଉଟାଇ ଦେଲେ । ତାହା ଉପରେ ଧଳା ଅକ୍ଷରରେ ଛାପ ହୋଇଛି – ...I.C.S. (ନାମ ମନେ ହେଉନାହିଁ) । ଆମ୍ଭେ ଦୁହେଁ ଚକ୍ଷୁ ସ୍ଥିର । ପୁଣି ବୃଦ୍ଧଙ୍କୁ ମୁଁ ଧରି ବସିଲି । ତତ୍‌କ୍ଷଣାତ୍ ତାହାଙ୍କ ଚକ୍ଷୁଦ୍ୱୟ ଅଶ୍ରୁପୂର୍ଣ୍ଣ ହୋଇଗଲା । କଥା କହିବାକୁ ଚେଷ୍ଟାକଲେ । ବାକ୍‌ସ୍ଫୁର୍ତ୍ତି ହେଲାନାହିଁ । କ୍ରମେ ଦୁଇଚକ୍ଷୁରୁ ଅଶ୍ରୁବର୍ଷଣ ହେବାକୁ ଲାଗିଲା । ଆମ୍ଭେମାନେ ସ୍ତମ୍ଭିତ । ଧୈର୍ଯ୍ୟ ପୁନରାନୟନପୂର୍ବକ କହିଲେ, ‘‘ମୁଁ ଅବସରପ୍ରାପ୍ତ ଜିଲ୍ଲା ଜଜ୍ । ଚାକିରିରୁ ଅବସରନେବା ମୋର ଦଶବର୍ଷ ହୋଇଗଲାଣି । ଏକମାତ୍ର ପୁତ୍ର I.C.S. ଥିଲା । ପାଞ୍ଚବର୍ଷ ପୂର୍ବେ ତାହାର ମୃତ୍ୟୁ ହୋଇଗଲା । ମୋ ଘର ଢାକାରେ । ସେଠାରେ ମୋର ଏକମାତ୍ର ସମ୍ବଳ, ବିଧବା ପୁତ୍ରବଧୂ ଅଛି । ପୁତ୍ରର ମୃତ୍ୟୁ ପରେ ମୁଁ ବୃନ୍ଦାବନବାସୀ ହୋଇ ସନ୍ନ୍ୟାସ ଜୀବନଯାପନ କରୁଅଛି । ବିଧବା ପୁତ୍ରବଧୂଙ୍କୁ ଆଣିବାକୁ ଯାଉଛି ।

Digitized by srujanika@gmail.com

ଗାଡ଼ି ଷ୍ଟେସନ୍‌ରେ ପହଞ୍ଚିଲା । ତାଙ୍କୁ ସମବେଦନା ଜଣାଇ ଆମ୍ଭେମାନେ ଗାଡ଼ି ତ୍ୟାଗକଲୁଁ ।

୧୯୧୬ ମସିହା ଏପ୍ରିଲ୍ ମାସରେ ବନ୍ଦୋବସ୍ତ କାର୍ଯ୍ୟ କେତେକ ମାସ ପାଇଁ ସ୍ଥଗିତ ହେଲା ଓ ମୁଁ ରାଞ୍ଚିରେ ଛଅସାତ ମାସ ସକାଶେ ଅବସ୍ଥାପିତ ହେଲି । ମୋତେ କାର୍ଯ୍ୟ ଦିଆହେଲା ଚୌକିଦାରୀ କର ସଂଶୋଧନ । ଏହି ସମ୍ବନ୍ଧରେ ମୋତେ ପ୍ରାୟ ମଫସଲରେ ବୁଲିବାକୁ ହେଉଥିଲା । ରେଳପଥ ସେତେବେଳେ ରାଞ୍ଚିରୁ ଲୋହାରଡ଼ବା ପର୍ଯ୍ୟନ୍ତ ୫୦ ମାଇଲ ଥିଲା । ଅନ୍ୟ ଅଞ୍ଚଳକୁ ପକ୍କା ସଡ଼କ, ଉଚ୍ଚନୀଚ୍ଚ କେତେକ ସ୍ଥାନ ଏତେ ଦୁର୍ଗମ ଯେ ଡୋଲିରେ ବୁହାହୋଇ ଯିବାକୁ ହେଉଥିଲା ।

ରାଞ୍ଚି ବିହାର ଓଡ଼ିଶା ସରକାରଙ୍କ ଗ୍ରୀଷ୍ମକାଳୀନ ରାଜଧାନୀ । ସମୁଦ୍ରପତ୍ତନରୁ ୨୭୦୦ ଫୁଟ ଉଚ୍ଚରେ ଥିବାରୁ ଗ୍ରୀଷ୍ମକାଳୀନ ତାପ ଅନୁଭୂତ ହୁଏନାହିଁ । ଜଳବାୟୁ ସ୍ୱାସ୍ଥ୍ୟକର, ଅଧିବାସୀ କୋହ୍ଲ, ଜମିଦାର ଓ ବ୍ୟବସାୟୀମାନେ ହିନ୍ଦୁ । ଇଉରୋପୀୟ ପାଦ୍ରୀମାନେ ରହି ଆଦିବାସୀ ମୁଣ୍ଡା ଓରାଓଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରି ସେମାନଙ୍କ ମଧ୍ୟରେ ଆଧୁନିକ ଶିକ୍ଷା ବିସ୍ତାର କରିଥିଲେ । ରାଞ୍ଚିରେ ଏହି ପାଦ୍ରୀମାନଙ୍କ ପ୍ରଭାବ ଅତ୍ୟଧିକ ଥିଲା । ଏତେ ହୋଇ ସୁଦ୍ଧା ରାଞ୍ଚିରୁ ଦୁଇତିନିମାଇଲ ବାହାରକୁ ବାହାରିଲେ ବୟସ ନିର୍ବିଶେଷରେ କୋହ୍ଲ ସ୍ତ୍ରୀମାନଙ୍କୁ ଉଲଗ୍ନ ଅବସ୍ଥାରେ ଦେଖିବାକୁ ମିଳୁଥିଲା । ମଦ ନିଶାରେ କୋହ୍ଲମାନେ ମସ୍‌ଗୁଲ୍ ।

ଦିନକର ଅନୁଭୂତି । ମଫସଲ ଗସ୍ତରେ ଯାଇ ସେହିଦିନ ମୋତେ ଗୋଟିଏ ଡାକବଙ୍ଗଳାରେ ରହିବାକୁ ହୋଇଥିଲା । ଚୌକିଦାରୀ କର ସଂଶୋଧନ ସମ୍ବନ୍ଧରେ ତଦନ୍ତରେ ଅନେକ ଲୋକ ଉପସ୍ଥିତ ହୋଇଥିଲେ । ଡାକବଙ୍ଗଳା ଗୋଟିଏ ଉଚ୍ଚଭୂମି ଉପରେ ଅବସ୍ଥିତ ଏବଂ ତାହାର ଚତୁର୍ଦ୍ଦିଗରେ ଗ୍ରାମ ନିକଟସ୍ଥ ଚାଷଜମି ଓ ଖରାଦିନ ଚାଷ ଜମିରୁ ଫସଲ ଉଠିଯାଇଅଛି । ଦେଖିଲି ଅନତିଦୂରରେ ଜଣେ ଲୋକ ଜମିଉପରେ ଦୌଡ଼ୁଛି ଓ ସ୍ଥାନେ ସ୍ଥାନେ ବସୁଛି । ପୁଣି ଉଠି ଦୌଡ଼ୁଛି ଓ ମଧ୍ୟରେ ମଧ୍ୟରେ ବିକଟ ଚିତ୍କାର କରୁଛି । ତାହାର ଚିତ୍କାରରେ ମୋର କାର୍ଯ୍ୟରେ କିଞ୍ଚିତ୍ ବ୍ୟାଘାତ ହେବାକୁ ଲାଗିଲା । ସେହିଗ୍ରାମର ଜମିଦାର ସେଠାରେ ଉପସ୍ଥିତ ଥିଲେ । ଉପସ୍ଥିତ ଲୋକଙ୍କ ମଧ୍ୟରୁ କେହି କେହି ତାହା ନିକଟକୁ ଯିବାକୁ ଲାଗିଲେ । ସେ ଲୋକଟା କିଏ ବୋଲି ପଚାରିବାରୁ ଜମିଦାର କହିଲେ, "ଆସନ୍ତୁ, ଏହି ଲୋକଟି ଦେଖିବା ଯୋଗ୍ୟ" । ଏହା କହି ସେ ମୋର ହାତଧରି ତାହା ନିକଟକୁ ଟାଣି ନେଇଗଲେ । ତାହା ପାଖକୁ ଯାଇ ଦେଖିଲି, ଯେଉଁ ସ୍ଥାନରେ ବସିଛି ସେ ବିଷ୍ଠା ଖାଉଛି । ତାହା ସମ୍ବନ୍ଧରେ ଜମିଦାରଙ୍କଠାରୁ ଯାହା ଶୁଣିଲି, ତାହା ମୋର ବିସ୍ମୟର ସୀମାତୀତ ଓ ଅତ୍ୟନ୍ତ ଶିକ୍ଷଣୀୟ । ସେ କହିଲେ, ସେହି ଲୋକଟି ଜଣେ ପୋଲିସ୍ ଇନ୍‌ସ୍‌ପେକ୍ଟର ଥିଲା । ଚୋରି, ଡକାୟତି, ଜାଲ, ପର ସ୍ତ୍ରୀ ଅପହରଣ ପ୍ରଭୃତି ସମ୍ଭବ ଅସମ୍ଭବ, ଏପରି କୌଣସି ପାପ ନାହିଁ ଯାହା ତାହାର ପୋଲିସ ଜୀବନରେ ସେ କରିନଥିଲା । ବିଗତ ପାଞ୍ଚବର୍ଷ ମଧ୍ୟରେ ତାହାର ସ୍ତ୍ରୀ, ପାଞ୍ଚ ପୁତ୍ରକନ୍ୟା ସମସ୍ତେ ଅକାଳରେ ମୃତ୍ୟୁମୁଖରେ ଚାଲିଗଲେ ।

Digitized by srujanika@gmail.com

ତତ୍ପରେ ସେ ପାଗଳ ହେଲା ଓ ଗତ ଦୁଇବର୍ଷ ହେଲା ବିଷାହାର ତାହାର ଜୀବନର ସମ୍ବଳ ହୋଇଅଛି। ସ୍ୱର୍ଗ ଓ ନରକ ବୋଲି କୌଣସି ସ୍ୱତନ୍ତ୍ର ନିର୍ଦ୍ଦିଷ୍ଟ ସ୍ଥାନରେ ନାହିଁ। ଏହି ଜୀବନରେ ମନୁଷ୍ୟ ସ୍ୱୋପାର୍ଜ୍ଜିତ କର୍ମଫଳ ଭୋଗ ସ୍ୱରୂପ ସ୍ୱର୍ଗ ବା ନରକବାସ ଭୋଗକରେ। ଏହି ପୋଲିସ୍ ଇନ୍‌ସ୍‌ପେକ୍ଟର ଏହାର ପ୍ରତ୍ୟକ୍ଷ ନିଦର୍ଶନ।

ରାଞ୍ଚିରେ ଛଅସାତ ମାସ ରହି ପୁଣି ମୋତେ ବିହାରକୁ ବନ୍ଦୋବସ୍ତ କାର୍ଯ୍ୟରେ ଯିବାକୁ ହେଉଥିଲା। ବିହାରର ସୁବିସ୍ତୀର୍ଣ୍ଣ ଆମ୍ରୋଦ୍ୟାନ ମଧ୍ୟରେ ତମ୍ବୁରେ ଅବସ୍ଥାନ ଓ ପ୍ରଭୂତ ଶସ୍ୟପୂର୍ଣ୍ଣ କ୍ଷେତ୍ରମଧ୍ୟରେ ସ୍ୱଚ୍ଛନ୍ଦ ବିଚରଣ କଠିନ କାର୍ଯ୍ୟ ମଧ୍ୟରେ ସୁଦ୍ଧା ଅତ୍ୟନ୍ତ ଉପଭୋଗ୍ୟ ହେଉଥିଲା। ଆମ୍ଭେମାନେ ଯେତେ ଓଡ଼ିଆ ହାକିମ ଥିଲୁଁ ସମସ୍ତେ ଲୋକପ୍ରିୟ ହୋଇଥିଲୁଁ। ଏହାହିଁ ପରିଶ୍ରମର ସୁଫଳ ବୋଲି ମନେ ହେଉଥିଲା। ବଂଶୀଧର ନାୟକ, ଭଗବାନ ମହାପାତ୍ର, ଗୋପାଳଚରଣ ପଟ୍ଟନାୟକ, ସଦାନନ୍ଦ ପଟ୍ଟନାୟକ, ନଟବର ପଟ୍ଟନାୟକ, ଗଣେଶଚନ୍ଦ୍ର ଚନ୍ଦ୍ର, ରାଧାମୋହନ ପଟ୍ଟନାୟକ ମୋ ସଙ୍ଗେ ଭିନ୍ନ ଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିଲେ। ଆମ୍ଭମାନଙ୍କ କାର୍ଯ୍ୟସ୍ଥଳ ଥିଲା ସାରଣ ଜିଲ୍ଲାର ସିୱାନ୍ ଓ ଗୋପାଳଗଞ୍ଜ ସବ୍‌ଡ଼ିଭିଜନ୍। ଉତ୍ତର ବିହାରରେ ବନ୍ଦୋବସ୍ତ ମହକୁମାର କେନ୍ଦ୍ରଥିଲା ଚମ୍ପାରଣ ଜିଲ୍ଲାର ରାଜଧାନୀ ମୋତିହାରୀରେ। କେତେକ ଦିନ ମୋତେ ମୋତିହାରୀରେ ରହିବାକୁ ହୋଇଥିଲା। ଚାଳିଶ ବର୍ଷ ପରେ ୧୯୫୮ ମସିହାରେ ମୋର କନ୍ୟା ଡାକ୍ତର ସୁଷମା ଚମ୍ପାରଣ ଜିଲ୍ଲାସ୍ତ ବେତିୟା ସବ୍‌ଡ଼ିଭିଜନରେ ବିହାର ଓଡ଼ିଶା ସରକାରଙ୍କ ଲେଡ଼ି ଡାକ୍ତର ହୋଇ ରହିଥିଲା। ସେଠାକୁ ମୁଁ ଯାଇଥିଲି ଓ ଦିନେ ମୋତିହାରୀ ଦେଖିବାକୁ ଗଲି। ଦେଖିଲି ପୂର୍ବ ମୋତିହାରୀର ଚିହ୍ନ ସୁଦ୍ଧା ନାହିଁ। ବେତିୟାରେ ମହାରାଜାଙ୍କ ବିଶାଳ ରାଜପ୍ରାସାଦ ୧୯୩୪ ମସିହାର ଭୀଷଣ ଭୂମିକମ୍ପରେ ଲୁପ୍ତ ହୋଇଥିବା ଶୁଣିଲି। ରାଜପରିବାରର ଅସ୍ତିତ୍ୱ ସୁଦ୍ଧା ଲୁପ୍ତ ହୋଇଅଛି। ବେତିୟା ସହର ମଧ୍ୟସ୍ଥ ଡାକ୍ତରଖାନା ସମ୍ମୁଖସ୍ଥ ବିସ୍ତୀର୍ଣ୍ଣ ପ୍ରାନ୍ତର ଇଂରେଜ ଶାସନ କାଳରେ ଗୋରାଙ୍କ ପୋଲୋ ଖେଳ ସକାଶେ ବ୍ୟବହୃତ ହେଉଥିଲା। ସେହି ସ୍ଥାନକୁ କଳା ଲୋକଙ୍କ ପ୍ରବେଶ ନିଷେଧ ଥିଲା। ଗୋରା ମ୍ୟାନେଜର୍, ଗୋରା ଜିଲ୍ଲା ହାକିମ, ଗୋରା ମହକୁମା ହାକିମ, ଗୋରା ନୀଳ ବ୍ୟବସାୟୀ। ଯେଉଁଆଡ଼େ ଦେଖ ଗୋରାଙ୍କ ପ୍ରଭାବରେ ସ୍ଥାନଟି ପ୍ରଭାବାନ୍ୱିତ ହୋଇଥିଲା। ଆଜି ସେହି ପରିସ୍ଥିତି ଆଉ ନାହିଁ। କାଳର ଅତଳ ଗର୍ଭରେ ସେ ପ୍ରଭାବ ଲୀନ ହୋଇଯାଇଅଛି।

ବନ୍ଦୋବସ୍ତ କାର୍ଯ୍ୟ ଶେଷ ହେଲା ପରେ ୧୯୧୭ ସାଲ ସେପ୍ଟେମ୍ବର ମାସରେ ମୁଁ ଛୋଟନାଗପୁର ଅନ୍ତର୍ଗତ ମାନଭୂମି ଜିଲ୍ଲାର ସଦର ମହକୁମା ପୁରୁଲିଆରେ ଅବସ୍ଥାପିତ ହେଲି। ମହାତ୍ମାଗାନ୍ଧୀଙ୍କ ଆନ୍ଦୋଳନ ଫଳରେ ବିହାରରୁ ନୀଳ ଚାଷ ଓ ନୀଳ କୋଠି ସହ ଗୋରା ସାହେବମାନେ ଉଠିଯିବା ସଙ୍ଗେ ସଙ୍ଗେ ଇଂରେଜ ଶାସନ ସମ୍ବନ୍ଧରେ ଅନ୍ତତଃ ଶିକ୍ଷିତ ସମାଜରେ ସମାଲୋଚନା ଆରମ୍ଭ ହୋଇଗଲାଣି। ଦିନେ ଦୁଇଜଣ ବଙ୍ଗାଳୀ ଡେପୁଟି

Digitized by srujanika@gmail.com

କଲେକ୍ଟର୍ ଓ ମୁଁ ପୁରୁଲିଆରୁ କଲିକତାକୁ ଯାଉଥିଲୁଁ। ଆମ୍ଭେମାନେ ରାଞ୍ଚି ଏକ୍ସପ୍ରେସ୍‌ର ଗୋଟିଏ ପ୍ରଥମ ଶ୍ରେଣୀ ଡବାରେ ବସିଲୁ। ସେହି ଡବାରେ ଜଣେ ଗୋରାସାହେବ ବସିଥିଲେ। ନାନା କଥା ପ୍ରସଙ୍ଗରେ ଇଂରେଜ ଶାସନର ସମାଲୋଚନା ମଧ୍ୟରେ ଆମ୍ଭମାନଙ୍କ ମୁଖରୁ ଅନୁକୂଳ ଓ ପ୍ରତିକୂଳ ମନ୍ତବ୍ୟ ପ୍ରକାଶିତ ହେବାକୁ ଲାଗିଲା। ଆମ୍ଭମାନଙ୍କ ମଧ୍ୟରୁ ଜଣେ ଡେପୁଟି ଲାଲା ଆଶୁତୋଷ କହିଲେ, ''ସାବଧାନ, ଅନେକ ସାହେବ ଭଲ ବଙ୍ଗଳା ଜାଣନ୍ତି। ଏହି ସାହେବଟି ଯଦି ଆମ୍ଭମାନଙ୍କ କଥା ବୁଝୁଥାଏ, ତାହାହେଲେ ସର୍ବନାଶ।'' ହଠାତ୍ ସାହେବଟି ବିଶୁଦ୍ଧ ବଙ୍ଗଳା ଭାଷାରେ କହିଲେ, ''ମଶାୟରା ! ଆପନାଦେର କଥା ଆମି ସବ୍ ବୁଝଛି। ଆପନାରା ବୋଧହୟ ସରକାରୀ କର୍ମଚାରୀ। ଆମି ଜାନି, ଭାରତବାସୀଦେର ମଧ୍ୟେ ଇଂରେଜଦେର ଯଦି କେଉ ବିରୋଧୀ ଏଖନ୍ ଥାକେ ତାରା ହଚ୍ଛେ ସରକାରୀ କର୍ମଚାରୀଗନ। ଶୁନେ ଆଶ୍ଚର୍ଯ୍ୟ ହବେନ୍‌ନା ଆମି ହଚ୍ଛି C.E.A.W., Oldham, ଛୋଟନାଗପୁର ଡିଭିଜନେର କମିଶନର। ତବୁଓ ଆପନାଦେର କୋନ ଭୟ ନେଇଁ।'' ସର୍ବନାଶ, ଏ ଯେ ଆମ୍ଭମାନଙ୍କ କମିଶନର। ଦଣ୍ଡ ମୁଣ୍ଡର ବିଧାତା ! ଆମ୍ଭେମାନେ ଅସ୍ଥିର ହୋଇପଡ଼ିଲୁଁ। ଆଉ କୌଣସି କଥାବାର୍ତ୍ତା ନାହିଁ। ପ୍ରଗଲ୍‌ଭତା ନିରବତାରେ ପରିଣତ ହେଲା। ଶଙ୍କିତ ଭାବରେ କଲିକତା ପର୍ଯ୍ୟନ୍ତ ଗଲୁଁ। କେତେକ ଦିନ ପରେ ଓଲ୍‌ଡ୍‌ହେମ୍ ସାହେବ ପୁରୁଲିଆକୁ ନିୟମିତ ପରିଦର୍ଶନରେ ଆସିଲେ ଓ ଆମ୍ଭମାନଙ୍କ କାର୍ଯ୍ୟ ପରିଦର୍ଶନ କଲେ। ନିୟମାନୁସାରେ ତାଙ୍କ ସହିତ ସାକ୍ଷାତ୍ କଲି, କଥାରେ ବା କାର୍ଯ୍ୟରେ କୌଣସି ପ୍ରକାର ବିକାର ଲକ୍ଷିତ ହେଲାନାହିଁ।

ମାନଭୂମ୍ ଜିଲ୍ଲାର ଅଧିକାଂଶ ଅଞ୍ଚଳ ବଙ୍ଗଭାଷାଭାଷୀ। ଭୂମିଜ ନାମକ ଆଦିବାସୀ ଅଛନ୍ତି। ଏମାନଙ୍କର ସୁଦ୍ଧା ସାଧାରଣ କଥିତ ଭାଷା ବଙ୍ଗଳା। ଇଂରେଜ ଶାସନରେ ଭେଦନୀତି ଫଳରେ ମାନଭୂମ ବଙ୍ଗପ୍ରଦେଶରେ ନ ରହି ବିହାରରେ ରହିଥିଲା। ସ୍ୱାଧୀନ ଭାରତ ଶାସନରେ ଭାଷାସୂତ୍ରରେ ବିଭିନ୍ନ ପ୍ରଦେଶର ପୁନଃଗଠନ ସମ୍ପର୍କରେ ମାନଭୂମ, ପୂର୍ଣ୍ଣିମା ଓ ଭାଗଲପୁର ଜିଲ୍ଲାର ବଙ୍ଗଭାଷାଭାଷୀ ଅଞ୍ଚଳ ପଶ୍ଚିମବଙ୍ଗ ସହିତ ୧୯୫୬ ସାଲରେ ମିଳିତ ହେଲା।

ମାନଭୂମ ଜିଲ୍ଲାରେ କେତେକ ଓଡ଼ିଆ ଚିରସ୍ଥାୟୀ ଅଧିବାସୀ ଅଛନ୍ତି। ସେମାନଙ୍କ ସାମାଜିକ ରୀତିନୀତି ଓଡ଼ିଆ ହେଲେହେଁ ଓଡ଼ିଆ ଆଉ କହୁନାହାନ୍ତି । ସମ୍ବଲପୁରରୁ ଅନେକ ଓଡ଼ିଆ ଆସି ରାଞ୍ଚି, ସିଂହଭୂମ ଓ ବାଙ୍କୁଡ଼ା ପର୍ଯ୍ୟନ୍ତ ରହିଯାଇଅଛନ୍ତି। ସିଂହଭୂମ ଅନ୍ତର୍ଗତ ଓଡ଼ିଆ ଅଞ୍ଚଳର ପୃଥକୀକରଣ ଓ ଓଡ଼ିଶା ସହିତ ସମ୍ମିଳନ ସମସ୍ୟାର ଏପର୍ଯ୍ୟନ୍ତ ସମାଧାନ ହୋଇନାହିଁ।

Digitized by srujanika@gmail.com

ସମ୍ବଲପୁର ଜିଲ୍ଲାରେ ଚାକିରି

ମାନଭୂମରୁ ବଦଳି ହୋଇ ୧୯୧୮ ମସିହା ଜୁଲାଇ ମାସରେ ସମ୍ବଲପୁର ଜିଲ୍ଲା ବରଗଡ଼କୁ ଆସିଲି। ଯାତ୍ରୀବାହୀ ମୋଟର ଗାଡ଼ିର ଚଳାଚଳ ସେତେବେଳେ ଆରମ୍ଭ ହୋଇନଥିଲା। ସାଧାରଣ ବାହାନ ବଳଦ ଗାଡ଼ିରେ ପରିବାର ସହ ଘୋର ବୃଷ୍ଟି ମଧ୍ୟରେ ବରଗଡ଼ରେ ଉପସ୍ଥିତ ହେଲି ଓ ମୋ ସକାଶେ ନିର୍ଦ୍ଦିଷ୍ଟ ସରକାରୀ ଘରେ ରହିଲି।

ବରଗଡ଼ ସମ୍ବଲପୁର ଜିଲ୍ଲାର ବୃହତ୍ ସବ୍‌ଡ଼ିଭିଜନ୍। ମୁଁ ମୋ କାର୍ଯ୍ୟରେ ଯୋଗ ଦେବା ସମୟରେ ସବ୍‌ଡ଼ିଭିଜନାଲ୍ ଅଫିସର୍ ଥିଲେ ଶ୍ରୀ ବୈଦ୍ୟନାଥ ମିଶ୍ର। ବୈଦ୍ୟନାଥ ବାବୁ ଯେପରି ବିଦ୍ୱାନ୍ ଓ କାର୍ଯ୍ୟଦକ୍ଷ ସେପରି ନିରହଙ୍କାରୀ ଓ ଲୋକପ୍ରିୟ ଥିଲେ। ତାଙ୍କ ଘର ପୁରୀ ଜିଲ୍ଲା ବୀରପ୍ରତାପପୁର ଶାସନରେ। କାର୍ଯ୍ୟରୁ ଅବସର ନେଇ ବର୍ତ୍ତମାନ ପୁରୀରେ ରହିଥିଲେ। ଦୁଇବର୍ଷ ହେବ ତାଙ୍କ କାଳ ହୋଇଯାଇଅଛି। ଅଳ୍ପଦିନ ପୂର୍ବେ ସେଠାରେ ତାଙ୍କ ସହିତ ମୋର ସାକ୍ଷାତ ହୋଇଥିଲା ଓ ତାଙ୍କ ଘରେ ପୂର୍ବସ୍ମୃତି ବିଜଡ଼ିତ ନାନା ଉପଭୋଗ୍ୟ କଥାବାର୍ତ୍ତା ହୋଇଥିଲା। ସେ କଲିକତା ବିଶ୍ୱବିଦ୍ୟାଳୟରେ ଜଣେ ମେଧାବୀ ଛାତ୍ର ଥିଲେ। ଇତିପୂର୍ବେ ତାଙ୍କ କୃତିତ୍ୱପୂର୍ଣ୍ଣ ଛାତ୍ର ଜୀବନର ପରିଚୟ ଦିଆହୋଇଅଛି। ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୧୯୦୩ ମସିହାରେ ଡେପୁଟି କଲେକ୍ଟର ପଦରେ ନିଯୁକ୍ତ ହୋଇଥିଲେ। ତାଙ୍କ ପରି ସଦାଶୟ ହାକିମ ମୁଁ କମ୍ ଦେଖିଛି। କି ଅଧୀନସ୍ଥ ହାକିମ, କି କିରାଣୀ, କି ଚପରାସୀ, ସମସ୍ତଙ୍କ ପ୍ରତି ତାଙ୍କର ସମ ବ୍ୟବହାର – ସଦୟ ଓ ନିର୍ମଳ। ବେଶଭୂଷା, ହାବଭାବ ସରଳତାପୂର୍ଣ୍ଣ। ଅତ୍ୟଧିକ ସରଳତା ଯୋଗୁଁ ତାଙ୍କୁ ଥରେ ଥରେ ବଡ଼ ଅସୁବିଧାରେ ପଡ଼ିବାକୁ ହୋଇଥିଲା। ଏ ସମ୍ବନ୍ଧରେ ଦିନକର ଘଟଣା ଅତ୍ୟନ୍ତ କୌତୁକାବହ। ୧୯୧୪ ମସିହାରେ ମୁଁ ଅନୁଗୁଳରୁ ଛୁଟିରେ ଆସି ସମ୍ବଲପୁରରେ ରହିଥିଲି। କିଛିଦିନ ପୂର୍ବେ ବୈଦ୍ୟନାଥ ବାବୁ ସମ୍ବଲପୁରକୁ ବଦଳି ହୋଇ ଆସିଥିଲେ। ଦିନେ ସକାଳେ ମୁଁ ସମ୍ବଲପୁର ସଦରଥାନା ସମ୍ମୁଖସ୍ଥ ସଡ଼କରେ ବାଇସାଇକଲ୍‌ରେ ଯାଉଥିବା ସମୟରେ ଦେଖିଲି, ଜଣେ କନ୍‌ଷ୍ଟେବଲ୍ ବୈଦ୍ୟନାଥବାବୁଙ୍କ ହାତଧରି ଟାଣୁଛି ଓ ନିକଟରେ ବୋଝାଏ ଜାଳକାଠ ପଡ଼ିଛି ଏବଂ ଜଣେ କୋହ୍ଲାଣୀ କାନ୍ଦି କାନ୍ଦି କାହାକୁ ଗାଳି ଦେଉଛି। ବୈଦ୍ୟନାଥ ବାବୁଙ୍କ ଏତଦବସ୍ଥା ଦେଖି ମୁଁ ବାଇସାଇକେଲ୍‌ରୁ ଓହ୍ଲାଇ ପଡ଼ିଲି। ମୋତେ ଦେଖିଲା ମାତ୍ରକେ ଯେମନ୍ତ ସେ ଆଶ୍ୱସ୍ତି ବୋଧକଲେ। ନିଜ ବାଇସାଇକେଲ୍‌ଟି ସେ ହାତରେ ଧରିଛନ୍ତି । କନ୍‌ଷ୍ଟେବଲ୍‌ଟି ପଶ୍ଚିମା ଲୋକ, ମୋର

Digitized by srujanika@gmail.com

ପରିଚିତ। ବିସ୍ମିତ ହୋଇ ତାକୁ ପଚାରିଲି, ''କଥା କ'ଣ?'' ବାମ ହସ୍ତରେ ସେ ବୈଦ୍ୟନାଥବାବୁଙ୍କ ଏକ ହସ୍ତ ଶକ୍ତ ଭାବରେ ଧରିଛି ଓ ଦକ୍ଷିଣ ହସ୍ତରେ ମୋତେ ସଲାମ୍ କରି କହିଲା, ''ଦେଖନ୍ତୁ ହଜୁର ! ଏହି ଗରିବ ସ୍ତ୍ରୀଟି କାଠ ମୁଣ୍ଡାଇ ଯାଉଥିଲା ଆଉ ଏହି ବେକୁବ୍ ଲୋକଟି ତାକୁ ବାଇସାଇକେଲ୍ ଧକ୍କାରେ ପକାଇ ଦେଇ ତାହାର ଗୋଡ଼ରେ ଜଖମ କରିଛି; ଆଉ କହିଲେ ଥାନାକୁ ଯାଉନାହିଁ।'' ମୁଁ ତାଙ୍କ ହାତ ଛାଡ଼ିଦେବାକୁ କହିଲି। ତତ୍‌କ୍ଷଣାତ୍ ଛାଡ଼ିଦେଲା। କହିଲି, ''ମୂର୍ଖ! ତୁ ଚିହ୍ନୁନାହୁଁ ଏ ଯେ ଡେପୁଟି ସାହେବ। ଅଳ୍ପଦିନ ହେଲା ବାଳମୁକୁନ୍ଦ କାନୁନ୍‌ଗୋଙ୍କ ସ୍ଥାନରେ ଆସିଛନ୍ତି।'' ତତ୍‌କ୍ଷଣାତ୍ କନ୍‌ଷ୍ଟେବଲ୍ ସଳଖ ଭାବରେ ଛିଡ଼ାହୋଇ ପୋଲିସ କାଏଦାରେ ଦୀର୍ଘ ସଲାମଟାଏ ତାଙ୍କୁ ପକାଇଲା। କେବଳ ସେତିକି ନୁହେଁ, ସେହି ସ୍ତ୍ରୀ ଲୋକ ପାଖକୁ ଦୌଡ଼ି ଯାଇ କଠୋର ସ୍ୱରରେ ତାକୁ କହିଲା, ''ଚାଲ୍ ଥାନାକୁ, ସାହେବଙ୍କୁ ଏତେ ହଇରାଣ କଲୁ।'' ବୈଦ୍ୟନାଥ ବାବୁ, ମୁଁ ଓ ଉପସ୍ଥିତ ଲୋକେ ଆଉ ହସ ସମ୍ଭାଳି ପାରିଲୁନାହିଁ। କନ୍‌ଷ୍ଟେବଲ୍‌କୁ କହିଲି, ''ସାବାସ୍ ପୋଲିସ୍‌ବାଲା! ଯା, ତୋର କାମ କର ।'' ସେ, ଲଜ୍ଜାବନତ ମୁଖରେ ଚାଲିଗଲା ଓ ଆମ୍ଭେମାନେ ସେହି ସ୍ତ୍ରୀକୁ ନେଇ ବୈଦ୍ୟନାଥ ବାବୁଙ୍କ ବସାକୁ ଗଲୁ ଓ ତାକୁ କିଛି ଦେଇ ବିଦାୟ କଲୁ। ଅତ୍ୟଧିକ ସରଳତା ଅନେକ କ୍ଷେତ୍ରରେ ବିପଦର କାରଣ ହୋଇଥାଏ। ଚନ୍ଦ୍ରର ବଙ୍କିମ ରୂପ ଥିବା ଯାଏ ରାହୁ ତାକୁ ସ୍ପର୍ଶ କରିବାକୁ ସୁଦ୍ଧା ସାହସ କରେନାହିଁ। ସରଳ, ସୁଗୋଲ, ମନୋମୁଗ୍ଧକର ପୂର୍ଣ୍ଣ ଚନ୍ଦ୍ରକୁ ଦେଖି ଅନାୟାସରେ ଗ୍ରାସକରେ। ବୈଦ୍ୟନାଥବାବୁଙ୍କ ଆଉ ବିଶେଷତ୍ୱ ଥିଲା, ସଙ୍ଗୀତାନୁରାଗ ଓ ପାକକାର୍ଯ୍ୟ। ସେ ନୈପୁଣ୍ୟ ସହକାରେ ବେହେଲା ବଜାଇ ପାରୁଥିଲେ ଓ ଅନ୍ୟାନ୍ୟ ସଙ୍ଗୀତ ସହିତ ସ୍ୱରଚିତ ସଙ୍ଗୀତ ଗାନ କରୁଥିଲେ। ନିଜେ ଖାଇବା ଅପେକ୍ଷା ଅନ୍ୟକୁ ଖୁଆଇବାରେ ସେ ଅତ୍ୟନ୍ତ ଆନନ୍ଦ ଅନୁଭବ କରୁଥିଲେ। କୌଣସି ବନ୍ଧୁ ତାଙ୍କୁ ଭୋଜିକୁ ନିମନ୍ତ୍ରଣ କଲେ ସେ ଯେ କେବଳ ଖାଇବାକୁ ଆସୁଥିଲେ, ତାହା ନୁହେଁ। ରନ୍ଧନଶାଳାକୁ ଯାଇ ଉପାଦେୟ ଆହାର୍ଯ୍ୟ ପ୍ରସ୍ତୁତ କରାଉଥିଲେ। ପ୍ରତି ଶନିବାର ଦିନ କୌଣସି ନା କୌଣସି ଅଫିସରଙ୍କ ଘରେ ଭୋଜିହୁଏ ଓ କେଉଁଦିନ କାହାରି ଘରେ ହୋଇ ନପାରିଲେ ତାଙ୍କ ଘରେ ହୁଏ ଓ ସେଥିରେ ସ୍ୱହସ୍ତରେ ଜିନିଷମାନ ପ୍ରସ୍ତୁତ ହୁଏ। ବରଗଡ଼ରେ ମୋର ତୃତୀୟା କନ୍ୟା ଅନୁପମାର ଅନ୍ନପ୍ରାଶନ ଭୋଜିରେ ବୈଦ୍ୟନାଥ ବାବୁ ମୋର ସବିନୟ ନିଷେଧ ସତ୍ତ୍ୱେ ଅନେକ ଜିନିଷ ସ୍ୱହସ୍ତରେ ପାକ କରିଥିଲେ। ମଫସଲ ଗସ୍ତରେ ତାଙ୍କ ସଙ୍ଗେ ଯାଇଥିବା ପେସ୍‌କାର, ଚପରାସୀ ଆଦିଙ୍କୁ ସ୍ୱହସ୍ତରେ ଆହାର୍ଯ୍ୟ ପରିବେଷଣ କରୁଥିବା ଦେଖି ଲୋକେ ତାଙ୍କ ଅମାୟିକତା ଓ ସଦାଶୟତାର ଭୂୟସୀ ପ୍ରଶଂସା କରନ୍ତି। ଏଆଡ଼େ କର୍ମତତ୍ପରତା ଓ ପାଣ୍ଡିତ୍ୟପୂର୍ଣ୍ଣ ଲେଖା ଓ ସୁବିଚାର। ସେତେବେଳେ ବରଗଡ଼ରେ ଥିଲୁଁ, ମୁଁ, ସେକେଣ୍ଡ ଅଫିସର, ଉମାଚରଣ ଦାସ ତହସିଲ୍‌ଦାର୍ ଓ ଗୌରକିଶୋର ଦାସ ଅତିରିକ୍ତ ତହସିଲ୍‌ଦାର୍।

Digitized by srujanika@gmail.com

ଶାସନ ବିଭାଗରେ ଆମ୍ଭମାନଙ୍କ ଛଡ଼ା ବିଚାର ବିଭାଗରେ ଥିଲେ ମୁନସିଫ୍ ସୂର୍ଯ୍ୟମଣି ଦାସ । ଚିକିତ୍ସା ବିଭାଗରେ ଡାକ୍ତର ଗିଡ଼ିଏନ୍ ସାହୁ। ଏତିକି ମାତ୍ର ଅଫିସର। ଓକିଲ ଥିଲେ ମୋର ଧର୍ମପିତା ଶ୍ରୀ ବାଲୁଙ୍କେଶ୍ୱର ମିଶ୍ର – ଏକମାତ୍ର ଓଡ଼ିଆ ଓକିଲ, ଆଉ ତିନିଜଣ ବଙ୍ଗାଳୀ ଓକିଲ, ଶ୍ରୀ ହେମଚନ୍ଦ୍ର ଚକ୍ରବର୍ତ୍ତୀ, ଅଘୋରନାଥ ପଣ୍ଡିତ ଓ ମହେନ୍ଦ୍ରନାଥ ଚକ୍ରବର୍ତ୍ତୀ। ଆଉ ଜଣେ ବଙ୍ଗାଳୀ ମୋକ୍ତାର ଶ୍ରୀ ଅନନ୍ତଲାଲ୍ ବିଶ୍ୱାସ। ପ୍ରାୟ ପ୍ରତିଦିନ ସନ୍ଧ୍ୟାରେ ବୈଦ୍ୟନାଥ ବାବୁଙ୍କ ବସାରେ ସଙ୍ଗୀତ ଚର୍ଚ୍ଚା ହୁଏ ଓ ଆମ୍ଭେମାନେ ତହିଁରେ ଯୋଗଦେଉଁ। ପ୍ରୋକ୍ତ ବଙ୍ଗାଳୀ ଭଦ୍ରଲୋକଙ୍କ ମଧ୍ୟରେ ମୋକ୍ତାର ଅନନ୍ତଲାଲ ବିଶ୍ୱାସ ଡୁବିତବଲା ବଜାଇ ଜାଣନ୍ତି ଓ ପ୍ରାୟ ତିନିଦିନ ନିମନ୍ତ୍ରିତ ହୋଇଆସନ୍ତି। ବୈଦ୍ୟନାଥ ବାବୁଙ୍କ ଅଧୀନରେ ଆମ୍ଭମାନଙ୍କ ଚାକିରି ଜୀବନ ଅତ୍ୟନ୍ତ ଆନନ୍ଦରେ ଅତିବାହିତ ହେଉଥିଲା। ପ୍ରକୃତରେ ସେ ଆମ୍ଭମାନଙ୍କୁ ନିଜ ଭାଇପରି ବ୍ୟବହାର କରୁଥିଲେ।

ପରଶ୍ରୀକାତରତା ଓ ଈର୍ଷାପରାୟଣତାଦ୍ୱାରା କଳୁଷିତ ହେଉ ନଥିଲେ ମନୁଷ୍ୟ ଜୀବନ କେଡ଼େ ସୁଖମୟ ହେଉଥାନ୍ତା ! ଦିନେ ମୋ ଅଦାଲତରେ ବିଚାର ସକାଶେ ଥିବା ଗୋଟିଏ ମୋକଦ୍ଦମା ଅନ୍ୟ ଅଦାଲତକୁ ଉଠାଇ ନେବା ସକାଶେ ଗୋଟିଏ ଦରଖାସ୍ତ ଡେପୁଟି କମିଶନରଙ୍କଠାରୁ ମୋଠାକୁ କୈଫିୟତ୍ ପାଇଁ ଆସିଲା। ଦରଖାସ୍ତକାରୀ ବରଗଡ଼ର ଜଣେ ବଙ୍ଗାଳୀ ଆଇନ ବ୍ୟବସାୟୀଙ୍କ ମହକିଲ। ମୋ ଅଦାଲତରୁ ମୋକଦ୍ଦମା ଉଠାଇନେବାର କାରଣ ଏହି ବୋଲି ଉଲ୍ଲେଖ ଥିଲା ଯେ, ଅପର ପକ୍ଷର ଓକିଲ ଶ୍ରୀ ବାଲୁଙ୍କେଶ୍ୱର ମିଶ୍ର ଅଛନ୍ତି। ତାଙ୍କଦ୍ୱାରା ମୁଁ ଶିକ୍ଷାପ୍ରାପ୍ତ ଓ ତାଙ୍କ ମୋ ମଧ୍ୟରେ ପିତାପୁତ୍ର ସମ୍ପର୍କ ଥିବା ଯୋଗୁଁ ମୋ ହସ୍ତରେ ମୋକଦ୍ଦମାର ନ୍ୟାୟ ବିଚାର ହୋଇପାରିବ ନାହିଁ। ମୁଁ ମୋର କୈଫିୟତ୍‌ରେ ଶ୍ରୀ ବାଲୁଙ୍କେଶ୍ୱର ମିଶ୍ରଙ୍କ ସହିତ ସମ୍ପର୍କ ବିଷୟ ସ୍ୱୀକାର କଲି। କିନ୍ତୁ ସେହି କାରଣରୁ ସେ ଯେଉଁ ମୋକଦ୍ଦମାରେ ରହିବେ ସେହି ମୋକଦ୍ଦମାରେ ଯେ ନ୍ୟାୟ ବିଚାର କରିପାରିବି ନାହିଁ, ତାହା ଅସ୍ୱୀକାର କଲି ଏବଂ କହିଲି ଯେ ବରଂ ଏହି କାରଣରୁ ମୋତେ ଅଧିକ ସାବଧାନତା ଓ ନିରପେକ୍ଷତା ଅବଲମ୍ବନ କରିବାକୁ ହେବ। ଆଉ ମଧ୍ୟ ଲେଖିଦେଲି ଯେ, ମୋ ଅଦାଲତରୁ ମୋକଦ୍ଦମା ଉଠାଇ ନେବାରେ ମୋର ଆପତ୍ତି ନାହିଁ । ଡେପୁଟି କମିଶନର ଇଂଲିସ ସାହେବ (A. L. Inglis, I.C.S.) ମୋକଦ୍ଦମା ମୋ ଅଦାଲତରୁ ଉଠାଇନେଲେ।

ଏହା ଉତ୍ତାରେ ଏହି କାରଣରେ ଘନ ଘନ ଦରଖାସ୍ତ ପଡ଼ିବାର ମୁଁ ଜାଣିପାରିଲି। ଜଣେ ମାତ୍ର ଓଡ଼ିଆ ଓକିଲ ବିପକ୍ଷରେ ଅପର ସମସ୍ତେ ବଙ୍ଗାଳୀ। ଦିନେ ହଠାତ୍ ଡେପୁଟି କମିଶନର ମୋଟର ସାଇକେଲ୍‌ରେ ବରଗଡ଼ରେ ଉପସ୍ଥିତ ହେଲେ ଓ ମୋର ନିଷ୍ପତ୍ତି ହୋଇଥିବା ସମସ୍ତ ମୋକଦ୍ଦମାର ନଥିମାନ ଡାକବଙ୍ଗଳାକୁ ମଗାଇନେଲେ। ସେ ସବୁ ମଧ୍ୟରେ ଶ୍ରୀ ବାଲୁଙ୍କେଶ୍ୱର ମିଶ୍ରଙ୍କଦ୍ୱାରା ପରିଚାଳିତ ମୋକଦ୍ଦମାର ନଥିମାନ ମଧ୍ୟ ଥିଲା। ନଥି ନେଇ ଯିବା ତିନି ଚାରି ଘଣ୍ଟା ପରେ ଡେପୁଟି କମିଶନର ମୋତେ ଡକାଇଲେ ଓ

Digitized by srujanika@gmail.com

କହିଲେ ଯେ, ଓକିଲମାନେ ମୋତେ ଅକାରଣରେ କଷ୍ଟ ଦେଉଛନ୍ତି ଏବଂ ମୁଁ ବାଲୁଙ୍କେଶ୍ୱର ବାବୁଙ୍କ ପକ୍ଷର ମୋକଦ୍ଦମାଗୁଡ଼ିକରେ ଅଯଥା କଠୋରତା ଅବଲମ୍ବନ କରୁଅଛି ବୋଲି ନଥିଗୁଡ଼ିକରୁ ସେ ପ୍ରମାଣ ପାଉଅଛନ୍ତି। ଏହା କହି ଆଠ ଦଶ ଗୋଟି ଦରଖାସ୍ତ ସେ ମୋତେ ଦେଖାଇଦେଲେ। ସମସ୍ତ ଦରଖାସ୍ତ ନାମଞ୍ଜୁର ହୋଇଥିବା ଦେଖିଲି। ବରଗଡ଼ରେ ଦୁଇଟି ମାତ୍ର ଫୌଜଦାରୀ ଅଦାଲତ, ଗୋଟିଏ ସବ୍‌ଡ଼ିଭିଜନାଲ୍ ଅଫିସର୍‌ଙ୍କର ଓ ଅପରଟି ସେକେଣ୍ଡ ଅଫିସର୍, ମୋର। ତହସିଲ୍‌ଦାର୍ ଦ୍ୱୟ ପ୍ରାୟ ଗସ୍ତରେ ଥାଆନ୍ତି। କ୍ୱଚିତ୍ ଫୌଜଦାରୀ ମୋକଦ୍ଦମା ବିଚାର କରନ୍ତି। ସବ୍‌ଡ଼ିଭିଜନାଲ୍ ଅଫିସର୍ ଗସ୍ତରେ ଥିବା ସମୟରେ ସେକେଣ୍ଡ ଅଫିସରଙ୍କୁ ସବ୍‌ଡ଼ିଭିଜନ୍‌ର ସମସ୍ତ ମୋକଦ୍ଦମା ନିଜ କ୍ଷମତାନୁଯାୟୀ ବିଚାର କରିବାକୁ ହୁଏ। ଏପରି ଅବସ୍ଥାରେ ଯଦି ଜଣେ ଓକିଲଙ୍କ ସହିତ ମୋର କେବଳ ଧର୍ମ ସମ୍ପର୍କ ଥିବା କାରଣରେ ମୋ ଅଦାଲତ ତାଙ୍କୁ ବର୍ଜ୍ଜନ କରିବାକୁ ପଡ଼େ ତାହାହେଲେ ମୁଁ ବରଗଡ଼ରେ ଥିବା ପର୍ଯ୍ୟନ୍ତ ସମସ୍ତ ଫୌଜଦାରୀ ଅଦାଲତ ତାଙ୍କୁ ବର୍ଜ୍ଜନ କରିବାକୁ ହେବ। ଏହି ଦୂରଭିସନ୍ଧିଦ୍ୱାରା ଚାଳିତ ହୋଇ ଓକିଲ ବନ୍ଧୁମାନେ ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରିଥିଲେ। ମୁଁ ଡେପୁଟି କମିଶନରଙ୍କୁ କହିଲି ଯେ, ମୁଁ ବରଗଡ଼ରେ ରହିବାଦ୍ୱାରା ଯଦି ଜଣେ ଓକିଲଙ୍କୁ କ୍ଷତିଗ୍ରସ୍ତ ହେବାକୁ ହେଲା, ତାହାହେଲେ ମୋତେ ସ୍ଥାନାନ୍ତରକୁ ପଠାଇଦେବା ସକାଶେ ଗଭର୍ଣ୍ଣମେଣ୍ଟଙ୍କୁ ଲେଖିବା ଉଚିତ ହେବ। ସେ କିନ୍ତୁ ମୋତେ ଅଭୟ ଦେଲେ ଓ ଯେପରି କରୁଅଛି ସେପରି କରିବାକୁ ଉପଦେଶ ଦେଲେ। ଆଉ ଗୋଟିଏ ଯୋଡ଼ିଏ ଦରଖାସ୍ତ ପୁଣି ହୋଇଥିଲା । କିନ୍ତୁ ସେ ସବୁ ନାମଞ୍ଜୁର ହେବାରୁ ଏପରି ଦରଖାସ୍ତ ବନ୍ଦ ହୋଇଗଲା। କିଛିଦିନ ଉତ୍ତାରେ ଗୋଟିଏ ମଫସଲ ଥାନାରୁ ଅଭିଯୋଗ ଆସିଲା ଯେ, ଏମାନଙ୍କ ମଧ୍ୟରୁ ଜଣେ ଓକିଲ ହାଜତରେ ଥିବା ଜଣେ ଆସାମୀର ଟିପଚିହ୍ନ ଝରକା ବାଟରେ ଥାନା ଅଫିସରଙ୍କ ବିନା ଅନୁମତିରେ ଓ ଅଜ୍ଞାତସାରରେ ନେଇଯାଇଥିଲେ। ଓକିଲଙ୍କୁ ଡକାଇ ଏ ସମ୍ବନ୍ଧରେ ପ୍ରଶ୍ନ କଲାରୁ ତାଙ୍କର ପ୍ରଥମ ଉତ୍ତର ହେଲା, "ହଜୁର! ଆପଣଙ୍କ ବିରୁଦ୍ଧରେ ଯେଉଁ ଦରଖାସ୍ତମାନ ହୋଇଥିଲା ତହିଁରୁ ଗୋଟାକରେ ସୁଦ୍ଧା ମୁଁ ନଥିଲି – ଅମୁକ ଥିଲା ।" ବର୍ଷକ ପରେ ମୁଁ ବରଗଡ଼ରୁ ବଦଳି ହୋଇଯିବା ଉପଲକ୍ଷରେ ଯେଉଁ ବିଦାୟ ସଭା ହୋଇଥିଲା ତହିଁରେ ଏହି ଓକିଲ ବନ୍ଧୁମାନେ ମୋ ସମ୍ବନ୍ଧରେ ସଦୟ ପ୍ରଶଂସାବାଣୀ ଶୁଣାଇଥିଲେ।

ବରଗଡ଼ରେ ମୁଁ ଟ୍ରେଜାରୀ (ଖଜଣାଖାନା) ଅଫିସର। ଦିନେ ଇଜଲାସରୁ ଓହ୍ଲାଇ ଖଜଣାଖାନାର ବାରଣ୍ଡାଦେଇ ଯାଉଅଛି, ଖଜଣାଖାନାର ପୋଲିସ ରକ୍ଷୀଦଳର ଜଣେ କନ୍‌ଷ୍ଟେବଲ୍ ବାରଣ୍ଡାରେ ଶୋଇଥିବା ଜଣେ ଲୋକକୁ ତାହାର ଗୋଡ଼ର ବୁଟ୍ ଜୋତାଦ୍ୱାରା ଠେଲି ଉଠିବାକୁ କହୁଛି। ଲୋକଟି ଆପାଦମସ୍ତକ ବସ୍ତ୍ରାବୃତ। ସେ ବ୍ୟସ୍ତ ଭାବରେ ଉଠି ଛିଡ଼ାହେଲାରୁ ଦେଖିଲି, କବି ଗଙ୍ଗାଧର ମେହେର। ମୁଁ ତାଙ୍କ ହାତଧରି କହିଲି, "ଆପଣ ଏପରି ଅବସ୍ଥାରେ କାହିଁକି ପଡ଼ିଛନ୍ତି । ଆସନ୍ତୁ ।" ବୋଲି ମୋର ଇଜଲାସ ଉପରକୁ ଦେଖାଇ ମୁଁ ଫେରିବା ପର୍ଯ୍ୟନ୍ତ ସେଠାରେ ଥିବା ଚୌକିରେ ବସିଥିବା ପାଇଁ କହିଲି। କିନ୍ତୁ

Digitized by srujanika@gmail.com

ସେ ନିତାନ୍ତ ବ୍ୟସ୍ତ ହୋଇ ବିନୀତ ଭାବରେ ହାତଯୋଡ଼ି କହିଲେ, "ନା, ନା ମୁଁ ଗରିବ ଲୋକ । ମୁଁ ଇଜଲାସରେ ବସିବା ଅଯୋଗ୍ୟ। ମୋତେ କ୍ଷମା କରନ୍ତୁ।" ଯେତେ କହିଲି ବସିଲେ ନାହିଁ । ତାଙ୍କ ଆଗରେ ମୁଁ କି ଅକିଞ୍ଚନ ! ଅପ୍ରାକୃତ କୃତ୍ରିମ କ୍ଷମତାର ଆବରଣରେ ଆଜି କବି ପ୍ରତାରିତ ହୋଇଅଛନ୍ତି। ମୁଁ ମୋର ହୃଦୟର କୋହ ସମ୍ଭାଳି ପାରିଲିନାହିଁ। ମୋର ଚକ୍ଷୁଦ୍ୱୟ ଅଶ୍ରୁପୂର୍ଣ୍ଣ ହୋଇଗଲା। ସେହିଦିନ ବାରଟଙ୍କା ଆଠଅଣା ମାତ୍ର ପେନ୍‌ସନ୍ ନେବାକୁ ଆସିଥିଲେ ଓ ଟଙ୍କା ପାଇବା ଆଶାରେ ଶୋଇ ରହିଥିଲେ। ମୋ ସହିତ ତାଙ୍କର ଉତ୍ତମ ପରିଚୟ ଥିଲା। ସିପାହୀଟି ସମ୍ବଲପୁରବାସୀ। ତାଙ୍କ ପ୍ରତି ମୋର ବ୍ୟବହାର ଦେଖି ତାହାର ମୁଖମଣ୍ଡଳ ବିସ୍ମୟ ଉତ୍ପନ୍ନ ହୋଇଥିବା ଲକ୍ଷ୍ୟ କଲି, ମୋଠାରୁ ତାଙ୍କ ପରିଚୟ ପାଇ ସେ ତାଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣିପାତ ପୂର୍ବକ କ୍ଷମାଭିକ୍ଷା କଲା।

ସମ୍ବଲପୁର ଜିଲ୍ଲାରେ ମଫସଲ ଅଞ୍ଚଳର ଲୋକଙ୍କ ଅତିଥିପରାୟଣତା ସମ୍ବଲପୁରର ବିଶେଷତ୍ୱ। ପ୍ରତ୍ୟେକ ଗ୍ରାମରେ 'ଡେରା ଘର' ନାମକ ଅତିଥିଶାଳା ଏହାର ପ୍ରମାଣ। ଡେରା ଘର ଗସ୍ତରେ ଥିବା ସରକାରୀ କର୍ମଚାରୀମାନଙ୍କ ରହିବା ସକାଶେ ଉଦ୍ଦିଷ୍ଟ। କିନ୍ତୁ ସରକାରଙ୍କ ନିୟମାନୁସାରେ ପଥିକମାନେ ସୁଦ୍ଧା ଏଠାରେ ରହିପାରନ୍ତି। ମଧ୍ୟପ୍ରଦେଶର ଆଇନ ଅନୁସାରେ ଗ୍ରାମବାସୀମାନେ ଏହାକୁ ବାସୋପଯୋଗୀ କରି ରଖିବାକୁ ବାଧ୍ୟ। କୌଣସି ପଥିକ ଅସମୟରେ ଉପସ୍ଥିତ ହେଲେ ଗ୍ରାମର ଗୌନ୍ତିଆ ତାଙ୍କୁ ଖାଇବାକୁ ଦେବା ସମ୍ବଲପୁରର ସାଧାରଣ ରୀତି। ଆବହମାନ କାଳରୁ ପ୍ରଚଳିତ ଏହି ରୀତି କ୍ରମେ କ୍ରମେ କାଳର ପ୍ରଭାବରୁ ଲୁପ୍ତ ହେବାକୁ ବସିଲାଣି। ପୂର୍ବେ କେତେକ ଗ୍ରାମରେ ଏପରି ନିୟମ ହୋଇଥିଲା ଯେ, ସନ୍ଧ୍ୟାରେ ଗ୍ରାମର ଚୌକିଦାର ଡେରା ଘର, ଆମ୍ବତୋଟା, ପୋଖରୀ କୂଳ ଇତ୍ୟାଦିରେ କୌଣସି ଆଗନ୍ତୁକ ଅଛନ୍ତି କି ନା ଦେଖି ଆସି ଗୌନ୍ତିଆଙ୍କ ଘରେ ଜଣାଇବ। ଯଦି କେହି ଆସିଥାନ୍ତି ତାହାହେଲେ ତାଙ୍କ ସକାଶେ ଗୌନ୍ତିଆଙ୍କ ଘରୁ 'ସିଧା' ନେଇ ତାଙ୍କୁ ଦେବ। ଏହାର ଉଦ୍ଦେଶ୍ୟ ଏହି ଯେ, ଗ୍ରାମ ମଧ୍ୟରେ କେହି ଉପବାସରେ ରହିବେନାହିଁ। ଉପବାସରେ ରହିଲେ ଗୌନ୍ତିଆ ଓ ଗ୍ରାମବାସୀଙ୍କ ପାପ ହୋଇ ଗ୍ରାମର ଅମଙ୍ଗଳ ସୃଷ୍ଟିହେବ। ଏହି ଶ୍ରେଣୀର ଅତିଥିପରାୟଣ ଧର୍ମଭୀରୁ ଗୌନ୍ତିୟାଙ୍କ ସଂଖ୍ୟା କ୍ରମେ କ୍ରମେ ଊଣା ହୋଇଯାଉଅଛି। ସମାଜ ପ୍ରତି ଆଜିକାଲି ଲୋକଙ୍କ ଦୁର୍ବ୍ୟବହାର ସୁଦ୍ଧା ଏହାର କାରଣ। ପୁଣି ଏହାର ସୁଯୋଗ ନେବା ପ୍ରତାରକଙ୍କ ସୁଦ୍ଧା ଅଭାବ ନାହିଁ। ଆଧୁନିକ ଜୀବନଯାତ୍ରାର ପ୍ରଣାଳୀ ସୁଦ୍ଧା ପରିବର୍ତ୍ତିତ ହୋଇଯାଉଅଛି। ଅନେକ ଗ୍ରାମରେ ଆଉ ଡେରାଘର ନାହିଁ। ଭାରତବର୍ଷର ସ୍ୱାଧୀନତା ପ୍ରାପ୍ତି ପରେ ସମ୍ବିଧାନାନୁସାରେ ପ୍ରଜାମାନେ ଆଉ ଡେରାଘର ପ୍ରସ୍ତୁତ ବା ତାହା ମରାମତି କରିବା ପ୍ରଥା ଉଠିଯାଇଥିବାରୁ ଏହି ଅମୂଲ୍ୟ ଅନୁଷ୍ଠାନଟି ସମ୍ବଲପୁରରୁ ଲୁପ୍ତ ହେବାକୁ ବସିଅଛି।

ଦିନେ ବରଗଡ଼ରୁ ମୋର ଘର ଆଗଲପୁରକୁ ଯାଉଥିଲି । ଗ୍ରୀଷ୍ମକାଳ, ସନ୍ଧ୍ୟାରେ ବାଇସାଇକଲ୍‌ରେ ବାହାରିଲି। ବରଗଡ଼ରୁ ଆଗଲପୁର ପ୍ରାୟ ତିରିଶ ମାଇଲ ପଥ। ଆଶା କରିଥିଲି ପ୍ରାୟ ଚାରିଘଣ୍ଟାରେ ଅର୍ଥାତ୍ ରାତ୍ରି ୯ଟା ମଧ୍ୟରେ ପହଞ୍ଚିବି। ଛଅ ମାଇଲ୍ ପଥ

Digitized by srujanika@gmail.com

ଅତିକ୍ରମ କରିଅଛି, ବାଇସାଇକେଲ୍‌ଟି ଅଚଳ ହୋଇଗଲା । ବରଗଡ଼କୁ ନଫେରି ପଦବ୍ରଜରେ ଅଗ୍ରସର ହେଲି, ଏହି ଆଶାରେ ଯେ, ବିଜେପୁରରେ ଜମିଦାରଙ୍କଠାରୁ ଗୋଟିଏ ବାଇସାଇକେଲ୍ ନେଇ ଚାଲିଯିବି । ବିଜେପୁରରେ ପହଞ୍ଚିଲା ବେଳକୁ ରାତି ଅଧିକ ହୋଇଯାଇଥିଲା । ଗ୍ରାମ ସୁପ୍ତ, ନିସ୍ତବ୍ଧ । ଜମିଦାରଙ୍କ କଚେରୀ ଘରକୁ ଗଲି ଓ ବାହାରେ ଶୋଇଥିବା ଚୌକିଦାରକୁ ଉଠାଇ ଘରଭିତରୁ ଗୋଟିଏ ଟେବୁଲ୍ ଆଣି ବାହାରେ ରଖିବାକୁ କହିଲି । ସେ ଟେବୁଲଟି ଆଣି ବାହାରେ ରଖିଦେଲା ଓ ମୁଁ ତାହା ଉପରେ ବିଶ୍ରାମ ନେବାପାଇଁ ପ୍ରସ୍ତୁତ ହେଲି । ଚୌକିଦାର ମୋର ପରିଚୟ ଜିଜ୍ଞାସା କଲା ଓ ମୁଁ ସଂକ୍ଷେପରେ ତାହା ବର୍ଣ୍ଣନା କଲି । ସେ ଆଉ କିଛି ନକହି କେଉଁଆଡ଼େ ଚାଲିଗଲା । ପଥଶ୍ରାନ୍ତ ହୋଇଥିବାରୁ ମୁଁ ଅଳ୍ପ ସମୟମଧ୍ୟରେ ନିଦ୍ରାଭିଭୂତ ହୋଇ ଟେବୁଲ ଉପରେ ପଡ଼ି ରହିଲି ।

କେତେ ରାତିରେ କିଏ ଆସି ମୋର ଦେହ ହଲାଇ ଦେଲାରୁ ମୋର ନିଦ୍ରା ଭଙ୍ଗ ହେଲା । ଦେଖିଲି ସମ୍ମୁଖରେ ସ୍ୱୟଂ ଜମିଦାର ଶ୍ରୀ ଶଙ୍କର୍ଷଣ ଗଡ଼ତିଆ ଓ ତାଙ୍କ ପଛରେ ଜଣେ ବ୍ରାହ୍ମଣ । ଜମିଦାର ସାହେବ କହିଲେ, ''ଏପରି ଖବର ନଦେଇ ଆସନ୍ତି ? ହଉ, ଉଠନ୍ତୁ ଆଉ ଆହାର କରନ୍ତୁ ।'' ବ୍ରାହ୍ମଣ ହସ୍ତରେ ମୋ ସକାଶେ ଜଳଖିଆ । କୌତୂହଳାବିଷ୍ଟ ହୋଇ ମୁଁ ପଚାରିଲି, ''ଆପଣ ଆଗେ କହନ୍ତୁ ତ, ଗ୍ରାମର ସମସ୍ତେ ତ ଶୋଇପଡ଼ିଥିଲେ, ମୁଁ ଆସିଥିବା ଆପଣ ଜାଣିଲେ କିପରି ?'' ମୁଁ ଖାଇସାରିଲା ପରେ ମୋର ପ୍ରଶ୍ନର ଉତ୍ତର ଦେବେ ବୋଲି କହିଲେ । ବ୍ରାହ୍ମଣ ମୋ ସମ୍ମୁଖରେ ଗରମ ପୁରି, ତରକାରୀ ଓ ମିଷ୍ଟାନ୍ନ ରଖିଦେଲା ଓ ତହିଁରେ ମୋର କ୍ଷୁଧା ନିବୃତ୍ତି କରିବାକୁ ଲାଗିଲି । ଜମିଦାର ସାହେବ କହିଲେ, ଯେ କୌଣସି ଆଗନ୍ତୁକ ଯେ କୌଣସି ସମୟରେ ଉପସ୍ଥିତ ହୁଅନ୍ତୁ ନା କାହିଁକି, ଚୌକିଦାର ତାଙ୍କୁ ସମ୍ବାଦ ଦେବା ତାଙ୍କ ଆଦେଶ ଅଛି । କଚେରୀ ଘରେ ଥିବା ଚୌକିଦାର ମୋର ଆଗମନ ସମ୍ବାଦ ଦେଇଥିଲା ଓ ତତ୍‌କ୍ଷଣାତ୍ ସେ ମୋ ସକାଶେ ଆହାର୍ଯ୍ୟ ପ୍ରସ୍ତୁତ କରାଇଥିଲେ ।

ବରଗଡ଼ ଗୋଟିଏ କ୍ଷୁଦ୍ର ସହର ଓ ସମ୍ବଲପୁର ଜିଲ୍ଲାର ପ୍ରଧାନ ବାଣିଜ୍ୟ କେନ୍ଦ୍ର । ଅନେକ ମାରୱାଡ଼ି ବ୍ୟବସାୟୀ ବହୁଦିନରୁ ଏଠାରେ ଅଛନ୍ତି । ପାଟଣା, ସୋନପୁର ଓ ମଧ୍ୟପ୍ରଦେଶର ରାୟପୁର ଓ ବିଳାସପୁର ଜିଲ୍ଲା ଏହାକୁ ବେଷ୍ଟନ କରି ରହିଥିବାରୁ ଏହି ଅଞ୍ଚଳରୁ ଚାଉଳ, ମୁଗ ପ୍ରଭୃତି କୃଷିଜାତ ଦ୍ରବ୍ୟ ଏହିଠାରେ କ୍ରୟ ବିକ୍ରୟ ହୁଏ । ପ୍ରତି ଶୁକ୍ରବାର ଦିନ ଏଠାରେ ଗୋଟିଏ ବଡ଼ ହାଟ ବସେ ଓ ବହୁସଂଖ୍ୟାରେ ଗୋରୁ, ପୋଢ଼, ମହୀଷାଦି ଏଠାରେ ବିକ୍ରୟ ହୁଅନ୍ତି । ରାୟପୁର ବିଜୟନଗର ରେଲ ଲାଇନ୍ ହେବା ଦିନଠାରୁ ପ୍ରୋକ୍ତ ଅଞ୍ଚଳ ସମୂହରୁ ଆସୁଥିବା ପଣ୍ୟଦ୍ରବ୍ୟ ସବୁ ସେହିଆଡ଼େ ଚାଲିଯାଉଅଛି । ଶୁକ୍ରବାର ରାତ୍ରିରେ ଶତଶତ ବଳଦଗାଡ଼ି ପଣ୍ୟଦ୍ରବ୍ୟ ଘେନି ସମ୍ବଲପୁର ଅଭିମୁଖରେ ଚାଲୁଥିଲା । ସେ ସମସ୍ତ ଆଉ ନାହିଁ । ସମ୍ବଲପୁରରେ ମହାନଦୀ ଉପରେ ଯେଉଁ ଭାସମାନ ପୋଲ (Pontoon bridge) ଥିଲା ତାହା ଆଉ ନାହିଁ । ବଳଦଗାଡ଼ିର ଯେଉଁ ସାମାନ୍ୟ ବ୍ୟବସାୟ

Digitized by srujanika@gmail.com

ଥିଲା ମୋଟର ଟ୍ରକ୍ ହେଲାଦିନଠାରୁ ତାହା ମଧ୍ୟ ଏକାବେଳକେ ବନ୍ଦ ହୋଇଯାଇଛି କହିଲେ ଚଳେ। ହୀରାକୁଦ ବନ୍ଧ ସହିତ ୧୯୪୮ ମସିହାରେ ମହାନଦୀ ଉପରେ ବୃହତ୍ ପକ୍କା ପୋଲ ନିର୍ମିତ ହେଲା ଦିନଠାରୁ ଗମନାଗମନର ସୁବିଧା ହୋଇଅଛି।

ସମ୍ବଲପୁର ଜିଲ୍ଲା ମଧ୍ୟରେ ବରଗଡ଼ ସବ୍‌ଡ଼ିଭିଜନ୍ ହିଁ ସମୃଦ୍ଧିଶାଳୀ ଅଞ୍ଚଳ। ଏହାର ସମତଳ ଉର୍ବର ଭୂମି କୃଷିପ୍ରଧାନ। ଯେତେ ବଡ଼ ବଡ଼ ଗ୍ରାମ ଏହି ଅଞ୍ଚଳରେ। କିନ୍ତୁ ଜିଲ୍ଲା ମଧ୍ୟରେ ଏକମାତ୍ର ହାଇସ୍କୁଲ ସମ୍ବଲପୁରରେ ଥିବାରୁ ଲୋକମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷାର ବିସ୍ତାର ଆଶାନୁରୂପ ହୋଇପାରୁନଥିଲା। ପୂର୍ବେ କୁହାଯାଇଅଛି ଯେ ବରଗଡ଼ରେ ଇଂରେଜୀ ଶିକ୍ଷା ଆରମ୍ଭ ହେଲା, ଯେତେବେଳେ ୧୯୦୮ ମସିହାରେ ମଧ୍ୟ ଇଂରେଜୀ ସ୍କୁଲ ସ୍ଥାପିତ ହେଲା। ସେହି ଦିନଠାରୁ କ୍ରମେ କ୍ରମେ ଉଚ୍ଚଶିକ୍ଷାର ଆବଶ୍ୟକତା ଅନୁଭୂତ ହେଲା ଓ ବରଗଡ଼ବାସୀଙ୍କ ଯତ୍ନ ଓ ଆର୍ଥିକ ସାହାଯ୍ୟରେ ୧୯୧୯ ମସିହାରେ ପ୍ରଥମ ହାଇସ୍କୁଲ ସ୍ଥାପିତ ହେଲା। ୧୯୬୦ ମସିହାରେ ଏଠାରେ ଗୋଟିଏ କଲେଜ ମଧ୍ୟ ସ୍ଥାପିତ ହୋଇଅଛି। ବରଗଡ଼ବାସୀମାନଙ୍କ ସମ୍ପୂର୍ଣ୍ଣ ଆନୁକୁଲ୍ୟରେ ଏହି କେତେକ ବର୍ଷ ମଧ୍ୟରେ ବରଗଡ଼ବାସୀ ଉଚ୍ଚଶିକ୍ଷା ଲାଭକରି ସମାଜର ବିଭିନ୍ନ କ୍ଷେତ୍ରରେ ଓ ସରକାରୀ ଚାକିରିରେ ବିଶିଷ୍ଟ ସ୍ଥାନମାନ ଅଧିକାର କରିଅଛନ୍ତି।

୧୯୧୪ ମସିହାରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ୧୯୧୮ ମସିହା ନଭେମ୍ବର ମାସରେ ତହିଁର ଅବସାନ ହୋଇଥିଲା। ଏହାର କେତେକଦିନ ଉତ୍ତାରେ ୧୯୧୮ ମସିହାରେ ଭୀଷଣ ଇନ୍‌ଫ୍ଲୁଏଞ୍ଜା ବା 'ଯୁଦ୍ଧଜ୍ୱର' ଭାରତବର୍ଷର ଚତୁର୍ଦ୍ଦିଗରେ ସଂକ୍ରମିତ ହୋଇ ବହୁଲୋକଙ୍କ ପ୍ରାଣନାଶ କଲା। ବରଗଡ଼ରେ ମଧ୍ୟ ଏହି ରୋଗରେ ଅନେକ ଲୋକ ବିନଷ୍ଟ ହୋଇଥିଲେ।

ବିଶ୍ୱଯୁଦ୍ଧର ଅବସାନ ଉପଲକ୍ଷରେ ଉତ୍ସବ ବରଗଡ଼ରେ ଅନୁଷ୍ଠିତ ହେଉଥିବା ସମୟରେ ଓଡ଼ିଶା ଗଡ଼ଜାତ ସମୂହର ପଲିଟିକାଲ୍ ଏଜେଣ୍ଟ କବ୍‌ଡ଼େନ୍ ରାମ୍‌ସେ ସାହେବଙ୍କ ଠାରୁ ଗୋଟିଏ ପତ୍ର ପାଇଲି। ତାଙ୍କ ସହିତ ସମ୍ବଲପୁରରେ ସାକ୍ଷାତ କରିବା ସକାଶେ ସେ ମୋତେ ଲେଖିଥିଲେ। ଦୁଇଦିନ ପରେ ତାଙ୍କ ସହିତ ସାକ୍ଷାତ କଲି। ରାମ୍‌ସେ ସାହେବ ମୋତେ ସରକାରୀ ଚାକିରି ସକାଶେ ମନୋନୀତ କରିଥିଲେ। ସୁତରାଂ ମୁଁ ତାଙ୍କ ପରିଚିତ ଥିଲି। ସେ ମୋତେ କହିଲେ ଯେ, ସରକାରୀ ଚାକିରିରେ ମୋର ପାଞ୍ଚବର୍ଷରୁ ଅଧିକ ହୋଇଯାଇଅଛି। ସେ ଢେଙ୍କାନାଳର ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ପଦରେ ମୋତେ ପଠାଇବାକୁ ଚାହାଁନ୍ତି ଓ ତାହା ଗ୍ରହଣ କରିବା ସକାଶେ ପ୍ରସ୍ତୁତ ହୋଇ ରହିବା ପାଇଁ ମୋତେ ଜଣାଇ ଦେବା ତାଙ୍କ ଉଦ୍ଦେଶ୍ୟ। ରାମ୍‌ସେ ସାହେବଙ୍କ ଅଧୀନରେ ଚାକିରି କରିବା ପାଇଁ ତ ମୋର ଆପତ୍ତି ନଥିଲା। ପୁଣି ମୁଁ ତ ଜଣେ ଗଡ଼ଜାତବାସୀ। ଢେଙ୍କାନାଳ ଯିବା ପାଇଁ ସମ୍ମତି ଜ୍ଞାପନ କଲି। ୧୯୧୯ ମସିହା ଅଗଷ୍ଟ ମାସ ମଧ୍ୟରେ ସରକାରଙ୍କ ହୁକୁମ ଆସିଲା ଓ ମୁଁ ଏକବର୍ଷ ମାତ୍ର ରହି ବରଗଡ଼ ତ୍ୟାଗକଲି।

Digitized by srujanika@gmail.com

ଗଡ଼ଜାତରେ ଚାକିରି
(ଢେଙ୍କାନାଳ)

ଢେଙ୍କାନାଳର ରାଜା ସୁରପ୍ରତାପ ମହେନ୍ଦ୍ର ବାହାଦୂର ୩୨ ବର୍ଷ ବୟସରେ ୧୯୧୯ ମସିହାର ଇନ୍‌ଫ୍ଲୁଏଞ୍ଜା ରୋଗରେ ଇହଲୀଳା ସାଙ୍ଗ କରିଥିଲେ। ମୃତ୍ୟୁ ସମୟରେ ତାଙ୍କ ଜ୍ୟେଷ୍ଠପୁତ୍ର ଓ ଉତ୍ତରାଧିକାରୀ ବର୍ତ୍ତମାନ ରାଜା ଶ୍ରୀ ଶଙ୍କର ପ୍ରତାପ ମହେନ୍ଦ୍ର ବାହାଦୂର ସେହି ସମୟରେ ନାବାଳକ ଥିବାରୁ ଷ୍ଟେଟ୍ ସରକାରଙ୍କ ତତ୍ତ୍ୱାବଧାନରେ ରହିଲା। ରାଜାଙ୍କ ଅମଳର ଦେଓ୍ୱାନ ଶ୍ରୀ ରାଜକିଶୋର ତ୍ରିପାଠୀ ବିହାର-ଓଡ଼ିଶା ସରକାରଙ୍କଦ୍ୱାରା ସୁପରିଣ୍ଟେଣ୍ଡେଣ୍ଟ ପଦରେ ନିଯୁକ୍ତ ହୋଇ ଶାସନକାର୍ଯ୍ୟ ଚଳାଇଲେ। ବାଲେଶ୍ୱର ଜିଲ୍ଲା ନିବାସୀ ଶ୍ରୀ ପାର୍ବତୀଚରଣ ଦାସ, ଢେଙ୍କାନାଳନିବାସୀ ଶ୍ରୀ ଚନ୍ଦ୍ରଶେଖର ପାଣି ଓ କଲିକତାନିବାସୀ ଶ୍ରୀ ପ୍ରଫୁଲ୍ଲ କୁମାର ସରକାର ରାଜାଙ୍କ ଅମଳରେ ସହକାରୀ ଦେଓ୍ୱାନ ଥିଲେ। ଏମାନେ ସହକାରୀ ସୁପରିଣ୍ଟେଣ୍ଡେଣ୍ଟ୍ ପଦରେ ନିଯୁକ୍ତ ହେଲେ। ଆଉ ଏକ ସହକାରୀ ପଦରେ ନିଯୁକ୍ତ ହୋଇ ୧୯୧୯ ମସିହା ଅଗଷ୍ଟମାସ ୨୩ ତାରିଖରେ ମୁଁ ଏହି କାର୍ଯ୍ୟରେ ଯୋଗ ଦେଲି ଓ ମଡ଼ି ସବ୍‌ଡ଼ିଭିଜନ୍‌ର (ବର୍ତ୍ତମାନ କାମାକ୍ଷାନଗର) ଭାର ଗ୍ରହଣ କଲି।

୧୯୧୯ ମସିହାର ଆରମ୍ଭରେ ଢେଙ୍କାନାଳରେ ଭୟଙ୍କର ଦୁର୍ଭିକ୍ଷ ହୋଇ ରାଜ୍ୟକୁ ଛାରଖାର କରି ପକାଇଥିଲା। ମୁଁ ଯିବା ସମୟକୁ ସୁଦ୍ଧା ଦୁର୍ଭିକ୍ଷର ପ୍ରକୋପ ଊଣା ଅଧିକେ ବିଦ୍ୟମାନ ଥିଲା। ଅନାହାରକ୍ଲିଷ୍ଟ ଲୋକେ ଭିକ୍ଷାରେ ଜୀବନଯାପନ କରୁଥିଲେ। ଗଡ଼ ମଧ୍ୟସ୍ଥ ସଡ଼କରେ ସର୍ବଦା ଦଳ ଦଳ ଭିକ୍ଷୁକଙ୍କ ସମାଗମ ନିତ୍ୟ ଦର୍ଶନୀୟ ଥିଲା। ଷ୍ଟେଟ୍ ଦୁର୍ଭିକ୍ଷକ୍ଲିଷ୍ଟ ଲୋକଙ୍କୁ ଯେଉଁ ସାହାଯ୍ୟ ଦେଉଥିଲା ତାହା ବନ୍ଦ ହୋଇଯାଇଥିଲା। ସ୍ଥାନେ ସ୍ଥାନେ ଅଳ୍ପବୟସ୍କ ବାଳକ ଓ ବାଳିକାଙ୍କୁ ସଡ଼କରେ ମରି ପଡ଼ିଥିବା ଦେଖିଲି। ଦିନେ ଦଳେ ପିଲା ଆମ୍ଭମାନଙ୍କ ଶୟନାଗାରରୁ ଅଳ୍ପ ଦୂରରେ ଅବସ୍ଥିତ ରନ୍ଧନଶାଳା ମଧ୍ୟକୁ ବାଡ଼ି ପଥରେ ପଶି ହାଣ୍ଡିରୁ ଭାତ ଖାଇଯାଇଥିଲେ। ଦୁର୍ଭିକ୍ଷ ସଙ୍ଗେ ଚୋରି, ଡକାୟତି, ଖୁବ୍ ରାଜତ୍ୱ କରିଥିଲା। ପାଣମାନେ ଏଥିରେ ଅଗ୍ରଣୀ ହୋଇଥିଲେ । ଅନେକ ପାଣ ଧରାପଡ଼ି ସଦର ଓ ମଡ଼ି ଜେଲ ପୂର୍ଣ୍ଣ କରିଦେଇଥିଲେ। ତଥାକଥିତ କେତେକ ଭଦ୍ରବ୍ୟକ୍ତି ଓ ମହାଜନ ଚୋରାମାଲ କିଣିବାଦ୍ୱାରା ସେମାନଙ୍କୁ ଚୋରି, ଡକାୟତିରେ ଉତ୍ସାହ ଦେଉଥିଲେ ଏବଂ ସେମାନଙ୍କ ମଧ୍ୟରୁ କେତେକ ସୁଦ୍ଧା ସେମାନଙ୍କ ସହିତ କାରାଗାର ଆଶ୍ରୟ କରିଥିଲେ। ଯେଉଁଆଡ଼େ ଦେଖିଲେ ଦୁର୍ଭିକ୍ଷର କରାଳ ଦୃଶ୍ୟ ଅନୁଭୂତ ହେଉଥିଲା।

Digitized by srujanika@gmail.com

ଦୁର୍ଭିକ୍ଷ ଉତ୍ତାରେ ପ୍ରଜାମାନଙ୍କ ଶସ୍ୟାଭାବ ହୋଇଥିଲା । କେତେକ ପ୍ରଜା ଷ୍ଟେଟ୍ ସାହାଯ୍ୟରେ, କେତେକ ବନ୍ଧୁବାନ୍ଧବଙ୍କ ସାହାଯ୍ୟରେ ଓ ଆଉ କେତେକ ନିଜ ନିଜ ଶକ୍ତି ଅନୁଯାୟୀ ବିହନ ସଂଗ୍ରହ କରି ବୁଣିଥିଲେ । କିନ୍ତୁ ବିଲରେ ଫସଲ ପାଚିଲା ସମୟକୁ ଆଉ ଏକ ବିପଦ ଆସି ଉପସ୍ଥିତ ହୋଇଥିଲା । ପାଣମାନେ ଦଳବଦ୍ଧ ହୋଇ ରାତ୍ରି ସମୟରେ ବିଲରୁ ଧାନ କାଟି ନେଇ ଯାଉଥିଲେ । ଷ୍ଟେଟ୍‌ର ପ୍ରାୟ ପ୍ରତ୍ୟେକ ଗ୍ରାମରେ ଏହି ଦଶା । ଏହାକୁ ଦମନ ନକଲେ ପୁଣି ଯେ ଦୁର୍ଭିକ୍ଷ ହୋଇଯିବ ! ପ୍ରଜାଙ୍କ ମଧ୍ୟରେ ହାହାକାର ପଡ଼ିଗଲା । ଏପରି ଚୋରି କରିବାରେ ପାଣମାନଙ୍କର ଦୁଇଗୋଟି ଉଦ୍ଦେଶ୍ୟ ଥିଲା । ସେମାନଙ୍କ ମଧ୍ୟରେ ସୁଦ୍ଧା ଅଧିକାଂଶ ଶ୍ରମଜୀବୀ ଓ ଦରିଦ୍ର । ସେମାନେ ସୁଦ୍ଧା ଅନ୍ନକ୍ଲେଶ ଅନୁଭବ କରୁଥିଲେ । ଚୋରି କରି ଧରା ନପଡ଼ିଲେ ଲବ୍ଧ ଧାନ ଖାଇବେ, ଆଉ ଧରାପଡ଼ିଲେ ଜେଲ୍‌ରେ ରହି ଅନ୍ନକଷ୍ଟ ମୋଚନ କରିବେ । ଏହି ବିପଦ ନିବାରଣ ସକାଶେ ମୁଁ ଦୁଇଗୋଟି ଉପାୟ ଅବଲମ୍ବନ କଲି । ପ୍ରଥମ, ସ୍ଥାନେ ସ୍ଥାନେ ପ୍ରଧାନ ପ୍ରଧାନ ସର୍ବରାକାରଙ୍କୁ ବନ୍ଧୁକ ଲାଇସେନ୍‌ସ ଦେଇଦେଲି ଓ ବିଲକୁ ଚୋର ପଶିଲେ ପ୍ରଥମରେ ସେମାନଙ୍କୁ ଚାଲିଯିବା ସକାଶେ ସାବଧାନ କରିଦେବା ଉଦ୍ଦେଶ୍ୟରେ ଶୂନ୍ୟରେ ଗୁଳି ଫୁଟାଇବା ଓ ପରେ ନମାନି ଧାନ କାଟିଲେ ସେମାନଙ୍କ ଉପରେ ଗୁଳି ଚଳାଇବା ସକାଶେ ଉପଦେଶ ଦେଲି । ଦ୍ୱିତୀୟ, ଚୋରମାନେ ବିଚାରରେ ଦୋଷୀ ସାବ୍ୟସ୍ତ ହେଲେ ସେମାନଙ୍କ ପ୍ରତି ବେତ୍ରାଘାତ ଦଣ୍ଡ ପ୍ରୟୋଗ କଲି ଓ କଚେରୀରେ ପ୍ରକାଶ୍ୟ ସ୍ଥାନରେ ବେତ୍ରାଘାତ କରିବା ବ୍ୟବସ୍ଥା କଲି । ଏହି ଉପାୟ ଦ୍ୱାରା ଅଳ୍ପଦିନ ମଧ୍ୟରେ ମଢ଼ି ସବ୍‌ଡ଼ିଭିଜନ୍‌ରେ ଚୋରି ବନ୍ଦ ହୋଇଗଲା । ଏହା ଉତ୍ତାରେ ଚୋରି, ଡକାୟତିରେ ଲିପ୍ତ ହୋଇ ପରେ ବିଚାରରେ ଖଲାସ ହୋଇଥିବା ଜଣକେତେ ପାଣଙ୍କୁ ସେମାନଙ୍କ ଗ୍ରାମର ଚୌକିଦାର କରିଦେଲି ଓ ସେମାନଙ୍କୁ ସାବଧାନ କରାଇଦେଲି ଯେ ସେମାନଙ୍କ ଗ୍ରାମରେ ଯଦି ଚୋରି ଡକାୟତି ହୁଏ, ତେବେ ତାହା ସକାଶେ ସେମାନେ ଦାୟୀ ହେବେ । କଣ୍ଟକ ସାହାଯ୍ୟରେ କଣ୍ଟକ ଉତ୍ପାଟିତ ହୁଏ । ଅଚିରେ ଏହାର ଫଳ ଫଳିଲା । ଅନେକ ପାଣ ଆସାମ ଚା–ବଗିଚାକୁ କୁଲି ହୋଇ ଚାଲିଗଲେ । କେବଳ ସାଧୁ ଜୀବନଯାପନ କରୁଥିବା ପାଣମାନେ ରହିଲେ ।

ବେତ୍ରାଘାତ ଏକ ବର୍ବର ଦଣ୍ଡ ଓ ବର୍ତ୍ତମାନ ଏହା ଆଇନ ଅଦାଲତରୁ ଉଠାଇ ଦିଆ ହୋଇଅଛି । କିନ୍ତୁ ଦୁଷ୍ଟ–ମନୋବୃତ୍ତି–ବ୍ୟାଧିର ଏହା ଅବ୍ୟର୍ଥ ମହୌଷଧି, ଏହା ମୁଁ ଅନୁଭବ କରିଅଛି । ଦୁଷ୍ଟ ପୁରୁଣା ଦାଗୀମାନେ ସୁଦ୍ଧା ଆଜିକାଲି କହୁଅଛନ୍ତି କାରାଗାର ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମସ୍ଥାନ ଓ ପବିତ୍ର ତୀର୍ଥ । ମୁଁ କଟକରେ ଥିବା ସମୟରେ ଜୀବନର ଦୀର୍ଘକାଳ କାରାଗାରରେ କଟାଇଥିବା ଦାଗୀ ଶତ୍ରୁଘ୍ନ ବାଉରିକୁ ଯେତେବେଳେ ଚୋରି ଅପରାଧରେ ଦୁଇବର୍ଷ କାରାଦଣ୍ଡ ଜଣାଇ ଦେଲି, ସେ କହିଲା, ''ହଜୁରଙ୍କର କ'ଣ ଏତିକି କ୍ଷମତା ? ପାଞ୍ଚ ସାତ ବର୍ଷ ଦେଇଥିଲେ ସେହିଠାରେ ହେଲେ ଜୀବନଟା ଯାଇଥାନ୍ତା । ପୁଣି ଆସି ମୋତେ ପୁଣି ଯିବାକୁ ହେବ ।'' ସମ୍ବଲପୁରରେ ଥିବା ସମୟରେ ଥରେ ଜଣେ

Digitized by srujanika@gmail.com

ଗଣ୍ଡା ମୋ ହାବୁଡ଼ରେ ପଡ଼ିଲା । ଜଣେ ବୁଢ଼ୀର ଏକମାତ୍ର ସମ୍ବଳ ଗୋଟିଏ ଧାନକିଆରୀରୁ ଧାନକାଟି ନେଇଥିବା ଅଭିଯୋଗରେ ବିଚାର ସକାଶେ ସେ ମୋ ଅଦାଲତରେ ଉପସ୍ଥିତ ହେଲା । ପୂର୍ବ କାଗଜପତ୍ରରୁ ଦେଖିଲି, ଥରକୁଥର ସେ ଏହି କିଆରୀରୁ ଧାନ କାଟିନେଇ ଯାଉଥାଏ ଓ ଥରକୁ ଥର ଜେଲ୍ ଯାଉଥାଏ । ଏଥର ଅଭିଯୋଗ ପ୍ରମାଣିତ ହେଲାରୁ ଦଣ୍ଡବିଧାନ ପୂର୍ବେ ତାକୁ କାହିଁକି ସେପରି କରୁଛୁ ବୋଲି ପଚାରିଲି । ସେ କହିଲା, "ଜେଲ୍ ସିନା ଦେବେ । ଜେଲ୍ ଯାଉଥିବି ଆଉ ଖଲାସ ହୋଇ ଆସିଲେ ପୁଣି କାଟିବି ।" ମୁଁ ତାକୁ କହିଲି, "ଆଉ କାଟିବୁ ନାହିଁ" ଓ ବେତ୍ରାଘାତ ଦଣ୍ଡ ବିଧାନ କଲି । ଆଉ ସେ ସେହି ବିଲକୁ ଯିବା ଛାଡ଼ିଦେଲା ।

ମଢ଼ିରେ ମୁଁ ଚାରିମାସ ରହିଲା ପରେ ସୁପରିଣ୍ଟେଣ୍ଡେଣ୍ଟ୍ ଶ୍ରୀ ରାଜକିଶୋର ତ୍ରିପାଠୀ ପୀଡ଼ିତ ହୋଇ ଦୀର୍ଘ ଛୁଟି ନେଲେ ଓ ମୁଁ ତାଙ୍କ ସ୍ଥାନରେ ନିଯୁକ୍ତ ହୋଇ ଗଡ଼ରେ ରହିଲି । ନାବାଳକ ରାଜା ଶ୍ରୀ ଶଙ୍କରପ୍ରତାପ ମହେନ୍ଦ୍ର ବାହାଦୂର ଓ ତାଙ୍କ କନିଷ୍ଠ ଭ୍ରାତା ପଟ୍ଟାୟତ, ମୁଁ ଢେଙ୍କାନାଳ ଯିବା ପୂର୍ବରୁ ରାୟପୁର ରାଜକୁମାର କଲେଜକୁ ପ୍ରେରିତ ହୋଇଥିଲେ । ରାଜବାଟୀରେ ରହିଥିଲେ ସ୍ୱର୍ଗତ ରାଜାଙ୍କ ବିଧବା ରାଣୀ ଓ ରାଜମାତା ଓ ଅବଶିଷ୍ଟ ତିନିଚାରି ଜଣ ରାଜପୁତ୍ର । ଶ୍ରୀ ଅଖିଳଚନ୍ଦ୍ର ମୁଖାର୍ଜୀ ରାଜା ଓ ପଟ୍ଟାୟତଙ୍କ ଗୃହଶିକ୍ଷକ ନିଯୁକ୍ତ ହୋଇ ସେମାନଙ୍କ ସଙ୍ଗେ ରାୟପୁରରେ ରହୁଥିଲେ । ସେ ମଧ୍ୟରେ ମଧ୍ୟରେ କଲେଜ ଅବକାଶ ସମୟରେ ଢେଙ୍କାନାଳକୁ ଆସନ୍ତି । ଅଖିଳବାବୁ ଖାଣ୍ଟି ବଙ୍ଗାଳୀ । ଅନ୍ୟ ବଙ୍ଗାଳୀଙ୍କ ମଧ୍ୟରେ ଢେଙ୍କାନାଳ ହାଇସ୍କୁଲ୍‌ର ହେଡ୍‌ମାଷ୍ଟର ଶ୍ରୀ ରାଜେନ୍ଦ୍ରଲାଲ ଦତ୍ତ ଓ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ପ୍ରଫୁଲ୍ଲ କୁମାର ସରକାର ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ । ଏମାନଙ୍କୁ ସ୍ୱର୍ଗତ ରାଜା ସୁରପ୍ରତାପ ମହେନ୍ଦ୍ର ବାହାଦୂର ଆଣିଥିଲେ । ଏମାନଙ୍କ ସଙ୍ଗେ ମୁଁ ଘନିଷ୍ଠଭାବରେ ମିଶି ଦେଖିଥିଲି, ଏମାନଙ୍କ ମନରେ ସଂକୀର୍ଣ୍ଣ ପ୍ରାଦେଶିକତା ଭାବ ନଥିଲା । ଏମାନଙ୍କ ସାହାଯ୍ୟରେ ଢେଙ୍କାନାଳର ଜଣକେତେ ଓଡ଼ିଆ ଛାତ୍ର ସ୍କୁଲ ଓ କଟକ କଲେଜରେ ଶିକ୍ଷାପ୍ରାପ୍ତ ହୋଇଥିଲେ । ରାଜେନ୍ଦ୍ରବାବୁଙ୍କ ଘରେ ରହି ଜଣକେତେ ଓଡ଼ିଆ ଛାତ୍ର ହାଇସ୍କୁଲରେ ପଢୁଥିଲେ । ରାଜେନ୍ଦ୍ରବାବୁ ହୋମିଓପ୍ୟାଥିକ୍ ବାକ୍‌ସ ଧରି ନିକଟବର୍ତ୍ତୀ ପାଣସାହିରେ ଓ ଅନ୍ୟାନ୍ୟ ନୀଚ ଜାତୀୟ ଲୋକଙ୍କ ଘରକୁ ଯାଇ ସେମାନଙ୍କ ଚିକିତ୍ସା ଓ ଶୁଶ୍ରୂଷା କରିବା ତାଙ୍କ ଦୈନିକ କାର୍ଯ୍ୟଥିଲା । ପ୍ରଫୁଲ୍ଲବାବୁ କିଛିକାଳ ରହି ଚାଲିଗଲେ ଓ କଲିକତାର ସୁପ୍ରସିଦ୍ଧ ବଙ୍ଗଳା ସମ୍ବାଦପତ୍ର ଆନନ୍ଦବଜାର ପତ୍ରିକାର ସମ୍ପାଦକତ୍ୱ ଗ୍ରହଣ କଲେ ଓ ବଙ୍ଗଦେଶରେ ନାନାପ୍ରକାର ମଙ୍ଗଳକର କାର୍ଯ୍ୟରେ ଯୋଗଦେଲେ । ସେ କେତେଖଣ୍ଡ ଉଚ୍ଚକୋଟୀର ଉପନ୍ୟାସ ଓ ଅନ୍ୟାନ୍ୟ ପୁସ୍ତକମାନ ଲେଖିଅଛନ୍ତି । ସେ ଆଉ ଇହ ଜଗତରେ ନାହାଁନ୍ତି । ବଙ୍ଗପ୍ରଦେଶରେ ତାଙ୍କ ମୃତ୍ୟୁ ଦିବସ ପାଳିତ ହେଉଅଛି ଏବଂ ବଙ୍ଗବାସୀଗଣ ତାଙ୍କ ସ୍ମୃତିରକ୍ଷା ସକାଶେ ବ୍ୟବସ୍ଥା କରୁଅଛନ୍ତି ।

Digitized by srujanika@gmail.com

ରାଜା ସୁରପ୍ରତାପ ବୈଷ୍ଣବ ଧର୍ମାବଲମ୍ବୀ ଥିଲେ ଓ ରାଜାନୁଗତ ଧର୍ମ ରାଜ୍ୟର ସମସ୍ତ ବିଭାଗକୁ ପ୍ରଭାବିତ କରିଥିଲା । ଅପର ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ପାର୍ବତୀଚରଣ ଦାସ ଜଣେ ନୈଷ୍ଠିକ ବୈଷ୍ଣବ ଥିଲେ। ସେ ପ୍ରଥମରେ ରାଜାଙ୍କର ଗୃହଶିକ୍ଷକ ହୋଇ ଆସିଥିଲେ। ପରେ ଷ୍ଟେଟ୍‌ର ସହକାରୀ ଦେୱାନ ପଦରେ ନିଯୁକ୍ତ ହେଲେ। ରାଜାଙ୍କ ମୃତ୍ୟୁପରେ କେତେକ ଦିନ ମାତ୍ର ରହି କାର୍ଯ୍ୟରୁ ଅବସର ଗ୍ରହଣ କଲେ। ପରେ ବୃନ୍ଦାବନକୁ ଯାଇ ଦୀକ୍ଷା ଗ୍ରହଣ କଲେ ଓ ସଂସାର ତ୍ୟାଗକରି ପରିବ୍ରାଜକ ସନ୍ୟାସୀ ହୋଇ ଅନ୍ତିମ ଜୀବନଯାପନ କଲେ। ତାଙ୍କ ପ୍ରଭାବରେ ଷ୍ଟେଟ୍‌ର ଦେବୋତ୍ତର ବିଭାଗର ଉନ୍ନତି ଅକ୍ଷୁଣ୍ଣ ରହିଥିଲା। ଷ୍ଟେଟ୍‌ରେ ଅନେକଗୁଡ଼ିଏ ମଠବାଡ଼ି ଅଛି । ସେ ସମସ୍ତର ପରିଚାଳନାର ସୁବ୍ୟବସ୍ଥା ଥିଲା । ସୁପ୍ରସିଦ୍ଧ କପିଳାସ ପାହାଡ଼ ଉପରେ ଚନ୍ଦ୍ରଶେଖର ମହାଦେବଙ୍କ ମନ୍ଦିର। ତାହାର ପୂଜାବିଧି ଦେଖିଲେ ଚମତ୍କୃତ ହେବାକୁ ହୁଏ। ପାର୍ବତୀବାବୁ ଖଣ୍ଡକେତେ ବୈଷ୍ଣବ ଧର୍ମ ପୁସ୍ତକ ଲେଖି ଯାଇଅଛନ୍ତି। ତନ୍ମଧ୍ୟରେ ଓଡ଼ିଆରେ ଚୈତନ୍ୟ ଚରିତାମୃତ ପ୍ରଧାନ।

ଢେଙ୍କାନାଳର କପିଳାସ ପାହାଡ଼ ଏକ ଅତି ରମଣୀୟ ଓ ସ୍ୱାସ୍ଥ୍ୟକର ସ୍ଥାନ। ନିତ୍ୟ ନିର୍ଝରନିଃସୃତ ଜଳରାଶି ସେବିତ ଚନ୍ଦ୍ରଶେଖର ମହାଦେବଙ୍କ ମନ୍ଦିରର ଚତୁଃପାର୍ଶ୍ୱରେ ସ୍ଥାପିତ ସାଧୁ ସନ୍ୟାସୀ ମଠମାନ ପୁରାକାଳୀନ ଋଷ୍ୟାଶ୍ରମର ଦୃଶ୍ୟ ସମ୍ପାଦନ କରୁଅଛନ୍ତି। ପର୍ବତଶିଖରରୁ ନିଃସୃତ ଜଳ ଅତି ଶୀତଳ। ଗ୍ରୀଷ୍ମକାଳରେ ସୁଦ୍ଧା ଥରେ ମାତ୍ର ସ୍ନାନକଲେ ଶ୍ରାନ୍ତି, କ୍ଲାନ୍ତି ଅପନୋଦିତ ହୁଏ। ଏହି ଜଳରେ ଖଣିଜ ଦ୍ରବ୍ୟ ରାସାୟନିକ ପ୍ରକ୍ରିୟାରେ ମିଳିତ ହୋଇଥିବାରୁ ଅଜୀର୍ଣ୍ଣ ପ୍ରଭୃତି ଉଦରରୋଗ ପକ୍ଷରେ ଅତ୍ୟନ୍ତ ଉପକାରୀ। ଏଠାରେ ପ୍ରତିବର୍ଷ ଶିବରାତ୍ରିରେ ଗୋଟିଏ ବୃହତ୍ ମେଳା ହୁଏ। ବହୁ ଦୂରରୁ ଯାତ୍ରୀ ଓ ବଣିକମାନେ ବେପାର ନେଇଆସନ୍ତି। ଯାତ୍ରୀମାନଙ୍କ ସକାଶେ ଗୋଟିଏ ଧର୍ମଶାଳା ଅଛି । ଉଚ୍ଚଶ୍ରେଣୀୟ ବ୍ୟକ୍ତିଙ୍କ ପାଇଁ ଗୋଟିଏ ସୁସଜ୍ଜିତ ବଙ୍ଗଳା ମଧ୍ୟ ଅଛି। ପୁରୀ ଜଗନ୍ନାଥ ମନ୍ଦିର ତୁଲ୍ୟ ଏଠାରେ ମଧ୍ୟ ପକ୍ୱ ମହାପ୍ରସାଦ ବିକ୍ରୟ ହୁଏ। ପର୍ବତର ପାଦଦେଶରେ ଦେଗାଁ ଗ୍ରାମ। ମନ୍ଦିରର ସେବକମାନେ ଏହି ଗ୍ରାମରେ ବାସ କରନ୍ତି ଓ ପ୍ରତ୍ୟହ ମନ୍ଦିରକୁ ସେବା ସକାଶେ ଯାଆନ୍ତି। ପର୍ବତ ଉପରକୁ ଉଠିବା ସକାଶେ ଦୁଇଟି ମାର୍ଗ; ଗୋଟିଏ ସଳଖ, ଚାଲି ଯିବାକୁ ହୁଏ। ଅପରଟି ପର୍ବତ ଗାତ୍ରକୁ ପରିକ୍ରମ କରି ତୀର୍ଯ୍ୟକ ଭାବରେ ଯାଇଅଛି। ଏହି ମାର୍ଗରେ ମୋଟର ଗାଡ଼ି ଆଦି ଯିବା ସକାଶେ ସୁଦ୍ଧା ସୁବିଧା କରା ହୋଇଅଛି। ଢେଙ୍କାନାଳରେ କପିଳାସ ପର୍ବତ ଏକ ସ୍ୱାସ୍ଥ୍ୟନିବାସ।

ଢେଙ୍କାନାଳର ଜୋରନ୍ଦା ଗ୍ରାମ ମହିମାଧର୍ମାବଲମ୍ବୀଙ୍କ ପୀଠ। ଏହି ଧର୍ମାବଲମ୍ବୀ ଅନେକ ସାଧୁ ଏଠାରେ ରହିଅଛନ୍ତି। ସେହି ସମୟରେ ବାବା କୃପାସିନ୍ଧୁ ଦାସ ଜଣେ ସିଦ୍ଧ ସନ୍ୟାସୀ ଥିଲେ । ମାଘ ମାସରେ ଏମାନଙ୍କର ଗୋଟିଏ ବୃହତ୍ ମେଳା ହୁଏ ଓ ଭାରତବର୍ଷର ଭିନ୍ନ ଭିନ୍ନ ଅଞ୍ଚଳରୁ ସାଧୁମାନେ ଆସି ଏଠାରେ ଏକତ୍ରିତ ହୁଅନ୍ତି।

Digitized by srujanika@gmail.com

ଢେଙ୍କାନାଳର ପ୍ରଜାମାନଙ୍କ ଅବସ୍ଥା ଦରିଦ୍ର ଥିଲା। ଧନୀ ବୋଲିବାକୁ କେହି ନଥିଲେ କହିଲେ ଚଳେ। ପୁଣି ସେହି ସମୟରେ ଦୁର୍ଭିକ୍ଷପୀଡ଼ା ଯୋଗୁଁ ରାଜ୍ୟବାସୀଙ୍କ ଦାରିଦ୍ର୍ୟ ଅତିମାତ୍ରାରେ ଅନୁଭୂତ ହେଉଥିଲା। ବେଠି ପ୍ରଥା ଗଡ଼ଜାତର କଳଙ୍କ ବୋଇଲେ ଅତ୍ୟୁକ୍ତି ହେବ ନାହିଁ। ବିନା ପାରିଶ୍ରମିକରେ ରାଜା ଓ ରାଜକର୍ମଚାରୀମାନଙ୍କ ଘରୋଇ କାର୍ଯ୍ୟ କରିବା ପ୍ରଜାମାନଙ୍କ କର୍ତ୍ତବ୍ୟ ବୋଲି ନିୟମ ଥିବାରୁ ପ୍ରତ୍ୟେକ ପ୍ରଜା ଏଥିରେ ଉତ୍ପୀଡ଼ିତ ହେଉଥିଲେ। କୃଷି ଛଡ଼ା ଅନ୍ୟ ବ୍ୟବସାୟ ନଥିବାରୁ ବାଣିଜ୍ୟର ସେତେ ପ୍ରସାର ମଧ୍ୟ ନଥିଲା। ବ୍ରାହ୍ମଣୀ ନଦୀ ଢେଙ୍କାନାଳକୁ ଦୁଇଭାଗରେ ବିଭକ୍ତ କରିଯାଇଅଛି। ଏହା କେତେକାଂଶରେ ବାଣିଜ୍ୟ ପଥର କାର୍ଯ୍ୟ ସମ୍ପାଦନ କରୁଅଛି। ବ୍ରାହ୍ମଣୀ କୂଳରେ ଭୁବନ ଏକ ବଡ଼ ଗ୍ରାମ। ଏଠାରେ ଉତ୍କୃଷ୍ଟ କଂସା, ପିତ୍ତଳ ବାସନ ପ୍ରସ୍ତୁତ ହୁଏ।

ଦିନେ 'କୃଷ୍ଣପ୍ୟାରୀ' ହାତୀରେ ମଫସଲ ଗସ୍ତରେ ଯାଉଥିଲି। ସଙ୍ଗେ ନେଇ ଯାଇଥିଲି ଅକାରଣ ମହାପାତ୍ର ଅମିନଙ୍କୁ। ମହାପାତ୍ରେ କଟକବାସୀ, ପ୍ରୌଢ଼ବୟସ୍କ ଅନେକଦିନ ଢେଙ୍କାନାଳରେ ରହିଥିଲେ। କଥାବାର୍ତ୍ତାରୁ ବୁଝିଲି, ଢେଙ୍କାନାଳ ସମ୍ବନ୍ଧରେ ଅନେକ କଥା ତାଙ୍କୁ ଜଣା। ହାତୀ ପିଠିରେ ବସି ନାନା ବିଷୟରେ ତାଙ୍କ ସହିତ ଗଳ୍ପକରି ମୋର କୌତୂହଳ ନିବାରଣ କରୁଥାଏ। 'କୃଷ୍ଣପ୍ୟାରୀ'ର ନାମକରଣ ସମ୍ବନ୍ଧରେ ତାଙ୍କୁ ପଚାରିଲି। ସେ କହିଲେ, ''ସେହି ହାତୀଟି କଟକବାସୀ କୃଷ୍ଣଚନ୍ଦ୍ର ମହାନ୍ତି ଦେୱାନଙ୍କ ଅମଳରେ ଢେଙ୍କାନାଳ ଜଙ୍ଗଲରେ ଧରା ହୋଇଥିଲା ଓ ତାଙ୍କ ନାମାନୁସାରେ ତାହାର ନାମ ଦିଆହୋଇଥିଲା, ଏହା କହୁଁ କହୁଁ ସେ କହିବାକୁ ଲାଗିଲେ –

''ପହିଲେ ଆସିଲେ ମହାନ୍ତି,
ସେତେବେଳେ କେହି ନାହାଁନ୍ତି।
ତହିଁରୁ ଆସିଲେ ବଙ୍ଗାଳୀ
ରାଜ୍ୟକୁ କଲେ କାଙ୍ଗାଳି ।
ତହିଁରୁ ଆସିଲେ ଶିଖ,
ଲୋକଙ୍କୁ ମଗାଇଲେ ଭିକ
ଏବେ ଯେ ଆସିଛନ୍ତି କଚ୍ଛି,
ସବୁ ତ ନେଉଛନ୍ତି ପୋଛି ।''

ମହାପାତ୍ରଙ୍କ ଅନୁଭୂତି ଓ ମୋର ଅନୁସନ୍ଧାନ ଫଳରେ ଯେଉଁ ତଥ୍ୟମାନ ଆବିଷ୍କୃତ ହେଲା ତାହା ଲିପିବଦ୍ଧ ହେବା ଆବଶ୍ୟକ। ଯେ କୌଣସି ରାଜ୍ୟରେ ପ୍ରତିଷ୍ଠିତ ଶାସନ ପ୍ରଣାଳୀ ଓ ଶାସକଙ୍କ ଦ୍ୱାରା ତାହାର ପରିଚାଳନ ଓ ପରିପାଳନଦ୍ୱାରା ରାଜ୍ୟବାସୀଙ୍କ ଆର୍ଥିକ ଓ ନୈତିକ ଜୀବନ ନିୟନ୍ତ୍ରିତ ହୋଇଥାଏ। ପୂର୍ବେ ଗଡ଼ଜାତ ରାଜ୍ୟ ସମୂହ ଯେ ନିବିଡ଼ ତମସାଚ୍ଛନ୍ନ ଓ ତନ୍ମଧ୍ୟକୁ ଜ୍ଞାନାଲୋକର ପ୍ରବେଶ ନିଷିଦ୍ଧ ଥିଲା, ଏଥିରେ ମତଦ୍ୱୈଧ

Digitized by srujanika@gmail.com

ନାହିଁ। ରାଜାଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ କରିବା ସକାଶେ ରାଜ୍ୟରେ ଯୋଗ୍ୟ ବ୍ୟକ୍ତିଙ୍କ ଅଭାବ ସୁଦ୍ଧା କେଉଁଠାରେ ନଥାଏ ସେହିପରି ବ୍ୟକ୍ତିଙ୍କ ଉପରେ ରାଜାଙ୍କ ଆସ୍ଥା ନଥିବା ଯୋଗୁଁ ବାହାରୁ ମନ୍ତ୍ରୀ ବା ଦେୱାନ ଆମଦାନୀ ହୁଅନ୍ତି। ଢେଙ୍କାନାଳରେ ସେପରି ଯୋଗ୍ୟ ବ୍ୟକ୍ତିଙ୍କ ଅଭାବ ଯୋଗୁଁ ପ୍ରଥମରେ ଦେୱାନ ପଦରେ କଟକ ଅଞ୍ଚଳରୁ କୃଷ୍ଣଚନ୍ଦ୍ର ମହାନ୍ତି ଆସିଥିଲେ। ରାଜା ଶ୍ରୀ ସୁରପ୍ରତାପ ମହେନ୍ଦ୍ର ବାହାଦୂରଙ୍କ ଅମଳରେ ଆସିଥିଲେ ରାଜ୍ୟର ବଡ଼ ବଡ଼ ପଦରେ କେତେକ ବଙ୍ଗାଳୀ ଓ ପଞ୍ଜାବୀ। ସେମାନଙ୍କ ମଧ୍ୟରେ ଶ୍ରୀରାମଚନ୍ଦ୍ର ବୋଷ୍ ଦେୱାନ ପଦରେ, ସହକାରୀ ଦେୱାନ୍ ପଦରେ ଦେବେନ୍ଦ୍ର ନାଥ ବୋଷ୍ ଓ ପ୍ରଫୁଲ୍ଲ କୁମାର ସରକାର, ଡାକ୍ତର ସାରଦାପ୍ରସାଦ ଦାସ, ହାଇସ୍କୁଲ୍ ହେଡ୍‌ମାଷ୍ଟର ରାଜେନ୍ଦ୍ରଲାଲ ଦତ୍ତ ଓ ସହକାରୀ ଶିକ୍ଷକ ମନମୋହନ ଘୋଷ, ଶଶୀଭୂଷଣ ନାଗ ଓ ଆଉ କେତେ ନାବାଳକ ରାଜପୁତ୍ରମାନଙ୍କ ଗୃହଶିକ୍ଷକ ପଦରେ, ଅଖିଳଚନ୍ଦ୍ର ମୁଖାର୍ଜୀ, ଷ୍ଟେଟ୍ ଇଞ୍ଜିନିୟର ପଦରେ ରାୟବାହାଦୂର ଦ୍ୱାରିକାନାଥ ସରକାର, ପଶୁଡ଼ାକ୍ତର ପଦରେ ନିତାଇଚରଣ ମିତ୍ର ଓ ଆଉ କେତେକ। ଜଙ୍ଗଲ ଅଫିସର ପଦରେ ଆସିଥିଲେ ସରଦାର୍ ବକ୍‌ସିସ୍ ସିଂହ ଓ ପୋଲିସ ଇନ୍‌ସ୍‌ପେକ୍ଟର ପଦରେ ତାଙ୍କ ଭାଇ ବିଷନ୍ ସିଂହ ଏବଂ ବକସିସ୍ ସିଂହଙ୍କ ଉତ୍ତାରେ ଆସିଥିଲେ ଲାଲା ପୃଥ୍ୱୀଚାନ୍ଦ। ଏମାନେ ପଞ୍ଜାବୀ। ଏହି ଉଚ୍ଚପଦସ୍ଥ କର୍ମଚାରୀଙ୍କ ଅବଲମ୍ବନରେ କେତେକ ତଳତଳିଆ କର୍ମଚାରୀ ଓ ଠିକାଦାର ମଧ୍ୟ ଆସିଲେ। କିଛି ବୋଇଲେ ଜଣେ ମାତ୍ର ଥିଲେ ପୂର୍ତ୍ତ ବିଭାଗର ଠିକାଦାର ପୋପଟଲାଲ, ମୁଁ ଯିବା ପର୍ଯ୍ୟନ୍ତ ସେ ଥିଲେ। ଏହାଙ୍କ କାର୍ଯ୍ୟକଳାପ ବିଶେଷ ଭାବରେ ଲୋକଙ୍କ ଚକ୍ଷୁଗୋଚର ହେଉଥିଲା। ୧୯୦୬ ମସିହାରେ ଓଡ଼ିଶା ଗଡ଼ଜାତ ରାଜ୍ୟସମୂହର ଶାସନ କମିଶନରଙ୍କ ଅଧୀନରୁ ଯାଇ ପଲିଟିକାଲ୍ ଏଜେଣ୍ଟଙ୍କ ଅଧୀନରେ ସ୍ଥାପିତ ହେଲା ଉତ୍ତାରେ ସରକାରଙ୍କ ତରଫରୁ ସମସ୍ତ ଗଡ଼ଜାତରାଜ୍ୟ ସକାଶେ ଶିକ୍ଷାବିଭାଗରେ ଏଜେନ୍‌ସି ଇନ୍‌ସ୍‌ପେକ୍ଟର, ଜଙ୍ଗଲ ବିଭାଗରେ ଏଜେନ୍‌ସି ଫରେଷ୍ଟ ଅଫିସର ଓ ପୂର୍ତ୍ତ ବିଭାଗରେ ଏଜେନ୍‌ସି ଇଞ୍ଜିନିୟର ରହିଲେ। ଏମାନଙ୍କ ମଧ୍ୟରେ ଏଜେନ୍‌ସି ଇଞ୍ଜିନିୟରଙ୍କ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା। ପ୍ରତ୍ୟେକ ରାଜ୍ୟର ଆୟର ଅଧିକାଂଶ ପୂର୍ତ୍ତବିଭାଗରେ ଖର୍ଚ୍ଚ ହେଉଥିଲା । ସରକାରଙ୍କ ଖଜଣାଖାନାର ନିୟମ ଏହି ଯେ, ଭିନ୍ନ ଭିନ୍ନ ବିଭାଗର ଟଙ୍କା ଏକ ସ୍ଥାନରେ ଏକତ୍ରିତ ହୋଇ ରହେ ଓ ତହିଁର ହିସାବ ଭିନ୍ନ ଭିନ୍ନ ବିଭାଗାନୁସାରେ ଲେଖାହୁଏ। କିନ୍ତୁ ପ୍ରତ୍ୟେକ ଗଡ଼ଜାତ ରାଜ୍ୟର ଖଜଣାଖାନାରେ ଏଜେନ୍‌ସି ଇଞ୍ଜିନିୟରଙ୍କ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ସିନ୍ଧୁକ ଥାଏ। ତାହାର ନାମ Agency Engineers' Chest । ତହିଁରେ ତାଙ୍କ ଟଙ୍କାଯାକ ରହେ। ପୁଣି ବର୍ଷ ଶେଷରେ ପ୍ରତ୍ୟେକ ବିଭାଗର ବଜେଟରେ ନିର୍ଦ୍ଦିଷ୍ଟ ଟଙ୍କାରୁ ଯାହା ବଳେ ତାହା ସେହି ସିନ୍ଧୁକରେ ପୂରାହୁଏ। ସେହି ସମୟରେ ପ୍ରାୟ ପ୍ରତ୍ୟେକ ଷ୍ଟେଟ୍‌ରେ ଜଣେ ଲେଖାଏଁ କିଛି ଠିକାଦାର ଥିଲେ ଓ ନିଜ ନିଜ ବ୍ୟବସାୟରେ ଏମାନେ ଯଥେଷ୍ଟ ଲାଭବାନ ହେଉଥିଲେ।

Digitized by srujanika@gmail.com

୧୯୨୦ ମସିହାର ପ୍ରବଳ ବନ୍ୟାଯୋଗୁଁ କ୍ଷତିଗ୍ରସ୍ତ ଅଞ୍ଚଳର ସାହାଯ୍ୟ ସକାଶେ ମୋର ଦାବି ଓ ଅନୁରୋଧ ସତ୍ତ୍ୱେ ପଲିଟିକାଲ୍ ଏଜେଣ୍ଟ ରାମ୍‌ସେ ସାହେବ ଅର୍ଥଦାନ କରିବାରେ କୁଣ୍ଠିତ ହୋଇଥିଲେ, ଅଥଚ ଠିକାଦାର ପୋପଟଲାଲ୍‌ଙ୍କ ଅନୁରୋଧରେ ସଡ଼କର କାମ ସକାଶେ ଶହେଫୁଟ ମାଟିର ମୂଲ୍ୟ ଆଠଅଣାରୁ ଅଢ଼େଇଟଙ୍କା କରି ଦେଇଥିଲେ ଓ ଏଥିରେ ଷ୍ଟେଟ୍‌ର ଅନେକ ଟଙ୍କା ଯାଇ ଠିକାଦାରଙ୍କ ଲାଭ ହୋଇଥିଲା । ରାଜ୍ୟବାସୀଙ୍କ ଶୋଚନୀୟ ଅବସ୍ଥା ସହିତ ଏହି ପ୍ରବାସୀ ବ୍ୟକ୍ତିଙ୍କ ପ୍ରତ୍ୟକ୍ଷ ସମ୍ପର୍କ ନଥିଲେ ହେଁ ଉଭୟ ଶ୍ରେଣୀ ମଧ୍ୟରେ ଅବସ୍ଥାର ପ୍ରତ୍ୟକ୍ଷୀଭୂତ ବୈଷମ୍ୟ ଯୋଗୁଁ ଏହା ସହିତ ଏମାନଙ୍କ ନାମ ଯୋଡ଼ା ହୋଇଥିବା ଅନୁମିତ ହୁଏ ।

୧୯୨୦ ମସିହା ଶ୍ରାବଣମାସରେ ବ୍ରାହ୍ମଣୀ ନଦୀରେ ଭୀଷଣ ବନ୍ୟା ହୋଇଥିଲା । ସେହି ବନ୍ୟାରେ ନଦୀକୂଳସ୍ଥ କେତେକ ଗ୍ରାମ ଭାସି ଯାଇଥିଲା । ଷ୍ଟେଟ୍‌ର ପଶ୍ଚିମ ପ୍ରାନ୍ତରେ ଅବସ୍ଥିତ ତାଳଚେର ଗଡ଼ର ଉତ୍ତର ପାର୍ଶ୍ୱସ୍ଥ କୁଲେଇ ଗ୍ରାମରୁ ପୂର୍ବପ୍ରାନ୍ତସ୍ଥ କଟକ ଜିଲ୍ଲାନ୍ତର୍ବର୍ତ୍ତୀ ଢେଙ୍କାନାଳ ଷ୍ଟେଟ୍‌ସ୍ଥ କବାଟବନ୍ଧ ଗ୍ରାମପର୍ଯ୍ୟନ୍ତ ନଦୀ ପଥରେ ଯାଇ ବନ୍ୟାବିଧୌତ ଗ୍ରାମମାନଙ୍କ ଯେଉଁ କରୁଣଦୃଶ୍ୟ ଦେଖିଲି, ତାହା ସ୍ମରଣ କଲେ ଆଜି ସୁଦ୍ଧା ଶରୀର କମ୍ପିତ ହୁଏ । ପୂର୍ବବର୍ଷରେ ରାଜ୍ୟରେ ଦୁର୍ଭିକ୍ଷ ହୋଇ ଯାଇଥିବାରୁ ଏମାନଙ୍କ ସାହାଯ୍ୟ ସକାଶେ ଷ୍ଟେଟ୍ ଓ ଲୋକମାନଙ୍କଠାରେ କିଛି ନଥିଲା । ସୁତରାଂ ବନ୍ୟାକ୍ଲିଷ୍ଟ ଲୋକଙ୍କ ଦୁଃଖ ସୀମାତୀତ ହୋଇଥିଲା । ବନ୍ୟାରେ ଯେ ସମସ୍ତ କ୍ଷତି ହୋଇଥିଲା ତାହା ମୁଁ ଅନୁଗୁଳରେ ଡେପୁଟି କମିଶନରଙ୍କଠାକୁ ଲେଖି ଜଣାଇଲି । ପଲିଟିକାଲ୍ ଏଜେଣ୍ଟ ଶାସନାଧୀନ ଥିଲେ ହେଁ ଷ୍ଟେଟ୍ ସେହି ସମୟରେ ଅନୁଗୁଳ ଡେପୁଟି କମିଶନରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥିଲା । ସେତେବେଳେ କ୍ରେଭେନ୍ ସାହେବ (J.A. Craven) ଡେପୁଟି କମିଶନର । ସେ ଅନୁଗୁଳ ଆସିବା ପୂର୍ବରୁ ଅନେକ ଦିନ୍‌ଯାଏ ଗାଙ୍ଗପୁର ଷ୍ଟେଟ୍‌ର ଦେୱାନ ଥିଲେ । ଗଡ଼ଜାତ ଅଞ୍ଚଳ ସମ୍ବନ୍ଧରେ ତାଙ୍କର ଗଭୀର ଅନୁଭୂତି ଥିଲା । ମୋ ରିପୋର୍ଟ ପାଇ ସେ ନିଜେ ଆସିଲେ ଓ ଆମ୍ଭେ ଦୁହେଁ ବନ୍ୟାକ୍ଲିଷ୍ଟ ଅଞ୍ଚଳରେ ଦୁଇଦିନ କାଳ ବୁଲିଲୁଁ । ସ୍ୱଚକ୍ଷୁରେ ଯାହା ଦେଖିଲି ତାଙ୍କ ହୃଦୟ ବ୍ୟଥିତ ହୋଇଥିବା ମୁଁ ସ୍ପଷ୍ଟ ଭାବରେ ତାଙ୍କ ମୁଖଭାବ ଓ କଥାବାର୍ତ୍ତାରୁ ଜାଣିପାରିଲି । ଏହାର ଅଳ୍ପଦିନ ପରେ ପଲିଟିକାଲ୍ ଏଜେଣ୍ଟ ରାମ୍‌ସେ ସାହେବ ଆସିଲେ । ତାଙ୍କ ସହିତ ପ୍ରଥମ ସାକ୍ଷାତରେ ମୁଁ ବନ୍ୟା ବିଷୟରେ ଯାହା ରିପୋର୍ଟ କରିଥିଲି ସେହି ସମ୍ବନ୍ଧରେ ମୋତେ ତିରସ୍କାର କରିବାକୁ ଲାଗିଲେ ଓ ମୋ ରିପୋର୍ଟ ଅତିରଞ୍ଜିତ ଥିବା ମନ୍ତବ୍ୟ ପ୍ରକାଶ କଲେ । ମୁଁ କହିଲି ଯେ, ନିଜେ ଅବସ୍ଥା ନଦେଖି ସେପରି ମନ୍ତବ୍ୟ ପ୍ରକାଶ କରିବା ଯୁକ୍ତିସଙ୍ଗତ ନୁହେଁ । ସେ କ୍ରେଭେନ୍ ସାହେବଙ୍କ ସଙ୍ଗେ ନଦୀକୂଳସ୍ଥ ଅଳ୍ପସ୍ଥାନ ଦେଖିଲେ । ମୋତେ ମଧ୍ୟ ସଙ୍ଗରେ ନେଇଥିଲେ । ନଦୀକୂଳସ୍ଥ ବିସ୍ତୀର୍ଣ୍ଣ ଧାନଖେତ ସବୁରେ ବାଲି ପଡ଼ିଯାଇଥାଏ; ତତ୍‌ପ୍ରତି ମୁଁ ତାଙ୍କ ଦୃଷ୍ଟି ଆକର୍ଷଣ କଲି । ସେ କହିଲେ ଯେ, ତାହା ଅତି

Digitized by srujanika@gmail.com

ସାମାନ୍ୟ ଓ ବନ୍ୟାରେ ବାଲି ପଡ଼ିବା ସ୍ୱାଭାବିକ। ପୁଣି କହିଲେ ବନ୍ୟା ଅମଙ୍ଗଳ ଅପେକ୍ଷା ଅଧିକ ମଙ୍ଗଳ କରେ। ପଟୁମାଟି ଆଣି ଜମିକୁ ଉର୍ବରା କରେ ଓ ପରବର୍ଷରେ ପୂର୍ବବର୍ଷ ଅପେକ୍ଷା ଅଧିକ ଫସଲ ଉତ୍ପନ୍ନ ହୁଏ। ମଙ୍ଗଳସୂଚକ ଚିହ୍ନବର୍ଣ୍ଣ ତ କୌଣସିଠାରେ ମୁଁ ଲକ୍ଷ୍ୟ କଲିନାହିଁ। ବନ୍ୟାର ପରବର୍ଷର ସୁନାଫଳ ଆଶାରେ କ'ଣ ଲୋକଙ୍କ ଉପସ୍ଥିତ ଦୁଃଖ ଯିବ ? ଲୋକେ ହାହାକାର କରୁଅଛନ୍ତି। ଗଡ଼ ନିକଟସ୍ଥ ନଦୀର ଦକ୍ଷିଣ କୂଳବର୍ତ୍ତୀ କାଠପାଳ ଗ୍ରାମ ନିଶ୍ଚିହ୍ନ ହୋଇଯାଇଛି। ଡଙ୍ଗାରୁ ଓହ୍ଲାଇ ଆମ୍ଭେମାନେ କୂଳକୁ ଉଠିଲୁଁ ଓ ଗଡ଼କୁ ଫେରିବା ସକାଶେ ଯେତେବେଳେ ହାତୀରେ ଚଢ଼ିଲୁଁ ଗ୍ରାମବାସୀ ପୁରୁଷ, ସ୍ତ୍ରୀ, ପିଲା, ବୁଢ଼ାମାନେ 'ଏ ସାହେବ, ଏ ସାହେବ' କହି ପାଟିକରି ହାତୀ ପଛରେ ଗୋଡ଼ାଇବାକୁ ଲାଗିଲେ ଓ କେବଳ ଧମକ ପାଇ ହତାଶ ହୋଇ ଫେରିଗଲେ। ସେତେବେଳେ ମୁଁ ଲକ୍ଷ୍ୟକଲି, ରାମ୍‌ସେ ସାହେବଙ୍କ ଲାଲ ଆଖି ମୋର ମୁହଁ ଉପରେ ଘୂରୁଛି। ମୋର ମନେହେଲା, ସେ ଭାବୁଛନ୍ତି, ଏହି ଯେତେ ଅନର୍ଥର ମୂଳ ମୁଁ। ବିଦେଶୀୟ ସାହେବ ଶାସକମାନଙ୍କ ମନୋଭାବ ଏପରି ସର୍ବତ୍ର ଦେଖାଯାଉଥିଲା। ସେମାନଙ୍କ ଆଖି ଆଗରେ ତ କେତେ କଳା ଲୋକ ପୋକମାଛି ପରି ମରିଯାଉଥିଲେ। ତତ୍‌ପ୍ରତି ସେମାନଙ୍କ ଭ୍ରୂକ୍ଷେପ ନଥାଏ। ତଥାପି ରାମ୍‌ସେ ସାହେବଙ୍କଠାରେ ଦୃଢ଼ ଭାବରେ ମୁଁ ଲୋକଙ୍କ ସକାଶେ ସାହାଯ୍ୟ ଦାବି କରିଥିଲି ଓ ସେ ଯାହା ମଞ୍ଜୁର କଲେ 'ସମୁଦ୍ରକୁ ଶଙ୍ଖେ ପାଣି' ହୋଇଥିଲେ ହେଁ ଯତ୍‌କିଞ୍ଚିତ୍ ସେମାନଙ୍କ ଦୁଃଖୋପନୋଦନ କରିବାରେ ସମର୍ଥ ହୋଇଥିଲା।

ଥରେ ମୋର ସହକାରୀ ଶ୍ରୀ ପ୍ରଫୁଲ୍ଲକୁମାର ସରକାରଙ୍କ ସହିତ ନଦୀପଥରେ ବନ୍ୟାଞ୍ଚଳକୁ ଯାଇଥିଲି। ସେତେବେଳେ ସେ ବଙ୍ଗ ସାହିତ୍ୟର ଜଣେ ଲବ୍‌ଧପ୍ରତିଷ୍ଠ ଲେଖକ ବୋଲି ଜାଣିନଥିଲି। ଯାଉଥିବା ସମୟରେ ନାନା ବିଷୟରେ ଗଳ୍ପ କରୁଁ କରୁଁ ତାଙ୍କ ସାହିତ୍ୟିକ ପ୍ରଗଲ୍‌ଭତା ପ୍ରକାଶକରି ଓଡ଼ିଆ ସାହିତ୍ୟର ନିନ୍ଦା କରିବାକୁ ଲାଗିଲେ। ସେ କହିଲେ, ‘‘ଓଡ଼ିଆ ସାହିତ୍ୟ ଅତ୍ୟନ୍ତ ନିକୃଷ୍ଟ ସ୍ଥାନରେ ରହିଅଛି; ଯେଉଁ ମୁଷ୍ଟିମେୟ ଲେଖକ ବା କବି ଅଛନ୍ତି ସେମାନଙ୍କ ରଚନା ବଙ୍ଗସାହିତ୍ୟର ଅନୁକରଣଭିନ୍ନ କିଛି ନୁହେଁ।’’ ଏହା କହି କବିବର ରାଧାନାଥ ରାୟଙ୍କ କାବ୍ୟଗୁଡ଼ିକ ସୁଦ୍ଧା ଏହି ଶ୍ରେଣୀୟ ବୋଲି ଆକ୍ଷେପ ପ୍ରକାଶ କଲେ। ମୁଁ କହିଲି, ‘‘ତାଙ୍କ ଧାରଣା ଆଧୁନିକ ଓଡ଼ିଆ ସାହିତ୍ୟ ସମ୍ବନ୍ଧରେ କେତେକାଂଶରେ ସ୍ଥାନ ବିଶେଷରେ ଅଭ୍ରାନ୍ତ ହୋଇପାରେ। କିନ୍ତୁ ପ୍ରାଚୀନ ରଚନା ସମୂହ ଓଡ଼ିଶାର ଗୌରବ ଏବଂ ବିଶ୍ୱ ସାହିତ୍ୟରେ ସୁଦ୍ଧା ବିଶିଷ୍ଟ ସ୍ଥାନଯୋଗ୍ୟ ବୋଲାଯାଇପାରେ।’’ ଏହା କହି ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶ ବିଳାସ, ସାମନ୍ତସିଂହାରଙ୍କ ବିଦଗ୍‌ଧ ଚିନ୍ତାମଣି, ଦୀନକୃଷ୍ଣ ଦାସଙ୍କ ରସକଲ୍ଲୋଳ ଓ ଆଉ କେତେକ ପ୍ରାଚୀନ ଗ୍ରନ୍ଥରୁ କେତେକାଂଶ ଆବୃତ୍ତି କରି ଛାନ୍ଦ, ଯମକ, ଅନୁପ୍ରାସାଦି ଅଳଙ୍କାର ସମୂହର ଦୃଷ୍ଟାନ୍ତଦ୍ୱାରା ପ୍ରାଚୀନ ଓଡ଼ିଆ ସାହିତ୍ୟର ବୈଶିଷ୍ଟ୍ୟ ପ୍ରତିପାଦନ କରିବାକୁ ଚେଷ୍ଟାକଲି। ବିଶେଷତଃ ଯେତେବେଳେ ଉଦାହରଣ ସ୍ୱରୂପ ବୈଦେହୀଶ

Digitized by srujanika@gmail.com

ବିଳାସର ପ୍ରତ୍ୟେକ ପଂକ୍ତି କିପରି କୌଶଳ ସହକାରେ ବ-ବର୍ଣ୍ଣାଦ୍ୟ ନାମକ ସଂଖ୍ୟାରେ ଛାନ୍ଦଗୁଡ଼ିକ ବିଭକ୍ତ, ପ୍ରତ୍ୟେକ ପଂକ୍ତିର ଆଦ୍ୟ ଅକ୍ଷର 'ବ' ଓ ବହୁପ୍ରକାର ଅଳଙ୍କାର ପ୍ରଭୃତିରେ ପରିପୂର୍ଣ୍ଣ ବୋଲି କେତେକାଂଶ ଉଦ୍ଧାର କରି କହିଲି, ସେତେବେଳେ ପ୍ରଫୁଲ୍ଲବାବୁ ଚମତ୍କୃତ ହୋଇ କହିଲେ, "ଏପରି କଥା ତ ମୁଁ କେବେ ଶୁଣିନାହିଁ।" ମୁଁ କହିଲି "ବଙ୍ଗାଳୀମାନଙ୍କ ପ୍ରଧାନ ଦୋଷ ଏହି ଯେ, ନିଜ ସାହିତ୍ୟ ଛଡ଼ା ଭାରତବର୍ଷର ଅନ୍ୟଜାତିର ସାହିତ୍ୟ ପଢ଼ନ୍ତି ନାହିଁ। ଅଥଚ ତାହାର ପ୍ରତିକୂଳ ସମାଲୋଚନା କରନ୍ତି।" ଆଉ କେତେକଥା। ଗସ୍ତରୁ ଫେରିଲା ପରେ ଦିନେ ମୋ ବସାକୁ ଆସିଥିଲେ ଓ ଯେଉଁ ଯେଉଁ ଗ୍ରନ୍ଥର ଅଂଶମାନ ତାଙ୍କୁ ଶୁଣାଇଥିଲି ସେ ସବୁ ଗ୍ରନ୍ଥମାନ ମୋ ସଙ୍ଗେ ପଢ଼ିବା ପାଇଁ ଇଚ୍ଛା ପ୍ରକାଶ କଲେ। ଏହା ଉତ୍ତାରେ ପ୍ରାୟ ଛଅମାସ କାଳ ପ୍ରତିଦିନ ସନ୍ଧ୍ୟାରେ ପ୍ରୋକ୍ତ ଗ୍ରନ୍ଥମାନଙ୍କ ସହିତ ଢେଙ୍କାନାଳ ନିବାସୀ କବି ବ୍ରଜନାଥ ବଡ଼ଜେନାଙ୍କ ରଚିତ ସମର ତରଙ୍ଗ, ଶ୍ୟାମ ରାମୋତ୍ସବ ଓ ଅମ୍ବିକାବିଳାସ ତାଙ୍କୁ ପଢ଼ାଇଲି। ଯେତେବେଳେ ସେ ଢେଙ୍କାନାଳର ଚାକିରି ତ୍ୟାଗକରି କଲିକତା ଚାଲିଗଲେ ଓ 'ଆନନ୍ଦବଜାର' ପତ୍ରିକାର ସମ୍ପାଦକତ୍ୱ ଗ୍ରହଣ କଲେ ସେତେବେଳେ ସେ ଏହି ଗ୍ରନ୍ଥ ସମୂହର ଅନୁକୂଳ ଆଲୋଚନାମୂଳକ କେତେକ ପ୍ରବନ୍ଧ ଲେଖିଥିଲେ।

ଦିନକର କୌତୁକାବହ କଥା ମନେପଡୁଛି। ଅନୁଗୁଳ ଡେପୁଟି କମିଶନର କ୍ରେଭେନ୍ ସାହେବ ପରିଦର୍ଶନରେ ଆସିଥିଲେ ଓ ଫୌଜଦାରୀ ମହକୁମାର ନଥି ଓ ରେଜିଷ୍ଟାରମାନ ପରୀକ୍ଷା କରୁଁ କରୁଁ ରେଜିଷ୍ଟରମାନ ଓଡ଼ିଆରେ ଲେଖା ହୋଇଥିବା ଦେଖି ଭବିଷ୍ୟତରେ ତାହା ଇଂରେଜୀରେ ପୂରଣ କରିବାକୁ ନିର୍ଦ୍ଦେଶ ଦେଇଗଲେ। ସେହିଦିନଠାରୁ ସେସବୁ ଇଂରେଜୀରେ ଲେଖାହେଲା। କେତେକଦିନ ପରେ କ୍ରେଭେନ୍ ସାହେବ ଆସିଲେ ଓ ପୁଣି ଯେତେବେଳେ ଗୋଟିଏ ରେଜିଷ୍ଟର୍ ପରୀକ୍ଷା କରିବାକୁ ଆରମ୍ଭ କଲେ ପକ୍ଷର ନାମ ଓ ବାସସ୍ଥାନ ଖାତାରେ ଲେଖାଅଛି – "Cloud blue merchant of brinjal straw" । ବିସ୍ମିତ ହୋଇ ମୋତେ ପଚାରିଲେ – "ଏହା କ'ଣ ?" ମୁଁ ମଧ୍ୟ ବୁଝିପାରିଲି ନାହିଁ, ଅନ୍ୟ ମାଜିଷ୍ଟ୍ରେଟ୍‌ମାନେ ମଧ୍ୟ ସେହି ସମୟରେ ତାଙ୍କ ସମ୍ମୁଖରେ ଉପସ୍ଥିତ ଥିଲେ, କେହି ତାହାର ମର୍ମ କହିପାରିଲେ ନାହିଁ। ତତ୍ପରେ ଲେଖକ ରାଇଟର କନ୍‌ଷ୍ଟେବଲ୍‌ଙ୍କୁ ଡକା ହେଲା। ପ୍ରଶ୍ନର ଉତ୍ତରରେ ସେ କହିଲେ, ଘନଶ୍ୟାମ ସାହୁ, ସାକିନ୍ ବାଇଗଣ ପାଳ। ଘନ ଅର୍ଥ Cloud, ଶ୍ୟାମ – blue, ସାହୁ – merchant, ବାଇଗଣ–brinjal, ପାଳ –straw । ଏହି ତ ପ୍ରକୃତ ଅନୁବାଦନ୍ତ ସାହେବଙ୍କ ମୁଖରୁ ହାସ୍ୟରୋଳ ଉଠିଲା। ହୁକୁମ ଦେଲେ ଯେପରି ଓଡ଼ିଆରେ ଲେଖା ହେଉଥିଲା, ସେପରି ଲେଖାହେଉ। ବିଚାରା କନେଷ୍ଟବଳ ମାଇନର ପାଶ ବି ନୁହେଁ, ହୁକୁମ ପାଳନ କରିଥିଲା ମାତ୍ର।

ଦିନେ ସନ୍ଧ୍ୟାରେ ମୁଁ କଚେରୀରୁ ଫେରୁଛି, ଲୋକ ଗହଳି ମଧ୍ୟରେ ଦେଖିଲି ବଜାରରେ ମୋର୍ ପିଲାଦିନର ସହାଧ୍ୟାୟୀ ପରୀକ୍ଷିତ ପାତ୍ରଙ୍କୁ। ମୁଣ୍ଡରେ ବୃହତ୍ ଜଟା,

Digitized by srujanika@gmail.com

ପରିଧେୟ ଖଣ୍ଡେ ସାମାନ୍ୟ କଉପୁନୀ ଓ ମୁଣ୍ଡ ଉପରେ ତାଳପତ୍ର ଛତା। ଦେଖିବା ମାତ୍ରକେ ତାଙ୍କୁ ଚିହ୍ନିଲି। ମୋତେ କିନ୍ତୁ ସେ ଚିହ୍ନି ପାରିଲେ ନାହିଁ। ଦୀର୍ଘକାଳ ପୂର୍ବେ ସେ ଗୃହତ୍ୟାଗ କରିଅଛନ୍ତି। ପ୍ରାୟ ୨୦ ବର୍ଷ ପୂର୍ବେ ବଲାଙ୍ଗିର ସ୍କୁଲର ଛାତ୍ରାବାସରେ ଦୁହେଁ ଏକତ୍ର ରହିଥିଲୁଁ। ତତ୍ପରେ ଆଉ ସାକ୍ଷାତ୍ ହୋଇନାହିଁ। ୧୯୦୨ ସାଲରେ ମଧ୍ୟ ଇଂରାଜୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲାପରେ ମୁଁ ବଲାଙ୍ଗିର ତ୍ୟାଗ କରିଥିଲି। ଶୁଣିଥିଲି ସେ ଇଂରେଜ ସରକାରଙ୍କ ହୁକୁମରେ ରାଜ୍ୟରୁ ନିର୍ବାସିତ ହୋଇଥିଲେ। ସେ ଥିଲେ ପାଟଣାଷ୍ଟେଟ୍ ଅନ୍ତର୍ଗତ କୁଟାସିଂହ ଗ୍ରାମର ଗୌନ୍ତିୟା ଲାଲୁ ପାତ୍ରଙ୍କ ପୁତ୍ର। ଷ୍ଟେଟ୍‌ର ନିୟମାନୁସାରେ ଗୌନ୍ତିଆ ପରିବାରର କେବଳ ଜ୍ୟେଷ୍ଠପୁତ୍ର ଗୌନ୍ତିୟା ହୁଏ ଓ କେବଳ ତାହା ସହିତ ରାଜସ୍ୱ ଆଦାୟର ଚୁକ୍ତି ହୁଏ। ଭୋଗରା ଜମି ସମ୍ବନ୍ଧରେ ନିୟମ ଏହି ଯେ, ଜ୍ୟେଷ୍ଠର ନାମ ସରକାରୀ କାଗଜପତ୍ରରେ ଲେଖାହୁଏ, କିନ୍ତୁ କାର୍ଯ୍ୟତଃ ସମସ୍ତ ଭାଇମାନେ ଭାଗକରି ସ୍ୱତନ୍ତ୍ର ଅଂଶମାନ ଭୋଗକରନ୍ତି। କିନ୍ତୁ ଭୋଗରା ଜମି ବନ୍ଧକ କରିବା ସୁଦ୍ଧା ନିୟମବିରୁଦ୍ଧ ଓ ଭୋଗରାର କୌଣସି ଅଂଶୀଦାର ତାହାର ଅଂଶରୁ କିଛି ବନ୍ଧକ କରିଥିବା ଯଦି ଜଣାପଡ଼େ ସମସ୍ତ ଅଂଶୀଦାର ସମସ୍ତ ଭୋଗରା ଜମିରୁ ବେଦଖଲ ହୁଅନ୍ତି। ଏହି ଗୌନ୍ତିୟା ସ୍ଥଳରେ ନୂତନ ଗୌନ୍ତିୟା ନିଯୁକ୍ତ ହୋଇ ତାହାକୁ ସମସ୍ତ ଭୋଗରା ଜମି ଦିଆହୁଏ। ଏହି ନିୟମ ଥିଲେ ସୁଦ୍ଧା କେତେକ ସ୍ଥାନରେ ଏହାର ବ୍ୟତିକ୍ରମ ହେଉଥିଲା ଏବଂ ରାଜ୍ୟଶାସକମାନେ ରାଜସ୍ୱ ଆଦାୟ ହେଉଥିବା ଯାଏ କେହି ତତ୍‌ପ୍ରତି ଦୃଷ୍ଟି ଦେଉନଥିଲେ। ୧୯୦୫-୦୬ ମସିହାରେ ଏହାପ୍ରତି ଦୃଷ୍ଟି ପଡ଼ିଲା ସର୍ବପ୍ରଥମେ ଦେଓ୍ୱାନ ସମ୍ବଲପୁରବାସୀ ବାଳମୁକୁନ୍ଦ ବହିଦାରଙ୍କର। କୁଟାସିଂହ ଗ୍ରାମରେ ଜଣେ ହିଂସାଦାର ଗୌନ୍ତିଆ ତାଙ୍କ ଅଂଶରୁ କିଛି ଭୋଗରା ଜମି ବନ୍ଧକ କରିଥିଲେ। ଲମ୍ବରଦାର ଗୌନ୍ତିଆ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠିତ ହେଲା ଓ ସେ ତ ବରଖାସ୍ତ ହେଲେ, ତାଙ୍କ ସହିତ ସମସ୍ତ ଗୌନ୍ତିଆ ପରିବାର ଭୋଗରା ଜମିରୁ ବେଦଖଲ ହେଲେ ଏବଂ ତାଙ୍କ ସ୍ଥାନରେ ନିଯୁକ୍ତ ନୂତନ ଗୌନ୍ତିଆଙ୍କୁ ସମସ୍ତ ଭୋଗରା ଜମି ଦିଆହେଲା। ପରୀକ୍ଷିତ ସେତେବେଳେ ପାଟଣା ରାଜ୍ୟର କୌଣସି ଦପ୍ତରରେ କିରାଣୀ କାର୍ଯ୍ୟ କରୁଥିଲେ। ରାଜ୍ୟସରକାରଙ୍କ ଏହି କାର୍ଯ୍ୟର ତୀବ୍ର ପ୍ରତିବାଦ କରି ତାଙ୍କୁ ଏହି କାର୍ଯ୍ୟର ବିଷମୟ ଫଳ ଭୋଗ କରିବାକୁ ହୋଇଥିଲା। ଚାକିରିରୁ ସେ କେବଳ ଯେ ବରଖାସ୍ତ ହେଲେ ତାହା ନୁହେଁ ରାଜ୍ୟରୁ ନିର୍ବାସିତ ହେଲେ। ସେହିଦିନରୁ ସେ ନାନା ସ୍ଥାନରେ ବୁଲି ବୁଲି କେତେକଦିନ ହେଲା ଭିକ୍ଷାଦ୍ୱାରା ଜୀବନଯାତ୍ରା ନିର୍ବାହ କରୁଅଛନ୍ତି।

ପରୀକ୍ଷିତଙ୍କୁ ଦେଖି ମୋର ହୃଦୟ ଅତ୍ୟନ୍ତ ବ୍ୟଥିତ ହେବାକୁ ଲାଗିଲା। ଯେତେବେଳେ ତାଙ୍କ ନିକଟକୁ ଯାଇ ହାତଧରି ମୋର ପରିଚୟ ଦେଲି ସେ ମୋତେ କୁଣ୍ଢେଇ ପକାଇଲେ। ଚକ୍ଷୁ ଲୋତକପୂର୍ଣ୍ଣ ହୋଇଗଲା। ମୋ କାନ୍ଧ ଉପରେ ମୁଣ୍ଡ ଲଦି ବ୍ୟାକୁଳ ଭାବରେ କାନ୍ଦିବାକୁ ଲାଗିଲେ। ମୁଁ ମଧ୍ୟ ମୋର ଚକ୍ଷୁର ଅଶ୍ରୁରୋଧ କରିପାରିଲି

Digitized by srujanika@gmail.com

ନାହିଁ । ପିଲାଦିନର ଦୃଶ୍ୟାବଳୀ ମୋର ଚକ୍ଷୁସମକ୍ଷରେ ଭାସମାନ ହେବାକୁ ଲାଗିଲା । ଗୌନ୍ତିଆ ଘର ପୁଅ । ସମ୍ବଲପୁର, ପାଟଣା, ସୋନପୁର ପ୍ରଭୃତି ଅଞ୍ଚଳରେ ଗୌନ୍ତିଆ ଶ୍ରେଷ୍ଠ ସମ୍ମାନାସ୍ପଦ ବ୍ୟକ୍ତି । ପ୍ରାୟ ସମସ୍ତଙ୍କର ସ୍ୱଚ୍ଛଳ ଅବସ୍ଥା । ବଲାଙ୍ଗିରରେ ପଢୁଥିବା ସମୟରେ କେତେ ସରୁଚୂଡ଼ା, ଉଖୁଡ଼ା, ଖଜା ତାଙ୍କ ଘରୁ ଆସେ । ପରୀକ୍ଷିତ ତହିଁରୁ ମୋତେ ଭାଗ ନଦେଇ କେବେ ଖାଆନ୍ତି ନାହିଁ । ଆଜି ସେ ଗୌନ୍ତିଆ ପୁଅ ପରୀକ୍ଷିତ ପଥର ଭିକ୍ଷୁକ । ଆଖପାଖର ଲୋକେ ଆମ୍ଭମାନଙ୍କୁ ବେଢ଼ିପକାଇଲେ ଓ ପରିଚିତ ଭିକ୍ଷୁକ ପରୀକ୍ଷିତ ଓ ରାଜ୍ୟର ଜଣେ ହାକିମଙ୍କୁ ଏହି ଅବସ୍ଥାରେ ଦେଖି ବିସ୍ମୟାବିଷ୍ଟ ହୋଇ ନାନାବିଧ ପ୍ରଶ୍ନ ପଚାରିଲେ । ସଂକ୍ଷେପରେ ସେମାନଙ୍କୁ ପ୍ରକୃତ ଘଟଣା ଜଣାଇ ସଙ୍ଗେ ସଙ୍ଗେ ପରୀକ୍ଷିତଙ୍କୁ ମୋ ବସାକୁ ନେଇଗଲି ଓ ତତ୍‌କ୍ଷଣାତ୍ କୌପୁନୀ ତ୍ୟାଗ କରିବାକୁ କହିଲି । ପ୍ରଥମରେ ସେ ତାଙ୍କ ଭିକ୍ଷୁକ କନା ତ୍ୟାଗ କରିବାକୁ ଅନିଚ୍ଛା ପ୍ରକାଶ କଲେ । କିନ୍ତୁ ଚାରିପାଞ୍ଚ ଦିନ ରଖି ତାହା ତ୍ୟାଗ କରିବା ପାଇଁ ତାଙ୍କୁ ବାଧ୍ୟ କଲି । ଜଟା କଟାଇ ଦେଲି ଓ ସାଧାରଣ ଗେରୁଆ ଲୁଗା ତାଙ୍କୁ ପିନ୍ଧାଇଦେଲି । ପ୍ରାୟ ମାସେକାଳ ତାଙ୍କୁ ରଖି ପରିଶେଷରେ ରାଜ୍ୟକୁ ଫେରିଯିବା ପାଇଁ ଅନୁମତି ସକାଶେ ଗୋଟିଏ ଦରଖାସ୍ତ ଲେଖିଦେଇ ତାଙ୍କ ସ୍ୱାକ୍ଷରରେ ପୋଲିଟିକେଲ୍ ଏଜେଣ୍ଟଙ୍କଠାକୁ ପଠାଇଦେଲି । ଅଳ୍ପଦିନ ଉତ୍ତାରେ ଫେରିଯିବା ସକାଶେ ହୁକୁମ ଆସିଲା ଓ ତତ୍ପରେ ତାଙ୍କୁ ଘରକୁ ପଠାଇଦେଲି । ସେ ଆଉ ଇହଜଗତରେ ନାହାଁନ୍ତି । ଗଡ଼ଜାତ ରାଜ୍ୟରେ କର୍ତ୍ତୃପକ୍ଷଙ୍କ କୋପଦୃଷ୍ଟିରେ ପତିତ ହେଲେ, ରାଜ୍ୟରୁ ନିର୍ବାସନ ସାଧାରଣ ଦଣ୍ଡ ଥିଲା । ଏହା ଦେଖି ଆମ୍ଭେମାନେ ଯେଉଁ ଜଣକେତେ ଶିକ୍ଷାପ୍ରାପ୍ତ ହୋଇ ବାହାରିଥିଲୁଁ, ପାଟଣାରେ ରହିଲୁ ନାହିଁ । ନିଜ ଘରଦ୍ୱାର, ବନ୍ଧୁବାନ୍ଧବ ଛାଡ଼ି କେତେ ଗଡ଼ଜାତବାସୀ ନିକଟବର୍ତ୍ତୀ ଇଂରେଜଶାସିତ ଜିଲ୍ଲାରେ ବାସ କରିବା ନିରାପଦ ଦେଖି ରହିଗଲେ । ମୁଁ ସମ୍ବଲପୁରରେ ରହିଗଲି ।

ଢେଙ୍କାନାଳକୁ ଲାଗି ତିଗିରିଆ ଦେଶୀୟ ରାଜ୍ୟ । ଓଡ଼ିଶାର ୨୬ ଟି ରାଜ୍ୟ ମଧ୍ୟରେ ତିଗିରିଆ କ୍ଷୁଦ୍ରତମ । ଆୟତନରେ କେବଳ ୪୫ ବର୍ଗମାଇଲ । ଦୀର୍ଘ ପ୍ରତି ଯେଉଁ ଆଡ଼କୁ ଗଲେ କେବଳ ୬-୭ ମାଇଲ । ମୁଁ ଢେଙ୍କାନାଳରେ ଥିବା ସମୟରେ ତିଗିରିଆରେ ରାଜା ଥିଲେ ଶ୍ରୀ ବନମାଳୀ କ୍ଷତ୍ରିୟ ବୀରବର ଚମୂପତି ରାୟ । ଏହା ତିଗିରିଆ ରାଜାଙ୍କ ପାରମ୍ପରିକ ଉପାଧି । ଯୁବରାଜ ଥିଲେ ଶ୍ରୀ ସୁଦର୍ଶନ ରାୟ । ମୋର ସରକାରୀ ଚାକିରି ଆରମ୍ଭରେ ୧୯୧୦-୧୧ ସାଲରେ ଯୁବରାଜ ପୋଲିଟିକେଲ ଏଜେଣ୍ଟଙ୍କ ବ୍ୟବସ୍ଥାମତେ ସମ୍ବଲପୁର ଡେପୁଟି କମିଶନରଙ୍କ ତତ୍ତ୍ୱାବଧାନରେ ଶାସନ କାର୍ଯ୍ୟରେ ଶିକ୍ଷାପ୍ରାପ୍ତ ହେଉଥିଲେ । ସେହି ସମୟରେ ତାଙ୍କ ସହିତ ମୋର ପରିଚୟ ହୋଇଥିଲା । ଆଠ ନଅ ବର୍ଷ ପୂର୍ବର କଥା । ଦିନେ ତାଙ୍କଠାରୁ ଖଣ୍ଡେ ପତ୍ର ପାଇଲି । ତାଙ୍କ ଗଡ଼ରେ ଚମ୍ପକ ଦ୍ୱାଦଶୀ (ରୁକ୍ମିଣୀ ବିବାହ) ପର୍ବ ସାଡ଼ମ୍ବରରେ ଅନୁଷ୍ଠିତ ହୁଏ । ସେଥିକୁ ମୋତେ ନିମନ୍ତ୍ରଣ କରିଅଛନ୍ତି । ମୁଁ

Digitized by srujanika@gmail.com

ତିଗିରିଆ ସୀମାରେ ଅବସ୍ଥିତ ଅଞ୍ଚଳକୁ ଗସ୍ତରେ ଗଲି ଓ ଏକାଦଶୀ ଦିନ ସନ୍ଧ୍ୟାରେ ତିଗିରିଆ ଗଡ଼ରେ ପହଞ୍ଚି ଯୁବରାଜଙ୍କଠାକୁ ମୋର ଆଗମନର ବାର୍ତ୍ତା ପ୍ରେରଣ କଲି। ରାଜଭଣ୍ଡାରରୁ ମୋର ଓ ମୋର ଅନୁଚରମାନଙ୍କ ସକାଶେ ପ୍ରଚୁର ଆହାର୍ଯ୍ୟ ଦ୍ରବ୍ୟମାନ ଆସିଲା। ଦ୍ୱାଦଶୀ ଦିନ ପ୍ରାତଃକୃତ୍ୟାଦି ସମାପନ କରି ରାଜବାଟୀ ଆଡ଼କୁ ଗଲି। ଗଡ଼ର ଏକ ପ୍ରାନ୍ତରେ ରାଜବାଟୀ। ସେଠାକୁ ପହୁଞ୍ଚିବାଯାଏ ଦାଣ୍ଡର ଉଭୟ ପାର୍ଶ୍ୱରେ ଘରମାନ ଦୁଇ ସାହାଲା ହୋଇ ବସିଅଛି। ପଥରେ ଗୋଟିଏ ପକ୍କା ଘର ଦେଖିଲି। ତାହାର ଦ୍ୱାର ଖୋଲା। ଫାଟକ କାନ୍ଥ ଉପରେ ବଡ଼ ବଡ଼ ଇଂରେଜୀ ଅକ୍ଷରରେ ଲେଖାଅଛି 'ଜେଲ'। ଅଥଚ ଜେଲ୍‌ର ଦ୍ୱାର ଖୋଲା ! ମୋ ସଙ୍ଗେ ଆସୁଥିବା ଜଣେ ଲୋକକୁ ପଚାରି ବୁଝିଲି, ଜେଲ ମଧ୍ୟରେ କଏଦୀ ନାହାନ୍ତି। ଆଉ କେବେ ମଧ୍ୟ ନଥାନ୍ତି ଶୁଣି ବିସ୍ମିତ ହେଲି। ଅଳ୍ପ ସମୟ ମଧ୍ୟରେ ସିଂହଦ୍ୱାର ସମ୍ମୁଖରେ ଉପସ୍ଥିତ ହେଲି । ଯୁବରାଜ ମୋର ଆଗମନ ଅପେକ୍ଷାରେ ସେଠାରେ ଛିଡ଼ା ହୋଇଥିଲେ ଓ ମୋତେ ଦେଖି ମୋ ଆଡ଼କୁ ଆସି ସାଦର ଅଭିବାଦନ ଜଣାଇଲେ ଏବଂ ମୋତେ ଘେନି ରାଜବାଟୀ ଆଡକୁ ଅଗ୍ରସର ହେଲେ। ସିଂହଦ୍ୱାରର ଉଭୟ ପାର୍ଶ୍ୱରେ ଉଚ୍ଚସ୍ଥାନ ବେଦୀ ପରି ନିର୍ମିତ ହୋଇଅଛି। ତହିଁର ଗୋଟିକ ଉପରେ ବସି ବୃଦ୍ଧରାଜା ଫୁଲମାଳ ଗୁନ୍ଥୁଛନ୍ତି ଓ ତଳେ ବସି କେତେକ ଲୋକ ମଧ୍ୟ ଫୁଲମାଳ ଗୁନ୍ଥିବାରେ ବ୍ୟସ୍ତ ରହୁଅଛନ୍ତି। ଯୁବରାଜ ମୋତେ ରାଜାଙ୍କଠାରେ ପରିଚୟ କରାଇଦେଲେ। ମୁଁ ବ୍ରାହ୍ମଣ ବୋଲି ଜାଣି ରାଜା ମୋତେ ପ୍ରଣାମ କଲେ ଓ ମୁଁ ମଧ୍ୟ ରାଜୋଚିତ ଆଶୀର୍ବାଣୀ ଉଚ୍ଚାରଣ କଲି। ଦୁଇଚାରି କଥା ହେଲା ପରେ ମେଞ୍ଚାଏ ଫୁଲ ମୋ ସମ୍ମୁଖରେ ରଖିଦେଇ କହିଲେ, ''ଆଜି ଚମ୍ପକ ଦ୍ୱାଦଶୀ, ମହାପ୍ରଭୁଙ୍କ ସହିତ ରୁକ୍ମିଣୀଙ୍କ ବିବାହ। ଠାକୁରଙ୍କ ପାଇଁ ଫୁଲ ଗୁନ୍ଥନ୍ତୁ ନା।'' ସମ୍ମୁଖରେ ବସି ମୁଁ ମଧ୍ୟ ଫୁଲ ଗୁନ୍ଥିବାକୁ ଲାଗିଲି। ଏହା ଉତ୍ତାରେ ଦେଖିଲି, କେତେକ ମୋକଦ୍ଦମା ପକ୍ଷମାନଙ୍କୁ ଡାକରା ହେଲା। ଉଭୟ ପକ୍ଷ–ଫରିୟାଦୀ, ଆସାମୀ, ବାଦୀ, ପ୍ରତିବାଦୀ ଉପସ୍ଥିତ ହେଲେ ଓ ନିଜ ନିଜର ବକ୍ତବ୍ୟ ପ୍ରକାଶ କଲେ। ସାକ୍ଷ୍ୟମାନଙ୍କୁ ମଧ୍ୟ ଡାକରା ହେଲା ଓ ସେମାନଙ୍କ ଜମାନବନ୍ଦି ନିଆହେଲା। ଏ ସମସ୍ତ ମୌଖିକ, ଲେଖାପଢ଼ାର ନାମ ସୁଦ୍ଧା ନାହିଁ। ଫୌଜଦାରୀ ମୋକଦ୍ଦମାର ବିଚାର ସଙ୍ଗେ ସଙ୍ଗେ ଶେଷ ହେଲା ଓ ଆସାମୀଙ୍କ ପ୍ରତି ହୁକୁମ ହେଲା, କାହା ପ୍ରତି ପନ୍ଦର ଦିନ, କାହା ପ୍ରତି ମାସେ 'ଆଗୁଳା'। 'ଆଗୁଳା' ର ମର୍ମ ଯୁବରାଜଙ୍କୁ ପଚାରି ବୁଝିଲି, 'ରାଜଦର୍ଶନ ମନା'ନ୍ତଯେଉଁ ସମୟରୁ ଆଗୁଳାର ହୁକୁମ ହେଲା ସେଇକାଳ ମଧ୍ୟରେ ଅପରାଧୀମାନେ କେହି ରାଜବାଟୀ ବା ରାଜଦର୍ଶନକୁ ଆସିପାରିବେ ନାହିଁ। ଶୁଣିଲି, ରାଜାଙ୍କ ବିଚାରରେ ଏହାହିଁ ଏକମାତ୍ର ଦଣ୍ଡ। ଆଉ ପ୍ରଜାଙ୍କ ପକ୍ଷରେ ରାଜଦର୍ଶନ ବାସନ୍ଦ ଅତି କଠୋର ଦଣ୍ଡ ବୋଲି ବିବେଚିତ ହୁଏ। ପ୍ରଜାମାନେ ରାଜାଙ୍କ ପ୍ରତି ଏତେ ଅନୁରକ୍ତ, ଏତେ ଭକ୍ତିପରାୟଣ ! ଅର୍ଥଦଣ୍ଡ ବା କାରାଦଣ୍ଡ ନାହିଁ ! ତାହାହେଲେ ଜେଲ୍ ଘର କାହିଁକି

Digitized by srujanika@gmail.com

ଅଛି ବୋଲି ପଚାରିଲି। ରାଜା କହିଲେ, ''ପୋଲିଟିକେଲ୍ ଏଜେଣ୍ଟ କହିଲେ, 'ଗୋଟିଏ ଜେଲ ଘର ତିଆରିକରି ରଖିବାକୁ ହେବ।' ତାଙ୍କ ଇଚ୍ଛାନୁସାରେ ଗୋଟିଏ ଘର ତିଆରି ହୋଇଛି। ଆମ୍ଭରାଜ୍ୟରେ କେହି ସେପରି ଗୁରୁତର ଅପରାଧ କରନ୍ତିନି, ଯାହା ସକାଶେ କାହାରିକୁ କାରାଦଣ୍ଡ ଭୋଗିବାକୁ ହେବ।'' ଇତିପୂର୍ବେ ଶୁଣିଥିଲି, କେତେକ ଗଡ଼ଜାତ ରାଜ୍ୟରେ କାରାଦଣ୍ଡରେ ଦଣ୍ଡିତ ଅପରାଧୀମାନଙ୍କୁ ସୁଦ୍ଧା ଦଣ୍ଡକାଳ ମଧ୍ୟରେ କିଛିଦିନ ପାଇଁ ଘରକୁ ଛାଡ଼ିଦିଆ ହୁଏ। ସେମାନେ ନିଜେ ଆସି ଦଣ୍ଡକାଳ ଭୋଗକରି ଚାଲିଯାନ୍ତି। ଏହି ପ୍ରକାର ବିଚାର ଦେଖି ରାଜାଙ୍କ ପ୍ରତି ମୋ ହୃଦୟରେ ପରମ ଭକ୍ତିଭାବ ଜାଗ୍ରତ ହେଲା। ରାଜାଙ୍କ ପ୍ରତି ପ୍ରଜାଙ୍କ ପ୍ରଗାଢ଼ ଭକ୍ତି। କେତେକ ଗଡ଼ଜାତରେ କେବଳ ଅର୍ଥଦଣ୍ଡ ଦ୍ୱାରା ରାଜକୋଷ ପୂର୍ଣ୍ଣ ହୁଏ। ଅଥଚ ଏହି କ୍ଷୁଦ୍ରରାଜ୍ୟରେ ପ୍ରଜାଙ୍କ ପ୍ରତି ଅର୍ଥପୀଡ଼ା ନାହିଁ। ଆଜିକାଲି, ବିଶେଷତଃ ଇଂରେଜ ଅମଳରେ ସୃଷ୍ଟ ବିଚାର ପ୍ରଣାଳୀ ନାନା ଦୋଷରେ କଳୁଷିତ। ତାହାଦ୍ୱାରା କ୍ୱଚିତ୍ ନ୍ୟାୟ ବିଚାର ହୁଏ, ଯାହା କେବଳ ଅର୍ଥବ୍ୟୟ ଓ ସମୟକ୍ଷେପଣ ଓ ନାନାପ୍ରକାର ଦୁରାଚାରରେ ପକ୍ଷଗଣ ନିକ୍ଷେଷିତ। କଚେରୀ ଅଦାଲତ ଏକପ୍ରକାର ଲାଭଜନକ ବ୍ୟବସାୟ କ୍ଷେତ୍ର। ନାନାପ୍ରକାର ବ୍ୟବସାୟୀ ଏହାରି ଆଶ୍ରୟରେ ସଂସାରଯାତ୍ରା ନିର୍ବାହ କରୁଅଛନ୍ତି। ଆଧୁନିକ ପରିସ୍ଥିତିରେ ଏହାର ସମୂଳ ସଂସ୍କାର ଆବଶ୍ୟକ।

ତତ୍ପରେ ଯୁବରାଜ ମୋତେ ଯାତ୍ରା ପଡ଼ିଆକୁ ଘେନିଗଲେ। ସେଠାରେ ପ୍ରଭୂତ ଜନାଗମ ହୋଇଅଛି ଓ ନାନାପ୍ରକାର ବାଦ୍ୟ ସହିତ ନୃତ୍ୟଗୀତ ହେଉଅଛି। ଠାକୁରଙ୍କୁ ଏକ ବିମାନରେ ପରିକ୍ରମା କରାଇ ଏକ ମଣ୍ଡପ ଉପରେ ସ୍ଥାପନ କରାହେଉଛି। ଅଳ୍ପ ସମୟ ପରେ ରାଜା ଆସିଲେ ଓ ବହୁଲୋକ ଆସି ତାଙ୍କ ପାଦତଳରେ ପ୍ରଣାମ କଲେ। କେଉଁଠାରେ ପାଲା, କେଉଁଠାରେ ଦାସକାଠିଆ, କେଉଁଠାରେ ଘୋଡ଼ାନାଚ, ନାନାପ୍ରକାର ବେଶଭୂଷାରେ ସଜ୍ଜିତ ବାଳକମାନଙ୍କ ବାଡ଼ିଖେଳ ଇତ୍ୟାଦି ହେଉଁ ହେଉଁ ଅପରାହ୍ନ ହୋଇଗଲା। ରାତିରେ ବାଣ। ତିଗିରିଆ ବାଣ ପାଇଁ ପ୍ରସିଦ୍ଧ। ଏପରି କୌଶଳରେ ପ୍ରସ୍ତୁତ ବାଣ ମୁଁ କେବେ ଦେଖିନଥିଲି।

ତିଗିରିଆ କ୍ଷୁଦ୍ର ରାଜ୍ୟ ହେଲେହେଁ ଏଠାରେ ଅନେକ ଗୁଣୀଲୋକଙ୍କ ନିବାସ। ଏଠାରେ ପ୍ରସିଦ୍ଧ ଆୟୁର୍ବେଦ ଚିକିତ୍ସକ, ଜ୍ୟୋତିଷ, ପଣ୍ଡିତ ବାସ କରୁଥିଲେ। ପ୍ରସିଦ୍ଧ ସଂସ୍କୃତଜ୍ଞ କବି ଭୁବନେଶ୍ୱର ବଡ଼ପଣ୍ଡାଙ୍କ ବାସସ୍ଥାନ ଏହିଠାରେ। ରାଜବାଟୀ ସଂଲଗ୍ନ ପ୍ରସନ୍ନ ପୁରୁଷୋତ୍ତମ ଜଗନ୍ନାଥ ମନ୍ଦିର । ତାହାଙ୍କ ସେବାପୂଜା ଓ ପଣ୍ଡିତମାନଙ୍କ ସହିତ ଶାସ୍ତ୍ରାଳାପରେ ରାଜାଙ୍କ ଅଧିକାଂଶ ସମୟ ଅତିବାହିତ ହୁଏ। ନୂଆପାଟଣା ଏହି କ୍ଷୁଦ୍ର ରାଜ୍ୟର ଏକମାତ୍ର ସମୃଦ୍ଧିଶାଳୀ ଗ୍ରାମ। ଏହି ଗ୍ରାମରେ ଥଟ୍ଟାରି, ତନ୍ତୀ ଅଛନ୍ତି ଏବଂ ଏହି ସ୍ଥାନର କଂସାବାସନ, ମାଣିଆବନ୍ଧି ଓ ପାଟଲୁଗା ଓଡ଼ିଶାରେ ପ୍ରସିଦ୍ଧ।

ସେହିଦିନ ସନ୍ଧ୍ୟାରେ ମୁଁ ତିଗିରିଆ ତ୍ୟାଗ କରି ଆସିଲି।

Digitized by srujanika@gmail.com

ତିଗିରିଆ ରାଜାଙ୍କ ସମ୍ବନ୍ଧରେ ଗୋଟିଏ ଘଟଣା ମୁଁ ନିଜେ ପ୍ରତ୍ୟକ୍ଷକରି ବିସ୍ମିତ ହୋଇଥିଲି। ପୋଲିଟିକେଲ୍ ଏଜେଣ୍ଟ ରାମ୍‌ସେ ସାହେବ ଢେଙ୍କାନାଳ ପରିଦର୍ଶନରେ ଆସିଥିବା ସମୟରେ ରାଜା ଓ ଯୁବରାଜ ଆସିଥିଲେ। ତିଗିରିଆର ଦେଓ୍ୱାନ୍ ରାଜତହବିଲ ତୋସରଫ କରିଥିବା ଅପରାଧରେ ଅଭିଯୁକ୍ତ ହୋଇଥିଲେ ଓ ରାଜା ତାଙ୍କ ପ୍ରତି ଦଣ୍ଡବିଧାନ ପରିବର୍ତ୍ତରେ ତାଙ୍କୁ କ୍ଷମା ଦେଇଥିବା ଯୋଗୁଁ ଯୁବରାଜ ତହିଁରେ ଅସନ୍ତୁଷ୍ଟ ହୋଇ ସେହି ବିଷୟ ପୋଲିଟିକେଲ୍ ଏଜେଣ୍ଟଙ୍କୁ ଜଣାଇଥିଲେ ଏବଂ ସେହି ସମ୍ପର୍କରେ ସାହେବ ଉଭୟଙ୍କୁ ଡକାଇଥିଲେ। ସାହେବଙ୍କ ସହିତ ସାକ୍ଷାତ କରିବା ସକାଶେ ଆସିବା ସମୟରେ ମୁଁ 'ଚଢ଼େଇ ରଗଡ଼ା' ବଙ୍ଗଳାରେ ଉପସ୍ଥିତ ଥିଲି ଓ ରାଜା ଯୁବରାଜ ଉଭୟେ ଇଂରେଜୀ ଜାଣୁନଥିବାରୁ ସାହେବଙ୍କ ଆଦେଶରେ ମୋତେ 'ଦୋଭାଷୀ' କାର୍ଯ୍ୟ କରିବାକୁ ହୋଇଥିଲା। ସାହେବ ଏକ ପ୍ରକୋଷ୍ଠ ମଧ୍ୟରୁ ବାହାରିଆସି ରାଜାଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ତାହାଙ୍କ କରମର୍ଦ୍ଦନ ସକାଶେ ହସ୍ତ ପ୍ରସାରଣ କରିବା ମାତ୍ରେ ରାଜା, "ହଁ ! ହଁ ! ସାହେବ ! ଆପଣ ମ୍ଳେଚ୍ଛ। ଆପଣଙ୍କୁ ଛୁଇଁଲେ ଆମ୍ଭଙ୍କୁ ସ୍ନାନ ଓ ପଞ୍ଚଗବ୍ୟ ପାନ କରିବାକୁ ହେବ," କହି ଚାରିପାଞ୍ଚ ହାତ ପଛଘୁଞ୍ଚା ଦେଲେ। ସାହେବ ଅବାକ୍ ହୋଇ ଦଣ୍ଡାୟମାନ ହୋଇ ମୋ ଆଡ଼କୁ ଚାହିଁଲେ। ମୁଁ ବୁଝାଇଦେଲି, "ରାଜା ଅତ୍ୟନ୍ତ ରକ୍ଷଣଶୀଳ, ପୂଜାଦି କରନ୍ତି। ଆପଣ ଖ୍ରୀଷ୍ଟିୟାନ୍। ସୁତରାଂ ଆପଣଙ୍କୁ ଛୁଇଁବାକୁ ଚାହୁଁନାହାନ୍ତି।" ସାହେବ ମୃଦୁହାସ୍ୟ କରି ବସିଲେ। ତତ୍ପରେ ରାଜାଙ୍କୁ କହିଲେ,"ଆପଣଙ୍କ ଦେଓ୍ୱାନ ରାଜତହବିଲ ତୋସରଫ ରୂପ ଗୁରୁତର ଅପରାଧରେ ଅଭିଯୁକ୍ତ। ତାଙ୍କ ବିରୁଦ୍ଧରେ ମୋକଦ୍ଦମା କରିବାକୁ ହେବ।" ରାଜା କହିଲେ, "ସାହେବ, ଆମ୍ଭଙ୍କୁ ସରକାର ଦେଇଥିବା ସନନ୍ଦ ଅନୁସାରେ ଇଂରେଜ ସରକାରଙ୍କ ସହିତ ଆମ୍ଭର ଯେତିକି ସମ୍ପର୍କ ସେତିକି ରକ୍ଷା ହେଉଛି କି ନାହିଁ ସେତିକି ଦେଖିବା ଆପଣଙ୍କ କର୍ତ୍ତବ୍ୟ। ଆମ୍ଭ ରାଜ୍ୟର ଆଭ୍ୟନ୍ତରୀଣ ଶାସନର କୌଣସି ବିଷୟ ଆପଣଙ୍କ ଅଧିକାରଭୁକ୍ତ ନୁହେଁ। ଆମ୍ଭେ ଅପରାଧୀ ଆମ୍ଭ ଦେଓ୍ୱାନଙ୍କୁ କ୍ଷମା କରିଅଛୁଁ। ଏହା ଆମ୍ଭର ଘରୋଇ ବିଷୟ, ଏଥିରେ ଆପଣ ହସ୍ତକ୍ଷେପ କରି ପାରିବେ ନାହିଁ।" ସାହେବ ହଁ କହି କିଛି ସମୟ ପରେ ରାଜାଙ୍କୁ ବିଦାୟ ଦେଲେ।

କଟକ ଜିଲ୍ଲା ନିକଟରେ ଥାଇ ଢେଙ୍କାନାଳ ଅନ୍ୟାନ୍ୟ ଗଡ଼ଜାତ ରାଜ୍ୟମାନଙ୍କ ଅପେକ୍ଷା ଶିକ୍ଷାରେ ଅଧିକ ଉନ୍ନତ। ବହୁଦିନ ହେଲା ଏଠାରେ ହାଇସ୍କୁଲ ଓ ସଂସ୍କୃତ ଟୋଲ ସ୍ଥାପିତ ହୋଇଅଛି। ଅଳ୍ପଦିନ ପୂର୍ବେ ଏଠାରେ ଗୋଟିଏ କଲେଜ ସ୍ଥାପିତ ହୋଇଅଛି। ଶାସନର ବିଭିନ୍ନ ବିଭାଗରେ ଢେଙ୍କାନାଳବାସୀ ଯଥାଯୋଗ୍ୟ ସ୍ଥାନ ଗ୍ରହଣ କରିଅଛନ୍ତି। ଏଠାରେ କବି, ସାହିତ୍ୟିକ, ଲେଖକ, ଜ୍ୟୋତିଷ, ଚିକିତ୍ସକ ମଫସଲ ଅଞ୍ଚଳରେ ସୁଦ୍ଧା ଦେଖାଯାନ୍ତି। କାଳକ୍ରମେ ଶିକ୍ଷା ବିସ୍ତାର ଅଧିକ ପରିମାଣରେ ହୋଇଅଛି। ସର୍ବକ୍ଷେତ୍ରରେ ଢେଙ୍କାନାଳବାସୀ ଶାସନ ଓ ବିଚାର ବିଭାଗରେ ସୁଦ୍ଧା ଶୀର୍ଷସ୍ଥାନମାନ ଅଧିକାର କରିଅଛନ୍ତି।

Digitized by srujanika@gmail.com

୧୯୪୮ ମସିହାରେ ଗଡ଼ଜାତ ରାଜ୍ୟ ସମୂହ ଭାରତବର୍ଷ ସହିତ ମିଳିତ ହେଲା ଉତ୍ତାରେ ରାଜା ଓ ରାଣୀ ଉଭୟେ ରାଜନୀତି କ୍ଷେତ୍ରରେ ଯୋଗଦାନ କରିଅଛନ୍ତି। ରାଜା ଶ୍ରୀ ଶଙ୍କର ପ୍ରତାପ ମହେନ୍ଦ୍ର ବାହାଦୂର ତା.୩/୮/୬୫ରେ ତାଙ୍କ ୬୧ ବର୍ଷ ବୟସରେ ଦେହତ୍ୟାଗ କଲେ। ଏହି ସମୟରେ ସେ ରାଜ୍ୟସଭାର ସଦସ୍ୟ ଥିଲେ।

ପ୍ରାୟ ଦୁଇବର୍ଷକାଳ ଢେଙ୍କାନାଳରେ ରହିଲି । ମୋର ଚତୁର୍ଥ କନ୍ୟା ନିରୂପମାର ୧୯୨୦ ମସିହା ମଇ ମାସରେ ଓ ପଞ୍ଚମକନ୍ୟା ସୁଷମାର ୧୯୨୧ ମସିହା ଜୁଲାଇ ମାସରେ ଜନ୍ମ ଢେଙ୍କାନାଳରେ ହୋଇଥିଲା। କାମର ଧରଣ ଧାରଣ, ଲୋକଙ୍କ ପ୍ରକୃତି, ରାଜପରିବାରର ଜୀବନଯାପନ ପ୍ରଣାଳୀ ଓ ତାହା ସହିତ ରାଜକର୍ମଚାରୀଙ୍କ ସମ୍ବନ୍ଧ ଇତ୍ୟାଦି ଦେଖି ଗଡ଼ଜାତରେ ରହି ଚାକିରି କରିବାକୁ ମୋତେ ଭଲ ଲାଗିଲା ନାହିଁ। ପୋଲିଟିକେଲ୍ ଏଜେଣ୍ଟ ରାମ୍‌ସେ ସାହେବ ମୋତେ ଢେଙ୍କାନାଳକୁ ପଠାଇଥିଲେ। ୧୯୨୧ ସାଲ ଜୁନ୍ ମାସରେ ସେ ଦୀର୍ଘ ଛୁଟିନେଇ ଚାଲିଗଲେ। ଅନୁଗୁଳ ଡେପୁଟି କମିଶନର କ୍ରେଭେନ୍ ସାହେବ ମଧ୍ୟ ଚାଲିଗଲେଣି ଓ ତାଙ୍କ ସ୍ଥାନରେ ଲୁକ୍‌ସ ସାହେବ (L.T.R. Lucas) ଡେପୁଟି କମିଶନର ହୋଇ ଆସିଥିଲେ। ସମ୍ବଲପୁରରେ ମୋର ଚାକିରି ଆରମ୍ଭରେ ଲୁକ୍‌ସ ସାହେବ ସବ୍‌ଡ଼ିଭିଜନାଲ୍ ଅଫିସର ହୋଇ ରହିଥିଲେ ଓ ତାଙ୍କ ନିକଟରେ ମୁଁ କାର୍ଯ୍ୟ ଶିକ୍ଷା କରିଥିଲି। ସେ ଢେଙ୍କାନାଳକୁ ଗସ୍ତରେ ଆସିଥିବା ସମୟରେ ମୁଁ ମୋର ସରକାରୀ କାର୍ଯ୍ୟକୁ ଫେରିଯିବା ଇଚ୍ଛା ପ୍ରକାଶ କଲି । ମୁଁ ଇଚ୍ଛାକଲେ ସେ ମୋତେ ଅନୁଗୁଳକୁ ନେବାପାଇଁ ଚେଷ୍ଟା କରିବେ ବୋଲି କହିଲେ। ମୁଁ ସମ୍ମତ ହେଲି ଓ ତାଙ୍କ ଚେଷ୍ଟାରେ ମୁଁ ପୁନର୍ବାର ଅନୁଗୁଳରେ ଅବସ୍ଥିତ ହେଲି। ଏହିପ୍ରକାରେ ୧୯୨୧ ମସିହା ଅଗଷ୍ଟ ମାସରେ ମୁଁ ଢେଙ୍କାନାଳ ତ୍ୟାଗକଲି।

Digitized by srujanika@gmail.com

ଦ୍ୱିତୀୟବାର ଅନୁଗୁଳରେ ଅବସ୍ଥିତି

୧୯୨୧ ମସିହା ଅଗଷ୍ଟମାସ ଶେଷ ଆଡ଼କୁ ମୁଁ ଢେଙ୍କାନାଳରୁ ଆସି ଅନୁଗୁଳରେ ପୁନର୍ବାର ସରକାରୀ କାର୍ଯ୍ୟରେ ଯୋଗଦାନ କଲି। ଇତିପୂର୍ବେ ଅନୁଗୁଳରେ ତିନିବର୍ଷ ରହି ୧୯୧୪ ମସିହାରେ ଅନ୍ୟତ୍ର ଚାଲି ଯାଇଥିଲି। ଏହି ସାତବର୍ଷ ମଧ୍ୟରେ ଅନୁଗୁଳର ଶାସନପ୍ରଣାଳୀରେ କୌଣସି ପ୍ରକାର ପରିବର୍ତ୍ତନ ଲକ୍ଷିତ ହେଲାନାହିଁ। କେବଳ ଯାହା ଅନୁଗୁଳ ବାହାର ଲୋକେ ଅନୁଗୁଳରେ ଜମି ହାସଲ କରି ଡେପୁଟି କମିଶନର କ୍ରେଭେନ୍ ସାହେବଙ୍କ ଅମଳରେ ଜଣେ ଜଣେ ଜମି କରିପାରିଲେଣି। ଡେପୁଟି କମିଶନରଙ୍କ ଦପ୍ତରରେ କାମ କରୁଥିବା ଅମଲାଙ୍କ ମଧ୍ୟରୁ ଅଧିକାଂଶ କଟକ ଅଞ୍ଚଳର। ଅମଲାମାନେ ନିଜେ ନିଜେ ଗୋଟିଏ ଗୋଟିଏ ବସାଘର କରିଥାନ୍ତି। ବଦଳି ହେଲେ ତାଙ୍କ ସ୍ଥାନରେ ଆସିଥିବା ଅମଲାଙ୍କୁ ଡେପୁଟି କମିଶନରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ମୂଲ୍ୟରେ ତାହା ବିକ୍ରୟ କରନ୍ତି। ଆଉ ଯେଉଁମାନେ ଚାକିରିରୁ ଅବସର ଗ୍ରହଣ କରିବା ପର୍ଯ୍ୟନ୍ତ ରହିଥାନ୍ତି ସେମାନେ ମଧ୍ୟ ଡେପୁଟି କମିଶନରଙ୍କ ହୁକୁମ ଅନୁସାରେ କୌଣସି ଅମଲାଙ୍କୁ ତାଙ୍କ ଘର ବିକ୍ରୟ କରିବା ନିୟମ ଥିଲା। କ୍ରେଭେନ୍ ସାହେବ, କେହି ରହିବାକୁ ଚାହିଁଲେ, ତାଙ୍କ ନାମରେ ତାଙ୍କ ଘରବାଡ଼ି ଜମିର ଚିରସ୍ଥାୟୀ ପଟ୍ଟାଦେବା ଆରମ୍ଭ କରିଦେଲେ। ଏହି ପ୍ରକାରେ ବଙ୍ଗାଳୀ, ମାରୁଆଡ଼ିମାନେ ସୁଦ୍ଧା ଅନୁଗୁଳ ବଜାର ଓ ମଫସଲରେ ଘରବାଡ଼ି, ଚାଷଜମି କରିବାକୁ ଲାଗିଲେ। ବଙ୍ଗାଳୀ ଶ୍ରୀ ଗିରିଜାଭୂଷଣ ଦତ୍ତ ଏହିପ୍ରକାର ଚିରସ୍ଥାୟୀ ବାସିନ୍ଦା ହୋଇ ୧୯୩୭ ମସିହାର ସାଧାରଣ ନିର୍ବାଚନରେ ଅନୁଗୁଳରୁ ଓଡ଼ିଶା ବିଧାନସଭାର ସଦସ୍ୟ ହୋଇଥିଲେ।

ହାତୀଖେଦା ପୂର୍ବପରି ପ୍ରତିବର୍ଷ ହେଉଅଛି। ପ୍ରତିବର୍ଷ ହାତୀ ଧରାହୋଇ ବିକ୍ରୟ ହେଉଅଛନ୍ତି। ଅନୁଗୁଳର ଅନତିଦୂରରେ ତାଳଚେର କୋଇଲା ଖଣି ଆବିଷ୍କୃତ ହୋଇଅଛି ଓ ତାଳଚେରର ରାଜା ଗୋଟିଏ ସାହେବ କମ୍ପାନୀକୁ (Villiers) କୋଇଲା ବାହାର କରିବା ସକାଶେ ପଟ୍ଟା ଦେଇଅଛନ୍ତି। କଟକରୁ ତାଳଚେର ପର୍ଯ୍ୟନ୍ତ ରେଳ ଚାଲିବା ସକାଶେ ପ୍ରାଥମିକ କାର୍ଯ୍ୟାରମ୍ଭ ହୋଇଅଛି। ଅନୁଗୁଳ ଜିଲ୍ଲା ମଧ୍ୟସ୍ଥ ଯେଉଁ ଯେଉଁ ଗ୍ରାମ ଦେଇ ରେଳ ଲାଇନ ଯିବ, ଯେଉଁସ୍ଥାନରେ ଷ୍ଟେସନ୍‌ମାନ ହେବ, ତାହା ସକାଶେ ଜମି ଦେବା ସମ୍ପର୍କରେ ମୁଁ ନିଯୁକ୍ତ ହେଲି। ୧୯୨୨ ମସିହାରେ ଲାଇନର୍ କାର୍ଯ୍ୟ ଆରମ୍ଭ ହେଲା।

ଗତଥର ଅନୁଗୁଳରେ ଥିବା ସମୟରେ ମୋ ପୂଝାରୀ ଫୁଲପଡ଼ା ଗ୍ରାମନିବାସୀ କାହ୍ନୁ ତ୍ରିପାଠୀକୁ କିଛି ଜମି ଦେଇଥିଲେ। ଏହି ଥର ଆସି ଦେଖିଲି, ସେ ସରକାରୀ

Digitized by srujanika@gmail.com

ବାରିକମିସ୍ତ୍ରୀ ଦପ୍ତରରେ ଚପରାସୀ କାର୍ଯ୍ୟ କରୁଅଛି। ତାହାର ପୁଅର ବ୍ରତଘରକୁ ମୋତେ ନିମନ୍ତ୍ରଣ କରିଥିଲା ଓ ମୁଁ ସପରିବାର ତାହା ଘରକୁ ଯାଇଥିଲି। ମୋତେ ଘର ବୁଲାଇ ଦେଖାଇ ଦେଲା। ଦେଖିଲି, ଧାନ ଓଳିଆମାନଙ୍କରେ ଘର ପୂର୍ଣ୍ଣ। କେତେ କୃତଜ୍ଞତା ପ୍ରକାଶ କଲା। ଇତିମଧ୍ୟରେ ଅନାବାଦୀ ଜମିକୁ ଆବାଦ କରି ଚାଷ କରୁଛି ଦେଖି ମୋତେ ବଡ଼ ସୁଖ ଲାଗିଲା। ନିଜର ଜମିବାଡ଼ି ଦେଇ କାହାରି ଉପକାର କରିବା ତ ଶକ୍ତି ନାହିଁ । ସରକାରଙ୍କ ଅନାବାଦୀ ଜମି ପଡ଼ିଛି ଓ ତାହା ଗରିବଙ୍କ ମଧ୍ୟରେ ବିତରଣ କରିବା କ୍ଷମତା ଭଗବାନ ମୋ ହସ୍ତରେ ଦେଇଛନ୍ତି। ଏଥିରେ କାର୍ପଣ୍ୟ କାହିଁକି ? ଗସ୍ତରେ ଯିବା ସମୟରେ ଏପରି କେତେକ ସ୍ଥାନ ଦେଖିଲି, ଗତଥର ଅନୁଗୁଳରେ ଥିବା ସମୟରେ ଯେଉଁ ଜଙ୍ଗଲ ଜମିମାନ ପତିତ ହୋଇ ରହିଥିଲା ତହିଁରୁ କେତେକାଂଶ ଆବଦ୍ଧ ହୋଇଅଛି। ଏଥର ଆସି ଦେଖିଲି କୃଷି କ୍ରମେ ବୃଦ୍ଧି ଲାଭ କରୁଅଛି।

ଏହିଥର ମଧ୍ୟ ମୁଁ ଅନୁଗୁଳରେ ପ୍ରାୟ ତିନିବର୍ଷ ରହିଲି । ମୋର ଚାକିରି ବାର-ତେର ବର୍ଷ ହୋଇଗଲାଣି। ମୋ ସଙ୍ଗର କେତେକ ସବ୍‌ଡେପୁଟି ଡେପୁଟି ହୋଇଗଲେଣି। ମୁଁ ଏପର୍ଯ୍ୟନ୍ତ ସବ୍‌ଡେପୁଟି ହୋଇ ରହିଛି। ଆନ୍ଧ୍ର ପ୍ରଦେଶରେ ଡେପୁଟି ଓ ସବ୍‌ଡେପୁଟି ମଧ୍ୟରେ ଯେଉଁ ପାର୍ଥକ୍ୟ ରଖା ହୋଇଅଛି ତାହା ଯୋଗୁଁ ସବ୍‌ଡେପୁଟିମାନେ ସମସ୍ତେ କ୍ଷୁବ୍‌ଧ। ଉଭୟଙ୍କ ନିଯୁକ୍ତି ସକାଶେ ଗୁଣ ଓ ବିଦ୍ୟାରେ ଆଦୌ ପାର୍ଥକ୍ୟ ନାହିଁ। ଉଭୟେ ଥିବେ ଗ୍ରାଜୁଏଟ୍। ଅଥଚ ଜଣେ ହେବ ସବ୍‌ଡେପୁଟି ଓ ଜଣେ ହେବ ଡେପୁଟି। ଡେପୁଟି ପାଇବ ଦରମା ଅଢ଼େଇ ଶହ, ଆଉ ସବ୍‌ଡେପୁଟି ପାଇବ ଶହେ। ଡେପୁଟି ଉଠିବ ହଜାରେ ପର୍ଯ୍ୟନ୍ତ ଆଉ ସବ୍‌ଡେପୁଟି ଅଢ଼େଇଶହରେ ବୁଢ଼ା ହେବ। ୧୯୦୪ ମସିହା ପୂର୍ବେ ପ୍ରତିଯୋଗିତାମୂଳକ ପରୀକ୍ଷାର ଫଳ ଉପରେ ଡେପୁଟି ଓ ସବ୍‌ଡେପୁଟି ପଦରେ ନିଯୁକ୍ତି ନିର୍ଭର କରୁଥିଲା । ତାହା ଉତ୍ତାରେ ପରୀକ୍ଷା ଉଠିଗଲା ଓ ମନୋନୟନ ପ୍ରଥା ଜାରି ହେଲା। ଦେଖାଗଲା, ରାୟ ବାହାଦୂର, ରାୟ ସାହେବ ଓ ପୂର୍ବ ସରକାରୀ ଚାକିରିଆଙ୍କ ପୁତ୍ର ଜ୍ଞାତିମାନେ ଅଧିକାଂଶ ଚାକିରି ପାଇଲେ। ଉଚ୍ଚଗୁଣସମ୍ପନ୍ନ ବ୍ୟକ୍ତି ହେଲେ ସବ୍‌ଡେପୁଟି ଓ ନିକୃଷ୍ଟ ଗୁଣ ସମ୍ପନ୍ନ ବ୍ୟକ୍ତି ହେଲେ ଡେପୁଟି। ଏହିପରି ଜିଲ୍ଲା ହାକିମ ଓ କମିଶନରଙ୍କ ଖିଆଲ ଓ ମର୍ଜିମୂଳକ ନିଯୁକ୍ତିରେ ସବ୍‌ଡେପୁଟିମାନେ ଅତ୍ୟନ୍ତ କ୍ଷୁବ୍‌ଧ ହେବାକୁ ଲାଗିଲେ। ଏହି ନିୟମ ଉଠାଇ ଦେଇ ସବ୍‌ଡେପୁଟି ପଦ ଏକାବେଳକେ ଉଠାଇଦେବା ସକାଶେ ଆନ୍ଦୋଳନ ଆରମ୍ଭ ହେଲା। ଏହି ସମୟରେ ବିଗତ ପୃଥିବୀବ୍ୟାପି ପ୍ରଥମ ଯୁଦ୍ଧ ଯୋଗୁଁ ପଦାର୍ଥ ସକଳ ଦୁର୍ମୂଲ୍ୟ ହୋଇଥିବା ଫଳରେ ସମସ୍ତ ଶ୍ରେଣୀର ସରକାରୀ କର୍ମଚାରୀଙ୍କ ବେତନ ବୃଦ୍ଧି ସକାଶେ ଗୋଟିଏ କମିଶନ ବସିଥିଲା। ଅନ୍ୟ ଉଦ୍ଦେଶ୍ୟ ଯାହା ଥାଉ, ଗୋରା କର୍ମଚାରୀଙ୍କ ବେତନ ବୃଦ୍ଧି କରିବା ଏହି କମିଶନର ପ୍ରଧାନ ଉଦ୍ଦେଶ୍ୟ ଥିଲା ବୋଲି ସେହି ସମୟରେ ସମସ୍ତଙ୍କ ମନରେ ବିଶ୍ୱାସ ଜାତ ହୋଇଥିଲା। ଲୀ (Lee) ନାମକ ଜଣେ ଗୋରା ସାହେବ ବିଲାତରୁ ଆସି ଏହି କମିଶନର ସଭାପତି ହୋଇଥିଲେ। ସବ୍‌ଡେପୁଟିମାନେ

Digitized by srujanika@gmail.com

ଏହି ପଦ ଉଠାଇ ଦେଇ ସମସ୍ତେ ଡେପୁଟି ହେବା ସକାଶେ କମିଶନରଙ୍କଠାରେ ଆବେଦନ କଲେ। ଏହାର ଅନ୍ତିମ ମୀମାଂସା ହେବା ପୂର୍ବରୁ ସମସ୍ତ ସବ୍‌ଡେପୁଟିଙ୍କ ଦରମା ଶତକଡ଼ା ୧୫ ଟଙ୍କା କରି ବଢ଼ାଇ ଦିଆଗଲା। ପରିଶେଷରେ ସେମାନଙ୍କ ଦରମାର ହାର ସ୍ଥିର ହେଲା। ଗ୍ରେଡ୍ ପ୍ରଥା ଉଠିଯାଇ ସମୟାନୁଯାୟୀ ଦରମାର ସ୍ତର (Time scale) ଧାର୍ଯ୍ୟ ହେଲା। ଶହେଟଙ୍କା ପରିବର୍ତ୍ତରେ ଦେଢ଼ଶହ ଟଙ୍କାରୁ ଆରମ୍ଭ କରି ଅଢ଼େଇଶହ ଟଙ୍କା ପରିବର୍ତ୍ତରେ ଅନ୍ତିମ ସ୍ତର ଚାରିଶହ ଟଙ୍କା ସ୍ଥିର ହେଲା। କିନ୍ତୁ ସବ୍‌ଡେପୁଟି ପଦ ଉଠିଲା ନାହିଁ। ଉଠନ୍ତା କାହିଁକି? ଯଦି ଲୋକ ମିଳୁନଥାନ୍ତେ ତାହା ହେଲେ ବା ଉଠାଇ ଦେବା ଯୁକ୍ତିସଙ୍ଗତ ହୁଅନ୍ତା; ବା ସରକାର ଉଠାଇ ଦେବା ପାଇଁ ବାଧ ହୁଅନ୍ତେ। 'ଭାତ ବୁଣିଲେ ସହସ୍ରେ କୁଆ'। କାମ ଖାଲିହେବା ଇସ୍ତାହାର ବାହାରିଲା ମାତ୍ରକେ ଡେପୁଟି ସଙ୍ଗେ ସବ୍‌ଡେପୁଟି ଖଣ୍ଡିକ ପାଇଁ ଯେ ବି.ଏ. ଖଣ୍ଡେ ପାଶ୍ କଲା ସେ ଦରଖାସ୍ତ ପକାଇଲା। ଆବଶ୍ୟକତା ଯୋଗାଣ (Demand and supply) ନିୟମ ସର୍ବତ୍ର ପରିଚାଳିତ। ଯଦି ଶସ୍ତାରେ ଲୋକ କାମ କରିବାପାଇଁ ମିଳିଲେ ଅଧିକ ଦାମରେ କିଏ କିଣିବା ପାଇଁ ଯିବ? ଇଂରେଜୀ ଶିକ୍ଷା ପାଇ ଭାରତବର୍ଷରେ ଯୁବକମାନେ ଚାକିରି ଛଡ଼ା ଅନ୍ୟ କୌଣସି କାର୍ଯ୍ୟ ସକାଶେ ଉପଯୁକ୍ତ ହେଲେନାହିଁ। ଆଉ ଓଡ଼ିଶାର ଶିକ୍ଷିତ ପିଲାଙ୍କ ମଧ୍ୟରେ ଅଧିକାଂଶ ଦରିଦ୍ରଙ୍କ ସନ୍ତାନ। ସ୍କୁଲ୍ କଲେଜ୍‌ରେ ଥିବା ଯାଏ ବାପ କେଉଁଠାରୁ ପଇସା ଆଣି ପୁଅର ଖର୍ଚ୍ଚ ଯୋଗାଇଲା ତାହା ଅନୁସନ୍ଧାନ କରିବାପାଇଁ ସୁଦ୍ଧା ଯେଉଁ ଯୁବକ ଆବଶ୍ୟକ ମନେ କରିନାହିଁ, କଲେଜରୁ ବାହାରି ସଂସାରରେ ପଡ଼ିବା ମାତ୍ରକେ ତାକୁ ଦଶଦିଗ ଅନ୍ଧକାର ଦିଶିଲା। ମଫସଲକୁ ଫେରିଯାଇ ଚାଷରେ ବିଲର କାଦୁଅ ପାଣିରେ ଚକଟି ହେବା ଛଡ଼ା ଆଉ ଉପାୟ ନାହିଁ ? ପକ୍କା ହଷ୍ଟେଲ ଗୃହରେ ଚାରି ପାଞ୍ଚ ବର୍ଷ ରହିଲା ଉତ୍ତାରେ ଗାଁର ମାଟିଘର ଓ ଗୁହାଳର ଗନ୍ଧରେ ଗ୍ରାଜୁଏଟ୍ ଯୁବକର ପ୍ରାଣ ଅତିଷ୍ଠ। ଯେଉଁ ଚାକିରି ମିଳିଲା ତାହା ଗ୍ରହଣ ନକରି ତାହାର ବା ଉପାୟ କ'ଣ? ଅନେକେ ଏହି ଶିକ୍ଷିତ ଯୁବକମାନଙ୍କୁ ଚାକିରି ପ୍ରତି ମନ ନଦେଇ ବ୍ୟବସାୟ ବାଣିଜ୍ୟ କରିବା ପାଇଁ ଉପଦେଶ ଦେଇଥାନ୍ତି ଓ ଯେଉଁ ଜଣେ ଦୁଇଜଣ ଶିକ୍ଷିତ ଯୁବକ ବ୍ୟବସାୟରେ କୃତିତ୍ୱ ଅର୍ଜନ କରିଅଛନ୍ତି ସେମାନଙ୍କ ନଜିର ଦେଇଥାନ୍ତି। କିନ୍ତୁ ସେମାନେ ଭୁଲିଯାନ୍ତି ଯେ, ଏହି ନଗଣ୍ୟ ସଂଖ୍ୟକ ବ୍ୟକ୍ତିଙ୍କ ଦୃଷ୍ଟାନ୍ତ ସର୍ବତ୍ର ପ୍ରଯୁଜ୍ୟ ନୁହେଁ। ଏହି ଦିଗରେ ଶିକ୍ଷା, ମୂଳଧନ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବିଷୟରେ ଅସୁବିଧା ଏହି ପଥର ଘୋର ଅନ୍ତରାୟ। ଆମ୍ଭମାନଙ୍କ ସ୍କୁଲ କଲେଜରେ ପ୍ରଚଳିତ ଶିକ୍ଷାପଦ୍ଧତିର ପରିବର୍ତ୍ତନ ନହେବା ଯାଏ ଦେଶରେ ଏହି ପରିସ୍ଥିତି ଅକ୍ଷୁଣ୍ଣ ରହିଥିବ। ଭାରତର ସ୍ୱାଧୀନତାପ୍ରାପ୍ତି ପରେ ନାନାବିଧ ଉନ୍ନତିମୂଳକ କାର୍ଯ୍ୟମାନ ଅନୁଷ୍ଠିତ ହେଉଅଛି। କିନ୍ତୁ ଶିକ୍ଷା ସମ୍ବନ୍ଧରେ ଆମୂଳ ସଂସ୍କାର ଆବଶ୍ୟକ। ଏହି ଭାର କେବଳ ପ୍ରଦେଶବାସୀ ଶିକ୍ଷାବିତ୍‌ଙ୍କ ହସ୍ତରେ ଆବଦ୍ଧ କରି ନରଖି ସମଗ୍ର ଭାରତର ବିଶେଷଜ୍ଞ ମନୀଷୀମାନଙ୍କ ହସ୍ତରେ ଅର୍ପଣ କରିବାକୁ ହେବ।

Digitized by srujanika@gmail.com

ପ୍ରତିବର୍ଷ ଜଣକେତେ ସବ୍‌ଡେପୁଟି ଡେପୁଟି ପଦକୁ ଉନ୍ନୀତ ହେବା ନିୟମ। ଏହା କେବଳ ଉପର ହାକିମଙ୍କ ସୁପାରିଶ ଉପରେ ନିର୍ଭର କରେ। ଜିଲ୍ଲା ହାକିମ ପ୍ରତିବର୍ଷ ଡେପୁଟି ପଦକୁ ଉନ୍ନତି ପାଇଁ ନିଜ ନିଜ ଅଧୀନସ୍ଥ ସବ୍‌ଡେପୁଟିଙ୍କୁ ମନୋନୀତ କରି ବିଭାଗୀୟ କମିଶନରଙ୍କଠାରୁ ନାମ ପଠାନ୍ତି, କମିଶନର ସେମାନଙ୍କ ମଧ୍ୟରୁ କେତେକଙ୍କ ନାମ କାଟି ଦିଅନ୍ତି ଓ କେତେକ ବୋର୍ଡ଼ ଅଫ୍ ରେଭେନ୍ୟୁକୁ ପଠାନ୍ତି। ବୋର୍ଡ଼ ଅଫ ରେଭେନ୍ୟୁ ଦପ୍ତରରେ ପୁଣି କାଟ୍‌ଛାଣ୍ଟ୍ ହୋଇ ଯେଉଁମାନଙ୍କ ନାମ ଯାଏ, ଚିଫ୍ ସେକ୍ରେଟେରୀଙ୍କ ଦପ୍ତରରେ ସେଥିରୁ କାଟ୍‌ଛାଣ୍ଟ୍ ହୋଇ ଯେଉଁମାନେ ରହିଯାଆନ୍ତି ସାଧାରଣତଃ ସେମାନେ ଉନ୍ନତି ପାଆନ୍ତି। କୌଣସି ଆଇନ-ସଙ୍ଗତ ବା ନୀତିମୂଳକ ନିୟମରେ ଯେ ଏହି କାଟ୍‌ଛାଣ୍ଟ୍ ହୁଏ ତାହା କ୍ୱଚିତ୍ ଦେଖାଯାଏ। ମୋ ନିଜ ଦୃଷ୍ଟାନ୍ତ ଏହି ଦୁର୍ନିୟମର ପ୍ରମାଣ। ୧୯୨୬ ମସିହାରେ ମୁଁ ବଣେଇରେ ଦେୱାନ ପଦରେ ଥିବା ସମୟରେ ମୋର ନାମ ପୋଲିଟିକେଲ୍ ଏଜେଣ୍ଟ ପଠାଇଲେ । କାଳେ କ'ଣ ହେବ ଭାବି ଏ ସମ୍ବନ୍ଧରେ ମୁଁ ବିହାର ଓ ଓଡ଼ିଶାର ବୋର୍ଡ଼ ଅଫ୍ ରେଭେନ୍ୟୁ ମେମ୍ବରଙ୍କ ସହିତ ସାକ୍ଷାତ କଲି। ତାଙ୍କ କାଗଜପତ୍ର ଦେଖି ସେ ମୋତେ କହିଲେ ଯେ, ସେ ମୋତେ ଅଷ୍ଟମସ୍ଥାନ ଦେଇଛନ୍ତି ଓ ସେହି ବର୍ଷ ମୋର ଉନ୍ନତିର ସମ୍ଭାବନା ନାହିଁ। ଯେତେ ଜଣ ଉନ୍ନତି ପାଇବା କଥା ତାହାର ଦୁଇଗୁଣ ନାମ ବୋର୍ଡ଼ ଅଫ୍ ରେଭେନ୍ୟୁ ଗଭର୍ଣ୍ଣମେଣ୍ଟଙ୍କ ଠାକୁ ପଠାଇବା ନିୟମ। ସେହି ବର୍ଷ ଚାରିଜଣ ସବ୍‌ଡେପୁଟି କଲେକ୍ଟର ଡେପୁଟି ହେବେ ଓ ବୋର୍ଡ଼ ଆଠଜଣଙ୍କ ନାମ ପଠାଇଅଛନ୍ତି ଓ ମୋତେ ଅଷ୍ଟମ ସ୍ଥାନ ଦେଇଛନ୍ତି। ଅଥଚ ସବ୍‌ଡେପୁଟିଙ୍କ ତାଲିକା (Civil List)ରେ ମୋ ନାମ ପ୍ରଥମ ଅଛି। ଏହା ମୁଁ ମେମ୍ବରଙ୍କୁ ଜଣାଇଦେଲି ଓ ମୁଁ ଉନ୍ନତି ପାଇବା ସକାଶେ ଯୋଗ୍ୟ ବିବେଚିତ ହୋଇଥିବା ସ୍ଥଳେ ମୋ ନିଜ ପ୍ରଥମ ସ୍ଥାନ ମୋତେ ଦେବା ଉଚିତ ବୋଲି, ତାହା କରିବା ସକାଶେ ଅନୁରୋଧ କଲି। ସାହେବ ତତ୍‌କ୍ଷଣାତ୍ ଗୋଟିଏ ଲାଲ ପେନ୍‌ସିଲ୍ ଧରି ମୋ ନାମ ଅଷ୍ଟମ ସ୍ଥାନରୁ ଚତୁର୍ଥ ସ୍ଥାନକୁ ଉଠାଇଦେଲେ। ତନ୍ମୁହୂର୍ତ୍ତରେ ମୋ ମନରେ ଗୋଟିଏ ଭାବନା ଖେଳିଗଲା। ଏଠାରେ ଯେପରି ହେଲା ଚିଫ୍ ସେକ୍ରେଟାରୀ ଯଦି ଚାରିଜଣ ତଳେ ଥିବା କାହାରି ନାମ ଉପରକୁ ଉଠାଇ ଦିଅନ୍ତି, ତାହାହେଲେ ମୁଁ ନିଶ୍ଚୟ କଟିଯିବି ଓ ସେହି ବର୍ଷ ମୋର ଉନ୍ନତି ଅସମ୍ଭବ ହେବ। ମୋତେ ଚତୁର୍ଥ ସ୍ଥାନ ଦେଇଥିଲେ ବୋଲି ସାହେବଙ୍କୁ ମୁଁ କୃତଜ୍ଞତା ଜ୍ଞାପନ କଲି ଓ ପୁଣି କହିଲି ଯେ, ମୁଁ ସିଭିଲ୍ ଲିଷ୍ଟ ଅନୁସାରେ ପ୍ରଥମ ସ୍ଥାନର ହକ୍‌ଦାର ଓ ମୋ ସ୍ଥାନ ମୋତେ ଦେବାପାଇଁ ପୁଣି ଅନୁରୋଧ କଲି। ଚତୁର୍ଥ ସ୍ଥାନରୁ ଉଠାଇ ପ୍ରଥମ ସ୍ଥାନରେ ମୋ ନାମ ରଖିଦେଲେ ଓ ମୁଁ ପ୍ରଥମ ସ୍ଥାନ ପ୍ରାପ୍ତ ହୋଇ ସେହିବର୍ଷ ଡେପୁଟି ପଦକୁ ଉନ୍ନତି ଲାଭକଲି। ଭାଗ୍ୟକୁ ସିନା ମୁଁ ତାଙ୍କ ସହିତ ସାକ୍ଷାତର ସୁଯୋଗ ପାଇଥିଲି! ତଳେ ଥିବା ସବ୍‌ଡେପୁଟି ଉପରୁ ଉଠିଯିବା ପ୍ରତିବର୍ଷର ଘଟଣା। ପୁଣି କୌଣସି ଜିଲ୍ଲା ହାକିମଙ୍କ କୋପଦୃଷ୍ଟିରେ ପଡ଼ି ସବ୍‌ଡେପୁଟି ଯଦି ତାଙ୍କ ପ୍ରତିକୂଳ

Digitized by srujanika@gmail.com

ମନ୍ତବ୍ୟ ପ୍ରାପ୍ତ ହେଲା ତାହାହେଲେ ପରବର୍ତ୍ତୀ କେତେ ଜିଲ୍ଲାହାକିମ ଅନୁକୂଳ ମନ୍ତବ୍ୟ ସୁଦ୍ଧା ପୂର୍ବ ପାପକ୍ଷାଳନରେ ଅସମର୍ଥ ହୋଇ କେତେ ଯୋଗ୍ୟ ସବ୍‌ଡେପୁଟି ଆଜୀବନ କ୍ଷୋଭ ଓ ଅଶାନ୍ତିରେ ଚାକିରି ଜୀବନ ନିର୍ବାହ କରୁଥିବା ଦୃଷ୍ଟାନ୍ତ ମଧ୍ୟ ଅଛି । ଏଥିରେ ଅନେକ ସବ୍‌ଡେପୁଟି କ୍ଷୁବ୍‌ଧ ହେବା ସ୍ୱାଭାବିକ। ତଥାପି ଡେପୁଟି ପଦପ୍ରାପ୍ତି ଆଶାରେ ଆଶାନ୍ୱିତ ହୋଇ ସବ୍‌ଡେପୁଟି ବସିଥାନ୍ତି ଓ ଉପର ହାକିମଙ୍କୁ ତୃପ୍ତ କରିବାରେ ଲାଗିଥାନ୍ତି।

ମୁଁ ଅନୁଗୁଳରେ ମୋ କାର୍ଯ୍ୟରେ ୧୯୨୧ ମସିହା ଅଗଷ୍ଟ ମାସରେ ଯୋଗଦେବା ସମୟରେ କ୍ରେଭେନ୍ ସାହେବ ଡେପୁଟି କମିଶନର ଛୁଟିରେ ଥିଲେ। ଛୁଟି ଶେଷରେ ପୁଣି ଅନୁଗୁଳକୁ ଫେରି ଆସିଲେ। କ୍ରେଭେନ୍ ସାହେବ ବୃଦ୍ଧ ଓ ଅତ୍ୟନ୍ତ ସଦାଶୟ। ବିହାର ଓଡ଼ିଶାରେ ଡେପୁଟି କଲେକ୍ଟର ପଦରେ କେତେକ ବର୍ଷ ରହି ଡେପୁଟି କମିଶନର ପଦକୁ ଉନ୍ନତି ପ୍ରାପ୍ତ ହୋଇଥିଲେ। ସେହି ସମୟରେ ଅନୁଗୁଳ ଡେପୁଟି କମିଶନର ପଦ ଏହି ଶ୍ରେଣୀୟ ସାହେବଙ୍କ ସକାଶେ ରକ୍ଷିତ ଥିଲା। ବହୁକାଳ ପୂର୍ବେ ନନ୍ଦକିଶୋର ଦାସ ଡେପୁଟି କମିଶନର ହୋଇ କିଛିଦିନ ରହିଥିଲେ ବୋଲି ଶୁଣିଥିଲି। ଏହାଙ୍କ ଛଡ଼ା ଆଉ ଯେତେ ଏହି ପଦରେ ରହିଥିଲେ ସମସ୍ତେ ଗୋରା ସାହେବ ଡେପୁଟି କଲେକ୍ଟର। ମୁଁ ଢେଙ୍କାନାଳରେ ଥିବା ସମୟରେ କ୍ରେଭେନ୍ ସାହେବ ମୋତେ ଜାଣିଥିଲେ ଓ ମୋ କାର୍ଯ୍ୟରେ ପ୍ରୀତ ଥିବା ମୁଁ ଅନୁଭବ କରିଥିଲି । ମୋର ଉନ୍ନତିର ସମୟ ହୋଇଥିବା କହି ମୁଁ ୧୯୨୩ ସାଲରେ ମୋ ନାମରେ ସୁପାରିଶ କରି ପଠାଇବା ପାଇଁ ତାଙ୍କୁ ଅନୁରୋଧ କଲି ଓ ମୋତେ ସେହିବର୍ଷ ମନୋନୀତ କରି ମୋ ନାମ ପଠାଇଥିଲେ। ଏହି ସମୟରେ ଅନୁଗୁଳ ଓଡ଼ିଶା ବିଭାଗର କମିଶନରଙ୍କ ଅଧୀନରୁ ଯାଇ ଓଡ଼ିଶା ଗଡ଼ଜାତ ରାଜ୍ୟ ସମୂହର ପୋଲିଟିକେଲ୍ ଏଜେଣ୍ଟଙ୍କ ଅଧୀନରେ ରହିଲା। ଶୁଣାଗଲା, ଚତୁର୍ଦ୍ଦିଗରେ ଗଡ଼ଜାତ ରାଜ୍ୟ ସମୂହ ଅନୁଗୁଳକୁ ବେଷ୍ଟନ କରି ରହିଥିବାରୁ ଶାସନର ସୁବିଧା ସକାଶେ ସରକାର ଅନୁଗୁଳକୁ ତାଙ୍କ ଅଧୀନରେ ରଖିଲେ। ପୋଲିଟିକେଲ୍ ଏଜେଣ୍ଟ ଫିଲିପ୍ ସାହେବ (C. L. Philip, I.C.S.) ଅନୁଗୁଳ ଗସ୍ତରେ ଆସିଥିଲେ ଓ ତାଙ୍କ ସହିତ ସାକ୍ଷାତ କରିବା ସମୟରେ ମେ ମଧ୍ୟ ମୋ ନାମ ବୋର୍ଡ଼ ଅଫ୍ ରେଭେନ୍ୟୁକୁ ପଠାଇଥିବା କହିଲେ।

୧୯୨୩ ମସିହା ନଭେମ୍ବର ମାସରେ ଓ ବିହାର ଓଡ଼ିଶାର ଗଭର୍ଣ୍ଣର ସାର୍ ହେନେରୀ ହ୍ୱିଲର୍ (Sir Henry Wheeler) ଗଡ଼ଜାତ ଦର୍ଶନରେ ଆସି ଅନୁଗୁଳକୁ ମଧ୍ୟ ଆସିଥିଲେ ଓ ତାଙ୍କ ସଙ୍ଗେ ଚିଫ୍ ସେକ୍ରେଟାରୀ ହେମଣ୍ଡ ସାହେବ (E.L.L. Hammond) ମଧ୍ୟ ଆସିଥିଲେ। ଡେପୁଟି ଓ ସବ୍‌ଡେପୁଟିଙ୍କ ଚାକିରି ସମ୍ବନ୍ଧରେ ଚିଫ୍ ସେକ୍ରେଟାରୀ ସର୍ବେସର୍ବା। ଉନ୍ନତି ସମ୍ବନ୍ଧରେ ଅନ୍ତିମ ମୀମାଂସା ସାଧାରଣତଃ ତାଙ୍କରି ହାତରେ। ଭାରତବର୍ଷ ସ୍ୱାଧୀନତାପ୍ରାପ୍ତି ପରେ ପ୍ରତ୍ୟେକ ପ୍ରଦେଶରେ ପବ୍ଲିକ୍ ସର୍ଭିସ୍ କମିଶନରଙ୍କୁ ଏ ସମ୍ବନ୍ଧରେ ପରୀକ୍ଷାକରି ଗଭର୍ଣ୍ଣମେଣ୍ଟଙ୍କୁ ଅଫିସରମାନଙ୍କ ଉନ୍ନତି ସକାଶେ ଯୋଗ୍ୟତା ସମ୍ବନ୍ଧରେ

Digitized by srujanika@gmail.com

ମତ ଜଣାଇବା କ୍ଷମତା ଦିଆଯାଇଅଛି। ତଥାପି ଏହାଙ୍କ ସହିତ ଗଭର୍ଣ୍ଣମେଣ୍ଟଙ୍କ ମତଭେଦ ହେଉଥିବା ମଧ୍ୟ ଦେଖାଯାଉଅଛି। ଏଥିରୁ ଜଣାଯାଏ ଯେ, ଏମାନଙ୍କ ମତ ସର୍ବଦା ନିରପେକ୍ଷ ବୋଲି ଗଭର୍ଣ୍ଣମେଣ୍ଟ ଗ୍ରହଣ କରିନାହାଁନ୍ତି।

ଗଭର୍ଣ୍ଣର ହ୍ୱୀଲର୍ ସାହେବଙ୍କ ଅଭ୍ୟର୍ଥନା ସକାଶେ ଆମ୍ଭମାନଙ୍କ ମଧ୍ୟରେ ଭିନ୍ନଭିନ୍ନ କାର୍ଯ୍ୟ ନିର୍ଦ୍ଦିଷ୍ଟ ହୋଇଥିଲା। ଦିନେ କ୍ରେଭେନ୍ ସାହେବ ମୋତେ କହିଲେ ଯେ, ଚିଫ୍ ସେକ୍ରେଟାରୀ ହେମଣ୍ଡ ସାହେବ କହିଲେ ଯେ, ବଣେଇ ଷ୍ଟେଟ୍‌ର ଦେଓ୍ୱାନ କାର୍ଯ୍ୟପାଇଁ ଜଣେ ସବ୍‌ଡେପୁଟି କଲେକ୍ଟର ଦରକାର। ସେହି କାର୍ଯ୍ୟରେ ଯିବାପାଇଁ ମୁଁ ଇଚ୍ଛୁକ କି ନା ମୋତେ ପଚାରିବାପାଇଁ କହିଛନ୍ତି। ବଣେଇ ଯିବାପାଇଁ ମୁଁ ମୋର ଅନିଚ୍ଛା ଜଣାଇଦେଲି। ମୁଁ ଜଣେ ଗଡ଼ଜାତବାସୀ। ଗଡ଼ଜାତବାସୀ ଜୀବନର ଅନୁଭୂତି ସହିତ ଢେଙ୍କାନାଳରେ ଦେଓ୍ୱାନ ପଦର ଅନୁଭୂତି ଗଡ଼ଜାତ ଚାକିରିପ୍ରତି ମୋତେ ବୀତଶ୍ରଦ୍ଧ କରିପକାଇଥିଲା। ପୁଣି ବଣେଇ ସମ୍ବନ୍ଧରେ ଅନେକ କଥା ମୁଁ ଆଗରୁ ଶୁଣିଥିଲି। ମୋର ମାମୁଁ ଶ୍ୱଶୁର ଶ୍ରୀ ବାସୁଦେବ ମିଶ୍ର କେତେକ ବର୍ଷ ବଣେଇରେ ଦେଓ୍ୱାନ ଥିଲେ। ତାଙ୍କଠାରୁ ବଣେଇ ରାଜ୍ୟର ଶାସନ ଓ ଦେଓ୍ୱାନ କାର୍ଯ୍ୟର ଗୁରୁତ୍ୱ ସମ୍ବନ୍ଧରେ ଅନେକ ଗଳ୍ପ ଶୁଣିଥିଲି। କ୍ରେଭେନ୍ ସାହେବ ମଧ୍ୟ କହିଲେ ଯେ, ସେ ଗାଙ୍ଗପୁର ଦେଓ୍ୱାନ ହୋଇ ରହିଥିବା ସମୟରେ ଗାଙ୍ଗପୁର ଷ୍ଟେଟ୍ ସୀମାବର୍ତ୍ତୀ ବଣେଇ ରାଜ୍ୟ ସମ୍ବନ୍ଧରେ କେତେକ ବିଷୟରେ ଅଭିଜ୍ଞତା ଲାଭ କରିଥିଲି ଓ ମୋ ପକ୍ଷେ ବଣେଇକୁ ଯିବା ଶ୍ରେୟସ୍କର ନୁହେଁ ବୋଲି ପରାମର୍ଶ ଦେବେ। ସେହି ଅନୁସାରେ ମୁଁ ଯିବାପାଇଁ ଅନିଚ୍ଛୁକ ବୋଲି ଚିଫ୍ ସେକ୍ରେଟାରୀଙ୍କୁ କହିଦେବାପାଇଁ କ୍ରେଭେନ୍ ସାହେବଙ୍କୁ କହିଲି।

ଚିଫ୍ ସେକ୍ରେଟାରୀ ମୋତେ ଡକାଇଲେ ଓ ବଣେଇକୁ ଯିବା କଥା ଉଠାଇଲେ। ତାଙ୍କଠାରେ ମଧ୍ୟ ମୁଁ ଯିବାପାଇଁ ଅନିଚ୍ଛା ଜ୍ଞାପନ କଲି। ତାଙ୍କ ସହିତ ଏ ସମ୍ବନ୍ଧରେ ଯେଉଁ କଥାବାର୍ତ୍ତା ହେଲା ତାହାର ସାର ମର୍ମ ଏହି – ସେ କହିଲେ, ମୁଁ ଜଣେ ଗଡ଼ଜାତ ରାଜ୍ୟ ଅଧିବାସୀ, ପାଟଣା ଷ୍ଟେଟ୍‌ର ପ୍ରାର୍ଥୀ ହୋଇ ମୁଁ ଚାକିରି ପାଇଥିଲି । ସରକାରୀ ଚାକିରି ସକାଶେ ଗଡ଼ଜାତ ଅଧିବାସୀଙ୍କ ଦାବି ନାହିଁ, କିନ୍ତୁ ଷ୍ଟେଟ୍ ଅଧିବାସୀଙ୍କୁ ଦେଓ୍ୱାନ ଓ ସୁପରିଣ୍ଟେଣ୍ଡେଣ୍ଟ କାର୍ଯ୍ୟ ସକାଶେ ଶିକ୍ଷା ଦେବା ଉଦ୍ଦେଶ୍ୟରେ ସରକାର ସେମାନଙ୍କୁ ଡେପୁଟି ଓ ସବ୍‌ଡେପୁଟି ଚାକିରି ଦେବାପାଇଁ ନିୟମ କରୁଛନ୍ତି। ସୁତରାଂ ଯେଉଁ ଷ୍ଟେଟ୍‌କୁ ସରକାର ମୋତେ ପଠାଇବେ ସେଠାକୁ ଯିବାପାଇଁ ମୁଁ ବାଧ୍ୟ। ଯିବା ନ ଯିବା ମୋ ଇଚ୍ଛାଧୀନ ନୁହେଁ। ମୁଁ କହିଲି, ସରକାର ଚାକିରି ଦେବା ସମୟରେ ଏହି ନିୟମ ଗଡ଼ଜାତ ରାଜ୍ୟର ପ୍ରାର୍ଥୀମାନଙ୍କୁ ଜଣାଇ ଦିଆଯାଇ ନଥିଲା। ସୁତରାଂ ଏହା ମୋ ପ୍ରତି ପ୍ରଯୁଜ୍ୟ ହେବା ଉଚିତ ହେବନାହିଁ। ଶେଷରେ ଚିଫ୍ ସେକ୍ରେଟାରୀ ନିଜ ଆସନରୁ ଉଠିପଡ଼ିଲେ ଓ ବିଦାୟସୂଚକ କରମର୍ଦ୍ଦନ ସକାଶେ ହସ୍ତ ପ୍ରସାରଣ ପୂର୍ବକ କହିଲେ, ଏହାହିଁ ସରକାରଙ୍କ ହୁକୁମ। ମୋତେ ବଣେଇକୁ ଯିବାପାଇଁ ପ୍ରସ୍ତୁତ ହେବାକୁ ହେବ। ମୋର ଗୋଟିଏ ଅନୁରୋଧ ଶୁଣିବା ସକାଶେ ଅଳ୍ପ

Digitized by srujanika@gmail.com

ସମୟ ଅପେକ୍ଷା କରିବାକୁ କହିଲି। ମୁଁ କହିଲି, ସବ୍‌ଡେପୁଟିମାନଙ୍କ ଡେପୁଟି ପଦକୁ ଉନ୍ନତି ବିଷୟରେ ବୋର୍ଡ଼ ଅଫ୍ ରେଭେନ୍ୟୁ କର୍ତ୍ତା। ମୁଁ ବଣେଇକୁ ଚାଲିଯିବା ପରେ ସରକାରଙ୍କ ରାଜନୈତିକ ବିଭାଗରେ ରହିବା ଫଳରେ ରାଜସ୍ୱ ବିଭାଗ ସହିତ ମୋ ନାମରେ ସୁଦ୍ଧା ସମ୍ପର୍କ ରହିବନାହିଁ। ଏହି ଅସୁବିଧା ଦୂରକରିବା ସକାଶେ ପୋଲିଟିକେଲ୍ ଏଜେଣ୍ଟଙ୍କୁ ତାଙ୍କ ଅଧୀନସ୍ଥ ଗଡ଼ଜାତ ରାଜ୍ୟରେ ଥିବା ସବ୍‌ଡେପୁଟିମାନଙ୍କ ଉନ୍ନତି ସମ୍ବନ୍ଧରେ ବିଭାଗୀୟ କମିଶନରଙ୍କ କ୍ଷମତା ଦେଲେ ଏହି ଅସୁବିଧା ରହିବ ନାହିଁ। ଚିଫ୍ ସେକ୍ରେଟାରୀ ଏହା ଖଣ୍ଡେ କାଗଜରେ ଟିପି ନେଲେ ଓ ମୁଁ ବଣେଇ ଗଲେ ସୁଦ୍ଧା ମୋର ଉନ୍ନତି ବିଷୟରେ କୌଣସି ବାଧା ହେବନାହିଁ ବୋଲି କହିଲେ।

ଚିନ୍ତାନ୍ୱିତ ହୋଇ ମୁଁ ବାହାରି ଆସିଲି ଓ କ୍ରେଭେନ୍ ସାହେବଙ୍କୁ ସମସ୍ତ କଥା ଜଣାଇଲି। ପୁଣି ସେ ମୋତେ କହିଲେ ଯେ, ବଣେଇ ଯିବା ମୋ ପକ୍ଷରେ ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ହେବ। ଅବିଳମ୍ବରେ ଛୁଟିନେଇ ବଣେଇକୁ ନଯିବା ସକାଶେ ଉପାୟ କରିବା ପାଇଁ ସେ ମୋତେ ଉପଦେଶ ଦେଲେ।

ଗଭର୍ଣ୍ଣର ଓ ପୋଲିଟିକେଲ୍ ଏଜେଣ୍ଟ ଅନୁଗୁଳରୁ ଚାଲିଯିବା ପରେ ମୁଁ ତିନିମାସ ଛୁଟି ସକାଶେ ଦରଖାସ୍ତ କରିଦେଲି। ମୋର ଜ୍ୟେଷ୍ଠାକନ୍ୟା ମନୋରମାର ବିବାହ ମୁଁ ଢେଙ୍କାନାଳରେ ଥିବା ସମୟରେ ହୋଇ ଯାଇଥିଲା। ତାହାକୁ ଶ୍ୱଶୁରାଳୟକୁ ପଠାଇବା ସକାଶେ ବନ୍ଦୋବସ୍ତ କରିବା ପାଇଁ ଛୁଟି ଆବଶ୍ୟକ ବୋଲି ଲେଖିଲି। କାର୍ଯ୍ୟ ଅତି ଜରୁରୀ ବୋଲି ସରକାରଙ୍କ ହୁକୁମ ଅପେକ୍ଷାରେ ମୋତେ ଛୁଟିରେ ଯିବାପାଇଁ ଅନୁମତି ଦେଇଅଛନ୍ତି ବୋଲି ମୋ ଦରଖାସ୍ତ ଉପରେ କ୍ରେଭେନ୍ ସାହେବ ଲେଖିଦେଲେ। ମୁଁ ଦୁଇତିନି ଦିନ ମଧ୍ୟରେ ଅନୁଗୁଳ ତ୍ୟାଗକଲି। ମୁଁ ସମ୍ବଲପୁରକୁ ସପରିବାର ଆସିବା ସକାଶେ କ୍ରେଭେନ୍ ସାହେବ ଢେଙ୍କାନାଳ ଷ୍ଟେଟ୍‌ର ଗୋଟିଏ ମୋଟର ଅଣାଇଦେଲେ।

ସମ୍ବଲପୁରରେ ପହଞ୍ଚିବା ତିନିଚାରି ଦିନ ପରେ ଅନୁଗୁଳ ଡେପୁଟି କମିଶନରଙ୍କଠାରୁ ଗୋଟିଏ ଟେଲିଗ୍ରାମ ଓ ପୋଲିଟିକେଲ୍ ଏଜେଣ୍ଟଙ୍କଠାରୁ ଗୋଟିଏ ପତ୍ର ପାଇଲି। ପୋଲିଟିକେଲ୍ ଏଜେଣ୍ଟଙ୍କ ସହିତ ଅବିଳମ୍ବରେ ବଲାଙ୍ଗିରରେ ସାକ୍ଷାତ କରିବା ସକାଶେ ଉଭୟରେ ମୋତେ ହୁକୁମ ହୋଇଅଛି।

ଏହାର ଅଳ୍ପଦିନ ପୂର୍ବେ ପାଟଣା ମହାରାଜା ପୃଥ୍ୱୀରାଜ ସିଂହଦେଓଙ୍କ ପରଲୋକ ଯାତ୍ରା ହୋଇଥିଲା। ତାଙ୍କ ପୋଷ୍ୟପୁତ୍ର ଶ୍ରୀ ରାଜେନ୍ଦ୍ରନାରାୟଣ ସିଂହଦେଓ ସେତେବେଳେ ନାବାଳକ ଥିବାରୁ ଷ୍ଟେଟ୍‌ର ଶାସକ ଅଭାବରେ ରାଜ୍ୟ ଶାସନର ସର୍ବବିଧ ବ୍ୟବସ୍ଥା କରିବା ସକାଶେ ପୋଲିଟିକେଲ୍ ଏଜେଣ୍ଟ ଫିଲିପ୍ ସାହେବ ବଲାଙ୍ଗିର୍‌ରେ ରହିଥିଲେ। ମୁଁ ଯାଇ ତାଙ୍କ ସହିତ ସେଠାରେ ସାକ୍ଷାତ କଲି। ମୋତେ ଦେଖିବା ମାତ୍ରକେ ସେ ବିରକ୍ତିବ୍ୟଞ୍ଜକ ଭାଷାରେ କହିଲେ, ମୋର ଝିଅର ବିଦାୟ ବଣେଇ ନଯିବା ପକ୍ଷରେ ବାହାନା ମାତ୍ର।

Digitized by srujanika@gmail.com

ମୋତେ ନିଶ୍ଚୟ ବଣେଇ ଯିବାକୁ ହେବ ଏବଂ ପ୍ରକୃତରେ ଯଦି ମୋର କନ୍ୟା ବିଦାୟ ସ୍ଥଗିତ ରଖି ନପାରେ ତାହାହେଲେ ପ୍ରଥମରେ ବଣେଇରେ ମୋ କାର୍ଯ୍ୟରେ ଯୋଗଦେଇ ଦଶଦିନର ଛୁଟି ଆଣି କାର୍ଯ୍ୟ ନିର୍ବାହ କରିବାକୁ ହେବ। ମୁଁ କହିଲି ଯେ, ମୁଁ ଡେପୁଟି ପଦକୁ ଉନ୍ନତି ଆଶାରେ ରହିଅଛି। ଗଡ଼ଜାତଶାସନ ଅତ୍ୟନ୍ତ କଠିନ ବ୍ୟାପାର। ମୋର ଦୁର୍ଭାଗ୍ୟକୁ ଯଦି କୌଣସି ଦୁର୍ଘଟଣା ଘଟେ ତାହାହେଲେ ମୋର ଉନ୍ନତିର ଉପାୟ ଆଉ ରହିବ ନାହିଁ। ଏହାହିଁ ବଣେଇକୁ ଯିବା ସମ୍ବନ୍ଧରେ ମୋର ଆପତ୍ତିର କାରଣ। ଏପରି କହି ମୋତେ ବଣେଇକୁ ନପଠାଇବା ପାଇଁ ଯେତେ ଅନୁରୋଧ କଲି ଓ ଯୁକ୍ତି ଦେଖାଇଲି ଶୁଣିଲେ ନାହିଁ। ତାଙ୍କ କଥାରୁ ଜାଣିଲି ଯେ, ଆଉ ଜଣେ ଦୁଇଜଣ ସବ୍‌ଡେପୁଟିଙ୍କୁ ଏହି କାର୍ଯ୍ୟ ଯଚା ହୋଇଥିଲା। କିନ୍ତୁ କେହି ଯିବାପାଇଁ ସମ୍ମତ ହେଲେ ନାହିଁ। ଢେଙ୍କାନାଳରେ କାର୍ଯ୍ୟକରି ଗଡ଼ଜାତ ଶାସନ ସମ୍ବନ୍ଧରେ ମୋର ଅଭିଜ୍ଞତା, ପୁଣି ମୁଁ ଜଣେ ଗଡ଼ଜାତବାସୀ । ଏହି କାରଣରେ ମୋତେ ଏହି କାର୍ଯ୍ୟ ସକାଶେ ନିର୍ବାଚନ କରାହୋଇଛି। ଏହା ଉତ୍ତାରେ ଫିଲିପ୍ ସାହେବ ଚିଫ୍ ସେକ୍ରେଟାରୀ ତାଙ୍କ ଠାରୁ ଯେଉଁ ପତ୍ର ଲେଖିଥିଲେ, ତାହା ମୋତେ ଦେଖାଇଦେଲେ। ତହିଁରେ ଲେଖାଥିଲା ଯେ ଯଦି ମୁଁ ବଣେଇକୁ ଯାଏଁ ଓ ଭଲକାର୍ଯ୍ୟ କରେ ତାହାହେଲେ ତାହା ମୋର ଡେପୁଟି ପଦକୁ ଉନ୍ନତି ସକାଶେ ସହାୟକ ହେବ। ସରକାରଙ୍କ ହୁକୁମ ଲଂଘନ କରିବାକୁ ତ ଉପାୟ ନାହିଁ, ଅଗତ୍ୟା ମୋତେ ସ୍ୱୀକୃତ ହେବାକୁ ହେଲା। ନିଜେ ଫିଲିପ୍ ସାହେବ ମୋର ବଣେଇ ପହୁଞ୍ଚିବା ଦିନ ସ୍ଥିର କରିଦେଲେ। ବଲାଙ୍ଗିରରୁ ଫେରି ଦୁଇ ଚାରିଦିନ ମଧ୍ୟରେ ବଣେଇକୁ ଯିବା ସକାଶେ ପ୍ରସ୍ତୁତ ହେଲି।

ଅନୁଗୁଳରେ ଥିବା ସମୟରେ ୧୯୨୩ ମସିହା ଜାନୁୟାରୀ ମାସରେ ମୋର ଷଷ୍ଠକନ୍ୟା ସୁରମାର ଓ ୧୯୨୪ ମସିହା ଏପ୍ରିଲ ମାସରେ ସପ୍ତମ କନ୍ୟା ନୀଳିମାର ସମ୍ବଲପୁରରେ ଜନ୍ମ ହୋଇଥିଲା। ନୀଳିମାକୁ ମିଶି ଏହି ସମୟରେ ମୋର ଗୋଟିଏ ପୁଅ ଓ ସାତୋଟି ଝିଅ ଥିଲେ।

Digitized by srujanika@gmail.com

ବଣେଇରେ ଦେଓ୍ୱାନି

ସମ୍ବଲପୁରରୁ ବଣେଇକୁ ଯିବାକୁ ହେଲେ ଦୁଇଟି ପଥ। ଗୋଟିଏ, କଲିକତା ଯାଇଥିବା ରେଲ ଲାଇନର ଗାଙ୍ଗପୁର ଷ୍ଟେଟ୍ (ବର୍ତ୍ତମାନ ସୁନ୍ଦରଗଡ଼ ଜିଲ୍ଲା) ମଧ୍ୟସ୍ଥ ପାନପୋଷ ଷ୍ଟେସନ୍‌ରେ ଓହ୍ଲାଇ ୩୮ ମାଇଲ ଗଲେ ବଣେଇଗଡ଼ରେ ପହଞ୍ଚିବାକୁ ହୁଏ। ଅପରଟି, ବାମଣ୍ଡା ଷ୍ଟେସନରେ ଓହ୍ଲାଇ ବାମଣ୍ଡା ରାଜଧାନୀ ଦେବଗଡ଼ ଦେଇ ୮୦ ମାଇଲ। ଆଉ ଗୋଟାଏ ମଧ୍ୟ ଅଛି। ତାହା ସମ୍ବଲପୁରର ଦେବଗଡ଼ ଦେଇ ଏକଶତ ମାଇଲ। ଏହି ପଥରେ ବଡ଼ରମା ପାହାଡ଼ ଘାଟି ଉଠି ପୁଣି ଦୁଇସ୍ଥଳରେ ବ୍ରାହ୍ମଣୀ ନଦୀ ପାରିହେବାକୁ ହୁଏ। ମୁଁ କୌଣସି ବାଟ ଦେଖି ନଥିଲି। ମୋର ସୁପରିଚିତ ସମ୍ବଲପୁରର କାଠ ବ୍ୟବସାୟୀ ଶ୍ରୀ ଯୋଗେଶଚନ୍ଦ୍ର ମୁଖାର୍ଜ୍ଜୀ ବାମଣ୍ଡା ଷ୍ଟେସନ୍ ନିକଟରେ ରହୁଥିବା ତାଙ୍କ ଭାଇ ଶ୍ରୀ ସୁରେଶଚନ୍ଦ୍ର ମୁଖାର୍ଜ୍ଜୀଙ୍କୁ ମୋ ଯିବାପାଇଁ ବନ୍ଦୋବସ୍ତ କରିବା ସକାଶେ ପତ୍ର ଲେଖିଥିଲେ। ସୁରେଶବାବୁ ସେଠାରେ ରହି କାଠ ବ୍ୟବସାୟ କରୁଥିଲେ। ବାମଣ୍ଡା ଷ୍ଟେସନରେ ଓହ୍ଲାଇ ତାଙ୍କ ମୋଟରରେ ବଣେଇ ଯାତ୍ରା କଲି।

୧୯୨୪ ମସିହା ଏପ୍ରିଲ୍ ମାସ, ଦିନେ ସନ୍ଧ୍ୟାରେ ବଣେଇ ଗଡ଼ରେ ପହଞ୍ଚିଲି। ଦେଓ୍ୱାନ ଖାଁ ସାହେବ ସାଫିବୁଦ୍ଦିନ୍ ମୋତେ ଅପେକ୍ଷା କରୁଥିଲେ। ଖାଁ ସାହେବ ଓଡ଼ିଶା କମିଶନରଙ୍କ ଦପ୍ତରରେ ଜଣେ କିରାଣି। ବହୁବର୍ଷ ହୋଇଥିଲା ଭିନ୍ନ ଭିନ୍ନ ଗଡ଼ଜାତ ରାଜ୍ୟରେ ଦେଓ୍ୱାନି କରି, ଏହି ସମୟରେ ବଣେଇରେ ପ୍ରାୟ ତିନିବର୍ଷ ପୂର୍ବେ ଆସି ରହିଥିଲେ। ଏଠାରୁ ଅନ୍ୟ ଏକ ରାଜ୍ୟକୁ ଦେଓ୍ୱାନ ପଦରେ ଯାଉଥିବାରୁ ତାଙ୍କ ସ୍ଥଳରେ ମୁଁ ପ୍ରେରିତ ହୋଇଥିଲି। ବଣେଇଗଡ଼ରେ ପହୁଞ୍ଚି ତାଙ୍କ ସହିତ ସାକ୍ଷାତ କଲି। ମୋର ଡାକବଙ୍ଗଳାରେ ରହିବା ବନ୍ଦୋବସ୍ତ ହୋଇଥିଲା। ପରଦିନ ସକାଳେ ମୁଁ କାର୍ଯ୍ୟଭାର ଗ୍ରହଣ କଲି।

ରାଜା ସାହେବଙ୍କ ସହିତ ସେହିଦିନ ସାକ୍ଷାତ କଲି। ସେ ମୋତେ ଗୋଟିଏ ସନନ୍ଦ ଲେଖିଦେଲେ; ତାହା ସରକାରଙ୍କ ନିର୍ଦ୍ଦେଶମତେ। ତାହାଦ୍ୱାରା ଷ୍ଟେଟ୍ ଶାସନ ବିଷୟକ ତାଙ୍କ ସମସ୍ତ କ୍ଷମତା ମୋତେ ହସ୍ତାନ୍ତର କରିଦେଲେ। ଏପରିକି କୌଣସି ବିଷୟରେ ଖଣ୍ଡିଏ ଦରଖାସ୍ତ ଗ୍ରହଣ କରିବା କ୍ଷମତା ମଧ୍ୟ ନିଜ ହସ୍ତରେ ରଖିଲେ ନାହିଁ। ଷ୍ଟେଟର ଯାବତୀୟ ବିଭାଗର ଶାସନ ସହିତ ତାଙ୍କର ଆଦୌ ସମ୍ବନ୍ଧ ରହିଲାନାହିଁ। କେବଳ ଦେଓ୍ୱାନି ଓ ଫୌଜଦାରି ମୋକଦ୍ଦମାରେ ଦେଓ୍ୱାନଙ୍କ ରାୟ ବିରୁଦ୍ଧରେ ଅପିଲ୍ ଶୁଣିବା କ୍ଷମତା ରହିଲା। କିନ୍ତୁ ଏହା ମଧ୍ୟ ଏପରିଭାବରେ ସୀମାବଦ୍ଧ ହୋଇ ରହିଲା ଯେ ରାଜା ଏହି

Digitized by srujanika@gmail.com

କ୍ଷମତା କ୍ୱଚିତ ବ୍ୟବହାର କରୁଥିଲେ । ସରକାରଙ୍କ ନିର୍ଦ୍ଦେଶ ଥିଲା ଯେ, ରାଜା ଦେୱାନଙ୍କ ରାୟ ରଦ୍ଦ କରିପାରିବେ ନାହିଁ ଓ ଯେଉଁ ଅପିଲ୍‌ରେ ରାୟ ରଦ୍ଦ କରିବା ତାଙ୍କ ଅଭିମତ ହେବ ସେହି 'ବିଷୟରେ ସେ ପଲିଟିକାଲ୍ ଏଜେଣ୍ଟଙ୍କୁ ଜଣାଇବେ ଓ ତାଙ୍କ ମତାନୁସାରେ କାର୍ଯ୍ୟ ହେବ ।

ବଣେଇ ଗୋଟିଏ ବଣବହୁଳ କ୍ଷୁଦ୍ରରାଜ୍ୟ । ଆୟତନରେ ୧୨୯୭ ବର୍ଗମାଇଲ । ରାଜ୍ୟର ଅଧିକାଂଶ ଅଧିବାସୀ ଭୂୟାଁ ନାମକ ବଣୁଆ ଆଦିବାସୀ । ଏମାନେ ସାଧାରଣତଃ ପାହାଡ଼ିଆ ଅଞ୍ଚଳରେ ବାସକରନ୍ତି । ଏହି ଅଞ୍ଚଳ କେନ୍ଦୁଝର ଷ୍ଟେଟର ଭୂୟାଁ ଅଞ୍ଚଳ ସହିତ ସଂଲଗ୍ନ । ମୁଁ ଯିବା ସମୟରେ ଲୋକସଂଖ୍ୟା ଥିଲା ଚାଳିଶ ହଜାର । ଯେଉଁଆଡ଼କୁ ଗଲେ ଦେଖାଯାଉଥିଲା ନିବିଡ଼ ବଣ । ବଣ ଯୋଗୁଁ ବୋଧହୁଏ ଏହାର ନାମ ହୋଇଥିଲା ବଣେଇ । ଦୁଇଗୋଟି ସାହେବ କମ୍ପାନୀ ବେଙ୍ଗଲ ଟିମ୍ବର ଟ୍ରେଡ଼ିଂ କମ୍ପାନୀ ଓ ଡିଅର୍ କମ୍ପାନୀ – କଡ଼ି କାଠର ଠିକା ନେଇଥିଲେ । ପ୍ରଥମୋକ୍ତ କମ୍ପାନୀର ଦପ୍ତର ଗାଙ୍ଗପୁର ଷ୍ଟେଟ ଅନ୍ତର୍ଗତ ରେଲଲାଇନ୍ ନିକଟସ୍ଥ ପାନପୋଷରେ ଓ ଅପର କମ୍ପାନୀଙ୍କ ଦପ୍ତର ଏହିଠାରୁ ପ୍ରାୟ ଚାରିମାଇଲ ଦୂରରେ ଅବସ୍ଥିତ କୁଲୁଙ୍ଗାରେ ଥିଲା । ଉଭୟ କମ୍ପାନୀରେ ମ୍ୟାନେଜର ଥିଲେ ଜଣେ ଲେଖାଏଁ ଗୋରା ସାହେବ । ଷ୍ଟେଟର ଆୟ ପ୍ରାୟ ଦୁଇଲକ୍ଷ ଟଙ୍କାରୁ ଜଙ୍ଗଲରୁ ଆୟ ପ୍ରାୟ ଦେଢ଼ଲକ୍ଷ ଟଙ୍କା ।

ରାଜା ଥିଲେ ଶ୍ରୀ ଧରଣୀଧର ଇନ୍ଦ୍ରଦେଓ । ତାହାଙ୍କ ପିତା ଥିଲେ ପୀତାମ୍ବର ଚନ୍ଦ୍ର ଦେଓ । ବଣେଇ ରାଜାଙ୍କ ପାରମ୍ପରିକ ପଦ ପର୍ଯ୍ୟାୟକ୍ରମେ ଚନ୍ଦ୍ର ଦେଓ ଓ ଇନ୍ଦ୍ର ଦେଓ । ରାଜା ଧରଣୀଧରଙ୍କ ବୟସ ହୋଇଥିଲା ପ୍ରାୟ ଚାଳିଶବର୍ଷ । ସେ ନିଃସନ୍ତାନ ଥିଲେ । ପିତାଙ୍କର ୧୯୦୨ ମସିହାରେ ମୃତ୍ୟୁ ହେଲାରୁ ସେ ଇନ୍ଦ୍ର ଦେଓ ପଦ ଗ୍ରହଣ କରି ତାଙ୍କର ୧୯ ବର୍ଷ ବୟସରେ ରାଜା ହେଲେ । ସାଧାରଣ ଲୋକଙ୍କ ନାବାଳକି ଆଇନାନୁସାରେ ୧୮ ବର୍ଷ ପର୍ଯ୍ୟନ୍ତ ରହେ । କିନ୍ତୁ ରାଜାମାନେ ଇଂରେଜଙ୍କ ଅମଳରେ ୨୧ ବର୍ଷ ପର୍ଯ୍ୟନ୍ତ ନାବାଳକ ରହୁଥିଲେ । ଇଂରେଜ ଶାସନରେ ଦେଶୀୟ ରାଜାମାନଙ୍କ ସମ୍ବନ୍ଧରେ ସରକାରଙ୍କ ଏହି ନୀତି ଥିଲା । ତଦନୁସାରେ ଇଂରେଜ ସରକାର ରାଜା ନାବାଳକ ଥିବା ପର୍ଯ୍ୟନ୍ତ ବଣେଇ ରାଜ୍ୟର ଶାସନ ଭାର ନିଜ ହସ୍ତରେ ଗ୍ରହଣକରି ପ୍ରତ୍ୟକ୍ଷ ଶାସନ କାର୍ଯ୍ୟ ପରିଚାଳନ ସକାଶେ ଛୋଟନାଗପୁର କମିଶନରଙ୍କ ଅଧୀନରେ ଜଣେ ଲେଖାଏଁ ମ୍ୟାନେଜର୍ ନିଯୁକ୍ତି କରି ପଠାଇଲେ ଏବଂ ନାବାଳକ ରାଜା ତାଙ୍କଠାରେ ବିଭିନ୍ନ ବିଭାଗର କାର୍ଯ୍ୟଶିକ୍ଷାର ବ୍ୟବସ୍ଥା କଲେ । କିଛିଦିନ ଉତ୍ତାରେ ରାଜା ବାମଣ୍ଡାର ରାଜା ସୁଢ଼ଳ ଦେବଙ୍କ କନ୍ୟାଙ୍କ ପାଣିଗ୍ରହଣ କଲେ ଏବଂ ସରକାର ତାଙ୍କ ସର୍ବାଙ୍ଗୀନ ଶିକ୍ଷା ସକାଶେ ତାଙ୍କୁ ଶ୍ୱଶୁରଙ୍କ ଅଧୀନରେ ରଖିଦେଲେ; କିନ୍ତୁ ତାଙ୍କୁ ଅଧିକ ଦିନ ବାମଣ୍ଡାରେ ରହିବାକୁ ହୋଇନଥିଲା । ବାମଣ୍ଡା ରାଜାଙ୍କ ଅନୁରୋଧରେ ତାହାଙ୍କୁ ଶିକ୍ଷା ସକାଶେ ରାଞ୍ଚିକୁ ପ୍ରେରଣ କରାହେଲା ଓ ରାଞ୍ଚିରେ ସେ ୧୯୧୩ ସାଲ ପର୍ଯ୍ୟନ୍ତ ରହିଥିଲେ ।

Digitized by srujanika@gmail.com

୧୯୦୨ ସାଲରେ ମ୍ୟାନେଜର୍ ପଦ ନେଇ ଆସିଲେ ହରିପଦ ଘୋଷ, ଡେପୁଟି କଲେକ୍ଟର । ସେ ଅଳ୍ପଦିନ ମାତ୍ର ରହି ଚାଲିଗଲେ ଓ ତାଙ୍କ ସ୍ଥାନରେ ସବ୍‌ଡେପୁଟି କଲେକ୍ଟର ମୌଲବୀ ଚୈନୁଦିନ ଆସିଲେ । କିନ୍ତୁ ସେ ସୁଦ୍ଧା ଅଧିକ ଦିନ ରହିଲେ ନାହିଁ। ବଣେଇକୁ ଆସିବା ଅଳ୍ପଦିନ ଭିତରେ ହେଡ୍‌କ୍ଲର୍କ ଓ ଡାକ୍ତର ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଥିବା ଯୋଗୁଁ ବଣେଇରେ ତାଙ୍କ ଜୀବନ ସଙ୍କଟାପନ୍ନ ହୋଇଥିବା କାରଣ ନେଇ ତାଙ୍କୁ କାର୍ଯ୍ୟରୁ ଅବ୍ୟାହତି ଦେବା ସକାଶେ ସରକାରଙ୍କଠାରେ ଆବେଦନ କଲେ। ସେ ଚାଲିଗଲେ ଓ ତାଙ୍କ ସ୍ଥାନରେ ୧୯୦୩ ସାଲରେ ଆସିଲେ ଢେଙ୍କାନାଳର ଆସିଷ୍ଟାଣ୍ଟ ମ୍ୟାନେଜର୍ ଶ୍ରୀ ଜଗନ୍ନାଥ ଦତ୍ତ। ସେ ଅଢ଼େଇ ମାସ ମାତ୍ର ରହିଲା ଉତ୍ତାରେ ପୀଡ଼ିତ ହୋଇ ଛୁଟି ନେଇ ଚାଲିଗଲେ; ଆଉ ଆସିଲେ ନାହିଁ। ତତ୍ପରେ ଆସିଲେ ଶ୍ରୀ ଜଗଦୀଶଚନ୍ଦ୍ର ଲାହିଡ଼ି। ସେ ସୁଦ୍ଧା ଅଳ୍ପଦିନ ମଧ୍ୟରେ ଚାଲିଗଲେ। ଏପରି ଭାବରେ ବର୍ଷକ ମଧ୍ୟରେ ଚାରିଜଣ ଦେୱାନ ଆସି ଚାଲି ଯାଇଥିଲେ।

ସେ କାଳର ପ୍ରାୟ ପ୍ରତ୍ୟେକ ଗଡ଼ଜାତ ରାଜ୍ୟର ଅବସ୍ଥା ପର୍ଯ୍ୟବେକ୍ଷଣ କଲେ ଜଣାଯାଏ ଯେ, ଗୋଟିଏ ଯୋଡ଼ିଏ ବଡ଼ବଡ଼ ରାଜ୍ୟ ଛାଡ଼ିଦେଲେ ସେଠାରେ ଉନ୍ନତ ଶାସନ ପ୍ରଣାଳୀ ପ୍ରତିଷ୍ଠିତ ନଥାଏ କିମ୍ବା ରାଜପୁତ୍ରମାନଙ୍କ ଶିକ୍ଷା ସକାଶେ କୌଣସି ଉନ୍ନତ ଧରଣର ଅନୁଷ୍ଠାନ ମଧ୍ୟ ନଥାଏ। ପିଲାଦିନରୁ ରାଜପୁତ୍ରମାନଙ୍କ ଶିକ୍ଷା, ଦୀକ୍ଷା, ଖେଳକୌତୁକ ତଥା ସାଧାରଣ ଜୀବନଯାତ୍ରା ନିମ୍ନଶ୍ରେଣୀୟ ଚାକରମାନଙ୍କ ସାହାଚର୍ଯ୍ୟରେ ନିର୍ବାହିତ ହେଉଥାଏ ଏବଂ ଏମାନଙ୍କ ଆଚରଣ, ବ୍ୟବହାର ପ୍ରଭୃତି କାର୍ଯ୍ୟକଳାପ ରାଜପୁତ୍ରମାନଙ୍କ ଜୀବନରେ ପ୍ରତିଫଳିତ ହୋଇ ତାଙ୍କ ଚରିତ୍ର ତଦନୁସାରେ ପ୍ରଭାବିତ ହୁଏ। କ୍ଷମତାଗତ ରାଜ୍ୟବିସ୍ତାର ଲୋଲୁପ ବିଦେଶୀୟ ଶାସନକର୍ତ୍ତାଙ୍କୁ ଏହି ପ୍ରକାର ପରିସ୍ଥିତି ସୁଯୋଗ ଯୋଗାଇ ଦିଏ ଏବଂ ସ୍ଥାନୀୟ ରାଜପୁରୁଷଗଣଙ୍କ ପ୍ରରୋଚନାରେ ସରକାର ରାଜ୍ୟଗୁଡ଼ିକର ଆଭ୍ୟନ୍ତରୀଣ ଶାସନରେ ସୁଦ୍ଧା ହସ୍ତକ୍ଷେପ କରନ୍ତି। ବଣେଇ ତୁଲ୍ୟ କ୍ଷୁଦ୍ର ରାଜ୍ୟ ଏହି ପରିସ୍ଥିତିର ବହିର୍ଭୂତ ନଥିଲା। ରାଜ୍ୟରେ ଶିକ୍ଷିତ ବୋଲାଇବା ଭଳି କେହି ନଥିଲେ। ରାଜ୍ୟର ଅଧିକାଂଶ ଅଧିବାସୀ ଭୂୟାଁ, କୋହ୍ଲ ପ୍ରଭୃତି। ଏହାର ଚତୁଃପାର୍ଶ୍ୱରେ କେନ୍ଦୁଝର, ଗାଙ୍ଗପୁର, ସିଂହଭୂମ ପ୍ରଭୃତି ଅଶିକ୍ଷିତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ରାଞ୍ଚି ଜିଲ୍ଲା ସୁଦ୍ଧା ଏହି ସମୟରେ ଏହି ଅଞ୍ଚଳ ଅପେକ୍ଷା ଶିକ୍ଷାରେ ଅଧିକ ଉନ୍ନତ ନଥିଲା। ସୁତରାଂ ସେଠାରେ ସୁଦ୍ଧା ରାଜାଙ୍କ ଶିକ୍ଷା ଆଶାନୁରୂପ ହୋଇ ପାରିଲାନାହିଁ। ଆହୁରି ଶିକ୍ଷାଦ୍ୱାରା ରାଜ୍ୟର ଶାସନଗ୍ରହଣ ଭାର ପାଇଁ ସମ୍ପୂର୍ଣ୍ଣରୂପେ ଯୋଗ୍ୟ କରିବା ସକାଶେ ତାଙ୍କୁ ତାଙ୍କ ୨୭ ବର୍ଷ ବୟସ ପର୍ଯ୍ୟନ୍ତ ରାଞ୍ଚିରେ ରଖାହେଲା। ୧୯୧୩ ସାଲରେ କେତେକାଂଶରେ ସୀମିତ କ୍ଷମତା ପ୍ରାପ୍ତ ହୋଇ ରାଜ୍ୟଭାର ଗ୍ରହଣ କଲେ। କିନ୍ତୁ ତାଙ୍କୁ ଶାସନକାର୍ଯ୍ୟରେ ସାହାଯ୍ୟ କରିବା ସକାଶେ ଦେୱାନ ପଦରେ ଜଣେ ସରକାରୀ କର୍ମଚାରୀ ରଖିବା ସକାଶେ ବ୍ୟବସ୍ଥା ହେଲା। ଏଥିରେ ରାଜାଙ୍କ

Digitized by srujanika@gmail.com

ଅନ୍ତରରେ ଅଶ୍ରଦ୍ଧା ହେଉଥିବା ସ୍ୱାଭାବିକ। ରାଜ୍ୟରେ ଏହି ପଦ ସକାଶେ ଯୋଗ୍ୟବ୍ୟକ୍ତି ଅଭାବରେ ବାହାରୁ ଏମାନଙ୍କୁ ଯିବାକୁ ହେଉଥିଲା। ଘନ ଘନ ପରିବର୍ତ୍ତନ ଯୋଗୁଁ ରାଜା ଓ ପ୍ରଜା ଉଭୟଙ୍କ ମଧ୍ୟରେ ସଦ୍‌ଭାବ ସ୍ଥାପନର ସୁଯୋଗ ପ୍ରାପ୍ତି ପୂର୍ବରୁ ଏମାନଙ୍କୁ ସ୍ଥାନତ୍ୟାଗ କରିବାକୁ ହେଉଥିଲା। ଏକ ଦିଗରେ ଇଂରେଜ ସରକାରଙ୍କ ନିର୍ଦ୍ଦେଶରେ କର୍ତ୍ତବ୍ୟପାଳନ, ଅପର ପକ୍ଷରେ ରାଜାଙ୍କ ମନରକ୍ଷା। ଉଭୟ ସଙ୍କଟରେ 'ପଡ଼ି ଦେଓ୍ୱାନଙ୍କ ଜୀବନ ସର୍ବଦା ଅଶାନ୍ତିପୂର୍ଣ୍ଣ ଥାଏ। ସୁତରାଂ ଆଭ୍ୟନ୍ତରୀଣ ଶାସନ ଶୃଙ୍ଖଳାସମ୍ପନ୍ନ ନଥାଏ।

ଶାସନ କାର୍ଯ୍ୟ ପରିଦର୍ଶନ ଓ ସାର୍ବଭୌମ ଶାସକଙ୍କ ସହିତ ସମ୍ପର୍କ ସଂସ୍ଥାପନ ସମ୍ପର୍କରେ ନିଯୁକ୍ତ ଥାଆନ୍ତି ପଲିଟିକାଲ୍ ଏଜେଣ୍ଟ ପଦରେ ଜଣେ ଇଂରେଜ ରାଜପୁରୁଷ। ତାଙ୍କୁ ପୁଣି ଦେଖିବାକୁ ହେଉଥାଏ ୨୬ ଟି ରାଜ୍ୟ। ସେ ବର୍ଷକୁ ଥରେ ଆସି ପ୍ରତ୍ୟେକ ରାଜ୍ୟ ବୁଲିଯାନ୍ତି ଓ ଖିଆପିଆ, ଭୋଜିଭାତ, ଶିକାର ଓ ରାଜାମାନଙ୍କ ଠାରୁ ଷୋଡ଼ଶୋପଚାରେ ପୂଜା ଗ୍ରହଣକରି ଚାଲିଯାନ୍ତି। ଗଡ଼ଜାତବାସୀ ପ୍ରଜାଙ୍କ ଅଭାବ, ଅଭିଯୋଗ, ସୁଖଦୁଃଖ ସମ୍ବନ୍ଧରେ ଅନୁସନ୍ଧାନ କରି ତହିଁର ପ୍ରତିକାର କରିବାକୁ ତାଙ୍କର ସମୟ ବା ସୁଯୋଗ ନଥାଏ। ପୁଣି ସ୍ଥାନୀୟ ସାମାଜିକ ରୀତିନୀତିରେ ବିଦେଶୀୟ ଶାସକବର୍ଗଙ୍କ ସମ୍ପର୍କନ୍ୟୁନତା–ଜନିତ ଅନଭିଜ୍ଞତା । ଗତାନୁଗତିକ ବିଦେଶୀୟ ଶାସନ ପ୍ରଭାବରେ ତହିଁର ସ୍ଥାନ ବା କାହିଁ? ଗଡ଼ଜାତ ରାଜ୍ୟ ସମୂହର ଶାସନ ପ୍ରଣାଳୀ ସମ୍ବନ୍ଧରେ ପର୍ଯ୍ୟବେକ୍ଷଣ କଲେ ଜଣାଯାଉଥିଲା ଯେ, କୌଣସି ରାଜ୍ୟରେ ଇଂରେଜ ଶାସନାଧୀନ ଅଞ୍ଚଳ ତୁଲ୍ୟ ବିଧିବଦ୍ଧ ବ୍ୟବସ୍ଥା ନଥିଲା। ରାଜା ପ୍ରଜାଙ୍କ ସାଧାରଣ ସମ୍ପର୍କ ସମ୍ବନ୍ଧରେ ସୁଦ୍ଧା ଏପରି କୌଣସି ପ୍ରକାର ବ୍ୟବସ୍ଥା ବା ନିୟମ ନଥିଲା, ଯାହାଦ୍ୱାରା ଏକ ରାଜାଙ୍କ ବଂଶଧର ବା ଉତ୍ତରାଧିକାରୀ ତାଙ୍କ ପ୍ରବର୍ତ୍ତିତ ବ୍ୟବସ୍ଥାଦ୍ୱାରା ଆବଦ୍ଧ ହେବା ବା ରାଜା ଓ ପ୍ରଜା ଉଭୟେ ତଦ୍ୱାରା ନିୟନ୍ତ୍ରିତ ହୋଇ ରହିବେ। ଇଂରେଜଶାସିତ ଅଞ୍ଚଳରେ ପ୍ରଚଳିତ ଆଇନଦ୍ୱାରା ଶାସକ ଓ ଶାସିତ ଉଭୟେ ଆବଦ୍ଧ। ବସ୍ତୁତଃ ତତ୍‌କାଳୀନ ଗଡ଼ଜାତ ରାଜ୍ୟ ଶାସନ ଶାସକ ବିଶେଷଙ୍କ ବ୍ୟକ୍ତିଗତ ମନୋବୃତ୍ତି ଉପରେ ନିର୍ଭର କରୁଥିଲା । ଅପରପକ୍ଷରେ ସାର୍ବଭୌମ ଇଂରେଜ ଶାସନ; ରାଜାମାନେ ଇଂରେଜ ଶାସନର କ୍ରୀଡ଼ା ପୁତ୍ତଳିକା ତୁଲ୍ୟ ରହି ପଲିଟିକାଲ୍ ଏଜେଣ୍ଟଙ୍କ ତୋଷରେ ବ୍ୟସ୍ତ ହୋଇ ରହୁଥିଲେ।

ରାଜା ଧରଣୀଧର ଇନ୍ଦ୍ରଦେଓ ୧୯୧୩ ମସିହାରେ ସୀମିତ କ୍ଷମତାପ୍ରାପ୍ତ ହୋଇ ରାଜ୍ୟକୁ ଫେରିଆସିବା ଉତ୍ତାରେ ତାହାଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ କରିବା ସକାଶେ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ସରକାରୀ କର୍ମଚାରୀ ସରକାରଙ୍କଦ୍ୱାରା ପ୍ରେରିତ ହୋଇଥିଲେ। ମୋ ପୂର୍ବେ କଟକ କମିଶନର ଦପ୍ତରର କିରାନି ଖାଁ ସାହେବ ସଫିକ୍‌ଉଦ୍ଦିନ ଥିଲେ। ତାହାଙ୍କ ପୂର୍ବେ ପ୍ରଥମରେ ସମ୍ବଲପୁର ନିବାସୀ ଶ୍ରୀ ବାସୁଦେବ ମିଶ୍ର, ସବ୍‌ଡେପୁଟି କଲେକ୍ଟର ଓ ତତ୍ପରେ ସିଂହଭୂମ ନିବାସୀ ସବ୍‌ଡେପୁଟି କଲେକ୍ଟର ଶ୍ରୀ ଈଶ୍ୱରୀ ପ୍ରସାଦ

Digitized by srujanika@gmail.com

ସିଂହ ରହିଥିଲେ। ପ୍ରତ୍ୟେକ ଦେଓ୍ୱାନଙ୍କ ଅମଳରେ କୌଣସି ନା କୌଣସି କାରଣରୁ ରାଜାଙ୍କ କ୍ଷମତା କ୍ରମେ କ୍ରମେ ସଙ୍କୁଚିତ ହୋଇ ସଫିକ୍‌ଉଦ୍ଦିନଙ୍କ ସମୟରେ ସମସ୍ତ କ୍ଷମତା ରାଜାଙ୍କ ହସ୍ତରୁ କାଢ଼ି ନିଆଗଲା। ମୁଁ ମୋର କାର୍ଯ୍ୟରେ ଯୋଗଦେବା ମାତ୍ରକେ ରାଜା ତାଙ୍କର ସମସ୍ତ କ୍ଷମତା ସରକାରଙ୍କ ନିର୍ଦ୍ଦେଶରେ ଗୋଟିଏ ସନନ୍ଦ ଦ୍ୱାରା ମୋତେ ହସ୍ତାନ୍ତର କରିଦେଲେ, ଏପରି କି ଜଣେ ନିମ୍ନଶ୍ରେଣୀୟ କର୍ମଚାରୀ ସୁଦ୍ଧା ନିଯୁକ୍ତ କରିବା ବା ପ୍ରଜାଙ୍କଠାରୁ ଗୋଟିଏ ସାଧାରଣ ଦରଖାସ୍ତ ସୁଦ୍ଧା ଗ୍ରହଣକରିବା କ୍ଷମତା ରଖିଲେ ନାହିଁ । ଏହି ବିଷମ ପରିସ୍ଥିତିର ପରିଣତି ମୋର ଦୈନନ୍ଦିନ ଜୀବନର ଦର୍ପଣରେ ପ୍ରତିବିମ୍ବ ତୁଲ୍ୟ ଅବିଳମ୍ବରେ ପ୍ରତିଫଳିତ ହେବାକୁ ଲାଗିଲା। ରାଜା ସମସ୍ତ କ୍ଷମତାଚ୍ୟୁତ ହୋଇ ମନ୍ତ୍ରୌଷଧିରୁଦ୍ଧବୀର୍ଯ୍ୟ ବିଷଧର ତୁଲ୍ୟ ରାଜ୍ୟରେ ରହିଅଛନ୍ତି। ଏହି ଅବସ୍ଥାରେ ସେ କ୍ଷୁଣ୍ଣ ଓ ତାଙ୍କ ଚିତ୍ତ ବିକ୍ଷୁବ୍ଧ ହେବା ସ୍ୱାଭାବିକ। ସରକାରଙ୍କ ପ୍ରେରିତ ଦେଓ୍ୱାନମାନଙ୍କ ସହିତ ଏହି କାରଣରୁ ତାଙ୍କ ମନାନ୍ତର ହୁଏ। କୌଣସି ଦେଓ୍ୱାନ ଦୁଇତିନି ବର୍ଷରୁ ଅଧିକ କାଳ ରହିପାରୁନଥାନ୍ତି। ରାଜା ନିଜ ରାଜ୍ୟରେ ରହିଅଛନ୍ତି। ପ୍ରଜାମାନେ ତାଙ୍କର। ଦେଓ୍ୱାନ ଚାକର ମାତ୍ର, ରାଜାଙ୍କ କୋଷରୁ ବୃତ୍ତି ପାଉଅଛନ୍ତି। ରାଜାଙ୍କ କ୍ଷମତା ଅଛି କି ନାହିଁ, ଥିଲେ କେଉଁ ପରିମାଣରେ ଅଛି ? ନିଜ ଦେଓ୍ୱାନଙ୍କ କ୍ଷମତା କେତେ ? ପ୍ରଜାମାନେ ବୁଝିବେ କିପରି ? ପ୍ରଜାମାନେ ଯଥାରୀତି ରାଜାଙ୍କଠାରେ ହାରିଗୁହାରି କରନ୍ତି। ପ୍ରତିକାର ପାଆନ୍ତି ନାହିଁ, ଏଆଡ଼େ ତାଙ୍କ କ୍ଷମତାପହାରକ ସରକାରଙ୍କ ଶାସନକୁ ପଣ୍ଡ କରିବା ସକାଶେ ନାନାପ୍ରକାର ଉପାୟ ଅବଲମ୍ବନ କରନ୍ତି। ସରକାରଙ୍କ ଶାସନ ଅର୍ଥ ଦେଓ୍ୱାନଙ୍କ ଶାସନ। ଦେଓ୍ୱାନଙ୍କୁ ବଦନାମ କରି ପାରିଲେ ସରକାରଙ୍କ ଶାସନ ଦୁର୍ନାମ ସଂସାରରେ ସାବ୍ୟସ୍ତ ହେବ। ଏହାହିଁ ରାଜାଙ୍କ ଏକମାତ୍ର ଲକ୍ଷ୍ୟ ହୋଇଥାଏ। ଏହି ଦୋସନ୍ଧି ମଧ୍ୟରେ ଚାକର ମାତ୍ର ଦେଓ୍ୱାନର ଜୀବନ ଡହଳବିକଳ ହେଉଥାଏ। ଏକ ଦିଗରେ ରାଜ୍ୟର ପ୍ରଜାମାନଙ୍କୁ ଓ ଅପରଦିଗରେ ସରକାରଙ୍କୁ ତୁଷ୍ଟ କରି ରଖିବା କଷ୍ଟକର ହୋଇଉଠେ।

ମୋତେ ଅନୁଗୁଳ ଡେପୁଟି କମିଶନର କ୍ରେଭେନ ସାହେବ ଯେଉଁ ବିଷୟରେ ସାବଧାନ କରାଇଦେଇଥିଲେ ତାହା ମୁଁ ବଣେଇକୁ ଆସିବା ଦୁଇମାସ ମଧ୍ୟରେ ଅନୁଭବ କଲି। ରାଜା ଉଚ୍ଚଶିକ୍ଷିତ, ବୁଦ୍ଧିମାନ ଓ ସମସ୍ତ ବିଷୟରେ ଅଭିଜ୍ଞ। ମୋ ସହିତ କ୍ରମେ କ୍ରମେ ତାଙ୍କ ବ୍ୟବହାର ଓ ଆଚରଣ ସଦୟ ଓ ସରଳତାପୂର୍ଣ୍ଣ ହେଲା। ସେ ତାଙ୍କ ଲକ୍ଷ୍ୟ ସମ୍ବନ୍ଧରେ ପରିଷ୍କାର ଭାବରେ ମୋତେ ଜଣାଇଦେଇ ମୋର ଶାସନ ଓ ବ୍ୟକ୍ତିଗତ ଆଚରଣ ସମ୍ବନ୍ଧରେ ସାବଧାନ ରହିବାକୁ ଉପଦେଶ ଦେଲେ। କଥା ପ୍ରସଙ୍ଗରେ ଯେତେବେଳେ ମୁଁ କହେଁ ଯେ, ମୁଁ ଭୃତ୍ୟ ମାତ୍ର, ଏକ ଦିଗରେ ସରକାର ଓ ଅପର ଦିଗରେ ରାଜାଙ୍କ କୋପାଗ୍ନିରୁ ମୋତେ ରକ୍ଷା କରିବାକୁ ହେବ। ତାଙ୍କଠାରୁ ଏକମାତ୍ର ଉତ୍ତର ପାଏଁ – ସେ ନିରୁପାୟ, କ୍ଷମତାପ୍ରାପ୍ତି ସକାଶେ ତାଙ୍କୁ ଏହାହିଁ କରିବାକୁ ହେବ । ମୋ ପ୍ରତି ତାଙ୍କ ବ୍ୟକ୍ତିଗତ ଆକ୍ରୋଶ ନାହିଁ।

Digitized by srujanika@gmail.com

ଏପରି ଅବସ୍ଥାରେ ମୁଁ ହୃଦୟରେ ସାହସ ବାନ୍ଧି କାର୍ଯ୍ୟାରମ୍ଭ କଲି । ରାଜାଙ୍କ ସହିତ ଘନ ଘନ ସାକ୍ଷାତ କରେଁ ଓ ତାଙ୍କ ଠାରୁ ନାନା ବିଷୟରେ ପରାମର୍ଶ ଗ୍ରହଣକରେଁ । ତାଙ୍କ ସହିତ ବାକ୍ୟାଳାପ କରି ମୋର ମନେହେଲା ଯେ, ସେ ଜଣେ ସ୍ୱାଧୀନଚେତା ରାଜା କିନ୍ତୁ ତାଙ୍କୁ ସଦୁପଦେଶ ଦେବା ଭଳି ରାଜ୍ୟରେ କୌଣସି ଶିକ୍ଷିତ ବ୍ୟକ୍ତି ନଥିଲେ । ଯେଉଁ ଶିକ୍ଷିତ ବ୍ୟକ୍ତିଗଣ ଦେୱାନ ପଦରେ ଯାଉଥିଲେ ସେମାନେ ସେମାନଙ୍କ ସରକାରୀ ଚାକିରି ଜୀବନରେ ଯାହା କର୍ତ୍ତବ୍ୟ କେବଳ ତାହାହିଁ କରୁଥିଲେ । ଫଳରେ ନା ରାଜାଙ୍କ ନା ପ୍ରଜାଙ୍କ ଅନୁକୂଳ କାର୍ଯ୍ୟ ସମ୍ପାଦନ ସେମାନଙ୍କ ପକ୍ଷରେ ସମ୍ଭବପର ହେଉଥିଲା । ଉଭୟ ସନ୍ଧି ମଧ୍ୟରେ ପିଷ୍ଟ ହୋଇ ସେ ସମୟ ସମୟରେ କିଂକର୍ତ୍ତବ୍ୟବିମୂଢ଼ ପ୍ରାୟ ଜୀବନଯାପନ କରୁଥିଲେ । କ୍ଷମତାଚ୍ୟୁତ ରାଜାଙ୍କ ଅନ୍ତର୍ବହ୍ନି ସର୍ବଦା ପ୍ରଜ୍ୱଳିତ ହୋଇ ରହୁଥିଲା । ସୁତରାଂ ରାଜାଙ୍କ ସମସ୍ତ ଶକ୍ତି କ୍ଷମତାପହାରକ ସରକାରଙ୍କ ପ୍ରତି ପ୍ରଯୁକ୍ତ ହେବାକୁ ଯାଇ ପ୍ରତ୍ୟକ୍ଷ ଶାସନଭାର ପ୍ରାପ୍ତ ନିରୀହ ଦେୱାନ ଉପରେ ପତିତ ହେଉଥିଲା । ମୁଁ କାର୍ଯ୍ୟରେ ଯୋଗଦେବା କିଛିଦିନ ଉତ୍ତାରେ ରାଜା ତାହାଙ୍କ ନୀତି ସମ୍ବନ୍ଧରେ ମୋତେ ବିଶ୍ୱସ୍ତ ସୂତ୍ରରେ ଜଣାଇଦେଲେ ଓ ତଦନୁସାରେ ସଙ୍କେତ ଅବଲମ୍ବନ ପୂର୍ବକ କାର୍ଯ୍ୟନିର୍ବାହ କରିବା ସକାଶେ ଉପଦେଶ ଦେଲେ । ମୋ ପ୍ରତି ତାଙ୍କ ସଦୟ ଓ ସରଳ ବ୍ୟବହାର ଦେଖି ପ୍ରଥମରେ ତାଙ୍କ ପ୍ରତି ମୋର ପ୍ରଗାଢ଼ ସହାନୁଭୂତି ଜାତହେଲା ଓ ମୋର ସନ୍ଦେହ ହେଲା ନାହିଁ ଯେ, ସେ କେବେହେଁ ମୋର ଅମଙ୍ଗଳ କାମନା କରିବେ ଓ ମୁଁ ସୁଦ୍ଧା କେବେ ତାଙ୍କ ଅପ୍ରିୟାଚରଣ କରି ଏତାଦୃଶ ପଥ ଅବଲମ୍ବନ କରିବା ପାଇଁ ତାଙ୍କୁ ସୁଯୋଗ ବା କାରଣ ଦେବି । ବରଂ ମନେ ମନେ ଭାବୁଥିଲି ଯେ, ରାଜାଙ୍କ କ୍ଷମତାପ୍ରାପ୍ତି ସକାଶେ ଯଦି କେବେ କିଛି ମୋର ହସ୍ତଗତ ହୁଏ ତାହା ରାଜାଙ୍କ ସପକ୍ଷରେ ପ୍ରୟୋଗ କରିବା ସକାଶେ ତ୍ରୁଟି କରିବି ନାହିଁ । ରାଜାଙ୍କୁ ମଧ୍ୟ ମୁଁ ସମୟ ସମୟରେ ସଦୁପଦେଶ ଦେବା ସୁଯୋଗ ଗ୍ରହଣ କରୁଥାଏଁ ।

ରାଜ୍ୟ ଶାସନ ସମ୍ପର୍କୀୟ ଭିନ୍ନ ଭିନ୍ନ ବିଭାଗର ଭାରପ୍ରାପ୍ତ ହୋଇ ରହିଥିଲେ ଜଣେ ପୋଲିସ୍ ଇନ୍‌ସପେକ୍ଟର । ସେ ସରକାରଙ୍କ ଜଣେ ସବ୍-ଇନ୍‌ସପେକ୍ଟର । ଜଙ୍ଗଲ ବିଭାଗରେ ଜଣେ ଫରେଷ୍ଟ ଅଫିସର, ଚିକିତ୍ସା ବିଭାଗରେ ଜଣେ ଆସିଷ୍ଟାଣ୍ଟ ସର୍ଜନ ଓ ଶିକ୍ଷା ବିଭାଗରେ ଜଣେ ସବ୍-ଇନ୍‌ସପେକ୍ଟର । ଏମାନେ ଷ୍ଟେଟ୍‌ଦ୍ୱାରା ନିଯୁକ୍ତ । ଦେୱାନଙ୍କ ସହକାରୀ କେହି ନଥିଲେ । ରାଜାଙ୍କ ବୈମାତ୍ରେୟ ଭାଇ କୁମାର ହରିଶ୍ଚନ୍ଦ୍ର ଦେଓ ଅବୈତନିକ ମାଜିଷ୍ଟ୍ରେଟ ଥିଲେ । ସେ କେବେ କେବେ ଆସି ମୋକଦ୍ଦମା ବିଚାର କରନ୍ତି । ଫରେଷ୍ଟ ଅଫିସରଙ୍କ ଅଧୀନରେ ଦୁଇଜଣ ରେଞ୍ଜର ଥାଆନ୍ତି । ଅବକାରୀ ବିଭାଗ ପୋଲିସ ଅଧୀନରେ ଥାଏ । ଦେୱାନଙ୍କ ଦପ୍ତରଟି ଅତି କ୍ଷୁଦ୍ର । ଜଣକେତେ କିରାଣି । ଦେୱାନଙ୍କୁ ସାଧାରଣ ଶାସନ ସଂକ୍ରାନ୍ତ କାର୍ଯ୍ୟ ବ୍ୟତୀତ ଦେୱାନୀ ଓ ଫୌଜଦାରୀ ମୋକଦ୍ଦମା ବିଚାର କରିବାକୁ ହୁଏ । ଓକିଲ, ମୁକ୍ତିୟାର କେହି ନଥିଲେ । ସୁତରାଂ ମୋକଦ୍ଦମାଗୁଡ଼ିକ ଜଟିଳତାଶୂନ୍ୟ ଓ

Digitized by srujanika@gmail.com

ନ୍ୟାୟ ବିଚାର ସୁଗମ ହେଉଥିଲା ଓ ବ୍ୟୟ ଓ ସମୟ ସଂକୁଳ ନଥିଲା । କିରାଣୀ, ପୋଲିସ, ସବ୍‌ଇନ୍‌ସପେକ୍‌ଟରର ଆଦି ପ୍ରାୟ ସମସ୍ତେ କଟକ ଅଞ୍ଚଳରୁ ଆସିଥିଲେ । କେବଳ ଆସିଷ୍ଟାଣ୍ଟ ସର୍ଜନ ଥିଲେ ବଙ୍ଗାଳୀ । ରାଜ୍ୟରେ ଦୁଇଟି ଡାକ୍ତରଖାନା, ଗୋଟିଏ ବଣେଇଗଡ଼ରେ ଓ ଅପରଟି ଭୂୟାଁ ଅଞ୍ଚଳସ୍ଥ କୋଇଡ଼ାରେ, ପୁରୁଣାକାଳିଆ ଜଣେ ସବ୍-ଆସିଷ୍ଟାଣ୍ଟ ସର୍ଜନଙ୍କ ଅଧୀନରେ ।

ଷ୍ଟେଟ୍ ମଧ୍ୟରେ ରାସ୍ତା ଘାଟର ସେପରି ସୁବିଧା ନଥିଲା । ଅବସ୍ଥା ସବୁଦିଗରେ ଅନୁନ୍ନତ । ଏକମାତ୍ର ସଡ଼କ ବଣେଇଗଡ଼ରୁ ପାନପୋଷ ଷ୍ଟେସନ ପର୍ଯ୍ୟନ୍ତ ଯାଇଥିଲା ୨୬ ମାଇଲ । ପାନପୋଷ ପର୍ଯ୍ୟନ୍ତ ଶେଷ ୧୨ ମାଇଲ ଗାଙ୍ଗପୁର ଷ୍ଟେଟ୍ (ବର୍ତ୍ତମାନ ସୁନ୍ଦରଗଡ଼ ଜିଲ୍ଲା) ମଧ୍ୟରେ । ଏହି ସୀମାନ୍ତସ୍ଥ ସ୍ଥଳରେ ବଣେଇ ଷ୍ଟେଟ୍‌ର ବାଙ୍କୀ ଥାନା । ବଣେଇଗଡ଼ ନିକଟରେ ବ୍ରାହ୍ମଣୀ ନଦୀ ଓ ଅନେକ ନାଳ ପାରିହୋଇ ଏହି ପଥରେ ଯାତାୟାତ ହେଉଥିଲା । ଆଉ ଗୋଟିଏ ସଡ଼କ ବାମଣ୍ଡା ସୀମା ପର୍ଯ୍ୟନ୍ତ ଯାଇଥିଲା । ଏହି ପଥରେ ଗଲେ ବଣେଇଗଡ଼ରୁ ଆଠ ମାଇଲ ଦୂରରେ ବ୍ରାହ୍ମଣୀ ନଦୀ ପାରିହୋଇ ନଦୀର ଅପର ପାର୍ଶ୍ୱସ୍ଥ ଜାଙ୍ଗଡ଼ା ଗ୍ରାମରୁ ବାମଣ୍ଡା ସୀମା ପର୍ଯ୍ୟନ୍ତ ତିନି ଚାରି ମାଇଲ । ଏହି ପଥରେ ଗଲେ ବାମଣ୍ଡା ମଧ୍ୟସ୍ଥ ବ୍ରାହ୍ମଣୀ ତୀରବର୍ତ୍ତୀ ବାରକୁଟ ଦେଇ କଟକ ଆଡ଼କୁ ଗଲେ ପାଲଲହଡ଼ା, ତାଳଚେର ହୋଇ ତାଳଚେର ଗଡ଼ରୁ ଆଠ ମାଇଲ ଦୂରରେ ସମ୍ବଲପୁର କଟକ ସଡ଼କରେ ପଡ଼ିବାକୁ ହୁଏ ଓ ବାରକୁଟରେ ବ୍ରାହ୍ମଣୀ ନଦୀ ପାର ହୋଇ ଦେବଗଡ଼ ହୋଇ ସମ୍ବଲପୁର ଯିବାକୁ ହୁଏ । ଏହି ପଥରେ ବଣେଇଗଡ଼ରୁ ସମ୍ବଲପୁର ଏକଶତ ମାଇଲ ।

ରାଜ୍ୟରେ କେତେକ ଅରଣ୍ୟଜାତ ଦ୍ରବ୍ୟ ଛଡ଼ା ବାଣିଜ୍ୟ ନଥିଲା । କୃଷିଜାତ ଦ୍ରବ୍ୟ ରାଜ୍ୟବାସୀଙ୍କ ସକାଶେ ସୁଦ୍ଧା ପର୍ଯ୍ୟାପ୍ତ ନଥିଲା । ଚାଷଜମିର୍ ପରିମାଣ ଅଳ୍ପ ଥିଲା । ଅରଣ୍ୟଜାତ ଦ୍ରବ୍ୟ ମଧ୍ୟରେ କଡ଼ିକାଠ ପ୍ରଧାନ । ଦୁଇଗୋଟି ସାହେବ କମ୍ପାନୀ ରେଳପଥ ସକାଶେ ସ୍ଲିପର ତିଆରି କରୁଥିଲେ । ଏହାଛଡ଼ା ଲାଖ ଓ ଟସର । ବର୍ତ୍ତମାନ କୋଇଡ଼ା ଅଞ୍ଚଳରେ ଲୁହା ଓ ମାଙ୍ଗାନିଜ୍ ବାହାରି ତହିଁରେ କାର୍ଯ୍ୟ ହେଉଅଛି । ସେହି ସମୟରେ ଏ ସମସ୍ତ ଆବିଷ୍କାର ସକାଶେ ପରୀକ୍ଷା ଆରମ୍ଭ ହୋଇଥିଲା ।

ପ୍ରଥମରେ ମୁଁ ଶିକ୍ଷା ଦିଗରେ ଦୃଷ୍ଟି ଦେଲି । ରାଜ୍ୟ ମଧ୍ୟରେ ଇଂରେଜୀ ଶିକ୍ଷା ସକାଶେ ଗୋଟିଏ ମାତ୍ର ମଧ୍ୟ ଇଂରାଜୀ ସ୍କୁଲ । ତାହା ବଣାଇଗଡ଼ରେ । ଆଉ କେବଳ ତିନୋଟି ଉଚ୍ଚ ପ୍ରାଇମେରୀ ସ୍କୁଲ । ଗୋଟିଏ ବଣେଇଗଡ଼ରେ, ଗୋଟିଏ ଗାଙ୍ଗପୁର ସୀମାସ୍ଥ ବାଙ୍କୀରେ ଓ ତୃତୀୟଟି ବାଙ୍ଗଡ଼ା ଗ୍ରାମରେ । ଆଉ ଷ୍ଟେଟର ବିଭିନ୍ନ ସ୍ଥାନରେ ଗୋଟାକେତେ ନିମ୍ନ ପ୍ରାଇମେରୀ ସ୍କୁଲ । ବିସ୍ତୀର୍ଣ୍ଣ ଭୂୟାଁ ଅଞ୍ଚଳରେ ସ୍କୁଲ ଆଦୌ ନଥିଲା । ମୁଁ ଯିବା ସମୟକୁ ସମଗ୍ର ଷ୍ଟେଟ୍‌ରେ ଛାତ୍ରସଂଖ୍ୟା ମୋଟରେ ତିନିଶହ । ମଧ୍ୟଇଂରେଜୀ ସ୍କୁଲର ଉନ୍ନତି ନହେଲେ ନିମ୍ନଶ୍ରେଣୀୟ ସ୍କୁଲମାନଙ୍କ ଉନ୍ନତି ହୋଇପାରିବ ନାହିଁ । ଏହି ବିଶ୍ୱାସରେ ପ୍ରଥମରେ ଏହାର ସଂସ୍କାର ଆରମ୍ଭ କଲି । ଷ୍ଟେଟ୍ ଆୟରୁ ଅଧିକାଂଶ ପୂର୍ତ୍ତ ବିଭାଗରେ

Digitized by srujanika@gmail.com

ଖର୍ଚ୍ଚ ହେଉଥିଲା । ତଥାପି ରାସ୍ତାଘାଟର ଉନ୍ନତି ନଥିଲା । ଓଡ଼ିଶାର ସମସ୍ତ ଷ୍ଟେଟ୍‌ରେ ପୂର୍ତ୍ତ ବିଭାଗ ସକାଶେ ଜଣେ ଇଂରେଜ ଇଞ୍ଜିନିୟର ବେକେଟ୍ ସାହେବ (E. G. Beckett) ନିଯୁକ୍ତ ଥିଲେ । ମଧ୍ୟ-ଇଂରାଜୀ ସ୍କୁଲ ଗଡ଼ ମଧ୍ୟସ୍ଥ ଗୋଟିଏ କ୍ଷୁଦ୍ର ଗୃହରେ ହେଉଥିଲା । ସେତେବେଳେ ୧୯୨୫ ସାଲରେ ବଜେଟ ପ୍ରସ୍ତୁତ ହେଲା, ତହିଁରେ ମଧ୍ୟଇଂରାଜୀ ସ୍କୁଲ ଗୃହ ସକାଶେ ଏଜେନ୍‌ସି ଇଞ୍ଜିନିୟର ବେକେଟ ସାହେବଙ୍କ ସଙ୍ଗେ ପରାମର୍ଶକରି ଚଉଦହଜାର ଟଙ୍କା ରଖିନେଲି ଓ ଏକ ମୁକ୍ତ ପ୍ରଶସ୍ତ ସ୍ଥାନରେ ଏକବର୍ଷ ମଧ୍ୟରେ ଏହି ଗୃହ ନିର୍ମିତ ହୋଇ ତହିଁରେ ମଧ୍ୟ-ଇଂରେଜୀ ସ୍କୁଲର କାର୍ଯ୍ୟ ଚାଲିଲା । ମଫସଲ ଅଞ୍ଚଳରେ କେତେକ ନିମ୍ନ ପ୍ରାଇମେରୀ ସ୍କୁଲକୁ ଉଚ୍ଚ ପ୍ରାଇମେରୀ ସ୍କୁଲରେ ପରିଣତ କଲି ଓ କେତେକ ନୂତନ ନିମ୍ନ ପ୍ରାଇମେରୀ ସ୍କୁଲ ବସାଇଲି । ବଣେଇଗଡ଼ରେ ଲୋକସଂଖ୍ୟା ସୁଦ୍ଧା ଅତି କମ୍ । ପୁଣି ଏମାନଙ୍କର ସୁଦ୍ଧା ଶିକ୍ଷାପ୍ରତି ସେତେ ଆଗ୍ରହ ନଥିଲା । ମଫସଲରୁ ପିଲା ନଆସିଲେ ମଧ୍ୟଇଂରାଜୀ ସ୍କୁଲ ଚଳିବ ନାହିଁ । ମଫସଲ ଗସ୍ତରେ ଯାଉଥିବା ସମୟରେ ସ୍କୁଲଗୁଡ଼ିକରେ ଛାତ୍ର ସଂଖ୍ୟା ବୃଦ୍ଧିକରିବା ମୋର ପ୍ରଧାନ କର୍ତ୍ତବ୍ୟ ହୋଇଥିଲା । ପ୍ରତ୍ୟେକ ସ୍କୁଲରେ ଛାତ୍ରସଂଖ୍ୟା ବୃଦ୍ଧିପାଇଁ ସଚେଷ୍ଟ ରହିବା ସକାଶେ ସ୍କୁଲ ସବ-ଇନ୍‌ସପେକ୍ଟରଙ୍କ ପ୍ରତି ମୋର କଠୋର ଆଦେଶ ଥିଲା । ଲୋକମାନେ ନିଜ ନିଜ ପିଲାଙ୍କୁ ସ୍କୁଲକୁ ପଠାଇବା ପାଇଁ ନିତାନ୍ତ ଅନିଚ୍ଛୁକ ବୋଲି ସେ ମୋତେ ଜଣାଉଥିଲେ । ଅନେକ ଦିନ ପର୍ଯ୍ୟନ୍ତ ଏ ଦିଗରେ ଆମ୍ଭମାନଙ୍କ ଚେଷ୍ଟା ବିଫଳ ହେଉଥିବା ଦେଖି ମୁଁ ଗୋଟିଏ ଉପାୟ ଅବଲମ୍ବନ କଲି । ମୋ ସଙ୍ଗେ ସବ୍‌ଇନସ୍‌ପେକ୍ଟର ଗସ୍ତରେ ଯିବେ ଓ ଯେଉଁ ଅଞ୍ଚଳରେ ମୁଁ ଗସ୍ତ କରୁଥିବି ସେହି ସ୍ଥାନର ଥାନା ଅଫିସର ପାଶ୍ୱବର୍ତ୍ତୀ ଗ୍ରାମମାନଙ୍କର ସ୍କୁଲକୁ ଯାଇପାରିବା ଭଳି ବୟସର ପିଲାଙ୍କ ନାମ ଲେଖିବାରେ ସ୍କୁଲ୍ ସବ୍-ଇନସ୍‌ପେକ୍ଟରଙ୍କୁ ସାହାଯ୍ୟ କରିବେ । ଏହି ପ୍ରକାର କାର୍ଯ୍ୟାରମ୍ଭ ହେବାରୁ କେତେକ ପିଲାଙ୍କ ନାମ ପ୍ରତ୍ୟେକ ମୁକାମରେ ଲେଖା ହେବାକୁ ଲାଗିଲା । ଏ ପ୍ରସଙ୍ଗରେ ସରସରାବଲାଙ୍ଗ ମୁକାମର ଗୋଟିଏ କୌତୁକପୂର୍ଣ୍ଣ ଘଟଣା ଉଲ୍ଲେଖଯୋଗ୍ୟ । ଏହି ମୁକାମରେ କେତେକ ଅଭିଭାବକ ନିଜ ନିଜ ପିଲାଙ୍କୁ ଧରି ଉପସ୍ଥିତ ହୋଇଥିଲେ । ପିଲାମାନଙ୍କୁ ଧାଡ଼ିକରି ଛିଡ଼ାକରାଇ ସ୍କୁଲ୍ ସବ୍‌ଇନ୍‌ସପେକ୍ଟର ସେମାନଙ୍କ ନାମ ଲେଖିବାକୁ ଆରମ୍ଭ କରିବା ସମୟରେ ଜଣେ ପିଲାର ବାପା କହିଲା ଯେ, ତାହାର ପୁଅ ମୂକ ଓ ବଧିର । ମୂକ ଓ ବଧିରର ରୂପ ସାଧାରଣ ବ୍ୟକ୍ତିଠାରୁ ଟିକିଏ ପୃଥକ୍ । ଟିକିଏ ସୂକ୍ଷ୍ମଭାବରେ ଦେଖିଲେ ମନୁଷ୍ୟର ଏହି ଦୋଷ ଅନୁଭବ କରିବା କଷ୍ଟକର ନୁହେଁ । ପିଲାର ରୂପ ଦେଖି ମୋ ମନରେ ସନ୍ଦେହ ଜାତହେଲା । ମୋ ପାଖକୁ ଆସିବାପାଇଁ ତାକୁ ଅଙ୍ଗୁଳି ସଙ୍କେତ କଲି । ତାହାର ପିତା ଦ୍ରୁତବେଗରେ ତାହାର ସଙ୍ଗେ ଆସି ମୋ ସମ୍ମୁଖରେ ଛିଡ଼ାହୋଇ କହିଲା ଯେ, ତାହାର ପୁଅ କଥା କହିପାରେ ନାହିଁ କିମ୍ବା ଶୁଣିପାରେ ନାହିଁ । ତାହାର ନାମ ନଲେଖିବା ପାଇଁ ସେ ଅନୁରୋଧ କଲା । ତାକୁ ଚାଲିଯାଇ ଅଳ୍ପ ଦୂରରେ ରହିବାକୁ କହିଲି ।

Digitized by srujanika@gmail.com

କିନ୍ତୁ ସେ ଯାଉନଥାଏ ଏବଂ ତାହାର ଆପତ୍ତିସୂଚକ କଥା କହୁଥାଏ । ଟିକିଏ ବଳାତ୍କାର କରିବାରୁ ସେ ଅଳ୍ପ ଦୂରରେ ଛିଡ଼ାହେଲା କିନ୍ତୁ ତାହାର ଆପତ୍ତି ଚାଲିଥାଏ । ପିଲାକୁ ପାଖକୁ ଡାକି ଧୀର ସ୍ୱରରେ ପଚାରିଲି, "ତୋର ନାଁ କଣ ?" ନାଁ କହିଲା । କହିଲି, "ତୁ କଥା କହିପାରୁନାହୁଁ ?" ଉତ୍ତର "ନାହିଁ" "ଶୁଣି ବି ପାରୁନାହୁଁ"। ଉତ୍ତର, "କିଛି ଶୁଣି ପାରେନାହିଁ ?" ଏତେଗୁଡ଼ିଏ ଶବ୍ଦରେ । ତାହାର ବୟସ ପ୍ରାୟ ଦଶବର୍ଷ । ନାମ ଲେଖା ହେଲା ।

ଆଜିକାଲି ଓଡ଼ିଶା ସରକାରଙ୍କ ସ୍କୁଲରେ ପିଲାଙ୍କ ନାମ ଲେଖା ଅଭିଯାନ ଆରମ୍ଭ ହୋଇଅଛି । ଏ ସମ୍ବନ୍ଧରେ ପ୍ରଚାର କରାହେଉଅଛି, (୧) ଭାରତର ଅଧିକାଂଶ ରାଜ୍ୟ ତୁଳନାରେ ଓଡ଼ିଶା ଶିକ୍ଷା ବିଷୟରେ ଅନୁନ୍ନତ । (୨) ପ୍ରତ୍ୟେକ ଶିଶୁକୁ ଅନ୍ତତଃ ପ୍ରାଥମିକ ଶିକ୍ଷା ଦେବା ଲୋକ ସରକାରର ପ୍ରଥମ କର୍ତ୍ତବ୍ୟ । (୩) କୌଣସି ସ୍କୁଲରେ ଯେପରି ଗୋଟିଏ ହେଲେ ସ୍ଥାନ ଖାଲି ନରହେ, ତାହା ଦେଖିବା ଦାୟିତ୍ୱ ଦେଶବାସୀଙ୍କର ଓ (୪) ନିଜ ନିଜ ପିଲାଙ୍କ ନାମ ସ୍କୁଲରେ ଲେଖାଇବାପାଇଁ ଆଗଭର ହୁଅନ୍ତୁ । ୩୭ ବର୍ଷ ପୂର୍ବେ ଦେଶବାସୀଙ୍କ କ୍ରମାଗତ ଅଧୋଗତିମୂଳକ ବିଦେଶୀୟ ଶାସନ ପୂର୍ଣ୍ଣମାତ୍ରାରେ ପ୍ରଚଳିତ ଥିବା ସମୟରେ ଅତ୍ୟନ୍ତ ଅନୁନ୍ନତ ବଣେଇ ରାଜ୍ୟର ସ୍କୁଲରେ ପିଲାମାନଙ୍କ ନାମଲେଖା ଅଭିଯାନ ମୁଁ ଚଳାଇଥିଲି । ପରେ ମୋ ବିପକ୍ଷରେ ଇଂରେଜ ପଲିଟିକାଲ୍ ଏଜେଣ୍ଟ ଏହା ଦୋଷାବହ ବୋଲି ଗ୍ରହଣ କରିଥିଲେ ।

ଲୋକମାନଙ୍କ ମଧ୍ୟରେ ଆପତ୍ତି ଉଠିଲା ଯେ, ସେମାନେ ଗରିବ ଓ ସେମାନଙ୍କ ପିଲାମାନେ ନିଜ ନିଜ ଗୋରୁ, ଛେଳି ଚରାନ୍ତି; ସେମାନଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରନ୍ତି । ସେମାନେ ସ୍କୁଲରେ ରହିଲେ ସେମାନଙ୍କ ଏ ସମସ୍ତ କାର୍ଯ୍ୟରେ ବାଧା ହେବ । ଏହି ଆପତ୍ତି ଯୋଗୁଁ ସ୍କୁଲର ସମୟ ଦିନ ୧୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ରଖାହେଲା ଓ ସେମାନଙ୍କୁ ବୁଝାଇ ଦିଆଗଲା ଯେ, ସକାଳଓଳି ପିଲାମାନେ କାମକରି ବାରଟାବେଳେ ସ୍କୁଲକୁ ଆସିବେ । ବିଦ୍ୟାଶିକ୍ଷାର ଉପକାରିତା ସମ୍ବନ୍ଧରେ ସଦୁପଦେଶ ଏମାନଙ୍କ ବୋଧଗମ୍ୟ ନୁହେଁ । ଦାୟିତ୍ୱ ପାଳନରେ ବାଧ୍ୟ କରିବା ସକାଶେ ସେମାନଙ୍କୁ ପୁଣି ବୁଝାଇ ଦିଆଗଲା ଯେ, ପିଲାଙ୍କ ଅନୁପସ୍ଥିତି ସକାଶେ ଦିନକୁ ଅଣାଏ ଲେଖାଏଁ ଜରିମାନା ହେବ । ଅଚିରେ ଏହାର ଫଳ ଦୃଷ୍ଟ ହେଲା । ତଥାପି କେତେକ ଲୋକ ଏହାର ପ୍ରତିବାଦ କରିବାକୁ ଲାଗିଲେ । କେତେକ ଲୋକ ଇଚ୍ଛାପୂର୍ବକ ପିଲାଙ୍କୁ ନପଠାଇ ଜରିମାନା ଦେଲେ । ରୋଗର ଉପଶମ ସକାଶେ ବୈଦ୍ୟର କଟୁତିକ୍ତ ଔଷଧର ପ୍ରୟୋଗ ତୁଲ୍ୟ ଅଜ୍ଞାନ ଲୋକଙ୍କ ପ୍ରତି ଏ ପ୍ରକାର ବିଧାନ ନିତାନ୍ତ ଆବଶ୍ୟକ ହୋଇଥିଲା । ଦିନେ କେନାଭଟା ସ୍କୁଲକୁ ଯାଇ ଦେଖିଲି, ପିଲାଙ୍କ ଭିତରେ ତିନି ଚାରିଜଣ ବୁଢ଼ା, ଦରବୁଢ଼ା ଲୋକ ବସିଅଛନ୍ତି । ଶିକ୍ଷକଙ୍କୁ ପଚାରି ଜାଣିଲି, ସେହି ଲୋକମାନଙ୍କ ପୁଅମାନେ ଆସି ନପାରିବାରୁ ଜରିମନା ଭୟରେ ସେମାନଙ୍କ ବଦଳରେ ଆସିଛନ୍ତି । କହିବା ବାହୁଲ୍ୟ, ସେମାନଙ୍କୁ ବୁଝାଇବା ସଙ୍ଗେ ଶିକ୍ଷକଙ୍କୁ ତିରସ୍କାର କଲି ।

Digitized by srujanika@gmail.com

ପିଲାଙ୍କୁ ବିନାମୂଲ୍ୟରେ ସ୍ଲେଟ୍, ବହି ଯୋଗାଇବା ସକାଶେ ଶିକ୍ଷା ବିଭାଗର ବଜେଟରେ ଗୋଟିଏ ସ୍ୱତନ୍ତ୍ର ପାଣ୍ଠି ରଖାହେଲା । ଗୋଟାକେତେ ଛାତ୍ରବୃତ୍ତି ସୃଷ୍ଟିହେଲା । ପ୍ରତ୍ୟେକ ସ୍କୁଲ ପରିଦର୍ଶନ ଓ ପିଲାମାନଙ୍କୁ ପରୀକ୍ଷା କରି ଅପର ପ୍ରାଇମେରୀ ସ୍କୁଲରୁ ବାଛି ବାଛି ବୁଦ୍ଧିମାନ ପିଲାଙ୍କୁ ଆଣି ବଣେଇଗଡ଼ସ୍ଥ ମଧ୍ୟଇଂରେଜି ସ୍କୁଲରେ ଭର୍ତ୍ତି କରାଇଲି । ମଧ୍ୟ ଇଂରେଜି ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଙ୍କ ସକାଶେ ହାଇସ୍କୁଲରେ ଅଧ୍ୟୟନ ପାଇଁ ମଧ୍ୟ ବୃତ୍ତିର ବ୍ୟବସ୍ଥା କଲି ଓ ବଣେଇରେ ଥିବା ସମୟରେ ଜଣକେତେ ଛାତ୍ରଙ୍କୁ ବୃତ୍ତି ଦେଇ ବାମଣ୍ଡା ଓ ଅନ୍ୟାନ୍ୟ ହାଇସ୍କୁଲକୁ ପଠାଇଲି ।

ସ୍କୁଲ ସବ୍‌ଇନ୍‌ସପେକ୍ଟର ଥିଲେ ଶ୍ରୀ ନାରାୟଣ ନନ୍ଦ ଓ ମଧ୍ୟ ଇଂରାଜୀ ସ୍କୁଲ୍‌ର ହେଡ୍‌ମାଷ୍ଟର ଥିଲେ ଜୟକୃଷ୍ଣ ମହାପାତ୍ର ଓ ହେଡ଼ପଣ୍ଡିତ ଶ୍ରୀ ଭଗତ ଚରଣ ମହାନ୍ତି । ଏମାନେ କଟକ ଅଞ୍ଚଳର । ଏମାନଙ୍କ ଉତ୍ସାହ, ମୋ ସହିତ ସମପ୍ରାଣତା ଓ ଅଦମ୍ୟ ଚେଷ୍ଟାରେ ତିନିବର୍ଷ ମଧ୍ୟରେ ଷ୍ଟେଟରେ ଛାତ୍ରସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ହୋଇଥିଲା । ଏମାନେ କଟକ ଅଞ୍ଚଳରୁ ଶ୍ରୀ ଦୁର୍ଗାଚରଣ ଦାସ, ଶ୍ରୀ ପ୍ରାଣନାଥ ମିଶ୍ର ପ୍ରଭୃତି ଜଣକେତେ ପ୍ରବୀଣ ଶିକ୍ଷକ ଅଣାଇ ମଫସଲରେ ରଖାଇଥିଲେ । ଏମାନଙ୍କ ଯତ୍ନରେ ବଣେଇଗଡ଼ସ୍ଥ ମଧ୍ୟଇଂରେଜି ସ୍କୁଲ ଛଡ଼ା ମଫସଲ ଅଞ୍ଚଳର ସ୍କୁଲ ସମୂହରେ ପୁରସ୍କାର ବିତରଣୀ ସଭାମାନ ଅନୁଷ୍ଠିତ ହୋଇ ଉକ୍ତ ସଭାମାନଙ୍କୁ ସେହି ଅଞ୍ଚଳର ଅଭିଭାବକ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଡକାଇ ନାନାପ୍ରକାର ଆମୋଦପ୍ରମୋଦର ବ୍ୟବସ୍ଥା କରାହେଲା । ଏ ସମସ୍ତ ଅଭିଯାନରେ ବଣେଇଗଡ଼ର ଗଣେଶ୍ୱର ଗୌନ୍ତିଆ, ଯଦୁମଣି ପୁରୋହିତ ପ୍ରମୁଖ କେତେକ ବ୍ୟକ୍ତି, ଢାଙ୍ଗଡ଼ା ଗ୍ରାମର ରଘୁନାଥ ବିଶ୍ୱାଳ ଓ ରଘୁନାଥ ଗୌନ୍ତିଆ ଓ ତେଣ୍ଡରା ଗ୍ରାମର ଗୟାଧର ଦେଶ ପ୍ରଧାନଙ୍କ ଉତ୍ସାହ ଉଲ୍ଲେଖଯୋଗ୍ୟ ।

ଅନୁନ୍ନତ ଅସ୍ପୃଶ୍ୟ ଶିକ୍ଷାଭିଳାଷୀ ବାଳକମାନଙ୍କୁ ସୁଦ୍ଧା ଆଣି ଉଚ୍ଚ ଜାତୀୟ ପିଲାଙ୍କ ସଙ୍ଗେ ବସାଇବା ବ୍ୟବସ୍ଥା କଲି । ଏହା ପୂର୍ବେ ବଣେଇରେ ଏପରି କେବେ ହୋଇନଥିଲା । ଏହି ପ୍ରକାରେ ଲୋକଙ୍କ ମଧ୍ୟରେ ଶିକ୍ଷାପ୍ରତି ଅନୁରାଗ ଓ ଉତ୍ସାହ ସୃଷ୍ଟି କରିବା ସକାଶେ ନାନା ଉପାୟ ଅବଲମ୍ବନ କରିବାକୁ ହେଉଥିଲା । ତଥାପି ଭୂୟାଁ ଅଞ୍ଚଳରେ ସ୍କୁଲ ବସାଇବା ଅତ୍ୟନ୍ତ କଷ୍ଟସାଧ୍ୟ ହୋଇଥିଲା । ଯେଉଁ ଗୋଟାଏ ଦୁଇଟା ସ୍କୁଲ ଆରମ୍ଭ କରାହୋଇଥିଲା ତହିଁରେ କେହି ଉପସ୍ଥିତ ନହେବାରୁ ବାଧ୍ୟହୋଇ ସେ ସବୁ ବନ୍ଦ କରିବାକୁ ହୋଇଥିଲା । ବଣେଇରେ କୁକୁଡ଼ା ଲଢ଼େଇ ଏକ ପ୍ରଧାନ ବ୍ୟସନ । କୁକୁଡ଼ାର ଗୋଡ଼ରେ ଛୁରୀ ବାନ୍ଧିଦେଇ ସେମାନଙ୍କୁ ଛାଡ଼ି ଦିଆଯାଏ । ପରସ୍ପର ପରସ୍ପର ଉପରେ ଆକ୍ରମଣ କରି ଛୁରୀ ଆଘାତରେ ସେମାନଙ୍କ ଦେହ ରକ୍ତାକ୍ତ ହୋଇଯାଏ । ଏହା ଏକପ୍ରକାର ଜୁଆଖେଳ । କୁକୁଡ଼ା ଉପରେ ପଇସା ମଧ୍ୟ ବସାଯାଏ । ଯେଉଁ କୁକୁଡ଼ା ଆକ୍ରମଣରୁ କ୍ଷାନ୍ତ ହୋଇ ତୁନି ହୋଇ ରହିଯାଏ ତାହାର ମାଲିକ ତାହା ଉପର ପଇସା ସହିତ ହାରିଯାଏ ଓ ଅପର କୁକୁଡ଼ାର ମାଲିକ ତାହା

Digitized by srujanika@gmail.com

ପାଏ। ଏହି ଜୁଆଖେଳରେ ପ୍ରାୟ ସମସ୍ତ ଶ୍ରେଣୀର ଲୋକେ ଯୋଗଦିଅନ୍ତି। ସ୍କୁଲ ଥିବା ଗ୍ରାମରେ କୁକୁଡ଼ା ଲଢ଼େଇ ଆରମ୍ଭ ହେଲେ ସେହିଦିନ ସ୍କୁଲ ବନ୍ଦ ହୋଇଯାଏ। ଏହି ନୃଶଂସ ଖେଳକୁ ମୁଁ ବନ୍ଦ କରିଦେଲି ଓ ଜୁଆଖେଳ ଆଇନ ଅନୁସାରେ ଏହା ଦଣ୍ଡନୀୟ ହୋଇଥିବାରୁ ଖେଳାଳିମାନଙ୍କୁ ଦଣ୍ଡଦେଲି। ଏହା ମଧ୍ୟ ମୋ ବିରୁଦ୍ଧରେ ପଲିଟିକାଲ୍ ଏଜେଣ୍ଟଙ୍କଠାରେ ଅଭିଯୋଗର କାରଣ ହୋଇଥିଲା। ତଥାପି ମୁଁ ମୋର କର୍ତ୍ତବ୍ୟରୁ କ୍ଷାନ୍ତ ନହୋଇ ପ୍ରବଳ ଉତ୍ସାହ ସହକାରେ ଏଥିରେ ଅଗ୍ରସର ହେଲି ଓ ଶିକ୍ଷାବିସ୍ତାରୋଦ୍ୟମର ଅମୃତମୟ ଫଳ ମୁଁ ୧୯୨୭ ମସିହାରେ ବଣେଇ ତ୍ୟାଗକରିବା ପୂର୍ବେ ହୃଦୟଙ୍ଗମ କଲି।

କେତେକ ବର୍ଷ ହେଲା ବଣେଇଗଡ଼ରେ ହାଇସ୍କୁଲ ସ୍ଥାପିତ ହୋଇଅଛି। ଜଣକେତେ ବଣେଇ ଅଧିବାସୀ ଉଚ୍ଚଶିକ୍ଷା ପ୍ରାପ୍ତ ହୋଇ ଉଚ୍ଚ ସରକାରୀ କାର୍ଯ୍ୟରେ ମଧ୍ୟ ନିଯୁକ୍ତ ହୋଇଅଛନ୍ତି। ଆଜି ଏମାନଙ୍କୁ ଦେଖିଲେ ଓ ଏମାନଙ୍କ ଓ ଅନ୍ୟାନ୍ୟ ଉଚ୍ଚଶିକ୍ଷିତ ବ୍ୟକ୍ତିଙ୍କ ବିଷୟ ଶୁଣିଲେ ମୋର ହୃଦୟ ଆନନ୍ଦରେ ଉତ୍‌ଫୁଲ୍ଲ ହୋଇଉଠେ ଓ ଅତୀତ ସ୍ମରଣକରି ମନେହୁଏ, ମନୁଷ୍ୟର ସଦୁଦ୍ଦେଶ୍ୟପୂର୍ଣ୍ଣ କାର୍ଯ୍ୟାବଳୀର ଅନ୍ତିମ ପରିଣତି ସର୍ବକ୍ଷେତ୍ରରେ ଶୁଭଙ୍କର।

ପ୍ରବଳ ଉତ୍ସାହ ଓ ଉନ୍ମାଦନା ସହକାରେ ବଣାଇରେ ଦେଓ୍ୱାନି କାର୍ଯ୍ୟ ଚାଲିଥାଏ। ପ୍ରଜାଙ୍କ ପକ୍ଷରେ କୌଣସି ପ୍ରକାର ଜଟିଳତାପୂର୍ଣ୍ଣ ସମସ୍ୟା ନାହିଁ। ସରକାର ମୋତେ ଯେଉଁ ବିଷମ ପରିସ୍ଥିତିରେ ରଖି ଦେଇଅଛନ୍ତି କେବଳ ସେହି ବିଷୟ ଭାବନାରେ ବେଳେ ବେଳେ ମୁଁ ଅସ୍ଥିର ହୋଇପଡୁଥାଏଁ। ଭାବେଁ, ସରକାରଙ୍କ ଏହା କେଉଁ ନୀତି । ବିଦେଶୀୟ ଶାସକଗଣ ଶାସନ କାର୍ଯ୍ୟରେ ଯେତେ ପ୍ରବୀଣ ହୁଅନ୍ତୁ ନା କାହିଁକି ଭାରତବର୍ଷୀୟ ନାନା ଶ୍ରେଣୀ, ନାନା ଧର୍ମଭାବ, ନାନା ମନୋବୃତ୍ତିବିଶିଷ୍ଟ ବ୍ୟକ୍ତିଙ୍କ ସମ୍ବନ୍ଧରେ ସେମାନଙ୍କ ଅନଭିଜ୍ଞତା ଯୋଗୁଁ ନାନା ସ୍ଥାନରେ ନାନା ଅପ୍ରୀତିକର ଘଟଣାମାନ ସଂଘଟିତ ହୋଇଥାଏ। ରାଜାଙ୍କୁ ସର୍ବ କ୍ଷମତାରୁ ଚ୍ୟୁତକରି ସରକାର ତାଙ୍କ ଭୃତ୍ୟ ଦେଓ୍ୱାନ ହସ୍ତରେ ସେ ସମସ୍ତ ଅର୍ପଣକରି ଦେଇଅଛନ୍ତି। ଅଥଚ ପୁରୋହିତ, ପରିଜନ, ପ୍ରଜା ପରିବୃତ 'ଭୋଗୀବ ମନ୍ତ୍ରୌଷଧିରୁଦ୍ଧବୀର୍ଯ୍ୟଃ' ରାଜାଙ୍କୁ ସେମାନଙ୍କ ମଧ୍ୟରେ ରଖିଦେଇଅଛନ୍ତି। ସରକାରଙ୍କ ଶାସନକୁ ପଣ୍ଡ କରିବେ ବୋଲି ରାଜା ପ୍ରକାଶ୍ୟଭାବରେ ଘୋଷଣାକରି ମୋତେ ମୋର କାର୍ଯ୍ୟାବଳୀ ତଦନୁସାରେ ନିୟନ୍ତ୍ରଣ କରିବା ସକାଶେ ଯେଉଁ ସଦୁପଦେଶ ବନ୍ଧୁଭାବରେ ଦେଇଅଛନ୍ତି ତାହାଯୋଗୁଁ ଯେତେ ସତର୍କତା ଅବଲମ୍ବନ କଲେ ସୁଦ୍ଧା ଭୀଷଣ ଅଶାନ୍ତି ମଧ୍ୟରେ ରାଜକାର୍ଯ୍ୟ କରିବାକୁ ହେଉଅଛି। ଭୟ ହେଉଥାଏ, କେତେବେଳେ ଅପ୍ରତ୍ୟାଶିତ ଭାବରେ କେଉଁ ଅପ୍ରୀତିକର ଘଟଣା ଆସି ଉପସ୍ଥିତ ହୋଇଯିବ। କେତେ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ସାକ୍ଷାତ ହେଉଅଛି। ଏକାକୀ ବସିରହିବା ମଧ୍ୟ ଉପାୟ ନାହିଁ। ଏକ ପକ୍ଷରେ ସ୍ଥାନୀୟ ଲୋକଙ୍କ ଅଭାବ ଅଭିଯୋଗାଦି ପ୍ରତ୍ୟକ୍ଷ ଭାବରେ ନଶୁଣିଲେ ଲୋକଙ୍କ ମଧ୍ୟରେ ଅପ୍ରିୟତା

Digitized by srujanika@gmail.com

ଅର୍ଜନ କରିବାକୁ ହେବ। ପୁଣି କର୍ତ୍ତବ୍ୟ ସମ୍ପାଦନରେ ମଧ ତ୍ରୁଟି ହେବ। ଅପର ପକ୍ଷରେ ଭୟ। କିଏ କିଭଳି ଲୋକ। ରାଜାଙ୍କ ପକ୍ଷରୁ କେହି ବା ମୋ ଗତିବିଧି ଗୋପନରେ ପର୍ଯ୍ୟବେକ୍ଷଣ କରୁଅଛନ୍ତି। ରାଜାସାହେବ ବେଳେ ବେଳେ ମୋ ବସାକୁ ଆସି ଖୁସିଗପ୍ପ କରନ୍ତି। ମୋର ତ ପିଲାଦିନରୁ ଉପେନ୍ଦ୍ର ଭଞ୍ଜ ପ୍ରଭୃତି କବିମାନଙ୍କ ପୁରାତନ ରଚନାପ୍ରତି ଅନୁରାଗ ଥାଏ ଓ ଭିନ୍ନ ଭିନ୍ନ ଗ୍ରନ୍ଥରୁ ଛାନ୍ଦମାନ କଣ୍ଠସ୍ଥ ଥାଏ ଓ ରାଗରାଗିଣୀରେ ବୋଲିବାକୁ ସୁଖଲାଗେ। ରାଜାସାହେବଙ୍କର ମଧ ତତ୍‌ପ୍ରତି ଆଗ୍ରହ କମ୍ ନଥାଏ। ତହିଁରୁ ଛନ୍ଦୋବଦ୍ଧରେ ମୋ ମୁଖରୁ ଆଗ୍ରହ ସହକାରେ ଶୁଣନ୍ତି। ପ୍ରତିବର୍ଷ ଚୈତ୍ର ସଂକ୍ରାନ୍ତିରୁ ଆରମ୍ଭ କରି ମାସାବଧିକାଳ ଚଡ଼କ ପୂଜା ସହିତ ଛଉନାଚ ଚାଲେ। ସେହି ସମୟରେ ଗଡ଼ରେ ବହୁଲୋକଙ୍କ ସମାବେଶ ହୁଏ। ରାଜାସାହେବଙ୍କ ଜ୍ଞାତି ବନ୍ଧୁମାନେ ସୁଦ୍ଧା ନିମନ୍ତ୍ରିତ ହୋଇଆସନ୍ତି। ତାଳଚେର ଓ ଅନ୍ୟାନ୍ୟ ଗଡ଼ଜାତ ରାଜ୍ୟମାନଙ୍କରୁ ଭିକ୍ଷାଶୀ ବ୍ରାହ୍ମଣମାନେ ଆସି ସେମାନଙ୍କ ମଧରୁ କୁଣ୍ଡଳୀ, ବଳୟୀ, ଘନ ଚନ୍ଦନ ଚର୍ଚ୍ଚିତ ଭଦ୍ରବେଶୀ କେହି କେହି 'ଆହେ ଭ୍ରଥଚନ୍ଦ୍ର ହେ, କେତେ ତୁମ୍ଭ ଗାଇବି ଗୁଣ' ପ୍ରଭୃତି ଶ୍ଳୋକପୂର୍ଣ୍ଣ କବିତା ଆବୃତ୍ତି କରି ଭିକ୍ଷା ଗ୍ରହଣ କରିଯାନ୍ତି। ଦିନକର ଅଭାବନୀୟ ଘଟଣା। କି ସର୍ବନାଶ! ଅଜ୍ଞାତସାରରେ ଜଣେ ରାଜାଙ୍କ ପ୍ରତି ଅଶିଷ୍ଟ ବ୍ୟବହାରରେ ମ୍ରିୟମାଣ ହେଲି। ଦିନେ ରାଜାସାହେବଙ୍କ ସହିତ ତାଳଚେରର ସ୍ୱର୍ଗୀୟ ରାଜା (ବର୍ତ୍ତମାନ ରାଜାଙ୍କ ପିତା) ଫାଟକ ବାହାରେ ମୋଟର ରଖିଦେଇ ମୋ ବସାକୁ ଆସିଲେ ଓ କିଛି ସମୟ ପରେ ଯେତେବେଳେ ଫେରିଯିବାକୁ ବାହାରିଲେ ତାଙ୍କ ଆଗରେ ମୁଁ ଚାଲିଯାଇ ମୋଟରରେ ବସିଥିବା ଚାଳକଙ୍କୁ ସମ୍ବୋଧନ କରି କହିଲି, "ଡ୍ରାଇଭର! ଏ ଆଡ଼କୁ ମୋଟର ଘୂରାଇ ଦିଅ।" ଡ୍ରାଇଭର ଗାଡ଼ି ଘୂରାଇଦେଲାରୁ ରାଜାଦ୍ୱୟ ତହିଁରେ ବସିଲେ ଓ ତାଳଚେର ରାଜା "ରାଜାସାହେବ ଚଳାନ୍ତୁ" ବୋଲି ଯେତେବେଳେ କହିଲେ, ମୁଁ ଉପସ୍ଥିତ ବ୍ୟକ୍ତିମାନଙ୍କୁ ପଚାରି ଜାଣିଲି ଚାଳକ ସ୍ୱୟଂ ଗୋଟିଏ ରାଜ୍ୟର ରାଜା। ରୂପରେଖରୁ ଡ୍ରାଇଭର ଓ ରଜାଙ୍କୁ ଚିହ୍ନି ହେଉନାହିଁ। ଗାଡ଼ି ଚାଲିବା ପୂର୍ବେ ତାଙ୍କ ନିକଟକୁ ଯାଇ କ୍ଷମାଭିକ୍ଷା କଲି। ପରଦିନ ବଣେଇ ରାଜାସାହେବଙ୍କ ସହିତ ରାଜବାଟୀରେ ସାକ୍ଷାତ ସମୟରେ ତାଙ୍କ ସମ୍ବନ୍ଧରେ କେତେ କୌତୁକପୂର୍ଣ୍ଣ କଥା ଶୁଣିଲି।

ଯେତେ ସାବଧାନତା ସହ 'ହାତେ ମାପି ଚାଖଣ୍ଡେ ଚାଲୁଥିଲେ' ମଧ ମନୁଷ୍ୟ ଜୀବନରେ ଯେ କେତେବେଳେ ଅକସ୍ମାତ୍ କେଉଁ ଘଟଣା ଆସି ଉପସ୍ଥିତ ହୋଇଯାଏ ତାହା କଳ୍ପନା କରିବା ସୁଦ୍ଧା ଦୁଃସାଧ। ବର୍ଣ୍ଣିତ ଘଟଣାଟି ରାଜାଙ୍କ ଅନ୍ତର୍ବହ୍ନିର ଆଦ୍ୟ ସ୍ଫୁଲିଙ୍ଗ। ଦିନେ ଶୁଣିଲି, ସଦର ଡାକ୍ତରଖାନାର ବଙ୍ଗବାସୀ ଆସିଷ୍ଟାଣ୍ଟ ସର୍ଜନ ମୋର ଅନୁମତି ନନେଇ ବା ମୋତେ ନଜଣାଇ ସ୍ଥାନ ତ୍ୟାଗକରି ଚାଲି ଯାଇଅଛନ୍ତି। ଡାକ୍ତରଖାନା ଜଣେ କମ୍ପାଉଣ୍ଡରଙ୍କ ତତ୍ତ୍ୱାବଧାନରେ ପ୍ରାୟ ମାସେକାଳ ରହିଲା। ତାଙ୍କ ଠିକଣା ସୁଦ୍ଧା କେହି କହି ନପାରିବାରୁ ତାଙ୍କଠାକୁ ପତ୍ର ମଧ ଲେଖାଯାଇ ପାରିଲା ନାହିଁ। ମାସକ ଉତ୍ତାରେ ଫେରିଲାରୁ

Digitized by srujanika@gmail.com

ମୁଁ ତାଙ୍କ କୈଫିୟତ୍ ତଲବ କଲି। ସେ ରାଜାଙ୍କ ହୁକୁମରେ କଲିକତା ଯାଇ ତାଙ୍କ ସଙ୍ଗେ ଥିଲେ ବୋଲି କହିଲେ। ମୋତେ ନଜଣାଇ ଚାଲି ଯାଇଥିବା ଯୋଗୁଁ ଓ ଏକମାତ୍ର ଡାକ୍ତରଙ୍କୁ ନେଇ ରାଜାସାହେବ ମାସେ କାଳ ତାଙ୍କ ସହିତ ରଖିଥିବେ, ଏଥିରେ ମୋର ବିଶ୍ୱାସ ହେଲାନାହିଁ। ରାଜାସାହେବଙ୍କୁ ଯାଇ ପଚାରିଲି। ସେ ତାଙ୍କ ସ୍ୱାସ୍ଥ୍ୟ ବିବେଚନାରେ ତାଙ୍କୁ ରଖିଥିଲେ ବୋଲି କହିଲେ ଓ ଡାକ୍ତରଙ୍କଠାରୁ କୈଫିୟତ ତଲବ କରିଥିବା ଯୋଗୁଁ ମୋ ପ୍ରତି ବିରକ୍ତି ପ୍ରକାଶ କଲେ। ମୁଁ ଆଉ କହିବି କ'ଣ? ଚୁପ୍ ରହିଲି। ତତ୍ପରେ ଯାହା ସ୍ୱାଭାବିକ ତାହା ହେଲା। ଡାକ୍ତର, କମ୍ପାଉଣ୍ଡର ମୋତେ ବୃଦ୍ଧାଙ୍ଗୁଳି ଦେଖାଇବାକୁ ଲାଗିଲେ।

କ୍ରମେ କ୍ରମେ ଦେଖିଲି ଓଭରସିଅର୍, ପୋଲିସ୍ ଇନସ୍‌ପେକ୍ଟର, ଫରେଷ୍ଟ ଅଫିସର ପ୍ରଭୃତି ଭିନ୍ନ ଭିନ୍ନ ବିଭାଗର ପ୍ରଧାନ କର୍ମଚାରୀମାନେ ନିଜ ନିଜ କାର୍ଯ୍ୟରେ ଅବହେଳା କରିବାକୁ ଲାଗିଲେ ଓ ସେମାନଙ୍କୁ ଯେତେ କହିଲେ, ଯେତେ ସଦୁପଦେଶ ଦେଲେ ସୁଦ୍ଧା ଶୁଣିଲେ ନାହିଁ। ସେମାନଙ୍କ ଦପ୍ତରମାନ ଯାଞ୍ଚ କରିବାକୁ ବସିଲେ। କାଗଜପାତ୍ର ନଦେଖାଇ ଅସହଯୋଗ କରିବାକୁ ଲାଗିଲେ। ଯେ ଯାହା କରିବାକୁ ଚାହିଁଲେ ତାହା କଲେ। ଯେଉଁଆଡ଼େ ଯିବାକୁ ଚାହିଁଲେ ମୋତେ ନଜଣାଇ ଗଲେ। କ୍ରମେ କ୍ରମେ ପରିସ୍ଥିତି ଗୁରୁତର ହେବାକୁ ବସିଲା। ରାଜ୍ୟ ଶାସନରେ ବିଶୃଙ୍ଖଳା ଘଟିବା ଭଳି କେତେକ କାର୍ଯ୍ୟାରମ୍ଭ ହୋଇଥିବା ଯେତେବେଳେ ଅନୁଭବ କଲି ଦୃଢ଼ତା ସହକାରେ ତହିଁର ପ୍ରତିକାର କରିବାକୁ ଲାଗିଲି। ଅନେକ ସମୟରେ ରାଜାଙ୍କ ସହିତ ଏ ସମସ୍ତ ବିଷୟରେ ଆଲୋଚନା କରୁଥାଏ । ବେଳେବେଳେ ଅନୁଭବ କରେଁ, ମୋର ଭବିଷ୍ୟତ ପନ୍ଥା ନିରୂପଣରେ ଏ ସମସ୍ତ ଅପ୍ରୀତିକର ଘଟଣା ସମୂହ ଆଲୋକପାତ କରେ। ପ୍ରଥମରେ ଓଭର୍‌ସିଅରଙ୍କ କାର୍ଯ୍ୟ ଯାଞ୍ଚକରି ମୋର ପରିଦର୍ଶନ ମନ୍ତବ୍ୟ ପୋଲିଟିକାଲ୍ ଏଜେଣ୍ଟଙ୍କଠାକୁ ପଠାଇଲି। ସେ କାର୍ଯ୍ୟରୁ ଅନ୍ତ ହୋଇ ରାଜ୍ୟ ଛାଡ଼ି ଚାଲିଗଲେ। ତାଙ୍କ ପରେ ଗଲେ ପୋଲିସ୍ ଇନ୍‌ସ୍‌ପେକ୍ଟର। ଅପର ସମସ୍ତ ରାଜାଙ୍କଦ୍ୱାରା ନିଯୁକ୍ତ ହୋଇଥିଲେ।

ଏହିପରି ଗୋଳମାଳ ମଧ୍ୟରେ ଶାସନ କାର୍ଯ୍ୟ ଚାଲିଥାଏ। ଏଆଡ଼େ ମାଉସୀ ସେ ଆଡ଼େ ପିଉସୀଙ୍କୁ ସନ୍ତୁଷ୍ଟ କରିବାରେ ଛଟପଟ ହୋଇ ମରୁଥାଏଁ। ସମୟ ସମୟରେ ରାଜାଙ୍କ ପାଖଲୋକଙ୍କ ବିରୁଦ୍ଧରେ ଆଇନଗତ ଅଭିଯୋଗମାନ ଆସେ। କୌଣସିମତେ ତହିଁର ମୀମାଂସା କରିଦିଏଁ। ମୁଁ ଅନୁଭବ କରୁଥାଏଁ, ଏ ସମସ୍ତ ରାଜ୍ୟ ଶାସନ ସମ୍ବନ୍ଧୀୟ ଅସ୍ୱାଭାବିକ ପରିସ୍ଥିତିର ସୁଯୋଗ ନେଇ ଏହି କର୍ମଚାରୀ ଓ ଅନ୍ୟାନ୍ୟ ଲୋକେ ଏପରି ଗଣ୍ଡଗୋଳ ସୃଷ୍ଟି କରିଅଛନ୍ତି।

ଦିନେ ଏଜେନ୍‌ସି ଫରେଷ୍ଟ ଅଫିସର ମୁନି (H. F. Mooney) ସାହେବଙ୍କଠାରୁ ଖଣ୍ଡେ ପତ୍ର ପାଇଲି। ଫରେଷ୍ଟ ଅଫିସରଙ୍କ ସହ ତାଙ୍କ ସହିତ ପାନପୋଷରେ ସାକ୍ଷାତ କରିବାକୁ ସେ ମୋତେ ଲେଖିଥିଲେ। ଫରେଷ୍ଟ ଅଫିସର ଓ ମୁଁ ଯାଇ ତାଙ୍କ ସଙ୍ଗେ

Digitized by srujanika@gmail.com

ସାକ୍ଷାତ କଲୁଁ। ସେ ମୋତେ କହିଲେ ଯେ, ପୋଲିଟିକାଲ୍ ଏଜେଣ୍ଟ ପେକ୍ ସାହେବ (N.F. Peck, I.C.S.) ମୋ ସହିତ କେତେକ ବିଷୟରେ କଥାବାର୍ତ୍ତା କରିବାକୁ ଚାହାଁନ୍ତି ଓ ଅବିଳମ୍ବରେ ତାଙ୍କ ସହିତ ସମ୍ବଲପୁରରେ ସାକ୍ଷାତ କରିବାପାଇଁ କହିଲେ। ଫିଲିପ୍ ସାହେବ ସେହି ସମୟରେ ଦୀର୍ଘ ଛୁଟିରେ ଯାଇଥିବାରୁ ସହକାରୀ ପୋଲିଟିକାଲ୍ ଏଜେଣ୍ଟ ପେକ୍ ସାହେବ ତାଙ୍କ ସ୍ଥାନରେ ନିଯୁକ୍ତ ହୋଇ ରହିଥିଲେ। ଫରେଷ୍ଟ ଅଫିସରଙ୍କୁ ପାନପୋଷରେ ଛାଡ଼ିଦେଇ ମୁଁ ସମ୍ବଲପୁର ଚାଲିଗଲି ଓ ସେଠାରେ ପହୁଞ୍ଚିବା ପରଦିନ ତାଙ୍କ ସହିତ ସାକ୍ଷାତ କଲି। ମୋତେ ଦେଖିବା ମାତ୍ରକେ ପେକ୍ ସାହେବ ଗର୍ଜନ କରି କହି ଉଠିଲେ, ''ମି. ଫିଲିପ୍ ଏସବୁ ସହିପାରନ୍ତି। ମୁଁ ସହିବି ନାହିଁ'' (Mr. Philip may tolerate all this, I won't)। ତାଙ୍କ ବ୍ୟବହାରରେ ମୁଁ ସ୍ତମ୍ଭିତ ହେଲି ଓ ତହିଁର କାରଣ ପଚାରିଲି। ସେ ମୋ ହାତକୁ ଖଣ୍ଡେ କାଗଜ ବଢ଼ାଇ ଦେଲେ। ତାହା ପଢ଼ି, ମୋ ଚକ୍ଷୁ ସ୍ଥିର। ତାହା ବିହାର ଓ ଓଡ଼ିଶାର ଗଭର୍ଣ୍ଣରଙ୍କ ଠାକୁ ବଣେଇ ଷ୍ଟେଟ୍‌ର ଫରେଷ୍ଟ ଅଫିସରଙ୍କ ଦ୍ୱାରା ପ୍ରେରିତ ଟେଲିଗ୍ରାମର ନକଲ। ତହିଁରେ ଲେଖାଥିଲା ଯେ, ମୁଁ ଅନେକ ଗୁଡ଼ିଏ ବହୁମୂଲ୍ୟ ଗଛ କଟାଇ ସମ୍ବଲପୁରରେ ତିଆରି ହେଉଥିବା ମୋ ନୂଆଘରେ ଲଗାଇବା ସକାଶେ ପଠାଇ ଦେଇଅଛି ଓ ମୋର ଅତ୍ୟାଚାରରେ ବଣେଇର ଲୋକେ ଘରଛାଡ଼ି ପଳାଇ ଯାଉଅଛନ୍ତି। ବିହାର ଓ ଓଡ଼ିଶାର ଗଭର୍ଣ୍ଣରଙ୍କଠାରୁ ତହିଁର ତଦନ୍ତ ସକାଶେ ତାହା ପୋଲିଟିକାଲ୍ ଏଜେଣ୍ଟଙ୍କଠାକୁ ଆସିଥିଲା ଓ ତଦନ୍ତ ସକାଶେ ସେ ଏଜେନ୍‌ସି ଫରେଷ୍ଟ ଅଫିସରଙ୍କୁ ପଠାଇଥିଲେ। ସେତେବେଳେ ବିହାର ଓ ଓଡ଼ିଶା ମିଶି ଏକ ଶାସନାଧୀନରେ ଥିଲା। ୧୯୩୬ ମସିହାରେ ପୃଥକ୍ ହେଲା। ମୁଁ ପେକ୍ ସାହେବଙ୍କୁ କହିଲି, ମୋର ସୌଭାଗ୍ୟ ଯେ ମୋର ଅନୁପସ୍ଥିତିରେ ମୁନି ସାହେବ ତଦନ୍ତ କରିବେ। ମୁଁ ତଦନ୍ତ ସମୟରେ ଉପସ୍ଥିତ ଥିଲେ ହୁଏତ ଲୋକମାନେ ମୋ ବିରୁଦ୍ଧରେ କିଛି କହିବାକୁ ସଙ୍କୁଚିତ ହେବେ ବୋଲି ଅଭିଯୋଗ ହୋଇପାରେ। ମୋର ଅନୁପସ୍ଥିତିରେ ମୋ ବିରୁଦ୍ଧରେ ତଦନ୍ତ ମୋ ପକ୍ଷରେ ମଙ୍ଗଳକର। ଏହି କାରଣରୁ ମୁନିସାହେବ ବଣେଇରୁ ଫେରିବା ପର୍ଯ୍ୟନ୍ତ ମୋତେ ସମ୍ବଲପୁରରେ ରହିବାପାଇଁ ତାଙ୍କ ଅନୁମତି ପ୍ରାର୍ଥନା କଲି ଏବଂ ତାଙ୍କ ଅନୁମତିରେ ରହିଲି। ଚାରିପାଞ୍ଚ ଦିନ ପରେ ମୁନି ସାହେବ ଗୋଟିଏ ପତ୍ରଦ୍ୱାରା ମୋତେ ଡକାଇଲେ ଓ ମୁଁ ସମ୍ବଲପୁର ବଙ୍ଗଳାରେ ତାଙ୍କ ସହିତ ସାକ୍ଷାତ କଲି। ସେ ମୋତେ ଦେଖି ଖୁବ୍ ହସିଲେ ଓ ମୋ ହାତକୁ ବିଡ଼ାଏ କାଗଜ ବଢ଼ାଇଦେଲେ। ତାହା ତାଙ୍କ ତଦନ୍ତର ରିପୋର୍ଟ। ସମସ୍ତ ପଢ଼ିଗଲି ଓ ଜାଣିଲି ଯେ ମୋ ବିରୁଦ୍ଧରେ ଫରେଷ୍ଟ ଅଫିସରଙ୍କ ସମସ୍ତ ଅଭିଯୋଗ ମିଥ୍ୟା ବୋଲି ସେ ଲେଖିଛନ୍ତି। ମୋ ଭାଗ୍ୟକୁ ଧନ୍ୟବାଦ ଦେଲି। ମୁନିସାହେବ କହିଲେ ଯେ, ମୁଁ ଯେଉଁ ଗଛମାନ କଟାଇ ନେଇଅଛି ବୋଲି ସେ ତାଙ୍କ ଟେଲିଗ୍ରାମରେ ଲେଖିଥିଲେ ତହିଁର ଚିହ୍ନଖୁଣ୍ଟମାନ ତାଙ୍କୁ ଦେଖାଇବାକୁ ଫରେଷ୍ଟ ଅଫିସରଙ୍କୁ ସେ ଯେତେବେଳେ କହିଲେ, ଫରେଷ୍ଟ ଅଫିସର ତାଙ୍କ ଟେଲିଗ୍ରାମରେ ଲିଖିତ ଅଭିଯୋଗ ମିଥ୍ୟା ବୋଲି ସ୍ୱୀକାର

Digitized by srujanika@gmail.com

କଲେ। ମୁଁ ଅବ୍ୟାହତି ପାଇଲି ଓ ପେକ୍ ସାହେବଙ୍କ ସହିତ ସେହିଦିନ ସାକ୍ଷାତ କଲି। ସେ ମୋତେ ଦେଖିବା ମାତ୍ରେ ହସି ହସି ଉଷ୍ଣ କରମର୍ଦ୍ଦନଟାଏ (Warm Shakehand) କଲେ ଓ କେତେ ଉପଦେଶପୂର୍ଣ୍ଣ କଥା କହିଲେ। ତାଙ୍କଠାରୁ ବିଦାୟ ନେଇ ମୁଁ ବଣେଇ ଚାଲିଗଲି।

ଏହା ହେଲା ମୋ ଉପରେ ଚକ୍ରାନ୍ତର ଦ୍ୱିତୀୟ ପର୍ଯ୍ୟାୟ। ବିପଦର ଏତିକିରେ ଅବସାନ ହେଲାନାହିଁ। ଦିନେ ସନ୍ଧ୍ୟାରେ ମୁଁ ମୋ ବସାରେ ଅଫିସ କାମରାରେ ବସି କାମ କରୁଛି, ଜଣେ ବ୍ରାହ୍ମଣ ଫରେଷ୍ଟ ଗାର୍ଡ଼ କାମରା ଭିତରକୁ ପଶିଆସି ହସିବାକୁ ଲାଗିଲା ଓ ନାନା ଅଙ୍ଗଭଙ୍ଗି କଲା। ଜାଣି ପାରିଲି, ସେ ମଦ ଖାଇଛି। ତାକୁ ଚାଲିଯିବାକୁ କହିଲି। କିନ୍ତୁ ସେ ନଯାଇ ଆହୁରି ଉଚ୍ଛୃଙ୍ଖଳ ହେବାକୁ ଲାଗିଲା। ଗୋଟିଏ ବେତ ଆଣି ତାକୁ ପିଟିଲି। ତହିଁରୁ ସେ ଦୌଡ଼ି ଦୌଡ଼ି ପଳାଇଗଲା। କିଛିଦିନ ପରେ ସମ୍ବଲପୁରରୁ ପୋଲିଟିକେଲ୍ ଏଜେଣ୍ଟଙ୍କଠାରୁ ଗୋଟିଏ ନୋଟିସ୍ ପାଇଲି। ମୋ ନାମରେ ସେହି ଫରେଷ୍ଟ ଗାର୍ଡ଼ ଫୌଜଦାରୀ ମୋକଦ୍ଦମା ପୋଲିଟିକେଲ୍ ଏଜେଣ୍ଟଙ୍କଠାରେ ସମ୍ବଲପୁରରେ ଦାଏର କରିଛି ଓ ପୋଲିଟିକେଲ୍ ଏଜେଣ୍ଟ ସେହି ସମ୍ପର୍କରେ ମୋତେ ଫୌଜଦାରୀ କାର୍ଯ୍ୟବିଧି ଅନୁଯାୟୀ ତଲବ କରିଛନ୍ତି। ପୋଲିଟିକେଲ୍ ଏଜେଣ୍ଟଙ୍କ ଦପ୍ତରରେ ମୁଁ ଉପସ୍ଥିତ ହୋଇ ଦେଖିଲି ସେହି ଫରେଷ୍ଟଗାର୍ଡ଼ ସହିତ ଦୁଇଜଣ ସାକ୍ଷ୍ୟ ମଧ୍ୟ ଉପସ୍ଥିତ ଅଛନ୍ତି। ସାହେବ ମୋକଦ୍ଦମାର ବିଚାର କରିବାକୁ ବସିଲେ। ମୁଁ କହିଲି, "ସାହେବ ! ଆପଣ ବଣେଇ ରାଜ୍ୟର ଘଟଣା ସମ୍ବନ୍ଧରେ ସରକାରୀ ମୁଲକ ସମ୍ବଲପୁର ମାଟିରେ କିପରି ମୋକଦ୍ଦମା ବିଚାର କରିବେ ? ଫୌଜଦାରୀ ଆଇନ୍ ଅନୁସାରେ ସମ୍ବଲପୁର ଜିଲ୍ଲା ମାଜିଷ୍ଟ୍ରେଟ୍ ଏହି ଜିଲ୍ଲାର କ୍ଷମତାପ୍ରାପ୍ତ ହାକିମ। ପୁଣି ଆପଣଙ୍କ ଗଡ଼ଜାତ ମାଟିରେ ମୂଳ ମୋକଦ୍ଦମାରେ ବିଚାର କରିବା ସୁଦ୍ଧା କ୍ଷମତା ନାହିଁ।" ଏହା କହି ଏ ସଂକ୍ରାନ୍ତ ଫୌଜଦାରୀ କାର୍ଯ୍ୟବିଧି ଆଇନର ଦଫାମାନ ଦେଖାଇଦେଲି। ସାହେବ ମୋ ସହିତ ଏକମତ ହେଲେ। ତାହା ହୋଇଥିଲେ ସୁଦ୍ଧା ଘଟଣା ସମ୍ବନ୍ଧରେ ମୁଦେଇ ଫରେଷ୍ଟ ଗାର୍ଡ଼ ଓ ସାକ୍ଷ୍ୟଦ୍ୱୟଙ୍କୁ ପଚାରିବାକୁ ଅନୁରୋଧ କଲି। ତାଙ୍କ ପ୍ରଶ୍ନଗୁଡ଼ିକର ଉତ୍ତରରୁ ଜାଣିପାରିଲି ଯେ, ଅଭିଯୋଗ ଯେଉଁ ଆବରଣରେ ଦିଆ ହୋଇଥିଲା ତାହା ଅମୂଳକ। ପର ଶିକ୍ଷାରେ ଏହା କରିଥିବା ମୁଦେଇ ସ୍ୱୀକାର କଲା। ସାହେବ ତତ୍‌କ୍ଷଣାତ୍ ତାହାର କାର୍ଯ୍ୟରୁ ବରଖାସ୍ତ ହୁକୁମ ଲେଖିଦେଲେ।

ଆଉ ଗୋଟିଏ ଗୁରୁତର ମୋକଦ୍ଦମା। ଅର୍ଦ୍ଧରାତ୍ରରେ ଫରେଷ୍ଟ ଅଫିସରଙ୍କ ଘରକୁ ଅସଦ୍‌ଭିପ୍ରାୟରେ ଅନଧିକାର ପ୍ରବେଶ କରିବା ଅଭିଯୋଗରେ ପୋଲିସରେ ମୋ ନାମରେ ମୋକଦ୍ଦମା କରାହୋଇଅଛି। ତଦନ୍ତରେ ତାହା ମିଥ୍ୟା ପ୍ରମାଣିତ ହେବାରୁ ପୋଲିଟିକେଲ୍ ଏଜେଣ୍ଟ ମିଥ୍ୟା ମୋକଦ୍ଦମା କରିଥିବା ଅପରାଧରେ ଫୌଜଦାରୀ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ କରିବାକୁ ହୁକୁମ ଦେଲେ। ତାଙ୍କ ହୁକୁମରେ ପୁଣି ମୋକଦ୍ଦମାର ବିଚାର ମୁଁ କଲି। ପରେ ମୋ ପରାମର୍ଶରେ ମୋକଦ୍ଦମା ଉଠାଇଦେବାକୁ ଆଦେଶ ଦେଲେ। କିନ୍ତୁ ଫରେଷ୍ଟ ଅଫିସରଙ୍କୁ କାର୍ଯ୍ୟରୁ ବରଖାସ୍ତ କରିଦେଲେ।

Digitized by srujanika@gmail.com

ଜଣ ଜଣ ହୋଇ ଏହି କ୍ଷୁଦ୍ର ରାଜ୍ୟର ଅଫିସରମାନେ ଚାଲିଗଲେ। ତଥାପି ବାୟୁମଣ୍ଡଳ ସରଗରମ ହୋଇ ରହିଅଛି ଓ ନାନା ପ୍ରକାର ଆତଙ୍କଜନକ ଜନରବ ଶୁଣାଯାଉଅଛି। ଆତ୍ମପ୍ରତ୍ୟୟ ଦୃଢ଼ ରଖି ଓ ଭଗବାନଙ୍କ ଉପରେ ନିର୍ଭର କରି ଯଥାଶକ୍ତି କର୍ତ୍ତବ୍ୟ ପଥରେ ମୁଁ ଚାଲିଥାଏ। ଚାଲିଯାଉଥିବା ଅଫିସରମାନଙ୍କ ସ୍ଥାନରେ ନୂତନ ଅଫିସରମାନେ ଆସିଲେ। କେତେକ ମାସ ମାତ୍ର ସୁରୁଖୁରୁରେ ଏମାନଙ୍କ ସହିତ କାମ ଚାଲିଲା। ପରେ ଅବସ୍ଥା ଯେ କୁ ସେ। ଫରେଷ୍ଟ ଅଫିସର ଆସିଲେ ଜଣେ ବଙ୍ଗାଳୀ। ପ୍ରଥମରେ ମୁଁ ତାଙ୍କୁ ବିପଥକୁ ଯାଉଥିବା ଦେଖି ସାବଧାନ କରାଇଦେବାରୁ ସେ ନିଜ କାର୍ଯ୍ୟରେ ମନଦେଲେ। ପୋଲିସ୍ ଇନ୍‌ସ୍‌ପେକ୍ଟର ହୋଇ ଆସିଲେ ସମ୍ବଲପୁରର ଜଣେ ମୋର ପୂର୍ବ ସହାଧ୍ୟାୟୀ। ସେ ସରକାରୀ ପୋଲିସରେ କେତେଦିନ ସବ୍‌ଇନ୍‌ସପେକ୍ଟର କାର୍ଯ୍ୟ କରି ପରେ ଇସ୍ତଫା ଦେଇ ଘରେ ବସିଥିଲେ। ମୋର କେତେକ ବନ୍ଧୁଙ୍କ ଆନୁକୂଲ୍ୟରେ ବଣେଇ ଷ୍ଟେଟ୍‌ର ଇନ୍‌ସ୍‌ପେକ୍ଟର ପଦରେ ଅସ୍ଥାୟୀ ଭାବରେ ନିଯୁକ୍ତ ହୋଇ ଆସିଲେ। ସହାଧ୍ୟାୟୀ ବନ୍ଧୁଙ୍କଠାରୁ ସହଯୋଗ ପରିବର୍ତ୍ତରେ ଅଳ୍ପଦିନ ମଧ୍ୟରେ ତାଙ୍କଠାରୁ ଯେଉଁ ବ୍ୟବହାର ପାଇଲି ତାହା କଦାପି ଭୁଲିହେବ ନାହିଁ। ସେ ପ୍ରକାଶ୍ୟ ଭାବରେ ମୋର ବିରୁଦ୍ଧାଚରଣ କରିବାକୁ ଲାଗିଲେ। ପୋଲିସ କାର୍ଯ୍ୟକଲେ ନାହିଁ ଏବଂ ପୋଲିସରେ ଏପରି ପରିସ୍ଥିତି ସୃଷ୍ଟି କଲେ ଯେ, କନଷ୍ଟେବଲ୍ ଠାରୁ ଆରମ୍ଭ କରି ଅଧୀନସ୍ଥ ସବ୍‌ଇନ୍‌ସପେକ୍ଟର-ମାନେ ସୁଦ୍ଧା ମୋ ପ୍ରତି ତାଚ୍ଛଲ୍ୟ ଓ ଅସମ୍ମାନ ପ୍ରଦର୍ଶନ କରିବାକୁ ଲାଗିଲେ। ରାତିରେ ମୋ ଘର ଚାରିଆଡ଼େ ପୋଲିସ ଜଗାଇଦେଲେ। ଥାନାକୁ ପରିଦର୍ଶନ କରିଗଲେ କନେଷ୍ଟବଳମାନେ ସୁଦ୍ଧା ନିଜ ସ୍ଥାନରୁ ଉଠିଲେ ନାହିଁ। ଠିଆ ହୋଇଥିଲେ ବସିପଡ଼ିଲେ। ସମସ୍ତେ ନିୟମ ଓ ଶୃଙ୍ଖଳାଭଙ୍ଗ କରିବାକୁ ଲାଗିଲେ। ମାଜିଷ୍ଟ୍ରେଟ୍ ପ୍ରତି ପୋଲିସ କର୍ମଚାରୀଙ୍କ ବାଧ୍ୟତାମୂଳକ ସାଧାରଣ ଅଭିବାଦନ ମଧ୍ୟ ଛାଡ଼ିଦେଲେ। ଥାନା ଭିତରକୁ ଗଲେ ଇନ୍‌ସ୍‌ପେକ୍ଟର ଓ ସବ୍‌ଇନ୍‌ସପେକ୍ଟରମାନେ ସମ୍ମୁଖସ୍ଥ ଟେବୁଲ ଉପରେ ଗୋଡ଼ମାନ ଲମ୍ବାଇ ଦେଇ ଚୌକିରେ ବସି ନିଶ ମୋଡ଼ି ମୋଡ଼ି ଦାନ୍ତ ଦେଖାଇବାକୁ ଲାଗିଲେ। କାମ ଧାମ ତ ଚୁଲିକି ଗଲା, ତାହା ମଧ୍ୟ କଲେ ନାହିଁ। କୌଣସି ବିଷୟରେ ରିପୋର୍ଟ ମାଗିଲେ ଦେଲେ ନାହିଁ। ମୋକଦ୍ଦମାର ତଦନ୍ତ ହେଲା ନାହିଁ। କ୍ରମେ ସବୁ ଅଚଳ ହେବାକୁ ବସିଲା। ଇନ୍‌ସପେକ୍ଟରଙ୍କୁ ଡାକି ଘରୋଇଭାବରେ ସୁଦ୍ଧା ଯେତେ ଉପଦେଶ ଦେଲି ସେ କିଛି ଶୁଣିଲେ ନାହିଁ। ସମ୍ବଲପୁରର ଯେଉଁ ବନ୍ଧୁମାନଙ୍କ ସୁପାରିସରେ ଆସିଥିଲେ ସେମାନଙ୍କୁ ସୁଦ୍ଧା କହିଲି। କିଛି ଫଳ ହେଲାନାହିଁ।

ଶିକ୍ଷା ବିଭାଗ ମୋର ଅତି ପ୍ରିୟ ଓ ସ୍କୁଲ ସମ୍ବନ୍ଧୀୟ ଯାବତୀୟ କାର୍ଯ୍ୟ ମୋତେ ବଡ଼ ସୁଖଲାଗେ। ପ୍ରବଳ ଉତ୍ସାହରେ ଅନୁନ୍ନତ ବଣେଇରେ ଶିକ୍ଷାପ୍ରସାର କର୍ମେ ସବ୍‌ଇନ୍‌ସପେକ୍ଟର ନାରାୟଣ ନନ୍ଦଙ୍କ ସହିତ ମୁଁ ଲାଗିପଡ଼ିଲି। ବଣେଇରେ ଅଧିକାଂଶ

Digitized by srujanika@gmail.com

ଅମଲା ଓ ସ୍କୁଲ ଶିକ୍ଷକ କଟକ ଅଞ୍ଚଳର। ବଙ୍ଗାଳୀ ଆସିଷ୍ଟାଣ୍ଟ ସର୍ଜନ କଳାହାଣ୍ଡିକୁ ଚାଲିଯାଇଥିଲେ ଓ ତାଙ୍କ ସ୍ଥାନରେ ଜଣେ ଓଡ଼ିଆ ଡାକ୍ତର ଆସିଥିଲେ। ଦିନେ ସନ୍ଧ୍ୟାରେ ଡାକ୍ତରବାବୁ ଓ ପ୍ରାୟ ସମସ୍ତେ ଆସି ମୋତେ କହିଲେ ଯେ, ସ୍କୁଲ ସବ୍‌ଇନ୍‌ସପେକ୍ଟର ନାରାୟଣବାବୁଙ୍କୁ ପୋଲିସ ଇନ୍‌ସପେକ୍ଟର ଥାନାକୁ ଡକାଇ ନେଇ ନାନା ଅଶ୍ଳୀଳ ଭାଷାରେ ଗାଳି ଦେଲେ ଓ ତାଙ୍କୁ ଥାନା ହାଜତରେ କିଛି ସମୟ ରଖି ପୁଣି ଛାଡ଼ିଦେଇଥିଲେ। ଇନ୍‌ସପେକ୍ଟରଙ୍କୁ ଡକାଇଲି। ସେ ଆସି କହିଲେ, ''ଏହି ଶଳା କଟକିଆଙ୍କୁ ବାହାର କରିଦିଅ ହୋ । ଏ ଶଳାଙ୍କୁ ମୋକଦ୍ଦମା କରି ଜେଲରେ ପୂରାଇବି।'' ସଂଯତ ହେବାପାଇଁ ତାଙ୍କୁ ପରାମର୍ଶ ଦେଲି। କିନ୍ତୁ ମୋ ଉପଦେଶ ଶୁଣିବେ କ'ଣ ? ସ୍ୱର ଉଚ୍ଚରୁ ଉଚ୍ଚକୁ ବଢୁଥାଏ। ମୁଁ ଏମାନଙ୍କୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ କଲେ। ନାରାୟଣ ନନ୍ଦଙ୍କ ଅଭିଯୋଗ ସ୍ୱୀକାର କଲେ। ତାଙ୍କଠାରେ କ୍ଷମା ପ୍ରାର୍ଥନା କରିବା ସକାଶେ ଯେତେ ପରାମର୍ଶ ଦେଲି ଶୁଣିଲେ ନାହିଁ, ବରଂ ଓଲଟି ମୁଁ ତାଙ୍କର କ'ଣ କରିପାରିବି ବୋଲି ଆହୁରି ତର୍ଜନ କଲେ। ନାରାୟଣ ନନ୍ଦ, ଡାକ୍ତର ଓ ଅମଲାମାନେ ସମସ୍ତେ ଏଥିରେ ପ୍ରତିକାର ନକଲେ ସମସ୍ତେ କାର୍ଯ୍ୟ ତ୍ୟାଗ କରିବେ ଏବଂ ପୋଲିଟିକେଲ୍ ଏଜେଣ୍ଟଙ୍କଠାରେ ସମସ୍ତ ଘଟଣା ଜଣାଇବେ ବୋଲି କହିଲେ। ମିଳାମିଶା ପାଇଁ ପୁଣି ପରାମର୍ଶ ଦେଲି ଓ ପୋଲିସ ଇନ୍‌ସପେକ୍ଟର ନିଜ ଅବିବେକିତା ସକାଶେ ଅନୁତପ୍ତ ହୋଇ ଦୁଃଖ ପ୍ରକାଶପୂର୍ବକ ନାରାୟଣ ନନ୍ଦଙ୍କୁ ସନ୍ତୁଷ୍ଟ କରିବାକୁ ଯେତେ କହିଲି କିଛି ଶୁଣିଲେ ନାହିଁ, ବରଂ ମୋ ସମ୍ମୁଖରେ ଆହୁରି ଅପମାନସୂଚକ କଥାମାନ କହି ଚାଲିଗଲେ। ପରଦିନ ନାରାୟଣ ନନ୍ଦ ମୋ ଅଦାଲତରେ ତାଙ୍କ ବିରୁଦ୍ଧରେ ଫୌଜଦାରୀ ମକଦ୍ଦମା ଦାଏର କଲେ। ମୁଁ ନିଜେ ତଦନ୍ତ କରିବି ବୋଲି ରଖିଲି। ଉଦ୍ଦେଶ୍ୟ, ରଫା କରାଇଦେବି। ନାରାୟଣ ନନ୍ଦ କହିଲେ ଯେ, ଇନ୍‌ସପେକ୍ଟର ନିଜ କାର୍ଯ୍ୟ ସକାଶେ ଅନୁତାପ ଓ ଦୁଃଖ ପ୍ରକାଶ ସୂଚାଇ ଖଣ୍ଡେ ପତ୍ର ଲେଖିଦେଲେ ସେ ମୋକଦ୍ଦମା ଉଠାଇନେବେ। ଇନ୍‌ସପେକ୍ଟରଙ୍କୁ ପୁଣି ମୋ ବସାକୁ ଡକାଇଲି, ଆସିଲେ ନାହିଁ। ନିଜେ ତାଙ୍କ ବସାକୁ ଗଲି ଓ କେତେ ବୁଝାଇଲି। ସେ କିଛି କହିବେ ନାହିଁ କିମ୍ବା ଲେଖିବେ ନାହିଁ ବୋଲି ବାରମ୍ବାର କହିଲେ। ଏଥିରେ ଓ ଅନ୍ୟାନ୍ୟ କ୍ଷେତ୍ରରେ ମୁଁ କଟକିୟାଙ୍କୁ ପ୍ରଶ୍ରୟ ଦେଉଅଛି କହି ସେ ମୋତେ ଦେଖିନେବେ ବୋଲି ଧମକ ଦେବାକୁ ଲାଗିଲେ। ଯେ କୌଣସି କାରଣରୁ ହେଉ ବହୁକାଳରୁ କଟକିୟା ଓ ସମ୍ବଲପୁରିୟାଙ୍କ ମଧ୍ୟରେ ତିକ୍ତ ମନୋଭାବ ବିଦ୍ୟମାନ ଥିବା ଆଜିସୁଦ୍ଧା କେତେକଙ୍କ ଠାରେ ଦେଖାଯାଏ। ଇନ୍‌ସପେକ୍ଟର ମୋର ବନ୍ଧୁତ୍ୱ ପ୍ରଣୋଦିତ ସମସ୍ତ ପରାମର୍ଶ ଓ ଉପଦେଶ ଉପେକ୍ଷା କରିବାରୁ ଅଗତ୍ୟା ମୋକଦ୍ଦମା ଚାଲିଲା। ସାକ୍ଷ୍ୟମାନଙ୍କଦ୍ୱାରା ଅଭିଯୋଗ ପ୍ରମାଣିତ ହେଲା। ପୁଣି ଇନ୍‌ସପେକ୍ଟରଙ୍କୁ କ୍ଷମାପତ୍ର ଲେଖିଦେବାକୁ ଓ ଲେଖି ନଦେଲେ ଆଇନ୍ ଅନୁଯାୟୀ ତାଙ୍କ ପ୍ରତି ବ୍ୟବସ୍ଥା କରାଯିବ ବୋଲି ସଫା ବୁଝାଇଦେଲି। ତେବେ ଯାଇ ଅବସ୍ଥା ବିବେଚନାରେ ଖଣ୍ଡେ ପତ୍ର ଲେଖିଦେଲେ ଓ ନାରାୟଣ ନନ୍ଦ ମୋକଦ୍ଦମା ଉଠାଇନେଲେ।

Digitized by srujanika@gmail.com

ମୋକଦ୍ଦମା ଉଠିଗଲା । କିନ୍ତୁ ମନୋମାଳିନ୍ୟ ଗଲାନାହିଁ । ଇନ୍‌ସପେକ୍ଟରଙ୍କ କ୍ରୋଧ ଏଥର ନାରାୟଣ ନନ୍ଦଙ୍କ ପ୍ରତି ଯେତେ ନୁହେଁ, ମୋ ପ୍ରତି ଦ୍ୱିଗୁଣିତ ହେଲା । କଟକିୟାଙ୍କଠାରେ ମୁଁ ତାଙ୍କ ମୁଣ୍ଡନୁଆଁଇଲି, ଏଥିରେ ସେ ପ୍ରତିଶୋଧ ନେବାପାଇଁ ପ୍ରତିଜ୍ଞାକଲେ । ଏଣିକି ପ୍ରକାଶ୍ୟ ଭାବରେ, "ତମେ ବଣେଇରେ ରହିବ କି ମୁଁ ରହିବି" ବୋଲି ଧମକେଇବାକୁ ଲାଗିଲେ ଓ ପୂର୍ବପରି ନିଜ କାର୍ଯ୍ୟରେ ଅବହେଳା କରିବାକୁ ଲାଗିଲେ । ଉପର ହାକିମସଙ୍ଗେ ଲାଗିଲେ ନିଜେ ସାଧୁ ସଚ୍ଚୋଟ ଥିବା ଆବଶ୍ୟକ । ଇନ୍‌ସପେକ୍ଟରଙ୍କ ସାଂସାରିକ ଅବସ୍ଥା ଭଲନଥିଲା । ସଂଯତ ହେବା ପାଇଁ ପୁଣି ତାଙ୍କୁ ଉପଦେଶ ଦେଲି । ମୋର ଏହି ଆଚରଣକୁ ଭୀରୁତା ବୋଲି କହିବୁଲିଲେ । ତାଙ୍କ ଧମକ ପ୍ରତି ଭୃକ୍ଷେପ ନକରି ଓ ତାଙ୍କ କାର୍ଯ୍ୟକଳାପ ଉପରେ ତୀବ୍ର ଦୃଷ୍ଟିରଖି ମୋର କାର୍ଯ୍ୟରେ ନିର୍ଭୟରେ ଅଗ୍ରସର ହେଲି । ମୁଁ ଯେତେ ଗଭୀର ସଂଘର୍ଷରେ ପତିତ ହେଉଥାଏଁ ମୋର ନୈତିକ ଶକ୍ତି ସେତେ ବୃଦ୍ଧି ହେଉଥିବା ମୁଁ ଅନୁଭବ କରୁଥାଏଁ ।

ବଣେଇରେ ରହିବା ମୋର ଦୁଇବର୍ଷରୁ ଅଧିକ ହୋଇଯାଇଥିଲା । ଡେପୁଟି ପଦକୁ ଉନ୍ନତି ସକାଶେ ମୁଁ ଇତି ମଧ୍ୟରେ ପୋଲିଟିକେଲ୍ ଏଜେଣ୍ଟଙ୍କୁ ଥରେ ଦୁଇଥର କହିଥିଲି । କିନ୍ତୁ ଏ ଦିଗରେ ସେ କିଛି କରିଥିବା ସୂଚନା ସୁଦ୍ଧା ମିଳିଲା ନାହିଁ । ବଣେଇରେ କେବଳ ଦେୱାନ ହୋଇ ରହିବା ବା ଅନ୍ୟ ଗଡ଼ଜାତକୁ ଯିବା ମୋର ଉଦ୍ଦେଶ୍ୟ ନଥିଲା । ଗଡ଼ଜାତର ବାତାବରଣ ମୋତେ ଆଦୌ ସୁଖ ଲାଗୁନଥାଏ । ଚାକିରି ତ ! ଏତେ ଜଞ୍ଜାଳରେ ମଣିଷ ରହିବ କାହିଁକି ? ଏଥିରୁ ଅବ୍ୟାହତି ପାଇଲେ ମୁଁ ସରକାରୀ କାର୍ଯ୍ୟକୁ ଫେରିଯାଇ ତହିଁରେ ନିରାପଦରେ ରହିବା କାମନା କରୁଥାଏଁ । ମୁଁ ତ ଏତେଦିନ ଏତେ ପରିଶ୍ରମ କରିଆସିଲି । ମୋ ତଳର ଜଣକେତେ ସବ୍‌ଡେପୁଟି ଡେପୁଟି ହୋଇଗଲେଣି । ଏଠାରେ ରହିଲେ ମୁଁ ପଡ଼ି ରହିଥିବି, ଏହି ଆଶଙ୍କା ହେଉଥାଏ । ଫିଲିପ୍ ସାହେବଙ୍କୁ ମୋର ଉନ୍ନତି କଥା କହିଲି । ସେ କହିଲେ ଯେ, ଇତି ମଧ୍ୟରେ ବଣେଇର ଶାସନ ସମ୍ବନ୍ଧରେ ଅନେକ ବିଭ୍ରାଟ ହୋଇଯାଇଅଛି ଏବଂ ସେ ନିଜେ ଯାଇ ମୋର କାର୍ଯ୍ୟ ଦେଖିବେ ଓ ଯାହା କରିବାର କରିବେ । ମୋର ଚାଳିଶ ବର୍ଷ ବୟସ ହୋଇଯାଇଛି । ଏହି ବର୍ଷ (୧୯୨୬) ମୁଁ ଯଦି ଡେପୁଟି ନହୁଏଁ ନିୟମାନୁସାରେ ଆଉ ହୋଇ ପାରିବିନାହିଁ । ଗଡ଼ଜାତରୁ ଫେରିଯାଇ ପୁଣି ସବ୍‌ଡେପୁଟି ପଦରେ ବୁଢ଼ା ହେବାକୁ ହେବ । ତାହାହେଲେ ପରିତାପ ଓ ଦୁଃଖର ସୀମା ରହିବନାହିଁ । କ୍ରମେ ପରିବାର ବୃଦ୍ଧି ହେବାକୁ ଲାଗିଲା । ଦୁଇପୁଅ ଓ ଆଠ ଝିଅ ହୋଇଗଲେଣି । ସବ୍‌ଡେପୁଟି ପଦରେ ରହି ଏହି ବୃହତ୍ ପରିବାରର ପୋଷଣ ଓ ପୁଅଝିଅଙ୍କୁ ମନୁଷ୍ୟ କରିବା କଷ୍ଟସାଧ୍ୟ ହେବ । ଏହି ଭାବନା ମୋତେ ବିବ୍ରତ କରୁଥାଏ । ଏହି ସମୟରେ ଗଡ଼ଜାତ ପ୍ରତି ଏତେ ବୀତଶ୍ରଦ୍ଧ ହୋଇପଡ଼ିଲି ଯେ, ମୋର ଜନ୍ମସ୍ଥାନ ପାଟଣାକୁ ପ୍ରୌଢ଼ ବୟସରେ ଫେରିଯିବି ନାହିଁ ବୋଲି ଏକପ୍ରକାର ମନେ ମନେ ସ୍ଥିର କରିପକାଇଲି ।

Digitized by srujanika@gmail.com

ବାଲ୍ୟଜୀବନରେ ପାଟଣା ରାଜ୍ୟର ଅନୁଭୂତି ଓ ପ୍ରୌଢ଼ ବୟସରେ ଢେଙ୍କାନାଳ ସହିତ ଏହି ବଣେଇର ଅନୁଭୂତି ଏହି କଳ୍ପନା ମୂଳରେ ଜଳ ଯୋଗାଉଥାଏ। ମୋ ମନରେ ଦୃଢ଼ବିଶ୍ୱାସ ହୋଇଥାଏ ଯେ, ସମସ୍ତ ଗଡ଼ଜାତରେ ଶାସନ ନୀତି ସମାନ। ଯାହା ତାରତମ୍ୟ ଥାଏ କେବଳ ପରିମାଣ ଭେଦରେ। ଇତିପୂର୍ବେ କାମ ଚଳିବା ଭଳି ନଜୁଲ (ଖାସମାହାଲ) ଜମିର ପଟ୍ଟା ନେଇ ତାହା ଉପରେ ଗୋଟିଏ ଘର ସମ୍ବଲପୁର ସହରରେ ତିଆରି କରିଥିଲି । କିନ୍ତୁ ପରିବାରର ବୃଦ୍ଧି ହେବା ସଙ୍ଗେ ସଙ୍ଗେ ତାହା ଯଥେଷ୍ଟ ହେଉନଥିବା ଦେଖି ସହର ମଧ୍ୟରେ ବନ୍ଧୁବାନ୍ଧବଙ୍କ ନିକଟରେ ରହିବା ଅଭିପ୍ରାୟରେ, ବିଶେଷତଃ ପଟ୍ଟନାୟକ ପଡ଼ାରେ ମୋର ପୂଜ୍ୟପାଦ ଧର୍ମପିତା ଶ୍ରୀ ବାଲୁଙ୍କେଶ୍ୱର ମିଶ୍ରଙ୍କ ଘର ନିକଟରେ ଖଣ୍ଡେ ଡିହ ପାଇଲେ ତାଙ୍କଦ୍ୱାରା ଗଠିତ ଜୀବନ ଅନ୍ତିମକାଳ ପର୍ଯ୍ୟନ୍ତ ତାଙ୍କ ପଦତଳରେ କଟାଇବି ବୋଲି ସ୍ଥିରକଲି। ଏହି ସମୟରେ ତାଙ୍କ ଘରକୁ ଲାଗି ଖଣ୍ଡେ ଡିହ ପାଇଲି। ତାହା କିଣି ତାହା ଉପରେ ୧୯୨୬ ସାଲରେ ଗୃହ ନିର୍ମାଣ ଆରମ୍ଭ କରିଦେଲି।

ନାନା ବାଧାବିଘ୍ନ, ଗଣ୍ଡଗୋଳ ମଧ୍ୟରେ ବଣେଇର କାର୍ଯ୍ୟ ଚାଲିଥାଏ। ୧୯୨୬ ମସିହା ଜୁଲାଇ ମାସ ଶେଷଆଡ଼କୁ, ଅଗଷ୍ଟ ମାସ ମଧ୍ୟରେ ପୋଲିଟିକେଲ୍ ଏଜେଣ୍ଟ ପରିଦର୍ଶନରେ ଆସୁଥିବା ସମ୍ବାଦ ତାଙ୍କ ପତ୍ରରୁ ଜାଣିଲି। ମନେକଲି ଏହାହିଁ ମୋର ଭାଗ୍ୟ ପରୀକ୍ଷାର ସମୟ। ପ୍ରାଣଭରି କାର୍ଯ୍ୟକଲେ ମଧ୍ୟ ଯଦି ଉପର ହାକିମଙ୍କ ମନକୁ ନପାଇଲା, ପଦୋନ୍ନତି ଅସମ୍ଭବ। ମୁଁ ମୋର ଦପ୍ତର ସଜାଡ଼ିବାରେ ଲାଗିଲି। ବିରୁଦ୍ଧ ଦଳ ମଧ୍ୟ ତାଙ୍କ କାମରେ ଲାଗିପଡ଼ିଲେ। ରାଜ୍ୟର ବିଭିନ୍ନାଞ୍ଚଳରୁ ଲୋକେ ଆସି ଗଡ଼ରେ ସମବେତ ହେବାକୁ ଲାଗିଲେ। ଗୋଟାଏ ଗୁରୁତର ମନ୍ତ୍ରଣା ଯେ ଆରମ୍ଭ ହୋଇଅଛି, ଲୋକମାନଙ୍କ ଘନ ଘନ ଯାତାୟତ ଦେଖି ବୁଝାଯାଉଥାଏ। କାହାରି କାହାରିଠାରୁ ଶୁଣିବାକୁ ପାଏଁ ଓ ମୋ ମନରେ ମଧ୍ୟ ସନ୍ଦେହ ହେଉଥାଏ ଯେ, ମୋ ବିରୁଦ୍ଧରେ କିଛି ଗୋଟାଏ ସୃଷ୍ଟି ହେଉଅଛି। ତାହାଦ୍ୱାରା ମୋ ଶାସନର ବିପର୍ଯ୍ୟୟ ପ୍ରମାଣିତ ହେଲେ ସରକାରଙ୍କ ଶାସନର ନିନ୍ଦାହେବ ଓ ରାଜା ନିଜ କ୍ଷମତା ଫେରି ପାଇବେ। ଏହା ତ ମୋତେ ନିଜେ ରାଜା ସାହେବ ଏକାଧିକବାର କହିଥିଲେ। ସରକାରଙ୍କ ପ୍ରତି ରାଜାଙ୍କ କୋପାଗ୍ନି ନିରପରାଧ ମୋତେ ଦଗ୍ଧ କରିବାକୁ ବସିଅଛି। ତାହା କଦାପି ସମ୍ଭବପର ହେବନାହିଁ, ଏହି ବିଶ୍ୱାସ ମୋର ଦାମ୍ଭିକ ହୃଦୟରେ ବଦ୍ଧମୂଳ ହୋଇ ରହିଥାଏ। ତଥାପି ମୁଁ ନିର୍ମଳ ମନରେ ମୋର ଯାବତୀୟ କାର୍ଯ୍ୟ ସମ୍ପାଦନରେ ଲାଗିଥାଏ। ରାଜା ସାହେବଙ୍କ ସହିତ ଦିନେ ସାକ୍ଷାତ କରି କୌଣସି ଅପ୍ରୀତିକର ଘଟଣା ନ ଘଟାଇବା ସକାଶେ ତାଙ୍କୁ ଅନୁରୋଧ କଲି। ତାଙ୍କ ବ୍ୟବହାରର ଏହି ଅଂଶତକ ଛାଡ଼ିଦେଲେ ମୋ ପ୍ରତି ତାଙ୍କ ବ୍ୟବହାର ସରଳତା ଓ ଦୟାପୂର୍ଣ୍ଣ। ଏହି ବିଶ୍ୱାସ ମୋର ଥାଏ। ଦିନେ ସେ ହସି ହସି କହିଲେ, ‘‘ଭାରତବାବୁ ! ଆପଣ କିପରି ମନ୍ତ୍ରୀ ଏଥର ଦେଖାଯିବ। ଏଥର ଆପଣଙ୍କୁ ବିଷମ ସମସ୍ୟାର ସମ୍ମୁଖୀନ ହେବାକୁ ହେବ।’’ ମୁଁ ମଧ୍ୟ ପରିହାସ

Digitized by srujanika@gmail.com

ଛଳରେ କହିଲି, ''ରାଜା ସାହେବ ! ରାଜା ସର୍ବଦା ରାଜା ଓ ମନ୍ତ୍ରୀ ସର୍ବଦା ମନ୍ତ୍ରୀ । ଏଥର କ'ଣ ତାହାର ଅନ୍ୟଥା ହେବ ? ଦେଖିବେ ।'' ମୋ ମନରେ କିନ୍ତୁ ଶାନ୍ତି ନଥାଏ । ତଥାପି ହୃଦୟରେ ଦୃଢ଼ ବିଶ୍ୱାସ ଥାଏ ଯେ, ସତ୍ୟ ସମ୍ମୁଖରେ ମିଥ୍ୟା ଓ ପ୍ରବଞ୍ଚନାର ସର୍ବଦା ଓ ସର୍ବତ୍ର ପରାଜୟ । ରାଜାଙ୍କ ଜଣେ ଅତି ପାଖଲୋକକୁ ଆୟତ୍ତ କଲି, ଓ ତାହାଦ୍ୱାରା ସମ୍ବାଦସମୂହ ସଂଗ୍ରହ କରିବାକୁ ଲାଗିଲି । କିନ୍ତୁ ଭାବୁଥାଏ, ତାହା କଥାରେ ବା ବିଶ୍ୱାସ କ'ଣ ? ଯଦି ପ୍ରକୃତରେ ମୋ ବିରୁଦ୍ଧରେ ଷଡ଼ଯନ୍ତ୍ର ହେଉଥାଏ ତାହାହେଲେ ଅଭିଯୋଗଗୁଡ଼ିକର ଉତ୍ତର ସକାଶେ ମୁଁ ପ୍ରମାଣ ପାଇବି କାହୁଁ ? ତାହା ସଙ୍ଗେ କିଛି ପରାମର୍ଶ କରିବି – ଏପରି ସୁଦ୍ଧା କେହି ନାହିଁ । ମୋର ସହକର୍ମୀମାନେ ତ ପ୍ରାୟ ସମସ୍ତେ ମୋ ବିପକ୍ଷରେ । ରାଜ୍ୟରେ ପ୍ରଜା ରାଜାଙ୍କର । କିଏ ମୋ ପକ୍ଷରେ ସାକ୍ଷ୍ୟ ଦେବ । ଏପରି ଉଦ୍‌ବେଗପୂର୍ଣ୍ଣ ଭାବନାର ସମୟ ମୋ ଜୀବନରେ କେବେ ଉପସ୍ଥିତ ହୋଇନଥିଲା । ମୋର ଇଚ୍ଛା ବିରୁଦ୍ଧରେ ମୁଁ ଏଠାକୁ ପ୍ରେରିତ ହୋଇଥିଲି । ଏହି ପଦ ସକାଶେ ମୁଁ କଦାପି ଲାଳାୟିତ ନଥିଲି । ଏହି ସମୟରେ ମୋର ଏକମାତ୍ର ସହାୟ ଭଗବାନଙ୍କ ଉପରେ ଅଟଳ ବିଶ୍ୱାସ । ପ୍ରତିଦିନ ପୂଜାଳୟକୁ ଯାଇ କାତର ପ୍ରାଣରେ ଭଗବାନଙ୍କୁ ଡାକେ, ''ପ୍ରଭୋ ! ଆଜ କି ଘଟଣା ଘଟିବ, ତହିଁର ସମାଧାନ ସକାଶେ ବୁଦ୍ଧି ଦିଅ ।'' ଅନେକ ସମୟରେ ମୁଁ ଅନୁଭବ କରେ, ସେଠାରେ ମୁଁ ଯେଉଁ ପ୍ରେରଣା ପ୍ରାପ୍ତ ହୁଏ ତଦ୍ୱାରା ଅତ୍ୟନ୍ତ କଠିନ ସମସ୍ୟାର ମଧ୍ୟ ସମାଧାନ ହୋଇଯାଏ । ନିର୍ମଳ ମନ ଓ ସଦିଚ୍ଛାରେ ଅନ୍ତରାୟ କିଛି ନାହିଁ, ଏହା ମୁଁ ପ୍ରତ୍ୟକ୍ଷ ଭାବରେ ହୃଦୟଙ୍ଗମ କରେ ।

ପ୍ରୋକ୍ତ ବିଶ୍ୱସ୍ତ ଲୋକଠାରୁ ମୁଁ ଶୁଣିଲି, ରାଜବାଟୀରେ ସମବେତ ଲୋକଙ୍କ ସହିତ ମୋର ଶାସନ ସମ୍ବନ୍ଧରେ ଆଲୋଚନା ହେଉଅଛି । ମନ୍ତ୍ରଣାଳୟକୁ ଯାଇ ସ୍ୱଚକ୍ଷୁରେ ମନ୍ତ୍ରଣାକାରୀଙ୍କୁ ଦେଖିବା ଇଚ୍ଛା ମନରେ ଉଦିତ ହେଲା, କିନ୍ତୁ ତାହା ସମ୍ଭବ କିପରି ? ପୂଜା ଘରେ ମୋତେ ଗୋଟିଏ ଉପାୟ ଦିଶିଲା ଓ ତଦନୁସାରେ ମୁଁ କାର୍ଯ୍ୟରେ ଅଗ୍ରସର ହେଲି । ଷ୍ଟେଟ୍‌ର ଚମଡ଼ା ବ୍ୟବସାୟୀ ପଟ୍ଟାଦାର ଜଣେ କାବୁଲି । ତାହାଠାରେ ମୋର ବିଶ୍ୱାସ ଥାଏ । ତାହାର ବ୍ୟବସାୟ ବ୍ୟତୀତ କାହିଁରେ ସେ ନ ଥାଏ । ତାକୁ ଦିନେ ତାହାର କାବୁଲି ପୋଷାକ ଅର୍ଥାତ୍ ଝାଲର ବିଶିଷ୍ଟ ପାଇଜାମା, ଲମ୍ବକୁର୍ତ୍ତା ଓ ପଗଡ଼ି ଆଣି ମୋ ସହିତ ରାତ୍ରିରେ ସାକ୍ଷାତ କରିବାକୁ କହିଲି । କଲିକତାରୁ କିଛି କାବୁଲି ଫଳ, ଛଦ୍ମବେଶ ସାଜିବା ସକାଶେ ଯାତ୍ରା ଆଦିରେ ବ୍ୟବହୃତ ହେଉଥିବା କୃତ୍ରିମ ନିଶଦାଢ଼ି ମଗାଇଲି । ସେ ସବୁ ଆସିଲାରୁ ମୁଁ ଉକ୍ତ କାବୁଲିକୁ କହିଲି ଯେ, ତାହାର ପୋଷାକ ପିନ୍ଧି ଓ ନିଶଦାଢ଼ି ଖଞ୍ଜି ମୁଁ ରାଜବାଟୀକୁ ଯିବି । ମୋ ସଙ୍ଗେ ସେ ମଧ୍ୟ ଯିବ ଓ ମୋତେ ତାହାର ଭତିଜା (ପୁତୁରା) ଦେଶରୁ ଆସିଛି ଓ ରାଜାସାହେବଙ୍କୁ ସଲାମ କରିବା ସକାଶେ ତାକୁ ଆଣିଛି ବୋଲି କହିବ ଓ ରାଜା ସାହେବ ବା ଆଉ କେହି ତାକୁ କିଛି ପଚାରିଲେ ଏ ଦେଶର ଭାଷା ବୁଝେନାହିଁ

Digitized by srujanika@gmail.com

ବୋଲି କହିବ। ଏପରି ତାକୁ ଶିଖାଇଦେଲି । ଏହି ଅଭିନୟର ଦିନ ସ୍ଥିରହେଲା। ସେ ଦିନ ସନ୍ଧ୍ୟା। ସାନ୍ଧ୍ୟ ଅନ୍ଧକାର ମାଡ଼ି ଆସୁଛି, ଝିପି ଝିପି ବର୍ଷା ଆରମ୍ଭ ହୋଇଛି, କାବୁଲି ସହିତ ମୁଁ ବାହାରିଲି । ଫଳ ଟୋକେଇଟା ସେ ହାତରେ ଧଇଲା। ରାଜବାଟୀକୁ ପହୁଞ୍ଚିବା ଅଳ୍ପଦୂର ଅଛି ମୁଁ ପୁନର୍ବାର ତାକୁ ସବୁ କହିଦେଲି। ଅତି ସନ୍ତର୍ପଣରେ ଆମ୍ଭେମାନେ ରାଜବାଟୀ ଅଭ୍ୟନ୍ତରସ୍ଥ ରାଜାଙ୍କ ବୈଠକଖାନା ସମ୍ମୁଖରେ ଉପସ୍ଥିତ ହେଲୁଁ। ଦ୍ୱାରରକ୍ଷୀ ଭୃତ୍ୟକୁ କାବୁଲି ଆସିଥିବା ସମ୍ବାଦ ରାଜା ସାହେବଙ୍କୁ ଜଣାଇଦେବାକୁ ସେ କହିଲା। ତତ୍ମୁହୂର୍ତ୍ତରେ ଆମ୍ଭେମାନେ ରାଜାସାହେବଙ୍କ ହୁକୁମରେ କକ୍ଷ ମଧ୍ୟରେ ପ୍ରବେଶ କଲୁଁ । ସେହି ସମୟରେ ଫଳ ଟୋକେଇଟା ମୁଁ ନିଜେ ବୋହିଥିଲି। ତାହା ତଳେ ରଖିଦେଇ ମୁଁ ଦ୍ୱାର ମୁହଁରୁ ରାଜାଙ୍କ ଆସନ ପର୍ଯ୍ୟନ୍ତ କୁର୍ଣ୍ଣିସ୍ କରି କରି ଚାଲିଲି ଓ ତାଙ୍କ ସମ୍ମୁଖରୁ ପଛଘୁଞ୍ଚା ଦେଇ ଦେଇ ସେହିପରି କୁର୍ଣ୍ଣିସ୍ କରି କରି ଫେରିଲି। ଏହିପରି ଦୁଇତିନିବାର କଲି। ମୁଁ କେତେକ ବହି ପଢ଼ି ଜାଣି ନେଇଥିଲି ଯେ ଏହା ହେଉଛି ମୁସଲମାନ୍ ବାଦସାହଙ୍କ ଦରବାରର କାଇଦା; ପରେ ଫଳ ଟୋକେଇଟା ନେଇ ରାଜାସାହେବଙ୍କ ସମ୍ମୁଖରେ ରଖିଦେଲି। କାବୁଲି କହିଲା ଯେ, ମୁଁ ତାହାର ଭତିଜା। ସେହିଦିନ ମୁଁ ତାହା ଦେଶରୁ ଆସିଛି ଓ ମୋତେ ରାଜାସାହେବଙ୍କୁ ସଲାମ କରିବାକୁ ସେ ଆଣିଛି। ରାଜାସାହେବ ଛଦ୍ମବେଶଧାରୀ ଭତିଜା ଆଡ଼କୁ ଅନାଇ "ତୁମ୍ କବ୍ ଆୟା, ତୁମ୍‌ହାରା ନାମ କ୍ୟା" ଆଦି ପ୍ରଶ୍ନକଲେ। ଏହି ଦେଶର ଭାଷା ସେ ବୁଝେନାହିଁ କହି କାବୁଲି ଭାବୀ ପ୍ରଶ୍ନ ସୁଦ୍ଧା ବନ୍ଦ କରିଦେଲା। ମୁଁ ସେହି ଅଳ୍ପ ସମୟ ମଧ୍ୟରେ ସେଠାରେ ବସିଥିବା ଲୋକଙ୍କ ଉପରେ ଆଖି ବୁଲାଇଗଲି। ଏସବୁ କାମ ପାଞ୍ଚମିନିଟ୍‌ରୁ ଅଧିକ ଲାଗିନଥିଲା। ଆମ୍ଭେମାନେ ପୁଣି ରାଜାସାହେବଙ୍କୁ ସଲାମ କରି ଫେରିଲୁଁ । କାବୁଲିକୁ ଏହି କଥା ଗୁପ୍ତ ରଖିବାକୁ ହଲପ୍ ଦେଇ ରଖିନେଲି। ବସାକୁ ଫେରି ଏହି କଥା ମୋର ନୋଟ୍ ବହିରେ ଲେଖିପକାଇଲି।

ପୋଲିଟିକେଲ୍ ଏଜେଣ୍ଟ ଫିଲିପ୍ ସାହେବ ଆସିବାଦିନ ରାଜାସାହେବ ଓ ମୁଁ ତାଙ୍କ ଅଭ୍ୟର୍ଥନା ସକାଶେ ପାନପୋଷ ଷ୍ଟେସନରେ ଉପସ୍ଥିତ ଥିଲୁ। ଶ୍ରାବଣ ମାସ, ଘୋର ବୃଷ୍ଟି ହେଉଥାଏ। ପାନପୋଷରୁ ବଣେଇଗଡ଼ ୩୮ ମାଇଲ। ସଡ଼କ ପକ୍କା ନୁହେଁ, ପୁଣି ବାଟରେ ଅନେକ ନାଳ। କେତେକ ନାଳ ଉପରେ କାଠର ଅସ୍ଥାୟୀ ପୋଲ ନିର୍ମିତ ହୋଇଅଛି। କେତେକ ଉପରେ ପୋଲ ନାହିଁ। ପାନପୋଷରୁ ୧୨ ମାଇଲ ଦୂରରେ ଗାଙ୍ଗପୁର-ବଣେଇ ସୀମାରେ ବଣେଇ ଅନ୍ତର୍ଗତ ବାଙ୍କି ଥାନା। ସେଠାରେ ପ୍ରଥମ ଦିନ ରହି ପରଦିନ ପୋଲିଟିକେଲ୍ ଏଜେଣ୍ଟଙ୍କ ସହିତ ବଣେଇଗଡ଼ ଅଭିମୁଖରେ ଯାତ୍ରାକଲି। ସାହେବ ବାଇସାଇକେଲ୍‌ରେ ବାହାରିଲେ ଓ ତାଙ୍କ ସଙ୍ଗେ ମୁଁ ମଧ୍ୟ ବାଇସାଇକେଲ୍‌ରେ ବାହାରିଲି। ପ୍ରାୟ ସକାଳ ୭ଟା ବେଳେ ବାହାରି ଆମ୍ଭେମାନେ ଅଳ୍ପବାଟ ଯାଇଛୁଁ ବୃଷ୍ଟି ଆରମ୍ଭ ହେଲା। ଦୁହେଁ ବାଇସାଇକଲ୍‌ରେ ଚାଲିଛୁଁ। ଯେଉଁଠାରେ ନାଳ ପଡ଼େ ସେଠାରେ ସାହେବ

Digitized by srujanika@gmail.com

ବାଇସାଇକଲରୁ ଓହ୍ଲାଇ ପଡ଼ନ୍ତି ଓ ଅଗଭୀର ଜଳ ଦେଖି ବାଇସାଇକଲ୍‌କୁ ନିଜ କାନ୍ଧରେ ବୋହି ନାଳ ପାରି ହୁଅନ୍ତି। ତାଙ୍କ ଦେଖାଦେଖି ମୁଁ ମଧ୍ୟ ତାହା କରେ। ସାହେବମାନଙ୍କ ଏହି ଗୁଣ ଆମ୍ଭମାନଙ୍କ ଶିକ୍ଷଣୀୟ। ଏହିପ୍ରକାରେ ଦିନ ପ୍ରାୟ ୧୧ଟା ବେଳେ ଆମ୍ଭେମାନେ ବ୍ରାହ୍ମଣୀ ନଦୀକୂଳରେ ପହଞ୍ଚିଲୁ। ନଦୀର ଅପରପାର୍ଶ୍ୱରେ ବଣେଇଗଡ଼। ସେଠାରେ ରାଜାଙ୍କ ଭାଇ କୁମାର ହରିଶ୍ଚନ୍ଦ୍ର ଦେଓ ଓ ଷ୍ଟେଟ୍‌ର ଅନ୍ୟାନ୍ୟ ଅଫିସରମାନେ ଉପସ୍ଥିତ ଥିଲେ। ସାହେବ ଡାକବଙ୍ଗଳାକୁ ଗଲେ ଓ ମୁଁ ମୋ ବସାକୁ ଗଲି।

ସାହେବଙ୍କ ଆଠ ଦିନ ରହିବା ପ୍ରୋଗ୍ରାମ ଥିଲା। ଗଡ଼ରେ ଏଣିକି ମଫସଲ ଅଞ୍ଚଳର ଲୋକଙ୍କ ଅଧିକ ସମାଗମ ଲକ୍ଷ୍ୟକଲି। ସନ୍ଧ୍ୟାରେ ଦଳ ଦଳ ଲୋକ ଯାତାୟାତ କରୁଥିବା ମୁଁ ଲକ୍ଷ୍ୟ କରୁଥାଏ। ଦିନେ ମୋର ସେହି ବିଶ୍ୱସ୍ତ ଲୋକଦ୍ୱାରା ଜାରି କରାଇଦେଲି ଯେ, ହୁଏତ ଦେଓ୍ୱାନ ପୋଲିଟିକେଲ୍ ଏଜେଣ୍ଟଙ୍କୁ ରାଜବାଟୀରେ ଏହି ଲୋକସମାଗମ କଥା କହିଦେଇଛନ୍ତି ଓ ନିଜେ ସାହେବ ଏହା ଦେଖିବାକୁ ଆସିବେ। ଏହି ଲୋକଟି ରାଜା ସାହେବଙ୍କ ନିଜ ପାଖର ଲୋକ, ସେ ସମ୍ବଲପୁରବାସୀ। କେତେକ ଦିନ ହେଲା ରାଜବାଟୀରେ ଚାକିରିରେ ରହିଯାଇଥିଲା। ମୋତେ ପିଲାଦିନରୁ ସ୍ନେହ କରୁଥିଲା ବୋଲି ମୁଁ ତାକୁ ବିଶ୍ୱାସ କରିଥିଲି ଓ ମୋର ଆସନ୍ନ ବିପଦ ସମ୍ଭାବନାରେ ତହିଁରୁ ମୋତେ ରକ୍ଷା କରିବା ସକାଶେ ଗୁପ୍ତ ସମ୍ବାଦମାନ ଦେଇ ନିଜେ ଏଡ଼େ ବିପଦ ମୁଣ୍ଡେଇଥିଲା।

ପୋଲିଟିକେଲ୍ ଏଜେଣ୍ଟଙ୍କ ସଙ୍ଗେ ଘୋଡ଼ା ଆସିଥିଲେ ଓ ତାଙ୍କ ସଙ୍ଗେ ଜଣ କେତେ ସବାର ମଧ୍ୟ ଥିଲେ। ଘୋଡ଼ା ଆଣିବା ଉଦ୍ଦେଶ୍ୟ, କାଳେ ମଫସଲକୁ ଯିବା ଆବଶ୍ୟକ ହୋଇପାରେ। କିନ୍ତୁ ବର୍ଷାଯୋଗୁଁ ମଫସଲ ଗସ୍ତରେ ଯିବା ହେଲାନାହିଁ। ଏହି ମଧ୍ୟରେ ଦିନେ କାବୁଲିକୁ ପୁଣି ଡାକି କହିଲି ଯେ, ସେ ନିଜ ଘୋଡ଼ାରେ ରାତିରେ ରାଜବାଟୀ ସମ୍ମୁଖକୁ ଯିବ ଓ ସିସି ଶବ୍ଦ ଶୁଣିଲା ମାତ୍ରକେ 'ପକଡ଼ୋ ପକଡ଼ୋ' ବୋଲି ଥରେ ଦୁଇଥର ପାଟିକରି ଘୋଡ଼ା ଦୌଡ଼ାଇ ଚାଲିଯିବ। ଏହି ବନ୍ଦୋବସ୍ତ ରହିଲା, ଏହି ବିଶ୍ୱାସରେ ଯେ, ହୁଏତ ଏହି ଶବ୍ଦ ଶୁଣି ରାଜବାଟୀରେ ଜମା ହୋଇଥିବା ଲୋକେ ମନେକରିପାରନ୍ତି ଯେ ସାହେବ ନିଜେ ଲୋକମାନଙ୍କୁ ଧରିବାକୁ ଆସିଛନ୍ତି। ଅବସ୍ଥା ଜାଣି ବ୍ୟବସ୍ଥା କରିବାକୁ ହୁଏ। ମୁଁ ଯେଉଁ ଅବସ୍ଥାରେ ପଡ଼ିଥିଲି, ଏହିପରି ଦୁଃସାହସିକ କାର୍ଯ୍ୟମାନ କରିବା ଛଡ଼ା ମୋର ଉପାୟ ନଥିଲା। ପୁଣି ଏହି ଗଡ଼ଜାତ ଅଞ୍ଚଳର ଲୋକଙ୍କ ବୁଦ୍ଧି ଓ ସାହସର ଦୌଡ଼ କେତେ ତାହା ମୋତେ ଅଜଣା ନଥିଲା।

ରାଜବାଟୀକୁ ଯାଇଥିବା ସଡ଼କଟି କଚା। ବର୍ଷାଦିନ, କର୍ଦ୍ଦମାକ୍ତ ହୋଇଥାଏ। ପୋଲିଟିକେଲ୍ ଏଜେଣ୍ଟ ରାଜବାଟୀରେ ସାହେବଙ୍କୁ ଡିନର (ରାତ୍ରି ଭୋଜନ) ଦେବା କଥା ହେଲା। ସଡ଼କ ମରାମତି ସକାଶେ ଢିମା ପଥରମାନ ଅଣାହେଲା। ଯାହା ସଡ଼କରେ ଲାଗିଲା ଲାଗିଲା। ଆଉ କେତେଗୁଡ଼ିଏ ପଥର ରାଜବାଟୀ ସମ୍ମୁଖସ୍ଥ ସଡ଼କରେ କିଛି ଅଂଶରେ ଉଭୟ କଡ଼ରେ ଧାଡ଼ି ଧାଡ଼ି କରି ରଖିଦିଆହେଲା।

Digitized by srujanika@gmail.com

ଦିନେ ରାତିରେ ଝିପିଝିପି ବର୍ଷା ହେଉଥାଏ। ବାଇସାଇକେଲ୍‌ରେ ରାଜବାଟୀ ସମ୍ମୁଖରେ ଉପସ୍ଥିତ ହେଲି। ଚତୁର୍ଦ୍ଦିଗ ଅନ୍ଧକାରାଚ୍ଛନ୍ନ, ସଡ଼କର ଆଖପାଖରେ କେହି ଦେଖାଯାଉନାହାନ୍ତି। ମୋ ହାତରେ ଟର୍ଚ୍ଚ ବତୀ। କାବୁଲିକୁ ଆଗରୁ ଖବର ଦେଇଥିଲି, ଅନତିଦୂରରେ ସେ ଘୋଡ଼ା ପିଠିରେ ଥିଲା। ସିଟି ଦୁଇଥର ମାରିଦେଇ ବାଇସାଇକେଲ୍‌ରେ ମୁଁ ପଳାଇଗଲି ଓ ତତ୍ମୁହୂର୍ତ୍ତରେ ସେ ଦୁଇ-ଚାରିଥର 'ପକଡ଼ୋ' 'ପକଡ଼ୋ' କହି ଘୋଡ଼ା ଦୌଡ଼ାଇ ଚାଲିଗଲା। ଏହାର ପ୍ରତିକ୍ରିୟା ଜାଣିବା ସକାଶେ ତାହାର ଅପେକ୍ଷାରେ ମୁଁ ମୋ ବସାରେ ବସିଥାଏଁ। ରାତ୍ରି ପ୍ରାୟ ଏଗାରଟାବେଳେ ସେ ମୋ-ଠାକୁ ଆସି କହିଲା ଯେ, ତାହାର ପାଟି ଶୁଣି କେତେକ ଲୋକ ଇତସ୍ତତଃ ପଳାଇଥିବା ସେ ଜାଣି ପାରିଥିଲା ଓ ସେ ନିଜେ ନିରାପଦରେ ଫେରି ଆସିଥିଲା। ମୋ ଉପାୟର ଫଳ ହୋଇଥିବା ମୁଁ ଅନୁମାନ କଲି। ସକାଳେ ଡାକ୍ତରଖାନାକୁ ଯାଇ କେହି ଚିକିତ୍ସା ସକାଶେ ଯାଇଅଛନ୍ତି କି ନା ଦେଖିଆସି ମୋତେ କହିବି ବୋଲି କହିଲା। ପରଦିନ ସକାଳେ ଆସି ମୋତେ କହିଲା ଯେ, ଅନେକ ଲୋକ ଜଖମ ହୋଇ ଡାକ୍ତରଖାନାକୁ ଯାଇଅଛନ୍ତି। ମୁଁ ବୁଲିଲାପରି ଡାକ୍ତରଖାନାକୁ ଗଲି ଓ ଦେଖିଲି ଜଣେ ଲୋକର ହାତ ଭାଙ୍ଗିଯାଇଛି ଓ ତହିଁରେ ପଟି ବନ୍ଧା ହେଉଛି ଓ ପ୍ରାୟ ତିରିଶି ଚାଳିଶ ଜଣ ଲୋକଙ୍କ ଆଣ୍ଠୁଗଣ୍ଠି, କହୁଣୀ ପ୍ରଭୃତି ଛିଣ୍ଡି ଯାଇଥିବାରୁ ସେମାନଙ୍କ ଚିକିତ୍ସା ହେଉଛି। ଡାକ୍ତର ତାଙ୍କ ଖାତାରେ ନିୟମାନୁସାରେ ସେମାନଙ୍କ ନାମମାନ ଲେଖୁଛନ୍ତି।

ପୋଲିଟିକାଲ୍ ଏଜେଣ୍ଟ ନୂତନ ମଧ୍ୟ ଇଂରାଜୀ ସ୍କୁଲଗୃହ ଉଦ୍‌ଘାଟନ କଲେ ଓ ତାଙ୍କ ପୌରହିତ୍ୟରେ ସ୍କୁଲର ବାଳକମାନଙ୍କୁ ପୁରସ୍କାର ବିତରଣ ଉତ୍ସବ ଓ ଖେଳ ଅନୁଷ୍ଠିତ ହେଲା। ମୋ ଅଧୀନସ୍ଥ ଦପ୍ତରମାନଙ୍କ ପରିଦର୍ଶନ ଚାଲିଥାଏ ଓ ମୁଁ ତାଙ୍କ ସଙ୍ଗେ ଉପସ୍ଥିତ ଥାଏ।

ପରିଦର୍ଶନ ସମ୍ପୂର୍ଣ୍ଣ ହେଲା ଉତ୍ତାରେ ଦିନେ ସକାଳେ ଶୁଣିଲି, ଅନେକ ଲୋକ ଡାକବଙ୍ଗଳା ଆଡ଼କୁ ଚାଲିଛନ୍ତି ଓ ସେମାନେ ମୋ ନାମରେ କ'ଣ ଦରଖାସ୍ତ ଦେବେ। ସେହିଦିନ ସକାଳ ୮ଟା ବେଳେ ସାହେବଙ୍କ ସହିତ ଷ୍ଟେଟ୍ ଶାସନ ସମ୍ପର୍କରେ କଥାବାର୍ତ୍ତା ହେବା ସ୍ଥିର ହୋଇଥିଲା। ମୁଁ ମୋର କାଗଜ ପତ୍ର, ନୋଟ୍ ବହି ଓ ଡାକ୍ତରଖାନାର ଉପସ୍ଥାନ ଖାତା ଘେନି ଡାକବଙ୍ଗଳାରେ ଉପସ୍ଥିତ ହେଲି। ଦେଖିଲି, ଅନେକ ଲୋକ ଡାକବଙ୍ଗଳା ହତାରେ ଜମା ହୋଇଛନ୍ତି ଓ ଜଣେ ଲୋକ ହାତରେ ଖଣ୍ଡେ କାଗଜ ଅଛି। ବାହାରେ ଗୋଟିଏ ତମ୍ବୁ ପଡ଼ିଥିଲା। ତନ୍ମଧ୍ୟକୁ ଯାଇ ଦେଖିଲି ରାଜା ସାହେବ ବସିଛନ୍ତି। ରାଜାସାହେବଙ୍କୁ ମୁଁ କହିଲି, "ରାଜାସାହେବ! ଅକାରଣରେ ଏହି ଲୋକମାନଙ୍କୁ ଆପଣ ଆଣିଛନ୍ତି, ଦେଖିବେ, ସତକଥା ସବୁ ପ୍ରକାଶିତ ହୋଇଯିବ।" ସେ ମୃଦୁହାସ୍ୟ କଲେ ମାତ୍ର। ଏହି ସମୟରେ ତାଙ୍କୁ ସାହେବଙ୍କ ଡକରା ହେଲା ଓ ସେ ଚାଲିଗଲେ। ସମବେତ ଲୋକଙ୍କ ଚିତ୍କାର ଆରମ୍ଭ ହେଲା, "ହଜୁର ! ଦେଓ୍ବାନଙ୍କ ଅତ୍ୟାଚାରରେ ଆମ୍ଭେମାନେ ମରିଗଲୁଁ। ଏହାଙ୍କୁ ବାହାର

Digitized by srujanika@gmail.com

କରିଦିଆଯାଉ।'' କିଛି ସମୟ ଉତ୍ତାରେ ମୋତେ ଡାକରା ହେଲା ଓ ପୋଲିଟିକେଲ୍ ଏଜେଣ୍ଟ ଓ ରାଜାସାହେବ ବସିଥିବା କକ୍ଷରେ ମୁଁ ପ୍ରବେଶକଲି। ଜଣେ ଲୋକ ଆସି ସାହେବଙ୍କ ସମ୍ମୁଖସ୍ଥ ମେଜ ଉପରେ ଖଣ୍ଡେ କାଗଜ ରଖିଦେଲେ। ତାହା କ'ଣ ବୋଲି ସାହେବ ପଚାରିଲେ। ସେ କହିଲା, ବଣେଇର ପ୍ରଜାଙ୍କ ଦରଖାସ୍ତ। ତାହା ଓଡ଼ିଆରେ ଲେଖା। ପଢ଼ି ତାହାର ମର୍ମ ବୁଝାଇବା ପାଇଁ ସାହେବ ମୋତେ କହିଲେ। ପ୍ରଥମରେ ତାହା ମୁଁ ଆମୂଳଚୂଳ ପଢ଼ିଗଲି। ଦେଖିଲି, ମୋ ପାଖରେ ଯାହା ଅଛି ତାହା ଏହି ଦରଖାସ୍ତର ଅବିକଳ ନକଲ। ମୋର ଗୁପ୍ତଚର ସାହାଯ୍ୟରେ ମୁଁ ତାହା ହସ୍ତଗତ କରିଥିଲି। ପକେଟରୁ କାଢ଼ି କହିଲି, ଏହାର ନକଲ ମୋ ପାଖରେ ଅଛି ଓ ଏଥିରେ ଯାହା ଲେଖାଅଛି ସେ ସମସ୍ତ ମିଥ୍ୟା। ଇଂରେଜୀରେ ତାହାର ଅନୁବାଦ କରିଦେଲି। ଦରଖାସ୍ତରେ ଅଭିଯୋଗ ଥିଲା, ଦେଓ୍ୱାନ ଆସିଲା ଦିନରୁ ଜଙ୍ଗଲରୁ କାଠପତ୍ର ନେବାରେ ବିଶେଷ କଟକଣା ହୋଇଛି। ତାଙ୍କ ଅତ୍ୟାଚାରରେ ଷ୍ଟେଟ୍‌ର ସମସ୍ତ ପୁରୁଣା ଅଫିସରମାନେ ଚାଲିଯାଇଅଛନ୍ତି। ଆଉ କେତେ ସାମାନ୍ୟ ସାମାନ୍ୟ ବିଷୟ। ମୁଁ କହିଲି, ବଡ଼ ଦୁଃଖର ବିଷୟ, କେତେକଦିନ ହେଲା ଏହି ଲୋକମାନେ ରାଜବାଟୀରେ ଜମା ହୋଇଛନ୍ତି ଓ ଏହି ଦରଖାସ୍ତ ସହିତ ରାଜା ସାହେବଙ୍କ ସମ୍ପର୍କ ଥିବା ମୋର ସନ୍ଦେହ ହୁଏ। ରାଜା ସାହେବ କହିଲେ, ସେ ଦୃଢ଼ଭାବରେ ଏହାର ପ୍ରତିବାଦ କରୁଛନ୍ତି ଓ ମୋର ସେହି ଉକ୍ତିର ପ୍ରମାଣ ଚାହାଁନ୍ତି। ମୋର ଉକ୍ତିର ପୋଷକତାରେ ରାଜାସାହେବଙ୍କୁ ଗୋଟାଏ ଦୁଇଟା ପ୍ରଶ୍ନ ପଚାରିବାକୁ ତାଙ୍କ ଓ ପୋଲିଟିକାଲ୍ ଏଜେଣ୍ଟଙ୍କ ଅନୁମତି ପ୍ରାର୍ଥନା କଲି ଓ ସେମାନେ ସମ୍ମତି ଦେବାରୁ ନିମ୍ନମତେ ପ୍ରଶ୍ନୋତ୍ତର ହେଲା :

ପ୍ରଶ୍ନ – ରାଜାସାହେବ ! ଏହି ଷ୍ଟେଟ୍‌ର ଚମଡ଼ା ପଟ୍ଟାଦାର କାବୁଲିକୁ ଆପଣ ଜାଣନ୍ତି ?

ଉତ୍ତର – ହଁ, ଜାଣେ।

ପ୍ରଶ୍ନ – ସେ କେବେ କେବେ ଆପଣଙ୍କ ସହିତ ସାକ୍ଷାତ କରେ ?

ଉତ୍ତର – ହଁ, କରେ।

ପ୍ରଶ୍ନ – କିଛିଦିନ ପୂର୍ବେ ସେ ତାହାର ଜଣେ ପୁତୁରା ସହିତ ଆପଣଙ୍କ ସାକ୍ଷାତ କରିଥିଲା ?

ଉତ୍ତର – ହଁ।

ପ୍ରଶ୍ନ – କେତେବେଳେ ?

ଉତ୍ତର – ସନ୍ଧ୍ୟାରେ । ଅନ୍ଧକାର ହୋଇଯାଇଥିଲା।

ପ୍ରଶ୍ନ – କାବୁଲି ଓ ତାହାର ପୁତୁରା ସଙ୍ଗେ ଆପଣଙ୍କ କି କି କଥାବାର୍ତ୍ତା ହେଲା ଆପଣଙ୍କ ମନେ ଥିବ ତ ?

Digitized by srujanika@gmail.com

ଉତ୍ତର	-	ମୁଁ ତାହାର ପୁତୁରାକୁ ଯାହା ପଚାରିଲି ସେ ତାହାର ଉତ୍ତର ଦେଲାନାହିଁ। କାବୁଲି କହିଲା, ଏହି ଦେଶକୁ ସେ ନୂଆ ହୋଇ ଆସିଛି ଓ ଏହି ଦେଶର କୌଣସି ଭାଷା ସେ ବୁଝେ ନାହିଁ।
ପ୍ରଶ୍ନ	-	କେତେ ସମୟ ଆପଣଙ୍କ ପାଖରେ ସେ ଥିଲା ?
ଉତ୍ତର	-	ପାଞ୍ଚ ଛଅ ମିନିଟ୍‌ରୁ ଅଧିକ ହେବ ନାହିଁ। ସଲାମ କରି କକାପୁତୁରା ଚାଲିଗଲେ।
ପ୍ରଶ୍ନ	-	କିଛି ଭେଟି ଦେଇଥିଲା ?
ଉତ୍ତର	-	ହଁ, କିଛି କାବୁଲି ଫଳ, ଗୋଟିଏ ସାନ ଟୋକେଇରେ।
ପ୍ରଶ୍ନ	-	ତା'ପରେ କେବେ ସେ ଆପଣଙ୍କ ସହିତ ସାକ୍ଷାତ କରିଥିଲା ?
ଉତ୍ତର	-	ନା।
ପ୍ରଶ୍ନ	-	ତାପରେ ଆଉ କେବେ ଆପଣ ତାକୁ ବଣେଇରେ ଦେଖିଥିଲେ ?
ଉତ୍ତର	-	ନା।
ପ୍ରଶ୍ନ	-	ତାହା ବିଷୟରେ କାହାରିଠାରୁ ଆଉ କିଛି ଶୁଣିଥିଲେ ?
ଉତ୍ତର	-	ନା।
ପ୍ରଶ୍ନ	-	ଆଉ କେହି ସେହି ପୁତୁରାକୁ ଆଉ କେବେ ଦେଖିଥିବା କହିଥିଲେ ?
ଉତ୍ତର	-	ନା ।

ଏହା ଉତ୍ତାରେ ମୁଁ କହିଲି, ''ରାଜାସାହେବ ! କ୍ଷମାକରିବେ, ବର୍ତ୍ତମାନ ମୋଠାରୁ ଶୁଣି ଆଶ୍ଚର୍ଯ୍ୟ ହେବେ ଯେ, ସେହି ପୁତୁରା ଛଦ୍ମବେଶଧାରୀ ଆପଣଙ୍କ ଏହି ନିରୀହ ଦେଓ୍ୱାନ ମୋ ଭିନ୍ନ କେହି ନଥିଲା। ଏହା କହି ମୋ ନୋଟ୍ ଖାତାରେ ଯାହା ଲେଖିଥିଲି ସାହେବଙ୍କ ସମ୍ମୁଖରେ ରଖିଦେଲି ଓ ରାଜାସାହେବଙ୍କୁ ତାହା ପଢ଼ି ଶୁଣାଇଦେବାକୁ ଅନୁରୋଧ କଲି। ରାଜାସାହେବ ମୋ ମୁହଁକୁ ବଲ ବଲ ହୋଇ ଅନାଇବାକୁ ଲାଗିଲେ। ତାଙ୍କ ପାଟିରୁ ଆଉ କଥା ନାହିଁ। ମୁହଁ ଫିକା ପଡ଼ିଗଲା। ସେ ଗମ୍ଭୀର, ନିରବ, ତତ୍ପରେ ମୋ ପକେଟରୁ କୃତ୍ରିମ ନିଶ, ଦାଢ଼ି ବାହାର କଲି ଓ ମୁହଁରେ ଲଗାଇଦେଇ କିପରି କାବୁଲି ବେଶଧରି ରାଜାସାହେବଙ୍କ ମନ୍ତ୍ରଣାଳୟକୁ-ଯାଇଥିଲି ବର୍ଣ୍ଣନା କଲି। ରାଜାସାହେବ ପୂର୍ବପରି ନିର୍ବାକ୍ ହୋଇ ବସିରହିଲେ।

ତତ୍ପରେ ବାହାରକୁ ଟିକିଏ ଆସିବା ପାଇଁ ସାହେବଙ୍କୁ ଅନୁରୋଧ କଲି। ସାହେବ ବଙ୍ଗଳା ବାରଣ୍ଡାରେ ଛିଡ଼ା ହେଲାରୁ ମୋ ସାଙ୍ଗେ ଆଣିଥିବା ଡାକ୍ତରଖାନାର ବହିରୁ ସେହିଦିନର ଘଟଣାରେ ଜଖମ ହୋଇଥିବା ଲୋକଙ୍କ ନାମ ଜଣଜଣ କରି ଡାକିଲି।୨୦/୨୫ ଜଣ ଲୋକ ମୋ ଇଙ୍ଗିତମତେ ଛିଡ଼ାହେଲେ। ତତ୍ପରେ ପ୍ରତ୍ୟେକ ଲୋକଙ୍କ ପିନ୍ଧାଲୁଗା କାହାର ଆଣ୍ଠୁ ଉପରକୁ ଟେକି ଧରିବାକୁ ଓ କାହାର କହୁଣି ଆଦି ଦେଖାଇବାକୁ କହିଲି।

Digitized by srujanika@gmail.com

ଜଣ ଜଣ କରି ଦେଖାଇବାକୁ ଲାଗିଲେ। ଦେଖାଗଲା, ସମସ୍ତଙ୍କ ଦେହରେ ଜଖମ। ଜଖମ କିପରି ହେଲା ବୋଲି ସେମାନଙ୍କୁ ପଚାରିଲି ଓ ପ୍ରତ୍ୟେକେ ଯାହା କହିଲେ ତାହା ସାହେବଙ୍କୁ ବୁଝାଇଦେଲି। କିଏ କହିଲା, ଗାଧୋଇ ଯାଇଥିଲାବେଳେ ପୋଖରୀ କୂଳରେ, କିଏ କହିଲା ବିଲ ହିଡ଼ ଉପରେ ଖସି ପଡ଼ିଥିଲା। ସାହେବଙ୍କୁ କହିଲି, ଏତେ ଜଖମୀ ଲୋକ ଭିନ୍ନ ଭିନ୍ନ ଗ୍ରାମରୁ ଆସି ବଣେଇଗଡ଼ରେ ଉପସ୍ଥିତ ହେଉଥିବା ବିସ୍ମୟକର ନୁହେଁ କି, ତତ୍ପରେ ଏ ସମ୍ବନ୍ଧରେ ମୋ ରଚିତ ଘଟଣାର ବର୍ଣ୍ଣନା କଲି ଓ ରାଜାସାହେବଙ୍କ ଆଡ଼କୁ ହାତଯୋଡ଼ି କହିଲି, ‘‘ଅତ୍ୟନ୍ତ ଦୁଃଖର ବିଷୟ, ଏ ସମସ୍ତ ରାଜାସାହେବଙ୍କ କୃତ। ମୋର ତ ଲୋକମୁଖ ପ୍ରମାଣ ପାଇବା ଉପାୟ ନାହିଁ। ରାଜାଙ୍କ କ୍ଷମତା ନଥିଲେ ମଧ୍ୟ ରାଜ୍ୟରେ ସମସ୍ତେ ତାଙ୍କ ପ୍ରଜା। ପ୍ରମାଣ ସକାଶେ ମୋତେ ଏ ସମସ୍ତ ଉପାୟ ଉଦ୍ଭାବନ କରିବାକୁ ହେଲା।’’ ସାହେବ କକ୍ଷ ମଧ୍ୟକୁ ପ୍ରବେଶ କଲେ ଓ ରାଜାସାହେବ ଓ ମୁଁ ତାଙ୍କ ଅନୁସରଣ କଲୁ। ସାହେବ ଲୋକଙ୍କ ଦରଖାସ୍ତ ବା ଷ୍ଟେଟ୍ ବିଷୟରେ ଆଉ କିଛି ନାହିଁ ଓ ମୋତେ ବାହାରକୁ ଯାଇ ଅପେକ୍ଷା କରିବାକୁ କହିଲେ। ପ୍ରାୟ ଅଧଘଣ୍ଟା ପରେ ରାଜାସାହେବ ବାହାରି ଚାଲିଗଲେ। ସେ ଚାଲିଗଲାରୁ ସାହେବ ମୋତେ ଡାକିଲେ ଓ ମୁଁ କକ୍ଷ ମଧ୍ୟକୁ ପ୍ରବେଶ କଲା ମାତ୍ରକେ ହୋ ହୋ କରି ହସିଲେ। ଏହା ପୂର୍ବେ କେବେ ମୁଁ ଫିଲିପ୍ ସାହେବଙ୍କୁ ହସିବା ଦେଖି ନଥିଲି। ସାହେବ କହିଲେ "You have to do all this?" (ଏ ସବୁ ଆପଣଙ୍କୁ କରିବାକୁ ହେଉଛି ?) ମୋତେ ଆଉ କିଛି କହିବା ପାଇଁ ଅବସର ସୁଦ୍ଧା ଦେଲେନାହିଁ। କିଛି ସମୟ ତୁନି ହୋଇ ରହିଲେ। ଏହା ଫିଲିପ୍ ସାହେବଙ୍କ ଅଭ୍ୟାସ । କୌଣସି ବିଷୟ ଭାବିବସିଲେ ସେ ମୁଣ୍ଡରେ ଦୁଇହାତ ଦେଇ, ମୁହଁ ତଳକୁ କରି ଆଙ୍ଗୁଳି ସବୁ ହଲାଉଥାନ୍ତି ଓ ଅନେକ ସମୟପରେ କଥା କହନ୍ତି। "A tremendous job indeed" (ପ୍ରକୃତରେ ଭୀଷଣ କଷ୍ଟକର କାର୍ଯ୍ୟ) କହି ପୁଣି ବାହାରକୁ ଆସିଲେ ଓ ସମବେତ ଲୋକଙ୍କୁ ଓଡ଼ିଆ ଭାଷାରେ କହିଲେ, ‘‘ତୁମ୍ଭେମାନେ ଯାହା ଦରଖାସ୍ତରେ ଲେଖିଛ ସେ ସବୁ ମିଛ। ଆଉ ସେପରି କଲେ ସଜା ପାଇବ; ଯାଅ।’’ ଦରଖାସ୍ତ ଲିଖିତ ଅଭିଯୋଗ ଗୁଡ଼ିକର ଉତ୍ତର ମଧ୍ୟ ମୁଁ ସାହେବଙ୍କୁ ଦେଇଥିଲି। ସାହେବ ତତ୍ପରେ ମୋତେ ଯିବାପାଇଁ କହିଲେ। ମୁଁ ଚାଲିଗଲି ଓ ମୋ ପଛରେ ଲୋକମାନେ ମଧ୍ୟ ଚାଲିଗଲେ।

ଆଉ କେତେକ ଛୋଟ ଛୋଟ ଘଟଣା ମଧ୍ୟ ଘଟିଥିଲା। ତାହା ଉଲ୍ଲେଖ କରିବା ଆବଶ୍ୟକ ନାହିଁ। ଆଠଦିନ ରହି ଫିଲିପ୍ ସାହେବ ବଣେଇଗଡ଼ ତ୍ୟାଗକଲେ ଓ ରାଜା ସାହେବ ତାଙ୍କ ସହିତ ଯାଇ ଷ୍ଟେଟ୍ ସୀମାସ୍ଥ ବାଙ୍କୀରେ ତାଙ୍କୁ ଛାଡ଼ିଦେଲେ। ବାଙ୍କୀରେ ସାହେବ ମୋତେ କହିଲେ ଯେ ଡେପୁଟି ପଦକୁ ଉନ୍ନତି ପାଇଁ ମୋତେ ସୁପାରିସ୍ କରିବେ।

ବାଙ୍କୀ ଡାକବଙ୍ଗଳାରୁ ବାହାରିବା ସମୟରେ ଜଣେ ଆଦିବାସୀ ସାହେବଙ୍କ ସମ୍ମୁଖରେ ଛିଡ଼ାହୋଇ କହିଲା, ‘‘ହଜୁର ! ଆମ୍ଭେମାନେ କୁକୁଡ଼ା ଲଢ଼େଇ କରାଇ କିଛି

Digitized by srujanika@gmail.com

କିଛି ପଇସା ପାଉଥିଲୁ । ଦେୱାନ କୁକୁଡ଼ା ଲଢ଼େଇ ବନ୍ଦ କରିଦେଇ ଆମ୍ଭମାନଙ୍କ ଲୋକସାନ୍ କରାଇଛନ୍ତି । ପୁଣି ଆମ୍ଭମାନଙ୍କ ପିଲାମାନଙ୍କୁ ସ୍କୁଲକୁ ଯାଇ ପଢ଼ିବା ସକାଶେ ବାଧ କରୁଛନ୍ତି । ସ୍କୁଲକୁ ଗଲେ ଆମ୍ଭମାନଙ୍କ ପିଲାମାନେ ଗାଈ, ଛେଳି ଚରାଇ ପାରୁନାହାଁନ୍ତି ଓ ଆମ୍ଭମାନଙ୍କ ଚାଷକାମ ସୁଦ୍ଧା ହୋଇପାରୁନାହିଁ ।'' କୁକୁଡ଼ା ଲଢ଼େଇ ସମ୍ବନ୍ଧରେ ସାହେବ ମୋତେ ପଚାରିଲେ । ମୁଁ କହିଲି, ''ଏହା ଜୁଆଖେଳ ଆଇନ ଅନୁସାରେ ନିଷିଦ୍ଧ ଓ ଜଣକେତେ ଲୋକ ଏହି ନିଷେଧ ନମାନିବାରୁ ମୋକଦ୍ଦମାରେ ସେମାନଙ୍କୁ ଅର୍ଥଦଣ୍ଡ ଦେବାକୁ ହୋଇଥିଲା । ସେହିଦିନରୁ ତାହା ବନ୍ଦ ହୋଇଅଛି ।'' ସାହେବ ସେହିଲୋକଙ୍କୁ କିଛି କହିଲେ ନାହିଁ ଓ ବାଇସାଇକେଲରେ ଉଠିଲେ । ମୁଁ ମଧ ବାଇସାଇକେଲ୍‌ରେ ଯାଇ ପାନପୋଷ ଷ୍ଟେସନ୍‌ରେ ତାଙ୍କୁ ଛାଡ଼ିଦେଲି ।

ପୋଲିଟିକାଲ୍ ଏଜେଣ୍ଟଙ୍କୁ ବିଦାୟ ଦେଇ ମୁଁ ବଣେଇଗଡ଼କୁ ଫେରିଲା ପରେ ଦିନେ ରାଜାସାହେବ ମୋ ବସାକୁ ଫାଟକ ବାହାରୁ ଖୁବ୍ ହସି ହସି ଆସିଲେ ଓ ମୋତେ ଦେଖି ଆହୁରି ହସିବାକୁ ଲାଗିଲେନ୍ତ କହିଲେ, ''ଓଃ ! ଆପଣଙ୍କ ପରି ବୁଦ୍ଧିମାନ ଲୋକ ମୁଁ ଜୀବନରେ ଦେଖିନାହିଁ । କେହି ଥିବେ କି ନା କଳ୍ପନା ସୁଦ୍ଧା କରିପାରୁନାହିଁ । ଆମ୍ଭମାନଙ୍କ ସବୁ କାମକୁ ପାଣିଫଟାଇ ଦେଲେ, ଆଉ ଜଣା ସୁଦ୍ଧା ପଡ଼ିଲା ନାହିଁ । ଓଃ ! କାବୁଲି ଅଭିନୟ କେଡ଼େ ଚମତ୍କାର ।'' ମୁଁ ବୈଷ୍ଣବ ପାଣିଙ୍କ ଯାତ୍ରାରେ ଅଭିନୀତ ଗୋଟିଏ ବିଷୟ ସମ୍ବନ୍ଧରେ ତାଙ୍କ ରଚନାକୁ ଉଦ୍ଧାରକରି କହିଲେ, ''ଶୁଣନ୍ତୁ ରାଜାସାହେବ –

'ଶୁଣ ଲୋ ଭାଉଜ ବହୁ ରାଇଜଛଡ଼ାର କଥା
ଅଣ୍ଡିରା ବାଘ କେଉଁଠି ଦେଇଅଛି ଛୁଆଗୋଟି,
ତା'ର ଦୁଧ ନଆଣିଲେ କଟାହେବ ମନ୍ତ୍ରୀ ମଥା ।'

ଜଣେ ରାଜା ଥିଲେ । ମନ୍ତ୍ରୀଙ୍କୁ ଡକାଇ କହିଲେ, 'ମୁଁ ଶୁଣୁଛି, ଗୋଟିଏ ଅଣ୍ଡିରା ବାଘ ପର୍‌ା ଆମ କେଉଁ ଜଙ୍ଗଲରେ ଛୁଆଦେଇଛି, ଦେବୀପୂଜା ସକାଶେ ତାହାର ଦୁଧ ଦରକାର । ଯାଅ, ସେହି ଦୁଧ ଆଣିଦିଅ । ଆଣି ନଦେଲେ ତୁମ୍ଭ ମୁଣ୍ଡକାଟ ହେବ । ଧରନ୍ତୁ ଆପଣ ସେହି ରାଜା ଓ ମୁଁ ସେହି ମନ୍ତ୍ରୀ । ଆପଣ କ୍ଷମତାପ୍ରାପ୍ତି ସକାଶେ ଦେବୀଙ୍କୁ ଆରାଧନା କରିବେ ଓ କେଉଁ ବୁଦ୍ଧିମାନ ବ୍ୟକ୍ତି ମନ୍ତ୍ରଣାଦ୍ୱାରା ଆପଣଙ୍କୁ ବିଶ୍ୱାସ ଜନ୍ମାଇଲା ଯେ ଅଣ୍ଡିରା ବାଘର ଦୁଧ ଭୋଗ ପାଇଲେ ଦେବୀ ପ୍ରସନ୍ନ ହେବେ; ଆଉ ମନ୍ତ୍ରୀଙ୍କୁ ଅର୍ଥାତ୍ ମୋତେ ହୁକୁମ ହେଲା ମାତ୍ରକେ ଆପଣଙ୍କ ଛାମୁରେ ସେହି ଦୁଧ ହାଜର କରାହେଲା । ଆପଣ ଯେ ବିଶ୍ୱାସ କଲେ ସେହି ରାଜା, ଆଉ ଅଣ୍ଡିରା ବାଘର ଦୁଧ ଆଣି ଦେବା ଲୋକ ସେହି ମନ୍ତ୍ରୀ ମୁଁ । ମନ୍ତ୍ରୀଙ୍କ ବୁଦ୍ଧି ଆଗରେ ଖଳ ଲୋକଙ୍କ କୁମନ୍ତ୍ରଣା କେବେହେଁ ତିଷ୍ଠି ନପାରେ । ଏସବୁ ଛାଡ଼ନ୍ତୁ ରାଜା ସାହେବ ! ଏ ସବୁ କୌଣସି କାମକୁ ଆସିବ ନାହିଁ । ମୋ ପରାମର୍ଶ ଟିକିଏ ଶୁଣିଲେ ସବୁ ଠିକ୍ ହୋଇଯିବ । ମୁଁ ହେଲି ଚାକର । ଯେତେହେଲେ ଆପଣ ରାଜା । ଚାକିରି

Digitized by srujanika@gmail.com

ଦ୍ୱାରା ହିଁ ମୋ ପିଲାଙ୍କ ମୁହଁରେ ଅନ୍ନ ଗଣ୍ଡାଏ ଦେଇପାରିବି। ବିନା ଦୋଷରେ ଯଦି ଆପଣ ମୋ ପିଲାଙ୍କ ଦାନାରେ ଧୂଳି ଦେବେ ଭଗବାନ ତାହା ନିଶ୍ଚୟ ନିବାରଣ କରିବେ। ଏଠାକୁ ଆସିବା ପାଇଁ ମୁଁ ଲାଳାୟିତ ନଥିଲି। ସରକାର ମୋତେ ଏଠାକୁ ପଠାଇ ବଡ଼ ଅଡୁଆରେ ପକାଇଅଛନ୍ତି। ମୁଁ ଅକ୍ଷତ ରହିବା ସକାଶେ ନାନା ଉପାୟ ଉଦ୍ଭାବନ କରିବି ଓ ତାହା କରିବାକୁ ଭଗବାନ ନିଶ୍ଚୟ ମୋତେ ବୁଦ୍ଧି ଦେବେ। ଦେଖିଲେ ତ, ଭଗବାନଙ୍କ ପ୍ରଦତ୍ତ ବୁଦ୍ଧି ବଳରେ ଯେଉଁ ନାଟକର ଅଭିନୟ ହେଲା, ତାହା ମନୁଷ୍ୟର ସାଧ୍ୟାୟତ୍ତ ନୁହେଁ, ଭଗବାନଙ୍କ କୃପାପ୍ରସୂତ।'' ଏପରି କେତେକ କୌତୂହଳପୂର୍ଣ୍ଣ ଗଳ୍ପ କରି ରାଜାସାହେବ ଚାଲିଗଲେ। ତାଙ୍କର ତ ଦୃଢ଼ ବିଶ୍ୱାସ ଯେ, କୌଣସି ପ୍ରକାରେ ହେଉ, ଦେୱାନକୁ ବଦନାମ କଲେ ତାଙ୍କ କ୍ଷମତା ଫେରି ପାଇବେ। ଏଥିରୁ କୌଣସିମତେ ତାଙ୍କୁ ଟଳାଇ ପାରିଲି ନାହିଁ।

ପୋଲିସ ଇନ୍‌ସପେକ୍ଟରଙ୍କ କର୍ମତତ୍ପରତାର ବିରାମ ନଥାଏ। ଦିନେ ସେ ସ୍କୁଲ୍ ସବ୍‌ଇନ୍‌ସପେକ୍ଟର ନାରାୟଣ ନନ୍ଦଙ୍କ ବିରୁଦ୍ଧରେ ଏକ ଗୁରୁତର ଅଭିଯୋଗ କଲେ। ମୁଁ ତାଙ୍କ ସମ୍ମୁଖରେ ତାହାର ତଦନ୍ତ କରି ତାହା ମିଥ୍ୟା ଓ ଈର୍ଷ୍ୟାମୂଳକ ଥିବା ପ୍ରମାଣ ପାଇଲି। ଏହା ଉତ୍ତାରେ ମୋ ଉପରେ ଆକ୍ରମଣ ପ୍ରବଳ ଭାବରେ ଚାଲିଲା। ଗସ୍ତରେ ଗଲାବେଳେ ମୋ ବିରୁଦ୍ଧରେ ଲୋକଙ୍କୁ ଉତ୍ତେଜିତ କରିବାକୁ ଲାଗିଲେ। ମିଥ୍ୟା ଅଭିଯୋଗମାନ ରଚନା କରିବା ସକାଶେ ଲୋକଙ୍କୁ ଶିଖାଇଲେ। କେହି କେବେ ତାଙ୍କ କୁପରାମର୍ଶ ଗ୍ରହଣକରି କୌଣସି କାର୍ଯ୍ୟାନୁଷ୍ଠାନ କରିଥିବା ଦେଖାଗଲା ନାହିଁ। ଦିନେ ତାଙ୍କ ଗସ୍ତ ଡାଏରି ପଢୁଁ ପଢୁଁ ଏକ ସ୍ଥାନରେ ଲେଖିଥିବା ଦେଖିଲି, ମୁଁ କୌଣସି ମୋକଦ୍ଦମାରେ ପକ୍ଷଠାରୁ ଉତ୍କୋଚ ଗ୍ରହଣ କରିଅଛି। ପକ୍ଷଙ୍କ ନାମ ଲେଖାନାହିଁ। କେବଳ ଲେଖିଛନ୍ତି, ଲୋକମୁଖରୁ ସେ ଶୁଣିଛନ୍ତି ମାତ୍ର। ଏହା ଉତ୍ତାରେ ସୁଦ୍ଧା ତିନିଚାରି ଖଣ୍ଡ ଡାଏରିରେ ଏପରି କଥାମାନ ଲେଖାଥିବା ଦେଖିଲି। ଦିନେ ତାଙ୍କୁ ଡାକି ଏପରି କଥାମାନ ଡାଏରିରେ ନଲେଖିବା ପାଇଁ ଉପଦେଶ ଦେଲି। ସେ କହିଲେ ଯେ, କଟକିୟାମାନଙ୍କଠାରେ ମୁଁ ତାଙ୍କୁ ଲାଞ୍ଛିତ କରିଅଛି ଓ ତହିଁର ପ୍ରତିଫଳ ନିଶ୍ଚୟ ସେ ମୋତେ ଦେବେ। ପୁଣି ଠାକୁର ଘରେ ପଶିଲି ଓ ବୁଦ୍ଧି ଦେବା ସକାଶେ ଭଗବାନଙ୍କୁ ଡାକିଲି। ଅବିଳମ୍ବରେ ମୋତେ ବୁଦ୍ଧି ଦିଶିଲା। ମୁଁ ତାଙ୍କୁ ରାଗାନ୍ୱିତ ନକରି ବା ନିଜେ ତାଙ୍କ ଉପରେ ରାଗାନ୍ୱିତ ନହୋଇ, ତାଙ୍କ ମତିଗତି ଫେରିବା ନଦେଖି, ତାଙ୍କ ଆଶୁ ପତନ ସକାଶେ ଗୋଟିଏ କୌଶଳ ଅବଲମ୍ବନ କଲି। ଆହୁରି ତାଙ୍କ ଡାଏରିରେ ଏପରି ଲେଖା ଦେଖି ଦିନେ ନିଜେ ତାଙ୍କ ବସାକୁ ଗଲି ଓ କହିଲି, ''ଦେଖ, ତୁମେ ହେଲ ପୋଲିସ ଅଫିସର। ସରକାରଙ୍କ ସୁଦ୍ଧା ପୋଲିସ ଆଖି, କାନ। ତୁମ୍ଭେ ଯାହା ଲେଖିବ, ସରକାରଙ୍କ ବିଶ୍ୱାସ ହେବ। ଦେଖ, ତୁମ୍ଭେ ଯାହା ଲେଖୁଛ ମୁଁ ସହଜରେ ଏଠାରେ ଲୁଚାଇ ଦେଇ ପାରିବି। କିନ୍ତୁ ମୋର ଭୟ, ତୁମ୍ଭ ଲେଖାଗୁଡ଼ିକ ଯଦି ପୋଲିଟିକେଲ୍

Digitized by srujanika@gmail.com

ଏଜେଣ୍ଟଙ୍କଠାକୁ ଯାଏ ତାହାହେଲେ, ମୋର ରକ୍ଷାନାହିଁ । ମୋର ଅନୁରୋଧ, ଖବର୍‌ଦାର୍ ! ପୋଲିଟିକେଲ୍ ଏଜେଣ୍ଟଙ୍କଠାକୁ କିଛି ପଠାଇବ ନାହିଁ । କେତେକ ସ୍ଥାନରେ ମୁଁ ଦେଖିଛି, ପୋଲିସ୍ ଅଫିସର୍‌ମାନେ କୌଣସି ଅଫିସର୍‌ଙ୍କ ବିରୁଦ୍ଧରେ ଉପର ହାକିମଙ୍କଠାକୁ ଯାହା ଲେଖି ପଠାନ୍ତି, ପଠାଇଥିବା କଥା ତାଙ୍କୁ ଜଣାଇ ମଧ ଦିଅନ୍ତି । ଏଥିରେ ଉପର ହାକିମମାନେ ତାଙ୍କ ଲେଖାକୁ ଆହୁରି ବିଶ୍ୱାସ କରନ୍ତି ।'' ମୋର ଉଦ୍ଦେଶ୍ୟ, ମୋ ବିରୁଦ୍ଧରେ ସେ ଯାହା ଲେଖୁଛନ୍ତି ତାହା ପୋଲିଟିକେଲ୍ ଏଜେଣ୍ଟଙ୍କ ଠାକୁ ପଠାନ୍ତୁ । ତାହାହେଲେ ଧରାପଡ଼ିଯିବେ । ପ୍ରୋକ୍ତମତେ କହିଦେବା ମାତ୍ରକେ ସେ ହାତତାଳି ପିଟି କହିଲେ, ''ଠିକ୍ କହିଲ, ତୁମ୍ଭଙ୍କୁ ମୁଁ ମୋର ଯେଉଁ ଡାଏରି ଦେବି ତହିଁରୁ କିତାଏ ନକଲ ପୋଲିଟିକେଲ୍ ଏଜେଣ୍ଟଙ୍କଠାକୁ ମଧ ପଠାଇବି ଓ ତାଙ୍କଠାକୁ ପଠାଇଥିବା କଥା ତୁମ୍ଭଙ୍କୁ ଦେଇଥିବା ଡାଏରିରେ ଲେଖିଦେବି । ଦେଖିବା, ବଣେଇରେ ତୁମେ ରହିବ କି ମୁଁ ରହିବି, ଏହା ହେଲା ମୋର ପ୍ରତିଜ୍ଞା ।'' ଔଷଧ ଠିକ୍ ଧଇଲା । ସତକୁ ସତ, ଏହି ଉତ୍ତାରେ ଯେଉଁ ଡାଏରିମାନ ପାଇଲି ତହିଁରେ ପୋଲିଟିକେଲ୍ ଏଜେଣ୍ଟଙ୍କଠାକୁ ତହିଁର ନକଲ ପଠାଇବା କଥା ଲେଖାଥିଲା । ଏପରି ତିନିଚାରି ମାସର ଡାଏରି କ୍ରମାନ୍ୱୟରେ ପାଇଲି, ପ୍ରତ୍ୟେକଟିରେ ମୋ ନାମରେ କୁତ୍ସା ଓ ମିଥ୍ୟା ଅଭିଯୋଗ । ମୋର ଧ୍ରୁବ ବିଶ୍ୱାସ ହୋଇଥିଲା, ପୋଲିସ ଅଫିସରଙ୍କ ପକ୍ଷରେ ନିୟମ ଓ ଶୃଙ୍ଖଳାଭଙ୍ଗ ଅକ୍ଷମଣୀୟ । ପୋଲିଟିକେଲ ଏଜେଣ୍ଟ ତାଙ୍କ ଏହି କାର୍ଯ୍ୟକୁ କଦାପି କ୍ଷମା କରିବେ ନାହିଁ । କେତେକ ଦିନ ପରେ ଏହି ମର୍ମରେ ପୋଲିଟିକେଲ୍ ଏଜେଣ୍ଟଙ୍କଠାକୁ ପତ୍ର ଲେଖିଲି – ''ପୋଲିସ ଇନସ୍‌ପେକ୍ଟରଙ୍କଠାରୁ ପ୍ରାପ୍ତ କେତେକ ଗସ୍ତ ଡାଏରିରୁ ଦେଖିଲି ଯେ, ମୋ ନାମରେ କେତେକ ମିଥ୍ୟା ଅଭିଯୋଗର କଥା ଉଲ୍ଲେଖ କରି ଆଜିକୁ ତିନିମାସ ହେବ ଆପଣଙ୍କଠାକୁ ଉକ୍ତ ଡାଏରି ସବୁର ନକଲ ପଠାଇ ଆସୁଛନ୍ତି । ମୁଁ ମନେ କରିଥିଲି ଯେ ଆପଣ ଅନ୍ତତଃ ସେହି ବିଷୟରେ ମୋତେ କିଛି ପଚାରିବେ କିମ୍ବା ସେ ଅଭିଯୋଗର ତଦନ୍ତର ବ୍ୟବସ୍ଥା କରିବେ । କିନ୍ତୁ ଏ ପର୍ଯ୍ୟନ୍ତ କିଛି କରା ହୋଇନାହିଁ । ପୋଲିସ୍ ଇନସ୍‌ପେକ୍ଟର ନିଜ କର୍ତ୍ତବ୍ୟ କାର୍ଯ୍ୟରେ ତ୍ରୁଟି କରି ମୋ ବିରୁଦ୍ଧରେ କେବଳ ଷଡ଼ଯନ୍ତ୍ର କରିବାରେ ଲାଗିଛନ୍ତି । ପୋଲିସ ବିଭାଗରେ ଭୟଙ୍କର ବିଶୃଙ୍ଖଳା ଘଟିଅଛି । ତାଙ୍କ କାର୍ଯ୍ୟ ନିୟମ ଓ ଶୃଙ୍ଖଳା ବିରୁଦ୍ଧ । ପୋଲିସ କର୍ମଚାରୀ ପକ୍ଷରେ ଶୃଙ୍ଖଳା ଓ ନିୟମାନୁବର୍ତ୍ତିତା ପ୍ରତି ସମ୍ମାନ ଓ ତାହାର ପାଳନ ସର୍ବତୋଭାବେ କର୍ତ୍ତବ୍ୟ । ଯେଉଁ ସମସ୍ତ ଅଭିଯୋଗ ମୋ ବିରୁଦ୍ଧରେ ପୋଲିସ୍ ଇନସ୍‌ପେକ୍ଟର ଆଣିଅଛନ୍ତି ସେ ସବୁର ତଦନ୍ତ ମୁଁ ଦାବି କରୁଅଛି । ଏଥିରେ ବିଳମ୍ବ ହେଲେ ଷ୍ଟେଟ୍ ଶାସନରେ ବ୍ୟାଘାତ ଜାତ ହେବ ।'' ସାତଦିନ ପରେ ହୁକୁମ ଆସିଲା – ପୋଲିସ ଇନ୍‌ସପେକ୍ଟର କାର୍ଯ୍ୟରୁ ବରଖାସ୍ତ ହେଲେ ଓ ଏହି ହୁକୁମ ପାଇବା ୨୪ ଘଣ୍ଟା ମଧ୍ୟରେ ସେ ବଣେଇ ତ୍ୟାଗ କରିବେ । ଯଥା ସମୟରେ ତାଙ୍କୁ ଏହି ହୁକୁମ ଜଣାଇଦେଲି । ଗଡ଼ଜାତ ଚାକିରି, ତାଳଗଛର ଛାଇ । ନିୟମ ଅଛି ନା ଆଇନ କାନୁନ କିଏ ମାନୁଛି । ପଦରୁ

Digitized by srujanika@gmail.com

ବରଖାସ୍ତ ହେଲେ, ଅଥଚ ତାଙ୍କ ବିରୁଦ୍ଧରେ ମୁଁ ଯାହା ଲେଖିଥିଲି ବରଖାସ୍ତ ହୁକୁମ ହେବା ପୂର୍ବରୁ ତାଙ୍କ କୈଫିୟତ୍ ସୁଦ୍ଧା ନିଆହେଲା ନାହିଁ। ହୁକୁମ ପାଇବା ମାତ୍ରକେ ବସାରୁ ଜିନିଷପତ୍ର ସୁଦ୍ଧା ସଙ୍ଗେ ନନେଇ ସେ ଚାଲିଗଲେ। କେହି ଜାଣିଲେ ନାହିଁ। ତତ୍ପରେ ସବ୍‌ଇନସ୍‌ପେକ୍ଟର, ହେଡ୍ କନେଷ୍ଟବଳ, କନେଷ୍ଟବଳ ସମସ୍ତଙ୍କୁ ଏକତ୍ରିତ କରି ନିଜ ନିଜ କର୍ତ୍ତବ୍ୟ ବିଷୟରେ ଉପଦେଶ ଦେଲି। ପୋଲିସ ଇନସ୍‌ପେକ୍ଟର ଚାଲିଯିବା ପରେ ସୁଶୃଙ୍ଖଳ ଭାବରେ ପୋଲିସ କାର୍ଯ୍ୟ ଚାଲିଲା। କିଛିଦିନ ଉତ୍ତାରେ ଜଣେ ସରକାରୀ ସବ୍‌ଇନସ୍‌ପେକ୍ଟର ଇନସ୍‌ପେକ୍ଟର ପଦରେ ନିଯୁକ୍ତ ହୋଇ ଆସିଲେ। ସେ ନିକଟବାସୀ। ତାଙ୍କ ଅଧୀନରେ ପୋଲିସରେ ଆଉ କୌଣସି ପ୍ରକାରେ ବିଶୃଙ୍ଖଳା ଦେଖାଗଲା ନାହିଁ।

୧୯୨୬ ମସିହା ଡିସେମ୍ବର ମାସରେ ମୁଁ ଡେପୁଟି କଲେକ୍ଟର ପଦକୁ ଉନ୍ନତି ପାଇଥିବା ସମ୍ବାଦ ପୋଲିଟିକେଲ୍ ଏଜେଣ୍ଟଙ୍କ ପତ୍ରରୁ ଏବଂ ସରକାରୀ ଗେଜେଟ୍‌ରୁ ଦେଖିଲି। ସର୍ବପ୍ରଥମରେ ସ୍କୁଲ ଶିକ୍ଷକମାନେ ଓ ତତ୍ପରେ ସ୍ଥାନୀୟ କେତେକ ଭଦ୍ରବ୍ୟକ୍ତି ମୋତେ ଅଭିନନ୍ଦନ କଲେ। କିନ୍ତୁ କେତେକଙ୍କ ମନରେ ଏଥିର ବିପରୀତ ଭାବ ଲକ୍ଷିତ ହେଲା। କଥାବାର୍ତ୍ତାରୁ ଜାଣିଲି, କାହିଁ ମୋର ପତନ ପରିବର୍ତ୍ତରେ କ୍ରମୋନ୍ନତି ହେଉଅଛି। ପୁଣି ଷଡ଼ଯନ୍ତ୍ରର ସୂଚନା ପାଇବାକୁ ଲାଗିଲି। ଏଥର କିନ୍ତୁ ଅତି ଗୋପନରେ। ମୋ ବିରୁଦ୍ଧରେ ଅଭିଯୋଗପୂର୍ଣ୍ଣ ଖଣ୍ଡକେତେ ଦରଖାସ୍ତ ପୋଲିଟିକେଲ୍ ଏଜେଣ୍ଟଙ୍କଠାରୁ ଆସିଲା। ସେ ସବୁର ଯଥାଯଥ ଉତ୍ତର ଦେଲି। ପୋଲିଟିକେଲ୍ ଏଜେଣ୍ଟ ମୋଠାକୁ ଚିଠି ଲେଖି ମୁଁ ବିଚାର କରୁଥିବା କେତେକ ମୋକଦ୍ଦମାର ନଥିମାନ ମଗାଇନେଲେ ଓ ସେ ସବୁରେ କିଛି ମନ୍ତବ୍ୟ ସୁଦ୍ଧା ନଲେଖି ଫେରାଇ ଦେଲେ। ଗୋଟିଏ ଜୁଆଖେଳ ମୋକଦ୍ଦମାରେ ମୁଁ କେତେକ ଲୋକଙ୍କୁ ଜୋରିମାନା କରିଥିଲି। ରାଜାସାହେବ ଦଣ୍ଡିତ ଆସାମୀମାନଙ୍କ ଅପିଲ୍ ଅଗ୍ରାହ୍ୟ କରିଥିଲେ। ଯେତେକ ଅପିଲ୍ ହୁଏ ସେ ସମସ୍ତ ଡିସ୍‌ମିସ୍ ହୁଏ। କାରଣ, ସରକାରଙ୍କ ହୁକୁମ ଅନୁସାରେ ଦେଓ୍ୱାନଙ୍କ ରାୟକୁ ପରିବର୍ତ୍ତନ କରିବାକୁ ହେଲେ ପୋଲିଟିକେଲ୍ ଏଜେଣ୍ଟଙ୍କ ମତ ଗ୍ରହଣ କରିବାକୁ ହେବ ଓ ତାଙ୍କ ମତାନୁଯାୟୀ କାର୍ଯ୍ୟ କରିବାକୁ ହେବ। ଏହା ଅପିଲ୍ ଅଦାଲତ ପକ୍ଷରେ ଘୋର ଅବମାନନାସୂଚକ। ତେଣୁ ରାଜାସାହେବ ସମସ୍ତ ଅପିଲ୍ ନାମଞ୍ଜୁର କରନ୍ତି। ପ୍ରୋକ୍ତ ଜୁଆଖେଳ ମୋକଦ୍ଦମାରେ ପୋଲିଟିକେଲ୍ ଏଜେଣ୍ଟଙ୍କଠାରେ ଅପିଲ୍ ହେଲା। ସେତେବେଳେ ମୁଁ ଦେଖିଲି ଯେ, ଇଂରେଜଶାସିତ ଭାରତବର୍ଷରେ ପ୍ରଚଳିତ ଯେଉଁ କେତୋଟି ଆଇନ ବଣେଇ ଷ୍ଟେଟ୍‌ରେ ପ୍ରବର୍ତ୍ତିତ ହୋଇଥିଲା ତନ୍ମଧ୍ୟରେ ଜୁଆଖେଳ ଆଇନର ନାମ ନଥିଲା। ଏହି ବିଷୟ ଗୋଟିଏ ଗୁପ୍ତ ପତ୍ରରେ ପୋଲିଟିକେଲ୍ ଏଜେଣ୍ଟଙ୍କୁ ଜଣାଇଦେବା ସଙ୍ଗେ ସଙ୍ଗେ ଲେଖିଲି ଯେ, ଭୁଲ୍‌ରେ ଆସାମୀମାନଙ୍କ ପ୍ରତି ଦଣ୍ଡବିଧାନ ହୋଇଥିଲେ ହେଁ ଯଦି ଆଇନ କାରଣରେ ଆସାମୀମାନଙ୍କୁ ଦଣ୍ଡମୁକ୍ତ କରି ଦିଆହୁଏ ତାହାହେଲେ ବଣେଇରେ ଜୁଆଖେଳ ଆହୁରି ପ୍ରବଳ ହେବ। ଶାସନ ଦୃଷ୍ଟିରେ କେବଳ ଇଂରେଜଶାସିତ ଉନ୍ନତ ଅଞ୍ଚଳର

Digitized by srujanika@gmail.com

ଆଇନ ଧରିବସିଲେ ଚଳିବ ନାହିଁ। ପୋଲିଟିକେଲ୍ ଏଜେଣ୍ଟ ଅପିଲ ନାମଞ୍ଜୁର କଲେ। ଏହି ସମୟରେ ମୁଁ ମନେକଲି, ଗଡ଼ଜାତ ଶାସନରେ କେବଳ ଅନ୍ୟ ଉନ୍ନତ ଅଞ୍ଚଳରେ ପ୍ରବର୍ତ୍ତିତ ଆଇନ ଚଳାଇଲେ ଚଳିବ ନାହିଁ। କୌଣସି ଗଡ଼ଜାତ ରାଜ୍ୟରେ ସେହି ସମୟରେ ବିଧିବଦ୍ଧ ଆଇନ ନଥିଲା। ଇଂରେଜଶାସିତ ଅଞ୍ଚଳରେ ପ୍ରବର୍ତ୍ତିତ ଆଇନମାନଙ୍କ ମଧ୍ୟରୁ କେତେକ ଇଂରେଜଶାସକଙ୍କ ନିର୍ଦ୍ଦେଶରେ ପ୍ରଚଳିତ ହେବା ନିୟମ ହୋଇଥିଲା। ଏଥିରୁ ବା ସ୍ୱୟଂ ପୋଲିଟିକେଲ୍ ଏଜେଣ୍ଟ ବା ଇଂରେଜ ସରକାର କେତେ ମାନି ଚଳୁଥିଲେ ? କଥା କଥାରେ ଆଇନଭଙ୍ଗ ନିତ୍ୟ ଦର୍ଶନୀୟ ବିଷୟ ହୋଇଥିଲା। ଇଂରେଜ ଯେତେବେଳେ ଯାହା ଚାହୁଁଥିଲେ, ଗଡ଼ଜାତ ରାଜ୍ୟମାନଙ୍କରେ ତାହା କରୁଥିଲେ। ରାଜା ଓ ପ୍ରଜା ଉଭୟଙ୍କୁ ଦଳିତ କରି ରଖିଥିଲେ। ସରକାରୀ ପତ୍ରମାନଙ୍କରେ ରାଜାଙ୍କୁ ପୋଲିଟିକେଲ ଏଜେଣ୍ଟ ଓ ସରକାର 'My esteemed friend' (ମୋର ସମ୍ମାନିତ ବନ୍ଧୁ) ବୋଲି ସମ୍ବୋଧନ କରିବା ଓ ନିଜ ସ୍ୱାକ୍ଷର ଉପରେ 'Your sincere friend' (ଆପଣଙ୍କ ପ୍ରକୃତ ବନ୍ଧୁ) ବୋଲି ଲେଖିବା ନିୟମ କରିଥିଲେ। ଅଥଚ କେଉଁ ନ୍ୟାୟ ବଳରେ ରାଜାଙ୍କ ହାତଗୋଡ଼ ବାନ୍ଧି ତାଙ୍କ ପ୍ରଜାଙ୍କ ଆଗରେ ତାଙ୍କୁ କ୍ଷମତାଚ୍ୟୁତ କରି ରଖିଥିଲେ ? ଅନେକ ରାଜ୍ୟରେ ଏହି ପରିସ୍ଥିତି ହିଁ ଶାସନର ବିଶୃଙ୍ଖଳାର କାରଣ ହୋଇଥିଲା। ବଣେଇର ଅଧିକାଂଶ ପ୍ରଜା ଅଶିକ୍ଷିତ ଓ ଅନୁନ୍ନତ। ଇଂରେଜଶାସିତ ଅଞ୍ଚଳର ଆଇନର ସାରମର୍ମ କେବଳ ପ୍ରୟୋଗକଲେ ସେମାନଙ୍କ ନୈତିକ ଓ ଆର୍ଥିକ ଉନ୍ନତି ସାଧିତ ହେବ। ଏମାନଙ୍କୁ ଶିକ୍ଷାଦେବା ସକାଶେ ଦେୱାନ ଛଡ଼ା ରାଜ୍ୟରେ କେହି ନାହାଁନ୍ତି କହିଲେ ଚଳେ। ଥାଇପାରନ୍ତି କେତେକ; କିନ୍ତୁ ଯାହାକୁ ଭୟ କରିବେ, ଯାହାର ଦଣ୍ଡଦେବା କ୍ଷମତା ଅଛି କେବଳ ତାହାଠାରୁ ଶିକ୍ଷାଗ୍ରହଣ କରିବେ। ଦେୱାନଙ୍କ କ୍ଷମତା ପ୍ରତି ଭୟ ଲୋକଙ୍କ ଉନ୍ନତିମୂଳକ କାର୍ଯ୍ୟାବଳୀର ସଂଶ୍ଳିଷ୍ଟ ନରହିଲେ ଏମାନେ ଗଡ଼ଜାତର ବାତାବରଣରେ ନିର୍ମୂଳ ହୋଇଯିବେ। ସୁତରାଂ ଦେୱାନଙ୍କ କାର୍ଯ୍ୟ ଅତ୍ୟନ୍ତ ଦାୟିତ୍ୱପୂର୍ଣ୍ଣ। ଗଡ଼ଜାତ ଶାସନରେ ଆଇନ ସହ ନ୍ୟାୟ ଓ ବିବେକପୂର୍ଣ୍ଣ ନୀତି ପ୍ରୟୋଗ ମୂଳମନ୍ତ୍ର ହେବା ବିଧେୟ। ଏହା ମନେକରି ମୁଁ ମୋର କାର୍ଯ୍ୟ ସମ୍ପାଦନରେ ଯଥାସାଧ୍ୟ ଚେଷ୍ଟା କରୁଥିଲି ଓ ବହୁପରିମାଣରେ ସାଫଲ୍ୟ ଲାଭ କରିଥିଲି।

୧୯୨୬ ମସିହା ଦୁର୍ଗାପୂଜାର କିଛିଦିନ ପୂର୍ବେ ମଧ୍ୟ ଇଂରାଜୀ ସ୍କୁଲର ହେଡ଼ମାଷ୍ଟର ଶ୍ରୀ ଜୟକୃଷ୍ଣ ମହାପାତ୍ରଙ୍କଠାରୁ ଶୁଣିଲି, ଗୋଟିଏ କୁମାରୀକୁ ଆଣି ଗଡ଼ରେ ଖୁଆଇ ପିଆଇ ଅତି ଗୋପନରେ ରଖା ହୋଇଅଛି ଓ ମହାଷ୍ଟମୀ ରାତ୍ରିରେ ଦେବୀଙ୍କଠାରେ ତାକୁ ବଳି ଦିଆହେବ। ଏ ସମ୍ବନ୍ଧରେ ଗଡ଼ରେ କୁହାକୁହି ମଧ୍ୟ ହେବାକୁ ଲାଗିଲେ। ଜନରବ ସତ୍ୟ ହେଉ ଅଥବା ମିଥ୍ୟା ହେଉ ବଳିଦେବା ପରେ ଅପରାଧୀଙ୍କୁ ଧରିବା ସକାଶେ ଅପେକ୍ଷା କରି ରହିବା ପରିବର୍ତ୍ତେ ବାଳିକାଟିର ପ୍ରାଣରକ୍ଷା କରିବା କର୍ତ୍ତବ୍ୟ ମନେକରି ଗଡ଼ ଓ ନିକଟବର୍ତ୍ତୀ ଅଞ୍ଚଳରେ ଏହି କଥା ପ୍ରଚାର କରାଇଦେଲି ଓ ଦେବୀମନ୍ଦିରର ଚତୁଃପାର୍ଶ୍ୱରେ କଡ଼ା ପୋଲିସ ଜଗାଇଦେଲି। ଆଉ ଏ ସମ୍ବନ୍ଧରେ କିଛି ଶୁଣାଗଲା ନାହିଁ।

Digitized by srujanika@gmail.com

ବଣେଇରେ ମୋର ଅବସ୍ଥାନ ଚାରିବର୍ଷ ହୋଇଗଲାଣି। ଛଟପଟ ପ୍ରାଣରେ ଅଥଚ ଦୃଢ଼ତା ସହକାରେ ଦେଓ୍ୱାନି କାର୍ଯ୍ୟ ଚାଲିଥାଏ। ଚିତ୍ତ ବିନୋଦର ପ୍ରଧାନ ସହାୟକ ହୋଇଥାଏ ମୋର ଜୀବନର ସମ୍ବଳ କିଞ୍ଚିତ୍ ସାହିତ୍ୟ ଚର୍ଚ୍ଚା। ଏଥିରେ ମୋର ପ୍ରଧାନ ସହଯୋଗୀ ହୋଇଥାନ୍ତି ମଧ୍ୟ ଇଂରାଜୀ ସ୍କୁଲର ହେଡ୍‌ମାଷ୍ଟର ଶ୍ରୀ ଜୟକୃଷ୍ଣ ମହାପାତ୍ର ଓ ହେଡ୍‌ପଣ୍ଡିତ ଶ୍ରୀ ଭରତଚରଣ ମହାନ୍ତି। କେତେକ ବର୍ଷ ପୂର୍ବେ ମୁଁ 'କୁମାରସମ୍ଭବ' ସଂସ୍କୃତ କାବ୍ୟର ଓଡ଼ିଆ ଅନୁବାଦ ଲେଖିଥିଲି। ତାହା ସଂଶୋଧନ କରି ୧୯୨୭ ମସିହାରେ ଛପାଇ ପ୍ରକାଶ କଲି। ସ୍କୁଲ ସ୍ଥାପନ ଓ ଶିକ୍ଷା ପ୍ରସାରରେ ମୋର ଉଦ୍ୟମ ଦେଖି ଷ୍ଟେଟର ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ମୋ ପ୍ରତି ଆକୃଷ୍ଟ ହେଉଥିବା କ୍ରମେ ମୁଁ ଅନୁଭବ କରୁଥିଲି। ଯେଉଁ ଜଣକେତେ ବୁଦ୍ଧିମାନ ଛାତ୍ରଙ୍କୁ ଉଚ୍ଚଶିକ୍ଷା ପ୍ରାପ୍ତିରେ ଉତ୍ସାହ ଦେଇଥିଲି ସେମାନଙ୍କ ମଧ୍ୟରୁ କେତେକ ଆସି ଯେତେବେଳେ ମୋ ସହିତ ସାକ୍ଷାତ କରନ୍ତି ସେମାନଙ୍କୁ ଦେଖି ବାସ୍ତବରେ ମୋ ହୃଦୟରେ ନିର୍ମଳ ଆନନ୍ଦ ସଞ୍ଚାର ହୁଏ ଓ ସେତେବେଳେ ମୁଁ ମନେକରେ, ଅନ୍ୟଦିଗରେ ଯାହାହେଉ ପଛକେ, ଏତାଦୃଶ କଠୋରତାପୂର୍ଣ୍ଣ ଜୀବନରେ ସୁଦ୍ଧା ବଣେଇ ରାଜ୍ୟ ମୋ ପକ୍ଷରେ ସ୍ୱର୍ଗତୁଲ୍ୟ। ବଣେଇରେ ଅବସ୍ଥାନ ମୋତେ ଏହି ବାତାବରଣ ମଧ୍ୟରେ ବଞ୍ଚାଇ ରଖିଥିଲା। ଅଶିକ୍ଷିତ, ଅନ୍ଧକାରାଚ୍ଛନ୍ନ ବଣବହୁଳ ବଣେଇ ରାଜ୍ୟ ମଧ୍ୟରେ ସ୍ୱହସ୍ତରେ ଶିକ୍ଷାପ୍ରସାରମୂଳକ ଅଙ୍କୁରାରୋପଣ କରି ଜୀବନକୁ ମୁଁ ଧନ୍ୟ ମନେକରୁଥିଲି। ପଣ୍ଡିତ ଭରତଚରଣ ମହାନ୍ତି ଇହଧାମ ତ୍ୟାଗ କରିଅଛନ୍ତି। ପ୍ରାୟ ଦୁଇମାସ ପୂର୍ବେ ଶ୍ରୀ ଜୟକୃଷ୍ଣ ମହାପାତ୍ରଙ୍କୁ ଭୁବନେଶ୍ୱରରେ ଦେଖିଥିଲି। ତାଙ୍କର ଜଣେ ପୁଅ ସେଠାରେ ସେକ୍ରେଟାରୀଏଟ୍‌ରେ ଜଣେ କର୍ମଚାରୀ। ତାଙ୍କ ବସାରେ ଜୟକୃଷ୍ଣ ବାବୁଙ୍କୁ କଠିନ ରୋଗରେ ଶଯ୍ୟାଶାୟୀ ହୋଇ ପଡ଼ିଥିବା ଦେଖିଲି। ପ୍ରଥମରେ ସେ ମୋତେ ଚିହ୍ନି ପାରିଲେ ନାହିଁ। କିନ୍ତୁ ପରେ ଯେତେବେଳେ ମୋର ପରିଚୟ ଦେଲି ସେହି ଅବସ୍ଥାରେ ସେ ଶଯ୍ୟାରୁ ଉଠି ମୋର ପଦସ୍ପର୍ଶ କରି ପ୍ରଣାମ କଲେ। ମୋର ମନେହେଲା, ଯେମନ୍ତ ମୋର ପଦସ୍ପର୍ଶରେ ତାଙ୍କ ରୋଗର ସାମୟିକ ଉପଶମ ହେଲା। ଉଭୟଙ୍କ ମଧ୍ୟରେ ବଣେଇ ଅବସ୍ଥାନର ଅନୁଭୂତିମୂଳକ କେତେକ ବିଷୟରେ ଆଲୋଚନା ହୋଇଥିଲା।

୧୯୨୭ ମସିହା ମଇ ମାସ। ଦିନେ ପୋଲିଟିକେଲ୍ ଏଜେଣ୍ଟ ଫିଲିପ୍ ସାହେବଙ୍କ ଠାରୁ ଖଣ୍ଡେ ପତ୍ର ପାଇଲି, ସମ୍ବଲପୁରରେ ତାଙ୍କ ସହିତ ସାକ୍ଷାତ କରିବାକୁ ଲେଖିଅଛନ୍ତି। ସମ୍ବଲପୁର ଯାଇ ତାଙ୍କ ସହିତ ସାକ୍ଷାତ କଲି। ବଣେଇ ଶାସନ ସମ୍ବନ୍ଧୀୟ ମୋର କେତେକ କାର୍ଯ୍ୟର ସମାଲୋଚନା ଆରମ୍ଭ କଲେ, ମୁଁ ଉତ୍ତର ଦେଇ ତାଙ୍କ ଭ୍ରାନ୍ତଧାରଣା ଦୂର କରିବାକୁ ଚେଷ୍ଟାକଲି। କଥାବାର୍ତ୍ତାରୁ ବୁଝିଲି, ଇତିମଧ୍ୟରେ ତାଙ୍କ କର୍ଣ୍ଣରେ ବିଷପ୍ରୟୋଗ କରାହୋଇଅଛି ଓ ମୋର କେତେକ କାର୍ଯ୍ୟକୁ ସେ ପସନ୍ଦ କରୁନାହାନ୍ତି। ଏତେଦିନ ପରେ ମୋର ଦୁର୍ଯୋଗ ଉପସ୍ଥିତ ହୋଇଥିବା ମନେକଲି। ରାଜାଙ୍କ ଭାଇଙ୍କୁ ମୁଁ ଲେଖିଥିବା ଚିଠି

Digitized by srujanika@gmail.com

ସେ ମୋତେ ଦେଖାଇଲେ। ମୁଁ ତାହା ଲେଖିଥିବା ସ୍ୱୀକାର କଲି। କିନ୍ତୁ ଦେଖିଲି ଯେ ତାହା ଯେ ମୋତେ ଲେଖିଥିବା ତାଙ୍କ ଚିଠିର ଉତ୍ତର ତାହା ସାହେବଙ୍କ ମନକୁ ଘେନି ନଥିଲା। ମନେକଲି, ହୁଏତ ସେ ତାଙ୍କଠାକୁ ସେହି ଚିଠି ପଠାଇ ନଥିବେ କିମ୍ବା ଯଦି ତାହା ତାଙ୍କଠାରେ ଥିଲା, ତାହା ସେ ମୋତେ ମୋ ଚିଠି ସଙ୍ଗେ ଦେଖାଇ ନଥିଲେ। ସେପରି ତୀବ୍ର ଭାଷାରେ ରାଜପୁତ୍ରଙ୍କୁ ପତ୍ର ଲେଖିବା ଉଚିତ ନଥିଲା ବୋଲି କହିଲେ। କିନ୍ତୁ ତାହା ତାଙ୍କ ପତ୍ରର ଅନୁରୂପ ହୋଇଥିଲା ବୋଲି ମୋର କାର୍ଯ୍ୟର ପୋଷକତାରେ ଯେତେ କହିଲି, ତାହା ସେ ଗ୍ରହଣ କରିବାକୁ ପ୍ରସ୍ତୁତ ହେଲେନାହିଁ। ମୁଁ ଷ୍ଟେଟରେ ଲୋକଙ୍କ ଇଚ୍ଛା ବିରୁଦ୍ଧରେ ପିଲାଙ୍କୁ ସ୍କୁଲରେ ଭର୍ତ୍ତି କରୁଥିବା ଓ ସେମାନଙ୍କୁ ପାଠ ପଢ଼ିବାକୁ ବାଧ କରୁଥିବା କାର୍ଯ୍ୟକୁ ସେ ଆଦୌ ପସନ୍ଦ କରୁନାହାଁନ୍ତି କହି ମୋର ଏହି କାର୍ଯ୍ୟର କୈଫିୟତ୍ ଦେବାକୁ ବାରମ୍ବାର କହିଲେ ଓ କୈଫିୟତ୍ ସନ୍ତୋଷଜନକ ନହେଲେ ମୋତେ ତହିଁର ଫଳ ଭୋଗ କରିବାକୁ ହେବ ବୋଲି ଧମକାଇବାକୁ ଲାଗିଲେ। କୁକୁଡ଼ା ଲଢ଼େଇ ବନ୍ଦ କରିଥିବା କଥା ମଧ ଉଠାଇଲେ। ଯେଉଁ ସମସ୍ତ କାର୍ଯ୍ୟରେ ମୁଁ ତାଙ୍କ ସମର୍ଥନ ଓ ଅନୁମୋଦନ ଲାଭ କରିଥିଲି ବର୍ତ୍ତମାନ ସେ ସମସ୍ତ ବିପରୀତ ଦୃଷ୍ଟିରେ ଦେଖୁଥିବା ଅନୁଭବ କଲି। ପ୍ରମାଦ ଗଣିଲି। କିନ୍ତୁ ମୁଁ ଏଥିରେ କୌଣସି ଦୁର୍ନୀତିମୂଳକ କାର୍ଯ୍ୟ ତ କରିନଥିଲି। ଏହି ଆତ୍ମପ୍ରତ୍ୟୟ ମୋତେ ସାହସ ଯୋଗାଉଥାଏ। ପିଲାଙ୍କୁ ବଳାତ୍କାର ସ୍କୁଲରେ ଭର୍ତ୍ତି କରିଥିବା କଥାକୁ ସେ ବାରମ୍ବାର ମାଜିବାକୁ ଲାଗିଲେ। କୈଫିୟତ୍‌ରେ କହିଲି, ମୋର ବଣେଇରେ ପଦାର୍ପଣ କରିଥିବା ସମୟରେ କିପରି ସମଗ୍ର ରାଜ୍ୟରେ ଛାତ୍ରସଂଖ୍ୟା ମାତ୍ର ତିନିଶତ ଥିଲା, ଅନ୍ନକ୍ଳେଶ ଉପସ୍ଥିତ ହେଲେ ରାଜ୍ୟବାସୀଙ୍କ ମଧରେ ଅନ୍ନ ବିତରଣ ବ୍ୟବସ୍ଥା ତୁଲ୍ୟ ଶିକ୍ଷା କ୍ଳେଶ ନିବାରଣାର୍ଥେ କର୍ତ୍ତୃପକ୍ଷଙ୍କ ଏହା କର୍ତ୍ତବ୍ୟ, ଆଧୁନିକ ଯୁଗରେ ଭାରତବର୍ଷରେ, ବିଶେଷତଃ ଅନୁନ୍ନତ ଅରଣ୍ୟମୟ ଗଡ଼ଜାତ ଅଞ୍ଚଳର ଅଶିକ୍ଷିତ ଅଧିବାସୀଙ୍କ ମଧରେ ଶିକ୍ଷା ପ୍ରସାର ନିତାନ୍ତ ପ୍ରୟୋଜନ। ଲୋକଙ୍କୁ ନିରକ୍ଷର କରି ରଖିଥିବା ଯୋଗୁଁ ଶିକ୍ଷାଦିଗରେ ସେମାନଙ୍କ ମନ ସୁଦ୍ଧା ପରିଚାଳିତ ହେଉନାହିଁ, ଏଣୁ ରାଜ୍ୟବାସୀମାନେ ଅଜ୍ଞାନାନ୍ଧକାରରେ ରହି ନିଜ ଜୀବନକୁ ନିଷ୍ଫଳ କରୁଥିବା ସଙ୍ଗେ ରାଜ୍ୟଶାସନ ସୁଦ୍ଧା କଷ୍ଟକର ହେଉଅଛି – ଏ ସମସ୍ତ ଯୁକ୍ତିଦ୍ୱାରା ମୋ କାର୍ଯ୍ୟର ପୋଷକତାରେ ଯେତେ କହିଲି ସେ କିଛି ଶୁଣିଲା ପରି ମନେହେଲା ନାହିଁ। ଏହା ଉତ୍ତାରେ ସୁଦ୍ଧା ସେ ଅତ୍ୟନ୍ତ ବିରକ୍ତିବ୍ୟଞ୍ଜକ ଉଚ୍ଚ ସ୍ୱରରେ କହିଲେ, ଲୋକଙ୍କ ଶିକ୍ଷା ସମ୍ବନ୍ଧରେ ମୋର ଧାରଣା ବଡ଼ ବିଚିତ୍ର। କାହାକୁ କାହାରି ଇଚ୍ଛା ବିରୁଦ୍ଧରେ କୌଣସି କାର୍ଯ୍ୟ କରିବାକୁ ବାଧ କରିବା ଉଚିତ ନୁହେଁ ଓ ବିଶେଷତଃ ମୋର ଏହି କାର୍ଯ୍ୟକୁ ସେ ଅନୁମୋଦନ କରୁନାହାନ୍ତି। ପୁଣି କହିଲେ, ମୁଁ ବଣେଇର ଦେୱାନ ପଦର ଅଯୋଗ୍ୟ ଓ ସେ ମୋତେ ଡେପୁଟି ପଦକୁ ଉନ୍ନତି ଦେଇ ଭୁଲ କରିଅଛନ୍ତି। ମୋ ମନକୁ ମଧ ସେତେବେଳେ ତାଙ୍କ ଅସଙ୍ଗତ ଓ ଅଯୌକ୍ତିକ କଥାଗୁଡ଼ିକ ଶୁଣି ବିରକ୍ତି ଆସିଲାଣି। ପୁନଃ

Digitized by srujanika@gmail.com

ପୁନଃ ସେହି ପିଲାଙ୍କୁ ପଢ଼ିବା ସକାଶେ ବାଧ କରିଥିବା କଥା କହି କେବଳ ଏହା ହିଁ ମୋର ଅଯୋଗ୍ୟତାର କାରଣ ବୋଲି ଯେତେବେଳେ କହିଲେ ସେତେବେଳେ ମୁଁ ନିଜକୁ ସମ୍ଭାଳି ନପାରି ବିନୀତ ଅଥଚ ଦୃଢ଼ଭାବରେ କହିଲି, ''ଭାରତବାସୀଙ୍କୁ ଶିକ୍ଷାଦାନ ସମ୍ବନ୍ଧରେ ମୁଁ ଅକପଟ ଓ ସରଳ ଭାବରେ ମୋର ମନୋଭାବ ବ୍ୟକ୍ତ କରିବାକୁ ଆପଣଙ୍କ ଅନୁମତି ଭିକ୍ଷା କରୁଅଛି। ଆଶା କରେଁ, ମୋର ଏ ପ୍ରକାର ଉକ୍ତି ଯୋଗୁଁ ମୋତେ କ୍ଷମାଦେବେ । ଭାରତବାସୀଙ୍କ ଶିକ୍ଷା ବିଷୟରେ ଇଂରେଜଙ୍କ ଏତାବତ୍ ଆଚରିତ ନୀତି ସେମାନଙ୍କ ଏକ ବୃହତ୍ ନିନ୍ଦାର ବିଷୟ। ଇଂରେଜମାନେ ଭାରତବାସୀଙ୍କୁ ନିରକ୍ଷର ଓ ଅଜ୍ଞକରି ରଖିଅଛନ୍ତି ଓ ଚାହାଁନ୍ତି ଯେ ଚିରକାଳ ଏମାନେ ଏହି ପୁରୁଣାବସ୍ଥାରେ ରହିଥାଆନ୍ତୁ। ଅଥଚ ସମୟ ପଡ଼ିଲେ କହୁଛନ୍ତି ଯେ, ଭାରତବାସୀ ଅଶିକ୍ଷିତ ଥିବା ଯୋଗୁଁ ସେମାନେ ସ୍ୱାୟତ୍ତଶାସନର ଅଯୋଗ୍ୟ। ଅନ୍ନଜଳ ତୁଲ୍ୟ ଭାରତବାସୀଙ୍କ ଜୀବନରକ୍ଷା ସକାଶେ ଶିକ୍ଷା ନିତାନ୍ତ ପ୍ରୟୋଜନ।'' ସାହେବ ଏଡ଼େ ଏଡ଼େ ଆଖିକରି ମୋ ମୁହଁକୁ ଅନାଇବାକୁ ଲାଗିଲେ। ଆଉ କିଛି କହୁନଥାନ୍ତି। ସାହସ ବାନ୍ଧି ପୁଣି କହିଲି, ''ମୁଁ ଏତେଦିନ ପର୍ଯ୍ୟନ୍ତ କେବଳ ପୋଲିଟିକେଲ୍ ଏଜେଣ୍ଟଙ୍କ ସମର୍ଥନ ଉପରେ ନିର୍ଭର କରି ଚାରିବର୍ଷ କାଳ ବହୁକଷ୍ଟରେ ବଣେଇର କଠିନ ଦେୱାନ କାର୍ଯ୍ୟ ସମାଧାନ କଲି। ଏଣିକି ଯଦି ଆପଣଙ୍କ ସମର୍ଥନ ନପାଉଛି ତାହାହେଲେ ମୋର ସେଠାରେ ରହିବା ଏକାନ୍ତ ଅସମ୍ଭବ'' ଓ ମୋର ସରକାରୀ କାର୍ଯ୍ୟକୁ ମୋତେ ଫେରାଇଦେବା ସକାଶେ ବ୍ୟବସ୍ଥା କରିବାକୁ ଅନୁରୋଧ କଲି। ସେ ଏଥିରେ ରାଜିହେଲେ। ପୁଣି ମୁଁ କହିଲି ଯେ, ଅନେକ ଦିନହେଲା ମୁଁ ଛୁଟି ନେଇ ନଥିବାରୁ ମୋର କେତେକ ଘରୋଇ କାର୍ଯ୍ୟ କରାହୋଇନାହିଁ। ପୁଣି ବଣେଇରେ ମୋର କାର୍ଯ୍ୟର କଠୋରତା ଯୋଗୁଁ ମୋର କିଛି ସମୟ ବିଶ୍ରାମ ସକାଶେ ଆବଶ୍ୟକ। ଚାରିମାସ ଛୁଟି ନେବାପାଇଁ ଅନୁରୋଧ କଲି। ଏଥିରେ ମଧ ସେ ରାଜିହେଲେ।

ବଣେଇକୁ ଫେରିଆସି ମୁଁ ଚାରିମାସ ଛୁଟି ସକାଶେ ଦରଖାସ୍ତ କଲି। ଛୁଟି ମଞ୍ଜୁର ହେଲା। ତାଇଁବାସାରେ ରହୁଥିବା ଷଢ଼େଇକଳାବାସୀ ଶ୍ରୀ ଯୁଗଳକିଶୋର ତ୍ରିପାଠୀ ମୋ କାର୍ଯ୍ୟରେ ନିଯୁକ୍ତ ହୋଇ ଆସିଲେ। କେତେକ ବର୍ଷ ପୂର୍ବେ ସେ କଳାହାଣ୍ଡି ଓ ପାଟଣାରେ ଦେୱାନି କରି ସେତେବେଳେ ଉକ୍ତ କାର୍ଯ୍ୟ ତ୍ୟାଗକରି ବସି ରହିଥିଲେ। ମୁଁ ୧୯୨୭ ମସିହା ଅଗଷ୍ଟ ୨୪ ତାରିଖରେ ବଣେଇ ତ୍ୟାଗକରି ଆସିଲି।

ମୁଁ ବଣେଇରେ ଥିବା ସମୟ ମଧ୍ୟରେ ୧୯୨୫ ମସିହା ମଇ ମାସ ୨୫ ତାରିଖରେ ଆଗଲପୁରରେ ମୋ ପିତାଙ୍କ ୯୫ ବର୍ଷ ବୟସରେ ପରଲୋକ ପ୍ରାପ୍ତି ହୋଇଥିଲା। ସେହିବର୍ଷ ନଭେମ୍ବର ୧୩ ତାରିଖରେ ମୋର ଅଷ୍ଟମକନ୍ୟା ଉମାର ଓ ୧୯୨୬ ମସିହା ଡିସେମ୍ବର ୨୪ ତାରିଖରେ ସ୍ୱର୍ଗତ ତୃତୀୟ ପୁତ୍ର ବିଷ୍ଣୁଗୋପାଳର ଜନ୍ମ ହୋଇଥିଲା।

Digitized by srujanika@gmail.com

ବଣେଇ ତ୍ୟାଗ ପରେ

ବଣେଇରୁ ଆସିବା ସପ୍ତାହକ ମଧ୍ୟରେ ପୋଲିଟିକେଲ୍ ଏଜେଣ୍ଟଙ୍କ ଦପ୍ତରରୁ ଗୋଟିଏ ଚିଠି ପାଇଲି। ତହିଁରେ ବିହାର ଓ ଓଡ଼ିଶା ଗଭର୍ଣ୍ଣରଙ୍କର, ମୋର ନିମ୍ନଲିଖିତ ଦୋଷଯୋଗୁଁ ମୁଁ ମୋର ଛୁଟି ଶେଷରେ ସବ୍‌ଡେପୁଟି କଲେକ୍ଟର ପଦକୁ ଖସି ମୋର କାର୍ଯ୍ୟରେ ଯୋଗଦେବାପାଇଁ, ହୁକୁମ ଲେଖାଥିଲା –

(୧) ବଣେଇ ରାଜ୍ୟର ଶାସନ ମୋ ପକ୍ଷରେ ଅତ୍ୟନ୍ତ କଷ୍ଟକର ହୋଇଥିଲା ବୋଲି ଗଭର୍ଣ୍ଣର ସ୍ୱୀକାର କରନ୍ତି। ତାହାହେଲେ ହେଁ ମୁଁ ଦେୱାନ ପଦରେ ନିଯୁକ୍ତ ହୋଇ ରହିଥିବା ସମୟ ମଧ୍ୟରେ ରାଜାଙ୍କ ସଙ୍ଗେ ସଦ୍‌ଭାବ ରକ୍ଷା କରିନଥିଲି।

(୨) ଗୋଟିଏ ମୋକଦ୍ଦମାରେ ଅପରାଧର ଗୁରୁତ୍ୱ ବିବେଚନାରେ ଲଘୁଦଣ୍ଡ ଦେଇଥିଲି।

(୩) ଆଉ ଗୋଟିଏ ମୋକଦ୍ଦମାରେ ରାଜାଙ୍କ ପକ୍ଷରେ ଜଣେ ଲୋକ ଉପରେ ସମନ ପରିବର୍ତ୍ତରେ ୱାରେଣ୍ଟ୍ ଜାରିକରି ତାକୁ ଜେଲ୍ ହାଜତ୍‌ରେ ରଖିଥିଲି।

(୪) କୁକୁଡ଼ା ଲଢ଼େଇ ବନ୍ଦ କରିଥିଲି।

(୫) ପୋଲିଟିକେଲ୍ ଏଜେଣ୍ଟଙ୍କ ହୁକୁମ ନନେଇ ବଣେଇ ଷ୍ଟେଟ୍‌ର ଜଙ୍ଗଲ ଶାସନର ନିୟମମାନ ରଚନା କରିଥିଲି ଓ ସେସବୁ ଏତେ କଠୋର ଭାବରେ ପ୍ରୟୋଗ କରିଥିଲି ଯେ ବଣେଇ ପ୍ରଜାଙ୍କଦ୍ୱାରା ବିଦ୍ରୋହର ସମ୍ଭାବନା ଉପସ୍ଥିତ ହୋଇଥିଲା।

ଏ ଯେ ବଜ୍ରାଘାତ; ସବ୍‌ଡେପୁଟି ଇତିହାସରେ ଏହା ବୋଧହୁଏ ସର୍ବପ୍ରଥମ ଦୃଷ୍ଟାନ୍ତ ! ଗୁରୁତର କିଛି ଗୋଟାଏ ମୋ ବିରୁଦ୍ଧରେ ସଂଘଟିତ ହେଉଥିବା ଆଶଙ୍କା କରି ମୁଁ ଅନେକ କାଗଜପତ୍ର ସଂଗ୍ରହ କରି ବଣେଇରୁ ଆଣିଥିଲି। ମୋ'ପ୍ରତି ଦଣ୍ଡାଦେଶର କାରଣଗୁଡ଼ିକ ଯେ ନିତାନ୍ତ ଅମୂଳକ ଏହା ସ୍ପଷ୍ଟ ଭାବରେ ମୋତେ ଦିଶିଯାଉଥିଲା। ଫିଲିପ୍ ସାହେବଙ୍କଠାରୁ ତାଙ୍କ ସହିତ ସାକ୍ଷାତ ସକାଶେ ଗୋଟିଏ ପତ୍ର ଲେଖିଲି। ସେ ସାକ୍ଷାତର ଅନୁମତି ଦେଲେ। ନିର୍ଦ୍ଦିଷ୍ଟ ସମୟରେ ତାଙ୍କଠାରେ ଉପସ୍ଥିତ ହେଲି ଓ ଯେଉଁ କାରଣରୁ ମୋ ପ୍ରତି ଦଣ୍ଡବିଧାନ ହୋଇଥିଲା ସେ ବିଷୟରେ ଆଲୋଚନା ସକାଶେ ଅନୁମତି ପ୍ରାର୍ଥନା କଲି। ବାକ୍ୟାରମ୍ଭ କରିବା ପୂର୍ବେ ମୁଁ ତାଙ୍କୁ ସ୍ପଷ୍ଟଭାବରେ କହିଲି ଯେ, ମୁଁ ମୋର କର୍ତ୍ତବ୍ୟରେ ତ୍ରୁଟି କରି ତାଙ୍କ ଦୟା ଭିକ୍ଷା କରିବାକୁ ଆସିଅଛି ବୋଲି ଯେପରି ସେ ମନେ ନ କରନ୍ତି; ଯେହେତୁ ସରକାରୀ କାର୍ଯ୍ୟରେ ଅଥବା ଯେ କୌଣସି ବିଭାଗରେ ହେଉ, କର୍ତ୍ତବ୍ୟ ପାଳନର

Digitized by srujanika@gmail.com

ଅବହେଳାରେ ଦୟା ବା କ୍ଷମାର ସ୍ଥାନ ନାହିଁ, ମୋ ବକ୍ତବ୍ୟ ଅବହିତ ଚିତ୍ତରେ ଶୁଣିବାକୁ ପ୍ରାର୍ଥନା କଲି। ଅଭିଯୋଗଗୁଡ଼ିକର ପ୍ରଥମ ଦଫାରୁ ମୋର ବକ୍ତବ୍ୟ ଆରମ୍ଭ କଲି। ମୁଁ କହିଲି ଯେ, ମୋ ବିରୁଦ୍ଧରେ ଆରୋପିତ ହୋଇଥିବା ସମସ୍ତ ଅଭିଯୋଗ ଅମୂଳକ। ସାହେବ କହିଲେ, ଅମୂଳକ ବୋଲି ଯଦି ସେ ମୋର ଯୁକ୍ତିରୁ ଉପଲବ୍ଧି କରିନେବେ ତା'ହେଲେ ସେ ମୋ ବିରୁଦ୍ଧରେ ଯାହା କରିଛନ୍ତି ତାହା ନିଶ୍ଚୟ ଅନ୍ୟଥା କରିବେ। ମୁଁ କହିଲି, ''ଆଶାକରେ ମୁଁ ମୋର ନିର୍ଦ୍ଦୋଷତା ପ୍ରମାଣ କରିପାରିବି; ଆପଣଙ୍କ ପ୍ରତିଶ୍ରୁତି ଆପଣ ପାଳନ କରିବେ।'' ଏଥର ଦେଖିଲି ତାଙ୍କ ବ୍ୟବହାର ଶାନ୍ତ, ଧୀର। ଅଭିଯୋଗର ପ୍ରଥମ ଦଫାରେ ଆରୋପିତ ରାଜାଙ୍କ ସହିତ ଅସଦ୍‌ଭାବ ସମ୍ବନ୍ଧରେ କହିଲି ଯେ, ରାଜା ତାଙ୍କ ନାବାଳକି ଅବସ୍ଥାରେ ୧୯୦୨ ମସିହାରେ ଗଦ୍ଦିନସିନ ହେଲାରୁ ବର୍ଷକ ମଧ୍ୟରେ ଚାରିଜଣ ଦେଓ୍ୱାନ ଆସି କେହି ଅମଲା ଓ ଡାକ୍ତରଙ୍କ ଷଡ଼ଯନ୍ତ୍ର ଜନିତ ପ୍ରାଣନାଶ ଭୟରେ, କେହି ସ୍ୱାସ୍ଥ୍ୟହାନି ଓ କେହି ଅନ୍ୟ କୌଣସି କାରଣରୁ ଚାଲିଯାଇଥିଲେ। ୧୯୦୩ ରୁ ୧୯୧୩ ସାଲ ପର୍ଯ୍ୟନ୍ତ ରାଜା ରାଞ୍ଚିରେ ରହିଲେ ଓ ୧୯୧୩ ମସିହାରେ ସୀମିତ କ୍ଷମତାପ୍ରାପ୍ତ ହୋଇ ରାଜ୍ୟଶାସନ ଭାର ଗ୍ରହଣ କଲେ। କିନ୍ତୁ ସେହିଦିନଠାରୁ ୧୯୨୪ ସାଲରେ ମୁଁ ଦେଓ୍ୱାନ ପଦ ଗ୍ରହଣକରି ଯିବା ପର୍ଯ୍ୟନ୍ତ, ସରକାରୀ କର୍ମଚାରୀମାନେ ନିଜ ନିଜ ପଦରେ ପ୍ରତିଷ୍ଠିତ ହୋଇଯାଇଥିଲେ। ଏହି ୧୨ ବର୍ଷ ମଧ୍ୟରେ ରାଜାଙ୍କ କ୍ଷମତା କ୍ରମେ କ୍ରମେ ହ୍ରାସ ହୋଇ ମୁଁ ଯିବା ସମୟରେ ସେ ଶାସନସମ୍ବନ୍ଧୀୟ ସମସ୍ତ କ୍ଷମତାଚ୍ୟୁତ ହେଲେ। ଏପରି କି ଜଣେ ନିମ୍ନଶ୍ରେଣୀୟ କର୍ମଚାରୀ ନିଯୁକ୍ତ କରିବା ବା କୌଣସି ବିଷୟରେ କାହାରିଠାରୁ ଦରଖାସ୍ତ ଗ୍ରହଣ କରିବା କ୍ଷମତା ସୁଦ୍ଧା ରହିଲା ନାହିଁ। ସମସ୍ତ କ୍ଷମତା ଦେଓ୍ୱାନଙ୍କ ହସ୍ତରେ ଅର୍ପିତ ହେଲା। ଦେଓ୍ୱାନ ହେଲେ ରାଜ୍ୟର ଶାସକ, ରାଜ୍ୟରେ ସର୍ବେସର୍ବା। ଆଉ ରାଜା ରାଜ୍ୟରେ ପ୍ରଜାଙ୍କ ଚକ୍ଷୁରେ ହୀନବୀର୍ଯ୍ୟ ହୋଇ ରହିଲେ। ଏହି ପରିସ୍ଥିତି ଯୋଗୁଁ ସେ ପ୍ରତିକ୍ରିୟା ସ୍ୱରୂପ ଦେଓ୍ୱାନଙ୍କ ତଥା ସରକାରଙ୍କ ଶାସନ ବିରୁଦ୍ଧରେ ଦଣ୍ଡାୟମାନ ହେବା ଅସ୍ୱାଭାବିକ ନୁହେଁ। ପ୍ରତ୍ୟେକ ଦେଓ୍ୱାନଙ୍କ ଅମଳରେ ତାଙ୍କର କିଛି ନା କିଛି କ୍ଷମତା ହ୍ରାସ ଦେଓ୍ୱାନଙ୍କ ସହିତ ଅସଦ୍‌ଭାବ ରକ୍ଷାର ପରିଚାୟକ। ଏ ପ୍ରସଙ୍ଗରେ ମୁଁ ଦୃଢ଼ଭାବରେ କହିଲି ଯେ, ରାଜା ଗାଦି ପାଇବା ଦିନଠାରୁ ନାନା କାରଣରେ ତାଙ୍କ କ୍ଷମତାଚ୍ୟୁତକରି ରଖାହୋଇଥିବା ଓ ରାଜକାର୍ଯ୍ୟ ପରିଚାଳନା ସକାଶେ ତାଙ୍କ ଅଧୀନରେ ଜଣେ ଜଣେ ସରକାରୀ କର୍ମଚାରୀ ନିଯୁକ୍ତ କରାହୋଇଥିବା ଯୋଗୁଁ ସରକାରଙ୍କ ପ୍ରତି ରାଜାଙ୍କ ଅସନ୍ତୋଷ ଓ ଏହି ପରିସ୍ଥିତିରେ ଦେଓ୍ୱାନଙ୍କ ଦ୍ୱାରା ପରିଚାଳିତ ସରକାରଙ୍କ ଶାସନ ବିରୁଦ୍ଧରେ ପ୍ରତିକ୍ରିୟା ଯୋଗୁଁ ତାଙ୍କର ଯେତେ ଲଢ଼େଇ ତାହା ପ୍ରକୃତରେ ସରକାରଙ୍କ ବିରୁଦ୍ଧରେ, ଦେଓ୍ୱାନଙ୍କ ବିରୁଦ୍ଧରେ ନୁହେଁ। ଏଥିରେ ଦେଓ୍ୱାନ ନିମିତ୍ତ ମାତ୍ର। ମୋ ସହିତ ରାଜାଙ୍କର ଅସଦ୍‌ଭାବ ନଥିଲା। ସରକାରୀ କାର୍ଯ୍ୟ ବ୍ୟତୀତ ଆମ୍ଭମାନଙ୍କ ମଧ୍ୟରେ ଅନ୍ୟ ସମ୍ପର୍କ ମଧୁର ଥିଲା। ବାହାରକୁ କେବଳ ତିକ୍ତ ଦେଖାଯାଉଥିଲା।

Digitized by srujanika@gmail.com

(୨), (୩) ଓ (୪) ଅଭିଯୋଗ ଗୁରୁତର ନୁହେଁ ବୋଲି କହିଲି। ଦୋଷୀ ପ୍ରତି ଗୁରୁ ବା ଲଘୁ ଦଣ୍ଡ ବିଧାନ ବିଚାରକଙ୍କ ସ୍ୱାଧୀନ ମତ ସାପେକ୍ଷ। ଆଇନ ଚକ୍ଷୁରେ ସୁଦ୍ଧା ଏହା ଅନୁମୋଦନୀୟ। ଉର୍ଦ୍ଧତନ ବିଚାରକଙ୍କ ସହିତ ନିମ୍ନତମ ବିଚାରକଙ୍କ ମତାନୈକ୍ୟ ତାଙ୍କ ପ୍ରତି ଦଣ୍ଡବିଧାନର କାରଣ ହୋଇନପାରେ। ଦଣ୍ଡବିଧି ଆଇନ୍‌ରେ ନିର୍ଦ୍ଦିଷ୍ଟ ଅପରାଧ ସକାଶେ ଚରମ ଦଣ୍ଡବିଧାନର ବ୍ୟବସ୍ଥା ଥିଲେ ମଧ୍ୟ ଅବସ୍ଥାଭେଦରେ ତାହାରି ମଧ୍ୟରେ ଦଣ୍ଡାଦେଶ ସକାଶେ ବିଚାରକଙ୍କ କ୍ଷମତା ଅଛି। ସେହିପରି ଅଭିଯୁକ୍ତ ବ୍ୟକ୍ତି ବିରୁଦ୍ଧରେ ଆଇନାନୁଯାୟୀ ସମନ ବା ୱାରେଣ୍ଟ ଜାରି କରିବା ବିଚାରକଙ୍କ କ୍ଷମତାଧୀନ। ତାହା ବେଆଇନ୍ ନୁହେଁ। କୁକୁଡ଼ା ଲଢ଼େଇ ସମ୍ବନ୍ଧରେ କହିଲି ଯେ ତାହା ଏକପ୍ରକାର ଜୁଆଖେଳ ଓ ଏହା ଲୋକଙ୍କ ନୈତିକ ଓ ଆର୍ଥିକ ଜୀବନର କ୍ଷତିକାରକ। ଏହି ବିବେଚନାରେ ତାହା ମୁଁ ବନ୍ଦକରିଛି।

ପଞ୍ଚମ ଅଭିଯୋଗରେ ଯଦି ଲେଶମାତ୍ର ସତ୍ୟ ଥାଆନ୍ତା ତାହାହେଲେ ତାହା ଗୁରୁତର ଓ ମୁଁ ଦଣ୍ଡାର୍ହ। କିନ୍ତୁ ତାହା ସୁଦ୍ଧା ଅମୂଳକ । ଏ ସମ୍ବନ୍ଧରେ ଫିଲିପ୍ ସାହେବଙ୍କୁ ମୁଁ କେତେକ କାଗଜ ଦେଖାଇଲି। ତହିଁରୁ ଦେଖାଇଲି ଯେ, ବଣେଇ ଷ୍ଟେଟ୍‌ର ଜଙ୍ଗଲ ବିଭାଗର· ଶାସନ ସମ୍ବନ୍ଧରେ କେବେ କୌଣସି ଲିଖିତ ନିୟମ ନଥିଲା। ତଦାନିନ୍ତନ ଏଜେନ୍‌ସି ଫରେଷ୍ଟ ଅଫିସର ମୁନି ସାହେବ କେତେକ ନିୟମ ପ୍ରଣୟନ କଲେ। ମୋ ସହିତ ତହିଁର ଆଲୋଚନା ହେଲା ଓ ପରିଶେଷରେ ତାହା ପୋଲିଟିକେଲ୍ ଏଜେଣ୍ଟ ଅନୁମୋଦନ କଲେ ଏବଂ ଷ୍ଟେଟ୍‌ରେ ତାହା ଜାରି କରିବା ସକାଶେ ହୁକୁମ୍ ଦେବାରୁ ତାହା ମୋଦ୍ୱାରା ଜାରିହେଲା। ସେତେବେଳେ ଫିଲିପ୍ ସାହେବ ଦୀର୍ଘ ଛୁଟିନେଇ ବିଲାତରେ ଥିଲେ। ଆସିଷ୍ଟାଣ୍ଟ ପୋଲିଟିକେଲ୍ ଏଜେଣ୍ଟ ପେକ୍ (N. F. Peck, I.C.S.) ସାହେବ ପୋଲିଟିକେଲ୍ ଏଜେଣ୍ଟ ଥିଲେ ଓ ସେ ଏହି ହୁକୁମ ଦେଇଥିଲେ। ପୂର୍ବେ ଷ୍ଟେଟ୍‌ରେ ବଣୁଆଲୋକେ ଜଙ୍ଗଲ ଅବାଧରେ ନଷ୍ଟକରିଦେଇ ଷ୍ଟେଟ୍‌ର ବହୁ କ୍ଷତି କରୁଥିଲେ। ଜଙ୍ଗଲଜାତ ଦ୍ରବ୍ୟର ବ୍ୟବହାର ଉପରେ ନୂତନ ପ୍ରଣୀତ ନିୟମଦ୍ୱାରା କଟକଣା ଜାରି ହେବାରୁ ପ୍ରଜାମାନେ ଅସୁବିଧା ବୋଧକଲେ। ମୁଁ ଦେଖାଇଥିବା କାଗଜପତ୍ର ପରୀକ୍ଷାକରି ଫିଲିପ୍ ସାହେବ ନିଜ ଅଫିସ୍‌ରୁ ତତ୍‌କ୍ଷଣାତ୍ ମୂଳ କାଗଜାତମାନ ମଗାଇଲେ ଓ ସମସ୍ତ ଆମୂଳ ପାଠକରି ମୁଣ୍ଡରେ ହାତଦେଇ କିୟତ ସମୟ ବସିରହିଲେ। ତତ୍ପରେ ସେ କହିଲେ ଯେ, ଏହା ସେ ଜାଣି ନଥିଲେ ଓ ବାସ୍ତବରେ ମୋ ପ୍ରତି ଅବିଚାର ହୋଇଅଛି। ତାଙ୍କର ଏହି ମନୋଭାବ ଦେଖି ମୁଁ ତହିଁର ସୁଯୋଗ ନେବା ଅଭିପ୍ରାୟରେ ଆମ୍ଭ ହିନ୍ଦୁ ପୁରାଣର ଗୋଟିଏ ଉପାଖ୍ୟାନ କଥନ ଆରମ୍ଭ କଲି। କହିଲି, ଭାରତର ଶ୍ରେଷ୍ଠ କବି କାଳିଦାସଙ୍କ 'କୁମାରସମ୍ଭବ' କାବ୍ୟରେ ବର୍ଣ୍ଣିତ କଥା। ପୂର୍ବେ ଦେବତାଗଣ ତାରକାସୁରର ଅତ୍ୟାଚାରରେ ଉତ୍ପୀଡ଼ିତ ହୋଇ ତାହାର ବିନାଶ ସାଧନ ସକାଶେ ଯେତେବେଳେ ବ୍ରହ୍ମାଙ୍କଠାରେ ପ୍ରାର୍ଥୀ ହେଲେ, ବ୍ରହ୍ମା ସେମାନଙ୍କୁ କହିଲେ, ତାରକାସୁର ତାହାଙ୍କ ବର ପ୍ରଭାବରେ ବଳୀୟାନ୍ ହୋଇଅଛି। ସେ ଯେଉଁ ବୃକ୍ଷ ରୋପଣ କରିଅଛନ୍ତି ତାହା ବିଷବୃକ୍ଷ ହୋଇଥିଲେ ମଧ୍ୟ ନିଜ ହସ୍ତରେ ଛେଦନ କରିପାରିବେ ନାହିଁ। ଏହା ହିନ୍ଦୁଶାସ୍ତ୍ରର ନୀତି।

Digitized by srujanika@gmail.com

ଏହି ପ୍ରସଙ୍ଗରେ କହିଲି, "ସାର୍ ! ଆମ୍ଭେମାନେ ହିନ୍ଦୁ-ଅଦୃଷ୍ଟବାଦୀ। କେତେକ ଦିନ ହେଲା ମୁଁ କୁଗ୍ରହର ଚକ୍ରରେ ପଡ଼ିଅଛି। ମୋ ପ୍ରତି ବିନାଦୋଷରେ ଦଣ୍ଡବିଧାନ ତାହାରି ଫଳ। ଆପଣ ନିଜ ହସ୍ତରେ ମୋର ପଦୋନ୍ନତି ବୃକ୍ଷ ରୋପଣ କଲେ ଓ ତାହା ନିଜ ହସ୍ତରେ ଛେଦନ କଲେ। ଏହା ଆମ୍ଭମାନଙ୍କ ଶାସ୍ତ୍ରାନୁମୋଦିତ ନୁହେଁ। ଛେଦନ ସିନା କଲେ, କିନ୍ତୁ ବୃକ୍ଷ ସମୂଳେ ଉତ୍ପାଟିତ ହେଲାନାହିଁ। କିଞ୍ଚିତ୍ ଜଳଦାନ କଲେ ତାହା ଉଜ୍ଜୀବିତ ହେବ। ଏହା ତ ଆପଣଙ୍କ ହାତରେ।" ଦେଖିଲି, ସାହେବ ଉତ୍ଫୁଲ୍ଲିତ ହୋଇଗଲେ। ତତ୍ପରେ କହିଲେ,"ତାହାହେଲେ ଆପଣ ବର୍ତ୍ତମାନ କ'ଣ କରିବାକୁ ଚାହାଁନ୍ତି ?" ମୁଁ କହିଲି, ଗଭର୍ଣ୍ଣମେଣ୍ଟଙ୍କ ହୁକୁମର ପୁନଃବିଚାର ସକାଶେ ମୁଁ ଦରଖାସ୍ତ କରିବି ଓ ନ୍ୟାୟତଃ ଓ ଆପଣଙ୍କ ପ୍ରତିଶ୍ରୁତି ଅନୁଯାୟୀ ଆପଣ ତାହା ସମୀଚୀନ କରି ଲେଖିବେ। ସାହେବ କହିଲେ ଯେ, ସେ ୧୫ ଦିନ ପରେ ଦୀର୍ଘ ଛୁଟିରେ ଯିବେ ଓ ସେ ଯିବା ପୂର୍ବରୁ ତାଙ୍କ ହସ୍ତରେ ଦରଖାସ୍ତ ଦେବାପାଇଁ ମୋତେ ପରାମର୍ଶ ଦେଲେ। ଅବିଳମ୍ବରେ ଦରଖାସ୍ତ ମୁଁ ତାଙ୍କ ହସ୍ତରେ ଦେଇଆସିଲି। ଏହି ଦରଖାସ୍ତ ପ୍ରସ୍ତୁତ କରିବାରେ ମୋର ଆବାଲ୍ୟ ସୁହୃଦ - ପରେ ସମୁଦି (ଝିଅର ଶ୍ୱଶୁର) ତଦାନୀନ୍ତନ ସମ୍ବଲପୁରର ଡେପୁଟି କଲେକ୍ଟର ଶ୍ରୀ ନାରାୟଣ ନନ୍ଦ ମୋତେ ଯେଉଁ ବହୁମୂଲ୍ୟ ପରାମର୍ଶ ଦେଇଥିଲେ ତାହା ସକାଶେ ତାଙ୍କଠାରେ ମୁଁ ଆଜୀବନ ଋଣୀ ରହିଅଛି।

ଚାରିମାସର ଛୁଟି ନେଇ ମୁଁ ସମ୍ବଲପୁରରେ ରହିଲି। ଦେଖିଲି, ଗୋଟି ଗୋଟି କରି ବିପଦ ଉପରେ ବିପଦ ମାଡ଼ି ଆସିବାକୁ ଲାଗିଲା। ସେହି ସମୟରେ ସମ୍ବଲପୁରରେ ଥିଲେ ମୋର ବନ୍ଧୁ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ହେମେନ୍ଦ୍ରନାଥ ଭଟ୍ଟାଚାର୍ଯ୍ୟ। ତାଙ୍କ ସହିତ ମୋର ଗଭୀର ଘନିଷ୍ଠତା ଥିଲା। ସେ ଦାଦା, ମୁଁ ଭାଇ। ଜ୍ୟୋତିଷ ବିଦ୍ୟାରେ ତାଙ୍କର ଖ୍ୟାତି ଥିଲା। ତାଙ୍କ ତୁଲ୍ୟ ନିର୍ଭୁଲ୍ କୋଷ୍ଠିଗଣନା ମୁଁ ଆଉ କୌଣସି ଜ୍ୟୋତିଷଠାରେ ଦେଖିନାହିଁ। ସେ ଥିଲେ ଖ୍ରୀଷ୍ଟିୟାନ୍ । ତାଙ୍କଠାରୁ ଶୁଣିଥିଲି ଯେ ହିମାଳୟବାସୀ ଜଣେ ସାଧୁ ତାଙ୍କ ଗୁରୁ ଓ ତାଙ୍କଠାରୁ ସେ ଜ୍ୟୋତିଷବିଦ୍ୟା ଶିକ୍ଷା କରିଥିଲେ। ହେମେନ୍ଦ୍ର ଦାଦା ମୋର କୋଷ୍ଠି ଗଣନା କରି କହିଲେ ଯେ, ମୁଁ 'ଷଷ୍ଠାଷ୍ଟମ' କବଳରେ ପଡ଼ିଅଛି। ଏହି ଯୋଗ ପ୍ରଭାବରେ ପାଣ୍ଡବମାନଙ୍କ ଓ ରାମଚନ୍ଦ୍ରଙ୍କ ବନବାସ ହୋଇଥିଲା । କାହା ସଙ୍ଗେ କେଉଁ ଦୀନ-ଜୀବର ତୁଳନା। ସେ ସ୍ପଷ୍ଟଭାବରେ କହିଲେ ଯେ, ମୋତେ ଭୀଷଣ ବିପଦର ସମ୍ମୁଖୀନ ହେବାକୁ ହେବ। କିନ୍ତୁ ଅନ୍ତିମରେ ସମସ୍ତ ବିଷୟରେ ମୋର ଜୟଲାଭ ହେବ। ତାଙ୍କ ଅଭୟ ବାଣୀରେ ଆଶାନ୍ୱିତ ହୋଇ ରହିଲି। ହେମେନ୍ଦ୍ର ଦାଦାଙ୍କୁ କହିଲି ଯେ, ଗଭର୍ଣ୍ଣମେଣ୍ଟଙ୍କ ଆଦେଶ ପ୍ରତ୍ୟାହାର ନହେଲେ ମୋର ସରକାରୀ ଚାକିରିର ଇସ୍ତଫା ଦେବି। ହୀନ ସବ୍‌ଡେପୁଟି ହୋଇ କଦାପି ରହିବି ନାହିଁ। ସେ କହିଲେ ଯେ, ମୁଁ ମୋର ପଦ ଫେରିପାଇବି। ବିପଦରେ ମନୁଷ୍ୟ ନାନା ଦିଗରେ ଭଗବାନଙ୍କୁ ଡାକେ ଓ ସେ ବିପନ୍ନର ଡାକ ଶୁଣନ୍ତି।

Digitized by srujanika@gmail.com

ପୁଣି ବିପଦର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେଲା। ମୋ ପାଖରେ ଗୋଟିଏ ବନ୍ଧୁକ ଥିଲା। ଦିନେ ସମ୍ବଲପୁରର ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ଗୁରୁପ୍ରସାଦ ଦାସ ମୋ ବସାରେ ଉପସ୍ଥିତ ହୋଇ ମୋ'ଠାରେ ବନ୍ଧୁକ ଅଛି କି ବୋଲି ପ୍ରଶ୍ନ କଲେ। ଘରର ଯେଉଁ କକ୍ଷରେ ମୁଁ ବସିଥିଲି ତାହାର ଏକ କୋଣରେ ବନ୍ଧୁକ ରଖାହୋଇଥିଲା। ତାହା ମୁଁ ଦେଖାଇଦେଲି। ସେ ତାହାର ଲାଇସେନ୍‌ସ ମାଗିଲେ। ମୁଁ କହିଲି ମୋ ଠାରେ ଲାଇସେନ୍‌ସ ନାହିଁ ଓ ମୋର ଲାଇସେନ୍‌ସ ନେବା ମଧ ଦରକାର ନାହିଁ। ଗଭର୍ଣ୍ଣମେଣ୍ଟଙ୍କ ଗେଜେଟେଡ୍ ଅଫିସରମାନେ ଦେଶୀୟ ରାଜ୍ୟର ଦେଓ୍ୱାନ ପଦରେ ଥିବା ଯାଏ ଷ୍ଟେଟ୍ ମଧ୍ୟରେ ଓ ଷ୍ଟେଟ୍‌ରୁ ଇଂରେଜ ସରକାରଙ୍କ ଅଧୀନସ୍ଥ ଅଞ୍ଚଳକୁ ଆସିଲେ ତାଙ୍କ ବନ୍ଧୁକ ସକାଶେ ଲାଇସେନ୍‌ସ ନେବା ଦାୟରୁ ଭାରତ ସରକାର ସେମାନଙ୍କୁ ମୁକ୍ତିଦାନ କରିଅଛନ୍ତି। ପୁଣି ବନ୍ଧୁକ ମଧ ଅଚଳ ଅବସ୍ଥାରେ ଅଛି। ବନ୍ଧୁକଟି ନେଇ ସେ ଚାଲିଗଲେ। ଯିବା ପୂର୍ବରୁ ସେ ମୋତେ ଗୋଟିଏ କାଗଜ ଦେଖାଇଲେ। ତାହା ମୋଠାରେ ବିନା ଲାଇସେନ୍‌ସରେ ବନ୍ଧୁକ ଥିବା ସମ୍ବନ୍ଧରେ ସମ୍ବଲପୁର ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କଠାକୁ ପ୍ରେରିତ ଏକ ବେନାମୀ ପତ୍ର। ହାତ ଲେଖାରୁ ପତ୍ରର ଲେଖକଙ୍କୁ ଚିହ୍ନିବା ବାକୀ ରହିଲା ନାହିଁ। ଦୁଇଦିନ ପରେ ଜାଣିଲି, ଜିଲ୍ଲା ମାଜିଷ୍ଟ୍ରେଟ୍ ମୁଁ ବିନା ଲାଇସେନ୍‌ସରେ ବନ୍ଧୁକ ରଖିଥିବା ଅଭିଯୋଗରେ ମୋ ନାମରେ ଫୌଜଦାରୀ ମୋକଦ୍ଦମା ଦାଏର କରିବା ସକାଶେ ହୁକୁମ ଦେଇଅଛନ୍ତି। ପରଦିନ ଜିଲ୍ଲା ମାଜିଷ୍ଟ୍ରେଟ୍ କିଂ (F. C. King, I.C.S.) ସାହେବଙ୍କ ସଙ୍ଗେ ସାକ୍ଷାତ କଲି ଓ ଭାରତ ସରକାରଙ୍କ ବିଶେଷ ହୁକୁମଦ୍ୱାରା ଲାଇସେନ୍‌ସ ଦାୟରୁ ମୁଁ ମୁକ୍ତ ବୋଲି ଯେତେ କହିଲି ସେ ଶୁଣିଲେ ନାହିଁ କିମ୍ବା ବିଶ୍ୱାସ ସୁଦ୍ଧା କଲେନାହିଁ। ବିଶ୍ୱାସ ନକରିବା କଥା। ପୂର୍ବ ଆଇନାନୁସାରେ ନିମ୍ନତମଶ୍ରେଣୀୟ ମାଜିଷ୍ଟ୍ରେଟ୍‌ମାନେ ସୁଦ୍ଧା ବିନା ଲାଇସେନ୍‌ସରେ ବନ୍ଧୁକ ରଖିବା ଅଧିକାର ପାଇଥିଲେ। କିନ୍ତୁ ଗୋରା ଓ କଳା ଲୋକଙ୍କ ମଧ୍ୟରେ ବନ୍ଧୁକ ରଖିବା ଅଧିକାର ସମ୍ବନ୍ଧରେ ପାର୍ଥକ୍ୟ ରଖାହୋଇଥିଲା। ଏହି ପାର୍ଥକ୍ୟ ଉଠାଇ ଦେବା ସକାଶେ ଭାରତବାସୀଙ୍କ ପକ୍ଷରୁ ଦାବି ହେଲା ଓ ଏହା ଫଳରେ ଗୋରା କଳା ସମସ୍ତଙ୍କୁ ଲାଇସେନ୍‌ସ ଦେବା ବ୍ୟବସ୍ଥା ହେଲା ଏବଂ ଯେତେ ବଡ଼ ହାକିମ ହେଲେ ସୁଦ୍ଧା ତାଙ୍କୁ ପୂର୍ବ ଆଇନ୍‌ର ସୁବିଧାରୁ ବଞ୍ଚିତ କରାହେଲା। ବିଭାଗୀୟ କମିଶନରଙ୍କ ସୁଦ୍ଧା ବିନା ଲାଇସେନ୍‌ସରେ ବନ୍ଧୁକ ରଖିବା ଅଧିକାର ରହିଲା ନାହିଁ। ମୁଁ ତ ସାମାନ୍ୟ ନିମ୍ନଶ୍ରେଣୀୟ ମାଜିଷ୍ଟ୍ରେଟ୍ ମାତ୍ର। ଏହି କଥା କିଂ ସାହେବ ମୋତେ ବାରମ୍ବାର କହିଲେ। ମୁଁ କହିଲି, ଏହା ଭାରତ ସରକାରଙ୍କ ବିଶେଷ ବ୍ୟବସ୍ଥା ଓ ଏହାର କାରଣ ଏହି ଯେ, ପୋଲିଟିକେଲ୍ ଏଜେଣ୍ଟ ଓ ଅନ୍ୟାନ୍ୟ ସରକାରୀ ଅଫିସରମାନେ ଦେଶୀୟ ରାଜ୍ୟକୁ ବନ୍ଧୁକ ନେଇ ଗଲେ ଦେଶୀୟ ରାଜ୍ୟରେ ବନ୍ଧୁକ ରଖିବା ସକାଶେ ଲାଇସେନ୍‌ସ ଦାୟରୁ ସେମାନଙ୍କୁ ଯେପରି ମୁକ୍ତିଦାନ କରାହୋଇଅଛି, ସେପରି ସରକାରଙ୍କଦ୍ୱାରା ପ୍ରେରିତ ଦେଓ୍ୱାନ ପଦରେ ପ୍ରତିଷ୍ଠିତ ଗେଜେଟେଡ୍ ଅଫିସରମାନଙ୍କ ପ୍ରତି ମଧ ଏହାର ବିନିମୟରେ ସରକାରୀ ଅଞ୍ଚଳରେ ବିନା ଲାଇସେନ୍‌ସରେ ବନ୍ଧୁକ

Digitized by srujanika@gmail.com

ରଖିବା ଅଧିକାର ଦିଆହୋଇଅଛି । ଏହି କାରଣ କହି ତାଙ୍କ ହୁକୁମକୁ ପ୍ରତ୍ୟାହାର କରିବାପାଇଁ ଯେତେ କହିଲି ଶୁଣିଲେ ନାହିଁ ଓ ମୋକଦ୍ଦମା ବିଚାର ସମୟରେ ମୋର ଯାହା ବକ୍ତବ୍ୟ, ସଫେଇରେ ତାହା କହିପାରେ ବୋଲି କହିଲେ । ଏହି ପ୍ରସଙ୍ଗରେ ମୁହଁ ଛିଞ୍ଚାଡ଼ି ପୁଣି କହିଲେ ଯେ, ତାଙ୍କ ଜିଲ୍ଲାକୁ ଆସି ଆଇନ୍ ଅମାନ୍ୟ କରିଥିବା ଯୋଗୁଁ ମୁଁ ତାଙ୍କୁ ଅବମାନନା କରିଅଛି । ମୋକଦ୍ଦମା ବିଚାର ସକାଶେ ଅନ୍ୟ ମାଜିଷ୍ଟ୍ରେଟ୍‌ଙ୍କୁ ନଦେଇ ସେ ନିଜେ ବିଚାର କରିବେ ଏବଂ ମୋକଦ୍ଦମା ନଲଢ଼ି ଯଦି ମୁଁ ଦୋଷ ସ୍ୱୀକାର କରିବି ତାହେଲେ ମୋ ପ୍ରତି ସେ ସଦୟ ବ୍ୟବହାର କରିବେ । ଆଉ ଯଦି ମୋକଦ୍ଦମା ଲଢ଼ିବା ପ୍ରୟାସ କରିବି ତାହାହେଲେ ନିଶ୍ଚୟ ସେ ମୋତେ ଜେଲ୍‌ରେ ପକାଇବେ । ମୁଁ ତ ଏହା ଶୁଣି ଅବାକ୍; ଆଉ କହିବି କ'ଣ ? ସେହି ସମୟରେ କେତେ ଗୋରା ଓ କେତେ କଳା ହାକିମକୁ ସୁଦ୍ଧା ଦେଖା ଯାଇଅଛି; ସେମାନେ ନିଜକୁ ଅଭ୍ରାନ୍ତ ବୋଲି ମନେକରନ୍ତି ଓ କୌଣସି ପଦସ୍ଥ ବ୍ୟକ୍ତିଙ୍କୁ ଅପଦସ୍ଥ ବା ବିପଦଗ୍ରସ୍ତ କରିପାରିଲେ ଯୁଦ୍ଧକାଳରେ ଦୁର୍ଭେଦ୍ୟ ଦୁର୍ଗବିଜେତା ସେନାପତିର ସ୍ପର୍ଦ୍ଧାର ଆସ୍ଫାଳନ କରନ୍ତି । ଆଉ ଏହି ଧାରଣାର ପ୍ରଶ୍ରୟ ଦିଅନ୍ତି ଆମ୍ଭମାନଙ୍କ ଦେଶୀୟ ଅଧୀନସ୍ଥ ହାକିମମାନେ । ସେମାନଙ୍କୁ ଖୁସି କରିବେ ବୋଲି ତାଙ୍କ ଭୁଲ୍ ବୁଝାଇ ଦିଅନ୍ତି ନାହିଁ ଓ 'ହାଁ ଜି, ହାଁ ଜି' କରୁଥାନ୍ତି । ଏହାରି ଫଳରେ କେତେକ ସ୍ଥାନରେ କେତେ ଭ୍ରାନ୍ତିମୂଳକ ଅନ୍ୟାୟ ବିଚାର ହୋଇଯାଇଅଛି । ଏହି କିଂ ସାହେବ ଦରଭଙ୍ଗାରେ ଜିଲ୍ଲା ମାଜିଷ୍ଟ୍ରେଟ୍ ଥିବା ସମୟରେ ଜଣେ ଡେପୁଟି କଲେକ୍ଟରଙ୍କୁ ଜେଲ୍‌ରେ ପକାଇଥିଲେ ବୋଲି ଶୁଣିଥିଲି । ତାଙ୍କ ସହିତ କଥାବାର୍ତ୍ତାରୁ ମନେକଲି ଆଉ ଜଣେ ଡେପୁଟି କଲେକ୍ଟରକୁ ହାବୋଡ଼୍‌ରେ ପାଇଛନ୍ତି ଓ ହାତମୁଠାରେ ଚିପିଦେବେ ବୋଲି ମନେକରିଛନ୍ତି । କିଂ ସାହେବଙ୍କଠାରୁ ବିଦାୟ ନେଇ ଆସିବା ସମୟରେ କେବଳ କହିଲି, "ଆଶାକରେ, ମୋକଦ୍ଦମାର ବିଚାରରେ ସୁଦ୍ଧା ମୋର ଉକ୍ତିର ସତ୍ୟତା ପ୍ରତିପନ୍ନ କରିପାରିବି ଓ ଆପଣ ମୋକଦ୍ଦମା ଉଠାଇ ନେବେ ।" ଚାଲି ଆସିଲି ।

ଏହାପରେ ଚାଲିଲା ପୋଲିସ ତଦନ୍ତ । ଏହି ସମୟରେ ଦେଖିଲି, ପୋଲିସବାଲା କି ସ୍ଫୁର୍ତ୍ତି ! କି ଚହଟ ଚମକ ! ଘଡ଼ିକୁ ଘଡ଼ି ଘୋଡ଼ା ଛୁଟୁଛି । ତଦନ୍ତକାରୀ ସବ୍‌ଇନ୍‌ସପେକ୍ଟର ଓ ତାଙ୍କ ପଛକୁ ଇନ୍‌ସପେକ୍ଟର ଘନ ଘନ ଡେପୁଟି କମିଶନରଙ୍କ କୋଠିକୁ ଯିବାଆସିବା କରୁଥିବା ଦେଖୁଥାଏ । ଥାନା ଅଫିସର ମୋତେ ଚାଲାଣ ଦେଲେ ଓ ଅଦାଲତରେ ହାଜର ହେବା ସକାଶେ ମୋଠାରୁ ଜାମିନ ନେଲେ । କିଂ ସାହେବ ବିଚାରଦିନ ସ୍ଥିରକରିଦେଲେ ଓ ସେହିଦିନ ମୁଁ ଅଦାଲତରେ ଉପସ୍ଥିତ ହେଲି । ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଏହି ନବନିର୍ମିତ ପ୍ରଶସ୍ତ ବିଚାରକକ୍ଷଟି ଏହି ମୋର ମୋକଦ୍ଦମାଦ୍ୱାରା ଉଦ୍‌ଘାଟିତ ହୋଇ ଏହିଠାରେ ସତ୍ୟର ପ୍ରତିଷ୍ଠା ଓ ନ୍ୟାୟର ମହତ୍ତ୍ୱ ପ୍ରତିପାଦିତ ହୋଇ ପବିତ୍ରୀକୃତ ହୋଇଥିଲା । ସମ୍ବଲପୁରର ବିଶିଷ୍ଟ ଓକିଲ ଶ୍ରୀ ରାମନାରାୟଣ ମିଶ୍ରଙ୍କୁ ମୋର ଓକିଲ ନିଯୁକ୍ତ କରିଥିଲି । ମୋକଦ୍ଦମା ପ୍ରମାଣ ସକାଶେ ବଣେଇରୁ ସାକ୍ଷମାନେ ଆସିଥିଲେ । କିଂ ସାହେବଙ୍କ ସହିତ ସାକ୍ଷାତରେ ସେ

Digitized by srujanika@gmail.com

ମୋତେ ଯେଉଁସବୁ କଥା କହିଥିଲେ ମୁଁ ତାହା ରାମନାରାୟଣ ବାବୁଙ୍କୁ ଓ ମୋର ବନ୍ଧୁ ଡେପୁଟି କଲେକ୍ଟର ଶ୍ରୀ ନାରାୟଣ ନନ୍ଦଙ୍କୁ କହିଥିଲି। ଉଭୟେ ମୋତେ ଦୋଷ ସ୍ୱୀକାର କରିବାପାଇଁ ଉପଦେଶ ଦେଲେ। ଏହାର କାରଣ ସ୍ୱରୂପ ସେମାନେ କହିଲେ ଯେ, କିଂ ସାହେବ ଜଣେ କଡ଼ା ମିଜାଜର ହାକିମ, ସେ ଯାହା ଚାହାଁନ୍ତି ତାହା କରନ୍ତି। ତାଙ୍କ ଇଚ୍ଛାବିରୁଦ୍ଧରେ କେହି କୌଣସି କାର୍ଯ୍ୟ କରିବାକୁ ବସିଲେ ସେ ପ୍ରତିହିଂସାପରାୟଣ ହୋଇ ତାହାକୁ କଠିନ ଦଣ୍ଡ ଦିଅନ୍ତି ଓ ଏଥିପୂର୍ବେ ସେ ଜଣେ ଡେପୁଟିକଲେକ୍ଟରଙ୍କୁ ଜେଲକୁ ପଠାଇଥିଲେ। ମୁଁ ସେମାନଙ୍କ ସହିତ ଏକମତ ହେଲିନାହିଁ ଓ ରାମନାରାୟଣ ବାବୁ ନଲଢ଼ିଲେ ମୋକଦ୍ଦମା ମୁଁ ନିଜେ ଚଳାଇବି ବୋଲି ସ୍ଥିରକଲି। ମୁଁ ଜାଣିଥିଲି ଯେ, ଲାଇସେନ୍‌ସ ନେବାପାଇଁ ମୁଁ ବାଧ୍ୟନଥିଲି। ମୋର ସେତିକିବେଳେ ଏତିକି ଅସୁବିଧା ଥିଲା ଯେ, ଭାରତ ସରକାରଙ୍କ ହୁକୁମ କାଗଜଟି ମୋ ନିକଟରେ ନଥିଲା। ତାହା ବଣେଇ ରାଜ୍ୟ-ଦପ୍ତରରେ ଥିଲା। ମୋର ବିଶ୍ୱାସ ଥିଲା ଯେ, ସେଠାରୁ ନପାଇଲେ ତାହା ପୋଲିଟିକେଲ୍ ଏଜେଣ୍ଟଙ୍କ ଦପ୍ତରରୁ ନିଶ୍ଚୟ ପାଇବି। ଓକିଲ ଓ ବନ୍ଧୁଙ୍କ ଉପଦେଶ ଗ୍ରହଣକରି ଯଦି କେବଳ ଏହି କଡ଼ା ମିଜାଜର ଗୋରା ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ଖୁସିକରିବା ସକାଶେ ମୋର ନିର୍ଦ୍ଦୋଷତା ହୃଦୟଙ୍ଗମକରି ସୁଦ୍ଧା ଦୋଷ ସ୍ୱୀକାର କରିବି ତାହେଲେ ମୋର ଜୀବନ ନଷ୍ଟ ହୋଇଯିବ। ଦୋଷ ସ୍ୱୀକାର କଲେ ମୋତେ ସଦୟ ହୋଇ ଆଇନ୍‌ରେ ନିର୍ଦ୍ଦିଷ୍ଟ ତିନିବର୍ଷର କାରାଦଣ୍ଡରୁ ବର୍ଷେ ଦେଲେ ଯଥେଷ୍ଟ ଦୟା କରିବେ, ଏହା ମୁଁ ହୃଦୟଙ୍ଗମ କରୁଥିଲି।

ପୂର୍ବାହ୍ନ ଠିକ୍ ଏଗାରଟା ବେଳେ କିଂ ସାହେବ କଚେରୀସ୍ଥ ମଞ୍ଚୋପରି ଆସନ ଗ୍ରହଣକଲେ। ଓକିଲ, ପେସ୍କାର, କୋର୍ଟ ଇନ୍‌ସ୍‌ପେକ୍ଟର ଆସି ସ୍ୱ ସ୍ୱ ନିର୍ଦ୍ଦିଷ୍ଟ ସ୍ଥାନମାନ ଗ୍ରହଣକଲେ। ଆସାମୀର କାଠଗଡ଼ା ଭିତରକୁ ଯାଇ ମୁଁ ଛିଡ଼ାହେଲି। କହିବା ବାହୁଲ୍ୟ, ସେହି ସମୟରେ ମୁଁ ମୋର ପଦୋଚିତ ଗରମ ପୋଷାକ ପିନ୍ଧିଥିଲି। ସାହେବ ମୋତେ ଓକିଲଙ୍କ ସହିତ ବସିବାକୁ କହିଲେ। ମୁଁ ଧନ୍ୟବାଦ ଦେଇ କହିଲି ଯେ, ମୁଁ ଆସାମୀ ଓ ଆସାମୀ ସକାଶେ ନିର୍ଦ୍ଦିଷ୍ଟ ସ୍ଥାନରେ ରହିବାକୁ ଚାହେଁ। ସାହେବ ଆଖି ରଙ୍ଗକରି ମୋ ଆଡ଼କୁ ଅନେଇଲେ। ଦର୍ଶକମାନେ ଜଣେ ଜଣେ ହୋଇ ଆସିଲେ। କ୍ରମେ ଦର୍ଶକମାନଙ୍କଦ୍ୱାରା ଅଦାଲତ ଗୃହ ପୂର୍ଣ୍ଣ ହୋଇଗଲା। ସେମାନଙ୍କ ମଧ୍ୟରେ ଲକ୍ଷ୍ୟକଲି, ବଣେଇର ସେହି ପଦଚ୍ୟୁତ ପୋଲିସ୍ ଇନ୍‌ସ୍‌ପେକ୍ଟରଙ୍କୁ। ସେ ମୋ ଆଡ଼କୁ ଥରେ ଥରେ ଅନାଇ ନିଶ ମୋଡୁଛନ୍ତି। ସାକ୍ଷୀଙ୍କୁ ଡାକରାହେଲା – ପ୍ରଥମରେ ବଣେଇର ଥାନା ଅଫିସରଙ୍କୁ। ମୋର ଓକିଲ ରାମନାରାୟଣ ବାବୁ ଏହି ସମୟରେ ଦଣ୍ଡାୟମାନ ହୋଇ କହିଲେ, "ମୋର ମହକିଲଙ୍କ ପକ୍ଷରୁ ମୁଁ ଦୁଃଖ ପ୍ରକାଶକରି କହୁଛି ଯେ, ସେ ବନ୍ଧୁକ ସକାଶେ ଲାଇସେନ୍‌ସ ନ ନେଇ ଭୁଲ୍ କରିଛନ୍ତି ଓ ତାଙ୍କ "ରାମନାରାୟଣ ବାବୁ! ଏହା କହିବା ପାଇଁ ମୁଁ ଆପଣଙ୍କୁ କ୍ଷମତା ଦେଇନାହିଁ। କିପରି ଆପଣ ଏଡ଼େବଡ଼ କଥାଟାଏ କହୁଛନ୍ତି, ଯାହାଦ୍ୱାରା ଏହି ମୁହୂର୍ତ୍ତରେ ମୋର ସର୍ବନାଶ ସାଧିତ ହୋଇଯିବ! ଲାଇସେନ୍‌ସ ନେବା ମୋ ପକ୍ଷରେ ଆଦୌ ଆବଶ୍ୟକ ନଥିଲା। ପୋଲିସ ତଦନ୍ତ ସମୟରେ ଏହି ବିଷୟରେ ତଦନ୍ତ ହୋଇନାହିଁ।

Digitized by srujanika@gmail.com

ପ୍ରକୃତ ତଦନ୍ତ କରି ମୋକଦ୍ଦମା ଉଠାଇ ନେବା ସକାଶେ ଆପଣ ଅଦାଲତକୁ କୁହନ୍ତୁ ।'' ରାମନାରାୟଣ ବାବୁ କହିଲେ, ''ଭାରତ ବାବୁ ! ଆପଣ ବଡ଼ ଭୁଲ୍ କରୁଛନ୍ତି। ହଜୁର ହେଉଛନ୍ତି ଯେପରି ଧର୍ମାବତାର ସେପରି ଦୟାର ଅବତାର। ଆପଣ କ୍ଷମାପ୍ରାର୍ଥନା କରନ୍ତୁ। ପ୍ରକୃତରେ ଆପଣ ଲାଇସେନ୍‌ସ ନନେଇ ବନ୍ଧୁକ ରଖିବେ କିପରି ? ମୋ କଥା ଶୁଣନ୍ତୁ। ଆପଣଙ୍କୁ ଖଲାସ କରିଦେବା ପାଇଁ ମୁଁ ହଜୁରଙ୍କୁ କହିବି।'' ଏସବୁ କଥା ହେଉଥାଏ ଇଂରେଜୀରେ। ଉପସ୍ଥିତ ଆଉ ଜଣେ ଦୁଇଜଣ ଓକିଲ ସୁଦ୍ଧା ସାହେବଙ୍କୁ ଶୁଣାଇ ଏହି ଉପଦେଶ ଦେବାକୁ ଲାଗିଲେ। ମୁଁ କ'ଣ ପିଲା ହୋଇଥିଲି ନା ଆଇନ୍ ମୋତେ ଜଣାନଥିଲା ? ଫୌଜଦାରୀ ମୋକଦ୍ଦମାରେ ଦୋଷ ସ୍ୱୀକାର, ଦଣ୍ଡବିଧାନ ପକ୍ଷରେ ଅତି ସହଜ। କ୍ଷମାର ପ୍ରଶ୍ନ ନାହିଁ। ଓକିଲମାନଙ୍କ ଭିତିରି ଉଦ୍ଦେଶ୍ୟ ବୁଝିବା ପାଇଁ ବାକିରହିଲା ନାହିଁ। ଜଣେ ଡେପୁଟି କଲେକ୍ଟରଙ୍କୁ ଦଣ୍ଡ ଦିଆଇପାରିଲେ ସାହେବ ତାଙ୍କ ଉପରେ ଖୁସୀ ହେବେ ଓ ତାଙ୍କ ଅଦାଲତରେ ତାଙ୍କ ପ୍ରସାର ବଢ଼ିବ। ନିରୁପାୟ ହୋଇ ରାମନାରାୟଣ ବାବୁଙ୍କୁ ଆଉ କିଛି ନକହି ତାଙ୍କୁ ବସିବାକୁ କହିଲି ଏବଂ ଅଦାଲତଙ୍କୁ କହିଲି ଯେ ମୋର ଓକିଲ ନାହିଁ ମୁଁ ନିଜେ ମୋ'ପକ୍ଷରେ ମୋକଦ୍ଦମା ଚଳାଇବି। ଅଦାଲତଙ୍କ ଇଙ୍ଗିତରେ ଚପରାସୀ ସାକ୍ଷ୍ୟଙ୍କୁ ଡାକିଲା। ସାକ୍ଷ୍ୟ ଆସିବା ପୂର୍ବରୁ ମୁଁ ଅଦାଲତଙ୍କୁ ପୁଣି ମୋର ଲାଇସେନ୍‌ସ ନେବା ଆବଶ୍ୟକ ନଥିବା ସମ୍ବନ୍ଧରେ ତଦନ୍ତି କରିବା ସକାଶେ ପୋଲିସ୍‌କୁ ଫେରାଇଦେବା ପାଇଁ ଅନୁରୋଧ କଲି। ସେ ଗୋଡ଼ କଚାଡ଼ି ଓ ମେଜ ଉପରେ ମୁଷ୍ଟ୍ୟାଘାତକରି ମୋର ପ୍ରାର୍ଥନା ଅଗ୍ରାହ୍ୟ କଲେ ବୋଲି କହିଲେ ଓ ସାକ୍ଷ୍ୟକୁ ଅବିଳମ୍ବରେ ହାଜର କରାଇନଥିବା ଦୋଷ ଯୋଗୁଁ କୋର୍ଟ ଇନ୍‌ସ୍‌ପେକ୍ଟର ଓ ପେସ୍କାରକୁ କଟୁକ୍ତି କରିବାକୁ ଲାଗିଲେ। ମୁଁ ସମସ୍ତ ଘଟଣା ବିବେଚନା କରି ତିନିଖଣ୍ଡ ଦରଖାସ୍ତ ପ୍ରସ୍ତୁତକରି ଆଣିଥିଲି। ତହିଁରୁ ଖଣ୍ଡେ ପକେଟ୍‌ରୁ କାଢ଼ି ଅଦାଲତଙ୍କ ହାତକୁ ଧରାଇଦେଲି। ଏତେବେଳଯାଏ ଯାହା ମୁହଁରେ କହୁଥିଲି ସେହିକଥା ତହିଁରେ ଲେଖିଦେଇଥିଲି। ତହିଁରେ ମୋର ଲାଇସେନ୍‌ସ ନେବା ଆବଶ୍ୟକ ନାହିଁ ଓ ଏହି କାରଣରେ ପ୍ରକୃତ ତଦନ୍ତ ହୋଇ ମୋକଦ୍ଦମା ଉଠାଇ ନେବା ସକାଶେ ପ୍ରାର୍ଥନା ଲେଖାଥିଲା। ସାହେବ କହିଲେ, ''ଆପଣ ଲାଇସେନ୍‌ସ ଦାୟରୁ ମୁକ୍ତ ବୋଲି ସ୍ୱୀକାର୍ଯ୍ୟ ହେଲେ ମଧ୍ୟ ବଣେଇରେ ଥିବାଯାଏ ସିନା ଆପଣ ମୁକ୍ତ। ଆପଣ ବଣେଇର ଦେୱାନ ଆଉ ନୁହଁନ୍ତି। ଛୁଟି ଉତ୍ତାରେ ଆପଣ ସରକାରୀ କାର୍ଯ୍ୟକୁ ଫେରିଯିବେ ବୋଲି ସରକାରଙ୍କ ହୁକୁମ ହୋଇଛି, ସୁତରାଂ ଆପଣ ଆଉ ଦେୱାନ ନୁହଁନ୍ତି ବୋଲି ଧରାଯିବ। ତାହାହେଲେ ଆପଣ ଲାଇସେନ୍‌ସ ନଦେବେ କିପରି ?'' ମୁଁ ଉତ୍ତରକଲି, ''ସେପରି ହୁକୁମ ହୋଇଥିଲେ ମଧ୍ୟ ଛୁଟି ଶେଷହେବା ଓ ମୁଁ ସରକାରୀ କାର୍ଯ୍ୟରେ ଯୋଗଦେବା ପୂର୍ବଦିନ ପର୍ଯ୍ୟନ୍ତ ମୁଁ ଆଇନତଃ ବଣେଇ ଦେୱାନ ପଦର ସମସ୍ତ ସୁବିଧା ଭୋଗ କରିପାରିବି। ମୋର ଛୁଟିରୁ ଆହୁରି ଅନେକ ଦିନ ବାକି ଅଛି ।'' ମୋର ଦରଖାସ୍ତ ନାମଞ୍ଜୁର କଲେ ବୋଲି କହିଲେ। ତତ୍ପରେ ଦ୍ୱିତୀୟ ଦରଖାସ୍ତ। ତହିଁରେ ଲେଖିଥିଲି ଯେ, ମୋକଦ୍ଦମା କୌଣସି ପ୍ରଥମଶ୍ରେଣୀ ମାଜିଷ୍ଟ୍ରେଟ୍‌ଙ୍କଠାକୁ ପଠାଇ ଦିଆଯାଉ। ତାହା ମଧ୍ୟ ନାମଞ୍ଜୁର କଲେ। ତୃତୀୟ ଦରଖାସ୍ତ, ଏଥିରେ ଲେଖିଥିଲି

Digitized by srujanika@gmail.com

ଯେ, ମୋ ବିରୁଦ୍ଧରେ ଦାଏର ହୋଇଥିବା ମୋକଦ୍ଦମା ବେଆଇନ, ତାହା ମଧ୍ୟ ପ୍ରକୃତ ଓ ପୂର୍ଣ୍ଣଭାବରେ ତଦନ୍ତ ହୋଇନାହିଁ, ମୋର ବନ୍ଧୁକ ସକାଶେ ଲାଇସେନ୍ସ ନେବା ଦରକାର ନାହିଁ। ଏହି କାରଣରେ ମୋକଦ୍ଦମାର ପ୍ରକୃତ ତଦନ୍ତପୂର୍ବକ ତାହା ଉଠାଇ ନେବା ସକାଶେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ସହିତ ଘରୋଇ ଭାବରେ ସାକ୍ଷାତକରି ଏହି ବିଷୟ ଜଣାଇବା ସମୟରେ, ମୁଁ ଦୋଷ ସ୍ୱୀକାର କଲେ ସେ ମୋ ପ୍ରତି ସଦୟ ବ୍ୟବହାର କରିବେ ଓ ତାହା ନକରି ମୋକଦ୍ଦମା ଲଢ଼ିଲେ ମୋତେ ଜେଲ୍ ଦେବେ ବୋଲି କହିଲେ। ମୁଁ ନିର୍ଦ୍ଦୋଷ ଥିବା ସ୍ଥଳେ ଦୋଷ ସ୍ୱୀକାରର ପ୍ରଶ୍ନ ନାହିଁ ବୋଲି କହିଲି। ଏହି ମୋକଦ୍ଦମା କୌଣସି ପ୍ରଥମଶ୍ରେଣୀ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ବିଚାର୍ଯ୍ୟ ଥିଲେ ମଧ୍ୟ ଜିଲ୍ଲା ମାଜିଷ୍ଟ୍ରେଟ୍ ମୋତେ ଦଣ୍ଡଦେବା ଉଦ୍ଦେଶ୍ୟରେ ଏହା ନିଜେ ବିଚାର କରୁଅଛନ୍ତି, ସୁତରାଂ ଏହାଙ୍କଦ୍ୱାରା ନ୍ୟାୟବିଚାର ହେବନାହିଁ ବୋଲି ମୋର ଆଶଙ୍କା ହେଉଅଛି। ପୁଣି ଅନ୍ୟକୌଣସି ମାଜିଷ୍ଟ୍ରେଟ୍‌ଙ୍କଠାକୁ ଏହା ଉଠାଇଦେଲେ ମଧ୍ୟ ଏ ସମ୍ବନ୍ଧରେ ସଂଘଟିତ ଘଟଣାବଳୀର ବିବେଚନାରେ ସେଠାରେ ମଧ୍ୟ ନ୍ୟାୟବିଚାର ହେବନାହିଁ ବୋଲି ଆଶଙ୍କା ରହିଅଛି। ସୁତରାଂ କେବଳ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରୁ ନୁହେଁ, ଏହି ଜିଲ୍ଲାରୁ ଅନ୍ୟ ଜିଲ୍ଲାକୁ ଉଠାଇନେବା ସକାଶେ ହାଇକୋର୍ଟରେ ଦରଖାସ୍ତ ଦେବାପାଇଁ ମହଲତ ପ୍ରାର୍ଥନା କଲି। ଦରଖାସ୍ତ ପାଠ କରୁଥିବା ସମୟରେ ସାହେବଙ୍କ ମୁଖମଣ୍ଡଳ ଗମ୍ଭୀର ଅନୁଭବ କଲି। ଏହି ଦରଖାସ୍ତ ପରେ ମୋକଦ୍ଦମା ସ୍ଥଗିତ ରଖିବାକୁ ଓ ମହଲତ ଦେବାକୁ ଅଦାଲତ ବାଧ୍ୟ। ଏଥର ସାହେବ ଧୀର ଭାବରେ କହିଲେ, ‘‘ଆପଣ ଯେ ଲାଇସେନ୍ସ ଦାୟରୁ ମୁକ୍ତ ଏ ପର୍ଯ୍ୟନ୍ତ ସେହି ବିଷୟରେ କୌଣସି ଲିଖିତ ପ୍ରମାଣ ଦାଖଲ କରିନାହାଁନ୍ତି। ତାହା ଦାଖଲ କଲେ ମୋକଦ୍ଦମା ଉଠାଇ ନେବାରେ କୌଣସି ଆପତ୍ତି ରହିବନାହିଁ।’’ ମୁଁ କହିଲି, ମୋକଦ୍ଦମାର ତଦନ୍ତ ସମୟରେ ପୋଲିସ ଏହି ବିଷୟ ତଦନ୍ତ କରିବା ଉଚିତ ଥିଲା। ଏହି ବିଷୟ ମୁଁ ବାରମ୍ବାର କହିଆସୁଛି। ବଣେଇ ରାଜାଙ୍କ ଦପ୍ତରରେ ଭାରତ ସରକାରଙ୍କ ସେହି ହୁକୁମର ନକଲ ଅଛି। ତାହା ବର୍ତ୍ତମାନ ଆଣିବା ମୋ ପକ୍ଷେ ଅସମ୍ଭବ। ପୋଲିଟିକେଲ୍ ଏଜେଣ୍ଟଙ୍କୁ ଲେଖିଲେ, ମୋର ଆଶା, ତାହା ସେ ପଠାଇଦେବେ। ସାହେବ କହିଲେ, ଏହି ବିଷୟରେ ସେ ଫିଲିପ୍ ସାହେବଙ୍କୁ ପଚାରିଥିଲେ। ସେ କହିଲେ ଯେ, ସେପରି କିଛି କାଗଜପତ୍ର ନାହିଁ। ମୁଁ କହିଲି, ଫିଲିପ୍ ସାହେବ ଭୁଲ୍ କହିଛନ୍ତି। ସେ ବିଷୟରେ ତାଙ୍କର ହୁଏତ ମନେନାହିଁ। କାଗଜ ତାଙ୍କ ଦପ୍ତରରେ ଅଛି। ତତ୍ପରେ ସାହେବ କହିଲେ, ‘‘ଆପଣ ଏହି ଦରଖାସ୍ତ ସବୁ ଫେରାଇ ନିଅନ୍ତୁ। ଆପଣଙ୍କ କଥିତ ଭାରତ ସରକାରଙ୍କ ହୁକୁମ ଦାଖଲକରିବା ପାଇଁ ମୁଁ ଆପଣଙ୍କୁ ସମୟ ଦେଉଅଛି।’’ ତା.୧୯.୧୨.୧୯୨୬କୁ ମୋକଦ୍ଦମା ରହିଲା। ମୁଁ ମନେକରିଥିଲି ଏଥର ସାହେବ ନିଶ୍ଚୟ ମୋତେ ଦିନକପାଇଁ ହେଲେ ଜେଲ୍ ହାଜତ୍‌କୁ ପଠାଇବେ; କିମ୍ବା ଜାମିନ ସୁଦ୍ଧା ଦେବେନାହିଁ। ସେହି ସମୟରେ ମାନଭୂମ ଓ ସମ୍ବଲପୁର ଜିଲ୍ଲା ମିଶି ଜଣେ ଜିଲ୍ଲା ଓ ସେସନ୍ସ ଜଜ୍‌ଙ୍କ ଅଧୀନରେ ଥିଲା। ମାନଭୂମ ଜିଲ୍ଲାର ରାଜଧାନୀ ପୁରୁଲିଆରେ ଜଜ୍ ରହୁଥିଲେ। ସେହି ସ୍ଥାନର ସରକାରୀ ଓକିଲ ଶ୍ରୀ ଅମ୍ବୁଜାକ୍ଷ ସରକାରଙ୍କ ସଙ୍ଗେ ମୋର ବନ୍ଧୁତା ଥିଲା। ଜାମିନ

Digitized by srujanika@gmail.com

ସକାଶେ ଚେଷ୍ଟା କରିବା ପାଇଁ ମୁଁ ତାଙ୍କୁ ଲେଖିଥିଲି। ଯାହାହେଉ, ଜାମିନ ହେଲେ ମଧ୍ୟ ଜେଲ୍ ହାଜତ୍‌ରେ ଦୁଇ-ତିନି ଦିନ ରହିବା ପାଇଁ ପ୍ରସ୍ତୁତ ହୋଇଥିଲି। କିନ୍ତୁ ସାହେବ ମୋଠାରୁ ଜାମିନ କିମ୍ବା ବ୍ୟକ୍ତିଗତ ମୁଚାଲିକା ସୁଦ୍ଧା ତଲବ କଲେନାହିଁ। ଯେତେବେଳେ ଜାମିନ କିମ୍ବା ମୁଚାଲିକା ବିଷୟରେ ଅର୍ଡ଼ର୍‌ସିଟ୍‌ରେ କିଛି ଲେଖା ନଥିବା କହି ପେସ୍କାର ନଥି ତାଙ୍କ ସମ୍ମୁଖରେ ରଖିଦେଲେ, ସାହେବ କହିଲେ, ‘‘ଆସାମୀ ଗଣ୍ୟମାନ୍ୟ ବ୍ୟକ୍ତି। ଏହା ଦରକାର ନାହିଁ।’’

ଅଦାଲତ ମଧ୍ୟରୁ ମୁଁ ଚାଲିଆସୁଥିବା ସମୟରେ କେତେକ ଲୋକ ସହାନୁଭୂତିସୂଚକ ଓ କେତେକ ବିଦ୍ରୂପାତ୍ମକ ମନ୍ତବ୍ୟମାନ ପ୍ରକାଶ କରୁଥିଲେ। ଦ୍ୱିତୀୟ ଶ୍ରେଣୀ ଲୋକଙ୍କ ମଧ୍ୟରେ ସ୍ୱଜାତୀୟ ବ୍ୟକ୍ତିଙ୍କ ସଂଖ୍ୟା ଅଧିକ। ନାରାୟଣ ବାବୁ କହିଲେ, ‘‘ଧନ୍ୟ ଆପଣଙ୍କ ସାହସ; ଭାରତ ବାବୁ ! ଏତେଦୂର କରିବା ଦରକାର ନଥିଲା। ପରେ ଆପଣ ଅଡୁଆରେ ପଡ଼ିଲେ ମୋତେ ଆଉ କିଛି କହିବେ ନାହିଁ।’’ ମୁଁ କହିଲି, ‘‘ଆପଣ ତୁନିହୋଇ ରୁହନ୍ତୁ। ଆପଣଙ୍କ ଉପଦେଶକୁ ମୁଁ ଆଦୌ ପସନ୍ଦ କରୁନାହିଁ। ଆସାମୀକୁ ବଞ୍ଚାଇବା ସିନା ଓକିଲଙ୍କ କର୍ତ୍ତବ୍ୟ; ମୋତେ ଆହୁରି ବିପଦରେ ପକାଇବାକୁ ଆପଣ ବସିଛନ୍ତି, ଏହାହିଁ ଦୁଃଖର କଥା।’’

ସମ୍ବଲପୁର ପୋଲିଟିକେଲ୍ ଏଜେଣ୍ଟଙ୍କ ଦପ୍ତରରେ ଏ ସମ୍ବନ୍ଧରେ ମୂଳ କାଗଜ ମିଳିଥିବା ସମ୍ବାଦ ସେତେବେଳକୁ ମୁଁ ପାଇଲିଣି। ଏ ସମ୍ବନ୍ଧରେ ମୋର ବନ୍ଧୁ ଓ ସମୁଦି (ଝିଅ ନିରୂପମାର ଶ୍ୱଶୁର) ପୋଲିଟିକେଲ୍ ଏଜେଣ୍ଟଙ୍କ ଅଫିସ୍‌ର ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ଶ୍ୟାମଚରଣ ପାଢ଼ୀ ବିଶେଷ ଯତ୍ନ ଓ ପରିଶ୍ରମ କରି ତାହା ବାହାର କରିଥିଲେ। ତାହା ପାଇନଥିଲେ ଏହି ଘୋର ବିପଦରୁ ମୁଁ ଅବ୍ୟାହତି ପାଇବା ମୋ ପକ୍ଷରେ ସମ୍ଭବ ନଥିଲା। ଏଥିସକାଶେ ମୁଁ ଶ୍ୟାମଚରଣ ବାବୁଙ୍କଠାରେ ଆଜୀବନ ଋଣୀ। ଫିଲିପ୍ ସାହେବ ସେତେବେଳେ ଆଉ ପୋଲିଟିକେଲ୍ ଏଜେଣ୍ଟ ନାହାଁନ୍ତି। ସେ ଦୀର୍ଘ ଛୁଟିନେଇ ସ୍ୱଦେଶକୁ ଗଲେଣି ଓ ତାଙ୍କ ସ୍ଥାନରେ ସ୍କଟ୍ ସାହେବ (Scott) ଆସିଛନ୍ତି। ସେ ନୂତନ ଲୋକ ଥିବାରୁ ତାଙ୍କ ନିରପେକ୍ଷତା ଉପରେ ନିର୍ଭର କରାଯାଇପାରେ ବୋଲି ମୋର ବିଶ୍ୱାସ ଜାତହେଲା। ସମସ୍ତ ଘଟଣା ଉଲ୍ଲେଖ କରି ମୁଁ ଭାରତ ସରକାରଙ୍କ ସେହି ହୁକୁମର ନକଲ ଦେବାପାଇଁ ଓ ଯେତେଦିନ ଯାଏଁ ମୁଁ ଲାଇସେନ୍‌ସ ଦାୟରୁ ମୁକ୍ତ ସେ ବିଷୟରେ ତାଙ୍କ ମତ ଲେଖିଦେବା ପାଇଁ ଗୋଟିଏ ପ୍ରାର୍ଥନାପତ୍ର ପ୍ରେରଣ କଲି। ଠିକ୍ ତା.୧୯.୧୨.୧୯୨୬ ଦିନ ତାଙ୍କ ଉତ୍ତର ଆସିଲା। ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଠାକୁ ପୋଲିଟିକେଲ୍ ଏଜେଣ୍ଟ ଏ ବିଷୟରେ ଗୋଟିଏ ସ୍ୱତନ୍ତ୍ର ପତ୍ର ଲେଖିଥିଲେ ଓ ତହିଁର ନକଲ ତାଙ୍କ ଦପ୍ତରର ଚପରାସୀ ସେହିଦିନ ମୋତେ ଦେଇଗଲା। ତହିଁରେ ସେ ଲେଖିଥିଲେ ଯେ, ଭାରତସରକାରଙ୍କର ହୁକୁମ ଅନୁସାରେ ମୁଁ ବଣେଇ ଷ୍ଟେଟ୍‌ର ଦେୱାନ ଥିବା ପର୍ଯ୍ୟନ୍ତ ଲାଇସେନ୍‌ସ ଦାୟରୁ ମୁକ୍ତ ଓ ଏହି ହୁକୁମ ତା.୨୪.୧୨.୧୯୨୬ ପର୍ଯ୍ୟନ୍ତ କାଏମ ରହିବ। ମୋର ଛୁଟି ସେହିଦିନ ପର୍ଯ୍ୟନ୍ତ ଥିଲା ଓ ଏହାପରେ ମୁଁ ମୋର ସରକାରୀ କାର୍ଯ୍ୟକୁ ଫେରି ଆସିବା ହୁକୁମ ଥିଲା।

Digitized by srujanika@gmail.com

ତା.୧୯.୧୨.୧୯୨୬ ରେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ କଚେରୀକକ୍ଷ ପୁଣି ଲୋକାରଣ୍ୟ ହୋଇଗଲା । ବାହାରେ ଛିଡ଼ାହୋଇ ମୁଁ ସବୁ ଦେଖୁଥିଲି । କୋର୍ଟ ଇନ୍‌ସ୍‌ପେକ୍ଟର ଓ ତାଙ୍କ ପଛକୁ ସରକାରୀ ଓକିଲ ଶ୍ରୀ ଯୋଗୀନ୍ଦ୍ରନାଥ ସେନ ତନ୍ମଧ୍ୟକୁ ପ୍ରବେଶ କଲେ, ଗୋଛା ଗୋଛା ଆଇନବହି ମଧ୍ୟ ବୁହାହୋଇ ଆସୁଥିବା ମୁଁ ଲକ୍ଷ୍ୟକଲି । ଯଥାସମୟରେ ମୋତେ ଡାକରା ହେଲା ଓ ମୁଁ ମୋର କାଠଗଡ଼ା ମଧ୍ୟରେ ପ୍ରବେଶକଲି । ସାହେବ ମୋତେ ଆଇନଗତ ଗୋଟାକେତେ ପ୍ରଶ୍ନକଲେ ଓ ମୁଁ ତାହାର ଉତ୍ତର ଦେଲି । ଅଳ୍ପ ସମୟ ପରେ ସାହେବ ହୁକୁମ ଲେଖି ବସିଲେ ଓ ଲେଖିସାରି କହିଲେ ଯେ, ମୋ ବିରୁଦ୍ଧରେ ଦାଏର ହୋଇଥିବା ମୋକଦ୍ଦମା ଉଠାଇ ନିଆଯାଇ ମୋତେ ଖଲାସ ଦିଆଗଲା । ମୁଁ ତାଙ୍କୁ ଧନ୍ୟବାଦ ଦେଇ ଅଦାଲତ ମଧ୍ୟରୁ ବାହାରି ଆସିଲି । ବାହାରେ ଯେଉଁ ଜଣକେତେ ହିତୈଷୀ ବନ୍ଧୁ ଛିଡ଼ା ହୋଇଥିଲେ, ସେମାନେ ମୋତେ ଅଭିବାଦନ କଲେ । ଜନତା ମଧ୍ୟରେ ସେହି ପୋଲିସ୍ ଇନ୍‌ସ୍‌ପେକ୍ଟର ଅଦାଲତର ଚତୁର୍ଦ୍ଦିଗରେ ନିଶ ମୋଡ଼ି ମୋଡ଼ି ଚାଲୁଥିବା ଲକ୍ଷ୍ୟ କରିଥିଲି । ଆଜି ସେ ମୁହଁ ଶୁଖାଇ ଚାଲିଯିବା ଦେଖିଲି । ଅଦାଲତରୁ ଝାଡ଼ୁଆପଡ଼ା ଦେଇ ଫେରୁଥିବା ସମୟରେ ମୋ ଶ୍ୱଶୁର ପରିବାରର ବୃଦ୍ଧ ଗୋପାଳ ପୂଜାରୀ ମୋତେ ଦେଖି ମୋକଦ୍ଦମା କଥା ପଚାରିଲେ ଓ ମୁଁ ଖଲାସ ହୋଇଥିବା କଥା ଶୁଣିବା ମାତ୍ରକେ ଆନନ୍ଦରେ ଉତ୍‌ଫୁଲ୍ଲ ହୋଇ ଉଚ୍ଚ ପାଟିରେ କହିଲେ, "କ'ଣ କଲା ଆମ୍ଭର ଏହି ପିଲାଟା ଯେ, ଏହା ପଛରେ ଏମାନେ ଏତେ ଲାଗିଛନ୍ତି ?" ଇଂରେଜ ରାଜତ୍ୱ ସମୟରେ ବହୁକାଳ ପର୍ଯ୍ୟନ୍ତ ଭାରତର ନେତୃବୃନ୍ଦ ଶାସନ ଓ ବିଚାର ବିଭାଗର ପୃଥକୀକରଣ ଦାବି କରିଆସୁଥିଲେ । ସେହି ସମୟରେ ତାହା ନହୋଇ ଭାରତର ସ୍ୱାଧୀନତାପ୍ରାପ୍ତି ଉତ୍ତାରେ ଏହାର କିୟଦଂଶ ମାତ୍ର ହାସଲ ହୋଇଅଛି । ଶାସକ ସମ୍ପ୍ରଦାୟ ହସ୍ତରେ ବିଚାର ଭାର ନ୍ୟସ୍ତ ହୋଇଥିବା ଯୋଗୁଁ କିପରି ଶାସକଙ୍କ କବଳରେ ପଡ଼ି ଲୋକେ ବିପଦଗ୍ରସ୍ତ ହୋଇଅଛନ୍ତି ମୋର ଏହି ବନ୍ଧୁକ ସଂକ୍ରାନ୍ତ ମୋକଦ୍ଦମା ତହିଁର ନିଦର୍ଶନ । ଉଭୟ ବିଭାଗର ପୃଥକୀକରଣ ଆହୁରି କ୍ଷିପ୍ରଗତିରେ ସଂସାଧିତ ହେବା ନିତାନ୍ତ ପ୍ରୟୋଜନ, ଏଥିରେ ସନ୍ଦେହ ନାହିଁ ।

ମୋର ଛୁଟି ଶେଷ ହେବାକୁ ଆଉ ପାଞ୍ଚଦିନ ବାକି ଅଛି । ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଠାରେ ବନ୍ଧୁକର ଲାଇସେନ୍‌ସ ସକାଶେ ନିଜେ ଯାଇ ତାଙ୍କ ହସ୍ତରେ ଦରଖାସ୍ତ ଦେଲି ଓ ତତ୍‌କ୍ଷଣାତ୍ ସେ ତାହା ମଞ୍ଜୁର କରିଦେଲେ ।

ଇତିମଧ୍ୟରେ ମୁଁ ସବ୍‌ଡେପୁଟି କଲେକ୍‌ଟର୍ ପଦରେ ସମ୍ବଲପୁର ଜିଲ୍ଲାସ୍ଥ ବରଗଡ଼ ସବ୍‌ଡ଼ିଭିଜନ୍‌ରେ ଅବସ୍ଥାପିତ ହୋଇଥିବା ସରକାରୀ ହୁକୁମ ପ୍ରକାଶିତ ହୋଇସାରିଥିଲା ଓ ମୁଁ ମଧ୍ୟ ତାହା ପାଇଥିଲି । ଡିସେମ୍ବର ତା୨୦ରିଖ ଦିନ ବରଗଡ଼ ସବ୍‌ଡ଼ିଭିଜନାଲ୍ ଅଫିସର୍ ରାୟବାହାଦୂର ରାଧାଚରଣ ଦାସଙ୍କଠାରୁ ଖଣ୍ଡେ ପତ୍ର ପାଇଲି । ସେ ଲେଖିଥିଲେ, ବଡ଼ଦିନ ଛୁଟିରେ ସମସ୍ତ ଅଫିସର୍ ଘରକୁ ଯିବେ ଓ ଛୁଟି ମଧ୍ୟରେ ସବ୍‌ଡ଼ିଭିଜନ୍‌ର ସମସ୍ତ କାର୍ଯ୍ୟଭାର

Digitized by srujanika@gmail.com

ନେଇ ମୋତେ କରିବାକୁ ହେବ ବୋଲି ଡେପୁଟି କମିଶନର ହୁକୁମ ଦେଇଅଛନ୍ତି। ସୁତରାଂ ତା୨୪ରିଖ ଅପରାହ୍ନ ସୁଦ୍ଧା ମୋତେ ମୋ କାର୍ଯ୍ୟରେ ଯୋଗଦେବାକୁ ହେବ। ମୋ ଚାକିରି ସମ୍ବନ୍ଧରେ ସରକାରଙ୍କୁ ଦେଇଥିବା ଦରଖାସ୍ତର ମୀମାଂସା ସେ ପର୍ଯ୍ୟନ୍ତ ହୋଇନାହିଁ। ସବ୍‌ଡେପୁଟି ପଦରେ ମୁଁ ଯୋଗଦେଉଛି କିପରି ? ଲଜ୍ଜାରେ ମୁଁ ଅବସନ୍ନ ହେବାକୁ ଲାଗିଲି। ଲୋକଙ୍କ ଆଗରେ ମୁହଁ ଦେଖାଇବି କିପରି ? ଯେ ଯାହା ଭାବୁ, ମୁଁ ଯେ ନିରପରାଧୀ, ଏହା ମୁଁ ହୃଦୟଙ୍ଗମ କରୁଥିଲି। ଏହି ମନ ନେଇ କାମ କରିବି ବା କିପରି ? ତା୨୪ରିଖଟା ମୋ ଛୁଟିର ଅନ୍ତର୍ଗତ। ତା୨୫ରିଖରୁ ଜାନୁୟାରୀ ତା୧ରିଖ ପର୍ଯ୍ୟନ୍ତ ଅର୍ଥାତ୍ ବଡ଼ଦିନ ଛୁଟିଟା ମୋ ଛୁଟି ସହିତ ମିଳିତ ହେବା ସକାଶେ ତା୨୦ରିଖ ଦିନ ଟେଲିଗ୍ରାମଦ୍ୱାରା ସରକାରଙ୍କୁ ଆବେଦନ କଲି। ତା୨୪ରିଖ ସକାଳ ପର୍ଯ୍ୟନ୍ତ ଅପେକ୍ଷା କରି କରି ଉତ୍ତର ଆସିଲା ନାହିଁ। ସରକାରଙ୍କ ନିୟମ ଅଲଂଘନୀୟ। ହେମେନ୍ଦ୍ର ଦାଦାଙ୍କୁ ଯାଇ ପଚାରିଲି। ମୋର ଇସ୍ତଫାପତ୍ର ଲେଖିନେଇଥିଲି। ତାହା ତାଙ୍କୁ ଦେଖାଇଲି। ଏ ମଧ୍ୟରେ ମୁଁ ପାଟଣା ଆଇନ୍ (ଲ) କଲେଜରେ ନାମ ଲେଖାଇ ସାରିଥିଲି ଓ ମୋର ପୂର୍ବପଦ ନପାଇଲେ ଜାନୁୟାରୀ ମାସରେ ସେଠାରେ ଯୋଗ ଦେବାପାଇଁ ପ୍ରସ୍ତୁତ ରହିଥିଲି। ହେମେନ୍ଦ୍ର ଦାଦା କହିଲେ ଯେ, ସେହିଦିନ (୨୪ ତାରିଖ) ସରକାରଙ୍କ ହୁକୁମ ଟେଲିଗ୍ରାମଦ୍ୱାରା ଆସିପାରେ। ମୋର ଦରଖାସ୍ତର ଅନ୍ତିମ ମୀମାଂସା ପର୍ଯ୍ୟନ୍ତ ସରକାରୀ ଚାକିରିରୁ ଇସ୍ତଫା ଦେବା ଉଚିତ ହେବନାହିଁ। ଅନୁକୂଳ ମୀମାଂସା ନହେଲେ ଇସ୍ତଫା ଦେବା ତ ମୋ ହାତର କଥା। ଏ ସମସ୍ତ କାରଣ ନେଇ ବରଗଡ଼ ଯାଇ ତା୨୪ରିଖ ସନ୍ଧ୍ୟା ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗ ନଦେଇ ସେଠାରେ ସରକାରଙ୍କ ହୁକୁମ ଅପେକ୍ଷାରେ ବସି ରହିବା ସକାଶେ ମୋତେ ପରାମର୍ଶ ଦେଲେ।

ତା୨୪ରିଖ ଅପରାହ୍ନ ୨ଟା ବେଳେ ମୋ ନିଜ ମୋଟରରେ ବରଗଡ଼ ବାହାରିଲି ଓ ପ୍ରାୟ ୪ଟା ବେଳେ ସେଠାରେ ପହଞ୍ଚିଲି। ସରକାରଙ୍କଠାରୁ ମୋ ଛୁଟି ଦରଖାସ୍ତର ଉତ୍ତର ଆସିଲେ ତତ୍‌କ୍ଷଣାତ୍ ମୋତେ ଟେଲିଗ୍ରାମଦ୍ୱାରା ଜଣାଇଦେବାକୁ ଘରେ କହିଯାଇଥିଲି। ବରଗଡ଼ରେ ପହଞ୍ଚି ଡାକଘରେ ମୋର ଜଣେ ନିଜର ଲୋକ ବସାଇଦେଲି, ଟେଲିଗ୍ରାମ ଆସିଲେ ମୋତେ ଖବର ଦେବବୋଲି। ଡାକବଙ୍ଗଳାରେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବସିରହିଲି। ମୁଁ ଆସି ପହଞ୍ଚିବା ସମ୍ବାଦ ସବ୍‌ଡ଼ିଭିଜନାଲ ଅଫିସରଙ୍କଠାକୁ ପଠାଇଦେଇଥିଲି ଓ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମୁଁ କାର୍ଯ୍ୟଭାର ନେବିନାହିଁ ବୋଲି ଜଣାଇଦେଇଥିଲି। ଇତିମଧ୍ୟରେ ରାଧାଚରଣ ବାବୁ କେତେଥର ଆସି କାର୍ଯ୍ୟରେ ଯୋଗଦେବାକୁ ମୋତେ ଡାକିଲେଣି। ପାଞ୍ଚଟା ସୁଦ୍ଧା ଟେଲିଗ୍ରାମ ନଆସିବାରୁ ଗଭୀର ମନୋବେଦନାରେ କଚେରୀକୁ ଗଲି। ଟ୍ରେଜେରୀକୁ ଯାଇ ବିଡ଼ାଏ ନୋଟ୍ ଗଣିବାକୁ ଆରମ୍ଭ କରିଛି, ଏହି ସମୟରେ ମୁଁ ଡାକଘରେ ବସାଇ ଦେଇଥିବା ଲୋକଟି ଦୌଡ଼ିଆସି କହିଲା, ଟେଲିଗ୍ରାମ ଆସିଛି। ତତ୍‌ପର ମୁହୂର୍ତ୍ତରେ ଡାକଘର ପିଅନ ଆସି ମୋ ହାତକୁ ଟେଲିଗ୍ରାମ୍‌ଟି ବଢ଼ାଇଦେଲା, ଫିଟାଇ ଦେଖିଲି।

Digitized by srujanika@gmail.com

ଗଭର୍ଣ୍ଣମେଣ୍ଟ ମୋର ଛୁଟି ସହିତ ବଡ଼ଦିନ ଛୁଟି ମିଳାଇ ଦେଇଅଛନ୍ତି । ତତ୍‌କ୍ଷଣାତ୍ ବରଗଡ଼ ତ୍ୟାଗକରି ସମ୍ବଲପୁର ଚାଲିଆସିଲି ।

ବଡ଼ଦିନ ଛୁଟି ଭିତରେ ଗଭର୍ଣ୍ଣମେଣ୍ଟଙ୍କ ଠାରୁ ଗୋଟିଏ ଟେଲିଗ୍ରାମ ପାଇଲି । ଜାନୁୟାରୀ ୨ ତାରିଖରେ ମୋତେ କଟକ ଜିଲ୍ଲା ଯାଜପୁରରେ ଯୋଗ ଦେବାପାଇଁ ହୁକୁମ ହୋଇଅଛି । ଏହାର ଦୁଇଦିନ ପରେ ପୋଲିଟିକେଲ୍ ଏଜେଣ୍ଟଙ୍କଠାରୁ ଗୋଟିଏ ପତ୍ର ପାଇଲି । ତହିଁରେ ମୁଁ ସବ୍‌ଡେପୁଟି କଲେକ୍ଟର ପଦକୁ ଅବନତ ହୋଇଥିବା ହୁକୁମ ରଦ୍ଦ ହୋଇ ମୋର ପୂର୍ବ ଡେପୁଟି କଲେକ୍ଟର ପଦରେ ସ୍ଥାପିତ ହୋଇଥିବା ହୁକୁମ ହୋଇଅଛି ।

ଫଳିତ ଜ୍ୟୋତିଷରେ ବିଶ୍ୱାସ ନକରି ରହିହେଲାନାହିଁ । ଶ୍ରୀ ମହେନ୍ଦ୍ରନାଥ ଭଟ୍ଟାଚାର୍ଯ୍ୟ ମୋର କୋଷ୍ଠିଗଣନା କରି ଯାହା ଯାହା କହିଦେଇଥିଲେ ସେ ସମସ୍ତ ଅକ୍ଷରେ ଅକ୍ଷରେ ସତ୍ୟହେଲା । ଷଷ୍ଠାଷ୍ଟମ ଯୋଗ ପ୍ରଭାବରେ ମୋତେ କେତେ କଷ୍ଟ ଭୋଗକରିବାକୁ ହେବ, ଅନେକ ଅଭିଯୋଗର ସମ୍ମୁଖୀନ ହେବାକୁ ହେବ, କେତେ ଅପମାନ ପାଇବାକୁ ହେବ, କିନ୍ତୁ ସେ ସମସ୍ତ କଟିଯାଇ ଅନ୍ତିମରେ ସମସ୍ତ ବିଷୟରେ ଜୟଲାଭ ହେବବୋଲି ସେ କହିଥିଲେ । ତାଙ୍କରି କଥାରେ ବିଶ୍ୱାସ ହୋଇନଥିଲେ କେତେ ଦିନରୁ ମୁଁ ଇସ୍ତଫା ଦେଇସାରିଥାନ୍ତି । ମୁଁ ମୋର ପୂର୍ବପଦ ଫେରି ନପାଇଲେ ସରକାରୀ ଚାକିରି ଇସ୍ତଫା ଦେଇ ଆଇନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଓକିଲାତି କରିବି ବୋଲି ସ୍ଥିର କରିଥିଲି । ଅନୁଗୁଳ ବିଭ୍ରାଟପରେ ଦାସତ୍ୱ ଶୃଙ୍ଖଳ ଛିନ୍ନ କରି ସ୍ୱାଧୀନ ଜୀବନଯାପନ କରିବାର ଏହି ଦ୍ୱିତୀୟ ପରିକଳ୍ପନା । ତାହା ଆଉ କାର୍ଯ୍ୟରେ ପରିଣତ ହେଲାନାହିଁ । ନିୟତି କାହାଦ୍ୱାରା ଆବଦ୍ଧ ନୁହେଁ ।

ଯାଜପୁର ଯାତ୍ରା ସକାଶେ ପ୍ରସ୍ତୁତ ହେଉଥିବା ସମୟ ମଧ୍ୟରେ ହଠାତ୍ ବସନ୍ତ ରୋଗରେ ଆକ୍ରାନ୍ତ ହେଲି । ରୋଗର ପ୍ରକୋପ ସାମାନ୍ୟ ହୋଇଥିଲା । ଡାକ୍ତର ସାର୍ଟିଫିକେଟ୍ ଦେଇ ମାସକର ଛୁଟିନେଇ ଘରେ ରହିଲି ।

ବଣେଇରେ ଜଞ୍ଜାଳପୂର୍ଣ୍ଣ କର୍ମମୟ ଜୀବନ ମଧ୍ୟରେ ମୁଁ କୁମାରସମ୍ଭବ ସଂସ୍କୃତ କାବ୍ୟର ଓଡ଼ିଆ ଅନୁବାଦ ସମାପ୍ତକରି ୧୯୨୭ ମସିହାରେ ତାହା ପ୍ରକାଶ କରିଥିଲି ।

Digitized by srujanika@gmail.com

ଯାଜପୁରରେ ଅବସ୍ଥିତି

ତା.୨୫-୧-୧୯୨୮ରେ ମୁଁ ଯାଜପୁରରେ ଡେପୁଟି କଲେକ୍ଟର ପଦରେ ଯୋଗଦାନ କଲି । ଶ୍ରୀ କାର୍ତ୍ତିକଚନ୍ଦ୍ର ଚନ୍ଦ୍ର ଯେତେବେଳେ ଯାଜପୁରରେ ସବ୍‌ଡ଼ିଭିଜନାଲ୍ ଅଫିସର୍ । ତାଙ୍କ ତଳେ ମୋତେ ସେକେଣ୍ଡ ଅଫିସର କାର୍ଯ୍ୟ କରିବାକୁ ହେଲା । ସେକେଣ୍ଡ ଅଫିସର ସକାଶେ ନିର୍ଦ୍ଦିଷ୍ଟ ସରକାରୀ ଘର ନିତାନ୍ତ ସଂକୀର୍ଣ୍ଣ । ଏହି ସମୟକୁ ମୋର ପରିବାର ବୃହଦାକାର ଧାରଣ କଲାଣି, ପୁଅଝିଅ ମିଶି ଦଶୋଟି; ତେଣୁ ପରିବାର ସଙ୍ଗେ ନଆଣି ଏକାକୀ ଆସିବାକୁ ହୋଇଥିଲା । ଓଡ଼ିଶାରେ ସବ୍‌ଡ଼ିଭିଜନର୍ ସେକେଣ୍ଡ ଅଫିସର କାର୍ଯ୍ୟ ଏକପ୍ରକାର ପରିଶ୍ରମ ସାପେକ୍ଷ । ଫୌଜଦାରୀ ମୋକଦ୍ଦମା ସହିତ ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନ ଘଟିତ ମୋକଦ୍ଦମା ଅନେକ । ପୁଣି ଓଡ଼ିଶା ମଧ୍ୟରେ ଯାଜପୁରରେ ମୋକଦ୍ଦମାମାନ ଜଟିଳତାପୂର୍ଣ୍ଣ । ପ୍ରତ୍ୟେକ ମୋକଦ୍ଦମାରେ ଓକିଲ, ମୋକ୍ତାର ନିଯୁକ୍ତ ହୁଅନ୍ତି । ଦିନଯାକ କଚେରୀରେ କାମ କରି ଘରେ ସୁଦ୍ଧା କାମକରିବାକୁ ହୁଏ । ପରିବାର ସଙ୍ଗେ ନଥିବାରୁ ଏତେ କାର୍ଯ୍ୟ ସତ୍ତ୍ୱେ ଏକପ୍ରକାର ନିଶ୍ଚିନ୍ତ ଜୀବନଯାପନ କରିବାକୁ ହେଉଥାଏ । କେବେ ବିରଜା ଦେବୀଙ୍କ ଓ କେବେ ବରାହନାଥଙ୍କ ଦର୍ଶନ ଏବଂ କେବେ ପୂତତୋୟା ବୈତରଣୀରେ ସ୍ନାନ- ଗଡ଼ଜାତ ଜୀବନର କଠୋରତାପୂର୍ଣ୍ଣ ଅନୁଭୂତି ଉତ୍ତାରେ ଜୀବନଧାରାରେ କିଞ୍ଚିତ ପରିବର୍ତ୍ତନ ଅତ୍ୟନ୍ତ ସୁଖକର ବୋଧହେଲା । ଯାଜପୁରରେ ଗୋଟିଏ କ୍ଲବ୍ ଥିଲା । ପ୍ରତ୍ୟହ ସନ୍ଧ୍ୟାରେ ହାକିମ, ଅମଲା, ଓକିଲ ଓ ସ୍ଥାନୀୟ ଭଦ୍ରବ୍ୟକ୍ତିମାନେ ସେଠାରେ ସମବେତ ହୁଅନ୍ତି । ପୁରାତନ ସାହିତ୍ୟଚର୍ଚ୍ଚା ପ୍ରତି ମୋର ଆଗ୍ରହ ଥାଏ । ପ୍ରାଚୀନ କାବ୍ୟଗୁଡ଼ିକର ଅନେକ ଛାନ୍ଦ ମୁଖସ୍ଥ ଥାଏ ଓ ରାଗରାଗିଣୀରେ ଆବୃତ୍ତି କରିବାକୁ ଭଲଲାଗେ । ଜିଲ୍ଲାଦାର ଶ୍ରୀ ବ୍ରହ୍ମାନନ୍ଦ ମହାନ୍ତି ହାର୍‌ମୋନିୟମ୍ ବଜାଇ ମୋ ସହିତ ଯୋଗଦିଅନ୍ତି । ଏହି ଅଭ୍ୟାସ ଯୋଗୁଁ ଅଳ୍ପସମୟ ମଧ୍ୟରେ ଯାଜପୁରର ଉନ୍ନତ ସମ୍ପ୍ରଦାୟରେ ମୁଁ ପ୍ରିୟ ହେବାକୁ ଲାଗିଲି । କଚେରୀରୁ ଆସି ସନ୍ଧ୍ୟାରେ ଦୁଇତିନି ଘଣ୍ଟା ଏହି ପ୍ରକାରେ ଆନନ୍ଦରେ ଅତିବାହିତ ହୁଏ । ବଳଙ୍ଗା ଥିଏଟର ଆସି ଏହି ସମୟରେ ଯାଜପୁରରେ କେତେକ ଦିନ ନାଟକାଭିନୟ ଦେଖାଉଥିଲେ । ନାଟକମାନଙ୍କ ମଧ୍ୟରେ ଅଶ୍ୱିନୀକୁମାର ଘୋଷଙ୍କ ନାଟକମାନ ସେହି ସମୟରେ ଲୋକପ୍ରିୟ ହୋଇଥିଲା । ଅଶ୍ୱିନୀ ବାବୁ ଆଧୁନିକ ଓଡ଼ିଆ ନାଟକର ଜନ୍ମଦାତା ଓ ବଳଙ୍ଗା ନିବାସୀ ସ୍ୱର୍ଗୀୟ ବନମାଳୀ ପତି ସୁରୁଚିସମ୍ପନ୍ନ ରଙ୍ଗଭୂମିର ପ୍ରତିଷ୍ଠାତା କହିଲେ ଚଳେ । ଥିଏଟରକୁ ଯାଇ ଅନେକ ଦିନ ଆମ୍ଭେମାନେ ନାଟକାଭିନୟ ଦେଖୁଁ । ଦିନେ ସମ୍ବାଦ ଆସିଲା ଯେ,

Digitized by srujanika@gmail.com

ଆତତାୟୀ ହସ୍ତରେ ବନମାଳୀ ପତିଙ୍କ ଆକସ୍ମିକ ମୃତ୍ୟୁ ହୋଇଅଛି। ତାଙ୍କ ଜାମାତା କଟକର ଓକିଲ ଶ୍ରୀ ବାଞ୍ଛାନିଧି ମହାପାତ୍ର ଆସି ଥିଏଟର ବନ୍ଦ କରିଦେଇ ଗଲେ।

ଯାଜପୁର ଉତ୍କଳର ଗୋଟିଏ ପ୍ରଧାନ ତୀର୍ଥସ୍ଥାନ। ଉତ୍କଳରେ ଏହା ନାଭିଗୟା ନାମରେ ପ୍ରସିଦ୍ଧ। ଗୟାସୁରର ନାଭି ଏଠାରେ ପ୍ରୋଥିତ ହୋଇଥିବା ପ୍ରବାଦ ପୁରାଣ-ପ୍ରସିଦ୍ଧ। ଏଠାରେ ବିରଜା ଦେବୀଙ୍କ ମନ୍ଦିର ବିଖ୍ୟାତ। ପୂତତୋୟା ବୈତରଣୀ କୂଳରେ ଯାଜପୁର ଅବସ୍ଥିତ। ବୈତରଣୀ ଶଯ୍ୟାରେ ବରାହନାଥଙ୍କ ମନ୍ଦିର ଓ କୂଳରେ ବିଶାଳ ଅଷ୍ଟମାତୃକା ପାଷାଣ ମୂର୍ତ୍ତିଙ୍କ ଆସ୍ଥାନ। ପ୍ରତିବର୍ଷ ବାରୁଣୀ ସ୍ନାନକୁ ବହୁସଂଖ୍ୟକ ଯାତ୍ରୀଙ୍କ ସମାଗମ ହୁଏ। ସହରର ଭିନ୍ନ ଭିନ୍ନ ସ୍ଥାନରେ ସାନ ବଡ଼ ଅନେକ ମନ୍ଦିର ଦେଖିଲେ ମନେହୁଏ, ପୁରାତନ ତୀର୍ଥ। ଏହାପୂର୍ବେ ଉତ୍କଳ ନରପତିଙ୍କ ରାଜଧାନୀ ଥିଲା ଓ ରାଜା ଯଯାତିକେଶରୀ ଏଠାରେ କାନ୍ୟକୁବ୍‌ଜରୁ ଆନୀତ ଦଶ ସହସ୍ର ବ୍ରାହ୍ମଣଙ୍କଦ୍ୱାରା ଯଜ୍ଞ ସମ୍ପାଦନ କରାଇଥିବା ଓ ଯଜ୍ଞପୁରରୁ କାଳକ୍ରମେ ଏହାର ନାମ ଯାଜପୁର ହୋଇଥିବା ପ୍ରବାଦ ଅଛି। କଥିତ ହୁଏ ବଙ୍ଗୀୟ ପ୍ରସିଦ୍ଧ ଔପନ୍ୟାସିକ ସ୍ୱର୍ଗୀୟ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ଯାଜପୁରରେ ସବ୍‌ଡ଼ିଭିଜନେଲ ଅଫିସର ପଦରେ ପ୍ରତିଷ୍ଠିତ ଥିବା ସମୟରେ ଅଷ୍ଟମାତୃକାଙ୍କ ପୀଠରେ ବସି ନିଜ ଅଦ୍ୱିତୀୟ ରଚନାସମୂହର ବିଷୟବସ୍ତୁର ପରିକଳ୍ପନାରେ ପ୍ରେରଣାପ୍ରାପ୍ତ ହେଉଥିଲେ।

ନୂତନ ଆବିଷ୍କୃତ ତାଳଚେର କୋଇଲା ଖଣିର କାର୍ଯ୍ୟ ଆରମ୍ଭ ହୋଇଗଲାଣି ଓ ଦୁଇବର୍ଷ ପୂର୍ବେ କଟକରୁ ତାଳଚେର ମଧ୍ୟରେ ରେଲ୍ ଯାତାୟତ କରୁଅଛି। ମୁଁ ଯାଜପୁରକୁ ଯିବା ଅଳ୍ପଦିନ ପୂର୍ବେ ସମ୍ବଲପୁରରୁ ତାଳଚେର ରେଲ ଲାଇନରେ ଥିବା ମେରାମୁଣ୍ଡଳୀ ଷ୍ଟେସନ୍ ପର୍ଯ୍ୟନ୍ତ ମୋଟର ଚଳାଚଳ ଆରମ୍ଭ ହୋଇଅଛି। ମୋଟର ହୋଇଥିଲେ ମଧ୍ୟ ଅନିୟମିତ ଭାବରେ ଚାଲୁଥିବାରୁ ଦୀର୍ଘ ୧୧୬ ମାଇଲ ପଥରେ ଯାତ୍ରୀମାନଙ୍କୁ ଅନେକ ସମୟରେ ଅସୁବିଧା ଭୋଗ କରିବାକୁ ହେଉଥିଲା। ମେରାମୁଣ୍ଡଳୀରୁ କଟକ ପର୍ଯ୍ୟନ୍ତ ରେଲ ପଥରେ ଆସି ପୁଣି କଟକରୁ ଯାଜପୁର ରୋଡ୍ (ଆଜିକାଲି ଯାଜପୁର-କେଉଁଝର ରୋଡ଼) ଷ୍ଟେସନ ପର୍ଯ୍ୟନ୍ତ ଆସିଲେ ସେଠାରୁ ଯାଜପୁର ସହର ୧୬ ମାଇଲ। ଏହି ନାତିଦୀର୍ଘ ପଥରେ ଗୋଟିଏ ସାନ ନଦୀ ଯମୁନାଘାଇ ଓ ଗୋଟିଏ ବଡ଼ ନଦୀ ବୁଢ଼ା ନଦୀର ଉଭୟ ତୀରରେ ଗୋଟିଏ ଲେଖାଏଁ ମୋଟର ଥାଏ । ବର୍ତ୍ତମାନ ଏହି ନଦୀ ଉପରେ ପୋଲ ହୋଇଯାଇଅଛି।

ଯାଜପୁର ପ୍ରାଚୀନ ଓଡ଼ିଆ ସଭ୍ୟତାର ଏକ ବିଶିଷ୍ଟ ଅଞ୍ଚଳ କହିଲେ ଅତ୍ୟୁକ୍ତି ହେବନାହିଁ। ଏହିଠାରେ ଅମର କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜନ୍ମସ୍ଥାନ। ଆଧୁନିକ ଶିକ୍ଷାବିସ୍ତାର ମଧ୍ୟ ବହୁ ପରିମାଣରେ ହୋଇଅଛି। ମୁଁ ଥିବା ସମୟରେ ଯାଜପୁର ସହରରେ ବିରଜା ମଧ୍ୟ ଇଂରେଜୀ ସ୍କୁଲ ଓ ଗୋଟିଏ ହାଇସ୍କୁଲ ଥିଲା। କେତେକ ବର୍ଷ ହେଲା ସ୍ୱନାମଧନ୍ୟ ଜମିଦାର ନରସିଂହ ଚୌଧୁରୀଙ୍କ ବଦାନ୍ୟତାରେ ଗୋଟିଏ ପୂର୍ଣ୍ଣାଙ୍ଗ କଲେଜ ସ୍ଥାପିତ ହୋଇଅଛି।

Digitized by srujanika@gmail.com

୧୯୨୭ ମସିହାରେ ବୈତରଣୀ ନଦୀର ବନ୍ୟା ବ୍ୟୁପ୍ଲାତରେ ଯାଜପୁର ସବ୍‌ଡିଭିଜନ୍ ବହୁପରିମାଣରେ କ୍ଷତିଗ୍ରସ୍ତ ହୋଇଥିଲା।

ମୁଁ ଯାଜପୁରରେ ଅବସ୍ଥାପିତ ହେବା ସମୟ ମଧ୍ୟରେ ସରକାରଠାରୁ ହୁକୁମ ଆସିଥିଲା ଯେ, ମୋତେ ଯାଜପୁରରେ ଅଳ୍ପଦିନ ରହିବାକୁ ହେବ। ସାଧାରଣତଃ ସବ୍‌ଡିଭିଜନ୍‌ର ସେକେଣ୍ଡ ଅଫିସର ପଦ ସବ୍‌ଡେପୁଟିଙ୍କର। କୌଣସି ଜିଲ୍ଲାର ସଦରରେ ଡେପୁଟି କଲେକ୍ଟର ସ୍ଥାନ ଖାଲି ନଥିବାରୁ ମୁଁ ଏହିସ୍ଥାନରେ ଅବସ୍ଥାପିତ ହୋଇଅଛି। ଅନ୍ୟକୌଣସି ଜିଲ୍ଲାର ସଦରରେ ଡେପୁଟି କଲେକ୍ଟର ଆବଶ୍ୟକ ହେଲେ ମୋତେ ସେହିଠାକୁ ବଦଳି କରାହେବ। ଶ୍ରୀ ହେମେନ୍ଦ୍ର ନାଥ ଭଟ୍ଟାଚାର୍ଯ୍ୟ ସେହି ସମୟରେ କଟକ ଜିଲ୍ଲାର ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ୍। ତାଙ୍କ ଜ୍ୟୋତିଷ ଶାସ୍ତ୍ରରେ ନିପୁଣତା ସମ୍ବନ୍ଧରେ ଇତିପୂର୍ବେ ପରିଚୟ ଦିଆହୋଇଅଛି। ବଣେଇ ବିଭ୍ରାଟ ସମ୍ବନ୍ଧରେ ମୋର କୋଷ୍ଠି ଗଣନା କରି ସେ ଯାହା କହିଦେଇଥିଲେ ତାହା ଅକ୍ଷରେ ଅକ୍ଷରେ ସତ୍ୟ ହେଲା। ତାଙ୍କଠାରୁ ଶୁଣିଥିଲି, ସେ ଖ୍ରୀଷ୍ଟିୟାନ୍ ହୋଇ ଜନ୍ମଗ୍ରହଣ କରିଥିଲେ ମଧ୍ୟ, ସେ ହିମାଳୟ ପାଦଦେଶରେ ଅବସ୍ଥିତ ଆଲୋମୋରା ଜିଲ୍ଲାର ଗୋଟିଏ ଆଶ୍ରମସ୍ଥ ଜଣେ ହିନ୍ଦୁ ସନ୍ନ୍ୟାସୀଙ୍କ ଠାରୁ ଦୀକ୍ଷା ଗ୍ରହଣକରି ତାଙ୍କଠାରୁ ଜ୍ୟୋତିଷ ଶିକ୍ଷା କରିଥିଲେ। ଗୀତା ପ୍ରଭୃତି ହିନ୍ଦୁ ଧର୍ମଗ୍ରନ୍ଥ ପାଠକରୁଥିଲେ। ସମ୍ବଲପୁରରେ ମୁଁ ତାଙ୍କ ବସାରେ ଯୀଶୁଖ୍ରୀଷ୍ଟଙ୍କ ଛବି ସହିତ ଶ୍ରୀକୃଷ୍ଣ, ଶ୍ରୀରାମଚନ୍ଦ୍ର, ଗୁରୁନାନକ, ଚୈତନ୍ୟ, ରାମକୃଷ୍ଣ ପରମହଂସ, ବିବେକାନନ୍ଦ ଛବିମାନ ପ୍ରାଚୀରରେ ଟଙ୍ଗା ହୋଇଥିବା ଦେଖିଲି। ହେମେନ୍ଦ୍ର ବାବୁ ମାର୍ଚ୍ଚ ମାସ ଶେଷଆଡ଼କୁ ଯାଜପୁର ଗସ୍ତରେ ଆସିଥିଲେ। ଏହିଠାରେ ଜ୍ୟୋତିଷଶାସ୍ତ୍ରରେ ତାଙ୍କ ନିପୁଣତାର ପୁନଃପରିଚୟ ଲାଭର ସୁଯୋଗ ଗ୍ରହଣକଲି। କେବେ ଓ କେଉଁଠାକୁ ମୋର ବଦଳି ହେବ, ତାଙ୍କୁ ଏ ବିଷୟରେ ଜିଜ୍ଞାସା କଲି। ମୋର କୋଷ୍ଠି ପୁଣି ନେଇ ଡାକବଙ୍ଗଳାରେ ବହୁ ସମୟ ପର୍ଯ୍ୟନ୍ତ ଗଣନା କଲେ ଓ ମୋ ବସାକୁ ଆସି ଗଣନାର ଫଳଲିଖିତ ଖଣ୍ଡେ କାଗଜ ମୋତେ ଦେଲେ। ତହିଁରେ ଲେଖାଥିଲା ଯେ, ମୋତେ ସମ୍ବଲପୁରକୁ ବଦଳି ହେବ ଓ ଜୁଲାଇ ମାସ ତା୧୧ରିଖ ଦିନ ୯ଟା ୧୦ଟା ମଧ୍ୟରେ ମୁଁ ଯାଜପୁର ତ୍ୟାଗକରିବି। ସୂକ୍ଷ୍ମ ଗଣନାରେ ମୁଁ ବିସ୍ମିତ ହେଲି। ହେମେନ୍ଦ୍ର ବାବୁ ଜ୍ୟୋତିଷ ଶାସ୍ତ୍ରର ଅତ୍ୟନ୍ତ ପ୍ରଶଂସା କରନ୍ତି। ସେ କହନ୍ତି, ସାମାନ୍ୟ ଧୂଳିକଣା ସୁଦ୍ଧା ଯେଉଁ ଭଗବାନଙ୍କ ନିୟମରେ ନିୟନ୍ତ୍ରିତ, ସେ ତାଙ୍କ ସୃଷ୍ଟିର ଶ୍ରେଷ୍ଠତମ ବସ୍ତୁ ମନୁଷ୍ୟ ଭାଗ୍ୟର ନିୟନ୍ତ୍ରଣ ସକାଶେ କି ନିୟମ ବିଧିବଦ୍ଧ କରିନାହାଁନ୍ତି ! ଏହାର ଉପାଦାନ, ଗ୍ରହ, ଉପଗ୍ରହ ଓ ନକ୍ଷତ୍ରାଦି।

ମେ ମାସ ତା୨୯ରିଖ ଦିନ ବିହାର ଓ ଓଡ଼ିଶାର ଗେଜେଟରେ ଦେଖିଲି, ମୋର ସମ୍ବଲପୁରକୁ ବଦଳି ହୁକୁମ ପ୍ରକାଶିତ ହୋଇଅଛି ଓ ସେହି ଗେଜେଟରେ ଛୁଟିରେ ଥିବା ସବ୍‌ଡେପୁଟି କଲେକ୍ଟର ଲାବଣ୍ୟମୋହନ ସାନ୍ୟାଲ ମୋ ସ୍ଥାନରେ ଯାଜପୁରରେ

Digitized by srujanika@gmail.com

ଅବସ୍ଥାପିତ ହୋଇଅଛନ୍ତି। ସିଭିଲ ଲିଷ୍ଟ ଫିଟାଇ ଦେଖିଲି ଲାବଣ୍ୟ ବାବୁଙ୍କ ଛୁଟି ଶେଷହେବାକୁ ଆଉ ୧୫ ଦିନ ବାକୀ ଅଛି ଓ ତତ୍ପରେ ସେ ଯାଜପୁରରେ ନିଜ କାର୍ଯ୍ୟରେ ଯୋଗଦେବେ। ତା'ହେଲେ ସେ ଜୁନ୍ ମାସ ମଧ୍ୟରେ ଆସିବେ। ସୁତରାଂ ହେମେନ୍ଦ୍ର ବାବୁଙ୍କ ଗଣନା କେତେକାଂଶରେ ବି ତ ଭୁଲ୍ ହେଲା ବୋଲି ତାଙ୍କୁ କଟକକୁ ଏହିକଥା ଜଣାଇ ପତ୍ର ଲେଖିଲି। ତାଙ୍କଠାରୁ ଉତ୍ତର ପାଇବା ପୂର୍ବେ ପର ସପ୍ତାହରେ ପ୍ରକାଶିତ ଗେଜେଟ୍‌ରେ ଦେଖିଲି, ଲାବଣ୍ୟ ବାବୁ ଆଉ ଦୁଇମାସ ଛୁଟି ବଢ଼ାଇଛନ୍ତି। ତାହାହେଲେ ଅଗଷ୍ଟ ମାସରେ ସେ ଆସିବେ। ସୁତରାଂ ଗଣନା ଆହୁରି ଭୁଲ ହୋଇଗଲା। ତାଙ୍କଠାକୁ ପୁଣି ପତ୍ର ଲେଖିଲି। ସେ ଲେଖିଲେ ଯେ, ତାଙ୍କ ଗଣନାରେ କିଛି ଭୁଲ୍ ନାହିଁ। ମୋତେ ନିଶ୍ଚୟ ଜୁଲାଇ ୧୧ ତାରିଖରେ ଯାଜପୁର ତ୍ୟାଗ କରିବାକୁ ହେବ। ଲାବଣ୍ୟ ବାବୁଙ୍କ ପରିବର୍ତ୍ତେ ମୋ ସ୍ଥଳରେ ଆଉ କୌଣସି ଅଫିସର ଆସିବା ବ୍ୟବସ୍ଥା ହୋଇପାରେ। ସମ୍ବଲପୁରରେ କିଛିଦିନ ହେଲେ ରହିବା ସୁଯୋଗର ଲୋଭ ସମ୍ବରଣ କରିପାରିଲି ନାହିଁ। ପରିବାର ସେହିଠାରେ ରହିଅଛନ୍ତି। ଜ୍ୟେଷ୍ଠ ପୁତ୍ର ସତ୍ୟଗୋପାଳ ସେତେବେଳେ ହାଇସ୍କୁଲରେ ପଢ଼ିଲାଣି। ତାହାର ଶିକ୍ଷା ପ୍ରତି ଦୃଷ୍ଟି ଦେଇପାରିବି। ସମ୍ବଲପୁରରେ ଘର ନିର୍ମାଣ ଆରମ୍ଭ କରିଦେଇଥିଲି। ତାହା ସମାପ୍ତ କରିପାରିବି। ହେମେନ୍ଦ୍ରବାବୁଙ୍କ କଥା ଉପରେ ନିର୍ଭରକରି ସେହିଦିନରୁ ଅପେକ୍ଷା କରି କରି ରହିଲି। ଏହାଙ୍କ କଥା ଯଦି ସତ ହୁଏ, ତାହାହେଲେ ଅନ୍ୟ କୌଣସି ଅଫିସର ଆସିବେ । ଜାଣିବାପାଇଁ କଟକରେ କମିଶନରଙ୍କ ସହିତ ସାକ୍ଷାତ କଲି ଓ ସମ୍ବଲପୁରକୁ ମୋତେ ଛାଡ଼ିଦେବା ସକାଶେ ଅନୁରୋଧ କଲି। ସେ କହିଲେ ଯେ, ଗଭର୍ଣ୍ଣମେଣ୍ଟ ତାଙ୍କୁ ନ ଜଣାଇ ମୋତେ ବଦଳି କରିଅଛନ୍ତି। ସୁତରାଂ ଓଡ଼ିଶାରୁ କୌଣସି ଅଫିସର ପଠାଇପାରିବେ ନାହିଁ। ବିହାରରୁ କେହି ନଆସିଲେ ମୁଁ ଯାଇପାରିବି ନାହିଁ; ଏପରି ଭାବରେ କେତେକ ପରିମାଣରେ ହେମେନ୍ଦ୍ର ବାବୁଙ୍କ କଥାରେ ନିର୍ଭର କରି ସୁଦ୍ଧା ହତାଶ ଭାବରେ ଦିନ କଟାଇବାକୁ ଲାଗିଲି। ଜୁଲାଇ ୯ ତାରିଖ ସକାଳେ ବସାରେ ବସିଛି, ନାଜିର ରାଧାଶ୍ୟାମ ନାୟକ ଆସି ମୋତେ ଗୋଟିଏ ଟେଲିଗ୍ରାମ ଦେଖାଇଲେ। ବିହାର ଅନ୍ତର୍ଗତ ସାରଣ ଜିଲ୍ଲାସ୍ଥ ଗୋପାଳଗଞ୍ଜ ସବ୍‌ଡ଼ିଭିଜନ୍‌ରେ ଥିବା ସବ୍‌ଡେପୁଟି କଲେକ୍ଟର ଏନାଏତ୍ ଅହମ୍ମଦ ବିଲଗ୍ରାମି ୯ ତାରିଖରେ ଯାଜପୁର ରୋଡ଼ ଷ୍ଟେସନରେ ପହଞ୍ଚିବେ ବୋଲି ଜଣାଇ ତାଙ୍କ ସକାଶେ ଷ୍ଟେସନରୁ ଯାଜପୁରକୁ ଯିବା ସକାଶେ ବନ୍ଦୋବସ୍ତ କରିବାପାଇଁ ଲେଖିଛନ୍ତି। ସବ୍‌ଡ଼ିଭିଜନାଲ୍ ଅଫିସର କାର୍ତ୍ତିକ ବାବୁ ଗସ୍ତରେ ଥିଲେ। ଯାଜପୁର ରୋଡ଼ ଷ୍ଟେସନରେ ମୋଟର ବନ୍ଦୋବସ୍ତ ହେଲା ଓ ସେହିଦିନ ସନ୍ଧ୍ୟାରେ ବିଲଗ୍ରାମି ସାହେବ ଯାଜପୁରରେ ଉପସ୍ଥିତ ହେଲେ।

୧୦ ତାରିଖରେ ଚାର୍ଜ ଦେଇ ସେଇଦିନ ଚାଲିଯିବି ବୋଲି ମନେ ମନେ ସ୍ଥିରକଲି। ତାହାହେଲେ ହେମେନ୍ଦ୍ର ବାବୁଙ୍କ ଗଣନା କିୟତ୍ ପରିମାଣରେ ହେଲେ ତ ଭୁଲ୍ ହେବ। ୧୦ ତାରିଖ ପୂର୍ବାହ୍ଣରେ ଚାର୍ଜ ଦେଲି, କିନ୍ତୁ କଚେରୀରେ ମୁଁ ସେହିଦିନ ଯାଉଥିବା ସମ୍ବାଦ

Digitized by srujanika@gmail.com

ଯେତେବେଳେ ଦେଲି ସମସ୍ତ ଅମଲା, ଓକିଲ, ମୋକ୍ତାର ଅନ୍ୟାନ୍ୟ ବନ୍ଧୁମାନେ ଏକଜିଦ୍ ଧରିବସିଲେ ଯେ, ସେହିରାତ୍ରରେ ମୋର ବିଦାୟ ଉପଲକ୍ଷେ ସଭା, ଭୋଜି ଆଦି ହେବ ଓ ସେହିଦିନ ମୋତେ ସେମାନେ କୌଣସିମତେ ଛାଡ଼ିଦେବେ ନାହିଁ। କାର୍ତ୍ତିକବାବୁ ସେହିଦିନ ଗସ୍ତରୁ ଫେରିଲେ। ସେ ମଧ୍ୟ ସେମାନଙ୍କ ସହିତ ଯୋଗଦେଲେ। ଏହି କେତୋଟି ମାସ ମାତ୍ର ଅବସ୍ଥାନରେ ଯାଜପୁରର ଶିକ୍ଷିତ ସମାଜରେ ମୋର ଅନେକ ବନ୍ଧୁ ହୋଇଯାଇଥିଲେ। ମୋ ପ୍ରତି ସମସ୍ତଙ୍କ ସଦୟ ବ୍ୟବହାର। ଦିନେହେଲେ କୌଣସି କାରଣରୁ କ୍ଲବ୍‌କୁ ଯାଇନପାରିଲେ ଅନେକ ବନ୍ଧୁ ମୋ ବସାକୁ ଆସି କ୍ଲବ୍‌କୁ ମୋତେ ନେଇଯାନ୍ତି ଓ ଛାନ୍ଦ ବୋଲିବାକୁ କହନ୍ତି। ଅଗତ୍ୟା ମୋତେ ସେଦିନ ରହିବା ସକାଶେ ସ୍ୱୀକୃତ ହେବାକୁ ହେଲା। ମୋର ବିଦାୟ ଉପଲକ୍ଷରେ କଚେରୀରେ ସେଦିନ ଗୋଟାଏ ଚାଞ୍ଚଲ୍ୟ ଖେଳିଗଲା। ଓକିଲ ଶ୍ରୀ ଗୋବିନ୍ଦପ୍ରସାଦ ବସୁ, କୃଷ୍ଣପ୍ରସାଦ ସିଂହ ପ୍ରଭୃତି ବନ୍ଧୁମାନେ ଆସି ମୋତେ କହିଲେ ଯେ, ସେମାନେ ମୋର ବଦଳି ବନ୍ଦ କରିବା ସକାଶେ ସରକାରଙ୍କଠାକୁ ଅନୁରୋଧ ପତ୍ର ପଠାଇବେ ଏବଂ ଏଥିରେ ଆପତ୍ତି ନକରିବାକୁ ମୋତେ କେତେ ଅନୁରୋଧ କଲେ। ସେପରି କିଛି ନକରିବା ପାଇଁ ବନ୍ଧୁମାନଙ୍କୁ ମୁଁ ଅନୁରୋଧ କଲି। ନିଜଘରେ ରହିବା ସୁଯୋଗ କ୍ୱଚିତ୍ କୌଣସି ଅଫିସରଙ୍କ ଭାଗ୍ୟରେ ଘଟିଥାଏ। ବଣେଇ ଜୀବନର କଠୋର ଅନୁଭୂତିର ଉପଶମ ମୋର ଯାଜପୁରରେ ଏହି ଛଅମାସ ମାତ୍ର ଅବସ୍ଥାନ ଦ୍ୱାରା ସଂଘଟିତ ହୋଇଥିଲା। ଏହା ଉତ୍ତାରେ ଭାଗ୍ୟରେ ସୁସମୟ ଉପସ୍ଥିତ ହେଲେ କିଛିଦିନ ହେଲେ ଘରେ ରହିବି। ବନ୍ଧୁମାନେ ମୋର ବଦଳି ଯୋଗୁଁ ବ୍ୟଥିତ ହୋଇଥିଲେ ହେଁ ମୋର ଅନୁରୋଧ ରକ୍ଷାକରିବାପାଇଁ ପ୍ରତିଶ୍ରୁତ ହେଲେ। ସେହିଦିନ ସନ୍ଧ୍ୟାରେ ସଭାହେଲା। ସଭାରେ ମୋର ସାହିତ୍ୟଚର୍ଚ୍ଚା, ପୁରାତନ ସାହିତ୍ୟଜ୍ଞାନର କେତେ ଅଯଥା ପ୍ରଶଂସା ଅନେକ ବନ୍ଧୁଙ୍କ ବକ୍ତୃତାର ପ୍ରଧାନ ଉପାଦାନ ହୋଇଥିଲା। ତତ୍ପରେ ଭୋଜି ଓ ଭୋଜି ପରେ ଗୋଟିପୁଅ ନାଚ ଓ ସଙ୍ଗୀତ ରାତ୍ର ଦୁଇଟା ପର୍ଯ୍ୟନ୍ତ ହୋଇଥିଲା। ଏ ପ୍ରକାର ସକରୁଣ ବ୍ୟବହାର ମୁଁ ମୋର ଜୀବନରେ କୌଣସିଠାରେ ପାଇନଥିଲି। ଜଣ ଜଣ ହୋଇ ବନ୍ଧୁମାନେ ଯେତେବେଳେ ମୋ ନିକଟକୁ ଆସି ମୋଠାରୁ ବିଦାୟ ଘେନିଯିବାକୁ ଲାଗିଲେ। ମୋର କଣ୍ଠ ରୁଦ୍ଧ ହେବାକୁ ଲାଗିଲା ଓ ଗଳଦଶ୍ରୁ ନେତ୍ରରେ ସମସ୍ତଙ୍କଠାରୁ ମୁଁ ବିଦାୟ ଗ୍ରହଣ କରିଥିଲି।

ଉଜିର ଟ୍ୟାକ୍ସିବାଲାକୁ ଭୋର୍ ଛଅଟା ବେଳେ ତାହାର ମୋଟର ଆଣି ମୋ ବସା ସମ୍ମୁଖରେ ରଖିବାକୁ କହିଲି। ରାତି ପାହାନ୍ତାରୁ ଉଠି ଛଅଟାବେଳକୁ ଯିବାପାଇଁ ପ୍ରସ୍ତୁତ ହୋଇରହିଲି। ହେମେନ୍ଦ୍ରବାବୁଙ୍କ ଗଣନା ତ ଏତେବେଳ ପର୍ଯ୍ୟନ୍ତ ମୋ ଜୀବନର ପ୍ରତ୍ୟେକ ଘଟଣାରେ ପ୍ରକୃତ ଥିବା ପ୍ରମାଣିତ ହୋଇ ଆସିଅଛି। ସେହିଦିନ ୯ଟା ୧୦ଟା ମଧ୍ୟରେ ଯାଜପୁର ଛାଡ଼ିବା ଗଣନାର ସତ୍ୟାସତ୍ୟ ପରୀକ୍ଷା ବାକୀ ଅଛି। ଟ୍ୟାକ୍ସି ଅପେକ୍ଷାରେ ୬ଟା ବେଳେ ବସିରହିଲି। ଏହି ମୁହୂର୍ତ୍ତରେ ଆସିଲେ ସେହିକ୍ଷଣି ବାହାରିପଡ଼ିବି। ତାହାହେଲେ

Digitized by srujanika@gmail.com

କିୟତ୍ ପରିମାଣରେ ହେଲେ ତ ଗଣନା ଭୁଲ୍ ହେବ। ସାଢ଼େ ଛଅଟା ହେଲା, ତଥାପି ମୋଟରର ଦେଖାନାହିଁ। ଚପରାସୀକୁ ପଠାଇଲି। ମୋ ବସାର ପ୍ରାୟ ତିନିମାଇଲ୍ ଦୂରରେ ଉଜିର ରହେ। ସାତଟା ବାଜିଲା। ତଥାପି ତାହାର କିମ୍ବା ମୋଟରର ଦେଖାନାହିଁ। ମୁଁ ବ୍ୟସ୍ତ ହୋଇପଡ଼ିଲି। ଘଣ୍ଟାକର ସୁଦ୍ଧା ବ୍ୟବଧାନରେ ହେମେନ୍ଦ୍ର ବାବୁଙ୍କ ଗଣନାର ଭୁଲ୍ ହେଉଛି କି ନା ପରୀକ୍ଷା କରିବା ମୋର ଇଚ୍ଛା। ଯେତେବେଳେ ଦେଖିଲି ଆଠଟା ବାଜିଲା, ତଥାପି ମୋଟର ଆସିଲା ନାହିଁ, ବାଇସାଇକେଲ୍‌ରେ ମୁଁ ନିଜେ ଗଲି ଓ ଦେଖିଲି, ବାଟରେ ମୋ ବସାରୁ ପ୍ରାୟ ମାଇଲିଏ ଦୂରରେ ମୋଟର ଛିଡ଼ା ହୋଇଛି। ବୁଝିଲି, ମୋଟର ଠିକ୍ ଛଅଟାବେଳେ ବାହାରିଥିଲା; କିନ୍ତୁ ଗୋଟାକ ପରେ ଗୋଟାଏ ଦୁଇଟି ଚକର ଟାୟାର ଫାଟିଯିବାରୁ ସେ ପର୍ଯ୍ୟନ୍ତ ଯାଇପାରିନାହିଁ। ମୋ ସମ୍ମୁଖରେ ଚକ ମରାମତ ହେଲା ଓ ନଅଟା ପୂର୍ବରୁ ମରାମତି ଶେଷହୋଇ ପାରିଲାନାହିଁ। ମୁଁ ସାଢ଼େ ନଅଟାବେଳେ ସେହି ମୋଟରରେ ଯାଜପୁର ତ୍ୟାଗକଲି। ଜ୍ୟୋତିଷ ଶାସ୍ତ୍ରର ମହତ୍ତ୍ୱ ଓ ହେମେନ୍ଦ୍ର ବାବୁଙ୍କ ନିପୁଣତାର ମନେ ମନେ ଭକ୍ତି ଗଦ୍‌ଗଦ୍ ହୃଦୟରେ ପ୍ରଶଂସା କରିବାକୁ ଲାଗିଲି। ସେ ଆଉ ଇହ ଜଗତରେ ନାହାଁନ୍ତି।

ଯାଜପୁରରେ ମୁଁ ଯେଉଁ ଛଅମାସ ରହିଥିଲି ଏପରି ସୁଖମୟ ଜୀବନଯାପନ ଅନ୍ୟ କୌଣସିଠାରେ ମୋ ଭାଗ୍ୟରେ ଘଟିନଥିଲା। ଯାଜପୁର ସବ୍‌ଡ଼ିଭିଜନ୍‌ର ଅମଲାମାନେ ମୋତେ କାରୁକାର୍ଯ୍ୟସମ୍ପନ୍ନ ଗୋଟିଏ ସୁନ୍ଦର ବାଡ଼ି ଉପହାର ଦେଇଥିଲେ। ଆଜିଯାଏ ତାହା ମୋ ପାଖରେ ଅଛି ଓ ମୋର ସେହି ସୁଖମୟ ଜୀବନର ସ୍ମୃତିଚିହ୍ନ ସ୍ୱରୂପ ପ୍ରତ୍ୟହ ମୁଁ ତାହା ବ୍ୟବହାର କରୁଅଛି।

Digitized by srujanika@gmail.com

ସମ୍ବଲପୁରରେ ଅବସ୍ଥାନ
(୧୯୨୮-୧୯୩୧)

ତା.୧୫-୭-୧୯୨୮ରେ ମୁଁ ସମ୍ବଲପୁରରେ ମୋ କାର୍ଯ୍ୟରେ ଯୋଗଦେଲି। ରାୟ ବାହାଦୂର ସତୀଶଚନ୍ଦ୍ର ମୁଖାର୍ଜ୍ଜୀ ଡେପୁଟି କମିଶନର ଥିଲେ। ତହିଁ ପରଦିନ ଶୁଣାଗଲା ଜନ୍‌ଷ୍ଟନ୍ ସାହେବ (J. Johnston, I.C.S.) ଡେପୁଟି କମିଶନର ହୋଇ ଆସୁଅଛନ୍ତି। ଅପରାହ୍ଣରେ ଜନ୍‌ଷ୍ଟନ୍ ସାହେବଙ୍କୁ ଭେଟିବାପାଇଁ ଆମ୍ଭେମାନେ – ଅଫିସର୍‌ମାନେ – ସମ୍ବଲପୁର ରୋଡ୍ ଷ୍ଟେସନ୍‌କୁ ଗଲୁଁ। ସାହେବ ଗାଡ଼ିରୁ ଓହ୍ଲାଇବା ସମୟରେ ଲକ୍ଷ୍ୟକଲି ତାଙ୍କ ଆସବାବ ମଧ୍ୟରେ ଗୋଟିଏ ମାତ୍ର ଚମଡ଼ାବାକ୍ସ ଓ ଖଣ୍ଡେ ପୁରାତନ ଆବରଣରେ ବନ୍ଧା ବିଛଣା। ସଙ୍ଗରେ ଜଣେ ଓଡ଼ିଆ ବେହେରା। ଜନ୍‌ଷ୍ଟନ୍ ସାହେବ ବାଲେଶ୍ୱରରେ କଲେକ୍ଟର ଥିଲେ। ତାଙ୍କ ସମ୍ବନ୍ଧରେ ଶୁଣାଗଲା – ସେଠାରେ କେତେକ ଅଞ୍ଚଳରେ ଦୁର୍ଭିକ୍ଷ ହୋଇଥିଲା ବୋଲି ସରକାରଙ୍କଠାରୁ ସେ ଲୋକଙ୍କ ସକାଶେ ସାହାଯ୍ୟ ଲୋଡ଼ିଥିଲେ। କିନ୍ତୁ ସରକାର ତାହା ଅଗ୍ରାହ୍ୟ କରିଥିଲେ। ତଥାପି ସେ ସେହି ଅଞ୍ଚଳରେ ଦୁର୍ଭିକ୍ଷ ପ୍ରଚାର କରିଥିଲେ ଓ ଏହି ଦୋଷରେ ତାଙ୍କୁ ତାଙ୍କ ପଦରୁ ବରଖାସ୍ତ କରାହୋଇଥିଲା। ପରେ ଅପିଲ୍ କରି ତାଙ୍କ ପଦ ପୁଣି ପାଇ ସମ୍ବଲପୁରକୁ ଡେପୁଟି କମିଶନର ହୋଇ ଆସିଥିଲେ।

ସମ୍ବଲପୁର ଜିଲ୍ଲାରେ ବରପାଲି ଗୋଟିଏ ବିଶିଷ୍ଟ ଜମିଦାରୀ। ଏହା କବି ଗଙ୍ଗାଧର ମେହେରଙ୍କ ଜନ୍ମସ୍ଥାନ। ସେହି ସମୟରେ ଜମିଦାର ସୂର୍ଯ୍ୟୋଦୟ ସିଂହଙ୍କ ମୃତ୍ୟୁ ହୋଇଯାଇଥିଲା ଓ ତାଙ୍କର ପୁରୁଷ ଉତ୍ତରାଧିକାରୀ କେହିଁ ନଥିବାରୁ ଜମିଦାରୀ ସରକାରଙ୍କ ତତ୍ତ୍ୱାବଧାନରେ (କୋର୍ଟ ଅଫ୍ ୱାର୍ଡ୍‌ସ୍) ରହିଥିଲା। ଜମିଦାରଙ୍କ ପରିବାରରେ ତାଙ୍କ ପତ୍ନୀ, ଗୋଟିଏ ଅବିବାହିତା ଭଉଣୀ, ବୃଦ୍ଧା ମାତା ଓ ଦୁଇଗୋଟି ଉପପତ୍ନୀ (ଭିତିରେଇ) ଭିନ୍ନ ଆଉ କେହି ନଥିଲେ। ଜମିଦାରୀ ତତ୍ତ୍ୱାବଧାନର ପ୍ରତ୍ୟକ୍ଷ ଭାର ଜଣେ ଡେପୁଟି କଲେକ୍ଟରଙ୍କ ହସ୍ତରେ ନ୍ୟସ୍ତଥାଏ। ଡେପୁଟି କଲେକ୍ଟର ଶ୍ରୀ ନାରାୟଣ ନନ୍ଦ ଏହି ଭାର ପ୍ରାପ୍ତ ହୋଇଥିଲେ। ଜମିଦାରଙ୍କ ବୃଦ୍ଧମାତା ତାଙ୍କ ପ୍ରତି ଅସନ୍ତୋଷ ପ୍ରକାଶ କରିବାରୁ ଜନ୍‌ଷ୍ଟନ୍ ସାହେବ ମୋ ଉପରେ ସେହି ଭାର ଅର୍ପଣ କଲେ। କେତେକ ଦିନ ପରେ ଦେଖିଲି, ମୋ'ପ୍ରତି ସୁଦ୍ଧା ତାଙ୍କ ଅସନ୍ତୋଷ ଜାତହେଲା। ସ୍ୱର୍ଗତ ଜମିଦାରଙ୍କ ପତ୍ନୀ ଅତ୍ୟନ୍ତ ସରଳପ୍ରକୃତି ବିଶିଷ୍ଟା ଅଳ୍ପବୟସ୍କା ଯୁବତୀ। କନ୍ୟା ବିବାହଯୋଗ୍ୟା ହୋଇଥିଲେ ହେଁ ତାଙ୍କୁ ବିବାହ କରିଦେବାପାଇଁ

Digitized by srujanika@gmail.com

ଯେତେ ପରାମର୍ଶ ଦେଲେ ମଧ୍ୟ କନ୍ୟାକୁ ଛାଡ଼ିବା ମାତାଙ୍କ ମନକୁ ଆସେନାହିଁ। ତାଙ୍କ ଏକମାତ୍ର ଇଚ୍ଛା, ସେ ଜମିଦାରୀ ଭାର ଗ୍ରହଣ କରିବେ। ସମ୍ବଲପୁରର ପଞ୍ଚମ ରାଜା ବଳିୟାର ସିଂହ ୧୫୮୨ ଖ୍ରୀଷ୍ଟାବ୍ଦରେ ତାଙ୍କ କନିଷ୍ଠପୁତ୍ର ବିକ୍ରମ ସିଂହଙ୍କୁ ବରପାଲି ଇଲାକା ଭରଣପୋଷଣ ସକାଶେ ଦେଇଥିଲେ। ଉତ୍ତରାଧିକାରୀ ଅଭାବରେ ତାଙ୍କ ବଂଶ ବର୍ତ୍ତମାନ ଲୁପ୍ତ। ମୁଁ କିଛିଦିନ ଚଳାଇଲା ପରେ ମୋ ହସ୍ତରୁ ଏହା ନିଆଯାଇ ଅନ୍ୟ ଜଣେ ଡେପୁଟି କଲେକ୍ଟରଙ୍କ ହସ୍ତରେ ଅର୍ପିତ ହେଲା। କିଛିଦିନ ଉତ୍ତାରେ ଜମିଦାରଙ୍କ ବିଧବା ପତ୍ନୀଙ୍କ ଅକାଳ ମୃତ୍ୟୁହେଲା। କେହି କେହି କହିଲେ ସେ ଆତ୍ମହତ୍ୟା କରିଥିଲେ। ବୃଦ୍ଧା ମାତା ମଧ୍ୟ ଇହଧାମ ତ୍ୟାଗକଲେ। ବୌଦର ରାଜପରିବାରର ଗୌରୀକୁମାର ଦେଓଙ୍କ ସହିତ ଜମିଦାରଙ୍କ ଭଗିନୀଙ୍କ ବିବାହ ହେଲା। ଗୌରୀକୁମାର ଦେଓ ତାଙ୍କ ସହିତ ବରପାଲିରେ ରହିଥିଲେ। କିନ୍ତୁ ସେ ଦିନେ ରାତ୍ରିରେ ଗୃହତ୍ୟାଗ କଲେ । ସେ ଫେରିଲେ ନାହିଁ। ତତ୍ପରେ ଭଗିନୀ ବରପାଲି ତ୍ୟାଗକରି ଇତସ୍ତତଃ ଭ୍ରମଣକଲେ ଓ ପରିଶେଷରେ ପୁରୀରେ ଗୋଟିଏ ଘର କ୍ରୟକରି ସେଠାରେ ରହୁଥିବା ସମୟରେ ସେଠାରେ ତାଙ୍କ ମୃତ୍ୟୁ ହେଲା। ଏହି ପ୍ରକାରେ ଜମିଦାର ବଂଶ ଲୁପ୍ତ ହେଲା। ଜମିଦାରୀ ଦାବି କରି ପାଟଣା ମହାରାଜା, ସୋନପୁର ମହାରାଜା, ଝାରସୁଗୁଡ଼ା ମାଫିଦାର ଶ୍ରୀ ହରିବଂଶ ସିଂହ ଓ ଆଉକେତେ ବ୍ୟକ୍ତି ମୋକଦ୍ଦମା କଲେ। ସେହି ମୋକଦ୍ଦମାରେ ସମ୍ବଲପୁରର ସବଜଜ୍‌ଙ୍କ ଅଦାଲତରେ ସୋନପୁର ମହାରାଜା ଜମିଦାରୀ ପ୍ରାପ୍ତ ହୋଇଥିଲେ। ୧୯୬୦ ମସିହାରେ ଅପିଲ୍‌ରେ ଓଡ଼ିଶା ହାଇକୋର୍ଟ ଝାରସୁଗୁଡ଼ା ମାଫିଦାର ଶ୍ରୀ ହରିବଂଶ ସିଂହଙ୍କ ପକ୍ଷରେ ଦାବି ମୀମାଂସା କଲେ। ଏହା ବିରୁଦ୍ଧରେ ସୋନପୁର ମହାରାଜାଙ୍କ ଅପିଲ ସୁପ୍ରିମ୍‌କୋର୍ଟରେ ହୋଇଥିଲା। ତାହା ପକ୍ଷମାନଙ୍କ ଆପୋଷ ମୀମାଂସାନୁସାରେ ନିଷ୍ପତ୍ତି ହୋଇଅଛି। ଏହି ଅନୁସାରେ ଜମିଦାରୀ ସୋନପୁର ମହାରାଜା ଛଅପଣ, ହରିବଂଶ ସିଂହ ଛଅପଣ ଓ ବରପାଲିରେ ଥିବା ଜଣେ ଅଂଶୀଦାର ଚାରିପଣ ଗ୍ରହଣ କରିଅଛନ୍ତି।

୧୯୨୮ ମସିହା ଡିସେମ୍ବର ମାସରେ ଅପର ଜମିଦାରୀ ଘେସ୍‌ର ଜମିଦାର ରଘୁନାଥ ସିଂହଙ୍କ ପରଲୋକ ପ୍ରାପ୍ତିହେଲା ଓ ତାଙ୍କ ଏକମାତ୍ର ପୁତ୍ର ଯୋଗେନ୍ଦ୍ର ସିଂହ ନାବାଳକ ଥିବାରୁ ତାହା ମଧ୍ୟ କୋର୍ଟ ଅଫ୍ ୱାର୍ଡ୍‌ସ୍ ଅଧୀନରେ ରହିଲା ଏବଂ ତହିଁର ତତ୍ତ୍ୱାବଧାନର ଭାର ମୋ ଉପରେ ଅର୍ପିତ ହେଲା। ଘେସ୍ ଗୋଟିଏ କ୍ଷୁଦ୍ର ଜମିଦାରୀ। ଆୟପ୍ରାୟ ଆଠହଜାର ଟଙ୍କା ମଧ୍ୟରେ। ଜମିଦାର ପରିବାର ମଧ୍ୟରେ ତାଙ୍କ ତିନି ସ୍ତ୍ରୀ, ବୃଦ୍ଧ ମାତା, ନାବାଳକ ପୁତ୍ର। ଗୋଟିଏ କନ୍ୟା ବିବାହିତା; କିନ୍ତୁ ମସ୍ତିଷ୍କ ବିକୃତି ଯୋଗୁଁ ପିତ୍ରାଳୟରେ ରହିଥିଲେ। ଜମିଦାର ରଘୁନାଥ ସିଂହ କେତେକ ଋଣ କରିଯାଇଥିଲେ। ଏହି ଋଣ ପରିଶୋଧ ସକାଶେ ଜମିଦାର ପରିବାରର ବ୍ୟୟସଂକୋଚ ଏକମାତ୍ର ଉପାୟ ହୋଇଥିଲା। ପରିବାରର ଭରଣପୋଷଣ ସକାଶେ ନିଜ ଚାଷଜମି ଉପରେ ନିର୍ଭର କରିବାକୁ ହୋଇଥିଲା। ନାବାଳକ

Digitized by srujanika@gmail.com

ଜମିଦାର ପିତାଙ୍କ ମୃତ୍ୟୁ ସମୟରେ ବରଗଡ଼ ହାଇସ୍କୁଲରେ ଅଧ୍ୟୟନ କରୁଥିଲେ। ତାଙ୍କ ମାତା ଓ ପିତାମହୀ ପାଠ ବନ୍ଦକରି ତାଙ୍କୁ ଘରେ ରଖିବା ପାଇଁ ପ୍ରସ୍ତାବରେ ମୁଁ ବାଧା ଦେଲି ଓ ସେ ମେଟ୍ରିକୁଲେସନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପର୍ଯ୍ୟନ୍ତ ସ୍କୁଲ୍‌ରେ ରହିଲେ। ଜମିଦାରୀ ପ୍ରାପ୍ତି ଉତ୍ତାରେ ସେ ଉତ୍ତମରୂପେ ଜମିଦାରୀ ପରିଚାଳନାଦ୍ୱାରା, ନିଜ ଅବସ୍ଥା ସ୍ୱଚ୍ଛଳ କରିପାରିଥିଲେ ଓ ଇଂରେଜ ସରକାରଙ୍କ ଦ୍ୱାରା 'ରାୟ ସାହେବ' ଉପାଧିରେ ସମ୍ମାନିତ ହୋଇଥିଲେ।

ସମ୍ବଲପୁରରେ ମୁଁ ଡେପୁଟି କଲେକ୍ଟର ହୋଇ ୧୯୨୮ ମସିହା ଜୁଲାଇରୁ ୧୯୩୧ ମସିହା ଜୁନ୍‌ମାସ ପର୍ଯ୍ୟନ୍ତ ରହିଲି। ମୁଁ ପାଟଣା ଷ୍ଟେଟ୍ ଅଧିବାସୀ; କିନ୍ତୁ ବର୍ତ୍ତମାନ ମୁଁ ସମ୍ବଲପୁରରେ ଚିରସ୍ଥାୟୀ ଅଧିବାସୀ ହୋଇ ରହିବାପାଇଁ ଚେଷ୍ଟାରେ ରହିବାକୁ ଲାଗିଲି। ସେହି ସମୟରେ ଗଡ଼ଜାତବାସୀଙ୍କ ଜୀବନ ଯେଉଁ ପ୍ରଣାଳୀରେ ନିୟନ୍ତ୍ରିତ ହେଉଥିଲା ସେହି ବିଷୟ ଭାବନା କରି ଏତେ ଦୀର୍ଘକାଳ ଇଂରେଜ ଶାସିତ ଅଞ୍ଚଳରେ ରହି ପୁଣି ଗଡ଼ଜାତକୁ ଫେରିଯିବା ଯେ କେଡ଼େ କଷ୍ଟକର ତାହା ହୃଦୟଙ୍ଗମ କରୁଥିଲି। ମୁଁ ନିଜେ ସମ୍ବଲପୁରରେ ବିବାହ କରି ଏଠାରେ ପରିଚିତ ହୋଇଯାଇଥିଲି। ଜ୍ୟେଷ୍ଠା କନ୍ୟା ମନୋରମାର ଓ ଦ୍ୱିତୀୟ କନ୍ୟା ତିଳୋତ୍ତମାର ବିବାହ ସମ୍ବଲପୁର ସହରରେ ହୋଇଯାଇଥିଲା। ତୃତୀୟା କନ୍ୟା ଅନୁପମାର ବିବାହ ମଧ୍ୟ ୧୯୨୯ ମସିହା କାର୍ତ୍ତିକ ମାସରେ ଏହିଠାରେ ସମ୍ପନ୍ନ ହେଲା। ଅପ୍ରାପ୍ତବୟସ୍କ ଥିଲେ ମଧ୍ୟ ପୁତ୍ର ସତ୍ୟଗୋପାଳର ବିବାହ ସକାଶେ ସେହି ସମୟରେ ପ୍ରଥାନୁସାରେ ପାତ୍ରୀ ସ୍ଥିରକରି ନିର୍ବନ୍ଧ କରିପକାଇଲି। ଇତି ପୂର୍ବେ ସମ୍ବଲପୁର ସହରର କ୍ରାଫୋର୍ଡ଼ ପାର୍କ ନିକଟରେ ୧୯୧୭ ମସିହାରେ ଖଣ୍ଡେ ନଜୁଲ (ଖାସମାହାଲ) ଜମି ନେଇ ତାହା ଉପରେ ଗୋଟିଏ ଛୋଟ କୋଠାଘର ନିର୍ମାଣ କରିଥିଲି। କିନ୍ତୁ ତାହା ବନ୍ଧୁବାନ୍ଧବଙ୍କ ଆବାସରୁ ଦୂରରେ ଓ ଚତୁର୍ଦ୍ଦିଗରେ ବିଦେଶୀୟଙ୍କ ବାସସ୍ଥାନ ଥିବା ଓ ଅନେକ ସମୟରେ ମୋତେ ପରିବାର ଛାଡ଼ି ଅନ୍ୟତ୍ର ବହୁଦିନ ପର୍ଯ୍ୟନ୍ତ ଯାଇ ରହିବାକୁ ହେଉଥିବାରୁ ବନ୍ଧୁବାନ୍ଧବଙ୍କ ନିକଟରେ ରହିବା ନିତାନ୍ତ ଆବଶ୍ୟକ ବୋଧକରି ସହର ମଧ୍ୟରେ ଅନ୍ୟ ଗୋଟିଏ ଗୃହ ନିର୍ମାଣ ପାଇଁ ଆୟୋଜନ କରିବାକୁ ଲାଗିଲି। ଏହି ସମୟରେ ପଟ୍ଟନାୟକ ପଡ଼ାରେ ଗୋଟିଏ ଡିହ ମିଳିଲା ଓ ତାହା କ୍ରୟକରି ବର୍ତ୍ତମାନ ଆମ୍ଭେମାନେ ରହୁଥିବା ଗୃହଟି ନିର୍ମାଣକଲି। ୧୯୩୦ ମସିହା ପୂଜା ମଧ୍ୟରେ ଶୁଣିଲି ସମ୍ବଲପୁର ସହରରୁ ପାଞ୍ଚ ମାଇଲ ଦୂରବର୍ତ୍ତୀ ଲରପଙ୍କ ଗ୍ରାମର ଗୌନ୍ତିୟା ସେହି ଗ୍ରାମଟି ବିକ୍ରୟ କରି ଦେଉଛନ୍ତି। ତାଙ୍କର ଓ ତାଙ୍କ ଅଂଶୀଦାରମାନଙ୍କ ସହିତ କଥାବାର୍ତ୍ତାକରି ଧର୍ମପିତାଙ୍କ ସହିତ ପରାମର୍ଶ କଲି। ସେତେବେଳେ ସେ ବରଗଡ଼ରେ ଓକିଲ। ନିଜେ ଆସି ଗ୍ରାମଟି ଦେଖି ତହିଁର ମୂଲ୍ୟ ସ୍ଥିରକରିପକାଇଲେ। କିନ୍ତୁ ମୁଁ ତ କିଣି ପାରିବି ନାହିଁ। ମୁଁ କିଣିବାକୁ ହେଲେ ସରକାରଙ୍କ ଅନୁମତି ନେବାକୁ ହେବ ଓ ଏହି ଅନୁମତି ଜିଲ୍ଲା ହାକିମଙ୍କ ସୁପାରିଶରେ ହେବ। ସେତେବେଳେ

Digitized by srujanika@gmail.com

ସମ୍ବଲପୁର ଜିଲ୍ଲା ହାକିମ ଶ୍ରୀ ନୀଳମଣି ସେନାପତି, ଆଇ.ସି.ଏସ୍.। କେତେକ ଜ୍ଞାତ କେତେକ ଅଜ୍ଞାତ ଓ କେତେକ ପ୍ରଚ୍ଛନ୍ନ କାରଣରୁ ମୋ ପ୍ରତି ତାଙ୍କ ସଦ୍‌ଭାବ ନଥିଲା। ସୁତରାଂ ତାଙ୍କ ସୁପାରିଶ ଗ୍ରହଣ କରିବାକୁ ଚେଷ୍ଟା ସୁଦ୍ଧା କରିନଥିଲି। ଧର୍ମପିତା ନିଜେ କିଣି ପରେ ସୁବିଧା ଦେଖି ମୋତେ ହସ୍ତାନ୍ତର କରିଦେବେ – ଏହା ସ୍ଥିର ହେଲା ଓ ସେ ନିଜେ ଗ୍ରାମଟି କିଣିପକାଇଲେ। କିନ୍ତୁ ସେ ବରଗଡ଼ରେ ରହୁଥିବାରୁ ଜମିର ଚାଷକାର୍ଯ୍ୟ ମୋ ଉପରେ ନ୍ୟସ୍ତକଲେ। ଏହାର ଅଳ୍ପଦିନ ପରେ ଶୁଣିବାକୁ ପାଇଲି ଏହି ଗ୍ରାମ କ୍ରୟ ସମ୍ବନ୍ଧରେ ସେନାପତି ମହାଶୟ ଜଣେ ସବ୍‌ଡେପୁଟି କଲେକ୍ଟରଙ୍କୁ ଗୁପ୍ତ ତଦନ୍ତଭାର ପ୍ରଦାନ କଲେ। ତାଙ୍କ ନିକଟରେ ଚୁଗୁଲି ହୋଇଥିଲା ଯେ, ପ୍ରକୃତରେ ଗ୍ରାମର କ୍ରେତା ମୁଁ ଓ ଶ୍ରୀ ବାଲୁଙ୍କେଶ୍ୱର ମିଶ୍ର ବେନାମୀଦାର ମାତ୍ର। ସ୍ଥାବର ସମ୍ପତ୍ତି ଅର୍ଜ୍ଜନ ସମ୍ବନ୍ଧରେ ସରକାରୀ କର୍ମଚାରୀଙ୍କ ଆଚରଣ ନିୟମ (Government servants conduct rules) ଅତ୍ୟନ୍ତ କଠୋର। ସରକାର ଏହି ନିୟମ ପ୍ରଚଳନଦ୍ୱାରା ଶାସନଶୃଙ୍ଖଳା ପ୍ରତି ଯେତେ ମନଯୋଗ ଦେଇଅଛନ୍ତି ତାଙ୍କ ଅଧୀନସ୍ଥ ଶାସନ ସମ୍ପୃକ୍ତ କର୍ମଚାରୀଙ୍କ ପରିବାର ପ୍ରତି ସେହି ଅନୁପାତରେ ବିଚାର କରିନାହାଁନ୍ତି। ପ୍ରଚଳିତ ନିୟମାନୁଯାୟୀ ସରକାରୀ କର୍ମଚାରୀ ଚାକିରିରେ ଥିବାଯାଏ ପରିବାରର ଭରଣପୋଷଣରେ କଷ୍ଟ ଭୋଗ କରେନାହିଁ; ଜୀବନଟି ବେଶ୍ ସ୍ୱଚ୍ଛନ୍ଦରେ କଟିଯାଏ । କିନ୍ତୁ ସେ ଯଦି କିଛି ସଞ୍ଚୟ କରିନଥାଏ ଓ ଅକାଳରେ ତାହାର ମୃତ୍ୟୁ ହୁଏ; ତାହାହେଲେ ତାହାର ଆଶ୍ରିତ ବ୍ୟକ୍ତିଙ୍କୁ ଅସୀମ ଦୁଃଖ ଭୋଗକରିବାକୁ ହୁଏ, ଏପରି ଦୃଷ୍ଟାନ୍ତ ବିରଳ ନୁହେଁ। ସରକାରୀ କର୍ମଚାରୀଙ୍କ କାର୍ଯ୍ୟକାଳ ମଧ୍ୟରେ ମୃତ୍ୟୁ ହେଲେ ତାଙ୍କ ପରିବାରର ରକ୍ଷଣାବେକ୍ଷଣ ସକାଶେ ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ବ୍ୟବସ୍ଥାର ନିୟମ ନଥିଲା। ଅଳ୍ପଦିନହେଲା ଭାରତ ସ୍ୱାଧୀନତା ପ୍ରାପ୍ତି ଉତ୍ତାରେ ଏହି ନିୟମର ସାମାନ୍ୟ ପରିବର୍ତ୍ତନ ହୋଇଛି ଓ ଏହି ପରିବର୍ତ୍ତିତ ନିୟମାନୁସାରେ କର୍ମଚାରୀଙ୍କ ମୃତ୍ୟୁ ଦିନଠାରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାଙ୍କ ପ୍ରାପ୍ୟ ପେନ୍‌ସନ୍ ପରିମାଣ ମଧ୍ୟରେ ପରିବାରକୁ ସାହାଯ୍ୟ ଦିଆହୋଇଅଛି। ଏହା ମଧ୍ୟ ସାମାନ୍ୟ ବୋଲିବାକୁ ହେବ। ଏହାଦ୍ୱାରା ପରିବାରର ଦୁଃଖମୋଚନ ସମ୍ଭବପର ହେଉନାହିଁ। ସ୍ଥାବର ସମ୍ପତ୍ତି ଅର୍ଜ୍ଜନ ସମ୍ବନ୍ଧରେ ଏତେ କଟକଣା ନଥିଲେ ବହୁ ପରିମାଣରେ ଏହି ଦୂରାବସ୍ଥା ଦୂରୀକୃତ ହେଉଥାନ୍ତା। ଯାହାହେଉ, ମୁଁ ସରକାରୀ ନିୟମ ଲଂଘନ କରିନଥିଲେ ସୁଦ୍ଧା ସେନାପତି ମହାଶୟ ମୋ ବିରୁଦ୍ଧରେ ତଦନ୍ତ ଆରମ୍ଭ କରିଦେଲେ। କିନ୍ତୁ ମୋତେ ସେ କିମ୍ବା ତଦନ୍ତକାରୀ ସବ୍‌ଡେପୁଟି କଲେକ୍ଟର ଏ ସମ୍ବନ୍ଧରେ କେବେ କିଛି ପଚାରିନଥିଲେ। କେତେକ ଦିନପରେ ବିଶ୍ୱାସଯୋଗ୍ୟ ସମ୍ବାଦ ପାଇଲି ଯେ, ସେନାପତି ମହାଶୟ ମୁଁ ଗ୍ରାମ କ୍ରୟ କରିବା ସତ୍ୟ ବୋଲି କମିଶନରଙ୍କୁ ମୋ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସକାଶେ ଲେଖିଥିଲେ, କିନ୍ତୁ କମିଶନର ତାଙ୍କ ମତ ଗ୍ରହଣ କଲେନାହିଁ – ନକରିବା ମଧ୍ୟ ଯୁକ୍ତିଯୁକ୍ତ ଥିଲା। ବେନାମୀ କାରବାର ଦେୱାନି ଅଦାଲତଦ୍ୱାରା ସାଧାରଣତଃ ମୀମାଂସିତ ହୁଏ। ଗୁପ୍ତ

Digitized by srujanika@gmail.com

ଅନୁସନ୍ଧାନରେ ଏଡ଼େ ଗୁରୁତର ବିଷୟରେ ମୀମାଂସା ନୀତି ଓ ଆଇନ୍ ବିରୁଦ୍ଧ। ଯଦି ପ୍ରକୃତରେ ଏହା ବାଲୁଙ୍କେଶ୍ୱର ମିଶ୍ର କ୍ରୟ କରିଥାନ୍ତି ଓ ସରକାର ସେନାପତି ମହାଶୟଙ୍କ ମତ ଗ୍ରହଣ କରି ମୋ ପ୍ରତି ଦଣ୍ଡବିଧାନ କରନ୍ତେ ତାହାହେଲେ ସମ୍ପତ୍ତିର ଅଧିକାରୀ ମୁଁ ବୋଲି ସରକାର ଏହି ମୀମାଂସାଦ୍ୱାରା ଦାୟିତ୍ୱ ଗ୍ରହଣ କରିଥାନ୍ତେ। ଗ୍ରାମ କ୍ରୟ କଲାପରେ ବାଲୁଙ୍କେଶ୍ୱର ମିଶ୍ରଙ୍କ ନାମରେ ଦାଖଲଖାରଜ ମଞ୍ଜୁର ହୋଇଯାଇଥିଲା। ତାହା ହୋଇନଥିଲେ ସରକାରୀ ରାଜସ୍ୱ ଆଦାୟ ହୋଇପାରି ନଥାନ୍ତା। ଯାହାହେଉ ଗୁପ୍ତ ଅନୁସନ୍ଧାନର ଫଳ କିଛି ହେଲାନାହିଁ। ଏହାର କେତେକ ଦିନପରେ ସେନାପତି ମହାଶୟ ମୋତେ ପଚାରିଲେ, "ଆଚ୍ଛା, ସମସ୍ତେ କହୁଛନ୍ତି ଯେ ଲରପଙ୍କ ଗ୍ରାମ ଆପଣ କିଣିଛନ୍ତି, ଅଥଚ ବାଲୁଙ୍କେଶ୍ୱର ମିଶ୍ରଙ୍କ ନାମରେ କବଲା ହୋଇଛି। ବାଲୁଙ୍କେଶ୍ୱର ବାବୁ ଓ ଆପଣଙ୍କ ମଧ୍ୟରେ ଏହି ଗ୍ରାମ ସମ୍ବନ୍ଧରେ କିଛି ଗୁପ୍ତ-ଚୁକ୍ତି ଅଛି କି?" ମୁଁ କହିଲି, "ଏ ପ୍ରଶ୍ନ ପଚାରିବା ଅକାରଣ। ଧରନ୍ତୁ, ଯଦି ଦୁଇବ୍ୟକ୍ତି ମଧ୍ୟରେ ସେପରି କିଛି ଗୁପ୍ତ ଚୁକ୍ତି ଥାଏ ତାହାହେଲେ ତାହା ସେହି ଦୁଇଜଣଙ୍କ ମଧ୍ୟରେ ରହିବା କଥା। ତୃତୀୟ ବ୍ୟକ୍ତି ଏହା ଜାଣିବା ବିଧେୟ ନୁହେଁ। ଆପଣ ତୃତୀୟ ବ୍ୟକ୍ତି। କ୍ଷମା କରିବେ, ଏହି ପ୍ରଶ୍ନ ଏଠାରେ ଉଠୁନାହିଁ।" ସେନାପତି ମହାଶୟ ଗମ୍ଭୀର ହୋଇ ରହିଲେ। ମୋ ଉକ୍ତିର ପ୍ରତିବାଦ ସୁଦ୍ଧା କଲେନାହିଁ।

ଯେଉଁ ପୋଲିସ୍ ଇନ୍‌ସପେକ୍ଟରଙ୍କ ସମ୍ବନ୍ଧରେ ପୂର୍ବେ ଲେଖା ହୋଇଅଛି ସେ ସମ୍ବଲପୁରରେ ରହୁଥିଲେ ଓ ମଫସଲରେ ତାଙ୍କ ଜମି ଥିଲା। ୧୯୨୯ ମସିହା ଶିବରାତ୍ରି ଦିନ ସଦରଥାନା ସମ୍ମୁଖରେ ଅନେକ ଲୋକ ରୁଣ୍ଡ ହୋଇଥିବା ଦେଖିଲି ଓ ଥାନାକୁ ଯାଇ ଦେଖିଲି, ଇନ୍‌ସପେକ୍ଟରଙ୍କ କଟାମୁଣ୍ଡ ଗୋଟିଏ ମେଜ ଉପରେ ରଖାହୋଇଅଛି। ଫଟୋଗ୍ରାଫର୍ ଶ୍ରୀ ନଟବର ପୂଜାରୀ ତାହାର ଫଟୋ ଉଠାଉଛନ୍ତି ଓ ଜଣେ ଲୋକ ରକ୍ତରଞ୍ଜିତ ଦେହରେ ସେଠାରେ ବସିଅଛି। ପଚାରି ବୁଝିଲି, ସେ ତାହାଙ୍କ ମୁଣ୍ଡ କାଟିଦେଇ ସେହି ମୁଣ୍ଡ ଧରି ଜିଲ୍ଲା ହାକିମଙ୍କ ସମ୍ମୁଖରେ ଉପସ୍ଥିତ ହୋଇଥିଲା। ପରେ ବିଚାରରେ ସେହିଲୋକର ଆଜୀବନ କାରାଦଣ୍ଡ ହୋଇଥିଲା।

ସମ୍ବଲପୁର ବ୍ରାହ୍ମଣମାନେ ପ୍ରଧାନତଃ ଦୁଇଶ୍ରେଣୀରେ ବିଭକ୍ତ, ଆରଣ୍ୟକ ଓ ଉତ୍କଳୀ। ସାଧାରଣତଃ ସେମାନଙ୍କୁ ଯଥାକ୍ରମେ ଝାଡୁଆ ଓ ଓଡ଼ିଆ ବୋଲି କହନ୍ତି। ସମ୍ବଲପୁରର ଝାଡୁଆପଡ଼ାରେ ଝାଡୁଆ ବ୍ରାହ୍ମଣ ଓ ନନ୍ଦପଡ଼ାରେ ଓଡ଼ିଆ ବ୍ରାହ୍ମଣମାନେ ବାସକରନ୍ତି। ଉଭୟ ସମାଜର ଗୋଟିଏ ଗୋଟିଏ ସଭା ଅଛି। ତହିଁରେ ସାମାଜିକ ବିଷୟରେ ମୀମାଂସା ହୁଏ। ଉଭୟ ସଭାରେ ସାମାଜିକ ଦୋଷ ସକାଶେ ଦୋଷୀକୁ ଦଣ୍ଡ ଦେବା ପ୍ରଧାନକାର୍ଯ୍ୟ। ଝାଡୁଆ ବ୍ରାହ୍ମଣ ସଭାର ବୈଠକ ଝାଡୁଆପଡ଼ା ମଧ୍ୟସ୍ଥ ବ୍ରହ୍ମପୁରା ଗୁଡ଼ି (ମନ୍ଦିର)ରେ ଓ ଓଡ଼ିଆ ବ୍ରାହ୍ମଣଙ୍କ ସଭା ନନ୍ଦପଡ଼ା ମଧ୍ୟସ୍ଥ ବାଲୁଙ୍କେଶ୍ୱରଙ୍କ ଗୁଡ଼ିରେ ହୁଏ। ଦିନେ ବ୍ରହ୍ମପୁରା-ଗୁଡ଼ିର ପୂଜାରୀ ମୋଠାକୁ ଆସି କହିଲା ଯେ, ମୋ ସମ୍ବନ୍ଧରେ ସଭା

Digitized by srujanika@gmail.com

ବସିଛି ଓ ସଭାପତି ମୋତେ ଡକାଇଛନ୍ତି। ମୋ ସମ୍ବନ୍ଧରେ ସଭା ବସିଥିବା କାରଣ ମୁଁ ବୁଝି ପାରିଲିନାହିଁ। ମନ୍ଦିରକୁ ଯାଇ ଦେଖିଲି, ଅନେକ ଲୋକ ବସିଛନ୍ତି। ସଭାପତି ଶ୍ରୀରାମକୃଷ୍ଣ ବେହେରା ମୋତେ ଦେଖି କହିଲେ, ''ବାବୁ ! ଆପଣଙ୍କୁ କାହିଁକି ବାରଣ କରାନଯିବ ?'' ମୁଁ କହିଲି, ''ଅଡୁଆ ପ୍ରଶ୍ନ, ମୋତେ ବାରଣ କରାଯିବ କାହିଁକି ? ମୋର ଅପରାଧ କ'ଣ, କହନ୍ତୁ।'' ତତ୍ପରେ ସେ କହିଲେ, ''ଆପଣଙ୍କ ପିତୃପକ୍ଷ ଭୋଜିକୁ ହଳଧରା ବ୍ରାହ୍ମଣଙ୍କୁ ଆପଣ ଡାକିଥିଲେ।'' ମୁଁ କହିଲି, ''ଆମ୍ଭ ଏଠାରେ ହଳୁଆ ବ୍ରାହ୍ମଣ ତ କେହି ନାହାଁନ୍ତି।'' ପୁଣି ସେ କହିଲେ, ''ନାହିଁ ହୋ ! ହଳୁଆ ନୁହଁନ୍ତି; ହଳଧରା।'' ମୁଁ ବୁଝିପାରିଲି ନାହିଁ । ପରେ ପୁଣି ପ୍ରଶ୍ନ କରି ଜାଣିଲି – ସମ୍ବଲପୁର ସହରବାସୀ ଜଣେ କେତେ ଝାଡୁଆ ବ୍ରାହ୍ମଣ, ସମାଜରେ ହଳଧରା ଚଳାଇବା ଉଦ୍ଦେଶ୍ୟରେ ନିଜେ ହଳ ଧରି ବାଲିବନ୍ଧା ଜମି ଚାଷ କରିଥିଲେ ଓ ସେମାନଙ୍କୁ ସମାଜ ବାରଣକରି ରଖିଛନ୍ତି। ଏମାନଙ୍କ ମଧ୍ୟରେ ସମ୍ବଲପୁର ସହରବାସୀ ବିଶିଷ୍ଟ ଓକିଲ, ଡାକ୍ତର, ବ୍ୟବସାୟୀ ଓ ଆହୁରି ଗଣ୍ୟମାନ୍ୟ ବ୍ୟକ୍ତି ଅଛନ୍ତି। ବ୍ରାହ୍ମଣମାନଙ୍କ ମଧ୍ୟରେ ହଳଧରା ପ୍ରଥା ପ୍ରଚଳିତ ନଥିବାରୁ ଗରିବ ବ୍ରାହ୍ମଣମାନଙ୍କୁ ସୁଦ୍ଧା ହଳିଆ ରଖିବାକୁ ହେଉଅଛି ଓ ଏହି ହଳିଆ ଚାଷର ଆୟରୁ ଅଧିକାଂଶ ଖାଇଦେଉଥିବାରୁ ଚାଷ ଲାଭଜନକ ହେଉନାହିଁ। ନିଜ ହାତରେ ଚାଷକଲେ ହଳିଆ ଖର୍ଚ୍ଚ ବଞ୍ଚିଯିବ। ସୁତରାଂ ଗରିବ ବ୍ରାହ୍ମଣଙ୍କୁ କଷ୍ଟ ଭୋଗିବାକୁ ହେବନାହିଁ। ସହରରେ ବ୍ରାହ୍ମଣଙ୍କ ଅବସ୍ଥା ସାଧାରଣତଃ ସ୍ୱଚ୍ଛଳ। ଅନେକଙ୍କ ଜମିବାଡ଼ି ମଫସଲରେ ଅଛି। ମଫସଲର ଗରିବ ବ୍ରାହ୍ମଣଙ୍କ ଉପକାରାର୍ଥେ ଦୟାପରବଶ ହୋଇ ଏହି ସ୍ୱଚ୍ଛଳାବସ୍ଥା ବାବୁମାନେ ନିଜ ହାତରେ ହଳ ଧରିଥିଲେ, କିନ୍ତୁ ଯେଉଁମାନଙ୍କ ସକାଶେ ସେମାନେ ଏହା କରିଥିଲେ, ସେମାନେ ସୁଦ୍ଧା ଏହା ଗ୍ରହଣ କଲେନାହିଁ। ସେମାନେ କହିଲେ, ଏହି ସହରିଆ ବାବୁମାନେ ତ କେବେ ହଳ ଧରିବେ ନାହିଁ। ସେମାନଙ୍କୁ ତ ଏମାନେ ପୂଝାରୀ, ଚପରାସୀ, ଖମାରୀ କରି ରଖିଲେ। ବର୍ତ୍ତମାନ ହଳିଆ କରିବା ଫିକରରେ ଏହା କରିଛନ୍ତି। ଏମାନଙ୍କୁ ବାରଣ କରିବା ପ୍ରସ୍ତାବକୁ ପ୍ରଥମରେ ଏମାନେ ସମର୍ଥନ କଲେ ଓ ସଭାପତିଙ୍କ ଆଦେଶରେ ଏମାନେ ବାରଣ ହୋଇ ରହିଲେ।

ଏହା ୧୯୨୫ ସାଲର କଥା। ଏହି ସମୟରେ ମୁଁ ତ ସମ୍ବଲପୁରରେ ନଥିଲି। ଚାକିରିରେ ଇତସ୍ତତଃ ବୁଲୁଥିଲି। ଛୁଟିନେଇ କେବେ ଆସିଲେ ଅଳ୍ପଦିନ ରହି ଚାଲିଯାଉଥିଲି। ଏହି ଜାତିର ଗୁରୁତର ସାମାଜିକ କଥା ମୋତେ ଜଣା ନଥିଲା। ସଭାପତିଙ୍କ ମତରେ ପ୍ରୋକ୍ତ ବ୍ରାହ୍ମଣମାନଙ୍କ ମଧ୍ୟରୁ କେତେକଙ୍କୁ ମୁଁ ମୋର ପିତୃଶ୍ରାଦ୍ଧକୁ ନିମନ୍ତ୍ରଣ କରିଥିଲି। ଏମାନେ ମୋର ବନ୍ଧୁ; ଏମାନଙ୍କୁ ଡାକିବା ସକାଶେ ଝାଡୁଆ ବ୍ରାହ୍ମଣ ସମାଜର ପ୍ରଥାନୁଯାୟୀ ବ୍ରହ୍ମପୁରା ମନ୍ଦିରର ପୂଜାରୀଙ୍କୁ ଏମାନଙ୍କ ତାଲିକା ଦେଇଥିଲି। କିନ୍ତୁ ମୁଁ ମନେକରି ଦେଖିଲି, ଏମାନଙ୍କ ମଧ୍ୟରୁ କେହି ଆମ୍ଭଘରକୁ ଖାଇବାକୁ ଆସିନଥିଲେ। ସଭାପତି ମହାଶୟଙ୍କୁ ମୁଁ କହିଲି, ''ଏମାନେ ହଳ ଧରି ବାରଣ ହୋଇଥିବା କଥା ମୁଁ ଜାଣିନଥିଲି। ଜାଣିଥିଲେ

Digitized by srujanika@gmail.com

ହୁଏତ ଡାକି ନଥାନ୍ତି। କିନ୍ତୁ ଯେତେବେଳେ ମୁଁ ପୂଜାରୀଙ୍କୁ ଏମାନଙ୍କ ତାଲିକା ଦେଲି ସେତେବେଳେ ବାରଣ ହୋଇଥିବା ବ୍ରାହ୍ମଣମାନଙ୍କ ନାମ ତାଲିକାରୁ ଉଠାଇଦେବା ସକାଶେ ମୋତେ କହିବା ତାଙ୍କ ଉଚିତ ଥିଲା। ସୁତରାଂ ତାଙ୍କ ପ୍ରତି ପ୍ରଥମରେ ଦଣ୍ଡବିଧାନ ଉଚିତ ହେବ।'' ସେତେବେଳେ ହରିଶଙ୍କର ପୂଜାରୀ ଛିଡ଼ାହୋଇପଡ଼ିଲେ ଓ କହିଲେ, ସେମାନଙ୍କ ନାମ ତାଲିକାରେ ଥିଲେ ସୁଦ୍ଧା ସେ ସେମାନଙ୍କୁ ଡାକିନଥିଲା। ମୁଁ ହସିଲି ଓ କହିଲି ଯେ, ସଭାପତି ମହାଶୟଙ୍କ ବିଚାର-କୁଆ ତାଙ୍କ କାନ ନେଇଯାଇଥିବା ଶୁଣି, ପ୍ରକୃତରେ ତାଙ୍କ କାନ ଅଛି ନା କୁଆ ନେଇଯାଇଛି - ଜାଣିବା ସକାଶେ କାନ ଉପରେ ହାତ ନ ପକାଇ କୁଆକୁ ମାରିବା ପାଇଁ ବନ୍ଧୁକ ହସ୍ତରେ ଗୋଡ଼ାଇଥିବା ରାଜାଙ୍କ ବିଚାର ତୁଲ୍ୟ। ସଭାପତି ମହାଶୟ ଅପ୍ରତିଭ ହେଲେ।

ଏହା ଉତ୍ତାରେ ଏହି ହଳଧରା ବିଷୟରେ ଅନୁସନ୍ଧାନ କରିବାକୁ ଲାଗିଲି। ଏମାନଙ୍କ ଉଦ୍ଦେଶ୍ୟ ମହତ୍ ଥିଲେ ହେଁ କେହି ଏମାନଙ୍କ କାର୍ଯ୍ୟକୁ ସମର୍ଥନ କଲେନାହିଁ। ପ୍ରାୟଶ୍ଚିତ୍ତକରି ସମାଜଭୁକ୍ତ ହେବା ସକାଶେ ଏମାନଙ୍କୁ କୁହାହୋଇଥିଲା; କିନ୍ତୁ ଏମାନେ ପ୍ରାୟଶ୍ଚିତ୍ତ କରିବାକୁ ନାରାଜ ହୋଇଥିଲେ। ସେହିଦିନଠାରୁ କେତେକ ବର୍ଷ ମଧ୍ୟରେ ସମାଜରେ ବିବାଦ ବିସମ୍ବାଦ ଚାଲିଆସିଅଛି। ହେଲେ ମଧ୍ୟ ଏମାନଙ୍କ କୌଣସି କାର୍ଯ୍ୟରେ ବାଧା ନାହିଁ। କୌଣସି କାର୍ଯ୍ୟରେ ଆନ୍ତରିକତା ନଥିଲେ ତାହା ସଫଳ ହୁଏନାହିଁ। ବାରଣଦ୍ୱାରା ଯେଉଁ ଅସୁବିଧା ସୃଷ୍ଟ ହୁଏ ତାହା ହେଉନାହିଁ। ଏମାନଙ୍କ ପରିବାର ମଧ୍ୟରେ ବ୍ରତ, ବିବାହ ଆଦି ଯାବତୀୟ ସାମାଜିକ କାର୍ଯ୍ୟସମୂହ ଅବାଧରେ ଚାଲିଅଛି ଓ ପରସ୍ପର ସହିତ ଯୋଗାଯୋଗ ହେଉଅଛି। ଯେଉଁମାନେ ବାରଣର ପକ୍ଷପାତୀ କେବଳ ସେମାନେ ଏଥିରେ ଯୋଗଦାନ ଦେଉନାହାଁନ୍ତି। ଏଥିଯୋଗୁଁ ବିବାଦଟା କେବଳ ସାମାଜିକ ସୀମା ମଧ୍ୟରେ ଆବଦ୍ଧ ରହୁଥିଲେ ସେତେ କ୍ଷତିକର ବିବେଚିତ ହୁଅନ୍ତା ନାହିଁ। ମନୋମାଳିନ୍ୟ ଯୋଗୁଁ ବିବାଦ ଅନ୍ୟଆଡ଼କୁ କ୍ରମେ ବିସ୍ତୃତ ହେଉଅଛି। ମତଭେଦ ଯୋଗୁଁ ମନୋଭେଦ ସୃଷ୍ଟି ହେଉଅଛି। ମନୁଷ୍ୟର ମନ କୌଣସି କାରଣରୁ କଳୁଷିତ ହେଲେ ତହିଁର ପ୍ରଭାବ ବହୁମୁଖୀ ହୋଇବସେ। ଏହି ସାମନ୍ୟ ଦୋଷ ଯୋଗୁଁ ଏତେଦିନ ଯାଏ ଏମାନଙ୍କୁ ବାରଣ କରି ରଖିବାର କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ। ଏହି ବାବୁମାନେ ନିଜ ଉପକାରାର୍ଥେ ହଳ ଧରିନଥିଲେ, ଯାହା କରିଥିଲେ ଗରିବଙ୍କ ସକାଶେ। ଯଦି ସେମାନେ ଏହା ସମର୍ଥନ କଲେନାହିଁ, ତାହାହେଲେ ଏମାନେ ଚିରକାଳ ବାରଣହୋଇ ରହିବା କାରଣ ନଥିଲା। ଶାସ୍ତ୍ରାନୁମୋଦିତ ପ୍ରାୟଶ୍ଚିତ୍ତଦ୍ୱାରା ଏମାନଙ୍କୁ ସମାଜଭୁକ୍ତ କରି ଏହି ବିବାଦ ବନ୍ଦ କରିବା ଉଚିତ ବୋଲି ମୁଁ ସଭାରେ କହିଥିଲି। ସଭାପତି ମହାଶୟ କହିଲେ ଯେ ଥରେ ପ୍ରାୟଶ୍ଚିତ୍ତ କରିବା ସକାଶେ ଅସ୍ୱୀକାର କରିଥିବା ସ୍ଥଳେ ଏମାନଙ୍କୁ ଆଉ ସମାଜକୁ ନିଆଯିବନାହିଁ। ଚିରକାଳ ଏମାନେ ବାରଣ ହୋଇ ରହିଥାନ୍ତୁ। ମୁଁ କହିଲି, ଏହା ଗୋହତ୍ୟା ବା ସୁରାପାନ ତୁଲ୍ୟ ଦୋଷାବହ ନୁହେଁ। ସଭାସ୍ଥଳର ଏକ କୋଣରେ

Digitized by srujanika@gmail.com

ଜଣେ ସୁରାପାୟୀ ବ୍ରାହ୍ମଣ ବସି ବାଚାଳତା ପ୍ରକାଶ କରୁଥିଲେ। ତାଙ୍କ ପ୍ରତି କାହାରି ଦୃଷ୍ଟିନାହିଁ। ପୁଣି କହିଲି, ନିଶ୍ଚୟ ଏମାନଙ୍କୁ ସମାଜଭୁକ୍ତ କରି ସମାଜରେ ଚାଲିଥିବା ବିବାଦ ବନ୍ଦ କରିବାକୁ ହେବ। ଆଉ ସଭାପତି ମହାଶୟ ଯଦି ସମାଜରେ ବିବାଦ ବନ୍ଦ ନକରି ତାହା ଚିରସ୍ଥାୟୀ କରି ରଖିବା ତାଙ୍କ କର୍ତ୍ତବ୍ୟବୋଲି ମନେକରନ୍ତି ତାହାହେଲେ ଏହି ଗୁରୁତ୍ୱ ଓ ଦାୟିତ୍ୱପୂର୍ଣ୍ଣ ପଦ ଅବିଳମ୍ବରେ ତ୍ୟାଗ କରିବା ଉଚିତ। ଏମାନଙ୍କୁ ସମାଜଭୁକ୍ତ କରିବାକୁ ମୁଁ ଚେଷ୍ଟା କରିବି, କହି ଚାଲିଗଲି।

ତତ୍ପରେ ଏହି ବନ୍ଧୁମାନଙ୍କ ସହିତ ପରାମର୍ଶ କଲି। ଦେଖିଲି, କେହି ପ୍ରାୟଶ୍ଚିତ୍ତ କରିବାକୁ ଅନିଚ୍ଛା ପ୍ରକାଶ କଲେନାହିଁ। ପ୍ରାୟଶ୍ଚିତ୍ତ କ'ଣ ? କର୍ପୂର ତ ଉଡ଼ିଯାଇଛି, କେବଳ ବନ୍ଧା ହୋଇଥିବା କନାଖଣ୍ଡିକ ଗନ୍ଧହୀନ ହୋଇ ପଡ଼ିରହିଛି। ପ୍ରାୟଶ୍ଚିତ୍ତ ବୋଲି ଯାହା ସଭାପକ୍ଷରୁ କୁହାହେଲା ତାହା ଥରକେତେ ଗାୟତ୍ରୀ ମନ୍ତ୍ରର ଆବୃତ୍ତିମାତ୍ର। ପୁଣି ନିଜେ ଆବୃତ୍ତି ନକରି ମୂଲ୍ୟ ଦେଇ କୌଣସି ବ୍ରାହ୍ମଣଦ୍ୱାରା ଉଚ୍ଚାରିତ ପାଠ କ୍ରୟ କରିବାକୁ ହେବ। ଏହି ତ ସମାଜପତିଙ୍କ ବ୍ୟବସ୍ଥା; ପାପମୋଚନର ପ୍ରକୃଷ୍ଟ ପନ୍ଥା। ଆପତ୍ତିର କାରଣ ନାହିଁ। ପାଞ୍ଚଛଅ ଦିନ ମଧ୍ୟରେ ଏ ସମସ୍ତ ହଳଧରା ବ୍ରାହ୍ମଣମାନେ ଏହିପ୍ରକାରେ ପ୍ରାୟଶ୍ଚିତ୍ତ କରି ଦୋଷମୁକ୍ତ ହେଲେ। ତଥାପି ସଭାପତି ଏହା ମାନିବେ ନାହିଁ ବୋଲି କହିଲେ। ସମାଜ ଦୁଇଦଳରେ ବିଭକ୍ତ ହୋଇଗଲା। ହଳଧରାଙ୍କ ପକ୍ଷରେ ଗୋଟିଏ ଦଳ ରହିଲେ। ଏହି ଦଳରେ ଆଉ ଅନେକ ଆସି ମିଶିଲେ। କେବଳ ପାଞ୍ଚ ଛଅଟି ପରିବାର ସଭାପତିଙ୍କ ସହିତ ରହିଲେ। ସଂଖ୍ୟାଧିକ ଦଳ ସଭାପତି ଶ୍ରୀ ରାମକୃଷ୍ଣ ବେହେରାଙ୍କୁ ପଦଚ୍ୟୁତ କଲେ ଓ ଗୋଟିଏ ସଭାରେ ଡାକ୍ତର ରାମଚନ୍ଦ୍ର ମିଶ୍ର ସଭାପତି ପଦରେ ପ୍ରତିଷ୍ଠିତ ହେଲେ। ଗୋଟିଏ ସଭାରେ ନିର୍ଦ୍ଧାରିତ ହେଲା ଯେ, ଏକଦଳଭୁକ୍ତ କେହି ଅପର ଦଳ ସହିତ ସାମାଜିକ ସମ୍ପର୍କ ରଖିବେନାହିଁ; ରଖିଲେ ଦଣ୍ଡିତ ହେବେ।

କେତେଦିନ ପର୍ଯ୍ୟନ୍ତ ପ୍ରତିମାସରେ ସଭା ବସିଲା ଓ ପ୍ରତ୍ୟେକ ସଭାରେ ମୋତେ ଶ୍ରେଷ୍ଠାଂଶ ଗ୍ରହଣ କରିବା ସୁଯୋଗ ହେଉଥିଲା। ସାମାଜିକ ବିଷୟମାନ ଆଲୋଚିତ ହେବାକୁ ଲାଗିଲା। ପ୍ରତ୍ୟେକ ସଭାରେ ଆଲୋଚିତ ବିଷୟ ଧ୍ୱଂସାତ୍ମକ। କୌଣସି ବିଷୟ ରଚନାତ୍ମକ ବା ଗଠନାତ୍ମକ ନଥାଏ। କିଏ କେଉଁ ଦୋଷକଲା ଏବଂ ତାହାପ୍ରତି କି ଦଣ୍ଡବିଧାନ ହେବ ଏହାହିଁ ପ୍ରତ୍ୟେକ ସଭାର ଆଲୋଚ୍ୟ ବିଷୟ। ସମାଜର ଗୋଟିଏ ପାଣ୍ଠିଥିଲା। ତାହା ସଭାପତିଙ୍କ ହସ୍ତରେ। ବ୍ରହ୍ମପୁରା ମନ୍ଦିରରେ ଗୋଟିଏ ଲୁହା ସିନ୍ଦୁକରେ ଚାବିଦେଇ ସଭାପତି ତାହା ରଖିଥିଲେ। ମାଗିବାରୁ ଦେଲେନାହିଁ। ପରେ ତାଙ୍କ ନାମରେ ଅଦାଲତରେ ନାଲିସ୍ ହୋଇଥିଲା ଓ ଅଦାଲତଙ୍କ ହୁକୁମ ଅନୁସାରେ ଗଚ୍ଛିତ ଟଙ୍କା ଦେବାକୁ ସେ ବାଧ୍ୟ ହୋଇଥିଲେ।

ସମାଜର ଜଣେ ପୁରୋହିତ ହଳଧରା ଦଳରେ ରହିଥିଲେ। ଅପର ଦଳର କାହାରି ଘରେ ପୌରୋହିତ୍ୟ କରିଥିବା ଅପରାଧରେ ତାଙ୍କ ପ୍ରତି ସାମାନ୍ୟ ଅର୍ଥଦଣ୍ଡ

Digitized by srujanika@gmail.com

ବିଧାନ ହୋଇଥିଲା। ଉଭୟଦଳରେ ପୌରୋହିତ୍ୟ କରିବାପାଇଁ ସେ ସଭାରେ ଅନୁମତି ଓ ଅର୍ଥଦଣ୍ଡରୁ ଅବ୍ୟାହତି ପ୍ରାର୍ଥନା କରିଥିଲେ। ଦିନେ ସଭାରେ ଏହି ବିଷୟର ଆଲୋଚନା ଆରମ୍ଭ ହେଲା। ସଭାରେ ଓକିଲ, ଡାକ୍ତର, ଶିକ୍ଷକ ପ୍ରଭୃତି ସଭ୍ୟମାନେ ଉପସ୍ଥିତ ଥିଲେ। କଥା ପ୍ରସଙ୍ଗରେ ପ୍ରାର୍ଥୀ ପୁରୋହିତ ଶ୍ରୀ ରାମକୃଷ୍ଣ ପାଢ଼ୀ କହିଲେ, ଅଳ୍ପଦିନ ପୂର୍ବେ ତାଙ୍କ ଯଜମାନ ଓକିଲଙ୍କ (ନାମଧରି) ନବପ୍ରସୂତା ପୌତ୍ରୀର ଏକୋଇଶିଆ ଉତ୍ସବରେ ତାଙ୍କୁ ପୌରହିତ୍ୟ କରିବାକୁ ଦିଆନଯିବାରୁ ସେ କ୍ଷତିଗ୍ରସ୍ତ ହୋଇଥିଲେ। ଉକ୍ତ ଓକିଲ ମହାଶୟ ସଭାରେ ଉପସ୍ଥିତ ଥିଲେ। ସେ କହିଲେ ଯେ, ସମାଜର ନିର୍ଦ୍ଦେଶାନୁଯାୟୀ ତାଙ୍କ ପ୍ରତି ଦଣ୍ଡବିଧାନ ହୋଇଥିବାରୁ ଓ ଜୋରିମାନା ନ ଦେବା ପର୍ଯ୍ୟନ୍ତ ସେ ବାରଣ ହୋଇ ରହିଥିବାରୁ ତାଙ୍କ ପୌତ୍ରୀର ଏକୋଇଶିଆରେ ଅନ୍ୟ ପୁରୋହିତଙ୍କ ଦ୍ୱାରା ସେ କାର୍ଯ୍ୟ ଚଳାଇଥିଲେ। ସେହି ସମୟରେ ମୋର ମନେହେଲା, ତାଙ୍କର ଏହି ପୌତ୍ରୀ ବିପକ୍ଷଦଳର ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ଦୌହିତ୍ରୀ। ଦୌହିତ୍ରୀର ଏକୋଇଶିଆରେ ଜାମାତା ଗୃହରେ ତାଙ୍କର ବିଶିଷ୍ଟ ଅଂଶଗ୍ରହଣ କରିବାକଥା। ମୋର କୌତୂହଳ ହେବାରୁ ଓକିଲ ମହାଶୟଙ୍କୁ ସଭାରେ ପଚାରି ତାଙ୍କ ଉତ୍ତରରୁ ଜାଣିଲି ଯେ, ସେ ତାଙ୍କୁ ନିମନ୍ତ୍ରଣ କରିଥିଲେ ଓ ତହିଁରେ ସେ ଯୋଗଦେଇ ପ୍ରୋକ୍ତ ଉତ୍ସବରେ ତାଙ୍କ କାର୍ଯ୍ୟ ସ୍ୱହସ୍ତରେ ନିର୍ବାହ କରିଥିଲେ। ତାହାହେଲେ ଏକା ପୁରୋହିତଙ୍କ ଦୋଷ ହେଲା କ'ଣ ? ଓକିଲ – ସଭ୍ୟଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ସକାଶେ ମୁଁ ପ୍ରସ୍ତାବ କଲି। ଜଣେ ସଭ୍ୟ ଏହି ପ୍ରସ୍ତାବକୁ ସମର୍ଥନ କଲେ। ସଭାର ନିର୍ଦ୍ଧାରଣ ବହିରେ ଏହି ବିଷୟ ଲେଖାହେଲା। କିନ୍ତୁ ଅନ୍ୟ ସଭାରେ ଏହାର ମୀମାଂସା ହେବ ବୋଲି ସେହିଦିନ ଏହା ସ୍ଥଗିତ ରଖାହେଲା। ତତ୍ପରେ ପ୍ରତିମାସ ସଭା ହେଉଥାଏ ଓ ପ୍ରତିଥର ନିର୍ଦ୍ଧାରଣ ହେଉଥାଏ – ଅନ୍ୟସଭାରେ ଏହାର ବିଚାର ହେବ। ଏପରି ହୋଇ ପାଞ୍ଚଛଅ ମାସ ଚାଲିଗଲା। ଶେଷରେ ଗୋଟିଏ ସଭାରେ ମୁଁ କହିଲି ଯେ ପୁରୋହିତ ବିଚରା ଗରିବ ବୋଲି ତାଙ୍କ ପ୍ରତି ଗୋଟିଏ ବିଚାର ଓ ଓକିଲସଭ୍ୟ ବଡ଼ଲୋକ ବୋଲି ତାଙ୍କ ସମ୍ବନ୍ଧରେ ବିଚାର ଅନ୍ୟପ୍ରକାର। ସଭାରେ ଆର୍ଥିକ ଅବସ୍ଥାର ତାରତମ୍ୟାନୁଯାୟୀ ବିଚାର ହେବା ନୀତିବିଗର୍ହିତ। ଏହି ସାମାନ୍ୟ ବିଷୟର ମୀମାଂସା ସକାଶେ ଏତେ ବିଳମ୍ବର ଆବଶ୍ୟକତା ନାହିଁ । ପୁଣି ଏହି କାର୍ଯ୍ୟଦ୍ୱାରା ସଭା ପ୍ରତି ଲୋକଙ୍କ ଆସ୍ଥା ଊଣା ହୋଇଯିବ। ଏହାଙ୍କ ପ୍ରତି ପୁରୋହିତଙ୍କ ତୁଲ୍ୟ ସାମାନ୍ୟ ଅର୍ଥଦଣ୍ଡ ବ୍ୟବସ୍ଥା ହେଲେ ତ ତୁଟିଯିବ। ବିଷୟର ମୀମାଂସା ସେହିଦିନ ହେବାପାଇଁ ମୁଁ ଦୃଢ଼ଭାବରେ ଦାବିକଲି। ଉପସ୍ଥିତ ସଭ୍ୟମାନଙ୍କ ମଧ୍ୟରୁ କାହାରି ପାଟିରୁ କଥା ଫିଟିଲା ନାହିଁ। ପୁଣି ଅନ୍ୟ ସଭାକୁ ମୁଲତବି ରଖିବା ପାଇଁ ସଭାପତି କହିଲେ। ଏହି ପକ୍ଷପାତ ବିଚାରର ମୁଁ ପ୍ରତିବାଦ କଲି। ଆପଣ ଜଣେ ବିଶିଷ୍ଟ ଓକିଲ-ସଭ୍ୟ କହିଲେ, "ଆପଣଙ୍କ ଘର ପାଟଣାରେ। ଆପଣ ଏହି ସମ୍ବଲପୁର ସଭାର ସଭ୍ୟ ନୁହଁନ୍ତି। ଏଥିରେ ରହିବା ଆପଣଙ୍କ ଅଧିକାର ନାହିଁ।" ତାଙ୍କୁ ଧନ୍ୟବାଦ ଜଣାଇ ମୁଁ ଉଠି ଚାଲିଗଲି ଓ ସେହିଦିନଠାରୁ

Digitized by srujanika@gmail.com

ଆଉ କୌଣସି ସଭାରେ ଯୋଗ ଦେଲିନାହିଁ। ଏହାର ୧୬ ବର୍ଷପରେ ମୁଁ ମୋର ଗୋଟିଏ କନ୍ୟାକୁ ଓଡ଼ିଆ ବ୍ରାହ୍ମଣ ପାତ୍ର ସହିତ ବିବାହରେ ଦେଇଥିବା ଦୋଷାରୋପ କରି ଏହି ସଭାକୁ ମୋତେ ତଲବ ହୋଇଥିଲା ଓ ମୁଁ ଏହି ସଭାର ଅଧୀନସ୍ଥ ନୁହେଁ ବୋଲି କହିଥିଲି। ତଥାପି ଏହି ସଭାର ନିର୍ଦ୍ଧାରଣକ୍ରମେ ମୋ ସହିତ ସମସ୍ତ ବ୍ରାହ୍ମଣଙ୍କ "ଚଳାଚଳ" ବାରଣ କରାହୋଇଥିଲା। ଏ ବିଷୟ ନେଇ ଦେୱାନି ଅଦାଲତଙ୍କ ଆଦେଶକ୍ରମେ ସଭାର ନିର୍ଦ୍ଧାରଣ ନାକଚ ହୋଇଥିଲା। ସେହି ମୋକଦ୍ଦମା ସମ୍ପର୍କରେ ସଭାର ନିର୍ଦ୍ଧାରଣ ବହି ଅଦାଲତକୁ ଅଣାଯାଇଥିଲା ଓ ଦେଖାଯାଇଥିଲା ଯେ ସେହିଦିନ ପର୍ଯ୍ୟନ୍ତ ଉକ୍ତ ଓକିଲ ସଭ୍ୟଙ୍କ ବିଷୟରେ ମୀମାଂସା ହୋଇନଥିଲା। ଆଜି ପର୍ଯ୍ୟନ୍ତ ଅର୍ଥାତ୍ ଏହି ଦୀର୍ଘ ୩୨ ବର୍ଷ ପରେ ସୁଦ୍ଧା ଏହାର ବିଚାର ହୋଇଛି କି ନା ସନ୍ଦେହ। ଏହି "ଚଳାଚଳ' ବାରଣ ପ୍ରସଙ୍ଗ ଯଥାସ୍ଥାନରେ ଆଲୋଚିତ ହେବ।

୧୯୨୯ ମସିହା ଫେବୃୟାରୀ ମାସରେ ମୋର ନବମ କନ୍ୟା ଶ୍ୟାମାର ଜନ୍ମ ହେଲା। ସେହିବର୍ଷ ଅଗଷ୍ଟ ମାସ ୧ ତାରିଖରେ ମୋର ଅଢ଼େଇ ବର୍ଷର ତୃତୀୟ ପୁତ୍ର ବିଷ୍ଣୁଗୋପାଳ କଲେରା ରୋଗରେ ଆକ୍ରାନ୍ତ ହେଲା। ସେହି ସମୟରେ ସମ୍ବଲପୁରରେ ଭୀଷଣ ଭାବରେ କଲେରା ଲାଗିଥିଲା ଓ ଅନେକ ଲୋକ ତହିଁରେ ପ୍ରାଣତ୍ୟାଗ କଲେ। ଅନେକ ଚିକିତ୍ସା କରାହେଲା, ତଥାପି ପୁତ୍ରର ପ୍ରାଣରକ୍ଷା ହୋଇପାରିଲାନାହିଁ। ତେରଦିନ ପରେ ତାହାର ବାଳଲୀଳା ସାଙ୍ଗ କରି ଚାଲିଗଲା। ଏକମାତ୍ର ପୁତ୍ର ସତ୍ୟଗୋପାଳ ପରେ ସାତଝିଅ ଓ ସାତ ଝିଅ ପରେ ଏହି ପୁଅଟି ହୋଇଥିବାରୁ ଆମ୍ଭମାନଙ୍କର ପ୍ରାଣରୁ ଅଧିକ ହୋଇଥିଲା। ତାହାର ମୃତ୍ୟୁରେ ଆମ୍ଭେମାନେ ଅତ୍ୟନ୍ତ ଅଧୀର ହୋଇପଡ଼ିଲୁ। ମୋ ମନରେ କିପରି ଗୋଟାଏ ବିଶ୍ୱାସ ହେଉଥାଏ ଏହି ପୁଅ ପୁଣି ଆମ୍ଭମାନଙ୍କ ଘରେ ଜନ୍ମଗ୍ରହଣ କରିବ। ଏତେ ଅଳ୍ପ ବୟସରେ ଶିଶୁର ମୃତ୍ୟୁ କାହିଁକି ହେଲା!! ତାହାକୁ ଏତେ ତୀବ୍ର ମୃତ୍ୟୁଯନ୍ତ୍ରଣା ଭୋଗ କରିବାକୁ ହେଲା – ତାହାର କେଉଁ ପାପ ଯୋଗୁଁ? ଏ ସମସ୍ତ ବିଷୟରେ ସଂଶୟମୋଚନ ସକାଶେ କେତେ ବହିପଢ଼ିଲି। କେତେଭଲିରେ ଲୋକଙ୍କୁ ଲେଖିଲି। ଯାହାକୁ ମନେହେଲା ତାହାକୁ ପଚାରିଲି। କେହି ମୋର ସଂଶୟ ମୋଚନ କରିପାରିଲେ ନାହିଁ। ତାହାହେଲେ ତାହାର ପାର୍ଥିବ ଭୋଗ ଅସମ୍ପୂର୍ଣ୍ଣ ରହିଅଛି ଏବଂ ତାହା ପୂର୍ଣ୍ଣ କରିବା ସକାଶେ ନିଶ୍ଚୟ ତାହାକୁ ଜନ୍ମଗ୍ରହଣ କରିବାକୁ ହେବ। ଏହି ବିଶ୍ୱାସ ମୋ ମନରେ ଦୃଢ଼ବଦ୍ଧ ହୋଇଚାଲିଥାଏ। ପୁଅ ନାମରେ ମା' ଓ ଭାଇ ନାମରେ ଭଉଣୀମାନେ ଦିନରାତି ଅଶ୍ରୁବର୍ଷଣ କରୁଥାନ୍ତି।

୧୯୩୦ ଜ୍ୟେଷ୍ଠ ମାସ ଶୀତଳଷଷ୍ଠୀ। ସମ୍ବଲପୁରରେ ନନ୍ଦପଡ଼ା ଓ ଝାଡ଼ୁଆପଡ଼ାରେ ମହାସମାରୋହରେ ଯାତ୍ରା ହେଉଅଛି। ଏହି ଯାତ୍ରାରେ ନନ୍ଦପଡ଼ାର ଓଡ଼ିଆ ବ୍ରାହ୍ମଣ ଓ ଝାଡ଼ୁଆପଡ଼ାର ଝାଡ଼ୁଆ ବ୍ରାହ୍ମଣମାନଙ୍କ ମଧ୍ୟରେ ଏହି ଯାତ୍ରା ସମ୍ପର୍କରେ ଦଳାଦଳି ଓ ବିବାଦ ଚାଲିଆସୁଛି। କେଉଁ ପଡ଼ାର ଯାତ୍ରା ଉତ୍କୃଷ୍ଟ ହେବ – ପ୍ରତିଯୋଗିତା ଏହାର

Digitized by srujanika@gmail.com

କାରଣ ଦେବତାଙ୍କ ପ୍ରତି ଭକ୍ତି କେଉଁଆଡ଼େ ଗଲା ! ଜଣେ ମାଜିଷ୍ଟ୍ରେଟ୍ ଶାନ୍ତିରକ୍ଷା ସକାଶେ ମୁତୟନ ହୁଅନ୍ତି। ଝାଡ଼ୁଆପଡ଼ା ପୂର୍ବକୁ ନନ୍ଦପଡ଼ା। ଉଭୟପଡ଼ାର ମଧ୍ୟଦେଇ ସମ୍ବଲପୁରରେ ଯେଉଁ ବଡ଼ ସଡ଼କ ଯାଇଅଛି, ତାହା ନନ୍ଦପଡ଼ାର ପୂର୍ବକୁ ଯାଇ ଟାଉନ୍‌ହଲ୍ ସମ୍ମୁଖରେ ସାନ ସଡ଼କ ସହିତ ମିଳିତ ହୋଇଅଛି। ନନ୍ଦପଡ଼ାର ଶୋଭାଯାତ୍ରା ବାହାରି ପୂର୍ବଦିଗରେ ଯାଇ ଟାଉନ୍ ହଲ୍ ସମ୍ମୁଖରେ ସାନ ସଡ଼କକୁ ବୁଲିପଡ଼େ ଓ ଯିବା ବାଟରେ ବାଣ ଫୁଟାଇ ଓ ବାଇନାଚ, ଗୋଟିପୁଅ ନାଚ ଦେଖାଇ ଦେଖାଇ ପଶ୍ଚିମରେ ଅଗ୍ରସର ହୋଇ ଝାଡ଼ୁଆପଡ଼ାରେ ପ୍ରବେଶ କରେ ଓ ବ୍ରହ୍ମପୁରା ମନ୍ଦିର ସମ୍ମୁଖସ୍ଥ ଅରୁଣସ୍ତମ୍ଭର ଅପରପାର୍ଶ୍ୱକୁ ପୂର୍ବାହ୍ନ ନଅଟା ସମୟରେ ପାରିହୋଇ ଚାଲିଥାଏ। ଏହି କଠୋର କଟକଣା ଗୋଟିଏ ମୋକଦ୍ଦମାର ରାୟଦ୍ୱାରା ସ୍ଥିରୀକୃତ ହୋଇଅଛି, ଏହାର ସାମାନ୍ୟ ବ୍ୟତିକ୍ରମ ସୁଦ୍ଧା ଅକ୍ଷମଣୀୟ। ନନ୍ଦପଡ଼ାର ଶୋଭାଯାତ୍ରାର ପଛେ ପଛେ ଝାଡ଼ୁଆପଡ଼ାର ଯାତ୍ରା ମଧ୍ୟ ନିଜ ବିଭବ ଦେଖାଇ ଯାଉଥାଏ। ରାତ୍ରିରେ ଝାଡ଼ୁଆପଡ଼ାର ବାଣ ଗର୍ଜନରେ ନନ୍ଦପଡ଼ା ଯେଉଁ ପରିମାଣରେ ଚମକି ଉଠେ ଦିନବେଳେ ନନ୍ଦପଡ଼ାର ବାଣ ତଦନୁରୂପ ଗର୍ଜ୍ଜନ କରି ନିଜର ବିଭବ ପ୍ରକାଶ କରୁଥାଏ। ବର୍ଷେ ବର୍ଷେ ଦେଖାଯାଇଅଛି ଯେ, ଏହି ପ୍ରସଙ୍ଗରେ ମାରପିଟ, ଦଙ୍ଗାହଙ୍ଗାମା, ଘରପୋଡ଼ି ସୁଦ୍ଧା ଆଚରିତ ହୋଇଅଛି। ଏହି ପ୍ରକାର ଦୂରପନେୟ ମାନସିକ ବ୍ୟାଧିଗ୍ରସ୍ତ ହୋଇ ଆମ୍ଭେମାନେ ହିନ୍ଦୁ ଧର୍ମକୁ ରକ୍ଷା କରିଅଛୁଁ।

ଶୀତଳଷଷ୍ଠୀ ହରପାର୍ବତୀଙ୍କ ବିବାହ ଦିବସ। ଏଥିପାଇଁ ଯେଉଁ ଯାତ୍ରା ହୁଏ, ତାହା ସ୍ୱାମୀ ସହିତ ପାର୍ବତୀଙ୍କ ଭର୍ତ୍ତାଳୟକୁ ଗମନକାଳୀନ ଉତ୍ସବର ପ୍ରତୀକ। ଉଭୟ ପଡ଼ାର ବ୍ରାହ୍ମଣମାନେ ସର୍ବସାଧାରଣଙ୍କଠାରୁ ଚାନ୍ଦା ସଂଗ୍ରହକରି ଏହାର ବ୍ୟୟ ନିର୍ବାହ କରନ୍ତି। ପ୍ରତିବର୍ଷ ଭିନ୍ନ ଭିନ୍ନ ଧର୍ମପ୍ରାଣ ବ୍ୟକ୍ତି ନିଜ ବ୍ୟୟରେ ବିବାହ କାର୍ଯ୍ୟ ସମ୍ପାଦନ କରନ୍ତି।

ସମ୍ବଲପୁରର ଉଭୟ ଶ୍ରେଣୀୟ ନେତାମାନଙ୍କ ସମ୍ମୁଖରେ ଶୀତଳଷଷ୍ଠୀ ଯାତ୍ରା ଏକତ୍ର ସମ୍ପାଦନ କରିନେବା କାର୍ଯ୍ୟ ସହିତ ଉଭୟ ଶ୍ରେଣୀ ମଧ୍ୟରେ ସଖ୍ୟ ସ୍ଥାପନର ବହୁବାର ମୁଁ ପ୍ରସ୍ତାବ କରିଥିଲି। ବହୁକାଳରୁ ଉଭୟ ଶ୍ରେଣୀୟ ବ୍ରାହ୍ମଣମାନଙ୍କ ମଧ୍ୟରେ ବୈବାହିକ ସମ୍ବନ୍ଧ ସ୍ଥାପନ ମୋର ଚିରପୋଷିତ ଆକାଙ୍କ୍ଷା ଥିଲା। ପରିହାସ ଛଳରେ ଥରେ ମୁଁ ପ୍ରସ୍ତାବ କରିଥିଲି ଯେ, ବର୍ଷେ ଝାଡ଼ୁଆ ମହାଦେବ ଓ ଓଡ଼ିଆ ପାର୍ବତୀ ଓ ପରବର୍ଷ ଓଡ଼ିଆ ମହାଦେବ ଓ ଝାଡ଼ୁଆ ପାର୍ବତୀଙ୍କର ବିବାହ କରି ତତ୍ପରେ ଦେବତାଙ୍କଠାରୁ ମନୁଷ୍ୟର ବିବାହ ଆଡ଼କୁ ଅଗ୍ରସର ହେଲେ ସମାଜର ମଙ୍ଗଳ ସାଧିତ ହେବନ୍ତ କିନ୍ତୁ କେହି ଏହି ପ୍ରସ୍ତାବ ଗ୍ରହଣ କଲେନାହିଁ। ମୋର ମଧ୍ୟ ବିଶ୍ୱାସ ନଥିଲା ଯେ, ଭଗବାନ ଦିନେ ଏହା ମୋ ହସ୍ତରେ ସମ୍ପନ୍ନ କରାଇବେ। ଦିନେ ହେଲେ ସଦିଚ୍ଛା ସଫଳ ହୁଏ। ସମ୍ବଲପୁରରେ ପ୍ରଥମ ଝାଡ଼ୁଆ ଓଡ଼ିଆ ବିବାହ ମୋ କନ୍ୟା ସୁଷମା ସହିତ ଶ୍ରୀ ନାରାୟଣ ନନ୍ଦଙ୍କ ପୁତ୍ର

Digitized by srujanika@gmail.com

କିଶୋରୀମୋହନଙ୍କ। ଏହା ୧୯୪୫ ମସିହାରେ। ଝାଡୁଆ ସମାଜରେ ଏହା ଚହଳ ପକାଇ ଦେଇଥିଲା ଓ ମୋ ବିରୁଦ୍ଧରେ କେତେ ବିଭ୍ରାଟ ସୃଷ୍ଟି ହୋଇଥିଲା। କିନ୍ତୁ କାଳର ସ୍ରୋତରେ ଏହି ୧୭ ବର୍ଷ ମଧ୍ୟରେ ଏପରି ବିବାହ ଅନେକ ହୋଇଗଲାଣି। ଯଥାସ୍ଥାନରେ ଏହି ବିଷୟର ବିଶଦ ଆଲୋଚନା ହେବ।

ଏହି ବର୍ଷର ଝାଡୁଆପଡ଼ାର ହରପାର୍ବତୀଙ୍କ ବିବାହ, ଯାତ୍ରାରେ କର୍ମକର୍ତ୍ତାମାନଙ୍କ ସମ୍ମତିକ୍ରମେ ମୁଁ ଓ ମୋ ସହଧର୍ମିଣୀଙ୍କ ଦ୍ୱାରା ଆମ୍ଭ ଘରେ ସମ୍ପନ୍ନ ହୋଇଥିଲା। ଏହିବର୍ଷ ଶୀତଳଷଷ୍ଠୀ ଉତ୍ସବ ସମ୍ପର୍କରେ ଉଭୟ ପଡ଼ାର ବ୍ରାହ୍ମଣଙ୍କ ମଧ୍ୟରେ ମନୋଭାବ ଅତ୍ୟନ୍ତ ତୀବ୍ର ହୋଇଥିଲା। ଶାନ୍ତିରକ୍ଷା ସକାଶେ ମୁଁ ମାଜିଷ୍ଟ୍ରେଟ୍ ମୁତୟନ ହୋଇଥିଲି। ମୁଁ ଝାଡୁଆ ବ୍ରାହ୍ମଣ ଓ ଝାଡୁଆପଡ଼ାର ହରପାର୍ବତୀ ବିବାହ ସମ୍ପାଦନ କରୁଥିବା କାରଣନେଇ ଓଡ଼ିଆ ବ୍ରାହ୍ମଣମାନେ ମୋ ପ୍ରତି ଅର୍ପିତ କାର୍ଯ୍ୟଭାରରୁ ମୋତେ ଅବ୍ୟାହତି ଦେବା ସକାଶେ ଡେପୁଟି କମିଶନର ଶ୍ରୀ ନୀଳମଣି ସେନାପତିଙ୍କଠାରେ ଦରଖାସ୍ତ କଲେ। ସେନାପତି ମହାଶୟ ମୋତେ ତଲବ କରି ଉଭୟପକ୍ଷଙ୍କ ସମ୍ମୁଖରେ ଉତ୍ସବରେ ଶାନ୍ତିରକ୍ଷା ଭାରପ୍ରାପ୍ତ ହୋଇ, କାହିଁକି ଏହି କାର୍ଯ୍ୟ କରୁଅଛ ବୋଲି ପଚାରିଲେ। ମୁଁ ତାଙ୍କୁ ବୁଝାଇବାକୁ ଚେଷ୍ଟାକଲି ଯେ, ଏହା କରିବାପାଇଁ ମୋର ଓ ମୋର ସହଧର୍ମିଣୀଙ୍କ ମାନସିକ ଥିଲା। ସୁତରାଂ ଏହି ଧର୍ମ ସମ୍ବଳିତ କାର୍ଯ୍ୟ କରିବାରେ କୌଣସି ବାଧା ନାହିଁ; ବିଶେଷତଃ ମୋର କର୍ତ୍ତବ୍ୟ ସମ୍ପାଦନରେ କୌଣସି ପ୍ରକାର ବିଘ୍ନ ଜାତ ହେବାର ଆଶଙ୍କା ମଧ୍ୟ ନାହିଁ। ଆହୁରି ମଧ୍ୟ କହିଲି ଯେ, ଅନ୍ୟ କୌଣସି ଅଫିସରଙ୍କୁ ଏହି କାର୍ଯ୍ୟଭାର ଦେଲେ ମୋର ଆପତ୍ତି ନାହିଁ। ତଥାପି ସେନାପତି ମହାଶୟ ବୁଝିଲେ ନାହିଁ ଓ ବିବାହ ବନ୍ଦ କରିବାକୁ କହିଲେ। ମୁଁ ତାଙ୍କ ସହିତ ଏକମତ ନହୋଇ ବିନୀତ ଭାବରେ ତାହା ପ୍ରତ୍ୟାଖ୍ୟାନ କଲି। ତଥାପି ସେ ଜିଦ୍ ଧରିବସିଲେ ଯେ, ଯଦି ମୁଁ ତାଙ୍କ ଆଦେଶ ଅମାନ୍ୟ କରିବି ତାହାହେଲେ ମୋ ପ୍ରତି ବିହିତ କାର୍ଯ୍ୟାନୁଷ୍ଠାନ କରିବେ। ତଥାପି ମୁଁ ଏଥିରୁ ବିରତ ହେଲିନାହିଁ। ଏହି ପ୍ରସଙ୍ଗରେ ନନ୍ଦପଡ଼ାର ନେତାମାନଙ୍କୁ କହିଲି "ଦେଖନ୍ତୁ, ମୋର ନଅଟି ଝିଅ। ପ୍ରତିବର୍ଷ ଗୋଟିଏ ଲେଖାଏଁ ଝିଅର ବିବାହ କରି ମୁଁ ଆନନ୍ଦ ଲାଭକରେ। ସାରଦା ଆଇନ ତାହା ୧୯୨୯ ସାଲରୁ ବନ୍ଦ କରିଦେଇଅଛି। ତେଣୁ ଏପରି ଗୋଟିଏ ଝିଅର ବିବାହ ବ୍ୟବସ୍ଥା କରିଅଛି, ଯାହାପ୍ରତି ଏହି ଆଇନ ପ୍ରଯୋଜ୍ୟ ନୁହେଁ। ସେ ହେଉଛି ପାର୍ବତୀ। ମୁଁ କେଡ଼େ ଭାଗ୍ୟବାନ୍! ଏତେଗୁଡ଼ିଏ ଝିଅ ଓ ସେମାନଙ୍କ ବିବାହର ସୌଭାଗ୍ୟ କେଉଁ ବ୍ୟକ୍ତି ଅର୍ଜନ କରିଅଛି? ମୁଁ ଝାଡୁଆ ବ୍ରାହ୍ମଣ ଘରେ ଜନ୍ମ ହୋଇଥିଲେହେଁ ସମ୍ବଲପୁରରେ ଜଣେ ବିଶିଷ୍ଟ ଓଡ଼ିଆ ବ୍ରାହ୍ମଣଙ୍କଦ୍ୱାରା ମନୁଷ୍ୟ ହୋଇଅଛି। ସମସ୍ତେ ମୋତେ ଓଡ଼ିଆ ବ୍ରାହ୍ମଣ ବାଲୁଙ୍କେଶ୍ୱର ମିଶ୍ରଙ୍କ ପୁଅ ବୋଲି କହୁଛନ୍ତି ଓ ମୋତେ ସ୍ନେହ କରୁଛନ୍ତି। ଏହି ଉତ୍ସବରେ ଆପଣମାନଙ୍କ କୌଣସି ପ୍ରକାର ଆଶଙ୍କାର କାରଣ ନାହିଁ।" ଏହା କହିବା ଉତ୍ତାରେ ନନ୍ଦପଡ଼ା ଭାଇମାନେ ହସି ହସି ସେମାନଙ୍କ ଆପତ୍ତି

Digitized by srujanika@gmail.com

ଦରଖାସ୍ତ ଉଠାଇନେଲେ। ମୋ ଘରେ ବିବାହ ସମାରୋହରେ ସମ୍ପନ୍ନ ହେଲା ଓ ଉଭୟ ପଡ଼ାର ଉତ୍ସବ ମଧ୍ୟ ସୁଶୃଙ୍ଖଳ ଭାବରେ ସମ୍ପାଦିତ ହେଲା।

ଶ୍ରୀଯୁକ୍ତ ନୀଳମଣି ସେନାପତି ପ୍ରଥମ ଓଡ଼ିଆ ଆଇ.ସି.ଏସ୍.। ସମ୍ବଲପୁରରେ ସର୍ବପ୍ରଥମ ମୁଁ ତାଙ୍କୁ ଦେଖିଲି ଓ ତାଙ୍କତଳେ କାର୍ଯ୍ୟ କରିବା ସୁଯୋଗ ପାଇଲି ସେ କାଳର ଖାସ୍ ବିଲାତ୍ ଫେରନ୍ତା; ତାହା ଉପରେ ସରକାରୀ କାର୍ଯ୍ୟରେ ସର୍ବୋଚ୍ଚ ପଦଧାରୀ। ସେ କାଳର କେତେକ ଡେପୁଟିଙ୍କର ମଧ୍ୟ ଧରଣ ଧାରଣ ସାହେବୀ; ଡେପୁଟି ଥିବାଯାଏ କେତେକ ଗଳାବନ୍ଦ କୋଟ୍ ପିନ୍ଧୁଥାନ୍ତି; କିନ୍ତୁ ସାଧାରଣତଃ ଆଇ.ସି.ଏସ୍. ପଦଧାରୀଙ୍କ ସକାଶେ ରକ୍ଷିତ ଜିଲ୍ଲା ହାକିମ ପଦକୁ ଉଠିଲା ମାତ୍ରକେ ଛାତିଖୋଲା କୋଟ୍ ଓ ନେକ୍‌ଟାୟ ପିନ୍ଧିବା ଓ ନିଜ ମାତୃଭାଷା ଛାଡ଼ି ଇଂରେଜୀ ଭାଷା ବ୍ୟବହାର କରିବା ଦେଖାଯାଇଛି। ସେନାପତି ମହାଶୟ ଆମ୍ଭମାନଙ୍କର, ଅର୍ଥାତ୍ ଅଧୀନସ୍ଥ ଅଫିସର ଓ କିରାଣିମାନଙ୍କ ସହିତ ଇଂରେଜୀରେ ଓ ଇଂରେଜୀଭାଷା ଅନଭିଜ୍ଞ ଚପରାସୀମାନଙ୍କ ସହିତ ହିନ୍ଦିରେ କଥାବାର୍ତ୍ତା କରନ୍ତି। ଦିନେ ସମ୍ବଲପୁର ଫ୍ରେଜର୍ କ୍ଲବ୍‌ରେ କବି ଗଙ୍ଗାଧର ମେହେରଙ୍କ ପ୍ରତିକୃତି ଉନ୍ମୋଚନ ଉତ୍ସବରେ ତାଙ୍କୁ ସଭାପତିତ୍ୱ କରିବାକୁ ହୋଇଥିଲା ଓ ଉତ୍ସବର ଉଦ୍ୟୋକ୍ତାମାନେ ତାଙ୍କୁ ଜଣାଇଦେଲେ ଯେ, ସେହିଦିନର କାର୍ଯ୍ୟାବଳୀ ଓଡ଼ିଆ ଭାଷାରେ ହେବ। ସେନାପତି ମହାଶୟ ବିଶୁଦ୍ଧ ଓଡ଼ିଆ ଭାଷାରେ ଭାଷଣ ଦେଇଥିଲେ। ସଭାରେ ଉପସ୍ଥିତ ସମ୍ବଲପୁରର ଜଣେ ବିଶିଷ୍ଟ ଓକିଲ ତାଙ୍କ ଭାଷଣରେ ଏହି କଥାକୁ ଲକ୍ଷ୍ୟ କରି କେତେକ ସ୍ତୋକପୂର୍ଣ୍ଣ ବାକ୍ୟ ମଧ୍ୟରେ ସେନାପତି ମହାଶୟ ବିଲାତରେ ରହି, ଇଂରେଜୀ ଭାଷାରେ ବ୍ୟୁତ୍ପତ୍ତି ଅର୍ଜ୍ଜନକରି, ପୁଣି ସାହେବଙ୍କ ଆସନରେ ପ୍ରତିଷ୍ଠିତ ହୋଇ ମାତୃଭାଷା ପ୍ରତି ତାଙ୍କର ଅନୁରାଗ ପ୍ରଦର୍ଶନ ଯୋଗୁଁ ମାତୃଭାଷା ଗୌରବାନ୍ୱିତା ହୋଇଥିବା ମନ୍ତବ୍ୟ ପ୍ରକାଶ କଲେ। ସଭାରେ ମୋତେ ମଧ୍ୟ କିଛି କହିବା ଭାର ଦିଆ ହୋଇଥିଲା। ଉତ୍ସବୋଚିତ ବିଷୟ ମଧ୍ୟରେ ସେନାପତି ମହାଶୟଙ୍କ ସମ୍ବନ୍ଧରେ ପ୍ରୋକ୍ତ ଓକିଲଙ୍କର ଅପ୍ରାସଙ୍ଗିକ ମନ୍ତବ୍ୟ ଖଣ୍ଡନ କରିବା ଅଭିପ୍ରାୟରେ ମୁଁ କହିଥିଲି ଯେ, ସେନାପତି ମହାଶୟଙ୍କୁ ପ୍ରଶଂସା କରିବାକୁ ଯାଇ ସେ ବିଦ୍ରୂପ କରିଅଛନ୍ତି। କାରଣ ସେ ଓଡ଼ିଆ ହୋଇ ଓଡ଼ିଆ ନକହିଥାନ୍ତେ ତ ଆଉ କହନ୍ତେ କ'ଣ ? ଓଡ଼ିଆ କବିଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ଉତ୍ସବରେ ଅନ୍ୟ କୌଣସି ଭାଷାରେ କହିଲେ ତାଙ୍କ ପ୍ରତି ଅବମାନନା ହୋଇଥାନ୍ତା। ତେଣୁ ସଭାପକ୍ଷରୁ ତାଙ୍କଠାରେ ମୁଁ କ୍ଷମାପ୍ରାର୍ଥନା କରିଥିଲି।

ଦିନେ ତାଙ୍କ ସଙ୍ଗେ ମୋତେ ଗୋଟିଏ ସରଜମିନ୍ ତଦନ୍ତ ସମ୍ପର୍କରେ ମଫସଲକୁ ଯିବାକୁ ହୋଇଥିଲା। ସେନାପତି ମହାଶୟ ନିଜେ ମୋଟର ଚଳାଉଥିଲେ ଓ ମୁଁ ତାଙ୍କ ବାମ ପାଖରେ ବସିଥିଲି। ସମ୍ବଲପୁରବାସୀ ଚପରାସୀ କୁବେର ବେରିହା ପଛପାଖରେ ବସିଥିଲା। ଜଙ୍ଗଲ ଦେଇ ଗାଡ଼ି ଚାଲିଥାଏ। ସ୍ଥାନେ ସ୍ଥାନେ ସମ୍ମୁଖରେ ଓ ଅନ୍ୟଦିଗରେ ପାହାଡ଼ମାନ ପଡୁଥାଏ। ସେନାପତି ମହାଶୟ ଚପରାସୀକୁ ହିନ୍ଦିଭାଷାରେ ପଚାରୁଥାନ୍ତି,

Digitized by srujanika@gmail.com

ସେହି ଜଙ୍ଗଲ ଓ ପାହାଡ଼ଗୁଡ଼ିକର ନାମ, ଚପରାସୀ ମଧ୍ୟ ହିନ୍ଦିରେ ଉତ୍ତର ଦେଉଥାଏ। ଗୋଟିଏ ଜଙ୍ଗଲକୁ ଲକ୍ଷ୍ୟ କରି ସେନାପତି ମହାଶୟ ତାକୁ ପଚାରିଲେ, ''ୟହାଁ କ୍ୟା ମଣିଷଖିଆ ବାଘ ହେ ?'' ଆଉ କେତେ କଥା। ହିନ୍ଦି କହୁଁ କହୁଁ ଓଡ଼ିଆ ବାହାରି ପଡୁଥାଏ।

ପୂର୍ବେ ସମୁଦ୍ର ଉପକୂଳ ଅଞ୍ଚଳବାସୀମାନଙ୍କର ଲୁଣ ମାରିବା ଅଧିକାର ଥିଲା। ଇଂରେଜ ରାଜତ୍ୱରେ ତାହା ଛିନ୍ନକରି ବ୍ୟବସାୟୀଙ୍କୁ ତାହା ଦିଆହେଲା ଓ ଲୁଣ ଉପରେ ଶୁଳ୍କ ବସାହେଲା। ଏହା ବିରୁଦ୍ଧରେ ପ୍ରତିବାଦ କରି ମହାତ୍ମା ଗାନ୍ଧୀ ୩୦.୩.୧୯୩୦ ଦିନ ବମ୍ବେ ପ୍ରଦେଶସ୍ଥ ଡାଣ୍ଡି ଓ ଧର୍ସାନା ନାମକ ଲୁଣ ଉତ୍ପାଦନ କେନ୍ଦ୍ର ଦ୍ୱୟର ଆକ୍ରମଣ ସକାଶେ ଅଭିଯାନ ଆରମ୍ଭ କଲେ। ଏହି ଅଭିଯାନର ସଫଳତା କାମନାକରି ସମ୍ବଲପୁର ଜିଲ୍ଲା ସ୍କୁଲର ଉପର ଶ୍ରେଣୀର ଛାତ୍ରମାନେ ବୁଢ଼ାରାଜା ପାହାଡ଼ ଉପରେ ଅବସ୍ଥିତ ମହାଦେବ ମନ୍ଦିରରେ ସଭା କରିଥିଲେ। ଜିଲ୍ଲା ସ୍କୁଲର ହେଡ୍‌ମାଷ୍ଟର ଶ୍ରୀ ବିଶ୍ୱମ୍ଭର ମିଶ୍ର ଏହି ଦିନକ ସ୍କୁଲରୁ ଅନୁପସ୍ଥିତ ହୋଇଥିବା ଅପରାଧ ଯୋଗୁଁ ପିଲାମାନଙ୍କ ନାମ କାଟିଦେଇଥିଲେ। ଏହାର ଅଳ୍ପଦିନ ଉତ୍ତାରେ ଏହି ହେଡ୍‌ମାଷ୍ଟରଙ୍କୁ ସରକାରଙ୍କ ପ୍ରକାଶ୍ୟ ସଭାରେ ଅଭିବନ୍ଦିତ ଓ ପୁରସ୍କୃତ କରାହୋଇଥିଲା। ପରେ ରାୟ ବାହାଦୂର୍ ହେଲେ।

୧୯୩୦ ମସିହା ଡିସେମ୍ବର ମାସ ମଧ୍ୟରେ ମୁଁ ବାଲେଶ୍ୱରକୁ ବଦଳି ହୋଇଥିବା ହୁକୁମ୍ ଆସିଲା। କିନ୍ତୁ ମୋ ସ୍ଥାନରେ ଆସୁଥିବା ଡେପୁଟି କଲେକ୍ଟର ଶ୍ରୀ ସତୀଶ ଚନ୍ଦ୍ର ମିତ୍ର ଦୀର୍ଘ ଛୁଟି ନେବାରୁ ସେ ଆସିବା ପର୍ଯ୍ୟନ୍ତ ମୋତେ ରହିବାକୁ ହେଲା। ୧୯୩୧ ମସିହା ଅକ୍ଟୋବର ମାସରେ ମୁଁ ବାଲେଶ୍ୱରରେ ମୋ କାର୍ଯ୍ୟରେ ଯୋଗଦାନ କଲି।

Digitized by srujanika@gmail.com

ଦ୍ୱିତୀୟବାର ବାଲେଶ୍ୱରରେ

୧୯୧୫ ମସିହାରେ ମୁଁ ବାଲେଶ୍ୱରରେ ଥିଲି। ସେହି ସମୟରେ ବାଲେଶ୍ୱରର ଜଳବାୟୁ ସ୍ୱାସ୍ଥ୍ୟକର ଥିଲା। ୧୯୧୮ ମସିହାର ଭାରତବ୍ୟାପି ଇନ୍‌ଫ୍ଲୁଏଞ୍ଜା ବା ଯୁଦ୍ଧଜ୍ୱର ରୋଗର ପ୍ରାଦୁର୍ଭାବରେ ବାଲେଶ୍ୱର ଛାରଖାର ହୋଇଗଲା ଏବଂ ସେହିଦିନଠାରୁ ଏଠାରେ ମାଲେରିଆର ପ୍ରାବଲ୍ୟ ଅତ୍ୟଧିକ ହେଲା। ସହର ମଧ୍ୟରେ ବୁଲିବାକୁ ଗଲେ ଦେଖିବାକୁ ମିଳିଲା, ଅନେକ ଘର ଭାଙ୍ଗି ପଡ଼ିଯାଇ କେବଳ ଭଙ୍ଗା କାନ୍ଥମାନ ଛିଡ଼ା ହୋଇଅଛି। ଘରର ସମସ୍ତେ ମୃତ୍ୟୁମୁଖରେ ଚାଲିଯାଇଛନ୍ତି। ମଫସଲର ଅବସ୍ଥା ଆହୁରି ଶୋଚନୀୟ ବୋଲି ଶୁଣାଯାଉଥିଲା। ସଡ଼କରେ ଚାଲିଯାଉଥିବା ଲୋକଙ୍କୁ ଦେଖିଲେ ମେଲେରିଆର ପ୍ରକୋପ ଏଠାରେ ପୂର୍ଣ୍ଣମାତ୍ରାରେ ବିଦ୍ୟମାନ ଥିବା ପ୍ରତୀତ ହେଉଥିଲା। ପ୍ରାୟ ସମସ୍ତଙ୍କ ମୁହଁ ବିବର୍ଣ୍ଣ। ଚକ୍ଷୁ କୋଟରଗତ। ଦେହ ଶୀର୍ଣ୍ଣ ଓ ଶ୍ଲଥପଦ। ପୂର୍ବେ କେବେ କ୍ୱଚିତ୍ ଇନ୍‌ଫ୍ଲୁଏଞ୍ଜା ରୋଗ ଦେଖାଯାଉଥିଲା ବା ଶୁଣାଯାଉଥିଲା। ୧୯୧୮ ମସିହାର ଶୀତ ଋତୁରେ ପ୍ରଥମ ବିଶ୍ୱଯୁଦ୍ଧ ଉତ୍ତାରେ ଏହି ରୋଗ ଭାରତବର୍ଷରେ ବ୍ୟାପ୍ତ ହୋଇ ବହୁଲୋକଙ୍କ ପ୍ରାଣନାଶ କଲା। କେହି କେହି କହିଲେ, ଯୁଦ୍ଧରେ ବ୍ୟବହୃତ ଆଗ୍ନେୟାସ୍ତ୍ର ପ୍ରଭୃତିରୁ ନିଃସୃତ ବିଷାକ୍ତ ବାଷ୍ପ ଏହି ରୋଗବ୍ୟାପ୍ତିର ପ୍ରଧାନ କାରଣ ଥିଲା। ତେଣୁ ଏହାକୁ 'ଯୁଦ୍ଧଜ୍ୱର' କହିଲେ। ଏହିରୋଗର ଲକ୍ଷଣ ଏହି ଯେ, ପ୍ରଥମେ ସାମାନ୍ୟ ଜ୍ୱର ଆରମ୍ଭ ହୋଇ ନାକରୁ ପାଣି ବହେ ଓ ନିଉମୋନିଆ ହୋଇ ପ୍ରକୋପ ବୃଦ୍ଧି ହୁଏ ଏବଂ ଅଧିକାଂଶ ସ୍ଥାନରେ ପ୍ରାଣନାଶ ହୁଏ। ଓଡ଼ିଶାରେ, ବାଲେଶ୍ୱର ଜିଲ୍ଲାରେ ଏହାର ପ୍ରକୋପ ଅତ୍ୟଧିକ ହୋଇଥିଲା ଏବଂ ଏହା ସଙ୍ଗେ ମେଲେରିଆର ପ୍ରାଦୁର୍ଭାବ ଯୋଗୁଁ ମୃତ୍ୟୁସଂଖ୍ୟା ଅତ୍ୟଧିକ ହୋଇଥିଲା।

ବାଲେଶ୍ୱର ସହର ସମୁଦ୍ର ଉପକୂଳରୁ ପ୍ରାୟ ଆଠ ମାଇଲ ଦୂରରେ। ସହର ନିକଟବର୍ତ୍ତୀ ବୁଢ଼ାବଳଙ୍ଗ ନଦୀକୁ ଜୁଆର ଆସେ। ସମୁଦ୍ର ନିକଟବର୍ତ୍ତୀ ଥିବାରୁ ଭୂମି ସର୍ବତ୍ର ସମତଳ ଓ ସନ୍ତସନ୍ତିଆ। ପୁଣି ସମଗ୍ର ଜିଲ୍ଲାରେ ବାସଗୃହ ସଂଲଗ୍ନ ଗୋଟିଏ ଗୋଟିଏ ପୋଖରୀ (ଗାଡ଼ିଆ) ଏହି ଜିଲ୍ଲାର ବିଶେଷତ୍ୱ। ଏହି ପୋଖରୀରୁ ଜଳ ନିଷ୍କାସନର ରାସ୍ତା ନଥାଏ। ତାହା କେବଳ ବର୍ଷା ଜଳରେ ପୂର୍ଣ୍ଣ ହୁଏ ଓ ଜଳ ସର୍ବଦା ସ୍ଥିର ହୋଇ ରହୁଥିବାରୁ ତାହା ପରିଷ୍କାର ନଥାଏ। ପୁଣି ତାହା ଦଳରେ ପୂର୍ଣ୍ଣ ଥାଏ। ଏହି ଜଳ ସ୍ନାନ-ପାନରେ ବ୍ୟବହୃତ ହୁଏ। ଗୃହସ୍ୱାମୀ ତହିଁରେ ମାଛଚାଷ କରନ୍ତି। ବଙ୍ଗାଳୀଙ୍କ ପରି ବାଲେଶ୍ୱରବାସୀ ପ୍ରାୟ ସମସ୍ତେ ମତ୍ସ୍ୟାହାରୀ। ବଙ୍ଗପ୍ରଦେଶ ସୀମା ସଂଲଗ୍ନ ଥିବାରୁ ଚାଲିଚଳଣି, ରୀତିନୀତି

Digitized by srujanika@gmail.com

ବଙ୍ଗବାସୀଙ୍କ ତୁଲ୍ୟ। ଭାଷା ମଧ୍ୟ ବଙ୍ଗଳା ମିଶା ଓଡ଼ିଆ। ଏହି ପୁଷ୍କରିଣୀଗୁଡ଼ିକ ମଶାର ଜନ୍ମସ୍ଥଳ। ତେଣୁ ଲୋକେ ମେଲେରିଆଗ୍ରସ୍ତ ହୁଅନ୍ତି। ୧୯୧୮ ମସିହାରୁ ବାଲେଶ୍ୱର ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ହୋଇପଡ଼ିଥିଲା।

୧୯୩୧ ମସିହା ପୂଜାଛୁଟି ଉତ୍ତାରେ ମୁଁ ବାଲେଶ୍ୱରରେ ମୋର କାର୍ଯ୍ୟରେ ଯୋଗଦେଲି। ଦୁଇ ଝିଅ ସୁରମା ଓ ଉମା ଭୀଷଣ ଟାଇଫଏଡ୍ ଜ୍ୱରରୁ ମୁକ୍ତ ହୋଇଥିଲେ ସୁଦ୍ଧା ଦୁର୍ବଳ ଥିବାରୁ ପରିବାର ସଙ୍ଗେ ନନେଇ ୧୯୩୨ ମସିହା ଜାନୁୟାରୀ ମାସରେ ନେଲି। ସେତେବେଳେ ମୋ ପରିବାରରେ ଦୁଇପୁଅ ସତ୍ୟଗୋପାଳ (ଦୁଖୁ), ବିଭୁପ୍ରସାଦ (ଫକୀର), ଯଥାକ୍ରମେ ୧୮ ବର୍ଷ ଓ ୪ ମାସର। ନଅଗୋଟି ଝିଅ ମଧ୍ୟରୁ ମନୋରମା ଓ ତିଲୋତ୍ତମା ଶାଶୁଘରେ ଥିଲେ। ତୃତୀୟ ଝିଅ ଅନୁପମାର ବିବାହ ହୋଇଥିଲାନ୍ତ କିନ୍ତୁ ଶାଶୁ ଘରକୁ ଯାଇନଥିଲା। ଆଉ ଘରେ ଥିଲେ ଚତୁର୍ଥ ଝିଅ ନିରୂପମା, ବୟସ ୧୧ ବର୍ଷ। ପୁଣି ତଳକୁ ତଳକୁ ସୁଷମା, ସୁରମା, ନୀଳିମା, ଉମା ଓ ଶ୍ୟାମା। ବୟସ ଯଥାକ୍ରମେ ବ୧୦ର୍ଷ, ବ୯ର୍ଷ, ବ୭ର୍ଷ, ବ୬ର୍ଷ ଓ ୩ବର୍ଷ। ଏପରି ପୁଅ ଝିଅ ହୋଇ ୧୧ ଜଣ। ଇତିପୂର୍ବେ ଦୁଇପୁଅ ସେମାନଙ୍କ ତିନି ବର୍ଷ ବୟସରେ ଦେବଲୋକକୁ ଚାଲିଯାଇଥିଲେ। ଭଗବାନ ଏହି ବୃହତ୍ ପରିବାରର ଲାଳନପାଳନର ଭାର ଏକାକୀ ମୋ ଉପରେ ନ୍ୟସ୍ତ କରିଥିଲେ। ପୁଣି ସଙ୍ଗରେ ଜ୍ୟେଷ୍ଠଭ୍ରାତାଙ୍କ ପୁତ୍ର କୃପାସିନ୍ଧୁ, ତାହାର ଦଶବର୍ଷ ବୟସରୁ ମୁଁ ବଣେଇରେ ଥିବା ସମୟରୁ ମୋ ଘରେ ରହି ମନୁଷ୍ୟ ହେଉଥିଲା। ସତ୍ୟଗୋପାଳ ଏହି ସମୟରେ କଟକରେ କଲେଜରେ ଥିଲା।

୧୯୩୧ ମସିହା ସେପ୍ଟେମ୍ବର ମାସରେ ମୋର ଚତୁର୍ଥ ପୁତ୍ର ବିଭୁପ୍ରସାଦର ଜନ୍ମ, ରାତ୍ର ପ୍ରାୟ ୯ଟା ବେଳ। ପରଦିନ ସକାଳେ ପ୍ରାୟ ୮ଟା ବେଳେ ମୋର ମନ୍ତ୍ରଦାତା ଗୁରୁ ଚାରିଜଣ ଶିଷ୍ୟସହ ଅକସ୍ମାତ ଉପସ୍ଥିତ ହେଲେ। ମୋଠାରୁ ପ୍ରଣାମ ଗ୍ରହଣ କଲାପରେ ପଚାରିଲେ, ତାଙ୍କ ହିନ୍ଦୀଭାଷାରେ, କାଲି ରାତିରେ ପୁଅ ହୋଇଛି ନା ? ମୁଁ ଉତ୍ତର କଲି, ହଁ ହୋଇଛି। କିନ୍ତୁ ଆପଣ ଜାଣିଲେ କିପରି ? ମୁଁ ତ କେବେ ଆପଣଙ୍କୁ ଜଣାଇନଥିଲି। ସେ କହିଲେ, "ଭଗବାନ ମୋତେ ତାହାର ଦର୍ଶନ ଦେଲେ, ତେଣୁ ମୁଁ ଆସିଲି।" ଏହା କହି ସେହି ମୁହୂର୍ତ୍ତରେ ତାକୁ ଦେଖିବା ଇଚ୍ଛା ପ୍ରକାଶ କଲେ। ଅନ୍ତୁଡ଼ିଶାଳକୁ ମୁଁ ତାଙ୍କୁ ନେଇଯାଇଥିଲି। ଶିଶୁକୁ ତତ୍‌କ୍ଷଣାତ୍ ନିଜ କୋଳକୁ ନେଇ ହାତରେ ତାକୁ ନଚାଇ ନଚାଇ, ତତ୍‌ପରେ ତାହାର କାନ, ନାକ ଆଦି ଛିଦ୍ରମାନ ଫୁଙ୍କି ପ୍ରାୟ ଘଣ୍ଟାଏକାଳ କଟାଇଦେଲେ। ତତ୍ପରେ ଧ୍ୟାନଯୁକ୍ତ ହୋଇ ଆଉ ଘଣ୍ଟାଏକାଳ ବସିଲେ। ତତ୍ପରେ ମୋତେ ଡାକି କହିଲେ, "ଦେଖ ବାବା ! ତୋର ଭାଗ୍ୟରେ ପୁଅ ନାହିଁ। ଦୁଇ ପୁଅ ଚାଲିଯାଇଛନ୍ତି। ଯେଉଁ ପୁଅ ଅଛି (ମୋର ପୁଅ ସତ୍ୟଗୋପାଳ ସେତେବେଳେ ୧୭ବର୍ଷ ବୟସ୍କ) ତାହାର ଦୀର୍ଘାୟୁ ସମ୍ବନ୍ଧରେ ଭଗବାନଙ୍କ ଇଚ୍ଛା ଅନ୍ୟରୂପ ବୋଲି ମନେହେଉଛି। ଏହି ପୁଅର ଦୀର୍ଘ ଜୀବନ

Digitized by srujanika@gmail.com

କାମନା ମୁଁ ଭଗବାନଙ୍କଠାରେ ଜଣାଇଅଛି । ଏହି ଉଦ୍ଦେଶ୍ୟରେ ମୁଁ ଆଜି ବସିଛି । ଏହା ସମ୍ବନ୍ଧରେ ତୋତେ ଏପରି ଆଚରଣ କରିବାକୁ ହେବ, ଯେପରି ଏ ତୋହର ପୁତ୍ରବୋଲି କେହି ଜାଣିବେ ନାହିଁ । ବିଭୁଙ୍କ ପ୍ରସାଦରେ ଏହାର ଜନ୍ମ ଓ ତାଙ୍କ ପ୍ରସାଦରେ ଏ ଦୀର୍ଘଜୀବନ ଲାଭକରିବ । ଆଜି ମୁଁ ତାକୁ ମନ୍ତ୍ର ଦେଇ ମୋର ଶିଷ୍ୟ କରିନେଉଅଛି । ତୋର କୌଳିକ ନାୟକ ସଂଜ୍ଞା ତ୍ୟାଗକରି ଏହାକୁ ମୁଁ ବିଭୁପ୍ରସାଦ ଦାସ ନାମ ଦେଲି । ଏହି ନାମରେ ସେ ସର୍ବଦା ସର୍ବତ୍ର ପରିଚିତ ହେବ । ଗୁରୁଙ୍କ ନାମ ମୋଦ ଦାସ । ତାଙ୍କ ଆଶ୍ରମ ହିମାଳୟ ପାଦଦେଶସ୍ଥ ଆଲମୋରାରେ । ମଧ୍ୟରେ ମଧ୍ୟରେ ସଶିଷ୍ୟ ଭାରତର ସର୍ବତ୍ର ପରିଭ୍ରମଣ କରନ୍ତି । ଏହି କାରଣରୁ ମୋର ଏହି କନିଷ୍ଠପୁତ୍ର ବିଭୁପ୍ରସାଦ ନାମରେ ପରିଚିତ । ସ୍କୁଲ, କଲେଜର କାଗଜପତ୍ରରେ ଏହି ନାମ । ବର୍ତ୍ତମାନ ସେ ଲଣ୍ଡନ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ Imperial College of Science and Technologyରେ ଅଧ୍ୟାପକ କାର୍ଯ୍ୟରେ ନିଯୁକ୍ତ ହୋଇ ରହିଅଛି ।

୧୯୩୨ ମସିହା ଜାନୁୟାରୀ ମାସରେ କୃପାସିନ୍ଧୁକୁ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଓ ଅନୁପମା, ଶ୍ୟାମା ଛଡ଼ା ସବୁ ଝିଅଙ୍କୁ ବାଳିକା ସ୍କୁଲରେ ଦେଇଦେଲି । ଅନୁପମାର ତ ବିବାହ ହୋଇଯାଇଥିଲା । ସେ ସମ୍ବଲପୁର ବାଳିକା ସ୍କୁଲରୁ ମଧ୍ୟ ଓଡ଼ିଆ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲା । ୧୯୨୯ ମସିହାରେ ବାଲ୍ୟବିବାହ ନିରୋଧ ଆଇନ୍ (ସାରଦା ଆଇନ୍) ଜାରି ହେବା ପୂର୍ବେ ତାହାର ଦଶବର୍ଷ ବୟସରେ ବିବାହ ହୋଇଯାଇଥିଲା । ଦୁଇବର୍ଷ ପରେ ଶାଶୁଘରକୁ ଯିବ । ଆଉ ପଢ଼ିବା ଦରକାର କ'ଣ ? ନିରୁପମା ଓ ସୁଷମା ସମ୍ବଲପୁର ମଧ୍ୟ ଓଡ଼ିଆ ସ୍କୁଲର ଷଷ୍ଠ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇଥିଲେ । ଏ ଦୁହିଁଙ୍କୁ ସପ୍ତମ ଶ୍ରେଣୀରେ ଓ ସୁରମା, ନୀଳିମା ଉମାଙ୍କୁ ନିମ୍ନଶ୍ରେଣୀରେ ଭର୍ତ୍ତି କରିବାକୁ ସ୍କୁଲକୁ ନେଇଗଲି । ବାଳିକା ସ୍କୁଲ ସମ୍ମୁଖରେ ମୋର ବସାଘର । ସ୍କୁଲଟି ଆମେରିକାନ୍ ମିଶନ୍‌ଦ୍ୱାରା ପରିଚାଳିତ । ସେକ୍ରେଟାରୀ ମିସ୍ ଇଥେଲ କ୍ରଙ୍କାଇଟ୍ (Miss Ethel Chronkite) ସୁରମା, ନୀଳିମା ଓ ଉମାକୁ ନିମ୍ନ ଶ୍ରେଣୀମାନଙ୍କରେ ନେଇଗଲେ; କିନ୍ତୁ ନିରୁପମା ଓ ସୁଷମାକୁ ୭ମ ଶ୍ରେଣୀରେ ନେବାକୁ ମନାକଲେ । କାରଣ, ଏହା ମଧ୍ୟ ଇଂରାଜୀ ସ୍କୁଲ, ଏହି ସ୍କୁଲରେ ଚତୁର୍ଥ ଶ୍ରେଣୀରୁ ଇଂରେଜୀ ଶିକ୍ଷା ଆରମ୍ଭ ହୁଏ । ଏମାନେ ଇଂରେଜୀ ପଢ଼ିନାହାଁନ୍ତି । ସୁତରାଂ ଏମାନଙ୍କୁ ଯଦି ଏହି ସ୍କୁଲରେ ରଖିବାକୁ ହୁଏ ତାହାହେଲେ ଏମାନଙ୍କୁ ଚତୁର୍ଥ ଶ୍ରେଣୀରେ ଭର୍ତ୍ତି କରିବାକୁ ହେବ ବୋଲି ମିସ୍ କ୍ରଙ୍କାଇଟ୍ କହିଲେ । ମୁଁ ବଡ଼ ଅଡୁଆରେ ପଡ଼ିଲି । ତିନିବର୍ଷ କ୍ଷତି । ପୁଣି ସୁଷମା ଅପରପ୍ରାଇମେରୀ ବୃତ୍ତି ଲାଭକରି ବର୍ଷେ ପାଇସାରିଅଛି । ଆଉ ବର୍ଷେ ପୁଣି ଭୋଗକରିବ । ସପ୍ତମ ଶ୍ରେଣୀରେ ନରହିଲେ ଏହା ତାହାକୁ ହରାଇବାକୁ ହେବ । ମନେ ମନେ ଭାବିଲି, ଏମାନଙ୍କୁ ଇଂରେଜୀ ପଢ଼ାଇବାରେ ଲାଭ କ ଣ ? ଝିଅ ଗୋଟିଏ ଜନ୍ମ ହେଲା ଦିନରୁ ମୁଁ ତାହାର ବରପାତ୍ର ଯୋଗାଡ଼ରେ ଲାଗିଯାଏ । ଏମାନଙ୍କ ଦୁଇତିନି ବର୍ଷ

Digitized by srujanika@gmail.com

ବୟସରେ ବରପାତ୍ର ଯୋଗାଡ଼ ହୋଇଯାଇଅଛି। ଚଉଦବର୍ଷର ହେଲା ମାତ୍ରକେ ଏମାନଙ୍କ ବିବାହ ହୋଇଯିବ। ଇଂରେଜୀ ପଢ଼ିଲେ ମଧ ଏତେ ଅଳ୍ପ ପଢ଼ା ହୋଇଥିବ ଯେ, ତାହା ନପଢ଼ାଇଲେ ମଧ୍ୟ କ୍ଷତି ନାହିଁ। ମଧ ଭର୍ଣ୍ଣାକୁଲର ଓ ମଧ ଇଂରେଜୀ ସ୍କୁଲରେ ପ୍ରଭେଦ ଏହି ଯେ, ଉଭୟ ସ୍କୁଲରେ ଇଂରେଜୀ ଛଡ଼ା ସମସ୍ତ ବିଷୟ ସମାନ। କେବଳ ଇଂରେଜୀ ମଧ ଇଂରେଜୀ ସ୍କୁଲରେ ଏକ ଅତିରିକ୍ତ ବିଷୟ। ମିସ୍ କ୍ରୁକ୍ସାଇଟ୍‌ଙ୍କୁ କହିଲି ଯେ, ଏମାନେ କେବଳ ଓଡ଼ିଆ ବିଷୟମାନ ପଢ଼ିବେ, ଇଂରେଜୀ ପଢ଼ିବେ ନାହିଁ ଓ ଏମାନଙ୍କୁ ସପ୍ତମଶ୍ରେଣୀରେ ନାମ ଲେଖିବାକୁ ଅନୁରୋଧ କଲି। ପ୍ରଥମେ ସେ ସମ୍ମତ ହେଲେନାହିଁ। କହିଲେ ଯେ, ଇଂରେଜୀ ସ୍କୁଲରେ ସମସ୍ତଙ୍କୁ ଇଂରେଜୀ ପଢ଼ିବାକୁ ହେବ। କିନ୍ତୁ ବହୁ ଅନୁରୋଧ ପରେ, ସେମାନଙ୍କ ନାମ ଲେଖିଲେ। ୧୯୩୨ ମସିହା ଜାନୁୟାରୀ ମାସ ୨ ତାରିଖରେ ସମସ୍ତଙ୍କ ନାମ ଲେଖା ହୋଇଗଲା। ନାମ ଲେଖାହେବା ଚାରି ଛଅ ଦିନ ଉତ୍ତାରେ ଯେତେବେଳେ ମିସ୍ କ୍ରୁକ୍ସାଇଟ୍‌ଙ୍କ ସଙ୍ଗେ ଦେଖାହୁଏ, ସେ କହନ୍ତି ଯେ, ମୋର କନ୍ୟାଦ୍ୱୟ (ନିରୂପମା ଓ ସୁଷମା) ନିତାନ୍ତ ମୂର୍ଖ ଓ ଘରେ ସେମାନଙ୍କ ପଢ଼ିବାରେ ଯତ୍ନ ନକଲେ ସେମାନଙ୍କୁ ସ୍କୁଲରୁ ବାହାର କରିଦେବାକୁ ସେ ବାଧ ହେବେ। ତାଙ୍କ ସହ କଥାବାର୍ତ୍ତାରୁ ମୁଁ ବୁଝିଲି, ଇଂରେଜୀ ଆଦୌ ପଢ଼ିନଥିବା ଛାତ୍ରୀଙ୍କୁ ସ୍କୁଲର ସର୍ବୋଚ୍ଚ ସପ୍ତମଶ୍ରେଣୀରେ ରଖିବା ତାଙ୍କର ଇଚ୍ଛାନୁହେଁ। ଦିନେ ସେ ପ୍ରକାଶ୍ୟ ଭାବରେ କହିଲେ ଯେ, ତାଙ୍କ ସ୍କୁଲର ଶିକ୍ଷୟିତ୍ରୀମାନେ ସେମାନଙ୍କୁ ସପ୍ତମଶ୍ରେଣୀରେ ରଖିବା ପାଇଁ ଆପତ୍ତି କରୁଅଛନ୍ତି। ମୁଁ କହିଲି, ସେମାନଙ୍କୁ ଘରେ ପଢ଼ାଇବା ପାଇଁ ବିଶେଷ ଯତ୍ନ କରିବି।

ନିଜେ ପଢ଼ାଇବା ଆରମ୍ଭକଲି। ଇତିପୂର୍ବେ ଦୁଖୁ ଓ କୃପାସିନ୍ଧୁକୁ ଘରେ ପଢ଼ାଉଥିଲି ଓ ପିଲାମାନଙ୍କୁ ପଢ଼ାଇବାରେ ମୋର କିଛି ଅଭିଜ୍ଞତା ହୋଇଯାଇଥିଲା। ପ୍ରତ୍ୟହ ସକାଳେ ଓ ରାତ୍ରରେ ଦୁଇଘଣ୍ଟା ଲେଖାଏଁ ଅତିବାହିତ କରିବା ଆରମ୍ଭ କରିଦେଲି। ଦେଖିଲି, ଉଭୟେ ପାଠ ବୁଝୁଛନ୍ତି। ଘରେ ମୁଁ ନିଜେ ପଢ଼ାଉଥିବା କଥା ମିସ୍ କ୍ରୁକ୍ସାଇଟ୍‌ଙ୍କୁ ଜଣାଇଦେଲି। ଦେଖିଲି, ଶିକ୍ଷୟିତ୍ରୀମାନେ ବାଳିକାଦ୍ୱୟଙ୍କ ବିଷୟରେ ତାଙ୍କ ମନରେ ଯେଉଁ ଧାରଣା ଜନ୍ମାଇଛନ୍ତି ତାହା ନୁହେଁ।

ଦିନେ ଗୋଟିଏ ଭାବ ମୋ ମନରେ ଉଦିତ ହେଲା। ଏମାନେ ସ୍କୁଲରେ ଇଂରେଜୀ ପଢୁନଥିଲେ ମଧ ଘରେ ଏହା ଆରମ୍ଭକଲେ ଅଳ୍ପ କିଛି ହେଲେ ବିବାହ ପୂର୍ବରୁ ଏମାନଙ୍କର ଇଂରେଜୀ ଜ୍ଞାନ ହୋଇଯାଇଥିବ। ସେହିବର୍ଷ ଜାନୁୟାରୀ ପନ୍ଦର ତାରିଖରେ ଉମା ଛଡ଼ା ସମସ୍ତଙ୍କ ଇଂରେଜୀ ଅ, ଇ, ଈ, ଉ ଆରମ୍ଭ କରିଦେଲି। ଉମାର ତ ବୟସ ସେତେବେଳେ ଛଅବର୍ଷ ମାତ୍ର। ଅନୁପମା ମଧ ଏମାନଙ୍କ ସଙ୍ଗେ ପଢ଼ିବସିଲା।

ସୁରମା ଓ ନୀଳିମା ମଧ ଅତି ଅଳ୍ପବୟସ୍କା। ଯଥାକ୍ରମେ ନଅ ଓ ଆଠ ବର୍ଷ ମାତ୍ର। ଦୁହେଁ ସ୍କୁଲରେ ଇଂରେଜୀ ପଢ଼ନ୍ତି। ଦୁହେଁ ଚତୁର୍ଥ ଶ୍ରେଣୀରେ। ନିରୂପମା ଓ ସୁଷମାକୁ

Digitized by srujanika@gmail.com

ପଢ଼ାଇବାରେ ସମଧିକ ଯତ୍ନ କଲି । ବର୍ଣ୍ଣମାଳାରୁ ଆରମ୍ଭ କରି ବ୍ୟାକରଣ ପର୍ଯ୍ୟନ୍ତ ଓଡ଼ିଆ ମାଧ୍ୟମରେ ଇଂରେଜୀ ଶିକ୍ଷା ଆରମ୍ଭ କଲି । ଓଡ଼ିଆ ବର୍ଣ୍ଣମାଳାର ୪୮ଟି ଅକ୍ଷରକୁ କିପରି ଇଂରେଜୀ ବର୍ଣ୍ଣମାଳାର ୨୬ଟି ଅକ୍ଷରରେ ପ୍ରକାଶ କରିବାକୁ ହେବ, ପୁଣି ଯୁକ୍ତାକ୍ଷର ଆଦି ଓଡ଼ିଆ ବ୍ୟାକରଣର ସୂତ୍ର ସହିତ ଇଂରେଜୀ ବ୍ୟାକରଣର ସୂତ୍ର ମିଳାଇବାକୁ ହେବ, ଏପରି ଉପାୟରେ ମିଳାଇ ମିଳାଇ ପଢ଼ାଇବାକୁ ଲାଗିଲି । ଏଥିରେ ଆଶାତୀତ ଫଳ ହେବାକୁ ଲାଗିଲା । ଦେଖିଲି, ପଢ଼ିବାରେ ଏମାନଙ୍କର ଅତ୍ୟନ୍ତ ଆଗ୍ରହ । ପ୍ରଥମ ଦୁଇମାସ ମଧ୍ୟରେ ଇଂରେଜୀ ବର୍ଣ୍ଣଶିକ୍ଷା ଆରମ୍ଭକରି ପ୍ରଥମ ପୁସ୍ତକ ଶେଷ କରି ପକାଇଲି । ତତ୍‌ପରେ ପ୍ରତ୍ୟେକ ଦୁଇ ଦୁଇ ମାସରେ ପରବର୍ତ୍ତୀ ପୁସ୍ତକମାନ ଶେଷକରି ବ୍ୟାକରଣର ପ୍ରାଥମିକ ସୂତ୍ରମାନ ଆୟତ୍ତ କଲେ । ଓଡ଼ିଆରୁ ଇଂରେଜୀ ଓ ଇଂରେଜୀରୁ ଓଡ଼ିଆ ଅନୁବାଦ ମଧ୍ୟ ଶିକ୍ଷାକଲେ । ଅଗଷ୍ଟମାସ ଆଡ଼କୁ ଏମାନେ ଏତେ ଉନ୍ନତି କଲେ ଯେ, ମୋର ବିଶ୍ୱାସ ହେଲା ସେହି ବର୍ଷ ମଧ୍ୟ ଇଂରେଜୀ ପରୀକ୍ଷା ଦେଲେ ହୁଏତ ଦୁହେଁ ପାଶ୍ କରିପାରିବେ । ଏହି ବିଶ୍ୱାସର ବଶବର୍ତ୍ତୀ ହୋଇ ମୁଁ ସେମାନଙ୍କୁ ପଢ଼ାଇବାରେ ଆହୁରି ଯତ୍ନ କଲି । କେବଳ କଚେରୀ କାମ କରିବା ଛଡ଼ା ଆଉ କୌଣସି କାର୍ଯ୍ୟରେ ସମୟ କ୍ଷେପଣ ନକରି ସକାଳେ ଓ ରାତିରେ ଏମାନଙ୍କୁ କେବଳ ପଢ଼ାଇବାରେ ମନୋନିବେଶ କଲି । ଭୋର୍ ଚାରିଟା ବେଳେ ଶଯ୍ୟା ତ୍ୟାଗ କରିବା ମୋର ଅଭ୍ୟାସ । ନିତ୍ୟକର୍ମ ସମାପନ କରି ୫ଟାରୁ ୭ଟା ପର୍ଯ୍ୟନ୍ତ ନିରୂପମା ଓ ସୁଷମାକୁ; ୭ଟାରୁ ୯ଟା ପର୍ଯ୍ୟନ୍ତ ସୁରମା, ନୀଳିମା ଓ କୃପାସିନ୍ଧୁକୁ ପଢ଼ାଏ । ରାତ୍ରିରେ ୭ଟାରୁ ୯ଟା ପର୍ଯ୍ୟନ୍ତ ସମୟ ବଣ୍ଟନ କରି ପଢ଼ାଇବାର ଦୁଇଘଣ୍ଟା ଅତିବାହିତ ହୋଇଯାଏ ।

ସେପ୍‌ଟେମ୍ବର ମାସ ଆଡ଼କୁ ମୋର ସାହସ ହେଲା, ନିରୂପମା ଓ ସୁଷମା ମଧ୍ୟ ଇଂରେଜୀ ପରୀକ୍ଷା ଦେଇପାରିବେ । ଏହି ପରୀକ୍ଷା ସମଗ୍ର ଓଡ଼ିଶା ପରୀକ୍ଷା ପରିଷଦ (Examination Board) ଦ୍ୱାରା ପରିଚାଳିତ । ସମଗ୍ର ଓଡ଼ିଶାର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ସମାନ ପ୍ରଶ୍ନ କାଗଜଦ୍ୱାରା ପରୀକ୍ଷା ଦେବାକୁ ହୁଏ ।

ମୋର କନ୍ୟାଦ୍ୱୟ ଇଂରେଜୀ ସହିତ ପରୀକ୍ଷା ଦେବେ ବୋଲି ମିସ୍ କ୍ରୁକ୍ଶାଇଟ୍‌ଙ୍କୁ ଦିନେ ଯାଇ କହିଲି । ସେ ମୋ କଥାକୁ ଆଦୌ ବିଶ୍ୱାସ କଲେ ନାହିଁ, ହସରେ ଉଡ଼ାଇଦେଲେ । ଏହାର ଦୁଇଚାରି ଦିନ ପରେ କଚେରୀରୁ ଫେରିବା ବାଟରେ ସ୍କୁଲରେ ତାଙ୍କ ସହିତ ସାକ୍ଷାତ କଲି ଓ ଦୁହିଁଙ୍କୁ ପରୀକ୍ଷା କରି ସେମାନଙ୍କ ଯୋଗ୍ୟତା ବା ଅଯୋଗ୍ୟତା ସମ୍ବନ୍ଧରେ ମତ ସ୍ଥିର କରିବାକୁ ଅନୁରୋଧ କଲି । ସେତେବେଳେ ସ୍କୁଲରେ କେତେକ ଶିକ୍ଷୟିତ୍ରୀ ତାଙ୍କ ପାଖରେ ବସିଥିଲେ । ମିସ୍ କ୍ରୁକ୍ଶାଇଟ୍ ମୋତେ ବିଦ୍ରୂପ କଲାପରି ମୋ ପ୍ରସ୍ତାବ ସେମାନଙ୍କୁ ଜଣାଇଲେ । ସମସ୍ତେ ସମସ୍ୱରରେ ମତ ପ୍ରକାଶ କଲେ ଯେ ମୋର କନ୍ୟାଦ୍ୱୟ କୌଣସି ଓଡ଼ିଆ ବିଷୟରେ ସୁଦ୍ଧା ଭଲ ପାରନ୍ତି ନାହିଁ; ଇଂରେଜୀ ତ ସେମାନେ ପଢ଼ନ୍ତି ନାହିଁ; ସେମାନଙ୍କୁ ପରୀକ୍ଷା ସକାଶେ ପଠାଇବା ଅସମ୍ଭବ । ମିସ୍ କ୍ରୁକ୍ଶାଇଟ୍ କହିଲେ ଯେ, ଫେଲ୍

Digitized by srujanika@gmail.com

ସଂଖ୍ୟା ବୃଦ୍ଧିକରି ତାଙ୍କୁ ସ୍କୁଲର ଦୁର୍ନାମ ବୃଦ୍ଧି କରିବାକୁ ସେ ଚାହାଁନ୍ତି ନାହିଁ। ବ୍ୟଥିତ ହୋଇ ମୁଁ ଚାଲିଆସିଲି। କିନ୍ତୁ ପରୀକ୍ଷା ଦେଲେ ସେମାନେ ଯେ ନିଶ୍ଚୟ ପାଶ୍ କରିବେ ଏହି ବିଶ୍ୱାସ ମୋର ହୃଦୟରେ ଦୃଢ଼ବଦ୍ଧ ହୋଇ ରହିଥାଏ।

ଘରକୁ ଆସିଲି ଓ ସେହି ରାତ୍ରିରେ ଓ ପରଦିନ ସକାଳେ ଉଭୟଙ୍କୁ ପ୍ରତ୍ୟେକ ବିଷୟ – ସାହିତ୍ୟ, ଗଣିତ, ଭୂଗୋଳ, ଇତିହାସ, ଇଂରେଜୀ ପୁଙ୍ଖାନୁପୁଙ୍ଖ ଭାବରେ ପରୀକ୍ଷା କଲି। ସେମାନେ ପରୀକ୍ଷା ଦେଲେ କୃତିତ୍ୱ ସହକାରେ ପାଶ୍ କରିବେ ମୋର ଏହି ବିଶ୍ୱାସ ଦ୍ୱିଗୁଣିତ ହେବାକୁ ଲାଗିଲା। ବିଶେଷତଃ ସୁଷମା ଯେ ବିଶେଷ କୃତିତ୍ୱ ପ୍ରଦର୍ଶନ କରିପାରିବ ଏଥିରେ ମୋର ସନ୍ଦେହ ରହିଲା ନାହିଁ।

ପୁଣି ଯାଇ ମିସ୍ କ୍ରୁକ୍ଶାଇଟ୍‌ଙ୍କୁ କହିଲି। ଏଥର ସେ ଉଭୟଙ୍କୁ ପରୀକ୍ଷା କରି ଦେଖିବେ ବୋଲି କହିଲେ। ସେହିଦିନ କଚେରୀରୁ ଫେରି ସ୍କୁଲକୁ ଗଲି। ସେ ମୋତେ କହିଲେ ଯେ, ମୋର ସନିର୍ବନ୍ଧ ଅନୁରୋଧ ଯୋଗୁଁ କେବଳ ସୁଷମାକୁ ପରୀକ୍ଷାକୁ ପଠାଇବେ। ନିରୁପମାକୁ ପଠାଇ ପାରିବେ ନାହିଁ। ମୁଁ ନିରୁପମା ସମ୍ବନ୍ଧରେ ସୁଦ୍ଧା ଯେତେ ଅନୁରୋଧ କଲି ସେ ରକ୍ଷାକଲେ ନାହିଁ। କହୁ କହୁ ସେ ମୋତେ କହିଲେ, ''ଯଦି ଆପଣଙ୍କ ଝିଅ ଫେଲ୍ ହୁଏ ତାହାହେଲେ କିଛି ଗୋଟାଏ ଗୁରୁତର ଦାୟିତ୍ୱ ଆପଣଙ୍କ ମୁଣ୍ଡରେ ଲଦି ଦିଆଯିବ।'' ମୁଁ ଭାବବିହ୍ୱଳ ହୋଇ ସଦର୍ପରେ କହିଲି, ''ମିସ୍ କ୍ରୁକ୍ଶାଇଟ୍! ଆପଣ ଜାଣିରଖନ୍ତୁ, ଆମ୍ଭେମାନେ ହିନ୍ଦୁ, ବିଶେଷତଃ ବ୍ରାହ୍ମଣ, ବିଦ୍ୟା ବ୍ରାହ୍ମଣମାନଙ୍କର ବିଶିଷ୍ଟ ଅଧିକାର, ସୁଷମା ବ୍ରାହ୍ମଣ କନ୍ୟା, ଆପଣମାନେ ବିଦେଶରୁ ଆସିଅଛନ୍ତି; ଆଉ ବ୍ରାହ୍ମଣମାନଙ୍କ ବ୍ୟୁତ୍ପତ୍ତି ସମ୍ବନ୍ଧରେ ଯେଉଁ ଅଭିଜ୍ଞତା ଅର୍ଜନ କରିଅଛନ୍ତି ତାହା ଅତି ସାମାନ୍ୟ। ମୁଁ ସାହସ ସହକାରେ କହୁଛି; ମୋ ଝିଅ କେବଳ ଯେ ପାଶ୍ କରିବ ତାହା ନୁହେଁ; ସେ ଏହି ସ୍କୁଲରେ ଆପଣଙ୍କ ଛାତ୍ରୀମାନଙ୍କ ମଧ୍ୟରେ ଯଦି ପ୍ରଥମ ସ୍ଥାନ ଅଧିକାର ନକରେ ତାହାହେଲେ ଯେତେଦିନ ସେ ଏହି ସ୍କୁଲରେ ରହିଥିବ, ସେତେଦିନ ପର୍ଯ୍ୟନ୍ତ ମୁଁ ତାହାର ଦୁଇଗୁଣ ଦରରେ ଫିଜ୍ ଦେଉଥିବି – ଏହା ହେଲା ମୋର ପ୍ରତିଜ୍ଞା।'' ମିସ୍ କ୍ରୁକ୍ଶାଇଟ୍ ଉପହାସ୍ୟ କରି କହିଲେ, ''ମିଷ୍ଟର ନାୟକ! ମୋର ପ୍ରତିଜ୍ଞା ମଧ୍ୟ ଆପଣ ଶୁଣନ୍ତୁ। ଆପଣଙ୍କ ଝିଅ ଯଦି କେବଳ ପାଶ୍ କରେ ତାହାହେଲେ ଏହି ସ୍କୁଲରେ ଥିବାଯାଏଁ ବିନା ଫିଜ୍‌ରେ ତାକୁ ମୁଁ ପଢ଼ାଇବି।'' ଏପରି ପରିହାସରେ କଥାଟାର ମୀମାଂସା ହୋଇଗଲା।

୧୯୩୨ ସେପ୍‌ଟେମ୍ବର ୩୦ ତାରିଖରେ ଅପର ପରୀକ୍ଷାର୍ଥିନୀ ଛାତ୍ରୀମାନଙ୍କ ସହିତ ସୁଷମା ମଧ୍ୟ ଇଂରେଜୀ ପରୀକ୍ଷା ସକାଶେ ପ୍ରେରିତ ହେଲା। ନଭେମ୍ବର ୧୫ ତାରିଖରେ ପରୀକ୍ଷା ଆରମ୍ଭ। ଆହୁରି ଯତ୍ନସହକାରେ ସୁଷମାକୁ ପଢ଼ାଇବାକୁ ଲାଗିଲି। ତାହାର ବୁଦ୍ଧିମତ୍ତାର ପରିଚୟ ପାଇସାରିଥିଲି। ଯେତେ ତାକୁ ପଢ଼ାଇବାକୁ ଲାଗିଲି, ତାହାର କୃତିତ୍ୱ ସମ୍ବନ୍ଧରେ କ୍ରମେ ମୋର ବିଶ୍ୱାସ ବୃଦ୍ଧି ହେବାକୁ ଲାଗିଲା। ତାହାର ପ୍ରକୃତି ସ୍ଥିର,

Digitized by srujanika@gmail.com

ଅବିଚଳିତ, ପୁଣି ଆଜ୍ଞାପାଳନରେ ଅଦ୍ୱିତୀୟା । ଯାହା କରିବାକୁ କହିଲେ, ଏକା ବସି ଶେଷ ନକରିବା ଯାଏ ଉଠିବ ନାହିଁ । ତାହାର ପ୍ରକୃତିରେ ଏହି ବିଷୟ ଲକ୍ଷ୍ୟ କଲି ଯେ ସେ ଉତ୍ତମରୂପେ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିପାରିବ – ଏଥିରେ ମୋର ସନ୍ଦେହ ରହିଲା ନାହିଁ । ମୋର ପ୍ରତିଜ୍ଞା ପାଳନ ସକାଶେ ଉତ୍ସାହ ମଧ୍ୟ କ୍ରମେ ବୃଦ୍ଧି ହେବାକୁ ଲାଗିଲା ।

ପରୀକ୍ଷା ଆସିଲା । ପ୍ରତ୍ୟେକ ଦିନ ସୁଷମାକୁ ପଚାରି ବୁଝିଲି ଯେ ସେ ପ୍ରତ୍ୟେକ ବିଷୟରେ ଭଲକରିଛି । ଯେଉଁଦିନ ଇଂରେଜୀ ପରୀକ୍ଷା, ତାହା ମଧ୍ୟ ଖୁବ୍ ଭଲକରିଛି ବୋଲି କହିଲା । ସେହିଦିନ ସନ୍ଧ୍ୟାରେ ମିସ୍ କ୍ରୁକ୍ଶାଇଟ୍ ମୋ ବସାକୁ ଆସିଲେ ଓ କହିଲେ "ମିଷ୍ଟର ନାୟକ ! ବଡ଼ ଆଶ୍ଚର୍ଯ୍ୟର କଥା; କଥା କ'ଣ କହନ୍ତୁ ତ । ଆପଣଙ୍କ ଝିଅ ଆଗରୁ ଯେ ଇଂରେଜୀ ପଢ଼ିନଥିଲା ତାହା ମୁଁ ବିଶ୍ୱାସ କରୁନାହିଁ । ଉତ୍ତର ଖାତା ସବୁ ପଠାଇବା ପାଇଁ ବନ୍ଧାବନ୍ଧି କରିବା ପୂର୍ବେ ଆମ୍ଭେମାନେ କୌତୂହଳବଶତଃ ଆପଣଙ୍କ ଝିଅର ଖାତା ଦେଖିଲୁ, ଦେଖିଲୁ ସମସ୍ତ ପ୍ରଶ୍ନର ଉତ୍ତର ନିର୍ଭୁଲ୍‌ଭାବରେ ଲେଖିଛି । ଆମ୍ଭେମାନେ ମନେକଲୁ ଯେ, ଅନ୍ୟ ଛାତ୍ରୀମାନଙ୍କ ଖାତାରୁ କପି (ନକଲ) କରିଛି । କିନ୍ତୁ ପ୍ରତ୍ୟେକ ଖାତା ସହିତ ମିଳାଇ ଦେଖିଲୁ ସମସ୍ତେ ଅନେକ ଭୁଲ୍ ଉତ୍ତର ଲେଖିଛନ୍ତି । ଆମ୍ଭେମାନେ ଏଥିରେ ସମସ୍ତେ ବିସ୍ମିତ । କଥା କ'ଣ କହନ୍ତୁ ତ ?" ମୁଁ ଆଉ କିଛି ନ କହି କେବଳ କହିଲି, 'ରୁହନ୍ତୁ ଫଳରେ ଦେଖିବେ-ଏକ୍ଷଣି କିଛି କହିବା ଆବଶ୍ୟକ ନାହିଁ ।'

ଯଥା ସମୟରେ ପରୀକ୍ଷାର ଫଳ ବାହାରିଲା । ସୁଷମା ପ୍ରଥମ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହୋଇଅଛି । ଇଂରେଜୀରେ ୧୦୦ରୁ ୯୦ ଓ ଅନ୍ୟାନ୍ୟ ସମସ୍ତ ବିଷୟରେ ଅନର୍ସ ପାଇଛି । ଶତକଡ଼ା ୭୫ରୁ ଅଧିକରେ ଅନର୍ସ । ମିସ୍ କ୍ରୁକ୍ଶାଇଟ୍ ଏହି ଫଳରେ ମୋତେ ସମସ୍ତଙ୍କ ଆଗରେ ଅଜସ୍ର ପ୍ରଶଂସା କରିବାକୁ ଲାଗିଲେ । ମୁଁ ମଧ୍ୟ ମୋ କନ୍ୟାର ଈଦୃଶ କୃତିତ୍ୱରେ ଗର୍ବିତ ଅନୁଭବ କଲି । ମିସ୍ କ୍ରୁକ୍ଶାଇଟ୍ ସୁଷମାର ଗୋଟିଏ ଫଟୋ ନେଲେ ଓ ଜଣେ ୧୧ ବର୍ଷ ବୟସ୍କା ଓଡ଼ିଆ ବାଳିକା ୪ ବର୍ଷର ଇଂରେଜୀ ପାଠ ବର୍ଷକ ମଧ୍ୟରେ ଆୟତ୍ତ କରି କୃତିତ୍ୱ ସହକାରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛି, ଏହି ବିଷୟ ଆମେରିକାସ୍ଥ ତାଙ୍କ ସମ୍ପ୍ରଦାୟର ପତ୍ରିକାରେ ପ୍ରକାଶ କରିଦେଲେ । ସୁଷମା "ସ୍ମିଥ୍" ପଦକ ପାଇଲା । ଶ୍ରୀମତୀ ସ୍ମିଥ୍ (Mrs Smith) ନାମ୍ନୀ ଜଣେ ଆମେରିକାର ପାଦ୍ରୀ ମହିଳାଙ୍କ ନାମରେ ବାଲେଶ୍ୱରର ସ୍ୱନାମଧନ୍ୟ ମହାରାଜା ବୈକୁଣ୍ଠନାଥ ଦେ'ଙ୍କ ପିତା ରାଜା ଶ୍ୟାମାନନ୍ଦ ଦେ'ଙ୍କ ଆନୁକୂଲ୍ୟରେ ଏହି ପଦକ ସ୍ଥାନୀୟ ବାଳିକା ସ୍କୁଲରେ ସର୍ବଶ୍ରେଷ୍ଠ ଛାତ୍ରୀକୁ ବିତରଣ ସକାଶେ ସୃଷ୍ଟି ହୋଇଥିଲା । ଏହି ବର୍ଷର ପୁରସ୍କାର ବିତରଣ ଉତ୍ସବରେ ସୁଷମାର କୃତିତ୍ୱ ବିଶେଷ ଭାବରେ କୀର୍ତ୍ତିତ ହୋଇଥିଲା । ଆଜି ସୁଦ୍ଧା ସୁଷମା ଏହି ପଦକକୁ ତାହାର ସର୍ବଶ୍ରେଷ୍ଠ ଭୂଷଣ ସ୍ୱରୂପ ବ୍ୟବହାର କରୁଅଛି । ଏହା ହିନ୍ଦୁବାଳିକାର ଅନ୍ତର୍ନିହିତ ପ୍ରତିଭାର ଅମୂଲ୍ୟ ନିଦର୍ଶନ । କହିବା ବାହୁଲ୍ୟ, ସୁଷମା ପରବର୍ଷ ଏହି ବାଳିକା ସ୍କୁଲରେ ରହିଲା । ଏହିବର୍ଷ

Digitized by srujanika@gmail.com

ଏହି ସ୍କୁଲକୁ ହାଇସ୍କୁଲରେ ପରିଣତ କରିବା ଉଦ୍ଦେଶ୍ୟରେ ହାଇସ୍କୁଲର ଅଷ୍ଟମଶ୍ରେଣୀ ଆରମ୍ଭ କରାହେଲା ଓ ମିସ୍ କ୍ରଙ୍କାଇଟ୍ ତାଙ୍କ ପ୍ରତିଶ୍ରୁତି ରକ୍ଷାକରି ସୁଷମାକୁ ଫିଜ୍‌ରୁ ଅବ୍ୟାହତି ଦେଲେ ।

୧୯୩୩ ମସିହାର ପରୀକ୍ଷାରେ ନିରୁପମା ପ୍ରଥମ ସ୍ଥାନ ଅଧିକାର କରି ମଧ ଇଂରେଜୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା ଓ ସ୍ମିଥ୍ ପଦକ ପ୍ରାପ୍ତ ହେଲା । ଦିନେ ମିସ୍ କ୍ରଙ୍କାଇଟ୍ ହସି ହସି କହିଲେ, ''ଦେଖୁଛି ଆପଣଙ୍କ ଝିଅମାନେ ଏହି ସ୍କୁଲରେ ଥିବାଯାଏ ଆଉ କେହି ସ୍ମିଥ୍ ପଦକ ପାଇବେ ନାହିଁ ।''

ଏମାନଙ୍କ କୃତିତ୍ୱ ଦେଖି ମୋର ବିଶ୍ୱାସ ହେଲା, ଏମାନଙ୍କୁ ଉଚ୍ଚ ଶିକ୍ଷାଦେଲେ ବୋଧହୁଏ ସହଜରେ ତାହା ଲାଭ କରିପାରିବେ । ଝିଅମାନଙ୍କୁ ଉଚ୍ଚଶିକ୍ଷା ଦେବା ବିଷୟରେ ଏହି ସମୟରୁ ସମଧିକ ଭାବରେ ଭାବିବାକୁ ଲାଗିଲି । ଯେତେ ଭାବିଲି, ସେତେ ଏହାର ଆବଶ୍ୟକତା ଅନୁଭବ କଲି । ତିନୋଟି ଝିଅର ବିବାହ ସେମାନଙ୍କ ୯,୧୦ ବର୍ଷ ବୟସରେ ହୋଇଯାଇଥିଲା । ସମ୍ବଲପୁରର ପୂର୍ବ ପ୍ରଥାନୁଯାୟୀ ଗୋଟିଏ ଝିଅର ଜନ୍ମହେଲା ଦିନଠାରୁ ମୁଁ ତାହା ସକାଶେ ପାତ୍ର ଖୋଜି ବୁଲେ । ବର୍ତ୍ତମାନ ସାରଦା-ଆଇନ୍ ଜାରୀ ହେବା ଫଳରେ ଝିଅମାନଙ୍କୁ ୧୪ବର୍ଷ ଯାଏ ଘରେ ରହିବାକୁ ହେବ । ପୁଣି କାଳକ୍ରମେ ବିବାହର ବୟସ ବୃଦ୍ଧି ହେବା ସମ୍ଭାବନା ରହିଛି । ତାହାହେଲେ ଘରେ ବସି ଝିଅମାନେ କ'ଣ କରିବେ ? କେବଳ ଗୃହସ୍ଥାଳୀ ଶିକ୍ଷାରେ କେତେ ସମୟ ବା ଏମାନଙ୍କର ଅତିବାହିତ ହେବ ? କେବଳ ଓଡ଼ିଆ ବହି ପଢ଼ିଲେ ଏମାନଙ୍କ ସମୟ କଟିବ କିପରି ? ଅକାରଣରେ ଏମାନଙ୍କ ଜୀବନର ବହୁମୂଲ୍ୟ ସମୟ ନଷ୍ଟ ହୋଇଯିବ ସିନା ! ପୁଣି ଶିକ୍ଷାଦ୍ୱାରା ଏମାନଙ୍କ ଜୀବନର ମଙ୍ଗଳ ଛଡ଼ା ଅମଙ୍ଗଳର ସ୍ଥାନ ନାହିଁ । ଝିଅମାନଙ୍କ ପାରିବାରିକ ଜୀବନ ଶିକ୍ଷାଦ୍ୱାରା ହିଁ ଉନ୍ନତ ହେବ, ସମାଜରେ ଶିକ୍ଷିତା ବଧୂର ସମ୍ମାନ ବୃଦ୍ଧି ହେବ, ନିଜ ହାତରେ ନିଜ ପୁଅଝିଅଙ୍କ ଶିକ୍ଷା ସୁଗମ ହେବ । ପ୍ରଗତିଶୀଳ ସମାଜରେ ଏମାନେ ସମ୍ମାନାସ୍ପଦ ସ୍ଥାନ ଅଧିକାର କରିପାରିବେ, ପୁଣି ଶିକ୍ଷିତା ପତ୍ନୀ ଶିକ୍ଷିତ ସ୍ୱାମୀର ପ୍ରକୃତ ସହଧର୍ମିଣୀ ହୋଇପାରିବେ । ଆମ୍ଭମାନଙ୍କ ଅନୁନ୍ନତ ସମାଜରେ ସ୍ତ୍ରୀମାନଙ୍କ ପ୍ରତି ଯେଉଁ ଅମାନୁଷିକ ଦୁର୍ବ୍ୟବହାର ପ୍ରଚଳିତ ଅଛି, ଝିଅମାନେ ଶିକ୍ଷିତା ହେଲେ ତାହା ଦୂର କରିପାରିବେ । ସର୍ବୋପରି କାହାରି ଭାଗ୍ୟ ବିପର୍ଯ୍ୟୟ ଘଟିଲେ ଅର୍ଥାତ୍ ବିଧବା, ଶ୍ୱଶୁରାଳୟରୁ ପରିତ୍ୟକ୍ତା ବା ବିତାଡ଼ିତା ହେଲେ ପଥର ଭିକାରୁଣୀ ନହୋଇ ସ୍ୱୋପାର୍ଜିତ ବିଦ୍ୟା ବଳରେ ସାଧୁ ଜୀବନଯାପନ କରିପାରିବେ । ନିରୁପମାର ବୟସ ୧୩ବର୍ଷ ହୋଇଯାଇଥିଲା । ପାତ୍ର ମଧ ସ୍ଥିର ହୋଇ ରହିଥିଲା । ୧୪ ବର୍ଷ ବୟସ ହେଲେ ତାହାର ବିବାହ ସମ୍ପନ୍ନ କରିବାକୁ ହେବ । ସୁତରାଂ ତା'ର ଉଚ୍ଚଶିକ୍ଷା ସମ୍ବନ୍ଧରେ ଆଉ ଚିନ୍ତା କଲିନାହିଁ । ସୁଷମାକୁ ବିବାହ ଦେବାରେ ଆଉ ଚାରିବର୍ଷ ମାତ୍ର ବିଳମ୍ବ ଥିଲା । ତାକୁ ପଢ଼ାଇଲେ ବିବାହ ପୂର୍ବେ ସେ ମେଟ୍ରିକୁଲେସନ୍ ପାଶ୍ କରିସାରିଥିବ ।

Digitized by srujanika@gmail.com

ସୁତରାଂ ତାହାର ଉଚ୍ଚଶିକ୍ଷା ସମ୍ବନ୍ଧରେ ସଯତ୍ନ ହେଲି । ଅତ୍ୟନ୍ତ କୃଷ୍ଣ ମେଘରେ ଶୁଭ୍ର ରଜତ ରେଖା ବିଦ୍ୟମାନତାର ପ୍ରବାଦ ମୋ ଜୀବନରେ ସଫଳ ହେଲା । ସେନାପତି ମହାଶୟଙ୍କର କୋପ ମୋ ପକ୍ଷରେ ମଙ୍ଗଳକର ହେଲା । ମୋ ପ୍ରତି କ୍ରୁଦ୍ଧ ହୋଇ ମୋତେ ବାଲେଶ୍ୱରକୁ ବଦଳି କରାଇ ନଥିଲେ ବୋଧହୁଏ ମୋ ଜୀବନରେ ଝିଅମାନଙ୍କୁ ଉଚ୍ଚଶିକ୍ଷା ଦାନର ସୁଯୋଗ ଲାଭ ହୋଇନଥାନ୍ତା । ଏଥିପାଇଁ ମୁଁ ସେନାପତି ମହାଶୟଙ୍କୁ କୃତଜ୍ଞ ହୃଦୟରେ ସ୍ମରଣ କରିଥାଏ ।

ବାଲେଶ୍ୱରରେ ମୋ ପରିବାରର ପ୍ରାୟ ସମସ୍ତେ ମେଲେରିଆରେ ପଡ଼ିଲେ । ମେଲେରିଆର ପ୍ରକୋପ ସାଧାରଣତଃ ଜୁଲାଇ ମାସରୁ ଅକ୍ଟୋବର ପର୍ଯ୍ୟନ୍ତ ପ୍ରବଳ ହୁଏ । ଶୀତ ଆରମ୍ଭରେ କ୍ରମେ ତାହା ଊଣା ହୋଇଯାଏ । ୧୯୩୨ ମସିହାର ବର୍ଷାଋତୁରେ ଆମ୍ଭେମାନେ ପ୍ରାୟ ସମସ୍ତେ ଆକ୍ରାନ୍ତ ହେଲୁ । ସେହିବର୍ଷ ଓ ତା' ପରବର୍ଷ ମଧ୍ୟରେ ଆମ୍ଭେମାନେ ଏତେ କଷ୍ଟ ଭୋଗକଲୁ ଯେ ମୁଁ ବାଲେଶ୍ୱର ତ୍ୟାଗ ସଂକଳ୍ପ କରିବାକୁ ଲାଗିଲି । ପ୍ରଥମରେ ଛୁଟି ପାଇଁ ଦରଖାସ୍ତ କଲି । କିନ୍ତୁ କଲେକ୍ଟର ମୋ ଦରଖାସ୍ତ ଉପରକୁ ପଠାଇଲେ ନାହିଁ । ମୋ ପରି ଅନ୍ୟ ଅଫିସରମାନେ ତ ପୀଡ଼ିତ ହୋଇ ସୁଦ୍ଧା କାର୍ଯ୍ୟ କରୁଅଛନ୍ତି । ମୋ ଦରଖାସ୍ତ ନପଠାଇବାର ଏହି କାରଣ କହିଲେ । ଡାକ୍ତର କୃଷ୍ଣପ୍ରସାଦ ମହାନ୍ତି ମୋ ଗୃହଚିକିତ୍ସକ । ମୋ ପିଲାଦିନେ ସେ ବଲାଙ୍ଗୀରରେ ଡାକ୍ତର ଥିଲେ ଏବଂ ମୋ ଧର୍ମପିତା ଶ୍ରୀ ବାଲୁଙ୍କେଶ୍ୱର ମିଶ୍ରଙ୍କର ବନ୍ଧୁ ଥିଲେ । ସେ ପିଲାଦିନେ ମୋତେ ଅତ୍ୟନ୍ତ ସ୍ନେହ କରୁଥିଲେ । କେତେବର୍ଷ ହେଲା ଚାକିରି ତ୍ୟାଗକରି ବାଲେଶ୍ୱରରେ ଘରୋଇ ଡାକ୍ତରୀ ବ୍ୟବସାୟ କରୁଥିଲେ । ମୋତେ ବାଲେଶ୍ୱରରେ ଦେଖି ଅତ୍ୟନ୍ତ ଆନନ୍ଦ ପ୍ରକାଶକଲେ । ଦେଖିଲି, ଯେପରି ମୋ ପ୍ରତି ତାଙ୍କର ପୂର୍ବ ସ୍ନେହ ଅକ୍ଷୁଣ୍ଣ ରହିଅଛି । ଏହି ମାଲେରିଆରେ ସେ ମୋ ପରିବାରରେ ଯେପରି ଧନ୍ୱନ୍ତରୀ ସ୍ୱରୂପ ହୋଇଥିଲେ । ସେ ଅତ୍ୟନ୍ତ ସଦାଶୟ ଓ ଦୟାଳୁ ଚିକିତ୍ସକ ଥିଲେ । ଦରିଦ୍ର ପରିବାରରେ ସେ ବିନା ପାରିଶ୍ରମିକରେ ଚିକିତ୍ସା କରୁଥିଲେ ଓ ବିନା ମୂଲ୍ୟରେ ଔଷଧ ସୁଦ୍ଧା ବିତରଣ କରୁଥିଲେ । ୧୯୩୩ ମସିହାରେ ଦିନେ ହଠାତ୍ ସେ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ଦେହତ୍ୟାଗ କଲେ ।

ମୋର ବାଲେଶ୍ୱରରେ ଅବସ୍ଥାନ ସମୟରେ କଂଗ୍ରେସ ଆନ୍ଦୋଳନ ତୀବ୍ର ଭାବ ଧାରଣ କରିଥିଲା ଓ ଆନ୍ଦୋଳନଜନିତ ସରକାରଙ୍କ ଦମନଲୀଳା ମଧ୍ୟ ତଦନୁରୂପ ହୋଇଥିଲା । ସରକାରୀ ଗୁଳିମାଡ଼ରେ କେତେକ ଲୋକ ପ୍ରାଣ ହରାଇଥିଲେ । ଏହି ଜିଲ୍ଲାର ସମୁଦ୍ର ଉପକୂଳ ଅଞ୍ଚଳରେ ଲୁଣମରା ଲୋକଙ୍କର ଏକ ପ୍ରକାର ବ୍ୟବସାୟ ଥିଲା । ତାହା କାଳକ୍ରମେ ସରକାରଙ୍କଦ୍ୱାରା ବନ୍ଦ ହୋଇଗଲା । ୧୯୩୦ ସାଲ ମାର୍ଚ୍ଚ ମାସରେ ମହାତ୍ମା ଗାନ୍ଧୀ ଏହି ନୀତି ବିରୁଦ୍ଧରେ ପ୍ରତିବାଦ କରି ବମ୍ବେ ପ୍ରଦେଶସ୍ଥ ଦାଣ୍ଡି ଓ ଧର୍ସାନାରେ ଥିବା ଲୁଣ କାରଖାନାକୁ ଆକ୍ରମଣ କରି ଯିବା ବାଟରେ ଗିରଫ ହୋଇଥିଲେ । ତତ୍‌ପରେ ଭାରତର

Digitized by srujanika@gmail.com

ବଡ଼ଲାଟ ଲର୍ଡ଼ ଇର୍‌ୱଇନ୍ (Lord Irwin)ଙ୍କ ସହିତ ଗୋଟିଏ ଚୁକ୍ତି ହୋଇଥିଲା । ତହିଁରେ ସ୍ଥିର ହୋଇଥିଲା ଯେକୌଣସି ବ୍ୟକ୍ତି ନିଜଘରେ ବ୍ୟବହାର କରିବା ପରିମାଣର ଲୁଣମାରି, ମାରିବା ସ୍ଥାନରୁ ନିଜ ମୁଣ୍ଡରେ ବା ଭାରରେ ବୋହିଆଣି ପାରିବେ । ବ୍ୟବସାୟ ସକାଶେ କିମ୍ବା ଏଥିରୁ ଅଧିକ ପରିମାଣରେ ଲୁଣ ଗାଡ଼ି କିମ୍ବା କୌଣସି ଭାରବାହୀ ପଶୁ ଉପରେ ଲଦି ଆଣିପାରିବେ ନାହିଁ । କେତେଜଣ ଲୋକ ଥୋଡ଼ି ବଳଦ ଉପରେ ଲଦି ଲୁଣ ଆଣୁଥିବା ଅପରାଧରେ ସେମାନଙ୍କ ବିରୁଦ୍ଧରେ ଫୌଜଦାରୀ ମୋକଦ୍ଦମା ଦାଏର ହେଲା ଓ ମୁଁ ସେମାନଙ୍କ ବିଚାରକରି ଆଇନାନୁଯାୟୀ ସେମାନଙ୍କ ପ୍ରତି ଅର୍ଥଦଣ୍ଡ ବିଧାନକଲି । ଲୁଣ ବୁହାରେ ବ୍ୟବହୃତ ବଳଦଗୁଡ଼ିକୁ ବାଜେୟାପ୍ତ କରିନଥିବା ଯୋଗୁଁ ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ସତ୍ୟେନ୍ଦ୍ର ମୋହନ ଧର, ଆଇ.ସି.ଏସ୍. ମୋତେ ତହିଁର କାରଣ ଜିଜ୍ଞାସା କଲେ । ମୁଁ କହିଲି ଯେ, ଆସାମୀମାନେ ସମସ୍ତେ ଚାଷୀ । ଲୁଣମରା ବା ବିକ୍ରୀ ଏମାନଙ୍କ ବ୍ୟବସାୟ ନୁହେଁ । ଚାଷରେ ବ୍ୟବହୃତ ବଳଦଗୁଡ଼ିକୁ ବାଜେୟାପ୍ତ କରିଥିଲେ, ସେମାନଙ୍କ ଚାଷରେ ହାନୀ ହୋଇଥା'ନ୍ତା ଓ ଏମାନଙ୍କ ଅପରାଧ ଯୋଗୁଁ ସେମାନଙ୍କ ପରିବାରଭୁକ୍ତ ସ୍ତ୍ରୀ ସନ୍ତାନାଦି ସମସ୍ତେ ଦଣ୍ଡିତ ହେଲାପରି ହୋଇଥାନ୍ତେ । ଏହି କୈଫିୟତ୍‌ରେ ସେ ସନ୍ତୁଷ୍ଟ ହେଲେନାହିଁ । ମୋର ବିଚାରରେ ଦୁର୍ବଳତା ପ୍ରଦର୍ଶନ କରାଯାଇଥିବା ଅଭିଯୋଗକରି ତିରସ୍କାର କରିବାକୁ ଲାଗିଲେ । ଉତ୍ତରରେ ମୁଁ କହିବାକୁ ବାଧ୍ୟ ହୋଇଥିଲି ଯେ, ଅପରାଧରେ ବ୍ୟବହୃତ ଦ୍ରବ୍ୟାଦି ବାଜେୟାପ୍ତ କରିବା ଆଇନ୍ ସଙ୍ଗତ ଥିଲେ ମଧ୍ୟ ତାହା କରିବା ନକରିବା ଅବସ୍ଥା ବିବେଚନାରେ ମୋକଦ୍ଦମା ବିଚାରକଙ୍କ ବିଚାରାଧୀନ । ଏହି କାରଣରୁ ମୁଁ ବଳଦ ବାଜେୟାପ୍ତ କରିବା ହୁକୁମ ଦେଲିନାହିଁ । ତଥାପି ଧର ସାହେବ ମୋ ସହିତ ଏକମତ ହେଲେନାହିଁ ଓ ରାଜନୀତି ସଂକ୍ରାନ୍ତ ମୋକଦ୍ଦମା ମୋତେ ଆଉ ଦିଆଯିବ ନାହିଁ ବୋଲି କହିଲେ । ମୋତେ ମଧ୍ୟ ଏପରି ମୋକଦ୍ଦମା ବିଚାର କରିବାରେ କଷ୍ଟବୋଧ ହେଉଥିଲା । ଏହି ଅପ୍ରୀତିକର କାର୍ଯ୍ୟରୁ ଅବ୍ୟାହତି ପାଇ ମୁଁ ଅତ୍ୟନ୍ତ ଆଶ୍ୱସ୍ତି ଲାଭକଲି ।

କାଖଡ଼ା ବଙ୍ଗପ୍ରଦେଶସ୍ଥ ମେଦିନୀପୁର ଜିଲ୍ଲା ସୀମାନ୍ତରେ ବାଲେଶ୍ୱର ଜିଲ୍ଲାର ଗୋଟିଏ ବଡ଼ ଗ୍ରାମ । ସେଠାରେ ଅଧିକାଂଶ ଅଧିବାସୀ ବଙ୍ଗାଳୀ । ଥରେ ଗୋଟିଏ ବେନାମୀ ପତ୍ରରେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ସମ୍ବାଦ ଆସିଲା ଯେ ଉକ୍ତ ଗ୍ରାମର କେତେକ ଯୁବକ "ତରୁଣ ସଂଘ" ନାମକ ଏକ ସଂଘ ସ୍ଥାପନ କରି ସରକାରଙ୍କ ବିରୁଦ୍ଧରେ ବିଦ୍ରୋହାତ୍ମକ କାର୍ଯ୍ୟ କରୁଅଛନ୍ତି । ତାହା ତଦନ୍ତ କରିବା ସକାଶେ ମୁଁ ପ୍ରେରିତ ହେଲି । ସକାଳ ୭ଟା ବେଳେ କଲିକତା ଯାଉଥିବା ପାସେଞ୍ଜର ଗାଡ଼ିରେ ବାହାରି ପ୍ରାୟ ୯ଟା ବେଳେ ଜଲେଶ୍ୱରରେ ପହଞ୍ଚିଲି ଓ ସେଠାରୁ ଭଡ଼ା ମୋଟରରେ ଯାଇ ୧୭ ମାଇଲ ଦୂରବର୍ତ୍ତୀ ବାଟଗାଁରେ ପହଞ୍ଚିଲି । ବାଲେଶ୍ୱରରୁ କଲିକତା ଯାଇଥିବା ଉପକୂଳ କେନାଲ (Coast Canal) କୂଳରେ ଏହି ବାଟଗାଁ ଗ୍ରାମ ଅବସ୍ଥିତ । ରେଲ୍ ଯାତାୟାତ ପୂର୍ବେ ଇଷ୍ଟଇଣ୍ଡିଆ କମ୍ପାନୀ

Digitized by srujanika@gmail.com

ସରକାରଙ୍କଦ୍ୱାରା ଏହି ନାଳ ଖୋଦିତ ହୋଇ ବାଲେଶ୍ୱରରୁ କଲିକତା ପର୍ଯ୍ୟନ୍ତ ବାଣିଜ୍ୟପଥ ନିର୍ମିତ ହୋଇଥିଲା। ନଳା ପାରିହେଲେ ଅପରପାର୍ଶ୍ୱରେ କେତେଗୁଡ଼ିଏ ଗ୍ରାମ। ସେଠାରୁ ସାତ ଆଠ ମାଇଲ ବିସ୍ତୃତ ସମୁଦ୍ରକୂଳ ପର୍ଯ୍ୟନ୍ତ ବାଲୁକାମୟ ଅଞ୍ଚଳ। ଏ ସମସ୍ତ ଗ୍ରାମମାନ ବଙ୍ଗାଳୀ ଓ ଓଡ଼ିଆ ଜମିଦାରମାନଙ୍କ ଅଧିକୃତ। ପ୍ରଜାମାନେ ସୁଦ୍ଧା ବଙ୍ଗାଳୀ ଓ ଓଡ଼ିଆ, ସମସ୍ତେ ବଙ୍ଗଳା ଓ ଓଡ଼ିଆ ଭାଷା ଜାଣନ୍ତି। ମେଦିନୀପୁର ଜିଲ୍ଲାରେ ସୁଦ୍ଧା ଓଡ଼ିଆଙ୍କ ସଂଖ୍ୟା କମ୍ ନୁହେଁ। ଛାୟାବହୁଳ ନାରିକେଳ ବୃକ୍ଷଶ୍ରେଣୀ ଦିଗନ୍ତବିସ୍ତୃତ ହୋଇ ଦଣ୍ଡାୟମାନ ଓ ସମୁଦ୍ରଶୀକରବାହୀ ପବନରେ ଆନ୍ଦୋଳିତ ହୋଇ ଏହି ଅଞ୍ଚଳକୁ ସୁଖକର ଛାୟାମଣ୍ଡିତ କରି ରଖିଅଛି।

କେନାଲର ଅପରପାର୍ଶ୍ୱରେ ଅନେକ ଲୋକ ରହିଥିଲେ ଓ ପଥିକମାନଙ୍କ ଜିନିଷପତ୍ର ବୋହିନେଇ ପାରିଶ୍ରମିକ ଆଦାୟ କରୁଥିଲେ। ମୋ'ଜିନିଷ ନିକଟବର୍ତ୍ତୀ ଦେହୁଡ଼ଦା ଗ୍ରାମ ପର୍ଯ୍ୟନ୍ତ ବୋହିନେବା ସକାଶେ ମୋ' ସଙ୍ଗେ ଆସିଥିବା ଚପରାସୀ ଜଣକୁ କହିଲା, କିନ୍ତୁ ସେ ମୋ ପୋଷାକ ଦେଖି ବୋହିବ ନାହିଁ ବୋଲି କହିଲା। ପୁଣି ଆଉ ଜଣକୁ କହିଲା; କିନ୍ତୁ ସେ ମଧ୍ୟ ମନା କରିଦେଲା। ଏପରି ଯାହାକୁ କହିଲା ସମସ୍ତେ ମୋ'ଜିନିଷ ବୋହିବା ପାଇଁ ମନା କରିଦେଲେ। ମୁଁ କାରଣ ଜିଜ୍ଞାସା କରିବାରୁ ସେମାନେ କହିଲେ, ମୋ ପୋଷାକରୁ ସେମାନେ ମନେକରୁଛନ୍ତି ଯେ, ମୁଁ ଜଣେ ସରକାରୀ ହାକିମ। ଇଂରେଜଙ୍କ ଗୋଲାମ, କୁକୁର। ଗୋଲାମଙ୍କ ମାଲ ବୋହିବେ ନାହିଁ। ସରକାରୀ କର୍ମଚାରୀଙ୍କ ସହିତ ଅସହଯୋଗ ଓ ସେମାନଙ୍କ ବର୍ଜ୍ଜନ ସେହି ସମୟରେ କଂଗ୍ରେସର କାର୍ଯ୍ୟପନ୍ଥା ମଧ୍ୟରେ ଅନ୍ୟତମ ଥିଲା। ବଡ଼ ଅଡୁଆରେ ପଡ଼ିବାକୁ ହେଲା। ଭାବିଲି, ହାକିମ ଚାଲ୍ ଏଠାରେ ଚଳିବ ନାହିଁ। ଏହି ବାଲୁକାମୟ ଅଞ୍ଚଳରେ ପାଲିଙ୍କି ଏକମାତ୍ର ବାହନ। ସେହିଠାରୁ କଖଡ଼ା ଛଅ ମାଇଲ। କେବଳ ବାଲିରେ ଯିବାକୁ ହେବ। ତାହାହେଲେ ପାଲିଙ୍କି ନମିଳିଲେ ଯିବି କିପରି ? ଏହି ଭାବନା ମୋତେ ବିବ୍ରତ କରିବାକୁ ଲାଗିଲା। ବୈଶାଖ ମାସ ଗ୍ରୀଷ୍ମକାଳ, ମଧ୍ୟାହ୍ନ ହୋଇଗଲାଣି। ଏହି ସମୟରେ କେଉଁଠାକୁ ଯାଇ ଆଶ୍ରୟ ନେବି ! ଶୁଣିଲି ଏହି ଅଞ୍ଚଳର ଲୋକେ ସରକାରୀ କର୍ମଚାରୀଙ୍କୁ ଏପରି ବର୍ଜନ କରିଅଛନ୍ତି ଯେ, ସେମାନଙ୍କୁ ପାଣି ମୁନ୍ଦାଏ ସୁଦ୍ଧା ନଦେବାପାଇଁ ପ୍ରତିଜ୍ଞା କରିଅଛନ୍ତି। ଗ୍ରୀଷ୍ମକାଳରେ ଏହି ଅଞ୍ଚଳରେ ଶୀତଳପବନ ପ୍ରବାହିତ ହେଉଥିଲେ ସୁଦ୍ଧା, ରୌଦ୍ରତାପଜନିତ କ୍ଳାନ୍ତି ଓ କ୍ଷୁଧା ଅନୁଭବ କରିବାକୁ ଲାଗିଲି।

ଚପରାସୀ ବନମାଳୀ ଦାସ ମୋର ଛୋଟ ବାକ୍ସ ଖଣ୍ଡିକ ଓ ବିଛଣା ମୁଣ୍ଡରେ ବୋହିଲା ଓ ଆମ୍ଭେମାନେ ଦେହୁଡ଼ଦା ଗ୍ରାମ ଆଡ଼କୁ ଅଗ୍ରସର ହେଲୁ। ଆଶା, ସେଠାର ଜମିଦାର ରାୟ ମହାଶୟ ମୋ ଯିବା ସକାଶେ କିଛି ବନ୍ଦୋବସ୍ତ କରିଦେବେ। ଦେହୁଡ଼ଦା ସେଠାରୁ ପ୍ରାୟ ଦେଢ଼ମାଇଲ। ଅଳ୍ପ କିଛି ପଥ ଅଗ୍ରସର ହୋଇଅଛୁ, ଦେଖିଲି ଅନେକ ଲୋକ ଏକସ୍ଥାନରେ ରୁଣ୍ଡ ହୋଇଅଛନ୍ତି। ସେମାନଙ୍କ ମଧ୍ୟରେ ନୀଳ ପୋଷାକଧାରୀ

Digitized by srujanika@gmail.com

ଜଣକୁ ଲକ୍ଷ୍ୟକରି ସେ ଜଣେ ଚୌକିଦାର ଥିବା ମନେକଲି ଓ ତାକୁ ମୋ ନିକଟକୁ ଆସିବା ସକାଶେ ସଙ୍କେତ କଲି । ସେ ଆସିଲା । ମୋତେ କାଖଡ଼ାକୁ ନେବାପାଇଁ ପାଲିଙ୍କି ମିଳିବ କି ନାହିଁ ବୋଲି ତାକୁ ପଚାରିଲି । ସେ ମୋର ପରିଚୟ ଜିଜ୍ଞାସା କଲା ଓ ଯେତେବେଳେ ମୁଁ କହିଲି ଯେ, ମୁଁ ଡେପୁଟି ଓ କାଖଡ଼ାରେ ଗୋଟିଏ ବିଷୟର ତଦନ୍ତ ସକାଶେ ବାଲେଶ୍ୱରରୁ ଆସିଅଛି, ସେ କହିଲା ଯେ, ପାଲିଙ୍କି ଅନେକ ଅଛି; କିନ୍ତୁ କେହି ମୋତେ ଦେବେନାହିଁ । କଂଗ୍ରେସ ସରକାରୀ କର୍ମଚାରୀଙ୍କୁ କୌଣସି ପ୍ରକାର ସାହାଯ୍ୟ ଦେବେ ନାହିଁ ବୋଲି ନିୟମ କରିଛନ୍ତି; ତେଣୁ କେହି ସରକାରୀ କର୍ମଚାରୀଙ୍କୁ ଯଦି ପାଣି ମୁନ୍ଦାଏ ସୁଦ୍ଧା ଦିଏ, ତାହାହେଲେ ତାକୁ ବାସନ୍ଦ କରାହେଉଅଛି । ପ୍ରେସିଡ଼େଣ୍ଟଙ୍କ ଘର କେଉଁଠାରେ ବୋଲି ତାକୁ ଜିଜ୍ଞାସା କଲି । ଓଡ଼ିଶାର ମୋଗଲବନ୍ଦୀ ଅଞ୍ଚଳରେ ଚୌକିଦାରୀ ଆଇନ୍ ଅନୁସାରେ ପ୍ରେସିଡେଣ୍ଟ ମଫସଲ ଅଞ୍ଚଳରେ କେତେକ ସରକାରୀ କାର୍ଯ୍ୟ କରିବା କ୍ଷମତା ପାଇଅଛନ୍ତି । ଏମାନେ ଚୌକିଦାରୀ କର ଆଦାୟ କରନ୍ତି ଓ ଚୌକିଦାରମାନେ ଏମାନଙ୍କ ଅଧୀନସ୍ଥ । ଏହାଙ୍କ ସାହାଯ୍ୟରେ ପାଲିଙ୍କି ଖଣ୍ଡିଏ ଯୋଗାଡ଼ ହୋଇପାରିବ । ଏହି ଆଶାରେ ତାଙ୍କର ସନ୍ଧାନ କଲି । ଚୌକିଦାରଠାରୁ ବୁଝିଲି ଯେ, ସେ ସେହି ସ୍ଥାନରେ ରୁଣ୍ଡ ହୋଇଥିବା ଲୋକମାନଙ୍କ ମଧ୍ୟରେ ଅଛନ୍ତି । ସେଠାରେ ଶୀତଳାଙ୍କ ମନ୍ଦିର ଓ ସେହି ସମୟରେ ସେହି ଅଞ୍ଚଳରେ ବସନ୍ତର ପ୍ରାଦୁର୍ଭାବ ଯୋଗୁଁ ଠାକୁରାଣୀଙ୍କ ପୂଜାର ବ୍ୟବସ୍ଥା ସକାଶେ ଲୋକେ ଏକତ୍ରିତ ହୋଇଥିଲେ । ପ୍ରେସିଡ଼େଣ୍ଟଙ୍କୁ ଡାକିଆଣିବା ପାଇଁ ଚୌକିଦାରକୁ କହିଲି ଓ ଅବିଳମ୍ବେ ସେ ଯାଇ ତାଙ୍କୁ ମୋ ସମ୍ମୁଖକୁ ଡାକିଆଣିଲା । ପାଲିଙ୍କି ବିଷୟରେ ମୁଁ ତାଙ୍କୁ କହିଲି ଓ ଚୌକିଦାର ତୁଲ୍ୟ ସେ ମଧ୍ୟ ଉତ୍ତର ଦେଲେ । ସେତେବେଳକୁ କ୍ଷୋଭରେ ମନ ଓ କ୍ଷୁଧାରେ ପେଟ ଜଳିଲାଣି । ଭାବିଲି ଅବସ୍ଥା ଜାଣି ବ୍ୟବସ୍ଥା କରିବାକୁ ହେବ । ନ ହେଲେ ଏହି ଅବାନ୍ଧବ ଓ ଆତିଥ୍ୟପରାୟଣତା ବର୍ଜିତ ସ୍ଥଳରେ କ୍ଳେଶ ଓ ଅପମାନ ଭୋଗକରିବାକୁ ପଡ଼ିବ । ଗୋଟିଏ ଉପାୟ ସ୍ଥିରକଲି ଓ ଭାବିଲି ମୁଁ ବ୍ରାହ୍ମଣ, ମୋ ପରୀକ୍ଷା ନିଶ୍ଚୟ ସଫଳ ହେବ । ତତ୍‌ପରେ କୃତ୍ରିମ ବିରକ୍ତି ଓ ନାଟକାଭିନୟ ତୁଲ୍ୟ ଭାବପ୍ରକାଶ କରି କହିଲି, "ଦେଖନ୍ତୁ ମହାଶୟ ! ବର୍ତ୍ତମାନ ବାର ବାଜିଲାଣି । ଭୋକରେ ପେଟ ଜଳିଲାଣି । ମୋ ପାଖରେ ଖାଇବାକୁ କିଛି ନାହିଁ । ମୁଁ ଆଶା କରିଥିଲି, କାଖଡ଼ାରେ ପହଞ୍ଚି ସେଠାରେ ଆହାରର ଯୋଗାଡ଼ କରିବି । ତାହା ତ ହେଲାନାହିଁ । ଆପଣମାନେ କହୁଛନ୍ତି ଯେ ପାଣି ଟୋପାଏ ସୁଦ୍ଧା ମୋତେ ଦେବେ ନାହିଁ । ମୋ ପକ୍ଷରେ ବର୍ତ୍ତମାନ ଉପାୟ କ'ଣ ? ଆପଣମାନଙ୍କଠାରୁ ଭିକ୍ଷାସଂଗ୍ରହ ଛଡ଼ା ଉପାୟାନ୍ତର ନାହିଁ । ମୁଁ ବ୍ରାହ୍ମଣ, ଆପଣ ହିନ୍ଦୁ । ଆଜି ଆପଣଙ୍କୁ ମୋତେ ଖାଇବାକୁ ଦେବାକୁ ହେବ । ଚାଲନ୍ତୁ ଆପଣଙ୍କ ଘରକୁ, ଆଜି ଆପଣଙ୍କ ଘରେ ମୁଁ ଖାଇବି ।" ପ୍ରେସିଡ଼େଣ୍ଟ ନାମ ପଚାରି ବୁଝିଲି, ସେ – ଘୋଷ । ନାମ ମନେ ହେଉନାହିଁ । ମୋ କଥା ଶୁଣି ମୁଣ୍ଡ କୁଣ୍ଡାଇବାକୁ ଲାଗିଲେ ଓ କହିଲେ, "ହଜୁର୍ ! ମୁଁ କ'ଣ କରିବି ? ମୋତେ ତ ଏହି

Digitized by srujanika@gmail.com

ଲୋକଙ୍କ ଭିତରେ ରହିବାକୁ ହେବ। ଆପଣ କ'ଣ ଚାହୁଁଛନ୍ତି ଯେ ମୁଁ ବାସନ୍ଦ ହୋଇ ରହିବି ?'' ପୁଣି କୃତ୍ରିମ କ୍ରୋଧ ପ୍ରକାଶ ପୂର୍ବକ ଚକ୍ଷୁ ବୁଲାଇ ଗର୍ଜନ କରି କହିଲି, ''ଆଉ ଅସହ୍ୟ ! ମହାରାଜ କର୍ଣ୍ଣ ବ୍ରାହ୍ମଣକୁ ସ୍ୱପୁତ୍ରର ମାଂସ ଖାଇବାକୁ ଦେଇଥିଲେ। ଆଜି ଯଦି ବ୍ରାହ୍ମଣକୁ ଆହାର ନଦିଅନ୍ତି ତାହାହେଲେ ଅଭିଶାପ ଦେବି। ସାବଧାନ ! ପ୍ରସ୍ତୁତ ହୁଅନ୍ତୁ।'' ଦେଖିଲି ସେ ନିର୍ବାକ୍। ତାଙ୍କର ସର୍ବାଙ୍ଗ ଥରୁଛି। ତତ୍ପରେ ଉପସ୍ଥିତ ଲୋକଙ୍କୁ ଅନାଇ ସେ କହିଲେ, ''ଭାଇମାନେ ! ଯାହାହେଉ ପଛକେ ଆଜି ମୁଁ ବ୍ରାହ୍ମଣକୁ ଖାଇବାକୁ ଦେବି। ତୁମ୍ଭମାନଙ୍କର ଯାହା ଇଚ୍ଛା ମୋ ବିରୁଦ୍ଧରେ ତାହା କରିପାର। ବ୍ରାହ୍ମଣକୁ ଆହାର ନଦେଇ ପାପ ମୁଣ୍ଡେଇ ପାରିବି ନାହିଁ।'' ତଦ୍ରୂପ କୃତ୍ରିମ କୋପବ୍ୟଞ୍ଜକ ସ୍ୱରରେ ମୋର ଉକ୍ତିର ପୁନରାବୃତ୍ତି କଲି। ''ଆସିବାକୁ ଆଜ୍ଞାହେଉ'' କହି ମୋ ଆଗରେ ଚାଲିବାକୁ ଲାଗିଲେ। ତାଙ୍କ ଆଦେଶରେ ଚୌକିଦାର ଚପରାସୀ ମୁଣ୍ଡରୁ ମୋ ବାକ୍ସ ଓ ବିଛଣା ଓହ୍ଲାଇ ନିଜେ ବୋହିଲା। ମୁଁ ଚପରାସୀ ବନମାଳୀ ଦାସ ତାଙ୍କୁ ଅନୁସରଣ କଲୁ ଓ ଉପସ୍ଥିତ ଲୋକମାନଙ୍କ ମଧ୍ୟରୁ କେତେଜଣ ମଧ୍ୟ ଆମ୍ଭମାନଙ୍କ ସଙ୍ଗେ ଚାଲିଲେ। କିଛିଦୂର ଅଗ୍ରସର ହେବାପରେ ପ୍ରେସିଡ଼େଣ୍ଟ ମହାଶୟ ଚପରାସୀକୁ ମୋ ନାମ ପଚାରିବା ଶୁଣିଲି ଓ ମୋ ନାମ ନ କହିବା ପାଇଁ ତାକୁ ସଙ୍କେତ କଲି। କଂଗ୍ରେସର ପ୍ରଭାବ ଓ ଲୋକମାନଙ୍କ ତଜ୍ଜନିତ ମନୋଭାବ ଓ ଅନ୍ୟାନ୍ୟ ବିଷୟରେ କହି କହି ସେ ଚାଲିଛନ୍ତି ଓ ଆମ୍ଭେମାନେ ତାଙ୍କୁ ଅନୁସରଣ କରୁଅଛୁଁ। ବାଟରେ ଆହୁରି କେତେଜଣ ଲୋକ ଆସି ଆମ୍ଭମାନଙ୍କ ସଙ୍ଗେ ମିଶିଲେ। ମନେ ମନେ ମୁଁ ଅତ୍ୟନ୍ତ ଆମୋଦ ଅନୁଭବ କରୁଅଛି। ଭାବିଲି, ହିନ୍ଦୁର ପ୍ରାଣ କେଡ଼େ ଧର୍ମମୟ ! କେଡ଼େ ଅତିଥି ପରାୟଣ !! ଏହାହିଁ ହିନ୍ଦୁର ସଂସ୍କାର। ଜଣାନାହିଁ, ଶୁଣାନାହିଁ ଅପରିଚିତ ବ୍ରାହ୍ମଣର ନାମରେ ପ୍ରବଳ ପ୍ରତାପାନ୍ୱିତ କଂଗ୍ରେସର ପ୍ରଭାବ ଆଜି ପରାସ୍ତ। ଏହାହିଁ ହିନ୍ଦୁର ମହତ୍ତ୍ୱ। ଭଗବାନ ମହାରାଜ କର୍ଣ୍ଣଙ୍କ ଆହାର ଭିକ୍ଷା ଛଳରେ ତାଙ୍କ ଆତିଥ୍ୟପରାୟଣତାର କଠୋର ପରୀକ୍ଷା କରିଥିଲେ ଓ ସ୍ୱପୁତ୍ରର ମାଂସାହାର ଦାନକରି ତାଙ୍କ ଆତିଥ୍ୟପରାୟଣତା ଓ ମହତ୍ତ୍ୱର ଶ୍ରେଷ୍ଠତ୍ୱ ପ୍ରକାଶ କରିଥିଲେ। ସେହି ସଂସ୍କାର ଆଜିସୁଦ୍ଧା ହିନ୍ଦୁର ଅସ୍ଥିମଜ୍ଜାଗତ ହୋଇ ରହିଅଛି। ଏହି ବିଧର୍ମୀ ଯୁଗରେ ସୁଦ୍ଧା ଏହି ହିନ୍ଦୁଗୃହସ୍ଥ ହୃଦୟରୁ ସେହି ଭାବ ଦୂର ହୋଇନାହିଁ। ସେହି ସଂସ୍କାରର ବଶବର୍ତ୍ତୀ ହୋଇ ସମାଜର କୋପ ପ୍ରତି ଭ୍ରୂକ୍ଷେପ ସୁଦ୍ଧା ନ କରି ମୋତେ ହାକିମ ଦୃଷ୍ଟିରେ ନୁହେଁ, ବ୍ରାହ୍ମଣ ଦୃଷ୍ଟିରେ ଆହାର ଦେବାପାଇଁ ନିଜ ଘରକୁ ଘେନି ଯାଉଅଛନ୍ତି। ଏ ସମସ୍ତ ଭାବି ଭାବି ମୋର ହୃଦୟ କୃତଜ୍ଞତା ଓ ଆନନ୍ଦପୂର୍ଣ୍ଣ ଏକ ଅପୂର୍ବ ଭାବାବିଷ୍ଟ ହୋଇଯାଉଥାଏ। ମୁଁ ଭାବାବିଷ୍ଟ ହୋଇ ଚାଲୁଥାଏ। ବାଟରେ ମୋ ଆଡ଼କୁ ଲେଉଟିପଡ଼ି ପ୍ରେସିଡ଼େଣ୍ଟ ମହାଶୟ ଏଥର ମୋ ନାମ ପଚାରିଲେ। ମୁଁ କୌତୂହଳାବିଷ୍ଟ ହୋଇ କହିଲି, ''ମୁଁ ତ ଏକ୍ଷଣି ବ୍ରାହ୍ମଣ, ଭିକ୍ଷାଶୀ। ହାକିମ ଭାବରେ ମୁଁ ଆପଣଙ୍କ ଘରକୁ ଯାଉନାହିଁ, ମୋ ନାମ ଜାଣି ଆପଣଙ୍କର କ'ଣ ହେବ ?'' ଏତକ ଶୁଣି ତୁନି ହୋଇ

Digitized by srujanika@gmail.com

ଅଗ୍ରସର ହେଲେ, ପୁଣି ବାଟରେ ଲେଉଟିପଡ଼ି ମୋ ନାମ ପଚାରୁ ପଚାରୁ ସ୍ୱଗତ କରି କହିବାକୁ ଲାଗିଲେ, ''ସତେ କ'ଣ ସେ ହୋଇଥିବେ ? ସେପରି ରୂପ ତ ଦେଖାଯାଉଛି । ସେତେବେଳେ ଯୁବକ ଥିଲେ, କିନ୍ତୁ ହାବଭାବ ସବୁ ତାଙ୍କରି ପରି । ଅନେକ ଦିନ ହୋଇଗଲାଣି । ରୂପ ବଦଳି ଯାଇଥାଇ ପାରେ ।'' ପୁଣି ନିତାନ୍ତ ଆଗ୍ରହାନ୍ୱିତ ଜିଜ୍ଞାସୁ ତୁଲ୍ୟ ପଚାରିଲେ, ''ଆଜ୍ଞା କୁହନ୍ତୁ, ଆପଣ କି ଭାରତ ବାବୁ ?'' ଏହା ଶୁଣିବା ମାତ୍ରକେ ମୁଁ ସ୍ତମ୍ଭିତ ହୋଇଗଲି । ମୋ ନାମ ବା ଅବା ଜାଣିଥିବେ ଅଥବା କେଉଁଠାରେ ମୋତେ ଦେଖିଥିବେ । କିନ୍ତୁ ଏ ସବୁ ସ୍ୱଗତର ଅର୍ଥ କ'ଣ ? ମୁଁ କହିଲି, ''ଆପଣ ତ ମୋତେ ଚିହ୍ନିଥିଲେ । ଏତେ ପଚାରିବାର କାରଣ କ'ଣ ?'' ତତ୍‌ପରେ ମୋ ନାମ କହି ତାଙ୍କ ସଂଶୟ ଦୂରକଲି । ତତ୍‌କ୍ଷଣାତ୍ ଲମ୍ୱହୋଇ ମୋ ଗୋଡ଼ତଳେ ପଡ଼ିଗଲେ । ତାଙ୍କୁ ଉଠିବାକୁ କହିଲି । ଉଠିଲାରୁ ଦେଖିଲି ତାଙ୍କ ଚକ୍ଷୁଦ୍ୱୟ ଅଶ୍ରୁପୂର୍ଣ୍ଣ । କାନ୍ଦି କାନ୍ଦି ସେ କହିଲେ, ''ଆଜି ମୁଁ କେତେ ପାପ କରିବାକୁ ଯାଉଥିଲି ! ଆପଣ ମୋର ଦେବତା !! ମୋର ଭାଇର ପ୍ରାଣରକ୍ଷା କରିଛନ୍ତି, ସେଥିସକାଶେ ମୋର ସମଗ୍ର ପରିବାର ଆପଣଙ୍କ ପ୍ରତି କୃତଜ୍ଞ । ଆପଣଙ୍କ ନାମ ଏଥିଯୋଗୁଁ ଏହି ଅଞ୍ଚଳରେ ପ୍ରତ୍ୟେକ ଲୋକ ଅଦ୍ୟାପି ସ୍ମରଣ କରୁଅଛନ୍ତି । ଆଜି ମୋ ଗୃହରେ ଅନ୍ନଗ୍ରହଣ କରିବାକୁ ଅଙ୍ଗୀକାର କରି ମୋତେ ଅନ୍ନ ପ୍ରତ୍ୟାଖ୍ୟାନ ପାପରୁ ମୁକ୍ତ କରିଅଛନ୍ତି ।'' ଏହି ପ୍ରସଙ୍ଗରେ ୧୯୧୫ ସାଲରେ ମୁଁ ବାଲେଶ୍ୱରରେ ଥିବା ସମୟରେ ଏହି ଅଞ୍ଚଳସ୍ଥ ଏକ ଗ୍ରାମରେ ସଂଘଟିତ ଗୋଟିଏ ଖୁନ୍ ମୋକଦ୍ଦମାର କଥା ମୋ କାନରେ ପକାଇଦେଲେ । ଏହି ଖୁନ୍ ସଂକ୍ରାନ୍ତରେ କେତେଗୁଡ଼ିଏ ଆସାମୀଙ୍କ ସହିତ ଏହି ପ୍ରେସିଡ଼େଣ୍ଟଙ୍କ ଭାଇ ଧୃତ ହୋଇଥିଲେ । ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ତାଙ୍କର ଏହି ଭାଇ ଅପରାଧ ସ୍ୱୀକାର କରି ଘଟଣାର ସବିଶେଷ ବର୍ଣ୍ଣନା କରିଥିଲେ । ସେହି ବର୍ଣ୍ଣିତ ଘଟଣାର ସତ୍ୟାସତ୍ୟ ନିରୂପଣ ସକାଶେ ତଦାନୀନ୍ତନ ଜିଲ୍ଲା ମାଜିଷ୍ଟ୍ରେଟ୍ କିଲ୍‌ବି ସାହେବ (R.G. Kilby, I.C.S.) ମୋତେ ପଠାଇଥିଲେ । ଯେହେତୁ ସ୍ୱୀକାରୋକ୍ତି ପରେ ତାହା ମିଥ୍ୟା ଥିବା ଓ ପୋଲିସ ବାଧ୍ୟକରି ତାହା ଆଦାୟ କରିଥିବା ଅଭିଯୋଗ ହୋଇଥିଲା । ଖୁନ୍‌ର ବିଷୟ ଏହା ଥିଲା ଯେ, ନିହତ ବ୍ୟକ୍ତି ଜଣେ ସୁଧଖୋର ମହାଜନ । ଆସାମୀମାନେ ତାହାର ଋଣ ପରିଶୋଧ କରିବା ବାହାନାରେ ତାହାକୁ ଘରୁ ଡାକିନେଇ ଗୋଟିଏ ବାଉଁଶ ବଣରେ ତାକୁ ହତ୍ୟାକରି ରାତାରାତି ତାହାର ଲାସ୍‌କୁ ପୋଡ଼ିଦେଇଥିଲେ । ତାହାର ବାସଗୃହଠାରୁ ଆରମ୍ଭ କରି ଯେଉଁ ବାଉଁଶ ବଣରେ ଖୁନ୍ ହୋଇଥିଲା ବୋଲି ପ୍ରକାଶିତ ହୋଇଥିଲା, ତାହା ଏବଂ ଅନ୍ୟାନ୍ୟ ସ୍ଥାନମାନ ଦେଖି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବିଷୟମାନ ତଦନ୍ତକରି ତାହାର ସ୍ୱୀକାରୋକ୍ତି ମିଥ୍ୟା ଥିବା ଲେଖିଥିଲି । ପରିଶେଷରେ ଦୌରାଅଦାଲତରେ ମୁଁ ଜମାନବନ୍ଦୀ କରିଥିଲି ଓ ଆସାମୀମାନେ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ । ପ୍ରେସିଡ଼େଣ୍ଟଙ୍କଠାରୁ ଏହା ଶୁଣି ମୋର ଏହି ଘଟଣା ସଂକ୍ରାନ୍ତ ସମସ୍ତ କଥା ସ୍ମରଣ ହେଲା । ଜଣେ ଉତ୍ପୀଡ଼କ ମହାଜନର ଖୁନ୍ ହୋଇଥିବା କଥା

Digitized by srujanika@gmail.com

ସତ୍ୟ, କିନ୍ତୁ ପ୍ରମାଣାଭାବରେ ପୋଲିସ ପ୍ରେସିଡ଼େଣ୍ଟଙ୍କ ଭାଇକୁ ଶିଖାଇ ତାକୁ ସରକାରୀ ସାକ୍ଷ୍ୟ (Approver) କରିବା ଲୋଭ ଦେଖାଇ ସ୍ୱୀକାରୋକ୍ତି କରାଇଥିଲେ। କିନ୍ତୁ ପରିଶେଷରେ ସେ ତାହା ପ୍ରତ୍ୟାହାର କରି ଦରଖାସ୍ତ ଦେବାରୁ ଜିଲ୍ଲା ମାଜିଷ୍ଟ୍ରେଟ୍ ଉକ୍ତ ସ୍ୱୀକାରୋକ୍ତିର ସତ୍ୟାସତ୍ୟ ଅନୁସନ୍ଧାନ କରିବା ସକାଶେ (Verification of Confession) ମୋତେ ପଠାଇଥିଲେ ଓ ତାହା ମିଥ୍ୟା ଥିବା ମୁଁ ରିପୋର୍ଟ କରିଥିଲି। ପ୍ରେସିଡ଼େଣ୍ଟ ମୋତେ ଯତ୍‌ପରୋନାସ୍ତି ସମ୍ମାନ ଦେଖାଇ ଏକାବେଳକେ ତାଙ୍କ ଘରଭିତରକୁ ଡାକି ନେଇଗଲେ ଓ ଚିତ୍କାର କରି କହିଲେ, ‘‘ଆପଣ ଦେବତା। ଆଜି ମୋ ଘରେ ପଦଧୂଳି ଦେଇଅଛନ୍ତି। ଆଜି ମୁଁ କେଡ଼େ ପାପ କରିବାକୁ ଯାଉଥିଲି।’’ ମୁଁ ମନ୍ତ୍ରମୁଗ୍ଧ ତୁଲ୍ୟ ଦଣ୍ଡାୟମାନ ହୋଇ ରହିଲି। ତତ୍ପରେ ସେ ମୋତେ ଗୋଟିଏ ଆସନରେ ବସାଇ ଘର ଭିତରକୁ ଗଲେ ଓ ପରେ ଫେରିଆସି ମୋ ପାଦ ଧୋଇଦେଇ ସେହି ଜଳ ତୁଣ୍ଡରେ ଗ୍ରହଣ କଲେ। ତାଙ୍କ ପଛକୁ ଜଣେ ବୟସ୍କା ସ୍ତ୍ରୀ (ତାଙ୍କ ପତ୍ନୀ) ଓ ତାଙ୍କ ପଛକୁ ଯୁବତୀ କନ୍ୟା, ପୁତ୍ରବଧୂ ଓ ସମସ୍ତଙ୍କ ପଛକୁ ସେହି ଖୁନୀ ଆସାମୀ ତାଙ୍କ ଭାଇ ଅଭୟ ଆସି ତାଙ୍କ ତୁଲ୍ୟ ମୋର ପଦଧୌତ ଜଳ ନିଜ ନିଜ ତୁଣ୍ଡରେ ପକାଇବାକୁ ଲାଗିଲେ। ମୋର ବିନୀତ ବାରଣ ଆଦୌ ମାନିଲେ ନାହିଁ। ଅଭୟ ମୋ ଆଗରେ ସାଷ୍ଟାଙ୍ଗ ପ୍ରଣିପାତ ହେଲା ଓ ହଜୁରଙ୍କ କୃପାରୁ ବଞ୍ଚିଛି ବୋଲି ଛଳଛଳ ଚକ୍ଷୁରେ କହିଲା। ଏ ସମସ୍ତ କାର୍ଯ୍ୟ ଦେଖି ମୁଁ ଅବାକ୍। ଏକ ଅଭୂତପୂର୍ବ ଭାବରେ ତନ୍ମୟ ହୋଇ ରହିଲି। ଭାବିବାକୁ ଲାଗିଲି, ହୋଇଥିଲା କ'ଣ ଆଉ ହେଲା କ'ଣ? ସଂସାରରେ କେତେ ଘଟଣା ଘଟିଯାଇଛି ତାହା କିଏ ସ୍ମରଣ କରୁଅଛି? ଆଜିକୁ କୋଡ଼ିଏ ବର୍ଷ ତଳର କଥା। ଏହି ହିନ୍ଦୁ ପରିବାର ଅତୀତ ଘଟଣାଟିର ସ୍ମୃତିରେ ଆଜି ଗଭୀର କୃତଜ୍ଞତାର ପରିଚୟ ଦେଉଅଛନ୍ତି। ମୁଁ ସେମାନଙ୍କ ଆଗରେ କେବଳ କହିଲି, ‘‘ମୁଁ ମୋର କର୍ତ୍ତବ୍ୟ କରିଥିଲି ମାତ୍ର ଆପଣମାନେ ମୋ ପ୍ରତି ଯେଉଁ ସଦୟ ବ୍ୟବହାର କରୁଅଛନ୍ତି, ପ୍ରକୃତରେ ମୁଁ ତାହାର ପାତ୍ର ନୁହେଁ; ବରଂ ମୁଁ ଆଜି ଆପଣଙ୍କ ପ୍ରତି ଯେଉଁ ଦୁର୍ବ୍ୟବହାର କରିଅଛି, ତହିଁ ସକାଶେ ମୁଁ ଲଜ୍ଜିତ ଓ ଦୁଃଖିତ। ଆପଣମାନଙ୍କଠାରେ ମୁଁ କ୍ଷମାଭିକ୍ଷା କରୁଅଛି। ମୋତେ କ୍ଷମାକଲେ ବୋଲି ଶୁଣିଲେ ମୁଁ ଆଶ୍ୱସ୍ତ ହେବି।’’ ଏହି ପ୍ରକାରେ ଗୋଟିଏ ପ୍ରକୃତ ଘଟଣାର ଅଭିନୟ ହେଲା। ମୁଁ ଘର ବାହାରକୁ ଆସିଲି ଓ ସ୍ନାନାଦି ସମାପନ କରି ଅଳ୍ପ ସମୟ ମଧ୍ୟରେ ବ୍ରାହ୍ମଣ ପାଚକଦ୍ୱାରା ପ୍ରସ୍ତୁତ ଅତି ଉପାଦେୟ ଅନ୍ନ ବ୍ୟଞ୍ଜନାଦି ଆହାର କଲି। ପ୍ରେସିଡ଼େଣ୍ଟଙ୍କ ପତ୍ନୀ ମୋ ପାଖରେ ବସି ମାତା ପୁତ୍ରକୁ ଆହାର କରାଇଲା ତୁଲ୍ୟ ମୋତେ ଯତ୍ନ ସହକାରେ ଆହାର କରାଇଲେ। ମୋର ହୃଦୟ ଗଭୀର କୃତଜ୍ଞତା ଓ ଆନନ୍ଦରେ ପୂର୍ଣ୍ଣ ହୋଇଗଲା। ଅପରାହ୍ଣ ଚାରିଟାବେଳେ ପାଲିଙ୍କି ଆସିଲା ଓ ତହିଁରେ ମୁଁ କାଖଡ଼ା ଅଭିମୁଖେ ଯାତ୍ରାକଲି। ପ୍ରେସିଡ଼େଣ୍ଟ ଓ ତାଙ୍କ ଭାଇ ମୋ ସଙ୍ଗେ ଗଲେ ଓ କାଖଡ଼ାରେ ମୋତେ ଯେଉଁ ଦୁଇଦିନ ରହିବାକୁ ହୋଇଥିଲା ସେଠାରେ

Digitized by srujanika@gmail.com

ସେମାନେ ମୋ ସଙ୍ଗେ ରହିଥିଲେ, ଫେରିବା ବେଳେ ପୁଣି ତାଙ୍କ ଘରେ ଆତିଥ୍ୟ ଗ୍ରହଣ କରିଥିଲି। ମୋତେ ମାଠିଆଏ ଖଜୁରୀ ଗୁଡ଼ ଓ ବସ୍ତାଏ ନଡ଼ିଆ ଦେଇଥିଲେ। ତାହା ନେଇ ମୁଁ ବାଲେଶ୍ୱର ଫେରିଥିଲି।

ଇତିପୂର୍ବେ କାଖଡ଼ା ଗ୍ରାମ ସମ୍ୱନ୍ଧରେ ସାମାନ୍ୟ ସୂଚନା ଦିଆଯାଇଅଛି। ଏହି ଗ୍ରାମରେ ବଙ୍ଗାଳୀ ଓ ଓଡ଼ିଆ ଛାଡ଼ି ଆଉ ଏକ ଜାତିର ଲୋକେ ଅଛନ୍ତି। ସେମାନଙ୍କୁ 'ସାଗରପେଷା' କୁହାଯାଏ। ସାଗରପେଷାମାନେ ଭିନ୍ନ ଜାତିଆ ସ୍ତ୍ରୀ ଗର୍ଭରୁ ବଙ୍ଗାଳୀ କାୟସ୍ଥଙ୍କ ଔରସ ଜାତ ସନ୍ତାନ। ଦେଖିଲି ଏହି ଗ୍ରାମରେ ଏମାନେ ଧନୀ ଓ କାୟିକ ପରିଶ୍ରମଦ୍ୱାରା ନିଜ ନିଜ ଅବସ୍ଥା ସ୍ୱଚ୍ଛଳ କରିପାରିଅଛନ୍ତି। ବିଦ୍ୟାବଳ ଏମାନଙ୍କର ନାହିଁ। ବିଦ୍ୟାବଳ ନଥିଲେ ସୁଦ୍ଧା ସଂସାରରେ ଅବସ୍ଥା ଓ ସମୟ ଭେଦରେ ଧନବଳ ହେୟ ନୁହେଁ। ବଙ୍ଗାଳୀମାନେ ଶିକ୍ଷିତ ଓ ଓଡ଼ିଆମାନଙ୍କ ଅପେକ୍ଷା ଉଚ୍ଚତର ଅବସ୍ଥାପନ୍ନ। ବଙ୍ଗାଳୀ ଓ ଓଡ଼ିଆମାନେ ସାଗରପେଷାଙ୍କ ଉପରେ ଦୌରାତ୍ମ୍ୟ କରି ଉଭୟ ଶ୍ରେଣୀ ମଧ୍ୟରେ ଗଭୀର ଭେଦ ସୃଷ୍ଟି କରିଥିଲେ ଓ ତଦନ୍ତରେ ବୁଝିଲି ପୂର୍ବୋକ୍ତ ବେନାମୀ ପତ୍ର ତହିଁର ଫଳ। ଏହି ଗ୍ରାମ ମେଦିନୀପୁର ଜିଲ୍ଲାର ସୀମାରେ ଅବସ୍ଥିତ। ମେଦିନୀପୁର ବାଲେଶ୍ୱର ଜିଲ୍ଲାର ସୀମାରେଖା କାଖଡ଼ା ଗ୍ରାମର କେତେକ ଅଧିବାସୀଙ୍କ ବାସଗୃହ ମଧ୍ୟଦେଇ ଯାଇଅଛି। ଏହି ସମୟକୁ ମେଦିନୀପୁରରେ ରାଜନୈତିକ ଆନ୍ଦୋଳନ ଫଳରେ ତିନିଜଣ ଗୋରା ଜିଲ୍ଲା ହାକିମଙ୍କୁ ହତ୍ୟା କରାହୋଇଥିଲା। ଆତଙ୍କମୂଳକ ଆନ୍ଦୋଳନ ବାଲେଶ୍ୱର ଜିଲ୍ଲାଭିମୁଖରେ ବିସ୍ତୃତ ହେବ, ଏହି ଭାବର ସୂଚନା ପ୍ରୋକ୍ତ ବେନାମୀ ପତ୍ରରେ ଦିଆହୋଇଥିଲା। ତଦନ୍ତରେ ବୁଝିଲି, ତାହା ନିତାନ୍ତ ଅମୂଳକ। ଉଭୟ ଦଳ ମଧ୍ୟରେ ସଦ୍ଭାବ ସ୍ଥାପନ କରିବା ଉଦ୍ୟମ କରିଥିଲି ଓ ମୋ ଉପଦେଶରେ ସୁଫଳ ଲାଭ ହୋଇଥିଲା। ଗ୍ରାମବାସୀ ସମସ୍ତେ ଗୋଟିଏ ଭୋଜି କଲେ ଓ ଉଭୟ ଦଳ ତହିଁରେ ଏକତ୍ର ବସି ଭୋଜନ କରି ବିବାଦର ଉପଶମ କରିଥିଲେ।

ବାଲେଶ୍ୱର ସହରକୁ ଲାଗି ଫରାସୀଡ଼ିଙ୍ଗା, ମାତ୍ର ୪୫ ଏକା ଭୂମି ସହ ଫ୍ରାନ୍ସ ଅଧିକୃତ ଏକ କ୍ଷୁଦ୍ର ଗ୍ରାମ। ଇଂରେଜ ଅଧିକୃତ ବଙ୍ଗ ପ୍ରଦେଶ ବେଷ୍ଟିତ ଚନ୍ଦନ ନଗରରେ ସ୍ଥାପିତ ଫରାସୀ ସରକାରଙ୍କ ଶାସନାଧୀନ। ଗ୍ରାମ ବୁଝାମଣା କରିବାପାଇଁ ଗ୍ରାମର ଜଣେ ଲୋକ ନିଯୁକ୍ତ ଥାଏ। ଅନ୍ୟ ଦେଶୀୟ ଶାସନାଧୀନ ଥିଲେହେଁ ଏହି ଗ୍ରାମବାସୀ ସମସ୍ତ ଇଂରେଜ ଶାସନାଧୀନ ବାଲେଶ୍ୱର ସହିତ ଚଳାଚଳ ହୁଅନ୍ତି। କିନ୍ତୁ ଏମାନଙ୍କ ଜୀବନଯାତ୍ରା ବିନା ଗଉଡ଼ର ଗାଈ ତୁଲ୍ୟ। ଚୈତ୍ର ସଂକ୍ରାନ୍ତି ଦିନ ଏଠାରେ ଚଡ଼କ ପୂଜା ହୁଏ। ବେଆଇନ୍ ଭାବରେ ମଦ ତିଆରି ହୁଏ; ଚୋରା ଅଫିମ ବିକ୍ରି ହୁଏ। ଘରେ ଘରେ ଗଞ୍ଜେଇ ଗଛ ଓ ଗୁଲିଖଟି। ଏହି ସମୟରେ ବାଲେଶ୍ୱର ଏକ ଅଫିମ ପ୍ରସିଦ୍ଧ ଜିଲ୍ଲା ବୋଲି ଦୁର୍ନାମ ଅର୍ଜ୍ଜନ କରିଥିଲା। ବାଲେଶ୍ୱର ସହରରୁ ଗୁଲିଖୋର ଲୋକମାନେ ଆସି ଶସ୍ତା ମୂଲ୍ୟରେ ଅଫିମ

Digitized by srujanika@gmail.com

ଗଞ୍ଜେଇ ଖାଇ ଯା'ନ୍ତି। ଏ ସମସ୍ତ ବେଆଇନ୍ କାର୍ଯ୍ୟ ଯୋଗୁଁ ବାଲେଶ୍ୱରରେ ଅବକାରୀ ବିଭାଗର ଶାସନରେ ବ୍ୟାଘାତ ଜାତ ହୋଇ ଏହି ବିଭାଗର ଆୟ ଊଣାହେବାକୁ ବସିଲା। ଏଥି ସକାଶେ ବାର୍ଷିକ ଚାରିହଜାର ଟଙ୍କା ବିନିମୟରେ ଭାରତ ସରକାର ଏହି ଗ୍ରାମର ଇଜରା ନେଇଥିଲେ। ପ୍ରଜାଙ୍କଠାରୁ ପ୍ରାପ୍ୟ ଏହି ଗ୍ରାମର ରାଜସ୍ୱ ମାତ୍ର ୧୫୦ଟଙ୍କା ଆଦାୟର ଭାର ମୋ ଉପରେ ନ୍ୟସ୍ତ ହୋଇଥିଲା।

କେହି ଖଜଣା ଦେଉ ନାହାଁନ୍ତି ବୋଲି ତହସିଲଦାର ରିପୋର୍ଟ କଲେ। ଦିନେ ମୁଁ ନିଜେ ସେହି ଗ୍ରାମକୁ ଗଲି ଓ ଗ୍ରାମବାସୀଙ୍କୁ ଡକାଇଲି। ସମସ୍ତେ ଆସିଲେ। ଯେତେବେଳେ ଖଜଣା ଦେବାପାଇଁ ସେମାନଙ୍କୁ କହିଲି, ସେମାନେ କହିଲେ, ''ହଉ ବାବୁ, ଏହି ଥରକ ତ ଆସିଲେ; ଆଉ କେତେଥର ଆସିବେ ? ତାହାହେଲେ ସିନା ଆମେମାନେ ଖଜଣା ଦେବୁଁ।'' ଆଉ କହିବି କ'ଣ ? ଅଗତ୍ୟା ଫେରିଆସିଲି। ଗ୍ରାମ ତ୍ୟାଗ କରୁଥିବା ସମୟରେ କହିଲି, ''ଏଠାରେ ପରା ଗଞ୍ଜେଇ ଗଛ ଅଛି ?'' ଜଣେ କହିଲା, 'ଆସନ୍ତୁ ଦେଖିବେ।' ଏହା କହି ସେ ମୋ ଆଗରେ ଚାଲିଲା ଓ ମୁଁ ତାହାର ଅନୁସରଣ କଲି। ପ୍ରାୟ ପ୍ରତ୍ୟେକ ଘର ସଂଲଗ୍ନ ବାଡ଼ିରେ ଘନଭାବରେ ଗଞ୍ଜେଇଗଛ ଲାଗିଥିବା ସେ ମୋତେ ଦେଖାଇଦେଲା।

ଏହି ଗ୍ରାମରେ ସଂଘଟିତ ମାଲିମୋକଦ୍ଦମା ଚନ୍ଦନନଗରରେ ବିଚାର ହେଉଥିଲା। ଗୋଟିଏ ବେଆଇନ୍ ଭାବରେ ମଦ ତିଆରି ମୋକଦ୍ଦମା ହେଲା। ବାଲେଶ୍ୱର ଅବକାରୀ ବିଭାଗର ଜଣେ କର୍ମଚାରୀ ସେହି ମୋକଦ୍ଦମା ଚନ୍ଦନ ନଗରରେ ଦାଏର କରିଥିଲେ। ଆସାମୀକୁ ତଲବ ହେଲାନ୍ତ କିନ୍ତୁ ସେ ସମନ ପାଇ ସୁଦ୍ଧା ହାଜର ହେଲାନାହିଁ। ତାହାର ଅନୁପସ୍ଥିତିରେ ସାକ୍ଷ୍ୟ ପ୍ରମାଣ ନିଆଗଲା ଓ ସେ ନିର୍ଦ୍ଦୋଷରେ ଖଲାସ ହେଲା। ବିଚାରକ ମେୟର ମୋକଦ୍ଦମା ମିଥ୍ୟା ଥିବା ରାୟ ଦେଇଥିଲେ। ଉକ୍ତ ରାୟର ନକଲ ଆସିଥିଲା। ତାହା ଫରାସୀ ଭାଷାରେ। ତହିଁର ଇଂରେଜୀ ଅନୁବାଦ ପଢ଼ି ମୋର ବାସ୍ତବରେ ଭକ୍ତି ଜାତ ହୋଇଥିଲା। ଫରାସୀ ଅଦାଲତରେ ବିଚାରର ପ୍ରଣାଳୀ ଇଂରେଜ ଅଦାଲତର ପ୍ରଣାଳୀଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଇଂରେଜ ଅଦାଲତରେ ଆଇନ ଏହି ଯେ ମୋକଦ୍ଦମା ଦାଏର ହେଲା ଉତ୍ତାରେ ଆସାମୀକୁ ତଲବ ହୁଏ। ସେ ସମନ ପାଇ ଅଦାଲତରେ ହାଜର ନହେଲେ ତାକୁ ହାଜର ହେବାପାଇଁ ବାଧ କରିବା ସକାଶେ ପ୍ରଥମରେ ଗିରଫଦାରୀ ୱାରେଣ୍ଟ ବାହାରେ ଓ ଏଥିରେ ମଧ୍ୟ ଯଦି ସେ ଧରା ନପଡ଼େ, ତାହାହେଲେ ତାହାର ସମ୍ପତ୍ତି କ୍ରୋକ୍ ହୋଇ ନିଲାମ ହୁଏ। କିନ୍ତୁ ଫରାସୀ ଅଦାଲତର ଆଇନ ଅନ୍ୟ ପ୍ରକାର। ସମନ ପାଇ ଆସାମୀ ହାଜର ନହେଲେ ତା'ର ଅନୁପସ୍ଥିତିରେ ଏକତରଫା ବିଚାର ହୁଏ ଓ ତାହାପ୍ରତି ଦଣ୍ଡବିଧାନ ହେଲେ ଅର୍ଥଦଣ୍ଡ ହୋଇଥିଲେ ଜରିମାନା ଟଙ୍କା ଆଦାୟ ସକାଶେ ଓ କାରାଦଣ୍ଡ ହୋଇଥିଲେ ତାହାକୁ ଗିରଫଦାର କରି ଆଣିବା ସକାଶେ ଆଇନଗତ ବ୍ୟବସ୍ଥା ପ୍ରୟୋଗ ହୁଏ। ଯଦି ଏକତରଫା ବିଚାର ବିରୁଦ୍ଧରେ ଆସାମୀ ଆପତ୍ତିକରେ ଓ ତାହା ଗୃହୀତ ହୁଏ ତେବେ ତାହା ସମ୍ମୁଖରେ ମୋକଦ୍ଦମାର ବିଚାର ହୁଏ।

Digitized by srujanika@gmail.com

ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ସଂକ୍ରାନ୍ତ କାର୍ଯ୍ୟାବଳୀରେ ଯୋଗ ଦେଇଥିବା ଲୋକମାନଙ୍କ ବିରୁଦ୍ଧରେ ଇଂରେଜ ସରକାର ଯେତେବେଳେ ଦମନ ନୀତି ଗ୍ରହଣ କରିଥିଲେ, ସେତେବେଳେ ସେମାନଙ୍କ ପ୍ରଧାନ କାର୍ଯ୍ୟସ୍ଥଳ ହୋଇଥିଲା ଏହି ଫରାସୀଡ଼ିଙ୍ଗା। ବର୍ତ୍ତମାନ ଫରାସୀଡ଼ିଙ୍ଗା ବାଲେଶ୍ୱର ସହିତ ମିଳିତ ହୋଇଯାଇଅଛି। ଭାରତବର୍ଷରୁ ଇଂରେଜ ଶାସନ ତା.୧୫.୮.୧୯୪୭ରେ ଲୁପ୍ତ ହେବା ସମୟରେ ଫରାସୀ ଶାସନ ମଧ୍ୟ ଲୁପ୍ତ ହେଲା ଓ ସେହିଦିନ ଫରାସୀ ସରକାରଙ୍କ ପ୍ରତିନିଧି ଆସି ଏହି ଗ୍ରାମକୁ ସ୍ୱାଧୀନ ଭାରତ ସରକାରଙ୍କ ଅଧୀନରେ ସ୍ଥାପନ କରିଦେଇଗଲେ।

ଦିନେ ସନ୍ଧ୍ୟାରେ ଫରାସୀଡ଼ିଙ୍ଗାରୁ ଫେରୁଥିବା ବେଳେ ଦେଖିଲି, ସୁନହଟରେ ଗୋଟିଏ ସ୍ଥାନରେ ସୁନ୍ଦର କୀର୍ତ୍ତନ ଗାନ ହେଉଅଛି ଓ କୀର୍ତ୍ତନମଣ୍ଡଳୀ ମଧ୍ୟରେ ଜଣେ ଅତି ଲଳିତ ସ୍ୱରରେ ମୃଦଙ୍ଗ ବଜାଉଅଛି। ସେଠାରେ ମୁଁ ଅଳ୍ପ ସମୟ ଛିଡ଼ାହୋଇ କୀର୍ତ୍ତନ ଶୁଣିବାକୁ ଲାଗିଲି। ଶୁଣିଲି, ମୃଦଙ୍ଗ-ବାଦକ ଜଣେ ମୁସଲ୍‌ମାନ୍। ମୁସଲମାନ୍‌ମାନେ ତାକୁ ହିନ୍ଦୁ ଗାନ ଗାଉଥିବା ଦୋଷରେ ଦୋଷୀ କରି ନାନାପ୍ରକାର ଧମକ ଦେଇଥିଲେ। କିନ୍ତୁ ସେ ନମାନି ତାହାର ଜୀବିତାବସ୍ଥାରେ ହିନ୍ଦୁ ଭାଇମାନେ ତାକୁ ପୋଷୁଥିବା ଓ ତାହାର ମୃତ୍ୟୁ ଉତ୍ତାରେ ସେମାନେ ତାକୁ ମୁଠାଏ ମାଟି ଦେବେ ବୋଲି କହି ସେ ତାହାର ମୁସଲମାନଭାଇମାନଙ୍କ ଧମକ ପ୍ରତି ଭ୍ରୂକ୍ଷେପ କରୁ ନଥିଲା ବୋଲି ସେଠାରୁ ଶୁଣିଲି।

୧୯୩୨ ମସିହା ମଇମାସରେ ମୋର ଦଶମା କନ୍ୟା ପୂର୍ଣ୍ଣିମାର ଜନ୍ମ ହୋଇଥିଲା। ମୋର ସ୍ତ୍ରୀ ସେତେବେଳେ ତୀବ୍ର ମାଲେରିଆରେ ଆକ୍ରାନ୍ତ। ଅଶୁଭ ଲଗ୍ନରେ ତାହାର ଜନ୍ମ ହୋଇଥିଲା। ତାହାର ଜନ୍ମର ଦୁଇମାସ ଉତ୍ତାରେ ମୋର ଦ୍ୱିତୀୟା କନ୍ୟା ତିଳୋତ୍ତମାର ଜ୍ୟେଷ୍ଠାକନ୍ୟା ଜ୍ୟୋସ୍ନାର ମଧ୍ୟ ବାଲେଶ୍ୱରରେ ଜନ୍ମ। ସେତେବେଳେ ମୋର ଜ୍ୟେଷ୍ଠା କନ୍ୟା ମନୋରମାର ସ୍ୱାସ୍ଥ୍ୟଭଙ୍ଗ ଯୋଗୁଁ ସମ୍ବଲପୁରରୁ ଶ୍ୱଶୁରାଳୟରୁ ଆସି ବାଲେଶ୍ୱରରେ ଚିକିତ୍ସା ସକାଶେ ରହିଲା। ତାହାର କ୍ରୋଡ଼ରେ ଗୋଟିଏ ଶିଶୁକନ୍ୟା। ମାତାଙ୍କଦ୍ୱାରା ନବପ୍ରସୂତା କନ୍ୟାର ଯତ୍ନ ହୋଇ ନପାରିବାରୁ ମନୋରମା ଓ ତିଳୋତ୍ତମା ତାହାର ସବିଶେଷ ଯତ୍ନ କରିଥିଲେ ଓ ସ୍ୱବକ୍ଷରୁ କ୍ଷୀର ଦାନ କରି ତାହାର ପ୍ରାଣରକ୍ଷା କରିଥିଲେ। ଆଜି ପୂର୍ଣ୍ଣିମା ଇହଜଗତରେ ନାହିଁ। ତା.୬.୮.୧୯୪୫ରେ ସେ ସ୍ୱର୍ଗାରୋହଣ କରି ଚାଲିଗଲା।

୧୯୩୩ ମସିହା ଜୁନ୍ ମାସରେ ଛୁଟି ନେଇ ମୋର ତୃତୀୟା କନ୍ୟା ଅନୁପମାକୁ ଶ୍ୱଶୁରାଳୟକୁ ପ୍ରେରଣ କରିବା ସକାଶେ ସମ୍ବଲପୁରକୁ ଆସିଲି। ମୋ ସ୍ତ୍ରୀ ସେତେବେଳେ ଅତ୍ୟନ୍ତ ଅସୁସ୍ଥା। ମାଲେରିଆ ପ୍ରକୋପରେ ଚକ୍ଷୁରୋଗ ଜାତ ହୋଇଅଛି। ଦୃଷ୍ଟିଶକ୍ତି କ୍ଷୀଣ ହୋଇଅଛି। ଚକ୍ଷୁରୋଗ ବିଶେଷଜ୍ଞ କଲିକତାର ଡାକ୍ତର ସୁଶୀଲକୁମାର ମୁଖାର୍ଜୀଙ୍କ ଚିକିତ୍ସାରେ ବହୁ କଷ୍ଟରେ ତାଙ୍କର ଏହି ରୋଗର ଉପଶମ ହୋଇଥିଲା। ମୁଁ ଓ ମୋର ପୁତ୍ରକନ୍ୟା ସମସ୍ତେ ମାଲେରିଆରେ ଅତ୍ୟନ୍ତ କଷ୍ଟ ଭୋଗ କରୁଥିଲୁ। ଛୁଟିରୁ ଫେରି ମୁଁ ଦୀର୍ଘ ଛୁଟି

Digitized by srujanika@gmail.com

ସକାଶେ ଦରଖାସ୍ତ କଲି ଓ ଛୁଟି ଦେବା ସମ୍ଭବ ନହେଲେ ଅନ୍ୟ କୌଣସି ସ୍ୱାସ୍ଥ୍ୟକର ଜିଲାକୁ ବଦଳି ପ୍ରାର୍ଥନା କଲି। କିନ୍ତୁ ଜିଲା କଲେକ୍ଟର ଧର୍ ସାହେବ (ଶ୍ରୀ ସତ୍ୟେନ୍ଦ୍ରମୋହନ ଧର, ଆଇ.ସି.ଏସ୍.) ମୋର ଦରଖାସ୍ତ ଉପରକୁ ପଠାଇଲେ ନାହିଁ। କହିଲେ ଯେ, ଏହି କାରଣ ଅନ୍ୟ ଅଫିସରମାନଙ୍କ ପକ୍ଷରେ ସୁଦ୍ଧା ପ୍ରଯୋଜ୍ୟ। ସମସ୍ତଙ୍କୁ ଯଦି ଏହି କାରଣରେ ବଦଳି କରାଯାଏ, ତାହାହେଲେ ବାଲେଶ୍ୱରରେ କେହି ରହିବେ ନାହିଁ। ମୁଁ କେତେ ଅନୁନୟ କଲି ଶୁଣିଲେ ନାହିଁ। ମୋର ସାଧାରଣ କର୍ତ୍ତବ୍ୟ କାର୍ଯ୍ୟ କରିବା ପାଇଁ ସୁଦ୍ଧା ସେତେବେଳେ ମୁଁ ଅକ୍ଷମ। ଏହାର ଦୁଇତିନି ମାସ ପରେ ଓଡ଼ିଶାର କମିଶନର ହର୍ଣ୍ଣଲେ ସାହେବ (E.S. Hoernle, I.C.S.) ବାଲେଶ୍ୱର ପରିଦର୍ଶନରେ ଆସିଲେ। ନିୟମାନୁସାରେ ସମସ୍ତ ଡେପୁଟି ଓ ସବ୍‌ଡେପୁଟି ତାଙ୍କ ସହିତ ସାକ୍ଷାତ କରିବାକୁ ଗଲୁ। ସେ କଲେକ୍ଟର ସାହେବଙ୍କ କୋଠିରେ ରହୁଥିଲେ। କୋଠିର ସମ୍ମୁଖସ୍ଥ ଚାନ୍ଦିନୀରେ କମିଶନର ଓ କଲେକ୍ଟର ଧର୍ ସାହେବ ଛିଡ଼ା ହୋଇଥାନ୍ତି ଓ ଅଦୂରରେ ଶ୍ରେଣୀବଦ୍ଧ ଭାବରେ ଦଣ୍ଡାୟମାନ ଡେପୁଟି ଓ ସବ୍‌ଡେପୁଟିବୃନ୍ଦ ଜଣ ଜଣ ହୋଇ ଯାଇ ତାଙ୍କ ସହିତ ସାକ୍ଷାତ, କରମର୍ଦ୍ଦନ ଓ କଥାବାର୍ତ୍ତା କରି ଆସୁଥାନ୍ତି। ମୋ ପାଳି ଯେତେବେଳେ ଆସିଲା, ମୁଁ ଗଲି। କମିଶନର ସାହେବ ମୋ ସହିତ କରମର୍ଦ୍ଦନ କରି "How do you do?" (ଅବିକଳ ଅର୍ଥ – 'କିପରି ଅଛ ?') କହିଲେ। ମୋ ମୁଣ୍ଡରେ ଖେଳିଗଲା, ଏହାର ସୁଯୋଗ ମୁଁ ନେବି। ଜାଣିଥିଲି, ଏହାର ଅର୍ଥ କିଛି ନୁହେଁ, ସାଧାରଣ ଅଭିବାଦନ ସୂଚକ। ତଥାପି ନଜାଣିଲାପରି କହିଲି, ''ମୋର ଅବସ୍ଥା ଅତି ମନ୍ଦ (Doing very badly Sir)।'' ସେ ପଚାରିଲେ, ''କଥା କ'ଣ ?'' ମୁଁ କହିଲି, ''ମୋ ସ୍ତ୍ରୀ, ପୁଅ, ଝିଅ ସମସ୍ତେ ମାଲେରିଆରେ ଅତ୍ୟନ୍ତ କଷ୍ଟ ଭୋଗ କରୁଅଛନ୍ତି। ମୁଁ ମୋର କାମ ସୁଦ୍ଧା କରିପାରୁନାହିଁ। ମୋତେ କୌଣସି ସ୍ୱାସ୍ଥ୍ୟକର ସ୍ଥାନକୁ ବଦଳି କରାଯାଉ।'' ଧର ସାହେବ ମୋ ଆଡ଼କୁ ବଡ଼ବଡ଼ ଆଖି କରି ଅନାଇବାକୁ ଲାଗିଲେ। ଡରିବି କାହିଁକି ? ଶୁଭ ସମୟ ସବୁବେଳେ ଆସେନାହିଁ। ମୁଁ ତ ମିଥ୍ୟା କହି ନଥିଲି ବା ପ୍ରତାରଣା କରୁନଥିଲି। ଏହି ସୁଯୋଗର ସୁବିଧା ନେବିନାହିଁ କାହିଁକି ? ଏହା ହରାଇଲେ ଆଉ ଆସିବ ନାହିଁ। କମିଶନର ସାହେବ କହିଲେ, ''ଆପଣ ବଦଳି ସକାଶେ ଦରଖାସ୍ତ କରନ୍ତୁ। ଯଦିଓ ମୁଁ ବଦଳିର ଆଶା ଦେଇ ନପାରେ, ତଥାପି ଚେଷ୍ଟା କରିବି।'' ମୁଁ ଧନ୍ୟବାଦ ଦେଲି ଓ ଅନ୍ୟାନ୍ୟ ବିଷୟରେ ପଦେଦୁଇପଦ କଥାବାର୍ତ୍ତା କରି ଚାଲିଆସିଲି। ଏହାର ଦୁଇଦିନ ପରେ କଲେକ୍ଟର ସାହେବଙ୍କ ହସ୍ତରେ ଯେତେବେଳେ ମୋର ଦରଖାସ୍ତ ଦେଲି, ସେ କହିଲେ, ମୁଁ ଅତ୍ୟନ୍ତ ଚତୁରତା ସହକାରେ ମୋର କାମ ହାସଲ କରିଦେଲି। ଅବଶ୍ୟ ସେ ଏହା ପରିହାସ ଛଳରେ କହିଥିବେ।

୧୯୩୩ ମସିହାରେ ବର୍ଷା କାଳରେ ବନ୍ୟା ଯୋଗୁଁ ବାଲେଶ୍ୱର ଓ ଓଡ଼ିଶାର କେତେକ ଅଞ୍ଚଳରେ ଅନ୍ନ କଷ୍ଟ ଉପସ୍ଥିତ ହୋଇଥିଲା। ବିପନ୍ନ ଅଞ୍ଚଳର ସାହାଯ୍ୟ ସକାଶେ ବାଲେଶ୍ୱର ଜିଲାର ବାଳିକା ସ୍କୁଲ ସମୂହର ଇନସ୍‌ପେକ୍ଟ୍ରେସ୍ ଶ୍ରୀମତୀ ବିନୋଦିନୀ ଷଡ଼ଙ୍ଗୀ

Digitized by srujanika@gmail.com

ସ୍ଥାନୀୟ ବାଳିକା ସ୍କୁଲରେ ଗୋଟିଏ ନାଟକ ଅଭିନୟର ଯୋଗାଡ଼ କରିଥିଲେ। ସେତେବେଳେ ମୋ ଝିଅମାନେ ପଢ଼ାପଢ଼ିରେ ବାଳିକା ସ୍କୁଲର ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟଙ୍କ ସଦୟ ଦୃଷ୍ଟି ଆକର୍ଷଣ କରିଛନ୍ତି। ଶ୍ରୀମତୀ ବିନୋଦିନୀଙ୍କ ବସା ମୋ ବସା ସମ୍ମୁଖରେ। ଝିଅମାନଙ୍କ ସଙ୍ଗୀତ ଶିକ୍ଷା ସକାଶେ ଜଣେ ଗୃହଶିକ୍ଷକ ନିଯୁକ୍ତ ହୋଇ ପ୍ରତ୍ୟହ ସନ୍ଧ୍ୟାରେ ବାଦ୍ୟଯନ୍ତ୍ର ସହିତ ସଙ୍ଗୀତ ଶିକ୍ଷା ଦେଉଥାଆନ୍ତି। ତାହା ଦେଖି ଶ୍ରୀମତୀ ବିନୋଦିନୀ ମୋ ଝିଅମାନେ ନାଟକାଭିନୟରେ ଯୋଗଦେବାପାଇଁ ମୋର ଅନୁମତି ସକାଶେ ଅନୁରୋଧ କଲେ। ଆନନ୍ଦ ସହକାରେ ମୁଁ ଅନୁମତି ଦେଲି ଓ ନିରୁପମା, ସୁଷମା, ସୁରମା, ନୀଳିମା ଓ ଉମା ଅତି ସୁନ୍ଦର ଅଭିନୟ କରିଥିଲେ। ସର୍ବାପେକ୍ଷା ସୁଷମାର ଲଳିତ କଣ୍ଠ ନିଃସୃତ ସଙ୍ଗୀତର ସମସ୍ତେ ପ୍ରଶଂସା କରିଥିଲେ। ଏହି ସମୟରେ ମାତ୍ର ତିନିବର୍ଷରେ ସୁଦ୍ଧା ପଢ଼ିନଥିବା ପୂର୍ଣ୍ଣିମାର ଶିଶୁମୁଖରେ ଭଙ୍ଗା ଦରୋଟି ଗୀତ ''ଉଠ ଫୁଲରାଣୀ ତୋଲ ମୁଖ ଖାନି ନୟନ ମିଳିୟା ଚାହାଁରେ'' ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥିଲା। ଏହା ତାହାର ସଙ୍ଗୀତ ପ୍ରତିଭାର ଆସନ୍ନ ସୂଚନା ଦେଇଥିଲା। ଆଜି ସେହି ଶିଶୁକନ୍ୟା ପୂର୍ଣ୍ଣିମାର ମଧୁର ସଙ୍ଗୀତ ମୋର ହୃଦୟ ତନ୍ତ୍ରୀରେ ଝଙ୍କୃତ ହେଉଅଛି। ହାୟ ! ସେହି ପୂର୍ଣ୍ଣିମା ଆଜି ସ୍ୱର୍ଗରେ।

ଏହି ବର୍ଷ ଡିସେମ୍ବର ମାସ ଆରମ୍ଭରେ ଦିନେ ସକାଳେ ମୁଁ ପୂର୍ବରାତ୍ରର ଜ୍ୱରର ବିରାମ ପରେ ଘର ବାହାର ବରଣ୍ଡାରେ ଖରା ପିଠେଇ ବସିଛି। ଏହି ଖରା ସମୟରେ ଜଣେ ପଶ୍ଚିମା ବୃଦ୍ଧ ସାଧୁ ଓ ତାଙ୍କ ସହିତ ଜଣେ ଯୁବକ ହଠାତ୍ ମୋ ସମ୍ମୁଖକୁ ଆସି ଭିକ୍ଷା ମାଗିଲେ। କିଛି ମିଳିବ ନାହିଁ ବୋଲି ମୁଁ ବିରକ୍ତପୂର୍ଣ୍ଣ ସ୍ୱରରେ କହିଲି। ତହିଁରୁ ସାଧୁ ତାଙ୍କୁ ହିନ୍ଦୀ ଭାଷାରେ କହିଲେ, ''ବାବା ! ବିରକ୍ତ ହୁଅନାହିଁ। ତୁମ୍ଭର ଜଗଦୀଶକୁ ବଦଳି ହୁକୁମ୍ ଆସି ସାରିଛି। ଡାକଘରକୁ ଲୋକ ପଠାଅ, ସରକାରୀ ଚିଠି ଆଣିବ।'' ତନ୍ମୁହୂର୍ତ୍ତରେ ମୋ ଚପରାସୀ ବନମାଳୀ ଦାସକୁ ପଠାଇଲି ଓ ସେ ସରକାରୀ ଲଫାପା ଖଣ୍ଡେ ମୋତେ ଦେଲା। ଫିଟାଇ ଦେଖିଲି, ପ୍ରକୃତରେ ପୁରୀକୁ ମୋର ବଦଳି ହୁକୁମ। ହିନ୍ଦୁ ସାଧୁମାନଙ୍କର ଏତାଦୃଶ ବିଜ୍ଞତା ସମ୍ବନ୍ଧରେ ଅନେକ ଗଳ୍ପ ଶୁଣିବାକୁ ମିଳେ। ଏଥିରେ ପ୍ରକୃତ ପରିଚୟ ପାଇ ଅତ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ହେଲି ଓ ସାଧୁଙ୍କ ସନ୍ତୋଷବିଧାନ କରି ତାଙ୍କୁ ବିଦାୟ ଦେଲି।

ବାଲେଶ୍ୱରରେ ମୋ ଜୀବନର ଗୋଟିଏ ଘଟଣା ଅତ୍ୟନ୍ତ ବିସ୍ମୟକର ଓ ଅବିସ୍ମରଣୀୟ। ମୋ ବସା ଘରର ମାଲିକାଣୀ ଥିଲେ ଜଣେ ଖ୍ରୀଷ୍ଟିୟାନ୍ ବୃଦ୍ଧା ଡାକ୍ତରାଣୀ। ଏହି ବସାଘରକୁ ଲାଗି ତାଙ୍କ ନିଜ ବସାଘର। ସେ ପ୍ରତ୍ୟହ ଆମ୍ଭ ଘରକୁ ଆସି କାନ୍ଥରେ ମୋ ପିଲାମାନେ ପେନ୍‌ସିଲ୍ ଦାଗ ପକାଇଛନ୍ତି, କେଉଁଠାରେ ମଇଳା ପଡ଼ିଛି, ଫୁଲ ଛିଣ୍ଡାଇ ନେଇଛନ୍ତି, ଇତ୍ୟାଦି କହି ବଡ଼ ବିରକ୍ତ କରନ୍ତି। ଆମ୍ଭ ବସାଘରର କାନ୍ଥମୂଳରୁ ତାଙ୍କ କଦଳୀ ବଗିଚା ଓ ନିକଟରେ ଗଡ଼ିଆ ପୋଖରୀ। ଦିନେ ଆସି ମୋ ଚାକର ତାଙ୍କ ସେହି ପୋଖରୀରୁ ମାଛ ଧରି ନେଇଥିବା ଅଭିଯୋଗ କଲେ। ମୁଁ ତହିଁରେ ପ୍ରତିବାଦ କଲି। ମାଛ

Digitized by srujanika@gmail.com

ଧରି ନେଇଥିଲେ ତ ଆମ୍ଭେମାନେ ତାହା ଖାଇଥାନ୍ତୁ। ସେ ମୋ ସଙ୍ଗେ କଳି ଆରମ୍ଭ କରିଦେଲେ ଓ କହୁ କହୁ କହିଲେ ଯେ, ଦିନେ ରାତ୍ରିରେ ମୁଁ ନିଜେ ରହି ମୋ ଚାକରଦ୍ୱାରା ମାଛ ଧରାଇ ନେଇଥିବା ସେ ନିଜେ ଦେଖିଛନ୍ତି। ଏଡ଼େ ମିଛ କଥାରେ ମୋ ଭିତରୁ ଯେପରି ଗୋଟିଏ ନିଆଁ ବାହାରିଲା। ମୁଁ କହି ଉଠିଲି, ''ବୁଢ଼ୀ, ଏଡ଼େ ମିଛ କଥାଟାଏ କହୁଛ ? ତମ ଜିଭ ଛିଡ଼ିଯିବ। ଆଉ ଯେମିତି ମିଛ କହିପାରିବ ନାହିଁ।'' ତନ୍ମୁହୂର୍ତ୍ତରେ ବୁଢ଼ୀ ଗଁ ଗଁ କରିବାକୁ ଲାଗିଲେ। କଥା କହିବା ପାଇଁ ମୁଣ୍ଡ, ତୁଣ୍ଡ ଛିଞ୍ଚାଡ଼ିବାକୁ ଲାଗିଲେ। ତଥାପି ଗଁ ଗଁ ଶବ୍ଦ। ତୁଣ୍ଡ ଆଉ ଫିଟୁନାହିଁ! ଗୋଡ଼ ହାତ କଚାଡ଼ି ପାଟିକରିବାକୁ ଲାଗିଲେ। ତାଙ୍କ ପାଟିରୁ କଥା ଆଉ ପରିଷ୍କାର ଭାବେ ଫିଟୁନାହିଁ। ମୋର ବଡ଼ ଭୟ ହେଲା। କ'ଣ ହେଲା ବୋଲି ତାଙ୍କ ମୁହଁ, ମୁଣ୍ଡ, କାନ ଆଉଁଷି ମୁଣ୍ଡରେ ପାଣି ଛିଞ୍ଚି ଘର ଭିତରକୁ ନେଇଯିବା ସକାଶେ ତାଙ୍କ ପରିବାରରୁ ଅନ୍ୟାନ୍ୟଙ୍କୁ ଡାକିଲି। ସେମାନେ ତାଙ୍କୁ ଧରିନେଇଗଲେ। ଅଳ୍ପ ସମୟ ମଧ୍ୟରେ ଭାସ୍କରଗଞ୍ଜର ଅନେକଲୋକ ଓ ପରିଶେଷରେ ଜଣେ ଗୋରା ପାଦ୍ରୀ ଆସିଲେ। ଭାସ୍କରଗଞ୍ଜ ପ୍ରଧାନତଃ ଗୋଟିଏ ଖ୍ରୀଷ୍ଟିୟାନ୍ ବସତି। ସମସ୍ତେ ମୋତେ ପଚାରିଲେ, ମୁଁ କ'ଣ କଲି। ମୁଁ ପ୍ରକୃତ ଘଟଣା ବର୍ଣ୍ଣନା କଲି ଓ ମୋର କିଛି ଦୋଷ ନଥିବା କହିଲି। ଆଉ ତାଙ୍କ ପାଟି ଫିଟିଲା ନାହିଁ। ତତ୍‌ପରେ ଅନେକ ଦିନ ପର୍ଯ୍ୟନ୍ତ ମୁଁ ତାଙ୍କୁ ଦେଖିଛି, ସେ ସର୍ବଦା ଖଣ୍ଡେ ସ୍ଲେଟ୍ ଧରିଥାନ୍ତି ଓ ତାଙ୍କ ବକ୍ତବ୍ୟ ପେନ୍‌ସିଲ୍‌ରେ ତା'ଉପରେ ଲେଖି ଦେଉଥାନ୍ତି। ମିଥ୍ୟାର ପ୍ରତିକ୍ରିୟାଜନିତ ମାନସିକ ଆଘାତ ଯୋଗୁଁ ବାକ୍‌ରୋଧ ହୋଇଥିବା ସମ୍ଭବ। ପୂର୍ବକାଳର ଋଷି, ମୁନିମାନଙ୍କ ଅଭିଶାପ ପ୍ରଦାନର ଏହାହିଁ ପ୍ରମାଣ।

Digitized by srujanika@gmail.com

ପୁରୀରେ ଅବସ୍ଥାନ

୧୯୩୩ ଡିସେମ୍ବର ମାସ ୭ ତାରିଖ ଦିନ ମୁଁ ବାଲେଶ୍ୱରରୁ ବଦଳି ହୋଇ ପୁରୀ ଚାଲିଗଲି। ଝିଅମାନଙ୍କ ବାର୍ଷିକ ପରୀକ୍ଷା ହେବାକୁ ଅଳ୍ପଦିନ ବାକି ଥିବାରୁ ସେମାନେ ବାଲେଶ୍ୱରରେ ରହିଗଲେ। ପରୀକ୍ଷା ଶେଷ ହେଲାପରେ ବଡ଼ଦିନ ଛୁଟି ମଧ୍ୟରେ ଆସି ସେମାନଙ୍କୁ ନେଇଗଲି। ସୁଷମା, ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ହାଇସ୍କୁଲର ଅଷ୍ଟମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହେଲା। ତାହାର ଉପର ଭଉଣୀ ନିରୁପମାକୁ ୧୯୩୨ ମସିହାର ମଧ୍ୟ-ଇଂରାଜୀ ପରୀକ୍ଷା ସକାଶେ ବାଲେଶ୍ୱରର ବାଳିକା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନ ପଢ଼ାଇବା ଯୋଗୁଁ ରହିଯାଇଥିଲା। ୧୯୩୩ ମସିହାର ପରୀକ୍ଷାରେ ସୁଷମା ତୁଲ୍ୟ ପ୍ରଥମସ୍ଥାନ ଅଧିକାର କରି ନିରୁପମା ମଧ୍ୟ ଉତ୍ତୀର୍ଣ୍ଣ ହୋଇ ସ୍ମିଥ୍ ପଦକ ପ୍ରାପ୍ତ ହେଲା। ଅପର ଝିଅ ସୁରମା, ନୀଳିମା ଓ ଉମା ମଧ୍ୟ ନିଜ ନିଜ ପରୀକ୍ଷାରେ କୃତିତ୍ୱ ସହକାରେ ଉତ୍ତୀର୍ଣ୍ଣ ହେଲେ। ଏ ସମସ୍ତଙ୍କ ଅସାଧାରଣ କୃତିତ୍ୱରେ ସମୁତ୍ସାହିତ ହୋଇ ପ୍ରଥମରେ ମୁଁ ସୁଷମାକୁ ଉଚ୍ଚଶିକ୍ଷା ଦେବାରେ ପ୍ରବୃତ୍ତ ହେଲି। ହାଇସ୍କୁଲର ନବମ ଶ୍ରେଣୀରେ ସେ ଭର୍ତ୍ତି ହେବ। ସେତେବେଳେ ବାଳିକାମାନଙ୍କ ଉଚ୍ଚ ଇଂରାଜୀ ଶିକ୍ଷା ସକାଶେ ସମଗ୍ର ଓଡ଼ିଶାରେ କଟକ ରେଭେନ୍ସା ବାଳିକା ସ୍କୁଲ ଏକମାତ୍ର ଅନୁଷ୍ଠାନ। ଆଜିକାଲି ପରି କୌଣସି ସ୍କୁଲରେ ବାଳକ ଓ ବାଳିକାମାନଙ୍କ ସହ ଶିକ୍ଷା ଜାରି ହୋଇନଥିଲା। ତେଣୁ ସୁଷମାକୁ ଏଠାରେ ରଖିଦେବା ବ୍ୟବସ୍ଥା କଲି। ନିରୁପମା ସକାଶେ ପିଲାଦିନରୁ ପାତ୍ର ସ୍ଥିରହୋଇ ରହିଥିଲା। ତାହାର ତେରବର୍ଷ ବୟସ ହୋଇଯାଇଥିଲା। ଅଳ୍ପଦିନପରେ ତାହାର ବିବାହ କରିଦେବି – ଏହି ବିବେଚନାରେ ତାହାର ଉଚ୍ଚଶିକ୍ଷା ସମ୍ବନ୍ଧରେ ମୋ ମନରେ ଭାବ ସୁଦ୍ଧା ଜାଗ୍ରତ ହେଲାନାହିଁ। ତାହାର ପାଠ ଏହିଠାରେ ବନ୍ଦ ରହିଲା। ସୁରମା, ନୀଳିମା ଓ ଉମା ସକାଶେ ପୁରୀରେ ମଧ୍ୟ-ଓଡ଼ିଆ ସ୍କୁଲରେ ସ୍ଥାନଅଛି। ମାର୍କଣ୍ଡେଶ୍ୱରସାହୀ ସ୍କୁଲରେ ଏମାନଙ୍କୁ ଭର୍ତ୍ତି କରିଦେବା ବ୍ୟବସ୍ଥା କଲି ଓ ମୁଁ ନିଜେ ଏମାନଙ୍କୁ ଘରେ ଇଂରେଜୀ ପଢ଼ାଇବାକୁ ଲାଗିଲି। ଏହି ପ୍ରକାରେ ଏମାନଙ୍କ ଶିକ୍ଷାର ବ୍ୟବସ୍ଥାଦ୍ୱାରା ମୋ ପରିବାରରେ ଆଧୁନିକ ଉଚ୍ଚ ଇଂରେଜୀ ଶିକ୍ଷାର ମୂଳ ପତ୍ତନ ସ୍ଥାପିତ ହେଲା କହିଲେ ଚଳେ। ପୁରୀକୁ ଆସିବା ଅଳ୍ପଦିନ ଉତ୍ତାରେ ମୁଁ ମାର୍କଣ୍ଡେଶ୍ୱର ସାହୀ ମଧ୍ୟସ୍ଥ ଓଡ଼ିଆ ବାଳିକା ସ୍କୁଲର କାର୍ଯ୍ୟନିର୍ବାହିକା ସମିତିର ସଦସ୍ୟ ପଦରେ ଓଡ଼ିଶା ଶିକ୍ଷା ବିଭାଗର ଡିରେକ୍ଟରଙ୍କଦ୍ୱାରା ମନୋନୀତ ହେଲି।

Digitized by srujanika@gmail.com

ଓଡ଼ିଶାର ଉପକୂଳ ଅଞ୍ଚଳ, ଅର୍ଥାତ୍ କଟକ, ପୁରୀ ଓ ବାଲେଶ୍ୱର ଜିଲାରେ ବନ୍ୟା-ବିପ୍ଳାତ ଏକ ବାର୍ଷରିକ ବ୍ୟାପାର। ବିଗତ ବର୍ଷା ଋତୁରେ ବାଲେଶ୍ୱର ଜିଲାପରି ପୁରୀ ଜିଲାସ୍ଥ ଗୋପ, ନିମାପଡ଼ା ଓ କାକଟପୁର ଅଞ୍ଚଳରେ ଭୀଷଣ ବନ୍ୟା ଯୋଗୁଁ ସେହି ଅଞ୍ଚଳର ଅଧିବାସୀମାନେ ଅତ୍ୟନ୍ତ କ୍ଷତିଗ୍ରସ୍ତ ହୋଇଥିଲେ। ଘରଦ୍ୱାର ଭାଙ୍ଗି ଜମିମାନ ବାଲିଚର ହୋଇ ଫସଲ ନଷ୍ଟ ହୋଇଯିବାରୁ ସେହି ଅଞ୍ଚଳରୁ ପଳାଇ ଆସି ଦଳ ଦଳ ଲୋକ ପୁରୀରେ ରୁଣ୍ଡ ହୋଇଥିଲେ। ସରକାରଙ୍କ ସାହାଯ୍ୟ ବିତରଣର ବ୍ୟବସ୍ଥା ହୋଇଥିଲେ ମଧ ତାହା ପର୍ଯ୍ୟାପ୍ତ ନୋହିବାରୁ ପୁରୀରେ ମଠବାଡ଼ିର ବଦାନ୍ୟତା ଉପରେ ନିର୍ଭର କରି ଅନେକ ଲୋକ ଆସି ସାହାଯ୍ୟ ନେଇ ଯାଉଥିଲେ। ଏହା ବାସ୍ତବରେ ଏକ ମର୍ମ୍ମସ୍ପର୍ଶୀ ବ୍ୟାପାର। ଉପକୂଳ ଅଞ୍ଚଳରେ ବନ୍ୟା-ସମସ୍ୟାର ବ୍ୟାପାର ସମାଧାନ ଏ ପର୍ଯ୍ୟନ୍ତ ହୋଇନାହିଁ। କେବେ ଯେ ହେବ, ଭଗବାନଙ୍କୁ ଜଣା। ଦୁଇଶତ ବର୍ଷର ଇଂରେଜ ଶାସନରେ ବନ୍ୟାବିପ୍ଳାତ କ୍ରମେ ହ୍ରାସ ହେବା ତେଣେ ଥାଉ, ବରଂ ପ୍ରତିବର୍ଷ ବୃଦ୍ଧିପ୍ରାପ୍ତ ହେଉଥିଲା। ଭାରତର ସ୍ୱାଧୀନତା ପ୍ରାପ୍ତି ଉତ୍ତାରେ ସରକାର ହୀରାକୁଦ ବନ୍ଧ ନିର୍ମାଣ ପ୍ରଭୃତି ନାନାପ୍ରକାର ଯୋଜନା କରିଅଛନ୍ତି। ତହିଁରେ ମଧ ବନ୍ୟା ସମସ୍ୟା ସମାଧାନ ହୋଇପାରିନାହିଁ। ପୂର୍ବେ ଏହି ଅବସ୍ଥା ବିଦ୍ୟମାନ ନଥିବା ଅନୁମିତ ହୁଏ। ଯେହେତୁ ଲୋକେ ବର୍ତ୍ତମାନ ଯେପରି ଭାବରେ ଅଛନ୍ତି ଓ ଅଭାବରେ ଜୀବନଯାପନ କରୁଅଛନ୍ତି, ପୂର୍ବକାଳରେ ଅର୍ଥାତ୍ ଉତ୍କଳ ନରପତିଙ୍କ ଅମଳରେ ଦେଶରେ ଏତାଦୃଶ ଦୂରାବସ୍ଥା ବିଦ୍ୟମାନ ଥିଲେ ଚିରଶାନ୍ତି ଓ ପ୍ରାଚୁର୍ଯ୍ୟ ପରିଚାୟକ ବିଶ୍ୱବିଶ୍ରୁତ ବିଚିତ୍ର କାରୁକାର୍ଯ୍ୟ ମଣ୍ଡିତ ପୁରୀର ବଡ଼ଦେଉଳ, କୋଣାର୍କର ସୂର୍ଯ୍ୟ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ପ୍ରଭୃତି ନିର୍ମାଣ ସମ୍ଭବପର ହୋଇନଥାନ୍ତା; ପୂର୍ବେ ବାଣିଜ୍ୟ ପ୍ରସାର ଉଦ୍ଦେଶ୍ୟରେ ଉପକୂଳବାସୀ ଓଡ଼ିଆମାନେ ଦୂର ବିଦେଶକୁ ବୋଇତ ଘେନି ଯାଇ ପ୍ରାଚ୍ୟ ଦ୍ୱୀପସମୂହରେ ଉପନିବେଶ ସ୍ଥାପନ ପାଇଁ ସମୟ ଓ ସୁବିଧା ଲାଭ କରିପାରିନଥାନ୍ତେ; ବାଣିଜ୍ୟଲବ୍‌ଧ ଧନରେ ଦେଶର ସ୍ୱର୍ଣ୍ଣଭଣ୍ଡାର ପୂର୍ଣ୍ଣ ହୋଇ ନଥାନ୍ତା ଗଙ୍ଗାରୁ ଗୋଦାବରୀ ପର୍ଯ୍ୟନ୍ତ ଭୂଖଣ୍ଡ ଓଡ଼ିଆ ନରପତିଙ୍କ ଶାସନାଧିକୃତ ହୋଇପାରି ନଥାନ୍ତା; କାବ୍ୟ ଓ ଚାରୁକଳା ପ୍ରଭୃତିର ସୌଷ୍ଠବରେ ଉତ୍କଳ ସମୃଦ୍ଧ ହୋଇ ନ ଥାନ୍ତା। ପରବର୍ତ୍ତୀ ଶାସନରେ କେବଳ ବନ୍ୟା ଓ ତଦାନୁସଙ୍ଗିକ ବିପ୍ଳାତ ଯୋଗୁଁ ଓଡ଼ିଆ ଅନ୍ନ ମୁଠାକ ସକାଶେ ଗୃହତ୍ୟାଗ କଲେ। ଦେଶ ମାରାତ୍ମକ ବ୍ୟାଧିଗ୍ରସ୍ତ ହୋଇ ଛାରଖାର ହେବାକୁ ଲାଗିଲା। ଓଡ଼ିଆ ଆଉ ମୁଣ୍ଡ ଟେକି ରହିପାରିଲେ ନାହିଁ; ଶାରୀରିକ ଦୂରବସ୍ଥା ସହ ମାନସିକ ଓ ଆଧାତ୍ମିକ ଅବନତି ପ୍ରାପ୍ତ ହୋଇ ଭାରତରେ ଏକ ନଗଣ୍ୟ ଜାତି ହୋଇ ରହିଲେ।

ଏହିବର୍ଷ (୧୯୩୪) ଜାନୁୟାରୀ ୧୫ ତାରିଖ ଦିନ ପ୍ରାୟ ୧୨ଟା ବେଳେ ମୁଁ କଚେରୀରେ ମୋର ଇଜଲାସରେ ବସିଛି, ହଠାତ୍ ମେଜ, ଚୌକିମାନ ଦୋହଲିବାକୁ ଲାଗିଲା ଓ କଚେରୀ ଘର ଉପରେ କଟ୍ କଟ୍ ଶବ୍ଦ ଶୁଭିଲା। ଭୂମିକମ୍ପ ମନେକରି ତତ୍‌କ୍ଷଣାତ୍

Digitized by srujanika@gmail.com

ବାହାରକୁ ବାହାରି ଆସିଲି। ଦେଖିଲି, କଚେରୀର ପ୍ରାୟ ସମସ୍ତେ ବାହାରକୁ ଆସି ଛିଡ଼ା ହୋଇଅଛନ୍ତି ଓ ଭୂମିକମ୍ପଜନିତ ଆତଙ୍କରେ ଭୀତିଗ୍ରସ୍ତ ବୋଧ ହେଉଅଛନ୍ତି। ଭୂମିକମ୍ପ ଅଳ୍ପକ୍ଷଣ ସ୍ଥାୟୀ ହୋଇଥିଲା। ପରେ ସମ୍ବାଦପତ୍ରମାନଙ୍କରୁ ଜଣାଗଲା, ବିହାର ଅଞ୍ଚଳ ଏହି ଭୂମିକମ୍ପ ପ୍ରକୋପରେ ବିଧ୍ୱସ୍ତ ହୋଇଯାଇଅଛି।

ଏଇ ସମୟରେ ଟପ୍‌ଲିସ୍ ସାହେବ (A. R. Toplis, I.C.S.) ଓଡ଼ିଶାର କମିଶନର୍। ୧୯୧୬ ମସିହାରେ ଉତ୍ତର ବିହାର ବନ୍ଦୋବସ୍ତରେ ତାଙ୍କ ସହିତ କାର୍ଯ୍ୟ କରିଥିଲି । ପୁରୀକୁ ଗସ୍ତରେ ଆସିଥିବା ସମୟରେ ସାକ୍ଷାତ କଲି। ୧୮ ବର୍ଷ ପରେ ତାଙ୍କ ସହିତ ମୋର ଏହି ସାକ୍ଷାତ। ମୋତେ ଦେଖି ଚିହ୍ନିଲେ। ସମ୍ବଲପୁର ଜିଲାସ୍ଥିତ ଲରପଙ୍କ ଗ୍ରାମ କ୍ରୟ କରିବା ପାଇଁ ଅନୁମତି ସକାଶେ ତାଙ୍କଠାରେ ଦରଖାସ୍ତ ଦେଲି। ପୂର୍ବେ ଏହି ଅନୁମତି ଦେବା କ୍ଷମତା ସରକାର ନିଜ ହସ୍ତରେ ରଖିଥିଲେ। ଅଳ୍ପଦିନ ପୂର୍ବେ ତାହା କମିଶନରଙ୍କୁ ଦିଆହୋଇଥିଲା। ଦରଖାସ୍ତ ଦେବା ମାତ୍ରକେ ସାହେବ ଅନୁମତି ଲେଖିଦେଲେ ଓ ତଦନୁସାରେ ମୁଁ ତା.୨୩.୬.୩୪ରିଖରେ ତାକୁ କ୍ରୟ କଲି।

ପୁରୀରେ ଥିବା ସମୟରେ ୧୯୩୪ ସାଲ ମେ ମାସରେ ମାସକର ଛୁଟି ନେଇ ସମ୍ବଲପୁର ଆସି ମୋର ଚତୁର୍ଥ କନ୍ୟା ନିରୁପମାର ଓ ଜ୍ୟେଷ୍ଠପୁତ୍ର ସତ୍ୟଗୋପାଳର ବିବାହ କ୍ରିୟା ସମ୍ପାଦନ କଲି। ସେତେବେଳେ ନିରୁପମାର ବୟସ ୧୪ ବର୍ଷ ଓ ସତ୍ୟଗୋପାଳର ବୟସ ୧୯ ବର୍ଷ ମାତ୍ର।

ନିରୁପମା ସକାଶେ ସ୍ଥିର ହୋଇଥିବା ବରପାତ୍ରର ବୟସ ମଧ୍ୟ ୧୯ ବର୍ଷ। ସେ ଓ ସତ୍ୟଗୋପାଳ ଉଭୟେ ରେଭେନ୍‌ସା କଲେଜର ଛାତ୍ର। ଉଭୟ ବିବାହ ସାରଦା ଆଇନ୍ ଅନୁସାରେ ସମ୍ପନ୍ନ ହେଲା। ଏହା ଥିଲା ସମ୍ବଲପୁର ବ୍ରାହ୍ମଣ ସମାଜରେ ସାରଦା ଆଇନାନୁସାରେ ସର୍ବପ୍ରଥମ ବିବାହ।

ଶ୍ରୀପଞ୍ଚମୀ ଦିନ ସତ୍ୟବାଦୀ ସ୍କୁଲରେ ଅନୁଷ୍ଠିତ ସରସ୍ୱତୀ ପୂଜାକୁ ଛାତ୍ରମାନଙ୍କଠାରୁ ନିମନ୍ତ୍ରଣ ପାଇଥିଲି। ସେଠାରୁ ଶ୍ରୀରାମଚନ୍ଦ୍ରପୁର ଶାସନକୁ ମୋର ଜଣକେତେ ବନ୍ଧୁଙ୍କୁ ଦେଖିବାକୁ ମଧ୍ୟ ଯାଇଥିଲି। ୧୯୦୪ ମସିହାରେ ପୁରୀ ବ୍ରାହ୍ମଣ ସମିତି ବୋର୍ଡ଼ିଂରେ ରହିଥିବା ସମୟରୁ ଏହି ବନ୍ଧୁମାନଙ୍କ ସହିତ ଘନିଷ୍ଠତା ଅକ୍ଷୁଣ୍ଣ ହୋଇ ରହିଥିଲା ଓ ପୁରୀକୁ ଆସିବା ଦିନରୁ ସେହି ବନ୍ଧୁତ୍ୱ ପୁନଃଜାଗ୍ରତ ହୋଇଥିବା ଅନୁଭବ କରୁଥିଲି। ଦେଖିଲି, ସତ୍ୟବାଦୀ ସ୍କୁଲ ଆଉ ପୂର୍ବ ସ୍କୁଲ ହୋଇ ନାହିଁ। ଏହାର କଙ୍କାଳର ସୁଦ୍ଧା ଅସ୍ତିତ୍ୱ ଅନୁଭୂତ ହେଉନାହିଁ। ଗୋପବନ୍ଧୁ ଏହାକୁ ପୁନାର ଫର୍ଗଶନ କଲେଜର ଛାଞ୍ଚରେ ଗଢ଼ିବାକୁ ଯାଉଥିଲେ। ଗୋପାଳକୃଷ୍ଣ ଗୋଖଲେ ଓ ତାଙ୍କ ସହକର୍ମୀମାନଙ୍କ ତୁଲ୍ୟ ନୀଳକଣ୍ଠ, କୃପାସିନ୍ଧୁ, ଗୋଦାବରୀଶ, ହରିହର ପ୍ରଭୃତି ନିଃସ୍ୱାର୍ଥପରାୟଣ ଶିକ୍ଷକବୃନ୍ଦ ନାମମାତ୍ର ପାରିଶ୍ରମିକ ନେଇ ସ୍କୁଲର ଶିକ୍ଷକତା ଓ ପରିଚାଳନା ଭାର ଗ୍ରହଣ କରିଥିଲେ। ବିହାର ଓ ଓଡ଼ିଶାର

Digitized by srujanika@gmail.com

ତଦାନୀନ୍ତନ ଲାଟ୍ ଗେଟ୍ ସାହେବଙ୍କ (Sir Edward Gait) ଠାରୁ ଆରମ୍ଭକରି ଭାରତବର୍ଷର ବିଖ୍ୟାତ୍ ଶିକ୍ଷାବିତ୍‌ଗଣ ଏହି ସ୍କୁଲ ପରିଦର୍ଶନ କରି ଉଚ୍ଚ ପ୍ରଶଂସାସୂଚକ ମନ୍ତବ୍ୟମାନ ପ୍ରକାଶ କରିଥିଲେ। ୧୯୧୭ ସାଲରେ ଗୋପବନ୍ଧୁ ବିହାର ଓ ଓଡ଼ିଶାରେ ବ୍ୟବସ୍ଥାପକ ସଭାର ସଦସ୍ୟପଦରେ ନିର୍ବାଚିତ ହୋଇ ଉକ୍ତ ସଭାରେ ପ୍ରସ୍ତାବ ଉପସ୍ଥାପିତ କରିଥିଲେ ଯେ, ସରକାର ବହୁ ବ୍ୟୟସାପେକ୍ଷ ସ୍କୁଲଗୃହମାନ ନିର୍ମାଣରେ ଯେଉଁ ଅଜସ୍ର ଅର୍ଥବ୍ୟୟ କରୁଅଛନ୍ତି ତାହା ପରିବର୍ତ୍ତରେ ଛାତ୍ରମାନଙ୍କ ଶିକ୍ଷାରେ ସାହାଯ୍ୟଦାନ, ପୁସ୍ତକକ୍ରିୟାଦିରେ ଅର୍ଥ ବିନିଯୋଗ କରି କେବଳ ଶୀତାତପରୁ ରକ୍ଷା ହେବାଭଳି ଗୃହନିର୍ମାଣ କରିବା ଓ ଯଥାସମ୍ଭବ ପୂର୍ବକାଳର ଗୁରୁକୁଳ ତୁଲ୍ୟ ମୁକ୍ତ ସ୍ଥାନରେ ଶିକ୍ଷାଳୟମାନ ସ୍ଥାପନ କରିବା ଉଚିତ। ଏହି ପ୍ରସ୍ତାବ ସର୍ବସମ୍ମତିକ୍ରମେ ବ୍ୟବସ୍ଥାପକ ସଭାରେ ଗୃହୀତ ହୋଇଥିଲା। ସତ୍ୟବାଦୀର ଛୁରୀଅନା କାନନ ମଧ୍ୟସ୍ଥ ଶିକ୍ଷାଳୟ ଦୂର ଦୂରାନ୍ତରୁ ଛାତ୍ରବୃନ୍ଦ ଆକର୍ଷଣ କରିବାକୁ ଲାଗିଲା। ଏହି ବିଦ୍ୟାଳୟର କୀର୍ତ୍ତି କ୍ରମେ କ୍ରମେ ଚତୁର୍ଦ୍ଦିଗରେ ବିସ୍ତୃତ ହେବାକୁ ଲାଗିଲା –

ସତ୍ୟବାଦୀ ସ୍କୁଲର ପୂର୍ବତନ ଛାତ୍ରମାନେ ଆଜି ସୁଦ୍ଧା ବିଶେଷତ୍ୱର ଦୃଷ୍ଟିରେ ଦୃଷ୍ଟ ଅଟନ୍ତି। ସେହି ସ୍କୁଲ ଆଉ ନାହିଁ। ପରବର୍ତ୍ତୀ ଭାରତବ୍ୟାପୀ ସ୍ୱାଧୀନତାମୂଳକ ଆନ୍ଦୋଳନରେ ଏହା ଜାତୀୟ ସ୍କୁଲରେ ପରିଣତ ହେଲା। ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରି ଶିକ୍ଷକ ଓ କର୍ମୀଗଣ କାରାରୁଦ୍ଧ ହେଲେ। ବିଦେଶୀୟ ସରକାରୀ ନୀତି ବଳରେ ସ୍କୁଲକୁ ଭାଙ୍ଗି ଦିଆଗଲା ଓ ତତ୍ ପରିବର୍ତ୍ତରେ ସରକାରୀ ଛାଞ୍ଚରେ ବର୍ତ୍ତମାନ ସ୍କୁଲକୁ ରୂପ ଦିଆ ହୋଇଅଛି।

ବ୍ରାହ୍ମଣ ଶାସନ ମଧ୍ୟରେ ବହୁବାର ମୁଁ ବୁଲି ଯାଇଅଛି। ବନ୍ଧୁମାନେ ଯାତ୍ରା, ପର୍ବ ଉପଲକ୍ଷରେ ମୋତେ ନିମନ୍ତ୍ରଣ କରନ୍ତି। ଥରେ ପଣ୍ଡିତ ଫକୀର ମିଶ୍ରଙ୍କ ନିମନ୍ତ୍ରଣରେ ରୁକ୍ମିଣୀ-ବିବାହ ଉତ୍ସବ ଉପଲକ୍ଷେ ରାୟ ଚକ୍ରଧରପୁର ଶାସନକୁ ମୋ ପିଲାମାନଙ୍କୁ ନେଇ ଯାଇଥିଲି। ଯାତ୍ରାର ଆଲୋକ ସମ୍ଭାର, ବହୁ ପ୍ରକାର ବାଣର ଗର୍ଜ୍ଜନ ଦେଖି, ମୋ ପିଲାଦିନର ୧୯୦୪ ମସିହାରେ ପୁରୀ ବ୍ରାହ୍ମଣ ସମିତି ବୋଡ଼ିଂରେ ଅବସ୍ଥାନକାଳୀନ ଶ୍ରୀରାମଚନ୍ଦ୍ରପୁରରେ ଅନୁଷ୍ଠିତ ଶୀତଳ ଷଷ୍ଠୀ ଉତ୍ସବରେ ପ୍ରଥମ ଖଣ୍ଡି ଓ ଦ୍ୱିତୀୟ ଖଣ୍ଡି ମଧ୍ୟରେ ପ୍ରତିଯୋଗିତାମୂଳକ ହାବେଳିର ଗର୍ଜ୍ଜନ ସ୍ମୃତିପଥରେ ଆବିର୍ଭୂତ ହୋଇ ଯାଉଥାଏ। ଏହି ସମୟରେ ରାୟ ଚକ୍ରଧରପୁରର ବନ୍ଧୁମାନଙ୍କ ସହିତ ଭାର୍ଗବୀ ନଦୀରେ ସ୍ନାନ ସମୟରେ ଗୋଟିଏ କୌତୂହଳପୂର୍ଣ୍ଣ ଗଳ୍ପ ଶୁଣିଲେ। ବନ୍ୟାକ୍ଲିଷ୍ଟ ଅଞ୍ଚଳରେ ଭ୍ରମଣ କରୁଁ କରୁଁ ଦିନେ ବିହାର-ଓଡ଼ିଶା ସରକାରଙ୍କ ଚିଫ-ସେକ୍ରେଟାରୀ ହେମଣ୍ଡ ସାହେବ (E.L.L. Hammond, I.C.S.) ଭାର୍ଗବୀ କୂଳବର୍ତ୍ତୀ ଗୋଟିଏ ଶାସନର ଉପକଣ୍ଠରେ ଆସି ଉପସ୍ଥିତ ହେଲେ ଓ ନିକଟରେ ଜଣେ ବ୍ରାହ୍ମଣ ଯୁବକକୁ ଦେଖି ସେହି ଗ୍ରାମର ନାମ ଓ ଗ୍ରାମବାସୀମାନେ କେଉଁ ଜାତୀୟ

Digitized by srujanika@gmail.com

ବୋଲି ପ୍ରଶ୍ନ କଲେ। ଯୁବକ ଗ୍ରାମର ନାମ ସହିତ କହିଲେ ଯେ ଗ୍ରାମବାସୀ ପ୍ରାୟ ସମସ୍ତେ ଜାତିରେ ବ୍ରାହ୍ମଣ। ସାହେବ "ବ୍ରାହ୍ମଣ"ର ବ୍ୟାଖ୍ୟାନ କରି ଯୁବକଙ୍କୁ କହିଲେ "ଓଃ! ଯେଉଁମାନେ ଅନ୍ନ ଦ୍ରବ୍ୟରେ ପ୍ରତିପାଳିତ।" ଯୁବକ ତାଙ୍କୁ ବିଦ୍ରୂପ କଲା ତୁଲ୍ୟ କହିଲେ, "ଆଜିକାଲି ୟୁରୋପୀୟମାନେ ଶ୍ରେଷ୍ଠ ବ୍ରାହ୍ମଣ। ଯେହେତୁ ସେମାନେ ସମଗ୍ର ପୃଥିବୀକୁ ଗ୍ରାସ କଲେଣି।"

ପୁରୀରେ ଅବସ୍ଥାନ ମୋର କର୍ମମୟ ଜୀବନର ଅନୁକୂଳ ନୁହେଁ ବୋଲି ମୋର ମନେହେଲା। ଏହା ମୁଁ କ୍ରମେ କ୍ରମେ ଅନୁଭବ କଲି। ଜଗନ୍ନାଥଙ୍କ ବାରମାସକୁ ତେର ପର୍ବ। ଏହା ଉପରେ କେଉଁ ଦିନ ଠାକୁରଙ୍କ ସୁନାବେଶ, କେଉଁଦିନ ଗଜୋଦ୍ଧାରଣ ବେଶ, ଆଉ କେତେ। ଠାକୁରଙ୍କ ପହଡ଼, ଅବକାଶ, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଧୂପ, ଆଳତି, ମେଳା ତ ଲାଗିରହିଛି। ପଣ୍ଡାଙ୍କ ଗୁମାସ୍ତା ଆସି ପ୍ରତ୍ୟହ ଠାକୁରଙ୍କ ପାଦୁକ ସହିତ ଏ ସମସ୍ତର ଖବର ଦେଇ ଯାଉଛନ୍ତି। ଆଉ ଦେଖିବା ପାଇଁ ଆମ୍ଭେମାନେ ସମସ୍ତେ ଦେଉଳକୁ ଯାଉଅଛୁ। ଫଳରେ ପିଲାଙ୍କ ପଢ଼ାପଢ଼ି ଆଉ ହେଉନାହିଁ। କେବଳ ଠାକୁର ଦର୍ଶନରେ ଧର୍ମମୟ ଜୀବନ ପ୍ରତିଷ୍ଠା ସମ୍ବନ୍ଧରେ ମୋର ବିଶ୍ୱାସ ଅଳ୍ପ। କର୍ତ୍ତବ୍ୟନିଷ୍ଠା ଧର୍ମର ଏକ ବିଶିଷ୍ଟ ଅଙ୍ଗ। କର୍ତ୍ତବ୍ୟପାଳନରେ ଅବହେଳା ମହାପାପ ବୋଲି ମୁଁ ମନେକରେ। ଭଗବାନ ପରିବାରରେ ଯେଉଁ ସନ୍ତାନସନ୍ତତିଙ୍କୁ ଜନ୍ମ ଦେଇଅଛନ୍ତି ସେମାନଙ୍କ ଲାଳନପାଳନରେ ତ୍ରୁଟିକରି କେବଳ ପାରମ୍ପରିକ ଦେବ ପୂଜାରେ ସମୟ କ୍ଷେପଣ କଦାପି କର୍ତ୍ତବ୍ୟପାଳନର ଅଙ୍ଗୀଭୁତ ନୁହେଁ। ପିଲାଙ୍କୁ ଉପଯୁକ୍ତ ଶିକ୍ଷାଦେବାକୁ ହେବ। ଏହା ମୁଁ ହୃଦୟଙ୍ଗମ କରି ଝିଅମାନଙ୍କୁ ଉଚ୍ଚଶିକ୍ଷା ଦେଲେ ଗୁରୁତର ସାମାଜିକ ସମସ୍ୟାମାନ ସହଜରେ ସମାଧାନ ହେବା ସଙ୍ଗେ ସଙ୍ଗେ ଏମାନଙ୍କ ଜ୍ଞାନ ବିକାଶ ହେବ ଓ ଏମାନଙ୍କ ଜୀବନରେ କୌଣସି ପ୍ରକାର ଦୁର୍ଘଟଣା ବା ଅସୁବିଧାଜନକ ପରିସ୍ଥିତି ଉପସ୍ଥିତ ହେଲେ ଶିକ୍ଷାବଳରେ ନିଜ ଜୀବନକୁ ସୁଶୃଙ୍ଖଳ କରିପାରିବେ – ଏହି ଦୃଢ଼ବିଶ୍ୱାସର ବଶବର୍ତ୍ତୀ ହୋଇ ଏମାନଙ୍କୁ ଉଚ୍ଚଶିକ୍ଷା ଦେବାରେ ପ୍ରବୃତ୍ତ ହେଲି। ପୁରୀରେ ଇଂରେଜୀ ପଢ଼ାହେଉଥିବା ବାଳିକା ସ୍କୁଲ ସେହି ସମୟରେ ନଥିଲା। ବାଳକମାନଙ୍କ ସହିତ ବାଳିକାମାନଙ୍କ ସହଶିକ୍ଷାର ବ୍ୟବସ୍ଥା ସ୍କୁଲରେ ନଥିଲା। ସୁତରାଂ ଉଚ୍ଚ ଇଂରାଜୀ ଶିକ୍ଷାଦେବାକୁ ହେଲେ କଟକରେ ଯାଇ ରହିବାକୁ ହେବ। ସେଠାରେ ରେଭେନ୍ସା ବାଳିକା ସ୍କୁଲ ଏହା ସକାଶେ ଉପଯୁକ୍ତ ଅନୁଷ୍ଠାନ। ଗୋଟିଏ ସୁଯୋଗ ଆସି ଉପସ୍ଥିତ ହେଲା। ଡେପୁଟି କଲେକ୍ଟର ଶ୍ରୀ ଗୋପୀନାଥ ଦାଶଙ୍କ ଘର ପୁରୀରେ। ଏହି ସମୟରେ ସେ କଟକରେ ଅବସ୍ଥାପିତ ହୋଇ ରହିଥିଲେ। ତାଙ୍କ ଅବଶିଷ୍ଟ କାର୍ଯ୍ୟକାଳ ସ୍ୱଳ୍ପ ଥିବା କାରଣରେ ସେ ପୁରୀକୁ ବଦଳି ସକାଶେ ଦରଖାସ୍ତ କରିଥିଲେ ଓ କମିଶନର ପୁରୀରେ ଥିବା କୌଣସି ଡେପୁଟି କଲେକ୍ଟର କଟକକୁ ଆସିବାକୁ ଇଚ୍ଛୁକ ହେଲେ ତାଙ୍କୁ ପୁରୀକୁ ବଦଳି କରାଯାଇ ପାରିବ ବୋଲି ମତ ପ୍ରକାଶ କରି ପୁରୀ କଲେକ୍ଟରଙ୍କୁ ଲେଖିଥିଲେ।

Digitized by srujanika@gmail.com

ମୁଁ ତ ଝିଅକୁ ପାଠ ପଢ଼ାଇବା ପ୍ରତିଜ୍ଞାରେ ପାଗଳ। ମୁଁ ଏଥିରେ ରାଜି ହେଲି ଓ ମୋତେ କଟକ ବଦଳି ହେବା ହୁକୁମ ହେଲା।

ଡିସେମ୍ବର ମାସ ଶେଷରେ ମୁଁ ପୁରୀ ତ୍ୟାଗ କରିବା ପୂର୍ବେ ଦିନେ ମାର୍କଣ୍ଡେଶ୍ୱର ସାହି ବାଳିକା ସ୍କୁଲକୁ ଯାଇଥିଲି। ସ୍କୁଲର ହେଡ୍‌ପଣ୍ଡିତ ଶ୍ରୀ ବାମଦେବ ମିଶ୍ର ଗୋଟିଏ ୧୦/୧୧ ବୟସ୍କା ବାଳିକାର ହାତଧରି ତାକୁ ମୋଠାକୁ ଆଣିଲେ ଓ କହିଲେ, "ଏ ଝିଅଟି ଅତି ଗରିବ ବ୍ରାହ୍ମଣର ଝିଅ। ଆମ୍ଭେମାନେ ଯେତେ ମନାକଲୁ ତାହାର ବାପ ମାନିଲେ ନାହିଁ। ଆଜକୁ ୬ ମାସ ହେବ ଏହାକୁ ବିବାହ କରିଦେଲେ। ପନ୍ଦରଦିନ୍ନ ହୋଇଛି ସେ ବିଧବା ହୋଇଗଲା।" ଦେଖିଲି, ଝିଅଟିର ହାତରେ ଦୁଇପଟ ଲେଖାଏଁ ରୂପା ଚୁଡ଼ି, ସଧବାର ପରିଚାୟକ କାଚ ଚୁଡ଼ି ନାହିଁ। ବିଧବା ହାତରେ କୌଣସି ପ୍ରକାର ଚୁଡ଼ି ନଥିବା ନିୟମ। କିନ୍ତୁ ଏହି ବାଳିକା ଯେ ବିଧବା ହୋଇଅଛି, ଏହା ନିଜେ ବୁଝିବାର ମାନସିକ ଅବସ୍ଥା ବୋଧହୁଏ ତାହାର ହୋଇନାହିଁ। ତେଣୁ ରୂପା ଚୁଡ଼ି ପିନ୍ଧିଛି ବୋଲି ମନେକଲି। ତାହାର ନାମ ପଚାରିଲି, କହିଲା ସୂର୍ଯ୍ୟମଣି। ଘରେ ତାହାର ମାତା ଓ ପିତା ଛଡ଼ା କେହି ନାହାନ୍ତି। ପିତାମାତାଙ୍କ ଏକମାତ୍ର ସନ୍ତାନ। ପିତା ମହୀପ୍ରକାଶ ମଠରେ ପୂଜାଦି କରନ୍ତି ଓ ବ୍ରାହ୍ମଣ କର୍ମଦ୍ୱାରା ଯାହା ଉପାର୍ଜ୍ଜନ କରନ୍ତି, ତହିଁରେ ତାଙ୍କ ସଂସାର ଚଳେ। ପଣ୍ଡିତଙ୍କୁ ପଚାରି ବୁଝିଲି ଝିଅଟି ବୁଦ୍ଧିମତୀ। ସେହିବର୍ଷ ଶେଷରେ ସେ ମଧ୍ୟ ଓଡ଼ିଆ ବୃତ୍ତି ପରୀକ୍ଷା ଦେବ ଓ ଆଶା ହୁଏ, ପରୀକ୍ଷାରେ ଭଲକରିବ। ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ମୋ ପାଖକୁ କଟକକୁ ଲେଖିବେ ବୋଲି କହିଲି। ଏହାକୁ ଦେଖି ଓ ଏହାର ଅବସ୍ଥା ସମ୍ବନ୍ଧରେ ବିବେଚନା କରି ଏହାକୁ ମୋ ଝିଅମାନଙ୍କ ସଙ୍ଗେ ଉଚ୍ଚଶିକ୍ଷା ଦେବା କଳ୍ପନା ମୋ ମନରେ ଜାଗ୍ରତ ହେଲା।

Digitized by srujanika@gmail.com

କଟକରେ ଅବସ୍ଥାନ
(୧୯୩୪–୩୯)

୧୯୩୪ ମସିହା ବଡ଼ଦିନ ଛୁଟି ପୂର୍ବେ ମୁଁ ସପରିବାର ପୁରୀରୁ ବଦଳି ହୋଇ ଚାଲି ଆସିଲି ଓ ଜାନୁୟାରୀ ୨ ତାରିଖରେ କଟକରେ ମୋ କାର୍ଯ୍ୟରେ ଯୋଗଦେଲି। ମୋ ଉପରେ କଟକ ଟ୍ରେଜେରୀର ଭାରପଡ଼ିଲା। ତାହା ସହିତ ପ୍ରଥମଶ୍ରେଣୀ ମାଜିଷ୍ଟ୍ରେଟ୍ କାର୍ଯ୍ୟ ଓ ଆଉ କେତେକ ରାଜସ୍ୱ ବିଭାଗର ଭାର। କଟକ ଜିଲାର କାର୍ଯ୍ୟ ଅନ୍ୟ ଜିଲାର କାର୍ଯ୍ୟ ଅପେକ୍ଷା ଅଧିକ। ତଥାପି ଏହା ଭିତରୁ ସମୟକରି ମୋ ପିଲାଙ୍କୁ ଘରେ ପଢ଼ାଇବାକୁ ଲାଗିଲି। ଚାନ୍ଦିନିଚୌକ ଛକ ଉପରେ ଶ୍ରୀ ମୋତିଲାଲ ପଣ୍ଡିତଙ୍କ ଗୋଟିଏ ଦୋତାଲା ଘର ଭଡ଼ା ନେଲି। ମୋ ଜ୍ୟେଷ୍ଠପୁତ୍ର ସତ୍ୟଗୋପାଳ ସେତେବେଳେ ରେଭେନ୍‌ସା କଲେଜରେ ବି.ଏ. କ୍ଲାସରେ ଥିଲା। ସେ ହଷ୍ଟେଲରେ ରହୁଥିଲା। ସୁଷମା ରେଭେନ୍‌ସା ବାଳିକା ସ୍କୁଲର ଦଶମ ଶ୍ରେଣୀରେ ରହି ସ୍କୁଲ ସଂଲଗ୍ନ ହଷ୍ଟେଲରେ ରହୁଥିଲା। ଦୁହେଁ ଆସି ଘରେ ରହିଲେ। ନିରୁପମାର ବିବାହ ହୋଇଯାଇଥିଲା ଓ ପୁରୀରେ ଥିବା ସମୟରେ ତାହାର ପାଠ ବନ୍ଦ କରାହୋଇଥିଲା। ଶାଶୁଘରକୁ ଯାଇନଥିଲା। ଆଉ ବର୍ଷକ ପରେ ଯିବାର କଥା। ସେ ପୁଣି ପଢ଼ିବା ପାଇଁ ଇଚ୍ଛାପ୍ରକାଶ କଲା ଓ ତାକୁ ରେଭେନ୍‌ସା ବାଳିକା ସ୍କୁଲର ଅଷ୍ଟମ ଶ୍ରେଣୀରେ ଭର୍ତ୍ତି କରିଦେଲି। ସୁରମା, ନୀଳିମା ସପ୍ତମ ଶ୍ରେଣୀରେ, ଉମା ଚତୁର୍ଥ ଶ୍ରେଣୀରେ ଭର୍ତ୍ତିହେଲେ। ଏମାନଙ୍କ ସାଙ୍ଗକୁ ମୋର ବଡ଼ଝିଅ ମନୋରମାର ବଡ଼ଝିଅ ହିରଣ୍ମୟୀ ମଧ୍ୟ ପାଠ ପଢ଼ିବା ସକାଶେ ଆମ୍ଭଘରେ ଆସି ରହିଲା। ତାକୁ ମଧ୍ୟ ରେଭେନ୍‌ସା ବାଳିକା ସ୍କୁଲର ପଞ୍ଚମଶ୍ରେଣୀରେ ଭର୍ତ୍ତି କରିଦେଲି। ପୁତୁରା ବ୍ରଜବନ୍ଧୁ ବଲାଙ୍ଗୀର ହାଇସ୍କୁଲରେ ପଢୁଥିଲା। ମାଟ୍ରିକ୍ୟୁଲେସନ୍ ପରୀକ୍ଷା ସକାଶେ ପ୍ରେରିତହୋଇ ପରୀକ୍ଷା ପୂର୍ବରୁ ମୋ ପାଖରେ ରହି ପଢ଼ିବା ଓ କଟକ କେନ୍ଦ୍ରରେ ପରୀକ୍ଷା ଦେବା ସକାଶେ ଆସି ଆମ୍ଭମାନଙ୍କ ସଙ୍ଗରେ ରହିଲା। ଏହି ପ୍ରକାରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ପୁଅ, ପୁତୁରା, ଝିଅ ଓ ନାତୁଣୀଙ୍କ ଦ୍ୱାରା ଘର ପୂର୍ଣ୍ଣ ହୋଇଗଲା ଓ ଅତ୍ୟନ୍ତ ଆଗ୍ରହ ସହକାରେ ଓ ସମୁତ୍ସାହିତ ଚିତ୍ତରେ ମୁଁ ନିଜେ ଏମାନଙ୍କୁ ପଢ଼ାଇବାକୁ ଲାଗିଲି। ଘର ଉପର ତଳର ପ୍ରଶସ୍ତ ବାରଣ୍ଡାରେ ଦୀର୍ଘ ମେଜମାନ ଆଣି ପକାଇଦେଲି ଓ ମେଜର ଉଭୟ ପାର୍ଶ୍ୱରେ ଚୌକିମାନ ସମସ୍ତଙ୍କ ବସିବା ସକାଶେ ସଜାଡ଼ି ଦେଲି ଏବଂ କେନ୍ଦ୍ରସ୍ଥଳରେ ମୋ ନିଜର ବସିବା ଚୌକି ନିର୍ଦ୍ଦିଷ୍ଟ କରିଦେଲି। ମାଟ୍ରିକୁଲେସନର ପ୍ରତ୍ୟେକ ବିଷୟ ପଢ଼ାଇବି ବୋଲି ପ୍ରତିଜ୍ଞା କରି ପରିଶ୍ରମ ସହକାରେ ଇଂରେଜୀ ବ୍ୟାକରଣ, ଗଣିତ,

Digitized by srujanika@gmail.com

ଇତିହାସ, ସଂସ୍କୃତ ପ୍ରଭୃତି ବିଷୟମାନ ପୁନରାଲୋଚନା କଲି। ସତ୍ୟଗୋପାଳ ତ କଲେଜରେ। ତାହାର ପାଠ ସମ୍ବନ୍ଧରେ ଚିନ୍ତା କରିବା ଆବଶ୍ୟକ ନଥିଲା। ଘରୋଇ ଶିକ୍ଷକଙ୍କଦ୍ୱାରା ପୁଅଝିଅଙ୍କ ଶିକ୍ଷାର ସମ୍ପୂର୍ଣ୍ଣ ବିରୋଧୀ ମୁଁ। ଗୃହଶିକ୍ଷକ ଯେତେ ବିଦ୍ୱାନ୍ ଓ ଯୋଗ୍ୟ ହେଲେ ସୁଦ୍ଧା ଶିକ୍ଷିତ ଅଧ୍ୟାପନଦକ୍ଷ ପିତାଙ୍କ ସମକକ୍ଷ ହୋଇ ପାରିବେ ନାହିଁ। ମୁଁ କେବେ ମୋ ପୁଅଝିଅଙ୍କ ସକାଶେ ଗୃହଶିକ୍ଷକ ନିଯୁକ୍ତ କରି ନଥିଲି। ବର୍ତ୍ତମାନ ସୁଷମା ପ୍ରତି ଯତ୍ନ କରିବାକୁ ହେବ। ଆଉ ବର୍ଷକ ପରେ ସେ ମେଟ୍ରିକ୍ୟୁଲେସନ୍ ପରୀକ୍ଷା ଦେବ। ସମସ୍ତ ବିଷୟ ପୁଙ୍ଖାନୁପୁଙ୍ଖ ଭାବରେ ତାକୁ ପଢ଼ାଇବାକୁ ଲାଗିଲି। ତାହାର ମଧ୍ୟ ଗଭୀର ମନୋନିବେଶ ଓ ନିଷ୍ଠାପରାୟଣତା ଦେଖି ତାହାକୁ ପଢ଼ାଇବାରେ ଅତ୍ୟନ୍ତ ଉତ୍ସାହିତ ହେଲି। ବିଶେଷତଃ ତାହାକୁ ପ୍ରାଚୀନ ଓ ଆଧୁନିକ ଓଡ଼ିଆ ସାହିତ୍ୟ କାବ୍ୟ ପ୍ରଭୃତି ପଢ଼ାଇବାରେ ସବିଶେଷ ଯତ୍ନ କରିବାକୁ ଲାଗିଲି। ଇଂରେଜୀ କେବଳ ତିନିବର୍ଷ ପଢ଼ିଥିଲା, ତଥାପି ଏଥିରେ ତାହାର ବେଶ୍ ବ୍ୟୁତ୍ପତ୍ତି ହୋଇଥିଲା। ସୁଷମାର ବିଶେଷତ୍ୱ ଏହି ଥିଲା ଯେ, ତାକୁ ଯାହା କରିବାକୁ ଦିଆହୁଏ ତାହା ମନୋଯୋଗ ସହକାରେ କରେ ଓ ତାହା ଶେଷ ନ ହେବା ଯାଏ ସେ ସ୍ୱସ୍ଥାନରୁ ସୁଦ୍ଧା ଉଠେ ନାହିଁ। ଏହି ସମୟରେ ତାହାର ବୟସ ମାତ୍ର ତେର ବର୍ଷ। ନିରୁପମା ପନ୍ଦର ବର୍ଷରେ ପଡ଼ିଥିଲା। ଅଳ୍ପଦିନ ପରେ ଶାଶୁଘରକୁ ଚାଲିଯିବା କଥା। ପାଠ ସଙ୍ଗେ ଝିଅମାନଙ୍କୁ ଘରକରଣା ସୁଦ୍ଧା ଶିଖାଇବାକୁ ହେବ। ଝିଅମାନଙ୍କ ଶିକ୍ଷା କେବଳ ପୁସ୍ତକଗତ ହେଲେ ଚଳିବ ନାହିଁ। ଝିଅମାନଙ୍କୁ ସଦ୍‌ଗୃହିଣୀ ହେବା ସକାଶେ ପ୍ରସ୍ତୁତ କରିବାକୁ ହେବ ଓ ପୁସ୍ତକଗତ ଶିକ୍ଷା ସହିତ ଗୃହକର୍ମରେ ପ୍ରବୀଣ କରିବାକୁ ହେବ। ଏହି ଉଦ୍ଦେଶ୍ୟ ମନରେ ରଖି ମୁଁ ଏମାନଙ୍କ ଦୈନନ୍ଦିନ କର୍ମ ନିର୍ଘଣ୍ଟ ସ୍ଥିର କରିଦେଲି। ସୁରମାର ବୟସ ବାର। ନୀଳିମାର ଏଗାର ଓ ଉମାର ଦଶ ବର୍ଷ। ଉମା ତଳକୁ ଶ୍ୟାମାର ଛଅ ବର୍ଷ। ସାନ ପୁଅ ବିଭୁପ୍ରସାଦ (ଫକୀର)ର ଚାରିବର୍ଷ। ଏହା ତଳକୁ ପୂର୍ଣ୍ଣିମାର ତିନିବର୍ଷ। ଘରେ ପୂଜାହାରୀ ଥାଏ। ତଥାପି ଶ୍ୟାମା ଓ ପୂର୍ଣ୍ଣିମା ବ୍ୟତୀତ ସମସ୍ତେ ରୋଷେଇ ଘରେ କିଛି ନା କିଛି କାର୍ଯ୍ୟ କରିବେ। ସକାଳଓଳି ତ ପଢ଼ାରେ ଯାଏ। ଅନ୍ୟ କୌଣସି କାର୍ଯ୍ୟ ସକାଶେ ସମୟ ହୁଏ ନାହିଁ। ଅପରାହ୍ନ ୪ଟାବେଳେ ସ୍କୁଲରୁ ଫେରି ପ୍ରତ୍ୟହ ରୋଷେଇ ଘରେ କିଛି ନା କିଛି କାମ କରିବା ସ୍ଥିର କରିଦେଲି। ମୋ ସ୍ତ୍ରୀ ପ୍ରବୀଣା ଗୃହିଣୀ। ଏଥିର ସମସ୍ତ ଭାର ସେ ଗ୍ରହଣ କଲେ ଓ ମୋ ଉତ୍ସାହ ସହିତ ଦ୍ୱିଗୁଣ ଉତ୍ସାହରେ ସେମାନଙ୍କୁ ଶିକ୍ଷା ଦେବାରେ ଲାଗିଗଲେ। ରବିବାର ଓ ଅନ୍ୟ ଛୁଟିଦିନ ବାହାର ଚୁଲ୍ଲୀରେ ରନ୍ଧନର ବ୍ୟବସ୍ଥା ହେଲା। ତାହା ସଙ୍ଗେ ସିଲେଇ ଶିକ୍ଷା। ଓଡ଼ିଶାର ପ୍ରସିଦ୍ଧ ସଙ୍ଗୀତବିତ୍ ଶ୍ରୀ ଗୋକୁଳଚନ୍ଦ୍ର ହରିଚନ୍ଦନଙ୍କୁ ସଙ୍ଗୀତ ଶିକ୍ଷକ ନିଯୁକ୍ତ କଲି ଓ ତାଙ୍କ ନିକଟରେ ନିରୁପମା, ସୁଷମା, ସୁରମା, ନୀଳିମା ଓ ଉମା ସଙ୍ଗୀତ ଶିକ୍ଷା କରିବାକୁ ଲାଗିଲେ। ଏମାନଙ୍କ ମଧ୍ୟରେ ସୁଷମାର ଅସାଧାରଣ ମନୋନିବେଶ ଦେଖାଗଲା। କେବଳ ପାଠରେ ନୁହେଁ; ଘରକରଣା ଓ ସଙ୍ଗୀତରେ ତାହାର କୃତିତ୍ୱ ଦିନକୁ ଦିନ ବୃଦ୍ଧି ହେଉଥିବାର ପରିଚୟ ମିଳିଲା।

Digitized by srujanika@gmail.com

ସତ୍ୟଗୋପାଳ ୧୯୩୫ ମସିହା ଫେବୃୟାରୀ ମାସରେ ବି.ଏ. ପରୀକ୍ଷା ଦେଇ ତହିଁରୁ ଉତ୍ତୀର୍ଣ୍ଣ ହେଲା ଓ ସେହିବର୍ଷ ଜୁଲାଇ ମାସରେ 'ଲ' ଓ ଏମ୍.ଏ. ରେ ଯୋଗଦେଲା । ୧୯୩୫ ମସିହା ଶେଷ ସ ୧୯୩୬ ଆରମ୍ଭରେ ସୁଷମା ଏକାଦଶ, ନିରୁପମା ନବମ, ସୁରମା ଓ ନୀଳିମା ଅଷ୍ଟମ ଓ ଉମା ପଞ୍ଚମ ଶ୍ରେଣୀକୁ ଉଠିଲେ । ୧୯୩୬ ମସିହା ବୈଶାଖରେ ନିରୁପମା ଶ୍ୱଶୁରାଳୟକୁ ଚାଲିଗଲା । ଏହାର କିଛିଦିନ ଉତ୍ତାରେ ତାହାର ସ୍ୱାମୀ ଶିବନାରାୟଣ ପାଢ଼ି ବି.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ 'ଲ' ପଢ଼ିବା ସକାଶେ କଟକରେ ରହିବା ଯୋଗାଡ଼ରେ ରହିଥିଲେ । ସେ ଆମ୍ଭ ଘରେ ରହି ପଢ଼ିବା ଓ ନିରୁପମାକୁ ଅକାରଣରେ ସମ୍ବଲପୁରରେ ନ ରଖି ତାକୁ ଅନ୍ତତଃ ମେଟ୍ରିକୁଲେସନ୍ ପରୀକ୍ଷା ପର୍ଯ୍ୟନ୍ତ ସ୍କୁଲରେ ରହିବା ନିମିତ୍ତ ସୁଯୋଗ ଦେବା ସକାଶେ ତାଙ୍କ ପିତାଙ୍କୁ କହିବା ପାଇଁ ତାଙ୍କୁ ବୁଝାଇଲି । ମୋର ପରାମର୍ଶର ସୁଫଳ ଫଳିଲା । ସେହିବର୍ଷର ଗ୍ରୀଷ୍ମାବକାଶ ପରେ ଯେତେବେଳେ ସ୍କୁଲ କଲେଜମାନ ଫିଟିଲା, ଶିବନାରାୟଣ ଓ ନିରୁପମା ସମ୍ବଲପୁରରୁ ଆସି ଆମ୍ଭ ଘରେ ଉପସ୍ଥିତ ହେଲେ ଓ ନିରୁପମା ଗାଡ଼ିରୁ ଓହ୍ଲାଇ ଦୌଡ଼ି ଦୌଡ଼ି ଘର ଭିତରକୁ ପ୍ରବେଶ କରି ଆନନ୍ଦରେ କହିଲା ଯେ, ତାହାର ଶ୍ୱଶୁର ତାକୁ ପଢ଼ିବା ପାଇଁ ଅନୁମତି ଦେଇଅଛନ୍ତି । ନିରୁପମାର ସେତେବେଳେ ନବମ ଶ୍ରେଣୀ । ଉଭୟେ ଘରେ ରହିଲେ ।

ଶ୍ୟାମାର ଶିକ୍ଷା ରେଭେନ୍‌ସା ବାଳିକା ସ୍କୁଲର ଶିଶୁ ଶ୍ରେଣୀରେ ଆରମ୍ଭ ହୋଇଯାଇଥିଲା । ବିଭୁପ୍ରସାଦକୁ କନ୍‌ଭେଣ୍ଟ ସ୍କୁଲରେ ଦିଆହୋଇଥିଲା । କନ୍‌ଭେଣ୍ଟ ସ୍କୁଲରେ ପିଲାଦିନରୁ ଇଂରେଜୀରେ ଶିକ୍ଷା ଦିଆହୁଏ । ଏଠାରେ ଶିକ୍ଷୟିତ୍ରୀମାନେ ୟୁରୋପୀୟାନ୍ ଓ ଯେଉଁ ଜଣ କେତେ ଦେଶୀୟ ଶିକ୍ଷୟିତ୍ରୀ ଥିଲେ ସେମାନେ ମଧ୍ୟ ଇଂରେଜୀ ସ୍କୁଲ ଧରଣର ଶିକ୍ଷା ଦେଉଥିଲେ । ବାଲ୍ୟକାଳରୁ ଇଂରେଜୀ ଶିକ୍ଷାପ୍ରାପ୍ତି ସକାଶେ ଏହା ଏକ ଉପଯୁକ୍ତ ସ୍ଥାନ ।

ଏହି ପ୍ରକାରେ ପୁଅଝିଅଙ୍କ ପଢ଼ାର ସୁବନ୍ଦୋବସ୍ତ ହୋଇଗଲା ଓ ମୁଁ ଘରେ ଏମାନଙ୍କୁ ପଢ଼ାଇବି ବୋଲି ମନେ ମନେ ସ୍ଥିର କରି ସେହି ଅନୁସାରେ ମୋର ସରକାରୀ କାର୍ଯ୍ୟ ନିୟନ୍ତ୍ରଣ କରିନେଲି । ଅନ୍ୟ କୌଣସି ଆଡ୍ଡେ ଅକାରଣରେ ସମୟ କ୍ଷେପଣ କରିବା ଛାଡ଼ିଦେଲି । ପ୍ରତ୍ୟହ ଭୋର ଚାରି ପାଞ୍ଚଟା ମଧ୍ୟରେ ଶଯ୍ୟା ତ୍ୟାଗକରି ଆମ୍ଭେମାନେ ଜଣକେତେ ବନ୍ଧୁ ମିଳିତ ହୋଇ ମହାନଦୀ କୂଳକୁ ବୁଲିବାକୁ ଯାଉଁ । ଏଇସମୟରେ ସ୍ୱର୍ଗୀୟ ରାୟବାହାଦୁର ଉମାଚରଣ ଦାସ ଡେପୁଟି କଲେକ୍ଟର ଓ କମିଶନରଙ୍କ ସେକ୍ରେଟାରୀ । କଟକର ଡିଷ୍ଟ୍ରିକ୍ଟ ସବ୍‌ରେଜିଷ୍ଟ୍ରାର ରାୟସାହେବ ନନ୍ଦକିଶୋର ମହାନ୍ତି, ଅଧ୍ୟାପକ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି, ଗୁରୁଚରଣ ମହାନ୍ତି ଓ କୃତିବାସ ସାମନ୍ତରାୟ, ରେଭେରେଣ୍ଡ ବ୍ରଜାନନ୍ଦ ଦାସ, ଡାକ୍ତର ଗିଡ଼ିଏନ୍ ସାହୁ ନିୟମିତ ଭାବରେ ମହାନଦୀ କୂଳ ଭ୍ରମଣର ସହଯାତ୍ରୀ । ତିନିଚାରି ମାଇଲ ବୁଲି ଛଅଟା ବେଳକୁ ଫେରିଆସି ପ୍ରାତଃକୃତ୍ୟାଦି ସମାପନପୂର୍ବକ ଝିଅମାନଙ୍କୁ ପଢ଼ାଇବାରେ ଲାଗିଯାଏଁ । କ୍ରମେ କ୍ରମେ ଏମାନଙ୍କର ସୁଦ୍ଧା ଏପରି ଅଭ୍ୟାସ ହୋଇଗଲା

Digitized by srujanika@gmail.com

ଯେ ସୂର୍ଯ୍ୟୋଦୟ ପୂର୍ବରୁ ସମସ୍ତେ ଶଯ୍ୟାତ୍ୟାଗ କରି ପ୍ରାତଃକୃତ୍ୟାଦି ସମାପନପୂର୍ବକ ପ୍ରାତରାଶାନ୍ତେ ବହିପତ୍ର ଧରି ବସିଯାନ୍ତି। ପ୍ରତ୍ୟହ ସକାଳ ୭ଟାରୁ ୯ ଟା ଓ ରାତ୍ରିରେ ୭ଟାରୁ ୯ଟା ପର୍ଯ୍ୟନ୍ତ ଏହି ପ୍ରକାରେ ପିଲାଙ୍କୁ ପଢ଼ାଇବା ସକାଶେ ନିର୍ଦ୍ଦିଷ୍ଟ ହୋଇ ରହିଥାଏ ଓ ବିଶିଷ୍ଟ କାରଣ ଉପସ୍ଥିତ ନ ହେଲେ ଏହାର ବ୍ୟତିକ୍ରମ ହୁଏନାହିଁ। ସମସ୍ତେ ମନୋଯୋଗ ସହକାରେ ପଢ଼ିବାକୁ ଲାଗିଲେ। ମୋ ମନରେ ଏହି ଧାରଣା ଦୃଢ଼ବଦ୍ଧ ହୋଇ ରହିଥାଏ ଯେ, ଭଗବାନ ଏତେଗୁଡ଼ିଏ ଝିଅ ମୋର ଦୁର୍ବଳ ହସ୍ତରେ ଯେଉଁ ଉଦ୍ଦେଶ୍ୟରେ ଦାନ କରିଅଛନ୍ତି ତାହାର ପୂରଣ ସକାଶେ ନିଶ୍ଚୟ ସେ ମୋତେ ଶକ୍ତି ପ୍ରଦାନ କରିବେ। ଝିଅମାନେ ଯେ କେବଳ ପାକଶାଳାର ଅଧିକାରିଣୀ, ଅନ୍ୟ କୌଣସି ଉଚ୍ଚତର କାର୍ଯ୍ୟ ସକାଶେ ଅଯୋଗ୍ୟା, ଏହି ଧାରଣା ମୋ ମନରୁ କ୍ରମେ ଦୂରୀଭୂତ ହେବାକୁ ଲାଗିଲା।

ପୁରୀ ତ୍ୟାଗ ସମୟରେ ସେଠାରେ ମାର୍କଣ୍ଡେଶ୍ୱର ସାହିସ୍ଥ ମଧ୍ୟଓଡ଼ିଆ ବାଳିକା ସ୍କୁଲର ହେଡ଼୍‌ପଣ୍ଡିତ ଶ୍ରୀ ବାମଦେବ ମିଶ୍ରଙ୍କୁ ସେହି ସ୍କୁଲର ଯେଉଁ ବାଳବିଧବା ଛାତ୍ରୀ ସୂର୍ଯ୍ୟମଣି ସମ୍ବନ୍ଧରେ କହି ଆସିଥିଲି ସେ ସମ୍ବନ୍ଧରେ ୧୯୩୬ ମସିହା ଜାନୁୟାରୀରେ ଖଣ୍ଡେ ପତ୍ର ପାଇଲି। ସେ ଲେଖିଥିଲେ ଯେ ସୂର୍ଯ୍ୟମଣି ବୃତ୍ତି ପରୀକ୍ଷାରେ ପୁରୀ ଜିଲ୍ଲାର ଛାତ୍ରୀମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ପ୍ରାପ୍ତ ହୋଇ ଚାରିଟଙ୍କାର ବୃତ୍ତି ପାଇଛି। ପୁରୀରେ ତାହାର ବୈଧବ୍ୟ କଥା ଶୁଣି ମୋ ମନରେ ଏହି ଭାବ ଉଦିତ ହୋଇଥିଲା ଯେ, ଦରିଦ୍ର ବ୍ରାହ୍ମଣ କନ୍ୟାର ଜୀବନ ଅନ୍ୟାନ୍ୟ ବିଧବାଙ୍କ ତୁଲ୍ୟ ପୁରୀରେ ନଷ୍ଟ ହେବ କାହିଁକି ? ଏହାକୁ ପାଠ ପଢ଼ାଇଲେ ନିଜେ ପବିତ୍ର ଜୀବନଯାପନ କରି ଅନ୍ନସଂସ୍ଥାନ ମଧ୍ୟ କରିପାରିବ। ତାହାର ପିତାଙ୍କୁ ମୋଠାକୁ ପଠାଇଦେବା ପାଇଁ ବାମଦେବ ବାବୁଙ୍କୁ ପତ୍ର ଲେଖିଲି। ତିନି ଚାରି ଦିନ ପରେ ସେ ମୋ ବସାରେ ଆସି ଉପସ୍ଥିତ ହେଲେ। ମୁଁ ତାଙ୍କୁ ପଚାରିଲି, "ସୂର୍ଯ୍ୟମଣି ବୃତ୍ତି ପାଇଛି, ସେ ଆଉ ପଢ଼ିବ କି ନାହିଁ?" ତାକୁ ପଢ଼ାଇବାକୁ ହେଲେ କଟକରେ ରଖିବାକୁ ହେବ଼ ଯେହେତୁ ପୁରୀରେ ତାହାର ଉଚ୍ଚଶିକ୍ଷା ସକାଶେ ସ୍ଥାନ ନାହିଁ। ସେହି ସମୟରେ କୌଣସି ହାଇସ୍କୁଲରେ ଆଜିକାଲି ପରି ବାଳକ ଓ ବାଳିକାମାନଙ୍କ ସହ ଶିକ୍ଷାର ବ୍ୟବସ୍ଥା ନଥିଲା। ସେ କହିଲେ, "ମୁଁ ଗରିବ ଲୋକ, କଟକର ଖର୍ଚ୍ଚ ଯୋଗାଇବା ମୋ ପକ୍ଷରେ ଅସମ୍ଭବ।" କହୁ କହୁ ତାଙ୍କ ଚକ୍ଷୁଦ୍ୱୟ ଅଶ୍ରୁପୂର୍ଣ୍ଣ ହୋଇଗଲା ଓ ପୁଣି ସେ କହିଲେ, "ମୁଁ ତାକୁ ବିବାହ କରାଇଦେବି। ଆଜିକାଲି ତ କେତେ ବ୍ରାହ୍ମଣ ବିଧବା-ବିବାହ ହୋଇଗଲାଣି।" ମୁଁ କହିଲି, "ହଉ, ବିବାହ କରିଦେବାରେ ଆଜିକାଲି ବାଧା ନାହିଁ। କିନ୍ତୁ ଏକ୍ଷଣି ବିବାହ କଲେ ଜଣେ ଚପରାସୀ ବା ପୂଜାରୀ ବା ଅନ୍ୟ କୌଣସି ନିମ୍ନଶ୍ରେଣୀର ବର ମିଳିବ। ବଡ଼ କରି ବିବାହ କରିବେ ନାହିଁ କାହିଁକି ? ସେ ବର୍ତ୍ତମାନ ପାଠ ପଢୁ। ତାହାର ପିଲା ବୟସ। ପାଠ ପଢ଼ିଲେ, ପରେ ଭଲ ବର ମିଳିବ। ମୁଁ ତାହାର ପାଠର ସମସ୍ତ ଭାର ନେବି। ଆପଣଙ୍କୁ ପଇସାଟିଏ ସୁଦ୍ଧା ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ। ଆପଣ କେବଳ ତାକୁ ମୋ ଜିମ୍ମାରେ ଛାଡ଼ି ଦେଲେ ହେଲା।" ତତ୍ପରେ ବହୁ ଆଲୋଚନା ପରେ

Digitized by srujanika@gmail.com

ସେ ରାଜି ହେଲେ। ପୁଣି କହିଲେ, "ସୂର୍ଯ୍ୟମଣିକୁ ମୋ ପାଖରେ ଆଣି ଛାଡ଼ି ଦିଅନ୍ତୁ। ମୁଁ ତାକୁ ରେଭେନ୍‌ସା ବାଳିକା ସ୍କୁଲରେ ଭର୍ତ୍ତି କରିଦେବି। ସେଠାରେ ଆପଣଙ୍କୁ ଲେଖିଦେବାକୁ ହେବ ଯେନ୍ତ କଟକରେ ମୁଁ ତାହାର ମୁରବି ହୋଇ ରହିବି। ମୁଁ ତାକୁ ମୋ ଘରେ ରଖିବି ନାହିଁ। ହଷ୍ଟେଲରେ ରଖିଦେବି ଓ ସମସ୍ତ ଖର୍ଚ୍ଚ ମୁଁ ଦେବି। ତାହାର ପଢ଼ାପଢ଼ିରେ ଆପଣ ବାଧା ଦେବେ ନାହିଁ। ଏପରି କି ଛୁଟିରେ ଆପଣଙ୍କ ପାଖକୁ ଯାଇ ଅଳ୍ପ ସମୟ ରହୁଥିବ। ଅଧିକାଂଶ ସମୟ ଆମ ଘରେ ମୋ ଝିଅମାନଙ୍କ ସଙ୍ଗେ ରହିବ।" ଅଳ୍ପଦିନ ପରେ ସୂର୍ଯ୍ୟମଣିକୁ ଆଣି ମୋ ବସାରେ ଉପସ୍ଥିତ ହେଲେ। ମୁଁ ତାକୁ ନେଇ ରେଭେନ୍‌ସା ବାଳିକା ସ୍କୁଲର ସପ୍ତମ ଶ୍ରେଣୀରେ ଭର୍ତ୍ତି କରିଦେଲି। କେବଳ ସେ ଓଡ଼ିଆ ବିଷୟଗୁଡ଼ିକରେ ପରୀକ୍ଷା ଦେଇ ପାସ୍ କରିଥିଲା। ସେହି ଶ୍ରେଣୀରେ ଆଉ ବର୍ଷେ ରହି ଇଂରେଜୀ ପଢ଼ିବାକୁ ହେବ। ମୁଁ କହିଥିବା ଅନୁସାରେ ତାହାର ପିତା, ମୁଁ ତାହାର ସ୍ଥାନୀୟ ଅଭିଭାବକ ବୋଲି ଲେଖିଦେଇ ଗଲେ। ତାକୁ ସ୍କୁଲ ସଂଲଗ୍ନ ହଷ୍ଟେଲରେ ରଖିଦେଲି। କିନ୍ତୁ ପ୍ରତି ଶନିବାର ସନ୍ଧ୍ୟାରେ ମୋ ଝିଅମାନଙ୍କ ସଙ୍ଗେ ଆସି ସୋମବାର ସକାଳେ ଚାଲିଯାଏ। ଶନିବାର ରାତି ଓ ରବିବାର ଦିନ ତାହାର ପଢ଼ାପଢ଼ି ସମ୍ବନ୍ଧରେ ବୁଝେ ଓ ମୋ ଝିଅମାନଙ୍କ ସହିତ ପଢ଼ାଏ। ଏମାନଙ୍କ ସହିତ ଘରକରଣା ଓ ସିଲେଇ ଆଦିରେ ମଧ ତାକୁ ଶିକ୍ଷା ଦିଆହୁଏ। ଫଳତଃ ମୋ ଝିଅମାନଙ୍କ ସହିତ ତାହାର ମଧ ଶିକ୍ଷା ଚାଲିଥାଏ। ମୋର ଏଗାରଟି ଝିଅମାନଙ୍କ ସଙ୍ଗେ ସୂର୍ଯ୍ୟମଣି ମଧ ଗୋଟିଏ ଝିଅ ହୋଇ ରହିଥାଏ। ସେତେବେଳେ ତାହାର ବୟସ ୧୧-୧୨ ବର୍ଷ ମାତ୍ର।

୧୯୩୬ ମସିହା ଏପ୍ରିଲ୍ ମାସ ପହିଲା ତାରିଖରେ ଓଡ଼ିଶା ବିହାର ପ୍ରଦେଶରୁ ବିଚ୍ଛିନ୍ନ ହୋଇ ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେଲା। ନୂତନ ପ୍ରଦେଶର ପ୍ରଥମ ଲାଟ (Governor) ହେଲେ ଓଡ଼ିଶାର କମିଶନର ସାର୍ ଜନ୍ ହବେକ୍ (Sir John Hubback, I.C.S.)। ରେଭେନ୍‌ସା କଲେଜର ବୃହତ୍ କକ୍ଷରେ ନୂତନ ପ୍ରଦେଶର ପ୍ରାଥମିକ ଶୁଭକ୍ରିୟା ସମ୍ପନ୍ନ ହେଲା। ବହୁକାଳରୁ ଇଂରେଜଙ୍କ ଏକ ଜାତୀୟ ଲୋକଙ୍କୁ ଭିନ୍ନ ଭିନ୍ନ କରି ଶାସନ କରିବା ନୀତି ପ୍ରବର୍ତ୍ତନ ଫଳରେ ଓଡ଼ିଶାକୁ ଖଣ୍ଡ ବିଖଣ୍ଡ କରି ଖଣ୍ଡେ ବଙ୍ଗ ପ୍ରଦେଶସ୍ଥ ମେଦିନୀପୁର ଜିଲ୍ଲାରେ, ଖଣ୍ଡେ ତେଲିଙ୍ଗ ଭାଷାଭାଷୀ ମାଡ୍ରାସରେ ଓ ଖଣ୍ଡେ ହିନ୍ଦି ଭାଷାଭାଷୀ ମଧ୍ୟପ୍ରଦେଶରେ ସଂଲଗ୍ନ କରି ରଖାହୋଇଥିଲା। ଓଡ଼ିଶାର ବିଶିଷ୍ଟ ନେତାମାନେ ଇଂରେଜ ସରକାରଙ୍କର ଏହି ନୀତି ବିରୁଦ୍ଧରେ ବହୁକାଳ ଧରି ଲଢ଼େଇ କରିଆସୁଥିଲେ। ବର୍ତ୍ତମାନ ସେମାନଙ୍କ ଉଦ୍ୟମର ଫଳ ଲାଭ ହୋଇଥିଲେ ହେଁ ସମସ୍ତ ଓଡ଼ିଆ ଅଞ୍ଚଳ ଏକତ୍ରୀଭୁତ ହେଲାନାହିଁ। ଏତାବତ୍ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର ଓ ଅନୁଗୁଳ ଏହି ପାଞ୍ଚ ଜିଲା ଦ୍ୱାରା ଓଡ଼ିଶା ଡିଭିଜନ୍ ଗଠିତ ହୋଇଥିଲା। ବର୍ତ୍ତମାନ ମାଡ୍ରାସରୁ ଗଞ୍ଜାମ ଓ କୋରାପୁଟ ଏହି ଦୁଇ ଜିଲା ମିଶିଲା। ମଧ୍ୟପ୍ରଦେଶରୁ ନୂଆପଡ଼ା ଓ ଖଡ଼ିଆଳ ଆସି ସମ୍ବଲପୁର ଜିଲା ସହିତ ମିଶିଲା, ଅନୁଗୁଳ ଜିଲାକୁ ଭାଙ୍ଗିଦିଆଗଲା ଓ ଏହା ସହିତ ସମ୍ମିଳିତ ଥିବା କନ୍ଧମାଳ

Digitized by srujanika@gmail.com

ସବ୍‌ଡ଼ିଭିଜନ୍‌କୁ ଗଞ୍ଜାମ ସହିତ ମିଶାଇ ଦିଆଗଲା ଓ ପ୍ରକୃତ ଅନୁଗୁଳ କେବଳ ଗୋଟିଏ ସବ୍‌ଡ଼ିଭିଜନ୍‌ରେ ପରିଣତ ହୋଇ କଟକ ଅଧୀନସ୍ଥ ହୋଇରହିଲା । ଫଳତଃ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ଓ କୋରାପୁଟ – ଏହି ଛଅଟି ଜିଲା ଦ୍ୱାରା ନୂତନ ଓଡ଼ିଶା ପ୍ରଦେଶ ଗଠିତ ହେଲା । ଅଦ୍ୟାପି ବାଲେଶ୍ୱରର ଉତ୍ତରାଞ୍ଚଳରେ ଅବସ୍ଥିତ ମେଦିନୀପୁର ଜିଲ୍ଲାର କିୟଦଂଶ, ସିଂହଭୂମ ଜିଲ୍ଲାର ସଦର ସବ୍‌ଡ଼ିଭିଜନ୍ ଓ ମୟୂରଭଞ୍ଜ ସୀମା ସଂଲଗ୍ନ କେତେକାଂଶ, ଗଞ୍ଜାମ ସୀମାନ୍ତରେ ଅବସ୍ଥିତ ଇଚ୍ଛାପୁର ପ୍ରଭୃତି ଅଞ୍ଚଳ ଓ ମଧ୍ୟପ୍ରଦେଶରେ ଅବସ୍ଥିତ ଫୁଲଝର ଅଞ୍ଚଳ ଓଡ଼ିଶା ବାହାରେ ରହିଅଛି । ଏ ସମସ୍ତ ଅଞ୍ଚଳର ଅଧିବାସୀ ଓଡ଼ିଆ ଓ ଏହି ଅଞ୍ଚଳ ସବୁକୁ ଓଡ଼ିଶା ସହିତ ସମ୍ମିଳିତ କରିବା ସମସ୍ୟା ଅଦ୍ୟାପି ଜୀବିତ ରହିଅଛି । ଏ ସମସ୍ତ ଅଞ୍ଚଳ ଓଡ଼ିଶା ସହିତ ନ ମିଶିବା ଯାଏ ଓଡ଼ିଶା ବିକଳାଙ୍ଗ ହୋଇ ରହିଥିବ ।

ଇତି ପୂର୍ବେ ଲେଖାଯାଇଅଛି ଯେ, ଝିଅମାନଙ୍କ ସ୍କୁଲପାଠ ସହିତ ସଙ୍ଗୀତ ଶିକ୍ଷା ସେମାନଙ୍କ ଶିକ୍ଷାର ପ୍ରଧାନ ଅଙ୍ଗ ହୋଇଥିଲା । ଯେପରି ପାଠରେ ସେପରି ସଙ୍ଗୀତରେ ସୁଦ୍ଧା ସମସ୍ତଙ୍କ ଅପେକ୍ଷା ସୁଷମାର ପାରଦର୍ଶିତା କ୍ରମେ କ୍ରମେ ବୃଦ୍ଧି ହେବାକୁ ଲାଗିଲା । ତାହାର ଲଳିତ ମଧୁର କଣ୍ଠ ନିଃସୃତ ସଙ୍ଗୀତ ମୂର୍ଚ୍ଛନା ତାଳଲୟ ସହିତ ଝଙ୍କୃତ ହୋଇ ବାସ୍ତବରେ ମୋତେ ଯେଉଁ ସ୍ୱର୍ଗରାଜ୍ୟର ସୁଖ ଓ ଶାନ୍ତି ପ୍ରଦାନ କରୁଥିଲା, ଆଜି ତାହା ସ୍ମରଣ କରି ମୋ ମନଃପ୍ରାଣ ପୂତ ହୋଇଯାଉଅଛି । ସେତେବେଳେ ମୋର ଦଶମା କନ୍ୟା ପୂର୍ଣ୍ଣିମା ମାତ୍ର ସାଢ଼େତିନି ବର୍ଷ ବୟସ୍କା ଶିଶୁ । ସଙ୍ଗୀତ ଗାନ ହେଉଥିବା ସମୟରେ ସେ ଅନ୍ୟ ଝିଅମାନଙ୍କ ସହିତ ପ୍ରତ୍ୟହ ବସେ ଓ ମନଦେଇ ଗୀତ ଶୁଣେ ଏବଂ ବେଳେବେଳେ ଗୁଣୁଗୁଣୁ ଶବ୍ଦକରେ । ୧୯୩୫ ମସିହା ଡିସେମ୍ବର ମାସରେ କଟକସ୍ଥ ରାମଚନ୍ଦ୍ର ଭବନରେ ସଙ୍ଗୀତ ସମ୍ମିଳନୀ ବସିଥିଲା ଓ ଭାରତର ପ୍ରାୟ ସମସ୍ତ ବିଶିଷ୍ଟ ଅଞ୍ଚଳସମୂହରୁ – କଲିକତା, ଲକ୍ଷ୍ନୌ, କାନପୁର ଓ ଦକ୍ଷିଣାଞ୍ଚଳରୁ ମଧ୍ୟ ଅନେକ ସଙ୍ଗୀତ ବିଶାରଦ ବ୍ୟକ୍ତି ସମ୍ମିଳନୀରେ ଯୋଗଦେଇଥିଲେ । ଏଥିରେ ସଙ୍ଗୀତର ପ୍ରତିଯୋଗିତା ମଧ୍ୟ ହୋଇଥିଲା ଓ ତହିଁରେ କଟକର ଅନ୍ୟାନ୍ୟ ବାଳିକାମାନଙ୍କ ସହିତ ସୁଷମା, ସୁରମା ଓ ଉମା ଅଂଶଗ୍ରହଣ କରିଥିଲେ । ସମ୍ମିଳନୀ ତିନିଦିନ ପର୍ଯ୍ୟନ୍ତ ବସିଥିଲା । ତନ୍ମଧ୍ୟରୁ ଦିନକର ଘଟଣା – ସୁଷମା ପୂର୍ଣ୍ଣିମାକୁ ସମ୍ମିଳନୀ ମଣ୍ଡପରେ ନିଜ ଆଗରେ ବସାଇ ହାର୍‌ମୋନିୟମ୍‌ରେ ସ୍ୱର ଆରମ୍ଭ କରିଦେଲା । ତତ୍‌କ୍ଷଣାତ୍ ପୂର୍ଣ୍ଣିମା କିଶୋର ଚନ୍ଦ୍ରାନନ ଚମ୍ପୂର 'ନୂଆ ନଟ ପଟଳି ମୁକୁଟ ହେ, ନାହିଁକି ଶ୍ରୀଅଙ୍ଗେ ସୁଖ' ଗୀତଟି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ହାର୍‌ମୋନିୟମ୍ ସ୍ୱର ସହିତ ସମଗ୍ର ଚମ୍ପୂଟି ଗାଇପକାଇଲା । ଉପସ୍ଥିତ ସଙ୍ଗୀତଜ୍ଞମାନଙ୍କ ମଧ୍ୟରେ ଯେ ଯେଉଁ ଯନ୍ତ୍ର ଧରିଥିଲେ, କିଏ ବଂଶୀ, କିଏ ସୀତାର, କିଏ ଇସ୍ରାଜ – ନିଜ ନିଜ ଯନ୍ତ୍ରରେ ସ୍ୱରଦେଲେ ଓ ବିଶୁଦ୍ଧ ତାଳ ଲୟ ସହିତ ମଧୁର ଶିଶୁକଣ୍ଠରେ ଏପରି ଗାଇଲା ଯେ, ମୁଁ ନିଜେ ଆଶ୍ଚର୍ଯ୍ୟାନ୍ୱିତ ହୋଇପଡ଼ିଲି । ଏହା ପୂର୍ବେ ମୁଁ ଜାଣି ନଥିଲି ଯେ, ପୂର୍ଣ୍ଣିମା କେବେ ଗାଇଛି ଅଥବା ସୁଷମା କେତେବେଳେ ନିଜ

Digitized by srujanika@gmail.com

ଅବସରରେ ତାକୁ ଶିଖାଇଛି । ପାଟଣା ହାଇକୋର୍ଟର ପ୍ରଧାନ ବିଚାରପତି ସାର୍ କୋଟନି ଟେରେଲ୍ (Sir Courtney Terrel) ସେହିଦିନ ସମ୍ମିଳନୀରେ ସଭାପତିତ୍ୱ କରିଥିଲେ । ପୂର୍ଣ୍ଣିମା ଗାନାଟି ଶେଷକରିବା ମାତ୍ରକେ ସେ ସ୍ୱସ୍ଥାନରୁ ଉଠିଆସିଲେ ଓ ତାକୁ କୋଳରେ ଧରି ନାଚିବାକୁ ଲାଗିଲେ । ତାକୁ ଉଭୟ ବାହୁଦ୍ୱାରା ଊର୍ଦ୍ଧ୍ୱକୁ ଟେକି ଦର୍ଶକମଣ୍ଡଳୀଙ୍କୁ ଦେଖାଇ କହିଲେ, ‘‘ଦେଖନ୍ତୁ, ଏହି ପ୍ରକୃତିର ଶିଶୁକୁ; କିପରି ଭାବରେ ପ୍ରକୃତିଠାରୁ ଉଦ୍ଭୂତ ହୋଇ ପ୍ରକୃତି ସହିତ ମିଳିତ ହୋଇଯାଇଅଛି ।’’ ଦର୍ଶକଗଣ ତାହାର ଭୂରି ଭୂରି ପ୍ରଶଂସା କରିବାକୁ ଲାଗିଲେ ଓ କେହି କେହି ତାକୁ ପଦକରେ ଭୂଷିତ କଲେ । ତଦାନୀନ୍ତନ ସମ୍ବାଦପତ୍ରରେ ତାହାର ପ୍ରତିକୃତି ସହ ଏହି ବିଷୟ ପ୍ରଚାରିତ ହୋଇଥିଲା । ସେହିଦିନରୁ ସେ କ୍ରମାନ୍ୱୟରେ ସଙ୍ଗୀତ ଶିକ୍ଷା କରିବାକୁ ଲାଗିଲା । ତାହାର ବ୍ୟୁତ୍ପତ୍ତି ଦେଖି ମୁଁ ତନ୍ମୟ ହୋଇଥାଏ । କ୍ରମେ ଦେଖାଗଲା, ସେ କୌଣସି ଗୀତ ଥରେ ମାତ୍ର ଶୁଣିଲେ ବିଶୁଦ୍ଧ ତାଳଲୟ ସହିତ ତାହା ଆବୃତ୍ତି କରିପାରୁଥିଲା । ମନେ ହେଉଥିଲା, ଯେପରି ଏହା ତାହାର ନୈସର୍ଗିକ ପ୍ରତିଭା । ଭାବୁଥାଏ, ଭଗବାନଙ୍କ ପ୍ରଦତ୍ତ ଏହା କେଡ଼େ ପବିତ୍ର, କେଡ଼େ ମଧୁର, କେଡ଼େ ମଙ୍ଗଳମୟ ! ହାୟ ! କି ଦୂରଭିପ୍ରାୟରେ ସେ ତାଙ୍କ ଦାନକୁ ପ୍ରତ୍ୟାହରଣ କରିନେଇଗଲେ । ଆଜି ମୋର ସେହି ପୂର୍ଣ୍ଣିମା କାହିଁ ? ତାହାର ଜନ୍ମ ହୋଇଥିଲା ୧୯୩୨ ମସିହା ମେ ମାସରେ ବାଲେଶ୍ୱରରେ । ୧୯୪୫ ମସିହା ଅଗଷ୍ଟ ମାସ ୬ ତାରିଖ ଦିନ କଠିନ ଟାଇଫଏଡ୍ ରୋଗରେ ସମ୍ବଲପୁରରେ ତେରବର୍ଷ ବୟସରେ ତାହାର ପବିତ୍ରାତ୍ମା ପ୍ରକୃତିର ପବିତ୍ର କ୍ରୋଡ଼ରେ ଆଶ୍ରୟ ଗ୍ରହଣକଲା । ଆଜିସୁଦ୍ଧା ତାହାର ଶିଶୁକଣ୍ଠ ନିଃସୃତ ସଙ୍ଗୀତମୂର୍ଚ୍ଛନା ମୋର କର୍ଣ୍ଣ ଓ ହୃଦୟତନ୍ତ୍ରୀରେ ଝଙ୍କୃତ ହୋଇ ମୋତେ ବ୍ୟଥିତ କରି ସୁଦ୍ଧା ଭାବାବିଷ୍ଟ କରି କୌଣସି ଅଜଣା ରାଜ୍ୟରେ ତାହାର ସାନ୍ନିଧ ସଂଯୋଗ କରୁଅଛି ।

ଝିଅମାନଙ୍କ ପାଠ ଏପରି ସୁରୁଖୁରୁରେ ଚାଲିଥାଏ । ମୁଁ କେବେ ମନେକରି ନଥିଲି ଯେ ମୋ ଝିଅମାନେ ଆଧୁନିକ ଉଚ୍ଚଶିକ୍ଷା ପ୍ରାପ୍ତ ହେବେ । ଗୋଟିଏ ଝିଅର ଜନ୍ମହେବା ମାତ୍ରକେ ମୁଁ ତାହା ସକାଶେ ବର ଖୋଜିବାରେ ପ୍ରବୃତ୍ତ ହୁଏନ୍ତ କିନ୍ତୁ ବର୍ତ୍ତମାନ ଝିଅମାନଙ୍କ ବିଦ୍ୟାର୍ଜନରେ ମନୋନିବେଶ ଓ କୃତିତ୍ୱ ଦର୍ଶନକରି ଏମାନଙ୍କୁ ଉଚ୍ଚଶିକ୍ଷାରେ ଭୂଷିତ କରିବା ସକାଶେ ଯେଉଁ ପ୍ରେରଣା ପ୍ରାପ୍ତ ହେଲି, ତାହା ଆଜି ପର୍ଯ୍ୟନ୍ତ ମୋ ଜୀବନର ସମ୍ବଳ ହୋଇ ରହିଅଛି । ସେତେବେଳେ ଏମାନଙ୍କୁ ପଢ଼ାଇବା ଛଡ଼ା ଅନ୍ୟ କୌଣସି ଗୁରୁତର ଭାବ ମୋ ହୃଦୟରେ ସ୍ଥାନ ପାଉନଥିଲା । ମୋର ସହାଧ୍ୟାୟୀମାନଙ୍କ ମଧ୍ୟରୁ ଅନେକେ କଟକରେ ଉଚ୍ଚ ପଦରେ ପ୍ରତିଷ୍ଠିତ ହୋଇ ରହିଥିଲେ । ସେମାନେ ଓ ସେମାନଙ୍କଠାରୁ ଶୁଣି ଅନ୍ୟାନ୍ୟ ଭଦ୍ରବ୍ୟକ୍ତିଗଣ କେବେ କେବେ ମୁଁ ସେମାନଙ୍କ ମଧ୍ୟରେ ବସି ପଢ଼ାଉଥିବା ସମୟରେ ଦେଖିବାକୁ ଆସିଛନ୍ତି । ଓଡ଼ିଶା ଶିକ୍ଷା ବିଭାଗର ଡିରେକ୍ଟର ସ୍ୱର୍ଗତ ଶ୍ରୀ ଶ୍ୟାମଚନ୍ଦ୍ର ତ୍ରିପାଠୀ ଦିନେ ଏହିପରି ସମୟରେ ମୋ ବସାରେ ଉପସ୍ଥିତ ହେଲେ ଓ ମୋର ଅଧ୍ୟାପନା ପ୍ରଣାଳୀ ଦେଖି କେତେ ପ୍ରଶଂସା କରିବାକୁ ଲାଗିଲେ । ସେହି ସମୟରେ ସେ ସୁଷମାର ଓ ପୂର୍ଣ୍ଣିମାର

Digitized by srujanika@gmail.com

ହାର୍‌ମୋନିୟମ୍ ଯନ୍ତ୍ରମିଳିତ ଗାନ ଶୁଣି ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଥିଲେ । ମୁଁ ସମ୍ବଲପୁରରେ ୧୯୦୨ ରୁ ୧୯୦୪ ପର୍ଯ୍ୟନ୍ତ ଜିଲ୍ଲା ସ୍କୁଲର ଛାତ୍ର ଥିବା ସମୟରେ ବାଲେଶ୍ୱରବାସୀ ଶ୍ରୀ ଦାଶରଥୀ ପାଣିଗ୍ରାହୀ ଉକ୍ତ ସ୍କୁଲର ପ୍ରଧାନଶିକ୍ଷକ ଥିଲେ । ପରେ କଟକ ଟ୍ରେନିଂ କଲେଜରେ ଅଧ୍ୟକ୍ଷ ହୋଇ ସେହି ପଦରୁ ଅବସର ଗ୍ରହଣ କରି ୧୯୩୫ ମସିହାରେ ମୋ ବସାରୁ ଅଳ୍ପ ଦୂରରେ ଗୋଟିଏ ବସାରେ ରହୁଥିଲେ । ମୁଁ କଟକକୁ ଆସିବା ଦିନରୁ ପ୍ରତ୍ୟେହ ମୋ ବସାକୁ ଆସନ୍ତି ଓ ଝିଅମାନଙ୍କ ଗାନ ଆଗ୍ରହ ସହକାରେ ଶୁଣନ୍ତି ।

ସୁଷମା ୧୯୩୭ ମସିହାରେ ମେଟ୍ରିକ୍ୟୁଲେସନ୍ ପରୀକ୍ଷାରେ ପାସ୍ କଲା ଓ କଲେଜରେ ପଢ଼ିବା ସକାଶେ ଗୋଟିଏ ବୃତ୍ତି ପାଇଲା । କିନ୍ତୁ ତାହାକୁ ଆଉ ନ ପଢ଼ାଇ ତାହାର ବିବାହ କରିବା ସ୍ଥିରକଲି । ସେତେବେଳେ ତାହାର ବୟସ ପନ୍ଦର ବର୍ଷ । ପାତ୍ର ତାହାର ଦୁଇବର୍ଷ ବୟସରୁ ସ୍ଥିର ହୋଇ ରହିଛି, ତତ୍‌କାଳୀନ ପ୍ରଥାନୁସାରେ । ପାତ୍ରର ବୟସ ନିର୍ବନ୍ଧ ସମୟକୁ ମାତ୍ର ସାତବର୍ଷ । ୧୯୩୭ ମସିହାରେ ସେ ଆଇ.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ବାଲ୍ୟବିବାହ ପ୍ରଚଳିତ ଥିବା ସମୟରେ ମୋ ପ୍ରଥମ ତିନିଝିଅଙ୍କ ବିବାହ ସେମାନଙ୍କ ଆଠ ବର୍ଷରୁ ଦଶବର୍ଷ ବୟସ ମଧ୍ୟରେ ହୋଇଯାଇଥିଲା । ୧୯୨୯ ମସିହାରେ ବାଲ୍ୟବିବାହ ନିରୋଧ (ସାରଦା) ଆଇନ୍ ଜାରି ହେବା ପରେ ଆଉ ଝିଅମାନଙ୍କ ବିବାହ ସେହି ସମୟରେ ସମ୍ପାଦନ ନ କରି ଏହି ଆଇନ୍ ଅନୁସାରେ ଏମାନଙ୍କ ୧୪ ବର୍ଷ ବୟସ ପରେ କରିବା ସ୍ଥିରକରି ବିବାହ ପର୍ଯ୍ୟନ୍ତ ଏମାନଙ୍କୁ ପଢ଼ାଇବାକୁ ଲାଗିଲି । ସୁଷମା ମେଟ୍ରିକୁଲେଶନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ମାତ୍ରକେ ତାହାର ବିବାହ ସମ୍ପାଦନ ସକାଶେ ତାହାର ଭାବୀ ଶ୍ୱଶୁରଙ୍କଠାକୁ ପତ୍ର ଲେଖିଲି; କିନ୍ତୁ ତହିଁର ଉତ୍ତର ପାଇଲି ନାହିଁ । ତତ୍ପରେ ମୋର ଜଣେ ବନ୍ଧୁଙ୍କଠାରୁ ପତ୍ର ପାଇଲି ଯେ, ସେ ତାଙ୍କ ପୁତ୍ର ସକାଶେ ସମ୍ବଲପୁରରେ ଅନ୍ୟ ଏକ ପାତ୍ରୀ ମନୋନୀତ କରି ତାହାର ପିନ୍ଧାଣୀ (ନିର୍ବନ୍ଧ) ପର୍ଯ୍ୟନ୍ତ କରିପକାଇଅଛନ୍ତି । ଏହାଶୁଣି ମୋ ମୁଣ୍ଡରେ ବଜ୍ରପାତ ହେବା ତୁଲ୍ୟ ମୁଁ ଗଭୀର ମନୋବେଦନା ଅନୁଭବ କରିବାକୁ ଲାଗିଲି । ପ୍ରାପ୍ତବୟସ୍କା ଝିଅ ସକାଶେ ଆଉ ବର ପାଇବି କାହୁଁ ! ମୁଁ ସମ୍ବଲପୁରର ସ୍ଥାୟୀ ଅଧିବାସୀ ନୁହେଁ, ମୋର ସ୍ଥାୟୀ ଘର ଅନ୍ୟସ୍ଥାନରେ, ଘଟଣାଚକ୍ରରେ ମୁଁ ସମ୍ବଲପୁରରେ ରହି କେତେ ବନ୍ଧୁବାନ୍ଧବ କରିଅଛି । କିନ୍ତୁ ବରପ୍ରାପ୍ତି ତୁଲ୍ୟ କଠିନ କାର୍ଯ୍ୟରେ ମୋତେ ସାହାଯ୍ୟ କରିବା ସକାଶେ ସମ୍ବଲପୁରରେ ସେପରି କେହି ନାହାଁନ୍ତି । ସାଧାରଣତଃ ସମ୍ବଲପୁର ବରର ଏତେ ଅଭାବ । ସମ୍ବଲପୁରକୁ ଅବିଳମ୍ବରେ ଆସି ଭାବୀ ସମ୍ବନ୍ଧୀଙ୍କ ସହିତ ସାକ୍ଷାତ କଲି ଓ ତାଙ୍କ ନୂତନ ବନ୍ଦୋବସ୍ତ ପ୍ରତ୍ୟାହର କରିବାକୁ ତାଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣାମ ସହ ଅନୁରୋଧ କଲି । କିନ୍ତୁ ସେ କହିଲେ ଯେ, ଇଂରେଜୀ ପାଠପଢ଼ା ବୋହୂ ସେ ଚାହାଁନ୍ତି ନାହିଁ । ଏପରି ବୋହୂ ସମାଜକୁ ଛାରଖାର କରିଦେବେ, ଶାଶୁଶ୍ୱଶୁରଙ୍କୁ ମାନିବେ ନାହିଁ, ଫେଶନ କରିବେ । ସ୍ନୋ, ପାଉଡ଼ର, ସାବୁନ ମାଖିବେ, ଘରକରଣା କରିବେ ନାହିଁ ଇତ୍ୟାଦି ଅମୂଳକ ଓ ଅବାନ୍ତର କଥାମାନ କହି ମୁଁ ଯେତେ ଅନୁରୋଧ କଲି ତତ୍‌ପ୍ରତି

Digitized by srujanika@gmail.com

କର୍ଣ୍ଣପାତ ସୁଦ୍ଧା କରିବାକୁ ଅସମ୍ମତ ହେଲେ। ସମ୍ମୁଖଣୀ କବାଟ କଣରେ ଠିଆ ହୋଇ ସବୁ ଶୁଣୁଥିଲେ। ତାଙ୍କ ଆଡ଼କୁ କଣେଇ ଦେଖିଲି, 'ଜ୍ୱାଳାମୁଖୀ' ଆଖି ଦୁଇଟାରୁ ଯେମନ୍ତ ଅଗ୍ନିକଣା ନିର୍ଗତ ହେଉଅଛି। ମୋ ଝିଅକୁ ଇଂରେଜୀ ପଢ଼ାଇ ଥିବା ଦୋଷରେ କଠୋର ଭାଷାରେ ମୋତେ ଦୋଷୀ କରିବାକୁ ଲାଗିଲେ। ପୁଅଟି ସାନ ଭାଇର ପୁଅ, ପୋଷ୍ୟପୁତ୍ର କରିଥିଲେ। ଅଗତ୍ୟା ନିରାଶ ହୋଇ ମୋତେ ଫେରିବାକୁ ହେଲା।

ନୂତନ ପାତ୍ରୀ ସହିତ ପୁତ୍ରର ବିବାହ ତା.୨୫.୫.୩୭ ରେ ସମ୍ପନ୍ନ ହେବା ସ୍ଥିର ହେଲେ ମଧ୍ୟ ପୂର୍ବଦିନ ପ୍ରାଥମିକ କ୍ରିୟା ସମସ୍ତ ଶେଷ ହୋଇଥିଲା। ପରଦିନ କନ୍ୟା ବର ଅପେକ୍ଷାରେ ବସିଛି। ବର ଖୋଜା ହେଲାନ୍ତବର ସମ୍ବଲପୁରରୁ ଫେରାର। ପରେ ଜଣାଗଲା ଏହି ବିବାହକୁ ନାପସନ୍ଦ କରି ଲୁଚି ପଳାଇ ଯାଇଅଛନ୍ତି। ୨୫ ତାରିଖ ସନ୍ଧ୍ୟାରେ କଟକରେ ରହୁଥିବା ପୋଲିସ୍ ସୁପରିଟେଣ୍ଡେଣ୍ଟ (ସ୍ୱର୍ଗୀୟ) ରାୟ ବାହାଦୁର ମନବୋଧ ପଣ୍ଡା ମୋତେ ସମ୍ବାଦ ଦେଲେ ଯେ 'ବର' ତାଙ୍କ ବସାରେ ଆସି ଉପସ୍ଥିତ ହୋଇଅଛନ୍ତି। ପରଦିନ (୨୬ ତାରିଖ) ସକାଳେ ତାଙ୍କ ବସାକୁ ଯାଇ ତାଙ୍କୁ ଦେଖିଲି। ସେତିକିବେଳେ ବୁଝାଗଲା ଯେ ସମ୍ବଲପୁରବାସୀ ତାଙ୍କର ଜଣେ ଅଧ୍ୟାପକଙ୍କ ପରାମର୍ଶରେ ସେ ପଳାଇ ଆସିଥିଲେ। ସେ କହିଲେ ଯେ ବାଟରେ ଲରୀରେ ତାଙ୍କ ପରିଚିତ ଜଣେ ବ୍ୟକ୍ତି ତାଙ୍କୁ ଦେଖିଛନ୍ତି। ହୁଏତ ତାଙ୍କୁ ଧରିନେବା ପାଇଁ ତାଙ୍କ ପିତା ଅଥବା ତାଙ୍କ ପକ୍ଷରେ ଲୋକେ ଆସିବେ। କୌଣସି ନିରାପଦ ସ୍ଥାନରେ ଲୁଚି ରହିବା ପାଇଁ ବ୍ୟବସ୍ଥା କରିବାକୁ ସେ କହିଲେ। ଏପରି ଏକ ସ୍ଥାନରେ ତାଙ୍କୁ ସେହିବର୍ଷର ବିବାହ ଲଗ୍ନ ଶେଷ ହେବା ଯାଏ ଅର୍ଥାତ୍ ଆଷାଢ଼ ପର୍ଯ୍ୟନ୍ତ ଲୁଚାଇ ରଖାହେଲା। କହିବା ବାହୁଲ୍ୟ, ବିବାହ ବେଦୀରୁ ଫେରାର କରାଇବା ସଂକ୍ରାନ୍ତ ସମସ୍ତ କାର୍ଯ୍ୟ ପ୍ରୋକ୍ତ ଅଧ୍ୟାପକ ବନ୍ଧୁଙ୍କ ସହଯୋଗରେ ସମ୍ପନ୍ନ ହୋଇଥିଲା। ଜୁଲାଇ ମାସରେ 'ବର' ଗୁମ୍ଫାରୁ ବାହାରି ଘରକୁ ଗଲେ ଓ ସେଠାରୁ ଦେଖିଲି ଯେ ସୁଷମା ସହିତ ତାଙ୍କ ବିବାହ ବିଷୟ ସେ ବି.ଏ. ପାସ୍ କଲାପରେ ଅର୍ଥାତ୍ ଦୁଇବର୍ଷ ପରେ ସ୍ଥିର କରିବେ।

କିଛିଦିନ ପରେ ପୁଣି ଲେଖିଲେ ଯେ ସୁଷମା ତାଙ୍କ ବିବାହ ସମ୍ବନ୍ଧରେ ତାଙ୍କ ପିତାମାତାଙ୍କ ଆଉ ଆପତ୍ତି ବା ଅସମ୍ମତି ନାହିଁ। କିନ୍ତୁ ମୋ ମନରେ ଆଉ ପୂର୍ଣ୍ଣ ବିଶ୍ୱାସ ରହିଲା ନାହିଁ। ସୁଷମାକୁ କଲେଜରେ ପଢ଼ାଇବା ସ୍ଥିର କଲି। ମୋର ସହଧର୍ମିଣୀ ଏଥିରେ ପୂର୍ଣ୍ଣପ୍ରାଣରେ ମୋ ସହିତ ସହଯୋଗ କଲେ। କଟକ ମହିଳା କଲେଜରେ ଭର୍ତ୍ତି କରିବା ଯୋଗାଡ଼ କଲି। କିନ୍ତୁ ସୁଷମା ଆଇ.ଏ. ନ ପଢ଼ି ଆଇ.ଏସ୍.ସି. ପଢ଼ିବ ବୋଲି ଇଚ୍ଛାପ୍ରକାଶ କଲା। ମହିଳା କଲେଜରେ ଆଇ.ଏସ୍.ସି. ନାହିଁ, ଆଉ ଆଇ.ଏସ୍.ସି. ପଢ଼ିଲେ ରେଭେନ୍ସା କଲେଜରେ ପୁରୁଷ ପିଲାଙ୍କ ସହିତ ପଢ଼ିବାକୁ ହେବ। ଏହି ସହଶିକ୍ଷାର ପକ୍ଷପାତି ମୁଁ ନଥିଲି। କିନ୍ତୁ ସୁଷମା ଏକ୍ ଜିଦ୍ ଧରି ବସିଲା ଯେ ସେ ଆଇ.ଏସ୍.ସି. ପଢ଼ିବ ଓ ପରେ ଡାକ୍ତରୀ ପଢ଼ିବ। ମୁଁ ତାହାର ଏହି ମନୋଭାବର ଭୀଷଣ ପ୍ରତିରୋଧ କରିବାକୁ ଲାଗିଲି। କିନ୍ତୁ ଏଥିରେ ତାହାର ଜିଦ୍ ବୃଦ୍ଧି ହେବାକୁ ଲାଗିଲା। କ୍ରମେ କ୍ରମେ ପରିସ୍ଥିତି ଜଟିଳ

Digitized by srujanika@gmail.com

ହେବାକୁ ଲାଗିଲା । କିନ୍ତୁ ତାହାର ମା' ଏହି ଜଟିଳତାର ସମାଧାନ କଲେ । ସେତେବେଳେ ରେଭେନ୍‌ସା କଲେଜର ଆଇ.ଏସ୍‌ସି. କ୍ଲାସ୍‌ରେ ଜଣେ ସୁଦ୍ଧା ଛାତ୍ରୀ ନଥିଲେ । ସୁଷମା ଏକମାତ୍ର ଛାତ୍ରୀ ହୋଇ ରହିବ । ତାହା ସକାଶେ ଯତ୍‌ସାମାନ୍ୟ ହେଲେ ସୁଦ୍ଧା ସ୍ୱତନ୍ତ୍ର କିଛି ବନ୍ଦୋବସ୍ତ ହୋଇ ପାରିବ କି ନା ସନ୍ଦେହ ଥିଲା । ଦିନେ ମା' ଝିଅକୁ ନେଇ ମୋର ଅଜ୍ଞାତସାରରେ କଲେଜର ପ୍ରିନ୍‌ସିପାଲ୍ ସ୍ୱର୍ଗୀୟ ଶ୍ୟାମାଚନ୍ଦ୍ର ତ୍ରିପାଠୀଙ୍କ ବସାକୁ ଚାଲିଗଲେ ଓ ତାଙ୍କ ସହଧର୍ମିଣୀଙ୍କ ସହିତ ସାକ୍ଷାତ କରି ତାଙ୍କ ମଧ୍ୟସ୍ଥତାରେ ସୁଷମାର ତାଙ୍କ କଲେଜରେ ପଢ଼ିବା ସକାଶେ ସୁବନ୍ଦୋବସ୍ତ କରିବାକୁ ଅନୁରୋଧ କଲେ । ଫଳରେ ତ୍ରିପାଠୀ ମହାଶୟ ଯଥାସମ୍ଭବ ସମସ୍ତ ବ୍ୟବସ୍ଥା କରିଦେଲେ । ଯଥା ସମୟରେ ସୁଷମା ଆଇ.ଏସ୍‌ସି କ୍ଲାସରେ ଭର୍ତ୍ତିହେଲା । ମୋ ପୁତୁରା ବ୍ରଜବନ୍ଧୁ ସେହି ବର୍ଷ ମେଟ୍ରିକୁଲେଶନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲା । ତାକୁ ମଧ୍ୟ ଆଇ.ଏସ୍‌ସି.ରେ ଭର୍ତ୍ତି କରିଦେଲି । ଉଭୟେ ଏକତ୍ର ପଢ଼ିବାକୁ ଲାଗିଲେ । ସେହିବର୍ଷ 'ବର' ମଧ୍ୟ ବି.ଏ. କ୍ଲାସରେ ଭର୍ତ୍ତି ହୋଇଥିବା ଦେଖିଲି ।

୧୯୩୭ ମସିହା ନଭେମ୍ବର ମାସରେ ଭାରତବର୍ଷର ପ୍ରଥମ ସାଧାରଣ ନିର୍ବାଚନ ହେଲା । କଂଗ୍ରେସ ଦଳ ନିର୍ବାଚନରେ ଜୟଲାଭ କରି ମନ୍ତ୍ରୀମଣ୍ଡଳ ଗଠନ କରିବାକୁ ବସିଲେ । କିନ୍ତୁ ପ୍ରଥମରେ ନେତୃବର୍ଗଙ୍କ ମଧ୍ୟରେ ମତାନୈକ୍ୟ ପ୍ରଯୁକ୍ତ ପାରଳାଖେମୁଣ୍ଡି ମହାରାଜା, ମୌଲବି ଲତିଫର ରହମାନ୍ ଓ ଶ୍ରୀ ମାନଧାତା ଗୋରାଚାନ୍ଦ ପଟ୍ଟନାୟକଙ୍କୁ ନେଇ ଏକ ମିଳିତ ମନ୍ତ୍ରୀମଣ୍ଡଳ ଗଠିତ ହେଲା । ଏମାନେ ପୁଣି କେତେକ ମାସ ମାତ୍ର ରହି ପଦତ୍ୟାଗ କଲେ ଓ ଗଞ୍ଜାମରୁ ନିର୍ବାଚିତ ଶ୍ରୀ ବିଶ୍ୱନାଥ ଦାସ, କଟକରୁ ଶ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋ ଓ ସମ୍ବଲପୁରରୁ ଶ୍ରୀ ବୋଧରାମ ସାହୁ – ଏହି ତିନିଜଣ କଂଗ୍ରେସ ସଭ୍ୟଙ୍କୁ ନେଇ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠିତ ହେଲା । ଶ୍ରୀ ବିଶ୍ୱନାଥ ଦାସ ପ୍ରଧାନମନ୍ତ୍ରୀ ହେଲେ । ଏହିପ୍ରକାର ଭାରତବର୍ଷରେ ସଂସ୍କୃତ ଶାସନ ପ୍ରଣାଳୀ ପ୍ରତିଷ୍ଠିତ ହେଲା ଏବଂ ଭାରତବାସୀ ଅନ୍ତିମ ସ୍ୱାୟତ୍ତଶାସନରେ ଆଶାପୋଷଣ କରିବାକୁ ଲାଗିଲେ ।

ଏହା ହୋଇଥିଲେ ମଧ୍ୟ ଦେଶରେ ଇଂରେଜ ଶାସନର ପ୍ରଭାବ ଅକ୍ଷୁଣ୍ଣ ରହିଥିଲା । ପ୍ରତ୍ୟେକ ରାଜ୍ୟରେ ଇଂରେଜ କିମ୍ବା ଇଂରେଜ ନହେଲେ ଇଂରେଜ ଶାସନ ଛାଞ୍ଚରେ ଗଢ଼ା ଦେଶୀୟ ଗଭର୍ଣ୍ଣର ଓ ଉଚ୍ଚପଦସ୍ଥ କର୍ମଚାରୀମାନେ ରହିଲେ ଓ ପୂର୍ବପରି ଶାସନରେ ଅମଲାତନ୍ତ୍ର ପୂର୍ଣ୍ଣମାତ୍ରାରେ ପ୍ରତିଷ୍ଠିତ ହୋଇ ରହିଲା । ମନ୍ତ୍ରୀ, ବିଧାନସଭାର ସଦସ୍ୟ ଓ ଅନ୍ୟାନ୍ୟ କଂଗ୍ରେସପନ୍ଥୀ ବ୍ୟକ୍ତିମାନେ ସଭା କରି ଲୋକସାଧାରଣଙ୍କୁ ଦେଶବାସୀଙ୍କ ନୂତନ ଶାସନର କର୍ତ୍ତବ୍ୟ ସମ୍ବନ୍ଧରେ ଯେତେବେଳେ ବୁଝାଇବାକୁ ଯା'ନ୍ତି ସେହି ସଭାରେ ପୋଲିସ୍ ଓ ଜଣେ ମାଜିଷ୍ଟ୍ରେଟ୍ ସେମାନଙ୍କ ଭାଷଣର ସାରାଂଶ ଲେଖିଆଣିବା ସକାଶେ ପ୍ରେରିତ ହୁଅନ୍ତି ଓ ତାହା ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କଠାରେ ବିହିତ କାର୍ଯ୍ୟାନୁଷ୍ଠାନ ସକାଶେ ପେଶ୍ ହୁଏ । ମୁଁ ନିଜେ ଏପରି କେତେ ସଭାକୁ ପ୍ରେରିତ ହୋଇଥିଲି । ମନ୍ତ୍ରୀମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ କାର୍ଯ୍ୟତଃ ଗଭର୍ଣ୍ଣରଙ୍କ ବାଧା ନଥିଏ ।

Digitized by srujanika@gmail.com

ଏହି ସମୟରେ ଲୋକଙ୍କ ମଧ୍ୟରେ ଓଡ଼ିଶାର ପୁରପଲ୍ଲୀ ଏପରିକି ଚିରକାଳ ରାଜଭକ୍ତ ଗଡ଼ଜାତବାସୀଙ୍କ ହୃଦୟରେ ସୁଦ୍ଧା ଅପୂର୍ବ ଜାଗରଣ ଭାବ ଉଦ୍ଦୀପ୍ତ ହେବାକୁ ଲାଗିଲା । କଟକ, ପୁରୀ ଅଞ୍ଚଳସ୍ଥ ଗଡ଼ଜାତ ରାଜ୍ୟମାନଙ୍କରେ ଏହା ଏଡ଼େ ତୀବ୍ର ଭାବ ଧାରଣକଲା ଯେ, ଲୋକେ ପ୍ରକାଶ୍ୟ ଭାବରେ ରାଜାମାନଙ୍କ ଗାଦିତ୍ୟାଗ ଓ ପ୍ରଜାମାନଙ୍କ ସ୍ୱାୟତ୍ତଶାସନ ଦାବି କଲେ । ରାଜାମାନେ ଇଂରେଜ ସରକାରଙ୍କ ଶରଣ ଭିକ୍ଷା କଲେ । ଇଂରେଜ ସରକାରଙ୍କ ସାହାଯ୍ୟରେ ଦମନଲୀଳା ପ୍ରଚଣ୍ଡ ଭାବରେ ଅନୁଷ୍ଠିତ ହେଲା । ପ୍ରଥମରେ ପୁରୀ ନିକଟସ୍ଥ କ୍ଷୁଦ୍ର ରଣପୁର ରାଜ୍ୟରେ ଗଣ୍ଡଗୋଳ ସୃଷ୍ଟି ହେଲା । ପୋଲିଟିକାଲ୍ ଏଜେଣ୍ଟ ବେଜେଲ୍‌ଗେଟ୍ ସାହେବ ତାହାର ଦମନ ସକାଶେ ଆସିଲେ ଓ ପିସ୍ତଲ ଗୁଳିରେ ଜଣେ ଦୁଇଜଣ ରାଜ୍ୟଲୋକଙ୍କୁ ହତ୍ୟାକଲେ । ଏଥିରେ ଲୋକେ ଉତ୍ତ୍ୟକ୍ତ ହୋଇପଡ଼ିଲେ ଓ ବାଡ଼ିରେ ତାଙ୍କୁ ପିଟି ମାରିଦେଲେ । ତାହାଙ୍କ ଶବ କଟକକୁ ଆନୀତ ହେଲା ଓ ଶୋଭାଯାତ୍ରାରେ ଗୋରା ହାକିମମାନେ ନେଇ ତାଙ୍କୁ କବର ଦେଇଥିଲେ । ଏ ହତ୍ୟା ଅପରାଧରେ ଜଣ କେତେ ରଣପୁରବାସୀ ପ୍ରାଣଦଣ୍ଡରେ ଦଣ୍ଡିତ ହୋଇଥିଲେ ।

ଏହି ସମୟରେ ଢ଼େଙ୍କାନାଳରେ ମଧ୍ୟ ଭୀଷଣ ଗଣ୍ଡଗୋଳ ଆରମ୍ଭ ହୋଇଥିଲା । ନାନା କାରଣରୁ ରାଜାଙ୍କ ବିରୁଦ୍ଧରେ ପ୍ରଜାଙ୍କ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା । ଗଣ୍ଡଗୋଳ ଦମନ ପାଇଁ ରାଜ୍ୟର ପୋଲିସ ସହିତ ଇଂରେଜ ସରକାରଙ୍କ ପ୍ରେରିତ ଫୌଜ ଗ୍ରାମେ ଗ୍ରାମେ ବ୍ୟାପ୍ତ ହୋଇଗଲେ । ଢେଙ୍କାନାଳର ବ୍ରାହ୍ମଣୀନଦୀ କୂଳରେ ଭୁବନ ଏକ ବଡ଼ ଗ୍ରାମ । ସେହି ସମୟରେ ଶୁଣାଯାଇଥିଲା ଯେ ଦିନେ ସେହି ଅଞ୍ଚଳରେ ବୁଲୁଥିବା ଦଳେ ସୈନ୍ୟ ଭୁବନରେ ଉପସ୍ଥିତ ହେଲେ ଏବଂ ନଦୀ ଘାଟରେ ବନ୍ଧା ହୋଇଥିବା ନୌକାରେ ନଦୀ ପାରିହେବା ସକାଶେ ମାଝିମାନଙ୍କୁ ଡାକିଆଣିବା ପାଇଁ ସେଠାରେ ଉପସ୍ଥିତ ଥିବା ବାଜି ରାଉତ ନାମକ ଏକ ବାଳକକୁ କହିଲେ । ଅଳ୍ପବୟସ୍କ ବାଳକ ବାଜି ରାଉତର ପ୍ରାଣରେ ସୁଦ୍ଧା ଜାଗରଣ ଭାବ ଉଦ୍ରେକ ହୋଇଥିଲା । ସିପାହୀମାନଙ୍କ ଅତ୍ୟାଚାର ବିଷୟ ସେ ଶୁଣିଥିଲା । ସିପାହୀମାନଙ୍କ ବାରମ୍ବାର ନିର୍ଦ୍ଦେଶ ପ୍ରତି ଭ୍ରୂକ୍ଷେପ ନ କରି ସେ ନଦୀ ପାରି ହେବାରେ ସେମାନଙ୍କୁ ସାହାଯ୍ୟ କରିବ ନାହିଁ କିମ୍ବା ମାଝିମାନଙ୍କୁ ଡାକି ଆଣିବ ନାହିଁ ବୋଲି ସେମାନଙ୍କୁ କହିଲା । ସିପାହୀମାନେ ତତ୍‌କ୍ଷଣାତ୍ ତାହା ଉପରେ ଗୁଳି ବର୍ଷଣକରି ମାରି ପକାଇଲେ । ମୁହୂର୍ତ୍ତକ ମଧ୍ୟରେ ଗ୍ରାମରେ ଏହି ଦୁର୍ଘଟଣା ପ୍ରଚାରିତ ହୋଇଗଲା ଓ ଉତ୍ତ୍ୟକ୍ତ ଗ୍ରାମବାସୀମାନେ ଆସି ନଦୀକୂଳରେ ଉପସ୍ଥିତ ହେବା ମାତ୍ରକେ ସିପାହୀମାନେ ସେମାନଙ୍କ ପ୍ରତି ଗୁଳି ଚଳାଇଲେ । ଏଥିରେ ଚାରିପାଞ୍ଚଜଣ ନିହତ ଓ ଅନେକ ଆହତ ହେଲେ । ବାଜି ରାଉତ ଓ ଅନ୍ୟ ନିହତ ବ୍ୟକ୍ତିଙ୍କ ଶବ କଟକକୁ ଅଣା ହୋଇଥିଲା ଓ ବିରାଟ ଶୋଭାଯାତ୍ରାରେ ଅନ୍ତିମ ସଂସ୍କାର କରାହୋଇଥିଲା । ଅନ୍ୟ ଗଡ଼ଜାତ ରାଜ୍ୟମାନଙ୍କରେ ସୁଦ୍ଧା ଊଣା ଅଧିକ ଏହି ପ୍ରକାର ଗଣ୍ଡଗୋଳ ଚାଲିଥିଲା କିନ୍ତୁ ଇଂରେଜ ସରକାରଙ୍କ

Digitized by srujanika@gmail.com

ବାହୁଛାୟାରେ ରହି ରାଜାମାନଙ୍କୁ ତାହା ଦମନ କରିବାରେ ଅଧିକ ବିଳମ୍ବ ହେଲା ନାହିଁ। ଏହାଦ୍ୱାରା ରାଜାମାନେ ନିଜ ନିଜ ରାଜ୍ୟରେ ପ୍ରଜାପ୍ରିୟତା ହରାଇ ବସିଲେ ଏବଂ ପରିଶେଷରେ ଏହାରି ଫଳ ସ୍ୱରୂପ ସେମାନଙ୍କୁ ରାଜ୍ୟ ତ୍ୟାଗ କରିବାକୁ ହେଲା।

କଂଗ୍ରେସ ଦେଶର ଶାସନ ଭାର ଗ୍ରହଣ କରିବା ଉତ୍ତାରେ କଂଗ୍ରେସପନ୍ଥୀମାନେ ସେମାନଙ୍କ କାର୍ଯ୍ୟକଳାପ କି ପ୍ରକାର ନିୟନ୍ତ୍ରଣ କରିଥିଲେ, କଟକ ଜିଲ୍ଲାରେ ସଂଘଟିତ କେତେକ ଘଟଣାରୁ ତାହା ଜଣାଯାଇଥିଲା। ମଫସଲରେ ବୁଲୁଥିବା କଂଗ୍ରେସ ନେତାମାନେ ଜିଲ୍ଲାକୁ ଖଣ୍ଡ ଖଣ୍ଡ କରି ବିଭକ୍ତ କରିପକାଇଲେ ଏବଂ କେତେକ ମୌଜାକୁ ନେଇ ଗୋଟିଏ ଗୋଟିଏ ଚକ ଗଠନ କରି ସେଠାରେ ସେମାନଙ୍କ ନେତୃତ୍ୱ ଜାରିକଲେ। ସେହି ଚକର ଯାବତୀୟ ଘଟଣାର ନିୟନ୍ତ୍ରଣ ଭାର ନିଜ ହସ୍ତରେ ଗ୍ରହଣ କଲେ। ସ୍ଥାନେ ସ୍ଥାନେ ସେମାନଙ୍କ ପ୍ରଭାବ ଆପତ୍ତିଜନକ ଭାବରେ ଜାରି ହେଉଥିବା ଅଭିଯୋଗମାନ ବିଚାରାଳୟ ପର୍ଯ୍ୟନ୍ତ ଆସିଲା। ଏହି ସମୟରେ ଦୁଇଗୋଟି ମୋକଦ୍ଦମାର ବିଚାର ମୋ'ଠାକୁ ଆସିଥିଲା। ଗୋଟିକରେ ଅଭିଯୋଗ ହୋଇଥିଲା ଯେ ତେନ୍ତୁଳିପଦ ଗ୍ରାମର ଜମିଦାରଙ୍କୁ ସେହି ଅଞ୍ଚଳର କଂଗ୍ରେସ ନେତାମାନେ ତାଙ୍କର ଜଣେ ହରିଜନ ଭାଇଙ୍କ ଘରେ ଅନୁଷ୍ଠିତ ହେଉଥିବା ବିବାହ ଉପଲକ୍ଷରେ ଆବଶ୍ୟକୀୟ ଜାଳେଣିକାଠ ସକାଶେ ତାଙ୍କ ଆମ୍ବତୋଟାର ଗୋଟିଏ ଆମ୍ବଗଛ ମାଗିଲେ। ଯେଉଁ ଗଛଟି ଦେଖାଇଲେ ତାହା ସାଧାରଣ ଗଛ ନୁହେଁ। ଅତି ବୃହତ୍, ବଡ଼ ବଡ଼ ମିଠା ଫଳ ତହିଁରେ ଫଳେ। ଜମିଦାର ଅନ୍ୟ ଗଛ ଯାଚିଲେ। କିନ୍ତୁ କଂଗ୍ରେସ ନେତାମାନେ ସେହି ଗଛଟି ଦାବି କଲେ। ଇଂରେଜ ଅମଳରେ ଜମିଦାରମାନେ କଂଗ୍ରେସ ନୀତିର ପ୍ରତିରୋଧ କରିଥିଲେ। ବର୍ତ୍ତମାନ ସେମାନଙ୍କ ପ୍ରତି ଦାଉ ସାଧିବା ସୁଯୋଗ ଉପସ୍ଥିତ। ତେଣୁ ନାନାପ୍ରକାର ଅଯୌକ୍ତିକ ଦାବି ତାଙ୍କଠାରୁ ଆଦାୟ କରିବାକୁ ବସିଅଛନ୍ତି ବୋଲି ଅଭିଯୋଗ ହେଲା ଓ ଜମିଦାରମାନେ ଏହାର ପ୍ରତିରୋଧ କରିବାକୁ ଲାଗିଲେ। ଜମିଦାର ସେହି ଗଛ ଦେବେନାହିଁ ବୋଲି କହିଦେଲେ। ଏହା ଫଳରେ ତାଙ୍କପ୍ରତି ଆରମ୍ଭ ହେଲା ଜୁଲମ୍। ତାଙ୍କୁ ବର୍ଜନ କରିବାକୁ ତାଙ୍କ ଚାକର, ମୂଲିଆମାନଙ୍କୁ ଏମାନେ ଶିଖାଇଲେ ଏବଂ ଭୟରେ ସେମାନଙ୍କ ନିର୍ଦ୍ଦେଶ କେତେକ ମୂଲିଆ ପାଳନ କଲେ। ଜଣେ କଣ୍ଡରା ଚାକର କିନ୍ତୁ ସେମାନଙ୍କ କଥା ଶୁଣିଲା ନାହିଁ ଏବଂ ନିୟମିତରୂପେ ତାଙ୍କ ଘରକୁ କାମ କରିବାକୁ ଗଲା। ଦିନେ ସକାଳେ ସେ ତାଙ୍କ ଘରକୁ କାମ କରିବାକୁ ଯାଉଥିବା ସମୟରେ ପାଞ୍ଚଜଣ କଂଗ୍ରେସପନ୍ଥୀ ତାହାର ବାଟ ଓଗାଳିଲେ ଓ କହିଲେ, "ଜମିଦାରଙ୍କ ସମସ୍ତ ଚାକର ଆମ୍ଭମାନଙ୍କ କଥା ଶୁଣିଲେ, ତୁ ଶୁଣୁନାହୁଁ। ଆଜି ତୋତେ ଆମ୍ଭେମାନେ ଯିବାକୁ ଦେବୁନାହିଁ।" କଣ୍ଡରା କହିଲା, "ଦେଖନ୍ତୁ ବାବୁମାନେ, ମୁଁ ଗରିବ ଲୋକ। ତିନିପୁରୁଷ ହେଲା ଆମ୍ଭେମାନେ ସାଆନ୍ତଙ୍କ ଘରେ ଚାକିରି କରି ପେଟ ପୋଷୁଛୁ। ପ୍ରତିଦିନ ଦୁଇସେର ଚାଉଳ ନେଲେ ମୋ ପିଲାମାନେ ତୋରାଣି ମୁନ୍ଦେ ପାଇବେ । ତାଙ୍କ କାମ ଛାଡ଼ିଦେଲେ

Digitized by srujanika@gmail.com

ଆପଣମାନେ କ'ଣ ମୋ ପିଲାଙ୍କୁ ପୋଷିବେ ?'' ସେମାନେ କହିଲେ, ''ଆମ୍ଭେମାନେ ଏକଥା ଶୁଣିବୁନାହିଁ ତୁ ଯଦି ଫେରି ନ ଯାଉ ତୋ କଥା ବୁଝିବୁ। ସେ ସେମାନଙ୍କ କଥା ଶୁଣିଲା ନାହିଁ ଓ ନିଜ ପଥରେ ଅଗ୍ରସର ହେବାକୁ ଲାଗିଲା। ତତ୍‌ପରେ କଂଗ୍ରେସପନ୍ଥୀମାନେ ମହାତ୍ମା ଗାନ୍ଧୀଙ୍କ ପ୍ରଦର୍ଶିତ ଅହିଂସା ନୀତି ବର୍ଜନକରି ତାହା ପ୍ରତି ପ୍ରହାର ଆରମ୍ଭ କଲେ। ସେ ଦୌଡ଼ି ପଳାଇବାକୁ ଲାଗିଲା। ତା'ପଛରେ ସେମାନେ ତାହାର ଘର ପର୍ଯ୍ୟନ୍ତ ଗୋଡ଼ାଇଲେ। କଣ୍ଡରା ଘର ଭିତରକୁ ପଶିଗଲା, ଦାଣ୍ଡଦୁଆର ତାଟି ଖଣ୍ଡିକୁ ପେଲିଦେଇ ତାହାର ଛୋଟୀ ଭଉଣୀଟି ସେମାନଙ୍କ ପଥରୋଧ କଲା। ସେମାନେ ତାହାକୁ ସୁଦ୍ଧା ନିଷ୍ଠୁର ଭାବରେ ପ୍ରହାର କଲେ ଓ ଘରକୁ ପଶି ତାହା ଘରେ ଥିବା ସମସ୍ତଙ୍କ ପ୍ରତି ଅତ୍ୟାଚାର ଆରମ୍ଭ କରିଦେଲେ। ଗ୍ରାମରେ ଏହି କଥା ଜାରି ହୋଇଗଲା ଓ ଲୋକମାନେ ଆସିଲାରୁ ସେମାନେ ପଳାଇଗଲେ। ଏହି ଘଟଣା ପୋଲିସରେ ପହଞ୍ଚିବାରେ ବିଳମ୍ବ ହେଲାନାହିଁ। ପୋଲିସ୍ ଏମାନଙ୍କୁ ଚାଲାଣ ଦେଲା ଓ ଏମାନେ ବିଚାର ସକାଶେ ମୋ ଅଦାଲତରେ ଉପସ୍ଥିତ ହେଲେ।

ଆଉ ଏକ ଘଟଣା – ଭଗବାନ ରାୟଗୁରୁ ନାମକ ଜଣେ ବୃଦ୍ଧ ବ୍ରାହ୍ମଣ। ଛୋଟ ମହାଜନଟିଏ। ଜଣେ ହ୍ୟାଣ୍ଡ୍‌ନୋଟ୍ ଲେଖିନେଇ ତାଙ୍କଠାରୁ ତିନିଶତ ଟଙ୍କା ଋଣ ନେଇଥିଲା। ଏହି କଂଗ୍ରେସ ନେତୃବୃନ୍ଦ ରାୟଗୁରୁଙ୍କୁ ତାଙ୍କ ଦାବି ଛାଡ଼ିଦେଇ ତାକୁ ଋଣମୁକ୍ତ କରିବାକୁ କହିଲେ। କିନ୍ତୁ ରାୟଗୁରୁ ଏଥିରେ ରାଜି ହେଲେ ନାହିଁ। ତାଙ୍କୁ ତାଙ୍କ ସଭାକୁ ଡକାଇନେଇ ପ୍ରହାର କଲେ ଓ ବଳାତ୍କାର ପୂର୍ବକ ଖଣ୍ଡେ ସାଦା କାଗଜରେ ତାଙ୍କ ଟିପଚିହ୍ନ ନେଲେ। ଏହି ଅଭିଯୋଗରେ ମୋକଦ୍ଦମା ଦାଏର ହେଲା। ଆସାମୀମାନେ ମୋ ଅଦାଲତରେ ଉପସ୍ଥିତ ହେଲାରୁ ରାୟଗୁରୁ ପ୍ରଥମରେ କହିଲେ, ''ହଜୁର! ମୋ ଉପରେ ଯେଉଁ ପାଣ୍ଡବସୃଷ୍ଟି ହେଲା, କ'ଣ କହିବି ?'' 'ପାଣ୍ଡବସୃଷ୍ଟି' କ'ଣ ବୋଲି ପଚାରିଲି। ରାୟଗୁରୁ ବ୍ୟାଖ୍ୟାକରି କହିଲେ, ''କଂଗ୍ରେସବାଲାଙ୍କ ଗୁପ୍ତ କାର୍ଯ୍ୟସିଦ୍ଧି ସମ୍ବନ୍ଧରେ ନୂତନ ସୃଷ୍ଟ କେତେକ ଶବ୍ଦ ମଧ୍ୟରେ 'ପାଣ୍ଡବସୃଷ୍ଟି' ଗୋଟିଏ। 'ପାଣ୍ଡବସୃଷ୍ଟି' ଅର୍ଥ, ପଞ୍ଚପାଣ୍ଡବ ତୁଲ୍ୟ ପଞ୍ଚାଙ୍ଗୁଳି ବିଶିଷ୍ଟ ବିଧାମାଡ଼।''

ଏହି ଦୁଇ ମୋକଦ୍ଦମା ଉଠାଇ ଦେବା ସକାଶେ ପ୍ରଧାନ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଠାକୁ ଲେଖିଲେ। ଜିଲ୍ଲା ମାଜିଷ୍ଟ୍ରେଟ୍ ମୋତେ ଡକାଇଲେ ଓ ପ୍ରଧାନମନ୍ତ୍ରୀଙ୍କ ଲେଖା ଖଣ୍ଡିକ ଦେଖାଇ ମୋକଦ୍ଦମାଦ୍ୱୟ ଉଠାଇ ଦେବା ସକାଶେ ଅନୁମତି ଦେବାପାଇଁ କହିଲେ। ମୁଁ ଏହି ପ୍ରସ୍ତାବ ଗ୍ରହଣ କରିବାକୁ ରାଜିହେଲି ନାହିଁ। କଣ୍ଡରାର ଦେହଯାକ କ୍ଷତବିକ୍ଷତ ହୋଇଯାଇଅଛି। ବିଶେଷତଃ ତାହାର ଛୋଟ ଭଉଣୀର ପିଠି ଫାଟିଯାଇଅଛି। ମୁଁ କହିଲି, ''ମୋକଦ୍ଦମା ଉଠାଇ ଦେବାର କୌଣସି କାରଣ ନାହିଁ। ଡାକ୍ତର ସାର୍ଟିଫିକେଟ୍‌ରୁ ଜଣାଯାଉଅଛି ଯେ ଏହି କ୍ଷତ ସବୁ ମାଡ଼ ଯୋଗୁଁ ହୋଇଅଛି। ଆସାମୀମାନଙ୍କ ବିରୁଦ୍ଧରେ

Digitized by srujanika@gmail.com

ପ୍ରମାଣ ନ ହେଲେ କିମ୍ବା ନିଜେ ପ୍ରମାଣ ଦେଇ ସେମାନଙ୍କ ନିର୍ଦ୍ଦୋଷିତା ସାବ୍ୟସ୍ତ କଲେ ଖଲାସ ହେବେ। ସରକାର ପକ୍ଷରୁ ମୋକଦ୍ଦମା ଉଠାଇ ନେବାର କାରଣ କ'ଣ ?'' ଜିଲ୍ଲା ମାଜିଷ୍ଟ୍ରେଟ୍ କହିଲେ, ''ପ୍ରଧାନମନ୍ତ୍ରୀଙ୍କ ମାନ ରକ୍ଷା କରିବା ଉଚିତ। ତାହା ନ କଲେ ହୁଏତ ପରେ ଆପଣଙ୍କ ପ୍ରତି ବିପଦ ହୋଇପାରେ। ଆପଣ ବୁଝି ସୁଝି କାମ କରନ୍ତୁ।'' ଏପରି କେତେ ବନ୍ଧୁ ଭାବରେ ମୋତେ ଉପଦେଶ ଦେଲେ। ଏହି ପ୍ରସଙ୍ଗରେ କେତେ ଭାବ ମୋ ମନ ମଧ୍ୟରେ ଖେଳିଗଲା। ମନେ ମନେ ଭାବିଲି, କେତେ ଲୋକ ମୋକଦ୍ଦମାରେ ଲିପ୍ତ ହେଉଅଛନ୍ତି। ଆଜି କେତେ ଆସାମୀ ଭିନ୍ନ ଭିନ୍ନ ଅଦାଲତରେ ଉପସ୍ଥିତ ହୋଇଅଛନ୍ତି। ମନ୍ତ୍ରୀମାନେ ସମସ୍ତଙ୍କ କଥା କେବେହେଲେ ଭାବୁଛନ୍ତି କି ? ଏହି ଆସାମୀମାନେ ତାଙ୍କ ଦଳର କଂଗ୍ରେସପନ୍ଥୀ ବୋଲି ସିନା ଏମାନଙ୍କ ପ୍ରତି ମନ୍ତ୍ରୀଙ୍କ ଏହି ସଦାଶୟତା ! କିନ୍ତୁ ଏମାନେ ବୁଝୁନାହାଁନ୍ତି ଯେ ଏଥିରେ ଏମାନଙ୍କର କେଡ଼େ ବଦନାମ ହେବ। ଇଂରେଜମାନେ ଦେଶରୁ ଯାଇନାହାଁନ୍ତି। ମନ୍ତ୍ରୀମାନଙ୍କ କାର୍ଯ୍ୟକଳାପ ଆମ୍ଭମାନଙ୍କ ସ୍ୱାଧୀନତା ପ୍ରାପ୍ତି ସକାଶେ ଯୋଗ୍ୟତା ସମ୍ବନ୍ଧରେ ବିବେଚିତ ହେବ। ଏହି ପ୍ରକାର ଘଟଣା ଯୋଗୁଁ ଆମ୍ଭେମାନେ ଯେ ସ୍ୱାଧୀନତା ପ୍ରାପ୍ତିର ସମ୍ପୂର୍ଣ୍ଣ ଅଯୋଗ୍ୟ – ଏହା ସେମାନେ ପ୍ରମାଣ ସ୍ୱରୂପ ଗ୍ରହଣ କରିନେବେ। ପୁଣି ନ୍ୟାୟ ବିଚାରରେ ଏହା ଅନ୍ତରାୟ। ମୁଁ ଏହାକୁ ଗ୍ରହଣ କରିପାରିବି ନାହିଁ, ଯାହାହେଉ ପଛକେ ମୋକଦ୍ଦମା ଉଠାଇ ନେବିନାହିଁ। ମୋ ମତ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ଜଣାଇଦେଇ ତାଙ୍କଠାରୁ ଚାଲିଆସିଲି। (ସ୍ୱର୍ଗତ) ଶ୍ରୀ ଗୋପବନ୍ଧୁ ଚୌଧୁରୀ ଓ ଆଉ ଦୁଇତିନିଜଣ କଂଗ୍ରେସନେତା ମୋ ପଛେ ପଛେ ଆସିଲେ ଓ ମୋକଦ୍ଦମାର ମୀମାଂସା ଯେପରି ହୋଇପାରିବ, ତାହା କରିଦେବା ସକାଶେ ମୋତେ ବିଶେଷ ଭାବରେ ଅନୁରୋଧ କଲେ। ମୁଁ ଅନେକ ଭାବି ଗୋପବନ୍ଧୁ ବାବୁଙ୍କୁ କହିଲି ''ଦେଖନ୍ତୁ, ଆପଣମାନେ ଯଦି ଆପୋଷ ମୀମାଂସା ଚାହାଁନ୍ତି, ତାହାହେଲେ ମୁଦେଇମାନଙ୍କୁ କିଛି ଟଙ୍କା ଦେଇ ସନ୍ତୁଷ୍ଟ କରାନ୍ତୁ, ଆଉ ଆସାମୀମାନେ ଆଉ ଏପରି କେବେ କରିବେ ନାହିଁ ବୋଲି ଲେଖିଦେଇ ସେମାନଙ୍କ ଠାରେ କ୍ଷମାଭିକ୍ଷା କରନ୍ତୁ ଏବଂ ତାହାହେଲେ ସେମାନେ ମୋକଦ୍ଦମା ଚଳାଇବେ ନାହିଁ ବୋଲି ଦରଖାସ୍ତ ଦେଲେ ଆପଣମାନଙ୍କ ଅଭିପ୍ରାୟ ହାସଲ ହୋଇଯିବ।'' ଏଥିରେ ଗୋପବନ୍ଧୁ ବାବୁ ରାଜିହେଲେନ୍ତକ୍ଷମାପ୍ରାର୍ଥନା କାଗଜ ଖଣ୍ଡେ ଥୁଆହେଲା। ଆସାମୀମାନଙ୍କ ମୋକ୍ତାର ଶ୍ରୀ ବ୍ରଜବନ୍ଧୁ ମିଶ୍ର ଆସି ମୋତେ କହିଲେ, ''ସମସ୍ତ ଆସାମୀ ସ୍ୱାକ୍ଷର କଲେନ୍ତ କିନ୍ତୁ ଅମୁକ (ନାମ କହି) ଆସାମୀଟି ସ୍ୱାକ୍ଷର କରିବାକୁ ରାଜି ହେଉନାହଁ।'' ତାଙ୍କୁ ମୋ ସମ୍ମୁଖକୁ ଡାକିବାକୁ କହିଲି। ସେ ଉପସ୍ଥିତ ହେଲେ। ତାଙ୍କୁ ପଚାରିଲି, ''ତୁମେ କାହିଁକି ସ୍ୱାକ୍ଷର କରୁନାହିଁ ?'' କଂଗ୍ରେସବାଲାଙ୍କ ଅନେକ ସଭାକୁ ଯାଇ ଗୋଟା କେତେ ବନ୍ଧା ବଡ଼ ବଡ଼ ଶବ୍ଦ ନିରକ୍ଷରଙ୍କ ମୁଖରୁ ସୁଦ୍ଧା ଶୁଣିବାରେ ମୁଁ ଅଭ୍ୟସ୍ତ ହୋଇଯାଇଥିଲି – ଯଥା : ବାତାବରଣ, ପରିସ୍ଥିତି, ବିପ୍ଳବାତ୍ମକ, ଆଉ କେତେ। ଉପସ୍ଥିତ ଆସାମୀ ଯେଉଁ

Digitized by srujanika@gmail.com

ଭାଷାରେ ମୋ ପ୍ରଶ୍ନର ଉତ୍ତରଦେଲେ, ତହିଁରେ ମୁଁ ଆଦୌ ବିସ୍ମିତ ହେଲି ନାହିଁ। ସେ କହିଲେ, ''ନା ଆଜ୍ଞା, ଆମ୍ଭେ ଏଥିରେ କଦାପି ସମ୍ମତ ହୋଇପାରିବୁ ନାହିଁ।'' କୌତୁକାବିଷ୍ଟ ହୋଇ ମୁଁ ତଦନୁରୂପ ଭାଷାରେ ପୁଣି ତାଙ୍କୁ ପ୍ରଶ୍ନ କଲି, ''କି ପାଇଁ ସମ୍ମତ ହେବେ ନାହିଁ।'' ସେ କହିଲେ, ''ବୁଝୁ ନାହାଁନ୍ତି, ଏଥିରେ ଆମ୍ଭର ଆତ୍ମସମ୍ମାନରେ ବ୍ୟାଘାତ ଜାତ ହେବ।'' ଓକିଲ ମୋକ୍ତାର ଜଣ କେତେ ବସିଥିଲେ। ଲକ୍ଷ୍ୟକଲି ସେମାନଙ୍କ ଅଧରରେ ମୃଦୁହାସ୍ୟ। ପୁଣି କହିଲି, ''ଆତ୍ମସମ୍ମାନ! ଆପଣଙ୍କର ଆତ୍ମସମ୍ମାନର ବିଦ୍ୟମାନତା ସମ୍ବନ୍ଧରେ ଆମ୍ଭେ ଘୋର ସନ୍ଦିହାନ। ତିଳେମାତ୍ର ଆପଣଙ୍କ ଆତ୍ମସମ୍ମାନ ଥିଲେ ଏହି ରମଣୀର ପୃଷ୍ଠ ଦେଶରେ ନିଷ୍ଠୁରଭାବରେ ପ୍ରହାର କରିନଥାନ୍ତେ। ଏହା କି ଆପଣଙ୍କ ଚିରାଚରିତ ଅହିଂସା ବ୍ରତପାଳନର ପରିଚାୟକ ?'' ଏହା ଉତ୍ତରରେ ପୁଣି ସେ କହିଲେ, ''ଯାହାହେଉ ପଛକେ, ଆମ୍ଭେ ଏଥିରେ ସମ୍ମତ ନୋହୁଁ। ଆପଣଙ୍କ ଯାହା ଇଚ୍ଛା କରିପାରନ୍ତି। ଆମ୍ଭର କହିବାର ଆଉ କିଛି ନାହିଁ।'' କଟକରେ ମୋ ପ୍ରତି ସମସ୍ତ ଓକିଲ ମୋକ୍ତାର ଅତ୍ୟନ୍ତ ସଦୟ ଓ ସମସ୍ତେ ବନ୍ଧୁତୁଲ୍ୟ ବ୍ୟବହାର କରନ୍ତି। ଏହି ବିଶ୍ୱାସପ୍ରଣୋଦିତ ହୋଇ ମୁଁ କୃତ୍ରିମ ପ୍ରଗଲ୍‌ଭତା ଅବଲମ୍ବନ ପୂର୍ବକ କହିଲି, ''ଦେଖନ୍ତୁ, ଆପଣଙ୍କ ପ୍ରତି ଆମ୍ଭର ଏହି ସତ୍‌ପରାମର୍ଶ – ଆଶାକରୁ ଆପଣ ତାହା ଗ୍ରହଣ କରିବେ। ଯାଆନ୍ତୁ ଦ୍ୱିଧା ତ୍ୟାଗପୂର୍ବକ ସେହି ରମଣୀର ଚରଣ ତଳରେ ସାଷ୍ଟାଙ୍ଗ ପ୍ରଣିପାତ ପୁରଃସର କ୍ଷମାଭିକ୍ଷା କରନ୍ତୁ। ନଚେତ୍ ବିଚାରରେ ଆପଣ ଦୋଷୀ ସାବ୍ୟସ୍ତ ହେଲେ ଆପଣଙ୍କ ପ୍ରତି କି ଦଣ୍ଡର ବ୍ୟବସ୍ଥା କରିବୁଁ ଜାଣନ୍ତି? ଆପଣ ଆଶା କରିଅଛନ୍ତି ଯେ କାରାବରଣକରି କାରାଗାରରେ ସୁମିଷ୍ଟ ଖାଦ୍ୟପେୟ ମାଲପୁଆ, ପାୟସାଦି ଉପଭୋଗ କରିବେ, ତାହା ହେବ ନାହିଁ। ଆପଣଙ୍କ ପଶ୍ଚାଦ୍‌ଭାଗରୁ ବସ୍ତ୍ରୋତ୍ତୋଳନପୂର୍ବକ ଆମ୍ଭେ ବେତ୍ରାଘାତ କରିବୁଁ। ପୀଡ଼ାରେ ଜର୍ଜରିତ ହୋଇ ଆପଣ ହା ହା ରାବ କଲେ କେହି ତତ୍‌ପ୍ରତି କର୍ଣ୍ଣପାତ ସୁଦ୍ଧା କରିବେ ନାହିଁ।'' ଉପସ୍ଥିତ ଓକିଲ ବନ୍ଧୁମାନେ ସ୍ୱୟଂ ଆସାମୀପକ୍ଷର ମୋକ୍ତାର ବୃଦ୍ଧ ବ୍ରଜବନ୍ଧୁ ମିଶ୍ର ପୁଣି ନିଜେ ଗୋପବନ୍ଧୁ ବାବୁ ଉଚ୍ଚସ୍ୱରରେ ହା ହା କରି ହସିଲେ। ତତ୍‌ପରେ ବ୍ରଜବନ୍ଧୁ ବାବୁ ପ୍ରୋକ୍ତ ଆସାମୀକୁ କହିଲେ; ''ଆ ବେ! ଟିପଚିହ୍ନ ଦେ, ଏହାର ପୁଣି ଆତ୍ମସମ୍ମାନ!'' ଏହା କହି ବଳାତ୍କାର ସେହି ଦରଖାସ୍ତରେ ତାହାର ଟିପଚିହ୍ନ ନେଲେ, କହିବା ବାହୁଲ୍ୟ, ଆସାମୀ ଥିଲେ ସି ଅକ୍ଷର ବିବର୍ଜିତ। ସଙ୍ଗଦୋଷରେ ହେଉ ବା ଗୁଣରେ ହେଉ, କେତେ କେତେ ବଡ଼ ବଡ଼ କଥା ଶିଖିଥିଲେ। ଭଗବାନ ରାୟଗୁରୁଙ୍କ ମୋକଦ୍ଦମା ସୁଦ୍ଧା ଏହି ପ୍ରକାରେ ନିଷ୍ପତ୍ତି ହେଲା।

ଏହି କଥା ତତ୍‌କ୍ଷଣାତ୍ ରାଷ୍ଟ୍ର ହୋଇଗଲା। ସେହିଦିନ ସନ୍ଧ୍ୟାରେ କଟକର ସ୍ୱନାମଧନ୍ୟ ଜମିଦାର ସ୍ୱର୍ଗୀୟ ଶ୍ରୀ ବ୍ରଜସୁନ୍ଦର ଦାସ ମୋ ବସାକୁ ଆସି ତଳେ ଥାଇ ଦୋତାଲାରୁ ମୋତେ ଡାକିଲେ ଓ ଉଚ୍ଚହାସ୍ୟ କରି କହିଲେ, ''ଭାରତ! ଆଜି କାହାର ପଶ୍ଚାତ୍‌ଭାଗରୁ ବସ୍ତ୍ରୋତ୍ତୋଳନପୂର୍ବକ ବେତ୍ରାଘାତ କରୁଥିଲୁ ?'' ମୁଁ ଅଳ୍ପ ଲଜ୍ଜା ବୋଧ କଲି, ବ୍ରଜସୁନ୍ଦର ବାବୁ ମୋ ଧର୍ମପିତା ଶ୍ରୀ ବାଲୁକେଶ୍ୱର ମିଶ୍ରଙ୍କ ବନ୍ଧୁ ଓ ମୋତେ ପିଲାଦିନରୁ

Digitized by srujanika@gmail.com

ସ୍ନେହ କରୁଥିଲେ। ପିଲାଦିନ ପରି ମୋତେ ସର୍ବଦା 'ତୁ' ବୋଲି ସମ୍ବୋଧନ କରୁଥିଲେ। ମୁଁ ମଧ୍ଯ ତାଙ୍କୁ ସମ୍ମାନ କରୁଥିଲି, ସେ ଥାଉଁ ଥାଉଁ ଆଉ ଦୁଇଚାରିଜଣ ବନ୍ଧୁ ଆସି କଂଗ୍ରେସବାଲାଙ୍କ ଅତ୍ୟାଚାର ସମ୍ବନ୍ଧରେ ନାନା ଗଳ୍ପ କରିଗଲେ।

ଯଥା ସମୟରେ ଏହି କଥା ପ୍ରଧାନମନ୍ତ୍ରୀଙ୍କଠାକୁ ପହଞ୍ଚିଗଲା। ମୋକଦ୍ଦମା ନିଷ୍ପତ୍ତିର ପରଦିନ ଜିଲ୍ଲା ମାଜିଷ୍ଟ୍ରେଟ୍ ମୋତେ ଡାକି ତାଙ୍କ ହୁକୁମ୍ କାଗଜ ଦେଖାଇ ଦେଲେ। ତହିଁରେ ପ୍ରଧାନମନ୍ତ୍ରୀ ଲେଖିଥିଲେ, ସେ ଅବଗତ ହୋଇଅଛନ୍ତି ଯେ ମୁଁ କୌଣସି ଆସାମୀ ପ୍ରତି ବିଚ୍ ଅଦାଲତରେ ଅସଂଯତ ଭାଷା ବ୍ୟବହାରଦ୍ୱାରା ତାହାକୁ ଅପମାନିତ କରିଅଛି ଓ ମୋଠାରୁ ଏଥିର କୈଫିୟତ୍ ତଲବ କରିଅଛନ୍ତି। ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ସମସ୍ତ କଥା ପରିଷ୍କାର ଭାବରେ କହିଦେଲି ଓ ମୁଁ ନିଜେ ଯାଇ ସମସ୍ତ କଥା ବୁଝାଇଦେବା ସକାଶେ ମୋତେ ସୁଯୋଗ ଓ ସମୟ ଦେବାପାଇଁ ତାଙ୍କ ଠାକୁ ଲେଖିବାକୁ କହିଲି। ଲିଖିତ କୈଫିୟତ୍ ଦେଲେ ଅନେକ କଥା ଲେଖିବାକୁ ହୁଅନ୍ତା ଓ ତାହା ଆଇନ୍ ଦୃଷ୍ଟିରେ ଅପ୍ରୀତିକର ହୁଅନ୍ତା। ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ବ୍ୟବହାର ଅକୃତ୍ରିମ ବନ୍ଧୁତୁଲ୍ୟ। ସେ ଭୀତି ପ୍ରକାଶ କଲେ ଓ ନାନା ଉପଦେଶପୂର୍ଣ୍ଣ କଥ କହିଲେ। ମୁଁ କିନ୍ତୁ ତାଙ୍କୁ ଅଭୟ ଦେଉଥାଏ। ମୁଁ କୌଣସି ପ୍ରକାର ଅସାଧୁତାପୂର୍ଣ୍ଣ କାର୍ଯ୍ୟ କରିନଥିଲି। ଭୟର କୌଣସି କାରଣ ଖୋଜି ପାଉ ନଥାଏ। ସେହିଦିନ ସନ୍ଧ୍ୟା ସରିକି ପ୍ରଧାନମନ୍ତ୍ରୀଙ୍କ ଠାରୁ ଉତ୍ତର ଆସିଲା, ପରଦିନ ସକାଳ ଆଠଟା ବେଳେ ତାଙ୍କ ବସାରେ ସାକ୍ଷାତ କରିବାପାଇଁ ମୋତେ ଅନୁମତି ମିଳିଅଛି। ଠିକ୍ ଆଠଟା ବେଳେ ତାଙ୍କ ବସାରେ ଯାଇ ଉପସ୍ଥିତ ହେଲି ଓ ଚପରାସୀ ଦ୍ୱାରା ମୋର ଆଗମନ ବାର୍ତ୍ତା ଜଣାଇଦେଲି। ବାହାରେ ବସି ଶୁଣିବାକୁ ପାଇଲି, ଭିତର କାମରା ଭିତରେ ହୋ ହୋ କୋଳାହଳ ହେଉଥାଏ। ଦୁଇଚାରିଜଣ ଭିତରେ ଥିଲେ, ଜଣେ ଜଣେ ଆସି ଚାଲିଯିବା ସମୟରେ ମୋତେ ଦେଖି ବିଦ୍ରୂପାତ୍ମକ ଭାଷା ପ୍ରୟୋଗପୂର୍ବକ ପଦେ ଦୁଇପଦ ଶୁଣାଇଦେଇ ଗଲେ। କିଛି ସମୟପରେ ସମସ୍ତେ ଚାଲିଗଲେ ଓ କାମରା ଖାଲି ହୋଇଗଲା। ଚପରାସୀ ଭିତରକୁ ଯିବା ପାଇଁ ମୋତେ ଇଙ୍ଗିତ କଲା। ଅତି ସନ୍ତର୍ପଣରେ କାମରା ଭିତରକୁ ପ୍ରବେଶ କଲି, ନୈତିକ ସାହସର ପ୍ରେରଣାରେନ୍ତ ତଥାପି ଛାତି ଧଡ଼ ଧଡ଼ ହେଉଥାଏ। ପ୍ରବେଶ କରିବା ମାତ୍ରକେ ମୁଖ୍ୟମନ୍ତ୍ରୀ ମହୋଦୟ ମୋ ସମ୍ମୁଖକୁ ଆସି ମୋତେ କୁଣ୍ଢାଇ ପକାଇଲେ ଓ ଯେମନ୍ତ ପ୍ରାଣଭରି ହସିବାକୁ ଲାଗିଲେ। ତତ୍‌ପରେ ଚୌକି ଦେଖାଇଦେଲେ। ମୁଁ ବସିଲି ଓ ଅପର ଚୌକିରେ ସେ ବସିଲେ। ପୁଣି ହସି ହସି କହିଲେ, ''ଆପଣଙ୍କ ପରି ଗଣ୍ଡାଏ ମାଜିଷ୍ଟ୍ରେଟ୍ ଯଦି ଥାଆନ୍ତେ, ତାହାହେଲେ ଏହି ଅମନୁଷ୍ୟଯାକ ଥଣ୍ଡା ହୋଇଯାଆନ୍ତେ। ଆପଣ ତାକୁ ବେତ ନ ଦେଇ ଛାଡ଼ିଦେଲେ କିଆଁ?'' ଏଁ ! ଏ କ'ଣ ଦେଖୁଛି, କ'ଣ ଶୁଣୁଛି ? ବିଶ୍ୱାସ ହେଉନାହିଁ। ଭୟରେ ହୃତ୍‌ପିଣ୍ଡ ଯେ ସ୍ପନ୍ଦିତ ହେଉଛି। ପିଠିଆଡୁ ଝାଳ ବହି ପଡ଼ିଲାଣି। କି ବିପରୀତ ବ୍ୟବହାର ଦେଖୁଛି! ମୁହୂର୍ତ୍ତକ ପୂର୍ବେ ପ୍ରମାଦ ଗଣୁଥିଲି। ମନ୍ତ୍ରୀ

Digitized by srujanika@gmail.com

ମହୋଦୟ କହି ଚାଲିଛନ୍ତି । ମୋତେ କିଛି କହିବାପାଇଁ ଅବସର ସୁଦ୍ଧା ଦେଉନାହାଁନ୍ତି । ପୁଣି କହିଲେ "ଯେ କେହି ହେଉ, ଅନ୍ୟାୟ କଲେ ନିଶ୍ଚୟ ତାହାର ବିଚାର ହେବ । ତାହା ନ ହେଲେ ଦେଶରେ ଶାସନ ଚାଲି ପାରିବ ନାହିଁ । ଏମାନେ କ'ଣ କହୁଛନ୍ତି, ଚାହୁଁଛନ୍ତି ଶୁଣିବେ । ଆମେ ତ ଏହାଙ୍କର ଭୋଟ୍‌ରେ ଆସିଛୁ । ଏମାନେ ଚାହାଁନ୍ତି, ଏମାନେ ଯେତେ ବେଆଇନ୍ କାମ କରିବେ ଆମ ହାତରେ ସବୁ ମାଫ୍ କରାଇନେବେ ଆଉ ଆମ ବଳରେ ଅଦାଲତ ଶାସନ କରିବେ । ତାଙ୍କ ମାନ ରକ୍ଷା ସକାଶେ ଆମ୍ଭେମାନେ କ'ଣ କରୁଛୁ ନା ଯେପରି ଆପଣଙ୍କୁ ଲେଖିଲି, ଆପଣ କଥାଟା ଠିକ୍ ବୁଝିଲେ । ଆପଣ ଯଦି ମୋ ଲେଖାରେ ଭୟ କରି ଅନ୍ୟ ପ୍ରକାର କିଛି କହିଥାନ୍ତେ, ମୁଁ ଅତ୍ୟନ୍ତ ଅସନ୍ତୁଷ୍ଟ ହୋଇଥାନ୍ତି । ଆପଣଙ୍କ ବିଚାରର ମୁଁ ପ୍ରଶଂସା କରୁଛି ।" ମୁଁ ଏହା ଉପରେ ଆଉ କିଛି କହିବା ଆବଶ୍ୟକ ମନେକଲି ନାହିଁ, କେବଳ ଏତିକି କହିଲି, "ଆପଣଙ୍କ ପ୍ରତି ମୁଁ କୃତଜ୍ଞ । କେବଳ ଆପଣମାନଙ୍କ ସୁନାମ ରକ୍ଷା ସକାଶେ ମୋତେ ଯାହା ଦିଶିଲା ତାହା କଲି । ଏଥିରେ ମୋର ଯଦି କୌଣସି ପ୍ରକାର ତ୍ରୁଟି ଦେଖନ୍ତି, ମୋତେ କ୍ଷମାଦେବେ ।" ଏହା କହି ଚାଲି ଆସିଲି ଆଉ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଠାକୁ ଯାଇ କହିଲି, "ଦେଖନ୍ତୁ ସାର୍ଟିଫିକେଟ୍ ପାଇ ଆସିଲି ଏବଂ ସବୁକଥା ତାଙ୍କୁ କହିଲି, ସେ କହିଲେ, "ଆପଣଙ୍କର ବଡ଼ ସାହସ !" ମୁଁ କହିଲି, "ଖାଲି ସାହସ ନୁହେଁ, ସତ୍‌ସାହସ ।"

କଟକରେ ଝିଅମାନଙ୍କ ପାଠପଢ଼ା ସୁରୁଖୁରୁରେ ଚାଲିଥାଏ । ସରକାରୀ କାମ ତ ଗତାନୁଗତିକ ଭାବରେ ଚାଲିଛି । ପ୍ରବଳ ଉତ୍ସାହସହକାରେ ମୁଁ ନିରୁପମା, ସୁରମା, ନୀଳିମା ଓ ଉମାକୁ ପଢ଼ାଇବାରେ ଲାଗିଥାଏ । ଏମାନେ ମେଟ୍ରିକୁଲେଶନ୍ ତଳର ସ୍କୁଲ୍ ଛାତ୍ରୀ । ସରକାରୀ କାମ ଓ ଏମାନଙ୍କୁ ଘରେ ପଢ଼ାଇବାକୁ ଜାଣି ମୋର ଦୈନନ୍ଦିନ କରଣୀୟ କାର୍ଯ୍ୟର ସମୟର ନିର୍ଘଣ୍ଟ କରିପକାଏ ଓ ସେହି ଅନୁସାରେ କାର୍ଯ୍ୟକରେ । ସମୟର ଅପବ୍ୟବହାର କୌଣସିଠାରେ ହେଉନଥାଏ । ଶ୍ୟାମା ଶିଶୁ ଶ୍ରେଣୀରେ । ବିଭୁ ପ୍ରସାଦ କନ୍‌ଭେଣ୍ଟ ସ୍କୁଲରେ । ପୂର୍ଣ୍ଣିମାର ପାଠ ଆରମ୍ଭ ହୋଇନଥାଏ । ସୁଷମା କଲେଜରେ । ତାହା ସଙ୍ଗକୁ ପୁତୁରା ବ୍ରଜ । ଏମାନେ ଆଇ.ଏସ୍‌ସି. ରେ । ଏମାନଙ୍କୁ କେବଳ ସମୟ ସମୟରେ ଇଂରେଜୀ ଓ ଓଡ଼ିଆ ସାହିତ୍ୟରେ ଚାହିଁଲେ ସାହାଯ୍ୟ କରିବାକୁ ହେଉଥାଏ । ବିଶେଷତଃ ସୁଷମା ପ୍ରତି ସମସ୍ତଙ୍କ ଧ୍ୟାନ ଓ ଯତ୍ନ ଥାଏ । ଖଣ୍ଡେ ପୁରୁଣା ୧୯୩୬ ସାଲ ବୈଶାଖ ମାସର 'ଉତ୍କଳ ସାହିତ୍ୟ' ମାସିକ ପତ୍ରିକା ମୋ ଦୃଷ୍ଟିରେ ପଡ଼ିଲା । ତହିଁରେ ପ୍ରକାଶିତ 'ମହିଳା ସମ୍ବାଦ'ରେ ଦେଖିଲି, ସେହିବର୍ଷ ପାଟଣା ବିଶ୍ୱବିଦ୍ୟାଳୟର ଆଇ.ଏ. ପରୀକ୍ଷାରେ ଦୁଇଜଣ ଓ ପ୍ରବେଶିକା ପରୀକ୍ଷାରେ ଚାରିଜଣ ଓଡ଼ିଆ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିଲେ । ଇତି ପୂର୍ବେ ଲେଖାଅଛି ଯେ ସୁଷମା ୧୯୩୭ ମସିହାର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲା । ଏହି ସମ୍ବାଦ 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ହୋଇ ଲେଖାଥିଲା ଯେ ସମଗ୍ର

Digitized by srujanika@gmail.com

ଓଡ଼ିଶାରେ ସେ ତାବତ୍ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରଥମ ବ୍ରାହ୍ମଣ କନ୍ୟା ସୁଷମା। ଏ ପ୍ରସଙ୍ଗରେ ମୋ ଉପରେ ଝିଅମାନଙ୍କ ଉଚ୍ଚଶିକ୍ଷା ଯୋଗୁଁ ପ୍ରଶଂସା ବର୍ଷଣ। ତହିଁରେ ମୋର ଉତ୍ସାହ ଆହୁରି ବୃଦ୍ଧି ହେଉଥାଏ। ପାଠ ପଢ଼ାଇବା ସଙ୍ଗେ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନରେ ଯୋଗ ଦେଉଥାଏ। ପ୍ରତିବର୍ଷ ରାମଚନ୍ଦ୍ର ଭବନରେ ସଙ୍ଗୀତ ସମ୍ମେଳନ ଓ ସଙ୍ଗୀତ ପ୍ରତିଯୋଗିତାରେ ସୁଷମା ଓ ଅନ୍ୟ ଝିଅମାନେ ଯୋଗଦିଅନ୍ତି। ସେମାନଙ୍କ ସଙ୍ଗକୁ ଶିଶୁ ପୂର୍ଣ୍ଣିମା ତାହାର ଦରୋଟି କଥା ସହିତ ନୈସର୍ଗିକ ସଙ୍ଗୀତ ପ୍ରତିଭାରେ ଦର୍ଶକମଣ୍ଡଳୀଙ୍କୁ ମୁଗ୍ଧ କରୁଥାଏ। ଝିଅମାନଙ୍କ କୃତିତ୍ୱରେ ଲୋକେ କ୍ରମେ ଏତେ ସନ୍ତୁଷ୍ଟ ହୋଇଥିଲେ ଯେ କଟକରେ ଅବସ୍ଥିତ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ଥିଏଟର୍‌କୁ ଓ ବକ୍ସିବଜାରର ହଲମୁକ୍ ସିନେମାକୁ ଗଲେ ଟିକଟର ମୂଲ୍ୟ ଯାଚିଲେ ସୁଦ୍ଧା ନେଉ ନଥାନ୍ତି। ପୂର୍ଣ୍ଣିମା ଇହଧାମ ତ୍ୟାଗ କରିବାର ଆଜିକୁ ୨୦ ବର୍ଷ ହେଲା। ପୁରାତନ କାଗଜପତ୍ର ଫିଟାଇ ତାହା ସମ୍ବନ୍ଧରେ ପ୍ରକାଶିତ ମନ୍ତବ୍ୟ ମାନ ପାଠକରି ନିରବରେ ଅଶ୍ରୁତ୍ୟାଗ କରିବାକୁ ସୁଖ ଲାଗେ। ସେତେବେଳେ ସେ ମୋ' କ୍ରୋଡ଼ରେ ବସିଥିବା ଅନୁଭବ କରେ। ତାହାର ଶିଶୁକଣ୍ଠର ଲଳିତ ମଧୁର ସଙ୍ଗୀତ କର୍ଣ୍ଣକୁହରରରେ ଧ୍ୱନିତ ହେଉଥାଏ। ଦିନେ ତା.୨.୧.୧୯୩୬ର ସମାଜ ଫିଟାଇ ଦେଖିଲି, "୩ ବର୍ଷର ବାଳିକା କୁମାରୀ ପୂର୍ଣ୍ଣିମା" ଶୀର୍ଷକ ଲେଖାଟି – "ଡେପୁଟି ମାଜିଷ୍ଟ୍ରେଟ୍ ଶ୍ରୀଯୁକ୍ତ ଭାରତଚନ୍ଦ୍ର ନାୟକଙ୍କ ତିନିବର୍ଷର କନ୍ୟା କୁମାରୀ ପୂର୍ଣ୍ଣିମାର ଗଲା ଉତ୍କଳ ସଙ୍ଗୀତ ସମ୍ମିଳନୀରେ ଅତି ଲଳିତ ସ୍ୱରରେ ତାଳଲୟ ସହିତ ସଙ୍ଗୀତ ଗାନକରି ବିଶେଷ କୃତିତ୍ୱ ଦେଖାଇଅଛି। ଶ୍ରୀଯୁକ୍ତ ମଧୁସୂଦନ ମହାନ୍ତି ଏ ଶିଶୁର ଗାନରେ ମୁଗ୍ଧହୋଇ ଗୋଟିଏ ଏସ୍‌ରାଜ ପୁରସ୍କାର ଦେଇଛନ୍ତି। କଲିକତା ସଙ୍ଗୀତ ସମାଜ ତରଫରୁ ଗୋଟିଏ ମଡ଼େଲ ଓ ଶ୍ରୀଯୁକ୍ତ ପ୍ରାଣବନ୍ଧୁ କର ଗୋଟିଏ ମେଡ଼ାଲ୍ ଦେଇଛନ୍ତି। କୁମାରୀ ପୂର୍ଣ୍ଣିମାଙ୍କର ପୂର୍ବ ଜନ୍ମ ସଂସ୍କାରରୁ ସଙ୍ଗୀତ ବିଦ୍ୟାରେ ଅନ୍ତର୍ନିହିତ ପ୍ରତିଭା ଥିବାର ଜଣାଯାଏ। କାରଣ ଦେଢ଼ବର୍ଷ ବୟସରେ ପାଟି ଫିଟିବା ଦିନଠାରୁ ସେ କୌଣସି ଗାନ ଥରେ ଶୁଣିଲା ମାତ୍ରେ ତାହାକୁ ଅବିକଳ ଭାବରେ ଗାନ କରିପାରୁଛି, ସେ ଶୁଣି ଶୁଣି ଯାହା ଶିଖିଛି, କେହି କେବେ ଉଦ୍ୟମ କରି ତାକୁ ଏ ପର୍ଯ୍ୟନ୍ତ ଶିଖାଇ ନାହିଁ।" ଏହି ଲେଖା ସଙ୍ଗେ ଶ୍ରୀଯୁକ୍ତ ମଧୁସୂଦନ ମହାନ୍ତିଙ୍କ ପ୍ରଦତ୍ତ ଏସ୍‌ରାଜ୍ ଓ କଲିକତା ସଙ୍ଗୀତ ସମାଜ ଓ ଶ୍ରୀଯୁକ୍ତ ପ୍ରାଣବନ୍ଧୁ କରଙ୍କ ମେଡ଼ାଲ୍ ଦ୍ୱୟ ପୂର୍ଣ୍ଣିମାର ଛବି ସହିତ ପ୍ରକାଶିତ ହୋଇଥିଲା। ଆଜିଯାଏ ଏସବୁ ମୁଁ ଯତ୍ନ ସହକାରେ ରଖିଅଛି ଓ ଏହା ମଧ୍ୟରେ ପୂର୍ଣ୍ଣିମାର ପ୍ରତିମୂର୍ତ୍ତି ଦେଖୁଅଛି।

ପୁଣି ୧୯୩୬ ଉତ୍କଳ ସାହିତ୍ୟର ବୈଶାଖ ସଂଖ୍ୟାରେ ସ୍ୱର୍ଗୀୟ ଗୋପାଳଚନ୍ଦ୍ର ପ୍ରହରାଜଙ୍କ 'ଭାଷାକୋଷ ପାଇଁ ସଫର' ଶୀର୍ଷକ ପ୍ରବନ୍ଧ ଦିନେ ମୋ ଦୃଷ୍ଟିରେ ପଡ଼ିଲା। ତହିଁରେ ଲେଖାଅଛି, "ମୁଁ ତା.୧୨.୪.୩୬ ସକାଳେ କଟକରୁ ତାଳଚେର ଟ୍ରେନ୍‌ରେ

Digitized by srujanika@gmail.com

ମେରାମୁଣ୍ଡଳିକୁ ଆସି ସେଠାରୁ ସର୍ଭିସ୍ ଲରୀରେ ଅନୁଗୁଳ ବାଟେ ସମ୍ବଲପୁର ଆସିଲି, କଟକର ଡେପୁଟି ମାଜିଷ୍ଟ୍ରେଟ୍ ଶ୍ରୀଯୁକ୍ତ ଭାରତ ଚନ୍ଦ୍ର ନାୟକ, ତାଙ୍କ ସହଧର୍ମିଣୀ ଓ ୪ବର୍ଷ ବୟସ୍କା ସହଜ ସଙ୍ଗୀତ ପ୍ରବୀଣା କନ୍ୟା ଓ ସ୍ତନନ୍ଧୟୀ କନ୍ୟା ମଧ୍ୟ କଟକରୁ ସେହି ଟ୍ରେନ୍‌ରେ ଯାଉଥିଲେ। ଭାରତବାବୁ ଅନୁଗୁଳଠାରୁ ବିଦାୟ ନେଇ ରହିଲେ ଓ ତାଙ୍କ ସହଧର୍ମିଣୀ ଓ ପିଲାଦୁଇଟିଙ୍କ ସାଙ୍ଗେ ମୁଁ ସମ୍ବଲପୁର ଅଭିମୁଖରେ ଚାଲିଲି। ଭାରତବାବୁଙ୍କ ୪ବର୍ଷ ବୟସ୍କା କନ୍ୟାଟି ପୂର୍ବଜନ୍ମ ସଂସ୍କାର ଫଳରେ କବିସୂର୍ଯ୍ୟଙ୍କ ଚମ୍ପୂ ଓ ଅନ୍ୟାନ୍ୟ ସଙ୍ଗୀତମାନ ତାଳ ମାନ ସହିତ ଗାଇପାରେ। ଏହା କଟକରେ ଗତ ସଙ୍ଗୀତ ସମ୍ମେଳନରେ ଉପସ୍ଥିତ ଶତ ଶତ ଶ୍ରୋତା ନିଜେ ଶୁଣିଅଛନ୍ତି। ଆଜି ସେ କନ୍ୟାଟିକୁ କ୍ରୋଡ଼ରେ ପାଇ ମୁଁ ନିଜକୁ ଭାଗ୍ୟବାନ୍ ମନେକଲି, ତେ'ଷଠି ବର୍ଷ ବୟସରେ ମୋତେ ଭାଷାକୋଷ ଗୋଟାଏ ଆଡକୁ ଟାଣି ଧରୁଛି; ଯମ ଦେବତା ଆଉ ଗୋଟାଏ ଆଡ଼କୁ ଆଖିଠାର ମାରୁଛନ୍ତି। ବୟସ ଦୃଷ୍ଟିରେ ଦେଖିବାକୁ ଗଲେ ଭାରତ ବାବୁ ଓ ତାଙ୍କ ସହଧର୍ମିଣୀ ମୋର ଅପତ୍ୟ ସ୍ଥାନୀୟ ଓ ତାଙ୍କ ପିଲା ଝିଅଟି ମୋର ନପ୍ତ୍ରୀ ସ୍ଥାନୀୟା। ବୈଶାଖ ମାସର ଝାଞ୍ଜିପିଟା ଖରା। ସର୍ଭିସ୍ ଲରୀରେ ଯାତ୍ରୀ ଭିଡ଼ ଓ ସନ୍ଧ୍ୟାବେଳକୁ ମଜଲିମୁଣ୍ଡ ଧରିବା ଚିନ୍ତା। ବାସ୍ତବ ଜଗତରେ ଏ କଠୋର ଅନୁଭୂତି କଳ୍ପନାଜଗତର ମଧୁର ମନୋହର ଛବିକୁ ବୁଡ଼ାଇବାକୁ ଚେଷ୍ଟା କରୁଥିଲେ ମଧ୍ୟ ଭାରତ ବାବୁଙ୍କ ଝିଅଟି ମୋ' କୋଳରେ ବସି ପ୍ରଥମେ ମାତ୍ରାଦେଶ ଅନୁସାରେ ଓ ପରେ ମାତ୍ରାଦେଶକୁ ଅପେକ୍ଷା ନକରି ମହାଦେଶ ଅନୁସାରେ ଗୋଟିଏ ଗୋଟିଏ ଗୀତ ଗାଇଲା ଓ ଲରୀ ଚାଲିଲା। କବିସୂର୍ଯ୍ୟଙ୍କ 'ନୂଆ ନଟପଟଳୀ ମୁକୁଟ ହେ, ଫ ଗୀତ, ଗ ଗୀତ, ଆରେ ମୋ ବାଇଆ ରଜା ଦେ ମୋତେ ବାଇଆ କରି' ଗୀତଗୁଡ଼ିକ ତାଳମାନ ମୁତାବକ ପିଲାର ଦରୋଟି ମୁହଁରୁ ଶୁଣି ଲରୀରେ ଥିବା ସମସ୍ତେ ଆନନ୍ଦରେ ବିଭୋର ହୋଇଗଲୁ।''

ପୂର୍ଣ୍ଣିମାର ରୂପଟି ଆଜି ମୋ ଆଖି ଆଗରେ ନାଚୁଛି। ତା'ର ସ୍ମୃତିଜନିତ ଅଶ୍ରୁତର୍ପଣରେ ମୁଁ ହୃଦୟରେ ଶାନ୍ତି ଅନୁଭବ କରୁଅଛି।

ଏପରି ପରମ ସୁଖରେ ଝିଅମାନଙ୍କ ସହିତ ମୋ ଜୀବନ ଅତିବାହିତ ହୋଇଯାଉଥାଏ। ଏପରି ସୁଖମୟ ସମୟ ମୋ ଜୀବନରେ କେବେ ଘଟିନଥିଲା। କଟକରେ ରହି ମୁଁ କ୍ରମେ କ୍ରମେ ଅନୁଭବ କଲି ମୋ' ପ୍ରତି ସମସ୍ତେ ସଦୟ ଓ ମୋର କାର୍ଯ୍ୟ ଏବଂ ବ୍ୟବହାରରେ କେହି ଅସନ୍ତୁଷ୍ଟ ନାହାଁନ୍ତି। ମୋ ଝିଅମାନଙ୍କ କୃତିତ୍ୱରେ ପ୍ରଶଂସାର ଭାଗ ମୋତେ ଦେଉଅଛନ୍ତି। ୨୫ ବର୍ଷ ତଳର କଥା । ବ୍ରାହ୍ମଣ ଝିଅଙ୍କ ମଧ୍ୟରେ ମୋ ଝିଅ ସୁଷମା ପ୍ରଥମେ ମେଟ୍ରିକୁଲେଶନ୍ ପାସ୍‌କରା ଛାତ୍ରୀ। କଟକର ଖବର କାଗଜମାନଙ୍କରେ ଏହି ସମ୍ବାଦ ପ୍ରଚାରିତ ହୋଇଗଲା। ସେତେବେଳେ ଆଜିକାଲି ପରି ଏତେ ସଂଖ୍ୟାରେ ଝିଅମାନେ ପାଠ ପଢୁନଥିଲେ। ଝିଅମାନଙ୍କ ପାଠ ପ୍ରତି ଅଭିଭାବକମାନଙ୍କ ମନ ଆକର୍ଷଣ

Digitized by srujanika@gmail.com

କରିବା ଶିକ୍ଷୟିତ୍ରୀମାନଙ୍କ ଏକ ପ୍ରଧାନ କର୍ତ୍ତବ୍ୟ ହୋଇଥିଲା । ଏହି କାରଣରୁ ରେଭେନ୍‌ସା ବାଳିକା ସ୍କୁଲର ପୁରସ୍କାର ବିତରଣ ଉତ୍ସବରେ ଅଭିଭାବକମାନଙ୍କୁ ନିମନ୍ତ୍ରଣ ହେଉଥିଲା ଏବଂ ଏହି ସମୟରେ ବାଳିକାମାନଙ୍କ ସଙ୍ଗୀତ, ନୃତ୍ୟ ପ୍ରଭୃତିରେ କୃତିତ୍ୱ ଦର୍ଶନକରି ବାସ୍ତବରେ ସେମାନଙ୍କ ମନୋଭାବ ସ୍ତ୍ରୀ ଶିକ୍ଷା ପ୍ରତି ପରିବର୍ତ୍ତିତ ହେଉଥିଲା । କାଳର ପ୍ରଭାବକୁ କିଏ ଲଂଘନ କରିପାରେ ? ସମୟ ଥିଲା, ଘର ଘର ଯାଇ ଝିଅମାନଙ୍କୁ ସ୍କୁଲକୁ ପଠାଇବା ସକାଶେ ଅଭିଭାବକମାନଙ୍କୁ କେତେ ବୁଝାଇବାକୁ ହେଉଥିଲା । ଉଚ୍ଚଶିକ୍ଷିତ ବ୍ୟକ୍ତିମାନେ ସୁଦ୍ଧା ଝିଅଙ୍କୁ ସ୍କୁଲକୁ ପଠାଇବାକୁ କୁଣ୍ଠିତ ହେଉଥିଲେ । ଆଜି ସେହି ମନୋଭାବ ବଦଳି ଯାଇଅଛି । ବିଶିଷ୍ଟ ପରିବାର ମଧ୍ୟରେ ଆଜି ପୁଅ ସହିତ ଝିଅର ଶିକ୍ଷା ଅତ୍ୟନ୍ତ ଆବଶ୍ୟକ ମନେହେଉଛି । ଆଜି ସ୍କୁଲ କଲେଜରେ ସ୍ଥାନ ମିଳୁନାହିଁ । ସ୍ଥାନ ଅଭାବରେ ଅନେକ ଝିଅଙ୍କୁ ଫେରିଯିବାକୁ ହେଉଅଛି । ସମଗ୍ର ଓଡ଼ିଶାରେ ପୂର୍ବେ ଝିଅମାନଙ୍କ ଉଚ୍ଚଶିକ୍ଷା ସକାଶେ ଥିଲା ଏକମାତ୍ର ରେଭେନ୍‌ସା ବାଳିକା ସ୍କୁଲ । ଆଜିକାଲି ପ୍ରାୟ ପ୍ରତି ଜିଲ୍ଲାରେ ଗୋଟଏ ଲେଖାଏଁ ବାଳିକା ହାଇସ୍କୁଲ ଓ ସେଠାରେ ମଧ୍ୟ ଛାତ୍ରୀସଂଖ୍ୟା ଏତେ ହେଉଅଛି ଯେ ଅନେକ ସମୟରେ କେତେକଙ୍କୁ ସ୍ଥାନ ମିଳୁନଥିବାରୁ ସେମାନଙ୍କୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେବାକୁ ହେଉଅଛି । ମଫସଲରେ ସୁଦ୍ଧା ବାଳିକାମାନଙ୍କ ଉଚ୍ଚଶିକ୍ଷା ସକାଶେ ସରକାରଙ୍କ ପାଖରେ ଲୋକେ ଦାବି ଉପସ୍ଥାପିତ କଲେଣି । ସ୍କୁଲ ଓ କଲେଜରେ ବାଳକମାନଙ୍କ ସହିତ ବାଳିକାମାନଙ୍କ ସହ ଶିକ୍ଷା ଅବାଧରେ ଚାଲିଛି । ରକ୍ଷଣଶୀଳ ଲୋକେ ସୁଦ୍ଧା ନିଜ ନିଜ ଝିଅଙ୍କୁ ଉଚ୍ଚଶିକ୍ଷାରୁ ନିବୃତ୍ତ କରିପାରୁନାହାଁନ୍ତି । ଓଡ଼ିଶା ମଧ୍ୟରେ ସମ୍ବଲପୁର ଅପେକ୍ଷାକୃତ ଏକ ଅନୁନ୍ନତ ସ୍ଥାନ ହେଲେହେଁ ଏଠାରେ ଅତିଶୀଘ୍ର ଏକ ମହିଳା କଲେଜ ସ୍ଥାପନର ଦାବି ହୋଇଥିଲା । ଏବଂ ୧୯୫୮ ସାଲର ସ୍ଥାନୀୟ ଉଚ୍ଚ ବାଳିକା ବିଦ୍ୟାଳୟର ପୁରସ୍କାର ବିତରଣୀ ସଭାରେ ଉତ୍କଳର ତଦାନୀନ୍ତନ ଶିକ୍ଷାମନ୍ତ୍ରୀ ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ ସରକାରଙ୍କ ପକ୍ଷରୁ ଏହି ଦାବି ଗ୍ରହଣ କରିଥିବା ଘୋଷଣା କରିବା ଫଳରେ ୧୯୫୯ ମସିହାରେ ମହିଳା କଲେଜ ସ୍ଥାପିତ ହେଲା ଓ ତହିଁରେ ସମ୍ବଲପୁରର ତିନିଜଣ ଝିଅ, ମୋ ଝିଅ ଶ୍ୟାମା ଓ ଅନ୍ୟ ଝିଅ ଶରତକୁମାରୀ ଓ ସୁଖଲତା ଯଥାକ୍ରମେ ସଂସ୍କୃତ ଓ ଓଡ଼ିଆ ସାହିତ୍ୟ ଓ ଇତିହାସରେ ଅଧ୍ୟାପିକା ହୋଇଅଛନ୍ତି । ବଲାଙ୍ଗୀର ପରି ଆଉ କେତେ ସ୍ଥାନରେ ମଧ୍ୟ ମହିଳା କଲେଜ ସ୍ଥାପିତ ହେଲାଣି । ଯେଉଁ ରକ୍ଷଣଶୀଳ ଲୋକେ ଦେଶ ଓ ସମାଜର ଏହି ପରିସ୍ଥିତିକୁ ଅଶୁଭ ସୂଚକ ବୋଲି ମନେକରି ସ୍ତ୍ରୀ ଶିକ୍ଷା ପ୍ରସାରରେ ଅନ୍ତରାୟ ସୃଷ୍ଟି କରୁଥିଲେ, ସେମାନଙ୍କ ମଧ୍ୟରୁ ଅନେକେ ଆଉ ନାହାଁନ୍ତି । ଯେଉଁ ମୁଷ୍ଟିମେୟ ବ୍ୟକ୍ତି ଅଛନ୍ତି, କାଳର ପ୍ରଭାବରେ ସେମାନେ ଆଜି ନିରବ । ପୁଣି କେତେକଙ୍କ ମନୋଭାବରେ ମଧ୍ୟ ଘୋର ପରିବର୍ତ୍ତନ ଘଟିଅଛି ।

Digitized by srujanika@gmail.com

ପୁଣି ସମ୍ବଲପୁରରେ

୧୯୩୯ ମସିହା ଏପ୍ରିଲ୍ ମାସରେ ମୁଁ କଟକରୁ ବଦଳି ହୋଇ ଆସି ସେହି ମାସ ୪ ତାରିଖରେ ମୋର ଡେପୁଟି କଲେକ୍ଟର କାର୍ଯ୍ୟରେ ସମ୍ବଲପୁରରେ ଯୋଗ ଦେଲି। ମୋର ଜ୍ୟେଷ୍ଠପୁତ୍ର ସତ୍ୟଗୋପାଳ (ଦୁଖୁ) ସେହିବର୍ଷ ଏମ୍.ଏ. ଓ ଝିଅ ସୁଷମା ଓ ପୁତୁରା ବ୍ରଜ ଆଇ.ଏସ୍‌ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ସୁଷମା ଓଡ଼ିଶା ସରକାରଙ୍କ ଦ୍ୱାରା ନିର୍ବାଚିତ ହୋଇ ପାଟଣା ମେଡ଼ିକାଲ୍ କଲେଜରେ ଭର୍ତ୍ତିହେଲା। ସେହି ସମୟରେ ଓଡ଼ିଶାରେ ମେଡ଼ିକାଲ୍ କଲେଜ ନଥିଲା। ପ୍ରତିବର୍ଷ ଚାରିଜଣ ଛାତ୍ର ନିର୍ବାଚନ କରି ଓଡ଼ିଶା ସରକାର ପାଟଣା ମେଡ଼ିକାଲ୍ କଲେଜକୁ ପଠାଉଥିଲେ। ଏହିବର୍ଷ ସୁଷମା ସହିତ ବାଲେଶ୍ୱରରୁ ସାଧନା ରାଉତ ପ୍ରେରିତ ହୋଇଥିଲେ। ବର୍ତ୍ତମାନ ଓଡ଼ିଶାର ସୁପରିଚିତା ଡାକ୍ତର ବୀଣା ଦେଈ ଓ ଜ୍ୟୋତ୍ସ୍ନା ଦେଈ ସର୍ବପ୍ରଥମ ମେଡ଼ିକାଲ୍ ଛାତ୍ରୀ। ଦୁହେଁ ସ୍ୱର୍ଗତ ଡାକ୍ତର କ୍ଷେତ୍ରମୋହନ ରାୟଙ୍କ କନ୍ୟା। ଏମାନଙ୍କ ପଛରେ ସୁଷମା ଓ ସାଧନା।

ପୁତୁରା ବ୍ରଜ ରେଭେନ୍‌ସା କଲେଜରେ ବି.ଏସ୍‌ସି. ରେ ଯୋଗଦେଲା। ମୋର ଚତୁର୍ଥ ଝିଅ ନିରୁପମା ମେଟ୍ରିକୁଲେସନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସରକାରୀ ବୃତ୍ତି ପାଇଲା ଓ କଟକ ମହିଳା କଲେଜରେ ଆଇ.ଏ. ରେ ଯୋଗଦେଲା। ତାହାର ଯେଉଁ ଶ୍ୱଶୁର ମୋର ଅନ୍ୟ ଝିଅମାନଙ୍କ ସହିତ ତାଙ୍କ ଏହି ପୁତ୍ରବଧୂକୁ ଉଚ୍ଚ ଇଂରେଜୀ ଶିକ୍ଷା ଦେଉଥିବା ଦୋଷରେ ଦୋଷୀକରି ନାନା ପ୍ରକାର ନିର୍ଯ୍ୟାତନାରେ ଯୋଗଦେଇଥିଲେ, ବର୍ତ୍ତମାନ ତାହାର କୃତିତ୍ୱରେ ଗର୍ବିତ ହୋଇ ସମ୍ବାଦପତ୍ରରେ ପ୍ରକାଶିତ ତାହାର ନାମ ଝାଡୁଆପଡ଼ାର ଏକପ୍ରାନ୍ତରୁ ଅପରପ୍ରାନ୍ତ ପର୍ଯ୍ୟନ୍ତ ବୁଲି ବୁଲି ସମସ୍ତଙ୍କୁ ଦେଖାଇ କହିଲେ, "ଦେଖ, ମୋ ବୋହୂ ମେଟ୍ରିକୁଲେଶନ୍ ପାସ୍‌କରି ବୃତ୍ତି ପାଇଛି।" ଷଷ୍ଠଝିଅ ସୁରମା ଓ ସପ୍ତମ ଝିଅ ନୀଳିମା ୧୯୪୦ ମସିହାରେ ମେଟ୍ରିକୁଲେଶନ୍ ପରୀକ୍ଷାରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ବିଭାଗରେ ଉତ୍ତୀର୍ଣ୍ଣ ହେଲେ ଓ ସୁରମା ସରକାରୀ ବୃତ୍ତି ପାଇଲା। ସମ୍ବଲପୁର ଜିଲ୍ଲାସ୍ଥ ଡଙ୍ଗରପଡ଼ା ଗ୍ରାମର ଗୌନ୍ତିୟା ଶ୍ରୀ ପରଶୁରାମ ପଣ୍ଡାଙ୍କ ପୁତ୍ର ବଳଭଦ୍ରଙ୍କ ସହିତ ତାହାର ବିବାହର ନିର୍ବନ୍ଧ ତତ୍‌କାଳୀନ ପ୍ରଥାନୁଯାୟୀ ସେମାନଙ୍କ ପିଲାଦିନରୁ ହୋଇ ଯାଇଥିଲା ଓ ସେହିବର୍ଷ ଜୁନ୍‌ମାସରେ ତାହାର ବିବାହ ସମ୍ପନ୍ନ ହେଲା। ଏହିବର୍ଷ ବଳଭଦ୍ର ଆଇ.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବି.ଏ. ପଢ଼ିବା ସକାଶେ କଟକକୁ ଚାଲିଗଲେ। ତାଙ୍କ ପିତାଙ୍କ ଅଭିଳାଷ କ୍ରମେ ସୁରମାକୁ ମଧ୍ୟ ଆଇ.ଏ. ପଢ଼ିବା ସକାଶେ କଟକକୁ

Digitized by srujanika@gmail.com

ପଠାଇ ଦିଆଗଲା। କିନ୍ତୁ ଦ୍ୱିତୀୟ ବର୍ଷରେ ତାକୁ କଲେଜ ତ୍ୟାଗ କରିବାକୁ ହେଲା ଓ ଏହିଠାରେ ତାହାର ଶିକ୍ଷା ସମାପ୍ତ ହେଲା। ନୀଳିମା ସକାଶେ ବରପାତ୍ର ତାହାର ଜନ୍ମଦିନରୁ ସ୍ଥିର ହୋଇଥିଲା। କିନ୍ତୁ ତାହାଙ୍କ ପିତା ପୁତ୍ରର ଯାଦବପୁର ଇଞ୍ଜିନିୟରିଂ କଲେଜରେ ଶିକ୍ଷା ସମାପ୍ତ ହୋଇନଥିବାରୁ ଦୁଇବର୍ଷ ପର୍ଯ୍ୟନ୍ତ ସେମାନଙ୍କ ବିବାହ ସ୍ଥଗିତ ରଖିଲେ। ଏହି ସମୟ ମଧ୍ୟରେ ନୀଳିମା ଆଇ.ଏ. ପାସ୍ କରି ପକାଇବ, ଏହି ଆଶାରେ ତାକୁ କଟକ ମହିଳା କଲେଜକୁ ପଠାଇବା ବନ୍ଦୋବସ୍ତ କରିଥିଲି। ନୀଳିମା ମଧ୍ୟ ଯିବାପାଇଁ ଇଚ୍ଛୁକ ଥିଲା। କିନ୍ତୁ ତାହାର ଭାବୀ ଶ୍ୱଶୁର ତାହାର ଉଚ୍ଚଶିକ୍ଷାର ଘୋର ପ୍ରତିରୋଧ କଲେ। ଏପରି କି ସେ କହିଲେ ସେ ଯଦି ନୀଳିମାକୁ ମୁଁ ଉଚ୍ଚଶିକ୍ଷା ଦିଏ ତାହାହେଲେ ତାହା ସହିତ ତାଙ୍କ ପୁତ୍ରର ବିବାହ ସମ୍ବନ୍ଧ ଭାଙ୍ଗିଦେବେ। ଭାଙ୍ଗିଦେଲେ ଝିଅ ସକାଶେ ଆଉ ଯୋଗ୍ୟବର ପାଇବି ନାହିଁ, ଏହି ଭୟରେ ତାକୁ ଆଉ ପଠାଇଲି ନାହିଁ। ଉଚ୍ଚଶିକ୍ଷା ସକାଶେ ଆଗ୍ରହ ଥିଲେ ହେଁ ନୀଳିମା ତହିଁରୁ ବଞ୍ଚିତ ହୋଇ ଗଭୀର ଦୁଃଖ ପ୍ରକାଶ କଲା।

ଏହି ସମୟରେ ଝାଡୁଆପଡ଼ାର ଜଣ କେତେ ଉଚ୍ଚଶିକ୍ଷିତ ବ୍ୟକ୍ତିଙ୍କ ସୁଦ୍ଧା ସ୍ତ୍ରୀ ଶିକ୍ଷା ବିରୁଦ୍ଧରେ ଗଭୀର ବିଦ୍ୱେଷ ପ୍ରକାଶ ପାଇଥିଲା। ଏମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଥିଲେ ମୋର ଜଣେ ସମୁଧି। ସେ ପ୍ରକାଶ୍ୟ ଭାବରେ ଅନେକ ସ୍ଥଳରେ ମୋ ବିରୁଦ୍ଧରେ ପ୍ରଚାର କରିବାକୁ ଲାଗିଲେ। ମୋ ଝିଅମାନେ ଉଚ୍ଚ ଶିକ୍ଷା ପାଉଅଛନ୍ତି ଓ ସେମାନଙ୍କ ସକାଶେ ମୁଁ ଯେ ଗର୍ବିତ, ଏହା ତାଙ୍କୁ ଭଲ ଲାଗୁନାହିଁ। ସେ ଓ ତାଙ୍କ ମନୋଭାବାପନ୍ନ କେତେକ ଲୋକ ମୋତେ ବାରମ୍ବାର କହିବାକୁ ଲାଗିଲେ ଯେ ସ୍ତ୍ରୀ ଶିକ୍ଷା ଦ୍ୱାରା ସଂସାର ଚୁରମାର୍ ହୋଇଯିବ। ଏକେ ତ କାଳର ପ୍ରଭାବରେ ପରିବାର ମଧ୍ୟରେ କେତେକ ବିଗର୍ହିତ ଆଚାରମାନ ପ୍ରବେଶ କରୁଅଛନ୍ତି ସ୍ତ୍ରୀ ଉଚ୍ଚଶିକ୍ଷିତା ହେଲେ ଆହୁରି ପରିବାର ଓ ସମାଜ ନଷ୍ଟ ହୋଇଯିବ – ଇତ୍ୟାଦି ଅଳୀକ କଥାମାନ କହି ମୋ ଝିଅମାନଙ୍କୁ ସ୍କୁଲ କଲେଜରୁ ଉଠାଇ ଆଣିବା ସକାଶେ ଉପଦେଶ ଦେବାକୁ ଲାଗିଲେ। ସେମାନଙ୍କ ଧାରଣା ଯେ ଅମୂଳକ ଏବଂ ଭାରତବର୍ଷ ଯେଉଁ ଆଡ଼କୁ ଗତି କରୁଅଛି ଏବଂ ଆମ୍ଭମାନଙ୍କ ସମାଜ ଯେଉଁ ଦୂରବସ୍ଥାରେ ପତିତ ହୋଇଅଛି ଏ ସମସ୍ତ ବିଷୟର ବିବେଚନାରେ ଝିଅମାନଙ୍କ ପାଠପଢ଼ା ଦ୍ୱାରା ଯେ ତାହା ଉନ୍ନତ ହେବ ଏହା ଯେତେ ବୁଝାଇଲି, କେହି ବୁଝୁଥିଲାପରି ବୋଧ ହେଲାନାହିଁ। ଭାରତର ଅନ୍ୟାନ୍ୟ ଅଞ୍ଚଳ ସହିତ ତୁଳନା କଲେ ସ୍ତ୍ରୀ ଶିକ୍ଷାରେ କାହିଁକି, ପୁରୁଷଙ୍କ ଶିକ୍ଷାରେ ସୁଦ୍ଧା ଓଡ଼ିଶା ଓ ତନ୍ମଧ୍ୟରେ ବିଶେଷ ଭାବରେ ସମ୍ବଲପୁର ପଶ୍ଚାଦ୍‌ପଦ, ସୁତରାଂ ପୁଅଙ୍କ ସହିତ ଝିଅଙ୍କୁ ପାଠ ପଢ଼ାଇବା ନିତାନ୍ତ ଆବଶ୍ୟକ। ଏ ବିଷୟରେ ମୁଁ ସର୍ବଦା ଚିନ୍ତା କରୁଥାଏ, ବନ୍ଧୁମାନଙ୍କ ଅଯାଚିତ ଉପଦେଶ ସୁଦ୍ଧା ଉପେକ୍ଷା କରିବା ମନୋବୃତ୍ତି ସମୟ ସମୟରେ ଯେ ମୋତେ ବିବ୍ରତ କରୁନଥାଏ, ତାହା ନୁହେଁ। ଏ ସମସ୍ତ ଘଟଣାର କେତେକ ଦିନ ପୂର୍ବେ ଗୋଟିଏ ଘଟଣା ଘଟିଥିଲା। ସ୍ୱର୍ଗତ ଡାକ୍ତର ସନାତନ ପୂଜାରୀ (ଓଡ଼ିଶା ମେଡ଼ିକାଲ କଲେଜର ପ୍ରଥମ ପ୍ରିନ୍‌ସପାଲ୍) ମୋର ଶ୍ୟାଳକ। ମୋର ଶ୍ୱଶୁରଙ୍କ

Digitized by srujanika@gmail.com

ଜ୍ୟେଷ୍ଠ ଭ୍ରାତୃଷ୍ପୁତ୍ର। ପିଲାଦିନରୁ ତାଙ୍କ ସହିତ ମୋର ସୌହାର୍ଦ୍ଦ୍ୟ। ୧୯୩୪ ମସିହା ମେ ମାସରେ ମୋ ଝିଅ ନିରୁପମାର ବିବାହ ଉପଲକ୍ଷରେ ମୁଁ ନିଜେ ତାଙ୍କୁ ନିମନ୍ତ୍ରଣ ଗୁଆଦେବାକୁ ଯାଇଥିଲି । ସେତେବେଳେ ସେ ପାଟଣା ମେଡ଼ିକାଲ୍ କଲେଜରେ ଅଧ୍ୟାପକ। ଗ୍ରୀଷ୍ମାବକାଶରେ ଆସି ସମ୍ବଲପୁରରେ ନିଜ ଘରେ ରହୁଥିଲେ। ମୋ ଗୁଆ ଦେବା ମାତ୍ରକେ ସେ ବିରକ୍ତିବ୍ୟଞ୍ଜକ ମୁଖଭଙ୍ଗୀ କରି କହିଲେ ଯେ ମୋ ଝିଅର ବିବାହରେ ସେ ଯୋଗଦେଇ ପାରିବେ ନାହିଁ। ଏହାର କାରଣ ପଚାରିବାରୁ ସେ କହିଲେ, ‘‘ତୁମ୍ଭ ଝିଅମାନଙ୍କୁ କାହିଁକି ଇଂରେଜୀ ପାଠ ପଢ଼ାଉଛ ? ଜାଣିଚ, ଏଥିପାଇଁ ସମାଜର ସମସ୍ତେ ତୁମ୍ଭ ଉପରେ ବିରକ୍ତ, ମୁଁ ମଧ୍ୟ ସେମାନଙ୍କ ସହିତ ଏକମତ। ବ୍ରଜମୋହନ ପଣ୍ଡା ଗାଁକୁ ଯାଇଛନ୍ତି। ସେ ଆସିଲେ ତୁମ୍ଭଙ୍କୁ ତିରସ୍କାର କରିବାପାଇଁ ତୁମ୍ଭଠାକୁ ଯିବା ସକାଶେ ଆମ୍ଭେମାନେ ସ୍ଥିର କରିଥିଲୁ। ତୁମ୍ଭ ଝିଅମାନଙ୍କୁ ଅତିଶୀଘ୍ର ସ୍କୁଲ କଲେଜରୁ ଉଠାଇଆଣ, ନଚେତ୍ ତୁମ୍ଭ ପ୍ରତି ବିପଦ ଘଟିବ।’’ ପ୍ରଥମରେ ମୁଁ ବୁଝିପାରିଲି ନାହିଁ। ଏହି ସନାତନ ବାବୁ କଟକ ମେଡ଼ିକାଲ୍ ସ୍କୁଲରେ ଅଧ୍ୟାପକ ହୋଇ ରହିଥିବା ସମୟରେ ତାଙ୍କ ଝିଅମାନଙ୍କୁ (ମୋପରି ତାଙ୍କର ମଧ୍ୟ ନଅଟି ଝିଅ) ରେଭେନ୍‌ସା ବାଳିକା ସ୍କୁଲରେ ଦେଇଥିଲେ, ଗୃହ ଶିକ୍ଷକ ରଖି ସେମାନଙ୍କ ଶିକ୍ଷାର ଯତ୍ନ କରୁଥିଲେ। ଗୀତ, ନାଚ ସୁଦ୍ଧା ଶିଖାଇବା ସକାଶେ ଗୃହ ଶିକ୍ଷକ ରଖିଥିଲେ। ଏ ପୁଣି ଏବେ କ’ଣ କହୁଛନ୍ତି ? ପ୍ରଥମଥର ତାଙ୍କ କଥା ମୁଁ ବିଶ୍ୱାସ କରିପାରିଲି ନାହିଁ। ମନେକଲି, ମୋତେ ଥଟ୍ଟା କରୁଛନ୍ତି ଅଥବା ମୋତେ ବୋକା ବନାଇବାର ପ୍ରୟାସ କରୁଛନ୍ତି। ପଚାରିଲି, ‘‘କହ ତ ସନାତନବାବୁ, ତୁମେ କ’ଣ ସତ କହୁଛ ? ଆଉ ଯଦି ସତ କହୁଛ, ତାହାହେଲେ ତୁମ୍ଭର ଏହି ମତିଗତି ପରିବର୍ତ୍ତନର କାରଣ କ’ଣ ?’’ ସେ ଟିକିଏ ଚଢ଼ା ସ୍ୱରରେ କହିଲେ, ‘‘ଦେଖୁନାହଁ ସେ ଟୁରା (ଟୋକା) ମୋ ଝିଅକୁ ବାହା ହେବ ବୋଲି ମୋ ଉପରେ ତାହାର ହୁକୁମ ଜାରି କରିବାକୁ ବସିଛି। କହୁଛି, ମୁଁ ମୋ ଝିଅକୁ ପାଠ ପଢ଼ାଉନାହିଁ। ଆଉ ତାକୁ ପାଠ ନ ପଢ଼ାଇଲେ ସେ ତାକୁ ବିବାହ କରିବ ନାହିଁ ବୋଲି ମୋଠାକୁ ଲେଖିଛି। ତୁମ୍ଭ ଝିଅର ପାଠପଢ଼ା ଦେଖି ସିନା ଏହା କହୁଛି ! ତୁମ୍ଭେ ତୁମ୍ଭ ଝିଅର ପାଠପଢ଼ା ବନ୍ଦକର।’’ କଥା ଏହି – ଶ୍ରୀ ବ୍ରଜମୋହନ ପଣ୍ଡାଙ୍କ ପୁଅ ସହିତ ସନାତନବାବୁଙ୍କ ଝିଅର ବିବାହ ନିର୍ବନ୍ଧ ସମ୍ବଲପୁରର ପ୍ରଥାନୁଯାୟୀ ପିଲାଦିନରୁ ହୋଇଯାଇଥିଲା। ଉଲ୍ଲିଖିତ ସମୟରେ ବ୍ରଜମୋହନ ପଣ୍ଡାଙ୍କ ପୁଅ ବି.ଏ. ପାଶ କରିସାରିଥିଲେ ଓ ସନାତନ ବାବୁଙ୍କ କଥିତ ପତ୍ର ତାଙ୍କଠାରୁ ଲେଖିଥିଲେ। ମୁଁ ହାସ୍ୟ ସମ୍ବରଣ ନକରି ରହିପାରିଲି ନାହିଁ। ସନାତନବାବୁଙ୍କୁ କହିଲି, ‘‘ସମ୍ବଲପୁରରେ ଠିକ୍ ଏହାହିଁ ମୁଁ ଚାହେଁ। ଏଣିକି ଶିକ୍ଷିତ ଯୁବକମାନେ ଅଶିକ୍ଷିତା କନ୍ୟା ବିବାହ କରିବେ ନାହିଁ।’’ ଏଥିରେ ସେ ଅଗ୍ନିଶର୍ମା ହୋଇଗଲେ। ତାଙ୍କ ଗଳା ଯେତିକି ଉପରକୁ ଚଢ଼ିଲା ମୁଁ ସେତିକି ହସିଲି। ପରେ ସେ ପ୍ରକୃତିସ୍ଥ ହେଲାରୁ ତାଙ୍କୁ ଏହି ମର୍ମରେ ଉପଦେଶ ଦେଇ କହିଲି, ‘‘ଦେଖ ସନାତନ ବାବୁ ! ତୁମେ କଥାଟାକୁ ବଡ଼ ଭୁଲ ବୁଝୁଛ। ତୁମ ଝିଅ ସ୍ୱାମୀ ସହିତ ତାହାର ଜୀବନ କଟାଇବ। ସୁତରାଂ ତାହାର ରୁଚି ଓ

Digitized by srujanika@gmail.com

ଅଭିଳାଷାନୁସାରେ ତାକୁ ତୁମ୍ଭଙ୍କ ତୟାର କରିଦେବାକୁ ହେବ। ସେ ତ ତୁମ୍ଭ ଝିଅକୁ କୌଣସି ପ୍ରକାର ମନ୍ଦ ଶିକ୍ଷା ଦେବାକୁ କହୁନାହିଁ। ତୁମ୍ଭେ ପାଟଣାରେ ଅଛ, ସେଠାରେ ବାଳିକା ସ୍କୁଲରେ ତୁମ୍ଭ ଝିଅକୁ ପଢ଼ାଇବା କେଡ଼େ ସୁବିଧା ଅଛି। ଝିଅମାନଙ୍କୁ ପାଠ ପଢ଼ାଇବା ସପକ୍ଷରେ ମୋ ମନରେ ଆଉ ଗୋଟିଏ ଧାରଣା ଦୃଢ଼ବଦ୍ଧ ହୋଇ ରହିଅଛି। ପାଠ କିଛି ମନ୍ଦ ଜିନିଷ ନୁହେଁ। ଅନ୍ୟ କଥା ଛାଡ଼, ଧର କାହାରି ଦୁର୍ଭାଗ୍ୟ ଯଦି ହଠାତ୍ ଆସି ଉପସ୍ଥିତ ହୁଏ, ତାହାହେଲେ ଏହି ପାଠ ବଳରେ ହିଁ ସେ ସ୍ୱାବଲମ୍ବୀ ଜୀବନଯାପନ କରିପାରିବ।'' ତଥାପି ସନାତନ ବାବୁ କହିଲେ ଯେ, ସେ ମୋ ସହିତ ଏକମତ ନୁହଁନ୍ତି। ଯାହାହେଉ ପଛକେ ତାଙ୍କ ଝିଅକୁ ସେ ଇଂରେଜୀ ପାଠ ପଢ଼ାଇବେ ନାହିଁ। ଦୈବଦୁର୍ବିପାକ ଦେଖନ୍ତୁ। ଭାଗ୍ୟ କାହାରି ହାତର ମୁଠାରେ ନାହିଁ। ବ୍ରଜମୋହନ ବାବୁଙ୍କ ପୁଅ ସହିତ ସନାତନ ବାବୁଙ୍କ ଝିଅର ବିବାହ ହୋଇଗଲା ଓ ଦୁର୍ଭାଗ୍ୟକ୍ରମେ ବିବାହର ବର୍ଷକ ମଧ୍ୟରେ ଝିଅ ବିଧବା ହେଲା। ଜାମାତାର ମୃତ୍ୟୁର ଅବ୍ୟବହିତ ପରେ ସନାତନବାବୁ ବିଧବା ଝିଅକୁ ସ୍ୱଗୃହକୁ ଘେନି ଆସିଲେ ଓ ଗୃହ ଶିକ୍ଷକ ରଖି ତାକୁ ପାଠ ପଢ଼ାଇଲେ। ଯଥା ସମୟରେ ସେ ମେଟ୍ରିକୁଲେସନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା ଓ ସମ୍ବଲପୁର ବାଳିକା ସ୍କୁଲରେ ଅଳ୍ପଦିନ ସକାଶେ ଶିକ୍ଷୟିତ୍ରୀ କାର୍ଯ୍ୟକଲା। ତତ୍ପରେ ଓଡ଼ିଶା ସରକାରଙ୍କ ବୃତ୍ତି ପାଇ ବୋଲପୁର ଶାନ୍ତିନିକେତନକୁ ଚାରୁକଳା ଶିକ୍ଷା ସକାଶେ ଯାଇ ସେଠାରୁ ଫେରି ଓଡ଼ିଶା ଶିକ୍ଷା ବିଭାଗରେ କିଛିଦିନ ଚାକିରି କଲା। ପରେ ଅସବର୍ଣ୍ଣ ବିବାହ କରି ବାଲେଶ୍ୱର ଜିଲ୍ଲାରେ ଦ୍ୱିତୀୟ ସ୍ୱାମୀ ସହିତ ରହିଅଛି।

କ୍ରମେ କ୍ରମେ ସମୁଦି ଓ ତାଙ୍କ ପ୍ରରୋଚନାରେ ତାଙ୍କ ମନୋଭାବାପନ୍ନ କେତେକ ବ୍ୟକ୍ତିଙ୍କ ମୋ ପ୍ରତି ନିର୍ଯ୍ୟାତନା ଆରମ୍ଭ ହେବା ଅନୁଭବ କଲି। ସମ୍ବଲପୁର ଝାଡୁଆପଡ଼ାରେ ଅଧିକାଂଶ ଝାଡୁଆ ବ୍ରାହ୍ମଣମାନଙ୍କ ନିବାସ। ମୋର ବନ୍ଧୁବାନ୍ଧବ ସମସ୍ତେ ଏହି ଝାଡୁଆପଡ଼ାରେ। ଏହି ସମୟରେ ମୋର ଚାରୋଟି ଝିଅଙ୍କ ଶାଶୁଘର ଏହି ଝାଡୁଆପଡ଼ାରେ। ଏ ସମସ୍ତଙ୍କଠାରୁ ସଦ୍ବ୍ୟବହାର ପ୍ରାପ୍ତି ଆଶା କରାଯାଏ, କିନ୍ତୁ ଦେଖିଲି ଏହି ଝାଡୁଆପଡ଼ା ଭିତରେ ଚାଲିବା ସୁଦ୍ଧା ମୋ ଝିଅମାନଙ୍କ ପକ୍ଷରେ କ୍ରମେ ଦୁଷ୍କର ହେବାକୁ ଲାଗିଲା। ସମ୍ବଲପୁରରେ ଆଜି ସୁଦ୍ଧା ଯଦି କୌଣସି ବିଷୟରେ ସଂସ୍କାର ଆବଶ୍ୟକ ତାହାହେଲେ ସ୍ତ୍ରୀମାନଙ୍କ ପରିଧାନ ପ୍ରଣାଳୀରେ ଏହି ସଂସ୍କାର ଶୀର୍ଷସ୍ଥାନ ଅଧିକାର କରିବା ଉଚିତ। ପ୍ରଥମରେ ଯେତେବେଳେ ମୋ ଝିଅମାନେ ଶାଢ଼ୀକୁ ଘେରାଇ ପିନ୍ଧିବା ଆରମ୍ଭ କଲେ, ସେମାନେ ସଡ଼କରେ ବିଶେଷ ଦର୍ଶନୀୟ ଓ ବିଦ୍ରୂପର ବିଷୟ ହୋଇଥିଲେ। ବାଳିକାମାନଙ୍କୁ ଏହି ପ୍ରକାରେ ଲୁଗା ପିନ୍ଧିବାକୁ ମୁଁ ଉପଦେଶ ଦିଏଁ। ଘେରା ଲୁଗା ପିନ୍ଧି ଯାଉଥିବା ସମୟରେ କୌଣସି କୌଣସି ଭଦ୍ର ମହିଳାଙ୍କ ମୁଖରୁ ସୁଦ୍ଧା ମନ୍ତବ୍ୟ ବାହାରେ, ''ଦେଖ ତ ରାଣ୍ଡେ ନାଚନୀବାଗିର ଦିଶି ମରୁଛନ୍'' (ଦେଖ ତ ରାଣ୍ଡେ ନାଚୁଣୀ ପରି ଦିଶୁଛନ୍ତି) ସେମିଜ୍, ବ୍ଲାଉଜ୍ କେହି ପିନ୍ଧୁନଥିଲେ। ବାଳିକା ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ

Digitized by srujanika@gmail.com

କହି ଏହା ପିଲାଦିନରୁ ପିନ୍ଧିବାକୁ ଶିକ୍ଷା କରିବା ସକାଶେ ବାଳିକାମାନଙ୍କୁ ବାଧ କରାଇଲି। ସମୁଦିଙ୍କ ଏହା ବିରୁଦ୍ଧରେ ଯୁକ୍ତିହେଲା – ଘେରା ପିନ୍ଧାରେ ଅଳ୍ପ ମୂଲ୍ୟର ସାତ ଆଠ ହାତର ଲୁଗା ନ ହୋଇ ୧୦/୧୧ ହାତ ହେବ। ପୁଣି ସେମିଜ୍, ବ୍ଲାଉଜ୍ ସୁଦ୍ଧା ବ୍ୟୟସାପେକ୍ଷ। ଏପରି ଲୋକଙ୍କୁ ବୁଝାଇବ କ'ଣ? କିନ୍ତୁ ହେଲା କ'ଣ? କାଳର ପ୍ରଭାବରେ ମନୁଷ୍ୟଙ୍କ ମଧ୍ୟରେ ଯେଉଁ ମାନସିକ ପରିବର୍ତ୍ତନର ସ୍ରୋତ ପ୍ରବାହିତ ହେବାକୁ ବସେ ତାହା କେହି ରୋଧ କରିପାରେନାହିଁ। ଏହି ରକ୍ଷଣଶୀଳ ଦଳ ଗଲେ କାହିଁ? ଏମାନଙ୍କ ମଧ୍ୟରୁ ଅନେକେ ଜୀବିତ ରହି ଆଜିସୁଦ୍ଧା ସ୍ୱଚକ୍ଷୁରେ କାଳର ବିଶୁଦ୍ଧ ପରିବର୍ତ୍ତନ ଦର୍ଶନ କରୁଛନ୍ତି। ଆଜି ସୁଦୂର ମଫସଲକୁ ସୁଦ୍ଧା ଗଲେ ସ୍ତ୍ରୀମାନଙ୍କ ଘେରା ପିନ୍ଧା ଦେଖିବାକୁ ମିଳେ। ମଫସଲ ସ୍କୁଲମାନଙ୍କରେ ସୁଦ୍ଧା ବାଳିକାମାନଙ୍କ ପୂର୍ବକାଳର ଅର୍ଦ୍ଧୋଲ୍ଲଙ୍ଗ ପରିଧେୟ ପରିବର୍ତ୍ତରେ ସୁରୁଚିସମ୍ପନ୍ନ ପ୍ରଣାଳୀରେ ପରିଧେୟ ବ୍ୟବହୃତ ହେଉଅଛି। କ୍ରମେ ଘର ଭିତରକୁ ଏହା ପ୍ରବେଶ କଲାଣି। ପ୍ରୌଢ଼ ବୟସ୍କା ମହିଳାମାନଙ୍କୁ ସୁଦ୍ଧା ପୂର୍ବଧରଣର ପିନ୍ଧା ଭଲ ଲାଗୁନାହିଁ। ଦୋକାନରେ ଆଠହାତ ଲମ୍ବ ଶାଢ଼ୀ ଆଉ ମିଳୁନାହିଁ। ସାଧାରଣ ବ୍ୟବହାର୍ଯ୍ୟ ଶାଢ଼ୀ ୧୧–୧୨ ହାତ ଲମ୍ବର। ଆମ୍ଭେମାନେ ତ ଯାହା ଦେଖୁ ହଠାତ୍ ତାହା ଶିଖିପକାଉ। ହୀରାକୁଦ ବନ୍ଧ ନିର୍ମାଣ ସମ୍ପର୍କରେ ବହୁସଂଖ୍ୟକ ପଞ୍ଜାବୀ ଆସି ସମ୍ବଲପୁରରେ ରହିଲା ଦିନଠାରୁ ଅନେକ ଯୁବତୀଙ୍କୁ ସୁଦ୍ଧା ପଞ୍ଜାବୀ ପାଇଜାମା ଓ ସାଲୁଆର ପିନ୍ଧି ସଡ଼କରେ ଯାତାୟାତ କରୁଥିବା ଦେଖିବାକୁ ମିଳୁଅଛି।

କାଳର ପ୍ରଭାବରେ ଯେ କେତେ ପ୍ରକାରେ ଲୋକଙ୍କ ମନୋଭାବ ପରିବର୍ତ୍ତିତ ଓ ପରିମାର୍ଜିତ ହେଉଅଛି ନିମ୍ନଲିଖିତ କେତେକ ଘଟଣାରୁ ଦେଖିବାକୁ ମିଳିବ। ସମ୍ବଲପୁରରେ ବାଳିକାସ୍କୁଲ ବହୁଦିନ ପୂର୍ବରୁ ମଧ୍ୟ ଓଡ଼ିଆ ଥିଲା। ମୋର ଯେତେଦୂର ସ୍ମରଣ ହୁଏ ୧୯୩୬ ବା ୧୯୩୭ ସାଲରେ ଏହା ମଧ୍ୟ ଇଂରେଜୀକୁ ଉନ୍ନୀତ ହେଲା। ଏ ସମ୍ବନ୍ଧରେ ଘଟଣା ଅବିସ୍ମରଣୀୟ। ସେତେବେଳେ ମୁଁ କଟକରେ ଚାକିରିରେ। ମୋ ଝିଅମାନେ ରେଭେନ୍ସା ବାଳିକାସ୍କୁଲରେ ପଢୁଥାନ୍ତି। ଏହି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ନିର୍ମଳବାଳା ନାୟକ ବିହାର ଓ ଓଡ଼ିଶା ପ୍ରଦେଶର ସ୍କୁଲ ଇନ୍ସ୍‌ପେକ୍‌ଟ୍ରେସ୍ ପଦ ପ୍ରାପ୍ତ ହୋଇ ଚାଲିଗଲେ। ଏହି ପଦକୁ ତାଙ୍କ ଉନ୍ନତି ହୋଇଥିବା ଶୁଣି ତାଙ୍କୁ ଅଭିନନ୍ଦନ ଜଣାଇବା ସକାଶେ ଦିନେ ଯାଇ ତାଙ୍କ ସାକ୍ଷାତ କଲି। ସେହି ସମୟରେ କଥା ପ୍ରସଙ୍ଗରେ ସମ୍ବଲପୁର ମଧ୍ୟଓଡ଼ିଆ ବାଳିକାସ୍କୁଲକୁ ମଧ୍ୟଇଂରେଜୀରେ ପରିଣତ କରିଦେବା ସକାଶେ ଅନୁରୋଧ କଲି। କଟକ ତ୍ୟାଗକରି ଚାଲିଯିବା କେତେକ ଦିନ ପରେ ସେ ମୋତେ ଲେଖିଲେ ଯେ ସେ ସମ୍ବଲପୁର ଗସ୍ତରେ ଯାଉଅଛନ୍ତି ଓ ସମ୍ବଲପୁର ମଧ୍ୟଓଡ଼ିଆ ସ୍କୁଲକୁ ମଧ୍ୟଇଂରେଜୀରେ ପରିଣତ କରିବା ସମ୍ବନ୍ଧରେ ତଦନ୍ତ କରିବେ। ଗସ୍ତ ପ୍ରୋଗ୍ରାମ ସୁଦ୍ଧା ମୋଠାକୁ ପଠାଇ ଦେଇଥିଲେ। ସେହି ସମୟକୁ ଛୁଟିନେଇ ମୁଁ ସମ୍ବଲପୁରକୁ ଆସିଲି ଓ ଏହି ବିଷୟ କେତେକ ବନ୍ଧୁଙ୍କୁ କହିଲି। ମିସ୍ ନାୟକ ନିର୍ଦ୍ଦିଷ୍ଟ ସମୟରେ ଆସିଲେ ଓ ମୋ ସହିତ ସାକ୍ଷାତ ସମୟରେ କହିଲେ ଯେ ମଧ୍ୟଇଂରେଜୀ

Digitized by srujanika@gmail.com

ବାଳିକା ସ୍କୁଲ ସକାଶେ ସ୍ଥାନୀୟ ଲୋକେ ସେମାନଙ୍କ ଦାବି ଜଣାଇବା ଉଚିତ। ତାହା ହେଲେ ସେହି ଦିଗରେ କାର୍ଯ୍ୟାନୁଷ୍ଠାନ କରିବାକୁ ତାଙ୍କୁ ସହଜ ହେବ। ଗୋଟିଏ ସଭାର ଯୋଗାଡ଼ କରାହେଲା। କେହି ଆସିଲେ ନାହିଁ। ସମୟର ସ୍ୱଳ୍ପତା ଯୋଗୁଁ ବା କେହି ସଭାର ସମ୍ବାଦ ପାଇ ନଥିବେ – ଏହି ଭାବନାରେ ଦୁଇଦିନ ପରେ ପୁଣି ସଭାର ବିଜ୍ଞାପନ ଦିଆହେଲା। ଏଥର ଆସିଲେ ମାତ୍ର ଦୁଇଜଣ, କବିରାଜ ଯୋଗେନ୍ଦ୍ର ମହାରଣା ଓ ରାୟସାହେବ ଅନିରୁଦ୍ଧ ପଟେଲ, ଯାହାଙ୍କ ଘରର ଝିଅମାନେ ସ୍କୁଲରେ ପଢୁନଥିଲେ। ଲଜ୍ଜା ଓ ଦୁଃଖରେ ଅଭିଭୂତ ହୋଇ ମିସ୍ ନାୟକଙ୍କୁ ଜନମତ ସଂଗ୍ରହ ସକାଶେ ଆଉ କିଛି ସମୟ ଦେବାପାଇଁ ଅନୁରୋଧ କଲି। ସେ କହିଲେ ଯେ ବରପାଲି, ସୋହେଲା ଆଡ଼କୁ ସେ ଗସ୍ତରେ ଯିବେ ଓ ତିନିଦିନ ପରେ ଫେରି ସେ ଲୋକଙ୍କ ମତ ପାଇବା ଆଶା କରନ୍ତି। ଜିଲ୍ଲାର ସ୍କୁଲ ଇନ୍‌ସ୍‌ପେକ୍ଟରଙ୍କ ଦ୍ୱାରା ମଧ୍ୟ ସେ ଜଣାଇଦେଲେ ଯେ ଡିଷ୍ଟ୍ରିକ୍ଟ ବୋର୍ଡ଼ ଓ ମ୍ୟୁନିସିପାଲିଟିର ଚେୟାରମେନ୍‌ଦ୍ୱୟଙ୍କ ସଙ୍ଗେ ଏ ସମ୍ବନ୍ଧରେ ସେ ବାଳିକା ସ୍କୁଲରେ ଆଲୋଚନା କରିବାକୁ ଚାହାଁନ୍ତି। ଯଥା ସମୟରେ ମିସ୍ ନାୟକ ଫେରିଲେ ଓ ମୋତେ ଡକାଇ କହିଲେ ଯେ ବାରମ୍ବାର ଆହ୍ୱାନ ଓ ଅନୁରୋଧରେ ସୁଦ୍ଧା ଚେୟାରମେନ୍ ଦ୍ୱୟ ଆସିଲେ ନାହିଁ। ଏହି ଦୁଇଜଣ ପୁଣି ସମ୍ବଲପୁରର ଦୁଇଜଣ ଓକିଲ, କିନ୍ତୁ ଝାଡୁଆ ବ୍ରାହ୍ମଣ ଓ ମୋ ସମୁଦିଙ୍କ ଅତି ନିକଟ ସମ୍ପର୍କୀୟ। ସ୍ତ୍ରୀ ଶିକ୍ଷା ପ୍ରତି ସମ୍ବଲପୁରବାସୀଙ୍କ ଉଦାସୀନତାରେ ଅସନ୍ତୋଷ ପ୍ରକାଶକରି ସେ ଚାଲିଗଲେ। ମୁଁ କଟକ ଫେରିଯିବା ପୂର୍ବେ ଆଉଥରେ ସଭା ଡାକିବା ପାଇଁ ଚେଷ୍ଟାକଲି। ତଥାପି କେହି ଉପସ୍ଥିତ ହେଲେ ନାହିଁ। ସମ୍ବଲପୁରର ବିଶିଷ୍ଟ ଶିକ୍ଷାପ୍ରେମୀ ଶ୍ରୀ ବ୍ରଜମୋହନ ପଣ୍ଡା ଓ ଅବସରପ୍ରାପ୍ତ ଡେପୁଟି କଲେକ୍ଟର ସ୍ୱର୍ଗତ ବାଳମୁକୁନ୍ଦ ବହିଦାରଙ୍କୁ ଏ ସମସ୍ତ ବିଷୟ ଜଣାଇଲି। ବାଳମୁକୁନ୍ଦ ବାବୁଙ୍କ ଘରେ ଗୋଟିଏ କପୋଳକଳ୍ପିତ ସଭାରେ ଗୃହୀତ ନିମ୍ନଲିଖିତ ନିର୍ଦ୍ଧାରଣ ଲେଖା ହେଲା – "ସମ୍ବଲପୁରବାସୀଙ୍କ ଏକ ବିରାଟ ସଭାରେ ଶ୍ରୀ ବାଳମୁକୁନ୍ଦ ବହିଦାରଙ୍କ ସଭାପତିତ୍ୱରେ ସ୍ଥାନୀୟ ମଧ୍ୟଓଡ଼ିଆ ସ୍କୁଲକୁ ମଧ୍ୟଇଂରେଜୀ ସ୍କୁଲରେ ପରିଣତ କରିବା ସପକ୍ଷରେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହେଲା।" ଏହା ଅବିଳମ୍ବରେ ଇନ୍‌ସ୍‌ପେକ୍ଟର ମିସ୍ ନାୟକଙ୍କଠାରୁ ପଠାହେଲା ଓ ଏହା ଫଳରେ ସମ୍ବଲପୁର ମଧ୍ୟଇଂରେଜୀ ସ୍କୁଲର ଜନ୍ମ। ଏହାର ଅଳ୍ପଦିନ ଉତ୍ତାରେ ମିସ୍ ନାୟକ ମୋ ପ୍ରତି ଧନ୍ୟବାଦ ଜ୍ଞାପନ ପତ୍ର ପାଇ ମୁଁ ଆପ୍ୟାୟିତ ହେଲି ଓ ସେ ମୋର ତଦନୁରୂପ ପତ୍ର ପାଇ ଆପ୍ୟାୟିତ ହୋଇଥିବେ।

ଏଥିରେ ରକ୍ଷଣଶୀଳ ଦଳ କିନ୍ତୁ ପ୍ରମାଦ ଗଣିଲେ। ମଧ୍ୟଇଂରେଜୀ ସ୍କୁଲରେ ସାତଟା ଶ୍ରେଣୀ। ଇଂରାଜୀ ପଢ଼ା ଚତୁର୍ଥ ଶ୍ରେଣୀରୁ ଆରମ୍ଭ ହୋଇ ସପ୍ତମଶ୍ରେଣୀ ପର୍ଯ୍ୟନ୍ତ ଚାଲେ। ମଧ୍ୟଓଡ଼ିଆ ଓ ମଧ୍ୟଇଂରାଜୀ ପରୀକ୍ଷା ସକାଶେ ଓଡ଼ିଆ ପାଠ୍ୟ ବିଷୟ ସବୁ ସମାନ। ମଧ୍ୟଇଂରେଜୀ ପରୀକ୍ଷା ସକାଶେ କେବଳ ଇଂରେଜୀ ଏକ ଅତିରିକ୍ତ ବିଷୟ। ପାଞ୍ଚ କିମ୍ବା ଛଅବର୍ଷରେ ପାଠ ଆରମ୍ଭକଲେ ମଧ୍ୟଓଡ଼ିଆ ହେଉ ଅଥବା ମଧ୍ୟଇଂରେଜୀ

Digitized by srujanika@gmail.com

ହେଉ, ପରୀକ୍ଷାବେଳକୁ ବାଳିକାମାନଙ୍କ ବୟସ ୧୨/୧୩ ହୋଇଯାଇଥିବ। ବଡ଼ ବିଷମ କଥା ! ଏତେ ବୟସ ହେବାଯାଏ ଯଦି ଝିଅମାନେ ସ୍କୁଲରେ ରହିବେ, ତାହାହେଲେ ସେମାନଙ୍କ ଘରକରଣା ଶିକ୍ଷା ଆଉ କେବେ ହେବ? ପୁଣି ଇଂରେଜୀ ପଢ଼ି ମାଇନର ପାସ୍‌କଲେ କେତେ ଝିଅଙ୍କ ଯଦି ହାଇସ୍କୁଲ ଓ ତାପରେ କଲେଜକୁ ଯିବାପାଇଁ ମନ ହୁଏ ତାହାହେଲେ ଆହୁରି ସର୍ବନାଶ। ଏ ସମସ୍ତ ଭାବନା ଅଭିଭାବକମାନଙ୍କୁ ଯେତେ ନୁହେଁ, ଆତ୍ମକଳ୍ପିତ ସମାଜନେତାମାନଙ୍କୁ ଅଧିକ ବିବ୍ରତ କରିବାକୁ ଲାଗିଲା। ଯେତେ କହିଲେ ସୁଦ୍ଧା ଏମାନେ ବୁଝିଲେ ନାହିଁ ଯେ ସ୍କୁଲର ଶିକ୍ଷା ଗୃହଶିକ୍ଷାର ପ୍ରତିକୂଳ ନୁହେଁ, ବରଂ ସମ୍ପୂର୍ଣ୍ଣ ଅନୁକୂଳ। ଅଧିକନ୍ତୁ ସ୍କୁଲ ଶିକ୍ଷା ଦ୍ୱାରା ଘରକରଣା ଆହୁରି ଉନ୍ନତ ଓ ମାର୍ଜିତ ହୋଇପାରିବ। ଝାଡ଼ୁଆପଡ଼ାର କେନ୍ଦ୍ରସ୍ଥାନୀୟ ବ୍ରହ୍ମପୁରା ମନ୍ଦିର ପ୍ରାଙ୍ଗଣରେ ଗୋଟିଏ ସଭାହେଲା। ଠାକୁର ଦର୍ଶନ ସକାଶେ ଯାଇ ଜନସମାଗମ ଦେଖି ସଭାର ଏକ କୋଣରେ ଯାଇ ଦଣ୍ଡାୟମାନ ହେଲି। ଦେଖିଲି, ସଭାରେ ଉପସ୍ଥିତ ପ୍ରାୟ ସମସ୍ତେ ଝାଡ଼ୁଆପଡ଼ାବାସୀ ବ୍ରାହ୍ମଣ। ସ୍ୱୟଂ ସମୁଦି ସଭାପତିଙ୍କ ଆସନ ମଣ୍ଡନକରି ବସିଅଛନ୍ତି। ମୋ ପ୍ରତି ତାଙ୍କ ଦୃଷ୍ଟି ନିପତିତ ହେଲାରୁ ମନେହେଲା, ଯେମନ୍ତ ଶୀର୍ଣ୍ଣକାୟ ବନ୍ଧୁଙ୍କ କୋଟରଗତ ଚକ୍ଷୁଦ୍ୱୟରୁ ନିର୍ଗତ ରୋଷାଗ୍ନି-ସ୍ଫୁଲିଙ୍ଗରାଶି ମୋତେ ଗ୍ରାସ କରିବାକୁ ଆସୁଅଛି। ତଥାପି କୌତୂହଳାବିଷ୍ଟ ହୋଇ ସେଠାରେ ମୁଁ ଦଣ୍ଡାୟମାନ ହୋଇ ରହିଲି। ସଭାରେ ଦୁଇଗୋଟି ପ୍ରସ୍ତାବ ହେଲା, (୧) ସମ୍ବଲପୁର ବାଳିକା ବିଦ୍ୟାଳୟର ପ୍ରାୟ ସମସ୍ତ ଶିକ୍ଷୟିତ୍ରୀ ଖ୍ରୀଷ୍ଟିୟାନ୍। ସେମାନେ କେହି ହିନ୍ଦୁଶାସ୍ତ୍ର ପୁରାଣାଦି ପଢ଼ି ନାହାଁନ୍ତି ବା ପଢ଼ନ୍ତି ନାହିଁ। ଅତଏବ ସେମାନେ ହିନ୍ଦୁ ବାଳିକାମାନଙ୍କୁ ପଢ଼ାଇବାକୁ ସମ୍ପୂର୍ଣ୍ଣ ଅଯୋଗ୍ୟ। ସେମାନଙ୍କୁ ବଦଳି କରାଯାଇ ସେମାନଙ୍କ ସ୍ଥାନରେ ହିନ୍ଦୁ ଶିକ୍ଷୟିତ୍ରୀ ନିଯୁକ୍ତ କରାଯାଉ। (୨) ଯେତେ ସଂଖ୍ୟାରେ ହିନ୍ଦୁ ଝିଅମାନେ ଇଂରେଜୀ ସ୍କୁଲରେ ପଢ଼ିବାକୁ ବସିଲେଣି ଏହା ସମାଜ ପକ୍ଷରେ ମଙ୍ଗଳକର ନୁହେଁ। ବାଳିକାମାନଙ୍କ ଇଂରେଜୀ ପଢ଼ାଦ୍ୱାରା ସମାଜ ଚୁରମାର୍ ହେବାକୁ ବସିଲାଣି। ଯେତେ ଉପଦେଶ ଦେଲେ ସୁଦ୍ଧା ବାଳିକାମାନେ ସ୍କୁଲ ଛାଡୁନାହାଁନ୍ତି ଏବଂ ଅଭିଭାବକମାନେ ସ୍ୱତଃ ନିଜ ନିଜ ଝିଅମାନଙ୍କୁ ଏପରି ସ୍କୁଲକୁ ପଠାଇବାରେ ଲାଗିଛନ୍ତି। ଅତଏବ ସମସ୍ତେ ଏହି ପ୍ରସ୍ତାବ ଗ୍ରହଣ କରନ୍ତୁ ଯେ, ଝିଅର ଦଶବର୍ଷ ହେବାଯାଏ ସେ ସ୍କୁଲରେ ପଢ଼ିପାରିବ। ଏଥିରୁ ଅଧିକ ବୟସ ପର୍ଯ୍ୟନ୍ତ ଯଦି କେହି ତାହାର ଝିଅକୁ ସ୍କୁଲରେ ରଖିବ, ସେ 'ଅଜାତି' ହେବ। ପ୍ରସ୍ତାବଦ୍ୱୟ ଅନୁମୋଦିତ ବା ସମର୍ଥିତ ହେବା ପୂର୍ବରୁ ମୁଁ ଏ ପ୍ରସ୍ତାବ ସମ୍ବନ୍ଧରେ କିଛି କହିବାପାଇଁ ସଭାପତିଙ୍କ ଅନୁମତି ଭିକ୍ଷାକଲି। ପ୍ରଥମରେ ମୁଁ ସଭାକୁ ନିମନ୍ତ୍ରିତ ନହୋଇ ଆସିଥିବା କାରଣରେ ମୋତେ ଅନୁମତି ଦେଲେ ନାହିଁ, କିନ୍ତୁ ପରେ ଉପସ୍ଥିତ ଭଦ୍ରବ୍ୟକ୍ତିଙ୍କ ମଧ୍ୟରୁ କେତେକଙ୍କ ଅନୁକୂଳ ମତଦ୍ୱାରା ମୁଁ ଅନୁମତି ପାଇ କହିଲି ଯେ, ପ୍ରସ୍ତାବଦ୍ୱୟ ପରସ୍ପର ବିରୋଧାତ୍ମକ। ଏହା ସରକାରଙ୍କଠାକୁ ଗଲେ ସମ୍ବଲପୁରର ଏଡ଼େ ଏଡ଼େ ବିଶିଷ୍ଟ ବିଜ୍ଞଲୋକେ

Digitized by srujanika@gmail.com

ହାସ୍ୟାସ୍ପଦ ହେବେ। ସୁତରାଂ ଏହା ବର୍ଜ୍ଜନ କରିବା ଉଚିତ ହେବ। ଏକ ପ୍ରସ୍ତାବ ଦ୍ୱାରା ଆମ୍ଭେମାନେ ହିନ୍ଦୁ ଶିକ୍ଷୟିତ୍ରୀଙ୍କ ଆବଶ୍ୟକତା ଅନୁଭବ କରୁଅଛୁ। ଅଥଚ ଅପର ପ୍ରସ୍ତାବଦ୍ୱାରା ଆମ୍ଭେମାନେ ଝିଅମାନଙ୍କ ଦଶବର୍ଷ ବୟସରେ ଶିକ୍ଷା ବନ୍ଦକରି ହିନ୍ଦୁ ଶିକ୍ଷୟିତ୍ରୀ ଲୋପ କରିବାକୁ ଯାଉଅଛୁ। ହିନ୍ଦୁ ଶିକ୍ଷୟିତ୍ରୀ ଯେ ସର୍ବଦା ସମ୍ବଲପୁରକୁ ବାହାରୁ ଆସୁଥିବେ, ତାହା ସମ୍ଭବ ନୁହେଁନ୍ତସମ୍ବଲପୁରରେ ସୁଦ୍ଧା ମିଳୁଥିବା ଉଚିତ। ତାହାହେଲେ ବାଳିକାମାନଙ୍କୁ ଦଶବର୍ଷ ବୟସ ଉତ୍ତାରେ ସୁଦ୍ଧା ଶିକ୍ଷାଦେବାକୁ ହେବ।

ଏହା କହି ମୁଁ ସଭା ତ୍ୟାଗକରି ଆସିଲି। ପରେ ସମ୍ବାଦ ପତ୍ରରେ ଦେଖିଲି, ପ୍ରସ୍ତାବଦ୍ୱୟ ସରକାରଙ୍କଠାକୁ ଗଲା। କିନ୍ତୁ ତାହାର ଅକାଳ ମୃତ୍ୟୁ ହୋଇଥିବା ଦେଖାଗଲା। କାର୍ଯ୍ୟତଃ ଖ୍ରୀଷ୍ଟିୟାନ୍ ଶିକ୍ଷୟିତ୍ରୀ ସ୍କୁଲରୁ ଗଲେ ନାହିଁ କିମ୍ବା ଦଶବର୍ଷାଧିକ ବୟସ୍କା ବାଳିକାମାନେ ସ୍କୁଲ ତ୍ୟାଗକଲେନାହିଁ; ବରଂ ସେମାନଙ୍କ ସଂଖ୍ୟା କ୍ରମେ ବୃଦ୍ଧି ହେବାକୁ ଲାଗିଲା ! ସ୍ତ୍ରୀ ଶିକ୍ଷା ବିରୋଧୀ ନେତୃସ୍ଥାନୀୟ ବ୍ୟକ୍ତିମାନେ ଦେଖିଲେ, ପ୍ରାପ୍ତବୟସ୍କା ଝିଅମାନେ ପୁସ୍ତକହସ୍ତରେ ଦଳଦଳ ହୋଇ ଶ୍ରେଣୀବଦ୍ଧ ଭାବରେ ସେମାନଙ୍କ ଚକ୍ଷୁସମକ୍ଷରେ ସଡ଼କ ଅତିବାହିତ କରି ଯାଉଅଛନ୍ତି ଏବଂ ବ୍ୟର୍ଥଚିନ୍ତା ସେମାନଙ୍କୁ ବିବ୍ରତ କରୁଅଛି। ଆଜିକାଲି କାହାକୁ ଅଜାତି କରିବା ନିଷ୍ଫଳ ପ୍ରୟାସ। କିନ୍ତୁ କାଳର ପ୍ରଭାବରେ ଏହି ଶ୍ରେଣୀୟ ଲୋକଙ୍କ ସୁଦ୍ଧା ଆଖି ଫିଟିଯାଇଅଛି। ଆଜି ଅନୁପାତରେ ପୁଅ ଏମ୍.ଏ. ଅପେକ୍ଷା ଝିଅ ଏମ୍.ଏ. ସମ୍ବଲପୁରରେ ଅଧିକା ଝିଅ। ଏମ୍.ଏ. ଙ୍କ ମଧ୍ୟରେ ଚାରିଜଣ ଝାଡ଼ୁଆବ୍ରାହ୍ମଣ, ଚାରିଜଣ ଓଡ଼ିଆ ବ୍ରାହ୍ମଣ, ଜଣେ କରଣ, ଜଣେ କୁଳିତା, ଜଣେ ପାନରା – ଏପରି ୧୧ ଜଣ। ଏମ୍.ବି.ବି.ଏସ୍. ଡାକ୍ତର ପାଞ୍ଚଜଣଙ୍କ ମଧ୍ୟରୁ ତିନିଜଣ ଝାଡ଼ୁଆ ବ୍ରାହ୍ମଣ – ଦୁଇଜଣ ମୋ ଝିଅ। ଆଉ ଅନେକ ମେଡ଼ିକାଲ୍ କଲେଜରେ ଅଛନ୍ତି। ବି.ଏ., ବି.ଏସ୍‌ସି., ଆଇ.ଏ., ଆଇ.ଏସ୍‌ସି.ଙ୍କ ସଂଖ୍ୟା ଆଉ କହି ହେଉନାହିଁ। ପ୍ରତିବର୍ଷ ବହୁ ସଂଖ୍ୟାରେ ବାଳିକାମାନେ ମେଟ୍ରିକୁଲେସନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଅଛନ୍ତି। ବାଳିକାମାନେ କେବଳ ସହରର ନୁହେଁନ୍ତି ମଫସଲରେ ସୁଦ୍ଧା ଝିଅ ପଢ଼ିଲେଣି। ସମ୍ବଲପୁର ସହରସ୍ଥ ଏକମାତ୍ର ବାଳିକା ସ୍କୁଲ ସମସ୍ତ ଶିକ୍ଷାଭିଳାଷିଣୀ ଛାତ୍ରୀମାନଙ୍କୁ ସ୍ଥାନ ଯୋଗାଇ ପାରୁନାହିଁ। ଆଉ ଗୋଟିଏ ସ୍କୁଲର ଅଭାବ ଅନୁଭୂତ ହେଉଅଛି। ଜୀବନର ଭିନ୍ନ ଭିନ୍ନ ବିଭାଗରେ ସୁଦ୍ଧା ବାଳିକାମାନେ ଶିକ୍ଷାନୁରୂପ କାର୍ଯ୍ୟ ଗ୍ରହଣକରି ଜୀବନଯାତ୍ରା ନିର୍ବାହ କରୁଅଛନ୍ତି। ସମ୍ଭ୍ରାନ୍ତ ପରିବାରର ଝିଅମାନେ ସୁଦ୍ଧା ଆଉ କେବଳ ବୈବାହିକ ଜୀବନକୁ ଏକମାତ୍ର ଅବଲମ୍ବନ ବୋଲି ଜ୍ଞାନ ନ କରି ଧାତ୍ରୀ ଓ ଶୁଶ୍ରୂଷା ବିଦ୍ୟା ଅର୍ଜ୍ଜନ ପୂର୍ବକ ଏହି ବ୍ୟବସାୟରେ ନିଯୁକ୍ତ ହେଉଅଛନ୍ତି। ଏହା ଯେ ସମାଜ ପକ୍ଷରେ ମଙ୍ଗଳକର ହୋଇଅଛି ଏହା ସମସ୍ତେ ବର୍ତ୍ତମାନ ମୁକ୍ତ କଣ୍ଠରେ ସ୍ୱୀକାର କଲେଣି। ସମୃଦ୍ଧି ଆଉ ଇହଜଗତରେ ନାହାଁନ୍ତି। ଯଦି ସେ ବର୍ତ୍ତମାନ ଜୀବିତ ଥାଆନ୍ତେ ତାହାହେଲେ ଦେଖିଥାନ୍ତେ, ତାଙ୍କ ନିଜ ଘରେ ତାଙ୍କ ପ୍ରତିପାଦିତ ମତ କେତେଦୂର ସଂଶୋଧିତ ଓ ପରିବର୍ତ୍ତିତ ହୋଇଅଛି। ସେ ଅର୍ଥକରି ବିଦ୍ୟାର ପକ୍ଷପାତୀ ନଥିଲେ ବୋଲି ଘୋଷଣା

Digitized by srujanika@gmail.com

କରୁଥିଲେ କିନ୍ତୁ ତାଙ୍କ ଗୋଟିଏ ପୁତ୍ରବଧୂ ବି.ଏ. ବି.ଇଡ଼ି। ସ୍ୱାମୀଙ୍କ ଚକ୍ଷୁରୋଗ ଜନିତ ଜୀବିକାର୍ଜ୍ଜନର ଅକ୍ଷମତା ଯୋଗୁଁ ସେହି ପୁତ୍ରବଧୂ ଶିକ୍ଷୟିତ୍ରୀ କାର୍ଯ୍ୟକରି ତାଙ୍କ ପୁତ୍ରର ପରିବାରକୁ ଅନ୍ନ ଯୋଗାଉଛନ୍ତି। ସମ୍ବଲପୁରବାସୀ ଆଉ କୂପମଣ୍ଡୁକ ହୋଇ ରହିଲେ ଚଳିବ ନାହିଁ। ପୃଥିବୀ କେଉଁଆଡକୁ ଗତି କରୁଅଛି। ଆମ୍ଭମାନଙ୍କ ଏହି ଉତ୍କଳର ଅନ୍ୟାନ୍ୟ ଅଞ୍ଚଳ ପ୍ରତି ଦୃଷ୍ଟିପାତ କରନ୍ତୁ। କେବଳ ଭାରତବର୍ଷର ଶିକ୍ଷାପ୍ରାପ୍ତିରେ ସନ୍ତୁଷ୍ଟ ନରହି କେତେକ ଓଡ଼ିଆ ଝିଅ ଉଚ୍ଚଶିକ୍ଷା ସକାଶେ ଦେଶଦେଶାନ୍ତରକୁ ଯାଇ କୃତିତ୍ୱ ଅର୍ଜ୍ଜନକରି ଫେରୁଅଛନ୍ତି, ଏହା ଦେଖି ସମ୍ବଲପୁରର ରକ୍ଷଣଶୀଳ ଦଳ ଆଲୋକପ୍ରାପ୍ତ ହୁଅନ୍ତୁ।

ତା.୧୨.୭.୧୯୩୯ ଦିନ ସୁଷମାକୁ ନେଇ ପାଟଣା ମେଡ଼ିକାଲ୍ କଲେଜରେ ଭର୍ତ୍ତି କରାଇଦେଲି। ତାହା ସଙ୍ଗେ ବାଲେଶ୍ୱରର ସାଧନା ରାଉତ ମଧ୍ୟ ଭର୍ତ୍ତି ହେଲା। ସାଧନା ସ୍ୱର୍ଗୀୟ ଫକୀର ମୋହନ ସେନାପତିଙ୍କ ଦୌହିତ୍ରୀ। ସେତେବେଳେ ପାଟଣା ମେଡ଼ିକାଲ୍ କଲେଜର ଛାତ୍ରୀମାନଙ୍କ ସକାଶେ ସ୍ୱତନ୍ତ୍ର ହଷ୍ଟେଲ (ଛାତ୍ରୀ ନିବାସ) ନଥିଲା। ଯେଉଁ ଅଳ୍ପସଂଖ୍ୟକ ଛାତ୍ରୀ ଥିଲେ, ସେମାନଙ୍କ ସକାଶେ ଜଣେ ଭଦ୍ରବ୍ୟକ୍ତିଙ୍କ ବାସଗୃହର ଏକାଂଶ ଭଡ଼ାରେ ନେଇ ସେମାନଙ୍କୁ ରଖା ହୋଇଥିଲା। ଏଥିରେ ମଧ୍ୟ ସୁଷମା ଓ ସାଧନା ସକାଶେ ସ୍ଥାନ ମିଳିଲା ନାହିଁ। ଏମାନେ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଆସିଥିଲେ। ତେଣୁ ଏମାନଙ୍କ ରହିବା ବ୍ୟବସ୍ଥା କରିବା ସକାଶେ ମୁଁ ତଦାନୀନ୍ତନ ଓଡ଼ିଶା ସରକାରଙ୍କ ଚିକିତ୍ସା ବିଭାଗର ଡିରେକ୍ଟରଙ୍କଠାକୁ ଏକ ଅନୁରୋଧପତ୍ର ଲେଖିଲି। କିନ୍ତୁ ସେ ଏ ଦିଗରେ ମନଦେଲେ ନାହିଁ ଓ ଏମାନଙ୍କ କଲେଜ ତ୍ୟାଗକରି ଚାଲିଯିବା ଆଶଙ୍କା ଉପସ୍ଥିତ ହୋଇଥିଲା। କିନ୍ତୁ ପାଟଣା ମେଡ଼ିକାଲ୍ କଲେଜର ଅଧ୍ୟକ୍ଷ କୋଲୋନେଲ୍ ମେହନି (Col. Mahony, I.M.S.)ଙ୍କ ବ୍ୟକ୍ତିଗତ ଚେଷ୍ଟାରେ ବାଙ୍କୀପୁର ବାଳିକା ହାଇସ୍କୁଲ ସଂଲଗ୍ନ ହଷ୍ଟେଲରେ ସେମାନଙ୍କୁ ସ୍ଥାନ ଦିଆହେଲା ଓ ପ୍ରଥମ ବର୍ଷଟି ସେମାନେ ସେଠାରେ ରହିଲେ। ଦ୍ୱିତୀୟ ବର୍ଷରେ (୧୯୪୦) ସେମାନେ ପ୍ରୋକ୍ତ ଭଡ଼ାଘରେ ସ୍ଥାନପାଇଲେ। ଉଭୟେ ପ୍ରଥମ ଓ ଦ୍ୱିତୀୟ ବର୍ଷର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ସେତେବେଳେ ଚିକିତ୍ସା ବିଦ୍ୟାଧ୍ୟୟନର କାର୍ଯ୍ୟକାଳ ଥିଲା ଛଅବର୍ଷ। ୧୯୪୧ ମସିହା ଜୁଲାଇ ମାସରେ ସୁଷମା ପ୍ଲୁରିସି ରୋଗରେ ପୀଡ଼ିତ ହେବାରୁ ଛଅମାସ ସକାଶେ ତାହାର ପାଠ ବନ୍ଦ କରାହୋଇଥିଲା। ଡିସେମ୍ବର ମାସ ଆଡକୁ ରୋଗର ଉପଶମ ହେବାରୁ ପୁଣି ଯାଇ ୧୯୪୨ ମସିହା ମଇ ମାସରେ ତୃତୀୟ ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା। ୧୯୪୦ ମସିହାରେ ଓଡ଼ିଶାର ଗଭର୍ଣ୍ଣର ସାର୍ ଜନ୍ ହାବାକ ସମ୍ବଲପୁର ଗସ୍ତରେ ଆସିଥିଲେ। ତାଙ୍କ ସହିତ ସାକ୍ଷାତରେ ମୁଁ ଏହି ଦୁଇବାଳିକାଙ୍କ ସକାଶେ ଓଡ଼ିଶା ସରକାରଙ୍କଠାରୁ ବୃତ୍ତି ପାଇଁ ଅନୁରୋଧ କରିଥିଲି ଓ ଓଡ଼ିଶା ସରକାର, ସେମାନେ କଲେଜରେ ଯୋଗଦେବା ଦିନଠାରୁ (ଜୁଲାଇ ୧୯୩୯) ଟ୩୫ଙ୍କା ଲେଖାଏଁ ମାସିକ ବୃତ୍ତି ମଞ୍ଜୁର କରିଥିଲେ। ଏହା ଉତ୍ତାରେ ଯେତେ ଛାତ୍ରୀ ଓଡ଼ିଶାରୁ ଆସିଲେ, ସେମାନେ ସମସ୍ତେ ଏହି ବୃତ୍ତି ଭୋଗକଲେ।

Digitized by srujanika@gmail.com

ଦ୍ୱିତୀୟ ମହାସମର

ବୋଧରାମ ଦୁବେ ପ୍ରଭୃତି ନେତାଙ୍କ କାରାବରଣ

୧୯୩୯ ମସିହା ସେପ୍ଟେମ୍ବର ତା୨ରିଖ ଦିନ ଏକପକ୍ଷରେ ଜର୍ମାନୀ, ଇଟାଲି ଓ ଜାପାନ ଏବଂ ଅପରପକ୍ଷରେ ଇଂଲଣ୍ଡ, ଆମେରିକାର ଯୁକ୍ତରାଷ୍ଟ୍ର, ରୁଷିୟା ଆଦି ସମ୍ମିଳିତ ରାଷ୍ଟ୍ର ମଧ୍ୟରେ ମହାଯୁଦ୍ଧ ସଂଘଟିତ ହେଲା । ଏହା ପୃଥିବୀବ୍ୟାପୀ ଦ୍ୱିତୀୟ ମହାସମର ନାମରେ ପରିଚିତ । ପ୍ରଥମ ମହାସମର ୧୯୧୪ ମସିହାରୁ ୧୯୧୮ ମସିହା ପର୍ଯ୍ୟନ୍ତ ହୋଇଥିଲା । ଯୁଦ୍ଧର ବିଭୀଷିକା ସମଗ୍ର ପୃଥିବୀରେ ତୁମୂଳଭାବରେ ପ୍ରସାରିତ ହେଉଥିବା ସମୟରେ ଭାରତବର୍ଷରେ ଇଂରେଜ ସରକାର ଭାରତବାସୀଙ୍କଠାରୁ ସର୍ବପ୍ରକାର ସାହାଯ୍ୟ ଦାବିକରି କହିଲେ ଯେ, ଜର୍ମାନୀ ବିରୁଦ୍ଧରେ ଯେଉଁ ଯୁଦ୍ଧ ଚଳାଇଛନ୍ତି, ତାହା ପୃଥିବୀରେ ସ୍ୱାଧୀନତା ରକ୍ଷା ସକାଶେ । ଯୁଦ୍ଧ ଯେତେବେଳେ ଆରମ୍ଭ ହେଲା, ମହାତ୍ମାଗାନ୍ଧୀ ଓ ଅନ୍ୟାନ୍ୟ ନେତାମାନଙ୍କୁ ଡାକି ଭାରତର ବଡ଼ଲାଟ୍ କହିଲେ ଯେ, ଭାରତବାସୀ ସମସ୍ତେ ସର୍ବତୋଭାବେ ଇଂରେଜ ସରକାରଙ୍କୁ ସାହାଯ୍ୟକରି ପୃଥିବୀରେ ସ୍ୱାଧୀନତା ଓ ଶାନ୍ତି ସଂସ୍ଥାପନ ସକାଶେ ସାହାଯ୍ୟ କରନ୍ତୁ । ସମସ୍ତ ନେତାମାନେ ଏକସ୍ୱରରେ କହିଲେ, ଯେଉଁ ନୀତିବଳରେ ସ୍ୱାଧୀନତା ସଂରକ୍ଷଣ ସକାଶେ ଇଂରେଜ ସରକାର ଯୁଦ୍ଧ ଚଳାଇଅଛନ୍ତି ବୋଲି କହୁଅଛନ୍ତି ସେହି ନୀତି ଭାରତବର୍ଷ ପ୍ରତି ସୁଦ୍ଧା ପ୍ରଯୁଜ୍ୟ ବୋଲି ଘୋଷଣା କରନ୍ତୁ ଓ ଯୁଦ୍ଧ ଶେଷରେ ତାହା କାର୍ଯ୍ୟରେ ପରିଣତ କରିବେ ବୋଲି ପ୍ରତିଶ୍ରୁତି ଦିଅନ୍ତୁ ଏବଂ ତାଙ୍କ ଆନ୍ତରିକତାର ପ୍ରମାଣ ସ୍ୱରୂପ ଭାରତବର୍ଷରେ ଜାତୀୟ ସରକାର ସ୍ଥାପନ କରନ୍ତୁ । ତାହାହେଲେ କଂଗ୍ରେସର ନେତୃତ୍ୱରେ ଭାରତବର୍ଷ ପୂର୍ଣ୍ଣପ୍ରାଣରେ ଯୁଦ୍ଧକ୍ଷେତ୍ରକୁ ଅବତରଣ କରିବ । ଏଥିରେ ଇଂରେଜ ସରକାର ରାଜି ହେଲେ ନାହିଁ । କଂଗ୍ରେସର କାର୍ଯ୍ୟକାରୀ କମିଟିର ୱାର୍ଦ୍ଧା ବୈଠକରେ ସ୍ଥିର ହେଲା ଯେ, ପ୍ରତ୍ୟେକ ଭାରତବାସୀ ଯୁଦ୍ଧ ସକାଶେ ସାହାଯ୍ୟ କରିବା ବିରୁଦ୍ଧରେ ପ୍ରଚାର କରିବେ । ମହାତ୍ମାଗାନ୍ଧୀ କଂଗ୍ରେସ ପକ୍ଷରୁ ଏହି ନିର୍ଦ୍ଦେଶ ନେଇ ବଡ଼ଲାଟ୍‌ଙ୍କ ସଙ୍ଗେ ସାକ୍ଷାତ କଲେ । ବଡ଼ଲାଟ୍ ଏହି ପ୍ରସ୍ତାବରେ ସମ୍ମତ ହେଲେ ନାହିଁ । ସରକାର ଚାହିଁଲେ ଯେ, ପ୍ରତ୍ୟେକ ଭାରତବାସୀ ଯୁଦ୍ଧ ଜୟ ସକାଶେ ସାହାଯ୍ୟ କରିବେ ଓ ଏହା ଚତୁର୍ଦ୍ଦିଗରେ ପ୍ରଚାର କରିବେ । କଂଗ୍ରେସ ଚାହେଁ ଯେ, ଏହି ନୀତି ବିରୁଦ୍ଧରେ ପ୍ରଚାର କରିବ । ସରକାରଙ୍କ ହାତରେ ସମସ୍ତ ପ୍ରକାର କ୍ଷମତା ଥାଇ ଏହା କି କରିଦେବା ସମ୍ଭବ ? ଭାରତରକ୍ଷା ଆଇନ ତ ପୂର୍ବରୁ ଜାରି ହୋଇ ସାରିଥିଲା ଓ ଯୁଦ୍ଧକୁ ସାହାଯ୍ୟ ଦେବା ବିରୁଦ୍ଧରେ ମତ ପ୍ରକାଶ ବା ପ୍ରଚାର କରିବା

Digitized by srujanika@gmail.com

ଦୋଷାବହ ବୋଲି ପ୍ରଚାର କରାହୋଇଥିଲା । ଏହି ଆଇନ ଅମାନ୍ୟ କରିବାପାଇଁ କଂଗ୍ରେସ ସ୍ଥିର କଲେ । କିନ୍ତୁ ଅମାନ୍ୟ କରିବ କିଏ ? ୧୯୩୦ ମସିହାରେ ଆଇନ ଅମାନ୍ୟ ଆନ୍ଦୋଳନରେ ନାନା ପ୍ରକାର ଲୋକେ କଂଗ୍ରେସରେ ପଶିଥିଲେ । ଏମାନଙ୍କ ମଧ୍ୟରେ ଅଧିକାଂଶ ବେରୋଜଗାରୀ ଓ ଅସଂଯତ ବ୍ୟକ୍ତି । ଏହି ଆନ୍ଦୋଳନ ସେମାନଙ୍କ ପକ୍ଷରେ ସୁବିଧାଜନକ ହୋଇଥିଲା । ଘରେ ଖାଇବାକୁ ପାଉନଥିଲେ, ଖାଇବାକୁ ପନ୍ଥା ମିଳିଲା । ପୂର୍ବ କଳଙ୍କ କ୍ଷାଳନ କରିବା ବାଟ ପାଇଲେ । ମହାତ୍ମାଗାନ୍ଧୀ ଏହା ଜାଣିଥିଲେନ୍ତ ତେଣୁ ଉପସ୍ଥିତ ଆନ୍ଦୋଳନରେ ବଛା ବଛା ସୈନିକ ଓ ସେନାପତି ଯାଇ ଏହାକୁ ସାଫଲ୍ୟମଣ୍ଡିତ କରିବେ ବୋଲି ଉପାୟ ସ୍ଥିରକଲେ । ଦେଖାଗଲା ଯେ ପ୍ରତ୍ୟେକ ରାଜ୍ୟର ଭୂତପୂର୍ବ ମନ୍ତ୍ରୀମାନେ କାର୍ଯ୍ୟ ଆରମ୍ଭ କରିବେ ଏବଂ ତତ୍ପରେ ପ୍ରାଦେଶିକ ବ୍ୟବସ୍ଥାପକ ସଭାର ସଦସ୍ୟମାନେ ସେମାନଙ୍କୁ ଅନୁସରଣ କରିବେ । ସମ୍ବଲପୁରର ବିଶିଷ୍ଟ ଓକିଲ ଓ ଭୂତପୂର୍ବ ଓଡ଼ିଶାର ମନ୍ତ୍ରୀ ଶ୍ରୀ ବୋଧରାମ ଦୁବେ ଆଇନ ଅମାନ୍ୟ କରିବାକୁ ଅଗ୍ରସର ହେଲେ ।

କି ହାସ୍ୟାସ୍ପଦ ବ୍ୟାପାର ! ଆଇନ ଅମାନ୍ୟ ହେଉଛି କିପରି ? ସମବେତ କେତେକ ଲୋକଙ୍କ ଆଗରେ କେବଳ ଗୋଟିଏ ବାକ୍ୟ କୁହାହେବ । ତାହା ଏହି – "ଏହି ଯୁଦ୍ଧରେ ଇଂରେଜ ସରକାରଙ୍କୁ ଲୋକ ବା ଅର୍ଥ ସାହାଯ୍ୟ ଦେବା ଅନ୍ୟାୟ । ଏକମାତ୍ର ନ୍ୟାୟ, ଅହିଂସା ବଳରେ ଏହାର ବିରୁଦ୍ଧାଚରଣ ।"

ଏମାନେ ଲୁଚାଇ କିଛି କରୁନଥିଲେ । ବୋଧରାମ ବାବୁ ସମ୍ବଲପୁର ସହରସ୍ଥ ନନ୍ଦପଡ଼ାରେ ତାଙ୍କ ବାସଗୃହ ସମ୍ମୁଖରେ ତା.୩.୧୨.୧୯୪୦ ଦିନ ୯ଟା ବେଳେ ଏହା କରିବେ ବୋଲି ଦୁଇଦିନ ପୂର୍ବେ ଜିଲ୍ଲା ହାକିମଙ୍କୁ ଜଣାଇଦେଇଥିଲେ ।

ତା୨ରିଖ ରାତ୍ର ଆଠଟା ବେଳେ ମୁଁ ବୋଧରାମବାବୁଙ୍କ ସଙ୍ଗେ ସାକ୍ଷାତ କରିବା ସକାଶେ ତାଙ୍କ ଘରକୁ ଗଲି । ଏକା ବସିଥାନ୍ତି, ମୋତେ ଦେଖି ହସି ହସି କହିଲେ, "ଆଉ ଘଣ୍ଟା କେତେ ମାତ୍ର ।" ମୁହଁ ପ୍ରସନ୍ନତାଭରା । ଚିନ୍ତା ବା ଉଦ୍‌ବେଗର ଚିହ୍ନ ମାତ୍ର ନାହିଁ ।

ମୋର ସମ୍ମୁଦି (ଝିଅର ଶ୍ୱଶୁର) ଶ୍ରୀଯୁକ୍ତ ଶ୍ୟାମଚରଣ ପାଢ଼ୀଙ୍କ ନାତୁଣୀର ବିବାହ ଉପଲକ୍ଷେ ତାଙ୍କ ଘରେ ଭୋଜି ହେଉଥିଲା । ସ୍ଥାନୀୟ ଅନେକ ଭଦ୍ରବ୍ୟକ୍ତି ଓ ହାକିମ ନିମନ୍ତ୍ରିତ ହୋଇ ଆସିଥିଲେ । ବୋଧରାମ ବାବୁଙ୍କୁ ନିମନ୍ତ୍ରଣ କରି ଆଣିବା ଭାର ମୋ ଉପରେ ନ୍ୟସ୍ତଥିଲା । ବୋଧରାମବାବୁଙ୍କଠାକୁ ଗଲି । ସେ ମୋତେ କହିଲେ, "ମୁଁ ଯାଇପାରିବି ନାହିଁ; କାରାଗାରକୁ ଯିବା ପୂର୍ବେ ମୋର ଶେଷ ଭୋଜନ ମୋର ବୃଦ୍ଧାମାତା ଓ ଭାଇମାନଙ୍କ ସଙ୍ଗେ କରିବା ମୋର ଇଚ୍ଛା । ଆପଣ ଶ୍ୟାମଚରଣ ବାବୁଙ୍କୁ କହିଦେବେ, ଯେପରି ମୋର ଅନୁପସ୍ଥିତ ଯୋଗୁଁ ସେ ଦୁଃଖିତ ନ ହୁଅନ୍ତି ।" ମୁଁ କହିଲି "ଚାଲନ୍ତୁ, ଆପଣ କେବଳ ଦେଖା ଦେଇ ଆସିବେ । ଆମ୍ଭେମାନେ ସମସ୍ତେ ଆପଣଙ୍କ ସହିତ ମିଳନର ସୌଭାଗ୍ୟ ଲାଭକରିବୁ ।" ବୋଧରାମ ବାବୁ ସମ୍ମତ ହେଲେ । ମୁଁ ଯାଇ ଶ୍ୟାମଚରଣ ବାବୁଙ୍କୁ ଡାକିଆଣିଲି । ନିକଟରେ ତାଙ୍କ ଘରନ୍ତ ସେ ଓ ମୁଁ ତାଙ୍କୁ ନେଇଗଲୁ ।

Digitized by srujanika@gmail.com

ବୋଧରାମ ବାବୁ ତାଙ୍କ ସ୍ୱାଭାବିକ ସରଳତା ଓ ଉଚ୍ଚ ହାସ୍ୟ ସହକାରେ ସମବେତ ଭଦ୍ରବ୍ୟକ୍ତିଙ୍କ ସହିତ ଆଳାପ କରିବାକୁ ଲାଗିଲେ । ତାଙ୍କ ଆଡ଼କୁ ଉପସ୍ଥିତ କେତେକ ହାକିମଙ୍କ ଅଙ୍ଗୁଳି ସଙ୍କେତ ମଧ୍ୟରେ ମଧ୍ୟରେ ଦେଖାଯାଉଥାଏ । କେହି କେହି ତାଙ୍କ ପାଖରୁ ଉଠିଗଲେ ଓ କେହି କେହି ଆହୁରି ପାଖୁ ଆସି ତାଙ୍କ ସହିତ କଥୋପକଥନରେ ଯୋଗଦେଲେ । ପୋଲିସ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ଅନୀଲ କୁମାର ଚାଟର୍ଜି କହିଲେ, ‘‘କାଲିକାର ଅପ୍ରୀତିକର କାର୍ଯ୍ୟଟି ମୋ ଉପରେ ନ୍ୟସ୍ତ ଅଛି ।’’ ବୋଧରାମ ବାବୁ କହିଲେ, ‘‘ମୋତେ ଗ୍ରେପ୍ତାର କରିବା କାର୍ଯ୍ୟଟି ନା ? ଅପ୍ରୀତିକର ଆଉ କ’ଣ ? ଆପଣଙ୍କ କର୍ତ୍ତବ୍ୟ ପାଳନ କରିବେ । ତାହା ତ ଅତି ସୁନ୍ଦର କଥା ।’’ ପ୍ରାୟ ଘଣ୍ଟାଏ କାଳ ରହି ଓ ସମସ୍ତଙ୍କ ସଙ୍ଗେ ମିଶି ବୋଧରାମବାବୁ ନିଜ ଘରକୁ ଚାଲିଆସିଲେ । ମୁଁ ଘର ପର୍ଯ୍ୟନ୍ତ ତାଙ୍କୁ ଛାଡ଼ିଦେଇ ଆସିଲି ।

ଡିସେମ୍ବର ତା୩ରିଖ, ଶୀତଦିନର ମେଘୁଆ ସକାଳ । ବଡ଼ି ସକାଳୁ ଶଙ୍ଖ ବାଜିଉଠିଲା । କୁଳବଧୂମାନେ ନିଜ ନିଜ ଘରଦାଣ୍ଡମାନ ଲିପି ପୋଛି ପରିଷ୍କାର କରିବାରେ ଲାଗିଗଲେ । ନଦୀରୁ ଗାଧୋଇ ଆସି ଘର ଆଗରେ ପୂର୍ଣ୍ଣ କଳସ ସ୍ଥାପନକରି ମୁରୁଜ ଲେଖି, ଦୀପ ବସାଇଦେଇଗଲେ । ତତ୍ପରେ ସେମାନଙ୍କ ହୁଳହୁଳି ଧ୍ୱନିରେ ଚତୁର୍ଦ୍ଦିଗ ମୁଖରିତ ହୋଇଉଠିଲା । ଜଣ ଜଣ ହୋଇ ସଡ଼କରେ ଲୋକ ସମାଗମ ବୃଦ୍ଧି ହେବାକୁ ଲାଗିଲା । ସମସ୍ତେ ବୋଧରାମ ବାବୁଙ୍କ ଦର୍ଶନ ସକାଶେ ଉତ୍କଣ୍ଠିତ ହୋଇ ରହିଅଛନ୍ତି । କେତେଲୋକଙ୍କ ମୁଖରୁ କେତେକଥା ଶୁଣାଯାଉଅଛି । ଅନେକେ କହୁଛନ୍ତି, ‘‘ଯାହା ହେଉ, ସମ୍ବଲପୁରର ସୁପୁତ୍ର ।’’ ତନ୍ମଧ୍ୟରେ ମୁଷ୍ଟିମେୟ ଲୋକ କହୁଅଛନ୍ତି, ‘‘ଏ କ’ଣ କଲେ ? କଂଗ୍ରେସ ପଛା ଛାଡ଼ି ଦିଅନ୍ତେ ସିନା । ପିଲାଙ୍କୁ ଛାଡ଼ି, ଓକିଲାତି ଛାଡ଼ି ଜେଲ୍ ଯିବା କ’ଣ ସୁବୁଦ୍ଧିର କଥା ?’’ କେତେକ ମହକିଲ କହୁଛନ୍ତି, ‘‘ମୋ ମୋକଦ୍ଦମା କ’ଣ ହେବ ?’’ ସେମାନଙ୍କ ମଧ୍ୟରୁ ପୁଣି କେତେକ କହୁଛନ୍ତି, ‘‘ଆରେ ଭାଇ, ମୋକଦ୍ଦମା ଆଉ କୌଣସି ଓକିଲଙ୍କୁ ଦେବା । ଏହି ମଙ୍ଗଳକର କାର୍ଯ୍ୟରେ ତାଙ୍କୁ ବାଧା ଦେବା କୌଣସିମତେ ଉଚିତ ନୁହେଁ ।’’

ନଅଟା ବାଜିବାକୁ ପନ୍ଦର ମିନିଟ୍ ବାକୀ । ବୋଧରାମ ବାବୁଙ୍କ ସଦର ଦ୍ୱାର ଉନ୍ମୋଚିତ ହେଲା । ତାଙ୍କ ସହଧର୍ମିଣୀ ଶ୍ରୀମତୀ ରୁକ୍ମିଣୀ ଦେବୀ ଦ୍ୱାରଦେଶରେ ପୂର୍ଣ୍ଣକଳସ ଓ ପ୍ରଦୀପ ସ୍ଥାପନ କରିଦେଲେ । ପ୍ରତିବେଶିନୀ ରମଣୀମାନେ ତାଙ୍କ ପଛକୁ ଲାଗିଗଲେ । ହୁଳହୁଳି ପଡ଼ିଗଲା । ଝିଅ ସରୋଜିନୀ ଆସି ପାଖରେ ଛିଡ଼ାହେଲା । ବୃଦ୍ଧାମାତା ଆସି ପୁତ୍ରର ଲଲାଟରେ ଚନ୍ଦନରେଖା ଅଙ୍କନ କରିଦେଲେନ୍ତଗଳାରେ ଫୁଲମାଳା ଲମ୍ବାଇଦେଲେ ଏବଂ ଚିବୁକ ସ୍ପର୍ଶକରି ଚୁମ୍ବନ କଲେ । ଆଉ ଏକ ବୃଦ୍ଧା ମଧ୍ୟ ଆସି ତଦନୁରୂପ କରିଦେଲେ । ସରୋଜିନୀ ଫୁଲମାଳ ପିତାଙ୍କ ଗଳାରେ ଲମ୍ବାଇଦେଲା । ତାହା ପଛକୁ ରାମଧୀନ, କୈଳାସ ଆଦି ଭାଇମାନଙ୍କ ହସ୍ତରୁ ଫୁଲମାଳମାନ ଲମ୍ବିତ ହେଲା ।

ମୋଟର ଗାଡ଼ିର ମେଘନାଦ ଶୁଭିଲା, ଗୋଟିଏ, ତା ପଛକୁ ଆଉ ଗୋଟିଏ, ଆଉ ଗୋଟିଏ ଆସି ସଡ଼କରେ ଛିଡ଼ାହେଲା । ଗୋଟିକରେ ସ୍ଥାନୀୟ ସବ୍‌ଡ଼ିଭିଜନାଲ୍ ଅଫିସର

Digitized by srujanika@gmail.com

ଓ, ଅପରଟିରେ ଜଣେ ପୋଲିସ୍ ସବ୍‌ଇନ୍‌ସପେକ୍ଟର ଓ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ। ସମସ୍ତେ ଜନତା ମଧ୍ୟରେ ପ୍ରବେଶ କଲେ। ଲୋକଭିଡ଼ରେ ସଡ଼କରେ ତିଳ ଧାରଣର ସ୍ଥଳ ନ ଥିଲା।

ଜନତା ମଧ୍ୟରେ ଦଣ୍ଡାୟମାନ ହୋଇ ବୋଧରାମ ବାବୁ ପ୍ରଥମରେ ଇଂରେଜୀରେ ପରେ ଓଡ଼ିଆରେ ଲେଖା ଖଣ୍ଡିଏ ଧରି ପାଠକଲେ – ମହାତ୍ମାଙ୍କ ଅନୁମୋଦିତ ସେହି ଗୋଟିକ ବାକ୍ୟ। ଓଡ଼ିଆରେ ବାକ୍ୟ ପାଠ ଶେଷ ନ ହେଉଣୁ ସବ୍‌ଡ଼ିଭିଜନାଲ୍ ଅଫିସର ପୋଲିସ ସବ୍‌ଇନ୍‌ସପେକ୍ଟରଙ୍କୁ କହିଲେ, ‘‘ଯାଅ ମ, ତାଙ୍କୁ ଗ୍ରେପ୍ତାର କର।’’ ସବ୍‌ଇନ୍‌ସପେକ୍ଟର କହିଲେ, ‘‘ଆପଣ ତ ହାକିମ ଅଛନ୍ତି। ସେହି କାମ ଆପଣଙ୍କର।’’ ସବ୍‌ଇନ୍‌ସପେକ୍ଟର ନିର୍ନିମେଷ ଲୋଚନରେ ବୋଧରାମ ବାବୁଙ୍କ ମୁଖକୁ ଅନାଇ ରହିଲେ। ହାକିମ ପୁଣି କହିଲେ, ‘‘ଏଁ, ଏ କଣ କହି ଯାଉଥିବେ? ଥରେ କହିଲେ, ଦୁଇଥର କହିଲେଣି, ଯାଅ, ତାଙ୍କୁ ଗ୍ରେପ୍ତାର କର।’’ ସବ୍‌ଇନ୍‌ସପେକ୍ଟରଙ୍କ ନେତ୍ର ସ୍ଥିର, ମୁଖ ଗମ୍ଭୀର, ସେ ନିର୍ବାକ ହୋଇ ପୁତ୍ତଳିକାବତ୍ ଦଣ୍ଡାୟମାନ; ଅଦୂରରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ଅନିଲକୁମାର ଚାଟାର୍ଜି ତଦ୍ରୂପ। ମୁଁ ତାଙ୍କ ଚକ୍ଷୁକୋଣରେ ଲକ୍ଷ୍ୟକଲି ଅଲକ୍ଷ୍ୟନିଃସୃତ ଅଶ୍ରୁବିନ୍ଦୁ।

ବୋଧରାମ ବାବୁ ସମବେତ ଜନମଣ୍ଡଳୀଙ୍କୁ ଖଦଡ଼ ପରିଧାନ, ଗ୍ରାମ ସଂଗଠନ, ଅହିଂସା ବ୍ରତ ଓ ମହାତ୍ମା ଗାନ୍ଧୀଙ୍କ ନିର୍ଦ୍ଦେଶ ପାଳନ ବିଷୟରେ ଉପଦେଶ ଦେବାକୁ ଲାଗିଲେ। ସବ୍‌ଡ଼ିଭିଜନାଲ୍ ଅଫିସର ଆଉ ସମ୍ଭାଳି ନ ପାରିବା ଭଳି ଧୀରେ ଧୀରେ ତାଙ୍କ ଆଡ଼କୁ ଅଗ୍ରସର ହୋଇ କହିଲେ, ‘‘ଦୁବେ ମହାଶୟ! ଆପଣ ବର୍ତ୍ତମାନ ମୋ ହାତରେ ବନ୍ଦୀ। ମୋ ପଛେ ପଛେ ଆସନ୍ତୁ।’’ ବୋଧରାମ ବାବୁ ହସ ହସ ମୁଖରେ ତାଙ୍କ ଅନୁସରଣ କଲେ। ସଙ୍ଗେ ସଙ୍ଗେ ନିରବଚ୍ଛିନ୍ନ ଧ୍ୱନି ହେଲା, ‘‘ଜୟ, ବୋଧରାମ ବାବୁଙ୍କ ଜୟ, ମହାତ୍ମା ଗାନ୍ଧୀଙ୍କ ଜୟ, ଭାରତମାତାଙ୍କ ଜୟ।’’ ମୋଟର ଗର୍ଜନ କରି ତାଙ୍କୁ ଘେନି ଚାଲିଗଲା।

ତାଙ୍କୁ ନେଇ ଜେଲରେ ରଖାହେଲା। ସେହି ଦିନ ଜିଲ୍ଲା ହାକିମ ଅଜଫର୍ ସାହେବ ତାଙ୍କ ବିଚାର କରି ନଅମାସ ଅଶ୍ରମ କାରାଦଣ୍ଡାଦେଶ ଜ୍ଞାପନ କଲେ।

ସମ୍ବାଦପତ୍ରରେ ଦେଖାଗଲା ଭାରତବର୍ଷର ସର୍ବତ୍ର ଏହି ଲୀଳା।

ସେହିଦିନ ବ୍ୟବସ୍ଥାପକ ସଭାରେ ସଦସ୍ୟ ଶ୍ରୀ ଫକୀର ବେହେରା ଗ୍ରେପ୍ତାର ହେଲେ ଓ ତାଙ୍କ ପ୍ରତି ଛଅମାସ ସଶ୍ରମ କାରାଦଣ୍ଡ ବିଧାନ ହେଲା। ପରଦିନ ଅପର ସଦସ୍ୟ ଶ୍ରୀ ପ୍ରହ୍ଲାଦ ରାୟ ଲାଠ୍ ଗ୍ରେପ୍ତାର ହେଲେ ଓ ଆଠ ମାସ ଅଶ୍ରମ କାରାଦଣ୍ଡରେ ଦଣ୍ଡିତ ହେଲେ।

ଯୁଦ୍ଧ ଚାଲିଥିବା ସମୟରେ ସରକାରୀ କର୍ମଚାରୀଙ୍କ ମତିଗତି ବିଷୟ ଉଲ୍ଲେଖଯୋଗ୍ୟ। ମୁଁ ସେତେବେଳେ ସମ୍ବଲପୁରରେ ଚାକିରିରେ। ପ୍ରତ୍ୟେକ ଜିଲ୍ଲା ତୁଲ୍ୟ ସମ୍ବଲପୁରରେ ସୁଦ୍ଧା ଯୁଦ୍ଧ କମିଟି ଗଠିତ ହୋଇଥିଲା। ତହିଁର ସଭ୍ୟମାନଙ୍କ ମଧ୍ୟରୁ କେତେକ ସରକାରୀ ଓ କେତେକ ବେସରକାରୀ। କଂଗ୍ରେସ ଶାସନଭାର ତ୍ୟାଗ କରିଅଛି, ଓଡ଼ିଶା

Digitized by srujanika@gmail.com

ଲାଟ ଶାସନଭାର ଗ୍ରହଣ କରିଛନ୍ତି। ତାଙ୍କ ତଳେ ଜଣେ ପରାମର୍ଶଦାତା (Advisor) ନିଯୁକ୍ତ ହୋଇଛନ୍ତି। ତା.୮.୪.୪୧ ଦିନ ଓଡ଼ିଶାର ପରାମର୍ଶଦାତା (E. C. Ansorge) ଏନ୍‌ସର୍ଜ ସାହେବ ସମ୍ବଲପୁର ଜିଲ୍ଲାର ଯୁଦ୍ଧ କମିଟିର ବୈଠକରେ ଉପସ୍ଥିତ ଥିଲେ ଏବଂ ଏହି ଜିଲ୍ଲାରେ ଯୁଦ୍ଧ ସମ୍ବନ୍ଧରେ କି କି କାର୍ଯ୍ୟ କରାହୋଇଅଛି ତହିଁର ଆଲୋଚନା କରିଥିଲେ। ପୁରୀ ଓ ବାଲେଶ୍ୱର ଛଡ଼ା ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ସମ୍ବଲପୁର ଯଥେଷ୍ଟ ଅର୍ଥସଂଗ୍ରହ କରିଥିବା ପ୍ରକାଶ କଲେ ଏବଂ ଆହୁରି ଅର୍ଥ ସଂଗ୍ରହ କରିବାରେ ଯଥାସାଧ୍ୟ ଚେଷ୍ଟା କରିବାକୁ କହିଲେ। ଆଉ ନାନା କଥା ପ୍ରସଙ୍ଗରେ ସେ କହିଲେ ଯେ, ଓଡ଼ିଆମାନଙ୍କୁ ସୈନ୍ୟବାହିନୀରେ ପ୍ରବେଶ କରିବାକୁ ସୁବିଧା ଦେବା ସକାଶେ ଦାବି କରାଯାଉଅଛି, କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଓଡ଼ିଆମାନେ ତଥା ସମ୍ବଲପୁରବାସୀ ସେ ଦିଗରେ ମନ ନ ବଳାଇ କେବଳ ଅର୍ଥ ସଂଗ୍ରହ, ସମ୍ବାଦପତ୍ରରେ, ବିଶେଷତଃ ସେହି ସମୟରେ ସରକାରଙ୍କ ଏକପ୍ରକାର ମୁଖପତ୍ର କଟକର ବିଶିଷ୍ଟ ବ୍ୟବସାୟୀ ମଦନଲାଲ ଝାଜୋଡ଼ିୟାଙ୍କ ପରିଚାଳିତ 'ଦୈନିକ ଆଶା'ରେ ପ୍ରକାଶିତ ଯୁଦ୍ଧ ସମ୍ବାଦ ଓ ତାହାର ସମାଲୋଚନା ପରିବେଷଣ, ନାଟକାଭିନୟ ଓ ଯାତ୍ରା ପ୍ରଭୃତି ସାହାଯ୍ୟରେ ଅର୍ଥସଂଗ୍ରହ ଇତ୍ୟାଦି କାର୍ଯ୍ୟରେ ମନଦେଇ ସନ୍ତୁଷ୍ଟ ହୋଇ ରହିଲେ ଯଥେଷ୍ଟ ହେବ।

ଏନ୍‌ସର୍ଜ ସାହେବ ଆହୁରି କହିଲେ ଯେ, ଅର୍ଥ ସଂଗ୍ରହରେ ଜବରଦସ୍ତି କରାହେଉଅଛି। ଏହା ଯେପରି କେହି ନ ବୁଝନ୍ତି। ଏହି ପ୍ରସଙ୍ଗରେ ଓଡ଼ିଶା ସରକାରଙ୍କ ବିଷୟ ଉତ୍‌ଥାପନ କରିଥିଲେ। ପୂର୍ବବର୍ଷ ସେପ୍ଟେମ୍ବର ମାସରେ ସମ୍ବଲପୁର ଟାଉନ୍ ହଲ୍‌ର ଏକ ସଭାରେ ସେ ତାଙ୍କ ଭାଷଣରେ କହିଥିଲେ ଯେ, ଯୁଦ୍ଧ ସକାଶେ ଅର୍ଥ ସଂଗ୍ରହରେ ଯଦି କେହି ବଳପ୍ରୟୋଗ କରୁଥିବା ବିଷୟ ତାଙ୍କ ଗୋଚରକୁ ଅଣାଯାଏ ଓ ତାହା ପ୍ରମାଣିତ କରିଦିଆଯାଏ, ତାହାହେଲେ ବଳପ୍ରୟୋଗକାରୀଙ୍କୁ ସମୁଚିତ ଶାସ୍ତି ଦିଆଯିବ। କିନ୍ତୁ ଅଭିଯୋକ୍ତା ଯଦି ତାଙ୍କ ଅଭିଯୋଗ ପ୍ରମାଣ ନ କରନ୍ତି ତାହାହେଲେ ତାଙ୍କୁ ତହିଁର ଫଳ ଭୋଗକରିବାକୁ ହେବ। ଏନ୍‌ସର୍ଜ ସାହେବ ପୁଣି କହିଲେ ଯେ, ଭୂତପୂର୍ବ ପ୍ରଧାନମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାଶ (ବର୍ତ୍ତମାନ ଉତ୍ତରପ୍ରଦେଶର ରାଜ୍ୟପାଳ) ତାଙ୍କର ଗୋଟିଏ ଭାଷଣରେ କହିଥିଲେ ଯେ, କେତେକ ସରକାରୀ କର୍ମଚାରୀ ବଳପ୍ରୟୋଗ କରୁଥିବା ପ୍ରମାଣ ତାଙ୍କଠାରେ ଯଥେଷ୍ଟ ରହିଅଛି। କିନ୍ତୁ ଗୋଟିକର ସୁଦ୍ଧା ପ୍ରମାଣ ଦେଇ ପାରିଲେ ନାହିଁ। ପ୍ରମାଣ ଦେବା କ'ଣ ସହଜ ? ଇଂରେଜ ଶାସନ ପ୍ରଣାଳୀ ବିଚିତ୍ର ଧରଣର। ଯଦି କେହି କୌଣସି ସରକାରୀ କର୍ମଚାରୀ ବିରୁଦ୍ଧରେ କୌଣସି ଅଭିଯୋଗ କରେ ଉକ୍ତ ଅଭିଯୋଗ ସମ୍ବନ୍ଧରେ ତାହାର ଉତ୍ତର ଦେବା ସକାଶେ ପ୍ରଥମରେ ତାହାକୁହିଁ କୁହାଯାଏ। ସେ କ'ଣ କେବେ ନିଜର ଦୋଷ ସ୍ୱୀକାର କରିବ ? ଏହା କି ସ୍ୱାଭାବିକ ? ପୁଣି ଯଦି ସରକାରଙ୍କ ସ୍ୱାର୍ଥ ହାନି ହେଉଥିବା ଭଳି ଅଭିଯୋଗ ହେଉଥାଏ ତାହାହେଲେ ତାହା ଅପ୍ରମାଣିତ କରିବା ସକାଶେ ସରକାରଙ୍କ ଯାବତୀୟ ବଳ ଏକାବେଳକେ ପ୍ରଯୁକ୍ତ ହୁଏ। ଗୋଟିଏ ବିଷୟ ସେହି ସମୟରେ ସମଧିକ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ପୁରୀର ଖାସମାହାଲ ଅଫିସର, ଯୁକ୍ତ ପ୍ରଦେଶର

Digitized by srujanika@gmail.com

ଜଣେ ମନ୍ତ୍ରୀଙ୍କ ସ୍ତ୍ରୀ ପୁରୀ ଖାସମାହାଲ ମଧ୍ୟସ୍ଥ ଗୋଟିଏ ଘର କ୍ରୟ କରିବା ସକାଶେ ଅନୁମତି ପ୍ରାର୍ଥନା କରିଥିବାରୁ, ଯୁଦ୍ଧ ପାଣ୍ଠିକୁ ଆର୍ଥିକ ସାହାଯ୍ୟ କଲେ ଅନୁମତି ଦିଆଯିବ ବୋଲି କହିଥିଲେ ଓ ସେ କିଛି ନ ଦେବାରୁ ପୁରୀ କଲେକ୍ଟର ତାଙ୍କୁ ଅନୁମତି ଦେଲେ ନାହିଁ। ଏ ବିଷୟ କେନ୍ଦ୍ର ବ୍ୟବସ୍ଥାପକ ସଭାର ସଦସ୍ୟ ଶ୍ରୀ ବୁଲାଭାଇ ଦେଶାଇ ପ୍ରକାଶ କରିଥିଲେ। କିନ୍ତୁ ପୁରୀ ଖାସମାହାଲ ଅଫିସର କିମ୍ବା କଲେକ୍ଟରଙ୍କ ପ୍ରତି କେବେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ହୋଇଥିବା କେହି କେବେ ଜାଣିପାରିଲେ ନାହିଁ।

ଏହା ଉତ୍ତାରେ ଗୋଖଲେ ସାହେବ (B.K.Gokhle, I.C.S.) ପରାମର୍ଶଦାତା ପଦରେ ନିଯୁକ୍ତ ହେଲେ। ଏହାଙ୍କ ନିଯୁକ୍ତିର ପ୍ରାୟ ଦୁଇମାସ ପରେ ପାରଳାଖେମଣ୍ଡି ମହାରାଜାଙ୍କ ନେତୃତ୍ୱରେ ଶ୍ରୀ ଗୋଦାବରୀଶ ମିଶ୍ର ଓ ଶ୍ରୀ ଅବଦୁଲ୍ ଶୋଭାନ ଖାଁ ମନ୍ତ୍ରୀମଣ୍ଡଳ ଗଠନକଲେ। ପୂର୍ବ ମନ୍ତ୍ରୀମାନେ ୧୯୪୫ ମସିହାରେ ଜେଲ୍‌ରୁ ଫେରିଲେ। ୧୯୪୬ରେ ସାଧାରଣ ନିର୍ବାଚନ ହେଲା। ଅଳ୍ପ କେତେକ ମାସ ପାଇଁ କଂଗ୍ରେସ ବିରୁଦ୍ଧଦଳ ହୋଇ ରହିଲେ। ତତ୍ପରେ ଶ୍ରୀ ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ କଲେ। କୋରାପୁଟ ସଦସ୍ୟ ଶ୍ରୀ ରାଧାକୃଷ୍ଣ ବିଶ୍ୱାସ ରାୟ, କଟକର ସଦସ୍ୟ ଶ୍ରୀ ନବକୃଷ୍ଣ ଚୌଧୁରୀ ଓ ଶ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋ ଓ ପୁରୀର ସଦସ୍ୟ ଶ୍ରୀ ଲିଙ୍ଗରାଜ ମିଶ୍ର, ମନ୍ତ୍ରୀମଣ୍ଡଳରେ ରହିଲେ ଏବଂ ଏମାନେ ୧୯୪୭ ପର୍ଯ୍ୟନ୍ତ ରାଜ୍ୟଶାସନ କଲେ। ସେହିବର୍ଷ ଅଗଷ୍ଟ ୧୫ତାରିଖରେ ଭାରତବର୍ଷ ସ୍ୱାଧୀନତା ପ୍ରାପ୍ତ ହେଲା ଏବଂ ୧୯୫୧ ପର୍ଯ୍ୟନ୍ତ ସେହି ମନ୍ତ୍ରୀମଣ୍ଡଳ ରହିଲା। ୧୯୫୨ ମସିହାରେ ତୃତୀୟ ସାଧାରଣ ନିର୍ବାଚନ ହେଲା। ୧୯୪୯ ମସିହାରେ ଶ୍ରୀ ମହତାବ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ସ୍ଥାନପ୍ରାପ୍ତ ହୋଇ ଚାଲିଗଲେ ଓ କଟକର ଅନ୍ୟତମ ସଦସ୍ୟ ଶ୍ରୀ ନବକୃଷ୍ଣ ଚୌଧୁରୀ ତାଙ୍କ ସ୍ଥାନରେ ମୁଖ୍ୟମନ୍ତ୍ରୀ ପଦରେ ଅଭିଷିକ୍ତ ହେଲେ। ୧୯୪୭ ମସିହା ନଭେମ୍ବର ମାସ ତା୧୩ରିଖରେ କେନ୍ଦ୍ର ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ କଟକ ଆସି ଓଡ଼ିଶାର ଦେଶୀୟ ରାଜ୍ୟସମୂହର ରାଜାମାନଙ୍କ ସହିତ ସାକ୍ଷାତକରି ଓ ସେମାନଙ୍କ ପରାମର୍ଶ ଗ୍ରହଣକରି ଭାରତବର୍ଷର ଏକୀକରଣ ଉଦ୍ଦେଶ୍ୟରେ ଦେଶୀୟ ରାଜ୍ୟସମୂହକୁ ଭାରତବର୍ଷ ସହିତ ସଂଯୁକ୍ତ କରିବା ସ୍ଥିରକଲେ। ରାଜାମାନେ ସେମାନଙ୍କ କ୍ଷମତା ଭାରତସରକାରଙ୍କ ହସ୍ତରେ ଅର୍ପଣ କଲେ ଏବଂ ୧୯୪୮ ମସିହା ଜାନୁୟାରୀ ତା୧ ରିଖରେ ଏ ସମସ୍ତ ରାଜ୍ୟ ଓଡ଼ିଶା ସହିତ ମିଳିତ ହେଲା। ଏହି ସମୟରେ କେବଳ ମୟୂରଭଞ୍ଜ ମିଳିତ ହେଲାନାହିଁ। ଏହାର ବର୍ଷକ ପରେ ହେଲା। ରାଜାମାନେ ସ୍ୱ ସ୍ୱ ରାଜ୍ୟର ଆୟ ଅନୁପାତର ଭତ୍ତା ପାଇ ରହିଲେ। ଏହି ପ୍ରକାରେ ଭାରତର ଅନ୍ୟାନ୍ୟ ରାଜ୍ୟଗୁଡ଼ିକ ସୁଦ୍ଧା ଅଳ୍ପକାଳ ମଧ୍ୟରେ ଭାରତର ଅନ୍ତର୍ଭୁକ୍ତ ହେଲା। ଏହି ସମ୍ମିଳନରେ କେବଳ ହାଇଦ୍ରାବାଦ ଭିନ୍ନ ପନ୍ଥା ଅବଲମ୍ବନ କରିଥିବା ଯୋଗୁଁ ଏହା ପ୍ରତି ଭାରତ ସରକାରଙ୍କୁ ସାମରିକ ବଳ ପ୍ରୟୋଗ କରିବାକୁ ହୋଇଥିଲା ଏବଂ ନିଜାମ୍ ଅଳ୍ପଦିନ ମଧ୍ୟରେ ନିଜ ରାଜ୍ୟକୁ ଭାରତ ସରକାରଙ୍କ ହସ୍ତରେ ସମର୍ପଣ କରିଥିଲେ।

Digitized by srujanika@gmail.com

ଶ୍ୟାମାର ଚକ୍ଷୁପୀଡ଼ା–ସୁଷମାର ଅସୁସ୍ଥତା–
As3 ଅନ୍ୱେଷଣ

ଶ୍ୟାମା ମୋର ନବମ କନ୍ୟା। ଏମ୍. ଏ.। ବର୍ତ୍ତମାନ ସମ୍ବଲପୁର ମହିଳା କଲେଜରେ ସଂସ୍କୃତ ସାହିତ୍ୟର ଅଧ୍ୟାପିକା। ପିଲାଦିନ ସମୟ ସମୟରେ ସେ ଚକ୍ଷୁରୋଗରେ ପୀଡ଼ିତ ହେଉଥାଏ ଓ ଚିକିତ୍ସାଦ୍ୱାରା ତାହାର ସାମୟିକ ଉପଶମ ହେଉଥାଏ। କିନ୍ତୁ ୧୯୪୦ ମସିହା ଆଡ଼କୁ ଅର୍ଥାତ୍ ତାହାର ଦଶବର୍ଷ ବୟସରେ ପୀଡ଼ା ଏତେ ଉତ୍କଟ ହେଲା ଯେ, ତାକୁ ଚକ୍ଷୁରୋଗ ବିଶାରଦଙ୍କ ଦ୍ୱାରା ଚିକିତ୍ସା ସକାଶେ ପାଟଣାକୁ ନେବାକୁ ହୋଇଥିଲା। ସେତେବେଳେ ମୋର ପଞ୍ଚମ କନ୍ୟା ସୁଷମା ପାଟଣା ମେଡ଼ିକାଲ କଲେଜର ଛାତ୍ରୀ। ତାହାର ପରାମର୍ଶ ଓ ସାହାଯ୍ୟରେ ଜୁଲାଇ ମାସରେ ଶ୍ୟାମାକୁ ନେଇ ଚକ୍ଷୁରୋଗର ଡାକ୍ତର ମେଡ଼ିକାଲ କଲେଜର ଅଧ୍ୟାପକ ଶ୍ରୀ ଦୁଖନରାମଙ୍କ ଦ୍ୱାରା ଯେତେବେଳେ ପରୀକ୍ଷା କରାହେଲା, ସେ କହିଲେ ଯେ ରୋଗ ଟ୍ରାକୋମା Trachoma ଓ ଚିକିତ୍ସା ସକାଶେ ତାକୁ ଅନ୍ତତଃ ଏକମାସ କାଳ ରହିବାକୁ ହେବ। ରୋଗର ଲକ୍ଷଣ ଏହା ଯେ ଆଖିର ଉଭୟ ପତା ଭିତରର ମାଂସରେ ଗଜାହୋଇ ଅନବରତ ପୀଡ଼ା ହୁଏ ଓ ଗଜା ବଡ଼ ବଡ଼ ହେଲେ ଆଖି ଡୋଳା ଢାଙ୍କିଦେଇ ଅନ୍ଧ କରିଦିଏ। ପୀଡ଼ା କେତେ କେତେବେଳେ ଏତେ ତୀବ୍ର ହୁଏ ଯେ, ଆଖି ମେଲିହୁଏ ନାହିଁ। ଘରେ ରଖି ତାହାର ଚିକିତ୍ସା ହେଉଥିବା ପର୍ଯ୍ୟନ୍ତ ପୀଡ଼ାର କେବଳ ସାମୟିକ ଉପଶମ ହେଉଥାଏ। ଡାକ୍ତର ଦୁଖନରାମ ଶ୍ୟାମାକୁ ମାସେ ରହିବାକୁ ହେବ ବୋଲି କହିଥିଲେ ସିନା, ତାକୁ ଜୁଲାଇରୁ ଡିସେମ୍ବର ପର୍ଯ୍ୟନ୍ତ ଛଅମାସ ରଖିବାକୁ ହୋଇଥିଲା, ଏହି ଛଅମାସ ମଧ୍ୟରେ ଗୋଟିଏ ସ୍ୱତନ୍ତ୍ର ଭଡ଼ାଘରେ ମୋର ସ୍ୱର୍ଗତ ପୁତ୍ର ସତ୍ୟଗୋପାଳକୁ ରହିବାକୁ ହୋଇଥିଲା ଓ ସେ ସାନ ଭଉଣୀର ଯତ୍ପରୋନାସ୍ତି ଯତ୍ନ କରୁଥିଲା। ସେତେବେଳେ ସେ ସମ୍ବଲପୁରରେ ଓକିଲାତି ଆରମ୍ଭ କରିସାରିଥିଲା, କିନ୍ତୁ ମୁଁ ଚାକିରିରେ ଥିବାରୁ ଓ ଏହି ଦାୟିତ୍ୱ ଗ୍ରହଣ କରିବାକୁ ଘରେ ଆଉ କେହି ନଥିବାରୁ ଏହି ଭାର ତାହା ଉପରେ ଅର୍ପିତ ହୋଇଥିଲା। ଡିସେମ୍ବର ଆଡ଼କୁ ପୀଡ଼ାର ଯଥେଷ୍ଟ ଉପଶମ ହେଲା ଓ ତାହାକୁ ଘରକୁ ଅଣାହେଲା। କିନ୍ତୁ ଘରେ ଦୁଇମାସ ରହିଲା ପରେ ପୁଣି ପୀଡ଼ା ଆରମ୍ଭ ହୋଇ ପତା ସବୁ ଫୁଲିଗଲା। ଫେବୃୟାରୀ ମାସରେ ପୁଣି ତାକୁ ନିଆ ହେଲା ଓ ଚିକିତ୍ସାଦ୍ୱାରା ପୀଡ଼ାର ଉପଶମ ଦେଖି ପ୍ରାୟ ଦୁଇମାସ ପରେ ଘରକୁ ଫେରାଇ ଅଣାହେଲା। କିନ୍ତୁ ସଙ୍ଗେ ସଙ୍ଗେ ରୋଗ ଏତେ ବୃଦ୍ଧି ପାଇଲା ଯେ ୧୯୪୧ ମସିହା ଜୁନ୍ ତାରିଖରେ ତାକୁ

Digitized by srujanika@gmail.com

ନେଇ ଡାକ୍ତର ଦୁଖନରାମଙ୍କ ଘରେ ତାହାର ଚିକିତ୍ସା କରାହେଲା । ଏତେଦିନ ପାଟଣାରେ ରହିବାରୁ ସତ୍ୟଗୋପାଳର ଓକିଲାତି ବ୍ୟବସାୟରେ କ୍ଷତି ହେଲାଣି । ତେଣୁ ତାକୁ ପଠାଇ ହେଲା ନାହିଁ । ତାହାର ମାଉସୀ ପୁଅ ଭାଇ ପ୍ରଭାକର ପାଣିଗ୍ରାହୀ ସ୍ୱତଃପ୍ରବୃତ୍ତ ହୋଇ ତାହାକୁ ନେଇ ପାଟଣାରେ ରହିଲା । ଏମାନଙ୍କ ସଙ୍ଗେ ଆମ୍ଭମାନଙ୍କ ପଡ଼ୋଶୀ ଶ୍ରୀ ନୀଳାଦ୍ରି ମହାପାତ୍ରଙ୍କ ବିଧବା ପ୍ରୌଢ଼ବୟସ୍କା ଭଉଣୀ ତୁଳସୀ ମଧ୍ୟ ଯାଇ ରହିଲେ । ଏମାନେ ଗଲାପରେ ମୁଁ ପାଞ୍ଚ ଦିନର ଛୁଟି ନେଇ ପାଟଣାକୁ ଗଲି । ସେତେବେଳେ ଦେଖିଲି, ସୁଷମା ମେଡ଼ିକାଲ୍ କଲେଜ ମଧ୍ୟସ୍ଥ ହ୍ୱିଲର୍ କେବିନ୍ (Wheeler cabin)ରେ ପ୍ଳୁରିସି ରୋଗରେ ଶଯ୍ୟାଶାୟିନୀ ହୋଇ ପଡ଼ିଅଛି । ଅଧ୍ୟାପକ ଡାକ୍ତର ବସ୍ତିଦାର ତାହାର ଚିକିତ୍ସା କରୁଅଛନ୍ତି । ସେ କହିଲେ, ସୁଷମା ଆରୋଗ୍ୟ ଲାଭ କଲାପରେ ସୁଦ୍ଧା ତାକୁ ଅନ୍ତତଃ ଛଅମାସ ପାଠ ବନ୍ଦ କରିବାକୁ ହେବ । ଡାକ୍ତର ଦୁଖନ୍‌ରାମ ଶ୍ୟାମାକୁ ପରୀକ୍ଷା କରି ତାହା ପ୍ରତି ଅତ୍ୟନ୍ତ ଅଯତ୍ନ ହୋଇଅଛି ବୋଲି କହିଲେ ଓ ମୋ'ପ୍ରତି ଭୀଷଣ ବିରକ୍ତ ପ୍ରକାଶ କଲେ । କହିଲେ, ଆଖିର ଅବସ୍ଥା ଅତ୍ୟନ୍ତ ଗୁରୁତର, କିନ୍ତୁ ନିରାଶାଜନକ ନୁହେଁ । ଶ୍ୟାମାର ଦୁଇ ଆଖିର ଦୁଇପତା ଯାକ ଭୀଷଣ ଭାବରେ ଫୁଲି ଯାଇଅଛି । ଆଖି ମେଲି ପାରୁନାହିଁ । ଡାକ୍ତର ତାଙ୍କ ଗୃହସ୍ଥିତ ଚିକିତ୍ସାଳୟରେ ଶ୍ୟାମାର ଆଖି ଖୋଲି ମୋତେ ଦେଖାଇଦେଲେ । ଦେଖିଲି, ପତା ଭିତରର ମାଂସ ଏତେ ବୃଦ୍ଧି ହୋଇଅଛି ଯେ ଉଭୟ ଚକ୍ଷୁର ଡୋଳାକୁ ତାହା ଆବରଣ କରି ରଖିଅଛି । ଡୋଳାର ଚିହ୍ନ ସୁଦ୍ଧା ଜଣାଯାଉନାହିଁ । ଚକ୍ଷୁ କୋଟରରୁ ପତାଦ୍ୱୟ ପ୍ରାୟ ଏକଇଞ୍ଚ ହେବ ଫୁଲି ଉପରକୁ ଉଠି ରହିଅଛି । ଡାକ୍ତର ପରଦିନ ପୁଣି ପରୀକ୍ଷା କରି କହିଲେ ଯେ, ତାହାର ଡାହାଣ ଆଖି ପ୍ରାୟ ଆଉ ନାହିଁ; ବାମ ଆଖିର ଅବସ୍ଥା ଅପେକ୍ଷାକୃତ ଭଲ ଏବଂ ସେ ଆଶା ଦେଲେ ଯେ, ଅଳ୍ପଦିନ ପରେ ଉଭୟ ଆଖି ଭଲ ହୋଇଯାଇପାରେ । କିନ୍ତୁ ଡାହାଣ ଆଖିର ଦୋଷ ରହିଯିବ । ଶ୍ୟାମାର ଅବସ୍ଥା ଦେଖି ଓ ଡାକ୍ତରଙ୍କ ଉକ୍ତି ଶୁଣି ମୁଁ ଦୀର୍ଘ ଛୁଟିନେଇ ପାଟଣାରେ ରହି ନିଜେ ତାହାର ଚିକିତ୍ସା କରାଇବା ସ୍ଥିରକଲି । ଶ୍ୟାମାକୁ ଦେଖିବି ଓ ସୁଷମାକୁ ମଧ୍ୟ ଦେଖିବି । ଉଭୟଙ୍କ ଅବସ୍ଥା ଦେଖି କାତର କଣ୍ଠରେ କେବଳ ଭଗବାନଙ୍କ କୃପାଭିକ୍ଷା କରୁଥାଏଁ । ଡାକ୍ତର ତ ଆଶାଦେଇ ରଖିଥାଆନ୍ତି । ୫ ଦିନର ଛୁଟି ଶେଷରେ ଘରକୁ ଫେରିଆସିଲି । ତିନିମାସର ଛୁଟି ସକାଶେ ଦରଖାସ୍ତ କରିଦେଲି ଓ ଯେତେଶୀଘ୍ର ସମ୍ଭବ ମୋତେ ଛୁଟିରେ ଯିବାକୁ ସରକାରଙ୍କୁ ଅନୁରୋଧ କଲି । ସୌଭାଗ୍ୟକୁ ଓଡ଼ିଶାର ତଦାନୀନ୍ତନ ରେଭେନ୍ୟୁ କମିଶନର ଉଡ୍ ସାହେବ (Wood) ମୋତେ ଛୁଟିରେ ଚାଲିଯିବାକୁ ଅନୁମତି ଦେଲେ । ଜୁଲାଇ ୧୨ ତାରିଖ ଦିନ ମୁଁ ପାଟଣାରେ ପହଞ୍ଚି ଦେଖିଲି, ସମସ୍ତେ ମୋ ଅପେକ୍ଷାରେ ବସିରହି ଅଛନ୍ତି । ସୁଷମାକୁ ଦେଖିଲି, ସେ ଭଲ ଅଛି । କିନ୍ତୁ ଛାତିର ବଥା ଯାଇନାହିଁ ବୋଲି କହିଲା । ଶ୍ୟାମାର ବସାରେ ପହଞ୍ଚିଲା ବେଳକୁ ରାତି ଦଶଟା । ଶ୍ୟାମା ଶୋଇ ନାହିଁ । ମୋର ତୁଣ୍ଡ ବାରି ଉଠିପଡ଼ି ଅଣ୍ଡାଳି ଅଣ୍ଡାଳି ଆସି ବାପା ! ବାପା ! ବୋଲି ମୋତେ କୁଣ୍ଢେଇ ପକାଇଲା ଓ ହସିବାକୁ ଲାଗିଲା । ତାହାର

Digitized by srujanika@gmail.com

ନିଃସହାୟ ଅବସ୍ଥା ଦେଖି ମୋ ଚକ୍ଷୁରୁ ସ୍ୱତଃ ଅଶ୍ରୁ ବୋହିବାକୁ ଲାଗିଲା । କିନ୍ତୁ ମୋର ମନେ ହେଲା, ମୋତେ ପାଇ ଯେପରି ତାହାର ସମସ୍ତ ଦୁଃଖ ଲୁପ୍ତ ହୋଇଯାଇଅଛି । ଆନନ୍ଦରେ ଯେମନ୍ତ ସେ ବିଭୋର । ସାନଭାଇ ଫକୀର (ବିଭୁପ୍ରସାଦ) ଓ ସାନ ଭଉଣୀ ପୂର୍ଣ୍ଣିମା ଓ ସତ୍ୟଭାମାର କଥା ପଚାରିଲା । ଅଥଚ କୋହରେ ମୋତେ ଅଧୀର କରିଦେଉଥିଲା । ମା' ଆସିଛନ୍ତି କି ନା ବୋଲି ପଚାରିଲା ଓ ଆସି ନାହାଁନ୍ତି ଶୁଣି ମୁହଁ ଶୁଖାଇଦେଲା । କିଛିଦିନ ପରେ ଆସିବେ ବୋଲି କହିଲାରୁ ପୁଣି ତାହାର ମୁହଁରେ ହସ ଦେଖାଗଲା ।

ଶ୍ୟାମାର ଚକ୍ଷୁଦ୍ୱୟ ଏକାବେଳକେ ବନ୍ଦ । ଅଣ୍ଡାଳି ଅଣ୍ଡାଳି ଯାହା କରୁଛି । ହାତଧରି ତାକୁ ନିଆ ଅଣା ହେଉଛି । ୧୩ ତାରିଖ ଦିନ ତାକୁ ନେଇ ଡାକ୍ତରଙ୍କ ସଙ୍ଗେ ସାକ୍ଷାତ କଲି । ଡାକ୍ତର କହିଲେ, ଚକ୍ଷୁର ଅବସ୍ଥା ଅତ୍ୟନ୍ତ ଗୁରୁତର । ଔଷଧ ଆଶାନୁରୂପ କାର୍ଯ୍ୟ କରୁନାହିଁ ।

ପରଦିନ ସକାଳେ ପୁଣି ଶ୍ୟାମାକୁ ନେଇ ଡାକ୍ତରଙ୍କ ଘରକୁ ଗଲି । ସେଠାରେ ପ୍ରତ୍ୟହ ଚକ୍ଷୁରୋଗୀଙ୍କ ଭିଡ଼ । ଡାକ୍ତରବାବୁ ଶ୍ୟାମାକୁ ପୁଣି ଦେଖିଲେ । ମୋତେ କହିଲେ, ପୂର୍ବ ରାତିରେ ପ୍ରାୟ ଦୁଇଟା ପର୍ଯ୍ୟନ୍ତ ସେ ଚକ୍ଷୁରୋଗ ବିଷୟରେ କେତେଗୁଡ଼ିଏ ବହି ପଢ଼ିଲେ, କିନ୍ତୁ କୌଣସିଠାରୁ ଆଲୋକପାତ ପାଇଲେ ନାହିଁ । ହଠାତ୍ ତାଙ୍କର ସ୍ମରଣ ହେଲା, କିଛିଦିନ ପୂର୍ବେ ଅଟମ ନାମକ ଗୋଟିଏ ଚକ୍ଷୁରୋଗର ମଲମ ଜର୍ମାନୀରୁ ଆସିଥିଲା । ନମୁନା ସ୍ୱରୂପ ତାହା ସେ ପାଇଥିଲେ ଓ ତାହା ପ୍ରୟୋଗକରି ଆଶାତୀତ ଫଳ ପାଇଥିଲେ । ଯଦି ସେହି ଔଷଧ କୌଣସିଠାରେ ମିଳେ, ତାହା ଦ୍ୱାରା ଶ୍ୟାମାର ଆଖି ଭଲହୋଇଯାନ୍ତା । ଔଷଧଟି ବଜାରକୁ ବିକ୍ରୟ ସକାଶେ ଆସି ନଥିଲା । କୌଣସି ଔଷଧ ବଜାରକୁ ବିକ୍ରୟ ସକାଶେ ପଠାଇବା ପୂର୍ବରୁ ଔଷଧ ପ୍ରସ୍ତୁତକାରୀମାନେ ଡାକ୍ତରମାନଙ୍କଠାକୁ ପରୀକ୍ଷା ସକାଶେ ପଠାନ୍ତି ଓ ଫଳ ସମ୍ବନ୍ଧରେ ସେମାନଙ୍କ ଅନୁକୂଳମତ ପ୍ରାପ୍ତ ହେଲେ ତାହା ବଜାରକୁ ପଠାନ୍ତି । ଏହି ନିୟମାନୁସାରେ ଏହି ମଲମ କେବଳ ପରୀକ୍ଷା ସକାଶେ ଆସିଥିଲା । ଆସିବା ଅଳ୍ପଦିନ ପରେ ଦ୍ୱିତୀୟ ମହାଯୁଦ୍ଧରେ ଜର୍ମାନୀ ଲିପ୍ତ ହେବାରୁ ଆଉ ଆସିଲା ନାହିଁ । ଡାକ୍ତରଙ୍କ ପରାମର୍ଶାନୁସାରେ ପାଟଣାର ପ୍ରାୟ ସମସ୍ତ ଔଷଧ ଦୋକାନରେ ତାହା ଖୋଜିଲି; କିନ୍ତୁ କୌଣସିଠାରେ ମିଳିଲା ନାହିଁ । କଲିକତାକୁ ମଧ୍ୟ ଲୋକ ପଠାଇ ଖୋଜାଇଲି । ସେଠାରେ ମଧ୍ୟ ମିଳିଲା ନାହିଁ ।

ରୀତିମତ ଶ୍ୟାମା ଓ ସୁଷମାର ଚିକିତ୍ସା ଚାଲିଛି । ଡାକ୍ତର ଦୁଖନରାମ ନିଜ ଚିକିତ୍ସାଳୟରେ ଶ୍ୟାମାର ଚିକିତ୍ସା କରୁଥିବାରୁ ତାଙ୍କ ଫିଜ୍ ସମ୍ବନ୍ଧରେ ଯେତେବେଳେ ପଚାରିଲେ, ସେ କହିଲେ, ତାଙ୍କ ଫିଜ୍ ସ୍ୱରୂପ ଶ୍ୟାମାଠାରୁ ଶୁଣିବେ ଗୋଟିଏ ଲେଖାଏଁ ଭଜନ, ଆଉ କିଛି ନାହିଁ । ଏହି ଅବସ୍ଥାରେ ସୁଦ୍ଧା ଶ୍ୟାମା ଆନନ୍ଦମୟୀ । ପିଲାଦିନରୁ ସେ ଗୀତ ଗାଇବା ଶିକ୍ଷା କରିଥିଲା । ଗଳା ଅତି ମିଷ୍ଟ । ଲଳିତ ସ୍ୱରରେ ଗୀତ ଗାଉଛି । ଡାକ୍ତର ଦୁଖନରାମ ଜଣେ ଧର୍ମପରାୟଣ ବ୍ୟକ୍ତି । ପ୍ରତ୍ୟହ ହୋମ କୁଣ୍ଡରେ ହୋମ କରି ଦୈନନ୍ଦିନ

Digitized by srujanika@gmail.com

କାର୍ଯ୍ୟ ଆରମ୍ଭ କରନ୍ତି । ଶ୍ୟାମାର ମୀରାଭଜନ ଶୁଣି ସେ ଏତେ ମୁଗ୍ଧ ହୁଅନ୍ତି ଯେ, ତାଙ୍କ ଚକ୍ଷୁ ଛଳଛଳ ହେଉଥିବା ମୁଁ ନିଜେ ଲକ୍ଷ୍ୟ କରିଅଛି । ଶ୍ୟାମାର ଗୀତ ଶୁଣି ସେ ଦିନେ କହିଲେ, ''ଭଗବାନ କି କାରଣରୁ ଏହି ନିରୀହ ବାଳିକାକୁ ଏତେ କଷ୍ଟ ଦେଉଅଛନ୍ତି ?'' ତା'ପରେ ମୋତେ ଆଶ୍ୱାସନା ଦେଇ କହିଲେ, ''ଶ୍ୟାମା ନିଶ୍ଚୟ ଭଲହୋଇଯିବ । ଭଗବାନ ନିଶ୍ଚୟ ତାହା ପ୍ରତି ସଦୟ ହେବେ ।'' ଶ୍ୟାମା ତାଙ୍କ ସଙ୍ଗେ ତ ଅତି ଘରୁଆ ହୋଇଗଲାଣି । ଡାକ୍ତର ତାହାର ଚକ୍ଷୁ ପରୀକ୍ଷା କରିବା ପୂର୍ବେ ତାକୁ କୋଳରେ ବସାଇ କେତେ ସ୍ନେହପୂର୍ଣ୍ଣ କଥା କହନ୍ତି । ତା'ପରେ ତାଙ୍କ କମ୍ପାଉଣ୍ଡର ମୋତିବାବୁ, କେଉଁଦିନ ରଘୁନନ୍ଦନ ବାବୁ ବା ସଖୀଚାନ୍ଦବାବୁ ତାକୁ ନେଇଯାନ୍ତି ଓ ଟେବୁଲ ଉପରେ ପକାଇ ତାହାର ଆଖି ଧୋଇ ଔଷଧ ଲଗାଇ ଦିଅନ୍ତି । ଏହିପ୍ରକାରେ ଦୁଇଓଳି ଚିକିତ୍ସା ଚାଲିଥାଏ । ଦିନେ ଶ୍ୟାମା ଡାକ୍ତରଙ୍କୁ ହିନ୍ଦୀରେ କହିଲା – ଅନେକ ଦିନ ପାଟଣାରେ ରହି ହିନ୍ଦୀ ଶିଖିଗଲାଣି – ''ଡାକ୍ତର ସାହେବ ! ମୋର ନାମ 'ଶ୍ୟାମା' କାହିଁକି ଜାଣନ୍ତି ? ଶ୍ୟାମା ମାନେ କାଳୀ, ଦୁର୍ଗା, ମହାଦେବଙ୍କ ସ୍ତ୍ରୀ, ସୃଷ୍ଟି ଧ୍ୱଂସକାରିଣୀ । ଆଖି ଖୋଲିଦେଲା ମାତ୍ରକେ ସୃଷ୍ଟି ପୋଡ଼ିଯିବ । ତେଣୁ ବୋଧହୁଏ ମୋର ଚକ୍ଷୁ-ବନ୍ଦ ହୋଇଅଛି । ଆଉ ଫିଟିବ ନାହିଁ । କିନ୍ତୁ ମୁଁ ଦିବ୍ୟଦୃଷ୍ଟି ପାଇଅଛି ଓ ସେହି ଦୃଷ୍ଟି ବଳରେ ମୁଁ ସବୁ ଦେଖିପାରୁଛି । ବିଶେଷତଃ ଆପଣଙ୍କ ହୃଦୟର ମହତ୍ତ୍ୱ ।'' ଡାକ୍ତର ଶୁଣି ଅବାକ୍, ମୁଁ ମଧ ଅବାକ୍, ତାଙ୍କ ଚକ୍ଷୁ ଛଳଛଳ । ଆଖିରୁ ଲୁହ ପୋଛି କହିଲେ, ''ଶ୍ୟାମା ଯାହା କହେ Philosophical (ଜ୍ଞାନପୂର୍ଣ୍ଣ) ।''

୧୯୪୧ ଜୁଲାଇ ୧୫ ତାରିଖ । ମେଡ଼ିକାଲ୍ କଲେଜର ପ୍ରିନ୍‌ସିପାଲ୍ ଡାକ୍ତର ତ୍ରିଦିବନାଥ ବାନାର୍ଜୀ ସୁଷମାକୁ ପରୀକ୍ଷା କରି କହିଲେ, ''ଚିନ୍ତାର କାରଣ କିଛି ନାହିଁ । କିନ୍ତୁ ସୁଷମାକୁ ତିନିମାସ ବିଶ୍ରାମ ନେବାକୁ ହେବ । କଲେଜରୁ ତାହାର ନାମ ଉଠାଇ ଦିଆଯିବ । ଭଲ ହେଲେ ପୁଣି ନାମ ଲେଖାଇବା ହେବ । ତାକୁ ସମ୍ବଲପୁରରେ ନ ରଖି ବର୍ଷା ଶେଷରେ ପୁରୀ କିମ୍ବା ୱାଲ୍‌ଟେଆର୍‌ରେ ରଖିବାକୁ ହେବ । ତାହା ନ ହେଲେ ଯକ୍ଷ୍ମା ହୋଇଯାଇପାରେ ।'' ମୁଁ ହତାଶ ହେଲି, ମୁଁ ଯେତେ ଉଚ୍ଚରେ ଉଡୁଥିଲି ସେତେ ତଳକୁ ଖସିଲାପରି ଦିଶିବାକୁ ଲାଗିଲା । ମୋର ସମସ୍ତ ଉଚ୍ଚ ଆକାଙ୍କ୍ଷା, ଆଶା, ଭରସା ସମସ୍ତ ଆକାଶକୁସୁମରେ ପରିଣତ ହେଲାପରି ମନେହେଲା । ଝିଅମାନଙ୍କୁ ଉଚ୍ଚଶିକ୍ଷା ଦେଇ ସମାଜରେ ଏକ ଉଚ୍ଚ ଆଦର୍ଶ ସ୍ଥାପନ କରିବାର ପ୍ରବଳ ବାସନା ଭଗବାନ ଚୂର୍ଣ୍ଣ କରିଦେଇଅଛନ୍ତି । ମୋର ସବୁଝିଅଙ୍କ ମଧ୍ୟରେ ସୁଷମା ଉଜ୍ଜ୍ୱଳତମ ରତ୍ନ । ତାହାର ଶକ୍ତି, ସାଧନା, ଆଜ୍ଞାବର୍ତ୍ତିତା, ସମସ୍ତ କାର୍ଯ୍ୟରେ ମନୋନିବେଶ ପ୍ରଭୃତି ଗୁଣାବଳୀର ପ୍ରେରଣାରେ ମୁଁ ଯେଉଁ ଉଚ୍ଚ ଆଦର୍ଶ ସ୍ଥାପନ କରିବାକୁ ସଂକଳ୍ପ କରିଥିଲି ତାହା ଯେ ବହୁଦୂରକୁ ଚାଲିଗଲାଣି ! ସହଜରେ ମୋ ଆଖି ଆଗରେ ନାଚିଉଠିଲା, ଭଗବାନ ମୋର ଦର୍ପ ଚୂର୍ଣ୍ଣ କରିବାକୁ ବସିଅଛନ୍ତି । ଆମ୍ଭ ଅବନତ ସମାଜରେ ଏହି ଆଦର୍ଶ ବାଞ୍ଛନୀୟ ବା ଆବଶ୍ୟକ ନୁହେଁ ବୋଲି ଅବା ତାଙ୍କ ଇଚ୍ଛା । ନୋହିଲେ କାହିଁକି ତାହାକୁ ଏହି ଦୂରାରୋଗ୍ୟ ରୋଗରେ ପୀଡ଼ିତ କରିଥାନ୍ତେ ? ଆଉ ଯେ ଭବିଷ୍ୟତ ଶିକ୍ଷା

Digitized by srujanika@gmail.com

ପାଇଁ ସେ ସ୍ୱାସ୍ଥ୍ୟଲାଭ କରିବ, ଦୁରାଶା ମାତ୍ର। ତାହାର କି ସୁନ୍ଦର ସ୍ୱାସ୍ଥ୍ୟ ଥିଲା! ହଉ, ଭଗବାନ! ମୋର ନାମ ବା ଯଶ ଲୋଡ଼ା ନାହିଁ। ଆଉ ଭବିଷ୍ୟତ ଶିକ୍ଷା ମଧ୍ୟ ଆବଶ୍ୟକ ନାହିଁ। ମୋର ସୁଷମାକୁ ସ୍ୱାସ୍ଥ୍ୟ ଦାନକର, ଆଶୀର୍ବାଦ କର, ଯେପରି ସେ ମୋର ମୃତ୍ୟୁଶଯ୍ୟା ନିକଟରେ ବସି ମୋର ଅନ୍ତିମ ସମୟରେ ମୋ ମୁଣ୍ଡରେ ହାତ ବୁଲାଇ କହୁଥିବ, "ବାପା! ଆଉ କିଛି ନ ହେଲେ ବି ଆମ୍ଭମାନଙ୍କ ପ୍ରତି ତୁମ୍ଭେ କର୍ତ୍ତବ୍ୟ ପାଳନ କରିଛ।"

ଗୁଣୀ, ଗାରିଡ଼ି, ଫୁଙ୍କା, ଝଡ଼ା, ଯେ ଯାହା କହିଲେ ଅନ୍ଧ ତୁଲ୍ୟ ମାନିବାକୁ ହେଲା। ଜଣେ ଜ୍ୟୋତିଷ ଆସି ଉଭୟଙ୍କ କୋଷ୍ଠି ଦେଖିଗଲେ। ଜଣେ ଗୁଣିଆ କହିଲା, ଦେବୀ ପୂଜା କରିବ। ତହିଁରେ ଶହେ ଟଙ୍କା ଦେବାକୁ ହେଲା। କେତେ ଲୋକଙ୍କ କେତେ ଦାବି ପୂରଣ କରିବାକୁ ହେଉଥାଏ। ସନ୍ତାନ ପ୍ରତି ପିତାର ହୃଦୟ ସର୍ବଦା ଦୁର୍ବଳ, କିନ୍ତୁ ଅନ୍ଧବିଶ୍ୱାସ ବା ଯେଉଁ ପ୍ରକାର ବିଶ୍ୱାସ ହେଉ, ନିର୍ମଳ ସରଳ ବିଶ୍ୱାସ ଅପରିହାର୍ଯ୍ୟ ଓ ମନୁଷ୍ୟ ଜୀବନରେ ତାହାର ପରିଣାମ ମହତ୍।

ପାଟଣାରୁ ଆଠ ମାଇଲ ଦୂରରେ ଫୁଲଓ୍ୱାରୀ ଶରିଫ୍। ରିକ୍ସା ଚାଳକ ଖାଁ ସାହେବ ଦିନେ କହିଲା, ସେଠାରେ ଜଣେ ବୃଦ୍ଧ ଫକୀର ଅଛନ୍ତି। ଦୁରାରୋଗ୍ୟ ରୋଗ ସୁଦ୍ଧା ହୁକୁମ ଦେଇ ଭଲକରନ୍ତି। ଶ୍ୟାମାକୁ ଥରେ ତାଙ୍କ ଠାକୁ ନେଇଯିବାକୁ ପରାମର୍ଶ ଦେଲା। ଏହି ଦରିଦ୍ର ମୁସଲମାନ ରିକ୍ସାଚାଳକର ଶ୍ୟାମା ପ୍ରତି ଯେଉଁ ସହାନୁଭୂତି ତାହା ହୃଦୟରେ କେବଳ ଅନୁଭୂତିର ବିଷୟ। ବାହାରୁ ଦେଖିବାକୁ ନୀଚ ସ୍ତରରେ ଥିବା ଲୋକଙ୍କ ହୃଦୟ ସୁଦ୍ଧା ଅତି ଉଚ୍ଚ। ଏହି ରିକ୍ସାଚାଳକ ଖାଁ ସାହେବ ତହିଁର ନିଦର୍ଶନ। କେତେବେଳେ ତେଉଁରିଆଟାଏ ଆଣି ଶ୍ୟାମାର ଗଳାରେ ପିନ୍ଧାଇ ଦେଇଯାଏ ଓ କହେ, ସେ ନିଜେ ଫକୀର ପାଖକୁ ଯାଇ ଶ୍ୟାମା ସକାଶେ ଆଲ୍ଲାଙ୍କୁ ଆରାଧନା କରି ତାହା ଆଣିଛନ୍ତି କେତେବେଳେ ମିଷ୍ଟ ଫଳଟିଏ, କେତେବେଳେ ଚନାଚୁର ଗଣ୍ଡାଏ, କେତେବେଳେ ଅବା ଖେଳଣାଟିଏ ଦେଇଯାଏ। ୧୭ ତାରିଖ ସକାଳେ ଆସି ଜିଦ୍ ଧରି ବସିଲା ଯେ, ଡାକ୍ତରଙ୍କଠାରେ ଆଖି ଧୁଆହେଲା ପରେ ଶ୍ୟାମାକୁ ନେଇ ଫୁଲଓ୍ୱାରୀ ସରିଫର ଫକୀରଙ୍କ ନିକଟକୁ ଯିବାକୁ ହେବ ଏବଂ ତାହାର ଦୃଢ଼ ବିଶ୍ୱାସ, ତାହାଙ୍କ ପ୍ରଦତ୍ତ ମନ୍ତ୍ରପୂତ ତେଉଁରିଆ ଶ୍ୟାମାର ଚିକିତ୍ସାର ଅନୁକୂଳ ହେବ। ମୁଁ ଏହାର ପ୍ରତିବାଦ ସୁଦ୍ଧା କରିପାରିଲି ନାହିଁ। ତାହାର ରିକ୍ସାରେ ବସାଇ ଆମ୍ଭମାନଙ୍କୁ ନେଇଗଲା। ମସଜିଦ୍‌ର ବିସ୍ତୀର୍ଣ୍ଣ ପ୍ରାଙ୍ଗଣ। ପୂର୍ବାହ୍ନ ଠିକ୍ ସାଢ଼େ ଏଗାରଟା ବେଳେ ତାଙ୍କ ଦରବାର ଫିଟିଲା। ଅନେକ ଲୋକ ହିନ୍ଦୁ, ମୁସଲମାନ ତାହାଙ୍କ ଦର୍ଶନ ଆକାଙ୍‌କ୍ଷାରେ ଅଥବା ନିଜ ନିଜ କାମନା ସିଦ୍ଧି ଆଶାରେ ରୁଣ୍ଡ ହୋଇଥିଲେ। ଫକୀର ଅଳ୍ପ ସମୟପରେ ଆସି ପୂର୍ବରୁ ସଜ୍ଜିତ ଉଚ୍ଚସନୋପରି ଆସୀନ ହେଲେ। ବୟସ ଦେଖିବାକୁ ୯୦ ବର୍ଷରୁ ଊଣା ହେବନାହିଁ। ଉପସ୍ଥିତ ଜନମଣ୍ଡଳୀରୁ କେହି କେହି କହିଲେ, ତାଙ୍କ ପିଲାଦିନରୁ ଏହି ବୃଦ୍ଧ ଫକୀରଙ୍କୁ ଏହି ଅବସ୍ଥାରେ ଦେଖି ଆସୁଅଛନ୍ତି। ତାଙ୍କ ବୟସ ଶହେ, ବିଶାଶହେ ବର୍ଷରୁ ଊଣା ହେବନାହିଁ। ଦୀର୍ଘ ଶୁକ୍ଳ ଶ୍ମଶ୍ରୁ। ସୌମ୍ୟ ମୂର୍ତ୍ତି

Digitized by srujanika@gmail.com

ଦେଖି, ସ୍ୱତଃ ଭକ୍ତି ମୋ ହୃଦୟରେ ଉଦିତ ହେଲା । ଉପସ୍ଥିତ କି ହିନ୍ଦୁ, କି ମୁସଲମାନ ତାଙ୍କ ପଦତଳରେ ପ୍ରଣତ ହୋଇ କିଏ ନଷ୍ଟ ସ୍ୱାସ୍ଥ୍ୟର ଆରୋଗ୍ୟ, କିଏ ମୋକଦ୍ଦମାରେ ଜୟଲାଭ ଇତ୍ୟାଦି ମାନସିକ ଘେନି ତାଙ୍କ ନିକଟରେ ଉପସ୍ଥିତ ହେଲେ । ପ୍ରତ୍ୟେକେ ଖଣ୍ଡିଏ ଲେଖାଏଁ କାଗଜରେ ଉର୍ଦ୍ଦୁରେ ନିଜ ନିଜ ବକ୍ତବ୍ୟ ଲେଖିନେଇଥିଲେ । ମୁଁ ମଧ୍ୟ ଜଣେ ମୁସଲମାନ ଭଦ୍ରଲୋକଙ୍କ ହସ୍ତରେ ଶ୍ୟାମାର ଆଖି ଓ ସୁଷମାର ଛାତି ପୀଡ଼ା ବିଷୟ ଲେଖାଇ ନେଇଥିଲି । ଫକୀର ନିପଟ କାଲ । ପାର୍ଶ୍ୱସ୍ଥ ନିଜର ଜଣେ ଲୋକ ଦ୍ୱାରା ସେ ଉତ୍ତର ଦେଉଥିଲେ । ମୁଁ କାଗଜ ଖଣ୍ଡିକ ତାଙ୍କ ପଦତଳରେ ରଖିଦେଇ ମୋ ପ୍ରାର୍ଥନାର ସାଫଲ୍ୟ ସକାଶେ ଭଗବାନଙ୍କୁ ମନେ ମନେ ଡାକିଲି । ଫକୀର ଗୋଟିଏ ମୁଣିରୁ ଆରବ୍ୟ ବା ପାରସ୍ୟ ଭାଷାରେ ଲିଖିତ ଖଣ୍ଡିଏ ଲେଖାଏଁ କାଗଜ ପ୍ରତ୍ୟେକଙ୍କ ହସ୍ତକୁ ବଢ଼ାଇ ଦେଉଥିଲେ । ସମସ୍ତେ ତାହା ନେଇ ଆସିଲୁ । ତାଙ୍କ ହୁକୁମ ଅନୁସାରେ ଦୁଇଗୋଟି ରୂପା ଡ଼େଉଁରିଆ ଖାଁ ସାହେବ ହସ୍ତରେ କିଣାଇଲି ଓ ତହିଁରେ ଖଣ୍ଡିଏ ଲେଖାଏଁ ପ୍ରୋକ୍ତ କାଗଜ ପୂରାଇ କଳାସୂତାରେ ଡେଉଁରିଆ ଗୁଚ୍ଛି ଉଭୟଙ୍କୁ ପିନ୍ଧାଇଦେଲି ।

ଶ୍ୟାମା ଓ ସୁଷମାର ଏହି ବିପନ୍ନ ଅବସ୍ଥାରେ ପାଟଣାରେ ଥିବା ଓଡ଼ିଶାର ଛାତ୍ରମାନଙ୍କ ସହାନୁଭୂତି ଭୁଲି ହେବନାହିଁ । ମେଡ଼ିକାଲ୍ କଲେଜର ଛାତ୍ର ସିଂହଭୂମର ଯଶୋବନ୍ତ ମହାନ୍ତି, କଟକର ମୋର ବନ୍ଧୁ ଶ୍ରୀ ଚିନ୍ତାମଣି ଆଚାର୍ଯ୍ୟଙ୍କ ପୁତ୍ର ବୀରେନ୍ଦ୍ର କୁମାର, ମୋର ସହାଧ୍ୟାୟୀ ଶ୍ରୀ ଶ୍ୟାମସୁନ୍ଦର ଦାସଙ୍କ ପୁତ୍ର ଜଗନ୍ନାଥ ଓ ପାଟଣା କଲେଜ ଛାତ୍ର ରାଧାନାଥ ରଥଙ୍କ ସହାନୁଭୂତିପୂର୍ଣ୍ଣ ବ୍ୟବହାର ମୁଁ କେବେ ଭୁଲି ପାରିବି ନାହିଁ । ଶ୍ୟାମା ଆଖି ବନ୍ଦକରି ପଡ଼ିଥାଏ । ଯଶୋବନ୍ତ ଆସି ତାହାର ହାତଧରି ବସାଇ କେତେ ଚିତ୍ତାକର୍ଷକ ଗଳ୍ପ କହିବସନ୍ତି ଏବଂ ତାହା ଉତ୍ତାରେ ବୀରେନ୍ଦ୍ର ଓ ଜଗନ୍ନାଥ ମଧ୍ୟ କେତେ ମନଭୁଲାଣିଆ କଥା କହି ତାହାର ପ୍ରାଣରେ କିଞ୍ଚିତ୍ ହେଲେ ଶାନ୍ତି ଦେଇଯାନ୍ତି । ଏହା ଦୈନନ୍ଦିନ ଘଟଣା । ରାଧାନାଥ ଏମ୍.ଏ. ଛାତ୍ର । କଲେଜରୁ ଅପରାହ୍ନ ଗୋଟାଏ ଦୁଇଟାରେ ଫେରିବା ବାଟରେ ଶ୍ୟାମା ପାଖରେ କେତେ ଦିନ ରାତି ଦଶଟା ପର୍ଯ୍ୟନ୍ତ ବସି କେତେ ସୁଖମୟ ଗଳ୍ପ କରୁଥାନ୍ତି । ଏପରି ସୁଖଦୁଃଖରେ ଦିନ କଟିଯାଉଥାଏ । ଏହି ଅବସ୍ଥାରେ ପଡ଼ି ସୁଦ୍ଧା ଶ୍ୟାମା ପ୍ରଫୁଲ୍ଲ ଥାଏ । ପ୍ରାଣଭରି ଗୀତ ଗାଏ, ପ୍ରାଣ ଭରି ହସେ, ଯେ ଆସେ ତାହା ସଙ୍ଗେ ଗଳ୍ପକରେ । ଡାକ୍ତର ଦୁଖନ୍‌ରାମ ଦିନେ କହିଲେ, ଏତେ ବୁଦ୍ଧିମତୀ ବାଳିକା ସେ କମ୍ ଦେଖିଛନ୍ତି । ଦେଖିଲି, ତାହା ସକାଶେ କେବଳ ଆମ୍ଭେମାନେ ଚିନ୍ତିତ ନଥାଉଁ । ଡାକ୍ତର, ତାଙ୍କ କମ୍ପାଉଣ୍ଡରମାନେ ସୁଦ୍ଧା ଚିନ୍ତିତ । କେଉଁଠାରେ ଔଷଧ ମିଳିବ ସେମାନେ ମଧ୍ୟ ଯତ୍ନ ସହକାରେ ଖୋଜୁଛନ୍ତି । ପୁଣି ତାଙ୍କ ଚିକିତ୍ସାଳୟରେ ଯେତେ ରୋଗୀ ଚିକିତ୍ସିତ ହେଉଛନ୍ତି, ସମସ୍ତେ ଶ୍ୟାମାକୁ ଚିହ୍ନିଯାଇଛନ୍ତି ଓ ତାହା ସକାଶେ ସମସ୍ତେ ଦୁଃଖ ପ୍ରକାଶ କରୁଅଛନ୍ତି । ମୁଁ ମନେ କରୁଥାଏ, ଏତେ ଲୋକଙ୍କ ଆଶୀର୍ବାଦର କ'ଣ କିଛି ଫଳନାହିଁ ? ସମସ୍ତଙ୍କ ଏକତ୍ରୀଭୂତ

Digitized by srujanika@gmail.com

ସଦିଚ୍ଛାବଳରେ ନିଶ୍ଚୟ ଶ୍ୟାମା ରୋଗମୁକ୍ତ ହେବ। ଏହି ଆଶା ସର୍ବଦା ହୃଦୟରେ ମୁଁ ପୋଷଣ କରୁଥାଏ। ପାଟଣା ବିଶ୍ୱବିଦ୍ୟାଳୟରେ ସେହି ସମୟରେ କିରାଣୀ କାର୍ଯ୍ୟ କରୁଥିବା ଶ୍ରୀ ଜଗନ୍ନାଥ ମିଶ୍ର ଓ ତାଙ୍କ ସହଧର୍ମିଣୀ ଆମ୍ଭମାନଙ୍କୁ ତାଙ୍କ ଘରର ଏକାଂଶରେ ସ୍ଥାନ ଦାନକରି ଯେଉଁ ଯତ୍ନ କରିଥିଲେ, ଏ ନିମିତ୍ତ ତାଙ୍କଠାରେ ମୁଁ ଚିର ଋଣୀ।

ରାଧାନାଥଙ୍କ ବ୍ୟତୀତ ଉଲ୍ଲିଖିତ ବ୍ୟକ୍ତ ମାନଙ୍କ ସହିତ ସେହିଦିନରୁ କ୍ୱଚିତ୍ ସାକ୍ଷାତ୍ ହୋଇଅଛି। ଶୁଣିବାକୁ ମିଳେ, ଏମାନେ ସମସ୍ତେ କାର୍ଯ୍ୟ କ୍ଷେତ୍ରରେ ବିଶିଷ୍ଟସ୍ଥାନମାନ ପ୍ରାପ୍ତ ହୋଇଅଛନ୍ତି। ଏମାନଙ୍କ ସଦ୍‌ଗୁଣାବଳୀ ମୁଁ କୃତଜ୍ଞତାପୂର୍ଣ୍ଣ ହୃଦୟରେ ସ୍ମରଣକରି ଏମାନଙ୍କ ସକାଶେ ମଙ୍ଗଳମୟ ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରିଥାଏ। ଆଜିଯାଏ ରାଧାନାଥଙ୍କ ମୋ ପ୍ରତି ସମ୍ମାନ, କେବଳ ଶ୍ୟାମା ନୁହେଁ, ମୋ ପରିବାରଭୁକ୍ତ ଅପର କନ୍ୟା, ପୁତ୍ର ଓ ଜ୍ଞାତିମାନଙ୍କ ପ୍ରତି ସ୍ନେହପୂର୍ଣ୍ଣ ଅକୃତ୍ରିମ ବ୍ୟବହାର ତାଙ୍କ ଜୀବନର ବିଶେଷତ୍ୱ। ସ୍ୱଦେଶ ଓ ବିଦେଶରେ ଉଚ୍ଚଶିକ୍ଷା ପ୍ରାପ୍ତ ଏହି ରାଧାନାଥ ବର୍ତ୍ତମାନ ଉତ୍କଳ ବିଶ୍ୱବିଦ୍ୟାଳୟର ବିଶିଷ୍ଟ ଅଧ୍ୟାପକ, କଲ୍ୟାଣୀୟ ଡକ୍ଟର ରାଧାନାଥ ରଥ।

ତା.୧୯.୭.୪୧ ଦିନ ପାଟଣାର ବିଶିଷ୍ଟ ଔଷଧାଳୟ ପପୁଲାର୍ ଫାର୍ମାସିକୁ ଯାଇ ତହିଁର ମାଲିକଙ୍କୁ କଲିକତା, ବମ୍ବେ ପ୍ରଭୃତି ଯେଉଁ ଯେଉଁ ସ୍ଥାନମାନଙ୍କରୁ ଔଷଧମାନ ଆସେ, ସେଠାକୁ As^3 ପାଇଁ ଅବିଳମ୍ବେ ଟେଲିଗ୍ରାମ କରିବାକୁ ଅନୁରୋଧ କଲି ଓ ତହିଁର ମୂଲ୍ୟ ତାଙ୍କୁ ଦେଇଦେଲି। ଏହି ଔଷଧାଳୟ ମେଡ଼ିକାଲ୍ କଲେଜ ନିକଟରେ। ଏହାର ସ୍ୱତ୍ତ୍ୱାଧିକାରୀ ମଧ୍ୟ ଶ୍ୟାମା ବିଷୟ ଜାଣିଥିଲେ। ମୋର ଅନୁରୋଧରେ ଅନେକ ସ୍ଥାନକୁ ଟେଲିଗ୍ରାମ କଲେ। କେଉଁଠାରୁ ଉତ୍ତର ଆସିଲା, As^3 ମିଳିଲା ନାହିଁ; ଆଉ କେଉଁଠାରୁ ଆସିଲା ଔଷଧର ନାମ ସୁଦ୍ଧା ଜଣାନାହିଁ। ସେହିଦିନ ଟେଲିଗ୍ରାମ ଖର୍ଚ୍ଚ ମୋର ହୋଇଥିଲା ପ୍ରାୟ ପଚାଶ ଟଙ୍କା। ପରଦିନ କଲିକତାର ବିଖ୍ୟାତ ଇଂରେଜି ସମ୍ବାଦପତ୍ର ଅମୃତବଜାର ପତ୍ରିକାର ପାଟଣା ପ୍ରତିନିଧିଙ୍କ ସହିତ ସାକ୍ଷାତକରି ନିମ୍ନ ମର୍ମରେ ଗୋଟିଏ ବିଜ୍ଞାପନ ପ୍ରକାଶ କରିବା ବ୍ୟବସ୍ଥା କଲି – An appeal. Will any kind-hearted doctor send to the undersigned As^3 eye ointment, however small the quantity, either for payment or as a free gift for the treatment and saving the eyes of his little daughter ? It is not available in the market. ମୋ ସାନ ଝିଅର ଚକ୍ଷୁ ବଞ୍ଚାଇବା ସକାଶେ As^3 ମଲମ ଅତି ଅଳ୍ପ ପରିମାଣର ହେଲେ ସୁଦ୍ଧା ମୂଲ୍ୟ ବିନିମୟରେ ହେଉ ଅଥବା ବିନା ମୂଲ୍ୟରେ ହେଉ ପଠାଇଦେବା ସକାଶେ ଦୟାଳୁ ଡାକ୍ତରଙ୍କୁ ନିବେଦନ କରୁଅଛି।

ଆହ୍ଲାବାଦ୍‌ରୁ ପ୍ରକାଶିତ ଇଂରେଜୀ ପତ୍ରିକା Pioneer, ବମ୍ବେର the Chronicle, ମାଡ୍ରାସର Hindu, କଲିକତାର Statesman ଓ Amrit Bazar Patrikaକୁ ମଧ୍ୟ ପଠାଇଲି । କଲିକତା, ବମ୍ବେ ଓ ଦିଲ୍ଲୀରେ ରହୁଥିବା Controller of Enemy properties

Digitized by srujanika@gmail.com

ଠାକୁ ମଧ୍ୟ ଲେଖିଲି, ଯେହେତୁ ଏହି ଔଷଧ ଜର୍ମାନୀରେ ପ୍ରସ୍ତୁତ ଓ ଏହି ସମୟରେ ଜର୍ମାନୀ ବିରୁଦ୍ଧରେ ଯୁଦ୍ଧ ଯୋଗୁଁ ଇଂରେଜ ସରକାରଙ୍କ ହୁକୁମରେ ଭାରତବର୍ଷସ୍ଥ ଜର୍ମାନୀର ସମ୍ପତ୍ତି ରକ୍ଷଣ ଜଣେ ଅଫିସରଙ୍କ ହସ୍ତରେ ନ୍ୟସ୍ତ ହୋଇଥିଲା। ସମସ୍ତଙ୍କଠାରୁ ଉତ୍ତର ଆସିଲା, ଔଷଧ ମିଳିଲା ନାହିଁ।

ମନୁଷ୍ୟର ଅସାଧ୍ୟ କିଛି ନାହିଁ। ଭଗବାନଙ୍କ କୃପାରେ ମନୁଷ୍ୟଙ୍କଦ୍ୱାରା ଅସାଧ୍ୟ ସତ୍‌କାର୍ଯ୍ୟମାନ ସାଧିତ ହୋଇଅଛି। ଏହି ବିଶ୍ୱାସର ବଶବର୍ତ୍ତୀ ହୋଇ ମୁଁ ଏହି ଔଷଧର ଅନ୍ୱେଷଣରେ ଯିବାକୁ ସ୍ଥିରକଲି। ସଂକଳ୍ପ କଲି, ଏହି ଔଷଧ ପ୍ରାପ୍ତି ସକାଶେ ଯାହା ତ୍ୟାଗ କରିବା ଆବଶ୍ୟକ ହେବ ତାହା କରିବି। ଏହାର ବିନିମୟରେ ମୋର ସମ୍ପତ୍ତି ତ୍ୟାଗ କରିବା ଯଦି ଆବଶ୍ୟକ ହୁଏ, କରିବି। କାହାରି ଚାକିରି କରିବାକୁ ହେଲେ କରିବି, ଗୋଡ଼ ଘଷିବାକୁ ହେଲେ ଘଷିବି। ଏଇ ସକାଶେ ସମଗ୍ର ଭାରତବର୍ଷ ଭ୍ରମଣ କରିବି। ଔଷଧ ଜର୍ମାନୀରୁ ଆସିଥିଲା, ସମଗ୍ର ଭାରତବର୍ଷର ଡାକ୍ତରମାନଙ୍କ ମଧ୍ୟରେ ବିତରଣ ସକାଶେ। କୌଣସି ଡାକ୍ତରଙ୍କ ପାଖରେ ଏଥିରୁ କିଛିହେଲେ କ'ଣ ନଥିବ? ସମସ୍ତେ କ'ଣ ଯାହା ପାଇଥିବେ ସମସ୍ତ ଖର୍ଚ୍ଚକରି ଦେଇଥିବେ? ଯେଉଁଠାରେ ଏହା ମିଳିବ ଯେତେ ମୂଲ୍ୟ ହେଉ ପଛକେ ତାହା ଦେଇ ଆଣିବି। ଏହି ପ୍ରତିଜ୍ଞା କରି ପ୍ରଥମରେ କଲିକତାରେ ଅନ୍ୱେଷଣ ଆରମ୍ଭ କରିବା ସଂକଳ୍ପ କରି ମୋ ସଂକଳ୍ପ କଥା ଡାକ୍ତର ଦୁଖନରାମଙ୍କୁ ଜଣାଇଲି। ସେ ମୋର କର୍ତ୍ତବ୍ୟ ପଥ ଅନୁମୋଦନ କଲେ। ତା.୨୦.୪.୪୧ ଏକାଦଶୀ ଉପବାସ। ପ୍ରାତଃକୃତ୍ୟାଦି ସମାପନ କରି ମୋ ଉଦ୍ୟମର ସାଫଲ୍ୟ ସକାଶେ ଭଗବାନଙ୍କଠାରେ ମୋ ହୃଦୟର ଗଭୀର ବିଶ୍ୱାସ ସ୍ଥାପନ କରି ଆରାଧନା କଲି। ପାଟଣାର ବସାରେ ଶ୍ୟାମା ପାଖରେ ରହି ତାହାର ଯତ୍ନ କରୁଅଛନ୍ତି ପ୍ରଭାକର ଓ ତୁଳସୀ। ସେମାନଙ୍କୁ ମୋର ସଂକଳ୍ପ ବିଷୟ ଜଣାଇଦେଲି ଓ ଏମାନଙ୍କ ଓ ରାଧାନାଥ ପ୍ରଭୃତି ଓଡ଼ିଆ ଛାତ୍ରମାନଙ୍କ ଯତ୍ନରେ ଶ୍ୟାମାକୁ ଛାଡ଼ିଦେଇ ଯଥାସମ୍ଭବ ଶୀଘ୍ର ଯିବା ସକାଶେ ପ୍ରସ୍ତୁତ ହେବାକୁ ଲାଗିଲି। ଜାଣିଥିଲି, ମୋର ଉଦ୍ୟମ, ଶ୍ରମ ଓ ସମୟସାପେକ୍ଷ। ତଥାପି ଭଗବାନଙ୍କ କୃପା ଉପରେ ଗଭୀର ବିଶ୍ୱାସ ମୋତେ ସମୁତ୍ସାହିତ କରୁଥାଏ।

ଏକାଦଶୀ ସନ୍ଧ୍ୟାରେ ପ୍ରଭାକର ପାରଣା ସାମଗ୍ରୀ ଆଣି ମୋ ସମ୍ମୁଖରେ ରଖିଦେଲା। ମନେପଡ଼ିଲା, ଘରେ ଏହି ସମୟରେ ସାନ ସାନ ପୁଅଝିଅ ମାନେ ଆସି ପାଖରେ ବସିଯାନ୍ତି, କିଏ କିଏ କିଛି ପାଇବା ଆଶାରେ ଛିଡ଼ା ହୋଇଥାନ୍ତି ଓ ଏଥିରୁ ଟିକିଏ ଟିକିଏ ପାଇ ନାଚି ନାଚି ଖାଆନ୍ତି। ଶ୍ୟାମାକୁ ଡାକିଲି, 'ଆରେ ଶ୍ୟାମା ! ଟିକିଏ ଖାଇବୁ।' ଆଖି ଯୋଡ଼ିକ ବନ୍ଦକରି ନିର୍ଜୀବ ପ୍ରାୟ ପଡ଼ିରହିଛି, ଉତ୍ତର ଦେଲା, "ମୋ ପେଟ ପୂରିଛି, ଖାଇବି ନାହିଁ।" କିଛି ନୁହେଁ, ଅଣ୍ଟାଳି ଅଣ୍ଟାଳି, ମୋ ପାଖକୁ ଆସିବା କଷ୍ଟସାଧ୍ୟ! ହୃଦୟ ଭିତରୁ କୋହ ଉଠିଲା ଏବଂ ତତ୍‌କ୍ଷଣାତ୍ ଚକ୍ଷୁଦ୍ୱୟ ଅଶ୍ରୁସିକ୍ତ ହେଲା ଏବଂ କୋହ ଏତେ

Digitized by srujanika@gmail.com

ପ୍ରବଳ ହେଲା ଯେ, ବାରମ୍ବାର ସମ୍ଭାଳିବାକୁ ଚେଷ୍ଟାକଲେ ମଧ୍ୟ ଧୈର୍ଯ୍ୟ ରହିଲା ନାହିଁ। କ୍ରନ୍ଦନ ଧ୍ୱନି ଶୁଣି ଶ୍ୟାମା ମଧ୍ୟ କାନ୍ଦିବାକୁ ଲାଗିଲା। ପ୍ରଭାକର ଧାଇଁ ଆସିଲା ଓ ସାନ୍ତ୍ୱନା ଦେବାକୁ ଚେଷ୍ଟାକଲା। ତୁଣ୍ଡକୁ କିଛି ଗଲା ନାହିଁ। ଯେତେବାର ଖାଇବାକୁ ଚେଷ୍ଟା କରୁଅଛି, ସେତିକି କୋହ ଉଠି ଧୈର୍ଯ୍ୟଚ୍ୟୁତି ଘଟୁଥାଏ। ଯେଉଁ ଶ୍ୟାମା ଆଜି ବିନା ଆହ୍ୱାନରେ ମୋ ଥାଳିରେ ଆସି ମାଡ଼ି ବସୁଥାନ୍ତା ଆଜି ସେ ଅନ୍ଧ ହୋଇ ପଡ଼ିଛି। ଡାକିଲେ ସୁଦ୍ଧା ଆସୁନାହିଁ। ଆସିବା ଶକ୍ତି ମଧ୍ୟ ତା'ର ନାହିଁ। ଧୈର୍ଯ୍ୟଚ୍ୟୁତି ସହିତ ନାନା ପ୍ରକାର ଦୁଶ୍ଚିନ୍ତା ମନରେ ଉଦିତ ହେବାକୁ ଲାଗିଲା। ଭାବିଲି, ସତେ କ'ଣ ଶ୍ୟାମା ଅନ୍ଧ ହୋଇଗଲା ? ତାକୁ ଭଗବାନ ଆଉ ଚକ୍ଷୁ ଦେବେ ନାହିଁ ? ଶ୍ୟାମା ଅନ୍ଧ ହୋଇଗଲେ ମୁଁ କଦାପି ପ୍ରାଣ ଧରି ରହିପାରିବି ନାହିଁ। ଏହିକ୍ଷଣି ସିନା ସେ ପିଲା। ଚକ୍ଷୁହୀନତାର କଷ୍ଟ ସେତେ ଅନୁଭବ କରିପାରିବ ନାହିଁ। ଯେତେବେଳେ ବଡ଼ ହେବ, ସମସ୍ତେ ତାକୁ ବର୍ଜନ କରିବେ। ବାବା ମା ଥିବାଯାଏ ଝିଅ ଝିଅ। ତାଙ୍କ ଅଭାବରେ ଭାଇମାନଙ୍କ ଯତ୍ନ ସେ ପାଇବ ନାହିଁ। ବାଡ଼ି ଧରି ତାକୁ ବାଟ କିଏ କଢ଼ାଇବ ? କିଏ ତାହାର ଯତ୍ନ କରିବ ? କିଏ ତାକୁ ଖାଇବାକୁ ଦେବ ? ଶ୍ୟାମା ମୋର କ'ଣ ଭିଖ ମାଗିବ ? କି ଅଶୁଭ ଲକ୍ଷଣେ ତା'ର ଜନ୍ମ ହୋଇଥିଲା ଲୋ ଝିଅ ! ଆଜି ତୋର ନିଃସହାୟ ଅବସ୍ଥା ଦେଖି ମୋର ହୃଦୟ ବିଦୀର୍ଣ୍ଣ ହୋଇଯାଉଅଛି। ଭାଇଭଉଣୀଙ୍କର ତୁ କେଡ଼େ ଆଦରର ! ତୋର ଲଳିତ କଣ୍ଠ ନିଃସୃତ ମଧୁମୟ ସଙ୍ଗୀତ ଶୁଣି କିଏ ତୋତେ ଆଦର ନ କରି ରହିଛି ? ଏହି ଭାବ କ୍ରମେ କ୍ରମେ ଚାଲିଯିବ ସିନା। ତାହା ସଙ୍ଗେ ତୁ ରହିବୁ ? ଯାହାର ଆଶ୍ରୟ ନେବାକୁ ଯିବୁ ସେ ତୋତେ ଅନାବଶ୍ୟକୀୟ ଭାର ବୋଲି ମନେ କରିବ। ନା ନା ନିତାନ୍ତ ଯଦି ଭଗବାନ ତୋତେ ଚକ୍ଷୁଦାନ ନ କରନ୍ତି, ତୋ ଭାଗ୍ୟକୁ ଯଦି ତୋତେ ଅନ୍ଧ ହୋଇ ରହିବାକୁ ହୁଏ, ମୁଁ ଯଦି ତୋର ଜୀବଦ୍ଦଶାରେ ଜୀବିତ ଥାଏ ତୋତେ ମୁଁ କାହାରି ଉପରେ ଭାର କରି ଛାଡ଼ିଦେବି ନାହିଁ। ତୁ ମୋର ଯେଉଁ ଶ୍ୟାମାକୁ ସେହି ଶ୍ୟାମା, ମୋର ହୃଦୟର ସର୍ବସ୍ୱ। ନା, ଯଦି ମୋର ମୃତ୍ୟୁ ପରେ ତୁ ରହିଲୁ, ଦୁଇ ପୁଅ – ଦୁଖୁ, ଫକୀର ଜାଣିରଖ, ମୋର ତ୍ୟକ୍ତ ସମ୍ପତ୍ତିରେ ଶ୍ୟାମାର ଏକ ଅଂଶ, ଅର୍ଥାତ୍ ଲରପଙ୍ଗ ଗ୍ରାମର ଭୂମି ଓ ସମ୍ବଲପୁରରେ ଗୃହ ସମ୍ପତ୍ତିର ତୃତୀୟାଂଶ ତାହାର ଭରଣପୋଷଣ ସକାଶେ ରହିଲା। ତାକୁ ଯେ ଭରଣପୋଷଣ ତଥା ଯତ୍ନ କରିବ ତାହା ସହିତ ଏହି ଅଂଶ ସେ ଭୋଗ କରିବ। ଏହା ମୋର ଚରମ କାମନା।

ନିତ୍ୟାନ୍ତ ଅଧୀର ହୋଇ, ଥଳକୂଳ ନ ପାଇ ଶ୍ରୀମାନ ରାଧାନାଥଙ୍କୁ ଡାକି ଆଣିବା ପାଇଁ ପ୍ରଭାକରକୁ ପଠାଇଲି। ରାଧାନାଥଙ୍କ ସହିତ ଏହି ବା କେତେ ଦିନର ପରିଚୟ। ନିକଟବର୍ତ୍ତୀ ପୋଷ୍ଟ ଗ୍ରାଜୁଏଟ୍ ହଷ୍ଟେଲରେ ରହୁଥିଲେ। ମୋର ଏହି ବିପଦ ସମୟରେ ତାଙ୍କ ସଙ୍ଗେରେ ଟିକିଏ ବସି, ତାଙ୍କ ଆଶ୍ୱାସନାପୂର୍ଣ୍ଣ କଥାବାର୍ତ୍ତାରେ କିଞ୍ଚିତ ଦୁଃସମୟ ଅତିବାହିତ ହୋଇଗଲା।

Digitized by srujanika@gmail.com

ପାଟଣାରେ ଶ୍ୟାମା ଓ ସୁଷମାର ରୋଗଗ୍ରସ୍ତ ଜୀବନ

ସମସ୍ତ ବ୍ୟବସ୍ଥା କରିଦେଇ ତା.୨୩.୭.୧୯୪୧ ରାତ୍ର ୧୦ଟା ବେଳେ ଦିଲ୍ଲୀ ଏକ୍ସପ୍ରେସ୍‌ରେ କଲିକତା ଯାତ୍ରାକଲି। ସଙ୍ଗେ ପାଟଣା ଇଞ୍ଜିନିୟରିଂ କଲେଜର ଛାତ୍ର ଅମ୍ବିକାପ୍ରସାଦ ନନ୍ଦଙ୍କୁ (ପଛେ ସୁଷମାର ଦେଢ଼ଶୁର) ନେଲି। ତାଙ୍କୁ ନେବା ଉଦ୍ଦେଶ୍ୟ, ସେ ତାଙ୍କ ମା'ଙ୍କ ଚିକିତ୍ସା ସକାଶେ କଲିକତାରେ ପ୍ରାୟ ତିନିମାସ କାଳ ରହିଥିଲେ, ସେହି ସମୟରେ କେତେକ ଡାକ୍ତରଙ୍କ ସହିତ ତାଙ୍କ ପରିଚୟ ହୋଇଥିଲା ଓ ଆଶା ହେଲା, ସେମାନଙ୍କ ସାହାଯ୍ୟରେ ଅବା ଶ୍ୟାମାର ଔଷଧ ମିଳିପାରିବ।

ତା.୨୪.୭.୧୯୪୧ ପୂର୍ବାହ୍ନ ୧୧ଟା ବେଳେ ଆମ୍ଭେମାନେ ହାଓଡ଼ା ଷ୍ଟେସନରେ ପହଞ୍ଚିଲୁ ଓ ସେଠାରେ ସ୍ନାନାହାରଦି ସମାପନ କରି କଲିକତା ଭିତରକୁ ଗଲୁ ଓ ହେରିସନ୍‌ରୋଡ୍‌ସ୍ଥ ଗୋଟିଏ ହୋଟେଲରେ ରହିଲୁ। ଜୋତାହଳକ ବାଟରେ ରେଲରେ ଚୋରି ହୋଇଗଲା। କଲିକତାକୁ ଯାଇ ଦେଖିଲି ଅନେକ ଯୋତା ଦୋକାନ ବନ୍ଦ। ନଗ୍ନ ପଦରେ ଅପରାହ୍ନ ପ୍ରାୟ ୨ଟାବେଳେ ଔଷଧ ଅନ୍ୱେଷଣାର୍ଥେ ମୁଁ ଓ ଅମ୍ବିକା ବାହାରିଲୁ। ଡାକ୍ତର ଦୁଖନରାମ କହି ଦେଇଥିଲେ, ଔଷଧ ହୁଏତ କୌଣସି ଦୋକାନରେ ମିଳିବ ନାହିଁ। କୌଣସି ଚକ୍ଷୁରୋଗ ଚିକିତ୍ସକଙ୍କ ଅଥବା ବେୟର କମ୍ପାନୀର (Bayer & Co) ଏଜେଣ୍ଟଙ୍କଠାରେ ମିଳିପାରେ। ପୂର୍ବେ କୁହାଯାଇଅଛି ଯେ, ଯୁଦ୍ଧାରମ୍ଭ ପରେ ଭାରତବର୍ଷରେ ଥିବା ଜର୍ମାନୀରେ ପ୍ରସ୍ତୁତ ଜିନିଷଗୁଡ଼ିକ ଭାରତ ସରକାର ସ୍ୱାଧିକାରରେ ଗ୍ରହଣକରି controller of enemy properties ନାମକ ଅଫିସରଙ୍କ ତତ୍ତ୍ୱାବଧାନରେ ଏ ସମସ୍ତ ଜିନିଷର ଭାର ଅର୍ପଣ କରିଥିଲେ। ସୁତରାଂ ଏହାଙ୍କଠାରୁ ଗଲେ ଏହି ଔଷଧର ସନ୍ଧାନ ମିଳିପାରିବ। ଏହି ବିଶ୍ୱାସରେ ପ୍ରଥମରେ ଏହି ଅଫିସ ସନ୍ଧାନରେ ଆମ୍ଭେମାନେ ବାହାରିଲୁ। ଏହି ଔଷଧ ବିଷୟ ପ୍ରତି ଏତେ ତନ୍ମୟ ହୋଇଯାଇଥିଲେ ଯେ, ଚାଲିବା ବାଟରେ ଯେ ଏହାର ସନ୍ଧାନ ଦେଇପାରିବ ବୋଲି ମନେକଲି, ତାକୁ ଔଷଧ ଓ Controllerଙ୍କ ଅଫିସ ବିଷୟରେ ପଚାରିଲେ। କିନ୍ତୁ କାହାରିଠାରୁ କାର୍ଯ୍ୟକାରକ ଉତ୍ତର ପାଇଲି ନାହିଁ। ପ୍ରତ୍ୟେକ ଔଷଧ ଦୋକାନ ଓ କାନ୍ଥରେ ଝୁଲାଇହୋଇଥିବା ଫଳକମାନଙ୍କରେ ଡାକ୍ତରମାନଙ୍କର ନାମ ଦେଖି ସେମାନଙ୍କ ଠାରେ ଅନୁସନ୍ଧାନ କରି କରି ପ୍ରାୟ ଅର୍ଦ୍ଧରାତ୍ରି ହୋଇଗଲା। ତଥାପି ଔଷଧର ସନ୍ଧାନ ମିଳିଲା ନାହିଁ।

Digitized by srujanika@gmail.com

୨୫ ତାରିଖ – କାଳରାତ୍ରି ପ୍ରଭାତ ହେଲା । ପ୍ରାତଃକୃତ୍ୟାଦି ସମାପନ କରି ପୁଣି ଅମ୍ବିକାକୁ ନେଇ ବାହାରିଲି ଓ ପୂର୍ବଦିନ ପରି ଚାଲିବା ବାଟରେ ଔଷଧ ଦୋକାନରେ ନିଷ୍ଫଳ ଅନୁସନ୍ଧାନ କରିଚାଲିଲି । ବୁଲି ବୁଲି ପାଦ ଥକି ଗଲାଣି । ଜୋତା ନଥିବାରୁ ଚାଲି ଚାଲି ଗୋଡ଼ରେ ଗୋଟା କେତେ ଫୋଟକା ମଧ ହୋଇଗଲାଣି । ଜନତା ମଧରେ ଚାଲି ଚାଲି ଦେହ ଗଳଦ୍‌ଘର୍ମ୍ମ ହୋଇଗଲାଣି । ତୃଷାରେ କଣ୍ଠ ଶୁଷ୍କ ହୋଇଗଲାଣି । ତଥାପି ଏକମାତ୍ର ଲକ୍ଷ୍ୟଥାଏ କିପରି ଔଷଧ ମିଳିବ । ଏହି ପ୍ରକାରେ ଦିନଯାକ ନିଷ୍ଫଳ ଅନୁସନ୍ଧାନ କରି କରି ହୋଟେଲକୁ ଫେରିଆସିଲି । ତୃତୀୟ ଦିନ (୨୬ ତାରିଖ) ସୁଦ୍ଧା ବୁଲି ବୁଲି ଅପରାହ୍ଣରେ ଆମ୍ଭେମାନେ Central avenueରେ ପହଞ୍ଚିଲୁ । ସେଠାରେ ଜଣେ ଭଦ୍ରଲୋକଙ୍କୁ ପଚାରି ବୁଝିଲି ଯେ ଔଷଧର ସନ୍ଧାନ controller of enemy propertiesଙ୍କ ଦପ୍ତରରେ ମିଳିବ ନାହିଁ, controller of pricesଙ୍କ ପାଖରେ ମିଳିବ ଏବଂ ଏହାଙ୍କ ଦପ୍ତର ନ୮ମ୍ବର କ୍ଲାଇବ୍ ଷ୍ଟ୍ରିଟ୍‌ରେ ଅଛି । ଖୋଜି ଖୋଜି କ୍ଲାଇବ୍‌ଷ୍ଟ୍ରିଟ୍ ଭିତରକୁ ଗଲି ଓ ନ୮ମ୍ବର ଗୃହ ସମ୍ମୁଖରେ ଉପସ୍ଥିତ ହେଲି । ଏହା ଏକ ବହୁତଳ ବିଶିଷ୍ଟ ବିଶାଳ ଅଟ୍ଟାଳିକା । ଫାଟକ ସମ୍ମୁଖରେ ବଡ଼ ବଡ଼ ଅକ୍ଷରରେ ଲେଖାଅଛି, ଛାଡ଼ ବିନା ଭିତରକୁ ପ୍ରବେଶ ନିଷେଧ । ଛାଡ଼ ପାଇବି କେଉଁଠାରୁ ? ମୋ ପକ୍ଷରେ ଏହା ପାଇବା ଅସମ୍ଭବ । ମୁଁ ସାହେବି ପୋଷାକ ପିନ୍ଧିଥାଏ, ଫାଟକ ସମ୍ମୁଖରେ ଠିଆ ହୋଇଥିବା ସମୟରେ ଚପରାସୀ ପୋଷାକଧାରୀ ଦୁଇଜଣ ଲୋକେ ଓଡ଼ିଆ ଭାଷାରେ କଥାବାର୍ତ୍ତା ହେଇ ଆସୁଥିବା ଦେଖି ଓଡ଼ିଆ ଭାଷାରେ ସେମାନଙ୍କୁ ପଚାରିଲି "controller of prices"ଙ୍କ ଅଫିସ କେଉଁଠାରେ ?'' ମୋ ମୁହଁରୁ ଓଡ଼ିଆ ଭାଷା ଶୁଣି ଦୁହେଁ ମୋତେ ନମସ୍କାର କଲେ । ମୋର ପରିଚୟ ପଚାରିଲେ ଓ ମୁଁ ସଂକ୍ଷେପରେ ଜଣାଇ ଦେଲାରୁ ମୋତେ ଅଫିସ ଦେଖାଇଦେବେ ବୋଲି ସାଗ୍ରହରେ ଗୋଟିଏ ଗଳି ପଥ ଦେଇ ନେଇଗଲେ ଓ ଗୋଟିଏ ବୈଦ୍ୟୁତିକ ଆରୋହଣୀ (electric lift) ପାଖରେ ଛିଡ଼ା କରାଇଦେଲେ । ଆରୋହଣୀ ଚାଳକ (lift man) ମଧ ଜଣେ ଓଡ଼ିଆ । ମୋତେ ଦେଖିଲା ମାତ୍ରକେ ନମସ୍କାର କଲା ଓ ତାହାର ପରିଚିତ ବ୍ୟକ୍ତି ତୁଲ୍ୟ କଥାବାର୍ତ୍ତା ଆରମ୍ଭ କଲା । ପରେ କହିଲା, ତାହାର ଘର ପୁରୀ ଜିଲ୍ଲାରେ । ମୁଁ ୧୯୩୪ ସାଲରେ ପୁରୀରେ ଥିବା ସମୟରେ ଗୋଟିଏ ମୋକଦ୍ଦମା ତାହା ସପକ୍ଷରେ ନିଷ୍ପତ୍ତି କରିଥିଲି । ସେଥିପାଇଁ ମୋ ପ୍ରତି ସେ କୃତଜ୍ଞ । ମୋର ଆସିଥିବା ଉଦ୍ଦେଶ୍ୟ ଅବଗତ ହୋଇ ମୋତେ ଓ ଅମ୍ବିକାକୁ ଆରୋହଣୀରେ ଠିଆ ହେବାକୁ କହିଲା । ଠିଆହେବା ମାତ୍ରକେ ଆରୋହଣୀ ଧୀରେ ଧୀରେ ଉପରକୁ ଉଠିଲା ଓ ଅଫିସ ଥିବା ତଳରେ ନେଇ ଆମ୍ଭମାନଙ୍କୁ ଓହ୍ଲାଇ ଦେଲା । ସେଠାରେ ବୁଲି ଆମ୍ଭେମାନେ ଅଫିସଘର ଠଉରାଇ ନେଲୁ । ସେତେବେଳେ ସନ୍ଧ୍ୟା ୫ଟା ହୋଇଯାଇଥିଲା । ଅଫିସରେ କେହି ନଥିଲେ । କାଲି ଆସି କଣ୍ଟ୍ରୋଲରଙ୍କ ସଙ୍ଗେ ସାକ୍ଷାତ କରିବା ସ୍ଥିର କରି ଆମ୍ଭେମାନେ ସେଠାରୁ ଅବତରଣ କଲୁ । ଏହି ଘଟଣାରେ

Digitized by srujanika@gmail.com

ଅସାଧାରଣତ୍ୱ ନଥିଲେ ହେଁ ଏହା ମୋ ମନରେ ଏତେ ଉତ୍ସାହ ସଞ୍ଚାର କଲା ଯେ ମୁଁ ଏହାକୁ ମଙ୍ଗଳସୂଚକ ମନେକରି ଈଶ୍ୱରଙ୍କୁ କେତେ ଧନ୍ୟବାଦ ଦେଲି ଓ ମୋ ଆଗମନର ସାଫଲ୍ୟ ସକାଶେ ହୃଦୟାଭ୍ୟନ୍ତରରୁ ବାରମ୍ବାର ପ୍ରାର୍ଥନା କରିବାକୁ ଲାଗିଲି। ଆମ୍ଭେମାନେ ଗଳି ମଧ୍ୟକୁ ଆସି ପୁଣି ଗନ୍ତବ୍ୟ ପଥରେ ଅଗ୍ରସର ହେଲୁ। ତତ୍ପରେ ରାତ୍ରି ଦଶଟା ପର୍ଯ୍ୟନ୍ତ ପୁଣି ଔଷଧ ଅନ୍ୱେଷଣରେ ବୁଲି ବୁଲି ହୋଟେଲକୁ ଆସି ରାତ୍ରିଯାପନ କଲୁ।

ଚତୁର୍ଥ ଦିନ (୨୭ ତାରିଖ) ପୁଣି ସକାଳେ ବାହାରି ପଡ଼ିଲୁ ଓ ନାନାସ୍ଥାନରେ ବୁଲି ବୁଲି ନ°୮ ମ୍ବର କ୍ଲାଇବ୍ ଷ୍ଟ୍ରିଟ୍‌କୁ ଆସି ସେହି ଆରୋହଣୀ ଯୋଗେ ତୃତୀୟ ତଲକୁ ଆରୋହଣ କଲୁ। ଦେଖିଲି, ଏଠାରେ ଅନେକ ସରକାରୀ ଓ ବେସରକାରୀ ବ୍ୟବସାୟୀ କାର୍ଯ୍ୟାଳୟମାନ ଅଛି ଏବଂ ପ୍ରତ୍ୟେକ ପ୍ରକୋଷ୍ଠ ସମ୍ମୁଖସ୍ଥ ପ୍ରାଚୀରରେ ଭିନ୍ନ ଭିନ୍ନ କାର୍ଯ୍ୟାଳୟ ଓ କର୍ମଚାରୀଙ୍କ ନାମାଙ୍କିତ ଫଳକମାନ ଟଙ୍ଗା ହୋଇଅଛି। ଗୋଟିଏ ଫଳକରୁ ଜାଣିଲି, ସେଠାରେ ଅଛନ୍ତି Chief Controller of Prices (ପ୍ରଧାନ କଣ୍ଟ୍ରୋଲର୍) ଜଣେ ଆଇ.ସି.ଏସ୍. ଗୋରା ସାହେବ। ଆଉ ଗୋଟିକରୁ ଜାଣିଲି ସହକାରୀ କଣ୍ଟ୍ରୋଲର୍ ମି. ଜି. ଏନ୍. ରାୟ. ଡେପୁଟି କଲେକ୍ଟର। ରାୟ ମହାଶୟ ସ୍ୱଦେଶୀୟ ଓ ଚାକିରିରେ ସମଶ୍ରେଣୀୟ ଥିବାଯୋଗୁଁ ତାଙ୍କଠାରୁ ସହାନୁଭୂତି ପ୍ରାପ୍ତି ଆଶାରେ ପ୍ରଥମରେ ତାଙ୍କ ସହିତ ସାକ୍ଷାତ କରିବା ସ୍ଥିରକରି ମୋର ନାମାଙ୍କିତ କାର୍ଡ଼ ତାଙ୍କଠାକୁ ପଠାଇଦେଲି। ତତ୍‌କ୍ଷଣାତ୍ ସେ ମୋତେ ଡାକିଲେ ଓ ତାଙ୍କ ପ୍ରକୋଷ୍ଠକୁ ପ୍ରବେଶକରିବା ମାତ୍ରକେ ସ୍ୱସ୍ଥାନରୁ ମୋ ନିକଟକୁ ଉଠିଆସି ମୋତେ ଅଭିବାଦନକଲେ। କଲିକତାକୁ ମୋର ଆସିଥିବା ଉଦ୍ଦେଶ୍ୟ ଔଷଧ ବିଷୟରେ ତାଙ୍କୁ ସମସ୍ତ କଥା ଜଣାଇଲି। ସେ ତାଙ୍କ ଅଫିସର୍ ଜଣେ କିରାଣୀଙ୍କୁ ଡକାଇଲେ ଏବଂ ବେୟର୍ (Bayer) ଓ ଅନ୍ୟାନ୍ୟ ଜର୍ମାନ୍ କମ୍ପାନୀ – ଯେଉଁମାନେ ଭାରତ ସରକାରଙ୍କଠାରେ ଜର୍ମାନୀର ପ୍ରସ୍ତୁତ ଔଷଧଗୁଡ଼ିକର ତାଲିକା ଦେଇଥିଲେ, ସେ ସମସ୍ତ କାଗଜାତ୍ ତତ୍‌କ୍ଷଣାତ୍ ପେଶ୍ କରିବାକୁ ଆଦେଶ ଦେଲେ। ଅଳ୍ପ ସମୟ ମଧ୍ୟରେ କାଗଜ ପେଶ୍ ହେଲା। ମି. ରାୟ ତନ୍ନ ତନ୍ନ କରି ପ୍ରତ୍ୟେକ ତାଲିକା ପଢ଼ିଗଲେ, ଏବଂ ମୁଁ ମଧ୍ୟ ତାହା ଉପରେ ଆଖି ବୁଲାଇଗଲି। କାହିଁରେ As3ର ନାମ ନାହିଁ। ଏହି ଔଷଧର ବିକ୍ରେତା ଜର୍ମାନୀର ପ୍ରଧାନ ବିଖ୍ୟାତ ଔଷଧ ବ୍ୟବସାୟୀ Bayer & Co (ବେୟର ଏଣ୍ଡ କୋ)ଙ୍କ ଛାପା ଔଷଧ ତାଲିକା ମଧ୍ୟ ଦେଖିଗଲି। କାହିଁରେ ଏହାର ନାମ ନାହିଁ। ପୂର୍ବେ କୁହାଯାଇଅଛି ଯେ, ଏହି ଔଷଧ ଯୁଦ୍ଧକାଳ ମଧ୍ୟରେ ଚିକିତ୍ସକମାନଙ୍କଠାରୁ ରୋଗୀମାନଙ୍କ ଉପରେ ପରୀକ୍ଷା ସକାଶେ ଆସିଥିଲା। ବିକ୍ରୟ ସକାଶେ ବଜାରକୁ ଦିଆହୋଇ ନଥିବାରୁ ସମ୍ଭବତଃ ଏହି ତାଲିକାଭୁକ୍ତ ହୋଇନଥିଲା। ଏହି ସମୟରେ ଯୁଦ୍ଧ ଘୋଷଣା ହେଲା। ଆଉ ଆସିଲା ନାହିଁ। ମି. ରାୟଙ୍କଠାରୁ ବୁଝିଲି ଯେ, କଲିକତାରେ ବେୟର କମ୍ପାନୀର ଯେଉଁ ଶାଖା ଥିଲା ତାହା କିଛିଦିନ ପୂର୍ବେ ବମ୍ବେକୁ ଉଠିଯାଇଥିଲା ଏବଂ ଔଷଧାଦି ସମସ୍ତ ଜିନିଷ ସେଠାକୁ

Digitized by srujanika@gmail.com

ଚାଲିଯାଇଥିଲା । ଯିବା ପୂର୍ବେ କଲିକତାରେ କମ୍ପାନୀର ଯେଉଁ ପ୍ରତିନିଧି ଥିଲେ, ମି.ରାୟ ତାଙ୍କୁ ଔଷଧ ବିଷୟରେ ଫୋନ୍ ଯୋଗେ ପଚାରିଲେ, ଉତ୍ତର ଆସିଲା, ତାଙ୍କଠାରେ ଔଷଧ ନାହିଁ ଓ କେଉଁଠାରେ ଅଛି ତାହା ସେ ଜାଣନ୍ତି ନାହିଁ । ତାଙ୍କ ପରିଚିତ ଅନେକ ଡାକ୍ତରଙ୍କୁ ମି. ରାୟ ପୁଣି ଫୋନ୍‌ଯୋଗେ ପଚାରିଲେ । ପ୍ରତ୍ୟେକଙ୍କଠାରୁ ସେହି ଏକମାତ୍ର ନିରାଶାଜନକ ଉତ୍ତର ଆସି ମନକୁ ଏକାବେଳକେ ଅବସନ୍ନ କରିପକାଇଲା ।

ରାୟ ମହାଶୟଙ୍କ ନିକଟରେ ବସିଥିବା ସମୟରେ ଜଣେ ଭଦ୍ରବ୍ୟକ୍ତି ଆସି ଉପସ୍ଥିତ ହେଲେ । କଥାବାର୍ତ୍ତାରୁ ବୁଝିଲି, ସେ ଜଣେ ଡାକ୍ତର । ରାୟ ମହାଶୟ ତାଙ୍କୁ ମଧ୍ୟ ଏହି ଔଷଧ ବିଷୟ ପଚାରିଲେ । ସେ କହିଲେ, ସେ ଦନ୍ତ ଚିକିତ୍ସକ ଓ ଚକ୍ଷୁର ଔଷଧ ବିଷୟରେ କିଛି ଜାଣନ୍ତି ନାହିଁ । ମୋ କଥା ଶୁଣି ତାଙ୍କ ପରିଚିତ ଦୁଇତିନିଜଣ ଡାକ୍ତରଙ୍କୁ ଫୋନ୍‌ଯୋଗେ ପଚାରିଲେ, କିନ୍ତୁ ପ୍ରତ୍ୟେକଙ୍କ ଠାରୁ ସେହି ଉତ୍ତର ଆସିଲା । ପୂର୍ଣ୍ଣ ଏକଘଣ୍ଟା କାଳ ସେଠାରେ ରହି ଉଦ୍‌ବେଗପୂର୍ଣ୍ଣ ହୃଦୟରେ ରାୟ ମହାଶୟଙ୍କଠାରୁ ବିଦାୟ ନେଇ ଆସିଲି । ରାୟ ମହାଶୟଙ୍କ ସଦୟତା ଉଲ୍ଲେଖଯୋଗ୍ୟ । ସେ ବମ୍ବେରେ ଥିବା ବେୟର କମ୍ପାନୀର ପ୍ରତିନିଧିଙ୍କଠାକୁ ଗୋଟିଏ ସରକାରୀ ପତ୍ର ତତ୍‌କ୍ଷଣାତ୍ ଲେଖିଲେ । ତହିଁରେ ଓଡ଼ିଶାର ଜଣେ ଡେପୁଟି କଲେକ୍ଟରଙ୍କ ଏହି ଔଷଧ ନିତାନ୍ତ ଦରକାର ଓ ଯଦି ଉକ୍ତ ଔଷଧ ତାଙ୍କଠାରେ ଥାଏ ତାହାହେଲେ ତହିଁରୁ ଗୋଟିଏ ଶିଶି ଡାକ୍ତର ଦୁଖନରାମଙ୍କଠାକୁ ପାଟଣାକୁ ଅବିଳମ୍ବେ ପଠାଇଦେବା ପାଇଁ ଅନୁରୋଧ କଲେ।ତ ଉତ୍ତର ଆସିଲେ ସେ ମୋତେ ଜଣାଇବେ ବୋଲି କହିଲେ ।

ଉକ୍ତ ଡାକ୍ତରଙ୍କ ସହିତ ତଳକୁ ଓହ୍ଲାଇ ଆସିଲି । ଆମ୍ଭେମାନେ କ୍ଲାଇବ୍‌ଷ୍ଟ୍ରିଟ୍ ଦେଇ ଟ୍ରାମ୍ ନିକଟକୁ ଆସିବା ବାଟରେ ପ୍ରୋକ୍ତ ଡାକ୍ତରଙ୍କୁ ଔଷଧ ଅନ୍ୱେଷଣ କରିନେବା ପାଇଁ ସନିର୍ବନ୍ଧ ଅନୁରୋଧ କଲି ଓ ଔଷଧ ଆଣିଦେଲେ ତାହାର ମୂଲ୍ୟଛଡ଼ା ତାଙ୍କୁ ଦୁଇଶତ ଟଙ୍କା ଦେବି ବୋଲି କହିଲି । ଡାକ୍ତରଙ୍କୁ ପଚାରି ବୁଝିଲି ଯେ, ତାଙ୍କ ନାମ ଅମଳଚନ୍ଦ୍ର ରାୟ ଓ ନ୪୮ନ୍ୟର ଧର୍ମତାଲା ଷ୍ଟ୍ରିଟ୍‌ରେ ରହି ଦନ୍ତ ଚିକିତ୍ସା କରନ୍ତି । ମୋର କାତରୋକ୍ତି ଶୁଣି ସେ ବିଚଳିତ ହୋଇଥିବା ଅନୁଭବ କଲି । ଦୁଇଚାରି ସ୍ଥାନର ନାମ ମୋତେ କହି ସେହି ଅପରାହ୍ନରେ ସେ ଔଷଧ ଅନ୍ୱେଷଣରେ ବାହାରିଲେ ବୋଲି ଓ ଥରେ ସନ୍ଧ୍ୟାରେ ତାଙ୍କ ଦୋକାନରେ ବୁଝିଯିବା ପାଇଁ ମୋତେ କହିଲେ । ମୁଁ ମଧ୍ୟ ତାଙ୍କୁ ମୋର ହୋଟେଲର ଠିକଣା ଦେଇଦେଲି । ଅପରାହ୍ନ ପ୍ରାୟ ଦୁଇଟାବେଳେ ଆମ୍ଭେମାନେ ହୋଟେଲକୁ ଫେରିଲୁ । ଉନ୍ମାଦଗ୍ରସ୍ତ ବ୍ୟକ୍ତି ତୁଲ୍ୟ ବାଟରେ ଯାହାକୁ ମନେହେଲା ତାକୁ ଔଷଧ ପ୍ରାପ୍ତିର ସମ୍ଭାବନା ସମ୍ବନ୍ଧରେ ଜିଜ୍ଞାସା କଲି । କାହାରି ମୁହଁରେ ତାହାର ସନ୍ଧାନ ପାଇଲି ନାହିଁ ।

ଆହାରାଦି ସମାପନ କରି ପୁଣି ଅପରାହ୍ନରେ ବାହାରି ପଡ଼ିଲି ଓ ଆଉ କେତେ ଦୋକାନରେ ଔଷଧ ବିଷୟ ପଚାରିଲି । କେହି ଏହି ଔଷଧର ନାମ ଶୁଣିଥିବା ମଧ୍ୟ

Digitized by srujanika@gmail.com

କହିଲେ ନାହିଁ । ଜଣେ ଡାକ୍ତରଙ୍କ ସହିତ ସାକ୍ଷାତ କଲି, ସେ କଲିକତାକୁ ରୋଗୀକୁ ଆଣିଲେ ତାହାର ଚିକିତ୍ସା କରିବେ ବୋଲି କହିଲେ । ମନେ ମନେ ଭାବିଲି, କୌଣସି କାରଣରେ ସୁଦ୍ଧା ଶ୍ୟାମାକୁ ଡାକ୍ତର ଦୁଖନରାମଙ୍କଠାରୁ ଆଣିବି ନାହିଁ ।

ଡାକ୍ତର ଅମଳଚନ୍ଦ୍ର ରାୟଙ୍କ କଥାମତେ ସନ୍ଧ୍ୟା ଛଅଟା ବେଳେ ଆମ୍ଭେମାନେ ୨୪୮ ନମ୍ବର ଧର୍ମତାଲା ଷ୍ଟ୍ରୀଟ୍‌ସ୍ଥ ତାଙ୍କ ଦୋକାନକୁ ଆସିଲୁ । କିନ୍ତୁ ତାଙ୍କୁ ପାଇଲୁ ନାହିଁ । ସବୁଆଡ଼େ ନିରାଶ ହୋଇଥିଲେ ସୁଦ୍ଧା ପୁଣି ବୁଲି ବୁଲି ରାତ୍ର ୯ଟା ବେଳେ ହୋଟେଲକୁ ଆସିଲୁ । ହୋଟେଲର ମ୍ୟାନେଜର୍‌ ମୋତେ ଗୋଟିଏ ପତ୍ର ଦେଲେ । ତାହା ଡାକ୍ତର ରାୟଙ୍କର । ସେ ଲେଖିଥିଲେ ଯେ, ରାତ୍ର ୮ଟା ବେଳେ ସେ ହୋଟେଲକୁ ଆସିଥିଲେ ଓ ମୋତେ ନଦେଖି ଚାଲିଗଲେ ଏବଂ ପରଦିନ ପୂର୍ବାହ୍ନ ୧୦ଟାବେଳେ ତାଙ୍କ ଦୋକାନରେ ତାଙ୍କ ସହିତ ସାକ୍ଷାତ କରିବାକୁ ହେବ । ମନରେ ଆଶାର ସଞ୍ଚାର ହେଲା । ମନେହେଲା, ଔଷଧ ବା ମିଳିଲା । ଭଗବାନଙ୍କ ଦୟା ଉପରେ ବିଶ୍ୱାସ ଆସିଲା । ହୃଦୟରେ ଦୁର୍ବହ ଭାର ଘେନି କୌଣସିମତେ ରାତ୍ରିଯାପନ କଲି । ତିଳେହେଁ ନିଦ ହେଲାନାହିଁ, ତଥାପି ବିଶ୍ୱାସ ହେଉନଥିଲା ଯେ ଔଷଧ ମିଳିବ ।

୨୮ ତାରିଖ, କଲିକତାରେ ଅବସ୍ଥାନର ପଞ୍ଚମ ଦିବସ । ପ୍ରାତଃକୃତ୍ୟାଦି ସମାପନ କରି ସାଢ଼େ ସାତଟାରେ ଅମ୍ବିକା ଓ ମୁଁ ବାହାରି ପଡ଼ିଲୁ ଓ ବୁଲି ବୁଲି ଜଣେ ଓକିଲଙ୍କ ବସାରେ ଉପସ୍ଥିତ ହେଲୁ । ଅମ୍ବିକାଙ୍କ ପରିଚିତ ଜଣେ ଡାକ୍ତର କହିଥିଲେ ଯେ, ପ୍ରୋକ୍ତ ଓକିଲ ଔଷଧର ଚୋରା କାରବାର କରନ୍ତି । ଔଷଧ ସେ ଖୋଜିବେ କହି ସନ୍ଧ୍ୟାରେ ତାଙ୍କ ସହିତ ସାକ୍ଷାତ କରିବାକୁ କହିଲେ ।

ଚାରିଦିନର ପରିଶ୍ରମ, ମାନସିକ ଚିନ୍ତା ଓ ଅପଥ୍ୟ ଯୋଗୁଁ ମୋର ଦେହ ଅଳ୍ପ ଅସୁସ୍ଥ ହୋଇପଡ଼ିଲା । ପୂର୍ବଦିନ ସନ୍ଧ୍ୟାରେ ମୁଁ ଅତ୍ୟନ୍ତ ଅସୁସ୍ଥ ବୋଧକଲି । ତଥାପି ବାହାରକୁ ଯିବାକୁ ହୋଇଥିଲା । ଦେହ ନିତାନ୍ତ ଅସୁସ୍ଥ ନହେଲେ ସାମାନ୍ୟ ଅସୁସ୍ଥତାରେ ମୁଁ ଔଷଧ ବ୍ୟବହାର କରେନାହିଁ । ପଥ୍ୟ ନିୟନ୍ତ୍ରଣ କରି ମୁଁ ପୀଡ଼ା ଉପଶମ କରିଥାଏ । ଏହି ନୀତି ଏହିଠାରେ ମଧ୍ୟ ପାଳନକଲି । ବିଶେଷତଃ ଏହିଠାରେ ମୋର ପ୍ରତିଜ୍ଞା ଥିଲା, 'ଶରୀରଂ ବା ପାତୟେତ୍‌, କାର୍ଯ୍ୟଂ ବା ସାଧୟେତ୍‌ ।'

ପୂର୍ବାହ୍ନ ୧୦ଟା ବେଳେ ଡାକ୍ତର ରାୟଙ୍କ ଦୋକାନରେ ଉପସ୍ଥିତ ହେଲି ଓ ବାହାରେ ବସିଥିବା ତାଙ୍କ ଚାକରଦ୍ୱାରା ମୋର ଆଗମନ ସମ୍ବାଦ ଦେଲି । ଡାକ୍ତର ରାୟ ତତ୍‌କ୍ଷଣାତ୍‌ ବାହାରି ଆସିଲେ । ଲକ୍ଷ୍ୟ କଲି ତାଙ୍କ ମୁହଁରେ ସରସ ପ୍ରଫୁଲ୍ଲତା । ଦେଖି ମୋର ହୃଦୟ ସ୍ପନ୍ଦିତ ହେବାକୁ ଲାଗିଲା । ସେ କହି ଉଠିଲେ, "ଔଷଧ ମିଳିଛି" ଏବଂ ଭିତରକୁ ଯାଇ ଓ ପୁଣି ଫେରି ଗୋଟିଏ ଶିଶି ମୋତେ ଦେଖାଇଲେ । ଦେଖିଲି ତାହା ଗୋଟିଏ ଟ୍ୟୁବ୍‌ । ଉପରେ ଲେଖାଅଛି As3 salve, physician's sample, not for

Digitized by srujanika@gmail.com

sale. As3, ମଲମ ଡାକ୍ତରଙ୍କ ସକାଶେ ନମୁନା, ବିକ୍ରି ପାଇଁ ନୁହେଁ। ଟ୍ୟୁବ୍‌ଟି ଦିଶୁଛି ସମ୍ପୂର୍ଣ୍ଣ ନୂତନ। ମୁଦ ମରା ମୁହଁବନ୍ଦ; ଜାଲ୍ ନୁହେଁ ପରି ଦିଶୁଛି। ଡାକ୍ତର ରାୟ କହିଲେ, ଆମ୍ଭେମାନେ ପୂର୍ବଦିନ ପରସ୍ପରଠାରୁ ବିଦାୟ ହେଲା ଉତ୍ତାରେ ସେ ଗୋଟିଏ ଯୋଡ଼ିଏ ଦୋକାନକୁ ଯାଇ ଔଷଧର କୌଣସି ସନ୍ଧାନ ପାଇଲେ ନାହିଁ। ତତ୍ପରେ ବେୟର କମ୍ପାନୀର କାର୍ଯ୍ୟ ଚାଲୁଥିବା ସମୟରେ ଯେଉଁ ବ୍ୟକ୍ତିଙ୍କ ତତ୍ତ୍ୱାବଧାନରେ କଲିକତାର ଶାଖା ଦୋକାନ ଥିଲା ତାଙ୍କ ଠାକୁ ଗଲେ ଓ ତାଙ୍କଠାରୁ ଜାଣିଲେ ଯେ, ତିନିବର୍ଷ ପୂର୍ବେ କଲିକତା ମେଡ଼ିକାଲ୍ କଲେଜର ଭୂତପୂର୍ବ ଚକ୍ଷୁରୋଗ ଚିକିତ୍ସକ ଡାକ୍ତର ସୁଶୀଲକୁମାର ମୁଖାର୍ଜୀଙ୍କୁ କେତେଗୁଡ଼ିଏ ଶିଶି ଔଷଧ ନମୁନା ସ୍ୱରୂପ ଡାକ୍ତରମାନଙ୍କ ମଧ୍ୟରେ ବଣ୍ଟନ ସକାଶେ ଦେଇଥିଲେ ଓ ତାଙ୍କ ଘରେ ଅବା ଗୋଟିଏ ଅଧେ ଶିଶି ରହିଯାଇଥାଏ ଓ ମିଳିପାରେ। ଡାକ୍ତର ମୁଖାର୍ଜୀ ମରିଯାଇଅଛନ୍ତି ଓ ତାଙ୍କ ପରିବାର ହୁଗୁଳିରେ ଅଛନ୍ତି। ସେ ଟ୍ୟାକ୍‌ସି ଯୋଗେ ୨୮ ମାଇଲ ଦୂରବର୍ତ୍ତୀ ହୁଗୁଳିକୁ ତାଙ୍କ ଘରକୁ ଗଲେ ଓ ତାଙ୍କ ସ୍ତ୍ରୀଙ୍କ ଅନୁମତିକ୍ରମେ ଔଷଧ ଶିଶିପୂର୍ଣ୍ଣ ଦୁଇତିନିଟା ଆଲମାରି ମଧ୍ୟରେ ଖୋଜି ଖୋଜି ସେହି As3 ଶିଶିଟା ପାଇଲେ ଓ ତାହା ଦେବା ପାଇଁ ତାଙ୍କୁ ଅନୁରୋଧ କଲେ। ତାଙ୍କ ସ୍ତ୍ରୀ ଦେଢ଼ଶତ ଟଙ୍କା ଦାବିକଲେ ଓ ଏହି ଟଙ୍କାର ଖଣ୍ଡେ ଚେକ୍‌ଦେଇ ସେହି ଶିଶିଟି ଆଣିଲେ। ଏହା କହି ଚେକ୍‌ର ମୁଣ୍ଡାଟି ମୋତେ ଦେଖାଇଦେଲେ। ମୁଁ ଏହି ଦେଢ଼ଶତ ଟଙ୍କା ସହିତ ଆଉ ଦୁଇଶତ ଟଙ୍କାର ନୋଟ୍ ତାଙ୍କ ହସ୍ତକୁ ବଢ଼ାଇଦେଲି। କିନ୍ତୁ ଏହି ଦୁଇଶତ ଟଙ୍କା ମୋତେ ଫେରାଇ ଦେଇ କହିଲେ ଯେ, ହୁଗୁଳି ଯିବା ଆସିବା ଟେକ୍‌ସି ଭଡ଼ା କେବଳ ନେବେ। ପ୍ରତିଶ୍ରୁତି ପାରିଶ୍ରମିକ ସମ୍ବନ୍ଧରେ ସେ କହିଲେ ଯେ, ଦୁଇବର୍ଷ ପୂର୍ବେ ତାଙ୍କ ଯକ୍ଷ୍ମା ରୋଗଗ୍ରସ୍ତ ଭାଇ ସକାଶେ ଗୋଟିଏ ଔଷଧ ଖୋଜି ଖୋଜି ମୋ ପରି ନିରାଶ ହେଲା ଉତ୍ତାରେ ଅପ୍ରତ୍ୟାଶିତ ଭାବରେ ଜଣେ ଚିକିତ୍ସକଙ୍କଠାରୁ ବିନା ମୂଲ୍ୟରେ ତାହା ପାଇ ଉପକୃତ ହୋଇଥିଲେ। ତାହା ସେ ଭୁଲି ନାହାଁନ୍ତି। କଲିକତାରେ ସୁଦ୍ଧା ଅପରିଚିତ ବ୍ୟବସାୟୀ ଚିକିତ୍ସକଙ୍କ ହୃଦୟବତ୍ତାରେ ମୁଗ୍ଧ ହୋଇ ମୁଁ ତାଙ୍କୁ କେତେ ଧନ୍ୟବାଦ ଓ କୃତଜ୍ଞତା ଜଣାଇ ଅଶ୍ରୁପୂର୍ଣ୍ଣ ନୟନରେ ତାଙ୍କ ବିଦାୟ ଗ୍ରହଣ କଲି। ଔଷଧ ପ୍ରୟୋଗ ଉତ୍ତାରେ ଝିଅର ଅବସ୍ଥା ତାଙ୍କୁ ପତ୍ରଦ୍ୱାରା ଜଣାଇବା ପାଇଁ ସେ ମୋତେ କହିଲେ।

ସନ୍ଧ୍ୟାରେ ଅମ୍ବିକା ଓ ମୁଁ କାଳିଘାଟକୁ ଯାଇ ଦେବୀଙ୍କୁ ପୂଜା କରି ଶିଶିଟା ତାଙ୍କ ପଦତଳରେ ରଖି ଓ କୃତଜ୍ଞତା ଜଣାଇ ଏବଂ ଶ୍ୟାମା ଓ ସୁଷମାର ଆରୋଗ୍ୟ ସକାଶେ କାତର ହୃଦୟରେ ପ୍ରାର୍ଥନା କରି ରାତ୍ରି ୮ଟା ବେଳେ ଆମ୍ଭେମାନେ ଫେରିଲୁ। ଆହାରାନ୍ତେ ୯ଟାବେଳେ ହାଓଡ଼ା ଷ୍ଟେସନକୁ ଯାତ୍ରାକଲୁ। ରାତ୍ରି ୧୦ଟା ବେଳେ ଦିଲ୍ଲୀ ଏକ୍‌ସପ୍ରେସ୍ ଛାଡ଼ିଲା। ପରଦିନ ପୂର୍ବାହ୍ନ ଦଶଟାବେଳେ ଆମ୍ଭେମାନେ ପାଟଣାରେ ପହଞ୍ଚିଲୁ।

ବସାକୁ ଫେରିବା ବାଟରେ ଡାକ୍ତର ଦୁଖନରାମଙ୍କ ସହିତ ସାକ୍ଷାତ କରିବା ମାନସରେ ତାଙ୍କ ଘରକୁ ଗଲି। ସେ କଲେଜକୁ ଚାଲି ଯାଇଥିଲେ। ସନ୍ଧ୍ୟାରେ ତାଙ୍କ ସହିତ

Digitized by srujanika@gmail.com

ସାକ୍ଷାତ କଲି ଓ ଔଷଧ ଶିଶିଟି ତାଙ୍କୁ ଦେଖାଇଲି। ଏହି ଔଷଧ ଦେଖି ସେ କହିଲେ ଓ ପୁଣି କହିଲେ ଯେ ଭଗବାନଙ୍କଠାରେ ନିବେଦନ କରି ଶ୍ୟାମାର ଚକ୍ଷୁରେ ତାହା ପ୍ରୟୋଗ କରିବେ। କି ଉପାୟରେ ଓ କେଡ଼େ କଠିନ ପରିଶ୍ରମରେ କଲିକତାରେ ଔଷଧ ପାଇଥିଲି ତହିଁର ସବିଶେଷ ବର୍ଣ୍ଣନା କଲି। ପରଦିନ ଭୋର ୬ଟାବେଳେ ଶ୍ୟାମାକୁ ନେଇ ଆସିବାକୁ କହିଲେ।

ଭଗବାନଙ୍କ ଅପରିସୀମ କରୁଣା ବିଷୟ ସ୍ମରଣକରି ଓ ତାଙ୍କ ସ୍ତୁତିରେ ଉଦ୍‌ବେଗପୂର୍ଣ୍ଣ ହୃଦୟରେ ରାତ୍ରି ଅତିବାହିତ ହେଲା। ଅତି ପ୍ରତ୍ୟୁଷରେ ପ୍ରଭାକର ଓ ତୁଳସୀଙ୍କୁ ଉଠାଇଦେଲି। ତୁଳସୀ ଶ୍ୟାମାକୁ ସ୍ନାନ କରାଇ, ତାହାର ବେଣୀ ବାନ୍ଧି ନୂତନ ବସ୍ତ୍ର ପିନ୍ଧାଇଦେଲେ। ଠିକ୍ ୬ଟା ବେଳେ ତାହାକୁ ନେଇ ମୁଁ ଡାକ୍ତରଙ୍କ ଘରେ ଉପସ୍ଥିତ ହେଲି। ଡାକ୍ତର ଦୁଖନରାମ ତାଙ୍କ ସହଧର୍ମିଣୀ ଓ ପୁତ୍ର କନ୍ୟାଦିଙ୍କ ସହିତ ତାଙ୍କ ଗୃହ ପ୍ରାଙ୍ଗଣସ୍ଥ ହୋମକୁଣ୍ଡ ନିକଟରେ ହୋମ, ପୂଜା ସାମଗ୍ରୀ ଓ ନୈବେଦ୍ୟ ସକାଶେ ବୃହତ୍ ଥାଳୀପୂର୍ଣ୍ଣ ମିଷ୍ଟାନ୍ନ ସହିତ ଉପସ୍ଥିତ ଥିଲେ। ଶ୍ୟାମାକୁ ଅତ୍ୟନ୍ତ ସ୍ନେହ ଓ ଆଦର ସହକାରେ ନିଜ କୋଳରେ ବସାଇଲେ। ମୃଦଙ୍ଗ ବାଦ୍ୟ ସହିତ ସ୍ତୁତିପାଠ ଉତ୍ତାରେ ଗୀତାପାଠ ହେଲା। ହୋମ ଧୂମ ଶ୍ୟାମାର ସର୍ବାଙ୍ଗ ଆଚ୍ଛାଦନ କଲା। ଚକ୍ଷୁ ବନ୍ଦ କରି ଶ୍ୟାମା ଆନନ୍ଦରେ ଡାକ୍ତରଙ୍କ ପବିତ୍ର କ୍ରୋଡ଼ରେ ଉପବେଶନପୂର୍ବକ ଭଗବାନଙ୍କ ଦୟା ଭିକ୍ଷା କରୁଥିବା ମନେକଲି। ସ୍ତୋତ୍ରପାଠ ଓ ହେବା ସମାପନାନ୍ତେ ଉପସ୍ଥିତ ବାଳକ ବାଳିକାମାନଙ୍କ ମଧ୍ୟରେ ମିଷ୍ଟାନ୍ନ ବିତରଣ ହେଲା। କମ୍ପାଉଣ୍ଡର ମୋତିବାମୁଙ୍କୁ ଡାକି ଔଷଧ ଶିଶି ଫିଟାଇ ଡାକ୍ତର ନିଜ ହସ୍ତରେ ଶ୍ୟାମାର ଉଭୟ ଚକ୍ଷୁରେ ଔଷଧ ଲଗାଇଦେଲେ।

ଶ୍ୟାମା ପୂର୍ବପରି ଆଖି ବନ୍ଦ କରିଛି। ପତା ଭିତରର ମାଂସ ଏତେ ବୃଦ୍ଧି ହୋଇଅଛି ଯେ, ଆଖି ଫୁଲି କପାଳ ତଳେ କୋଟରରୁ ପ୍ରାୟ ଏକ ଇଞ୍ଚ ବାହାରି ପଡ଼ିଥିବା ମନେହେଉଛି। କଳାଡ଼ୋଳା ଆଦୌ ଦିଶୁନାହିଁ। ପତା ଉପରକୁ ଉଠାଇଦେଲେ ଦିଶୁଛି କେବଳ ଦୁଇ ଆଖିଭିତରେ ଦୁଇମୁଣ୍ଡା ମାଂସ। ସେହିଦିନ ସନ୍ଧ୍ୟାରେ ଶ୍ୟାମାକୁ ପୁଣି ଡାକ୍ତରଙ୍କ ଘରକୁ ନେଇଗଲି ଓ ମୋତିବାବୁ ପୁଣି ତା'ର ଉଭୟ ଚକ୍ଷୁରେ ଔଷଧ ଲଗାଇଦେଲେ। ପରଦିନ (୩୦ ତାରିଖ) ଦୁଇ ଓଳି ଦୁଇଥର ଔଷଧ ପ୍ରୟୋଗ କରାହେଲା। ସକାଳେ ଡାକ୍ତର ମୋତେ ସାହସ ଦେଇ କହିଲେ ଯେ, ପାଞ୍ଚଦିନ ପରେ ଆଖିର ଅବସ୍ଥା ଅନେକ ପରିମାଣରେ ଭଲ ଦେଖାଯିବ। କରୁଣାମୟ ଈଶ୍ୱରଙ୍କ କରୁଣା ଉପରେ ନିର୍ଭର କରି କାତର ହୃଦୟରେ ରାତ୍ରି ଯାପନ କଲି। ୩୧ ତାରିଖରେ ପୁଣି ଦୁଇଥର ଔଷଧ ପ୍ରୟୋଗ ହେଲା।

୩୧ ତାରିଖ ରାତ୍ରିରେ ଘୋର ବର୍ଷା। ପରଦିନ ଭୋରରେ ଶ୍ୟାମାକୁ ଉଠାଇ ଦେଲି ଓ ଡାକ୍ତରଙ୍କ ଘରକୁ ଯିବା ସକାଶେ ପ୍ରସ୍ତୁତ ହେବାପାଇଁ କହିଲି। ତୁଳସୀ ତାହାର ଦାନ୍ତ ଘଷାଇ, ମୁଣ୍ଡ ବାନ୍ଧି ଲୁଗା ପିନ୍ଧାଇଦେଲେ। ଶ୍ୟାମା ଧୀରେ ଧୀରେ ମୋ ନିକଟକୁ

Digitized by srujanika@gmail.com

କାହାରି ସାହାଯ୍ୟ ନ ନେଇ ଆସିଲା ଓ ମୋ ହାତଧରି କହିଲା, ''ବାପା ! ମୁଁ ମୋ ହାତ, ଗୋଡ଼, ଲୁଗା, ଘରଦ୍ୱାର ଅଳ୍ପ ଅଳ୍ପ ଦେଖିପାରୁଛି।'' ତାହାର କଥାକୁ ଗ୍ରାହ୍ୟ ନକରି ତାକୁ ଡାକ୍ତରଙ୍କ ଘରକୁ ନେଇଗଲି। ମୋତିବାବୁ ତାହାର ଆଖିରେ ଔଷଧ ଲଗାଇଦେଲେ। ସନ୍ଧ୍ୟାରେ ପୁଣି ଶ୍ୟାମାକୁ ନେଇଗଲି। ଡାକ୍ତର ତାହାକୁ ତାଙ୍କ ଅନ୍ଧକାର କୋଠରୀ ମଧ୍ୟକୁ ନେଇ ଏକ ସମୟରେ ତାଙ୍କ ଆଙ୍ଗୁଳିଦ୍ୱାରା ଉଭୟ ଚକ୍ଷୁର ପତା ମେଲାଇଦେଲା ମାତ୍ରକେ ଶ୍ୟାମା ''ବାପା ! ବାପା ! ମୋ ଆଖିକୁ ଦିଶୁଛି। ମୁଁ ତୁମ୍ଭଙ୍କୁ ଦେଖିପାରୁଛି। ଡାକ୍ତର ସାହେବ ! ଆପ୍‌କୋ ହମ୍ ଦେଖ୍ ସକ୍‌ତେ ହେଁ'' କହି ପ୍ରଥମରେ ମୋତେ ଓ ତପ୍ତରେ ଡାକ୍ତରଙ୍କୁ କୁଣ୍ଢେଇ ପକାଇଲା। ଡାକ୍ତରଙ୍କ ମୁଖରେ ମୃଦୁ ହାସ୍ୟ ଦେଖାଗଲା। କହିଲେ, ଔଷଧ ଗୁଣ କରିଛି। ଶ୍ୟାମାର ଆଖି ଆଗରେ ଓଲଟପାଲଓ କରି ତାଙ୍କ ଅଙ୍ଗୁଳିମାନ ଦେଖାଇଲେ ଓ ଶ୍ୟାମା ସେ ସବୁ ପ୍ରତ୍ୟେକ ବାର ଗଣିପାରିଲା। ପଢ଼ିବାକୁ ଖଣ୍ଡେ ବହିଦେଲେ। ତାହା ସ୍ୱଚ୍ଛନ୍ଦରେ ପଢ଼ିଗଲା। ଆଖି ଫିଟାଇ ଦେଖାଇଦେଲେ, ସେହି ମାଂସ ମୁଣ୍ଡା ଆଉ ନାହିଁ ଏବଂ ଡୋଳା କିଞ୍ଚିତ୍ ଧୂମାବୃତ ତୁଲ୍ୟ ଦିଶୁଥିଲେ ହେଁ ବାହାରକୁ ଦେଖାଯାଉଅଛି। ଦୁଖନରାମ ଶ୍ୟାମାକୁ ଉଭୟ ବାହୁଦ୍ୱାରା ବେଷ୍ଟନକରି ନାଚିବାକୁ ଲାଗିଲେ ଓ ଭଗବାନ ଦୟା କରିଅଛନ୍ତି ବୋଲି ଆନନ୍ଦରେ ଉତ୍‌ଫୁଲ୍ଲ ହୋଇ ଅଶ୍ରୁପୂର୍ଣ୍ଣ ନେତ୍ରରେ କହିଲେ, ''ଆଉ ଛଅ ସାତ ଦିନପରେ ଶ୍ୟାମା ସ୍ୱଚ୍ଛନ୍ଦରେ ଖେଳିବୁଲି ପାରିବ।'' ତପ୍ତରେ ଶ୍ୟାମାକୁ ଓହ୍ଲାଇଦେଇ କହିଲେ, ''ଶ୍ୟାମା, ପିତାଙ୍କ ପଦଧୂଳି ନେ। ତାହାଙ୍କ ତପସ୍ୟା ପ୍ରଭାବରେ ତୋର ଚକ୍ଷୁଲାଭ ହୋଇଅଛି।'' ଶ୍ୟାମା ମୋର ପାଦଛୁଇଁ ପ୍ରଣାମ କଲା। ମୁଁ ଡାକ୍ତରଙ୍କୁ କହିଲି, ''ଭଗବାନ ଶ୍ରୀକୃଷ୍ଣ ଅନ୍ଧକୁ ଚକ୍ଷୁଦାନ ଦେଲା ତୁଲ୍ୟ ଆପଣ ଶ୍ୟାମାକୁ ଚକ୍ଷୁଦାନ ଦେଇଅଛନ୍ତି।'' ଶ୍ୟାମାକୁ ତାଙ୍କ ପଦତଳରେ ପକାଇଦେଲି ଓ ଶ୍ୟାମା ତାଙ୍କ ପାଦଛୁଇଁ ପ୍ରଣାମ କଲା। ମୋ ହୃଦୟ ତାଙ୍କ ପ୍ରତି କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା। ତାଙ୍କୁ ଧନ୍ୟବାଦ ଦେଇ ଓ ତାଙ୍କ ହସ୍ତଦ୍ୱୟ ନିବିଡ଼ଭାବରେ ଧରି ଆନନ୍ଦାଶ୍ରୁ ବିସର୍ଜନ କରିବାକୁ ଲାଗିଲି। ତାଙ୍କ ଚକ୍ଷୁଦ୍ୱୟ ସୁଦ୍ଧା ସେତେବେଳେ ଅଶ୍ରୁପୂର୍ଣ୍ଣ। ଅନେକ ରୋଗୀ ସେଠାରେ ଉପସ୍ଥିତ ଥିଲେ। ମୁଁ ଔଷଧ ପ୍ରାପ୍ତି ସକାଶେ କଲିକତାରେ ଯେଉଁ ପରିଶ୍ରମ କରିଥିଲି ଓ ସେହି ବିଷୟରେ ଡାକ୍ତରଙ୍କୁ ଯାହା କହିଥିଲି, ଡାକ୍ତର ଦୁଖନରାମ ସେମାନଙ୍କଠାରେ ପ୍ରଗଳ୍‌ଭତା ସହକାରେ ନିଜ ଭାଷାରେ ବର୍ଣ୍ଣନା କରି ପିତାର କର୍ତ୍ତବ୍ୟପାଳନ କରିଥିବା କହି ମୋତେ ପ୍ରଶଂସା ଓ ଶ୍ୟାମାକୁ ଆଶୀର୍ବାଦ କରିବାକୁ ଲାଗିଲେ।

ଡାକ୍ତରଙ୍କ ଘରୁ ଫେରିବା ବାଟରେ ମେଡ଼ିକାଲ୍ କଲେଜ ହଷ୍ଟେଲକୁ ଯାଇ ବୀରେନ୍ଦ୍ର, ଜଗନ୍ନାଥ, ଯଶୋବନ୍ତ ଆଦିଙ୍କୁ ଶ୍ୟାମାକୁ ଦେଖାଇଦେଲି। ଶ୍ୟାମା ଆଖି ମେଲି ସେମାନଙ୍କ ସଙ୍ଗେ କଥାବାର୍ତ୍ତା କଲା। ସେମାନଙ୍କଠାରୁ ମୁଁ ଶୁଣିଲି, ମୁଁ କଲିକତା ଯିବା ପୂର୍ବଦିନ ଡାକ୍ତର ଦୁଖନରାମ ଶ୍ୟାମାର ଆଖି ଆଉ ଭଲହେବ ନାହିଁ ବୋଲି କହିଥିଲେ ଓ ମୋ ମନରେ ଦୁଃଖ ହେବ ବୋଲି ଏହା ମୋତେ ସେମାନେ କହିନଥିଲେ।

Digitized by srujanika@gmail.com

ଭଗବାନଙ୍କ କି ଅପରିସୀମ କରୁଣା ! ପ୍ରକୃତରେ କିଏ ବିଶ୍ୱାସ କରୁଥିଲା ଯେ, ଶ୍ୟାମାର ଆଖି ଆଉ ଭଲହେବ ! ଏତେଦିନ ପରେ ଭଗବାନ ନିରୀହ ବାଳିକାର ଗୁହାରି ଶୁଣିଲେ । ଭଗବାନଙ୍କ ସହିତ ଜର୍ମାନ୍ ଜାତିପ୍ରତି ମୋର ହୃଦୟର ଗଭୀର କୃତଜ୍ଞତା ନିବେଦନ କରିବାକୁ ଲାଗିଲି । ଏହି ଜାତି ବୈଜ୍ଞାନିକ ଗବେଷଣାଦ୍ୱାରା ମାନବଜାତିର ପ୍ରଭୂତ ଉପକାର ସାଧନ କରିଅଛନ୍ତି । ମନେହୁଏ, ପୃଥିବୀର ସମସ୍ତ ସଭ୍ୟ ଦେଶ ଓ ସଭ୍ୟଜାତିଙ୍କ ଶାସ୍ତ୍ରାଦି ଆଲୋଚନା କରି, ତହିଁରେ ଯାହା ଯାହା ଉପାଦେୟ ସେ ସମସ୍ତ ଗ୍ରହଣକରି ମାନବଜାତିର ମଙ୍ଗଳାର୍ଥେ ତାହା କାର୍ଯ୍ୟତଃ ପ୍ରୟୋଗ କରୁଅଛନ୍ତି । As^3 ଔଷଧ ତହିଁର ଜ୍ୱଳନ୍ତ ନିଦର୍ଶନ । ଅନ୍ୟାନ୍ୟ ଦେଶରେ ପ୍ରସ୍ତୁତ ଔଷଧମାନ ବହୁପରିମାଣରେ ଶ୍ୟାମାର ଚକ୍ଷୁରେ ବ୍ୟବହୃତ ହୋଇ ନିଷ୍ଫଳ ହୋଇଥିଲା । ପରିଶେଷରେ ଏହି ଔଷଧ ଇନ୍ଦ୍ରଜାଲ ତୁଲ୍ୟ କାର୍ଯ୍ୟକଲା । ଦୁର୍ଭାଗ୍ୟକ୍ରମେ ଜର୍ମାନୀ ସହିତ ଯୁଦ୍ଧ ପରେ ଏହି ପ୍ରକାର ଜର୍ମାନୀ ଦେଶ ପ୍ରସ୍ତୁତ ଔଷଧାଦି ଆଉ ଭାରତବର୍ଷରେ ମିଳୁନାହିଁ । ଯୁଦ୍ଧାପରାଧୀ ବୋଲି ଅନେକ ବୈଜ୍ଞାନିକ ଶତ୍ରୁହସ୍ତରେ ବିଚାରଦ୍ୱାରା ଇହ ସଂସାରରୁ ଲୁପ୍ତ ହୋଇଯାଇଅଛନ୍ତି । କଲିକତାରେ ଶୁଣିଲି, ବେୟର ଓ ଅନ୍ୟ ଜର୍ମାନ୍ କମ୍ପାନିର ଔଷଧମାନ ଇଂରେଜ ସରକାର ବମ୍ବେରେ ରଖିଦେଇ ତାହାର ବିକ୍ରୟ ସୁଦ୍ଧା ବନ୍ଦ କରିଦେଇଛନ୍ତି । ଏହାର ଉଦ୍ଦେଶ୍ୟ ନିଜ ଦେଶର ନିକୃଷ୍ଟ ଗୁଣସମ୍ପନ୍ନ ଔଷଧର କାଟତି ହେବ । ମୁଁ ଦିଲ୍ଲୀ, ମାନ୍ଦ୍ରାସ୍, ଆହ୍ଲାବାଦ ପ୍ରଭୃତି ସ୍ଥାନମାନଙ୍କୁ ଯେଉଁ ପତ୍ର ଲେଖିଥିଲି ଓ କଲିକତାରୁ ରାୟ ମହାଶୟ ବମ୍ବେକୁ ଯେଉଁ ପତ୍ର ଲେଖିଥିଲେ ସେ ସମସ୍ତ ପତ୍ରର ଉତ୍ତର ମୋ ନିକଟକୁ ଆସିଥିଲା । ତହିଁରେ ଲେଖାଥିଲା ଯେ, ଜର୍ମାନୀର କୌଣସି ଜିନିଷ ଭାରତବର୍ଷରେ ଆଉ ନାହିଁ । ଅନ୍ୟ କୌଣସି ଜିନିଷ ବନ୍ଦ କରିଦେବାର ସେତେ କିଛି କ୍ଷତିନାହିଁ, କିନ୍ତୁ ଔଷଧ ବନ୍ଦକରି ତଦାନୀନ୍ତନ ସରକାର ରୋଗୀମାନଙ୍କ ପ୍ରଭୂତ ଅନିଷ୍ଟ ସାଧନ କରିଅଛନ୍ତି । ତଦୁପରି ବିଜୟମଦରେ ମତ୍ତ ହୋଇ ଶତ୍ରୁପକ୍ଷ ଜର୍ମାନ୍ ବିଶେଷଜ୍ଞମାନଙ୍କୁ ହତ୍ୟାକରି ମାନବଜାତିର ଅକଲ୍ୟାଣ ସାଧନ ସହିତ ଅମାର୍ଜ୍ଜନୀୟ ପାପ ଅର୍ଜ୍ଜନ କରିଅଛନ୍ତି । ଜର୍ମାନ୍ ଜାତି ଉଭୟ ବିଶ୍ୱଯୁଦ୍ଧରେ ପରାଜିତ ହୋଇ ସେମାନେ ବିପକ୍ଷମାନଙ୍କୁ ନାନାପ୍ରକାର ଚିତ୍ରିତ ହେଉଅଛନ୍ତି । ଏହି ଅବସ୍ଥାର କେବେ ଯେ ପରିବର୍ତ୍ତନ ହେବ ଓ କେତେ ଯେ ମନୁଷ୍ୟ ମନୁଷ୍ୟ ପ୍ରତି ଦ୍ୱେଷଭାବ ପରିତ୍ୟାଗପୂର୍ବକ ମାନବଜାତିର ମଙ୍ଗଳାର୍ଥେ ପରସ୍ପର ଶକ୍ତି ନିୟୋଗ କରିବେ, ଭଗବାନ ଜାଣନ୍ତି ।

ଔଷଧ ବ୍ୟବହାରର କିଛିଦିନ ପରେ ଶ୍ୟାମା କ୍ରମେ ଭଲଭାବରେ ଆଖି ଫିଟାଇ ଦେଖିବାକୁ ଲାଗିଲା । ପ୍ରତ୍ୟହ ଦୁଇଓଳି ଡାକ୍ତରଙ୍କଠାକୁ ନେଇ ତାକୁ ଦେଖାଇ ଆଣୁଥାଏ ଓ ପ୍ରତ୍ୟହ ଔଷଧ ବ୍ୟବହାର ଚାଲିଥାଏ । ଡାକ୍ତର ତାକୁ ଚଷମା ଦେଲେ । ପଞ୍ଚମଦିନ ତାକୁ ପରୀକ୍ଷା କରି କହିଲେ, ଖୁବ୍ ସନ୍ତୋଷଜନକ (very satisfactory) ! ତାଙ୍କ ମୁଖରେ ଆନନ୍ଦର ରେଖା । ଡାକ୍ତରଙ୍କଠାରୁ ବସାକୁ ଫେରିଲା ପରେ ଶ୍ୟାମା ବିନା ଚଷମାରେ

Digitized by srujanika@gmail.com

ଆଲୁଅରେ ଦେଖିପାରୁଛି। ଲାଲ ଓ ହଳଦିଆ ରଙ୍ଗ କାଗଜରେ ପ୍ରସ୍ତୁତ ଗୋଟିଏ ଭଙ୍ଗା ଚୀନା ପଙ୍ଖାର କାଗଜକୁ ଅଠା ଦେଇ ଛୋଟ ଛୋଟ କାଗଜ ଯୋଡ଼ି ଗୋଟିଏ ମାଳା ପ୍ରସ୍ତୁତ କଲା। ପୁଣି ଆଉ ଖଣ୍ଡେ କେତେ କାଗଜ କାଟି ଡଙ୍ଗା, ବାକ୍ସ ପ୍ରଭୃତି ପ୍ରସ୍ତୁତ କଲା। ବହିଗୁଡ଼ିକ ମଧ୍ୟରେ କଲମ ଥିଲା। ତାକୁ ଖୋଜିଆଣିବାକୁ କହିଲା। ଆଣିଲା। ଘର ଦୋତାଲା, ଉପରୁ ତଳକୁ ଓ ତଳୁ ଉପରକୁ କାହାର ବିନା ସାହାଯ୍ୟରେ ଯିବାଆସିବା କଲା। ଚାରିଦିନ ପୂର୍ବେ ଡାକ୍ତରଙ୍କ ଘରଭିତରକୁ ହାତଧରି ତାକୁ ନେବାକୁ ହେଉଥିଲା। ଆଜି ନିଜେ ଭିତରକୁ ଚାଲିଗଲା ଓ କମ୍ପାଉଣ୍ଡର ମୋତିବାବୁଙ୍କ ଆଗରେ ଛିଡ଼ାହୋଇ ତାଙ୍କ ମୁହଁକୁ ଦେଖି କେତେ ହସିଲା ଓ ତାଙ୍କ ସଙ୍ଗେ କଥାବାର୍ତ୍ତା କଲା। ଉପସ୍ଥିତ ସମସ୍ତେ ତାକୁ ଦେଖି ଆନନ୍ଦ ପ୍ରକାଶ କଲେ। ଏହି କେତେଦିନ ଏଠାରେ ରହି ଦେଖିଥିଲି, ଶ୍ୟାମା ପ୍ରତି ସମସ୍ତଙ୍କ ସ୍ନେହ ଓ ସହାନୁଭୂତି। ସମସ୍ତେ ତାହାର ପରିବର୍ତ୍ତିତ ଅବସ୍ଥାରେ ଈଶ୍ୱରଙ୍କୁ ଧନ୍ୟବାଦ ଦେଉଅଛନ୍ତି। ସର୍ବୋପରି ମୁଁ ଡାକ୍ତରଙ୍କ ପ୍ରତି କୃତଜ୍ଞ। ତିନିବର୍ଷ ପୂର୍ବେ ବ୍ୟବହୃତ ଔଷଧର ନାମ ଯଦି ତାଙ୍କ ମନେ ହୋଇନଥାନ୍ତା, ତାହାହେଲେ ଶ୍ୟାମା କେଉଁ ସଂସାରରେ ଥାଆନ୍ତା ?

ପାଟଣାର ସୋମବାରୀ ମେଳା। ଶ୍ରାବଣର ପ୍ରତି ସୋମବାର ଦିନ ଅଦାଲତ ପଡ଼ିଆରେ ବିରାଟ ମେଳା ହୁଏ। ଦୂରଦୂରାନ୍ତରୁ ନାନା ଦ୍ରବ୍ୟ ଆଣି ଲୋକେ ବିକ୍ରୟ କରନ୍ତି। ଏହି ଅଞ୍ଚଳର ମେଳା ଅନେକ ଦୋକାନରେ ପୂର୍ଣ୍ଣ। ଶ୍ରୀମାନ୍ ରାଧାନାଥ ଗୋଟା କେତେ ଖେଳଣା ଓ କିଛି ଚକୋଲେଟ୍ କିଣି ସ୍ୱହସ୍ତରେ ଶ୍ୟାମାକୁ ଉପହାର ଦେଲେ।

ପ୍ରତିଦିନ ସନ୍ଧ୍ୟାରେ ଓଡ଼ିଆ ଛାତ୍ରମାନେ ଆସି ଶ୍ୟାମାକୁ ଦେଖିଯାଉଥାନ୍ତି। ଏମାନଙ୍କ, ବିଶେଷତଃ ଶ୍ରୀମାନ୍ ରାଧାନାଥ ରଥଙ୍କ ଶ୍ୟାମା ପ୍ରତି ଅକୃତ୍ରିମ ସ୍ନେହ, ପ୍ରାଣପୂର୍ଣ୍ଣ ସହାନୁଭୂତି ଓ ସାହାଯ୍ୟ ମୋ ଜୀବନରେ ଅବିସ୍ମରଣୀୟ ହୋଇ ରହିଅଛି।

୧୯.୮.୪୧ ଦିନ ଅର୍ଥାତ୍ ଔଷଧ ବ୍ୟବହାରର ୨୦ ଦିନ ପରେ ଡାକ୍ତର ଦୁଖନରାମ ଶ୍ୟାମାର ଚକ୍ଷୁ ପରୀକ୍ଷା କଲେ ଓ କହିଲେ ଯେ, ତାହାର ଅବସ୍ଥା ଖୁବ୍ ଭଲ ଓ ବର୍ତ୍ତମାନ ସେ ଘରକୁ ଯାଇ ସମସ୍ତଙ୍କୁ ଦେଖିଆସିପାରେ। ଇତିପୂର୍ବେ ଅନେକ ଦିନ ପାଟଣାରେ ରହି ଶ୍ୟାମାର ଚକ୍ଷୁରୋଗ ବାରମ୍ବାର ହେଉଥିବା ଯୋଗୁଁ ସେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ ନ କରିବା ଯାଏ ମୁଁ ତାକୁ ଘରକୁ ନେବିନାହିଁ ବୋଲି ପ୍ରତିଜ୍ଞା କରିଥିଲି। ଅନ୍ତତଃ ଡାକ୍ତର ନ କହିବା ଯାଏ ତାକୁ ନ ନେବାର ମୋର ସ୍ଥିର ସଂକଳ୍ପ ଥିଲା। ଏହା ଡାକ୍ତରଙ୍କୁ ମୁଁ କହିଲି, ସେ କହିଲେ ଯେ, ସେ ନିଜେ କହୁଥିବା ସ୍ଥଳେ ତାକୁ ନେଲେ କିଛି କ୍ଷତି ନାହିଁ। ପରେ ଚିକିତ୍ସା ଚାଲୁ ରଖିବା ପାଇଁ କହିଲେ ଓ ବ୍ୟବସ୍ଥାପତ୍ର ଲେଖିଦେଲେ। ୨୨.୮.୪୧ ସନ୍ଧ୍ୟାରେ ଶ୍ୟାମାକୁ ନେଇ ତାଙ୍କ ସହିତ ସାକ୍ଷାତ କଲି ଓ ପରଦିନ ସକାଳେ ଆମ୍ଭେମାନେ ଚାଲିଯାଉଥିବା କହିଲି। ଶ୍ୟାମା ସଙ୍ଗେ ତାଙ୍କ ବିଦାୟ ଦୃଶ୍ୟ ଅତ୍ୟନ୍ତ ମର୍ମସ୍ପର୍ଶୀ ହୋଇଥିଲା। ଶ୍ୟାମାକୁ କୋଳକୁ ନେଇ ତାକୁ କହିଲେ (କଥାବାର୍ତ୍ତା ହିନ୍ଦୀରେ)

Digitized by srujanika@gmail.com

"ଶ୍ୟାମା ! ମୋତେ ମନେରଖିବୁ ?"

"ଆପଣଙ୍କୁ ମନେରଖିବି ନାହିଁନ୍ତ ଜୀବନ ଥିବାଯାଏ ରଖିବି।"

"ମା'ଙ୍କୁ ମୋର ନମସ୍କାର ଓ ତୋର ସବୁ ଭଉଣୀମାନଙ୍କୁ ମୋର ଆଶୀର୍ବାଦ ଜଣାଇଦେବୁ।"

"ଦେବି।"

"ବାପା ତୋର ଭଗବାନ୍। ତୋ ପାଇଁ କେତେ ପରିଶ୍ରମ କରୁଛନ୍ତି ! ତାଙ୍କ ପାଦଧୂଳି ପ୍ରତ୍ୟହ ନେଉଥିବୁ, ବର୍ତ୍ତମାନ ତାଙ୍କ ପାଦଧୂଳି ନେ।"

ଶ୍ୟାମା ମୋର ପାଦଧୂଳି ନେଲା ଓ ପରେ ଡାକ୍ତରଙ୍କ ଗୋଡ଼ତଳେ ପଡ଼ି ତାଙ୍କ ଶୁଦ୍ଧ ପାଦଧୂଳି ଗ୍ରହଣକଲା। ଦେଖିଲି, ତାଙ୍କ ଚକ୍ଷୁଦ୍ୱୟ ଅଶ୍ରୁପୂର୍ଣ୍ଣ ହୋଇଯାଇଅଛି। ମୁଁ ମଧ ଅଶ୍ରୁପୂର୍ଣ୍ଣ ନୟନରେ ତାଙ୍କୁ କହିଲି, "ଆପଣ ଶ୍ୟାମାକୁ ଚକ୍ଷୁଦାନ ଦେଇଅଛନ୍ତି, ଭଗବାନ ଶ୍ରୀକୃଷ୍ଣ ଯେପରି ଅନ୍ଧକୁ ଚକ୍ଷୁଦାନ ଦେଇଥିଲେ, ବର୍ତ୍ତମାନ ଶ୍ୟାମାର ଭଗବାନ ଆପଣ। ସେ ଆପଣଙ୍କ ଋଣ କେତେ ଜନ୍ମରେ ସୁଦ୍ଧା ଶୁଝିପାରିବ ନାହିଁ। ଆପଣଙ୍କୁ ଶୁଭକାମନା ଛଡ଼ା ଆମ୍ଭେମାନେ ଆପଣଙ୍କୁ ଆଉ କ'ଣ ଦେଇପାରିବୁ ?"

ଡାକ୍ତର ମୃଦୁ ହାସ୍ୟକରି ବଦ୍ଧ କରପୁଟରେ ନମସ୍କାର କଲେ, ତତ୍ପରେ ଶ୍ୟାମାକୁ କିପରି ଘରେ ରଖିବାକୁ ହେବ, କିପରି ତାହାର ଯତ୍ନ କରିବାକୁ ହେବ, ସବିଶେଷ ଉପଦେଶ ଦେଲେ। ତତ୍ପରେ କେତେ ଆଦର ଓ ସ୍ନେହକଥା କହି ବିଦାୟ ନେଲେ।

୨୩.୮.୪୧ ଦିନ ଆମ୍ଭେମାନେ ପାଟଣା ତ୍ୟାଗକରି ୨୪ ତାରିଖରେ ଘରେ ପହଞ୍ଚିଲୁ। ଶ୍ୟାମାକୁ ଦେଖି କାହାର ଆଖିରୁ ଯେ ଲୁହ ବହି ନଥିଲା ତାହା ନୁହେଁ। ସମସ୍ତେ ତାକୁ ଦେଖିବାପାଇଁ ଘେରିଗଲେ। କାହା ମୁହଁରୁ ଶ୍ୟାମାର ସୌଭାଗ୍ୟ, କାହା ମୁହଁରୁ ଭଗବାନଙ୍କ ଅସୀମ ଦୟା କଥା ଉଚ୍ଛ୍ୱସିତ ହେବାକୁ ଲାଗିଲା। ଏହା ଉତ୍ତାରେ କେତେଦିନ ପର୍ଯ୍ୟନ୍ତ ଘରେ ଓ ବାହାରେ ପାଟଣାରେ ଅବସ୍ଥାନ କାଳର କଥା ମଧ୍ୟରେ As³ ଔଷଧ ସଂଗ୍ରହ ଗଳ୍ପ ପ୍ରଧାନ ବିଷୟ ହୋଇଥିଲା। ଏହାର ପ୍ରାୟ ୧୫ଦିନ ପରେ ଡାକ୍ତରଙ୍କ ଉପଦେଶମତେ ସୁଷମା ଓ ଶ୍ୟାମାର ସ୍ୱାସ୍ଥ୍ୟୋନ୍ନତି ସକାଶେ ସେମାନଙ୍କୁ ନେଇ ସପରିବାର ପୁରୀ ଚାଲିଗଲି ଓ ସେଠାରେ ମାସେକାଳ ରହିଲି।

ପୁରୀରେ ଏକମାସ କାଳ ଅବସ୍ଥାନ ଫଳରେ ସୁଷମା ବହୁ ପରିମାଣରେ ସୁସ୍ଥ ବୋଧକଲା। ଶ୍ୟାମାର ଚକ୍ଷୁ ମଧ କ୍ରମେ କ୍ରମେ ନିର୍ମଳ ଦେଖାଗଲା। ନିରୁପମା କଟକରେ ରେଭେନ୍ସା କଲେଜରେ ଏହି ସମୟରେ ବି.ଏ. ତୃତୀୟ ବାର୍ଷିକ ଶ୍ରେଣୀରେ ଓ ଉମା ରେଭେନ୍ସା ବାଳିକା ସ୍କୁଲର ଦଶମ ଶ୍ରେଣୀରେ। ପୂଜା ଛୁଟିରେ ଏମାନେ ଆସି ପୁରୀରେ ଆମ୍ଭମାନଙ୍କ ସଙ୍ଗେ ରହିଲେ। ଆଉ ସଙ୍ଗେ ଆସିଥିଲେ ତାହାର ଶିଶୁକନ୍ୟା ସହିତ ସୁରମା, ନୀଳିମା, ପୂର୍ଣ୍ଣିମା, ସତ୍ୟଭାମା ଓ ପୁତ୍ର ବିଭୁପ୍ରସାଦ। ଶ୍ରୀମାନ୍ ରାଧାନାଥ ମଧ ଆସି

Digitized by srujanika@gmail.com

ଆମ୍ଭମାନଙ୍କ ସହିତ ମାସେକାଳ ରହିଲେ। ଏହି ମଧ୍ୟରେ ମୁଁ ଦିନାକେତେ ଇନ୍‌ଫ୍ଲୁଏଞ୍ଜା ରୋଗରେ ପୀଡ଼ିତ ହେଲି ଓ ମୁଁ ଏଥିରୁ ଆରୋଗ୍ୟ ଲାଭ ନ କରୁଣୁ ଉମା ଭୀଷଣ ଜ୍ୱରରେ ଆକ୍ରାନ୍ତ ହେଲା।

ଦିନକର ଅଲୌକିକ ସ୍ୱପ୍ନ ଘଟିତ ଘଟଣା ମୋର ମନେ ହେଉଅଛି – ଉମାର ସ୍ୱର୍ଗ ଯାତ୍ରା। ଉମାର ମୁହଁ ଉଦାସୀନତାର ଛାୟାଦ୍ୱାରା ଆଚ୍ଛନ୍ନ। ସେ ସ୍ୱଭାବତଃ ଧୀର, ଶାନ୍ତ ସ୍ୱଳ୍ପଭାଷିଣୀ। ଅସୁସ୍ଥତା ଯୋଗୁଁ ବୋଧହୁଏ ସମସ୍ତଙ୍କଠାରୁ ଅଲଗା ହୋଇ ରହୁଛି। କେବଳ ବେଳେ ବେଳେ ଭଉଣୀମାନଙ୍କ ସଙ୍ଗେ ଅଳ୍ପ କଥାବାର୍ତ୍ତା କରୁଛି।

କେହିଜଣେ ଆସି ତାକୁ ଜଳକୁଣ୍ଡରେ ସ୍ନାନ କରାଇଦେଲା। ଅବଗାହନରୁ ଆସିବା ମାତ୍ରକେ ତାହାର ଦେହର ବର୍ଣ୍ଣ ପରିବର୍ତ୍ତିତ ହୋଇଗଲା। ତାହାର ମୁଖରେ ଜ୍ୟୋତିର୍ମଣ୍ଡଳ ବିସ୍ତୃତ ହୋଇଗଲା। ମୁହଁ ପୂର୍ବାପେକ୍ଷା ଚିକ୍‌କଣ ଓ ଉଜ୍ଜ୍ୱଳତର ହୋଇଗଲା। ଗଣ୍ଡଦ୍ୱୟ ପୂର୍ଣ୍ଣ ହୋଇ ତାହାର ସ୍ୱାଭାବିକ ରୂପ ଅପେକ୍ଷା ଆହୁରି ସୁନ୍ଦର ଦିଶିଲା। ବର୍ତ୍ତମାନ ତାହାର ରୂପ ଅନୁଭବର ବିଷୟ। କଥାରେ ବର୍ଣ୍ଣନା କରାଯାଇ ନ ପାରେ। ବର୍ତ୍ତମାନ ସେ ଆଦୌ କଥା କହୁନାହିଁ। ଯେତେ ଡାକିଲେ ଶୁଣୁ ନାହିଁ। ବାରମ୍ବାର ଚକ୍ଷୁଦ୍ୱୟ ଉନ୍ମୀଳିତ ଓ ନିମୀଳିତ ହେଉଅଛି। ବୋଧହୁଏ କାହାକୁ ଚିହ୍ନୁ ନାହିଁ। ଯେତେ ଡାକିଲି, ଉତ୍ତର ନାହିଁ। ତାହାର ଗମ୍ଭୀର ରୂପଶ୍ରୀ କେବଳ ମୋର ହୃଦୟ ପୂର୍ଣ୍ଣ କରିଦେଇଅଛି। ମୋତେ ମଧ୍ୟ ଚିହ୍ନୁ ନାହିଁ। ଦେଖୁ ଦେଖୁ ବାକ୍‌ଶକ୍ତି ରହିତ କାଷ୍ଠପୁତ୍ତଳିକାବତ୍ ଛିଡ଼ାହୋଇଛି। ପିନ୍ଧିଛି, ଆପାଦମସ୍ତକାବରଣ ଦୁଗ୍‌ଧଫେନନିଭ ଶୁକ୍ଳ ମଳ ମଳ ତୁଲ୍ୟ ବସ୍ତ୍ର।

ଚାହୁଁ ଚାହୁଁ ଗୋଟିଏ ଗୋଟିଏ ହୋଇ ଅନେକଗୁଡ଼ିଏ ବାଳିକା ଆସି ତାହାର ଡାହାଣ, ବାମ ଓ ପଶ୍ଚାତ୍‌ଭାଗରେ ଛିଡ଼ା ହୋଇଗଲେ। ସମସ୍ତେ ପାଞ୍ଚବର୍ଷ ବୟସ୍କା ଶିଶୁଠାରୁ ୧୨ ବର୍ଷ ବୟସ୍କା କିଶୋରୀ। ଅପରୂପ ସୁନ୍ଦରୀ। ପରିଧେୟ ସମସ୍ତଙ୍କର ଉମାର ପରିଧେୟ ସଦୃଶ। ସମସ୍ତଙ୍କ ମୁଖ ଓ ମସ୍ତକ ବେଷ୍ଟନ କରି ଜ୍ୟୋତିର୍ମଣ୍ଡଳ ପରିସ୍ଫୁଟ। ସେମାନଙ୍କୁ ଦେଖି ମୋର ସର୍ବାଙ୍ଗ ପୁଲକିତ ହେବାକୁ ଲାଗିଲା। ମନରେ ଭୟ ଜାତ ହେଲା। ଏମାନେ କିଏ ? ଏମାନେ ହଠାତ୍ ଆସି ଉମାର ଚତୁଃପାର୍ଶ୍ୱ ବେଷ୍ଟନ କରିଗଲେ।

ଉମାକୁ ଯେତେ ଡାକିଲି, କଥା କହିବାକୁ କହିଲି, ଏକାବେଳକେ ନିର୍ବାକ୍। ମୋର ହୃଦୟ ତୀବ୍ରବେଗରେ ସ୍ପନ୍ଦିତ ହେବାକୁ ଲାଗିଲା। ଶରୀର ଘର୍ମସ୍ନାତ ହେଲା। ପୁଣି ଡାକିଲି, ଉମା ! ତଥାପି କଥାନାହିଁ। କେବଳ ଚକ୍ଷୁ ମିଟ୍ ମିଟ୍ କରୁଛି ଓ ଗମ୍ଭୀର ହୋଇ ଛିଡ଼ା ହୋଇଛି।

ଉମାର ପାଦଦ୍ୱୟ ଭୂମି ତ୍ୟାଗକରି କ୍ରମେ ଊର୍ଦ୍ଧ୍ୱକୁ ଉଠିବାକୁ ଲାଗିଲା। ତାହା ସଙ୍ଗେ ବାଳିକାମାନେ ମଧ୍ୟ ଉପରକୁ ଉଠିବାକୁ ଲାଗିଲେ। ଏ କ'ଣ ? ଉମାକୁ ନେଇ ସମସ୍ତେ ଚାଲିଯାଉଛନ୍ତି। ଉମା ସହିତ ସେମାନେ କ୍ରମେ ଊର୍ଦ୍ଧ୍ୱରୁ ଊର୍ଦ୍ଧ୍ୱତର ପ୍ରଦେଶକୁ

Digitized by srujanika@gmail.com

ଚାଲିଯାଉଛନ୍ତି। ହସ୍ତପ୍ରସାରଣ କରି ଉମାକୁ ଧରିବାକୁ ଚେଷ୍ଟାକଲି। ତାହାର ଦେହ ସ୍ପର୍ଶ କରିପାରିଲି ନାହିଁ। କାତର କଣ୍ଠରେ ଡାକିଲି, ‘‘ଉମାରେ! ମୋର ପ୍ରାଣର ଉମା! ତୁ କ’ଣ ସତେ ଚାଲିଯାଉଛୁ? ମୁଁ ତୋତେ କେଡ଼େ ଯତ୍ନରେ ପାଳିଛି। କେତେ ସ୍ନେହରେ ପାଠ ପଢ଼ାଉଛି। ଏସବୁ ମାୟା ତ୍ୟାଗକରି ମୋତେ ଛାଡ଼ି ଚାଲିଯାଉଛୁ କେଉଁଆଡ଼େ। ତୁ ତୁମ ସ୍କୁଲର ରତ୍ନ। ତୋର ଶିକ୍ଷୟିତ୍ରୀ ଓ ସହାଧ୍ୟାୟିନୀମାନେ ତୋର ଶାନ୍ତ ସ୍ୱଭାବ ଓ ସଦ୍‌ଗୁଣର କେତେ ପ୍ରଶଂସା କରନ୍ତି। ତୋର ପରୀକ୍ଷା ଯେ ନିକଟରେ। ତୁ ଏସବୁ ଛାଡ଼ି କେଉଁଆଡ଼େ ଚାଲିଯାଉଛୁ? ଉମା ମା’! ଫେରି ଆ! ଦେଖ, ତୋ ମା’ଙ୍କ ମନ କ’ଣ ହେବ? ତୋ ଭଉଣୀମାନେ ତୋ ବିନା ରହିପାରିବେ ନାହିଁ। ମୋ ସ୍ନେହର ଉମା! ଆ’ ମା ଚାଲି ଆ। ବାପା ବୋଲି ଥରେ ଡାକ। ଥରେ ମାତ୍ର ବାପା ଡାକ ଶୁଣିଲେ ତୋତେ ଯାଇଁ ମୁଁ ଫେରାଇ ଆଣିବି। ଆ ମା’ ମୋର! ଫେରିଆ।’’

କିନ୍ତୁ ନାହିଁ, ସେ କ୍ରମେ କ୍ରମେ ଦୃଷ୍ଟି ପ୍ରଦେଶରୁ ଦୂରକୁ ଚାଲିଯାଉଅଛି। ରୂପ ପୂର୍ବପରି ଗମ୍ଭୀର। ପରୀମାନେ ତଦ୍ରୂପ। ଦେଖୁଁ ଦେଖୁଁ କେଉଁ ଊର୍ଦ୍ଧ୍ୱତମ ପ୍ରଦେଶରେ ସମସ୍ତେ ଅଦୃଶ୍ୟ ହୋଇଗଲେ। ମୁଁ ଚିତ୍କାର କରିଉଠିଲି। ଚାରିଆଡ଼େ ଅଣ୍ଡାଳିଲି। ଦେଖିଲି ଉମା ମା’ ପାଖରେ ଶୋଇଛି।

ଏବେ ବୁଝିଲି, ଅତି ଅଦ୍ଭୁତ ସ୍ୱପ୍ନ। ଉମାର ଦେହରେ ହାତ ବୁଲାଇଲି। ଭୀଷଣ ଗରମ ଲାଗିଲା। ଜ୍ୱରରେ ତାହାର ଜ୍ଞାନ ନାହିଁ। ତାଳ ତାଳ ଜ୍ୱର, ରାତି ପାହିବା ପର୍ଯ୍ୟନ୍ତ ଅପେକ୍ଷାକଲି। ସକାଳେ ଯାଇ ଡାକ୍ତରଙ୍କୁ ଡାକି ଆଣିଲି। ଦୁଇଦିନର ଚିକିତ୍ସାରେ ଜ୍ୱରର ଉପଶମ ହେଲା।

ଶ୍ରୀମାନ୍ ରାଧାନାଥ ତ ବସାରେ ଆମ୍ଭମାନଙ୍କ ସଙ୍ଗେ ରହିଥିଲେ। ସେ ପାଟଣା କଲେଜରେ ମନୋବିଜ୍ଞାନର ଏମ୍.ଏ. ଛାତ୍ର। ସ୍ୱପ୍ନର ଅର୍ଥ ପଚାରିଲି। କହିଲେ, ଝିଅମାନଙ୍କ ପ୍ରତି ଅତ୍ୟଧିକ ମମତା-ଜନକ ମାନସିକ ବିକୃତିର ଫଳ।

ସୁଷମାକୁ ମେଡ଼ିକାଲ୍ କଲେଜରେ ଛାଡ଼ିଆସିବା ଓ ଶ୍ୟାମାକୁ ଆଉଥରେ ଡାକ୍ତରଙ୍କୁ ଦେଖାଇଆଣିବା ପାଇଁ ତା.୬.୧୦.୧୯୪୧ରେ ପାଟଣା ଯାତ୍ରାକଲି ଓ ପରଦିନ ରାତ୍ରିରେ ବସାରେ ପହଞ୍ଚିଲି। ଯିବା ପୂର୍ବେ ସୁଷମା କହିଲା ଯେ, ସେ ଅତ୍ୟନ୍ତ ସୁସ୍ଥ ବୋଧକରୁଅଛି। ବାଟରେ ବୃଷ୍ଟି ଯୋଗୁଁ ଥଣ୍ଡାଲାଗି ଛାତିରେ ଅଳ୍ପ ପୀଡ଼ା ଅନୁଭବ କଲା। ପୁଣି ପଢ଼ିବା ସକାଶେ ଉପଯୁକ୍ତ ହେଉଛି କି ନା ଏହି ଚିନ୍ତାରେ ସମୟ ଅତିବାହିତ ହେଉଥାଏ। ଦିନକର ବିଶ୍ରାମ ଉତ୍ତାରେ ତାକୁ ମେଡ଼ିକାଲ୍ କଲେଜର ପ୍ରିନସ୍‌ପାଲ୍ ଡାକ୍ତର ତ୍ରିଦିବନାଥ ବାନାର୍ଜୀଙ୍କ ଠାକୁ ନେଇଗଲି। ସେ ତାହାକୁ ପରୀକ୍ଷାକରି କହିଲେ ଯେ ତାହାର ଛାତିର ଦୋଷ ରହିଅଛି ଓ ସେହିବର୍ଷ ପାଇଁ ପଢ଼ା ବନ୍ଦ କରିବା ସକାଶେ କେତେ ଉପଦେଶ ଦେଲେ। ସୁଷମା ଶୁଣିଲା ନାହିଁ ଓ କାନ୍ଦି କାନ୍ଦି କହିଲା ଯେ, ସେ ଭଲ ବୋଧ କରୁଛି ଓ ପାଠ ବନ୍ଦ କରିବ

Digitized by srujanika@gmail.com

ନାହିଁ । ପରଦିନ ଡାକ୍ତର ବାନାର୍ଜୀ ତାହାର X-ray ପରୀକ୍ଷା କରାଇଲେ ଓ ତାହାର ଛିଦ୍ର ଦେଖି ପଢ଼ିବା ପାଇଁ ଅନୁମତି ଦେଲେ । ପ୍ରତ୍ୟହ ଜୀବନଯାପନର ନିୟମଗୁଡ଼ିଏ ଲେଖିଦେଲେ ଓ ସେ ସବୁ ଅକ୍ଷରେ ଅକ୍ଷରେ ପାଳନ କରିବାପାଇଁ ଉପଦେଶ ଦେଲେ ।

ତା.୯.୧୦.୪୧ ଦିନ ଶ୍ୟାମାକୁ ନେଇ ଡାକ୍ତର ଦୁଖନରାମଙ୍କ ସହିତ ସାକ୍ଷାତ କଲି । ପୁରୀରୁ ଆଣିଥିବା ମହାପ୍ରସାଦ ଶ୍ୟାମା ତାଙ୍କ ଘର ଭିତରକୁ ନେଇଗଲା । ଡାକ୍ତର ଦୁଖନରାମ ପ୍ରାତଃସ୍ନାନ ସମାପନ କରି ବସିଥିଲେ । ଏହି ସମୟରେ ମହାପ୍ରସାଦ ଶ୍ୟାମା ତାଙ୍କ ସମ୍ମୁଖରେ ସ୍ଥାପନକଲା ଓ ସେ ତାହା ସେବନ କଲେ ଏବଂ ପରେ ଆସି ମୋର ହାତଧରି ମହାପ୍ରସାଦ ଆଣିଥିବା ଯୋଗୁଁ କେତେ ଧନ୍ୟବାଦ ଦେଲେ । ଜଗନ୍ନାଥଙ୍କ ମହାପ୍ରସାଦ ସେବନରେ କେଉଁ ହିନ୍ଦୁ ଆତ୍ମପ୍ରସାଦ ଅନୁଭବ ନ କରେ ? ତପ୍ତରେ ଶ୍ୟାମାର ଚକ୍ଷୁ ପରୀକ୍ଷା କଲେ ଓ ପୂର୍ବାପେକ୍ଷା ଖୁବ୍ ଭଲ ଥିବା କହିଲେ; ପୁଣି କହିଲେ ଯେ ତାହାର ଟନ୍‌ସିଲ୍ ବୃଦ୍ଧି ହୋଇଛି ଓ ତାହା ଅପରେସନ୍ କରିଦେଲେ ଚକ୍ଷୁର ଅବସ୍ଥା ଆହୁରି ଭଲହେବ । ଘରେ ବ୍ୟବହାର ସକାଶେ ଆଉ ଔଷଧାଦିର ନୂତନ ବ୍ୟବସ୍ଥାପତ୍ର ଲେଖିଦେଲେ ।

ସୁଷମାକୁ ଚିନ୍ତାକୁଳ ହୃଦୟରେ ପାଟଣାରେ ଛାଡ଼ିଦେଇ ଆସିଲି । ବର୍ତ୍ତମାନ ତାହାର ସ୍ୱାସ୍ଥ୍ୟ ମୋର ପ୍ରଧାନ ଚିନ୍ତାର ବିଷୟ ହୋଇଥିଲା । ଅତ୍ୟନ୍ତ ସାହସ ସହକାରେ ତ ସେ ରହିଲା । ଏହି ସ୍ୱାସ୍ଥ୍ୟ ନେଇ କଠିନ ଚିକିତ୍ସା ବିଷୟଗୁଡ଼ିକ ସେ କିପରି ଗଢ଼ିବ । ଏହା ଭାବି ମୋର ମନ ବଡ଼ ଅସ୍ଥିର ହେଉଥାଏ । ତାହାର କି ଅପୂର୍ବ ସ୍ୱାସ୍ଥ୍ୟ ଥିଲା । ପାଟଣାକୁ ଆସି ଏକାବେଳକେ ଭାଙ୍ଗି ଯାଇଅଛି । ଏହାର କାରଣ କଠିନ ଡାକ୍ତରି ପାଠ ଓ ତାହା ସଙ୍ଗେ ବ୍ୟାବହାରିକ ଶିକ୍ଷାରେ କଠିନ ଶାରୀରିକ ପରିଶ୍ରମ । ପୁଣି ଅନିୟମିତ ଆହାର । ଭାଗ୍ୟାଧୀନ ମନେକରି ନିଃସହାୟ ଅବସ୍ଥାରେ ସହିବାକୁ ହୋଇଛି ।

ପୁରୀକୁ ଫେରିଆସି ଆମ୍ଭେମାନେ ଆଉ ଚାରିଦିନ ରହି ସମ୍ବଲପୁରକୁ ଫେରିଆସିଲୁ । ମୋର ତିନିମାସ ବାରଦିନର ଛୁଟି ୨୩.୧୦.୪୧ ରେ ଶେଷହେଲା ଓ ୨୪.୧୦.୪୧ ରେ ମୁଁ ସମ୍ବଲପୁରରେ ପୁଣି ମୋ କାର୍ଯ୍ୟରେ ଯୋଗଦେଲି ।

Digitized by srujanika@gmail.com

ପୁଣି ସମ୍ବଲପୁରରେ ଅବସ୍ଥାନ

ତା.୧୯.୪.୧୯୪୨ରେ ମୋର ୫୫ବର୍ଷ ବୟସ ପୂର୍ଣ୍ଣ ହେଉଥିବା ଯୋଗୁଁ ସରକାରୀ ନିୟମାନୁସାରେ ମୁଁ ମୋର କାର୍ଯ୍ୟରୁ ଅବସର ନେବାକଥା। ଅବସର ନେବା ପୂର୍ବରୁ ମୁଁ ମୋର ସଞ୍ଚିତ ୩ ମାସ ୧୮ ଦିନର ଛୁଟି ସକାଶେ ତା.୧୮.୧୧.୧୯୪୧ରେ ଦରଖାସ୍ତ କରିଦେଲି। କିନ୍ତୁ ଏହି ଛୁଟି ମୋତେ ମିଳିଲା ନାହିଁ। ଦ୍ୱିତୀୟ ମହାଯୁଦ୍ଧ ସେତେବେଳେ ଚାଲିଛି। ସରକାରଙ୍କଠାରୁ ହୁକୁମ ଆସିଲା ଯେ ଡେପୁଟି କଲେକ୍ଟରଙ୍କ ଅଭାବ ଯୋଗୁଁ ମୋର ଦରଖାସ୍ତ ଅନୁଯାୟୀ ଛୁଟି ଦିଆ ନଯାଇ ପରେ ତହିଁର ବିଚାର ହେବ ଓ ମୋତେ ଅବସର ସୁଦ୍ଧା ଦେଇଦିଆହେବ ନାହିଁ। ସୁତରାଂ ୫୫ ବର୍ଷ ବୟସ ପରେ ସୁଦ୍ଧା ମୋତେ ତା.୨୭.୯.୧୯୪୨ ପର୍ଯ୍ୟନ୍ତ ଅର୍ଥାତ୍ ଆହୁରି ୬ମାସ ରହିବାକୁ ହେଲା।

ସନ ୧୯୩୯ ଏପ୍ରିଲ ୪'ତାରିଖରେ ମୁଁ କଟକରୁ ବଦଳି ହୋଇ ଆସି ସମ୍ବଲପୁରରେ ରହିଥିଲି। ମୋ ଝିଅ ଶ୍ୟାମାର ଚକ୍ଷୁରୋଗର ଚିକିତ୍ସା ସକାଶେ କେବଳ ଅଳ୍ପଦିନ ପାଇଁ ଛୁଟିରେ ରହିଥିଲି ଓ ଛୁଟି ପରେ ପୁଣି ସମ୍ବଲପୁରରେ ରହିଲି। ଏହି ପ୍ରାୟ ସାଢ଼େ ତିନିବର୍ଷର ସମ୍ବଲପୁରରେ ଅବସ୍ଥାନ କାଳ ମଧ୍ୟରେ ସୁଦ୍ଧା ଝିଅମାନଙ୍କ ଉଚ୍ଚଶିକ୍ଷା ପ୍ରତି ଯତ୍ନର ଅଭାବ ନଥାଏ। ମୋର ପଞ୍ଚମା କନ୍ୟା ସୁଷମା ୧୯୪୧ ମସିହାରେ ପାଟଣା ମେଡ଼ିକାଲ୍ କଲେଜରେ ତୃତୀୟ ବାର୍ଷିକ ଶ୍ରେଣୀରେ। ଏଗାର ଝିଅ ମଧ୍ୟରୁ ପ୍ରଥମ ତିନିଝିଅ ମନୋରମା, ତିଳୋତ୍ତମା ଓ ଅନୁପମାର ବିବାହ ସେମାନଙ୍କ ବାଲ୍ୟକାଳରେ ହୋଇଯାଇଥିଲା। ଚତୁର୍ଥ ଝିଅ ନିରୁପମାର ବିବାହ ୧୯୩୪ ମସିହାରେ ସାରଦା ଆଇନାନୁସାରେ ତାହାର ୧୪ବର୍ଷ ବୟସରେ ସମ୍ପନ୍ନ ହେଲା। କିନ୍ତୁ ବିବାହ ଉତ୍ତାରେ ସୁଦ୍ଧା ସେ ପଢ଼ିବାକୁ ଲାଗିଲା। ୧୯୩୯ ମସିହାରେ ସେ ବି.ଏ କ୍ଲାସରେ। ଷଷ୍ଠ ଝିଅ ସୁରମା ୧୯୪୦ ସାଲରେ ମେଟ୍ରିକୁଲେସନ୍ ପାସ୍‌କଲା ଉତ୍ତାରେ ତାହାର ବିବାହ ହେଲା ଓ ବର୍ଷେକାଳ କଲେଜରେ ରହିଲାପରେ ତାହା ତ୍ୟାଗକରିବାକୁ ହେଲା। ସପ୍ତମ ଝିଅ ନୀଳିମା ମଧ୍ୟ ୧୯୪୦ ସାଲରେ ମେଟ୍ରିକୁଲେସନ୍ ପାସ୍‌କଲା ଉତ୍ତାରେ ତାହାର ଭାବୀ ଶ୍ୱଶୁରଙ୍କ ବାରଣ ଯୋଗୁଁ ଏହିଠାରେ ତାହାର ଶିକ୍ଷା ସାଙ୍ଗହେଲା। କଟକରୁ ୧୯୩୯ ମସିହା ଏପ୍ରିଲ୍ ମାସରେ ଚାଲିଆସିଲା ସମୟରେ ଅଷ୍ଟମ ଝିଅ ଉମାକୁ କଟକ ରେଭେନ୍‌ସା ବାଳିକା ସ୍କୁଲରେ ଛାଡ଼ିଆସିଲି। ନବମ ଝିଅ ଶ୍ୟାମା ତ ଚକ୍ଷୁରୋଗରେ ବ୍ୟସ୍ତ। ତାହାର ପାଠପଢ଼ା ବନ୍ଦ ହୋଇଯାଇଅଛି।

Digitized by srujanika@gmail.com

ଦଶମ ଝିଅ ପୂର୍ଣ୍ଣିମା ଓ ଏକାଦଶ ଝିଅ ସତ୍ୟଭାମା ଶିଶୁ । ଘରେ ରହିଅଛନ୍ତି । କଟକରେ ଥିବା ଝିଅମାନଙ୍କ ସଙ୍ଗେ ପୁରୀର ଝିଅ ସୂର୍ଯ୍ୟମଣି ମଧ୍ୟ ରହିଅଛି ।

ସୁଷମାକୁ ମେଡ଼ିକାଲ୍ କଲେଜରେ ରଖିଦେଇଥିଲେ ସୁଦ୍ଧା ତାହାର ବିବାହ ବିଷୟରେ ମୁଁ ଚିନ୍ତା କରୁଥାଏ । କିନ୍ତୁ ତାହାର ପିଲାଦିନରୁ ସ୍ଥିର ହୋଇଥିବା ପାତ୍ର ସହିତ ସମ୍ପର୍କ ଭାଙ୍ଗିଗଲା ପରେ ତାହା ସକାଶେ ଆଉ ପାତ୍ର ଯୋଗାଡ଼ କରିପାରିଲି ନାହିଁ । ଏହା ହେଉଛି ପ୍ରାୟ ୨୫ ବର୍ଷ ତଳର କଥା । ଏହି ୨୫ବର୍ଷ ମଧ୍ୟରେ ସମ୍ବଲପୁର ବ୍ରାହ୍ମଣ ସମାଜର ଅବସ୍ଥା ଓ ବ୍ୟବସ୍ଥା ସମ୍ବନ୍ଧରେ ଅନେକ ପରିବର୍ତ୍ତନ ଘଟିଯାଇଅଛି । ସମ୍ବଲପୁରର ବ୍ରାହ୍ମଣ ସମାଜ ସେହି ସମୟରେ ଅତ୍ୟନ୍ତ ରକ୍ଷଣଶୀଳ ଥିଲେ । ଉତ୍କଳୀ ବା ଓଡ଼ିଆ ଓ ଆରଣ୍ୟକ ବା ଝାଡୁଆ ବ୍ରାହ୍ମଣଙ୍କ ମଧ୍ୟରେ ପରସ୍ପର ବୈବାହିକ ସମ୍ପର୍କ ନଥିଲା । ଆରଣ୍ୟକ ବ୍ରାହ୍ମଣମାନଙ୍କ ମଧ୍ୟରେ ଦେଖାଯାଉଥିଲା, ପାତ୍ରାଭାବ ଯୋଗୁଁ ନିକଟ ସମ୍ପର୍କୀୟ ପାତ୍ରପାତ୍ରୀ ମଧ୍ୟରେ ବିବାହ ହେଉଥିଲା ଓ ଏବେ ସୁଦ୍ଧା କେତେକ ସ୍ଥାନରେ ହେଉଅଛି । ଏମାନେ ଆନନ୍ଦରେ ଯେ ତାହା କରୁଅଛନ୍ତି ତାହା ନୁହେଁ, କରିବାକୁ ବାଧ୍ୟ ହେଉଅଛନ୍ତି । ସାରଦା ବା ବାଲ୍ୟବିବାହ ନିରୋଧ ଆଇନ ହେଲାଦିନରୁ ସମ୍ବଲପୁରରେ ବିବାହ ପ୍ରସଙ୍ଗ ପୂର୍ବାପେକ୍ଷା ଆହୁରି ଜଟିଳ ହୋଇପଡ଼ିଅଛି । ଏହା କନ୍ୟାଦାୟଗ୍ରସ୍ତ ଲୋକଙ୍କୁ ବିବ୍ରତ କରୁଅଛି । ଏହି ଆଇନ ପ୍ରଣୟନ ଓ ପ୍ରଚଳନ ପୂର୍ବେ ଯେଉଁ ବାଲ୍ୟବିବାହ ସମାଜରେ ପ୍ରଚଳିତ ଥିଲା ତାହା ସର୍ବତୋଭାବେ ଅନୁମୋଦନୀୟ ହେଉ ନଥିଲେ ହେଁ ବର୍ତ୍ତମାନ ଏହି ଆଇନ ଯୋଗୁଁ ଯେଉଁ ବିଷମ ଅବସ୍ଥା ସୃଷ୍ଟି ହୋଇଅଛି ତାହା ତୁଳନାରେ ପୂର୍ବାବସ୍ଥା ଏତେ ଶୋଚନୀୟ ନଥିଲା । ସମାଜରେ କୌଣସି ଜଣକୁ ପାତ୍ର ସ୍ଥିରକରି କନ୍ୟାର ୮/୧୦ବର୍ଷ ବୟସରେ ବିବାହକ୍ରିୟା ସମ୍ପନ୍ନକରି ଲୋକେ କନ୍ୟାଦାୟରୁ ମୁକ୍ତ ହେଉଥିଲେ । ପାତ୍ର ନିର୍ବାଚନ ପିତାମାତାଙ୍କ ହସ୍ତରେ ନ୍ୟସ୍ତଥିଲା । କୁଳଶୀଳ ବିବେଚନା ପାତ୍ର ନିର୍ବାଚନର ପ୍ରଧାନ ଅଙ୍ଗୀଭୂତ ଥିଲା, ଅବଶ୍ୟ ଏହାର ପରିଣାମ ଅନ୍ଧକାରରେ ଲୋଷ୍ଟ୍ର ନିକ୍ଷେପ ତୁଲ୍ୟ ହେଉଥିଲା । ପାତ୍ରର ଭବିଷ୍ୟତ ବିଷୟରେ କିଛି ହେଲେ ନବୁଝି ଯାହା ତାହା ହାତରେ କନ୍ୟା ସମ୍ପ୍ରଦାନ କରାହେଉଥିଲା । କେତେକ ସ୍ଥଳରେ ପରିମାଣ ଶୁଭମୟ ଓ କେତେକ ସ୍ଥଳରେ ବିଷମୟ ହେଉଥିଲା । ବର୍ତ୍ତମାନ ଅବସ୍ଥାରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଘଟିଅଛି । ବରକନ୍ୟା ବଡ଼ହେଲେ ପିତାମାତାଙ୍କ ମତ ଆବଶ୍ୟକ ହେଉଥିଲେ ସୁଦ୍ଧା ବରର ମତ ଶ୍ରେଷ୍ଠସ୍ଥାନ ଅଧିକାର କରିଅଛି । ସମ୍ବଲପୁର ବ୍ରାହ୍ମଣ ସମାଜ ସାଧାରଣତଃ ସ୍ୱଚ୍ଛଳ ଅବସ୍ଥାପନ୍ନ ନୁହେଁ । ଯେଉଁମାନେ ପାଠ ପଢ଼ିଲେ, ଚାକିରି ହେଲା ସେମାନଙ୍କ ପ୍ରଧାନ ଅବଲମ୍ବନ । ଯେଉଁମାନେ ପାଠ ନ ପଢ଼ିଲେ ପିତ୍ରାର୍ଜ୍ଜିତ ଭୂସମ୍ପତ୍ତିରେ ସେମାନଙ୍କ ଜୀବନ ଅତିବାହିତ ହୁଏ । ବାଣିଜ୍ୟ ବ୍ୟବସାୟର ସ୍ଥାନ ଅତି ନିକୃଷ୍ଟ । ତେବେ ଦେଖାଯାଇଅଛି, ଭୂସମ୍ପତ୍ତିବାନ୍ ବର ଓ ଆଧୁନିକ ସ୍କୁଲ କଲେଜରେ ଶିକ୍ଷାପ୍ରାପ୍ତ ବର ମଧ୍ୟରେ ତାରତମ୍ୟ ଅନେକ । ଜଣେ ଶିକ୍ଷାପ୍ରାପ୍ତ ଯୁବକ ଚାକିରି ଖଣ୍ଡେ

Digitized by srujanika@gmail.com

ପାଇ ଯେଉଁ ପ୍ରକାରେ ଜୀବନଯାତ୍ରା ନିର୍ବାହ କରେ ଅଶିକ୍ଷିତ ଧନବାନ୍ ସେପରି କରିପାରେ ନାହିଁ। ସୁତରାଂ କନ୍ୟାକର୍ତ୍ତା ଧନବାନ ଅପେକ୍ଷା ଶିକ୍ଷାପ୍ରାପ୍ତ ଯୁବକ ପ୍ରତି ଦୃଷ୍ଟି ନିକ୍ଷେପ କରନ୍ତି। କିନ୍ତୁ ଉଚ୍ଚଶିକ୍ଷା ଲାଭକଲେ ସୁଦ୍ଧା ବର୍ତ୍ତମାନ ଖଣ୍ଡେ ଚାକିରି ପାଇବା ଯେପରି କଷ୍ଟକର ହୋଇଅଛି, ସେହି ବିଷୟ ଭାବନା କଲେ କନ୍ୟାକର୍ତ୍ତାଙ୍କୁ ଯେ କେତେ କଷ୍ଟ ସହ୍ୟ କରିବାକୁ ହେଉଅଛି ତାହା ସମାଜରେ ସୁସ୍ପଷ୍ଟ ଭାବରେ ଦୃଷ୍ଟ ହେଉଅଛି। ଏଥିରେ ବରର ଦାମ୍ ବଢ଼ିଯାଉଅଛି। ଜଣେ ସରକାରୀ ଚାକିରିଆ ବରକୁ ସମସ୍ତେ କନ୍ୟା ଯାଚୁଛନ୍ତି। ପାଠଶେଷ ନ ହେଉଣୁ ବରମାନେ ଲୋଲୁପଦୃଷ୍ଟିରେ କନ୍ୟା ଦାୟଗ୍ରସ୍ତ ପିତାକୁ ବିବ୍ରତ କରୁଅଛନ୍ତି। ପଣପ୍ରଥା ଅତର୍କିତ ଭାବରେ ସମାଜରେ ପ୍ରବେଶ କରିବାକୁ ଚେଷ୍ଟା କରୁଅଛି। ଯେଉଁ ପ୍ରଥାରେ ବଙ୍ଗଦେଶ ଜର୍ଜରିତ, ଯେଉଁ ପ୍ରଥାଯୋଗୁଁ କେତେକ କନ୍ୟାପିତାଙ୍କୁ ଦାୟରୁ ମୁକ୍ତ କରିବା ସକାଶେ କେତେକ ବଙ୍ଗ ଯୁବତୀ ଆତ୍ମହତ୍ୟା କରି ବଙ୍ଗ ଯୁବକ ଓ ଅଭିଭାବକମାନଙ୍କ କଳଙ୍କ ପ୍ରଚାର କରୁଅଛନ୍ତି; ଯେଉଁ ପୈଶାଚିକ ପ୍ରଥାକୁ ସମୂଳେ ଉତ୍ପାଟନ କରିବାକୁ ସର୍ବତ୍ର ଉଦ୍ୟମ ଚାଲିଅଛି, ଆଜି ଆମମାନଙ୍କ ଦରିଦ୍ର ସମାଜରେ ଏହାର ଅଙ୍କୁରାରୋପଣ ହେବାକୁ ଯାଉଅଛି। ଏହି ବିଷୟ ଜୀବନକୁ ଏକାବେଳକେ ବିନଷ୍ଟ କରିବା ସମସ୍ତଙ୍କ କର୍ତ୍ତବ୍ୟ।

ସମ୍ବଲପୁରରେ ସାରଦା ଆଇନ ଆଉ ଗୋଟିଏ କୁଫଳ ଦୃଷ୍ଟ ହେଉଅଛି। ଏହା କେତେକ ସ୍ଥଳରେ ପରସ୍ପର ମଧ୍ୟରେ ବିବାଦ ବିସମ୍ବାଦ ସୃଷ୍ଟି କରୁଅଛି। କେହି ଜଣେ ଗୋଟିଏ ଉପଯୁକ୍ତ ପାତ୍ର ନିଜ କନ୍ୟା ସକାଶେ ଅନ୍ୱେଷଣ କଲାବେଳକୁ ଆଉ ଜଣେ କନ୍ୟାଦାୟଗ୍ରସ୍ତ ବ୍ୟକ୍ତି ତାକୁ ଛଡ଼େଇ ନେବାପାଇଁ ଚେଷ୍ଟା କରୁଅଛନ୍ତି। ଏହାଯୋଗୁଁ ପ୍ରକାଶ୍ୟରେ ନ ହେଲେହେଁ ପରୋକ୍ଷରେ ଚାଲିଲା ଫନ୍ଦି, ଫିସାଦ ଓ ଅନନ୍ୟୋପାୟ ହୋଇ ନିଲାମ ଡାକ। ଏହାର ସଂଖ୍ୟା କମ୍ ନୁହେଁ। କେତେକ ସ୍ଥଳରେ ସାରଦା ଆଇନ ଜାରିହେବା ପୂର୍ବରୁ ଯେଉଁ ପାତ୍ର ସ୍ଥିରହୋଇ ରହିଥିଲା, ତାହାକୁ ସୁଦ୍ଧା ଭଙ୍ଗାଇ ଦେବା ଦୃଷ୍ଟାନ୍ତ ବିରଳ ନୁହେଁ। ଏଥିରେ କୌଣସି ଯୋଗାଡ଼ିଆ ଅଭିଭାବକ ନିଜ କନ୍ୟା ସକାଶେ କୃତକାର୍ଯ୍ୟ ହୋଇପାରିଲା ତ ପିଲାଦିନରୁ ଯେଉଁ କନ୍ୟାର ବିବାହ ସ୍ଥିର ହୋଇ ରହିଥିଲା ସେ ଅବିବାହିତ ରହିଲା। ବୟଃପ୍ରାପ୍ତ ହୋଇଯାଇଥିବା ଯୋଗୁଁ ତାହାର ଅନୁରୂପ ପାତ୍ର ସମାଜରେ ଖୋଜିଲେ ଆଉ ମିଳିଲା ନାହିଁ। ଏ ସମସ୍ତ ସମବେତ କାରଣରୁ ଆଜି ସମ୍ବଲପୁରରେ ପ୍ରାପ୍ତବୟସ୍କା ଅବିବାହିତା କନ୍ୟାଙ୍କ ସଂଖ୍ୟା ଅଳ୍ପ ନୁହେଁ। କେହି ବିପତ୍ନୀକ ହେଲେ ଗୋଟିଏ ଯୋଡ଼ିଏ ବିବାହ ହୋଇ ଯାଉଅଛନ୍ତି। କାହାରି ଘରେ ବୋହୂ ପୀଡ଼ିତା ହେଲା ମାତ୍ରକେ ଉଦ୍‌ଗ୍ରୀବ ନେତ୍ରରେ କେହି କେହି ଚାହିଁବସିଛନ୍ତି, ସେ ବଞ୍ଚିବ କି ମରିବ। ମଲେ ତାହା ଝିଅକୁ ସେ ତତ୍‌କ୍ଷଣାତ୍ ଦେଇଦେବ। କୌଣସି କୌଣସି ଗଣ୍ୟମାନ୍ୟ ଧନାଢ଼୍ୟ ବ୍ୟକ୍ତି ସ୍ୱାମୀ ସ୍ତ୍ରୀ ମଧ୍ୟରେ ସାମୟିକ ମନୋମାଳିନ୍ୟର ସୁଯୋଗ ନେଇ ନିଜ ପ୍ରତିପତ୍ତି ଓ ବିଭବଦ୍ୱାରା

Digitized by srujanika@gmail.com

ସ୍ୱାମୀକୁ ବଶୀଭୂତ କରି ତାହାକୁ ନିଜ କନ୍ୟା ଦେଇ ପୂର୍ବ ସ୍ତ୍ରୀର ଜୀବନକୁ ବିପନ୍ନ କରିଥିବା କଳଙ୍କମୟ ଦୃଷ୍ଟାନ୍ତର ମଧ୍ୟ ଅଭାବ ନାହିଁ।

ଏଥିରେ ଉପାୟ କ'ଣ ? ଏ ସମ୍ବନ୍ଧରେ ସର୍ବଦା ଚିନ୍ତା କରିବାକୁ ହେଲା। ସମାଜ ନେତାମାନଙ୍କ ମଧ୍ୟରେ ଏ ବିଷୟ ପ୍ରଣିଧାନଯୋଗ୍ୟ ବିବେଚିତ ହେଲା। ଆଜି ସୁଦ୍ଧା ସମ୍ବଲପୁର ବ୍ରାହ୍ମଣ ସମାଜ ଏ ବିଷୟରେ ଚିନ୍ତାନ୍ୱିତ ଦେଖାଯାଉଅଛି। ସମ୍ବଲପୁରରେ ପୁଅ ଅପେକ୍ଷା ଝିଅ ସଂଖ୍ୟା ଅଧିକ। ଏହା ମଧ୍ୟ ଉପର୍ଯ୍ୟୁକ୍ତ ଅବସ୍ଥାର ଅନ୍ୟତମ କାରଣ। ଏତେଗୁଡ଼ିଏ ଝିଅ ଯେ ଅନେକ ପରିବାରରେ ରହିଯାଉଅଛନ୍ତି। ନିକଟ ଭବିଷ୍ୟତରେ ସେମାନଙ୍କ ପାତ୍ରସ୍ଥ କରିବା ସମ୍ଭାବନା ଦିଶୁନାହିଁ। ସେମାନଙ୍କ ସକାଶେ କି ବ୍ୟବସ୍ଥା କରିବାକୁ ହେବ? ଏ ବିଷୟରେ ସମସ୍ତେ ସଫଳ ଚିନ୍ତା କରିବା ସକାଶେ ମୁଁ ବନ୍ଧୁମାନଙ୍କୁ ପରାମର୍ଶ ଦେଉଥିଲି ଓ ଏବେ ସୁଦ୍ଧା ଦେଇଥାଏ। ମୁଁ ଯେତେଦୂର ଭାବୁଥିଲି ଓ ଅନୁଭୂତି ଅର୍ଜନ କରୁଥିଲି ତହିଁରୁ ନିଜ ନିଜ ଝିଅମାନଙ୍କୁ ପିଲାଦିନରୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରିବାକୁ ପରାମର୍ଶ ଦେଉଥିଲି। ଶିକ୍ଷାପ୍ରାପ୍ତିର ଫଳ ସର୍ବତୋଭାବେ ମଙ୍ଗଳମୟ। ଶିକ୍ଷାପ୍ରାପ୍ତ କନ୍ୟା ପକ୍ଷରେ ବୈଷୟିକ ଜୀବନ ନିଶ୍ଚୟ ଶୁଭଙ୍କର। କୌଣସି କାରଣରୁ କନ୍ୟାକୁ ପାତ୍ରସ୍ଥ କରାଯାଇ ନ ପାରିଲେ ସୁଦ୍ଧା ସେ ତାହାର ଶିକ୍ଷାର ସଦ୍‌ବ୍ୟବହାର କରି ଜୀବନଯାପନ କରିପାରିବ। ଏ ଦିଗରେ ମୁଁ ମୋର ଜୀବନରେ ବହୁ ପରିମାଣରେ ସାଫଲ୍ୟ ଅର୍ଜନ କରିଅଛି।

ନାରୀ ବୈଧବ୍ୟ, ବିତାଡ଼ନା ଓ ବିବାହିତାର ଅପୂର୍ବାବସ୍ଥା (ଅବିବାହିତାବସ୍ଥା) ଏହି ବିପତ୍ତ୍ରୟର ଅଧୀନ। ଭାଗ୍ୟ କାହାରି ଆୟତ୍ତାଧୀନ ନୁହେଁ। ପ୍ରଥମ ବିପଦ, ଅର୍ଥାତ୍ ବୈଧବ୍ୟ ଅନିବାର୍ଯ୍ୟ। ଦ୍ୱିତୀୟ ଓ ତୃତୀୟ ବିପଦର ନିରାକରଣ ଶ୍ରମ ଓ ମନୋବୃତ୍ତିସାପେକ୍ଷ। ସର୍ବାପେକ୍ଷା ବୈଧବ୍ୟ ପ୍ରପୀଡ଼ିତା ନାରୀ ଯୁବତୀ ଓ ସନ୍ତାନହୀନା ହୋଇଥିଲେ ଶ୍ୱଶୁରାଳୟରେ ତାହାର ସ୍ଥାନ ଅତ୍ୟନ୍ତ ଅନିଶ୍ଚିତ। ଏହାର ପ୍ରମାଣ ଦେୱାନି ଓ ଫୌଜଦାରୀ ଅଦାଲତରେ ଭରଣପୋଷଣ ସକାଶେ ଏକାଧିକ ମୋକଦ୍ଦମା। ଅନେକ ସମ୍ଭ୍ରାନ୍ତ ପରିବାରର ବିଧବା ବୋହୂ ସୁଦ୍ଧା ବୈଧବ୍ୟର ଅଳ୍ପଦିନ ମଧ୍ୟରେ ବିତାଡ଼ିତା ହୋଇଅଛନ୍ତି। କେତେକ ସ୍ଥଳରେ ସ୍ୱାମୀ ଓ ଶ୍ୱଶୁରଙ୍କ ସହିତ କୌଣସି କାରଣରୁ ମନୋମାଳିନ୍ୟ ଯୋଗୁଁ ବଧୂ ଶ୍ୱଶୁରାଳୟରୁ ବିତାଡ଼ିତା ହୋଇ ଦୁଃଖମୟ ଜୀବନଯାପନ କରୁଥିବା ଦେଖାଯାଇଅଛି। ପୁଣି ସମାଜର ବର୍ତ୍ତମାନ ରକ୍ଷଣଶୀଳ ପରିସ୍ଥିତିରେ ଅନେକ ଝିଅଙ୍କ ବିବାହ ହୋଇପାରୁନାହିଁ। ବିଧବା, ବିତାଡ଼ିତା ଓ ଅବିବାହିତା କନ୍ୟା ଅନେକ ସ୍ଥାନରେ ପିତ୍ରାଳୟରେ ଆଶ୍ରିତା ହୋଇ ରହିଅଛନ୍ତି। ଏମାନେ ଚିରଜୀବନ କ'ଣ ପିତା, ଭ୍ରାତା ଗଳଗ୍ରହ ହୋଇ ରହିବା ଉଚିତ ହେବ ? ଏମାନଙ୍କ ଭାବୀ ଜୀବନ ସକାଶେ ପିତାମାତା ଓ ସମାଜ କି କେବେ ଚିନ୍ତା କରୁଅଛନ୍ତି ? ଦୁଃଖର ବିଷୟ, ସମାଜ ନେତାମାନଙ୍କ ଏ ଦିଗରେ ମନୋଯୋଗ ନାହିଁ। ଏମାନଙ୍କ ମଧ୍ୟରୁ ଅନେକ ଅନ୍ୟ ଅସାର କାର୍ଯ୍ୟରେ ବ୍ୟସ୍ତ। ମୁଁ କହେ, ଏମାନଙ୍କ ଭବିଷ୍ୟତ ଜୀବନ ସକାଶେ କେବଳ

Digitized by srujanika@gmail.com

ବିଦ୍ୟାଶିକ୍ଷା ଏକମାତ୍ର ଅବଲମ୍ବନ । ଶିକ୍ଷାପ୍ରାପ୍ତା ନାରୀ ଶିକ୍ଷା ବଳରେହିଁ ସାଧୁ ଜୀବନଯାପନ କରିପାରିବ । ସତ୍‌କାର୍ଯ୍ୟରେ ତାହାର ସମୟ ଅତିବାହିତ ହୋଇପାରିବ । ଉଦର ପୂରଣ ସକାଶେ କେବେହେଲେ କାହାରି ମୁଖାପେକ୍ଷୀ ହେବାକୁ ହେବ ନାହିଁ । ଶିକ୍ଷିତା ନାରୀ ହସ୍ତରେ ଦଶର ଓ ଦେଶର ବହୁମୁଖୀ ଉପକାର ସାଧିତ ହୋଇପାରିବ । ପୃଥିବୀର ଏହି ପ୍ରଗତିଶୀଳ ଯୁଗରେ ସର୍ବତ୍ର ନାରୀଶିକ୍ଷାର ଯେଉଁ ମହାମନ୍ତ୍ର ଘୋଷିତ ହେଉଅଛି, ଆମ୍ଭମାନଙ୍କ ଏହି କ୍ଷୁଦ୍ର ସମାଜ ଯେତେ ଅନୁନ୍ନତ ଓ ପଶ୍ଚାତ୍ପଦ ହୋଇଥାଉ ନା କାହିଁକି, ତହିଁର ମଙ୍ଗଳମୟ ପ୍ରଭାବରୁ କ'ଣ ବଞ୍ଚିତ ହୋଇ ରହିବ ? ଏହି ମହାମନ୍ତ୍ରରେ ଆଜି ସମସ୍ତେ ଅନୁପ୍ରାଣିତ । ଏହି ମନ୍ତ୍ରଦ୍ୱାରା ଆଜି ସମାଜ ସ୍ପନ୍ଦିତ ହେବାକୁ ବସିଲାଣି । ଉତ୍କଳରେ ସ୍ତ୍ରୀ ଶିକ୍ଷା ଯେପରି କ୍ଷିପ୍ରଗତିରେ ଚାଲିଅଛି ତାହା ଦେଖିଲେ ମନେହୁଏ, ଭାରତର ଅନ୍ୟାନ୍ୟ ଅଞ୍ଚଳ ସହିତ ପ୍ରତିଯୋଗିତାରେ ଆମ୍ଭମାନଙ୍କ ଏହି କ୍ଷୁଦ୍ର ଉତ୍କଳ ପଶ୍ଚାତ୍ପଦ ହେବନାହିଁ । କେତେକ ରକ୍ଷଣଶୀଳ ପିତା ଓ ଅଭିଭାବକମାନଙ୍କ ନିଷେଧ ସତ୍ତ୍ୱେ କେତେକ ଉଚ୍ଚ ପରିବାରର ବୟଃପ୍ରାପ୍ତା କନ୍ୟା ସୁଦ୍ଧା ଅସଙ୍କୋଚରେ ସ୍ଥାନୀୟ ବାଳିକାସ୍କୁଲମାନ ପୂର୍ଣ୍ଣ କରିଦେଲେଣି । କଲେଜରେ ସୁଦ୍ଧା ଆଜି ବାଳିକାମାନଙ୍କ ସଂଖ୍ୟା କମ୍ ନୁହେଁ । ସମ୍ବଲପୁର ଓ ତନ୍ନିକଟବର୍ତ୍ତୀ କେତେକ ସ୍ଥାନରେ ମହିଳା କଲେଜ ସ୍ଥାପିତ ହେଲାଣି ଓ ଏହି ପ୍ରକାର ଅନୁଷ୍ଠାନ ଉତ୍କଳର ସର୍ବତ୍ର ବ୍ୟାପ୍ତ ହେବାକୁ ବସିଲାଣି । ମୁଁ କହୁନାହିଁ ଯେ କେବଳ ଆଧୁନିକ ସ୍କୁଲ କଲେଜ ଶିକ୍ଷା ନାରୀମାନଙ୍କ ପକ୍ଷରେ ପ୍ରଧାନ ସମ୍ବଳ । ବାସ୍ତବରେ ବୁଝିବାକୁ ଗଲେ, ନାରୀଶିକ୍ଷାର ପ୍ରକୃଷ୍ଟ ସ୍ଥାନ ଗୃହ । ପିତା, ମାତା, ଭାଇ, ଭଉଣୀ, ଜ୍ଞାତି, ବାନ୍ଧବ, ପରିଜନ ମଧ୍ୟରେ ଥାଇ ଝିଅମାନେ ଯେପରି ନିର୍ବିଘ୍ନରେ ଶିକ୍ଷା ପାଇପାରିବେ ଘର ବାହାରେ ତାହାର ସମ୍ଭାବନା ଅଳ୍ପ । ତେବେ ଘରେ ଅନେକ ବିଷୟରେ ଶିକ୍ଷାର ସୁବିଧା ନାହିଁ । ସ୍କୁଲଛଡ଼ା ଅନ୍ୟ ସ୍ଥାନରେ ଅନେକ ବିଷୟରେ ଶିକ୍ଷାଲାଭର ବ୍ୟବସ୍ଥା ନାହିଁ ବୋଲି ବାଧହୋଇ ଦେଶର ବର୍ତ୍ତମାନ ପରିସ୍ଥିତିରେ ଉପଯୁକ୍ତ ନାରୀ ଶିକ୍ଷାଶ୍ରମକୁ ଝିଅଙ୍କୁ ପଠାଇଲେ କ୍ଷତି ନାହିଁ । ଆମ୍ଭମାନଙ୍କ ଦେଶରେ ତଥାକଥିତ ପଣ୍ଡିତମ୍ମନ୍ୟ କେତେକ ସମାଜ, ନେତା ଯେଉଁମାନେ ସ୍ତ୍ରୀଶିକ୍ଷା ପ୍ରସାରରେ ଚମକି ପଡ଼ିଥିବା ଦେଖାଯାଉଅଛନ୍ତି, ସେମାନେ ସ୍ତ୍ରୀ ଶିକ୍ଷାର ଅତ୍ୟନ୍ତ ବିରୋଧୀ ହୋଇ ଉଠିଅଛନ୍ତି । ନିଜ ଘରର ଝିଅମାନେ ପଢ଼ିବାକୁ ଚାହିଁଲେ ପଢ଼ାଇ ଦେଉନାହାଁନ୍ତି । ଏମାନଙ୍କ ମତରେ କେବଳ ଶିକ୍ଷିତା ସ୍ତ୍ରୀମାନଙ୍କଦ୍ୱାରା ସମାଜ ଶୃଙ୍ଖଳା ବିନଷ୍ଟ ହେବ । ଯେଉଁମାନେ ଏହି ଯୁଗରେ ସୁଦ୍ଧା ସ୍ତ୍ରୀ ଶିକ୍ଷାର ଉପକାରିତା ସ୍ୱୀକାର କରିନାହାଁନ୍ତି ବା ତହିଁର ପ୍ରତିକୂଳାଚରଣ କରନ୍ତି ସେମାନେ ହୁଏତ ଭ୍ରାନ୍ତ ଓ ସ୍ୱାର୍ଥପ୍ରଣୋଦିତ କହିଲେ ଚଳେ । ଏହି ଭାବାପନ୍ନ ବ୍ୟକ୍ତିଙ୍କ ସଂଖ୍ୟା ଆମ୍ଭମାନଙ୍କ ସମାଜରେ ନିତାନ୍ତ କମ୍ ନୁହେଁ । ଏହି ଲୋକମାନଙ୍କ ମନରେ ଶିକ୍ଷାପ୍ରାପ୍ତା ସ୍ତ୍ରୀଙ୍କ ସମ୍ବନ୍ଧରେ ଦୁଇଗୋଟି ଭାବ ଉଦିତ ହୋଇଥିବାର ମନେହୁଏ । ଝିଅମାନେ ଶିକ୍ଷିତା ହୁଅନ୍ତୁ ବୋଲି ଯେଉଁମାନେ ଚାହାଁନ୍ତି ନାହିଁ ହୁଏତ ସେମାନେ ମନେକରନ୍ତି

Digitized by srujanika@gmail.com

ଯେ, ଶିକ୍ଷିତା ହେଲେ ସେମାନଙ୍କ ବିଦ୍ୟା ଓ ଜ୍ଞାନବଳରେ ହିତାହିତ ବିବେଚନା କରି ଅନ୍ୟାୟାଚରଣର ପ୍ରତିକାର କରିବାରେ ସେମାନେ ନିଜେ ଚେଷ୍ଟିତ ହେବେ, ଏବଂ ପୁରୁଷମାନେ ଯେଉଁଠାରେ ସେମାନଙ୍କ ଉପରେ ଅତ୍ୟାଚାର କରିଥାନ୍ତି, ସେମାନଙ୍କ ତ୍ୟାଗ ଓ ସହନଶୀଳତାର ସୁଯୋଗ ନେଇ ନିଜ ସୁଖ ଭୋଗ ସକାଶେ ସେମାନଙ୍କୁ ଉତ୍ପୀଡ଼ିତ କରନ୍ତି, ସେହିଠାରେ ସେମାନଙ୍କୁ ବାଧା ଦେବେ, ପୁରୁଷର କ୍ରୀଡ଼ାବଳ ହୋଇ ଚାଲିବାକୁ ସ୍ୱୀକାର କରିବେ ନାହିଁ। ଅପରନ୍ତୁ ପାଠ ପଢ଼ିଲେ ସେମାନେ ବିଳାସିନୀ ହୋଇଯିବେ ସଂସାର କର୍ମରେ ମନଦେବେ ନାହିଁ। ଶାଶୁଶ୍ୱଶୁର ପ୍ରଭୃତି ଗୁରୁଜନମାନଙ୍କୁ ମାନିବେ ନାହିଁ। ସୁତରାଂ ସଂସାର ଅଶାନ୍ତିର କ୍ଷେତ୍ର ହୋଇଯିବ। ପ୍ରଥମୋକ୍ତ ଶ୍ରେଣୀର ସ୍ୱାର୍ଥାନ୍ଧ ଲୋକଙ୍କ ମନୋବୃତ୍ତି ବିଷୟରେ ଆଲୋଚନା କରିବା ଆବଶ୍ୟକ ନାହିଁ। ଯେଉଁମାନେ କେବଳ ସ୍ୱାର୍ଥସିଦ୍ଧି ସକାଶେ ଭଗବାନଙ୍କ ସୃଷ୍ଟିର ଅର୍ଦ୍ଧାଂଶକୁ ଅଜ୍ଞାନାନ୍ଧକାରରେ ଚିରକାଳ ନିମଜ୍ଜିତ ରଖିବାକୁ ବ୍ୟସ୍ତ ମନୁଷ୍ୟର ଜ୍ଞାନ ଓ ପୂର୍ଣ୍ଣତା ପଥରେ ପ୍ରତିବନ୍ଧକ, ନିଜର ସହଧର୍ମିଣୀ, ସହକର୍ମିଣୀ, ଅର୍ଦ୍ଧାଙ୍ଗିନୀ ବୋଲି ଯେଉଁମାନଙ୍କୁ ଆଖ୍ୟା ପ୍ରଦାନ କରନ୍ତି, ସେମାନଙ୍କ ମନୁଷ୍ୟତାର ପୂର୍ଣ୍ଣତା ସାଧନରେ ଯତ୍ନବାନ ହେବା ପରିବର୍ତ୍ତରେ ସେମାନଙ୍କୁ କେବଳ ସେମାନଙ୍କ ସଂସାର ପରିଚାଳନାର ଯନ୍ତ୍ର ବିଶେଷ ବୋଲି ମନେକରନ୍ତି, ସେମାନଙ୍କ ମନୋବୃତ୍ତି ବା କାର୍ଯ୍ୟକଳାପ ଆଲୋଚନାର ବହିର୍ଭୂତ। ଦ୍ୱିତୀୟ ଶ୍ରେଣୀର ଲୋକଙ୍କ ମଧ୍ୟ ଆଶଙ୍କା ଅମୂଳକ। ଅଭିଭାବକମାନଙ୍କ ଲକ୍ଷ୍ୟ ଥିଲେ ଉପଯୁକ୍ତ ଶିକ୍ଷାପ୍ରାପ୍ତା ନାରୀମାନେ ଏହି ଦୋଷରେ ଦୂଷିତ ହେବା ସମ୍ଭାବନା ନାହିଁ। କେବଳ ସ୍କୁଲକୁ ପଠାଇ ଅଭିଭାବକମାନେ ଯେ ନିଜେ ନିଜେ ଝିଅମାନଙ୍କ ସମ୍ବନ୍ଧରେ ନିଶ୍ଚିନ୍ତ ବୋଲି ରହିବେ, ଏହା ଭ୍ରମାତ୍ମକ। ଏଥିରେ ସେମାନଙ୍କୁ ସୁଦ୍ଧା ଜାଗ୍ରତ ହୋଇ ରହିବାକୁ ହେବ। ବାହାର ଶିକ୍ଷା ସହିତ ଗୃହ ଶିକ୍ଷାଦ୍ୱାରା କନ୍ୟାମାନଙ୍କ ଶିକ୍ଷା ମାର୍ଜ୍ଜିତ କରି ସର୍ବତୋମୁଖୀ କରିବାକୁ ହେବ। ଯେଉଁ ଶିକ୍ଷାଦ୍ୱାରା ନାରୀ ଜ୍ଞାନ ଓ ବିବେକ ପରିବର୍ତ୍ତରେ ବିଳାସିତା ଶିକ୍ଷାକରେ, ସଂସାର କର୍ତ୍ତବ୍ୟପାଳନରେ ଓ ଗୁରୁଜନମାନଙ୍କ ପ୍ରତି ଯୋଗ୍ୟ ଶ୍ରଦ୍ଧା ପ୍ରଦର୍ଶନରେ କୁଣ୍ଠିତା ହୁଏ ସେହି ଶିକ୍ଷା ଫଳରେ ଗୃହ ଓ ସମାଜର ବୈଶିଷ୍ଟ୍ୟ ନଷ୍ଟହୁଏ। ଏହି ଶିକ୍ଷା ଆମ୍ଭମାନଙ୍କ ଅନାବଶ୍ୟକ ଓ ପରିତ୍ୟାଜ୍ୟ। ଏହା ଶିକ୍ଷା ନୁହେଁ, ଅଶିକ୍ଷା। ଅଭିଭାବକମାନେ ଜାଗ୍ରତ ରହିଲେ ଏହି ଦୋଷ କଦାପି ପ୍ରବେଶ କରିପାରିବ ନାହିଁ। କିନ୍ତୁ ଏହାଦ୍ୱାରା କେବଳ ନାରୀ ଯେ ଦୁଷ୍ଟା ତାହା ନୁହେଁ। ପୁରୁଷ ପକ୍ଷରେ ସୁଦ୍ଧା ଏହା ସମଭାବରେ ପ୍ରଯୋଜ୍ୟ। ଆକ୍ଷେପର ବିଷୟ, ପୁରୁଷ ପକ୍ଷରେ ସହସ୍ର ସହସ୍ର ତ୍ରୁଟି ମାର୍ଜ୍ଜନୀୟ, ଅଥଚ ନାରୀ ପକ୍ଷରେ ସାମାନ୍ୟ ବିକୃତି ଅସହନୀୟ ହୋଇପଡ଼େ।

ଲେଖାପଢ଼ା ସଙ୍ଗେ ସ୍ଥଳ ବିଶେଷରେ ଯେ ନାରୀମାନଙ୍କ ମନରେ ଭାବାନ୍ତର ଉପସ୍ଥିତ ନ ହୁଏ ତାହା କୁହାଯାଇ ନ ପାରେ। ଏହା ଅସ୍ୱାଭାବିକ ବୋଲି ଉପେକ୍ଷିତ ମଧ୍ୟ ହୋଇନପାରେ। ଏହା ସ୍ଥାନେ ସ୍ଥାନେ ଶିକ୍ଷାଜନିତ ଆତ୍ମାଭିମାନରୁ ଉଦ୍ଭୁତ। ଏହା ଆଦୌ

Digitized by srujanika@gmail.com

ବାଞ୍ଛନୀୟ ନୁହେଁ। ଏହାବୋଲି ଯେ ଗୋଟାକେତେ ଦୃଷ୍ଟାନ୍ତରୁ କେବଳ ଏହା ଯୋଗୁଁ ନାରୀମାନଙ୍କ ଶିକ୍ଷା ବର୍ଜ୍ଜନୀୟ – ଏହା ସମର୍ଥନ କରାଯାଇ ନ ପାରେ। ପୁରୁଷମାନଙ୍କ ମଧ୍ୟରେ କ'ଣ କେତେ ଶିକ୍ଷାଭିମାନୀ ନାହାଁନ୍ତି ? ଶିକ୍ଷା ମଧ୍ୟରେ ଯେଉଁ ଉପକାରୀତା ନିହିତ ଅଛି, ତାହାର ମୂଲ୍ୟ ବିଷୟରେ ଭାବନାକଲେ ବାଳିକାମାନଙ୍କ ଶିକ୍ଷାବିସ୍ତାର ସକାଶେ ତାହାର ବିରୋଧୀ ବା ଉଦାମୀନ ହୋଇ କେହି ରହିପାରିବେ ନାହିଁ । ଶିକ୍ଷା ମଧ୍ୟରେ ଯେଉଁ ସ୍ଥାନରେ ମଳିନତା ଅଛି, ସେହିଠାରେ ଅମଙ୍ଗଳର ଆଶଙ୍କା। ସେହି ମଳିନତା ଅପସାରିତ କରି, ନାରୀଶିକ୍ଷାର ବିଷୟ ଓ ବ୍ୟବସ୍ଥା ସଂସ୍କୃତ କରି ନୂତନ ଶିକ୍ଷାନୁଷ୍ଠାନ ଗଠନ କରିବା ଉଚିତ। ସୁମାତା ଭିନ୍ନ କେବେ ସୁସନ୍ତାନ ହୋଇପାରିବ ନାହିଁ, ଏହା ତ କେତେ ମଞ୍ଚରୁ କେତେ ଗ୍ରନ୍ଥରୁ ଅନବରତ ବିଘୋଷିତ ହେଉଅଛି। ଗର୍ଭଧାରିଣୀ ଦେବୀର ଯେ ସୁସନ୍ତାନ ନୁହେଁ, ସେ ଦେଶମାତାର ସୁସନ୍ତାନ ହୋଇପାରିବ ନାହିଁ। ପାଠପଢ଼ିଲେ ଯେ କେହି ସମାଜରେ ଅକର୍ମଣ୍ୟ ହୋଇ ରହିବ, ଉଚ୍ଛୃଙ୍ଖଳ ବା ଭ୍ରଷ୍ଟ ଚରିତ୍ର ହେବ, ଏହା କଦାପି ସତ୍ୟ ନୁହେଁ। ଆମ୍ଭମାନଙ୍କ ଦେଶରେ ଶିକ୍ଷାର ପରିସର ଅତ୍ୟନ୍ତ ସୀମାବଦ୍ଧ ଓ ଶିକ୍ଷିତା ନାରୀ ଅଳ୍ପସଂଖ୍ୟକ। ଯେଉଁ ଜଣ କେତେ ଅଛନ୍ତି, ସେମାନେ ସାଧାରଣ ଗୃହିଣୀ ଭିନ୍ନ ଆଉ କିଛି ନୁହଁନ୍ତି। ସେମାନେ ଗୃହସଂସାର ଚଳାଇ ଆନନ୍ଦରେ ଗୃହପରିଚାଳନା ଭାର ଲାଘବ କରୁଅଛନ୍ତି। ଏହା ମଧ୍ୟ କର୍ତ୍ତବ୍ୟ ବୋଲି ହୃଦୟଙ୍ଗମ କରୁଅଛନ୍ତି। ଜଗତରେ ସମସ୍ତ ବସ୍ତୁ ମଧ୍ୟରେ କିଛି ନା କିଛି ମନ୍ଦ ଲୁକ୍‌କାୟିତ ଅଛି। ରେଲଗାଡ଼ି, ଜାହାଜ, ମୋଟର, ବ୍ୟୋମଯାନ ପ୍ରଭୃତି ମଙ୍ଗଳକର ପଦାର୍ଥ ମଧ୍ୟରେ ପ୍ରାଣନାଶକ ସତ୍ତା ବିଦ୍ୟମାନ ଥିଲେ ହେଁ, ସେ ସକଳ ବ୍ୟବହାର ବର୍ଜ୍ଜନୀୟ ନୁହେଁ। ସ୍ତ୍ରୀ–ଶିକ୍ଷା ମଧ୍ୟରେ ଯଦି କିଛି କ୍ଷତିର ସମ୍ଭାବନା ଥାଏ ତାହାହେଲେ ହେଁ କଲ୍ୟାଣ ଅନୁପାତରେ ତାହା ମନରେ ବଡ଼ସ୍ଥାନ ପାଇବା ସମୀଚୀନ ନୁହେଁ। ଅତି ପୁରାକାଳରେ ସୁଦ୍ଧା "କନ୍ୟାପ୍ୟେବ ପାଳନୀୟା ଶିକ୍ଷଣୀୟାତିଯନ୍ତତଃ। ଦେୟା ବରାୟ ବିଦୁଷେ ଧନରତ୍ନସମନ୍ୱିତା" ଥିଲା। କନ୍ୟାକୁ ବିଦ୍ୱାନ ବର ହସ୍ତରେ ତଥା ସପାତ୍ରରେ ଅର୍ପଣ କରିବା ଉଦ୍ଦେଶ୍ୟରେ ତାହାକୁ ସୁଶିକ୍ଷିତା କରିବାକୁ ହେଉଥିଲା। ଦେଶର ଏହି ଦୁର୍ଦ୍ଦିନରେ ପରିବର୍ତ୍ତନମୂଳକ ପରିସ୍ଥିତିରେ ଆମ୍ଭମାନଙ୍କ କୌଣସି ଶକ୍ତିର ଅପଚୟ କରିବା ଉଚିତ ନୁହେଁ। ସମୟର ପ୍ରଭାବରେ ଅନେକ ବିଷୟ ସଂସ୍କୃତ ହୋଇଯାଇଅଛି ଓ ଆହୁରି ଅନେକ ବିଷୟର ସଂସ୍କାର ଆବଶ୍ୟକ। ନାରୀମାନଙ୍କ ଶିକ୍ଷା ସକାଶେ ଯେଉଁ ସଂସ୍କାର ଆବଶ୍ୟକ, ତାହା ସମ୍ପାଦନ କରି ସେମାନଙ୍କ ସର୍ବାଂଶରେ ଶିକ୍ଷିତ ହେବା ସକାଶେ ସୁଯୋଗ ପ୍ରଦାନ କରିବାକୁ ହେବ। ବିଳାସିତା, ଆତ୍ମମ୍ଭରିତା ପରିତ୍ୟାଗ କରିବାକୁ ହେବ। ପୁରୁଷଙ୍କ ସଙ୍ଗରେ ଦଣ୍ଡାୟମାନ ହୋଇ ମୁକ୍ତିସାଧନ କାର୍ଯ୍ୟରେ ସେମାନଙ୍କ ସହିତ ଅଂଶଗ୍ରହଣ କରିବାକୁ ହେବ। ନାରୀମାନଙ୍କ ବିଷୟରେ ଯାବତୀୟ ବ୍ୟବସ୍ଥା ସମ୍ବନ୍ଧରେ କେବଳ ଯେ ସେମାନଙ୍କ ମତ ଗ୍ରହଣ କରିବାକୁ ହେବ ଏପରି ନୁହେଁ, ଏହାର ପ୍ରଣୟନ ଓ ପ୍ରତିପାଦନରେ ସେମାନଙ୍କୁ ଯଥେଷ୍ଟ ସ୍ୱାଧୀନତା ଦେବାକୁ ହେବ। ଏ ସମ୍ବନ୍ଧରେ ଯାବତୀୟ ବ୍ୟବସ୍ଥା କେବଳ ପୁରୁଷଙ୍କ

Digitized by srujanika@gmail.com

ପ୍ରଣୀତ। ସ୍ତ୍ରୀମାନଙ୍କ ମତ ନ ନେଇ ସେ ସବୁ ସେମାନଙ୍କୁ ପାଳନ କରିବାକୁ ବାଧ କରାହେଉଅଛି। ପୁରୁଷର ଏହି ମନୋବୃତ୍ତି ପରିବର୍ତ୍ତନ କରିବାକୁ ହେବ। କଥାରେ କେବଳ ସ୍ତ୍ରୀକୁ ସହଧର୍ମିଣୀ ବୋଇଲେ ଚଳିବ ନାହିଁ। ନାରୀ ସମ୍ବନ୍ଧରେ ସତୀତ୍ୱ ଓ ମାତୃତ୍ୱ ଭାରତୀୟ ସଭ୍ୟତାର ବୈଶିଷ୍ଟ୍ୟ। ଏହା ଅପେକ୍ଷା ଅମୂଲ୍ୟ ସମ୍ପଦ ଆଉ କିଛିନାହିଁ। ନାରୀକୁ ଯେପରି ଏକନିଷ୍ଠ ପ୍ରେମରେ ଗ୍ରହଣ କରିବାକୁ ହେବ ଓ ଏହାଦ୍ୱାରା ସତୀତ୍ୱକୁ ମର୍ଯ୍ୟାଦା ରକ୍ଷା କରିବାକୁ ହେବ, ପୁରୁଷଙ୍କୁ ମଧ ତଦ୍ରୂପ ସ୍ତ୍ରୀ ପତି ଏକନିଷ୍ଠ ହେବାକୁ ହେବ। ନାରୀଠାରୁ ଯେପରି ଆଦର୍ଶ ଗୃହିଣୀତ୍ୱ, ଆଦର୍ଶ ମାତୃତ୍ୱ ଦାବି କରାଯାଉଅଛି, ପୁରୁଷକୁ ମଧ ଆଦର୍ଶ ଗୃହୀ, ଆଦର୍ଶ ପିତା ହେବା ସକାଶେ ନିର୍ଦ୍ଦେଶ ଦିଆଯିବ। ବସ୍ତୁତଃ ଜଗତରେ ଏହି ଆଦର୍ଶର କୌଣସିଠାରେ ବ୍ୟତିକ୍ରମ ଦେଖାଯାଉଥିଲେ ହେଁ ଏହାର ମୂଲ୍ୟ ତିଳେମାତ୍ର ଊଣା କରିଦିଆହେବ ନାହିଁ।

ଏହି ଆଦର୍ଶ ସମ୍ମୁଖରେ ରଖି ମୁଁ ମୋର ଝିଅମାନଙ୍କୁ ଶିକ୍ଷା ଦେବାରେ ଲାଗିଲି ଓ ଏଥିରେ ମୁଁ ବହୁ ପରିମାଣରେ କୃତକାର୍ଯ୍ୟ ହୋଇଅଛି। ମୋର କେତେକ ବିରୁଦ୍ଧ-ଭାବାପନ୍ନ ବନ୍ଧୁଙ୍କ ମନୋଭାବ ପରିବର୍ତ୍ତନ କରିପାରିଅଛି। ସ୍ତ୍ରୀମାନଙ୍କ ପ୍ରତି ସମ୍ମାନ ରକ୍ଷା ଦିଗରେ ସାହାଯ୍ୟ କରିଅଛି। ଶିକ୍ଷିତା ସ୍ତ୍ରୀମାନେ ଆତ୍ମସମ୍ମାନ ରକ୍ଷାରେ ସୁଦ୍ଧା ସମର୍ଥ ହୋଇଅଛନ୍ତି। ଜଣ କେତେ ବିପଥ-ଗମନୋନ୍ମୁଖିନୀ ସ୍ତ୍ରୀକୁ ଶିକ୍ଷାନୁଷ୍ଠାନକୁ ପ୍ରେରଣକରି ସେମାନଙ୍କ ଜୀବନଯାତ୍ରା ନିର୍ବାହର ବ୍ୟବସ୍ଥା କରିବାରେ ସମର୍ଥ ହୋଇଅଛି। ଜଣେ ଦରିଦ୍ର ଅଥଚ ସମ୍ଭ୍ରାନ୍ତ ପରିବାରସ୍ଥ ଗୃହିଣୀକୁ ସ୍ଥାନୀୟ ଚିକିତ୍ସାଳୟରେ ଶୁଶ୍ରୂଷା କାର୍ଯ୍ୟରେ ନିଯୁକ୍ତ କରାଇ ପରିବାରର ଅନ୍ନସଂସ୍ଥାନ କରିବାରେ ସାହାଯ୍ୟ କରିଅଛି। ଜଣେ ଗରିବ ବନ୍ଧୁର ଝିଅ ମାଇନର ପାସ୍‌କଲା। ତାକୁ ସମ୍ବଲପୁର ଜିଲ୍ଲା ସ୍କୁଲକୁ ନେଇ ନାମ ଲେଖାଇଦେବା ସମୟରେ ଫିସ୍‌ଦେବା ସକାଶେ ଯେତେବେଳେ ଟଙ୍କା ବାହାର କଲି, ତାହା ହେଡ୍‌ମାଷ୍ଟର ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ଦୃଷ୍ଟି ଆକର୍ଷଣ କଲା। ସେ କହିଲେ, ''ଆପଣଙ୍କ ଝିଅ ନୁହେଁ। ଅଥଚ ଏହା ସକାଶେ ଆପଣ ଖର୍ଚ୍ଚ ଦେବାକୁ ବସିଛନ୍ତି। ମୁଁ କାହିଁକି ନ ଦେବି ?'' ଏହା କହି ନିଜ ବିବେଚିତ କ୍ଷମତା ବ୍ୟବହାର ପୂର୍ବକ ତାହାର ସମସ୍ତ ଫିସ୍ ମାଫ୍ କରି ନାମ ଲେଖିଦେଲେ। ଏହି ଝିଅଟି ଉଚ୍ଚଶିକ୍ଷା ପାଇ ବର୍ତ୍ତମାନ ସମାଜରେ ସମ୍ମାନାର୍ହ ସ୍ଥାନ ଅଧିକାର କରିବସିଅଛି। ଏହି ପ୍ରକାରେ ନିଜ ଜ୍ଞାତି ବନ୍ଧୁଙ୍କଠାରୁ ଆରମ୍ଭକରି ପରିଚିତ ଅପରିଚିତ ଘରର ଅନେକ ବାଳିକାଙ୍କୁ ସ୍କୁଲକୁ ଆଣିବାରେ ଲାଗିଗଲି। ଏହା କରି ମୁଁ ଯେ କେତେ ଆନନ୍ଦ ଅନୁଭବ କରିଅଛି, ତାହା ଲେଖିବାର ବିଷୟ ନୁହେଁ, ଅନୁଭୂତିର ବିଷୟ। ଲୋକେ ବେଶି ମୋତେ ପାଗଳ ବୋଲି କହିବାକୁ ଲାଗିଲେ। ବାସ୍ତବରେ ମୁଁ ମଧ ପାଗଳ ହୋଇଗଲି। ମୋତେ ଦିଶିଲା, ଯେତେ ଝିଅ ଅଛନ୍ତି ସମସ୍ତେ ମୋର। ସମସ୍ତଙ୍କୁ ପାଠ ପଢ଼ାଇବି। ଏହାଦେଖି ଅପର ବନ୍ଧୁଙ୍କ ମଧରେ ହିଂସାର ଉଦ୍ରେକ ହେଲା ଓ ମୋ ଉପରେ ନିର୍ଯ୍ୟାତନା ଆରମ୍ଭ ହେଲା।

Digitized by srujanika@gmail.com

ଜୀବନର ଆଉ ଗୋଟିଏ ପରୀକ୍ଷା ଆରମ୍ଭ କରିବା ଭାବନା ମନରେ ପ୍ରବେଶ କରିବାକୁ ଲାଗିଲା। ଝାଡୁଆ ବ୍ରାହ୍ମଣ ସମାଜର କ୍ଷୁଦ୍ର ଗଣ୍ଡି ମଧ୍ୟରେ ଆବଦ୍ଧ ନ ରହି ଝିଅଙ୍କ ସକାଶେ ପାତ୍ର ନିର୍ବାଚନର କ୍ଷେତ୍ର ପ୍ରଶସ୍ତ ନକଲେ ଚଳିବ ନାହିଁ। ଏ ବିଷୟରେ ମୋର ଭାବନା ଗଭୀରରୁ ଗଭୀରତର ହେବାକୁ ଲାଗିଲା। ସମ୍ବଲପୁରରେ ଏକାଧିକ ପରିବାରରେ ଝିଅ ସଂଖ୍ୟା ଅଧିକ। ଦେଖିଶୁଣି ଝିଅକୁ ପାତ୍ରସ୍ଥ କରିବାକୁ ହେବ। ସାଧାରଣ ଝିଅ ସକାଶେ ତ ପାତ୍ର ମିଳିବା ଦୁଷ୍କର। ଶିକ୍ଷିତା ଝିଅ ସକାଶେ ଏହା ଆହୁରି କଷ୍ଟକର। ଏହି କାରଣରୁ ସମ୍ବଲପୁରରେ ନିଷିଦ୍ଧ ଗୋତ୍ର ମଧ୍ୟରେ ସୁଦ୍ଧା ଅନେକ ବିବାହ ହୋଇଗଲାଣି। ସମ୍ବଲପୁରର ଲୋକେ ବାହାରେ ବିବାହ ସମ୍ପର୍କ ନ କଲେ ଆଉ ରକ୍ଷା ନାହିଁ। ଏହାକଲେ ପାତ୍ରାନ୍ୱେଷଣର କ୍ଷେତ୍ର ପ୍ରଶସ୍ତ ହେବ ଓ ଜାତୀୟତା ବୃଦ୍ଧିର ସୁଦ୍ଧା ପଥ ସୁଗମ ହେବ। ସମସ୍ତ ଜିଲ୍ଲାର ବ୍ରାହ୍ମଣମାନେ ଶାଖାପ୍ରଶାଖା ନିର୍ବିଶେଷରେ ବୈବାହିକ ସମ୍ପର୍କରେ ଆବଦ୍ଧ ହେଲେ ସମାଜର ସଂକୀର୍ଣ୍ଣତା ଦୂରହେବ ଓ ଏକତା ବଳରେ ସମାଜ ବଳିଷ୍ଠ ହେବ। ପୁରୀ, କଟକ, ବାଲେଶ୍ୱର, ଗଞ୍ଜାମ, ସିଂହଭୂମ ଓ ଗଡ଼ଜାତ ରାଜ୍ୟର ବ୍ରାହ୍ମଣମାନେ ଭେଦାଭେଦ ପରିତ୍ୟାଗ କରି ପରସ୍ପର ମଧ୍ୟରେ ବିବାହ ସମ୍ପର୍କ କରିସାରିଲେଣି। ସମ୍ବଲପୁରକୁ ଏମାନଙ୍କୁ ଅନୁସରଣ କରିବାକୁ ହେବ। ଏ ଦିଗରେ ମୋର ଶକ୍ତି, ସାମର୍ଥ୍ୟ ପ୍ରୟୋଗ କରିବାରେ ମନୋନିବେଶ କଲି। ପ୍ରତ୍ୟେକ ଶୁଭ କାର୍ଯ୍ୟରେ ଭଗବାନଙ୍କ ଉଦ୍ଦେଶ୍ୟ ଅନ୍ତର୍ନିହିତ ହୋଇ ରହିଥାଏ। ସୁଷମାର ଦୁଇବର୍ଷ ବୟସରେ ସ୍ଥିର ହୋଇଥିବା ସମ୍ପର୍କ ଭାଙ୍ଗିନଥିଲେ ଭଗବାନ ଏହି ପ୍ରେରଣା ମୋତେ ଦେଇନଥାନ୍ତେ। ତାହାର ଜୀବନର ଏହି ପରିବର୍ତ୍ତନ ହେଲା ମୋର ଜୀବନର ଧ୍ରୁବତାରା। ଏହାକୁ ସମ୍ମୁଖରେ ରଖି ମୋ କାର୍ଯ୍ୟରେ ଅଗ୍ରସର ହେଲି। ଏଥିରେ ମୋର ସହଧର୍ମିଣୀ ମୋତେ ଅଧିକ ଉତ୍ସାହିତ କରିବାକୁ ଲାଗିଲେ। ଦେଖିଲି, ମୋ ଅପେକ୍ଷା ତାଙ୍କ ଉତ୍ସାହ ଅଧିକ। ତାଙ୍କ ଉତ୍ସାହ ଓ ପ୍ରେରଣା ପାଇ ନଥିଲେ ବୋଧହୁଏ ମୁଁ ଝିଅମାନଙ୍କୁ ଏତେ ଉଚ୍ଚଶିକ୍ଷା ଦେବାରେ ପ୍ରବୃତ୍ତ ହୋଇ ନଥାନ୍ତି।

ଦେଖୁଁ ଦେଖୁଁ ଦୁଇବର୍ଷରୁ ଅଧିକ ହୋଇଗଲା। ୧୯୪୧ ଯାଇ ୧୯୪୨ ଆସିଲା। ତଥାପି ପୃଥିବୀବ୍ୟାପୀ ମହାଯୁଦ୍ଧର ବିରାମ ନାହିଁ। ଚତୁର୍ଦ୍ଦିଗରେ ହାହାକାର। ୧୯୩୯ ମସିହା ସେପ୍ଟେମ୍ବରରେ ଯୁଦ୍ଧାରମ୍ଭ ହୋଇ ସୁଦ୍ଧା ତାହାର ଅବସାନର ସୂଚନା ନାହିଁ। ଦିନେ ହଠାତ୍ ଶୁଣାଗଲା, ରାତ୍ର ବାରଟା ଉତ୍ତାରୁ ଓଡ଼ିଶାର ସମୟ ସାଧାରଣ ପ୍ରଚଳିତ ସମୟରୁ ଏକଘଣ୍ଟା ଆଗରେ ରଖିବାକୁ ସରକାରଙ୍କ ହୁକୁମ ହୋଇଅଛି। ଅର୍ଥାତ୍ ଆଜିକାଲି ୬ଟା ବେଳେ ୭ ବାଜିଲା ବୋଲି ଧରାଯିବ – ଏହି କ୍ରମରେ। କଚେରୀକୁ ସାଢ଼େ ନଅଟାରେ ଯିବାକୁ ହେବ। ସେତିକିବେଳେ ସାଢ଼େଦଶ ବାଜିବ। ପୃଥିବୀ ବ୍ୟାପୀ ଯୁଦ୍ଧ ଯୋଗୁଁ ଭାରତବର୍ଷରେ ଶତ୍ରୁପକ୍ଷର ବୋମାପାତର ଭୟ ହୋଇଥିଲା। ଅତଏବ ବଡ଼ ବଡ଼ ସହରମାନଙ୍କରେ ରାତ୍ରରେ ଆଲୋକ ନିୟନ୍ତ୍ରଣର ବ୍ୟବସ୍ଥା ହୋଇଥିଲା। କଲିକତା ପ୍ରଭୃତି

Digitized by srujanika@gmail.com

ବଡ଼ ବଡ଼ ସହରମାନଙ୍କରେ ଆଲୋକ ସବୁର ଏପରି ଭାବରେ ନିୟନ୍ତ୍ରଣର ବ୍ୟବସ୍ଥା ହୋଇଥିଲା ଯେ, କେବଳ କ୍ଷୀଣ ଆଲୋକ ରଶ୍ମି ତଳେ ପଡୁଥିଲା। ଏହାର ଉଦ୍ଦେଶ୍ୟ– ଶତ୍ରୁପକ୍ଷର ବ୍ୟୋମଯାନ ରାତ୍ରିର ଅନ୍ଧକାରରେ ସ୍ଥାନ ନିରୂପଣ କରିପାରିବ ନାହିଁ ଓ ତାହାହେଲେ ବୋମା ପାତରୁ ଅନେକ ସ୍ଥାନ ରକ୍ଷାପାଇବ। ସନ୍ଧ୍ୟା ପୂର୍ବରୁ ଲୋକେ ନିଜ ନିଜ କାର୍ଯ୍ୟାଳୟରୁ ଫେରି ଘରେ ରହିବେ। ଏହି ଉଦ୍ଦେଶ୍ୟରୁ ବୋଧହୁଏ ଏହି ସମୟ ପରିବର୍ତ୍ତନର ବ୍ୟବସ୍ଥା ହୋଇଥିଲା। ଏହି ନିୟମ ୭.୧୨.୧୯୪୧ରୁ ୧୫.୫.୧୯୪୨ ପର୍ଯ୍ୟନ୍ତ ରହିଲା।

ତା.୬.୪.୧୯୪୨ ରେ ଓଡ଼ିଶା ଉପକୂଳସ୍ଥ କୁଜଙ୍ଗଠାରୁ ୪୦ ମାଇଲ ଦୂରରେ ସମୁଦ୍ର ମଧ୍ୟରେ ଜାପାନ କେତେଗୁଡ଼ିଏ ଇଂରେଜଙ୍କ ଜାହାଜ ବୁଡ଼ାଇ ଦେଲା। ଅନେକ ଆରୋହୀ ଜଳ-ସମାଧି ପ୍ରାପ୍ତ ହେଲେ। ଅନେକେ ଆହତ ହୋଇ କଟକକୁ ଚିକିତ୍ସା ସକାଶେ ଅଣାହେଲେ। ସେହିଦିନରୁ କଟକର ଅନେକ ଅଧିବାସୀ ଆତଙ୍କିତ ହୋଇ କଟକ ତ୍ୟାଗକରି ଚାଲିଗଲେ। ଓଡ଼ିଶା ସରକାର ତାଙ୍କ ଦପ୍ତରମାନ ସମ୍ବଲପୁରକୁ ଉଠାଇ ଆଣିଲେ ଓ ସହରର ଭିନ୍ନ ଭିନ୍ନ ସ୍ଥାନରେ ସେ ସବୁ ଜାରିକଲେ। ହାକିମ ଓ କିରାଣୀମାନେ ସହରରେ ଇତସ୍ତତଃ ରହିଲେ। ସମସ୍ତ ଜିନିଷ ଦୁର୍ମୂଲ୍ୟ ହେଲା ଓ ବିକ୍ରେତାମାନେ ଏଥିରେ ବିଶେଷ ଲାଭବାନ ହେଲେ।

କଂଗ୍ରେସ ଶାସନ ଭାର ତ୍ୟାଗକରି ଅଛନ୍ତି ଓ ଗଭର୍ଣ୍ଣର ତାହା ଗ୍ରହଣ କରିଅଛନ୍ତି। ତା.୧୬.୫.୪୨ ଦିନ ପାର୍ଲିଆମେଣ୍ଟାରୀ ସେକ୍ରେଟାରୀ ଶ୍ରୀ ପ୍ୟାରୀ ଶଙ୍କର ରାୟ ସମ୍ବଲପୁରକୁ ଆସି ମହାନଦୀ କୂଳସ୍ଥ ମାରୱାଡ଼ି ପଡ଼ା ଘାଟରେ ଗୋଟିଏ ସଭାରେ ଭାଷଣ ଦେଲେ। ସମ୍ବଲପୁରର କଂଗ୍ରେସକର୍ମୀ ଶ୍ରୀ ନୃସିଂହ ଗୁରୁ ସଭାପତି ହୋଇଥିଲେ। ସେଠାରେ ଶୁଣାଗଲା, ସରକାରୀ କର୍ମଚାରୀ ଓ ସେମାନଙ୍କ ପକ୍ଷରେ କେତେକଙ୍କ ଆପତ୍ତି ସତ୍ତ୍ୱେ ସେ ସଭାପତିଙ୍କ ଆସନ ଗ୍ରହଣ କରିଥିଲେ। ବକ୍ତୃତା ମଧ୍ୟରେ ମୁଁ ପହଞ୍ଚି ସେହି ସ୍ଥାନର ଏକ କୋଣରେ ଛିଡ଼ା ହୋଇ ପ୍ୟାରୀ ବାବୁଙ୍କ ଭାଷଣର କେତେକାଂଶ ଶୁଣିଲି। ଭାଷଣର ସାରାଂଶ, ଇଂରେଜ ସରକାରଙ୍କ ସଙ୍ଗେ ଦେଶବାସୀମାନେ ସହଯୋଗକରି ଯୁଦ୍ଧର ଅବସାନ ପର୍ଯ୍ୟନ୍ତ ସ୍ୱାଧୀନତା ପ୍ରାପ୍ତି ସକାଶେ ଅପେକ୍ଷା କରି ରହନ୍ତୁ ଓ ଯୁଦ୍ଧ ସକାଶେ ଯଥାଶକ୍ତି ସହାୟତା କରିବା ସକାଶେ ସେ ଶ୍ରୋତାମାନଙ୍କୁ ଅନୁରୋଧ କଲେ। ତାଙ୍କ ଭାଷଣ ଶେଷ ହେବା ମାତ୍ରକେ ସେଠାରେ ଉପସ୍ଥିତ ସବ୍‌ଡ଼ିଭିଜନାଲ୍ ଅଫିସର୍ ହଠାତ୍ ଛିଡ଼ାହୋଇ ପ୍ୟାରୀ ଶଙ୍କର ରାୟଙ୍କ ଭାଷଣ ବିଷୟ ଅନୁମୋଦନ କରି ଜର୍ମାନୀ ଓ ଜାପାନ ଶକ୍ତିର ନିନ୍ଦା କଲେ ଓ ଏକ ମିନିଟ୍ ମଧ୍ୟରେ ସଭାଛାଡ଼ି ସମସ୍ତେ ଚାଲିଯାଅ, ନଚେତ୍ ଦଣ୍ଡନୀୟ ହେବ ବୋଲି ସଭା ବେଆଇନ୍ ଘୋଷଣା କରାଗଲା। ଆଲୁଅ ସବୁ ଲିଭାଇ ଦିଆଗଲା। ଲୋକେ ଇତସ୍ତତଃ ଚାଲିଯିବାକୁ ଲାଗିଲେ। ଯେଉଁ ଉଦ୍ଦେଶ୍ୟରେ ସଭା ଆହୁତ ହୋଇଥିଲା ଓ ପ୍ୟାରୀ ଶଙ୍କର ରାୟ ତାଙ୍କ ଭାଷଣରେ ଯେଉଁସବୁ କଥା କହିଥିଲେ, ତାହା ପଣ୍ଡ ହୋଇଯିବ ବୋଲି

Digitized by srujanika@gmail.com

ବୋଧହୁଏ ସବ୍‌ଡ଼ିଭିଜନାଲ୍ ଅଫିସର୍ ତଦ୍ରୂପ ଆଚରଣ କରିଥିଲେ । ଏ କ୍ଷେତ୍ରରେ କଂଗ୍ରେସ ପକ୍ଷର ସଭାପତି ହୋଇଥିବା ଯୋଗୁଁ ସବ୍‌ଡ଼ିଭିଜନାଲ୍ ଅଫିସର୍ ବିଚଳିତ ନ ହୋଇ ଯଦି ଅଳ୍ପ କୌଶଳ ପ୍ରୟୋଗ କରିଥାନ୍ତେ, ତାହାହେଲେ ବୋଧହୁଏ ଅଧିକ କାର୍ଯ୍ୟ ହୋଇଥାନ୍ତା । କ୍ଷମତା ତ ତାଙ୍କ ହାତରେ ଥିଲା । ସଭାପତିଙ୍କ ଭାଷଣକୁ ଅପେକ୍ଷା କରିଥାନ୍ତେ ଓ ଯଦି ତାଙ୍କ ଭାଷଣରୁ ଜଣାଯାଇଥାନ୍ତା ଯେ, ସେ ବିରୋଧାତ୍ମକ କୌଣସି କଥା କହୁଛନ୍ତି, ତାଙ୍କୁ ତହିଁରୁ ବିରତ ହେବାକୁ କୁହାଯାଇଥାନ୍ତା ଓ ଯଦି ସେ ତାକୁ ନ ମାନିଥାନ୍ତେ ତାହାହେଲେ ସଭାଭଙ୍ଗର ଆଦେଶ ଦେଇଥାନ୍ତେ । ସବ୍‌ଡ଼ିଭିଜନାଲ୍ ଅଫିସରଙ୍କ ଆଚରଣରେ ଜନତା ବିକ୍ଷୁବ୍ଧ ହୋଇଥିଲେ । ସେହି ସମୟରେ ଦେଖାଯାଉଥିଲା, ଏହି ମନୋବୃତ୍ତିବିଶିଷ୍ଟ କେତେକ ସରକାରୀ କର୍ମଚାରୀ ସରକାରଙ୍କ ସ୍ୱାର୍ଥସିଦ୍ଧି ପରିବର୍ତ୍ତରେ ବିରୋଧାତ୍ମକ କାର୍ଯ୍ୟ ସମ୍ପାଦନ କରି ସେମାନଙ୍କ ଏତାଦୃଶ ଅବିମୃଷ୍ୟକାରିତା ଯୋଗୁଁ ଲୋକଙ୍କ ମନରେ କ୍ଷୋଭ ଓ ଘୃଣା ଜାଗ୍ରତ କରାଉଥିଲେ ।

ମୁଁ ମୋର ଚାକିରିରୁ ଅବସର ଗ୍ରହଣ କରିବା ପୂର୍ବେ ତା.୩୦.୫.୧୯୪୨ରେ ଚାରିମାସର ଛୁଟି ନେଇ ତା.୧୯.୯.୧୯୪୨ ରେ କାର୍ଯ୍ୟ ତ୍ୟାଗକଲି । ମୋର ଚାକିରି ଆରମ୍ଭ ହୋଇଥିଲା ତା.୭.୧୨.୧୯୦୯ରେ । ସୁତରାଂ ଚାକିରି ତ୍ୟାଗକଲା ଦିନ ଚାକିରି ଜୀବନର ୩୨ ବର୍ଷ ୫ମାସ ୨୩ ଦିନ ପୂର୍ଣ୍ଣ ହୋଇଥିଲା । ଏହି ଦୀର୍ଘକାଳ ମଧ୍ୟରେ ଜୀବନରେ କେତେ ପ୍ରକାର ଅନୁଭୂତି ସଂଗୃହୀତ ହୋଇଥିଲା । ସେ ସମସ୍ତ ଆଜି ସୁଦ୍ଧା ସ୍ମୃତିପଟରେ ଜାଜ୍ୱଲ୍ୟମାନ ହୋଇ ରହିଅଛି । ଅବସ୍ଥା ବିପର୍ଯ୍ୟୟ ମଧ୍ୟରେ ଜୀବନ ଆରମ୍ଭ କରିଥିବା ଯୋଗୁଁ ବାଧ୍ୟ ହୋଇ ଚାକିରି ଗ୍ରହଣ କରିବାକୁ ହୋଇଥିଲା । କିନ୍ତୁ ଚାକିରି ଜୀବନରେ କେହି ଯେ ସୁଖରେ କାଳାତିପାତ କରିଛି ତାହା ମନେହେଲା ନାହିଁ । ଦଶ ଓ ଦେଶ ପ୍ରତି ମମତା ପୋଷଣ ସୁଦ୍ଧା ଯେ ଚାକିରି ଜୀବନରେ ସମ୍ଭବ, ଏହା ମଧ୍ୟ ଅତି ଦୂରର କଥା । ମୋର ସର୍ବଦା ମନେହେଉଥାଏ, ଅନ୍ୟ ଉପାୟ ଥିଲେ କୌଣସି ଅଧ୍ୟବସାୟୀ ବ୍ୟକ୍ତି ପକ୍ଷରେ ଚାକିରି ଜୀବନଯାପନର ପ୍ରକୃଷ୍ଟ ପନ୍ଥା ନୁହେଁ, ଏହା ଅର୍ଥକାରୀ ମଧ୍ୟ ନୁହେଁ କିନ୍ତୁ ଏହି ଅବସ୍ଥା ଦେଶର ଓ ସମାଜର ପାରିପାର୍ଶ୍ୱିକ ପରିସ୍ଥିତି ଦ୍ୱାରା ନିୟନ୍ତ୍ରିତ ହୁଏ ।

Digitized by srujanika@gmail.com

ଚାକିରିରୁ ବିଦାୟ ପରେ

ଚାକିରିରୁ ବିଦାୟ ନେଇ ମୁଁ ମୋର ଚିରବାଞ୍ଛିତ ବାଳିକା ଶିକ୍ଷା ପ୍ରସାର ଓ ସମାଜସଂସ୍କାର ପ୍ରତି ମନୋନିବେଶ କରିବା ସଂକଳ୍ପ କଲି। ୧୯୪୨ ମସିହା ମେ' ମାସ ୩୦ ତାରିଖରେ ତ ମୁଁ କାର୍ଯ୍ୟ ତ୍ୟାଗକଲି। ଜୁନ୍ ମାସ ଆରମ୍ଭରେ ସମ୍ବଲପୁରରେ ତଦାନୀନ୍ତନ ଓଡ଼ିଶା ଶିକ୍ଷା ବିଭାଗର ଡିରେକ୍ଟର ଶ୍ରୀ ଶ୍ୟାମଚନ୍ଦ୍ର ତ୍ରିପାଠୀଙ୍କ ସହିତ ସାକ୍ଷାତ ହେଲା। ତାଙ୍କଠାରୁ ଶୁଣିଲି ଯେ, ସମ୍ବଲପୁରର ଲୋକେ ଯଦି ଦରଖାସ୍ତ କରନ୍ତି ତାହାହେଲେ ସମ୍ବଲପୁର ବାଳିକା ସ୍କୁଲରେ ଦଶମ ଓ ଏକାଦଶ ଶ୍ରେଣୀ ଫିଟାଇବା ପାଇଁ ସେ ଚେଷ୍ଟା କରିବେ। ସେହି ସମୟରେ ହାଇସ୍କୁଲରେ ଅଷ୍ଟମ ଓ ନବମ ଶ୍ରେଣୀ ହୋଇଯାଇଥିଲା। ଦରଖାସ୍ତ ପଠାଇବା ଭାର ମୁଁ ଗ୍ରହଣ କଲି। ସେହି ସମୟରେ ଶିକ୍ଷାମନ୍ତ୍ରୀ ଶ୍ରୀ ଗୋଦାବରୀଶ ମିଶ୍ର ସମ୍ବଲପୁର ଗସ୍ତରେ ଆସିଥିଲେ। ତାଙ୍କ ସଙ୍ଗେ ସାକ୍ଷାତ କଲି ଓ ସ୍ଥାନୀୟ ବାଳିକା ସ୍କୁଲକୁ ପୂର୍ଣ୍ଣାଙ୍ଗ ହାଇସ୍କୁଲରେ ପରିଣତ କରିବା ପାଇଁ ହୁକୁମ ଦେବା ସକାଶେ ଅନୁରୋଧ କଲି। ଯୁଦ୍ଧ ଯୋଗୁଁ ରେଭେନ୍ସା ବାଳିକା ସ୍କୁଲ ବନ୍ଦ ହୋଇଯାଇଥିଲା ଓ ମୋର ଅଷ୍ଟମ ଝିଅ ଉମା ଓ ତାହାର ସହାଧ୍ୟାୟିନୀ କଟକବାସିନୀ ଝୁନୁ (ପ୍ରଭାବତୀ ରାଓ) ଆସି ସମ୍ବଲପୁରରେ ଆମ୍ଭ ଘରେ ରହିଥିଲେ। ଉଭୟେ ମେଟ୍ରିକୁଲେଶନ୍ କ୍ଲାସ୍‌ରେ। ତ୍ରିପାଠୀ ମହାଶୟ କହିଲେ ଯେ, ନିକଟଭବିଷ୍ୟତରେ ରେଭେନ୍ସା ବାଳିକା ସ୍କୁଲ୍ ଫିଟିଲେ ମଧ୍ୟ ସ୍କୁଲ୍ ସଂଲଗ୍ନ ହଷ୍ଟେଲ ଫିଟିବ ନାହିଁ। ସୁତରାଂ କଟକ ପ୍ରବାସିନୀ ଛାତ୍ରୀମାନେ ଆଉ କଟକରେ ରହି ପଢ଼ିପାରିବେ ନାହିଁ। ଗୋଦାବରୀଶବାବୁ ଏ ବିଷୟ ବିଚାର କରିବେ ବୋଲି କହିଲେ।

ଅବିଳମ୍ବରେ ସମ୍ବଲପୁରର କେତେକ ଭଦ୍ରବ୍ୟକ୍ତିଙ୍କ ସ୍ୱାକ୍ଷରରେ ସେହିବର୍ଷ ଜୁଲାଇମାସ ଆରମ୍ଭରୁ ବାଳିକା ସ୍କୁଲ୍‌ରେ ଦଶମ ଓ ଏକାଦଶ ଶ୍ରେଣୀ ଫିଟାଇବା ସକାଶେ ଦରଖାସ୍ତ ପଠାଇ ଦିଆହେଲା। କିନ୍ତୁ ଜୁଲାଇର ପ୍ରଥମ ସପ୍ତାହ ଚାଲି ଯାଇଥିଲେ ସୁଦ୍ଧା ସେହି ବିଷୟରେ କିଛି ହୁକୁମ ଆସିଲା ନାହିଁ। ଏହାର ଦୁଇଚାରି ଦିନ ପରେ ମୁଁ କଟକ ଗଲି ଓ ଯାଇ ବୁଝିଲି, ଟହିଁରୁ ଯେଉଁ ବିଶେଷ କାରଣରୁ ମୁଁ ସମ୍ବଲପୁର ବାଳିକା ସ୍କୁଲରେ ଉଚ୍ଚଶ୍ରେଣୀ ଖୋଲିବା ସକାଶେ ବ୍ୟସ୍ତ ହେଉଥିଲି ତହିଁର ଗୁରୁତ୍ୱ ବହୁ ପରିମାଣରେ ଲଘୁ ହୋଇଯାଇଅଛି। ଏହାର ପ୍ରଧାନ କାରଣ ଥିଲା ଯେ, ରେଭେନ୍ସା ବାଳିକା ସ୍କୁଲ ସଂଲଗ୍ନ ହଷ୍ଟେଲ ଖୋଲା ହେଉନଥିବାରୁ ମଫସଲର ଛାତ୍ରୀମାନଙ୍କ ପକ୍ଷେ କଟକରେ ରହିବା କଷ୍ଟକର। କିନ୍ତୁ ଦେଖିଲି, ହଷ୍ଟେଲ ଖୋଲା ହୋଇଯାଇଅଛି ଓ ବହୁ ସଂଖ୍ୟାରେ ଛାତ୍ରୀମାନେ

Digitized by srujanika@gmail.com

ଆସି ତହିଁରେ ରହିସାରିଅଛନ୍ତି। ଏ ବିଷୟରେ ତ୍ରିପାଠୀ ମହାଶୟଙ୍କ ସଙ୍ଗେ କଥାବାର୍ତ୍ତା ହେଲା ଓ ତାଙ୍କ ପରାମର୍ଶମତେ ପୁଣି ଯାଇ ମନ୍ତ୍ରୀ ଗୋଦାବରୀଶ ବାବୁଙ୍କୁ କହିଲି। ସେ ବୁଝିବେ ବୋଲି କହିଲେ। ରେଭେନ୍‌ସା ବାଳିକା ସ୍କୁଲ୍‌ର ଲେଡ଼ି ପ୍ରିନ୍‌ସିପାଲ ମିସ୍ ନାୟକଙ୍କ ସଙ୍ଗେ ସାକ୍ଷାତକଲି। ଉମା ମୋ ସଙ୍ଗେ ସ୍କୁଲକୁ ଯାଇଥିଲା। ତାଙ୍କଠାରୁ ଶୁଣିଲି, ସ୍କୁଲ ଓ ହଷ୍ଟେଲ ଫିଟିବ ବୋଲି ପୂର୍ବରୁ ଛାତ୍ରୀମାନଙ୍କ ଅଭିଭାବକମାନଙ୍କଠାକୁ ଲେଖା ହୋଇଥିଲା ଓ ସେହି ପତ୍ର ପାଇ ଛାତ୍ରୀମାନେ ଆସିଥିଲେ। କିନ୍ତୁ ମୁଁ ଏହି ପତ୍ର ପାଇନଥିଲି। ଅନ୍ୟ ଜଣକଠାରୁ ପତ୍ର ପାଇ ଉମାକୁ ସଙ୍ଗରେ ଆଣିଥିଲି।

ମିସ୍ ନାୟକ ମୋତେ ହତୋତ୍ସାହଜନକ କେତେକ କଥା କହିଲେ। ସ୍ଥୂଳତଃ ତାଙ୍କଠାରୁ ବୁଝିଲି ଯେ ଛାତ୍ରୀମାନେ ଆସିଥିଲେ ମଧ୍ୟ କର୍ତ୍ତୃପକ୍ଷ ସେମାନଙ୍କ ସମ୍ବନ୍ଧରେ କୌଣସି ଦାୟିତ୍ୱ ନେବେନାହିଁ। ସେମାନେ ନିଜ ନିଜ ଅଭିଭାବକମାନଙ୍କ ଦାୟିତ୍ୱରେ ରହିବେନ୍ତ କେତେବେଳେ କେଉଁ ଘଟଣା ଘଟିବ ସେ କହିପାରିବେ ନାହିଁ। ହୁଏତ ଘଣ୍ଟାକ ମଧ୍ୟରେ କହିବା ମାତ୍ରକେ ହଷ୍ଟେଲ ତ୍ୟାଗକରି ସେମାନଙ୍କୁ ଯିବାକୁ ହେବ। ଯୁଦ୍ଧ ଯୋଗୁଁ ସୈନ୍ୟମାନେ ଆସି ସ୍କୁଲ ଓ ହଷ୍ଟେଲକୁ ମୁହୂର୍ତ୍ତ ମଧ୍ୟରେ ଦଖଲ କରିବସିଲେ ଛାତ୍ରୀମାନଙ୍କ ରହିବାପାଇଁ ଅନ୍ୟ ସ୍ଥାନ ନଥିବ। ଯଦି ରେଲ୍ ଯାତାୟାତ ବନ୍ଦ ହୋଇଯାଏ ତାହାହେଲେ କଟକ ଚତୁର୍ଦ୍ଦିଗରେ ନଦୀଦ୍ୱାରା ବେଷ୍ଟିତ ହୋଇଥିବା ଯୋଗୁଁ କଟକରୁ ପଳାଇବା ସକାଶେ ମଧ୍ୟ ବାଟ ନଥିବା ଇତ୍ୟାଦି ଇତ୍ୟାଦି କଥା। ସ୍ଥୂଳତଃ ଉମାକୁ ଫେରାଇ ନେବା ସକାଶେ ପରାମର୍ଶ ଦେଲେ। ଦେଖିଲି ଉମାର ମଧ୍ୟ ସେହି ଇଚ୍ଛା। ତାହାର ଏଠାରେ ରହିବା ଇଚ୍ଛା ନାହିଁ। କାରଣ ତାହାର ଅନୁପସ୍ଥିତିରେ ପାଠପଢ଼ା ହୋଇଯାଇଅଛି। ସ୍କୁଲ ପ୍ରାୟ ୬ମାସ କାଳ ବନ୍ଦ ହୋଇଥିବାରୁ ଅନେକ ବିଷୟ ପଢ଼ାପଢ଼ି ହୋଇ ନଥିବା ଯୋଗୁଁ ସବୁ ବିଷୟ କ୍ଲାସରେ ଚଞ୍ଚଳ ଶେଷ କରିବାରେ ଲାଗିବେ। ପ୍ରକୃତ ପଢ଼ା ହେବନାହିଁ। ପୁଣି ହଷ୍ଟେଲରେ ଖାଇବାପିଇବା ବଡ଼ କଷ୍ଟକର। ମୋର କିନ୍ତୁ ଇଚ୍ଛା, ସେ ସ୍କୁଲରେ ରହି ପଢ଼ା ଶେଷକରିବ। ସମ୍ବଲପୁର ଜିଲ୍ଲା ସ୍କୁଲରେ ବାଳକ ଛାତ୍ରମାନଙ୍କ ସଙ୍ଗେ ପଢ଼ିବ। ଏହା ମୋର ଇଚ୍ଛା ନୁହେଁ। କଟକରୁ ଚାଲିଆସିଲେ ଏହି ସ୍କୁଲ ଛଡ଼ା ଅନ୍ୟ କୌଣସିଠାରେ ପଢ଼ିବା ସୁବିଧା ନାହିଁ। ମୋର ଅନିଚ୍ଛାର ମୂଳ କାରଣ, ସମ୍ବଲପୁରରେ ମୋର ବନ୍ଧୁବାନ୍ଧବମାନେ ସୁଦ୍ଧା ମୋ ପ୍ରତି ଛାଡ଼, ମୋର ପୁଅଝିଅଙ୍କ ପ୍ରତି ସୁଦ୍ଧା ଉଦାର ବ୍ୟବହାର କରିପାରୁନାହାଁନ୍ତି, କେବଳ ମୁଁ ଝିଅମାନଙ୍କୁ ଉଚ୍ଚଶିକ୍ଷା ଦେଇଥିବା ଯୋଗୁଁ। ଯାହାହେଉ ପଛକେ ଉମାକୁ କଟକରେ ହଷ୍ଟେଲରେ ରଖିଦେବା ସ୍ଥିରକଲି। ତତ୍ପରେ ତାହା ସକାଶେ କେତେ ଆବଶ୍ୟକୀୟ ଜିନିଷମାନ କିଣିଦେଲି ଓ ପରଦିନ ତାକୁ ହଷ୍ଟେଲରେ ଛାଡ଼ିଦେଲି। ତାହାଠାରୁ ବିଦାୟ ହୋଇ ଆସିବା ବେଳେ ଉମା ଚକ୍ଷୁରୁ ଲୁହ ବୁହେଇ କହିଲା, "ବାପା ! ନିରୁନାନୀ ପାଇଁ କେଡ଼େ ସୁନ୍ଦର ବନ୍ଦୋବସ୍ତ କରିଦେଲ; ମୋ ପାଇଁ କିଛି କଲ ନାହିଁ। ହଷ୍ଟେଲରେ ରହି ମୁଁ ପାଠ ପଢ଼ିପାରିବି ନାହିଁ।

Digitized by srujanika@gmail.com

ଆଲୁଅର ଚାରିଆଡ଼େ ଟିଣର ନଳିଆ ଦେଇଥିବାରୁ ତାହାର ତଳେ ଅତି ଅଳ୍ପ ସ୍ଥାନରେ ଆଲୁଅ ପଡୁଛି ଓ ଗୋଟିଏ ଟେବୁଲରେ ୮/୯ ଜଣ ପଢୁଥିବାରୁ କେହି ଭଲଭାବରେ ସେହି ଆଲୁଅରେ ପଢ଼ି ପାରୁନାହାଁନ୍ତି। ଖାଇବା ପିଇବା ଅସୁବିଧା।'' ଏ ବିଷୟ ସବୁର ପ୍ରତିକାର ସକାଶେ ମିସ୍ ନାୟକଙ୍କୁ କହିବି ଓ ତାହା ସମ୍ଭବ ନହେଲେ, ଉମାକୁ ଘରକୁ ଫେରାଇ ନେବା ସ୍ଥିରକରି ଚାଲିଆସିଲି। ବସାକୁ ଫେରି ମନେକଲି, ଯଦି ଉମାକୁ ଅଗତ୍ୟା ଫେରିଯିବାକୁ ହୁଏ ତାହାହେଲେ ତାକୁ ବାଧ ହୋଇ ସମ୍ବଲପୁର ଜିଲ୍ଲା ସ୍କୁଲରେ ଭର୍ତ୍ତି କରିବାକୁ ହେବ। ଏହାର ଅନୁମତି ସକାଶେ ସ୍କୁଲ୍ ଇନସ୍‌ପେକ୍ଟର ମି. ରାୟଙ୍କ ସଙ୍ଗେ ସାକ୍ଷାତ କଲି। କାରଣ ଉମା ସେହିବର୍ଷ ମେଟ୍ରିକ୍ୟୁଲେଶନ୍ ପରୀକ୍ଷାରେ ପ୍ରଥମ ବିଭାଗରେ ଉତ୍ତୀର୍ଣ୍ଣ ହୋଇ ବୃତ୍ତି ପାଇବା ଆଶା ଥିଲା ଓ ନିୟମାନୁସାରେ ପୂର୍ଣ୍ଣ ବର୍ଷେକାଳ କୌଣସି ପରିଚିତ ସ୍କୁଲରେ ନ ପଢ଼ିଲେ ବୃତ୍ତି ପାଇବ ନାହିଁ। ସମ୍ବଲପୁର ଜିଲ୍ଲା ସ୍କୁଲରେ ଭର୍ତ୍ତି ହେବାପାଇଁ ଅନୁମତି ଦେବା ସକାଶେ ମି. ରାୟଙ୍କୁ ଅନୁରୋଧ କଲି ଓ ସେ ଅନୁମତି ଦେବେ ବୋଲି ପ୍ରତିଶ୍ରୁତି ଦେଲେ ଏବଂ ସେହିଦିନ ସେ ସମ୍ବଲପୁର ଜିଲା ସ୍କୁଲର ହେଡ୍‌ମାଷ୍ଟରଙ୍କଠାକୁ ପତ୍ର ଲେଖିବେ ବୋଲି କହିଲେ। ତାଙ୍କଠାରୁ ଚାଲିଆସି ମିସ୍ ନାୟକଙ୍କ ସଙ୍ଗେ ପୁଣି ସାକ୍ଷାତକଲି ଓ ତାଙ୍କ ସ୍କୁଲର ନାନା ଅସୁବିଧା କଥାକହି ଉମାକୁ ଟ୍ରାନ୍‌ସ୍‌ଫର ସାର୍ଟିଫିକେଟ ଦେବାପାଇଁ କହିଲି। ଏଥର ସେ କହିଲେ ଯେ, ଉମା ତାଙ୍କ ସ୍କୁଲର ଅତି ଉତ୍ତମ ଛାତ୍ରୀ, ତାକୁ ଛାଡ଼ିବେ ନାହିଁ ଓ ଯେପରି ତାହାର କୌଣସି ଅସୁବିଧା ନ ହୁଏ ତାହା ଦେଖିବେ ବୋଲି କହିଲେ। ସନ୍ଧ୍ୟାରେ ହଷ୍ଟେଲକୁ ଆସି ଦେଖିଲି ବିଜୁଳୀ ଆଲୁଅ ଗୁଡ଼ିକର କଳା ପର୍ଦ୍ଦା ଉଠାଇ ଦିଆହୋଇଅଛି। ଉମା କହିଲା ଯେ, ତାହାର ରହିବାରେ ଆଉ ବିଶେଷ କିଛି ଅସୁବିଧା ନାହିଁ। ସେହିବର୍ଷ ସମ୍ବଲପୁର ବାଳିକା ସ୍କୁଲର ଆଉ କିଛି ହେଲାନାହିଁ।

ଶ୍ରୀ ଗୋଦାବରୀଶ ମିଶ୍ର ମନ୍ତ୍ରୀ ହୋଇ ସମ୍ବଲପୁର ଗସ୍ତରେ ଆସିଥିବା ସମୟର କେତେକ ବିଷୟ ଉଲ୍ଲେଖଯୋଗ୍ୟ। ପାରଳାଖେମୁଣ୍ଡିର ମହାରାଜା, କଟକର ଓକିଲ ଶ୍ରୀ ଅବଦୁଲ୍ ଶୋଭାନ୍ ଖାଁ ଓ ଶ୍ରୀ ଗୋଦାବରୀଶ ମିଶ୍ରଙ୍କୁ ନେଇ ଏହି ମନ୍ତ୍ରୀମଣ୍ଡଳ ଗଠିତ ହୋଇଥିଲା। ଏମାନେ ଯେଉଁ ଦଳଭୁକ୍ତ ହୋଇ ରହିଥିଲେ ସେହି ଦଳ ଓଡ଼ିଶା ଆସେମ୍ବ୍ଲିରେ ସଂଖ୍ୟାନ୍ୟୂନ। କଂଗ୍ରେସ ଦଳ ସଂଖ୍ୟାଧିକ ଥିଲେ। ସୁତରାଂ ଏହି ମନ୍ତ୍ରୀମାନେ ପଦତ୍ୟାଗ କରିବା ଉଚିତ ଥିଲା। କିନ୍ତୁ ତାହା ନ କରି କଂଗ୍ରେସ ଦଳଭୁକ୍ତ କେତେକ ସଦସ୍ୟଙ୍କୁ ସେମାନଙ୍କ ଦଳରୁ ଭ୍ରଷ୍ଟ କରାଇନେଇ ମନ୍ତ୍ରୀମାନେ ସ୍ୱଦଳ ପୁଷ୍ଟ କରିବା ଉଦ୍ୟମରେ ରହିଲେ। ଏହି ସମୟରେ କଂଗ୍ରେସ ଦଳରେ ୩୦ ଜଣ ଓ ମନ୍ତ୍ରୀମାନଙ୍କ ଦଳରେ ୨୬ଜଣ ଥିଲେ। ପରାମର୍ଶ ହେଲା, ସମ୍ବଲପୁର-ବରଗଡ଼ର ଦୁଇଜଣ ସଦସ୍ୟ ଫକୀର ବେହେରା ଓ ବିଶି ବିଭାରଙ୍କୁ ଯଦି ନିଜ ଦଳକୁ ନେଇଯାଇ ପାରନ୍ତି ତାହାହେଲେ ଅନ୍ୟତ୍ର ଦୁଇଜଣ ସଦସ୍ୟଙ୍କୁ ସେମାନଙ୍କ ଦଳକୁ ନେବା ସକାଶେ ଚେଷ୍ଟା କରିବେ ଓ ଏଥିରେ ସେମାନଙ୍କ ଉଦ୍ୟମ

Digitized by srujanika@gmail.com

ସଫଳ ହେଲେ ସେମାନଙ୍କ ମନ୍ତ୍ରୀତ୍ୱ ଆଉ କିଛିକାଳ ପାଇଁ ରହିଯିବ। ଫକୀର ବେହେରା ଓ ବିଶି ବିଭାରଙ୍କୁ କଂଗ୍ରେସ ଦଳ ତ୍ୟାଗ କରାଇ ସେମାନଙ୍କ ଦଳରେ ପ୍ରବେଶ କରାଇବା ସକାଶେ ଚେଷ୍ଟା କରିବାକୁ ଗୋଦାବରୀଶବାବୁ ମୋତେ ଅନୁରୋଧ କଲେ। ମୁଁ ସେମାନଙ୍କ କଥା ବୁଝିବି ବୋଲି ତାଙ୍କୁ କହିଲି। ଏହି ପ୍ରସଙ୍ଗରେ କହିଲେ ଯେ, କଟକ ଅଞ୍ଚଳର ଯେତେ ବଡ଼ବଡ଼ିଆ, ତାଙ୍କ ପ୍ରତି ସମ୍ବଲପୁର ଲୋକଙ୍କ ବିଶ୍ୱାସ ନାହିଁ। ସେମାନେ ସମ୍ବଲପୁର ଆସି କେତେ ବଡ଼ବଡ଼ କଥା କହନ୍ତି କିନ୍ତୁ କାମ ହାସଲ ହୋଇଗଲା ପରେ ସବୁ ଭୁଲିଯାନ୍ତି। ଏହି ସମୟରେ ବରଗଡ଼ ସବ୍‌ଡ଼ିଭିଜନସ୍ଥ କମଗାଁ ଗ୍ରାମର ଶ୍ରୀ ପ୍ରହ୍ଲାଦ ପ୍ରଧାନ ପ୍ରଥମ ଶ୍ରେଣୀରେ ଏମ୍.ଏ. ପାସ୍ କରି ଘରେ ବସିରହିଥିଲେ। ଫକୀର ବେହେରା ଜାତିରେ କୁଳିତା ଓ ପ୍ରହ୍ଲାଦ ପ୍ରଧାନ ମଧ୍ୟ ଏହି ଜାତିର, ସମ୍ବଲପୁର ଜିଲାରେ ଏକ ବୃହତ୍ ଓ ବିଶିଷ୍ଟ ସମ୍ପ୍ରଦାୟଭୁକ୍ତ। ପୁଣି ସରକାରୀ କାର୍ଯ୍ୟ ଅର୍ଥାତ୍ କଲେଜରେ ଅଧ୍ୟାପକ କାର୍ଯ୍ୟ ସକାଶେ ତାଙ୍କ ଗୁଣର ଅଭାବ ନାହିଁ। ସମ୍ବଲପୁର ପ୍ରତି ତାଙ୍କ ଆନୁକୂଲ୍ୟର ପୂର୍ବାଭାସ ସ୍ୱରୂପ ଏହାଙ୍କୁ ଚାକିରି ଦେବାପାଇଁ ବ୍ୟବସ୍ଥା କରିବା ସକାଶେ ଗୋଦାବରୀଶ ବାବୁଙ୍କୁ ପରାମର୍ଶ ଦେଲି ଓ ଏ ଦିଗରେ ଦୃଷ୍ଟିଦେବେ ବୋଲି ସେ କହିଲେ। ଯଥା ସମୟରେ ଅବଶ୍ୟ ପ୍ରହ୍ଲାଦ ବାବୁ ଅଧ୍ୟାପକ ପଦରେ ନିଯୁକ୍ତ ହେଲେ। ବର୍ତ୍ତମାନ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ସଂସ୍କୃତାଧ୍ୟାପକ।

ହେଲେହେଁ ଗୋଦାବରୀଶ ବାବୁଙ୍କ ପ୍ରସ୍ତାବରେ ମୁଁ ବଡ଼ ଅଡୁଆ ବୋଧକଲି। ଯେଉଁ ଅବସ୍ଥାରେ ଏମାନେ ମନ୍ତ୍ରୀ ଗାଦିରେ ବସିଛନ୍ତି, ତାହା ମନେକଲେ ଆଉ ଦଣ୍ଡେମାତ୍ର ଏମାନେ ଏଥିରେ ରହିବା ଉଚିତ ବୋଲି ମନେ ହେଉନଥିଲା। ପାରଳାଖେମଣ୍ଡି ମହାରାଜା ଓ ଶ୍ରୀ ଶୋଭାନ ଖାଁଙ୍କ ପକ୍ଷରେ ମନ୍ତ୍ରୀତ୍ୱ ଗ୍ରହଣ ସମୀଚୀନ ହୋଇପାରେ, ଯେହେତୁ ଏମାନେ କେବେହେଁ କଂଗ୍ରେସ ଦଳରେ ନଥିଲେନ୍ତ କିନ୍ତୁ ଗୋଦାବରୀଶ ବାବୁ ଆଜୀବନ କଂଗ୍ରେସରେ ବିଶିଷ୍ଟ ସଭ୍ୟ ଥାଇ ଏବଂ କଂଗ୍ରେସ ପକ୍ଷରୁ ସଦସ୍ୟ ନିର୍ବାଚିତ ହୋଇ ପୁଣି ତାହା ତ୍ୟାଗକରି ଦେଶର ବର୍ତ୍ତମାନ ପରିସ୍ଥିତିରେ ମନ୍ତ୍ରୀତ୍ୱ ଗ୍ରହଣ କରିବା ଆଦୌ ଉଚିତ ବୋଲି ମନେହେଉନଥିଲା। କଂଗ୍ରେସ ଏକ ସ୍ୱରରେ ବ୍ରିଟିଶ ଜାତିଠାରୁ ଭାରତର ସ୍ୱାଧୀନତା ଦାବି କରିଆସୁଥିଲା ଓ ସ୍ୱାଧୀନତା ପ୍ରଦାନ ସକାଶେ ପ୍ରତିଶ୍ରୁତି ଦାନକଲେ ଯୁଦ୍ଧକାର୍ଯ୍ୟରେ ବ୍ରିଟିଶ୍ ପକ୍ଷରେ ଯୋଗଦେବ ବୋଲି କହିଆସୁଥିଲା। ବ୍ରିଟିଶ୍ ଜାତି ଏହି ପ୍ରତିଶ୍ରୁତି ଦେଲେ ନାହିଁ, ବରଂ ଦେଶର ନେତାମାନଙ୍କୁ ଅକୁଣ୍ଠିତଭାବରେ ସେମାନଙ୍କ ଦମନ ନୀତି ଅନୁସରଣକରି କାରାଗାରରେ ନିକ୍ଷେପ କରିବାକୁ ଲାଗିଲେ। ଅଥଚ ଭାରତବାସୀଙ୍କଠାରୁ ଯୁଦ୍ଧ କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ ଦାବି କରୁଥିଲେ। ଏପରି ଅବସ୍ଥାରେ ଗୋଦାବରୀଶ ବାବୁ କଂଗ୍ରେସ ତ୍ୟାଗକରି ମନ୍ତ୍ରୀତ୍ୱ ଗ୍ରହଣ କରିଥିଲେ। ପ୍ରଥମରୁ ଏମାନଙ୍କ ଦଳ ସଂଖ୍ୟାଶୂନ୍ୟ ଥିଲା। ଆସେମ୍ବ୍ଲିରେ ଏକ ଅଧିବେଶନରେ ମନ୍ତ୍ରୀମଣ୍ଡଳ ପ୍ରତି ଅବିଶ୍ୱାସ ପ୍ରସ୍ତାବ ଦିଆହୋଇଥିଲା।

Digitized by srujanika@gmail.com

ଏହି ପୂର୍ବରୁ କଂଗ୍ରେସ ଦଳଭୁକ୍ତ କେତେକ ସଭ୍ୟଙ୍କୁ ଜେଲରେ ପକାହେଲା । ଏହାର ଅଳ୍ପଦିନ ପରେ ମନ୍ତ୍ରୀଦଳର ଦୁଇଜଣ ସଦସ୍ୟ, ଖଲ୍ଲିକୋଟର ରାଜାସାହେବ ଓ ଜମିଦାର ଶ୍ରୀ ବ୍ରଜସୁନ୍ଦର ଦାସ, ଏମାନଙ୍କ ଦଳ ତ୍ୟାଗ କରିବା ଯୋଗୁଁ ଏମାନେ ଦୁର୍ବଳ ହୋଇପଡ଼ିଲେ । ତଥାପି କଂଗ୍ରେସ ଦଳରୁ ସଭ୍ୟ ଭଙ୍ଗାଇବା ଚେଷ୍ଟା ଚାଲିଥାଏ । ମୁଁ ମନେକଲି, ନ୍ୟାୟତଃ ଓ ଆଇନତଃ ଏମାନେ ମନ୍ତ୍ରୀମଣ୍ଡଳରେ ରହି ନ ପାରନ୍ତି । ଫକୀର ବେହେରା ଓ ବିଶି ବିଭାରଙ୍କୁ ଭଙ୍ଗାଇବା ସକାଶେ ଚେଷ୍ଟା କରିବା ପ୍ରସ୍ତାବ ପ୍ରତି ମୁଁ ଆଉ ମନୋଯୋଗ ଦେଲିନାହିଁ । ଗୋଦାବରୀଶ ବାବୁଙ୍କ ଗସ୍ତକାଳ ମଧ୍ୟରେ ଦିନେ ସନ୍ଧ୍ୟାରେ ସେ ସମ୍ବଲପୁର ଟାଉନ୍ ହଲ୍‌ରେ ଭାଷଣ ଦେଲେ । ମୁଁ ତାହା ଶୁଣିବାକୁ ଯାଇଥିଲି । ଭାଷଣରେ ଗୋଦାବରୀଶ ବାବୁ ଯୁଦ୍ଧ କାର୍ଯ୍ୟରେ ବ୍ରିଟିଶ୍ ଜାତି ସହିତ ସହଯୋଗ କରିବାପାଇଁ ଲୋକଙ୍କୁ ଉପଦେଶ ଦେଇଥିଲେ । ଏଥିପାଇଁ ତ ଏମାନେ ମନ୍ତ୍ରୀପଦ ଗ୍ରହଣ କରିଥିଲେ । କିନ୍ତୁ ଏତେଦୂର ହୋଇ ସୁଦ୍ଧା ବ୍ରିଟିଶ୍ ଜାତି ଭାରତବାସୀଙ୍କ ଉପରେ ପୂର୍ଣ୍ଣ ପ୍ରଭୁତ୍ୱ ରଖିବାକୁ ବଦ୍ଧପରିକର ହୋଇ ରହିଥାନ୍ତିଆଶ୍ଚର୍ଯ୍ୟର ବିଷୟ, ଭାରତବାସୀଙ୍କୁ ପୁଣି ସହଯୋଗ କରି ନିଜ ଦାସତ୍ୱ ଚିରସ୍ଥାୟୀ କରିବାପାଇଁ ଆହ୍ୱାନ କରୁଥାନ୍ତି ।

ଦିନେ ଗୋଦାବରୀଶ ବାବୁ ପ୍ରକାଶ କରିଥିଲେ ଯେ, ମନ୍ତ୍ରୀମାନଙ୍କ କାର୍ଯ୍ୟରେ ତାଙ୍କ ଅଧୀନସ୍ଥ ସେକ୍ରେଟାରୀମାନେ ସୁଦ୍ଧା ବାଧା ଦେଉଥିବା ଓ ଲାଟ୍‌ସାହେବ ମନ୍ତ୍ରୀମାନଙ୍କ ପରାମର୍ଶକୁ ଉପେକ୍ଷା କରି ସମୟ ସମୟରେ ସେକ୍ରେଟାରୀମାନଙ୍କ ପରାମର୍ଶକୁ ଗ୍ରହଣ କରୁଥିବା ବିଷୟରେ ସେ ଲାଟ୍ ସାହେବଙ୍କଠାରେ ଆପତ୍ତି କରିଥିଲେ । ମନେହେଉଥାଏ, ତାହାହେଲେ ଏମାନେ ଅଛନ୍ତି କାହିଁକି? କଂଗ୍ରେସ ମନ୍ତ୍ରୀମାନଙ୍କ ଅମଳରେ ତ ଏପରି ହେଉନଥିଲା । ସେହି ସମୟରେ ନିୟମ ହୋଇଥିଲା ଯେ, ମନ୍ତ୍ରୀମାନଙ୍କ ଦୈନନ୍ଦିନ ଶାସନ ନୀତିରେ ଲାଟ୍‌ସାହେବ ହସ୍ତକ୍ଷେପ କରିପାରିବେ ନାହିଁ । ଏହି ସର୍ତ୍ତରେ କଂଗ୍ରେସ କେତୋଟି ପ୍ରଦେଶର ମନ୍ତ୍ରୀତ୍ୱ ଗ୍ରହଣ କରିଥିଲେ । ଏମାନେ ଥିଲେ ଗୋଟିଏ ପ୍ରଧାନଦଳର ପ୍ରତିନିଧି । କିନ୍ତୁ ବର୍ତ୍ତମାନ ଏହି ମନ୍ତ୍ରୀମାନେ କାହାରି ପ୍ରତିନିଧି ନୁହଁନ୍ତି । କୌଣସି ସର୍ତ୍ତରେ ଏମାନେ ମନ୍ତ୍ରୀତ୍ୱ ଗ୍ରହଣ କରିନାହାଁନ୍ତି । ଯେଉଁ ଦିନାକେତେ ରହିଲେ, ଏମାନଙ୍କ ନୀତି ହେଲା ବିପକ୍ଷଦଳର ଜଣକେତେ ସଦସ୍ୟଙ୍କୁ ଜେଲରେ ଅଟକାଇ ରଖିବା, ଯେପରି ଆସେମ୍ବ୍ଲିର ବୈଠକ ସମୟରେ ସେମାନଙ୍କ ସଂଖ୍ୟା ଅଧିକ ହେବ । ଯେଉଁଦିନ ମନ୍ତ୍ରୀମାନଙ୍କ ବିରୁଦ୍ଧରେ ଅବିଶ୍ୱାସ ପ୍ରସ୍ତାବର ଆଲୋଚନା ହେବାର ଥିଲା, ତାହାର ଦୁଇଦିନ ପୂର୍ବେ ଜଣେ ବିଶିଷ୍ଟ ସଦସ୍ୟଙ୍କୁ ଜାମିନିରେ ଜେଲରୁ ଖଲାସ କରିଦେବାପାଇଁ ହାଇକୋର୍ଟ ହୁକୁମ ଦେଇଥିବା ସତ୍ତ୍ୱେ ତାଙ୍କୁ କୌଣସି ଆଳରେ ଜେଲ୍‌ରୁ ଅଣାହେଲା ନାହିଁ । ଏହିଦିନ ସେ ଆସେମ୍ବ୍ଲିର ବୈଠକରେ ଯୋଗଦେଇଥିଲେ, ମନ୍ତ୍ରୀମାନେ ଗାଦିଚ୍ୟୁତ ହେବା ଆଶଙ୍କା ଥିଲା । ପୁଣି ରୋଗଶଯ୍ୟାରେ ଶାୟିତ ଆଉଜଣେ ସଭ୍ୟଙ୍କୁ ଖଟିଆଟିରେ ବୁହାଇ ଅଣାହୋଇଥିଲା ଓ ଦୁଇଦିନ ପରେ ତାହାଙ୍କ ମୃତ୍ୟୁହେଲା ।

Digitized by srujanika@gmail.com

ମୁଁ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କଲାପରେ ତା.୧୫.୨.୪୩ ରୁ ତା.୧୪.୫.୪୩ ପର୍ଯ୍ୟନ୍ତ ତିନିମାସ ଓଡ଼ିଶାର ଆସିଷ୍ଟାଣ୍ଟ ପବ୍ଲିସିଟି ଅଫିସର ପଦରେ ନିଯୁକ୍ତ ହୋଇଥିଲି । ମନ୍ତ୍ରୀ ଗୋଦାବରୀଶ ବାବୁ ଖୋର୍ଦ୍ଧା ସବ୍‌ଡ଼ିଭିଜନସ୍ଥ ମେଣ୍ଢାଶାଳ ଗ୍ରାମକୁ ଗସ୍ତରେ ଯାଇ ସେଠାରେ ସଭାକରିବେ – ଏହାର ବନ୍ଦୋବସ୍ତ କରିବାପାଇଁ ମୁଁ ସେଠାକୁ ଯାଇଥିଲି । ସଭାର ଆୟୋଜନ ହେଲା । ଏହି ଅଞ୍ଚଳର ମନ୍ତ୍ରୀଙ୍କ ପକ୍ଷ ସମର୍ଥନକାରୀ ପ୍ରାୟ ଦେଢ଼ହଜାର ଲୋକ ସଭାରେ ଉପସ୍ଥିତ ଥିଲେ । ମନ୍ତ୍ରୀ ଯେଉଁ ଭାଷଣ ଦେଲେ ତହିଁର ସାରାଂଶ ଥିଲା, ମନ୍ତ୍ରୀମାନେ ଶାସନଭାର ଗ୍ରହଣକରି ଦେଶ ଓ ଲୋକଙ୍କ ସେବା କରୁଅଛନ୍ତି । ଗାନ୍ଧୀଙ୍କ ପଦସ୍ଖଳନ ଓ ଭ୍ରାନ୍ତି ଉପସ୍ଥିତ ହୋଇଅଛି । କେଉଁ ପଥରେ ଯିବେ ସେ ଆଉ ସ୍ଥିର କରିନପାରି ଆଜି ବଡ଼ଲାଟଙ୍କ ପାଖକୁ ପତ୍ର ଲେଖୁଛନ୍ତି‌ନ୍ତକାଲି ଉପବାସ କରୁଛନ୍ତି । ଇତ୍ୟାଦି ଇତ୍ୟାଦି । ସର୍ବଶେଷରେ ଲୋକଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ 'ସେହି ଅଞ୍ଚଳର ପ୍ରତିନିଧି ଶ୍ରୀ ପ୍ରାଣନାଥ ପଟ୍ଟନାୟକ, ଯେ କି ସେହି ସମୟରେ ଜେଲ୍‌ରେ ଥିଲେ, ମନ୍ତ୍ରୀ ଦଳରେ ଯୋଗଦେଲେ ତାଙ୍କୁ ଜେଲ୍‌ରୁ ମୁକ୍ତ କରି ଦିଆହେବ ଓ ଯଦି ସେ ତାହା ନ କରନ୍ତି, ତାହାହେଲେ ଭୋଟରବୃନ୍ଦ ତାଙ୍କଠାରୁ ଇସ୍ତଫା ଦାବି କରନ୍ତୁ ।' କେହି କେହି ସଭାରେ ମୋତେ କିଛି କହିବାକୁ କହିଲେ । କିନ୍ତୁ ମୋର ଆଉ କିଛି କହିବାର ନଥିଲା । ଏହାଙ୍କ କଥା ଶୁଣି ମୋତେ ଲାଜ ମାଡ଼ିଲା । ଏହାର ଅଳ୍ପଦିନ ମଧ୍ୟରେ ମୁଁ ମୋର ପ୍ରଚାର ବିଭାଗର କାର୍ଯ୍ୟ ଛାଡ଼ି ଘରକୁ ଚାଲିଆସିଲି ।

ଏତାଦୃଶ ଜଟିଳତା, ମଳିନତାପୂର୍ଣ୍ଣ ରାଜନୈତିକ କ୍ଷେତ୍ରରେ ସୁଦ୍ଧା ମୁଁ ଗୋଦାବରୀଶବାବୁଙ୍କ ବିଶାଳ ହୃଦୟବତ୍ତାର ପରିଚୟ ପାଇଥିଲି । ତାଙ୍କ ହସ୍ତରେ ମୋର ଗୋଟିଏ ମହଦୁପକାର ସାଧିତ ହୋଇଥିଲା, ଯାହା ସକାଶେ ମୁଁ ସର୍ବଦା କୃତଜ୍ଞତାପୂର୍ଣ୍ଣ ହୃଦୟରେ ତାଙ୍କ ସହୃଦୟତାର ଗାନକରୁଥାଏ । ଯୁଦ୍ଧର ଗୋଳମାଳ ଯୋଗୁଁ ସେହି ସମୟରେ କଟକ ରାଣୀହାଟରେ ଗୋଟିଏ ବସାରେ ରଖି ମୋ ଝିଅ ନିରୁପମାକୁ କଲେଜରେ ରଖା ହୋଇଥିଲା । ତାହା ସଙ୍ଗେ ରହୁଥିଲା ସୂର୍ଯ୍ୟମଣି, ପୁରୀର ସେହି ବିଧବା ବ୍ରାହ୍ମଣକନ୍ୟା । ଏହି ସମୟରେ ସେ ରେଭେନ୍‌ସା କଲେଜରୁ ଆଇ.ଏସ୍‌ସି. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲା । ପୁରୀ ଜିଲାବାସୀ ଜଣେ କଲେଜ ଛାତ୍ର ତାହାକୁ ବିବାହ କରିବା ପ୍ରସ୍ତାବ ମୋ'ଠାକୁ ପଠାଇଥିଲେ । ସୂର୍ଯ୍ୟମଣି ସହିତ ପରାମର୍ଶ କରି ସେହି ପ୍ରସ୍ତାବ ମୁଁ ପ୍ରତ୍ୟାଖ୍ୟାନ କରିଥିଲି । ସେହିକାଳର ଏହି ଯୁବକ ପରେ ସରକାରଙ୍କ ଉଚ୍ଚ ଆଇ.ଏ.ଏସ୍. ପଦରେ ପ୍ରତିଷ୍ଠିତ ହୋଇଥିଲେ । ଅଳ୍ପଦିନ ହେଲା ତାଙ୍କ ଅକାଳ ବିୟୋଗ ହୋଇଯାଇଅଛି । ଏହା ଉତ୍ତାରେ ଏହା ସମ୍ବନ୍ଧରେ ମୋ ମନରେ ଗଭୀର ଚିନ୍ତା ଜାତହେବାକୁ ଲାଗିଲା । ମୁଁ ତ ଏହାର ଶିକ୍ଷା ତଥା ଜୀବନ ଗଠନର ଭାର ସ୍ୱତଃପ୍ରବୃତ୍ତ ହୋଇ ଗ୍ରହଣ କରିଥିଲି । ସର୍ବଦା ଭାବୁଥାଏ, ଗରିବ ବ୍ରାହ୍ମଣ କନ୍ୟା କ'ଣ କରିବ ! ସାଧାରଣ ବି.ଏ., ଏମ୍.ଏ. ପଢ଼ି ବିଶେଷ ଲାଭ

Digitized by srujanika@gmail.com

ହେବ କ'ଣ ? ମୋ ମନରେ ଗୋଟିଏ ଭାବ ଦୃଢ଼ ଭାବରେ ନିବଦ୍ଧ ହେଲା । ଚିକିତ୍ସା ବିଦ୍ୟା ଏହା ପକ୍ଷରେ ସମ୍ପୂର୍ଣ୍ଣ ଉପଯୋଗୀ । ଏହାଦ୍ୱାରା ନିଜର ସ୍ୱଚ୍ଛଳରେ ଜୀବନଯାତ୍ରା ନିର୍ବାହ ସହିତ ସମାଜର ସେବା ସାଧିତ ହୋଇପାରିବ । ଏହି ଉଦ୍ଦେଶ୍ୟରେ ପାଟଣା ମେଡ଼ିକାଲ୍ କଲେଜକୁ ଯିବା ସକାଶେ ସରକାରଙ୍କଠାରେ ଦରଖାସ୍ତ ଦିଆହେଲା । ସେହି ସମୟରେ ସରକାର ଚାରିଜଣ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ପଠାଉଥିଲେ । ୧୯୩୯ ସାଲରୁ ତ ମୋ ଝିଅ ସୁଷମା ପାଟଣା ମେଡ଼ିକାଲ୍ କଲେଜରେ ରହିଥିଲା । ଏଥର ନିର୍ବାଚନ କମିଟି ଚାରିଜଣ ବଡ଼ ବଡ଼ ଲୋକଙ୍କ ପୁଅଙ୍କୁ ନିର୍ବାଚନ କଲେ । ସୂର୍ଯ୍ୟମଣି ସକାଶେ ତ କହିବାକୁ କେହି ନଥିଲେ । ସେ ନିର୍ବାଚିତ ହେଲ ନାହିଁ । ଏହି କଥା ମୋ ଝିଅ ନିରୁପ୍ମା ମୋ ଠାକୁ ସମ୍ବଲପୁରକୁ ଲେଖି ପଠାଇଲା । ଅବିଳମ୍ବରେ ମୁଁ କଟକ ଗଲି ଓ ରାତ୍ରିରେ ସେଠାରେ ପହଞ୍ଚିଲି । ପରଦିନ ସକାଳେ ନିରୁପମା ଓ ସୂର୍ଯ୍ୟମଣିକୁ ଗୋଦାବରୀଶବାବୁଙ୍କ ସଙ୍ଗେ ସାକ୍ଷାତ କରିବାକୁ ପଠାଇଲି ଓ ତାଙ୍କଠାରେ ଯାହା ଯାହା କହିବାକୁ ହେବ ତାହା ଶିଖାଇ ଦେଇଥିଲି । ଦୁହେଁ ଯାଇ ଗୋଦାବରୀଶ ବାବୁଙ୍କୁ ସାକ୍ଷାତ କଲେ । ନିରୁପମା ତାଙ୍କୁ ସୂର୍ଯ୍ୟମଣିର ପରିଚୟ ଦେଇ କହିଲା, "ସୂର୍ଯ୍ୟମଣି ତାହାର ପିଲାଦିନରୁ ମୋର ଏଗାର ଭଉଣୀ ହୋଇ ଆମ୍ଭଘରେ ରହି ବିଦ୍ୟାଲାଭ କରିଅଛି । ମୋର ବାପାଙ୍କ ଇଚ୍ଛା ଯେ, ସେ ମେଡ଼ିକାଲ୍ କଲେଜରେ ଅଧ୍ୟୟନ କରିବ । କିନ୍ତୁ କେବଳ ବଡ଼ଲୋକଙ୍କ ପୁଅମାନେ ନିର୍ବାଚିତ ହୋଇଅଛନ୍ତି ଓ ଗରିବର ଝିଅ ଏଥିରୁ ବଞ୍ଚିତ ହୋଇଅଛି । କ'ଣ ସରକାରଙ୍କ ଉଦ୍ଦେଶ୍ୟ ଯେ, ଗରିବଙ୍କ ପୁଅଝିଅମାନେ ପାଠ ପଢ଼ିବେ ନାହିଁ ?" ଗୋଦାବରୀଶ ବାବୁ ନିରୁପମାର ପରିଚୟ ପଚାରିଲେ ଓ ସେ ମୋ ଝିଅ ବୋଲି ପରିଚୟ ଦେଲାରୁ ଓ ମୁଁ ମୋ ଝିଅମାନଙ୍କ ସହିତ ସୂର୍ଯ୍ୟମଣି ପ୍ରତି ତାବତ୍ ଯତ୍ନ କରିଥିବା ଶୁଣି ଆନନ୍ଦ ପ୍ରକାଶ କଲେ ଓ ସେହିକ୍ଷଣି ଏ ସମ୍ବନ୍ଧରେ କାଗଜପତ୍ର ମଗାଇ ଓ ପରୀକ୍ଷାକରି ନିର୍ବାଚିତ ହୋଇଥିବା ଚାରିଜଣ ଛାତ୍ରମାନଙ୍କ ମଧ୍ୟରୁ ଜଣକର ନାମ କାଟି ତାହା ସ୍ଥଳରେ ସୂର୍ଯ୍ୟମଣିକୁ ପଠାଇବା ହୁକୁମ ଲେଖିଦେଲେ । ସୂର୍ଯ୍ୟମଣି ଯଥା ସମୟରେ ପାଟଣା ମେଡ଼ିକାଲ୍ କଲେଜରୁ ଏମ୍.ବି.ବି.ଏସ୍. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା ଓ କିଛିଦିନ ଓଡ଼ିଶା ସରକାରଙ୍କ ଅଧୀନରେ ଚାକିରି କରି ସ୍ୱୋପାର୍ଜିତ ଅର୍ଥରେ ବିଲାତ ଯାଇ ସେଠାରୁ ଏମ୍.ଆର୍.ସି.ଓ.ଜି. ଡିଗ୍ରୀ ହାସଲକରି ଫେରିଆସିଲା । ବର୍ତ୍ତମାନ ସେ ବୁର୍ଲା ମେଡ଼ିକାଲ୍ କଲେଜରେ ଅଧ୍ୟାପିକା କାର୍ଯ୍ୟରେ ନିଯୁକ୍ତ ହୋଇ ରହିଅଛି ।

Digitized by srujanika@gmail.com

ରାଜନୈତିକ ଘନଘଟା

ପୃଥିବୀବ୍ୟାପୀ ଦ୍ୱିତୀୟ ମହାଯୁଦ୍ଧ ଚାଲିଛି। ୧୯୧୪ରୁ ୧୯୧୮ ସାଲ ପର୍ଯ୍ୟନ୍ତ ପ୍ରଥମ ମହାଯୁଦ୍ଧ ସଂଘଟିତ ହୋଇଥିଲା। ତହିଁରେ ଜର୍ମାନୀ ପରାସ୍ତ ହେଲା ଓ ଇଂଲଣ୍ଡ, ଫ୍ରାନ୍ସ ଓ ଅନ୍ୟାନ୍ୟ ମିତ୍ରଶକ୍ତିମାନେ ଜୟଯୁକ୍ତ ହେଲେ। ଏହି ଯୁଦ୍ଧରେ ଯେଉଁ ସନ୍ଧିପତ୍ର ଫ୍ରାନ୍ସ ଦେଶସ୍ଥ ଭାର୍ସେଲ୍‌ଠାରେ ସ୍ୱାକ୍ଷରିତ ହୋଇଥିଲା, ତହିଁରେ ଜର୍ମାନୀକୁ ଏକାବେଳକେ ହୀନବ୍‌ଳ କରିବା ବ୍ୟବସ୍ଥା ହୋଇଥିଲା। ଏହି ଯୁଦ୍ଧଫଳରେ ଜର୍ମାନୀ ତାହାର ଆଫ୍ରିକା ମହାଦେଶସ୍ଥ ଉପନିବେଶ ସମସ୍ତ ହରାଇଲା ଅଥଚ ଇଉରୋପୀୟ ଅନ୍ୟାନ୍ୟ ଦେଶସମୂହ ଏହି ମହାଦେଶସ୍ଥ ଭିନ୍ନ ଭିନ୍ନ ଅଞ୍ଚଳରେ ପୂର୍ଣ୍ଣ ଆଧିପତ୍ୟ ରକ୍ଷାକଲେ। ଜର୍ମାନୀ ରାଜ୍ୟ ଖଣ୍ଡବିଖଣ୍ଡ ହୋଇ କେତେକାଂଶ ଫ୍ରାନ୍ସ ଓ କେତେକାଂଶ ପୋଲାଣ୍ଡ ସହିତ ସଂଯୁକ୍ତ ହେଲା। ସେହିଦିନଠାରୁ ଜର୍ମାନୀ ଏହି ବ୍ୟବସ୍ଥା ବିରୁଦ୍ଧରେ ପ୍ରତିବାଦ କରିଆସୁଥିଲା। ବିଜୟୀ ମିତ୍ରଶକ୍ତିପୁଞ୍ଜ ଜର୍ମାନୀକୁ ଅସ୍ତ୍ରଶସ୍ତ୍ରାଦିରେ ହୀନବଳ କରିଦେଇଥିଲେ ହେଁ ଭିତରେ ଭିତରେ ଜର୍ମାନୀ ପ୍ରଭୂତ ଅସ୍ତ୍ରଶସ୍ତ୍ରରେ କ୍ରମେ କ୍ରମେ ସଜ୍ଜିତ ହୋଇଉଠିଲା ଓ ହିଟ୍‌ଲର୍‌ଙ୍କ ନେତୃତ୍ୱରେ ଆଉଥରେ ଯୁଦ୍ଧ କରିବାକୁ ପ୍ରସ୍ତୁତ ହେବାକୁ ଲାଗିଲା। କ୍ରମେ କ୍ରମେ ଅଷ୍ଟ୍ରିଆ, ଚେକୋସ୍ଲୋଭାକିଆ ଓ ଆଉ କେତେ ରାଜ୍ୟକୁ ବଳାତ୍କାର ଦଖଲକଲା। ପରିଶେଷରେ ୧୯୩୯ ମସିହାରେ ପୋଲାଣ୍ଡର ଡାନଜିକ୍ ନାମକ ବନ୍ଦର ଦାବିକଲା। ଇଂଲଣ୍ଡ ଓ ଫ୍ରାନ୍ସର ପ୍ରରୋଚନାରେ ପୋଲାଣ୍ଡ ଏହି ଦାବି ଅଗ୍ରାହ୍ୟ କଲା। ଫଳରେ ଜର୍ମାନୀ ସେହି ବର୍ଷ ସେପ୍ଟେମ୍ବର ୨ ତାରିଖରେ ପୋଲାଣ୍ଡ ବିରୁଦ୍ଧରେ ଯୁଦ୍ଧଘୋଷଣା କଲା। ଇଂଲଣ୍ଡ ଓ ଫ୍ରାନ୍ସ ପୋଲାଣ୍ଡକୁ ବାରମ୍ବାର ସାହାଯ୍ୟ ଦେବା ଆଶାଦେଇ ଆଶାନୁରୂପ ସାହାଯ୍ୟ ଦେଲେ ନାହିଁ। କ୍ରମେ କ୍ରମେ ଇଂଲଣ୍ଡ ଓ ଫ୍ରାନ୍ସ ଜର୍ମାନୀ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ। ଇଟାଲି ଜର୍ମାନୀ ପକ୍ଷ ଗ୍ରହଣ କରି ଇଂଲଣ୍ଡ ଓ ଫ୍ରାନ୍ସ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲା। କ୍ରମେ କ୍ରମେ ୟୁରୋପର ଅନ୍ୟାନ୍ୟ ରାଜ୍ୟମାନେ ଭିନ୍ନ ଭିନ୍ନ ପକ୍ଷ ଗ୍ରହଣ କଲେ। ସମଗ୍ର ପୃଥିବୀରେ ଯୁଦ୍ଧବହ୍ନି ପ୍ରଜ୍ୱଳିତ ହେଲା। ଜର୍ମାନୀ କ୍ରମେ କ୍ରମେ ଡେନ୍‌ମାର୍କ, ନର୍‌ୱେ, ବେଲ୍‌ଜିୟମ୍, ହଲାଣ୍ଡ ଅଧିକାର କଲା। ଫ୍ରାନ୍ସ ଅଧିକଦିନ ଯୁଦ୍ଧ କରି ନପାରି ଇଂଲଣ୍ଡରୁ ପୃଥକ୍‌ହୋଇ ଜର୍ମାନୀ ସହିତ ସନ୍ଧିକଲା। ଫଳରେ ଫ୍ରାନ୍ସର କେତେକାଂଶ ଜର୍ମାନୀ ଦଖଲକଲା। ଇଟାଲୀ ଗ୍ରୀସ୍ ବିରୁଦ୍ଧରେ ଯୁଦ୍ଧ କରି ପରାସ୍ତ ହେଲା। କିନ୍ତୁ ଜର୍ମାନୀ ଗ୍ରୀସ୍ ଆକ୍ରମଣ କରି ତାହାକୁ ସ୍ୱାଧିକାରଭୁକ୍ତ କଲା। ୧୯୪୧ ମସିହା ଜୁନ୍‌ମାସରେ ଜର୍ମାନୀ ରୁଷିଆ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରି ସେହି ଦେଶ ଆକ୍ରମଣ

Digitized by srujanika@gmail.com

କଲା । ୟୁରୋପର ସୁଇଜର୍‌ଲାଣ୍ଡ, ଟର୍କି, ପର୍ତ୍ତୁଗାଲ୍ ବ୍ୟତୀତ ସମସ୍ତ ଦେଶ ଯୁଦ୍ଧରେ ଲିପ୍ତ ହେଲେ । ସ୍ପେନ୍ ନାମ ମାତ୍ର ଯୁଦ୍ଧରୁ ପୃଥକ୍ ଥିଲାନ୍ତ ଜର୍ମାନୀକୁ ଅନେକ ସୈନ୍ୟ ସାହାଯ୍ୟ କରୁଥିଲା । ଏସିଆ ମହାଦେଶରେ ଚୀନ୍ ଓ ଜାପାନ୍ ମଧ୍ୟରେ ଯୁଦ୍ଧ ଚାଲିଆସୁଥିଲା । ୧୯୪୧ ମସିହା ଡିସେମ୍ବର ମାସରୁ ଜାପାନ୍, ଇଂଲଣ୍ଡ ଓ ଆମେରିକାର ଯୁକ୍ତରାଷ୍ଟ୍ର ବିରୁଦ୍ଧରେ ଯୁଦ୍ଧରେ ବ୍ୟାପୃତ ହେଲା । ପରିଶେଷରେ ଇଂଲଣ୍ଡ, ରୁଷିଆ ଓ ଆମେରିକାର ଯୁକ୍ତରାଷ୍ଟ୍ର ଏକପକ୍ଷରେ ଓ ଜର୍ମାନୀ, ଇଟାଲୀ ଓ ଜାପାନ ଅନ୍ୟପକ୍ଷରେ ରହି ଯୁଦ୍ଧକଲେ । ଏହି ଯୁଦ୍ଧର ଉଦ୍ଦେଶ୍ୟ ସମ୍ବନ୍ଧରେ ଇଂଲଣ୍ଡ ଓ ଆମେରିକା ମୂଳରୁ ପ୍ରଚାର କରିଆସୁଥିଲେ ଯେ, ସେମାନେ ପୃଥିବୀରେ ସ୍ୱାଧୀନତା ରକ୍ଷା ସକାଶେ ଓ ଭିନ୍ନ ଭିନ୍ନ ପରାଭୂତ ଦେଶ ସମୂହକୁ ସ୍ୱାଧୀନତା ଦେବା ସକାଶେ ଯୁଦ୍ଧ କରୁଅଛନ୍ତି । କିନ୍ତୁ ସେମାନଙ୍କ କାର୍ଯ୍ୟକଳାପରୁ ଏହି ନୀତିକୁ ଭାରତବର୍ଷ ପ୍ରତି ପ୍ରୟୋଗ କରିବା ସେମାନଙ୍କ ଉଦ୍ଦେଶ୍ୟର ବହିର୍ଭୂତ ବୋଲି ପରିଷ୍କାରଭାବରେ ଦେଖାଇ ଦେଉଥାଆନ୍ତି । ୧୯୪୧ ମସିହା ଅଗଷ୍ଟ ମାସରେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ମି. ଚର୍ଚ୍ଚିଲ୍ ଯୁକ୍ତରାଷ୍ଟ୍ରର ପ୍ରେସିଡ଼େଣ୍ଟ୍ ରୁଜ୍‌ଭେଲ୍‌ଟଙ୍କ ସଙ୍ଗେ ଆଟ୍‌ଲାଣ୍ଟିକ ମହାସାଗର ମଧ୍ୟରେ ଗୋଟିଏ ଜାହାଜରେ ସାକ୍ଷାତକରି ଯୁଦ୍ଧର ଉଦ୍ଦେଶ୍ୟାଦି ସମ୍ବନ୍ଧରେ ଆଲୋଚନା କରିଥିଲେ । ଉକ୍ତ ଆଲୋଚନାରେ ପ୍ରେସିଡ଼େଣ୍ଟ୍ ରୁଜ୍‌ଭେଲ୍‌ଟ ଯୁଦ୍ଧର ଉଦ୍ଦେଶ୍ୟ ସମ୍ବନ୍ଧରେ କେତେଗୁଡ଼ିଏ କଥା ପ୍ରକାଶ କରିଥିଲେ । ତନ୍ମଧ୍ୟରୁ ଗୋଟିଏ ଏହା ଥିଲା ଯେ, ବିଜିତ ଓ ପରାଧୀନ ଦେଶସମୂହକୁ ସ୍ୱାଧୀନତା ପ୍ରଦାନ କରିବା ଯୁଦ୍ଧର ମୁଖ୍ୟ ଉଦ୍ଦେଶ୍ୟ । ଏହି ନୀତି ଭାରତବର୍ଷ ପାଇଁ ପ୍ରଯୋଜ୍ୟ କି ନା ବୋଲି ପ୍ରଶ୍ନ କରାଗଲାନ୍ତ ମି. ଚର୍ଚ୍ଚିଲ୍ ପ୍ରକାଶ୍ୟ ଭାବରେ କହିଲେ ଯେ, ଏହା ଭାରତବର୍ଷ ପ୍ରତି ପ୍ରଯୋଜ୍ୟ ନୁହେଁ । ୧୯୪୦ ମସିହା ଅଗଷ୍ଟ ମାସରେ ମି. ଚର୍ଚ୍ଚିଲ୍ ଭାରତବର୍ଷ ସମ୍ବନ୍ଧରେ ଯେଉଁ ଘୋଷଣା କରିଥିଲେ, ତହିଁରେ ସେ କହିଥିଲେ ଯେ, ଭାରତବାସୀ ପୂର୍ଣ୍ଣ ହୃଦୟରେ ଯୁଦ୍ଧ ଜୟ ସକାଶେ ଇଂଲଣ୍ଡ ସପକ୍ଷରେ ସାହାଯ୍ୟ କରନ୍ତୁ ଓ ଯୁଦ୍ଧ ଜୟ ଉତ୍ତାରେ ସେମାନଙ୍କୁ ସ୍ୱାୟତ୍ତଶାସନ ଦିଆଯିବା ସକାଶେ ଚେଷ୍ଟା କରାଯିବ । ଭାରତବର୍ଷର ନେତୃବୃନ୍ଦ ଏଥିରେ ସନ୍ତୋଷଲାଭ କରିପାରିଲେ ନାହିଁ ଓ ଅବିଳମ୍ବରେ ସ୍ୱାଧୀନତା ଦାବିକରି କହିଲେ ଯେ, ଯଦି ସ୍ୱାଧୀନତା ଦିଆଯାଏ, ତାହାହେଲେ ସ୍ୱାଧୀନ ଭାରତ ଶତ୍ରୁମାନଙ୍କ ବିପକ୍ଷରେ ଦଣ୍ଡାୟମାନ ହେବ । ଭାରତବାସୀ ଆବହମାନକାଳରୁ ଭିନ୍ନ ଭିନ୍ନ ସମ୍ପ୍ରଦାୟରେ ବିଭକ୍ତ । ସେମାନେ ପରସ୍ପର ମଧ୍ୟରେ ବିରୋଧୀ । ଜାତି, ଧର୍ମ, ଭାଷା ଭାରତକୁ ଚିରକାଳ କ୍ଷତବିକ୍ଷତ କରିପକାଇଛି । ଏ ସମ୍ବନ୍ଧରେ ଗଣ୍ଡଗୋଳ ଆଜିଯାଏ ସମାଧାନ ହୋଇପାରିନାହିଁ । ସେହି ସମୟରେ ଭାରତର ଏକତାର ପ୍ରଧାନ ବିରୋଧୀଦଳ ମୁଣ୍ଡ ଟେକିଥିଲେ ମୁସ୍‌ଲିମ୍ ଲିଗ୍ । ମୁସଲିମ୍ ଲିଗ୍‌ର ନେତା ମହମ୍ମଦ ଅଲି ଜିନ୍ନା ମୁସଲମାନପ୍ରଧାନ ବଙ୍ଗପ୍ରଦେଶ, ପଞ୍ଜାବ, ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶ ଓ ସିନ୍ଧୁ ପ୍ରଦେଶକୁ ଭାରତବର୍ଷରୁ ବିଚ୍ଛିନ୍ନ କରି ପାକିସ୍ଥାନ ନାମରେ ଏକ ସ୍ୱତନ୍ତ୍ର ମୁସଲମାନ ରାଜ୍ୟ

Digitized by srujanika@gmail.com

ସ୍ଥାପନ ଦାବି କରିଥିଲେ ଓ ଘୋଷଣା କରିଥିଲେ ଯେ, ଏହା ସପକ୍ଷରେ ଇଂରେଜ ସରକାର ପ୍ରତିଶ୍ରୁତି ଦେଲେ ସେମାନେ ସେମାନଙ୍କ ପକ୍ଷରେ ଯୋଗଦେବେ। କଂଗ୍ରେସ ଭାରତକୁ ଖଣ୍ଡବିଖଣ୍ଡ କରିବାରେ ସମ୍ପୂର୍ଣ୍ଣ ବିରୋଧୀ ଥିଲା। କଂଗ୍ରେସ ଦାବି କଲା ଯେ, ଭାରତ ଅବିଭକ୍ତ, ଅବିଭାଜ୍ୟ ଓ ସମସ୍ତ ଭାରତବାସୀଙ୍କ ଭୋଟଦ୍ୱାରା ନୂତନ ଶାସନତନ୍ତ୍ର ପ୍ରତିଷ୍ଠିତ ହେଉ। ଏଥିରେ ମୁସ୍‌ଲିମ୍ ଲିଗ୍ ଆପତ୍ତି କଲା ଯେ, ଭାରତବର୍ଷର ଲୋକସଂଖ୍ୟା ବିବେଚନାରେ ହିନ୍ଦୁମାନେ ସଂଖ୍ୟାଗରିଷ୍ଠ ଥିବା ହେତୁରୁ ନୂତନ ଶାସନତନ୍ତ୍ରରେ ସେମାନଙ୍କ ପ୍ରାଧାନ୍ୟ ଅକ୍ଷୁଣ୍ଣ ରହିବ ଓ ମୁସଲମାନମାନେ ସଂଖ୍ୟାନ୍ୟୁନ ହୋଇ ରହିବେ। ସଂଖ୍ୟାନ୍ୟୁନ ସମ୍ପ୍ରଦାୟ ସକାଶେ ନୂତନ ଶାସନତନ୍ତ୍ରରେ ସୁବ୍ୟବସ୍ଥା ରଖିବା ସମ୍ପର୍କରେ ଯେତେ ପ୍ରକାର ପ୍ରତିଶ୍ରୁତି ଜ୍ଞାପନକଲେ ସୁଦ୍ଧା ମହମ୍ମଦ ଅଲି ଜିନ୍ନାଙ୍କ ଏକ ଜିଦ୍ ହେଲା ଯେ, ପାକିସ୍ଥାନ ନ ହେଲେ ସେ ନୂତନ ଶାସନତନ୍ତ୍ର କରାଇ ଦେବେନାହିଁ। ପ୍ରଧାନ ପ୍ରଧାନ ମୁସଲମାନ ମହଲରେ ସୁଦ୍ଧା ଏହି ଜିନ୍ନାଙ୍କର ଦାବି ଅଯୌକ୍ତିକ ବୋଲି ବିବେଚିତ ହେଲା। କିନ୍ତୁ ଏ ପକ୍ଷରେ ସମର୍ଥନ ଅତ୍ୟନ୍ତ ପ୍ରବଳ ହେବାକୁ ଲାଗିଲା। ଭାରତରେ ମୁସଲ୍‌ମାନ ସମ୍ପ୍ରଦାୟ ସଂଖ୍ୟାନ୍ୟୁନ। ସଂଖ୍ୟାଗରିଷ୍ଠ କରିବାକୁ ହେଲେ ବହୁସଂଖ୍ୟକ ହିନ୍ଦୁ ପୁଣି ମୁସଲମାନ ଧର୍ମ ଗ୍ରହଣ ନ କଲେ ମୁସଲମାନ ସମ୍ପ୍ରଦାୟ ସଂଖ୍ୟା ଗରିଷ୍ଠ ହୋଇପାରିବେ ନାହିଁ। ବର୍ତ୍ତମାନ ଯୁଗରେ ଏହା ସମ୍ଭବ ନୁହେଁ। ପୁଣି ଚାରିଗୋଟି ପ୍ରଦେଶରେ ସିନା ମୁସଲମାନ ସଂଖ୍ୟା ହିନ୍ଦୁମାନଙ୍କ ଅପେକ୍ଷା ଅଧିକ; ଅନ୍ୟ ଯେଉଁ ଯେଉଁ ପ୍ରଦେଶମାନଙ୍କରେ ମୁସଲମାନମାନେ ରହିଅଛନ୍ତି ସେମାନଙ୍କୁ କ'ଣ ପାକିସ୍ଥାନକୁ ଉଠାଇ ନିଆଯିବ! ତହିଁର କୌଣସି ବ୍ୟବସ୍ଥା ସମ୍ବନ୍ଧରେ ଜିନ୍ନା କିଛି କହୁନଥିଲେ। ପୁନଶ୍ଚ ଯଦି ସଂଖ୍ୟାନ୍ୟୁନତା କାରଣରୁ ହିନ୍ଦୁମାନଙ୍କ ସହିତ ଏକ ଶାସନାଧୀନରେ ରହିବା ସକାଶେ ଏଡ଼େ ଆପତ୍ତି, ପାକିସ୍ଥାନରେ ହିନ୍ଦୁମାନଙ୍କୁ ରଖିବେ କିପରି ? ସେ ସମ୍ବନ୍ଧରେ ମଧ୍ୟ ଜିନ୍ନା ନିରବ ରହିଲେ। ଯେଉଁ କାରଣରୁ ସେ ମୁସଲମାନମାନଙ୍କୁ ହିନ୍ଦୁମାନଙ୍କ ସହିତ ରଖିବାକୁ ଅନିଚ୍ଛୁକ ସେହି କାରଣ ତ ହିନ୍ଦୁମାନଙ୍କ ପ୍ରତି ମଧ୍ୟ ପ୍ରଯୋଜ୍ୟ।

ଜିନ୍ନାଙ୍କ ନେତୃତ୍ୱରେ ମୁସଲିମ୍‌ଲିଗ୍ ଭାରତବର୍ଷର ମୁସଲମାନ ସମ୍ପ୍ରଦାୟର ମୁଖପାତ୍ର ବୋଲି ଦାବି କରୁଥିଲେ। ସେହି ଦାବି ପ୍ରକୃତ ନ ଥିଲା ବୋଲି ହିନ୍ଦୁମାନେ ମତବ୍ୟକ୍ତ କରୁଥିଲେ। ମୁସ୍‌ଲିମ୍‌ଲିଗ୍ ଭକ୍ତବୃନ୍ଦ ପ୍ରକୃତରେ ମୁସଲ୍‌ମାନ୍ ସମ୍ପ୍ରଦାୟର ସୁଦ୍ଧା ସଂଖ୍ୟାଗରିଷ୍ଠ ଦଳ ନଥିଲେ। କେବଳ ଇଂରେଜ ସରକାର ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଭେଦ ସୃଷ୍ଟି କରିବା ଉଦ୍ଦେଶ୍ୟରେ ମୁସ୍‌ଲିମ୍ ଲିଗ୍‌କୁ ଟେକି ଧରିଥିଲେ। ମୁସ୍‌ଲିମ୍ ଲିଗ୍‌ରେ ଭାରତବର୍ଷର ମୋସିନ୍, ଜମିୟତ୍ ଉଲେମା ଓ ଅନ୍ୟାନ୍ୟ କେତେକ ବିଶିଷ୍ଟ ଦଳ ଯୋଗଦେଇନଥିଲେ। ମୁସ୍‌ଲିମ୍ ଲିଗ୍‌ର ନୀତି ପ୍ରତି ସେମାନଙ୍କ ଆଦୌ ସମର୍ଥନ ବା ସହାନୁଭୂତି ନଥିଲା। ସେମାନେ ମଧ୍ୟ ଚାହୁଁଥିଲେ ଯେ ଭାରତବର୍ଷ ଅଖଣ୍ଡ ହୋଇ ରହୁ। ମି. ଜିନ୍ନା କସ୍ମିନ୍ କାଳେ ଭାରତର ସ୍ୱାଧୀନତା ସଂଗ୍ରାମରେ କୌଣସି ପ୍ରକାର ସ୍ୱାର୍ଥ ତ୍ୟାଗ କରିନଥିଲେ।

Digitized by srujanika@gmail.com

ଏହି ବର୍ଷ (୧୯୪୨) ମାର୍ଚ୍ଚ ମାସରେ ବ୍ରିଟିଶ୍ ପାଲିଆମେଣ୍ଟର ସରକାର ପକ୍ଷର ନେତା ସାର୍ ଷ୍ଟେଫୋର୍ଡ୍ କ୍ରିପ୍ସ ଯୁଦ୍ଧ ଉତ୍ତାରେ ଭାରତକୁ ସ୍ୱାୟତ୍ତଶାସନ ଦେବା ସମ୍ବନ୍ଧରେ କେତେଗୁଡ଼ିଏ ପ୍ରସ୍ତାବ ଘେନି ଭାରତବର୍ଷକୁ ଆସିଥିଲେ। ଭାରତବର୍ଷର ସମସ୍ତ ସମ୍ପ୍ରଦାୟ ଏକ ସ୍ୱରରେ ଉକ୍ତ ପ୍ରସ୍ତାବ ଅଗ୍ରାହ୍ୟ କଲେ। ମୁସ୍‌ଲିମ୍ ଲିଗ୍ ମଧ୍ୟ ଅଗ୍ରାହ୍ୟ କଲା। ତହିଁରେ ଇଂରେଜ ସରକାର ଯାହା ଚିରକାଳ କହି ଆସୁଥିଲେ, ତାହା କହିଥିଲେ – ଅର୍ଥାତ୍ ଭାରତବାସୀମାନେ ମିତ୍ରଶକ୍ତି ପକ୍ଷରେ ଯୁଦ୍ଧରେ ସାହାଯ୍ୟ କରନ୍ତୁ ଯୁଦ୍ଧ ଜୟ ଉତ୍ତାରେ ସେମାନଙ୍କୁ ସ୍ୱାୟତ୍ତଶାସନମୂଳକ ଶାସନତନ୍ତ୍ର ଗଠନ କରିବା ସକାଶେ ଯାହା କର୍ତ୍ତବ୍ୟ ତାହା କରାଯିବ। ଏହିପ୍ରକାର ଆଶା ବହୁବାରେ ଦିଆହୋଇଥିଲା। ବିଗତ ମହାଯୁଦ୍ଧ ସମୟରେ ମଧ୍ୟ କୁହା ହୋଇଥିଲା। ତଥାପି ଭାରତବର୍ଷର ଶାସନ ପ୍ରଣାଳୀରେ କୌଣସି ପ୍ରକାର ପରିବର୍ତ୍ତନ ଘଟିଲା ନାହିଁ। ଭାରତବର୍ଷକୁ ପୂର୍ବପରି ବଳାତ୍କାର ତଳେ ରଖାହୋଇଥିଲା। ଶାସନ ସଂସ୍କାର ନାମରେ କେତେ କେତେବେଳେ ଯାହା କରାହେଉଥିଲା ତାହା ସ୍ୱାୟତ୍ତ ଶାସନର ଛାୟା ମାତ୍ର। ତହିଁରେ ପ୍ରକୃତତ୍ୱ କିଛି ନଥିଲା। ସୁତରାଂ କଂଗ୍ରେସ ଦାବି କଲେ ଯେ, ଅବିଳମ୍ବରେ ଭାରତକୁ ସ୍ୱାଧୀନତା ଦିଆଯାଉ। ତାହାହେଲେ ସ୍ୱାଧୀନ ଭାରତ ଶତ୍ରୁପକ୍ଷକୁ ପରାଭୂତ କରିବା ସକାଶେ ମିତ୍ରଶକ୍ତି ପୁଞ୍ଜସହ ସମ୍ପୂର୍ଣ୍ଣ ସହଯୋଗ କରିବ। ଜୁଲାଇ ୧୪ ତାରିଖ ଦିନ କଂଗ୍ରେସ କାର୍ଯ୍ୟକାରୀ କମିଟି ଏହି ମର୍ମରେ ଏକ ପ୍ରସ୍ତାବ ଧାର୍ଯ୍ୟ କଲେ ଓ ଆହୁରି ପ୍ରସ୍ତାବ କଲେ ଯେ, ଯଦି ଇଂରେଜ ସରକାର ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରନ୍ତି, ତାହାହେଲେ ଏହାକୁ କାର୍ଯ୍ୟରେ ପରିଣତ କରିବା ସକାଶେ କଂଗ୍ରେସ ଯଥାବିଧି ଉପାୟ ଅବଲମ୍ବନ କରିବ ଓ ଏହାକୁ କାର୍ଯ୍ୟକାରୀ କରିବା ସକାଶେ ସର୍ବତ୍ର ଆଇନ ଅମାନ୍ୟ କରିବେ। ଅଗଷ୍ଟ ୭ ତାରିଖରେ ଏହି ପ୍ରସ୍ତାବ ବମ୍ବେରେ ଆଲୋଚିତ ହୋଇ ୮ ତାରିଖରେ ତାହା ନିଖିଳ ଭାରତ କଂଗ୍ରେସ କମିଟିରେ ଧାର୍ଯ୍ୟ ହେଲା। ଭାରତ ସରକାର ଏହାର ପ୍ରତିକ୍ରିୟା କରିବା ସକାଶେ ମହାତ୍ମା ଗାନ୍ଧୀ ଓ ଅନ୍ୟାନ୍ୟ ପ୍ରଧାନ ପ୍ରଧାନ ନେତାଙ୍କୁ ୯ ତାରିଖରେ ଗ୍ରେପ୍ତାର କଲେ।

ଏହି ଘଟଣାର କେତେକ ଦିନ ପୂର୍ବରୁ ମୁଁ ପାଟଣାରେ ରହିଥିଲି। ମୋର ସହଧର୍ମିଣୀ ଉଦର ରୋଗରେ ପୀଡ଼ିତ ଥିବାରୁ ଓ ମୋର କନ୍ୟା ଶ୍ୟାମାର ଚକ୍ଷୁପୀଡ଼ା ସମ୍ପୂର୍ଣ୍ଣ ରୂପେ ଆରୋଗ୍ୟ ଲାଭ କରିନଥିବାରୁ ଏମାନଙ୍କୁ ନେଇ ମୁଁ ମହେନ୍ଦ୍ର ମହଲ୍ଲାରେ ଗୋଟିଏ ସ୍ୱତନ୍ତ୍ର ବସାଘର ନେଇ ରହିଥିଲି। ସୁଷମା ମଧ୍ୟ ମେଡ଼ିକାଲ୍ କଲେଜ ହଷ୍ଟେଲରୁ ଚାଲିଆସି ଆମ୍ଭମାନଙ୍କ ସଙ୍ଗେ ରହିଲା। ସେହି କେତେ ମାସ ଆମ୍ଭ ସମସ୍ତଙ୍କ ପାଟଣାରେ ରହିବା ବ୍ୟବସ୍ଥା ଥିବାରୁ ନିରୁପମା ମଧ୍ୟ କଟକରୁ ଆସି ପାଟନା କଲେଜରେ ଯୋଗଦେଲା।

୯ ତାରିଖ ଅପରାହ୍ଣରେ ଶୁଣାଗଲା, ପାଟଣାର ଜିଲା ମାଜିଷ୍ଟ୍ରେଟ୍ ମି. ଆର୍ଚ୍ଚର୍ ବିହାର କଂଗ୍ରେସ ନେତା ଶ୍ରୀ ରାଜେନ୍ଦ୍ର ପ୍ରସାଦଙ୍କୁ କଂଗ୍ରେସ୍ ଆଶ୍ରମରେ ଗ୍ରେପ୍ତାର କଲେ। ସେତେବେଳେ ରାଜେନ୍ଦ୍ର ବାବୁ ଶ୍ୱାସରୋଗରେ ପୀଡ଼ିତ ଥିଲେ । ତଥାପି ତାଙ୍କୁ ଗ୍ରେପ୍ତାର

Digitized by srujanika@gmail.com

ଜରିନେଇ ପାଟଣା ଜେଲରେ ରଖାହେଲା । ପାଟଣାର ସ୍କୁଲ ଓ କଲେଜରେ ଛାତ୍ରମାନେ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରୁଥିବା ଦେଖାଗଲା । ୧୦ ତାରିଖରେ ଅନ୍ୟାନ୍ୟ କଂଗ୍ରେସ ନେତାମାନଙ୍କ ଗ୍ରେପ୍ତାର ଚାଲିଲା ଓ ଦଳ ଦଳ ଲୋକ ଜେଲ୍‌ଖାନା ପୂର୍ଣ୍ଣ କରିବାକୁ ଲାଗିଲେ । ଛାତ୍ରମାନେ ସେମାନଙ୍କ ସ୍କୁଲ କଲେଜ ଛାଡ଼ି ଚାଲିଆସିଲେ । ସୁଷମା ଏହି ଆନ୍ଦୋଳନରେ ତାହାର ସହାଧାୟି ଓ ସହାଧାୟିନୀମାନଙ୍କ ସଙ୍ଗେ ଯୋଗଦେବ ବୋଲି କହିଲା । ସେହି ଦିନ ରାତି ୮ଟା ବେଳେ ମେଡ଼ିକାଲ୍ କଲେଜର ଛାତ୍ରମାନଙ୍କ ଏକ ସଭାରେ ଧାର୍ଯ୍ୟହେଲା ଯେ, ସେମାନେ ସମସ୍ତେ ଏଥିରେ ସହଯୋଗ କରିବେ । ସୁଷମାକୁ ମୁଁ କହିଲି, ଏଥିରେ ଚିକିତ୍ସା ବିଭାଗର କେହି ଯୋଗଦେବା ଉଚିତ ହେବନାହିଁ । ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ଦେଶବାସୀଙ୍କ ପକ୍ଷରେ ବିହିତ ହେଲେହେଁ ଏମାନଙ୍କୁ ଛାଡ଼ି ସୁଦ୍ଧା ସଂଗ୍ରାମ ଚଳାଇବାକୁ ଲୋକ ଅଛନ୍ତି । କଲେଜ ଛାଡ଼ି ବାହାରେ ଅନ୍ୟଛାତ୍ରମାନଙ୍କ ସହିତ ରହିଲେ ଏମାନଙ୍କ କାର୍ଯ୍ୟ ସେତେ ହେବ ନାହିଁ । ଏମାନଙ୍କ ପ୍ରଧାନକାର୍ଯ୍ୟ ରୋଗୀଙ୍କୁ ରୋଗମୁକ୍ତ ଓ ସେମାନଙ୍କ ଶୁଶ୍ରୂଷା କରିବା । ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟ ଛାଡ଼ି ଚାଲିଗଲେ ଯେଉଁ ଅଳ୍ପ ସଂଖ୍ୟକ ଡାକ୍ତର ଅଛନ୍ତି ସେମାନଙ୍କଦ୍ୱାରା ରୋଗୀଚର୍ଯ୍ୟା କାର୍ଯ୍ୟ ହୋଇପାରିବ ନାହିଁ । ଏହି ଆନ୍ଦୋଳନରେ ସରକାର ପକ୍ଷରୁ ହୁଏତ ଲୋକମାନଙ୍କ ଉପରେ ମାରପିଟ ହେବ ଓ ଗୁଳି ମଧ୍ୟ ଚାଲିବ । ସେତେବେଳେ ଛାତ୍ରଛାତ୍ରୀମାନେ ନିଜ ନିଜ ସ୍ଥଳରେ ରହି ଏମାନଙ୍କ ସକାଶେ କାର୍ଯ୍ୟ କରିପାରିବେ । ଏହା ମଧ୍ୟ ତ ପବିତ୍ର ଦେଶ ଓ ଜନସେବା କାର୍ଯ୍ୟ । କିନ୍ତୁ ଏ ସମ୍ବନ୍ଧରେ ଯେତେ ବୁଝାଇଲି ସେ ମୋତେ ଓଲଟା ବୁଝାଇବାକୁ ଚେଷ୍ଟାକଲା, ସ୍ୱାଧୀନତାପ୍ରାପ୍ତି ସକାଶେ ଜୀବନୋତ୍ସର୍ଗ ଆବାଳବୃଦ୍ଧବନିତା ସମସ୍ତଙ୍କ ପ୍ରଥମ ପବିତ୍ର କର୍ତ୍ତବ୍ୟ ।

୧୧ ତାରିଖ ପ୍ରାତଃ ୯ଟାବେଳେ ସୁଷମା ଛାତ୍ର ଆନ୍ଦୋଳନରେ ଯୋଗଦେବା ପାଇଁ ଚାଲିଗଲା । ମୁଁ ତା'ର ସଙ୍ଗେ ଗଲି । ମେଡ଼ିକାଲ୍ କଲେଜ୍ ପଡ଼ିଆରେ ବହୁସଂଖ୍ୟକ ଛାତ୍ର ଓ ଛାତ୍ରୀ ସମବେତ ହୋଇଥିଲେ । ସମ୍ମୁଖରେ ତ୍ରିବର୍ଣ୍ଣ କଂଗ୍ରେସ ପତାକା ଉତ୍ତୋଳନ ହୋଇଥିଲା । ସମସ୍ତେ ସମସ୍ୱରରେ ସ୍ୱଦେଶୀ ଗାନ ଗାୟନକଲେ । ତତ୍ପରେ ସେମାନେ ଶୋଭାଯାତ୍ରାରେ ପ୍ରିନ୍‌ସପାଲ୍ ରାୟବାହାଦୁର ତ୍ରିଦିବନାଥ ବାନାର୍ଜୀଙ୍କ ଘରଆଡ଼କୁ ଗଲେ, ଉଦ୍ଦେଶ୍ୟ, ତାଙ୍କୁ ଚାକିରିରୁ ଇସ୍ତଫାଦେବା ପାଇଁ କହିବେ । ମାର୍ଗରେ 'ସରକାରୀ ନୌକରୀ ଛୋଡ଼୍ ଦୋ' ବୋଲି ଚିତ୍କାର କରୁଥିଲେ । ଛାତ୍ରୀମାନେ ମେଡ଼ିକାଲ୍ କଲେଜ ଓ ଦେୱାନି ଅଦାଲତ ମଧ୍ୟସ୍ଥ ଫାଟକ ନିକଟରୁ ଫେରିଆସିଲେ । ବୁଝିଲି, ସେହିଦିନ ସେମାନଙ୍କ କାର୍ଯ୍ୟକ୍ରମ ମଧ୍ୟରେ କ୍ଲାସ୍‌କୁ ଛାତ୍ରମାନଙ୍କୁ ଯାଇ ନଦେବା (ପିକେଟିଂ) । ଦିନ ୧୨ଟା ପର୍ଯ୍ୟନ୍ତ ପିକେଟିଂ ଚାଲିଲା । ସୁଷମା ଅନ୍ୟ ତିନିଜଣ ଛାତ୍ରୀଙ୍କ ସହିତ ପିକେଟିଂରେ ଲାଗିଛି । ଫାଟକ ସମ୍ମୁଖରେ କେତେକ ଛାତ୍ର ଛିଡ଼ାହୋଇଛନ୍ତି । ପାଞ୍ଚଜଣ ମୁସଲମାନ ଛାତ୍ର ମିତ୍‌ୱାଇଫର କ୍ଲାସକୁ ଯିବେବୋଲି ଆସିଲେ । ପିକେଟିଂ କରୁଥିବା ଛାତ୍ରଛାତ୍ରୀମାନେ ସେମାନଙ୍କୁ କ୍ଲାସ୍‌କୁ ନଯିବା

Digitized by srujanika@gmail.com

ପାଇଁ ଅନୁରୋଧ କଲେ। ସେମାନେ ବଳତ୍କାର ଯିବା ସକାଶେ ଉନ୍ନତ ହେଉଥିବା ଦେଖି ଛାତ୍ରମାନେ ସେମାନଙ୍କ ଆଗରେ ଶୋଇପଡ଼ିଲେ ଓ ଛାତ୍ରୀମାନେ ସେମାନଙ୍କ ପଛରେ ବାଟ ଓଗାଳିଲେ। ସେମାନେ ଯାଇ ନପାରି ଗୋରା ଡାକ୍ତର ମର୍ଡ଼କ ସାହେବଙ୍କୁ ଡାକିଆଣିଲେ। ଯେଉଁ ଛାତ୍ରମାନେ ଏହି ଆନ୍ଦୋଳନରେ ଯୋଗ ନଦେଇ ସେମାନଙ୍କ କ୍ଲାସ୍‌କୁ ଯିବାକୁ ଚାହାଁନ୍ତି, ସେମାନଙ୍କୁ ଯିବାକୁ ଦେବା କର୍ତ୍ତବ୍ୟ ସମ୍ବନ୍ଧରେ ମର୍ଡ଼କ ସାହେବ ଅନେକ ତର୍କ କଲେ। ତଥାପି ସେମାନେ ସେମାନଙ୍କୁ ଛାଡ଼ିଦେଲେ ନାହିଁ। ଅଗତ୍ୟା ସେମାନଙ୍କୁ ଫେରିଯିବାକୁ ହେଲା।

ଏହି ଦୃଶ୍ୟ ମଧ୍ୟରୁ କିଛି ସମୟ ପାଇଁ ଚାଲିଆସି ଦିନ ପ୍ରାୟ ୧୦ଟା ବେଳେ ଶ୍ୟାମାକୁ ନେଇ ରିକ୍‌ସାରେ ଡାକ୍ତର ଦୁଖନରାମ୍‌ଙ୍କ ଘରକୁ ଯାଉଥିବା ସମୟରେ ପାଟଣାର ମଇଦାନ (ବର୍ତ୍ତମାନ ଏହାର ନାମ ଗାନ୍ଧୀ ମଇଦାନ) ନିକଟରେ ଗୋଟିଏ ବିରାଟ ଶୋଭାଯାତ୍ରା ଯାଉଥିବା ଦେଖିଲି। ପୋଲିସ ସେମାନଙ୍କୁ ଅଟକାଇଲେ। ଶୋଭାଯାତ୍ରାରେ ଥିବା ସମସ୍ତେ 'ଇନ୍‌କିଲାବ ଜିନ୍ଦାବାଦ୍', 'ପୋଲିସ ହମାରେ ଭାଇ ହେଁ'', 'ନୌକରୀ ଛୋଡ଼୍ ଦୋ' ଇତ୍ୟାଦି ଶ୍ଳୋଗାନ ଉଚ୍ଚାରଣ କରୁଥିଲେ। ଦେଖିଲି, କେତେଜଣ ଭାରତବାସୀ ପୋଲିସ ଅଫିସର ସଦର୍ପରେ ଇତସ୍ତତଃ ଶୋଭାଯାତ୍ରା ସମ୍ମୁଖରେ ପଦଚାରଣ କରୁଅଛନ୍ତି। ଏମାନେ ସେମାନଙ୍କୁ ଚାଲିଯିବା ସକାଶେ ଆଦେଶ କଲେ। ତଥାପି ଏହି ସମସ୍ତ ଶ୍ଳୋକସହ କଳରବରେ ଆକାଶ ନିନାଦିତ ହେଉଥାଏ। ପୋଲିସର ଆଦେଶ ଅମାନ୍ୟ ହେଉଥିବା ଦେଖି ଜଣେ ଅଫିସର ସେମାନଙ୍କ ଉପରେ ଲାଠି ଚଳାଇବା ଆଦେଶ ଦେଲେ। ତଥାପି 'ପୋଲିସ ହମାରେ ଭାଇ ହେଁ' ଇତ୍ୟାଦି ରବରେ ଚତୁର୍ଦ୍ଦିଗ ମୁଖରିତ ହେଉଥାଏ। ଜନତା ମଧ୍ୟରେ ସମ୍ପୂର୍ଣ୍ଣ ଶାନ୍ତି ଓ ଶୃଙ୍ଖଳା ବିରାଜମାନ। ଅଳ୍ପଦୂରରେ ଛିଡ଼ାହୋଇ ମୁଁ ଏହି ଦୃଶ୍ୟ ଉପଭୋଗ କରୁଥାଏ। ଅଳ୍ପ ସମୟ ମଧ୍ୟରେ ପୋଲିସ ଦଳ ମଧ୍ୟରେ ଉପସ୍ଥିତ ସମସ୍ତ ସିପାହି ସ୍ୱ ସ୍ୱ ହସ୍ତସ୍ଥ ଲାଠି ଓ ମୁଣ୍ଡର ପଗଡ଼ି ଭୂମିଉପରେ ସ୍ଥାପନକରି ଓ ତାହା ଉପରେ ମୁଣ୍ଡ ଲଗାଇ ଉଠି ପଛକୁ ଚାଲିଗଲେ ଓ ଶୋଭାଯାତ୍ରୀଙ୍କ ସଙ୍ଗେ ମିଶିଗଲେ। କଂଗ୍ରେସ ଶ୍ଳୋକୋଚ୍ଚାରଣଜନିତ କଳରବ ଏମାନଙ୍କ ଉନ୍ମାଦନାଜନିତ ଚିତ୍କାରରେ ମିଶି ପୁଣି ଆକାଶ ବିଦୀର୍ଣ୍ଣ କଲା। କିଛି ସମୟପରେ ଗୁର୍ଖା ପୋଲିସ ଆସି ଲାଠି ଚାଳନାଦ୍ୱାରା ସେମାନଙ୍କୁ ଘଉଡ଼ି ଦେଲେ। ଅଶ୍ୱାରୋହୀ ପୋଲିସ ସେମାନଙ୍କ ପଛରେ ଅଶ୍ୱଚାଳନ କରିବାକୁ ଲାଗିଲେ। ତତ୍ପରେ ଶୋଭାଯାତ୍ରା ସନ୍ନିକଟସ୍ଥ 'ଗୋଲଘର' ଆଡ଼କୁ ଯିବାକୁ ଲାଗିଲା। ବାଙ୍କିପୁର ବାଳିକା ହାଇସ୍କୁଲ ନିକଟକୁ ଗଲାବେଳକୁ ଜନତା ଆହୁରି ବୃଦ୍ଧିହେବାକୁ ଲାଗିଲା। ବାଳିକାପୂର୍ଣ୍ଣ ଗୋଟିଏ ମୋଟର ଲରୀ ସେଠାରେ ଅଟକିଗଲା। ଦୂରରୁ ଦେଖିଲି, ବାଳିକାମାନେ ତହିଁରୁ ଓହ୍ଲାଇଗଲେ ଓ ସ୍କୁଲକୁ ନଯାଇ ଶୋଭାଯାତ୍ରାରେ ଯୋଗଦେଲେ। ଏ ସମସ୍ତ ଦୃଶ୍ୟ ଦେଖି ଦେଖି ମୁଁ ପଛରେ ଅଳ୍ପଦୂରରେ ରହିଚାଲିଥାଏଁ। କିଛି ସମୟ ପରେ ବସାକୁ ଫେରିଗଲି।

Digitized by srujanika@gmail.com

ସନ୍ଧ୍ୟାବେଳକୁ ଶୁଣିଲି. ପ୍ରାୟ ପଚାଶ ହଜାର ଲୋକ ପାଟଣା ସେକ୍ରେଟାରୀଏଟ୍ ଆକ୍ରମଣ କରି ତାହା ଉପରେ କଂଗ୍ରେସ ପତାକା ଉଡ଼ାଇ ଦେଲେ। ଜନତା ଉପରେ ଗୁଳି ଚାଲିଲା ଓ ଏହା ଫଳରେ କେତେକ ଲୋକ ନିହତ ହୋଇଅଛନ୍ତି ଓ କେତେକ ଆହତ ହୋଇ ଡାକ୍ତରଖାନାକୁ ଅଣାହୋଇ ଅଛନ୍ତି। ସୁଷମା ଡାକ୍ତରଖାନାକୁ ବାହାରିଲା ଓ ମୁଁ ତାହା ସଙ୍ଗେ ସଙ୍ଗେ ଗଲି। ସେଠାରେ ଶୁଣିଲି, ପୋଲିସ ଗୁଳିରେ ୭ଜଣ ହତ ହୋଇଅଛନ୍ତି। କି ଲୋମହର୍ଷଣ କାଣ୍ଡ! ଆହତ ବ୍ୟକ୍ତିଗଣ ଯେତେବେଳେ ଗାଡ଼ି, ଟମ୍‌ଟମ୍ ଓ ରିକ୍ସାରେ ବୁହାହୋଇ ଆସୁଥିଲେ ମୁଁ ଡାକ୍ତରଖାନା ସମ୍ମୁଖସ୍ଥ ମୁକ୍ତ ସ୍ଥାନରେ ଉପସ୍ଥିତ ଥିଲି। ସେମାନଙ୍କୁ ଦେଖି କାହାର ଚକ୍ଷୁରୁ ଯେ ଅଶ୍ରୁ ନିର୍ଗତ ହୋଇନଥିଲା ଏମନ୍ତ ନୁହେଁ। ଡାକ୍ତରଖାନାରେ ସୁଦ୍ଧା ଜନତା ସେହି ସମୟରେ ଅତ୍ୟଧିକ ହୋଇଥିଲେ। ସମସ୍ତଙ୍କ ମୁଖରେ ବ୍ରିଟିଶ୍ ସରକାରଙ୍କ ପ୍ରତି ନିନ୍ଦାବାଦ କଳରବରେ କର୍ଣ୍ଣ ବଧିର ହେଉଥାଏ। ଦେଖିଲି ପ୍ରାୟ ସମସ୍ତଙ୍କ ଦେହରେ ପେଟ ଓ ଛାତିର ମଧ୍ୟସ୍ଥଳରେ ଗୁଳି ବାଜିଛି। ସମସ୍ତେ ରକ୍ତରେ ଗାଧୋଇ ଯାଇଛନ୍ତି। ଜଣେ ଦୁଇଜଣ ଗାଡ଼ିରୁ ଓହ୍ଲାଇବା ମାତ୍ରକେ ସେମାନଙ୍କ ପ୍ରାଣବାୟୁ ଚାଲିଗଲା। ଆଇନ ହେଉଛି, ଜନତାକୁ ଛତ୍ରଭଙ୍ଗ କରାଇବାକୁ ହେଲେ ପ୍ରଥମରେ ସେମାନଙ୍କୁ ସାବଧାନ କରାଇ ଦିଆହୁଏ ଓ ଯଦି ସେମାନେ ତାହା ଅଗ୍ରାହ୍ୟକରି ଚାଲି ନଯାନ୍ତି ତାହାହେଲେ ଶୂନ୍ୟ ଆବାଜ କରାହୁଏ। ତାହା ଉତ୍ତାରେ ସୁଦ୍ଧା ଜନତା ରହିଥିଲେ ଗୋଡ଼ ଆଡ଼କୁ ଗୁଳି କରାହୁଏ। ଏହି ନିୟମ ଏ କ୍ଷେତ୍ରରେ ଆଦୌ ପାଳିତ ହୋଇନାହିଁ ଓ ଗୁଳି ପେଟ ଓ ଛାତିଉପରେ ବାଜିବାରୁ ଏତେ ପ୍ରାଣ ବିନାଶ ହୋଇଅଛି।

ସନ୍ଧ୍ୟାରେ ମେଡ଼ିକାଲ୍ କଲେଜର ପ୍ରିନ୍‌ସିପାଲ୍ ଡାକ୍‌ତର ତ୍ରିଦିବନାଥ ବାନାର୍ଜୀଙ୍କ ସଙ୍ଗେ ସାକ୍ଷାତ ହେଲା। ସୁଷମାକୁ ନେଇ ଘରେ ରଖିବାକୁ ସେ ମୋତେ ପରାମର୍ଶ ଦେଲେ ଓ କହିଲେ ଯେ ଛାତ୍ରୀମାନଙ୍କ ହଷ୍ଟେଲ୍ ସେ ବନ୍ଦ କରିଦେଉଛନ୍ତି ଓ ଯେଉଁ ଦୁଇଜଣ ଓଡ଼ିଆ ଛାତ୍ରୀ ଥିଲେ ସେମାନଙ୍କୁ ନେଇ କିଛିଦିନ ମୋ ବସାରେ ରଖିବାକୁ ଅନୁରୋଧ କଲେ। ତହିଁରେ ମୋର ଆପତ୍ତି ନଥିବା କହିଲି। ତହିଁରୁ ତାଙ୍କ ଗାଡ଼ିରେ ଆମ୍ଭେ ଦୁହେଁ ମେଡ଼ିକାଲ୍ କଲେଜ ହତା ଭିତରେ ଥିବା ହଷ୍ଟେଲକୁ ଆସିଲୁ। ତାଙ୍କ ପରାମର୍ଶାନୁଯାୟୀ ଜଣେ ରାଜି ହେବାରୁ ତାକୁ ମୋ ବସାକୁ ଆଣିଲି। ଅପରଛାତ୍ରୀଟି ହଷ୍ଟେଲ ବାହାରେ କୌଣସିଠାକୁ ଯିବାନାହିଁ ବୋଲି ପ୍ରତିଶ୍ରୁତି ଦେଇ ସେଠାରେ ରହିଲା।

ପ୍ରୋକ୍ତ ଛାତ୍ରୀ ସହିତ ସନ୍ଧ୍ୟା ପ୍ରାୟ ସାତଟାରେ ବସାକୁ ଫେରିଆସି ଦେଖିଲି, ପାଟଣା କଲେଜର ଛାତ୍ର ରାଧାନାଥ ରଥ ସଂଜ୍ଞାଶୂନ୍ୟ ହୋଇ ଆମ୍ଭ ବସାରେ ପଡ଼ିଛନ୍ତି। ବୁଝିଲି ସେ ସେକ୍ରେଟାରୀଏଟ୍ ଆକ୍ରମଣକାରୀ ଜନତା ମଧ୍ୟରେ ଥିବା ସମୟରେ ଜଣେ ପୋଲିସବାଲା ତାଙ୍କୁ ଧକ୍କା ଦେଇ ତଳେ ପକାଇ ଦେଇଥିବାରୁ, ମୁଣ୍ଡ ତଳେ ବାଜି ତାଙ୍କ ମୂର୍ଚ୍ଛା ହୋଇଅଛି, ଘନ ଘନ ପ୍ରଳାପ ହେଉଅଛି। ସୁଷମା ଓ ନିରୁପମା ତାଙ୍କ ପାଖରେ

Digitized by srujanika@gmail.com

ବସି ତାଙ୍କ ଶୁଶ୍ରୂଷା କରୁଅଛନ୍ତି; ତାଙ୍କୁ ଔଷଧ ଦିଆହେଉଅଛି ଓ ମୁଣ୍ଡରେ ଥଣ୍ଡା ଉପଚାର କରାହେଉଛି। ଆମ୍ଭେମାନେ ଅତ୍ୟନ୍ତ ଉଦ୍‌ବେଗପୂର୍ଣ୍ଣ ହୃଦୟରେ ତାଙ୍କୁ ଜଗିରହି ଶୁଶ୍ରୂଷା କରିବାକୁ ଲାଗିଲୁ। ପୋଷ୍ଟ ଗ୍ରାଜୁଏଟ୍ ହଷ୍ଟେଲ୍‌ରୁ ତାଙ୍କ ସହାଧ୍ୟାୟୀମାନେ ଆସିଲେ ଓ ତାଙ୍କୁ ଡାକ୍ତରଖାନାକୁ ନେବାପାଇଁ ପରାମର୍ଶ ଦେଲେ। କିନ୍ତୁ ସେତେବେଳେ ତାଙ୍କ ଅବସ୍ଥା ଏତେ ଉଦ୍‌ବେଗଜନକ ହୋଇଥିଲା ଯେ ତାଙ୍କୁ ସ୍ଥାନାନ୍ତରନେବା ବିପଜ୍ଜନକ ବୋଧହେଲା। ଯାହାହେଉ ରାତିଯାକର ଯତ୍ନ ଓ ଶୁଶ୍ରୂଷାରେ ରାତି ପାହିଲାବେଳକୁ ତାଙ୍କ ସଂଜ୍ଞା ଫେରିଆସିଲା। କ୍ରମେ କ୍ରମେ ସେ ସୁସ୍ଥ ହେଲେ। ଏଥିସକାଶେ ଆମ୍ଭମାନଙ୍କ ସହିତ ଆମ୍ଭମାନଙ୍କ ବସାରେ କେତେକ ଦିନ ତାଙ୍କୁ ରହିବାକୁ ହୋଇଥିଲା। ଏହି ରାଧାନାଥ ବର୍ତ୍ତମାନ ଉତ୍କଳ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ଅଧ୍ୟାପକ ଡକ୍ଟର ରାଧାନାଥ ରଥ।

ଗଣ୍ଡଗୋଳର ଚତୁର୍ଥ ଦିବସ ୧୨ ତାରିଖ। ଆନ୍ଦୋଳନ ଛାତ୍ରମାନଙ୍କଠାରୁ ଯାଇ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରବେଶ କଲାଣି। ଅନେକ ଲୋକ ବୁଲି ବୁଲି ଗୋଳମାଳ କରୁଛନ୍ତି। ଜଣାଗଲା ପାଟଣା ଜଙ୍କସନ୍ ଷ୍ଟେସନ ପାଖରେ ପ୍ରାୟ ୨୦ ହଜାର ଲୋକ ଜମା ହୋଇ ପୋଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ମୋଟରଗାଡ଼ି ଭାଙ୍ଗିଦେଇ ତାଙ୍କୁ ପ୍ରହାର କରିଛନ୍ତି। ଷ୍ଟେସନର ଅନେକ ଜିନିଷ ନଷ୍ଟ କରିଦେଇଛନ୍ତି। ଦୁଇଗୋଟି ପୋଲିସ ଲରୀ ଭାଙ୍ଗିଦେଇଛନ୍ତି। ଜେଲଖାନା ଫିଟାଇ କଏଦୀମାନଙ୍କୁ ମୁକ୍ତ କରିଦେବେ ବୋଲି ଯାଇଥିଲେ କିନ୍ତୁ ସେଠାରେ ଆବଦ୍ଧ ବାବୁ ରାଜେନ୍ଦ୍ର ପ୍ରସାଦଙ୍କ ଇଙ୍ଗିତରେ ସମସ୍ତେ ସେଠାରୁ ଚାଲିଗଲେ। ପାଟଣା ଜିଲା ମାଜିଷ୍ଟ୍ରେଟ୍ ଆଚର୍ ସାହେବ ଦିନଯାକ ଜେଲ୍‌ଖାନା ଭିତରେ ଲୁଚି ରହିଥିଲେ।

୧୩ ତାରିଖ ସକାଳେ ମେନ୍‌ରୋଡ୍, ଲୋଅର୍ ରୋଡ୍, ଖଜାଞ୍ଚି ରୋଡ୍ ଆଡ଼େ ବୁଲିଆସିଲି। ସର୍ବତ୍ର ଟେଲିଗ୍ରାଫ୍ ଓ ଟେଲିଫୋନ୍ ଲାଇନ୍ ତାରମାନ କଟାହୋଇଛି ଓ ସ୍ଥାନେସ୍ଥାନେ କଟା ହୋଇଥିବା ଗୋଛାଗୋଛା ତାର, ସଡ଼କର ଉଭୟ ପାର୍ଶ୍ୱରେ ଥିବା ଖମ୍ଭମାନଙ୍କରେ ବନ୍ଧାହୋଇ ସଡ଼କ ବନ୍ଦ କରାହୋଇଅଛି। ଅନେକ ସ୍ଥାନରେ ସଡ଼କମାନ ଖୋଳା ହୋଇଅଛି ଓ ସଡ଼କ ପାଖରେ ଗଛମାନ କଟାହୋଇ ଗଣ୍ଡିମାନ ପକାହୋଇ ସଡ଼କ ବନ୍ଦ କରାହୋଇଅଛି। ନାଳଗୁଡ଼ିକ ଉପରେ ବିଛା ହୋଇଥିବା ପଥର ଫିଟାହୋଇ ସେ ସବୁ ଓ ଏ.ଆର୍.ପି. ସକାଶେ ଖୋଳା ହୋଇଥିବା ଖାତ ପାଇଁ ବ୍ୟବହାର ସକାଶେ ରଖାହୋଇଥିବା ଇଟାମାନ ସଡ଼କର ଉଭୟ ପାର୍ଶ୍ୱକୁ ଲଗାହୋଇ ଠିଆ କରାହୋଇଅଛି। ସହର ତମାମ ହରତାଳ। ଗୋଟିଏ ସୁଦ୍ଧା ଦୋକାନ, କି ହିନ୍ଦୁ, କି ମୁସଲମାନ, ଫିଟିନାହିଁ। ସଡ଼କ ପାଖରେ କେତେ ଜଳଖିଆ ଓ ପୋଡ଼ା ମକ୍କା ବିକ୍ରି ହେଉଥାଏ। ଆଜି ସେ ବଜାରର ଚିହ୍ନବର୍ଣ୍ଣ ନାହିଁ। ରିକ୍‌ସାଗାଡ଼ି ସଡ଼କରେ ଗୋଟିଏ ସୁଦ୍ଧା ନାହିଁ। ସହର ଭିତର ଏକାବେଳେ ପରିତ୍ୟକ୍ତ, ଶୂନ୍ୟ। ଯେଉଁ ଜଣ କେତେ ଲୋକ ବୁଲୁଥିଲେ ସେ ସମସ୍ତଙ୍କ ମୁଖରେ ସରକାର ଓ ଇଂରେଜଙ୍କ ପ୍ରତି ନିନ୍ଦାବାଦ।

Digitized by srujanika@gmail.com

ଆଜିଠାରୁ ସ୍କୁଲ, କଲେଜ ସମସ୍ତ ମାସେ ପର୍ଯ୍ୟନ୍ତ ବନ୍ଦ ରହିବା ହୁକୁମ ବାହାରିଛି. ମଧ୍ୟ ଆଜିଠାରୁ ଫୌଜଦାରୀ କାର୍ଯ୍ୟବିଧି ଆଇନର ୧୪୪ ଦଫା ଅନୁସାରେ ସାଧାରଣ ସ୍ଥାନରେ ଚାରିଜଣରୁ ଅଧିକ ଲୋକ ଏକତ୍ର ରହିବା ସକାଶେ ନିଷେଧାଜ୍ଞା ଓ କର୍ଫ୍ୟୁ ଆଦେଶ ଜାରି କରାହୋଇଅଛି। କଲେଜ ପିଲାମାନଙ୍କୁ ସେମାନଙ୍କ ହଷ୍ଟେଲ ଛାଡ଼ି ଚାଲିଯିବା ସକାଶେ ହୁକୁମ ହୋଇଅଛି ଓ ସମସ୍ତେ ଇତସ୍ତତଃ ଚାଲିଯାଉଅଛନ୍ତି। ଶ୍ରୀମାନ୍ ରାଧାନାଥ ଆମ୍ଭମାନଙ୍କ ବସାରେ ଅଛନ୍ତି। ମେଡ଼ିକାଲ୍ କଲେଜର ଓଡ଼ିଆ ଛାତ୍ରୀଟି ଘରକୁ ଯିବାପାଇଁ ବ୍ୟସ୍ତ ହେଉଅଛି।

ଗୋଟିଏ ବାଇସାଇକେଲ୍ ମାଗି ନୟାଟୋଲି, କଦମକୁଆଁ ସଡ଼କ ଦେଇ ଏକ୍‌ଜିବିସନ୍ ରୋଡ୍‌ରେ ଥିବା ଡାକ୍ତର ଦୁଖନରାମଙ୍କ ଘର ପର୍ଯ୍ୟନ୍ତ ଗଲି। ଦେଖିଲି ନୟାଟୋଲି ଓ କଦମକୁଆଁର ଡାକଘରମାନ ପୋଡୁଛି। କଦମକୁଆଁ ପାଟଣାର ଅନେକ ଉଚ୍ଚପଦସ୍ଥ ସରକାରୀ ଅଫିସର, ଓକିଲ ଓ ଭଦ୍ରବ୍ୟକ୍ତିଙ୍କ ବସତି। ଏହି ଅଞ୍ଚଳରେ ସର୍ବତ୍ର ସଡ଼କମାନ କଟାଗଛ, ପଥର ଓ ଇଟା ଦ୍ୱାରା ବନ୍ଦ କରାହୋଇଅଛି। ଶୁଣିଲି ପାଟଣା ସହର ତମାମ ଏହି କାଣ୍ଡ। କେତେକ ଲୋକ ନିଶ୍ଚିନ୍ତ ହୋଇ ତାରଖମ୍ଭମାନ ଉପାଡୁଥିବା, ତାର କାଟୁଥିବା ଓ ସାନ ସାନ ପିଲାମାନେ ଏଥିରେ ଉତ୍ସାହ ସହକାରେ କାର୍ଯ୍ୟ କରୁଥିବା ଦେଖିଲି। ପାଟଣାରୁ ପ୍ରାୟ ତିନି ମାଇଲ୍ ଦୂରରେ ପାଟଣାସିଟି ଷ୍ଟେସନ୍ ପୋଡ଼ି ଯାଇଥିବା ଓ ସେଠାରେ ମାଲଗୋଦାମ ଓ ମାଲଗାଡ଼ିମାନଙ୍କରୁ ଯାବତୀୟ ମାଲ୍ ଲୁଟ୍ ହୋଇଥିବା ସମ୍ବାଦ ମଧ୍ୟ ମିଳିଲା।

୧୪ ତାରିଖ ସକାଳେ ସଡ଼କ ଆଡ଼େ ବୁଲିବାକୁ ଯାଇ ଦେଖିଲି କେତେକ ସ୍ଥାନରେ ରାସ୍ତାଗୁଡ଼ିକ ପରିଷ୍କାର କରାହୋଇଅଛି ଓ ଗୋଟାଏ ଗୋଟାଏ ରିକ୍‌ସା ଓ ଟମ୍‌ଟମ୍ ଚାଲୁଛି। ପ୍ରାୟ ସାତଟା ବେଳେ ଇଞ୍ଜିନିୟରିଂ କଲେଜ ହଷ୍ଟେଲକୁ ଯାଇ ଓଡ଼ିଆ ପିଲାଙ୍କୁ ଦେଖିଆସିଲି। ସମସ୍ତେ ଅଦ୍ଭୁତ ଭାବେ ଉତ୍ସାହାନ୍ୱିତ। କେତେକ ପିଲା କହିଲେ ସେମାନେ ମଫସଲକୁ ବିଦ୍ରୋହାତ୍ମକ କାର୍ଯ୍ୟ କରିବାକୁ ଯିବେ। ଆମ୍ଭମାନଙ୍କ ବସାଥିଲା ଇଞ୍ଜିନିୟରିଂ କଲେଜ ନିକଟସ୍ଥ ସଡ଼କରୁ ଯାଇଥିବା ଗୋଟିଏ ଗଳି ମଧ୍ୟରେ । ମୋର ସହଧର୍ମିଣୀ ପୀଡ଼ିତା। ଡାକ୍ତର ତ୍ରିଦିବନାଥ ବାନାର୍ଜ୍ଜୀ (ମେଡ଼ିକାଲ୍ କଲେଜର ପ୍ରିନ୍‌ସିପାଲ୍) ତାଙ୍କୁ ଦେଖିବାକୁ ଆସିବେ। ତାଙ୍କ ଅପେକ୍ଷାରେ ରହି ମୁଁ ସଡ଼କରେ ବୁଲୁଥିବା ସମୟରେ ଦେଖିଲି ମୋର ପରିଚିତ ଜଣେ ଓଡ଼ିଆ ଇଞ୍ଜିନିୟରିଂ କଲେଜର ଛାତ୍ର ଦୌଡ଼ି ଦୌଡ଼ି ଆସୁଅଛନ୍ତି। ତାଙ୍କ ପରିଧେୟ ମଧ୍ୟରେ କେବଳ ଖଣ୍ଡେ ଜଙ୍ଘିଆ, ଅଧାଗେଞ୍ଜି। ତାହା ଓଦା। ଦେହଯାକ କାଦୁଅ। ସେ କହିଲେ, ତାଙ୍କ ପଛରେ ପୋଲିସ ତାଙ୍କୁ ମାରିବାକୁ ଆସୁଛନ୍ତି। ସେ ଆମ୍ଭମାନଙ୍କ ବସା ଦେଖିଥିଲେ। ସେଠାକୁ ପଳାଇଯାଇ ରହିବାକୁ କହିଲି ଓ ଅଳ୍ପସମୟ ମଧ୍ୟରେ ସେ ସେଠାରୁ ଅଦୃଶ୍ୟ ହୋଇଗଲେ। ମୁଁ ପୂର୍ବାପେକ୍ଷା ଆହୁରି କ୍ଷିପ୍ରଗତିରେ ପଦଚାରଣ କରିବାକୁ ଲାଗିଲା।

Digitized by srujanika@gmail.com

ଅଳ୍ପସମୟ ମଧ୍ୟରେ ଜଣ କେତେ ସଶସ୍ତ୍ର ପୋଲିସ କନେଷ୍ଟବଲ ଧାଇଁ ଧାଇଁ ଆସିଲେ ଓ ମୋତେ ପଚାରିଲେ (ହିନ୍ଦୀରେ). 'ୟେହି ପିଲା କୁଆଡ଼େ ଗଲା ?' ମୁଁ କହିଲି, 'କେଉଁ ପିଲା'? ସେମାନେ କହିଲେ, 'ଏହି ମାତ୍ର ଜଣେ ପିଲା ନଦୀର କୂଳକୁ ଉଠି ଏହିଆଡ଼କୁ ପଳାଇ ଆସିଲା । ଖଣ୍ଡେ ଜଙ୍ଘିଆ ଓ ଗେଞ୍ଜି ପିନ୍ଧିଛି । ସେ କେଉଁଆଡ଼କୁ ଗଲା ?' ଆଉ ସଙ୍ଗେ ସଙ୍ଗେ ମୋତେ ପଚାରିଲେ, 'ଆପଣ କିଏ'? ମୁଁ କହିଲି, 'ମୁଁ ହାକିମ, ଡେପୁଟି ମାଜିଷ୍ଟ୍ରେଟ୍ ।' ସମସ୍ତେ ଅଭ୍ୟାସସିଦ୍ଧ ସଲାମ କରିପକାଇଲେ । ମୁଁ ଅନ୍ୟଏକ ଦିଗ ଦେଖାଇ 'ଏହି ଆଡ଼େ ପଳାଇଛି' ବୋଲି କହିଲି । ସେମାନେ ସେହିଆଡ଼େ ଦୌଡ଼ିଲେ । ବସାକୁ ଆସି ପ୍ରୋକ୍ତ ଛାତ୍ରକୁ ବାହାରକୁ ଦିନାକେତେ ନଯାଇ ଆମ୍ଭମାନଙ୍କ ବସାରେ ରହିବାକୁ କହିଲି । ସେଠାରୁ ଆଉ ତାଙ୍କୁ ଛାଡ଼ିଦେଲି ନାହିଁ । ତାଙ୍କ ମୁଖରୁ ଶୁଣିଲି ସେ ଇଂଜିନିୟରିଂ କଲେଜରେ ଝରକା ମଧ୍ୟଦେଇ ପିଚକାରି ଦ୍ୱାରା ସ୍ପିରିଟ୍ ସିଞ୍ଚି ତନ୍ମଧ୍ୟସ୍ଥ କାଗଜ, ଆସବାବପତ୍ରରେ ନିଆଁ ଲଗାଇ ନଦୀସ୍ରୋତରେ ପହଁରି ପହଁରି ଚାଲି ଆସିଛନ୍ତି । ମୋର ସମ୍ମୁଖରେ ଇଞ୍ଜିନିୟରିଂ କଲେଜର ଏକାଂଶ ପୋଡୁଅଛି । ଏହି କଲେଜରେ ପ୍ରାୟ ଆଠଶତ ଯୁଦ୍ଧ ସକାଶେ କାର୍ଯ୍ୟ କରୁଥିବା ଶିଳ୍ପୀ (war technician) ଜିନିଷ ପତ୍ର ତୟାର କରିବା ସକାଶେ ନିଯୁକ୍ତ ହୋଇରହିଥିଲେ । ସେମାନେ ସମସ୍ତେ କାର୍ଯ୍ୟ ଛାଡ଼ି ଚାଲିଯାଇଥିବା ଶୁଣିଲି । ଏମାନେ ସମସ୍ତେ ଆଦିବାସୀ : ସାନ୍ତାଳ, କୋହ୍ଲ ଓ ଅନେକ ଖ୍ରୀଷ୍ଟିୟାନ୍ । ଏମାନେ ସୁଦ୍ଧା ସରକାର ବିରୋଧାପନ୍ନ ହୋଇଉଠିଅଛନ୍ତି । ଦଳଦଳ ହୋଇ କଲେଜରେ ଛାତ୍ରମାନେ ଗାଡ଼ି ପାଇବା ଆଶାରେ ରେଲ୍‌ଷ୍ଟେସନ୍ ଆଡ଼କୁ ଚାଲିଅଛନ୍ତି । ପାଟଣା ଜଙ୍କସନ୍ ଷ୍ଟେସନ୍ ସୈନ୍ୟମାନଙ୍କ ଦ୍ୱାରା ଶକ୍ତଭାବରେ ରକ୍ଷିତ ହୋଇଅଛି । ବିଗତ ୧୨ ତାରିଖରୁ ଅର୍ଥାତ୍ ଦୁଇଦିନ ପୂର୍ବେ, ଅତି ପ୍ରତ୍ୟୁଷରେ ହାଓଡ଼ାଭିମୁଖୀ ପଞ୍ଜାବମେଲ୍ ଆସି ପାଟଣା ଷ୍ଟେସନ୍‌ରେ ଛିଡ଼ାହୋଇ ରହିଅଛି । ସମ୍ବାଦ ମିଳିଲା ଯେ ଏହି ଗାଡ଼ି ଓ ତିନି ଚାରିଟା ଗାଡ଼ି ସେହିଦିନ କଲିକତା ଆଡ଼କୁ ଯିବ, ଏହି ଆଶାରେ ଛାତ୍ରମାନେ, ବିଶେଷତଃ ଓଡ଼ିଆଛାତ୍ରମାନେ, ଅଳ୍ପ ଅଳ୍ପ ଜିନିଷଧରି ଷ୍ଟେସନ୍ ଅଭିମୁଖରେ ଚାଲିଅଛନ୍ତି । ସହରରେ ଗୋରା ସୈନ୍ୟମାନେ ଭର୍ତ୍ତି ହୋଇଗଲେଣି । ସେମାନେ ସଡ଼କମାନଙ୍କ ଉପରେ ପଇଁତରା ଦେଉଅଛନ୍ତି । ବି.ଏନ୍. କଲେଜଠାରୁ ସଡ଼କରେ ଗୋରା ସୈନ୍ୟମାନେ ଜଗି ରହିଛନ୍ତି । ଏଆଡୁ ସେ ଆଡ଼କୁ କେହି ଯାଇପାରୁନାହାଁନ୍ତି ବା ସେ ଆଡୁ ଏଆଡ଼କୁ ଆସିପାରୁନାହାଁନ୍ତି । ବଡ଼ ଡାକଘର ଓ ଇମ୍ପେରିଆଲ୍ ବ୍ୟାଙ୍କ, ମେସିନ୍ ଗନ୍ (ବଡ଼ ବଡ଼ ଆଗ୍ନେୟାସ୍ତ୍ର) ସହ ଗୋରା ସୈନ୍ୟମାନଙ୍କ ଦ୍ୱାରା ସୁରକ୍ଷିତ ହୋଇଅଛି । ସେକ୍ରେଟାରୀଏଟ୍‌ରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ସୁଦ୍ଧା ଚିହ୍ନୋଟ କାଗଜ ନେଇଯିବାକୁ ହେଉଅଛି । ବିହାର ଗଭର୍ଣ୍ଣର୍ ୧୧ ତାରିଖରେ ଦିଲ୍ଲୀ ଯାଇଥିଲେ । ଜଣାଗଲା ୧୪ ତାରିଖରେ ବିମାନରେ ଫେରିଆସିଲେ ଓ ଚିଫ୍ ସେକ୍ରେଟାରୀ ଓ ବଡ଼ ବଡ଼ ଗୋରା ଅଫିସରମାନେ ଲାଟ୍‌ଭବନରେ ଆଶ୍ରୟ ନେଉଅଛନ୍ତି ।

Digitized by srujanika@gmail.com

ସେହିଦିନ ପ୍ରାୟ ୧୧ଟା ବେଳେ ମୁଁ ଶ୍ୟାମା ସକାଶେ ଔଷଧ ଦୋକାନରୁ ଗୋଟିଏ ଔଷଧ ଆଣିବା ପାଇଁ ଇଞ୍ଜିନିୟରିଂ କଲେଜ ହଷ୍ଟେଲ ସମ୍ମୁଖସ୍ଥ ସଡ଼କ ଦେଇ ଯାଉଅଛି। ସମ୍ମୁଖରେ ଅଳ୍ପଦୂରରେ ଦୁଇଗୋଟି ଲରୀ ଦେଖିଲି। ଗୋଟିକରେ ଗୋରା ସୈନ୍ୟ ଓ ଅପରଟିରେ ଦେଶୀ ପୋଲିସ ଭର୍ତ୍ତି ହୋଇଛନ୍ତି। ମୋ ପଛରୁ ଦୁଇଜଣ ଇଞ୍ଜିନିୟରିଂ କଲେଜର ଛାତ୍ର ଆସି ମୋ ହାତ ଧରି ମୋତେ ଫେରାଇନେଲେ। ସେମାନେ କହିଲେ ଯେ ସଡ଼କରେ ଯେ ଯାଉଛି ତାକୁ ଧରିନେଇ ଏମାନେ ସଡ଼କ ପରିଷ୍କାର କରାଉଅଛନ୍ତି ଓ ସେମାନଙ୍କୁ ଭୟଙ୍କର ପ୍ରହାର ମଧ୍ୟ କରାହେଉଅଛି। ସେମାନଙ୍କ ସହିତ ମୁଁ ଫେରିଲି ଓ ବାଟରେ କଳାହାଣ୍ଡି ଷ୍ଟେଟ୍‌ର ଇଞ୍ଜିନିୟରିଂ କଲେଜ ଛାତ୍ର ଭୁବନେଶ୍ୱର ବେହେରାଙ୍କୁ ଦେଖିଲି। ସେ କହିଲେ ପ୍ରୋକ୍ତ ବଙ୍ଗାଳୀ ଛାତ୍ରଦ୍ୱୟଙ୍କୁ, ମୋତେ ଫେରାଇ ନେବାପାଇଁ, ସେ ପଠାଇଥିଲେ। ମୁଁ ମୋର ବସା ଆଡ଼କୁ ଫେରିଲି। ପ୍ରାୟ ଦୁଇତିନି ମିନିଟ୍ ପରେ ଦେଖିଲି ଇଂଜିନିୟରିଂ କଲେଜ ହଷ୍ଟେଲରୁ ଛାତ୍ରମାନେ ପଳାଉଅଛନ୍ତି। ସେମାନେ କହିଲେ ଯେ ଗୋରା ସୈନ୍ୟମାନେ ହଷ୍ଟେଲ ମଧ୍ୟକୁ ପଶି ଛାତ୍ରମାନଙ୍କୁ ମାଡ଼ଦେଇ ଓ ବନ୍ଧୁକ ସଙ୍ଗିନରେ ଭୟ ଦେଖାଇ ସେମାନଙ୍କୁ ସଡ଼କ ପରିଷ୍କାର କରିବା ସକାଶେ ଘୋସାଡ଼ି ନେଉଛନ୍ତି। ଇଂଜିନିୟରିଂ କଲେଜର ପ୍ରିନ୍ସପାଲ ମଧ୍ୟ ସେମାନଙ୍କ ସଙ୍ଗରେ ଅଛନ୍ତି। ପ୍ରକାଶ ହେଉଥିଲା ଯେ ସେ ଏମାନଙ୍କୁ ଡାକି ଆଣିଥିଲେନ୍ତ ଅଳ୍ପ ସମୟ ପରେ ଭୁବନେଶ୍ୱର ଆମ୍ଭ ବସାରେ ପହୁଞ୍ଚିଲେ ଓ ଉଲ୍ଲିଖିତ ସମସ୍ତ ଘଟଣା ବର୍ଣ୍ଣନା କଲେ। ତାଙ୍କ ପରିଧେୟ କର୍ଦ୍ଦମାକ୍ତ ହୋଇଯାଇଥିଲା ଓ ଡାହାଣ ହାତର ଏକାଂଶ ଛିଣ୍ଡିଯାଇ ତହିଁରୁ ରକ୍ତ ବହୁଥିଲା। ସେ କହିଲେ ଯେ ପଥର ଉଠାଉଥିବା ସମୟରେ ହାତରେ ଘସିହୋଇ ତାହା ଛିଣ୍ଡି ଯାଇଥିଲା। ସୁଷମା କ୍ଷତ ସ୍ଥାନରେ ଔଷଧ ଲଗାଇଦେଲା। ସୌଭାଗ୍ୟକୁ ମୁଁ ଫେରିଲି, ନଚେତ ମୋତେ ମଧ୍ୟ ହୁଏତ ମାଡ଼ଖାଇ ପଥର ବୋହିବାକୁ ହୋଇଥାନ୍ତା। ଆଉ କିଛି ସମୟପରେ ଶୁଣାଗଲା, ଗୋରା ସୈନ୍ୟମାନେ ପାଟଣା କଲେଜର ଇକନମିକ୍ସ (ଅର୍ଥଶାସ୍ତ୍ର) ଅଧ୍ୟାପକ ଡକ୍ଟର ଜ୍ଞାନଚାନ୍ଦ ଓ ପୋଷ୍ଟ ଗ୍ରାଜୁଏଟ୍ ହଷ୍ଟେଲ୍‌ର ସୁପରିଣ୍ଟେଣ୍ଡେଣ୍ଟ୍ ଅଧ୍ୟାପକ ସଚିବ ଦତ୍ତଙ୍କ ଘରେ ପଶି ସେମାନଙ୍କୁ ବଳପୂର୍ବକ ଟାଣି ନେଇଥିଲେ ଓ ସଡ଼କ ବନ୍ଦ କରାହୋଇଥିବା ପଥର ବୁହାଇଥିଲେ। ଏହି ତ ବିଦେଶୀ ଶାସନ ଅମଳରେ ଭାରତବାସୀଙ୍କ ଅବସ୍ଥା। ଆଜି ସାଧାରଣ ଶ୍ରମିକ ଓ କଲେଜର ସର୍ବଶ୍ରେଷ୍ଠ ଅଧ୍ୟାପକ ସମସ୍ତେ ସମାନ। ଯେହେତୁ ସେମାନେ ଭାରତବାସୀ! ସ୍ୱଦେଶରେ ପ୍ରବାସୀ।

୧୫ ତାରିଖର ଅପରାହ୍ଣରେ ପାଟଣା 'ଲ' କଲେଜର ଛାତ୍ର ବଲାଙ୍ଗିରର ମନବୋଧ ବାବୁ ଓ ଆଉ ଜଣକେତେ ଛାତ୍ରଆସି କହିଲେ ଯେ ସେମାନେ ଗଙ୍ଗା ପାରିହୋଇ ସୋନପୁର ଯାଇଥିଲେ। କିନ୍ତୁ ଲୋକେ ସୋନପୁର ଷ୍ଟେସନ ପୋଡ଼ି ଦେଇଥିବାରୁ ସେଠାରୁ ଫେରିଆସିଲେ। ପରେ ଶୁଣାଗଲା ସେଠାରେ ଉତ୍ତ୍ୟକ୍ତ ଜନତା ଉପରେ ଗୁଳି ଚାଳିଥିଲା ଓ କେତେକ ଲୋକ ହତାହତ ହୋଇଥିଲେ। ଦଳଦଳ ଛାତ୍ର ପାଟଣା ତ୍ୟାଗକରି ମଫସଲର

Digitized by srujanika@gmail.com

ଅଞ୍ଚଳକୁ ଚାଲି ଯାଉଥିବା ଦେଖିଲି। ୧୬ ତାରିଖ ଦିନ ସୀତାକାନ୍ତ ପଟ୍ଟନାୟକ ପ୍ରଭୃତି ଜଣକେତେ ଛାତ୍ର ମୋ ବସାକୁ ଆସି କହିଲେ ଯେ ୧୪ ତାରିଖରେ ସେମାନେ ରେଲରେ ଯାଇଥିଲେ। କିନ୍ତୁ ସେହିଦିନ ସେମାନଙ୍କୁ ଫେରି ଆସିବାକୁ ହୋଇଥିଲା। ସେମାନଙ୍କ ଯେଉଁ ଅନୁଭୂତି ବର୍ଣ୍ଣନା କଲେ ତାହା ଅତ୍ୟନ୍ତ ବିଭୀଷିକାମୟ। ସେମାନେ କହିଲେ ଯେ ପଞ୍ଜାବ ମେଲ୍ ଓ ତାହା ପଛକୁ ଆଉ ଚାରିଟା ଗାଡ଼ି ପଛକୁ ପଛ ହୋଇ ପାଟଣା ଜଙ୍କସନ୍ ଷ୍ଟେସନରୁ ସକାଳ ପ୍ରାୟ ୮ଟାବେଳେ ଛାଡ଼ି ଧୀରେ ଧୀରେ ଚାଲି ତିରିଶ ଘଣ୍ଟାରେ କେବଳ ୫୦ ମାଇଲ ଦୂରବର୍ତ୍ତୀ ମୂକାମା ଷ୍ଟେସନ୍ ପର୍ଯ୍ୟନ୍ତ ଗଲା। ବାଟରେ ଯେତେ ଷ୍ଟେସନ ଥିଲା ସେ ସମସ୍ତ ଲୋକ ପୋଡ଼ି ଦେଇଥିଲେ। ଟେଲିଫୋନ୍ ଲାଇନ୍ ତାର ମାନ କାଟି ଦେଇଥିଲେ। ସର୍ବତ୍ର ମାଲପତ୍ର ଲୁଟି ନେଇଥିଲେ। ପ୍ରତ୍ୟେକ ଷ୍ଟେସନ ଘରର କାନ୍ଥମାନ ସୁଦ୍ଧା ପୋଡ଼ି ଭସ୍ମସାତ୍ ହୋଇଥିଲା। ପ୍ରଥମ, ଦ୍ୱିତୀୟ ଶ୍ରେଣୀୟ ଗାଡ଼ିମାନଙ୍କୁ ସୁଦ୍ଧା ଭାଙ୍ଗି ଦେଇଥିଲେ। ଗାଡ଼ି ଚାଲୁଥିବା ସମୟରେ ସୁଦ୍ଧା ଲୋକେ ଗାଡ଼ି ଭିତରକୁ ପଶି ଆତଙ୍କ ଶିକୁଳୀ ଟାଣି ଗାଡ଼ିକୁ ବାରମ୍ବାର ବନ୍ଦ କରିଦେଉଥିଲେ ଓ ଗାଡ଼ି ବନ୍ଦ ହେଲାପରେ ଇଞ୍ଜିନ୍ ଉପରକୁ ପଥରମାରି କେତେକ ଇଞ୍ଜିନକୁ ସୁଦ୍ଧା ଭାଙ୍ଗି ଅକର୍ମ୍ମଣ୍ୟ କରିଦେଇଥିଲେ; ରେଲ ପଥର ତାର ଗୁଡ଼ିକ ସ୍ଥାନେ ସ୍ଥାନେ ତାଡ଼ି ଉଠାଇ ନେଇ ନିକଟସ୍ଥ ନାଳରେ ଫୋପାଡ଼ି ଦେଇଥିଲେ। ଗାଡ଼ିରେ ଗୋରା ସୈନ୍ୟମାନେ ଥିଲେ ସୁଦ୍ଧା ସେମାନଙ୍କ ସମ୍ମୁଖରେ ଓ ବନ୍ଧୁକକୁ ଭୟ ନକରି ଲାଇନ ସବୁ ଭାଙ୍ଗି ପକାଉଥିଲେ। ରେଲ୍‌ୱେ କର୍ମଚାରୀମାନେ ଆଗକୁ ଲାଇନ ଯେତେ ମରାମତି କରି ନେଉଥାନ୍ତି ପଛରେ ସେତିକି ଲାଇନ ଆହୁରି ଭଙ୍ଗା ହେଉଥାଏ। ପ୍ରତ୍ୟେକ ଷ୍ଟେସନ୍‌ରେ ଲୋକେ ସହସ୍ର ସହସ୍ର ସଂଖ୍ୟାରେ ଜମାହୋଇ କଂଗ୍ରେସ୍ ଶ୍ଳୋକ ଉଚ୍ଚାରଣ ପୂର୍ବକ କଳରବ କରୁଥାନ୍ତି। କିନ୍ତୁ ଗାଡ଼ିରେ ଥିବା ଲୋକଙ୍କ ସକାଶେ ଦୁଧ, ଚୁଡ଼ା, ପୁରୀ, ତରକାରୀ, ଭାତ ସୁଦ୍ଧା ବନ୍ଦୋବସ୍ତ କରି ସେମାନଙ୍କ ମଧ୍ୟରେ ବିତରଣ କରୁଥାନ୍ତି। କେବଳ ପୋଲିସ ଓ ସିପାହିଙ୍କୁ କିଛି ଦେଉ ନ ଥାନ୍ତି। ଦୋକାନୀମାନେ ସୁଦ୍ଧା ସେମାନଙ୍କୁ କୌଣସି ଜିନିଷ ବିକ୍ରୟ କରୁ ନ ଥାନ୍ତି। ତିନିଦିନ କାଳ ସେପରି ଅସୁବିଧାରେ ଅତିବାହିତ କରି ସେହିଦିନ ସେମାନେ ଫେରିଆସିଥିଲେ।

ରେଲ୍ ଯାତାୟାତ ଏକାବେଳକେ ବନ୍ଦ ହୋଇଯାଇଥିଲା। ପାଟଣାରେ ଚାରିଆଡ଼େ ଧରପଗଡ଼ ଚାଲିଥାଏ। ଜିନିଷପତ୍ର ଦୁଷ୍ପ୍ରାପ୍ୟ ଓ ଅତ୍ୟନ୍ତ ଦୁର୍ମୂଲ୍ୟ ହୋଇଗଲା। ଗୋଟିଏ ଦୋକାନକୁ ଯାଇ ବହୁକଷ୍ଟରେ ମହଣେ ଚାଉଳ ଟ.୯ଙ୍କା ଦେଇ ଆଣିଲି। ପ୍ରତିଦିନ ସନ୍ଧ୍ୟାରେ ଯାଇ ଓଡ଼ିଆ ଛାତ୍ରମାନଙ୍କୁ ଦେଖି ଆସୁଥାଏ। ଘରକୁ ଯିବାପାଇଁ ସମସ୍ତେ ବ୍ୟସ୍ତ ହେଉଥାନ୍ତି। କିନ୍ତୁ ଯିବାର ସମସ୍ତ ପଥ ବନ୍ଦ। ଦିନେ ସନ୍ଧ୍ୟାରେ 'ଲ' କଲେଜର କଟକବାସୀ ଜଣେ ଛାତ୍ର ଆସି ଆମ୍ଭ ବସାରେ ଥିବା ମେଡ଼ିକାଲ୍ ଛାତ୍ରୀଙ୍କୁ କହିଲା ଯେ ସେହି ରାତ୍ରରେ ସେ ଘରକୁ ଯାଉଛନ୍ତି। ଏ ତାଙ୍କ ସଙ୍ଗେ ଯିବା ପାଇଁ ତାଙ୍କୁ ଆହ୍ୱାନ କଲା। ଛାତ୍ରୀଟି ବାହାରି ପଡ଼ିଲା। ମୁଁ କହିଲି ଯେ ମେଡ଼ିକାଲ୍ କଲେଜର ପ୍ରିନ୍ସପାଲ୍ ତାକୁ ମୋ ଠାରେ ରଖିଦେଇ

Digitized by srujanika@gmail.com

ଯାଇଅଛନ୍ତି ଓ ତାଙ୍କ ଅନୁମତି ବିନା ମୁଁ ତାକୁ 'ଲ' କଲେଜ ଛାତ୍ର ସଙ୍ଗେ ଯିବାପାଇଁ ଛାଡ଼ିଦେଇ ପାରିବି ନାହିଁ। ଛାତ୍ରୀଟି ଯିବାପାଇଁ ନିତାନ୍ତ ଜିଦ୍ ଧରିବସିଲା ଓ ଉଚ୍ଚପାଟିରେ କାନ୍ଦି ଅଗଣାରେ ଥିବା କୂପ ପାଖକୁ ଯାଇ, ଯିବାକୁ ନଦେଲେ କୂଅରେ ଡେଇଁପଡ଼ି ପ୍ରାଣ ହରାଇବ ବୋଲି କହିଲା। କିନ୍ତୁ ମୋ ଜିଦ୍ ଏହାଠାରୁ ବଳିପଡ଼ିଲା। ତାହା ହାତକୁ ଧରି କୂଅ ପାଖକୁ ଟାଣି ନେଇଗଲି ଓ ସେ ନ ପଡ଼ିଲେ ମୁଁ ତାକୁ କୂଅ ଭିତରକୁ ଠେଲିଦେବି ବୋଲି ଭୟ ଦେଖାଇଲି। ଔଷଧ ଠିକ୍ ଧଇଲା। ସେ ତୁନି ହୋଇ ମୋ ସଙ୍ଗେ ଆସିଲା। ବାଧହୋଇ ମୋତେ ସେହି ରାତ୍ରରେ ତାକୁ ପ୍ରିନ୍ସ୍‌ପାଲ୍‌ଙ୍କ ପାଖକୁ ନେଇ ଛାଡ଼ି ଆସିବାକୁ ହେଲା।

ତା୧୭ରିଖ ସକାଳେ ଦେଖାଗଲା, ଅନେକ ଗୋରା ସୈନ୍ୟ ପାଟଣାରେ ପହଞ୍ଚି ପାଟଣା କଲେଜ, ସାଇନ୍‌ସ କଲେଜ, କଲେଜ ସଂଲଗ୍ନ ଛାତ୍ରାବାସ, ବିଶ୍ୱବିଦ୍ୟାଳୟର ସିନେଟ୍ ଗୃହ ପ୍ରଭୃତି ଦଖଲ କରିଛନ୍ତି। ଧରପଗଡ଼ ଚାଲିଥାଏ ଓ ଅନେକ ଲରୀରେ ଧରା ହୋଇଥିବା ଲୋକଙ୍କୁ ଜେଲଖାନାକୁ ନିଆ ହେଉଥାଏ। ଛାତ୍ରମାନଙ୍କ ପ୍ରତି ସରକାରଙ୍କ ତୀବ୍ର ଆକ୍ରୋଶ ସେହି ସମୟରେ ବିଶେଷ ଭାବରେ ଲକ୍ଷିତ ହେଉଥାଏ। ପୋଲିସ ଲରୀମାନଙ୍କରେ ବୁଲି ବୁଲି ଡାକବାଜି ଯନ୍ତ୍ରଦ୍ୱାରା ପ୍ରଚାର କରୁଥାନ୍ତି ଯେ ତାର, ରେଲଲାଇନ୍ କାଟୁଥିବା ଲୋକଙ୍କୁ ବେତ୍ରାଘାତ କରାହେବ ଓ ଫାସି ମଧ୍ୟ ଦିଆହେବ ଓ ଯେଉଁ ଗ୍ରାମ ନିକଟରେ ଏହା ହେବ ସେହି ଗ୍ରାମବାସୀମାନଙ୍କ ଉପରେ ସମ୍ମିଳିତ ଜରିମାନା ଧାର୍ଯ୍ୟ ହେବ। ଟାଉନର ସମସ୍ତ ସଡ଼କ ବନ୍ଦ ହୋଇଗଲା ଓ ପ୍ରତ୍ୟେକ ସଡ଼କର ମୁହଁରେ ଗୋରା ସିପାହି ବନ୍ଧୁକ ଧରି ଜଗି ରହିଥିଲେ। ବିନା ପାସ୍‌ରେ କାହାରିକୁ ସଡ଼କରେ ଯିବାକୁ ଦିଆ ହେଉନଥିଲା। ଡାକ୍ତରଙ୍କ ଘରକୁ ଯିବା ସକାଶେ ପୀର ବୋହୋର ଥାନାରୁ ମୋତେ ଗୋଟିଏ ପାସ୍ ଆଣିବାକୁ ହୋଇଥିଲା। ଦଳକୁ ଦଳ ଗୋରା ସୈନ୍ୟ ପ୍ରତିଦିନ ପାଟଣାକୁ ଆସୁଥାନ୍ତି। ଟାଉନର ପ୍ରଧାନ ପ୍ରଧାନ ସଡ଼କରେ ପ୍ରକାଣ୍ଡ ଲରୀମାନଙ୍କରେ ଦୌଡ଼ା ଦୌଡ଼ି କରିବାରେ ଲାଗିଥାନ୍ତି । ଯେଉଁଆଡ଼େ ଦେଖିବ ସେଆଡ଼େ କେବଳ ଗୋରା ସୈନ୍ୟ। ସଡ଼କ କଡ଼ରେ ଗାତ ଖୋଳି, କାଠ କାଟି ବଡ଼ ବଡ଼ ବାଲ୍‌ଟିରେ ପାଣି ବୋହି ରୋଷେଇ କରୁଥାନ୍ତି। ସ୍ଥାନୀୟ ଲୋକେ ସେମାନଙ୍କଠାରୁ କଦଳୀ ପ୍ରଭୃତି ଫଳ ନେଇ ଚଢ଼ା ମୂଲ୍ୟରେ ବିକ୍ରୟ କରୁଥାନ୍ତି। ଏହିପରି ଦଳେ ସୈନ୍ୟଙ୍କ ପଛରେ ପାଟଣାର ଜଣକେତେ ଛାତ୍ର ଯାଇ କହିଲେ, ''ଦେଖ, ଏହି 'ଟମୀ'ଙ୍କୁ।''ସେମାନଙ୍କ ମଧ୍ୟରୁ ଜଣେ ହସି ହସି କହିଲା, ''ଆମ୍ଭେମାନେ ଟମୀ ନୋହୁଁ, ଆମ୍ଭେମାନେ ଆମେରିକାର କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଛାତ୍ର'' (ଟମୀ ଅର୍ଥ ଇଂରେଜ ସିପାହି)। ଦେଖାଗଲା, ଏମାନେ କୌଣସି ଜିନିଷ କୌଣସି ଦୋକାନରେ କିଣିବାକୁ ହେଲେ ଆମେରିକାରେ ପ୍ରସ୍ତୁତ ଜିନିଷ ଛଡ଼ା କିଛି କିଣୁନଥିଲେ।

ଏହି ପରିସ୍ଥିତିରେ ପାଟଣାରେ ଅତ୍ୟନ୍ତ ଅସୁବିଧାରେ ରହି ଘରକୁ ଫେରିଯିବା ପାଇଁ ଆମ୍ଭେମାନେ ବ୍ୟସ୍ତ ହୋଇପଡ଼ିଲୁ। ଶୁଣିଲି, କେତେକ ଓଡ଼ିଆ ଛାତ୍ର ଲରୀରେ ରାଞ୍ଚିଦେଇ

Digitized by srujanika@gmail.com

ଚାଲିଯାଇଅଛନ୍ତି। ପାଟଣା ଷ୍ଟେସନ୍‌କୁ ଯାଇ ବୁଝିଲି ଯେ, ତା୨୪ରିଖ ସକାଳେ ଗୋଟିଏ ଗାଡ଼ି ସକାଳ ୬ଟା ବେଳେ ଛାଡୁଛି ଓ ଗୟାରେ ଦିନ ୧୨ଟା ବେଳେ ପହଞ୍ଚୁଛି। ପାଟଣାରୁ ଗୟା ପ୍ରାୟ ୫୦ ମାଇଲ ପଥ। ସେହି ଗାଡ଼ି ଦିନଯାକ ଓ ରାତିଯାକ ଯାଇ ସେଠାରେ ପଡ଼ିରହୁଛି। ଗାଡ଼ି ଆଦୌ ଚାଲୁନାହିଁ। ଦିନବେଳେ ଯେଉଁ ଗାଡ଼ି ଚାଲୁଛି ତାହା ମଧ୍ୟ ଅତ୍ୟନ୍ତ ମନ୍ଦ ଗତିରେ। ଯେଉଁଠାରେ ଲାଇନ୍ କଟା ହୋଇଛି ତାହା ମରାମତି ହେଉଛି ଓ ଯେଉଁଠାରେ ସନ୍ଧ୍ୟାହେଉଛି ସେଠାରେ ଗାଡ଼ି ରହିଯାଉଛି। ରେଲପଥରେ ଯିବା ତାହାହେଲେ ବିପଦ ଓ ଅସୁବିଧାଜନକ। ଏହିପରି ଚାରିଆଡ଼େ ବିଶୃଙ୍ଖଳା। ଡାକରେ ପତ୍ର ଓ ଟେଲିଗ୍ରାମ ସୁଦ୍ଧା ନିୟମିତରୂପେ ଯିବା ଆସିବା ହେଉନାହିଁ। ଆନ୍ଦୋଳନ କ୍ରମେ ସହରରୁ ଯାଇ ମଫସଲରେ ବ୍ୟାପିଲା। ମଫସଲରେ ଥାନା ଘରମାନ ପୋଡ଼ି ଦିଆହୋଇଥିବା ଓ ପୋଲିସ କର୍ମଚାରୀମାନେ ପ୍ରାଣଘେନି ପଳାଇ ଯାଉଥିବା ସମ୍ବାଦ ଘନ ଘନ ଶୁଣା ଯାଉଥାଏ। ମୁଜାଫରପୁର ଜିଲ୍ଲାସ୍ଥ ସୀତାମାଢ଼ୀର ବିହାରୀ ସବ୍‌ଡ଼ିଭିଜନାଲ୍ ଅଫିସର ବିଦ୍ରୋହ ଦମନ ସକାଶେ ଏକସ୍ଥାନକୁ ଯାଇଥିବା ସମୟରେ ତାଙ୍କୁ ହତ୍ୟା କରାହେଲା। ତାଙ୍କ ପରିବାରଙ୍କ ସକାଶେ ସରକାର ବୃତ୍ତି ବନ୍ଦୋବସ୍ତ କରିଦେଲେ। ପାଟଣାରେ ପ୍ରତ୍ୟହ ଗଣ୍ଡା ଗଣ୍ଡା ବିମାନ ଅନେକ ଘରର ଅଳ୍ପ ଉପରେ ଉଡ଼ି ଉଡ଼ି ଭୀଷଣ ଗର୍ଜ୍ଜନଦ୍ୱାରା ଲୋକଙ୍କ ହୃଦୟରେ ଆତଙ୍କ ସୃଷ୍ଟି କରୁଥାଏ। ଏପରି ଗୋଟିଏ ବିମାନ ଉଠୁଥିବା ସମୟରେ ଛାତ ଉପରେ ଧକ୍କା ବାଜି ତଳେ ପଡ଼ିଗଲା ଓ ତତ୍‌କ୍ଷଣାତ୍ ଗୋରା ଆରୋହୀଗଣଙ୍କୁ ଉତ୍ତ୍ୟକ୍ତ ଜନତା ହତ୍ୟା କରିପକାଇଲେ।

ଭାରତବାସୀଙ୍କ ହସ୍ତରେ ଅସ୍ତ୍ରଶସ୍ତ୍ର କିଛି ନ ଥିଲା। ମହାତ୍ମା ଗାନ୍ଧୀ ଶୂନ୍ୟ ହସ୍ତରେ ଇଂରେଜଙ୍କ ବିରୁଦ୍ଧରେ ଅହିଂସାମୂଳକ ନୈତିକ ଯୁଦ୍ଧ କରିବାକୁ ଦେଶବାସୀଙ୍କୁ ଉଦ୍‌ବୁଦ୍ଧ କରିଥିଲେ। ଏହି ଆନ୍ଦୋଳନ ଫଳରେ ରେଲ ବନ୍ଦ ହୋଇଗଲା। ଡାକ ଯାତାୟତ କଲାନାହିଁ। ସ୍କୁଲ କଲେଜ ବନ୍ଦ ହୋଇଗଲା। ବିଚାରାଳୟକୁ ପକ୍ଷମାନେ ବର୍ଜନ କଲେ। ବଜାରରେ ଜିନିଷପତ୍ର ମିଳିଲା ନାହିଁ। ଯାହା ମିଳିଲା ତାହା ଦୁର୍ମୂଲ୍ୟ ହେଲା। ସରକାରଙ୍କ ଆଇନ୍‌କାନୁନ୍ ପ୍ରତି ଲୋକଙ୍କ ସମ୍ମାନ ହ୍ରାସହେଲା। ଏହା ତ ରାଷ୍ଟ୍ରବିପ୍ଳବ। ଏଥିରେ ଦେଶବାସୀ ମହାତ୍ମାଗାନ୍ଧୀଙ୍କୁ ଅଭିନନ୍ଦନ କରିବାକୁ ଲାଗିଲେ। ୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ବମ୍ବେରେ ବସିଥିବା ନିଖିଳ ଭାରତ କଂଗ୍ରେସ କମିଟିରେ ୱାର୍ଦ୍ଧା କଂଗ୍ରେସ କାର୍ଯ୍ୟକାରୀ କମିଟିର ନିର୍ଦ୍ଧାରଣ ସମର୍ଥିତ ହେବା ପରେ ମହାତ୍ମାଗାନ୍ଧୀ ତାହାକୁ ଦେଶରେ କାର୍ଯ୍ୟକାରୀ କରିବା ପୂର୍ବେ ବଡ଼ଲାଟ୍‌ଙ୍କ ସଙ୍ଗେ ସାକ୍ଷାତ୍ କରି ତାହାର ଆଲୋଚନା କରିବେ ବୋଲି ଜଣାଇ ଦେଇଥିଲେ। କିନ୍ତୁ ଏହା କରିବା ପାଇଁ ତାଙ୍କୁ ସମୟ ବା ଅବସର ଦିଆ ନ ଯାଇ ୯ତାରିଖ ସକାଳେ ତାଙ୍କୁ ଓ ତାଙ୍କ ସହକର୍ମୀଙ୍କୁ ଗ୍ରେପ୍ତାର କରାଗଲା। ତତ୍ପରେ ଭାରତର ଅନ୍ୟାନ୍ୟ ପ୍ରଦେଶର କଂଗ୍ରେସ ନେତାମାନଙ୍କୁ ସୁଦ୍ଧା ଗ୍ରେପ୍ତାର କରାଗଲା। କଂଗ୍ରେସ ନେତାମାନେ ନିଖିଳ ଭାରତ କଂଗ୍ରେସ କମିଟି ଦ୍ୱାରା ଗୃହୀତ ଆଇନ ଅମାନ୍ୟ ଆନ୍ଦୋଳନ

Digitized by srujanika@gmail.com

ଜାରି କରିପାରିଲେ ନାହିଁ। ଏହାର ଉତ୍ତାରେ ଯେଉଁ ଆନ୍ଦୋଳନ ହେଲାନ୍ତ ତାହା କଂଗ୍ରେସ ଦେଶବାସୀଙ୍କ ଦ୍ୱାରା ହେଲାନ୍ତ ଯେହେତୁ ପ୍ରାୟ ସମସ୍ତ କଂଗ୍ରେସ ନେତାମାନେ କାରାରୁଦ୍ଧ ହୋଇ ରହିଲେ। ସରକାର ସାଧାରଣ ସମୟରେ ଆନ୍ଦୋଳନ ଦମନ କରିବା ସକାଶେ ଅବଲମ୍ବିତ ଉପାୟମାନ ଯୁଦ୍ଧ ସମୟରେ ସୁଦ୍ଧା ପ୍ରୟୋଗକଲେ ଅଥଚ ଭାରତବାସୀଙ୍କୁ ଯୁଦ୍ଧରେ ସେମାନଙ୍କ ସହିତ ସହଯୋଗ କରିବାକୁ ଭିକ୍ଷାକଲେ। କିନ୍ତୁ ଦେଶବ୍ୟାପୀ ଆନ୍ଦୋଳନ ଫଳରେ ସେମାନଙ୍କ ମନରୁ ସହଯୋଗ-ପ୍ରବଣତା ଦୂର ହୋଇଥିବା ଲକ୍ଷଣ ଚତୁର୍ଦ୍ଦିଗରେ ସ୍ପଷ୍ଟ ଭାବରେ ଦୃଷ୍ଟ ହେଉଥିଲା।

ପାଟଣାର ଅବସ୍ଥା କ୍ରମେ କ୍ରମେ ଏପରି ହେବାକୁ ଲାଗିଲା ଯେ, ଆଉ ସେଠାରେ ରହିବା ଆମ୍ଭେମାନେ ନିରାପଦ ମନେକଲୁ ନାହିଁ। ଲରୀ ଅଫିସକୁ ଯାଇ ବୁଝି ଆସିଲି ବି.ଏନ୍.ଆର୍. ପଥରେ କୌଣସି ଗୋଳମାଳ ନାହିଁ ଓ ରାଞ୍ଚି-ଚକ୍ରଧରପୁର ଦେଇ ସମ୍ବଲପୁର ଯାଇହେବ। ତା.୪.୯.୪୨ ଦିନ ପାଟଣା ଛାଡ଼ିବା ଆମ୍ଭେମାନେ ସ୍ଥିର କଲୁ। ପୂର୍ବଦିନ ଜନ୍ମାଷ୍ଟମୀ। ସନ୍ଧ୍ୟାରେ ଡାକ୍ତର ଦୁଖନ୍‌ରାମଙ୍କ ସହିତ ଶ୍ୟାମା ସଙ୍ଗେ ଯାଇ ସାକ୍ଷାତ କଲି। ସେ ତାହା ସକାଶେ ବ୍ୟବସ୍ଥା ପତ୍ର ଲେଖିଦେଲେ ଓ ଘରେ ତାହା ପ୍ରତି କିପରି ଭାବରେ ଯତ୍ନ କରିବାକୁ ହେବ ସେହି ସମ୍ବନ୍ଧରେ ଉପଦେଶ ଦେଲେ। ତତ୍ପରେ ପୂର୍ବପରି ବିଦାୟ ଦୃଶ୍ୟ। ଶ୍ୟାମାକୁ କୋଳରେ ଧରି ପୂର୍ବପରି ସ୍ନେହପୂର୍ଣ୍ଣ କେତେକଥା କହିଲେ। ଦୁଇବର୍ଷ ଧରି ନିଜ ହାତରେ ଶ୍ୟାମାର ଚିକିତ୍ସାକରି ତାହାପ୍ରତି ତାଙ୍କ ଗଭୀର ସ୍ନେହ ଜାତ ହୋଇଯାଇଅଛି। ଏପରି କି ତାକୁ ଛାଡ଼ିବାକୁ ସୁଦ୍ଧା ଇଚ୍ଛା ହେଉନାହିଁ। କହୁ କହୁ ତାଙ୍କ ଚକ୍ଷୁଦ୍ୱୟ ଅଶ୍ରୁପୂର୍ଣ୍ଣ ହୋଇଗଲା। ଚକ୍ଷୁକୁ ରୁମାଲରେ ପୋଛି ପକାଇଲେ। ମୋ ଚକ୍ଷୁରୁ ସୁଦ୍ଧା ଦୁଇ ଟୋପା ଲୁହ ଖସିପଡ଼ିଲା। ଏଡ଼େ ଦେବୋପମ ହୃଦୟବତ୍ତା କେବଳ ଅନୁଭୂତିର ବିଷୟନ୍ତ କଥାରେ ବ୍ୟକ୍ତ କରାଯାଇ ନ ପାରେ। ଘରେ ଶ୍ୟାମା ପ୍ରତି ଅତ୍ୟନ୍ତ ଯତ୍ନ କରିବା ପାଇଁ ମୋତେ ବିଶେଷ ଭାବରେ ଉପଦେଶ ଦେଲେ, ଯେହେତୁ ତାହାର ଚକ୍ଷୁରୋଗ ସମ୍ପୂର୍ଣ୍ଣ ରୂପେ ଭଲହୋଇ ନ ଥିଲା।

ତା.୪.୯.୪୨ ସକାଳେ ଆମ୍ଭେମାନେ ମୋଟର ଲରୀ ଯୋଗେ ପାଟଣା ତ୍ୟାଗକଲୁ ଓ ରାତ୍ରି ପ୍ରାୟ ୨ଟା ବେଳେ ରାଞ୍ଚିରେ ପହଞ୍ଚି ବଡ଼କଷ୍ଟରେ ଲରୀ ଷ୍ଟେସନରେ ରାତ୍ରିଯାପନ କଲୁ। ପରଦିନ ପ୍ରାୟ ୧୨ଟା ବେଳେ ଲରୀରେ ରାଞ୍ଚି ତ୍ୟାଗକରି ସନ୍ଧ୍ୟାରେ ଚକ୍ରଧରପୁରରେ ପହଞ୍ଚିଲୁ ଓ ସେଠାରେ ରାତ୍ରିରେ ରହି ପରଦିନ (୬.୯.୪୨) ସକାଳେ ରେଲରେ ଆସି ଅପରାହ୍ନରେ ସମ୍ବଲପୁରରେ ପହଞ୍ଚିଲୁ। ରେଲରେ ଯାତ୍ରୀ ଭିଡ଼ ଏତେ ଅଧିକ ହୋଇଥିଲା ଯେ, ଆମ୍ଭମାନଙ୍କ ସଙ୍ଗେ ଥିବା ପ୍ରାୟ ସମସ୍ତ ଜିନିଷପତ୍ର ରେଲଗାଡ଼ି ବ୍ରେକ୍ ଭେନ୍‌ରେ ଦେବାକୁ ହୋଇଥିଲା। ଘରକୁ ଆସି ବାକ୍‌ସମାନ ଫିଟାଇ ଦେଖିଲି ତନ୍ମଧ୍ୟରୁ ଅନେକ ଜିନିଷ ଚୋରି ହୋଇଯାଇଅଛି।

Digitized by srujanika@gmail.com

ଗଡ଼ଜାତ ଭ୍ରମଣ

ଦୀର୍ଘ ୩୩ବର୍ଷ ବ୍ୟାପୀ କର୍ମମୟ ଜୀବନର ଅବସାନ ଉତ୍ତାରେ ମୋର ବାଲ୍ୟକାଳର ଶିକ୍ଷାସ୍ଥଳ ଥରେ ଦେଖିଆସିବା ଆକାଙ୍କ୍ଷା ବଳବତୀ ହେଲା। ବଲାଙ୍ଗିରଗାମୀ ବସ୍‌ରେ ତା.୯.୭.୧୯୪୨ ଅପରାହ୍ନ ଗୋଟାକବେଳେ ସମ୍ବଲପୁରରୁ ବାହାରି ସନ୍ଧ୍ୟାରେ ବଲାଙ୍ଗିରରେ ପହଞ୍ଚିଲି। ମୋର ସହାଧ୍ୟାୟୀ ବନ୍ଧୁ ତତ୍‌କାଳୀନ ପାଟଣା ଷ୍ଟେଟ୍‌ର ରାଜସ୍ୱ ମନ୍ତ୍ରୀ ସମ୍ବଲପୁରବାସୀ ଶ୍ରୀ ଲକ୍ଷ୍ମଣ ସାହାଣୀଙ୍କୁ ମୋର ଆଗମନ ସମ୍ବାଦ ପୂର୍ବରୁ ପତ୍ରଦ୍ୱାରା ଜଣାଇଦେଇଥିଲି। ତାଙ୍କ ଘରେ ଯାଇ ରହିଲି। ତାଙ୍କ ମଧ୍ୟସ୍ଥତାରେ ପାଟଣା ମହାରାଜା ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ସଙ୍ଗେ ସାକ୍ଷାତ ଲାଭର ସୁଯୋଗ ହୋଇଥିଲା। ୧୯୮୯ ରୁ ୧୯୦୨ ସାଲ ପର୍ଯ୍ୟନ୍ତ ମୁଁ ବଲାଙ୍ଗିରରେ ମଧ୍ୟ ଇଂରାଜୀ ସ୍କୁଲର ଛାତ୍ର ଥିବା ସମୟରେ ମୋର ଶିକ୍ଷକ ଶ୍ରୀ ରବିଚନ୍ଦ୍ର ସାଏ ମୋତେ ଦେଖିବାକୁ ଆସିଥିଲେ। ୪୦ ବର୍ଷ ପରେ ତାଙ୍କ ସହିତ ଏହି ମୋର ସାକ୍ଷାତ। ବୃଦ୍ଧ ହୋଇଯାଇଅଛନ୍ତି। ମୋତେ ଦେଖି ଆନନ୍ଦ ପ୍ରକାଶ କଲେ। ପୂର୍ବସ୍ମୃତି ଜଡ଼ିତ ଭକ୍ତି ଗଦ୍‌ଗଦ୍ ହୃଦୟରେ ମୁଁ ତାଙ୍କୁ ଅଭିବାଦନ କଲି। ରବିବାବୁ ପାଟଣା ଷ୍ଟେଟ୍‌ର ପ୍ରଥମ ମାଟ୍ରିକ୍ୟୁଲେଟ୍। ୧୮୯୬ ସାଲରେ ଏଣ୍ଟ୍ରାନ୍‌ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଯେତେବେଳେ ଆସିଲେ, ମହାରାଜା ବଳଗଞ୍ଜନ ସିଂହଦେଓ ତାଙ୍କୁ ହାତୀରେ ବସାଇ ବଲାଙ୍ଗିରରେ ବୁଲାଇଥିଲେ ଓ ମଧ୍ୟ ଇଂରାଜୀ ସ୍କୁଲରେ ଶିକ୍ଷକ କାର୍ଯ୍ୟ ଦେଇଥିଲେ। ରବିବାବୁ ପ୍ରବୀଣ ଶିକ୍ଷକ ଥିଲେ ଓ ଜୀବନବ୍ୟାପୀ ଶିକ୍ଷକତା କରିଥିଲେ। ସେ ଆଉ ଇହ ଜଗତରେ ନାହାଁନ୍ତି।

ବଲାଙ୍ଗିରରେ ଦୁଇଦିନର ଅବସ୍ଥାନ ମଧ୍ୟରେ କଚେରୀ, ଡାକ୍ତରଖାନା, ଏକ୍‌ସରେ ଘର, ଗୋଶାଳା, କୃଷିଫାର୍ମ ଆଦି ନାନା ସ୍ଥଳ ବୁଲି ଦେଖିଲି। ପ୍ରାୟ ୨୮ ବର୍ଷପରେ ମୁଁ ବଲାଙ୍ଗିରକୁ ଆସିଥିଲି। ଇତିପୂର୍ବେ ଆସିଥିଲି ୧୯୧୪ ସାଲରେ ସ୍ୱର୍ଗତ ମହାରାଜା ପୃଥ୍ୱୀରାଜ ସିଂହଦେଓଙ୍କ ରାଜତ୍ୱ ସମୟରେ ଓ ରାଜ ଅତିଥି ହୋଇ ରହୁଥିଲି। ଉଦ୍‌ବେଗପୂର୍ଣ୍ଣ ହୃଦୟରେ ପ୍ରଥମେ ଦେଖିବାକୁ ଗଲି ପୁରାତନ ରାଜପ୍ରାସାଦ, ଯେଉଁଠାରେ ରହି ମହାରାଜା ପୃଥ୍ୱୀରାଜ ସିଂହଙ୍କ ପର୍ଯ୍ୟନ୍ତ ପୂର୍ବତନ ପାଟଣାଧିପତି ରାଜ୍ୟ ଶାସନ ପରିଚାଳନା କରିଥିଲେ। ବର୍ତ୍ତମାନ ଅନ୍ୟ ସ୍ଥାନରେ ନିର୍ମିତ 'ବାଦଲମହଲ' ରାଜପ୍ରାସାଦରେ ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଙ୍କ ଅଧିଷ୍ଠାନ ହୋଇଅଛି। ଚତ୍ୱର ମଧ୍ୟରେ ପ୍ରବେଶ କଲାମାତ୍ରକେ ମର୍ମସ୍ପର୍ଶୀ

Digitized by srujanika@gmail.com

ବହିଃଦୃଶ୍ୟାବଳୀରେ ମୋର ହୃଦୟ ଦ୍ରବୀଭୂତ ହେବାକୁ ଲାଗିଲା । ରାଜପ୍ରାସାଦ ଏକାବେଳକେ ପରିତ୍ୟକ୍ତ ତୁଲ୍ୟ ଦୃଷ୍ଟିଗୋଚର ହେଉଅଛି । ମୋର ଛାତ୍ରାବସ୍ଥାର ମହାରାଜା ବଳଗଞ୍ଜନ ସିଂହଦେବଙ୍କ ପ୍ରଶସ୍ତ ଦରବାର କକ୍ଷରେ ପ୍ରବେଶକରି ଦେଖିଲି, ଏହା ନିତାନ୍ତ ଶ୍ରୀହୀନ ହୋଇଅଛି । ଏହି କକ୍ଷର ଏକାଂଶରେ ପ୍ରେକ୍ଷାଳୟ ସଂଯୁକ୍ତ ରଙ୍ଗମଞ୍ଚରେ ପ୍ରତିବର୍ଷ ଗଣେଶ ପୂଜା ଉତ୍ସବରେ ସ୍କୁଲ ଛାତ୍ରମାନେ ନାଟକାଭିନୟ କରୁଥିଲୁଁ । ଉତ୍କଳର ବିଭିନ୍ନ ଅଞ୍ଚଳରୁ ନର୍ତ୍ତକଦଳ, ପଣ୍ଡିତ, ଜ୍ୟୋତିଷ ପ୍ରଭୃତି କଳାକାରବୃନ୍ଦ ଆସି ସ୍ୱୀୟ କଳାକୌଶଳ ପ୍ରଦର୍ଶନ ପୂର୍ବକ ପାରିତୋଷିକ ସହିତ ମହାରାଜାଙ୍କ ପୃଷ୍ଠପୋଷକତା ଘେନି ଯାଉଥିଲେ । ଏ ସମସ୍ତ ଦୃଶ୍ୟାବଳୀ ମୋର ସ୍ମୃତିପଟରେ ଜାଗ୍ରତ ହୋଇ ହୃଦୟକୁ ନିତାନ୍ତ ବ୍ୟଥିତ କରି ପକାଉଥିଲା । ଆଉ ସ୍ମୃତିପଟରେ ପରିସ୍ଫୁଟ ହେଲା ମହାରାଜା ପୃଥ୍ୱୀରାଜ ସିଂହଙ୍କ ରାଜତ୍ୱ କାଳର ରାଜପ୍ରାସାଦ ସଂଲଗ୍ନ ଅତିଥିଶାଳା ଦର୍ଶନରେ । ଯେଉଁଠାରେ ମୁଁ ୧୯୧୪ ମସିହାରେ ଆତିଥ୍ୟ ଲାଭକରି ମହାରାଜାଙ୍କ ସକରୁଣ ହୃଦୟବତ୍ତାର ନିଦର୍ଶନ ଦର୍ଶନ କରିଥିଲି । ଏହି ସମୟରେ ମୁଁ ଥିଲି ସରକାରୀ ଚାକିରିରେ, ଅନୁଗୁଳରେ । ଚାରିମାସର ଛୁଟିରେ ଆସି ସପରିବାର ମୋ ଘର ଆଗଲପୁରରେ ରହିଥିଲି । ମହାରାଜା ଓ ତାଙ୍କ ଦେୱାନ ସମ୍ବଲପୁରବାସୀ ଡେପୁଟି କଲେକ୍ଟର ଶ୍ରୀ ବାଳମୁକୁନ୍ଦ ବହିଦାର ଆଗଲପୁର ଗସ୍ତରେ ଆସିଥିଲେ । ଆଗଲପୁର ଜମିଦାର ଶ୍ରୀ ଚନ୍ଦ୍ରଶେଖର ସିଂହଙ୍କ ସହିତ ତାଙ୍କୁ ପାଛୋଟି ଆଣିବାପାଇଁ ଅଙ୍ଗ ନଦୀକୂଳରେ ଅପେକ୍ଷା କରି ରହିଥିଲୁ । ଆମ୍ଭମାନଙ୍କ ନିକଟବର୍ତ୍ତୀ ହେଲା ମାତ୍ରକେ ମୋତେ ଦେଖି ମହାରାଜା ଗାଡ଼ିରୁ ଓହ୍ଲାଇପଡ଼ିଲେ ଓ ମୋତେ କୁଣ୍ଢେଇ ପକାଇଲେ ଓ କଥାବାର୍ତ୍ତା କଲେ । ମହାରାଜା ଥିଲେ ପିଲାଦିନର ବଲାଙ୍ଗିର ସ୍କୁଲର ମୋର ସହାଧ୍ୟାୟୀ । ତାଙ୍କ ଗାଡ଼ିରେ ତାଙ୍କ ଡେରା ପର୍ଯ୍ୟନ୍ତ ମୋତେ ନେଇଗଲେ ଓ କହିଲେ, ଯେତେଦିନ ପର୍ଯ୍ୟନ୍ତ ସେ ରହିବେ ତାଙ୍କ ସହିତ ତାଙ୍କ ଡେରାରେ ମୁଁ ଭୋଜନ କରିବି । ତାଙ୍କ କଥାଗୁଡ଼ାକ ନିଷ୍କପଟ, ସ୍ନିଗ୍ଧ, ସରଳତାପୂର୍ଣ୍ଣ । ସାକ୍ଷାତ ସମୟରେ ବାଳମୁକୁନ୍ଦବାବୁଙ୍କ ସମ୍ମୁଖରେ କହନ୍ତି, ‘‘ଦେଖ ତ ଭାରତ, ତୁମେ କେତେ ମୋର କାନ ମୋଡ଼ିଛ । ମୁଁ ହେଲେ ପଢ଼ିଲି ? ମୂର୍ଖ ହୋଇଗଲି ହୋ, ମୋର ବୁଦ୍ଧି ନାହିଁ । ମୋର ବୁଦ୍ଧି ଥିଲେ ଏହି ମାହାନ୍ତି (ଦେୱାନ) ମୋତେ ଡରାନ୍ତା । କଥା କଥାରେ ମୋତେ ଡରାଉଛି ଓ ପୋଲିଟିକେଲ୍ ପାଖକୁ ଲେଖିବି କହୁଛି । ଆଉ ମୁଁ ତାକୁ ଡରୁଛି ।’’ ଏପ୍ରକାର କରୁଣ ବାକ୍ୟମାନ ଶୁଣି ସେହି ସମୟରେ ମୋର ଚକ୍ଷୁଦ୍ୱୟରୁ ଅଶ୍ରୁପାତ ହୁଏ । ତାଙ୍କ ଡେରାକୁ ଯିବାରେ ଟିକିଏ ବିଳମ୍ବ ହେଲେ ଚାକର ପଠାଇ ମୋତେ ନେଇଯାନ୍ତି । ଏହିପରି ତିନିଚାରି ଦିନ କଟିଲା । ଯେଉଁଦିନ ଆଗଲପୁରରୁ ବିଦାୟ ହୋଇଗଲେ ତାଙ୍କଠାକୁ ମୁଁ ଯାଇଥିଲି । ମୋତେ କହିଲେ, ‘‘ଅନେକ ଦିନହେଲା ତମେ ବଲାଙ୍ଗିର ଆସିନାହଁ । ଚାଲ ଯିବା, ଦୁଇଚାରିଦିନ ରହି ଆସିବ । ମୁଁ ତାଙ୍କ ସଙ୍ଗେ ଗଲି । ଗାଡ଼ିରେ ମୋତେ ସିଧା ରାଜବାଟୀକୁ ନେଇଗଲେ ଓ ସେହିଠାରେ ତାଙ୍କ

Digitized by srujanika@gmail.com

ଅତିଥି ହୋଇ ରହିବାକୁ କହିଲେ। କିଛି ସମୟ ପରେ ମହାରାଣୀଙ୍କୁ ଡାକି ତାଙ୍କ ଆଗରେ ମୋତେ ଛିଡ଼ାକରାଇ କହିଲେ, ''ଏ ମୋର ପିଲାଦିନର ବନ୍ଧୁ। ମୋତେ ତ ପାଠ ଆସେନାହିଁ। କ୍ଲାସରେ ଏହା ହାତରୁ ମୁଁ କେତେ କାନମୋଡ଼ା ଖାଇଛି।'' ଦୁଇଦିନ ରହିଲି। ଦିନେ ମୋଟରରେ ମୋତେ ନେଇ ବଲାଙ୍ଗିରର ନାନା ଦ୍ରଷ୍ଟବ୍ୟ ସ୍ଥାନମାନ ଦେଖାଇ ଆଣିଲେ। ବିଦାୟ ଦିନ ମୋ ସକାଶେ ପାଟଯୋଡ଼ ଓ ପାଞ୍ଚଶତଟଙ୍କା, ମୋ ସ୍ତ୍ରୀଙ୍କ ସକାଶେ ପାଟଶାଢ଼ୀ ଓ ମୋର ସେତେବେଳକୁ ଥିବା ଗୋଟିଏ (ବଡ଼) ଝିଅ ଓ ଗୋଟିଏ ପୁଅ ସକାଶେ ଦୁଇଟି ସୁନାହାର ଦେଇ ମୋତେ ବିଦାୟ କଲେ।

ଏହି ଦୀର୍ଘ ୨୮ ବର୍ଷ ମଧ୍ୟରେ ବଲାଙ୍ଗିରର ଅନେକ ପରିବର୍ତ୍ତନ ଘଟିଅଛି। ଅନେକ ଘରଦ୍ୱାର ନିର୍ମିତ ହୋଇଅଛି ଓ ମହାରାଜା ରାଜେନ୍ଦ୍ର ସିଂହଦେଓଙ୍କ ରାଜତ୍ୱରେ ନାନାଦିଗରେ ଉନ୍ନତିମୂଳକ କାର୍ଯ୍ୟର ସୂତ୍ରପାତ ହେଉଥିବା ଦେଖାଅଛି।

ବଲାଙ୍ଗିରରୁ ୨୪ ମାଇଲ ଦୂରରେ ପାଟଣାଗଡ଼ ସବ୍‌ଡ଼ିଭିଜନ୍‌ର କେନ୍ଦ୍ର। ସେଠାରେ ମୋର ଭ୍ରାତୃଷ୍ପୁତ୍ର କୃପାସିନ୍ଧୁ ପୋଲିସ୍ ସବ୍‌ଇନ୍‌ସ୍‌ପେକ୍ଟର ଥିଲା। ବଲାଙ୍ଗିରକୁ ଆସି ସେ ମୋତେ ନେଇଗଲା।

ପାଟଣାଗଡ଼ ନିକଟସ୍ଥ ବ୍ରହ୍ମପୁରା ଗ୍ରାମକୁ ବୁଲିବାକୁ ଗଲି। ଏହା ପାଟଣାରେ ଇତିହାସ ପ୍ରସିଦ୍ଧ ଏକ ବିଶିଷ୍ଟ ସ୍ଥାନ। ଏଠାରେ ବୃହତ୍ ଜଗନ୍ନାଥ ମନ୍ଦିର। କିମ୍ବଦନ୍ତୀ ଅଛି ଯେ, ପାଟନାର ପ୍ରଥମ ଶାସକ (୧୧୫୯) ତୀର୍ଥ ଭ୍ରମଣରେ ଯାଇ ଯାଜପୁରରୁ କେତେଘର ବ୍ରାହ୍ମଣ ଓ ପୁରୀରୁ ଜଗନ୍ନାଥ, ବଳରାମ ଓ ସୁଭଦ୍ରାଙ୍କ ମୂର୍ତ୍ତି ଆଣି ଏହିଠାରେ ସ୍ଥାପନାପୂର୍ବକ ଦେବତାଙ୍କ ସେବାପୂଜା ଏହି ବ୍ରାହ୍ମଣମାନଙ୍କ ହସ୍ତରେ ଅର୍ପଣ କରି ତାହାର ପରିଚାଳନା ଓ ସେମାନଙ୍କ ଭରଣପୋଷଣ ସକାଶେ ଏହି ବ୍ରହ୍ମପୁରା ଗ୍ରାମ ସହିତ ଆଉ କେତେ ଭୂସମ୍ପତ୍ତି ଦାନ କରିଥିଲେ। ପୂର୍ବେ ଏହା ଏକ ସମୃଦ୍ଧିଶାଳୀ ଗ୍ରାମ ଥିବା ଶୁଣିଥିଲି। ବର୍ତ୍ତମାନ ଏହା ପରିତ୍ୟକ୍ତ ପ୍ରାୟ ଓ ଶ୍ରୀହୀନ ହୋଇଅଛି। ୨୫-୩୦ ଘର ମାତ୍ର ବ୍ରାହ୍ମଣ ଅଛନ୍ତି। ଏମାନଙ୍କ ଅବସ୍ଥା ସ୍ୱଚ୍ଛଳ ଥିବା ମନେହେଲା।

ପାଟଣାଗଡ଼ ମଧ୍ୟରେ ବୁଲିଆସି ମନେହେଲା, ଏହା ଏକ ପ୍ରାଚୀନ ସ୍ଥାନ। ପୂର୍ବେ ଏହା ପାଟଣା ରାଜ୍ୟର ରାଜଧାନୀ ଥିଲା। ପାଟଣାର ପ୍ରଥମ ରାଜା ରମାଇ ଦେଓଙ୍କ ପିତାଙ୍କ ଆଗମନ ପୂର୍ବେ ଏଠାରେ ଅଷ୍ଟମଲ୍ଲିକ ସିଂହାସନାଧୀରୁଢ଼ ହୋଇ ରାଜତ୍ୱ କରୁଥିଲେ। କିମ୍ବଦନ୍ତୀ ଅଛି ଯେ, ୧୧୫୯ ଖ୍ରୀଷ୍ଟାବ୍ଦରେ ମୁସଲମାନମାନଙ୍କ ଦ୍ୱାରା ବିତାଡ଼ିତ ହୋଇ ଜଣେ ଚୌହାନ ତାଙ୍କ ପତ୍ନୀ ସହିତ ଆସି ପାଟଣା ଗଡ଼ରେ ଆଶ୍ରୟ ଗ୍ରହଣ କରିଥିଲେ।

ସେତେବେଳେ ତାଙ୍କ ପତ୍ନୀ ଅନ୍ତଃସତ୍ୱା। ଅଷ୍ଟମଲ୍ଲିକ ମଧ୍ୟରୁ ଜଣେ ଏହାଙ୍କୁ ସ୍ୱୀୟ ପରିବାର ମଧ୍ୟରେ ଆଶ୍ରୟ ଦାନ କରିଥିଲେ। ଯଥାସମୟରେ ତାଙ୍କ ଏକ ପୁତ୍ର ଜାତହେଲା ଓ ମଲ୍ଲିକଙ୍କ ପରିବାରରେ ପାଳିତ ହୋଇ ବୃଦ୍ଧି ପ୍ରାପ୍ତ ହେବାକୁ ଲାଗିଲା। ବାଳକ ବୟଃପ୍ରାପ୍ତ ହେଲାରୁ ମଲ୍ଲିକ ତାଙ୍କୁ ତାଙ୍କ ଛେଳିଚରା କାର୍ଯ୍ୟରେ ନିଯୁକ୍ତ କଲେ।

Digitized by srujanika@gmail.com

ଦିନେ ବାଳକ ଛେଳି ନେଇ ଅରଣ୍ୟ ମଧ୍ୟକୁ ଚାଲିଗଲା ଓ ସେ ନିର୍ଦ୍ଦିଷ୍ଟ ସମୟରେ ନ ଫେରିବାରୁ ପିତାମାତା ବ୍ୟାକୁଳହୋଇ ତାହାର ଅନ୍ୱେଷଣରେ ବାହାରିଲେ । ଅରଣ୍ୟ ମଧ୍ୟକୁ ଯାଇ ଦେଖିଲେ, ପୁତ୍ର ଏକ ସ୍ଥାନରେ ଶୋଇପଡ଼ିଅଛି ଓ ତାହାର ଶିରୋଦେଶରେ ଏକ ନାଗସର୍ପ ଫଣା ବିସ୍ତାର କରି ରହିଅଛି । ସେମାନଙ୍କୁ ଦେଖି ସର୍ପ ଅପସୃତ ହୋଇଗଲା । ତଥାପି ପୁତ୍ର ଗଭୀର ନିଦ୍ରାରେ ପଡ଼ି ରହିଅଛି । ଏଥିରୁ ପିତାମାତା ମନେକଲେ ପୁତ୍ର ଭାଗ୍ୟବାନ ହେବ । ତାକୁ ଉଠାଇ ଘରକୁ ନେଇଗଲେ ଓ ସମସ୍ତ ବୃତ୍ତାନ୍ତ ମଲ୍ଲିକଙ୍କୁ ନିବେଦନ କଲେ ।

ଅଷ୍ଟ ମଲ୍ଲିକଙ୍କ ମଧ୍ୟରୁ ପ୍ରତ୍ୟେକେ ଦିନେ ଲେଖାଏଁ ସିଂହାସନରେ ବସି ରାଜକାର୍ଯ୍ୟ ପରିଚାଳନା କରନ୍ତି । ଯେଉଁଦିନ ଉକ୍ତ ମଲ୍ଲିକଙ୍କ ପାଳିପଡ଼ିଲା, ସେହିଦିନ ସେ ଅସୁସ୍ଥ ହେବାରୁ ଯାଇପାରିଲେ ନାହିଁ । ଉକ୍ତ ଚୌହାନ ବାଳକ କହିଲା, ଯଦି ସେ ଅନୁମତି ଦେବେ ତାହାହେଲେ ସେ ତାଙ୍କ କାର୍ଯ୍ୟ ସମ୍ପାଦନ କରିବାକୁ ଯିବ । ମଲ୍ଲିକ ତତ୍‌କ୍ଷଣାତ୍ ଅନୁମତି ଦେଲେ । ବାଳକ ମଲ୍ଲିକଙ୍କ ପ୍ରତିନିଧି ସ୍ୱରୂପ ସିଂହାସନରେ ବସି ସ୍ୱହସ୍ତସ୍ଥିତ ତରବାରୀଦ୍ୱାରା ସାତଜଣ ମଲ୍ଲିକଙ୍କୁ ହତ୍ୟାକଲା । ତତ୍ପରେ ସେ ସ୍ୱରକ୍ଷକ ମଲ୍ଲିକଙ୍କ ନିକଟକୁ ଯାଇ ସେମାନଙ୍କୁ ହତ୍ୟା କରିଥିବା ବିଷୟ ଜ୍ଞାପନ ପୂର୍ବକ କହିଲା ଯେ, ତାଙ୍କୁ ମଧ ହତ୍ୟା କରିବାକୁ ସେ ପ୍ରବୃତ୍ତ ହୋଇଅଛି । କିନ୍ତୁ ପିତାମାତାଙ୍କ ନିଷେଧରେ ତହିଁରୁ ନିବୃତ୍ତ ହେଲା, ତତ୍ପରେ ଗୋଟିଏ ଲେମ୍ବୁ ହାତରେ ଧରି ଉକ୍ତ ତରବାରୀଦ୍ୱାରା ତାହା ଦ୍ୱିଖଣ୍ଡିତ କଲା ଓ ସିଂହାସନ ପରିତ୍ୟାଗ କରି ତାହା ତାକୁ ଦାନ କରିବା ସକାଶେ ମଲ୍ଲିକଙ୍କୁ ନିବେଦନ କଲା । ମଲ୍ଲିକ ଏଥିରେ ସମ୍ମତ ହେଲେ ଓ ବାଳକ ସର୍ବସମକ୍ଷରେ ସିଂହାସନାରୂଢ଼ ହୋଇ ନିଜକୁ ପାଟଣାଧୀଶ୍ୱର ବୋଲି ଘୋଷଣା କଲା । ଏହି ବାଳକ ରମାଇ ଦେଓ । ସମ୍ବଲପୁର ଜିଲା ଅନ୍ତର୍ଗତ ବୋଡ଼ାସମ୍ବର ଜମିଦାରୀ ଅଞ୍ଚଳ ସେହି ସମୟରେ ପାଟଣା ଅନ୍ତର୍ଗତ ଥିଲା । କିମ୍ବଦନ୍ତୀ ଅଛି ଯେ, ବୋଡ଼ାସମ୍ବର ଆଦିବାସୀ ଜମିଦାର ତାଙ୍କ ମୁଣ୍ଡରେ ପଗଡ଼ି ବାନ୍ଧିଥିଲେ । ସେହିଦିନଠାରୁ ପ୍ରତ୍ୟେକ ରାଜାଙ୍କ ଅଭିଷେକରେ ବୋଡ଼ାସମ୍ବର ଜମିଦାର ତାଙ୍କ ମୁଣ୍ଡରେ ପଗଡ଼ି ବାନ୍ଧିଯାନ୍ତି ।

ପାଟଣାଗଡ଼ ମଧ୍ୟରେ ବୁଲି ବୁଲି ଗୋଟିଏ ମନ୍ଦିର ନିକଟକୁ ଆସିଲି ଓ "ଏହିଠାରେ ରମାଇ ଦେଓ ପାଟଣା ହସ୍ତଗତ କରିଥିଲେ" ବୋଲି ଏକ କାଷ୍ଠ ଫଳକରେ ଖୋଦିତ ହୋଇ ଭୂମିରେ ପ୍ରୋଥିତ ହୋଇଥିବା ଦେଖିଲେ । ପୁଣି ଅଳ୍ପ ଦୂରକୁ ଯାଇ ଦେଖିଲି ଭୂମିରେ ପ୍ରୋଥିତ ଅନ୍ୟ କାଷ୍ଠ ଫଳକମାନଙ୍କ କାହିଁରେ ଖୋଦିତ ହୋଇଅଛି, ଅଷ୍ଟମଲ୍ଲିକଙ୍କ ମୁଣ୍ଡ, ହସ୍ତ, ବକ୍ଷ ପ୍ରଭୃତି । ଏଠାରେ ପ୍ରାଚୀନ ମନ୍ଦିର, ପ୍ରାଚୀନ ପୁଷ୍କରିଣୀ ଅନେକ । ନିୟମିତ ଭାବରେ ପୁଷ୍କରିଣୀଗୁଡ଼ିକରୁ ପଙ୍କୋଦ୍ଧାର, ଜଳ ନିଷ୍କାସନ ଓ ପରିଷ୍କାରର ବ୍ୟବସ୍ଥା ନ ଥିବାରୁ ପାଟଣାଗଡ଼ବାସୀଙ୍କ ପକ୍ଷରେ ସେହି ସ୍ଥାନ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ହୋଇଥିଲା । ସେ ସବୁରୁ ଅନେକ ପୋତିହୋଇ ବର୍ତ୍ତମାନ ତହିଁରେ ଧାନଚାଷ ହେଉଅଛି । ଏଠାରେ

Digitized by srujanika@gmail.com

ମହାରାଜାଙ୍କ ଅନେକ ନିଜ ଚାଷଜମି ଓ ଖମାର ଅଛି। ବର୍ତ୍ତମାନ ଏଠାରେ ଗୋଟିଏ ହାଇସ୍କୁଲ ସ୍ଥାପିତ ହୋଇଅଛି।

ପାଟଣାଗଡ଼ ନିକଟରେ ଦୁଇଟି କ୍ଷୁଦ୍ର ସ୍ରୋତସ୍ୱତୀ ପ୍ରବାହିତ ହେଉଅଛି। ଉତ୍ତରରେ ସୁବର୍ଣ୍ଣରେଖା ଓ ପୂର୍ବରେ ହୀରାବତୀ। କିମ୍ବଦନ୍ତୀ ଅଛି ଯେ, ପାଟଣାଧୀଶ୍ୱର ନରସିଂହ ଦେବଙ୍କ ରାଣୀଙ୍କ ପ୍ରସୂତି ବେଦନା ଆରମ୍ଭ ହେଲା ସମୟରେ ପୂର୍ଣ୍ଣଗର୍ଭା ସୁବର୍ଣ୍ଣରେଖା ସନ୍ତରଣ ପୂର୍ବକ ଲଂଘନ କରି ରାଜଭ୍ରାତା, ବଳରାମ ଦେବ ନଦୀର ଅପର ପାର୍ଶ୍ୱରୁ ଧାଈକୁ ପିଠିରେ ବସାଇ ଆଣିଥିଲେ ଓ ଏହି ପରିଶ୍ରମ ଓ ଅଗ୍ରଜଙ୍କ ପ୍ରତି ଭକ୍ତିର ପୁରସ୍କାର ସ୍ୱରୂପ ଦକ୍ଷିଣରେ ଅଙ୍ଗ ନଦୀ ଓ ଉତ୍ତରରେ ମହାନଦୀ ମଧ୍ୟବର୍ତ୍ତୀ ଭୂଖଣ୍ଡ ପ୍ରାପ୍ତ ହୋଇ ସମ୍ବଲପୁର ନାମରେ ଅଭିହିତ ସ୍ୱତନ୍ତ୍ର ରାଜ୍ୟସ୍ଥାପନ କରିଥିଲେ। ବଳରାମଦେବ ସମ୍ବଲପୁରର ପ୍ରଥମ ରାଜା।

ଭାରତବର୍ଷର ଅନ୍ୟାନ୍ୟ ଦେଶୀୟ ରାଜ୍ୟମାନଙ୍କ ସହିତ ପାଟଣା ତା.୧.୧.୧୯୪୮ ରେ ଭାରତବର୍ଷ ସହିତ ସଂଯୁକ୍ତ ହେଲା । ସେହିଦିନ ପର୍ଯ୍ୟନ୍ତ ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେବଙ୍କ ରାଜତ୍ୱ ୧୯୨୪ ମସିହାରେ ଆରମ୍ଭ ହୋଇ ୨୪ ବର୍ଷ ହୋଇଥିଲା। ଏହାଙ୍କ ରାଜତ୍ୱରେ ରାଜ୍ୟର ବହୁବିଧ ପରିବର୍ତ୍ତନ ହୋଇଥିଲା। ଗାଦିରେ ବସିବା ଅଳ୍ପଦିନ ଉତ୍ତାରେ ସେ ବେଠି ପ୍ରଥା ଉଠାଇ ଦେଇଥିଲେ। ବଲାଙ୍ଗିରରୁ ବାହାରି ପାଟଣା ଉତ୍ତର ସୀମାବର୍ତ୍ତୀ ସାଲେଭଟା ପର୍ଯ୍ୟନ୍ତ ଯେଉଁ ୨୦ ମାଇଲ ପକ୍କା ସଡ଼କ ଯାଇଅଛି, ତାହା ପୂର୍ବେ କେବଳ ମହାରାଜା, ପୋଲିଟିକେଲ ଏଜେଣ୍ଟ ଓ ଷ୍ଟେଟ୍‌ର ବଡ଼ବଡ଼ ହାକିମମାନଙ୍କ ବ୍ୟବହାର ସକାଶେ ରକ୍ଷିତ ହୋଇଥିଲା। ଏପରି ଆଉ କେତେକ ସଡ଼କରେ ମଧ୍ୟ ଏହି ପ୍ରକାର ବ୍ୟବହାର କଟକଣା ଥିଲା। ଅନ୍ୟଲୋକଙ୍କ ତଥା ପ୍ରଜାଙ୍କ ବଳଦଗାଡ଼ି ସଡ଼କତଳେ ଥିବା କାଦୁଅ ଚକଟାରେ ହଇରାଣ ହୋଇ ଯାଉଥିଲେ। ମୁଁ ଥରେ ବାଇସାଇକେଲ୍‌ରେ ପକ୍କା ସଡ଼କ ଦେଇ ଆସୁଥିବାରୁ ବାଟରେ ଥିବା ଲୋଇସିଂହା ଥାନାକୁ ମୋତେ ଧରିନିଆ ହୋଇଥିଲା ଓ ଇଂରେଜ ସରକାରଙ୍କ ଜଣେ ଅଫିସର ବୋଲି ପରିଚୟ ଦେଲାରୁ ମୋତେ ଛାଡ଼ିଦିଆ ହୋଇଥିଲା। ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ଏହି କଟକଣା ଉଠାଇ ଦେଇଥିଲେ। ପୂର୍ବେ ବଲାଙ୍ଗିରରେ ଏତେ ଘର ନ ଥିଲା। ବର୍ତ୍ତମାନ ସ୍ଥାନେ ସ୍ଥାନେ ବଲାଙ୍ଗିରରେ ସୁରୁଚିସମ୍ପନ୍ନ ପକ୍କା ଘରମାନ ନିର୍ମିତ ହୋଇଅଛି।

ବଲାଙ୍ଗିରର ଦକ୍ଷିଣ ଓ ପଶ୍ଚିମ ପାର୍ଶ୍ୱରେ ଯେଉଁ ସ୍ଥାନ ମୋ ପିଲାଦିନେ ଅରଣ୍ୟମୟ ଥିଲା ଓ ଦିନବେଳେ ସୁଦ୍ଧା ବାଘ ଭୟରେ ଅଗମ୍ୟ ଥିଲା, ସେହି ସ୍ଥାନରେ ବର୍ତ୍ତମାନ ଷ୍ଟେଟ୍‌ର ଭିନ୍ନ ଭିନ୍ନ ବିଭାଗର ପକ୍କା ଘରମାନ ନିର୍ମିତ ହୋଇଅଛି। ଏହା ମଧ୍ୟରେ ମହାରାଜାଙ୍କ ନବନିର୍ମିତ 'ବାଦଲ ମହଲ' ରାଜପ୍ରାସାଦ, ରଞ୍ଜନରଶ୍ମି (ଏକ୍ସରେ) ଘର, ପଶୁଚିକିତ୍ସାଳୟ ଉଲ୍ଲେଖଯୋଗ୍ୟ, ଦର୍ଶକର ନୟନାନନ୍ଦକର। ପୂର୍ବ ଡାକ୍ତରଖାନା,

Digitized by srujanika@gmail.com

କଚେରୀ, ହାଇସ୍କୁଲ ଓ ଭିନ୍ନ ଭିନ୍ନ ଉଚ୍ଚ ରାଜ କର୍ମଚାରୀଙ୍କ ବାସଗୃହରେ ସଂସ୍କାର ହୋଇଅଛି। ପୁରାତନ ସହରର ମଧ୍ୟ ପ୍ରଭୂତ ସଂସ୍କାର ହୋଇଥିବା ଦେଖିଲି। ସଡ଼କଗୁଡ଼ିକ ସରଳ ଓ ପରିଷ୍କାର, ପରିଚ୍ଛନ୍ନ ଓ ଉଭୟପାର୍ଶ୍ୱରେ ଆଧୁନିକ ସୁରୁଚି ସମ୍ପନ୍ନ ଗୃହମାନ ଦଣ୍ଡାୟମାନ। ସହରରେ ମ୍ୟୁନିସିପାଲିଟି ପ୍ରତିଷ୍ଠିତ ହୋଇଅଛି। ମୋ ପିଲାଦିନେ ଯାହା ଥିଲା, ତାହା ସହିତ ବର୍ତ୍ତମାନ ବଲାଙ୍ଗିରକୁ ତୁଳନା କଲେ ସହରର ବାହ୍ୟ ପରିପାଟୀ ଯେ କେତେ ଉନ୍ନତ ହୋଇଅଛି, ତାହା ବର୍ଣ୍ଣନାତୀତ। ବଲାଙ୍ଗିରର ପୂର୍ଣ୍ଣାଙ୍ଗ 'ରାଜେନ୍ଦ୍ର କଲେଜ' ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ଅକ୍ଷୟ କୀର୍ତ୍ତି। କଳା, ବିଜ୍ଞାନ, ବାଣିଜ୍ୟ ପ୍ରଭୃତି ସମସ୍ତ ବିଷୟରେ ଶିକ୍ଷାର ଏଠାରେ ବ୍ୟବସ୍ଥା ଅଛି। ଅଳ୍ପଦିନ ହେଲା ଗୋଟିଏ ମହିଳା କଲେଜ ମଧ୍ୟ ସ୍ଥାପିତ ହୋଇଅଛି।

ଏ ସମସ୍ତ ବାହ୍ୟ ପରିପାଟି ମଧ୍ୟରେ ପାଟଣାର ଆଭ୍ୟନ୍ତରୀଣ ପରିସ୍ଥିତି ଅତ୍ୟନ୍ତ ନିରାଶାପ୍ରଦ ବୋଧହେଉଥିଲା। ବଡ଼ ବଡ଼ ଚାକିରି ଯାକ ପ୍ରବାସୀଙ୍କଦ୍ୱାରା ଅଧିକୃତ। ତିନିଜଣ ମନ୍ତ୍ରୀଙ୍କ ସାହାଯ୍ୟରେ ଶାସନ କାର୍ଯ୍ୟ ପରିଚାଳିତ। ପ୍ରଧାନମନ୍ତ୍ରୀ ଜଣେ ପଞ୍ଜାବ ପ୍ରବାସୀ ଅବସରପ୍ରାପ୍ତ ଡେପୁଟି କଲେକ୍ଟର, ଦ୍ୱିତୀୟ ଉତ୍ତରପ୍ରଦେଶବାସୀ ଓ ତୃତୀୟ ମନ୍ତ୍ରୀ ସମ୍ବଲପୁରବାସୀ, ମହାରାଣୀ ପଟିଆଲା ରାଜକନ୍ୟା। ଦେଖିଲି, ପଞ୍ଜାବ ଅଞ୍ଚଳର ଅନେକ ଲୋକ ଆସି କେହି ଚାକିରିରେ, କେହି ବ୍ୟବସାୟରେ ରହିଅଛନ୍ତି। ଯେଉଁ ଚାକିରି ପାଇଁ ସ୍ଥାନୀୟ ଲୋକଙ୍କ ଅଭାବ ନାହିଁ ସେହି ସ୍ଥାନରେ ସୁଦ୍ଧା ପ୍ରବାସୀ ଲୋକଙ୍କୁ ଅଣା ହୋଇଅଛି। ପ୍ରାୟ ସମସ୍ତ ବଡ଼ ବଡ଼ ଚାକିରିରେ ପଞ୍ଜାବୀ ଓ ଷଢ଼େଇକଳାବାସୀ ନିଯୁକ୍ତ ହୋଇଅଛନ୍ତି। ପଞ୍ଜାବୀ ପୋଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଗୋଟିଏ ନିଷ୍କର ଗ୍ରାମ ଦେଇ ଷ୍ଟେଟ୍‌ର ସ୍ଥାୟୀ ଅଧିବାସୀ କରାହୋଇଅଛି।

ଷ୍ଟେଟ୍‌ର ଗୋଶାଳା ଏକ ଦର୍ଶନୀୟ ଅନୁଷ୍ଠାନ। ଦେଖିଲି, ଅନେକ ଭଲ ଭଲ ଗାଈ ଓ ମହିଷୀ ଅଛନ୍ତି। କେଉଁ ଗାଈ ୧୦ ସେର, କେଉଁ ଗାଈ ୧୫ ସେର ଦୁଧ ଦେଉଛନ୍ତି। ଏସବୁ ପଞ୍ଜାବ ଓ ସିନ୍ଧୁ ପ୍ରଦେଶରୁ ଅଣା ହୋଇଅଛନ୍ତି। ରାଜପରିବାର ସକାଶେ ଓ ଷ୍ଟେଟ୍‌ର ହାକିମମାନଙ୍କଠାରେ ଦୁଧ ବିକ୍ରି ହୁଏ। ଷଣ୍ଢ ମଧ୍ୟ ବିକ୍ରି ହୁଅନ୍ତି। ସ୍ଥାନେ ସ୍ଥାନେ ବିନା ମୂଲ୍ୟରେ ମଧ୍ୟ ଷଣ୍ଢ ବିତରଣ ହୁଏ।

ପୂର୍ବେ ପ୍ରାଥମିକ ଶିକ୍ଷା ଅବୈତନିକ ଓ ବାଧ୍ୟତାମୂଳକ ଥିଲା। ଏବେ ଏହି ନିୟମ ଉଠାଇ ଦିଆହୋଇଅଛି। ଷ୍ଟେଟ୍‌ର ଆୟ ଆଶାତୀତ ଭାବରେ ବୃଦ୍ଧିଲାଭ କରିଅଛି। ଅଥଚ ଅର୍ଥପ୍ରସୂ କୌଣସି ବିଶିଷ୍ଟ ଶିଳ୍ପ ଥିବା ମନେହେଲା ନାହିଁ। ଭୂମିକର ଅତ୍ୟଧିକ ପରିମାଣରେ ବୃଦ୍ଧି ହୋଇଅଛି। ଜଙ୍ଗଲକର ମଧ୍ୟ ତଦ୍ରୂପ । ଗୋଟିଏ ନୂତନ ବିଭାଗ ଖୋଲିଛି, ଅର୍ଥାତ୍ ଆମଦାନୀ ଓ ରପ୍ତାନୀ ଉପରେ ଶୁଳ୍କକ ଧାର୍ଯ୍ୟ ହେଉଅଛି। ଏଥିରେ ସ୍ୱଚ୍ଛଳ ବାଣିଜ୍ୟ ଉପରେ ହସ୍ତକ୍ଷେପ ଛଡ଼ା ପଣ୍ୟଦ୍ରବ୍ୟର ମୂଲ୍ୟ ଅଯଥା ବୃଦ୍ଧି ହୋଇଅଛି। ଅନ୍ୟ କୌଣସି ଷ୍ଟେଟ୍‌ରେ ଏହି ଶୁଳ୍କକ (Customs duty) ଥିବା ଶୁଣା ନାହିଁ।

Digitized by srujanika@gmail.com

ମଫସଲ ଅଞ୍ଚଳରେ ଥିବା ବନ୍ଧକଟାର ମାଛ ପରମ୍ପରାକ୍ରମେ ଗ୍ରାମ ସମ୍ପ୍ରଦାୟ ଭୋଗ କରୁଥିଲେ । ବର୍ତ୍ତମାନ ସମସ୍ତ ବନ୍ଧ କଟାର ମାଛ ଠିକା ଦିଆହେଉଅଛି। ଠିକାଦାର ଖରାଦିନେ ମାଛ ଧରାଉଥିବାରୁ ବନ୍ଧ କଟାଇ ପାଣି ଦୂଷିତ ଓ ଅବ୍ୟବହାର୍ଯ୍ୟ ହେଉଅଛି। ଏହି ବର୍ଷର ପ୍ରବଳ ଗ୍ରୀଷ୍ମରେ ଲୋକେ ଏଥିର ଅମଙ୍ଗଳକର ଫଳ ଭୋଗ କରୁଥିବା ଅଭିଯୋଗ କରୁଥିଲେ। ଅନେକ ଗ୍ରାମରେ ପାନୀୟଜଳର ଅଭାବରେ କଲେରାର ଆବିର୍ଭାବ ହୋଇଅଛିନ୍ତ ଅଥଚ ଗ୍ରାମେ ଗ୍ରାମେ ବିଶୁଦ୍ଧ ପାନୀୟଜଳ ବ୍ୟବହାର କରି କଲେରା ପ୍ରଭୃତି ସଂକ୍ରାମକ ରୋଗରୁ ନିଷ୍କୃତିଲାଭ କରିବା ସକାଶେ ଇସ୍ତିହାରଦ୍ୱାରା ଲୋକଙ୍କୁ ଷ୍ଟେଟ୍ କର୍ତ୍ତୃପକ୍ଷ ଓଜସ୍ୱିନୀ ଭାଷାରେ ଉପଦେଶ ପ୍ରଚାର କରୁଅଛନ୍ତି।

ବାଣିଜ୍ୟ ବ୍ୟବସାୟ ପ୍ରସାର ଉଦ୍ଦେଶ୍ୟରେ କୋଶଳ ଇଣ୍ଡଷ୍ଟ୍ରିଆଲ୍ ସିଣ୍ଡିକେଟ୍ ନାମରେ ଗୋଟିଏ ଅନୁଷ୍ଠାନ ପ୍ରତିଷ୍ଠିତ ହୋଇଅଛି। ଏହାର ଉଦ୍ଦେଶ୍ୟ, ଧାନ ଚାଉଳ ଠାରୁ ଆରମ୍ଭ କରି ସୁନାରୂପା ଗହଣାର ମଧ୍ୟ ବ୍ୟବସାୟ ହେବ। ଏହାର ଲାଭରୁ କେତେକ ଗରିବ ଛାତ୍ରଙ୍କୁ ସାହାଯ୍ୟ ଦିଆ ହେଉଥିବା ଶୁଣିଲି।

ଏହାର କେତେକ ଦିନ ପରେ କଳାହାଣ୍ଡି ଗଲି। ବଲାଙ୍ଗିରରୁ ଟିଟିଲାଗଡ଼ ୪୨ ମାଇଲ, ରାୟପୁର ବିଜୟନଗରମ୍ ରେଲପଥରେ ଏହା ଗୋଟିଏ ଷ୍ଟେସନ୍। ପୂର୍ବାହ୍ନ ପ୍ରାୟ ସାଢ଼େ ଏଗାରଟାରେ ଟିଟିଲାଗଡ଼ରୁ ରେଲ ଯୋଗେ ବାହାରି ପ୍ରାୟ ଅଧଘଣ୍ଟା ମଧ୍ୟରେ କେସିଙ୍ଗାରେ ପହଞ୍ଚିଲି। କେସିଙ୍ଗା ଷ୍ଟେସନ କଳାହାଣ୍ଡି ଷ୍ଟେଟ୍ ମଧ୍ୟରେ । ଏହିଠାରୁ କଳାହାଣ୍ଡି ଭିତରକୁ ଯିବାକୁ ହୁଏ। ଷ୍ଟେଟ୍‌ର ରାଜଧାନୀ ଭବାନୀପାଟଣା ଏହିଠାରୁ ପ୍ରାୟ ୨୦ ମାଇଲ। ମୋର କଳାହାଣ୍ଡି ଯିବା ସମ୍ବାଦ ଷ୍ଟେଟ୍‌ର ଅଫିସର ଶ୍ରୀ କାଳୀପ୍ରସାଦ ବାବୁଙ୍କୁ ପତ୍ରଦ୍ୱାରା ଜଣାଇଦେଇଥିଲି। ମୁଁ କଟକରେ ଥିବା ସମୟରେ କାଳୀବାବୁ ଶାସନ କାର୍ଯ୍ୟରେ ଶିକ୍ଷାପ୍ରାପ୍ତି ସକାଶେ ମହାରାଜାଙ୍କଦ୍ୱାରା ସେଠାକୁ ପ୍ରେରିତ ହୋଇଥିଲେ ଓ ସେହି ସମୟରେ ତାଙ୍କ ସହିତ ମୋର ଘନିଷ୍ଠତା ହୋଇଥିଲା। କାଳୀବାବୁ କଳାହାଣ୍ଡି ଅଧିବାସୀ, ବିଶିଷ୍ଟ ସମ୍ଭ୍ରାନ୍ତ ପରିବାରର ସନ୍ତାନ, ଏମ୍.ଏ., ବି.ଏଲ୍.। କେତେକ ବର୍ଷ ଦକ୍ଷତା ସହକାରେ ରାଜକାର୍ଯ୍ୟ ସମ୍ପାଦନ କରି ଷ୍ଟେଟ୍ ଭାରତବର୍ଷ ସହିତ ସମ୍ମିଳିତ ହେବା ଉତ୍ତାରେ ଷ୍ଟେଟ୍ କାର୍ଯ୍ୟ ପରିତ୍ୟାଗ କଲେ। ବର୍ତ୍ତମାନ କଳାହାଣ୍ଡିରେ ସେ ଜଣେ ବିଶିଷ୍ଟ ଓକିଲ। କାଳୀବାବୁ ମୋଟର ନେଇ କେସିଙ୍ଗା ଷ୍ଟେସନରେ ମୋର ଆଗମନ ଅପେକ୍ଷାରେ ରହିଥିଲେ। ତାଙ୍କ ସଙ୍ଗେ ମୋଟରରେ ଆସି ଅପରାହ୍ନ ପ୍ରାୟ ଦୁଇଟା ବେଳେ ଭବାନୀପାଟଣାରେ ପହଞ୍ଚିଲି। କାଳୀବାବୁ ତାଙ୍କ ନିଜ ଘରେ ରହିବା ମୋର ସମସ୍ତ ବନ୍ଦୋବସ୍ତ କରିଥିଲେ।

ଭବାନୀପାଟଣାକୁ ଆସିବା ମୋର ପ୍ରଧାନ ଉଦ୍ଦେଶ୍ୟ ଥିଲା ମୋର ଅଷ୍ଟମ କନ୍ୟା ଉମା ସକାଶେ କଳାହାଣ୍ଡି ନିବାସୀ ସେହି ସମୟରେ ପାଟ୍‌ନା (ବିହାର) ଇଞ୍ଜିନିୟରିଂ କଲେଜର ଛାତ୍ର ଭୁବନେଶ୍ୱର ବେହେରାଙ୍କ ବରପାତ୍ର ସ୍ଥିର କରିବା ପୂର୍ବରୁ କାଳୀବାବୁଙ୍କୁ

Digitized by srujanika@gmail.com

ଭୁବନେଶ୍ୱରଙ୍କ ପିତାଙ୍କୁ ମୋର ଆଗମନ ସମ୍ବାଦ ଦେବା ସକାଶେ ଲେଖିଥିବାରୁ ସେ ତାଙ୍କ ସମ୍ବାଦରେ ଭବାନୀପାଟଣାରୁ ପ୍ରାୟ ୩୨ ମାଇଲ ଦୂରବର୍ତ୍ତୀ ମୁଣ୍ଡରାଗୁଡ଼ା ଗ୍ରାମରୁ ଆସିଥିଲେ। ତାଙ୍କ ସହିତ କଳାହାଣ୍ଡିର ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଷ୍ଟେଟ୍ ନିବାସୀ ଶ୍ରୀ ମହେଶ୍ୱର ପାଢ଼ୀଙ୍କ ଘରେ ସାକ୍ଷାତ ହୋଇ ପ୍ରାଥମିକ କଥାବାର୍ତ୍ତା ମାତ୍ର ହେଲା। ସନ୍ଧ୍ୟାରେ ମହାରାଜାଙ୍କ ସଙ୍ଗେ ସାକ୍ଷାତ କଲି। ମୋର ଏଠାକୁ ଆସିବା ଉଦ୍ଦେଶ୍ୟ ସମ୍ବନ୍ଧରେ ସେ କାଳୀବାବୁଙ୍କ ଠାରୁ ଶୁଣିଥିଲେ ବୋଲି କହିଲେ। ଶିଷ୍ଟାଚାର ବିବେଚନାରେ ମୁଁ ତାଙ୍କୁ କହିଲି ଯେ, ଭୁବନେଶ୍ୱରଙ୍କ ସହିତ ସମ୍ପର୍କ ପ୍ରସ୍ତାବ ଏଠାରେ ସମସ୍ତଙ୍କ ଅନୁମୋଦିତ ଏବଂ ତାହା କେବଳ ମହାରାଜାଙ୍କ ଅନୁମୋଦନ ସାପେକ୍ଷ। ସେ କହିଲେ ଯେ, ସେଠାରେ ବ୍ରାହ୍ମଣମାନଙ୍କ ଅନୁମୋଦନ ହେଲେ ତାଙ୍କ ଅନୁମୋଦନ ମଧ୍ୟ ଅଛି। ମହାରାଜାଙ୍କଠାରୁ ଫେରିଆସି ଏହି ମନ୍ତବ୍ୟ ସମ୍ବନ୍ଧରେ କାଳୀବାବୁ ଓ ମହେଶ୍ୱର ବାବୁଙ୍କ ସଙ୍ଗେ ଆଲୋଚନା ହେଲା। କଥାବାର୍ତ୍ତାରୁ ବୁଝିଲି, ଏହି ଷ୍ଟେଟ୍‌ରେ ସେ ପର୍ଯ୍ୟନ୍ତ ବାଲ୍ୟ ବିବାହ ପ୍ରଚଳିତ ଅଛି ଓ ଯୁବତୀ ବିବାହ ବ୍ରାହ୍ମଣ ସମାଜରେ ଅନୁମୋଦିତ ଓ ପ୍ରବର୍ତ୍ତିତ ହୋଇ ନ ଥିବାରୁ ଏ ବିଷୟରେ ଚରମ ମୀମାଂସା ନ ହେବା ପର୍ଯ୍ୟନ୍ତ ଭୁବନେଶ୍ୱରଙ୍କ ସହିତ ସମ୍ପର୍କ ହେବା ଦୁଃସାଧ୍ୟ। ଇଂରେଜ ଶାସିତ ଜିଲାରେ ପ୍ରଚଳିତ ବାଲ୍ୟବିବାହ ନିରୋଧ ଆଇନ (ସାରଦା ଆଇନ) ଗଡ଼ଜାତ ଅଞ୍ଚଳରେ ଗୃହୀତ ହୋଇନାହିଁ। କିନ୍ତୁ ଯୁବତୀ ବିବାହ କେହି କଲେ କୌଣସି କୌଣସି ଗଡ଼ଜାତରେ ସାମାଜିକ ଆପତ୍ତି ଉତ୍‌ଥାପିତ ହେଉନାହିଁ।

କିଛିଦିନ ପୂର୍ବେ ପାଟଣା ଷ୍ଟେଟ୍‌ରେ ବ୍ରାହ୍ମଣମାନଙ୍କ ସଭାରେ ଏହା ସର୍ବସମ୍ମତିକ୍ରମେ ଗୃହୀତ ହୋଇସାରିଥିଲା। କିନ୍ତୁ କଳାହାଣ୍ଡିରେ ସେ ପର୍ଯ୍ୟନ୍ତ ଗୋଟିଏ ସୁଦ୍ଧା ଯୁବତୀ ବିବାହ ହୋଇନଥିଲା। ଶୁଣିଲି, ରକ୍ଷଣଶୀଳ ଦଳ ଏଥିରେ ଏତେ ବିରୋଧୀ ଯେ ଭୁବନେଶ୍ୱରଙ୍କ ସହିତ ମୋର କନ୍ୟାର ବିବାହ ହେଲେ ତାଙ୍କ ପରିବାରକୁ ସମାଜରୁ ବାସନ୍ଦ କରିବେ। ଶିକ୍ଷିତ ଯୁବକ ଦଳ କିନ୍ତୁ ଏହା ଚଳାଇବା ପାଇଁ ବଦ୍ଧପରିକର ଓ ସେମାନଙ୍କ ପ୍ରଥମ ଉଦ୍ୟମ ସ୍ୱରୂପ ମୋର ପ୍ରସ୍ତାବକୁ ସ୍ୱାଗତ କରୁଅଛନ୍ତି। କଳାହାଣ୍ଡିର ବ୍ରାହ୍ମଣମାନେ ନିକଟବର୍ତ୍ତୀ ଖଡ଼ିଆଳର ବ୍ରାହ୍ମଣମାନଙ୍କ ସହିତ ଘନିଷ୍ଠ ସମ୍ପର୍କରେ ଆବଦ୍ଧ। ଖଡ଼ିଆଳରେ ତ ଯୁବତୀ ବିବାହ ପ୍ରଚଳିତ ହୋଇ ଯାଇଅଛି ଏବଂ ଯୁବତୀ ବିବାହ କରିଥିବା ଅନେକ ବ୍ରାହ୍ମଣ ପରିବାର ସହିତ ସମ୍ପର୍କ ରଖି କଳାହାଣ୍ଡିର ବ୍ରାହ୍ମଣମାନେ ବାସନ୍ଦ ହେଉନାହାଁନ୍ତି। ତାହାହେଲେ ଭୁବନେଶ୍ୱରଙ୍କ ପରିବାରକୁ ବାସନ୍ଦ କରିବା ଅତ୍ୟନ୍ତ ଅଯୌକ୍ତିକ ହେବ। ଏ ବିଷୟରେ ଶୀଘ୍ର ଗୋଟିଏ ସଭାରେ ମୀମାଂସା କରିବେ ବୋଲି ଶିକ୍ଷିତ ଯୁବକଦଳ କହିଲେ। ଏହା ଉତ୍ତାରେ ଅନେକ ବିଶିଷ୍ଟ ବ୍ରାହ୍ମଣମାନଙ୍କ ସହିତ ମୋର କଥାବାର୍ତ୍ତା ହେଲା। ଯୁବତୀ ବିବାହ ପ୍ରଚଳନ ସମ୍ବନ୍ଧରେ ସମସ୍ତଙ୍କ ମୁଖରୁ ଆଶାଜନକ ବାଣୀ ଶୁଣିଲି। ଯେଉଁଠାକୁ ଗଲି ସମ୍ମାନ ସହକାରେ ସମସ୍ତେ ମୋ ସହିତ ସଦୟ ବ୍ୟବହାର କଲେ।

Digitized by srujanika@gmail.com

ସେହିଦିନ ରାତ୍ରରେ ମହେଶ୍ୱର ବାବୁଙ୍କ ଘରେ ଜଣକେତେ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ପୁଣି କଥାବାର୍ତ୍ତା ହେଲା । ଭୁବନେଶ୍ୱରଙ୍କ ପିତାଙ୍କଠାରୁ ମୁଁ ଶେଷ ଉତ୍ତର ପ୍ରାର୍ଥନା କଲି । ସେ କହିଲେ ଯେ, ସମାଜ ଯଦି ଅନୁମୋଦନ କରନ୍ତି ତାହାହେଲେ ତାଙ୍କ ସ୍ୱୀକୃତି ଅଛି । ମହେଶ୍ୱର ବାବୁ କହିଲେ ଯେ, ଶୀଘ୍ର ସମାଜରେ ଏହି ବିଷୟର ମୀମାଂସା ହେବ ଓ ଯେତେଦୂର ସମ୍ଭବ ସେମାନେ ଷ୍ଟେଟ୍‌ରେ ଯୁବତୀ ବିବାହ ପ୍ରଚଳନ ଦାବି କରିବେ ।

ଶୁଣିଲି, ରାଜମାତାଙ୍କ ଯୁବତୀବିବାହ ସପକ୍ଷରେ ମତ ନାହିଁ । ଏଥିରେ ବିଚିତ୍ରତା କିଛି ନାହିଁ । ଯାହା ବିଶିଷ୍ଟ ଶିକ୍ଷିତ ବ୍ୟକ୍ତିଙ୍କ ପକ୍ଷରେ ଦୁଃସାଧ ହୋଇଅଛି, ଅନ୍ତଃପୁର ନିବଦ୍ଧା ମହାରାଣୀଙ୍କ ମନକୁ ଯେ ଏହା ସହଜରେ ଆସିବ, ଏହା ଆଶା କରିବା ବୃଥା । ପୁଣି ରାଜା ଯେ କେବଳ ରାଜ୍ୟର ଅଧିପତି, ତାହା ନୁହେଁ; ସାମାଜିକ ଯେ କୌଣସି ବ୍ୟବସ୍ଥାରେ ପରିବର୍ତ୍ତନ ତାଙ୍କ ଆନୁକୂଲ୍ୟ ସାପେକ୍ଷ । ତଥାପି ଯେଉଁ ଯେଉଁ ଶିକ୍ଷିତ ଯୁବକ ସହିତ ମୋର ଏହି ବିଷୟ କଥାବାର୍ତ୍ତା ହେଲା, ସେମାନେ ସମସ୍ତେ କହିଲେ ଯେ, ରକ୍ଷଣଶୀଳଦଳଙ୍କ ବିରୋଧ ସତ୍ୱେ ସେମାନେ ଏହା ଶୀଘ୍ର ଚଳାଇବେ ଓ ଏଥିରେ ହତାଶ ହେବା କାରଣ ନାହିଁ । ଏମାନଙ୍କ ମଧ୍ୟରେ ସ୍ଥାନୀୟ ହାଇସ୍କୁଲର ଶିକ୍ଷକ ଭୁବନେଶ୍ୱରଙ୍କ ମାମୁଁ ବର୍ତ୍ତମାନ ଓକିଲ ଶ୍ରୀ ବନମାଳୀ ମୁଣ୍ଡ ଅଗ୍ରଗଣ୍ୟ ।

ମୁଁ ଭବାନୀପାଟଣା ତ୍ୟାଗ କରିବା ଦିନ କଳାହାଣ୍ଡିର ଦେୱାନ କଟକ ଜିଲାନିବାସୀ ଶ୍ରୀ ବିନୋଦ ବିହାରୀ ମହାନ୍ତି ଚିରଦିନ ସକାଶେ କଳାହାଣ୍ଡି ତ୍ୟାଗ କରି ଚାକିରିରୁ ଅବ୍ୟାହତି ନେଇ ଚାଲିଯାଉଥିଲେ । ବିନୋଦବାବୁ କଳାହାଣ୍ଡିରେ ପ୍ରାୟ ୨୫ ବର୍ଷ କାଳ ଦେୱାନି କରିଥିଲେ । ଶୁଣିଲି, ବର୍ତ୍ତମାନ ଯୁଦ୍ଧ ସକାଶେ ପାଟଣା ଓ ଅନ୍ୟାନ୍ୟ ଷ୍ଟେଟ୍‌ପରି ଯଥେଷ୍ଟ ସାହାଯ୍ୟ କରିବାରେ ତ୍ରୁଟି କରିଥିବା ଦୋଷରେ ତାଙ୍କୁ କାର୍ଯ୍ୟରୁ ଅବ୍ୟାହତି ଦେବା ସକାଶେ ଗୋରା ପୋଲିଟିକେଲ୍ ଏଜେଣ୍ଟ ମହାରାଜାଙ୍କୁ ବାଧ୍ୟ କଲେ । ସେତେବେଳେ ମହାରାଜା ଉଚ୍ଚଶିକ୍ଷିତ ହେଲେ ହେଁ ଅଳ୍ପ ବୟସ୍କ ଯୁବକ ।

ଭବାନୀପାଟଣାରେ ମୋର ଚାରିଦିନର ଅବସ୍ଥାନରେ ଯାହା ଅନୁଭୂତି ହେଲା ତହିଁରୁ ମନେକଲି ଯେ, ଏଠାର ଶାସନ ବାହ୍ୟାଡ଼ମ୍ବରପୂର୍ଣ୍ଣ ନୁହେଁ । ସର୍ବତ୍ର ସରଳତା ପୂର୍ଣ୍ଣ । ମହାରାଜା ପ୍ରତାପକେଶରୀ ଦେଓ ଉଚ୍ଚଶିକ୍ଷିତ । ତାଙ୍କ ପିତା ସ୍ୱର୍ଗୀୟ ବ୍ରଜ ମୋହନ ଦେଓ ଏହାଙ୍କୁ ଅନ୍ୟ ଷ୍ଟେଟ୍‌ର ରାଜକୁମାରମାନଙ୍କ ତୁଲ୍ୟ ସ୍ଥାନାନ୍ତରର ରାଜକୁମାର କଲେଜମାନଙ୍କରେ ନ ପଢ଼ାଇ ସାଧାରଣ ପିଲାଙ୍କ ସଙ୍ଗେ ଶିକ୍ଷା ପ୍ରଦାନ କରିଥିଲେ । ସେ ଭାବାନୀପାଟଣା ହାଇସ୍କୁଲରୁ ମେଟ୍ରିକୁଲେସନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କଟକ ରେଭେନ୍‌ସା କଲେଜରେ ପଢ଼ି ଆଇ.ଏ. ଓ ବି.ଏ. ଓ ପାଟଣା 'ଲ' କଲେଜରୁ ବି.ଏଲ୍. ପାଶ୍ କରିଥିଲେ । ପିତାଙ୍କ ମୃତ୍ୟୁ ପରେ ବିଗତ ଦୁଇବର୍ଷ ପୂର୍ବେ ସେ ରାଜ୍ୟଭାର ପ୍ରାପ୍ତ ହୋଇଥିଲେ । ଶୁଣିଲି, କେତେଗୁଡ଼ିଏ ମହକୁମାର କାର୍ଯ୍ୟ ନିଜ ହାତରେ ରଖି ବୁଝୁଥିଲେ ।

Digitized by srujanika@gmail.com

ଭୁବନେଶ୍ୱରଙ୍କ ପିତାଙ୍କୁ ମୋର ଆଗମନ ସମ୍ବାଦ ଦେବା ସକାଶେ ଲେଖିଥିବାରୁ ସେ ତାଙ୍କ ସମ୍ବାଦରେ ଭବାନୀପାଟଣାରୁ ପ୍ରାୟ ୩୨ ମାଇଲ ଦୂରବର୍ତ୍ତୀ ମୁଣ୍ଡରାଗୁଡ଼ା ଗ୍ରାମରୁ ଆସିଥିଲେ। ତାଙ୍କ ସହିତ କଳାହାଣ୍ଡିର ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଷ୍ଟେଟ୍ ନିବାସୀ ଶ୍ରୀ ମହେଶ୍ୱର ପାଢ଼ୀଙ୍କ ଘରେ ସାକ୍ଷାତ ହୋଇ ପ୍ରାଥମିକ କଥାବାର୍ତ୍ତା ମାତ୍ର ହେଲା। ସନ୍ଧ୍ୟାରେ ମହାରାଜାଙ୍କ ସଙ୍ଗେ ସାକ୍ଷାତ କଲି। ମୋର ଏଠାକୁ ଆସିବା ଉଦ୍ଦେଶ୍ୟ ସମ୍ବନ୍ଧରେ ସେ କାଳୀବାବୁଙ୍କ ଠାରୁ ଶୁଣିଥିଲେ ବୋଲି କହିଲେ। ଶିଷ୍ଟାଚାର ବିବେଚନାରେ ମୁଁ ତାଙ୍କୁ କହିଲି ଯେ, ଭୁବନେଶ୍ୱରଙ୍କ ସହିତ ସମ୍ପର୍କ ପ୍ରସ୍ତାବ ଏଠାରେ ସମସ୍ତଙ୍କ ଅନୁମୋଦିତ ଏବଂ ତାହା କେବଳ ମହାରାଜାଙ୍କ ଅନୁମୋଦନ ସାପେକ୍ଷ। ସେ କହିଲେ ଯେ, ସେଠାରେ ବ୍ରାହ୍ମଣମାନଙ୍କ ଅନୁମୋଦନ ହେଲେ ତାଙ୍କ ଅନୁମୋଦନ ମଧ୍ୟ ଅଛି। ମହାରାଜାଙ୍କଠାରୁ ଫେରିଆସି ଏହି ମନ୍ତବ୍ୟ ସମ୍ବନ୍ଧରେ କାଳୀବାବୁ ଓ ମହେଶ୍ୱର ବାବୁଙ୍କ ସଙ୍ଗେ ଆଲୋଚନା ହେଲା। କଥାବାର୍ତ୍ତାରୁ ବୁଝିଲି, ଏହି ଷ୍ଟେଟ୍‌ରେ ସେ ପର୍ଯ୍ୟନ୍ତ ବାଲ୍ୟ ବିବାହ ପ୍ରଚଳିତ ଅଛି ଓ ଯୁବତୀ ବିବାହ ବ୍ରାହ୍ମଣ ସମାଜରେ ଅନୁମୋଦିତ ଓ ପ୍ରବର୍ତ୍ତିତ ହୋଇ ନ ଥିବାରୁ ଏ ବିଷୟରେ ଚରମ ମୀମାଂସା ନ ହେବା ପର୍ଯ୍ୟନ୍ତ ଭୁବନେଶ୍ୱରଙ୍କ ସହିତ ସମ୍ପର୍କ ହେବା ଦୁଃସାଧ୍ୟ। ଇଂରେଜ ଶାସିତ ଜିଲାରେ ପ୍ରଚଳିତ ବାଲ୍ୟବିବାହ ନିରୋଧ ଆଇନ (ସାରଦା ଆଇନ) ଗଡ଼ଜାତ ଅଞ୍ଚଳରେ ଗୃହୀତ ହୋଇନାହିଁ। କିନ୍ତୁ ଯୁବତୀ ବିବାହ କେହି କଲେ କୌଣସି କୌଣସି ଗଡ଼ଜାତରେ ସାମାଜିକ ଆପତ୍ତି ଉତ୍‌ଥାପିତ ହେଉନାହିଁ।

କିଛିଦିନ ପୂର୍ବେ ପାଟଣା ଷ୍ଟେଟ୍‌ରେ ବ୍ରାହ୍ମଣମାନଙ୍କ ସଭାରେ ଏହା ସର୍ବସମ୍ମତିକ୍ରମେ ଗୃହୀତ ହୋଇସାରିଥିଲା। କିନ୍ତୁ କଳାହାଣ୍ଡିରେ ସେ ପର୍ଯ୍ୟନ୍ତ ଗୋଟିଏ ସୁଦ୍ଧା ଯୁବତୀ ବିବାହ ହୋଇନଥିଲା। ଶୁଣିଲି, ରକ୍ଷଣଶୀଳ ଦଳ ଏଥିରେ ଏତେ ବିରୋଧୀ ଯେ ଭୁବନେଶ୍ୱରଙ୍କ ସହିତ ମୋର କନ୍ୟାର ବିବାହ ହେଲେ ତାଙ୍କ ପରିବାରକୁ ସମାଜରୁ ବାସନ୍ଦ କରିବେ। ଶିକ୍ଷିତ ଯୁବକ ଦଳ କିନ୍ତୁ ଏହା ଚଳାଇବା ପାଇଁ ବଦ୍ଧପରିକର ଓ ସେମାନଙ୍କ ପ୍ରଥମ ଉଦ୍ୟମ ସ୍ୱରୂପ ମୋର ପ୍ରସ୍ତାବକୁ ସ୍ୱାଗତ କରୁଅଛନ୍ତି। କଳାହାଣ୍ଡିର ବ୍ରାହ୍ମଣମାନେ ନିକଟବର୍ତ୍ତୀ ଖଡ଼ିଆଳର ବ୍ରାହ୍ମଣମାନଙ୍କ ସହିତ ଘନିଷ୍ଠ ସମ୍ପର୍କରେ ଆବଦ୍ଧ। ଖଡ଼ିଆଳରେ ତ ଯୁବତୀ ବିବାହ ପ୍ରଚଳିତ ହୋଇ ଯାଇଅଛି ଏବଂ ଯୁବତୀ ବିବାହ କରିଥିବା ଅନେକ ବ୍ରାହ୍ମଣ ପରିବାର ସହିତ ସମ୍ପର୍କ ରଖି କଳାହାଣ୍ଡିର ବ୍ରାହ୍ମଣମାନେ ବାସନ୍ଦ ହେଉନାହାଁନ୍ତି। ତାହାହେଲେ ଭୁବନେଶ୍ୱରଙ୍କ ପରିବାରକୁ ବାସନ୍ଦ କରିବା ଅତ୍ୟନ୍ତ ଅଯୌକ୍ତିକ ହେବ। ଏ ବିଷୟରେ ଶୀଘ୍ର ଗୋଟିଏ ସଭାରେ ମୀମାଂସା କରିବେ ବୋଲି ଶିକ୍ଷିତ ଯୁବକଦଳ କହିଲେ। ଏହା ଉତ୍ତାରେ ଅନେକ ବିଶିଷ୍ଟ ବ୍ରାହ୍ମଣମାନଙ୍କ ସହିତ ମୋର କଥାବାର୍ତ୍ତା ହେଲା। ଯୁବତୀ ବିବାହ ପ୍ରଚଳନ ସମ୍ବନ୍ଧରେ ସମସ୍ତଙ୍କ ମୁଖରୁ ଆଶାଜନକ ବାଣୀ ଶୁଣିଲି। ଯେଉଁଠାକୁ ଗଲି ସମ୍ମାନ ସହକାରେ ସମସ୍ତେ ମୋ ସହିତ ସଦୟ ବ୍ୟବହାର କଲେ।

Digitized by srujanika@gmail.com

ସେହିଦିନ ରାତ୍ରରେ ମହେଶ୍ୱର ବାବୁଙ୍କ ଘରେ ଜଣକେତେ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ପୁଣି କଥାବାର୍ତ୍ତା ହେଲା । ଭୁବନେଶ୍ୱରଙ୍କ ପିତାଙ୍କଠାରୁ ମୁଁ ଶେଷ ଉତ୍ତର ପ୍ରାର୍ଥନା କଲି । ସେ କହିଲେ ଯେ, ସମାଜ ଯଦି ଅନୁମୋଦନ କରନ୍ତି ତାହାହେଲେ ତାଙ୍କ ସ୍ୱୀକୃତି ଅଛି । ମହେଶ୍ୱର ବାବୁ କହିଲେ ଯେ, ଶୀଘ୍ର ସମାଜରେ ଏହି ବିଷୟର ମୀମାଂସା ହେବ ଓ ଯେତେଦୂର ସମ୍ଭବ ସେମାନେ ଷ୍ଟେଟ୍‌ରେ ଯୁବତୀ ବିବାହ ପ୍ରଚଳନ ଦାବି କରିବେ ।

ଶୁଣିଲି, ରାଜମାତାଙ୍କ ଯୁବତୀବିବାହ ସପକ୍ଷରେ ମତ ନାହିଁ । ଏଥିରେ ବିଚିତ୍ରତା କିଛି ନାହିଁ । ଯାହା ବିଶିଷ୍ଟ ଶିକ୍ଷିତ ବ୍ୟକ୍ତିଙ୍କ ପକ୍ଷରେ ଦୁଃସାଧ ହୋଇଅଛି, ଅନ୍ତଃପୁର ନିବଦ୍ଧା ମହାରାଣୀଙ୍କ ମନକୁ ଯେ ଏହା ସହଜରେ ଆସିବ, ଏହା ଆଶା କରିବା ବୃଥା । ପୁଣି ରାଜା ଯେ କେବଳ ରାଜ୍ୟର ଅଧିପତି, ତାହା ନୁହେଁ; ସାମାଜିକ ଯେ କୌଣସି ବ୍ୟବସ୍ଥାରେ ପରିବର୍ତ୍ତନ ତାଙ୍କ ଆନୁକୂଲ୍ୟ ସାପେକ୍ଷ । ତଥାପି ଯେଉଁ ଯେଉଁ ଶିକ୍ଷିତ ଯୁବକ ସହିତ ମୋର ଏହି ବିଷୟ କଥାବାର୍ତ୍ତା ହେଲା, ସେମାନେ ସମସ୍ତେ କହିଲେ ଯେ, ରକ୍ଷଣଶୀଳଦଳଙ୍କ ବିରୋଧ ସତ୍ତ୍ୱେ ସେମାନେ ଏହା ଶୀଘ୍ର ଚଳାଇବେ ଓ ଏଥିରେ ହତାଶ ହେବା କାରଣ ନାହିଁ । ଏମାନଙ୍କ ମଧ୍ୟରେ ସ୍ଥାନୀୟ ହାଇସ୍କୁଲର ଶିକ୍ଷକ ଭୁବନେଶ୍ୱରଙ୍କ ମାମୁଁ ବର୍ତ୍ତମାନ ଓକିଲ ଶ୍ରୀ ବନମାଳୀ ମୁଣ୍ଡ ଅଗ୍ରଗଣ୍ୟ ।

ମୁଁ ଭବାନୀପାଟଣା ତ୍ୟାଗ କରିବା ଦିନ କଳାହାଣ୍ଡିର ଦେଓ୍ୱାନ କଟକ ଜିଲାନିବାସୀ ଶ୍ରୀ ବିନୋଦ ବିହାରୀ ମହାନ୍ତି ଚିରଦିନ ସକାଶେ କଳାହାଣ୍ଡି ତ୍ୟାଗ କରି ଚାକିରିରୁ ଅବ୍ୟାହତି ନେଇ ଚାଲିଯାଉଥିଲେ । ବିନୋଦବାବୁ କଳାହାଣ୍ଡିରେ ପ୍ରାୟ ୨୫ ବର୍ଷ କାଳ ଦେଓ୍ୱାନି କରିଥିଲେ । ଶୁଣିଲି, ବର୍ତ୍ତମାନ ଯୁଦ୍ଧ ସକାଶେ ପାଟଣା ଓ ଅନ୍ୟାନ୍ୟ ଷ୍ଟେଟ୍‌ପରି ଯଥେଷ୍ଟ ସାହାଯ୍ୟ କରିବାରେ ତ୍ରୁଟି କରିଥିବା ଦୋଷରେ ତାଙ୍କୁ କାର୍ଯ୍ୟରୁ ଅବ୍ୟାହତି ଦେବା ସକାଶେ ଗୋରା ପୋଲିଟିକେଲ୍ ଏଜେଣ୍ଟ ମହାରାଜାଙ୍କୁ ବାଧ୍ୟ କଲେ । ସେତେବେଳେ ମହାରାଜା ଉଚ୍ଚଶିକ୍ଷିତ ହେଲେ ହେଁ ଅଳ୍ପ ବୟସ୍କ ଯୁବକ ।

ଭବାନୀପାଟଣାରେ ମୋର ଚାରିଦିନର ଅବସ୍ଥାନରେ ଯାହା ଅନୁଭୂତି ହେଲା ତହିଁରୁ ମନେକଲି ଯେ, ଏଠାର ଶାସନ ବାହ୍ୟାଡ଼ମ୍ବରପୂର୍ଣ୍ଣ ନୁହେଁ । ସର୍ବତ୍ର ସରଳତା ପୂର୍ଣ୍ଣ । ମହାରାଜା ପ୍ରତାପକେଶରୀ ଦେଓ ଉଚ୍ଚଶିକ୍ଷିତ । ତାଙ୍କ ପିତା ସ୍ୱର୍ଗୀୟ ବ୍ରଜ ମୋହନ ଦେଓ ଏହାଙ୍କୁ ଅନ୍ୟ ଷ୍ଟେଟ୍‌ର ରାଜକୁମାରମାନଙ୍କ ତୁଲ୍ୟ ସ୍ଥାନାନ୍ତରର ରାଜକୁମାର କଲେଜମାନଙ୍କରେ ନ ପଢ଼ାଇ ସାଧାରଣ ପିଲାଙ୍କ ସଙ୍ଗେ ଶିକ୍ଷା ପ୍ରଦାନ କରିଥିଲେ । ସେ ଭାବାନୀପାଟଣା ହାଇସ୍କୁଲରୁ ମେଟ୍ରିକୁଲେସନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କଟକ ରେଭେନ୍‌ସା କଲେଜରେ ପଢ଼ି ଆଇ.ଏ. ଓ ବି.ଏ. ଓ ପାଟଣା 'ଲ' କଲେଜରୁ ବି.ଏଲ୍. ପାଶ୍ କରିଥିଲେ । ପିତାଙ୍କ ମୃତ୍ୟୁ ପରେ ବିଗତ ଦୁଇବର୍ଷ ପୂର୍ବେ ସେ ରାଜ୍ୟଭାର ପ୍ରାପ୍ତ ହୋଇଥିଲେ । ଶୁଣିଲି, କେତେଗୁଡ଼ିଏ ମହକୁମାର କାର୍ଯ୍ୟ ନିଜ ହାତରେ ରଖି ବୁଝୁଥିଲେ ।

Digitized by srujanika@gmail.com

କଳାହାଣ୍ଡିର ଲୋକସଂଖ୍ୟା ପୂର୍ବ ଗଣନାନୁଯାୟୀ ପ୍ରାୟ ୬ ଲକ୍ଷ। ଷ୍ଟେଟ୍‌ର ଆୟତନ ୩୭୪୫ ବର୍ଗମାଇଲ। ଷ୍ଟେଟ୍ ଅଧିବାସୀ ମଧ୍ୟରେ ଅଧିକାଂଶ ଆଦିବାସୀ କନ୍ଧ। ଷ୍ଟେଟ୍ ଜଙ୍ଗଲ ପାହାଡ଼ରେ ପରିପୂର୍ଣ୍ଣ ଓ ପୂର୍ବଘାଟ ପର୍ବତଶ୍ରେଣୀ ଏହି ଅଞ୍ଚଳ ପର୍ଯ୍ୟନ୍ତ ଲମ୍ବମାନ ହୋଇଅଛି। ଏହି ଅଞ୍ଚଳରେ ସେମାନେ ରହି ତାହି ଚାଷ କରନ୍ତି। ଶିକ୍ଷା ବିସ୍ତାର ସେତେ ହୋଇନାହିଁ। କଳାହାଣ୍ଡିରେ ବର୍ଷ କେତେ ପୂର୍ବେ ଉଚ୍ଚଶିକ୍ଷାର ବ୍ୟବସ୍ଥା ହୋଇଥିଲା। ସ୍ୱର୍ଗତ ମହାରାଜା ବ୍ରଜମୋହନ ଦେଓଙ୍କ ଆନୁକୂଲ୍ୟ ଓ ସାହାଯ୍ୟରେ ସ୍ଥାନୀୟ ଯୁବକମାନେ ଅନେକ ଦିଗରେ ଶିକ୍ଷାପ୍ରାପ୍ତ ହେଉଥିଲେ। ଯେଉଁମାନେ ଷ୍ଟେଟ୍‌ର ହାଇସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ ଉଚ୍ଚ ଶିକ୍ଷା ସକାଶେ ଯାଉଥିଲେ, ମହାରାଜା ପ୍ରାୟ ସମସ୍ତଙ୍କୁ ସାହାଯ୍ୟ ଦେଉଥିଲେ। ଆଇ.ଏ., ବି.ଏ., ଇଂଜିନିୟରିଂ, ମେଡ଼ିକାଲ୍ ପ୍ରଭୃତି ଶିକ୍ଷା ସକାଶେ ଛାତ୍ରମାନେ ଷ୍ଟେଟ୍‌ରୁ ସାହାଯ୍ୟ ପାଉଥିଲେ। ପୂର୍ବ ବର୍ଷ ଷ୍ଟେଟ୍ ସାହାଯ୍ୟରେ ଜଣେ ଡମ ଜାତୀୟ ଛାତ୍ର ବି.ଏ. ପାଶ୍ କରି ବି.ଏଲ୍. ପଢୁଥିଲେ। ବି.ଏଲ୍. ପାଶ୍‌କରି ଆସିଲା ପରେ ମହାରାଜା ତାଙ୍କୁ ଷ୍ଟେଟ୍‌ର ଉପଯୁକ୍ତ ପଦରେ ଅଧିଷ୍ଠିତ କରାଇଥିଲେ।

ସେତେବେଳେ ଷ୍ଟେଟ୍‌ର ଅଧିକାଂଶ କର୍ମଚାରୀ ଷ୍ଟେଟ୍ ଅଧିବାସୀ। ଅଫିସରମାନଙ୍କ ମଧ୍ୟରେ ଶ୍ରୀ କାଳୀପ୍ରସାଦ ବାବୁ, ଏମ୍.ଏ. ବି.ଏଲ୍. ସବ୍‌ଡ଼ିଭିଜନାଲ୍ ଅଫିସର୍, ଶ୍ରୀ ମହେଶ୍ୱର ପାଢ଼ୀ, ପୋଲିସ ସୁପରିଣ୍ଟେଣ୍ଡେଣ୍ଟ୍, ଶ୍ରୀ ଧନେଶ୍ୱର ପାତ୍ର ଫରେଷ୍ଟ ଅଫିସର, ସ୍କୁଲ ଡେପୁଟି ଇନ୍‌ସ୍‌ପେକ୍ଟର, ସମସ୍ତେ ଷ୍ଟେଟ୍ ଅଧିବାସୀ। ଦେୱାନ, ଆସିଷ୍ଟାଣ୍ଟ ଦେୱାନ, ଚିଫ୍ ମେଡ଼ିକାଲ୍ ଅଫିସର୍ ଓ ହାଇସ୍କୁଲର ହେଡ୍‌ମାଷ୍ଟର କେବଳ ପ୍ରବାସୀ।

କିନ୍ତୁ ଚିଫ୍ ମେଡ଼ିକାଲ୍ ଅଫିସରଙ୍କୁ ଛାଡ଼ି ସମସ୍ତେ ଓଡ଼ିଆ।

ଆଜିକାଲି କେହି କେହି ଏ ଅଞ୍ଚଳରେ ବିଶେଷତଃ ପାଲାବାଲାମାନେ ଗାଉଥିବାର ଶୁଣାଯାଏ –

''କଲ ତ ଗଲାଣି ବଦଳି,
ବରକୋଳି ଗଛେ ଫଳୁଛି ପିଜୁଳି
ପିଜୁଳି ଗଛରେ କଦଳୀ।''

ପୂର୍ବେ ଥିଲା ଲୋକେ ଚୁଡ଼ାଚାଉଳ ବାନ୍ଧି ପୁଅ ସକାଶେ କନିଆଁ (ପାତ୍ରୀ) ଖୋଜିବାକୁ ଯାଉଥିଲେ। ଆଜିକାଲି ହେଲା ଟଙ୍କା ବୁଜୁଳା। ନୋଟ୍ ବିଡ଼ା ଓ ଝିଅର ଫଟୋ ଧରି ବରପାତ୍ର ଖୋଜିବାକୁ ଯାଉଛନ୍ତି। ପୂର୍ବେ ଥିଲା କନ୍ୟା ସୁନା। ମୂଲ୍ୟଦେଇ ପାତ୍ରୀ କିଣିବାକୁ ହେଉଥିଲା, ଏବେ ହେଲା ବରପାଇଁ ମୋଟର ଗାଡ଼ି ନ ହେଲେ ନ୍ୟୂନ ପକ୍ଷରେ ମୋଟର ସାଇକେଲ, ସାଇକେଲ, ଘଡ଼ି, ରେଡ଼ିଓ ଓ ଏହା ଉପରେ ନଗଦ ଟଙ୍କା। ଏସବୁ ନ ହେଲେ ନିତାନ୍ତ ପକ୍ଷରେ ବରକୁ ପାଠ ପଢ଼ାଇଦେବାକୁ ହେବ। ଏଥିରେ ଶିକ୍ଷିତା, ଅଶିକ୍ଷିତା କନ୍ୟା ମଧ୍ୟରେ ପାର୍ଥକ୍ୟ ନାହିଁ। ଶିକ୍ଷିତା କନ୍ୟାକୁ ଯେ ଶିକ୍ଷିତ ବରମାନେ ବିବାହ କରିବାକୁ

Digitized by srujanika@gmail.com

ଆଗ୍ରହାନ୍ୱିତ ହେବେ, ଏହି ବିଶ୍ୱାସ ମଧ୍ୟ ଅମୂଳକ। ବରଂ ଅଶିକ୍ଷିତା କନ୍ୟାର ବିବାହ ଅପେକ୍ଷା ଶିକ୍ଷିତା କନ୍ୟାର ବିବାହ ଅସୁବିଧାଜନକ। ନାନା ଜଞ୍ଜାଳମୟ ଘଟଣାପୂର୍ଣ୍ଣ। ଏହି ହେତୁରୁ କେତେକ ଶିକ୍ଷିତା କନ୍ୟା ଅବିବାହିତା ହୋଇ ରହିଯାଉଅଛନ୍ତି ଓ କେତେକ ଅବାଞ୍ଛନୀୟ ବିବାହସୂତ୍ରରେ ଆବଦ୍ଧ ହୋଇଯାଉଅଛନ୍ତି।

କନ୍ୟା ଶିକ୍ଷିତା ହେଲେ ଯେ ଅବିବାହିତା ହୋଇ ରହିବ, ଏହା ମୋର ଆଦୌ ଅଭିପ୍ରେତ ନୁହେଁ। କି ପୁରୁଷ, କି ସ୍ତ୍ରୀର ବିବାହରେ ହିଁ ବ୍ୟକ୍ତିତ୍ୱର ପୂର୍ଣ୍ଣତା ସମ୍ଭବପର ହୁଏ। ଝିଅ ଘରସଂସାର କରିବ ଓ ବିଦ୍ୟା ଓ ସଂସ୍କାର ବଳରେ ନିଜ ପରିବାର ତଥା ସମାଜର ଶିକ୍ଷା ଓ ସଂସ୍କୃତିର ପ୍ରସାର କରିବ। ସ୍ୱାମୀ ସହିତ ସଂସାର କ୍ଷେତ୍ରରେ ବିବିଧ କାର୍ଯ୍ୟରେ ସହଯୋଗ କରିବ। ତାହାହେଲେ କେବଳ ନାମକୁ ସହଧର୍ମିଣୀ ନ ହୋଇ ତାହାଙ୍କ ପ୍ରକୃତ ସହଧର୍ମିଣୀ ହେବ।

ଏଥର ବାହାରିଲି ବରପାତ୍ର ଅନ୍ୱେଷଣ ଉଦ୍ଦେଶ୍ୟରେ ସୋନପୁର, ବୌଦ୍ଧ ଓ ଆଠମଲ୍ଲିକ ପରିଦର୍ଶନରେ, ବଡ଼ ନାତୁଣୀ ସକାଶେ।

ଏହି ସମୟରେ ଶୁଣିଥିଲି, ସମ୍ବଲପୁର ବ୍ରାହ୍ମଣସମାଜ ତୁଲ୍ୟ ଏହି ଅଞ୍ଚଳରେ ବାଞ୍ଛନୀୟ ଯୋଗ୍ୟ ବରପାତ୍ର ଅଛନ୍ତି।

ତା.୨୦.୪.୧୯୪୪ ଅପରାହ୍ଣ ୩ଟା ବେଳେ ମୁଁ ସୋନପୁର ଅଭିମୁଖ୍ୟରେ ଯାତ୍ରାକଲି। ମୋର ବାଲ୍ୟବନ୍ଧୁ ପୁରୁଷୋତ୍ତମ ମହାପାତ୍ର ଏହି ଅଭିଯାନରେ ମୋର ସହଯାତ୍ରୀ ହେଲେ। ସୋନପୁରରେ ଆମ୍ଭେମାନେ ସନ୍ଧ୍ୟାରେ ପହଞ୍ଚିଲୁ। ସୋନପୁରର ସବ୍‌ଡ଼ିଭିଜନାଲ୍ ଅଫିସର ଶ୍ରୀ ରାମଚନ୍ଦ୍ର ତ୍ରିପାଠୀଙ୍କ ଅତିଥି ହୋଇ ତାଙ୍କ ବସାରେ ରାତ୍ରିଯାପନ କଲୁ। ପରଦିନ ପ୍ରତ୍ୟୁଷରେ ନିତ୍ୟକର୍ମାଦି ସମାପନ କରି ସୋନପୁରର ପ୍ରସିଦ୍ଧ ଶିବମନ୍ଦିରରେ ପ୍ରତିଷ୍ଠିତ ସୁବର୍ଣ୍ଣମେରୁ ମହାଦେବଙ୍କୁ ଦର୍ଶନକଲୁ। ସୋନପୁର ମହାନଦୀ ଓ ତେଲନଦୀର ସଙ୍ଗମ ସ୍ଥଳରେ ଅବସ୍ଥିତ। ଏହାର ଅବସ୍ଥିତି ଅତ୍ୟନ୍ତ ରମଣୀୟ। ସହରଟି କ୍ଷୁଦ୍ର ହେଲେହେଁ ସଡ଼କଗୁଡ଼ିକ ପରିଷ୍କାର ପରିଚ୍ଛନ୍ନ। ନଦୀଶଯ୍ୟା ଓ ନଦୀକଳ ମଧ୍ୟ ପରିଷ୍କାର। ଏଠାରେ ମ୍ୟୁନିସିପାଲିଟି ନାହିଁ। ସେତେବେଳେ ରାଜ୍ୟରେ ରାଜା ଅଛନ୍ତି। ପ୍ରକୃତି ମ୍ୟୁନିସିପାଲିଟିର କାର୍ଯ୍ୟ କରେ। ପ୍ରତିଗୃହରୁ ନିଷ୍କାସିତ ଜଳ ସୂର୍ଯ୍ୟତାପରେ ଶୁଷ୍କ ହୋଇଯାଏ ଓ ଲୋକେ ସହର ବାହାରକୁ ଯାଇ ଶୌଚକ୍ରିୟାଦି ସମ୍ପାଦନ କରନ୍ତି। ଦେଖିଲି, ସୋନପୁର ମନ୍ଦିର ବହୁଳ। ଦୂରରୁ ମଧ୍ୟ ସ୍ଥାନେ ସ୍ଥାନେ ମନ୍ଦିର ସମୂହର ଉଚ୍ଚ ଚୂଡ଼ା ଦୃଷ୍ଟିଗୋଚର ହୁଏ। ସୋନପୁର ସହର ଏହି ଅଞ୍ଚଳରେ ବାଣିଜ୍ୟର ଏକ ପ୍ରଧାନ କେନ୍ଦ୍ର। ଏହି ଅଞ୍ଚଳର ଚାଉଳ ମହାନଦୀ ପଥରେ କଟକ ଅଞ୍ଚଳକୁ ରପ୍ତାନି ହୁଏ।

ସବ୍‌ଡ଼ିଭିଜନେଲ୍ ଅଫିସର ଶ୍ରୀ ରାମଚନ୍ଦ୍ର ତ୍ରିପାଠୀ ସୋନପୁର ଷ୍ଟେଟ୍‌ବାସୀ । ସୋନପୁର ଷ୍ଟେଟ୍‌ବାସୀ ଓ ଷ୍ଟେଟ୍‌ର ଶାସନ ବିଷୟରେ ନାନା କଥାବାର୍ତ୍ତା ହେଲା। ପୂର୍ବର କରପୀଡ଼ା ଷ୍ଟେଟ୍‌ରେ ଆଉ ନାହିଁ। ପୂର୍ବର ଧାନ ଋଣ ମହକୁମା ଉଠି ଯାଇଅଛି। ପୂର୍ବେ

Digitized by srujanika@gmail.com

ରାଜଭଣ୍ଡାରରୁ ଧାନ ଋଣ ଦେଢ଼ି ସୁଧରେ ଦିଆହେଉଥିଲା । ଏହା କେବେ ତମାଦି ହେଉନଥିଲା ଓ ଋଣଦାନର ବହୁବର୍ଷ ପରେ ଅତ୍ୟଧିକ ବୃଦ୍ଧିପ୍ରାପ୍ତ ସମୂଳ ସୁଧ ଆଦାୟରେ ଲୋକେ ଉତ୍ପୀଡ଼ିତ ହେଉଥିଲେ । ଷ୍ଟେଟ୍‌ବାସୀଙ୍କ ଆନ୍ଦୋଳନ ଫଳରେ ଭୂମିକର ବ୍ୟତୀତ ବହୁକାଳରୁ ପ୍ରବର୍ତ୍ତିତ ବହୁବିଧ କର ଉଠିଯାଇଅଛି । ଅଳ୍ପଦିନ ପୂର୍ବେ ଏଠାରେ ଗୋଟିଏ ହାଇସ୍କୁଲ ସ୍ଥାପିତ ହୋଇଅଛି ଓ ତାହା ସ୍ଥାପିତ ହେଲାଦିନରୁ ଲୋକେ ଉଚ୍ଚଶିକ୍ଷାପ୍ରତି ମନଯୋଗୀ ହୋଇଅଛନ୍ତି । ବାଲ୍ୟବିବାହ ନିରଙ୍କୁଶ ପ୍ରଭାବ ବିସ୍ତାରକରି ରହିଅଛି । ରାମଚନ୍ଦ୍ର ବାବୁ କହିଲେ ଯେ, ଏହି ଷ୍ଟେଟ୍‌ରେ ଚଉଦବର୍ଷରୁ ଅଧିକ ବୟସ୍କ ଅବିବାହିତ ବାଳକ ସୁଦ୍ଧା ମିଳିବା ଦୁଷ୍କର । ମହାରାଜାଙ୍କ ଉଦାସୀନତା ଓ ବ୍ରାହ୍ମଣମାନଙ୍କ ରକ୍ଷଣଶୀଳତା ଯୋଗୁଁ ବାଲ୍ୟବିବାହ ନିରୋଧ ଆଇନ ପ୍ରୟୋଗର ଅଙ୍କୁରୋଦ୍‌ଗମ ସୁଦ୍ଧା ହୋଇପାରୁନାହିଁ । ଏହି ଆଇନ୍ ଇଂରେଜ ଶାସିତ ଅଞ୍ଚଳରେ ଅଳ୍ପଦିନ ପୂର୍ବେ ପ୍ରଚଳିତ ହୋଇଥିଲା । ଏହି ସମୟରେ ସମ୍ବଲପୁର ଅଞ୍ଚଳର କେତେକ ଲୋକ ସୋନପୁରକୁ ଆସି ବାଲ୍ୟବିବାହ ସମ୍ପାଦନ କରିଯାଉଥିଲେ ।

ଏହିଠାରେ ବରପ୍ରାପ୍ତିର ଆଶା ତ୍ୟାଗକରି ୨୧ ତାରିଖ ପ୍ରାତଃ ସାତଟାବେଳେ ପୁରୁଷୋତ୍ତମ ଓ ମୁଁ ତେଲ ନଦୀ ପାର ହୋଇ ବୌଦଗଡ଼କୁ ଯାଉଥିବା ଲରୀ ଧରିବା ସକାଶେ ନଦୀର ଅପରପାର୍ଶ୍ୱସ୍ଥ ବୌଦ ଷ୍ଟେଟ୍ ଅନ୍ତର୍ଗତ ମନୁମୁଣ୍ଡା ଗ୍ରାମକୁ ଗଲୁ । ଏହିଠାରୁ ବୌଦ ଷ୍ଟେଟ୍‌ର ସୀମାରମ୍ଭ ବୌଦଗଡ଼ ଏଠାରୁ ୨୮ ମାଇଲନ୍ତ ସଡ଼କ କଚା । ମଧ୍ୟରେ ମଧ୍ୟରେ କ୍ଷୁଦ୍ର କ୍ଷୁଦ୍ର ନଦୀ ପ୍ରବାହିତ । ଏହିଗୁଡ଼ିକ ଏତେ ଅପ୍ରଶସ୍ତ ଓ ଗଭୀର ଯେ ଅଳ୍ପ ବର୍ଷାରେ ସୁଦ୍ଧା ଜଳପୂର୍ଣ୍ଣ ହୋଇ ପଥ ଦୁର୍ଗମ କରିଦିଏ ।

ବୌଦଗଡ଼ରେ ଆମ୍ଭେମାନେ ପୂର୍ବାହ୍ଣ ୧୦ଟା ବେଳେ ପହଞ୍ଚିଲୁ ଓ ପୁରୁଷୋତ୍ତମଙ୍କ ବନ୍ଧୁ ଷ୍ଟେଟ୍‌ର ରେଭିନ୍ୟୁ ଅଫିସର ଶ୍ରୀ ବିଷ୍ଣୁଚରଣ ଶତପଥୀଙ୍କ ଘରେ ଅତିଥି ହେଲୁ । ପୂର୍ବରୁ ପୁରୁଷୋତ୍ତମ ତାଙ୍କ ଆମ୍ଭମାନଙ୍କ ଆଗମନ ବାର୍ତ୍ତା ପତ୍ରଦ୍ୱାରା ଜଣାଇ ଦେଇଥିଲେ । ଏଠାରେ ଯାହାଙ୍କ ଘରେ ପାତ୍ରର ସନ୍ଧାନ ମିଳିଥିଲା ସେ ଘରେ ନ ଥିଲେ । ଶୁଣିଲୁ ସେ ନିକଟରେ ଗଡ଼କୁ ଫେରିବେ ନାହିଁ । ଘରେ ତାଙ୍କ ପରିବାର ଥିଲେ । ତାଙ୍କ ଅନୁପସ୍ଥିତିରେ ସେଠାକୁ ଯିବା ସମୀଚୀନ ମନେ ନକରି ଫେରିଆସିଲୁଁ । ମୋର ପରିଚିତ ଏଠାର ତହସିଲଦାର୍ ଶ୍ରୀ ଜଗନ୍ନାଥ ପଣ୍ଡାଙ୍କ ସହିତ ସାକ୍ଷାତ ହେଲା । ୧୯୩୨–୩୩ ସାଲରେ ମୁଁ ବାଲେଶ୍ୱରରେ ଥିବା ସମୟରେ ସେ ସେଠାରେ ସମବାୟ ବ୍ୟାଙ୍କର-ମ୍ୟାନେଜର୍ ହୋଇ ରହିଥିଲେ ।

ପରଦିନ ପୂର୍ବାହ୍ଣରେ ରାଜବାଟୀ, କଚେରୀ ଓ ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନମାନ ଦେଖିବାକୁ ବାହାରିଲୁ । ଗଡ଼ଟି ପରିଷ୍କାର ପରିଚ୍ଛନ୍ନ । ସଡ଼କଗୁଡ଼ିକ ପ୍ରଶସ୍ତ । ମନମୁଣ୍ଡାଠାରୁ ବୌଦଗଡ଼ ପର୍ଯ୍ୟନ୍ତ ଓ ବୌଦଗଡ଼ରେ ସୁଦ୍ଧା ସଡ଼କର ଉଭୟପାର୍ଶ୍ୱରେ ଲଗାହୋଇଥିବା ଗଛମାନଙ୍କ ମଧ୍ୟରେ ନିମ୍ବଗଛର ସଂଖ୍ୟା ଅତ୍ୟଧିକ । ନିମ୍ବଗଛର ପବନ ସ୍ୱାସ୍ଥ୍ୟକର । ଏପରିକି କୁଷ୍ଠବ୍ୟାଧି ସୁଦ୍ଧା ଏହାଦ୍ୱାରା ପ୍ରଶମିତ ହୁଏ ବୋଲି କଥିତ ହୁଏ ।

Digitized by srujanika@gmail.com

ବୌଦର ରାଜାସାହେବ ଗଡ଼ରେ ନଥିଲେ। ରାଜବାଟୀ ଚତୁର୍ଦ୍ଦିଗରେ ଦ୍ୱାର ରୁଦ୍ଧ ଥିଲା। ଶୁଣିଲି, ତିଗିରିଆ ରାଜାଙ୍କ ବିବାହ ଉପଲକ୍ଷରେ ସେ ସେଠାକୁ ଯାଇଥିଲେ। ତିଗିରିଆ ରାଜାଙ୍କ ସ୍ୱର୍ଗୀୟ ପିତା ଏହି ବୌଦରାଜା ପରିବାରରୁ ପୋଷ୍ୟପୁତ୍ର ହୋଇଯାଇଥିଲେ। ତାଙ୍କ ସହିତ ମୋର ଉତ୍ତମ ପରିଚୟ ଥିଲା। ଦୁଇବର୍ଷ ପୂର୍ବେ ଉନ୍ମାଦ ରୋଗଗ୍ରସ୍ତ ହୋଇ ଅକାଳରେ ଇହଧାମ ତ୍ୟାଗ କରିଥିଲେ। ସେହିଦିନରୁ ତିଗିରିଆ ଷ୍ଟେଟ୍ ସରକାରଙ୍କ ତତ୍ତ୍ୱାବଧାନରେ ଶାସିତ ହେଉଥିଲା। ବୌଦ ରାଜା ଅପୁତ୍ରିକ ଥିଲେ। ରାଣୀ ଆଠମଲ୍ଲିକ ରାଜକନ୍ୟା। ୨୦ ବର୍ଷ ପୂର୍ବେ ସେ ତାଙ୍କୁ ବିବାହ କରିଥିଲେ। ରାଜା ପୁତ୍ରପ୍ରାପ୍ତି ଆଶାରେ ଏକ ବିରାଟ ଯଜ୍ଞାନୁଷ୍ଠାନ କରିଥିଲେ। ଅନ୍ୟ ପତ୍ନୀ ଗ୍ରହଣ ସକାଶେ କେହି କେହି ତାଙ୍କୁ ପରାମର୍ଶ ଦେଇଥିଲେ ସୁଦ୍ଧା ତାହା ସେ ଗ୍ରହଣ କରିନଥିଲେ। ଅଳ୍ପଦିନ ପୂର୍ବେ ତାଙ୍କ ମୃତ୍ୟୁ ହୋଇଯାଇଅଛି ଓ ଷ୍ଟେଟ୍‌ରେ ରାଜାଙ୍କ ସମସ୍ତ ସ୍ୱତ୍ୱ ସରକାରଙ୍କ ଅଧୀନକୁ ଚାଲିଯାଇଅଛି।

ରାଜବାଟୀ ମହାନଦୀ କୂଳରେ ଅବସ୍ଥିତ। ରାଜବାଟୀ ସନ୍ନିକଟସ୍ଥ ଏକ ସ୍ଥାନରେ ଗୋଟିଏ ପ୍ରସ୍ତର ମୂର୍ତ୍ତି ଦେଖିଲୁ। ଦେଖିବାକୁ ବୁଦ୍ଧଙ୍କ ମୂର୍ତ୍ତିତୁଲ୍ୟ। ଏହା ଓ ଆଉ କେତେକ କ୍ଷୁଦ୍ର କ୍ଷୁଦ୍ର ମୂର୍ତ୍ତି ଓ ସ୍ତମ୍ଭ ତତ୍‌ସଂଲଗ୍ନ ଭୂଗର୍ଭରୁ ଖନିତ ହୋଇଥିବା ଶୁଣିଲି। କଥିତ ହୁଏ, ଏହି ସ୍ଥାନରେ ପୂର୍ବେ ଏକ ବୌଦ୍ଧବିହାର ଥିଲା ଓ ବୌଦ୍ଧଯୁଗର ପ୍ରଭାବ ଅନୁସାରେ ଏହି ଷ୍ଟେଟ୍‌ର ନାମକରଣ ହୋଇଅଛି। ବର୍ତ୍ତମାନ ଏହି ମୂର୍ତ୍ତି ବ୍ୟତୀତ ବୌଦ୍ଧ ପ୍ରଭାବର ଲେଶମାତ୍ର ଲକ୍ଷିତ ହେଉନାହିଁ। ବୌଦ୍ଧଧର୍ମ ଓ ବୌଦ୍ଧ ସଭ୍ୟତାର ଜନ୍ମସ୍ଥଳ ଭାରତବର୍ଷରୁ ନାନା କାରଣରୁ ତାହା ଲୁପ୍ତ ହୋଇଅଛି। କିନ୍ତୁ ଏକ ସମୟରେ ଏହା ଭାରତବର୍ଷରେ ଅବ୍ୟାହତ ପ୍ରଭାବ ବିସ୍ତାର କରିଥିଲା। ଏହା ଇତିହାସ ସମ୍ମତ।

ଅପରାହ୍ଣ ପ୍ରାୟ ୪ଟା ବେଳେ ଶ୍ରୀ ବିଷ୍ଣୁଚରଣ ଶତପଥୀ, ଶ୍ରୀ ଜଗନ୍ନାଥ ପଣ୍ଡା, ଶ୍ରୀ ପୁରୁଷୋତ୍ତମ ମହାପାତ୍ର ଓ ମୁଁ ନୌକା ଯୋଗେ ଆଠମଲ୍ଲିକ ଅଭିମୁଖରେ ଯାତ୍ରା କଲୁ। ବୌଦଗଡ଼ରୁ ଆଠମଲ୍ଲିକ ୧୭ ମାଇଲ। ଆମ୍ଭମାନଙ୍କ ଯାତ୍ରା ସମୟକୁ ସୂର୍ଯ୍ୟଦେବଙ୍କ ପ୍ରଖର ତାପର ଉପଶମ ହୋଇ ନଥିଲା। ଚତୁର୍ଦ୍ଦିଗରେ ପର୍ବତମାଳା ବେଷ୍ଟିତ ହୋଇଥିଲେ ହେଁ ଏହି ସ୍ଥାନରେ ଗ୍ରୀଷ୍ମାଧିକ୍ୟ ମୁଁ ଅନୁଭବ କଲି। କେବଳ ମହାନଦୀର ପ୍ରବହମାନ ସ୍ରୋତରେ ପ୍ରାତଃକାଳୀନ ଅବଗାହନ ଅତ୍ୟନ୍ତ ସୁଖପ୍ରଦ ହୋଇଥିଲା। ନୌକା ଅବଲୀଳାକ୍ରମେ ନଦୀସ୍ରୋତରେ ଭାସମାନ ହୋଇ ଅଗ୍ରସର ହେବାକୁ ଲାଗିଲା। ସ୍ରୋତର ସ୍ୱଳ୍ପ ବେଗ ଯୋଗୁଁ ଗତି ସେତେ ବ୍ୟଗ୍ର ହେଉନଥିଲା। କେଉଁଠାରେ ପ୍ରକାଣ୍ଡ ପ୍ରକାଣ୍ଡ ଶିଳାମୟ ଶଯ୍ୟାମଧ୍ୟସ୍ଥ ଖରସ୍ରୋତରେ ତୀବ୍ର ବେଗରେ, କେଉଁ ସ୍ଥାନରେ ସ୍ଥିର ଜଳରେ ନାବିକମାନଙ୍କର କ୍ଷେପଣୀ ସାହାଯ୍ୟରେ, କେଉଁ ସ୍ଥାନରେ ଅବା ନିମ୍ନଦେଶ ସଂଲଗ୍ନ ସ୍ୱଚ୍ଛଜଳ ନମଗ୍ନ ସୈକତ ଶଯ୍ୟା ଉପରେ ନୌକା ଅଗ୍ରସର ହେଉଥିଲା। ମହାନଦୀ କୂଳର ପଶ୍ଚିମାଞ୍ଚଳସ୍ଥ ଅଦୂରବର୍ତ୍ତୀ ପର୍ବତମାଳାର ଅନ୍ତରାଳରେ ସୂର୍ଯ୍ୟଦେବ ଯେତେବେଳେ ସ୍ୱୀୟ ସାନ୍ଧ୍ୟ କଳେବର ପ୍ରଚ୍ଛନ୍ନ କରିବାକୁ ଲାଗିଲେ ସେତେବେଳେ ପ୍ରକୃତି ବାସ୍ତବରେ ଅତ୍ୟନ୍ତ ମନୋହର ରୂପଶ୍ରୀ ଧାରଣ କରିଥିଲା। ଆମ୍ଭମାନଙ୍କ ବାମ ଦିଗରେ ଜଳଚର ପକ୍ଷୀକୁଳ ଜଳକୂଳରେ ବସି ସେମାନଙ୍କ

Digitized by srujanika@gmail.com

କଳରବ ଆରମ୍ଭ କରିଦେଲେ। କେତେଗୁଡ଼ିଏ କୁମ୍ଭୀର ଜଳଗର୍ଭରୁ ନିର୍ଗତ ହୋଇ ଯେମନ୍ତ ସାନ୍ଧ୍ୟ ସମୀରଣ ସେବନ ସକାଶେ ସ୍ୱୀୟ ବିଶାଳ କର୍କଶ କଳେବର ପାତନ କଲେ।

ବୌଦଗଡ଼ରୁ ପ୍ରାୟ ଦଶମାଇଲ ଉତ୍ତାରେ ମହାନଦୀ ଶଯ୍ୟାର 'ଶିଳାବନ୍ଧୁରତା' ଆଉ ନାହିଁ। ସତେ କି ହଠାତ୍ ଛାୟାବାଜି ପ୍ରଭାବରେ ସମ୍ବଲପୁରଠାରୁ ବୌଦଗଡ଼ଯାଏ ନଦୀଶଯ୍ୟାକୁ ପୂର୍ଣ୍ଣ କରିଥିବା ଉତ୍ତୁଙ୍ଗ ଶିଳାସମୂହ ଦର୍ଶକ ନେତ୍ରରୁ ଉଭେଇଗଲା। ଶୁଣିଲି, ଏହିଠାରୁ ନଦୀର ପତନସ୍ଥାନ ପର୍ଯ୍ୟନ୍ତ ଆଉ ଶିଳା ନାହିଁ।

ଦଶମାଇଲ ନଦୀପଥ ଅତିକ୍ରମ କଲାଉତ୍ତାରେ ନୈଶାନ୍ଧକାର କ୍ରମେ ଘନୀଭୂତ ହୋଇଆସିଲା। ନାବିକଦ୍ୱୟ କୌଶଳ ସହକାରେ ନୌକା ଚଳାଉଥିଲେ ସୁଦ୍ଧା ଏକ ସ୍ଥାନରେ ନୌକା ତୀବ୍ର ସ୍ରୋତରେ ଲେଉଟିଯିବାର ଭୟ ହୋଇଥିଲା। ନୌକା ମଧ୍ୟରେ ଅଳ୍ପ ଜଳ ମଧ୍ୟ ପ୍ରବେଶ କଲା। କିନ୍ତୁ ଚାଳକଦ୍ୱୟ ନୌକାକୁ ସମ୍ଭାଳି ଧଇଲେ। ରାତ୍ରି ପ୍ରାୟ ନଅଟା ବେଳେ ଆଠମଲ୍ଲିକ ଷ୍ଟେଟ୍ ରାଜଧାନୀ କଇଁତଗରାଡ଼ ନିକଟସ୍ଥ ଘାଟରେ ଆମ୍ଭମାନଙ୍କ ନୌକା ଲାଗିଲା। ଜଳକୂଳରୁ ନଦୀକୂଳ ପ୍ରାୟ ଅଧମାଇଲ ଦୂର। ନଦୀକୂଳରେ ଗୋଟିଏ ଗ୍ରାମ। ଗ୍ରାମରୁ ଦୁଇଜଣ ଲୋକ ନେଇ ଆମ୍ଭେମାନେ ରାତ୍ର ପ୍ରାୟ ଦଶଟା ବେଳେ କଇଁତରାଗଡ଼ରେ ପହଞ୍ଚିଲୁ।

ପହଞ୍ଚି ଦେଖିଲି, ଗଡ଼ ନିରବ, ନିସ୍ତବ୍ଧ। ଅରଣ୍ୟ ବେଷ୍ଟିତ ସ୍ଥାନଗୁଡ଼ିକ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟର ରାଜଧାନୀ ହୋଇଥିଲେ ହେଁ ବ୍ୟବସାୟ ଓ ବାଣିଜ୍ୟମୁଖର ନଥିବାରୁ ଅଧିବାସୀ ଲୋକେ ଦିବାବସାନରେ ନିଜନିଜ କାର୍ଯ୍ୟ ସମାପନ କରି ଗୃହମଧ୍ୟରେ ବିଶ୍ରାମ ଲାଭ କରନ୍ତି।

ସ୍ଥାନଟି ମୋର ସମ୍ପୂର୍ଣ୍ଣ ଅପରିଚିତ। ସେଠାରେ ଜଗନ୍ନାଥବାବୁଙ୍କ ଶ୍ୱଶୁରାଳୟ। ତାଙ୍କ ଯତ୍ନରେ ସେଠାରେ ଆମ୍ଭମାନଙ୍କର ରାତ୍ରି ଭୋଜନର ସଂସ୍ଥାନ ହେଲା। ତାଙ୍କ ଶ୍ୟାଳକ ଶ୍ରୀ ନୀଳାମ୍ବର ମିଶ୍ର ପରମ ପ୍ରୀତି ସହକାରେ ଆମ୍ଭମାନଙ୍କର ଅଭ୍ୟର୍ଥନା କଲେ।

ପରଦିନ ପ୍ରାତଃକୃତ୍ୟାଦି ସମାପନ କରି ଆମ୍ଭେମାନେ ମୋର ଲକ୍ଷ୍ୟର ବିଷୟୀଭୂତ ସେହି ଯୁବକଙ୍କ ଗୃହରେ ଉପସ୍ଥିତ ହେଲୁ। ଏହାଙ୍କ ସହିତ ପୂର୍ବେ କଥାବାର୍ତ୍ତା କରି ବୁଝିଲି ଯେ, ଆମ୍ଭମାନଙ୍କ ସହିତ ତାଙ୍କ ସମ୍ପର୍କ ସ୍ଥାପନ ତାଙ୍କ ଜ୍ୟେଷ୍ଠଭ୍ରାତା ଓ ବିଶେଷତଃ ଆଠମଲ୍ଲିକ ରାଜାଙ୍କ ସମ୍ମତି ସାପେକ୍ଷ। ତାଙ୍କ ଜ୍ୟେଷ୍ଠଭ୍ରାତା କାର୍ଯ୍ୟୋପଲକ୍ଷେ ଗୃହରୁ ଅନୁପସ୍ଥିତ ଥିଲେ। ତତ୍ପରେ ରାଜବାଟୀକୁ ଯାଇ ଆମ୍ଭେମାନେ ରାଜାଙ୍କ ସଙ୍ଗେ ସାକ୍ଷାତ କଲୁ। ମୁଁ ମୋର ଆଠମଲ୍ଲିକକୁ ଆସିଥିବା ଉଦ୍ଦେଶ୍ୟ ତାଙ୍କୁ ଜ୍ଞାପନକଲି ଓ ମୋ ନାତୁଣୀ ସହିତ ଉକ୍ତ ଯୁବକଙ୍କ ବିବାହ ପ୍ରସ୍ତାବର ଅନୁମୋଦନ ଯାଚଞ୍ଚା କଲି। ଶୁଣିଥିଲି ରାଜାଙ୍କ ବ୍ୟୟରେ ଉକ୍ତ ଯୁବକ କଟକରେ ଉଚ୍ଚଶିକ୍ଷା ପ୍ରାପ୍ତ ହେଉଥିଲେ। ରାଜା ସାହେବ କହିଲେ ଯେ, ମୋ ପ୍ରସ୍ତାବରେ ତାଙ୍କର ସମ୍ପୂର୍ଣ୍ଣ ଅନୁମୋଦନ ଅଛି।

ଜଗନ୍ନାଥ ବାବୁଙ୍କଠାରୁ ଶୁଣିଥିଲି ଯେ, ରାଜାସାହେବ.ଅତ୍ୟନ୍ତ ସାହିତ୍ୟପ୍ରେମିକ ଓ ପୁରାତନ ଓଡ଼ିଆ କାବ୍ୟରସଗ୍ରାହୀ। ରାଜାଙ୍କ ସଙ୍ଗେ ମୋର କେବେ ସାକ୍ଷାତ ବା

Digitized by srujanika@gmail.com

ପରିଚୟ ନଥିଲା । ଜଗନ୍ନାଥ ବାବୁ ମୋତେ ତାଙ୍କଠାରେ ଚିହ୍ନାଇ ଦେଲେ ଓ ନାନା ବିଷୟରେ କଥାବାର୍ତ୍ତା ପରେ ବିଷ୍ଣୁଚରଣ ବାବୁ ମୋର ନିଷେଧ ସତ୍ତ୍ୱେ ମୋର ପୁରାତନ କାବ୍ୟାଦି ପ୍ରତି ଅନୁରାଗ ସମ୍ବନ୍ଧରେ ତାଙ୍କୁ ଜଣାଇଲେ । ନଦୀ ପଥରେ ନୌକାରେ ଆସୁଥିବା ସମୟରେ ସ୍ଥାନ ଓ କାଳୋଚିତ ସଂସ୍କୃତ ଓ ଓଡ଼ିଆ କାବ୍ୟାଂଶରୁ ଯେଉଁ କାବ୍ୟରୁ ଯାହା ମନେପଡ଼ିଲା ତାହା ଆବୃତ୍ତି କରିଥିଲି । ଏହାର ସୁଯୋଗ ବିଷ୍ଣୁଚରଣ ବାବୁ ନେଇଥିବା ମୁଁ ଅନୁମାନ କଲି । ରାଜା ସାହେବ ଗୋଟାକବେଳେ ଛାନ୍ଦ ବୋଲିବା ସକାଶେ ଜିଦ୍‌ଧରି ବସିଲେ । ନିତାନ୍ତ ଭୀତି ଓ ଲଜ୍ଜାବିହ୍ୱଳ ହୋଇ ଉପେନ୍ଦ୍ରଭଞ୍ଜଙ୍କ ବୈଦେହୀଶବିଳାସ, ସାମନ୍ତସିଂହାରଙ୍କ ବିଦଗ୍ଧ ଚିନ୍ତାମଣି, ଦୀନକୃଷ୍ଣ ଦାସଙ୍କ ରସକଲ୍ଲୋଳ ଓ ସମ୍ବଲପୁରର କବି ଗଙ୍ଗାଧର ମେହେରଙ୍କ କେତେକ ରଚନାରୁ ଯାହା ମନେପଡ଼ିଲା ଆବୃତ୍ତି କଲି । ସୌଭାଗ୍ୟକ୍ରମେ ମୁଁ ଯେତେ ଛାନ୍ଦ ବୋଲୁଥାଏ, ଗୋଟିଏ ଛାନ୍ଦର ଆବୃତ୍ତି ଶେଷହେଲା ପରେ ଆଉ ଗୋଟିଏ ଛାନ୍ଦ ମୋର ସ୍ମୃତିପଥରେ ଖେଳିଯାଉଥାଏ । ଏହି ପ୍ରକାରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ପ୍ରାୟ ୨ଟା ହୋଇଗଲା । ତଥାପି ରାଜା ସାହେବ ତନ୍ମୟ ଭାବରେ ଶୁଣୁଥାନ୍ତି ଓ ଆହୁରି ଆହୁରି ବୋଲିବାକୁ ମୋତେ ଅନୁରୋଧ କରୁଥାନ୍ତି । ୨ଟା ବାଜିଗଲା ପରେ ରାଜା ସାହେବଙ୍କୁ, ମଣୋହି କାଳ ଅତିକ୍ରାନ୍ତ ହୋଇଯାଇଥିବା ମନେକରାଇ ଦେଲି । ଏହି ସମୟରେ ରାଜା ସାହେବ ମୋତେ କହିଲେ ଯେ, ତାଙ୍କ ଷ୍ଟେଟ୍‌ରେ ମୋତେ ଗୋଟିଏ ଗ୍ରାମ ଦେବେ ଓ ବର୍ଷେ ମଧ୍ୟରେ କେତେକାଂଶ ହେଲେ ତାଙ୍କ ସହିତ ରହିବାକୁ ମୋତେ ଆହ୍ୱାନ କଲେ । ମୁଁ ଗୋଟିଏ ଷ୍ଟେଟ୍‌ର ଅଧିବାସୀ, ପୁଣି ଦୁଇଗୋଟି ଗଡ଼ଜାତ ରାଜ୍ୟରେ ଦେୱାନି କରି ଯେଉଁ ମହାର୍ଘ ବହୁଦର୍ଶିତା ଅର୍ଜନ କରିଥିଲି ତାହାର ପୁନରାବୃତ୍ତି କରିବା କଳ୍ପନାରେ ମୋର ହୃଦୟ ଏକାବେଳକେ ସ୍ପନ୍ଦିତ ହେବାକୁ ଲାଗିଲା । ରାଜାଙ୍କ ଆହ୍ୱାନ ବିନୀତ ଭାବରେ ମୁଁ ପ୍ରତ୍ୟାଖ୍ୟାନ କଲି । ତାଙ୍କ ଅନୁମତି ପ୍ରାପ୍ତ ହୋଇ ଆମ୍ଭେମାନେ ରାଜବାଟୀ ତ୍ୟାଗକଲୁ ।

କଥିତ ଯୁବକଙ୍କ ଜ୍ୟେଷ୍ଠଭ୍ରାତା ଘରକୁ ଫେରି ଆସିଥିବା ସମ୍ବାଦ ପାଇ ଆମ୍ଭେମାନେ ତାଙ୍କ ଘରକୁ ଯାଇ ରାତ୍ରରେ ତାଙ୍କ ସହିତ ସାକ୍ଷାତ କଲୁ । ସେହିଠାରେ ଜଣେ ବୃଦ୍ଧ ଉପସ୍ଥିତ ଥିଲେ । ବୁଝିଲୁ ଯେ, ସେ ତାଙ୍କ ପିତୃବ୍ୟ । କଥାବାର୍ତ୍ତାରୁ ଆଶାପ୍ରଦ କିଛି ଜଣାଗଲା ନାହିଁ ଓ ସେମାନଙ୍କ ସହିତ କଥାବାର୍ତ୍ତାରୁ ଏହି ଅନୁଭୂତି ହେଲା ଯେ, ଏହି ସୁଦୂର ନିଭୃତ ଗଡ଼ଜାତ ରାଜ୍ୟର ଅଧିବାସୀମାନଙ୍କ ହୃଦୟରେ ସୁଦ୍ଧା ତଥାକଥିତ ଉନ୍ନତ ସମାଜର ଦୁରାରୋଗ୍ୟ ଅର୍ଥଲିପ୍ସା ପ୍ରବେଶ କରିଅଛି । ସେହି ରାତ୍ରରେ ଆମ୍ଭେମାନେ ଆଠମଲ୍ଲିକ ତ୍ୟାଗକଲୁ ଓ ପରଦିନ ଅପରାହ୍ନରେ ବୌଦଗଡ଼କୁ ଫେରିଆସି ସନ୍ଧ୍ୟାରେ ସମ୍ବଲପୁର ଅଭିମୁଖରେ ପୁରୁଷୋତ୍ତମଙ୍କ ସହିତ ଯାତ୍ରା କଲୁ ।

କେତେକ ଦିନ ଉତ୍ତାରେ ପ୍ରୋକ୍ତ ଯୁବକଙ୍କୁ ତାଙ୍କ କର୍ମକ୍ଷେତ୍ରରେ ଦେଖି ତାଙ୍କ ତତ୍‌କାଳୀନ ପରିଚୟ ଲାଭର ସୁଯୋଗ ହୋଇଥିଲା ଓ ପ୍ରତ୍ୟକ୍ଷ ଦର୍ଶନରୁ ଅନୁଭୂତ ହେଲା, ଭଗବାନ ଆମ୍ଭମାନଙ୍କୁ ତାଙ୍କ ସହିତ ସମ୍ବନ୍ଧରୂପ କେଡ଼େ ବିପଦରୁ ରକ୍ଷାକଲେ ।

Digitized by srujanika@gmail.com

ଅଗ୍ନିଶିଖା

ସ୍ତ୍ରୀ ଶିକ୍ଷା ବିରୋଧରେ ତୀବ୍ର ମନୋଭାବ ପୋଷଣ କରି ମୋର ଜଣେ ଉଚ୍ଚଶିକ୍ଷିତ ସମୁଦି ତାଙ୍କ ପୁତ୍ର ସହିତ ମୋର ଝିଅର ବିବାହ ୧୯୪୧ ମସିହା ଜୁନ୍ ତା ୨୯ ରିଖରେ ସମ୍ପାଦନ କଲେ। ତାହାର ବୟସ ସେତେବେଳେ ବ ୧୭ବର୍ଷ। ପୁତ୍ର ଯାଦବପୁର ଇଂଜିନିୟରିଂ କଲେଜର ଛାତ୍ର। ପାଠ ପଢ଼ା ଶେଷ ହେବାଯାଏ ଦ୍ୱିରାଗମନ (ବନ୍ଦାପନା) ସ୍ଥଗିତ ରହିଲା। ଝିଅ ପୂର୍ବ ବର୍ଷ (୧୯୪୦ ମସିହା) ମେଟ୍ରିକ୍ୟୁଲେସନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଶ୍ୱଶୁରଙ୍କ ନିର୍ଦ୍ଦେଶରେ ବାଧ ହୋଇ ପାଠ ତ୍ୟାଗକରି ଘରେ ବସି ରହିଥିଲା। ଚାରିଆଡ଼େ ଜନରବ ହୋଇଗଲାଣି, ବୋହୂ ତାଙ୍କ ଘରକୁ ଗଲାପରେ ନିଜ ଝିଅମାନଙ୍କୁ ଉଚ୍ଚ ଇଂରେଜି ପାଠ ପଢ଼ାଉଥିବା ଓ ପରଘର ଝିଅମାନଙ୍କୁ ପାଠପଢ଼ିବା ସକାଶେ ପ୍ରବର୍ତ୍ତାଇବା ଦୋଷ ଯୋଗୁଁ ସମୁଦି ମହାଶୟ ମୋତେ ଓ ମୋ ସଙ୍ଗେ ପାଠୋଇ ବୋହୂକୁ ମଧ ଉପଯୁକ୍ତ ଶିକ୍ଷାଦେବେ, ଯେପରି ଏ' ଦିଗରେ ମୁଁ ଆଉ ଅଗ୍ରସର ହୋଇପାରିବି ନାହିଁ।

୧୯୪୨ ମସିହା ଏପ୍ରିଲ୍ ତା ୨୬ରିଖ ଘରେ ଧୁମ୍‌ଧାମ୍। ଆଜି ଝିଅ ଶାଶୁଘରକୁ ବିଦାୟ ହୋଇଯାଉଛି। ତାହାର ଜିନିଷପତ୍ର ସଜାଡ଼ିବାରେ ସକାଳୁ ସମସ୍ତେ ଲାଗିଯାଇ ଅଛନ୍ତି। ୧୧ ଟି ଝିଅର ପିତା ହୋଇ ମଧ ଆଜି ମୋର ମନେହେଉଛି, ଯେମନ୍ତ ଏହି ଝିଅଟି ମୋର ଏକମାତ୍ର ଝିଅନ୍ତମୋତେ ଛାଡ଼ି ପରଘରକୁ ଚାଲିଯାଉଛି। ବଡ଼ଭଉଣୀମାନେ ନିଜ ନିଜ ଶାଶୁଘରକୁ ଆସିଛନ୍ତି। କଲେଜଛାତ୍ରୀ ସୂର୍ଯ୍ୟମଣି ମଧ ଆସି ଆମ୍ଭ ଘରେ ଗ୍ରୀଷ୍ମାବକାଶରେ ରହିଛି। ମୋ ଝିଅମାନଙ୍କ ସହିତ ପ୍ରତିବେଶିନୀ ଝିଅମାନେ କଳରବ ସହକାରେ ପଦାର୍ଥଗୁଡ଼ିକୁ ସଜାଡ଼ିବାରେ ଲାଗିଛନ୍ତି।

ଅପରାହ୍ଣ ୩ଟାକୁ ଘର କୋଳାହଳପୂର୍ଣ୍ଣ। ଅଳ୍ପଦୂରରେ ବାଜାର ଗମ୍ଭୀର ନାଦ ଶୁଣାଗଲା। କ୍ରମେ କ୍ରମେ ତାହା ପାଖେଇ ଆସିଲା। ଘର ସମ୍ମୁଖକୁ ବାହାରି ଦେଖିଲି ସମୁଦି ପ୍ରମୁଖ ଜଣକେତେ ବନ୍ଧୁଙ୍କ ବୋହୂକୁ ନେବା ସକାଶେ ଦଣ୍ଡାୟମାନ। ହୃଦୟ ଉଦ୍‌ବେଳିତ ହେବାକୁ ଲାଗିଲା। ଜିନିଷପତ୍ର ବାହାର କରିବାରେ ସମସ୍ତେ ଲାଗିଲେ। ସନ୍ଧ୍ୟା ୫ଟା ବେଳକୁ ଝିଅ ଅଶ୍ରୁପୂର୍ଣ୍ଣ ନୟନରେ ଆସି ମୋର ଗୋଡ଼ତଳେ ପଡ଼ି ପ୍ରଣାମକଲା ଓ ଶିଶୁ ତୁଲ୍ୟ କାନ୍ଦିବାକୁ ଲାଗିଲା। ପୂର୍ବେ ଝିଅମାନେ ବିଦାୟ ହୋଇ ଯାଉଥିବା ସମୟରେ ମା, ବାପା, ଭାଇ, ଭଉଣୀ, ସଙ୍ଗାତ ପ୍ରଭୃତିଙ୍କ ପାଖକୁ ଯାଇ ବାହୁନି ବାହୁନି କାନ୍ଦୁଥିଲେ। ତାହା

Digitized by srujanika@gmail.com

ଆଉ ନାହିଁ। ଝିଅର କାନ୍ଦଣା ଦେଖି ମୁଁ ଆଉ ସମ୍ଭାଳି ହୋଇ ରହିପାରିଲି ନାହିଁ। ଚକ୍ଷୁଦ୍ୱୟରୁ ଅବିରତ ଅଶ୍ରୁଧାରା ବହିବାକୁ ଲାଗିଲା। ଜଣ ଜଣ କରି ଦାଦା (ଜ୍ୟେଷ୍ଠଭାଇ), ମା, ବୋହୂ (ଭାଉଜ), ନାନୀମାନଙ୍କ ଗୋଡ଼ତଳେ ପଡ଼ି ପ୍ରତ୍ୟେକଙ୍କ କାନ୍ଧ ଉପରେ ମୁଣ୍ଡଲଦି କାନ୍ଦିବାକୁ ଲାଗିଲା। ସମସ୍ତଙ୍କ କ୍ରନ୍ଦନ ଶବ୍ଦରେ ଘରଟି ମୁଖରିତ ହୋଇଉଠିଲା। ଏହି ପ୍ରକାରେ ସମସ୍ତଙ୍କୁ କନ୍ଦାଇ ଝିଅ ଚିରକାଳ ପାଇଁ ମୋ କୋଳରୁ ବିଦାୟ ହୋଇଗଲା। ବିଧାତା ପିତାର ହୃଦୟକୁ କି କୋମଳ ଉପାଦାନରେ ଗଢ଼ିଛନ୍ତି! ଏହାକୁ ମିଶାଇ ମୋର ଛଅଟି ଝିଅ ବିବାହ ହୋଇଗଲେଣି। ମୁଁ ମନେ କରିଥିଲି, ଗୋଟିଏ ଗୋଟିଏ ବିଦାୟ ହୋଇଗଲା ପରେ କ୍ରମେ କ୍ରମେ ଛାତି ପଥର ପାଲଟି ଯିବ। କିନ୍ତୁ ଅନୁଭବ କଲି, ତାହା ନୁହେଁ; କ୍ରମେ କ୍ରମେ ହୃଦୟ କୋମଳରୁ କୋମଳତର ହେଉଅଛି।

ବୋହୂ ଶାଶୁଘରକୁ ଯିବା ପନ୍ଦର ଦିନ ହୋଇନାହିଁ। ଶ୍ୱଶୁରଙ୍କ ରୂପ ପ୍ରକାଶ ପାଇଲା ଓ ତାହା ପ୍ରତି ତାଙ୍କର ତୀବ୍ର ବିଦ୍ୱେଷଭାବ ଲକ୍ଷିତ ହେଲା। ପ୍ରଥମରେ ତାହା ପ୍ରତି କଠୋର ଆଦେଶ ହେଲା, ସେ କୁର୍ତ୍ତା, ସେମିଜ୍, ବ୍ଲାଉଜ୍, କିଛି ପିନ୍ଧିପାରିବ ନାହିଁ। ପାଠପଢ଼ା ବୋହୂ – ପିଲାଦିନରୁ ଏହା ପିନ୍ଧି ଆସିଛି। ଶାଶୁଙ୍କଠାରେ ଶରଣାଗତ ହେଲା। ଶାଶୁ ସୁଦ୍ଧା ଶ୍ୱଶୁରଙ୍କ କଠୋର ଆଦେଶର ପ୍ରତିବାଦ କରିପାରିଲେ ନାହିଁ। ଯାହାହେଉ, ଫଳରେ ଏହି ଆଦେଶ ପାଳିତ ହୋଇପାରିଲା ନାହିଁ। ତତ୍ପରେ ଦିନପରେ ଦିନ ଯେତେବେଳେ ଅତୀତ ହେବାକୁ ଲାଗିଲା ବିଦ୍ୱେଷ ବୀଜର ଯାହା ଅଙ୍କୁରୋଦ୍‌ଗମ ମାତ୍ର ହୋଇଥିଲା କ୍ରମେ ତାହା ଶାଖାପ୍ରଶାଖାଯୁକ୍ତ ମହାଦ୍ରୁମରେ ପରିଣତ ହେବାକୁ ଲାଗିଲା। ଏହା ଉତ୍ତାରେ ଆଦେଶ ହେଲା, ଦେହରେ କୁର୍ତ୍ତା ଥିବା ପର୍ଯ୍ୟନ୍ତ ରୋଷେଇଶାଳାକୁ ପ୍ରବେଶ ନିଷେଧ। କାମ ଦିଆଗଲା ବାସନ ମଜା, ଗୁହାଳପୋଛା ପ୍ରଭୃତି ଚାକରାଣୀ କାର୍ଯ୍ୟ। ଅକାତରରେ ତାହା ପାଳନ କଲା। ବାସନ ମାଜି ଚାକରାଣୀ ଅପେକ୍ଷା ଅଧିକ ଉଜ୍ଜ୍ୱଳ ଓ ଗୁହାଳ ପରିଷ୍କାର, ପରିଚ୍ଛନ୍ନ କଲା। ଖାଇବାକୁ ଦିଆହେଲା ଦୁଇଓଳି ଗଣ୍ଡେ ଲେଖାଏଁ ପଖାଳ, ଆଉ ତାହା ସାଙ୍ଗକୁ ଫଡ଼ାଏ ଫଡ଼ାଏ ଆମ୍ବୁଲ, କିମ୍ବା ଗୋଟିଏ କଖାରୁବଡ଼ି ପୋଡ଼ା। ଆମଘର ଏହାଙ୍କ ଘରୁ ଅଧିକ ଦୂର ନୁହେଁ। ଏହି ଦୁଃସମ୍ବାଦ ଆମ୍ଭମାନଙ୍କ ଅଗୋଚର ରହିଲା ନାହିଁ। ମା' ଝିଅ ପାଇଁ ଜଳଖିଆ ପଠାଇଦିଅନ୍ତି। କ୍ୱଚିତ୍ ତାହା, ତାହା ପାଖରେ ପହୁଞ୍ଚେ। ଦୋଷ ଖୋଜି ବୁଲୁଥାନ୍ତି। କେଉଁଦିନ କାମରେ ସାମାନ୍ୟ ତ୍ରୁଟି ଦେଖିଲେ ତାହାର ବାପ, ମା' ଉପରେ ଗାଳିବର୍ଷଣ । ଆଉ କଥା କଥାରେ କହନ୍ତି, "ରହ, ତୋର ହାଡ଼ ଭାଙ୍ଗୁଛି, ବାପ ପରା ତୋତେ ପାଠ ପଢ଼େଇଛି!"

ବାସ୍ତବରେ କ୍ରମେ କ୍ରମେ ଦେଖାଗଲା, ବୋହୂପ୍ରତି ଶ୍ୱଶୁର ଓ ଶାଶୁଙ୍କ ବ୍ୟବହାର ତୀବ୍ରରୁ ତୀବ୍ରତର ହେବାକୁ ଲାଗିଲା। ଗର୍ଭାଧାନ ଲକ୍ଷଣ ଯେତେବେଳେ ଆମ୍ଭେମାନେ ଲକ୍ଷ୍ୟ କଲୁ, ଆମ୍ଭେମାନେ ଚିନ୍ତାନ୍ୱିତ ହୋଇପଡ଼ିଲୁ, କାଳେ କି ଦୁର୍ଘଟଣା ସଂଘଟିତ ହେବ! ତଥାପି ଏମାନଙ୍କ ବ୍ୟବହାରରେ କୌଣସି ପ୍ରକାର ପରିବର୍ତ୍ତନ ନାହିଁ। ପ୍ରସୂତି ସମୟ

Digitized by srujanika@gmail.com

ନିକଟ ହୋଇଆସିବା ସମୟରେ ଦିନେ ମୋ ସ୍ତ୍ରୀ ଯାଇ ସମୁଦୁଣୀଙ୍କଠାରେ ପ୍ରସ୍ତାବ କଲେ ଯେ ପ୍ରସୂତି ସକାଶେ ଝିଅ ଆମଘରକୁ ଆସିବ। କିନ୍ତୁ ଏଥିରେ ସେ ସମ୍ମତ ହେଲେନାହିଁ। କିନ୍ତୁ ଚାରିଦିନ ପରେ ଯେତେବେଳେ ଶାଶୁଶ୍ୱଶୁର ଦୁହିଁଙ୍କ ଧାନ ଅମଳ ସକାଶେ ମଫସଲ ଗାଁକୁ ଯିବା ଆବଶ୍ୟକ ହେଲା, ସେତେବେଳେ ଶାଶୁ ବୋହୂକୁ ଆମଘରକୁ ପଠାଇଦେଲେ। କିନ୍ତୁ ଆଦେଶ ଦେଇଗଲେ ସେ ଦିନଯାକ ତାଙ୍କ ଘରେ ଯାଆ ପାଖରେ ରହି କାମ କରିବ ଓ କେବଳ ରାତିରେ ଆମ ଘରକୁ ଶୋଇବାକୁ ଆସିବ। ସେହି ଆଦେଶାନୁଯାୟୀ ମଙ୍ଗଳବାର (୧୬-୨-୪୩) ଦିନ ରାତିରେ ଆମ ଘରକୁ ଆସିଲା। ସେହି ରାତ୍ରିରେ ତାହାର ଯନ୍ତ୍ରଣା ଆରମ୍ଭ ହେଲା। ରାତିଯାକ ଶୋଇଲା ନାହିଁ। ତଥାପି ବୁଧବାର ଦିନ ସକାଳୁ ଉଠି ଶାଶୁଘରକୁ ଗଲା। ରାତିରେ ଯେତେବେଳେ ଆସିଲା, ତାହାର ଯନ୍ତ୍ରଣା ବୃଦ୍ଧି ହୋଇଅଛି। ତେଣୁ ଗୁରୁବାର ଦିନ ଶାଶୁଘରକୁ ଯାଇପାରିଲା ନାହିଁ। ସେହିଦିନ ଅପରାହ୍ଣରେ ଶାଶୁ-ଶ୍ୱଶୁର ଗାଁରୁ ଫେରିଲେ। ରାତି ୯ଟାବେଳେ ତାଙ୍କ ଘରର ଚାକରାଣୀ ଆସି ଶ୍ୱଶୁର ତାକୁ ନେବା ପାଇଁ ପଠାଇଛନ୍ତି ବୋଲି କହିଲା। ତନ୍ମୁହୂର୍ତ୍ତରେ ତାହାର କନ୍ୟା ଭୂମିଷ୍ଠ ହେଲା (୧୮-୨-୪୩), ଚାକରାଣୀ ଚାଲିଗଲା। କିଛି ସମୟ ଉତ୍ତାରେ ଶାଶୁ ଆସିଲେ ଓ କହିଲେ ଯେ ବୋହୂକୁ ନ ଦେଖି ଓ ସେ ଆମ ଘରେ ଥିବା ଜାଣି ତାହାର ଶ୍ୱଶୁର ଅତ୍ୟନ୍ତ ବିରକ୍ତ ହୋଇଅଛନ୍ତି। ତାକୁ ନେବାପାଇଁ ଦିନ ତିନିଟା ବେଳେ ସେ ତାଙ୍କ ଚାକରାଣୀଙ୍କୁ ପଠାଇଥିଲେ; ସେତେବେଳେ ସେ ଯାଇପାରିଥାନ୍ତା ଓ ତାକୁ ନ ପଠାଇ ଆମ୍ଭେମାନେ ଅନ୍ୟାୟ କରିଅଛୁଁ ହୃଦୟହୀନତା ଓ ବର୍ବରତାର ପରାକାଷ୍ଠା ଓ ବିରକ୍ତି ପ୍ରକାଶକରି ସେ ତତ୍‌କ୍ଷଣାତ୍ ଆମ ଘରୁ ଚାଲିଗଲେ। ଶିଶୁଜନ୍ମ ହେବାର ପାଞ୍ଚଦିନପରେ ପୁଣି ତାକୁ ନେବାକୁ ଆସିଲେ। କିନ୍ତୁ ଶିଶୁର ନାହି ପଡ଼ି ନଥିବା ହେତୁରୁ, ଅନ୍ତୁଡ଼ି ଉଠି ନଥିବା ଯୋଗୁଁ ସ୍ଥାନାନ୍ତରକୁ ଯିବା ନିଷେଧ ଥିବାରୁ ସେ ଯାଇପାରିଲା ନାହିଁ। ୯ ଦିନରେ ନାହି ପଡ଼ିଲା, ପୁଣି ଡାକିବାକୁ ଆସିଲେ। ସେଦିନ ସେ ଯାଇଥାଆନ୍ତା, କିନ୍ତୁ ତାହାର ଜ୍ୱର ଓ ସେ ଏତେ ଅସୁସ୍ଥ ଓ ଦୁର୍ବଳ ବୋଧକଲା ଯେ ତାହାର ଭୟ ହେଲା ହାଣ୍ଡି ସରିବା ମାତ୍ରକେ ତାକୁ କାମ କରିବାକୁ ହେବ। ତାହା ହେଲେ ସେ ମରିଯିବ। ଶାଶୁ-ଶ୍ୱଶୁରଙ୍କ ଯେପରି ବ୍ୟବହାର ଏଥିରେ ତାହାର ଭୟ ଅମୂଳକ ନଥିଲା। ତାହାର ସନ୍ତାନ ପ୍ରସବ ପର୍ଯ୍ୟନ୍ତ ତାକୁ କଠିନ ଶାରୀରିକ କାର୍ଯ୍ୟ କରାଇଲେ। ତାକୁ ମୁହୂର୍ତ୍ତକ ପାଇଁ ସୁଦ୍ଧା ବିଶ୍ରାମ ମିଳିଲା ନାହିଁ। ମୋ ସ୍ତ୍ରୀ କହିଲେ ଯେ ସେ ଆମ୍ଭଘରେ ତାଙ୍କ ବୋହୂକୁ ଛାଡ଼ିଦେଇ ଅଛନ୍ତି; ତାହାର ଏହି ଅବସ୍ଥାରେ ତାହା ପ୍ରତି ସମୁଚିତ ଯତ୍ନ କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ। ଆମ୍ଭେମାନେ ଅନ୍ୟ ସ୍ଥାନରେ ଥିଲେ ଯେପରି ତାକୁ ନ ନେଇ ମଧ୍ୟ ତାଙ୍କ ଘରେ ହାଣ୍ଡି ସରା ହୋଇଥାଆନ୍ତା ସେପରି କଲେ ଚଳିବ। ଏକୋଇଶିଆ ହେବା ପୂର୍ବଦିନ ପର୍ଯ୍ୟନ୍ତ ତାକୁ ରହିବା ପାଇଁ ଅନୁମତି ଦେବା ସକାଶେ ଅନୁରୋଧ କଲେ। ଏହା ଶୁଣି ସେ ଚାଲିଗଲେ।

Digitized by srujanika@gmail.com

ଶିଶୁ ଜନ୍ମର ୧୪-୧୫ ଦିନ ପରେ ପୁଣି ଗାଁକୁ ଚାଲିଗଲେ ଏବଂ ଯିବା ପୂର୍ବରୁ ଏହି ଚରମ ବାକ୍ୟ କହିଗଲେ ଯେ ଆଉ ବୋହୂକୁ ଡକାଇ ପଠାଇବେ ନାହିଁ। ସେମାନେ ଗାଁରୁ ଫେରିବା ପୂର୍ବରୁ ଯଦି ସେ ଆସି ତାଙ୍କ ଘରେ ରହିଥିବ, ତାହାହେଲେ ସେମାନେ ତାକୁ ରଖିବେ ଆଉ ଯଦି ଆସି ନଥାଏ ତାହାହେଲେ ତାକୁ ଏକାବେଳକେ ବର୍ଜନ କରିବେ; ତାଙ୍କ ପୁଅକୁ କହିବେ ଯେ ସେ କେବେ ତାହାର ପାଣିଗ୍ରହଣ କରିଥିଲା, ଏହା ତାକୁ ଭୁଲିଯିବାକୁ ହେବ, ସେ ଅନ୍ୟ ପତ୍ନୀ ଗ୍ରହଣ କରିବ; ଏବଂ ଏହା କରିବାକୁ ଯଦି ସେ ଅସ୍ୱୀକୃତ ହୁଏ ତାହାହେଲେ ତାକୁ ତାଙ୍କ ପୈତୃକ ଭୂସମ୍ପତ୍ତିରୁ ଅଂଶମାତ୍ର ଦେବେ; କିନ୍ତୁ ଜନ୍ମାବଧି ପୁତ୍ରର ଲାଳନପାଳନ ଓ ଶିକ୍ଷାରେ ଯେତେ ଖର୍ଚ୍ଚ ହୋଇଥିବ ହିସାବକରି ତାହା ସେ କାଟିରଖିବେ।

ଶିଶୁଜନ୍ମ ହେବାର ୨୦ ଦିନରେ ଝିଅ ଶାଶୁଘରକୁ ଚାଲିଗଲା। ତାହାର ମା' ନିଜେ ଛାଡ଼ିଦେବାକୁ ଯାଇଥିଲେ। ସମୁଦି ତାଙ୍କୁ କହିଲେ ଯେ ଭାଇଜିଉଁତିଆ (ଦଶହରା) ପର୍ଯ୍ୟନ୍ତ ତାକୁ ଆମ୍ଭଘରକୁ ଆସିବାକୁ ଦେବେନାହିଁ।

ଏହା ପୂର୍ବେ ସମୁଦିଙ୍କ ସଙ୍ଗେ ମୋର ଘନିଷ୍ଠ ବନ୍ଧୁତ୍ୱ ଥିଲା। ମୋ ଝିଅ ପ୍ରତି ଏପରି ଅମାନୁଷିକ ବ୍ୟବହାର ଦେଖି ମୁଁ ମନେକଲି, ଏପରି ବ୍ୟବହାର ଦ୍ୱାରା ଅନ୍ୟ ଝିଅମାନଙ୍କୁ ପାଠ ପଢ଼ାଇବାରୁ ମୁଁ ବିରତ ହେବି ବୋଲି ଯଦି ସେ ମନେ କରିଥାନ୍ତି, ତାହାହେଲେ ସେ ଅତ୍ୟନ୍ତ ଭ୍ରମରେ ପଡ଼ିଛନ୍ତି। ସମ୍ବଲପୁର ମୋଟର ଇନସ୍‌ପେକ୍ଟର ସ୍ୱର୍ଗୀୟ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିତ୍ରଙ୍କ ସଙ୍ଗେ ତାଙ୍କର ବନ୍ଧୁତ୍ୱ ଥିଲା। ପ୍ରତ୍ୟହ ଯାଇ ତାଙ୍କ ଘରେ କିଛି ସମୟ ବସନ୍ତି। ଝିଅ ତାଙ୍କ ଘରକୁ ଗଲାପରେ ସେ ମୋ ସହିତ ସାଧାରଣ ସମ୍ପର୍କ ଏପରି କି କଥାବାର୍ତ୍ତା ସୁଦ୍ଧା ବନ୍ଦ କରିଦେଇଥିଲେ। ଏହାର ମାସକପରେ ଦିନେ ମୁଁ ପୂର୍ଣ୍ଣବାବୁଙ୍କୁ ତାଙ୍କ ଘରେ ସମୁଦିଙ୍କ ସହ ସାକ୍ଷାତର ଯୋଗାଡ଼ କରିଦେବା ସକାଶେ ଅନୁରୋଧ କଲି। ତାଙ୍କ ଘରେ ବସିଛି ଏଇ ସମୟରେ ସମୁଦି ସେଠାକୁ ଆସିଲେ। ମୁଁ କଥା ଆରମ୍ଭକରି କହିଲି, "ମୋ ଝିଅ ୨୬/୪/୪୨ ଦିନ ଶାଶୁଘରକୁ ଗଲା। ୧୮/୨/୪୩ ଦିନ ଅର୍ଥାତ୍ ଦଶମାସ ମଧ୍ୟରେ ତାହାର କୋଳରେ ଶିଶୁ। ଶାଶୁଘରକୁ ଯିବା ଅଳ୍ପଦିନ ମଧ୍ୟରେ ତାହା ପ୍ରତି ଶ୍ୱଶୁରଙ୍କ ବିଦ୍ୱେଷଭାବ ଆମ୍ଭେମାନେ ଲକ୍ଷ୍ୟକଲୁ; ଆଉ ତାହା ସଙ୍ଗେ ମୋର ବହୁଦିନର ବନ୍ଧୁ ସମୁଦିଙ୍କର ଆମ୍ଭମାନଙ୍କ ପ୍ରତି ମଧ୍ୟ ସେହି ଭାବ ସ୍ପଷ୍ଟଭାବରେ ଦେଖାଗଲା। ଏହାପୂର୍ବେ ତାଙ୍କ ସହିତ ବନ୍ଧୁତ୍ୱ ଏତେ ଘନିଷ୍ଠ ଓ ସଦ୍‌ଭାବ ଥାଉଁ ଥାଉଁ ତାହା ପ୍ରତି ନିର୍ମମ ବ୍ୟବହାର ଓ ଆମ୍ଭମାନଙ୍କ ପ୍ରତି ଅଶ୍ରଦ୍ଧାର କାରଣ କ'ଣ ବୋଲି ପ୍ରଶ୍ନକଲି। ସେ ନିମ୍ନଲିଖିତ କାରଣମାନ କହିଲେ –

୧ମ–ମୋ ଝିଅ ଘରକାମ କିଛି କରେନାହିଁ। ଆମ୍ଭେମାନେ ତାକୁ କେବଳ ପାଠ ପଢ଼େଇଛୁ। ଘରକାମ ଅର୍ଥାତ୍ ରନ୍ଧାବଢ଼ା, ବାସନମଜା, ଘରଲିପା ପ୍ରଭୃତି ଯେଉଁ କାର୍ଯ୍ୟ ତା'ର ଶାଶୁ ଓ ଯାଆ ସବୁ କରନ୍ତି ତାହାର ଅଂଶମାତ୍ର ସୁଦ୍ଧା ସେ କରିପାରେ ନାହିଁ। ତାଙ୍କ ଘରେ ଚାକର,

Digitized by srujanika@gmail.com

ପୂଝାରୀ କେହି ନାହାଁନ୍ତି। ତାଙ୍କ ସ୍ତ୍ରୀ ଓ ଅପର ବୋହୂମାନେ ଯେପରି କାମ କରନ୍ତି ତାହା ସେ ମଧ୍ୟ କରିବାକୁ ବାଧ!! ୨ୟ ମୋ ଝିଅ ପ୍ରସୂତି ସକାଶେ ଆମ୍ଭଘରକୁ ଗଲା। ସେ ଯିବା ତାଙ୍କ ମତ ନଥିଲା। ଯାହାହେଉ ଶିଶୁର ଷଠି ଓ ହାଣ୍ଡିସରା ସକାଶେ ସେମାନେ ତାକୁ ଡକାଇଲେ। କିନ୍ତୁ ନାନା ବାହାନା କରି ଆମ୍ଭେମାନେ ତାକୁ ଛାଡ଼ିଦେଲୁ ନାହିଁ। ସୁତରାଂ ତାଙ୍କ ଶୁଭକାର୍ଯ୍ୟରେ ଆମ୍ଭେମାନେ ବାଧାଦେଲୁ। ୩ୟ-ଆମ୍ଭେମାନେ ଆମ୍ଭ ଝିଅକୁ ଭଲ ଶିକ୍ଷା ଦେଇନାହୁଁ। ତାଙ୍କ ଘରେ ସେ ଯେପରି ଭାବରେ ରହିବା ଉଚିତ ସେହିପରି ଭାବରେ ରହୁନାହିଁ। ଆଉ ଯଦି ତାଙ୍କ ଘର ଭଳି ସେ ଶିକ୍ଷା ଦେଉଛନ୍ତି, ସମୟ ସମୟରେ ଆମ୍ଭ ଘରକୁ ଆସିବାଦ୍ୱାରା ତାହାର ଅନ୍ୟତା କରାହେଉଛି ଓ ଏହାଦ୍ୱାରା ତାହାର ପୂର୍ବ ଅଭ୍ୟାସ ଜାଗ୍ରତ ହେଉଅଛି। ଉଦାହରଣ ସ୍ୱରୂପ ସେ କହିଲେ, ଆମ୍ଭ ଘରେ ସେମିଜ୍ ବ୍ଲାଉଜ୍ ପିନ୍ଧିବା ସେ ଶିଖିଅଛି। ତାଙ୍କ ଘରେ ପିନ୍ଧିବା ପାଇଁ ତାକୁ ମନା ହେଉଅଛିନ୍ତଅଥଚ ସେ ମାନୁ ନାହିଁ। ସ୍ତ୍ରୀମାନଙ୍କ ପକ୍ଷେ କୁର୍ତ୍ତା ପିନ୍ଧିବା ଶାସ୍ତ୍ରବିରୁଦ୍ଧ ଥିବା ସ୍ଥଳେ ତାକୁ ସେ କୁର୍ତ୍ତା ପିନ୍ଧିଦେବେ ନାହିଁ।

ଆଉ କେତେ ଛୋଟ ଛୋଟ କାରଣମାନ ସୁଦ୍ଧା କହିଲେ। ଉଲ୍ଲିଖିତ ପ୍ରତ୍ୟେକ କାରଣର ଉତ୍ତର ମୁଁ ନିମ୍ନ ମର୍ମରେ ଦେଲି।

୧ମ – ମୁଁ ସମୁଦିଙ୍କ ଘରକୁ କେତେ କେତେବେଳେ ଯାଇ ଯାହା ଦେଖିଛି, ତହିଁରୁ ଅନୁମାନ କରୁଛି ଯେ ଝିଅ ଯଥାଶକ୍ତି ଘରକାମ କରେ। ତେବେ ମୁଁ ସ୍ୱୀକାର କରୁଛି ଯେ, ଅନ୍ୟ ଯାଆମାନଙ୍କ ପରି ସେ କରିପାରେ ନାହିଁ। ଏ ସମ୍ବନ୍ଧରେ ଶ୍ୱଶୁର ଓ ଶାଶୁ ତାକୁ ଗାଉଁଲି ଗାଁର ବୋହୂମାନଙ୍କ ପରି ବ୍ୟବହାର କରିବାକୁ ଓ ତାହାଠାରୁ ସେହିପରି କାର୍ଯ୍ୟ ଆଦାୟ କରିବାକୁ ଚାହାଁନ୍ତି। ଗାଉଁଲି ଝିଅମାନେ ପିଲାଦିନରୁ ରନ୍ଧାବଢ଼ା, ବାସନମଜା, ପାଣିବୁହା, ଘରଲିପା ପ୍ରଭୃତି ସାଧାରଣ କାର୍ଯ୍ୟ କରିବାରେ ଅଭ୍ୟସ୍ତ। ଶାଶୁଘରକୁ ଆସିବା ପର୍ଯ୍ୟନ୍ତ ଏମାନେ କେବଳ ଏହି କାର୍ଯ୍ୟହିଁ କରିଥାନ୍ତି। କିନ୍ତୁ ମୋ ଝିଅ ଏହି ସମୟରେ କେବଳ ପାଠ ପଢ଼ିଲା। ମୁଁ ବହୁବାର ସମାଜର ଲୋକଙ୍କୁ ଝିଅମାନଙ୍କୁ ପାଠପଢ଼ାଇବା ଉଦ୍ଦେଶ୍ୟ ସମ୍ବନ୍ଧରେ କହିଥାଏ, ଝିଅମାନେ କେବଳ ସାମାନ୍ୟ ଚାକରାଣୀର କାର୍ଯ୍ୟକରି ଜୀବନଟା କଟାଇ ନେବା ଅପେକ୍ଷା ଆହୁରି କିଛି ଉଚ୍ଚ କାର୍ଯ୍ୟକରି ଜୀବନକୁ ଉଚ୍ଚ କର୍ମମୟ କରିବା ସକାଶେ ସେମାନଙ୍କୁ ଶିକ୍ଷା ଦେବା ଉଚିତ୍। ଭଗବାନ୍ ପୁରୁଷକୁ ଯେଉଁ ଶକ୍ତି ଦେଇଛନ୍ତି ସେହି ଶକ୍ତିକୁ ସ୍ତ୍ରୀ ସୁଦ୍ଧା ଅନ୍ତତଃ କେତେକାଂଶରେ ଦେଇଥିବା ସ୍ଥଳେ ପୁରୁଷ ସ୍ତ୍ରୀ କୁ ସେହି ଶକ୍ତିର ବ୍ୟବହାର କରିବାକୁ ଦେଲେ ସଂସାରର ଯାବତୀୟ ମାନସିକ ଉପଭୋଗ୍ୟ ଦ୍ରବ୍ୟଗୁଡ଼ିକର ସଦ୍‌ବ୍ୟବହାର କରି ନିଜର ମାନସିକ ଉନ୍ନତି ସାଧନ କରି ସ୍ୱପରିବାର ଓ ସମାଜର ଉନ୍ନତି କରିବାରେ ପ୍ରୟାସ କରିପାରିବ। ଏହି ଉଦ୍ଦେଶ୍ୟ ସାଧନ ମନେରଖି ମୁଁ ମୋର ଝିଅମାନଙ୍କ ସହିତ ଏହି ଝିଅଟିକୁ ମଧ୍ୟ ପାଠ ପଢ଼ାଇଲି।

Digitized by srujanika@gmail.com

ସେ ମେଟ୍ରିକ୍ୟୁଲେସନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଅର୍ଥାତ୍ ତାହାର ଆଦ୍ୟ ଜୀବନର ୧୬ବର୍ଷ ପର୍ଯ୍ୟନ୍ତ ପାଠପଢ଼ିଲା। ଏହା ସମୁଦି ଜାଣିଥିଲେ। ମୁଁ ତାହାକୁ ତାହାର ଶୈଶବାବସ୍ଥାରେ ବିବାହ ଦେଇନାହିଁ। ମେଟ୍ରିକ୍ୟୁଲେସନ୍ ପାଶ୍ କଲାପରେ ତାହାର ବିବାହ ହୋଇଅଛି। ଏ ସମସ୍ତ ଜାଣିବୁଝି ସମୁଦି ମହାଶୟ ତାକୁ ପୁତ୍ରବଧୂ ରୂପେ ଗ୍ରହଣକରିଛନ୍ତି। ତାହାର ଶାଶୁ ଘରକୁ ଯିବା ପୂର୍ଣ୍ଣ ଏକବର୍ଷ ସୁଦ୍ଧା ହୋଇନାହିଁ। ପାଞ୍ଚବର୍ଷ ବୟସରୁ ଷୋହଳବର୍ଷ ଯାଏ ଅର୍ଥାତ୍ ଏଗାର ବର୍ଷ ଯାହା ହୋଇନାହିଁ ଓ ସେ ଶିଖିନାହିଁ, ତାହା ଦିନେ, ଦୁଇଦିନ, ମାସେ, ବର୍ଷରେ ଶିଖିବ କିପରି ? ତାକୁ ଶିଖିବାପାଇଁ ସେ ଆଦୌ ଅବସର ବା ସୁବିଧା ଦେଇ ନାହାଁନ୍ତି ବା ଦେବା ଆବଶ୍ୟକ ମନେକରି ନାହାଁନ୍ତି। ସେ ବୋଧହୁଏ ଆଶା ଓ ଇଚ୍ଛା କରିଥିଲେ ଯେ ପୁତ୍ରବଧୂ ଏ ସମସ୍ତ କାର୍ଯ୍ୟ ପୂର୍ଣ୍ଣମାତ୍ରାରେ ଶିକ୍ଷାକରି ଷୋହଳକଳାରେ ପରିପୂର୍ଣ୍ଣ ହୋଇଆସିଥାନ୍ତା। କିନ୍ତୁ ଏହା ପ୍ରକୃତ ନୁହେଁ। ଏହା କହିବା ତାଙ୍କ ପକ୍ଷରେ ବାହାନା ମାତ୍ର। ସେ ଆବଶ୍ୟକୀୟ ଘରକାର୍ଯ୍ୟ ସବୁ ଶିକ୍ଷା କରିଅଛି। ମୁଁ ମୋର ଝିଅମାନଙ୍କୁ ପାଠପଢ଼ା ସଙ୍ଗେ ଘରକାମ ଶିକ୍ଷାଦେବାରେ ତ୍ରୁଟି କରିନାହିଁ। ଅବଶ୍ୟ ସ୍କୁଲକୁ ଯାଉଥିବା ଯୋଗୁଁ ଗାଉଁଲି ଝିଅମାନଙ୍କ ପରି ଏହା କରିବା ସକାଶେ ସମୟ ପାଇନାହାଁନ୍ତି। ଏହାଛଡ଼ା ସେ ତାହାର ଶାଶୁ କିମ୍ୱା ଯାଆଙ୍କ ପରି କାର୍ଯ୍ୟ କରି ନପାରିବା ଯଥେଷ୍ଟ କାରଣ ମଧ୍ୟ ଅଛି। ସେ ଶାଶୁଘରକୁ ଯିବାର ଦଶମାସ ମଧ୍ୟରେ ତାହାର କୋଳରେ ଶିଶୁ। ସୁତରାଂ ଶାଶୁଘରକୁ ଯିବାର କେତେକ ଦିନ ମଧ୍ୟରେ ତାହାର ଶାରୀରିକ ଅବସ୍ଥା ଭିନ୍ନ ପ୍ରକାର ହେଲା। ଅନ୍ତଃସତ୍ତ୍ୱାବସ୍ଥାରେ କଠିନ ଶାରୀରିକ କାର୍ଯ୍ୟ କରିବା ସ୍ତ୍ରୀମାନଙ୍କ ପକ୍ଷେ ବଡ଼ କଷ୍ଟକର। ଦୁଃଖର ବିଷୟ ସମୁଦି ଡାକ୍ତର ହୋଇ ତାହାର ଏହି ଅବସ୍ଥାରେ ତାହାପ୍ରତି ଏହି ଦୋଷାରୋପ କରୁଅଛନ୍ତି। ଏହା ତାଙ୍କ ନିର୍ମଳ ମନର ପରିଚାୟକ ନୁହେଁ।

୨ୟ– ଅକାରଣରେ ଶ୍ୱଶୁର, ବୋହୂର ଓ ତା'ର ପିତାମାତାଙ୍କ ଦୋଷ ଖୋଜିବୁଲିବା ଅନୁଚିତ। ଏହା ତାହାର ପ୍ରଥମ ଗର୍ଭ। ଏହି ସମୟରେ ସାଧାରଣତଃ ଝିଅ ପିତ୍ରାଳୟରେ ରହିବା ଉଚିତ। ତାହା ନ କରି ତାହାକୁ ପ୍ରସୂତି ପର୍ଯ୍ୟନ୍ତ କଠିନ ଶାରୀରିକ କାର୍ଯ୍ୟ କରାଇଲେ। ଆମ୍ଭେମାନେ ତାକୁ ଆଣିବାକୁ ଗଲୁ, ଛାଡ଼ିଦେଲେ ନାହିଁ। ପରେ ତାକୁ ଆଣିବା ପାଇଁ ଯାଇ ନଥିଲେ, ଶାଶୁ ତାକୁ ପଠାଇଦେଲେ। କିନ୍ତୁ ଯେଉଁ ଆଦେଶ ଦେଇଗଲେ ତହିଁରେ ତାକୁ ମୁହୂର୍ତ୍ତେ ସୁଦ୍ଧା ବିଶ୍ରାମ ମିଳିଲା ନାହିଁ। ସମୁଦିଙ୍କୁ ଏହିଠାରେ ମୁଁ ଦୃଢ଼ ଭାବରେ କହିଲି, "ଆମଘରକୁ ବୋହୂକୁ ଛାଡ଼ିଦେବା ଆପଣଙ୍କ ଇଚ୍ଛା ନଥିଲା। ତାହାହେଲେ ଶାଶୁ-ଶ୍ୱଶୁର ହୋଇ ବୋହୂର ଏହି ଅବସ୍ଥାରେ ପ୍ରସୂତି ହେବାର ମାତ୍ର ଚାରିଦିନ ପୂର୍ବେ ତାକୁ ଛାଡ଼ିଗଲେ କିପରି ?" ସେ କହିଲେ, କର୍ତ୍ତବ୍ୟ ପାଳନ ଅର୍ଥାତ୍ ଧାନ ଅମଳ ସକାଶେ ତାଙ୍କୁ ତାଙ୍କ ଗ୍ରାମକୁ ଯିବାକୁ ହେଲା ଓ ପ୍ରସୂତି ଯନ୍ତ୍ରଣା ଆରମ୍ଭ ହେଲେ ତାଙ୍କ ଅପର ପୁତ୍ରବଧୂ ଏହିକାର୍ଯ୍ୟ ସମ୍ଭାଳିବ ଓ ଆବଶ୍ୟକ ହେଲେ ଡାକ୍ତରାଣୀକୁ (ତାହାର ନାମ କହିଲେ) ଡକାଇ ଆଣିବ

Digitized by srujanika@gmail.com

ବୋଲି କହିଯାଇଥିଲେ । ଏଥିରୁ ମୋର ଝିଅ ଓ ଆମ୍ଭମାନଙ୍କ ପ୍ରତି ତାଙ୍କ ବଦ୍ଵେଷ ସ୍ପଷ୍ଟଭାବେ ଲକ୍ଷିତ ହେଉଅଛି । ଅଳ୍ପବୟସ୍କା ପୁତ୍ରବଧୂ ଯେ ଏହି ସମୟରେ ଏହି ଗୁରୁତର କାର୍ଯ୍ୟର ଦାୟିତ୍ୱ ଗ୍ରହଣ କରିପାରିବ ଏହା ଅତ୍ୟନ୍ତ କଷ୍ଟକର । ପୁଣି ସମୁଦି ମହାଶୟ ଜାଣନ୍ତି ଯେ ଯେଉଁ ଡାକ୍ତରାଣୀଙ୍କ ନାମ କହିଲେ, ଯେ କୌଣସି କାରଣରୁ ହେଉ, ତାଙ୍କ ସହିତ ମୋ ପରିବାରର ସଦ୍‌ଭାବ ନାହିଁ । ନିଜେ ଡାକ୍ତରାଣୀ ମଧ୍ୟ ଏହା ଜାଣନ୍ତି । ପିତାମାତାଙ୍କଠାରୁ ଯେ ଏହାକୁ ଅଧିକ ମଙ୍ଗଳକାରିଣୀ ମନେକଲେ ଏହା ତାଙ୍କ ମନୋବୃତ୍ତିର ଅନୁରୂପ ଓ ତାଙ୍କ ବ୍ୟବହାର ମଧ୍ୟ ବିଦ୍ଵେଷାତ୍ମକ ଓ ହିଂସାତ୍ମକ । ଯାହାହେଉ, ଶାଶୁ ତାକୁ ଆତ୍ମଘରେ ଛାଡ଼ି ଯାଇଥିବା ସ୍ଥଳେ ତାହାର ସମୁଚିତ ଯତ୍ନ କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ । ଷଠୀଘର ଓ ହାଣ୍ଡିସରାକୁ ସେ ଯାଇ ନ ପାରିବା ସମ୍ବନ୍ଧରେ ସୁଦ୍ଧା ଏହି କାରଣମାନ ପ୍ରଯୁଜ୍ୟ ।

୩ୟ–ସମୁଦି ଝାଡୁଆ ବ୍ରାହ୍ମଣ ସମାଜର ସଭାପତି । ସେ ଡାକ୍ତର । କେବେ ହିନ୍ଦୁ ସମାଜର କୌଣସି ବ୍ୟବସ୍ଥା ଶାସ୍ତ୍ର ପଢ଼ିବା ସୁଯୋଗ ପାଇନାହାଁନ୍ତି । ସଭାପତି ହେଲାଦିନଠାରୁ କେତେକ ସଂସ୍କୃତ ଶ୍ଳୋକ ମୁଖସ୍ଥ କରି ସ୍ନାନରୁ ଫେରିଲାବେଳେ ବ୍ରହ୍ମପୁରାଗୁଡ଼ିରେ ଠାକୁର ଦର୍ଶନ ସମୟରେ ଉଚ୍ଚସ୍ୱରରେ ଆବୃତ୍ତି କରନ୍ତି । ଶବ୍ଦଗୁଡ଼ିକର ଉଚ୍ଚାରଣ ସୁଦ୍ଧା ଭୁଲ୍ ହେଉଥାଏ । ମଠା ପିନ୍ଧି ଖାଇବସନ୍ତି । ଗାମୁଛା ପିନ୍ଧି ପାଇଖାନା ଯାଆନ୍ତି । ଖାଇବା ସମୟରେ କେହି କୁର୍ତ୍ତା ପିନ୍ଧିଥିଲେ ଶାସ୍ତ୍ର ବିଦ୍ଵେଷର କାରଣ ଦେଖାଇ ତାହା ନିଷେଧ କରନ୍ତି ଓ କେହି ଶୀତଦିନରେ ସୁଦ୍ଧା ଗେଞ୍ଜି ଖଣ୍ଡିଏ ପିନ୍ଧିଥିଲେ କେବଳ ପଂକ୍ତି ଭୋଜିରୁ ନୁହେଁ, ଘରୋଇ ନିମନ୍ତ୍ରଣରେ ସୁଦ୍ଧା ଖାଇବା ସ୍ଥାନରୁ ତାକୁ ଉଠାଇ ଦିଅନ୍ତି । ଯତେ କି ଯେତେ ଦୁଷ୍କୃତ କୁର୍ତ୍ତା ପିନ୍ଧାରେ ରହିଛି । ଏହି ମନୋବୃତ୍ତିର ବଶବର୍ତ୍ତୀ ହୋଇ କୁର୍ତ୍ତା ପିନ୍ଧା ଯୋଗୁଁ ପୁତ୍ରବଧୂ ପ୍ରତି ଏତେ ନିର୍ଯ୍ୟାତନା । କିନ୍ତୁ ଏଥିରେ ସେ ଶ୍ୱଶୁରଙ୍କ ଆଜ୍ଞାବର୍ତ୍ତିନୀ ହୋଇପାରିନାହିଁ । ପିଲାଦିନରୁ ତାହାର କୁର୍ତ୍ତା ପିନ୍ଧିବା ଅଭ୍ୟାସ । ଏହି ଅଭ୍ୟାସ ମନ୍ଦ ବା ଦୋଷଯୁକ୍ତ ନୁହେଁ । ମୁଁ କହିଲି, ଏହି ଜିଲ୍ଲାରେ ସ୍ତ୍ରୀମାନଙ୍କ ପରିଧାନ ପ୍ରଣାଳୀରେ ସଂସ୍କାର ଅଗ୍ରଗଣ୍ୟ ହେବା ଉଚିତ । ଯେପରିଭାବରେ ବସ୍ତ୍ର ପରିଧାନ କରନ୍ତି, ସ୍ତ୍ରୀମାନଙ୍କୁ ଅର୍ଦ୍ଧୋଲଗ୍ନ କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ । କପାସୂତା ନିର୍ମିତ ଶାଢ଼ୀରେ ଯାହା ନାହିଁ ସେହି ସୂତାରେ ନିର୍ମିତ ସେମିଜ୍‌ରେ ସେ ଦୋଷ କିପରି ନିହିତ ଅଛି ତାହା ବୁଝିବା ଦୁଷ୍କର । ସମୁଦି ମହାଶୟ ଶାସ୍ତ୍ରର ଦୋହାଇ ଦିଅନ୍ତି । କିନ୍ତୁ ଯେଉଁ ଶାସ୍ତ୍ର ଉପରେ ତାଙ୍କର ଏତେ ନିର୍ଭର ତାହା କି କେବଳ ଓଡ଼ିଶା ତଥା ସମ୍ବଲପୁର ପ୍ରତି ପ୍ରଯୁଜ୍ୟ ? ଭାରତବର୍ଷରେ ଅନ୍ୟତ୍ର ସ୍ତ୍ରୀମାନେ ତ ଅବାଧରେ ସର୍ବଦା କୁର୍ତ୍ତାଦ୍ୱାରା ନିଜ ଅଙ୍ଗସୌଷ୍ଠବ ସାଧନ କରନ୍ତି । ଓଡ଼ିଶାର ଦାରିଦ୍ର୍ୟ ସମ୍ଭବତଃ କୁର୍ତ୍ତା ବର୍ଜନର କାରଣ । ଏହା କୌଣସି ଶାସ୍ତ୍ର ନିଷେଧ ନୁହେଁ । କିନ୍ତୁ ସମୁଦିଙ୍କୁ ଯେତେ ବୁଝାଇଲେ ମଧ୍ୟ ସେ ବୁଝିବାକୁ କିମ୍ବା ବୁଝିଲେ ମଧ୍ୟ ତାହା ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହଁନ୍ତି । ପୁଣି କହିଲି, ଏହି ନିର୍ଦ୍ଦୋଷ ନଗଣ୍ୟ ବିଷୟ ପ୍ରତି ଏତେ ମନୋଯୋଗ ନ ଦେଇ ଝାଡୁଆ ବ୍ରାହ୍ମଣ

Digitized by srujanika@gmail.com

ସମାଜରେ ଯେଉଁ କେତେଗୁଡ଼ିଏ ଗର୍ହିତ କାର୍ଯ୍ୟ ସମ୍ପନ୍ନ ହୋଇଯାଉଅଛି ତାହାର ନିବାରଣ କଳ୍ପେ ଯଦି ଅତ୍ୟଳ୍ପମାତ୍ର ମନୋନିବେଶ କରିଥାନ୍ତେ ତାହାହେଲେ ସଭାପତି ସ୍ୱରୂପ ସମାଜର ଅଶେଷ କଲ୍ୟାଣ ସାଧନ କରୁଥାନ୍ତେ। ଉଦାହରଣ ସ୍ୱରୂପ କହିଲି, ସମାଜର ଦୁଇଜଣ ଗଣ୍ୟମାନ୍ୟ ସମ୍ମାନାର୍ହ ବ୍ୟକ୍ତିଙ୍କ କଥା। ଦୁଇଜଣ ବୟସ୍କ ବ୍ୟକ୍ତିଙ୍କ ପତ୍ନୀ ଥାଉଁ ଥାଉଁ ଉକ୍ତ ସମ୍ମାନାର୍ହ ଭଦ୍ରବ୍ୟକ୍ତିଦ୍ୱୟ ନିଜ ନିଜ କନ୍ୟାମାନଙ୍କୁ ସେମାନଙ୍କୁ ଦ୍ୱିତୀୟ ପତ୍ନୀ ସ୍ୱରୂପ ଦାନ କରିଦେଇ ସମାଜରେ କେତେ ଦୁଃଖ ସୃଷ୍ଟି କରିଅଛନ୍ତି। ଆଉ ସଭାପତି ସେଥିରେ ସହଯୋଗ କରି ବରଯାତ୍ରୀ ଯାଇ ଭୋଜି ଖାଇଛନ୍ତି। କୁର୍ତ୍ତା ପିନ୍ଧି ଭୋଜିରେ ବସିଥିବା ଲୋକକୁ ସର୍ବସମକ୍ଷରେ ବେଜିତ୍ କରିବା ଅପେକ୍ଷା ଏହିମାନଙ୍କୁ ସମାଜରୁ ପତିତ ରଖିବା ଉଚିତ। ସମୁଦି ମହାଶୟ କହିଲେ, ଏମାନଙ୍କ ବିରୋଧରେ କେହି ତ କେବେ ଆପତ୍ତି କରିନାହାଁନ୍ତି ? ଆଉ ମୁଁ ମଧ ତ କରିବାକୁ ସାହସ କରିନାହିଁ। ମୁଁ କହିଲି, ଆପତ୍ତି ତମାଦି ହୋଇଯାଇ ନାହିଁ। ମୁଁ ଆପତ୍ତି ଦରଖାସ୍ତ ତାଙ୍କ ହସ୍ତରେ ଦେଲି ଓ ଏହି ବିଷୟରେ ଆଲୋଚନା ସକାଶେ ଶୀଘ୍ର ସଭା ଆହ୍ୱାନ ସକାଶେ ଅନୁରୋଧ କଲି। କିନ୍ତୁ କେବେହେଲେ ସଭା ଆହୂତ ବା ଏ ସମ୍ବନ୍ଧରେ କୌଣସି ଆଲୋଚନା ସୁଦ୍ଧା ହେଲାନାହିଁ। ଏହି ଦୃଷ୍ଟାନ୍ତ ଦ୍ୱୟ ଆଜିଯାଏ ସମାଜର କଳଙ୍କ ପ୍ରଚାର କରୁଅଛି।

ଦୋଳପୂର୍ଣ୍ଣିମାର ବାସି ଦିନ ହୋରି ଖେଳ। ପୂର୍ଣ୍ଣବାବୁଙ୍କ ଘରକୁ ହୋରି ଖେଳିବାକୁ ଜଣକେତେ ବନ୍ଧୁଙ୍କ ସହିତ ଗଲି। ସମୁଦିଙ୍କୁ ସେଠାରେ ଦେଖି ତାଙ୍କ ମୁହଁରେ ଅବିର ବୋଳିଦେଲି। ଦେଖିଲି, ତାଙ୍କ ମୁହଁ, ଦେହ ଅପେକ୍ଷା ଚକ୍ଷୁଦ୍ୱୟ ଆହୁରି ରକ୍ତବର୍ଣ୍ଣ ଧାରଣ କରିଅଛି। ମୋତେ ଦେଖି କ୍ରୋଧରେ ଜର୍ଜରିତ ହେଲେ। କହିଲେ, ମୋ ସଙ୍ଗେ କୌଣସି ପ୍ରକାର ସମ୍ପର୍କ ରଖିବାକୁ ସେ ଚାହାଁନ୍ତି ନାହିଁ।

ଉପରକୁ ହାତ ଉଠାଇ ଦୌଡ଼ି ଆସିଲେ। ଉଚ୍ଚହାସ୍ୟ କରି ମୁଁ ଦୁଇହାତ ପଛକୁ ଘୁଞ୍ଚି ପଡ଼ିଲି ଓ ତାଙ୍କୁ ପିଚିକାରିଟିଏ ମାରିଦେଇ ଅନ୍ୟ ବନ୍ଧୁମାନଙ୍କ ସହିତ ରଙ୍ଗ ଖେଳିବାକୁ ଲାଗିଲି। ପ୍ରାୟ ୧୨ଟା ବେଳେ ସମୁଦି ଓ ମୁଁ ପୂର୍ଣ୍ଣବାବୁଙ୍କ ଘରତ୍ୟାଗ କରି ନିଜ ନିଜ ଘରକୁ ବାହାରିଲୁ। ସମୁଦିଙ୍କ ଗୋଡ଼ ଧରିପକାଇଲି ଓ ବିନୀତ ହୋଇ କହିଲି ଯେ ଆମ୍ଭମାନଙ୍କ ମଧରେ ପୂର୍ବପରି ସଦ୍‌ଭାବ ରହିବା ଉଚିତ। କିନ୍ତୁ ସେ ମୁହଁ ଫୁଲାଇ ଚାଲିଗଲେ।

ପିଲାଦିନରୁ ମୁଁ ନ୍ୟାୟର ପକ୍ଷପାତୀ। ଅନ୍ୟାୟ ମୋତେ କେବେ ସ୍ପର୍ଶ କରିପାରିନାହିଁ। ମୁଁ ସର୍ବଦା ଅନ୍ୟାୟ ବିପକ୍ଷରେ ବିଦ୍ରୋହୀ। ସମୁଦି ମହାଶୟ ଯଦି ମନେକରିଥାନ୍ତି ଯେ ତାଙ୍କ ଅନ୍ୟାୟ ବିଚାରକୁ ମୁଁ ମୁଣ୍ଡପାତି ଗ୍ରହଣ କରିନେବି ତାହାହେଲେ ସେ ନିତାନ୍ତ ଭ୍ରାନ୍ତ, ଏହା ସୁସ୍ପଷ୍ଟଭାବରେ ତାଙ୍କୁ କହିଦେଲି। ଆହୁରି ମଧ ତାଙ୍କୁ କହିଲି ଯେ ତାଙ୍କ ରୋଗର କାରଣ ମୁଁ ନିର୍ଣ୍ଣୟ କରିସାରିଅଛି। ସେ ସ୍ତ୍ରୀ ଶିକ୍ଷାର ଭୟଙ୍କର ବିରୋଧୀ ଓ ଶିକ୍ଷିତା ସ୍ତ୍ରୀ ପ୍ରତି ତାଙ୍କର ଅତ୍ୟନ୍ତ ଘୃଣା। ଏହି ଶ୍ରେଣୀୟ ପୁରୁଷମାନେ ନିତାନ୍ତ ସ୍ୱାର୍ଥାନ୍ଧ।

Digitized by srujanika@gmail.com

ଏମାନଙ୍କ ଭୟ ଯେ ସ୍ତ୍ରୀମାନେ ଶିକ୍ଷିତା ହେଲେ ପୁରୁଷମାନେ ସେମାନଙ୍କୁ କ୍ରୀଡ଼ା ପୁତ୍ତଳିକା ସ୍ୱରୂପ ବ୍ୟବହାର କରିପାରିବେ ନାହିଁ ଓ ଶିକ୍ଷିତା ସ୍ତ୍ରୀମାନେ ନିଜ ନିଜ ବିଦ୍ୟାଜନିତ ହିତାହିତ ଜ୍ଞାନ, ବୁଦ୍ଧି ଓ ବିବେକଦ୍ୱାରା ପୁରୁଷଙ୍କ ଅନ୍ୟାୟାଚରଣରେ ବିଦ୍ରୋହ କରିବେ।

କି ଅନ୍ୟାୟର କଥା ! ସ୍ତ୍ରୀମାନଙ୍କ ଆଚାର ବ୍ୟବହାର ସମ୍ବନ୍ଧରେ ଯେତେ କଠୋର ନିୟମ ଜାରି କରାହୋଇଅଛି, ସେ ସମସ୍ତଙ୍କ ଅଧିକାଂଶ ପୁରୁଷମାନଙ୍କ ପ୍ରଣୀତ। କସ୍ମିନ୍‌କାଳେ ଏଥିରେ କୌଣସି ସ୍ତ୍ରୀର ମତ ନିଆହୋଇଥିବା କ୍ୱଚିତ୍ ଦେଖାଯାଇଅଛି। ଏ ସମ୍ବନ୍ଧରେ କୌଣସି ଶାସ୍ତ୍ରରେ ସୁଦ୍ଧା ଉଲ୍ଲେଖ ବିରଳ। ପୁରୁଷ ଯେତେ ଗର୍ହିତ କାର୍ଯ୍ୟକରୁ ନା କାହିଁକି ତାହା ପକ୍ଷରେ କ୍ଷମାର ବ୍ୟବସ୍ଥା ଅଛି, ଅଥଚ ସାମାନ୍ୟ ତ୍ରୁଟି ସ୍ତ୍ରୀ ପକ୍ଷରେ ଅମାର୍ଜନୀୟ। ସମାଜର କି ଅତ୍ୟାଚାର ! ପୁରୁଷର ଅନୁମୋଦନ ବିନା କୌଣସି କାର୍ଯ୍ୟ କରିବା ଅଧିକାର ସ୍ତ୍ରୀର ନାହିଁ।

ପ୍ରସୂତି ପରେ ସୁଦ୍ଧା ଝିଅର ବିଶ୍ରାମ ନାହିଁ। ରୋଷେଇଠାରୁ ଆରମ୍ଭକରି, ଅଇଁଠାପୋଛା, ବାସନମଜା ପ୍ରଭୃତି ସମସ୍ତ କାମ। ଘରେ ଜଣେ ରାନ୍ଧୁଣୀ ଅଛି। ତାହାର ଅଧିକାଂଶ କାମ ଘର ବାହାରେ। ବୋହୂ ଉପରେ ଶାଶୁଠାରୁ ସୁଦ୍ଧା ଅଧିକ ଦୀପ୍ତି ଜାରିକରେ। ପଖାଳ କଂସାଟା ମଡ଼ାଇ ଦେଇ କହେ, ବଡ଼ଲୋକର ଝିଅ ହୋଇଛ; ଏଇ ଘରେ ଚଳିବ ନାହିଁ। ଯାଅ, କଂସାଯାକ ମାଜି ପକାଅ। ଅନ୍ଧାର ଘରର ଏକ କୋଣରେ ଛୁଆକୁ ଶୁଆଇଦେଇଛି। ଆଉ ବେଳେବେଳେ କାନ୍ଦିଲେ ତାକୁ ଖୁଆଇଦେଇ ଆସୁଛି ଓ ପୁଣି କାମରେ ଲାଗିଯାଉଛି। କୌଣସି ଆଡ଼କୁ ଯାଇ ଖୋଲା ପବନରେ ଟିକିଏ ବୁଲିଆସିବା ପାଇଁ ସୁଦ୍ଧା ଶ୍ୱଶୁରଙ୍କ ମନା। ଦିନେ ଘରର ଖୋଲାଛାତ ଉପରେ ଟିକିଏ ବୁଲିବା ପାଇଁ ଯାଇଥିବା ଶୁଣି ଶ୍ୱଶୁରଙ୍କ କଡ଼ା ହୁକୁମ ହେଲା, ଚାଲିଆସିବାକୁ। କେବେକେବେ ଆଠ-ଦଶ ବର୍ଷର ସାନ ଭଉଣୀ ନାନୀ ପାଇଁ ଜଳଖିଆ ନେଇ ଦିଅନ୍ତି। ଦିନେ ଯାଇଥିବା ସମୟରେ ଶ୍ୱଶୁର ଘରେ ଥିଲେ। ଏମାନଙ୍କ ଉପରେ ତାଙ୍କ ଆଖି ପଡ଼ିଲା। ମାରିବାକୁ ଦୌଡ଼ିଲେ ଓ ବାଳିକାଦ୍ୱୟ ଭୟରେ ଚିତ୍କାରକରି ତରସର ପଳାଇଲେ। ତତ୍ପରେ ସ୍ତ୍ରୀଙ୍କ ପ୍ରତି କଠୋର ହୁକୁମ ହେଲା, ଖବରଦାର, ତାଙ୍କ ଘରୁ ବିଲେଇ ପିଲାଟି ସୁଦ୍ଧା ଯେପରି ଆମ ଘରକୁ ନଆସେ।

ସମ୍ବଲପୁରରେ ମହାନଦୀ କୂଳରେ ସତ୍‌ସଙ୍ଗ ଆଶ୍ରମ। ସମୁଦି ଆଶ୍ରମର ବିଶିଷ୍ଟ ସଭ୍ୟ। ସେଠାରେ ପ୍ରତ୍ୟହ ସନ୍ଧ୍ୟାରେ ଗୀତାପାଠ, ଭାଗବତ ପାରାୟଣ ପ୍ରଭୃତି ଧର୍ମ ଚର୍ଚ୍ଚା ହୁଏ। ସମୟ ସମୟରେ ସାଧୁ, ସନ୍ନ୍ୟାସୀ, ପଣ୍ଡିତ, ପରିବ୍ରାଜକ ପ୍ରଭୃତି ଲୋକେ ଆସି ଧର୍ମ ଚର୍ଚ୍ଚା କରନ୍ତି। ସମୁଦି ମହାଶୟ ଏଆଡ଼େ ଆରଣ୍ୟକ ବ୍ରାହ୍ମଣ ସମାଜର ସଭାପତି ଭାବରେ ସତ୍‌ସଙ୍ଗ ଆଶ୍ରମରେ ପୂର୍ଣ୍ଣପ୍ରାଣରେ ଧର୍ମଚର୍ଚ୍ଚାରେ ଯୋଗଦାନ କରନ୍ତି। ବୁଲା ବାବାଜୀମାନଙ୍କୁ ସୁଦ୍ଧା ଭୋଜନ ସକାଶେ କେବେ କେବେ ଘରକୁ ଡାକନ୍ତି ଓ ସେମାନଙ୍କ ଧୂଳି ଧୂସରିତ ପାଦୋଦକ ସେବନ କରିବାକୁ ବୋହୂମାନଙ୍କୁ ବାଧ କରନ୍ତି।

Digitized by srujanika@gmail.com

ସମ୍ବଲପୁର ସହରରେ ବୋହୂମାନଙ୍କ ଜୀବନ ପ୍ରତ୍ୟେକ ଘରେ ଊଣା ଅଧିକେ ଏହି ପ୍ରକାର। ଝାଡ଼ୁଆପଡ଼ାରେ ଘନ ବସତି। ପୁରୁଣା କାଳିଆ ଅନେକ ଅନ୍ଧାର ଘର। ପବନ ଟିକିଏ ବୁଲିବା ବାଟ ନାହିଁ। ବହୁତ ଚାକରାଣୀ। ନୂଆବୋହୂ ଆସିଲେ ଚାକରାଣୀଙ୍କୁ ବିଦାୟ ଦିଆହୁଏ। ବର୍ଷକୁ ବର୍ଷ ପ୍ରସୂତି; ପୁଷ୍ଟିକର ଖାଦ୍ୟ ତେଣେ ଥାଉ, ପ୍ରସୂତି ପରେ ସୁଦ୍ଧା ହାଡ଼ଭଙ୍ଗା କାମକରି ଦୁଇଓଳିକୁ ଗଣ୍ଡେ ଲେଖାଏଁ ପଖାଳ। ଏଥିରେ ଅଳ୍ପଦିନ ମଧ୍ୟରେ ସୁସ୍ଥକାୟା ଯୁବତୀ ବୋହୂର ସୁଦ୍ଧା ଦେହ ଭାଙ୍ଗିପଡ଼େ। ଅକାଳରେ ଯକ୍ଷ୍ମାରୋଗଗ୍ରସ୍ତା ହୋଇ ଶିଶୁ ପୁତ୍ରକନ୍ୟାଙ୍କୁ ମାତୃହୀନ କରିଯାଇଥିବା ଦୃଷ୍ଟାନ୍ତ ମଧ କମ୍ ନୁହେଁ। ଏହି ଦୂରବସ୍ଥାର ନିରାକରଣରେ ସମର୍ଥ, କେବଳ ସ୍ତ୍ରୀମାନଙ୍କ ମଧ୍ୟରେ ଶିକ୍ଷା ବିସ୍ତାର। ଏହା ବିରୋଧରେ ଦୃଢ଼ଭାବରେ ଖଡ଼୍‌ଗ ଧାରଣ କରିବାକୁ ହେବ ଓ ରକ୍ଷଣଶୀଳ ବ୍ୟକ୍ତିଙ୍କ ମୋହ ଦୂର କରିବାକୁ ହେବ। ସେହି ସମୟରେ ଏହି ନୀତି ମୁଁ ପ୍ରଚାର କରିବାରେ ଲାଗିଥିଲି।

ଏହାପରେ ପ୍ରାୟ ତିନିମାସ ଚାଲିଗଲା। ଝିଅକୁ ଦେଖିବାକୁ ସୁଦ୍ଧା ଆଉ ସୁବିଧା ମିଳୁନାହିଁ। ପାଖ ଘରେ ଲୋକଙ୍କଠାରୁ ଶୁଣିବାକୁ ମିଳୁଥାଏ, ତାହାର ଦେହ କୁଟାଖଣ୍ଡିକେ ରହିଲାଣି। ହୃଦୟର ଉଦ୍‌ବେଗ ସମ୍ଭାଳି ନ ପାରି ଦିନେ ମା' ତାକୁ ଦେଖିବାକୁ ଗଲେ ଓ ଶାଶୁଙ୍କୁ ଦିନକ ପାଇଁ ଝିଅକୁ ତାଙ୍କ ସଙ୍ଗେ ଛାଡ଼ିଦେବା ପାଇଁ ଅନୁରୋଧ କଲେ। ଶାଶୁ କହିଲେ, 'ତାହାର ଶ୍ୱଶୁର ତ ମନା କରିଛନ୍ତି, ତାଙ୍କୁ ପଚାର।' ଶ୍ୱଶୁର ସେତେବେଳେ କୌଣସି ଧର୍ମଗ୍ରନ୍ଥ ପଢ଼ିବାରେ ବ୍ୟସ୍ତଥିଲେ। ଝିଅକୁ ଡାକିନେବାକୁ ଆସିଛି ବୋଲି କହିଲେ। ସେ ଗ୍ରନ୍ଥପାଠ ଛାଡ଼ି ପାଟିକରି କହିଲେ, ''ମୋର ପ୍ରତିଜ୍ଞା ଯେ, ଆଗାମୀ ଦଶହରା ପର୍ଯ୍ୟନ୍ତ ତାକୁ ତୁମ୍ଭ ଘରକୁ ଛାଡ଼ିବି ନାହିଁ।'' ଏହାର କାରଣ ପଚାରିଲେ। ସେ ପୁଣି କହିଲେ, 'ମୁଁ ଛାଡ଼ିଦେବି ନାହିଁ ବୋଲି କହିଲି, ମୋର ପ୍ରତିଜ୍ଞା ଅଟଳ।' ପୁଣି ପଚାରିଲେ, ତା ହେଲେ କୌଣସି ଅବସ୍ଥାରେ ସୁଦ୍ଧା ତାକୁ ଆମଘରକୁ ଛାଡ଼ିବେ ନାହିଁ? ସେ କହିଲେ, ତାକୁ ଛାଡ଼ିପାରେ, ଯେଉଁଦିନ ତୁମ୍ଭ ଅନ୍ୟ ଝିଅମାନେ ତୁମ୍ଭ ଘରେ ନଥିବେ, ବିଶେଷତଃ ଯେଉଁମାନେ ଦେଶ, ଦେଶାନ୍ତରକୁ ଯାଇ କଲେଜରେ ପଢୁଛନ୍ତି। ସେତେବେଳେ ମୋର ଝିଅ ସୁଷମା ପାଟଣା ମେଡ଼ିକାଲ୍ କଲେଜରେ, ବିବାହିତ ଝିଅ ନିରୂପମା କଟକ ରେଭେନ୍‌ସା କଲେଜରେ ଓ ଉମା ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଛାତ୍ରୀ। ସ୍ତମ୍ଭୀତ ଓ ନିରବ ହୋଇ ରହିଲେ। ଚାଲି ଆସିବାକୁ ଯାଉଅଛନ୍ତି, ଝିଅ ହଠାତ୍ ଆଗକୁ ଆସି ତାଙ୍କୁ କୁଣ୍ଢେଇ ବ୍ୟାକୁଳ ଭାବରେ କାନ୍ଦିବାକୁ ଲାଗିଲା। ତାହାର ଶାଶୁ କହିଲେ, ''ଏତେ କାନ୍ଦୁଛି, ଆଜି ଦିନକ ପାଇଁ ହେଲେ ମାଆ ସଙ୍ଗେ ଯାଉ।'' ଶ୍ୱଶୁର କହିଲେ, ''ଏପରି କାନ୍ଦଣାକୁ ମୁଁ ପରବାୟ କରେନାହିଁ। ମୁଁ ତାକୁ କଦାପି ବାପଘରକୁ ଛାଡ଼ିଦେବି ନାହିଁ, ନାହିଁ, ନାହିଁ।'' ମାଆ କହିଲେ, ''ଛି ଲୋ ଝିଅ! ବାପା ତୋତେ କ'ଣ ଏଇ ଶିକ୍ଷା ଦେଇଛନ୍ତି? ତୁ ଯଦି କାନ୍ଦିବୁ, ଏମାନେ ଆହୁରି ହସିବେ ଓ ସୁଖ ପାଇବେ। ତେବେ ଏମାନଙ୍କୁ ଦେଖାଇଦେବାକୁ ହେବ ଯେ, ତୁ କେତେଦୂର

Digitized by srujanika@gmail.com

ଅତ୍ୟାଚାର ସହିପାରୁ, ଏହା ହେଲେ ସିନା ଶିକ୍ଷାର ମର୍ଯ୍ୟାଦା ରକ୍ଷାହେବ। ତୋ ପ୍ରତି ଏମାନଙ୍କ ଅତ୍ୟାଚାର କେତେଦୂର ଯାଉଛି, ଦେଖାଯାଉ। ଏହା କଦାପି ଅଧିକ ଦିନ ରହିବ ନାହିଁ, 'ଦିନେ ହେଲେ ତାଙ୍କ ଭୁଲ୍ ବୁଝିବେ' ! ଏହା କହି ଚାଲି ଆସିଲେ।

ମୁଁ କିନ୍ତୁ ନଛୋଡ଼ବନ୍ଧା। ସମୁଦିଙ୍କ ସଙ୍ଗେ ପୁଣି ଆଲୋଚନା କରିବାକୁ ଗଲି, ପୂର୍ଣ୍ଣବାବୁଙ୍କ ଘରକୁ। ସେହି ସମୟରେ ପୂର୍ଣ୍ଣବାବୁଙ୍କ ଝିଅମାନେ ସୁଦ୍ଧା କଲିକତାରେ କଲେଜରେ ପଢୁଥିଲେ। ମୋର ଆଶା ହେଲା, ସ୍ତ୍ରୀ ଶିକ୍ଷାର ଉପାଦେୟତା ଓ ବିଶେଷତଃ ସମ୍ବଲପୁର ବ୍ରାହ୍ମଣ ସମାଜର ତତ୍‌କାଳୀନ ଦୁରବସ୍ଥା ବିବେଚନାରେ ଏହାର ଆବଶ୍ୟକତା ବିଷୟରେ ସମୁଦିଙ୍କୁ ବୁଝାଇବାରେ ପୂର୍ଣ୍ଣବାବୁ ସହାୟକ ହେବେ। ପୂର୍ବଦିନର ଘଟଣା ସବୁ ପୂର୍ଣ୍ଣବାବୁଙ୍କୁ କହିଲି। ମୋ ସ୍ତ୍ରୀ ସହିତ ସମୁଦିଙ୍କ ଉକ୍ତି ପ୍ରତ୍ୟୁକ୍ତି ସମ୍ବନ୍ଧରେ ଆଲୋଚନା ଆରମ୍ଭ କଲି। ପୂର୍ଣ୍ଣବାବୁ ସ୍ତ୍ରୀ ଶିକ୍ଷାର ଉଦ୍ଦେଶ୍ୟ ସମ୍ବନ୍ଧରେ ମୋତେ ସମର୍ଥନ କଲେ। ସମୁଦି କହିଲେ ଯେ, ସ୍ତ୍ରୀମାନଙ୍କ ଅର୍ଥକରୀ ବିଦ୍ୟାକୁ ସେ ପସନ୍ଦ କରନ୍ତି ନାହିଁ। ଯେଉଁମାନେ ନିଜ ଝିଅମାନଙ୍କୁ ଉଚ୍ଚ ଇଂରେଜୀ ଶିକ୍ଷା ଦେଉଅଛନ୍ତି, କେବଳ ଅର୍ଥୋପାର୍ଜ୍ଜନ ସକାଶେ। ଆମ୍ଭେ ଉଭୟେ କହିଲୁ ଏହା ତ ଦରକାର। ସ୍ତ୍ରୀ ଶିକ୍ଷାର ଏହା ଏକମାତ୍ର ଉଦ୍ଦେଶ୍ୟ ନ ହେଲେହେଁ ମୁଖ୍ୟ ଉଦ୍ଦେଶ୍ୟ। ସମୁଦି କହିଲେ, ଏହା ସେ ପସନ୍ଦ କରନ୍ତି ନାହିଁ। ପୁଣି କଲେଜ ଛାତ୍ରୀମାନେ ସାଧାରଣତଃ ଦୁଶ୍ଚରିତ୍ରା। ଦୁହେଁ କହିଲୁ, ଏହା ତାଙ୍କ ଭୁଲ୍। ଶିକ୍ଷା ଦୁଶ୍ଚରିତ୍ରତା ସଂଶୋଧନ କରେ। ମୁଁ କହିଲି, ''ଆପଣଙ୍କ ଘର ଚାରିଆଡ଼ କଥା ଭାବନ୍ତୁ ନା! ଅଶିକ୍ଷିତା ସ୍ତ୍ରୀମାନଙ୍କ ଧର୍ମାଧର୍ମ ବିବେଚନା ଅଳ୍ପଥାଏ।'' ଏହା କହି ଦୁଇଚାରିଟା ଦୃଷ୍ଟାନ୍ତ ଦେଲି; ମନଗଢ଼ା ନୁହେଁ, ଯାହା ସମୁଦି ଅଙ୍ଗେ ନିଭେଇଥିଲେ। ହଠାତ୍ ରାଗିଯାଇ ଗୋଡ଼ରୁ ଯୋତା କାଢ଼ି ମୋ ଉପରକୁ ଉଠାଇଲେ। ମୋ ଅପେକ୍ଷା ତାଙ୍କ ଶରୀର ଦୁର୍ବଳ। କ୍ଷୀଣ ଲୋକେ ସାଧାରଣତଃ ନିଷ୍କରୁଣ। ତାଙ୍କ ଦୁଇହାତକୁ ଧରି ପକାଇଲି ଓ ମୋର ଦୁଇ କାଖ ମଧ୍ୟରେ ଚାକିଦେଲି। ପୁଣି ତାଙ୍କ ଗୋଡ଼କୁ ମୋ ଗୋଡ଼ ମଧ୍ୟରେ ଛନ୍ଦି ତଣ୍ଟିଧରି ବଳାତ୍କାର ଚୌକିରେ ତାଙ୍କୁ ବସାଇଦେଇ ତାଙ୍କ ମୁହଁକୁ ତୀବ୍ର ଦୃଷ୍ଟିରେ ଅନାଇ ବିକଟ ହାସ୍ୟକଲି। ପୁଣି ଉଠିବାକୁ ଚେଷ୍ଟା କଲେ। କିନ୍ତୁ ଉଠିବାକୁ ଦେଲି ନାହିଁ। ପୁଣି ମୃଦୁଭାବରେ ତଣ୍ଟି ଧରିପକାଇଲି ଓ ପୁଣି ହସିଲି। ସମୁଦି ଏଥର ସ୍ତ୍ରୀଙ୍କ ପରି କାନ୍ଦିବାକୁ ଲାଗିଲେ। କାହିଁଗଲା ତାଙ୍କ ପୁରୁଷୋଚିତ ବୀରତ୍ୱ! ତତ୍ପରେ ଦୁହେଁ ସେଠାରୁ ଏକତ୍ର ବିଦାୟ ନେଲୁ। କିଛି ଦୂର ଯାଇ କହିଲି, ''ଆଉଦିନେ ସେପରି ପ୍ରଳାପ କଲେ ଉପଯୁକ୍ତ ଶିକ୍ଷା ପାଇବେ, ବୁଝିଲେ ?''

ପରସ୍ପର ମଧ୍ୟରେ ଏତେ ଅପ୍ରୀତିକର ଘଟଣା ସଂଘଟିତ ହେଉଥିଲେ ସୁଦ୍ଧା ମୋ ମନରୁ ଆଶା ଛାଡୁନଥାଏ; କୌଣସିମତେ ସମୁଦିଙ୍କ ଭ୍ରାନ୍ତ ମତ ପରିବର୍ତ୍ତନ କରିବା ଆଶା ମନରୁ ଯାଉନଥାଏ। ସେ ଶିକ୍ଷିତ ବ୍ୟକ୍ତି। ଆଧୁନିକ ଶିକ୍ଷାପ୍ରାପ୍ତ ହୋଇଅଛନ୍ତି। କଲିକତା ମେଡ଼ିକାଲ୍ କଲେଜର ମେଧାବୀ ଛାତ୍ର ଥିଲେ, ପୁଣି ଦଶବର୍ଷ କାଳ ସରକାରଙ୍କ ଅଧୀନରେ

Digitized by srujanika@gmail.com

ଆସିଷ୍ଟାଣ୍ଟ୍ ସର୍ଜନ୍ କାର୍ଯ୍ୟ କରିଥିଲେ। ଆଜି 'ଗଳିତ ନଖଦନ୍ତ' ହୋଇ ମାଳା ଧାରଣକଲେ ବୋଲି କ'ଣ ଏତେ ମାନସିକ ବିକାରଗ୍ରସ୍ତ ହୋଇଅଛନ୍ତି ? ପୁତ୍ରବଧୂ ପ୍ରତି ବିଦ୍ୱେଷର କାରଣ ତାହାର ଶିକ୍ଷା ଛଡ଼ା ଆଉ କିଛି ନୁହେଁ। ତାହାର ଶିକ୍ଷା ଯୋଗୁଁ ତାଙ୍କ ଗୃହରେ ଅପର ଅଶିକ୍ଷିତା ବଧୂ ସହିତ ସମସ୍ଥାନ ଦାନ ଦେଣେ ଥାଉ ତାହାପ୍ରତି ଯେଉଁ ନିର୍ମମ ବ୍ୟବହାର କରୁଅଛନ୍ତି, ତାଙ୍କ ଏହି ମନୋବୃତ୍ତି ଭଗବାନ ନିଶ୍ଚୟ ପରିବର୍ତ୍ତନ କରିବେ। ଶିକ୍ଷାର ମୂଲ୍ୟ ସର୍ବତ୍ର ସର୍ବବାଦୀସମ୍ମତ। ଶ୍ରେୟସ୍କର କାର୍ଯ୍ୟରେ ବିଘ୍ନ ସଂସାରର ନିତ୍ୟନୈମିତ୍ତିକ ଘଟଣା। ସମାଜରେ ଶ୍ରେୟସ୍କର କାର୍ଯ୍ୟ ବା ସଂସ୍କାର ବିଷୟକ ସର୍ବପ୍ରଥମ ଉଦ୍ୟୋକ୍ତାକୁ ନାନାବିଧ ବିଘ୍ନ ଓ ବିପଦର ସମ୍ମୁଖୀନ ହେବାକୁ ହୋଇଥାଏ। ସମ୍ବଲପୁରର ଅନୁନ୍ନତ ସମାଜ ମଧ୍ୟରେ ସୁସଂସ୍କାର ଆନୟନ ଓ ବଧୂମାନଙ୍କ ପ୍ରତି ଅତ୍ୟାଚାର ନିବାରଣ ସ୍ତ୍ରୀ ଶିକ୍ଷା ପ୍ରସାରରର ଅପର ଉଦ୍ଦେଶ୍ୟ କଳ୍ପନାକରି ମୁଁ ମୋର ଝିଅମାନଙ୍କ ଆଧୁନିକ ଶିକ୍ଷା ଆରମ୍ଭକଲି। ଏଥିରେ ସମାଜର ତଥାକଥିତ ବିଶିଷ୍ଟ ଲୋକେ ବିଚଳିତ ହୋଇପଡ଼ିଲେ। ସମୁଦି ବାରମ୍ବାର କହୁଥିଲେ ଯେ, ଝିଅମାନଙ୍କ ଶିକ୍ଷା କେବଳ ରାମାୟଣ, ମହାଭାରତ ପାଠରେ ପର୍ଯ୍ୟବସିତ ରହିଲେ ଯଥେଷ୍ଟ ହେଲା। ତାହା ହେଲେ ସୀତା, ସାବିତ୍ରୀ ହୋଇପାରିବେ, ଏହା ସଙ୍ଗେ ତାଙ୍କୁ ସୁଦ୍ଧା ଯେ ସୀତାଙ୍କ ଶ୍ୱଶୁର ଦଶରଥ ଓ ସାବିତ୍ରୀଙ୍କ ଶ୍ୱଶୁର ଦ୍ୟୁମତ୍ସେନ୍ ହେବା ଉଚିତ, ଏହା ସେ ଭୁଲି ଯାଉଥିଲେ। ଆକ୍ଷେପର ବିଷୟ, ଏହି ଶ୍ରେଣୀୟ ଲୋକେ କହନ୍ତି ଯେ, ସଦାଚରଣ ରକ୍ଷା କେବଳ ସ୍ତ୍ରୀ ଜାତିର କାର୍ଯ୍ୟ, ପୁରୁଷର ନୁହେଁ। ମୋର ହୃଦୟରେ ଆଶା ଦୃଢ଼ବଦ୍ଧ ହେଉଥିଲା, ଦିନେ ହେଲେ ସମୁଦି ନିଶ୍ଚୟ ବୁଝିବେ ଓ ତାଙ୍କ ବ୍ୟବହାର ସକାଶେ ଦୁଃଖିତ ହେବେ।

ଦଶହରା ଆସିଲା। ସମୁଦି କହିଥିଲେ ଯେ, ଆମ୍ଭଘରକୁ ତାଙ୍କ ବୋହୂକୁ ଦଶହରା ପର୍ଯ୍ୟନ୍ତ ଛାଡ଼ିବେ ନାହିଁ। ଆଶା ହେଲା, ନିଶ୍ଚୟ ଛାଡ଼ିଦେବେ। ଭାଇ ଜିଉଁତିଆକୁ ତାକୁ ଆଣିବା ପାଇଁ ପୁଅ ସତ୍ୟଗୋପାଳକୁ ପଠାଇଲି। କିନ୍ତୁ ଶ୍ୱଶୁର ତାକୁ ଛାଡ଼ିଦେଲେ ନାହିଁ। ପୁତ୍ର ଆସି କହିଲା, ସମୁଦି କହିଲେ ଯେ, କେବଳ ଯେ ତାକୁ କେବେ ଆଉ ଆମ୍ଭ ଘରକୁ ଛାଡ଼ିଦେବେ ନାହିଁ ତାହା ନୁହେଁ, ଆମ୍ଭ ଘରର କାହାରି ସଙ୍ଗେ ତାହାର କୌଣସି ପ୍ରକାର ସମ୍ପର୍କ ରଖିବେ ନାହିଁ। ମନେକଲି, ଏହା ନିତାନ୍ତ ଅସ୍ୱାଭାବିକ।

ଦୁର୍ଗାଷ୍ଟମୀ ଦିନ ଭାଇ ଜିଉଁତିଆ ବ୍ରତ। ପାଟଣାରୁ ସୁଷମା ଓ ବନାରସରୁ ଉମା ଆସିଲା, ସୁରମା ତାହାର ଶ୍ୱଶୁରଘର ଡଙ୍ଗରପଡ଼ାରୁ ଆସିଲା। ଆଉ ବାକି ସମସ୍ତେ ଘରେ ଅଛନ୍ତି। ଏଗାର ଝିଅରୁ ଦଶଝିଅ ଘରେନ୍ତ କେବଳ ଏହି ଝିଅଟି ନାହିଁ। ସମସ୍ତେ ପୂଜା କରୁଅଛନ୍ତି। ସମ୍ବଲପୁରରେ ଭାଇଜିଉଁତିଆ ଏକ ପ୍ରଧାନ ପର୍ବ। ଆଜି ଭଉଣୀମାନେ ଭାଇ ଘରକୁ ଆସନ୍ତି ଓ ଭାଇର ମଙ୍ଗଳ କାମନା କରି ନିର୍ଜ୍ଜଳ ଉପବାସରେ ରହି ଏହି ବ୍ରତ ପାଳନ କରନ୍ତି। ଭାଇ,ଭଉଣୀମାନଙ୍କୁ ଖଣ୍ଡେ ଲେଖାଏଁ ନୂଆ ଲୁଗାଦିଏ। ସେହି ଲୁଗା ପିନ୍ଧି

Digitized by srujanika@gmail.com

ମହାଷ୍ଟମୀ ରାତ୍ରରେ ଭଉଣୀମାନେ ପୂଜାକରନ୍ତି। ପରଦିନ ସକାଳେ ସ୍ନାନ କରି ପୁଣି ପୂଜା କରନ୍ତି ଓ ଭାଇକୁ ନୂଆ ଲୁଗା ପିନ୍ଧାଇ ଦୁର୍ବାକ୍ଷତରେ ବନ୍ଦାନ୍ତି ଓ ବଡ଼ଭଉଣୀମାନେ ଭାଇକୁ ଆଶୀର୍ବାଦ ଓ ସାନଭଉଣୀମାନେ ପ୍ରଣାମକରି ପାରଣା କରନ୍ତି। ଏହି ପ୍ରଥା ସମ୍ବଲପୁର ଓ ଚତୁଃପାର୍ଶ୍ୱବର୍ତ୍ତୀ ଗଡ଼ଜାତ ଅଞ୍ଚଳ ଛଡ଼ା ଅନ୍ୟ କୌଣସିଠାରେ ନାହିଁ। ଏହା ଗୋଟିଏ ଉତ୍ତମ ପ୍ରଥା। ଅତ୍ୟନ୍ତ ଦରିଦ୍ର ପରିବାରରେ ସୁଦ୍ଧା ଏହା ପାଳିତ ହୁଏ। ଏହାଦ୍ୱାରା ଭାଇଭଉଣୀମଧ୍ୟରେ ସ୍ନେହ ବନ୍ଧନ ଅତୁଟ ରହେ। ବର୍ଷକୁ ଅନ୍ତତଃ ଥରେ ଭଉଣୀ ଭାଇ ଘରକୁ ଆସି କିଛିଦିନ ରହିବ। ଏହା ଯେ ଲଂଘନ କରେ ସମାଜରେ ସେ ଘୃଣିତ ଓ ଲାଞ୍ଛିତ ହୁଏ। ଏହା ଜାଣି ସୁଦ୍ଧା ଉଚ୍ଚ ଶିକ୍ଷାପ୍ରାପ୍ତ ସମାଜର ସଭାପତି ସମୁଦି ଗୋଟିଏ ଭଉଣୀକୁ ଏହି ବ୍ରତ ପାଳନରୁ ବଞ୍ଚିତ କଲେ। ମନେ ହେଉଥିଲା, ହୁଏତ ଉପବାସ କରିଥିବ।

ସପ୍ତମୀ ରାତିରେ ବସି ଆମ୍ଭେମାନେ ସମସ୍ତେ ସ୍ଥିର କଲୁ ଯେ, ଝିଅ ଭାଇମାନଙ୍କୁ ବନ୍ଦାଇବ ଓ ଏହି ବନ୍ଦାପନା କାର୍ଯ୍ୟ ଆମ୍ଭଘରେ ନ ହୋଇ ତାହା ଘରେ ହେବ। ତାହା ସହିତ ସମସ୍ତ ଭଉଣୀମାନେ ତାହାର ଶ୍ୱଶୁର ଘରେ ଭାଇମାନଙ୍କୁ ବନ୍ଦାଇବାକୁ ସେଠାକୁ ଯିବେ। ଏହା କରିବା ଉଦ୍ଦେଶ୍ୟ ଏହି ଯେ, ଏହାଦ୍ୱାରା ହୁଏତ ସମୁଦିଙ୍କ ସହିତ ସଖ୍ୟ ସ୍ଥାପିତ ହୋଇଯିବ। ଯେତେ ଅନୁନୟ କଲି, ଯେତେ ତାଙ୍କ ଗୋଡ଼ହାତ ଧଇଲି, ସେ ପର୍ଯ୍ୟନ୍ତ ସମସ୍ତ ତ ନିଷ୍ଫଳ ହୋଇଥିଲା। ଭାବିଲି, ଏହି ପରୀକ୍ଷାର କି ଫଳ ହେବ ଦେଖାଯିବ। ରାଗୀ ଲୋକକୁ ରଗାଇ ଦେଲେ ସେ ସମୟରେ ଯେଉଁ ପ୍ରତିକ୍ରିୟା ହୁଏ ମନୁଷ୍ୟ ତଦ୍ୱାରା ଚାଳିତ ହୋଇ ଭୁଲ୍ କରିପକାଏ। ମୁଣ୍ଡ ସ୍ଥିର ରଖିପାରେ ନାହିଁ। ସ୍ଥିର ହେଲା, ବନ୍ଦାପନା ସମୟରେ ଶଙ୍ଖ, ଘଣ୍ଟା ବଜାହେବ। ତାହାହେଲେ ପଡ଼ାର ଲୋକମାନେ ଏହି ଘଟଣାର କାରଣ ଜାଣିବା ପାଇଁ ଆସିବେ ଓ କାରଣ ଜାଣି ହସିବେ। ଶଙ୍ଖ, ଘଣ୍ଟା ନାଦ ଶୁଣି ହୁଏତ ସମୁଦି ତାଙ୍କ ପୁତ୍ରମାନଙ୍କୁ ଘେନି ଏକାକୀ ମୋ ଉପରେ ବା ସମସ୍ତଙ୍କ ଉପରେ ଆକ୍ରମଣ ଚଳାଇବେ ପ୍ରହାର ମଧ୍ୟ କରିବେ। ସ୍ଥିର କଲି, ଯଦି ପ୍ରକୃତରେ ସେ ଏପରି କିଛି କରିବସନ୍ତି ତାହା ଅକାତରରେ ସହ୍ୟକରିବି। ଯଦି ମୁଣ୍ଡ ଫଟାଇ ଦିଅନ୍ତି ଫେରନ୍ତା ବାଟରେ ଲୋକେ ଦେଖିବେ ଓ ଏଥିର କାରଣ ଜାଣି ତାଙ୍କୁ ନିନ୍ଦା ଓ ମୋ ପ୍ରତି ସହାନୁଭୂତି ପ୍ରକାଶ କରିବେ କିମ୍ବା ଏପରି ନ କରି ଯଦି ସେ ମୋ ବିରୋଧରେ ମୋକଦ୍ଦମା ଦାଏର କରନ୍ତି, ତାହାହେଲେ ମଧ୍ୟ ଏହା ଯୋଗୁଁ ସେ ଲାଞ୍ଛିତ ହେବେ। ତତ୍ପରେ ନିଶ୍ଚୟ ମିଳାମିଶାର ସୁଯୋଗ ଉପସ୍ଥିତ ହେବ। ମୋ ମନରେ ଆଶା ହେଉଥାଏ, ଏହା ମୂଳରେ ମୋର ସଦୁଦ୍ଦେଶ୍ୟ ନିହିତ ଥିବାରୁ ନିଶ୍ଚୟ ଭଗବାନ ଏହା ସିଦ୍ଧ କରିବେ। ନବମୀ, ଅତି ପ୍ରତ୍ୟୁଷରେ ଝିଅମାନେ ସ୍ନାନ କ୍ରିୟାଦି ସମାପନ କରି ଭାଇମାନଙ୍କୁ ବନ୍ଦାଇବା ସକାଶେ ଦୁର୍ବା, ଅକ୍ଷତ, ଭୋଜ୍ୟ ପ୍ରଭୃତି ସମସ୍ତ ସମ୍ଭାର ପ୍ରସ୍ତୁତ କରିବାରେ ଲାଗିଗଲେ ଓ ଭଉଣୀର ଶ୍ୱଶୁର ଘରକୁ ଯିବା ସକାଶେ ପ୍ରସ୍ତୁତ ହେଲେ। ପୂଝାରୀ ସମସ୍ତ ଜିନିଷ ଧରିଲା। ଆମ ଘର ଲୋଟାରେ ପାଣି, ମୁରୁଜ ଲେଖା

Digitized by srujanika@gmail.com

ସକାଶେ ଚୂନା ଓ ଛାଞ୍ଚୁଣୀ ପର୍ଯ୍ୟନ୍ତ ନିଆହେଲା। ସମସ୍ତେ ପଟୁଆରରେ ବାହାରିଲେ। ନବବସ୍ତ୍ର ପରିହିତା ଦଶଝିଅ ଓ ସେମାନଙ୍କ ପଛକୁ ଦୁଇ ପୁଅ ଚାଲିଲେ। ସମସ୍ତଙ୍କ ପଛରେ ମୁଁ ରହିଲି। ସମୁଦିଙ୍କ ଘରର ଦ୍ୱାରମୁହଁରେ ପହଞ୍ଚି ସମୁଦି ଉପର ତଳରେ ଉଚ୍ଚସ୍ୱରରେ ଶ୍ଳୋକ ପାଠ କରୁଥିବା ଶୁଣିଲି। ନିମ୍ନ ତଳର ବାଟଘରେ ସମସ୍ତେ ଏକତ୍ରିତ ହେଲେ, ମୋର ନିର୍ଦ୍ଦେଶରେ ପୂଝାରୀ ତଳେ ପାଣି ସିଞ୍ଚିଦେଇ ଛାଞ୍ଚୁଣୀରେ ତଳ ଓଳେଇ ଦେଲା। ତପ୍ରେ ସମସ୍ତ ପୂଜା ସାମଗ୍ରୀ ରଖାହେଲା। ଉପରତଳକୁ ପୁଅ ସତ୍ୟଗୋପାଳ ଯାଇ ଭଉଣୀକୁ ଡାକିଆଣିଲା। ବିଷଣ୍ଣ ବଦନ ଓ ଅଶ୍ରୁପୂର୍ଣ୍ଣ ନୟନରେ ଝିଅ ଆସି ମୋର ଗୋଡ଼ତଳେ ପଡ଼ିଲା। ସେତେବେଳେ ଅଲକ୍ଷ୍ୟରେ ମୋର ଚକ୍ଷୁକୋଣରୁ ସୁଦ୍ଧା ଦୁଇଟୋପା ଲୁହ ଗଡ଼ିପଡ଼ିଲା ଓ ଭିତରୁ କୋହ ଉଠିବାକୁ ଲାଗିଲା। ବହୁକଷ୍ଟରେ ମୁଁ ନିଜକୁ ସମ୍ଭାଳିନେଲି। ତାହା କରିନଥିଲେ ଝିଅମାନଙ୍କ ଆଗରେ ମୋର ଦୁର୍ବଳତା ପ୍ରକଟିତ ହୋଇଥାଆନ୍ତା। ଘରୁ ନିଆହୋଇଥିବା ଆସନରେ ସତ୍ୟଗୋପାଳ (ଦୁଖୁ) ଓ ବିଭୁପ୍ରସାଦ (ଫକୀର) ବସିଲେ। ଝିଅ ସକାଶେ ନିଆହୋଇଥିବା ନୂଆଲୁଗା ଖଣ୍ଡିକ ସେ ପିନ୍ଧିଲା। ଦୀପ, ଦୁର୍ବା, ଅକ୍ଷତ ପ୍ରଭୃତି ଦ୍ରବ୍ୟମାନ ସେମାନଙ୍କ ଆଗରେ ଉପସ୍ଥାପିତ ହେଲା। ତପ୍ରେ ଆରମ୍ଭ ହେଲା ଶଙ୍ଖ ଓ ଘଣ୍ଟଧ୍ୱନି। ଝିଅ ଉମା ଓ ପୂର୍ଣ୍ଣିମା ଶଙ୍ଖ ବଜାଇଲେ ଓ ମୁଁ ଘଣ୍ଟ ବଜାଇଲି। ଘଣ୍ଟିବଜାଇ ଭଉଣୀମାନେ ଭାଇମାନଙ୍କ ମୁହଁରେ ଦୀପ ଦେଖାଇ ଦୁର୍ବା ଓ ଅକ୍ଷତ ମୁଣ୍ଡରେ ଦେଇ ବନ୍ଦାଇବାକୁ ଲାଗିଲେ। ସେମାନଙ୍କ ହୁଳହୁଳି ଧ୍ୱନିରେ ପ୍ରକୋଷ୍ଠଟି ମୁଖରିତ ହୋଇଉଠିଲା। ଅଳ୍ପ ସମୟ ମଧ୍ୟରେ ଝିଅର ଶାଶୁ, ଭାଇଜିଉଁତିଆକୁ ତାଙ୍କ ଘରକୁ ଆସିଥିବା ନଣନ୍ଦ ଓ ଦିଅରମାନେ ଉପର ତଳରୁ ଓହ୍ଲାଇ ଆସି କିଏ ଭିତର ପାଖରେ ଦ୍ୱାରବନ୍ଧକୁ ଆଉଜି, କିଏ କାନ୍ଥ ପଛରେ ଛିଡ଼ା ହୋଇ ସମସ୍ତ କାଣ୍ଡ ଦେଖିବାକୁ ଲାଗିଲେ। ସମୁଦିଙ୍କ ଘରର ଅପରପାର୍ଶ୍ୱରେ ଥିବା ତାଙ୍କ ଜ୍ୟେଷ୍ଠଭ୍ରାତାଙ୍କ ସ୍ତ୍ରୀ, ପୁତ୍ରବଧୂ ଓ ନାତୁଣୀମାନେ ଓ ଆଉ କେତେକ ସ୍ତ୍ରୀ ମଧ୍ୟସ୍ଥ କାନ୍ଥରେ ଥିବା ଝରକାଦେଇ ଡୁଙ୍ଗିବାକୁ ଲାଗିଲେ। ସମ୍ମୁଖସ୍ଥ ଗଳି ପ୍ରତିବେଶିନୀମାନଙ୍କ ଦ୍ୱାରା ଅଳ୍ପ ସମୟ ମଧ୍ୟରେ ପୂର୍ଣ୍ଣ ହୋଇଗଲା। ସମସ୍ତଙ୍କ ମୁହଁରେ ବିସ୍ମୟସୂଚକ ଚିହ୍ନ ପରିଲକ୍ଷିତ ହେଉଥିଲା। ଶଙ୍ଖ ଓ ଘଣ୍ଟା ନାଦର ବିରାମ ମଧ୍ୟରେ କେହି କେହି ଗୋଟିଏ ଝିଅର ଶ୍ୱଶୁରଘରେ ସମସ୍ତ ଝିଅଙ୍କ ସମାବେଶ ଓ ଶଙ୍ଖ, ଘଣ୍ଟ ବାଦନର କାରଣ ଜିଜ୍ଞାସା କଲେ। ମୁଁ କହିଲି, ସମୁଦି ନିଜ ଝିଅମାନଙ୍କୁ ଭାଇ ଜିଉଁତିଆକୁ ଆଣିଛନ୍ତି। ଅଥଚ ମୋ ଝିଅ ତାଙ୍କ ବୋହୂକୁ ତାହାର ବାପଘରକୁ ଛାଡ଼ିଦେଇ ନଥିବାରୁ ଭାଇମାନେ ତାହା ସହିତ ଅନ୍ୟ ସମସ୍ତ ଭଉଣୀମାନଙ୍କ ଦ୍ୱାରା ବନ୍ଦାଇ ହେବାକୁ ଆସିଛନ୍ତି। କେହି ହସି, କେହି ବିରକ୍ତି ପ୍ରକାଶ କରି, କେହି ସମୁଦିଙ୍କ ନିନ୍ଦାକରି ଚାଲିଗଲେ। ଶଙ୍ଖ, ଘଣ୍ଟ ନାଦର ଉଚ୍ଚତା ସହିତ ସମୁଦିଙ୍କ ଶ୍ଳୋକ ମୁଖରିତ କଣ୍ଠନାଦର ତୀବ୍ରତାର ପ୍ରତିଯୋଗିତା ହେଉଥାଏ। ବନ୍ଦାପନା ସମାପନାନ୍ତେ ଝିଅକୁ ଛାଡ଼ି ସମସ୍ତେ ଚାଲିଆସିଲୁ। ଝିଅର ଦରବିଗଳିତାଶ୍ରୁ ମୁଖ ଦର୍ଶନରେ ମୋର ହୃଦୟ ପୁଣି ବିକ୍ଷୁବ୍ଧ ହେବାକୁ ଲାଗିଲା।

Digitized by srujanika@gmail.com

ବିଜୟା ଦଶମୀ। ସକାଳେ ପୂର୍ଣ୍ଣବାବୁଙ୍କ ଘରକୁ ଯାଇ ପୂର୍ବଦିନର ଘଟଣା ଓ ମୋର ଉଦ୍ଦେଶ୍ୟ ସମ୍ବନ୍ଧରେ ତାଙ୍କୁ କହିଲି ଓ ସମୁଦି ଆସିଲେ ତାଙ୍କ ସହିତ ମୁଁ ପୁନର୍ମିଳନ ସକାଶେ ଆସିଅଛି ବୋଲି କହିବାକୁ ତାଙ୍କୁ ଅନୁରୋଧ କଲି। କିଛି ସମୟ ପରେ ସମୁଦି ଆସିଲେ। ପୂର୍ଣ୍ଣବାବୁ ତାଙ୍କୁ କହିଲେ, "ଦେଖନ୍ତୁ, ଯାହା ହେବାର ହୋଇଯାଇଅଛି। ଭାରତବାବୁ ସବୁ ବିଷୟରେ ମିଟ୍‌ମାଟ୍ ଚାହାଁନ୍ତି। ଆଜି ଶୁଭ ବିଜୟାଦଶମୀ, ଦୁଇ ସମୁଦି ଆଜି ମିଳିମିଶି ଯିବା ଉଚିତ।" ସମୁଦି ଠିଆ ହୋଇପଡ଼ିଲେ ଓ ଚକ୍ଷୁଦ୍ୱୟରୁ ତାରକା ଘୂରାଇ ଓ ହସ୍ତଉର୍ଦ୍ଧ୍ୱକୁ ଉଠାଇ ତୀବ୍ରସ୍ୱରରେ କହିଲେ, "ଏ ବିଷୟରେ କୌଣସି କଥା ଉଠିନପାରେ। ଏହାଙ୍କ ସହିତ ମୋର ସମ୍ପର୍କ ନାହିଁ।" ଏହା କହି ସେ ଚାଲିଗଲେ। ପରଦିନ ପୁଣି ପୂର୍ଣ୍ଣବାବୁଙ୍କ ଘରକୁ ଗଲି। ସମୁଦି ଆସିଲେ ଓ ମୋତେ ଦେଖିବା ମାତ୍ରକେ ମୁହଁ ମୋଡ଼ି ଚାଲିଗଲେ।

ତହିଁର ପରଦିନ (୧୦-୧୦-୪୩) ଡାକରେ ଗୋଟିଏ ଚିଠି ପାଇଲି। ଠିକଣା ଲେଖା ଦେଖିଲା ମାତ୍ରକେ ଜାଣିଲି, ତାହା ସମୁଦିଙ୍କ ହାତଲେଖା। ଫିଟାଇ ଦେଖିଲି, ତାହା ତା.୭-୧୦-୪୩ର ଗୋଟିଏ ବେନାମୀ ପତ୍ର। ଆଦ୍ୟୋପ୍ରାନ୍ତ ପଢ଼ିଗଲି। ତାହା ଯେ ସମୁଦିଙ୍କ ଦ୍ୱାରା ଲିଖିତ, ଏଥିରେ ତିଳେମାତ୍ର ସନ୍ଦେହ ରହିଲା ନାହିଁ। ଦୀର୍ଘପତ୍ର,୧୪ ପାରାଗ୍ରାଫ୍ ସମ୍ବଳିତ। ପ୍ରତ୍ୟେକଟିରେ ମୋର ଓ ମୋର ଝିଅମାନଙ୍କ ଉପରେ ଅସଂଯତ ଭାଷାରେ ଗାଳିବର୍ଷଣ, ଚରିତ୍ର ପ୍ରତି ଆରୋପମୂଳକ ପ୍ରଳାପ, ସ୍ତ୍ରୀ ଶିକ୍ଷା ଓ ଶିକ୍ଷିତା ସ୍ତ୍ରୀମାନଙ୍କ ପ୍ରତି ଉଦ୍ଦିଷ୍ଟ ବିଦ୍ୱେଷାତ୍ମକ ବିଷୋଦ୍‌ଗାରଣ, ଅଶିକ୍ଷିତା ସ୍ତ୍ରୀଙ୍କ ଗୁଣ କୀର୍ତ୍ତନ ଇତ୍ୟାଦିରେ ପୂର୍ଣ୍ଣ। ଏଥିରେ ମୋତେ 'ଅଭିମାନୀ' ଆଖ୍ୟାରେ ଭୂଷିତ କରାହୋଇଅଛି। ନିମ୍ନରେ ଉଦ୍ଧୃତ ପଂକ୍ତିରେ ନିଜ ମତ ପ୍ରକାଶ କରିଅଛନ୍ତି –

"ଅଭିମାନୀ କହନ୍ତି, ସ୍ତ୍ରୀ କୁର୍ତ୍ତା ନ ପିନ୍ଧିଲେ ଉଲଗ୍ନ। ତେବେ ତାଙ୍କ ସ୍ତ୍ରୀ, ମାଆ, ଭଉଣୀ ଉଲଗ୍ନ ଏବଂ ସମ୍ବଲପୁରରେ ଶହେ ଜଣରୁ ସାଢ଼େ ଉନଶତ ଜଣ ଉଲଗ୍ନ ଏବଂ ତାଙ୍କର କେତେଟା ଶିକ୍ଷିତା ଝିଅ ଉଲଗ୍ନ ନୁହଁନ୍ତି। ବିବାହିତା ସ୍ତ୍ରୀ, ମାତା, ଭଉଣୀ ପ୍ରତି ବେଶ୍ ସମ୍ମାନ ନା ନୀଚଭାବେ ଅବମାନ।"

"ଆଚାର ପ୍ରଥମ ଧର୍ମ।" ପିଲାମାନେ ବିନା ଲେଖାପଢ଼ାରେ ଯେପରି କଥା କହିବା ଦେଖିଶୁଣି କରି ଜାଣନ୍ତି, ସେପରି, ପିତା, ମାତା, ପିତାମହଠାରୁ ଲୋକେ କୁଳାଚାର, ଦେଶାଚାର, ଶିକ୍ଷାକରନ୍ତି। ଆଜି ଝାଡୁଆ ସମାଜ କାହିଁକି, ସବୁ ସମାଜର ଅଧଃପତନର କାରଣ ଆଧୁନିକ ଆଚାରଭ୍ରଷ୍ଟାକାରୀ, ଧର୍ମଭ୍ରଷ୍ଟାକାରୀ କେବଳ ଅର୍ଥକରି ଶିକ୍ଷା, ଯାହାକି ଭାରତର ଅଧିକାଂଶ ଲୋକେ (କେବଳ ଅଭିମାନୀ ଲୋକଙ୍କୁ ଛାଡ଼ି) ହୃଦୟଙ୍ଗମ କରିସାରିଲେଣି। କିନ୍ତୁ ପିଲାମାନଙ୍କୁ କିଛି ଗୋଟାଏ ଶିକ୍ଷା ନ ଦେଲେ ନ ଚଳେ ବୋଲି ଦୀଲ୍ଲିକା ଲଡୁ ପରି ଏ ଶିକ୍ଷା ବାଧହୋଇ ପଢ଼ାଉଛନ୍ତି, ହୃଦୟର ସହିତ ନୁହେଁ, ଅନନ୍ୟୋପାୟ ହୋଇ। କାହିଁ ସେ ପୂର୍ବର କୁଟୁମ୍ବର ଶାନ୍ତି। କାହିଁ ସେ ସୁଖ! ମୋଟ କଥା, ଯାହା କିଛି କୁଟୁମ୍ବର ଶାନ୍ତି ବା ସୁଖ ଅଛି ତାହା ଏ ଦେଶର ଅଶିକ୍ଷିତା ସ୍ତ୍ରୀମାନେ ହିଁ ରଖିଛନ୍ତି।

Digitized by srujanika@gmail.com

ଔଷଧ ଠିକ୍ ଧରିଲା। ମୋର ଉଦ୍ଦେଶ୍ୟ ସିଦ୍ଧ ହେଲା। ଏହି ବେନାମୀ ପତ୍ର ହେଲା ତାଙ୍କ ବନ୍ଧନ ଓ ଏହି ବନ୍ଧନଦ୍ୱାରା ମୋ ସହିତ ସମୁଦିଙ୍କ ମିଳନର ସମ୍ଭାବନା।

ବେନାମୀ ପତ୍ରଟି ନେଇ ମୁଁ ପୂର୍ଣ୍ଣବାବୁଙ୍କ ଘରକୁ ଗଲି। ସମୁଦି ସେଠାରେ ବସି ତାଙ୍କ ସହିତ ଗପ କରୁଥିଲେ। ମୋତେ ଦେଖିଲା ମାତ୍ରକେ ସେ ପୂର୍ବପରି ମୁହଁ ମୋଡ଼ିଦେଲେ। ମନେହେଲା, ସେ ଭାବୁଛନ୍ତି ଯେପରି ତାଙ୍କ ବେନାମୀ ପତ୍ରଟି ପାଇ ମୁଁ ଅପମାନିତ ଓ ବିଚଳିତ ହୋଇପଡ଼ିଛି ଓ ଏହି ପତ୍ର ଦେଖି ସେ ଆତ୍ମପ୍ରସାଦ ଅନୁଭବ କରୁଅଛନ୍ତି। ପୂର୍ଣ୍ଣବାବୁଙ୍କୁ ସମ୍ବୋଧନ କରି କହିଲି, ‘‘ଆଜି ମୁଁ ଆପଣଙ୍କୁ ଖୁବ୍ ମଜାର କଥାଟିଏ କହିବି। ଆପଣ ଶୁଣି ଖୁବ୍ ଖୁସି ହେବେ।’’ ପୂର୍ଣ୍ଣବାବୁ କହିଲେ, ‘‘କହନ୍ତୁ ନା, କ’ଣ ?’’ ମୁଁ କହିଲି, ‘‘କାଲି ଗୋଟିଏ ବେନାମୀ ଚିଠି ପାଇଲି। ତାହା ଆପଣଙ୍କ ଆଗେ ପଢ଼ିଦେବି, ଶୁଣନ୍ତୁ।’’ ଏହା କହି ଚିଠିଟି ପକେଟ୍‌ରୁ କାଢ଼ିଲି । ପୂର୍ଣ୍ଣବାବୁ କହିଲେ, ‘‘ବଡ଼ ଆଶ୍ଚର୍ଯ୍ୟର କଥା। କିଏ ଲେଖିଛି ବୋଲି ଆପଣ ସନ୍ଦେହ କରନ୍ତି ?’’ ମୁଁ ସମୁଦିଙ୍କୁ ଦେଖାଇ କହିଲି, ‘‘ଆପଣଙ୍କ ଏହି ବନ୍ଧୁ। ସନ୍ଦେହ ନୁହେଁ, ଦୃଢ଼ ବିଶ୍ୱାସ, ନିରାଟ ସତ୍ୟ। ଆପଣଙ୍କ ଏହି ବନ୍ଧୁ ଏହାର ଲେଖକ।’’ ସମୁଦି ନିରବ। ‘‘ଆପଣ କିପରି ଜାଣିଲେ ଯେ, ଏ ଏହା ଲେଖିଛନ୍ତି ?’’ ମୁଁ କହିଲି, ‘‘ଏହାଙ୍କୁ ପଚାରନ୍ତୁ, ଚିଠିଟି କହି ଦେଉଛି ଯେ ତାଙ୍କ ଛଡ଼ା ଆଉ କେହି ଏହା ଲେଖିନାହିଁ।’’ ତହିଁରୁ ତାଙ୍କ ଆଡ଼କୁ ଅନାଇ କହିଲି, ‘‘ସମୁଦି ମହାଶୟ ! ଆପଣ ତ ବେଶ୍ ବୀରତ୍ୱ ଦେଖାଇଲେ। କହନ୍ତୁ ନା ଆପଣ ଏହା ଲେଖିଛନ୍ତି କି ନାହିଁ ?’’ ସେ ଉତ୍ତେଜିତ ହୋଇ କହିଲେ, ‘‘ହଁ, ଲେଖିଛି, କ’ଣ କରିବ କର, ଦେଖିବା।’’ ମୁଁ ହେ ହେ କରି ହସିଲି ଓ କହିଲି, ‘‘ଆଜି ଝାଡୁଆ ବ୍ରାହ୍ମଣ ସଭାର ସଭାପତିଙ୍କୁ ମୋର ହାତର ମୁଠାରେ ପାଇଛି। ସେ ଯିବେ କେଉଁଆଡ଼େ ? ତାଙ୍କ ସକାଶେ ଯେଉଁ ଜାଲ ଫାନ୍ଦିଥିଲି ସେହି ଜାଲରେ ସେ ପଡ଼ିଲେ। ଏତେ ବୀରତ୍ୱ ତ ଦେଖାଉଥିଲେ। ଏକ୍ଷଣି ବେନାମୀ ଚିଠି ଲେଖି ଯେଉଁ କାପୁରୁଷତା ଦେଖାଇଲେ ତାହା ତାଙ୍କ ଅନୁରୂପ ହୋଇଅଛି। ଛି ! ଛି ! ଯେ ସମାଜର, ପଦର, ଧର୍ମର ଏତେ ଆସ୍ଫାଳନ କରନ୍ତି, ସେ କଲେ କ’ଣ ନା ବେନାମୀ ପତ୍ର ଲେଖିଲେ ! ବନ୍ଧୁମାନେ କରିଥିଲେ ଯେ, ମିଛ ଗୁଡ଼ାଏ ଲେଖି, ମୋତେ ଓ ମୋ ଝିଅମାନଙ୍କୁ ଗାଳିଦେଇ ତାଙ୍କ ଉଦ୍ଦେଶ୍ୟ ସାଧନ କରିବେ। ପତ୍ରଶେଷରେ ଲେଖକ ସ୍ଥାନରେ ‘ମିଥ୍ୟାବାଦୀ’ ବୋଲି ସ୍ୱାକ୍ଷର କରିଛନ୍ତି। ସୁତରାଂ ଏହାଦ୍ୱାରା ସେ ସ୍ୱୀକାର କଲେ ଯେ ସେ ମିଥ୍ୟାବାଦୀ ଓ ପତ୍ରରେ ଲିଖିତ ତାଙ୍କ ଉକ୍ତିଗୁଡ଼ିକ ମିଥ୍ୟା। ସୁତରାଂ, ଏହା ପ୍ରକାଶ କରିଦେବାର ମୋର ଲଜ୍ଜା ନାହିଁ। ମୁଁ ଏହା ଛପାଇ ଚତୁର୍ଦ୍ଦିଗରେ ଲୋକମାନଙ୍କ ମଧ୍ୟରେ ବାଣ୍ଟିବି। ଲୋକେ ଦେଖନ୍ତୁ ଓ ଜାଣନ୍ତୁ ଯେ, ଝାଡୁଆ ବ୍ରାହ୍ମଣ ସଭାର ସଭାପତି, ସତ୍‌ସଙ୍ଗ ଆଶ୍ରମର ବିଶିଷ୍ଟ ନେତା, ପ୍ରବୀଣ ଡାକ୍ତର ବେନାମୀ ଚିଠିରେ କଳା କାଳ୍ପନିକ ଓ ମିଥ୍ୟାକଥା ଗୁଡ଼ିଏ ଲେଖିପାରନ୍ତି। ଏହା ତାଙ୍କ ସତ୍‌ସଙ୍ଗ ଆଶ୍ରମର ସଭ୍ୟମାନଙ୍କଠାକୁ ଓ ସମ୍ବଲପୁର ଜିଲ୍ଲାର ସମସ୍ତ ଝାଡୁଆ

Digitized by srujanika@gmail.com

ବ୍ରାହ୍ମଣ ସଭାକୁ, ଯେଉଁ ମହକୁମାର କାଗଜପତ୍ରରେ ତାଙ୍କ ନାମ ଅଛି ସେହି ମହକୁମାର କର୍ତ୍ତାଙ୍କଠାକୁ ଓ ଅନ୍ୟାନ୍ୟ ଯୋଗ୍ୟ ସ୍ଥାନକୁ ପଠାଇବି। ଏହା ସଙ୍ଗେ ଯେଉଁ କାରଣରୁ ଏହି ବେନାମୀ ପତ୍ର ଲେଖିଛନ୍ତି, ତାହା ସଂକ୍ଷେପରେ କିନ୍ତୁ ବିଶଦ ଭାବରେ ଲେଖିଦେବି। ଯେଉଁମାନେ ଏ ମହାଶୟଙ୍କୁ ଚିହ୍ନି ନାହାଁନ୍ତି ଏହି ପତ୍ରରୁ ସେମାନେ ତାଙ୍କର ଯଥେଷ୍ଟ ପରିଚୟ ପାଇବେ।''

ଏତେବେଳଯାଏ ବନ୍ଧୁ ନିଷ୍ପଲକ ଚକ୍ଷୁ ବିସ୍ତାର କରି ନିରବରେ ଏ ସମସ୍ତ କଥା ଶୁଣୁଥିଲେ। ହଠାତ୍ ଉଦରୋପରି ଦକ୍ଷିଣବାହୁ ବେଷ୍ଟନ ପୂର୍ବକ କହିଲେ, ''କାଲିରାତିରୁ ଭୀଷଣ ପେଟମୋଡ଼ା ଆମାଶୟ। ମୁଁ ଆଉ ବସିପାରିବି ନାହିଁ।'' ଏହାକହି ଉଠିଲେ। ମୁଁ କହିଲି, ''ପେଟମୋଡ଼ା ତ ହେବ, ହଉ; ଆପଣଙ୍କ କାମ ହୋଇଛି। ଆପଣଙ୍କ ଏଠାରେ ଆଉ ରହିବା ଦରକାର ନାହିଁ; ଆପଣ ତ ପତ୍ରର ଲେଖକ ବୋଲି ପୂର୍ଣ୍ଣବାବୁଙ୍କ ଆଗରେ ସ୍ୱୀକାର କରିସାରିଲେଣି। ଆଉ ମୋର ଭୟ ନାହିଁ। ଏଥର ଆପଣ ଯାଇପାରନ୍ତି।'' ତହିଁରୁ ସେ ଚାଲିଗଲେ। ସେ ଚାଲିଯିବା ପରେ ପୂର୍ଣ୍ଣବାବୁଙ୍କ ସଙ୍ଗେ ଅନେକ କଥାବାର୍ତ୍ତା ହେଲା। ପୂର୍ଣ୍ଣବାବୁ ତାଙ୍କ ବୁଦ୍ଧିମତ୍ତାର ଅତ୍ୟନ୍ତ କ୍ଷୋଭ ପ୍ରକାଶ କଲେ ଓ କହିଲେ ଯେ, ''ଝିଅମାନଙ୍କ ଦୋଷ ଏହି ଯେ, ସେମାନେ ଉଚ୍ଚଶିକ୍ଷିତା। ଏମାନଙ୍କ ନାମରେ ଯେ ଏଡ଼େ କୁତ୍ସାପୂର୍ଣ୍ଣ ବିଷୟମାନ ଲେଖିପାରେ ସେ, ମୋର ଶିକ୍ଷିତା ଝିଅମାନଙ୍କ ନାମରେ ସୁଦ୍ଧା ନାନା କଥା ରଚନା କରିପାରେ; ଆଉ ଏହାଙ୍କ ସଙ୍ଗେ ମୁଁ ବନ୍ଧୁତା ରଖିପାରିବି ନାହିଁ।'' ଏଠାରେ ଉଲ୍ଲେଖଯୋଗ୍ୟ ଏହି ଯେ, ପୂର୍ଣ୍ଣବାବୁଙ୍କ ଝିଅମାନେ ସୁଦ୍ଧା ଉଚ୍ଚଶିକ୍ଷିତା। ଜଣେ ଏମ୍.ଏ.ବି.ଟି. ଆଉ ଜଣେ ବି.ଏ. ଓ ଆଉ ଜଣେ ବି.ଏଲ୍। ଏହାଙ୍କ ହାତରେ ଏମାନଙ୍କ ସୁଦ୍ଧା ନିଷ୍କୃତି ନାହିଁ। ଶିକ୍ଷିତା ବାଳିକାମାନେ ହିଁ ଏହାଙ୍କ ଚକ୍ଷୁଶୂଳ। ଏମାନଙ୍କ ମଧ୍ୟରୁ ଏମ୍.ଏ. ଉପାଧିଧାରିଣୀ ବର୍ତ୍ତମାନ ସମ୍ବଲପୁର ମହିଳା କଲେଜର ପ୍ରିନ୍‌ସିପାଲ୍ (ଅଧ୍ୟକ୍ଷା) ଶ୍ରୀମତୀ ଆଶା ମିତ୍ର। କାରଣ କିଛି ନୁହେଁ। କେବଳ ଈର୍ଷା, ଆଉ କେତେ କଥା। ଯାହା ଲେଖିବାକୁ ଯାଇ ସୁଦ୍ଧା ଲେଖାଯାଇ ପାରୁନାହିଁ। ଅର୍ଥକାରୀ ବିଦ୍ୟାଦାନ ସମ୍ବନ୍ଧରେ ଅବଶ୍ୟ ସମୁଦି ତାଙ୍କ ବିରୋଧାତ୍ମକ ମତ କେତେଦୂର ଅକ୍ଷୁଣ୍ଣ ରଖିଲେ ତାହା ଦେଖିବାର ବିଷୟ। ତାଙ୍କ ତିନି ଝିଅଙ୍କ ମଧ୍ୟରୁ କାହାକୁ ହେଲେ ପଢ଼ାଇଲେ ନାହିଁ। ଏଥିରେ ସେ ଅଜେୟ। ଅବଶ୍ୟ ଏମାନଙ୍କ ସମୟରେ ସମାଜରେ ସ୍ତ୍ରୀ ଶିକ୍ଷାର ଆବଶ୍ୟକତା ଅନୁଭୂତ ହେଉନଥିଲା କିମ୍ବା ଏ ଦିଗରେ ଲୋକଙ୍କ ଭାବନା ସୁଦ୍ଧା ଜାଗ୍ରତ ହୋଇନଥିଲା। କିନ୍ତୁ ପୁତ୍ରମାନଙ୍କୁ ବହୁ ଆଗ୍ରହ ଓ ଯତ୍ନ ସହକାରେ ଅର୍ଥକରୀ ବିଦ୍ୟାଦାନ କରି ତାଙ୍କ ଅର୍ଥ ଲାଳସା ବହୁ ପରିମାଣରେ ପରିତୃପ୍ତ କଲେ। ତାଙ୍କର ଜଣେ ପୁଅ ଡାକ୍ତର। ଦୁଇ ପୁଅ ଇଞ୍ଜିନିୟର ଓ ଜଣେ ପୋଲିସ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ। ସବ୍‌ଇନ୍‌ସ୍‌ପେକ୍ଟରର ପଦରୁ ଏହି ପଦକୁ ଉଠିଅଛନ୍ତି। ଏମାନେ ସମସ୍ତେ ଅର୍ଥ ବିନିମୟରେ ଚାକିରି କରନ୍ତି। ପୁଣି ଭାଗ୍ୟର ଅଭିଶାପ ତାଙ୍କ ଘରେ ଫଳିଲା।

Digitized by srujanika@gmail.com

ଜଣେ ପୁଅ ଏମ୍.ଏସ୍‌ସି. ପାଶ୍‌କଲା ପରେ ଜଣେ ଉଚ୍ଚଶିକ୍ଷିତା ଗ୍ରାଜୁଏଟ୍ ବୋହୂର ଆବଶ୍ୟକତା ଦେଖି ଆଣିଲେ। ବିବାହର କିଛିଦିନ ପରେ ଚକ୍ଷୁରୋଗରେ ଆକ୍ରାନ୍ତ ହୋଇ ଅର୍ଥୋପାର୍ଜ୍ଜନ ଶକ୍ତି ହରାଇଲେ। ଏହି ଅବସ୍ଥାରେ ବହୂ ଟ୍ରେନିଂ କଲେଜରେ ଶିକ୍ଷାପ୍ରାପ୍ତ ହୋଇ ବର୍ତ୍ତମାନ ଶିକ୍ଷୟିତ୍ରୀ କାର୍ଯ୍ୟକରି ସ୍ୱାମୀ ସହିତ ନିଜ ସନ୍ତାନଙ୍କୁ ପୋଷୁଛନ୍ତି। ମୁଁ ସମୁଦିଙ୍କୁ ବାରମ୍ବାର କହିଥିବା ସ୍ତ୍ରୀ ଶିକ୍ଷାର ଉଦ୍ଦେଶ୍ୟ ଏହାଙ୍କଠାରେ ଫଳିଲା। ତାଙ୍କ ସୌଭାଗ୍ୟ କି ଦୁର୍ଭାଗ୍ୟ ଯେ, ଏହି ପରିସ୍ଥିତି ଦର୍ଶନ ଓ ଉପଭୋଗ କରିବା ଓ ମୋ ସମ୍ମୁଖରେ ମୁହଁ ଦେଖାଇବା ପୂର୍ବେ ସେ ପରଲୋକକୁ ଚାଲିଗଲେ।

ପତ୍ର ଲିଖିତ ପ୍ରତ୍ୟେକ ବିଷୟର ଉତ୍ତର ଦେବା ସକାଶେ ଯଥେଷ୍ଟ ଉପକରଣ ଥିଲେ ହେଁ ମୁଁ ତହିଁର ଲିଖିତ ଉତ୍ତର ଦେଲିନାହିଁ। ପତ୍ର ତାଙ୍କ ବନ୍ଧୁମାନଙ୍କୁ ଦେଖାଇଲି। ତାଙ୍କ ୯୫ ବର୍ଷ ବୟସ୍କ ପିତାଙ୍କ ଆଗରେ ଯେତେବେଳେ ତାହା ପଢ଼ିଦେଲି, ସେ ଭୋ ଭୋ କାନ୍ଦିଲେ ଓ ଲଜ୍ଜା ପ୍ରକାଶ କରି କହିଲେ ଯେ, ତାଙ୍କ ପୁତ୍ର ସକାଶେ ସେ କ୍ଷମା ପ୍ରାର୍ଥନା କରୁଅଛନ୍ତି । ଏହି ତାଙ୍କ ବୃଦ୍ଧ ପିତା ମୋ ପିଲାଦିନରୁ ମୋତେ ଅତ୍ୟନ୍ତ ସ୍ନେହ କରୁଥିଲେ। ସେ ଥିଲେ ତାଙ୍କ ସମୟରେ ଜଣେ ବିଶିଷ୍ଟ ଜନନାୟକ, କର୍ମୀ ଓ ଧର୍ମପରାୟଣ। ତାଙ୍କୁ ମୁଁ କହିଲି, ‘‘କ୍ଷମା ପ୍ରାର୍ଥନାର ପ୍ରଶ୍ନ ଏଠାରେ ଉଠୁନାହିଁ। ଆପଣଙ୍କ ପୁତ୍ର ଅକାରଣରେ ମୋ ସହିତ ଝଗଡ଼ା କରୁଛନ୍ତି ଓ ଏହା ଦେଖି ଲୋକେ ଆମ୍ଭମାନଙ୍କୁ ହସୁଛନ୍ତି। ଏହି ବେନାମୀ ପତ୍ର କଥା ସେମାନେ ଶୁଣିଲେ ଆମ୍ଭେମାନେ ଆହୁରି ଘୃଣିତ ହେବା। ତାଙ୍କ ସଙ୍ଗେ ମିଳାମିଶା ହେବାପାଇଁ ଯେତେ ଅନୁନୟ କଲି, ଯେତେ ତାଙ୍କ ଗୋଡ଼ତଳେ ପଡ଼ିଲି, ସେତିକି ସେହି ଗୋଡ଼ରେ ମୋତେ ଠେଲିଲେ। ମୋର ସମସ୍ତ ଉପାୟ ଶେଷ ହୋଇଅଛି। ତାଙ୍କର ବୋଧହୁଏ ଦୃଢ଼ ବିଶ୍ୱାସ ଯେ, ମୋର ଓ ମୋର ଝିଅମାନଙ୍କ ପ୍ରତି ବିଶେଷତଃ ତାଙ୍କ ପୁତ୍ରବଧୂ ପ୍ରତି ଯେଉଁ ବ୍ୟବହାର କରୁଅଛନ୍ତି, ବାତ୍ସଲ୍ୟ ମମତା ବା ମାନସିକ ଦୁର୍ବଳତା ବଶତଃ ମୋର ସ୍ତ୍ରୀ ଶିକ୍ଷା ସମ୍ବନ୍ଧରେ ଅନୁସୃତ ପଥ ତ୍ୟାଗ କରିବାକୁ ବାଧ ହେବି। ତାହା ଯଦି ହୋଇଥାଏ ତାହାହେଲେ ନିତାନ୍ତ ଭ୍ରାନ୍ତ। ଆପଣ ଆମ୍ଭମାନଙ୍କ ବନ୍ଧୁ। ଆପଣଙ୍କ ପୁତ୍ର ଆମ୍ଭମାନଙ୍କ ସଙ୍ଗେ କୌଣସି ପ୍ରକାର ସମ୍ବନ୍ଧ ରଖିବେ ନାହିଁ ବୋଲି କହୁଅଛନ୍ତି। କିନ୍ତୁ ସେ ବୁଝୁନାହାଁନ୍ତି ଯେ ଆମ୍ଭମାନଙ୍କ ମଧ୍ୟରେ ଏହି ସମ୍ପର୍କ ପଣ୍ୟଦ୍ରବ୍ୟ ନୁହେଁ, ଏହା ଅବିଚ୍ଛେଦ୍ୟ। ଆଜି ମୋ ଝିଅର ଝିଅ ହୋଇଛି, କାଲି ପୁଅ ହେବ। ତାଙ୍କ ମୃତ୍ୟୁ ଉତ୍ତାରେ ତାଙ୍କର ଯେଉଁ ପୌତ୍ର ପିଣ୍ଡଦାନ କରି ତାଙ୍କ ପ୍ରେତାତ୍ମାର ସଦ୍‌ଗତି ବିଧାନ କରିବ ମୋର ସେହି ଦୌହିତ୍ର ମୋର ମଧ୍ୟ ତାହା କରିବ। ଉଭୟେ ସେହି ଜଣକର ପିଣ୍ଡାଧିକାରୀ। ଏହି ସମ୍ବନ୍ଧ ପରମ୍ପରା କ୍ରମେ ଉଭୟ କୁଳରେ ଅକ୍ଷୁଣ୍ଣ ରହିଥିବ। ଆପଣ ଶତବର୍ଷ ବୟସ୍କ କୁଳବୃଦ୍ଧ। ବଡ଼ ଦୁଃଖର ବିଷୟ, ଆପଣଙ୍କ ପରିବାରରେ ଆପଣଙ୍କ ଅସ୍ତିତ୍ୱ ନାହିଁ, ମୋର ଅନୁରୋଧ, ଆମ୍ଭ ଦୁହିଁଙ୍କୁ ଆପଣ ମିଳାଇ ଦିଅନ୍ତୁ। ଏଥିରେ ମୋର ନିରୀହ ଝିଅ ପ୍ରତି ଅତ୍ୟାଚାର ଉଣା

Digitized by srujanika@gmail.com

ହେବ ଓ ଆମ୍ଭମାନଙ୍କ ମଧ୍ୟରେ ଯେଉଁ ଅଶାନ୍ତି କେତେଦିନ ହେଲା ଚାଲିଛି, ତାହା ଦୂରହେବ। ତାଙ୍କ ମନୋବୃତ୍ତି ଅନୁଯାୟୀ ତାଙ୍କ କାର୍ଯ୍ୟକଳାପ ନେଇ ସେ ଥାଆନ୍ତୁ ଏବଂ ମୋର କାର୍ଯ୍ୟାବଳୀରେ ବାଧା ସୃଷ୍ଟି କରନ୍ତୁ ନାହିଁ। ଆପଣ ତ ଦେଖୁଛନ୍ତି, ଏହି ବେନାମୀ ପତ୍ରରେ ମୋର ଓ ମୋର ଝିଅମାନଙ୍କ ନାମରେ ଭୀଷଣ ମାନହାନିସୂଚକ କଥାମାନ ଲେଖି ସେ ନିଜକୁ ବିପନ୍ନ କରିଅଛନ୍ତି। ଏ ସବୁ ଯଦି ପଦାରେ ପଡ଼େ, ତାହାହେଲେ ଆମ୍ଭେମାନେ ହାସ୍ୟାସ୍ପଦ ଓ କ୍ଷତିଗ୍ରସ୍ତ ହେବୁ ସିନା! ଆମ୍ଭମାନଙ୍କ ମଧ୍ୟରେ ମଧୁର ସମ୍ପର୍କ ପୁନଃ ସ୍ଥାପିତ ହେବା ଉଚିତ।''

ଏହା ସକାଳ ୮ଟାର କଥା । ଅପରାହ୍ନ ୨ଟା ବେଳେ ସମୁଦିଙ୍କ ପିତା ଆମ୍ଭଘରକୁ ଆସି କହିଲେ ଯେ, ତାଙ୍କ ଉପଦେଶରେ ତାଙ୍କ ପୁତ୍ର ମିଳାମିଶା ସପକ୍ଷରେ ଇଚ୍ଛା ପ୍ରକାଶ କଲେ। ମୋର ଉପାୟର ଫଳ ଫଳିବାକୁ ବସିଲା। ଏହାହିଁ ମୋର ଉଦ୍ଦେଶ୍ୟ ଥିଲା, ଭାଇ ଜିଉଁତିଆ ଉପଲକ୍ଷରେ ତାଙ୍କ ଗୃହରେ ମୋ ପୁତ୍ର କନ୍ୟାଙ୍କ ଦ୍ୱାରା ଅନୁଷ୍ଠିତ ନାଟକାଭିନୟର କାଲି ଯେଉଁ ବନ୍ଧୁ ମୋର ଅନୁନୟ ପ୍ରତ୍ୟାଖ୍ୟାନ କରି ମୋତେ ଗୋଡ଼ରେ ଠେଲୁଥିଲେ, ଆଜି ସେ ମୋ'ସଙ୍ଗେ ମିଳିଯିବା ପାଇଁ ପ୍ରସ୍ତୁତ। ବେନାମୀ ପତ୍ର ଲେଖିଲାବେଳେ ସେ ବୋଧହୁଏ ତିଳେହେଁ ଭାବି ନଥିଲେ ଯେ, ଏହାର ପରିଣତି ଏହା ହେବ। ପିତା କହିଲେ ଯେ, ପୁଅଙ୍କୁ ମୋ ପାଖକୁ ଆମ୍ଭ ଘରକୁ ଆଣିବେ। କିନ୍ତୁ ନିଜେ ତାଙ୍କ ଘରକୁ ଯିବି ବୋଲି କହିଲି।

ପରଦିନ ତାଙ୍କ ସଙ୍ଗେ ସାକ୍ଷାତ୍ କଲି। ସେ କହିଲେ ଯେ, ତାଙ୍କ ପୁତ୍ର ଅନ୍ୟତ୍ର ଚାଲିଯାଇଅଛନ୍ତି। ଦିନକ ପାଇଁ ଏହି ପ୍ରସଙ୍ଗ ସ୍ଥଗିତ ରହିଲା। ବୋଧହେଲା ସମୁଦି ତାଙ୍କ ବନ୍ଧୁମାନଙ୍କ ସହିତ ପରାମର୍ଶ କରିବା ଉଦ୍ଦେଶ୍ୟରେ ସମୟ ନେଇଅଛନ୍ତି।

ସନ୍ଧ୍ୟାରେ ପୂର୍ଣ୍ଣବାବୁଙ୍କ ସଙ୍ଗେ ଦେଖାହେଲା। ତାଙ୍କୁ ସମସ୍ତ ବିଷୟ କହିଲି। ସେ କହିଲେ ଯେ, ସମୁଦି ତାଙ୍କୁ କହୁଥିଲେ, ତାଙ୍କର ଜଣେ ବନ୍ଧୁ (ନାମଧରି)ଙ୍କୁ ଏ ସମସ୍ତ କଥା ଜଣାଇଲେ ଓ ସେ ମିଳାମିଶା ବିପକ୍ଷରେ ପରାମର୍ଶ ଦେଲେ। ସେ ପରା କହିଥିଲେ ଯେ ମୁଁ ସମାଜରେ ବିପ୍ଳବ ସୃଷ୍ଟି କରିବାକୁ ବସିଅଛି। ମୁଁ କେବଳ ମୋ ଝିଅମାନଙ୍କ ଉଚ୍ଚ ଶିକ୍ଷା ନେଇ ରହିଥିଲେ କାହାରି କିଛି କ୍ଷତି ନଥିଲା। ମୁଁ ଯେ ଅନ୍ୟ ଲୋକମାନଙ୍କୁ ନିଜ ଝିଅଙ୍କୁ ପାଠ ପଢ଼ାଇବା ସକାଶେ ବଦ୍‌ଶିକ୍ଷା ଦେଉଛି! ଏଥିପାଇଁ ମୋତେ ଜବଦ୍ କରିବାକୁ ହେବ। ମୋର ଝିଅ ପ୍ରତି ଯେପରି ଅତ୍ୟାଚାର ଚାଲିଛି ସେପରି ଚାଲିଥାଉ। ତାହାହେଲେ ମୁଁ ଗୋଡ଼ତଳେ ପଡ଼ିବି ଓ ମୋ କାର୍ଯ୍ୟରୁ ନିରସ୍ତ ହେବି। ଏହି ବ୍ୟକ୍ତିଙ୍କ ସମ୍ବନ୍ଧରେ ମନେ ମନେ ଆଲୋଚନା କରି ମନେକଲି, ଏ ପ୍ରକାର ପରାମର୍ଶ ତାଙ୍କ ପକ୍ଷରେ ବିଚିତ୍ର ନଥିଲା। ଏ ସମ୍ବଲପୁରରେ ଜଣେ ଓକିଲ। ୧୯୨୮ରୁ ୧୯୩୧ ସାଲ ପର୍ଯ୍ୟନ୍ତ ମୁଁ ସମ୍ବଲପୁରରେ ଥିବା ସମୟରେ ଏହି ଓକିଲ ମହାଶୟ କୌଣସି ବେସରକାରୀ ଦପ୍ତରର ଏକ ଦାୟିତ୍ୱପୂର୍ଣ୍ଣ

Digitized by srujanika@gmail.com

ପଦରେ ପ୍ରତିଷ୍ଠିତ ଥିଲେ ଏବଂ ଏତତ୍‌ସଂକ୍ରାନ୍ତ କେତେକ କାର୍ଯ୍ୟ ଯୋଗୁଁ ସେ ଓ ତାଙ୍କର ଜଣେ ବିଶିଷ୍ଟ ସହକର୍ମୀ, ସରକାରୀ କର୍ତ୍ତୃପକ୍ଷଙ୍କ ବିରାଗଭାଜନ ହୋଇ ଆଶୁ ବିପଦର ସମ୍ମୁଖୀନ ହୋଇଥିଲେ ଏବଂ ସେହି ବିପଦରୁ ରକ୍ଷାପାଇବା ସକାଶେ ମୁଁ ବିଶେଷ ସାହାଯ୍ୟ କରିଥିଲି। ଏକ୍ଷଣି ମୋ ସମୁଦିଙ୍କୁ ପ୍ରତିକୂଳ ପରାମର୍ଶ ଦେଇ ମୋର ନିରପରାଧିନୀ ଝିଅର ଜୀବନକୁ ବିପଦସଙ୍କୁଳ ନ କରିବେ ତ ମୋ କୃତ ଉପକାରର ପ୍ରତ୍ୟୁପକାର କରିବେ କିପରି ? ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଜୀବନର ଗୋଟିଏ ଗଳ୍ପ ମନେପଡୁଛି। ଦିନେ କେହି ଜଣେ କହିଲେ ଯେ, ଅମୁକ ଲୋକ ତାଙ୍କ ବଦନାମ କରୁଥିଲା। ବିଦ୍ୟାସାଗର ସେହି ଲୋକର ନାମ ଶୁଣି କହିଲେ, ''କାହିଁ, ସେହି ଲୋକର ମୁଁ କେବେ କୌଣସି ଉପକାର ତ କରିନାହିଁ।'' ଏହା ହେଉଛି ଆଧୁନିକ ଯୁଗର ନୀତି। ଉପକାରର ପ୍ରତ୍ୟୁପକାର ତେଣେ ଥାଉ, ଅପକାର କରିବାକୁ କୃତଘ୍ନ ବ୍ୟକ୍ତିର ଅଭାବ ନାହିଁ। ମୋ ଜୀବନରେ ସୁଦ୍ଧା ଏହା ମୁଁ ଅନୁଭବ କରିଅଛି। ଉପକାରୀ ବ୍ୟକ୍ତିର ତଣ୍ଟି ଚିପିବାକୁ ଅନେକ ଲୋକ ପ୍ରସ୍ତୁତ। ଉପର୍ଯ୍ୟୁକ୍ତ ଓକିଲ ବନ୍ଧୁଟି ସତ୍‌ସଙ୍ଗ ଆଶ୍ରମର ଅପର ବିଶିଷ୍ଟ ସଭ୍ୟ। ପ୍ରତ୍ୟହ ଗୀତା ପାଠ ଓ ପୁରାଣ ଚର୍ଚ୍ଚାକରନ୍ତି। ଗୈରିକ ବସ୍ତ୍ର ପିନ୍ଧି, ଅରୁଆ ଅନ୍ନ ଖାଇ ସାତ୍ତ୍ୱିକ ଭାବାପନ୍ନ ହେଉଥିବା ଲୋକଙ୍କୁ ଦେଖାନ୍ତି। ଅଥଚ ତାଙ୍କ ମାନସିକ ବିକ୍ରିୟାର ପରିଚୟ ସମୁଦିଙ୍କୁ ଦେଇଥିବା ତାଙ୍କ ପରାମର୍ଶରୁ ମିଳୁଅଛି। କାହିଁଗଲା, ବନ୍ଧୁ ମଧ୍ୟରେ ମନୋମାଳିନ୍ୟ, ବିବାଦ, ବିସଂବାଦ ନିବାରଣ କଳ୍ପେ ସଦୁପଦେଶ ! ତତ୍‌ପରିବର୍ତ୍ତରେ ତାଙ୍କ ଏହି ପରାମର୍ଶର ଉଦ୍ଦେଶ୍ୟ, ବିବାଦ ଚିରସ୍ଥାୟୀ କରି ରଖିବା।

ପରଦିନ ସମୁଦିଙ୍କ ପିତା ଆସି ମୋତେ ତାଙ୍କ ଘରକୁ ନେଇଗଲେ ଓ ଉଭୟଙ୍କୁ ବସାଇ ଅନେକ ସାରଗର୍ଭକ ଉପଦେଶ ଦେଲେ ଏବଂ ଆମ୍ଭମାନଙ୍କ ମଧ୍ୟରେ ଆଉ କୌଣସି ପ୍ରକାର ଭେଦ ରହିଲା ନାହିଁ କହି ଉଭୟଙ୍କ ହାତଧରି ମିଳାଇଦେଲେ। ଏହି ସମୟରେ ମୋର ଜୀବନର କେଡ଼େବଡ଼ ଗୋଟିଏ ଶିକ୍ଷାର ଅନୁଭୂତି ମୁଁ ଉପଭୋଗ କଲି। ଯେଉଁ କାର୍ଯ୍ୟର ପରିଣତି ଲାଭରେ ପାପ ନାହିଁ, ସେହି କାର୍ଯ୍ୟ ପାପମୟ ନୁହେଁ। ଏହି ହେତୁରୁ କେବଳ ମୋର ଭାଇ ଜିଉଁତିଆ ଶଙ୍ଖ, ଘଣ୍ଟବାଦନ ଉଦ୍ଦେଶ୍ୟହୀନ ବା ପାପମୟ ନ ଥିଲା। ମୋର ଉପାୟ ସଫଳ ହେଲା, ଭଗବାନ ମୋର ନୈତିକ ସାହସର ସୁଦୃଢ଼ ଭିତ୍ତିକୁ ଆହୁରି ଦୃଢ଼ତର କଲେ। ଯେଉଁଠାରେ ଲୋକ ଈର୍ଷା, ଦ୍ୱେଷ, ଅହଙ୍କାର, କ୍ରୋଧର ବଶବର୍ତ୍ତୀ ହୋଇ କୌଣସି କାର୍ଯ୍ୟ କରେ ସେହିଠାରେ ତାହାର ପରାଜୟ ସୁନିଶ୍ଚିତ। ଏଥିଯୋଗୁଁ ଏକା ବେନାମୀ ପତ୍ର ଲେଖକ ସମୁଦି ପରାସ୍ତ ହେଲେ।

ମିଳାମିଶା ଫଳରେ ଦୀର୍ଘ କେତେମାସ ପରେ ଝିଅ ଆମଘରକୁ ଆସିଲା। ପୂର୍ଣ୍ଣବାବୁଙ୍କ ଜ୍ୟେଷ୍ଠାକନ୍ୟା ଏମ୍.ଏ. ଉପାଧିଧାରିଣୀ କଲ୍ୟାଣୀୟା ଆଶା ତାକୁ ତାହାର ଶାଶୁ ଘରୁ ଆଣି ଆମ୍ଭଘରେ ଛାଡ଼ିଦେଇ ଗଲେ। ଝିଅର ମୁହଁରେ ଆଜି ହାସ୍ୟରେଖା

Digitized by srujanika@gmail.com

ଦେଖାଗଲା । ନିରପରାଧିନୀଙ୍କୁ ଭଗବାନ ଆଉ କେତେଦିନ ଶାସ୍ତି ଦିଅନ୍ତେ ! ସମସ୍ତ ଶାସ୍ତି ଓ ନିର୍ଯ୍ୟାତନା ସହ୍ୟ କରିଥିବାରୁ ଆଜି ସେ ଶାଶୁଶ୍ୱଶୁରଙ୍କ ଅତ୍ୟାଚାର ବିରୋଧରେ ଜୟଲାଭ କରିପାରିଲା । ଏହି ପ୍ରକାରେ ଗୋଟିଏ ନାଟକର ଯବନିକା ପାତ ହେଲା ବୋଲି ମନରେ ଆଶ୍ୱସ୍ତି ଅନୁଭବ କଲି ।

କିନ୍ତୁ ପରବର୍ତ୍ତୀ ଘଟଣାରୁ ଜଣାଗଲା, ସମୁଦିଙ୍କ ଏଥିରେ ଆନ୍ତରିକତା ନଥିଲା । ବେନାମୀ ପତ୍ର ଲେଖିଥିବାରୁ ମୁଁ ତାହା ଚତୁର୍ଦ୍ଦିଗରେ ପ୍ରକାଶ କରିଦେବି ଓ ଆବଶ୍ୟକ ହେଲେ ଆଇନର ଅନୁସରଣ କରିବି ବୋଲି କହିଥିଲି । ସେହି ଭୟରେ ସମ୍ଭବତଃ ପିତାଙ୍କ ପ୍ରେରଣାରେ ମିଳାମିଶା କରିବାକୁ ବାଧ ହୋଇଥିଲେ । ଏହାର ତିନିମାସ ପରେ ତାଙ୍କ ରୂପ ପୁନଃ ପ୍ରକାଶ ପାଇଲା । ଏହି ତିନିମାସ ମଧ୍ୟରେ ଝିଅ ଆମ୍ଭଘରକୁ ଅନେକ ଥର ଯିବାଆସିବା କରିଛି । ଆମ୍ଭ ଘରର ଚାକରାଣୀ ତାହା ସକାଶେ ଜଳଖିଆ ନେଇ ଦେଉଛି ଓ ଭଉଣୀମାନେ ତାହା ଘରକୁ ଯାଇ ତାହାର ଶିଶୁ କନ୍ୟାକୁ ଦେଖିଆସୁଅଛନ୍ତି ।

୧୯୪୪ ସାଲ ଜାନୁୟାରୀ ମଧ୍ୟରେ ୧୯୪୩ ସାଲ ଅଗଷ୍ଟରେ ଝିଅଠାକୁ ପ୍ରେରିତ ତାହାର ସାନଭଉଣୀ ଉମାର ଖଣ୍ଡେ ଚିଠି କୌଣସି ପ୍ରକାରେ ସମୁଦିଙ୍କ ହସ୍ତଗତ ହେଲା । ତହିଁରେ ତାଙ୍କ ସମ୍ବନ୍ଧରେ ଅଶ୍ରଦ୍ଧାସୂଚକ ଗୋଟାକେତେ ଶବ୍ଦ ଥିଲା । ତହିଁରେ ବିଚଳିତ ହୋଇ ସମୁଦି ଏକାବେଳକେ କାର୍ଯ୍ୟାରମ୍ଭ କରିଦେଲେ । ପୂର୍ବପରି ଦିନେ ଚାକରାଣୀ ଝିଅ ସକାଶେ ଜଳଖିଆ ନେଇ ଦେଲା । ଫେରିଆସି କହିଲା ଯେ, ଆମ୍ଭଘରୁ କେହି ତାଙ୍କ ଘରକୁ ଆଉ ଆସିପାରିବେ ନାହିଁ ବୋଲି ଶ୍ୱଶୁର କଡ଼ା ହୁକୁମ ଜାରି କରିଛନ୍ତି । ତତ୍ପର ଡାକରେ ରେଜିଷ୍ଟ୍ରି କରା ତାଙ୍କ ଖଣ୍ଡେ ଚିଠି ଆସିଲା । ପୂର୍ବ ବେନାମୀ ଚିଠିପରି ଏଥିରେ ମଧ୍ୟ କିଛି ଲେଖିଥିବେ ମନେକରି ତାହା ଫେରାଇଦେଲି ଓ ସଙ୍ଗେ ସଙ୍ଗେ ଖଣ୍ଡେ କ୍ଷୁଦ୍ର ପତ୍ରଦ୍ୱାରା ଜଣାଇଦେଲି ଯେ ତାଙ୍କ ସଙ୍ଗେ ମୁଁ ସାକ୍ଷାତ କରିବି ଓ ସେହିଠାରେ ତାଙ୍କ ପତ୍ରରେ ଲିଖିତ ବକ୍ତବ୍ୟ ଶୁଣିବି । ପରଦିନ ପୂର୍ଣ୍ଣବାବୁଙ୍କ ଘରକୁ ଗଲି । ସମୁଦି ସେଠାରେ ବସିଥିଲେ । କଥା ଉତ୍‌ଥାପନ କରିବା ମାତ୍ରକେ ମୋ ହାତକୁ ଖଣ୍ଡେ ଚିଠି ବଢ଼ାଇଦେଲେ । ଦେଖିଲି, ରେଜିଷ୍ଟ୍ରି ଡାକରେ ପଠା ହୋଇଥିବା ସେହି ଚିଠି, ଯାହା ମୁଁ ଫେରାଇ ଦେଇଥିବାରୁ ତାଙ୍କଠାକୁ ଫେରି ଯାଇଥିଲା । ଲଫାଫା ଫିଟାଇ ଦେଖିଲି, ସର୍ବ ପ୍ରଥମରେ ଗୋଟିଏ ଚିଠି, ତାହାର ଶିରୋନାମାରେ ଲେଖାଅଛି 'ଉମା ତାହାର ନାନୀଠାକୁ ଲେଖିଥିବା ଚିଠିର ନକଲ ।' ଏହା ତଳକୁ ଆଉ ଗୋଟିଏ ଚିଠି; ତହିଁରେ ଅଛି, ଉକ୍ତ ଚିଠିରେ ଲିଖିତ କଥାଗୁଡ଼ିକ ଉପରେ ସମୁଦିଙ୍କ ଟିପପ୍ପଣୀ, ଉମାର ଅସଲ ଚିଠିଟା ଦେଖାଇବାପାଇଁ କହିଲିନ୍ତ ଯେହେତୁ ତାହା ଅବିକଳ ନକଲ କି ନା ଜାଣିବା ଆବଶ୍ୟକ ବୋଧକଲି । କିନ୍ତୁ ତାହା ଦେଖାଇବେ ନାହିଁ ବୋଲି କହିଲେ । ନକଲଟା ପଢ଼ିଲି, ତାହା ତା.୧୪-୮-୪୩ର ଚିଠିର ନକଲ । ବଡ଼ ଭଉଣୀ ପ୍ରତି ଶାଶୁଶ୍ୱଶୁରଙ୍କ ନିଷ୍ଠୁର ବ୍ୟବହାର ଯୋଗୁଁ ସାନଭଉଣୀ ଦୁଃଖପ୍ରକାଶ କରି

Digitized by srujanika@gmail.com

ଗୋଟାକେତେ କଥା ଲେଖିଛି ଓ ତହିଁରେ ଶ୍ୱଶୁରଙ୍କୁ 'ନରରାକ୍ଷସ' ଓ ଶାଶୁଙ୍କୁ 'ରାକ୍ଷସୀ' ବୋଲି ଏକ ସ୍ଥାନରେ ବର୍ଣ୍ଣନା କରିଅଛି। ଏହି ଶବ୍ଦଦ୍ୱୟ ସମୁଦିଙ୍କୁ ଉତ୍ତ୍ୟକ୍ତ କରିଥିବା ଜଣାଗଲା । ଏହା ଉତ୍ତାରେ ସମୁଦିଙ୍କ ଟିପ୍‌ପଣୀ ସମ୍ବଳିତ ପତ୍ରର ଗୋଟିଏ ଧାଡ଼ି ପଢ଼ି ଆଉ ପଢ଼ିପାରିଲି ନାହିଁ। ତା.୭-୧୦-୪୩ ର ବେନାମୀ ପତ୍ର ପରି ନିତାନ୍ତ ଅସଂଯତ ଭାଷାରେ ଲେଖା। ଚିଠିଟା ତାଙ୍କୁ ଫେରାଇ ଦେଲି ଓ ମୁଁ ତାହା ପଢ଼ିବି ନାହିଁ ଓ ତାଙ୍କର ଯାହା କହିବାର ଅଛି ଗାଳି ନଦେଇ ଓ କ୍ରୋଧାନ୍ଧ ନ ହୋଇ ତାହା ମୋତେ କହିପାରନ୍ତି ବୋଲି କହିଲି। ସେ ଆଦୌ କିଛି କହିବେ ନାହିଁ ବୋଲି କହିଲେ ଓ ତାଙ୍କ ଚିଠି ପଢ଼ିବା ପାଇଁ ବାରମ୍ବାର ମୋତେ କହିଲେ। ତଥାପି ମୁଁ ପଢ଼ିବି ନାହିଁ ବୋଲି କହିଲି। ତତ୍ପରେ ସେହି ଚିଠି ସେ ମୋତେ ଦେଇ ସାରିଥିବାରୁ ଯାହା ଇଚ୍ଛା ତାହା କହିପାରେ ବୋଲି କହି ବଳାତ୍କାର ମୋ ହାତରେ ତାହା ଗୁଞ୍ଜିଦେଲେ। ତତ୍ପରେ ତାକୁ ଧରି ଟିକିଟିକି କରି ଚିରିପକାଇ ଫୋପାଡ଼ି ଦେଲି। ଏଥିରେ ସମୁଦି କ୍ରୋଧରେ ଅଧୀର ହୋଇ ତଳେ ନିଜ ମୁଣ୍ଡ ପିଟିବାକୁ ଲାଗିଲେ। ଅବଶ୍ୟ କହୁଥାନ୍ତି, "କ୍ଷମା କରନ୍ତୁ, ଆପଣଙ୍କ ଗୋଡ଼ତଳେ ପଡୁଛି। ମୁଁ ଏ ବିଷୟରେ କିଛି କହିବାକୁ ଚାହେଁ ନାହିଁ।" ନ ରାଗିବାକୁ ବାରମ୍ବାର ତାଙ୍କୁ ଅନୁରୋଧ କଲେ ମଧ୍ୟ ସେ ଭୀଷଣ ଭାବରେ ଗର୍ଜ୍ଜନ କରୁଥାନ୍ତି। ତେବେ ସୁଦ୍ଧା ଧୀର ଭାବରେ ତାଙ୍କ ବକ୍ତବ୍ୟ ପ୍ରକାଶ କରିବାକୁ ମୁଁ ତାଙ୍କୁ ଅନୁରୋଧ କରିଥିଲି। କିନ୍ତୁ ଶୁଣିଲେ ନାହିଁ ଓ ଚାଲିଗଲେ। ମୁଁ ତାଙ୍କ ସଙ୍ଗେ ସଙ୍ଗେ ଗଲି ଓ କହିଲି ଯେ, ଉମା ତାଙ୍କୁ ଉଦ୍ଦେଶ୍ୟ କରି ଯେଉଁ କେତେଗୁଡ଼ାଏ ଲେଖିଅଛି ତାହା ମୁଁ ସମର୍ଥନ କରୁନାହିଁ; କିନ୍ତୁ ତାହାର ଏହି ଚିଠି ଅଗଷ୍ଟ ମାସର, ସେତେବେଳେ ତାଙ୍କ ଓ ଆମ୍ଭମାନଙ୍କ ମଧ୍ୟରେ ଭୀଷଣ ଝଗଡ଼ା ଚାଲିଥିଲା। ଆମ୍ଭମାନଙ୍କୁ ସେ ଗାଳି ଦେଉଥିଲେ ଓ ଆମ୍ଭେମାନେ ମଧ୍ୟ ଆମ୍ଭମାନଙ୍କ ରୁଚି ଅନୁଯାୟୀ ତାଙ୍କ ସମ୍ବନ୍ଧରେ କହୁଥିଲୁ। ସେ ମୋର ଝିଅମାନଙ୍କ ସମ୍ବନ୍ଧରେ ନାନା ମିଥ୍ୟା କଥା କହୁଥିଲେ ଓ ଲେଖୁଥିଲେ। ତତ୍ପରେ ଅକ୍ଟୋବର ମାସରେ ଆମ୍ଭମାନଙ୍କ ମଧ୍ୟରେ ମିଳାମିଶା ହୋଇଗଲା। ଏହାଦ୍ୱାରା ପୂର୍ବକୃତ ସମସ୍ତ କାର୍ଯ୍ୟର ଉଭୟ ପକ୍ଷରୁ କ୍ଷମା ହୋଇ ଯାଇଥିଲା। ଏହି ପରିସ୍ଥିତିରେ ଉମାର ଏହି ଚିଠି ଉପରେ ସେ ଯେ କାର୍ଯ୍ୟାନୁଷ୍ଠାନ କରୁଛନ୍ତି ତାହା ଅନୁଚିତ। ଏହି ଚିଠିଟି ପଢ଼ି ସମୁଦି ଏତେ ବିଚଳିତ ହୋଇପଡ଼ିଲେ ଯେ, ଏକାବେଳକେ ଆମ୍ଭମାନଙ୍କ ସହିତ ପୁଣି ସମସ୍ତ ସଂସ୍ରବ ତ୍ୟାଗ କରିବାକୁ ପୁଣି ପୁତ୍ରବଧୂଙ୍କୁ ଆଦେଶ ଦେଲେ। ଝିଅ ସକାଶେ ମାଆ ଜଳଖିଆ ପଠାଇଥିଲେ, ତାହା ମଧ୍ୟ ମନାକରି ଦେଲେ। ଏହା ହେଲା ତାଙ୍କ ମାନସିକ ଅବସ୍ଥା। ଏହା ସକାଶେ ସେ ନିଜେ ଦାୟୀ। ତାଙ୍କ ମନରେ ତିଳେମାତ୍ର ଶାନ୍ତି ନାହିଁ। ସେ ପୂର୍ଣ୍ଣବାବୁଙ୍କୁ କହିଥିଲେ ଯେ, ଉମାର ଚିଠିର ତାରିଖ ପ୍ରତି ଲକ୍ଷ୍ୟ ନ ରଖି ସେ ମନେକରିଥିଲେ ଯେ, ମିଳାମିଶା ଉତ୍ତାରେ ତାହା ସେ ଲେଖିଥିଲା ଓ ତାହା ତାଙ୍କ ଭୁଲ୍। ତଥାପି ସେ ହୋଇଯାଇଥିବା ମିଳାମିଶାକୁ ଅନ୍ୟଥା କଲେ। ତାଙ୍କ ଉଦ୍ଦେଶ୍ୟ ଆଉ କିଛି ନୁହେଁ, ଝଗଡ଼ା ଚିରକାଳ ସଜୀବ ରଖିବାକୁ ତାଙ୍କ ଇଚ୍ଛା। ଧନ୍ୟ ଗୀତାପାଠର ଶିକ୍ଷା, ମାଳା ଧାରଣର ଆଉ ସତ୍‌ସଙ୍ଗର

Digitized by srujanika@gmail.com

ପ୍ରଭାବ! ସମ୍ଧିଙ୍କୁ ମୁଁ ପରିଷ୍କାର ଭାବରେ କହିଦେଲି ଯେ, ମୁଁ ସୁଦ୍ଧା ତାଙ୍କ ଆକ୍ରମଣ ପ୍ରତିରୋଧ କରିବାକୁ ପ୍ରସ୍ତୁତ ଅଛି। ଯତୋଧର୍ମ ସ୍ତତୋ ଜୟଃ। ଯେଉଁ ଚିଠିରେ ସମ୍ଧି ଏତେ ବିଚଳିତ ହେଲେ ତାହା ତାହାର ଭଉଣୀର। ତହିଁରେ ତାହାର ଯେ କୌଣସି ଅଂଶ ଥିଲା ତାହା ନୁହେଁ। ସମ୍ଧିଙ୍କ ମଧ୍ୟ ଏ ସମ୍ବନ୍ଧରେ ତାଙ୍କ ପୁତ୍ରବଧୂ ବିରୋଧରେ ଅଭିଯୋଗ ନଥିଲା। ଆତତାୟୀକୁ କିଛି କରି ନପାରି ଆତ୍ମଘାତୀ ହେବା ତୁଲ୍ୟ ସମ୍ଧିଙ୍କ ଏହି ଆଚରଣ। ଗୋଟିଏ ଭଉଣୀର ଦୋଷରେ ଅନ୍ୟ ଭଉଣୀକୁ ଏତିକି ଦଣ୍ଡ! ଝିଅ ପ୍ରତି ଅତ୍ୟାଚାର ଭୀଷଣତର ହେବା ଆଶଙ୍କା କରି ଆମ୍ଭେମାନେ ଶ୍ୱଶୁର ବା ଶାଶୁଙ୍କ ଅନୁମତିକୁ ଅପେକ୍ଷା ନ କରି ତାକୁ ଦେଖିବାକୁ ତାଙ୍କ ଘରକୁ ଯାଉଥିବୁ ବୋଲି ସ୍ଥିରକଲୁ। ତା.୧୭.୨.୪୪ ଦିନ ଝିଅର ସ୍ୱ-ନକ୍ଷତ୍ର। ତାହାର ମାଆ ଯାଇ ଶାଶୁଘରେ ତାକୁ ବନ୍ଦାଇଲେ। ମୁଁ ଓ ତାହାର ଦୁଇ ଭାଇ ଦୁଃଖୁ ଓ ଫକୀର ସଙ୍ଗେ ଥିଲୁ। ଆମ୍ଭମାନଙ୍କୁ ଦେଖି ସୁଦ୍ଧା ଯିବାକୁ କେହି ଆପତ୍ତି ବା ମନାକଲେ ନାହିଁ। ଆମ୍ଭମାନଙ୍କୁ ଦେଖି ତାହାର ଚକ୍ଷୁଦ୍ୱୟ ଛଳଛଳ ହେବାକୁ ଲାଗିଲା। ଧୈର୍ଯ୍ୟଚ୍ୟୁତ ନ ହେବା ଓ ଦମ୍ଭ ଧରି ଅତ୍ୟାଚାର ସହ୍ୟ କରିବାରେ ସାମର୍ଥ୍ୟ ସଞ୍ଚୟ କରିବାକୁ ତାକୁ ଉପଦେଶ ଦେଲି। ଦୃଢ଼ ଭାବରେ ତାକୁ କହିଲି ଯେ, ଯେପରି ସେ ଶାଶୂ ଶ୍ୱଶୁରଙ୍କ ନିର୍ଦ୍ଦେଶକୁ କୌଣସିମତେ ଉପେକ୍ଷା ବା ତାହା ବିରୋଧରେ ବିଦ୍ରୋହ ନ କରେ। ଏହାହିଁ ଶିକ୍ଷାର ମହତ୍ତ୍ୱ ଓ ଚରିତ୍ରବତ୍ତା ପ୍ରତିପାଦନ କରିବା ପରମ ସୁଯୋଗ। ଏହି ଆଦର୍ଶରୁ ତିଳପ୍ରମାଣ ସୁଦ୍ଧା ସ୍ଖଳିତ ହେଲେ ଲୋକ ସପକ୍ଷରେ ଆଉ ମୁହଁ ଦେଖାଇ ହେବନାହିଁ। ଅନ୍ତରେ ଅନ୍ତରେ ଏହି ଆଦର୍ଶକୁ ସ୍ଥାନଦେଇ ସଂସାରର ପିଚ୍ଛିଳ ପଥରେ ଅଗ୍ରସର ହେବାକୁ ଉପଦେଶ ଦେଲି। ପ୍ରକୃତିସ୍ଥ ହେଲାପରି ଦିଶିଲା। ଶ୍ୱଶୁର ତ ତାକୁ ବିନାଦୋଷରେ ଆମ୍ଭମାନଙ୍କୁ ଦେଖିବା ପାଇଁ ସୁଦ୍ଧା ମନାକରିଛନ୍ତି। ଏହି ଅସ୍ୱାଭାବିକ ପରିସ୍ଥିତି କେତେଦିନ ଯାଏ ଚାଲିଥିବା, ଚାଲୁ। ତାହାର ସ୍ୱାମୀ ଛାତ୍ରଜୀବନ ସମାପନ କରି ଇଞ୍ଜିନିୟରିଂ କଲେଜରୁ ଅଳ୍ପଦିନ ପୂର୍ବେ ଫେରିଥିଲେ। ଏତେ ଦିନଯାଏ ଶାଶୁଶ୍ୱଶୁରଙ୍କ ଅଧୀନରେ ଥିଲା। ଆଶା, ସ୍ୱାମୀଙ୍କ ସହିତ ଅବସ୍ଥାନରେ ତାହାର ଏହି ଅବସ୍ଥା ଦୂରୀଭୂତ ହେବ।

ଜନ୍ମତିଥିରେ ତାହା ପାଇଁ ନୂଆଲୁଗା ନିଆ ହୋଇଥିଲା। ସେ ପିନ୍ଧିଲା, ତପ୍ରେ ମାଆ ତାକୁ ବନ୍ଦାଇଲେ। ମାଆ, ଦାଦା (ଜ୍ୟେଷ୍ଠ ଭ୍ରାତା) ଓ ମୋର ଗୋଡ଼ତଳେ ପଡ଼ି ପ୍ରଣାମ କଲା। ସାନଭାଇ ତାକୁ ପ୍ରଣାମ କଲା। ଏହା ଉତ୍ତାରେ ତାହାର କକ୍ଷକୁ ଆମ୍ଭମାନଙ୍କୁ ନେଇଗଲା। ଆମ୍ଭେମାନେ ତାହା ସଙ୍ଗେ ଗଳ୍ପକରି ଘଣ୍ଟାଏ କାଳ କଟାଇଲୁ। ଆସିବା ସମୟରେ କହିଲୁ ଯେ, ଶ୍ୱଶୁରଙ୍କ ନିଷେଧ ସତ୍ତ୍ୱେ ଆମ୍ଭେମାନେ ମଝିରେ ମଝିରେ ତାକୁ ଦେଖିବାକୁ ଆସୁଥିବୁ।

ଏହାର କିଛିଦିନ ଉତ୍ତାରେ ଦିନେ ରାତିରେ ସମ୍ଧିଙ୍କ ଜଣେ ଉଚ୍ଚଶିକ୍ଷିତ ପୁତ୍ର ଓ ଆଉଜଣେ ଆମ୍ଭଘର ଆଗରେ ମୋର ଓ ମୋର ଝିଅମାନଙ୍କ ନାମରେ ଅଶ୍ଳୀଳ ଲେଖା

Digitized by srujanika@gmail.com

କାଗଜ ଗୁଡ଼ିଏ ଲଟକାଇ ଦେଇଯିବା ସମୟରେ ମୋର ପୁତ୍ର ସେମାନଙ୍କୁ ମାରିବା ପାଇଁ ଗୋଡ଼ାଇଲା । ତାକୁ ମନାକଲି ଓ ସେମାନଙ୍କୁ ସାବଧାନ କରିଦେବାରୁ ସେମାନେ ପଳାଇଲେ । ପରଦିନ ସକାଳେ ଝାଡୁଆପଡ଼ା ମଧ୍ୟରେ ଯାଉଥିବା ସମୟରେ ପଡ଼ାର କେନ୍ଦ୍ରସ୍ଥ ବ୍ରହ୍ମପୁରଗୁଡ଼ିର ପ୍ରାଚୀରମାନଙ୍କରେ ରଙ୍ଗବେରଙ୍ଗ ଅକ୍ଷର ଲିଖିତ ଖଣ୍ଡକେତେ କାଗଜ ଲଟକା ହୋଇଥିବା ଦେଖିଲି । ଅନେକ ଲୋକ ମଧ୍ୟ ସେଗୁଡ଼ାକୁ ଦେଖୁଥିଲେ । କେବଳ ମୋର ଓ ମୋର ଝିଅମାନଙ୍କ ସମ୍ବନ୍ଧରେ ଅଶ୍ଳୀଳ ଲେଖା । ଉପସ୍ଥିତ ଲୋକଙ୍କୁ ପୂର୍ବରାତ୍ରିର କାଗଜ ସମ୍ବନ୍ଧରେ କହିଲି । ଏଥିରୁ ଖଣ୍ଡକେତେ ଧରି ପୂର୍ଣ୍ଣବାବୁଙ୍କ ଘରେ ତାଙ୍କ ଉପସ୍ଥିତିରେ ସମୁଦିଙ୍କୁ ଦେଖାଇ ସେ ସମ୍ବନ୍ଧରେ ତୀବ୍ର ସମାଲୋଚନା କଲି । ସମୁଦି ନିର୍ବାକ୍ ହୋଇ ରହିଲେ ।

ତା.୨୫.୯.୪୪ ଭାଇ ଜିଉଁତିଆ । ଏହିଦିନ ମଧ୍ୟ ଶ୍ୱଶୁରଙ୍କ ବାରଣଯୋଗୁଁ ଭାଇମାନଙ୍କୁ ବନ୍ଦାଇବା ସକାଶେ ସୁଦ୍ଧା ଝିଅ ଆସିଲା ନାହିଁ । ଭାଇମାନେ ସୁଦ୍ଧା ବିଗତ ବର୍ଷପରି କାହା ଘରକୁ ଗଲେନାହିଁ । ଫଳରେ ଏହିବର୍ଷ ଭାଇଭଉଣୀ ମଧ୍ୟରେ ସାକ୍ଷାତରୁ ସୁଦ୍ଧା ସମୁଦି ସେମାନଙ୍କୁ ବଞ୍ଚିତ କରିଥିଲେ ।

ତଥାପି ଝିଅଙ୍କ ଉଚ୍ଚଶିକ୍ଷାର ବିରାମ ନ ଥାଏ । ସ୍ଥାନୀୟ ବାଳିକା ସ୍କୁଲ ହାଇସ୍କୁଲରେ ପରିଣତ ହେବା ଦିନଠାରୁ ଉଚ୍ଚଶିକ୍ଷା ବିରୋଧୀଙ୍କ ପରିବାରସ୍ଥ ଝିଅମାନେ ସୁଦ୍ଧା ବହୁସଂଖ୍ୟାରେ ସ୍କୁଲରେ ଭର୍ତ୍ତି ହୋଇଗଲେଣି । ସଦୁଦ୍ଦେଶ୍ୟ ପରିଚାଳିତ ଅଭିପ୍ସିତ ପଦପ୍ରାପ୍ତି ବିଷୟରେ ଦୃଢ଼ସଂକଳ୍ପ ମନ ଓ ନିମ୍ନଗାମୀ ଜଳକୁ ନିରୁଦ୍ଧ କରିବାରେ କିଏ ସମର୍ଥ !

Digitized by srujanika@gmail.com

ସମାଜ ସଂସ୍କାର

ମୋର ଥିଲେ ପନ୍ଦରଗୋଟି ସନ୍ତାନ–ଚାରିପୁଅ ଓ ଏଗାର ଝିଅ। ଏମାନଙ୍କ ମଧ୍ୟରୁ ଦୁଇପୁଅଙ୍କ ମୃତ୍ୟୁ ସେମାନଙ୍କ ବାଳକ ବୟସରେ–ଗୋଟିକର ୧୯୧୪ ଓ ଅପରଟିର ୧୯୨୯ ସାଲରେ ହୋଇଯାଇଥିଲା। ୧୯୪୩କୁ ଅବଶିଷ୍ଟ ରହିଲେ ଦୁଇପୁଅ, ସତ୍ୟଗୋପାଳ (ଦୁଃଖୁ) ଓ ବିଭୁପ୍ରସାଦ (ଫକୀର) ଓ ଝିଅ ମନୋରମା, ତିଳୋତ୍ତମା, ଅନୁପମା, ନିରୂପମା, ସୁଷମା, ସୁରମା, ନୀଳିମା, ଉମା, ଶ୍ୟାମା, ପୂର୍ଣ୍ଣିମା ଓ ସତ୍ୟଭାମା। ମନୋରମା, ତିଳୋତ୍ତମା, ଓ ଅନୁପମାର ବିବାହ ସେମାନଙ୍କ ବାଲ୍ୟବୟସରେ ଓ ନିରୂପମା, ସୁଷମା ଓ ନୀଳିମାର ବିବାହ ସାରଦା ଆଇନ୍ (ବାଲ୍ୟ ବିବାହ ନିରୋଧ ଆଇନ୍) ଜାରି ହେଲାପରେ, ଯଥାକ୍ରମେ ୧୯୩୪, ୧୯୪୦ ଓ ୧୯୪୨ ସାଲରେ ହୋଇଯାଇଥିଲା। ସୁଷମା ସକାଶେ ବରପାତ୍ର ତାହାର ଦୁଇବର୍ଷ ଓ ବରର ସାତବର୍ଷ ବୟସରୁ ହୋଇଯାଇଥିଲା। କିନ୍ତୁ ଏହି ସମ୍ବନ୍ଧ ୧୯୩୭ ସାଲରେ ସୁଷମା ମେଟ୍ରିକ୍ୟୁଲେସନ୍ ପାଶ୍ କରିଥିବା ଦୋଷଯୋଗୁଁ ଭାଙ୍ଗି ଯାଇଥିଲା। ୧୯୪୩ ସାଲରେ ସେ ପାଟଣା ମେଡ଼ିକାଲ୍ କଲେଜର ଛାତ୍ରୀ । ଡାକ୍ତରୀ ବିଦ୍ୟା ଶିକ୍ଷା ଶେଷ ହେବାକୁ ଆଉ ଦୁଇବର୍ଷ ବାକୀ ଅଛି। ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲାପରେ ତାହାର ବିବାହ ସମ୍ପାଦନ କରିବାକୁ ଚିନ୍ତା କରିବାକୁ ଲାଗିଲି। ସମ୍ବଲପୁରରେ ଯେତେ ଖୋଜିଲି କୌଣସିଠାରେ ଯୋଗ୍ୟ ପାତ୍ରର ସନ୍ଧାନ ପାଇଲିନାହିଁ। ଏହି କାରଣରୁ ମୁଁ ଝାଡୁଆ ବ୍ରାହ୍ମଣକୁଳରୁ ଯାଇ ଓଡ଼ିଆ ବ୍ରାହ୍ମଣ କୁଳରେ ଓ ଅନ୍ୟ ଜିଲାର ବ୍ରାହ୍ମଣ ସମାଜରେ ପ୍ରବେଶ କରିବାକୁ ସ୍ଥିରକଲି। ଉମା ସକାଶେ ପାତ୍ର ପ୍ରାୟ ସ୍ଥିର ହୋଇ ରହିଥିଲା। ଉମା ଏହି ସମୟରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଛାତ୍ରୀ ଓ ବରପାତ୍ର ପାଟଣା ଇଂଜିନିୟରିଂ କଲେଜର ଛାତ୍ର। ଉଭୟେ ନିଜ ନିଜ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲାପରେ ବିବାହ ହେବା କଥା ସ୍ଥିର ହୋଇରହିଲା। ଶ୍ୟାମା, ପୂର୍ଣ୍ଣିମା ଓ ସତ୍ୟଭାମା ଅଳ୍ପ ବୟସ୍କା। ଏମାନଙ୍କ ସମ୍ବନ୍ଧରେ ଅଧିକ ଚିନ୍ତା କରିବା ସମୟ ଉପସ୍ଥିତ ହୋଇନଥିଲା। ମୋର ଏକମାତ୍ର ଚିନ୍ତାର ବିଷୟ ହୋଇଥିଲା, ସୁଷମାର ବିବାହ।

ବିବାହିତା ଝିଅମାନଙ୍କ ମଧ୍ୟରୁ ଏହି ସମୟରେ ନିରୁପମା ରେଭେନ୍‌ସା କଲେଜରେ ବି.ଏ. କ୍ଲାସ୍‌ର ଛାତ୍ରୀ । ଝିଅମାନଙ୍କ ଉଚ୍ଚଶିକ୍ଷାରୂପ ମହାପାପର ପ୍ରାୟଶ୍ଚିତ୍ତ କରିବାକୁ ସମ୍ବଲପୁର ଝାଡୁଆ ବ୍ରାହ୍ମଣ ସମାଜର କେତେକ ନେତୃସ୍ଥାନୀୟ ତଥାକଥିତ ବନ୍ଧୁ ନାନାପ୍ରକାର

Digitized by srujanika@gmail.com

ଭୀତି ପ୍ରଦର୍ଶନ ମିଶ୍ର ଆହ୍ୱାନ ଦେଉଅଛନ୍ତି। ଏହାପ୍ରତି ମୋର ଭ୍ରୂକ୍ଷେପ ନ ଥାଏ। ସମ୍ବଲପୁର ମଧ୍ୟଇଂରେଜୀ ବାଳିକା ହାଇସ୍କୁଲରେ ପରିଣତ ହୋଇଗଲାଣି ଏବଂ ଏହି ନେତୃସ୍ଥାନୀୟ ବ୍ୟକ୍ତିଙ୍କ ବିରୋଧ ସତ୍ୱେ ଦଳ ଦଳ ଝିଅ ଉଚ୍ଚ ଶିକ୍ଷାପ୍ରତି ଆକୃଷ୍ଟ ହୋଇ ଏହି ସ୍କୁଲରେ ଭର୍ତ୍ତି ହୋଇଗଲେ ଓ ଏଥିଯୋଗୁଁ ମୋ ଉପରେ ନିର୍ଯାତନା ଆରମ୍ଭ ହୋଇଗଲାଣି। ପୂର୍ବ ବର୍ଣ୍ଣିତ ସମୁଦିଙ୍କ କନିଷ୍ଠ ପୁତ୍ର ଶ୍ରୀନାଥଙ୍କ ନେତୃତ୍ୱରେ ଦଳେ ଝାଡୁଆ ବ୍ରାହ୍ମଣ ଯୁବକ ଗୁଣ୍ଡାମି ଆରମ୍ଭ କରିଦେଲେଣି। ଏମାନଙ୍କ ମଧ୍ୟରୁ ଜଣକେତେ ମୋର ଅତ୍ୟନ୍ତ ନିକଟବର୍ତ୍ତୀ ଆତ୍ମୀୟ ବନ୍ଧୁଙ୍କ ପୁତ୍ରମାନେ ଦିନ ଦି'ପହରେ ସୁଦ୍ଧା ମୋ ଘର ସମ୍ମୁଖକୁ ଆସି ଆପତ୍ତିଜନକ ଆଚରଣ ପ୍ରଦର୍ଶନ କରିବାକୁ ଲାଗିଲେ। ଝିଅମାନଙ୍କ ନାମରେ ନିତାନ୍ତ ଅପାଠ୍ୟ, ଅକଥ୍ୟ, ଅଶ୍ରାବ୍ୟ, ଅଶ୍ଳୀଳ ଭାଷାରେ ଲିଖିତ ପତ୍ରମାନ ଆସିବାକୁ ଲାଗିଲା। ଝିଅମାନେ ବାଟ ସୁଦ୍ଧା ଚାଲିପାରୁ ନାହାଁନ୍ତି । କେହି ଯଦି ସେମାନଙ୍କ ଉଦ୍ଦେଶ୍ୟରେ ସହାନୁଭୂତିସୂଚକ ପଦେ ଅଧେ କହିଲା ତ ତାହା ଉପରେ ମାଡ଼ ବୃଷ୍ଟିହେଲା। ମୋ ନାମ ଧରି ଅଶ୍ଳୀଳ ଭାଷାରେ ଗାଳି ଦିଆହେଉଅଛି। ୧୯୪୪ ମସିହା ମାର୍ଚ୍ଚ ୩୧ ତାରିଖ ରାତ୍ରରେ ପ୍ରୋକ୍ତ ଶ୍ରୀନାଥଙ୍କ ସହିତ ଜଣକେତେ ଯୁବକ ଆସି ମୋ ଘର କାନ୍ଥରେ ଝିଅମାନଙ୍କ ନାମରେ ଅଶ୍ଳୀଳ ଭାଷାରେ ଲିଖିତ ଖଣ୍ଡକେତେ କାଗଜ ଲଟକାଇଦେଇ ଯିବା ସମୟରେ ମୋର ସ୍ୱର୍ଗତ ପୁତ୍ର ସତ୍ୟଗୋପାଳ ସେମାନଙ୍କ ପଛରେ ଦୌଡ଼ିଗଲେ ଓ ସେମାନେ ପଳାଇଗଲେ। ପରଦିନ ସକାଳେ ଦେଖିଲି, ସେହିପରି ଅଶ୍ଳୀଳ ଲେଖାପୂର୍ଣ୍ଣ ଖଣ୍ଡକେତେ ସଚିତ୍ର କାଗଜ ଝାଡୁଆପଡ଼ା ମଧ୍ୟସ୍ଥ ବ୍ରହ୍ମପୁରା ଜଗନ୍ନାଥ ମନ୍ଦିରର ବହିଃପ୍ରାଙ୍ଗଣସ୍ଥ ପ୍ରାଚୀରରେ ଲଟକା ହୋଇଛି ଓ ଲୋକେ ସେ ସବୁ ଦେଖୁଅଛନ୍ତି। ଏହି ସମୟରେ ଶ୍ରୀନାଥ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଛାତ୍ର। ପବିତ୍ର ବାରାଣସୀ କ୍ଷେତ୍ରରେ ପ୍ରତିଷ୍ଠିତ ବାବା ବିଶ୍ୱନାଥଙ୍କ ଆଶୀର୍ବାଦ ପ୍ରାପ୍ତିର ଏହି ନିଦର୍ଶନ! ଏହି ପରିସ୍ଥିତି ମଧ୍ୟରେ ମୋର ଜୀବନ ଅତିବାହିତ ହେଉଥାଏ। ତଥାପି ମୋର ସ୍ଥିର ସଂକଳ୍ପରୁ ମୁଁ କଦାପି ବିଚ୍ୟୁତ ହେଉ ନଥାଏ। ବରଂ ଏମାନଙ୍କ ଏତାଦୃଶ ଦୁର୍ବ୍ୟବହାର ମୋତେ ଆହୁରି ଉତ୍ସାହ ଓ ପ୍ରେରଣା ଯୋଗାଉଥାଏ।

ସୁଷମାର ବିବାହ ପ୍ରସ୍ତାବ ଅପ୍ରତ୍ୟାଶିତ ଭାବରେ ଆସି ଉପସ୍ଥିତ ହେଲା। ୧୯୪୪ ସାଲର ରଥଯାତ୍ରାର କେତେକ ଦିନପରେ ମୁଁ ପୁରୀ ଯାଇ ମୋର ବନ୍ଧୁ ପୁରୀର ଡେପୁଟି ମାଜିଷ୍ଟ୍ରେଟ୍ ଶ୍ରୀ ନାରାୟଣ ନନ୍ଦଙ୍କ ଘରେ ଉପସ୍ଥିତ ହେଲି ଓ ସେଠାରେ ଘଣ୍ଟା କେତେ ମାତ୍ର ରହି ଚାଲିଆସିଲି। ଦେଉଳରୁ ଆସିଥିବା ମହାପ୍ରସାଦ ସେବନରେ ଆମ୍ଭେମାନେ ଆସିଅଛୁ, ନାରାୟଣ ବାବୁ ଓ ତାଙ୍କ ସହଧର୍ମିଣୀ ମୋଠାରେ ସୁଷମା ସହିତ ତାଙ୍କ ପୁତ୍ର କିଶୋରୀମୋହନଙ୍କ ବିବାହ ପ୍ରସ୍ତାବ କଲେ। ଏହା ଶୁଣି ମୁଁ ଏକାବେଳକେ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲି। ମନେକଲି ଅବା ବିଦ୍ରୂପ କରୁଅଛନ୍ତି। ନାରାୟଣ ବାବୁ ସମ୍ବଲପୁରର ଓଡ଼ିଆ ବ୍ରାହ୍ମଣ ଓ ମୁଁ ଝାଡୁଆ ବ୍ରାହ୍ମଣ। ଓଡ଼ିଆ ଓ ଝାଡୁଆ ବ୍ରାହ୍ମଣଙ୍କ ମଧ୍ୟରେ ବୈବାହିକ ସମ୍ପର୍କ

Digitized by srujanika@gmail.com

ସ୍ଥାପନ ମୋର ଜୀବନର ଚିରପୋଷିତ ଆକାଙ୍‌କ୍ଷା । ଏହାକୁ କାର୍ଯ୍ୟରେ ପରିଣତ କରିପାରିଲେ ମୋ ଜୀବନର କେତେ ବଡ଼ କାର୍ଯ୍ୟଟାଏ ସମ୍ପାଦିତ ହେବ । ନାରାୟଣ ବାବୁ ଓ ତାଙ୍କ ପତ୍ନୀଙ୍କୁ କହିଲି, ''ଏହା ସମ୍ଭବ ହେବ କିପରି ? ଏଥିରେ ଉଭୟ ସମାଜ ପକ୍ଷରୁ ଆପତ୍ତି ଉଠିବ । ମୁଁ ତ ସେହି ଆପତ୍ତି ଶୁଣିବି ନାହିଁ । ଓଡ଼ିଆ ବ୍ରାହ୍ମଣ ସମାଜ ଯଦି ଏକାନ୍ତ ଧରିବସିବେ ଓ ପ୍ରତ୍ୟବାୟ ସୃଷ୍ଟିକରିବେ, ତୁମ୍ଭେ କ'ଣ ସେମାନଙ୍କ ଆପତ୍ତି ପ୍ରତ୍ୟାଖ୍ୟାନ କରିପାରିବ ?'' ଉଭୟେ କହିଲେ, ''ସମ୍ବଲପୁରର ବ୍ରାହ୍ମଣମାନଙ୍କ ଆପତ୍ତି ଅମୂଳକ । ଏହି ମଧ୍ୟରେ ଆମ୍ଭେମାନେ ମୁକ୍ତିମଣ୍ଡପ ସଭାରେ ଏହି କଥା ପକାଇ ସେମାନଙ୍କ ଅନୁମୋଦନ ପାଇ ସାରିଅଛୁ; ପୁଣି ଅନୁସନ୍ଧାନରୁ ଜାଣିଅଛୁ ଯେ, ସମ୍ବଲପୁରର ଯେଉଁ ବ୍ରାହ୍ମଣମାନଙ୍କୁ ଝାଡୁଆ ବା ଆରଣ୍ୟକ ବ୍ରାହ୍ମଣ ବୋଲି କୁହାଯାଉଅଛି ସେମାନେ ପୁରୀ ଅଞ୍ଚଳରୁ ପ୍ରଥମରେ ସମ୍ବଲପୁରକୁ ଯାଇଥିବା ବ୍ରାହ୍ମଣମାନଙ୍କ ବଂଶଧର । ଉଭୟ ସମ୍ପ୍ରଦାୟ ମଧ୍ୟରେ ପ୍ରକୃତ ପାର୍ଥକ୍ୟ କିଛି ନାହିଁ । କେତେକ ଦେଶଜ କାରଣରୁ ଉଭୟଙ୍କ ମଧ୍ୟରେ ଯେଉଁ ବ୍ୟବଧାନ ସୃଷ୍ଟ ହୋଇଅଛି ତାହା ଅଳ୍ପ ଦିନର ଓ ଏହା ସେତେ ଗୁରୁତର ନୁହେଁ । ଏହାକୁ ଆମ୍ଭେମାନେ ପୂର୍ଣ୍ଣପ୍ରାଣରେ ଅନୁମୋଦନ କରି ସାରିଅଛୁ ।'' ଏଥିରେ ମୋର ଆନ୍ତରିକ ସମ୍ମତି ଜ୍ଞାପନ କଲି । ମୋର ଚିରପୋଷିତ କଳ୍ପନା ସଫଳ ହୋଇଥିବା ଦେଖି ଭଗବାନଙ୍କୁ ମୋର ହୃଦୟର ଗଭୀର କୃତଜ୍ଞତା ନିବେଦନ କଲି । ଏହି ସମୟରେ ନାରାୟଣ ବାବୁଙ୍କ ପୁତ୍ର କିଶୋରୀ ମୋହନ ପାଟଣା ମେଡ଼ିକାଲ୍ କଲେଜର ଛାତ୍ର । ଏହି ବର୍ଷ (୧୯୪୪) ତାଙ୍କ ଶେଷ ପରୀକ୍ଷା ହେବ । ସୁଷମାର ଶେଷ ପରୀକ୍ଷା ହେବ ୧୯୪୫ ରେ । ଏହା ଉତ୍ତାରେ ବିବାହ ସମ୍ପନ୍ନ ହେବା ପ୍ରସ୍ତାବ ହେଲା ।

ଏହାର ଅଳ୍ପଦିନ ଉତ୍ତାରେ ବରହମ୍‌ପୁରର ଓକିଲ ଶ୍ରୀ ଦୀନବନ୍ଧୁ ଦାସଙ୍କଠାରୁ ଖଣ୍ଡେ ପତ୍ର ପାଇଲି । ସେ ଲେଖିଥିଲେ ଯେ, ବରହମ୍‌ପୁରର ଓକିଲ ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ ତାଙ୍କ ଭାଇ ମଧୁସୂଦନଙ୍କ ସକାଶେ ସମ୍ବଲପୁରର ଗୋଟିଏ କନ୍ୟା ଗ୍ରହଣକରିବା ସକାଶେ ପ୍ରସ୍ତାବ କରିଅଛନ୍ତି ଓ ମୋ ଝିଅମାନଙ୍କ ମଧ୍ୟରୁ କାହାକୁ ଦେବା ଇଚ୍ଛା କଲେ ତାଙ୍କଠାକୁ ଏ ବିଷୟରେ ପତ୍ର ଲେଖିବାକୁ ପରାମର୍ଶ ଦେଇଥିଲେ । ଏହି ପତ୍ର ପାଇ ମୁଁ ମନେକଲି, ଭଗବାନ ମୋର ସତ୍‌ସଂକଳ୍ପକୁ ସଫଳ କରିବା ସକାଶେ ହୁଏତ ମୋତେ ପରୀକ୍ଷା କରୁଅଛନ୍ତି କିମ୍ବା ଏ ଦିଗରେ ଅଗ୍ରସର ହେବା ସକାଶେ ପ୍ରେରଣା ପ୍ରଦାନ କରୁଅଛନ୍ତି । ମୋର ହୃଦୟ ଉଦ୍‌ବେଗପୂର୍ଣ୍ଣ ହୋଇଗଲା । ଦୀନବନ୍ଧୁ ବାବୁ ମୋର ପରିବାର ସହିତ ଘନିଷ୍ଠ ଭାବରେ ପରିଚିତ । ମନେକଲି, ସେ ସୁଷମା ପ୍ରତି ଲକ୍ଷ୍ୟ ରଖିଛନ୍ତି । କିନ୍ତୁ ସୁଷମା ଓ ଉମା ତ ପାତ୍ରସ୍ଥା ହୋଇସାରିଅଛନ୍ତି । ଦେବାପାଇଁ ଅଛି ଶ୍ୟାମା । ସେତେବେଳେ ତାହାର ବୟସ ମାତ୍ର ୧୪ ବର୍ଷ । ସୁତରାଂ ତାକୁ ମୁଁ ଦେବା ଓ ଲିଙ୍ଗରାଜ ବାବୁ ଗ୍ରହଣ କରିବା ସମ୍ବନ୍ଧରେ ମୋର ସନ୍ଦେହ ଜାତହେଲା । ଯେପରି ମୋ ପରିବାର ସହିତ ନହେଲେ ଅନ୍ୟ

Digitized by srujanika@gmail.com

କୌଣସି ପରିବାର ସହିତ ଏହି ସମ୍ପର୍କ କରାଇଦେବି, ଏହି ଭାବନା ମୋ ମନରେ ଜାଗ୍ରତ ହେଲା। ମୁଁ ମନେକଲି, ଯେଉଁ ପନ୍ଥା ଅବଲମ୍ବନ କରିବାକୁ ମୁଁ ଯାଉଅଛି ତାହାର ପୁଷ୍ଟିସାଧନ ସକାଶେ ଏକ ପ୍ରଗତିଶୀଳ ଦଳ ସୃଷ୍ଟି କରିବାକୁ ହେବ। ସମ୍ବଲପୁରରେ ବରପାତ୍ରର ଯେପରି ଅଭାବ ଓ ଏହି ସମୟରେ ପ୍ରାପ୍ତବୟସ୍କା କନ୍ୟା ପ୍ରତ୍ୟେକ ପରିବାରରେ ରହିଯାଇଅଛନ୍ତି। ମୋର ବିଶ୍ୱାସ ହେଲା, ମୁଁ ଯଦି ସଂସ୍କାର ଆରମ୍ଭ କରିଦିଏ ତାହାହେଲେ ମୋର ପଥ ଅନୁସରଣ କରିବାକୁ ଲୋକେ ଅଳ୍ପଦିନ ମଧ୍ୟରେ ସମୁତ୍ସାହିତ ହେବେ।

ମୁଁ ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀଙ୍କୁ ଏହି ପ୍ରସ୍ତାବ ସମ୍ବନ୍ଧରେ ପତ୍ର ଲେଖିବା ପୂର୍ବେ ଦୀନବନ୍ଧୁବାବୁଙ୍କ ଠାକୁ ପତ୍ର ଲେଖି ମୋର ମତ ଜଣାଇବାକୁ ଚେଷ୍ଟାକଲି। ମୁଁ ଲେଖିଲି ଯେ ଏପରି କାର୍ଯ୍ୟ ପତ୍ରଦ୍ୱାରା ସମ୍ପାଦନ ନ କରି ପରସ୍ପର ସାକ୍ଷାତ କରି ଆଲୋଚନା କରିବା ସୁବିଧାଜନକ। ଯଦି ସେ ପରାମର୍ଶ ଦିଅନ୍ତି, ତାହାହେଲେ ମୁଁ ନିଜେ ଯାଇ ଲିଙ୍ଗରାଜ ପାଣିଗ୍ରାହୀଙ୍କ ସଙ୍ଗେ କଥାବାର୍ତ୍ତା କରିବି। ତାଙ୍କ ଉତ୍ତର ପାଇବା ପର୍ଯ୍ୟନ୍ତ ଲିଙ୍ଗରାଜ ପାଣିଗ୍ରାହୀଙ୍କଠାକୁ ଲେଖିବି ନାହିଁ। ସେ ଲିଙ୍ଗରାଜବାବୁଙ୍କ ସହିତ ପରାମର୍ଶ କରି ମୋତେ ପତ୍ର ଲେଖିବେ ବୋଲି ଲେଖିଲେ।

ଦିନ ପରେ ଦିନ ଚାଲିଛି, ଏହି ମଧ୍ୟରେ ଓଡ଼ିଆ ବ୍ରାହ୍ମଣ ଘରେ ମୁଁ ଝିଅ ଦେଉଥିବା ସମ୍ବାଦ ତୁଣ୍ଡ ବାଇଦରେ ବାଜିଗଲାଣି। ଏହି ବିଷୟରେ ଲୋକେ କୁହାକୁହି ହେଉଥିବାର ଶୁଣିଲି। ଅନୁସନ୍ଧାନ ଦ୍ୱାରା ଜାଣିଲି, ନାରାୟଣବାବୁଙ୍କ ସମ୍ବଲପୁରସ୍ଥ ଜ୍ଞାତି ବାନ୍ଧବଙ୍କଦ୍ୱାରା ଏହା କ୍ରମେ କ୍ରମେ ପ୍ରଚାରିତ ହେଉଅଛି। ନାରାୟଣବାବୁଙ୍କ ପୁତ୍ରମାନେ ସୁଦ୍ଧା ସମୟ ସମୟରେ ସମ୍ବଲପୁରକୁ ଆସୁଥିଲେ। ସେମାନେ ହୁଏତ କାହାରିକୁ ଏହି କଥା କହିଥିବେ। ମୁଁ ନିଜେ କାହାରିଠାରେ ଏହା ପ୍ରଘଟ କରିନଥିଲି। ଦିନେ ଝାଡୁଆପଡ଼ାର ଜଣେ ଜଣାଶୁଣା ଭଦ୍ରବ୍ୟକ୍ତି ଆସି ଏ ସମ୍ବନ୍ଧରେ ମୋତେ ପଚାରିଲେ ଓ ମୋଠାରୁ ଉତ୍ତର ଶୁଣି କହିଲେ ଯେ, ଏଥିରେ ତାଙ୍କର ପୂର୍ଣ୍ଣ ଅନୁମୋଦନ ଅଛି ଓ ତାଙ୍କ ଝିଅ ସକାଶେ ଗୋଟିଏ ଓଡ଼ିଆ ବ୍ରାହ୍ମଣ ପାତ୍ର ଯୋଗାଡ଼ କରିଦେବାକୁ କହିଲେ। ପୁଣି ମୋର ସତ୍‌ସାହସର ଅଭିନନ୍ଦନ ଜଣାଇ ଏହି ପ୍ରଥମ ଉଦ୍ୟମରେ ସୁଦ୍ଧା ମୋ ସହିତ ସହଯୋଗ କରିବେ ବୋଲି କହିଲେ।

କ୍ରମେ କ୍ରମେ ଦେଖିଲି, ଏହି ଘଟଣା ସମ୍ବଲପୁର ସହରରେ କାହିଁକି, ମଫସଲ ଅଞ୍ଚଳରେ ମଧ୍ୟ ଚହଳ ସୃଷ୍ଟି କରିଦେଲାଣି। ମୋର କେତେକ ବନ୍ଧୁ ମୋର ସତ୍‌ସାହସର ପ୍ରଶଂସା କରିବାକୁ ଲାଗିଲେ। କେହି କେହି ମୋତେ ସମାଜରେ ଶତ୍ରୁତା ସୃଷ୍ଟି କରିବା ପରିବର୍ତ୍ତେ ଏଥିରୁ ନିବୃତ୍ତ ହେବାପାଇଁ ପରାମର୍ଶ ଦେଲେ। ମୋର ପିଉସାଶ୍ୱଶୁର, ମୋର ଧର୍ମପିତାଙ୍କ ବାଲ୍ୟବନ୍ଧୁ ଓ ମୋର ହିତୈଷୀ ଶୁକଦେବ ପଣ୍ଡା ଆସି ମୋ ସହିତ ଏ ବିଷୟରେ ଆଲୋଚନା କଲେ ଓ କହିଲେ ଯେ, ଏଥିରେ ତାଙ୍କ ଅନୁକୂଳ ମତ ଅଛି। କିନ୍ତୁ ବ୍ରହ୍ମପୁରା ଆରଣ୍ୟକ ସଭାର ସମ୍ପାଦକ ତାଙ୍କୁ କହୁଥିଲେ ଯେ, ଓଡ଼ିଆ ବ୍ରାହ୍ମଣଘରେ ମୁଁ ଝିଅ ଦେଇ

Digitized by srujanika@gmail.com

ଭଲ କରୁନାହିଁ ଓ ପ୍ରକୃତରେ ଯଦି ଦିଏ, ତାହାହେଲେ ବ୍ରାହ୍ମଣଙ୍କ ସଭା ଡାକି ମୋତେ ବାସନ୍ଦ କରିବେ। ଦେଖିଲି, କଥାଟା ଆଉ ଛପୁ ନାହିଁ ଓ ଛପେଇ ରଖିବାର ମଧ୍ୟ କୌଣସି କାରଣ ନାହିଁ। ସମାଜର ବିଶିଷ୍ଟ ବ୍ୟକ୍ତିମାନେ ସୁଦ୍ଧା ଆସି ମୋ ସହିତ ଏହି ବିଷୟରେ ଆଲୋଚନା କରିବାକୁ ଲାଗିଲେ ଓ ଏହି ମର୍ମରେ ମୁଁ ଏ ବିଷୟର ଆଲୋଚନା କଲି – ଆଜିକାଲି ବିବାହ ସମସ୍ୟା ଯେପରି ତୀବ୍ର ହୋଇଅଛି, ସାରଦା ଆଇନ ଜାରି ହେବା ପୂର୍ବେ ସେପରି ହୋଇନଥିଲା। ଝାଡୁଆପଡ଼ାରେ ଘରେ ବିବାହଯୋଗ୍ୟା କନ୍ୟା ଅଛନ୍ତିନ୍ତି ସେମାନଙ୍କ ସକାଶେ ନାନା ଚେଷ୍ଟାକରି ସୁଦ୍ଧା ଅଭିଭାବକମାନେ ବରପାତ୍ର ପାଉନାହାଁନ୍ତି। ଏହାର ପ୍ରଧାନ କାରଣ ସମାଜ ଅତ୍ୟନ୍ତ ସଂକୀର୍ଣ୍ଣ ଓ ବିବାହ କ୍ଷେତ୍ରରେ ସମ୍ପ୍ରସାରଣ ସକାଶେ କେହି ଇଚ୍ଛୁକ ବା ଚେଷ୍ଟିତ ନୁହଁନ୍ତି। ଆବହମାନକାଳରୁ ପୂର୍ବ ଅନୁସୃତ ପନ୍ଥା ତ୍ୟାଗ କରିବାକୁ କାହାରି ଇଚ୍ଛାନାହିଁ। କାହାରି କାହାରି ଇଚ୍ଛା ଥିଲେ ମଧ୍ୟ ତାହା ତ୍ୟାଗ କରିବା ସକାଶେ ସେମାନଙ୍କ ସାହସର ଅଭାବ। ଏହାରି ଫଳରେ କନ୍ୟାମାନେ ପାତ୍ରସ୍ଥା ହୋଇପାରୁନାହାଁନ୍ତି। ଏହା କେତେଦିନ ଚାଲିବ ? ଝିଅକୁ ଜନ୍ମଦେଇ ସତ୍‌ପାତ୍ରରେ ସମ୍ପ୍ରଦାନ କରିବା ସର୍ବପ୍ରଥମ କର୍ତ୍ତବ୍ୟ। ଯେଉଁ ପିତା ଏହା ନ କରେ ସେ ପାପରେ ଭାଗୀହୁଏ। ସମ୍ବଲପୁରରେ ଏହି ତୀବ୍ର ଅବସ୍ଥାର ବିବେଚନାରେ ବିବାହ କ୍ଷେତ୍ରର ସମ୍ପ୍ରସାରଣ ଯେ ଅତ୍ୟନ୍ତ ଆବଶ୍ୟକ ଏଥିରେ ସନ୍ଦେହ ନାହିଁ। ଏହି ଉଦ୍ଦେଶ୍ୟ ସିଦ୍ଧି ସକାଶେ ଓଡ଼ିଆ ଝାଡୁଆଙ୍କ ମଧ୍ୟରେ ବିବାହ ଏକମାତ୍ର ଉପାୟ। ସମ୍ବଲପୁରର ଓଡ଼ିଆ ଓ ଝାଡୁଆ ବ୍ରାହ୍ମଣମାନଙ୍କ ସମ୍ବନ୍ଧରେ ଇତିହାସ ଆଲୋଚନା କଲେ ଜଣାଯାଏ ଯେ, ଉଭୟ ସମାଜ ମଧ୍ୟରେ ବିବାହ ଆପତ୍ତିଜନକ ନୁହେଁ। ଉଭୟ କୁଳର ପୂର୍ବପୁରୁଷମାନେ ପୁରୀ ଅଞ୍ଚଳରୁ ଆସିଥିଲେ। ଝାଡୁଆ ବ୍ରାହ୍ମଣଙ୍କ ପୂର୍ବପୁରୁଷମାନେ ପ୍ରଥମରେ ଓ ଓଡ଼ିଆ ବ୍ରାହ୍ମଣଙ୍କ ପୂର୍ବପୁରୁଷମାନେ ସେମାନେ ଆସିବାର କେତେକ ବର୍ଷ ପରେ ଆସିଥିଲେ। ସେହି ସମୟରେ ସମ୍ବଲପୁର ଅନାର୍ଯ୍ୟମାନଙ୍କଦ୍ୱାରା ଅଧ୍ୟୁଷିତ ହୋଇଥିଲା। ସମ୍ବଲପୁରର ପଞ୍ଚମ ରାଜା ବଳିୟାର ସିଂହ ପୁରୀରୁ ଚାରିଘର ବ୍ରାହ୍ମଣ ଆଣିଥିଲେ। ଏହି ବ୍ରାହ୍ମଣମାନେ ଓ ସେମାନଙ୍କ ଆସିବା ଅଳ୍ପଦିନ ମଧ୍ୟରେ ଯେଉଁମାନେ ଆସିଲେ ସେମାନେ ଝାଡ଼ କାଟି ପରିଷ୍କାର କରି ରାଜାଙ୍କଠାରୁ ପ୍ରାପ୍ତ ଭୂମି କର୍ଷଣାଦି ସହିତ ଅନ୍ୟାନ୍ୟ ବିଷୟରେ ସ୍ଥାନୀୟ ଲୋକଙ୍କ ସାହାଚର୍ଯ୍ୟରେ ରହି ଭାଷା ଓ କେତେକ କୌଳିକ ପ୍ରଥାରେ ସେମାନଙ୍କ ମଧ୍ୟରେ ବିପର୍ଯ୍ୟୟ ଘଟିଅଛି। ଏହା ମଧ୍ୟ ଅସ୍ୱାଭାବିକ ନୁହେଁ। ସ୍ଥାନ ବିଶେଷରେ ଭାଷା ପ୍ରଥାଗତ ପାର୍ଥକ୍ୟ ବିଦ୍ୟମାନ। 'ଝାଡୁଆ' ନାମ ମୁଁ ଘୃଣାକରେ। ମୁଁ ମନେକରେ, ଯେଉଁ ବ୍ରାହ୍ମଣମାନେ ପୁରୀ ଓ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରୁ ପରବର୍ତ୍ତୀ ସମୟରେ ସମ୍ବଲପୁରକୁ ଆସି ବସତିସ୍ଥାପନ କଲେ ସେମାନେ ତଦାନୀନ୍ତନ ବ୍ରାହ୍ମଣମାନଙ୍କ ମଧ୍ୟରେ ଭାଷା ଓ କେତେକ ସାମାଜିକ ପ୍ରଥାର ବିପର୍ଯ୍ୟୟ ନେଇ ସେମାନଙ୍କୁ 'ଝାଡୁଆ' ଆଖ୍ୟା ପ୍ରଦାନ କଲେ ଓ ଏହାର ପ୍ରତିବାଦ ଓ ପ୍ରତିକ୍ରିୟା ସ୍ୱରୂପ ନବାଗତ ବ୍ରାହ୍ମଣମାନଙ୍କୁ ସେମାନେ

Digitized by srujanika@gmail.com

'ଓଡ଼ିୟା' କହିଲେ; ଏହାହିଁ ଝାଡ଼ୁଆ ଓଡ଼ିୟା ନାମର ମୂଳ କାରଣ। ଝାଡ଼ୁଆ ଅର୍ଥ ଜଙ୍ଗଲୀ। ଜଙ୍ଗଲୀ ନାମର ପ୍ରୀତି ଉପଭୋଗ ବା ଆସ୍ଫାଳନ କରିବା କୌଣସି କାରଣ ନାହିଁ। ଓଡ଼ିଶାର ବ୍ରାହ୍ମଣମାନଙ୍କୁ ଓଡ଼ିଶାର 'ଓଡ଼ିୟା' ବ୍ରାହ୍ମଣ କହିବା ମଧ୍ୟ କୌଣସି କାରଣ ନାହିଁ। କୌଣସି କୌଣସି ବିଶିଷ୍ଟ 'ଝାଡ଼ୁଆ' ବ୍ରାହ୍ମଣମାନଙ୍କ ଏହି ମତ ଶୁଣାଯାଏ ଯେ, ଆରଣ୍ୟକୋପନିଷଦ ସହିତ ଏମାନଙ୍କ ସମ୍ପର୍କ ଥିବାରୁ ଏହି ଧର୍ମ ଶାସ୍ତ୍ରାନୁସାରେ ଏମାନଙ୍କ ନାମକରଣ ହୋଇଅଛି। ଆମ୍ଭମାନଙ୍କ ରୀତିନୀତି ପର୍ଯ୍ୟବେକ୍ଷଣକଲେ ଜଣାଯାଏ ଯେ, ଆରଣ୍ୟକୋପନିଷଦ ସହିତ ଆମ୍ଭମାନଙ୍କ କୌଣସି କାର୍ଯ୍ୟରେ ବିନ୍ଦୁବିସର୍ଗ ସମ୍ପର୍କ କେହି ସ୍ୱୀକାର କରିବେ ନାହିଁ। କେହି କେହି ଓଡ଼ିୟା ନାମରେ ନାସିକାକୁଞ୍ଚନ କରି ନିଜକୁ ଓଡ଼ିୟା ବୋଲି ପରିଚୟ ଦେବାକୁ କୁଣ୍ଠିତ ହୋଇ ଝାଡ଼ୁଆ ବ୍ରାହ୍ମଣଙ୍କ ପୂର୍ବପୁରୁଷ କେବେ ଓଡ଼ିୟା ନ ଥିଲେ ଓ ସେମାନେ ପାଟଣା ରାଜ୍ୟ ସ୍ଥାପୟିତା ରମାଇ ଦେଓଙ୍କ ସହିତ ରାଜପୁତନାରୁ ଆସିଥିଲେ ବୋଲି କହନ୍ତି। ଏଥିରେ ସୁଦ୍ଧା ମୁଁ ଆଦୌ ଏକମତ ନୁହେଁ। ପଶ୍ଚିମାଞ୍ଚଳର ବ୍ରାହ୍ମଣମାନଙ୍କ ଉପାଧ୍ୟାୟ, ଶୁକ୍ଳ, ଦୁବେ, ଚୌବେ ପ୍ରଭୃତି ସଂଜ୍ଞା ଓଡ଼ିଶାର ବ୍ରାହ୍ମଣମାନଙ୍କ ନାହିଁ। ଅନିର୍ଦ୍ଦିଷ୍ଟ ଆଶା ପୋଷଣକରି ବିବାହଯୋଗ୍ୟା କନ୍ୟାକୁ ଘରେ ବସାଇ ରଖିବା ମୁଁ ପକ୍ଷପାତୀ ନୁହେଁ। ବିଶେଷତଃ ଯେଉଁ ସ୍ଥଳରେ କନ୍ୟା ସକାଶେ ସତ୍‌ପାତ୍ର ମିଳିବା ଆଶା ନାହିଁ ସେହି ସ୍ଥଳରେ ଓଡ଼ିୟା ବ୍ରାହ୍ମଣ ବା ଓଡ଼ିଶାର ଅନ୍ୟ ଅଞ୍ଚଳର ବ୍ରାହ୍ମଣପାତ୍ରକୁ କନ୍ୟା ଦେବାରେ କୌଣସି ଆପତ୍ତି ନାହିଁ। ଏହା ହିଁ ସମ୍ବଲପୁରରେ ଏହି ତୀବ୍ର ସମସ୍ୟା ସମାଧାନ କରିବ। ୫୦ବର୍ଷ ପୂର୍ବେ କଟକ, ପୁରୀରେ ମଧ୍ୟ ଏହି ପ୍ରକାର ପରିସ୍ଥିତି ଥିଲା। କ୍ରମେ କ୍ରମେ ରକ୍ଷଣଶୀଳ ଦଳଙ୍କ ବିରୋଧ ସତ୍ତ୍ୱେ ସାମନ୍ତ, ଭଞ୍ଜ ମିଶ୍ର ପ୍ରଭୃତି ଉପାଧିକ ଶାସନୀ ବ୍ରାହ୍ମଣମାନେ ସୁଦ୍ଧା ଗଞ୍ଜାମର ଓ ଅନ୍ୟାନ୍ୟ ଜିଲ୍ଲାର ବ୍ରାହ୍ମଣମାନଙ୍କ ଏପରିକି ମାସ୍ତାନି ବ୍ରାହ୍ମଣଙ୍କ ସହିତ ବୈବାହିତ ସମ୍ପର୍କ କଲେଣି। ଏହି ପରିସ୍ଥିତି ସର୍ବତୋଭାବେ ବାଞ୍ଛନୀୟ। ଏକ ଜାତି ମଧ୍ୟରେ ସଂକୀର୍ଣ୍ଣ ଭେଦ ଏକାବେଳକେ ଉଠାଇ ଦେବା ଉଚିତ।

ଏହି ସମୟରେ ସମ୍ବଲପୁରର ଆଉଜଣେ ବିଶିଷ୍ଟ ବ୍ୟକ୍ତି ଏ ପ୍ରକାର ବିବାହର ଆବଶ୍ୟକତା ଅନୁଭବ କରୁଥିଲେ। ତାଙ୍କର ମଧ୍ୟ ମୋପରି ଅନେକ ଝିଅ। ଏହାର କିଛିଦିନ ପୂର୍ବେ ମୋର ନିକଟ ବନ୍ଧୁ ଡାକ୍ତର ସନାତନ ପୂଜାରୀ ମୋର କନ୍ୟା ସୁଷମାର ବିବାହ ବିଷୟ ଶୁଣି କହିଲେ ଯେ, ବରହମ୍ପୁର ଓକିଲ ଓ ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀଙ୍କ ଘରେ ତାଙ୍କର ଗୋଟିଏ କନ୍ୟା ଦେବା ପ୍ରସ୍ତାବ ଚାଲିଅଛି ଓ ସେ ସମ୍ମତ ହେଲେ ସେଠାରେ ତାଙ୍କର ଗୋଟିଏ କନ୍ୟା ଦେବା ସଂକଳ୍ପ କରିଅଛନ୍ତି। ବରହମ୍ପୁରର ଶ୍ରୀ ଦୀନବନ୍ଧୁ ଦାସ ଓକିଲ ଏ ସମ୍ବନ୍ଧରେ ମୋଠାକୁ ଯେପରି ପତ୍ର ଲେଖିଥିଲେ, ସନାତନ ବାବୁଙ୍କ ଠାକୁ ସୁଦ୍ଧା ଲେଖିଥିଲେ। ସନାତନ ବାବୁ ମୋର ମତ ପଚାରିଲେ। କହିବା ବାହୁଲ୍ୟ, ଏଥିରେ ମୋର ସମ୍ପୂର୍ଣ୍ଣ ସମର୍ଥନ ଥିବା ପ୍ରକାଶ କଲି ଓ କହିଲି ଯେ, ଏହା କଲେ ସନାତନ ବାବୁ ଆମ୍ଭ ଦଳ

Digitized by srujanika@gmail.com

ପୁଷ୍ଟ କରିବେ । କିନ୍ତୁ ପରେ ଏଥିରେ ସନାତନ ବାବୁଙ୍କ ନୈତିକ ସାହସ ଊଣା ଦେଖାଗଲା । ୧୯୪୪ ସାଲରେ ନାରାୟଣ ନନ୍ଦଙ୍କ ପୁତ୍ର କିଶୋରୀ ମୋହନ ଓ ୧୯୪୫ରେ ସୁଷମା ଏମ୍.ବି.ବି.ଏସ୍. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ବିବାହଲଗ୍ନ ତା.୨୩-୬-୪୫କୁ ସ୍ଥିର ହେଲା। ଏହି ମଧ୍ୟରେ ମୋର ବାରମ୍ବାର ଉତ୍ସାହ ପ୍ରଦାନ ଓ ଅନୁରୋଧରେ ସନାତନ ବାବୁ ବିଶାଖରେ ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀଙ୍କ ଭାଇ ଶ୍ରୀ ମଧୁସୂଦନ ପାଣିଗ୍ରାହୀଙ୍କୁ କନ୍ୟା ଦେବା ସ୍ଥିର କରି କଟକରେ ନିର୍ବନ୍ଧ କରି ପକାଇଲେ। ସେତେବେଳେ ସେ କଟକ ମେଡ଼ିକାଲ୍ କଲେଜର ପ୍ରିନ୍‌ସିପାଲ୍। ଏହାର କେତେକ ଦିନ ଉତ୍ତାରେ ସନାତନ ବାବୁ ମୋତେ କହିଲେ ଯେ, ଏଥିରେ ତାଙ୍କ ଭାଇମାନଙ୍କ ସମ୍ମତି ନାହିଁ। ତାଙ୍କ ଭାଇମାନେ ସମସ୍ତେ ଉଚ୍ଚ ସରକାରୀ ଚାକିରିରେ ଅଛନ୍ତି। ସେମାନଙ୍କ ମତକୁ ଉପେକ୍ଷା କରି ସନାତନ ବାବୁ ବିବାହ ଲଗ୍ନ ମଧ୍ୟ ସ୍ଥିର କରିପକାଇଲେ। ସୁଷମା ବିବାହକୁ ସେ ସପରିବାର ଆସିଥିଲେ। ମୁଁ ଶୁଣିଥିଲି ଯେ, ତାଙ୍କ କନ୍ୟାର ବିବାହ ଏହି ଲଗ୍ନରେ କରିବା ସେ ସ୍ଥିର କରିଥିଲେ। ତାହା ଆଜି ହୋଇ ନ ଥିବା କାରଣ ତାଙ୍କୁ ପଚାରିଲି ଓ ସେ କହିଲେ ଯେ, ଓଡ଼ିଆ ବ୍ରାହ୍ମଣ ଘରେ ମୋର ଝିଅର ବିବାହ ଯୋଗୁଁ ସମ୍ବଲପୁରର ଝାଡୁଆ ବ୍ରାହ୍ମଣ ସମାଜ ମୋ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ କରୁଛନ୍ତି କି ନା ସେ ଦେଖିବାକୁ ଚାହାଁନ୍ତି। ତେଣୁ ସେହିଦିନ ପର୍ଯ୍ୟନ୍ତ ସେ ଅପେକ୍ଷା କରିବେ। ମୁଁ ତାଙ୍କୁ କହିଲି, ଏପରି କାର୍ଯ୍ୟରେ ଭୟକଲେ ସମାଜ ସଂସ୍କାର ହୋଇପାରିବ ନାହିଁ। ତତ୍ପରେ ମୋତେ ଝାଡୁଆ ବ୍ରାହ୍ମଣ ସମାଜ ବାରଣ କଲାପରେ ସନାତନ ବାବୁ ତାଙ୍କ ସ୍ଥିର ହୋଇଥିବା ସମ୍ବନ୍ଧ ଭାଙ୍ଗିଦେଲେ ଓ ମୁଁ ଯେତେବେଳେ ଏମାନଙ୍କ କାର୍ଯ୍ୟର ପ୍ରତିବାଦ କରି ଅଦାଲତରେ ମୋକଦ୍ଦମା ଦାଏର କଲି ଓ ଅଦାଲତଙ୍କ ହୁକୁମରେ ମୋ ବିରୁଦ୍ଧରେ ସେମାନଙ୍କ ହୁକୁମ ନାକଚ ହୋଇଗଲା, ସନାତନ ବାବୁ ତାଙ୍କ ସେହି ଝିଅକୁ ପୁରୀ ଜିଲାରେ ଏକ ପାତ୍ର ସହିତ ବିବାହ କରାଇଲେ।

ଗୋଟିଏ ସାମାନ୍ୟ ବିଷୟରେ ସୁଦ୍ଧା ସଂସ୍କାର ଆବଶ୍ୟକ ପଡ଼ିଲେ ସ୍ଥାନବିଶେଷରେ ପରିସ୍ଥିତିରେ ତାରତମ୍ୟ ଘଟିଥାଏ। ଏକ ସ୍ଥାନରେ ଯାହା ସାମାନ୍ୟ ଅନ୍ୟ ସ୍ଥାନରେ ତାହାର ଆକାର ଗୁରୁତ୍ୱପୂର୍ଣ୍ଣ। ସାରଦା ଆଇନ୍‌ଦ୍ୱାରା ଇଂରେଜ ଶାସିତ ଅଞ୍ଚଳରେ ବାଲ୍ୟବିବାହ ବନ୍ଦ କରିବାକୁ ଚେଷ୍ଟା ହେଉଥିବା ସମୟରେ ଗଡ଼ଜାତ ଅଞ୍ଚଳରେ ଯୁବତୀ ବିବାହ ଦଣ୍ଡନୀୟ ହେଉଥିଲା। ତେଣୁ ଇଂରେଜ ଶାସିତ କେତେକ ସ୍ଥାନରୁ ରକ୍ଷଣଶୀଳ ଲୋକେ ଗଡ଼ଜାତକୁ ଯାଇ ସେଠାରେ ବାଲ୍ୟ ବିବାହ କରି ଆସୁଥିଲେ। ବାଲ୍ୟବିବାହ ନିରୋଧ ଆଇନର ବ୍ୟବସ୍ଥାମତେ ଅନେକ ସ୍ଥାନରେ ଏହା କାର୍ଯ୍ୟକାରୀ ମଧ୍ୟ ହେଉ ନଥିଲା। ଏହାର ବ୍ୟବସ୍ଥା ଏହି ଯେ, କେହି ଆଇନ୍ ଭଙ୍ଗ ଦୋଷରେ ଦୋଷୀର ବିପକ୍ଷରେ ଅଦାଲତରେ ମୋକଦ୍ଦମା ଦାଏର କଲେ ଏ ସମ୍ବନ୍ଧରେ ଦୋଷୀ ପ୍ରତି କାର୍ଯ୍ୟାନୁଷ୍ଠିତ ହେବ। ନିତାନ୍ତ ଶତ୍ରୁ ନ ହେଲେ କିଏ କାହା ବିରୁଦ୍ଧରେ ମୋକଦ୍ଦମା କରିବାକୁ ଯିବ ? ଏହି ହେତୁରୁ ଆଇନ୍ ଅନେକ ସ୍ଥଳରେ ଅକାମୀ ହୁଏ ଓ ଆଇନ୍‌ଦ୍ୱାରା ସମାଜ ସଂସ୍କାର ଅସମ୍ଭବ ହୋଇଉଠେ।

Digitized by srujanika@gmail.com

ଏହି ପରିସ୍ଥିତିରେ କଳାହାଣ୍ଡିରେ ମୋର ଅଷ୍ଟମା କନ୍ୟା ଉମାର ବିବାହ ଗୁରୁତ୍ୱପୂର୍ଣ୍ଣ ହୋଇଥିଲା । ସେହି ସମୟରେ ବରପାତ୍ର ପାଟଣା ଇଂଜିନିୟରିଂ କଲେଜରେ ଛାତ୍ର ଓ ଉମା ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଛାତ୍ରୀ । ଶ୍ୱଶୁର ଶ୍ରୀ ଲକ୍ଷ୍ମଣ ପ୍ରସାଦ ବେହେରା ବିଶିଷ୍ଟ କଂଗ୍ରେସପନ୍ଥୀ । ତାଙ୍କର ଜଣେ ଭାଇ ଡାକ୍ତର । ଏହି ଶିକ୍ଷିତ ପରିବାରରେ ଏବଂ ଉଚ୍ଚଶିକ୍ଷିତ ମହାରାଜା ପ୍ରତାପ କେଶରୀ ଦେଓଙ୍କ ପୃଷ୍ଠପୋଷକତାରେ ରକ୍ଷଣଶୀଳ ନୀତି ପରିତ୍ୟକ୍ତ ହୋଇ ପ୍ରଗତିଶୀଳ ନୀତି ଅନୁସୃତ ହେବା ସ୍ୱାଭାବିକ ।

ଉମାର ବିବାହ ତା.୭-୨-୧୯୪୫ରେ ସମ୍ପନ୍ନ ହେଲା । ବରଯାତ୍ରୀ ଦଳରେ ଆସିଥିଲେ କଳାହାଣ୍ଡିର ଅଧିକାଂଶ ଶିକ୍ଷିତ ଯୁବକ । ଦଳର କର୍ତ୍ତା ବରପାତ୍ର ଶ୍ରୀ ଭୁବନେଶ୍ୱର ବେହେରାଙ୍କ ପିତା, ଦୁଇଜଣ ପିତୃବ୍ୟ ଓ ଜ୍ୟେଷ୍ଠଭ୍ରାତା । ଇଂରେଜଶାସିତ ଅଞ୍ଚଳରେ ଓ କେତେକ ଗଡ଼ଜାତ ସହରରେ ଯୁବତୀ ବିବାହ ପ୍ରଚଳିତ ହୋଇଥିଲେ ସୁଦ୍ଧା କଳାହାଣ୍ଡିରେ ସେ ପର୍ଯ୍ୟନ୍ତ ହୋଇ ନଥିଲା । ରକ୍ଷଣଶୀଳ ଦଳ ଏହି ବିବାହରେ ପ୍ରତିବାଦ କରି ତାଙ୍କ ପରିବାରକୁ ସମାଜରୁ ବାରଣ କରିବା ସ୍ଥିର କରିଥିବା କଥା ବରଯାତ୍ରୀ ଦଳର ଏହି ଯୁବକମାନଙ୍କଠାରୁ ଶୁଣିଲି । ଏମାନେ କହିଲେ ଯେ, ଏହାଙ୍କ ବିରୁଦ୍ଧରେ ସେମାନେ ଏକ ସ୍ୱତନ୍ତ୍ର ଦଳ ଗଠନ କରିବେ ଓ ସେମାନଙ୍କୁ ସମର୍ଥନ କରିବା ସକାଶେ ବହୁ ସଂଖ୍ୟାରେ ବ୍ରାହ୍ମଣମାନେ ଯୋଗଦେବେ । ଗୋଟିଏ ନୂତନ କାର୍ଯ୍ୟ କରିବାକୁ ହେଲେ ବିଘ୍ନ ଉପସ୍ଥିତ ହେବା ସ୍ୱାଭାବିକ । ଶ୍ରେୟ କାର୍ଯ୍ୟରେ ବିଘ୍ନ ଅତିକ୍ରମ କରିବା ବୀରତ୍ୱର କାର୍ଯ୍ୟ । ଏତିକି କରି ନ ପାରିଲେ, ସମାଜ ସଂସ୍କାର ହୋଇପାରିବ ନାହିଁ । ଏମାନଙ୍କ ସହିତ କଥାବାର୍ତ୍ତା କରି ବୁଝିଲି, ଏମାନେ ସଂସ୍କାର ପ୍ରିୟ ଓ ସମସ୍ତ ବାଧାବିଘ୍ନର ସମ୍ମୁଖୀନ ହେବା ସକାଶେ ପ୍ରସ୍ତୁତ ହୋଇ ଆସିଥିଲେ ।

ଉମା ସମ୍ବନ୍ଧରେ ତାହାର ଶ୍ୱଶୁର ଶ୍ରୀ ଲକ୍ଷ୍ମଣ ପ୍ରସାଦ ବେହେରାଙ୍କ ସୁବିଚାର ସ୍ତ୍ରୀ-ଶିକ୍ଷା ପ୍ରତି ଅନୁରାଗର ପରିଚାୟକ । ଉମାର ଆଇ.ଏ. ପରୀକ୍ଷା ପରବର୍ତ୍ତୀ ଏପ୍ରିଲ୍ ମାସରେ ହେବା ସ୍ଥିର ହୋଇଥିଲା, ଅର୍ଥାତ୍ ବିବାହର ଆଉ ଦୁଇମାସ ପରେ । ତାହାର ଶ୍ୱଶୁର ସ୍ୱତଃପ୍ରବୃତ୍ତ ହୋଇ କହିଲେ ଯେ, ଉମାର ପାଠ ବନ୍ଦ ହେବ ନାହିଁ ଓ ତାହାର ପରୀକ୍ଷା ଶେଷ ହେବା ପର୍ଯ୍ୟନ୍ତ ସେ କଲେଜରେ ରହିବ । ସୁଦୂର କଳାହାଣ୍ଡିକୁ ତାଙ୍କ ଘରକୁ ଗଲେ ଅକାରଣରେ ବହୁ ସମୟ ନଷ୍ଟ ହେବ । ଏହି ବିବେଚନାରେ ବିବାହର ସମସ୍ତ କାର୍ଯ୍ୟ ସମ୍ବଲପୁରରେ ସମାହିତ ହେଲା ଓ ଉମା ବିବାହର ସପ୍ତାହକ ଉତ୍ତାରେ କଲେଜକୁ ଚାଲିଗଲା । ଏପ୍ରିଲ୍ ମାସରେ ସେ ପରୀକ୍ଷାରେ ବସି କୃତିତ୍ୱ ସହକାରେ ତହିଁରୁ ଉତ୍ତୀର୍ଣ୍ଣ ହେଲା ଓ ଶାଶୁଘରକୁ ଯିବା ପର୍ଯ୍ୟନ୍ତ ଘରେ ରହିଲା । ତାହାର ଏକାନ୍ତ ଇଚ୍ଛା ଯେ, ସେ ବି.ଏ. ପାଶ୍ କରିବ । ଏହା ମୋଠାରେ ବହୁବାର ପ୍ରକାଶ କରିଥଲା ଓ କଟକ ମହିଳା କଲେଜରେ ତାହାକୁ ଭର୍ତ୍ତି କରିବା ପାଇଁ କେତେ କହିଲା । କିନ୍ତୁ ଏହା ମୁଁ କରନ୍ତି କିପରି ? ତାହା ଉପରେ ମୋର ତ ଆଉ ଅଧିକାର ନାହିଁ, ତାହାର ଶ୍ୱଶୁର ଓ ସ୍ୱାମୀ ତାକୁ ପଠାଇଲେ ସେ ପଢ଼ିବ ।

Digitized by srujanika@gmail.com

ତାଙ୍କୁ ନ ଜଣାଇ ମୁଁ ଯଦି ତାହାର ନାମ କଟକ କଲେଜରେ ଲେଖାଇ ଦିଅନ୍ତି ତାହା ହେଲେ ମୋ ଦ୍ୱାରା ସେମାନଙ୍କ ଅଧିକାରରେ ହସ୍ତକ୍ଷେପ ହୁଅନ୍ତା। ଏହା ମୁଁ ଉମାକୁ ଉତ୍ତମରୂପେ ବୁଝାଇଦେଲି। ଆଉ ଉମାର ବା ଆଉ ଅଧିକ ପଢ଼ିବାର ଆବଶ୍ୟକତା କ'ଣ ଥିଲା। ତାହାର ବିବାହ ହେଲା। ଏହାପରେ ଗୃହିଣୀ ହୋଇ କିପରି ତାହାର କର୍ତ୍ତବ୍ୟପାଳନ କରିବ, ସେ ଦିଗରେ ମନଦେବାକୁ ହେବ। ମୋର ଯେଉଁ ଲକ୍ଷ୍ୟ ତାକୁ ତାହା ନିକଟକୁ ପହୁଞ୍ଚାଇ ଦେଇଅଛି। ବିବାହ ପର୍ଯ୍ୟନ୍ତ ଝିଅମାନେ କେବଳ ଘରେ ବସି ଅକାରଣରେ ସମୟ କ୍ଷେପଣ ନ କରି ପାଠ ପଢୁଥିବେ ଓ ବିବାହ ହେଲେ ଗୃହସ୍ଥାଳୀ କରିବେ। ଏହି ସମୟ ଉପସ୍ଥିତ ହେଲା ମାତ୍ରକେ ଝିଅମାନଙ୍କୁ ଶାଶୁଘରକୁ ପଠାଇ ଦେଇ ପିତାମାତା ନିଶ୍ଚିନ୍ତ ହେବେ। ଏହି ଲକ୍ଷ୍ୟ ସମ୍ମୁଖରେ ରଖି କାର୍ଯ୍ୟ କରିବାକୁ ହେବ। ଉମାକୁ ମୁଁ ଉପଯୁକ୍ତ ଶିକ୍ଷା ଦେଇଥିଲି। ଅନ୍ୟ ଝିଅମାନଙ୍କ ପରି ସେ ପାଠରେ ଯେପରି, ଘରକରଣାରେ ମଧ ସେପରି ଶିକ୍ଷାପ୍ରାପ୍ତ ହୋଇଥିଲା। ତାହାର କୃତିତ୍ୱରେ ଆଶାନ୍ୱିତ ହୋଇ ରହିଥିଲି, ଉମା ଶାଶୁଘରେ ଆଦରିଣୀ ହେବ। ଶାଶୁଘରକୁ ପଠାଇବା ସମୟ ଅପେକ୍ଷାରେ ରହିଲି।

ଏହା ଉତ୍ତାରେ ସୁଷମାର ବିବାହ। ତା.୨୩-୬-୧୯୪୫କୁ ବିବାହ ହେବା ସ୍ଥିରହେଲା। ବର୍ତ୍ତମାନ ଆଲୋଚନାର ବିଷୟ ହେଲା, ବିବାହ କେଉଁଠାରେ ହେବ। ସମ୍ବଲପୁରରେ ନା ପୁରୀରେ। ଆମ୍ଭେ ଉଭୟେ ସମ୍ବଲପୁରବାସୀ। ଉଭୟଙ୍କ ସମ୍ବଲପୁରରେ ଘର ଅଛି। କିନ୍ତୁ ନାରାୟଣବାବୁ ସମ୍ବଲପୁରରେ ରହୁ ନାହାଁନ୍ତି। କେତେକ ବର୍ଷ ହେଲା ପୁରୀ ମନ୍ଦିରର ପଶ୍ଚିମ ଦ୍ୱାରରେ ଗୋଟିଏ ଘରକରି ପୁରୀରେ ଏକପ୍ରକାର ଚିରସ୍ଥାୟୀ ବାସିନ୍ଦା ହୋଇ ରହିଯାଇଅଛନ୍ତି। ମୁଁ କହିଲି, ଏହି ବିବାହ ଅଭିନବ ବ୍ୟାପାର ହେଉଥିଲେ ହେଁ ସମ୍ବଲପୁରରେ କରିବା ଉଚିତ ହେବ। ସମାଜ ସଂସ୍କାର ଉଦ୍ଦେଶ୍ୟରେ ଓଡ଼ିଆ ଝାଡୁଆ ବିବାହ କରୁଥିବା ସ୍ଥଳେ ବରଂ ସମ୍ବଲପୁର ସମାଜର ଚକ୍ଷୁ ସମକ୍ଷରେ କରି ଏହା ପ୍ରତି ଲୋକଙ୍କ ଉତ୍ସାହ ଜାଗ୍ରତ କରିବାକୁ ହେବ। ନାରାୟଣ ବାବୁ କିନ୍ତୁ ମୋ ସହିତ ଏକମତ ହେଲେ ନାହିଁ। ସେ କହିଲେ, ମୁଁ ମୋର ଝିଅମାନଙ୍କୁ ପାଠ ପଢ଼ାଉଥିବା ଯୋଗୁଁ ସମ୍ବଲପୁରର ବ୍ରାହ୍ମଣମାନେ ଅତ୍ୟନ୍ତ ବିଚଳିତ ହୋଇପଡ଼ିଅଛନ୍ତି। ଏହାପରେ ପୁଣି ଓଡ଼ିଆ ଝାଡୁଆ ବିବାହ ସମାଜରେ ବିପ୍ଳବ ସୃଷ୍ଟି କରିବ। ଏହି ଜିଲ୍ଲାରେ ଏପରି ବିବାହ ସର୍ବପ୍ରଥମ। ଉଭୟ ସମାଜର ଲୋକେ ଏହା ସମର୍ଥନ କରିବେ ନାହିଁ। ଏହି ବିଷୟରେ ମଧ ପ୍ରାୟ ସମସ୍ତେ ପ୍ରତିକୂଳ ମତ ପ୍ରକାଶ କରୁଅଛନ୍ତି। ସୁତରାଂ ସମ୍ବଲପୁରରେ କଲେ ଉଭୟ ସମାଜର ଲୋକେ କେବଳ ଯେ ଯୋଗଦେବେ ନାହିଁ ତାହା ନୁହେଁ, ଏହା ବିରୁଦ୍ଧରେ ମତ ସଂଗଠନ କରି ନାନାପ୍ରକାର ବିଘ୍ନ ଉତ୍ପାଦନ କରିବା ଆଶଙ୍କା ମଧ ରହିଅଛି। ପୁଣି ସମ୍ବଲପୁରରେ କଲେ ତାଙ୍କ ନିଜର ବନ୍ଧୁବାନ୍ଧବ ମଧ୍ୟରୁ ଜଣେ ହେଲେ ଏଥିରେ ଯୋଗଦେବାର ସେ ଆଶା କରନ୍ତି ନାହିଁ। ସେ ଦୃଢ଼ଭାବରେ କହିଲେ ଯେ, ସମ୍ବଲପୁରରେ ବିବାହ କାର୍ଯ୍ୟ କରିବା କଳ୍ପନା ଏକାବେଳକେ ତ୍ୟାଗ କରିବାକୁ ହେବ। ସର୍ବଶେଷ ଆଲୋଚନା ପରେ ପୁରୀରେ କରିବା ସ୍ଥିରହେଲା।

Digitized by srujanika@gmail.com

ଓଡ଼ିଆ-ଝାଡୁଆ ବ୍ରାହ୍ମଣ ବିବାହ ସମ୍ବଲପୁରରେ ସମ୍ପୂର୍ଣ୍ଣ ନୂତନ ବ୍ୟାପାର। ଉଭୟ ସମାଜର ଲୋକଙ୍କ ମଧ୍ୟରେ ନାନାପ୍ରକାର ଆଲୋଚନା ହେଉଥିବା ସମ୍ବାଦ ମିଳୁଛି। କେହି କେହି ମଧ୍ୟ ଏହା ସପକ୍ଷରେ। କିନ୍ତୁ ଅଧିକାଂଶ ଲୋକେ ଏହା ବିପକ୍ଷରେ ମତ ଦେଉଥିବା ଶୁଣାଯାଉଅଛି। କୌଣସି ନୂତନ ସାମାଜିକ ଅନୁଷ୍ଠାନରେ ଯେ ବହୁ ବିଘ୍ନର ସମ୍ମୁଖୀନ ହେବାକୁ ହେବ ଏଥିରେ ବିଚିତ୍ରତା କିଛି ନାହିଁ। ମୋର ବନ୍ଧୁମାନଙ୍କ ମଧ୍ୟରେ ସବିଧି ନିମନ୍ତ୍ରଣ ଦେବା ପୂର୍ବରୁ ଏହି ବିବାହ ସମ୍ବନ୍ଧରେ ମତ ଜିଜ୍ଞାସା କଲି। ମୋର ନିକଟତମ ବନ୍ଧୁ, ଶଳା ତିନିଜଣ; ଜ୍ୟେଷ୍ଠ ଶଳା ଶ୍ରୀ କୁଞ୍ଜବିହାରୀ ପୂଜାରୀ ସର୍ବାନ୍ତଃକରଣରେ ସପରିବାର ଯୋଗଦେବେ ବୋଲି କହିଲେ। ଏ ବାହାରେ ପିତାଙ୍କ ଭୟରେ ମୋର ଜାମାତା – ନୀଳିମାର ସ୍ୱାମୀ ବ୍ୟତୀତ ସମସ୍ତ ଜାମାତା ଯୋଗଦେବେ ବୋଲି କହିଲେ। ନୀଳିମାକୁ ତ ଶ୍ୱଶୁର ଛାଡ଼ିବେ ନାହିଁ, ସୁତରାଂ ତାହା ଛଡ଼ା ସମସ୍ତ ଝିଅ ଆସିବେ ବୋଲି ସ୍ଥିର ହେଲା।

ଏହା ଉତ୍ତାରେ ମୋର ବନ୍ଧୁମାନଙ୍କ ମଧ୍ୟରୁ କେହି କେହି କେତେ ପ୍ରକାର ଉପଦେଶ ଦେବାକୁ ଲାଗିଲେ। ମୋର ଜଣେ ମଉଳାଶ୍ୱଶୁର ଏହି ବିବାହ ସକାଶେ ସମ୍ବଲପୁର ଆରଣ୍ୟକ ବ୍ରାହ୍ମଣ ସମାଜର ଅନୁମତି ନେବାପାଇଁ ପରାମର୍ଶ ଦେଲେ। ମୁଁ କହିଲି, ସମ୍ବଲପୁର ବ୍ରାହ୍ମଣ ସମାଜର ଅନୁମତି ନେବା ଆବଶ୍ୟକ ନାହିଁ। ସମ୍ବଲପୁରରେ ରହିଲେ ସୁଦ୍ଧା ମୁଁ ଏହି ସମାଜର ଅଧୀନସ୍ଥ ନୁହେଁ। ମୋ ଘର ପାଟଣା ଅନ୍ତର୍ଗତ ଆଗଲପୁରରେ। ଆଗଲପୁରର ବ୍ରାହ୍ମଣସଭା ମୋତେ ଅନୁମତି ଦେଇସାରି ଅଛନ୍ତି। ଏହି ସ୍ଥଳରେ ଉଲ୍ଲେଖ୍ୟଯୋଗ୍ୟ ଏହି ଯେ, ଆଗଲପୁରରେ ତିନିଶ୍ରେଣୀର ବ୍ରାହ୍ମଣ ଅଛନ୍ତି। ଓଡ଼ିଆ, ଝାଡୁଆ ଓ ଦକ୍ଷିଣିଆ (ଗଞ୍ଜାମରୁ ଆସି ରହିଥିବା ବ୍ରାହ୍ମଣ)। ଭିନ୍ନ ଭିନ୍ନ ଶ୍ରେଣୀର ସ୍ୱତନ୍ତ୍ର ସଭା ନଥାଇ ସମସ୍ତଙ୍କ ଗୋଟିଏ ବ୍ରାହ୍ମଣ ସଭା ଅଛି। ବହୁଦିନ ହେଲା ଭିନ୍ନ ଭିନ୍ନ ଶ୍ରେଣୀ ମଧ୍ୟସ୍ଥ ବ୍ୟବଧାନ ଉଠାଇ ଦିଆଯାଇଅଛି। ଯେତେବେଳେ ମୁଁ ଆଗଲପୁର ସଭାରେ ମୋର କନ୍ୟାର ଏହି ବିବାହ ବିଷୟ ଉତ୍‌ଥାପନ କଲି, ସମସ୍ତେ ଏହା ସପକ୍ଷରେ ମତ ପ୍ରଦାନ କରିଥିଲେ। ପ୍ରୋକ୍ତ ମଉଳାଶ୍ୱଶୁର ଏହା ପରେ କହିଲେ, ''ଓଡ଼ିଆ ବ୍ରାହ୍ମଣମାନେ ଝାଡୁଆ ବ୍ରାହ୍ମଣଙ୍କଠାରୁ ନୀଚ; ନୀଚ ଘରେ ଝିଅଦେବା ଦୁଷଣୀୟ।'' ମୁଁ କହିଲି, ''ଏହା ମୁଁ ସ୍ୱୀକାର କରୁନାହିଁ, ମୋ ମତରେ ବ୍ରାହ୍ମଣଙ୍କ ମଧ୍ୟରେ ଉଚ୍ଚ ନୀଚର ପ୍ରଶ୍ନ ନାହିଁ। ସମସ୍ତେ ସମାନ ବିବେଚନା କରିବାକୁ ହେବ। ଏହି ବିବେଚନାକୁ ଭିତ୍ତିକରି ମୁଁ ଏହି ବିବାହ କରିବାକୁ ଯାଉଅଛି।'' ତତ୍ପରେ ସେ କହିଲେ, ''ହଁ, ତୁମ୍ଭେ ଯାହା କରୁଛ ତାହା ଭଲ। କିନ୍ତୁ ଯଦି ସମ୍ବଲପୁର ସଭାର ଅନୁମତି ନ ନିଅ ତାହାହେଲେ କେବଳ ଏହି ଦୋଷରେ ତୁମ୍ଭଙ୍କୁ ଅଜାତି କରିବେ। ଆଗଲପୁରରୁ ଆସି ଅନେକ ବର୍ଷ ହେଲା ତୁମ୍ଭେ ସମ୍ବଲପୁରରେ ରହିଅଛ। ଏହି ସମାଜରେ ତୁମ୍ଭ ଝିଅମାନଙ୍କୁ ଦେଇଅଛ। କ'ଣ ସେମାନଙ୍କୁ ଛାଡ଼ି ସମ୍ବଲପୁରରେ ଚଳିପାରିବ?'' ତତ୍ପରେ ପୁଣି ତାଙ୍କୁ ମୁଁ କହିଲି, ''ଅନୁମତି ନ ମାଗିବାର ଆଉ ଗୋଟିଏ କାରଣ ଅଛି। ମୋର ଧ୍ରୁବ ବିଶ୍ୱାସ, ସମାଜ ଅନୁମତି ଦେବେ ନାହିଁ। ଅନୁମତି ଦିଅନ୍ତୁ ବା ନ ଦିଅନ୍ତୁ ଏହି

Digitized by srujanika@gmail.com

ବିବାହ ସମ୍ପାଦନ କରିବା ମୁଁ ସ୍ଥିର କରିସାରିଅଛି। ଅନୁମତି ପ୍ରାର୍ଥନା କରି ସମାଜ ଯଦି ଅନୁମତି ନ ଦେବେ ତାହାହେଲେ ତାହାକୁ ଉପେକ୍ଷା କରି ବିବାହ କାର୍ଯ୍ୟ ସମ୍ପାଦନ କରିବା, ଆଦୌ ଅନୁମତି ନ ନେଇ କରିବା ଅପେକ୍ଷା ଆହୁରି ଦୋଷାବହ ହେବ। ଏହି ବିବାହ ଗର୍ହିତ ବା ଅସାମାଜିକ ନୁହେଁ। ଯଦି ସମ୍ବଲପୁର ସମାଜ ମୋ ବିରୁଦ୍ଧରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ କରନ୍ତି ତାହାହେଲେ ତାହାର ସମ୍ମୁଖୀନ ହେବା ସକାଶେ ମୁଁ ପ୍ରସ୍ତୁତ ଅଛି।''

ସମ୍ବଲପୁରର ମୋର ସମସ୍ତ ବନ୍ଧୁବାନ୍ଧବଙ୍କୁ ଓ ଆରଣ୍ୟକ ବ୍ରାହ୍ମଣ ସଭାର ସଭାପତି, ସମ୍ପାଦକ ଓ ସଭ୍ୟମାନଙ୍କ ମଧ୍ୟରେ ନିମନ୍ତ୍ରଣ ପତ୍ର ବଣ୍ଟନ କରିଦେଲି। ନୀଳିମାର ଅଜାଶ୍ୱଶୁର ପଣ୍ଡିତ ଧରଣୀଧର ମିଶ୍ରଙ୍କୁ ତାଙ୍କ ନିଜ, ନୀଳିମାର ଶାଶୁ ଶ୍ୱଶୁର ଓ ବର ପାଇଁ ନିମନ୍ତ୍ରଣ ଗୁଆଦେଲି। ପଣ୍ଡିତ ଧରଣୀଧର ମିଶ୍ର ସେତେବେଳେ ୯୫ ବର୍ଷ ବୟସ୍କ କୁଳବୃଦ୍ଧ। ସେ କହିଲେ ଯେ, ଏହି ବିବାହରେ ତାଙ୍କର ସମ୍ପୂର୍ଣ୍ଣ ଅନୁକୂଳ ମତ ଅଛି ଓ ଏହାକୁ ସେ ଆଶୀର୍ବାଦ କରୁଅଛନ୍ତି। ନିଜ ବାର୍ଦ୍ଧକ୍ୟ ଯୋଗୁଁ ପୁରୀକୁ ସେ ଯାଇପାରିବେ ନାହିଁ ଏବଂ ତାଙ୍କ ପୁତ୍ର ଅନୁମତି ନ ଦେଲେ ତାଙ୍କ ପୁତ୍ର ଓ ପୁତ୍ରବଧୂ ନୀଳିମା ଯାଇପାରିବେ ନାହିଁ। ସେମାନେ ନ ଗଲେ ସୁଦ୍ଧା ମୁଁ ଦୁଃଖିତ ହେବିନାହିଁ ବୋଲି କହିଲି।

ତା.୧୬-୬-୧୯୪୫ ଶୀତଳଷଷ୍ଠୀ ଉତ୍ସବର ଶୋଭାଯାତ୍ରା, ହରପାର୍ବତୀଙ୍କ ବିବାହ ମହାସମାରୋହରେ ସମ୍ବଲପୁରରେ ପାଳିତ ହୁଏ। ନାନା ସ୍ଥାନରୁ ଆଗତ ଦର୍ଶକମାନଙ୍କ ଦ୍ୱାରା ସହର ପୂର୍ଣ୍ଣ ହୋଇଯାଏ। ଝାଡୁଆପଡ଼ାର ଝାଡୁଆବ୍ରାହ୍ମଣ ଓ ନନ୍ଦପଡ଼ାବାସୀ ଓଡ଼ିଆ ବ୍ରାହ୍ମଣମାନେ ସ୍ୱତନ୍ତ୍ର ଭାବରେ ଏହି ଯାତ୍ରା ନିର୍ବାହ କରନ୍ତି। ୧୪ ତାରିଖ ରାତ୍ରରେ ନିମନ୍ତ୍ରଣ ସଂପୃକ୍ତ ଶୋଭାଯାତ୍ରା ଯାଉଥିବା ସମୟରେ ଉଭୟପକ୍ଷଙ୍କ ମଧ୍ୟରେ ଟେକାପଥର ବୃଷ୍ଟି ସହିତ ମାର୍‌ପିଟ୍ ହୋଇଯାଇଥିଲା। ଜଣେ ଯୁବତୀ ନର୍ତ୍ତକୀ ଆସିଥିଲା। କେଉଁ ପକ୍ଷ ଏହାକୁ ନିଜ ଯାତ୍ରାର ଶୋଭାବର୍ଦ୍ଧନ ସକାଶେ ହସ୍ତଗତ କରିପାରିବେ ଏଥିରେ ପ୍ରତିଯୋଗିତା ଏହି କନ୍ଦଳର ମୂଳକାରଣ ହୋଇଥିଲା। ପୋଲିସ ଓ ମାଜିଷ୍ଟ୍ରେଟ୍‌ଙ୍କ ମଧ୍ୟସ୍ଥତାରେ ଏହାର ମୀମାଂସା ହୋଇଥିଲା।

୧୬ ତାରିଖରେ ଶୋଭାଯାତ୍ରାରେ ଶାନ୍ତିରକ୍ଷା ସକାଶେ ପୋଲିସ ଓ ମାଜିଷ୍ଟ୍ରେଟ୍ ମୁତୟନ ହୋଇ ଯଥାସ୍ଥାନମାନ ଅଧିକାର କରି ରହିଅଛନ୍ତି। ଆଜି ଆଉ କୌଣସି ପ୍ରକାର ଗୋଳମାଳ ନାହିଁ। ମୁଁ ଜନତା ମଧ୍ୟରେ ଝାଡୁଆପଡ଼ା ମଧ୍ୟସ୍ଥ ଜଣେ ଓକିଲ ବନ୍ଧୁଙ୍କ ଘର ସମ୍ମୁଖରେ ଆଉ କେତେକ ବନ୍ଧୁଙ୍କ ସହିତ ବସି ଦେଖୁଥିଲି। ପ୍ରଥମରେ ନନ୍ଦପଡ଼ାର ଶୋଭାଯାତ୍ରା ବାହାରି ଝାଡୁଆପଡ଼ା ମଧ୍ୟଦେଇ ପୂର୍ବାହ୍ନ ୯ଟାବେଳେ ବ୍ରହ୍ମପୁରା ମନ୍ଦିର ସମ୍ମୁଖସ୍ଥ ଅରୁଣସ୍ତମ୍ଭ ପାରିହୋଇ ଚାଲିଗଲା। ଏହାପଛକୁ ଝାଡୁଆପଡ଼ାର ଶୋଭାଯାତ୍ରା ଆସିଲା। ଦେବତା ମୂର୍ତ୍ତି ସମ୍ମୁଖରେ ଗୋଟିଏ ମେଢ଼ ଉପରେ ଦେଖିଲି, ଗୋଟିଏ ବାଇସାଇକେଲ୍ ଉପରେ ମାଟି ବା କାଗଜରେ ନିର୍ମିତ ଦୁଇଟି ମନୁଷ୍ୟ ମୂର୍ତ୍ତିନ୍ତ ଗୋଟିଏ

Digitized by srujanika@gmail.com

ପୁରୁଷ, ସମ୍ମୁଖରେ ସାହେବ ପୋଷାକ ପିନ୍ଧି ବାଇସାଇକେଲ୍ ଉପରେ ବସିଛି ଓ ତାହା ପଛରେ ଶାଢ଼ୀ ପିନ୍ଧି ଗୋଟିଏ ସ୍ତ୍ରୀ ମୂର୍ତ୍ତି ଠିଆ କରାହୋଇଛି। ମେଢ଼ ତଳେ ଜଣକେତେ ଝାଡୁଆବ୍ରାହ୍ମଣ ଯୁବକ ରହି ବାଇସାଇକେଲ୍‌ର ପାଦୁକା (ପେଡ଼ାଲ୍) ଘୂରାଇ ଦେଉଅଛନ୍ତି ଓ ପୁରୁଷ ମୂର୍ତ୍ତିର ଗୋଡ଼ ବାଇସାଇକେଲ୍ ଚଳାଇବା ଭଙ୍ଗୀରେ ବୁଲି ଯାଉଅଛି। ପୁରୁଷ ମୂର୍ତ୍ତି ହାତରେ ଗୋଟିଏ ଚମଡ଼ା ଥଳୀ। ତାହା ଉପରେ Dr. (ଡାକ୍ତର) ଲେଖାଅଛି ଓ ସ୍ତ୍ରୀ ମୂର୍ତ୍ତିର ଶାଢ଼ୀ ଉପରେ L. Dr. (ଲେଡ଼ୀ ଡାକ୍ତର) ଲିଖିତ ଖଣ୍ଡେ କାଗଜ ମଡ଼ା ହୋଇଅଛି। ଯୁବକମାନଙ୍କ ମୁଖରୁ ବାରମ୍ବାର ଚିତ୍କାର ଦେଉଅଛି, "ଚାଲରେ, ଡାକ୍ତର ଡାକ୍ତରାଣୀର ବିବାହ ଦେଖିବାକୁ ପୁରୀକୁ ଯିବା।" ସେମାନଙ୍କ ମଧ୍ୟରେ ଅଧିକାଂଶ ଅଛନ୍ତି ମୋ ଝିଅମାନଙ୍କ ଶାଶୁଘରର ପୁଅ ନାତିମାନେ ଓ ଝିଅ ନୀଳିମାର ଦିଅର ଦୁଇଜଣ ଅଗ୍ରଣୀ। ଏହି ଦୃଶ୍ୟର ଅର୍ଥ ବୁଝିବାକୁ ବାକୀ ରହିଲା ନାହିଁ। ପୁରୁଷ ମୋର ଭାବି ଜାମାତା ଡାକ୍ତର ଓ ସ୍ତ୍ରୀ ମୋର ଡାକ୍ତରାଣୀ ଝିଅ ସୁଷମା। ୨୩ ତାରିଖରେ ପୁରୀରେ ସେମାନଙ୍କ ବିବାହ ହେବା ସ୍ଥିର ହୋଇଅଛି ଓ ତଦୁପଲକ୍ଷରେ ମୋର ବନ୍ଧୁବାନ୍ଧବଙ୍କ ମଧ୍ୟରେ ନିମନ୍ତ୍ରଣ ପତ୍ର ବଣ୍ଟନ ହୋଇସାରିଅଛି। ମୋର ଜାମାତା ଓଡ଼ିଆ ବ୍ରାହ୍ମଣ, ସ୍ୱର୍ଗତ ସମ୍ବଲପୁରର ସୁବିଖ୍ୟାତ ପଣ୍ଡିତ ଚିନ୍ତାମଣି ବିଦ୍ୟାଭୂଷଣ ପ୍ରପୌତ୍ର, ଯାହାଙ୍କଠାରୁ ମନ୍ତ୍ର ଗ୍ରହଣ ପୂର୍ବକ ପାଦୋଦକ ସେବନକରି ଅନେକ ବିଶିଷ୍ଟ ଝାଡୁଆ ବ୍ରାହ୍ମଣ ପରମପଦ ପ୍ରାପ୍ତି ଆଶାରେ ନିଜକୁ ଧନ୍ୟ ମଣୁଥିଲେ। ସମାଜସଂସ୍କାର ଉଦ୍ଦେଶ୍ୟରେ ଏହା ସମ୍ବଲପୁରରେ ସର୍ବପ୍ରଥମ ବିବାହ। କେବଳ ଏହି ବିବାହ ଯୋଗୁଁ ନୁହେଁ, ମୋ ଝିଅମାନଙ୍କ ଉଚ୍ଚଶିକ୍ଷା ସମ୍ବଲପୁରର ଝାଡୁଆ ବ୍ରାହ୍ମଣଙ୍କ ମନରେ ସନ୍ତୋଷ ଓ ଶାନ୍ତି ଆଣିପାରିନାହିଁ। ମୋ ଝିଅ ସୁଷମା ଏମ୍.ବି.ବି.ଏସ୍. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସମ୍ବଲପୁରରେ ପ୍ରଥମ ମହିଳା ଡ଼ାକ୍ତର ହୋଇ ଆସିଅଛି। ଅନ୍ୟ କୌଣସି ସମାଜରେ ହୋଇଥିଲେ ତାକୁ ତାହାର କୃତିତ୍ୱ ଯୋଗୁଁ ସସମ୍ମାନରେ ଅଭିନନ୍ଦନ କରିଥାନ୍ତେ। କିନ୍ତୁ ଝାଡୁଆ ଭାଇମାନେ ଅକାରଣରେ ଈର୍ଷାନ୍ୱିତ ହୋଇପଡ଼ିଲେ। ଆଜି ଯେଉଁ ଦୃଶ୍ୟ ଧର୍ମାନୁଷ୍ଠାନ ବ୍ୟପଦେଶରେ ଦେଖାଇଲେ ସେମାନଙ୍କ ମାନସିକ ପ୍ରବୃତ୍ତି ଓ ଧର୍ମଭାବ କେଉଁ ଆଡ଼କୁ ଗତି କରୁଅଛି ତାହା ସ୍ପଷ୍ଟଭାବରେ ବୁଝାଯାଉଅଛି। ଏଥିରେ ହିଁ ଏମାନଙ୍କ ମନସ୍ତୁଷ୍ଟି ହୋଇଅଛି ମାତ୍ର।

ବିବାହ ସକାଶେ ଆଉ ସାତଦିନ ବାକୀ ଅଛି। ତା.୧୭-୬-୧୯୪୫ ସକାଳ ପ୍ରାୟ ୮ଟା ବେଳେ ଆମ୍ଭେମାନେ ଗୋଟିଏ ସ୍ୱତନ୍ତ୍ର ଲରୀ ଭଡ଼ାକରି ପୁରୀ ଯାତ୍ରାକଲୁ। ଆମ୍ଭ ସଙ୍ଗେ ଗଲେ ମୋର ଶ୍ୱଶୁରଙ୍କ ଜ୍ୟେଷ୍ଠଭ୍ରାତାଙ୍କ ପୁତ୍ର ଅବସରପ୍ରାପ୍ତ ଡେପୁଟି କଲେକ୍ଟର ଶ୍ରୀ ତ୍ରିବିକ୍ରମ ପୂଜାରୀ ଓ ତାଙ୍କ ସ୍ତ୍ରୀ। ସପରିବାର ମୋର ତିନି ଶଳା। ନୀଳିମା ବ୍ୟତୀତ ମୋର ଝିଅମାନେ ସମସ୍ତେ ମିଶି ୩୦ ଜଣ। ପିତାଙ୍କ ନିଷେଧରେ ମୋର ଜାମାତା, ନୀଳିମାର ସ୍ୱାମୀ ଗଲେ ନାହିଁ ଓ ଆମ୍ଭେମାନେ ସମ୍ବଲପୁର ତ୍ୟାଗ କରୁଥିବା ସମୟରେ

Digitized by srujanika@gmail.com

ପିତୃଗୃହରୁ ଚିରକାଳ ପାଇଁ ବିଦାୟ ହୋଇଯାଉଥିବା ତାହାର ଜ୍ୟେଷ୍ଠା ଭଗିନୀ ସୁଷମା, ନୀଳିମାକୁ ଟିକିଏ ଦେଖିବା ସକାଶେ ଇଚ୍ଛା ପ୍ରକାଶ କରିଥିବା କଥା ତାହାର ଶ୍ୱଶୁରଙ୍କୁ ଜଣାଇ ତାକୁ ଅଳ୍ପ ସମୟ ପାଇଁ ଛାଡ଼ି ଦେବାକୁ ଅନୁରୋଧ କରିଥିଲା। କିନ୍ତୁ ସେ ସେହି ଅନୁରୋଧ ରକ୍ଷା କଲେ ନାହିଁ ଓ ତାକୁ ଛାଡ଼ିଦେଲେ ନାହିଁ। ଏହା ତ ମୋତେ ଜଣା ଥିଲା। ତଥାପି ସାମାଜିକ ନିୟମ ରକ୍ଷାକରି ମୁଁ ତାଙ୍କୁ ନିମନ୍ତ୍ରଣ କରିଥିଲି। କେବଳ ତାଙ୍କୁ ନୁହେଁ, ସମ୍ବଲପୁରର ମୋର ସମସ୍ତ ବନ୍ଧୁବାନ୍ଧବଙ୍କୁ। ଏପରି କି ଝାଡୁଆ ବ୍ରାହ୍ମଣ ସଭାର ସଭାପତିଙ୍କୁ ସୁଦ୍ଧା ମୁଁ ନିମନ୍ତ୍ରଣ ଦେଇଥିଲି। ଅପରାହ୍ନ ପ୍ରାୟ ୪ଟା ବେଳେ ଆମ୍ଭେମାନେ ତାଳଚେର କଟକ ରେଳପଥସ୍ଥ ମେରାମୁଣ୍ଡଳୀ ଷ୍ଟେସନରେ ପହଞ୍ଚିଲୁ ଓ ସେହିଠାରେ ଲରୀକୁ ବିଦାୟ ଦେଲୁ। ସେଠାରେ ରେଲ୍‌ରେ ଯାଇ ଅର୍ଦ୍ଧରାତ୍ରରେ ପୁରୀରେ ପହଞ୍ଚିଲୁ। ଶ୍ରୀ ନାରାୟଣ ନନ୍ଦ ଗୋଟିଏ ଲରୀ ନେଇ ଷ୍ଟେସନରେ ଉପସ୍ଥିତ ଥିଲେ। ଆମ୍ଭମାନଙ୍କ ପାଇଁ ବଡ଼ଦାଣ୍ଡରେ ଭିଙ୍ଗାରପୁରର ଜମିଦାର ଶ୍ରୀ ବାମଦେବ ଦାଶ ଚୌଧୁରୀଙ୍କ ଦୋତାଲା କୋଠାଘର ବନ୍ଦୋବସ୍ତ ହୋଇଥିଲା। ଜିନିଷପତ୍ର ନେଇ ସେଠାକୁ ପହଞ୍ଚିଲାବେଳକୁ ରାତ୍ର ଦୁଇଟା। ନାରାୟଣବାବୁ ଆମ୍ଭମାନଙ୍କ ସକାଶେ ଜଗନ୍ନାଥଙ୍କ ଅନ୍ନ ମହାପ୍ରସାଦ ଯୋଗାଡ଼କରି ରଖିଥିଲେ। ମଙ୍ଗଳ କାର୍ଯ୍ୟରେ ମଙ୍ଗଳସୂଚକ ମହାପ୍ରସାଦ ସେବା ସମୟୋଚିତ ହୋଇଥିଲା। ପଥଶ୍ରାନ୍ତିରେ ସମସ୍ତେ ଅଳ୍ପ ସମୟ ମଧ୍ୟରେ ନିଦ୍ରାଦେବୀଙ୍କୁ ବରଣକଲେ। ଭୋର ସକାଳେ ଉଠି ସମସ୍ତେ ଜିନିଷପତ୍ର ସଜାଡ଼ିବାରେ ଲାଗିଲେ।

ପୁରୀ ଓ କଟକର କେତେକ ଭଦ୍ରବ୍ୟକ୍ତି ଓ ବନ୍ଧୁମାନଙ୍କୁ ନିମନ୍ତ୍ରଣ ପତ୍ର ଦିଆହେଲା। ୨୧ ତାରିଖ ସୁଦ୍ଧା ମୋର ଜାମାତାମାନେ – ବଂଶୀଧର, ଚକ୍ରଧର, ଶିବନାରାୟଣ, ବଳଭଦ୍ର ଓ ଭୁବନେଶ୍ୱର ଆସି ପହଞ୍ଚିଗଲେ ଓ ମୋର ପୁତ୍ର ସତ୍ୟଗୋପାଳ ସହିତ ପୂର୍ଣ୍ଣପ୍ରାଣରେ ବିବାହ ସଂକ୍ରାନ୍ତ ଯାବତୀୟ କାର୍ଯ୍ୟରେ ସହଯୋଗ କଲେ।

୨୨ ତାରିଖ ସକାଳେ ସୁଷମାର 'ପିନ୍ଧାଣୀ' ସମ୍ପନ୍ନ ହେଲା। ୨୩ ତାରିଖ ରାତି ନ ପାହୁଣୁ ବିବାହର ବନ୍ଦୋବସ୍ତରେ ଘର ମୁଖରିତ ହୋଇଉଠିଲା। ଆଜି ସୁଷମାର ଶୁଭ ବିବାହ। ମୋର ଜୀବନର ସର୍ବାପେକ୍ଷା ଶୁଭଦିନ। ସୁଷମାକୁ ସମ୍ବଲପୁରର ତତ୍‌କାଳୀନ ପ୍ରଥା ଅନୁଯାୟୀ ତାହାର ଦୁଇବର୍ଷ ବୟସରେ ଗୋଟିଏ ଝାଡୁଆ ବ୍ରାହ୍ମଣ ଘରେ ସାତବର୍ଷ ବୟସ୍କ ପାତ୍ର ସକାଶେ ଦେଇଥିଲି। ସେହି ସମ୍ପର୍କ ଭାଙ୍ଗି ଯାଇଥିଲା, ଯେତେବେଳେ ସୁଷମାର ବୟସ ୧୪ ବର୍ଷ । ସେହି ବର୍ଷ ସେ ମାଟ୍ରିକୁଲେଶନ୍ ପରୀକ୍ଷାରେ ପାଶ୍ କରିଥିଲା ଓ ପାତ୍ର ପାଶ୍‌କରିଥିଲେ ଆଇ.ଏ.। ସମ୍ପର୍କ ଭାଙ୍ଗିଯିବା ପରେ ମୋର ଚେଷ୍ଟାରେ ତାହା ପୁନଃ ସ୍ଥାପିତ ହେବା ସୂଚିତ ହୋଇଥିଲା। କିନ୍ତୁ ବରପକ୍ଷର ଅର୍ଥଲାଳସା ଏହାର ପ୍ରତିବନ୍ଧକ ହୋଇଥିଲା। ସେତେବେଳେ ମୁଁ ପଣ ଦେବା ପାଇଁ ନାସ୍ତିକରି ପ୍ରତିଜ୍ଞା କରିଥିଲି ଯେ, ସୁଷମାକୁ ଉଚ୍ଚଶିକ୍ଷା ଦେବାରେ ସେହି ଟଙ୍କା ଖର୍ଚ୍ଚ କରିବି। ତାହା କଲି ଓ ମୋର ପୁଣ୍ୟ,

Digitized by srujanika@gmail.com

ତପସ୍ୟା, ଦୃଢ଼ପ୍ରତିଜ୍ଞା ଓ ଈଶ୍ୱରଙ୍କ ଅପାର କରୁଣା ଫଳରେ ସୁଷମା ଏମ୍.ବି.ବି.ଏସ୍ ପରୀକ୍ଷାରେ ଯଥାସମୟରେ ଉତ୍ତୀର୍ଣ୍ଣ ହୋଇ ଡାକ୍ତର ହେଲା। କେବଳ ସେତିକି ନୁହେଁ, ତାହାର ପ୍ରେରଣା ଓ ଆଦର୍ଶରେ ମୋର ଅନ୍ୟ ଝିଅମାନଙ୍କୁ ଶିକ୍ଷାଦାନ, ମୁଁ ମୋର ଜୀବନର ପୁଣ୍ୟମୟ ବ୍ରତ କରିବାକୁ ଲାଗିଲି। ସୁଷମାକୁ ଉଚ୍ଚଶିକ୍ଷା ଦେଇଥିଲେ ସୁଦ୍ଧା ତାକୁ ସତ୍‌ପାତ୍ରରେ ଦାନକରିବା ସଂକଳ୍ପ କରିଥିଲି। ଭଗବାନଙ୍କ ଅପାର କରୁଣାରୁ ଆଜି ମୋର ସେହି ସଂକଳ୍ପ ପୂର୍ଣ୍ଣ ହୋଇଅଛି। ସୁତରାଂ ମୋ ପକ୍ଷରେ ଆଜି ଅତି ଗୌରବର ଦିବସ। ପୁଣି ସର୍ବାପେକ୍ଷା ମଙ୍ଗଳକର ବିଷୟ ହେଲା, ସମ୍ବଲପୁରରେ ସମାଜ ସଂସ୍କାର ପତନ ନିର୍ମାଣ। ବର ସମ୍ବଲପୁରବାସୀ ଓଡ଼ିଆ ବ୍ରାହ୍ମଣ। ସେ ମଧ ଏମ୍.ବି.ବି.ଏସ୍. ଉପାଧିଧାରୀ ଡାକ୍ତର କିଶୋରୀ ମୋହନ ନନ୍ଦ। ଝାଡୁଆ ଓଡ଼ିଆ ବ୍ରାହ୍ମଣଙ୍କ ମଧ୍ୟରେ ବୈବାହିକ ସମ୍ପର୍କ ସ୍ଥାପନ ମୋର ଜୀବନର ସ୍ୱପ୍ନ ଥିଲା। ଆଜି ସେହି ସ୍ୱପ୍ନ ସଫଳ ହେଲା।

ପୁରୀର ଅନେକ ଭଦ୍ରବ୍ୟକ୍ତିଙ୍କ ମଧ୍ୟରେ ରାୟବାହାଦୂର ବୈଦ୍ୟନାଥ ମିଶ୍ର, ଅବସରପ୍ରାପ୍ତ ଜିଲା ମାଜିଷ୍ଟ୍ରେଟ୍; ରାୟବାହାଦୁର ଲୋକନାଥ ମିଶ୍ର, ଜମିଦାର ଓ ଓକିଲ; ରାୟବାହାଦୁର ରମେଶଚନ୍ଦ୍ର ମିତ୍ର, ଅବସରପ୍ରାପ୍ତ ଜିଲା ଜଜ୍ ସସ୍ତ୍ରୀକ; ରାୟବାହାଦୁର ବିଶ୍ୱେଶ୍ୱର ପଟ୍ଟନାୟକ ପୁରୀର ଜିଲ୍ଲା ମାଜିଷ୍ଟ୍ରେଟ୍; ଓକିଲ ଶ୍ରୀ ଜଗବନ୍ଧୁ ସିଂହ; ପଣ୍ଡିତ ଫକୀର ମିଶ୍ର କାବ୍ୟତୀର୍ଥ ଓ କଟକର ଓକିଲ ରାୟବାହାଦୁର ଚିନ୍ତାମଣି ଆଚାର୍ଯ୍ୟ ନିଜେ ଉପସ୍ଥିତ ହୋଇ ବିବାହରେ ଯୋଗଦେଇଥିଲେ। ପାଣିଗ୍ରହଣ ଲଗ୍ନାନୁଯାୟୀ ଅପରାହ୍ନ ତିନିଟା ବେଳେ ହେଲା। ସମସ୍ତ ବିବାହ କାର୍ଯ୍ୟ ଶେଷ ହେଉ ହେଉ ସନ୍ଧ୍ୟା ୬ଟା। ଅତିଥି ଓ ଦରିଦ୍ରନାରାୟଣଙ୍କ ମହାପ୍ରସାଦ ସେବାରେ ପ୍ରାୟ ଅର୍ଦ୍ଧରାତ୍ର ହୋଇଗଲା।

୨୪ ତାରିଖ ସନ୍ଧ୍ୟାରେ ସୁଷମା ଶାଶୁଘରକୁ ବିଦାୟ ହୋଇ ଗଲା। ଯାହାକୁ ପିଲାଦିନରୁ ଡାକ୍ତର ହେବା ପର୍ଯ୍ୟନ୍ତ ନିଜ ହାତରେ ଗଢ଼ିଥିଲି ଆଜି ସେ ମୋ କ୍ରୋଡ଼ରୁ ଚିରକାଳ ପାଇଁ ବିଦାୟହୋଇ ଯାଉଅଛି; ତାକୁ ବିଦାୟ କରିଦେବି ! ଏହି ଭାବନା ଯେତେବେଳେ ମୋର ହୃଦୟ ଅଧିକାର କରି ବସିଲା ଭଗ୍ନବନ୍ଧ ନିର୍ଗତ ଜଳସ୍ରୋତ ତୁଲ୍ୟ ଚକ୍ଷୁଦ୍ୱୟରୁ ଅଶ୍ରୁସ୍ରୋତ ନିର୍ଗତ ହେବାକୁ ଲାଗିଲା। କଣ୍ଠ ରୁଦ୍ଧ ହୋଇ ବଳ ଶକ୍ତି ରହିତ ହେଲା। ଯେତେବେଳେ ବିଦାୟ ନେବାକୁ ଝିଅ ମୋ ଆଗରେ ଠିଆହେଲା ସେତେବେଳେ ତାହାର କରୁଣ କ୍ରନ୍ଦନମିଶ୍ର ଅଶ୍ରୁସିକ୍ତ ମୁଖମଣ୍ଡଳ ଦେଖି ମୋର ହୃଦୟ ଆଲୋଡ଼ିତ ହେବାକୁ ଲାଗିଲା। ମା'ତ ଆଉ ସମ୍ଭାଳି ହୋଇ ରହି ପାରୁନାହାଁନ୍ତି। ଝିଅ କ'ଣ ସତରେ ଏଡ଼େ ପ୍ରିୟ ବସ୍ତୁ? କିଏ କହେ ଝିଅ, ମା'ବାପାଙ୍କ ଉପରେ ଭାର ମାତ୍ର? ମୋର ଝିଅ ସୁଷମା କି ମୋ ଉପରେ ଭାର? ତାହା କେବେ ନୁହେଁ। ସେ ମୋର ରତ୍ନ। ମୋର ହୃଦୟର ଘର। ସୁଷମା ସକାଶେ ମୁଁ ଗର୍ବିତ ପିତା। ସୁଷମା ସକାଶେ ମୋର ଏତେ ତ୍ୟାଗ, ଏତେ ପରିଶ୍ରମ। ମୋର ପରିଶ୍ରମାନୁଯାୟୀ ତାହାର ହୃଦୟରେ ପ୍ରତିକ୍ରିୟା। ତାହା ଯୋଗୁଁ ମୁଁ

Digitized by srujanika@gmail.com

ନିଜକୁ ଧନ୍ୟ ମଣୁଅଛି। ଯେଉଁ ଝିଅ ପିତାମାତାଙ୍କ ଅଭିପ୍ରାୟାନୁଯାୟୀ ପରିଶ୍ରମ କରି ପରିବାରର ମୁଖ ଉଜ୍ଜ୍ୱଳ କରିଅଛି; ଦୀର୍ଘ ଛଅବର୍ଷ କାଳ ବିଦ୍ୟାଧ୍ୟୟନ ସକାଶେ ବିଦେଶରେ ରହି ଯେଉଁ ଉଜ୍ଜ୍ୱଳ ଆଦର୍ଶ ରଖି ଦେଇଅଛି ତାହା ସକାଶେ କିଏ ଗର୍ବ ଅନୁଭବ ନ କରିବ ? ସୁଷମା ପିତାମାତାଙ୍କ ଯେପରି ଆଦରିଣୀ ଭାଇଭଉଣୀମାନଙ୍କ ସୁଦ୍ଧା ସେପରି ସ୍ନେହମୟୀ। ଝିଅ ପରଘରକୁ ଯାଉଥିଲେ ସୁଦ୍ଧା ସେ ନିଜେ ପର ହେଉନାହିଁ। ସେ ପରିବାରର, ସମାଜର ଓ ଦେଶର। ଯେଉଁ ଆଦର୍ଶ ସେ ଦେଖାଇଅଛି ତାହା ସମସ୍ତଙ୍କ ଅନୁକରଣୀୟ ହେଉ – ଈଶ୍ୱରଙ୍କଠାରେ ଏତିକି ଭିକ୍ଷା।

ଆଉ ପାଞ୍ଚଦିନ ରହି ୨୯ ତାରିଖରେ ଆମ୍ଭେମାନେ ପୁରୀ ତ୍ୟାଗକଲୁ। ଯିବା ପୂର୍ବେ ତାହାର ମା' ଓ ମୁଁ ସୁଷମା ପାଖକୁ ଯାଇ ଦେଖିଆସିଲୁ ଓ ତାକୁ ତାହାର ପାରିବାରିକ ଓ ସାମାଜିକ ଜୀବନରେ କର୍ତ୍ତବ୍ୟ ସମ୍ପାଦନ ସମ୍ବନ୍ଧରେ ଉପଦେଶ ଦେଇଆସିଲୁ।

ପୁରୀରୁ ଫେରିବା ଅଳ୍ପଦିନ ମଧ୍ୟରେ ଶୁଣିବାକୁ ପାଇଲି ସମ୍ବଲପୁର ଝାଡୁଆ ବ୍ରାହ୍ମଣସଭାର ନେତୃସ୍ଥାନୀୟ ବନ୍ଧୁଙ୍କ ଆଖିରେ ନିଦନାହିଁ। ଝାଡୁଆ ବ୍ରାହ୍ମଣ ହୋଇ ଓଡ଼ିଆ ବ୍ରାହ୍ମଣ ଘରେ ଝିଅ ଦେଇଥିବା ମହାପାପ ଯୋଗୁଁ ମୋତେ ନିଜେ ପ୍ରାୟଶ୍ଚିତ୍ତ କରିବାକୁ ହେବ। ଏପରି ଜନରବ ମୋ ପାଖକୁ ଆସୁଛି। ବିଶେଷତଃ ମୋ ସମୁଦି ନୀଳିମାର ଶ୍ୱଶୁର ମୋ ନାମରେ ରକ୍ତଚାଉଳ ଚୋବାଉଥିବା ସୂଚନା ମୁଁ ପ୍ରତ୍ୟକ୍ଷ କରିବାକୁ ଲାଗିଲି। କିନ୍ତୁ ଏ ସମସ୍ତ ନିଷ୍ଫଳ ଆସ୍ଫାଳନ ଓ ପ୍ରଭାତକାଳୀନ ମେଘାଡ଼ମ୍ବର ତୁଲ୍ୟ ମୋତେ ସର୍ବଦା ବୋଧ ହେଉଥିଲା।

ତା.୧୩-୭-୧୯୪୫ ସକାଳେ ଝାଡୁଆପଡ଼ା ଭିତରକୁ ଟିକିଏ ବୁଲିଆସିବାକୁ ବାହାରିଲି। ଉଦ୍ଦେଶ୍ୟ, ନାଡ଼ି ଟିପିଲେ ଯଦି କିଛି ବାହାରି ପଡ଼େ। ଜଣେ ବନ୍ଧୁଙ୍କ ଠାରୁ ଶୁଣିଲି ୧୫ ତାରିଖରେ ସଭାହେବ ଓ ସଭାକୁ ମୋତେ ନ ଡାକି ମୋତେ ଅଜାତି କରାହେବ। ଅଭିଯୋକ୍ତା ହେବେ ସ୍ୱୟଂ ସମୁଦି ରାମଚନ୍ଦ୍ର ମିଶ୍ର ଓ ସମର୍ଥକ ହେବେ ମୋର ସହଧର୍ମିଣୀଙ୍କ ମାମୁଙ୍କ କକାପୁଅ ଭାଇ ଶ୍ରୀ ଶଙ୍କରପ୍ରସାଦ ମିଶ୍ର – ସେ ମଧ୍ୟ ମାମୁଁ – ଓ ମୋ ଅପର ସମୁଦି ଶ୍ରୀ ବନମାଳୀ ପୂଜାରୀ। ଏହାର କିଛିଦିନ ପୂର୍ବେ ମୋର ଲରପଙ୍କ ଗ୍ରାମ ସୀମାବର୍ତ୍ତୀ ଶଙ୍କରପ୍ରସାଦ ମିଶ୍ରଙ୍କ ଶର୍ଦ୍ଧାପାଲି ଗ୍ରାମରୁ ପଲେ ଗୋରୁ ଆସି ମୋର ଫସଲ ନଷ୍ଟ କରିଥିବା ଯୋଗୁଁ ଗୋରୁଙ୍କୁ କାଞ୍ଜିଆହାଉସରେ ଦିଆହୋଇଥିଲା ଓ ଏଥିଯୋଗୁଁ ମୋର ଓ ତାଙ୍କ ଗ୍ରାମର କେତେ ଲୋକଙ୍କ ସହିତ ଅଦାଲତରେ ମୋକଦ୍ଦମା ଦାଏର ହୋଇଥିଲା।

ମୋର ଦୁଇଜଣ ନିକଟତମ ବନ୍ଧୁ ତ୍ରିବିକ୍ରମ ପୂଜାରୀ (ମୋର ଶ୍ୱଶୁରଙ୍କ ଭ୍ରାତୃଷ୍ପୁତ୍ର) ଓ ରାୟବାହାଦୁର ଅଚ୍ୟୁତାନନ୍ଦ ପୁରୋହିତ (ମୋର ପୁତ୍ର ସତ୍ୟଗୋପାଳର ଶ୍ୱଶୁରଙ୍କ ଜ୍ୟେଷ୍ଠଭ୍ରାତା) ସମାଜର ଗଣ୍ୟମାନ୍ୟ। ଶ୍ରୀ ତ୍ରିବିକ୍ରମ ପୂଜାରୀ ପୁରୀରେ ସୁଷମାର ବିବାହରେ ସସ୍ତ୍ରୀକ ଯୋଗଦେଇଥିଲେ। ଉଭୟେ କହିଲେ ଯେ, ସେମାନେ ସଭାରେ ମୋର କାର୍ଯ୍ୟର

Digitized by srujanika@gmail.com

ଅନୁମୋଦନ ପ୍ରକାଶ କରିବେ ଓ ଯଦି ମୋତେ ଅଜାତି କରନ୍ତି, ତାହାହେଲେ ସୁଦ୍ଧା ସେମାନେ ମୋତେ ତ୍ୟାଗ କରିବେ ନାହିଁ; ମୋ ପକ୍ଷରେ ରହିବେ।

୧୫ ତାରିଖ ସନ୍ଧ୍ୟାରେ ପୁଣି ତ୍ରିବିକ୍ରମବାବୁ ଓ ଅଚ୍ୟୁତାନନ୍ଦ ବାବୁଙ୍କ ସଙ୍ଗେ ମୋର ସାକ୍ଷାତ ହେଲା। ଉଭୟେ କହିଲେ ଯେ, ସେହିଦିନ ବ୍ରହ୍ମପୁରାଗୁଡ଼ିରେ ସଭା ବସିଥିଲା ଓ ଡାକ୍ତର ରାମଚନ୍ଦ୍ର ମିଶ୍ରଙ୍କ ମୋ ବିରୁଦ୍ଧରେ ଅଭିଯୋଗ ବିଚାର ହୋଇ ମୋତେ ଅଜାତି କରିବା ପ୍ରସ୍ତାବ ଗୃହୀତ ହୋଇଯାଉଥିବା ସମୟରେ ମୋର ଅନୁପସ୍ଥିତିରେ ଏହା ହେବା ଅନୁଚିତ ବୋଲି ସେମାନେ ଆପତ୍ତି କରିବାରୁ ସଭାର କାର୍ଯ୍ୟ ସ୍ଥଗିତ ହେଲା। ଶୁଣିଲି, ଅଭିଯୋକ୍ତାଙ୍କ ଅଭିଯୋଗ ମୌଖିକ ଥିଲା। କିନ୍ତୁ ପାରମ୍ପାରିକ ନିୟମାନୁସାରେ ଲିଖିତ ଅଭିଯୋଗ ନ ହେଲେ ତାହାର ବିଚାର ହେବନାହିଁ ବୋଲି ନିୟମ ଥିବାରୁ ଶ୍ରୀ ରାମଚନ୍ଦ୍ର ମିଶ୍ର ଓ ଶ୍ରୀ ଜନାର୍ଦ୍ଦନ ମିଶ୍ର ସଭାରେ ଲିଖିତ ଅଭିଯୋଗ ଦେଲେ ଓ ମୋତେ ଡକରା ହୋଇ ଏହାର ବିଚାର ହେବ ବୋଲି ନିର୍ଦ୍ଧାରଣ ହେଲା। ମୋ ସପକ୍ଷରେ ନିମ୍ନଲିଖିତ ଯୁକ୍ତି ରଖି ସଭା ସକାଶେ ମୁଁ ପ୍ରସ୍ତୁତ ହୋଇ ରହିଲି :

(୧) ଝାଡୁଆ ଓ ଓଡ଼ିଆ ବ୍ରାହ୍ମଣଙ୍କ ମଧ୍ୟରେ ପାର୍ଥକ୍ୟ ନାହିଁ; ଯାହାଅଛି, ଅତି ସାମାନ୍ୟ ଓ ସମାଜର ବର୍ତ୍ତମାନ ପରିସ୍ଥିତିରେ ସର୍ବଥା ତ୍ୟାଜ୍ୟ।

(୨) ସାରଦା ଆଇନ ପ୍ରଚାରିତ ହେଲା ଦିନଠାରୁ (୧୯୨୯) ପ୍ରାପ୍ତବୟସ୍କା କନ୍ୟାଙ୍କୁ ପାତ୍ରସ୍ଥ କରିବା ଅତ୍ୟନ୍ତ କଷ୍ଟକର ହୋଇଅଛି। ଆଜି ସୁଦ୍ଧା ଝାଡୁଆପଡ଼ାରେ ୧୪ ବର୍ଷଠାରୁ ୨୫ ବର୍ଷ ବୟସ୍କା ଅନୂଢ଼ା କନ୍ୟାମାନେ ଅନେକ ପରିବାରରେ ରହିଯାଇଅଛନ୍ତି। ମଫସଲରେ ମଧ୍ୟ ଏହି ଅବସ୍ଥା। ଏହି ପରିସ୍ଥିତିରେ ଏକମାତ୍ର ଉପାୟ ହେଉଅଛି ପାତ୍ର ନିର୍ବାଚନ କ୍ଷେତ୍ରର ସମ୍ପ୍ରସାରଣ ଏବଂ ଏହି ଉଦ୍ଦେଶ୍ୟ ସାଧନ ସକାଶେ ପ୍ରଥମରେ ସମ୍ବଲପୁରବାସୀ ଓଡ଼ିଆ ଝାଡୁଆଙ୍କ ମଧ୍ୟରେ ବୈବାହିକ ସମ୍ପର୍କ ସ୍ଥାପନକରି ପରେ ଅନ୍ୟ ଜିଲ୍ଲାକୁ ମଧ୍ୟ ଯିବାକୁ ହେବ। ଏଥିରେ ଗର୍ହିତ କିଛିନାହିଁ।

(୩) ମୋର କନ୍ୟା ସୁଷମାର ବାଲ୍ୟ ସମୟରୁ ସମ୍ବଲପୁର ସହରରେ ଜଣେ ଝାଡୁଆ ବ୍ରାହ୍ମଣ ପାତ୍ର ସହିତ ନିର୍ବନ୍ଧ ହୋଇଥିଲା। ତାହାର ଠିକ୍ ୧୪ବର୍ଷ ବୟସରେ ବିବାହ କରିବାକୁ ଯାଉଥିବା ସମୟରେ ବରପକ୍ଷ ସେହି ସମ୍ପର୍କ ଭାଙ୍ଗିଦେଲେ। ତାହାପାଇଁ ଆଉ ପାତ୍ର ମିଳିଲା ନାହିଁ। ସମାଜର ନେତାଙ୍କଠାରେ ଏହାର ପ୍ରତିକାର ଲୋଡ଼ିଲି କିନ୍ତୁ କିଛି ଫଳ ହେଲାନାହିଁ। ତାକୁ ଅବିବାହିତା ରଖିବା ଅନୁଚିତ ମନେକରି ସମ୍ବଲପୁରବାସୀ ସମ୍ଭ୍ରାନ୍ତ ପରିବାରର ଉକ୍ତ ଓଡ଼ିଆ ବ୍ରାହ୍ମଣପାତ୍ର ସହିତ ତାହାର ବିବାହ କଲି। ଏଥିରେ ଗର୍ହିତ କିଛି ନାହିଁ, ବରଂ ଏହାଦ୍ୱାରା ସମାଜସଂସ୍କାରର ପଥ ଉନ୍ମୁକ୍ତ କଲି। ସମାଜ ଏହିପଥ ଅନୁସରଣ କଲେ ବିବାହ ସମସ୍ୟା ସହଜ ହେବ ଓ ଅବିବାହିତା କନ୍ୟା ସଂଖ୍ୟା ଊଣା ହେବ।

Digitized by srujanika@gmail.com

(୪) ଯଦି ସମାଜ ନେତାଗଣ ଏ ସମସ୍ତ ଯୁକ୍ତି ଅଗ୍ରାହ୍ୟ କରନ୍ତି, ତାହାହେଲେ ଏହି ଅଭିଯୋଗର ବିଚାର ଏହି ସଭାର ଅଧିକାରବହିର୍ଭୂତ। ମୁଁ ଏହି ସଭାର ଅଧୀନସ୍ଥ ନୁହେଁ। ୧୯୨୯ ସାଲରେ ଏହି ବିଷୟରେ ମୀମାଂସା ହୋଇଯାଇଛି। ମୁଁ ପାଟଣା ଷ୍ଟେଟ୍‌ସ୍ଥ ଆଗଲପୁର ଗ୍ରାମର ଅଧିବାସୀ ଓ ମୋର ଏହି କାର୍ଯ୍ୟକୁ ଆଗଲପୁରର ବ୍ରାହ୍ମଣ ସଭା ଅନୁମୋଦନ କରିଅଛନ୍ତି।

ସମ୍ବଲପୁରର ଝାଡୁଆ ବ୍ରାହ୍ମଣ ସଭା ମୋ ପ୍ରତି ଯେଉଁ ପ୍ରତିକୂଳାଚରଣ ଆରମ୍ଭ କରିଅଛନ୍ତି, ତତ୍‌ସମ୍ପର୍କରେ ଶ୍ରୀ ତ୍ରିବିକ୍ରମ ପୂଜାରୀ ଓ ରାୟ ବାହାଦୁର ଅଚ୍ୟୁତାନନ୍ଦ ପୁରୋହିତ ମୋର ପ୍ରଧାନ ସହାୟକ। ଆଗାମୀ ସଭାରେ ଯାହା କରିବାକୁ ହେବ ସେହି ବିଷୟରେ ଏମାନଙ୍କ ସହିତ ବାରମ୍ବାର ପରାମର୍ଶ କରିବାକୁ ଲାଗିଲି।

୨୦ ତାରିଖରେ ଶ୍ରୀ 'ହରିଶଙ୍କର ପୂଜାରୀ ୨୨ ତାରିଖରେ ଏହି ବିଷୟର ବିଚାର ସକାଶେ ନିର୍ଦ୍ଦିଷ୍ଟ ହୋଇଥିବା ସଭାର ନୋଟିସ୍ ମୋତେ ଦେଖାଇଲେ। ତହିଁରେ ମୁଁ ଲେଖିଦେଲି ଯେ, ମୁଁ ସମ୍ବଲପୁର ଝାଡୁଆ ବ୍ରାହ୍ମଣ ସଭାର ଅଧୀନସ୍ଥ ନୁହେଁ। ତଥାପି ୨୨ ତାରିଖରେ ଯେଉଁ ସଭାହେବ ବୋଲି ବିଜ୍ଞାପନ ଦିଆହୋଇଅଛି ତହିଁରେ ମୁଁ ଉପସ୍ଥିତ ହେବି।

୨୨ ତାରିଖ ସନ୍ଧ୍ୟା ୫ଟା ବେଳେ ବ୍ରହ୍ମପୁର ମନ୍ଦିରରେ ସଭା ବସିଲା। ବିଜ୍ଞାପନ ଅନୁସାରେ ମୁଁ ସଭାରେ ଉପସ୍ଥିତ ହେଲି। ଯିବା ପୂର୍ବେ ମୋର ପକ୍ଷ ସମର୍ଥକ ଶ୍ରୀ ତ୍ରିବିକ୍ରମ ପୂଜାରୀ ଓ ରାୟବାହାଦୁର ଅଚ୍ୟୁତାନନ୍ଦ ପୁରୋହିତଙ୍କ ସଙ୍ଗେ ସାକ୍ଷାତ କରି ସଭାକୁ ଯିବାକୁ କହିଲି। ତ୍ରିବିକ୍ରମ ବାବୁ କହିଲେ ଯେ, ସମାଜର ଲୋକଙ୍କୁ ତ୍ୟାଗକରି ସେ ଚଳିପାରିବେ ନାହିଁ ଓ ଅଚ୍ୟୁତାନନ୍ଦବାବୁ ଗୋଟିଏ ମୋକଦ୍ଦମାରେ କଟକ ଯାଉଛନ୍ତି ବୋଲି କହିଲେ। ମୋର ପୁତ୍ର ସତ୍ୟଗୋପାଳକୁ ନେଇ ଏକାକୀ ବ୍ରହ୍ମପୁର ମନ୍ଦିରକୁ ଗଲି। ସେତେବେଳେ 'ସତ୍ୟଗୋପାଳ ଓକିଲ। ସଭାରେ ଅନେକ ଲୋକ ଉପସ୍ଥିତ ଥିଲେ। ଝାଡୁଆ ବ୍ରାହ୍ମଣଙ୍କ ସଭା ସହିତ ମୁଁ କିଛିଦିନ ପୂର୍ବ ପର୍ଯ୍ୟନ୍ତ ଘନିଷ୍ଠ ଭାବରେ ସଂଶ୍ଳିଷ୍ଟ ଥିଲି ଓ କେତେ ସଭାର କାର୍ଯ୍ୟ ନିଜେ ଚଳାଇଥିଲି। ଏଥର ଯାହା ଦେଖିଲି, ଏତେ ଲୋକ କେବେ ଉପସ୍ଥିତ ହୋଇଥିବା ମୁଁ ଦେଖିନଥିଲି। ସଭାପତି ଶ୍ରୀ ଦୁର୍ଗାମାଧବ ସୂପକାର ସଭା ମଧ୍ୟରେ ଉପବିଷ୍ଟ। ତାଙ୍କ ପାଖକୁ ଲାଗି ସମ୍ପାଦକ ଶ୍ରୀ ଶ୍ରୀପତି ମାଝି ଓ ମୋର ବିପକ୍ଷ ପ୍ରଧାନ ଅଭିଯୋକ୍ତା ସମୁଦି ଶ୍ରୀ ରାମଚନ୍ଦ୍ର ମିଶ୍ର ଓ ତାଙ୍କ ପାଖକୁ ମଉଳାଶ୍ୱଶୁର ଶ୍ରୀ ଶଙ୍କରପ୍ରସାଦ ମିଶ୍ର। ଆଜି ସଭା ସଂକ୍ରାନ୍ତ ବିଜ୍ଞାପନରେ ଲେଖାଥିଲା, ସମ୍ବଲପୁରବାସୀ ଆରଣ୍ୟକ ବ୍ରାହ୍ମଣମାନଙ୍କ ଛଡ଼ା ସମ୍ବଲପୁରରେ ଅନ୍ୟ ପରଗଣା ପ୍ରଭୃତିରୁ ଆସି ଯେଉଁମାନେ ସମ୍ବଲପୁରରେ ରହିଅଛନ୍ତି ସମ୍ବଲପୁର ସମାଜଭୁକ୍ତ ବ୍ୟକ୍ତିଙ୍କ ସହିତ ସେମାନଙ୍କ ଗୋଟିଏ ତାଲିକା ପ୍ରସ୍ତୁତ ହେବ। (ଏମାନଙ୍କ ନାମ ମଧ୍ୟ ବିଜ୍ଞାପନରେ ଲେଖାଥିଲା)। ଯେଉଁମାନେ ଏହି ସମାଜଭୁକ୍ତ ହୋଇ

Digitized by srujanika@gmail.com

ରହିବାକୁ ଅନିଚ୍ଛୁକ, ସେମାନେ ସେହି ବିଷୟ ଲେଖିଦେବେ ଓ ଯଦି କାହାରି ନାମ ତ୍ୟକ୍ତ ହୋଇଥାଏ, ତାହାହେଲେ ସେ ରହିବା ପାଇଁ ଇଚ୍ଛାପ୍ରକାଶ କଲେ ତାଙ୍କ ନାମ ତାଲିକାଭୁକ୍ତ ହେବ। ସଭାର କାର୍ଯ୍ୟାରମ୍ଭ ହେଲା। ଜାରି ହୋଇଥିବା ବିଜ୍ଞାପନ ସଭାପତି ପଢ଼ିଦେଲେ ଓ ମୁଁ ସମ୍ବଲପୁର ଆରଣ୍ୟକ ସମାଜର ଅଧୀନସ୍ଥ ନୁହେଁ ବୋଲି ଯାହା ଲେଖିଦେଇଥିଲି ତାହା ମଧ୍ୟ ପଢ଼ାହେଲା। ଶ୍ରୀ ଶଙ୍କର ପ୍ରସାଦ ମିଶ୍ର ତତ୍‌କ୍ଷଣାତ୍ ଉଠି ପ୍ରସ୍ତାବ କଲେ ଯେ, ମୋର ନାମ ତାଲିକାରୁ କାଟି ଦିଆଯାଉ ଓ ସେହିଦିନଠାରୁ ମୁଁ ସମାଜଭୁକ୍ତ ନୁହେଁ ବୋଲି ପ୍ରକାଶ କରାଯାଉ। ସମ୍ପାଦକ ଶ୍ରୀ ଶ୍ରୀପତି ମାଝି ପ୍ରସ୍ତାବଟି ତାଙ୍କ ନିର୍ଦ୍ଧାରଣ ପୁସ୍ତକରେ ଲେଖିପକାଇଲେ ଓ କାହାରି ମତକୁ ଅପେକ୍ଷା ନ କରି ସର୍ବସମ୍ମତିକ୍ରମେ ତାହା ଗୃହୀତ ହେଲା ବୋଲି ମଧ୍ୟ ଲେଖାହେଲା।

ତତ୍‌ପରେ ଓଡ଼ିୟା ବ୍ରାହ୍ମଣ ସହିତ ମୋର କନ୍ୟାର ବିବାହ ବିଷୟରେ ବିଚାର ସକାଶେ ଶ୍ରୀ ଶ୍ରୀପତି ମାଝି ପ୍ରସ୍ତାବ କଲେ। ମୁଁ କହିଲି ଯେ, ମୁଁ ଏହି ସମାଜଭୁକ୍ତ ନ ଥିବା ବିଷୟ ସଭାରେ ଗୃହୀତ ହୋଇଥିବା ସ୍ଥଳେ ଆଉ ମୋ ବିଷୟରେ କୌଣସି କଥା ସେହି ସଭାରେ ପଡ଼ି ନ ପାରେ। ସଭାପତି ନିରବ। ଶ୍ରୀ ଶଙ୍କର ପ୍ରସାଦ ମିଶ୍ର କହିଲେ, ଏହି ବିଷୟ ପଡ଼ିବ। ମୁଁ କହିଲି, ତାହାହେଲେ ଏହି ବିଷୟରେ ମୋର ବକ୍ତବ୍ୟ ପ୍ରକାଶ କରିବି। ସେ କହିଲେ, ମୁଁ ସମାଜଭୁକ୍ତ ନ ଥିବା ଓ ଏହି ସଭାର ଅଧୀନସ୍ଥ ନ ଥିବା ଓ ଏ ସମ୍ବନ୍ଧରେ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିବା ସ୍ଥଳେ ଏଠାରେ ମୋର କିଛି କହିବାର ନାହିଁ। ପୁଣି କହିଲି ଯେ, ଏହି ବିଷୟ ଉତ୍‌ଥାପିତ ହେଲା ମାତ୍ରକେ ଏହାର ଆଲୋଚନାରେ ମୋର ନାମ ପଡ଼ିବ । ସୁତରାଂ ଏଥିରେ ଅଂଶ ଗ୍ରହଣ କରିବା ମୋର ଅଧିକାର ଅଛି। ଏ ବିଷୟରେ ସଭାପତିଙ୍କୁ ଲକ୍ଷ୍ୟକରି ତାଙ୍କ ନିର୍ଦ୍ଦେଶ ପ୍ରାର୍ଥନା କଲି, କିନ୍ତୁ ସେ ପୂର୍ବପରି ନିରବ ରହିଲେ। ବାରମ୍ବାର କହିଲେ ସୁଦ୍ଧା ସେ କିଛି କହିଲେ ନାହିଁ। ପୁଣି ଶ୍ରୀ ଶଙ୍କର ପ୍ରସାଦ ମିଶ୍ର କହିଲେ, "ଏଠାରେ କହିବାର ଆପଣଙ୍କର ଅଧିକାର ନାହିଁ।" ତୃତୀୟବାର ମୁଁ ସେହିକଥା କହିଲି, କିନ୍ତୁ ଏହିଥର ମଧ୍ୟ ସେହି ଉତ୍ତର ଦେଲେ।

ତତ୍‌ପରେ ଶ୍ରୀ ଶଙ୍କର ପ୍ରସାଦ ମିଶ୍ର ପ୍ରସ୍ତାବ ଡାକିଲେ ଓ ସମ୍ପାଦକ ଶ୍ରୀ ଶ୍ରୀପତି ମାଝି ନିର୍ଦ୍ଧାରଣ ପୁସ୍ତକରେ ଲେଖିବାକୁ ବସିଲେ। ସଭାସ୍ଥ ଏକ କୋଣରୁ ଜଣେ ଉଠି କହିଲେ, "ମୁଁ ଜଣେ ରମ୍ଭେଲବାସୀ। ଏହି ବିବାହ ସଂକ୍ରାନ୍ତ ପ୍ରସ୍ତାବ ସମ୍ବନ୍ଧରେ ମୁଁ କିଛି କହିବାକୁ ଚାହେଁ।" ତାଙ୍କୁ 'ଚୁପ୍‌ରୁହ, ବସ' ବୋଲି କହିଦେଲେ ଓ ସେ ବସିପଡ଼ିଲେ। ସମ୍ବଲପୁର ଝାଡୁଆପଡ଼ାବାସୀ ଶ୍ରୀ ରାଧାମୋହନ ପଣ୍ଡା କିଛି କହିବା ପାଇଁ ଉଠିଲେ। ତାଙ୍କୁ ମଧ୍ୟ ସେହିପରି ଧମକ ଦିଆଗଲା। ସେଠାରେ ବସି ମୁଁ ଏହିସବୁ ତାମସା ଦେଖୁଥାଏ। ତତ୍‌ପରେ ଶ୍ରୀପତି ମାଝି ଠିଆହୋଇ ତାଙ୍କ ଲିଖିତ ପ୍ରସ୍ତାବ ପଢ଼ିଲେ। "ଭାରତଚନ୍ଦ୍ର ନାୟକ ତାଙ୍କ କନ୍ୟାକୁ ଓଡ଼ିଆ ବ୍ରାହ୍ମଣ ଘରେ ବିବାହ ଦେଇଥିବା ଦୋଷାବହ। ସୁତରାଂ ସଭା

Digitized by srujanika@gmail.com

ଆଦେଶ ଦେଉଅଛନ୍ତି ଯେ, ତାଙ୍କ ସହିତ ସମ୍ବଲପୁର ଆରଣ୍ୟକ ବ୍ରାହ୍ମଣ ସମାଜର କେହି କୌଣସି ପ୍ରକାର ସାମାଜିକ ବା ବୈବାହିକ ସମ୍ପର୍କ ରଖିବେ ନାହିଁ। ରଖିଲେ ଦଣ୍ଡନୀୟ ହେବେ।'' ପୁଣି ପ୍ରସ୍ତାବ ହେଲା ଯେ ଏହି ବିଷୟ ସମସ୍ତ ପରଗଣା, ସଭା ଓ ପାଟଣା, ସୋନପୁର, କଳାହାଣ୍ଡି, ବୌଦ ଆଦି ସଭାକୁ ଜଣାଇ ଦିଆଯାଉ। ଉପସ୍ଥିତ ବ୍ୟକ୍ତିମାନଙ୍କ ମଧ୍ୟରୁ କାହାରି ମତ ଜିଜ୍ଞାସା ନ କରି ଓ ଅନ୍ତତଃ ଦୁଇଜଣ ଆପତ୍ତି କରିଥିବା ସତ୍ତ୍ୱେ ପ୍ରସ୍ତାବମାନ ସର୍ବସମ୍ମତି କ୍ରମେ ଗୃହୀତ ହେଲା ବୋଲି ପ୍ରକାଶ କରାଗଲା। କି ବିଚିତ୍ର ସଭା! ଏ କାଜିର ବିଚାର ନା ଫେସିଷ୍ଟ ସଭାର ବିଚାର! ଇଟାଲିର ଫେସିଷ୍ଟ ନେତା ମୁସୋଲିନିଙ୍କ ପ୍ରାଣଦଣ୍ଡ ବିଧାନ ସକାଶେ ଦଶ ମିନିଟ୍ ବିଚାର ହୋଇଥିଲା। ମୋର ଦଣ୍ଡବିଧାନ ପାଇଁ ଦୁଇମିନିଟ୍‌ରୁ ଅଧିକ ଲାଗିଲା ନାହିଁ।

ଏହା ଉତ୍ତାରେ ଏ ବିଷୟରେ ମୁଁ ଯେତେ ଭାବନା କରିବାକୁ ଲାଗିଲି ସେତେ ମୋର ମନରେ ହେଲା, ଏହି ସଭାକୁ ଭାଙ୍ଗି ଏହାକୁ ପୁନଃଗଠନ କରିବାନ୍ତ ଏହି ସମାଜହିତୈଷୀ ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ। ମୋ ସମ୍ବନ୍ଧରେ ସଭାରେ ଆଜି ଯାହା ହେଲା ତହିଁରୁ ସ୍ପଷ୍ଟ ଜଣାଗଲା ଯେ, ଦୁଇଚାରିଜଣ ବ୍ୟକ୍ତିଙ୍କ ପ୍ରରୋଚନାରେ କେବଳ ମୋତେ ସମାଜରୁ ବାରଣ କରି ରଖିବା ଏମାନଙ୍କ ଉଦ୍ଦେଶ୍ୟ। ସମାଜର ମଙ୍ଗଳ ସାଧନା କରିବା ଏମାନଙ୍କ ଇଚ୍ଛା ବା କଳ୍ପନାର ବହୁ ଦୂରରେ। ସମ୍ବଲପୁରର ଝାଡୁଆ ବ୍ରାହ୍ମଣ ସମାଜରେ ବିବାହ ବୟସ୍କା ଏତେଗୁଡ଼ିଏ କନ୍ୟା ଯେ ରହିଯାଇଅଛନ୍ତି, କି ଉପାୟ କଲେ ଏମାନଙ୍କ ବିବାହ ହେବ, ଏହି ବିଷୟ ବିଚାର କରିବା ସକାଶେ ଦୁଇଜଣ ସୁଦ୍ଧା ବସି ପରାମର୍ଶ କରିବା ଦେଖାଯାଉନାହିଁ। ଅଥଚ ଏହି ସମସ୍ୟା ସମ୍ବନ୍ଧରେ ମୁଁ ଯେଉଁ ପଥ ଦେଖାଇଲି, ତାହା ଅନୁସରଣ କରିବା ତେଣେ ଥାଉ, ସେହି ପଥରେ କଣ୍ଟକ ନିକ୍ଷେପ କରିବା ସକାଶେ ଆଜି ସମଗ୍ର ଝାଡୁଆ ବ୍ରାହ୍ମଣ ସମାଜ ମୋ ବିପକ୍ଷରେ ଦଣ୍ଡାୟମାନ। ଏମାନେ ଯେଉଁ ବିଷବୃକ୍ଷ ରୋପଣ କରିବାକୁ ଯାଉଅଛନ୍ତି ତାହାକୁ ମୂଳୋତ୍ପାଟନ କରିବି। ଏମାନଙ୍କ ଦୁରଭିସନ୍ଧିମୂଳକ କାର୍ଯ୍ୟାବଳୀରୁ ମୁଁ ଆହୁରି ଦୃଢ଼ପ୍ରତିଜ୍ଞ ହେଲି। ଏକ ପକ୍ଷରେ ସମସ୍ତ ଝାଡୁଆ ବ୍ରାହ୍ମଣ ସମାଜ ଓ ଅପର ପକ୍ଷରେ ଏକାକୀ ମୁଁ। 'ଶ୍ରେୟାଂସି ବହୁବିଘ୍ନାନି'। ମୁଁ ଯେଉଁ କାର୍ଯ୍ୟରେ ହସ୍ତକ୍ଷେପ କଲି ତହିଁରେ ଯେ ସମାଜର ଶ୍ରେୟ ନିହିତ ଏଥିରେ କେବେହେଁ ମୋ ମନରେ ସନ୍ଦେହ ଜାତ ହେଉନଥିଲା। ବରଂ ଏ ବିଷୟରେ ଯେତେ ଭାବନା କରୁଥିଲି ସେତେ ଏଥିରେ ଅଗ୍ରସର ହେବା ନିମିତ୍ତ ପ୍ରେରଣା ପ୍ରାପ୍ତ ହେଉଥିଲି।

ଏହି ସଭା ସମ୍ବନ୍ଧରେ ଗୋଟିଏ ନିୟମ ଦେଖିଲି। ସମାଜର କୌଣସି ଦୁଇଜଣ ସଭ୍ୟ ଓ କାର୍ଯ୍ୟକାରୀ ସମିତିର ୧୬ଜଣ ସଭ୍ୟ ମଧ୍ୟରୁ ଦୁଇଜଣଙ୍କ ସ୍ୱାକ୍ଷରରେ କୌଣସି ବିଷୟରେ ଲିଖିତ ପ୍ରସ୍ତାବ ନ ହେଲେ ତାହା ସଭାରେ ପଡ଼ିପାରିବ ନାହିଁ। ମୁଁ ସଭାରେ କାହାରି କାହାରି ଆଗରେ ବିସ୍ମୟ ପ୍ରକାଶ କରି ସେମାନଙ୍କୁ ପଚାରିଲି। ଯଦି ଏହି ମନ୍ଦିର

Digitized by srujanika@gmail.com

ମଧ୍ୟରେ ସୁରାପାନ ବା ଅନ୍ୟ କୌଣସି ଗର୍ହିତ ଦୁଷ୍କର୍ମ ସଂଘଟିତ ହୁଏ ଓ ଚାରିଜଣ ସଭ୍ୟ ଯଦି ଏ ସମ୍ବନ୍ଧରେ ପ୍ରସ୍ତାବ ଦେବା ସକାଶେ ମିଳିତ ନ ହୁଅନ୍ତି, ତାହାହେଲେ ସୁଦ୍ଧା କ'ଣ ସଭାପତି ବା ସମ୍ପାଦକଙ୍କ ଆଗରେ ଏହା ସଂଘଟିତ ହେଉଥିଲେ ସୁଦ୍ଧା ତାହା ସଭାରେ ପଡ଼ିବ ନାହିଁ ? ଉତ୍ତର ମିଳିଲା ହଁ; ପଡ଼ିବ ନାହିଁ। ବର୍ତ୍ତମାନ ବୁଝିଲି, ଗୋଟା କେତେ ବଡ଼ ବଡ଼ ଘରେ ସୁଦ୍ଧା ଯେଉଁ ସମାଜ ବିଗର୍ହିତ କର୍ମମାନ ସଂଘଟିତ ହେଉଥିଲା ଓ ପ୍ରତ୍ୟହ ଚାଲିଥିବା ତାହା ବିରୁଦ୍ଧରେ କେହି କେବେ ସେହି ବିଷୟରେ କନିଷ୍ଠାଙ୍ଗୁଳି ପର୍ଯ୍ୟନ୍ତ ଉତ୍ତୋଳନ କରିବାକୁ ସାହସ କରିନାହାଁନ୍ତି, ଅଥଚ ସେ ସବୁ ଅବାଧରେ ଚାଲିଛି।

ମୋ ପ୍ରତି ଯେଉଁ ବ୍ୟବସ୍ଥା ହେଲା, ଏମାନଙ୍କ ତାହା କରିବା ଅଧିକାରର ବହିର୍ଭୁତ। ମନେ ମନେ ଭାବିଲି ଏହି ବିଷୟ ଅଦାଲତକୁ ନେବାକୁ ହେବ। କିନ୍ତୁ ପ୍ରଥମରେ ଲୋକମତ ସଂଗ୍ରହ କରିବା ଆବଶ୍ୟକ। ମୋର ଉଦ୍ଦେଶ୍ୟ ହିଂସାପ୍ରଣୋଦିତ ନୁହେଁ। ଯେଉଁ ଉଦ୍ଦେଶ୍ୟରେ ମୁଁ ମୋର ଲକ୍ଷ୍ୟ ସମ୍ପାଦନ କରିଅଛି, ତାହାର ଉପାଦେୟତା ଅଦାଲତରେ ସାବ୍ୟସ୍ତ କରିବାକୁ ଚେଷ୍ଟାକରିବି ଓ ଯଦି ସଫଳତା ଲାଭକରେ, ତାହାହେଲେ ମୋର ପ୍ରଦର୍ଶିତ ପଥ ଅବଲମ୍ବନ କରିବାକୁ ଏହି ସମାଜପତିମାନେ ବାଧ୍ୟ ହେବେ। ମୋର ଏକମାତ୍ର ନୀତି, ମୁଁ ଅନ୍ୟାୟକୁ ପ୍ରଶ୍ରୟ ଦେବି ନାହିଁ ବା ନିଜେ ଅନ୍ୟାୟାଚରଣ କରିବିନାହିଁ। ଏହିଠାରେ ମଧ୍ୟ ଦେବିନାହିଁ।

ଏହି ସାମାଜିକ ବିଭ୍ରାଟ ମଧ୍ୟରେ ଘନୀଭୂତ ଶୋକଛାୟା ଆସି ମୋ ପରିବାରକୁ ଆଚ୍ଛନ୍ନ କରିପକାଇଲା। ମୋର ବାରବର୍ଷ ବୟସ୍କା କନ୍ୟା ପୂର୍ଣ୍ଣିମା ୩୫ଦିନକାଳ ଟାଏଫଏଡ୍ ରୋଗରେ ପୀଡ଼ିତ ହୋଇ ତା.୬.୮.୪୫ ଦିନ ଇହଲୀଳା ତ୍ୟାଗକଲା। ମୋର ଜାମାତା ମାନଙ୍କ ମଧ୍ୟରୁ ଶିବନାରାୟଣ ପାଢ଼ି ଓ ସୁରେନ୍ଦ୍ର ମୋହନ ପାଢ଼ି ସମ୍ବଲପୁରରେ ଉପସ୍ଥିତ ଥିଲେ। ସେମାନେ ଓ ଶଳା କୁଞ୍ଜବିହାରୀ ପୂଜାରୀ ଓ ବିନୋଦ ବିହାରୀ ପୂଜାରୀ ଆଉ କେତେ ବନ୍ଧୁମାନଙ୍କ ସହିତ ତାହାର ଶବ ସଂସ୍କାର କରିଥିଲେ।

ଏହି ସମୟରେ ସୁଦ୍ଧା ବନ୍ଧୁମାନେ ସ୍ଥିର ହୋଇ ରହିପାରିନଥିଲେ। ଯେତେବେଳେ ମୁଁ ପୂର୍ଣ୍ଣିମାର ମୃତଦେହ ପାଖରେ ବସି ଶୋକରେ ଅଧୀର ହେଉଅଛି ଓ ମୋର ସ୍ତ୍ରୀ, ପୁତ୍ର, କନ୍ୟାମାନେ ବ୍ୟାକୁଳ ଭାବରେ କ୍ରନ୍ଦନ କରୁଅଛନ୍ତି, ଏହି ସମୟରେ ଆଲୁଳାୟିତକେଶା ନୀଳିମା ତାହାର ଶିଶୁକନ୍ୟାକୁ କକ୍ଷରେ ଧରି ଗୃହ ମଧ୍ୟରେ ପ୍ରବେଶ କଲା। ଆମ୍ଭମାନଙ୍କୁ ଦେଖି ସେ ଶୋକରେ ଅଧୀର ହୋଇପଡ଼ିଲା। ଏହି ୩୫ ଦିନ ମଧ୍ୟରେ ସେ ଦିନେ ହେଲେ ଭଉଣୀକୁ ରୋଗ ଶଯ୍ୟାରେ ଦେଖିବାକୁ ଆସିବା ସକାଶେ ଶାଶୁଶ୍ୱଶୁରଙ୍କଠାରୁ ଅନୁମତି ପାଇ ନଥିଲା। ଶବସଂସ୍କାର କରି ଆମ୍ଭେମାନେ ସନ୍ଧ୍ୟାରେ ଫେରିଲୁଁ। ଏହାର ଅଧଘଣ୍ଟା ପରେ ତାଙ୍କ ଘରର ରାନ୍ଧୁଣୀ ନୀଳିମାକୁ ଡାକିବାକୁ ଆସି କହିଲା, "ଚାଲ, ତୁମ୍ଭର ଶ୍ୱଶୁର କହିଛନ୍ତି," ସେତେବେଳେ ମୋର ଘର କରୁଣକ୍ରନ୍ଦନରେ ପୂର୍ଣ୍ଣ। ନୀଳିମା ଯିବନାହିଁ ବୋଲି କହିଲା। ପରଦିନ ସକାଳେ ପୁଣି ତାକୁ ଡାକିନେବା ପାଇଁ ଆସିଲା, କିନ୍ତୁ ଗୃହ ମଧ୍ୟରେ

Digitized by srujanika@gmail.com

ପ୍ରବେଶ କଲାନାହିଁ: ନିଜେ କାନ୍ଦି କାନ୍ଦି ଫେରିଗଲା। କିଛି ସମୟ ପରେ ଆଉଜଣେ ଚାକରାଣୀ ଆସିଲା ଓ ତାହାର ସ୍ୱାମୀ ତାକୁ ନେବାପାଇଁ ପଠାଇଛନ୍ତି ବୋଲି କହିଲା। ନୀଳିମା ସେତେବେଳେ ଉଚ୍ଚକ୍ରନ୍ଦନ ଆରମ୍ଭ କରିଦେଲା। ମା, ବାପା, ଭାଇଭଉଣୀଙ୍କ କଥା ଛାଡ଼, ମୁଁ ନିଜେ ଧୈର୍ଯ୍ୟ ଧରି ପାରୁନାହିଁ। କିପରି ଯିବି, ଚାକରାଣୀ ଚାଲିଗଲା। ଏହାର ଅତି ଅଳ୍ପ ସମୟ ପରେ ଯାହା ହେଲା ତାହା ଲେଖିପାରୁ ନାହିଁ, ଲେଖିଲେ ଏହି ପୃଷ୍ଠା ଲେଖନୀ ଓ ମସୀ ସୁଦ୍ଧା ତଦ୍ଦ୍ୱାରା କଳଙ୍କିତ ହୋଇଯିବ। ଭଉଣୀର ଶୁଦ୍ଧିକ୍ରିୟାଦି ଶେଷହେଲା ପରେ ଗଲା।

ଏହି ଦୁର୍ଘଟଣାର ସପ୍ତାହକ ମଧ୍ୟରେ ଝାଡ଼ୁଆ ବ୍ରାହ୍ମଣ ସମାଜ ସେମାନଙ୍କ ଅଧିକାର ପୁଣି ଜାରି କରି ବସିଲେ। ମୃତ କନ୍ୟାର ଶବ ସଂସ୍କାର ସକାଶେ ଯେଉଁମାନେ ଶ୍ମଶାନକୁ ଯାଇଥିଲେ, ସେମାନଙ୍କ ପ୍ରତି ଦଣ୍ଡବିଧାନ ସକାଶେ ଦୁଇଜଣ ବିଶିଷ୍ଟ ନେତା ଦରଖାସ୍ତ ଦେଇଦେଲେ ଓ ସ୍ୱୟଂ ରାମଚନ୍ଦ୍ର ମିଶ୍ର ମଧ୍ୟ ତାଙ୍କ ପୁତ୍ରବଧୂ ନୀଳିମା ଆମ୍ଭ ଘରକୁ ଆସି ଖାଇଥିବା ମହାପାପ ଯୋଗୁଁ ସେ ନିଜେ ତହିଁର ପ୍ରାୟଶ୍ଚିତ୍ତ କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ଲେଖିଦେଲେ।

ଯେଉଁମାନେ ଶ୍ମଶାନକୁ ଯାଇଥିଲେ ସେମାନଙ୍କ ଓ ମୋର କନ୍ୟା ରାମଚନ୍ଦ୍ର ମିଶ୍ରଙ୍କ ପୁତ୍ରବଧୂ ନୀଳିମା ପ୍ରତି ସଭା ଚାରିଅଣା ଲେଖାଏଁ ଜରିମାନା ଦଣ୍ଡବିଧାନ କଲେ। ମୋର ଜାମାତା ଶିବନାରାୟଣଙ୍କୁ ଛାଡ଼ି ସମସ୍ତେ ଓ ପୁତ୍ରବଧୂ ସକାଶେ ସ୍ୱୟଂ ଶ୍ୱଶୁର ଜରିମାନା ଦେଇଦେଲେ। ଶିବନାରାୟଣ ସଭାପତିଙ୍କୁ ଲେଖି ଜଣାଇଦେଲେ ଯେ ତାଙ୍କ ପ୍ରତି ଦଣ୍ଡବିଧାନ ଅନ୍ୟାୟ। ତାଙ୍କଠାରୁ କୈଫିୟତ ନ ନେଇ କିମ୍ବା ତାଙ୍କୁ ନ ଡାକି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରାହୋଇଥିବା ଆହୁରି ଅନ୍ୟାୟ ଓ ଜରିମାନା ସେ ଦେବେନାହିଁ। ଆଉ କେହି ଯଦି ତାଙ୍କ ସକାଶେ ଜରିମାନା ଦେଇଦିଏ ତାହାଦ୍ୱାରା ସେ ବାଧ୍ୟ ହେବେ ନାହିଁ। ଏହା ଉତ୍ତାରେ ପୁଣି ତାଙ୍କୁ ସଭାକୁ ନ ଡାକି ବା ତାଙ୍କଠାରୁ କୈଫିୟତ୍ ତଲବ ନ କରି ତାଙ୍କୁ ବାରଣ କରାହେଲା। ଏହାହିଁ ହେଲା ଏମାନଙ୍କ ପତନର କାରଣ। ଶିବନାରାୟଣ ସଭାପତି, ରାମଚନ୍ଦ୍ର ମିଶ୍ର, ଶ୍ରୀପତି ମାଝି, ଶଙ୍କର ପ୍ରସାଦ ମିଶ୍ର ଓ ଆଉ ତିନିଜଣଙ୍କ ନାମରେ ଅଦାଲତରେ ମାନହାନି ମୋକଦ୍ଦମା ଦାଏର କଲେ। ମୋତେ ଆଉ ସ୍ୱତନ୍ତ୍ର ମୋକଦ୍ଦମା ଦାଏର କରିବାକୁ ହେଲାନାହିଁ। ଭାବିଲି, ଏହି ମୋକଦ୍ଦମାରେ ମୋର ସଂକ୍ରାନ୍ତ ବିଷୟରେ ମୀମାଂସା ହୋଇଯିବ। ମୋର ଦୋଷ ପ୍ରମାଣିତ ହେଲେ ମଧ୍ୟ ମୋ ସହିତ ଯେଉଁମାନେ ସହଯୋଗ କରିବେ ସେମାନେ ଦୋଷୀ ହେବେ। ସେହି ସମୟରେ ବର୍ତ୍ତମାନ ଓଡ଼ିଆ ହାଇକୋର୍ଟର ଜଜ୍ ମାନ୍ୟବର ଶ୍ରୀ ଗତିକୃଷ୍ଣ ମିଶ୍ର ସମ୍ବଲପୁରରେ ମୁନସିଫ୍ ଥିଲେ। ତାଙ୍କ ବିଚାରରେ ସଭାର ନିର୍ଦ୍ଧାରଣ ରଦ୍ଦ ହୋଇ ଶିବନାରାୟଣଙ୍କ କ୍ଷତିପୂରଣ ଡିଗ୍ରୀ ହେଲା। ସଭାପତି ଓ ଅପର ସଭ୍ୟମାନେ ଏହା ବିରୁଦ୍ଧରେ ଅପିଲ୍ କଲେ, ତାହା ମଧ୍ୟ

Digitized by srujanika@gmail.com

ନାମଞ୍ଜୁର ହେଲା । ଏହି ପ୍ରସଙ୍ଗରେ ଉଲ୍ଲେଖଯୋଗ୍ୟ ବିଷୟ ଏହି ଯେ, ସମ୍ବଲପୁର ସମାଜର ସଭାପତି, ପାଟଣା, କଳାହାଣ୍ଡି ପ୍ରଭୃତି ଅଞ୍ଚଳସ୍ଥ ସଭାକୁ ମୋ ବିରୁଦ୍ଧରେ ତାଙ୍କ ଯେଉଁ ନିର୍ଦ୍ଧାରଣ ପଠାଇ ମୋ ସହିତ 'ଚଳାଚଳ' ବନ୍ଦ କରାଇବା ଚେଷ୍ଟା କରିଥିଲେ, କେହି ତାହା ସମର୍ଥନ କଲେନାହିଁ । ବରଂ ବିବାହ ଯୋଗୁଁ ମୋତେ ଅଭିନନ୍ଦନ କରିଥିଲେ । ବଲାଙ୍ଗିରରେ ଏହି ପ୍ରସଙ୍ଗ ନେଇ ଯେଉଁ ସଭା ହୋଇଥିଲା ନିଜେ ମୁଁ ତହିଁରେ ଉପସ୍ଥିତ ଥିଲି । ପାଟଣା ଜଙ୍ଗଲ ମଧ୍ୟସ୍ଥ କୁତୁର୍ଲା ଗ୍ରାମ ଏହି ଅଞ୍ଚଳର ଝାଡ଼ୁଆ ବ୍ରାହ୍ମଣପ୍ରଧାନ ଏକ ବୃହତ୍ ଗ୍ରାମ । ଆଗଲପୁର ସଭାର ଜଣ କେତେ ବିଶିଷ୍ଟ ସଭ୍ୟଙ୍କ ସହିତ ମୁଁ ସେଠାକୁ ଯାଇଥିଲି । ପଣ୍ଡିତ ପନିକା ପାଢ଼ି କୁତୁର୍ଲା ସଭାର ସଭାପତି । ଧର୍ମଶାସ୍ତ୍ରଜ୍ଞ ପଣ୍ଡିତ, ସେ ଅନ୍ଧ । ପୁରୀରୁ ଜଣେ ପଣ୍ଡିତଙ୍କୁ ଅଣାଇ ତାଙ୍କ ପିତା ପୁତ୍ରକୁ ଶିକ୍ଷା ଦେଇଥିଲେ । ତାଙ୍କ ସହିତ ଆମ୍ଭେମାନେ ସାକ୍ଷାତ କଲୁ, ମୋ ନାମ ଶୁଣିବା ମାତ୍ରକେ କହିଲେ, ''ହଁ ଆପଣଙ୍କ ନାମରେ ସମ୍ବଲପୁର ସଭାରୁ ଆମ୍ଭଠାକୁ ସମନ ଆସିଛି । ପରେ ତହିଁର ବିଚାର ହେବ । ଆଜି ଆମ୍ଭ ଗ୍ରାମର ଗୋଟିଏ ଘରେ ବ୍ରତୋପନୟନ ହେଉଛି, ଚାଲନ୍ତୁ ଆଗେ ସେଠାରେ ଭୋଜି ଖାଇବା । ଆପଣଙ୍କୁ ମୁଁ ସେଠାକୁ ନିମନ୍ତ୍ରଣ କରୁଛି ।'' ''ମୁଁ କହିଲି, ସମ୍ବଲପୁରରେ ବ୍ରାହ୍ମଣସମାଜ ମୋତେ ଅଜାତିଆ ବୋଲି ଆପଣଙ୍କୁ ଜଣାଇଅଛନ୍ତି । ସେହି ବିଷୟରେ ମୀମାଂସା ପ୍ରଥମରେ ନ କରି ମୋତେ ଆପଣଙ୍କ ସଙ୍ଗେ ଆହାରରେ ବସିବାକୁ ନେବା କି ସଙ୍ଗତ ହେବ ?'' ପଣ୍ଡିତ ମହାଶୟ କହିଲେ, ''ଆମ୍ଭର ପାଟଣାର ଜଣେ ବ୍ରାହ୍ମଣ ପ୍ରତି ଦଣ୍ଡବିଧାନ କରିବା ସମ୍ବଲପୁର ସମାଜର ଅଧିକାର ନାହିଁ । ଆପଣଙ୍କ ସମ୍ବନ୍ଧରେ ଅଭିଯୋଗ କେବଳ ଆମ୍ଭର ସଭାକୁ ଜଣାଇ ଦେଇଥିଲେ ଯଥେଷ୍ଟ ହୋଇଥାନ୍ତା ।'' ତାଙ୍କ ସଙ୍ଗେ ଆମ୍ଭେମାନେ ଗଲୁ ଓ ଭୋଜି ଖାଇଲୁ । ସେହି ଅଞ୍ଚଳର ଅନେକ ବ୍ରାହ୍ମଣ ଉପସ୍ଥିତ ଥିଲେ, ବ୍ରତୋତ୍ସବ ଶେଷହେଲା ପରେ ସଭାହେଲା ଓ ସଭାର ନିର୍ଦ୍ଧାରଣରେ ମୋ କାର୍ଯ୍ୟର ସମର୍ଥନ କରି ଓ ଏପରି ବିବାହ ଯେତେ ଅଧିକ ହୁଏ ସମାଜ ଓ ଦେଶ ପକ୍ଷରେ ସେତେ ମଙ୍ଗଳ ବୋଲି ମତ ପ୍ରକାଶିତ ହେଲା । ଜ୍ଞାନାଲୋକରେ ଉଦ୍ଭାସିତ ସମ୍ବଲପୁର ସମାଜ ଓ ଅରଣ୍ୟାନୀ ପରିବେଷ୍ଟିତ ଅଜ୍ଞ ତିମିରାଚ୍ଛନ୍ନ ଏହି ସୁଦୂର ବ୍ରାହ୍ମଣ ସମାଜ ମଧ୍ୟରେ ତୁଳନା କେଡ଼େ ଶିକ୍ଷାପ୍ରଦ ! ମୋକଦ୍ଦମାରେ ଏ ସମସ୍ତ ସଭାର ନିର୍ଦ୍ଧାରଣମାନ ପ୍ରମାଣ ସ୍ୱରୂପ ଦିଆହୋଇଥିଲା । ସମ୍ବଲପୁର ସମାଜ ବାସ୍ତବତାରୁ କେତେ ଦୂରରେ, ଏହା ତହିଁର ନିଦର୍ଶନ ।

ଏହା ଉତ୍ତାରେ ସୁଦ୍ଧା ମୋର ନିକଟବନ୍ଧୁମାନେ ମଧ୍ୟ ମୋତେ ତ୍ୟାଗକଲେ । ଏହା ସଙ୍ଗେ ଭୀଷଣ ଗୁଣ୍ଡାମି ଆରମ୍ଭ ହେଲା । ବନ୍ଧୁମାନଙ୍କ ଘରର ଯୁବକ ପୁତ୍ରମାନେ ଜଣେ ଉଚ୍ଚଶିକ୍ଷିତ ସମୁଦିପୁତ୍ର ଶ୍ରୀନାଥ ମିଶ୍ରଙ୍କ ନେତୃତ୍ୱରେ ମୋ ଘରକୁ ଆସି ମୋତେ ଗାଳିଦେବାକୁ ଲାଗିଲେ । ମୁଁ ଯେଉଁଠାରେ ବସିଲି ସେଠାରେ ମୋ ସମ୍ମୁଖରେ ବାଇସାଇକେଲ୍ ଭଉଁରୀ ଖେଳିଲେ । ଦିଓ୍ୱାଲି ରାତିରେ ମୋ ଘର ବାହାର ବାରଣ୍ଡା କାନ୍ଥରେ ଫଟକା ଫୁଟାଇଲେ । ସଡ଼କକୁ ଲାଗି ମୋର ବୈଠକଖାନାରେ ମୋ ଝିଅ ଓ ନାତୁଣୀମାନେ ରାତିରେ

Digitized by srujanika@gmail.com

ପଢୁଥିବା ସମୟରେ ଝରକାବାଟେ ମୁହଁ ଦେଖାଇ ସେମାନଙ୍କୁ ଭୟ ଦେଖାଇଲେ। ଏ ସମସ୍ତ ଆଚରଣରେ ମୁଁ କେବେହେଁ ପ୍ରତିବାଦ ସୁଦ୍ଧା ନ କରି ନିରବରେ ସହ୍ୟକଲି।

ଏହି ପରିସ୍ଥିତିରେ ମୁଁ ଗୋଟିଏ ଦୌହିତ୍ର, ମୋର ଜ୍ୟେଷ୍ଠାକନ୍ୟା ମନୋରମାର ପୁତ୍ରର ବ୍ରତୋପନୟନରେ ଯୋଗଦେଇ ପାରିଲି ନାହିଁ। ଏପରି କେତେଦିନ ଚାଲିଲା। କିନ୍ତୁ ବାସ୍ତବ ଜୀବନର ସଂଗ୍ରାମରେ ଏହି ଅସ୍ୱାଭାବିକ ପରିସ୍ଥିତି କେତେଦିନ ତିଷ୍ଠି ରହନ୍ତା ? ଯେଉଁମାନେ ମନେ କରିଥିଲେ ଜୀବନ କୋମଳ ପୁଷ୍ପାବୃତ ସେମାନେ ହିଁ ଅନୁଭବ କରିବାକୁ ଲାଗିଲେ ତାହା କଣ୍ଟକମୟ। ସେମାନଙ୍କ ଘରର ଯେଉଁ ଝିଅମାନେ ସାନ ସାନ ପୁତୁଳିପରି ନାଚିଖେଳି ବୁଲୁଥିଲେ ସେମାନେ ବଡ଼ ହେଲେ, ସେମାନଙ୍କ ସକାଶେ ବର ଲୋଡ଼ାହେଲେ, ମିଳିଲେ ନାହିଁ। ସମ୍ବଲପୁରରେ ଭଗବାନ କି ବ୍ୟବସ୍ଥା କରିଅଛନ୍ତି ସେ ଜାଣନ୍ତି। ପୁଅ ଅପେକ୍ଷା ଝିଅ ସଂଖ୍ୟା ଅଧିକ। ଗୋଟିଏ ଝିଅକୁ ଗୋଟିଏ ବର ହେଲେ ସୁଦ୍ଧା ଆଉ କେତେ ଝିଅ ବଳକା ରହୁଛନ୍ତି। ଏହି ପରିସ୍ଥିତିରେ ଜଣକେତେ ଅଭିଭାବକ ମୋ ପ୍ରତି ଆଚରିତ ସଭାର ବ୍ୟବସ୍ଥାକୁ ନ ମାନି ଅନ୍ୟତ୍ର ବର ଖୋଜିବାକୁ ଲାଗିଲେ। ମୋ ବିପକ୍ଷ ବନ୍ଧୁମାନେ ପ୍ରମାଦ ଗଣିଲେ। ତଥାପି ମୋର ଆଉଜଣେ ଦୌହିତ୍ରର ବ୍ରତୋପନୟନ ସମୟରେ ମୋ ଝିଅର ଶ୍ୱଶୁର ଶ୍ରୀ ବନମାଳୀ ପୂଜାରୀଙ୍କ ଘରେ ମତାନ୍ତର ସୃଷ୍ଟିହେଲା। ସମୁଦି ବନମାଳୀବାବୁ ମୋତେ ସମାଜରୁ ବାସନ୍ଦ କରିବା ବ୍ୟାପାରରେ ମୋ ବିରୁଦ୍ଧରେ ମୁଖ୍ୟ ଅଂଶ ଗ୍ରହଣ କରିଥିଲେ। ପୌତ୍ରର ବ୍ରତଘରକୁ ମୋତେ ନିମନ୍ତ୍ରଣ କରିବେ ନାହିଁ ବୋଲି ଜିଦ୍ ଧରି ବସିଲେ। କିନ୍ତୁ ତାଙ୍କ ଭାଇ ଓ ପୁଅମାନେ ଏପରି କି ତାଙ୍କ ସହଧର୍ମିଣୀ ସୁଦ୍ଧା ତାଙ୍କ ମତ ଗ୍ରହଣ କଲେନାହିଁ ଓ ନିଶ୍ଚୟ ମୋତେ ନିମନ୍ତ୍ରଣ କରିବେ ବୋଲି ସ୍ଥିରକଲେ। ଏହି ସଙ୍କଟରେ ପଡ଼ି ସମୁଦି ତାଙ୍କ ଦଳର ଶରଣାପନ୍ନ ହେଲେ। ସମ୍ବଲପୁରରେ ମୋର ଚାରି ସମୁଦିଙ୍କ ପୁତ୍ର ଚାରି ଜାମାତା ନିଜ ନିଜ ପିତାଙ୍କ ନିର୍ଦ୍ଦେଶକୁ ନ ମାନି ମୋ ସହିତ ସମସ୍ତ ସାମାଜିକ କାର୍ଯ୍ୟରେ ଯୋଗଦାନ କଲେଣି। ସମୁଦିମାନେ ପରାଭବ ସ୍ୱୀକାର କଲେ। ଶ୍ରୀ ବନମାଳୀ ପୂଜାରୀ ସଭାରେ ଦରଖାସ୍ତ ଦେଲେ ଓ ମୋ ପ୍ରତି ବିହିତ ବ୍ୟବସ୍ଥାକୁ ରଦ୍ଦକରି ତାଙ୍କ ପୌତ୍ରର ବ୍ରତୋପନୟନରେ ସମସ୍ତ ବ୍ରାହ୍ମଣ ସମାଜ ଯୋଗଦେବା ପାଇଁ ଅନୁରୋଧ କଲେ। ଦରଖାସ୍ତ ଦେବା ଦିନ କାର୍ଯ୍ୟକାରୀ ସମିତିର ସଭ୍ୟମାନଙ୍କ ସଭା ବସିଲା ଓ ବହୁସଂଖ୍ୟକ ଅପର ସଭ୍ୟ ମଧ୍ୟ ତହିଁରେ ଯୋଗଦେଲେ। ସଭାକୁ ମୋତେ ମଧ୍ୟ ଡାକରା ହେଲା ଓ ପ୍ରଶାନ୍ତ ଗମ୍ଭୀର ବାତାବରଣ ମଧ୍ୟରେ ବିଷୟର ଆଲୋଚନା ହେଲା। ବନମାଳୀ ବାବୁ ପ୍ରଥମରେ ତାଙ୍କ ପ୍ରାର୍ଥନା ଜଣାଇବା ପରେ ସଭାପତି ମୋ ବକ୍ତବ୍ୟ ପ୍ରକାଶ କରିବା ପାଇଁ ମୋତେ ଆହ୍ୱାନ କଲେ। ମୁଁ କହିଲି, "କେତେକ ଦିନ ହେଲା ଆମ୍ଭମାନଙ୍କ ମଧ୍ୟରେ ମତାନୈକ୍ୟ ଜନିତ ଯେଉଁ ପ୍ରକାର ଅପ୍ରୀତିକର ମନୋମାଳିନ୍ୟ ସୃଷ୍ଟି ହୋଇଅଛି, ତହିଁର ଆଉ ସ୍ଥାନ ନାହିଁ। ଆମ୍ଭମାନଙ୍କ ମଧ୍ୟରେ ମତାନୈକ୍ୟର କାରଣ ନୀତିଗତ।

Digitized by srujanika@gmail.com

ମୁଁ ଯେଉଁ ନୀତି ଗ୍ରହଣକରି ମୋର କନ୍ୟାକୁ ଓଡ଼ିଆ ବ୍ରାହ୍ମଣ ଘରେ ବିବାହ ଦେଲି ତାହା ଅଦାଲତଦ୍ୱାରା ସମର୍ଥିତ ହୋଇଅଛି। ତଥାପି ଆପଣମାନେ ଆପଣମାନଙ୍କ ନୀତି ତ୍ୟାଗ କରିବା ମନୋଭାବ ଦେଖାଯାଉନାହିଁ। ଏହି ନୀତି ଅନୁସରଣ କରିବା ନ କରିବା ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ଅଧିକାରଭୁକ୍ତ। ତହିଁରେ ହସ୍ତକ୍ଷେପ କରିବା କାହାରି ଅଧିକାର ନାହିଁ। କିନ୍ତୁ ବାସ୍ତବ ପରିସ୍ଥିତି ବିବେଚନାରେ ସମାଜର ନେତୃବୃନ୍ଦଙ୍କ କର୍ତ୍ତବ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମୋ ପ୍ରତି ଗୃହୀତ ବ୍ୟବସ୍ଥା ବିରୁଦ୍ଧରେ ଅଦାଲତରେ ଯେଉଁ କାର୍ଯ୍ୟାନୁଷ୍ଠିତ ହେଲା ତାହା କାହାରି ପ୍ରତି ଆକ୍ରୋଶମୂଳକ ନୁହେଁ। ତାହା ହୋଇଥିଲେ ସମାଜ ବିପକ୍ଷରେ ଯେଉଁ କ୍ଷତିପୂରଣ ଟଙ୍କା ଡିଗ୍ରୀ ହୋଇଅଛି ତାହାର ଆଦାୟ ସକାଶେ ଡ଼ିକ୍ରିଜାରି ମୋକଦ୍ଦମା ଦାଏର କରାହୋଇଥାଆନ୍ତା। ତାହା କରାହୋଇନାହିଁ ବା ହେବ ନାହିଁ। ନୀତି ମଙ୍ଗଳକର ବୋଲି ଅଦାଲତରେ ପ୍ରମାଣିତ ହେଲା। ତାହା ଅନୁସରଣ କରିବା ବର୍ତ୍ତମାନ ଆମ୍ଭମାନଙ୍କ କର୍ତ୍ତବ୍ୟ। ବର୍ତ୍ତମାନ ଆପଣମାନଙ୍କୁ ମୋର ବିନୀତ ଅନୁରୋଧ, ଆପଣମାନେ ଯଦି ନିଜ ନିଜ ହୃଦୟ ପରୀକ୍ଷାକରି ମୋର ଅନୁସୃତ ପଥ ଅନୁସରଣ କରିବାକୁ ପ୍ରବୃତ୍ତ ହୁଅନ୍ତି, ତାହାହେଲେ ତହିଁର ସୁଯୋଗ ଉପସ୍ଥିତ ହୋଇଅଛି। ଆସନ୍ତୁ, ଏହି ଦେବାଳୟରେ ନିର୍ମଳ ଅଭେଦ ହୃଦୟରେ ଆମ୍ଭମାନଙ୍କ ଦୁର୍ବଳ ସମାଜର ମଙ୍ଗଳାର୍ଥେ ପ୍ରଭୁଙ୍କ କରୁଣା ଭିକ୍ଷା କରିବା ଓ ବନମାଳୀ ବାବୁଙ୍କ ପ୍ରାର୍ଥନା ଗ୍ରହଣ ପୂର୍ବକ ତାଙ୍କ ପୌତ୍ର – ମୋର ଦୌହିତ୍ରର ବ୍ରତୋପନୟନ ଉତ୍ସବରେ ଯୋଗଦେବା। ଆପଣମାନେ ଯଦି ମୋ ଏହି ପ୍ରାର୍ଥନା ଗ୍ରହଣ କରନ୍ତି, ଆସନ୍ତୁ ସମସ୍ତେ ସେହି ପ୍ରଭୁଙ୍କ ଜୟନାଦ କରି ତାଙ୍କ କୃପାଭିକ୍ଷା କରିବା।'' ତନ୍ମୁହୂର୍ତ୍ତରେ ଉପସ୍ଥିତ ସମସ୍ତ ସଭ୍ୟଙ୍କ 'ଜୟ ବ୍ରହ୍ମପୁରା ମହାପ୍ରଭୁଙ୍କ ଜୟ' ନାଦରେ ସଭାମଣ୍ଡପ ମୁଖରିତ ହୋଇଉଠିଲା। ଏହା ଉତ୍ତାରେ ସ୍ୱୟଂ ସମୁଦି ଶ୍ରୀ ରାମଚନ୍ଦ୍ର ମିଶ୍ର ମୋ ବିରୁଦ୍ଧରେ ଗୃହୀତ ହୋଇଥିବା ନିର୍ଦ୍ଧାରଣ ରଦ୍ଦ କରିବାପାଇଁ ପ୍ରସ୍ତାବ କଲେ ଓ ସଭାପତି ଘୋଷଣାକଲେ ଯେ, ଉକ୍ତ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହେଲା। କହିବା ବାହୁଲ୍ୟ, ତତ୍‌ପରଦିନ ମୁଁ ସପରିବାର ମୋର ଦୌହିତ୍ରର ବ୍ରତୋପନୟନରେ ଯୋଗଦେଲି ଓ ମୋ ସହିତ ଝାଡ଼ୁଆପଡ଼ାର ସମସ୍ତ ବ୍ରାହ୍ମଣ ବନମାଳୀ ବାବୁଙ୍କ ନିମନ୍ତ୍ରଣରେ ଉକ୍ତ ଉତ୍ସବର ଶୋଭା ସମ୍ପାଦନ କରିଥିଲେ।

ଏହି ଅଳ୍ପ କେତେ ବର୍ଷର କଥା। ପରିସ୍ଥିତିରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଯାଇଅଛି। ଉଭୟ ସମ୍ପ୍ରଦାୟ ମଧ୍ୟରେ ବିବାହ ସମ୍ବନ୍ଧରେ ଆଉ ବାଛବିଚାର ନାହିଁ। ସମ୍ବଲପୁରରେ ଝାଡ଼ୁଆ ବର ଓଡ଼ିଆ ବର ଓଡ଼ିଆ କନ୍ୟା ଓ ଓଡ଼ିଆ ବର ଝାଡ଼ୁଆ କନ୍ୟାର କେତେ ବିବାହ ହୋଇଗଲାଣି। ପୁଣି ସମ୍ବଲପୁରର ବ୍ରାହ୍ମଣ ସମାଜର କଟକ, ପୁରୀ ପ୍ରଭୃତି ଜିଲ୍ଲାର ବ୍ରାହ୍ମଣମାନଙ୍କ ସହିତ ବୈବାହିକ ସମ୍ପର୍କ ଅବାଧରେ ସ୍ଥାପିତ ହେଉଅଛି। ସମ୍ବଲପୁରର ଯେଉଁ ବନ୍ଧୁମାନେ ଏହାର ଭୀଷଣ ବିଘ୍ନ ଉତ୍ପାଦନ କରିଥିଲେ, ସେମାନେ ଆଜି ମୋ ପ୍ରଦର୍ଶିତ ପଥ ଅନୁସରଣ କରୁଅଛନ୍ତି ଓ ଏହା ଦେଖି ମୋର ଉଦ୍ୟମର ସାଫଲ୍ୟରେ ମୋର ଜୀବନକୁ ଗୌରବମଣ୍ଡିତ ମନେକରୁଅଛି।

Digitized by srujanika@gmail.com

ହୀରାକୁଦ ବନ୍ଧ ଆନ୍ଦୋଳନ

କେତେକ ଦିନ ପୂର୍ବେ ଏକ ସରକାରୀ ବିବରଣୀ ପାଠ କରିଥିଲି । ତହିଁରୁ ପ୍ରକାଶ, ବିଶ୍ୱବିଖ୍ୟାତ ହୀରାକୁଦ ବନ୍ଧ ପୃଥିବୀରେ ସର୍ବାପେକ୍ଷା ବୃହତ୍ ବନ୍ଧ। ସମ୍ବଲପୁର ସହରରୁ ୯ ମାଇଲ ପଶ୍ଚିମକୁ ମହାନଦୀ ଉପରେ ଏହି ବନ୍ଧ ନିର୍ମିତ ହୋଇଅଛି, ଦୈର୍ଘ୍ୟରେ ଏହା ଉତ୍ତରରେ ଏକପ୍ରାନ୍ତରୁ ଦକ୍ଷିଣରେ ଅପର ପ୍ରାନ୍ତ ପର୍ଯ୍ୟନ୍ତ ୧୫,୭୪୮ ଫୁଟ, ପ୍ରାୟ ତିନି ମାଇଲ। ୨୮୮ ବର୍ଗମାଇଲ ବ୍ୟାପୀ ଏହାର ଜଳଭଣ୍ଡାର। ପୂର୍ବ ଭୂଖଣ୍ଡରେ ଏହା ଏକ ପ୍ରକାଣ୍ଡ କୃତ୍ରିମ ହ୍ରଦ। ନାନା ଉଦ୍ଦେଶ୍ୟ ସିଦ୍ଧି ସକାଶେ ଏହି ବନ୍ଧ ନିର୍ମାଣ ପ୍ରଥମରେ ପରିକଳ୍ପିତ ହେଲା; ତନ୍ମଧ୍ୟରେ ଉପକୂଳ ଅଞ୍ଚଳ ଅର୍ଥାତ୍ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାରେ ବନ୍ୟା ଓ ତଜ୍ଜନିତ ଦୁର୍ଭିକ୍ଷାଦି ନିବାରଣ, ଜଳସେଚନ ବ୍ୟବସ୍ଥାଦ୍ୱାରା ସମ୍ବଲପୁର ଜିଲ୍ଲାର ଅନୁର୍ବର ଜମିରେ ସୁଦ୍ଧା ପ୍ରଚୁର ଖାଦ୍ୟଦ୍ରବ୍ୟ ଉତ୍ପାଦନ ଓ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ଦ୍ୱାରା ଓଡ଼ିଶା ଓ ଭାରତବର୍ଷର ବିଭିନ୍ନ ଅଞ୍ଚଳରେ ଶିଳ୍ପ ଉନ୍ନୟନ ପ୍ରଧାନ। ଓଡ଼ିଶାର ଉପକୂଳ ଅଞ୍ଚଳରେ ବନ୍ୟା ବିପ୍ଳାତ ପ୍ରାୟ ବାତ୍ସରିକ ବ୍ୟାପାର। ବର୍ଷାକାଳରେ ଅପରିମିତ ଜଳରାଶି ମହାନଦୀର ଉତ୍ପତ୍ତିସ୍ଥଳ ମଧ୍ୟପ୍ରଦେଶ ଅନ୍ତର୍ଗତ ରାୟପୁର ଜିଲ୍ଲାରୁ ନିର୍ଗତ ହୋଇ ସମ୍ବଲପୁର ଦେଇ କଟକ ପର୍ଯ୍ୟନ୍ତ ମାର୍ଗରେ ଅସଂଖ୍ୟ କ୍ଷୁଦ୍ର ନାଳ ଓ କ୍ଷୁଦ୍ର କ୍ଷୁଦ୍ର ନଦୀ ଜଳରେ ପୁଷ୍ଟହୋଇ ସେହି ଅଞ୍ଚଳସ୍ଥ ବିଭିନ୍ନ ସ୍ଥାନରେ କୂଳ ଲଂଘନକରି ଅଧିବାସୀଙ୍କ ଅଶେଷ ଅପକାର ସଂଘଟନ କରେ। ଏହାର ନିବାରଣ କଳ୍ପେ ସମ୍ବଲପୁର, ଅନୁଗୁଳ ଓ ବୌଦ ରାଜ୍ୟ ସୀମାବର୍ତ୍ତୀ ଟିକରପଡ଼ା ଓ କଟକର ପଶ୍ଚିମକୁ ନରାଜରେ ଗୋଟିଏ ଲେଖାଏଁ ବନ୍ଧ ନିର୍ମାଣକରି ବନ୍ୟାଜଳକୁ ରୁଦ୍ଧକରି ରଖିବା ଯୋଜନା ମଧ୍ୟରେ ପ୍ରଥମରେ ସମ୍ବଲପୁର ନିକଟସ୍ଥ ହୀରାକୁଦରେ ଏହି ବନ୍ଧ ନିର୍ମିତ ହୋଇଅଛି। ଏହାର ଉଭୟକୂଳରୁ ନାଳ ଖୋଳାଇ ଜଳଭଣ୍ଡାରରୁ ସମ୍ବଲପୁର ଓ ବଲାଙ୍ଗିର ପାଟଣା ଜିଲ୍ଲାରେ ୬୭୨୦୦୦ ଓ କଟକ ଓ ପୁରୀ ଜିଲ୍ଲାରେ ୧୮,୬୭,୦୯୪ ଏକର ଭୂମିରେ ଜଳସେଚନ ଓ ବାର୍ଷିକ ଦୁଇଲକ୍ଷ ଟନ୍, (ପ୍ରାୟ ୫୬,୦୦,୦୦୦ ମହଣ) ଓଜନର ଖାଦ୍ୟଦ୍ରବ୍ୟ ଉତ୍ପାଦନର ବ୍ୟବସ୍ଥା କରାହୋଇଅଛି। ୨,୭୦,୦୦୦ କିଲୋୱାଟ୍ ବିଦ୍ୟୁତ୍‌ଶକ୍ତି ଉତ୍ପନ୍ନ ହୋଇ ହୀରାକୁଦର ଉତ୍ତରରେ ସ୍ଥାପିତ ଆଲୁମିନିୟମ କାରଖାନା ସକାଶେ ୫୫,୦୦୦; ରାଉରକେଲା ଇସ୍ପାତ କାରଖାନା ସକାଶେ ୬୬,୦୦୦ ସିଂହଭୂମ ଜିଲ୍ଲାସ୍ଥ ଜଡ଼ାର ଲୁହା ଓ ମାଙ୍ଗାନିଜ୍ ଖଣି ସକାଶେ ୧୬,୦୦୦, ସୁନ୍ଦରଗଡ଼ ଜିଲ୍ଲାସ୍ଥିତ ରାଜଗାଙ୍ଗପୁରରେ ସ୍ଥାପିତ ସିମେଣ୍ଟ କାରଖାନା

Digitized by srujanika@gmail.com

ସକାଶେ ୪୦୦୦, କେନ୍ଦୁଝର ଓ ବଣେଇ ମଧ୍ୟସ୍ଥ ଲୁହା ମାଙ୍ଗାନିଜ୍ ଖଣି ସକାଶେ ୧୪,୦୦୦, କଟକରେ ୧୦,୦୦୦ ଓ ବରଗଡ଼ରେ ୪୦୦୦ କିଲୋୱାଟ ବିଦ୍ୟୁତ୍‌ଶକ୍ତି ବିନିଯୋଗ ହେଉଅଛି। ଏହି ହ୍ରଦ ମଧ୍ୟରେ ସମ୍ବଲପୁର ଜିଲାସ୍ଥ ୨୪୯ ଓ ମଧ୍ୟପ୍ରଦେଶସ୍ଥ ୩୪ଟି ଏପରି ୨୮୩ଟି ଗ୍ରାମ ନିମଗ୍ନ ହୋଇଯାଇଅଛି ଓ ଏହା ଫଳରେ ୧୮,୦୦୦ ପରିବାର ବାସଚ୍ୟୁତ ହୋଇଅଛନ୍ତି। ଏ ସମସ୍ତ ଗ୍ରାମସ୍ଥ ୧,୨୩,୩୦୩ ଏକର ଆବାଦି ଓ ୫୯,୧୮୭ ଏକର ଅନାବାଦି ଜମି ଜଳମଗ୍ନ ହୋଇଅଛି ଓ ଏହା ପରିବର୍ତ୍ତରେ ତା.୩୧.୮.୧୯୫୬ ସୁଦ୍ଧା ନୂତନ ୩୮୦୦ ଏକର ଜଙ୍ଗଲ ଜମି ଆବାଦ କରି ତହିଁରେ ସେମାନଙ୍କ ମଧ୍ୟରୁ କେତେକଙ୍କ ସକାଶେ ବସତି ସ୍ଥାପନ କରାଯାଇଅଛି।

୧୯୪୬ ସାଲ ଫେବୃୟାରୀ ମାସ ଶେଷ ଆଡ଼କୁ ସମ୍ବଲପୁରରେ ଶୁଣାଗଲା ଯୁଦ୍ଧୋତ୍ତର ପୁନଃଗଠନ ସମ୍ପର୍କରେ ଭାରତ ସରକାର ଏହି ବନ୍ଧ ନିର୍ମାଣର ବ୍ୟବସ୍ଥା କରିଅଛନ୍ତି ଓ ସ୍ୱୟଂ ଓଡ଼ିଶାର ଗଭର୍ଣ୍ଣର ସମ୍ବଲପୁରକୁ ଆସି ଏହି ବିଷୟ ଘୋଷଣା କରିବେ। ଏହା ପୂର୍ବେ କେତେଥର ମହାନଦୀକୁ ବାନ୍ଧିବା ଓ ତାହା ଅସମ୍ଭବ ବିବେଚିତ ହୋଇଥିବା ସମ୍ବନ୍ଧରେ କେତେ ଗଳ୍ପ ଓ ଏହା ଉପରେ ଯେ ଗୋଟିଏ ପୋଲ ସୁଦ୍ଧା ନିର୍ମିତ ହୋଇପାରିବ ନାହିଁ ବୋଲି ଅନେକ ପ୍ରବୀଣ ଇଂଜିନିୟର ଓ ବିଶେଷଜ୍ଞମାନେ ସୁଦ୍ଧା ମତପ୍ରକାଶ କରିଥିବା ଶୁଣାଯାଇଥିଲା। ତା.୧୪.୩.୧୯୪୭ ଦିନ ଓଡ଼ିଶାର ଲାଟ୍ ସାର୍ ହଥର୍ଣ୍ଣ ଲୁଇସ୍ (Sir Hawthorn Lewis) ବନ୍ଧର ଶୁଭପ୍ରଦାନ ସକାଶେ ସମ୍ବଲପୁରରେ ଉପସ୍ଥିତ ହେଲେ। ଏହି ସମ୍ବାଦ ପ୍ରଚାରରେ ସମ୍ବଲପୁରବାସୀଙ୍କ ମନରେ ନାନାପ୍ରକାର ଶଙ୍କା ଜାଗ୍ରତ ହେଲା। ସେହିଦିନ ସନ୍ଧ୍ୟାରେ ମ୍ୟୁନିସିପାଲିଟି ଗୃହରେ ଗୋଟିଏ ସାଧାରଣ ସଭାହେଲା। ବିଭିନ୍ନ ବ୍ୟକ୍ତିମାନଙ୍କ ଭାଷଣରୁ ପ୍ରକାଶିତ ହେଲା ଯେ ଏହି ବନ୍ଧ ନିର୍ମାଣ ପରେ ଏହା ଉପରେ ଜଳଗର୍ଭରେ ୯୦ ଫୁଟ ଗଭୀର ପାଣି ରହିବ ଓ ଏହାଦ୍ୱାରା ସମ୍ବଲପୁରରୁ କଟକ ପର୍ଯ୍ୟନ୍ତ ଅଞ୍ଚଳମାନଙ୍କରେ ଅନେକ ଜମିରେ ଜଳସେଚନ, ଉପକୂଳ ଅଞ୍ଚଳରେ ବନ୍ୟା ବିପ୍ଳାତ ବିବରଣ ଓ ବୈଦ୍ୟୁତିକ ଶକ୍ତି ଉତ୍ପାଦନଦ୍ୱାରା ଅନେକ ସ୍ଥାନରେ କଳ କାରଖାନା ସ୍ଥାପନର ବ୍ୟବସ୍ଥା ହେଉଥିଲେ ସୁଦ୍ଧା ଏହା ଫଳରେ ସମ୍ବଲପୁରର ଅନେକ ପ୍ରଭୂତ ଖାଦ୍ୟଦ୍ରବ୍ୟ ଉତ୍ପାଦନକାରୀ ଓ ସମୃଦ୍ଧିଶାଳୀ ଗ୍ରାମ ଜଳମଗ୍ନ ହୋଇ ସମ୍ବଲପୁରର ଅଶେଷ ଅପକାର ସାଧନ କରିବ। ଏହି ମର୍ମରେ ବନ୍ଧ ନିର୍ମାଣ ବିରୋଧରେ ପ୍ରତିବନ୍ଧସୂଚକ ପ୍ରସ୍ତାବ ଗୃହୀତ ହୋଇ ସେହିଦିନ ସନ୍ଧ୍ୟାରେ ଲାଟ ସାହେବଙ୍କ ଠାକୁ ପ୍ରେରିତ ହେଲା। ତା.୧୫.୩.୧୯୪୬ ପୂର୍ବାହ୍ନରେ ଲାଟସାହେବ ହୀରାକୁଦ ବନ୍ଧର ଶୁଭଦେଲେ। ଏହି ଉତ୍ସବକୁ ମୁଁ ନିମନ୍ତ୍ରିତ ହୋଇ ଯାଇଥିଲି। ସମ୍ବଲପୁରର ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ବାହାରେ ଢେଙ୍କାନାଳ ଓ ଆଠମଲ୍ଲିକର ରାଜାମାନେ ଓ ପାରଳାଖେମୁଣ୍ଡିର ମହାରାଜା ଆସିଥିଲେ। ଭାରତ ସରକାରଙ୍କ ସେକ୍ରେଟାରୀ ପ୍ରାୟୁର (Prior) ସାହେବ ଓ ଇଞ୍ଜିନିୟର (ବର୍ତ୍ତମାନ ଓଡ଼ିଶାର ରାଜ୍ୟପାଳ)

Digitized by srujanika@gmail.com

ଶ୍ରୀ ଅଯୋଧ୍ୟାନାଥ ଖୋସ୍‌ଲା ମଧ୍ୟ ଆସିଥିଲେ। ପ୍ରଥମରେ ଓଡ଼ିଶା ସରକାରଙ୍କ ପରାମର୍ଶଦାତା ଗୋଖଲେ ସାହେବ (B. K. Gokhle, I.C.S.) ବନ୍ଧଯୋଜନା ସମ୍ବନ୍ଧରେ କେତେକ କଥା କହି ଉପସ୍ଥିତ ବ୍ୟକ୍ତିମାନଙ୍କୁ ଉଦ୍‌ବୋଧିତ କଲେ। ପ୍ରାୟତଃ, ଖୋସଲା ଓ ଲାଟସାହେବଙ୍କ ଭାଷଣର ମର୍ମ୍ମ ଏହି : ବନ୍ଧର ଜଳ ସମ୍ବଲପୁରର ଉଚ୍ଚ ଭୂମିକୁ ସୁଦ୍ଧା ସେଚନ କରି ତାକୁ ଉର୍ବର କରିବ ଓ ବର୍ଷରେ ଯାହା କେବଳ ଗୋଟିଏ ଧାନ ଫସଲ ଉତ୍ପନ୍ନ ହେଉଅଛି, ସେହି ଜମିରେ ଏକାଧିକ ଫସଲ ଉତ୍ପନ୍ନ ହେବ। ଅନେକ ଅନାବାଦି ଜମି ଆବାଦ ହେବ। ସଞ୍ଚିତ ଜଳଭଣ୍ଡାରରୁ ବୈଦ୍ୟୁତିକଶକ୍ତି ଉତ୍ପନ୍ନ ହୋଇ ତଦ୍ଦ୍ୱାରା ଶିଳ୍ପୋନ୍ନତି ସାଧିତ ହେବ; ଏହାଦ୍ୱାରା ଲୋକେ ଧନଶାଳୀ ହେବେ; ପରିଶେଷରେ ଉପକୂଳ ଅଞ୍ଚଳରେ ବନ୍ୟାବିପ୍ଳାତ ଊଣାହେବ। ଏହି ଜଳଭଣ୍ଡାରରେ ଯେଉଁ ଗ୍ରାମମାନ ବୁଡ଼ି ନଷ୍ଟ ହୋଇଯିବ ତତ୍‌ପରିବର୍ତ୍ତରେ ଭୂମ୍ୟଧିକାରୀମାନଙ୍କୁ କ୍ଷତିପୂରଣ ସ୍ୱରୂପ ଅର୍ଥ ଅଥବା ପତିତ ଜମି ଦିଆଯିବ ଓ ସେମାନଙ୍କ ବସବାସ ସକାଶେ ସମସ୍ତ ସୁବିଧା କରିଦିଆଯିବ।

ଏହି ବିଷୟରେ ଆଲୋଚନା କେବଳ ସରକାରୀ ମହଲ ଓ ଶିକ୍ଷିତ ବ୍ୟକ୍ତିଙ୍କ ମଧ୍ୟରେ ଆବଦ୍ଧ ନ ରହି କ୍ରମେ କ୍ରମେ ବିସ୍ତୃତ ହେବାକୁ ଲାଗିଲା। ବିଶେଷତଃ ଯେଉଁ ଅଞ୍ଚଳ ବୁଡ଼ିଯିବ ବୋଲି କୁହା ହେଉଥିଲା ସେହି ଅଞ୍ଚଳସ୍ଥ ଗ୍ରାମ୍ୟାଧିକାରୀ ଗୌନ୍ତିୟାମାନେ ଏ ସମ୍ବନ୍ଧରେ ଆଲୋଚନା କରିବାକୁ ଲାଗିଲେ ଓ ହୀରାକୁଦ ବନ୍ଧ ହେଲେ ସେମାନେ ଏହା ବିରୋଧରେ ଲଢ଼େଇ କରିବେ ବୋଲି ଶୁଣାଗଲା। ସ୍ଥାନେ ସ୍ଥାନେ ଘନ ଘନ ପ୍ରତିବାଦ ସଭାମାନ ହେବାକୁ ଲାଗିଲା ଓ ସଭାର ନିର୍ଦ୍ଧାରଣମାନ ସରକାରଙ୍କଠାକୁ ପ୍ରେରିତ ହେଲା। ତା.୧୮.୫.୧୯୪୬ରେ ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଶ୍ରୀ ରାଧାକୃଷ୍ଣ ବିଶ୍ୱାସରାୟ ଏହି ସ୍ଥାନ ପରିଦର୍ଶନକୁ ଆସିଥିଲେ ଓ ଏହି ଅଞ୍ଚଳର ପ୍ରାୟ ଚାରିହଜାର ଲୋକ ତାଙ୍କ ସଙ୍ଗେ ସାକ୍ଷାତ କରି ହୀରାକୁଦ ଯୋଜନା ସମ୍ପର୍କରେ ସେମାନଙ୍କ ପ୍ରତିକୂଳ ମତ ଜଣାଇଥିଲେ। ମନ୍ତ୍ରୀ ମହୋଦୟ ଏମାନଙ୍କୁ ଯେଉଁ ଆଶ୍ୱାସବାଣୀ ଶୁଣାଇଥିଲେ ତାହା ତାଙ୍କ ବିବୃତି ଆକାରରେ କଲିକତାର ଇଂରେଜୀ ଓ ଓଡ଼ିଶାର ଓଡ଼ିଆ ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହୋଇଥିଲା। ସେ କହିଥିଲେ ଯେ, ହୀରାକୁଦ ବନ୍ଧ ପ୍ରଧାନତଃ କଟକ ଓ ପୁରୀ ଜିଲ୍ଲାକୁ ବନ୍ୟା ବିପ୍ଳାତରୁ ରକ୍ଷା କରିବା ସକାଶେ ନିର୍ମିତ ହେଉଅଛି। ଓଡ଼ିଶାର ସମଗ୍ର ଲୋକସଂଖ୍ୟାରୁ କଟକ ଓ ପୁରୀ ଜିଲ୍ଲାର ଲୋକ ସଂଖ୍ୟା ଅଧିକ। ପ୍ରତିବର୍ଷ ବନ୍ୟା ବିପ୍ଳାତ ଦ୍ୱାରା ଓଡ଼ିଶାର ଏହି ଜନାକୀର୍ଣ୍ଣ ଓ ସମୃଦ୍ଧିଶାଳୀ ଅଞ୍ଚଳ କ୍ରମେ କ୍ରମେ ଦରିଦ୍ର ହୋଇଯାଉଅଛି; ଏହି ଅବସ୍ଥା ନିବାରଣ ପାଇଁ କଂଗ୍ରେସ ସରକାର ବଦ୍ଧପରିକର। ସମ୍ବଲପୁରରେ ଏହା ବିରୋଧରେ ଯେଉଁ ଆନ୍ଦୋଳନ ଆରମ୍ଭ ହୋଇଅଛି ତାହା କେବଳ ଜଣକେତେ ଗୌନ୍ତିୟାଙ୍କଦ୍ୱାରା ଓ ସେମାନଙ୍କ ପ୍ରରୋଚନାରେ। ହୀରାକୁଦ ବନ୍ଧ ନିର୍ମିତ ହେଲେ ସମ୍ବଲପୁର ଜିଲ୍ଲା ସହିତ ସୋନପୁର, ବୌଦ, ଆଠମଲ୍ଲିକ ପ୍ରଭୃତି ମହାନଦୀପୃଷ୍ଟ ଗଡ଼ଜାତ ଅଞ୍ଚଳର ମଧ୍ୟ ଅଶେଷ

Digitized by srujanika@gmail.com

ମଙ୍ଗଳ ସାଧିତ ହେବ । ଏହି ଅଞ୍ଚଳର ଶୁଷ୍କ ଏକଫସଲି ଜମିମାନ ଉର୍ବର ହୋଇଉଠିବ ଓ ଏଠାରେ ଦୁଧ, ମହୁର ସ୍ରୋତ ବହିଯିବ । ଯେଉଁ ଲୋକଙ୍କ ଜମି ବୁଡ଼ିଯିବ, ସେମାନଙ୍କୁ କ୍ଷତିପୂରଣ ସ୍ୱରୂପ ଟଙ୍କା ଓ ଜମି ଦିଆଯିବ । ଏହା ଉତ୍ତାରେ ସମ୍ବଲପୁରର କେତେକ ଅଭିଜ୍ଞ ବ୍ୟକ୍ତି ସମ୍ବଲପୁରବାସୀଙ୍କ ଆତଙ୍କ ନିବାରଣ କଳ୍ପେ ଅଚିରେ ଚାକ୍ଷୁଷ କିଛି କରିବା ଏବଂ ଏମାନଙ୍କୁ ବୁଝାଇବା ସକାଶେ ପ୍ରଚାରକ ନିଯୁକ୍ତ କରିବା ସରକାରଙ୍କ ଦରକାର ବୋଲି ପ୍ରକାଶ କଲେ । କିନ୍ତୁ ସରକାରଙ୍କ ପକ୍ଷରୁ ଏ ଦିଗରେ କୌଣସି ପ୍ରକାର ବ୍ୟବସ୍ଥା ଦେଖାଗଲା ନାହିଁ । ଏମାନଙ୍କ ମଧ୍ୟରେ ଆତଙ୍କ ଆହୁରି ଘନୀଭୂତ ହେବାକୁ ଲାଗିଲା । ସମସ୍ତେ କୁହାକୁହି ହେଲେ, ମନ୍ତ୍ରୀଙ୍କ ବିବୃତିର ମୂଳକଥା, ପ୍ରଧାନତଃ କଟକ ଓ ପୁରୀ ଜିଲ୍ଲାକୁ ବନ୍ୟାରୁ ରକ୍ଷାକରିବା ଉଦ୍ଦେଶ୍ୟରେ ବନ୍ଧ ନିର୍ମିତ ହେଉଅଛି । ଏହାଦ୍ୱାରା ସମ୍ବଲପୁରର ଯେଉଁ ଉନ୍ନତି ହେବ ବୋଲି କୁହା ହେଉଅଛି ତାହା କେବଳ ଲୋକ ଭୁଲାଣିଆ କଥା । ବନ୍ଧଦ୍ୱାରା ମହାନଦୀର ଯେତେ ପାଣି ଅବରୁଦ୍ଧ ହେବ ତହିଁରୁ ନାଳ ସାହାଯ୍ୟରେ କେତେକ ଜମିରେ ପାଣି ମାଡ଼ିବ ସତ, କିନ୍ତୁ ବହୁକାଳର ଅନେକ ସମୃଦ୍ଧିଶାଳୀ ଗ୍ରାମ ଯେ ଏକାବେଳକେ ଲୁପ୍ତ ହୋଇଯିବ ଏହାର ତୁଳନାରେ ଯେଉଁ ଅମଙ୍ଗଳ ସାଧିତ ହେବ ତାହା ମଙ୍ଗଳ ଅପେକ୍ଷା ଅତ୍ୟଧିକ । ଯେଉଁ ଶତ ଶତ ଗ୍ରାମ ବୁଡ଼ିଯିବ ତାହା ପରିବର୍ତ୍ତେ ଗ୍ରାମ ବସାଇବା ପାଇଁ ସମ୍ବଲପୁରରେ ସ୍ଥାନ ନାହିଁ । ମନ୍ତ୍ରୀ ମହୋଦୟ ସୂଚନା ଦେଇଥିଲେ ଯେ, କୋରାପୁଟ ଜିଲ୍ଲାରେ ଅପରିସୀମ ଜଙ୍ଗଲ – ଜମି ପଡ଼ିରହିଅଛି; ସେଠାକୁ ଏହି ଗ୍ରାମଚ୍ୟୁତ ଲୋକେ ଯାଇ ବସତି କରିବେ । ଏଥିରେ ପ୍ରତିବନ୍ଧକ ଯେ ଅନେକ, ଏହି ବିଷୟ ମଧ୍ୟ ଆଲୋଚିତ ହେବାକୁ ଲାଗିଲା । କେହି କେହି କହିଲେ, ଏତେଗୁଡ଼ିଏ ଗ୍ରାମର ଲୋକଙ୍କୁ ବୁଡ଼ାଇ ନ ମାରି ବନ୍ୟାକ୍ଳିଷ୍ଟ ଅଞ୍ଚଳବାସୀଙ୍କୁ ତ କୋରାପୁଟ, ଜୟପୁର ଅଞ୍ଚଳକୁ ଉଠାଇ ଦିଆଯାଇ ପାରନ୍ତା ।

ଲୋକମାନଙ୍କ ମଧ୍ୟରେ ଆତଙ୍କ ତୀବ୍ର ହେବାକୁ ଲାଗିଲା । କେହି କେହି କହିଲେ ନିଜର ପ୍ରାଣଦେଇ ଏହାର ପ୍ରତିବାଦ କରିବେ ଓ ନିର୍ମାଣ କାର୍ଯ୍ୟରେ ବାଧା ହେବେ । ପ୍ରସ୍ତାବିତ ବନ୍ଧ ଓ ତତ୍‌ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ପ୍ରତାଳ କରିବା ପାଇଁ ଗୋଟିଏ ଦଳ ଆସି ରହିଲେ । ଜଣକେତେ ଲୋକ ଆସି ସେମାନଙ୍କ ସହିତ କଳି ଆରମ୍ଭ କରିଦେଲେ । ଏହା ଉତ୍ତାରେ ସୁଦ୍ଧା ସରକାରୀ ମହଲ ନିରବ । ଏହି ସମୟରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ରାଜ୍ୟଶାସନ ତ୍ୟାଗ କରିଥିବାରୁ ଏହା ଲାଟ୍‌ସାହେବଙ୍କ ହସ୍ତରେ ନ୍ୟସ୍ତ ହୋଇଥିଲା । ମାଦ୍ରାସ ଓ ଓଡ଼ିଶା ସୀମାବର୍ତ୍ତୀ ଡୁଡୁମା ଜଳପ୍ରପାତରୁ ଉତ୍ପାଦିତ ବିଦ୍ୟୁତ୍‌ଶକ୍ତିର ବଣ୍ଟନ ସମ୍ବନ୍ଧରେ ଉଭୟ ରାଜ୍ୟ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା ଓ ଏହାର ଅଧିକାଂଶ ମାଦ୍ରାସବାସୀଙ୍କ ସକାଶେ ବିନିଯୋଗରେ ଲାଟ୍‌ସାହେବ ସାହାଯ୍ୟକରି ଓଡ଼ିଶାର ଅମଙ୍ଗଳ ସାଧନ କରିଥିବା ଅଭିଯୋଗ ହୋଇଥିଲା । ଏହାର ପ୍ରତିକ୍ରିୟା ସ୍ୱରୂପ ହୀରାକୁଦ ବନ୍ଧଦ୍ୱାରା ଓଡ଼ିଶାର ଅଭାବ ପୂରଣ କରିବା ଉଦ୍ଦେଶ୍ୟରେ ଏହା କଳ୍ପିତ ହୋଇଥିବା ମଧ୍ୟ ଅଭିଯୋଗ ହେଲା । ଯେଉଁ

Digitized by srujanika@gmail.com

ଜଣେ କେତେ ବ୍ୟକ୍ତି ଅବିଚଳିତ ମନରେ ଏହାର ଆଲୋଚନା କରୁଥିଲେ. ସେମାନଙ୍କ ପକ୍ଷରେ ଏଡ଼େ ବୃହତ୍ ଅନୁଷ୍ଠାନର ଅନ୍ତର୍ନିହିତ ମଙ୍ଗଳ ସତ୍ତା ହୃଦୟଙ୍ଗମ କରିବା ସେହି ଅବିଶେଷଜ୍ଞଙ୍କ ପକ୍ଷରେ କଠିନ ହୋଇଥିଲା ।

ଜୁନ୍ ମାସର ମଧ୍ୟଭାଗରେ ମୁଁ କଟକ ଯାଇଥିଲି । ସେଠାରେ କେତେକ ବନ୍ଧୁ ମୋତେ ହୀରାକୁଦ ସମ୍ବନ୍ଧରେ ନାନା ପ୍ରଶ୍ନ କଲେ । ସମ୍ବଲପୁର ଲୋକଙ୍କ ଭିତରେ ଯେଉଁ ଆତଙ୍କ ଜାତ ହୋଇଥିଲା ତାହା ମୋତେ ଜଣାଥିଲା । କେତେକ ପ୍ରତିବାଦ ସଭାରେ ମୁଁ ଉପସ୍ଥିତ ଥିଲି ଓ କେତେକ ସଭାରେ ଆଲୋଚିତ ବିଷୟ ସମ୍ବନ୍ଧରେ ସମ୍ବାଦ ସଂଗ୍ରହ କରିଥିଲି । ଭିନ୍ନ ଭିନ୍ନ ଗ୍ରାମମାନଙ୍କରେ ପ୍ରତିବାଦ ସଭାମାନ ହୋଇ ସଭା ନିର୍ଦ୍ଧାରଣମାନ ସରକାର ଓ ବିଧାନ ସଭାର ସ୍ଥାନୀୟ ସଦସ୍ୟମାନଙ୍କଠାରୁ ପ୍ରେରିତ ହୋଇଥିଲା । ସମସ୍ତଙ୍କ ମତ ଯେ, ଯୋଜନା ପରିତ୍ୟକ୍ତ ହେଉ । ଦେଖିଲି କଟକରେ ଥିବା ସମ୍ବଲପୁରବାସୀ ବନ୍ଧୁମାନଙ୍କ ସୁଦ୍ଧା ସେହି ମତ ! ମନ୍ତ୍ରୀ ଶ୍ରୀ ବିଶ୍ୱାସରାୟ ସମ୍ବଲପୁରରୁ ଚାଲି ଆସିଲା ପରେ ଲୋକଙ୍କ ମନରେ ଏହି ଧାରଣା ହୋଇଥିଲା ଯେ ଏହି ବନ୍ଧ କେବଳ କଟକ ଓ ପୁରୀରେ ବନ୍ୟା ନିବାରଣ ସକାଶେ ହେଉଅଛି । ସୁତରାଂ 'କଟକିଆ'ଙ୍କ ପ୍ରତି ତୀବ୍ରଭାବ ପୋଷଣକରି ସଭାମାନଙ୍କରେ କେହି କେହି ସେମାନଙ୍କ ବ୍ୟକ୍ତିଗତ ଓ ଜାତିଗତ ଚରିତ୍ର ପ୍ରତି ଆକ୍ଷେପ କରିଥିବା ସମ୍ବାଦ ମଧ୍ୟ ପାଉଥିଲେ । ଦିନେ ଶୁଣିଲି, ସମ୍ବଲପୁର ସହରବାସୀ ଜଣେ ଗଣ୍ୟମାନ୍ୟ ଉଚ୍ଚଶିକ୍ଷିତ ବିଶିଷ୍ଟ ଭଦ୍ରବ୍ୟକ୍ତି ରମ୍ଭେଲ ଗ୍ରାମରେ ଏକ ପ୍ରତିବାଦ ସଭାରେ ସଭାପତି ହୋଇଥିଲେ । ତାଙ୍କ ଭାଷାର ମର୍ମ ଥିଲା, କଟକିଆଙ୍କୁ ମାର, ପିଟ, ସେମାନଙ୍କ ହାଡ଼, ଗୋଡ଼ ଚୂନା କରିଦିଅ । ଏତାଦୃଶ ଉଚ୍ଛୃଙ୍ଖଳତାର ମୁଁ ନିଜେ ପ୍ରତିବାଦ କରିଥିଲି । ଏହି ବନ୍ଧ ବ୍ୟାପାର ସକାଶେ ଦାୟୀ ହୋଇପାରନ୍ତି 'କଟକିଆ' ମନ୍ତ୍ରୀମାନେ; ସମ୍ବଲପୁରବାସୀ କଟକିଆ ବ୍ୟକ୍ତିବିଶେଷ କ'ଣ କଲେ ଯେ ଏମାନଙ୍କ ପ୍ରତି ଏହି ଦୁର୍ବ୍ୟବହାର ପରାମର୍ଶ ଦିଆହେଉଅଛି । ଏପରି ବ୍ୟବହାରଦ୍ୱାରା ଲାଭ ଅପେକ୍ଷା ଆମ୍ଭମାନଙ୍କ କ୍ଷତି ଅଧିକ ହେବ । ସରକାର ତ ଏକାବେଳକେ ଏହି ଯୋଜନା ପ୍ରସ୍ତୁତକରି କାର୍ଯ୍ୟରେ ଆଂଶିକ ପରିଣତ କରିସାରିଲେଣି । ଯଥାଯଥ ଭାବରେ ସିନା ଏହାର ପ୍ରତିକାର କରିବାକୁ ହେବ; ପାଶବ-ବଳ ପ୍ରୟୋଗରେ ଲାଭ ହେବ କ'ଣ ? ନା ଏହା ସଫଳ ହେବ ? ସମ୍ବଲପୁରର ଲୋକଙ୍କୁ ଏହି ଯୁକ୍ତି କରି ଅସଂଯତ ବ୍ୟବହାର ପରିତ୍ୟାଗ କରିବାକୁ ମୁଁ ପରାମର୍ଶ ଦେଉଥିଲି । ଅପର ପକ୍ଷରେ ସରକାର ସେ ପର୍ଯ୍ୟନ୍ତ ସମ୍ବଲପୁରରେ କିମ୍ବା ଅନ୍ୟତ୍ର ଏହି ବିଷୟରେ ସଠିକ୍ ବିବୃତି ପ୍ରକାଶ କରିନଥିଲେ । ଅନେକ ଗ୍ରାମ ବୁଡ଼ିଯିବ ବୋଲି ଏତେ ଲୋକଙ୍କ ମନରେ ଆତଙ୍କ ହୋଇଅଛି । ସମ୍ବଲପୁର ବାହାରେ ଥିବା ଲୋକ ଏହା ହୃଦୟଙ୍ଗମ କରିପାରି ନ ଥିଲେ । ଓଡ଼ିଶାର କେନ୍ଦ୍ରସ୍ଥଳ କଟକରେ ସଭାକରି ସେହିଠାରେ ସମ୍ବଲପୁରବାସୀଙ୍କ ମନୋଭାବ ଜଣାଇଦେବାକୁ ହେବ, ବନ୍ଧୁମାନଙ୍କ ମଧ୍ୟରେ ଏହି ପରାମର୍ଶ ହେଲା ।

Digitized by srujanika@gmail.com

ତା.୧୭.୬.୪୬ ଦିନ ଓଡ଼ିଶା ଲୋକସଂଘର ସେକ୍ରେଟାରୀ ରାୟବାହାଦୁର ଭିକାରୀଚରଣ ପଟ୍ଟନାୟକଙ୍କ ସହିତ ସାକ୍ଷାତ କଲି ଓ ତାଙ୍କ ଆୟୋଜନରେ ତା.୧୯.୬.୪୬ ସନ୍ଧ୍ୟାରେ କଟକ ଟାଉନହଲ୍‌ରେ ଗୋଟିଏ ସଭା ହେଲା, ନିଜେ ଭିକାରୀବାବୁ ସଭାପତିଙ୍କ ଆସନ ଅଳଙ୍କୃତ କଲେ। ଟାଉନ୍‌ହଲ୍‌ଟି କଟକର ବିଶିଷ୍ଟ ବହୁସଂଖ୍ୟକ ଲୋକଙ୍କଦ୍ୱାରା ପୂର୍ଣ୍ଣ ହୋଇଗଲା। ସମ୍ବଲପୁରବାସୀ ରାୟବାହାଦୁର ମନବୋଧ ପଣ୍ଡା, ପୋଲିସ୍ ସୁପରିଣ୍ଟେଣ୍ଡେଣ୍ଟ, ଅଧ୍ୟାପକ ଡକ୍ଟର ପରଶୁରାମ ମିଶ୍ର ଓ ଅନେକ ଛାତ୍ର, କଟକର ଶ୍ରୀ ଦୀନବନ୍ଧୁ ସାହୁ (ବର୍ତ୍ତମାନ ଆଡ଼୍‌ଭୋକେଟ୍ ଜେନେରାଲ୍) ଓ ମଧୁସୂଦନ ମହାନ୍ତି, ଓକିଲମାନେ, ଶ୍ରୀ ମହେନ୍ଦ୍ରନାଥ ଭୂୟାଁ ଇଂଜିନିୟର ଇତ୍ୟାଦି ଭଦ୍ରବ୍ୟକ୍ତିମାନେ ଉପସ୍ଥିତ ଥିଲେ। ସଭାର କାର୍ଯ୍ୟାବଳୀର ସଂକ୍ଷିପ୍ତ ବିବରଣୀ 'ସମାଜ' ପତ୍ରିକାର ୨୦ ତାରିଖ ସଂସ୍କରଣରେ ପ୍ରକାଶିତ ହୋଇଥିଲା। ସମ୍ବଲପୁର ଜିଲ୍ଲାର ପ୍ରତିନିଧି ସ୍ୱରୂପ ହୀରାକୁଦ ଯୋଜନା ଫଳରେ ଲୋକଙ୍କୁ କି ଦୁର୍ଦ୍ଦଶା ଭୋଗ କରିବାକୁ ହେବ ତାହା ମୁଁ କହିଥିଲି। ମୁଁ କହିଥିଲି ଯେ ଏହା ଫଳରେ ପ୍ରାୟ ୨୦୦ଟି ଗାଁର ପ୍ରାୟ ଏକଲକ୍ଷ ଲୋକଙ୍କୁ ତାଙ୍କ ଘରଛାଡ଼ି ଅନ୍ୟତ୍ର ଚାଲିଯିବାକୁ ହେବ। ସମ୍ବଲପୁରରେ ମଜୁରିଆ ଅଭାବରୁ ସେତେବେଳେ ତ ଚାଷ ଭଲଭାବରେ ହୋଇପାରୁ ନ ଥିଲା। ପରେ ପଡ଼ିଆ ଜମିକୁ ଚାଷ ଜମିରେ ପରିଣତ କରିବା ଏକପ୍ରକାର ଅସମ୍ଭବ ହୋଇପଡ଼ିବ; ତେଣୁ ଲୋକଙ୍କ ଆର୍ଥିକ ଅବସ୍ଥା ମନ୍ଦ ହୋଇଯିବ। ଏମାନଙ୍କୁ ଅନ୍ୟ କୌଣସି ଜିଲ୍ଲାକୁ ଉଠାଇ ନେବା ସକାଶେ କଳ୍ପନା ସରକାରଙ୍କ ଥାଇପାରେ। କିନ୍ତୁ ବାପା ଅଜାଙ୍କ ଡିହବାଡ଼ି ଛାଡ଼ି ଚାଲିଯିବା ଲୋକଙ୍କ ପକ୍ଷେ ଅତ୍ୟନ୍ତ କଷ୍ଟକର। ମାନ୍ୟବର ମନ୍ତ୍ରୀ ବିଶ୍ୱାସରାୟ କଟକ ଓ ପୁରୀରେ ବନ୍ୟା ନିବାରଣ ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ଏ ସମ୍ବନ୍ଧରେ ମୁଁ ଦର୍ଶାଇଥିଲି ଯେ, ନଦୀକୂଳର ବନ୍ଧ ମରାମତ ଓ ମଜଭୂତ କରିବା ଫଳରେ ୧୯୩୮ ମସିହାଠାରୁ ବନ୍ୟା ପ୍ରକୋପ କମିଯାଇଛି। ସେ ଦିଗରେ ଆଉ କିଛି ଖର୍ଚ୍ଚକଲେ କଟକ ଓ ପୁରୀର ବନ୍ୟା ପ୍ରତିକାର ପାଇଁ ହୀରାକୁଦ ଯୋଜନାର ଆବଶ୍ୟକତା ରହିବ ନାହିଁ। ତା'ପରେ ହୀରାକୁଦ ଯୋଜନା ଯଦି ନିହାତି ଦରକାର ହୁଏ, ଏହାଦ୍ୱାରା କଟକ ଓ ପୁରୀର କେତେ ଲାଭ ହେବ ଓ ସମ୍ବଲପୁରର କେତେ କ୍ଷତି ହେବ ତା'ର ହିସାବ ନେଇ ଲାଭକ୍ଷତିକୁ ତଉଲିବା ଦରକାର। ବନ୍ୟା ନିବାରଣ ପାଇଁ ଅନ୍ୟାନ୍ୟ ଉପାୟ ଅବଲମ୍ବନ କରାଯାଇପାରେ ବୋଲି ମୁଁ କହିଥିଲି।

ସମ୍ବଲପୁର ଜମିରେ ଜଳସେଚନ ସମ୍ବନ୍ଧରେ ମୁଁ କହିଥିଲି ଯେ, ଏହି ଯୋଜନା ଦ୍ୱାରା କେନାଲ ଖୋଳାଯିବ, ଯାହା ଫଳରେ ଜଳସେଚନର ସୁବିଧା ହେବ ଓ ଜମିର ଉର୍ବରତା ବଢ଼ିଯିବ ବୋଲି ସରକାରଙ୍କ ମତ। କିନ୍ତୁ ସମ୍ବଲପୁରର ପ୍ରାକୃତିକ ଗଠନ ଯୋଗୁଁ ଏହା ଅଧିକ ବ୍ୟୟସାପେକ୍ଷ ହେବ ଓ ଏହା ଫଳରେ ଲୋକଙ୍କୁ ଅଧିକ କର ଦେବାକୁ ହେବ। ଅଥଚ ସମ୍ବଲପୁରର ମାଟିରେ ସେହି ଅନୁପାତରେ ଫସଲ ଉତ୍ପନ୍ନ ହେବନାହିଁ।

Digitized by srujanika@gmail.com

ପୁରାକାଳରୁ ନିର୍ମିତ ବନ୍ଧ କଟା ପ୍ରତ୍ୟେକ ଗ୍ରାମରେ ଅଛି। ଯାହାଦ୍ୱାରା ତାହା ତଳେ ଥିବା ଜମିରେ ଜଳସେଚନ ହୁଏ। ମରାମତି ଅଭାବରେ ଏ ସବୁ ପୋତି ହୋଇଗଲାଣି। ଏହାର ପଙ୍କୋଦ୍ଧାର ଓ ଉନ୍ନତି ସକାଶେ ସରକାର ବ୍ୟବସ୍ଥାକଲେ ପ୍ରତ୍ୟେକ ଗ୍ରାମର ସମସ୍ତ ଆବାଦି ଜମିରେ ପାଣିମାଡ଼ିବ ଓ ଅନାବଦି ଜମି ଆବାଦ ହୋଇଯିବ। ପୁଣି ପାଞ୍ଚ ଦଶ ଗ୍ରାମର କେନ୍ଦ୍ରସ୍ଥଳରେ ଗୋଟିଏ ଲେଖାଏଁ ବୃହତ୍ ଜଳଭଣ୍ଡାର ନିର୍ମାଣ କଲେ ଜଳସେଚନ କାର୍ଯ୍ୟ ସୁଚାରୁରୂପେ ସାଧିତ ହୋଇପାରିବ ଓ ହୀରାକୁଦ ଯୋଜନାରେ ଯାହା ଖର୍ଚ୍ଚ ହେବ ଏହି ବନ୍ଧକଟାର ସଂସ୍କାର ଓ ଜଳଭଣ୍ଡାର ନିର୍ମାଣରେ ତହିଁରୁ କମ୍ ଖର୍ଚ୍ଚ ହେବ ଓ ଏତେଗୁଡ଼ିଏ ଲୋକଙ୍କୁ ବାସଚ୍ୟୁତ ଓ ଏତେଗୁଡ଼ିଏ ଚାଷଜମି ହରାଇବାକୁ ହେବ ନାହିଁ। ଶିଳ୍ପର ଉନ୍ନତି ପାଇଁ ବୈଦ୍ୟୁତିକ ଶକ୍ତି ଉତ୍ପାଦନ ସକାଶେ ଏହି ଯୋଜନାର ଆବଶ୍ୟକତାର ଯୁକ୍ତି ସମ୍ବନ୍ଧରେ କହିଥିଲି, ଡୁଡୁମା ଏ ଦିଗରେ ଲଗାଯାଇପାରେ। ଡୁଡୁମା ଯୋଜନା ସମ୍ବନ୍ଧରେ ସେହି ସମୟରେ ଜଣାଯାଇଥିଲା। ମାଦ୍ରାସ ଓ ଓଡ଼ିଶା ସକାଶେ ଏହି ଯୋଜନା ହୋଇଥିଲେ ହେଁ ମାଦ୍ରାସକୁ ଏଥିରୁ ଉତ୍ପାଦିତ ବୈଦ୍ୟୁତିକ ଶକ୍ତିର ଅଧିକାଂଶ ଦିଆଯାଉଅଛି। ଓଡ଼ିଶାର ପ୍ରାପ୍ୟ ଅଂଶ ସକାଶେ ଓଡ଼ିଶା ସରକାର ଲଢ଼ିବା ଦରକାର। ପୁଣି କହିଥିଲି ଯେ ଏହି ଯୋଜନାର ଫଳରେ ପ୍ରାୟ ଦେଢ଼ଲକ୍ଷ ଏକର ଜମି ଚାଲିଯିବ ଓ ବହୁତ ଧାନ ଆମଦାନୀ କମିଯିବ। ଧାନ ସମ୍ବଲପୁରବାସୀଙ୍କ ଏକମାତ୍ର ସମ୍ବଳ ଓ ଯୋଜନା ପୂର୍ଣ୍ଣ ହେବାକୁ ଯେଉଁ ଚାରିପାଞ୍ଚ ବର୍ଷ ଲାଗିବ, ସେଥିରେ ସମ୍ବଲପୁରରେ ଦୁର୍ଭିକ୍ଷ ପଡ଼ିଯିବ। ପରିଶେଷରେ ମୁଁ ଦାବି କରିଥିଲି ଯେ, ସରକାର ଲୋକଙ୍କ ଲାଭ ଓ କ୍ଷତିର ଯଥାର୍ଥ ହିସାବ ନିଅନ୍ତୁ ଓ ତୁରନ୍ତ ସମ୍ବଲପୁର ଲୋକଙ୍କ ଆଶଙ୍କା ଯଥାର୍ଥ କି ଅମୂଳକ ଦେଖନ୍ତୁ।

ଭିନ୍ନ ଭିନ୍ନ ବକ୍ତାମାନେ ଏ ସମ୍ବନ୍ଧରେ ନିଜ ନିଜ ମତ ପ୍ରକାଶ କରିଥିଲେ। ମୋ ପ୍ରକାଶିତ ମତଠାରୁ କାହାରି ମତ ଭିନ୍ନ ନ ଥିଲା। ସଭାରେ ନିମ୍ନଲିଖିତ ପ୍ରସ୍ତାବମାନ ଗୃହୀତ ହୋଇଥିଲା –

(୧) ଯେଉଁ ଲୋକମାନଙ୍କ ଜମି ଚାଲିଯିବ ତାହା ପରିବର୍ତ୍ତରେ ସରକାର ସେମାନଙ୍କୁ ଭଲ ଜମି ଯୋଗାଇ ଦିଅନ୍ତୁ। ସେମାନଙ୍କ ପାଇଁ ଆଦର୍ଶ ଗ୍ରାମ ତୟାର କରିବା ପାଇଁ ବ୍ୟବସ୍ଥା କରନ୍ତୁ ଓ କ୍ଷତିଗ୍ରସ୍ତ ଲୋକଙ୍କୁ ବନ୍ଧ ତିଆରି ସଙ୍ଗେ ସଙ୍ଗେ ଓ ଜମିବାଡ଼ି ବୁଡ଼ିଯିବା ପୂର୍ବରୁ କ୍ଷତିପୂରଣ ଦିଆଯାଉ।

(୨) ଏହି ଲୋକମାନଙ୍କ ପାଇଁ ଜମିବାଡ଼ି ଠିକ୍ କରିବା, ସେମାନଙ୍କ ବସବାସର ସୁବିଧା କରିବା ଓ କ୍ଷତିପୂରଣ ଠିକ୍ କରିବା ପାଇଁ ସରକାରୀ ଓ ବେସରକାରୀ ଲୋକଙ୍କୁ ନେଇ ଏକ କମିଟି ଗଠନ କରାଯାଉ। ଆଉ ମଧ୍ୟ ଲୋକଙ୍କ ମନରୁ ଆତଙ୍କ ଓ ଭୁଲ୍ ଧାରଣା ଘୁଞ୍ଚାଇବା ଓ ଯୋଜନାଦ୍ୱାରା ଲୋକଙ୍କର କି ଉପକାର ହେବ, ଜଣାଇବା ପାଇଁ ପ୍ରଚାର କରିବାକୁ ଏହିପରି ଆଉ ଏକ କମିଟି ଗଢ଼ାଯାଉ।

Digitized by srujanika@gmail.com

(୩) ଓଡ଼ିଶାର ଲୋକସଂଘର ସମ୍ପାଦକଙ୍କୁ କ୍ଷମତା ଦିଆଯାଉ କି ଏ ପ୍ରସ୍ତାବ ସବୁ ସରକାରଙ୍କୁ ଜଣାନ୍ତୁ ଓ ସମ୍ବଲପୁରର ଲୋକପ୍ରତିନିଧିଙ୍କ ସଙ୍ଗେ ଲେଖାଲେଖି କରି ଏ ସମ୍ପର୍କରେ ସଭାସମିତି କରିବାର ଯୋଗାଡ଼ କରନ୍ତୁ।

(୪) ସମ୍ବଲପୁରରେ ସଭା ସମିତି କରି ଏ ସଭାର ସହାନୁଭୂତି ଓ ସହଯୋଗ ସମ୍ବଲପୁର ଲୋକଙ୍କୁ ଜଣାଇବାକୁ ଶ୍ରୀ ଭାରତଚନ୍ଦ୍ର ନାୟକଙ୍କୁ (ମୋତେ) ଏ ବିଷୟରେ କ୍ଷମତା ଦିଆଯାଉ।

ମୋର ଭାଷଣର ଉଦ୍ଦେଶ୍ୟ ଥିଲା, ହୀରାକୁଦ ବନ୍ଧ ଯୋଜନା ପରିତ୍ୟକ୍ତ ହେବା ସପକ୍ଷରେ କଟକରେ ଜନମତ ସୃଷ୍ଟିକରିବା। ଏହି ସପକ୍ଷରେ କଟକରେ ସମ୍ବଲପୁରବାସୀ ଥିଲେ ମୁଷ୍ଟିମେୟ। ବହୁ ତର୍କବିତର୍କ ପରେ କଟକର ଲୋକେ କ୍ଷତିଗ୍ରସ୍ତ ହେଉଥିବା ଲୋକଙ୍କୁ କ୍ଷତିପୂରଣ ଦେବାକଥା ଉଠାଇଲେ। ଏମାନଙ୍କ ଏହି ପ୍ରସ୍ତାବ ବିରୋଧରେ ମତ ସୃଷ୍ଟି କରିବା ମୋର କିମ୍ବା ସମ୍ବଲପୁରବାସୀ ଯେଉଁ ଜଣକେତେ ଥିଲେ ସେମାନଙ୍କ ସାଧ୍ୟାତୀତ ଥିଲା। ଏହି ପ୍ରସଙ୍ଗରେ ମୁଁ କଥା ଉଠାଇଲି। ତାହାହେଲେ ଯେଉଁମାନଙ୍କ ଜମି ବା ଗାଁଗଣ୍ଡା ବୁଡ଼ିଯିବ, ସେମାନଙ୍କୁ ସେମାନେ ଜମି ବିନିମୟରେ ଜମି ଦେବାକୁ ହେବ; ସରକାର ସେମାନଙ୍କୁ ସ୍ଥାନାନ୍ତରକୁ ଉଠାଇବା ପୂର୍ବରୁ ଅନ୍ତତଃ କେତୋଟି ନୂତନ ଆଦର୍ଶଗ୍ରାମ ତିଆରି କରିବେ ଏବଂ ତପ୍ରରେ ବନ୍ଧ କାର୍ଯ୍ୟ ଆରମ୍ଭ ହେବ। ଏଥିରେ ମଧ୍ୟ ମତଭେଦ ହେଲା ଓ ଅଧିକାଂଶ ଲୋକ ମତ ଦେଲେ ଯେ, ବନ୍ଧକାର୍ଯ୍ୟ ସଙ୍ଗେ ସଙ୍ଗେ ଓ ଜମିବାଡ଼ି ବୁଡ଼ିଯିବା ପୂର୍ବରୁ ସେମାନଙ୍କୁ କ୍ଷତିପୂରଣ ଦିଆଯିବା ସକାଶେ ଦାବି କରାହେବ। ଏହି ମତ ବିରୋଧରେ ଆଉ କିଛି କରିବା ସମ୍ଭବପର ହେଲା ନାହିଁ ଓ ଏହାକୁ ସମ୍ବଲପୁରକୁ ନେଇ ସମ୍ବଲପୁରରେ ଏହା ବିରୋଧରେ ଆନ୍ଦୋଳନ କରିବା ଅଭିପ୍ରାୟ ମନରେ ରଖି ମୁଁ ଫେରିଲି।

ସମ୍ବଲପୁରକୁ ଫେରିଲା ପରେ ତା.୨୫.୬.୪୬ରେ ଟାଉନ୍‌ହଲ୍‌ରେ ସମ୍ବଲପୁର ଜିଲ୍ଲାବୋର୍ଡ଼ ମେମ୍ବରମାନଙ୍କ ଦ୍ୱାରା ବନ୍ଧଯୋଜନା ସମ୍ବନ୍ଧରେ ଆଲୋଚନା ସକାଶେ ଗୋଟିଏ ବୈଠକ ହୋଇଥିଲା। ସେଠାରେ ମୁଁ ଉପସ୍ଥିତ ଥିଲି ଓ ତା.୧୯.୬.୪୬ରେ କଟକରେ ହୋଇଥିବା ସଭାର ପ୍ରସ୍ତାବମାନ ପେଶ୍ କରିଥିଲି। ଆହୂତ ବ୍ୟକ୍ତିମାନଙ୍କ ମଧ୍ୟରେ କେତେକ ବିଶିଷ୍ଟ ଭଦ୍ରବ୍ୟକ୍ତି ଭାଷଣ ଦେଉଥିଲେ। ସମସ୍ତଙ୍କ ଭାଷଣ ପରେ ହୀରାକୁଦ ବନ୍ଧ ଯୋଜନା ପରିତ୍ୟକ୍ତ ହେଉ ବୋଲି ପ୍ରସ୍ତାବ ଆଗତ ହେଲା। ଉପସ୍ଥିତ ଦୁଇଜଣ କଂଗ୍ରେସ ସଭ୍ୟଙ୍କ ବ୍ୟତୀତ ସମସ୍ତେ ଏହା ସପକ୍ଷରେ ମତଦେଲେ। କିନ୍ତୁ ଏହି ପ୍ରସ୍ତାବ ସମ୍ବନ୍ଧରେ ସୁଦ୍ଧା ମତଭେଦ ହୋଇଥିଲା। କୌଣସି ମଙ୍ଗଳକର କାର୍ଯ୍ୟରେ ସୁଦ୍ଧା ମାତ୍ସର୍ଯ୍ୟ ପ୍ରୟୋଗର ଅଭାବ ନଥାଏ। ଜଣେ ବିଶିଷ୍ଟ ଭଦ୍ରବ୍ୟକ୍ତି କଟକରେ ଅନୁଷ୍ଠିତ ମୋର କାର୍ଯ୍ୟକୁ ଲକ୍ଷ୍ୟକରି କହିଥିଲେ ଯେ, ମୁଁ ନାମ କରିବାକୁ ବାହାରିଛି; ହୀରାକୁଦ ବନ୍ଧ ସଂକ୍ରାନ୍ତ କୌଣସି କାର୍ଯ୍ୟରେ କଟକବାସୀଙ୍କ ସଙ୍ଗେ ସମ୍ବଲପୁରବାସୀ ସହଯୋଗ କରିବେ ନାହିଁ; ସମ୍ବଲପୁରବାସୀଙ୍କ ଏକମାତ୍ର ଦାବି,

Digitized by srujanika@gmail.com

ବନ୍ଧ କରିଦେବେ ନାହିଁ । ଇତିପୂର୍ବେ ମୁଁ ଶୁଣିଥିଲି ଯେ, ଏହି ବ୍ୟକ୍ତି ରମେଳାରେ ହୋଇଥିବା ସଭାରେ ସଭାପତିତ୍ୱ କରି କହିଥିଲେ ଯେ, କେହି ହୀରାକୁଦ ବନ୍ଧ ନିର୍ମାଣ ସପକ୍ଷରେ ପଦେ ହେଲେ କଥା କହିପାରିବେ ନାହିଁ । କୌଣସି କଟକିଆକୁ ପାଣି ମନ୍ଦାଏ ସୁଦ୍ଧା ଦେବେ ନାହିଁ ଓ କଟକିୟାଙ୍କୁ ଯେଉଁଠାରେ ଦେଖିବେ ସେହିଠାରେ ସେମାନଙ୍କ ହାତଗୋଡ଼ ଭାଙ୍ଗିଦେବେ । ଏହା ମୁଁ ବିଶ୍ୱାସ କରିନଥିଲି, କିନ୍ତୁ ଜିଲ୍ଲାବୋର୍ଡ଼ ସଭାରେ ଏହାର ସତ୍ୟତା ଉପଲବ୍ଧି କଲି । ଏହି ସଭାରେ ତାଙ୍କ ଭାଷଣରେ ସେ କେବଳ କଟକିୟାଙ୍କ ପ୍ରତି ଅତ୍ୟନ୍ତ ତିକ୍ତ ଓ ଅଶ୍ଳୀଳ ଭାଷାରେ ଆକ୍ଷେପ ପ୍ରକାଶ କରିଥିଲେ । ଲଜ୍ଜାରେ ମୋର ମସ୍ତକ ଅବନତ ହୋଇଗଲା । ମୁଁ ମନେକଲି ଏହାଙ୍କ ଏହି କଦର୍ଯ୍ୟ ବ୍ୟବହାରରେ ସମସ୍ତେ କ୍ଷୁଣ୍ଣ ହେଉଥିବେ । କଟକିୟାଙ୍କ ପ୍ରତି ଆକ୍ଷେପର କାରଣ ମାନ୍ୟବର ମନ୍ତ୍ରୀ ବିଶ୍ୱାସରାୟଙ୍କ ବିବୃତି । ମନ୍ତ୍ରୀ ମହୋଦୟଙ୍କ ଏହି ମତ ଯେ କଟକର ସମସ୍ତେ ଗ୍ରହଣ କରିଅଛନ୍ତି, ଏହା ମନେକରିବା କୌଣସି ଯୁକ୍ତିଯୁକ୍ତ କାରଣ ନଥିଲା । ବକ୍ତାଙ୍କ ଏହି କଦର୍ଯ୍ୟ ଭାବପୂର୍ଣ୍ଣ ଭାଷାରେ ମୁଁ ସଭାରେ ପ୍ରତିବାଦ କରିଥିଲି ।

ଟାଉନହଲ୍‌ରେ କୃଷକ ସମ୍ମିଳନୀ –

ତା.୨୦.୭.୪୬ରେ ସମ୍ବାଦ ପାଇଲି ଯେ, ପରଦିନ ସମ୍ବଲପୁର ଜିଲ୍ଲା କୃଷକ ସମ୍ମିଳନୀର ଅଧିବେଶନ ହେବ; ଉଦ୍ଦେଶ୍ୟ, ହୀରାକୁଦ ବନ୍ଧ ବିରୋଧ । ହୀରାକୁଦ ବନ୍ଧ ହେଲେ ସମ୍ବଲପୁରର ଅଶେଷ ଅମଙ୍ଗଳ ହେବ, ଏହା ପ୍ରକାଶ କରିବା ଉଦ୍ଦେଶ୍ୟରେ ସଭାରେ ବହୁସଂଖ୍ୟକ ଲୋକ ଉପସ୍ଥିତ ହେବା ଆୟୋଜନ ହୋଇଥିଲା । ସମ୍ମିଳନୀର ସଭାପତି ଡାକ୍ତର ଶ୍ରୀ ଜନାର୍ଦ୍ଦନ ପୂଜାରୀ ଓ ଅଭ୍ୟର୍ଥନା ସଭାର ସଭାପତି ଶ୍ରୀ ଶଙ୍କରପ୍ରସାଦ ମିଶ୍ର । ୨୦ ତାରିଖ ଦିନ ବିଷୟ ନିର୍ବାଚନ ସଭାର ବୈଠକ ବସିଥିଲା । ତହିଁରେ ଯୋଗଦେବା ସକାଶେ ମୋତେ ଆହ୍ୱାନ ହୋଇଥିଲା ଓ ଯାଇଥିଲି । ଅବସରପ୍ରାପ୍ତ ଡେପୁଟି କଲେକ୍ଟର ଶ୍ରୀ ଦୁର୍ଗାପ୍ରସାଦ ମିଶ୍ର, ବରଗଡ଼ର ଓକିଲ ଶ୍ରୀ ଦୟାନିଧି ମିଶ୍ର, ଶ୍ରୀ ଲକ୍ଷ୍ମୀନାରାୟଣ ମିଶ୍ର, ଏମ୍.ଏଲ୍.ଏ., ଡାକ୍ତର ଶ୍ରୀ ରାମଚନ୍ଦ୍ର ମିଶ୍ର ପ୍ରଭୃତି କେତେକ ଭଦ୍ରବ୍ୟକ୍ତି ମଧ୍ୟ ଯୋଗଦେଇଥିଲେ । ପ୍ରଥମ ପ୍ରସ୍ତାବ, ହୀରାକୁଦ ବନ୍ଧ ନ ହେଉ ସ୍ଥିରହେଲା । ଆଉ ଗୋଟିଏ ପ୍ରସ୍ତାବର ଅବତାରଣା ହେଲା । ଏଥିରେ କଟକିୟାଙ୍କ ଉପରେ ଆକ୍ରମଣ । ଭିନ୍ନ ଭିନ୍ନ ବକ୍ତାମାନେ କହିଥିଲେ, କଟକିୟାମାନଙ୍କ ଯୋଗୁଁ ସମ୍ବଲପୁରବାସୀଙ୍କ ଉନ୍ନତି ହେଉନାହିଁ; ସମ୍ବଲପୁର କଟକ ସହିତ ମିଳିତ ହେବା ଦିନଠାରୁ କଟକିୟାଙ୍କ ପ୍ରଭାବରେ ସମ୍ବଲପୁରବାସୀ ଚାକିରିବାକିରିରେ ଅବହେଳିତ ହେଉଅଛନ୍ତି, ଗଠନମୂଳକ ବିଷୟ, ଶିକ୍ଷା ପ୍ରଭୃତି ଦିଗରେ ସୁଦ୍ଧା ସେମାନଙ୍କ ଦାବି ରକ୍ଷା କରାହେଉନାହିଁ । ସମ୍ବଲପୁରୀ ଭାଷାରେ ପାଠ୍ୟଗୁଡ଼ିକ ଲେଖା ହେଉନଥିବାରୁ ସ୍କୁଲର ନିମ୍ନଶ୍ରେଣୀର ବାଳକମାନେ କଟକିୟାଙ୍କ ଭାଷାରେ ଲିଖିତ ପୁସ୍ତକମାନଙ୍କର ଲେଖାମାନ ବୁଝି ନ ପାରିବାରୁ ସେମାନଙ୍କ ଶିକ୍ଷାରେ ବ୍ୟାଘାତ ଜାତ ହେଉଅଛି । ଏ

Digitized by srujanika@gmail.com

ସମସ୍ତ କାରଣରୁ ସମ୍ବଲପୁର ପୁଣି ମଧ୍ୟପ୍ରଦେଶକୁ ଫେରିଯିବା ସକାଶେ ଆନ୍ଦୋଳନ ଆରମ୍ଭ କରିବା ଉଚିତ ବୋଲି ଭାବି ଗୋଟିଏ ପ୍ରସ୍ତାବ ରଖାଯିବା ସକାଶେ ଜଣେ ବିଶିଷ୍ଟ ସଭ୍ୟ ମତପ୍ରକାଶ କଲେ। ଏ ପ୍ରସଙ୍ଗରେ ପୁଣି ସେ କହିଲେ, ''ଆମ୍ଭେମାନେ ଓଡ଼ିଆ ନୋହୁଁ, କି ଆମ୍ଭର ଭାଷା ମଧ ଓଡ଼ିଆ ନୁହେଁ''। ଆଉ ଜଣେ ସଭ୍ୟ ଏହାକୁ ସମର୍ଥନ କଲେ। କିନ୍ତୁ ମୁଁ ଏହାର ପ୍ରତିବାଦ କଲି। ମୁଁ କହିଲି ଯେ ହୀରାକୁଦ ବନ୍ଧ ବିଷୟକ ସଭାରେ ଏପରି ଜାତିବିଦ୍ୱେଷମୂଳକ ପ୍ରସ୍ତାବ ଆଗତ କରିବା ପୂର୍ବରୁ ସମ୍ବଲପୁବାସୀଙ୍କ ଏକ ସ୍ୱତନ୍ତ୍ର ସଭାରେ ଏହି ବିଷୟ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ଉଚିତ। ଭାଷାନୁଯାୟୀ ପ୍ରଦେଶମାନ ଗଠିତ ହେବା ସପକ୍ଷରେ ଭାରତବର୍ଷରେ ସର୍ବତ୍ର ବ୍ୟବସ୍ଥା ହେଉଥିବା ଯୁଗରେ ଅଣଓଡ଼ିଆ ମଧ ପ୍ରଦେଶକୁ ଫେରିଯିବା ମନୋଭାବ କିପରି ଯେ ଆମ୍ଭମାନଙ୍କ ମୂର୍ଖତାର ପରିଚାୟକ, ଏଥିରେ କାହାରି ସନ୍ଦେହ ଥାଇ ନ ପାରେ। ସମ୍ବଲପୁରବାସୀ ଓଡ଼ିଆ ନୁହଁନ୍ତି ତ ଆଉ କ'ଣ ? ଅବଶ୍ୟ ଏହା ସତ୍ୟ ଯେ, ସମ୍ବଲପୁର ଅଞ୍ଚଳ କେବେ ଓଡ଼ିଶାର ଗଜପତିଙ୍କ ସାମ୍ରାଜ୍ୟଭୁକ୍ତ ନଥିଲା। ଏହି ଅଞ୍ଚଳ ସ୍ୱାଧୀନ ପାଟଣା ଅଧିପତିଙ୍କ ଅଧୀନରେ ଥିଲା ଓ ପାଟଣା ରାଜଭ୍ରାତା ବଳରାମ ଦେଓ ପାଟଣାଧିପତି ନରସିଂହ ଦେଓଙ୍କଠାରୁ ଏହା ପ୍ରାପ୍ତ ହୋଇ ଏକ ସ୍ୱତନ୍ତ୍ର ରାଜ୍ୟ ସ୍ଥାପନ କରିଥିଲେ। ଏହା କେତେ ଶତାବ୍ଦୀ ପୂର୍ବର କଥା। ସେହି ସମୟରେ ସମ୍ବଲପୁର ଅଧିବାସୀ ଥିଲେ ଅନୁନ୍ନତ ଆଦିମ ନିବାସୀ ନୀଚ ଜାତୀୟ ଲୋକ। କ୍ରମେ କ୍ରମେ ଓଡ଼ିଶାରୁ ବ୍ରାହ୍ମଣ, କରଣ, ଚଷା ଜାତୀୟ ଲୋକମାନେ ଆସି ବସତି କଲେ। ଏହି ପ୍ରକାରେ ବହୁକାଳରୁ ସମ୍ବଲପୁର ଓଡ଼ିଆମାନଙ୍କ ଦ୍ୱାରା ଅଧ୍ୟୁଷିତ ହୋଇଅଛି। ସମ୍ବଲପୁର ୧୮୪୯ ସାଲ ପର୍ଯ୍ୟନ୍ତ ସ୍ୱତନ୍ତ୍ର ରାଜ୍ୟ ହୋଇ ରହିଥିଲା। ସମ୍ବଲପୁରର ଶେଷ ରାଜା ନାରାୟଣ ସିଂହ ଅପୁତ୍ରିକ ହୋଇ ପରଲୋକଗତ ହେଲାପରେ ଭାରତର ବଡ଼ଲାଟ ଲର୍ଡ୍ ଡେଲ୍‌ହାଉସୀଙ୍କ ଇଂରେଜ ରାଜ୍ୟ ବିସ୍ତାର ନୀତି ଅନୁଯାୟୀ ସମ୍ବଲପୁର ଗାଦୀ ଅଧିକାରୀ ବିଦ୍ୟମାନ ଥିଲେ ହେଁ ବଳାତ୍କାରେ ଏହାକୁ ଇଂରେଜ ରାଜ୍ୟଭୁକ୍ତ କରାହେଲା। ସେହି ସମୟରୁ ସମ୍ବଲପୁରକୁ ଅସ୍ୱାଭାବିକ ଭାବରେ କେବେ ଛୋଟନାଗପୁର, କେବେ ମଧ୍ୟପ୍ରଦେଶ ସହିତ ଶାସନଭୁକ୍ତ କରି ରଖାହେଲା। ଏହି ଅସ୍ୱାଭାବିକ ପରିସ୍ଥିତି ବିରୋଧରେ ସମୟ ସମୟରେ ଆନ୍ଦୋଳନ ହେଉଥିଲା। କିନ୍ତୁ ମଧ୍ୟପ୍ରଦେଶର ଚିଫ୍ କମିଶନର ସାର୍ ଜନ୍ ଉଡ୍‌ବର୍ଣ୍ଣଙ୍କ ଅମଳରେ ହିନ୍ଦୁସ୍ଥାନ ଓ ମରହଟ୍ଟାମାନଙ୍କ ଚକ୍ରାନ୍ତରେ ଯେତେବେଳେ ସମ୍ବଲପୁର କଚେରୀ ଓ ସ୍କୁଲମାନଙ୍କରେ ଓଡ଼ିଆ ପରିବର୍ତ୍ତରେ ହିନ୍ଦୀଭାଷା ପ୍ରଚଳିତ ହେବା ହୁକୁମ ଜାରିହେଲା, ସେତେବେଳେ ୧୯୦୨ ମସିହାରେ ଏହା ବିରୁଦ୍ଧରେ ତୀବ୍ର ଆନ୍ଦୋଳନ ଆରମ୍ଭ ହେଲା ଏବଂ ଏହା ଫଳରେ ୧୯୦୫ ମସିହାରେ ସମ୍ବଲପୁର ଓଡ଼ିଶା ସହିତ ମିଳିତ ହେଲା। ଏହା ପୂର୍ବେ ମଧ୍ୟପ୍ରଦେଶ ଅନ୍ତର୍ଗତ ହୋଇଥିଲେ ମଧ ସମ୍ବଲପୁରରେ ଅଦାଲତରେ ଭାଷା ଥିଲା ଓଡ଼ିଆ। ସ୍କୁଲରେ ବାଳକମାନଙ୍କୁ ଶିକ୍ଷା ଦିଆହେଉଥିଲା ଓଡ଼ିଆ ଭାଷାରେ, ସେହି ସମୟରେ

Digitized by srujanika@gmail.com

ମଧ ଓଡ଼ିଆଙ୍କ ରଚିତ ପାଠ୍ୟପୁସ୍ତକମାନ ସମ୍ବଲପୁର ଜିଲ୍ଲା ଓ ତତ୍‌ପାର୍ଶ୍ୱବର୍ତ୍ତୀ ଗଡ଼ଜାତ ରାଜ୍ୟମାନଙ୍କରେ ପଢ଼ା ହେଉଥିଲା । ସେହି ସମୟର ସମ୍ବଲପୁରର ନେତାମାନେ ନିଜକୁ ଓଡ଼ିଆ ବୋଲି ଗର୍ବ କରୁଥିଲେ । ଏମାନଙ୍କ ଆନ୍ଦୋଳନ ଫଳରେ ଓଡ଼ିଆ ସମ୍ବଲପୁର ଅଣଓଡ଼ିଆ ମଧ୍ୟପ୍ରଦେଶରୁ ଆସି ଓଡ଼ିଶା ସହିତ ମିଳିତ ହେଲା ଓ ସେହିଦିନରୁ ଏହା ସହିତ ରହିଅଛି । ଆଜି ଆମ୍ଭେମାନେ ଓଡ଼ିଆ ନୋହୁଁ କହି କଟକିଆମାନଙ୍କ ଅତ୍ୟାଚାରର ଦୋହାଇ ଦେଇ ପୁଣି ଅଣଓଡ଼ିଆ ମଧ୍ୟପ୍ରଦେଶକୁ ଫେରିଯିବା କଳ୍ପନା କେତେଦୂର ଅନ୍ୟାୟସଙ୍ଗତ ବୁଝାଯାଉଅଛି । ଯେଉଁ ମୁଷ୍ଟିମେୟ ସମ୍ବଲପୁରବାସୀ ଏହି ପ୍ରକାର ମନୋଭାବ ପୋଷଣ କରୁଅଛନ୍ତି ଏହାଦ୍ୱାରା ସେମାନେ ନିଜର ଅସହାୟତା ଓ ଅଯୋଗ୍ୟତା ପ୍ରକାଶ କରୁଅଛନ୍ତି । କଟକିଆମାନେ ଯଦି କୌଣସି ପ୍ରକାର ଦୌରାତ୍ମ୍ୟ କଲେ ସେମାନଙ୍କ ସଙ୍ଗେ ରହି ସେମାନଙ୍କ ଦୌରାତ୍ମ୍ୟର ପ୍ରତିକାର କରିବା ଛାଡ଼ି ଓଡ଼ିଶାରୁ ପଳାଇଯିବା ସକାଶେ ଚେଷ୍ଟିତ ହେବା ସର୍ବଥା କାପୁରୁଷତାର ପରିଚାୟକ । ସମ୍ବଲପୁର ଲୋକଙ୍କ ଏହି ପ୍ରକାର ମନୋଭାବ କାରଣ ଆମ୍ଭମାନଙ୍କ ନିଶ୍ଚେଷ୍ଟତା । ଆମ୍ଭେମାନେ କୌଣସି ଗୁରୁତର ବିଷୟରେ କେବେ ହେଲେ ଆଗେଇବୁ ନାହିଁ । କେବେ କୌଣସି ଆନ୍ଦୋଳନ ଦେହ ଲଗାଇ କରିବୁ ନାହିଁ । ଆମ୍ଭମାନଙ୍କ ଦାବି ଯଥାସ୍ଥାନରେ ଉପସ୍ଥାପିତ କରିବା ସକାଶେ ସୁଦ୍ଧା ପଶ୍ଚାତାପ ହେବୁ । ଘରୁ ବାହାରିବୁ ନାହିଁ । ଆମ୍ଭମାନଙ୍କ ଆଲୋଚନା ସମୟ କେବଳ ଆମ୍ଭମାନଙ୍କ ମଧ୍ୟରେ ସୀମାବଦ୍ଧ ହୋଇ ରହିବ । ଆମ୍ଭମାନଙ୍କ ପିଲାମାନେ ଭଲଭାବରେ ପାଠ ନ ପଢ଼ି କଟକିଆ ପିଲାଙ୍କ ସହିତ ସମକକ୍ଷ ହୋଇ ନ ଥିଲେ ମଧ୍ୟ ଅଳ୍ପ ବିଦ୍ୟା ହାସଲ କରି ଉଚ୍ଚ ଚାକିରି ଦାବି କରିବୁ । ଆଉ ଯଦି ଚାକିରି ନ ପାଇଲୁ ତାହାହେଲେ ଏଥି ସକାଶେ କଟକିଆଙ୍କୁ ଦୋଷୀ କରିବୁ, ଏପରି ମନେଭାବର ମୁଁ ପକ୍ଷପାତୀ ନୁହେଁ । ସମୟର ଗତି ଅନୁସାରେ ଆମ୍ଭମାନଙ୍କୁ ଗତି କରିବାକୁ ହେବ । ଯେଉଁ ସ୍ଥଳରେ ଯେତେବେଳେ ଆମ୍ଭମାନଙ୍କ ନ୍ୟାଯ୍ୟ ହକ୍‌ରେ ବାଧା ହେଉଛି ଦେଖିବା, ସେତେବେଳେ ତହିଁର ପ୍ରତିକାର ସକାଶେ ସମସ୍ତ ବାଧାବିଘ୍ନ ଅତିକ୍ରମ କରି ବାହାରି ପଡ଼ିବା । କେବଳ କଥାରେ ଅନ୍ୟ ଉପରେ ଦୋଷ ପକେଇ ଦେଲେ ଚଳିବ ନାହିଁ । ନିଜ ଗୋଡ଼ରେ ନିଜେ ଠିଆ ହେବାପାଇଁ ଚେଷ୍ଟିତ ହେବାକୁ ହେବ । ଆମ୍ଭେମାନେ ଚିରକାଳ ଅନୁନ୍ନତ ଥିବା ବାହାନାରେ ଯୋଗ୍ୟତା ଉପରେ ଆମ୍ଭମାନଙ୍କ ଅଧିକାର ଦାବି ନ କରି ସ୍ୱତନ୍ତ୍ର ବିଚାର ଦାବିକରି ବସିଲେ ଚିରକାଳ ଆମ୍ଭେମାନେ ଅନୁନ୍ନତ ହୋଇ ରହିଥିବା ।

ସମ୍ବଲପୁରୀ ଓଡ଼ିଆ ଭାଷାରେ ରଚିତ ପାଠ୍ୟପୁସ୍ତକ ସମ୍ବଲପୁର ସ୍କୁଲମାନଙ୍କରେ ଚଳାଇବା ପ୍ରସ୍ତାବ ଆହୁରି ହାସ୍ୟାସ୍ପଦ । ପ୍ରଥମରେ କଟକିଆଙ୍କ ଓଡ଼ିଆ ଭାଷାରେ ଲିଖିତ ପାଠ୍ୟପୁସ୍ତକ ସକାଶେ ସେମାନଙ୍କୁ ଦୋଷୀ କରିବା ଅନ୍ୟାୟ । ମୁଁ କହେ, ଯଦି କେହି କେବେ କଟକ ଓଡ଼ିଆ ପରିବର୍ତ୍ତରେ ସମ୍ବଲପୁରୀ ହିନ୍ଦି ମିଶ୍ରିତ ଓଡ଼ିଆରେ ପାଠ୍ୟପୁସ୍ତକ ଚଳାଇବା ଆବଶ୍ୟକତା ବା ଔଚିତ୍ୟ ଅନୁଭବ କରିଥାନ୍ତେ, ତାହାହେଲେ ସେହି ଭାଷାରେ

Digitized by srujanika@gmail.com

ପାଠ୍ୟପୁସ୍ତକ ରଚନା କରିଥାନ୍ତେ, ତାହା ପାଠ୍ୟପୁସ୍ତକ ନିର୍ବାଚନ କମିଟି ବା ସରକାରଙ୍କୁ ଅନୁମୋଦନ ସକାଶେ ପଠାଇଥାଆନ୍ତେ। ଆଉ ଯଦି ସେଠାରେ ତାହା ଅନୁମୋଦିତ ହୋଇ ନ ଥାନ୍ତା, ତାହାହେଲେ ସେମାନଙ୍କୁ ଦୋଷୀ କରିବା ନ୍ୟାୟସଙ୍ଗତ ହୋଇଥାନ୍ତା। ଏହା କେବେ ହୋଇଅଛି କି ? କଥା ହେଉଛି, ପ୍ରକୃତ କାରଣ ଏହା ନୁହେଁ। ପୃଥିବୀର ସର୍ବାଞ୍ଚଳରେ ଭିନ୍ନ ଭିନ୍ନ ଭାଷାଭାଷୀ ସୀମାବର୍ତ୍ତୀ ସ୍ଥଳମାନଙ୍କରେ ଭାଷାର ବିପର୍ଯ୍ୟୟ ଦେଖାଯାଇଥାଏ। ସମ୍ବଲପୁର ହିନ୍ଦୀଭାଷୀ ଅଞ୍ଚଳର ନିକଟବର୍ତ୍ତୀ ଥିବାରୁ ସମ୍ବଲପୁରର ଓଡ଼ିଆ ଭାଷା ସହିତ ହିନ୍ଦୀଭାଷାର କେତେକାଂଶ ମିଶିଯାଇଅଛି। ଏହି ନିୟମରେ ବଙ୍ଗପ୍ରଦେଶ ସୀମା ନିକଟସ୍ଥ ବାଲେଶ୍ୱରର ଭାଷା ବଙ୍ଗଳା ଓ ତେଲୁଗୁ ଭାଷା ନିକଟସ୍ଥ ଗଞ୍ଜାମ ଓ କୋରାପୁଟ ଜିଲ୍ଲାର ଭାଷା ତେଲୁଗୁ ମିଶା। ଏହି ଅଞ୍ଚଳର ଲୋକେ ଏହି ଭାଷା କହୁଥିଲେ ମଧ୍ୟ ସମସ୍ତଙ୍କ ଆଦର୍ଶ ଭାଷାଅଛି, ଯାହା ସମଗ୍ର ଓଡ଼ିଆ ଜାତିକୁ ଏକତାସୂତ୍ରରେ ବାନ୍ଧି ରଖିଅଛି। ତାହା ହେଉଅଛି ସାହିତ୍ୟ। ସାହିତ୍ୟିକ ଭାଷାରେ ଆଞ୍ଚଳିକତାର ସ୍ଥାନ ଦିଆଯାଇନାହିଁ। ସାହିତ୍ୟ ଜ୍ଞାନ ପାଠ୍ୟପୁସ୍ତକର ମାଧ୍ୟମରେ ହୁଏ। ସମ୍ବଲପୁରୀ ଓଡ଼ିଆ କେବେ ସ୍ୱତନ୍ତ୍ର ଭାବରେ ସାହିତ୍ୟରେ ପରିଗଣିତ ବା ବ୍ୟବହୃତ ହୋଇପାରିବ ନାହିଁ। ସମ୍ବଲପୁର ହିନ୍ଦୀ ଭାଷାଭାଷୀ ମଧ୍ୟପ୍ରଦେଶରେ ଥିବା ସମୟରେ ସୁଦ୍ଧା ଓଡ଼ିଆ ସ୍କୁଲମାନଙ୍କରେ କଟକିଆଙ୍କ ଓଡ଼ିଆ ଭାଷାରେ ରଚିତ ପୁସ୍ତକମାନ ବ୍ୟବହୃତ ହେଉଥିଲା। ସମ୍ବଲପୁର ଲୋକେ ପରସ୍ପର ମଧ୍ୟରେ ଲିଖିତ ପତ୍ରମାନ ସମ୍ବଲପୁରୀ ଭାଷାରେ ନ ଲେଖି ବିଶୁଦ୍ଧ କଟକୀ ଓଡ଼ିଆ ଭାଷାରେ ଲେଖିବାକୁ ଚେଷ୍ଟା କରିଥାନ୍ତି। ଏହା ଯେ ଲିଖିତ ଭାଷା ନୁହେଁ, କଥିତ ଭାଷାମାତ୍ର; ଏହା ଏଥିର ପ୍ରମାଣ। ସେ ଯାହାହେଉ ମୋର ଆପତ୍ତିରେ ସଭାରେ ଉପସ୍ଥାପିତ ଏହି ପ୍ରସ୍ତାବ ବର୍ଜ୍ଜିତ ହେଲା।

ଏହା ଉତ୍ତାରେ ସ୍ୱର୍ଗୀୟ ଶ୍ରୀ ଲକ୍ଷ୍ମୀନାରାୟଣ ମିଶ୍ର, ଏମ୍.ଏଲ୍.ଏ. କହିଲେ ଯେ, ପୂର୍ବତନ ସରକାରୀ କର୍ମଚାରୀ ତଥା ପେନ୍‌ସନ୍‌ଭୋଗୀ ବ୍ୟକ୍ତିଙ୍କୁ ବିଶ୍ୱାସ ନାହିଁ। ସେମାନଙ୍କ ଜମିବାଡ଼ି, ଗାଁଗଣ୍ଡା, ହୀରାକୁଦ ଜଳଭଣ୍ଡାରରେ ବୁଡ଼ିଯାଇଥିଲେ ମଧ୍ୟ ଏ ସଂକ୍ରାନ୍ତ ଆନ୍ଦୋଳନରେ ସେମାନଙ୍କ ସ୍ଥାନ ନାହିଁ। ସେମାନେ ଏହି ସଭା ତ୍ୟାଗକରି ଚାଲିଯିବା ଉଚିତ। ଏହି ଶ୍ରେଣୀୟ ଦୁଇଜଣ ଆମ୍ଭେମାନେ ପେନ୍‌ସନ୍ ପାଉଥିବା ଭୂତପୂର୍ବ ଡେପୁଟି କଲେକ୍ଟର ଥିଲୁ। ଶ୍ରୀ ଦୁର୍ଗାପ୍ରସାଦ ମିଶ୍ର ଓ ମୁଁ। ମୁଁ ମିଶ୍ର ମହାଶୟଙ୍କ ମନ୍ତବ୍ୟର ପ୍ରତିବାଦ କଲି ଓ କହିଲି ଯେ, ଯାହାର ଘର ପୋଡୁଥାଏ ସେ ଆସି ଆଗରେ ଦାଣ୍ଡରେ ଛିଡ଼ାହୋଇ ନିଆଁ ଲିଭାଇବାପାଇଁ ଚେଷ୍ଟା କରିବା ସ୍ୱାଭାବିକ। ଦୁର୍ଗାପ୍ରସାଦ ମିଶ୍ରଙ୍କ ବଯରାଗ୍ରାମ ବୁଡ଼ି ଯାଇଅଛି ବୋଲି ସିନା ସେ ତହିଁର ପ୍ରତିକାର କରିବେ, ନା ଅପର ବ୍ୟକ୍ତିର କେବଳ ସହାନୁଭୂତି ଉପରେ ନିର୍ଭର କରି ରହିବେ ? ପୁଣି ଭାରତବର୍ଷର ସ୍ୱାଧୀନତା ଓ ଅନ୍ୟାନ୍ୟ ଉନ୍ନତିମୂଳକ ଅନୁଷ୍ଠାନ ସହିତ କେବଳ କଂଗ୍ରେସବାଦୀ ଲୋକେ ସମ୍ପୃକ୍ତ ହୋଇ ରହିବେ

Digitized by srujanika@gmail.com

ତାହାହେଲେ । ଭାରତବାସୀ ଆଧୁନିକ ଓ ପୂର୍ବତନ ସରକାରୀ କର୍ମଚାରୀଙ୍କ ସ୍ଥାନ କେଉଁଠାରେ ? ସେମାନେ କ'ଣ ଭାରତମାତାଙ୍କ ସନ୍ତାନ ନୁହଁନ୍ତି ? ଭାରତବର୍ଷର ଦାସତ୍ୱ ଶୃଙ୍ଖଳ ମୋଚନ କରିବା ସକାଶେ ସେମାନଙ୍କ ହୃଦୟ କ'ଣ ସ୍ପନ୍ଦିତ ହେଉନାହିଁ ? ଯେଉଁମାନେ କେବଳ ଜେଲ୍ ଯାଇଛନ୍ତି ସେମାନଙ୍କ କେବଳ ଭାରତର ସ୍ୱାଧୀନତା ସମ୍ବନ୍ଧରେ ଭାବନା କରିବା ଅଧିକାର ଅଛି ? ପୁଣି ପରିହାସ ଛଳରେ କହିଲି, ଇଂରେଜ ଅମଳର ଦଣ୍ଡଦାତା ମାଜିଷ୍ଟ୍ରେଟ୍‌ମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ ତାଙ୍କ ପକ୍ଷରେ ଶୋଭା ପାଏନାହିଁ । ଶ୍ରୀ ଲକ୍ଷ୍ମୀନାରାୟଣ ମିଶ୍ର ତାଙ୍କ ବିତଣ୍ଡାର ସମର୍ଥନ ନ ପାଇ ମୋର ପ୍ରତିବାଦରେ ତୁନି ହୋଇ ବସିଲେ ।

ଏହି ଆଲୋଚନା ମଧ୍ୟରେ ନାନାପ୍ରକାର ପ୍ରସ୍ତାବ ଆଗତ ହେଲା । ଗୋଟିଏ ପ୍ରସ୍ତାବ ହେଲା ଯେ, ସରକାରଙ୍କୁ ଗୋଟିଏ ଚରମ ପତ୍ରରେ ଜଣାଇ ଦିଆହେବ ଯେ, ଯଦି ହୀରାକୁଦ ବନ୍ଧ ଯୋଜନା ଏକାବେଳକେ ପରିତ୍ୟକ୍ତ ହେଲା ବୋଲି ଡିସେମ୍ବର ଶେଷ ସୁଦ୍ଧା ସରକାର ଘୋଷଣା ନ କରିବେ, ତାହାହେଲେ ସମ୍ବଲପୁରବାସୀ ସମସ୍ତ ସରକାରୀ ଉପାଧିଧାରୀମାନେ ସ୍ୱ ସ୍ୱ ଉପାଧି ଓ ବ୍ୟବସ୍ଥାପକ ସଭା, ମ୍ୟୁନିସିପାଲିଟି ଓ ଜିଲ୍ଲାବୋର୍ଡ଼ର ସଦସ୍ୟମାନେ ସ୍ୱ ସ୍ୱ ପଦ ତ୍ୟାଗ କରିବେ । ଏହି ପ୍ରସ୍ତାବର ଅସାରତା ଓ ଅସମ୍ଭବତା ସମ୍ବନ୍ଧରେ ମୁଁ କହିବାରୁ ଏହା ମଧ୍ୟ ପରିତ୍ୟକ୍ତ ହେଲା । ଉପାଧି ବ୍ୟକ୍ତିଗତ । ଏହା ଛାଡ଼ିଲେ କାହାରି କିଛି ଲାଭ ବା କ୍ଷତି ନାହିଁ । ଜଣେ ଛାଡ଼ିଲେ ସେହି ଉପାଧି ଆଉ ଜଣେ ପାଇବା ବ୍ୟବସ୍ଥା ବା ବିଧି ନାହିଁ । କିନ୍ତୁ ସାଧାରଣ ଅନୁଷ୍ଠାନ ସମ୍ପୃକ୍ତ କୌଣସି ସଦସ୍ୟ ନିଜ ପଦ ଛାଡ଼ିଲା ମାତ୍ରକେ ତାଙ୍କ ସ୍ଥାନ ପୂରଣ ସକାଶେ ଉଦ୍ୟମରେ ତିଳେମାତ୍ର ବିଳମ୍ବ ହେବନାହିଁ । ଏପରି ପରିସ୍ଥିତିର ସମ୍ଭାବନା ଥିବା ସ୍ଥଳେ ଏହି ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରିବ ନାହିଁ ।

ଏହି ସଭାରେ ଯୋଗଦେବା ସକାଶେ ଉଦ୍ୟୋକ୍ତାଗଣଙ୍କ ଆହ୍ୱାନମତେ ମୁଖ୍ୟମନ୍ତ୍ରୀ ଶ୍ରୀ ହରେକୃଷ୍ଣ ମହତାବ ଓ ଅପର ମନ୍ତ୍ରୀ ଶ୍ରୀ ନବକୃଷ୍ଣ ଚୌଧୁରୀ, ବିଧାନ ସଭାର ସଦସ୍ୟ ଭୂତପୂର୍ବ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ, ଶ୍ରୀ ଯଦୁମଣି ମଙ୍ଗରାଜ ପ୍ରଭୃତି କେତେକ ଭଦ୍ରବ୍ୟକ୍ତି କଟକ ଅଞ୍ଚଳରୁ ଆସି ସଭାରେ ଉପସ୍ଥିତ ଥିଲେ ।

ତା. ୨୧.୭.୪୬ ଅପରାହ୍ଣ ଗୋଟାକ ବେଳେ ଗୋଟିଏ ବିରାଟ ଶୋଭାଯାତ୍ରାରେ ସମ୍ବଲପୁର ଜିଲ୍ଲା କୃଷକ ସମ୍ମିଳନୀର ସଭାପତି ଡାକ୍ତର ଶ୍ରୀ ଜନାର୍ଦ୍ଦନ ପୂଜାରୀଙ୍କୁ ଟାଉନହଲ୍‌କୁ ଅଣାହେଲା । ଟାଉନ୍‌ହଲ୍ ଓ ତାହାର ଚତୁଃପାର୍ଶ୍ୱସ୍ଥ ବରଣ୍ଡା ଓ ପଡ଼ିଆ ସମ୍ବଲପୁରର ଗୌନ୍ତିଆ ଓ ପ୍ରଜାମାନଙ୍କଦ୍ୱାରା ପୂର୍ଣ୍ଣ ହୋଇଗଲା । ସେମାନଙ୍କ ସଂଖ୍ୟା ଅନ୍ୟୁନ ସାତହଜାରରୁ ଊଣା ହେବନାହିଁ । ସଭାରେ ସମଧିକ ଚାଞ୍ଚଲ୍ୟ ଲକ୍ଷିତ ହେଉଥିଲା । ଅଧଘଣ୍ଟା ପରେ ସଭାର କାର୍ଯ୍ୟ ଆରମ୍ଭ ହେଲା । ପ୍ରଥମରେ ଜାତୀୟ ପତାକା ଉତ୍ତୋଳନ ଉତ୍ସବ ଓ ତତ୍ପରେ ଜାତୀୟ ଗୀତ ଗାନ ହେଲା । ଏହା ଉତ୍ତାରେ ଅଭ୍ୟର୍ଥନା ସଭାର ସଭାପତି ଶ୍ରୀ ଶଙ୍କରପ୍ରସାଦ ମିଶ୍ର

Digitized by srujanika@gmail.com

ତାଙ୍କ ମୁଦ୍ରିତ ଭାଷଣ ପାଠକଲେ। ସଭାର ଉଦ୍ଦେଶ୍ୟ ସମ୍ବନ୍ଧରେ ଘୋଷଣା କରାହେଲା। ପ୍ରସ୍ତାବିତ ହୀରାକୁଦ ବନ୍ଧ ନିର୍ମାଣ ବିରୋଧ, ଏହି ବନ୍ଧ ନିର୍ମିତ ହେଲେ ଦୁଇଶତାଧିକ ଶସ୍ୟଶାଳୀ ଗ୍ରାମ ଚିରକାଳ ସକାଶେ ଜଳରେ ନିମଗ୍ନ ହୋଇଯିବ ଓ ଏହି ଗ୍ରାମବାସୀ ଲକ୍ଷାଧିକ ଲୋକ ଭୂମି ଓ ବାସଶୂନ୍ୟ ହୋଇଯିବେ, ସରକାରଙ୍କ କଳ୍ପିତ ଜଳସେଚନ ବ୍ୟବସ୍ଥାଦ୍ୱାରା ସମ୍ବଲପୁରର ପ୍ରସ୍ତର, କଙ୍କର ପର୍ବତମୟ ଭୂମି ଉର୍ବର ହୋଇପାରିବ ନାହିଁ। ଏଥିରେ ସଞ୍ଚିତ ଜଳରୁ ଯେଉଁ ବିଦ୍ୟୁତ୍‌ଶକ୍ତି ଉତ୍ପନ୍ନ ହୋଇ କଳକାରଖାନାମାନ ସ୍ଥାପିତ ହେବ, ତଦ୍ୱାରା ସମ୍ବଲପୁରବାସୀଙ୍କ କୌଣସି ଉପକାର ହେବ ନାହିଁ। ଏହାଦ୍ୱାରା କେବଳ ପୁଞ୍ଜିପତିମାନେ ଲାଭବାନ ହେବେ। ଏତେଗୁଡ଼ିଏ ଲୋକଙ୍କୁ ମାରି କଟକ ଓ ପୁରୀ ଜିଲ୍ଲାକୁ ବନ୍ୟା ବିପ୍ରାତରୁ ରକ୍ଷାକରିବା ବ୍ୟବସ୍ଥା ସମ୍ବଲପୁର ପକ୍ଷରେ ଅତ୍ୟନ୍ତ ଅହିତକର ହେବ। ଏ ସମସ୍ତ ବିଷୟ ବିଶେଷ ଭାବରେ ଉଲ୍ଲେଖ ହୋଇଥିଲା। ଭାଷଣର ଉପସଂହାର ଏତିକିରେ ହୋଇଥିଲେ ଯଥେଷ୍ଟ ହୋଇଥାନ୍ତା ଓ ସଭାର ଉଦ୍ଦେଶ୍ୟ ଅକ୍ଷୁଣ୍ଣ ରହିଥାନ୍ତା କିନ୍ତୁ କେତେଗୁଡ଼ିଏ ତିକ୍ତଭାବମୂଳକ ବିଷୟରେ ଅବତାରଣାଦ୍ୱାରା ସଭାପତିଙ୍କ ଭାଷଣ କଳଙ୍କିତ ହୋଇଥିଲା। ସଭାପତି ଭାଷଣରେ କହିଲେ ଯେ, କଟକିୟାମାନେ କେବେହେଲେ ସମ୍ବଲପୁର ଲୋକଙ୍କୁ ଭଲପା'ନ୍ତି ନାହିଁ; ବନ୍ଧ ନିର୍ମାଣର ଉଦ୍ଦେଶ୍ୟ ଯାହାହେଉ, ଏହି ବିଦ୍ୱେଷଭାବର ବଶବର୍ତ୍ତୀ ହୋଇ ଏମାନେ ଏହାଦ୍ୱାରା ସମ୍ବଲପୁରର ସର୍ବନାଶ କରିବାକୁ ବସିଛନ୍ତି। ପୂର୍ବେ ସମ୍ବଲପୁର ମଧ୍ୟପ୍ରଦେଶ ସହିତ ରହି ଭଲ ଅବସ୍ଥାରେ ଥିଲା। କିନ୍ତୁ ୧୯୦୫ ସାଲରେ ମଧ୍ୟପ୍ରଦେଶରୁ ବିଚ୍ଛିନ୍ନ ହୋଇ ବଙ୍ଗପ୍ରଦେଶ ଅନ୍ତର୍ଗତ ଓଡ଼ିଶା ସହିତ ମିଳିତ ହୋଇ ରହିଲା ଦିନଠାରୁ ସମ୍ବଲପୁର ଅବସ୍ଥା କ୍ରମେ କ୍ରମେ ହୀନରୁ ହୀନତର ହେଉଅଛି। ସମ୍ବଲପୁରର ଶିକ୍ଷିତ ଯୁବକମାନେ ଚାକିରିରୁ ବଞ୍ଚିତ ହେଉଅଛନ୍ତି। ମ୍ୟୁନିସିପାଲିଟିର ବିଶୃଙ୍ଖଳ ବ୍ୟବସ୍ଥା ଯୋଗୁଁ ସହରରେ ଓ ମଫସଲରେ ସୁଦ୍ଧା ମ୍ୟାଲେରିଆ, ବସନ୍ତ ପ୍ରଭୃତି କଦର୍ଯ୍ୟ ରୋଗର ପ୍ରାଦୁର୍ଭାବ ଅତ୍ୟଧିକ ହେଉଅଛି, ଜିଲ୍ଲାବୋର୍ଡ଼ର କୁଶାସନ ଯୋଗୁଁ ମଫସଲରେ ରାସ୍ତାଘାଟର ଅବସ୍ଥା ମନ୍ଦ ହୋଇଅଛି; ପ୍ରାଥମିକ ଶିକ୍ଷା ବିସ୍ତାରରେ ସରକାର ଅତ୍ୟନ୍ତ ଅବହେଳା ପ୍ରକାଶ କରିଅଛନ୍ତି, ସ୍ଥୂଳତଃ ଓଡ଼ିଶାର ଶାସନରେ ରହି କଟକିୟାଙ୍କ ପ୍ରଭାବରେ ସମ୍ବଲପୁରର ସର୍ବାଙ୍ଗୀନ ଅବନତି ହୋଇଅଛି। କଟକିୟାଙ୍କ ବିରୋଧରେ ଅଭିଯୋଗମାନ କେତେକ ପରିମାଣରେ ସତ୍ୟ ହେଲେହେଁ ସମ୍ପୂର୍ଣ୍ଣ ଦୋଷ ସେମାନଙ୍କ ଉପରେ ଲଦିଦେଲେ ଚଳିବ ନାହିଁ। ଏଥିପାଇଁ ସମ୍ବଲପୁରବାସୀମାନେ ମଧ୍ୟ ବହୁପରିମାଣରେ ଦାୟୀ। ବିଶେଷତଃ ହୀରାକୁଦ ଯୋଜନା ସମ୍ପର୍କରେ ଏହାର ଉଲ୍ଲେଖ ଅପ୍ରାସଙ୍ଗିକ। ଏ ପ୍ରସଙ୍ଗରେ ସଭାପତି କହିଥିଲେ ଯେ, ହୀରାକୁଦ ଆନ୍ଦୋଳନକୁ ସଫଳ କରିବା ସକାଶେ ସେ ତାଙ୍କ ବିନ୍ଦୁ ବିନ୍ଦୁ ରକ୍ତ ଦାନ କରିବାକୁ କୁଣ୍ଠିତ ହେବେ ନାହିଁ ଓ ଆଉ ଜଣେ ସଭ୍ୟ କହିଥିଲେ ଯେ, ତାଙ୍କ ଶବ ଉପରେ ହୀରାକୁଦର ପ୍ରଥମ ମାଟି ପଡ଼ିବ। ଗୋଟିଏ କଥା ସଭାରେ ଅତ୍ୟନ୍ତ କୌତୁକ ସୃଷ୍ଟି କରିଥିଲା। ଉଭୟ

Digitized by srujanika@gmail.com

ସଭାପତି ଓ କେତେକ ବକ୍ତା କଟକିୟାଙ୍କ ପ୍ରଣୀତ କୌଣସି ପାଠ୍ୟପୁସ୍ତକରେ ସମ୍ବଲପୁରର ନିମ୍ନଶ୍ରେଣୀର ଛାତ୍ରମାନଙ୍କ ପକ୍ଷରେ ଦୁର୍ବୋଧ "କିଆବାଡ଼ କଡ଼ରେ କାମୋଡ଼ା ବିଲୁଆ ମୋ ଭାଇକୁ କାମୋଡ଼ି ଦେଲା ଓ ଗଧିଆ ଡିଆଁମାରି ପଳାଇଗଲା" ଏହି ବାକ୍ୟ ଉଦ୍ଧାର କରି ଏପରି ଶବ୍ଦ ପ୍ରୟୋଗ ଯୋଗୁଁ କଟକିୟା ଲେଖକମାନଙ୍କ ନିନ୍ଦାବାଦ କରିଥିଲେ। ମୁଁ ଏ ସମ୍ବନ୍ଧରେ ଦୃଢ଼ଭାବରେ ମୋର ମନ୍ତବ୍ୟ ପ୍ରକାଶ କଲି ଯେ ସାହିତ୍ୟ ପୁସ୍ତକରେ ମୋ ପିଲାଙ୍କୁ କଦାପି "କିଆ ବାଏର ତରାଥି ଚବା କୁଲିହା ମୋର ଭାଇକେ ଚାବି ଦେଲା ଆଉ ଦୁଁଡାର ବାଏର ଡ଼େରି କରି ମେଲି ନେଲା" ପଢ଼ାଇବାକୁ ପ୍ରସ୍ତୁତ ନୁହେଁ। ଭାଷଣ ପାଠ ସମୟରେ ଉପସ୍ଥିତ ଦର୍ଶକମଣ୍ଡଳୀ ମଧ୍ୟରୁ "ଶଳା କଟକିୟାଙ୍କୁ ମାର, ପିଟ, ହାଣ, କାଟ" ଇତ୍ୟାଦି ଘନଘନ ଚିତ୍କାର ହେଉଥାଏ। ଏହା ଶୁଣି ଲଜ୍ଜା ଓ କ୍ଷୋଭରେ ତୀବ୍ର କ୍ଳେଶ ଅନୁଭବ କରୁଥାଏ। ଭାବୁଥାଏ, ଏଥିରେ ଲାଭ କ'ଣ? ଆଉ ପ୍ରତ୍ୟେକ କଟକିୟା କ'ଣ ହୀରାକୁଦ ବନ୍ଧ ବ୍ୟବସ୍ଥା ପାଇଁ ଦାୟୀ?

ପ୍ରଥମ ପ୍ରସ୍ତାବ ହେଲା, ହୀରାକୁଦ ବନ୍ଧ ଯୋଜନା ପରିତ୍ୟକ୍ତ ହେଉ। ଦ୍ୱିତୀୟ, ମାନ୍ୟବର ମନ୍ତ୍ରୀ ଶ୍ରୀ ରାଧାକୃଷ୍ଣ ବିଶ୍ୱାସରାୟଙ୍କ ହୀରାକୁଦ ବନ୍ଧ ସମ୍ବନ୍ଧରେ ସମ୍ବଲପୁରର ସ୍ୱାର୍ଥପ୍ରତିକୂଳ ବିବୃତି ଯୋଗୁଁ ନିନ୍ଦାବାଦ। ତୃତୀୟ, ପ୍ରଥମେ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ସକାଶେ ଏକଲକ୍ଷଟଙ୍କା ଚାନ୍ଦା ସଂଗ୍ରହ ଓ ସ୍ୱେଚ୍ଛାସେବକ ଦଳ ଗଠନ ଓ ଚତୁର୍ଥ, ବ୍ୟବସ୍ଥାପକ ସଭାର ସଦସ୍ୟ ଶ୍ରୀ ବୋଧରାମ ଦୁବେଙ୍କୁ ମନ୍ତ୍ରୀ ପଦରେ ନିଯୁକ୍ତିର ଦାବି। ଏ ପ୍ରସ୍ତାବମାନ ସର୍ବସମ୍ମତିକ୍ରମେ ଗୃହୀତ ହେଲା।

ସଭାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମହତାବ ଓ ଭୂତପୂର୍ବ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ ମହାଶୟ ସେମାନଙ୍କ ବକ୍ତବ୍ୟ ପ୍ରକାଶ କରିଥିଲେ। ମାନ୍ୟବର ମହତାବ ପ୍ରକାଶ କରିଥିଲେ ଯେ, ସମ୍ବଲପୁରବାସୀଙ୍କ ଇଚ୍ଛା ବିରୋଧରେ ଏହି ବନ୍ଧ ନିର୍ମିତ ହେବ ନାହିଁ ଓ ଏହି ସଭାରେ ଉତ୍‌ଥାପିତ ଏଥିସକାଶେ ସମ୍ବଲପୁରବାସୀଙ୍କୁ ବିନ୍ଦୁ ବିନ୍ଦୁ ରକ୍ତ କିମ୍ବା ପ୍ରାଣବଳୀ ଦେବା ଆବଶ୍ୟକ ହେବନାହିଁ। ସମ୍ବଲପୁରବାସୀଙ୍କ ଚରମ ମୀମାଂସାକୁ ଛଅପଇସିଆ ଖଣ୍ଡେ ଲଫାପାରେ ସରକାରଙ୍କୁ ଜଣାଇଦେଲେ ଯଥେଷ୍ଟ ହେବ। କିନ୍ତୁ ସମ୍ବଲପୁରବାସୀଙ୍କୁ ମୀମାଂସା ଆଗରୁ ବୁଝିସୁଝି କରିବାକୁ ହେବ, ଯେପରି ପରେ ପଶ୍ଚାତ୍ତାପ କରିବାକୁ ହେବନାହିଁ ଓ ଏହି ଯୁଦ୍ଧୋତ୍ତର ପୁନର୍ଗଠନମୂଳକ ବିଶିଷ୍ଟ ହିତକର ଅନୁଷ୍ଠାନଗୁଡ଼ିକର ଅଭାବରେ ଯେପରି ମନ୍ତ୍ରୀମଣ୍ଡଳକୁ ଦୋଷ ବହନ କରିବାକୁ ହେବନାହିଁ। ଏହାହିଁ ଥିଲା ତାଙ୍କ ଭାଷଣର ସାରାଂଶ। ଶ୍ରୀ ବିଶ୍ୱନାଥ ଦାସ ସମ୍ବଲପୁରବାସୀଙ୍କ ହୃଦୟରେ କଟକିୟାଙ୍କ ପ୍ରତି ତୀବ୍ର ତିକ୍ତଭାବ ଜାଗ୍ରତ ହୋଇଥିବାରୁ ଦୁଃଖ ପ୍ରକାଶ କରିଥିଲେ। ରାତ୍ର ୧୦ଟା ସମୟରେ ସଭା ଭଙ୍ଗ ହୋଇଥିଲା।

Digitized by srujanika@gmail.com

ବନ୍ଧ ବିରୋଧ କମିଟି

ହୀରାକୁଦ ବନ୍ଧ-ବିରୋଧାତ୍ମକ ଆନ୍ଦୋଳନକୁ ବଳବତ୍ତର କରି ରଖିବା ସକାଶେ ଗୋଟିଏ କାର୍ଯ୍ୟକାରୀ କମିଟି ଗଠିତ ହେଲା। ସଭ୍ୟ ସଂଖ୍ୟା ୧୧ ଜଣ। ସେମାନଙ୍କ ମଧ୍ୟରେ ମୁଁ ଜଣେ। ସମିତିର କେନ୍ଦ୍ରସ୍ଥଳ ହେଲା ସମ୍ବଲପୁର ସଦର ଝାଡୁଆପଡ଼ା ମଧ୍ୟରେ।

ତା.୭.୮.୪୬ ଦିନ କମିଟିର ପ୍ରଥମ ବୈଠକ ହୋଇଥିଲା। ତହିଁରେ ସଭ୍ୟମାନଙ୍କ ଛଡ଼ା କେତେକ ଝାଡୁଆ ବ୍ରାହ୍ମଣ ଯୁବକ ଉପସ୍ଥିତ ଥିଲେ। ଏମାନେ ନେତୃସ୍ଥାନୀୟ ବ୍ୟକ୍ତିଙ୍କ ଅନୁକରଣରେ ଆପତ୍ତିଜନକ ମନ୍ତବ୍ୟମାନ ପ୍ରକାଶ କରି ଆନନ୍ଦ ଉପଭୋଗ କରୁଥିବା ଚିହ୍ନ ସେମାନଙ୍କ ମୁଖମଣ୍ଡଳରେ ପ୍ରତିଭାତ ହେଉଥିଲା। କେବଳ 'କଟକିୟା' ଯେ ଏମାନଙ୍କ ଆକ୍ରମଣର ବିଷୟ, ତାହା ନୁହେଁ। ସମ୍ବଲପୁରର କେହି ଯଦି ଏହି ବନ୍ଧ ନିର୍ମାଣ ସପକ୍ଷରେ କିଛି କହିଲା, ତାହାର ଆଉ ଉଦ୍ଧାରର ବାଟ ନଥିଲା। ସେହିଦିନ ଶୁଣିଲି, ସମ୍ବଲପୁର ଜିଲ୍ଲାର ସରକାରୀ ପ୍ରଚାର ବିଭାଗର ଅଫିସର ମୋର ଜାମାତା ବଳଭଦ୍ର ପଣ୍ଡାଙ୍କୁ ଏମାନଙ୍କ ମଧ୍ୟରୁ ଜଣକେତେ· ଚାକିରି ଛାଡ଼ିଦେବାକୁ କହିଥିଲେ ଓ ନ ଛାଡ଼ିଲେ ତାଙ୍କ ଗୋଡ଼ ହାଡ଼ ଭାଙ୍ଗିଦେବେ ବୋଲି ଧମକ ଦେଇଥିଲେ। ଜିଲ୍ଲାବୋର୍ଡ଼ର ଚେୟାରମ୍ୟାନ୍ ଶ୍ରୀ ରାଜେନ୍ଦ୍ର ପଣ୍ଡାଙ୍କୁ ମଧ୍ୟ ଏହି ପ୍ରକାର ଧମକ ଦିଆହୋଇଥିଲା। ଝାଡୁଆପଡ଼ାର ଯୁବକଙ୍କ ଏପରି ବ୍ୟବହାରରେ ଅନେକେ କ୍ଷୁବ୍‌ଧ ହୋଇଥିଲେ।

କମିଟିର ବୈଠକରେ ଗୋଟିଏ ଛାପା ବିବୃତି ଦେଖିଲି। ଏହା ଏହି କମିଟି ଦ୍ୱାରା ପ୍ରକାଶିତ ପ୍ରଥମ ବୁଲେଟିନ୍ ବୋଲି ଲେଖାଥିଲା। ଅବତରଣିକାରେ ଲେଖାଅଛି, "ଓଡ଼ିଶାର ପ୍ରଧାନ ମନ୍ତ୍ରୀ ଭେଦନୀତିଜ୍ଞ ମହତାବଙ୍କ ଅସାର ଓ ଯୁକ୍ତିହୀନ୍ ବକ୍ତୃତା ପରେ ନିମ୍ନଲିଖିତ ପ୍ରସ୍ତାବମାନ ଗୃହୀତ ହେଲା।" ଏହା ତଳକୁ ଗୃହୀତ ହୋଇଥିବା ପ୍ରସ୍ତାବର ନକଲ। ସମ୍ବଲପୁରବାସୀଙ୍କ ପ୍ରତି ଉଦ୍ଦିଷ୍ଟ ଉପଦେଶ ମଧ୍ୟରେ ଲେଖାଥିଲା, "ଏହି ଜିଲ୍ଲାର କେତେକ ବିଶ୍ୱାସଘାତକ, ଦେଶଦ୍ରୋହୀ, ନୀଚ, ସ୍ୱାର୍ଥପର ଲୋକମାନେ ବନ୍ଧ ସପକ୍ଷରେ ଆପଣମାନଙ୍କୁ ଫୁସୁଲାଇବାକୁ ଯାଉଛନ୍ତି। ସେମାନଙ୍କ କଥା ଶୁଣିବେ ନାହିଁ।" ସର୍ବସାଧାରଣଙ୍କ ଜ୍ଞାତବ୍ୟ ବିବୃତିରେ ଏପରି ଅସଂଯତ ଶବ୍ଦ ପ୍ରୟୋଗରେ ମୁଁ ଆପତ୍ତି କଲି। କେହି କିଛି ଉତ୍ତର ଦେଲେ ନାହିଁ। ମୋର ପ୍ରଶ୍ନର ଉତ୍ତରରେ କମିଟିର ସମ୍ପାଦକ କହିଲେ ଯେ, ତାହା ତାଙ୍କର ଲେଖା, କୌଣସି ଅପର ସଭ୍ୟଙ୍କଦ୍ୱାରା ତାହା ଅନୁମୋଦିତ ଅଥବା କାହାରି ଅନୁମୋଦନ ଲୋଡ଼ା ହୋଇନଥିଲା। ଭବିଷ୍ୟତରେ କମିଟିଦ୍ୱାରା ପ୍ରକାଶ୍ୟ ବିବୃତି ଛପା ହେବା ସକାଶେ ପଠା ହେବା ପୂର୍ବରୁ କମିଟିଦ୍ୱାରା ତାହା ଅନୁମୋଦିତ ହେବ ବୋଲି ମୁଁ ପ୍ରସ୍ତାବ କଲି ଓ ତାହା ସର୍ବସମ୍ମତି କ୍ରମେ ଗୃହୀତ ହେଲା। ମଫସଲରେ ଚାନ୍ଦା ସଂଗ୍ରହର ବ୍ୟବସ୍ଥା ହେଲା। ସମ୍ବଲପୁର କଲେଜର ଛାତ୍ରମାନଙ୍କୁ ଚାନ୍ଦା ସଂଗ୍ରହ ଓ ଅନ୍ୟାନ୍ୟ କାର୍ଯ୍ୟ ସକାଶେ ପଠାଇବା ବ୍ୟବସ୍ଥାର ପ୍ରସ୍ତାବ ଓକିଲ ଶ୍ରୀ ଅଚ୍ୟୁତାନନ୍ଦ ପୁରୋହିତ ଆଗତ କଲେ। ଏହି ବର୍ଷା ସମୟରେ କଲେଜ ଛାତ୍ରଙ୍କୁ ସେମାନଙ୍କ ପାଠରୁ ଟାଣିନେବା ଅନୁଚିତ ହେବ

Digitized by srujanika@gmail.com

ବୋଲି ମୁଁ ମନ୍ତବ୍ୟ ପ୍ରକାଶ କଲି ଓ ସେହି ପ୍ରସ୍ତାବ ଅଗ୍ରାହ୍ୟ ହେଲା । ଅନ୍ୟାନ୍ୟ କେତେକ ସାମାନ୍ୟ ସାମାନ୍ୟ ବିଷୟରେ ଆଲୋଚନା ପରେ ସଭା ଭଙ୍ଗ ହେଲା ।

ତା.୧୭.୮.୪୬ ରେ ବନ୍ଧବିରୋଧ କମିଟିର ଦ୍ୱିତୀୟ ବୈଠକ ହୋଇଥିଲା । ମୁଁ ତହିଁରେ ଉପସ୍ଥିତ ଥିଲି । ଶ୍ରୀ ଶଙ୍କରପ୍ରସାଦ ମିଶ୍ର ଓ ଓକିଲ ଶ୍ରୀ ବୋଧରାମ ଦୁବେ, ଅଚ୍ୟୁତାନନ୍ଦ ପୁରୋହିତ, ଈଶ୍ୱରପ୍ରସାଦ ମିଶ୍ର, ଅନନ୍ତରାମ ଗୁରୁ, ମାନଭଞ୍ଜନ ପ୍ରଧାନ ଓ କେତେକ ଝାଡୁଆ ବ୍ରାହ୍ମଣ ଯୁବକ ଉପସ୍ଥିତ ଥିଲେ । ସଭାରେ ଜଣାଗଲା, ଶ୍ରୀ ଶଙ୍କର ପ୍ରସାଦ ମିଶ୍ରଙ୍କ ସମ୍ପାଦକତ୍ୱରେ 'ହୀରାଖଣ୍ଡ ସମାଚାର' ନାମକ ସାପ୍ତାହିକ ସମ୍ବାଦପତ୍ର କମିଟିର ମୁଖପତ୍ର ସ୍ୱରୂପ ବଲାଙ୍ଗିରରୁ ପ୍ରକାଶିତ ହେବ । କେତେକ ଲୋକ ସେମାନଙ୍କ ଦ୍ୱାରା ସଂଗୃହୀତ ଚାନ୍ଦା ଟଙ୍କା ଦେଇଗଲେ । ସେଠାରେ ପ୍ରକାଶିତ ହେଲା, ବୋଡ଼ାସମ୍ବର ଅଞ୍ଚଳରୁ ନିର୍ବାଚିତ ବ୍ୟବସ୍ଥାପକ ସଭାର ସଦସ୍ୟ ଜମିଦାରଙ୍କ ଭାଇ ଶ୍ରୀ ରଣଜିତ ସିଂହ ଓ ବୋଡ଼ାସମ୍ବରବାସୀ ବରଗଡ଼ରେ ଥିବା ମୋକ୍ତାର ଶ୍ରୀ ଗୋକୁଳାନନ୍ଦ ନାୟକ ହୀରାକୁଦ ବନ୍ଧ ନିର୍ମାଣ ସପକ୍ଷରେ ବୋଡ଼ାସମ୍ବରରେ ତୀବ୍ର ପ୍ରଚାର ଚଳାଇଛନ୍ତି । ଚାରିପାଞ୍ଚଦିନ ପୂର୍ବେ ବ୍ୟବସ୍ଥାପକ ସଭାର ଅପର ସଦସ୍ୟ ଶ୍ରୀ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଜଣକେତେ ଏହାର ପ୍ରତିକୂଳାତ୍ମକ ସଭା କରିବାକୁ ଯାଇଥିଲେ । କିନ୍ତୁ ସେଠାରେ ସେମାନଙ୍କ ପ୍ରତି ବାଧା ପ୍ରଦାନ ଯୋଗୁଁ ସଭା କରିପାରିଲେ ନାହିଁ । ମାନ୍ୟବର ମୁଖ୍ୟମନ୍ତ୍ରୀ ମହତାବ ହୀରାକୁଦ ବନ୍ଧ ବିଧାତା ଭାରତ ସରକାରଙ୍କ ଇଞ୍ଜିନିୟର (ବର୍ତ୍ତମାନ ଓଡ଼ିଶାର ରାଜ୍ୟପାଳ) ରାୟବାହାଦୂର ଖୋସଲାଙ୍କୁ ନେଇ ସେହି ମାସ ୨୦ ତାରିଖରେ ଅର୍ଥାତ୍ ତିନିଦିନ ପରେ ଆସିବେ ଓ ୨୩ ତାରିଖରେ ବୋଡ଼ାସମ୍ବର ଅନ୍ତର୍ଗତ ପଦ୍ମପୁରରେ ସଭା ହେବ ଓ ସେହି ସଭାରେ ହୀରାକୁଦ ବନ୍ଧ ନିର୍ମାଣ ସପକ୍ଷରେ ପ୍ରସ୍ତାବ ଗୃହୀତ ହେବା ସମ୍ଭାବନା ଅଛି । ଏହାର ପ୍ରତିକ୍ରିୟା ସକାଶେ ବୋଡ଼ାସମ୍ବରକୁ ଯାଇ ଆଗରୁ ଗୋଟିଏ ସଭା କରିବା ପ୍ରସ୍ତାବ ଆଗତ ହେଲା । ତତ୍ପରେ କଥା ଉଠିଲା, ସଭା କରିବା ପାଇଁ ଯିବ କିଏ ? ଶ୍ରୀ ଶଙ୍କରପ୍ରସାଦ ମିଶ୍ର ଯାଇପାରିବେ ନାହିଁ ବୋଲି କହିଲେ; ଅବଶିଷ୍ଟ ଓକିଲ ସଭ୍ୟମାନଙ୍କ ମଧ୍ୟରୁ ପ୍ରତ୍ୟେକେ କହିଲେ, ସେମାନଙ୍କ ସେହି ସମୟ ମଧ୍ୟରେ ମୋକଦ୍ଦମାମାନ ଅଛି । ସୁତରାଂ ସେମାନେ କେହି ଯାଇପାରିବେ ନାହିଁ । ଆଉ ଯେଉଁମାନେ ଥିଲେ, ସେମାନେ ମଧ୍ୟ ଯିବା ସକାଶେ ଅନିଚ୍ଛାପ୍ରକାଶ କଲେ । ଜଣକେତେ କଲେଜ ଛାତ୍ରଙ୍କୁ ନେଇ ମୁଁ ଯିବା ସକାଶେ ଶ୍ରୀ ଶଙ୍କରପ୍ରସାଦ ମିଶ୍ର ପ୍ରସ୍ତାବ କଲେ । ସେତେବେଳେ ବର୍ଷାକାଳ, ଧାରାଶ୍ରାବଣ, ନଦୀନାଳ ବଢ଼ିଥିଲା । ପଦ୍ମପୁର ସମ୍ବଲପୁରରୁ ଶହେ ମାଇଲ ବାଟ । ଲରୀରେ ଯିବାକୁ ହେବ ଓ ଲରୀରେ ଫେରିବାକୁ ହେବ । ଜନମତ ଗଠନ ସକାଶେ ମଫସଲ ଗ୍ରାମମାନଙ୍କରେ ବୁଲିବାକୁ ହେବ ଓ ପାଣିକାଦୁଅରେ ଚାଲିବାକୁ ହେବ । ପୁଣି ତାହା ଜମିଦାରଙ୍କ ରାଜ୍ୟ । ତାଙ୍କ ମତ ବିରୋଧରେ ସଭା କରି ନ ହେବା ବିଶେଷ ସମ୍ଭାବନା । ହୁଏତ ସେଠାରେ ରହିବା ପାଇଁ

Digitized by srujanika@gmail.com

ଖଣ୍ଡିଏ ଜାଗା ସୁଦ୍ଧା ମିଳିବ ନାହିଁ। ସେତେବେଳେ ମୋର ବୟସ ୬୦ ବର୍ଷ। ସମସ୍ତଙ୍କଠାରୁ ମୁଁ ବୁଢ଼ା। ମୁଁ ଗଲେ ମୋର ସ୍ୱାସ୍ଥ୍ୟହାନି ହେବା ସମ୍ଭାବନା । ଏହି କାରଣରୁ ଏତେ ଅସୁବିଧା ଓ ବିପଦ ମୁଣ୍ଡାଇ ପାରିବି ନାହିଁ ବୋଲି ଯିବା ସକାଶେ ଅନିଚ୍ଛା ପ୍ରକାଶ କଲି। ଏତେବେଳଯାଏ ବୋଧରାମବାବୁ ତୁନି ହୋଇ ବସିଥିଲେ। ମୁଁ ଯାଇପାରିବି ନାହିଁ ବୋଲି କହିବା ମାତ୍ରକେ ସେ ସ୍ୱସ୍ଥାନରୁ ଉଠିପଡ଼ିଲେ ଓ ବିରକ୍ତିବ୍ୟଞ୍ଜକ ଉଚ୍ଚ ସ୍ୱରରେ କହିଲେ, "କିଏ ତାହାର ୬୦ ବର୍ଷ ବୟସର କାରଣରେ ଯଦି ଯାଇ ନ ପାରିବ ତାହାହେଲେ ତାକୁ ସଭାରୁ ବାହାର କରି ଦିଆଯାଉ।" ପୁଣି ମୋତେ ଯିବାପାଇଁ କୁହାହେଲା ଓ ପୁଣି ଯିବାପାଇଁ ମୋର ଅକ୍ଷମତା ପ୍ରକାଶ କରି କହିଲି, ଏଥିରେ ମୁଁ ମୋର ପ୍ରାଣ ଦେବାପାଇଁ ପ୍ରସ୍ତୁତ ନୁହେଁନ୍ତି ଏପରି କଠିନ କାର୍ଯ୍ୟ ଛଡ଼ା ବୃଦ୍ଧ ବ୍ୟକ୍ତିର ପରାମର୍ଶ ଉପଦେଶ ସକାଶେ ଯଦି ମୋତେ କମିଟିରେ ରଖିପାରିବେ ନାହିଁ ବୋଲି ମନେକରନ୍ତି ତାହାହେଲେ ତହିଁରୁ ମୋର ନାମ ଉଠାଇଦେଇ ପାରନ୍ତି। ସଭ୍ୟ ତାଲିକାରୁ ମୋର ନାମ ତତ୍‌କ୍ଷଣାତ୍ ଉଠାଇ ଦିଆହେଲା ବୋଲି ମୋତେ ଶୁଣାଇ ଦେଲେ। ପରଦିନ ଶ୍ରୀ ବୋଧରାମ ଦୁବେ, ଅନନ୍ତରାମ ଗୁରୁ, ଈଶ୍ୱର ପ୍ରସାଦ ମିଶ୍ର ଓ ଶଙ୍କରପ୍ରସାଦ ମିଶ୍ର ଲରୀ ଯୋଗେ ବାହାରିଲେ। କିନ୍ତୁ ପ୍ରବଳ ବର୍ଷା ଯୋଗୁଁ ବାଟରୁ ଫେରିଆସିଲେ।

ସଭାରୁ ବାହାରି ଆସି ମୁଁ ହୀରାକୁଦ ସମସ୍ୟା ବିଷୟରେ ନାନାଦିଗରୁ ଚିନ୍ତା କରିବାକୁ ଲାଗିଲି। ଏତେଦିନଯାଏ ଆମ୍ଭମାନଙ୍କ ଚିନ୍ତା କେବଳ ସମ୍ବଲପୁର ପ୍ରତି ଏହାର ପ୍ରତିକ୍ରିୟା ସମ୍ବନ୍ଧରେ ନିବଦ୍ଧ ଥିଲା। ବର୍ତ୍ତମାନ ମୋର ଦୃଷ୍ଟି ପ୍ରସାର କରିବାରୁ ମୋ ମନରେ ଭିନ୍ନ ଭିନ୍ନ ଭାବ ଉଦିତ ହେବାକୁ ଲାଗିଲା। ହୀରାକୁଦ ବନ୍ଧ ନିର୍ମାଣ ବିରୋଧରେ ତିନୋଟି ପ୍ରଧାନ କାରଣ କୁହାଯାଉଥିଲା। ପ୍ରଥମ, ତିନିଶତ ଗ୍ରାମ ବୁଡ଼ିଯିବ ଓ ଏହାଦ୍ୱାରା ସମ୍ବଲପୁରର ପ୍ରାୟ ଏକଲକ୍ଷ ଅଧିବାସୀ ବସବାସ ହରାଇବେ। ଦ୍ୱିତୀୟ କାରଣ, ଅବଶିଷ୍ଟ ଜମି ଚାଷ ସକାଶେ ହଳିଆ, ମୂଲିଆ ମିଳିବେ ନାହିଁ; ଜମିଗୁଡ଼ିକ ପଡ଼ିଆ ରହିବ। ତୃତୀୟ କାରଣ, ଜଳଭଣ୍ଡାରରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନଦ୍ୱାରା ସମ୍ବଲପୁରବାସୀଙ୍କ କୌଣସି ଉପକାର ହେବ ନାହିଁ। ଯେହେତୁ ଏ ସଂକ୍ରାନ୍ତ ସମସ୍ତ କାର୍ଯ୍ୟ ବିଦେଶୀ ପୁଞ୍ଜିପତିଙ୍କ ହାତରେ ରହିବ । ମୁଁ ଭାବିଲି, ଏ ସମସ୍ତ ଯୁକ୍ତି କେବଳ ସମ୍ବଲପୁର ଜିଲ୍ଲାର ପରିସ୍ଥିତି ସମ୍ବନ୍ଧରେ ବିବେଚନା କରି ସମଗ୍ର ଭାରତବର୍ଷର ପରିସ୍ଥିତି ସହିତ ତଉଲିଲେ ଏହାର ଫଳ କ'ଣ ହେବ ? ଭାରତବର୍ଷ ସ୍ୱାଧୀନ ହେବାକୁ ଯାଉଅଛି। ଆଉ ଅଧିକ ଦିନ ନାହିଁ। ସ୍ୱାଧୀନ ଭାରତରେ ସମ୍ବଲପୁରର ସ୍ଥାନ ଅକ୍ଷୁଣ୍ଣ ରଖିବାକୁ ହେବ। ଏଥିରେ ମତଦ୍ୱୈଧ ନାହିଁ। ୟୁରୋପର ଦେଶଗୁଡ଼ିକ ବର୍ତ୍ତମାନ ପୃଥିବୀର ଅଧିକାଂଶ ଦଖଲକରି ବସିଅଛନ୍ତି। ସେଗୁଡ଼ିକ ନିଜ ନିଜର ଶିଳ୍ପ ଓ ବାଣିଜ୍ୟ ଯୋଗୁଁ ଏହା କରିପାରିଅଛନ୍ତି। ଭାରତବର୍ଷ ସ୍ୱାଧୀନ ହେଲେ ମଧ୍ୟ ଏଠାରେ ଏପରି କୌଣସି ଉତ୍କୃଷ୍ଟ ଶିଳ୍ପ ଓ ତତ୍‌ସଂକ୍ରାନ୍ତ ବାଣିଜ୍ୟ ନାହିଁ, ଯାହାବଳରେ ଭାରତବର୍ଷ ନିଜ ସ୍ୱାଧୀନତା ଭୋଗ କରିପାରିବ। ଅତଏବ, ଶିଳ୍ପ ଓ ବାଣିଜ୍ୟ ପ୍ରସାର ସକାଶେ ଭାରତବାସୀଙ୍କୁ

Digitized by srujanika@gmail.com

ଲାଗିପଡ଼ିବାକୁ ହେବ। ଏହାର ସଫଳତା ଦିଗରେ ହୀରାକୁଦ ବନ୍ଧ ଅଶେଷ ପରିମାଣରେ କାର୍ଯ୍ୟକାରୀ ହେବ। ଏହି ବନ୍ଧର ଜଳଭଣ୍ଡାରରୁ ଉତ୍ପନ୍ନ ବିଦ୍ୟୁତ୍‌ଶକ୍ତି ଦ୍ୱାରା ଏହା ବହୁ ପରିମାଣରେ ସମ୍ଭବ ହେବ। ଏଥିସକାଶେ ସମ୍ବଲପୁରବାସୀଙ୍କୁ କିଛି ସ୍ୱାର୍ଥ ବଳୀ ଦେବାକୁ ହେବ। ତଥାପି ଏହା ଏକ ଗୁରୁତର ସମସ୍ୟା। ଏ ସମ୍ବନ୍ଧରେ ଚିନ୍ତାର ଅନ୍ତ ନାହିଁ।

କୌଣସି ଦେଶ ଯେତେ ଶିକ୍ଷିତ ଓ ଉନ୍ନତ ହେଲେ ମଧ୍ୟ ତାହାର ପ୍ରତିରକ୍ଷା ସକାଶେ ପାଶବ ବଳ ନିତାନ୍ତ ପ୍ରୟୋଜନ। ଶିକ୍ଷା ଓ ଧର୍ମପ୍ରସାର ଯେତେ ଅଗ୍ରଗତି କରୁଅଛି ତାହା ପଛରେ ସୈନ୍ୟମାନେ ଚାଲିଛନ୍ତି। ସ୍ୱାଧୀନ ଭାରତକୁ ଏହି ପନ୍ଥା ଅବଲମ୍ବନ କରିବାକୁ ହେବ। ସ୍ୱାଧୀନ ଭାରତରେ ଦେଶୀୟ ସୈନ୍ୟ ସଂଗ୍ରହ ଆମ୍ଭମାନଙ୍କ ହଳିଆ ମୂଲିଆଙ୍କ ଭିତରୁ ହେବ। ଏହାର ସଫଳତା ଉଦ୍ଦେଶ୍ୟରେ ଏମାନଙ୍କ ଶାରୀରିକ ଓ ମାନସିକ ଉନ୍ନତି ସକାଶେ ବ୍ୟବସ୍ଥା କରିବାକୁ ହେବ। ଏକ୍ଷଣି ଏହି ଶ୍ରେଣୀୟ ଲୋକେ ଅନ୍ଧକାରରେ ପଡ଼ି ରହିଅଛନ୍ତି। ଅଢ଼େଇଖଣ୍ଡି (ଏକମହଣ ୧୦ ସେର) ଧାନ ଭୁତି (ମୂଲ)ରେ ଏହି ବ୍ୟବସ୍ଥାର ପରିବର୍ତ୍ତନ ଅସମ୍ଭବ। ଅବଶ୍ୟ ଭୂସ୍ୱାମୀମାନେ ସୁଦ୍ଧା ଏଥିରୁ ଅଧିକ ନେଇପାରିବେ ନାହିଁ। ବର୍ତ୍ତମାନ ଜମି ଚାଷ ସେତେ ଲାଭଜନକ ନୁହେଁ। ଆବହମାନକାଳରୁ ଯେଉଁ ପ୍ରଣାଳୀରେ ଆମ୍ଭମାନଙ୍କ ଚାଷ ହେଉଅଛି ତାହାର ପରିବର୍ତ୍ତନ ଓ ଉନ୍ନତି ନ ହେଲେ ଓ କ୍ଷେତରୁ ଅଧିକ ଶସ୍ୟ ଉତ୍ପାଦନକଳ୍ପେ ଚିନ୍ତା ନ କଲେ ଏହି ଅବସ୍ଥା ଚିରକାଳ ରହିଥିବ। ସୁତରାଂ ଉନ୍ନତ ପ୍ରଣାଳୀରେ ଜାପାନ, ଆମେରିକା ଓ ଅନ୍ୟାନ୍ୟ ଦେଶ ପରି ଏହାର ବ୍ୟବସ୍ଥା କରିବାକୁ ହେବ। ପରାଧୀନ ଭାରତବର୍ଷରେ ଏହା ସମ୍ଭବପର ହୋଇନାହିଁ। ହୀରାକୁଦ ବନ୍ଧ ଯୋଜନା ଫଳରେ ଏହା ସମ୍ଭବ ହେବ। ଭୂସ୍ୱାମୀଙ୍କର ଦେଇପାରିବା ଓ ହଳିଆମାନଙ୍କ ଉପାର୍ଜ୍ଜନ କରିବା ଶକ୍ତି ବୃଦ୍ଧି ହେବ। ଏହା ମଧ୍ୟ ଏକ ଗୁରୁତର ସମସ୍ୟା। ଏ ସମସ୍ତ ସମସ୍ୟାର ସମାଧାନ ଦେଶବାସୀଙ୍କ ହାତରେ ରହିବ। ବିଧାନସଭାକୁ ପ୍ରେରିତ ଲୋକପ୍ରତିନିଧିମାନଙ୍କ ଦ୍ୱାରା ଭିନ୍ନ ଭିନ୍ନ ଅଞ୍ଚଳର କଳକାରଖାନା ସମ୍ବନ୍ଧରେ ଶାସନ ନିୟନ୍ତ୍ରିତ ହେବ। ଶିଳ୍ପ ଓ ବାଣିଜ୍ୟ ପରି ଚାଷକୁ ମଧ୍ୟ ଜାତୀୟ ଅନୁଷ୍ଠାନରେ ପରିଣତ କରିବାକୁ ହେବ। ଏ ସମସ୍ତ ସମସ୍ୟା ସମ୍ବନ୍ଧରେ ଚିନ୍ତାସୂତ୍ର ନିରବଚ୍ଛିନ୍ନ। ଏହା ସଙ୍ଗେ ଲୋକଙ୍କ ମୁହଁରୁ ଚିତ୍କାର ବାହାରୁଥାଏ, ହୀରାକୁଦ ବନ୍ଧ କୌଣସିମତେ କରିଦେବେ ନାହିଁ।

ଦ୍ୱିତୀୟ ମହାଯୁଦ୍ଧର ଶେଷ ଆଡ଼କୁ ତତ୍‌କାଳୀନ ଓଡ଼ିଶାର ଗଭର୍ଣ୍ଣର ଲୁଇସ ସାହେବ ସମ୍ବଲପୁରବାସୀଙ୍କ ଠାରୁ ପଚିଶ ହଜାର ଟଙ୍କାପୂର୍ଣ୍ଣ ଗୋଟିଏ ଥଳୀ ଉପହାର ନେଇଯାଇଥିଲେ। କିନ୍ତୁ ଯୁଦ୍ଧ ଶେଷ ହେବାରୁ ଆଉ ଟଙ୍କାର ଆବଶ୍ୟକ ହେଲାନାହିଁ। ସୁତରାଂ ଏଥିରୁ ପନ୍ଦର ହଜାର ଟଙ୍କା ସମ୍ବଲପୁରବାସୀଙ୍କ ଜ୍ଞାନ ବୃଦ୍ଧି ସକାଶେ ଦାନକରି ବଦାନ୍ୟତାର ପରାକାଷ୍ଠା ଦେଖାଇଥିଲେ। ତା.୧୮.୬.୪୬ରେ ସ୍ଥାନୀୟ ମ୍ୟୁନିସିପାଲ୍ ହଲ୍‌ରେ ସହରର ବହୁ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଗୋଟିଏ ସାଧାରଣ ପାଠାଗାର

Digitized by srujanika@gmail.com

ଉଦ୍‌ଘାଟିତ ହେଲା । ଆଜି ହୀରାକୁଦ ବନ୍ଧଯୋଜନା ସମ୍ପର୍କରେ ସମ୍ବଲପୁରବାସୀଙ୍କ ମଧ୍ୟରେ ଏତେ ଚହଳ ଖେଳିଯାଇଅଛି ଯେ ଏତେଦିନ ପରେ ସମ୍ବଲପୁରବାସୀ କହୁଅଛନ୍ତି, ତାଙ୍କ ଲୋକପ୍ରିୟ ଭୂତପୂର୍ବ ଜିଲ୍ଲାସାହେବ ଏହା କଲେ । କୃତଜ୍ଞ ସମ୍ବଲପୁରବାସୀଙ୍କୁ ତାଙ୍କ ବିଦାୟ ସମୟରେ କୌଣସି ବର ଦେଇଯିବା ପରିବର୍ତ୍ତେ ବିଦାୟକାଳୀନ ପଦାଘାତ ଦେଇଗଲେ । ଯେଉଁମାନଙ୍କ ମୁଖ ଇତିପୂର୍ବେ ଲୁଇସ୍ ସାହେବଙ୍କ ପ୍ରଶଂସାରେ ଭରା, ଆଜି ସେମାନେ ତାଙ୍କ ନିନ୍ଦା କରୁଛନ୍ତି । ସମ୍ବଲପୁରବାସୀ ସାଧାରଣତଃ ନିରୀହ । ତାଙ୍କ ହୃଦୟ, ମନ ସରଳବିଶ୍ୱାସରେ ଭରା । ମୁଁ କହେ, ଲୁଇସ୍ ସାହେବ ଲୁଇସ୍ ସାହେବ; ଆମେ, ଆମେ । ଖାଦ୍ୟ ଖାଦକ ମଧ୍ୟରେ ପ୍ରୀତିର ସ୍ଥାନ ନାହିଁ । ଲୁଇସ୍ ସାହେବ ସାମ୍ରାଜ୍ୟବାଦୀ ଇଂରେଜଙ୍କ ମଧ୍ୟରେ ଜଣେ । ସାମ୍ରାଜ୍ୟ ରକ୍ଷା ଓ ପରାଧୀନ ଦେଶକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରି ରଖିବାକୁ ଲୁଇସ୍ ସାହେବ ଧରଣର ଲୋକମାନେ ସିଦ୍ଧହସ୍ତ । ଲୁଇସ୍ ସାହେବ ସମ୍ବଲପୁରରେ ଜିଲ୍ଲାହାକିମ ଥିବା ସମୟରେ ଅନେକ ଲୋକ-ଗୌନ୍ତିୟା ପ୍ରଜା, ଚାକିରିଆ, ତାଙ୍କ ପରିଚିତ ହୋଇଥିଲେ । ମୁହଁ ଭାରୀ ମିଠା । ଜଣେ ବିଶିଷ୍ଟ ସମ୍ବଲପୁରବାସୀ ଗଳ୍ପ କରୁଥିବା ଶୁଣିଛି, ଦିଲ୍ଲୀରେ ଥିବା ସମୟରେ ସେ ତାଙ୍କ କୋଠିକୁ ଦେଖା କରିବାକୁ ଯାଇଥିଲେ, ସାହେବ ତାଙ୍କୁ ଦେଖିବା ମାତ୍ରକେ ନିଜ ଆସନରୁ ଉଠି ଦ୍ୱାରକୁ ଆସି ତାଙ୍କ କରମର୍ଦ୍ଦନ କରିଥିଲେ । ତତ୍ପରେ ତାଙ୍କ ବୈଠକଖାନାକୁ ନେଇ ତାଙ୍କୁ ବସାଇ ଅନେକ ସମୟ ପର୍ଯ୍ୟନ୍ତ ଗଳ୍ପ କରିଥିଲେ ଓ ଚପରାସୀ ହାତରେ ଜଳଖିଆ ମଗାଇ ପରା ତାଙ୍କୁ ଆପ୍ୟାୟିତ କରିଥିଲେ । ତାଙ୍କ ସମ୍ବନ୍ଧରେ ଏପରି କେତେ ଗଳ୍ପ ଶୁଣାଯାଏ । ଆଉ କେହି କେହି କହନ୍ତି, ଓଡ଼ିଶାର ଗଭର୍ଣ୍ଣର ହୋଇ ଆସିବା ପରେ ସୁଦ୍ଧା ସମ୍ବଲପୁରବାସୀଙ୍କ ସକାଶେ ତାଙ୍କ କୋଠି ଅବାରିତଦ୍ୱାର ହୋଇଥିଲା । ଏହି ପ୍ରକାର ମିଷ୍ଟଭାଷୀ ସାହେବଙ୍କ ବ୍ୟବହାରରେ ସମ୍ବଲପୁରବାସୀ କାହିଁକି, ସମଗ୍ର ଭାରତବାସୀ ଆପ୍ୟାୟିତ ହୁଅନ୍ତି । ଆମ୍ଭେମାନେ ବୁଝିପାରୁନାହୁଁ ଯେ, ପରାଧୀନ ଭାରତବାସୀଙ୍କ ହୃଦୟକୁ କଥାରେ ମାତ୍ର ଆକର୍ଷଣ କରିବା ଆମ୍ଭମାନଙ୍କ ଚରିତ୍ରଦୃଷ୍ଟିରେ ସେମାନଙ୍କ ପକ୍ଷରେ ଲାଭଜନକ । ଏହା ଉତ୍ତାରେ ଯେତେ ଅମଙ୍ଗଳ କାର୍ଯ୍ୟ ଏମାନଙ୍କ ହାତରେ ଅନୁଷ୍ଠିତ ହେଲେ ସୁଦ୍ଧା ଏମାନଙ୍କ ଦୋଷ ନ ଦେଇ ଭାଗ୍ୟବାଦୀ ଭାରତବାସୀ ଭାଗ୍ୟ ଉପରେ ସମସ୍ତ ଦୋଷ ଲଦିଦେଉ । ଅଥଚ ଏହି ଶ୍ରେଣୀୟ ଲୋକେ ନିଜ ସାମ୍ରାଜ୍ୟରକ୍ଷା ଓ ଭାରତକୁ ଚିରକାଳ ପରାଧୀନ କରି ରଖିବା ସକାଶେ ତିଳେମାତ୍ର ଦ୍ୱିଧା ବୋଧ କରୁ ନ ଥିଲେ । ଭାରତରେ ଇଂରେଜ ସାମ୍ରାଜ୍ୟ ପ୍ରତିଷ୍ଠାତା ୱାରେନ୍ ହେଷ୍ଟିଂସ୍ ଯେତେବେଳେ ତାଙ୍କଦ୍ୱାରା ଭାରତର କୁଶାସନ ସମ୍ବନ୍ଧରେ ବ୍ରିଟିଶ୍ ପାର୍ଲିଆମେଣ୍ଟରେ ଅଭିଯୁକ୍ତ ହୋଇଥିଲେ ଓ ଅଭିଯୋକ୍ତା ଏଡ୍‌ମଣ୍ଡ ବର୍କ (Edmund Burke) ତାଙ୍କ ବିରୋଧରେ ଅଭିଯୋଗର ବିଷୟମାନ ତୀବ୍ର ଭାବରେ ଆଗତ କରିଥିଲେ, ସେତେବେଳେ ପାର୍ଲିଆମେଣ୍ଟର କୌଣସି କୌଣସି ସଦସ୍ୟ ତତ୍‌ପ୍ରତି ଅବିଶ୍ୱାସସୂଚକ ମନ୍ତବ୍ୟମାନ ପ୍ରକାଶ କରି ବର୍କଙ୍କୁ ପ୍ରଶ୍ନ କରିଥିଲେ, ଯେଉଁ ହେଷ୍ଟିଂସ୍‌ଙ୍କ ନାମରେ ରାସ୍ତା, ଘାଟ, ସାଧାରଣ ଲୋକହିତକର

Digitized by srujanika@gmail.com

ଅନୁଷ୍ଠାନମାନ କୃତଜ୍ଞ ହୃଦୟରେ ଭାରତବାସୀ ସ୍ଥାପନ କରିଥିଲେ ତାଙ୍କ ବିରୋଧରେ ଦୋଷାରୋପର କାରଣ କ'ଣ ? ଏହାର ଉତ୍ତରରେ ବର୍କ କହିଥିଲେ, ଭାରତବାସୀଙ୍କ ଚରିତ୍ର ବଡ଼ ବିଚିତ୍ର; କୌଣସି ବ୍ୟକ୍ତି ବା ପଦାର୍ଥ ଯେତେ ଭୟାବହ ଓ ବିପଜ୍ଜନକ, ଭାରତବାସୀ ତାହାକୁ ସେତେ ପୂଜାକରନ୍ତି। ବସନ୍ତ, କଲେରା, ପ୍ଲେଗ୍‌କୁ ଠାକୁରାଣୀ ବୋଲି ବିଶ୍ୱାସକରି ଭକ୍ତି ଗଦ୍‌ଗଦ୍ ହୋଇ ତାହାକୁ ଧୂପଦୀପାଦି ଦେଇ ପୂଜା ଆରାଧନା କରନ୍ତି। ୱାରେନ୍ ହେଷ୍ଟିଂସ୍‌ର ପୂଜା ସେହିରୂପ। ହେଷ୍ଟିଂସ୍ ଥିଲା ଭାରତବର୍ଷରେ ବସନ୍ତ, କଲେରା, ପ୍ଲେଗ୍। ମୁଁ ଅତ୍ୟନ୍ତ ବିଶ୍ୱସ୍ତସୂତ୍ରରୁ ଶୁଣିଥିଲି, ଆମ୍ଭମାନଙ୍କ ସମ୍ବଲପୁରର ନେତାମନ୍ୟ ଜଣେ ଭଦ୍ରବ୍ୟକ୍ତି ଲୁଇସ୍ ସାହେବଙ୍କ ସହିତ ତାଙ୍କ ସମ୍ବଲପୁରର ଗସ୍ତ ସମୟରେ ସାକ୍ଷାତକରି ଭାରତବାସୀ ତଥା ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ବିଭୀଷଣ କାନ୍ଦି କାନ୍ଦି କହିଥିଲେ, ''ସାହେବ ! କଂଗ୍ରେସବାଲାମାନେ ଆମ୍ଭମାନଙ୍କୁ ଶାସନ କରିବାକୁ ଆସୁଛନ୍ତି, ଆଉ ତୁମ୍ଭେମାନେ ତ ଚାଲିଯାଉଛ, ଆମ୍ଭେମାନେ ଏମାନଙ୍କ ଦାଉରେ ରହିବୁ କିପରି ? ମୋ ମତରେ ଆଗାମୀ ନିର୍ବାଚନ ପୂର୍ବରୁ ଯେତେ ପାର କଂଗ୍ରେସବାଲାଙ୍କୁ ଜେଲ୍‌ରେ ଭର୍ତ୍ତି କରିଦିଅ।'' ଏ ଥିଲେ ହୀରାକୁଦ ବନ୍ଧ ବିରୋଧାତ୍ମକ ଆନ୍ଦୋଳନର ଜଣେ ମୁଖ୍ୟନେତା।

ହୀରାକୁଦ ସମାଚାର – 'ହୀରାକୁଦ ସମାଚାର' ନାମରେ ଗୋଟିଏ ସାପ୍ତାହିକ ସମ୍ବାଦପତ୍ର ସମ୍ବଲପୁରର ଶ୍ରୀ ଶଙ୍କରପ୍ରସାଦ ମିଶ୍ରଙ୍କ ସମ୍ପାଦକତ୍ୱରେ ବଲାଙ୍ଗିରରୁ ପ୍ରକାଶିତ ହେଲା। ଏହାର ତା.୧୩.୮.୪୬ରେ ପ୍ରକାଶିତ ପ୍ରଥମ ସଂଖ୍ୟାରେ ହିଁ ଦେଖାଗଲା, ହୀରାକୁଦ ସମସ୍ୟା ସମାଧାନ ସ୍ୱରୂପ ଶୁଭଙ୍କର କାର୍ଯ୍ୟ ସାଧନ କରିବାକୁ ଯାଇ ଏହି ପତ୍ରକାର ମାଧ୍ୟମ ଓ ଆନୁକୂଲ୍ୟରେ ଆଉ ଏକ ଅଶୁଭଙ୍କର, ଅବାଞ୍ଛନୀୟ ପରିସ୍ଥିତି ମୁଣ୍ଡ ଟେକିବାକୁ ଯାଉଅଛି। ଏଥିରେ ସନ୍ନିବିଷ୍ଟ 'ସମ୍ବଲପୁର ଅଞ୍ଚଳର ସଙ୍କଟ' ଶୀର୍ଷକ ପ୍ରବନ୍ଧରେ ଲେଖାଥିଲା, ''ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ସମ୍ବଲପୁର, ବୋଡ଼ାସମ୍ବର, ଖରିଆଡ଼, ବିନ୍ଦ୍ରା ନୂଆଗଡ଼, ଫୁଲଝର, ଦିଓରି ଆଦି ଉଚ୍ଚଭୂମି ପ୍ରାଚୀନ ପାଟଣାର ଅଂଶ। ଏହା କୋଶଳର ହୃଦୟ ସ୍ୱରୂପ କହିଲେ ଚଳେ।... ପୂର୍ବାଞ୍ଚଳ ଗଡ଼ଜାତ ସମଷ୍ଟିକୁ ଛାଡ଼ିଦେଲେ ସମ୍ବଲପୁରର ଆୟତନ ପ୍ରାୟ ୮୦୦୦ ବର୍ଗମାଇଲ ଓ ଏହାର ଲୋକସଂଖ୍ୟା ପ୍ରାୟ ୧୫ ଲକ୍ଷ। ସମ୍ବଲପୁର ଜିଲାଟି ଏବେ ଓଡ଼ିଶା ପ୍ରଦେଶର ଅନ୍ତର୍ଗତ।... କୋଶଳ ଭିତରେ ସମ୍ବଲପୁର ଗୋଟିଏ ପ୍ରଧାନ ଓଡ଼ିଆ ଅଞ୍ଚଳ। ପୂର୍ବାଞ୍ଚଳ ଗଡ଼ଜାତ ସମଷ୍ଟି ମଧ୍ୟରେ ଥିବା କୋଶଳର ଅନ୍ୟାନ୍ୟ ଅଂଶ ସହିତ ସମ୍ବଲପୁରର ଐତିହାସିକ ଓ କୃଷ୍ଟିଗତ ମେଳ ପୂରାପୂରି ଚାଲିଛି। ଭୌଗଳିକ ଅବସ୍ଥାନ ଦୃଷ୍ଟିରେ ପୂର୍ବ ଗଡ଼ଜାତ ଅଞ୍ଚଳ ମଧ୍ୟରେ ଏହା ଗୋଟିଏ ଶକ୍ତିଶାଳୀ ଅଂଶ ଓ ପାରମ୍ପାରିକତାରେ ମଧ୍ୟ ଘନିଷ୍ଠ ଭାବରେ ସମ୍ପୃକ୍ତ। ପ୍ରାୟ ଏକ ଶତାବ୍ଦୀ ପୂର୍ବରେ ସମ୍ବଲପୁର ଗୋଟିଏ ଷ୍ଟେଟ୍ ଥିଲା ଓ ଉଲ୍ଲିଖିତ ୫ ଗୋଟି ଜମିଦାରୀ ୧୮୨୬ ଇରାବି ପର୍ଯ୍ୟନ୍ତ ପାଟଣାର ଅଂଶ ଥିଲା। ୧୮୨୬ ଇରାବି ପର୍ଯ୍ୟନ୍ତ ଏ ସବୁ ଗୋଟିଏ ପୃଥକ୍ ଷ୍ଟେଟ୍ ବୋଲି ପରିଗଣିତ ହୋଇଆସୁଥିଲା।

Digitized by srujanika@gmail.com

ଓଡ଼ିଶାର ଉପକୂଳସ୍ଥିତ ଜିଲ୍ଲା ସହ ସମ୍ବଲପୁରର କୌଣସି ମେଳ ନାହିଁ; ଓଡ଼ିଶା ସହିତ ସମ୍ବଲପୁରର ମିଶ୍ରଣଟି କିପରି ହାସ୍ୟାସ୍ପଦ, ସ୍ପଷ୍ଟ ବୁଝଯାଏ – ବର୍ତ୍ତମାନ ଶାସନ ସଂକ୍ରାନ୍ତ ବନ୍ଦୋବସ୍ତଟି କିପରି ଅସ୍ୱାଭାବିକ ବର୍ଣ୍ଣନା କରିବା ବାହୁଲ୍ୟ।

ସମ୍ବଲପୁର କୋଶଳର ଓ ୧୮୧୮ ଇ: ପର୍ଯ୍ୟନ୍ତ ଅଠରଗଡ଼ ସମ୍ମିଳିତ ରାଜ୍ୟ ସମଷ୍ଟିର ଅଂଶ ଥିଲା। ୧୮୪୯ ପର୍ଯ୍ୟନ୍ତ ସମ୍ବଲପୁରର ଗୋଟିଏ ଷ୍ଟେଟ୍ ଥିଲା ଓ ପାଟଣାର କନିଷ୍ଠ ଭାଇର ଭାଗ ଭିତରେ ଥିଲା। ଅଠରଗଡ଼ ସମ୍ମିଳିତ ରାଜ୍ୟ ସମଷ୍ଟିରେ ଏହା ନେତୃସ୍ଥାନୀୟ ଥିଲା। ଅନ୍ୟାନ୍ୟ ୫ ଗୋଟି ଜମିଦାରୀ ମଧ୍ୟ ପାଟଣା ଓ ଅଠରଗଡ଼ ରାଜ୍ୟ ସମଷ୍ଟିର ଅଂଶ ହୋଇ ରହି ଆସିଥିଲା। ଏପରିକି ୧୮୬୨ ଇ: ପର୍ଯ୍ୟନ୍ତ ଗଡ଼ଜାତ ବୋଲି ପରିଚିତ ଥିଲା। ଏହି ଅଞ୍ଚଳରେ ରହୁଥିବା ଲୋକମାନଙ୍କ ଇତିହାସ, ସଂସ୍କାର, ସାମାଜିକ ରୀତିନୀତି, କୃଷି, ବାହ୍ୟ ଶାରୀରିକ ଆକୃତି କୋଶଳ ଛତିଶଗଡ଼ ଷ୍ଟେଟ୍‌ବାସୀଙ୍କ ସହ ସବୁ ବିଷୟରେ ସମାନ। ଏହା ୧୮୪୯ ଇ:ରେ ବ୍ରିଟିଶ୍ ଶାସନ ଅନ୍ତର୍ଗତ ହେଲା। ୧୮୫୭ ସାଲର ବିଦ୍ରୋହ ସମୟରେ ଏହାକୁ ପୁଣି ଗୋଟିଏ ଷ୍ଟେଟ୍‌ରେ ପରିଣତ କରିବାକୁ ଚେଷ୍ଟାର ତ୍ରୁଟି କରାହୋଇନାହିଁ। ସିପାହୀବିଦ୍ରୋହ ବହୁଦିନ ପର୍ଯ୍ୟନ୍ତ ଲାଗିରହିଥିଲା। ସମ୍ବଲପୁରର ଲୋକେ ଆନ୍ଦୋଳନରୁ ତିଳେମାତ୍ର କ୍ଷାନ୍ତ ନ ହୋଇ ଛିତିଶଗଡ଼ ଡିଭିଜନର କମିଶନର ଯେତେବେଳେ ୧୮୬୪ ଇ:ରେ ସମ୍ବଲପୁର ଆସିଥିଲେ ତାଙ୍କ ସହିତ ଦେଖା କରିଥିଲେ ଓ ଏହି ଷ୍ଟେଟ୍‌କୁ ପୁଣି ଫେରାଇ ଦେବାକୁ ଦାବି କରିଥିଲେ। ଉପରଲିଖିତ ଘଟଣା ସବୁରୁ ସ୍ପଷ୍ଟ ଜଣାପଡୁଛି ଯେ, ସମ୍ବଲପୁରବାସୀଙ୍କୁ ସେମାନଙ୍କ ଜ୍ଞାତି ସହୋଦରଙ୍କଠାରୁ ନିର୍ଦ୍ଦୟ ଭାବରେ ବଳପୂର୍ବକ ବିଚ୍ଛିନ୍ନ କରି ଦିଆହୋଇଅଛି। କୋଶଳଠାରୁ ଏହାକୁ ଅଲଗା କରି କିପରି ଏକ କଠୋର ପରିସ୍ଥିତି ସୃଷ୍ଟି କରାହୋଇଛି, ସହଜରେ ଅନୁମେୟ...।

ପୂର୍ବାପର ସମସ୍ତ ଘଟଣା ଆଲୋଚନା କରି ସବୁଆଡ଼ରୁ ଦେଖିବାକୁ ଗଲେ ପୂର୍ବାଞ୍ଚଳ ଗଡ଼ଜାତ ସମଷ୍ଟି ମଧ୍ୟରେ ରହିଲେ ସମ୍ବଲପୁର ଏକ ଖାପ ଖାଇ ରହିଲା ବୋଲିବାକୁ ହେବ। ଏହି ଅଞ୍ଚଳ ସହିତ ସମ୍ବଲପୁରର ପ୍ରାକୃତିକ ଓ କୃଷିଗତ ମେଳ ଅଛି, ଉଭୟଙ୍କର ଇତିହାସ ଓ ପାରମ୍ପରିକତା ସମାନ, ଭୌଗଳିକ ଅବସ୍ଥାନ ଦୃଷ୍ଟିରୁ ମଧ୍ୟ କୌଣସି ବୈଷମ୍ୟ ନାହିଁ। ଶାସନଗତ ସୁବିଧା ପ୍ରତ୍ୟେକ ଅବସ୍ଥାର ପୂର୍ଣ୍ଣ ଆନୁକୂଲ୍ୟ। ....ଏହି ସମଷ୍ଟି ଭିତରେ ଯୋଗଦେଲେ ନିଜ ଜ୍ଞାତି ସହୋଦରଙ୍କ ସହ ପୁନର୍ମିଳନ ହେବ। ଭାଇଭାଇ ମିଳିମିଶି ନିଜ ନିଜର ଭବିଷ୍ୟତ ଗଠନ କରିବେ। ସ୍ୱାଧୀନ ଭାବରେ ପ୍ରତ୍ୟେକ ସମସ୍ୟାର ପରିଚାଳନା କରିବାର ପ୍ରଚୁର ଅବସର ମିଳିବ। ...ସମ୍ବଲପୁରବାସୀଙ୍କୁ ଏବେ ଓଡ଼ିଶା ଭିତରେ ରହିବା କି ପୂର୍ବାଞ୍ଚଳ ଗଡ଼ଜାତ ସମଷ୍ଟି ଭିତରେ ରହିବା ସ୍ଥିର କରିବାକୁ ହେବ।”

ସମ୍ବଲପୁରର କେତେକ ବିଶିଷ୍ଟବ୍ୟକ୍ତିଙ୍କ ଏକ ଘରୋଇ ସଭାରେ ‘ହୀରାଖଣ୍ଡ ସମାଚାର’ର ସମ୍ପାଦକ ଶ୍ରୀ ଶଙ୍କରପ୍ରସାଦ ମିଶ୍ରଙ୍କୁ ଏହି ପ୍ରବନ୍ଧ ସକାଶେ ନିନ୍ଦାବାଦ

Digitized by srujanika@gmail.com

କରାହୋଇଥିଲା । ପ୍ରବନ୍ଧ ଲେଖକଙ୍କ ଉକ୍ତିଗୁଡ଼ିକ ଯେ ପାଗଳର ପ୍ରଳାପ ତୁଲ୍ୟ, ଉପସ୍ଥିତ ସଭ୍ୟମାନେ ମତ ପ୍ରକାଶ କରିଥିଲେ; କିନ୍ତୁ କ୍ରମେ ଦେଖାଗଲା, ସମ୍ବଲପୁରରେ ଏହି ମତ ସପକ୍ଷରେ ଦଳ ପୁଷ୍ଟ ହେବାକୁ ଲାଗିଲେ। ଏମାନେ ପ୍ରଚାର କଲେ ଯେ ସମ୍ବଲପୁରକୁ ହୀରାକୁଦ ବିପଦରୁ ରକ୍ଷା କରିବାକୁ ହେଲେ ଏହାକୁ ଓଡ଼ିଶା ପ୍ରଦେଶରୁ ବିଛିନ୍ନ କରି, ପୁଣି ମଧ୍ୟପ୍ରଦେଶରେ ହେଉ ଅଥବା ପ୍ରାଚୀନ କୋଶଳ ସାମ୍ରାଜ୍ୟର ପ୍ରତୀକ ପାଟଣା ସହିତ ମିଳାଇବାକୁ ହେବ।

ଲୁଇସ୍ ସାହେବ ଗଭର୍ଣ୍ଣର କାର୍ଯ୍ୟରୁ ଅବସର ନେଇ ଚାଲିଗଲେ ଓ ତାଙ୍କ ପଦରେ ସାର୍ ଚନ୍ଦୁଲାଲ ତ୍ରିବେଦୀ ପ୍ରତିଷ୍ଠିତ ହେଲେ। ତାଙ୍କ ନିଯୁକ୍ତିର କିଛିଦିନ ପରେ ଜନରବ ହେଲା, ସେ ସମ୍ବଲପୁର ଆସିବେ ଓ ହୀରାକୁଦ ଯୋଜନା ସମ୍ପର୍କରେ ସ୍ଥାନୀୟ ନେତାମାନଙ୍କ ସହିତ ଆଲୋଚନା କରିବେ। ନେତାଗଣ ସ୍ଥିର କଲେ, ଗୋଟିଏ ବିରାଟ ଶୋଭାଯାତ୍ରାରେ ଜିଲ୍ଲାବାସୀ ବିକ୍ଷୋଭ ପ୍ରକାଶ କରିବେ। ଉଦ୍ଦେଶ୍ୟ ଯେ, ଏହି ଆନ୍ଦୋଳନ କେବଳ ଜଣକେତେ ଗୌନ୍ତିୟାଙ୍କ ସୃଷ୍ଟ ବୋଲି ସରକାରୀ ମହଲରୁ ଯାହା ପ୍ରଚାରିତ ହେଉଥିଲା ତାହା ମିଥ୍ୟା ଓ ସମଗ୍ର ଜିଲ୍ଲାବାସୀ ବନ୍ଧ ବିରୋଧୀ – ଏହା ପ୍ରମାଣିତ ହେବ। ଏହାର ଅଳ୍ପଦିନ ଉତ୍ତାରେ ଜଣାଗଲା ଯେ, ଗଭର୍ଣ୍ଣର ତ୍ରିବେଦୀ ତା.୧୦.୧୧.୪୬ରୁ ୨୦.୧୧.୪୬ ପର୍ଯ୍ୟନ୍ତ ସମ୍ବଲପୁର ଗସ୍ତରେ ରହିବେ। ବିଶିଷ୍ଟ ନେତାମାନଙ୍କ ଉପରେ କୌଣସି ସଭା ବା ଶୋଭାଯାତ୍ରାର ନିଷେଧାଜ୍ଞା ଜାରି ହୋଇଥିଲା। ଏମାନଙ୍କ ମଧ୍ୟରୁ ଓକିଲ ରାୟବାହାଦୂର ଅଚ୍ୟୁତାନନ୍ଦ ପୁରୋହିତ ଇଂରେଜ ସରକାରଙ୍କ ପ୍ରଦତ୍ତ ତାଙ୍କ 'ରାୟବାହାଦୂର' ପଦ ତ୍ୟାଗକଲେ। ତା.୧୨.୧୧.୪୬ ରାତି ନ ପାହୁଣୁ ଲୋକ ସମାଗମରେ ସମ୍ବଲପୁର ସହର ଶବ୍ଦାୟମାନ ହୋଇଉଠିଲା, ପ୍ରାୟ ସମସ୍ତ ପଡ଼ିଆ ସ୍ଥାନରେ, ଧର୍ମଶାଳାରେ, ନଦୀକୂଳରେ, ନଦୀ ବାଲିରେ ରହି ରାତି ପାହିଲା ବେଳକୁ ଶୋଭାଯାତ୍ରାରେ ଯୋଗଦେବା ସକାଶେ ଉପସ୍ଥିତ ନରନାରୀ ପ୍ରସ୍ତୁତ ହେଲେ। ସୂର୍ଯ୍ୟୋଦୟକୁ ସମସ୍ତେ ସଡ଼କରେ ପୂର୍ଣ୍ଣ ହୋଇଗଲେ। ସ୍ତ୍ରୀ ଓ ପୁରୁଷ ମିଶି ପ୍ରାୟ ଦୁଇଲକ୍ଷ। ସ୍ତ୍ରୀ ସଂଖ୍ୟା ପୁରୁଷ ସଂଖ୍ୟାର ପ୍ରାୟ ଏକ-ତୃତୀୟାଂଶ। ଅନେକଙ୍କ କକ୍ଷ ଦେଶରେ ଶିଶୁ; ସୁଶୃଙ୍ଖଳିତ ଜନତା ସାନସଡ଼କ ଦେଇ ଜେଲ ସଡ଼କରେ ଚାଲିଲେ। ଜେଲ୍‌ଖାନା ନିକଟବର୍ତ୍ତୀ ପାହାଡ଼ ଶିଖରସ୍ଥ ସର୍କିଟ୍ ହାଉସ୍‌ରେ ରହି ଲାଟ୍ ସାହେବ ଏହି ବିରାଟ ଜନତା ଦେଖୁଥିବେ। ଶୋଭାଯାତ୍ରା ଏହି ପଥରେ ଚଳାଇବା ଉଦ୍ଦେଶ୍ୟ, ଏହା ତାଙ୍କୁ ଦେଖାଇବା। ଶୋଭାଯାତ୍ରାର ଅଗ୍ରଭାଗରେ ସମ୍ବଲପୁର ସହରବାସିନୀ ମହିଳାଦଳ, ସେମାନଙ୍କ ପଛକୁ ମଫସଲବାସିନୀ ଦଳ ଓ ସର୍ବପଶ୍ଚାତ୍ ପୁରୁଷଦଳ। ବାସ୍ତବରେ ଦୃଶ୍ୟ ଅତ୍ୟନ୍ତ ହୃଦୟଗ୍ରାହୀ ହୋଇଥିଲା। ଅନେକଙ୍କ ମୁଖରେ 'ହୀରାକୁଦ ବନ୍ଧ ବନ୍ଦକର', 'ସମ୍ବଲପୁର ଓଡ଼ିଶା ଛାଡ଼ୁ' ଉଚ୍ଚାରିତ ହେଉଥିଲା। ଜେଲ୍ ସଡ଼କ ପରିକ୍ରମା କରି ବଡ଼ ସଡ଼କରେ ପଡ଼ି ଶୋଭାଯାତ୍ରା ଭଙ୍ଗ ହେଲା। ତତ୍ପରେ ଡାକ୍ତର ଜନାର୍ଦ୍ଦନ ପୂଜାରୀଙ୍କ ସଭାପତିତ୍ୱରେ ନଦୀ ବାଲିରେ ସଭାହେଲା।

Digitized by srujanika@gmail.com

ଏହି ଆନ୍ଦୋଳନଦ୍ୱାରା ଓଡ଼ିଶାର ଉପକୂଳ ଅଞ୍ଚଳବାସୀଙ୍କ ପ୍ରତି ତିକ୍ତଭାବ ସୃଷ୍ଟି ହେଉଥିବାର ଚେଷ୍ଟା ଲକ୍ଷିତ ହେଉଥିଲା ଓ ଏହା ଫଳରେ ସମ୍ବଲପୁରର ନେତୃସ୍ଥାନୀୟ ବ୍ୟକ୍ତିମାନେ ସମ୍ବଲପୁରକୁ ଓଡ଼ିଶାରୁ ବିଚ୍ଛିନ୍ନ କରି କେତେବେଳେ ମଧ୍ୟପ୍ରଦେଶରେ ଓ କେତେବେଳେ ନିକଟବର୍ତ୍ତୀ ଗଡ଼ଜାତ ଅଞ୍ଚଳ ସହିତ ମିଳିତ ହେବା ସପକ୍ଷରେ ମତପ୍ରକାଶ କରୁଥିଲେ । ଆନ୍ଦୋଳନକାରୀଙ୍କ ମୁଖପତ୍ର 'ହୀରାଖଣ୍ଡ ସମାଚାର' ସହିତ ସ୍ଥାନୀୟ ଲୋକେ ସମ୍ବଲପୁର କୋଶଳ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହେବା ସପକ୍ଷରେ ସ୍ୱର ଉତ୍ତୋଳନ କରୁଥିଲେ । ଏହାର ଅଳ୍ପଦିନ ପୂର୍ବେ "Whitter Koshala' ନାମକ ପୁସ୍ତକର ପ୍ରଣେତା ଏହି ମତକୁ ସମର୍ଥନ କରି କଳ୍ପିତ କୋଶଳ ପ୍ରଦେଶର ରାଜଧାନୀ ସମ୍ବଲପୁରରେ ସ୍ଥାପନର ପରିକଳ୍ପନାର ସୂଚନା ଦେଇଥିଲେ । ଏହି ଦଳ ତ ପ୍ରଚାର କରିବାରେ ଲାଗିଥିଲେ ଯେ ସମ୍ବଲପୁରବାସୀ ଓଡ଼ିଆ ନୁହଁନ୍ତି, ତାଙ୍କ ମାତୃଭାଷା ଏକ ସ୍ୱତନ୍ତ୍ର ହିନ୍ଦୀଭାଷା ଓ ଓଡ଼ିଶାବାସୀଙ୍କ ସହିତ ସାମାଜିକ ସମ୍ପର୍କ ନାହିଁ । ଏମାନଙ୍କୁ ଦେଖି ମୁଁ ଭାବୁଥାଏ, ଏହି ପ୍ରଳାପ ଅଳୀକ ଓ ଏମାନଙ୍କ ନିର୍ବୋଧତାର ପରିଚାୟକ। ସମ୍ବଲପୁର କଦାପି ଓଡ଼ିଶାରୁ ବିଚ୍ଛିନ୍ନ ହୋଇ ନ ପାରେ। ଓଡ଼ିଶାରୁ ବିଚ୍ଛିନ୍ନ ହେଲା ମାତ୍ରକେ ଓଡ଼ିଆ ଜାତିର ବିଲୋପ ସାଧନ ହେବ। ଏକେତ ଓଡ଼ିଶା ଏକ ନିଅଣ୍ଟିଆ ପ୍ରଦେଶ। ସମ୍ବଲପୁର ତହିଁରୁ ବିଚ୍ଛିନ୍ନ ହେଲେ ତାହାର ଅବସ୍ଥା ଆହୁରି ଶୋଚନୀୟ ହେବ। ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହୋଇ ରହିବ ନାହିଁ। ସେଆଡ଼େ ଆନ୍ଧ୍ରମାନେ ଗଞ୍ଜାମ ଓ କୋରାପୁଟ ଜିଲ୍ଲାଦ୍ୱୟକୁ ପୁଣି ଆନ୍ଧ୍ରପ୍ରଦେଶକୁ ଫେରାଇନେବାକୁ ଚେଷ୍ଟା କରୁଅଛନ୍ତି। ତାହା ଯଦି ସଫଳ ହୁଏ, କଟକ, ବାଲେଶ୍ୱର ଓ ପୁରୀ ପୁଣି ବଙ୍ଗ ପ୍ରଦେଶ ସହିତ ମିଳିତ ହେବା ଆଶଙ୍କା ରହିଥିଲା। ଏହି ଅବସ୍ଥାରେ ଓଡ଼ିଆ ଜାତିର ଅସ୍ତିତ୍ୱ ଏକାବେଳକେ ଲୁପ୍ତ ହେବ। ଏହା କଦାପି ହୋଇ ନ ପାରେ। ସମ୍ବଲପୁରର ଏହି ଆନ୍ଦୋଳନକୁ ଦେଶବାସୀ ତଥା ସରକାରଙ୍କର ସମୂଳେ ଉତ୍ପାଟିତ କରିବା ଏକାନ୍ତ କର୍ତ୍ତବ୍ୟ। ଏହା ଉତ୍ତାରେ ଇଂରେଜୀ ଓ ଓଡ଼ିଆ ସମ୍ବାଦପତ୍ରମାନଙ୍କରେ ନିମ୍ନ ମର୍ମରେ ମୁଁ ଏକ ବିବୃତି ପ୍ରକାଶ କଲି :

''ହୀରାକୁଦ ଯୋଜନା ବିରୋଧରେ ଚାଲିଥିବା ଆନ୍ଦୋଳନ ଫଳରେ ସମ୍ବଲପୁରର ନେତାମାନେ ଏ ଜିଲ୍ଲାକୁ ଓଡ଼ିଶାରୁ ଅଲଗା କରିଦେବା ଏବଂ ମଧ୍ୟପ୍ରଦେଶ ଅଥବା କାଳ୍ପନିକ ପୁରାତନ କୋଶଳ ସାମ୍ରାଜ୍ୟ, ଯାହାର କେନ୍ଦ୍ର ପାଟଣା ଷ୍ଟେଟ୍ ହେବ, ତାହା ସହିତ ମିଶିବା ପାଇଁ ପ୍ରଚାର କରୁଛନ୍ତି। ଏ ଆନ୍ଦୋଳନକୁ ଯୁକ୍ତିଯୁକ୍ତ ବୋଲି ଦର୍ଶାଇବା ପାଇଁ ସେମାନେ କହୁଛନ୍ତି ଯେ ସମ୍ବଲପୁର ଲୋକଙ୍କ ଓଡ଼ିଶାର ଉପକୂଳ ଅଞ୍ଚଳର ଓଡ଼ିଆମାନଙ୍କ ସହିତ ସାମାଜିକ ସଂସ୍କୃତି ଓ ଐତିହାସିକ ସାମ୍ୟ କିଛି ନାହିଁ ଏବଂ ଏପରି କି ସେମାନେ ସେମାନଙ୍କ ଜାତୀୟତାକୁ ସୁଦ୍ଧା ଅସ୍ୱୀକାର କରୁଅଛନ୍ତି। ଏତେ ଦୂରକୁ ଯାଉଛନ୍ତି ଯେ ସମ୍ବଲପୁର ଜିଲ୍ଲାରେ ବାସ କରୁଥିବା ଲୋକେ ଓଡ଼ିଶାର ଗୋଟିଏ ସଂଖ୍ୟାନ୍ୟୁନ ଗୋଷ୍ଠୀ ବୋଲି ଦାବିକଲେଣି। ଏସବୁ ଦାବି ଯେ ନିତାନ୍ତ ଅସଙ୍ଗତ ଏଥିରେ ସନ୍ଦେହ ନାହିଁ। ଇତିହାସ ଦୃଷ୍ଟିରୁ ଏହା

Digitized by srujanika@gmail.com

ମୁହୂର୍ତ୍ତକ ମଧ୍ୟରେ ଅମୂଳକ ବୋଲି ଜଣାପଡ଼ିବ। ସମ୍ବଲପୁରର ଲୋକେ ଓଡ଼ିଶା ପ୍ରଦେଶର ଅନ୍ୟାନ୍ୟ ଭାଇମାନଙ୍କପରି ସବୁବେଳେ ଓଡ଼ିଆ ଏବଂ ଚିରକାଳ ଓଡ଼ିଆ ରହିଥିବେ। କୌଣସି ପ୍ରକାର ଆନ୍ଦୋଳନ ବା ଓଡ଼ିଆଙ୍କୁ ଭାଗକରିବା ଫଳରେ ସେମାନଙ୍କ ଜାତୀୟତାକୁ ଅପହରଣ କରିପାରିବ ନାହିଁ। ସମ୍ବଲପୁର ନେତାମାନଙ୍କ ଦୁରଭିସନ୍ଧିମୂଳକ କାର୍ଯ୍ୟ ଅଜ୍ଞ ଜନସାଧାରଣଙ୍କୁ ଅନ୍ଧଭାବରେ ପରିଚାଳିତ କରୁଅଛି ଏବଂ ସେମାନଙ୍କ ଭାଗ୍ୟକୁ ଗଡ଼ଜାତର ଏକଛତ୍ର ଶାସନର ଅଧୀନରେ ନେଇନେବାର ଫିକର କରୁଛି। କିନ୍ତୁ ପ୍ରାୟ ଅର୍ଦ୍ଧଶତାବ୍ଦୀ ଧରି ସେମାନେ ତାହାଠାରୁ ଯେଉଁ ଭିନ୍ନ ପ୍ରକାର ଶାସନରେ ରହି ଆସିଲେଣି ତହିଁରୁ ଜାଣିବାକୁ ହେବ ଯେ, ଏହି ଉଦ୍ୟମ ଯେ ଅଚିରେ ବିଫଳ ହେବ ଏଥିରେ ସନ୍ଦେହ ନାହିଁ। ତେଣୁ ଏମାନେ ଏହି ଆନ୍ଦୋଳନ ବନ୍ଦ କରନ୍ତୁ। ଏହା ଏମାନଙ୍କ ଆତ୍ମଘାତୀ ନୀତି। ଦୁଃଖର କଥା, ଯେତେବେଳେ ବିଭିନ୍ନ ଅଣଓଡ଼ିଆ ପ୍ରଦେଶମାନଙ୍କରେ ଯେଉଁସବୁ ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳ ରହିଯାଇଅଛି ସେ ସବୁକୁ ଫେରାଇ ଆଣିବା ବର୍ତ୍ତମାନର ବିଶେଷ ଆବଶ୍ୟକୀୟ ସମସ୍ୟା। ସେତେବେଳେ ଯେଉଁ ହୀରାକୁଦ ଯୋଜନା ପାଇଁ ସ୍ୱତନ୍ତ୍ରଭାବରେ ଲଢ଼େଇ କରିହୁଅନ୍ତା ତାକୁ ଏବେ ମଧ୍ୟ ବିଚ୍ଛିନ୍ନ ହୋଇ ରହିଥିବା ଓଡ଼ିଶା ପ୍ରଦେଶର ଅଧିକତର ବ୍ୟବଚ୍ଛେଦ ପାଇଁ ଆଶ୍ରୟ କରାହେଉଅଛି।''

ଏହା ସମ୍ବଲପୁର ହୀରାକୁଦ-ବନ୍ଧ-ବିରୋଧୀ ମହଲରେ ଚାଞ୍ଚଲ୍ୟ ସୃଷ୍ଟିକଲା। ସେମାନେ ମୋତେ ଗାଳିଦେବା ଆରମ୍ଭ କଲେ। ମୋତେ ଦେଶଦ୍ରୋହୀ କହିଲେ। ନିରପେକ୍ଷ ଦଳ କିନ୍ତୁ ମୋତେ ପ୍ରଶଂସା କରିବାକୁ ଲାଗିଲେ। ବିରୋଧୀଦଳଙ୍କୁ ମୁଁ କହିଲି ଯେ, ତାଙ୍କ ପ୍ରଚାରିତ ଉଦ୍ଦେଶ୍ୟ ତ ସିଦ୍ଧି ହେବନାହିଁ। ତାହାହେଲେ ସୁଦ୍ଧା ଏହାଦ୍ୱାରା ଗଡ଼ଜାତ ରାଜ୍ୟମାନଙ୍କୁ ସେମାନେ ଏକ ସୁବିଧା ଦେଉଛନ୍ତି। ଅନ୍ତତଃ କୌଣସି କୌଣସି ରାଜା, ଗୋଟିଏ ଇଂରେଜ ଶାସିତ ଜିଲ୍ଲାବାସୀମାନେ ଗଡ଼ଜାତ ସହିତ ମିଳିତ ହେବା ଇଚ୍ଛା ପ୍ରକାଶ କରିବା ଦ୍ୱାରା, ଗଡ଼ଜାତ ଶାସନର ଉତ୍କର୍ଷ ପ୍ରଚାର କରିବା ଆରମ୍ଭ କରିଦେଲେଣି ଓ ଏହି ମନୋଭାବ ଏକାବେଳକେ ନିର୍ମୂଳ କରିବା ପ୍ରୟୋଜନ ବୋଲି ଦୃଢ଼ଭାବରେ ସେମାନଙ୍କୁ କହିଲି। କିନ୍ତୁ କ୍ରମେ କ୍ରମେ ଅନୁଭବ କଲି, ମୋ ବିରୋଧରେ ଏମାନଙ୍କ ବିଦ୍ୱେଷାତ୍ମକ ପ୍ରଚାର ଓ ଅପବ୍ୟବହାର।

ସମ୍ବଲପୁର ସହରରେ ହୀରାକୁଦ ଆନ୍ଦୋଳନ ତୀବ୍ରରୁ ତୀବ୍ରତର ଆକାରରେ ପ୍ରକାଶିତ ହେଉଥାଏ। ଦଳଦଳ ଯୁବକ ଉଚ୍ଛୃଙ୍ଖଳ ଭାବରେ ସଡ଼କରେ ବୁଲି ଅଶ୍ଳୀଳ ଭାଷାରେ କଟକିୟା ଓ ସେମାନଙ୍କ ସଙ୍ଗେ ମୋ ଉଦ୍ଦେଶ୍ୟରେ ଗାଳିବର୍ଷଣ କରୁଥାନ୍ତି। ଏହି ସମୟ ମଧ୍ୟରେ ମୋ ପରିବାରରେ ଭୀଷଣ ବିପଦ ଆସି ଉପସ୍ଥିତ ହେଲା। ମୋର ଜ୍ୟେଷ୍ଠ ପୁତ୍ର ଏମ୍.ଏ.ବି.ଏଲ୍. ଓକିଲ ସତ୍ୟଗୋପାଳ ଟାଏଫଏଡ୍ ଜ୍ୱରରେ ଆକ୍ରାନ୍ତ ହୋଇ ୩୫ଦିନ ପର୍ଯ୍ୟନ୍ତ ଶଯ୍ୟାଶୟୀ ହୋଇ ତା.୨୪.୪.୪୭ରେ ଦେହତ୍ୟାଗ କରି ଚାଲିଗଲେ। ଏହା

Digitized by srujanika@gmail.com

ଉତ୍ତାରେ ମୋ ପ୍ରତି ଆକ୍ରମଣ ଆହୁରି ପ୍ରବଳ ହେବାକୁ ଲାଗିଲା । ଅନେକ ଯୁବତୀ, ପ୍ରୌଢ଼ା ସ୍ତ୍ରୀ, ଅନୂଢ଼ା ବାଳିକା ଦଳବଦ୍ଧ ହୋଇ ସହର ମଧ୍ୟରେ ହୀରାକୁଦ ବନ୍ଧ ବିରୋଧାତ୍ମକ ଗୀତ ଗାଇ ପ୍ରତ୍ୟହ ବୁଲନ୍ତି ଓ ମୋ ଘର ଆଗରେ ଘଣ୍ଟା ଘଣ୍ଟା କାଳ ପର୍ଯ୍ୟନ୍ତ ଛିଡ଼ାହୋଇ ନାନା କଟୁକଥା କହନ୍ତି । ତାଙ୍କ କଥା ମଧ୍ୟରେ କଟକିଆଙ୍କ ସଙ୍ଗେ ରହିଲା ବୋଲି ଏହାର ପୁଅ ମଲା । ଝିଅକୁ ଓଡ଼ିଆ ବ୍ରାହ୍ମଣ ଘରେ ଦେଇ ମୁଁ ଅଜାତି ହୋଇପଡ଼ିଥିଲି । ଏହା ଉପରେ ପୁଣି ହୀରାକୁଦ ଆନ୍ଦୋଳନ ବାହାରେ ଚାଲିଥିଲା । ପୁତ୍ରର ମୃତ୍ୟୁ ତିନି ଦିନ ପୂର୍ବେ ଝାଡ଼ୁଆ ବ୍ରାହ୍ମଣମାନଙ୍କ ଗୋଟିଏ ଗୁପ୍ତ ସଭାରେ ହୀରାକୁଦ ବନ୍ଧ ବିରୋଧୀ ଜଣେ ବିଶିଷ୍ଟ ନେତା ମୋର ନିକଟ ଜ୍ଞାତି ସଭାପତିଙ୍କ ପ୍ରସ୍ତାବ ଗୃହୀତ ହୋଇ ସ୍ଥିର ହେଲା ଯେ, ମୋର ବନ୍ଧୁବାନ୍ଧବଙ୍କ ମଧ୍ୟରୁ ଯଦି କେହି ତାହାର ଶବସଂସ୍କାର କ୍ରିୟାରେ ଯୋଗଦାନ କରିବ, ତାହାହେଲେ ସେ ଅଜାତି ହୋଇ ରହିବ । ସମ୍ବଲପୁର ସହରରେ ମୋର ଚାରୋଟି ଝିଅଙ୍କ ଶାଶୁଘର । ଉକ୍ତ ପ୍ରସ୍ତାବ ଫଳରେ ମୋର ନିକଟ ବନ୍ଧୁବାନ୍ଧବମାନେ ସୁଦ୍ଧା କେହି ଆସିଲେ ନାହିଁ । ଏହି ବିପଦରେ ଓଡ଼ିଆ ବ୍ରାହ୍ମଣମାନେ ଏଥିରେ ଯୋଗଦେଇ ପୂର୍ଣ୍ଣ ହୃଦୟବତ୍ତା ପ୍ରକାଶ କରିଥିଲେ । ବିଧାତାଙ୍କ କି ନିର୍ମମ ପ୍ରତିଶୋଧ । ଏହି ଦୁର୍ଯୋଗର କେତେକ ଦିନପରେ ଏହି ବନ୍ଧୁଙ୍କ ପୁତ୍ରର ତିନିଚାରିଦିନର ବାସୀ ମୃତଦେହ ଦୂରବର୍ତ୍ତୀ ତାଙ୍କ କାର୍ଯ୍ୟସ୍ଥାନରୁ ଅଣା ହୋଇଥିବା ଦେଖି ମୁଁ ଗଭୀର ମନୋବ୍ୟଥା କରିଥିଲି ।

ତା.୨୦.୪.୪୬ ଦିନ ମହାନଦୀ ବାଲିରେ ବନ୍ଧ ବିରୋଧ କମିଟିର ଗୋଟିଏ ପ୍ରକାଶ୍ୟ ସଭା ହୋଇଥିଲା । ପୁତ୍ରର ମୃତ୍ୟୁଶଯ୍ୟା ପାର୍ଶ୍ୱରୁ ଅଳ୍ପ ସମୟ ନେଇ ସଭା ଦେଖିବାକୁ ଯାଇ ସାନ୍ଧ୍ୟ ଅନ୍ଧକାରରେ ଅଲକ୍ଷିତ ଭାବରେ ରହିଲି । ସଭାପତି ହୋଇଥିଲେ ଶ୍ରୀ ଅଚ୍ୟୁତାନନ୍ଦ ପୁରୋହିତ – ହୀରାକୁଦ ଆନ୍ଦୋଳନର ମୁଖ୍ୟ ନେତା । ଦୂରରେ ବସି ଶୁଣିଲି, ସଭାରେ ଗୃହୀତ ପ୍ରସ୍ତାବ । ସରକାରଙ୍କ ପ୍ରତି ଚରମ ନିର୍ଦ୍ଦେଶ ଘୋଷିତ ହେଲା । ଓଡ଼ିଶା ସରକାର ଏକମାସ ମଧ୍ୟରେ ହୀରାକୁଦ ବନ୍ଧ ଯୋଜନା ବର୍ଜିତ ହେଲା ଓ ସମ୍ବଲପୁର ଯେଉଁ ପ୍ରଦେଶ ବା ଗଡ଼ଜାତ ସହିତ ମିଳିତ ହେବାକୁ ଚାହିଁବ ସେହି ଅଞ୍ଚଳ ସହିତ ମିଳିତ ହେବାକୁ ସ୍ୱାଧୀନ ବୋଲି ଘୋଷଣା କରିବେ ଏବଂ ତାହା ନ କଲେ ତା.୨୦.୫.୪୭ – ଦିନ ସତ୍ୟାଗ୍ରହ ଆରମ୍ଭ ହେବ ଓ ତାହା ସଫଳ ହେବା ପର୍ଯ୍ୟନ୍ତ ସମ୍ବଲପୁରବାସୀ ତାହା ଚଳାଇବେ । ସରକାର ଏଥିରେ ଭୀତ ନ ହୋଇ ଘୋଷଣାରେ ସମ୍ବଲପୁରବାସୀଙ୍କୁ ଏହି ବେଆଇନ କାର୍ଯ୍ୟରୁ କ୍ଷାନ୍ତ ହେବା ସକାଶେ ଉପଦେଶ ଦେଲେ ଓ ପ୍ରକାଶ କଲେ ଯେ ସେମାନେ ଯଦି ଏହାକୁ ଅବଜ୍ଞା କରନ୍ତି, ତାହାହେଲେ ଶାନ୍ତି ଓ ଶୃଙ୍ଖଳା ରକ୍ଷା ସକାଶେ ସରକାରଙ୍କ ସମସ୍ତ ଶକ୍ତି ପ୍ରୟୋଗ କରିବେ । ତା.୨୦.୫.୪୭ ରେ ନଦୀ ବାଲିରେ ପୁଣି ସଭା ହେଲା । ସରକାର ସମ୍ବଲପୁରବାସୀଙ୍କ ଚରମ ନିର୍ଦ୍ଦେଶକୁ ଅଗ୍ରାହ୍ୟ କରିଥିବା ଯୋଗୁଁ ପରଦିନ ସତ୍ୟାଗ୍ରହ ଆରମ୍ଭ କରିବା ସକାଶେ ଜିଲ୍ଲାବାସୀଙ୍କୁ ଉଦ୍‌ବୋଧନ ଦିଆହେଲା । ସେହି ରାତ୍ରରେ ବ୍ରହ୍ମପୁରା

Digitized by srujanika@gmail.com

ମନ୍ଦିରରେ ନେତାମାନେ ଶପଥ ଗ୍ରହଣ କରିଥିଲେ ଯେ ସେମାନେ ଜଣେ ପରେ ଜଣେ ଆଇନ ଅମାନ୍ୟ କରି କାରାବାସ ବରଣ କରିବେ ।

ତା.୨୧.୫.୪୭ ସକାଳେ ସତ୍ୟାଗ୍ରହ ଆରମ୍ଭ ହେଲା । ଡାକ୍ତର ଜନାର୍ଦ୍ଦନ ପୂଜାରୀ ଓ ତାହାଙ୍କ ସହଧର୍ମିଣୀ ଶ୍ରୀମତୀ କମଳା ଦେବୀଙ୍କ ନେତୃତ୍ୱରେ ଜଣ କେତେ ଯୁବକ ଓ ଯୁବତୀ କଚେରୀକୁ ଯାଇ ଜିଲ୍ଲା ମାଜିଷ୍ଟ୍ରେଟ୍, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଓ ଡେପୁଟି ମାଜିଷ୍ଟ୍ରେଟ୍‌ମାନଙ୍କ ଅଦାଲତ ମଧ୍ୟକୁ ପଶି 'ହୀରାକୁଦ ବନ୍ଧ ବନ୍ଦ କର' 'ଓଡ଼ିଶା ସରକାର ସମ୍ବଲପୁର ଛାଡ଼' ଧ୍ୱନିକରି ଗୋଳମାଳ କଲେ । ପରେ ଡାକ୍ତର ଜନାର୍ଦ୍ଦନ ପୂଜାରୀ ଓ ତାଙ୍କ ପତ୍ନୀଙ୍କ ସହିତ ସାତଜଣଙ୍କୁ ଗ୍ରେପ୍ତାର କରାହେଲା ଓ ଅବଶିଷ୍ଟ ଲୋକଙ୍କୁ ପୋଲିସର ଲାଠିମାଡ଼ଦ୍ୱାରା ଘଉଡ଼ାଇ ଦିଆହେଲା । ଏହି ପ୍ରସଙ୍ଗରେ ଡାକ୍ତର ପୂଜାରୀ ଓ ତାଙ୍କ ସହଧର୍ମିଣୀଙ୍କ ବିରୁଦ୍ଧରେ ଫୌଜଦାରୀ ମୋକଦ୍ଦମା ରଜୁ ହୋଇ ସେମାନଙ୍କ ପ୍ରତି କାରାଦଣ୍ଡ ବିଧାନ ହେଲା । ୨୨ ତାରିଖରେ ସୁଦ୍ଧା ଜଣ କେତେ ବିଶିଷ୍ଟ ଭଦ୍ରବ୍ୟକ୍ତି ଓ ଭଦ୍ରମହିଳା କଚେରୀକୁ ଯାଇ ବିଭିନ୍ନ ମାଜିଷ୍ଟ୍ରେଟ୍‌ମାନଙ୍କ ଇଜ୍‌ଲାସ ଭିତରକୁ ପଶି ସେମାନଙ୍କ ହାତରୁ କଲମ ଛଡ଼ାଇ ନେବା ପ୍ରଭୃତି ଗୋଳମାଳ କରିଥିଲେ । ସେମାନଙ୍କ ଉପରେ ଭୀଷଣ ଲାଠିମାଡ଼ ହେଲା ଓ ଜଣ କେତେ ଗ୍ରେପ୍ତାର ହୋଇ କାରାବରଣ ମଧ୍ୟ କଲେ ।

ଏ ତ ଗଲା ସତ୍ୟାଗ୍ରହୀଙ୍କ ସରକାରଙ୍କ ଉପରେ ଆକ୍ରମଣ । ସଙ୍ଗେ ସଙ୍ଗେ ଆକ୍ରମଣ ମଧ୍ୟ ଚାଲିଲା କଟକିୟାଙ୍କ ଉପରେ ଓ ନେତାଙ୍କ ନିର୍ଦ୍ଦେଶକୁ ଅବଜ୍ଞା କରି ସେମାନଙ୍କ ପ୍ରତି ଅତ୍ୟାଚାର କରୁ ନ ଥିବା ସମ୍ବଲପୁରବାସୀଙ୍କ ଉପରେ । ଯୁବକ ଓ ବାଳକମାନଙ୍କ ଉଚ୍ଛୃଙ୍ଖଳତାର ସୁଯୋଗ ନେଇ ନେତୃବୃନ୍ଦ କଟକିୟା ଅଫିସର; ଶିକ୍ଷକ, କିରାଣୀ ପ୍ରଭୃତିଙ୍କୁ ସେମାନଙ୍କ ବସାଘର ତ୍ୟାଗକରି ଚାଲିଯିବାକୁ କହିବାକୁ ଓ ନ ଗଲେ ସେମାନଙ୍କ ଉପରେ ଅତ୍ୟାଚାର କରିବାକୁ ପଠାଇଲେ, ସେମାନଙ୍କ ଇଙ୍ଗିତରେ ଚାକରମାନେ ସେମାନଙ୍କ ଘରର କାମ ଛାଡ଼ିଦେଲେ । ଯେ ପାଣି ଦେଉଥିଲା ଆଉ ପାଣି ଦେଲାନାହିଁ । ସେମାନଙ୍କ ପକ୍ଷରୁ ସମ୍ବଲପୁରର ନିଆଁପାଣି ସେମାନଙ୍କ ଘରେ ବନ୍ଦ ହେବାକୁ ହୁକୁମ ହେଲା । ଦିନେ ଦଳେ ଯୁବକ, ମୁଁ ଖୁବ୍ ଭୋରରେ ବୁଲୁଥିବା ସମୟରେ ଆମ ଘର ଆଗରେ ରହୁଥିବା ଦୁଇଜଣ କୃଷି ବିଭାଗର କଟକିୟା ଓଭର୍‌ସିୟର୍‌ଙ୍କୁ ବସା ଛାଡ଼ି ଚାଲିଯିବା ପାଇଁ ଧମକ ଦେଉଥିଲେ । ସେହି ଭୟରେ ସେମାନେ ଗୋଟିଏ ଟ୍ରକ୍ ଅଣାଇ ତହିଁରେ ସେମାନଙ୍କ ଜିନିଷପତ୍ର ବୋଝେଇକରି ଚାଲିଯିବାକୁ ଉଦ୍ୟତ ହେଉଥିବା ସମୟରେ ମୁଁ ସେମାନଙ୍କୁ ଓ ସେମାନଙ୍କ ରୋରୁଦ୍ୟମାନା ସ୍ତ୍ରୀମାନଙ୍କୁ ଦେଖି ଘଟଣା ବୁଝି ନ ଯିବା ପାଇଁ କହିବାରୁ ସେମାନେ ରହିଲେ । କିନ୍ତୁ ରାତ୍ରିରେ ସେମାନଙ୍କ ଘର ଉପରେ ଇଟାପଥର ଖଣ୍ଡମାନ ବୃଷ୍ଟି ହେଲା । ଅବଶ୍ୟ ଅଳ୍ପ ସମୟ ମଧ୍ୟରେ ଉପାୟ ଦ୍ୱାରା ଏହା ବନ୍ଦକରି ଦିଆହେଲା । ଶ୍ରୀ ବଟକୃଷ୍ଣ ମହାନ୍ତି, ଡେପୁଟି ମାଜିଷ୍ଟ୍ରେଟ୍ ଆମ ଘର ନିକଟରେ ବସା ନେଇ ରହିଥିଲେ । ଦଳେ ଯୁବକ

Digitized by srujanika@gmail.com

ଆସି ତାଙ୍କୁ ସେହି ମୁହୂର୍ତ୍ତରେ ଘରଛାଡ଼ି ଚାଲିଯିବାକୁ ଓ ନ ଗଲେ ରାତିରେ ବଳପୂର୍ବକ ତାଙ୍କ ଘରେ ପଶି ତାଙ୍କୁ ତଡ଼ିଦେବେ ବୋଲି ଧମକ୍ ଦେଲେ । ଏହା ଦେଖି ମୁଁ ଖଣ୍ଡେ ବେତ ଧରି ତଡ଼ିବାରୁ ସେମାନେ ପଳାଇଗଲେ । ରାମକୃଷ୍ଣ ଦାସ ହାଇସ୍କୁଲ ଶିକ୍ଷକ; ବାଲେଶ୍ୱରବାସୀ, ସମ୍ବଲପୁରରେ ଆମ ଘରନିକଟରେ ବସା ନେଇ ସପରିବାର ତେର ବର୍ଷ ରହିଥିଲେ । ନିତାନ୍ତ ନିରୀହ, ହଲିଲା ପାଣିରେ ଗୋଡ଼ ଦିଅନ୍ତି ନାହିଁ । ତାଙ୍କ ପୁଅଝିଅମାନଙ୍କ ଜନ୍ମ କର୍ମ ସମ୍ବଲପୁରରେ । ସମ୍ବଲପୁରୀ ଭାଷା ଛଡ଼ା ଅନ୍ୟ ପ୍ରକାର ଓଡ଼ିଆ ଭାଷା କହନ୍ତି ନାହିଁ । ମୋ ପ୍ରତି ହୁକୁମ ହେଲା, ତାଙ୍କୁ ସେହି ଘରୁ ବାହାର କରିଦେବା ସକାଶେ ଚେଷ୍ଟା କରିବାକୁ । ନିରୀହ ସ୍କୁଲମାଷ୍ଟର ହୀରାକୁଦ ବନ୍ଧ ଯୋଜନାରେ କେଉଁ ଅଂଶ ଗ୍ରହଣ କରିଅଛନ୍ତି, ମୋତେ ବୁଝାଇଦେବାକୁ କହିଲି । ଫଳ ଯାହା ହେବାର ତାହା ହେଲା । ମୋ ଉପରେ ଗାଳିବର୍ଷଣ ଓ ଦେଶଦ୍ରୋହୀର ବଦନାମ । ପୁଣି ମୋର ସମ୍ପର୍କୀୟ ବ୍ୟକ୍ତିଙ୍କୁ ସୁଦ୍ଧା ପାଣିପବନ ବନ୍ଦ କରିବାରେ ଝାଡୁଆ ବ୍ରାହ୍ମଣଙ୍କ ମଧ୍ୟରୁ କେତେକ ଲାଗିପଡ଼ିଲେ । ଯେଉଁ ଗଉଡୁଣୀ ମୋ ଝିଅ ଘରେ ପାଣି ଦେଉଥିଲା, ତାକୁ ଆଉ ପାଣି ଦେବାକୁ ମନାହେଲା । କିନ୍ତୁ ଏତାଦୃଶ ଆଚରଣ ଦ୍ୱାରା ନେତୃବୃନ୍ଦ ପ୍ରମାଣିତ କରି ପାରଲେ ନାହିଁ ଯେ ହୀରାକୁଦ ବନ୍ଧ ସମ୍ପର୍କରେ ସେମାନଙ୍କ ଉଦ୍ଦେଶ୍ୟ ସାଧନ କରିବେ କିମ୍ବା ସ୍ୱତନ୍ତ୍ର ପ୍ରଦେଶ ଗଠନ କରିପାରିବେ । ପୁଣି ମୋତେ କେହି କେହି ପ୍ରକାଶ୍ୟ ଭାବରେ କହିଲେ ଯେ ଧୋବା ଭଣ୍ଡାରୀ ସୁଦ୍ଧା ବନ୍ଦ କରିବେ । ଆଜିକାଲି ତ ସେଫ୍‌ଟି କ୍ଷୁର ପ୍ରସାଦରେ ଭଣ୍ଡାରିଙ୍କ ଆବଶ୍ୟକତା ବହୁ ପରିମାଣରେ ଊଣା ହୋଇଯାଇଅଛି । ପୁଣି ସ୍ଥାନେ ସ୍ଥାନେ ସେଲୁନ୍ (କେଶ ପ୍ରସାଧନ କକ୍ଷ); ଧୋବାଙ୍କ ଆବଶ୍ୟକତା ମଧ୍ୟ ତଦ୍ରୂପ । ପୁଣି ଝିଅମାନେ ତ ସ୍କୁଲରେ ଗାର୍ହସ୍ଥ୍ୟ ବିଜ୍ଞାନ (Domestic Science) ପଢ଼ିଛନ୍ତି । ଲୁଗା କଚାଠାରୁ ଆରମ୍ଭ କରି ଇସ୍ତ୍ରି କରା ମଧ୍ୟ ଶିଖିଛନ୍ତି । ପୁଣି ଭଣ୍ଡାରିମାନେ ବା ଧୋବାମାନେ ଏମାନଙ୍କ ପରାମର୍ଶ ଶୁଣିବାରେ ମଧ୍ୟ ଉତ୍ସୁକ ନ ଥିବା ଜଣାଗଲା । ସମ୍ବଲପୁର ସହରରେ କିପରି ଶାନ୍ତି ସ୍ଥାପିତ ହେବ ଓ କଟକିଆଙ୍କ ପ୍ରତି ଉଦ୍ଦିଷ୍ଟ ଅସୁବିଧା ଦୂରହେବ, ତହିଁର ଉପାୟ ଉଦ୍‌ଭାବନ ସକାଶେ ଜିଲ୍ଲା ହାକିମ ତା.୨୫.୫.୪୭ ସନ୍ଧ୍ୟାରେ ଜଣ କେତେ ବିଶିଷ୍ଟ ବ୍ୟକ୍ତିଙ୍କୁ ପରାମର୍ଶ ସକାଶେ ଡାକିଲେ । ଜଣକେତେ ଉପସ୍ଥିତ ହେଲେ ଏବଂ ସେମାନଙ୍କ ମଧ୍ୟରୁ କେହି କେହି ଏହାର ବିଚାର ସକାଶେ ଚାରିଦିନ ସମୟ ମାଗିଲେ । କି ହାସ୍ୟାସ୍ପଦ କଥା । ଏଥିରେ ସମୟର ଆବଶ୍ୟକତା କ'ଣ ଥିଲା ? ସେମାନେ ସମସ୍ତେ ଚାଲିଗଲେ । ତତ୍‌ପରେ ଏମାନଙ୍କ ଉପରେ ସଭାସମିତି କରିବା ନିଷେଧାଜ୍ଞା ଜାରିହେଲା । ତତ୍‌ପରେ ଦେଖାଗଲା କଟକିଆମାନଙ୍କ ଉପରେ ପ୍ରକାଶ୍ୟ ଅତ୍ୟାଚାର ଲେଶମାତ୍ର ଆଉ ନାହିଁ । ସତ୍ୟାଗ୍ରହର ବଳ ମଧ୍ୟ ଭାଙ୍ଗି ଗଲାଣି । କେବଳ ଡାକ୍ତର ଜନାର୍ଦ୍ଦନ ପୂଜାରୀ ଓ ତାଙ୍କ ସହଧର୍ମିଣୀ ଶ୍ରୀମତୀ କମଳା ଦେବୀଙ୍କୁ ଜେଲ୍‌କୁ ପଠାଇ ନେତୃବୃନ୍ଦ ପୃଷ୍ଠଭଙ୍ଗ ଦେଇଅଛନ୍ତି । ମଫସଲରୁ ଆଉ କେହି ଆସୁନାହାଁନ୍ତି । ସହରର ଜଣ କେତେ ବାଳିକା କଚେରୀ ଆଡ଼କୁ ଯାଇ ପାଟିତୁଣ୍ଡ କରି ଫେରିଆସୁଛନ୍ତି ମାତ୍ର ।

Digitized by srujanika@gmail.com

ହୀରାକୁଦ ଆନ୍ଦୋଳନକାରୀଙ୍କ ନୈତିକ ମେରୁଦଣ୍ଡକୁ ଏହି ପ୍ରକାରେ ଭାଙ୍ଗିଦେଇ ବର୍ତ୍ତମାନ ସରକାର ନେତୃସ୍ଥାନୀୟ କେତେକ ବ୍ୟକ୍ତିଙ୍କୁ କ୍ରୟ କରିବାରେ ଲାଗିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମହତାବ ଜଣେ ବିଶିଷ୍ଟ ନେତାଙ୍କୁ ପ୍ରଥମରେ ହସ୍ତଗତ କଲେ। ହୀରାକୁଦ ବନ୍ଧ ଯୋଜନା ସପକ୍ଷରେ ପ୍ରଚାର କରିବା ସକାଶେ ଯାନବାହନ, ମୋଟା ଭତ୍ତା ଦିଆଯାଇ ତାଙ୍କୁ ନିଯୁକ୍ତ କରାଗଲା। ଯେ ମାତ୍ର କେତେକ ଦିନ ପୂର୍ବେ ବନ୍ଧ ଯୋଜନା ଓ କଟକିୟାଙ୍କ ବିପକ୍ଷରେ, ସମ୍ବଲପୁରକୁ ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ କରିବା କିମ୍ବା ପୂର୍ବ ଗଡ଼ଜାତ ରାଜ୍ୟ ସହିତ ସଂଯୋଗ କରିବା ପ୍ରଚାର କରୁଥିଲେ ବର୍ତ୍ତମାନ 'ସେ ଭିନ୍ନ ସ୍ୱରରେ ଉଚ୍ଚନାଦ କଲେ। ଏହିପରି ଆଉ ଜଣ କେତେ ମଧ ଦଳଭ୍ରଷ୍ଟ ହୋଇଥିବା ଦେଖାଗଲା। ଆଉ ଜଣେ ବିଶିଷ୍ଟ ନେତା ଡେପୁଟି କମିଶନରଙ୍କୁ ପତ୍ର ଦ୍ୱାରା ଜଣାଇ ଦେଲେ ଯେ ହୀରାକୁଦ ବନ୍ଧ ଯୋଜନା ପରିତ୍ୟକ୍ତ ହେଉ ଏବଂ ତାହା ପରିତ୍ୟକ୍ତ ନ ହେଲେ ତାଙ୍କ ନାମ ଠିକାଦାର ତାଲିକାଭୁକ୍ତ କରାଯାଉ। ଏହି ସମୟରେ ସମ୍ବଲପୁରର ବିଶିଷ୍ଟ ଓକିଲ ଶ୍ରୀ ବୋଧରାମ ଦୁବେ ରାଜ୍ୟ ବିଧାନ ସଭାର ସଦସ୍ୟ ଥିଲେ। ସେ କଂଗ୍ରେସ ପକ୍ଷରୁ ନିର୍ବାଚିତ ହୋଇଥିଲେ। ବର୍ତ୍ତମାନ କଂଗ୍ରେସ ସରକାରଙ୍କ ହୀରାକୁଦ ସଂକ୍ରାନ୍ତ ନୀତି ବିରୁଦ୍ଧରେ ଆନ୍ଦୋଳନରେ ମୁଖ୍ୟ ଅଂଶ ଗ୍ରହଣ କରିଥିବା କାରଣରେ ଉକ୍ତ ପଦ ତ୍ୟାଗ କରିବାକୁ ଭାରତ ନିଖିଳ କଂଗ୍ରେସ କମିଟି ତାଙ୍କୁ ବାଧକଲେ। ଉକ୍ତ ପଦ ପୂରଣ ସକାଶେ ଯେଉଁ ପୁନଃନିର୍ବାଚନ ହେଲା, ତହିଁରେ ସେ ପ୍ରତିଦ୍ୱନ୍ଦିତା କଲେ। ତାଙ୍କ ପ୍ରତିଦ୍ୱନ୍ଦୀ ହେଲେ ହୀରାକୁଦ ଆନ୍ଦୋଳନର ତୁଙ୍ଗ ନେତା ଶ୍ରୀ ଅଚ୍ୟୁତାନନ୍ଦ ପୁରୋହିତ। ସେ ପରାସ୍ତ ହେଲେ ଓ ବୋଧରାମ ବାବୁ ପୁନର୍ବାର ନିର୍ବାଚିତ ହେଲେ।

ସରକାର ଆନ୍ଦୋଳନକୁ ଏକାବେଳକେ ମୋଡ଼ିମାଡ଼ି ରଖିଦେଲାପରେ ହୀରାକୁଦ ବନ୍ଧ ବିରୋଧ କମିଟିର ସଭାପତି ଶ୍ରୀ ଶଙ୍କରପ୍ରସାଦ ମିଶ୍ର ତାଙ୍କ କମିଟିକୁ ଭାଙ୍ଗିଦେଇଛନ୍ତି ଓ ସତ୍ୟାଗ୍ରହ ସକାଶେ ଭବିଷ୍ୟତରେ ସେ ଆଉ ଦାୟୀ ହେବେ ନାହିଁ ବୋଲି ପତ୍ରଦ୍ୱାରା ଡେପୁଟି କମିଶନରଙ୍କୁ ଜଣାଇ ଦେଲେ। ଏହି ସୁବୁଦ୍ଧି ବିଳମ୍ବରେ ଜାଗ୍ରତ ହୋଇଥିଲେ ସୁଦ୍ଧା ସମ୍ବଲପୁରବାସୀ ଏଥିରେ ଆଶ୍ୱସ୍ତି ବୋଧକଲେ। ସତ୍ୟାଗ୍ରହର କୌଣସି କାରଣ ନ ଥିଲା। ଏହା ମୂଳରେ ତଥାକଥିତ ନେତାଙ୍କ ଅବିବେକିତା ଓ ସ୍ୱାର୍ଥପରାୟଣତା ବିଦ୍ୟମାନ ଥିବା ଅନେକ ହୃଦୟଙ୍ଗମ କରୁଥିଲେ। ଚାରିପାଞ୍ଚଜଣ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିଙ୍କ ନେତୃତ୍ୱରେ ଯେ ହୀରାକୁଦ ବନ୍ଧ ବିରୋଧ ବ୍ୟପଦେଶରେ ସମ୍ବଲପୁର କେଉଁ ଅଜଣା ଅଞ୍ଚଳକୁ ବାହାରିଯିବ, ଏହା କଦାପି ସମ୍ଭବପର ନ ଥିଲା। ସାଧୁ ଓ ସତ୍‌ମାର୍ଗରେ ଯଦି ଏହି ଆନ୍ଦୋଳନ ପରିଚାଳିତ ହୋଇଥାନ୍ତା, ତାହାହେଲେ ସମ୍ବଲପୁରବାସୀ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳର ସହାନୁଭୂତି ଲାଭ କରିପାରିଥାନ୍ତେ। ଏହି ଆନ୍ଦୋଳନର ପ୍ରଦର୍ଶିତ ସମ୍ବଲପୁରର ବଳ ମଧ କଳନା କରିନେବା ପକ୍ଷରେ ମନ୍ତ୍ରୀମଣ୍ଡଳର ଆଦୌ କୌଣସି ପ୍ରକାର ବାଧା ରହିଲା ନାହିଁ। ଏହା ଉତ୍ତାରେ

Digitized by srujanika@gmail.com

ସରକାର ବାସଚ୍ୟୁତ ବ୍ୟକ୍ତିଙ୍କ ଥଇଥାନ ଓ ଜଳମଗ୍ନ ଜମିର କ୍ଷତିପୂରଣ ସମ୍ବନ୍ଧରେ ଯେଉଁ ନୀତି ପ୍ରୟୋଗ କଲେ, ତାହା ସେମାନଙ୍କ ପକ୍ଷରେ ଅତ୍ୟନ୍ତ ଦୁର୍ବଳ ହୋଇଥିଲା । ସମ୍ବଲପୁରର ନେତୃବୃନ୍ଦ ଯଦି ମୋର ପରାମର୍ଶ ଗ୍ରହଣ କରିଥାନ୍ତେ, ତାହେଲେ ମୁଁ କଟକସ୍ଥ ଓଡ଼ିଆଜାତିସଂଘର ମାଧ୍ୟମରେ ଯେଉଁ ପନ୍ଥା ଉଦ୍‌ଭାବନ କରିଥିଲି ତଦ୍ଵାରା ଜଳମଗ୍ନ ଅଞ୍ଚଳ ତଥା ସମ୍ବଲପୁରବାସୀଙ୍କ ଅଶେଷ କଲ୍ୟାଣ ସାଧିତ ହୋଇଥାନ୍ତା । ଏଥିରେ ବର୍ତ୍ତମାନ ସୁଦ୍ଧା ମୋର ସନ୍ଦେହ ନାହିଁ । ସରକାର ତାଙ୍କ ଦମନନୀତି ସହିତ କ୍ଷତିପୂରଣ ସମ୍ବନ୍ଧରେ ଯେଉଁ ନୀତି ପ୍ରୟୋଗ କଲେ, ତହିଁ ସକାଶେ ପ୍ରଧାନତଃ କେବଳ ଏହି ତଥାକଥିତ ନେତୃବୃନ୍ଦ ଦାୟୀ ।

ତା.୧୫.୮.୧୯୪୭ରେ ଭାରତବର୍ଷର ସ୍ୱାଧୀନତା ଘୋଷିତ ହେଲା ଓ ଏହି ଉପଲକ୍ଷରେ ଶ୍ରୀ ଜନାର୍ଦ୍ଦନ ପୂଜାରୀ ଓ ତାଙ୍କ ସହଧର୍ମିଣୀ ବରହମପୁର ଜେଲ୍‌ରୁ ମୁକ୍ତି ପାଇ ଆସିଲେ । ଅନ୍ୟ ସତ୍ୟାଗ୍ରହୀଙ୍କୁ ସୁଦ୍ଧା ମୁକ୍ତି ଦିଆଗଲା ଏବଂ ଶ୍ରୀ ଅଚ୍ୟୁତାନନ୍ଦ ପୁରୋହିତ ଓ ଆଉ ଜଣେ ଦୁଇଜଣଙ୍କ ବିରୋଧରେ ଯେଉଁ ମୋକଦ୍ଦମା ହୋଇଥିଲା ତାହା ଉଠାଇ ନିଆଗଲା । ଶ୍ରୀ ଜନାର୍ଦ୍ଦନ ପୂଜାରୀ ଓ ତାଙ୍କ ସହଧର୍ମିଣୀଙ୍କ ଅଭ୍ୟର୍ଥନା ସକାଶେ ସମ୍ବଲପୁର ଟାଉନହଲରେ ଏକ ସଭା ଆହୂତ ହୋଇଥିଲା । ସଭାପତି ହୋଇଥିଲେ ଶ୍ରୀ ବ୍ରଜମୋହନ ପଣ୍ଡା ଓ ମୁଖ୍ୟବକ୍ତା ହୋଇଥିଲେ ଶ୍ରୀ ଅଚ୍ୟୁତାନନ୍ଦ ପୁରୋହିତ । ଏହାର କିଛିଦିନ ପୂର୍ବେ ହୀରାକୁଦ ବନ୍ଧ ସମ୍ପର୍କରେ ସରକାରଙ୍କ ନୀତିର ପ୍ରତିବାଦ ସ୍ୱରୂପ ଶ୍ରୀ ଅଚ୍ୟୁତାନନ୍ଦ ପୁରୋହିତ ଇଂରେଜ ସରକାରଙ୍କଠାରୁ ପ୍ରାପ୍ତ ରାୟବାହାଦୁର ପଦ ଓ ସରକାରୀ ଓକିଲ କାର୍ଯ୍ୟ ତ୍ୟାଗ କରିଥିଲେ ଓ ବନ୍ଧ ବିରୋଧ କମିଟିର ଅପର ସଭ୍ୟ ଶ୍ରୀ ଅନନ୍ତରାମ ଗୁରୁ ସରକାରୀ ଓକିଲ ପଦରେ ନିଯୁକ୍ତ ହେଲେ । ହୀରାକୁଦ ବନ୍ଧ ସମ୍ପର୍କରେ ତା ୨୦.୦୪.୪୭ର ସମ୍ବଲପୁର ଜିଲ୍ଲା ସମ୍ମିଳନୀରେ ଗୃହୀତ ନିର୍ଦ୍ଧାରଣ ଅନୁସାରେ ତା ୨୧.୫.୪୭ରୁ ଆରବ୍ଧ ସତ୍ୟାଗ୍ରହରେ ସରକାରୀ ପୋଲିସ ଓ ଅନ୍ୟକର୍ମଚାରୀମାନେ ସତ୍ୟାଗ୍ରହୀଙ୍କ ପ୍ରତି ଯେଉଁ ବଳ ପ୍ରୟୋଗ କରିଥିଲେ, ବକ୍ତାମାନେ ତାହା ବିଶେଷଭାବରେ ଉକ୍ତ ଅଭ୍ୟର୍ଥନା ସଭାରେ ବର୍ଣ୍ଣନା କରିଥିଲେ ।

ଏହାର କେତେକ ଦିନ ଉତ୍ତାରେ କଟକରେ 'ଉତ୍କଳ ସମ୍ମିଳନୀ'ର ଅଧିବେଶନ ହୋଇଥିଲା । ସେଠାକୁ ନେତାମାନଙ୍କ ମଧ୍ୟରୁ ଦୁଇଜଣ ଯାଇଥିଲେ ଓ ଲୋକମାନଙ୍କ ପ୍ରତି ସରକାରଙ୍କ ବ୍ୟବହାର ସମ୍ବନ୍ଧରେ ତଦନ୍ତ କରିବା ସକାଶେ ସମ୍ମିଳନୀର କେତେକ ସଭ୍ୟଙ୍କୁ ନିମନ୍ତ୍ରଣ କରିଥିଲେ । ତଦନୁସାରେ ବାଲେଶ୍ୱରର ବିଧାନସଭାର ଭୂତପୂର୍ବ ବାଚସ୍ପତି ଶ୍ରୀ ମୁକୁନ୍ଦ ପ୍ରସାଦ ଦାସ, ବିଧାନସଭାର ସଦସ୍ୟ ଜୟପୁରର ଓକିଲ ଶ୍ରୀ ହରିହର ମିଶ୍ର ଓ ଖୋର୍ଦ୍ଧାର ଶ୍ରୀ ରଘୁନାଥ ରାୟ ଆସିଥିଲେ । ମୁକୁନ୍ଦବାବୁ ମୋ ଘରେ, ହରିହର ବାବୁ ଓ ରଘୁନାଥ ବାବୁ ବନ୍ଧବିରୋଧ କମିଟିର ସଭାପତି ଶ୍ରୀ ଶଙ୍କରପ୍ରସାଦ ମିଶ୍ରଙ୍କ ଘରେ ରହିଥିଲେ । ତା.୧୫.୮.୪୭ ଦିନ ଇଂରେଜ ସରକାରଙ୍କ ସମ୍ବଲପୁରର ଶେଷ ଡେପୁଟି କମିଶନର

Digitized by srujanika@gmail.com

ସ୍ୱାନ୍ ସାହେବ (R.S. Swawn, I.C.S.) ଚାଲିଗଲେ ଓ ଶ୍ରୀ ଜଗନ୍ନାଥ ମିଶ୍ର ନୂତନ ଡେପୁଟି କମିଶନର ପଦରେ ନିଯୁକ୍ତ ହେଲେ। ୧୮ ତାରିଖ ସନ୍ଧ୍ୟାରେ ଜଗନ୍ନାଥ ବାବୁଙ୍କଠାରୁ ଖଣ୍ଡେ ପତ୍ର ପାଇଲି। ଆଗନ୍ତୁକ ଭଦ୍ରବ୍ୟକ୍ତିମାନେ ଯେଉଁଠାକୁ ଯିବାକୁ ଚାହିଁବେ ତାଙ୍କ ଭ୍ରମଣ ନିର୍ଘଣ୍ଟ ସ୍ଥିରକରି ପଠାଇବାକୁ ସେ ମୋତେ ଅନୁରୋଧ କରିଥିଲେ। ସେମାନଙ୍କ ଓ ବନ୍ଧବିରୋଧ କମିଟିର ସଭ୍ୟମାନଙ୍କ ସଙ୍ଗେ ପରାମର୍ଶ କରି ମୁଁ ତାହା ଲେଖି ତାଙ୍କୁ ଜଣାଇଦେଲି। ସେମାନଙ୍କ ସକାଶେ ଗୋଟିଏ ଜିପ୍ ଗାଡ଼ି ମଧ ଦେଲେ ଓ ସେମାନଙ୍କୁ ଅଭିଳଷିତ ସ୍ଥାନମାନ ଦେଖାଇଦେବାକୁ ପ୍ରଚାର ଅଫିସର ମୋର ଜାମାତା ଶ୍ରୀ ବଳଭଦ୍ର ପଣ୍ଡାଙ୍କୁ ଆଦେଶ ଦେଲେ। ୧୯ ତାରିଖ ଦିନ ନିଜେ ଜଗନ୍ନାଥ ବାବୁ ଯାଇ କେତେକ ସ୍ଥାନ ସେମାନଙ୍କୁ ଦେଖାଇ ଆଣିଲେ ଓ ସମ୍ବଲପୁର ଓ ଝାରସୁଗୁଡ଼ା ମଧ୍ୟବର୍ତ୍ତୀ ଲପଙ୍ଗା ଷ୍ଟେସନସ୍ଥ ଗୋଟିଏ ବିସ୍ତୀର୍ଣ୍ଣ ଜଙ୍ଗଲ ବାସଚ୍ୟୁତ ଲୋକଙ୍କ ସକାଶେ ଆବାଦ କରିଦେବେ ବୋଲି ସରକାର ସ୍ଥିର କରିଥିବା କହିଲେ।

୨୧ ତାରିଖ ସକାଳେ ଡେପୁଟି କମିଶନର ଦେଇଥିବା ଜିପ୍‌ଗାଡ଼ିରେ ଏମାନେ ବନ୍ଧ ବିରୋଧ କମିଟିର ବିଶିଷ୍ଟ ସଭ୍ୟ ଶ୍ରୀ ବ୍ରଜମୋହନ ପଣ୍ଡାଙ୍କ ସହିତ ଇବ୍ ନଦୀକୂଳବର୍ତ୍ତୀ ବଘରା ଗ୍ରାମକୁ ଗଲେ। ଏହି ଗ୍ରାମ ବର୍ତ୍ତମାନ ଜଳଭଣ୍ଡାର ଗର୍ଭରେ ନିମଗ୍ନ ହୋଇଅଛି। ମୁକୁନ୍ଦବାବୁ ଫେରି ଆସି ଦୁଃଖ ପ୍ରକାଶ କରି ମୋତେ କହିଲେ ଯେ, ସେହି ଗ୍ରାମବାସୀ କେତେକ ସତ୍ୟାଗ୍ରହୀଙ୍କ ଉପରେ ପୋଲିସର ଅତ୍ୟାଚାର ସମ୍ବନ୍ଧରେ ଅଭିଯୋଗମାନ ତଦନ୍ତରେ କେବଳ ଅପ୍ରମାଣିତ ନୁହେଁ, ମିଥ୍ୟା ବୋଲି ପ୍ରକାଶିତ ହୋଇଥିଲା। ଏହାର ପୂର୍ବ ରାତ୍ରରେ ବନ୍ଧ ବିରୋଧ କମିଟିର ଗୋଟିଏ ବୈଠକ ହୋଇଥିଲା। ମୁକୁନ୍ଦବାବୁଙ୍କ ଅନୁରୋଧରେ ମୁଁ ତାଙ୍କ ସଙ୍ଗେ ଯାଇଥିଲି, କିନ୍ତୁ ଆଲୋଚନାରେ ଆଦୌ ଯୋଗ ଦେଇନଥିଲି। ଆଲୋଚନା ଶେଷରେ ମୁକୁନ୍ଦବାବୁ କହିଲେ ଯେ ହୀରାକୁଦ ବନ୍ଧ ଦ୍ୱାରା ସମ୍ବଲପୁର ଓ ଓଡ଼ିଶାର ଅଶେଷ ମଙ୍ଗଳ ସାଧିତ ହେବା ସମ୍ଭାବନା ରହିଅଛି, ସୁତରାଂ ଏଥିରେ ବାଧା ନଦେଇ ଏଥିରୁ ଯେତେ ସୁବିଧା ଉଠାଯାଇପାରେ ତହିଁ ସକାଶେ ସମସ୍ତେ ଚେଷ୍ଟା କରିବା ଉଚିତ ହେବ।

ବଘରା ଅଞ୍ଚଳରୁ ଫେରି ଅପରାହ୍ଣ ୪ଟା ବେଳେ ସେହି ଜିପ୍ ଗାଡ଼ିରେ ଶ୍ରୀ ହରିହର ମିଶ୍ର, ରଘୁନାଥ ରାୟ, ବ୍ରଜମୋହନ ପଣ୍ଡା, ବନ୍ଧ ନିରୋଧ କମିଟିର ଅପର ଦୁଇଜଣ ସଭ୍ୟ ଓ ପ୍ରଚାର ଅଫିସର ଶ୍ରୀ ବଳଭଦ୍ର ପଣ୍ଡା ମୋ ଘର ସମ୍ମୁଖରେ ଆସି ଉପସ୍ଥିତ ହେଲେ ଓ ମୁକୁନ୍ଦ ବାବୁଙ୍କୁ ଯିବା ସକାଶେ ଡାକିଲେ। ପ୍ରକାଶ ହେଲା ଯେ, ସେମାନେ ସରକାରଙ୍କ ଅତ୍ୟାଚାର ସମ୍ବନ୍ଧରେ ତଦନ୍ତ କରିବା ସକାଶେ ରମ୍ଭେଲା ଓ କୁର୍ଲା ଗ୍ରାମକୁ ଯିବେ। ଏହି ଦୁଇଗ୍ରାମର ଅଧିକାଂଶ ଭୂମ୍ୟଧିକାରୀ ବ୍ରାହ୍ମଣ। ଏହା ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରରେ ନିମଗ୍ନ। ମୁକୁନ୍ଦବାବୁ ଚାଲିଆସିବା ପାଇଁ ମୋତେ ଡାକିଲେ ଓ

Digitized by srujanika@gmail.com

ମୁଁ ତାଙ୍କ ସଙ୍ଗେ ଘର ଭିତରୁ ବାହାରି ଗାଡ଼ିରେ ବସିବା ସକାଶେ ବାହାର ବାରଣ୍ଡାରେ ଛିଡ଼ା ହେଲି। ମୋତେ ଦେଖିବା ମାତ୍ରକେ ଶ୍ରୀ ବ୍ରଜମୋହନ ପଣ୍ଡା କ୍ରୋଧପ୍ରକାଶ କରି କହିଲେ ଯେ, ସେମାନେ ମୋତେ ଓ ବଳଭଦ୍ରଙ୍କୁ ନେବେ ନାହିଁ। ବଳଭଦ୍ର କହିଲେ ଯେ ଡେପୁଟି କମିଶନରଙ୍କ ଆଦେଶମତେ ସେ ଆଗନ୍ତୁକ ଭଦ୍ରବ୍ୟକ୍ତିଙ୍କ ସଙ୍ଗେ ଯିବାକୁ ବାଧ ଓ ସେ ଯିବେ। ମୋତେ ନ ନେବା କାରଣ ପଚାରିଲାରୁ ବ୍ରଜମୋହନ ବାବୁ ଆହୁରି କ୍ରୋଧ ପ୍ରକାଶ ପୂର୍ବକ କହିଲେ, ଇଂରେଜୀରେ,You are a Government spy. You are unpopular throughout the district. You are a traitor to our country. ତୁମ୍ଭେ ସରକାରଙ୍କ ଗୁପ୍ତଚର, ଜିଲ୍ଲା ତମାମ ତୁମ୍ଭଙ୍କୁ କେହି ଭଲ ପାଆନ୍ତି ନାହିଁ, ତୁମ୍ଭେ ଦେଶଦ୍ରୋହୀ, ସୁତରାଂ ସେମାନେ ମୋତେ ନେବେ ନାହିଁ। ଅନ୍ୟ କୌଣସି କାରଣ କହିଥିଲେ ହୁଏତ ମୁଁ ରହିଯାଇଥାନ୍ତି। ଏହି ଅମୂଳକ ହିଂସାପ୍ରଣୋଦିତ କଥା ଶୁଣି ମୁଁ ଗାଡ଼ି ଭିତରକୁ ଯାଇ ବ୍ରଜମୋହନବାବୁଙ୍କ ଦେହକୁ ଲାଗି ବସିପଡ଼ିଲି ଓ ଯିବାପାଇଁ ଜିଦ୍ କଲି। ବ୍ରଜମୋହନ ବାବୁ ଆହୁରି କ୍ରୋଧରେ ଅଧୀର ହୋଇପଡ଼ିଲେ ଓ ତାଙ୍କ ସହିତ ମୋର ପୂର୍ବବନ୍ଧୁତ୍ୱ ଭୁଲିଯାଇ ପୁଣି ନାନା କଟୁକଥାମାନ କହିବାକୁ ଲାଗିଲେ। ତାଙ୍କ ମୁହଁକୁ ଦେଖି ମୁଁ କେବଳ ହସିବାକୁ ଲାଗିଲି। ପୁଣି କହିଲେ ଯେ ମୁଁ ଗଲେ ସେମାନେ କେହି ଯିବେ ନାହିଁ। ମୁଁ କହିଲି, ଆଗନ୍ତୁକ ଭଦ୍ରବ୍ୟକ୍ତିଙ୍କଠାରେ ମିଥ୍ୟା କଥା କହିବା ସକାଶେ ମୋତେ ନ ନେବା ଏହାଙ୍କ ଉଦ୍ଦେଶ୍ୟ; ଏମାନଙ୍କ ବିଶ୍ୱାସ ଯେ ମୋ ଉପସ୍ଥିତିରେ ଏମାନଙ୍କ ଏହି ଉଦ୍ଦେଶ୍ୟ ସିଦ୍ଧ ହେବ ନାହିଁ। ସମ୍ବଲପୁର ସହରବାସୀ ତଥାକଥିତ ଜଣ କେତେ ମାତ୍ର ନେତା ସମ୍ବଲପୁର ଜିଲ୍ଲାବାସୀଙ୍କ ଅଭିଭାବକ ବା ଭାଗ୍ୟବିଧାତା ନୁହଁନ୍ତି। ମୁଁ ମଧ ସମ୍ବଲପୁରର ଜଣେ ଗୌନ୍ତିୟା ଓ ମୋର ମଧ୍ୟ ହୀରାକୁଦ ବନ୍ଧ ସମ୍ପର୍କରେ ସ୍ୱାର୍ଥ ରହିଅଛି; ମୁଁ ମଧ୍ୟ ମୋର ଶକ୍ତି ଓ ବିବେକ ଅନୁଯାୟୀ ମୋର ଲୋକଙ୍କ ସେବା କରୁଅଛି। ଅଜ୍ଞଲୋକଙ୍କୁ ଭୁଲ ବୁଝାଇ ଏମାନେ ଯେପରି ବିପଥଗାମୀ କରୁଅଛନ୍ତି, ସେମାନଙ୍କୁ ଭଲ ବୁଝାଇ ସନ୍ମାର୍ଗରେ ନେବା ମୋର କର୍ତ୍ତବ୍ୟ ବୋଲି ମୁଁ ମନେକରେ। ତଥାପି ବ୍ରଜମୋହନ ବାବୁଙ୍କ ମୋ. ବିପକ୍ଷରେ ପ୍ରଯୁକ୍ତି ଉକ୍ତିମାନ ସୀମା ଲଂଘନ କରିଚାଲିଥାଏ। ଏହି ମଧ୍ୟରେ ତାଙ୍କ ସଙ୍ଗେ ଥିବା ଜଣେ ସଭ୍ୟ ଅଳ୍ପଦୂରରେ ମୋ ଘର ସମ୍ମୁଖସ୍ଥ ଗଳିର ଏକପ୍ରାନ୍ତରେ ଛିଡ଼ା ହୋଇଥିବା କମିଟିର ସଭାପତି ଶ୍ରୀ ଶଙ୍କରପ୍ରସାଦ ମିଶ୍ରଙ୍କଠାକୁ ଦୌଡ଼ିଗଲେ ଓ ତତ୍‌କ୍ଷଣାତ୍ ଫେରିଆସି କହିଲେ ଯେ, ହୀରାକୁଦବନ୍ଧ ବିରୋଧୀଙ୍କ ସକାଶେ ଡେପୁଟି କମିଶନର ଗାଡ଼ି ଦେଇଛନ୍ତି। ସେମାନେ ଯାହାକୁ ନେବାକୁ ଚାହିଁବେ, ସେ କେବଳ ଗାଡ଼ିରେ ଯାଇ ପାରିବେ। ସୁତରାଂ ସେହି ଗାଡ଼ିରେ ମୁଁ ଯାଇପାରିବି ନାହିଁ। ମୋତେ ସେହି ମୁହୂର୍ତ୍ତରେ ଗାଡ଼ିରୁ ଓହ୍ଲାଇ ଯିବାପାଇଁ କହିଲେ। ଯେତେବେଳେ ମୁଁ ଓହ୍ଲାଇଯିବା କୌଣସି ଲକ୍ଷଣ ଦେଖିଲେ ନାହିଁ ବ୍ରଜମୋହନ ବାବୁ କହିଲେ, ଯଦି ମୁଁ ମୋର ମତ ପରିବର୍ତ୍ତନ କରି ତାଙ୍କ ଦଳରେ ଯୋଗଦେବି, ତାହାହେଲେ ମୋ ଯିବାରେ ସେ

Digitized by srujanika@gmail.com

ଆପତ୍ତି କରିବେ ନାହିଁ। ମୁଁ ଆହୁରି ହସିଲି। ସେ କ୍ରୋଧରେ ଯେତିକି ମୁହଁ ଛିଞ୍ଚାଡୁଥାନ୍ତି ମୋ ମୁହଁରେ ସେତିକି ହସ। ମୁଁ କହିଲି ଯେ ସେମାନଙ୍କ ହିଂସାତ୍ମକ ବେଆଇନ କାର୍ଯ୍ୟକଳାପରେ ମୁଁ କଦାପି ସହଯୋଗ କରି ନପାରେ। ପୁଣି ଉପର୍ଯ୍ୟୁକ୍ତ ସଭ୍ୟଟି ଶଙ୍କରପ୍ରସାଦ ମିଶ୍ରଙ୍କଠାକୁ ଦୌଡ଼ିଗଲେ ଓ ଫେରିଆସି ତାଙ୍କ ଘରକୁ ଗାଡ଼ି ନେବା ସକାଶେ ଡ୍ରାଇଭରକୁ କହିଲେ। ଶଙ୍କର ବାବୁଙ୍କ ଘର ଆଉ ଏକ ସଡ଼କ ନିକଟରେ। ମୁଁ ବୁଝିପାରିଲି, ଏମାନଙ୍କ ସହିତ ଯେଉଁମାନେ ଏକମତ ନୁହଁନ୍ତି, ସେମାନଙ୍କ ପ୍ରତି ଏମାନଙ୍କ ବ୍ୟବହାର ଅତ୍ୟନ୍ତ ଆପତ୍ତିଜନକ। ସାମାଜିକ କେତେକ କଥା ନେଇ ତ ମୋ ସହିତ ଏମାନଙ୍କ ମନାନ୍ତର ରହିଅଛି। ମୋ ପ୍ରତି ହୁଏତ ଅତ୍ୟାଚାର କରିବା ଏମାନଙ୍କ ଉଦ୍ଦେଶ୍ୟ ଥାଇପାରେ। ଯେତେବେଳେ ଗାଡ଼ି ଚଳାଇବା ସକାଶେ ଆଉ ଥରେ ଡ୍ରାଇଭର୍‌କୁ କୁହାହେଲା, ପ୍ରଚାର ବିଭାଗ ଅଫିସର କହିଲେ ଯେ, ତାହା ସରକାରୀ ଗାଡ଼ି ଓ ସେମାନେ ଯେଉଁଠାକୁ ଯିବାକୁ ଚାହିଁବେ, ସେମାନଙ୍କୁ ସେହିଠାକୁ ନେବାପାଇଁ ଡେପୁଟି କମିଶନର ତାଙ୍କୁ ହୁକୁମ ଦେଇଛନ୍ତି। ସୁତରାଂ ଶଙ୍କର ପ୍ରସାଦ ମିଶ୍ରଙ୍କ ଘରକୁ ଗାଡ଼ି ଯାଇପାରିବନାହିଁ ଓ ଗାଡ଼ି ଚଳାଇବାପାଇଁ ଡ୍ରାଇଭରକୁ ମନାକଲେ। ଏହାକୁ ହିଁ ମୁଁ ଅପେକ୍ଷା କରି ରହିଥିଲି। ବ୍ରଜମୋହନ ବାବୁ ଗାଡ଼ିରୁ ଓହ୍ଲାଇ ତାଙ୍କ ସହଯୋଗୀଙ୍କ ସହିତ ଚାଲିଗଲେ। ହରିହରବାବୁ, ମୁକୁନ୍ଦ ବାବୁ, ରଘୁନାଥ ବାବୁ ଓ ମୁଁ ସେହିଗାଡ଼ିରେ ସହରର କେତେକ ସ୍ଥାନକୁ ଗଲୁଁ ଓ ଏମାନେ ଗୋଟିଏ ଦୁଇଟି ସ୍ଥାନରେ ନିଷ୍ଫଳ ତଦନ୍ତ କରି କେବଳ ବିରକ୍ତି ଓ ଦୁଃଖ ପ୍ରକାଶ କଲେ।

ଯେଉଁ ଅଞ୍ଚଳର ଜମିବାଡ଼ି ବୁଡ଼ିଯିବାରୁ ଲୋକେ କ୍ଷତିଗ୍ରସ୍ତ ହେବେ, ସେମାନେ ଯେ ଏହା ବିରୋଧରେ ଆପତ୍ତି କରିବେ, ଏହା ସ୍ୱାଭାବିକ। ପ୍ରକୃତରେ ପ୍ରାୟ ଏକଲକ୍ଷ ଲୋକ ଏହି ବନ୍ଧ ନିର୍ମାଣ ଫଳରେ ଭୂମିଶୂନ୍ୟ ଓ ବାସଶୂନ୍ୟ ହୋଇଯିବେ; ନୂତନ ଜମି ପାଇଲେ ମଧ୍ୟ ବହୁକାଳର ନିଜ ନିଜ ତିଆରୀ ଜମି ତ୍ୟାଗକରି ଓ ଅତ୍ୟନ୍ତ କ୍ଷତିଗ୍ରସ୍ତ ହୋଇ ଚାଲିଯିବା ଏମାନଙ୍କ ପକ୍ଷରେ ଅତ୍ୟନ୍ତ କଷ୍ଟକର। ଏହା ଯେ କେହି ହେଲେ ହୃଦୟଙ୍ଗମ କରିବ। କିନ୍ତୁ ଏହାଦ୍ୱାରା କେବଳ ସମ୍ବଲପୁରର ନୁହେଁ ସମଗ୍ର ଓଡ଼ିଶା ଓ ଭାରତବର୍ଷର ପ୍ରଭୂତ ମଙ୍ଗଳସାଧନ ହେବ ବୋଲି ବିଶେଷଜ୍ଞମାନଙ୍କ ମତ। ଏଥିଯୋଗୁଁ ହିଁ ବନ୍ଧ ନିର୍ମାଣ ସପକ୍ଷରେ ଅନ୍ୟ ସମସ୍ତେ ସରକାରଙ୍କ ସହିତ ଏକମତ ହୋଇଅଛନ୍ତି। ଏହି ପରିସ୍ଥିତିରେ ବର୍ତ୍ତମାନ ସମ୍ବଲପୁରବାସୀଙ୍କ କର୍ତ୍ତବ୍ୟ କ'ଣ ତାହା ସ୍ଥିର କରିବାକୁ ହେବ। ମାରପିଟ, ସତ୍ୟାଗ୍ରହ ପ୍ରଭୃତି ବେଆଇନ ପନ୍ଥା ଅନୁସରଣରେ କୌଣସି ଲାଭ ହେବନାହିଁ। ମୁଁ ସମସ୍ତ ବିଷୟ ଭାବି ପ୍ରଚାର କଲି, ସମ୍ବଲପୁରବାସୀଙ୍କୁ ନିମ୍ନଲିଖିତ ବିଷୟ ପ୍ରତି ଲକ୍ଷ୍ୟ ରଖିବାକୁ ହେବ :

(୧) ଲୋକମାନେ ନିଜ ନିଜ ଜମି ସକାଶେ ଯଥେଷ୍ଟ କ୍ଷତିପୂରଣ ପାଇବେ।

(୨) ଜଳସେଚନର ସୁବ୍ୟବସ୍ଥା ହେବ ଓ ଏଥିସକାଶେ ପ୍ରଜାମାନେ ସହିପାରିବା ଭଳି ନ୍ୟାୟସଙ୍ଗତ କର ଧାର୍ଯ୍ୟ ହେବ।

Digitized by srujanika@gmail.com

(୩) ଯେଉଁ କଳକାରଖାନା ହେବ, ସରକାର ନିଜ ତତ୍ତ୍ୱାବଧାନରେ ରଖିବେ ଓ ସମ୍ବଲପୁରବାସୀଙ୍କୁ ତହିଁର ମୂଳଧନ ସହିତ ସଂଶ୍ଳିଷ୍ଟ ରଖିବେ।

(୪) ହୀରାକୁଦ ବନ୍ଧ ନିର୍ମାଣରେ ଯେତେ ଲୋକ କାର୍ଯ୍ୟ କରିବେ, ସେମାନଙ୍କ ମଧ୍ୟରୁ ଯେତେ ଅଧିକ ସମ୍ଭବ, ସମ୍ବଲପୁରବାସୀଙ୍କୁ ଶିକ୍ଷାଦେଇ ନିଯୁକ୍ତ କରାହେବ।

ସମ୍ବଲପୁର ଏହା ଦାବି କରିବା ସକାଶେ ମୁଁ ବନ୍ଧୁମାନଙ୍କୁ ପରାମର୍ଶ ଦେବାକୁ ଲାଗିଲି। ଆଗନ୍ତୁକ ଭଦ୍ରବ୍ୟକ୍ତିମାନେ ମୋ ସହିତ ଏକମତ ହେଲେ। ଏମାନଙ୍କୁ ପୁଣି କହିଲି ଯେ ଲୋକେ ଯେପରି ଯଥେଷ୍ଟ କ୍ଷତିପୂରଣ ପାଇବେ, ତାହା ସ୍ଥିର କରିବା ସକାଶେ ଗୋଟିଏ ନିରପେକ୍ଷ କମିଟି ସଂଗଠିତ ହେବା ଉଚିତ। ମୁକୁନ୍ଦବାବୁ କହିଲେ, ସେ ଲାଟ୍ ସାହେବ ଓ ମନ୍ତ୍ରୀମାନଙ୍କ ସହିତ ସାକ୍ଷାତ କରି ଏ ସବୁ ବିଷୟ କହିବେ।

ଏହି ସମୟରେ ମୁଁ ଓଡ଼ିଶା ମୌଳିକ ଶିକ୍ଷା ପରିଷଦର ସଦସ୍ୟ ରୂପେ ସରକାରଙ୍କଦ୍ୱାରା ମନୋନୀତ ହୋଇ ତହିଁର ଅଧିବେଶନରେ ଯୋଗଦେବା ସକାଶେ ୨୫ ତାରିଖରେ କଟକ ଯାଇଥିଲି। ଶୁଣିଲି ୨୬ ତାରିଖରେ ବିଧାନସଭାରେ ହୀରାକୁଦବନ୍ଧ ନିର୍ମାଣ ବିଷୟ ଆଲୋଚିତ ହେବ। ସଭାର ବୈଠକକୁ ଯାଇ ଦର୍ଶକମାନଙ୍କ ସ୍ଥାନରେ ବସିଲି। ସମ୍ବଲପୁରର ପ୍ରାୟ ଶହେ ଜଣ ଲୋକ ସଭାଗୃହ ସମ୍ମୁଖରେ ଛିଡ଼ା ହୋଇଥିବା ଦେଖିଲି। ସେମାନଙ୍କ ମଧ୍ୟରେ ବନ୍ଧ ବିରୋଧ କମିଟିର ଦୁଇଜଣ ସଭ୍ୟ ମଧ୍ୟ ଥିଲେ। ଶୁଣିଲି, ସେମାନେ ସତ୍ୟାଗ୍ରହ କରିବା ସକାଶେ ପରା ଆସିଥିଲେ। ଜଣ କେତେକଙ୍କ ହାତରେ 'ହୀରାକୁଦବନ୍ଧ ବନ୍ଦକର', 'ସମ୍ବଲପୁରକୁ ଓଡ଼ିଶାରୁ ଅଲଗା କର' ପ୍ରଭୃତି ଲିଖିତ ଫଳକମାନ ଥିଲା। କେତେଗୁଡ଼ିଏ ପୋଲିସ କନ୍‌ଷ୍ଟେବଲ୍ ସ୍ଥାନେ ସ୍ଥାନେ ଛିଡ଼ା ହୋଇଥିଲେ ଓ ନିଜେ କଟକ ଜିଲ୍ଲା ମାଜିଷ୍ଟ୍ରେଟ୍ ମଧ୍ୟ ଉପସ୍ଥିତ ଥିଲେ। ଜଣାଗଲା, ସତ୍ୟାଗ୍ରହ କଲେ ସମ୍ବଲପୁରବାସୀଙ୍କୁ ଉପଯୁକ୍ତ ଶିକ୍ଷା ଦେବେ। କିନ୍ତୁ ସମ୍ବଲପୁରରୁ ଆସିଥିବା ଲୋକେ କେବଳ ବାହାରେ ଛିଡ଼ା ହୋଇଥିବା ଛଡ଼ା କୌଣସି ପ୍ରକାର ଗୋଳମାଳ କରୁନଥିଲେ। ତା ୨୭ ରିଖରେ ହୀରାକୁଦ ବିଷୟ ନ ପଡ଼ି ତା୨୮ ରିଖରେ ପଡ଼ିଲା। ଏହି ଦିନ ମଧ୍ୟ ମୁଁ ସଭାଗୃହକୁ ଦେଖିବାକୁ ଯାଇଥିଲି। ମୁଖ୍ୟମନ୍ତ୍ରୀ ଶ୍ରୀ ହରେକୃଷ୍ଣ ମହତାବ ସୁବିଖ୍ୟାତ ଇଞ୍ଜିନିୟର ବର୍ତ୍ତମାନ ଓଡ଼ିଶାର ରାଜ୍ୟପାଳ ଶ୍ରୀ ଅଯୋଧ୍ୟା ନାଥ ଖୋସ୍‌ଲାଙ୍କ ରିପୋର୍ଟର ଆଲୋଚନା କରାଯାଇ ତହିଁରେ ଲେଖାଥିବା ସୁପାରିସ ସମସ୍ତ କାର୍ଯ୍ୟରେ ପରିଣତ କରିବା ସକାଶେ ପ୍ରସ୍ତାବ କଲେ। ସଭ୍ୟମାନେ ନିଜ ନିଜ ମତବ୍ୟକ୍ତ କଲାପରେ ଉକ୍ତ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହେଲା। ଶ୍ରୀଯୁକ୍ତ ଖୋସଲା ଏହି ସମୟରେ କେନ୍ଦ୍ର ସରକାରଙ୍କ Central Waterways, Irrigation and Navigation Commission (କେନ୍ଦ୍ର ଜଳପଥ, ଜଳସେଚନ ଓ ନୌଚାଳନ ପରିଷଦ)ର ସଭାପତି ଥିଲେ। ହୀରାକୁଦବନ୍ଧ ଯୋଜନା ବିଷୟରେ ସେ ବହୁ ମାନଚିତ୍ର ଓ ତଥ୍ୟ ସମ୍ବଳିତ ୩୫୦ ପୃଷ୍ଠା ବ୍ୟାପୀ Mahanadi Valley Development, Hirakud Dam Project (ମହାନଦୀ ଉପତ୍ୟକା ଉନ୍ନୟନ – ହୀରାକୁଦ

Digitized by srujanika@gmail.com

ବନ୍ଧ ଯୋଜନା) ନାମକ ଖଣ୍ଡେ ବହି ଲେଖିଥିଲେ ଓ ତାହା ଭାରତ ସରକାରଙ୍କଦ୍ୱାରା ସେହି ବର୍ଷ ଜୁନ୍‌ମାସରେ ପ୍ରକାଶିତ ହୋଇଥିଲା। ବହିର ଆରମ୍ଭରେ ସମଗ୍ର ବିଷୟବସ୍ତୁର ଗୋଟିଏ ସାରାଂଶ ଦେଇଅଛନ୍ତି, ତାହା ନିମ୍ନରେ ସୂଚିତ ହେଲା :

ତା.୮.୧୧.୧୯୪୫ରେ ତଦାନୀନ୍ତନ ଭାରତ ସରକାରଙ୍କ ଶ୍ରମ ବିଭାଗର ସଦସ୍ୟ ଡକ୍ଟର ବି. ଆର୍. ଆମ୍ବେଦକରଙ୍କ ସଭାପତିତ୍ୱରେ ଗୋଟିଏ ସଭା ହୋଇଥିଲା। ତହିଁରେ ଓଡ଼ିଶାର ଓ ଗଡ଼ଜାତ ଅଞ୍ଚଳ ଓ ମଧ୍ୟପ୍ରଦେଶର ପ୍ରତିନିଧିମାନେ ଯୋଗଦେଇଥିଲେ। ଉକ୍ତ ସଭାରେ ମହାନଦୀକୁ ନାନାପ୍ରକାର ଉନ୍ନତିବିଧାୟକ ଉଦ୍ଦେଶ୍ୟ ସାଧନରେ, ଯଥା: ବନ୍ୟା ନିବାରଣ, କୃଷିକ୍ଷେତ୍ରରେ ଜଳସେଚନ, ନୌଚାଳନ ଏବଂ ଦେଶରେ ଶିଳ୍ପୋନ୍ନତି ବିଧାନ ସକାଶେ ବୈଦ୍ୟୁତିକ ଶକ୍ତି ଉତ୍ପାଦନ ଉଦ୍ଦେଶ୍ୟରେ ବ୍ୟବହାର କରିବା ସମ୍ଭାବନା ବିଷୟରେ ପୁଙ୍ଖାନୁପୁଙ୍ଖ ଗବେଷଣା କରିବା ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହେଲା। ତଦନୁସାରେ ଭାରତ ସରକାର ଏହାର ତଦନ୍ତ ଆରମ୍ଭ କଲେ।

ଶ୍ରୀ ଖୋସଲାଙ୍କ ପୁସ୍ତକର ଉପକ୍ରମଣିକାରେ ଲେଖିଲେ :

ଓଡ଼ିଶାର ଆୟତନ ୫୦୩୪୯ ବର୍ଗମାଇଲ। ଏହା ଇଂଲଣ୍ଡର ଆୟତନ ସଙ୍ଗେ ସମାନ। ଓଡ଼ିଶା କହିଲେ ଓଡ଼ିଶାର ଗଡ଼ଜାତ ଅଞ୍ଚଳ ମଧ୍ୟ ଏହା ସହିତ ସଂଲଗ୍ନ ବୋଲି ବୁଝିବାକୁ ହେବ। ଏହାର ଲୋକସଂଖ୍ୟା ୧୪ କୋଟି, ଆମେରିକାର ଯୁକ୍ତରାଷ୍ଟ୍ର ଅନ୍ତର୍ଗତ ଟେନେସି ପ୍ରଦେଶର ଲୋକସଂଖ୍ୟାର୍ ପାଞ୍ଚଗୁଣ। ଓଡ଼ିଶା ସନ୍ନିକଟବର୍ତ୍ତୀ ଅଞ୍ଚଳ ବହୁମୂଲ୍ୟ ଖଣିଜ ସମ୍ପଦ ଅର୍ଥାତ୍ ପଥରକୋଇଲା, ଲୁହା, ବକ୍‌ସାଇଟ୍, ମାଙ୍ଗାନିଜ୍, ଗ୍ରାଫାଇଟ୍, ଗ୍ରାନାଇଟ୍, ଅଭ୍ର, ଚୂନପଥର ପ୍ରଭୃତିରେ ପରିପୂର୍ଣ୍ଣ ଓ ଏ ସମସ୍ତର ଉପଯୋଗ ଓ ଉନ୍ନତିବିଧାନ ସକାଶେ ମହାନଦୀ ଜଳକୁ ପୂର୍ଣ୍ଣମାତ୍ରାରେ ବ୍ୟବହାର କରିବା ଉଦ୍ଦେଶ୍ୟ। ଯଦି ଏହାର ଆଂଶିକ ସୁଦ୍ଧା ଉପଯୋଗ କରାଯାଇପାରେ ତାହାହେଲେ ଏହାଦ୍ୱାରା ଓଡ଼ିଶା ଏକ ସମୃଦ୍ଧିଶାଳୀ ଅଞ୍ଚଳରେ ପରିଣତ ହୋଇପାରିବ। ଯେତେବେଳେ ମହାନଦୀ ଜଳକୁ ପୂର୍ଣ୍ଣ ଆୟତ୍ତାଧୀନ କରାହେବ, ସେତେବେଳେ କଟକ ପ୍ରଭୃତି ସମୁଦ୍ର ଉପକୂଳ ଅଞ୍ଚଳରେ ବନ୍ୟାପ୍ରକୋପ ନିବାରିତ ହେବ। ସମ୍ବଲ୍‌ପୁରର ପ୍ରାୟ କୋଡ଼ିଏକୋଟି ଏକର ଭୂମିରେ ଜଳସେଚନ ହେବ। ଏଥିରୁ ଚାରିଲକ୍ଷ କିଲୋୱାଟ୍ ବୈଦ୍ୟୁତିକ ଶକ୍ତି ଉତ୍ପନ୍ନ ହେବ। ଏହା ଟେନେସି ଉପତ୍ୟକାରେ ନିର୍ମିତ ୨୬ ଗୋଟି ବନ୍ଧଦ୍ୱାରା ଉତ୍ପନ୍ନ ବୈଦ୍ୟୁତିକ ଶକ୍ତିର ଦୁଇଗୁଣ ହେବ। ମଧ୍ୟପ୍ରଦେଶ ଅନ୍ତର୍ଗତ ମହାନଦୀର ଉତ୍ପତ୍ତି ସ୍ଥାନରୁ ମୁଖ ପର୍ଯ୍ୟନ୍ତ ୩୮୦ ମାଇଲ ଜଳପଥରେ ୯-୧୦ ଫୁଟ ଗଭୀର ଜଳସ୍ରୋତରେ ନୌଚାଳନ ହେବ ଏବଂ ଓଡ଼ିଶା ପ୍ରଦେଶସ୍ଥ ଚାନ୍ଦବାଲି ଓ ଧାମରାରେ ବନ୍ଦର ସ୍ଥାପିତ ହୋଇ ବାଣିଜ୍ୟ ବିସ୍ତୃତ ହେବ।

ପୂର୍ବେ ମହାନଦୀରେ ନୌଚାଳନ ପ୍ରଶସ୍ତ ଥିଲା। ରେଳ ଚାଲିବା ଦିନଠାରୁ ନଦୀପଥ ଏକାବେଳକେ ବନ୍ଦ ହୋଇଯାଇଅଛି କହିଲେ ଚଳେ। କାର୍ଯ୍ୟାଭାବରୁ ଲୋକମାନଙ୍କ ଶକ୍ତିର

Digitized by srujanika@gmail.com

ଅପଚୟ ହେଉଅଛି। ଯେଉଁ ଜଳ ମନୁଷ୍ୟର ଉପକାରରେ ଲାଗିପାରନ୍ତା, ତାହା ସମୁଦ୍ରକୁ ବହିଯାଉଅଛି। ଏହାଦ୍ୱାରା ଆହୁରି ଅଧିକ ଫସଲ ଉତ୍ପନ୍ନ ହୋଇପାରନ୍ତା। ତାହା ନଷ୍ଟ ହୋଇଯାଉଅଛି; ଦେଶରେ ଖଣିଜ ସମ୍ପଦ ଭୂଗର୍ଭରେ ଲୁକ୍କାୟିତ ହୋଇ ରହିଯାଉଅଛି। ଦେଶରେ କୌଣସି ପ୍ରକାର ଶିଳ୍ପ ନାହିଁ। ଓଡ଼ିଶା ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଥିଲେ ସୁଦ୍ଧା, ଏହା ଅନୁନ୍ନତ ଓ ଦରିଦ୍ରାବସ୍ଥାରେ ପଡ଼ିରହିଅଛି। ବନ୍ୟା, ରୋଗ ଓ ଦାରିଦ୍ର୍ୟ ଓଡ଼ିଶାର ଚିରଶତ୍ରୁ ହୋଇ ରହିଅଛନ୍ତି।

ମାନବ ଓ ପ୍ରାକୃତିକ ଶକ୍ତି ସଞ୍ଚୟ ପୂର୍ବକ ମହାନଦୀ ଜଳକୁ କୃଷିକ୍ଷେତ୍ରରେ ଜଳସେଚନ, ବୈଦ୍ୟୁତିକଶକ୍ତି ଉତ୍ପାଦନ, ନୌଚାଳନ, ବନ୍ୟାନିବାରଣ, ମତ୍ସ୍ୟପାଳନ, ମ୍ୟାଲେରିଆ ନିବାରଣ, ଭୂମିସଞ୍ଚୟନ ପ୍ରଭୃତି ଉଦ୍ଦେଶ୍ୟସିଦ୍ଧି ସକାଶେ ବ୍ୟବହାର କରି ମହାନଦୀ ଉପତ୍ୟକାର ଉନ୍ନତି ସାଧନ ଏହି ଯୋଜନାର ଉଦ୍ଦେଶ୍ୟ। ଏହାଦ୍ୱାରା ଦୁର୍ଭିକ୍ଷ, ଅନାହାର ଓ ରୋଗ ନିବାରିତ ହେବ ଓ ଏହି ଅଞ୍ଚଳର ଅଧିବାସୀମାନଙ୍କ ଜୀବନଯାତ୍ରା ପ୍ରଣାଳୀରେ ଉନ୍ନତି ବିହିତ ହେବ। ସେମାନେ ଆଧୁନିକ ଜୀବନଯାପନର ସମସ୍ତ ସୁବିଧା ଭୋଗ କରିପାରିବେ। ଏହି ଯୋଜନା ତିନିସ୍ଥାନରେ କଳ୍ପିତ ହୋଇଅଛି, ଅର୍ଥାତ୍ ସମ୍ବଲପୁରରେ ଥିବା ହୀରାକୁଦରେ, ଅନୁଗୁଳରେ ଥିବା ଟିକରପଡ଼ାରେ ଓ କଟକର ନରାଜରେ। ପ୍ରତ୍ୟେକ ସ୍ଥାନରେ ମହାନଦୀରେ ଗୋଟିଏ ଲେଖାଏଁ ବନ୍ଧ ନିର୍ମିତ ହେବ। ପ୍ରତ୍ୟେକ ସ୍ଥାନରେ ଜଳଭଣ୍ଡାର କୃଷି କ୍ଷେତ୍ରରେ ଜଳସେଚନ ଓ ବୈଦ୍ୟୁତିକଶକ୍ତି ଉତ୍ପାଦନ ସକାଶେ ବ୍ୟବହୃତ ହେବ ଓ ସମଗ୍ର ଓଡ଼ିଶା ଓ ନିକଟବର୍ତ୍ତୀ ଗଡ଼ଜାତ ଅଞ୍ଚଳର ଉନ୍ନତି ସକାଶେ ଏହା ସ୍ୱତନ୍ତ୍ର ଭାବରେ ନିୟୋଜିତ ହେବ। ଯେତେବେଳେ ଏହି ତିନୋଟି ବନ୍ଧ ନିର୍ମିତ ହେବ, ଏହାଦ୍ୱାରା ପରିକଳ୍ପିତ ସର୍ବବିଧ ଉନ୍ନତି ସାଧିତ ହେବ। କିନ୍ତୁ ଏହା ସମୟ ଓ ବ୍ୟୟ ସାପେକ୍ଷ। ପୁଣି ଏଥିରେ ଅନେକ ଜମି ଜଳମଗ୍ନ ହେବ ଓ ଏହାଦ୍ୱାରା ଯେଉଁମାନଙ୍କ ଜମି ନଷ୍ଟ ହେବ ସେମାନଙ୍କ ସକାଶେ ଜମି ବା ତହିଁର ମୂଲ୍ୟ ଓ ବାସସ୍ଥାନ ଯୋଗାଇବା ମଧ୍ୟ ବହୁ ପରିଶ୍ରମ ଓ ବ୍ୟୟସାପେକ୍ଷ। ତେଣୁ ସମଗ୍ର ଯୋଜନାକୁ ଏକାବେଳକେ କାର୍ଯ୍ୟକାରୀ ନ କରି ପ୍ରଥମରେ ହୀରାକୁଦ ବନ୍ଧ ନିର୍ମାଣର ବ୍ୟବସ୍ଥା କରାହେଉଅଛି।

ହୀରାକୁଦ ମହାନଦୀର ଏକ ଉଚ୍ଚସ୍ଥାନରେ ଅବସ୍ଥିତ ଓ ଏହି ଅଞ୍ଚଳର ପ୍ରାକୃତିକ ଗଠନ ଓ ଅନ୍ୟାନ୍ୟ ବିଷୟ ବିବେଚନାରେ ଏହି କାର୍ଯ୍ୟ ସର୍ବାପେକ୍ଷା ସହଜସାଧ୍ୟ। ଏହା ନିର୍ମିତ ହେଲେ ଅତି ଶୀଘ୍ର ଏହାର କାର୍ଯ୍ୟକାରିତା ଉପଲବ୍ଧ ହେବ। ଏହାର ଆୟରୁ ଲବ୍ଧ ଅର୍ଥ ବ୍ୟୟ ସକାଶେ ଯଥେଷ୍ଟ ହେବ। ଏହି ପରିକଳ୍ପିତ ଯୋଜନା ଏହି ଯେ ସମ୍ବଲପୁରରୁ ୯ ମାଇଲ ଉପରକୁ ମହାନଦୀ ବନ୍ଧ ହୋଇ ଏକ ବିସ୍ତୀର୍ଣ୍ଣ ଜଳଭଣ୍ଡାର ସୃଷ୍ଟିହେବ। ତହିଁରୁ ପାଣି କାଟି ଓ ଉଠାଇ ପୟଃପ୍ରଣାଳୀଦ୍ୱାରା କୃଷିକ୍ଷେତ୍ରରେ ଜଳସେଚନ ହେବ ଓ ଦୁଇଗୋଟି ସ୍ଥାନରେ ଯନ୍ତ୍ର ବସାଇ ବୈଦ୍ୟୁତିକଶକ୍ତି ଉତ୍ପାଦିତ ହେବ।

Digitized by srujanika@gmail.com

ଜଳମଗ୍ନ ଅଞ୍ଚଳ ଓ ସେହି ଅଞ୍ଚଳର ଲୋକଙ୍କ ସକାଶେ ବ୍ୟବସ୍ଥା ସମ୍ବନ୍ଧରେ ଶ୍ରୀଯୁକ୍ତ ଖୋସଲା ତାଙ୍କ ପୁସ୍ତକରେ କହିଥିଲେ।

ହୀରାକୁଦ ଜଳଭଣ୍ଡାରରେ ୧,୩୫,୦୦୦ ଏକର ଜମି ବୁଡ଼ିଯିବ। ତହିଁରୁ ୭୦,୦୦୦ ଏକର ଭୂମି ବର୍ତ୍ତମାନ ଚାଷ ହେଉଅଛି। ଯେଉଁମାନଙ୍କ ଜମି ବୁଡ଼ିଯିବ ସେମାନଙ୍କୁ ଅନ୍ୟ ସ୍ଥାନକୁ ଚାଲିଯିବାକୁ ହେବ। ଏହି ଜମି ପରିବର୍ତ୍ତରେ ସେମାନଙ୍କୁ ଯଥାସମ୍ଭବ ଜମି ଦିଆଯିବ ଏବଂ ବୁଡ଼ିଯିବା ପୂର୍ବରୁ ତାହା ଦିଆଯିବ। ପୁଣି ଜମିରେ ହେଉ ବା ଟଙ୍କାରେ ହେଉ ଯଥେଷ୍ଟ ପରିମାଣରେ ଦିଆଯିବ। ଆଦର୍ଶ ଗ୍ରାମମାନ ବସାଯିବ। ଏହି ଗ୍ରାମବାସୀଙ୍କ ସକାଶେ ପାନୀୟ ଜଳ, ବିଜୁଳି ଆଲୁଅ, ସ୍କୁଲ ସ୍ଥାପନ ଓ ସ୍ୱାସ୍ଥ୍ୟୋନ୍ନତି ସକାଶେ ଆବଶ୍ୟକୀୟ ବ୍ୟବସ୍ଥା କରାଯିବ ଓ ଏହିପ୍ରକାରେ ଲୋକଙ୍କ ଜୀବନଯାପନ ପ୍ରଣାଳୀରେ ଉନ୍ନତିବିଧାୟକ କାର୍ଯ୍ୟସମୂହରେ ସରକାରଙ୍କ ତହବିଲରୁ ଖର୍ଚ୍ଚ ହେବ।

ହୀରାକୁଦ ବନ୍ଧ ଯୋଜନା ବିରୋଧରେ ସମ୍ବଲପୁରବାସୀ ପ୍ରବଳ ଆନ୍ଦୋଳନ କଲେ। ସେମାନଙ୍କ ଅପରିଣାମଦର୍ଶିତା ଯୋଗୁଁ ତାହାକୁ 'କଟିକିୟା ସରକାର' ଦବାଇ ଦେଲେ ଓ ଏହା ସଙ୍ଗେ ସମ୍ବଲପୁରବାସୀ ଯେତେଦୂର କ୍ଷତିଗ୍ରସ୍ତ ହେବେ ବୋଲି ସରକାରୀ ମହଲରେ ସୁଦ୍ଧା ପ୍ରକାଶିତ ହେଲା ତାହା ସକାଶେ ଯଥାବିଧି ପ୍ରତିକାର କରିବେ ବୋଲି ନାନାପ୍ରକାର ପ୍ରତିଶ୍ରୁତି ଦେଲେ। ଏହାକୁ କାର୍ଯ୍ୟରେ ପରିଣତ କରିବା ସକାଶେ ସରକାର କ'ଣ କଲେ ଓ ଲୋକଙ୍କ ସହିତ କି ପ୍ରକାର ଆଚରଣ କଲେ ତାହା ବର୍ତ୍ତମାନ ଆଲୋଚନାର ବିଷୟ।

୧୯୪୭ ମସିହାର ବର୍ଷା ଶେଷରେ ବନ୍ଧ କାର୍ଯ୍ୟ ଆରମ୍ଭ ହୋଇ କ୍ରମେ କ୍ରମେ ତୀବ୍ର ଗତିରେ ଚାଲିଲା। ଅନେକ ଲୋକ, ଇଂଜିନିୟର, କିରାଣି, ଅନ୍ୟାନ୍ୟ କର୍ମଚାରୀ ଓ ବହୁସଂଖ୍ୟକ ଶ୍ରମିକ ସୁଦ୍ଧା ବାହାରୁ ଆସିଲେ। ପ୍ରାୟ ଦୁଇବର୍ଷ ପୂର୍ବେ ଏହି କାର୍ଯ୍ୟ କଳ୍ପିତ ହୋଇଥିଲେ ମଧ୍ୟ ଓ ଏହା ସକାଶେ ଅନେକ ଜମି ଆବଶ୍ୟକ ବୋଲି ଜାଣିଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ଜମି ନେବା ସକାଶେ ଆଇନାନୁଯାୟୀ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ କଲେନାହିଁ। ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ସର୍ବପ୍ରଥମ କାର୍ଯ୍ୟାନୁଷ୍ଠାନ ସୂଚିତ ହେଲା ତା.୧୩.୧୧.୧୯୪୬ରେ ପ୍ରକାଶିତ ଗୋଟିଏ ବିଜ୍ଞାପନରୁ। ଏଥିରେ କେବଳ କୁହାହେଲା ଯେ ହୀରାକୁଦ ବନ୍ଧ ସକାଶେ ସମ୍ବଲପୁର ଜିଲ୍ଲା ସଦର ଓ ବରଗଡ଼ ସବ୍‌ଡ଼ିଭିଜନସ୍ଥ କେତେକ ଜମି ଆବଶ୍ୟକ ହେବାର ସମ୍ଭାବନା ଅଛି ଓ ଏହା ବିରୋଧରେ ଜମି ସହିତ ସମ୍ପର୍କ ଥିବା ଲୋକଙ୍କୁ ଆପତ୍ତି କରିବା ସକାଶେ ଆହ୍ୱାନ ଦିଆହେଲା। ଏହି ବିଜ୍ଞାପନ ଆଇନସଙ୍ଗତ ନ ଥିଲା। ତଥାପି ଲୋକେ ଆପତ୍ତି ଦେଲେ ଓ ସେହି ଆପତ୍ତି ଓ ସେମାନଙ୍କ ପୂର୍ବ ଆପତ୍ତିମାନ ଶୁଣାଗଲାନାହିଁ। ଯେଉଁ ଯେଉଁ ଜମି ଆବଶ୍ୟକ ହେବ, ତାହା ନିର୍ଦ୍ଦେଶ କରାହେଲା ନାହିଁ। କିନ୍ତୁ ଘର ଓ ସଡ଼କ ଆଦି ନିର୍ମାଣ ସକାଶେ ଜମି ତ ଆବଶ୍ୟକ। ବାହାରୁ ଅନେକ ଲୋକ

Digitized by srujanika@gmail.com

ତ ଆସିଗଲେଣି, ପ୍ରଥମରେ ସେମାନଙ୍କ ରହିବା ସକାଶେ ଘର ନିର୍ମାଣ ଆବଶ୍ୟକ । ବନ୍ଧ ସକାଶେ ନିରୂପିତ ସ୍ଥାନକୁ ଲାଗି ଜମଡ଼ା ଗ୍ରାମ । ଏହି ଗ୍ରାମସ୍ଥ ଯେଉଁ ଜମିରେ ସରକାରୀ କାର୍ଯ୍ୟଭାରପ୍ରାପ୍ତ କର୍ମଚାରୀମାନେ ଘର ନିର୍ମାଣ ଆବଶ୍ୟକ ବୋଲି ମନେକଲେ, ସେମାନଙ୍କ ହୁକୁମରେ ବଳତ୍କାର ସେହି ଜମିରେ ଘର ତିଆର ହୋଇଗଲା । ଏହାର ଅଳ୍ପଦିନ ମଧ୍ୟରେ ଜମଡ଼ା ଗ୍ରାମବାସୀ ୬୦ଟି ପରିବାରଙ୍କୁ ସ୍ଥାନାନ୍ତରିତ କରି ଅନ୍ୟସ୍ଥାନରେ ସେମାନଙ୍କ ବସବାସ ସକାଶେ ବ୍ୟବସ୍ଥା କଳ୍ପିତ ହେଲା । ସ୍ଥିର ହେଲା ଯେ, ଶ୍ରୀଯୁକ୍ତ ଖୋସଲାଙ୍କ ପୁସ୍ତକରେ ସୂଚିତ ପ୍ରଥମ ଆଦର୍ଶ ଗ୍ରାମ ଜମଡ଼ାକୁ ଲାଗି ରହିଥିବା ମୋ ଅଧିକୃତ ଲରପଙ୍କ ଗ୍ରାମରେ ନିର୍ମିତ ହେବ । ଏହି ଉଦ୍ଦେଶ୍ୟରେ ୧୯୪୭ ମସିହା ଡିସେମ୍ବର ମାସ ଶେଷରେ ପ୍ରାୟ ଦୁଇଶହ ଏକର ଗୋଚର ପତିତ ଜମି ନେବା ସକାଶେ ସରକାରୀ ଇସ୍ତାହାର ଜାରି ହେଲା । ପରେ ଏଥିରୁ କିଛି ରଖିଲେ ଓ କିଛି ଛାଡ଼ିଦେଲେ । ଘରର ଦୁଇଗୋଟି ନକ୍ସା ତିଆର ହେଲା । ପରେ ଏଥିରୁ କିଛି ରଖିଲେ ଓ କିଛି ଛାଡ଼ିଦେଲେ । ଘରର ଦୁଇଗୋଟି ନକ୍ସା ତିଆର ହେଲା । ଗୋଟିକରେ ୬୦ ଘରର ସାଧାରଣ ପ୍ରଜାଙ୍କ ସକାଶେ ଓ ଆଉ ଗୋଟିକରେ ୨୦ ଜଣ ଗୌନ୍ତିଆଙ୍କ ସକାଶେ ଘର ସୂଚିତ ହେଲା । ସେତେବେଳେ ଡେପୁଟି କମିଶନର ଶ୍ରୀ ଜଗନ୍ନାଥ ମିଶ୍ରଙ୍କୁ ମୁଁ କହିଥିଲି, ଉଭୟ ଶ୍ରେଣୀୟ ଘରର ଅନୁପଯୋଗିତା ସମ୍ବନ୍ଧରେ । ଏତେଗୁଡ଼ିଏ ଗୌନ୍ତିଆ କେବଳ ଖଣ୍ଡେ ଖଣ୍ଡେ ଘର ନେଇ କରିବେ କ'ଣ ? ସେମାନଙ୍କ ସକାଶେ ଚାଷୋପଯୋଗୀ ଭୂମି ଏହି ଗ୍ରାମରେ ନାହିଁ । ବାଣିଜ୍ୟ ବ୍ୟବସାୟର ମଧ୍ୟ କୌଣସି ସୁବିଧା ନାହିଁ । ଜମଡ଼ାର ଯେଉଁ ପ୍ରଜାମାନଙ୍କୁ ରଖାଯିବା କଳ୍ପନା କରାହେଉଅଛି, ସେମାନଙ୍କୁ ସୁଦ୍ଧା ଚାଷ କରିବା ସକାଶେ ଅନ୍ୟ ସ୍ଥାନକୁ ଯିବାକୁ ହେବ । ଏ ଲରପଙ୍କ ଗ୍ରାମକୁ ଲାଗି ଯେଉଁ ସରକାରୀ ରକ୍ଷିତ ଜଙ୍ଗଲ ଅଛି ତାହା ଯଦି ସେମାନଙ୍କୁ ଚାଷ ସକାଶେ ଦିଆହୁଏ, ତାହାହେଲେ ମଧ୍ୟ ଚାଷଜମି ନିକଟରେ ରହିବା ଏମାନଙ୍କ ପକ୍ଷେ ସୁବିଧାଜନକ । ତେଣୁ ଏହି କଳ୍ପିତ ଆଦର୍ଶ ଗ୍ରାମରେ କେହି ରହିବା ସମ୍ଭାବନା ନାହିଁ । ସରକାର ଏଥିରେ ଯେଉଁ ଅର୍ଥ ବ୍ୟୟ କରିବେ, ତାହା ପାଣିରେ ପଡ଼ିବ । ତାହା ହିଁ ହେଲା । ପ୍ରଥମତଃ ଏହି ୬୦ଟି ଘର ତୁଲ୍ୟ ନମୁନାରେ ଗଢ଼ା । ପ୍ରତ୍ୟେକ ଘରେ ଆଠଫୁଟ ଲମ୍ବ, ଆଠଫୁଟ ଓସାରର ତିନୋଟି ଲେଖାଏଁ କାମରା ଓ ଆଗରେ ଓ ପଛରେ ତିନିଚାରି ଫୁଟ ଓସାରର ଦୁଇଟି ଲେଖାଏଁ ବାରଣ୍ଡା । ଗାଈଗୋରୁ, ଢିଙ୍କି, ଚାଷର ଉପକରଣମାନ ରଖି ଏତେ ଛୋଟ ଛୋଟ ଘରେ ଚାରିପାଞ୍ଚ ପ୍ରାଣୀ ବିଶିଷ୍ଟ ପରିବାର ପକ୍ଷରେ ସୁଦ୍ଧା ରହିବା ଅସମ୍ଭବ । ଏ ସମସ୍ତ ଦୋଷ ଦେଖାଇ ମୁଁ ଜିଲ୍ଲା ହାକିମ ଶ୍ରୀ ଜଗନ୍ନାଥ ମିଶ୍ରଙ୍କୁ କହିଥିଲି । କିନ୍ତୁ ସେ ଶୁଣିଲେ ନାହିଁ ଓ ଶୀଘ୍ର ଜମି ସରକାରଙ୍କଠାରେ ସମର୍ପଣ କରିଦେବାକୁ କହିଲେ । ଆଇନର ବ୍ୟବସ୍ଥାନୁସାରେ ଜମି ଦଖଲ ପାଇବା ସମୟସାପେକ୍ଷ । ମାର୍ଚ୍ଚମାସ ଶେଷ ସୁଦ୍ଧା ଘରଯାକ ପ୍ରସ୍ତୁତ କରିଦେବା ସରକାରଙ୍କ ବ୍ୟବସ୍ଥା ହୋଇଥିଲା । ଏ ସମସ୍ତ ବିବେଚନାରେ

Digitized by srujanika@gmail.com

ଜଗନ୍ନାଥବାବୁଙ୍କ ଅନୁରୋଧରେ ମୁଁ ପ୍ରାୟ ଏକଶତ ଏକର ଜମି ସରକାରଙ୍କଠାରେ ସମର୍ପଣ କରିଦେଲି। ଜଣେ ଠିକାଦାରଙ୍କ ଦ୍ୱାରା ଘର ସବୁ ନିର୍ମିତ ହେଲା। ଜମଡ଼ା ଗ୍ରାମବାସୀମାନେ ସେମାନଙ୍କ ନିଜ ନିଜ ଘରୁ ସରକାରଙ୍କ ହୁକୁମରେ ଚାଲିଗଲେ କିନ୍ତୁ ଜଣେ ସୁଦ୍ଧା ଏହି ସରକାରଙ୍କ ନିର୍ମିତ ଘରେ ରହିଲେ ନାହିଁ। ଏପରି ଭାବରେ ଘରଯାକ କେତେକ ବର୍ଷ ପର୍ଯ୍ୟନ୍ତ ଶୂନ୍ୟ ହୋଇ ଓ କେତେକ ଚୋର, ଦୁର୍ବୃତ୍ତଙ୍କ ଆଶ୍ରୟସ୍ଥଳ ହୋଇ ରହିଲା ଓ ପରେ କ୍ରମେ ଭାଙ୍ଗିପଡ଼ିଲା। ଯେ ପାରିଲା ତହିଁର କାଠ, ବାଉଁଶ, ଖପର ନେଇଗଲା ଓ ଯାହା ଅବଶିଷ୍ଟ ରହିଲା, ସରକାର ନିଲାମ କଲେ। ଏଥିରେ କରଦାତାଙ୍କ ପ୍ରାୟ ଏକଲକ୍ଷ ଟଙ୍କା ପାଣିରେ ପଡ଼ିଲା। ଭାଗ୍ୟକୁ ଗୌନ୍ତିୟାଙ୍କ ସକାଶେ କଳ୍ପିତ ୨୦ ଗୋଟି ଘର ତିଆର ହେଲାନାହିଁ। ହୋଇଥିଲେ ଆହୁରି ଅର୍ଥଶ୍ରାଦ୍ଧ ହୋଇଥାନ୍ତା।

ଏହା ହେଲା ସରକାରଙ୍କ ପ୍ରଥମ ଓ ଶେଷ ଆଦର୍ଶ ଗ୍ରାମ। ଅନ୍ୟ କୌଣସି ଠାରେ ଶ୍ରୀଯୁକ୍ତ ଖୋସଲାଙ୍କ ପରିକଳ୍ପିତ ଗ୍ରାମ ପ୍ରତିଷ୍ଠାର ଚେଷ୍ଟା ସୁଦ୍ଧା ହୋଇନାହିଁ।

ଏହା ଉତ୍ତାରେ ଚାଲିଲା ସରକାରୀ ହାକିମମାନଙ୍କ ଯଥୋପଚାର। ଇତିପୂର୍ବେ କୁହାଯାଇଅଛି ଯେ ଜମି ନେବା ସକାଶେ ତା.୧୩.୧୧.୧୯୪୬ ରେ ଯେଉଁ ବିଜ୍ଞାପନ ପ୍ରକାଶିତ ହୋଇଥିଲା ତହିଁରେ କୌଣସି ନିର୍ଦ୍ଦିଷ୍ଟ ଜମିର ଉଲ୍ଲେଖ ନ ଥିଲା। ଏହା ଉତ୍ତାରେ ପ୍ରାୟ ଦୁଇବର୍ଷ ଚାଲିଗଲା। ତଥାପି ଲୋକଙ୍କ ଅଧିକୃତ ଯେଉଁ ଜମି ଆବଶ୍ୟକ ହେଲା, ତାହା ନେବା ସକାଶେ ଆଇନାନୁସାରେ କାର୍ଯ୍ୟାନୁଷ୍ଠାନ କରାହେଲା ନାହିଁ ଓ ବଳତ୍କାର ଯେଉଁଠାରେ ଆବଶ୍ୟକ ହେଲା, ଭାରପ୍ରାପ୍ତ କର୍ମଚାରୀ ଓ ଠିକାଦାରମାନେ ତହିଁରେ ପ୍ରବେଶ କଲେ। ମୋତେ ନ ଜଣାଇ ଏହିପରି ମୋର ଗୋଟିଏ ଚାଷ ହେଉଥିବା ଜମିରେ କୂଅ ଖୋଳି ପକାଇଲେ। ମୁଁ ଯେତେବେଳେ ଆପତ୍ତି କଲି, ମୋ ବିରୁଦ୍ଧରେ ପୋଲିସ ମୋକଦ୍ଦମା ଦାଏର କଲେ। ଏଥିରେ ଜିଲ୍ଲାସ୍ଥ ଶାସନ ବିଭାଗ ଓ ହୀରାକୁଦବନ୍ଧ ସମ୍ପର୍କରେ ନିଯୁକ୍ତ କର୍ମଚାରୀମାନେ ମୋ ବିରୁଦ୍ଧରେ ଅନୁଷ୍ଠିତ କାର୍ଯ୍ୟାବଳୀରେ ସହଯୋଗ କରିଥିଲେ। ହୀରାକୁଦ ଆନ୍ଦୋଳନ ବିପକ୍ଷରେ ମୁଁ ହସ୍ତୋତ୍ତୋଳନ କରି ମୁଁ ମୋ ନିଜ ଲୋକଙ୍କ ଚକ୍ଷୁରେ 'ଦେଶଦ୍ରୋହୀ, ସରକାରଙ୍କ ଗୁପ୍ତଚର' ହୋଇଥିଲି। ବର୍ତ୍ତମାନ ସରକାରଙ୍କ ବିପକ୍ଷରେ ବେଆଇନ କାର୍ଯ୍ୟାବଳୀର ପ୍ରତିବାଦ ଓ ପ୍ରତିକାର ମୋତେ ହିଁ କରିବାକୁ ହେଲା। ଏଥିରେ ମୁଁ ଦୃଢ଼ସଂକଳ୍ପ ହେଲି। ମୋ ଜମିରେ ଅନଧିକାର ପ୍ରବେଶପୂର୍ବକ ଯେଉଁ ଇଞ୍ଜିନିୟର କୂପ ଖୋଳାଇଥିଲେ, ତାଙ୍କ ବିରୋଧରେ ଫୌଜଦାରୀ ଅଦାଲତରେ ଓ ମୋ ଜମିରେ ଥିବା ଯେଉଁ ଗଛମାନ କାଟି ନେଇଥିଲେ, ତାହା ସକାଶେ କ୍ଷତିପୂରଣ ନ ଦେବାରୁ ଓଡ଼ିଶା ସରକାରଙ୍କ ବିରୋଧରେ ଦେୱାନି ଅଦାଲତରେ ମୋକଦ୍ଦମା ଦାଏର କଲି। ମୋ ବିରୋଧରେ ଯେଉଁ ପୋଲିସ ମୋକଦ୍ଦମା ସରକାରଙ୍କ ପକ୍ଷରୁ ଦାଏର ହୋଇଥିଲା, ପ୍ରାଥମିକ ତଦନ୍ତରେ ହିଁ ମୁଁ ସେହି ମୋକଦ୍ଦମାରୁ ମୁକ୍ତ ହେଲି। କିନ୍ତୁ ମୁଁ ଦାଏର କରିଥିବା ମୋକଦ୍ଦମାରେ ସମ୍ପୃକ୍ତ ଇଞ୍ଜିନିୟର

Digitized by srujanika@gmail.com

ମୋ ଜମିରେ ଅନଧିକାର ପ୍ରବେଶପୂର୍ବକ କୂପ ଖୋଳାଇଥିବା ଦୋଷରେ ଦୋଷୀ ସାବ୍ୟସ୍ତ ହୋଇ ଅର୍ଥଦଣ୍ଡରେ ଦଣ୍ଡିତ ହେଲେ ଓ ଦେୱାନି ଅଦାଲତରେ ଦାଏର କରିଥିବା ମୋକଦ୍ଦମାରେ ସୁଦ୍ଧା ମୁଁ ଜୟଲାଭ କଲି; ସରକାରଙ୍କ ପକ୍ଷରୁ ସବ୍‌ଜଜ୍‌ଙ୍କ ରାୟ ବିରୋଧରେ ହାଇକୋର୍ଟରେ ଅପିଲ୍ ସୁଦ୍ଧା ହୋଇଥିଲା, ତାହା ନାମଞ୍ଜୁର ହେଲା।

ଏ ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ ଅଧୀନରେ ହୀରାକୁଦ ବନ୍ଧ ସମ୍ପର୍କରେ ଯେ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହେଉଥିଲା, ତାହା ଜିଲ୍ଲା ହାକିମଙ୍କ ଅଧୀନରେ ଚାଲିଥିଲା। ୧୯୪୭ ସାଲର ମଧ୍ୟଭାଗରେ ଏହା ସକାଶେ ଏକ ସ୍ୱତନ୍ତ୍ର ଦପ୍ତର ଜାରି ହେଲା ଓ ଜମିବାଡ଼ି ନେବା ସଂକ୍ରାନ୍ତରେ ଜଣେ ଲ୍ୟାଣ୍ଡ୍ ଆକ୍ୟୁଜିସନ୍ ଅଫିସର୍ ନିଯୁକ୍ତ ହୋଇ ଉକ୍ତ ଦପ୍ତର ତାଙ୍କ ଅଧୀନରେ ରଖାହେଲା। ସମ୍ବଲପୁର ରେଲଷ୍ଟେସନ୍‌ରୁ ଜମଡ଼ା ପର୍ଯ୍ୟନ୍ତ ପ୍ରାୟ ଦଶ ମାଇଲ ରେଲପଥ ସକାଶେ ଯେଉଁ ଜମିମାନ ଆବଶ୍ୟକ ହେଲା, ତାହା ଆଇନାନୁସାରେ ନ ନେଇ ଜବରଦସ୍ତି ନିଆହେବାକୁ ଲାଗିଲା। ଏହି ରେଲପଥ ସମ୍ବଲପୁର ଓ ଜମଡ଼ା ମଧ୍ୟସ୍ଥ ଖେତରାଜପୁର, ଦୁର୍ଗାପାଲି, ରେମେଡ଼, ଲରପଙ୍କ ଓ ଜମଡ଼ା ଏହି ପାଞ୍ଚଖଣ୍ଡ ଗ୍ରାମ ମଧ୍ୟରେ ନିଆଯିବା ପ୍ରସ୍ତାବ ହେଲା ଓ ପ୍ରଜାଙ୍କ ଯେଉଁ ଯେଉଁ ଜମି ଏଥିରେ ନେବା ଆବଶ୍ୟକ ବୋଲି ସୂଚିତ ହୋଇଥିଲା, ତାହା ଉପରେ ମାଟି ଖୋଳାଦି କାର୍ଯ୍ୟାରମ୍ଭ ହୋଇଗଲା। ଲୋକଙ୍କ ଆପତ୍ତି ଶୁଣାଗଲା ନାହିଁ କିମ୍ବା ଜମିର କ୍ଷତିପୂରଣ ଦେବାସକାଶେ ମଧ୍ୟ ବ୍ୟବସ୍ଥା ସମ୍ବନ୍ଧରେ କୌଣସି କାର୍ଯ୍ୟାନୁଷ୍ଠିତ ହେଲାନାହିଁ। ରେଲପଥର କେତେକ କାର୍ଯ୍ୟ ହୋଇଗଲା ପରେ ୧୯୪୮ ସାଲ ଅକ୍ଟୋବର ମାସରେ ଆବଶ୍ୟକୀୟ ଜମି ନେବା ସକାଶେ ଆଇନାନୁଯାୟୀ ସରକାରୀ ବିଜ୍ଞାପନ ଜାରି ହେଲା ଓ ଏହା ସଙ୍ଗେ କ୍ଷତିପୂରଣ ସକାଶେ ଜମିର ମୂଲ୍ୟ ନିରୂପଣର କାର୍ଯ୍ୟାନୁଷ୍ଠିତ ହେଲା। ଏହାକୁ ସରକାର ଯାହା ସ୍ଥିରକଲେ ତାହା ପ୍ରଚଳିତ ମୂଲ୍ୟର ଅନୁପାତରେ ନିତାନ୍ତ କମ୍ ଥିଲା। ଉଦାହରଣ ସ୍ୱରୂପ, ମୋର ୧୦.୬୨ ଏକର ଜମିର ମୂଲ୍ୟ ନିରୂପିତ ହେଲା ପ୍ରଥମରେ ଟ.୪,୫୦୦ଙ୍କା। କିନ୍ତୁ ଏତିକି ନେବାକୁ ମୁଁ ଅସମ୍ମତ ହେଲି। ଆଇନର ବ୍ୟବସ୍ଥାନୁସାରେ ଜମିର ମୂଲ୍ୟ ତତ୍‌କାଳୀନ ବଜାର ଦର ଅନୁସାରେ ନିରୂପଣ କରିବାକୁ ହେବ। ସରକାର ଏହା ଗ୍ରହଣ କଲେନାହିଁ ଓ ଅନେକ ବର୍ଷ ପୂର୍ବେ ଯେତେବେଳେ ଜମିର ମୂଲ୍ୟ ଜମିରୁ ଉତ୍ପନ୍ନ ଦ୍ରବ୍ୟ ଓ ଅନ୍ୟାନ୍ୟ ଦ୍ରବ୍ୟର ଶସ୍ତା ଦର ବିବେଚନାରେ ସ୍ଥିର ହୋଇଥିଲା, ପ୍ରଚଳିତ ସମସ୍ତ ଦ୍ରବ୍ୟର ଦୁର୍ମୂଲ୍ୟତା ପ୍ରତି ଦୃଷ୍ଟି ନ ଦେଇ ସେହି ପୂର୍ବ ଶସ୍ତା ଦରରେ ସ୍ଥିର କଲେ। ମୁଁ ଏହାର ପ୍ରତିବାଦ କଲି ଓ ଏତେ କମ୍ ମୂଲ୍ୟରେ କ୍ଷତିପୂରଣ ଗ୍ରହଣ କରିବାକୁ ଅସମ୍ମତ ହେଲି। ମୋତେ ନାନାପ୍ରକାର ଧମକ ଚମକ ଦିଆହେଲା, କିନ୍ତୁ ମୁଁ ତତ୍‌ପ୍ରତି ଭ୍ରୂକ୍ଷେପ ସୁଦ୍ଧା କଲିନାହିଁ ଓ ବଜାରଦର ଅନୁସାରେ ମୋର ଦଶଏକର ଜମି ସକାଶେ ପ୍ରାୟ ପନ୍ଦର ହଜାର ଟଙ୍କା ଦାବି କଲି। ଅଜ୍ଞ ଲୋକମାନେ ସରକାରଙ୍କ ନିରୂପିତ ନିମ୍ନ ଦରରେ ଜମିର ମୂଲ୍ୟ ନେଇ ଯାଉଥିଲେ। ଏହି ପରିସ୍ଥିତିରେ ମୋର ଦାବିକୃତ ଦରର

Digitized by srujanika@gmail.com

ଔଚିତ୍ୟ ସମ୍ବନ୍ଧରେ ବିଭାଗୀୟ କର୍ମଚାରୀ ଓ ମନ୍ତ୍ରୀମାନେ ହୃଦୟଙ୍ଗମ କରୁଥିଲେ ସୁଦ୍ଧା ସେହି ଦରରେ ସମସ୍ତଙ୍କୁ ଦେଲେ ହୀରାକୁଦର ଖର୍ଚ୍ଚ ବହୁ ପରିମାଣରେ ବୃଦ୍ଧି ହୋଇଯିବ– ଏହି ଯୁକ୍ତି କରି ଜମିର ମୂଲ୍ୟ ବଢ଼ାଇବାକୁ ଆଦୌ ସମ୍ମତ ହେଲେ ନାହିଁ ଓ ୧୯୩୯ ସାଲ ପର୍ଯ୍ୟନ୍ତ ସରକାରଙ୍କ ନିରୂପିତ ନିମ୍ନ ଦରରେ ନେବାପାଇଁ ଯୁକ୍ତି ଦେଖାଇଲେ। ଏଥିରେ ମୁଁ ସମ୍ମତ ହେଲିନାହିଁ। କଟକରେ ସମ୍ପୃକ୍ତ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀମାନଙ୍କ ମୋ ସହିତ ଏହି ବିଷୟର ଆଲୋଚନା ପରେ ବିଭାଗୀୟ ସେକ୍ରେଟାରୀ ଶ୍ରୀ ହରିବନ୍ଧୁ ମହାନ୍ତି ମୋ ସମ୍ମୁଖରେ ଖଣ୍ଡେ କାଗଜ ଦେଲେ। ପଢ଼ି ଦେଖିଲି, ତାହା ଗୋଟିଏ ପ୍ରସ୍ତାବିତ ଆଇନର ପାଣ୍ଡୁଲିପି। ତହିଁରେ ବ୍ୟବସ୍ଥା ହୋଇଅଛି, ଜମି ନେବା ସମୟରେ ପ୍ରଚଳିତ ବଜାର ଦର ଯାହା ଥାଉ ନା କାହିଁକି ୧୯୩୯ ସାଲ ସେପ୍ଟେମ୍ବର ୧ ତାରିଖରେ, ଅର୍ଥାତ୍ ଦ୍ୱିତୀୟ ମହାଯୁଦ୍ଧାରମ୍ଭର ପୂର୍ବଦିନ ପର୍ଯ୍ୟନ୍ତ ଯେଉଁ ଦର ପ୍ରଚଳିତ ବୋଲି ଜଣାଯିବ, ତାହା ଉପରେ ଆହୁରି ଶତକଡ଼ା ୫୦ ଅଂଶ ନେବେ। ଅର୍ଥାତ୍ ୧୯୩୯ ମସିହାରେ ସମ୍ବଲପୁରରେ ଜମିର ମୂଲ୍ୟ ଧାର୍ଯ୍ୟ ହୋଇଥିଲା ରାଜସ୍ୱର ୧୯୨ ଗୁଣ। ବର୍ତ୍ତମାନ ଦିଆହେବ ୨୮୮ ଗୁଣ। ୧୯୪୮ ମସିହାକୁ ଜମିର ମୂଲ୍ୟ ବହୁ ପରିମାଣରେ ବଢ଼ିଗଲାଣି। ଜମିର ମୂଲ୍ୟ ତହିଁରୁ ଉତ୍ପନ୍ନ ଫସଲର ମୂଲ୍ୟ ଅନୁପାତରେ ସ୍ଥିର ହୁଏ। ୧୯୩୯ ସାଲରେ ଚାଉଳର ଦର ଥିଲା ଟଙ୍କାକୁ ୨୦ ସେର। ୧୯୪୮କୁ ହେଲାଣି ୨ ସେର। ସୁତରାଂ ୧୯୩୯ ମସିହାର ଦରଠାରୁ ୧୯୪୮ ମସିହାରେ ଜମିର ମୂଲ୍ୟ ୧୦ ଗୁଣ ବଢ଼ିଗଲାଣି। ଏହି ଦରରେ ମୋର ଜମିର ମୂଲ୍ୟ ମୁଁ ଦାବି କଲି; ମୁଖ୍ୟମନ୍ତ୍ରୀ ଶ୍ରୀ ମହତାବ ମହୋଦୟ କହିଲେ ଯେ, ମୁଁ ଯଦି ସରକାରଙ୍କଦ୍ୱାରା ସ୍ଥିର ହୋଇଥିବା ଦରରେ ମୋର ଜମିର କ୍ଷତିପୂରଣ ନ ନେବି, ତାହାହେଲେ ଏ ସମ୍ବନ୍ଧରେ ଏକ ନୂତନ ଆଇନ ପ୍ରଣୟନ କରିବେ, ଯାହା ବଳରେ ମୁଁ ଏବଂ ମୋର ମତିଗତି ବିଶିଷ୍ଟ ବ୍ୟକ୍ତିମାନେ ସରକାରଙ୍କ ନିର୍ଦ୍ଧାରିତ ଦରରେ କ୍ଷତିପୂରଣ ନେବାକୁ ବାଧ୍ୟ ହେବେ। ତଥାପି ମୁଁ ମୋର ଅସମ୍ମତି ଜଣାଇଦେଲି ଓ ସରକାରଙ୍କ ନୂତନ ବ୍ୟବସ୍ଥାର ପ୍ରତିରୋଧ ସକାଶେ ପ୍ରସ୍ତୁତ ହୋଇ ରହିଲି। ମୋ ମନରେ ଦୃଢ଼ବିଶ୍ୱାସ ଜାଗ୍ରତ ହେଲା, ଏପରି ଆଇନର କଦାପି ବିନିଯୋଗ ହୋଇପାରିବ ନାହିଁ।

ଆଇନର ପାଣ୍ଡୁଲିପିର ନକଲ ପ୍ରକାଶିତ ହେଲା ଓ ତାହା ସଙ୍ଗେ ସେ ସମ୍ବନ୍ଧରେ ସର୍ବସାଧାରଣଙ୍କ ମତ ଆହୂତ ହେଲା। ସମ୍ବଲପୁରର କେତେକ ପୂର୍ବ ନେତାଙ୍କ ଦ୍ୱାରସ୍ଥ ହେଲି। କେହି ଏଥିରେ ମୁଣ୍ଡ ପାତିବାକୁ ରାଜି ହେଲେ ନାହିଁ। ତାହା ଉପରେ ମୋର ମନ୍ତବ୍ୟ ଲେଖି ଗଭର୍ଣ୍ଣର ଶ୍ରୀ ଆସଫ୍ ଅଲିଙ୍କ ସଙ୍ଗେ କଟକରେ ସାକ୍ଷାତ କଲି ଓ ତାଙ୍କ ହସ୍ତରେ ମୋର ମନ୍ତବ୍ୟର ଏକ କିତା ନକଲ ଅର୍ପଣ କଲି। କ୍ଷତିପୂରଣ ସମ୍ବନ୍ଧରେ ସେ ମୋ ସହିତ ଏକମତ ହେଲେ। କିନ୍ତୁ ତହିଁର କୌଣସି ପ୍ରତିକାରର ଆଶା ପାଇଲି ନାହିଁ। ଇତି ମଧ୍ୟରେ ରେଭିନ୍ୟୁ କମିଶନର ଶ୍ରୀ ସାମୁଏଲ୍ ଦାସଙ୍କ ସଙ୍ଗେ ସାକ୍ଷାତକରି ଏହି

Digitized by srujanika@gmail.com

ବିଷୟର ଆଲୋଚନା କରିଥିଲି ଓ ସେ ମୋଠାରୁ ସମସ୍ତ ବିଷୟ ବୁଝି ପ୍ରଚଳିତ ଭୂମିର କ୍ଷତିପୂରଣକୁ ଖଜଣାର ୧୯୨ ଗୁଣରୁ ୫୦୦ଗୁଣକୁ ସରକାରଙ୍କଦ୍ୱାର ମଞ୍ଜୁର କରାଇଥିଲେ। ଏହାଦ୍ୱାରା କିଛି ହେଲେ ଲୋକଙ୍କ ମଧ୍ୟରେ ଆଶ୍ୱାସନା ଆସିଥିଲା। କିନ୍ତୁ ନୂତନ ଆଇନରେ ଏହାର କୌଣସି ପ୍ରକାର ସୂଚନା ନ ଥିବାରୁ ଲୋକେ ଏହା ଉପରେ ଆସ୍ଥା ସ୍ଥାପନ କରିପାରିଲେ ନାହିଁ। ୧୯୪୮ ମସିହା ଡିସେମ୍ବର ୯ ତାରିଖ ଦିନ ଏହି ଆଇନ ମଞ୍ଜୁର କରାଇବା ସକାଶେ ବିଧାନ ସଭା ଆହୂତ ହେଲା। ଏହାର ପୂର୍ବ ରାତ୍ରିରେ ଯୁକ୍ତିପୂର୍ଣ୍ଣ ଗୋଟିଏ ସ୍ମାରକପତ୍ର ଲେଖି ଓ ତାକୁ କଟକ ସାରସ୍ୱତ ପ୍ରେସ୍‌ରେ ଛପାଇ ସମସ୍ତ ସଦସ୍ୟମାନଙ୍କ ମଧ୍ୟରେ ବଣ୍ଟନ କଲି। ସାରସ୍ୱତ ପ୍ରେସ୍‌ର ସ୍ୱତ୍ୱାଧିକାରୀ ମୋର ବନ୍ଧୁ ସ୍ୱର୍ଗୀୟ ବାଳକୃଷ୍ଣ କରଙ୍କ ଆନୁକୂଲ୍ୟରେ ଏହି ଛପା କାର୍ଯ୍ୟ ରାତ୍ର ତିନିଟାରେ ସମାପ୍ତ ହୋଇଥିଲା। ମୋର ବନ୍ଧୁ ଶ୍ରୀ ବ୍ରଜମୋହନ ପଣ୍ଡାଙ୍କୁ ଗୋଟିଏ ପତ୍ରରେ ଲେଖିଲି, ହୀରାକୁଦବନ୍ଧ ବିରୋଧାତ୍ମକ ମନୋଭାବ ତ୍ୟାଗ କରନ୍ତୁ ଓ ମୋ ସହିତ ସହଯୋଗ କରନ୍ତୁ। ସେ କଟକକୁ ଆସିଲେ ଓ ଆମ୍ଭେ ଦୁହେଁ ମିଶି ଆଇନ ବିରୋଧରେ ପ୍ରତିବାଦ ଆରମ୍ଭ କରିଦେଲୁ। ସେହିଦିନ ବିଧାନ ସଭାର ଅଧିବେଶନ ମୁଲତବି ରହିଲା ଓ ମୁଖ୍ୟମନ୍ତ୍ରୀ ଶ୍ରୀ ମହତାବ ଏହି ବିଷୟରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ସଦାଶିବ ତ୍ରିପାଠୀ, ବିଧାନ ସଭାର ସଦସ୍ୟ ଶ୍ରୀ ନବକୃଷ୍ଣ ଚୌଧୁରୀ, ରେଭିନ୍ୟୁ କମିଶନର ଶ୍ରୀ ସାମୁଏଲ୍ ଦାସ, ଆଇନ ସେକ୍ରେଟାରୀ ଶ୍ରୀ ଚାରୁଚନ୍ଦ୍ର କୋଆଡ଼ି ଓ ଆଉ ଜଣ କେତେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ସହିତ ଆଲୋଚନା କରି ଆମ୍ଭମାନଙ୍କ ସହିତ ଆପୋଷ ମୀମାଂସାର ପ୍ରସ୍ତାବ କଲେ। ୧୦ ତାରିଖ ଦିନ ସକାଳେ ବ୍ରଜମୋହନ ବାବୁ ଓ ମୁଁ ଏହି ବିଷୟର ଆଲୋଚନା ସକାଶେ ରାଜସ୍ୱମନ୍ତ୍ରୀ ଶ୍ରୀ ସଦାଶିବ ତ୍ରିପାଠୀଙ୍କ ବାସଭବନରେ ଉପସ୍ଥିତ ହେଲୁଁ ଓ ଅନ୍ୟାନ୍ୟ ଅଫିସରମାନଙ୍କୁ ଡକାଇ ଆଣିବା ସକାଶେ ଅନୁରୋଧ କଲୁ। ଦେଖିଲୁ, କିନ୍ତୁ ପରେ ନବକୃଷ୍ଣ ଚୌଧୁରୀଙ୍କ ଛଡ଼ା କେହି ଆସିଲେ ନାହିଁ। ଶ୍ରୀ ତ୍ରିପାଠୀ ଫୋନ୍ ଯୋଗେ ଶ୍ରୀ ମହତାବଙ୍କ ସଙ୍ଗେ କଥାବାର୍ତ୍ତା ଆରମ୍ଭ କଲେ। ଏହି ସମୟରେ ଆମ୍ଭେମାନେ ତାଙ୍କ ପାଖରେ ବସିଥିଲୁ ଓ ତାଙ୍କ ମୁଖରୁ ଯାହା ନିର୍ଗତ ହେଉଥାଏ, ଆଲୋଚନା ସମ୍ବନ୍ଧରେ ତହିଁର ବିନ୍ଦୁବିସର୍ଗର ଅବଧାରଣ କରିପାରିଲୁ ନାହିଁ। ଶ୍ରୀ ମହତାବ ତ୍ରିପାଠୀ ମହାଶୟଙ୍କୁ ଯାହା ପ୍ରଶ୍ନ କରୁଥାନ୍ତି ଓ ତାଙ୍କଠାରୁ ଯାହା ଜାଣିବାକୁ ଇଚ୍ଛା କରୁଥାନ୍ତି, ତ୍ରିପାଠୀ ମହାଶୟ ଉତ୍ତରରେ କହୁଥାନ୍ତି, "ମଣିମାଙ୍କ ନଖଦର୍ପଣରେ ତ ସବୁଅଛି, ମୁଁ ତ ମଣିମାଙ୍କ ସମ୍ମୁଖରେ ନିତାନ୍ତ ଅକିଞ୍ଚନ, କ'ଣ କହିବି ?" ତତ୍ପରେ ଆମ୍ଭେମାନେ ପ୍ରସ୍ତାବ କଲୁ, ସରକାର ଯେଉଁ ରାଜସ୍ୱର ୫୦୦ ଗୁଣ ମଞ୍ଜୁର କରିଛନ୍ତି, ପ୍ରଥମରେ ପରୀକ୍ଷା ସ୍ୱରୂପ ସେତିକି ଦେବେ ବୋଲି ପ୍ରକାଶ୍ୟ ବିଧାନସଭାରେ ପ୍ରକାଶ କରନ୍ତୁ; ତାହାହେଲେ ସମ୍ବଲପୁରବାସୀ ତାହା ଗ୍ରହଣ କରିବାକୁ ଆମ୍ଭେମାନେ ସେମାନଙ୍କୁ ବୁଝାଇବୁ; ତ୍ରିପାଠୀ ମହାଶୟ ଆମ୍ଭମାନଙ୍କ ପ୍ରସ୍ତାବକୁ ନିଜେ ଅନୁମୋଦନ କରି ମୁଖ୍ୟମନ୍ତ୍ରୀ ମହାଶୟଙ୍କ ଫୋନ୍ ଯୋଗେ ତତ୍‌କ୍ଷଣାତ୍ ଜଣାଇଦେଲେ ଓ ଶ୍ରୀ ମହତାବ ମଧ୍ୟ ତାଙ୍କ

Digitized by srujanika@gmail.com

ଅନୁମୋଦନ ଜଣାଇଲେ। ଏହି ବିଷୟ ସେହିଦିନ ବିଧାନସଭାରେ ପ୍ରକାଶିତ ହେଲା। ଆଇନଟି ଯେପରି ଥିଲା ସେପରି ମଞ୍ଜୁର ହୋଇଗଲା।

ସମ୍ବଲପୁରକୁ ଫେରିଆସି ଏହି ବିଷୟ ଆମ୍ଭେମାନେ ଲ୍ୟାଣ୍ଡ ଆକ୍ୟୁଜିସନ୍ ଅଫିସର୍‌ଙ୍କୁ ଜଣାଇଲୁ ଓ ଏହି ଅନୁସାରେ କ୍ଷତିପୂରଣ ହିସାବ କରିବାପାଇଁ କହିଲୁ। ସରକାରଙ୍କଠାରୁ ହୁକୁମ ପାଇଲା ପରେ ତାହା କରିବେ ବୋଲି ସେ କହିଲେ। ଏହାଉତ୍ତାରେ ଦିନକୁ ଦିନ ଲୋକମାନେ ସେମାନଙ୍କ ପ୍ରାପ୍ୟ ସକାଶେ ଆସୁଥାନ୍ତି। ସମସ୍ତଙ୍କୁ ଲ୍ୟାଣ୍ଡ ଆକ୍ୟୁଜିସନ୍ ଅଫିସର୍ କହୁଥାନ୍ତି ଯେ, ସରକାରଙ୍କଠାରୁ ୫୦୦ ଗୁଣ ଦେବା ବିଷୟରେ କୌଣସି ହୁକୁମ ସେ ପାଇନାହାଁନ୍ତି ଓ ସେହି ୧୯୨ ଗୁଣ ଦରରେ କ୍ଷତିପୂରଣକୁ ଜମିର ମୂଲ୍ୟ ଯାଚୁଥାନ୍ତି। କେତେକ ଲୋକ ନେଲେ, କେତେକ ନେଲେ ନାହିଁ। ଲ୍ୟାଣ୍ଡ୍ ଆକ୍ୟୁଜିସନ୍ ଅଫିସରଙ୍କୁ ସରକାର ମଞ୍ଜୁର କରିଥିବା ଓ ବିଧାନସଭାରେ ଅନୁମୋଦିତ ହୋଇଥିବା ୫୦୦ଗୁଣ ଦେବା ସକାଶେ ଯେତେ କହିଲି, ତହିଁର ଉତ୍ତର ମିଳିଲା, ପ୍ରତି ବାର ବିଦ୍ରୂପାତ୍ମକ ଅଟ୍ଟହାସ୍ୟ।

ଏହା ଉତ୍ତାରେ ଏହି ବିଷୟ ଜଣାଇ ଶ୍ରୀ ମହତାବଙ୍କଠାରୁ ଗୋଟିଏ ପତ୍ର ଲେଖିଲି ଓ ତହିଁରେ ସରକାରଙ୍କ ହୁକୁମ ଲ୍ୟାଣ୍ଡ୍ ଆକ୍ୟୁଜିସନ୍ ଅଫିସର୍‌ଙ୍କଠାକୁ ଶୀଘ୍ର ପଠାଇଦେବା ସକାଶେ ଅନୁରୋଧ କଲି। ତାଙ୍କ ସେକ୍ରେଟାରୀଙ୍କଠାରୁ ଉତ୍ତର ପାଇଲି, ମୁଖ୍ୟମନ୍ତ୍ରୀ ସେହି ବିଷୟ ବିଚାର କରୁଛନ୍ତି। ବିଚାର କରିବାକୁ ଆଉ ଥିଲା କ'ଣ ? ମୋ ମନରେ ସନ୍ଦେହ ଜାତ ହେଲା। ପରେ ଦେଖାଗଲା, ମହତାବଙ୍କ ପ୍ରତିଶ୍ରୁତି ଲଙ୍ଘନ କରାହେଉଅଛି। ମୋ ପତ୍ରର ଉତ୍ତର ଆଉ କେବେ ହେଲେ ଆସିଲା ନାହିଁ।

ଲୋକଙ୍କ ମନରେ ଅସନ୍ତୋଷ ଘନୀଭୂତ ହେବାକୁ ଲାଗିଲା। ଯେଉଁ ଆଇନ ବିଧାନସଭାରେ ମଞ୍ଜୁର ହୋଇଥିଲା, ତାହା ଯେତେବେଳେ ସରକାରୀ ଗେଜେଟ୍‌ରେ ପ୍ରକାଶିତ ହେଲା, ତହିଁରେ ସ୍ଥିରୀକୃତ ହୋଇଥିବା ଦେଖାଗଲା :

(୧) କ୍ଷତିପୂରଣ ପ୍ରଚଳିତ ବଜାର ଦରରେ ଦିଆହେବ। ପ୍ରକାଶ ଥାଉ କି ବଜାରଦରର ଅର୍ଥ ହେବ, ୧୯୩୯ ମସିହା ସେପ୍ଟେମ୍ବର ତା୧ରିଖରେ ପ୍ରଚଳିତ ଦର ଓ ଏହା ଉପରେ ଶତକଡ଼ା ୫୦ ଅଂଶ। ଏହା ବିକ୍ରୟ ହୋଇପାରୁଥିବା ଜମି ପ୍ରତି ପ୍ରଯୋଜ୍ୟ। (ଅର୍ଥାତ୍ ସମ୍ବଲପୁରରେ ଗୌନ୍ତିୟାମାନଙ୍କ ଭୋଗରା ଜମି ପ୍ରତି)।

(୨) ଯେଉଁ ଜମି ଆଇନାନୁସାରେ ବିକ୍ରୟ ହୋଇପାରିବ ନାହିଁ ତାହା ସକାଶେ ସରକାର ରାଜସ୍ବର ଯେତେଗୁଣ ଦିଆଯିବ ବୋଲି ସ୍ଥିର କରିବେ ତାହା ଓ ତାହା ଉପରେ ଶତକଡ଼ା ୫୦ ଅଂଶ ଓ ସମ୍ବଲପୁରରେ ଏହା ରୟତି ଜମି ପ୍ରତି ପ୍ରଯୋଜ୍ୟ। ଏହି ଜମି ଗୌନ୍ତିୟାଙ୍କ ଅନୁମତି ବିନା ବିକ୍ରୟ ହୋଇପାରୁ ନ ଥିଲା। ୧୯୫୩ ସାଲରେ ଏକ ସ୍ବତନ୍ତ୍ର ଆଇନଦ୍ୱାରା ପ୍ରଜାମାନଙ୍କୁ ନିଜ ନିଜ ଜମି କାହାରି ବିନା ଅନୁମତିରେ ବିକ୍ରୟ କରିବା ଅଧିକାର ଦିଆହେଲା। ପୁଣି ବ୍ୟବସ୍ଥା ହେଲା ଯେ, କ୍ଷତିପୂରଣ ଆପୋଷ ମୀମାଂସାମତେ

Digitized by srujanika@gmail.com

ଦିଆହେବ ଏବଂ ଯେଉଁ ସ୍ଥଳରେ ଆପୋଷ ମୀମାଂସା ହୋଇପାରିବ ନାହିଁ, କ୍ଷତିପୂରଣର ପରିମାଣ ସ୍ଥିର କରିବା ସକାଶେ ସରକାର ଜଣେ ଆର୍ବିଟ୍ରେଟର୍ ନିଯୁକ୍ତ କରିବେ।

(୩) ଭାରପ୍ରାପ୍ତ କର୍ମଚାରୀ ଲ୍ୟାଣ୍ଡ ଆକ୍ୟୁଜିସନ୍ ଅଫିସର୍ ଆପୋଷ ମୀମାଂସାର ପୂର୍ଣ୍ଣ ସୁଯୋଗ ନେଲେ ଓ ଅଜ୍ଞ ଲୋକମାନେ ତାଙ୍କ ମର୍ଜିରେ ଯାହା ପାଇଲେ ତାହା ନେବାକୁ ଲାଗିଲେ। ମୋତେ ୩୦୦ ଗୁଣରୁ ଅଧିକ ଦେବେ ନାହିଁ ବୋଲି କହିଲେ, ଅର୍ଥାତ୍ ୧୯୩୯ ସାଲରେ ପ୍ରଚଳିତ ୧୯୨ ଗୁଣ, ଏହା ଉପରେ ଶତକଡ଼ା ୫୦ ଅଂଶ ୯୬ ଓ ଦୟାକରି ପୁଣି ୧୨। ମୁଁ କିନ୍ତୁ ନଛୋଡ଼୍ ବନ୍ଧା। ୫୦୦ ଗୁଣର ସୁଦ୍ଧା ମୋହ ପରିତ୍ୟାଗ କରିଦେଲି ଓ ୧୮୯୪ ସାଲ୍‌ର ନଂ୧ମ୍ବର ଲ୍ୟାଣ୍ଡ୍ ଆକ୍ୟୁଜିସନ୍ ଆଇନ୍‌ର ବ୍ୟବସ୍ଥାନୁସାରେ ଜମି ନେବା ଦିନର ପ୍ରଚଳିତ ବଜାର ଦରରେ କ୍ଷତିପୂରଣ ଦାବିକଲି, ଏଥର ୫୦୦ ଗୁଣ ପରିବର୍ତ୍ତରେ ସୁଦ୍ଧା ମୋ ସକାଶେ ସ୍ୱତନ୍ତ୍ର ବ୍ୟବସ୍ଥା କରାହେବ ବୋଲି କେତେ ଲୋଭ ଦେଖାଇଲେ। ତହିଁରେ ମୁଁ ଭୁଲିଲି ନାହିଁ। ଏତେବେଳକୁ ସମସ୍ତ ପରିସ୍ଥିତି ସମ୍ବନ୍ଧରେ ଅନୁଧ୍ୟାନ କରି ମୋ ମନରେ ଯେଉଁ କ୍ଷୋଭ ଜାତ ହେଉଥିଲା ତାହା ବର୍ଣ୍ଣନା କରିହେବ ନାହିଁ। ସରକାର ତଥା କଟକିଆଙ୍କ ପକ୍ଷ ଗ୍ରହଣ କରିଥିଲି। ଏହି ଅପରାଧରେ ଅପରାଧୀ ବୋଲି ମୋ ନିଜ ଲୋକେ ମୋତେ ଦେଶଦ୍ରୋହୀ ଓ ଏହି ପାପ ଯୋଗୁଁ ମୋ ପୁଅ ମଲା ବୋଲି କହୁଥିଲେ। ଅପରପକ୍ଷରେ ସରକାରଙ୍କ ପ୍ରତିଜ୍ଞା ଓ ପ୍ରତିଶ୍ରୁତି ଭଙ୍ଗ। ଉଭୟ ସନ୍ଧିରେ ପଡ଼ି ମୋର ପ୍ରତିଜ୍ଞା ଦୃଢ଼ୀଭୂତ ହେଲା। ଆଇନର ବ୍ୟବସ୍ଥାଗଣ ମୁଁ କିଛି ମାନିବି ନାହିଁ, ପ୍ରକୃତରେ ଯେତେ ମୋର ପ୍ରାପ୍ୟ ହେଉଅଛି – ପ୍ରାୟ ୧୫ ହଜାର ଟଙ୍କା – ତହିଁରୁ କପର୍ଦ୍ଦକ ସୁଦ୍ଧା ଊଣା ହେଲେ ଗ୍ରହଣ କରିବି ନାହିଁ ଓ ଲୋକମାନଙ୍କ ପ୍ରତି ଯେଉଁ ଅବିଚାର କରାହେଉଅଛି ତାହା ସର୍ବସାଧାରଣଙ୍କ ଗୋଚରୀଭୂତ କରିବି। ଏହି ହେଲା ମୋର ପ୍ରତିଜ୍ଞା। ବନ୍ଧ ବିରୋଧୀ ନେତୃବୃନ୍ଦ ତ ଏକାବେଳକେ ନିରବ। ଗରିବଙ୍କ କଥା ବୁଝୁଛି କିଏ ? ନିଜ ନିଜ ସ୍ୱାର୍ଥସାଧନରେ ସମସ୍ତେ ତତ୍ପର ହୋଇ ରହିଲେଣି, ବନ୍ଧ ବିରୋଧ କମିଟିର ସଭ୍ୟମାନଙ୍କ ମଧ୍ୟରୁ କିଏ ଉଚ୍ଚ ସରକାରୀ ଚାକିରି ପାଇ ବସିଲେଣି, କାହାରି କାହାରି ପୁଅ, ପୁତୁରା, ଜ୍ଞାତି ସ୍ଥାନୀୟ ଦପ୍ତରରେ ଚାକିରି ପାଇଲେଣି। କେହି କେହି ଠିକାଦାର ହେବାପାଇଁ ଦରଖାସ୍ତ କଲେଣି। ଓକିଲମାନେ ଆନ୍ଦୋଳନ ଛାଡ଼ି ନିଜ ନିଜ ବ୍ୟବସାୟରେ ମନଦେଲେଣି। ମୁଁ ଅନୁଭବ କଲି ଭୂମିଚ୍ୟୁତ ଲୋକଙ୍କୁ ଉଦ୍ଧାର କରିବା ଭାର ଏହି 'ଦେଶଦ୍ରୋହୀ' ଉପରେ। ବାସ୍ତବରେ ମୋର ଅନ୍ତରତମ ପ୍ରଦେଶରେ ପ୍ରେରଣା ଅନୁଭବ କଲି। ସରକାରଙ୍କ ଏହି ଅବିଚାର ବିରୋଧରେ ଦଣ୍ଡାୟମାନ ହେବି – ଏହି ବିଷୟରେ ଯେତେ ଭାବିଲି ପ୍ରେରଣା ସେତିକି ଦୃଢ଼ୀଭୂତ ହୋଇ ମୋତେ ଉତ୍ସାହିତ କରିବାକୁ ଲାଗିଲା।

ଲ୍ୟାଣ୍ଡ୍ ଆକ୍ୟୁଜିସନ୍ ଅଫିସର୍ ଏଥର ମୋ ଜମି ସକାଶେ ୩୦୦ଗୁଣ ପରିବର୍ତ୍ତରେ ୪୫୦ ଗୁଣ ଓ ମୋର ଦଶ ଏକର ଜମି ସକାଶେ ଟ.୪୫୦୦ଙ୍କା ଯାଚିଲେ। ମୁଁ ତାହା

Digitized by srujanika@gmail.com

ଅସ୍ୱୀକାର କଲି । ମୁଁ ଲରପଙ୍କ ଗ୍ରାମର ଗୌନ୍ତିୟା ଓ ମୋର ଏହି ଦଶଏକର ଭୋଗରା ଜମି । ନୂତନ ଆଇନର ବଜାର ଦରର ସଂଜ୍ଞାନୁସାରେ ମୋର ଏହି ଜମିର କ୍ଷତିପୂରଣର ପରିମାଣ ୧୯୩୯ ମସିହାରେ ପ୍ରଚଳିତ ଅର୍ଥାତ୍ ଦଶବର୍ଷ ପୂର୍ବର ବଜାରଦର ଅନୁସାରେ ସ୍ଥିର କରାହେବ, ଏହା ଅନ୍ୟାୟ ଓ ବେଆଇନ । ପ୍ରଥମରେ ଏହି ବ୍ୟବସ୍ଥା ବିରୋଧରେ ଲଢ଼ିବାକୁ ସ୍ଥିରକଲି ଓ ଏହି ବ୍ୟବସ୍ଥାକୁ ବେଆଇନ ଘୋଷଣା କରିବା ସକାଶେ ସ୍ଥାନୀୟ ସବ୍‌ଜଜ୍‌ଙ୍କ ଅଦାଲତରେ ମୋକଦ୍ଦମା ଦାଏର କରିଦେଲି । ଏହା ସଙ୍ଗେ ଲ୍ୟାଣ୍ଡ ଆକ୍ୟୁଜିସନ୍ ଅଫିସର୍ ସ୍ଥିର କରିଥିବା କ୍ଷତିପୂରଣ ଟଙ୍କା ନେବାପାଇଁ ମୋର ଅସମ୍ମତି ଜଣାଇଦେଲି ଓ ଏହା ସ୍ଥିର କରିବା ସକାଶେ ଆର୍ବିଟ୍ରେଟର୍ ନିଯୁକ୍ତି କରିବା ସକାଶେ ପ୍ରାର୍ଥନା କଲି ।

ଏହା ଉତ୍ତାରେ ସାତ ଆଠ ମାସ ଚାଲିଗଲା । ତଥାପି ସରକାର ଆର୍ବିଟ୍ରେଟର୍ ନିଯୁକ୍ତି ସକାଶେ କାର୍ଯ୍ୟାନୁଷ୍ଠାନ କରୁଥିବା ଜଣାଗଲା ନାହିଁ । ଶୀଘ୍ର ଆର୍ବିଟ୍ରେଟର୍ ନିଯୁକ୍ତି ସକାଶେ ସରକାରଙ୍କୁ ନିର୍ଦ୍ଦେଶ ଦେବାପାଇଁ ହାଇକୋର୍ଟରେ ରିଟ୍ ଦରଖାସ୍ତ ଦେଲି । ଏହା ଉତ୍ତାରେ ସରକାର ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଶ୍ରୀ ବିପ୍ରଚରଣ ଦାସଙ୍କୁ ନିଯୁକ୍ତି କଲେ ଓ ସମ୍ବଲପୁରରେ ତାଙ୍କର ଗୋଟିଏ ସ୍ୱତନ୍ତ୍ର ଦପ୍ତର ସ୍ଥାପିତ ହେଲା ।

ଏହି ସମୟକୁ ଅନେକ ଲୋକ ପ୍ରଚଳିତ ବଜାର ଦରରେ ସେମାନଙ୍କ ଜମି ସକାଶେ ଆର୍ବିଟ୍ରେଟର୍‌ଙ୍କଠାରେ କ୍ଷତିପୂରଣ ଦାବି କଲେଣି । ଆର୍ବିଟ୍ରେଟରଙ୍କ ଅଦାଲତ୍‌କୁ ବିଚାର ସକାଶେ ସର୍ବପ୍ରଥମ ଆସିଲା ମୋର ଦାବି ଓ ଏହା ସଙ୍ଗେ ସବ୍‌ଜଜ୍‌ଙ୍କ ଅଦାଲତରେ ନୂତନ ଆଇନର ୧୯୩୯ ମସିହାର ଦରର ବ୍ୟବସ୍ଥା ବିରୋଧରେ ମୁଁ ଦାଏର କରିଥିବା ମୋକଦ୍ଦମା ମଧ୍ୟ ଚାଲିଲା ।

'ଦେଶଦ୍ରୋହୀ' ଓ 'ଦେଶପ୍ରେମୀ'ଙ୍କୁ ଚିହ୍ନିବାର ସୁଯୋଗ ଦେଶବାସୀଙ୍କ ସମକ୍ଷରେ ବର୍ତ୍ତମାନ ଉପସ୍ଥିତ ହେଲା । ହୀରାକୁଦ ବନ୍ଧ ବିରୋଧାତ୍ମକ ଆନ୍ଦୋଳନର ତୁଙ୍ଗ ନେତା ଶ୍ରୀ ଅଚ୍ୟୁତାନନ୍ଦ ପୁରୋହିତ ଯେ ସରକାରଙ୍କ ନୀତିର ପ୍ରତିବନ୍ଧ ସ୍ୱରୂପ ସରକାରୀ ଓକିଲପଦ ଓ ଇଂରେଜ ଅମଳରେ ଭୂଷିତ ରାୟବାହାଦୂର ଉପାଧି ପରିତ୍ୟାଗ କରିଥିଲେ ଏବଂ ବାସ୍ତୁହରା ବ୍ୟକ୍ତିଙ୍କ ବିପଦରେ ଯାହାଙ୍କ ହୃଦୟ ବିଚଳିତ ହୋଇ କେତେ ହାଟ, କେତେ ବଜାରରେ ତପ୍ତ କୁମ୍ଭିରାଶ୍ରୁ ବର୍ଷଣ କରିଥିଲେ ଆଜି ସେ ସରକାରୀ ଓକିଲ ପଦ ଗ୍ରହଣ କରି ସେହି ବିପନ୍ନ ଲୋକଙ୍କ ନ୍ୟାଯ୍ୟ ଦାବି ବିରୋଧରେ ଦଣ୍ଡାୟମାନ ହେଲେ ।

ମୁଁ ଦାଏର କରିଥିବା ମୋକଦ୍ଦମାରେ ସବ୍‌ଜଜ୍‌ଙ୍କ ସୁପାରିସ ଅନୁସାରେ ନୂତନ ଆଇନର ବ୍ୟବସ୍ଥାକୁ ମାନ୍ୟବର ହାଇକୋର୍ଟ ବେଆଇନ ବୋଲି ଘୋଷଣା କଲେ । ଆର୍ବିଟ୍ରେଟର୍ ଶ୍ରୀ ବିପ୍ରଚରଣ ଦାସଙ୍କ ବିଚାରରେ ମୋର ଦାବି ମଞ୍ଜୁର ହେଲା । ଏହି ରାୟ ଅନୁସାରେ ଭୋଗରା ଜମିର ମୂଲ୍ୟ ରାଜସ୍ୱର ୧୫୦୦ ଗୁଣ ପର୍ଯ୍ୟନ୍ତ ଉଠିଲା । ଏହା ଉତ୍ତାରେ ରୟତି ଜମିର ମୂଲ୍ୟ ସୁଦ୍ଧା ଏହି ଅନୁପାତରେ ଧାର୍ଯ୍ୟ ହେଲା । ଯେଉଁମାନେ ଆପୋସ

Digitized by srujanika@gmail.com

ସାଲିସ କରି ନ୍ୟୁନ ଦରରେ ଜମିର ମୂଲ୍ୟ ନେଇଯାଇଥିଲେ ସେମାନେ ମୁଣ୍ଡ କାନ ଆଉଁଷି ରହିଲେ ଓ ଏଥିରେ ସରକାର ବହୁ ପରିମାଣରେ ଲାଭବାନ ହେଲେ। ଯେଉଁମାନେ ଭାରପ୍ରାପ୍ତ କର୍ମଚାରୀମାନଙ୍କ କଥାରେ ନ ଭୁଲି ମୋର ମୋକଦ୍ଦମା ନିଷ୍ପତ୍ତି ହେବା ପର୍ଯ୍ୟନ୍ତ ଅପେକ୍ଷା କରି ରହିଲେ, ସେମାନେ ମୋର ଦାବି ଅନୁସାରେ ପାଇଲେ। ପ୍ରଥମରେ ଲ୍ୟାଣ୍ଡ ଆକ୍ୟୁଜିସନ୍ ଅଫିସର ମୋର ଦଶ ଏକର ଜମିର ମୂଲ୍ୟ ଟ.୪୫୦ଙ୍କା ଯାଚିଥିଲେ। କିନ୍ତୁ ତାହା ନେବାକୁ ଅସମ୍ମତ ହୋଇ ଆର୍ବିଟ୍ରେଟର୍‌ଙ୍କ ଅଦାଲତରେ ମୋକଦ୍ଦମା ଦାଏର କଲାରୁ ସରକାରୀ ଓକିଲ ଶ୍ରୀ ଅଚ୍ୟୁତାନନ୍ଦ ପୁରୋହିତଙ୍କ ପରାମର୍ଶାନୁସାରେ ଆଇନର ଅର୍ଥକୁ ଅନର୍ଥ କରି ତାହା ଟ.୧୫୦ଙ୍କା କୁ ଖସାଇଲେ। କିନ୍ତୁ ଆର୍ବିଟ୍ରେଟର୍‌ଙ୍କ ରାୟ ଅନୁସାରେ ତାହାର ମୂଲ୍ୟ ଏକର ପ୍ରତି ପ୍ରାୟ ଟ.୧୫୦୦ଙ୍କା ଧାର୍ଯ୍ୟ ହେଲା। ସନାତନ ସତ୍ୟର ଓ ନ୍ୟାୟର ଜୟ ସାବ୍ୟସ୍ତ ହେଲା। ଏହି ମୋକଦ୍ଦମା ୧୯୫୧ ଆରମ୍ଭରେ ଦାଏର ହୋଇଥିଲା ଓ ଆର୍ବିଟ୍ରେଟର୍ ରାୟ ଦେଇଥିଲେ ତା.୨୦.୨.୫୩ ରେ।

ଆର୍ବିଟ୍ରେଟର୍‌ଙ୍କ ରାୟ ବିରୋଧରେ ସରକାର ହାଇକୋର୍ଟରେ ଅପିଲ୍ ଦାଏର୍ କଲେ। କିନ୍ତୁ ତା.୧୭.୩.୫୫ ରେ ତାହା ନାମଞ୍ଜୁର ହେଲା। ମାନ୍ୟବର ହାଇକୋର୍ଟଙ୍କ ନିଷ୍ପତ୍ତି ଉତ୍ତାରେ ଆର୍ବିଟ୍ରେଟର୍ ସମସ୍ତ ଦାବି ପୂର୍ବ ମୀମାଂସାମତେ ମଞ୍ଜୁର କଲେ। ସେ ସମସ୍ତ ବିରୋଧରେ ସୁଦ୍ଧା ସରକାରଙ୍କ ପକ୍ଷରୁ ଅପିଲ୍ ଦାଏର୍ ହୋଇ ନାମଞ୍ଜୁର ହେଲା। ଏ ସମସ୍ତ ମୋକଦ୍ଦମା ନିଷ୍ପତ୍ତି ହେବାରେ ଦଶ ବାର ବର୍ଷ ଅତୀତ ହୋଇଗଲା ଓ ଲୋକେ ସରକାରଙ୍କ ଏହି ନୀତି ଓ କାର୍ଯ୍ୟଦ୍ୱାରା ବହୁ ପରିମାଣରେ କ୍ଷତିଗ୍ରସ୍ତ ହେଲେ। ସରକାରଙ୍କ ସୁଦ୍ଧା ଆଇନାନୁସାରେ ଏତେ ଦୀର୍ଘକାଳର ସୁଧକୁ ଅନେକ ଅର୍ଥ ନଷ୍ଟ ହୋଇଥିଲା।

ଆଦର୍ଶ ଗ୍ରାମ ସ୍ଥାପନ ସକାଶେ ସରକାର ଲରପଙ୍କ ଗ୍ରାମର ଯେଉଁ ଗୋଚର ପତିତ ଜମି ନେଲେ ତାହା ଉପରେ ଅନେକ ଗଛ ଥିଲା। ଆଇନାନୁସାରେ ଏହି ସମସ୍ତ ଗଛର ଅଧିକାରୀ ଗ୍ରାମର ଗୌନ୍ତିୟା। ଏହି ଗଛମାନ କଟାଇ ସରକାର ନିଲାମ କରାଇଥିଲେ। ସରକାରଙ୍କ ହିସାବ ଅନୁସାରେ ତାହାର ମୂଲ୍ୟ ସ୍ଥିର ହୋଇଥିଲା ଦଶହଜାର ଟଙ୍କା। ଏହା ମୁଁ ଦାବି କଲି। ବନଭୂମିରେ ସ୍ୱଚ୍ଛନ୍ଦଜାତ ଗଛଗୁଡ଼ିକର ରକ୍ଷଣାବେକ୍ଷଣ ସକାଶେ ମୁଁ ବିନ୍ଦୁମାତ୍ର ସୁଦ୍ଧା ଜଳଦାନ, ତିଳେମାତ୍ର ପରିଶ୍ରମ ବା କପର୍ଦ୍ଦକ ସୁଦ୍ଧା ବ୍ୟୟ କରୁ ନଥିବା କାରଣରେ ମୁଁ ଏହାର ମୂଲ୍ୟ ପାଇବା ହକଦାର ନୁହେଁ ବୋଲି ଲେଣ୍ଡ ଆକ୍ୱିଜିସନ୍ ଅଫିସର ମୋର ଦାବି ଅଗ୍ରାହ୍ୟ କଲେ ଓ କମିଶନର ସୁଦ୍ଧା ତାଙ୍କ ମତ ସମର୍ଥନ କରି ମୋତେ କିଛି ଦେଲେ ନାହିଁ। ମୋର ଦାବି ମୁଁ ପୁନଃ ପୁନଃ ଉପସ୍ଥାପିତ କଲି। ପରିଶେଷରେ କମିଶନର ସରକାରଙ୍କଠାରେ ଅନ୍ତିମ ସୀମାଂସାରେ ପ୍ରସ୍ତାବ କରି ପଠାଇଲେ। ସରକାରଙ୍କଠାରୁ ହୁକୁମ ଆସିଲା ଯେ ଗୌନ୍ତିୟାମାନେ ପତିତ ଜମି ଉପରେ ଥିବା ଗଛରେ ମାଲିକ ବୋଲି ବନ୍ଦୋବସ୍ତ କାଗଜରେ ଲେଖା ଥିଲେହେଁ ସେମାନଙ୍କୁ ମୂଲ୍ୟର ଅଷ୍ଟମାଂଶ

Digitized by srujanika@gmail.com

ଦିଆଯିବ ଓ ମୋର ଗଛରେ ଏତିକିମାତ୍ର ଅର୍ଥାତ୍ ଦଶହଜାର ଟଙ୍କାର ଅଷ୍ଟମାଂଶ ୧୨୫୦ ଟଙ୍କା ମଞ୍ଜୁର କଲେ। ସରକାରଙ୍କ ଏହି ବେଆଇନ ହୁକୁମ ବିରୋଧରେ ମୋକଦ୍ଦମା ଦାଏର କରି ଆର୍ବିଟ୍ରେଟର୍‌ଙ୍କଠାରେ ଦଶହଜାର ଟଙ୍କା ଦାବି କଲି। ଆର୍ବିଟ୍ରେଟର୍ ସୁଧ ସହ ମୋର ପୂର୍ଣ୍ଣ ଦାବି ମଞ୍ଜୁର କଲେ। ପରବର୍ତ୍ତୀ ମୋକଦ୍ଦମାମାନଙ୍କରେ ଗୌନ୍ତିୟାମାନେ ସେମାନଙ୍କ ଗ୍ରାମର ଗଛର କ୍ଷତିପୂରଣ ଏହି ଅନୁସାରେ ପାଇଲେ। ଆର୍ବିଟ୍ରେଟର୍‌ଙ୍କ ଏହି ନିଷ୍ପତ୍ତି ବିରୋଧରେ ସରକାର ଆଉ ଅପିଲ୍ କଲେନାହିଁ। ମୋର ମୋକଦ୍ଦମା ନିଷ୍ପତ୍ତି ହେବାରେ ପ୍ରାୟ ଦଶବର୍ଷ ଚାଲିଗଲା। ଏହାର ସୁଧକୁ ସରକାର ମୋତେ ଦେବାକୁ ହୋଇଥିଲା ଟ.୫୬୨୦ ଙ୍କା। ମୋର ଦାବି ସହ ସମଗ୍ର ମୋଟ ଟ.୧୫୬୨୦ଙ୍କା। ଏହି ସୁଧ ଟଙ୍କା କରଦାତାଙ୍କ ଦତ୍ତ ପାଣ୍ଠିରୁ ଦିଆ ନ ଯାଇ ଯେଉଁ ସରକାରୀ କର୍ମଚାରୀଙ୍କ ଅବିଚାର ଯୋଗୁଁ ଦେବାକୁ ହୋଇଥିଲା, ସେମାନଙ୍କଠାରୁ ଆଦାୟ ହେବା ସକାଶେ ମୁଁ ସରକାରଙ୍କଠାରେ ପ୍ରସ୍ତାବ ଦେଇଥିଲି। ଫଳ ଯାହା ହେବାର ତାହା ହେଲା।

ଏହି ମୋକଦ୍ଦମାମାନ ଚଳାଇବାରେ ମୋତେ ବହୁ କଷ୍ଟ ଓ ଅସୁବିଧା ଗ୍ରହଣ କରିବାକୁ ହୋଇଥିଲା। ଆର୍ବିଟ୍ରେଟର୍‌ଙ୍କ ଅଦାଲତରେ ମୋର ମୋକଦ୍ଦମା ସର୍ବପ୍ରଥମ ଶୁଣାଣି ହୋଇଥିଲା। ଏକ ପକ୍ଷରେ ମୁଁ ଓ ଅପର ପକ୍ଷରେ ପ୍ରବୀଣ ସରକାରୀ ଓକିଲ ଶ୍ରୀ ଅଚ୍ୟୁତାନନ୍ଦ ପୁରୋହିତ ଓ ତାଙ୍କୁ ସାହାଯ୍ୟ କରିବାକୁ ନିଯୁକ୍ତ ହୋଇଥିଲେ ଲ୍ୟାଣ୍ଡ ଆକ୍ୟୁଜିସିନ୍ ଅଫିସର ଶ୍ରୀ ଦୁର୍ଯ୍ୟୋଧନ ମହାନ୍ତି। ଏହାର କେତେକ ଦିନ ପୂର୍ବେ ସେ ନିଜ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ ସୁଦ୍ଧା ମୋର ମୋକଦ୍ଦମାର ବିବେଚନାରେ ତାଙ୍କୁ ବିଦାୟ ଦିଆ ହୋଇ ନ ଥିଲା। ମୁଁ ସମ୍ବଲପୁରର ଖ୍ୟାତନାମା ଓକିଲ ଶ୍ରୀ ବୋଧରାମ ଦୁବେଙ୍କୁ ମୋ ପକ୍ଷ ସମର୍ଥନ ସକାଶେ ନିଯୁକ୍ତ କରିଥିଲି ଓ ସେ ମୋ ପକ୍ଷରୁ ଓକିଲାତିନାମା ଗ୍ରହଣ କରିଥିଲେ। କିନ୍ତୁ ତାଙ୍କ ସମୟାଭାବ ଓ ଅନ୍ୟ କୌଣସି କାରଣରୁ ଶୁଣାଣି ସମୟରେ ଉପସ୍ଥିତ ହୋଇପାରିଲେ ନାହିଁ। ଯେଉଁଦିନ ପ୍ରଥମ ଦିନ ପ୍ରଥମ ସାକ୍ଷ୍ୟର ଜମାନବନ୍ଦି ହେବାପାଇଁ ସ୍ଥିର ହୋଇଥିଲା, ବୋଧରାମ ବାବୁ ଆସି ନ ପାରିବାରୁ ଓକିଲ ଶ୍ରୀ ଶ୍ରଦ୍ଧାକର ସୂପକାରଙ୍କୁ ଡାକି ଆଣିଲି। କିନ୍ତୁ କାଗଜପତ୍ର ଅଧ୍ୟୟନ କରିବାକୁ ସମୟ ପାଇ ନ ଥିବା ଯୋଗୁଁ ମୋକଦ୍ଦମା ଚଳାଇବାରେ ଅସୁବିଧା ବୋଧ କରିଥିଲେ। ଗୋଟିଏ ଯୋଡ଼ିଏ ପ୍ରଶ୍ନରୁ ଯେତେବେଳେ ଦେଖିଲି ଯେ ଭ୍ରମ ପ୍ରମାଦ ସଂଘଟିତ ହେଉଅଛି, ସେତେବେଳେ ସାକ୍ଷ୍ୟକୁ ମୁଁ ନିଜେ ପରୀକ୍ଷା କରିବା ପାଇଁ ଦଣ୍ଡାୟମାନ ହେଲି। ଏଥିରେ ସରକାରୀ ଓକିଲ, ମୁଁ ଓକିଲ ମୁତୟନ କରିଥିବା କ୍ଷେତ୍ରରେ ନିଜେ କିଛି ପଚାରିପାରିବି ନାହିଁ ବୋଲି ଆପତ୍ତି କଲେ। ଅଦାଲତଙ୍କୁ ଦିନକ ପାଇଁ ସମୟ ମାଗିଲି। ସରକାରୀ ଓକିଲଙ୍କ ଆପତ୍ତି ଯୋଗୁଁ ଦେଲେ ନାହିଁ। ଅଗତ୍ୟା ମୁଁ ଶ୍ରୀ ସୂପକାରଙ୍କୁ ବସିବାକୁ କହିଲି ଓ ପରେ ତାଙ୍କୁ ବିଦାୟ ଦେଇ ମୁଁ ନିଜେ ଚଳାଇବାରେ ପ୍ରବୃତ୍ତ ହେଲି। ଦୁଇଦିନ ପରେ କଟକରୁ ପ୍ରକାଶିତ ଓଡ଼ିଆ

Digitized by srujanika@gmail.com

ସମ୍ବାଦପତ୍ରରେ ଦେଖିଲି, ସମ୍ବାଦପତ୍ରର ସମ୍ବଲପୁର ପ୍ରତିନିଧି ମୁଁ ଶ୍ରୀ ସୂପକାରଙ୍କୁ ଅପମାନ ଦେଇ ମୋକଦ୍ଦମାରୁ ତଡ଼ିଦେଲି ବୋଲି ମିଥ୍ୟା କଥା ଲେଖିଥିଲେ। ସାକ୍ଷ୍ୟ ଜମାନବନ୍ଦି କୌଣସି ପ୍ରକାରେ ହୋଇଗଲା। ମୋକଦ୍ଦମାର ସୁଆଲ ଜବାବଟା କରିଦେବାକୁ ବୋଧରାମ ବାବୁଙ୍କୁ ଅନୁରୋଧ କଲି। ସେତେବେଳେ ସେ ଦିଲ୍ଲୀର ରାଜ୍ୟସଭାର ସଦସ୍ୟ। ସେ କହିଲେ ଯେ, ସେହିଦିନ ସେ ସଭାର ଅଧିବେଶନରେ ଯୋଗଦେବା ସକାଶେ ଯାଉଅଛନ୍ତି ଓ ପ୍ରାୟ ପନ୍ଦର ଦିନ ପରେ ଫେରିବେ। ସୁଆଲ ଜବାବ ସକାଶେ ପନ୍ଦର ଦିନର ମହଲତ ସକାଶେ ଦରଖାସ୍ତ ଦେଲି ଓ ନିଜେ ବୋଧରାମବାବୁ ଅଦାଲତଙ୍କଠାରେ ଏହି ଦରଖାସ୍ତ ପେଶ୍ କରିଥିଲେ। ସରକାରୀ ଓକିଲ ଓ ତାଙ୍କ ସାହଯ୍ୟକାରୀ ଶ୍ରୀ ଦୁର୍ଯ୍ୟୋଧନ ମହାନ୍ତି ଏହାର ତୀବ୍ର ଆପତ୍ତି କରିବା ଫଳରେ ମହଲତ ଦରଖାସ୍ତ ନାମଞ୍ଜୁର କଲେ ଓ ଅନ୍ୟ ଓକିଲ ନିଯୁକ୍ତ କରିବା ସକାଶେ ଅଦାଲତ ମୋତେ ପରାମର୍ଶ ଦେଲେ। କିନ୍ତୁ ଆଉ ଓକିଲ ନ ଦେଇ ନିଜେ ସୁଆଲ ଜବାବ କରିବାପାଇଁ ପ୍ରସ୍ତୁତ ହେଲି। ସରକାରୀ ଓକିଲ ଶ୍ରୀ ପୁରୋହିତ ତିନିଦିନ ବକ୍ତୃତା କଲେ ଓ ମୁଁ ତାଙ୍କ ପରେ ତିନିଦିନ କଲି। ବକ୍ତବ୍ୟର ଅବସାନରେ ଆର୍ବିଟ୍ରେଟର୍ ଶ୍ରୀ ବିପ୍ରଚରଣ ଦାସ କହିଲେ, "ଭାରତ ବାବୁ! ଆପଣ ଯେ ମୋକଦ୍ଦମା ଏତେ ଭଲଭାବରେ ଚଳାଇ ପାରିବେ ମୁଁ ବିଶ୍ୱାସ କରିନଥିଲି। ପ୍ରକୃତରେ ଆପଣଙ୍କ ବକ୍ତୃତାରୁ ମୁଁ ଯେତେ ଆଲୋକ ପାଇଅଛି, ସରକାରୀ ଓକିଲଙ୍କ ଠାରୁ ତାହା ପାଇନାହିଁ।" ଏହା କହି ମୋତେ ଧନ୍ୟବାଦ ଦେଲେ ଓ ଶ୍ରୀ ପୁରୋହିତ ମଧ୍ୟ ତାଙ୍କ ସହିତ ମୋତେ ଧନ୍ୟବାଦ ଦେଲେ। ମୁଁ ଉଭୟଙ୍କଠାରେ ସେମାନଙ୍କ ସଦୟ ମନ୍ତବ୍ୟ ଯୋଗୁଁ କୃତଜ୍ଞତା ପ୍ରକାଶପୂର୍ବକ କହିଲି, "ଏଥିରେ ଯଦି କିଛି ମୋର କୃତିତ୍ୱ ଥାଏ, ତାହାର କାରଣ ଏହି ଯେ, ମୋକଦ୍ଦମା ମୋ ନିଜର, ମୋର ବକ୍ତବ୍ୟଗୁଡ଼ିକ ମୋର ହୃଦୟାଭ୍ୟନ୍ତରର ଉତ୍ସ ମାତ୍ର, ଯାହା 'ଭଡ଼ାଟିଆ' ସରକାରୀ ଓକିଲଙ୍କ ନୁହେଁ।"

ହୀରାକୁଦ ଆନ୍ଦୋଳନର ତୁଙ୍ଗନେତାମାନେ ଥିଲେ ସମସ୍ତେ ସମ୍ବଲପୁର ସହରବାସୀ। ମୋର ମୋକଦ୍ଦମାର ଫଳାଫଳ ଉପରେ ହୀରାକୁଦ ଜଳଭଣ୍ଡାରରେ ନିମଗ୍ନ ତିନିଶତ ଗ୍ରାମର ଅଧିକାରୀମାନଙ୍କ ଭାଗ୍ୟ ନିର୍ଭର କରୁଅଛି। ମୋର କାର୍ଯ୍ୟରେ ସନ୍ତୋଷ ପ୍ରକାଶ କରିବା ତେଣେ ଥାଉ ମୋ ପ୍ରତି ଉକ୍ତ ନେତୃବର୍ଗଙ୍କ ପୂର୍ବ ଆକ୍ରୋଶ ପୂର୍ଣ୍ଣମାତ୍ରାରେ ବିଦ୍ୟମାନ ଥିବା ମୁଁ ଅନୁଭବ କଲି। ସେମାନଙ୍କ ଦର୍ପ ଦଳିତ ହୋଇଥିବାରୁ ମୋ ପ୍ରତି ସେମାନଙ୍କ ଏତାଦୃଶ ଆଚରଣ ଅସ୍ୱାଭାବିକ ନ ଥିଲା। ଅଜ୍ଞ ଲୋକଙ୍କ ସମ୍ମୁଖରେ ସେମାନଙ୍କ ସେହି ମୁହଁ ଦେଖାଇବାରେ କୁଣ୍ଠିତ ହେଉ ନଥିଲେ। ଏମାନଙ୍କ ମଧ୍ୟରୁ ଜଣକେତେ ପତିତ ହେଲା ଉତ୍ତାରେ ଯେଉଁ ଜଣକେତେ ସେମାନଙ୍କ ମୁହଁ ଦେଖାଇ ବୁଲିଲେ ସେମାନେ ସମ୍ବଲପୁରକୁ ଓଡ଼ିଶାରୁ ବିଚ୍ଛିନ୍ନ କରିବା ସକାଶେ ଆନ୍ଦୋଳନ ସଜୀବ ରଖିବାକୁ ଚେଷ୍ଟା କରିବାକୁ ଲାଗିଲେ। ଏ ପକ୍ଷରେ ସେମାନଙ୍କ ମୁଖ୍ୟ ଯୁକ୍ତି ହେଲା, ସମ୍ବଲପୁରବାସୀ ଓଡ଼ିଆ

Digitized by srujanika@gmail.com

ନୁହଁନ୍ତି ଓ ସମ୍ବଲପୁରରେ ପ୍ରଚଳିତ ଭାଷା ଓଡ଼ିଆ ନୁହେଁ; ଏହା ଏକ ସ୍ୱତନ୍ତ୍ର ଭାଷା। ଏହି ସମୟରେ ଖାଣ୍ଟି ସମ୍ବଲପୁରୀ ଭାଷାରେ ଲିଖିତ ମୋର ନିମ୍ନଲିଖିତ କବିତାଟି ବର୍ତ୍ତମାନ ଓଡ଼ିଶା ବିଧାନସଭାର ସଦସ୍ୟ ଶ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କ ସମ୍ପାଦିତ 'ଡଗର' ପତ୍ରିକାରେ ପ୍ରକାଶିତ ହୋଇଥିଲା –

"ହୀରାକୁଦ ବନ୍ଧ"

ହୀରାକୁଦର ବନ୍ଧର ଲାଗି ବାବୁମାନେ କହେଲେ (୧) (କହେଲେ- କହିଲେ)

ବୁନ୍ଦା ବୁନ୍ଦା ରକତ ପରେ ମୁର୍ଦ୍ଦାର ଜେନେ ପହେଲେ (୨) (ବୁନ୍ଦା ବୁନ୍ଦା – ବିନ୍ଦୁ ବିନ୍ଦୁ, ରକତ-ରକ୍ତ, ପରେ-ପରା, ମୁର୍ଦ୍ଦାର -ଶବ, ପହେଲେ – ପହିଲେ।)

କୁକୁରା ଗୁଟେ ବୁକାପଟେ ଦେଲେ କେନ୍ତା ହେତା (୩) (କୁକୁରା-କୁକୁଡ଼ା, ଗୁଟେ- ଗୋଟିଏ, ପଟେ-ଗୋଟିଏ, ବୁକା-ବୋଦା, କେନ୍ତା-କେମନ୍ତ, ହେତା-ହୁଅନ୍ତା)

ମାଇଝିମାନେ କହୁଛନ ତ ସମଲେଇ ଭାଏଲ୍ ମାନତା (୪) (ମାଇଝି-ସ୍ତ୍ରୀ), କହୁଛନ-କହୁଛନ୍ତି, ଭାଏଲ୍-କାଳେ, ମାନତା-ମାନନ୍ତା।)

ଦେବା ନେବା ଛୁଛାଟାରେ କଲିଯୁଗେ ନାଇଁନ (୫) (ଛୁଛାଟାରେ- ତୁଚ୍ଛାଟାରେ, ନାଇଁନ- ନାହାଁନ୍ତି)

ଥାଏତେ ଯଦି କଟକୀୟାମାନକୁ ଖାଉଥାଏତେ କାଏଁ ନ (୬) (କାଏଁନ – ସିନା, ଥାଏତେ-ଥାନ୍ତେ)

ଇ କଟକିୟେ ବଡ଼ା ଲବାର ସମ୍ବଲପୁରକେ ଖାଏବେ (୭) (ଇ-ଏହି, ବଡ଼ା-ବଡ଼, ଲବାର-ଦୁଷ୍ଟ, କେ-କୁ, ଖାଏବେ-ଖାଇବେ।)

ଗାଈ ବାଗିର ସମ୍ବଲପୁରିୟେ ଇମାନକୁ କାଣା ପାର୍‌ବେ? (୮) (ବାଗିର-ପରି, ଇମାନକୁ-ଏମାନଙ୍କୁ; କାଣା-କଣ, ପାର୍‌ବେ-ପାରିବେ)

ମାହାପ୍ରୁ ଥିଲେ ବୁଝବାନ ନିଏ କାଣା ନାଇଁ କର୍‌ବା ? (୯) (ମହାପ୍ରୁ-ମହାପ୍ରଭୁ, ବୁଝବାନ-ବୁଝିବଣି, ନିଏ-ନ୍ୟାୟ, କର୍‌ବା-କରିବ)

ଇମାନେ କାଣା ଅନିଏ କଲେ ସେ କାଣା ନାଇଁ ଧର୍‌ବା ? (୧୦) (ଇମାନେ-ଏହିମାନେ, ଅନିଏ-ଅନ୍ୟାୟ, ଧର୍‌ବା-ଧରିବେ)

ଭାଙ୍ଗ୍ ବାଏଙ୍ଗନ୍ ପାତଲ୍‌ଘଁଟା ଇଠାରେ କାଣା କମାମା? (୧୧) (ଭାଙ୍ଗ୍-ଧୂଆଁପତ୍ର, ବାଏଙ୍ଗନ୍-ବାଇଗଣ, ପାତଲଘଁଟା- ବିଲାତି ବାଇଗଣ, ଇଠାନେ- ଏହିଠାରେ, କମାମା-କମାଇବା)

ବୁଟ୍‌ରାଚନା କନ୍ଦମୁଲ୍ କନ୍ଦ କେନ୍ତା କରି ଛାଡ଼ମା? (୧୨) (ବୁଟ୍‌ରଚନା-ଗୋଲଚଣା, ଛାଡ଼ମା-ଛାଡ଼ିବା)।

Digitized by srujanika@gmail.com

ଇମାନଙ୍କର ଲାଗି ଜୀବନ ଯିବା କେନ୍ତା କରି ରହେମା ? (୧୩) (ଇମାନଙ୍କର-ଏହିମାନଙ୍କର, ଯିବା-ଯିବ, ରହେମା-ରହିବା।)

କେନ୍ତା, କରମା ବନ୍ଧ ହେଲେ ପାଟନା ରାଇଜକେ ଭାଗମା (୧୪) (ଭାଗମା - ପଳାଇବା)।

କଟକିୟେ କେନ୍ତି ସମ୍ବଲପୁରକେ ଧରି ରଖିବେ ଦେଖମା (୧୫) (ରଖବେ-ରଖିବେ, ଦେଖମା-ଦେଖିବା)।

ଫଡ଼ା ଫଡ଼ା ଡେଗି ଡେଗି ଶୂନ୍‌ଚିତ୍ ଆମେ ମାରମା (୧୬) (ଡେଗି ଡେଗି-ଡେଇଁ ଡେଇଁ, ମାରମା- ମାରିବା)।

ନଦୀକେନ୍ତା ବନ୍ଧା ହେବା ସମଲେଇ ଆମର ଆଛେ (୧୭) (ଆଛେ-ଅଛି।)

ବନ୍ଧହେଲେ ବି ଭୁସଲି ଯିବା କଟକିୟେ ଦେଖିବେ ପଛେ (୧୮) (ଭୁସଲିଯିବା-ଫାଟି ଭାଙ୍ଗିପଡ଼ିବ)।

ରଙ୍ଗମଞ୍ଚରେ ଅବତରଣ କରିଥିବା ନେତୃବୃନ୍ଦଙ୍କ ମଧ୍ୟରେ ଏହି ସମୟକୁ ମତଭେଦ ସୃଷ୍ଟି ହୋଇଗଲାଣି ଓ କେତେ ଯୁଦ୍ଧରେ ପୃଷ୍ଠଭଙ୍ଗ ଦେଇ ଲୁଚିଗଲେଣି। ଯୁଦ୍ଧର ଅନ୍ତିମ ପରିସ୍ଥିତି ରହିଲା ତିନିଜଣଙ୍କ ହସ୍ତରେ। ଅବସରପ୍ରାପ୍ତ ଡେପୁଟି କଲେକ୍ଟର ଶ୍ରୀ ଦୁର୍ଗାପ୍ରସାଦ ମିଶ୍ର, ଡାକ୍ତର ଶ୍ରୀ ରାମଚନ୍ଦ୍ର ମିଶ୍ର ଓ ଶ୍ରୀ ଲକ୍ଷ୍ମୀନାରାୟଣ ମିଶ୍ର, ଏମ୍.ଏଲ୍.ଏ। ଏ ସମ୍ବନ୍ଧରେ ମୋର ନିମ୍ନଲିଖିତ 'ହୀରାଖଣ୍ଡରେ ସେ ବାଦୀପାଲା' ଶୀର୍ଷକ ଲେଖାଟି ତା.୨୨.୨.୪୭ର 'ଦୈନିକ ଆଶା' ପତ୍ରିକାରେ ପ୍ରକାଶିତ ହୋଇ ହୀରାକୁଦ ବନ୍ଧ ବିରୋଧ ଆନ୍ଦୋଳନରେ ଯବନିକାପାତ କରିଥିଲା।

"ହୀରାଖଣ୍ଡିଆଙ୍କ ଭିତରେ ଏବେ ବାଦୀପାଲା ଲାଗିଲାଣି। ଏକ ପକ୍ଷରେ ବାଦକ ଶ୍ରୀ ଲକ୍ଷ୍ମୀନାରାୟଣ ମିଶ୍ର, ଏମ୍.ଏଲ୍.ଏ. ଓ ଅପର ପକ୍ଷରେ ପଣ୍ଡିତ ଶ୍ରୀ ଦୁର୍ଗାପ୍ରସାଦ ମିଶ୍ର ଓ ଡାକ୍ତର ଶ୍ରୀ ରାମଚନ୍ଦ୍ର ମିଶ୍ର। ପ୍ରଥମରେ ସବୁ ମିଶ୍ର ଯାକ ମିଶ୍ରିତ ହୋଇ ପ୍ରଚାର କରୁଥିଲେ ଯେ, ହୀରାକୁଦ ବନ୍ଧ ବିରୋଧ ସହିତ କୋଶଳ ପ୍ରଦେଶ ଗଠନ ସମ୍ପର୍କରେ ସେମାନଙ୍କ ଉଦ୍ଦେଶ୍ୟ ଓ କର୍ମପନ୍ଥା ଏକ। ବର୍ତ୍ତମାନ ସ୍ୱଭାବ ବଳରେ ଏମାନେ ହେଲେଣି ଦୁଇଫାଙ୍କ। ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର କେତେ କାଗଜରେ, କେତେ ମଞ୍ଚରେ ପରି, ଅପ ପ୍ରଭୃତି ଉପସର୍ଗ ଜଡ଼ିତ ପ୍ରସ୍ତାବ କରୁଥିଲେ, 'ସମ୍ବଲପୁର ଓଡ଼ିଶାରେ ରହିଥିବା ଯାଏ ସମ୍ବଲପୁରବାସୀଙ୍କ ନିସ୍ତାର ନାହିଁ। ତେଣୁ ଓଡ଼ିଶାରୁ ସ୍ୱାତନ୍ତ୍ର୍ୟ ପାଇଁ ଚେଷ୍ଟା ସର୍ବାଦୌ କର୍ତ୍ତବ୍ୟ'। ଗଣତାନ୍ତ୍ରିକ ଯୁଗରେ ଲୋକଙ୍କର ଆତ୍ମନିୟନ୍ତ୍ରଣରେ ସମ୍ପୂର୍ଣ୍ଣ ଅଧିକାର ରହିଛି ଏବଂ ଆମ୍ଭମାନଙ୍କ ଇଚ୍ଛା ବିରୁଦ୍ଧରେ କଂଗ୍ରେସ ଆମ୍ଭମାନଙ୍କୁ କୌଣସି ପ୍ରଦେଶରେ କଦାପି ଜବରଦସ୍ତି ରଖି ନ ପାରେ। ହୀରାଖଣ୍ଡ ପ୍ରଦେଶ ସୃଜନ ପାଇଁ ଆମ୍ଭେମାନେ ନ୍ୟାୟତଃ ଆନ୍ଦୋଳନ ଆରମ୍ଭ କରିଛୁ। ଯେହେତୁ ଆମ୍ଭେମାନେ ମନେ ମନେ ଅନୁଭବ କରିସାରିଛୁ

Digitized by srujanika@gmail.com

ଯେ, ଓଡ଼ିଶାରେ ସମ୍ବଲପୁରବାସୀଙ୍କ ଉନ୍ନତି ବଦଳରେ ଅବନତିର କଥା, ସମ୍ପଦ ବଦଳରେ ବିପଦର ମାତ୍ରା ଅଧିକରୁ ଅଧିକତର ବଢ଼ିଚାଲିଛି, ଆହୁରି କେତେ। ବର୍ତ୍ତମାନ ମିଶ୍ରେ କହୁଛନ୍ତି, ସମ୍ବଲପୁରକୁ ଓଡ଼ିଶାରୁ ବିଚ୍ଛିନ୍ନ କରାଇବା ନିମିତ୍ତ ଗତ ତିନିମାସ ମଧ୍ୟରେ ନାନା ଆନ୍ଦୋଳନ, ଆସ୍ଫାଳନ ଓ ପରିକଳ୍ପନା ରହିଥିଲା। ଆଉ ଏହି ଆନ୍ଦୋଳନ ବିରୁଦ୍ଧରେ ସେ ବର୍ତ୍ତମାନ ଦଣ୍ଡାୟମାନ ହେଉଥିବା ପ୍ରକାଶ। କଳ୍ପିତ ହୀରାଖଣ୍ଡ–କୋଶଳ ପ୍ରଦେଶରେ ଉଚ୍ଚପଦ ସ୍ୱପ୍ନଦର୍ଶକ, ଗଣତନ୍ତ୍ର ଶାସନ ବିରୋଧକ ଗଡ଼ଜାତ ସହିତ ସମ୍ବଲପୁର ମିଶ୍ରଣର ସମର୍ଥକ 'ହୀରାଖଣ୍ଡ ସମାଚାର' ପତ୍ରିକାର ପ୍ରବୀଣ ସମ୍ପାଦକ ଶ୍ରୀ ଶଙ୍କର ପ୍ରସାଦ ମିଶ୍ର, ପଣ୍ଡିତ ଲକ୍ଷ୍ମୀନାରାୟଣଙ୍କ ମାଙ୍କଡ଼ଚିତ୍ ଖେଳରେ ବିଚଳିତ ହୋଇ ତାହାଙ୍କ ଏହି ମତିଗତିର ପ୍ରତିବାଦ କରିଅଛନ୍ତି। ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଯଦି ପ୍ରକୃତରେ ତାଙ୍କ ପୂର୍ବ ମତିଗତି ପରିବର୍ତ୍ତନ କରିଥାନ୍ତେ, ତାହା ହେଲେ ତାଙ୍କ ମତିଭ୍ରମ ସଂଶୋଧନରେ ଓ ସୁବୁଦ୍ଧିରେ ଦେଶବାସୀ ଆଶ୍ୱସ୍ତ ହେବେ, ସନ୍ଦେହ ନାହିଁ।

''ହୀରାକୁଦ ବନ୍ଧ ବିରୋଧ ସମ୍ପର୍କରେ ବର୍ତ୍ତମାନ ସମ୍ବଲପୁରରେ ଯେ ପ୍ରକାର ହାଓ୍ୱା ଚାଲିଛି ତତ୍‌ପ୍ରତି ମନୋନିବେଶ କଲେ 'ହୀରାଖଣ୍ଡ ସମାଚାର'ର ପାଠକବୃନ୍ଦ ତଥା ସମସ୍ତ ସମ୍ବଲପୁରବାସୀ ବୁଝିପାରିବେ ଯେ, ଏହି ହତଭାଗ୍ୟ ଜିଲ୍ଲାକୁ ତଥାକଥିତ ନେତୃବୃନ୍ଦ କେଉଁ ଅଜ୍ଞାତ ବିପଥକୁ ଘେନି ଯିବାକୁ ବସିଛନ୍ତି। ହୀରାକୁଦ ବନ୍ଧ ବିରୋଧ କମିଟିରେ କେତେଗୁଡ଼ିଏ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ରହି 'ଶକୁନି ମାମୁଁ' ନୀତି ଅନୁସରଣ କରୁଥିବା ବିଷୟ ମୁଁ 'ଦୈନିକ ଆଶା'ରେ ମୋର ବିବୃତିମାନ ପ୍ରକାଶ କରିଥିଲି। ମୁଁ ତହିଁରେ ସ୍ପଷ୍ଟ ଭାବରେ ଅନ୍ୟାନ୍ୟ ବିଷୟ ସହିତ ଲେଖିଥିଲି ଯେ, କମିଟିଭୁକ୍ତ କୌଣସି କୌଣସି ନେତା ହୀରାକୁଦ ବନ୍ଧ ସକାଶେ ନିଯୁକ୍ତ ହେଉଥିବା ଠିକାଦାର ତାଲିକାରେ ନାମ ଲେଖାଇବାପାଇଁ ଦରଖାସ୍ତ କଲେଣି ବୋଲି ଶୁଣାଗଲାଣି। ଆଜିକୁ ଦୁଇମାସ ହୋଇଗଲାଣି, ତଥାପି ଏହି ଜନଶ୍ରୁତି ବିରୁଦ୍ଧରେ ପ୍ରତିବାଦ କେହି ପ୍ରକାଶ କରିନାହାଁନ୍ତି; ସୁତରାଂ ଏହା ସତ ବୋଲି ଧରି ନିଆଯାଇପାରେ। ଯଦି ଏହା ମିଥ୍ୟା, ତାହାହେଲେ କମିଟିର ସଭାପତି ଶ୍ରୀ ଶଙ୍କର ପ୍ରସାଦ ମିଶ୍ରଙ୍କ ପକ୍ଷରେ ଉଚିତ ଥିଲା ଯେ, ସେ ଏ ବିଷୟରେ ତଦନ୍ତ କରି ତହିଁର ଫଳାଫଳ ସମ୍ବଲପୁରବାସୀଙ୍କ ଗୋଚରୀଭୂତ କରିଥାନ୍ତେ। ଏବେ ସୁଦ୍ଧା ସମ୍ବଲପୁରବାସୀ ତହିଁର ସତ୍ୟାସତ୍ୟ ସମ୍ବନ୍ଧରେ ତାଙ୍କଠାରୁ ବିବୃତି ଦାବି କରନ୍ତୁ ଓ ଯଦି ପ୍ରକୃତରେ ଏମାନଙ୍କ ଭିତରୁ କେହି ଠିକାଦାର ହେବାକୁ ଯାଉଥିବା ପ୍ରମାଣ ମିଳେ, ତାହାକୁ ସେ ଦେଶବାସୀଙ୍କ ସମକ୍ଷରେ ଠିଆ କରାଇଦିଅନ୍ତୁ। ତାହା ନ କରିବା ଯାଏ ହୀରାକୁଦ ବନ୍ଧ ବିରୋଧ କମିଟି ପ୍ରତି ଜିଲ୍ଲାବାସୀଙ୍କ ଅନାସ୍ଥା ଅସମୀଚୀନ ହେବନାହିଁ।

''ତା'ପରେ ଗଣତନ୍ତ୍ର ମୂଳକ ଶାସନ ଦାବି କରୁଥିବା ପାଟଣାର କୃଷକଦଳର ଧ୍ୱଂସ ଓ ରାଜତନ୍ତ୍ରର ସ୍ଥାୟିତ୍ୱ ସମର୍ଥକ କର୍ମୀ ଶ୍ରୀ ଶଙ୍କରପ୍ରସାଦ ମିଶ୍ର ତାଙ୍କ ପ୍ରତି ଆରୋପିତ

Digitized by srujanika@gmail.com

ଅଭିଯୋଗର ପ୍ରତିବାଦ କରିବାକୁ ସାହସ ନ କରି ଡାକ୍ତର ଶ୍ରୀ ରାମଚନ୍ଦ୍ର ମିଶ୍ର ଗଡ଼ଜାତ ସହିତ ସମ୍ବଲପୁରର ମିଶ୍ରଣର ଅଭିଯାନରେ ଯାଇ କେତେ ଗଡ଼ଜାତରେ ରାଜ ଅତିଥି ହୋଇ ଓ କେତେ ସ୍ଥାନରେ ରାଜଶକ୍ତିର ଶରଣାପନ୍ନ ହୋଇ ଓ ପଣ୍ଡିତ ଦୁର୍ଗାପ୍ରସାଦ ମିଶ୍ର ପୂର୍ବ ଗଡ଼ଜାତ ସମ୍ବାଦ ବୈଠକକୁ ଯାଇ ଯେଉଁ ଖେଳ ଖେଳି ଆସିଛନ୍ତି, ଏଥିରେ ଏହି ନେତାମାନଙ୍କ ଯୋଗ୍ୟତା ଓ ବିବେକତା ପ୍ରତି କେତେଦୂର ଆସ୍ଥା ସ୍ଥାପନ କରାଯାଇପାରେ, ଦେଖିବାର ବିଷୟ। ବର୍ତ୍ତମାନ ପ୍ରକାଶ ଯେ, ସମ୍ବଲପୁରକୁ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ କରିବା ଭାର ଜିଲ୍ଲାବାସୀ ପଣ୍ଡିତ ଶ୍ରୀ ଦୁର୍ଗାପ୍ରସାଦ ମିଶ୍ର ଓ ଡାକ୍ତର ରାମଚନ୍ଦ୍ର ମିଶ୍ରଙ୍କ ଉପରେ ନ୍ୟସ୍ତ କରିଅଛନ୍ତି। ଏ ପ୍ରସଙ୍ଗରେ ପଣ୍ଡିତ ଶ୍ରୀ ରାମଚନ୍ଦ୍ର ମିଶ୍ରେ 'ହୀରାଖଣ୍ଡ ସମାଚାର' ସ୍ତମ୍ଭରେ ସମ୍ବଲପୁରବାସୀ ଭାଇମାନଙ୍କୁ ଏଥିରେ ସଫଳତା ନିମିତ୍ତ ସହଯୋଗ କରିବାକୁ ଆହ୍ୱାନ କରି କହିଅଛନ୍ତି, ''ଏହି ନେତାମାନଙ୍କ ଏକମାତ୍ର ଲକ୍ଷ୍ୟ ଯେ ସମ୍ବଲପୁର ସମ୍ବଲପୁରବାସୀଙ୍କ ଦ୍ୱାରା ଶାସିତ ହେବ,'' ଆଉ ଏହି ଶାସନର ବିଶେଷ ରୂପ ଦେଇ କହିଅଛନ୍ତି, ''(୧) ଆମର ସମ୍ବଲପୁରର ଗୋଟିଏ ସ୍ୱତନ୍ତ୍ର ଲେଜିସ୍‌ଲେଟିଭ୍ ଆସେମ୍ବ୍ଲି ଗଠିତ ହେବ। (୨) ସେଥିରେ ମେମ୍ବର ସମ୍ବଲପୁରବାସୀଙ୍କ ଦ୍ୱାରା ନିର୍ବାଚିତ ହେବେ, (୩) ନିର୍ବାଚିତ ମେମ୍ବରମାନେ ତାଙ୍କ ମଧ୍ୟରୁ ଜଣେ ସଭାପତି ଓ ଆବଶ୍ୟକୀୟ ସଂଖ୍ୟାରେ ମନ୍ତ୍ରୀ ନିର୍ବାଚନ କରିବେ। (୪) ଏହି ନିର୍ବାଚିତ ସଭାପତି ଓ ମନ୍ତ୍ରୀମଣ୍ଡଳ ସମ୍ବଲପୁରକୁ ଶାସନ କରିବେ। (୫) ସମ୍ବଲପୁରବାସୀଙ୍କ ସିଦ୍ଧାନ୍ତ ଅନୁଯାୟୀ ପ୍ରତି ତିନିବର୍ଷ ବା ପାଞ୍ଚବର୍ଷରେ ଲେଜିସ୍‌ଲେଟିଭ୍ ଆସେମ୍ବ୍ଲିର ମେମ୍ବର, ମନ୍ତ୍ରୀମଣ୍ଡଳ ଓ ସଭାପତି ନୂତନ ଭାବରେ ନିର୍ବାଚିତ କରାହେବ।'' ମୋଟ୍‌ରେ ତାହାହେଲେ ଜିନ୍ନା ସାହେବଙ୍କ ଭାରତରେ 'ପାକିସ୍ତାନ' ପରି ସମ୍ବଲପୁର ଗୋଟିଏ 'ସ୍ତାନ' ହେବ, ଝାଡ଼ସ୍ତାନ ହେଉ ବା 'ହୀରାସ୍ତାନ' ହେଉ। କିନ୍ତୁ ଏହି ପରିକଳ୍ପନାରେ ଗୋଟିଏ ଲାଟ୍ ସାହେବ (ଗଭର୍ଣ୍ଣର)ଙ୍କ ସ୍ଥାନ ନାହିଁ। ତାହାହେଲେ ଧରାଯାଇପାରେ ସମ୍ବଲପୁର ରାତି ପାହିଲାକୁ ଗୋଟିଏ Republic ହୋଇଯାଇଥିବ ଓ ଯେଉଁମାନେ ରାଷ୍ଟ୍ରପତି (President) ଓ ମନ୍ତ୍ରୀ ହେବେ ସେମାନେ ତ ଆଜିଠାରୁ ଗାଦି ମାଡ଼ି ରହିଲେଣି। ଏଥିରେ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କୁ ସ୍ଥାନ ଦିଆଯାଇନାହିଁ। ସେଥିପାଇଁ ସେ କଣ ଖପ୍‌ପା ଆଉ ଏତେଦୂର କ'ଣ ଯେ ଏକାବେଳକେ ମାଙ୍କଡ଼ଚିତ୍ ମାରି ପକାଇଲେ ? ତା.୨୧.୭.୪୬ ଦିନ ଟାଉନହଲ୍‌ରେ ଯେଉଁ ସଭା ହୋଇଥିଲା ତହିଁ ସକାଶେ ତହିଁର ପୂର୍ବଦିନ ବସିଥିବା ବିଷୟ ନିର୍ବାଚନ ସଭାରେ ପଣ୍ଡିତେ ଆସି ଉପସ୍ଥିତ ହେଲେ ଓ ସେଠାରେ ସଚ୍ଚା, ବେସଚ୍ଚା, କଞ୍ଚା କଂଗ୍ରେସବାଲାଙ୍କ ସହିତ ଅନ୍ୟାନ୍ୟ ବ୍ୟକ୍ତିଙ୍କୁ ଓ ବିଶେଷତଃ ଦୁଇଜଣ ସରକାରଙ୍କ ଗୋଲାମଙ୍କୁ (ମୋତେ ଓ ପଣ୍ଡିତ ଦୁର୍ଗାପ୍ରସାଦ ମିଶ୍ରଙ୍କୁ) ଆମେ ଦୁହେଁ ଭୂତପୂର୍ବ ଡେପୁଟି କଲେକ୍ଟର ଓ ବର୍ତ୍ତମାନ ସରକାରଙ୍କ ପ୍ରଦତ୍ତ ବୃତ୍ତିଦ୍ୱାରା ପରିପୋଷିତ ହେଉଅଛୁ ଦେଖି, କହି ଉଠିଲେ, ''ବର୍ତ୍ତମାନ ଦେଶର ଭଲମନ୍ଦର ଭାର କଂଗ୍ରେସ ଏମ୍.ଏଲ୍.ଏ. ମାନଙ୍କ ହସ୍ତରେ ଅର୍ପଣ କରିଅଛନ୍ତି; ଏ ସଭାରେ ସରକାରୀ ଚାକିରିଆ ବା ପେନ୍‌ସନ୍‌ଦାରଙ୍କ

Digitized by srujanika@gmail.com

ସ୍ଥାନ ରହିବା ଉଚିତ ନୁହେଁ।'' କହିବା ବାହୁଲ୍ୟ, ପଣ୍ଡିତେ ନିଜେ ସେତେବେଳକୁ ଏମ୍.ଏଲ୍.ଏ. ପଦ ପାଇଧାରିଲେଣି। ମୁଁ ପଣ୍ଡିତଙ୍କ ଏହି ସାରହୀନ ଉକ୍ତିର ପ୍ରତିବାଦ କରି କହିଲି ଯେ, କେବଳ କଂଗ୍ରେସ ବାବା ବନ୍ଧନ ଯେ ସ୍ୱଦେଶପ୍ରେମର ସନ୍ତକ ତାହା ନୁହେଁ; ଭାରତବାସୀ ସରକାରୀ ଚାକିରିୟାମାନଙ୍କ ହୃଦୟରେ ସୁଦ୍ଧା ସ୍ୱଦେଶପ୍ରେମ ବହ୍ନି ପ୍ରଜ୍ୱଳିତ ହେଉଅଛି। ତପ୍ପରେ ଗୁଡ଼ିଏ ବିତଣ୍ଡା ହେଲା ଓ ପଣ୍ଡିତେ ସେହି ସଭାରେ ଗଠିତ ହୋଇଥିବା ହୀରାକୁଦ ବନ୍ଧ ବିରୋଧ କମିଟିର କାର୍ଯ୍ୟାବଳୀ ମଧ୍ୟରେ ମୁଣ୍ଡ ଗୁଞ୍ଜି, କେତେ ଗଡ଼ଜାତକୁ ଯାଇ ସମ୍ବଲପୁରରେ ଓ ସେଠାରେ ନିଜ କୃତିତ୍ୱ ପ୍ରଦର୍ଶନ କରି ବର୍ତ୍ତମାନ ସବୁ ତ୍ୟାଗକରି ଏକ ଦୌଡ଼ରେ ଚମ୍ପଟ ଦେଇଛନ୍ତି। ଏହାର କାରଣ ସହଜରେ ଧରାଯାଇପାରେ। ସେ ଏମ୍.ଏଲ୍.ଏ. ଥାଇ ସୁଦ୍ଧା ତାଙ୍କ ଗୁଣ କେହି ଚିହ୍ନିଲେ ନାହିଁ, ଆଉ ହୀରାଖଣ୍ଡିଆମାନେ ତାଙ୍କ ହୀରାଖଣ୍ଡକେଶନ ପ୍ରଦେଶ ଗଠନରେ ନେତୃତ୍ୱ ନ ନେଇ ଜଣେ ପୂରା ଗୋଲାମ ଓ ଜଣେ ଦରଖଣ୍ଡିଆ ଗୋଲାମ (ଡାକ୍ତର ପଣ୍ଡିତ ରାମଚନ୍ଦ୍ର ମିଶ୍ର ଦଶବର୍ଷ କାଳ ସରକାରୀ ଚାକିରି କରିଥିଲେ) ହାତରେ ସମ୍ବଲପୁରର ଭାଗ୍ୟ ରଜ୍ଜୁ ଧରାଇ ଦେଇଅଛନ୍ତି। ଆଉ ଏହି ଦୁଇ ପଣ୍ଡିତ ତା.୧୨.୧୧.୪୬ର ପଟୁଆରର ଦୁଇଲକ୍ଷ ନିରୀହ, ଅଜ୍ଞ ଲୋକଙ୍କ ନାମରେ ସମ୍ବଲପୁରକୁ ଯେଉଁ ଆଡ଼କୁ ପାରୁଛନ୍ତି ସେହିଆଡ଼କୁ ଟାଣିନେବା ପାଇଁ ବାହାରିଛନ୍ତି। Fools rush when angels to fear tread – ଅର୍ଥାତ୍

ଦେବଦୂତଙ୍କର ଯହିଁ ଯିବାପାଇଁ ଭୟ
ମୂର୍ଖେ ତହିଁ ପଶିବାକୁ ହୁଅନ୍ତି ଅଥୟ ।

ଗଭୀର ହୀରାକୁଦ ଜଳରାଶି ଗର୍ଭରେ ନିମଗ୍ନ ଜନପଦର ଭୂତପୂର୍ବ କୌଣସି ଅଧିବାସୀ, ସନ୍ଧ୍ୟାଗମରେ ବନ୍ଧ ଅଭିମୁଖରେ ଅଗ୍ରସର ହେଉଥିବା ସମୟରେ, ସମ୍ମୁଖରେ ବନ୍ଧର ଉତ୍ତର ପ୍ରାନ୍ତସ୍ଥ ଘୂର୍ଣ୍ଣାୟମାନ ଗାନ୍ଧିମୀନାର୍‌ରୁ ଦକ୍ଷିଣପ୍ରାନ୍ତସ୍ଥ ଆଶୋକ ନିବାସ ପର୍ଯ୍ୟନ୍ତ ତିନିମାଇଲ ଦୈର୍ଘ୍ୟ ବିଶିଷ୍ଟ ନିରବଚ୍ଛିନ୍ନ ନୀଳବର୍ଣ୍ଣ ଆଲୋକମାଳା ଦର୍ଶନ, ତାହାକୁ ନେଇ ସେହି ସ୍ୱପ୍ନପୁରୀର ବନ୍ଧ ଶିଖରେ ରଖି ଯେତେବେଳେ ପଦକ୍ଷେପ କରାଇନେବ, ସେତେବେଳେ ସେ ଜଳ ମଧ୍ୟରେ ନିଜ ନିର୍ଜୀବ ପ୍ରତିବିମ୍ବ ସହ ଦେଖିବ, ଜଳଗର୍ଭରେ ନିମଗ୍ନ ଗ୍ରାମସମୂହର ଭୂତପୂର୍ବ ନିର୍ମାତାଙ୍କ ଅଗଣିତ ସଞ୍ଚରଣଶୀଳ କଙ୍କାଳରାଶି ଓ ଶୁଣିବ ସେମାନଙ୍କ ବ୍ୟାକୁଳ ଆର୍ତ୍ତନାଦ। ତନ୍ମୁହୂର୍ତ୍ତରେ ତାହା ମନରେ ପ୍ରଶ୍ନମାନ ଉତ୍‌ଥିତ ହେବ। ହୀରାକୁଦ ବନ୍ଧ ପରିକଳ୍ପନା ଓ ପରିଣତି ମଧ୍ୟରେ କେତେଦୂର ସାମଞ୍ଜସ୍ୟ ରକ୍ଷିତ ହୋଇଅଛି ? ବନ୍ଧର ଶୁଭପତନ ଦିନଠାରୁ ଆଜି ସୁଦ୍ଧା ଉଣେଇଶ ବର୍ଷ ଅତୀତ ହୋଇଗଲା। ଶ୍ରୀଯୁକ୍ତ ଖୋସ୍‌ଲାଙ୍କ ହୀରାକୁଦ ସଂକ୍ରାନ୍ତ ବହୁ ତଥ୍ୟ ସମ୍ବଳିତ ବିରାଟ ପୁସ୍ତକରେ ବର୍ଣ୍ଣିତ ଓଡ଼ିଶା ସନ୍ନିକଟବର୍ତ୍ତୀ ଅଞ୍ଚଳର ପଥର କୋଇଲା, ଲୁହା, ବକ୍‌ସାଇଟ୍, ମାଙ୍ଗାନିଜ୍, ଗ୍ରାଫାଇଟ୍, ଗ୍ରାନାଇଟ୍, ଅଭ୍ର ପ୍ରଭୃତି ବହୁମୂଲ୍ୟ ଖଣିଜ ସମ୍ପଦର ଉପଯୋଗ ଏ ପର୍ଯ୍ୟନ୍ତ ସୂଚିତ ସୁଦ୍ଧା ହୋଇଥିବା ଜଣାଯାଇନାହିଁ। ଅବଶ୍ୟ ହୀରାକୁଦରେ ଗୋଟିଏ ଆଲୁମିନିୟମ୍ କାରଖାନା

Digitized by srujanika@gmail.com

କାର୍ଯ୍ୟକାରୀ ହୋଇଅଛି ଓ ବରଗଡ଼ ଅଞ୍ଚଳରେ ଗୋଟିଏ ସିମେଣ୍ଟ କାରଖାନା ସ୍ଥାପନର ଆରମ୍ଭ ହୋଇଅଛି । କିନ୍ତୁ ଏହି ଅନୁଷ୍ଠାନଦ୍ୱୟର କଳ୍ପିତ ସମୃଦ୍ଧିରେ ସମ୍ବଲପୁର ତଥା ଓଡ଼ିଶାର ଅଂଶ ସମ୍ବନ୍ଧରେ ସମସ୍ତେ ସଂଶୟାପନ୍ନ । ମଧ୍ୟପ୍ରଦେଶାନ୍ତର୍ଗତ ମହାନଦୀର ଉତ୍ପତ୍ତି ସ୍ଥାନରୁ ସମୁଦ୍ରରେ ପତନ ସ୍ଥାନ ପର୍ଯ୍ୟନ୍ତ ୩୮୦ ମାଇଲ ଜଳପଥରେ ୯/୧୦ ଫୁଟ ଗଭୀର ଜଳସ୍ରୋତରେ ଚିରକାଳ ନୌଚାଳନର ପରିକଳ୍ପନା ଏକାବେଳକେ ହାସ୍ୟାସ୍ପଦ ହୋଇଅଛି । ବନ୍ଧତଳରୁ ନଦୀଗର୍ଭ ବର୍ଷାଦିନେ ସୁଦ୍ଧା ଏକାବେଳକେ ଶୁଷ୍କ ଓ ଘନସନ୍ନିବିଷ୍ଟ ଉତ୍ତୁଙ୍ଗ ଶିଳାରାଶିଦ୍ୱାରା ଦନ୍ତୁରିତ ହୋଇଅଛି । ମହାନଦୀକୂଳରୁ ପ୍ରାୟ ଅର୍ଦ୍ଧମାଇଲ ଦୂରରେ ଯେଉଁ 'ବଡ଼ଧାର' ର ନିର୍ମଳ ପ୍ରବହମାନ ଜଳସ୍ରୋତ ଚିରକାଳ ଅବଗାହନାଭ୍ୟସ୍ତ ସହରବାସୀଙ୍କ ଦ୍ୱାରା ଅବିରତ ସ୍ନାନମୁଖର ହେଉଥିଲା, ତହିଁରେ ବର୍ତ୍ତମାନ ସ୍ୱଳ୍ପ ଦୁର୍ଗନ୍ଧମୟ ସ୍ଥିର ଜଳପ୍ରାପ୍ତି ଆଶାରେ ଯଦି କେହି କେହି ବହୁକଷ୍ଟରେ ଶିଳାରାଶି ଅତିକ୍ରମ କରିଯାଆନ୍ତି, ତାହାହେଲେ ଏହି ଉଦ୍ୟମରେ ସେମାନେ କ୍ଷତବିକ୍ଷତ ହୋଇଥିବା ଓ ପ୍ରାଣନାଶ ମଧ୍ୟ ସଂଘଟିତ ହୋଇଥିବା ଦୃଷ୍ଟାନ୍ତ ବିଦ୍ୟମାନ ଅଛି । ଶୁଭର କଥା, ରାଜ୍ୟପାଳ ଶ୍ରୀ ଖୋସ୍‌ଲାଙ୍କ ସହିତ ସାକ୍ଷାତରେ ଜଣେ ଦୁଇଜଣ ବିଶିଷ୍ଟ ନାଗରିକଙ୍କ ପରାମର୍ଶରେ ଅଳ୍ପଦିନ ହେଲା ତାହାଙ୍କ ଆନୁକୂଲ୍ୟରେ ସହର ପାଖକୁ ଲାଗି ଗୋଟିଏ ଜଳଧାରା ହୀରାକୁଦ ଜଳଭଣ୍ଡାରରୁ ଅଣାଯାଇଅଛି ଓ ଏହାଦ୍ୱାରା ସହରବାସୀଙ୍କ ଦୁଃଖ କିୟଦ୍‌ପରିମାଣରେ ହେଲେ ଦୂରୀଭୂତ ହୋଇଅଛି ।

ବର୍ତ୍ତମାନ ସମସ୍ତେ ସ୍ୱୀକାର କଲେଣି ଯେ ବନ୍ଧ ନିର୍ମାଣଦ୍ୱାରା ଉପକୂଳ ଅଞ୍ଚଳ ବନ୍ୟା ବିପ୍ଳାତରୁ ନିଷ୍କୃତି ଲାଭକରିପାରିନାହିଁ । ବରଂ ଏକ ନୂତନ ବିପଦ ଆସି ସମ୍ବଲପୁରକୁ ଗ୍ରାସ କରିବାକୁ ବସିଅଛି । ସମ୍ବଲପୁରର କୌଣସି ଅଞ୍ଚଳରେ କେବେ ବନ୍ୟା ବିପ୍ଳାତ କଥା ଜଣା ନ ଥିଲା । ମହାନଦୀ ଗର୍ଭରେ ପ୍ରବାହିତ ଜଳରାଶି ସହିତ ଉପନଦୀ ସମୂହରେ ଆନୀତ ଜଳରାଶି ସ୍ୱାଭାବିକ ଗନ୍ତବ୍ୟ ପଥରେ ଚାଲିଯାଉଥିଲା । ହୀରାକୁଦ ବନ୍ଧଦ୍ୱାରା ମହାନଦୀର ବିଶାଳ ଜଳସ୍ରୋତ ଏହିଠାରେ ରୁଦ୍ଧ ହୋଇଯିବା ଯୋଗୁଁ ଉପନଦୀ ସମୂହରେ ପ୍ରବାହିତ ବର୍ଷାଜଳ ତାହା ମଧ୍ୟକୁ ପୂର୍ବପରି ଆକୃଷ୍ଟ ହୋଇ ନ ପାରି ସ୍ଥାନେ ସ୍ଥାନେ କୂଳ ଲଂଘନ କରି ସନ୍ନିକଟବର୍ତ୍ତୀ ଗ୍ରାମସମୂହର ଜମିବାଡ଼ି ନଷ୍ଟକରି ଦେଉଅଛି ଓ ଏଥିଯୋଗୁଁ କେତେ ପ୍ରାଣୀ ଗତ ବର୍ଷାକାଳରେ ମୃତ୍ୟୁମୁଖରେ ପତିତ ହୋଇଅଛନ୍ତି । ବନ୍ୟାନିବାରଣ ସକାଶେ ସରକାରଙ୍କୁ ନିର୍ଭିନ୍ତ ନ ରହି, ଓ ରାଜନୀତି–ଆସ୍ଫୋଟନକାରୀ ପଣ୍ଡିତଙ୍କ ଘାଡ଼ମ୍ବର ତର୍କରେ ଆସ୍ଥା ସ୍ଥାପନ ନ କରି, ସକ୍ରିୟ ଉପାୟ ଉଦ୍ଭାବନ କରିବାକୁ ହେବ ।

ହୀରାକୁଦ ବନ୍ଧ ଯୋଜନା ସମ୍ପର୍କରେ ସମ୍ବଲପୁରବାସୀଙ୍କ ଦୁଃଖର ଅନ୍ତ ନାହିଁ । ଲାଭ ତୁଳନାରେ କ୍ଷତିର ପରିମାଣ ଅତୁଳନୀୟ । ୨୮୩ ଖଣ୍ଡ ଗ୍ରାମ ଜଳମଗ୍ନ ହେଲା ଓ ପ୍ରାୟ ଏକଲକ୍ଷ ପ୍ରାଣୀ ଇତସ୍ତତଃ ବିକ୍ଷିପ୍ତ ହୋଇ ଅପରିସୀମ ଦୁଃଖ ଭୋଗକଲେ । ଏହା ପରିବର୍ତ୍ତରେ ସରକାରଙ୍କ ପକ୍ଷରୁ ବାରମ୍ବାର ପ୍ରତିଶ୍ରୁତି ଭୂମି, ବାସ ବା ଅର୍ଥ ଦିଆଯାଇଁ

Digitized by srujanika@gmail.com

ପାରିଲା ନାହିଁ। କେତେ ଜଙ୍ଗଲ କଟାଯାଇ ନୂତନ ଭୂମି ତିଆର ହେଲା ଓ ଗୋଟାକେତେ ନୂତନ ଗ୍ରାମ ମଧ୍ୟ ସ୍ଥାପିତ ହେଲା। କିନ୍ତୁ ହିସାବ କଲେ ଜଳଭଣ୍ଡାରରେ ନିମଗ୍ନ ଜମିର ପରିମାଣ ସହିତ ତାହାର ତୁଳନା ଆଦୌ ହୋଇ ନ ପାରେ। ଅତି ଅଳ୍ପସଂଖ୍ୟକ ଲୋକ ଏହି ଗ୍ରାମମାନଙ୍କରେ ରହିଲେ। ଅନେକ ଲୋକ ସୋନପୁର, ବୌଦ, ଆଠମଲ୍ଲିକ, ଗାଙ୍ଗପୁର ଓ ବନ୍ଧୁବାନ୍ଧବଙ୍କ ସହାୟତାରେ ସେମାନଙ୍କ ଗ୍ରାମମାନଙ୍କୁ ଯାଇ ସେଠାରେ ରହିଲେ। ଜମିର ମୂଲ୍ୟ ଟଙ୍କାରେ ଯେଉଁମାନଙ୍କୁ ଦିଆହେଲା ସେହି ସମ୍ପର୍କରେ ଲୋକଙ୍କୁ ଅନେକ ଦୁଃଖ ଓ ଅସୁବିଧା ଭୋଗକରିବାକୁ ହେଲା। ସ୍ୱରାଜିରେ ଯେଉଁମାନେ ନେଲେ ଯାହା ମିଳିଲା ତହିଁରେ ସେମାନେ ମୁଣ୍ଡ କାନ ଆଉଁଷି ରହିଲେ। ଭାରପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ଜମିର ମୂଲ୍ୟର ସ୍ୱଳ୍ପତା ଯୋଗୁଁ ଯେଉଁମାନେ ତାହା ନେବାପାଇଁ ରାଜିହେଲେ ନାହିଁ, ଆଇନ ଅନୁଯାୟୀ ସେମାନଙ୍କୁ ଆର୍ବିଟ୍ରେଟର୍‌ଙ୍କ ଆଶ୍ରୟ ଗ୍ରହଣ କରିବାକୁ ହେଲା। ତତ୍‌ସଂକ୍ରାନ୍ତ ମୋକଦ୍ଦମାଗୁଡ଼ିକରେ ସରକାରଙ୍କ ପକ୍ଷରୁ ସେମାନଙ୍କ ସ୍ୱାର୍ଥ ବିଷୟରେ ନାନା ପ୍ରକାର ବାଧା ସୃଷ୍ଟି କରାହେଲା। ପ୍ରତ୍ୟେକ ମୋକଦ୍ଦମାରେ ଆର୍ବିଟ୍ରେଟର୍ ଲୋକଙ୍କ ଦାବି ଗ୍ରହଣକରି ରାୟ ଦେଲେ। ପ୍ରତ୍ୟେକ ରାୟ ବିରୁଦ୍ଧରେ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଅପିଲ୍ ଦାଏର୍ ହେଲା ଓ ପ୍ରତ୍ୟେକ ଅପିଲ୍‌ରେ ସରକାର ପକ୍ଷ ହାରିଲେ। ତଥାପି ଆତ୍ମପକ୍ଷ ସମର୍ଥନ ସକାଶେ ଲୋକଙ୍କୁ ବହୁ ଶ୍ରମ ଓ ବ୍ୟୟ ସହ୍ୟ କରିବାକୁ ହୋଇଥିଲା। ଏହି ପ୍ରକାରେ ପରବର୍ତ୍ତୀ ଯେତେ ମୋକଦ୍ଦମା ଦାଏର ହେଲା, ସରକାର ପକ୍ଷ ପ୍ରତ୍ୟେକରେ ହାରିଲେ। କିନ୍ତୁ ତଥାପି କୌଣସି କାରଣ ନ ଥିଲେ ସୁଦ୍ଧା ପ୍ରତିହିଂସାପ୍ରଣୋଦିତ ହୋଇ ଅପିଲ୍ ଦାଏର ହେଲା ଓ ପ୍ରତ୍ୟେକରେ ପୁଣି ସରକାର ପକ୍ଷ ହାରିଲେ। ଏଥିରେ ଦଶ ବାର ବର୍ଷ ଚାଲିଗଲା। ମୋ ନିଜର ମୋକଦ୍ଦମାରେ ମୋର ଉତ୍ତର ଜୀବନର ବହୁମୂଲ୍ୟ ଦୀର୍ଘ ବାରବର୍ଷକାଳ ଅତୀତ ହୋଇ ମୋତେ ଅଳ୍ପାୟୁ କରିଦେଲା। ଏହି ଦୀର୍ଘ ଦଶ ବାର ବର୍ଷର ସୁଧକୁ ଓ ଓକିଲଙ୍କ ଫିସ୍ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ପାରିଶ୍ରମିକକୁ ସରକାରଙ୍କ ଅର୍ଥାତ୍ କରଦାତାଙ୍କ ଅଜସ୍ର ଅର୍ଥ ନଷ୍ଟ ହେଲା। ତଥାପି ସରକାରଙ୍କ ହିସାବ ଅନୁସାରେ ଏ ପର୍ଯ୍ୟନ୍ତ ବାରହଜାର ଲୋକ ନିଜ ନିଜ ଜମିର କ୍ଷତିପୂରଣ ପାଇନାହାଁନ୍ତି।

ବହୁସ୍ଥଳରେ ଦେଖିବାକୁ ମିଳୁଅଛି ଆଇନର ହିତକର ବ୍ୟବସ୍ଥାଗୁଡ଼ିକ ଆଇନ ପ୍ରବର୍ତ୍ତକ ଭାରପ୍ରାପ୍ତ କର୍ମଚାରୀଙ୍କ ଅଦୂରଦର୍ଶିତା, ଅନଭିଜ୍ଞତା ତଥା ଅଯୋଗ୍ୟତା ଫଳରେ ଅହିତରେ ପରିଣତ ହେଉଅଛି। ଏ ସମ୍ବନ୍ଧରେ ଜଳସେଚନ ବ୍ୟବସ୍ଥା ଆଲୋଚନୀୟ। ଏଥିରେ କର୍ମଚାରୀମାନଙ୍କ ଅବ୍ୟବସ୍ଥା କଥା ନ କହିଲେ ନ ଚଳେ। ଇତିପୂର୍ବେ କୁହାଯାଉଅଛି ଯେ ସମ୍ବଲପୁର ଜିଲ୍ଲାର ପ୍ରତ୍ୟେକ ଗ୍ରାମରେ ଖାଲ ଜମି ଗୁଡ଼ିକରେ ବନ୍ଧ କଟାରୁ ଜଳ ମାଡ଼େ। ଢିପ ଆଟ ଜମିକୁ ଅବଶ୍ୟ ପାଣି ଯାଏନାହିଁ। ଏହି ଜମିରେ ସାଧାରଣତଃ ରବିଫସଲ ହୁଏ ଓ ଏହା ବର୍ଷାଋତୁରେ ହେଉଥିବାରୁ ଏଥିରେ ଜଳସେଚନ ଆବଶ୍ୟକ ହୁଏ ନାହିଁ।

Digitized by srujanika@gmail.com

ସରକାରଙ୍କ ପକ୍ଷରୁ ଜଳସେଚନ ସମ୍ବନ୍ଧରେ କୁହାହେଲା ଯେ, ଏହି ଡିପ ଜମି ଓ ଅନାବାଦି ପତିତ ଜମି ଉପରେ ଜଳସେଚନଦ୍ୱାରା ଯେ ସବୁକୁ ଉର୍ବର ଧାନ ଜମିରେ ପରିଣତ କରାହେବ। ଏହି ଉଦ୍ଦେଶ୍ୟରେ ନଦୀର ଉଭୟ କୂଳରୁ କେନାଲ ଖୋଳା ହୋଇ ତଦ୍ୱାରା ପାଣି ନିଆଗଲା; କିନ୍ତୁ ଏ ସମ୍ବନ୍ଧରେ ଏତେ ଅବ୍ୟବସ୍ଥା ହୋଇଅଛି ଯେ, ଲାଭ କଥା ତେଣେ ଥାଉ, ଯେଉଁ ଖାଲ ବାହାଲ୍ (ଶାରଦ) ଜମିରେ ସମ୍ବଲପୁରର ଉତ୍କୃଷ୍ଟ ସରୁ ଓ ଅତି ସରୁ ଧାନ ଉତ୍ପନ୍ନ ହେଉଥିଲା ତହିଁରେ ଅତ୍ୟନ୍ତ ଅସଂଯତ ଭାବରେ ପାଣି ବୁଡ଼ାଇ ରଖିଥିବାରୁ ତହିଁରେ ବରାବର ପାଣି ଜମି ତାହା ଚାଷ ସୁଦ୍ଧା କରିହେଉନାହିଁ ଓ କୌଣସିମତେ ଚାଷକରି ଧାନ ବୁଣିଲେ ଧାନ ଗଛା ସୁଦ୍ଧା ହେଉନାହିଁ ଓ ଅନେକ ସ୍ଥଳରେ ବଙ୍ଗି ଫୁଟି ଧାନ ଏକାବେଳକେ ନଷ୍ଟ ହୋଇଯାଉଅଛି। ସ୍ଥାନେ ସ୍ଥାନେ ଅବଶ୍ୟ ପ୍ରତିବର୍ଷ ଡାଲୁଅ ଧାନ ଚାଷର ପରିମାଣ ବୃଦ୍ଧି ହେଉଥିବା ଦେଖାଯାଉଅଛି। କିନ୍ତୁ ଏହା କେତେଦୂର ନଷ୍ଟ ଦ୍ରବ୍ୟର ସ୍ଥାନ ପୂରଣ କରିବାରେ ସମର୍ଥ ହେଉଅଛି ତହିଁର ହିସାବ ସର୍ବସାଧାରଣ ସମକ୍ଷରେ ନାହିଁ। ନାଳକୂଳସ୍ଥ କେତେକ ଆଟ ଜମି ଉପରେ ପରିବା କରାହେଉଅଛି। କିନ୍ତୁ ତାହାର ପରିମାଣ ନଗଣ୍ୟ। ଏଆଡ଼େ ଆଇନ କରାହୋଇଅଛି ଯେ, ଜମିକୁ ପାଣି ଯାଉ ନ ଯାଉ, ଯେଉଁ ଜମିକୁ ପାଣି ଯିବ ବୋଲି ଜଳସେଚନା ହାକିମଙ୍କ ଦିବ୍ୟଦୃଷ୍ଟିକୁ ଦିଶିବ, ଜମିର ପ୍ରକାର ନିର୍ବିଶେଷରେ ଏକର ପ୍ରତି ଆଠଟଙ୍କା ଲେଖାଏଁ ଜଳକର ଦିଆହେବ। ଏପର୍ଯ୍ୟନ୍ତ ଜମିର ବନ୍ଦୋବସ୍ତରେ ଧାର୍ଯ୍ୟ କର ଦେଇ ପ୍ରଜାମାନେ ସ୍ୱେଚ୍ଛାନୁସାରେ ନାନାପ୍ରକାର ଫସଲ ଉତ୍ପାଦନ କରୁଥିଲେ। ବର୍ତ୍ତମାନ ନୂତନ ବ୍ୟବସ୍ଥାନୁସାରେ ପ୍ରତ୍ୟେକ ପ୍ରକାର ଫସଲ ସକାଶେ ବନ୍ଦୋବସ୍ତରେ ଧାର୍ଯ୍ୟ କର ଛଡ଼ା ସ୍ୱତନ୍ତ୍ର କର ଦେବାକୁ ହେବ। ନିଜ ବାଡ଼ିରେ ବହୁକାଳରୁ ଥିବା କୂଅରୁ ପାଣି ମଡ଼ାଯାଉଥିଲେ ସୁଦ୍ଧା ସମ୍ପୃକ୍ତ କର୍ମଚାରୀମାନେ ବୁଲି ବୁଲି କେଉଁଠାରେ କିଆରିଏ କୋଶଳାଶାଗ ବା ବର୍ଷାଦିନେ ହେଉଥିବା ଜହ୍ନି ବା ଭେଣ୍ଡି ଦେଖିଲେ, ସଙ୍ଗେ ସଙ୍ଗେ ତାହା ଉପରେ କର ଧାର୍ଯ୍ୟକରିବା ସକାଶେ ରିପୋର୍ଟ କଲେ। ୧୯୫୯ ସାଲରେ ଯେଉଁ ନୂତନ ଜଳସେଚନ ଆଇନ ପ୍ରଣୀତ ହେଲା ତହିଁର ୧ ଦଫାରୁ ୨୬ ଦଫା ପର୍ଯ୍ୟନ୍ତ ଓ ୧୯୬୧ ମସିହାରେ ପ୍ରଣୀତ ତତ୍‌ସଂପୃକ୍ତ ନିୟମାବଳୀର ବ୍ୟବସ୍ଥାନୁସାରେ ଜଳକର ନିର୍ଦ୍ଧାରଣ ପୂର୍ବେ ଜଳସେଚନ ଅଫିସର ଯେଉଁ ସମସ୍ତ କାର୍ଯ୍ୟ କରିବାକୁ ବାଧ ତାହା ଆଦୌ ନ କରି ୨୭ ଓ ୨୮ ଦଫାନୁସାରେ କର ଆଦାୟ ସକାଶେ କାର୍ଯ୍ୟାନୁଷ୍ଠାନ କରାହୋଇଅଛି। ଏ ସମ୍ବନ୍ଧରେ ଆଇନାନୁଯାୟୀ ଆପତ୍ତି ଓ ଅପିଲ୍‌ମାନ ଦାଏର କରାହୋଇଅଛି ଓ ବର୍ଷେକାଳ ଅତୀତ ହୋଇଯାଇଥିଲେ ଓ ଉର୍ଦ୍ଧ୍ୱତନ ଅଦାଲତଙ୍କୁ ସ୍ମରଣ କରାଇଦିଆଯାଉଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ତହିଁର ପ୍ରତିକାର ସକାଶେ କୌଣସି ବ୍ୟବସ୍ଥା ସୂଚିତ ହେଉନାହିଁ। ଜଳକର ଆଦାୟ ସକାଶେ ନାନାପ୍ରକାର ବାଧ୍ୟତାମୂଳକ ଉପାୟମାନ ଅବଲମ୍ବିତ ହେଉଥିବା ଶୁଣାଯାଉଅଛି। ଏ ସମ୍ବନ୍ଧରେ ମାନ୍ୟବର ରାଜସ୍ୱମନ୍ତ୍ରୀ ମହୋଦୟଙ୍କ ବିଧାନ ସଭାରେ ପ୍ରଦତ୍ତ ଭାଷଣ ଉଲ୍ଲେଖଯୋଗ୍ୟ। ଉକ୍ତ ଭାଷଣରେ ମନ୍ତ୍ରୀ ମହୋଦୟଙ୍କ ପ୍ରଜାମାନଙ୍କୁ ଗତ ଡିସେମ୍ବର ମାସ ଶେଷପର୍ଯ୍ୟନ୍ତ

Digitized by srujanika@gmail.com

କର ଦେଇଦେବା ସକାଶେ ସମୟ ଦେଇଥିଲେ। ସେହି ସମ୍ପର୍କରେ ମୁଁ ଲେଖିଥିଲି ଯେ, ଧାର୍ଯ୍ୟ କର ବିରୁଦ୍ଧରେ ୧୯୬୪ ଫେବୃୟାରୀ ମାସରେ ମୁଁ ଓ ମୋର ଲରପଙ୍କ ଗ୍ରାମର କେତେକ ପ୍ରଜା ଅପିଲ୍ ଦାଏର କରିଅଛନ୍ତି। ଆମ୍ଭମାନଙ୍କ ଆଶା ଯେ ଉକ୍ତ ଅପିଲ୍‌ରେ ଧାର୍ଯ୍ୟ ଜଳକର ବେଆଇନ ବୋଲି ନିଷ୍ପତ୍ତି ହେବ ଓ ଅପିଲ୍‌ଗୁଡ଼ିକ ଶୀଘ୍ର ଶୁଣାଯିବା ସକାଶେ ବ୍ୟବସ୍ଥା କରିବା ସକାଶେ ଅନୁରୋଧ ଜଣାଇଥିଲି। ଏହା ଉତ୍ତାରେ ସୁଦ୍ଧା ଏ ସମ୍ପର୍କରେ ଦରଖାସ୍ତ ଦିଆହୋଇଅଛି। କିନ୍ତୁ ଏ ସମ୍ବନ୍ଧରେ କୌଣସିପ୍ରକାର କାର୍ଯ୍ୟାନୁଷ୍ଠାନର ସୂଚନା ସୁଦ୍ଧା ଲକ୍ଷିତ ହୋଇନାହିଁ।

ମୁଣ୍ଡ ଉପରେ ଏତେ ବୋଝ ଥାଉଁ ଥାଉଁ ଟିକରପଡ଼ା ବନ୍ଧ ଯୋଜନାର ବିଭୀଷିକାରେ ଲୋକଙ୍କୁ ଭୟଭୀତ କରାହେଉଅଛି। ଏହି ଯୋଜନାର ପରିକଳ୍ପନାନୁସାରେ ଉପକୂଳ ଅଞ୍ଚଳର ୩୦୦ ବର୍ଗମାଇଲ ପରିମିତ ଭୂମି ବନ୍ୟାରୁ ବଞ୍ଚାଇବା ସକାଶେ ଚାରିହଜାର ବର୍ଗମାଇଲ ପରିମିତ ଭୂମିଜଳ ଗର୍ଭରେ ନିମଗ୍ନ କରାହେବ; ଚାରିଲକ୍ଷ ଲୋକ ଭୂମି ଓ ବାସଚ୍ୟୁତ ହେବେ। ଏହାଦ୍ୱାରା ଲାଭ ହେବ କ'ଣ ନା, ଏହି ଅଞ୍ଚଳରେ କଳକାରଖାନା ବସାଯାଇ ଉତ୍କଳକୁ ଆହୁରି ଧନଶାଳୀ ଓ ବିଭବପୂର୍ଣ୍ଣ କରାହେବ। ସୋନପୁର, ବୌଦ ଓ ଆଠମଲ୍ଲିକ ଏହି ତିନିଗୋଟି ଭୂତପୂର୍ବ ରାଜାଙ୍କ ରାଜ୍ୟ ଲୁପ୍ତ ହୋଇଯିବ ଓ ଏହା ସଙ୍ଗେ ସମ୍ବଲପୁରର ଏକ ଅଞ୍ଚଳ ମଧ୍ୟ ଜଳମଗ୍ନ ହେବ। ଏହି ଅଞ୍ଚଳବାସୀଙ୍କ ତୀବ୍ର ଆପତ୍ତି ସତ୍ତ୍ୱେ ସ୍ୱର୍ଗତ ପଣ୍ଡିତ ନେହେରୁ ବନ୍ଧର ଶୁଭ ପକାଇ ଦେଇଯାଇଅଛନ୍ତି। ଏଥିରେ ଲୋକଙ୍କ ପକ୍ଷରୁ ପ୍ରବଳ ବାଧା ସୃଷ୍ଟି ହେବାର ସମସ୍ତ ସୂଚନା ଲକ୍ଷିତ ହେଲାଣି। ଏଥିରେ ଲୋକଙ୍କ ଦୁରବସ୍ଥା ଯେତେ ହେଉ ପଛକେ ସ୍ୱର୍ଗତ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଘୋର ଅବମାନନା ହେବ ବୋଲି କୁହାଯାଉଅଛି। ଟିକରପଡ଼ା ବନ୍ଧ ଯୋଜନା ସପକ୍ଷରେ ସରକାରଙ୍କ ପକ୍ଷରୁ ନିମ୍ନପ୍ରକାର ପ୍ରଲୋଭନାତ୍ମକ ପ୍ରତିଶ୍ରୁତି ଦିଆଯାଇଅଛି, ଯାହା ଓଡ଼ିଶାର ଭିନ୍ନ ଭିନ୍ନ ସମ୍ବାଦପତ୍ରମାନଙ୍କରେ ପରିବେଷିତ ହୋଇଅଛି :

(୧) ବୁଡ଼ି ଅଞ୍ଚଳ ଲୋକଙ୍କୁ ଘରବାଡ଼ି ଆଦି ସବୁ ସମ୍ପତ୍ତି ପାଇଁ କ୍ଷତିପୂରଣ ମିଳିବ।

(୨) ସରକାର ଆଦେଶ ଦେଇଛନ୍ତି ଯେ, ବୌଦ, ସୋନପୁର, ଆଠମଲ୍ଲିକ, ଆଦି ବୁଡ଼ିଅଞ୍ଚଳର ଲୋକମାନଙ୍କ ପାଇଁ ନୂଆ ବସବାସ ବ୍ୟବସ୍ଥା ଶେଷ ନ ହେବା ପର୍ଯ୍ୟନ୍ତ ଜଳଭଣ୍ଡାରରେ ବିନ୍ଦୁଏ ହେଲେ ପାଣି ଭର୍ତ୍ତି କରାହେବ ନାହିଁ।

(୩) ଯେ ଯେପରି ଜୀବିକା ଖୋଜିବେ ତାଙ୍କ ପାଇଁ ସେପରି ସୁବିଧା ମିଳିବ।

(୪) ବୁଡ଼ି ଅଞ୍ଚଳ ଲୋକମାନଙ୍କ ପାଇଁ ଯେତେ ଯେତେ ନୂଆ ଗାଁ ଓ ସହର ଗଢ଼ାଯିବ ସେଠାରେ ବିଜୁଳି ଆଲୁଅ, କଳପାଣି, ଭଲ ରାସ୍ତା, ସ୍କୁଲ, ଡାକ୍ତରଖାନା ଆଦି ଆଧୁନିକ ସୁବିଧା ସୁଯୋଗ ରହିବ।

Digitized by srujanika@gmail.com

(୫) ସରକାର ସ୍ଥିର କରିଛନ୍ତି ଯେ, ଶିଳ୍ପ ସ୍ଥାପନ ପାଇଁ ଟିକରପଡ଼ା ଆଖପାଖ ଅଞ୍ଚଳକୁ ପ୍ରଥମେ ସୁବିଧା ଦିଆଯିବ। ତେଣୁ ଚତୁର୍ଥ ଯୋଜନାରେ ଟିକରପଡ଼ା ଜଳଭଣ୍ଡାର ଚାରିପାଖେ କଳକାରଖାନାମାନ ଗଢ଼ିଉଠିବ।

ସରକାରଙ୍କ ପକ୍ଷର ପୂର୍ବ ଉକ୍ତିଗୁଡ଼ିକ ଲୋକ ଭୁଲାଣିଆ କଥା। ହୀରାକୁଦ ଆମ ଆଖି ଆଗରେ। ଏହା ଯୋଗୁଁ ଯେଉଁ ଏକଲକ୍ଷ ଲୋକ ବାସଚ୍ୟୁତ ହେଲେ, ସେମାନଙ୍କ ବସବାସର ବ୍ୟବସ୍ଥା ସରକାର କରିପାରିଲେ ନାହିଁ। ଚାରିଲକ୍ଷ ଲୋକଙ୍କ ସକାଶେ ସ୍ଥାନ କାହିଁ ? ହୀରାକୁଦ ବୁଡ଼ିଅଞ୍ଚଳରୁ ଯେଉଁମାନେ ଏହି ଅଞ୍ଚଳକୁ ଆସି ଆଶ୍ରୟ ଗ୍ରହଣ କରିଥିଲେ ସେମାନଙ୍କୁ ପୁଣି କେଉଁ ସ୍ଥାନକୁ ପଳାଇବାକୁ ହେବ ? ଭାରତବର୍ଷର ଯେଉଁ ଯେଉଁ ଅଞ୍ଚଳର ଲୋକେ ବାସଚ୍ୟୁତ ହେଲେ ସେମାନଙ୍କୁ ଓ ପୂର୍ବ ପାକିସ୍ତାନରୁ ଆସିଥିବା ଲକ୍ଷ ଲକ୍ଷ ଲୋକଙ୍କୁ ଏକମାତ୍ର ଖାଲିଥିବା ଦଣ୍ଡକାରଣ୍ୟରେ ରଖାହେଲା। ଆଉ ଲୋକଙ୍କ ପାଇଁ ସେଠାରେ ସ୍ଥାନ ନାହିଁ ବୋଲି କୁହା ହେଉଛି। ଏହି ଚାରିଲକ୍ଷ ଲୋକଙ୍କ ସକାଶେ ଅନ୍ୟ କୌଣସି ସ୍ଥାନ ତ ଆଖିକି ଦିଶୁନାହିଁ ଏବଂ ତହିଁର ସୂଚନା ସୁଦ୍ଧା ସରକାର ଏ ପର୍ଯ୍ୟନ୍ତ ଦେଇ ନାହାଁନ୍ତି। ଏତେ ଲୋକ ଯେ ଜମି ହରାଇବେ ସେମାନଙ୍କ ଜୀବନଧାରଣ ସକାଶେ ଖାଦ୍ୟ ଯୋଗାଣର କି ବ୍ୟବସ୍ଥା ହେଉଛି ? ତାହାର ମଧ୍ୟ ସୂଚନା ନାହିଁ। ଆଉସବୁ ଶିଳ୍ପ, କାରଖାନା, ବିଜୁଳି ଆଲୁଅ, କଳପାଣି, ସ୍କୁଲ, ଡାକ୍ତରଖାନା ଆଦି ଆକାଶକୁସୁମ ମାତ୍ର। ଏହି ଯୋଜନା ତୁଲ୍ୟ ଓଡ଼ିଶାର ନଦୀ ସବୁ ବାନ୍ଧି ତାହା କୂଳରେ କଳ କାରଖାନା ବସାଇବା ପରିକଳ୍ପନା ଓଡ଼ିଆ ଜାତିକୁ ପୃଥିବୀରୁ ଏକାବେଳକେ ମୂଳପୋଛ କରିଦେବା ଛଡ଼ା ଆଉ କିଛି ହୋଇ ନ ପାରେ। ଏହାର ମଧୁର ସ୍ୱପ୍ନରେ ପୁଞ୍ଜିପତି ଓ ଶିଳ୍ପପତିମାନେ ବିଭୋର। ହୀରାକୁଦର ଫଳ ହେଲା କ'ଣ ? ସମ୍ବଲପୁରର ଲାଭ ହେଲା ବୋଲି କୁହାଯାଉଛି। ମହାନଦୀ ଉପରେ ନିର୍ମିତ ପୋଲ ଯୋଗୁଁ ଯାତାୟାତର ଅବଶ୍ୟ ସୁବିଧା ହୋଇଛି। ହୀରାକୁଦ ବନ୍ଧ ହୋଇ ନ ଥିଲେ ମଧ୍ୟ ବୋଧହୁଏ ଏହି ପୋଲ, ଭାରତବର୍ଷର ସ୍ୱାଧୀନତା ଉତ୍ତାରେ ସର୍ବସାଧାରଣ ରାଜପଥ ନିର୍ମାଣ ଯୋଜନାର ଅନ୍ତର୍ଗତ ହୋଇଥାନ୍ତା। ଏହା ଛଡ଼ା ବୁର୍ଲାରେ ଇଂଜିନିୟରିଂ କଲେଜ, ମେଡ଼ିକାଲ୍ କଲେଜ। ଏହାଛଡ଼ା ଆଉ ଲାଭ କିଛି ନାହିଁ। ଯେଉଁ ଆଡ଼କୁ ଦେଖ, ହାହାକାର। ଜଳଭଣ୍ଡାରର ଦୀର୍ଘ ସ୍ଥାୟିତ୍ୱ ସମ୍ବନ୍ଧରେ ସନ୍ଦେହ ସୁଦ୍ଧା ଉତ୍ପନ୍ନ ହେଉଅଛି। ଜଳଭଣ୍ଡାର କୂଳର ଲୋକେ ଆସି କହୁଅଛନ୍ତି, ଜଳ ମଧ୍ୟକୁ ଓହ୍ଲାଇଲେ ସେମାନେ ଜଳ କ୍ରମେ ଅଗଭୀର ହେଉଥିବା ବୋଧ କରୁଅଛନ୍ତି। ଜଣଙ୍କଠାରୁ ତାହା ଶୁଣି ମୋର ସ୍ମରଣ ହେଲା, ବନ୍ଧ ନିର୍ମାଣ ଆରମ୍ଭ ସମୟରେ କେତେକ ଘଟଣା। ସେ ସମୟରେ କଟକରେ ନଦୀ ନିୟନ୍ତ୍ରଣ ସମିତି (River Control Association) ନାମରେ ଏକ ସମିତି ସ୍ଥାପିତ ହୋଇଥିଲା। ତହିଁର ସଭାପତି ଥିଲେ ପୂର୍ବତନ ମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ର, ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ, ସେକ୍ରେଟାରୀ ଓ ସଭ୍ୟ ଥିଲେ ଆସାମ ବେଙ୍ଗଲ ରେଲୱେର ଭୂତପୂର୍ବ

Digitized by srujanika@gmail.com

ଚିଫ୍ ଇଂଜିନିୟର୍ ଶ୍ରୀଯୁକ୍ତ କୁମୁଦଭୂଷଣ ରାୟ, ସମ୍ବଲପୁରର ଭୂତପୂର୍ବ ଏମ୍.ଏଲ୍.ଏ. ଓ ଓଡ଼ିଶା ବିରୋଧୀ ଦଳର ନେତା ଶ୍ରୀ ଶ୍ରଦ୍ଧାକର ସୂପକାର ଓ ଆଉ କେତେକ ଇଂଜିନିୟର୍ ଓ ଭଦ୍ରବ୍ୟକ୍ତିଗଣ। ମୋର ଡାଏରି ଫିଟାଇ ଦେଖିଲି, ତା.୧୬.୧୦.୫୦ରେ ଲେଖାଅଛି – ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ, ଏମ୍.ଏଲ୍.ଏ. କଟକରୁ ଆସିଛନ୍ତି ଓ ତାଙ୍କ ସଙ୍ଗେ ଆସାମ ବେଙ୍ଗଲ୍ ରେଲୱେର ଭୂତପୂର୍ବ ଚିଫ୍ ଇଂଜିନିୟର୍ ଶ୍ରୀ କୁମୁଦଭୂଷଣ ରାୟ ମଧ୍ୟ ଆସିଅଛନ୍ତି। ଆଜି ଫ୍ରେଞ୍ଚର୍ କ୍ଳବ୍‌ରେ ଆହୂତ ସଭାରେ ଶ୍ରୀ କୁମୁଦଭୂଷଣ ରାୟ ହୀରାକୁଦ ଯୋଜନା ବିଷୟରେ ସମାଲୋଚନାମୂଳକ ଗୋଟିଏ ଭାଷଣ ଦେଇଥିଲେ। ତହିଁରେ ମୁଁ ଯୋଗଦେଇଥିଲି। ତାଙ୍କ ଭାଷଣର ସାରାଂଶ ଏହି ଯେ, ହୀରାକୁଦ ଯୋଜନା ଅନାବଶ୍ୟକ ଥିଲା। ଯେଉଁ ଉଦ୍ଦେଶ୍ୟମାନ ସାଧନ ସକାଶେ ଏହି ବନ୍ଧ ନିର୍ମିତ ହେଉଅଛି, ସେ ସମସ୍ତ ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ। ଏହି ବନ୍ଧ ନିର୍ମାଣ ମୁଖ୍ୟ ଉଦ୍ଦେଶ୍ୟ, ତଳେ ଥିବା କଟକ, ପୁରୀ ଅଞ୍ଚଳରେ ମହାନଦୀର ବନ୍ୟାବିପ୍ଳାତ ନିବାରଣ। ଏ ସମ୍ବନ୍ଧରେ ସେ କହିଲେ, ତିନିଶତ ବର୍ଗମାଇଲ ବ୍ୟାପୀ ଜଳଭଣ୍ଡାର ମଧ୍ୟରେ ପ୍ରତିବର୍ଷ ନିକଟବର୍ତ୍ତୀ ପ୍ରଦେଶଭୂମି ତାଡ଼ିହୋଇ ଜଳମଧ୍ୟରେ ପ୍ରବେଶକରି ପ୍ରତିବର୍ଷ ଏହାକୁ ଯେଉଁ ପରିମାଣରେ ପୋତି ପକାଇବ ତାହା ହିସାବ କଲେ ଦେଖାଯିବ ଯେ, ୫୦ବର୍ଷ ମଧ୍ୟରେ ଜଳଭଣ୍ଡାର ସମ୍ପୂର୍ଣ୍ଣରୂପେ ପୋତି ହୋଇ ଜଳଶୂନ୍ୟ ହୋଇଯିବ ଓ ବନ୍ଧ ଉପରେ ଉଛୁଳି ବଢ଼ିପାଣି ବହିଯାଇ ପୁଣି ବନ୍ୟା ସୃଷ୍ଟି କରିବ। ସୁତରାଂ ଏହି ବନ୍ଧ ଚିରସ୍ଥାୟୀ ହେବା ତେଣେ ଥାଉ, ଦୀର୍ଘକାଳ ସ୍ଥାୟୀ ମଧ୍ୟ ନୁହେଁ। ୫୦ବର୍ଷ ସକାଶେ କୋଟି କୋଟି ଟଙ୍କା ବ୍ୟୟରେ ଏହା ନିର୍ମାଣ ନ କରି ନଦୀକୂଳ ଅଞ୍ଚଳରେ ଅନ୍ୟ ଉପାୟରେ ଜଳ ନିୟନ୍ତ୍ରଣ କରିବା ବ୍ୟବସ୍ଥାଦ୍ୱାରା ଏଥିରୁ କମ୍ ବ୍ୟୟରେ ବନ୍ୟା ନିବାରଣ ହୋଇପାରନ୍ତା – ଶ୍ରୀଯୁକ୍ତ ରାୟ ଯୋଜନାର ଅନ୍ୟାନ୍ୟ ଉଦ୍ଦେଶ୍ୟ ସାଧନ ସମ୍ବନ୍ଧରେ ସୁଦ୍ଧା ସନ୍ଦେହ ପ୍ରକାଶ କରିଥିଲେ (ଡାଏରୀରେ ଲିଖିତ ମୋର ମନ୍ତବ୍ୟ)। ଏ ସମସ୍ତ ସମୀଚୀନ ବୋଧହେଲେ ହେଁ ସରକାର ଏଥିରେ ଏତେ ଆଗେଇ ଯାଇଛନ୍ତି ଯେ ଶ୍ରୀଯୁକ୍ତ ରାୟଙ୍କ ଭାଷଣ କେବଳ ଭାଷଣରେ ହିଁ ରହିଥିବ।

ଅଞ୍ଚଳୋକଙ୍କ ହୃଦୟକୁ ଏହି ଆଶଙ୍କା ସ୍ପର୍ଶ କଲାଣି। ବିଶେଷଜ୍ଞ ଇଂଜିନିୟରମାନେ ଯେ ଏହା ପ୍ରତି ଉଦାସୀନ ଥିବେ ବିଶ୍ୱାସ ହେଉନାହିଁ। ଏହି ସାଧାରଣ ସ୍ୱାଭାବିକ ପ୍ରକ୍ରିୟାର ନିଶ୍ଚୟ ପ୍ରତିକାର ସକାଶେ ତତ୍ପର ଥିବେ।

ହୀରାକୁଦ ପରିକଳ୍ପନାର ଆରମ୍ଭରେ ସୁଦୂର ଭବିଷ୍ୟତକୁ ନିରୀକ୍ଷଣ କରି ଯାହା ଦେଖିଥିଲି ଏହି ଦୀର୍ଘ ଊଣେଇଶ ବର୍ଷ ବ୍ୟାପୀ ସୁଦୂର ଅତୀତରେ ସୁଦ୍ଧା ଅବିକଳ ସେହି ଦୃଶ୍ୟ ଦେଖିବାକୁ ମିଳୁଅଛି। ସେହି ସମୟରେ ତା.୧୯.୬.୧୯୪୬ ରେ କଟକ ଟାଉନହଲ୍ ସଭାରେ କହିଥିଲି :

Digitized by srujanika@gmail.com

(୧) ହୀରାକୁଦ ବନ୍ଧର ଆବଶ୍ୟକତା ନାହିଁ।

(୨) ଏହାର ଉପକୂଳ ଅଞ୍ଚଳରେ ବନ୍ୟା ବିପ୍ଳାତ ନିବାରଣ ହୋଇପାରିବ ନାହିଁ।

(୩) ସମ୍ବଲପୁରର ପ୍ରତ୍ୟେକ ଗ୍ରାମରେ ଯେଉଁ ବନ୍ଧ କଟାମାନ ଅଛି ତାହାର ସଂସ୍କାର ଓ କେତେକ ଗ୍ରାମର କେନ୍ଦ୍ରସ୍ଥଳମାନଙ୍କରେ ନୂତନ ଜଳାଶୟ ନିର୍ମାଣ କଲେ ଜଳସେଚନର ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ସମାଧାନ ହୋଇପାରିବ।

(୪) ଶିଳ୍ପୋନ୍ନତି ସକାଶେ ଡୁଡୁମା ବିଦ୍ୟୁତଶକ୍ତିର ଉପଯୋଗ କରାଯାଇପାରିବ।

ଆଜିସୁଦ୍ଧା ଏହି ମତର ପରିବର୍ତ୍ତନ ନାହିଁ। ସେ ଯାହାହେଉ, ହୀରାକୁଦ ହୋଇସାରିଛି, ଆଉ ନୂତନ କିଛି ନ କରି ଏହାର ସମ୍ପୂର୍ଣ୍ଣ ଉପଯୋଗଦ୍ୱାରା ସମ୍ଭବତଃ ଅନ୍ୟ ସମସ୍ତ ଯୋଜନାର ପରିକଳ୍ପନା ଅପସୃତ ହୋଇପାରିବ।

Digitized by srujanika@gmail.com

ପରିଶିଷ୍ଟ

ଆଇନ୍‌ର ଅବିଚାର

ମୋର ପନ୍ଦର ଗୋଟି ସନ୍ତାନ ମଧ୍ୟରେ ସତ୍ୟଗୋପାଳ – ଡାକନାମ ଦୁଖୁ – ତୃତୀୟ ସନ୍ତାନ ଓ ପୁଅମାନଙ୍କ ମଧ୍ୟରେ ଦ୍ୱିତୀୟ। ପ୍ରଥମ ସନ୍ତାନ ଝିଅ। ତାହା ତଳକୁ ପୁଅ, ତିନିବର୍ଷ ବୟସରେ ବାଳଲୀଳା ସାଙ୍ଗ କରିଥିଲା। ତାହାର ମୃତ୍ୟୁର ପରଦିନ ସତ୍ୟଗୋପାଳର ଅନୁଗୁଳରେ ୧୯୧୪ ସାଲ ଏପ୍ରିଲ୍ (ବୈଶାଖ) ମାସରେ ଜନ୍ମ। ଦୁଃଖ ମଧ୍ୟରେ ଜନ୍ମ ହୋଇଥିବାରୁ ମୋର ମା' ତା'ର ନାମ ରଖିଲେ 'ଦୁଖୁ', ତା'ର 'ସତ୍ୟଗୋପାଳ' ନାମ ଘଟଣାମୂଳକ। ୧୯୧୭ ସାଲରେ ମୁଁ ରାଞ୍ଚିରେ ଥିବା ସମୟରେ ସେ ଭୀଷଣ ଉଦରାମୟ ରୋଗରେ ପୀଡ଼ିତ ହେଲା। ସେତେବେଳେ ଆମ୍ଭେମାନେ ତାହାର ଜୀବନର ଆଶା ତ୍ୟାଗ କରିଥିଲୁ। ମୋ ବସା ନିକଟରେ ହୋମିଓପାଥିକ ଡାକ୍ତର ସତ୍ୟଗୋପାଳ ଘୋଷଙ୍କ ଚିକିତ୍ସାଳୟ ଥିଲା। ପ୍ରଥମରେ ତାଙ୍କ ସଙ୍ଗେ ପରିଚୟ ହୋଇ କ୍ରମେ କ୍ରମେ ଘନିଷ୍ଠତା ହୋଇଥିଲା। ସେ ତାଙ୍କ ସୁଚିକିତ୍ସାରେ ଆରୋଗ୍ୟ ଲାଭକଲା। ଡାକ୍ତର ତାଙ୍କ ପାରିଶ୍ରମିକ, ଯେତେ ଯାଚିଲେ ସୁଦ୍ଧା ନେଲେ ନାହିଁ। ଶେଷରେ କହିଲେ, ପୁଅକୁ ତାଙ୍କ ନାମ ଦେଲେ ତାଙ୍କ ପାରିଶ୍ରମିକ ତୁଲ୍ୟ ଜ୍ଞାନ କରିବେ। ସେହି ଅନୁସାରେ ତା'ର ନାମ ରଖାହେଲା ସତ୍ୟଗୋପାଳ। ଡାକ୍ତର ଘୋଷ ଅପୁତ୍ରିକ ଥିଲେ ଓ ଦୁଖୁକୁ ଅତ୍ୟନ୍ତ ସ୍ନେହ କରୁଥିଲେ।

ଏହାର କିଛିଦିନ ପୂର୍ବେ ସମ୍ବଲପୁରରେ କଠିକ ନିମୋନିଆ ରୋଗରୁ ତା'ର ପ୍ରାଣରକ୍ଷା ହୋଇଥିଲା। ଉତ୍ତରପ୍ରଦେଶ ନିବାସୀ ମୋର ଦୀକ୍ଷାଗୁରୁ ବାବାଜି ଗୋଦା ଦାସ ମଧ୍ୟରେ ମଧ୍ୟରେ ଆସି ଆମ୍ଭମାନଙ୍କୁ ଦର୍ଶନ ଦେଇଯାଉଥିଲେ। ସେ ଯେ ଜଣେ ସିଦ୍ଧ ପରିବ୍ରାଜକ ସାଧୁ, ଏହାର ପରିଚୟ ମୁଁ ପାଇଥିଲି। ସେ କହିଥିଲେ ଯେ, ଦୁଖୁ ଦୀର୍ଘାୟୁ ହେବନାହିଁ। ତାକୁ କୋଳରେ ଘେନି ବହୁ ଶାନ୍ତି ସ୍ୱସ୍ତୟନ କରିଥାନ୍ତି। ପିଲା ଦିନଯାକ ତା'ର ସ୍ୱାସ୍ଥ୍ୟ କେବେ ଭଲ ନ ଥାଏ। ତା ତଳକୁ ୧୯୨୫ ସାଲ ପର୍ଯ୍ୟନ୍ତ କ୍ରମାନ୍ୱୟରେ ସାତଟି ଝିଅ। ୧୯୨୬ ସାଲ ଡିସେମ୍ବର ମାସରେ ତୃତୀୟ ପୁତ୍ରର ଜନ୍ମ ହେଲା। ୧୯୨୯ ସାଲ ଅଗଷ୍ଟ ମାସରେ ଏହି ପୁଅର ମଧ୍ୟ ମୃତ୍ୟୁ ହେଲା। ଏହା ଉତ୍ତାରେ ପୁଣି ତିନିଝିଅ ଓ ଚତୁର୍ଥ ପୁଅର ଜନ୍ମ ହେଲା। ଏହି ତିନିଝିଅଙ୍କ ମଧ୍ୟରୁ ଗୋଟିକର ୧୯୪୫ ଅଗଷ୍ଟମାସରେ ମୃତ୍ୟୁ ହେଲା। ଏହା ଉତ୍ତାରେ ଏହି ସମୟକୁ ରହିଲେ ୧୦ ଝିଅ ଓ ଦୁଇପୁଅ – ସତ୍ୟଗୋପାଳ ଓ ବିଭୁପ୍ରସାଦ। ସେତେବେଳେ ସତ୍ୟଗୋପାଳର ବୟସ ୩୧ ବର୍ଷ ଓ ବିଭୁପ୍ରସାଦର ୧୪

Digitized by srujanika@gmail.com

ବର୍ଷ । ପୁତ୍ରଦ୍ୱୟ ବିଶେଷତଃ ଅତ୍ୟନ୍ତ ଆଦର ଓ ସ୍ନେହର ବିଷୟ ହୋଇଥାନ୍ତି ଓ ସାମାନ୍ୟ ଭାବରେ ସୁଦ୍ଧା ସେମାନଙ୍କ ସ୍ୱାସ୍ଥ୍ୟହାନି ହେଲେ ଆମ୍ଭେମାନେ ବିବ୍ରତ ହୋଇପଡୁଥିଲୁ ।

୧୯୩୧ ସାଲରେ ସତ୍ୟଗୋପାଳ ସମ୍ବଲପୁର ଜିଲ୍ଲା ସ୍କୁଲରୁ ମେଟ୍ରିକ୍ୟୁଲେସନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା । ଏହା ଉତ୍ତାରେ କ୍ରମେ କ୍ରମେ ତାହାର ସ୍ୱାସ୍ଥୋନ୍ନତି ଲକ୍ଷିତ ହେଲା । ୧୯୩୪ ସାଲରେ ତତ୍‌କାଳୀନ ପ୍ରଥାନୁସାରେ ଛାତ୍ରାବସ୍ଥାରେ ଥିବା ସମୟରେ ତାହାର ବିବାହ ହେଲା । ୧୯୩୧ ରୁ ୧୯୩୪ ପର୍ଯ୍ୟନ୍ତ କଟକ କଲେଜ ଛାତ୍ରାବାସରେ ଥିବା ସମୟରେ ମଧ୍ୟରେ ମଧ୍ୟରେ ତାହାର ସ୍ୱାସ୍ଥ୍ୟ ଭଙ୍ଗ ହେଉଥାଏ ଓ ମୁଁ ୧୯୩୧ରୁ ୧୯୩୩ ସାଲ ପର୍ଯ୍ୟନ୍ତ ବାଲେଶ୍ୱରରେ ଥିବା ସମୟରେ ବାଲେଶ୍ୱରରୁ ଓ ୧୯୩୪ ସାଲରେ ପୁରୀରେ ଥିବା ସମୟରେ ପୁରୀରୁ ତାକୁ ଦେଖିବାକୁ ଯାଉଥାଏ । ୧୯୩୫ ସାଲରେ ବି.ଏ. ପାଶ୍ କରିବା ଉତ୍ତାରେ ସେ ଆପେଣ୍ଡିସାଇଟିସ୍ ରୋଗରେ ଏତେ ଭୟାବହ ଭାବରେ ପୀଡ଼ିତ ହୋଇପଡ଼ିଲା ଯେ, ଏହିଥର ସୁଦ୍ଧା ଆମ୍ଭେମାନେ ତାହାର ପ୍ରାଣର ଆଶା ତ୍ୟାଗ କରିଥିଲୁ । କିନ୍ତୁ କଟକର ପ୍ରସିଦ୍ଧ ହୋମିଓପାଥ ଡାକ୍ତର ଉଜିରଙ୍କ ଚିକିତ୍ସାରେ ସେ ରୋଗମୁକ୍ତ ହେଲା । ସେତେବେଳେ ମୁଁ କଟକରେ ଡେପୁଟି କଲେକ୍ଟର ପଦରେ ଅବସ୍ଥାପିତ ହୋଇ ରହିଥିଲି । ୧୯୩୭ ସାଲରେ ଏମ୍.ଏ. ଓ ୧୯୩୯ ସାଲରେ ବି.ଏଲ୍. ପାଶ୍ କଲା ଓ ୧୯୪୦ ସାଲରେ ସମ୍ବଲପୁରରେ ଓକିଲାତି ଆରମ୍ଭ କଲା । ସେତେବେଳେ ତାହା ଉପରେ ଜଣେ ଓ ତଳେ ଦଶ ଭଉଣୀ ଓ ଗୋଟିଏ ଭାଇ । ଭାଇଭଉଣୀଙ୍କ ସ୍ନେହର 'ଦାଦା' । ପ୍ରତିବର୍ଷ ଦୁର୍ଗାଷ୍ଟମୀ ଦିନ ସମାରୋହରେ ସମ୍ବଲପୁର ଅଞ୍ଚଳର 'ଭାଇଜିଉଁତିଆ' ବ୍ରତ ଅନୁଷ୍ଠିତ ହୁଏ । ଭଉଣୀମାନେ ଭାଇର ମଙ୍ଗଳକାମନା କରି ଦେବୀଙ୍କଠାରେ ନିର୍ଜ୍ଜଳ ଉପବାସ କରି ଓ ପରଦିନ ଭାଇପ୍ରଦତ୍ତ ନୂଆ ନୂଆ ଲୁଗା ପିନ୍ଧି ଓ ପ୍ରତ୍ୟେକେ ତାକୁ ନୂଆ ଲୁଗା ପିନ୍ଧାଇ ଦୂର୍ବାକ୍ଷତଦ୍ୱାରା ବନ୍ଦାପନା କରନ୍ତି ଓ ତତ୍ପରେ ପାରଣା କରନ୍ତି । ବିବାହିତା ଝିଅମାନେ ଏହି ଉପଲକ୍ଷରେ ପିତ୍ରାଳୟକୁ ଆସି ଯେଉଁ କେତେଦିନ ରହନ୍ତି, ସେମାନଙ୍କ ଓ ସେମାନଙ୍କ ଶିଶୁ ପୁତ୍ରକନ୍ୟାଙ୍କ ଆନନ୍ଦମୟ କଳରବରେ ଘର ମୁଖରିତ ହୋଇଉଠେ । ଭଉଣୀମାନେ ତାକୁ ଯେଉଁ ପରିମାଣରେ ଆଦର ଓ ଭକ୍ତି କରନ୍ତି ସେହି ପରିମାଣରେ ସେ ମଧ୍ୟ ସେମାନଙ୍କୁ ସ୍ନେହ କରେ ।

ଦୁଖୁ ସ୍କୁଲ ଓ କଲେଜରେ ସହାଧ୍ୟାୟୀ, ଶିକ୍ଷକ ଓ ଅଧ୍ୟାପକମାନଙ୍କ ସୁଦ୍ଧା ପ୍ରିୟପାତ୍ର ହୋଇଥିଲା । ଶିକ୍ଷିତ ସମ୍ପ୍ରଦାୟରେ ତାହାର ସ୍ଥାନ ଉଚ୍ଚ ଥିଲା । ପ୍ରାୟ ସମସ୍ତ ପ୍ରକାର ସଂସ୍କୃତିପୂର୍ଣ୍ଣ କାର୍ଯ୍ୟାବଳୀରେ ଯୋଗଦାନ କରୁଥିଲା । ପଠନାଭ୍ୟାସ ତାହାର ଗଭୀର ଥିଲା । ପ୍ରାୟ ପ୍ରତି ମାସରେ ଏକଶତ ଟଙ୍କା ମୂଲ୍ୟର ପୁସ୍ତକ କିଣୁଥିଲା ଓ ମନୋଯୋଗ ସହକାରେ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ପଢୁଥିଲା । ସେହି ବହିଗୁଡ଼ିକ ଦୁଇଗୋଟି ଆଲମାରିରେ ଏବେ ସୁଦ୍ଧା ପୂର୍ଣ୍ଣ ହୋଇ ରହିଅଛି । ସେ ଥିଲା ଇଂରେଜୀରେ ଏମ୍.ଏ. । ପ୍ରାୟ ପ୍ରତି ମାସ ଇଂରେଜୀରେ

Digitized by srujanika@gmail.com

ଓ ଓଡ଼ିଆରେ ଭିନ୍ନ ଭିନ୍ନ ସମ୍ବାଦପତ୍ର ଓ ସାମୟିକ ପତ୍ରିକାମାନଙ୍କରେ ପ୍ରବନ୍ଧ ଓ ଗଳ୍ପମାନ ଲେଖୁଥିଲା । ବର୍ତ୍ତମାନ ଓଡ଼ିଶା ବିଧାନସଭାର ସ୍ୱାଧୀନ ସଦସ୍ୟ ଓ ସୁଲେଖକ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ତାହାର ବନ୍ଧୁ ଥିଲେ ଓ ତାହାଙ୍କ ପ୍ରେରଣାରେ ତାହାଙ୍କ ସମ୍ପାଦିତ 'ଡଗର' ମାସିକ ପତ୍ରିକାରେ ନିୟମିତଭାବରେ ସେ ଲେଖୁଥିଲା । ଜଣେ ମୌଲବୀଙ୍କୁ ଗୃହ ଶିକ୍ଷକ ନିଯୁକ୍ତ କରି ତାଙ୍କଠାରୁ ସେ ଉର୍ଦ୍ଦୁ ଓ ଆରବିକ ଭାଷା ଶିକ୍ଷା କରୁଥିଲା । ସେ କହୁଥିଲା ଯେ, ସେ ମୂଳ କୋରାନ୍ ଓ ଅନ୍ୟାନ୍ୟ ମୁସଲମାନ ଗ୍ରନ୍ଥମାନ ଅଧ୍ୟୟନ କରିବ । ପ୍ରତ୍ୟହ ଅରଟରେ ସୂତା କାଟୁଥିଲା ଓ ସେହି ସୂତାରେ ବୁଣାଇ ତାହା ପିନ୍ଧୁଥିଲା । ପିତାମାତାଙ୍କ ସର୍ବପ୍ରକାରେ ଆଜ୍ଞାବହ ଥିଲା । ମୁଁ କେବେ କୌଣସି ପ୍ରକାର ଦୋଷ ତାହାର ଦେଖିନାହିଁ । ଓକାଲତି ବ୍ୟବସାୟରେ ସେ ସ୍ୱାଧୀନଚେତା ଓ ଉଦାର ପ୍ରକୃତିବିଶିଷ୍ଟ ଥିଲା । ମୋର ସ୍ମରଣ ହେଉଛି, ଜଣେ ଗରିବ ଲୋକ ତାହାର ଗ୍ରାମର ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ବିରୁଦ୍ଧରେ ତାହାର ଘରପୋଡ଼ି ଦେଇଥିବା ଅଭିଯୋଗ କରି ମୋକଦ୍ଦମା ଦାଏର କରିଥିଲା । ପୋଲିସ ତାକୁ ମିଥ୍ୟା ଅଭିଯୋଗ କରିଥିବା ଅପରାଧରେ ଚାଲାଣ ଦେଲା । ବିଚାରରେ ନିମ୍ନ ଅଦାଲତରେ ତାହାର କାରାଦଣ୍ଡ ହେଲା ଓ ଅପିଲ୍ ଅଦାଲତରେ ତାହାର ଦଣ୍ଡ କାଏମ୍ ରହିଲା । ସତ୍ୟଗୋପାଳ ତାହା ପକ୍ଷର ଓକିଲ ଥିଲା । ସତ୍ୟଗୋପାଳ ଉଭୟ ଅଦାଲତଙ୍କ ବିଚାରରେ ଅସନ୍ତୁଷ୍ଟ ହୋଇ ନିଜ ବ୍ୟୟରେ ହାଇକୋର୍ଟରେ ଅପିଲ୍ ଦାଏର କଲା ଓ ହାଇକୋର୍ଟଙ୍କ ବିଚାରରେ ସେ ନିର୍ଦ୍ଦୋଷରେ ଦଣ୍ଡମୁକ୍ତ ହେଲା । ଏହିପରି ଆଉ କେତେ ଦୃଷ୍ଟାନ୍ତ ମଧ୍ୟ ଅଛି । ଓକିଲ ମହଲରେ ସୁଦ୍ଧା ତାହାର ସ୍ଥାନ ଗୌରବମୟ ଥିଲା । ସ୍ୱର୍ଗତ ସମ୍ବଲପୁରର ପ୍ରସିଦ୍ଧ ବୃଦ୍ଧ ଓକିଲ ଶ୍ରୀ ମନୋରଞ୍ଜନ ବାନାର୍ଜ୍ଜୀ ତାକୁ ପୁତ୍ରବତ୍ ସ୍ନେହ କରୁଥିଲେ । ବହୁ ଦିଗରେ ତାକୁ ସତ୍‌ଶିକ୍ଷା ଦେଉଥିଲେ ।

ଶିକ୍ଷାନୁଷ୍ଠାନ ପ୍ରତି ତାହାର ପ୍ରଗାଢ଼ ଅନୁରାଗ ଥିଲା । ସମ୍ବଲପୁର ଟାଉନ ହାଇସ୍କୁଲ୍‌ର ସେ ସେକ୍ରେଟାରୀ ଥିଲା । ଏହି ସମୟରେ ତାହାର ସହାଧ୍ୟାୟୀ ଓ ବନ୍ଧୁ ଶ୍ରୀ ଦୁର୍ଗାପ୍ରସାଦ ବରାଇଙ୍କୁ ବଲାଙ୍ଗୀରରୁ ଆଣି ଉକ୍ତ ହାଇସ୍କୁଲର ହେଡ୍‌ମାଷ୍ଟର ପଦରେ ନିଯୁକ୍ତ କରାଇଥିଲା । ଏହି ପଦରେ ଥିବା ସମୟରେ ଶ୍ରୀ ଦୁର୍ଗାପ୍ରସାଦ ଉତ୍କଳ ବିଶ୍ୱବିଦ୍ୟାଳୟର ସଦସ୍ୟ ପଦ ସକାଶେ ନିର୍ବାଚିତ ହୋଇ ସହକାରୀ ରେଜିଷ୍ଟ୍ରାର୍ ପଦରେ ନିଯୁକ୍ତ ହେଲେ । ବର୍ତ୍ତମାନ ସେ ବାଣୀବିହାରର ରେଜିଷ୍ଟ୍ରାର୍ । ଆଜି ସୁଦ୍ଧା ସାକ୍ଷାତରେ ଦୁର୍ଗାପ୍ରସାଦଙ୍କଠାରୁ ପିତୃପ୍ରତିମ ସମ୍ମାନ ଲାଭ କରିଥାଏ ଓ ସତ୍ୟଗୋପାଳକୁ ମନେକରିଥାଏ ।

ମୋର ସମସ୍ତ କାର୍ଯ୍ୟରେ ସତ୍ୟଗୋପାଳ ପ୍ରାଣଭରି ମୋତେ ସାହାଯ୍ୟ କରୁଥିଲା । ୧୯୪୨ ସାଲରେ ମୁଁ ସରକାରୀ ଚାକିରିରୁ ଅବସର ଗ୍ରହଣ କଲା ଉତ୍ତାରେ ଘରର ପ୍ରାୟ ସମସ୍ତ ଭାର ଗ୍ରହଣ କରିଥିଲା । ତାହାର କର୍ମତତ୍ପରତାରେ ମୁଁ ଏକପ୍ରକାର ନିଶ୍ଚିନ୍ତ ଜୀବନଯାପନ କରୁଥିଲି ।

Digitized by srujanika@gmail.com

ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କଲା ଉତ୍ତାରେ ମୋର କର୍ମମୟ ଜୀବନକୁ ଅକର୍ମଣ୍ୟ କରି କଟାଇବା ପରିବର୍ତ୍ତେ କେତେକ ସମାଜହିତକର ସାଧାରଣ କାର୍ଯ୍ୟରେ ବିନିଯୋଗ କରିବା ସ୍ଥିରକରି ସେହି ଦିଗରେ ଅଗ୍ରସର ହେବାକୁ ଲାଗିଲି। ଏହା ମଧ୍ୟରେ ସମ୍ବଲପୁରରେ ସ୍ତ୍ରୀ ଶିକ୍ଷା ପ୍ରସାରୋଦ୍ୟମ ପ୍ରଧାନ। ଏହା ସାଙ୍ଗକୁ ସମାଜସଂସ୍କାରମୂଳକ କାର୍ଯ୍ୟାବଳୀରେ ହସ୍ତ ପ୍ରଦାନକରି ସମ୍ବଲପୁରରେ ବିଭିନ୍ନ ଶ୍ରେଣୀୟ ବ୍ରାହ୍ମଣମାନଙ୍କ ମଧ୍ୟରେ ପ୍ରଚଳିତ ଅବାଞ୍ଛନୀୟ ଭେଦ ଦୂରୀକରଣ ଉଦ୍ଦେଶ୍ୟରେ ଆୟାସ କରିବାକୁ ଲାଗିଲି। ଉଭୟ କ୍ଷେତ୍ରରେ ଶିକ୍ଷିତ ସଂପ୍ରଦାୟ ପକ୍ଷରୁ ସୁଦ୍ଧା ଉତ୍ସାହ ବା ସହଯୋଗ ପରିବର୍ତ୍ତରେ ଭୀଷଣ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡ଼ିଲା ଓ ନିକଟତମ ବନ୍ଧୁ ଜ୍ଞାତି ସୁଦ୍ଧା ମୋ ପ୍ରତି ବୀତଶ୍ରଦ୍ଧ ହୋଇ ମୋତେ ସମାଜରୁ ବାସନ୍ଦ କରିବା ବ୍ୟାପାରରେ ସହଯୋଗ କଲେ। ଏହା ଉତ୍ତାରେ ହୀରାକୁଦ ବାତ୍ୟା ପ୍ରବାହିତ ହୋଇ ହିତାହିତ ଜ୍ଞାନାପହୃତ ବନ୍ଧୁମାନଙ୍କୁ ଦିଗବିଦିଗ ଶୂନ୍ୟ କରିପକାଇଲା। ଏମାନଙ୍କ ଅରାଜକତାପୂର୍ଣ୍ଣ ବିଶୃଙ୍ଖଳାତ୍ମକ ସମାଜବିରୋଧୀ କାର୍ଯ୍ୟାବଳୀ ବିରୁଦ୍ଧରେ ଦଣ୍ଡାୟମାନ ହୋଇ ହୀରାକୁଦ ଜଳଭଣ୍ଡାରରେ ନିମଗ୍ନ ଜନପଦବାସୀଙ୍କ ସପକ୍ଷରେ ସଫଳତା ଅର୍ଜନ କରିଥିଲି। ସତ୍ୟଗୋପାଳ ନିର୍ଭୀକ ଭାବରେ ମୋହର ଏ ସମସ୍ତ କାର୍ଯ୍ୟରେ ପୂର୍ଣ୍ଣପ୍ରାଣରେ ସହଯୋଗ କରିଥିଲା। ଏ ସମ୍ବନ୍ଧରେ ଘଟଣାବଳୀ ଯଥାସ୍ଥାନରେ ବର୍ଣ୍ଣିତ ହୋଇଅଛି।

ହଠାତ୍ ଏହି ସମୟରେ ମୋ ପରିବାର ଉପରେ ନିର୍ମମ ବଜ୍ରାଘାତ ହେଲା, ସତ୍ୟଗୋପାଳ ଟାଏଫଏଡ୍ ରୋଗରେ ଆକ୍ରାନ୍ତ ହେଲା ଓ ୩୫ ଦିନ ବ୍ୟାପୀ ଚିକିତ୍ସା ସତ୍ତ୍ୱେ ତା.୨୪.୪.୧୯୪୭ରେ ତାହାର ସମୁଜ୍ଜ୍ୱଳ ପ୍ରାଣପ୍ରଦୀପ ନିର୍ବାପିତ ହୋଇଗଲା। ତାହାର ବିୟୋଗରେ ବନ୍ଧୁମାନଙ୍କ ସହିତ ଗଛପତ୍ର ସୁଦ୍ଧା କାନ୍ଦିଥିଲେ ବୋଇଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ।

ମୋର ସଦୁଦ୍ଦେଶ୍ୟ ହୃଦୟଙ୍ଗମ କରିବାରେ ଅସମର୍ଥ ହୋଇ ଯେଉଁ ବନ୍ଧୁମାନେ ମୋ ପ୍ରତି ଭୀଷଣ ନିର୍ଯ୍ୟାତନା ଚଳାଇ ମୋତେ ସମାଜରୁ ବାସନ୍ଦ ପର୍ଯ୍ୟନ୍ତ କରାଇଥିଲେ ସେମାନେ ମୋର ଏହି ଆକସ୍ମିକ ବିପଦରେ ସହାନୁଭୂତି ପ୍ରକାଶ ପରିବର୍ତ୍ତରେ ମୋ ପ୍ରତି ନିର୍ଯ୍ୟାତନା ଆହୁରି ଘନୀଭୂତ କରିବା ଅଭିପ୍ରାୟରେ ତାଙ୍କ ହସ୍ତରେ ପ୍ରତିହିଂସା ସମ୍ପାଦନ ପକ୍ଷରେ ପୁତ୍ରର ମୃତ୍ୟୁ ଏକ ସୁଯୋଗ ବୋଲି ମନେକଲେ। ଏକମାତ୍ର କନ୍ୟାର ବୈଧବ୍ୟରେ ପିତା ସଚ୍ଚିଦାନନ୍ଦ ପୁରୋହିତ ଅଧୀର ହୋଇ ସର୍ବଥା ଜ୍ଞାନଶୂନ୍ୟ ହୋଇପଡ଼ିଥିଲେ। ହିତୈଷୀ ଛଦ୍ମବେଶରେ ସଜ୍ଜିତ ହୋଇ ବନ୍ଧୁମାନେ ତାଙ୍କ ମନରେ ବିଶ୍ୱାସ ଜାତ କରାଇଲେ ଯେ, ବିଧବା ଯୁବତୀ କନ୍ୟା ଶ୍ୱଶୁରାଳୟରେ ଚିରକାଳ ତୁଷାନଳରେ ଦଗ୍ଧ ହୋଇ ରହିବା ଅପେକ୍ଷା ପିତ୍ରାଳୟରେ ତାହାର ଜୀବନଯାପନ ଶ୍ରେୟସ୍କର ହେବ ଏବଂ କୌଣସି ଉପାୟରେ ମୋ ଗୃହରୁ କନ୍ୟାକୁ ଘେନିଯିବା ସକାଶେ ତାଙ୍କୁ ପରାମର୍ଶ ଦେଲେ। ଏହି ପ୍ରକାର

Digitized by srujanika@gmail.com

କୁପରାମର୍ଶରେ ବଶବର୍ତ୍ତୀ ହୋଇ ସଚ୍ଚିଦାନନ୍ଦ, ମୋର ସମଗ୍ର ପରିବାର ପୁତ୍ରଶୋକରେ ଅତ୍ୟନ୍ତ ବିହ୍ୱଳିତ ହୋଇପଡ଼ିଥିବା ଅବସ୍ଥାରେ ସୁଦ୍ଧା କେତେକ ବିଷୟରେ ମୋର ବିରୁଦ୍ଧାଚରଣ ଆରମ୍ଭ କରିବା ଲକ୍ଷ୍ୟ କରିଥିଲି। ପୁତ୍ରର ଶୁଦ୍ଧକୃତ୍ୟ ମଧ୍ୟରେ ଓ ତାହା ଉତ୍ତାରେ ସୁଦ୍ଧା କନ୍ୟା ସହିତ ତାଙ୍କ ଘନ ଘନ ସାକ୍ଷାତ ଓ ଏକାନ୍ତ କଥୋପକଥନ ହେଉଥାଏ। କ୍ରମେ କ୍ରମେ ପୁତ୍ରବଧୂର ଆଚରଣରେ ସାମାନ୍ୟ ହୋଇଥିଲେ ହେଁ ବିପର୍ଯ୍ୟୟ ଲକ୍ଷ୍ୟକରି କାହାରି କୁପରାମର୍ଶରେ ବା ଉପଦେଶରେ ପରିଚାଳିତ ନ ହେବାପାଇଁ ଉପଦେଶ ଦେବାକୁ ଲାଗିଲି। ତା'ର ଦୁଃଖପୂର୍ଣ୍ଣ ମନର ପରିବର୍ତ୍ତନ ଉଦ୍ଦେଶ୍ୟରେ ରାମାୟଣାଦି ଗ୍ରନ୍ଥରୁ ଉପଦେଶପୂର୍ଣ୍ଣ ଗଳ୍ପମାନ ପ୍ରତ୍ୟହ ଶୁଣାଇବାକୁ ଲାଗିଲି। ମା' ମଧ୍ଯ ପୁତ୍ରଶୋକରେ ଅଧୀରା ହୋଇ ଘଣ୍ଟା ପରେ ଘଣ୍ଟା ଠାକୁର ଘରେ କଟାଇ ଶୋକାପନୋଦନ ପନ୍ଥା ଅବଲମ୍ବନ କଲେ। ସେତେବେଳେ ପରିବାରରେ ମୁଁ, ମୋର ସହଧର୍ମିଣୀ, ଦୁଇଗୋଟି ଶିଶୁକନ୍ୟା ଓ ଗୋଟିଏ ପୁତ୍ର। ପୁତ୍ରଟି କଟକ କଲେଜରେ। ପୁତ୍ରବିୟୋଗର ଦୁଇମାସ ହୋଇନଥିଲା। ଅର୍ଥାତ୍ ତା.୨୦.୪.୧୯୪୭ ସକାଳେ ମୁଁ ବାଡ଼ି ମଧ୍ୟରେ କୂଅମୂଳରେ ଗାଧୋଉଛି, ଝିଅ ଶ୍ୟାମା ଘରଭିତରୁ ଦୌଡ଼ିଆସି କହିଲା ଯେ ବୋହୂ ଏହି ମାତ୍ର ତାଙ୍କ ବାପାଙ୍କ ସଙ୍ଗେ ପୁଅ ଓ ସାନଝିଅକୁ ଧରି ପଳାଇଗଲେ। ସତ୍ୟଗୋପାଳର ଦୁଇ ଝିଅ ଓ ଗୋଟିଏ ପୁଅ ଯଥାକ୍ରମେ ୬, ୪ ଓ ଦେଢ଼ବର୍ଷ ବୟସର। ବଡ଼ଝିଅଟି ସେଦିନ ଘରେ ନ ଥିଲା। ମୋ ଝିଅ ନୀଳିମା ସଙ୍ଗେ ତାହାର ଘର ବ୍ରଜରାଜନଗରକୁ ଚାଲିଯାଇଥିଲା। ଅର୍ଦ୍ଧସ୍ନାତ ହୋଇ ମୁଁ ଘରକୁ ଆସିଲି। ଦେଖିଲି ସହଧର୍ମିଣୀ ପୂଜାଘରେ ବ୍ୟସ୍ତ। ପଚାରିଲାରୁ ସେ କିଛି ଜାଣନ୍ତି ନାହିଁ ବୋଲି କହିଲେ ଓ ବହୁକୁ ନ ଦେଖି ଅସ୍ଥିର ହୋଇପଡ଼ିଲେ। ମୋ ଘର ନିକଟରେ ଗୋଟିଏ ଗଳିରେ ସମୁଦିଙ୍କ ଘର। ତତ୍‌କ୍ଷଣାତ୍ ସେଠାକୁ ଦୌଡ଼ିଲି ଓ ଦେଖିଲି, ସଦର ଦ୍ୱାର ଭିତରୁ କିଳା ହୋଇଛି। କବାଟରେ ହାତମାରି ଡାକିଲି, କେହି ଶୁଣିଲେ ନାହିଁ। ସେଠାରେ ଠିଆ ହୋଇଛି, ଏହି ସମୟରେ ସମୁଦି ସହରମଧ୍ୟସ୍ଥ ଝାଡୁଆପଡ଼ାର ଜଣକେତେ ଭଦ୍ରବ୍ୟକ୍ତିଙ୍କୁ ନେଇ ଉପସ୍ଥିତ ହେଲେ ଓ 'ଝିଅକୁ ଆଣିଛ କି' ବୋଲି ପଚାରିବା ମାତ୍ରକେ ମୋ ଉପରେ ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ଗାଳି ବର୍ଷଣ କରିବାକୁ ଲାଗିଲେ ଓ ତାଙ୍କ ଭାଇମାନେ ଓ ସେମାନଙ୍କ ପୁଅମାନେ ବଡ଼ ବଡ଼ ଲାଠି ପ୍ରଦର୍ଶନଦ୍ୱାରା ମୋତେ ଭୟଭୀତ କରିବାକୁ ଉଦ୍ୟମ କଲେ। ଆଗନ୍ତୁକ ବ୍ୟକ୍ତିମାନଙ୍କ ମଧ୍ୟରୁ ଅନେକ ମୋର ବିପକ୍ଷଦଳର। ସେମାନଙ୍କ ମୁଖଭଙ୍ଗୀରୁ ଏହି ଘଟଣା ସେମାନଙ୍କ ଉପଭୋଗ୍ୟ ହୋଇଥିବା ସ୍ପଷ୍ଟଭାବରେ ଦେଖାଯାଉଥିଲା। ଏମାନଙ୍କ ମଧ୍ୟରେ ଥିଲେ ସମ୍ବଲପୁରର ପ୍ରସିଦ୍ଧ ଓକିଲ ଶ୍ରୀ ରାମନାରାୟଣ ମିଶ୍ର, ସର୍ବଦା ମୋର ହିତାକାଙ୍କ୍ଷୀ। ମୋର ପ୍ରଶ୍ନର ଉତ୍ତରରେ ସମୁଦି ସଚ୍ଚିଦାନନ୍ଦ କହିଲେ ଯେ, ତାଙ୍କ ଝିଅ ମୋ ଘରେ ରାନ୍ଧୁଣୀ ହୋଇ ଜୀବନ କଟାଇବ ନାହିଁ। ତା'ର ପୁଅଝିଅଙ୍କୁ ସେ ମନୁଷ୍ୟ କରିବ, ମୋ ପକ୍ଷରେ ଆଉ ସେମାନଙ୍କ ଦାୟିତ୍ୱ ଗ୍ରହଣ କରିବା ଆବଶ୍ୟକ

Digitized by srujanika@gmail.com

ନାହିଁ। ଭଦ୍ରବ୍ୟକ୍ତିମାନଙ୍କୁ ଉଦ୍ଦେଶ୍ୟ କରି କହିଲି, "ଆପଣମାନେ ବିଚାର କରନ୍ତୁ, ବୋହୂ ଅଳ୍ପ ବୟସର, ସଂସାରର କିଛି ଭଲମନ୍ଦ ଜାଣେନାହିଁ, ଅକସ୍ମାତ୍ ମୁଣ୍ଡରେ ବଜ୍ରାଘାତ ହେଲା; ଖଳଲୋକଙ୍କ ଶିକ୍ଷାରେ ପଡ଼ି ଝିଅକୁ କୁଶିକ୍ଷା ଦେଇ ତାକୁ ମୋ ଘରୁ ଲୁଚାଇ ଆଣିଛନ୍ତି; ବୋହୂ ନ ବୁଝି ଚାଲିଆସିଛି, ଏଥିରେ ତାହାର ଦୋଷ କିଛି ନାହିଁ। ତାହାର କୋଳରେ ଦୁଇଟି ଶିଶୁ ଝିଅ ଓ ଗୋଟିଏ ଶିଶୁ ପୁଅ। ଏହାଙ୍କ ଘରେ ଏହି ବାପ ଓ ଝିଅ ଛଡ଼ା କେହି ନାହାଁନ୍ତି। ପୁଅଝିଅଙ୍କୁ ମନୁଷ୍ୟ କରିବା ସକାଶେ ଏହାଙ୍କ ସାମର୍ଥ୍ୟ ଅଥବା ସମ୍ବଳ ସୁଦ୍ଧା ନାହିଁ। ଅଯଥା ଭାର ଗ୍ରହଣକରି ପିଲାମାନଙ୍କୁ ବିପଦଗ୍ରସ୍ତ ନ କରିବାକୁ ଆପଣମାନେ ଏହାଙ୍କୁ ଉପଦେଶ ଦିଅନ୍ତୁ ଓ ମୋର ବୋହୂ, ନାତିନାତୁଣୀଙ୍କୁ ଘେନି ମୋ ଘରକୁ ଫେରିଆସିବାକୁ ବୋହୂକୁ କୁହନ୍ତୁ। ବ୍ରାହ୍ମଣ ଘର ଝିଅକୁ ଆଣି ଆଜି ଏ ଯାହା କରିଛନ୍ତି, ନିତାନ୍ତ ଛୋଟଜାତିର ଲୋକେ ସୁଦ୍ଧା ତାହା କରିବେ ନାହିଁ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟର କଥା। ଏହାଶୁଣି ସମୁଦି ଓ ତାଙ୍କ ଭାଇ ପୁତୁରାମାନେ ଆହୁରି ଉତ୍ତ୍ୟକ୍ତ ହୋଇପଡ଼ିଲେ। ଏହି ମଧ୍ୟରେ ମୋ ସ୍ତ୍ରୀ ସେଠାରେ ଉପସ୍ଥିତ ହୋଇ କେତେ କହିଲେ, କିନ୍ତୁ ଶୁଣିଲେ ନାହିଁ। ଅଗତ୍ୟା ଆମ୍ଭେମାନେ ଚାଲିଆସିଲୁ। ସଚ୍ଚିଦାନନ୍ଦ ପୁରୋହିତ ଯାହା କରିଥିଲେ ଫୌଜଦାରୀ ଅଦାଲତକୁ ଯାଇଥିଲେ ମୋ ଗୃହରେ ଅନଧିକାର ପ୍ରବେଶ ଅପରାଧରେ ନିଶ୍ଚୟ ଦଣ୍ଡିତ ହୋଇଥାନ୍ତେ। କିନ୍ତୁ ସେ ଦିଗରେ କିଛି କରିବାକୁ ମୋର ପ୍ରବୃତ୍ତି ହେଲାନାହିଁ। ତତ୍ପରେ ସେହିଦିନ ସମ୍ବଲପୁରରୁ ତିନିମାଇଲ ଦୂରବର୍ତ୍ତୀ ସର୍ଙ୍କା ଗ୍ରାମସ୍ଥ ତାଙ୍କ ଘରକୁ ନେଇଗଲେ ଓ ସେଠାରେ ସେମାନେ ରହିଲେ।

ଏହି ଅଭିଯାନର ସଫଳତାରେ ଉଚ୍ଛ୍ୱସିତ ହୋଇ ସଚ୍ଚିଦାନନ୍ଦଙ୍କ ଦୁଇଜଣ ଭାଇ ଓ ଦଳେ ଉଚ୍ଛୃଙ୍ଖଳ ଯୁବକ ବଡ଼ଝିଅକୁ ଆଣିବା ସକାଶେ ବ୍ରଜରାଜନଗରକୁ ମୋ ଝିଅ ଘରକୁ ଗଲେ। ସମ୍ବାଦ ପାଇ ସେମାନଙ୍କ ଗତିବିଧି ଲକ୍ଷ୍ୟ କରିବା ଉଦ୍ଦେଶ୍ୟରେ ଝାରସୁଗୁଡ଼ା ପର୍ଯ୍ୟନ୍ତ ମୁଁ ସେମାନଙ୍କ ସଙ୍ଗେ ଗଲି। ସେଠାରେ ରହି ଦେଖିଲି, ସେମାନେ ତାକୁ ଆଣିପାରିଲେ ନାହିଁ। ସେତେବେଳେ ସମ୍ବଲପୁର ସହର ଓ ମଫସଲରେ ସୁଦ୍ଧା ହୀରାକୁଦ ଆନ୍ଦୋଳନ ତୀବ୍ର ଭାବରେ ଚାଲିଥାଏ। ଏମାନଙ୍କ ସଙ୍ଗେ ଯାଉଥିବା ଏହି ଆନ୍ଦୋଳନସମ୍ପୃକ୍ତ ଜଣେ ବ୍ୟକ୍ତି ଉଚ୍ଛୃଙ୍ଖଳ ଗ୍ରାଜୁଏଟ୍ ଯୁବକ ଥିଲେ। ଝାରସୁଗୁଡ଼ାରେ ପୋଲିସଦ୍ୱାରା ଧୃତ ହେଲେ ଓ ହାତରେ ହାତକଡ଼ି ଓ ଅଣ୍ଟାରେ ଦଉଡ଼ି ପିନ୍ଧି ରେଳ ଷ୍ଟେସନରୁ ସମ୍ବଲପୁର ଜେଲଖାନା ପର୍ଯ୍ୟନ୍ତ ସହର ମଧ୍ୟରେ ସଡ଼କରେ ଚାଲି ଚାଲି ସହରବାସୀ ଓ ଜ୍ଞାତିବନ୍ଧୁଙ୍କ ଦର୍ଶନୀୟ ହୋଇଥିଲେ। ପରେ ସଚ୍ଚିଦାନନ୍ଦଙ୍କ ଜ୍ୟେଷ୍ଠ ଭ୍ରାତା ଅଚ୍ୟୁତାନନ୍ଦ ପୁରୋହିତଙ୍କ ପଦାଙ୍କ ଅନୁସରଣ କରି ଆଜି ଏହି ଯୁବକ ସରକାରୀ ଚାକିରିରେ ଉଚ୍ଚପଦରେ ପ୍ରତିଷ୍ଠିତ ହୋଇଅଛନ୍ତି।

ଏହା ଉତ୍ତାରେ ଦିନକୁଦିନ, ମାସକୁମାସ, ବର୍ଷକୁ ବର୍ଷ ଗଡ଼ି ଚାଲିଥାଏ। ବୋହୂ ବିଷୟରେ ଯାହାହେଉ, ତାହା ସକାଶେ ମୁଁ ସେତେ ଚିନ୍ତିତ ନଥାଏ। ତାହାର ତ କପାଳ

Digitized by srujanika@gmail.com

ଫାଟିଥିଲା। ଦୁଃଖଭାରରେ ତାହାର ବୁଦ୍ଧିଭ୍ରଷ୍ଟ ହୋଇଥିଲା। ସ୍ୱଳ୍ପ ଶିକ୍ଷା ସଂସ୍କୃତି ସମ୍ପନ୍ନ ଅନୁଚ୍ଚ କ୍ଷୁଦ୍ର ପରିବାରରେ ତାହାର ଜନ୍ମ ଓ ଆଦ୍ୟ ଜୀବନ ଗଠନ ହୋଇଥିଲା। ମୋର ଉଚ୍ଚାଦର୍ଶ ପରିଚାଳିତ ବିରାଟ ପରିବାର ସହିତ ଐକ୍ୟ ସଂରକ୍ଷଣ କରିପାରି ନ ଥିଲା। ନ ବୁଝି ମାନସିକ ଦୁର୍ବଳତା ପ୍ରଭାବରେ ବାପାଙ୍କ କୁଶିକ୍ଷାରେ ପଡ଼ି ଚାଲିଗଲା କିନ୍ତୁ ତାହାର ପୁଅଝିଅଙ୍କ ବିଷୟରେ ମୁଁ ନିଶ୍ଚିନ୍ତ ହୋଇ ରହିପାରୁ ନଥାଏ। ପୁଅଟିର ବୟସ ଦୁଇବର୍ଷ ପୂର୍ଣ୍ଣ ହୋଇ ନ ଥାଏ। ସାନଝିଅଟିର ବୟସ ଚାରିବର୍ଷ। କିଛିଦିନ ପୂର୍ବେ କଠିନ ଦୁରାରୋଗ୍ୟ ରୋଗରୁ ସାମାନ୍ୟ ଭାବରେ ଆରୋଗ୍ୟ ଲାଭକରିଥିଲେ ହେଁ ତାହାର ମସ୍ତିଷ୍କ ବିକୃତି ଲକ୍ଷିତ ହେଉଥାଏ ଓ ତାହାର ଚିକିତ୍ସା ଚାଲିଥାଏ। ମୁଁ ସର୍ବଦା ଚିନ୍ତା କରୁଥାଏ, ଏମାନେ ବଡ଼ହେବେନ୍ତ କାଳ ତ କାହାକୁ ଅପେକ୍ଷା କରିବ ନାହିଁ। ବଡ଼ ନାତୁଣୀଟିକୁ ସମ୍ବଲପୁରରେ ରଖିବା ନିରାପଦ ମନେକଲି ନାହିଁ ଓ ତାହାର ଶିକ୍ଷା ସକାଶେ ମୋ ଝିଅ ଡାକ୍ତର ସୁଷମା ପାଖକୁ ପଠାଇଦେଲି। ସେତେବେଳେ ସୁଷମା ପାଟନା (ବିହାର)ରେ ବିହାର ସରକାରଙ୍କ ଅଧୀନରେ ଡାକ୍ତର। ନାତୁଣୀ ଟି ଅତ୍ୟନ୍ତ ବୁଦ୍ଧିମତୀ। ଏହା ଦେଖି ସୁଷମା ତାକୁ ୟୁରୋପୀୟ କନ୍‌ଭେଣ୍ଟ୍ ସ୍କୁଲ୍‌ରେ ଭର୍ତ୍ତିକରିଦେଲା ଓ ସେଠାରେ ସେ ପଢ଼ିବାକୁ ଲାଗିଲା। ପୁଅ ଓ ଅପର ଝିଅ ସମ୍ବନ୍ଧରେ ଭବିତବ୍ୟକୁ ଅପେକ୍ଷାକରି ରହିଲି।

ଚାହୁଁ ଚାହୁଁ ଚାରିବର୍ଷ ଅତୀତ ହୋଇଗଲା। ପ୍ରତ୍ୟକ୍ଷରେ ନ ହେଲେ ମଧ୍ୟ ସମ୍ବାଦ ପାଉଥାଏ, ପୁଅର ଶିକ୍ଷା ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ଯେଉଁ ଗ୍ରାମରେ ସେମାନେ ରହିଛନ୍ତି, ସେହିଗ୍ରାମରେ ସ୍କୁଲ ନାହିଁ କିମ୍ବା ସେତେ ଶିକ୍ଷିତ ବ୍ୟକ୍ତି ମଧ୍ୟ କେହି ନାହାଁନ୍ତି, ଯେ ତାହାକୁ ପଢ଼ାଇବାର ଭାର ନେଇ ପାରନ୍ତେ। ଭାବୁଥାଏ, ମୋର ଉଚ୍ଚଶିକ୍ଷିତ ପୁଅର ପୁଅ କାଳେ ମୂର୍ଖ ହୋଇ ରହିବ? ଅଦୂରଦର୍ଶୀ, ଅପରିଣାମଦର୍ଶୀ ସଚ୍ଚିଦାନନ୍ଦ କି ଭ୍ରମରେ ପଡ଼ିଅଛନ୍ତି। ଶୁଣିବାକୁ ମିଳୁଥାଏ ମୋର ବିପକ୍ଷ ଦଳର ବ୍ରାହ୍ମଣମାନେ ଏଥିରେ ଆତ୍ମପ୍ରସାଦ ଉପଭୋଗ କରୁଥାନ୍ତି। ଏମାନଙ୍କ ପ୍ରରୋଚନାରେ ହିଁ ସମ୍ଭୁଦି ସଚ୍ଚିଦାନନ୍ଦ ଏହି ଦୁଷ୍କର୍ମରେ ପ୍ରବୃତ୍ତ ହୋଇଅଛନ୍ତି। ଏମାନଙ୍କ ଯାଏଆସେ କ'ଣ? 'ପରପୁଅ ବୁଡ଼ି ମଲା, ମୁଁ ଦେଖିଲି ଚୁପ୍ କଲା'– ଏହି ନୀତିରେ ଏମାନେ ବ୍ୟସ୍ତ। ପୁଅର ୬ ବର୍ଷ ଅତୀତ ହେଲାପରେ ମୁଁ ଆଉ ନିଶ୍ଚିନ୍ତ ହୋଇ ରହିପାରିଲି ନାହିଁ। ଆଜି ସଂସାରରେ ସର୍ବପ୍ରକାର ସୁବିଧା ଥାଇ ସୁଦ୍ଧା ଗୋଟିଏ ପୁଅକୁ ମନୁଷ୍ୟ କରିବା ଅତ୍ୟନ୍ତ କଷ୍ଟସାଧ। ସଚ୍ଚିଦାନନ୍ଦଙ୍କ ପକ୍ଷରେ ତାହାର ଯତ୍ନ କରିବା, ସେପରି କୌଣସି ସୁବିଧା ନାହିଁ। ଇତରପ୍ରାଣୀ ତୁଲ୍ୟ ସେ ତାକୁ ଖୁଆଇ ପିଆଇ ରଖିଛନ୍ତି ଓ ରଖିପାରନ୍ତି ମାତ୍ର। ମା'ସହିତ ପିଲାମାନଙ୍କୁ ଫେରାଇଦେବା ସକାଶେ ସଚ୍ଚିଦାନନ୍ଦଙ୍କୁ କହିବାକୁ ତାଙ୍କ ଓ ମୋର ଜଣକେତେ ବନ୍ଧୁଙ୍କୁ ତାଙ୍କଠାକୁ ପଠାଇଲି। ଏମାନଙ୍କ ମଧ୍ୟରେ ସମ୍ବଲପୁର ମ୍ୟୁନିସିପାଲିଟିର ଚେୟାରମ୍ୟାନ୍ ଶ୍ରୀ ବାଳମୁକୁନ୍ଦ ଦୋରା ଓ ଡେପୁଟି କଲେକ୍ଟର ସଚ୍ଚିଦାନନ୍ଦଙ୍କ ସହାଧ୍ୟାୟୀ ଶ୍ରୀ ଦୁର୍ଗାଚରଣ ପଟ୍ଟନାୟକ। ଏମାନେ ତାଙ୍କଠାକୁ

Digitized by srujanika@gmail.com

ଗଲେ। କିନ୍ତୁ ବିଫଳ ପ୍ରୟାସ ହୋଇ ଫେରିଆସିଲେ। ମୋର ଜଣେ ସମୁଦି (ଝିଅଙ୍କ ଶ୍ୱଶୁର), ସଚ୍ଚିଦାନନ୍ଦଙ୍କ ସହିତ ତାଙ୍କର ଘନିଷ୍ଠ ବନ୍ଧୁତା, ହାତର ପାଣି ଗଳାଗଳି ନାହିଁ। ତାଙ୍କୁ ଦିନେ ଅନୁରୋଧ ଜଣାଇଲିନ୍ତ ସେ ମୋତେ ଓଲଟି କହିଲେ, ଆଗେ ତମେ ତମର ହୃଦୟ ପରିଷ୍କାର କର, ତା'ପରେ ଏହି ପ୍ରଶ୍ନ ଉଠିବ। ମୋର ଦୁର୍ଭାଗ୍ୟ, ମୋର ଅତି ନିକଟ ଶଳା, ସମୁଦି ପ୍ରଭୃତି ମଧୁରସମ୍ପର୍କୀୟ ବନ୍ଧୁମାନେ ମୋ ବିପକ୍ଷଦଳ ଉପରେ ଆଉଜି ପଡ଼ିଥିଲେ। ମୋର ଏହି ସମୁଦି ମୋତେ ଅଜାତି କରିବା ବ୍ୟାପାରରେ ମୁଖ୍ୟଅଂଶ ଗ୍ରହଣ କରିଥିଲେ ତଥାପି ତାଙ୍କୁ ଅନୁରୋଧ ଜଣାଇଥିଲି, କିନ୍ତୁ ପରେ ପ୍ରମାଣ ପାଇଲି, ତାଙ୍କ କାର୍ଯ୍ୟରେ ସଚ୍ଚିଦାନନ୍ଦଙ୍କୁ ସଦୁପଦେଶ ଦେବା ପରିବର୍ତ୍ତେ ତାଙ୍କ ଗର୍ହିତ କାର୍ଯ୍ୟରେ ଆହୁରି ସମୁତ୍ସାହିତ କରିଥିଲେ।

ପରିଶେଷରେ ନିରୁପାୟ ଓ ଦିଗବିଦିଗଶୂନ୍ୟ ହୋଇ ରାଜପ୍ରତିନିଧି ଅଦାଲତର ଶରଣାପନ୍ନ ହେଲି । Guardians and Wards Act (ନାବାଳକଙ୍କ ଅଭିଭାବକ ନିଯୁକ୍ତି ଆଇନ) ଅନୁସାରେ ମୋତେ ମୋର ସ୍ୱର୍ଗତ ପୁତ୍ରର ନାବାଳକ ପୁତ୍ର ଓ କନ୍ୟାର ଅଭିଭାବକ ନିଯୁକ୍ତ କରିବା ସକାଶେ ଜିଲ୍ଲା ଜଜ୍‌ଙ୍କ ଅଦାଲତରେ ଦରଖାସ୍ତ କଲି। ଅପରପକ୍ଷ ମୋର ପୁତ୍ରବଧୂ ପକ୍ଷରୁ ତୀବ୍ର ଆପତ୍ତି ହେଲା। ସେ ନିମିତ୍ତ ମାତ୍ର ଥିଲା। ତାହାପକ୍ଷରୁ ମୋକଦ୍ଦମା ଚଳାଇଲେ, ତାହାର ପିତା ସଚ୍ଚିଦାନନ୍ଦ ଓ ତାଙ୍କ ଜ୍ୟେଷ୍ଠଭ୍ରାତା, ପ୍ରବୀଣ ଓକିଲ, ହୀରାକୁଦ ବନ୍ଧ ନିର୍ମାଣ ସମ୍ପର୍କରେ ସରକାରଙ୍କ ବିପକ୍ଷରେ ପରିଚାଳିତ ଆନ୍ଦୋଳନରେ ତୁଙ୍ଗ ନେତା, ପରେ ଲୋକଙ୍କ ପକ୍ଷ ତ୍ୟାଗକରି ସେମାନଙ୍କ ବିପକ୍ଷରେ ଲାଭଜନକ ସରକାରୀ ଓକିଲ ପଦଗ୍ରହଣ କରିଥିବା ଶ୍ରୀ ଅଚ୍ୟୁତାନନ୍ଦ ପୁରୋହିତଙ୍କ ନେତୃତ୍ୱରେ ପ୍ରାୟ ସମସ୍ତ ଝାଡୁଆବ୍ରାହ୍ମଣ ଓକିଲ। ହା ହୀନକପାଳ! ଏମାନଙ୍କ ମଧ୍ୟରେ ମୋ ନିଜର ଅତି ନିକଟସମ୍ପର୍କୀୟ ଜଣେ। ମୋ ପକ୍ଷର ଓକିଲ ଥିଲେ ଶ୍ରୀ ବୋଧରାମ ଦୁବେ। ସତ୍ୟଗୋପାଳର ସହାଧ୍ୟାୟୀ ଅପର ପକ୍ଷର ଶ୍ରୀ ଶ୍ରଦ୍ଧାକର ସୂପକାରଙ୍କୁ ମୋର ପୁତ୍ରବଧୂର କାର୍ଯ୍ୟକୁ ସମର୍ଥନ ନ କରି ତାହାର ପୁତ୍ରକନ୍ୟା ସହ ଫେରିଆସିବା ପାଇଁ ଉପଦେଶ ଦେବାକୁ କହିଲି। ସେ କହିଲେ ଯେ, ସତ୍ୟଗୋପାଳର ପୁଅଝିଅମାନେ ମୋ ଅପେକ୍ଷା ସେମାନଙ୍କ ମାତାମହ ସଚ୍ଚିଦାନନ୍ଦଙ୍କ ଅଭିଭାବକତ୍ୱରେ ଆହୁରି ଯତ୍ନରେ ରହିବେ। ଜିଲ୍ଲା ଜଜ୍ ପ୍ରଥମରେ ଆପୋଷ ମୀମାଂସା ସକାଶେ ପରାମର୍ଶ ଦେଲେ ଓ ସେଥିପାଇଁ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ତାରିଖ ଧାର୍ଯ୍ୟ ହେଲା। ସ୍ୱୟଂ ବୋଧରାମ ବାବୁ ସଂକର୍ମା ଗ୍ରାମକୁ ଯାଇ ମୋର ପୁତ୍ରବଧୂକୁ ଘରକୁ ଫେରିଆସିବା ପାଇଁ କେତେ ବୁଝାଇଲେ। କିନ୍ତୁ ସେ କିଛି କହିବା ପାଇଁ ଅବସର ସୁଦ୍ଧା ନ ପାଉଣୁ ତାହାର ପିତା ନାସ୍ତି କରିଦେଲେ। ସମ୍ବଲପୁର ଓକିଲଖାନା ଭିତରେ ମୁଁ ଶ୍ରୀ ଅଚ୍ୟୁତାନନ୍ଦଙ୍କ ଗୋଡ଼ତଳେ ପଡ଼ି ମୋର ନାତିନାତୁଣୀଙ୍କୁ ଫେରାଇଦେଉନ୍ତୁ, ମୋ ପାଖରେ ମୋର ପୁଅଝିଅଙ୍କ ସଙ୍ଗେ ରହି ମନୁଷ୍ୟ ହେବେ, କହି ଯେତେ ଗୋଡ଼ହାତ ଧରିଲି, ସେ

Digitized by srujanika@gmail.com

ଉତ୍ତରଦେଲେ, ନାତିନାତୁଣୀ ତାଙ୍କର ମଧ୍ୟ, ସେ କ'ଣ ସେମାନଙ୍କୁ ମନୁଷ୍ୟ କରିପାରିବେ ନାହିଁ ଯେ, ମୋ ପାଖକୁ ଛାଡ଼ିଦେବେ? ମୁଁ ନିରସ୍ତ୍ର ଓ ଆହୁରି ନିରୂପାୟ ହୋଇରହିଲି। ମୋକଦ୍ଦମା ଦୁଇବର୍ଷକାଳ ଚାଲିଲା। ଏହା ମଧ୍ୟରେ ଭାରପ୍ରାପ୍ତ ଦୁଇଜଣ ଜିଲ୍ଲା ଜଜ୍ ବଦଳି ହୋଇ ଚାଲିଗଲେଣି। ପରିଶେଷରେ ତୃତୀୟ ଜଜ୍ ସ୍ୱର୍ଗତ ଶ୍ରୀ ରୁଦ୍ରପ୍ରସନ୍ନ ମିଶ୍ରଙ୍କ ହସ୍ତରେ ମୋକଦ୍ଦମାର ସମାପ୍ତି ହେଲା। ସେତେବେଳେ ମୋ ପକ୍ଷର ଓକିଲ ଶ୍ରୀ ବୋଧରାମ ଦୁବେ ସରକାରୀ ଓକିଲ ପଦ ଗ୍ରହଣକରି କଟକକୁ ଚାଲିଗଲେଣି। ତତ୍ପରେ ମୁଁ ଅପର ଯେଉଁ ଓକିଲଙ୍କୁ ଅନୁରୋଧ କଲି, କେହି ହେଲେ ମୋର ମୋକଦ୍ଦମା ନେବାକୁ ରାଜିହେଲେ ନାହିଁ। ସୁତରାଂ ମୂଳରୁ ଶେଷ ପର୍ଯ୍ୟନ୍ତ ମୋକଦ୍ଦମା ମୋତେ ଚଳାଇବାକୁ ହେଲା। ଉଭୟ ପକ୍ଷରୁ ସାକ୍ଷ୍ୟ ପ୍ରମାଣ ଦିଆହେଲା ଓ ମୋ ପକ୍ଷରେ ମୁଁ ନିଜେ ଓ ଅପର ପକ୍ଷରେ ସେହି ପକ୍ଷର ଜଣେ ଝାଡୁଆ ବ୍ରାହ୍ମଣ ଓକିଲ। ସେଦିନ ଶ୍ରୀ ଅଚ୍ୟୁତାନନ୍ଦ ପୁରୋହିତ ନ ଥିଲେ। ନାବାଳକମାନେ ମୋହର ଅଭିଭାବକତ୍ୱରେ ରହିବା ଔଚିତ୍ୟ ଓ ବାଞ୍ଛନିୟତା ସମ୍ବନ୍ଧରେ ମୋର ସପ୍ରମାଣ ଯୁକ୍ତି ହେଲା, ମୋ ପରିବାରର ଶ୍ରେଷ୍ଠତ୍ୱ ଓ ତାହା ତୁଳନାରେ ସଚ୍ଚିଦାନନ୍ଦଙ୍କ ପରିବାରର ସର୍ବତୋଭାବେ ହୀନତ୍ୱ ପ୍ରତିପାଦନ କରିବା। ଏହାର ସଂକ୍ଷିପ୍ତ ବିବରଣ ଥିଲା, ଏହି ନାବାଳକମାନଙ୍କର ମା' ସେମାନଙ୍କୁ ଧରି ତାଙ୍କ ବାପଘରେ ରହିଅଛନ୍ତି ଓ ଚିରକାଳ ରହିବେ ବୋଲି ପ୍ରକାଶିତ ହୋଇଅଛି। କିନ୍ତୁ ତାଙ୍କ ଆର୍ଥିକ ଓ ବୈଷୟିକ ଅବସ୍ଥା ଭଲନୁହେଁ। ସେ ଜଣେ ନିମ୍ନଶ୍ରେଣୀର ସରକାରୀ ରେଭେନ୍ୟୁ ଇନ୍‌ସ୍‌ପେକ୍ଟର କର୍ମଚାରୀ ଥିଲେ ଓ ପେନ୍‌ସନ୍ ପାଆନ୍ତି ଅଠର ଟଙ୍କା ପନ୍ଦରଅଣା। ମୁଁ ଥିଲି ଡେପୁଟି କଲେକ୍ଟର ଓ ପେନ୍‌ସନ୍ ପାଏ ତିନିଶହ ଚାଳିଶ ଟଙ୍କା। ତାଙ୍କ ଜମି ଅଛି ମାତ୍ର ୨୨ ଏକର। ମୋର ଅଛି ୨୦୦ ଏକର। ନାବାଳକଙ୍କ ମା' ପିତାଙ୍କ ଏକମାତ୍ର ସନ୍ତାନ। ବାପ ଓ ଝିଅ ଛଡ଼ା ପରିବାରରେ ଆଉ କେହି ନାହାଁନ୍ତି। ସେ ନିଜେ ଉପଯୁକ୍ତ ଓ ବାଞ୍ଛନୀୟ ପରିବାରର ଜୀବନଯାପନ କରିବା ସୁଯୋଗ କେବେ ଲାଭ କରିନାହାଁନ୍ତି। ଉଚ୍ଚଶିକ୍ଷା ପାଇନାହାଁନ୍ତି ବା ଝିଅକୁ ଉଚ୍ଚଶିକ୍ଷା ଦେଇନାହାଁନ୍ତି। ମୁଁ ନିଜେ ଉଚ୍ଚଶିକ୍ଷିତ। ମୋ ପୁଅଝିଅମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷିତ ବି.ଏ., ଏମ୍.ଏ., ଡାକ୍ତର ଅଛନ୍ତି। ମୁଁ ନିଜେ ସେମାନଙ୍କୁ ଘରେ ପଢ଼ାଉଛି ଏବଂ ଘରେ ପିଲାଙ୍କୁ ପଢ଼ାଇବା ମୋର ଅଭ୍ୟାସ ଅଛି। ସୁତରାଂ ଅନ୍ତତଃ ନାତିକୁ ମୁଁ ନିଜେ ଯତ୍ନସହକାରେ ପଢ଼ାଇ ମନୁଷ୍ୟ କରିପାରିବି। ଯଦି ତାହାର ମା' ବାପଘରେ ରହେ ଓ ସମୟ ଥାଉଁ ନ ଆସେ ତାହାହେଲେ କ୍ଷୁଦ୍ର ଅନୁନ୍ନତ ସଂକର୍ମା ଗ୍ରାମରେ ତାହାର ଭବିଷ୍ୟତ ଏକାବେଳକେ ନଷ୍ଟହୋଇଯିବ। ଅପରପକ୍ଷ ନାବାଳକ ମା' ପକ୍ଷରେ ଯେଉଁ ଜବାବ ଦିଆହୋଇଥିଲା ତହିଁରେ ଲେଖା ଯାଇଥିଲା ଯେ, ଆମ୍ଭେମାନେ ନାବାଳକମାନଙ୍କ ଆଦୌ ଯତ୍ନ ନେଇନାହୁଁ, ସେମାନେ ରୋଗରେ ସଢ଼ି ପଚି ଯାଉଥିଲେ। ବିଶେଷତଃ ପିତାର ମୃତ୍ୟୁପରେ ନାବାଳକ ପୁତ୍ରର ଜୀବନ ଆମ୍ଭମାନଙ୍କ ହସ୍ତରେ ସଙ୍କଟାପନ୍ନ ହୋଇଥିଲା। ତେଣୁ ସେମାନଙ୍କୁ ଆଣି

Digitized by srujanika@gmail.com

ତାଙ୍କ ପ୍ରାଣ ରକ୍ଷାହେଲା। ଏଥିରେ ଯାହା ଉହ୍ୟ ରଖାହୋଇଥିଲା ତାହା ଓକିଲଙ୍କ ମୌଖିକ ଯୁକ୍ତିରେ ପୂର୍ଣ୍ଣ କରାହେଲା। ଓକିଲ କହିଲେ, ମୋ ସହିତ ସମ୍ବନ୍ଧି ସଚ୍ଚିଦାନନ୍ଦଙ୍କ କେବେ ପଡ଼େନାହିଁ। ତାଙ୍କ ପ୍ରତି ମୋର ରାଗ ଏତେ ଅଧିକ ଯେ ତାଙ୍କ ଏକମାତ୍ର ଝିଅକୁ ବିଧବା କରାଇ ବାପଝିଅ ଉଭୟଙ୍କୁ ଜଳାଇ ପୋଡ଼ାଇ ମାରିବା ଅଭିପ୍ରାୟରେ ମୁଁ ଓ ମୋ ସ୍ତ୍ରୀ ନିଜ ପୁଅକୁ ବିଷଦେଇ ହତ୍ୟା କଲୁ। ମୁଁ ଲକ୍ଷ୍ୟ କଲି, ନିଜେ ଜଜ୍ ଏହି ଉକ୍ତିରେ ଅତ୍ୟନ୍ତ ବିରକ୍ତି ପ୍ରକାଶ କଲେ। ଏହି ଯୁକ୍ତି ଓକିଲଙ୍କ ସଂସ୍କାରାନୁରୂପ ଓ ଏଥିଦ୍ୱାରା ସେ ନିର୍ବୁଦ୍ଧିତାର ପରାକାଷ୍ଠା ପ୍ରଦର୍ଶନ କରିଥିବା ଅଦାଲତରେ ଶ୍ରୋତାଗଣ ଅନୁଭବ କରିଥିଲେ। ଏହି ଓକିଲଙ୍କ ନିର୍ବୁଦ୍ଧିତା ଆଉ କେତେ କ୍ଷେତ୍ରରେ ପ୍ରଦର୍ଶିତ ହୋଇଥିବା ଦୃଷ୍ଟାନ୍ତ ବିଦ୍ୟମାନ। ଉଭୟ ପକ୍ଷର ଯୁକ୍ତି ଶୁଣି ଜଜ୍ ରାୟ ଦେଲେ ଯେ, ନାବାଳକମାନଙ୍କୁ ଅଭିଭାବକ ହେବା ସକାଶେ ମୁଁ ସମ୍ପୂର୍ଣ୍ଣ ରୂପେ ଉପଯୁକ୍ତ, କିନ୍ତୁ ପୁଅର ବୟସ ୬ ବର୍ଷ ହୋଇଅଛି; ଏହି ବୟସରେ ମା'ଠାରୁ ବିଚ୍ଛିନ୍ନ ହୋଇ ରହିବା ତାହା ପକ୍ଷରେ ମଙ୍ଗଳକର ହେବ ନାହିଁ। ଅନ୍ତତଃ ଆଠବର୍ଷ ବୟସ ହେବା ପର୍ଯ୍ୟନ୍ତ ମା' ପାଖରେ ରହିବା ଉଚିତ। ଏହି ଦୁଇବର୍ଷ ମଧ୍ୟରେ ମା' ଯଦି ତାହାର ଶିକ୍ଷା ସକାଶେ ଯତ୍ନ ନ କରନ୍ତି, ତାହାହେଲେ ଆଉ ଥରେ ମୁଁ ଅଭିଭାବକ ନିଯୁକ୍ତି ସକାଶେ ଦରଖାସ୍ତ କରିପାରିବି। ଏହି ରାୟ ଦ୍ୱାରା ମୋର ଦରଖାସ୍ତ ନାମଞ୍ଜୁର ହେଲା। ମୁଁ ଦେଖିଲି, ପାରିପାର୍ଶ୍ୱିକ ଅବସ୍ଥା ସମ୍ବନ୍ଧରେ ପ୍ରମାଣ ଦେଇଥିଲେ ହେଁ ଜଜ୍ ତାହା ହୃଦୟଙ୍ଗମ କରି ନ ପାରି କେବଳ ମୂଳ ଆଇନକୁ ଧରି ବିଚାର କଲେ। ଦୁଇବର୍ଷ ପରେ ନାବାଳକମାନେ ଫେରିଆସି ପାରିବେ ବୋଲି ଯଦି ହୁକୁମ ଦେଇଥାନ୍ତେ, ତାହାହେଲେ ବା ମୁଁ କିଛି ନ କରି ଅପେକ୍ଷା କରି ରହିଥାନ୍ତି। ଜଜ୍‌ଙ୍କ ହୁକୁମର ଦୁଇବର୍ଷ ପରେ ପୁଣି ଦରଖାସ୍ତ କରିପାରିବି। ଅପର ପକ୍ଷରୁ ପୁଣି ଆପତ୍ତି ହୋଇ ମୋକଦ୍ଦମାର ଲଢ଼େଇ ହେବ। ପୁଣି ଦୁଇବର୍ଷ ଏଥିରେ ଚାଲିଯିବ। ଏହି ହୁକୁମ ରଦ୍ଦ କରାଇବା ଉଦ୍ଦେଶ୍ୟରେ ହାଇକୋର୍ଟରେ ଅପିଲ୍ ଦାଏର୍ କଲି।

ଅପିଲ୍ ପଡ଼ିଲା ବିଚାରପତି ମାନ୍ୟବର ଶ୍ରୀ ନରସିଂହମ୍ ଓ ମାନ୍ୟବର ଶ୍ରୀ ଜଗନ୍ନାଥ ଦାସଙ୍କ ଡିଭିଜନ୍ ବେଞ୍ଚ୍‌ରେ। ମୋ ପକ୍ଷର ଓକିଲ ଥିଲେ ଶ୍ରୀ ଗୋପାଳଚନ୍ଦ୍ର ଦାସ ଯେ ପରେ ହାଇକୋର୍ଟର ଜଜ୍ ହେଲେ। ଗୋପାଳବାବୁଙ୍କ ଯୁକ୍ତି ଶୁଣି ବିଚାରପତି ମାନ୍ୟବର ଶ୍ରୀ ଜଗନ୍ନାଥ ଦାସ କହିଲେ, ''ହଁ, ଦରଖାସ୍ତକାରୀ ବୃଦ୍ଧ ଅପୀଲାଣ୍ଟ ନାବାଳକମାନଙ୍କ ଅଭିଭାବକ ନିଯୁକ୍ତ ହେବା ସକାଶେ ଯୋଗ୍ୟ। କିନ୍ତୁ ମା' ଯେ ଅଯୋଗ୍ୟା, ଏହାର ପ୍ରମାଣ କାହିଁ ?'' ଏ ସମ୍ବନ୍ଧରେ ନିମ୍ନ ଅଦାଲତରେ ମୁଁ ଯେ ସମସ୍ତ ଯୁକ୍ତି ଦେଖାଇଥିଲି ଗୋପାଳବାବୁ ସେ ସମସ୍ତ କହିବା ଛଡ଼ା ଆହୁରି କହିଲେ ଯେ, ମା' ସ୍ୱାମୀଙ୍କ ମୃତ୍ୟୁର ମାତ୍ର କେତେଟା ଦିନ ପରେ ଶ୍ୱଶୁରାଳୟରୁ ବାପାଙ୍କ କୁଶିକ୍ଷାରେ ପଡ଼ି ଲୁଚି ପଳାଇଯାଇ ଯେଉଁ ଆଦର୍ଶ ଦେଖାଇଲେ ତାହା ତାଙ୍କ ଝିଅମାନଙ୍କ ଅନୁସରଣୀୟ ହୋଇ ନ ପାରେ। ଏତିକିରେ ତାଙ୍କ

Digitized by srujanika@gmail.com

ଅଯୋଗ୍ୟତା ପ୍ରମାଣିତ ହେଉଅଛି। ମାନ୍ୟବର ଶ୍ରୀ ଜଗନ୍ନାଥ ଦାସ ତେବେ ସୁଦ୍ଧା ତାଙ୍କ ଯୁକ୍ତି ସମସ୍ତ ଗ୍ରହଣୀୟ ନୁହେଁ ଓ ମା' ଅଜା ଅପେକ୍ଷା ଅଧିକ ବାଞ୍ଛନୀୟ ଅଭିଭାବକ ଏବଂ ଏହା ମଧ୍ୟ ଆଇନସମ୍ମତ ବୋଲି ଅପିଲ୍ ନାମଞ୍ଜୁର ହେବା ସକାଶେ ମତ ପ୍ରକାଶକଲେ। ଏହି ସମୟରେ ମାନ୍ୟବର ଶ୍ରୀ ନରସିଂହମ୍ କହିଲେ, ''ଆମ୍ଭେମାନେ ଦରଖାସ୍ତକାରୀଙ୍କୁ ମାସେ ସମୟ ଦେଉଅଛୁଁ। ଏହି ମଧ୍ୟରେ ଯାଇ ତାଙ୍କ ବୋହୂକୁ ଆଣିବା ସକାଶେ ଚେଷ୍ଟା କରନ୍ତୁ।'' ମୋର ତତ୍‌କାଳୀନ ପରାମର୍ଶରେ ଗୋପାଳବାବୁ କହିଲେ, ''ବୋହୂକୁ ଆଣିବା ସକାଶେ ଇତିପୂର୍ବେ ଅନେକ ଚେଷ୍ଟା ହୋଇଅଛି। ତାହା ସଫଳ ହୋଇନାହିଁ; ଏବେ ମଧ୍ୟ ହେବା ଆଶା ନାହିଁ।'' ଜଜ୍ ମାନ୍ୟବର ନରସିଂହମ୍ ପୁଣି କହିଲେ, ''ମା' ଠାରୁ ପିଲାମାନଙ୍କୁ ବିଚ୍ଛିନ୍ନ କରି ରଖିବା ଆମ୍ଭମାନଙ୍କ ଇଚ୍ଛା ନୁହେଁ।'' ଏ ସମ୍ବନ୍ଧରେ ଗୋପାଳବାବୁ ଓ ମୋ ମଧ୍ୟରେ ଯେଉଁ ପରାମର୍ଶ ହୋଇଥିଲା, ତାହାକୁ ଭିତ୍ତିକରି ଗୋପାଳବାବୁ କହିଲେ, ''ଦରଖାସ୍ତକାରୀଙ୍କ ମଧ୍ୟ ନାବାଳକମାନଙ୍କୁ ମା'ଠାରୁ ଛଡ଼ାଇ ରଖିବା ଇଚ୍ଛା ନୁହେଁ। ତାଙ୍କ ଓ ତାଙ୍କ ସ୍ତ୍ରୀଙ୍କ ବୃଦ୍ଧାବସ୍ଥା। ସୁତରାଂ ମା' ବ୍ୟତୀତ ସେମାନେ ନାବାଳକମାନଙ୍କ ଯତ୍ନ କରିପାରିବେ ନାହିଁ।'' ପୁଣି ଦୃଢ଼ ଭାବରେ କହିଲେ, ''ମା' ଯଦି ଫେରି ଆସିବାକୁ ନ ଚାହାଁନ୍ତି ଓ ତଥାପି ଯଦି ଅଦାଲତ ନାବାଳକମାନଙ୍କୁ ଦରଖାସ୍ତକାରୀଙ୍କୁ ଦିଅନ୍ତି, ତାହାହେଲେ ସୁଦ୍ଧା ଦରଖାସ୍ତକାରୀ, ସେମାନଙ୍କୁ ନେବାକୁ ଅସ୍ୱୀକାର କରିବେ। ମା' ଆସୁ ନ ଥିବାରୁ ଏହି ମୋକଦ୍ଦମା ଦାଏର ହୋଇଅଛି, ଏହି ଉଦ୍ଦେଶ୍ୟରେ ଯେ ଅଦାଲତ ନାବାଳକମାନଙ୍କୁ ଦରଖାସ୍ତକାରୀଙ୍କୁ ଦେଲେ ସେ ସେମାନଙ୍କ ସଙ୍ଗେ ଆସିବାକୁ ବାଧ୍ୟ ହେବେ। ଦରଖାସ୍ତକାରୀ ବୁଝିଅଛନ୍ତି ଯେ, ସେ ଆସିବାକୁ ଚାହୁଁଛନ୍ତି, କିନ୍ତୁ ବାପା ତାଙ୍କୁ ଆସିବାକୁ ଦେଉନାହାଁନ୍ତି, ନିଜ ସୁବିଧା ସକାଶେ। ତାଙ୍କ ସ୍ତ୍ରୀ ବା ଆଉ କେହି ନାହାଁନ୍ତି। ଝିଅଠାରୁ ସବିଶେଷ ଯତ୍ନ ପାଉଛନ୍ତି; କିନ୍ତୁ ନାବାଳକମାନଙ୍କ ଭବିଷ୍ୟତ ଭାଗ୍ୟ ବିନିମୟରେ।'' ଏହା ପରେ ଜଜ୍ ମାନ୍ୟବର ନରସିଂହମ୍ ପୁଣି ଆପୋଷ ମୀମାଂସା ସକାଶେ ରହିଲା ବୋଲି ହୁକୁମ୍ ଶୁଣାଇଦେଲେ।

ବିଚାରପତିଙ୍କ ସଦିଚ୍ଛାର ବଶବର୍ତ୍ତୀ ହୋଇ ମୁଁ ଘରକୁ ଫେରିଲି। ମୁଁ ଜାଣୁଥିଲି ଯେ, ଆପୋଷ ମୀମାଂସା ହେବ ନାହିଁ ଓ ବୋହୂ ଆସିବାକୁ ଚାହିଁଲେ ମଧ୍ୟ ତାହାର ବାପା, ତାଙ୍କ ଭାଇମାନେ ଓ ଝାଡୁଆ ବନ୍ଧୁମାନେ ଆସିବାକୁ ଦେବେ ନାହିଁ। ଇତିପୂର୍ବେ ନିମ୍ନ ଅଦାଲତରେ ମୋକଦ୍ଦମା ଚାଲୁଥିବା ସମୟରେ ମୋର ସମ୍ବଲପୁରରେ ଥିବା ଘର ଓ ଲଇରପଙ୍କ ଗ୍ରାମର ଅଂଶ ଦାବିକରି ନାବାଳକ ପୁତ୍ର ପକ୍ଷରୁ ମା' ଦ୍ୱାରା ଓକିଲ ଶ୍ରୀ ଜୟନାରାୟଣ ପାଣିଗ୍ରାହୀ ମୋତେ ଗୋଟିଏ ନୋଟିସ୍ ଦେଇଥିଲେ ଓ ମୁଁ ତହିଁର ଉତ୍ତରରେ ଲେଖିଦେଇଥିଲି ଯେ, ଯଦି ନାବାଳକମାନେ ଫେରିଆସି ମୋ ଘରେ ମୋର ଅଭିଭାବକତ୍ୱରେ ରହିବେ, ତାହାହେଲେ ସେମାନଙ୍କ ଅଂଶ ଦେବି, ନଚେତ୍ କିଛି ଦେବିନାହିଁ। ଯେହେତୁ, ଏ ସମସ୍ତ ସମ୍ପତ୍ତି ମୋର ସ୍ୱୋପାର୍ଜ୍ଜିତ। ୧୫ ଦିନ ମଧ୍ୟରେ ନ ଦେଲେ ମୋକଦ୍ଦମା ଦାଏର

Digitized by srujanika@gmail.com

କରିବେ ବୋଲି ଧମକ ଦେଇଥିଲେ ଓ ମୋକଦ୍ଦମା କରିପାରନ୍ତି ବୋଲି ମୁଁ ଉତ୍ତରଦେଲି। ହୀରାକୁଦ ବନ୍ଧ ଯୋଜନା ସମ୍ପର୍କରେ ମୋର ଲରପଙ୍କ ଗ୍ରାମର କିଛି ଜମି ସରକାର ନେଇଥିଲେ ଓ ତହିଁର କ୍ଷତିପୂରଣ ମୂଲ୍ୟରୁ ନାବାଳକ ପୁତ୍ରକୁ ଅଂଶ ଦାବି କରାହୋଇଥିଲା। ଏହି ଓକିଲ ବନ୍ଧୁମାନେ ଓ ସମଗ୍ର ଦୁନିଆ ଜାଣୁଥିଲେ ଯେ, ମୁଁ ପାଟଣା ଷ୍ଟେଟ୍ ଅନ୍ତର୍ଗତ ଆଗଲପୁରରୁ ଆସି ସରକାରୀ ଚାକିରିରେ ଥିବା ସମୟ ମଧ୍ୟରେ ମୋର ଚାକିରିଲବ୍ଧ ଅର୍ଥରୁ ସମ୍ବଲପୁରରେ ଭୂସମ୍ପତ୍ତି ଅର୍ଜ୍ଜନ କରିଥିଲି। ତଥାପି, ଏମାନେ ମୋତେ ଏତେ ନିର୍ବୋଧ ବା ଅଜ୍ଞ ଲୋକପରି ବ୍ୟବହାର କରିବାକୁ ଲାଗିଲେ। ପ୍ରକୃତ କଥା ହେଉଛି, ନାବାଳକମାନଙ୍କ ପ୍ରତି ଶୁଭେଚ୍ଛା ଏମାନଙ୍କ ହୃଦ୍‌ଗତ ନଥିଲା। ଏମାନଙ୍କ ନୀତି ହେଉଥିଲା, ନିଜ ଓ ପର ନାକ କାଟି ଯାତ୍ରା ଦେଖାଇବା। ଏଥିରେ ମଧ୍ୟ ମୁଁ ସେହି ଉତ୍ତର ଦେଲି ଓ ପୂର୍ବସର୍ତ୍ତ ପୁନରାବୃତ୍ତି କରି ଲେଖିଦେଲି ଯେ, ନାବାଳକମାନେ ଯଦି ଫେରିଆସିବେ, ବୋହୂ ସେମାନଙ୍କ ସଙ୍ଗେ ଆସି ମୋ ଘରେ ରହିବ ଓ ବୋହୂର ବାପା ସଚ୍ଚିଦାନନ୍ଦ ପୁରୋହିତ ସେମାନଙ୍କ ସମ୍ପର୍କରେ ମୋର ଅନୁଷ୍ଠିତ କାର୍ଯ୍ୟାବଳୀରେ କୌଣସି ପ୍ରକାରେ ହସ୍ତକ୍ଷେପ ନ କରିବେ, ତାହାହେଲେ ଏହି ମୁହୂର୍ତ୍ତରେ ସେମାନଙ୍କ ଅଂଶ ସେମାନଙ୍କ ପକ୍ଷରେ ଲେଖିଦେବି; ଅନ୍ୟ କୌଣସି ସର୍ତ୍ତରେ ନୁହେଁ। ଏହାପରେ ସେମାନେ ତୁନି ହୋଇ ରହିଲେ।

ସମ୍ବଲପୁରକୁ ଫେରି ଆସିଲା ପରେ ଡେପୁଟି ମାଜିଷ୍ଟ୍ରେଟ୍ ଶ୍ରୀ ଦୁର୍ଗାଚରଣ ପଟ୍ଟନାୟକଙ୍କୁ ସବୁକଥା କହିଲି ଓ ଦିନେ ସନ୍ଧ୍ୟାରେ ଆମ୍ଭେ ଦୁହେଁ ସଂକର୍ମାକୁ ଗଲୁ। ମୁଁ ସଚ୍ଚିଦାନନ୍ଦଙ୍କ ଘରୁ ଅଳ୍ପ ଦୂରରେ ରହିଲି ଓ ଦୁର୍ଗାଚରଣବାବୁ ତାଙ୍କ ଘରକୁ ଗଲେ ଓ ପ୍ରାୟ ଦୁଇଘଣ୍ଟା ପରେ ସଚ୍ଚିଦାନନ୍ଦଙ୍କ ସଙ୍ଗେ ଫେରିଲେ ଏବଂ ତାଙ୍କ ବକ୍ତବ୍ୟ ମୋଠାରେ ପ୍ରକାଶ କରିବାକୁ ତାଙ୍କୁ କହିଲେ। ସଚ୍ଚିଦାନନ୍ଦ ମୋତେ କହିଲେ ଯେ, ତାଙ୍କ ଝିଅ ଓ ନାତି, ନାତୁଣୀଙ୍କୁ ଛାଡ଼ିଦେବାକୁ ପ୍ରସ୍ତୁତ ଅଛନ୍ତି, କେବଳ ଏହି ସର୍ତ୍ତରେ ଯେ, ମୋର ସମସ୍ତ ସ୍ଥାବରାସ୍ଥାବର ସମ୍ପତ୍ତିରୁ ନାତି ଓ ଦୁଇ ନାତୁଣୀଙ୍କ ଅଂଶ ସେମାନଙ୍କ ଦଖଲରେ ଦେଇଦେବି। ନାତିର ଅଂଶରେ ସମ୍ବଲପୁରରେ ମୁଁ ସପରିବାର ରହୁଥିବା ମୋର ଦୋତାଲା ପକ୍କା ଘର ପଡ଼ିବ ଓ ସେହିଘରେ ଏମାନଙ୍କୁ ନେଇ ସେ ଯାଇ ନିଜେ ରହିବେ। ମୋତେ ମୋ ପରିବାର ସହିତ ଯାଇ ଅନ୍ୟ କୌଣସିଠାରେ ରହିବାକୁ ହେବ। ଆଉ କିଛି ନ କହି ଦୁର୍ଗାଚରଣ ବାବୁଙ୍କୁ ଚାଲିଆସିବା ପାଇଁ କହି ଆମ୍ଭେମାନେ ତତ୍‌କ୍ଷଣାତ୍ ଚାଲିଆସିଲୁ। ଏହି ଅଗ୍ରହଣୀୟ ଅପାଳନୀୟ ସର୍ତ୍ତ ମୀମାଂସାର ପଥ ନୁହେଁ। ଦୁର୍ଗାଚରଣ ବାବୁଙ୍କୁ କହିଲି, "ଏମାନଙ୍କୁ ଆଣିବା ମୋର ଦରକାର ନାହିଁ; କେବଳ ଏହାଙ୍କର ମଙ୍ଗଳ ସକାଶେ ମୁଁ ଧାଇଁ ମରୁଛି। ଏ ଯେଉଁ ବାଟ ଧରିଛନ୍ତି, ଏଥିରେ ଅଳ୍ପଦିନ ମଧ୍ୟରେ ଏମାନଙ୍କ ସର୍ବନାଶ ହେବ। ହାଇକୋର୍ଟରେ ଥିବା ଅପିଲ୍ ମୁଁ ଉଠାଇ ଦେବି। ମୁଁ ପୁଅର ବାପ, ସେ ଝିଅର ବାପ। ମୋ ପୁଅର ପୁଅ ଝିଅଙ୍କ ଉପରେ ଏହାଙ୍କ ଅଧିକାର କାହୁଁ ଆସିଲା ? ଅବଶ୍ୟ, ତାଙ୍କ ଝିଅ ତାହାର ପୁଅଝିଅଙ୍କ

Digitized by srujanika@gmail.com

ସ୍ୱାଭାବିକ 'ଅଭିଭାବକ' ଓ ଆଇନର ଅକ୍ଷରକୁ ଧରି ଅର୍ଥ କଲେ ସେ ଯେଉଁଠାରେ ରହିବାକୁ ଇଚ୍ଛା କରିବ ପୁଅଝିଅଙ୍କ ସହିତ ସେହିଠାରେ ରହିପାରିବ। କିନ୍ତୁ ଅବସ୍ଥାଭେଦରେ ବ୍ୟବସ୍ଥା ଭେଦ ସୁଦ୍ଧା କରିବାକୁ ହୁଏ। ଦେଖିଲ ତ, ବାସସ୍ଥାନ ନିତାନ୍ତ ଅନୁନ୍ନତ, ଅଶିକ୍ଷିତ, ନିପଟ ଗାଉଁଲି ଗାଁରେ। ଗୋଟିଏ ଅନ୍ଧକାରମୟ ମାଟି ଘର। ସ୍ୱାସ୍ଥ୍ୟହାନି ହେଲେ ଅଧରାତିରେ ଚିକିତ୍ସାର ଉପାୟ ନାହିଁ। ପିଲାମାନଙ୍କୁ, ଅନ୍ତତଃ ପୁଅଟାକୁ ମନୁଷ୍ୟ କରିବାକୁ ହେବ। ଆଧୁନିକ ଶିକ୍ଷା ସକାଶେ ଆଜିଠୁଁ ସଚେତ ରହି ତାହାର ଜୀବନ ଗଠନ କରିବା ସକାଶେ ସଚେଷ୍ଟ ହେବାକୁ ହେବ। ଏ ସବୁ କରିବାକୁ ସଚ୍ଚିଦାନନ୍ଦଙ୍କ ଶକ୍ତି ବା ସମ୍ବଳ ନାହିଁ। ଉନ୍ମତ୍ତ ବା ମୂର୍ଖତୁଲ୍ୟ ଏ ଆଚରଣ କରୁଅଛନ୍ତି। ଆଉ ମା' ଆଗହୁଁ ସାବଧାନ ନ ହୋଇ ତାଙ୍କ ହସ୍ତରେ କ୍ରୀଡ଼ା ପୁତ୍ତଳିକା ହୋଇଅଛି ? ପର ଶିକ୍ଷାରେ ପଡ଼ି ହେଉ ଅଥବା ବୁଦ୍ଧିହୀନତା ଯୋଗୁଁ ହେଉ, ନିଜ ଶିଶୁପୁତ୍ର କନ୍ୟାଙ୍କ ଭାଗ୍ୟକୁ ଗହ୍ୱର ଗର୍ଭରେ ପକାଇବାକୁ ଯାଉଅଛି। ଏହାର ପରିଣାମ ଦିନେ ତାହାକୁ ନିଶ୍ଚୟ ଭୋଗକରିବାକୁ ହେବ। ମୋର କିଛି ଯିବ ନାହିଁ। ଇତିପୂର୍ବେ ମୁଁ ସମ୍ବାଦ ପାଇଥିଲି, ବାପାଙ୍କ ସଙ୍ଗେ ଉନ୍ମାଦିନୀ ତୁଲ୍ୟ ବ୍ୟବହାର କରି ତାକୁ କୁଶିକ୍ଷା ଦେଇ ଆଣିଥିବା ଯୋଗୁଁ ତାଙ୍କ ସଙ୍ଗେ ଝଗଡ଼ା କରିଥିଲା ଓ ତାହାର ପୁଅଝିଅଙ୍କ ସହିତ ତାକୁ ଶ୍ୱଶୁରାଳୟରେ ଛାଡ଼ିଆସିବାକୁ କହିଥିଲା। ସେତେବେଳେ ସଚ୍ଚିଦାନନ୍ଦ ନୀଚ ମନୋଭାବ ପରିତ୍ୟାଗପୂର୍ବକ ଭ୍ରମ ସଂଶୋଧନ କରି ପରିବର୍ତ୍ତିତ ପରିସ୍ଥିତି ବିବେଚନାରେ ସେମାନଙ୍କୁ ଯଦି ମୋ ପାଖରେ ଛାଡ଼ିଦେଇ ଆସିଥାନ୍ତେ, ତାହାହେଲେ ତାଙ୍କ ମନୁଷ୍ୟତା ପ୍ରକଟିତ ହୋଇଥାନ୍ତା। କିନ୍ତୁ ତାଦୃଶ ପ୍ରବୃତ୍ତି ତାଙ୍କର ନ ଥିଲା, ଏହା ହୁଅନ୍ତା କାହିଁକି ? ବୋହୂର ତ କପାଳ ଫାଟିଛି; ଅଭାଗିନୀର ଭାଗ୍ୟରେ ଆଉ କେତେ ଦୁଃଖ ଲେଖାଅଛି, ଭଗବାନଙ୍କ ଛଡ଼ା କିଏ ଜାଣିବ, ବିଧିର ବିଧାନ କିଏ ଲଂଘନ କରିବ ?'' ପୁଣି କହିଲି, ''ଭଗବାନ ଦିନେ ଏହାର ସୁବିଚାର କରିବେ। ହାଇକୋର୍ଟ ହେଲେ ସୁଦ୍ଧା ତାହା ମନୁଷ୍ୟଦ୍ୱାରା ସୃଷ୍ଟ ଓ ଭ୍ରାନ୍ତ ମନୁଷ୍ୟ ସେଠାରେ ବିଚାରକ ଓ ଦୁର୍ଗତ ମନୁଷ୍ୟର ଗତାନୁଗତିକ ରୀତିରେ ବିପର୍ଯ୍ୟୟପୂର୍ଣ୍ଣ ଭାଗ୍ୟନିୟନ୍ତା। ଭଗବାନଙ୍କ ବିଚାରାଳୟର ନିରପେକ୍ଷ ବିଚାର ସହିତ ଏହି ବିଚାରକଙ୍କ ତୁଳନା ହୋଇ ନ ପାରେ।''

ନିର୍ଦ୍ଦିଷ୍ଟ ତାରିଖରେ କଟକ ହାଇକୋର୍ଟକୁ ଗଲି। ମୋର ବକ୍ତବ୍ୟ ଶୁଣି ଗୋପାଳବାବୁ ମୋ ସଙ୍ଗେ ଏକମନ ହୋଇ ଅପିଲ୍ ଉଠାଇନେବା ସକାଶେ ଦରଖାସ୍ତ ଦେଲେ। ବିଚାରପତି ମାନ୍ୟବର ନରସିଂହମ୍ ସମସ୍ତ ବିଷୟ ଶୁଣି ଦୁଃଖ ପ୍ରକାଶ କଲେ ଓ ଅପର ପକ୍ଷ ଓକିଲ ଶ୍ରୀ ସୁବାରାଓ, ପ୍ରମୋଦ ଚାଟାର୍ଜି ଯେତେବେଳେ ମୋକଦ୍ଦମାର ଖର୍ଚ୍ଚ ଦାବି କଲେ ସେମାନଙ୍କ ପ୍ରତି ତିରସ୍କାର ସୂଚକ ମତ ଜଣାଇ ତାଙ୍କ ଦାବି ନାମଞ୍ଜୁର କଲେ। ଏହିପ୍ରକାରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟନାଭିନୟର ଆପାତତଃ ଯବନିକା ପାତ ହେଲା ବୋଲି ଭାବନା କଲି।

ଏହା ଉତ୍ତାରେ ସଚ୍ଚିଦାନନ୍ଦ ଛାତି ଫୁଲାଇ ତାଙ୍କ ନାତିନାତୁଣୀଙ୍କୁ ଧରି ଅନେକ ସମୟରେ ମୋ ଘର ଆଗରେ ବୁଲିବାକୁ ଲାଗିଲେ। ଆଉ ମୁଁ ସେମାନଙ୍କ ପ୍ରତି ମୋର

Digitized by srujanika@gmail.com

ମନୋଭାବ ସୁଦ୍ଧା ନ ଦେବାକୁ ଚେଷ୍ଟାକଲି। ମୋ ସହଧର୍ମିଣୀ କିନ୍ତୁ ସମୟ ସମୟରେ ଭାଙ୍ଗି ପଡୁଥାନ୍ତି। ମୁଁ କେବଳ ମୋର ହୃଦୟର ଗଭୀରତମ ପ୍ରଦେଶରୁ ଭଗବାନଙ୍କଠାରେ ପ୍ରାର୍ଥନା ଜଣାଉଥାଏ ଓ ମୋର ସହଧର୍ମିଣୀଙ୍କୁ ଏହି ବାକ୍ୟରେ ସାନ୍ତ୍ୱନା ଦେଉଥାଏ ଯେ, ଭଗବାନ ନିଶ୍ଚୟ ଦିନେ ଏହାର ସୁବିଚାର କରିବେ ଓ ଦେଖାଇଦେବେ ଯେ, ମନୁଷ୍ୟ ବିଚାରକ କେଡ଼େ ଭ୍ରାନ୍ତ ଓ ତାଙ୍କ ପ୍ରତିନିଧିତ୍ୱ କରିବାକୁ କିପରି ଅଯୋଗ୍ୟ। ଯଦି ଆଇନତଃ ପୌତ୍ର ପିତାମହର ପିଣ୍ଡ ଓ ସମ୍ପତ୍ତିର ଅଧିକାରୀ, ତାହାର ଜୀବନ ଗଠନରେ, ଭଲମନ୍ଦରେ ପିତାର ଅଭାବରେ ପିତାମହର ପୌତ୍ର ପ୍ରତି ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ ଅସ୍ୱୀକାର୍ଯ୍ୟ ହୋଇ ନ ପାରେ। ବିଚାରପତି ମାନବ୍ୟର ଜଗନ୍ନାଥ ଦାସ ଆଇନର ଅକ୍ଷରକୁ ବଳପୂର୍ବକ ଧରିବସିଲେ ଯେ, ମାତା ପୁତ୍ରର ସ୍ୱାଭାବିକ ଅଭିଭାବକନ୍ତ କିନ୍ତୁ ସେ ବୁଝିଲେ ନାହିଁ ଯେ, ଅବସ୍ଥା ବିବେଚନାରେ ପୁତ୍ର କେଉଁଠାରେ ରହିଲେ ତାହାର ସମୂହ ମଙ୍ଗଳ ସାଧିତ ହେବ। ଏହି ବିଷୟରେ ବିଚାର କରିବା ମଧ୍ୟ ଆଇନବିରୁଦ୍ଧ ହେବ। ମୋର ବିଶ୍ୱାସ କ୍ରମେ କ୍ରମେ ଦୃଢ଼ିଭୂତ ହେଉଥାଏ ଓ ମୋର ଅଧୀର ଶୋକଭିଭୂତା ସହଧର୍ମିଣୀଙ୍କୁ ଆଶ୍ୱାସନା ଦେଉଥାଏ ଯେ, ଦିନେ ଦୁର୍ବୃତ୍ତ ସମୁଦି ସଚ୍ଚିଦାନନ୍ଦ ସେମାନଙ୍କୁ ରଖିବାକୁ ଅସମ୍ଭବ ବୋଧ କରିବେ ଓ ମୋର ଗୋଡ଼ତଳେ ପଡ଼ି ନିଜେ ଆଣି ମୋ ପାଖରେ ସମର୍ପଣ କରିଦେଇ ଯିବେ। ଏବେ ସିନା ଏମାନେ ପିଲା। କ୍ରମେ ବୟସର ବୃଦ୍ଧି ସଙ୍ଗେ ସେମାନଙ୍କ ଜୀବନର ସମସ୍ୟା ଜଟିଳ ହେବ ଓ ସେହି ପରିସ୍ଥିତିରେ ସେ ସମ୍ଭାଳି ପାରିବେ ନାହିଁ। ସମ୍ଭାଳିବା ସକାଶେ ତାଙ୍କ ସମ୍ପତ୍ତି ସୁଦ୍ଧା ନାହିଁ। ତଥାପି ଭୟ ହେଉଥାଏ, ଏହାହେଲେ ସୁଦ୍ଧା, କାଳକ୍ଷେପଣରେ ସେମାନଙ୍କ ଅବସ୍ଥା କ୍ରମେ କ୍ରମେ ଅସମ୍ଭାଳ ହୋଇପଡ଼ିବ। ଧନ୍ୟ ମନୁଷ୍ୟକୃତ ଆଇନ ଓ ଧନ୍ୟ ମନୁଷ୍ୟ ବିଚାରକ!

ଏହା ଉତ୍ତାରେ ଆଉ କେତେ ବର୍ଷ ଚାଲିଗଲା। ସତ୍ୟଗୋପାଳର ଜ୍ୟେଷ୍ଠାକନ୍ୟା ମଧୁଛନ୍ଦା ମୋର କନ୍ୟା ଡାକ୍ତର ସୁଷମା ପାଖରେ ରହି ପାଟଣାରେ ୟୁରୋପୀୟ ମହିଳା କଲେଜ ସଂଲଗ୍ନ କନ୍‌ଭେଣ୍ଟ ସ୍କୁଲ୍‌ରେ ପଢୁଛି। ମୁଁ ତାକୁ ମଧ୍ୟରେ ମଧ୍ୟରେ ଦେଖି ଆସୁଥାଏ ଓ ତାହାର ପାଠରେ ମନଯୋଗ ଓ ପରୀକ୍ଷାରେ କୃତିତ୍ୱ ଦେଖି ଆନନ୍ଦ ଉପଭୋଗ କରୁଥାଏ। ମନେ ହେଉଥାଏ ପାଠୁଆ ଘରର ଝିଅ; ଅନ୍ତତଃ ଏହି ଝିଅଟି ମୋ ତତ୍ତ୍ୱାବଧାନରେ ଥିବାରୁ ନିଜ ଝିଅମାନଙ୍କ ପରି ପାଠ ପଢ଼ି ଉପଯୁକ୍ତ ହେବ। ବେଳେ ବେଳେ ଆଶଙ୍କା ମଧ୍ୟ ହେଉଥାଏ, ଦୁର୍ବୃତ୍ତ ମାତାମହଙ୍କ କବଳରେ ଏ ମଧ୍ୟ ଯଦି କେବେ ପଡ଼େ ତାହାହେଲେ ଭାଇଭଉଣୀଙ୍କ ପରି ଏହାର ମଧ୍ୟ ଭବିଷ୍ୟତ ଅନ୍ଧକାରମୟ ହେବ।

ଦିନେ ଗୋଟିଏ ପତ୍ର ପାଇଲି, ଦେଖିଲି, ତାହା ବୋହୂର ଲେଖାନୁହେଁ। ତହିଁରେ ତାହାର ଝିଅକୁ ପାଟଣାରୁ ଆଣି ତାହା ପାଖରେ ସମର୍ପଣ କରିଦେଇ ଯିବାକୁ ଦାବି କରାହୋଇଅଛି। ଏହାର ଉତ୍ତରରେ ପୁଣି ତାକୁ କେତେ ବୁଝାଇ ଫେରିଆସିବାକୁ ଲେଖିଲି,

Digitized by srujanika@gmail.com

ମୋ ଦୁଇ ଝିଅଙ୍କୁ ତାହା ପାଖକୁ ପଠାଇଲି। କିନ୍ତୁ ସେମାନେ ଅପମାନ ପାଇ କାନ୍ଦି କାନ୍ଦି ଫେରିଆସିଲେ। ଭାଇର ପୁଅଝିଅଙ୍କୁ ସେମାନଙ୍କ ଦେଖିବା ସୁଦ୍ଧା ଅଧିକାର ନାହିଁ ବୋଲି କୁହାହେଲା।

୧୯୫୪ ସାଲ ପୂଜାରେ ମୋର ଆଶଙ୍କା ବାସ୍ତବତାରେ ପରିଣତ ହେଲା। ମୋର କନ୍ୟା ଡାକ୍ତର ସୁଷମା ସହିତ ମଧୁଛନ୍ଦା ପାଟଣାରୁ ଘରକୁ ଆସିଥିଲା ଓ ଫେରିଯାଉଥିବା ସମୟରେ ସଚ୍ଚିଦାନନ୍ଦ, ତାଙ୍କ ଝିଅଙ୍କୁ ପୁଣି ନିମିତ୍ତ କରିବାରେ କୁଣ୍ଠିତ ହେଲେ ନାହିଁ। ତାହାକୁ ସଙ୍ଗେ ଆଣି ଗୁଣ୍ଡାମାନଙ୍କ ସାହାଯ୍ୟରେ ଝାରସୁଗୁଡ଼ା ଷ୍ଟେସନରେ ଗାଡ଼ି ବସଳ ସକାଶେ ଅପେକ୍ଷା କରୁଥିବା ସମୟରେ ମଧୁଛନ୍ଦାକୁ ଛଡ଼ାଇ ନେଇଗଲେ। ଏହି ବ୍ୟାପାରରେ ପୋଲିସ ମଧ ତାଙ୍କୁ ସାହାଯ୍ୟ କରିଥିଲେ ଓ ସେମାନଙ୍କ ମଧ୍ୟରେ ଅଗ୍ରଣୀତ୍ୱ କରିଥିଲେ, ମୋର ସେହି ସମୁଦି (ଝିଅର ଶ୍ୱଶୁର) ଯେ କି ମୋର ହୃଦୟ ପରିଷ୍କାର କରିବାକୁ କହି ନିଜ ହୃଦୟର ନିର୍ମଳତା ଏହି ଘଟଣାରେ ପ୍ରଦର୍ଶନ କରିଥିଲେ। ଘଟଣା ଦେଖି ମୁଁ ଉଚ୍ଚବାଚ କଲିନାହିଁ ଓ ଧୀରଭାବରେ ତାକୁ ନେଇଯିବାକୁ କହିଲି। ପିତାଙ୍କ କଠୋର ଆଦେଶରେ ଯେତେବେଳେ ମା' ତାହାର ହାତ ଧରି ନେଇଯିବାକୁ ବସିଲା ମାଧୁ ଉଭୟ ବାହୁରେ ମୋର ଗଳା ବେଷ୍ଟନ କରି ଯିବନାହିଁ, ପଢ଼ିବ ବୋଲି କହିଲା ଓ ବ୍ୟାକୁଳଭାବରେ ଚିତ୍କାର କରି କାନ୍ଦିବାକୁ ଲାଗିଲା। ସେତେବେଳେ ତାହାର ବୟସ ୧୨ ବର୍ଷ ହୋଇଗଲାଣି। ଅବସ୍ଥା ଉଣା ଅଧିକେ ବୁଝିଲାଣି। ଏମାନେ ଏହି ପରିବାରର ସର୍ବନାଶ କରିବାକୁ ବସିଛନ୍ତି। ଏହାକୁ ବା ଛାଡ଼ନ୍ତେ କାହିଁକି? ମା' ସଙ୍ଗେ ଯିବାକୁ ମାଧୁକୁ କହିଲି। ମାଧୁ କହିଲା, "ବାପା ! ମୋତେ ବି ଛାଡ଼ିଦେଉଛ?" ମୁଁ ଆଉ କରିବି କ'ଣ? ହୃଦୟର ବ୍ୟାକୁଳତା ଯେତେଦୂର ସମ୍ଭାଳିବା ସମ୍ଭବ ହେଲା ସମ୍ଭାଳି ନେଲି। ବାପ, ଝିଅକୁ ଆଉ ବିଳମ୍ବ ନ କରି ତାକୁ ନେଇ ଯିବାକୁ ବାରମ୍ବାର କହୁଥାନ୍ତି। ସେ ଯେ ହତବୁଦ୍ଧି ହୋଇ ମାଧୁର ହାତ ଧରି ଛିଡ଼ା ହୋଇ ରହିଛି ଓ ତାହାର ଚକ୍ଷୁଦ୍ୱୟରୁ ଅଶ୍ରୁନିର୍ଝର ନିର୍ଗତ ହେଉଅଛି। ମାଧୁ ସେତେବେଳେ ମା'ର ଗୋଡ଼ତଳେ ପଡ଼ି କହିଲା, "ମା ! ମୋତେ ଛାଡ଼ି ଦିଅ; ମୁଁ ପଢୁଛି ଓ ପଢ଼ିବି। ପ୍ରତି ଛୁଟିରେ ତୁମ ପାଖକୁ ଆସି ରହି ଯାଉଥିବି।" ପୁଣି କହିଲା, "ମା'! ସଙ୍କର୍ମାରେ ଆଉ ରହ ନାହିଁ। ମୋ ଭାଇଭଉଣୀଙ୍କୁ ନେଇ ଆମ ଘରକୁ ଚାଲିଯାଅ। ସଂଜୀବର ବୟସ ହେଲାଣି। ସେ ପଢ଼ିବ।" ମା' ତାହାର ହାତ ଛାଡ଼ିଦେଇ ଅଳ୍ପ ଦୂରରେ ଛିଡ଼ା ହେଲା ଓ କହିଲା, "ଯାଉ, ଏହାକୁ ନେବି ନାହିଁ।" ସେତେବେଳେ ବାପ ଗର୍ଜନ କରି ଉଠିଲେ ଓ କଠୋର ସ୍ୱରରେ କହିଲେ, "ଯଦି ଏହାକୁ ନ ନେବୁ ତୋତେ ଆଉ ମୁଁ ସଙ୍ଗେ ନେବି ନାହିଁ। ଚାଲିଯା।" ଯେଉଁ ବନ୍ଧୁମାନେ ଯାଇଥିଲେ ସେମାନେ ସୁଦ୍ଧା ତାକୁ ଉତ୍ତେଜିତ କରିବାକୁ ଲାଗିଲେ। ସେତେବେଳେ ଷ୍ଟେସନ୍‌ର ପ୍ରେକ୍ଷାଳୟ ଦର୍ଶକବୃନ୍ଦରେ ପୂର୍ଣ୍ଣ ହୋଇଗଲାଣି। ସମସ୍ତ ଅବସ୍ଥା ବିବେଚନାରେ ତାକୁ ଶୀଘ୍ର ନେଇ

Digitized by srujanika@gmail.com

ଚାଲିଯିବାକୁ କହିଲି। ଦେଖିଲି, ତାହା ନ ହେଲେ ପରିସ୍ଥିତି ଅତ୍ୟନ୍ତ ଅବାଞ୍ଛନୀୟ ହେବ। ଯେଉଁ ପୋଲିସ ସବ୍‌ଇନ୍‌ସପେକ୍ଟର ଏ ସମ୍ପର୍କରେ ନିଜେ ଉପସ୍ଥିତ ଥାଇ ଯେଉଁ କାଣ୍ଡ କଲେ, ତାହାଦ୍ୱାରା ଯେ ନିଜ କର୍ତ୍ତବ୍ୟ ସମ୍ପାଦନରେ ଆଇନତଃ ସେ ଅପରାଧୀ ହୋଇଥିଲେ, ଏଥିରେ ମୋର ଆଦୌ ସନ୍ଦେହ ନ ଥିଲା। କିନ୍ତୁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କଲେ ମୋର ବିଧବା ପୁତ୍ରବଧୂ ତହିଁରେ ଲିପ୍ତ ହୋଇଥାନ୍ତା। ହୁଏତ ଏମାନଙ୍କ ଔଦ୍ଧତ୍ୟ ତତ୍‌କାଳରେ ଆହୁରି ବୃଦ୍ଧି ହୋଇଥାନ୍ତା। ସୁଷମା ସରକାରୀ ଚାକିରିରେ ପାଟଣାରେ ରହିଥିଲା। ଏହି ବ୍ୟାପାରରେ ସେ ନିଜ କାର୍ଯ୍ୟକ୍ଷେତ୍ରକୁ ଯାଇ ନ ପାରି ରହିଯାଇଥାନ୍ତା ଓ ପୂଜା ଅବକାଶ ପରେ ନିଜ କାର୍ଯ୍ୟରେ ଯୋଗଦେଇ ପାରିନଥାନ୍ତା। ଫୌଜଦାରୀ ମୋକଦ୍ଦମା ହେଲେ ମୋର ପୁତ୍ରବଧୂକୁ ବାରମ୍ବାର କଚେରୀକୁ ଯିବାକୁ ହୁଅନ୍ତା। ସର୍ବାପେକ୍ଷା ଏହାରି ଭାବନା ମୋର ମନକୁ ଅଧିକାର କରି ହୃଦୟକୁ ଆଲୋଡ଼ିତ କରିବାକୁ ଲାଗିଲା। ଯାହାହେଉ ପଛକେ ମୋର ବିଧବା ପୁତ୍ରବଧୂକୁ କଚେରୀରେ ଛିଡ଼ାକରାଇ ମୋର ସ୍ୱର୍ଗତ ପୁତ୍ରର ଆତ୍ମାକୁ ପ୍ରପୀଡ଼ିତ କରିବିନାହିଁ। ଏହି ଭାବନା ବିଦ୍ୟୁତ୍‌ବେଗରେ ମୋର ହୃଦୟରେ ପ୍ରବେଶ କରିବାକୁ ଲାଗିଲା। ମାଧୁକୁ କହିଲି, ''ଯା, ଦିନେ ଭଗବାନ ତୁମ୍ଭମାନଙ୍କୁ ଦୟା କରିବେ। ମା' ଆଉ ଅଜାଙ୍କୁ ମାନି ରହିବୁ।'' ହା ଭଗବାନ! କହି ବଡ଼ପାଟିରେ କାନ୍ଦିବାକୁ ଲାଗିଲି। ଅସହାୟର କାନ୍ଦିବା ଛଡ଼ା ଉପାୟ ଆଉ କ'ଣ? ଧୀରେ ଧୀରେ ମାଧୁ ମୋର ଦୃଷ୍ଟି ପଥରୁ ଚାଲିଯାଇ ଅନ୍ଧକାରରେ ଲୀନ ହୋଇଗଲା। ବିଜୟ ଉଲ୍ଲାସରେ ଗୁଣ୍ଡାଦଳ ଚିତ୍କାର କରିବାକୁ ଲାଗିଲେ। ଝିଅକୁ ଆଣିବା ବାପାଙ୍କ ଆବଶ୍ୟକ କ'ଣ ଥିଲା? ମନେହେଲା, ପ୍ରବୀଣ ଓକିଲ ଜ୍ୟେଷ୍ଠଭ୍ରାତା କନ୍ୟା ଉପରେ ମା'ର ଆଇନ୍‌ଗତ ଅଧିକାର ସମ୍ବନ୍ଧରେ ବୁଝାଇ ସେ ନ ଗଲେ ଝିଅକୁ ଆଣାଯାଇପାରିବ ନାହିଁ ବୋଲି ବୁଝାଇ ଥିବେ। ଘରକୁ ଫେରି ଆସିଲି ଓ ମୋ ସହଧର୍ମିଣୀଙ୍କୁ ଯେତେବେଳେ କହିଲି ଯେ, ମାଧୁକୁ ମଧ୍ୟ ନେଇଗଲେ, ସେ ମୂର୍ଚ୍ଛିତହୋଇ ପଡ଼ିଲେ ଓ ବହୁ ଆୟାସରେ ତାଙ୍କ ସଂଜ୍ଞା ଲାଭହେଲା। ସେମାନେ ସଂକର୍ମାକୁ ମାଧୁକୁ ନେଇ ଭାଇଭଉଣୀଙ୍କ ସଙ୍ଗେ ରଖିଲେ।

ଏହା ଉତ୍ତାରେ ଆଉ କିଛି ଏମାନଙ୍କ ଖବର ମିଳିଲା ନାହିଁ। ଖବର ଜାଣିବା ପାଇଁ ମୁଁ ଚେଷ୍ଟା କରିବା ମଧ୍ୟ ଛାଡ଼ିଦେଲି। ମାଧୁର ଏହାହିଁ ପାଠ ପଢ଼ିବା ବୟସ। ସେ ବୁଦ୍ଧିମତୀ। ପାଟଣା କନ୍‌ଭେଣ୍ଟ ସ୍କୁଲରେ ପଢୁଥିଲା। ସବୁ ଚୁର୍‌ମାର୍ କରି ତାହାକୁ ତାହାର ଭାଇଭଉଣୀଙ୍କ ସହିତ ସଙ୍କର୍ମା ତୁଲ୍ୟ କ୍ଷୁଦ୍ର ଗ୍ରାମରେ ଅବାଞ୍ଛନୀୟ ବାତାବରଣ ମଧ୍ୟରେ ରଖା ହୋଇଅଛି। ବାପ ସଚ୍ଚିଦାନନ୍ଦ ପୁରୋହିତ ବୁଝୁନାହାଁନ୍ତି ଯେ, ଏମାନଙ୍କ ଭବିଷ୍ୟତ ଅଛି। ଝିଅ ବୁଝିଲେ ମଧ୍ୟ ବାପାଙ୍କ ହସ୍ତରେ ଯନ୍ତ୍ରବତ୍ ପରିଚାଳିତ ହେଉଅଛି। ପୁଅଝିଅଙ୍କ ଭବିଷ୍ୟତ ଉଜ୍ଜ୍ୱଳ କରିବା ପରିବର୍ତ୍ତରେ ଅନ୍ଧକାରମୟ କରିବାରେ ଲାଗିଅଛନ୍ତି। ନିରବରେ ଭଗବାନଙ୍କ ଶରଣାପନ୍ନ ହେବା ଛଡ଼ା ଉପାୟାନ୍ତର ନାହିଁ।

Digitized by srujanika@gmail.com

ଦିନେ ଶୁଣିଲି, ନାତି ସଞ୍ଜୀବକୁମାରକୁ ସମ୍ବଲପୁରରେ 'କଣାମାଷ୍ଟର' ଙ୍କ ଘରେ ରଖି ତାହାର ଗୁରୁପଢ଼ା ପ୍ରାଇମେରୀ ସ୍କୁଲ୍‌ରେ ପଢ଼ିବା ବ୍ୟବସ୍ଥା କରାହୋଇଅଛି। ଏହି 'କଣାମାଷ୍ଟର' ନାମରେ ପରିଚିତ ବ୍ୟକ୍ତି ଜଣେ ମଫସଲବାସୀ; ଏକଚକ୍ଷୁ ବିଶିଷ୍ଟ। ସହରକୁ ଆସି ଦଳେ ସାନ ସାନ ପିଲାଙ୍କୁ 'ଗୁରୁଗୁହାଳ'ରେ ବସାଇ ପାଠ ପଢ଼ାଇ ପେଟ ପୋଷନ୍ତି। ତାଙ୍କ ଘରେ ପୁଅକୁ ରଖି ମା' ଓ ତାହାର ବାପ ନିଶ୍ଚିନ୍ତ ହୋଇ ରହିଅଛନ୍ତି। ଏହି ଗୁରୁପଢ଼ା ସ୍କୁଲ ସମ୍ମୁଖରେ ସଚ୍ଚିଦାନନ୍ଦଙ୍କ ଜ୍ୟେଷ୍ଠଭ୍ରାତା ସମ୍ବଲପୁରର ଲବ୍ଧପ୍ରତିଷ୍ଠିତ ଓକିଲ ଅଚ୍ୟୁତାନନ୍ଦ ପୁରୋହିତଙ୍କ ବିଶାଳ ବାସଗୃହ। ଏହି ମହାଶୟ, ମୁଁ ବୀଚ୍ କଚେରୀରେ ତାଙ୍କ ଗୋଡ଼ତଳେ ପଡ଼ି ମୋ ନାତି ନାତୁଣୀଙ୍କୁ ଛାଡ଼ିଦେବା ସକାଶେ ଅନୁନୟ କରିବା ସମୟରେ କହିଥିଲେ ଯେ, ସେମାନଙ୍କୁ ମନୁଷ୍ୟ କରିବା ଇଚ୍ଛା ଓ ଶକ୍ତି ତାହାଙ୍କର ଅଛି। ଆଉ ଜଣେ ଭାଇ ନୀଳମାଧବ। ରେଭେନ୍ୟୁ ଇନ୍‌ସପେକ୍ଟର, ସମ୍ବଲପୁରରେ ସପରିବାର ରହନ୍ତି। ଅଥଚ ଏମାନଙ୍କ ଘରେ ନ ରଖି ଅଜା ନାତିକୁ ସମ୍ପୂର୍ଣ୍ଣ ଅପରିଚିତ 'କଣାମାଷ୍ଟର'ଙ୍କ ଆଶ୍ରୟରେ ରଖିଦେଇ ଅଛନ୍ତି। ଏପରି ପରିସ୍ଥିତିରେ ଅଳ୍ପଦିନ ପରେ ଯାହା ସ୍ୱାଭାବିକ ତାହା ହେଲା। ସଞ୍ଜୀବ କଠିନ ରୋଗାକ୍ରାନ୍ତ ହେଲା ଓ ଅଜା ତାକୁ ସଙ୍କର୍ମାକୁ ନେଇଗଲେ। ତାହାର ଆଉ ପାଠ ପଢ଼ା ହେଲାନାହିଁ।

୧୯୫୬ ସାଲ ଫେବୃୟାରୀ ମାସ ତା୨୪ ରିଖ, ମୋର କନିଷ୍ଠ ପୁତ୍ର ବିଭୁପ୍ରସାଦ (ଫକୀର) ବିହାର ଅନ୍ତର୍ଗତ ମୁଙ୍ଗେର କଲେଜରେ ପଦାର୍ଥ ବିଜ୍ଞାନ ଅଧ୍ୟାପକ। ଦୀର୍ଘ ଛୁଟି ନେଇ ଉଚ୍ଚଶିକ୍ଷା ସକାଶେ ବିଦେଶକୁ ଯାଉଅଛି। କାଲି ଘରୁ ବମ୍ବେକୁ ଯିବ ଓ ସେଠାରୁ ଜାହାଜରେ ଜର୍ମାନୀ ଯିବ। ଆଜି ଫେବୃୟାରୀ ତା୨୪ରିଖ ସକାଳେ କହିଲା, ''ବାପା! ମୋର ଇଚ୍ଛା ହେଉଛି, ବୋହୂଙ୍କୁ ଯାଇ ପ୍ରଣାମ କରିଆସିବି।'' ମୁଁ ମନାକରି କହିଲି, ''ଯେଉଁ ବୋହୂର ତିଳେ ସୁଦ୍ଧା ବୁଦ୍ଧି ନାହିଁନ୍ତ ବାରବର୍ଷକାଳ ଏହି ଘରେ ରହି ସ୍ୱାମୀର ମୃତ୍ୟୁର ମାତ୍ର ଗୋଟାକେତେ ଦିନ ପରେ ବିନା କାରଣରେ ସ୍ୱାମୀଗୃହ ତ୍ୟାଗକରି ନିଜ ପୁଅଝିଅଙ୍କ ଭବିଷ୍ୟତ ସମ୍ବନ୍ଧରେ ବିଚାରବିବେକଶୂନ୍ୟା ହୋଇ ବାପଘରେ ଯାଇ ରହିଛି ତାହାର ଆଶୀର୍ବାଦରେ କୌଣସି ଫଳ ନାହିଁ।'' ତଥାପି ଜିଦ୍ ଧରି ବସିଲା ଓ କହିଲା, ''ଯାହାହେଉ, ଜ୍ୟେଷ୍ଠଭ୍ରାତାଙ୍କ ପତ୍ନୀ ମାତୃସ୍ଥାନୀୟା, ଆଉ କିଛି କାମନା ନ କରି କେବଳ ତାଙ୍କ ପଦତଳେ ପ୍ରଣାମ କରି ଆସିବି।'' ମୁଁ ଆଉ ପ୍ରତିବାଦ କଲିନାହିଁ। ଫକୀର ଅପରାହ୍ନ ପ୍ରାୟ ୨ଟାବେଳେ ଗଲା ଓ ସନ୍ଧ୍ୟାରେ ଆସି ବିକଳ କ୍ରନ୍ଦନ କରିବାକୁ ଲାଗିଲା। କହିଲା, ''ବାପା! ମାଧୁକୁ ଦେଖିଲି। ତାହାର ଆଉ ରୂପ ନାହିଁ। ନିତାନ୍ତ ଶୀର୍ଣ୍ଣ ହୋଇଯାଇଛି। ମୋତେ ଦେଖି କେତେ କାନ୍ଦିଲା। 'ମା (ଆଈ)ଙ୍କୁ ଟିକିଏ ଦେଖିଆସିବା ପାଇଁ ତମ ସଙ୍ଗେ ଯିବି କକା!' ବୋଲି କହିଲା। ବୋହୂଙ୍କ ବାପାଙ୍କୁ ତାକୁ ନେଇଯିବି ଓ ଦୁଇ ତିନିଘଣ୍ଟା ପରେ ତାଙ୍କ ପାଖରେ ଛାଡ଼ିଦେଇଯିବି ବୋଲି ଯେତେ କହିଲି ସେ ମନା କରିଦେଲେ ଓ କହିଲେ,

Digitized by srujanika@gmail.com

ଆମ୍ଭମାନଙ୍କ ସଙ୍ଗରେ କୌଣସି ପ୍ରକାର ସମ୍ପର୍କ ରଖିବାକୁ ଚାହାଁନ୍ତି ନାହିଁ। ଆମ୍ଭେମାନେ ଯେ ଏହି ପିଲାମାନଙ୍କ କେହି, ଏହା ମଧ୍ୟ ଆମ୍ଭମାନଙ୍କୁ ଭୁଲିଯିବାକୁ ହେବ। ମୁଁ କହିଲି, 'ମୁଁ ତ କହିଥିଲି, ତୁ ନ ମାନି ଗଲୁ।' ଫକୀର କହିଲା, 'ନା ବାପା, କିଛି ଭୁଲ୍ ହୋଇନାହିଁ। ଦେଖିବ, ଭଗବାନ ଦିନେ ଏ କଥା ବୁଝିବେ ଓ ଆମ୍ଭମାନଙ୍କ ଅଶାନ୍ତି ଦୂର କରିବେ। ବୋହୂ ମୋ ପ୍ରତି କୌଣସି ପ୍ରକାର ଅବହେଳା ପ୍ରକାଶ କରିନାହାଁନ୍ତି। ମୋ ପ୍ରତି ତାଙ୍କ ସସ୍ନେହ ବ୍ୟବହାରରୁ ମନେହେଲା, ସେ ଅନୁତପ୍ତା। ଗୋଟାଏ କାମ ତ କରି ପକାଇଲେ। ଆଉ ତାଙ୍କ କାବୁ ନାହିଁ। ବାପ ପାଇଁ ବୁଦ୍ଧି ହଜାଇ ଦେଇଛନ୍ତି।'

ଫକୀର ତା ୨୫ରିଖରେ ଘରୁ ଗଲା। ତାକୁ ଛାଡ଼ିଦେବା ପାଇଁ ମୁଁ ତାହା ସଙ୍ଗେ ବମ୍ବେ ଗଲି। ବମ୍ବେରେ ଆମ୍ଭେମାନେ ତା ୨୭ରିଖରେ ପହଞ୍ଚିଲୁ। ତା ୨୮ରିଖରେ ଜାହାଜରେ ସେ ବସି ସମୁଦ୍ର ବକ୍ଷରେ ଚାଲିଗଲା। ଜାହାଜର ନାମ Strathmore । ବଡ଼ ଜାହାଜ। ଜାହାଜ ତୀବ୍ର ବେଗରେ ଚାଲିଥାଏ ଓ ଦୃଷ୍ଟିପଥରୁ ଅନ୍ତର୍ହିତ ହେବା ପର୍ଯ୍ୟନ୍ତ ସମୁଦ୍ରକୂଳରେ ଦଣ୍ଡାୟମାନ ହୋଇ ତାହାପ୍ରତି ଅନାଇ ଥାଏ। ସେହିଦିନ ସନ୍ଧ୍ୟାଗାଡ଼ିରେ ମୁଁ ଫେରିଲି ଓ ତା.୧.୩.୫୬ ରାତ୍ରି ପ୍ରାୟ ୧୧ଟାରେ ବ୍ରଜରାଜନଗରରେ ମୋ ଝିଅ ନୀଳିମା ଘରେ ପହୁଞ୍ଚିଲି ଓ ୨ ତାରିଖଟି ତାହା ଘରେ ରହି ୩ ତାରିଖ ସନ୍ଧ୍ୟାରେ ଘରେ ପହଞ୍ଚିଲି।

ତା୪ରିଖ ସକାଳେ ଶ୍ରୀ ବାଳମୁକୁନ୍ଦ ଦୋରା ମୋ ଠାକୁ ଆସି କହିଲେ, ''ଦୁଷ୍ଟଗ୍ରହର ଚଳନ ଆରମ୍ଭ ହେଉଅଛି। ସଚ୍ଚିଦାନନ୍ଦ ପୁରୋହିତ ତାଙ୍କ ପାଖକୁ ଆସିଥିଲେ ଓ କହିଲେ ଯେ, ସେ ଆଉ ତାଙ୍କ ଝିଅ, ନାତି, ନାତୁଣୀଙ୍କୁ ରଖି ପାରିବେ ନାହିଁ ଓ ସେମାନଙ୍କୁ ଆଣି ରଖିବା ପାଇଁ ମୋତେ କହିବା ସକାଶେ ତାଙ୍କୁ ଅନୁରୋଧ କରିଅଛନ୍ତି।'' ଆଉ ମଧ୍ୟ କହିଲେ ଯେ, ମୋ ସହିତ ସାକ୍ଷାତ କରିବାକୁ ସେ ଚାହାଁନ୍ତି ଓ ତାହା କରାଇଦେବା ସକାଶେ ମଧ୍ୟ ତାଙ୍କୁ ଅନୁରୋଧ କରିଅଛନ୍ତି। ଏହା ଶୁଣି ଯେତେ ବିସ୍ମିତ ହେଲି ସେତେ ଆନନ୍ଦିତ ମଧ୍ୟ ହେଲି। ବରଂ ଆନନ୍ଦ ଅପେକ୍ଷା ବିସ୍ମୟ ସୀମାତୀତ ହୋଇଥିଲା। ଯେଉଁ ସଚ୍ଚିଦାନନ୍ଦ ଏତେ କାଣ୍ଡକରି ମୋତେ ଘୋର ଅପମାନ ଦେଇଥିଲେନ୍ତ ସର୍ବାପେକ୍ଷା ମୋର ସ୍ୱର୍ଗତ ପୁତ୍ରର ସନ୍ତାନମାନଙ୍କ ସର୍ବନାଶ ସାଧନ କରିବାରେ ତିଳେମାତ୍ର ଦ୍ୱିଧା କରି ନ ଥିଲେ; କାହାରି ଉପଦେଶ ନ ଶୁଣି କେବଳ ଔଦ୍ଧତ୍ୟରେ ସେ ନିମଗ୍ନ ଥିଲେ; ମାତ୍ର ସପ୍ତାହକ ପୂର୍ବେ ମୋ ପୁତ୍ରକୁ ଅପମାନ ଦେଇ ମୋର ନାତିନାତୁଣୀଙ୍କ ସହିତ ଆମ୍ଭମାନଙ୍କର ଆଉ କୌଣସି ସମ୍ପର୍କ ରହିବ ନାହିଁ ବୋଲି କହିଥିଲେ, ତାଙ୍କର ପୁଣି ଏ କି ପରିବର୍ତ୍ତନ? ଏ ବିଷୟ ନେଇ ସେ କିଛି କହିଥିଲେ କି ବୋଲି ବାଳମୁକୁନ୍ଦ ବାବୁଙ୍କୁ ପଚାରିଲି ଓ ସେ କହିଲେ ଯେ, ଯାହା କରିଥିଲେ ଭୁଲ୍ କରିଥିଲେ ବୋଲି କହିବା ଛଡ଼ା ଆଉ କିଛି କହିନାହାଁନ୍ତି।

ବାଳମୁକୁନ୍ଦବାବୁ ମୋର ପିଲାଦିନର ବନ୍ଧୁ। ସମ୍ବଲପୁର ମ୍ୟୁନିସିପାଲିଟିର ଚେୟାର୍‌ମ୍ୟାନ୍, ଆମ୍ଭେ ଦୁହେଁ ପାଟଣା ଷ୍ଟେଟ୍‌ବାସୀ। ମୋ ନାତିନାତୁଣୀଙ୍କୁ ମୋ ପାଖକୁ

Digitized by srujanika@gmail.com

ଫେରାଇ ନେବାକୁ ସଚ୍ଚିଦାନନ୍ଦଙ୍କୁ ବହୁବାର କହିଥିଲେ। କିନ୍ତୁ ସେ ତାଙ୍କ କଥା ମଧ୍ୟ ଶୁଣି ନାହାଁନ୍ତି। ଏ ବିଷୟରେ ସେ ହସ୍ତକ୍ଷେପ କରିଥିବା ଯୋଗୁଁ ବର୍ତ୍ତମାନ ଏଥିରେ ତାହାଙ୍କ ମଧ୍ୟସ୍ଥତା ବୋଧହୁଏ ଅନ୍ବେଷଣ କରିଥିଲେ।

ମୋ ନାତିନାତୁଣୀ ଯେ ଦୀର୍ଘ ୯ବର୍ଷ ପରେ ମୋଠାକୁ ଫେରିଆସିବେ ଏହି ଭାବନାରେ ମୋର ହୃଦୟ ଉଦ୍‌ବେଳିତ ହେଉଥିଲେ ହେଁ ସଚ୍ଚିଦାନନ୍ଦଙ୍କ ଅଭିପ୍ରାୟ ପରୀକ୍ଷା ନ କରି ସେମାନଙ୍କୁ ଆଣିବା ସକାଶେ ହଠାତ୍ ସ୍ୱୀକୃତି ଜଣାଇଦେବା ଅସମୀଚୀନ ହେବ ବୋଲି ସ୍ଥିରକଲୁ। ବାଳମୁକୁନ୍ଦ ବାବୁ କହିଲେ ଯେ ଯେତେବେଳେ ସେ ସାକ୍ଷାତ୍ କରିବାକୁ ଇଚ୍ଛୁକ ତାଙ୍କୁ ସେ ଡକାଇବେ। ତା୬ରିଖରେ ଆସିବା ପାଇଁ ସେ ତାଙ୍କୁ ପତ୍ର ଲେଖିଲେ। ସେହିଦିନ ସନ୍ଧ୍ୟାରେ ମୁଁ ତାଙ୍କ ଘରକୁ ଗଲି ଓ ସେଠାରେ ସଚ୍ଚିଦାନନ୍ଦଙ୍କୁ ଦେଖିଲି। ମୋତେ ଦେଖିଲା ମାତ୍ରକେ ସେ ମୋର ପାଦଦ୍ୱୟ ଧରି ଲମ୍ୱହୋଇ ମୋ ଆଗରେ ପଡ଼ିଗଲେ। କିହେ ! ଏ କି କଥା ? ତାଙ୍କୁ ଧରି ଉଠାଇଲି। ସେ ପାଟିକରି କାନ୍ଦିବାକୁ ଲାଗିଲେ। ଏ କ'ଣ ଅନୁତାପଜନିତ ନା କୁମ୍ଭୀରର କ୍ରନ୍ଦନ, ସ୍ଥିର କରିପାରିଲି ନାହିଁ ଓ ମନେ ମନେ କୌତୂହଳ ଓ କୌତୁକ ଅନୁଭବ କରିବାକୁ ଲାଗିଲି। ଅଳ୍ପ ସମୟ ପରେ ସେ ମୋ ଆଗରେ ସଳଖ ହୋଇ ଛିଡ଼ାହେଲେ ଓ ଡାହାଣ ପାଦକୁ ଆଣି ବାମଆଣ୍ଠୁରେ ସ୍ଥାପନକରି 'ଏକନ୍ ଗୋଡ଼ୀ' ହୋଇ ହାତଯୋଡ଼ି କହିଲେ, ''ମୁଁ ଅନେକ ଦୋଷ କରିଛି। ମୋତେ କ୍ଷମା କରନ୍ତୁ। ପିଲାମାନଙ୍କୁ ମୁଁ ଆଉ ରଖିପାରିବି ନାହିଁ। ଆପଣ ଯାଇ ସେମାନଙ୍କୁ ନେଇଆସନ୍ତୁ। ସେମାନଙ୍କ ବିଷୟରେ ମୁଁ ଆଉ କୌଣସି ପ୍ରକାର ବାଧା ଦେବିନାହିଁ।'' ମୁଁ ବାଳମୁକୁନ୍ଦ ବାବୁଙ୍କୁ କହିଲି, ''ଏହାଙ୍କୁ ପଚାରନ୍ତ ! ସପ୍ତାହେ ହୋଇ ନାହିଁ। ମୋ ପୁଅ ବିଭୁପ୍ରସାଦ ବିଦେଶକୁ ବିଦ୍ୟାଧ୍ୟୟନ ସକାଶେ ଯିବା ପୂର୍ବଦିନ ଜ୍ୟେଷ୍ଠଭ୍ରାତୃଜାୟାଙ୍କ ଆଶୀର୍ବାଦ ଗ୍ରହଣ ସକାଶେ ଯାଇଥିବା ସମୟରେ ତାଙ୍କୁ ଅପମାନ ଦେଇ ଭ୍ରାତୃକନ୍ୟା ମଧୁଛନ୍ଦାକୁ ଅଳ୍ପ ସମୟ ପାଇଁ ସୁଦ୍ଧା ତାହାର ପିତାମହଙ୍କ ପାଖକୁ ତାହାର ପ୍ରବଳ ଇଚ୍ଛା ସତ୍ତ୍ୱେ ଛାଡ଼ିଦେଇ ନ ଥିଲେ ଓ କହିଥିଲେ ଯେ, ଆମ୍ଭମାନଙ୍କ ସହିତ ସେମାନଙ୍କର ଆଉ କୌଣସି ପ୍ରକାର ସମ୍ପର୍କ ରହିବ ନାହିଁ। ଆଜି ତାଙ୍କ ଏହି ମନୋଭାବର ପରିବର୍ତ୍ତନର ନିଶ୍ଚୟ କିଛି ଗୁରୁତର କାରଣ ଥିବ। ତାହା କ'ଣ, ସେ ପ୍ରକାଶ କରନ୍ତୁ।'' କିନ୍ତୁ ଯେତେ କହିଲୁ ସେ କିଛି କହିଲେ ନାହିଁ। କେବଳ କହିଲେ, ''ପର ଶିକ୍ଷାରେ ପଡ଼ି ମୁଁ ଭୁଲ୍ କଲିନ୍ତ ମୋର ଦୋଷ କ୍ଷମାକରନ୍ତୁ। ବର୍ତ୍ତମାନ ମୁଁ ବୁଝୁଛି ଯେ, ଆଉ ପିଲାମାନଙ୍କୁ ରଖି ପାରିବି ନାହିଁ। ଆପଣ ଯାଇ ସେମାନଙ୍କୁ ନେଇଆସନ୍ତୁ।'' ଏହା ଉତ୍ତାରେ ସୁଦ୍ଧା ଆମ୍ଭେମାନେ ଯେତେ ପଚାରିଲୁ, ଏହାର କାରଣ ସମ୍ବନ୍ଧରେ ସେ କିଛି କହିଲେ ନାହିଁ। ମୋର ମନରେ ଆଶା ଓ ବିଶ୍ୱାସର ସଞ୍ଚାର ହେଉଥିଲେ ହେଁ ତାଙ୍କ ସଦଭିପ୍ରାୟ ସମ୍ବନ୍ଧରେ ଆସ୍ଥା ସ୍ଥାପନ କରିବା ପାଇଁ ପ୍ରବୃତ୍ତି ହେଉ ନ ଥାଏ। ତାଙ୍କୁ ପରୀକ୍ଷା କରିବା ଉଦ୍ଦେଶ୍ୟରେ ମନରେ ରଖି କହିଲି, ''ଦୀର୍ଘ ନଅବର୍ଷ ହୋଇଗଲା।

Digitized by srujanika@gmail.com

ସେମାନଙ୍କ ବାଲ୍ୟଜୀବନ ଅବାଞ୍ଛନୀୟ ଦୂଷିତ ବାତାବରଣ ମଧ୍ୟରେ ଅତିବାହିତ ହୋଇଅଛି, ସୁତରାଂ ସେମାନେ ମୋ ପରିବାରକୁ ଫେରିଆସି ଚଳିପାରିବେ କି ନା ନ ଜାଣି ମୁଁ ସେମାନଙ୍କୁ ଗ୍ରହଣ କରିବା ପାଇଁ ସମ୍ମତି ଦେଇପାରିବି ନାହିଁ। ଯେତେଦୂର ହୋଇପାରେ ନିଜେ ଉଚ୍ଛୃଙ୍ଖଳତା କରି ନିଶ୍ଚୟ ତଦନୁରୂପ ଉଚ୍ଛୃଙ୍ଖଳତା ସେମାନଙ୍କୁ ଶିଖାଇଥିବେ। ସୁତରାଂ ମୋର ପରାମର୍ଶ, ସେମାନଙ୍କୁ ଆଣି ସମ୍ବଲପୁରରେ ଥିବା ତାଙ୍କ ଘରେ କିଛିଦିନ, ଅନ୍ତତଃ ମାସେ ରଖନ୍ତୁ, ମୋ ଘରକୁ ଆସିବା ଯିବା ସକାଶେ ସେମାନଙ୍କୁ ସୁବିଧା ଦିଅନ୍ତୁ। ମାସକ ପରେ ଯଦି ମୁଁ ସେମାନଙ୍କୁ ମୋ ପରିବାରରେ ରହିବା ଉପଯୁକ୍ତ ମନେକରିବି ତାହାହେଲେ ମୋର କର୍ତ୍ତବ୍ୟ ସ୍ଥିର କରିବି।'' ସଚ୍ଚିଦାନନ୍ଦ କହିଲେ, ସପ୍ତାହକ ପରେ ପୁଣି ସେ ମୋ ସଙ୍ଗେ ସାକ୍ଷାତ କରିବେ। ତତ୍ପରେ ମୁଁ ଘରକୁ ଫେରିଆସିଲି।

ମୋ ଠାରୁ ସମସ୍ତ ବିଷୟ ଶୁଣି ମୋର ସହଧର୍ମିଣୀ ଆନନ୍ଦରେ ଉତ୍ଫୁଲ୍ଲ ହୋଇଉଠିଲେ ଓ କହିଲେ, ''ଯାଅ, ଆଜି ପିଲାମାନଙ୍କୁ ନେଇଆସ।'' ମୁଁ ଟିକିଏ ଧୈର୍ଯ୍ୟ ଧରିବାକୁ କହିଲି। ସପ୍ତାହେ କିପରି ଯିବ। ମୁଁ ମଧ୍ୟ ବହୁ କଷ୍ଟରେ ଅପେକ୍ଷା କରି ରହିଲି। ସେହି ସପ୍ତାହର ପ୍ରତ୍ୟେକ ଦିନ ଅତ୍ୟନ୍ତ ବିଳମ୍ବରେ କଟିଲା ପରି ବୋଧହେଲା।

ସପ୍ତାହର ଶେଷଦିନ ତା.୧୩.୩.୫୬। ବାଳମୁକୁନ୍ଦବାବୁଙ୍କ ଘରକୁ ଗଲି। ସେ କହିଲେ ସଚ୍ଚିଦାନନ୍ଦ ଆସି ନାହାଁନ୍ତି କିମ୍ବା କୌଣସି ସମ୍ବାଦ ଦେଇନାହାଁନ୍ତି। ମନରେ ବ୍ୟାକୁଳତା ଓ ପିଲାମାନଙ୍କୁ ଆଣିବା ସକାଶେ ଉତ୍କଣ୍ଠା ବୃଦ୍ଧିହେବାକୁ ଲାଗିଲା। କିପରି କାର୍ଯ୍ୟଟି ଶୀଘ୍ର ସମ୍ପନ୍ନ ହେବ ଆଲୋଚନା କରିବସିଲୁ। ସ୍ଥିର ହେଲା, ସେହିଦିନ ସଚ୍ଚିଦାନନ୍ଦ ଯଦି ନ ଆସନ୍ତି କିମ୍ବା କୌଣସି ସମ୍ବାଦ ନ ଦିଅନ୍ତି ତାହାହେଲେ ବାହାନା କରି ତାଙ୍କ ଘରକୁ ଯିବାକୁ ହେବ। ସେ ସିନା ପିଲାମାନଙ୍କୁ ଛାଡ଼ିଦେବାକୁ ଇଚ୍ଛୁକ, ତାଙ୍କ ଝିଅର ଅଭିପ୍ରାୟ ବୁଝିବାକୁ ହେବ। ଏହି ହେଲା ବାହାନା।

ଆଉ ସେ ଆସିଲେ ନାହିଁ, କିମ୍ବା କୌଣସି ସମ୍ବାଦ ଦେଲେ ନାହିଁ। ପରଦିନ ଅପରାହ୍ନ ୪ଟା ବେଳେ ଆମ୍ଭେମାନେ ବାହାରିଲୁ ଓ ଅଧଘଣ୍ଟା ମଧ୍ୟରେ ସଙ୍କର୍ମାରେ ପହଞ୍ଚିଲୁ। ସଚ୍ଚିଦାନନ୍ଦଙ୍କ ଦାଣ୍ଡଦ୍ୱାରରେ ଛିଡ଼ାହୋଇଛୁ। ଗୋଟିଏ ଗଳି ମଧ୍ୟଦେଇ ମୋର ନାତୁଣୀ ମଧୁଛନ୍ଦା ଆସିଲା ଓ ମୋ ପାଖକୁ ଦୌଡ଼ିଆସି ମୋ ବାମ କାନ୍ଧରେ ମୁଣ୍ଡ ଲଦି ବ୍ୟାକୁଳ ଭାବରେ କାନ୍ଦିବାକୁ ଲାଗିଲା। ମୁଁ ମଧ୍ୟ ସମ୍ଭାଳି ହୋଇ ରହିପାରିଲି ନାହିଁ। ମୋ ତୁଣ୍ଡରୁ ବାକ୍ସ୍ଫୂର୍ତ୍ତି ହେଲାନାହିଁ ଓ ଅବିରଳ ଅଶ୍ରୁଧାର ବହିବାକୁ ଲାଗିଲା। ଜଣେ ଜଣେ ହୋଇ ପଡ଼ିଶା ଘରୁ ସ୍ତ୍ରୀମାନେ ଆମ୍ଭମାନଙ୍କୁ ଘେରିଗଲେ। ପ୍ରାୟ ସମସ୍ତଙ୍କ ମୁହଁରୁ ବାହାରିଲା ''ଏମାନଙ୍କୁ ନେଇଯାଅ। ଏମାନେ ଆଉ ଏଠାରେ ବଞ୍ଚି ରହିପାରିବେ ନାହିଁ।'' ବହୁ କଷ୍ଟରେ ମଧୁଛନ୍ଦାକୁ ଶାନ୍ତ କରାଇଲି। ତାହାର ବୟସ ୧୬ବର୍ଷ ହୋଇଗଲାଣି। ରୂପଶ୍ରୀରେ ଦେହ ମୁହଁ ଉଦ୍ଭାସିତ ହେଉଥାନ୍ତା। ଦେଖିଲି ରୁକ୍ଷକେଶା, ମଳିନ ବସନା, ଶୀର୍ଣ୍ଣକାୟା।

Digitized by srujanika@gmail.com

ସଚ୍ଚିଦାନନ୍ଦ ଘରେ ନ ଥିଲେ। ମାଧୁ କହିଲା, ସମ୍ବଲପୁର ଯାଇଛନ୍ତି। ମାଧୁ ଆମ୍ଭ ଦୁହିଁଙ୍କୁ ଘର ଭିତରକୁ ଡାକିନେଇଗଲା। ଡାଳେ ପାଣି ଆଣି ଆମ୍ଭ ଦୁହିଁଙ୍କ ପାଦ ଧୋଇଦେଇ ପ୍ରଣାମ କଲା। ବୋହୂକୁ ଦେଖିଲି, ସେ ମଧ୍ୟ ଆସି ମୋତେ ପ୍ରଣାମ କଲା ଓ ଘର ଭିତରକୁ ଚାଲିଗଲା। ମା'କୁ ଡାକିଆଣିବାକୁ ମାଧୁକୁ କହିଲି ଓ ସେ ଆସି ଛିଡ଼ାହେଲା। ସେମାନେ ଫେରିଯିବା ପାଇଁ ତାହାର ପିତାଙ୍କ ପ୍ରସ୍ତାବ ସମ୍ବନ୍ଧରେ ତାକୁ କହିଲାରୁ ସେ କହିଲା, ''ଆମ୍ଭମାନଙ୍କୁ ଆଣି ତ ଏତେ ଦିନ ରଖିଲେ। ଏକ୍ଷଣି ଯିବାକୁ କହିଲେ ଆମ୍ଭେମାନେ ଯିବୁ କିପରି ? ଯେତେବେଳେ ଆଣିଛନ୍ତି ନିଶ୍ଚୟ ରଖିବେ।'' ଆଉ କିଛି ନ କହି ଘର ଭିତରକୁ ଚାଲିଗଲା। ଆମ୍ଭେମାନେ ଅଗଣାକୁ ଯାଇ ମାଧୁ ପକାଇ ଦେଇଥିବା ଖଟ ଉପରେ ବସିଲୁ। ମାଧୁ ବାହାରକୁ ଯାଇ ତାହାର ଭାଇ ସଂଜୀବ କୁମାରକୁ ଡାକିଆଣିଲା ଓ ମୋ ସମ୍ମୁଖରେ ଛିଡ଼ା କରାଇଦେଲା। ତାହାର ଇଙ୍ଗିତରେ ସଂଜୀବ ମୋର ଗୋଡ଼ତଳେ ପଡ଼ି ପ୍ରଣାମ କଲା। ପାଖକୁ ଟାଣି ବସାଇଲି ଓ ନିମ୍ନମତେ ପ୍ରଶ୍ନୋତ୍ତର ହେଲା :

ପ୍ର : ତୋ ନାଁ କ'ଣ ?

ଉ : ସଂଜୀବ କୁମାର।

ପ୍ର : ବାପାଙ୍କ ନା' କ'ଣ ?

ଉ : ସଚ୍ଚିଦାନନ୍ଦ ପୁରୋହିତ।

ପ୍ର : ସେ ଗଲେ କାହିଁ ?

ଉ : କହିପାରିବି ନାହିଁ।

ପ୍ର : ସଚ୍ଚିଦାନନ୍ଦ ପୁରୋହିତ ଯେ ତୋର ବାପା ଏହା ତୋତେ କିଏ କହିଲା ?

ଉ : ମୁଁ ଜାଣେ। ସେ କହିଲା।

ପ୍ର : କ'ଣ ପଢୁଛୁ ?

ଉ : ସମ୍ବଲପୁର ଜିଲ୍ଲା ସ୍କୁଲରେ ଷଷ୍ଠଶ୍ରେଣୀରେ ପଢୁଛି।

ପ୍ର : ସମ୍ବଲପୁରରେ ରହି ପଢୁଛୁ ନା ସର୍କର୍ମାରୁ ପଢ଼ିବାକୁ ଯାଉ ?

ଉ : ପ୍ରତିଦିନ ଏଠାରୁ ଯାଏ। ଦିନା କେତେ ସମ୍ବଲପୁରରେ କଣା ମାଷ୍ଟରଙ୍କ ଘରେ ରହି ପଢୁଥିଲି । ବେମାର ହେବାରୁ ଚାଲିଆସିଲି।

ସଂଜୀବକୁ ହେଲାଣି ୧୧ ବର୍ଷ। ସମ୍ବଲପୁର ଜିଲ୍ଲା ସ୍କୁଲ ସର୍କର୍ମାରୁ ତିନି ମାଇଲରୁ ଊଣା ହେବନାହିଁ। ପ୍ରତିଦିନ ଯିବା ଆସିବାରେ ଯାହା ପାଠ ପଢ଼ାହେଉଥିବ ତାହା ଜାଣିବା କଷ୍ଟକର ନୁହେଁ। ପୁଅର ପିତୃତ୍ୱରେ ସୁଦ୍ଧା ତାକୁ ଅଜ୍ଞ ରଖାହୋଇଛି। ସାନ ଭଉଣୀ ନନ୍ଦାକୁ ସୁଦ୍ଧା ମାଧୁ ଯାଇ ଆଣିଲା ଓ ପ୍ରଣାମ କରିବାକୁ କହିଲା, ସେ ପ୍ରଣାମ କଲାନାହିଁ। ବଲ ବଲ ଅନାଇ ରହିଲା। ତାହାର ବୟସ ହେଲାଣି ୧୩ ବର୍ଷ। ୨ ବର୍ଷ ବୟସରେ ସେ କଠିନ ରୋଗାକ୍ରାନ୍ତ ହୋଇଥିଲା ଓ ତହିଁରେ ତାହାର ମସ୍ତିଷ୍କ ବିକୃତି ହୋଇଥିଲା। ଚିକିତ୍ସା ହେଉଥିଲା,

Digitized by srujanika@gmail.com

କିନ୍ତୁ ତାହା ଶେଷ ନ ହେଉଣୁ ଘରକୁ ଚାଲିଗଲା । ସଙ୍କର୍ମାରେ ତାହାର ଆଉ ଚିକିତ୍ସା ହେଲାନାହିଁ, ସୁତରାଂ ମସ୍ତିଷ୍କ ବିକୃତି ରହିଗଲା । ଏବେ ମଧ୍ୟ ଅଛି ।

ସନ୍ଧ୍ୟା ୬ଟା ହୋଇଗଲା । ତଥାପି ସଚ୍ଚିଦାନନ୍ଦ ନ ଆସିବାରୁ ଆମ୍ଭେମାନେ ଚାଲି ଆସିବାକୁ ବାହାରୁଛୁ ଏହି ସମୟରେ ସେ ଆସି ପହଞ୍ଚିଲେ । ପୁଅଝିଅଙ୍କୁ ମା' ଛାଡ଼ିଦେବାକୁ ଅନିଚ୍ଛୁକ ଥିବା ସ୍ଥଳେ ମୁଁ ସେମାନଙ୍କୁ ନେଇ ରଖିବା ପ୍ରଶ୍ନ ଉଠୁନାହିଁ ବୋଲି ତାଙ୍କୁ କହିଲି । ସଚ୍ଚିଦାନନ୍ଦ ତାଙ୍କ ଝିଅକୁ ମୋ ସମ୍ମୁଖକୁ ଡାକିଲେ ଓ କହିଲେ ସେ ପିଲାମାନଙ୍କୁ ସେ ଆଉ ରଖିବେ ନାହିଁ ବୋଲି ସ୍ଥିର କରିଅଛନ୍ତି । ସେମାନେ ନିଜ ଘରକୁ ଯିବେ । ସୁତରାଂ ସେ ତାହାର ଆପତ୍ତି ଶୁଣିବେ ନାହିଁ । ମୁଁ ପୁଣି କହିଲି, ମା' ଯେତେବେଳେ ଅନିଚ୍ଛୁକ, ମୁଁ ତାହାର ପୁଅଝିଅଙ୍କୁ ରଖିପାରିବି ନାହିଁ । ତହିଁରେ ଆମ୍ଭେମାନେ ଚାଲିଆସିଲୁ । ପୁତ୍ରବଧୂର ଆଚରଣରେ ପ୍ରଥମରେ ମୁଁ ଦୁଃଖାନୁଭବ କରିଥିଲି । କିନ୍ତୁ ପରେ ଭାବିଲି, ଏହା ତାହାର ମଧ୍ୟ ବାହାନା ମାତ୍ର । ଅଳ୍ପ ବୟସରେ ଶିରୋପରି ବଜ୍ରାଘାତ ତୁଲ୍ୟ ବୈଧବ୍ୟ ଉପସ୍ଥିତ ହୋଇଥିବାରୁ ହିତାହିତ ଜ୍ଞାନଶୂନ୍ୟ ହୋଇ ପିତାଙ୍କ ପ୍ରରୋଚନାରେ ଗୃହତ୍ୟାଗ କରିଥିଲା । ବର୍ତ୍ତମାନ ଫେରିଆସିବାକୁ ସ୍ୱାଭାବିକ ଲଜ୍ଜା ଓ ସଂକୋଚ ବୋଧ ହେଉଅଛି । ଆସିବା ବାଟରେ ବାଳମୁକୁନ୍ଦ ବାବୁଙ୍କୁ କହିଲି, ଯେପରି ଦେଖା ଯାଉଅଛି, ଆମ୍ଭମାନଙ୍କ ପ୍ରସ୍ତାବ ଅନୁସାରେ ସଚ୍ଚିଦାନନ୍ଦ ପିଲାମାନଙ୍କୁ ତାଙ୍କ ସମ୍ବଲପୁରରେ ଥିବା ଘରେ ମାସେ କାଳ ନ ରଖି ହୁଏତ କାଲି ସକାଳେ ସେମାନଙ୍କୁ ଯେପରି ଘରୁ ଲୁଚାଇ ନେଇଥିଲେ, ସେପରି ଘର ବାହାରେ ଛାଡ଼ିଦେଇ ଯିବେ । ସତକୁ ସତ ପରଦିନ ସକାଳେ ମାଧୁ ଓ ସଞ୍ଜୀବ ଘର ଭିତର ବାରଣ୍ଡାରେ ଉପସ୍ଥିତ । ମାଧୁ ତ ଆନନ୍ଦରେ ନାଚୁଛି । କହିଲା, ସେହିମାତ୍ର ରିକ୍‌ସାରେ ଆଣି ବୁଢ଼ା ସେମାନଙ୍କୁ ବାହାରେ ଛାଡ଼ିଦେଇ ଚାଲିଗଲେ । ମୋ ସହଧର୍ମିଣୀ ନାତି ନାତୁଣୀଙ୍କୁ ବକ୍ଷକୁ ଟାଣିନେଇ ନିର୍ବାକ୍ ହୋଇ କେବଳ ନୟନଦ୍ୱୟରୁ ଅଶ୍ରୁବର୍ଷଣ କରିବାକୁ ଲାଗିଲେ । ସଞ୍ଜୀବ ଛିଡ଼ାହୋଇ ଚତୁର୍ଦ୍ଦିଗକୁ ଅନାଉଛି । ବୋଧହେଲା, ହୁଏତ ମନେକରୁଛି, କେଉଁଠାକୁ ସେମାନେ ଆସିଲେ । ଏ ଘର କାହାର ? ସଙ୍କର୍ମାରେ ଅଜାଙ୍କ ମାଟି ଡବା (ଆଟୁ) ଘର, ଆଉ ଏହି ପକ୍‌କା ଦୋମହଲା କୋଠା । ମାଧୁ ତାକୁ ବାରମ୍ବାର କହୁଛି, "ଏହା ଆମ ଘର । ଅଜା ନେଇଯାଇ ଆମ୍ଭମାନଙ୍କୁ ତାଙ୍କ ଘରେ ରଖିଥିଲେ । ବାପା ଆମ୍ଭମାନଙ୍କୁ ଫେରାଇ ଆଣିଲେ । ଆଉ ଆମ୍ଭେମାନେ ସଙ୍କର୍ମାକୁ ଯିବାନାହିଁ । ତୁ ଏଠାରେ ରହି ପଢ଼ିବୁ । ମୁଁ ବି ପଢ଼ିବି ।" ଏମାନେ ଆସିଥିବା କଥା ମୁଁ ନିଜେ ଯାଇ ବାଳମୁକୁନ୍ଦ ବାବୁଙ୍କୁ କହି ଆସିଲି ।

ସଂଜୀବ ସମ୍ବନ୍ଧରେ ଜିଲ୍ଲା ସ୍କୁଲକୁ ଯାଇ ବୁଝିଲି, ସେ ଭଲ ପଢୁନାହିଁ, କୌଣସି ବିଷୟରେ ଭଲ କରୁନାହିଁ । ମୁଁ ନିଜେ ତାକୁ ପଢ଼ାଇବି ବୋଲି ସ୍ଥିରକଲି । ମୋର ତ ପଢ଼ାଇବା ଅଭ୍ୟାସ ରହିଅଛି । ସେ ଯତ୍ନସହକାରେ ପଢ଼ିବାକୁ ଲାଗିଲା, ପାଠୁଆ ଘରର ପୁଅ । ଅପାଠୁଆ ଘରେ ରହି ତାହାର ସର୍ବନାଶ ହେବାକୁ ଯାଉଥିଲା । ଭଗବାନ ତାକୁ

Digitized by srujanika@gmail.com

କେତେ ବିପଦରୁ ଉଦ୍ଧାର କଲେ। ମାଧୁକୁ ମଧ୍ୟ ସମ୍ବଲପୁର ଲେଡ଼ି ଲୁଇସ୍ ବାଳିକା ହାଇସ୍କୁଲର ଅଷ୍ଟମ ଶ୍ରେଣୀରେ ଭର୍ତ୍ତି କରାଇଦେଲି ଓ ଘରେ ତାକୁ ମଧ୍ୟ ପଢ଼ାଇବାକୁ ଲାଗିଲି। ଯଥାସମୟରେ ସେ ମେଟ୍ରିକ୍ୟୁଲେସନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା। ତତ୍ପରେ ସମ୍ବଲପୁର ମହିଳା କଲେଜରୁ ଆଇ.ଏ. ପରୀକ୍ଷାରେ ମଧ୍ୟ ଉତ୍ତୀର୍ଣ୍ଣ ହେଲା। ସଂଜୀବ କୁମାର ଯଥା ସମୟରେ ମେଟ୍ରିକ୍ୟୁଲେସନ୍ ଓ ଆଇ.ଏସ୍‌ସି ପରୀକ୍ଷାରେ ପ୍ରଥମ ବିଭାଗରେ ଉତ୍ତୀର୍ଣ୍ଣ ହୋଇ ପ୍ରତ୍ୟେକ ପରୀକ୍ଷାରେ ସରକାରୀ ବୃତ୍ତି ପାଇଲା। ବର୍ତ୍ତମାନ ସେ ରାଉରକେଲା ଇଂଜିନିୟରିଂ କଲେଜର ଛାତ୍ର, ସେଠାରେ ତାହାର ତିନିବର୍ଷ ଅଧ୍ୟୟନ ଶେଷ ହୋଇଗଲାଣି। ଭଗବାନ କଲେ ଆଉ ଦୁଇବର୍ଷରେ ସେ ଇଂଜିନିୟର ହୋଇଯିବ।

ସଚ୍ଚିଦାନନ୍ଦ ଏତେ କାଣ୍ଡ କରି ଓ ତାଙ୍କ ଜ୍ୟେଷ୍ଠ ଭ୍ରାତା ଖ୍ୟାତନାମା ଓକିଲ ଶ୍ରୀ ଅଚ୍ୟୁତାନନ୍ଦ ପୁରୋହିତ ମୋ ନାତିନାତୁଣୀଙ୍କ ଯତ୍ନ ନେଇ ସେମାନଙ୍କୁ ମନୁଷ୍ୟ କରିବେ ବୋଲି ପ୍ରତିଜ୍ଞା କରି ପରିଶେଷରେ ସମସ୍ତ ଜଳାଞ୍ଜଳି ଦେଇ ଏମାନଙ୍କୁ ହଠାତ୍ ମୋ ପାଖରେ ଛାଡ଼ି ଦେଇଥିବା କାରଣ ସମ୍ବନ୍ଧରେ ଅନୁସନ୍ଧାନ କରି ଯାହା ଅବଗତ ହେଲି ତାହା ଏହି –

ଭାଇମାନଙ୍କ ମଧ୍ୟରେ ସଚ୍ଚିଦାନନ୍ଦ ମଧ୍ୟମ। ସତ୍ୟାନନ୍ଦ ଓ ଅଚ୍ୟୁତାନନ୍ଦ ଜ୍ୟେଷ୍ଠ ଓ ବିଷ୍ଣୁପଦ ଓ ନୀଳମାଧବ କନିଷ୍ଠ। ଏମାନଙ୍କ ପୈତୃକ ଭୂସମ୍ପତ୍ତି କାଶିପାଲି ଓ ସର୍କର୍ମା, ଏହି ଦୁଇଗ୍ରାମରେ। ଅନେକ ବର୍ଷ ହେଲା ତାହା ବଣ୍ଟନ କରି ନିଜ ନିଜ ଅଂଶ ଦଖଲ କରୁଥିଲେ। କାଶିପାଲିର ସମୁଦାୟ ଜମି ପଡ଼ିଥିଲା ସତ୍ୟାନନ୍ଦଙ୍କ ଭାଗରେ ଓ ସର୍କର୍ମାର ଜମି ଅପର ଚାରିଭାଇଙ୍କ ଅଂଶରେ। କାଶିପାଲିଗ୍ରାମ ହୀରାକୁଦ ଜଳଭଣ୍ଡାରରେ ବୁଡ଼ିଯିବାରୁ ସତ୍ୟାନନ୍ଦ ଭୂମିଶୂନ୍ୟ ହେଲେ। ଭାଇମାନେ ପରାମର୍ଶ କରି ସ୍ଥିର କଲେ, ସଚ୍ଚିଦାନନ୍ଦ ତାଙ୍କ ଝିଅ ଓ ନାତି, ନାତୁଣୀଙ୍କୁ ମୋଠାକୁ ଫେରାଇ ଦେବେ ଓ ସେ ଏକାକି ଥିବାରୁ (ଝିଅ ତାଙ୍କ ଏକମାତ୍ର ସନ୍ତାନ) ତାଙ୍କ ସମସ୍ତ ଜମି ସତ୍ୟାନନ୍ଦଙ୍କୁ ଦେବେ ଓ ନିଜେ ତାଙ୍କ ଘରେ ରହି ପାଳିତ ହେବେ। ଏହି ପ୍ରସ୍ତାବରେ ସଚ୍ଚିଦାନନ୍ଦ ରାଜି ହେଲେନାହିଁ ଓ ନାତିନାତୁଣୀଙ୍କୁ ଫେରାଇ ନ ଦେଇ ଯେପରି ସେମାନଙ୍କୁ ଆଣି ରଖିଥିଲେ ସେପରି ରଖିବେ ବୋଲି କହିଲେ। ତତ୍ପରେ ଏହାଙ୍କ ଉପରେ ବଳପ୍ରୟୋଗ ଆରମ୍ଭ ହେଲା ଓ ଉଭୟ ପକ୍ଷ ମଧ୍ୟରେ ପୋଲିସ ଓ ଫୌଜଦାରୀ ମୋକଦ୍ଦମା ଚାଲିଲା। ଏହି ପରିସ୍ଥିତିରେ ସଚ୍ଚିଦାନନ୍ଦଙ୍କ ସମସ୍ତ ଚିନ୍ତାର କେନ୍ଦ୍ରସ୍ଥଳ ନାତି ସଂଜୀବକୁମାର ଜୀବନର ଆଶଙ୍କା ଉପସ୍ଥିତ ହୋଇଥିଲା ଓ ବିଶିଷ୍ଟ ଗ୍ରାମବାସୀଙ୍କ ସତ୍‌ପରାମର୍ଶରେ ସେ ନାତି ନାତୁଣୀଙ୍କୁ ମୋ ପାଖକୁ ଫେରାଇ ଦେବା ସ୍ଥିର କରିଥିଲେ। ସଚ୍ଚିଦାନନ୍ଦଙ୍କ ବିରୁଦ୍ଧରେ ଦାଏର ହୋଇଥିବା ସତ୍ୟାନନ୍ଦଙ୍କ ମୋକଦ୍ଦମାରେ ସେ ନିର୍ଦ୍ଦୋଷରେ ମୁକ୍ତିଲାଭ କଲେ। ସତ୍ୟାନନ୍ଦଙ୍କ ବିରୁଦ୍ଧରେ ଦାଏର ହୋଇଥିବା ସଚ୍ଚିଦାନନ୍ଦଙ୍କ ଅନଧିକାର ଗୃହପ୍ରବେଶ ଓ ଭୂମିପ୍ରବେଶ ମୋକଦ୍ଦମାର ନିଷ୍ପତ୍ତି ପୂର୍ବେ ସଚ୍ଚିଦାନନ୍ଦଙ୍କ ମୃତ୍ୟୁ

Digitized by srujanika@gmail.com

ହେବାରୁ ତାହାର ବିଚାର ସ୍ଥଗିତ ହୋଇ ସେ ମୁକ୍ତି ପାଇଲେ। ଏ ସମ୍ବନ୍ଧରେ ଆହୁରି ଉଲ୍ଲେଖଯୋଗ୍ୟ ବିଷୟ ଏହି ଯେ, ସମ୍ପ୍ରତି ସଚ୍ଚିଦାନନ୍ଦ ଭାଇମାନଙ୍କଦ୍ୱାରା ପରିତ୍ୟକ୍ତ ହୋଇ ମୃତ୍ୟୁ ପୂର୍ବେ ମୋ ଗୃହରେ ଆଶ୍ରୟ ଗ୍ରହଣ କଲେ। ମୋ ଗୃହରେ ତାଙ୍କ ମୃତ୍ୟୁ ହେଲା ଓ ମୋଦ୍ୱାରା ମୋ ବ୍ୟୟରେ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସର୍ଙ୍କର୍ମା ଗ୍ରାମରେ ସମ୍ପନ୍ନ ହେଲା। ଭଗବାନଙ୍କ ଲୀଳା ଅପୂର୍ବ, ଅପ୍ରତ୍ୟାଶିତ। ଉଲ୍ଲିଖିତ ସମସ୍ତ ଘଟଣା ଆଇନର ଅବିଚାରର ଅପୂର୍ବ ନିଦର୍ଶନ। ନାବାଳକ ଆଇନର ଆକ୍ଷରିକ ଭାବାର୍ଥପ୍ରଣୋଦିତ ହୋଇ ଓଡ଼ିଶା ହାଇକୋର୍ଟର ବିଚାରପତି ମାନ୍ୟବର ଜଗନ୍ନାଥ ଦାସ ନାବାଳକମାନଙ୍କ ଅଭିଭାବକତ୍ୱ ସମ୍ବନ୍ଧରେ ଯେଉଁ ନିଷ୍ପତ୍ତି ଗ୍ରହଣ କରିଥିଲେ ତାହା ଯେ ଭ୍ରାନ୍ତ ଓ ଅଯଥାର୍ଥ ଉଲ୍ଲିଖିତ ଘଟଣାବଳୀର ଉପସଂହାର ତହିଁର ଜ୍ୱଳନ୍ତ ପ୍ରମାଣ। ବିଶ୍ୱନିୟନ୍ତା ଭଗବାନଙ୍କ ଧର୍ମାଧିକରଣର ସ୍ୱାଭାବିକ ସୁବିଚାର ସମ୍ମୁଖରେ ସ୍ୱଳ୍ପବୁଦ୍ଧିପ୍ରତିଷ୍ଠିତ ବିଚାରାଳୟର ବିଚାରର ତୁଳନା ହୋଇ ନ ପାରେ।

Digitized by srujanika@gmail.com

ଭାରତଚନ୍ଦ୍ରପୁର

ଅନୁଗୁଳରୁ ଶ୍ରୀ ସିଦ୍ଧେଶ୍ୱର ବେହେରାଙ୍କଠାରୁ ତାଙ୍କ ତା.୪.୧.୬୫ର ପତ୍ର ପାଇଛି। ସେ ନିମ୍ନମତେ ଲେଖିଛନ୍ତି –

''ଆପଣଙ୍କ ନାମ ଅନୁସାରେ ଏହି ସାହିକୁ ବନ୍ଦୋବସ୍ତ କାଗଜରେ 'ଭାରତଚନ୍ଦ୍ରପୁର ସାହି' ବୋଲି ନାମିତ କରିଅଛୁ। ଆପଣଙ୍କ ନାମକୁ ଚିରଦିନପାଇଁ ସ୍ମରଣ କରିବାକୁ ଏହି ସାହିରେ ଗୋଟିଏ ପାଠାଗାର ସ୍ଥାପନ କରିବାକୁ ଇଚ୍ଛା କରିଅଛୁ। ଏହି ଲାଇବ୍ରେରିରକୁ 'ଭାରତଚନ୍ଦ୍ର ଲାଇବ୍ରେରି' ବୋଲି ମଧ୍ୟ ନାମିତ କରିବୁ। ଆମ୍ଭେମାନେ ଏହି ସାହିରେ ସମସ୍ତ ପାଇକ ପ୍ରଜା ବାସ କରୁଅଛୁ। ଆପଣଙ୍କ ଦୟାରୁ ଆମ୍ଭେମାନେ ଏହି ସାହିର ବସତି ଡିହ ଜମି ପାଇ ସେ ଦିନଠାରୁ ଏଠାରେ ଘର କରି ରହି ଆସୁଅଛୁ। ଆମ୍ଭେମାନେ କିଛି ବହି ସଂଗ୍ରହ କରିଅଛୁ, ଆପଣଙ୍କୁ ଅନୁରୋଧ, ଆପଣ ଦୟାକରି ଆମ୍ଭମାନଙ୍କୁ କିଛି ବହି ଓ ଗୋଟିଏ ରେଡ଼ିଓ ଦିଅନ୍ତୁ। ଭାରତଚନ୍ଦ୍ର ପାଠାଗାର, ନୂଆହତା ଖୋଦିତ ଗୋଟିଏ ରବରଷ୍ଟାମ୍ପ ମଧ୍ୟ ଦେବେ। ଆପଣଙ୍କର ସେ ସମୟର, ଅର୍ଥାତ୍ ଅନୁଗୁଳରେ ଥିବା ସମୟର ଓ ବର୍ତ୍ତମାନର ଦୁଇଖଣ୍ଡ ଫଟୋ ମଧ୍ୟ ପଠାଇବେ। ତାହା ଲାଇବ୍ରେରିରେ ଝୁଲାଇବୁ।''

ପତ୍ର ପାଠକରି ଅତ୍ୟନ୍ତ ବିସ୍ମିତ ହେଲି। ମନେହେଲା ୪୦ ବର୍ଷ ପୂର୍ବର କଥା। ଏଥିରେ ଯେଉଁ ବିଷୟରେ ଉଲ୍ଲେଖ ଅଛି ତାହା ୧୯୨୨–୨୩ର। ସେହି ସମୟରେ ମୁଁ ଅନୁଗୁଳରେ ସବ୍‌ଡେପୁଟି କଲେକ୍ଟର, ମ୍ୟୁଟେସେନ୍ ଅଫିସର୍ ପଦରେ ରହିଥିଲି। ମୋ ହାତରେ କାର୍ଯ୍ୟଥିଲା। ଅନୁଗୁଳରେ ପ୍ରାୟ ପ୍ରତ୍ୟେକ ଗ୍ରାମରେ ଥିବା ସରକାରୀ ଅନାବାଦୀ ଓ ଅନ୍ୟାନ୍ୟ ଅନଧିକୃତ ଜମି ଗରିବ ପ୍ରଜାଙ୍କୁ ବିନାମୂଲ୍ୟରେ ପଟ୍ଟା ଦେବା ସମ୍ବନ୍ଧରେ ପ୍ରାଥମିକ ତଦନ୍ତ କରିବା। ପ୍ରଜାମାନେ ଦରଖାସ୍ତ କରନ୍ତି ଓ ତାହା ଉପରେ ତଦନ୍ତ କରି ମୁଁ ରିପୋର୍ଟ ଦିଏ, ଡେପୁଟି କମିଶନର ତାହା ବିଚାର କରି ହୁକୁମ ଦିଅନ୍ତି। ଅନେକ ଗରିବ ପ୍ରଜା ଏହି ପ୍ରକାରେ ଜମି ପାଇ ଆଜିଯାଏ ମୋତେ ମନେ ରଖିଛନ୍ତି। ତହିଁର ପ୍ରମାଣ ଅନେକ ବାର ମୁଁ ପାଇଥିଲି। ଉଦ୍ଧୃତ ପତ୍ରରେ ବର୍ଣ୍ଣିତ ବିଷୟ ଅତ୍ୟନ୍ତ ବିସ୍ମୟୋତ୍ପାଦକ। ମୋର ଆଜି ମନେ ହେଉଅଛି, ସମୁଜ୍ଜ୍ୱଳ ଭାବରେ ସେହି ବିଷୟ। ଅନୁଗୁଳରୁ ମେରାମୁଣ୍ଡଳିକୁ ଯାଇଥିବା ସଡ଼କ ଉପରେ ଅନୁଗୁଳରୁ ଆଠମାଇଲ ଦୂରବର୍ତ୍ତୀ ବଅଁରପାଳ ଡାକବଙ୍ଗଳା ଛାଡ଼ି ମେରାମୁଣ୍ଡଳିକୁ ଯିବା ପଥର ଅଳ୍ପଦୂରରେ ଡାହାଣକୁ ଗୋଟିଏ ଗ୍ରାମ ଦିଶେ, ତାହା

Digitized by srujanika@gmail.com

ହେଉଛି, ଏହି ପତ୍ରଲିଖିତ 'ଭାରତଚନ୍ଦ୍ରପୁର'। ଏହି ଗ୍ରାମ ସନ୍ନିହିତ ନୂଆହତା ବଡ଼ ଗ୍ରାମର ଏକ ବିସ୍ତୀର୍ଣ୍ଣ ପଡ଼ିଆ ଉପରେ ଏହା ପ୍ରତିଷ୍ଠିତ। ୧୯୨୨-୨୩ ସାଲରେ ମୁଁ ଅନୁଗୁଳରେ ଥିବା ସମୟରେ କେତେକ ପାଇକ ଓ ଗଉଡ଼ ପ୍ରଜା ସ୍ୱତନ୍ତ୍ର ବସତି କରିବା ପାଇଁ ଦରଖାସ୍ତ କଲେ ଓ ନିଜ ନିଜ ଦାବି ଉଠାଇ ଏତେ ଝଗଡ଼ା କଲେ ଯେ ସେହି ସମୟରେ ଏ ସମ୍ବନ୍ଧରେ ଅବସ୍ଥା ଅତ୍ୟନ୍ତ ଗୁରୁତର ହୋଇଥିଲା। ଉଭୟପକ୍ଷଙ୍କୁ ଡାକି ସେହି ଅଞ୍ଚଳର ମୁଖ୍ୟ ଲୋକଙ୍କ ସହାୟତାରେ ବିବାଦର ସମାଧାନ କରିଦେଲି ଓ ଉଭୟପକ୍ଷଙ୍କ ସକାଶେ ସ୍ୱତନ୍ତ୍ର ସ୍ଥାନ ନିର୍ଦ୍ଦେଶ କରିଦେଲି। ସେହି ସମୟରେ ଅନୁଗୁଳରେ ଡେପୁଟି କମିଶନର ଥିଲେ କ୍ରେଭେନ୍ ସାହେବ (J. A. Craven)। ତାଙ୍କୁ ଏହି ଗ୍ରାମକୁ ଆଣିଲି ଓ ସବୁ ଦେଖି ମୁଁ କରିଥିବା ବନ୍ଦୋବସ୍ତକୁ ସେ ଅନୁମୋଦନ କଲେ। ଦୀର୍ଘ ୪୦ ବର୍ଷ ହୋଇଗଲା। ସିଦ୍ଧେଶ୍ୱର ବେହେରାଙ୍କ ପତ୍ରରେ ଲିଖିତ ବିଷୟ, ଅର୍ଥାତ୍ କୃତଜ୍ଞ ଅନୁଗୁଳବାସୀ ମୋତେ ସ୍ମରଣ କରି ଗ୍ରାମକୁ ନାମିତ କରି ଓ ୧୯୨୮ ମସିହାର ସରକାରୀ ବନ୍ଦୋବସ୍ତ କାଗଜରେ ତାହା ଲେଖାଇ ମୋ ନାମକୁ ଚିରସ୍ଥାୟୀ କରିଅଛନ୍ତି। ଏଥିରେ ବାସ୍ତବରେ ମୁଁ ଗର୍ବ ଅନୁଭବ କରୁଅଛି। ଏହା ମୋତେ ଜଣା ନ ଥିଲା। ଯେଉଁ ଜମି ମୁଁ ଦେଇଥିଲି ତାହା ମୋର ନିଜର ସମ୍ପତ୍ତି ନୁହେଁନ୍ତ ତାହା ସରକାରଙ୍କ। ସରକାର କେବଳ ତହିଁର ବଣ୍ଟନଭାର ମୋ ହସ୍ତରେ ନ୍ୟସ୍ତ କରିଥିଲେ। ଏହାର ଯେ ମୁଁ ସଦ୍‌ବ୍ୟବହାର କରିଥିଲି ମୁଁ ସେହି ସମୟରେ ସୁଦ୍ଧା ହୃଦୟଙ୍ଗମ କରିଥିଲି।

ଏହା ଉତ୍ତାରେ ମୋର କୌତୂହଳ ନିବାରଣ ସକାଶେ ୧୯୨୮ ସାଲରେ ଅନୁଷ୍ଠିତ ବନ୍ଦୋବସ୍ତର ମୂଳ ଖତିୟାନ ପଠାଇଦେବା ସକାଶେ ଶ୍ରୀ ସିଦ୍ଧେଶ୍ୱର ବେହେରାଙ୍କୁ ଏବଂ ମୋ ସମୟରେ ମ୍ୟୁଟେସନ୍ ଅଫିସର ଅବସରରେ ରହିଥିବା କିରାଣି ଶ୍ରୀ କହ୍ନେଇ ଦେହୁରିଙ୍କୁ ଲେଖିଲି। ଶ୍ରୀ ସିଦ୍ଧେଶ୍ୱର ତାଙ୍କ ପିତା ଡମ୍ବରୁଧର ବେହେରାଙ୍କ ନାମର ଖତିୟାନ ପଠାଇଦେଲେ। ତହିଁରେ ଦେଖିଲି ଯେ, ନୂଆହତା ଗ୍ରାମର ଏହି ଅଂଶ 'ଭାରତଚନ୍ଦ୍ରପୁର' ନାମରେ ଲିଖିତ ହୋଇଅଛି। କହ୍ନେଇ ଦେହୁରି ମଧ୍ୟ ତାହା ସମର୍ଥନ କରି ଲେଖିଲେ।

ତା.୧୩.୧.୬୫ରେ ଶ୍ରୀ ସିଦ୍ଧେଶ୍ୱର ବେହେରାଙ୍କଠାରୁ ଆଉ ଖଣ୍ଡେ ପତ୍ର ପାଇଲି। ତା.୨୦.୧.୬୫ରେ ଉକ୍ତ ଗ୍ରାମରେ ପ୍ରତିଷ୍ଠିତ ନୂତନ ପାଠାଗାର ଉଦ୍‌ଘାଟନ କରିବା ସକାଶେ ଗ୍ରାମବାସୀମାନଙ୍କ ପକ୍ଷରୁ ମୋତେ ନିମନ୍ତ୍ରଣ କରିଅଛନ୍ତି।

ତା.୧୯.୧.୬୫ ପୂର୍ବାହ୍ନ ୧୦ଟା ବେଳେ ସମ୍ବଲପୁର-କଟକ ବସ୍‌ରେ 'ଭାରତଚନ୍ଦ୍ରପୁର' ଗ୍ରାମ ଅଭିମୁଖେ ଯାତ୍ରାକଲି। ସଙ୍ଗେ ନେଲି ମୋର ଜ୍ୟେଷ୍ଠ ଜାମାତା ସୁରେନ୍ଦ୍ର ମୋହନ ପାଢ଼ି ଓ ତୃତୀୟ ଜାମାତା ଚକ୍ରଧର ପୂଜାରୀଙ୍କୁ। ସୁରେନ୍ଦ୍ର ମୋହନ କେତେକ ବର୍ଷ ପୂର୍ବେ ଅନୁଗୁଳ ସ୍କୁଲ ସମୂହର ଡେପୁଟି ଇନ୍‌ସପେକ୍ଟର ଥିଲେ। ଅଳ୍ପ ଦିନ ହେଲା ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଅଛନ୍ତି। ବଅଁରପାଳ ଡାକବଙ୍ଗଳାଠାରୁ ପ୍ରାୟ ଦେଢ଼ମାଇଲ ଦୂରରେ ଏହି ଗ୍ରାମ। ଅପରାହ୍ନ ପ୍ରାୟ ତିନିଟା ବେଳେ ଆମ୍ଭେମାନେ ସଡ଼କରୁ ଗ୍ରାମ ଭିତରକୁ ଯାଇଥିବା ପଥ ନିକଟରେ ପହଞ୍ଚିଲୁ। ଆମ୍ଭେମାନେ ଓହ୍ଲାଇବା

Digitized by srujanika@gmail.com

ସ୍ଥାନରେ ଅନେକ ଗ୍ରାମବାସୀ ମୋତେ ଅପେକ୍ଷା କରି ରହିଥିଲେ। ମୋର ଅଭ୍ୟର୍ଥନା ସୂଚକ ଢୋଲ ବାଦ୍ୟ ବାଜି ଉଠିଲା। ପାଇକମାନେ ଆମ୍ଭମାନଙ୍କ ସମ୍ମୁଖରେ ସେମାନଙ୍କ ପରମ୍ପରାଗତ ଖଣ୍ଡା, ଢାଲ, ଖେଳ ଆରମ୍ଭ କରିଦେଲେ ଏବଂ ବାଟ ଯାକ ଖେଳି ଖେଳି ଆମ୍ଭମାନଙ୍କୁ ଗ୍ରାମ ମଧ୍ୟକୁ ନେଇଗଲେ। ଗ୍ରାମମୁଣ୍ଡ ଦେଇ ପ୍ରବେଶ କରିବା ସମୟରେ ଦେଖିଲି କୁଳବଧୂମାନେ ପୂର୍ଣ୍ଣକୁମ୍ଭ ସଜାଇ ତାହା ଆଗରେ ପ୍ରଦୀପ ଜାଳି, ଦୁର୍ବା, ଅକ୍ଷତ, ଚନ୍ଦନ ସହ ସେଠାରେ ନିଜ ନିଜ ଘର ଆଗରେ ଦଣ୍ଡାୟମାନ ଅଛନ୍ତି। ସନ୍ନିକଟବର୍ତ୍ତୀ ହେବା ମାତ୍ରକେ ଦୀପ ଦେଖାଇ ମୋ କପାଳରେ ଚନ୍ଦନ ଲେପନ ଓ ମସ୍ତକରେ ଅକ୍ଷତ ସିଞ୍ଚନ କଲେ। ଆମ୍ଭେମାନେ ଜନତା ସହ ଯେତେ ଅଗ୍ରସର ହେଉଥିଲୁ ବାଟଯାକ ଅନେକ ସ୍ଥାନରେ ଏହି ଦୃଶ୍ୟ ରଚିତ ହୋଇଥିବା ଦେଖିଲି; ଏହି ଦୃଶ୍ୟରେ ମୋର ହୃଦୟ କୃତଜ୍ଞତାପୂର୍ଣ୍ଣ ଆନନ୍ଦରେ ବିହ୍ୱଳିତ ହୋଇଗଲା। ମନେହେଉଥାଏ ଏହି ରାଜୋଚିତ ସମ୍ମାନର ବାସ୍ତବରେ ମୁଁ କି ପାତ୍ର! ଏହା କମ୍ ଗୌରବର ବିଷୟ ନୁହେଁ। ସରକାରୀ କାର୍ଯ୍ୟ କରିବା ସକାଶେ କେତେ ବା ଅଫିସର ଆସୁନାହାଁନ୍ତି। କେତେ ଆସୁଛନ୍ତି, କେତେ ଯାଉଛନ୍ତି। ପ୍ରଜାସାଧାରଣଙ୍କଠାରୁ ଏପରି ଗୌରବାତ୍ମକ ସମ୍ମାନ ପ୍ରାପ୍ତି ସାଧାରଣ ଘଟଣା ନୁହେଁ। ଆମ୍ଭମାନଙ୍କ ରହିବା ସକାଶେ ଗ୍ରାମସ୍ଥ ଉଚ୍ଚ ପ୍ରାଇମେରି ସ୍କୁଲ ଗୃହ ନିର୍ଦ୍ଦିଷ୍ଟ ହୋଇଥିଲା। ଏଠାରେ ଖାଦ୍ୟପେୟ ସୁବ୍ୟବସ୍ଥା ସିଦ୍ଧେଶ୍ୱର ବାବୁ କରିଥିଲେ।

ପାଠାଗାର ନବନିର୍ମିତ ଗୋଟିଏ ଛୋଟ ଘର। ଜଣେ ଗ୍ରାମବାସୀଙ୍କ ବ୍ୟୟରେ ନିର୍ମିତ ହୋଇଥିଲା। ଉଦ୍‌ଘାଟନ ଉତ୍ସବ ତା.୨୦ରିଖ ଅପରାହ୍ଣ ପ୍ରାୟ ଦୁଇଟା ବେଳେ ଆରମ୍ଭ ହେଲା। ଆଖପାଖ ଦଶବାର ଖଣ୍ଡ ଗ୍ରାମରୁ ନିମନ୍ତ୍ରିତ ହୋଇ ଦର୍ଶକମାନେ ଆସିଥିଲେ। ସେମାନଙ୍କ ମଧ୍ୟରେ ଏହି ଗ୍ରାମରୁ ୬ ମାଇଲ ଦୂରସ୍ଥ କଲାଣ୍ଡାପାଳ ଗ୍ରାମର ଲବ୍ଧପ୍ରତିଷ୍ଠିତ କବି ଶ୍ରୀ ରାଧାମୋହନ ଗଡ଼ନାୟକ। ମୋର ସ୍ୱର୍ଗତ ପୁତ୍ର ସତ୍ୟଗୋପାଳର ସହାଧ୍ୟାୟୀ ଓ ବନ୍ଧୁ। ଦେଖିଲି, ମୋ ସମୟର କେହି ନାହାଁନ୍ତି।

ସଭାମଣ୍ଡପକୁ ଯାଇ ଦେଖିଲି, ପୁରୁଷ ଓ ସ୍ତ୍ରୀମାନଙ୍କ ଦ୍ୱାରା ପୂର୍ଣ୍ଣ। ଗ୍ରାମର ସମସ୍ତେ ଆସି ଉପସ୍ଥିତ ହୋଇଅଛନ୍ତି। ମୁଁ ସଭାମଣ୍ଡପଆଡ଼କୁ ଚାଲି ଯାଉଥିବା ସମୟରେ ଉପସ୍ଥିତ କୁଳବଧୂମାନଙ୍କ ହୁଳହୁଳି ନାଦରେ ସ୍ଥାନଟି ଧ୍ୱନିତ ହେଇଉଠିଲା। ମୁଁ ମୋର ସ୍ଥାନ ଗ୍ରହଣ କଲାପରେ ଶ୍ରୀ ରାଧାମୋହନ ଗଡ଼ନାୟକ ତାଙ୍କ କ୍ଷୁଦ୍ର ଭାଷଣରେ ମୋର ପରିଚୟ ଜଣାଇ ଦେଲେ। ତତ୍ପରେ ସ୍କୁଲ ବାଳକମାନଙ୍କ ଖେଳ, ପାଇକ ଖେଳ ଏବଂ ଜଣେ ଯୁବକଙ୍କ ଦ୍ୱାରା ନାନାବିଧ ଆସନ ପ୍ରଦର୍ଶିତ ହେଲା। ଗ୍ରାମବାସିନୀ ମହିଳାମାନଙ୍କ ହାତସୂଚୀ କାମର ଗୋଟିଏ କ୍ଷୁଦ୍ର ପ୍ରଦର୍ଶନୀର ମଧ୍ୟ ଆୟୋଜନ ହୋଇଥିଲା। ଗ୍ରାମ ବିଲରେ ଉତ୍ପନ୍ନ କେତେ ପ୍ରକାର ଶସ୍ୟ ମଧ୍ୟରେ ଅତି ସରୁ ଧାନ, ବଡ଼ ବଡ଼ ବାଇଗଣ, ମୂଳା, ଫୁଲ ଓ ବନ୍ଧାକୋବି ପ୍ରଭୃତି ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଆବାଳବୃଦ୍ଧବନିତା ଗ୍ରାମବାସୀଙ୍କ ଉତ୍ସାହ ଉପଭୋଗ କରି ମୋର ହୃଦୟ ମଧ୍ୟସ୍ଥ ପୂର୍ଣ୍ଣ କୃତଜ୍ଞତା ପ୍ରକାଶକ କ୍ଷୁଦ୍ର ଭାଷଣ ଦ୍ୱାରାରେ ମୁଁ

Digitized by srujanika@gmail.com

ସଙ୍ଗରେ ନେଇଥିବା ଦୁଇଶତ ଟଙ୍କା ମୂଲ୍ୟର ଭିନ୍ନ ଭିନ୍ନ ପୁସ୍ତକ ଦେଇ ପାଠାଗାର ଉଦ୍‌ଘାଟନ କଲି।

ବିଶିଷ୍ଟ ଗ୍ରାମବାସୀମାନେ ମୋତେ ଭିତରକୁ ନେଇ ବୁଲାଇ ଆଣିଲେ। ଗ୍ରାମ ମଧ୍ୟସ୍ଥ ପକ୍‌କା କୂପର ପ୍ରାଚୀରରେ ମୋର ନାମ ଖୋଦିତ ହୋଇଛି ଦେଖିଲି। କୂପ ୧୯୬୨ ସାଲରେ ଖୋଦିତ ହୋଇଥିବା ଗ୍ରାମବାସୀମାନେ କହିଲେ। ମନେ ମନେ ଭାବୁଥାଏ, ମୋ ତୁଲ୍ୟ ଭାଗ୍ୟବାନ୍ କେହି ନ ଥିବେ।

ସନ୍ଧ୍ୟାନ୍ଧକାର ପ୍ରାରମ୍ଭ ଉତ୍ତାରେ ସ୍କୁଲର ବାରତେରଜଣ ଛାତ୍ରୀ ଓ ତତ୍ପରେ ପ୍ରାୟ ୨୦ଜଣ ଛାତ୍ର ମୋ ସମ୍ମୁଖକୁ ଆସି ଛିଡ଼ାହେଲେ। ସେମାନଙ୍କୁ ବସାଇ ନାନାପ୍ରକାର ଗଳ୍ପ ଆରମ୍ଭ କଲି ଓ ଉପଦେଶାତ୍ମକ ନାନା କଥା କହିଲି। ମୋ ଇଙ୍ଗିତରେ ସେମାନଙ୍କ ମଧ୍ୟରୁ କେହି କେହି ଗୀତ ଗାଇଲେ। ଏତେଗୁଡ଼ିଏ ଝିଅର ବାପ ଓ ନାତୁଣୀର ଅଜା ମୋର ଦୁର୍ବଳ ହୃଦୟ ଓ ସହଜରେ ପରଝିଅମାନଙ୍କ କୃତିତ୍ୱରେ ଆନନ୍ଦରେ ଉଛୁଳିପଡ଼େ। ଏଠାରେ ତାହାହିଁ ହୋଇଥିଲା। ଦେଖିଲି ବାଳକମାନଙ୍କ ଅପେକ୍ଷା ବାଳିକାମାନେ ସମସ୍ତ ବିଷୟରେ ଅଧିକ ତତ୍ପର।

ଗ୍ରାମବାସୀଙ୍କ ମଧ୍ୟରେ ଉଚ୍ଚଶିକ୍ଷା ପ୍ରବେଶ କରିଅଛି। ଶ୍ରୀ ସିଦ୍ଧେଶ୍ୱର ବେହେରାଙ୍କ ଜଣେ ପୁତ୍ର ଏମ୍.ଏ., ଭୁବନେଶ୍ୱର ବାଣୀବିହାରରେ ଇତିହାସ ଅଧ୍ୟାପକ। ଆଉ ଜଣେ ବୁର୍ଲା ମେଡ଼ିକାଲ୍ କଲେଜର ଛାତ୍ର। ଗ୍ରାମର ଆଉ ଜଣକେତେ ଯୁବକ ମଧ୍ୟ କଲେଜରେ ଅଧ୍ୟୟନ କରୁଅଛନ୍ତି। ନିକଟରେ ବଅଁରପାଳରେ ହାଇସ୍କୁଲ। ଗ୍ରାମର ଜଣକେତେ ଛାତ୍ରୀ ମଧ୍ୟ ଏହି ଗ୍ରାମରୁ ପ୍ରତ୍ୟହ ଯାଇ ସେଠାରେ ଅଧ୍ୟୟନ କରୁଅଛନ୍ତି।

ଏହାର ଅଳ୍ପଦିନ ଉତ୍ତାରେ ପାଠାଗାର ସକାଶେ ଗୋଟିଏ ରେଡ଼ିଓ ମଧ୍ୟ ଦାନକଲି।

ଗ୍ରାମବାସୀଙ୍କ ନିର୍ମଳ, ଅକୃତ୍ରିମ ଓ ଅମାୟିକ ମନୋଭାବ ଓ ଅଭ୍ୟର୍ଥନାରେ ବିହ୍ୱଳିତ ହୃଦୟରେ ଦୁଇଦିନ ପରମ ସୁଖରେ ଅତିବାହିତ ହେଲା। ୨୬ ତାରିଖ ଦିନ ମୋର ହୃଦୟର କୃତଜ୍ଞତା ଜଣାଇ ସାଶ୍ରୁଲୋଚନରେ ସେମାନଙ୍କଠାରୁ ବିଦାୟ ନେଇ ଆସିଲି। ଏହା ମୋର ଜୀବନର ସର୍ବଶ୍ରେଷ୍ଠ ଗୌରବମୟ ଐତିହାସିକ ଘଟଣା ବୋଲି ମୁଁ ସର୍ବଦା ମନେ କରିଥାଏ।

Digitized by srujanika@gmail.com

ଘର କଥା

ମୋର ସହଧର୍ମିଣୀ

ସତୀଷ୍ଣୁ ନାରୀଷ୍ଣୁ ଚ ସର୍ବଭୂତ ପ୍ରକାମ ସନ୍ତର୍ପଣ ଦୀକ୍ଷିତାସୁ ।
ପୂର୍ଣ୍ଣାନ୍ନ-ପୂର୍ଣ୍ଣାସ୍ୱିବ ଲକ୍ଷୟେଦ୍ଧହଂ ମୂର୍ତ୍ତିଂ ହରେ ସତ୍ତ୍ୱମୟୀଂ ତବୈବ ।
ପଣ୍ଡିତ ରାଜକୁମାର କବିରତ୍ନଙ୍କ କୃଷ୍ଣଭକ୍ତି ରସାମୃତଂ

ଅର୍ଥ – ଯେଉଁମାନେ ପତିବ୍ରତା, ସର୍ବଜୀବର ପରିପୂର୍ଣ୍ଣ ତୃପ୍ତି ସାଧନ ବ୍ରତରେ ଦୀକ୍ଷିତା, ସେହି ସମସ୍ତ ନାରୀମୂର୍ତ୍ତି ଦର୍ଶନକଲେ ମନେହୁଏ, ହରିହେ ! ଯେପରି ତୁମ୍ଭର ସତ୍ତ୍ୱମୟୀ ମାତୃମୂର୍ତ୍ତି ମୁଁ ପ୍ରତ୍ୟକ୍ଷ କରୁଅଛି ।

ସୁସ୍ଥ ସବଳ ଦେହକୁ ରୋଗ ଅପ୍ରତ୍ୟାଶିତଭାବରେ ଆକ୍ରମଣ କଲେ କିପରି ତାକୁ ଅବସନ୍ନ କରିପକାଏ । ମୋର ସହଧର୍ମିଣୀଙ୍କ ଅନ୍ତିମ ଜୀବନ କାଳରେ ତାହା ସଂଘଟିତ ହୋଇଥିଲା । ତା.୨୭.୧୧.୧୯୫୬ ମାର୍ଗଶୀର ଶୁକ୍ଳ ଦଶମୀ ମଙ୍ଗଳବାର । ଏହି ସମୟରେ ତାଙ୍କ ବୟସ ପ୍ରାୟ ୬୨ବର୍ଷ । ପନ୍ଦର ଗୋଟି ସନ୍ତାନ ଜନନୀ ହୋଇ ସୁଦ୍ଧା ତାଙ୍କ ସାଧାରଣ ସ୍ୱାସ୍ଥ୍ୟ ସର୍ବଦା ଭଲଥାଏ । କନିଷ୍ଠ ସନ୍ତାନର ଜନ୍ମ ୨୨ ବର୍ଷ ପୂର୍ବେ । ଆଜି ରାତ୍ରି ପ୍ରାୟ ସାଢ଼େ ଆଠଟା ବେଳେ ମୁଁ ଭୋଜନରେ ବସିବାକୁ ଯାଉଅଛି । ତାଙ୍କ ପାଖରେ ବସି ତୃତୀୟ ଝିଅ ଅନୁପମା, ତାହାର ଝିଅ ଇନ୍ଦିରା ଓ ରାନ୍ଧୁଣୀ କଥାବାର୍ତ୍ତା ହେଉଛନ୍ତି, ହଠାତ୍ ତାଙ୍କ ମୁହଁ ବିବର୍ଣ୍ଣ ହୋଇଗଲା । କଥା ବନ୍ଦ ହୋଇଗଲା । ହାତଗୋଡ଼ ଥରିବାକୁ ଲାଗିଲା ଓ ଅଜ୍ଞାନ ପ୍ରାୟ ହୋଇ ତଳେ ପଡ଼ିଗଲେ । ମୁଣ୍ଡ ଓ ମୁହଁରେ ପାଣି ସିଞ୍ଚିଲି, ଅନୁପମା ଓ ଇନ୍ଦିରା ବିଞ୍ଚାବିଞ୍ଚି କଲେ । କ୍ରମେ ଅବସ୍ଥା ଗୁରୁତର ହେବାକୁ ବସିଲା । ଡାକ୍ତର ଜନାର୍ଦ୍ଦନ ପୂଜାରୀଙ୍କ ଘର ନିକଟରେ । ତାଙ୍କୁ ଯାଇ ଡାକିଆଣିଲି । ସେ ପରୀକ୍ଷା କରି କହିଲେ, ପକ୍ଷାଘାତ; ମସ୍ତିଷ୍କ ଭିତରେ କୌଣସି ରକ୍ତନଳୀ ଛିଣ୍ଡିଯାଇ ସେପରି ହୋଇଅଛି । ବାମ ହସ୍ତରେ ସ୍ପର୍ଶ ଶକ୍ତି ଆଉ ନ ଥିବା ବୋଧହେଲା । ଶଯ୍ୟାରେ ତାଙ୍କୁ ଶୁଆଇଦେଇ ସାରାରାତ୍ରି ତାଙ୍କ ଶଯ୍ୟା ପାର୍ଶ୍ୱରେ ଆମ୍ଭେମାନେ ବସିରହିଲୁ ।

ତା.୨୮ ରିଖ ସକାଳେ ଡାକ୍ତର ରାଜେନ୍ଦ୍ର ନାରାୟଣ ମହାନ୍ତିଙ୍କୁ ଅଣାହେଲା । ଜନାର୍ଦ୍ଦନ ବାବୁଙ୍କ ସହିତ ପରୀକ୍ଷା କରି ଚିକିତ୍ସାର ବ୍ୟବସ୍ଥା କରିଦେଲେ । ମୋର ବାରମ୍ବାର

Digitized by srujanika@gmail.com

ପ୍ରଶ୍ନର ଉତ୍ତରରେ ଡାକ୍ତର ମହାନ୍ତି କହିଲେ, ଏପରି ରୋଗୀ ଆରାମ ହେବା କ୍ୱଚିତ୍ ଦେଖାଯାଇଅଛି । ଜୀବନର ପଚାଶବର୍ଷର ସଙ୍ଗିନୀକୁ ହରାଇବାକୁ ବିଧିର ଦୁରନ୍ତ ବିଧାନର ସମ୍ମୁଖୀନ ହୋଇ ବସିରହିଲି ।

ପନ୍ଦର ଗୋଟି ସନ୍ତାନଙ୍କ ମଧ୍ୟରୁ ଚାରିଜଣଙ୍କ କାଳ ହୋଇଯାଇଥିଲା । ଅଛନ୍ତି ଗୋଟିଏ ପୁଅ ଓ ଦଶ ଝିଅ । ପୁଅଟି ବିଲାତରେ ଉଚ୍ଚ ଶିକ୍ଷା ସକାଶେ ରହିଅଛି, ପ୍ରାୟ ସାତମାସ ପୂର୍ବେ ଗୃହତ୍ୟାଗ କରି ଯାଇଥିଲା । ଚାରିଝିଅ, ତିଳୋତ୍ତମା, ନିରୁପମା, ଉମା ଓ ଶ୍ୟାମା ୯ ମାଇଲ ଦୂରବର୍ତ୍ତୀ ବୁର୍ଲାରେ ରହିଥିଲେ । ଫୋନ୍‌ଦ୍ୱାରା ସେମାନଙ୍କୁ ମା'ଙ୍କ ବିଷୟ ଜଣାଇଦିଆଗଲା ଓ ଘଣ୍ଟାକମଧ୍ୟରେ ସେମାନେ ଆସିଗଲେ । ଅନ୍ୟ ଝିଅମାନଙ୍କ ମଧ୍ୟରୁ ମନୋରମା ସୋନପୁରରେ, ସୁଷମା ବିହାର ଅନ୍ତର୍ଗତ ବେତିୟାରେ ଲେଡ଼ି ଡାକ୍ତର । ନୀଳିମା ତାହାର ଚିକିତ୍ସା ସକାଶେ ଯାଇ ସେଠାରେ ରହିଥିଲା । ସତ୍ୟଭାମା କଟକ ମେଡ଼ିକାଲ୍ କଲେଜରେ ଛାତ୍ରୀ । ସମସ୍ତଙ୍କୁ ଟେଲିଗ୍ରାମ୍ ଦ୍ୱାରା ଡକାଇ ଆଣିଲି । ସିଭିଲ୍ ସର୍ଜନ ଡାକ୍ତର ସୁବଳଚନ୍ଦ୍ର ଦାସଙ୍କ ସହଯୋଗରେ ଅନ୍ୟ ଡାକ୍ତରମାନେ ଚିକିତ୍ସା ଆରମ୍ଭ କରିଦେଲେ ଓ ଦୁଇଦିନ ମଧ୍ୟରେ ଝିଅ ଡାକ୍ତର ସୁଷମା ଆସି ସେମାନଙ୍କ ସହିତ ଯୋଗଦେଲା; ସତ୍ୟଭାମା ମଧ୍ୟ କଟକରୁ ଆସିଲା ଓ ଶୁଶ୍ରୂଷାରେ ଲାଗିଗଲା । ସମସ୍ତ ଝିଅଜ୍ୱାଇଁ, ନାତି, ନାତୁଣୀଙ୍କ ଦ୍ୱାରା ଘର ପୂର୍ଣ୍ଣ ହୋଇଗଲା । ସମସ୍ତେ ପୂର୍ଣ୍ଣପ୍ରାଣରେ 'ମା'ଙ୍କ ଶୁଶ୍ରୂଷାରେ ଲାଗିଗଲେ । ଉଦ୍‌ବିଗ୍ନ ହୃଦୟରେ ମୁଁ କେବଳ ଦେଖିବାକୁ ଲାଗିଲି । ପ୍ରତିବେଶୀ ପୁରୁଷ, ସ୍ତ୍ରୀମାନେ ଆସି ସହାନୁଭୂତି ସୂଚକ କଥାମାନ କହିଯାଉଅଛନ୍ତି ।

ତା୨୯ରିଖ ସକାଳେ ଡାକ୍ତରମାନେ କହିଲେ ଅବସ୍ଥା ଉନ୍ନତି ଆଡ଼କୁ ପରିବର୍ତ୍ତିତ ହୋଇଅଛି । ଝିଅ ସୁଷମାର କଥାରେ ଆଶାର ସଞ୍ଚାର ହେବାକୁ ଲାଗିଲା ।

ଏହିପରି ଆଶାସୂଚକ ଅବସ୍ଥା ଆଉ ଚାରିଦିନ ରହିଲା । ବାମ ଅଙ୍ଗ ଯାହା ପଡ଼ି ଯାଇଥିଲା, ଅଳ୍ପ ସଞ୍ଚାଳିତ ହେଲାନ୍ତ ସ୍ପଷ୍ଟ ନ ହେଲେହେଁ କଥା ବୁଝାଯାଉଥିଲା । ଲୋକଙ୍କୁ ଦେଖି ଚିହ୍ନି ପାରୁଥିଲେ । ସାନଭଉଣୀ ହାରା ଦେଖିବାକୁ ଆସିଲେ । ସୁଷମାର ବିବାହ ସମ୍ପର୍କରେ ସମ୍ବଲପୁରର ଝାଡ଼ୁଆ ବ୍ରାହ୍ମଣ ସମାଜ ମୋର ପରିବାରକୁ 'ଅଜାତି' କରିବା ଦିନଠାରୁ ତାଙ୍କ ଭାଇ ଓ ଭଉଣୀମାନେ ସୁଦ୍ଧା ତାଙ୍କୁ ବର୍ଜନ କରିଥିଲେ । ଦଶବର୍ଷ ପରେ ସାନ ଭଉଣୀକୁ ଦେଖି କହିଲେ, "ହାରା ! ମଲାବେଳକୁ ମୋତେ ଦେଖିବାକୁ ଆସିଲୁ ?"

ଡିସେମ୍ବର ତା୫ରିଖ ଭୋର ୫ଟା ବେଳେ ହଠାତ୍ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଲା । ପୁଣି ସଂଜ୍ଞାଶୂନ୍ୟା ହୋଇଗଲେ । ଡାକିଲେ ଶୁଣିଲେ ନାହିଁ । ତୁଣ୍ଡକୁ ପାଣି ଟୋପାଏ ସୁଦ୍ଧା ଗଲା ନାହିଁ । ଡାକ୍ତରମାନେ ପୁଣି ଆସିଲେ । ଅକ୍‌ସିଜେନ୍ ଚିକିତ୍ସା ଆରମ୍ଭ ହେଲା । ଅବସ୍ଥାର ଆଉ ପରିବର୍ତ୍ତନ ହେଲା ନାହିଁ ଓ ତା୮ରିଖ ପର୍ଯ୍ୟନ୍ତ ଏହିପରି ଅବସ୍ଥାରେ ପଡ଼ି ରହିଲେ । ତା୮ରିଖ ସକାଳ ଘ୯.୨୦ ମିନିଟ୍ ସମୟରେ ଅନ୍ତିମ ପ୍ରାଣବାୟୁ ଦେହରୁ

Digitized by srujanika@gmail.com

ନିର୍ଗତ ହୋଇଗଲା । ମୋ ସହିତ ଝିଅ, ଜ୍ୱାଇଁ, ୬୦ ଜଣ ନାତି, ନାତୁଣୀଙ୍କୁ ବସାଇ ଅମରଧାମ୍‌କୁ ଚାଲିଗଲେ ।

ମୁହୂର୍ତ୍ତ ମଧ୍ୟରେ ଏହି ଦୁଃସମ୍ବାଦ ସହର ମଧ୍ୟରେ ତୁଣ୍ଡବାଦ୍ୟରେ ବାଜି ଉଠିଲା, ଅସଂଖ୍ୟ ନରନାରୀ ଘର ସମ୍ମୁଖରେ ରୁଣ୍ଡ ହୋଇଗଲେ । ମୃତ୍ୟୁଶଯ୍ୟାରେ ଶବଦେହ ଓହ୍ଲାଇ ଘର ଭିତର ବାରଣ୍ଡାରେ ରଖାହେଲା ଏବଂ ତାଙ୍କୁ ସଧବା ବେଶରେ ସଜାଇ ଦିଆହେଲା । ଝିଅ, ନାତି, ନାତୁଣୀ ପ୍ରଭୃତିଙ୍କ କ୍ରନ୍ଦନ ରୋଳରେ ଘର ପୂର୍ଣ୍ଣ ହୋଇଗଲା । ଜଣ ଜଣ କରି ପଡ଼ୋଶୀ ସ୍ତ୍ରୀମାନେ ଆସିଲେ । ସମସ୍ତଙ୍କ ଚକ୍ଷୁ ଅଶ୍ରୁପୂର୍ଣ୍ଣ । ସମସ୍ତ ମୁଖରେ, "ଆହା, କେଡ଼େ ଭାଗ୍ୟବତୀ, ଚୁଡ଼ି, ସିନ୍ଦୂର ଘେନି ଚାଲିଗଲେ ।" ତାଙ୍କ ଲଲାଟସ୍ଥ ସିନ୍ଦୂର ସ୍ତ୍ରୀମାନେ ନେଇ ନିଜ ନିଜ ଲଲାଟରେ ଲଗାଇଲେ । କେହି କେହି ନିଜ ନିଜ ହାତରୁ କାଚ ଚୂଡ଼ି କାଢ଼ି ତାଙ୍କ ନିର୍ଜୀବ ହାତରେ ପିନ୍ଧାଇଦେଲେ ଓ ତାହା କାଢ଼ିନେଇ ନିଜେ ପୁଣି ପିନ୍ଧିଲେ । ଏପରି କେତେକ ସମୟ ଅତୀତ ହେଲାପରେ ଶ୍ମଶାନ ଯାତ୍ରା ଆରମ୍ଭ ହେଲା । ଜ୍ୱାଇଁ ବଂଶୀଧର ସୂପକାର, ଚକ୍ରଧର ପୂଜାରୀ, ଶିବନାରାୟଣ ପାଢ଼ି, ବଳଭଦ୍ର ପଣ୍ଡା, ଶ୍ରୀପତି ମିଶ୍ର, ଭୁବନେଶ୍ୱର ବେହେରା ଓ ସୁରେଶଚନ୍ଦ୍ର ପାଣିଗ୍ରାହୀ ଶବ ବୋହିବା ଆରମ୍ଭ କରିବା ସମୟରେ ଦେଖାଗଲା, ସମ୍ମୁଖସ୍ଥ ସଡ଼କ ଲୋକପୂର୍ଣ୍ଣ ହୋଇଯାଇଅଛି, ଘଣ୍ଟ, ଶଙ୍ଖବାଦ୍ୟ ସହ ବ୍ରହ୍ମପୁରା ମନ୍ଦିର ଆଡକୁ ନିଆହେଲା । ଯିବା ବାଟରେ ତାଙ୍କ ପିତ୍ରାଳୟ ସମ୍ମୁଖରେ ମୁହୂର୍ତ୍ତକ ପାଇଁ ଶବ ଓହ୍ଲାଇ ରଖାହେଲା । ଝାଡୁଆପଡ଼ା ମଧ୍ୟସ୍ଥ ବ୍ରହ୍ମପୁରା ମନ୍ଦିର ସମ୍ମୁଖରେ ଅଳ୍ପସମୟ ପାଇଁ ରଖାହେଲା । ପୂଜାରୀ ଠାକୁରଙ୍କ ଫୁଲମାଳ ଆଣି ତାଙ୍କ ଗଳାରେ ଲମ୍ବାଇ ଦେଲେ । ସେଠାରୁ ନିଆହେବା ସମୟରେ ବଡ଼ ସଡ଼କ ତଥା ଝାଡୁଆପଡ଼ା ଲୋକପୂର୍ଣ୍ଣ ହୋଇଗଲା । ସ୍ତ୍ରୀମାନଙ୍କ ମୁଖରୁ ଶୁଣାଯାଉଥାଏ, "ଦେଖ ଭାଗ୍ୟବତୀଙ୍କୁ, ଜ୍ୱାଇଁମାନଙ୍କ କାନ୍ଧରେ ଯାଉଛନ୍ତି ।" ମହାନଦୀକୂଳସ୍ଥ ଶ୍ମଶାନ ଭୂମିରେ ଯଥା ସମୟରେ ପ୍ରାଥମିକ କ୍ରିୟାସହ ତାଙ୍କ ଶବ ଚିତାଗ୍ନିରେ ସମର୍ପିତ ହେଲା । ସଗୋତ୍ରରେ କେହି କ୍ରିୟା କରିବା ସକାଶେ ସେହି ସମୟରେ ଉପସ୍ଥିତ ନ ଥିଲେ । ସୁତରାଂ ନିଜେ ମୁଁ କର୍ମକର୍ତ୍ତା ହେବା ସକାଶେ ପ୍ରସ୍ତୁତ ହେଲି । କିନ୍ତୁ ଜ୍ୱାଇଁମାନେ ତାହା କରାଇଦେଲେ ନାହିଁ । ମୋର ଏହି ବୃଦ୍ଧ ବୟସରେ ଏହି କଠିନ କାର୍ଯ୍ୟ କଲେ ସ୍ୱାସ୍ଥ୍ୟ ଭଙ୍ଗ ହେବା ଆଶଙ୍କା କରି ଏହି ସଂକଳ୍ପ ତ୍ୟାଗକରିବାକୁ ହେଲା । ମୋର କନିଷ୍ଠ ଜାମାତା ସୁରେଶ ଚନ୍ଦ୍ର ପାଣିଗ୍ରାହୀ ମୁଖାଗ୍ନି ସଂଯୋଗକଲେ । ଚାହୁଁ ଚାହୁଁ ଚିତାଗ୍ନି ଜଳିଉଠିଲା ଓ ନଶ୍ୱର ଦେହ ଗ୍ରାସ କରିବାକୁ ଲାଗିଲା ଓ ଅଳ୍ପ ସମୟ ମଧ୍ୟରେ ଭସ୍ମୀଭୂତ କରିପକାଇଲା ।

ଆଗଲପୁରରୁ ମୋର ଜ୍ୟେଷ୍ଠଭ୍ରାତା ସପରିବାର ଓ ଭଣଜା, ଜ୍ଞାତି ବାନ୍ଧବ ଯେ ଯେଉଁଠାରେ ଥିଲେ ଓ ଆସିପାରିଲେ ଆସିଲେ । ପୁତୁରା, କୃପାସିନ୍ଧୁ ଛତ୍ରପୁରରେ ପୋଲିସ ଇନ୍‌ସପେକ୍ଟର ହୋଇ ରହିଥିଲା । ଟେଲିଗ୍ରାମ୍ ପାଇ ସେ ମଧ୍ୟ ଆସିଲା । ଦଶବର୍ଷ କାଳ,

Digitized by srujanika@gmail.com

ତାହାର ନଅବର୍ଷ ବୟସରୁ, ଘରେ ରହି ତାଙ୍କ ହାତରେ ମନୁଷ୍ୟ ହୋଇଥିଲା। ସେ ନିଜ ପୁତ୍ର ସତ୍ୟଗୋପାଳ ଠାରୁ ଅଭିନ୍ନ ନ ଥିଲା ଓ ସେ ମଧ୍ୟ ତାଙ୍କୁ ଅତ୍ୟନ୍ତ ଭକ୍ତି କରୁଥିଲା। ଅନ୍ତ୍ୟେଷ୍ଟିକ୍ରିୟା ତାହାରି ହାତରେ ସମ୍ପନ୍ନ ହେଲା।

ମୋର ସହଧର୍ମିଣୀ ଶ୍ରୀମତୀ ଶକ୍ରାବତୀ ଦେବୀ ୧୮୯୪ ମସିହା ପୌଷ ଶୁକ୍ଳ ତୃତୀୟା ତିଥିରେ ଜନ୍ମଗ୍ରହଣ କରିଥିଲେ। ମୃତ୍ୟୁ ଦିବସରେ ତାଙ୍କ ବୟସ ହୋଇଥିଲା ବ୬୧ର୍ଷ ମା୧୧ସ ଦି୩ନ। ମୋର ଜନ୍ମ ୧୮୮୭ ସାଲ ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀ, ଶିବରାତ୍ରିରେ। ଏହିଦିନ ମୋର ବୟସ ବ୬୯ର୍ଷ ମା୯ସ ଦି୬ନ। ସେ ମୋଠାରୁ ପ୍ରାୟ ଆଠ ବର୍ଷର ସାନ ଥିଲେ। ତାଙ୍କ ପିତା ସ୍ୱର୍ଗତ ପଦ୍ମଲୋଚନ ପୂଜାରୀ ଓ ମାତା ଜୟକୁମାରୀ, ମଧ୍ୟପ୍ରଦେଶ ସରକାରଙ୍କ ଏକ୍‌ଷ୍ଟ୍ରା ଆସିଷ୍ଟାଣ୍ଟ କମିଶନର ଓ ପାଟଣା ଷ୍ଟେଟ୍‌ର ସୁପ୍ରସିଦ୍ଧ ଦେୱାନ ବନମାଳି ମିଶ୍ରଙ୍କ ଜ୍ୟେଷ୍ଠା କନ୍ୟା। ୧୯୦୬ ମସିହା ଏପ୍ରିଲ୍ ତା୨୮ରିଖରେ ତାହାଙ୍କୁ ପ୍ରାୟ ବାରବର୍ଷ ବୟସରେ ତାଙ୍କ ସହିତ ମୋର ବିବାହ ହୋଇଥିଲା। ସେତେବେଳେ ମୁଁ ରେଭେନ୍‌ସା କଲେଜର ଛାତ୍ର। ଆମ୍ଭମାନଙ୍କର ପନ୍ଦରଗୋଟି ସନ୍ତାନ ଜାତ ହୋଇଥିଲା। ଚାରିପୁଅ ଓ ଏଗାର ଝିଅ। ଏମାନଙ୍କ ମଧ୍ୟରୁ ତିନି ପୁଅ ଓ ଗୋଟିଏ ଝିଅର କାଳ ହୋଇଯାଇଥିଲା। ବର୍ତ୍ତମାନ ସୁଦ୍ଧା ଝିଅ, ନାତି, ନାତୁଣୀ, ପଣନାତି, ପଣନାତୁଣୀ ଅଛନ୍ତି ୮୭ଜଣ। ତାଙ୍କର ମୃତ୍ୟୁ ସମୟକୁ ଥିଲେ ୬୦ଜଣ। ଏହାଙ୍କ ପୁଣ୍ୟଫଳରେ ଏକ କ୍ଷୁଦ୍ର ବୃକ୍ଷ ଶାଖାପ୍ରଶାଖା ସହ କେଡ଼େ ବିଶାଳ ଦ୍ରୁମରେ ପରିଣତ ହୋଇଅଛି ଓ ଅକଳନୀୟକାଳ ପର୍ଯ୍ୟନ୍ତ ଜୀବନ୍ତ ରହିବ। ଯେତେବେଳେ ଶିକ୍ଷିତ ସମ୍ପ୍ରଦାୟ ସୁଦ୍ଧା ସ୍ତ୍ରୀ ଶିକ୍ଷା ପ୍ରତି ପରାଙ୍ମୁଖ ଥିଲେ, ସେତେବେଳେ ଅତ୍ୟନ୍ତ ଯତ୍ନ ସହକାରେ ପୁଅଝିଅଙ୍କୁ ଆଧୁନିକ ଶିକ୍ଷାରେ ଭୂଷିତ କରି ସେମାନଙ୍କୁ ରଖିଦେଇ ଯାଇଅଛନ୍ତି। ପୂର୍ବ ପ୍ରଥାନୁଯାୟୀ ପ୍ରଥମ ତିନିଝିଅଙ୍କ ବାଲ୍ୟକାଳରେ ବିବାହ ହୋଇଯାଇଥିଲା। ତେଣୁ ସେମାନେ କେବଳ ମାତୃଭାଷାରେ ସ୍କୁଲଶିକ୍ଷା ପ୍ରାପ୍ତ ହେଲେ। ୧୯୨୯ ମସିହାରେ ବାଲ୍ୟବିବାହ ନିରୋଧ ଆଇନ (ସାରଦା ଆଇନ) ପ୍ରବର୍ତ୍ତିତ ହେଲାରୁ ଅବଶିଷ୍ଟ ଝିଅମାନଙ୍କୁ ଆଧୁନିକ ଉଚ୍ଚଶିକ୍ଷା ଦିଆହେଲା। ତାହାଫଳରେ ଦୁଇଝିଅ, ସୁଷମା, ଏମ୍.ବି.ବି.ଏସ୍. ଓ ସତ୍ୟଭାମା ଏମ୍.ଡ଼ି. ଡାକ୍ତର, ଦୁଇଜଣ ନିରୁପମା ଓ ଉମା ବି.ଏ., ଶ୍ୟାମା ଏମ୍.ଏ.। ଦୁଇଝିଅ ସୁରମା ଓ ନୀଳିମାଙ୍କ ପିଲାଦିନରୁ ବର ସ୍ଥିର ହୋଇରହିଥିବାରୁ ମେଟ୍ରିକ୍ୟୁଲେସନ୍ ପରେ ସେମାନଙ୍କ ବିବାହ କରିଦିଆଗଲା। ଅନ୍ୟ ସମସ୍ତଙ୍କର ମଧ୍ୟ ବିବାହ ହୋଇଯାଇଅଛି। ସ୍ୱର୍ଗତପୁତ୍ର ସତ୍ୟଗୋପାଳ ଥିଲା ଏମ୍.ଏ.ବି.ଏଲ୍। ବର୍ତ୍ତମାନ ଏକମାତ୍ର ପୁତ୍ର ବିଭୁପ୍ରସାଦ (ଫକୀରପାଟଣା ବିଶ୍ୱବିଦ୍ୟାଳୟର ଏମ୍.ଏସ୍‌ସି ଓ ଲଣ୍ଡନ ବିଶ୍ୱବିଦ୍ୟାଳୟର ପି.ଏଚ୍‌ଡ଼ି.)। ଏହି ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଲଣ୍ଡନରେ ପ୍ରତିଷ୍ଠିତ Imperial College of Science and Technology ରେ ଅଧ୍ୟାପକ। ଏତେଗୁଡ଼ିଏ ପୁଅଝିଅଙ୍କ ମା' ନିଶ୍ଚୟ ଯେ କୌଣସି ସମାଜରେ ଅଛ ଥିବେ। ପୁଣି ସମ୍ବଲପୁର ସହରରେ

Digitized by srujanika@gmail.com

ନିଜ ନିଜ ଘରେ ଥିଲେ ସୁଦ୍ଧା ଅନେକ ନାତୁଣୀ (ଝିଅଙ୍କ ଝିଅ) ତାହାଙ୍କ ପାଖରେ ରହି ଉଚ୍ଚଶିକ୍ଷା ପ୍ରାପ୍ତ ହେଉଥିଲେ। ଏମାନଙ୍କ ମଧ୍ୟରୁ ୬ଜଣ ବି.ଏ., ବି.ଏସ୍‌ସି. ଓ ଜଣେ ଏମ୍.ଏ.। ପୁଅଝିଅଙ୍କ ଶିକ୍ଷା ସମ୍ବନ୍ଧରେ ମୋ ଅପେକ୍ଷା ଏହାଙ୍କ କୃତିତ୍ୱ ଅଧିକ। ଏହାଙ୍କ ଉତ୍ସାହ ଓ ଉତ୍ତେଜନା ପାଇ ନ ଥିଲେ ଏହି ଦୁରୂହ କାର୍ଯ୍ୟରେ ମୁଁ କେବେହେଁ ଅଗ୍ରସର ହୋଇପାରି ନ ଥାନ୍ତି। ଝିଅମାନଙ୍କୁ କଲେଜକୁ ପଠାଇବା ସମ୍ବନ୍ଧରେ ମୁଁ ବେଳେ ବେଳେ ହତୋତ୍ସାହ ଓ ବୀତସ୍ପୃହ ହୋଇପଡୁଥିଲି। ସେତେବେଳେ ସହଧର୍ମିଣୀ ମୋତେ ସାହସ ଓ ଉତ୍ସାହ ଦେଉଥିଲେ। ସମଗ୍ର ଓଡ଼ିଶାରେ ବ୍ରାହ୍ମଣକୁଳରେ ମୋ ଝିଅ ସୁଷମା ପ୍ରଥମ ମେଟ୍ରିକ୍ୟୁଲେଟ୍। ପ୍ରଥମ ଆଇ.ଏସ୍‌ସି. ଓ ପ୍ରଥମ ଏମ୍.ବି.ବି.ଏସ୍ ଡାକ୍ତର। ୧୯୩୭ ମସିହାରେ ଯେତେବେଳେ ସେ କଟକ ରେଭେନ୍‌ସା ବାଳିକା ସ୍କୁଲର ମେଟ୍ରିକ୍ୟୁଲେସନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା କଟକର ସମ୍ବାଦପତ୍ରମାନଙ୍କରେ ମୋ ନାମରେ ଉଚ୍ଚ ପ୍ରଶଂସା ପ୍ରକାଶିତ ହୋଇଥିଲା। ପୁଣି ୧୯୯୫ ମସିହାରେ ପାଟଣା ମେଡ଼ିକାଲ୍ କଲେଜ୍‌ରୁ ଦ୍ୱିତୀୟସ୍ଥାନ ଅଧିକାର କରି ଏମ୍.ବି.ବି.ଏସ୍. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲା ଓ ସମଗ୍ର ଭାରତବର୍ଷରେ ଛାତ୍ରୀମାନଙ୍କ ମଧ୍ୟରେ ସର୍ବୋଚ୍ଚସ୍ଥାନ ପ୍ରାପ୍ତହୋଇ ତଦାନୀନ୍ତନ ଭାରତର ବଡ଼ଲାଟ ଲର୍ଡ଼ ୱେଭେଲ୍‌ଙ୍କ ପ୍ରଦତ୍ତ "ୱେଭେଲ୍ ମେଡ଼ାଲ୍" ପ୍ରାପ୍ତହେଲା। ସମ୍ବଲପୁରରେ ଛାତ୍ରୀମାନଙ୍କ ମଧ୍ୟରେ ମୋ ଝିଅ ନିରୁପମା ପ୍ରଥମ ଗ୍ରାଜୁଏଟ୍ ଓ ଶ୍ୟାମା ପ୍ରଥମ ଏମ୍.ଏ.। ଏ ସମସ୍ତ ଗୌରବମୟ ଭୂଷଣ ପୁଣ୍ୟମୟୀ ମା'ଙ୍କ ଯତ୍ନ ଓ ପ୍ରେରଣାର ଅମୃତଧାରା। ଝିଅମାନଙ୍କୁ ଉଚ୍ଚ ଶିକ୍ଷାଦାନ ସମ୍ବନ୍ଧରେ ପ୍ରଥମରେ ସମ୍ବଲପୁରର ଶିକ୍ଷିତ ସମାଜ ଏପରି କି ମୋ ନିଜ ବନ୍ଧୁବାନ୍ଧବମାନେ ସୁଦ୍ଧା ମୋ ବିରୁଦ୍ଧରେ ଯେଉଁ ତୀବ୍ରଭାବ ଓ ନିର୍ଯ୍ୟାତନା ପ୍ରୟୋଗ କରିଥିଲେ ତାହା କ୍ରମେ କ୍ରମେ ସମାଜରୁ ଉଭେଇ ଯାଇଅଛି। ଆଜି ମୋ ପରିବାର କେବଳ ସମ୍ବଲପୁରରେ ନୁହେଁ ସମଗ୍ର ଉତ୍କଳରେ ସ୍ତ୍ରୀ ଶିକ୍ଷାର ପଥ ପ୍ରଦର୍ଶକ ବୋଲି ପରିଚିତ। ଆଜି ବହୁସଂଖ୍ୟକ ବାଳିକା ଓ ଯୁବତୀ ସ୍କୁଲ କଲେଜ ପୂର୍ଣ୍ଣ କରିଦେଇଅଛନ୍ତି। ସମ୍ବଲପୁରରେ ଅନେକ ଝିଅ ବର୍ତ୍ତମାନ ଏମ୍.ଏ. ଓ ଏମ୍.ବି.ବି.ଏସ୍ ଡାକ୍ତର। ସୁଦୂର ପୁରପଲ୍ଲୀ ମଧ୍ୟରେ ସୁଦ୍ଧା ଏହି ଆଲୋକ ପ୍ରବେଶ କରିଅଛି। ମେଟ୍ରିକ୍ୟୁଲେଟ୍, ଆଇ.ଏ., ବି.ଏ.ଙ୍କ ସଂଖ୍ୟା କଳିହେଉନାହିଁ। ଏହି କେତେଟା ବର୍ଷ ପୂର୍ବେ ଯେଉଁ ରକ୍ଷଣଶୀଳ ବ୍ୟକ୍ତିମାନେ ମୋ ଝିଅଙ୍କୁ ବାଟଚଲାଇ ଦେଉନଥିଲେ, ଆଜି ସେମାନଙ୍କ ଝିଅବୋହୂମାନେ କଲେଜ ଛାତ୍ରୀ। ବନ୍ଧୁଗଣଙ୍କ ନିର୍ଯ୍ୟାତନା ଅଳ୍ପ ପରିମାଣରେ ହେଲେ ମୁଁ ସାମୟିକ ଦୁର୍ବଳତା ପ୍ରକାଶ କରୁଥିଲେ ସେ ମୋତେ କହୁଥିଲେ, "ଝିଅମାନଙ୍କୁ ପାଠ ପଢ଼ାଇବା ଦ୍ୱାରା କୌଣସି ପ୍ରକାର ପାପ କାର୍ଯ୍ୟ ତ କରାହେଉ ନାହିଁ। ଝିଅମାନେ ପାଠ ପଢ଼ିବେ ନାହିଁ କାହିଁକି? ଏମାନଙ୍କ କଥାକୁ ଭ୍ରୂକ୍ଷେପ କରନାହିଁ।" ତାଙ୍କ ଉଦାର ମନୋଭାବର ଗୋଟିଏ ଦୃଷ୍ଟାନ୍ତ ଉଲ୍ଲେଖଯୋଗ୍ୟ। ଝିଅ ଗୋଟିଏ ଜନ୍ମହେଲା ମାତ୍ରକେ ମୁଁ ତାହା ସକାଶେ ବର ଖୋଜିବାରେ

Digitized by srujanika@gmail.com

ଚିନ୍ତିତ ଓ ତତ୍ପର ହୋଇପଡ଼େ। ସେହି ସମୟରେ ବାଲ୍ୟ ବିବାହ ପ୍ରଚଳିତ। ପୁଅଝିଅ ମା' ପେଟରେ ଥିଲାବେଳେ ସୁଦ୍ଧା ଗାଧୁଆ ଘାଟରେ ବରକନ୍ୟା ସମ୍ପର୍କ ସ୍ଥିର ହୋଇଥିବା ଦୃଷ୍ଟାନ୍ତ ଅଳ୍ପ ନୁହେଁ। ସେହି ପ୍ରଥାନୁଯାୟୀ ସୁଷମାର ଦୁଇବର୍ଷ ବୟସରେ ସମ୍ବଲପୁର ଝାଡ଼ୁଆ ବ୍ରାହ୍ମଣ ସମାଜରେ ଗୋଟିଏ ସାତବର୍ଷ ବୟସ୍କ ବର ସ୍ଥିର କରିପକାଇଲେ। କନ୍ୟାର ଆଠନଅବର୍ଷ ବୟସରେ ବିବାହ ହେବାକଥା, କିନ୍ତୁ ୧୯୨୬ ମସିହାରେ ବାଲ୍ୟ ବିବାହ ନିରୋଧ ଆଇନ ଜାରୀ ହେବାରୁ ଏହି ବୟସରେ ଏମାନଙ୍କ ବିବାହ ହୋଇପାରିଲା ନାହିଁ। ଅନ୍ୟୁନ ଚଉଦବର୍ଷ ବୟସରେ ବିବାହ ହେବ, ଘରେ ବସି କ'ଣ କରିବ ? ସେତେବେଳେ ମୁଁ କଟକରେ ଡେପୁଟି କଲେକ୍ଟର। ରେଭେନ୍‌ସା ବାଳିକା ସ୍କୁଲରେ ତାକୁ ଦେଇଦେଲି ଓ ତାହାର ୧୪ ବର୍ଷ ବୟସରେ ସେ ମେଟ୍ରିକ୍ୟୁଲେସନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା। ଏହା ହେଲା ତାହାର ଭାବୀ ଶ୍ୱଶୁର ଓ ସମ୍ବଲ୍‌ପୁରର ରକ୍ଷଣଶୀଳ ବ୍ୟକ୍ତିଙ୍କ ଭିତରେ ଦୁର୍ଗୁଣ ଓ ବିବାହ ସକାଶେ ଅଯୋଗ୍ୟତା। ଇଂରେଜୀ ଶିକ୍ଷାପ୍ରାପ୍ତ ବୋହୂ ଦରକାର ନାହିଁ। ସେ ସମାଜକୁ ଚୁରମାର୍ କରିଦେବ। ଭାବୀଶ୍ୱଶୁର ଏତେ ଦୀର୍ଘକାଳର ସମ୍ପର୍କ ତୁଟାଇ ଦେଲେ। ଏଥିରେ ଝିଅମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ପ୍ରସାରର ଆବଶ୍ୟକତା ମୁଁ ଅନୁଭବ କଲି। ରେଭେନ୍‌ସା ବାଳିକାସ୍କୁଲ୍ ସଂଲଗ୍ନ ଆଇ.ଏ. କ୍ଲାସ୍‌ରେ ତାକୁ ଭର୍ତ୍ତିକରିବା ସ୍ଥିରକଲି। କିନ୍ତୁ ସେ ଆଇ.ଏସ୍‌ସି. ପଢ଼ିବ ଓ ଆଇ.ଏସ୍‌ସି. ପାଶ୍‌କରି ଡାକ୍ତରୀ ପଢ଼ିବ ବୋଲି ଜିଦ୍ ଧରିବସିଲା। ସେତେବେଳେ ଆଇ.ଏସ୍‌ସି. ପାଠ କେବଳ ରେଭେନ୍‌ସା କଲେଜରେ। ଆଇ.ଏସ୍‌ସି. ପଢ଼ିଲେ ପୁଅଙ୍କ ସଙ୍ଗେ ପଢ଼ିବାକୁ ହେବ। ଏହା ମୋ ମନକୁ ପାଇଲା ନାହିଁ। କିନ୍ତୁ ଝିଅ ଏକା ଜିଦ୍‌ଧରି ବସିଲା ଓ ତିନିଦିନ ପର୍ଯ୍ୟନ୍ତ ନ ଖାଇ ନ ପିଇ ପଡ଼ିରହିଲା। ତୃତୀୟଦିନ ମୁଁ କଚେରୀରୁ ଘରକୁ ଫେରିଲାପରେ ତାହାର ମା' କହିଲେ, ସୁଷମାର ରେଭେନ୍‌ସା କଲେଜରେ ଆଇ.ଏସ୍‌ସି. ପଢ଼ିବା ବନ୍ଦୋବସ୍ତ ସେ କରିଆସିଛନ୍ତି ଓ ପରିଦିନ ତାହାର ନାମ ଲେଖାଇଦେବାକୁ କହିଲେ। କହିଲେ, ସେ ସେଦିନ ସୁଷମାଙ୍କୁ ନେଇ ପ୍ରିନ୍‌ସିପାଲ୍ ଶ୍ରୀଯୁକ୍ତ ଶ୍ୟାମଚନ୍ଦ୍ର ତ୍ରିପାଠୀଙ୍କ ଘରକୁ ଗଲେ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟସ୍ଥତାରେ ପୁଅମାନଙ୍କ ସହିତ ନିର୍ବିଘ୍ନରେ ଯେପରି ତାହାର ଶିକ୍ଷା ହୋଇପାରିବ, ସେହି ବିଷୟରେ ଅନୁରୋଧ କଲେ ଓ ଶ୍ରୀଯୁକ୍ତ ତ୍ରିପାଠୀ ତହିଁର ସବିଶେଷ ବନ୍ଦୋବସ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଅଛନ୍ତି। ଏ ବିଷୟରେ ମୋତେ ସମୁତ୍ସାହିତ କରିବା ଅଭିପ୍ରାୟରେ କହିଲେ, "ଝିଅ ତ ପାଠ ପଢ଼ିବ। ପୁଅପିଲାଙ୍କ ସଙ୍ଗେ ଝିଅକୁ ପାଠ ପଢ଼ାଇବାରେ ତମର ଆପତ୍ତି କାହିଁକି ? ସମସ୍ତେ ତ ଭାଇଭଉଣୀ ହୋଇ ପାଠପଢ଼ିବେ।" ପରଦିନ ଝିଅର ନାମ ଲେଖାଇଦେଲି। ନିର୍ବିଘ୍ନରେ ପଢ଼ିଲା ଓ ୧୯୩୯ ମସିହାରେ ଆଇ.ଏସ୍‌ସି. ପାଶ୍‌କଲା ଓ ସେହିବର୍ଷ ପାଟଣା ମେଡ଼ିକାଲ୍ କଲେଜରେ ଭର୍ତ୍ତିହୋଇ ଯଥା ସମୟରେ ୧୯୪୫ ମସିହାରେ ଏମ୍.ବି.ବି.ଏସ୍. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଡାକ୍ତର ହେଲା। ଏହାଉତ୍ତାରେ ପୁଅଝିଅଙ୍କ ସହ ଶିକ୍ଷା ପ୍ରତ୍ୟେକ ସ୍କୁଲକଲେଜରେ ସାଧାରଣ ବ୍ୟାପାର ହୋଇଅଛି। ସମ୍ବଲପୁରରେ ଓଡ଼ିଆ ବ୍ରାହ୍ମଣ ଓ

Digitized by srujanika@gmail.com

ଝାଡୁଆବ୍ରାହ୍ମଣଙ୍କ ମଧ୍ୟରେ ଯେଉଁ ବୈବାହିକ ସମ୍ବନ୍ଧ ଇତିପୂର୍ବେ ଅସମ୍ଭବ ବୋଧ ହୋଇଥିଲା ତାହା ତାଙ୍କର ଝିଅ ସୁଷମାର ଓଡ଼ିଆ ବ୍ରାହ୍ମଣବର ସହିତ ବିବାହରେ ସମ୍ଭବ ହେଲା । ଏହି କଠିନ ବ୍ୟାପାରରେ ମୋ ସହିତ ସେ ପୂର୍ଣ୍ଣପ୍ରାଣରେ ସହଯୋଗକରି ଏହାର ସଫଳତା ସକାଶେ ପ୍ରେରଣା ପ୍ରଦାନ କରିଥିଲେ ।

ମୋ ସହଧର୍ମିଣୀଙ୍କ ମନୋଭାବ ଯେତେ ଉଦାର ତାଙ୍କ ଆଚାର ବ୍ୟବହାର ସେତେ ନିଷ୍ଠାପୂର୍ଣ୍ଣ ଥିଲା । ପ୍ରତ୍ୟହ ଭୋର ଚାରିଟାରେ ଉଠି ଦାଣ୍ଡଦ୍ୱାରରେ ଗୋବରପାଣି ଦେବା ତାଙ୍କ ସର୍ବପ୍ରଥମ କାର୍ଯ୍ୟ । ତତ୍ପରେ ସ୍ନାନାଦି ନିତ୍ୟକର୍ମ ସମାପନ କରି ଠାକୁର ଘରେ ପୂଜା ଓ ପୂଜାପରେ ଜଗନ୍ନାଥ ଦାସଙ୍କ ଶ୍ରୀମଦ୍‌ଭାଗବତ ଓ ଅନ୍ୟାନ୍ୟ ପୁରାଣ ପାଠ କରୁଥିଲେ । ଠାକୁର ଘର ଭିତରେ ରହି ପୂଜା କରିବା ସମୟରେ କେତେ ମନ୍ତ୍ର, ସ୍ତୋତ୍ରାଦି ସଂସ୍କୃତ ଭାଷାରେ ଅନର୍ଗଳ ଭାବରେ ଆବୃତ୍ତି କରୁଥିଲେ । ଧର୍ମଗ୍ରନ୍ଥରୁ କିୟଦଂଶ ହେଲେ ପାଠ ନ କରି ସେ ଜଳଗ୍ରହଣ ସୁଦ୍ଧା କରୁନଥିଲେ । ଯେଉଁଦିନ ସଂଜ୍ଞାହୀନ ହୋଇପଡ଼ିଲେ, ସେହିଦିନ ପର୍ଯ୍ୟନ୍ତ ଶିବ ପୁରାଣର ଚାରିଖଣ୍ଡରୁ ତିନିଖଣ୍ଡ ପାଠ ଶେଷ କରିଥିଲେ । ଚତୁର୍ଥଖଣ୍ଡ ପାଠ ଆଉ ହୋଇପାରିଲା ନାହିଁ । ତାଙ୍କ କାନ ପାଖରେ ବସି ମୁଁ ତାହା ତାଙ୍କୁ ଶୁଣାଇଥିଲି ମାତ୍ର । ଏ ସମସ୍ତ ସାଇଲା ପରେ ସେ ଜଳଯୋଗ କରୁଥିଲେ । ଏହା ସେ ଏକାକାଁ କରୁ ନ ଥିଲେ । ଯେ ଆସି ପହଞ୍ଚିଯାଉଥିଲା ତାକୁ, ପୁଣି ରାନ୍ଧୁଣୀ, ଚାକରାଣୀକୁ ନିଜ ପାଖରେ ବସି ଖୁଆଉଥିଲେ । ଭିକ୍ଷୁକ ତାଙ୍କ ପାଖରୁ ନିରାଶ ହୋଇ କେବେ ଫେରୁନଥିଲେ । ହୃଦୟରେ ଦୟା ତାଙ୍କ ବିଶିଷ୍ଟ ଗୁଣ ଥିଲା । କେତେ ଛାତ୍ରଛାତ୍ରୀ ତାଙ୍କ ବଦାନ୍ୟତାରେ ପାଠ ପଢ଼ିଛନ୍ତି । କଟକରେ ଆମ୍ଭମାନଙ୍କ ଚାନ୍ଦିନୀଚୌକ ବସା ନିକଟରେ ଅନୁନ୍ନତ ଶ୍ରେଣୀୟ ଛାତ୍ରାବାସ ଥିଲା, ସେହି ଛାତ୍ରାବାସରେ ବାଳକମାନେ ପ୍ରତି ରବିବାର ଦିନ ମୁଷ୍ଟିଭିକ୍ଷା, ସଂଗ୍ରହ କରନ୍ତି । ଏମାନେ ଆସିଲେ ମା' ମୁଠିଏ ମାତ୍ର ଚାଉଳ ନ ଦେଇ ଚାଉଳଧୂଆ ପୂର୍ଣ୍ଣ ପାଞ୍ଚ, ସାତସେର ଚାଉଳ ଓ କିଛି ପଇସା ଦିଅନ୍ତି । ସେତେବେଳେ ତ ମୋର ଚାଷରୁ ଉତ୍ପନ୍ନ ବସ୍ତା ବସ୍ତା ଚାଉଳ ସମ୍ବଲପୁରରୁ ଯାଇ ଘରେ ଜମାହୋଇ ରହିଥାଏ । ଦୁଇବର୍ଷ ପୂର୍ବେ ମୋର ଜଣେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଜାମାତାଙ୍କ ଘରକୁ ରାଉରକେଲାରୁ ଯାଇଥିବା ସମୟରେ ସେ ସ୍ଥାନର ଜଣେ ଡେପୁଟି କଲେକ୍ଟର ଏହି କଥା ମୋର ମନେ ପକାଇଦେଲେ ଓ ସରଳ ଭାବରେ ମା'ଙ୍କ ଏହି ଗୁଣ କୀର୍ତ୍ତନ କରିବାକୁ ଲାଗିଲେ । ସେ କହିଲେ ସେହି ସମୟରେ ସେ ଜଣେ ଗରିବ ଛାତ୍ର ଥିଲେ । ପାଠ ପଢ଼ି ଡେପୁଟି ହୋଇଛନ୍ତି, ମୋର ତ ଏହା ମନେ ନ ଥିଲା । ସେ କେବଳ ମୋର ପୂର୍ବସ୍ମୃତି ଜାଗ୍ରତ କରାଇ ମୋ ଚକ୍ଷୁରୁ ଅଶ୍ରୁବିନ୍ଦୁ ଆକର୍ଷଣ କରିଥିଲେ ମାତ୍ର ।

ମୋର ଜ୍ୟେଷ୍ଠ ଭ୍ରାତାଙ୍କ ଦୁଇପୁଅ କୃପାସିନ୍ଧୁ ଓ ବ୍ରଜବନ୍ଧୁ ପୁତ୍ର ତୁଲ୍ୟ ରହି ଆମ୍ଭଘରେ ମନୁଷ୍ୟ ହୋଇଥିଲେ । କୃପାସିନ୍ଧୁ ବର୍ତ୍ତମାନ ଓଡ଼ିଶା ପୋଲିସ ବିଭାଗରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ, ବ୍ରଜବନ୍ଧୁର ମୃତ୍ୟୁ ହୋଇଯାଇଅଛି; ଏମାନଙ୍କ ବାହାରେ ଜଣକେତେ

Digitized by srujanika@gmail.com

ଭଣଜା ମଧ୍ୟ ଘରେ ରହି ପାଠପଢ଼ି ତାହାରି ଫଳରେ ସଂସାର ଯାତ୍ରା ନିର୍ବାହ କରୁଛନ୍ତି। ତାଙ୍କ ସଦ୍‌ଗୁଣର ପରିଚୟ ପାଇ କଟକର କେତେକ ବିଶିଷ୍ଟ ବ୍ୟକ୍ତି ନିଜ ଝିଅଙ୍କୁ ଆମ ଘରକୁ ପଠାଇ ଦେଉଥିଲେ ଓ ସେମାନେ ମୋ ଝିଅମାନଙ୍କ ସଙ୍ଗେ ଗ୍ରୀଷ୍ମାବକାଶ ଓ ଅନ୍ୟାନ୍ୟ ସମୟରେ ଦୀର୍ଘକାଳ ପର୍ଯ୍ୟନ୍ତ ରହି ପାଠପଢ଼ା ସହିତ ନାନାପ୍ରକାର ଗୃହକର୍ମ ଶିକ୍ଷା କରୁଥିଲେ। ଏ ସମ୍ବନ୍ଧରେ ମୋ ଝିଅ ସୁରମା ଓ ନୀଳିମାର ସହାଧ୍ୟାୟିନୀ କଟକର ଓକିଲ ଶ୍ରୀ ଦୟାନିଧି ସାହୁଙ୍କ ଝିଅ ଲାବଣ୍ୟ ଓ କାଳିଗଳିରେ ରହୁଥିବା ମୋ ଝିଅ ଉମାର ସହାଧ୍ୟାୟିନୀ 'ପ୍ରଭାବତୀ ବିଷୟ ଉଲ୍ଲେଖଯୋଗ୍ୟ। ପୁରୀର ସୂର୍ଯ୍ୟମଣି ତ ନିଜ ଝିଅଙ୍କଠାରୁ ଭିନ୍ନ ନ ଥିଲା। ଲାବଣ୍ୟ ବର୍ତ୍ତମାନ ଓଡ଼ିଶା ସରକାରଙ୍କ ଅଧୀନରେ ଲେଡ଼ି ଡକ୍ଟର। ସୂର୍ଯ୍ୟମଣି ବୁର୍ଲା ମେଡ଼ିକାଲ୍ କଲେଜରେ ଅଧ୍ୟାପିକା। ପ୍ରଭାବତୀ ଜୟପୁରରେ ଶିକ୍ଷା ବିଭାଗରେ ନିଯୁକ୍ତା। ସେ ଥିଲେ ସମସ୍ତଙ୍କ ମା'। କେବଳ ମୋ ପୁଅଝିଅଙ୍କ ନଥିଲେ, ତାଙ୍କ ପାଖରେ ଯେ ରହୁଥିଲେ ତାଙ୍କୁ ମା' କହୁଥିଲେ। ଆଜିଯାଏ ଆମ୍ଭମାନଙ୍କ ପ୍ରତି ସେମାନଙ୍କ ପୂର୍ବ ଭକ୍ତି ଓ ସମ୍ମାନପୂର୍ଣ୍ଣ ବ୍ୟବହାର ଅକ୍ଷୁଣ୍ଣ ରହିଅଛି। ମନେହେଉଛି ଓଡ଼ିଶା ସରକାରଙ୍କ ଏକ ଦାୟିତ୍ୱପୂର୍ଣ୍ଣ ଉଚ୍ଚପଦରେ ପ୍ରତିଷ୍ଠିତ ଢେଙ୍କାନାଳବାସୀ ରଜନୀ ଭୂଷଣ ପାଣିଙ୍କ କଥା। ତାଙ୍କ ପତ୍ନୀ ବାସନ୍ତି, ପୁରୀଜିଲ୍ଲା ଅନ୍ତର୍ଗତ ନିମାପଡ଼ାର ଝିଅ। କଟକ ମହିଳା କଲେଜରେ ମୋ ଝିଅ ଶ୍ୟାମାର ସହାଧ୍ୟାୟିନୀ। କେତେକ ବର୍ଷ ପୂର୍ବେ ରଜନୀ ବାବୁଙ୍କ ସମ୍ବଲପୁରକୁ ବଦଳି ହୋଇଥିଲା। ଶ୍ୟାମା ମା'ଙ୍କ ଠାକୁ ଲେଖିଲା ଯେ ବସାଘର ଖଣ୍ଡେ ବନ୍ଦୋବସ୍ତ ନ ହେବା ପର୍ଯ୍ୟନ୍ତ ରଜନୀବାବୁ ଆମ ଘରେ ରହିବେ। ସେ ଆସିଲେ ଓ ବସାଘର ନ ମିଳିବାରୁ ଚାରିମାସ ଯାଏ ଆମଘରେ ରହିଗଲେ। ପରେ ବସାଘର ବନ୍ଦୋବସ୍ତ ହେଲାରୁ ସପରିବାର ସେଠାରେ ରହିଲେ। ତଥାପି ପ୍ରାୟ ପ୍ରତ୍ୟହ ଆସି ମା'ଙ୍କ ହସ୍ତରୁ ଖାଇଯାଆନ୍ତି। ବାସନ୍ତୀକୁ ମଧ୍ୟ ନିଜ ଝିଅ ତୁଲ୍ୟ ବ୍ୟବହାର କରନ୍ତି। ଉଭୟେ ତାଙ୍କୁ ମା' ବୋଲି ଡାକନ୍ତି। ପ୍ରାୟ ବର୍ଷକ ପରେ ତାଙ୍କୁ ସମ୍ବଲପୁରରୁ ବଦଳି ହେଲା। ସେତେବେଳେ କାନ୍ଦି କାନ୍ଦି ମା'ଙ୍କ ଠାରୁ ବିଦାୟ ନେଇଥିଲେ। ଯିବା ସମୟରେ ରଜନୀବାବୁ କହିଥିଲେ, ପିଲାଦିନେ ମା'ଙ୍କୁ ହରାଇଥିଲି। ଏଠାକୁ ଆସି ମା' ପାଇଥିଲି। ଏଠାରୁ ଗଲାପରେ ଯେତେଥର ସମ୍ବଲପୁରକୁ ଗସ୍ତରେ ଆସନ୍ତି, ଆମ ଘରେ ରହନ୍ତି। କୌଣସି କାରଣରୁ ରହି ନ ପାରିଲେ ଘରକୁ ଆସି ପୂର୍ବବତ୍ ତାଙ୍କ ହାତରୁ ପୁଅପରି ଖାଇଯାଆନ୍ତି ଓ ଗଲାବେଳେ ଛଳ ଛଳ ନେତ୍ରରେ ତାଙ୍କଠାରୁ ବିଦାୟ ନିଅନ୍ତି। ଆଜିଯାଏ ଏହାଙ୍କ ସହିତ ଆମ୍ଭମାନଙ୍କ ଘନିଷ୍ଠ ସମ୍ପର୍କ ଅକ୍ଷୁଣ୍ଣ ରହିଅଛି।

ସ୍ତ୍ରୀଲୋକମାନଙ୍କୁ ସ୍ତ୍ରୀଙ୍କର ବହୁ ଆଡ଼ମ୍ବରପୂର୍ଣ୍ଣ ଆଦର ଦେଉନଥିଲେ, ସ୍ନେହ ଦେଉଥିଲେ। ପିଢ଼ାପାଣି ଦେଇ ଆଦର କରୁନଥିଲେ। ପୁଅଝିଅଙ୍କ ସହିତ ଚୁଲିମୁଣ୍ଡରେ ବସାଇ ଖୁଆଉଥିଲେ। ଦୋଷ ଦେଖିଲେ କହିବାକୁ ଛାଡୁ ନଥିଲେ। ଏମାନେ ସମସ୍ତେ ତାଙ୍କୁ ମା' ବୋଲି ସମ୍ବୋଧନ କରୁଥିଲେ ଓ ନିଃସଙ୍କୋଚରେ ତାଙ୍କ ପାଖରେ ବସି କଥାବାର୍ତ୍ତା କରୁଥିଲେ।

Digitized by srujanika@gmail.com

ପ୍ରାୟ ସମସ୍ତେ ଉଚ୍ଚଶିକ୍ଷିତ ଓ ଉଚ୍ଚପଦରେ ପ୍ରତିଷ୍ଠିତ। କେହି କେବେ ତାଙ୍କ ଏତାଦୃଶ ବ୍ୟବହାର ଗ୍ରହଣରେ ଦ୍ୱିଧାବୋଧ କରୁ ନ ଥିଲେ। ଭୁବନେଶ୍ୱରଙ୍କ ଦୁଇ ଭଉଣୀ କଳାବତୀ ଓ ଇନ୍ଦିରା। କଳାହାଣ୍ଡିରୁ ଆସି ତାଙ୍କ ପାଖରେ ରହି ପାଠ ପଢୁଥିଲେ। କଳାବତୀ ଅଳ୍ପ କେତେବର୍ଷ ରହି ଚାଲିଗଲେ। ଆସିଲାବେଳକୁ ଇନ୍ଦିରାର ବୟସ ୭/୮ ବର୍ଷ। ମେଟ୍ରିକ୍ୟୁଲେସନ୍ ପାଶ୍ କରିବା ପର୍ଯ୍ୟନ୍ତ ପ୍ରାୟ ଦଶବର୍ଷକାଳ ଆମ ଘରେ ରହି ତାଙ୍କ ନିଜ ଝିଅମାନଙ୍କ ତୁଲ୍ୟ ତାଙ୍କଠାରେ ଶିକ୍ଷାପ୍ରାପ୍ତ ହୋଇଥିଲେ। ବସ୍ତୁତଃ ତାଙ୍କ ହାତରେ ସେ ଗଢ଼ା ଓ ତାଙ୍କ ଝିଅମାନଙ୍କ ଠାରୁ ଭିନ୍ନ କରୁ ନ ଥିଲେ। ପଡ଼ାର ସୁଦ୍ଧା ସେ ସମସ୍ତଙ୍କ ମା' ଥିଲେ। ଘର ବାହାର ବାରଣ୍ଡାରେ ପ୍ରାୟ ପ୍ରତ୍ୟହ ସେ ବସନ୍ତି। ସେତେବେଳେ ପଡ଼ାର ସ୍ତ୍ରୀମାନେ ତାଙ୍କ ପାଖକୁ ଆସି ସୁଖଦୁଃଖ ହୁଅନ୍ତି। ସମସ୍ତଙ୍କ ତୁଣ୍ଡରେ ସେହି ମା' ଡାକ। କାହାରି ବିପଦ ଆପଦ କଥା ଶୁଣିଲେ ତାହା ଘରକୁ ଯାଇ ଛିଡ଼ା ହୁଅନ୍ତି। କେତେ ଗରିବ ଜ୍ଞାତିଙ୍କୁ ସାହାଯ୍ୟ କରନ୍ତି। ଜଣେ ପାଟଣା ଷ୍ଟେଟସ୍ଥ ସମ୍ଭ୍ରାନ୍ତ ଭଦ୍ରବ୍ୟକ୍ତି ତାଙ୍କ ପୁଅ ସକାଶେ ଗୋଟିଏ ଝିଅ ମାଗି ତାଙ୍କୁ ପାଠ ପଢ଼ାଇ ଦେବା ସକାଶେ ପ୍ରସ୍ତାବ କଲେ। ସେତେବେଳେ ପୁଅ ହାଇସ୍କୁଲର ନିମ୍ନ ଶ୍ରେଣୀରେ ଥିବାରୁ ମେଟ୍ରିକ୍ୟୁଲେସନ୍ ପରେ ଏହି ପ୍ରସ୍ତାବ ନେଇ ଆସିବାକୁ କହିଲି। ଏହା ଉତ୍ତାରେ ସମ୍ବଲପୁର ସହରବାସୀ ଏହି ଭଦ୍ରବ୍ୟକ୍ତିଙ୍କ ଅତି ନିକଟ ଜ୍ଞାତି, ମୋର ଜଣେ ସମ୍ବନ୍ଧିଙ୍କ ବ୍ୟବହାରରେ ଅତ୍ୟନ୍ତ ଅସନ୍ତୁଷ୍ଟ ହୋଇ ତାଙ୍କ ସମ୍ପର୍କୀୟ କୌଣସି ପରିବାରରେ ଆଉ ଝିଅ ଦେବି ନାହିଁ ବୋଲି ତାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଲି। ସେ କ୍ଷୁଣ୍ଣ ହୋଇ ଚାଲିଗଲେ। ପ୍ରାୟ ପାଞ୍ଚବର୍ଷ ପରେ ତାଙ୍କ ଦୁଇପୁଅ ମୋପାଖକୁ ଆସିଲେ। ଜ୍ୟେଷ୍ଠଭାଇ କହିଲେ ଯେ, ଅଳ୍ପଦିନ ପୂର୍ବେ ତାଙ୍କ ପିତାଙ୍କ ମୃତ୍ୟୁ ହୋଇଯାଇଅଛି। ମୃତ୍ୟୁଶଯ୍ୟାରେ ଥାଇ ମୋତେ ତାଙ୍କ ପାଖକୁ ଡାକି ମୋର ଏହି ସାନଭାଇର ହାତ ମୋ ହାତରେ ରଖି କହିଲେ "ଭାରତବାବୁଙ୍କ ପାଖକୁ ଯିବୁ ଓ ପିଲାଟିର ଭାର ତାଙ୍କୁ ଲାଗିଲା ବୋଲି ମୋର ମୃତ୍ୟୁ ସମୟର କାମନା ତାଙ୍କୁ ଜଣାଇଦେବୁ।" ସେତେବେଳେ ମୋର ସହଧର୍ମିଣୀ ପାଖରେ ବସିଥିଲେ। ମୁଁ କିଛି କହିବା ପୂର୍ବରୁ ସେ କହିଲେ, ଲୋକର ମୃତ୍ୟୁ ସମୟର ବାଣୀ ଦେବତାଙ୍କ ଆଜ୍ଞା ସ୍ୱରୂପ। ପିଲାଟିକୁ ରଖି ପାଠ ପଢ଼ାଅ। ଝିଅଦେବା କଥା ପରେ ଦେଖାଯିବ। ଏହା ୧୯୪୫ ଜୁନ୍ ମାସର କଥା। ସେହିବର୍ଷ ସେ ମେଟ୍ରିକ୍ୟୁଲେସନ ପରୀକ୍ଷାରେ ବଲାଙ୍ଗିର ହାଇସ୍କୁଲରୁ ଉତ୍ତୀର୍ଣ୍ଣ ହୋଇଥିଲେ; ତାଙ୍କୁ ସମ୍ବଲପୁର କଲେଜରେ ନାମ ଲେଖାଇଦେଲି। ଦଶବର୍ଷ କାଳ ଘର ରହିଲେ ଓ ମୋର ସମ୍ପୂର୍ଣ୍ଣ ବ୍ୟୟରେ ଏମ୍.ଏ.ବି.ଏଲ୍ ହେଲେ, ଝିଅ ଶ୍ୟାମା ମଧ୍ୟ ଏମ୍.ଏ. ପାଶ୍‌କଲା ଉତ୍ତାରେ ୧୯୫୫ ସାଲ ଜୁନ୍ ମାସରେ ତାଙ୍କ ସହିତ ତାକୁ ବିବାହ କରିଦେଲେ। ବର୍ତ୍ତମାନ ଶ୍ୟାମା ସମ୍ବଲପୁର ମହିଳା କଲେଜର ଅଧ୍ୟାପିକା ଓ ତାହାର ସ୍ୱାମୀ ଶ୍ରୀ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ସରକାରଙ୍କ ଅଧୀନସ୍ଥ ଉଚ୍ଚ ବିଚାର ବିଭାଗର ଅଫିସର। ଏହି ଦୀର୍ଘକାଳ ମଧ୍ୟରେ ମୋର ସହଧର୍ମିଣୀ ତାଙ୍କୁ ତାଙ୍କ ସହାଧ୍ୟାୟୀ ନିଜ ପୁତ୍ର ବିଭୁପ୍ରସାଦ ତୁଲ୍ୟ ପାଳନ କରିଥିଲେ।

Digitized by srujanika@gmail.com

ଆଉ କେତେ କେତେ ଘଟଣା ସମ୍ପର୍କରେ ତାଙ୍କ 'ମା'ତ୍ୱ ସମୁଜ୍ଜ୍ୱଳ ଭାବରେ ପ୍ରତିଭାତ ହୋଇଅଛି। ତାଙ୍କ ବେଶଭୂଷା, ହାବଭାବ ସରଳତାପୂର୍ଣ୍ଣ ଥିଲା। ପରନିନ୍ଦା ବା ପରଚର୍ଚ୍ଚା ସେ ଭଲପାଉ ନ ଥିଲେ ଓ କେହି କଲେ ତାକୁ ବାରଣ କରୁଥିଲେ।

ସେ ଅଧିକ ସ୍କୁଲପାଠ ପଢ଼ି ନ ଥିଲେ। ତାଙ୍କ ପାଠ ଉଚ୍ଚପ୍ରାଥମିକ, ଅର୍ଥାତ୍ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ। କିନ୍ତୁ ଘରେ ସେ ଉଚ୍ଚ ଓଡ଼ିଆ ସାହିତ୍ୟ ଜ୍ଞାନ ଆହରଣ କରିପାରିଥିଲେ। ବଙ୍ଗଳା ଓ ହିନ୍ଦି ପୁସ୍ତକମାନ ସୁଦ୍ଧା ପଢୁଥିଲେ। ସଂସ୍କୃତ ଶାସ୍ତ୍ରାଦିର ବିଷୟ ଶୁଣିବାକୁ ଭଲପାଉଥିଲେ। ସଂସ୍କୃତ ନାଟକ, କାବ୍ୟାଦି ସଂକ୍ରାନ୍ତ ସନ୍ଦର୍ଭାଦି ସଂସ୍କୃତାଧ୍ୟାପିକା କନ୍ୟା ଶ୍ୟାମାକୁ ପାଖରେ ବସାଇ ଶୁଣିବାକୁ ସର୍ବଦା ଆଗ୍ରହ ପ୍ରକାଶ କରୁଥିଲେ। ମୃତ୍ୟୁର କେତେମାସ ପୂର୍ବେ, ବିଶେଷତଃ ବିଧବା ପୁତ୍ରବଧୂ, ନାତିନାତୁଣୀ ଫେରିଆସିବା ଦିନଠାରୁ ସେ ବଙ୍ଗଳା, ହିନ୍ଦୀ, ଓଡ଼ିୟା ସାଧାରଣ ପୁସ୍ତକପଠନ ଛାଡ଼ିଦେଇ ଶ୍ରୀମଦ୍‌ଭାଗବତ ଓ ଅନ୍ୟାନ୍ୟ ପୁରାଣ ପୁସ୍ତକ ପଢୁଥିଲେ। ପୂଜାରେ ଅଧିକ ସମୟ ପ୍ରୟୋଗ କରୁଥିଲେ ଓ ଠାକୁର ଘରେ ଥିବା ସମୟରେ ତାଙ୍କୁ କେହି ବିଚଳିତ ନ କରିବାକୁ ଉପଦେଶ ଦେଉଥିଲେ। ରନ୍ଧନକ୍ରିୟାରେ ସେ ପ୍ରବୀଣା ଥିଲେ। ଉଚ୍ଚ ଶିକ୍ଷାଦାନ ସହିତ ଝିଅମାନଙ୍କୁ ଉତ୍ତମ ରନ୍ଧନ କାର୍ଯ୍ୟ ମଧ୍ୟ ଶିକ୍ଷା ଦେଉଥିଲେ। ସୂକ୍ଷ୍ମ ସୂଚୀକର୍ମରେ ସୁଦ୍ଧା ସେ ପ୍ରବୀଣା ଥିଲେ ଓ ଝିଅମାନଙ୍କ ସୂଚୀକର୍ମ ଶିକ୍ଷା ପ୍ରଥମରେ ତାଙ୍କଠାରୁ ହୋଇଥିଲା।

ତାଙ୍କ ମୃତ୍ୟୁରେ ଦୀର୍ଘ ନଅବର୍ଷ କାଳର ମନୋବେଦନାର ଅବସାନ ହୋଇଥିଲା। ତାଙ୍କ ଆକସ୍ମିକ ରୋଗାକ୍ରମଣ ଓ ମୃତ୍ୟୁର କାରଣ ସମ୍ବନ୍ଧରେ ଭାବନା କରି କରି ମୋର ମନେହେଲା ମାନସିକ କ୍ରିୟା ସହିତ ଶାରୀରିକ କ୍ରିୟାର ସଂଯୋଗ ଏତାଦୃଶ ଶୋଚନୀୟାବସ୍ଥାର ପ୍ରଧାନ କାରଣ। ନଅବର୍ଷ ପୂର୍ବେ ଅର୍ଥାତ୍ ୧୯୪୭ ମସିହାରେ ଜ୍ୟେଷ୍ଠପୁତ୍ର ତେତିଶବର୍ଷ ବୟସ୍କ ସତ୍ୟଗୋପାଳର ମୃତ୍ୟୁ ହୋଇଯାଇଥିଲା। ଏହାର ପ୍ରାୟ ଦୁଇମାସ ପରେ ପୁତ୍ରବଧୂ ତାହାର ପିତାଙ୍କ କୁଶିକ୍ଷାରେ ପଡ଼ି ପୁଅ ଓ ସାନଝିଅକୁ ନେଇ ପିତ୍ରାଳୟକୁ ଚାଲିଗଲା, ଆଉ ଆସିଲା ନାହିଁ। ଏଥିଯୋଗୁଁ ଗଭୀର ମନୋବେଦନା ଜାତ ହୋଇଥିଲେ ସୁଦ୍ଧା କାଳର ପ୍ରଭାବରେ କ୍ରମେ ତାହା ସହ୍ୟ ହୋଇଯାଇଥିଲା। ଏହାର ପ୍ରାୟ ପାଞ୍ଚବର୍ଷ ପରେ ମନୋବେଦନା ପୁନର୍ବାର ନୂତନ ହୋଇ ଜାଗ୍ରତ ହେଲା, ଯେତେବେଳେ ଝିଅ ଡାକ୍ତର ସୁଷମା ସହିତ ପାଟଣାରେ ପଢୁଥିବା ତାହାର ବଡ଼ଝିଅ ମଧୁଛନ୍ଦାକୁ, ଘରକୁ ଆସି ଫେରିଯାଉଥିବା ସମୟରେ ଝାରସୁଗୁଡ଼ା ଷ୍ଟେସନରୁ ତାକୁ ଗୁଣ୍ଡାଙ୍କ ସାହାଯ୍ୟରେ ଛଡ଼େଇ ରଖିଲେ ଓ ତାହାର ପାଠ ବନ୍ଦ କରିଦେଇ ତାକୁ ନିତାନ୍ତ ଅନୁନ୍ନତ ଗ୍ରାମ୍ୟ ବାତାବରଣ ମଧ୍ୟରେ ରଖିଲେ। ଏହା ଉତ୍ତାରେ ପ୍ରାୟ ପାଞ୍ଚବର୍ଷ ଅତୀତ ହୋଇଗଲା। ଏହା ମଧ୍ୟ କାଳର ପ୍ରାକୃତିକ ପ୍ରଭାବରେ ସହ୍ୟ ହୋଇଯାଇଥିଲା। ଏସବୁ ପୁଣି ମନେପଡ଼ିଲା ମୃତ୍ୟୁର ଆଠମାସ ପୂର୍ବେ ଯେତେବେଳେ ପୁତ୍ରବଧୂ ପୁଅଝିଅଙ୍କୁ ନେଇ ଘରକୁ ଫେରିଆସିଲା।

Digitized by srujanika@gmail.com

ସମ୍ମୁଖରେ ସର୍ବଦା ଦେଖିଲେ ପୁତ୍ରବଧୂ ବିଧବା । ସୁଯୋଗ୍ୟ ପରିବାରର ସମ୍ବଳ ପୁଅର ସବୁକଥା ମନେପଡ଼ିବାକୁ ଲାଗିଲା । ବଡ଼ଝିଅ ମଧୁଛନ୍ଦାର ବିବାହ ବୟସ ହୋଇଯାଇଅଛି । ସବୁବେଳେ କହନ୍ତି ମାଧୁର କେହି ନାହିଁ । ସାନଝିଅ ନନ୍ଦା ମସ୍ତିଷ୍କ ଶୂନ୍ୟା; ବେଡ଼ୀ ହୋଇଯାଇଅଛି । ଅନେକ ସମୟରେ କହନ୍ତି, ଭଗବାନ ଏହାକୁ ନିଅନ୍ତେ କି ମୋତେ ନିଅନ୍ତେ । ଜୀବନସାରା ଅକର୍ମଣ୍ୟ ହୋଇ ରହିବ । ଏ ସମସ୍ତ ଆଖିଆଗରେ ରଖି ଦିନରାତି ଆଖିରୁ ଲୁହଗଡ଼ାଇବାକୁ ଲାଗିଲେ । ବୋହୂକୁ ଦେଖି ଆମିଷାହାର ତ୍ୟାଗକଲେ । ତାହା ସଙ୍ଗେ ଉପବାସ କଲେ । କ୍ରମେ ଆହାର ଊଣା କରିଦେଲେ । କମ୍ କଥା କହିଲେ । କାହାରି କଥା ଶୁଣିଲେ ନାହିଁ । ଠାକୁର ଘରେ ରହି ଅଧିକ ସମୟ କଟାଇଲେ । ମନ ସହିତ ଦେହ ମଧ୍ୟ କ୍ରମେ ପଡ଼ିଯିବାକୁ ଲାଗିଲା । ବୋଧହୁଏ ଏଥିଯୋଗୁଁ ରକ୍ତଚାପ ବୃଦ୍ଧି ହେଲା ଓ ମସ୍ତିଷ୍କ ମଧ୍ୟରେ ରକ୍ତ ପ୍ରବାହ ବିକାର ଯୋଗୁଁ ସମ୍ଭବତଃ ପକ୍ଷାଘାତ ହେଲା ଓ ଏଥିଯୋଗୁଁ ତାଙ୍କ ମୃତ୍ୟୁ ହେଲା ।

ତଥାପି ତାଙ୍କ ଏତାଦୃଶ ମୃତ୍ୟୁ ଶ୍ଳାଘନୀୟ । ତାଙ୍କୁ ଅଧିକଦିନ କଷ୍ଟଭୋଗ କରିବାକୁ କିମ୍ବା ଅନ୍ୟକୁ କଷ୍ଟଦେବାକୁ ହୋଇନାହିଁ । ବହୁ ସଂଖ୍ୟକ ନିଜ ଝିଅଜ୍ୱାଇଁ, ନାତିନାତୁଣୀ, ବନ୍ଧୁବାନ୍ଧବଙ୍କୁ ସମ୍ମୁଖରେ ରଖି ଚାଲିଗଲେ । ହାତର ଚୁଡ଼ି, କପାଳର ସିନ୍ଦୂରସହ ଚାଲିଗଲେ । ମୋତେ ଏକା ରଖି ଚାଲିଗଲେ । ଘରେ ବର୍ତ୍ତମାନ ମୁଁ ଏକା । ମୋ ନିଜର ବୋଲିବାକୁ ମୋ ପାଖରେ କେହିନାହାଁନ୍ତି । ବାପଘରୁ ଫେରି ଆସି ବୋହୂ ଖୁବ୍ ଭଲଭାବରେ ରହିଅଛି । ଝିଅ ମଧୁଛନ୍ଦାର ବିବାହ ହୋଇଯାଇଅଛି । ପୁଅ ସଂଜୀବ କୁମାରର ଛାତ୍ରାବସ୍ଥା । ଭଗବାନ କଲେ ଆଉ ଦୁଇବର୍ଷ ଗଲେ ଇଂଜିନିୟର୍ ହେବ । ମୋ ଝିଅମାନେ ସମସ୍ତେ ନିଜ ନିଜ ଘରେ । ଏକମାତ୍ର ପୁଅ ବିଦେଶରେ । ମା'ଙ୍କ ମୃତ୍ୟୁ ସମ୍ବାଦରେ ସେ ମ୍ରିୟମାଣ ହୋଇଥିଲା । ମା'ଙ୍କ ପ୍ରତି ଅତ୍ୟନ୍ତ ଅନୁରକ୍ତ । ରୋଗାକ୍ରମଣ ଉତ୍ତାରେ ସଂଜ୍ଞା ଲାଭ କରିଥିବା ସମୟରେ ମା' ଝିଅମାନଙ୍କୁ ଡାକି କହୁଥିଲେ ''ଫକୀର ପିଲା । ନ ମାନି ବିଦେଶକୁ ଚାଲିଗଲା । ତା'କୁ ଅନାଦର କରିବ ନାହିଁ ।'' ପ୍ରାଣରୁ ଅଧିକ କରିଥିଲେ ତାଙ୍କ ଛେନିଲୀ (କନିଷ୍ଠା) ଝିଅ ସତ୍ୟଭାମାକୁ । ଆଦରର ସତୀ, ସୁଷମା ସହିତ ସେ ମଧ୍ୟ ମା'ଙ୍କୁ ରୋଗଶଯ୍ୟାରେ ପ୍ରାଣଭରି ଶୁଶ୍ରୂଷା କରିଥିଲା । ତା ହାତକୁ ଝିଅମାନଙ୍କ ହାତରେ ଦେଇ ସେହିକଥା ମଧ୍ୟ କହିଥିଲେ । ବିଧିର ବିଧାନ ଅଲଂଘନୀୟ । ଏହିପରି ବହୁ ସଦ୍‌ଗୁଣ ସମ୍ପନ୍ନ, ଗୃହିଣୀ ସ୍ୱର୍ଗତ ପୁତ୍ର କନ୍ୟାଙ୍କ ଆତ୍ମା ସହିତ ନିଜ ପବିତ୍ରାତ୍ମା ସଂଯୋଗରେ ସଂସାର ପ୍ରତି ଶାନ୍ତିସୁଧା ବର୍ଷଣ କରନ୍ତୁ ଭଗବାନଙ୍କଠାରେ ଏତିକି ପ୍ରାର୍ଥନା ।

Digitized by srujanika@gmail.com

ଉପସଂହାର

ପ୍ରାୟ ପାଞ୍ଚବର୍ଷ କାଳ ମଧ୍ୟରେ 'ନବଜୀବନ' ମାସିକ ପତ୍ରିକାରେ ଧାରାବାହିକ ଭାବରେ ପ୍ରକାଶିତ 'ମୋର ପୂର୍ବ ସ୍ମୃତିକଥା' ସବୁର ନାମକୁ ଉପସଂହାର ହୋଇଅଛିନ୍ତ ଭାବକୁ ହୋଇନାହିଁ। ଲେଖୁ ଲେଖୁ ଯେଉଁ ମୁଖ୍ୟ ମୁଖ୍ୟ କଥାମାନ ସ୍ମୃତିପଥରେ ଉଦିତ ହେଲା ସେ ସମସ୍ତ ଲିପିବଦ୍ଧ କରିଗଲି। ତନ୍ମଧ୍ୟରେ ଆଉ କେତେ କ୍ଷୁଦ୍ର କ୍ଷୁଦ୍ର ଘଟଣା ସଂକ୍ରାନ୍ତ କଥା ଲିପିବଦ୍ଧ ହେବା ଯୋଗ୍ୟ ହୋଇଥିଲେ ହେଁ ଲେଖାଗୁଡ଼ିକର କଳେବର ବୃଦ୍ଧି ଓ ତଜ୍ଜନିତ ପାଠକପାଠିକାଙ୍କ ଧୈର୍ଯ୍ୟଚ୍ୟୁତି ଓ ବିତୃଷ୍ଣା ଉଦ୍ରେକ ଭୟରେ ସେ ସମସ୍ତକୁ ସାମୟିକ ବର୍ଜ୍ଜନ କରି ଭବିଷ୍ୟତ ସକାଶେ ସଞ୍ଚୟ କରି ରଖିଅଛି। ମୁଁ ବାର୍ଦ୍ଧକ୍ୟାକ୍ରାନ୍ତ ହୋଇଥିଲେ ହେଁ ଜରାକ୍ରାନ୍ତ ହୋଇ ନ ଥିବା ମନୋମଧ୍ୟରେ ଅନୁଭବ କରୁଅଛି ଏବଂ ପ୍ରତିକୂଳାବସ୍ଥା ଅକସ୍ମାତ ଆସି ଉପସ୍ଥିତ ନ ହେଲେ ପୁଣି ସେ ସମସ୍ତ 'ନବଜୀବନ' ମାଧ୍ୟମରେ ପାଠକପାଠିକାଗଣଙ୍କୁ ପରିବେଷଣ କରିବା ପ୍ରୟାସ କରିବା ଆଶା କରୁଅଛି। ତଥାପି ଅତି ସାଧାରଣ ଓ ଅବହେଳନୀୟ ବିବେଚିତ ହେବା ଆଶଙ୍କା ମନରେ ଉଦିତ ହେଉଥିଲେ ହେଁ ଦୁଇଗୋଟି ବିଷୟ ଉଲ୍ଲେଖର ଲୋଭ ସମ୍ବରଣ କରିପାରିନାହିଁ। ପ୍ରଥମ, ମୋର ସବଳ ଶାରୀରିକ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଅନୁସନ୍ଧିତ୍ସା ପ୍ରକାଶ କରି କେହି କେହି ନାନା ପ୍ରଶ୍ନ କରିଥାନ୍ତି ଓ ମୁଁ ସେମାନଙ୍କୁ ମୋର ଅନୁଭୂତିମୂଳକ ଯଥାଯଥ ଉତ୍ତର ଦେଇଥାଏ। ମୋର ବୟସ ହେଲାଣି ୮୦ ବର୍ଷ। ସିଧାସଳଖ ହୋଇ ଚାଲୁଛି, ବୁଲୁଛି। ପ୍ରତ୍ୟହ ତିନିଚାରି ମାଇଲ ଚାଲେ। ପାଞ୍ଚମାଇଲ ଦୂରବର୍ତ୍ତୀ ଚାଷଗାଁକୁ ମୋଟର୍ ବସ୍ ଲାଗିଛି। ତାହା କେବେ ନ ପାଇଲେ ଏହି ଦୂରପଥତକ ଚାଲିଆସେ। ମୋର ୭୮ ବର୍ଷ ପର୍ଯ୍ୟନ୍ତ ବାଇସାଇକେଲ ବ୍ୟବହାର କରୁଥିଲି ଓ ଦର୍ଶକଗଣଙ୍କ ମୁଖରୁ 'କୁଣ୍ଠିତ' ଆଖ୍ୟାସହ ଘୃଣାବ୍ୟଞ୍ଜକ ମୃଦୁ ଉପହାସ ଆକର୍ଷଣ କରୁଥିଲି। କିନ୍ତୁ ଦୁଇବର୍ଷ ପୂର୍ବେ ଦୈବାତ୍ ଦିନେ ଦୁର୍ଘଟଣାର ସମ୍ମୁଖୀନ ହୋଇ ମୋର ବାମହାତ ଭାଙ୍ଗିଯିବା ଫଳରେ ବାଇସାଇକେଲ୍ ବ୍ୟବହାର ପରିତ୍ୟାଗ କରିବାକୁ ହେଲା। ୧୯୬୪ ମସିହା ଏପ୍ରିଲ୍ ମାସରେ ମୋର ଜାମାତା ଶ୍ରୀ ସୁରେଶଚନ୍ଦ୍ର ପାଣିଗ୍ରାହୀଙ୍କୁ ଭଦ୍ରଖକୁ ଦେଖିବାକୁ ଯାଇଥିଲି, ସେ ଥିଲେ ସେଠାରେ ମୁନସିଫ୍। ସେହି ମାସ ତା୨୦ରିଖ ଦିନ ବୁଲୁଁ ବୁଲୁଁ କ୍ଳାନ୍ତହୋଇ ଗୋଟିଏ ରିକ୍ସାରେ ବସିବାକୁ ଯାଉଥିବା ସମୟରେ ଅକସ୍ମାତ୍ ଗୋଡ଼ ଖସିଗଲା ଓ ବାମ ହାତ ଭାରରେ ପଡ଼ିବାରୁ କଟଟି ପର୍ଯ୍ୟନ୍ତ ଲମ୍ବିତ ହାଡ଼ ଖଣ୍ଡ

Digitized by srujanika@gmail.com

ଖଣ୍ଡ ହୋଇଗଲା । ବହୁକଷ୍ଟରେ ସମ୍ବଲପୁରକୁ ଆସିଲି ଓ ଏହାର ଚିକିତ୍ସାରେ ବୁର୍ଲା ମେଡ଼ିକାଲ୍ କଲେଜ ହାସ୍‌ପାତାଳରେ ଦୁଇମାସ ଓ ପାଟଣା ମେଡ଼ିକାଲ୍ କଲେଜ ହାସ୍‌ପାତାଳରେ ତିନିମାସ ପଡ଼ିରହିବାକୁ ହୋଇଥିଲା । ହାତ ଯୋଡ଼ିହୋଇ ଗଲା କିନ୍ତୁ ବାମହାତ ପ୍ରାୟ ଅକର୍ମ୍ମଣ୍ୟ ହୋଇଯାଇଅଛି । ଦକ୍ଷିଣ ହାତ କାର୍ଯ୍ୟକ୍ଷମ ଓ ଦେହ ଓ ମନ ସୁସ୍ଥ ଓ ସବଳ ଅଛି । କେହି କେହି ମୋତେ ଦେଖି କହନ୍ତି ମୁଁ ପୁଷ୍ଟିକର ଖାଦ୍ୟ ପୂର୍ବେ ଖାଇଥିବି ଓ ଏବେ ମଧ୍ୟ ଖାଉଥିବି ଓ ଏହି ସବଳ ସ୍ୱାସ୍ଥ୍ୟର କାରଣ ପଚାରନ୍ତି । ମୋର ଅନୁଭୂତି, ପୁଷ୍ଟିକର ଖାଦ୍ୟଦ୍ରବ୍ୟର ଉପାଦେୟତା ଯେ ନାହିଁ ତାହା ନୁହେଁ, କିନ୍ତୁ ଏହା ସ୍ୱାସ୍ଥ୍ୟପକ୍ଷରେ ଯଥେଷ୍ଟ କାରଣ ନୁହେଁ । ସ୍ୱାସ୍ଥ୍ୟରକ୍ଷା ହୁଏ ଜୀବନଯାତ୍ରା ପରିଚାଳନର ନିୟମାନୁବର୍ତ୍ତିତା । ବିଶେଷ ଆହାର ବିହାରରେ ସଂଯମ ସଂରକ୍ଷଣ । ସ୍ୱାସ୍ଥ୍ୟରକ୍ଷାକାମୀ ବ୍ୟକ୍ତିକୁ ଧୂମପାନ ଏକାବେଳକେ ପରିତ୍ୟାଗ କରିବାକୁ ହେବ । ଧୂମପାନ ସ୍ୱାସ୍ଥ୍ୟରକ୍ଷା ପକ୍ଷରେ ଅତ୍ୟନ୍ତ ଅହିତକର । ମୁଁ ଜୀବନରେ କେବେହେଁ ଧୂମପାନ କରିନାହିଁ । ମୋ ସଙ୍ଗେ ଜଣେ ଡେପୁଟି କଲେକ୍ଟର ପଦରେ ନିଯୁକ୍ତ ହେଲାପରେ ଧୂମପାନ ଆରମ୍ଭକରି ଏହାର ଉପକାରିତା ଓ ଆବଶ୍ୟକତା ସମ୍ବନ୍ଧରେ ମୋତେ ଉପଦେଶ ଦେବାକୁ ଲାଗିଲେ ଓ ଉଚ୍ଛୃଙ୍ଖଳ ଭାବରେ ଧୂମପାନ କରିବାକୁ ଲାଗିଲେ । ତାହା ସଙ୍ଗେ ଆଉ କେତେ ଦୋଷ ସଞ୍ଚୟନ କରି ଅକାଳରେ କାର୍ଯ୍ୟରୁ ଅବସର ଗ୍ରହଣ କରିବାକୁ ବାଧହେଲେ ଓ ଅକାଳରେ ମୃତ୍ୟୁବରଣ କଲେ । ମୋର ତେତିଶ ବର୍ଷର ସରକାରୀ କାର୍ଯ୍ୟକାଳ ମଧ୍ୟରେ ଦିନକ ପାଇଁ ହେଲେ ଅସୁସ୍ଥତା କାରଣରେ ଛୁଟି ନେଇନାହିଁ । ପ୍ରତ୍ୟହ ବୁଲେ ଓ ସକାଳେ ବଗିଚାକୁ କୋଡ଼ି ହାତରେ ଯାଇ କିଛି ସମୟ ପର୍ଯ୍ୟନ୍ତ ଫୁଲ ଓ ଫଳଗଛତଳ ମାଟି ହାଣେ । ଏହି ହେଲା ମୋର ବ୍ୟାୟାମ । ଏହା ଛଡ଼ା ସହଜସାଧ୍ୟ ବ୍ୟାୟାମ ପାଇଲି ନାହିଁ । ଏହାଛଡ଼ା ମନର ନିର୍ମଳତା ଓ ଦୃଢ଼ତା ରକ୍ଷା କରିବାକୁ ହେବ । ଏ ସମସ୍ତ ଯେ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁର ଏକମାତ୍ର କାରଣ, ତାହା ନୁହେଁ । ସତ୍ୟ, ପ୍ରାକ୍ତନ କର୍ମଫଳ, ପୁଣ୍ୟପାପ ପ୍ରଭୃତି ଅଦୃଷ୍ଟ କାରଣ ସମ୍ବନ୍ଧରେ ବିବେଚନା ଅପରିହାର୍ଯ୍ୟ । ମୁଁ ବଞ୍ଚିଛି ଓ ଦୀର୍ଘାୟୁର ଆସ୍ୱାଦନ କରୁଛି । ମୁଁ ଥାଉଁ ଥାଉଁ ସୁସ୍ଥକାୟ ସମ୍ପୂର୍ଣ୍ଣ ବଦାଭ୍ୟାସ ଓ ଦୋଷ ବିରଳ ମୋ ପୁଅ ସତ୍ୟଗୋପାଳର ମୃତ୍ୟୁ ହେଲା କାହିଁକି ?

କେତେକ ବର୍ଷ ପୂର୍ବେ ଦେଓଘର (ବୈଦ୍ୟନାଥ ଧାମ)ରେ ମୋ ଝିଅ ଘରେ ଜଣେ ବିହାରୀ ଯୁବ ଡାକ୍ତରଙ୍କ ସଙ୍ଗେ ସାକ୍ଷାତ୍ ହେଲା । ସେ ଦିନେ କଲିକତାରୁ ଆସି ସେଠାରେ ପହଞ୍ଚିଲେ । ସଙ୍ଗରେ କେତେଗୁଡ଼ିଏ ଜିନିଷ ମଧ୍ୟରେ ଗୋଟିଏ ମାଇକ୍ରୋସ୍କୋପ୍ ଆଣିଥିଲେ । ଚାରି ପାଞ୍ଚଦିନ ରହିଲେ । ଦେଖିଲି ସୁଷମା ଓ ତାହାର ଡାକ୍ତର ସ୍ୱାମୀ ସହିତ ବିଶେଷ ଘନିଷ୍ଠତା । ସେମାନଙ୍କୁ ମା'ବାପା କହନ୍ତି । ମୁଁ ହେଲି ତାଙ୍କ ଅଜା । ଦିନେ ଖୁସିଗପ୍ପ ମଧ୍ୟରେ ମୋତେ କହିଲେ, ''ଆପଣ ତ ବୃଦ୍ଧ ହୋଇଛନ୍ତି । ସଂସାରର ଅନେକ ଦେଖିଛନ୍ତି, ମୋତେ କିଛି ଉପଦେଶ ଦିଅନ୍ତୁ ।'' ମୁଁ କହିଲି, ଉପଦେଶ ଦେବା ସକାଶେ ଦୁଇଗୋଟି

Digitized by srujanika@gmail.com

ପ୍ରଶ୍ନ ପଚାରିବି। ତାଙ୍କ ମୁହଁରେ ଅନବରତ ସିଗାରେଟ୍। ଧୂଆଁ ଗନ୍ଧରେ ମୋର ନାସିକା ରୁଦ୍ଧ ହୋଇଯାଉଥାଏ। ତଥାପି କିଛି କହିପାରୁ ନ ଥାଏ। ଏଥର ପଚାରିଲି, ସିଗାରେଟ୍‌ରେ କେତେ ଖର୍ଚ୍ଚ କରନ୍ତି ? ସେ କହିଲେ, ଦିନକୁ ଦେଢ଼ ଦୁଇଟଙ୍କା, ମାସକୁ ଟ.୫୦/୬୦ଙ୍କା। ଦ୍ୱିତୀୟ ପ୍ରଶ୍ନ, ଏହି ଯେ ମାଇକ୍ରୋସ୍କୋପ୍ ଆଣିଛନ୍ତି, ଏହା ନିଶ୍ଚୟ କଲିକତାରୁ କିଣି ଆଣିଛନ୍ତି। ଧାର୍‌ରେ ନା ନଗଦମୂଲ୍ୟରେ ? ସେ କହିଲେ, କିଛି ଅଗ୍ରିମ ମୂଲ୍ୟ ଦେଇ, ଧାର୍‌ରେ। ତାହାହେଲେ ଅନ୍ତିମରେ ମୂଲ୍ୟକୁ କିଛି ଅଧିକ ଦେବାକୁ ହେବ। କହିଲି, ମୋର ଉପଦେଶ ଧୂମପାନ ଛାଡ଼ିଦେବ ଓ ଜୀବନରେ ଧାର୍ କରିବ ନାହିଁ। ତାଙ୍କ ମୁହଁ ଗମ୍ଭୀର ହୋଇଗଲା। କହିଲେ, ମୁଁ ମୋର ପିଲାଦିନରୁ ଧୂଆଁ ଖାଉଛି ଛାଡ଼ିବା ଅସମ୍ଭବ।'' ମୁଁ କହିଲି, ମନୁଷ୍ୟ ହସ୍ତରେ ଅସମ୍ଭବ କିଛିନୁହେଁ। ଆପଣ ଯଦି ସିଗାରେଟ୍ ଛାଡ଼ିବାକୁ ଦୃଢ଼ଭାବରେ ମନରେ ପ୍ରତିଜ୍ଞା କରନ୍ତି, ତାହାହେଲେ ଏହିଠାରେ ଆପଣଙ୍କ ଚାରିପାଞ୍ଚଦିନର ଅବସ୍ଥାନ କାଳରେ ସିଗାରେଟ୍ ଛାଡ଼ିଦେଇଥିବେ, ଦେଖିବା ଆଶାକରେ। ଉପଦେଶ ସେ ଗ୍ରହଣ କରିବେ ବୋଲି ମୋ ଦେହଛୁଇଁ ପ୍ରତିଜ୍ଞା ପ୍ରକାଶ କଲେ। ତତ୍ପରେ ଖୁବ୍ ସଂଯତଭାବରେ ଖାଇଲେ ଓ ଦେଖିଲି ପଞ୍ଚମଦିନ ଯେ ଆଉ ଖାଉନାହାଁନ୍ତି। ଭାରତ ସୀମାନ୍ତବର୍ତ୍ତୀ ପଠାନ୍‌କୋଟ୍‌ରେ ସେ ରହୁଥିଲେ। ସେଠାରୁ ମୋଠାକୁ ପତ୍ର ଲେଖିଲେ ସିଗାରେଟ୍ ଆଉ ଖାଁଉନାହାଁନ୍ତି ଓ ମାଇକ୍ରୋସ୍କୋପ୍‌ର ପୂର୍ଣ୍ଣମୂଲ୍ୟ ପଠାଇଦେଇଛନ୍ତି। ଏହାହେଲା ମୋର ଦ୍ୱିତୀୟ କଥା। ମୁଁ କେବେ ଧାର୍ କରେ ନାହିଁ କିମ୍ବା ଧାର୍‌ରେ କିଛି କିଣେ ନାହିଁ।

ଆପାତତଃ ଏହିଠାରେ ମୋ କଥାର ଉପସଂହାର ହେଉଅଛି।

Digitized by srujanika@gmail.com

ମାନନୀୟେଷୁ,

ଭାରତବାବୁ ! ନବଜୀବନରେ ପ୍ରକାଶିତ ଆପଣଙ୍କ ଆତ୍ମଚରିତର କେତେକାଂଶ ପାଠକରି ଅତ୍ୟନ୍ତ ପ୍ରୀତିଲାଭ କରିଅଛି । ଆପଣଙ୍କ ବର୍ଣ୍ଣନା ଗୁଡ଼ିକ ଅତ୍ୟନ୍ତ ପ୍ରାଞ୍ଜଳ ଓ ଚିତ୍ତାକର୍ଷକ। ଆପଣଙ୍କ ଅଭିଜ୍ଞତାସବୁ ଏକ ଲୁପ୍ତ ଯୁଗର ଅନବଦ୍ୟ ସାମାଜିକ ଇତିହାସ । ଏକ ଅନ୍ଧକାରାଚ୍ଛନ୍ନ କାଳରେ ଆପଣଙ୍କର ନିଜର ସାଧନା, ସିଦ୍ଧି ଓ ଜୀବନର ଆଦର୍ଶ ବହୁକାଳଯାଏ ଅନେକ ସଂଗ୍ରାମୀଙ୍କୁ ପଥ ଓ ସାହସ ଯୋଗାଇବ । ଶୀଘ୍ର ବହି ଆକାରରେ ଛାପି ଦିଅନ୍ତୁ । ଖଣ୍ଡ ଖଣ୍ଡ କରି ବାହାରୁଁ ବାହାରୁଁ ବହୁବର୍ଷ ବିତିଯିବ । ଏ ପୁସ୍ତକ ଓଡ଼ିଆ ଭାଷାର ଏକ ଘୋର ଅଭାବ ପୂରଣ କରିବ । ଆଶାକରେଁ ହୀରାକୁଦ ଡ୍ୟାମ୍ ପର୍ଯ୍ୟନ୍ତ ଆଣି ଆପଣଙ୍କ ଜୀବନୀ-ମହାନଦୀରେ ଡ୍ୟାମ୍ ଠିଆ କରିବେ । ବହିଟିକୁ ପୂରା ଲେଖିବାରେ ଆଦୌ ହେଳା କରିବେ ନାହିଁ । ଛାପାପାଇଁ କୌଣସି ଚିନ୍ତା କରିବେ ନାହିଁ । ଏ ବହି ଅଛପା ରହିବ ନାହିଁ । ଆଶାକରେଁ ପିଲାପିଲିଙ୍କ ସହିତ ଭଲରେ ଥିବେ ।

ମୟାଧର ମାନସିଂହ

ତା.୧୩.୧୦.୧୯୬୦

ଊନବିଂଶ ଶତାବ୍ଦୀର ଶେଷଭାଗରେ ପଶ୍ଚିମ ଓଡ଼ିଶାର ଏକ ଅଖ୍ୟାତ ପଲ୍ଲୀରେ ଜନ୍ମ ନେଇଥିବା ବାଳକଟିଏ ଉଚ୍ଚଶିକ୍ଷାର ସ୍ୱପ୍ନ ଦେଖେ । ନିଜ ଅଧ୍ୟବସାୟରେ ପିଲାଟି ଗଡ଼ଜାତ ରାଜ୍ୟ ବଲାଙ୍ଗିରରେ ମଧ୍ୟଇଂରାଜୀ ସ୍କୁଲ ପାଠ ସାରି ସମ୍ବଲପୁର ଜିଲ୍ଲାସ୍କୁଲରୁ ୧୯୦୪ରେ ମ୍ୟାଟ୍ରିକ ପାସ୍ କରେ ଓ ଦୁର୍ଗମ ପଥଦେଇ କଟକ ଯାଏ ରେଭେନ୍ସା କଲେଜରେ ପଢ଼ିବାପାଇଁ। ତାପରେ ବ୍ରିଟିଶ ସରକାରଙ୍କ ଅଧୀନରେ ଡେପୁଟୀ ମାଜିଷ୍ଟ୍ରେଟ (କବି ରାଧାନାଥଙ୍କ ଭାଷାରେ କଳାଲୋକଙ୍କର ଉନ୍ନତିର କୋଟୀ) ପଦରେ କାର୍ଯ୍ୟକାଳର ଅନୁଭୂତି ତଥା ଏକ ଦୀର୍ଘ ପରିପୂର୍ଣ୍ଣ ବ୍ୟକ୍ତିଗତ ଜୀବନ ସହ ଦେଶ ଓ ସମାଜର ଅନେକ କ୍ଷେତ୍ରରେ ସକ୍ରିୟ ଅଂଶଗ୍ରହଣର ସ୍ମୃତି ରୂପପାଇଛି ଭାରତଚନ୍ଦ୍ର ନାୟକଙ୍କ ଏହି ସୁପାଠ୍ୟ ଆତ୍ମଜୀବନୀଟିରେ । ଏଥିରେ ଅନେକ ଦୁର୍ଲଭ ତଥ୍ୟ ଓ ଘଟଣା ଲିପିବଦ୍ଧ ଯାହା କୌଣସି ଇତିହାସ ବହିରେ ପ୍ରାପ୍ୟ ନୁହେଁ, ପୁଣି ସମସାମୟିକ ସମାଜର ଏଭଳି ଅନେକ ଚିତ୍ର ଅଙ୍କିତ ଯାହା ପରବର୍ତ୍ତୀ ସମୟରେ ବିସ୍ମୃତ, ଏପରିକି ସମଗ୍ର ଓଡ଼ିଆ ସାହିତ୍ୟରେ ଅନ୍ୟତ୍ର ଦୁଷ୍ପ୍ରାପ୍ୟ। ୧୯୬୭ରେ **ମୋର ପୂର୍ବସ୍ମୃତି କଥା** ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ହୋଇଥିଲା। ତେବେ ଲେଖକଙ୍କ ତିରୋଧାନ ପରେ ବହିଟି ବଜାରରେ ଉପଲବ୍ଧ ହେଲାନାହିଁ ଓ ପ୍ରାୟ ଅର୍ଦ୍ଧଶତାବ୍ଦୀ କାଳ ଅବହେଳିତ ହୋଇ ରହିବାପରେ ଆଜି ଓଡ଼ିଆ ସାହିତ୍ୟର ଏହି ଅନବଦ୍ୟ କୃତିଟିର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଉଛି ।

ଅଗ୍ରଦୂତ
କଟକ-୨

Digitized by srujanika@gmail.com